ଚନ୍ଦ୍ରଶେଖର ରଥ

ନିବନ୍ଧ ସଂଗ୍ରହ

Digitized by srujanika@gmail.com

“ ହେ ମୋର ଦେଶବାସୀ, ମୁଁ ତୁମକୁ କେଉଁ ଭାଷାରେ କହିବି ଏବଂ କିପରି ବିଶ୍ୱାସ କରାଇପାରିବି ଯେ ମୁଁ ଦଣ୍ଡିତ ହୋଇପାରେନା ? ଦଣ ଦେବାକୁ ଏଡ଼େ ବ୍ୟଗ୍ର, ଉତ୍କଣ୍ଠିତ ଏ ଦେଶରେ ସମୟ ବା କାହିଁକି ଏଡ଼େ ବଡ଼ ସମସ୍ୟାର ଉପଯୁକ୍ତ ବିଚାର କରିବାକୁ ? ଏତିକି ମାତ୍ର ଅବକାଶ ଭିତରେ ମୁଁ କିପରି ବିଶାଳତମ ସତ୍ୟର ସପକ୍ଷରେ ବୟାନ ଦେଇ ଆପଣଙ୍କୁ କହିବି ଯେ ମୋର ମୃତ୍ୟୁ ନାହିଁ ଏବଂ ଆପଣ ଯାହା କରୁଛନ୍ତି ତାହା ଭୁଲ କରୁଛନ୍ତି ? ଏଣୁ ଏ ନ୍ୟାୟାଳୟରେ ଆକଣ୍ଠ ବିଷ ପାନ କଲା ପରେ କାଲି ସକାଳୁ ଆଉ ଗୋଟିଏ ମାତ୍ର ପିଆଲା ବିଷ ପିଇବାକୁ ମୋର ଆଦୌ କୁଣ୍ଠା ନାହିଁ । ସେଥିରେ ଚିର ଅବିଚଳିତ ସତ୍ୟ ଅବିଚଳିତ ହିଁ ରହିବ। ”

“ ଯୁଗ ଶାପଗ୍ରସ୍ତ ହେଲେ ଯୁଗନ୍ଧର ପୁରୁଷମାନେ ସ୍ୱୟଂ ହୀନପ୍ରଭ ହୋଇ ମଉଳି ଯାନ୍ତି । ଭୀମାର୍ଜ୍ଜୁନ ପରି ବଳିଷ୍ଠ ଯୋଦ୍ଧାମାନେ ନିଷ୍ପ୍ରଭ-ପୌରୁଷ ନେଇ ଉଦ୍‌ବାସ୍ତୁ ବନଚାରୀରୂପେ ଭ୍ରମଣ କରନ୍ତି । ସେତେବେଳେ ସ୍ୱୟଂ ଧର୍ମପୁରୁଷ ମଳିନ ଅଜ୍ଞାତବାସ ବରଣ କରିଥାନ୍ତି । ସେଭଳି ଯୁଗର ସୂର୍ଯ୍ୟ କେତୁଗ୍ରସ୍ତ, ହିମାଦ୍ରିମଣ୍ଡିତ ପୃଥିବୀ ଛାୟାଚ୍ଛନ୍ନ । ”

“ ଆପଣମାନଙ୍କର ପରିଚିତ କୌଣସି ସଂଜ୍ଞାରେ ସିଧା ସଳଖ ପଡ଼ିପାରୁ ନ ଥିବାରୁ, ଏ ପ୍ରକାର ନିବନ୍ଧକୁ ଆପଣ ଅପାଙ୍‌କ୍ତେୟ କହିବା ପରିବର୍ତ୍ତେ ‘ରମ୍ୟ ରଚନା’ କହିଥା’ନ୍ତି। କୌଣସି କାରଣରୁ ଏ ଗୁଡ଼ିକ ଆପଣଙ୍କପାଇଁ ‘ରମ୍ୟ’ ବିବେଚିତ ହେଉଥାଇପାରେ; କିନ୍ତୁ ପ୍ରକୃତରେ ଏ ଗୁଡ଼ିକ କେବଳ ‘ରଚନା’। ”

Digitized by srujanika@gmail.com

ଚନ୍ଦ୍ର ଶେଖର ରଥ

ନିବନ୍ଧ ସଂଗ୍ରହ

(ସାତୋଟି ପୁସ୍ତକର ଏକତ୍ର ସଂକଳନ)

ଶ୍ରୀ ଚନ୍ଦ୍ରଶେଖର ରଥ

ପ୍ରଜ୍ଞାଳୟ, ପୁରୀ

Digitized by srujanika@gmail.com

ଚନ୍ଦ୍ର ଶେଖର ରଥ

ନିବନ୍ଧ ସଂଗ୍ରହ

(ସାତୋଟି ପୁସ୍ତକର ଏକକ ସଂକଳନ)

ଲେଖକ : ଶ୍ରୀ ଚନ୍ଦ୍ର ଶେଖର ରଥ
ସଂକଳନ ସଂପାଦକ : ଡକ୍ଟର ବିଜୟ କୁମାର ମହାପାତ୍ର

ପ୍ରକାଶକ : ଡକ୍ଟର ବିଜୟ କୁମାର ମହାପାତ୍ର
ପ୍ରଜ୍ଞାଳୟ, ଦତ୍ତତୋଟା, ପୁରୀ-୧
ପ୍ରଚ୍ଛଦ - ବିଲ୍ଲୁ ପ୍ରସୂନ
ମୁଦ୍ରଣ : ଦିବ୍ୟ ମୁଦ୍ରଣୀ, ଦିବ୍ୟବିହାର, ସାମନ୍ତରାପୁର ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୯ ଅକ୍ଟୋବର ୨୦୧୨
(ଶ୍ରୀ ଚନ୍ଦ୍ର ଶେଖର ରଥଙ୍କ ୮୪ ତମ ଜନ୍ମଦିବସ ଉପଲକ୍ଷେ)
ମୂଲ୍ୟ : ବୋର୍ଡ଼ ବନ୍ଧେଇ : ₹ ୪୯୯/-
ସାଧା ବନ୍ଧେଇ : ₹ ୩୯୯/-

Nibandha Samgraha
(A collection of Seven Books)
by Sri Chandra Sekhar Rath

Published by : Dr. Bijaya Kumar Mohapatra
Prannjalaya, Duttatota, Puri-752001
Printed at : Divya Mudrani, Bhubaneswar
Frist Edition : 29 Oct. 2012
Price : Board Bound : ₹ 499/-
Plane Bound : ₹ 399/-

Digitized by srujanika@gmail.com

ଅନୁକ୍ରମ

୧- ଏ ଯେଉଁ ପୃଥିବୀ		**୭**
	ବିଷୟ	**ପୃଷ୍ଠା**
୧.	ଏ ଯେଉଁ ପୃଥିବୀ	୧୧
୨.	ମଥୁରାନଗରୀ	୧୬
୩.	ଫଗୁଣ	୨୦
୪.	କହିବାକୁ ଲାଜ	୨୪
୫.	ଶୁଣନ୍ତୁ	୨୮
୬.	ଇତ୍ୟାଦି	୩୪
୭.	ସଞ୍ଚୟର ପ୍ରତିପକ୍ଷ	୪୦
୮.	ଛପେଇଆତଙ୍କ	୪୬
୯.	ବିଦ୍ୟା ଓ ବିଦ୍ୟାର୍ଥୀ	୫୦
୧୦.	କପି	୫୮
୧୧.	ଶୁଭ୍ର ଶରତ୍	୬୨
୧୨.	ଦିଅଁଦେଖା	୬୪
୧୩.	ମୃତ୍ୟୁ-ଏକ ବିଳାସ	୬୮
୧୪.	ବ୍ୟବଧାନ	୭୬
୧୫.	କାନ୍ଦୁରା	୮୧
୧୬.	ଖୋଜିବା ନ ପାଇବା	୮୫
୧୭.	ଅନନ୍ୟ	୯୦
୧୮.	କଥା ସରିଯାଏ	୯୫
୧୯.	ସାହାରା	୯୯
୨୦.	ସେପାରି	୧୦୪
୨- ଦୃଷ୍ଟି ଓ ଦର୍ଶନ		**୧୦୯**
୧)	ଆଉ ଜଣେ	୧୧୫
୨)	ବୁଝାମଣା ପ୍ରସଙ୍ଗ	୧୧୯
୩)	ବ୍ୟକ୍ତି ଏପରି କହେ	୧୨୪
୪)	ନୂଆ ପୁରୁଣା	୧୩୧
୫)	ନାମକରଣ	୧୩୫

Digitized by srujanika@gmail.com

୬) ଅମାନିଆ ୧୪୦
୭) ଦୁଇଟି ଚିଠି ୧୪୪
୮) ମୁଁ ଲେଖେ କାହିଁକି ୧୫୧
୯) ସ୍ରଷ୍ଟାର ସ୍ୱୀକାର ୧୫୭
୧୦) ତ୍ରିଶଙ୍କୁର ସ୍ୱର୍ଗ ୧୬୨
୧୧) ଅଥେଲୋ-ମନୋବୃତ୍ତି ୧୬୬
୧୨) ଅମରତ୍ୱର ଅଭିଶାପ ୧୭୧
୧୩) ବିଶ୍ୱାସ ବିଚାର ୧୭୪
୧୪) ମୁଁ ଏବଂ ସମାଜ ୧୭୭
୧୫) କାଚଘର ୧୮୪
୧୬) ଅପଯଶ ୧୮୭
୧୭) ଆସ୍ପୃହା ୧୮୯
୧୮) ସମୁଦ୍ର ଦର୍ଶନ ୧୯୧
୧୯) ଯେ ଯଥା ମାଂ ପ୍ରପଦ୍ୟନ୍ତେ ୧୯୭
୨୦) ଅଗ୍ନି ମୋହର ନିଜ ଗୁରୁ ୨୦୧

୩ - ମୁଁ ସତ୍ୟଧର୍ମା କହୁଛି

୧। ଲୁଚକାଳି ୨୧୧
୨। କଥା ସରେନା ୨୧୫
୩। ମୁଁ ସତ୍ୟଧର୍ମା କହୁଛି ୨୧୯
୪। ଆଷାଢ଼ ୨୨୬
୫। ନୀଡ଼ାୟତନ ୨୩୧
୬। ଦେବକୀ ୨୩୬
୭। ଅତିମୁହୂର୍ତ୍ତ ୨୪୦
୮। ମୁଁ ଏକ ପାଦପ ୨୪୪
୯। ପ୍ରତିପକ୍ଷ ୨୪୮
୧୦। ମୌନ ୨୫୪
୧୧। ମିଛ ଅତି ଆପଣାର ୨୫୯
୧୨। ଯେକୌଣସି ଯୁଦ୍ଧ ପରେ ୨୬୪
୧୩। ଅନ୍ୟ ଏକ ପ୍ରେମ କଥା ୨୭୦
୧୪। ନିନ୍ଦୁକ ପରିଚୟ ୨୭୫
୧୫। ଫାଶ ଫିଟିଗଲା ୨୮୧
୧୬। ମୁକ୍ତି ପାଇଁ ନୁହେଁ ୨୮୫
୧୭। ମୁଁ ସେଇ ଲଘିଷ୍ଠ ୨୮୯
୧୮। ଯିଶୁ ୨୯୫
୧୯। ନିଜକୁ ବାମାମିତ୍ର ମନେକରି ୨୯୯

୪ – ମଧୁ ସନ୍ଧାନ

୧। କେତୋଟି ମୁହଁ ସମ୍ପର୍କରେ	୩୦୬
୨। କାହିଁ ସେ ବନ୍ଧୁ	୩୧୯
୩। ତୃତୀୟ ପନ୍ଥା	୩୨୫
୪। ମଧୁ ସନ୍ଧାନେ	୩୩୧
୫। ଏ ଚିଠି ଗୋପନୀୟ	୩୩୬
୬। ନିଷିଦ୍ଧ ଦରଜା	୩୪୨
୭। ମୁଁ କିଏ	୩୪୭
୮। ଛପନଭୋଗୀ	୩୫୦

୫ – ଉତ୍ତର ଅରଣ୍ୟ

୧। ତୃପ୍ୟନ୍ତାମ୍	୩୫୯
୨। ଖର୍ବପୁରୁଷ	୩୬୪
୩। ଯୋଗ୍ୟତରେଷୁ	୩୭୦
୪। ଅଜ୍ଞାତବାସ	୩୭୭
୫। ମୌନଭଙ୍ଗ	୩୮୧
୬। ଅପହଞ୍ଚ	୩୮୫
୭। ଏ ମନ ଏହିପରି	୩୮୮
୮। ଦିଗବାଉଳା	୩୯୧
୯। ୟା’କୁ ଚିହ୍ନନ୍ତି?	୩୯୬
୧୦। ମନର ମେଘ	୪୦୦
୧୧। ଏକାକୀ	୪୦୪
୧୨। ଚଷମା ସପକ୍ଷରେ	୪୦୯
୧୩। କଣ୍ଟାର ମୁକୁଟ	୪୧୨
୧୪। ଶିଷ୍ଟାଚାର	୪୧୬
୧୫ ଅଭିଭାବକ	୪୨୨
୧୬। ଗାଡ଼ି ଛାଡ଼ିଦେଲା	୪୨୭
୧୭। ପ୍ରତିବେଶୀ	୪୩୩
୧୮। ଯାନ-ଯାତ୍ରା	୪୩୯
୧୯। ଆମ ସାର୍	୪୪୩
୨୦। ସେଇ ପକ୍ଷୀ ପରି	୪୪୯
୨୧। ପତ୍ରଲିଖନ	୪୫୩
୨୨। ନରକିନ୍ନର	୪୫୮
୨୩। ପରଜା	୪୬୬
୨୪। ଛ’ ମାଣ ଆଠଗୁଣ୍ଠ	୪୭୩
୨୫ ସାରଳାଙ୍କ ଭୀମ	୪୮୩

୬- ଅଶ୍ରୁତ ସ୍ୱର ୪୯୧
୧। ପ୍ରଶ୍ନ ୪୯୩
୨। ଅନ୍ଧାର ୪୯୮
୩। ଅଶ୍ରୁତ-ସ୍ୱର ୫୦୩
୪। ମହାଜନ ପନ୍ଥା ୫୦୮
୫। ଲଟେରୀ ସ୍ୱପ୍ନ ୫୧୪
୬। କବିପତ୍ନୀ ୫୧୮
୭। ଏଣିକି କିଛି ଭୁଲାଯାଉ ୫୨୩
୮। ପାହାଡ଼ଚଢା ୫୨୯
୯। ଭଜବୁଢା ୫୩୪
୧୦। ଅବଶେଷାନୁଚିନ୍ତା ୫୩୮
୧୧। ନିଜକୁ ନାସ୍ତିକ ମନେକରି ୫୪୧
୧୨। ଦାଗୁଦର୍ଶନ ୫୪୬
୧୩। ଆପାତତଃ ୫୫୨
୧୪। ବଡ଼ମୁହାଁ ୫୫୭
୧୫। କଣ୍ଟା ଓ ବେଦନାବୋଧ ୫୬୧
୧୬। ଉଦ୍‌ବର୍ତ୍ତନ ୫୬୪
୧୭। ହାଟ ବାହୁଡ଼ା ୫୬୬
୧୮। ଶୂନ ୫୬୯
୧୯। ଦର୍ପଣ ୫୭୩
୨୦। ପରିଚୟ ୫୭୯
୭- କ୍ରୀତଦାସର ସ୍ୱପ୍ନ ୫୮୩
୧। କ୍ରୀତଦାସର ସ୍ୱପ୍ନ ୫୮୫
୨। କଣିକ ଉବାଚ ୫୯୧
୩। ଅଜାତଶତ୍ରୁ ୫୯୬
୪। ଗୁରୁ ୬୦୦
୫। ନୀତି ପ୍ରୟୋଗ ୬୧୫
୬। ଆପଣା କଲା କର୍ମମାନ ୬୧୯
୭। ରଚନା ସଂପର୍କରେ ୬୨୩
୮। ସମୟ ନାହିଁ ୬୩୨
୯। ସର୍ପଯଜ୍ଞ ୬୩୫

❖❖❖

Digitized by srujanika@gmail.com

ଏ ଯେଉଁ ପୃଥିବୀ

Digitized by srujanika@gmail.com

ରଚନା ସଂପର୍କରେ

ଅଳ୍ପ ଦିନ ତଳେ ମୋର ଜଣେ ସୁପାଠକ କବିବନ୍ଧୁ କହୁ କହୁ କହିଲେ ଯେ – ରଚନାଟିଏ ଲେଖିବା ପାଇଁ ବୋଧହୁଏ କୌଣସି ବିଷୟ ନିର୍ବାଚନର ପ୍ରୟୋଜନ ହୁଏନାହିଁ । ଅର୍ଥାତ୍ ଯେ କୌଣସି ବିଷୟ ଉପରେ ରଚନା ଲେଖାଯାଇପାରେ । ମୋତେ ଜଣାଗଲା ଯେ ବନ୍ଧୁ ମୋତେ ମୋର ଉଦାର ସାମର୍ଥ୍ୟ ପାଇଁ ଅଭିନନ୍ଦିତ କଲେ । କିନ୍ତୁ କବି ଯେ ବ୍ୟାଜୋକ୍ତି କଲେ ସେ କଥା ବୁଝିବାକୁ ମୋତେ ଅଗତ୍ୟା ଆଉ ଜଣେ କବିଙ୍କ ସାହାଯ୍ୟ ନେବାକୁ ପଡିଥିଲା । ମାନନୀୟ କବିକୁଳ ବେଳେ ବେଳେ ପରସ୍ପରକୁ ବୁଝିପାରନ୍ତି, ଏ ବିଶ୍ୱାସ ମୋର ଏବେ ମଧ୍ୟ ଅକ୍ଷୁର୍ଣ୍ଣ ଅଛି । ଆପଣ ଶୁଣି ହୁଏତ ବିସ୍ମିତ ହେବେ ଯେ ଆଉ ବେଳେ ବେଳେ ସେମାନେ ନିଜ ବକ୍ତବ୍ୟକୁ ବୁଝାଇ ମଧ୍ୟ ପାରନ୍ତି । ଏହିପରି ବୁଝିଯିବା ପରେ ବନ୍ଧୁଙ୍କର ବ୍ୟାଜୋକ୍ତି ପାଇଁ କିଛି ଖେଦୋକ୍ତି ପ୍ରକାଶ କରିବାର ପ୍ରୟୋଜନ ମନେହେଲା । କାଳେ ଏ ପ୍ରବୃତ୍ତିଟି କବିତାରୂପ ନେଇଯିବ, ଏଇ ଭୟରେ ଆତ୍ମରକ୍ଷା ପାଇଁ ବିଶୁଦ୍ଧ ଗ୍ରାମ୍ୟ ଗଦ୍ୟର ଆଶ୍ରୟ ନେବାକୁ ପଡ଼ିଲା ।

ସେଭଳି ସତ୍ୟଦ୍ରଷ୍ଟା ନହେଲେ ସବୁ ବିଷୟରେ ରଚନା ଲେଖିବା ସମ୍ଭବ ନୁହେଁ, କବିତା ଲେଖିବା ମଧ୍ୟ ସମ୍ଭବ ନୁହେଁ । କାରଣ ସେ ଏକ ଯୋଗାଯୋଗ ବ୍ୟାପାର । କେତେବେଳେ କେମିତି ଗୋଟାଏ ଆଶ୍ଚର୍ଯ୍ୟ ମୁହୂର୍ତ୍ତରେ ସୃଜନ କେନ୍ଦ୍ରଟି ଚମକିତ ହୁଏ । ସାଧାରଣ ବସ୍ତୁଟିଏ ଅସାଧାରଣ ବିଭୂତି ପ୍ରକଟକରେ । ଦେଖୁ ଦେଖୁ ସେ ସମଗ୍ର ଚେତନାକୁ ଆଚ୍ଛନ୍ନ କରେ, ବିବଶ କରେ ଏବଂ ଏଭଳି ଆବିଷ୍ଟ ଅବସ୍ଥାରେ ହିଁ ରଚନାଟିଏ ଲେଖାଯାଏ, ଗଳ୍ପଟିଏ ଲେଖାଯାଏ କିମ୍ବା କବିତାଟିଏ ମଧ୍ୟ ଲେଖାଯାଏ । ସବୁବେଳେ ତ ମନରେ ଫୁଲ ଫୁଟେ ନାହିଁ । ଫୁଟିଲେ ମଧ୍ୟ ସବୁ ଫୁଲରେ କସି ଧରେ ନାହିଁ । ସବୁ କସିଗୁଡିକ ବି ପାଚିପାରନ୍ତି ନାହିଁ କିମ୍ବା ସବୁ ଫଳ ବୀଜବନ୍ତ ହୁଅନ୍ତି ନାହିଁ । ଏଣୁ ବିଷୟ ନିର୍ବାଚନ କରିବା ସେଭଳି କୌଣସି ସାର୍ବଭୌମ ସ୍ୱାଧୀନ ଅଧିକାର ନୁହେଁ । ଅନ୍ୟ ପକ୍ଷ ରାଜି ନଥିଲେ ଗୋଟାଏ ଘର୍ମାକ୍ତ ଧର୍ଷଣରେ ଆନନ୍ଦ-ଜନିତ ସୃଷ୍ଟି କିମ୍ବା ସୃଷ୍ଟି-ଜନିତ ଆନନ୍ଦ କାହିଁ? ଏ ମୌଳିକ ବିଚାରଟି ସବୁପ୍ରକାର ସୃଜନଧର୍ମୀ ସାହିତ୍ୟ ପାଇଁ ସମାନ ଭାବରେ ପ୍ରଯୋଜ୍ୟ । ନିଜ ଭିତରେ ଗୋଲାପଟିଏ ଫୁଟାଇ ଯାଉ ଯାଉ ଯଦି କୌଣସି ଶିଶିରାକ୍ତ ଶ୍ରୀମନ୍ତ ଗୋଲାପଟିଏ ସ୍ୱାଗତ ଜଣାଇଲା ତେବେ ସେଇ ଆଚମ୍ବିତ ଯୋଗାଯୋଗଟି ହୋଇଯାଏ । ତେଣିକି ଭଅଁର ଆସେ, ସୂର୍ଯ୍ୟ ଆସେ । ଆକାଶସାରା ଗୋଲାପ ଫୁଟିଯାଏ । ସାହିତ୍ୟରେ ଜନ୍ମନିଏ ଗୋଟିଏ ଅଦ୍ଭୁତ ଗୋଲାପ । ନହେଲେ ଉଭୟର ଅଜ୍ଞାତରେ ଉଭୟେ ଝରିଯାନ୍ତି, ତା'ର ହିସାବ କେହି ରଖେ ନାହିଁ । ଏ ଯୋଗାଯୋଗ ପାଇଁ ବାଛ-ବିଚାର ନ ଥାଏ । ଗେଣ୍ଡା ଉପରେ 'ଟେନିସନ୍' କବିତା ଲେଖନ୍ତି । 'ଶୂନ୍' ଉପରେ ଆମେ ରଚନା ଲେଖୁ । ପ୍ରଜାପତି ଘଟସୂତ୍ର କଥା । ଘଟକୁ ଘଟ ସହିତ ସଂଯୁକ୍ତ କରୁଥିବା ଏ ସୂତ୍ରଟି ସବୁବେଳେ ଏକ ରହସ୍ୟ ।

Digitized by srujanika@gmail.com

ସାଧାରଣ ନିୟମରେ ଅସାଧାରଣ ବ୍ୟତିକ୍ରମ ମଧ୍ୟ ଦେଖାଦିଏ । ବ୍ୟକ୍ତିବିଶେଷଙ୍କର ରୁଚି କିମ୍ବା ବସ୍ତୁବିଶେଷଙ୍କର ଆବେଦନ ଭିତରେ ଅନେକ ତାରତମ୍ୟ ଥାଏ । ଏଣୁ ଯାହା ସ୍ଥପତିକୁ ମୁଗ୍ଧ କରେ ତାହା ଚିତ୍ରଶିଳ୍ପୀର ଆକୃଷ୍ଟ କରେ ନାହିଁ । ଯାହା କବିକୁ ପ୍ରଚୋଦିତ କରେ ତାହା କଣ୍ଠଶିଳ୍ପୀକୁ ପ୍ରଭାବିତ କରେ ନାହିଁ । ପୁଣି ଜଣେ କବିଙ୍କୁ ଯାହା ଅଭିଭୂତ କରେ ତାହା ଅନ୍ୟ ଜଣକୁ ଆଦୌ ସ୍ପର୍ଶ ନକରିପାରେ । ସେଇ କବିଙ୍କୁ ଯାହା ଆଜି ଏଇଠି ଆଲୋଡ଼ିତ କରୁଛି, ତାହା ହୁଏତ ଆଉ କେବେ ବା ଆଉ କେଉଁଠି ମୂଳରୁ ଛୁଇଁନପାରେ । ଏ ସମସ୍ତେ କିନ୍ତୁ ସ୍ରଷ୍ଟା । ସେଇ ବିଚାରରେ ଅନ୍ତତଃ, ଅସଂଖ୍ୟ ଅ-ସ୍ରଷ୍ଟାମାନଙ୍କ ଠାରୁ ଭିନ୍ନ, ଆଉ ଗୋଟିଏ ରାଜ୍ୟର ପ୍ରାଣୀ । ତେବେ ଏ ପ୍ରକାର ପାରସ୍ପରିକ ତାରତମ୍ୟର କାରଣ ହେଲା ସେମାନଙ୍କର କ୍ଷେତ୍ର ସ୍ୱାତନ୍ତ୍ର୍ୟ । ଭିନ୍ନ ଭିନ୍ନ କ୍ଷେତ୍ରରେ ସେମାନେ ବିଚରଣ କରୁଥାନ୍ତି । ଏଣୁ ପରସ୍ପର ଭିତରେ ବୁଝାମଣାର ଅଭାବ ନ ଥିଲେ ମଧ୍ୟ ରୁଚି, ପ୍ରକାଶଭଙ୍ଗୀ ଏବଂ ମାଧ୍ୟମରେ ଐକ୍ୟ ସମ୍ଭବ ନୁହେଁ । ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ମାନନୀୟ ଏବଂ ସ୍ୱତନ୍ତ୍ର ।

ଏଣୁ କବି ହୁଏତ ଭାବ ରାଜ୍ୟରେ ଆବେଗ ସଂବେଗକୁ ନେଇ ସୃଷ୍ଟି କରନ୍ତି । ତାଙ୍କ ଭାଷା କବିତା । ଅନ୍ୟ ପକ୍ଷେ ରଚନାର ରଚୟିତା ଚିନ୍ତା ଏବଂ ଚେତନାରେ ବିଳାସ କରେ । ତାର ଭାଷା ଗଦ୍ୟ । ଯା'ର ଅର୍ଥ ନୁହେଁ ଯେ କବିତାରେ ଚିନ୍ତା ନାହିଁ, କିମ୍ବା ରଚନାରେ ଆବେଗ ନାହିଁ । କେବଳ ଭାଗମାପରେ ଊଣା ଅଧିକ ହେବାର ପରିଲକ୍ଷିତ ହୁଏ । ଭାଷା ମଧ୍ୟ ସେପରି କୌଣସି ପଥର କାନ୍ଥ ଭିତରେ ଅବରୁଦ୍ଧ ନୁହେଁ । କବିତା ଯେମିତି ଗଦ୍ୟାରୂଢ଼ ହେବାର ଦେଖାଯାଏ, ଗଦ୍ୟ ମଧ୍ୟ ସେଇଭଳି କବିତାକ୍ରାନ୍ତ ହେବାର ଦେଖାଯାଏ; ମଝିରେ ପାଣିଗାରଟିକୁ କେବଳ ଡେଇଁଯିବା କଥା । ଗୋଟିଏ ଦିଗରେ ହୁଏତ ମନ୍ତ୍ରପୁତ ବିଶୁଦ୍ଧ କବିତା, ତରଳ, ମୃଦୁଳ ଏବଂ ସୂକ୍ଷ୍ମ ଏବଂ ଅନ୍ୟ ଦିଗରେ ଚାରିକୋଣିଆ ନିବିଡ ଗଦ୍ୟ । ଏ ଦୁଇଟି ଦୂରତମ ବିନ୍ଦୁ ମଧ୍ୟରେ ଅନେକ ପ୍ରଶସ୍ତ ସାଧାରଣ ଭୂମି । ସେଇଠି ରଚନା ଲେଖାହୁଏ । ଆଉ ଧାରେ ଘୁଞ୍ଚିଗଲେ ଯାହା ତରଳିଯାଇ କବିତା ହୋଇଯାଆନ୍ତା, ତାହାହିଁ ରଚନା । ଯେଉଁଠି କବିତା ଛନ୍ଦ ବଦଳାଇ ମନ୍ଥର ହୋଇଯାଏ ତାହାହିଁ ରଚନା । ଏହା କିନ୍ତୁ ଗଦ୍ୟପଦ୍ୟର ଅପମିଶ୍ରଣ ନୁହେଁ । ଏହା ଏକ ଅନାବିଷ୍କୃତ ଭୂମି, ଯେଉଁଠି ସାହିତ୍ୟର କୌଣସି ବିଶୁଦ୍ଧ ବର୍ଗ ପାଇଁ ବାରଣ ନାହିଁ । ଗଳ୍ପ, ନାଟକ, କବିତା, ପ୍ରବନ୍ଧ ଖୁବ୍ ସହଜଭାବରେ ଏଠି ପ୍ରବେଶ କରିପାରନ୍ତି, ପରସ୍ପର ପ୍ରତି ଘନିଷ୍ଠ ସହନଶୀଳତା ପ୍ରକାଶ କରିପାରନ୍ତି । ଏପରି ଅଭିଜାତ ସମ୍ମିଳନୀରେ କେତେ ଶାଳୀନ-ସଂଯମ ଏବଂ କେତେ ସଚେତନତାର ପ୍ରୟୋଜନ ଆପଣ ବିଚାର କରନ୍ତୁ । ଆପଣ ତ ନିଜେ କବି!

ଏଣୁ "ଯେ କୌଣସି ବିଷୟରେ" ଆପଣ ଯେହେତୁ କବିତା ଲେଖି ପାରନ୍ତି ନାହିଁ, ରଚନା ମଧ୍ୟ ଲେଖିବା ନୁହେ । ଏଣୁ, ହେ କବି ବନ୍ଧୁ । ଏ ଚତୁର୍ଥ ସଂକଳନଟି ଆପଣଙ୍କୁ ହିଁ ଉତ୍ସର୍ଗ କରୁଛି ।

ଦୀପାବଳୀ- ୧ ୯ ୭ ୫ — ଚନ୍ଦ୍ରଶେଖର ରଥ

Digitized by srujanika@gmail.com

ଏ ଯେଉଁ ପୃଥିବୀ

ବାରମ୍ବାର ଚନ୍ଦ୍ରଅଭିଯାନରୁ ଫେରିଆସି ମହାକାଶଚାରୀମାନେ ଯେତେବେଳେ ପ୍ରଶାନ୍ତସାଗର ଉପରେ ସେମାନଙ୍କ ନିରୁଦ୍ଧ ମୁଖା ଖୋଲିଦିଅନ୍ତି ଏବଂ ଗନ୍ଧବତୀ ପୃଥିବୀରୁ ପ୍ରାଣବାୟୁ ଶୋଷିନିଅନ୍ତି, ତାଙ୍କର ଆନନ୍ଦ କହିଲେ ନ ସରେ । ବହୁ ଉପରେ ଦପ୍ ଦପ୍ ଜଳୁଥିବା ଜ୍ୟୋତିଷ୍କ-ରାଜ୍ୟରୁ ସେମାନେ ଫେରିଥାନ୍ତି । ଚନ୍ଦ୍ର ଉପରେ ବିଚରଣ କରି ଫେରିଥାନ୍ତି । ପୋତିଦେଇ ଆସିଥାନ୍ତି ସେ ରାଜ୍ୟରେ ବିଜ୍ଞାନୀ ମଣିଷର ବିଜୟ-ନିଶାଣ । ଶୂନ୍ୟ ସମୁଦ୍ରକୁ ପ୍ରବଳ ବେଗରେ ଅତିକ୍ରମ କରି ଫେରିଥାନ୍ତି । ଚନ୍ଦ୍ରର ରଜତ-ରାଜ୍ୟରୁ ବାହୁଡ଼ିବା ପୂର୍ବରୁ ହୁଏତ ସେମାନେ ପରସ୍ପରକୁ ଚାହିଁ କହିବା ଉଚିତ ଥିଲା, ''ଫେରିବା କହୁଛ ବନ୍ଧୁ ପୁଣି ଅନ୍ଧକାରେ? ଫେରିବାକୁ ହେବ ସତ''? ତୀବ୍ର ସୂର୍ଯ୍ୟାଲୋକର ରାଜ୍ୟ, ତାରା ନିକ୍ଷତ୍ରମାନଙ୍କର ଅସଂଖ୍ୟ ବିଶୁଦ୍ଧ ଆକାଶରୁ କାହିଁକି ଜଣେ ଫେରିବାକୁ ଚାହିଁବ, ମୌସୁମୀ-ମେଘର ଅବଗୁଣ୍ଠନ ତଳେ ମାଟି ପାଣି ପବନର ଏ ବର୍ତ୍ତୁଳ ସମଷ୍ଟିକୁ । ଗୁଡାଏ ଅରଣ୍ୟର ଠାଏ ଠାଏ ବାଲି ଓ ବରଫର ମରୁଭୂମି କିମ୍ବା ଧୂମାକ୍ରାନ୍ତ ଇଟା ଏବଂ ଚୂନର କୁଢ଼ କୁଢ଼ ବିଷାକ୍ତ ସହର, ଆଲକାତରାରଞ୍ଜିତ ସର୍ପିଳ ରେଖା ଏବଂ କପା ପଶମର ଖୋଳ ଭିତରେ ହାଉଜାଉ କୃଷ୍ଣ, ଶ୍ୱେତ, ପୀତ ବର୍ଣ୍ଣର ଗୁଡାଏ ତାଳିମାରି କୁହାଟୁଥିବା ଜନ୍ତୁଙ୍କ ଗହଣକୁ ଫେରିବାର ଅର୍ଥ କଣ? ଅର୍ଥ କ'ଣ ଫେରି ଆସି ଏଭଳି ବିଭୋର ହେବାରେ?

ଏହିପରି ଗୁଡ଼ିଏ ରୋକ୍‌ଠୋକ୍ ପ୍ରଶ୍ନ ଆପଣ ବର୍ଷିଗଲା ପରେ ମଧ୍ୟ ମହାକାଶଚାରୀମାନେ ଆଖି ଫିଟେଇ ଚାହାନ୍ତି ନାହିଁ ବରଂନିଶାର୍ଦ୍ଧ ସାଗରର ଶୀତଳ ଅମ୍ଳଜାନଗୁଡାଏ ରଙ୍କ ରଙ୍କ ହୋଇ ଶୋଷୁଥାନ୍ତି । ପୁଣ୍ୟ-ଫଳ କ୍ଷୀଣ ହେବା ପରେ ବିଶାଳ ସ୍ୱର୍ଗ ରାଜ୍ୟରୁ ସଦ୍ୟ ପତିତ ଏ ମାହାତ୍ମ୍ୟଗୁଡିକୁ ଆପଣ ହୁଏତ କିଛି ସଂଭ୍ରମ, କିଛି ସହାନୁଭୂତି, ଏପରିକି କିଛି ଦୟା ଦେଖେଇ ଠିଆ ରହନ୍ତି । ଭାବନ୍ତି, ''ଆହା ବିଚାରାଗୁଡିକ - ସେଠି ନ ରହି କାହିଁକି ଏଠିକି ଫେରିଲେ?-'' ସେମାନେ ଆପଣଙ୍କୁ ଶୁଣିସାରି ହୁଏତ ଭାବନ୍ତି, ''ଆହା ବିଚାରା! ଏମାନେ ସତେ କିଛି ଜାଣନ୍ତି ନାହିଁ । ଜାଣନ୍ତି ନାହିଁ, ସେ ରାଜ୍ୟ କ'ଣ ଏବଂ ଏ ଜିନିସ କ'ଣ!'' ସେମାନେ ମଧ୍ୟ ତଦ୍ରୂପ ଦୟା ଓ ସହାନୁଭୂତିରେ ଆଖି ବୁଜି ପଡିରହନ୍ତି କିଛି କହନ୍ତି ନାହିଁ ।

ପ୍ରଶ୍ନଯାକ ସାଉଁଟି ଆଣି ଆପଣ ହୁଏତ ପହଞ୍ଚନ୍ତି ପ୍ରୟୋଗଶାଳାରେ । ମୋଟା ବଗଡ଼ିଆ କୋଟପିନ୍ଧା ଗୁଡିଏ ନୀରବ ବିଜ୍ଞାନୀ ଆପଣଙ୍କୁ ଘେରିଯାନ୍ତି । ଭାରି ଭାରି ଭ୍ରୂଲତା ତଳୁ ସେମାନଙ୍କର

Digitized by srujanika@gmail.com

କ୍ଷୁର ଧାର ପରି ଶାଣିତ ଆଖି ଝଟକୁଥାଏ । ଆପଣଙ୍କ ପସରାରୁ ଗୋଟିଏ ଗୋଟିଏ ପ୍ରଶ୍ନ ଟେକି ନେଇ ଓଲଟପାଲଟ କରି ଦେଖି ଦେଇ ପୁଣି ଥୋଇଦିଅନ୍ତି । ସେମାନେ ପରସ୍ପରକୁ ଚାହିଁ ମୁଚୁକି ମାରନ୍ତି । ଆପଣଙ୍କୁ ହୁଏତ ଶୁଭେ- ଚନ୍ଦ୍ର ଏକ ନିରବଚ୍ଛିନ୍ନ ମରୁଭୂମି ଜ୍ୟୋତିଷଗୁଡିକ ଅତି ବିଶାଳ ତରଳ ଅଗ୍ନିପିଣ୍ଡ ମହାକାଶ ଏକ ନିଥର, ନିଷ୍ପ୍ରାଣ, ଘନକୃଷ୍ଣ, ଅତଳ ବିବର । ''ଏ ପୃଥିବୀର ଆୟୁଷରେଖା ସୀମିତ । ସେ ଦିନେ ଚନ୍ଦ୍ର ପରି ନିରବଚ୍ଛିନ୍ନ ମରୁଭୂମିରେ ପରିଣତ ହୋଇଯିବ । ଏ ସୂର୍ଯ୍ୟ ଦିନେ ସ୍ତିମିତ ହୋଇ ପରିଶେଷରେ ନିର୍ବାପିତ ହୋଇଯିବ । ଏ କୁଣ୍ଠିତ ବସ୍ତୁ-ସମୁଦ୍ରରେ ଅକସ୍ମାତ ଜୀବନଦୀପ ଲିଭିଯିବ । କୋଟି କୋଟି ଆଲୋକବର୍ଷ ଭିତରେ କେବଳ ଜଡ ଧର୍ମର ବିସ୍ଫୋରଣ ଘଟୁଥିବ, ଏ ଅଗ୍ନିପିଣ୍ଡ ଘୂରି ଘୂରି ଲିଭିଯାଇଥିବେ । ଆମର ଏ ମହାଶୂନ୍ୟ ଅଭିଯାନ, ଭାସ୍କୋଡଗାମାର ଅଭିଯାନ ଭଳି, ଉତ୍ତମାଶା ଅନ୍ତରୀପର ପରିକ୍ରମା କରୁଛି । ଏ ସମୁଦ୍ରର କୌଣସି ଉପକୂଳରେ ବିସ୍ତୀର୍ଣ୍ଣ ଉପନିବେଶ ହୁଏତ ମିଳିଯାଇପାରେ....'' ।

ଆପଣ ମଧ୍ୟ ଅଳ୍ପ ମୁଚୁକି ମାରି ସେଇଠୁ ଘୁଞ୍ଚନ୍ତି - ''ଓ! ତାହେଲେ ଏମାନେ ମଙ୍ଗଳ ଗ୍ରହକୁ ଯିବା ପାଇଁ ଏଭଳି ଯତ୍ନ କରୁଛନ୍ତି! ଚନ୍ଦ୍ରରେ ନ ହେଲେ ନାହିଁ, ଏ ପୃଥିବୀକୁ କୌଣସି ପ୍ରକାରେ ଛାଡି ଆଉ କେଉଁଠିକି, ତାରା ରାଜ୍ୟକୁ ଚାଲିଯିବା ସ୍ୱପ୍ନ ଏମାନଙ୍କୁ ଘାରିଛି! ବେଶ୍, ମନ୍ଦ କଣ?'' ଆପଣ ଏବେ କିନ୍ତୁ ଯେଉଁଠି ଯାଇ ହାବୁଡନ୍ତି ସେ ହେଉଛି ପ୍ରୟୋଗଶାଳାର ଋଷି କେନ୍ଦ୍ର । ସେଇଠି ବିଶ୍ୱାମିତ୍ର ନୂତନ ସ୍ୱର୍ଗ ସୃଷ୍ଟି କରୁଥାନ୍ତି । ସେଇଭଳି ବା ତା'ଠାରୁ ଆହୁରି ମୋଟା ବଗଡିଆ କୋଟ୍ ପିନ୍ଧି ସେ ବସିଥାନ୍ତି । ସେଇଭଳି ବା ତା'ଠାରୁ ଆହୁରି ଭାରି ଭାରି ଭୂଲତା ତଳୁ ସେ ଅନାଇଥାନ୍ତି । ତାଙ୍କ ଆଖି ଯୋଡିକ ମଧ୍ୟ ଝଟକୁ ଥାନ୍ତି । କ୍ଷୁର ଧାର ପରି ନୁହେ, ବରଂ ସୂର୍ଯ୍ୟଲୋକରେ ଜଳି ଉଠୁଥିବା ବିସ୍ତୀର୍ଣ୍ଣ ସମୁଦ୍ର ପରି । ତାଙ୍କ ମୁଣ୍ଡରେ ବିଜ୍ଞାନର ମୁକୁଟ, ବେକ ପର୍ଯ୍ୟନ୍ତ ଥୋପି ପଡୁଥିବା ଟେନା ଟେନା ବରଫ ରଜତ ପିଙ୍ଗଳ ଗୁଡିଏ ଅବିନ୍ୟସ୍ତ କେଶଭାର । ସେ ଆପଣଙ୍କୁ ଚାହାନ୍ତି କି ଅପାଣଙ୍କୁ ଭେଦି ଏ ବିପୁଳା ପୃଥିବୀକୁ ଚାହୁଁଥାନ୍ତି, ବା ତାକୁ ପାରିହୋଇ ମହାଶୂନ୍ୟକୁ ହିଁ ଚାହୁଁଥାନ୍ତି ଜାଣିବା କଠିନ । ତାଙ୍କ ନୀରବ ମନ୍ତ୍ରପ୍ରବାହ ଆପଣଙ୍କ ପାଇଁ ବା ଏ ସମଗ୍ର ମାନବ ଜାତିପାଇଁ ତା' ମଧ୍ୟ ବୁଝିବା କଠିନ । ତଥାପି ଆପଣ ଟିକିଏ ସତର୍କ ହୋଇ ଠିଆହେଲେ ସେ ପ୍ରସାରିତ ଦୃଷ୍ଟିରୁ କିଞ୍ଚିତ୍ ଆପଣଙ୍କ ଉପରେ ପଡିଯାଇପାରେ, ସେ ଅବାରିତ ପ୍ରବାହର କିଛି ତରଙ୍ଗ ଆପଣଙ୍କୁ ସ୍ପର୍ଶ କରିଯାଇପାରେ ।

''ଏ ପୃଥିବୀ ଅନନ୍ୟା! ଅତି ଅସାଧାରଣ ତା'ର ଐଶ୍ୱର୍ଯ୍ୟ । ଏପରି ଅପୂର୍ବ ଜଡ ଚେତନର ସମାହାର, ଏପରି ଜଳ-ସ୍ଥଳ ଅକାଶର ବୈଶିଷ୍ଟ୍ୟ, ଏତେ ବିଚିତ୍ର ରୂପ-ବର୍ଣ୍ଣ-ଆକାର-ସମ୍ବଳିତ ସ୍ଥାବର ଜଙ୍ଗମ,- ଏ ନଦୀ, ପାହାଡ, ଉପତ୍ୟକା ଏତେ ନୀଳ, ଏତେ ସବୁଜ, ଏପରି ଋତୁଚକ୍ର ଏବଂ ବିବର୍ତ୍ତନର ଅଦ୍ଭୁତ ଧାରା, ଆଉ କେଉଁଠାରେ ନାହିଁ - ଏ ସୌର ପରିବାରରେ ନାହିଁ । ଏ ସୁପ୍ରସାରିତ ଆକାଶର କୌଣସି କେନ୍ଦ୍ରରେ ମଧ୍ୟ ସେପରି ସ୍ପନ୍ଦନ ଆଉ ନାହିଁ । ଗୋଟାଏ ବିନ୍ଦୁରେ ଚଉଦ ଲକ୍ଷ ପୃଥିବୀ ପ୍ରଚଣ୍ଡ ସୌର ଅଗ୍ନିରେ ଜଳିଯାଏ ଏବଂ ଅନ୍ୟ ପଟେ ତାର କ୍ରମବିସ୍ତୃତ

Digitized by srujanika@gmail.com

ପରିଧିଗୁଡିକୁ ଘେରିଯାଏ ଅକଳନୀୟ ଶୀତଳ ଅନ୍ଧାର । ଗୋଟାଏ ପୁଞ୍ଜିଭୂତ ଶକ୍ତିର ବିସ୍ଫୋରଣ ଏବଂ ଅନ୍ୟଟି ଘନ-ଶୀତଳ ନିସ୍ପନ୍ଦ ସମାଧି । ସୂର୍ଯ୍ୟର ପରିପାର୍ଶ୍ୱରେ କେବଳ ଜ୍ୱଳନ୍ତ ଅଙ୍ଗାର, ମଙ୍ଗଳ ଏବଂ ବୁଧ ସେଥିରେ ପରିଦହ୍ୟମାନ, ନିଷ୍ପ୍ରାଣ କ୍ଷାରପିଣ୍ଡ ! ତତ୍‌ଦୂରବର୍ତ୍ତୀ ମେଚକ କାନ୍ତିର ଭିତରେ ପ୍ଲୁଟୋ ଏବଂ ୟୁରାନସ୍ ଭାସମାନ ଶୀତଳ ଛାୟାପିଣ୍ଡ । ଶନି ଏବଂ ବୃହସ୍ପତି ଦୁଇଟି ବିପୁଳ ବର୍ତ୍ତୁଳ ଧୂସର ବସ୍ତୁ । ଯଦି କେଉଁଠାରେ ସୂର୍ଯ୍ୟ ଅକୁଣ୍ଠିତ ସବିତା ରୂପରେ ବୀଜପ୍ରଦ ହୋଇଥାଏ, ଏବଂ ଯଦି ଘନଶୀତଳ ତମିସ୍ରା ଜନୟିତ୍ରୀର ଜଠର ପରି ଅହରହ ବର୍ଷନ୍ତ ସୌରବିନ୍ଦୁକୁ ଧାରଣ କରିଥାଏ, ଏବଂ ଯଦି ଘନଶୀତଳ ତମିସ୍ରା ଜନୟିତ୍ରୀର ଜଠର ପରି ଅହରହ ବର୍ଷନ୍ତ ସୌରବିନ୍ଦୁକୁ ଧାରଣ କରିଥାଏ ଆବର୍ତ୍ତିତ ଋତୁ କ୍ରମରେ ଉଭୟେ ବିଭିନ୍ନ ବନ୍ଧରେ ବିଭିନ୍ନ ଛନ୍ଦରେ ଲୀଳାୟିତ ହୋଇ ଉଠୁଥାନ୍ତି, ରୂପ ରସ ଗନ୍ଧରେ ସୃଷ୍ଟି ପ୍ରବାହର ଅନନ୍ତ ଐଶ୍ୱର୍ଯ୍ୟ ଅହରହ ବିକଶିତ ହେଉଥାଏ, ତାହା କେବଳ ଏଇ ଅସାଧାରଣ ମଣିବିନ୍ଦୁ ଉପରେ । ଏ ପୃଥିବୀ ଅନନ୍ୟା ! ଯା'ର ପଟାନ୍ତର ନାହିଁ ।

''ପଟାନ୍ତର ନାହିଁ ଏ ପୃଥିବୀର ଯେତେବେଳେ ଘନନୀଳ ବର୍ଣ୍ଣ ଆକାଶ ଗର୍ଭରେ ଧୂମାୟମାନ ବିସ୍ତୃତ ଦିଗଚକ୍ରର ସମଗ୍ର ଆୟତନରେ ଭରିଯାଏ ନିସ୍ପନ୍ଦ ସାଗରର ପ୍ରଗାଢ଼ ନୀଳିମା ଏବଂ ହରିତାୟମାନ ଭୂଖଣ୍ଡର ଘନ ସବୁଜ ବର୍ଣ୍ଣ । ପ୍ରତି ମୁହୂର୍ତ୍ତରେ ବିସ୍ତୃତ ହୋଇଯାଏ ଆକାଶର ଗର୍ଭ । ପୃଷ୍ଠଭୂମି କ୍ରମଶଃ ହୋଇଯାଏ ଦୂରତାହୀନ ଅପରିମେୟ କୃଷ୍ଣତା । ପୃଥିବୀ ଦିଶେ ବର୍ତ୍ତୁଳ ନୀଳବର୍ଣ୍ଣ । ମହାଦେଶ ଗୁଡିକ ସ୍ୱର୍ଣ୍ଣାଭ ଅଳଙ୍କାର । ମେରୁମଣ୍ଡିତା, ମେଘବଳୟିତା ପୃଥିବୀ ସୂର୍ଯ୍ୟର ଆଶ୍ଳେଷରେ ଦୀପ୍ତିମତୀ ହୋଇଉଠେ । ମହାକାଶର କୃଷ୍ଣ ଅପରିମେୟତା ଭିତରେ ଜ୍ୟୋତିଷ୍କାରାଜି ନିସ୍ପନ୍ଦ ଭାସ୍ୱର ଦେଖାଯାନ୍ତି । ପୃଥିବୀ ଆହୁରି ବର୍ତ୍ତୁଳ, ଆହୁରି ଦୁରନ୍ତ ଏବଂ ଆହୁରି ସୁନ୍ଦର ଦିଶେ । ଚନ୍ଦ୍ର ଦିଶେ କ୍ରମଶଃ ଧୂସର ଏବଂ ପ୍ରସାରିତ । ତାର ନିରବଚ୍ଛିନ୍ନ ମରୁଭୂମିରେ ଗର୍ତଲାଞ୍ଛିତ ବିଷମ ପର୍ବତ ଉପତ୍ୟକାର ଶ୍ମଶାନ କ୍ରମଶଃ ନିକଟତର ହୋଇଯାଏ । ସେଇଠି ଆଲୋକ ଏବଂ ଅନ୍ଧାର ବିଶୁଦ୍ଧ ଏବଂ ସ୍ୱତନ୍ତ୍ର ପ୍ରତିବେଶୀ । ତାଙ୍କର ମିଳନ ନାହିଁ । ଜଳବାୟୁହୀନ ସେ ମୃତ ଧୂଳିର ରାଜ୍ୟରୁ ରଜତବର୍ଣ୍ଣା ପୃଥିବୀ ଦିଶେ ଅପୂର୍ବ ସୁନ୍ଦର । ମହାକାଶର କୃଷ୍ଣଗର୍ଭରେ ଅତି ଭୟଙ୍କର ନୀରବତା । ସୂର୍ଯ୍ୟ ଏକ ନିର୍ମମ ଉତ୍ତପ୍ତ ଉତ୍ପୀଡନ । ତାରା ନକ୍ଷତ୍ର ଜ୍ୱଳନ୍ତ ସ୍ଫୁଲିଙ୍ଗ । ସମଗ୍ର ବିଶ୍ୱ ତୁଷାର-ଶୀତଳ ଉଦାସୀନ ପ୍ରାନ୍ତର । ଏ ସମସ୍ତେ ଜୀବନ ଓ ଜୀବନ-ଧର୍ମର ପରିପନ୍ଥୀ । ଏଇ ପୃଥିବୀ କେବଳ ମମତା ସ୍ନିଗ୍ଧା । ତାର ପବନ ଗନ୍ଧବହ । ତାର ଜଳଧାର ଜୀବନ-ରସରେ ଭରପୂର । ତାର ମୃତ୍ତିକା ରେଣୁ ରେଣୁରେ ପ୍ରାଣବନ୍ତ । ଏଠି ଉଦ୍ଭିଦ ଅକୃପଣ ଫଳଦାନ କରେ । ଅକଳନୀୟ ପୁଷ୍ପ ସମ୍ଭାରରେ ଏ ପୃଥିବୀ ବର୍ଣ୍ଣୋଜ୍ଜ୍ୱଳ ହୋଇ ରହିଥାଏ । ଏ ଇଟା ଚୂନର ପ୍ରକୋଷ୍ଠଗୁଡିକ ମଣିଷର ଉଷ୍ମତାରେ ସଂଜୀବିତ । ଏଠି ମଣିଷ କଥା କହେ, ପ୍ରେମ କରେ । ଏଠି ଚନ୍ଦନ ଗନ୍ଧ ଦାନ କରେ । ଏ ପୃଥିବୀ ଅନନ୍ୟା । ଯାର ପଟାନ୍ତର ନାହିଁ ।

Digitized by srujanika@gmail.com

ଏ ସ୍ୱର-ତରଙ୍ଗରେ ହୁଏତ ଆପଣ ଅନୁଭବ କରୁଥିବେ କୌଣସି ଦିବ୍ୟଦ୍ରଷ୍ଟାର ଉଦ୍‌ଘୋଷ, ଆଦିକବିର ରସମେଦୁର କବିତା ଏବଂ କାନେଇଲେ କନକଧାର ପରି ସୂକ୍ଷ୍ମଶାଣିତ, ସୁଦୂର ପ୍ରେମିକର ବେଣୁଧ୍ୱନି ! ଯା ପରେ ସେ ମୋଟା ବଗଡିଆ କୋଟ-ପିନ୍ଧା, ଭାରି ଭାରି ଭ୍ରୂଲତା ତଳେ ଅନେଇଥିବା ଋଷିଟିକୁ ଆପଣ ହାଠାତ୍ ଚିହ୍ନିଯିବା ଉଚିତ । ଗୋଟାଏ ବିସ୍ମୟର କମ୍ପନରେ ଅନୁଭବିଯିବା ଉଚିତ ଯେ ସେଇଭଳି ଉପନିଷଦ କହୁଛି, ଯେଉଁ ଭଳି ଆପଣ ଗତ ଦଶହଜାର ବର୍ଷ ଧରି ଶୁଣି ଆସିଛନ୍ତି । ସେଭଳି ଜ୍ଞାନବନ୍ତ ପୁରୁଷ ସବୁବେଳେ ଉପନିଷଦ ହିଁ କହନ୍ତି । ଅଥବା ସତ୍ୟ ଭୂମିରେ ସେ ଭଳି ଦ୍ରଷ୍ଟା ଯାହା କହନ୍ତି ତାହା ହିଁ ଉପନିଷଦ ।

ଏ ପୃଥିବୀ ଅନନ୍ୟା । ଯାର ପଟାନ୍ତର ନାହିଁ । ''ଏ ପୃଥିବୀ ହିଁ ସକଳ ପ୍ରାଣୀଙ୍କର ମଧୁଚକ୍ର ଏବଂ ଏ ଭୂତସମୂହ ପୃଥିବୀର ମଧୁଚକ୍ର । ଏଥିରେ ଯେଉଁ ତେଜୋମୟ ଅମୃତମୟ ପୁରୁଷ ବିଦ୍ୟମାନ ଅଛନ୍ତି ସେ ହିଁ ସର୍ବମୟ ବ୍ରହ୍ମ ଅଟନ୍ତି ।''

''ଏ ଜଳରାଶି ହିଁ ସକଳ ଭୂତଙ୍କର ମଧୁ ଏବଂ ଭୂତସମୂହ ଏ ଜଳ ମାନଙ୍କର ମଧୁ । ଏ ଅଗ୍ନି ହିଁ ମଧୁ, ଏ ବାୟୁ, ଆଦିତ୍ୟ ଏବଂ ଦିଗସକଳ ସମସ୍ତ ମଧୁମୟ । ଏ ଚନ୍ଦ୍ରମା, ବିଦ୍ୟୁତ୍, ଏ ମେଘମାଳା ଏବଂ ଆକାଶ ସକଳ ମଧୁମୟ । ଧର୍ମ ମଧୁ, ସତ୍ୟ ମଧୁ ଏବଂ ଏ ମାନବଜାତି ହିଁ ସକଳ ଭୂତଗଣଙ୍କର ମଧୁ । ଏହାଙ୍କ ଭିତରେ ଯେଉଁ ତେଜୋମୟ, ଅମୃତମୟ ପୁରୁଷ ବିଦ୍ୟମାନ ଅଛନ୍ତି ସେ ହିଁ ସର୍ବମୟ ବ୍ରହ୍ମ ।

'' ଏ ପବନ ମଧୁ ସଞ୍ଚାର କରୁଛି । ଏ ସିନ୍ଧୁସକଳ ମଧୁସ୍ରାବୀ ହେଉଛନ୍ତି । ଔଷଧଗଣ ଆମ୍ଭମାନଙ୍କପାଇଁ ଅମୃତମୟ ହୁଅନ୍ତୁ । ଦିବା ଏବଂ ରାତ୍ରି ମଧୁସ୍ନାତ ହୁଅନ୍ତୁ । ପୃଥିବୀର ପ୍ରତ୍ୟେକ ଧୂଳି କଣା ନିରୁଦ୍‌ବେଗ ମଧୁଗର୍ଭା ହେଉ । ପିତା ଦ୍ୟୁଲୋକ ଆମ୍ଭମାନଙ୍କ ପାଇଁ ମଧୁ ହୁଅନ୍ତୁ । ଏ ରଶ୍ମିଜାଳ ଏବଂ ଦିଗ୍‌ସକଳ ମଧୁମୟୀ ହୁଅନ୍ତ । ହେ ସକଳ ଦିଗମାନଙ୍କର ଏକମାତ୍ର ବିକଶିତ ପଦ୍ମ! ମୁଁ ମଧ ସେହିପରି ହୁଏଁ । ତୁମକୁ ନମସ୍କାର!''

ଏଭଳି ମଧୁ ମନ୍ଥନ କଲାବେଳେ ଆପଣ ସ୍ୱୟଂ ମଧୁମାନ ହୋଇଯିବେ । ଆପଣଙ୍କର ମଧୁ-ଦୃଷ୍ଟିରେ ପୃଥିବୀ ଦିଶିବ ଗୋଟିଏ ଗୋଟିଏ ବିରାଟ ମଧୁଚକ୍ର । ଯେଉଁ ଧୂମାକ୍ରାନ୍ତ ବିଷାକ୍ତ ନଗରୀଗୁଡିକରେ ଆପଣ କେବଳ ଦ୍ୱିପଦ ଜନ୍ତୁମାନଙ୍କୁ ଦେଖି ହତାଶ ହେଉଥିଲେ, ସେମାନଙ୍କ ଭିତରୁ ପ୍ରତ୍ୟେକଙ୍କର ମଧୁକେନ୍ଦ୍ର ଦେଖି ଏଣିକି ବିସ୍ମିତ ହେବେ । ତାର ପ୍ରତ୍ୟେକ ବେଦନା-ବିନ୍ଦୁ ହିଁ ଫୁଲ । ଜୀବନର ସଙ୍ଘର୍ଷ ହିଁ ମଧୁ ଆହରଣର ଅଖଣ୍ଡ ପ୍ରୟାସ । ଫୁଲର ଗର୍ଭରୁ ମଧୁ ଶୋଷଣ କଲାବେଳେ ସେ କିଞ୍ଚିତ ବେଦନା ପାଏ, ବେଦନା ଦିଏ ମଧ । କିନ୍ତୁ ସୃଷ୍ଟି ଧର୍ମରେ ପରାଗ ବିତରଣ ହୋଇଯାଏ । ପରିଶ୍ରାନ୍ତ ହୋଇ ସେ ତା'ର ବିସ୍ତୀର୍ଣ୍ଣ ଜୀବନର ସଂଘର୍ଷ ହିଁ ଅନୁଭବ କରେ, କ୍ଷୁଧାର ପୀଡନ ଅନୁଭବ କରେ । କିନ୍ତୁ ଅଭ୍ୟାସବଶତଃ ସେ ଯେଉଁ କେତୋଟି ବିନ୍ଦୁ ମଧୁ ସଞ୍ଚୟ କରିଯାଏ, ସେ ବିଷୟରେ ସଚେତନ ରହିପାରେ ନାହିଁ । ଯେଉଁ ବିରାଟ ମଧୁଚକ୍ରରେ ସେ ସଞ୍ଚୟ କରେ, ତାର କେନ୍ଦ୍ରରେଥିବା ମଧୁପାୟୀ ତେଜୋମୟୀ ରାଣୀ ମାଛିର ସନ୍ଧାନ ସେ ପାଇପାରେ

Digitized by srujanika@gmail.com

ନାହିଁ । ଏ ମାନବ ଜାତି ଗୋଟାଏ ସାମାଜିକ କ୍ଷୁଧାର୍ତ୍ତ, ବିଷାକ୍ତ, ହିଂସ୍ର ଜୀବ - ଗୋଷ୍ଠୀ ନୁହେଁ । ଏ ମାନବ ଜାତି ହିଁ ସକଳ ଭୂତଗଣଙ୍କର ମଧୁ - ଏହା ଭିତରେ ଯେଉଁ ତେଜୋମୟ ଅମୃତମୟ ପୁରୁଷ ବିଦ୍ୟମାନ ଅଛନ୍ତି ସେ ହିଁ ସର୍ବମୟ ବ୍ରହ୍ମ ।

ମନ୍ଦ ନୁହେଁ - ଏ ବି ଗୋଟିଏ ଦୃଷ୍ଟି । କିନ୍ତୁ ଏ ପୃଥିବୀ ନିରବଚ୍ଛିନ୍ନ ମରୁଭୂମି ହୋଇଯିବ - ସୂର୍ଯ୍ୟ ନିର୍ବାପିତ ହୋଇଯିବ - ସେତେବେଳେ ଅଗତ୍ୟା ମଧୁ ସନ୍ଧାନରେ ଅନ୍ୟତ୍ର ଯିବାକୁ ପଡିପାରେ । ଆପଣଙ୍କ ମନକଥା ବୋଧହୁଏ ସେମାନେ ବୁଝନ୍ତି । ଆପଣଙ୍କର ଉଦ୍‌ବେଗର ଚିନ୍ତାରେଖାଗୁଡିକୁ ଚିହ୍ନିଯାନ୍ତି ଏବଂ ପରସ୍ପରକୁ ଚାହିଁ ମୁରୁକି ମାରନ୍ତି । ଆପଣଙ୍କୁ ଶୁଭେ, ''ବହୁ କୋଟି ବର୍ଷ ପୂର୍ବେ ଏ ପୃଥିବୀ ଏହିପରି ଥିଲା ଏବଂ ବହୁ କୋଟି ବର୍ଷ ପରେ ମଧ ଏହିପରି ରହିଥିବ । ସୂର୍ଯ୍ୟ ଅଗ୍ନିନ୍ଧନ ପରି ଭସ୍ମସାତ୍ ହେବ ନାହିଁ । ସେ ଏକ ସ୍ୱୟଂକ୍ରିୟ ପ୍ରକ୍ରିୟା । ସେ ନିଜେ ନିଜର ଇନ୍ଧନ । ସେ ଯାହା ବିକୀରଣ କରେ ତାହା ପୁଣି ସୃଷ୍ଟି କରି ନିଏ । ଅନ୍ୟତ୍ର ଯିବାର ପ୍ରୟୋଜନ ନାହିଁ । ଅବକାଶ ନାହିଁ, କାରଣ ଏ ପୃଥିବୀ ଅନନ୍ୟା ।''

ଆପଣଙ୍କ ସହିତ ଆମେ ମଧ ଆଶ୍ୱସ୍ତ ବୋଧ କରୁ । ମହାକାଶଚାରୀମାନେ ଆଖି ଫିଟେଇ ବିଭୋର ହୋଇ ଏ ପୃଥିବୀକୁ ଚାହିଁରହିଥିଲାବେଳେ ତାଙ୍କ ନିକଟକୁ ଯାଇ କହୁ, ''ଆପଣ ହିଁ ଦୁରନ୍ତ ଆକାଶର ମଧୁବାହୀ ! ଆପଣ ଦ୍ୟୁଲୋକରୁ ମଧୁ ସଂଗ୍ରହ କରନ୍ତୁ, କିନ୍ତୁ ଫେରି ଆସନ୍ତୁ ଏ ପୃଥିବୀକୁ । ଆପଣ ଯେପରି ଏ ମଧୁଗର୍ଭା ପୃଥିବୀଟିକୁ ମୁଗ୍ଧ ବିଭୋର ହୋଇ ଭଲପାଉଛନ୍ତି, ଆମେ ମଧ ବହୁ କାଳରୁ ତାକୁ ସେହିପରି ଭଲପାଇଆସିଛୁ । ଏ ପୃଥିବୀ ଅନନ୍ୟା, ଯାର ପଟାନ୍ତର ନାହିଁ ।

Digitized by srujanika@gmail.com

ମଥୁରାନଗରୀ

କେବଳ କେଶବ କାହିଁକି, ମଥୁରାକୁ ଯେ କେହି ଗଲେ ମଧ୍ୟ ଆଉ ବାହୁଡି ଆସେ ନାହିଁ । ଗୁଳୁଣାରଥ ପରି, ଅକ୍ରୁର ରଥ ମଧ୍ୟ ସବୁବେଳେ ଅଣଲେଉଟା । କାଳସ୍ରୋତରେ ଗୋପ ଏବଂ ମଥୁରା ଦୁଇଟି ଘାଟ । ତଳ ଘାଟକୁ ଯାହା ବୋହିଯାଏ ତା' ଆଉ ପ୍ରତିଲୋମରେ ଫେରିପାରେ ନାହିଁ । କାଳର ବ୍ୟବଧାନ ଦୁର୍ଲଙ୍ଘ୍ୟ । ସେ ପାରି ଆକାଶରେ ନୂଆ ମେଘ ଉଠିଆସିଲେ ଏ ପାରିର ଅନେକ ସତୃଷ୍ଣ ଚାତକ କଳରବ କରିଉଠନ୍ତି । କିନ୍ତୁ ବର୍ଷା ସେ ପାରିଲେ ହିଁ ଝରିଯାଏ । ବିଷଣ୍ଣ ପକ୍ଷୀକୁଳ ନୀରବରେ ଝାଉଁଳିପଡନ୍ତି । ମେଘ ଘୁଞ୍ଚିଯାଏ ଦୂରରୁ ଦୁରାନ୍ତର ମଥୁରା ନଗରୀରୁ କାହିଁ କେଉଁ ଦ୍ୱାରକା କଟକ! ଗୋପର ଗୋଧୂଳି-ସମାଚ୍ଛନ୍ନ ଆକାଶରେ ନିରନ୍ଧ୍ର ରାତ୍ରିରେ ଯବନିକା ଘୋଡେଇ ହୋଇଯାଏ । ଶତାବ୍ଦୀ ଶତାବ୍ଦୀ ଧରି ପ୍ରତ୍ୟେକ ଶୀତାର୍ତ୍ତ ହେମନ୍ତରେ ଯମୁନା ଉପରେ ଜମିଯାଏ ଭିଜା ଭିଜା ଦୀର୍ଘଶ୍ୱାସର ଅଜସ୍ର କୁହୁଡି । ଅତି ନୀରବରେ, ଅତି ସନ୍ତର୍ପଣରେ ପୁଣି ଘୁଞ୍ଚିଯାଏ ସେ ଯବନିକାର ପଶ୍ଚାତ୍‌କୁ । ଦ୍ୱାପରଯୁଗୀୟ ଏ ଲାଜକୁଳି ଦୀର୍ଘଶ୍ୱାସ ଗୁଡିକୁ କେହି ଚିହ୍ନିପାରନ୍ତି ନାହିଁ । ଏ ରାଜ୍ୟରେ ଏବେ କୌଣସି ଆଷାଢ଼ରେ କଦମ୍ବ କଣ୍ଟକିତ ହୁଏ ନାହିଁ । ମଳୟ ଏବଂ ଚନ୍ଦ୍ରିକାର ଆବାହନରେ କୌଣସି ବ୍ରଜଧୂଳି ଅସ୍ଥିର ହୁଏ ନାହିଁ । କଂସ-କଟକ ମଥୁରାର ଭାବ-ଶ୍ମଶାନ ଅକୁମାରୀ-ହିମାଳୟ ବିକୀର୍ଣ୍ଣ ହୋଇ ପଡଛି । ସେଥିରେ ଆମେ ବା କିପରି ବୁଝିବା ସେ ଗୋପ ଏବଂ ଏ ମଥୁରାର ଦୁରନ୍ତ ବ୍ୟବଧାନ କେତେ !

ମଥୁରା ଗୋଟିଏ ଅନ୍ଧକାର କାରାକକ୍ଷ। ତାର ପ୍ରସ୍ତ ପ୍ରସ୍ତ ପାଷାଣ ପାଚେରୀ ନୀରବରେ ତାରା ରାତିରେ ଘୁମଉଥାନ୍ତି । ସମଗ୍ର ଦ୍ୱାପରଯୁଗର ଘନୀଭୂତ ତମିସ୍ରା ଯମୁନା କୂଳରେ କୁଢ଼େଇ ହୋଇ ରହିଥାଏ । ତାର ରାଜନବର, କୋଠା ବାଡି, ପ୍ରଶସ୍ତ ରାଜଦାଣ୍ଡ ସବୁଗୁଡିକ ଅଚିହ୍ନା, ଅପରିଚିତ ପରି ଅନାନ୍ତି । କୌଣସିଠାରେ ମମତାର ସ୍ପନ୍ଦନ ନାହିଁ, ଆପଣାପଣର ଉଷ୍ମତା ନାହିଁ । ସବୁ ଶୀତଳ, ହିମ-ଜର୍ଜର,ନିର୍ମମ-ଲୁହାର ଶିକୁଳି ପରି, ପଥରର କାନ୍ଥ ପରି, ନୀରବ ଅନ୍ଧାର ପରି । ସେଇଠି ପ୍ରହରୀର କୁହାଟ, ତା'ର ଅସ୍ତ୍ରର ଝଣତ୍‌କାରହିଁ ଏକମାତ୍ର ଶବ୍ଦ । ଅନ୍ଧାର ଭିତରେ ଆହୁରି ଅନ୍ଧାରୁଆ ଛାଇଗୁଡିଏ ଆସିବା ଏବଂ ପୁଣି ବାହାରିଯିବା ଏକମାତ୍ର ଦୃଶ୍ୟ । ସେଇଠି ପଥର ଦେହରେ ଶିଶୁର ରକ୍ତପରି ଭୟ, ଦ୍ୱେଷ ଲେସି ହୋଇ ରହିଥାଏ । କଂସର ଅଟ୍ଟହାସ ବା ତାର ପରାକ୍ରମ ମଧ୍ୟ ତାକୁ ଲିଭେଇପାରେ ନାହିଁ । ସେ କାରାକକ୍ଷରେ ମାନବ ଜାତିର ମାତୃତ୍ୱକୁ ବନ୍ଦିନୀ କରି ରଖାଯାଏ । ନୂଆ ଦେଖିଲେ ତାକୁ ଶିଳା ଦେହରେ ଛେଚି ବିନାଶ କରାଯାଏ । ପୁରୁଣାର ଭୟ

Digitized by srujanika@gmail.com

ହିଂସ୍ର ରୂପରେ ସେ କାରାକକ୍ଷରେ କୁଣ୍ଡଳ ବାନ୍ଧି ଜାଗିଥାଏ, ନୂଆକୁ ଦେଖିବା ମାତ୍ରେ ସଂହାର କରିବ । ନିରୁଦ୍ଧ କାରାକକ୍ଷ ଭିତରେ ପବନ ନିଶ୍ଚଳ, ସୂର୍ଯ୍ୟ ଅଗ୍ନି ନିର୍ବାପିତ, ନୀରବ କଷଣ ହିଁ ସେଇଠି ଏକାମାତ୍ର ସତ୍ୟ ।

ରାଜଧାନୀର ଖବର ଆସି ଗୋପରେ ପହଞ୍ଚେ । ଗଉଡେ ଅଧମ ହେଲେ ମଧ ସବୁ ବୁଝନ୍ତି । ସୁଦାମ ସୁବଳ ମିଶି କଥା ହେଲାବେଳେ ଶୁଭେ, ''ମଥୁରାରେ ମଣିଷ ନାହାନ୍ତି । ସବୁଗୁଡାକ ଅସୁର । ସବୁ ରାଜଧାନୀରେ ସବୁବେଳେ ଅସୁର ହିଁ ରହନ୍ତି । ରାମ ରାଜା ହେଲେ କଥା ନିଆରା । ନଚେତ୍ ସବୁ ରାଜଧାନୀ ଉଣାଅଧିକେ ମଥୁରାନଗରୀ । ସେଇଠି ମାଇକିନିଆଗୁଡାକ ଅସୁରୁଣୀ, ତାଙ୍କ ଦେହଯାକ ବିଷ, ରୋମେ ରୋମେ ବିଷ । ଆମେ ପଠାଉଥିବା ଭାର ଭାର କ୍ଷୀର ପିଇ କଂସ କେଶୀ ନିଶ ମୋଡୁଥାନ୍ତି, ମୁଷ୍ଟିକ ଚାଣୁର ବାହା ପିଟୁଥାନ୍ତି । କଅଁଳିଆ ପିଲା ଦେଖିଲେ ତା' ବେକ ମୋଡିଦେବାପାଇଁ ଖୋଜ ଉଣ୍ଡି ବସିଥାନ୍ତି । ସେ ରାଜ୍ୟରେ ଶଗଡଗୁଡାକ ମଧ ଅସୁର-ମାଡିଗଲେ ମାରିଦେବେ । ଷଣ୍ଢଗୁଡାକ ଅସୁର । ବକ ମଧ ପାଟି ମେଲେଇ ମଣିଷକୁ ଗିଳିପକାଏ । ମଥୁରା ଏକ ମାନବେତର ରାଜ୍ୟ । ତାର ଚେତନା ଆସୁରୀ । ସେଠିକା ବାସିନ୍ଦା ରାଜାର ଆଦେଶରେ ଗୋପପୁରଗୁଡ଼ିକୁ ଗସ୍ତରେ ଯାଆନ୍ତି । ସେଇଠି ଶିଶୁହତ୍ୟା ନାମକ ଅଭିନବ ଯୋଜନା କାର୍ଯ୍ୟକାରୀ ହୁଏ ।

ଗୋରୀ ଗୋରୀ ଗୋପାଳୁଣୀଗୁଡିକ ଗୋଠବାହୁଡାକୁ ଅନେଇ ଠିଆ ହୋଇଥିଲାବେଳେ ମଥୁରାର ନାଗରୀମାନଙ୍କ କଥା ପଡେ । ସେମାନେ ସମସ୍ତେ କାମରୂପା । ସେମାନେ ମୋହିନୀବିଦ୍ୟା ଜାଣନ୍ତି । କିମିଆଁ ଗୁଣିଗାରେଡିରେ ପୁରୁଷଙ୍କୁ ବଶୀଭୂତ କରିଦିଅନ୍ତି । ସେମାନେ ଟଭାଫଳ ପରି ଖୋସା ପକେଇ ଜାଣନ୍ତି । କଣେଇ ଚାହିଁ ଜାଣନ୍ତି । ଦର୍ପଣ ଆଗରେ ଦିନଯାକ ବସି ସଜେଇ ହୋଇଗଲେ ସେମାନଙ୍କର ସବୁ କୁଜ ଲୁଚିଯାଏ । ସେମାନେ ଭୂରୁ ଚାଳିଦେଇ ହସିଦେଲେ ମନ ମୋହିନିଅନ୍ତି । ସେମାନେ ଗନ୍ଧର୍ବୀ ପରି ନାଚନ୍ତି, ଗୀତ ଗାଆନ୍ତି, ଯନ୍ତ୍ର ବାଜାନ୍ତି । ଭୋକିଲା ସର୍ପିଣୀ ପରି ସେମାନେ ଅନେଇଥାନ୍ତି ଦାଣ୍ଡରେ ସୁକୁମାର କିଶୋରଟିଏ ଦେଖିଲେ ଢ଼ୋକିଦେବେ । ସେମାନେ ସମସ୍ତେ ଡାହାଣୀ । ତାଙ୍କର ସର୍ବନାଶ ହେଉ । ତାଙ୍କ ସୁନ୍ଦରପଣରେ ନିଆଁ ଲାଗିଯାଉ । ସେଗୁଡାକ ସମସ୍ତେ ପୁତନା । ତାଙ୍କ ଦେହଯାକ ବିଷ, ରୋମେ ରୋମେ ବିଷ ।

ଏଣୁ ସେ ରାଜ୍ୟରେ ସର ଲବଣୀ ଗୋଟିକା କାହିଁ ବା ମିଳନ୍ତା । ସେଠାକୁ ଗଲେ କିମ୍ବା ଜୀବନର ପ୍ରବଳ ସଂଘର୍ଷରେ ପ୍ରବେଶ କଲେ ଅଲିଅଳ ପୁଅ କଣ ଖାଇବ ବୋଲି ପ୍ରତ୍ୟେକ ଯଶୋଦା ଚିନ୍ତାକୁଳ ହୋଇଉଠନ୍ତି । ନିଜର ଶୂନ୍ୟ କୋଳକୁ ଆଉଁସିଦେଇ ଜୀବନର ବ୍ୟର୍ଥତାରେ ହାହାକାର କରିଉଠନ୍ତି । ରାଜାଦେଶ ପାଇ ଏବେ ମଧ ପୁଅ ଯୁଦ୍ଧଭୂମିକୁ ଗଲାବେଳେ ଯଶୋଦା ବିଳପି ଉଠନ୍ତି । ପାଠ ପଢ଼ିବାକୁ ବିଲାତ ଗଲାବେଳେ ମଧ ବିଳପି ଉଠନ୍ତି । କାରଣ ମା' କୋଳ ଛାଡିଲେ ପୁଅ ମଥୁରାକୁ ହିଁ ଯାଏ ଏବଂ ସେଠାରୁ ବାହୁଡି ଆସିପାରେ ନାହିଁ । ଏକମୁହାଁ ସ୍ରୋତରେ ପଛକୁ ବାହୁଡିବା ସମ୍ଭବ ନୁହେଁ । ଏଣୁ କିଆରୀରୁ ଧାନ କାଟି ଆଣିଲା ପରେ, ଡେମ୍ଫରୁ ଫୁଲ ତୋଳି ଆଣିଲା ପରେ, ସେଠାରେ ଯଶୋଦାର ସ୍ମୃତି-ମୁଖର ବିବଶ ବିଳାପ ଗୁମୁରୁଥାଏ ।

ମଥୁରା ଏକ ଅପରିଚିତ ଅନାଗତର ରାଜ୍ୟ, ଗୋଟାଏ ଅନ୍ଧାରୁଆ ଗିରିଗୁହାର ପ୍ରବେଶଦ୍ୱାରା

Digitized by srujanika@gmail.com

ଯାହା ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ସମସ୍ତେ ଟାଣି ହୋଇ ଯିବାକୁ ବାଧ୍ୟ । ସେ ଭିତରକୁ କିନ୍ତୁ ଯଶୋଦାଙ୍କର ପ୍ରବେଶ ନିଷେଧ । ସେ କେବଳ ନିଜର ଉଦ୍‌ବେଗ ସମ୍ଭାଳିନପାରି କେତେବେଳେ କହିପକାନ୍ତି- 'ମଥୁରାକୁ ଯାଇ ମଦନମୋହନକୁ କାଖରେ ବସାଇ ଘେନି ଆସିବେ । ଏତେ ଯୁଗର ଅଭିଜ୍ଞତା ପରେ ମଧ୍ୟ ଯଶୋଦା ଏହା କହିଚାଲିଥାନ୍ତି ଏବଂ ଆମାନିଆ ବିଳାପ କରି ଚାଲିଥାନ୍ତି । ଅକ୍ରୁର ରଥ କିନ୍ତୁ ଫେରେ ନାହିଁ । ଗଲା ପୁତ୍ର ବାହୁଡେ ନାହିଁ, ବାହୁଡି ପାରେ ନାହିଁ । ସେ ମଧ୍ୟ ମଥୁରାକୁ ଯାଇ ମଦନମୋହନକୁ ଆଣିପାରନ୍ତି ନାହିଁ । ଏଣୁ ବାତ୍ସଲ୍ୟ-ମମତାସ୍ନିଗ୍ଧ ଯଶୋଦମାନଙ୍କ ପାଇଁ ମଥୁରା ଏକ ଶିଶୁହନ୍ତା ନିର୍ମମ ରୁକ୍ଷତା, ଗୋଟାଏ କ୍ଷୁଧାର୍ତ୍ତ କଣ୍ଟାବଣ, ଯାହା ଭିତରେ ଥରେ ବାଛୁରୀ ପଶିଗଲେ ଆଉ ବାହୁଡି ପାରିବ ନାହିଁ । ତାର ନାନାବିଧ କଳ୍ପିତ ବିପର୍ଯ୍ୟୟ ଯଶୋଦାଙ୍କୁ ଆତଙ୍କିତ କରେ, ଆର୍ତ୍ତ ବିହ୍ୱଳ କରେ । ଏଣୁ ତାଙ୍କର ଲହୁଣୀଖିଆ ପୁଅଙ୍କୁ ଶେଷଥର ପାଇଁ ଆଶ୍ଲି କରି ସେମାନେ କହିଥାନ୍ତି, 'ଘନଶ୍ୟାମରେ, ମଥୁରାନଗରୀ ତୁ ନ ଯା'! ଯଶୋଦାଙ୍କର ଏ ଯୁଗାବ୍‌ଧିବ୍ୟାପୀ ବିଳାପକୁ ଏଡିଦେଇ, ପ୍ରତି ମୁହୂର୍ତ୍ତରେ କିନ୍ତୁ ପୁତ୍ରମାନେ ମଥୁରାନଗରୀକୁ ଯାଆନ୍ତି । ଅନିବାର୍ଯ୍ୟ ଭାବରେ ବାସ୍ନା ଉଡିଯାଏ । ଯଶୋଦାଙ୍କର କୋମଳ ପାଖୁଡାଗୁଡିକ ମଉଳିଯାଏ । ବ୍ୟର୍ଥତାର ଗୁରୁ ଭାରରେ, ବିରହଯାତନାର ନିଦାରୁଣ ତୁଷାଗ୍ନିରେ ଗୋଟି ଗୋଟି ହୋଇ ଝଡିଯାଏ ।

ଏହିଭଳି କିନ୍ତୁ ଯେ ମଥୁରାକୁ ଯାଏ, ସେ ଅତର୍କିତ ଭାବରେ ହିଁ ଯାଏ ଏବଂ ଗୋବର୍ଦ୍ଧନ ତଳୁ ଆଙ୍ଗୁଠି କାଢ଼ିନେଇ ଚାଲିଯାଏ । ସମସ୍ତଙ୍କୁ ନିଜ ଉପରକୁ ଆଉଜେଇ ନେଲା ପରେ, ସମସ୍ତଙ୍କର ମନପ୍ରାଣକୁ ବଶୀଭୂତ କଲା ପରେ, ସେ ହାଠାତ୍ ଓହରିଯାଏ । ଆଶ୍ରିତମାନଙ୍କ ଉପରେ ମଡେଇ ହୋଇପଡେ ଅକଳନୀୟ ପଥରର ବୋଝ । ପାନ୍ଥଶାଳାର ସହଯାତ୍ରୀ ସାମାନ୍ୟ ପରିଚୟ ପରେ ଯଦି ପାଖେଇ ଆସେ ତା'ହେଲେ ତା'ର ବିଦାୟ ମୁହୂର୍ତ୍ତ ବ୍ୟଥାବିଧୁର ହୋଇଉଠେ । ଅପସରିଯାଉଥିବା ସେ ଯାତ୍ରୀଟି ପଛରେ କିଛି ଦୂର ଗୋଡେଇଯାଇ ପବନରେ ମିଳେଇଯାଏ ଗୋଟିଏ କମ୍ପିତ ଦୀର୍ଘଶ୍ୱାସ । କିନ୍ତୁ ଯାହାପାଇଁ ଆଜୀବନ ସ୍ୱପ୍ନର ସାଧନା କରାଯାଇଛି, ଯାହାକୁ ପ୍ରତି ମୁହୂର୍ତ୍ତରେ ଦେହ, ମନ ପ୍ରାଣର ଆହୁତି ଦେଇ ସନ୍ଦୀପିତ କରାଯାଏ, ଯାହାକୁ ଜୀବନର ଏକମାତ୍ର ମୂଲ୍ୟ, ଏକମାତ୍ର ସଫଳତା, ଗତି, ଭର୍ତ୍ତା, ପ୍ରଭୁ, ସାକ୍ଷୀ, ନିବାସ, ଶରଣ ଏବଂ ସୁହୃତ୍ ବୋଲି ଚୂଡାନ୍ତ ରୂପେ ଗ୍ରହଣ କରିନିଆଯାଇଛି, ସେ ଯଦି ଚାଲିଯାଏ ତେବେ ଅନାଶ୍ରିତ ଲଇ ପରି ଜୀବନ ଅବଶ୍ୟ ଲୋଟି ପଡିବ । ଘନ କୁହୁଡି ପରି ଯମୁନା ବକ୍ଷରେ ଜମିଯିବ ସେ ଅନନ୍ତ ଦୀର୍ଘଶ୍ୱାସ । ସେଇ ଚୂଡାନ୍ତ ବିଚ୍ଛେଦର ମୁହୂର୍ତ୍ତରେ ଆତ୍ମା ବିଳପି ଉଠେ - 'ସରି ଯାଉଛି ରେ, ଏହିଠାରୁ ମନୋରଥ । ତଥାପି ଜୀବନର ଶେଷ ତନ୍ତୁ ଛିଣ୍ଡିଯାଏ ନାହିଁ । ଏ ବାଡବାଗ୍ନିକୁ ମଧ୍ୟ ଧାରଣ କରିବାକୁ ସେ ନୀରବରେ ପ୍ରାସାରିତ ହୋଇଯାଏ । ଜଳିଯାଏ ଦିଗଚକ୍ର ଏବଂ ଆକାଶ । ଜୀବନର ଭିତ୍ତି ଭୂମି ପାଉଁଶ ହୋଇଯାଏ । ସମଗ୍ର ସଞ୍ଚିତ ଅର୍ଥ ବିନିମୟରେ ପାଇଥିବା ମୁକ୍ତାହାର ହଜିଯାଏ ଗୋଟିଏ ଲୋତକ ସମୁଦ୍ରରେ । ଇସ୍! ମଥୁରା କେଡେ ଭୟଙ୍କର ସତେ ! ତଥାପି ମଣିଷ ବଞ୍ଚେ । ପୁଅ ଚାଲିଯାଏ ତା'ର ମଥୁରା ଏବଂ ଦ୍ୱାରକାକୁ । ଝିଅ ଚାଲିଯାଏ ହସ୍ତିନା । କାଳର ସଂଘାତରେ ରେଣୁ ରେଣୁ ହୋଇ ଝରିଯାଏ ନିଷ୍ଫଳ ଜୀବନ । ତଥାପି ଗୋପୀ ବଞ୍ଚନ୍ତି, ନନ୍ଦ ଯଶୋଦା ବଞ୍ଚନ୍ତି, ଆମେ ବଞ୍ଚୁ!

Digitized by srujanika@gmail.com

କଳସ ଝଡିପଡିଥିବା କୋଣାର୍କ ପରି ବଞ୍ଚିବା ଏକ ବିଡମ୍ବନା, କିନ୍ତୁ ସ୍ମୃତିଭିତ୍ତିକ ସେଇ ପାଷାଣ ପରି ଏହା ମଧ୍ୟ ସତ୍ୟ । ଅକାଶ ଗର୍ଭରେ ଭାସମାନ ବକଦମ୍ପତି ପରି ଜୀବନର ମୂଲ୍ୟ ଆସନ୍ତି ଏବଂ ଯାଆନ୍ତି । ଭାଦ୍ରବର ଘୋର ବର୍ଷା ରାତିରେ ଯମୁନା ପାରି ହୋଇ ଆସନ୍ତି ଏବଂ ଏହିପରି ଯାଆନ୍ତି । ଆମପାଇଁ ସେମାନଙ୍କର ଆବିର୍ଭାବ ଯେପରି ଅଯାଚିତ, ତିରୋଭାବ ସେପରି ଅଣାୟତ୍ତ । ଯେ ଆସେ ସେ ଯିବାପାଇଁ ହିଁ ଆସେ । ଆସିବା ଯିବା ମଝିରେ ସ୍ୱର୍ଣାଭ କେତୋଟି ମମତାର ବିନ୍ଦୁ ମାତ୍ର ଢ଼ଳ ଢ଼ଳ ହେଉଥାଏ । ସେଗୁଡିକୁ ଘେରି ଅଜସ୍ର ଲୋତକର ମୁକ୍ତାବିନ୍ଦୁ । ଉଦ୍ଭିଦପରି ଯେଉଁମାନେ ନୂତନ ପ୍ରୟାସରେ ବାର୍ଷିକ ଫସଲ ପାଇଁ ପ୍ରସ୍ତୁତ ରହିଥାନ୍ତି, ଥରେ ରିକ୍ତ ହେଲେ ଯେଉଁମାନଙ୍କର ସମ୍ଭାବନା ସରିଯାଏ ନାହିଁ, ସେମାନଙ୍କ କଥା ନିଆରା । ଯେଉଁମାନେ କିନ୍ତୁ ଜୀବନର ସକଳ ନିର୍ଯାସକୁ ପ୍ରତି ମୁହୂର୍ତ୍ତରେ ସଞ୍ଚୟରେ ଏକାଠି କରି ଗୋଟିଏ ମାତ୍ର ମୁକ୍ତାଫଳ ପାଇଥାନ୍ତି, ସେ ଫଳଟି ଝଡିଗଲେ ଅବଶିଷ୍ଟ ନିଃଶେଷ ଖୋଳପାରେ କେତୋଟି ଦୀର୍ଘଶ୍ୱାସ ଛଡା ଆଉ କିଛି ରହିଯାଏ ନାହିଁ । ବଞ୍ଚିବାର ସାର୍ଥକତା ନ ଥିଲେ କେବଳ ଶ୍ୱାସକ୍ରିୟାର ସଞ୍ଚାର ପାଇଁ ବଞ୍ଚି ଲାଭ କଣ ? ତଥାପି, କାହିଁକି କେଜାଣି ଜୀବନର ସେ ରିକ୍ତ ପରିଚ୍ଛେଦଟି ଅନିବାର୍ଯ୍ୟ ଉପସଂହାର ହୋଇ ଠିଆହୁଏ । କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ପରିଶେଷରେ ଯଶୋଦାର ବିଳାପ ଆଉ ଶୁଭେନାହିଁ । ମହୁମାଛିମାନଙ୍କ ମୁହଁରେ ନିଆଁ ଜାଳିଦେଇ ମଥୁରା ମଧୁ ଲୁଣ୍ଠନ କରେ । ଶାମୁକାମାନଙ୍କୁ ଦୁଇଫାଳ କରି ମୁକ୍ତା ସଂଗ୍ରହ କରେ । ମିଶର ସାମ୍ରାଜ୍ୟ ଭାଜିପଡେ କୁଢ଼ କୁଢ଼ ବାଲିର ପାହାଡ ପରି । ସମଗ୍ର ଅତୀତ ହୋଇଯାଏ ଗୋଟାଏ ପ୍ରକାଣ୍ଡ ଡିନସର୍‌ର କଙ୍କାଳ । ତା'ଭିତରେ ସ୍ମୃତିର ଆବେଗରେ ମଥିତ ହେଉଥାଏ ବିଡମ୍ବିତ ଗୋପପୁରର ଦୀର୍ଘଶ୍ୱାସ ।

ମଥୁରା ଅପରିମେୟ ଭବିଷ୍ୟତ୍‌ର ପ୍ରଥମ ମୁହୂର୍ତ୍ତ ଏବଂ ଗୋପ ଅତୀତର ଶୀର୍ଷବିନ୍ଦୁ । କାଳର ଅବାରିତ ଧାରା ଗୋପରୁ ମଥୁରାକୁ ଚିର-ପ୍ରବହମାନ । ମଥୁରା ଶୋଷଣ କରେ । ଗୋପର ଦୁଧ ଦହି ଲହୁଣୀ ସହିତ ଗୋପର ଆତ୍ମାକୁ ମଧ୍ୟ ଶୋଷଣ କରିନିଏ । ସେଥିରେ କଂସର କ୍ରୁରତା ଅଛି । ରାଜାର ଦୁର୍ଲଂଘ୍ୟ ଆଦେଶ ଅଛି । ମାମୁଁପଣିଆର ପ୍ରଲେପ ମଧ୍ୟ ଅଛି । ଗୋପ ମଥୁରାରେ ହିଁ ଅଜାଡି ହୋଇଯାଏ; ଉତ୍ସର୍ଗିତ ହୋଇଯାଏ । ତାହା ଅବଶ୍ୟମ୍ଭାବୀ । କିନ୍ତୁ ଗୋପର ଆତ୍ମାକୁ ଧାରଣ କରି ମଥୁରାର ବଧୂକୁଳ ଗୋପର ସ୍ନିଗ୍ଧତାରେ ବିଗଳିତ ହୁଅନ୍ତି । କାରାକକ୍ଷର ଅସୂର୍ଯ- ଅନ୍ଧାର ଉଭେଇଯାଏ । ଅସୁର ଚେତନା ପରାଭୂତ ହୁଏ । ରୂପାନ୍ତରିତ ହୁଏ ମଥୁରା । ଚନ୍ଦନ କର୍ପୂରରେ ସୁରଭିତ, ବେଣୁଧ୍ୱନିରେ ମୂର୍ଚ୍ଛିତ ମଥୁରାର ଆଉ ଗତ୍ୟନ୍ତର ନାହିଁ । ସେ ଗୋପାୟିତ ହୋଇଯାଏ । ମଥୁରାକୁ ଗୋପାୟିତ କରି ଗୋପର ଆତ୍ମା ପୁଣି ସଞ୍ଚରିଯାଏ ଆଉ ଏକ ମଥୁରାକୁ ଏବଂ ସେହିପରି ଆଉ ବାହୁଡେ ନାହିଁ । ଗୋପହିଁ ମଥୁରାର ଚୂଡାନ୍ତ ପରିଣତି; ଯେଉଁଠି ତାର ପାଷାଣ ରୁକ୍ଷତା ଦ୍ରବୀଭୂତ ହୁଏ, ତାର ହିଂସ୍ର ବିଦ୍ୱେଷ ପ୍ରେମ-ଜର୍ଜ୍ଜର ହୁଏ । ସୂତ୍ରପରି ଏ ଗୋପଗୁଡିକୁ ବିନ୍ଧି କଳାପରେ ସେ ଅହରହ ମଥୁରାକୁ ପ୍ରସ୍ଥାନ କରୁଥାଏ । ଗୋପଏବଂ ମଥୁରା ଦୁଇଟି ଘାଟ ମାତ୍ର- କିନ୍ତୁ ସେ ଧାରା ଗୋପର ନୁହେଁ କି ମଥୁରାର ବି ନୁହେଁ ।

❖❖❖

Digitized by srujanika@gmail.com

ଫଗୁଣ

ଲୋକେ କହନ୍ତି ବିଲାତରେ କୁଆଡ଼େ ନିଦାଘ କାଳ ନାହିଁ । ଏଣୁ ସେଇଠି 'ସୂର୍ଯ୍ୟ ପ୍ରଚଣ୍ଡ' ହେବା ଯେପରି ଅସମ୍ଭବ, 'ଚନ୍ଦ୍ରମା ସ୍ପୃହଣୀୟ' ହେବା ମଧ୍ୟ ସେ ମେଘାଚ୍ଛନ୍ନ ଆକାଶରେ ସେହିପରି ଅସାମାନ୍ୟ । ବର୍ଷର ସମଗ୍ର ଆୟତନରେ କେବଳ ଗୋଟିଏ ମାତ୍ର ହିମାକ୍ତ ଚଢେଇ ପକ୍ଷ ବିସ୍ତାର କରି ରହିଯାଏ । ତା'ର ଗୋଟିଏ ଡେଣା ଉପରେ ଅଜସ୍ର ଇନ୍ଦ୍ରଧନୁର ମୁରୁଜ ବୁଣିହୋଇ ଯାଇଥାଏ ଏବଂ ଅନ୍ୟ ଡେଣାରେ ବୋଝେଇ ହୋଇ ରହିଥାଏ ଭାର ଭାର ସୁନାର ଫସଲ । ଗୋଟିଏ ସେମାନଙ୍କର ବର୍ଣ୍ଣୋଜ୍ଜ୍ୱଳ ବସନ୍ତ ଏବଂ ଅନ୍ୟଟି କନକ କୁଙ୍କୁମର ଶରତ । ଉଭୟକୁ ପୃଥକ୍ କରୁଥାଏ ଘନନୀଳ ବର୍ଣ୍ଣନୀଳ ବର୍ଣ୍ଣ ରେଖାର ଆକାଶ ଏବଂ କିଛି ପ୍ରାଞ୍ଜଳ ସୂର୍ଯ୍ୟ । ସେମାନଙ୍କୁ ଅବଶ୍ୟ ସଂଯୁକ୍ତ କରୁଥାଏ ସେଇ ଶ୍ୱେତ-ଶୀତଳ-ହିମାକ୍ତ ଚଢେଇଟି । ଏଇ ଘୂର୍ମନ୍ତ ପ୍ରକାଣ୍ଡ 'ଆଲ୍‌ବାଟ୍ରସ୍' ସତେ ବା ସେଇ ଶୀତାର୍ତ୍ତ ପ୍ରଦେଶରେ କାଳର ହିଁ ଆତ୍ମା । ତଥାପି ସେଠିକା କବି କହନ୍ତି ଯେ ଫଗୁଣଟା କୁଆଡ଼େ ସବୁଠାରୁ ବେଶି ଦୁଃସହ ।

ଏଠି ମଧ୍ୟ ଆମେ ପ୍ରାୟ ସେଇଆ କହନ୍ତୁ, ଅବଶ୍ୟ ଆଉ ଗୋଟିଏ ଦୃଷ୍ଟିରୁ । ଯେତେବେଳେ ପଲାଶ ଓ କୃଷ୍ଣଚୂଡ଼ାର ଶାଖାରେ ଶାଖାରେ ନିଆଁ ଲାଗିଯାଏ, ସବୁଜ ଅଗ୍ନିରେ ଜଳିଉଠେ ସମଗ୍ର ବନସ୍ପତିର ରାଜ୍ୟ, ଭାର ଭାର ସୌରଭରେ ବୋଝେଇ ହୋଇ ପବନ ଦୋହଲୁଥାଏ ; ଯଦି କାହା ଆଖିରେ ଝୁଲଟିଏ ସୁଦ୍ଧା ନ ଦିଶିଲା, ଯଦି ବୁକୁ ଭିତରେ କୌଣସି ସୂକ୍ଷ୍ମ ସୂତ୍ରଟିଏ ସୁଦ୍ଧା ସନ୍ଦୀପିତ ନ ହେଲା, ତେବେ ସେ ଜାଣି ପାଷାଣର ମୂର୍ତ୍ତି । ତା' ଭିତରେ ଗୋଟାଏ କାଠର ହୃତ୍‌ପିଣ୍ଡ କେବଳ ଠକ୍ ଠକ୍ ହେଉଥାଏ । କୌଣସି କେନ୍ଦ୍ରରେ ଶିହରଣର ଯୋଗ୍ୟତା ନାହିଁ, ଟିପ ବାଜିଲେ ଝଂକୃତ ହୋଇ ଉଠିବାର ଶାଣିତ ସୂକ୍ଷ୍ମତା ନାହିଁ ; କିନ୍ତୁ ସୂର୍ଯ୍ୟ ରଶ୍ମିରେ ଏତେ ସଞ୍ଜୀବନୀ, ପବନର ମୃଦୁ-ସ୍ପର୍ଶରେ ଏତେ ଆବାହନ, ମାଟି ପାଣି ଆକାଶରେ ଏତେ ନୀରବ ମନ୍ତ୍ରକୁ ଉପେକ୍ଷା କରିହୁଏ ନାହିଁ । ଶୁଖିଲା ଡାଳରେ ମଧୁ ସଞ୍ଚାର ହୁଏ । ତାର ରୁକ୍ଷ ଆବରଣ ତଳୁ ଅବଲୁପ୍ତ ଯୌବନର ତରଙ୍ଗ ଗୋଟାଏ ଅଦ୍ଭୁତ ଆଲୋଡ଼ନରେ ଉପରକୁ ଫାଟିପଡ଼େ, ମଣ୍ଡିଦିଏ ନାଲି ନେଳୀ ପତ୍ରର ସମ୍ଭାର । ମଣିଷ ରକ୍ତରେ ନିଆଁ ଲାଗିଯାଏ । ସେ ଅନୁଭବ କରେ ଗୋଟାଏ ଆକଣ୍ଠ ଉଲୁସି ଉଠୁଥିବା ଆବେଗ, ଏକପ୍ରକାର ଗଭୀର ମନ୍ଥନର ପୀଡ଼ା । ତା'ର ନାଭିକେନ୍ଦ୍ରରୁ କେଶାଗ୍ର ପର୍ଯ୍ୟନ୍ତ ଅସ୍ଥିର ହୋଇଉଠେ । ଆଖି ଆଗରେ ନିଆଁ ଝୁଲ ପରି ବୁଣି ହେଉଥାଏ ଫଗୁଣର ଫଗୁ ବର୍ଷା । ଚାରିଆଡ଼େ ନୂତନ ଜୀବନ, ନୂତନ ଯୌବନ, ନୂତନ ସୃଜନର ପୀଡ଼ା.... ଏପରି ବେଦନା-ବିଦ୍ଧ ହେଲେ ଫଗୁଣକୁ 'ନିଦାରୁଣ' ନ କହି ଆଉ କ'ଣ କୁହାଯାଇପାରେ ?

Digitized by srujanika@gmail.com

ଆମେ ତାକୁ 'ନିଦାରୁଣ' କହୁ ସତ, କିନ୍ତୁ ଅଭିସାରିକାର ଉତ୍କଣ୍ଠା ଓ ଯାଚନା ନେଇ ତାକୁ ଅପେକ୍ଷା କରୁ, ତାକୁ ଭଲପାଉ ସବୁଠୁ ବେଶି, ଅପେକ୍ଷା କରୁ ତାର ସଙ୍ଘାତକୁ, ତାର ସ୍ପର୍ଶରେ ଫେନାୟିତ ହୋଇଉଠୁଥିବା ଉଚ୍ଚାଟକୁ । ସେ ଆସିଲେ ମହୁ ଝରିଯାଏ, ପ୍ରତ୍ୟେକ ବିନ୍ଦୁରେ ସୂର୍ଯ୍ୟ ଝରିଯାଏ, ପଦ୍ମର ଗର୍ଭକୁ । ''ମଧୁବାତା ଋତାୟନ୍ତେ ମଧୁକ୍ଷରନ୍ତି ସିନ୍ଧବଃ ।'' ଯେଉଁଆଡ଼େ ଚାହିଁଲେ ଗୋଟାଏ ସ୍ନିଗ୍ଧତା - ମଧୁମାନ୍ ସୂର୍ଯ୍ୟ ସୀମାଠାରୁ ମଧୁମତୀ ପୃଥିବୀ ପର୍ଯ୍ୟନ୍ତ । ଆମେ ପ୍ରତିଟି ନିଃଶ୍ୱାସରେ ସୁରା ସେବନ କରୁ । ସେ ଅଗ୍ନି ହୋଇ ରକ୍ତରେ ନିଆଁ ଜାଳିଦିଏ । ଏ ଜ୍ୱାଳାର ଅଦ୍ଭୁତ ସ୍ୱାଦ ପାଇଁ, ଏ ପୀଡ଼ନର ପ୍ରଚଣ୍ଡ ଆକର୍ଷଣ ପାଇଁ ଆମେ ଫଗୁଣକୁ ଆବାହନ କରୁ ।

ଫଗୁଣ ଆସେ, ବାରମାସ ଭିତରେ ମାତ୍ର ଥରେ ଆସେ । ଭାରି ଖୁସ୍‌ମୁସିଆ ଲାଗେ, ବୁକୁ ଭିତରେ ଗୁଡ଼ାଏ ବାସ୍ନା ପବନ ବୋଝେଇ ହେଲାପରି ଲାଗେ । କେଉଁଠି ତୁଚ୍ଛେଇ ହୋଇଯିବାକୁ ଇଚ୍ଛା ହୁଏ । ଗୁଡ଼ାଏ ଖର୍ଚ୍ଚ ହୋଇଯିବାକୁ ଖଜ୍‌ମଜ୍ ଲାଗେ । ପାଦ ଯୋଡ଼ାକରେ କାହୁଁ ଆସି ନୃତ୍ୟ ସଂକ୍ରମିତ ହୋଇଯାଏ । ସ୍ୱରରେ ସଙ୍ଗୀତ ଠେଲି ପଶିବାକୁ ପ୍ରୟାସ କରେ । କେଉଁଠି ହେଲେ ଆଷାଢର ଆର୍ଦ୍ରତା ନାହିଁ - ନରମ ପରାଗର ବାସ୍ନାରେ ସେଇ ଶୁଖିଲା ଉଷ୍ମ ଭିତରେ ମନ, ଆଖି, ନାକ, ଚମ ସମସ୍ତେ ବୁଡ଼ିନଯାଇ ଗଡୁଥାନ୍ତି । ମନେହୁଏ ଏପରି କୌଣସି ପରିବେଶରେ ଏ ସୃଷ୍ଟିର ଅୟମାରମ୍ଭ ହୋଇଥିବ ପରା ! ସ୍ରଷ୍ଟା ମନର ଫେନାୟିତ ଉଚ୍ଚାଟରେ ସର୍ବପ୍ରଥମେ ତୁଚ୍ଛେଇ ହୋଇଯିବାକୁ, ଗୁଡ଼ାଏ ବିଭାଜିତ ହୋଇଯିବାକୁ ସେ କାମନା କରିଥିଲେ ପରା... ''ସୋଽକାମୟତ୍ ବହୁସ୍ୟାଂ...''

ଫଗୁଣ କିନ୍ତୁ ଫୁଲର ମହକ ପରି ଉଭେଇଯାଏ । ସେ ଆସିଛି ବୋଲି ଅନୁଭବ କରୁ କରୁ ଚାଲିଯାଇଥାଏ । ସେ ଗୋଟିଏ ସମ୍ଭୋଗ-ବିନ୍ଦୁ ମାତ୍ର । ଜିଭ ଅଗରେ ମହୁର ସ୍ପର୍ଶ ପରି ସେ ଗୋଟାଏ କିମିଆ ହାଓ୍ୱା । ଦେହରେ ବାଜିଲେ ସବୁ କଢ ଶୀତେଇ ଉଠନ୍ତି, ସବୁ ପାଖୁଡ଼ା ମେଲିଯାଆନ୍ତି । ଫଗୁଣ ହିଁ ଆଦ୍ୟ ଯୌବନର ସ୍ପର୍ଶ, ନୂତନ ପ୍ରଣୟର ମାଦକତା, ସୃଜନ ମନ୍ତ୍ର ଆଦିସ୍ୱର । ସେ ସଂଜୀବିତ କରେ, ଉଦ୍‌ଜୀବିତ କରେ, ଅହରହ ଘାଲେଇ ଶୋଇଯାଉଥିବା ଜଡ଼ଧର୍ମକୁ ଉତ୍କ୍ରମଣ କରି ପ୍ରାଣସ୍ପନ୍ଦନର ପ୍ରତିଷ୍ଠା କରେ । ଏଣୁ ସେ ଅସ୍ଥିର କରେ, ଉଚ୍ଚାଟ ସୃଷ୍ଟି କରେ, ବିଭାଜିତ ହୋଇଯିବାରେ ଅଦ୍ଭୁତ ବିଲୟର ଆନନ୍ଦ ଆଣିଦିଏ । ଏ ସାର୍ବଜନୀନ ଯୌବନର ନିଶାରେ ଗୋଠ ମାତି ଉଠନ୍ତି, ଖଣ୍ଡିଆ ମଧ ମାତିଯାଏ । ଫଗୁଣ ଏକ ଉନ୍ମାଦନା, ଗୋଟାଏ ଉତ୍ତାପ, ଗୋଟିଏ ତରଳ ମଧୁର ଅଗ୍ନି ।

ମକରସଂକ୍ରାନ୍ତି ଛୁଇଁଲା ପରେ ସୂର୍ଯ୍ୟ ନିଜେ ଫଗୁଣାକ୍ରାନ୍ତ ହୁଅନ୍ତି । ପ୍ରତ୍ୟେକ୍ ରଶ୍ମିରେ ଫଗୁଣ ବର୍ଷି ଆସେ ପୃଥିବୀ ଉପରକୁ । ଗୋଟିଏ ପ୍ରଦେଶରେ ଥାଇ ଆମେ ତାର ଅବତରଣ ପରିଷ୍କାର ଅନୁଭବ କରୁ । କିନ୍ତୁ ସୂର୍ଯ୍ୟ ଅହରହ ଛଅଟିଯାକ ଋତୁ ବର୍ଷା କରନ୍ତି । ଘୂର୍ଣ୍ଣାୟମାନ ପୃଥିବୀ କେଉଁ କେନ୍ଦ୍ରରେ କାହାକୁ ଗ୍ରହଣ କରେ । ତାର ଘୂର୍ଣ୍ଣନ ଛନ୍ଦୋବଦ୍ଧ, ଏଣୁ ଋତୁଚକ୍ରର ଆବର୍ତ୍ତନ ମଧ ଛନ୍ଦୋବଦ୍ଧ । ଫଗୁଣ ଗୋଟିଏ ସଂଚାରୀ ଢେଉ, ଗୋଟିଏ ଦୋଳାୟିତ ଫୁଲହାର ।

Digitized by srujanika@gmail.com

ନୃତ୍ୟରତା ପୃଥିବୀର ଅଙ୍ଗ ଢଳିଗଲେ ସେ ବି ଝୁଲିଯାଏ ଦକ୍ଷିଣରୁ ଉତ୍ତରକୁ । କିନ୍ତୁ କେବେହେଲେ ଏଇ ହାର ତାର ଗଳାରୁ ଛିଣ୍ଡି ପଡ଼େନାହିଁ । କେବଳ ବସନ୍ତ ନୁହେଁ, ଛଅଟିଯାକ ଋତୁ ଅହରହ ସୂର୍ଯ୍ୟ ମଣ୍ଡଳରୁ ଅବତରଣ କରନ୍ତି ଏବଂ ଅହରହ ପୃଥିବୀ ତାଙ୍କୁ ଗ୍ରହଣ କରେ ବା ସୂର୍ଯ୍ୟ ଅକୃପଣ ରଶ୍ମି ଦାନ କରନ୍ତି । ପୃଥିବୀ କେଉଁ ମଣ୍ଡଳରେ ତାକୁ କିପରି ଭାବରେ ଗ୍ରହଣ କରେ । କାଚଖଣ୍ଡରେ ଶୁଭ୍ର ଆଲୋକ ସପ୍ତରଙ୍ଗରେ ବିଭାଜିତ ହେଲାପରି ବର୍ତ୍ତୁଳା ପୃଥିବୀ ଉପରେ ସ୍ୱତଃ ଛ'ଅଟି ଋତୁ ସୃଷ୍ଟି ହୋଇଯାଏ । ଏଣୁ ଫଗୁଣ ଝରିଯାଏ ନାହିଁ, ସେ ଲୁଚିଯାଏ କେବଳ । ତା ପିଛା ଧରିପାରିଲେ, ପୃଥିବୀ ଛନ୍ଦରେ ନର୍ତ୍ତନଶୀଳ ହୋଇପାରିଲେ ତାକୁ ଚିରଦିନ ପାଇହେବ । ସେ ଛନ୍ଦ କିନ୍ତୁ କାଳର ଛନ୍ଦ । ସେଥିରେ ପ୍ରବେଶ କରିଗଲେ ସ୍ଥାନର ଏକକତା ଆଉ ରହିବ ନାହିଁ । ଆଜି ସିଂହଳରେ ତ' କିଛି ଦିନ ପରେ ଇରାନ୍‌ରେ ଫଗୁଣର ସନ୍ଧାନ କରିବାକୁ ହେବ । ନିଜେ ଯାଯାବର ହୋଇ ଏ ପଳାତକ ଇନ୍ଦ୍ରଧନୁର ହାରଟିକୁ ଗୋଡ଼େଇବାକୁ ହେବ ।

ଫଗୁଣର ସ୍ପର୍ଶରେ ମନରେ ଡେଣା ଲାଗିଯାଏ । ଉଡିବାକୁ ଇଚ୍ଛାହୁଏ । ହଠାତ୍ ମନେହୁଏ ପ୍ରତ୍ୟେକ ସ୍ୱରରେ ସଙ୍ଗୀତ ଏବଂ ପ୍ରତିଟି ବାକ୍ୟରେ କବିତା ଝରିଯାଉଛି । ବସନ୍ତର ଯୌବନ ଏବଂ ଯୌବନରେ ଏ ସମସ୍ତ ଗୁନ୍ଥି ହୋଇଯାଆନ୍ତି । କାଉଁରି ସ୍ପର୍ଶରେ ମଣିଷ ତରୁଣାୟିତ ହୋଇଯାଏ । ତରୁଣ ଅବସ୍ଥାରେ କେହି କେବେ ଫଗୁଣକୁ ଅନୁଭବ କରିପାରେ ନାହିଁ, କାରଣ ସେ ସେତେବେଳେ ସ୍ୱୟଂ ଫଗୁଣ । ତା' ଭିତରର ରଙ୍ଗ ଓ ମହକ ସେ ଚାରିଆଡ଼େ ବୁଣି ଚାଲିଥାଏ । ଏଣୁ ପ୍ରଚଣ୍ଡ ନିଦାଘରେ ମଧ୍ୟ ସେ ତାର ପରିବେଶକୁ ଫଗୁଣାୟିତ କରି ରଖିଥାଏ । ବୟସ ଯେତେ ଢଳି ଆସେ ତାରୁଣ୍ୟ ଯେତେ ଅପସରିଯାଏ, ସେତିକି ପରିମାଣରେ ଫଗୁଣର ସଘାତ, ତା'ର ଚମକ, ତାର ନିଛକ ମଧୁରତା ଦେହ, ମନ ଓ ପ୍ରାଣକୁ ଆନ୍ଦୋଳିତ କରେ, ସ୍ମୃତିକେନ୍ଦ୍ରକୁ ମଥିତ କରେ । ଆଙ୍ଗୁଠିର ସନ୍ଧିରେ ଜୀବନର ଫଗୁଣଗୁଡ଼ିକ ଝରିଯାଇଥିବାର ଅନୁଭବ ଆଣିଦିଏ । ଦୀର୍ଘଶ୍ୱାସରେ ଫଗୁଣରେ ପୀଡ଼ା ମଧ ଝରିଯାଏ ଅହରହ । ଏପରି ନିଦାରୁଣ ଫଗୁଣ ଏତେ ସ୍ମୃତି-ମୁଖର, ଏତେ ଉଦାସ-ଦୀର୍ଘଶ୍ୱାସରେ ବୋଝେଇ ହୋଇଥିବା ଫଗୁଣ, ଏତେ ନିର୍ମମ ଫଗୁଣର ଆଘାତକୁ ମଧ ଆମେ ଅଭିସାରିକାର ଉତ୍କଣ୍ଠା ନେଇ ଅପେକ୍ଷା କରି ବସିଥାଉ । ସେ ଆସି ଉତ୍ପୀଡ଼ିତ କରି ଚାଲିଯାଏ । ଦକ୍ଷିଣାରେ ଚଇତର ଧୂଳି ଉଡ଼େଇ ଦେଇ ସେ ଚାଲିଯାଏ । ଆମେ ଚଷମା ଲଗେଇ ତାକୁ ଖୋଜିବସୁ । ପରିଚିତ ମୁହଁର ଓଠରେ, ଭୂରୁରେ, ଫଳରେ, ଫୁଲରେ ସେ ଗନ୍ଧ କିନ୍ତୁ ମିଳେନା, ସେ ସ୍ପର୍ଶ ଆଉ ମିଳେନା, ଆମେ ଫଗୁଣକୁ ଝୁରି ବସୁ । ଭଙ୍ଗା କାଚ କଣ୍ଢେଇକୁ ଯୋଡ଼ି ମନେପକାଉ ସେ ଦିନେ କେତେ ଚିକ୍‌କଣ ଥିଲା, କେତେ ଉଜ୍ଜ୍ୱଳ ଥିଲା । ଝରା ପାଖୁଡ଼ାଗୁଡ଼ିକୁ ଏକାଠି କରି ପୁଣି କୃଷ୍ଣଚୂଡ଼ା ଗଢିବାକୁ ପ୍ରୟାସ କରୁ । କାଳବୈଶାଖୀ ହସିଦିଏ, ସଂସାର ହସିଦିଏ । ଆମେ ମଧ ଉଦାସରେ ଅଳ୍ପ ହସିଦେଉ । ବାସ୍ତବିକ, ଫଗୁଣ କେଡ଼େ ନିଦାରୁଣ ସତେ ! ଫଗୁଣ କିନ୍ତୁ ଗୋଟାଏ ମଣ୍ଡଳରେ ଚିରକାଳ ଥାଏ । କୌଣସି ଭୂମଧ୍ୟସାଗରୀୟ ବନସ୍ପତି ତାକୁ ବାନ୍ଧି ରଖେ । କୌଣସି ସ୍ରଷ୍ଟାର ଗଭୀର ଗର୍ଭରେ ଅହରହ ମଳୟ ତା'ର ସୃଜନ-ମନ୍ତ୍ର ଗାଉଥାଏ । ସେ କାଉଁରୀ ସ୍ପର୍ଶରେ

Digitized by srujanika@gmail.com

ତୂଳୀର ରଙ୍ଗ ବିଭିନ୍ନ ବର୍ଣ୍ଣରେ ଜଳିଉଠେ, ବୀଣାର ତାର ଭିତରେ ଗୁଞ୍ଜରି ଉଠେ କୋକିଳର ପଞ୍ଚମ । ଲେଖନୀରେ ଫୁଟି ଉଠେ ଫଗୁଣର ଅଫୁରନ୍ତ କବିତା । ମହାଭାରତକାର ବା ରାମାୟଣ-ରଚୟିତା ଫଗୁଣର ଅଶରୀରୀ ଆତ୍ମାକୁ ତାଙ୍କର ସୃଜନ କେନ୍ଦ୍ରରେ ବାନ୍ଧି ରଖିଥିଲେ ବୋଲି ସେ କାବ୍ୟକୃତିରେ ଜୀବନ୍ୟାସ ହୋଇଯାଇଛି । ସେଥିରେ ଚିରକାଳ ପ୍ରାଣର ସ୍ପନ୍ଦନ, ସ୍ପନ୍ଦନର ଉଷ୍ଣତା, ଉଷ୍ଣତାର ମହକ ଏବଂ ମହକର ସ୍ୱାଦ ଲାଗି ରହିଛି । ତ୍ରିକାଳଦ୍ରଷ୍ଟା କବି ଫଗୁଣକୁ ଚିହ୍ନେ, ତାକୁ କେତେବେଳେ ଅପସରିଯିବାକୁ ସୁଯୋଗ ଦିଏ ନାହିଁ । ସେ ପୃଥିବୀ ପରି ପ୍ରସାରିତ ହୋଇ ରହିଥାଏ, ତା'ର ଛନ୍ଦରେ ସେହିପରି ନୃତ୍ୟଶୀଳ ହୋଇ ରହିଥାଏ । ତାର ବିଭିନ୍ନ ମଣ୍ଡଳରେ ଫଗୁଣ ଦୋଳାୟିତ ହେଉଥାଏ । ମାତ୍ର ଫଗୁଣ ଏକ ନିତ୍ୟବର୍ତ୍ତମାନ ପ୍ରକ୍ରିୟା । କାଳ ଏବଂ ସ୍ଥାନକୁ ଉତ୍‌କ୍ରମଣ କରିଥିବା ପୁରୁଷ ପାଇଁ ସେ ଏକ ସ୍ଥିର ବିନ୍ଦୁ । ସମଗ୍ର ଋତୁ ସଂହାର ଏକ ସ୍ତମ୍ଭିତ ଚିତ୍ରପଟ । ସେ ତା'ର ସ୍ୱୟଂକ୍ରିୟ ସଂକଳ୍ପରେ କେଉଁ ବନସ୍ପତିକୁ କେତେବେଳେ କେଉଁ ରଙ୍ଗରେ ଚିତ୍ର କରିଦିଏ । ଫଗୁଣ ଅପେକ୍ଷା କରିଥାଏ କୌଣସି ପଳାଶ ଏବଂ କୃଷ୍ଣଚୂଡ଼ାର ପାଖୁଡ଼ାରେ ତା'ର ଅଜସ୍ର ବର୍ଣ୍ଣସଂଭାର ନେଇ, କୌଣସି ପରାଗ ଗର୍ଭରେ ତା'ର ମଧୁସଂପଦ ନେଇ ।

ଚିରବାଞ୍ଛିତ ଫଗୁଣକୁ ସ୍ରଷ୍ଟା ବୁଣିଦିଏ ଆକାଶ, ମାଟି, ପାଣି ଓ ପବନରେ । ଫଗୁଣ ବର୍ଷିଯାଏ ମଧୁମାନ୍ ସୂର୍ଯ୍ୟ ସୀମାଠାରୁ ମଧୁମତୀ ପୃଥିବୀ ପର୍ଯ୍ୟନ୍ତ । ଫଗୁଣ ଏକ କୁହୁକ-ସ୍ରଷ୍ଟାର କାଉଁରୀ କାଠିର କୁହୁକ । ସେ ତାକୁ ସ୍ପନ୍ଦିତ କରେ, ତାକୁ ଧାରଣ କରେ, କେତେବେଳେ ପୁଣି ଇଚ୍ଛା ହେଲେ ସୁମଧୁର 'ହବି' ପରି ସେ ଫଗୁଣଟାକୁ ପିଇଯାଏ । ଏ ସ୍ରଷ୍ଟା ନିଦାରୁଣ ନୁହେଁ, ସେ ମଧୁମାନ ସୂର୍ଯ୍ୟର ଜନୟିତା, ଫଗୁଣର ପୂଜ୍ୟ ପିତାମହ !!

❖❖❖

Digitized by srujanika@gmail.com

କହିବାକୁ ଲାଜ

ଜାତୀୟ ଜୀବନର କେନ୍ଦ୍ରବିନ୍ଦୁରେ ଠାକୁରଟିଏ ପାଇବା କିଛି କମ୍ କଥା ନୁହେଁ । ତା ପାଇଁ ପ୍ରଚୁର ପ୍ରୟାସ କରିବାକୁ ପଡ଼ିଥାଏ । ପୁରୁଷାନୁକ୍ରମେ ଧନୀ, ଜ୍ଞାନୀ, ମାନୀ ମିଶି ତାକୁ ତୋଳିଧରିଥାନ୍ତି । ସେ କୁଆଡ଼େ ତା ବାହୁ ମେଲେଇ ଜାତିଟାକୁ ମଧ୍ୟ ତୋଳିଧରିଥାଏ ବୋଲି ପ୍ରବାଦ ଅଛି ।

କିନ୍ତୁ ଯଦି ଦୈବାତ୍ ସେଇ ଠାକୁରଟି ଅଠିକଣା, ବିରୂପ ମାଦଳଟିଏ ହୋଇଥାଏ ତେବେ ଭିତରେ ଭିତରେ ମନ ଟିକିଏ ଊଣା ଧରିଯାଏ । ବିଦେଶୀ ଅପରଚିତ ଲୋକଙ୍କୁ ଖୋଲାଖୋଲି ଦେଖେଇଦେଲାଭଳି ସାହସ ହୁଏ ନାହିଁ । ଲାଜ ମାଡ଼େ । କ'ଣ ବା ଦେଖେଇବା ?- ଅଣ୍ଟିସୁନା ତ ଭେଣ୍ଡି ! ରୂପ, ରଙ୍ଗ, ଆଖି ନାକ କାନ କେହି କାହାକୁ ଊଣା ନୁହନ୍ତି । ଦିନ ଦି'ପହର ବେଳେ ହଠାତ୍ ଦେଖିଦେଲେ ଚମକିପଡ଼ିଲାଭଳି ଖଣ୍ଡେ ଚେହେରା । କଳା କଟକଟ ରଙ୍ଗ । କୟାଁମଞ୍ଜି ଅଠାରେ ଜଉ କରାଳ ଯୋଟ କରି ପୋଡ଼ା ଷଢେଇ ଗୁଣ୍ଡ ବୋଳିଲେ କେଜାଣି ସେଭଳି ସୁରମ୍ୟ ରଙ୍ଗ ବାହାରୁଥିବ । କଳା ହେବାରେ ଆପତ୍ତି ନାହିଁ – ବିଷୁବ ରେଖାର ଉଭୟ ପାଖରେ କୋଟି କୋଟି ଭୋଟ ତା' ସପକ୍ଷରେ କୁଢେଇ ହେଇଯିବ । କଳା କ'ଣ ନାହାନ୍ତି ? ଚିକ୍‌କଣ ମୁଗୁନି ପଥରରେ ଜକଜକ ଝୁଲୁଥିବା ସାକ୍ଷୀଗୋପାଳ କ'ଣ ନାହାନ୍ତି ! ପ୍ରାଚୀନ ଆଜ୍‌ଟେକ୍‌ଠାରୁ ଆଜିକାଲିର ଜୁଲୁ ବା ବୁସ୍‌ବ୍ୟାନମାନେ ମଣିଷକୁ ବା ଦେବତାକୁ ଧଳା ରୂପରେ କଳ୍ପନା କରିପାରନ୍ତି ନାହିଁ । ତଥାପି କଳାର ଗୋଟାଏ ମାତ୍ରା ତ ପୁଣି ଅଛି ?

''କିନ୍ତୁ ଏଭଳି ସଂସାର ବାହାର କଳା ଆଉ କେଉଁଠି ଅଛି ? ମହାକାଳ ରାତ୍ରି ଯେମିତି ଘନ ବିନ୍ଦୁରେ ଥୋପି ପଡ଼ିଛି ! ସମସ୍ତଙ୍କୁ ନିଜର କୃଷ୍ଣଛାୟାରେ ଗ୍ରାସକରୁଥିବା ମୃତ୍ୟୁ ସତେ ବା ନିଜେ ମରିଯାଇଛି - ଲୋପ ପାଇଯାଇଛି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ନାମରୂପ ଓ ରଙ୍ଗ । ଏପରି ଗୋଟିଏ କଳାକୁ ନେଇ କାହାକୁ କାହାକୁ ଦେଖେଇବା ? କ'ଣ ବା କରିବା ?

ରଙ୍ଗକୁ ଚାହିଁ ରୂପ । ଓହୋ ପ୍ରଭୁ ! ଏପରି ବିକଟାଳ ରୂପ ପୁଣି କଳ୍ପନା କରାଯାଇପାରେ ? କଥିତ ଅଛି ଯେ ସେ କୁଆଡ଼େ ନିଜକୁ ନିଜେ ଗଢ଼ିଛନ୍ତି । ତା' ଅବଶ୍ୟ ଗଢ଼ିଥିବେ । କାରଣ ସଂପୂର୍ଣ୍ଣରୂପେ ମଣିଷ ସୀମାର ବହିର୍ଭୂତ ଦୈବିଶକ୍ତି ନ ହେଲେ କ'ଣ ଏପରି କୋଟି କନ୍ଦର୍ପର ଚିନ୍ତା କରିହୁଏ ! ମୁହଁ ଖଣ୍ଡକର ତ ତୁଳନା ନାହିଁ । ମଣିଷ କି ପେଚା କି ଆଫ୍ରିକାର ରାତ୍ରିଚର ମୂଷା, କି କୁଣ୍ଡଳୀ ବାନ୍ଧିଥିବା ବିରାଟ ଗୋଟାଏ ସାପ ତାହା ସେ ମୁହଁରୁ ଜାଣିବା ଦୁଷ୍କର । ସମତଳ ଭୂମିର ମଧ୍ୟଭାଗରେ ବିନ୍ଧ୍ୟପର୍ବତମାଳା ପରି ଗୋଟାଏ ଶୃଙ୍ଗ ଅଂଶ ଉଖାରି ଆସିଛି । ଖୁବ୍ ଖଞ୍ଜାଖଞ୍ଜି

Digitized by srujanika@gmail.com

କଲେ, ସେଇଟା ହୋଇପାରେ ଶୃଙ୍ଗ, ହୋଇପାରେ ଚଞ୍ଚୁ, ଆହୁରି ଟିକିଏ ଉଦାର ଭଙ୍ଗୀରେ ଅନେଇଲେ ହୋଇପାରେ ନାସିକା । କିଞ୍ଚିତ୍ ଉପରକୁ କାଠଗଣ୍ଡି ହାଣିଲା ପରି ଗୋଟିଏ ସରଳରେଖା ସୀମା ନିର୍ଦ୍ଧାରଣ କରୁଛି । ଜଣାଯାଉଛି ଯେମିତି ଆଉ ଉପରକୁ ଉପାଦାନ ସରିଗଲା । ଗୋଟାଳିଆ ମୁଣ୍ଡଟିଏ ହୋଇଥିଲେ ଯେମିତି ଗୋଟାଏ ପ୍ରକାର ପୂର୍ଣ୍ଣତାର ସୂଚନା ମିଳିଥାନ୍ତା - ତା' ଆଉ ହେଲା ନାହିଁ । ପାଦେ ଦେଖାଇ ତିନି ପାଦ ସତେ ବା ଲୁଚାଇ ଦିଆଗଲା । ଯା'ପରେ ଆପଣ ଯେଉଁଠି ହୁଏତ କାନ ଖୋଜୁଥାନ୍ତି ସେଇଠି ହାବୁଡ଼ନ୍ତି ଯୋଡ଼ାଏ ବିଶାଳ ବର୍ତ୍ତୁଳ ବକ୍ର ଭୁଜଦଣ୍ଡରେ । ସେ ଯୋଡ଼ିକ ପେଚକର ଡେଣା ମଧ୍ୟ ହୋଇପାରେ । ସେଥିରେ ମଧ୍ୟ ଆଗଭଳି ପୁଣି ଥରେ ଉପାଦାନ ସରିଯାଏ । ହାତ ଆଙ୍ଗୁଠି ଗଜେଇ ଆସିଥିଲେ କାଳେ ସକ୍ରିୟ ହୋଇଯିବ ଏଇ ଭୟରେ ତାକୁ ଲାଣ୍ଡିଆ କରି ହାଣି ଦିଆହୋଇଛି । ଝଡ଼ିପଡ଼ିଛି ସକଳ କର୍ମ - ବିକ୍ରିୟାର ପ୍ରଧାନ ଉପକରଣ । ଏ ସମସ୍ତ ତଳକୁ ନିବୁଜ ହାଣ୍ଡିପରି ଗୋଟିଏ ବର୍ତ୍ତୁଳ ବଇଠି, ଯାହାକୁ ଆପଣ 'ଉଦର' କହିବାକୁ ବାଧ୍ୟ । ଉଦର ତଳକୁ ଆଉ କିଛି ଆପଣ ଆଶା କରୁଥିବେ ନିଶ୍ଚୟ ! କିନ୍ତୁ ଆଜ୍ଞା ! ସେ ସବୁ ପାଇଁ ଏଠି ସ୍ଥାନ ନାହିଁ । ତ୍ରିପାଦକୁ ଉହ୍ୟ ରଖିଲାବେଳେ ଗୋଡ଼ ଯୋଡ଼ିକ ନିଶ୍ଚିହ୍ନ ହୋଇଯାଇଛନ୍ତି । କିନ୍ତୁ ବାହାରିଥିଲେ, ଦୁଇଟି ପାଦ ବାହାରିଥାନ୍ତେ କି ଚାରିଟି ବାହାରିଥାନ୍ତେ ବା ସହସ୍ରେ ବାହାରିଥାନ୍ତେ ତା' କହିବା କଠିବ । ଗୋଟିଏ ଭାସମାନ ଦାରୁଖଣ୍ଡକୁ ଦୁଇ ଦିଗରୁ ଆଦି ଅନ୍ତର ସୂଚନା କରତିଦେଲା ପରେ ସେଇ ଆଦି(ମ) ଶିଳ୍ପୀ ଯେତିକି ସମ୍ଭବ ଇନ୍ଦ୍ରିୟାଭାସ ଦେଇ ଛାଡ଼ିଦେଇଛି । ଜୀବଧର୍ମର ନିଷ୍ଠୁର ନିରାକରଣ ସତ୍ୟ ପରି ଗୁଡ଼ିଏ ଉହ୍ୟସମ୍ବଳିତ ଏ ମାଖୁନା ରୂପ । ଆପଣ ବିଦେଶୀ, 'ଏଣୁ କ'ଣ ଭାବୁଥିବେ' ଆମେ ଅନୁମାନ କରିପାରୁଛୁ । ଆମେ ମଧ୍ୟ ଅତି ଆଦରରେ ତାକୁ ତାକୁ 'ମାଦଳା' ।

ନିହାଣ ଆଡ଼େଇଦେଇ ଆଦି(ମ) ଶିଳ୍ପୀ ଧରିଛନ୍ତି ବିଭିନ୍ନ ରଙ୍ଗର ତୂଳି । ଘନ ଅନ୍ଧାରରେ ବସ୍ତୁ ସୃଷ୍ଟି ହେଲା ପରେ ସିନା କୋଟି କୋଟି ସୂର୍ଯ୍ୟଦୀପ ଜଳିଉଠିଛନ୍ତି ଏବଂ ତାଙ୍କର ଆଲୋକର ଇନ୍ଦ୍ରଜାଲରେ ଝଲସି ଉଠିଛି ସପ୍ତ ରଙ୍ଗର ଢେଉ ! - '' କାଳିଆ କଟ କଟ ଆଦିମ କାଳରାତ୍ରିର ରଙ୍ଗ ଉପରେ ଯୋଡ଼ାଏ '୦' ମୁଣ୍ଡାଳି ବୁଲେଇ ଦିଆହୋଇଛି । ସେଇଟା ପୁଣି ଏକାଥରକେ ସୂର୍ଯ୍ୟର ରଙ୍ଗ ! ଇସ୍, ରାଉ ରାଉ ଏ ରଙ୍ଗର କୋଳାହଳ ଆପଣଙ୍କ ଆଖି ଉପରେ ଅତ୍ୟାଚାର କରିଯିବ ନିଶ୍ଚୟ । ଏ ଯୋଡ଼ିକ ଆଖି । ମୁହଁ ଖଣ୍ଡକ ଯେମିତି ଡଉଲ ହୋଇଛି ସେଥିରେ ଆଉ ପୁଞ୍ଜାଏ ଆଖି ଚିତ୍ର କରିଦେଇଥିଲେ ମଧ୍ୟ କିଛି ଅନୁପାତ ବିରୋଧ ହୋଇନଥାନ୍ତା । ପୁଞ୍ଜାଏ ନ ହୋଇ ସହସ୍ରେ ଆଖି ମଧ୍ୟ ଫିଟେଇ ଦିଆଯାଇପାରିଥାନ୍ତା । ସେ ଆଖି ଯୋଡ଼ିକରେ ପୁଣି ପଲକ ନାହାନ୍ତି । ଏଣୁ ସେ ତରାଟି ରହିଛନ୍ତି, କୋଉ ଅନନ୍ତ କାଳରୁ । ଭାରି ଅସ୍ୱସ୍ତିକର ସେ ଦୃଷ୍ଟି । ମୋଟେ ସହିହୁଏ ନାହିଁ । କିଛି ଆଡୁଆଳ କରି ଲୁଚି ମଧ୍ୟ ହୁଏ ନାହିଁ । ତାକୁ ଅନେଇଲେ ଜଣାପଡ଼େ ସେ ଆଖି ଦୁଇଟା ହାଉ ହାଉ କ'ଣ ଦୈବବାଣୀ କହୁଛନ୍ତି - ପଛ କଲେ ମନେହୁଏ, ସେମାନେ ଗୋଡ଼ାଇଛନ୍ତି ସଂସାରର ଏ ପାରିରୁ ସେ ପାରିକୁ । ଉଡ଼ନ୍ତା ଥାଳିଆ ପରି ବିଭିନ୍ନ ଦିଗରୁ ପହଁରି ଆସନ୍ତି ସେ ଚକା ଆଖି ହଳକ ।

Digitized by srujanika@gmail.com

ଦିନ-ରାତି ପରି ଯୋଡ଼ାଏ ରଙ୍ଗ - ଧଳା ଏବଂ କଳା । ଖୁବ୍ ପ୍ରାଚୀନ ଦୁଇଟି ରଙ୍ଗ । ଦୁଇଟା ମଝିରେ ଗୋଟାଏ ସାନ୍ଧ୍ୟ ରଙ୍ଗ ମଧ୍ୟ ସେଇଭଳି ପ୍ରାଚୀନ । ଦିନରୁ ରାତିକୁ ଓହ୍ଲେଇ ଗଲାବେଳେ ବା ରାତିରୁ ଦିନକୁ ଉଠି ଆସିଲାବେଳେ, ମଝିରଙ୍ଗଟି ହେଉଛି ନାଲି । ସେଇ ରଙ୍ଗ ମଧ୍ୟ ସେ ଚନ୍ଦ୍ରମୁଖ ଉପରେ ଠାଏ ଠାଏ ବୋଳି ହୋଇଛି - କଳା ଭିତରେ ତାକୁ ବାରିବା କଷ୍ଟ । ତଥାପି ଗୋଟିଏ ରଙ୍ଗ ଟହ ଟହ ପାଟି ମାଡ଼ିଯାଇଛି ସମତଳ ଭୂମିର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ । ନିରନ୍ଧ୍ର ନାସିକା ଶୃଙ୍ଗ ତଳକୁ ବିଛେଇ ହୋଇ ରହିଛି ଏ ଉଦାର ମୁଖର ଚିହ୍ନ ଯଦି ଏହା ପାଟି ହୋଇଯାଏ କାନମୂଳରୁ କାନମୂଳଯାଏ ଏଡ଼େ ବଡ଼ ଫାଡୁଙ୍ଗା ପାଟି ବୋଧହୁଏ ଥାଇପାରେ କୌଣସି ପକ୍ଷୀ ଶାବକର କିମ୍ବା ଥାଇପାରେ ସର୍ବଗିଳା ଅଜଗରର। ସେଥିରେ ଅଧର ଓଷ୍ଠ ବାରି ହୋଇ ଗାର ପଡ଼ିଯାଇଥିଲେ ପାଖେଇବାକୁ ସାହସ ହୋଇନଥାନ୍ତା-ଭୟ ଲାଗିଥାନ୍ତା । କାରଣ, ଯେ ଯେପରି ଆଖି ତରାଟି ରହିଛି, ସେ ପାଟି ମଧ୍ୟ ମେଲେଇ ଦେବ ଏବଂ ମେଲା ହେଲେ ସେ ବାଟେ ଚଉଦ ବ୍ରହ୍ମାଣ୍ଡ ଶୋଷିହୋଇଯିବ ।

ଆପଣଙ୍କୁ ଏ ସମସ୍ତଟି ଦିଶୁଥିବ ଅତି ଭୟାନକ, ସଂପୂର୍ଣ୍ଣ ଅଦିବ୍ୟ ଗୋଟାଏ କିଛି । କାରଣ ଦିବ୍ୟତ୍ୱ ଆପଣଙ୍କ ପାଇଁ ମଣିଷ ଆଖିକୁ ସୁନ୍ଦର ଦିଶିବା କଥା । କିନ୍ତୁ ଏଇଟା ତ' ମଣିଷ ନୁହେଁ ! ମଣିଷର ବ୍ୟଙ୍ଗ ମଧ୍ୟ ନୁହେଁ ! ସ୍ତ୍ରୀ ପୁରୁଷ, ପଶୁ ପକ୍ଷୀ ଯାହା କିଛି ମଧ୍ୟ ହୋଇପାରେ । ଆପଣ ଏ ସମସ୍ତ ଉଦ୍ଭଟ ଏବଂ ଗୋଳିଆ ମିଶାକୁ ତ ବୁଝିବେ ନାହିଁ - କାରଣ ଆମେ ମଧ୍ୟ ଏ ପର୍ଯ୍ୟନ୍ତ ଏ 'ଠାର'କୁ ଠିକ୍ ବୁଝିନାହୁଁ । ଆପଣ ହଠାତ୍ ଟିକିଏ ହସିଦେଇ ହୁଏତ ଭାବିବେ ଯେ, ଏଇଟା ଅତି କଞ୍ଚା, ଅପାରଗ ଶିଳ୍ପୀ ହାତରେ ତିଆରି ହୋଇଥିବା ଗୋଟାଏ ଅତି ଅସୁନ୍ଦର, ଅପୂର୍ଣ୍ଣ କଣ୍ଢେଇ, ଗୋଟିଏ ଚିତ୍ରିତ କାଠ ଗଣ୍ଡି । ଆମେ ମଧ୍ୟ ବିନୟରେ ଏବଂ ସମ୍ଭ୍ରମରେ ଡାକ ଛାଡୁ, ''ହେ ବଡ଼ ବଡ଼ ଖମ୍ବ, ହେ ବଳିଆରଭୁଜ, ହେ ଚକାନୟନ, ହେ ଅଖିଳ ବ୍ରହ୍ମାଣ୍ଡର ପଡ଼ିଦାତା !'' - ଆମେ ଅଧେ ବୁଝୁ ଅଧେ ବୁଝୁ ନାହିଁ । ଆପଣ କିଛି ବୁଝନ୍ତି ନାହିଁ ।

ଠାକୁର ବରଂ କାଳିଆ ହେଲେ ରକ୍ଷା । ତାକୁ ବରଂ କାହାକୁ ନ ଦେଖେଇ ଗମ୍ଭୀରି ଭିତରେ ଲୁଚେଇ ଦିଆଯାଇପାରେ । କିନ୍ତୁ ଗୋଟିଏ ଦରିଦ୍ର ଦେଶରେ ଯଦି ଠାକୁରଟି ହୁଏ ଦୁରନ୍ତ ପେଟା ଏବଂ ଦିନକରେ ପାଞ୍ଚ ଶଗଡ଼ ଖାଏ ତେବେ ଉଚ୍ଛନ୍ନ କରିଦେବ । ନୀଳଗିରିରେ ଦନ୍ତା କୁଆଡ଼େ ଭାରି ପ୍ରବଳ । ସେଥିରୁ ଗୋଟିକୁ ପୋଷିବା ପାଇଁ ବିଶାଶହେ କୋଶ ପୃଥ୍ୱୀର ଖଜଣା ସରିଯାଏ । ଯଦି ବା ହାତୀଖିଆ ଅକାଣ୍ଡିଆରେ କାମ ଚଳୁଥାନ୍ତା ତେବେ ହୁଏତ ସାହସ କରନ୍ତେ । ଦିବ୍ୟ ଶାଳୀ ଅନ୍ନ ନ ହେଲେ ନ ହୁଏ ! ନାଡ଼ି, ବଡ଼ି, ଖିରୀ, ଖେଚୁଡ଼ି, ବିଭିନ୍ନ ଘିଅ ଚିପୁଡ଼ା ଅନ୍ନ, ବ୍ୟଞ୍ଜନ, ସକାଳର ରଙ୍ଗମାଣ ପଇଡ଼, ଖୁଆମଣ୍ଡାଠାରୁ ଆରମ୍ଭ କରି ଗଜା ଖଜା ଡାଳିମ୍ୱାର ଖଞ୍ଜା ଚାଲିଥାଏ । ଠାକୁରଙ୍କ ମୁହଁଟି କେତେବେଳେ ଶୁଖେ ନାହିଁ । ଗୋଟାଏ କପିଳେନ୍ଦ୍ର ବା ପୁରୁଷୋତ୍ତମ କରପତ୍ର ଯୋଡ଼ି ସେବାରେ ଅହରହ ଠିଆ ରହିଥିଲେ ସିନା ଏ ହାତୀ ପୋଷା ସମ୍ଭବ । ଦିନକର ଖାଦ୍ୟ ତାଲିକା କଲେ ଅଣ୍ଟାରେ କୁଜ ବାହାରିଯିବ । ଛାନିଆଁରେ ଆଖି ଖୋସିହୋଇଯିବ । ଏହିପରି ବର୍ଷର ତିନିଶ ପଁଷଠି ଦିନ ଏବଂ ଶହ ଶହ ବର୍ଷ ସେଇ ଅମେଳା ପାଟି ମୁହଁରେ ଭୁଞ୍ଜେଇ ଆସିବା

Digitized by srujanika@gmail.com

ପରେ ଯଦି କୌଣସି ଜାତି ଦରିଦ୍ର ହୋଇଯାଏ, ସେଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ସେ ଅବଶ୍ୟ ସର୍ବ-ଭିକ୍ଷୁ । ଚରାଚରଙ୍କୁ ତୋକି ଦେଇ ସେ ପାଟି ବୁଜି ଆଖି ତରାଟି ନିଶ୍ଚଳ ବସିଯାଇପାରେ । ଗ୍ରୀଷ୍ମ ଏବଂ ଶରତକୁ ହାପୁରିଦେଇପାରେ ।

ଏହିଭଳି କାଳିଆ ପେଟା ଠାକୁରଟିକୁ ଥୋଇବାକୁ ବଟମୂଳ ବା ନଦୀକୂଳ ହେଲେ ଚଳିବ ନାହିଁ । ସେଥିପାଇଁ ଉତ୍କୃଷ୍ଟ ଗିରିଚୂଳ ଖୋଜା ହେବ । ତାକୁ ଚାହିଁ ତା' ଉପରେ ନଉହାତ ଦେଉଳ ନିର୍ମାଣ ହେବ । ଉପରକୁ ଅନେଇଲେ ମୁଣ୍ଡରୁ ଠେକା ଖସିପଡ଼ିଲାଭଳି ସେ ଉଚ୍ଚ ହୋଇଥିବ । ଏମିତି ଗୋଟିଏ ବିରାଟ ଏବଂ ସୁନ୍ଦର ଦେଉଳ ପରିକ୍ରମା କରି, ଭିତରକୁ ପଶିଗଲେ, କ'ଣ ନା, କୋରଡ଼ ଭିତରେ ଯୋଡ଼ାଏ ଡରେଇଲା ପରି ଆଖି । ସୁନ୍ଦର ପଣିଆରେ ମନ ମୋହୁଥବା ଲାବଣ୍ୟ ମୂର୍ତ୍ତିଟିକୁ ଠାକୁର କରି ଥୋଇଥିଲେ କ'ଣ ଅସୁବିଧା ଥିଲା ? ଆଜ୍ଞା ଥିଲା ! ବିଶିଷ୍ଟ ଗୁଣଗୁଡ଼ିକ ଦେଖିଲେ ଆଉ ଯେଚ୍ଛା ତାହା କହିବାର ସ୍ୱାଧୀନତା ରହିବ ନାହିଁ । ଶିରରେ ଶିଖିପୁଚ୍ଛ, ସବ୍ୟ ହାତରେ ବେଣୁ ଦେଖିଦେଲେ ସେ ଗୋଟାଏ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ଆସିଗଲେ । ତ୍ରିଶୂଳ ଧରେଇ ବେକରେ ସାପ ଗୁଡ଼େଇଦେଲେ ବା ଚାରିଟା ମୁହଁରେ ଦାଢ଼ି ଓହଳେଇଦେଲେ ମଧ୍ୟ ସେମାନେ ନିର୍ଦ୍ଦିଷ୍ଟ ହୋଇଯାନ୍ତି । ସେହିପରି ଯାଙ୍କର ମଧ୍ୟ ଯୋଡ଼ାଏ ବିରାଟ ଚକା ଆଖି ବା ଅନନ୍ୟ ରୂପ ଥିବା ସତ୍ତ୍ୱେ ଏ ଜୀବେତର ସତ୍ତାକୁ କହିହେବ ନାହିଁ ସେ ପୁରୁଷ, ସ୍ତ୍ରୀ ଅଥବା କ୍ଳୀବ ।

ଏଥିରେ ପୁଣି ରସିକ ବର୍ଷକେ ଥରେ ବୁଲି ବାହାରିବେ ! ସେଥିପାଇଁ ଯେଉଁ ଆୟୋଜନ ସେଥିରୁ ଆହୁରି ସହଜେ ଆକାଶରୁ ଗଙ୍ଗାକୁ ଓହ୍ଲେଇ ଆଣିହବ । ଅସୁନ୍ଦର ହେଲାଠୁ ନିଜ ଲାଜ ନିଜକୁ ଖାଇବା ଉଚିତ । ମାତ୍ର ଢୋଲ ପିଟି ଦାଣ୍ଡକୁ ସମସ୍ତଙ୍କ ଆଗରେ ଝୁଲି ଝୁଲି ସେ ବାହାରନ୍ତି । ହାତ ଗୋଡ଼ ନଥିଲେ ଆଉ କ'ଣ ବା କରନ୍ତେ ? ରଥଟିଏ ପର୍ବତ ପରି ତିଆରି ହୁଏ । ସେଥିରେ ଷୋଳଟା ଅଚଳନ୍ତି ଚକ ଲାଗେ । ମନ୍ଦର ଗିରି ପରି ସେ ଠିଆ ହେଲା ପରେ ଧାରଣା ହେବା କଥା ଯେ ଏଇଟା କିପରି ଗଡ଼ିବ ଏବଂ କେଉଁ ଆଡ଼କୁ ଗଡ଼ିବ ! କିନ୍ତୁ ସେଇଟା ଗଡ଼େ - କଟକଟ ମଟମଟ ଡାକେ - କିନ୍ତୁ ଗଡ଼େ । ଉପରେ ଆଖି ତରାଟି ଠାକୁର ବସିଥାଏ । ବିଚ୍ ବଜାରରେ ଆସି ରଥ ଉପରେ ବସିଥାଏ । ଆଉ ଲୁଚେଇବାକୁ କ'ଣ ଅଛି ? ସମସ୍ତେ ଦେଖନ୍ତି, ସମସ୍ତେ ଦେଖିବାକୁ ସେ ଅଲାଜୁକ ପଣରେ ପାଟି ନେଫେଡ଼ି ଠିଆହୋଇଥାଏ । ଏପରି ଅସୁନ୍ଦରପଣକୁ ଏମିତି ଅଲାଜୁକପଣ ଦେଖି ଲାଜରେ ତା' ମୁହଁକୁ ଚାହିଁହୁଏ ନାହିଁ । ଆଉ କାହା ମୁହଁକୁ ମଧ୍ୟ ଚାହିଁହୁଏ ନାହିଁ । ମାତ୍ର ସେ ରୂପ ଭୁଲିବାର ନୁହେଁ । ସେ ଭିତରେ ପଶିଯାଏ । ଆଖି ଖୋଲିଲେ ଯାହା ବୁଜିଲେ ମଧ୍ୟ ତାହା । ତା'ଠାରୁ ଲୁଚି ପଳେଇବା କେମିତି ଏବଂ କେଉଁଆଡ଼େ ? ସେଠୁ ଯୋଡ଼ିଛାଡ଼ି ଧାଇଁଲେ ମଧ୍ୟ ଶୂନ୍ୟରୁ ସେ ଆଖିଯୋଡ଼ାକୁ ଅନେଇଥାନ୍ତି । ଆପଣ ତ ବୁଝିବେ ନାହିଁ, ଆମେ ବି ବୁଝିନାହୁଁ - ଏ ଆଦି(ମ) ଠାକୁରଟି କାହିଁକି ଏଭଳି ମୋଟା, ଏଡ଼ିକି ପେଟା, ଏମିତି କାଳିଆ, ଏପରି ବିକଟାଳ ଓ ଗାଣିତିକ ସଙ୍କେତ ଭଳି ଏପରି ଦୁର୍ବୋଧ !

❖❖❖

Digitized by srujanika@gmail.com

ଶୁଣନ୍ତୁ

ଶୁଣିବାକୁ ଆପତ୍ତି ନାହିଁ ; ନ ଶୁଣି ଉପାୟ ମଧ୍ୟ ନାହିଁ ! ଦେଖିବା ଚାଖିବା ଯେମିତି ନିଜ ଆୟତ୍ତରେ ରୋଧି ହୁଏ, ଶୁଣିବା ସେପରି ହୁଏ ନାହିଁ, କାରଣ କାନରେ କବାଟ ନାହିଁ । ସେଇ ବାଟେ ଅବାରିତ ଶବ୍ଦ-ସମୁଦ୍ର ପଶିଆସେ । ଲୁଣି ପାଣି ମାଡ଼ିଗଲେ ମାଛ କଇଁଚ ସିନା ବଞ୍ଚିଯିବେ, କିନ୍ତୁ ଫୁଲ ଫୁଟିବ କାହୁଁ ? ଅତଏବ ଏ ଶବ୍ଦରୂପୀ ଦୁର୍ମଦ ସୈନ୍ୟ ମାଡ଼ିଆସିବା ପୂର୍ବରୁ ମନ ଯେମିତି ସାଉଁଟି ହୋଇ, ତୋଳିହୋଇ ରହିଥିଲା, କାହିଁ କେଉଁ ନୂତନ ଆକାଶ ଛୁଇଁବ ବୋଲି ସ୍ପର୍ଦ୍ଧା କରୁଥିଲା ତାହା ବାଲିର ଗମ୍ବୁଜ ପରି ଭୁଷୁଡ଼ିପଡ଼େ । ତେଣକି ଏ ଶବ୍ଦ-ବନ୍ୟା ଉପରେ କେବଳ ସାଧାରଣ ଜୀବନର ବଣିଜ ପାଇଁ ବୋଇତ ମେଲି ନେବା କଥା । ଏଭଳି ସୁବିଧା ଥିବାରୁ ହୁଏତ ଧ୍ୟାନସ୍ଥ ମୁନିର ତପୋଭଙ୍ଗ କରିବାକୁ ଉର୍ବଶୀ ଆସିବା ପୂର୍ବରୁ ଅପରିହାର୍ଯ୍ୟ ଭାବରେ କୋଇଲିଟିଏ ଗୋଟାଏ କୃତ୍ରିମ ବସନ୍ତର ଉଦ୍‌ଘୋଷଣା କରୁଥିଲା । ସେଇ କୁହୁତାନର ଆଘାତରେ ସମାହିତ ତପସ୍ୱୀ ମନ ତରଙ୍ଗ-ଚଞ୍ଚଳ ହୋଇଉଠୁଥିଲା । ତେଣିକି ବାକି କଥା ସବୁ ଯେମିତି ସ୍ୱାଭାବିକ ସେତିକି ସହଜ-ଦେହମନର ସାଧାରଣ ବଣିଜ କଥା ।

ଗୋଟିଏ ଜନବହୁଳ ମହାନଗରୀରେ ଯେତେ ପ୍ରକାର ଯାନ୍ତ୍ରିକ କୋଳାହଳ ହୁଏ ସେଥିରେ ମସ୍ତିଷ୍କର ଅଜସ୍ର ତନ୍ତୁ ଛିଣ୍ଡିଯାଇ ପ୍ରାଣହାନି ଘଟିବା କଥା । ଭିତର ଦହି ଚହଲିଯାଇ ବୋହିଯିବା କଥା । କିନ୍ତୁ ବହୁ ଅତ୍ୟାଚାର କଲେ ମଧ୍ୟ ବାତ୍ୟାମଥିତ ସମୁଦ୍ର ପରି ମନ ପୁଣି ସ୍ଥିର ହୋଇଯାଏ । ସେଇଠି ନିରର୍ଥକ ଗୁଡ଼ାଏ ଗାଡ଼ି ମୋଟର କୁହାଟୁଥାନ୍ତି, ଦୁଇ-ଚକଠାରୁ ବହୁ-ଚକ ପର୍ଯ୍ୟନ୍ତ ଯନ୍ତ୍ରରାଜ୍ୟର ଅଦ୍ଭୁତ ଜନ୍ତୁ ଅଯଥା ଗୁଡ଼ାଏ ବିକଟାଳ ରାବ କରୁଥାନ୍ତି, ଡାକବାଜି ଯନ୍ତ୍ରଟାଏ ଅହରହ ରାଉ ରାଉ ଡାକୁଥାଏ । ତଥାପି ରହିବା ପାଇଁ ମଣିଷ ଏ ଅଦ୍ଭୁତ କୋଳାହଳର ଅରଣ୍ୟ ସଦନଟିକୁ ଛାଡ଼ିପାରେ ନାହିଁ ।

ଏଠି କୁକୁଡ଼ା ମଧ୍ୟ ଦିନ ଆଠଟାରେ ଉଠି ଅଳସ ଭାଙ୍ଗନ୍ତି । ଜାଲଘର ଭିତରେ ରହି ସେମାନଙ୍କର ଜୀବନ-ପ୍ରଣାଳୀ କିଞ୍ଚିତ୍ ସହରିଆ । ଏଣୁ ଯଦି ପଡ଼ିଶା ଘର କୁଣ୍ଡେଇ ବିଭାଘର ହେଉନଥାଏ, ବା ସାହିରେ ଗଣେଶ, ସରସ୍ୱତୀ, ବିଶ୍ୱକର୍ମା, ଘଟୋତ୍କଚ ବା କୁମ୍ଭକର୍ଣ୍ଣ ପୂଜା ପାଇଁ ବିହ୍ୱଳ ଭକ୍ତଗଣ ରାତିସାରା ତାଙ୍କ ଆରାଧ୍ୟଙ୍କୁ ସଙ୍ଗୀତମୁଗ୍‌ଧ ରଖିବାକୁ ମନସ୍ଥ କରିନଥାନ୍ତି, ତେବେ ଅନ୍ତତଃ ପାହାନ୍ତିଆ ତାରା ଉଠିଲା ଆଗରୁ ଉଠିପଡ଼ନ୍ତି ସୁର୍ମାକଳ, ଲୁଗାକଳ, ଛାପାକଳ ମାଲିକମାନେ

Digitized by srujanika@gmail.com

ବା ତାଙ୍କର ପଡ଼ିଖିଆ ନଉକରବର୍ଗ । ବିଭିନ୍ନ କେନ୍ଦ୍ରରୁ ଯନ୍ତ୍ରଦାନବ ଆକାଶ ଚୁଙ୍ଗାରେ ଡାକ ଛାଡ଼ନ୍ତି । ପାହାନ୍ତିଆ ଏକ୍‌ସପ୍ରେସ୍ ଗାଡ଼ି ପଇ ପିଟି ବୃଥାରେ ଗୁଡ଼ାଏ ଅସରନ୍ତି ସିଟି ମାରି ଷଣ୍ଢ ତଡ଼ିଲା ମାର୍ଗେ ମାଡ଼ିଯାଏ । ମଝିରେ ମଝିରେ ସେତେବେଳକୁ ମଧ୍ୟ ଶୁଭିଯାଏ 'ରଘୁପତି ରାଘବ ରାଜା ରାମ' - ସକାଳ ପାଇଲେ ବୋଧହୁଏ ଅକ୍ଟୋବର ଦୁଇ ! -

ଏ ପ୍ରତ୍ୟୁଷ ରାବଗୁଡ଼ିକୁ ନ ଶୁଣି ଉପାୟ ନାହିଁ । ଏ ବଳଶାଳୀ ଦସ୍ୟୁଦଳ ଆଖିରେ କଳାପଟି ଭିଡ଼ି, ବାଳ ସର ସର ମେଲା ବୁକୁ ଦେଖାଇ ଧସେଇ ପଶିଯାନ୍ତି ଏବଂ ସ୍ୱପ୍ନରାଜ୍ୟରୁ ଆମକୁ ବଳାତ୍କାର ଭିଡ଼ି ଆଣି ଫୋପାଡ଼ିଦିଅନ୍ତି ମରାମତିକୁ ଚିରକାଳ ଅପେକ୍ଷା କରିଥିବା ଗୋଟାଏ ଚିରା ଚିମୁଳା ଉପରେ । ସ୍ୱପ୍ନ ଭାଙ୍ଗିଯିବା ପରେ ଆଖି ନ ଫିଟେଇ ମଧ୍ୟ ଦିଶିଯାଏ ଅନ୍ଧାରୁଆ ବସ୍ ଭିତରେ କ୍ଲାନ୍ତ ଏବଂ ମଇଳିଆ ଗୋଟିଏ ବା ଦୁଇଟି ନାରୀରୂପ ଏବଂ ବିଡ଼ି ଟାଣୁଥିବା ଉଦାସୀନ କଣ୍ଡକ୍ଟରଟିଏ । ଡ୍ରାଇଭରଟିର ପିଠି ପରି ଏବଂ କାକର ଗଦିଗୁଡ଼ିକ ପରି ସେ ଖୁବ୍ ଉଦାସୀନ । ସାଇଁ ସାଇଁ ବାଟ କାଟି ଘରକୁ ଫେରିଯାଏ ଗାଡ଼ି, ଘରକୁ ଫେରେ ଡ୍ରାଇଭର । ଆଖି ନ ଫିଟେଇ ମଧ୍ୟ ଦିଶେ ଯେ ପତ୍ନୀ କବାଟ ଫିଟେଇ ରୋଷଘରେ ପଶନ୍ତି, ସାଗୁଦାନାର କାଗଜ ଠୁଙ୍ଗା ଫିଟାନ୍ତି, ଦିଆସିଲି ମାରନ୍ତି । କୁରୁକ୍ଷେତ୍ରପରି ଗୋଟାଏ ଅତିକାୟ ଦାନବ ମୋଡ଼ିଭିଡ଼ି ହୁଏ । ତାର ରୋମେ ରୋମେ କୋଳାହଳ । ଉଠ ଉଠ, ପଳାଅ, ଧାଁଅ, ମାର, ହାଣ, ଗୋଡ଼ାଅ - ଡାକଦିଏ ଜୀବନର ଏ ଅଦ୍ଭୁତ ଯୁଦ୍ଧକ୍ଷେତ୍ର । କପିଧ୍ୱଜର ପୃଷ୍ଠଦେଶ ଅପେକ୍ଷା କୃଷ୍ଣାର୍ଜ୍ଜୁନଙ୍କର ମୁଖଦର୍ଶନ ଆମକୁ ବେଶୀ ଆକୃଷ୍ଟ କରେ । ଆମେ ସେଇ ପକ୍ଷରୁ ଯଥାଶକ୍ତି ଅସ୍ତ୍ର ଟେକି ସଂଗ୍ରାମରେ ଝସେଇ ପଶିଯାଉ ।

ହୁ' ହୁ' ପବନରେ ଘୁଡ଼ି ଯେମିତି ଟାଣି ହୋଇ ଉଡୁଥାଏ, ଏ ଶବ୍ଦ ପ୍ରବାହରେ ଆମେ ସେମିତି ଟୋଳି ହୋଇ ରହିଥାଉ । ଯଦି ଅକସ୍ମାତ୍ ଚାରିଆଡ଼ ନିଝମ୍ ନୀରବ ହୋଇଯାନ୍ତା ଆମେ ବୋଧହୁଏ ଗୋଟି ଗୋଟି ହୋଇ ଖସିପଡ଼ନ୍ତୁ । ତମ୍ବୁ ଭିତରୁ ଖମ୍ବମାନ ଆଡ଼େଇ ହୋଇଯାନ୍ତେ । ଏକାଠି ରହିବାର ଉଷ୍ମା ପାଇଁ, ପରସ୍ପରର ଗନ୍ଧ ପରି ପରସ୍ପରର ବିଭିନ୍ନ ଶବ୍ଦ ମଧ୍ୟ ଆମେ ଗ୍ରହଣ କରିବାକୁ ବାଧ୍ୟ । ହୁଏତ କିଛି କିଛି ପ୍ରାଥମିକ ବିଦ୍ରୋହ ପରେ ଆମେ ତା' ଉପରକୁ ଆଉଜିଯାଉ । ରାତି ଅଧରେ କାମରୁ ଫେରି ପଡ଼ିଶା ଘର ବିହାରୀ ବେତାଳିଆ ବେତାଳିଆ ଘୁମୁରା ଗୁଡ଼ାଏ ବାଡ଼େଇଦେଇଯାଏ । ପ୍ରଥମେ ପ୍ରଥମେ ହୁଏତ ଅନେକ ସ୍ନାୟୁ ଛିଣିବା ପରେ ସେ ଘାଉଁଘାଉଁଟାକୁ କାନେଇ ପଡ଼ିରହିବାକୁ ହୁଏ ; ନ ଶୁଭିଲେ ଖାଲି ଖାଲି ଲାଗେ । ଖୁଣ୍ଟିଟାଏ ଖସିଗଲେ ତମ୍ବୁ ଏକପାଖିଆ ହୋଇ ଲେସେଡ଼ିଯାଏ । କିଛି ଦିନ ଏମିତି ରହିଗଲେ ହୁଏତ ପୁଣି ଆପେ ସଳଖିଯିବ । କିନ୍ତୁ ଏବେ ସିଲୋନ ସଙ୍ଗୀତ ସାଙ୍ଗକୁ ଭେଁ ଭେଁ କଟ୍ କଟ୍ ଦୁର୍ ଦୁର୍ ଚେଁ ଚାଁ - ମଣିଷ ଶଗଡ଼ ଛେଳି କୁକୁରଙ୍କର ତୁମୂଳ ଶବ୍ଦ ଶୁଣି ଆମ ପକ୍ଷର ସମସ୍ତଙ୍କର ହୃଦୟ ବିଦୀର୍ଣ୍ଣ ନ ହୋଇ ବରଂ ଖୁବ୍ ଅଭ୍ୟସ୍ତ ହୋଇଯାଏ ଏବଂ ଆମେ ଅଠର ଦିନ ପାଇଁ ଖଣ୍ଡା ଧରି ପ୍ରସ୍ତୁତ ହୋଇଯାଉ !

ଏଭଳି କଂସାରି ଘର ପାରାଗୁଡ଼ିକ ମଧ୍ୟ ଗୋଟାଏ ପ୍ରକାର ତୁମୁଳ ଶବ୍ଦ ସହିତ ପରିଚିତ ହୋଇଯାଆନ୍ତି । ରେଳଷ୍ଟେସନ ପାଖରେ ଘର କରିଥିବା ପରିବାରର କଅଁଳା ପିଲାଙ୍କ ନିଦ ମଧ୍ୟ

Digitized by srujanika@gmail.com

ଇଂଜିନ୍‌ର ରାତିସାରା ଘିଡ଼ିଘିଡ଼ି ବା ଭୁସ୍ ଭୁସ୍ ଶବ୍ଦରେ ଭାଙ୍ଗେ ନାହିଁ । ବରଂ ଯଦି ତାକୁ କୌଣସି ନିରୋଳା ଗିରିଚୂଳିଆ ଡାକବଙ୍ଗଳାରେ ଶୁଆଇ ଦିଆଯାଏ, ସେ ହୁଏତ ରାତିଯାକ ଚମକିବ । ମା କୋଡ଼ ଖୋଜିଲା ପରି ତାର ଚେତନା କେନ୍ଦ୍ର ଅନ୍ଧାରରେ ହୁଏତ ଦରାଣ୍ଡି ହେବ ପରିଚିତ ଗୁଡ଼ାଏ ଶବ୍ଦ ପାଇଁ । ପରିବେଶରେ ନୀରବତାର ନିରାଶ୍ରୟ ଆକାଶ ଭିତରକୁ ଗଳିପଡ଼ିଲା ପରି ସେ ଆକତା ହୋଇଉଠିପଡ଼ିବ । ତାର ସ୍ନାୟୁଗୁଡ଼ିକ ଅଭ୍ୟସ୍ତ ଶବ୍ଦ-ଚାପର ଅଭାବରେ ଭାରସାମ୍ୟ ହରାଇ ଦୋହଲିଯିବେ । ସେ ହୁଏତ ଆଦୌ ଶୋଇପାରିବ ନାହିଁ । ଅଭ୍ୟାସରେ ଯଦି ଯୋଗ ସମ୍ଭବ, ତେବେ ଫେକ୍ଟରୀ ଭିତରେ ମଧ୍ୟ ସୁଖନିଦ୍ରା ଯିବା ସମ୍ଭବ । ଅନଭ୍ୟସ୍ତର ସଂଘାତ ବିଚଳିତ କରେ ପରିଚିତ ଓ ପୁରାତନର ଅଭାବ ପରି, ଖଟ ତଳେ ଅକସ୍ମାତ୍ ବିରାଡ଼ିର କାନ୍ଦଣା ପରି ।

ସେଭଳି ସାଧକ ହେଲେ ଅଭ୍ୟାସ ବଳରେ ଆଖିରେ ମଟକା ନ ପକାଇ ମଧ୍ୟାହ୍ନ ସୂର୍ଯ୍ୟକୁ ମଧ୍ୟ ଚାହିଁ ହୁଏ । ବୈଶାଖ ଝାଞ୍ଜିରେ ପଞ୍ଚାଗ୍ନି ତପ କରିହୁଏ ବା ଆହାର ସଞ୍ଚମ କରି ଘୋର ଚାନ୍ଦ୍ରାୟଣ ବ୍ରତ ମଧ୍ୟ କରିହୁଏ । ଏଣୁ ଯେତେ ବିକଟ ଶବ୍ଦ ହେଉଥିଲେ ମଧ୍ୟ ଆସ୍ତେ ଅଭ୍ୟାସରେ ପଡ଼ିଯାଏ । ଯେଉଁ ସୂକ୍ଷ୍ମ ସ୍ନାୟୁଗୁଡ଼ିକ ବା ମନର ଯେଉଁ ଖୁବ୍ ନରମ ଚାଇଁଚାଇଁଆ ଭାଜ୍ୟଗୁଡ଼ିକ ଛାରଖାର ହୋଇଯାଉଥିଲେ, ସେଗୁଡ଼ାକ ଦେହଘଷା ମାଖୁନା ହୋଇଯାଆନ୍ତି । ଘଷରା, ବଧିରା, କାଲୁଆ ହୋଇଯାଆନ୍ତି, ଏଣୁ ଆଉ ରକ୍ତସ୍ରାବ ହୁଏ ନାହିଁ । କଅଁଳା ପିଲାର ଯେଉଁ ପାଦ ଯୋଡ଼ିକୁ ଛୁଇଁଦେଲେ ରକ୍ତ ଥୋପିପଡୁଥାଏ, ସେ ଦିନେ ପୁଣି ଗୁଗୁଡ଼ି ପଥର କଣ୍ଟା ଝଣ୍ଟା ମାଡ଼ି ଚାଲିଥାଏ - ସୂକ୍ଷ୍ମ ସ୍ନାୟୁଗୁଡ଼ିକ ସେଠାରୁ ଓହରିଯାଆନ୍ତି ! ଚମଡ଼ା ପ୍ରସ୍ତ ପ୍ରସ୍ତ ପ୍ରତିରକ୍ଷାର କବଚ ପିନ୍ଧି ମୋଟା, ଟାଣୁଆ ବାନ୍ଧିଯାଏ । ସେଇଭଳି ଆମମାନଙ୍କର ଶ୍ରବଣେନ୍ଦ୍ରିୟ - ସହରର ଚିରନ୍ତନ ତୁମୁଳ କୋଳାହଳ ଭିତରେ ବୋମାଟାଏ ନ ଫୁଟିବା ପର୍ଯ୍ୟନ୍ତ କେହି ଆଉ ବିଚଳିତ ହୋଇ ପଛକୁ ଚାହେଁ ନାହିଁ । ସେ ଏ ଶବ୍ଦ ସମୁଦ୍ରରେ ପହଁରୁଥାଏ । ତାକୁ ସେ ଆସ୍ତେ ଗ୍ରହଣ କରିନେଲାଣି । ତାର ଅଭ୍ୟାସରେ ପଡ଼ିଗଲାଣି । ଏସବୁ ଆପଣ ଅଗତ୍ୟା ଶୁଣନ୍ତି । ତତ୍ ସତ୍ତ୍ୱେ କାନପାଖେ ଅଚାନକ ଭାବରେ ଶୁଭେ ''ଶୁଣନ୍ତୁ'' । ସତେବା ଶୁଣିବା ଯଥେଷ୍ଟ ହୋଇନାହିଁ ! ସେ ହୋଇପାରନ୍ତି ସାଇ ନେତା - ଭୋଟ ପୂର୍ବରୁ ପାନ ଚୋବେଇ ପ୍ରଚାର ପାଇଁ ଆସିଛନ୍ତି । କହନ୍ତି - ''ଶୁଣନ୍ତୁ ଏବଂ ଆଉ କାହାକୁ ଶୁଣନ୍ତୁ ନାହିଁ । 'ଅଜଗର' ଚିହ୍ନରେ ମୋଟେ ବିଶ୍ୱାସ କରନ୍ତୁ ନାହିଁ । ସେ କେତେବେଳେ ଗିଳିଦେବ ଜାଣିପାରିବେ ନାହିଁ । ବରଂ 'କୁକୁଡ଼ା' ଚିହ୍ନରେ ଭୋଟ ଦିଅନ୍ତୁ । ସେ କିଛି ଅଣ୍ଡା ଦେଇପାରେ ।'' ତା'ପରେ ନିଜର ଅପୂର୍ବ ବୁଦ୍ଧି କୌଶଳରେ ନିଜେ ବିଭୋର ହୋଇ ସେ ଗୁଡ଼ାଏ ରାସଭ ସ୍ୱର ତୋଳି ହସିଯାଆନ୍ତି । ତାଙ୍କୁ ବଳେଇ ଦେଇ ଆସୁ ଆସୁ ପୁଣି ଶୁଭେ ''ଶୁଣନ୍ତୁ ! - ଆଜି ଆପଣଙ୍କ ଅତି ପ୍ରିୟ ହାରାକିରି ସ୍କୁଲର ବାର୍ଷିକୋତ୍ସବ । ଆପଣଙ୍କ ପିଲାଏ ପଢିବେ । ଆପଣଙ୍କ ସାହାଯ୍ୟ ସହାନୁଭୂତି ବିନା ତା କ'ଣ ସମ୍ଭବ ? ଆପଣ ହିଁ ଆମରି ବରେଣ୍ୟ ଅତିଥି, ଆମର ପୃଷ୍ଟପୋଷକ । ଏଇ ଟିକଟ ରହିଲା, କିଛି ଚାନ୍ଦା ଦେଇ ପକାନ୍ତୁ । ଆପଣ ନିଶ୍ଚୟ ଜାଣିଥିବେ ଆଜିକାଲି ପିଲାଙ୍କ ମନ ନେଇ ଟିକିଏ କାମ ନ କଲେ କିପରି ସେ ଦୁର୍ବୃତ୍ତଗୁଡ଼ାକ ପେଟ୍ରୋଲ ଓ ଦିଆସିଲି ଧରି

Digitized by srujanika@gmail.com

ବୁଲୁଛନ୍ତି ।'' ଯାଙ୍କୁ ମଧ ଆହୁରି ନିରୀହ ଏବଂ ନୀରବ ଭାବରେ ଶୁଣିବାକୁ ହୁଏ । ପୁଣି ଶୁଭେ ''ଶୁଣନ୍ତୁ ! ଆଜି ମତର୍ଣ୍ଣ ଟକିଜ୍‌ରେ ଚାଲିଛି 'ଚୋର' । ''ଚୋର ! ଭୂମିକାରେ ଗନ୍ଧର୍ବୀ ଓ ବିଭୀଷଣ - ସଙ୍ଗୀତ ବେଙ୍ଗାରାମ - ଆସନ୍ତୁ, ଦେଖନ୍ତୁ - କୃତାର୍ଥ ହୁଅନ୍ତୁ'' । କାନପାଖେ ତୁଙ୍ଗା ଫୁଙ୍କି ସେ କିଛି ଘୁଞ୍ଚିଗଲା ପରେ ପୁଣି ଶୁଭେ 'ଶୁଣନ୍ତୁ !'' ''ଚୋପ୍ ! ନେହିଁ ଶୁନେଙ୍ଗେ !'' ଗର୍ଜିଉଠି ଆପଣ ଏଥର ହୁଏତ ଦରଜା ବନ୍ଦ କରିଦିଅନ୍ତୁ । (ହିନ୍ଦୀ ରାଜସିକ ଭାଷା ହୋଇଥିବାରୁ କ୍ରୋଧ ପ୍ରକାଶ ପାଇଁ ପ୍ରଶସ୍ତ, କିନ୍ତୁ ଓଡ଼ିଆ ଏବେ ଘୋର ତାମସିକତାରେ ବୁଡ଼ିଥିବାରୁ ଖାଲି ଅଶ୍ଳୀଳ ପାଇଁ ଉପାଦେୟ !) ଜାଣିପାରନ୍ତି ନାହିଁ ଯେ ଯେଉଁ ବିଚାର ଆସିଥିଲା ସେ ଆପଣଙ୍କ ବନ୍ଧୁ । - ଶୁଣିଥିଲେ ଢେର କାମିକା କଥା ଶୁଣିଥାନ୍ତେ - ଚିନି ଶସ୍ତାରେ କେଉଁଠି ମିଳୁଛି, ଡାଲଡା କିଏ ରଖିଛି ! ନ ଶୁଣି ଯେହେତୁ ଗର୍ଜିଲେଣି ତାକୁ ଜାରି ରଖିବାକୁ ହେବ । ପ୍ରତିଶୋଧ ନେଲାଭଳି ଦାଣ୍ଡଘରୁ କୁହାଟନ୍ତି, ''ଆହେ ଶୁଣିଲଣି - ସେ ଶଳା ଧୋବା ଆଜି ଆସିବ ନାହିଁ, ମୁଁ ଆଜି କ'ଣ ପିନ୍ଧି ବାହାରିବି !'' ଏତିକିବେଳକୁ ହୁଏତ ପତ୍ନୀ ତାଙ୍କ ତରଫରୁ କହୁଛନ୍ତି - ''ହଇହେ ଶୁଣୁଚ, ଆଜିଠଉ ଆଉ ଚା' ମିଳିବ ନାହିଁ । ସେ ଗୋଲାବାଲା କହିପଠେଇଚି ତାର କ୍ଷୀର ଏଣିକି ଆମକୁ ଦେବନାହିଁ ।'' - ଯୋଡ଼ାଏ ଶବ୍ଦ, ଯୋଡ଼ିଏ ସମସ୍ୟା, ଯୋଡ଼ାଏ ଅସହାୟତା, ପିଟାପିଟି ହୋଇ ଘରଟାରେ ଧୂଆଁ ଭରିଯାଏ । ଅନେକ ସମୟରେ ଝରକା ବାଟେ କାନ୍ଥ ସନ୍ଧ୍ୟାରେ ଭିତରକୁ ପହଁରି ଆସେ ବାହାରର ପରିଚିତ ସାଧାରଣ ଶବ୍ଦ ସମୁଦ୍ର । ଭିତରର ରୁନ୍ଧା ଧୂଆଁ ଆସ୍ତେ ଆସ୍ତେ ପାତଳ ହୋଇଯାଏ । ସ୍ୱାଭାବିକ ନିଶ୍ୱାସ ପ୍ରଶ୍ୱାସ ବୋହିଲେ ଅବସ୍ଥା ସମ୍ଭାଳି ହୋଇଯାଏ ।

କିନ୍ତୁ ସମ୍ଭାଳି ହୁଏ ନାହିଁ ଆଉରି ଭିତରର କୋଳାହଳ । ଆପଣଙ୍କର ସମସ୍ତ ଅବିସ୍ମୃତ ଅତୀତରୁ ଗୁଡ଼ିଏ ଭୂତ ରହି ରହି ଚିତ୍କାର କରନ୍ତି । ମନର ରଙ୍ଗମଞ୍ଚ ଉପରେ ପରିଚିତ ଗୁଡ଼ାଏ ଦୃଶ୍ୟ ପୁଣି ଥରେ ଅଭିନୀତ ହୋଇଯାଏ । ଛାୟାବାଜି ପରି ଦୃଶ୍ୟ, କଳ ଗାଉଣା ପରି ଶବ୍ଦ ତରଙ୍ଗ । ପରାଜୟ ପାଇଁ କ୍ଷୋଭ ଅନୁତାପ, ବିଜୟ ପାଇଁ ଉଲ୍ଲାସ ଆନନ୍ଦ କୋଳାହଳ କରି ଉଠନ୍ତି । ଜାଣିଶୁଣି ନିଜ ଚାହିଦା ଅନୁସାରେ ଅନେକ ବଦଳେଇ ନିଆଯାଏ । ସଂଗୁପ୍ତ କାମନା ଗୁଡ଼ିଏ ତାଙ୍କ ସ୍ୱର ମିଶାଇ ଦେବାରୁ ଅତୀତର ଭୂତଗୁଡ଼ିକ ନୂତନ ଭୂମିକାରେ ପୁଣି ଗୁଞ୍ଜରି ଉଠନ୍ତି, ନୂଆ ଢଙ୍ଗରେ ଆହୁରି ବିଭୋର, ଆହୁରି ତନ୍ମୟ କଲାଭଳି ।

ଅତୀତର ଏହି ଇଚ୍ଛାଧିନ ସଂଶୋଧିତ ସଂସ୍କରଣରେ କୌଣସି କାମ୍ୟ ବସ୍ତୁ ଆଉ ଆଙ୍ଗୁଠି ସନ୍ଧାରେ ଗଳିପଡ଼େ ନାହିଁ । କୌଣସି ସୁନ୍ଦରୀ ପ୍ରଣୟ ପ୍ରତ୍ୟାଖ୍ୟାନ କରେ ନାହିଁ । କେହି ଅତର୍କିତ ଭାବରେ ଅପମାନ ଦେଇ ଖସିଯାଇପାରେ ନାହିଁ । ସବୁ ବାଟୁଳି ଲାଖରେ ବାଜେ ।

ଏଣେ କିନ୍ତୁ ଜୀବନର ଘଟଣା ପରମ୍ପରା ପ୍ରତି ମୁହୂର୍ତ୍ତରେ ଅତୀତରେ ଅଜାଡ଼ି ହୋଇଥାଏ । ଆମେ କ୍ରମାଗତ ଭୁଲ୍ କରିଚାଲୁ । ଭବିଷ୍ୟତର ଅଜ୍ଞାତ ଅନ୍ଧାରରୁ ନୂତନ ପରିସ୍ଥିତି ଆସି ହଠାତ୍ ହାବୁଡ଼ିଯାଏ ଏବଂ ମୁଣ୍ଡ ପୋତି ବସିଯିବି ନା କୁଦାମାରି ଡେଇଁଯିବି ଭାବି ସ୍ଥିର କରୁ କରୁ ସମୁଦ୍ର ଲହଡ଼ା ମାଡ଼ିଯାଏ ।

Digitized by srujanika@gmail.com

ଯଦି କେହି କପାଳିଆ ଅଛି ତ ସବୁ ବାଗେଇଗଲା, ପ୍ରତି ଡାଳରେ ଫୁଲ ମୁକୁଳିଗଲା । ନଚେତ୍ ସବୁ ଅବାଗେ ବଙ୍କେଇଗଲା, ଚିନ୍ତାଗ୍ରସ୍ତ କପାଳର କୁଟିଳ ରେଖା ଭଳି - ଫଳ ଅନେକ ବିକ୍ଷୋଭ ଏବଂ ତାକୁ ଚାହିଁ ତୁମୁଳ କୋଳାହଳ । ପରିବାର, ସମାଜ ଏବଂ ବ୍ୟବସାୟର ବିଭିନ୍ନ ବନ୍ଧନୀ ଭିତରେ ଗୁଡ଼ିଏ ବ୍ୟକ୍ତିଙ୍କୁ କେନ୍ଦ୍ରକରି ସହସ୍ର ଚିନ୍ତାମୁଖର ହୋଇଉଠନ୍ତି । ବାହାରର ଟ୍ରାମ୍, ବସ୍, ରେଳଗାଡ଼ିର ସାମୟିକ ବା ଛନ୍ଦହୀନ କୋଳାହଳକୁ ଟପିଯାଏ ସେମାନଙ୍କର ବିଭିନ୍ନ ଶବ୍ଦ । ସେମାନେ କହନ୍ତି ଆମ ଭାଷା, ପ୍ରକାଶ କରନ୍ତି ଆମର ଅସଂଖ୍ୟ ଅଭିଳାଷ । ପ୍ରତ୍ୟେକ କାଠ-କୁଣ୍ଢେଇ ଭିତରେ ଆମ ଆଙ୍ଗୁଠି, ତା' ମୁଣ୍ଡରେ ଆମେ ପିନ୍ଧେଇଥିବା ଟୋପି, ଦେହରେ ଖଞ୍ଜିଥିବା ଜରିଜାମା । - ମନର ରଙ୍ଗମଞ୍ଚ କେତେବେଳେ ଖାଲି ରହେ ନାହିଁ । ବିଭିନ୍ନ ବିଷୟରେ ତାର ସଙ୍ଗ କାମନା କରି ଚିନ୍ତା, କଳ୍ପନା, ଯୋଜନା ବିଭିନ୍ନ ରଙ୍ଗରେ ରଞ୍ଜିତ ହୋଇଯାଆନ୍ତି । ବିଭିନ୍ନ ସ୍ୱରରେ ମୁଖରିତ ହୋଇଯାଆନ୍ତି । ଅତୀତର ସ୍ମୃତି ପରି, ଭବିଷ୍ୟତର ସ୍ୱପ୍ନ ଉପରେ ମଧ୍ୟ ସେଇ ରଙ୍ଗ ମଡ଼େଇ ହୋଇଯାଏ । ସେଇ ସ୍ୱର ଶବ୍ଦାୟିତ ହୁଏ । ଅତୀତର ସୁରକ୍ଷିତ ଯାଦୁଘର ଭିତରେ କିଛି ବଦଳିବା ସମ୍ଭବ ନୁହେଁ, କାଣିଚାଏ ବି ନୁହେଁ । ତଥାପି ସେଇଠି ଅସଂଖ୍ୟ ଅଦଳ ବଦଳ କରିବାକୁ ଅତୃପ୍ତ ବାସନାର ଗୋଟିଏ ତୃପ୍ତ ପଟୁଆର ଚିତ୍କାର କରୁଥାଏ । ଭବିଷ୍ୟତରେ ଅସୀମ ଅନ୍ଧାର ଭିତରେ ସବୁ ବଦଳିଯାଇପାରେ । କିଛି ସ୍ଥିର ନୁହେଁ, ନିର୍ଦ୍ଦିଷ୍ଟ ନୁହେଁ, କାଣିଚାଏ ବି ନୁହେଁ । ତଥାପି ସେଇଠି ପାଖୁଡ଼ା ଗଣି ନିଜର ପଦ୍ମ ଫୁଟାଇବାକୁ ସେଇ ପଟୁଆର ସେହିପରି ଚିତ୍କାର କରେ ।

ଏ ପ୍ରକାର କୋଳାହଳ ତା'ହେଲେ କେବଳ ବାସନା କେନ୍ଦ୍ରରେ ହିଁ ସୃଷ୍ଟି ହୁଏ । ବାସନାର ଇୟତ୍ତା ନାହିଁ ଏବଂ ତାର କୋଳାହଳର ମଧ୍ୟ କଳନା ନାହିଁ । କିନ୍ତୁ ପ୍ରବଳ ଝଡ଼ ବତାସୀର ରୁକ୍ଷତା ଭିତରେ ଖୁବ୍ ରେଶମୀ ଏବଂ ପାତଳ ବଇଁଶୀର ସୁର୍ ଭଳି ଆହୁରି ଗହୀରରେ ସୁରଟିଏ ମଝିରେ ମଝିରେ ଶୁଭେ । 'ଶୁଣନ୍ତୁ, ଏପଟେ ନ ଯାଇ ସେ ପଟେ ଗଲେ ହୁଏତ ଟିକିଏ କଷ୍ଟ ହୋଇପାରେ, କିନ୍ତୁ ଏପଟେ ଦୁର୍ଗତି ଅବଶ୍ୟମ୍ଭାବୀ । 'ଏଇଟା ବିବେକର ସ୍ୱର । ସେ ନିତ୍ୟାନିତ୍ୟ ବସ୍ତୁ ଚିହ୍ନିପାରେ । ସଚ୍ଚୋଟ ଜିନିଷକୁ ଭେଜାଲଠାରୁ ଚିହ୍ନିଦେଇପାରେ । କିନ୍ତୁ ପ୍ରବଳ ବତାସୀ ଏ ସ୍ୱରଟିକୁ ତଡ଼ିନେଇଯାଏ, ବୁଡ଼େଇ ଦିଏ । ଖୁବ୍ କାନେଇଲେ ଶୁଭେ, ଅନେକ ଦିନ ତଳେ ହୁଏତ ବାପା ଏକଥା କହିଥିଲେ, ଅମୁକ ସାର୍ ସେ କଥା କହିଥିଲେ, ସମୁକ ବହିରେ ଆଉ କଥାଟା ଲେଖା ଥିଲା । କେତୋଟି ମୌଳିକ ବିଶ୍ୱାସ ଏବଂ ତା' ପ୍ରତି ସମ୍ମାନକୁ ନେଇ ଏ ବିବେକର ସ୍ୱର ବନ୍ଧା ହୋଇଥାଏ । ତାକୁ ବସି ବିଚାରବୁଦ୍ଧି ଖିଅ ଫିଟାଏ, ସବୁ ଓଲଟପାଲଟ କରି ପରୀକ୍ଷା କରେ । ସପକ୍ଷ ବିପକ୍ଷରେ ଅନେକ ଯୁକ୍ତି ଆଣି ବାଢେ । ଏଇଟା ଆଉ ଗୋଟିଏ ଗହୀର ସ୍ୱର । କୋଳାହଳରେ ମଧ୍ୟ ଏ ଥାଏ । ଜୀବନର ସାଧାରଣ ବେପାର ବଣିଜ ବେଳେ ମଧ୍ୟ ସେ ଶୁଭୁଥାଏ । ତାକୁ ଶୁଣିବା ଲୋକ ବେଶ୍ ପୋଖତ ବୁଝାମଣାର ମଣିଷ । ସବୁ କଥାରେ ଖୁବ୍ ତରକା । ଆଗପଛ, ଛକା ପଞ୍ଝା, ମାରଣ ତାରଣ, ଲାଭ କ୍ଷତି ତଉଲିବା ମଣିଷ ସେମାନେ । ଯୁକ୍ତି-ପ୍ରଧାନ ମଣିଷଙ୍କର ମନ-ମଞ୍ଚରେ ସବୁବେଳେ ଅଦାଲତ ବସିଥାଏ । ଏ ପକ୍ଷ ସେ ପକ୍ଷର ଅନର୍ଗଳ ଯୁକ୍ତି ଓ ପାଟିତୁଣ୍ଡ ଚାଲିଥାଏ ।

Digitized by srujanika@gmail.com

ଉପରେ ସେମାନେ ଖୁବ୍ ନୀରବ ଦେଖାଯାନ୍ତି, କିନ୍ତୁ ଅନେକ କ୍ଳାନ୍ତ ଦେଖାଯାନ୍ତି । ତାଙ୍କ କାନମୁଣ୍ଡାରେ ଶିର ଟାଣି ରହିଥାଏ । ସଂସାର କୋଳାହଳର ଚୁଙ୍ଗା ପଛରୁ ଚିତ୍କାର କରୁଥିବା, ଅଳ୍ପକେ ହସି ଅଳ୍ପକେ କାନ୍ଦିପକାଉଥବା ସାଧାରଣ ଲୋକଗୁଡ଼ିକଙ୍କଠାରୁ ସେମାନେ ଭିନ୍ନ । ତାଙ୍କ ଅଦାଲତରେ ବେଳେବେଳେ ଖାଲି ଚଉକି ଉପରେ ପାକଲାମୁଣ୍ଡିଆ ଗୋଟାଏ ବିଚାରପତି ବସିଯାଏ । ସେ କହେ କମ୍, କିନ୍ତୁ କହେ ନିଷ୍ପତ୍ତି ନେଲାଭଳି । ସେଇଟା ହିଁ ବିବେକ । ତା' ପାଖରେ ମନୁ ଭର୍ତ୍ତୃହରିଠାରୁ ପିଙ୍ଗଳ କୋଡ୍ ପର୍ଯ୍ୟନ୍ତ ପୋଥି ଥାକ ଥାକ ଥୁଆ ହୋଇଥାଏ । ସେଇ ଖୋପ ଭିତରୁ ସମୟ ସମୟରେ ସେ ସ୍ୱର ତୋଳେ । ତା' ପାଖରେ ଚୁଙ୍ଗା ନାହିଁ - ତଥାପି ସେ ଶୁଭେ । ତାକୁ ମାନି ଚଳିଲା ଲୋକଗୁଡ଼ିକ ନୀତିବାନ୍, ବାରପ୍ରକାର କଟକଣା ଭିତରେ ଗତି କରୁଥିବା କୃଚ୍ଛ୍ର ସାଧକ ।

ଏ ସ୍ୱର ମଧ୍ୟ ଅନନ୍ତ କୋଳାହଳର ଗୋଟାଏ ଅଂଶ । ଯାକୁ ମଧ୍ୟ ଆଡ଼େଇ ଚାଲିଯିବାକୁ ଭାରି ଇଚ୍ଛା ହୁଏ, କୋଳାହଳ ଆଡ଼କୁ ବା ଆବେଗର ସମୁଦ୍ର ଆଡ଼କୁ ନୁହେଁ, ଆଉରି ଟିକିଏ ଗହୀରକୁ । କେବେ କେମିତି ସେଇ ନିଝୁମ ପ୍ରଶାନ୍ତ ମହାସାଗରର ଗର୍ଭ ଶୋଷିନେଇଯାଏ । ଘନ ଶୀତଳ ଅନ୍ଧକାର ଭିତରେ ସମଗ୍ର ଗତି ସ୍ତମ୍ଭିତ, ଶବ୍ଦ କୋଳାହଳ ସଂପୂର୍ଣ୍ଣ ସମାହିତ, ବିଲୁପ୍ତ, ସେଠି ଶ୍ରୋତା ନାହିଁ କି ବକ୍ତା ନାହିଁ - ଗୋଟିଏ ମାତ୍ର ଅଖଣ୍ଡୈକ ସତ୍ତା-ପରିପୂର୍ଣ୍ଣ, ଅନାଦ୍ୟନ୍ତ, ଅପ୍ରମେୟ, ଅବିକ୍ରିୟ ! ତା'ର ଅଜ୍ଞାତ କେନ୍ଦ୍ରରେ କେବେ କେମିତି ଗୋଟିଏ ନୀରବ କମ୍ପନ ହୁଏ - ବୋଧହୁଏ ଆଦି କାମନାର କମ୍ପନ ! ସେଇଟା ଶେଷରେ ସହସ୍ର ତରଙ୍ଗରେ, ଅସଂଖ୍ୟ ବେଳାଭୂମିରେ ଫେନାୟିତ ହୁଏ, ଲୀଳାୟିତ ହୁଏ, ଶବ୍ଦାୟିତ ହୁଏ । ଏଣୁ କେବେ କେମିତି ଯଦି ପାରୁଛନ୍ତି ଏ ବିବିଧ କୋଳାହଳର ଅନନ୍ତ ପଶ୍ଚାତ୍‌ରେ ଥରେ ସେ କମ୍ପନକୁ ମଧ୍ୟ ଶୁଣନ୍ତୁ ।

❖❖❖

Digitized by srujanika@gmail.com

ଇତ୍ୟାଦି

ଖୁବ୍ ଗୋଟିଏ ଲମ୍ବା ତାଲିକାର ଉପକ୍ରମ କଲାବେଳେ ସମୟ ସମୟରେ ତାର ଦୁସ୍ତର ଦୈର୍ଘ୍ୟକୁ ଭୟକରି କୌଣସି ଗୋଟିଏ ଆଶ୍ରୟର ଆଶୁ ସନ୍ଧାନ କରାଯାଏ । ନଚେତ୍ ସେପରି ତାଲିକାର ପ୍ରାନ୍ତଦେଶରେ ଦିଗଚକ୍ରପରି ସବୁବେଳେ ଅପସରିଯାଉଥିବା ପୂର୍ଣ୍ଣଚ୍ଛେଦଟିକୁ ଗୋଡ଼େଇ ଗୋଡ଼େଇ ବକ୍ତା ଅଣନିଶ୍ୱାସୀ ହୋଇପଡ଼ିବେ ଏବଂ ଶ୍ରୋତା ତା'ର ବହୁ ପୂର୍ବରୁ କ୍ଳାନ୍ତ ହୋଇପଡ଼ିବେ । ଏପରିସାମୂହିକ ବିପର୍ଯ୍ୟୟର ନିବାରଣ ପାଇଁ ଉଭୟ ଶ୍ରୋତା ଏବଂ ବକ୍ତା ପରସ୍ପର ବୁଝାମଣାରେ ଆଖି ଠାରି ଦିଅନ୍ତି । ବକ୍ତା ତାଲିକାର ଧାରା ଦେଖେଇଦେଇକହନ୍ତି – 'ଇତ୍ୟାଦି' ଏବଂ ଶ୍ରୋତା କହନ୍ତି 'ବୁଝିଗଲି' । ଚମତ୍କାର କାମ ଚଳିଯାଏ । ଯଦି ତାହା କରାନଯାଏ, ତେବେ ଅନନ୍ତ ତାଲିକାର ପ୍ରତ୍ୟେକ ବିନ୍ଦୁ ଗଣନା କରି କରି ବକ୍ତାଙ୍କର ଚାରୋଟି ମୁହଁରେ ଦାଢି ପାଚିଯିବ ଏବଂ ସେ ବିଳିବିଳେଇବାକୁ ଏକ ପ୍ରକାର ବାଧ୍ୟ ହେବେ । ଏଣେ ଶ୍ରୋତା ମହାଶୟ ଶୋଇଯିବେ କୌଣସି କୈଳାସ କନ୍ଦରର ଗୋଟିଏ ହିମାକ୍ତ ଶବ ପରି ।

ସର୍ବମୋଟ ପଞ୍ଚାବନ କି ଷାଠିଏଟି ଋତୁଚକ୍ରର ପରିସୀମା ଭିତରେ ପ୍ରବଳ ଧାଁଦଉଡ଼ ଚାଲିଥିଲାବେଳେ ଅକସ୍ମାତ୍ ଦୁଇଟି ଚିହ୍ନ ମୁହଁ ପରସ୍ପରକୁ ଚାହିଁ ହସିଦିଅନ୍ତି । ଭିଡ଼ି ହୋଇ ପର ମୁହୂର୍ତ୍ତରେ ବିଭିନ୍ନ ଧାରରେ ଭାସିଯିବେ । ବେଳ କାହିଁ କୌଣସି ତାଲିକାର ଅମୂଳଚୂଳ ଶୁଣିବାକୁ ବା ଶୁଣେଇବାକୁ ? ଏଣୁ ସଙ୍କେତ ମାଧ୍ୟମରେ ଅଳ୍ପକେ ଠାରି ଦିଆଯାଏ । 'ଇତ୍ୟାଦି' ନାମକ ମୁଣି ତାଙ୍କ ହାତକୁ ବଢେଇଦେଇ ବାକିତକ ଅନୁମାନ କରିନେବାକୁ ଅନୁରୋଧ କରାଯାଏ । ବୁଦ୍ଧିମାନ୍ ସହଯୋଗ କରନ୍ତି ଏବଂ ଅବୁଦ୍ଧିମାନ୍ ହାଇମାରି ଅଶିଷ୍ଟାଚାର ପ୍ରଦର୍ଶନ କରନ୍ତି ।

କେତେକ ପରମ ବୁଦ୍ଧିମାନ ମଧ୍ୟ ସେଭଳି ପରିସ୍ଥିତିରେ ବିମୂଢ଼ଭାବରେ ହାଇମାରିବାର ଦେଖାଯାଏ । ଯଦି ଆଲୋଚନା କ୍ଷେତ୍ର ସହିତ ତାଙ୍କର ପୂର୍ବରୁ ପରିଚୟ ନାହିଁ, ଯଦି ତାଲିକାଟି ତାଙ୍କର ସଂପୂର୍ଣ୍ଣ ଅପରିଚିତ, ତେବେ ଦୁଇଚାରିଟି ବିଶେଷ୍ୟ ପରେ ଧାଡ଼ି ବଳେଇଦେଇ ମଧ୍ୟ ସେ ଆଉ ପାଦେ ଆଗେଇ ପାରନ୍ତି ନାହିଁ । ଚାଷବାସ ବିଷୟରେ ଖୁବ୍ ବିଜ୍ଞ ମହାଶୟଙ୍କୁ ଏ ବି ସି ଡ଼ି 'ଇତ୍ୟାଦି' କହିଦେଲେ ସେ ବିଚାରା ଆଗକୁ କିଛି ଦେଖିପାରିବେ ନାହିଁ । ଏଣୁ ଦୁଇ ପାଖେ ଖୁବ୍ ଉଞ୍ଚ ଉଞ୍ଚ ପରିଚିତ ଲମ୍ବ ଆମ୍ବ ଗଛ ଥିବା ସୁଦୂର-ପ୍ରସାରୀ ଲମ୍ବା ରାସ୍ତା ପରି ନ ଦିଶି, ଏଇ 'ଇତ୍ୟାଦି' ଶବ୍ଦଟି ତାଙ୍କୁ ଦିଶେ, ସତେ ବା ସେଇଟା ଗୋଟାଏ ଅନ୍ଧାରୁଆ କାନ୍ଥ ! ଅପରିଚିତ

Digitized by srujanika@gmail.com

ଗହଣରେ ସେଇମାନଙ୍କର ପ୍ରତିନିଧିତ୍ୱ କରିବାକୁ ଆସି 'ଇତ୍ୟାଦି' ସ୍ୱୟଂ ହୋଇଯାଏ ଏକ ବିଦେଶୀ ପଦାର୍ଥ । ଶ୍ରୋତା ବିହ୍ୱଳ ହୋଇ ଘଡ଼ିଏ ତାକୁ ଏବଂ ତା' ଆଗରୁ ଥିବା ଚାରୋଟି ଶବ୍ଦରୂପୀ ବିସ୍ମୟଙ୍କୁ ଚାହେଁ ଏବଂ ଓଠ ଲେଉଟେଇ ମୁହଁ ବୁଲେଇନିଏ । ବେଳେବେଳେ ଭାବେ ଯେ ଏ ସବୁ ଜାଣି ନ ପାରିବା ହୁଏତ ତା'ର ଅପାରଗତା, କିନ୍ତୁ ଆଉ ବେଳେ ବେଳେ ଖୁବ୍ ନିସ୍ପୃହ ହୋଇ ଭାବେ ''ହ...ଅ...ଅ, ଗଲା ସେଇଠୁ ନ ଜାଣିଲେ... କ'ଣଟା ଭାସିଗଲା ।'' ଏଇଭଳି ଉଦାସୀନ ଶ୍ରୋତାଙ୍କ ତରଫରୁ ଏ ବିଷୟରେ ବିଶେଷ କିଛି ଆଉ କହିବାର ନାହିଁ । ସେମାନେ ତାଙ୍କ କଣ୍ଟାବାଡ଼ର ଘେର ଭିତରେ ଉଞ୍ଚ ଉଞ୍ଚ ପାଳଗଦା ଆଢୁଆଳରେ ବସିଥାନ୍ତି । ସୂର୍ଯ୍ୟ ମଧ୍ୟ ଅନୁମତି ମାଗି ଉପରକୁ ମୁହଁ ଟେକି ଅଯଥା ଗୁଡ଼ାଏ ହସି ହସି ପରିଚୟ ଯାଚନା ନ କଲା ପର୍ଯ୍ୟନ୍ତ ସେମାନେ ତାକୁ ଥରେ ଚାହିଁ ଚିହ୍ନଟ କରନ୍ତି ନାହିଁ । ରାତିରେ ସୁନା ଗୁଣ୍ଡି ପରି ତାରା ବୁଣି ହୋଇଗଲେ ସେମାନେ ପୁଷମାସିଆ ଗୋଟିଏ ଦି'ଟାକୁ ଚିହ୍ନନ୍ତି । ବାକି ସମସ୍ତେ ନ ଥିଲେ ମଧ୍ୟ ତାଙ୍କର ସେଥିରେ କିଛି ଊଣା ଅଧିକ ହୁଏ ନାହିଁ, ତଥାପି ସେମାନେ ବି ବେଳ ପଡ଼ିଲେ ଠାରି କହନ୍ତି – ତାଙ୍କ ତାଙ୍କ ଭିତରେ ଅନେକ ଉହ୍ୟ ରଖି କଥାବାର୍ତ୍ତା କରନ୍ତି । ଯଥା – ''ମେଳାକୁ ନାଚୁଣୀ ଗାଁରୁ କିଏ ଆସିଥିଲେ କିଓ ?'' ''କିଏ ଆଉ ନ ଆସିଛି ସାଆନ୍ତେ – ଲିଙ୍ଗରାଜ ନରେନ୍ଦ୍ର, ସୁବଳ ମଙ୍ଗରାଜ, ହରିଆ ପାଇକ ଓଗେର୍ ସମସ୍ତେ ।'' ଗାଁରେ ସାତଶ' ଘର ବସ୍ତି – କୁହାଯାଏ ମାତ୍ର ତିନୋଟି ନାଁ – କିନ୍ତୁ ସେଇ 'ଓଗେର୍' ଭିତରେ ଆସିଯାନ୍ତି ଅନେକ । ଓଗେର୍‌ଟି ବହୁ ଅନାମଧେୟଙ୍କର ଜାତିବାଚକ ନାଁଟିଏ । ସେ ସମସ୍ତଙ୍କୁ ସାମୂହିକ ଭାବରେ ତାଲିକାଭୁକ୍ତ କରି ଗୁଡ଼େଇ ପୁଡ଼େଇ ସମସ୍ତଙ୍କ ଆଗରେ ଥୋଇଦିଏ । କେହି ସେ ଗୋଛା ଫିଟେଇବାକୁ ଚାହେଁ ନାହିଁ ଗଣିବାକୁ, ପ୍ରତ୍ୟେକ ବିଶେଷ୍ୟକୁ ଉଚ୍ଚାରଣ କରିବାକୁ ସମୟ ଦିଏ ନାହିଁ ।

ଏହିଭଳି ଖୋଲାଖୋଲି ଅବହେଳା ଏବଂ ଅବଜ୍ଞାରେ ଆଉଜିଯାଇଥିବା ମୂକ ଉଦ୍ଭିଦଗୁଡ଼ିକ୍କୁ, ମାଳଭୂମିର ଅନାମଧେୟ, ଅସଂଖ୍ୟ ପାହାଡ଼ ମୁଣ୍ଡିଆ ଉପତ୍ୟକାଗୁଡ଼ିକ୍କୁ, ଗଙ୍ଗା ପ୍ରବାହରେ ଝାସ ଦେଇ ତାକୁ ପରିପୁଷ୍ଟ କରିଥିବା ସଂଖ୍ୟାହୀନ ନିର୍ଝରଗୁଡ଼ିକୁ, ''ଗଙ୍ଗାଦ୍ୟା ସରିତଃ'' କହିଲାବେଳେ ଗୋଟିଏ ମାତ୍ର ''ଇତ୍ୟାଦି'' ଶବ୍ଦରେ ଘୋଡ଼େଇ ଦିଆହୁଏ । ସେମାନଙ୍କର ଜାତି ସ୍ୱୀକାର କରାଯାଏ । ବର୍ଣ୍ଣ ନିର୍ଦ୍ଦେଶ କରାଯାଏ, କିନ୍ତୁ ସେତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ । ଏ ସଂଖ୍ୟାଗରିଷ୍ଠ ସଂପ୍ରଦାୟ ଗୋଟିଏ ବା ଦୁଇଟି ଅତିକାୟ ଛାଇ ତଳେ ଛପିଯାଆନ୍ତି । କୁଢ କୁଢ ଭୋଟ ଉପରେ ଠିଆହୋଇଥିବା ଗୋଟିଏ ମାତ୍ର ଗଣନେତାଙ୍କ ନାକନିଶ ତଳେ ବୁଡ଼ିଯାଆନ୍ତି ଦଶହଜାର ସ୍ୱାଧୀନ ନାଗରିକ ।

ମୂଳତଃ ଅଜ୍ଞାତ ଏବଂ ଅପରିମେୟର ଚିହ୍ନ ହୋଇ ସୁଦ୍ଧା, ସାଧାରଣ ବ୍ୟବହାରରେ ଏହା କେବଳ ଅଗଣନୀୟ, ହେୟ, ନଗଣ୍ୟର ସଙ୍କେତ ରୂପେ ଦେଖାଦେଇଥାଏ । ସମ୍ବାଦପତ୍ରରେ ବିଶେଷ ବିବରଣୀ ଦେଲାବେଳେ, ଜଣକ ନାଁ ଭୁଲିଯାଇ ବା ଜ୍ଞାତସାରରେ ତାଲିକାରୁ କାଢିନେଇ 'ଇତ୍ୟାଦି' ଭିତରେ ବିଡ଼ା ବାନ୍ଧି ଦିଆଯାଏ । ଭଦ୍ରଲୋକ ସ୍ୱୀକୃତି ନ ପାଇ କ୍ଷୁର୍ଣ୍ଣ ହୁଅନ୍ତି । ଭାବନ୍ତି, ବୋଧହୁଏ ଏ ଇଟାଗଦା ଭିତରୁ ଫିଟି ଆସି ଗୋଟିଏ ପୂର୍ଣ୍ଣାବୟବ ନିଜତ୍ୱକୁ ନେଇ ସେ ଦିବାଲୋକରେ

Digitized by srujanika@gmail.com

ଠିଆ ହୋଇପାରିବେ ନାହିଁ । ପୁଣି ହୁଏତ ଥଣ୍ଡା ମିଜାଜ୍ ବେଳେ ଭାବନ୍ତି ଯେ, ସେ ହାରାମି ପତ୍ରିକାରେ ନାଁ ଟା ନ ବାହାରିଲେ କ'ଣ ତାଙ୍କୁ ଏ ଖଣ୍ଡକଯାକରେ ବଳବନ୍ତ ରାୟ ବୋଲି କିଏ ଭଲା ନ ଜାଣିଚି ? ତାଙ୍କ ଛତା ଯୋତାକୁ ସୁଦ୍ଧା ଏଠା ଲୋକେ ଚିହ୍ନନ୍ତି, ସମ୍ମାନ ଦିଅନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ପରିଧି ଭିତରେ ସେ ଆଉ ଇତ୍ୟାଦି ନୁହନ୍ତି । ଗୋଟାଏ ରଥଯାତିଆ ବିରାଟ ଭିଡ଼ ଭିତରେ ସେ ହଜି ନ ଯାଇ ସ୍ୱତନ୍ତତା ପାଇଁ ସ୍ୱୀକୃତି ପାଆନ୍ତି । ମହାସମୂହ ଭିତରେ ବିଶେଷ୍ୟଟି ସମୁଦ୍ରର ବିନ୍ଦୁ ପରି ଆଉ ହଜିଯାଏ ନାହିଁ, ଲୀନ ହୋଇଯାଏ ନାହିଁ ।

ପରିଧି କିନ୍ତୁ ସେଇଠି ସମାପ୍ତ ହୁଏ ନାହିଁ । ବଢି ଚାଲେ, ବଦଳି ଚାଲେ । ନୂତନ ପରିସର ଭିତରେ ଦୀର୍ଘାୟତନର ଆପେକ୍ଷିକତାରେ ସେ ଆଉ ନିଜକୁ ଜାହିର କରିପାରେ ନାହିଁ । ଦୂରତାର କୁହୁଡ଼ି, ବିସ୍ତୀର୍ଣ୍ଣତାର ଝାପ୍‌ସା ଝାପ୍‌ସା ରେଖା ଓ ରଙ୍ଗ ଭିତରେ କୌଣସି ଗୋଟିଏ ଗଛର ଗୋଟିଏ ପତ୍ରପରି ସେ ହଜିଯାଏ । ସେ ସେଇ ଗହଳ ଭିତରେ ନାଲିଗୁ ହଳଦିଆ ହୋଇଯାଏ । ଖସିଯାଏ ସମସ୍ତଙ୍କର ଅଜ୍ଞାତରେ । ନିଜର ନାମରୂପ କେନ୍ଦ୍ରିତ ବିଶେଷତା ଟିକକ ହରେଇଦେଲେ ସତେ ମଣିଷଟି ନିଜକୁ କେଡ଼େ ଅସହାୟ, କେତେ ବେଶି ଅବହେଳିତ, ମୂଲ୍ୟହୀନ ବୋଧକରେ । ଏଣୁ ଯଦି କୌଣସି ବ୍ୟକ୍ତି ସୁପ୍ରତିଷ୍ଠିତ, ନିଜ ବିଶେଷ୍ୟରେ ସୁପରିଚିତ ବୋଲି ନିଜକୁ ଭାବୁଥାନ୍ତି, ଗୋଟାଏ ମାତ୍ର ପଦରେ ତାଙ୍କର ବ୍ୟକ୍ତିତ୍ୱ ସଂହାର କରାଯାଇପାରେ । ସେ ସାଂଘାତିକ ଶବ୍ଦଟି ହେଲା 'ଇତ୍ୟାଦି' । ଅମୁକ ସମୁକ ଗମୁକ ବାବୁଙ୍କ ଭିତରେ ରାମା ଶାମା ଦାମାଙ୍କୁ ସ୍ୱୀକୃତି ଦେଇ ତାଙ୍କୁ 'ଇତ୍ୟାଦି' ଭିତରକୁ ପେଲିଦେଇ ବୈତରଣୀ ଆରପାରିକୁ ପେଲିଦେଲାଭଳି । ଆପଣ ହୁଏତ 'ଇତ୍ୟାଦି'ର ଘୋର ଅବଜ୍ଞା ଜନ୍ମା ସହିପାରିବେ ନାହିଁ ।

କିନ୍ତୁ ବିଶ୍ୱାସ କରନ୍ତୁ, ପଞ୍ଚାଏ ତାରି ଭିତରେ ଯତ୍ନ ସହକାରେ ବୁଡ଼ି ରହିବାକୁ ଚାହାନ୍ତି । ପକେଟମାରୁ ପାଇଁ ଜନତା ଗହଳିରେ ମିଶିଯିବା ତା'ରି ନିରାପତ୍ତା ଦୃଷ୍ଟିରୁ ଅନ୍ତତଃ ନିତାନ୍ତ ପ୍ରୟୋଜନ । ଗୋଇନ୍ଦା ପାଇଁ ମଧ୍ୟ ତା'ର ଅସାଧାରଣତ୍ୱ ହରାଇ ଏଇ 'ଇତ୍ୟାଦି' ଲୁଚିଯିବା ସେହିଭଳି ଏକ ପ୍ରୟୋଜନ । ବୃତ୍ତି ଦୋଷରୁ ବା ଗୁଣରୁ ଏମାନେ ଅମୁକ ବା ସମୁକ ହେବାକୁ ଚାହାନ୍ତି ନାହିଁ । ସମୂହ ଭିତରେ ବୁଡ଼ିନଗଲେ ତାଙ୍କ ଧନ୍ଦା ଚଳେ ନାହିଁ । ନିଆଁ ଲିଭାଳି ଗାଡ଼ି ଭଳି ଘଣ୍ଟା ପିଟି ପିଟି ସେମାନେ ଯାତାୟାତ କରିପାରିବେ ନାହିଁ । ଯାତ୍ରାର ରାବଣ ପରି ନିଶ ମୋଡ଼ିଥିବା ମୁଖା ପିନ୍ଧି ଗୋଇନ୍ଦା ନିଜର ନାମ ଓ ଠିକଣା (ଆସିଲି ମୁଁ ଦଶାନନ, ଲଙ୍କାର ରାଜା ରାବଣ) ବଡ଼ ପାଟିରେ ବୋଲି ବୋଲି ଯଦି ରାସ୍ତାକୁ ବାହାରନ୍ତି, ତାହା ତାଙ୍କର ବୃତ୍ତିବିରୋଧ ହେବ । ଏଣୁ ସାଧାରଣଙ୍କର 'ଇତ୍ୟାଦି' ସଂଜ୍ଞା ଭିତରେ ଏମାନେ ଲୁଚି ବୁଲିବା କେବଳ ଯେ ବାଞ୍ଛନୀୟ ତା' ନୁହେଁ, ଅନିବାର୍ଯ୍ୟ ମଧ୍ୟ । ଏହି ସଂଜ୍ଞାଟି ସେମାନଙ୍କର ରକ୍ଷାକବଚ, ତାଙ୍କର ଅତି ପ୍ରୟୋଜନ ଆବରଣ, ଆତ୍ମରକ୍ଷାର ବିରାଟ ପାଚେରୀ ।

କିନ୍ତୁ ଯେଉଁ ବିଶିଷ୍ଟ ଆଲେକ୍‌ଜାଣ୍ଡାରମାନେ ଏ ତମ୍ବୁ ତଳେ ସମ୍ଭେଇ ପାରନ୍ତି ନାହିଁ ଏବଂ ମର୍ମର ବେଦୀ ଉପରେ ଚଢି ବହୁ ଉଚ୍ଚରୁ ଗର୍ଜନ୍ତି, ସେ 'ଅଣ ଇତ୍ୟାଦି'ମାନେ ବିଚାରା, ଠିକ୍

Digitized by srujanika@gmail.com

ବୁଝିଲେ ଗୁଡ଼ିଏ ଦୟନୀୟ ଜୀବ । ତାଙ୍କ ଉପରେ ଧଣ୍ଡାମାଳ ଲମ୍ୱେଇଦିଆହୁଏ ସତ, କିନ୍ତୁ ଚାରିପଟେ ଅଗଣତି ପଟୁଆର ଖଞ୍ଜିହୋଇଥାନ୍ତି । ତାଙ୍କର ହସିବା, କାଶିବା ଓ ମୁହଁ ମୋଡ଼ିବାର ଆଲୋକଚକ୍ର ଏବଂ ବିଶେଷ ବିବରଣୀ ବାହାରୁଥାଏ । ସେ ଯେଉଁଠି ପହଞ୍ଚିବେ ତତ୍‌କ୍ଷଣାତ୍ ସେଇଠି ଜରୁରୀ ପରିସ୍ଥିତିରେ ସମସ୍ତେ ବେଶଭୂଷା ଆଚାର ବ୍ୟବହାରରେ ପରିବେଶକୁ ସମ୍ମାନଜନକ କରିନେବେ । ସ୍ୱାଭାବିକ ଭଙ୍ଗୀରେ ଆଉ ସେ ସଂସାରକୁ ଚାହିଁପାରିବେ ନାହିଁ । ତାଙ୍କ ଆଖି ପଡ଼ିବା ମାତ୍ରେ ସବୁ ଅସ୍ୱାଭାବିକ । ଚଳେ ଚହ୍ଲା ପାଣିପରି ଦୁଧ ହାଣ୍ଡିରେ ଯେଉଁଠିକୁ ଗଲେ ମଧ, ସବୁ ଖଣ୍ଡ ଖଣ୍ଡ ହୋଇ ଛିଣ୍ଡିଯିବାର ସେ ଦେଖିବେ । ତାଙ୍କୁ ଦେଖିବାକୁ କିନ୍ତୁ ବହୁ ଭିଡ଼ । ସେହିଭଳି ସାଇବେରିଆରୁ ନୂଆ ଆସିଥିବା କସରା ଭାଲୁ ଯନ୍ତା ଭିତରେ ହାଉଳି ହେଲାବେଳେ ଲୁହାବାଡ଼ ଏପଟେ ଚାରିଅଣିଆ ଅସଂଖ୍ୟ ଟିକଟ୍‌ଧାରୀଙ୍କର ମଧ ଭିଡ଼ । ଅବଶିଷ୍ଟ ହେବାରେ, ସମ୍ପୂର୍ଣ୍ଣ ଅପରିଚିତ ହେବାରେ ଯେଉଁ ଗୋଟାଏ ରୋମାଞ୍ଚକର ଆନନ୍ଦ ଅଛି ସେଥିରୁ ସେମାନେ ବଞ୍ଚିତ ।

ପକେଟ୍‌ମାରୁ ବା ଗୋଇନ୍ଦା ନହୋଇ ମଧ ବହୁ ଭଦ୍ରଲୋକ ଅପରିଚିତ 'ଇତ୍ୟାଦି' ଭିତରେ ଆସିଯାଆନ୍ତି । କେହି କାହା ବିଷୟରେ କହିଲେ କେବଳ କହେ - ''ସେ ଯେଉଁ ଡେଙ୍ଗା ହୋଇ ଭଦ୍ରଲୋକ, ଆଖିରେ ଚଷମା, ସରୁ ସରୁ ନିଶ, ତାଙ୍କ ଧୂସର ରଙ୍ଗର କୋଟରେ ଦୁଇପତ୍ରଥିବା ଗୋଟିଏ ଗୋଲାପି କଢ, ତାଙ୍କ ଶାନ୍ତିନିକେତନର ସୟରୀ ଯୋତା, ସେଇ''- ବାଃ କେବଳ ସେଇ ଧତଡ଼ା ନାଁ ଓ ଡାକଘରୀ ଠିକଣାଟା ଯୋଡ଼ା ହୋଇଥିଲେ କ'ଣ ପରିଚୟଟା ଯାଠାରୁ ଆଉ ଚମତ୍କାର ହୋଇପାରିଥାନ୍ତା ? ଭଦ୍ରଲୋକଙ୍କର ଆପାଦମସ୍ତକ ସମସ୍ତ କେନ୍ଦ୍ର ବିଶେଷ୍ୟରେ ଝଟକି ଉଠେ । ତାଙ୍କ ଲୌକିକ ପରିଚୟର ସମ୍ଭାବନା ପରିସର ମଧ ବିସ୍ତୃତ ହୋଇଯାଏ । ସେ ହୋଇପାରନ୍ତି କଟକ ହାଇକୋର୍ଟର ବଡ଼ ଓକିଲ ଅମୁକ ଦାଶ, ସମୁକ କମ୍ପାନୀର ଜେନେରାଲ ମ୍ୟାନେଜର ତମୁକ ରାଜନ୍ । ଅପରିଚିତ ଆଲଫ୍ରେଡ୍ ପିଠା ପୋଡ଼ିଦେଇ କୃଷକପତ୍ନୀଠାରୁ ଗାଳି ଶୁଣିବାରେ ମଧ ଗୋଟାଏ ପ୍ରକାର ଅବିଶିଷ୍ଟର ଆମୋଦ ଅଛି, ଯାହା ହାତୀ, ଛତି ପଟୁଆର ଭିତରେ ବା ଫୋଟକା ଫାନୁସ୍ ବଇରଖ ଭିତରେ ନାହିଁ । ସେଇଟା କେବଳ ସାଇବେରିଆ କସରା ଭାଲୁର ଯନ୍ତା ।

ଏପ୍ରକାର ହାଉହାଉ ବିଶିଷ୍ଟତାର ହାଟ ଭିତରୁ ଅଣନିଃଶ୍ୱାସୀ ହୋଇ, କେତେକ ଛଦ୍ମବେଶରେ ଗଳିଆସନ୍ତି ସାଧାରଣ ପରିସର ଭିତରକୁ । ସେଇଠି ଉଦ୍ଭିଦପରି ସହଜ ନିଶ୍ୱାସ ନେଲାବେଳେ ବା ରାସ୍ତା କଡ଼ରେ ଠିଆହୋଇ ନିଶ୍ଚିନ୍ତ ପାନ ଚୋବାଇଲାବେଳେ ସାମ୍ବାଦିକ ଘେରିଯିବାର ଆଶଙ୍କା ନ ଥାଏ । ତାଙ୍କର ଅତି ବ୍ୟକ୍ତିଗତ ଜୀବନରେ କୌତୂହଳୀ ଅନୁପ୍ରବେଶକାରୀ ମୁହଁ ଗଳେଇ ଅନେଇବାର ନ ଥାଏ । ବିଲାତ ରାଣୀଙ୍କର ପ୍ରସୂତି ପାଖରେ ଗୋଟାଏ ପ୍ରଧାନମନ୍ତ୍ରୀ ଜଗିରହିବାର ଦୁଃସହ ଅଶିଷ୍ଟାଚାର ପାଇଁ ପ୍ରୟୋଜନ ନ ଥାଏ । ସେମାନେ ବିଶିଷ୍ଟତାର ତୁଙ୍ଗିମାରେ ଗୋଟିଏ ଲେଖାଁ ଜାତୀୟ ପଦାର୍ଥରେ ପରିଣତ ହୋଇଯାଆନ୍ତି । ନିଜେ ନିଜର ନିବୁଜ ସ୍ୱାତନ୍ତ୍ର୍ୟରେ ବଞ୍ଚିବାର ଅଧିକାର ଆଉ ସେମାନଙ୍କର ନ ଥାଏ । ସେଭଳି ଉତପ୍ତ ରଙ୍ଗମଞ୍ଚରେ ଅନବରତ ଦଶମୁଣ୍ଡିଆ ମୁଖା ପିନ୍ଧି ବାରହାତ ଖଣ୍ଡା ଚମକେଇବା କିମ୍ୱା ଚିଡ଼ିଆଖାନାର କସରା ଭାଲୁପରି ସର୍ବସମକ୍ଷରେ ଶୋଇବା,

Digitized by srujanika@gmail.com

ଖାଇବା, ସନ୍ତାନ ପ୍ରସବ କରିବା ଅତି ଦୁଃସହ ଜୀବନ । ଦେବତା ମଧ୍ୟ ସେଇଠି ଛାଟିପିଟି ହୋଇ ପଳେଇବେ ।

ସତକୁ ସତ ବୋଧହୁଏ ସେମାନେ ପଳାନ୍ତି । ସେ ମହକିବେ ବୋଲି ତାଙ୍କ ଉପରେ ଯେପରି ବୋଝ ବୋଝ କାକର ଫୁଲ ଆମେ ଲଦିଦେଇଯାଉ, ସେ ଝଟକିବେ ବୋଲି ତାଙ୍କ ମୁଣ୍ଡରେ ଯେତେ ଓଜନର ସୁନା ମୁକୁଟ ଆମେ ବାନ୍ଧିଦେଉ, ସେ ଶୁଦ୍ଧ ହେବେ ବୋଲି ତାଙ୍କୁ ଯେମିତି ଆଠ ଦଶଥର ସ୍ନାନ କରାଉ, ହାଣ୍ଡି ହାଣ୍ଡି ଚନ୍ଦନ ସିନ୍ଦୂର ବୋଳୁ ଏବଂ ବାରମ୍ବାର କରି ମଇଲମ ଲେପନ କରୁ, ସେଥିରେ ସେ ପଥରଗୁମ୍ଫା ଭିତରୁ ସଜ ଉଣ୍ଡି ପଳେଇବା କିଛି ବିଚିତ୍ର ନୁହେଁ । ଗୀର୍ଜା ମଣ୍ଡପରେ କ୍ରୁଶବିଦ୍ଧ ଦେବଶିଶୁଟିକୁ ଆମେ ଛକି ବସିଥାଉ । କାଳକ୍ରମେ କୌଣସି କଣ୍ଟା ହୁଗୁଳିଲେ ତାକୁ ଯତ୍ନ ସହକାରେ ପୁଣି ପିଟିଦେଉ । ପ୍ରତିମା ଦେହରୁ ରକ୍ତ ଝରାଇବାର ପ୍ରୟାସରେ ପ୍ରତି କଣ୍ଟା ମୂଳରେ ରଙ୍ଗବନକରେ ଚିତ୍ର କରିଦେଉ । ଆମେ କୁଆଡ଼େ ଭକ୍ତ ! - ଏବଂ ରୋମିଓ ଘାତକଙ୍କଠାରୁ ଭିନ୍ନ !! ଏଣୁ ବୋଧହୁଏ କୌଣସି ଅଜ୍ଞାତ ନଈକୂଳରେ ଗାଈଗୋଠ ମେଲିଦେଇ ନିର୍ଜନରେ ବଇଁଶୀ ଫୁଙ୍କୁଥିବା କାଳିଆ ଗଉଡ଼ ଟୋକାଟି ଆଉ କେହି । ଅଜ୍ଞାତ ପ୍ରାନ୍ତରରେ ହଜିଲା ହଜିଲା ଆଖିରେ ଉପରକୁ ଚାହିଁଥିବା ତମ୍ବାରଙ୍ଗର ସେଇ ଇହୁଦୀ ମେଷପାଳକଟି ଆଉ କେହି । କଥିତ ଅଛି ଦେବତାମାନେ ଆମ ଗହଣରେ ଛଦ୍ମବେଶରେ ବିଚରଣ କରୁଥାନ୍ତି, ନିରାସକ୍ତ ମହାପୁରୁଷମାନେ ଅନାମଧେୟ ଜନଗହଳିର ଇତ୍ୟାଦି ସଂଜ୍ଞା ଭିତରେ ତପଶ୍ଚରଣ କରୁଥାନ୍ତି । ତାରକିତ ଆକାଶରେ ମାତ୍ର କେତୋଟି ଜ୍ୟୋତିଷ୍କଙ୍କୁ ଚିହ୍ନଟ କରିସାରି ଆମେ ଯେତେବେଳେ 'ଇତ୍ୟାଦି' କହିଦେଉ, ମହାଶୂନ୍ୟର ଅନନ୍ତ ଗର୍ଭରେ ଅତିମାନନୀୟ ଏବଂ ମହନୀୟ ଅସଂଖ୍ୟ ଜ୍ୟୋତିଷ୍କ ଆମ ଦୃଷ୍ଟିର ଅନ୍ତରାଳରେ ଛଦ୍ମବେଶୀ ସମ୍ରାଟ ପରି ମୁଚୁକି ମାରୁଥାନ୍ତି । 'ଇତ୍ୟାଦି'ର ଅତି ଗମ୍ଭୀର ଏବଂ ଉଦାର ପରିସର ଦେଖି ସସଂଭ୍ରମେ ଆମେ ଓହରି ଆସୁ । ଆଉ ଥରେ ତାକୁ ବ୍ୟବହାର କରିଦେବା ପୂର୍ବରୁ କୁଣ୍ଠା ସଙ୍କୋଚରେ ଦ୍ୱିଧାଗ୍ରସ୍ତ ହୋଇଯାଉ ।

ତଥାପି ବ୍ରହ୍ମସୂତ୍ରକାର ''ଜନ୍ମାଦି ଅସ୍ୟ ଯତଃ'' କହି ସଙ୍କେତ ଦିଅନ୍ତି । କାରଣ କ୍ଲୃପ୍ତ ସୂତ୍ରର ପରିସର ଭିତରେ ବିଶଦିକରଣର ଅବକାଶ ନଥାଏ । ପରମ ଭାଷ୍ୟକାର 'ଘଟପଟାଦି' କହି ଇଙ୍ଗିତ କରିଦିଅନ୍ତି, କାରଣ ସମୁଦ୍ର ଲଙ୍ଘନବେଳେ ମୈନାକକୁ କେବଳ ସ୍ପର୍ଶ କରି ଚାଲିଯିବାହିଁ ସମ୍ଭବ । ଉଭୟ ପକ୍ଷ ଯଦି ସମାନ ଭାବରେ ପରାକ୍ରମୀ, ତେବେ ଧନୁରେ ଗୁଣ ଚଢାଇବା ଭିତରେ ଅଠର ଅଧ୍ୟାୟ ବ୍ରହ୍ମବିଦ୍ୟା ଆଲୋଚନା ହୋଇଯାଇପାରେ, ଘନିଷ୍ଠ ସମ୍ପର୍କବଶାତ୍ ସଙ୍କେତର ପରିଚିତ ମୁଦ୍ରା ମାଧ୍ୟମରେ ଅନେକ କଥା କହିଦିଆଯାଇପାରେ । ସେପରି ସ୍ଥଳେ 'ଇତ୍ୟାଦି' ଅଧିକାଂଶ ପ୍ରସଙ୍ଗରେ ଉହ୍ୟ ପୂରଣ କରିଚାଲିଥାଏ । ବୁଝାମଣାରେ ଅନ୍ଧାରୁଆ କାନ୍ଥ ଦେହରେ ଝୁଣ୍ଟି ପଡ଼ିବାର ଆଉ ଆଶଙ୍କା ନ ଥାଏ ।

'ଇତ୍ୟାଦି'ର ଦିଗନ୍ତବ୍ୟାପୀ ସମୁଦ୍ର ଭିତରେ ଶୀକର ବିନ୍ଦୁମାନଙ୍କୁ ଗଣନା କରିବାର କିଛି ପ୍ରୟୋଜନ ନାହିଁ । ଆସନ୍ତୁ ଆମେ ସମସ୍ତେ ପରସ୍ପର ସହିତ ଗୁନ୍ଥି ହୋଇ ଗୋଟାଏ ନିୟମିତ

Digitized by srujanika@gmail.com

ଛନ୍ଦରେ ଝୁଲୁଥିବା । ସେଥିରେ ହୁଏତ ଗୋଟାଏ ଲହଡ଼ି କିଛି ସମୟ ଉପରକୁ ଫୁଲିଉଠି ବେଳାଭୂମିକୁ ଅଧିକାର କରିନେବ । କେତୋଟି ଶୀକର ବିନ୍ଦୁ ଉତ୍‌କ୍ଷିପ୍ତ ହୋଇ ସପ୍ତରଙ୍ଗର ବୈଶିଷ୍ଟ୍ୟରେ ଝଟକିବେ । ତା'ପରେ ସେମାନେ ଖସିବେ, ଲହରି ଫେରିଯିବ ସାଗର ଗର୍ଭକୁ । ସାତଲହଡ଼ା ସେପାରିରୁ ଅବଶିଷ୍ଟ ଇତ୍ୟାଦି ଭିତରେ ଠିଆହୋଇ ଏ ପହଣ୍ଡି ବିଜୟ ଦେଖିବାରେ ଆପଣଙ୍କର କିଛି ଆପତ୍ତି ଅଛି କି ? ସପ୍ତରଙ୍ଗର ଦୃଷ୍ଟାରେ ଆପଣ ଡେଇଁପାରନ୍ତି, କିନ୍ତୁ ମନେରଖନ୍ତୁ ଏଇ ଗହଳି ଭିତରେ ହୁଏତ ସେ ଗଉଡ଼ ଟୋକା ଆପଣଙ୍କ ପାଖେ ପାଖେ ମୁରୁକି ମାରୁଛି । ହୁଏତ ଆପଣ ସେ ମେଷପାଳକଙ୍କ ଦେହରେ ଘଷିହୋଇ ଠିଆରହିଛନ୍ତି । ଏଣିକି ଆପଣଙ୍କ ଇଚ୍ଛା - ''ଯଥେଚ୍ଛସି ତଥା କୁରୁ ।''

❖❖❖

Digitized by srujanika@gmail.com

ସଞ୍ଚୟର ପ୍ରତିପକ୍ଷ

ରାଜଦ୍ରୋହ ଅପରାଧରେ କ୍ରମ୍‌ୱେଲ୍‌ଙ୍କ କଙ୍କାଳକୁ ଫାଶିକାଠରେ ଝୁଲେଇ ଦିଆଯିବାର ଦୃଷ୍ଟାନ୍ତ ବିଲାତୀ ଇତିହାସରେ ରହିଛି । ସେ ବିଚାରା ପୁଣି ସେ ଦେଶର ପ୍ରଥମ ଉଲ୍ଲେଖଯୋଗ୍ୟ ଗଣନେତା । ସେଇଭଳି ଦେଶ ନାଁରେ ଜୁଲିୟସ୍ ସିଜର୍‌ଙ୍କୁ ବ୍ରୁଟସ୍ ପରି ବନ୍ଧୁ ମଧ୍ୟ ନିଃସଙ୍କୋଚ ହତ୍ୟା କରିଥିବାର ଦୃଷ୍ଟାନ୍ତ ରହିଛି । ସେ ବିଚାରା ପୁଣି ଜାତୀୟତାର ସୁରକ୍ଷା ପାଇଁ କୁଆଡ଼େ ତିନିଥର ରାଜମୁକୁଟ ପ୍ରତ୍ୟାଖ୍ୟାନ କରିଥିଲେ । ଅତଏବ ଯଦି କେତେବେଳେ ବ୍ୟକ୍ତିଟିଏ କୌଣସି କାରଣରୁ ଅତିକାୟ ଦେଶର ମୁହାଁମୁହିଁ ହୋଇଗଲା, ସେ ଯେତେ ବଡ଼ ପ୍ରତିଭାଶାଳୀ ହୋଇଥାଉ ପଛେ ସେ ଯେ କେବଳ ବିଚାରାଟିଏ, ଏଥିରେ ସନ୍ଦେହ ନାହିଁ । ଏଭଳି ପରିସ୍ଥିତିରେ ଯଦି ଯୋଜନାବଦ୍ଧ ଦେଶର ମୌଳିକ ଅର୍ଥନୀତିରେ ବିରୋଧ କଲାଭଳି ସେ କିଛି କହିଦିଏ ତେବେ ଏ ବିଚାରା ଲେଖକର ନିରାପତ୍ତା ପାଇଁ କ'ଣ କିଏ ଦାୟୀ ହୋଇପାରେ ? ତା'ର ଅପରାଧ ସକାଶେ ବରଂ ତାକୁ ଉପର୍ଯୁପରି ସାତଥର ଫାଶୀଦଣ୍ଡ ଦେବାକୁ ସାହି ସାହିରେ ବିଚାରପତି ବାହାରିପଡ଼ିବେ । ସବୁ ବନ୍ଧୁ ମିଶି ତାକୁ ଛୁରା ମାଡ଼ରେ ହତ୍ୟା କରିଦେବେ । ତଥାପି ଭାରତୀୟ ସଂବିଧାନର ଜୟ ହେଉ ! ତା'ରି ବଳରେ କାର୍ଯ୍ୟତଃ ମୁଁ ଯାହା କଲେ ସୁଦ୍ଧା ଯେ କୌଣସି ମତ ପୋଷଣ କରିବାରେ ମୋର ସ୍ୱାଧୀନତା ଅଛି ଏବଂ ସ୍ୱାଧୀନତା ଅଛି ତାକୁ ନିଃସଙ୍କୋଚ ପ୍ରକାଶ କରିବାରେ ।

ଆପଣଙ୍କର ସଞ୍ଚୟ ନୀତି, ଆଜ୍ଞା, ମୋତେ ଜମା ସୁହାଉନାହିଁ । ଅବଶ୍ୟ, ମୁଁ କାଳେ କୌଣସି ଦଣ୍ଡନୀୟ ଅପରାଧ କରିଦେବି ଏଇ ଭୟରେ ପୁଞ୍ଜାଏ ଠୁଣ୍‌ବାକ୍‌ସ ଆଣି ସେଥିରେ ପଇସା ଗଳେଇବାକୁ ପିଲାଙ୍କୁ ଉପଦେଶ ଦେଇଛି । ତାଙ୍କୁ ଉତ୍ସାହିତ କରିବାକୁ ନିଜେ ମଝିରେ ମଝିରେ କିଛି ଗଳେଇଥାଏ ମଧ୍ୟ । ମୁଁ ଜାଣେ ଆପଣ ଅହରହ ଚେଷ୍ଟା କରୁଛନ୍ତି କିପରି ଏ ଭୂମିରେ ଗୋଟିଏ ଦେଶଦ୍ରୋହୀକୁ ଜାଲ ପାତି ଧରିପାରିଲେ ତାକୁ ଫାଶୀ ଦେଇପକାନ୍ତେ, କିନ୍ତୁ ହା-ହତୋଽସ୍ମି ! ଏଠି ସଚ୍ଚୋଟପଣିଆରେ ହିମାଳୟର ଶିଖାଯାକ ଧଳା । ସଚ୍ଚୋଟପଣିଆର ନିଃସ୍ୱାର୍ଥ ଧାର ସ୍ୱଚ୍ଛ ଗଙ୍ଗା । ଏଠି କ୍ଷୁଧିତ ଜନତାଙ୍କୁ ଆହାର ଯୋଗାଇବାକୁ ଗଣନେତାଙ୍କ ପ୍ରାଣ କାନ୍ଦିଉଠେ । ଜରୁରୀ ପରିସ୍ଥିତି ସମ୍ଭାଳିବାକୁ ବାଲି ମିଶୁ, ଗୋଡ଼ି ମିଶୁ, କିଛି ଚାଉଳ ତାଙ୍କ ମୁହଁରେ ପହଞ୍ଚେଇଦିଆହୁଏ । ପାରାପରି କିଛି ଗୋଡ଼ି ଗିଳିପାରିଲେ ମଧ୍ୟ ପାକକ୍ରିୟା ଖୁବ୍ ତେଜିଯାଏ । ... ବିଚାରା ଗୋଇନ୍ଦା ବିଦେଶରୁ ଆସି କାଗଜ ଖଣ୍ଡିଏ ପାଇଁ ଏତେ ଧନ୍ଦିହେଲାଣି । ତା'ର ପୁଣି ପିଲାପିଲି ଅଛନ୍ତି, ସଂସାର ଅଛି । ସେଖଣ୍ଡ ପ୍ରତିରକ୍ଷା ଦପ୍ତରରୁ କାଢ଼ି ଦେଇଦେଲେ ଆମର କ'ଣ କାଗଜ ଊଣା ହୋଇଯିବ ।

Digitized by srujanika@gmail.com

ସେମାନେ ଯୁବକ । ତାଙ୍କର ଟିକିଏ ଉଚ୍ଛୃଙ୍ଖଳ ହେବାପାଇଁ ଗୋଟାଏ କ'ଣ ବିଧିବଦ୍ଧ କାରଣ ଦରକାର ? ହଠାତ୍ ଅଦିନରେ ଦୀପାବଳୀପାଇଁ ତାଙ୍କର ଇଚ୍ଛା ହେଲା । ସେମାନେ ଦି' ଚାରିଟା ଗାଡ଼ି ବା ରେଳଡବା ପୋଡ଼ିଦେଇ ତାଳିମାରି ନାଚିଲେ । ସେଥିରେ କ'ଣ ଏମିତି ସରିଗଲା ? ଦେଶର ଭବିଷ୍ୟତ ଯେଉଁମାନେ ତାଙ୍କର ମନସ୍ତାତ୍ତ୍ୱିକ ସନ୍ତୋଷ ପାଇଁ ଏତିକି କ'ଣ ଦେଶ ଦେଇପାରିବ ନାହିଁ ? ଆମେ କୁଆଡ଼େ ଯୁବରାଜମାନଙ୍କର ସନ୍ତୋଷ-ବିଧାନପାଇଁ ତାଙ୍କର ବିବିଧ ଇଚ୍ଛା ପୂରଣ କରୁଥିଲୁ । ଏବେ ଯଦି ଆମ ଯୁବକ-ସଂପ୍ରଦାୟ ଇଚ୍ଛା ଅନୁସାରେ ତାଙ୍କର ଅଯାଚିତ ପ୍ରେମଦାନରେ କୌଣସି ଅନୂଢ଼ା କନ୍ୟାକୁ ସମ୍ମାନିତା କଲେ ଆପଣ ତାକୁ ବଳାତ୍କାର ଅପରାଧ ବୋଲି କହିବା ଅନ୍ୟାୟ ନୁହେଁ କି ?

ଏଣୁ ଆଜ୍ଞା, ଆପଣ ଏ ନିମକସଚ୍ଚା ଦେଶରେ କାହୁଁ ଗୋଟିଏ ଦେଶଦ୍ରୋହୀ ଯୋଗାଡ଼ କରିପାରିବେ କହୁନାହାନ୍ତି ? ଆପଣ ସେ ହେତୁ ଜଗିଛନ୍ତି ମୋର ଠୁଣ୍‌ବାକ୍‌ସରେ ଶବ୍ଦ ହେଉଛି ନା ନାହିଁ । ତେଣେ ଫାଶିକାଠ ସଜିଲ୍ କରି ରଖିଛନ୍ତି । ଦେଶଦ୍ରୋହ ଅପରାଧରେ ସାତଥର ଝୁଲେଇବେ । ବିଶେଷ ଶାସ୍ତ୍ରପ୍ରବେଶ ଥିଲେ କିମ୍ବା ଏ ପୁଣ୍ୟ ଭୂମିରେ କିଛି ଗୁରୁକୃପା ଲାଭ କରିପାରିଥିଲେ ନିଜକୁ ସାନ୍ତ୍ୱନା ଦେବାକୁ କହିଥାନ୍ତି, 'ନ ହନ୍ୟତେ ହନ୍ୟମାନେ ଶରୀରେ' । କିନ୍ତୁ ତାହା ହୁଏ ନାହିଁ । ଆପଣଙ୍କ ଭୟରେ, ମୃତ୍ୟୁ ଭୟରେ ଏ ଦୁଃସ୍ଥ ପୀଡ଼ିତ ଜୀବନର ଦଉଡ଼ିଟି କାଳେ ଛିଣ୍ଡିଯିବ, ଏ ଭୟରେ, ଭିତରୁ ଯେତେ ବିଦ୍ରୋହ ହେଉଥିଲେ ସୁଦ୍ଧା ମୁଁ ଠୁଣ୍ ବାକ୍‌ସରେ ଗୋଟିଏ ଚାରଣି ବା ଅଧୁଲି ଗଳେଇବାକୁ ବାଧ ହୁଏ । ଅନ୍ୟ ମୁଦ୍ରାଗୁଡ଼ିକ ଅଧାତୁ ଦ୍ରବ୍ୟ ବା ଖପରା ହୋଇଥିବାରୁ ପଡ଼ିଲାବେଳେ ଗୋଟାଏ କାଠୁଆ ଠୁକ୍ ଶବ୍ଦ ବାହାରେ ଏବଂ ଆପଣଙ୍କୁ ତାହା ନଶୁଭିପାରେ ।

ଠିକ୍ ଠିକ୍ ସତ କହିବାକୁ ଗଲେ କିନ୍ତୁ ମୁଁ ଆପଣଙ୍କ ଡରରେ ସଞ୍ଚୟ କ୍ରିୟା କରେ ନାହିଁ । ତାହା କରେ ପ୍ରକୃତିରୂପା ଆଦ୍ୟାଶକ୍ତି ଜଗଦ୍ଧାତ୍ରୀଙ୍କ ଖର୍ପର ଭୟରେ । ''ଯା ଦେବୀ ସର୍ବଅର୍ଥେଷୁ ଠଣ୍ଣ୍ ରୂପେଣ ସଂସ୍ଥିତା ।'' ମୋର ଧର୍ମପତ୍ନୀ ଏବଂ ତାଙ୍କ ସନ୍ତାନବର୍ଗଙ୍କର ରକ୍ଷୟିତ୍ରୀ, ମୋର ରକ୍ତ ପାଉଣାରେ ପ୍ରତିପାଳିତ ପରିବାରର ଏକମାତ୍ର କର୍ତ୍ତ୍ରୀଙ୍କ ଭୟରେ । ସତ କହିଲେ ଆପଣ ବିଶ୍ୱାସ କରନ୍ତି ନାହିଁ ଏବଂ ଆପଣଙ୍କୁ ଡରିଲି ନାହିଁ ବୋଲି ଅପମାନିତ ବୋଧକରନ୍ତି, ଏ ଭୟରେ ମଧ୍ୟ କଥାଟା କହୁନଥିଲି । ମୁଁ ଆଜ୍ଞା ଆପଣଙ୍କୁ ଖୁବ୍ ଡରେ, ଖୁବ୍ ଭଲ ମଧ୍ୟ ପାଏ । ନହେଲେ ଏତେ ଗୁମର କଥା ଫିଟେଇବା ସହଜ ହୋଇନଥାନ୍ତା । ଆପଣଙ୍କ ହାତରେ ବାଉଁଶମୂଳୀ ଖଣ୍ଡକ ଦେଖିଲେ ଡରିବା ଯେପରି ସ୍ୱାଭାବିକ ଆପଣଙ୍କ ନିଶହଳକ ଦେଖି ସେପରି ଆପଣଙ୍କ ପ୍ରେମରେ ପଡ଼ିବା ମଧ୍ୟ ସ୍ୱାଭାବିକ । ଏ ବିଷୟରେ ନିଶ୍ଚିନ୍ତ ହେଲା ପରେ ଆପଣ ମୂଳ କଥାଟକ ଶୁଣିଯାନ୍ତୁ ।

ଆମ ଘରେ ଦାମ୍ପତ୍ୟ କଳହ ନାହିଁ, କିନ୍ତୁ ସ୍ୱାଧୀନ ମତ ପାଇଁ ଅବକାଶ ଅଛି । ବିରୋଧ ନାହିଁ, କିନ୍ତୁ ସହାବସ୍ଥାନର ସାମାନ୍ୟ ପୀଡ଼ା ଅଛି । ବେଳେବେଳେ ଲକ୍ଷ୍ୟ ଏକ ହେଲେ ମଧ୍ୟ ମାର୍ଗ ଅନେକ ହୋଇଯାଏ । ଉଦାହରଣସ୍ୱରୂପ ସେ ଚାହାନ୍ତି ସୁଖ-ଐଶ୍ୱର୍ଯ୍ୟରେ, ପର୍ଯ୍ୟାପ୍ତିରେ, ନିଶ୍ଚିନ୍ତତାରେ । ମୁଁ ବି ଚାହେଁ ସୁଖ - କିନ୍ତୁ ସନ୍ତୋଷରେ, ଯୋଜନାହୀନ ଆଳସ୍ୟରେ, ବେପରୁଆ ମନସ୍ତତ୍ତ୍ୱରେ ।

Digitized by srujanika@gmail.com

ପାସ୍‌ବହିରେ କିଛି ସଂଖ୍ୟା ଦେଖିଲେ ତାଙ୍କୁ ଦମ୍ଭ ଲାଗେ । ସେଇ କାନ୍ଥକୁ ଆଉଜି ସେ ଭାବନ୍ତି ଜୀବନର ସବୁ ଝଞ୍ଜା ସମ୍ଭାଳିଯିବେ । ଝିଅ ବିଭା ହେବ, ଆଉ ଝିଅ ବିଭା ହେବ, ପୁଅ ପାଠ ପଢ଼ିବ, ବିଲାତ ଯିବ, ଘର ହେବ, କାର୍ ହେବ, ଜମି ହେବ । ହେବ, ହେବ, ହେବ ! ଜୀବନ-ବୀଜକୁ ଚାରିଆଡ଼ୁ ଘଣ୍ଟ ଘୋଡ଼େଇ ଏଭଳି ନିରାପତ୍ତା ଭିତରେ ରଖିବାକୁ ଯଦି ସେଭଳି ଗୋଟାଏ ଶକ୍ତି କାର୍ଯ୍ୟ କରୁନଥାନ୍ତା ଏବଂ ପତ୍ର ହେବ, ଫୁଲ ହେବ, ଫଳ ହେବ ଆଦି ସ୍ୱପ୍ନମନ୍ତ୍ର ଅହରହ ଜପୁନଥାନ୍ତା ତା'ହେଲେ ବୋଧହୁଏ ସୃଷ୍ଟିର ଧାରା ଛିଣ୍ଡିଯାଆନ୍ତା । ଗୋଟିଏ ଗୋଟିଏ ତନ୍ତୁରେ ଯେମିତି ଗୋଟିଏ ଗୋଟିଏ ପ୍ରାଣୀ ପୁରୁଷାନୁକ୍ରମେ ଓହଳି ରହିଛନ୍ତି - ତା' ଆଉ ହୋଇପାରନ୍ତା ନାହିଁ । ଏଣୁ ଯେତେବେଳେ ଏ ମୌଳିକ ପ୍ରଣାସନକୁ ଭିତ୍ତିକରି ଘରେ ସଞ୍ଚୟ ବୀମାଦିର ଯୋଜନା ହୁଏ, ଯାକୁ ରୋଧିବାର ଉପାୟ ଏବଂ ତାତ୍ପର୍ଯ୍ୟବୋଧ ହୁଏ ନାହିଁ ।

ଜୀବନର ସାଧାରଣ ପ୍ରୟୋଜନ ମେଣ୍ଟିଗଲେ ବାକି ଯାହା ଉପାର୍ଜନ ରହିଯାଏ ତାହା ସଞ୍ଚୟ ଖାତାରେ ବଳେ ଚଢ଼ିଯିବା କଥା । କିନ୍ତୁ ଯେତେବେଳେ ପ୍ରଶ୍ନ ଉଠେ ଯେ ପେଟରୁ କାଟି, ପିଠିରୁ କାଟି ଅନିଶ୍ଚିତ ଭବିଷ୍ୟତର ଦାୟିତ୍ୱ ତୁଲେଇବାକୁ ଅର୍ଥ ସଞ୍ଚୟ କରିବାକୁ ପଡ଼ିବ, ମୁଁ ଟିକିଏ ଫଡ଼୍‌ଫଡ଼୍ ହୁଏ । ମୋର ଅସନ୍ତୋଷ ପ୍ରକାଶ କରେ, କିନ୍ତୁ ଆଗକୁ ଆଗକୁ ଗଚ୍ଛିତ ଥିବା ପ୍ରବଳରୁ ପ୍ରବଳତର ମେଘ, ବତାସୀ, ଅସହାୟତା ଓ ଦାରିଦ୍ର୍ୟର ମହାଭୟଙ୍କର ଚିତ୍ର ଦେଖେଇଦେଲେ ପିଳେହି ପାଣି ହୋଇଯାଏ । ସେ ପଦାର୍ଥଟି ବ୍ୟକ୍ତିବିଶେଷରେ ବୋଧହୁଏ ମୂଳତଃ ତରଳ ହୋଇ ସୃଷ୍ଟି ହୋଇଥାଏ । ଅଳ୍ପ ଚମକେଇଦେଲେ ସେ ଧାର ଧାର ହୋଇ ବୋହିବାକୁ ଆରମ୍ଭ କରିଦିଏ । ସବୁଠାରୁ ବେଶୀ ଅସମ୍ଭାଳ ଅବସ୍ଥା ହୁଏ ଯେତେବେଳେ ସ୍ୱୟଂ ଅବୈତନିକ, ଅନିକେତ ଅସହାୟତା ଆସି ଠିଆହୋଇଯାଏ । ପାଦତଳୁ ଭୂଇଁ ଭୁସ୍‌ଭୁସ୍ ହୋଇ ଉଭେଇଯାଏ । ଦେହସାରା ଶୀତେଇଯାଏ, ସେହି ହିମାର୍ତ୍ତ ରାତ୍ରିପରି ଅନ୍ଧାରକୁ କଳ୍ପନା କରି । ସେତେବେଳେ ବନ୍ଧୁ କୁଟୁମ୍ବ କେହି ଦିଶନ୍ତି ନାହିଁ । ଘରଦ୍ୱାର ଦିଶେ ନାହିଁ । ଆକାଶ ତଳେ ଗୋଟିଏ ଜରାଜୀର୍ଣ୍ଣ ଶୁକ୍ଳକେଶ ବୃଦ୍ଧ ହିଁ ଦିଶେ, ଯେ ସେ ସମୟର କୁଣ୍ଠିତ ଅନୁଦାର ଜନସମୁଦ୍ରକୁ ତଟସ୍ଥ ରହି ଦେଖୁଥାଏ । ଅନେକଙ୍କୁ ଚିହ୍ନୁଥାଏ, ଜାଣୁଥାଏ, ସେ କାହା ପୁଅ, କାହା ନାତି, କିନ୍ତୁ ସେମାନେ କେହି ଯାକୁ ବୁଲି ଚାହିଁଦିଅନ୍ତି ନାହିଁ ।... ଇସ୍, ଏଇଟା ଯେତେବେଳେ ଏତେ ଅନିବାର୍ଯ୍ୟ ଏବଂ ଏତେ ଭୟଙ୍କର, ଅଗତ୍ୟା ପତ୍ନୀଙ୍କ ପରାମର୍ଶରେ ସଞ୍ଚୟ ଯୋଜନା କରାଯାଉ । ଜୀବନର ଅନ୍ୟାନ୍ୟ ସବୁ ଅର୍ଥ ଲୋପ ପାଇଗଲେ ଏଇ ସଂଚିତ ଅର୍ଥଗଣ୍ଡାକ କୁଆଡ଼େ ପାଖରେ କାନ୍ଥପରି ଠିଆହୋଇ ଆଉଜେଇନିଅନ୍ତି ।

ଗୋଟିଏ ମାସ ପିଲାଙ୍କ ଟିଉସନ ମାଷ୍ଟ୍ର ଛୁଟିରେ ରହିଥିବାରୁ ସେ ବାବଦକୁ ଟଙ୍କା ଚାଳିଶରେ ଅୟମାରମ୍ଭ ହୁଏ । ସଜ ଉଣ୍ଡି ତେଣିକି ସମୟ ଅସମୟରେ ଏ ଜରୁରୀ ଯୋଜନାର ହିସାବ ଖର୍ଚ୍ଚ ପତିପତ୍ନୀ ବସି ମଝିରେ ଖାତାଟିଏ ପକେଇ ମିଶାଣ ଫେଡ଼ାଣ କରୁଥିବାର ଦେଖାଯାଏ । ଉଭୟେ ଗଣିତ ବିଦ୍ୟାରେ ସ୍ୱମାନ ଭାବରେ ଅପାରଗ ଥିବାରୁ ହିସାବ ଶେଷରେ କୌଣସି ଥର ସ୍ଥିର ଫଳଟିଏ ମିଳେ ନାହିଁ । ବେତନ ବାବଦର ସରକାରୀ ସଂଖ୍ୟାଗୁଡ଼ିକ ଅବିଚଳିତଭାବେ ଆକ ଜଗି

Digitized by srujanika@gmail.com

ଠିଆ ହୋଇଯାନ୍ତି । ଥରକେ ତିନୋଟି ଘରରୁ ଚାରୋଟି ହେବାର ଆଉ ସମ୍ଭାବନା ନ ଥିବାରୁ ସେମାନେ ଦିଶନ୍ତି ଶୋଭାଯାତ୍ରାରେ ପୋଲିସ୍ ପଟୁଆର ପରି । ଏ ତିନିଅଙ୍କିଆ ଧାଡ଼ିଗୁଡ଼ିକରେ ଆଦୌ ବି ଚଳନ ନାହିଁ, କିନ୍ତୁ ଏ ସମସ୍ତଙ୍କ ତଳେ ଗିରା ଟାଣି ହିସାବ କରି ବସିଲେ ଫଳାଫଳ ପାଇଁ କେହି ଦାୟୀ ନୁହନ୍ତି । ପ୍ରତିଥର ମିଶାଣ ଶେଷରେ ନବାଗତ ଅତିଥିଟି ଆସି ହାବୁଡ଼ିଯାଆନ୍ତି । ପତି କହନ୍ତି ସାତ ହଜାର ତ', ପତ୍ନୀ କହନ୍ତି ଏଗାର ହଜାର ! ସେମାନେ କିନ୍ତୁ ସେଥିରେ ଆଦୌ ବିଚଳିତ ହେବାର ଦେଖାଯାଏ ନାହିଁ । କାରଣ ହଜାରେ କଥା ଚାଲିଥିବା ପର୍ଯ୍ୟନ୍ତ କହିବାକୁ ଯେପରି ଚମତ୍କାର, ଶୁଣିବାକୁ ମଧ ସେପରି ମଧୁର ସ୍ୱପ୍ନରଞ୍ଜିତ । ପିଲାଏ ଆସି ସେତିକିବେଳେ ଶୁଣନ୍ତି । ତାଙ୍କୁ ଲାଗେ ତାଙ୍କ ପୂର୍ବ ପୁରୁଷ କୌଣସି ଆଦିମ ଅଙ୍କ ଆରମ୍ଭ କରିଦେଇ ଫଳ ପାଖରେ ଛିଣ୍ଡେଇପାରୁନାହାନ୍ତି । ପାସ୍ ବହିର ଦୁଗ୍ଧ-ପୋଷ୍ୟ-ଦୁର୍ବଳ ଜମା-ସଂଖ୍ୟାଟିକୁ ପତ୍ନୀ ଜଗିଥାନ୍ତି । ଏଡ଼େ ବକଟେ ସାନ ପୁଅକୁ କେନ୍ଦ୍ର କରି ଯେମିତି ତାଙ୍କର ଶହେଟି ଶରତ୍‌କୁ ଯୋଜନା ଥାଏ ସେଭଳି ଏ ବର୍ଦ୍ଧିଷ୍ଣୁ ସଂଖ୍ୟାଟି ପାଇଁ ମଧ ଥାଏ । ମାସକୁ ଶହେ ଟଙ୍କା, ଦୁଇ ମାସକୁ ଦୁଇଶ ଏପରି ବର୍ଷକରେ ବାରଶ । ଏମିତି ଏମିତି ପନ୍ଦର ବର୍ଷରେ ଅଠର ହଜାର ! କିନ୍ତୁ କ'ଣ ହେବ ସେତିକି ମାତ୍ର ! ଖଣ୍ଡେ ଘର କରିବାକୁ ତ' ଟଙ୍କା ଚାଳିଶ ହଜାର ହେବ ବୋଲି ସେମାନେ କହୁଥିଲେ । ଯାଙ୍କର ଚାକିରୀ ତ' ଆଉ ନଥିବ ! ହଉ ଦେଖାଯାଉ, ଗାଈ ଠୋକରି ହେଉପଛେ ପଡ଼ିଆ ନ ପଡ଼ିବା ପର୍ଯ୍ୟନ୍ତ ଚିର ଚିପି ଦୁହାଁ ଚାଲିଥାଉ !

ମନେହୁଏ ଏ ସଞ୍ଚୟଟି ଗୋଟିଏ ମନୋବୃତ୍ତି । ଗୋଟାଏ ହାୱା, ଯେଉଁଟା ଫେଶନ୍ ଭଳି ଦେଖୁ ଦେଖୁ ମାଡ଼ିଯାଏ, ଡେଇଁଯାଏ ଗୋଟାଏ ସଂକ୍ରାମକ ରୋଗ ଭଳି । ଭବିଷ୍ୟତକୁ ଅଜ୍ଞାତ ବୋଲି ବାରମ୍ବାର ସ୍ୱୀକାର କରି ସୁଦ୍ଧା ସେ ଧୂଆଁ ରାଜ୍ୟରେ ଭୂତ ଦେଖି ଡରିବା ଯାହା, ଇଟା ସିମେଣ୍ଟରେ କୋଠା ଠିଆ କରି ଜିଭ ଲଗେଇ ଚାଟିବା ତାହା । କିନ୍ତୁ ଦେଖାଦେଖି ହୋଇ ସେଇ ଭବିଷ୍ୟତର ଯୁକ୍ତିରେ ହିଁ ସମସ୍ତେ ସଞ୍ଚୟ କରନ୍ତି । ଗୋଟିଏ କ୍ଷେତ୍ରରେ ଏକାଧିକ ପରିବାର ମାତିଯିବାରୁ ସେଇଟା ହୋଇଯାଏ ଗୋଟାଏ ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ର । ବେଙ୍କ୍ ନାମଧେୟ ଗୋଟିଏ ସଂଖ୍ୟାଶ୍ରିତ ଅନୁଷ୍ଠାନରେ କାହା ନାଆଁରେ କେତେ ଚଢିଛି, ସେଇ ଅନୁପାତରେ କିଏ କେତେ ଧନୀ ? ଏଣୁ କାହାର ଫଣା ବଡ଼, ଦାନ୍ତମୂଳେ ନେଳି ବିଷ କାହାର କେତେ ବେଶୀ ଏବଂ କିଏ ତୁଚ୍ଛା ନିରୀହ ବେଙ୍ଗପାଣିଆ କେବଳ ନିଷ୍ଫଣ ଧଣ୍ଡଟିଏ - ଏସବୁ ନିର୍ଣ୍ଣୟ କରାଯାଏ ।

କେତେକଙ୍କର ଜୀବନ-କୁଣ୍ଡଟି ସବୁବେଳେ ଭରପୂର ରହି ଉଚ୍ଛୁଳୁଥାଏ, କାରଣ ସେମାନଙ୍କର ବ୍ୟୟ ନଳୀର ପରିସର ଢେର୍ ଉଦାର ହେଲେ ମଧ ଆୟ ନଳୀର ସଂଖ୍ୟା ଅକଳନୀୟ । ଶୂନ୍ୟରୁ ଅକସ୍ମାତ୍ ତାଙ୍କ ଉପରେ ଭୁସ୍‌ଭୁସ୍ କୁଢେଇ ହୁଏ ଅଜସ୍ର ଅର୍ଥ । ସେମାନେ କହନ୍ତି ସେଥିପାଇଁ ଆଲ୍ଲା ଦାୟୀ । ଅବଶ୍ୟ ଏ ଘଟଣା ପରେ ଫଟା ଛପର ଖଣ୍ଡ ମରାମତ କରିବାକୁ ତାଙ୍କୁ ବ୍ୟୟ ବହନ କରିବାକୁ ପଡ଼େ । ଏଭଳି ପର୍ଯ୍ୟାୟର ବ୍ୟକ୍ତିଙ୍କ ପାଇଁ ସଞ୍ଚୟ ହିଁ ଗୋଟିଏ ପ୍ରକାର ଅନିବାର୍ଯ୍ୟ ଖର୍ଚ୍ଚ ପତ୍ର, ଯେପରି ଗାଡ଼ି କିଣିବା, ଘୋଡ଼ା ଦୌଡ଼ରେ ବାଜି ଲଗାଇବା କିମ୍ବା ଋତୁ ଅନୁସାରେ ପୃଥିବୀ

Digitized by srujanika@gmail.com

ଭ୍ରମଣ କରିବା ଅନିବାର୍ଯ୍ୟ । ଏଇ ଅନିବାର୍ଯ୍ୟତା ହେତୁରୁ ବୋଧହୁଏ ଆଲ୍ଲା ସେମାନଙ୍କର ଛପ୍ପର ବାରମ୍ବାର ଫାଡ଼ିବାର କଷ୍ଟ ସ୍ୱୀକାର କରୁଥାନ୍ତି । ଉଦ୍‌ବୃତ୍ତ ଧନରାଶି ଗାଧୁଆ ପାଣିପରି କୌଣସିଠାରେ ଯାଇ ଜମା ହୋଇଯାଏ । ଆପଣ ତାକୁ ସଞ୍ଚୟ କହିପାରନ୍ତି । ସେଥିରେ ଅବଶ୍ୟ ସେମାନଙ୍କର କିଛି ଯାଏ ଆସେ ନାହିଁ ଏବଂ ଆଲ୍ଲାଙ୍କର ମଧ କିଛି ଯାଏ ଆସେ ନାହିଁ ।

କିନ୍ତୁ ସାଧାରଣ ସଞ୍ଚୟ କର୍ତ୍ତାଟି ଗୋଟିଏ କୃଚ୍ଛ୍ର ସାଧକ । ସେ କ୍ରମଶଃ ନିଜକୁ ଏବଂ ନିଜ ପରିବାରକୁ ଅନ୍ନ ବସ୍ତ୍ର କଷ୍ଟ ହେଲେ ଯେ ଖୁବ୍ ସ୍ୱାଭାବିକ ଭାବରେ ଗ୍ରହଣ କରେ କେବଳ ତାହା ନୁହେଁ, ବରଂ ସେଭଳି କଷ୍ଟ ଦେଇପାରିଲେ ସେଥିରେ ସେ ଆନନ୍ଦ ପାଏ । ତା'ର ପ୍ରତ୍ୟୟ ଆସିଯାଏ ଯେ ବର୍ତ୍ତମାନ ତ ହେଇ ସରିଗଲା - ଏହାକୁ ଦୁଃଖେ ସୁଖେ ପାରି କରିଦେବା ହେଲା କାମ, କାରଣ ବର୍ତ୍ତମାନଠାରୁ ଭବିଷ୍ୟତ ଆହୁରି ସତ୍ୟ, ତା'ର ଅନିଶ୍ଚିତତା ଭିତରେ ଅଜ୍ଞାତ ଅତିଥି ପରି ଖୁବ୍ ସମ୍ଭ୍ରାନ୍ତ ! ମୂଲ୍ୟବୋଧ ବଦଳିଗଲେ ତେଣିକି ଖାଦ୍ୟପ୍ରାଣ ଅପେକ୍ଷା ସ୍ୱପ୍ନ ହିଁ ଅଧିକ ପୁଷ୍ଟିକାରକ ବୋଲି ମନେହୁଏ । ପରିପୁଷ୍ଟ ବେଙ୍କ୍ ଖାତାଟି ବୁଢୀ ଅସୁରୁଣୀ ପାଚିଲା ବାଳପରି ସମଗ୍ର ଜୀବନର ସାର-ତତ୍ତ୍ୱରୂପେ ପ୍ରତିପାଳିତ ହୁଏ । ଜୀବନରେ ଏଣେ ଶୁଖି ଶୁଖି କେବଳ ଆଖିବାଟେ ଗୋଟିଏ ସଂଖ୍ୟାରୁ ରସ ଶୋଷି ବଞ୍ଚିବା ଅଭ୍ୟାସରେ ପଡ଼ିଯାଏ । ସଂଖ୍ୟାଟି ଯେତେ ବେଶି ବଢେ, ସେଇ ଅନୁପାତରେ ବ୍ୟକ୍ତିଟି ହୋଇଯାଏ ଶୀର୍ଣ୍ଣ । ତା' ଆଖି ସେତିକି ଗହୀରିଆ । ସେ ସେଇ ଅନୁପାତରେ କେବଳ ଗୋଟିଏ ଭାରବାହୀ । ସେ ଚୀରା ପିନ୍ଧେ, ବାଇଗଣ ପୋଡ଼ା ସାଙ୍ଗରେ ଭାତ ଖାଏ । ତିନି ଦିନରେ ଦାଢି କାଟେ । ଦିଶେ ନିଶାଖୋର୍ ପରି, କିନ୍ତୁ ସରକାରୀ ନଳପାଣି ସିବା ଆଉ କିଛି ତୁଣ୍ଡରେ ଦିଏ ନାହିଁ । ଗୋଟିଏ ରହସ୍ୟାବୃତ ହସରେ ସେ ଯେପରି କହୁଥାଏ - ''ଚାରିକାତ ଛାଡ଼ି ଗିଳୁଥାଏ ବେ ! ଭବିଷ୍ୟତରେ ପାଣି ଟୋପାଏ ବି ପାଇବ ନାହିଁ । ଆଉ ମୁଁ ? ହେଃ, ସତାବନ ହଜାର ତିନିଶ ଅଣଷଠି କ'ଣ ଏଇଠି ପଡ଼ିଚି ?'' - ସେ ସେଇ ଶାଳଗ୍ରାମ ଶିଳାଟିକୁ ଆଉଁସି ତା' ଉପରେ ଚନ୍ଦନ ବୋଳି ଥୋଇଦିଏ । ସେତିକିରେ ତା'ର ଚତୁଃବର୍ଗ ପ୍ରାପ୍ତି ହୋଇଯାଏ ।

ଏଣୁ ଏ କୁବେରଗୁଡ଼ିକ ଆଉ ଗୋଟିଏ ପର୍ଯ୍ୟାୟର ଜୀବ । ଟେଳାଏ ଅଫିମ ପକେଇ ଘୂମନ୍ତ ଆଖିରେ ଗୁଡ଼ାଏ ଦାୟିତ୍ୱ ବୋହିଲା ପରି ସେମାନେ ବସିଥାନ୍ତି । ହସିପାରନ୍ତି ନାହିଁ, କଥା କହିପାରନ୍ତି ନାହିଁ । ଧାନ ଗଉଣୀ ପରି ତାଙ୍କ ପେଟରେ ଗୁଡ଼ାଏ ଭଣ୍ଡାର ! ସେଇଠି ଏତେ ପବନ କାହିଁ ହସିଦେଇ ବା କଥା କହିଦେଇ ଅପବ୍ୟୟ କରିବାକୁ ? ପ୍ରଥମରୁ ଯେଉଁ ସ୍ୱପ୍ନର ମାଧମରୂପେ ଅର୍ଥ ସଞ୍ଚୟ କରାଯାଏ, ଆସ୍ତେ ସେ ସ୍ୱପ୍ନଟି ଲିଭିଯାଏ । ତାଙ୍କ ଚେତନାରେ କେବଳ ଦୁଇଟି ସତ୍ୟକୁ ନେଇ ଚିନ୍ତା - ''ମୁଁ ଏବଂ ଏଇ ଲୁହା ବାକ୍‌ସ - ମୋର ଆତ୍ମାପୁରୁଷ ଏଇଠି ମୋ ଭିତରେ କି ସେ ଭିତରେ ମୁଁ କହିପାରିବି ନାହିଁ । ସେ ବିଷୟ ଚିନ୍ତା କିରବାକୁ ମୋର ତର କାହିଁ ? ବରଂ ହିସାବ ଖାତା ଆଉ ଥରେ ଗଡ଼େଇ ନେଲେ ଜମା ସଂଖ୍ୟାଟା ଆହୁରି ଠୋସ୍ ଜଣାପଡ଼ିବ ।'' ସେମାନେ ଆବିଷ୍ଟ ରହି ଶେଷରେ କେବଳ ଅନୁଭବ କରନ୍ତି ଯେ ଟଙ୍କା କୌଣସିକାଳେ ଖର୍ଚ୍ଚ କରାଯାଏ ନାହିଁ -

Digitized by srujanika@gmail.com

ତାହା ସ୍ଥାନରୁ ସ୍ଥାନାନ୍ତରକୁ ଯାଇ ଗଚ୍ଛିତ ହେଉଥାଏ କେବଳ - ଜୀବନରେ ମଧୁଚକ୍ର ଗଢାଯାଏ କେବଳ । ଖାଇବା ମନା ! ନିଜକୁ ଶୁଖେଇବା, କ୍ଳାନ୍ତ କରିବା, ସମଗ୍ର କାମନାକୁ ଠୁଳୀଭୂତ କରି କେବଳ ଅର୍ଥ ସଞ୍ଚୟରେ ସମାହିତ କରିବା ସେମାନଙ୍କର ତପସ୍ୟା । ସେମାନେ ପରିଶେଷରେ ତାହାରି ଉପରେ ମରନ୍ତି ଏବଂ ଯଖ ହୋଇ ସେ ଟଙ୍କା ମାଠିଆରେ ପଶିଯାନ୍ତି ।

ଏପରି ଦୁର୍ବିପାକ ଜାଣିଶୁଣି ସେ ଧନ୍ଦା ନ କରିବାକୁ ମୁଁ ସଂକଳ୍ପ କରିଛି । ମୋର ପରମ୍ପରାରେ ସଞ୍ଚିତ କର୍ମକୁ ମଧ୍ୟ ତ୍ୟାଗ କରାଯାଏ - ସଞ୍ଚିତ ଧନ କଥା ଆସୁଚି କାହୁଁ ? ମୁଁ 'ତୁମ୍ବୀଧାନ୍ୟା' । ଗୋଟିଏ ସକାଳକୁ ମାତ୍ର ମୋର ଯୋଜନା । ପ୍ରତିଦିନ ସନ୍ଧ୍ୟାରେ ସଂସାର ସହିତ ସବୁ ଦେଣା ତୁଟେଇ ଦେଇ ମୁଁ ପ୍ରସ୍ତୁତ ହୋଇଯାଏ ଘରଚଟିଆପରି । ମୋ ପାଇଁ ସମଗ୍ର ଅତୀତ କ୍ଷାରବତ୍, ସମଗ୍ର ଭବିଷ୍ୟତ ଧୂମବତ୍ । ବର୍ତ୍ତମାନର ଗୋଟିଏ ମାତ୍ର ଜ୍ୱଳନ୍ତ ମୁହୂର୍ତ୍ତରେ ଜୀବନ୍ତ ପ୍ରାଣବନ୍ତ । ଏଣୁ କୌଣସି ଅଜ୍ଞାତ କୋକ ଭୟ ମୋତେ ବିଚଳିତ କରେ ନାହିଁ । ରାଜଦ୍ରୋହ ଅପରାଧରେ ଦଣ୍ଡିତ ହେବା ଭୟରେ ଠୁଣ୍ ବାକ୍‌ସରେ ଚାରଣି ଗଳେଇବା କେବଳ ମୋର ସାମାଜିକ ଅଭିନୟର ଅଙ୍ଗ । ତା' ମଧ୍ୟ ଏଣିକି ମୁଁ ନ କରିପାରେ । ସଞ୍ଚୟ କରିବା ପ୍ରକୃତିର ଧର୍ମ, ପୁରୁଷର ନୁହେଁ, ସୂର୍ଯ୍ୟର ନୁହେଁ । ଆପଣ ନ ବୁଝନ୍ତୁ ପଛକେ, ଏ ପରିବାରର କର୍ତ୍ତ୍ରୀ ବୁଝିଗଲେ ହେଲା ।

❖❖❖

Digitized by srujanika@gmail.com

ଛପେଇଆତଙ୍କ

'କଂସେଇଖାନା' ଏବଂ 'ଛାପାଖାନା' ଉଭୟ ନାଁ ଶୁଣିଦେଲେ ଯଦି ଜଣେ ସମାନ ଭାବରେ ଚମକୁଛି ଆପଣ ନିର୍ଦ୍ୱନ୍ଦରେ ଅନୁମାନ କରିନେବା ଉଚିତ୍ ଯେ ସେ ଜଣେ ଲେଖକ । ଯଦି ସେ ଖୁବ୍ ବେଶୀ ଚମକୁଛି ଏବଂ କପାଳରେ କର ମାରି ବିଧି-ନିନ୍ଦା କରୁଛି, ତେବେ ତା ଘର ବୋଧହୁଏ ଓଡ଼ିଶାରେ । ଏଭଳି ଆକସ୍ମିକ ଆବିଷ୍କାର ପରେ ଯଦି ଆପଣ ଟିକିଏ ସହୃଦୟ ହୋଇଥାନ୍ତି ତେବେ ତାକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ତାର ସାମାନ୍ୟ ମନସ୍ତାତ୍ତ୍ୱିକ ଉପଚାର କରିନେବେ । ଘରର ଦୁଃଖ ସୁଖ, ପିଲାପିଲିଙ୍କ କଥା, ଚାକିରୀ କଥା, ଦରମା କିମ୍ୱା ଭଡ଼ା କଥା ଉଠାଇଲେ କିନ୍ତୁ ସବୁ ଭଣ୍ଡୁର ହୋଇଯିବ । ସେଗୁଡ଼ିକ ତା'ର କଞ୍ଚା ଘା । ସେଥିରେ ପବନ ବାଜିଲେ ତାକୁ କାଟେ ଏବଂ ସେପରି ଯନ୍ତ୍ରଣାରେ ସେ ପ୍ରାୟ ନୀରବ ରହିଯାଏ । ଅବଶ୍ୟ ବାଘ ଯେମିତି ତା' ନିଜ ଘା'ଟାକୁ ଚାଟି ବଢେଇଦିଏ, ଲେଖକ ମଧ୍ୟ ନିଭୃତରେ ବସି ଏ ଘା'ଗୁଡ଼ାକୁ ଖଣ୍ଡିଆ କରେ । ସେଥିରୁ ଝର ଫିଟିଲେ ତାହାରି ଭିତରେ କଲମ ବୁଡ଼େଇ ନାନା କଥା ଲେଖେ । ଏଣୁ ସେ ବିଷୟ ପଚାରିଦେଲେ ସେ ଅସ୍ୱାଭାବିକ ଗମ୍ଭୀର ଏବଂ ନୀରବ ହୋଇଯିବ ଏବଂ ଯେଉଁ ନିର୍ଦ୍ୱନ୍ଦ୍ୱ ଅନୁମାନ କରିବାକୁ ଆପଣଙ୍କୁ ପରାମର୍ଶ ଦିଆଯାଇଛି ତା'ର କୌଣସି ପ୍ରମାଣ ଆପଣ ଆଉ ତା'ଠାରୁ ସଂଗ୍ରହ କରିପାରିବେ ନାହିଁ । ସୁତରାଂ ତାକୁ କେବଳ ଜାତିବାଚକ ରୂପେ ବ୍ୟବହାର କରି କହିବେ - "ଛାଡ଼ନ୍ତୁ ଆଜ୍ଞା, ଶେଷକୁ ସାହିତ୍ୟରେ ମଧ୍ୟ ଶାଳା ଭେଜାଲ୍ ଜୁଆଚୋରି ପଶିଗଲା । ସାରା ଭାରତରେ କୋଉ ଶାଳା ଆଉ କ'ଣ ଲେଖୁଛି ଆମେ କ'ଣ ଜାଣିନାହୁଁ - ସବୁଯାକ ଲକ୍ଷେ ଟଙ୍କିଆ ପୁରସ୍କାର ସେଇଆଡ଼େ - ଓଡ଼ିଶାର ପ୍ରତିଭା କେହି ଟିକିଏ ଦେଖୁନାହିଁ । ଅସଲ କଥା, ସେ ବୁଦ୍ଧୁଆପେ କିଛି ବୁଝିପାରୁନାହାନ୍ତି, ନ ହେଲେ ଯେମିତି ଦଶ ବାର ଧାଡ଼ିଆ ମୁଗୁନି ପଥର ପରି ନିଦା କବିତା ଏଠି ଲେଖାହେଲାଣି, ସେମାନଙ୍କୁ ସେଥିରୁ ଖଣ୍ଡିଏ ବୁଝିବାକୁ ଦଶବର୍ଷ ଲାଗିଯିବ । ଗୋଟିଏ ଏସ୍‌ସେ ପଢିଦେଲେ ହାଲୁଆ ଢିଲା ହୋଇଯିବ । ଉପନ୍ୟାସ - ହେଁ, ଶଳେ ବେଦ ଆଡ଼େଇ ଥୋଇଦେବେ । କ'ଣ କରିବା, ଆମର ଦୁର୍ଭାଗ୍ୟ ! ନ ହେଲେ ମୋ ମତରେ ଅନ୍ୟୂନ ଡଜନେ ଜ୍ଞାନ ପୀଠ ପାଇଲାବାଲା ଓଡ଼ିଶା ସାରା ବୁଲୁଛନ୍ତି ବା ଏଠି ସେଠି ଗଡୁଛନ୍ତି । - ଏମିତି କିଛି ଭାବ ମନ ଭିତରେ ରଖି ଆପଣଙ୍କର ଶାଳୀନ୍ୟ ଏବଂ ସୌଜନ୍ୟରେ ଭାଷାଟିକୁ ମଣ୍ଡନ କରି କହିଦେଲେ ଦେଖିବେ ସେ ଅକସ୍ମାତ୍ ପାଖୁଡ଼ା ମେଲି ମହକି ଉଠିବ - ତେଣିକି ଆପଣ ନ ପଚାରିଲା ଜିନିଷରୁ ହିଁ ସେ ଆରମ୍ଭ କରି ବସିବ, "ବୁଝିଲେ ଆଜ୍ଞା, ଆପଣଙ୍କ ଭଳି ଏଇ କେତେ ଜଣଙ୍କୁ ଛାଡ଼ିଦେଲେ କିଏ ଆଉ ସାହିତ୍ୟ କଥା ଭାବୁଛି

Digitized by srujanika@gmail.com

କହିଲେ ? ଏ ଦେଶରେ ତ ଖଣ୍ଡେ ବହି କେହି କେବେ କିଣନ୍ତି ନାହିଁ । ନିଜ ପଇସା ଖର୍ଚ୍ଚ କରି କିଣିଛନ୍ତି ବୋଲି ପୁଅ ଝିଅଙ୍କର 'ସାମାଜିକ ପାଠ' ଗୁଡ଼ାକ ପଢ଼ିପକାନ୍ତି । ଏପରିକି ଗଣିତ ଜ୍ୟାମିତି ବହିଯାକ ମଧ୍ୟ ଗଡ଼େଇ ନିଅନ୍ତି । ଦୈନିକ କାଗଜ ପଢ଼ନ୍ତି ଚା' ଦୋକାନରେ ବା ହାତରୁ ହାତକୁ ଗସ୍ତ କରୁଥିବା ଚଳନ୍ତି ବସ୍ ଭିତରେ କୌଣସି ଅଜ୍ଞାତ ଭଦ୍ରଲୋକଙ୍କ କାଗଜରୁ – ପ୍ରଥମେ ନଇଁପଡ଼ି ଅବଶ୍ୟ ବଡ଼ ଅକ୍ଷରଯାକ ଓହଟି ପଢ଼ିପକାନ୍ତି । ଅଶିଏ ପଇସାରେ ସରକାରୀ ଛବି ବହି ଖଣ୍ଡ ବଉଁଶଯାକ ଲାଗି ମୁଖସ୍ଥ କରିପକାନ୍ତି, ଏଠି ଆପଣ କାହାପାଇଁ ସାହିତ୍ୟ ଲେଖିବେ ? ଯାହାପାଇଁ ଲେଖନ୍ତୁ ସେ ଯେତେବେଳେ ଯାଇ 'ଛାପାଖାନା' ନାମଧେୟ ଅଦ୍ଭୁତ କାରଖାନାରେ ପହଞ୍ଚିବ ତେଣିକି ସେ ଲେଖାଟିର ଚୂଡ଼ାନ୍ତ ରୂପ ବିଷୟରେ କେହି ଦାୟୀ ନୁହନ୍ତି । ଇଂଲଣ୍ଡରେ କୁଆଡ଼େ ଗତ ଶତାବ୍ଦୀରେ ଅପ୍ରାପ୍ତ ବୟସ୍କ ମଜୁରିଆଙ୍କୁ ଏ ଅକ୍ଷର ଖଞ୍ଜା କାମ ଦିଆଯାଉଥିଲା ଏବଂ ସେମାନେ ଏମିତି କଳା ସାଲୁବାଲୁ ହୋଇ ବାହାରୁଥିଲେ ଯେ, ତାଙ୍କ ନାଁ ସେତେବେଳେ ଥିଲା ''ଛାପାଖାନାର ଭୂତ'' । ଏବେ ମଧ୍ୟ ପ୍ରାପ୍ତବୟସ୍କ 'ଭୂତ' ଗୁଡ଼ିଏ ଆମ ଆଦିମ ଛାପାଖାନାରେ ରହି ଅଦ୍ଭୁତ କାମ କରନ୍ତି । ଆପଣ ଯାହା ଲେଖିଥାନ୍ତୁ ଏବଂ ଯେଉଁ ବାଗେ ଲେଖିଥାନ୍ତୁ ସେଥିରେ ତାଙ୍କର କିଛି ଯାଏ ଆସେ ନାହିଁ – ଅକ୍ଷର ଥୋଇବା ହେଲା କାମ । ମାଲିକର ତାଗିଦା ଘଣ୍ଟାଏ ଭିତରେ ତିନିପୃଷ୍ଠା ଖଞ୍ଜା ହୋଇଯିବ । ଖୋପରୁ ଅକ୍ଷର ଗୋଟେଇ ଗୋଟେଇ ଖୁଆ ଘୁଳେଇ ହୁଏ । ଆଖି ହାଲିଆ ହୋଇଯାଏ ଲେଖକଙ୍କର ହାତଲେଖା ଚିହ୍ନି ଚିହ୍ନି । ଏଣୁ 'ମୁଗ' ଛପେଇରେ ହେଇଯାଏ 'ମୁଥ' । 'ଝଙ୍କାର' ହୋଇଯାଏ 'ଟଙ୍କାର' ଏବଂ 'ନବରବି' ହୋଇଯାଏ 'ରବନବି' । କ'ଣ କରାଯାଏ ? ଛପେଇ ଭୁଲ୍ ବୋଲି ସମସ୍ତେ ସହି ସମ୍ଭାଳିଯିବାକୁ ଅଭ୍ୟାସ କଲେଣି । ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିବାଦ ନ କରି ଯେମିତି ସହିଯିବାକୁ ପଡ଼େ ସେହିଭଳି ଏ ଅଚାନକ ବିକୃତିକୁ ମଧ୍ୟ କିଛି ନ କହି ସହିଯିବା କଥା । ଏ ପ୍ରଥମ ବିପତ୍ତିର ନାମ ହେଲା ''ସାରୁପ୍ୟଦର୍ଶନ'' – ଟ ଏବଂ ଝ ଭିତରେ ବିଚ୍ଛିନ୍ନ ଲାଙ୍ଗୁଡ଼ଟି ଏବଂ କାନ୍ଧ ପାଖରେ ଖୋପଟି ସହଜରେ ନ ଦିଶିବା କଥା ଏବଂ ଅବନା ତିନୋଟି ଅକ୍ଷରକୁ ଯେମିତି ସଜାଇଦେଲେ ମଧ୍ୟ ସମାନ ଦିଶେ । 'ରବନ' ଏବଂ 'ନବର' ଘୋଡ଼ାଦୌଡ଼ବେଳେ ଅବିକଳ ଦିଶିଲେ ସେଥିପାଇଁ କିଏ ଦାୟୀ ? ସେଥିପାଇଁ ଓଡ଼ିଆ ଅକ୍ଷରର ମୌଳିକ ସାଉଁଳିଆ 'ଠ' ଗୋଟାଳି ରୂପ ହିଁ ଦାୟୀ । ତିନୋଟି ଲଣ୍ଡା ମୋଟା ଲୋକକୁ ଏକାଠି ଦେଖି ସେମାନଙ୍କୁ ବାରିବା ଯେପରି କଷ୍ଟକର, ସେପରି ତିନୋଟି ନିରାଭରଣ ଓଡ଼ିଆ ଅକ୍ଷର । ଗୋଟିଏ ଆରଟି ଭଳି ଦିଶିଯାଏ । କିନ୍ତୁ ଥରେ ଥରେ ବାରିପାରିଲେ ମଧ୍ୟ ଅଦ୍ଭୁତ ଶବ୍ଦ ସୃଷ୍ଟି ହୋଇଯାଏ, ଯଥା – ବଙ୍ଘସ୍ତୁସା । ସ୍ଥାନ ଅଦଳବଦଳର ଦ୍ୱିତୀୟ ବିକୃତିର ଏ ହେଲା ଗୋଟିଏ ଉଦାହରଣ । ସବୁପ୍ରକାର ଶବ୍ଦକୋଷର ଏ ମୁଣ୍ଡରୁ ସେ ମୁଣ୍ଡ ଖୋଜିଗଲେ ମଧ୍ୟ ଏ ମହାତ୍ମା ଆଉ ନମିଳନ୍ତି । ସ୍ଥାନ ଅଦଳବଦଳ ହୋଇଯିବାରୁ ଡାକ୍ତରଖାନା ଯାଇଥିବା ଦୁଇ ଜଣ ସମବୟସୀ ବୃଦ୍ଧଙ୍କର ଘୋର ଅସୁବିଧା ହୋଇଥିବାର ଶୁଣାଯାଏ । ଜଣକର ମୁଣ୍ଡବିନ୍ଧା ଏବଂ ଆରଜଣଙ୍କର ଦାନ୍ତବିନ୍ଧା । ଡାକ୍ତରଙ୍କ ପ୍ରବେଶ ବେଳକୁ ଦାନ୍ତବିନ୍ଧା ରୋଗୀ ଦୈବାତ୍ ପରିସ୍ରା କରିବାକୁ ଯାଇଛନ୍ତି ଏବଂ ଆରଜଣକ ଘୁଞ୍ଚି ବସିଛନ୍ତି । ଡାକ୍ତର ତାଙ୍କ ପାଟି ମେଲା କରି ଦୁଇ ତିନୋଟି ବିରଳ ଦାନ୍ତକୁ ମୋଡ଼ି କାଢ଼ିପକାଇଲେ । ପାଟିରେ ଯନ୍ତ୍ର ଚିମୁଟା ଭର୍ତ୍ତି ହୋଇଥିବାରୁ ବୃଦ୍ଧ

Digitized by srujanika@gmail.com

କେବଳ ହାତ ହଲାଇ ଗର୍ଜିଲେ, ଯାହାର ଅର୍ଥ ହେଲା ସେ ଅନ୍ୟାନ୍ୟ ଦାନ୍ତବିନ୍ଧା ରୋଗୀ ପରି କାଟିବା ଭୟରେ ବିକଳ ହେଉଛନ୍ତି କେବଳ । ଯା'ପରେ ହୁଏ ''ଦିଗ-ଭ୍ରମ'' ନାମକ ତୃତୀୟ ବିକୃତି । ଏଥିରେ ଅକ୍ଷରଗୁଡ଼ିକ ହଠାତ୍ ଶୀର୍ଷାସନରେ ଶୂନ୍ୟକୁ ଅଧେ ଭାଗ ଟେକି ରହିଯାନ୍ତି । ଭାଗ୍ୟକୁ ଆମର ସବୁ ଅକ୍ଷରଯାକ ପ୍ରାୟ ଚାରିଆଡୁ ନିବୁଜ । ଅସୁବିଧା ହୁଏ କେବଳ ଯୋଡ଼ିକୁ, ସେମାନେ ହେଲେ 'ଧ' ଏବଂ 'ମ' । ସେମାନଙ୍କର ଗୋଟାଏ ପାଖ ମେଳା ଏବଂ ଲେଉଟିପଡ଼ିଲେ ଗୋଟିଏ ଆରଟିର ଛଦ୍ମରୂପ ନେଇଯାଏ । 'ଗ' ଏବଂ 'ଥ'ଙ୍କର ମଧ୍ୟ ସେଇଭଳି ଅବସ୍ଥା ।

''ଧାଡ଼ି ବଦଳ'' ଆଉ ଗୋଟିଏ ପ୍ରକ୍ରିୟା । ଇତିହାସରେ ହୁମାୟୁନଙ୍କ ପୂର୍ବରୁ ଆକବର ଆସିଗଲେ ଯେଉଁଭଳି ଅର୍ଥବିଭ୍ରାଟ ହୋଇଯାଏ, ଏଥିରେ ପରିସ୍ଥିତି ପ୍ରାୟ ସେଇଭଳି । ଯୋଡ଼ିଏ ଧାଡ଼ି ତନ୍ତୀ କଣ୍ଡାପରି ତଳ ଉପର ହେଇଯିବାରୁ ପଢିବା ଲୋକ ଝୁଣ୍ଟିପଡ଼େ । ଦୁଇ ତିନିଥର ପଢିଲା ପରେ ମଧ୍ୟ ବାକ୍ୟାର୍ଥ ଧରାପଡ଼େନାହିଁ । ଗୁଡ଼ାଏ କଟାକଟି କରି ଯୋଡ଼ିଲେ ମୂଳ ଲେଖାର ଅଭିପ୍ରାୟ ଅନୁମାନ କରାଯାଏ । ସମୟ ସମୟରେ ପଡ଼ୋଶୀ ଧାଡ଼ିର ଆପୋଷି ବ୍ୟବସ୍ଥା ପରିବର୍ତ୍ତେ ଡିଆଁ ଡେଇଁ ମଧ୍ୟ ଦେଖାଯାଏ । ଛୋଟ ଛୋଟ ବହିରେ ପୃଷ୍ଠାର ସୋରା ସୋରା ଛାପା ହେଲାବେଳେ ମୂଳ ଲେଖା ପ୍ରଶସ୍ତ ଫର୍ଦ୍ଦର ଏମୁଣ୍ଡ ସେମୁଣ୍ଡ ଲମ୍ବା ଧାଡ଼ିରେ ଖଞ୍ଜା ଥାଏ । ଏଣୁ ଗୋଟିଏ ଲମ୍ବା ଧାଡ଼ି ସାନ ବହିର ତିନି ଧାଡ଼ି, ତା'ପରେ ପୁଣି ତିନିଧାଡ଼ି । ମୂଳରୁ ଧାଡ଼ି ଅଦଳବଦଳ ହୋଇଗଲେ ସମ୍ପର୍କ ଖୋଜିବାକୁ ନିଶୁଣିରେ ଚଢି ଓହ୍ଲେଇ ସବୁଟି ଅଗମୂଳ ଯୋଡ଼ି ପରୀକ୍ଷା କରିବାକୁ ହେବ ।

ତା'ପରେ ଆସେ ''ଚିହ୍ନ ଉଭାନ୍'' - ''ହ''ର ତଳ ଲାଙ୍ଗୁଡ଼ ଭଳି ଓଡ଼ିଆରେ ସବୁ ଫିକା ଚିହ୍ନଗୁଡ଼ିକ ମୂଳ ଅକ୍ଷର ସାଙ୍ଗରେ ଢଳେଇ ଯୋଡ଼ରେ ଲାଖିନଥାନ୍ତି - ସେମାନେ ସବୁ ସ୍ୱତନ୍ତ୍ର । ଏଣୁ ଭିଡ଼ବେଳେ ହୁଗୁଳା ବୁଜୁଳି ସବୁ ଗଳିପଡ଼ିଲା ପରି ସେମାନେ ଉଭାନ୍ ହୋଇଯାଆନ୍ତି । ଯୁକ୍ତ ଅକ୍ଷରଗୁଡ଼ିକର ଯୋଡ଼ ମଜବୁତ୍ ନୁହେଁ, ଏଣୁ ସେମାନେ ଅଯୁକ୍ତ ଏବଂ ମୁକ୍ତ ରୂପରେ ଚାଲିଆସନ୍ତି । ରଙ୍ଗମଞ୍ଚ ଉପରକୁ ରାଣୀ ବାହାରିଥିବା ଟୋକା ତା ବେଣୀ ଭୁଲିଆସିଥିଲେ ଯାହା ହୁଏ ଅବସ୍ଥା ପ୍ରାୟ ସେହିପରି । ସମୟ ସମୟରେ ପ୍ରେକ୍ଷାଳୟର ଆଲୁଅ ଅଭାବରୁ ପାଖାପାଖି ବସିଥିବା ଅଭିନେତାମାନଙ୍କର ଶିରାବରଣ ବଦଳ ହୋଇଯାଏ । ରାଣୀ ପିନ୍ଧିଥାନ୍ତି ଋଷିଙ୍କ ଧୋବ ଜଟା ଏବଂ ଶୁକ୍ଳଶ୍ମଶ୍ରୁ ଋଷିଙ୍କର ପୃଷ୍ଠଦେଶରେ ଲମ୍ବମାନ କୃଷ୍ଣ ବେଣୀ । 'କ୍ଳେଦ' ଲେଖିବାକୁ ଯାଇ ସେହିପରି ଛାପା ହୋଇଯାଏ 'କେଦ୍ଲ' - 'ଏ'କାରଗୁଡ଼ିକ ଅକ୍ଷର ସହିତ ଅସହଯୋଗ କରି ଧାଡ଼ିଏ ଉପରକୁ ବା ତଳକୁ ଗୁମାନରେ ବଙ୍କେଇ ବସିଥିବା ମଧ୍ୟ ଦେଖାଯାଏ । ରେଫ, ହଳନ୍ତ, ଅନୁସ୍ୱାରାଦି ସଂପୂର୍ଣ୍ଣ ଉଭାନ୍ ହୋଇଯାନ୍ତି । ହ୍ରସ୍ୱ ଉ, ଦୀର୍ଘ ଉ, ଇ'କାର, ଈ'କାର ମଧ୍ୟ ସେଇପରି ଇଚ୍ଛା ଅନୁସାରେ ଆସନ୍ତି ବା ଯାଆନ୍ତି । ଶୂଳାଝାଡ଼ା ବିଷୟରେ କବିରାଜ ନିବନ୍ଧ ଲେଖି ଛପାନ୍ତି । କିନ୍ତୁ ଆବିଷ୍କାର କରନ୍ତି ଯେ ପ୍ରଥମ ଅକ୍ଷରରେ ଉ'କାର ଏବଂ ଶେଷ ଦୁଇଟି ଅକ୍ଷରରୁ ଆକାର ଦ୍ୱୟ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି ।

ସବୁଠାରୁ ମାରାତ୍ମକ କିନ୍ତୁ 'ହରଣଚାଳ' ପ୍ରକ୍ରିୟା । ଗାଳ୍ପିକ ବା ଔପନ୍ୟାସିକ ଆଗ୍ରହରେ ପଢିଗଲାବେଳକୁ ମଝିରେ ତାଙ୍କୁ ଶୂନ୍ୟ ଶୋଷିନିଏ । ସେମାନେ ଆବିଷ୍କାର କରନ୍ତି ଯେ ଗୋଟିଏ

Digitized by srujanika@gmail.com

ସଂପୂର୍ଣ୍ଣ ପାରା ଉଡ଼ିଯାଇଛି । ଘର ତୋଳିଲାବେଳେ ଦୁଆରବନ୍ଧ ନଦେଇ ଉପରେ ଛାତ ପଡ଼ିଯାଇଛି, ଉଚ୍ଚତା ଦୁଇ ହାତ ଛୋଟ, ସ୍ଥାପତ୍ୟ - ଗୋଟିଏ ମୁଦା ଦେଉଳ ! ତାଙ୍କ ସାନ୍ତ୍ୱନା ପାଇଁ କୁହାଯାଏ, ''ଓଃ, ଆପଣଙ୍କ କ୍ଷୁଦ୍ର ଗଚ୍ଛରେ ଆଜ୍ଞା ଚାଳିଶି କି ଷାଠିଏ ପାରା ଥିଲେ, ସେଥିରୁ ଗୋଟିଏ ଉଡ଼ିଗଲେ କିଏ କ'ଣ ଗଣତି କରିବାକୁ ଯାଉଛି ?'' ସେ ଦାନ୍ତ କାମୁଡ଼ି ମୂର୍ଚ୍ଛାର ପୂର୍ବାବସ୍ଥାନରେ ଥାଆନ୍ତି । ଆଖିରୁ ନିଆଁ ଓ ପାଣି ମିଶି ବୋହିଯାଏ ।

''ସ୍ୱଚ୍ଛନ୍ଦ-ସନ୍ତରଣ'' ନାମକ ଆଉ ଗୋଟିଏ ବିକ୍ରିୟା ଦେଖାଦିଏ । ଯଦି ଓଡ଼ିଆ ଅକ୍ଷରରେ ଦୈବାତ୍ ସଂସ୍କୃତ ଛପେଇ ହୋଇଗଲା - ମୁଠାଏ ଅନୁସ୍ୱାର, ବିସର୍ଗ, ହଳନ୍ତ, ଖଣ୍ଡଅକାରକୁ ନେଇ ବିରି ବୁଣିଲା ପରି, ତୀର୍ଥରୁ ଫେରିଥିବା ଲଣ୍ଡା ଅକ୍ଷରର ପଂକ୍ତିଗୁଡ଼ିକ ଉପରେ ବୁଣିଦିଆଯାଏ । ସେମାନେ ନିଜ ଇଚ୍ଛା ଅନୁସାରେ ପହଁରିଯାଇ ଯେଉଁଠି ମନ ସେଠି ଲାଖିଗଲେ, ଯାହାକୁ ମନ ତା' ସାଙ୍ଗରେ ଭାବଦୋସ୍ତି କଲେ, ସେଥିକୁ କେହି ଦାୟୀ ନୁହନ୍ତି - ଖଣ୍ଡ 'ତ' କାର ପାଇଁ 'ହ' ଫଳାରେ କାମ ଚଳାଇନିଆଯାଏ - ଖଣ୍ଡ 'ଅ' କାରଟି ପୂର୍ଣ୍ଣ ଆକାରଠାରୁ ଦେଢଗୁଣ ଲମ୍ବା । ଏଇ କାରଣରୁ ବୋଧହୁଏ କୌଣସି ଓଡ଼ିଆ ଲିଖିତ ସଂସ୍କୃତ ମନ୍ତ୍ର ପଢିଲେ ତେତିଶ କୋଶ ଭିତରକୁ ଗୋଟିଏ ହେଲେ ଦେବତା ପଶିପାରନ୍ତି ନାହିଁ ।

ସବା ଶେଷକୁ ଅଛି ''ପେଟ ପିଠି ବିବାଦ'' - ଏ ବିବାଦରେ ମଧ୍ୟସ୍ଥରୂପେ କାଗଜ ଖଣ୍ଡ କ୍ଷତବିକ୍ଷତ ହୋଇ ହଜାରେ କୁଜରେ ହୁଡ଼ା ହୁଡ଼ା ହୋଇଯାଏ । ଏକତିରିଶ ପୃଷ୍ଠାରେ ଏପରି ଦମ୍ ଦେଇ ଛାପାଯାଏ ଯେ ବତିଶ ପୃଷ୍ଠାରେ ସବୁଯାକ ଟୋଲା ଟୋଲା ଅନ୍ଧଲିପି ଉଭାରି ରହନ୍ତି, ବତିଶ ପୃଷ୍ଠାରେ ମଧ ସେହିପରି ପ୍ରବଳ ଭାବରେ ଦାବି ଦିଆଯାଏ । କାଗଜ ଖଣ୍ଡି ଡାକେ ମଲି ମଲି । ମାରବାଡ଼ି - ପାପଡ଼ପରି ତା' ଅବସ୍ଥା ଏବଂ ଲେଖକ ଅବସ୍ଥା ମଧ ତା'ଠାରୁ ବିଶେଷ ଭିନ୍ନ ନୁହେଁ ।

ଯା' ସହିତ ଯୁକ୍ତ ହୋଇଯାଏ ''କାଳି ଅସହଯୋଗ'' ନାମକ ଗୃହବିବାଦ । ଅକ୍ଷରଗୁଡ଼ିକ ଦାବି ଚାଲିଥାନ୍ତି 'କିନ୍ତୁ କାଳିର କୃପଣତା ହେତୁ ପୃଷ୍ଠାର ଫାଳେ ମଞ୍ଜି ବୁଣି ହୋଇଯାଏ, ବାକି ଫାଳକ ପଡ଼ିଆ - ଖାଲି ପୋଡୁଅ ଖୋଜ ପରି ପଡ଼ିଥାଏ ନିରଙ୍ଗ ଅକ୍ଷର ଚିହ୍ନ । କେତେକ କାଳି ସମର୍ଥକ କହନ୍ତି, ତାହା ଛାପା ଭୂମିର ଦୋଷ । ସେଇଟା ଅଯଥା ଢାଲୁ ହୋଇଯାଏ - ଆଉ କିଏ କହନ୍ତି, କାଳିବୋଳା ବେଲେଣାର ଦୋଷ । କିନ୍ତୁ ମରୁଡ଼ି ସମୟର ଧାନ କ୍ଷେତପରି ଏ ଛପେଇ ଦେଖିଲେ ଲେଖକର ଭିତରେ ବୈଶାଖୀ ଝାଞ୍ଜି ବୋହି ସବୁ ରସ ଶୁଖାଇଦିଏ । ତା'ଭିତରେ ସେ ବର୍ଷ ମରୁଡ଼ି ପାଇଁ କିଛି ଫସଲ ଉଠିପାରେ ନାହିଁ ।

ଏପରି ଏକ ବୟାନ ପରେ ଲେଖକ କିଛି ଦମ୍ ନେଇ ଆପଣଙ୍କୁ ଅନେଇବେ । ଏଇଟା ତାଙ୍କ ମୁଖର ବେଳା । ସେ ରକ୍ତମୁଖା । ଆପଣ କିଛି ନକହି ସେଇ କେତେକ ସାଧାରଣ ବାକ୍ୟଦ୍ୱାରା ଓଡ଼ିଆ ସାହିତ୍ୟିକଙ୍କର ଦୁର୍ଭାଗ୍ୟ ବିଷୟ କହି ଖସିଯିବେ । କିନ୍ତୁ ଯା'ପରେ ଯଦି ଛାପାଖାନା କହିଲେ ସେ ବିଚାରା ଚମକେ, ଆପଣ ତାକୁ ଭୀରୁ କାପୁରୁଷ କହି ଗାଳି ନଦେଇ ଟିକିଏ ସହାନୁଭୂତିରେ କଥାଟା ବିଚାର କରିବାକୁ ଅନୁରୋଧ ।

❖❖❖

Digitized by srujanika@gmail.com

ବିଦ୍ୟା ଓ ବିଦ୍ୟାର୍ଥୀ

(ପ୍ରବେଶିକା)

ଛାତ ନୂଆଁଣିଆ ଧରିଯାଇଥିଲେ ଘରେ ନ ପଶୁଣୁ ଚାଳ ବାଜେ । ଗହଳି କନ୍ଦଳରେ ପରସ୍ପର କାନ୍ଧ ଉପରେ ଚଢି କୁଦା ମାରିଲେ ମଧ୍ୟ ଚାଳ ବାଜେ ।

ମୌସୁମୀ-ମେଘର ବାରିପାତ ସାଙ୍ଗକୁ ଅସଂଖ୍ୟ ସ୍କୁଲରୁ ସଦ୍ୟଜାତ ଗୁଡ଼ିଏ ତରୁଣ ଏବେ ପହଁଚିଆସୁଛନ୍ତି ଦକ୍ଷିଣାର ସଙ୍ଘାତରେ ବିନ୍ଦୁ ବିନ୍ଦୁ ହୋଇ । କରାଘାତ କରୁଛନ୍ତି ଶିକ୍ଷାୟତନର ଦ୍ୱାରଦେଶରେ - ''ଆମକୁ ପ୍ରବେଶ କରିବାକୁ ଦିଅ - ଆମେ ବିଦ୍ୟାର୍ଥୀ !''

ଏହିପରି ଏକଦା ପ୍ରବେଶ ପ୍ରାର୍ଥନା କରିଥିଲେ ଆର୍ଯ୍ୟଭଟ୍ଟ । ବୌଦ୍ଧ ବିହାରର ଦ୍ୱାରପାଳ ସ୍ୱୟଂ ତାଙ୍କର ପ୍ରାଥମିକ ପରୀକ୍ଷାରେ ସନ୍ତୁଷ୍ଟ ହେବା ପରେ ଆଚାର୍ଯ୍ୟ କୁମାରିଲଙ୍କ ପାଖକୁ ଖବର ପଠାଗଲା । ଆର୍ଯ୍ୟଭଟ୍ଟ ଅପେକ୍ଷା କରି ରହିଥାନ୍ତି, ଭିତରୁ କ'ଣ ନିର୍ଦ୍ଦେଶ ଆସିବ । କିନ୍ତୁ ଭିତରୁ ଆସିଲା ଗୋଟିଏ ପାଣି ଭର୍ତ୍ତି ହୋଇଥିବା ହାଣ୍ଡି । ବିଦ୍ୟାର୍ଜନ ପାଇଁ ବହୁ ଦୂରରୁ ଆସିଥିବା ଆଶାୟୀ ଯୁବକକୁ ହାଣ୍ଡିଏ ଥଣ୍ଡା ପାଣି ମିଳିବାର ବିଡ଼ମ୍ବନା ଘୋର ହତାଶାବ୍ୟଞ୍ଜକ । କିନ୍ତୁ ଆର୍ଯ୍ୟଭଟ୍ଟ ଅଳ୍ପ ହସି ଗୋଟିଏ ଛୁଞ୍ଚି ସେଇ ପାଣିର ଗଭୀରତମ କେନ୍ଦ୍ରରେ ଛାଡ଼ି ଆଚାର୍ଯ୍ୟଙ୍କ ପାଖକୁ ନେଇଯିବାକୁ କହିଲେ ।

ପ୍ରବେଶିକା ପରୀକ୍ଷା ଶେଷ ହେଲା ଏବଂ ଫିଟିଗଲା ଦୁର୍ଲଙ୍ଘ୍ୟ ଅର୍ଗଳ । ପ୍ରତୀକ ମାଧ୍ୟମରେ ଗୁରୁ ପ୍ରଶ୍ନ କରିଥିଲେ, ''ହେ ତରୁଣ ! ଏଠି ପରିପୂର୍ଣ୍ଣ ନିସ୍ତରଙ୍ଗ ସାଗର ପରି ଜ୍ଞାନର ଭଣ୍ଡାର ବିଦ୍ୟମାନ । ଏ ମୃଣ୍ମୟୀ ପୃଥିବୀ ଅଦ୍ୟାବଧି ଯାହା ଧାରଣ କରିପାରେ, ତାହା ଏଠି ବିଦ୍ୟମାନ । ତୁମେ କ'ଣ ଚାହଁ ?'' ଶିଷ୍ୟ ଦ୍ୱାରଦେଶରେ ଥାଇ ସେହିପରି ନୀରବ ପ୍ରତୀକ ମାଧ୍ୟମରେ ଉତ୍ତର ଦେଇଥିଲେ, ''ଗୁରୁଦେବ ! ସୂଚ୍ୟଗ୍ର ପରି ଶାଣିତ ମେଧା ହିଁ ମୋର ଏକମାତ୍ର ସମ୍ବଳ । ଯଦି ସୁଯୋଗ ମିଳେ - ମୁଁ ଭାବୁଛି, ସେ ଜ୍ଞାନ-ସାଗରର ଗଭୀରତମ ଗର୍ଭକୁ ମୁଁ ବଜ୍ରସୂଚୀପରି ଭେଦିଯାଇପାରେ ।

ଗୁରୁଙ୍କ ପ୍ରଶ୍ନରେ ଆଡ଼ମ୍ବର ନାହିଁ, ଅଥଚ ଅଛି ଏକ ଗମ୍ଭୀର ସୂଚନା । ସମଗ୍ର ପାଠ୍ୟକ୍ରମ, ତା'ର ଦୁର୍ଲଙ୍ଘ୍ୟ ଦୈର୍ଘ୍ୟ, ବିଦ୍ୟାଭାସର ପ୍ରଶାନ୍ତ ଶୀତଳତା - ଏ ସମସ୍ତ ସଂଗୁପ୍ତ ରହିଛି ସେଇ କୁପ୍ତ ଇଙ୍ଗିତରେ । ସେହିପରି ଶିଷ୍ୟଙ୍କ ଉତ୍ତରରେ ନାହିଁ ଶ୍ଳାଘା ବା ଆତ୍ମମ୍ଭରିତା, ବରଂ ରହିଛି ଗଭୀର ଆତ୍ମବିଶ୍ୱାସ । ଜ୍ଞାନର ଦୁରଧିଗମ୍ୟତା ସତ୍ତ୍ୱେ ଏକାଗ୍ରତା ଏବଂ ନିଷ୍ଠା ବଳରେ ମେଧାବୀ ଛାତ୍ରର ଅସାଧ୍ୟ ସାଧନ ପାଣି ଭିତରେ ଛୁଞ୍ଚିର ଅନାୟାସ ଯାତ୍ରା ପରି ଅତି ସରଳ ଏବଂ ଅପ୍ରତିହତ ।

Digitized by srujanika@gmail.com

ଏବେ ମଧ କୌଣସି କୌଣସି ଶିକ୍ଷାକେନ୍ଦ୍ରରେ ଉପଯୁକ୍ତ ଛାତ୍ର ବାଛିବାକୁ ପ୍ରବେଶିକା ପରୀକ୍ଷାଟିଏ ହୁଏ । କିନ୍ତୁ ହୋରି ଖେଳରେ ଉନ୍ମତ୍ତ ତରୁଣ ଦଳ ପୂର୍ବ ଅଭ୍ୟାସରେ ଯେଉଁ ରଙ୍ଗର ଲାଞ୍ଛନା ନେଇ ଫେରିଥାନ୍ତି ସେଥିରେ ପୁଣି ମାତିଯାଆନ୍ତି । ଏ ପରୀକ୍ଷାଟି ମଧ ପୂର୍ବ ପରୀକ୍ଷା ଭଳି ବିପୁଳ ଲାଞ୍ଛନାରେ ସଂପୂର୍ଣ୍ଣ ପରାସ୍ତ ହେଲାପରି ଠିଆ ରହିଯାଏ । ଜଣାପଡ଼େ ନାହିଁ ରଙ୍ଗର ଏ ଘୋର କୋଳାହଳ ଭିତରେ ମହାର୍ଘ ଏ ଆର୍ଯ୍ୟଭଙ୍ଗଟି କେଉଁଠି ବିଡ଼ମ୍ବିତ ହୋଇ ରହିଗଲା । ସେ ହୁଏତ ଚାହିଁ ରହିଥିବ ଏ ଅନୁମୋଦିତ ତରୁଣ ସଂପ୍ରଦାୟକୁ - ଯେଉଁମାନେ ପ୍ରବେଶ କରିବାକୁ ବିବେଚିତ ହୋଇଗଲେ । ତାଙ୍କ ହାତରେ ପରୀକ୍ଷାର ନମ୍ବର ତାଲିକା, କର୍ତ୍ତୃପକ୍ଷଙ୍କ ଚିତ୍ରିତ ମୋହର ଏବଂ ତା' ପଛକୁ କିଛି ଦାମୀ ଚିଠି । ସେ ଚିଠିଗୁଡ଼ିକ ହୁଏତ ଲେଖିଛନ୍ତି କୌଣସି ମନ୍ତ୍ରୀଙ୍କ ଭୃତ୍ୟ ବା ଲେଖିଛନ୍ତି ଶିକ୍ଷାୟତନର କୌଣସି କର୍ମଚାରୀଙ୍କ ବନ୍ଧୁ ! ସେମାନଙ୍କ ମୁଣ୍ଡରେ ଚାଳ ବାଜିବାର ସମ୍ଭାବନା ନାହିଁ, କାରଣ ସେମାନଙ୍କ ପାଇଁ ମୋଟ ଉପରେ ପ୍ରବେଶ ଦ୍ୱାରର ପ୍ରୟୋଜନ ନାହିଁ, କୁଦାକୁଦିର ପ୍ରୟୋଜନ ନାହିଁ, ସେମାନେ ପଛପଟ ଦେଇ ରାତିଅଧିଆ ଗଳିଯାଆନ୍ତି । ସେମାନଙ୍କ ଜାମାରେ ହୋରିଖେଳର ସବୁଠୁ ବେଶୀ ରଙ୍ଗ, ତାଙ୍କ ନାକ-ନିଶ ବୁଡ଼ିଯାଇଛି ରଙ୍ଗରେ । ତଥାପି ସେମାନେ ଅନୁପ୍ରବେଶକାରୀ ଅନିବାର୍ଯ୍ୟ ପଙ୍ଗପାଳ, ଯେଉଁମାନେ ପରିପୁଷ୍ଟ ହେବାପାଇଁ ବହୁ ମହାର୍ଘ ଜୀବନ ନିରନ୍ନ ରହିବାକୁ ବାଧ୍ୟ ।

ପ୍ରବେଶ ଦ୍ୱାର ପାଖରୁ ତିନି ମାଇଲ ପର୍ଯ୍ୟନ୍ତ ଲମ୍ବିଯାଇଥିବା ଧାଡ଼ିରେ କିନ୍ତୁ ଧୈର୍ଯ୍ୟର ସହିତ ଠିଆ ରହିଥାନ୍ତି ବହୁ ସ୍ୱପ୍ନ-ପରିପୂର୍ଣ୍ଣ ତରୁଣ କୁଳ । ଗୋଟିଏ ନମ୍ବର ବା ଅଧନମ୍ବର ପାଇଁ ଆଗପଛ ହୋଇ ପ୍ରବେଶିକା ଅଧିକାର ମିଳେ ବା ମିଳେ ନାହିଁ । ଏଠାରେ ଠିଆହୋଇଥାଏ - କୌଣସି ଚାଷୀବାପକୁ ଉଚ୍ଛନ୍ନ କରି ତାର ବିହନ ବିକ୍ରି ଟଙ୍କା ଧରି ଆସିଥିବା ଘରର ବଡ଼ ପୁଅ, ଯେ ହାକିମ ହେବାକୁ ଚାହେଁ - ଥାଏ ଭଗ୍ନକାମ - ବିଡ଼ମ୍ବିତ କନିଷ୍ଠ କିରାଣୀଟିର ଝିଅ, ଯାହାପାଇଁ ବରପାତ୍ର ମିଳେନାହିଁ - ଥାଆନ୍ତି ଭୂମିହୀନ ଚାକିରୀ-ସମ୍ବଳ ମଧ୍ୟବିତ୍ତ ପରିବାରର ଚାକିରୀ-ଆଶ୍ରିତ ପିଲାଗୁଡ଼ିଏ ଇତ୍ୟାଦି । ଏମାନଙ୍କ ଭିତରେ ମଧ ପଶିଥାଏ ବ୍ୟବସାୟୀର ପୁଅ, ଯେ କ ମ ଠ କରି ପାଠ ସାରିଦେଲେ ଧନ୍ଦା ଚଳେଇପାରିବ, ଗାଡ଼ିରେ ମାଲ ଚାଲାଣ କରିପାରିବ, ହାକିମଙ୍କୁ ଇଂରାଜୀରେ କଥା କହିପାରିବ । ତା'ର ପରବାଏ ନାହିଁ ପଇସାକୁ, ପରବାଏ ନାହିଁ ପାଠକୁ ବା ପାଠପଢେଇଲାବାଲାଙ୍କୁ । ସେହିପରି ବେପରୁଆ ଆଉ ଗୋଟାଏ ଗୋଷ୍ଠୀ ମଧ ନିଶକୁ କାନ ପାଖରେ ଓହଳେଇ ଦେଇ ଛକିଥାନ୍ତି କେବେ କାହା ତାଲୁ କଣା କରିବେ ବା କାହା ଘର ପୋଡ଼ିବେ ।

ଗାଡ଼ିରେ ଆସିପାରିଲେ କିନ୍ତୁ ଏ ଧାଡ଼ି ବାନ୍ଧି ଠିଆ ହେବାର ପ୍ରୟୋଜନ ନାହିଁ । ଗାଡ଼ି ଯେତେ ମହାର୍ଘ ହେବ, ଏ ଧାଡ଼ିକୁ ଆଡ଼ କରି ଚାଲିଯିବା ତା' ପାଇଁ ସେତେ ସହଜ ହେବ । ପ୍ରବେଶ-ପ୍ରାର୍ଥୀ ସାଙ୍ଗରେ କିନ୍ତୁ ଅନ୍ତତଃ ଅବସରପ୍ରାପ୍ତ ଖୁବ୍ କେହି ଜଣେ ଆସିଥିବା ଦରକାର । ଯଦି ନାରୀନେତ୍ରୀ କେହିଯାଇଥାନ୍ତି, ତେବେ ପ୍ରବେଶ ଆହୁରି ସହଜ । ଏତଦ୍ୱାରା ଭାବିବା ଉଚିତ୍ ନୁହେଁ ଯେ ସେମାନେ ଯେଉଁମାନଙ୍କୁ ନେଇ ଆସିଥାନ୍ତି, ସେମାନେ ନିତାନ୍ତ ଅଯୋଗ୍ୟ । ସେମାନଙ୍କ ଯୋଗ୍ୟତା ପାଇଁ ମଧ ପ୍ରବେଶିକା ପରୀକ୍ଷା ଆଗରୁ ଯୋଗାଡ଼ ଯନ୍ତ କରାଯାଇଥିବ - ଫଳ ବାହାରିବା ସ୍ତରରେ ରାସାୟନିକ ସାର ପ୍ରୟୋଗ ବଳରେ ନହେଲାଟାକୁ ବଳାତ୍କାର ପୁଷ୍ପିତ କରାଯାଇଥିବ । ହା

Digitized by srujanika@gmail.com

ହତୋସ୍ମି ! ଏଭଳି ହଟ୍ଟଗୋଳ ଠେଲାପେଲା ଭିତରେ ଆର୍ଯ୍ୟଭଟ୍ଟ ବିଚରା ହୁଏତ ! ନୀରବ ଅପେକ୍ଷା କରି ରହିଯିବ ଚିରକାଳ ।

ଏତେ ସତ୍ତ୍ୱେ ଦୋ'ଫସଲି ଜନବହୁଳ ଅଞ୍ଚଳରେ ପ୍ରତି ଦୋ'ଛକିଠାରେ ନୂତନ ଶିକ୍ଷାୟତନ ଖୋଲିଦିଆଯାଏ ଏ ଆଗ୍ରହୀ ବିଦ୍ୟାର୍ଥୀଙ୍କୁ ପ୍ରବେଶ କରେଇବାକୁ । ହଠାତ୍ ଜଣାଯାଏ ଯେ ସବୁଯାକ ଆଗ୍ରହ ଏମାନଙ୍କର । କିନ୍ତୁ ବ୍ୟବସାୟ ଖାତା ଆଡୁ ଦେଖିଲେ ଜଣାଯାଏ ଯେ, ପରିଚାଳକ-ଗୋଷ୍ଠୀର ଧନ୍ଦା ଚଳେଇବାକୁ ଏ ଗୋଟିଏ କ୍ଷେତ୍ର । ଏଣୁ ଏ ଜାଲଘର ଭିତରେ ଯେତେ କୁକୁଡ଼ା ପଶିଗଲେ ସେତେ ଲାଭ-ଜନକ । ସରକାରଙ୍କ ସ୍ୱୀକୃତି ଆସିଯାଏ ଛୋଟକୁ ବଡ଼ କରିବାକୁ, ନୂଆ ସ୍କୁଲ କଲେଜ ଖୋଲିଦେଇ ଗଛମୂଳେ ଘଣ୍ଟ ପିଟିବାକୁ ।

ଏଭଳି ଖୁବ୍ ପାଖରୁ ସମସ୍ୟାଟିକୁ ଦେଖିଲେ ବଳେ ଗୋଟିଏ ପ୍ରତିବାଦର ସ୍ୱର ଶୁଭେ - ''ବନ୍ଦ କର ଏ ପ୍ରହସନ ! ଏଠି ଯଦି ଅଧିକାର ଭେଦରେ ବିଚାର କରିପାରୁନାହିଁ, ତେବେ ପ୍ରବେଶିକାର ଅର୍ଥ କ'ଣ ? ଆନୁଷ୍ଠାନିକ ପ୍ରମାଣପତ୍ରଗୁଡ଼ିକୁ ମନେ ମନେ ସନ୍ଦେହ କରି ଏପରି ଅସହାୟ ଭାବରେ ସେଗୁଡ଼ିକୁ ପୁଣି ସ୍ୱୀକାର କରିବାର ଅର୍ଥ କ'ଣ ? ଏ ଗାଣିତିକ ହିସାବ-ନିକାସରେ ଗୁରୁଙ୍କର ଅଭିମତ ଦେବାର ଅବକାଶ ବା କାହିଁ ? ଏଭଳି ଗୁଡ଼ିଏ ପଶି ଆସି କ'ଣ ବା ପଢିବେ ଏବଂ କାହିଁକି ବା ପଢିବେ ? ଯାର ବୋଧହୁଏ ପ୍ରଧାନ କାରଣ ହେଲା ଯେ ଏଇ ବିଷୟରେ ସ୍ଥିର ମନରେ କେହି ଚିନ୍ତାକରିବାକୁ ପ୍ରସ୍ତୁତ ନୁହନ୍ତି । ଦେଶରେ ପ୍ରାୟ ଅଧିକାଂଶ ଲୋକ ବୋଧହୁଏ ଶିକ୍ଷାର ଅନିବାର୍ଯ୍ୟତାକୁ ଅସ୍ୱୀକାର କରିନେଇଛନ୍ତି । ଶିକ୍ଷା ରହିବ - ଏଣୁ ପିଲାଙ୍କୁ ବାପ ମା' ପଢିବାକୁ ପଠାଇଦିଅନ୍ତି । ପିଲାଏ ମଧ୍ୟ ଅନନ୍ୟୋପାୟ ହୋଇ ପଶିଆସନ୍ତି । ଏଠି କ'ଣ କରାଯିବ ଏବଂ ସେଥିପାଇଁ ତାଙ୍କର ରୁଚି ବା କ୍ଷମତା ଅଛି ନା ନାହିଁ, ସେ ବିଚାର ତାଙ୍କର ନାହିଁ । ପାଠ ପଢିବା ସତେ ବା ଗୋଟିଏ ଫେସନ୍ ! - ଏଥିରେ ଦାୟିତ୍ୱ ନାହିଁ, ସ୍ୱାଭିମତ ନାହିଁ । କେବଳ ଆଙ୍ଗୁଠି ଦେଖାଇ କୁହାଯାଏ, ''ସେ କଲା, ଏଣୁ ମୁଁ କଲି ।''.... ପ୍ରବେଶିକା ଦରଖାସ୍ତରେ ମଧ୍ୟ ସେଇଭଳି ଅନ୍ୟକୁ ନକଲ କରି ଦି'ଚାରି କଥା ଲେଖିଦିଆଯାଏ । ପଚରା-ପଚରି କରି ବୁଝିନିଆଯାଏ କେଉଁ ମାଷ୍ଟ୍ର ବା ଅଧ୍ୟାପକଟା କିଏ । ପରେ କାଳେ ଅନ୍ୟ କାରଣରୁ ସଂକୋଚ ଆସିଯାଇପାରେ, ଏଣୁ ତାକୁ ଏବଠୁ ଘୋର ଅସମ୍ମାନକର ଭାଷାରେ ଡକାଯାଇପାରେ । ସବା ଉପରେ ଯେ ବସି ଏ କାରଖାନାକୁ ଚଳାଏ, ତାକୁ ମଧ୍ୟ ତଦ୍ରୂପ ଭାଷାରେ ମଣ୍ଡିତ କରାଯାଇପାରେ । ମୋଟ ଉପରେ ଏ ସମସ୍ତଙ୍କ ପ୍ରତି ଅବଜ୍ଞା, ଏ ସମସ୍ତଙ୍କ ନାଁରେ କୁତ୍ସା, ଏ ସମସ୍ତଙ୍କୁ ଯଥେଷ୍ଟ ଅସମ୍ମାନ ଦେଖେଇବା ହେଲା କେତୋଟି ଅତି ଆଧୁନିକ ଛାତ୍ରାଭ୍ୟାସ । ଏମାନେ ଉଚ୍ଛୃଙ୍ଖଳ ଅସାମାଜିକତା ଏବଂ ଅଶିଷ୍ଟାଚାରକୁ ବୀରତ୍ୱ ବୋଲି ଭାବିଥାନ୍ତି ଏବଂ ଆଉ କେହି ଯାହା କହେ, ମୂଳରୁ ନ ଶୁଣିବାକୁ ସଂକଳ୍ପ କରିଥାନ୍ତି । ଏଣୁ ସେମାନେ ହୁଏତ ଶିକ୍ଷାୟତନରେ ପ୍ରବେଶ କରିଯାନ୍ତି, କିନ୍ତୁ ଶିକ୍ଷା ବା ଶିକ୍ଷାୟତନ ତାଙ୍କ ଭିତରେ ପ୍ରବେଶ କରିପାରେ ନାହିଁ ।

ଏଭଳି ଗୁଡ଼ିଏ ଅବାଞ୍ଛିତ ବ୍ୟତିକ୍ରମ ତିରିଶ ବର୍ଷ ତଳେ ମଧ୍ୟ ଥିଲେ । ଏମାନଙ୍କର ରୁଚି ବା ସମ୍ମାନ ନ ଥାଏ ପଢାପ୍ରତି କିମ୍ବା ପଢାଉଥିବା ଶିକ୍ଷକ ସଂପ୍ରଦାୟ ପ୍ରତି । କିନ୍ତୁ ସେମାନେ ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇ ପଢିବାକୁ ଆସିଯାଉଥିଲେ । ବୃତ୍ତି ଅନୁରୋଧରୁ ହିଁ ଆସିଯାଉଥିଲେ ।

Digitized by srujanika@gmail.com

କାରଣ ପାଠପଢାର ପ୍ରମାଣପତ୍ର ନଦେଖାଇଲେ ଚାକିରୀ ମିଳୁନଥିଲା ଏବଂ ଚାକିରୀ ଥିଲା ଏକ ଶ୍ଳାଘ୍ୟ ଓ ସ୍ପୃହଣୀୟ ବୃତ୍ତି । ଏବେ ମଧ୍ୟ ଅବସ୍ଥା ସେଇଆ । ସେମାନଙ୍କର ଅନ୍ୟ ଉପାୟ ନାହିଁ ବୋଲି ଆସୁଛନ୍ତି ଏବଂ ସେଇଭଳି କାରଣରୁ ମଧ୍ୟ ଆସୁଛନ୍ତି । କେବଳ ପାର୍ଥକ୍ୟ ଏତିକି ଯେ ସେମାନଙ୍କ ସଂଖ୍ୟା ଏବେ ଶହେରେ ଅର୍ଦ୍ଧାଧିକ । ବୃତ୍ତି ଆଶା ଆଗ ଅପେକ୍ଷା ଅନେକ କମ୍ । ଗୋଟାଏ ପ୍ରକାର ସର୍ବହରା ନୈରାଶ୍ୟ ସହିତ ଅଦୂରଦର୍ଶୀ ତାରୁଣ୍ୟ ଓ ଉଚ୍ଛୃଙ୍ଖଳତା ମିଶିଯିବାରୁ ଶିଷ୍ଟାଚାର ବା ସଦାଚାର ତାଙ୍କ ପାଇଁ ଅବାନ୍ତର । ସେମାନେ ସବୁ ପ୍ରକାର ମାଲିକାନା, ଏପରିକି ନୀତି ନିୟମ କାନୁନ୍‌ର ମାଲିକାନାକୁ ମଧ୍ୟ ନାତ ମାରିବାକୁ ଗୋଡ଼ ଟେକି ରଖିଥାନ୍ତି । ଜିଭ ଅଗରେ ସଞ୍ଚି ରଖିଥାନ୍ତି ଅଶ୍ରାବ୍ୟ ଭାଷା । ପ୍ରୟୋଜନ ଥାଉ ବା ନ ଥାଉ ଏ ସମସ୍ତର ପ୍ରୟୋଗ ହେଲା ସେମାନଙ୍କର ବିଳାସ । ଏଥିରେ ଗୁଡ଼ାଏ ଜମିରହିଥିବା ଅନିୟନ୍ତ୍ରିତ, ଅସଂଯତ ଶକ୍ତି ଖଲାସ ହୋଇଯାଏ । ସେମାନେ ଏହିପରି କିଛି ଆତ୍ମହନନ ପରେ ପରିଶ୍ରାନ୍ତ ବୋଧକରନ୍ତି ଏବଂ ସନ୍ତୁଷ୍ଟ ହୋଇଯାନ୍ତି ।

ଆର୍ଯ୍ୟଭଟ୍ଟ ଭାବେ ଯେ ଏ ଉଦ୍‌ଭ୍ରାନ୍ତ ବଳିଷ୍ଠବପୁ ଯୁବକଗୁଡ଼ିକ ହୁଏତ ସେନାବାହିନୀରେ ଯୋଗ ଦେବା ଉଚିତ୍ ଥିଲା, ବା କୃଷିକର୍ମ କରି ସ୍ୱଧର୍ମ ରକ୍ଷା କରିବା ଉଚିତ୍ ଥିଲା । ନିର୍ବିଚାର ଯେଉଁଠି ଇଚ୍ଛା ସେଇଠି ପଶିଯିବା କ'ଣ ସ୍ୱାଧୀନ ଅଧିକାର ? ଏମାନେ ସ୍ୱାଧୀନ ବା କିପରି ? ଯେ ସ୍ୱାଧୀନ, ସେ ତା' ଭିତରେ ବିବେକବୁଦ୍ଧିର ଶାସନକୁ ସ୍ୱୀକାର କରିନେଇଥାଏ । ଏମାନେ ତ ସେଭଳି ନୁହନ୍ତି ! ଏମାନେ କାହିଁକି ଆସନ୍ତି ଶିକ୍ଷାୟତନକୁ ? ଯଜ୍ଞଭୂମିରେ ବାନରବର୍ଗଙ୍କର ଅବାଧ ପ୍ରବେଶ କ'ଣ ଅଧିକାର ସମର୍ଥିତ ? ସେମାନେ ଅନ୍ୟ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଦେଖାଇବାର ଯଥେଷ୍ଟ ସମ୍ଭାବନା ରହିଛି । କାହିଁକି ଏମାନେ ଆସୁଛନ୍ତି ଅନିଚ୍ଛା ସତ୍ତ୍ୱେ, ଅନଧିକାର ସତ୍ତ୍ୱେ, କୌଣସି ନିର୍ଦ୍ଦିଷ୍ଟ ଲୋଭନୀୟ ପରିଣାମ ନ ଥିବା ସତ୍ତ୍ୱେ ? ଏମାନଙ୍କୁ ଅନ୍ୟ ପନ୍ଥା କାହିଁକି ଏ ସମାଜ ଦେଖାଇଦେଉନାହିଁ ? ଏମାନେ ଏଠିକି ଆସି ତ କେବେହେଲେ ବିଦ୍ୟାର୍ଥୀର କଠୋର ବ୍ରତ ପାଳନ କରିପାରିବେ ନାହିଁ । ପ୍ରାଜ୍ଞପୂଜା, ଶୁଚି, ବ୍ରହ୍ମଚର୍ଯ୍ୟ, ଅହିଂସାଦି ଶରୀର ତପସ୍ୟା ତ ଏହାଙ୍କର ନାହିଁ । ବାଙ୍ମୟି ଏବଂ ମାନସ ତପସ୍ୟା ପାଇଁ ଏମାନଙ୍କର ପ୍ରସ୍ତୁତି ବା ସାମର୍ଥ୍ୟ ନାହିଁ, ଇଚ୍ଛା ମଧ୍ୟ ନାହିଁ । ଏମାନେ କ'ଣ ବିଦ୍ୟା ସାଧନା କରିବେ ? ଏ ସମସ୍ତ ଯେ ଚିରନ୍ତନ ନିୟମ ଏବଂ ଚିରକାଳ ପାଳନୀୟ । ତା' ନହେଲେ, ଆଉ କିଛି ମିଳୁ ନ ମିଳୁ - ବିଦ୍ୟା ମିଳିବା ତ ସମ୍ଭବ ନୁହେଁ । ସର୍ବାଧୁନିକ ବୈଜ୍ଞାନିକ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଏଇଭଳି ନିୟମ, ଏଇଭଳି ଗୁରୁଶିଷ୍ୟ ସଂପର୍କ ଅଜ୍ଞାତସାରରେ ପାଳିତ ହେଉଛି - ହେବାକୁ ବାଧ୍ୟ ।

ତେବେ ଅବଶ୍ୟ ଆଉ କେତୋଟି ପ୍ରଶ୍ନ ସ୍ୱତଃ ଏ ସଂକ୍ରାନ୍ତରେ ଆସିଯାଉଛି । ଏଗୁଡ଼ିକ ବା ବିଦ୍ୟାର୍ଥୀ ନୋହିଲେ - ଭିତରେ ଯେ ବସିଛନ୍ତି ସେ ଗୁରୁ ଆସନର ଅଧିକାରୀ ତ ? ଯାହା ଶିକ୍ଷା ଦିଆଯାଏ ତାର ସେଭଳି ମୂଲ୍ୟ ଅଛି ତ ? ଏହିପରି ଗୁଡ଼ିଏ ପ୍ରଶ୍ନ - ଚାପରେ କାତର ଆର୍ଯ୍ୟଭଟ୍ଟ ଶୂନ୍ୟକୁ ହୁଏତ ଚାହିଁ ରହିଯାଏ । ତା' ଆଖି ଆଗରେ ଏ ସମଗ୍ର ଅନୁଷ୍ଠାନର ମୌଳିକ ସାର୍ଥକତା ଗୋଟିଏ ଅତି ବକ୍ର ଏବଂ ଅତି ଜଟିଳ ପ୍ରଶ୍ନବାଚୀ ପରି ଦେଖାଦିଏ । ସେ କିନ୍ତୁ ତାର ସ୍ୱାଭାବିକ ଧୈର୍ଯ୍ୟରେ ଅପେକ୍ଷା କରି ରହେ ।

Digitized by srujanika@gmail.com

ବିଦ୍ୟା ଓ ବିଦ୍ୟାର୍ଥୀ

(ପରମ୍ପରା ବିଚାର)

ବହୁ ଆୟାସ-ଲଭ୍ୟ ଐଶ୍ୱର୍ଯ୍ୟ ପରି ବିଦ୍ୟା ପ୍ରଲୁବ୍ଧ କରେ, ତାର ପ୍ରାପ୍ତି ପାଇଁ ବଳବତୀ ଇଚ୍ଛା ଜାଗ୍ରତ କରେ ଏବଂ ବିଦ୍ୟା-ବିହୀନ ଜୀବନ ଚତୁଷ୍ପଦର କାୟା କ୍ଳେଶରେ ହିଁ ପର୍ଯ୍ୟବସିତ ରହେ ବୋଲି ବିଶ୍ୱାସ ଆଣିଦିଏ । ଶଲ୍ୟ -ବିଦ୍ୟାଠାରୁ ବ୍ରହ୍ମବିଦ୍ୟା ପର୍ଯ୍ୟନ୍ତ ସୁବିସ୍ତୃତ ପରିସର ଭିତରେ ଯଦି ଯଶ, ମାନ, ଧନାଦି କିମ୍ବା ଚତୁବର୍ଗାଦି ଫଳ ପ୍ରାପ୍ତିର ନିର୍ଦ୍ଦିଷ୍ଟ ସମ୍ଭାବନା ନ ଥାନ୍ତା, ତେବେ ବିଦ୍ୟାର ସାର୍ଥକତା ସିଦ୍ଧ କରିବା ଯୁକ୍ତି-ସୁଲଭ ହୁଅନ୍ତା ନାହିଁ । କିନ୍ତୁ ବିଚାରବନ୍ତ ପାଠକପାଇଁ ସାମାନ୍ୟ ରନ୍ଧନ ବିଦ୍ୟାର ଦୃଷ୍ଟାନ୍ତ ଦେଇଦେଲେ ହିଁ ତା'ର ଅନସ୍ୱୀକାର୍ଯ୍ୟ ତାତ୍ପର୍ଯ୍ୟ ପ୍ରମାଣ କରିବାର ଆଉ ପ୍ରୟୋଜନ ରହୁନାହିଁ ।

ତଥାପି ସମସ୍ତେ ସବୁ ବିଦ୍ୟାର ଅଧିକାରୀ ନୁହନ୍ତି । ଅଧିକାର ଆସେ ଆନ୍ତରିକତାରୁ, ଆଗ୍ରହରୁ, ନିଷ୍ଠା ଏବଂ ଶ୍ରଦ୍ଧାରୁ । ଏ ସମସ୍ତ ପୁଣି ନିର୍ଭର କରନ୍ତି ବ୍ୟକ୍ତିର ଅଭିରୁଚି, ତାର ପରିବେଶ ଏବଂ ସଂସ୍କାର ଉପରେ । ଶରୀର, ପ୍ରାଣ ଏବଂ ମନ କେନ୍ଦ୍ରରେ ସ୍ଥୁଳ ଏବଂ ସୂକ୍ଷ୍ମ ପର୍ଯ୍ୟାୟରେ ଅନେକ କ୍ଷୁଧାର ଶିଖା ଜଳୁଥାଏ । ତା' ଭିତରୁ ଅଧିକାଂଶ ଅଧସ୍ତନ ଲୋମଶ ଜାନ୍ତବ-ପରମ୍ପରା-ଲାଞ୍ଛିତ, କିନ୍ତୁ ଆଉ କେତେଗୁଡ଼ିଏ ମହତ୍ତର ମୂଲ୍ୟରେ ଗୌରବିତ । ସେଗୁଡ଼ିକ ପାଇଁ ମଣିଷର ବାମନପ୍ରାଣରେ ଚନ୍ଦ୍ରର ପିପାସା ଜାଗ୍ରତ ହୁଏ । ସେ ଚାହେଁ ତାର ସ୍ଥୁଳ ପରିସୀମାକୁ ଉତ୍ତରଣ କରି ଆଉ ଏକ ବୃହତ୍ତର ପରିଧିରେ ନିଜର ତାତ୍ପର୍ଯ୍ୟ ଅନୁଭବ କରିବ । ତା'ର ଆସ୍ପୃହାର ଶିଖା ଊର୍ଦ୍ଧ୍ୱମୁଖ ହୋଇ ତାକୁ ସଂସାର-ବିମୁଖ କରିଦିଏ । ସେ ସେଇ ମାର୍ଗରେ ହୁଏ ଅମୃତର ସନ୍ଧାନୀ, ଜ୍ଞାନ-ଭକ୍ତି-ପ୍ରେମର ଉପାସକ, ନିର୍ଗୁଣ ସଗୁଣର ଦ୍ରଷ୍ଟା । ମଣିଷ ସତେ ବା ଦୁଇଟି ଅବିମିଶ୍ର ଧାତୁରେ ତିଆରି । ଗୋଟିଏ ତାର ବର୍ତ୍ତୁଳ ସ୍ଥିତିର ଉତ୍ତର ଗୋଲାର୍ଦ୍ଧ ଏବଂ ଅନ୍ୟଟି ଦକ୍ଷିଣ ଗୋଲାର୍ଦ୍ଧ । ଏ ଦୁଇଟିର ସମାହାରରେ ସେ ବଞ୍ଚିରହେ, କିନ୍ତୁ ଗୋଟିକରୁ ଅହରହ ଉତ୍ତୀର୍ଣ୍ଣ ହୋଇ ଅନ୍ୟଟିରେ ନିଜର ବର୍ଣ୍ଣ ବିକଶିତ କରେ । ଏଇ ପର୍ଯ୍ୟାୟରେ ସେ ବିଦ୍ୟାପାଇଁ ଆଗ୍ରହୀ ହୁଏ, ଅନୁଭବ କରେ ତାର ଅଭାବରେ ଘୋର ସଂକୀର୍ଣ୍ଣତା - ଏକପ୍ରକାର ବିକଟ କାର୍ପଣ୍ୟ-ଦୋଷ । ସେ ବୁଝିବାକୁ ଚାହେଁ, ଜାଣିବାକୁ ଚାହେଁ, ଦେଖିବାକୁ ଚାହେଁ ତାର ମାର୍ଗ । ବିଦ୍ୟାଭ୍ୟାସ କିନ୍ତୁ କୌଣସି ଘଟଣା ନୁହେଁ, ତାହା ଏକ ଧାରା, ଏକ ସୁସଂଯତ ଶୃଙ୍ଖଳା, ଯାହାର କ୍ରମପରିଣାମ ସ୍ୱରୂପ ଜାଗ୍ରତ ହୁଏ ତୀବ୍ର ଧର୍ମ ଜିଜ୍ଞାସା - ସତ୍ୟାନ୍ୱେଷଣର ଏକାଗ୍ରତା ।

Digitized by srujanika@gmail.com

ଏଣୁ ପ୍ରତ୍ୟେକ ବିଦ୍ୟା ଗୋଟିଏ ଗୋଟିଏ ଶୃଙ୍ଖଳା - ନିର୍ଦ୍ଦିଷ୍ଟ ପରିସର ଭିତରେ ସାଧ୍ୟ, ସାଧନା ଓ ସିଦ୍ଧିର କ୍ରମାନ୍ୱୟତା । ସ୍ୱତଃ-ଚଞ୍ଚଳ ମନ ସ୍ଥିର ନ ହେଲେ ସ୍ୱାଭାବିକ ପରିଦହ୍ୟମାନ ଦେହ ନିରାମୟ ନ ରହିଲେ, ଏ ପ୍ରକାର ଶୃଙ୍ଖଳାରେ ଅଗ୍ରସର ହେବା ସମ୍ଭବ ନୁହେଁ । ଏଣୁ କୃତବିଦ୍ୟ ଗୁରୁ ପାଖରେ ସର୍ବପ୍ରଥମେ ଆଚରଣର ସଞ୍ଜମଶିକ୍ଷା ଅନିବାର୍ଯ୍ୟ ହୋଇ ଦେଖାଦିଏ । ସଂଯତ, ନିୟନ୍ତ୍ରିତ, ସୁସ୍ଥ କରିବାକୁ ହୁଏ ଶରୀରକୁ ଏବଂ ମନକୁ । ଶାରୀରିକ ଏବଂ ମାନସିକ କ୍ଷେତ୍ରର ପୁଞ୍ଜିଭୂତ ଶକ୍ତିର ବିନିଯୋଗରେ ବିଦ୍ୟାର୍ଜ୍ଜନ କରାଯାଏ । ଶକ୍ତିର ଅପଚୟ ହେଲେ ବିଦ୍ୟା ତଦନୁପାତରେ ଆୟତ୍ତାଧୀନ ହୁଏ ନାହିଁ । ଏ ପ୍ରକାର ଶୃଙ୍ଖଳାର ସୁସମ୍ପାଦନ ପାଇଁ ଉପଯୁକ୍ତ ପରିବେଶ ନହେଲେ ନ ଚଳେ । ପରିବେଶ କେବଳ ଆଶ୍ରମସୁଲଭ ଶାନ୍ତ ପ୍ରକୃତି ବା ଗଙ୍ଗା-ତୀରର କୌଣସି ତପୋବନ ହେଲେ ଯଥେଷ୍ଟ ନୁହେଁ । ତା'ର ସର୍ବପ୍ରଧାନ ଅଙ୍ଗ ହେଉଛି ମାନସିକ ବାତାବରଣ - ସହପାଠୀଙ୍କର ପାରସ୍ପରିକ ସଦ୍‌ଭାବ - ଶୁଦ୍ଧ ଆତ୍ମବିଶ୍ୱାସ ଏବଂ ଅବିକମ୍ପିତ ଲକ୍ଷ୍ୟ ସର୍ବୋପରି ଅନୁଷ୍ଠାନର କେନ୍ଦ୍ରରେ ସୂର୍ଯ୍ୟକଳ୍ପ ଗୁରୁଙ୍କର ଦେଦୀପ୍ୟମାନ ବ୍ୟକ୍ତିତ୍ୱ । ସେ ହିଁ ସ୍ୱୟଂ ସେ ପରିବେଶର କେନ୍ଦ୍ର ଏବଂ ପରିଧି । ସେ ସେଇ ପରିବେଶ ସୃଷ୍ଟି କରିଥାନ୍ତି । ବିଦ୍ୟାର୍ଥୀ ନତଜାନୁ ହୋଇ ତାଙ୍କ ଉପରେ ପ୍ରଗାଢ ବିଶ୍ୱାସ ରଖି ବିନମ୍ର ଜିଜ୍ଞାସାରେ ନିବେଦନ କରେ । ଶ୍ରଦ୍ଧାବାନ୍, ଆସ୍ଥାବାନ୍ ହୋଇ ଆଜ୍ଞା ପାଳନ କରେ, ଶିକ୍ଷା ଗ୍ରହଣ କରେ, ବିଦ୍ୟା ଲାଭ କରେ ।

ଜୀବନର ସମନ୍ୱିତ ପୂର୍ଣ୍ଣତା ପାଇଁ ସେ ଏକାଧିକ ବିଦ୍ୟା ଲାଭ କରେ ଏବଂ ମଣିଷ ଜୀବନର ଚତୁଃସୀମାକୁ ସ୍ପର୍ଶ କରୁଥିବା ଚତୁର୍ବର୍ଗ ପାଇଁ ବିଭିନ୍ନ ବିଦ୍ୟାର ପ୍ରୟୋଜନ ମଧ୍ୟ ଥାଏ । ଯଦି କେବଳ 'ଅର୍ଥ' ବା 'କାମ' ହିଁ ଜୀବନର ଲକ୍ଷ୍ୟ ହୁଅନ୍ତା ଏବଂ ସେଥିପାଇଁ ବିଶିଷ୍ଟ ଅର୍ଥକାରୀ ଏବଂ କାମ ସମ୍ପାଦିନୀ ବିଦ୍ୟା ଅଭ୍ୟାସ କରାଯାନ୍ତା, ତେବେ ଜୀବନ ହୋଇଯାନ୍ତା ଏକପାର୍ଶ୍ୱିକ । ସ୍ୱତଃ ସଂସାର ବିରକ୍ତ ପରିଣତ ବୟସରେ ଜରାଗ୍ରସ୍ତ ଜୀବନ ନିରର୍ଥକ ଅର୍ଥଭାରରେ ପରିପୁଷ୍ଟ ଏବଂ ଅସଫଳ କାମ-ଜ୍ୱାଳାରେ ବିଷଜର୍ଜ୍ଜର ହୋଇଯାନ୍ତା । ଏଣୁ ଏ ଭୂମିର ଦୂରଦର୍ଶୀ ଗୁରୁକୁଳ ଜୀବନର ସାମୂହିକ କଲ୍ୟାଣ ପାଇଁ ଆସନ ପ୍ରାଣାୟାମଦ୍ୱାରା ଶରୀରକୁ ଯୁଦ୍ଧାଶ୍ୱ ପରି ଶକ୍ତିଶାଳୀ ଓ କର୍ମକୁଶଳ କରିବା ସଙ୍ଗେ ସଙ୍ଗେ ବେଦ ବେଦାଙ୍ଗ ପୁରାଣ ଶାସ୍ତ୍ରର ନିପୁଣ ଅଧ୍ୟୟନରେ ମେଧା ବୃଦ୍ଧି ଓ ବିଚାରଶକ୍ତିକୁ ଶାଣିତ କରିଛନ୍ତି । ଚତୁରଙ୍ଗ ଯୁଦ୍ଧବିଦ୍ୟାରେ ପାରଙ୍ଗମ ରାଜପୁତ୍ରମାନେ ଶତ୍ରୁ ଦମନ କରିଛନ୍ତି । ସମ, ଦମ, ଦଣ୍ଡାଦି ନିୟମରେ ଅଧିତ-ବିଦ୍ୟ ରାଜନ୍ୟବର୍ଗ ପ୍ରଜାପାଳନ କରିଛନ୍ତି । ଚରକ ଶୁଶ୍ରୁତାଦିଙ୍କ ଭିଷକ୍‌ବିଦ୍ୟା ନିଷ୍ଣାତ ବୈଦ୍ୟାଚାର୍ଯ୍ୟମାନେ ଶରୀରକୁ ନିରାମୟ ରଖିଛନ୍ତି । ଜ୍ୟୋତିର୍ବିଦ୍ୟାର ଗଣନାରେ କୃଷି ବାଣିଜ୍ୟାଦି ସଞ୍ଚାଳିତ ହୋଇଛି । ଶିଳ୍ପ ବିଦ୍ୟାରେ ଗଢିଉଠିଛି ନଗର, ଅଟ୍ଟାଳିକା, ଜଳପୋତ ଏବଂ ଆକାଶପୋତ । ଧନ-ଧାନ୍ୟ-ଭରା ସୁଶାସିତ ସୁସଂଯତ ସମାଜରେ କାମବିଳାସ ଯେପରି ଏକ ସ୍ୱୀକୃତ ଏବଂ ସମ୍ମାନିତ ପ୍ରୟୋଜନ, ସେହିପରି ସମସ୍ତ ବିଦ୍ୟା-ଶିକ୍ଷା ଓ ସଂଯମର ଚୂଡାନ୍ତ ଲକ୍ଷ୍ୟ ଦେହାନ୍ତର-ମୁକ୍ତି ମଧ୍ୟ ଏକ ମାନନୀୟ ଏବଂ ଭବ୍ୟ ସମ୍ଭାବନା । ... ଏ ମୂଳ ଧାରାରୁ ଶାଖାୟିତ ହୋଇ ଶତାଧିକ ବିଦ୍ୟା, ଶତାଧିକ ଲକ୍ଷ୍ୟ ଏବଂ ସିଦ୍ଧି ଭାରତଭୂମିରେ ଜୀବନଚର୍ଯ୍ୟାକୁ ଅଳଂକୃତ କରିଛି । ପୁଣି ଗୋ-ବିଦ୍ୟା, ଖ-ବିଦ୍ୟା, ଭୋଜବିଦ୍ୟା,

Digitized by srujanika@gmail.com

ବଶୀକରଣ ବିଦ୍ୟାଦି ସେମାନଙ୍କର ଅଜସ୍ର ପ୍ରଗଲ୍‌ଭତା ଏବଂ କୋଳାହଳ ଭିତରେ ଅନେକ ବିଦ୍ୟାଗ୍ରହୀଙ୍କୁ ଦିଗ୍‌ଭ୍ରାନ୍ତ କରିଛନ୍ତି । କାଳର କୃଷ୍ଣ ଛାୟାରେ ଆଚ୍ଛନ୍ନ, ଅବଲୁପ୍ତ ହୋଇଯାଇଛି ଏ ସମୃଦ୍ଧ ଜାତୀୟ ଜୀବନର ପ୍ରୋଜ୍ଜ୍ୱଳ ପନ୍ଥା ।

କିନ୍ତୁ ବିଦ୍ୟା ସବୁବେଳେ ଏହିପରି ଏକ ଆଚ୍ଛନ୍ନ ରହସ୍ୟ । ସେ ପ୍ରାଚୀନ ହେଉ ବା ଆଧୁନିକ ହେଉ, ପ୍ରାଚ୍ୟ ହେଉ କିମ୍ବା ପାଶ୍ଚାତ୍ୟ ହେଉ, ସେ ରହସ୍ୟର ଉଦ୍‌ଘାଟନ କରନ୍ତି ଗୁରୁ, କାରଣ ସେ ଦ୍ରଷ୍ଟା । କୌଣସି ଶୁଭ ମୁହୂର୍ତ୍ତରେ ଏ ବିଦ୍ୟାର୍ଜନ ସଫଳ ହୁଏ । ବିଦ୍ୟାର୍ଥୀ ନିଜକୁ କୃତାର୍ଥ ମନେକରେ । ତା'ପରେ ଆରମ୍ଭ ହୁଏ ଅଭ୍ୟାସ । ଅବିଚଳିତ ଅଧ୍ୟବସାୟ ଏବଂ ଏକାଗ୍ରତା ସହିତ ଗୁରୁ ସମ୍ମୁଖରେ ସେ ନୂତନ ବିଦ୍ୟା କ୍ରମଶଃ ଆୟତ୍ତ କରେ । କଠିନ ଯୋଗବିଦ୍ୟାରେ ଯେପରି ସେ ଚକ୍ରଭେଦ ପ୍ରକ୍ରିୟା ସାବଧାନତା ସହକାରେ କରୁଥିଲା, ଆଧୁନିକ ପ୍ରୟୋଗଶାଳାରେ ମଧ୍ୟ ଅତି ପ୍ରବଳ ବିଦ୍ୟୁତ୍ ଶକ୍ତିର ନିୟମନ କିମ୍ବା ଆଣବିକ ମହାଶକ୍ତିର ସଂଯତ ବିସ୍ଫୋରଣ ଗୁରୁ ନିର୍ଦ୍ଦେଶରେ ହିଁ ସାବଧାନତାର ସହ ସେ ଅଧ୍ୟୟନ କରେ, ଅଭ୍ୟାସ କରେ । ବିଦ୍ୟାଭ୍ୟାସରେ ଚପଳତାର ସ୍ଥାନ ନାହିଁ । ଅନନ୍ୟଚେତା ହେବା ପରେ ସ୍ତମ୍ଭିତଚିତ୍ତ ବିଦ୍ୟାର୍ଥୀ ପାଇଁ ଆଉ ଅନ୍ୟ କିଛି ଚିନ୍ତା କରିବାର ଅବକାଶ ନାହିଁ । କ୍ରମ ପର୍ଯ୍ୟାୟରେ ରହସ୍ୟ ଉଦ୍‌ଘାଟିତ ହୋଇଚାଲିଥାଏ, ବିଦ୍ୟାଭ୍ୟାସ ଚାଲିଥାଏ । ତାପରେ ଗୁରୁ କହନ୍ତି, ''ମୋର ଆୟତ୍ତରେ ଯାହା ବିଦ୍ୟା ଥିଲା ମୁଁ ତୁମକୁ ତାହା ଦାନ କଲି ।'' କୃତାଞ୍ଜଳି ହୋଇ ଶିଷ୍ୟ କଷ୍ଟାର୍ଜିତ ବିଦ୍ୟାଧନ ଗ୍ରହଣ କରି ପ୍ରସ୍ଥାନ କରେ । ଅଧୁନା ସମାବର୍ତ୍ତନ ଉତ୍ସବ ହୁଏ, ଦୀକ୍ଷାନ୍ତ ପ୍ରମାଣପତ୍ର ବଣ୍ଟନ ହୁଏ, ଲିଖିତ ପତ୍ରରେ କୁଳପତି ତାହା ଅନୁମୋଦନ କରନ୍ତି ।

ଅସଂଖ୍ୟ ବିଦ୍ୟାର ସାଧନ ପାଇଁ ଜୀବନ ପର୍ଯ୍ୟାପ୍ତ ନୁହେଁ ଏବଂ ସେ ସମସ୍ତଙ୍କୁ ଏକତ୍ର ଧାରଣ କରିବାକୁ ସେପରି ପ୍ରଶସ୍ତ ମେଧା ମଧ୍ୟ ସମ୍ଭବ ନୁହେଁ । ଅନ୍ୟ ଦୃଷ୍ଟିରୁ ବିଚାର କଲେ ସବୁ ବିଦ୍ୟାର ସମସ୍ତଙ୍କ ପାଇଁ ମଧ୍ୟ ଉପାଦେୟତା ନାହିଁ ବା ପ୍ରୟୋଜନ ନାହିଁ । ଏଣୁ ବାଛିନେବାକୁ ହୁଏ । ନିଜକୁ ନିଜେ ବିଶ୍ଳେଷଣ କରି ସ୍ଥିର କରି ନେବାକୁ ହୁଏ ଗୋଟିଏ ମାତ୍ର ବିଦ୍ୟାର ଶୃଙ୍ଖଳା । ଅଧିକାଂଶ କ୍ଷେତ୍ରରେ ଗ୍ରାସାଚ୍ଛାଦନ-ଆକୁଳ, ଭୋଜନ-ପ୍ରଜନନ-ପଟୁ-ଜୀବ-ଗୋଷ୍ଠୀ କେବଳ ଅର୍ଥକରୀ, ଯଶ ଏବଂ ସୁଖକରୀ ବିଦ୍ୟାର ଆଶ୍ରୟ ନେଇଥାନ୍ତି । ସେମାନଙ୍କର ଜୀବଦ୍ଦଶା ସ୍ଥୂଳ ଅଧସ୍ତନ କ୍ଷୁଧାର ପ୍ରଶମନ ପାଇଁ ବ୍ୟୟିତ ହୋଇଯାଏ । ସେମାନେ ପ୍ରକୃତିର ଦୁର୍ଲଂଘ୍ୟ ନିୟମରେ ଜଡ଼ିତ ହୋଇଥାନ୍ତି, ବ୍ୟବହୃତ ହୋଇଯାନ୍ତି । ସେମାନେ ସମାଜକୁ ପରିପୁଷ୍ଟ କରନ୍ତି ଏବଂ ଅନେକ ବ୍ୟାଧି ଯନ୍ତ୍ରଣା, ହତାଶା, କାମ କ୍ରୋଧର ଜ୍ୱାଳା ଭିତର ଦେଇ ନିର୍ବାପିତ ହୋଇଯାନ୍ତି । ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ବିଶେଷତ୍ୱ ନାହିଁ । ସେମାନେ ଗୋଷ୍ଠୀ ଜୀବନର ଗୋଟିଏ ଗୋଟିଏ ସ୍ଫୁରଣ ବିନ୍ଦୁ ମାତ୍ର ।

କ୍ୱଚିତ୍ ଭାଗ୍ୟବନ୍ତ ପୁରୁଷ କିନ୍ତୁ ମୂଳତଃ ଆକୃଷ୍ଟ ହୋଇଯାନ୍ତି ସେଇ ସର୍ବଶ୍ରେଷ୍ଠ ରାଜବିଦ୍ୟା ଆଡ଼କୁ । ତା'ର ଉତ୍ତମ ରହସ୍ୟ ତାଙ୍କୁ ଆଚ୍ଛନ୍ନ କରେ । ସଂସ୍କାର, ପରିବେଶ, ଅଭିରୁଚି ସମସ୍ତେ

Digitized by srujanika@gmail.com

କୌଣସି ଏକ ଆଚରିତ ଶୁଭ ମୁହୂର୍ତ୍ତରେ ଜୀବନର କଲ୍ୟାଣତମ ଲକ୍ଷ୍ୟକୁ ଆବିଷ୍କାର କରିନିଅନ୍ତି । କ୍ଷୁରଧାର ପରି ଏ ଦୁର୍ଗମ ପନ୍ଥାର ସୁଦୀର୍ଘ ବ୍ୟାପ୍ତି ଏବଂ ତାର ଅକଳନୀୟ ଲକ୍ଷ୍ୟ ସେମାନଙ୍କୁ ନିରୁତ୍ସାହିତ କରିପାରେ ନାହିଁ, ବରଂ ଅଦ୍ରିକଳ୍ପ ସଂକଳ୍ପ ଆହୁରି ବଜ୍ରଦୃଢ଼ ହୁଏ, ଅଖଣ୍ଡ ସାଧନା ପାଇଁ ଏ ମହାଜନମାନେ ପ୍ରସ୍ତୁତ ହୋଇଯାନ୍ତି, ଜନ୍ମ ଜନ୍ମାନ୍ତରର ପ୍ରୟାସ ପାଇଁ ପ୍ରସ୍ତୁତ ହୋଇଯାନ୍ତି । କିନ୍ତୁ ସେ ମାର୍ଗରେ ସାମାନ୍ୟତମ ପ୍ରଗତି ପାଇଁ କେତେ ଯେ ପ୍ରୟାସ ପ୍ରୟୋଜନ୍ ହୁଏ, କେତେ ଯେ ଅସହାୟତା ଏବଂ ବ୍ୟର୍ଥତାର ବିଡ଼ମ୍ବନା ସମୁଦ୍ରପରି ଘୋଡ଼େଇ ହୋଇ ଆସେ, ଆକୁତି ଅନୁନୟ ପରେ କାଣିଚାଏ ଗୁରୁକୃପା ମିଳେ, ତାହା ଅନୁଭବୀ ହିଁ ଜାଣେ । ଜଣାଯାଏ ସତେ ଯେମିତି ଆଣ୍ଡ୍ରୋମେଡ଼ା ବିଶ୍ୱ-ଖଣ୍ଡରେ ପହଞ୍ଚିବାକୁ ହେବ, ବିଦ୍ୟୁତ୍ ଗତିରେ ଗଲେ ସୁଦ୍ଧା ନିୟୁତ ବର୍ଷ ନିଅଣ୍ଟ ହେବ । କିନ୍ତୁ ଏଣେ ସୂଚ୍ୟଗ୍ରର ଶତାଂଶ ଅତିକ୍ରମ କରିବାକୁ ଏତେ ପ୍ରୟାସ, ଏତେ ତପସ୍ୟା ! ଓଃ, ମନେହୁଏ ଏ ପନ୍ଥା ସରିବାର, ଏ ବିଦ୍ୟା ଆୟତ୍ତକୁ ଆସିବାର ନୁହେଁ, ଏ ଲକ୍ଷ୍ୟ ପ୍ରାପ୍ୟ ବସ୍ତୁ ନୁହେଁ ! ତଥାପି ଏ ବିଶାଳତମ ସିଦ୍ଧି, ଏ ପ୍ରଗାଢ଼ତମ ସତ୍ୟ ପାଇଁ ସେ ତଦ୍‌ଭିନ୍ନ ସମଗ୍ର ଜଗତ୍ ପରିତ୍ୟାଗ କରେ । ଠିକ୍ କହିବାକୁ ଗଲେ, ଏହା ବ୍ରହ୍ମବିଦ୍ୟା ନାମରେ ଆଖ୍ୟାତ ହେଲେ ସୁଦ୍ଧା ବିଦ୍ୟା ପର୍ଯ୍ୟାୟଭୁକ୍ତ ହେବା ସମ୍ଭବ ନୁହେଁ । ବିଶୁଦ୍ଧତମ ସାଧନାର ମାର୍ଗ ବିଷୟରେ ତତ୍ତ୍ୱଦର୍ଶୀ ଜ୍ଞାନୀ-ଗୁରୁ ଉପଦେଶ ଦିଅନ୍ତି ସତ, କିନ୍ତୁ ଏହା ସମଗ୍ର ଜୀବନବ୍ୟାପୀ ସାଧନ, ପ୍ରତି ନିଶ୍ୱାସରେ ହବନ-ତପସ୍ୟା । ଏଥିରେ ସିଦ୍ଧିକୁ ଧାରଣ କରି ସାଧକ ସ୍ୱାଧୀନ ସ୍ଥିତିରେ ଅବସ୍ଥିତ ହୋଇପାରେନା । ସର୍ବପଦ ହସ୍ତୀପଦ ଚିହ୍ନରେ ବିଲୁପ୍ତ ହେଲାପରି ଅନ୍ୟ ସମସ୍ତ ବିଦ୍ୟା ଏହାର ବିଶାଳ ପରିସରରେ ସତ୍ତାହୀନ ହୋଇଯାନ୍ତି । ଏଭଳି ବିଦ୍ୟାର ସାଧନା ପାଇଁ ମଧ୍ୟ ଏ ଭୂମିରେ ବିଶ୍ୱବ୍ରହ୍ମାଣ୍ଡ ପରମ୍ପରା ଅଛି ।

ବିଦ୍ୟା କ୍ଷେତ୍ରରେ ଯାହା କିଛି ବିଶୃଙ୍ଖଳା ଦେଖାଯାଇଛି, ତାହା କେବଳ ବିଦ୍ୟାର ଅଭାବରେ । ଯେଉଁଠି ଲକ୍ଷ୍ୟ ସ୍ଥିର, ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ନିୟମ ପ୍ରାଞ୍ଜଳ, ପାରସ୍ପରିକ ସମ୍ପର୍କ ନିୟନ୍ତ୍ରିତ, ସେଇଠି ବିଦ୍ୟାଭ୍ୟାସ ସରଳ ଏବଂ ସାର୍ଥକ । ଯେଉଁଠି କିନ୍ତୁ ବିଦ୍ୟାବିଷୟକ ଜ୍ଞାନ ଅପରିପକ୍ୱ, ଶ୍ରଦ୍ଧା ସମ୍ମାନ ପରିବର୍ତ୍ତେ ଅସୂୟା ଦ୍ୱେଷ ହିଁ ସମ୍ପର୍କରେ ନିୟାମକ, ଯେଉଁଠି କର୍ତ୍ତବ୍ୟ-ଜ୍ଞାନର ସଚେତନତା ନାହିଁ, ଯେଉଁଠି କେବଳ ବୃତ୍ତି-ଅନ୍ୱେଷଣକାରୀ ବୈଶ୍ୟ-ଚେତା ଦୁର୍ବିନୀତ ମହାନ୍ଧ ବ୍ୟକ୍ତି ହୁଙ୍କାର କରୁଥାନ୍ତି, ସେଇଠି ବିଦ୍ୟା ଏକ ପ୍ରହସନ । ଉଭୟେ 'ବିଦ୍ୟା' ଏବଂ 'ବିଦ୍ୟାର୍ଥୀ' ଭିନ୍ନାର୍ଥ-ବାଚକ ଦୁଇଟି ବ୍ୟଭିଚାରୀ ଶବ୍ଦ ମାତ୍ର ।

❖❖❖

Digitized by srujanika@gmail.com

କପି

ଆପଣ ହଠାତ୍ ଯାହା ଭାବିନେଉଛନ୍ତି ଏଇଟା ଠିକ୍ ତାହା ନୁହେଁ, କାରଣ ଶବ୍ଦଟି ଇଂରାଜୀ ନୁହେଁ । ଏହା ବିଶୁଦ୍ଧ ଓଡ଼ିଆ ଏବଂ କପିଧ୍ୱଜଠାରୁ ମଧ୍ୟ ଆହୁରି ପୁରୁଣା । ଏଣୁ ସାଧୁ, ସାବଧାନ !

ଆପଣ ଜାଣିଥିବେ କେମିତି ଗତ ଶତାବ୍ଦୀର ମଧ୍ୟଭାଗରେ ଅନେକ ତରୁଣ ଲଣ୍ଡନ ସହରରେ ଛୋଟେଇବା ଆରମ୍ଭ କରିଦେଇଥିଲେ । ସେମାନଙ୍କ ମୁଣ୍ଡରେ ଭିକ୍ଟୋରୀୟ ଟୋପି ଏବଂ ହାତରେ ଗୋଟିଏ ଲେଖା ସୁଦୃଶ୍ୟ ଛଡ଼ି । ମନେହେଲା କବି ବାଇରନ୍ ସହସ୍ର ରୂପରେ ସହର ପରିକ୍ରମା କରୁଛନ୍ତି । ଜାଲ୍ ଟଙ୍କା ପରି ଏହିଭଳି ନକଲନବିସ୍‌ମାନଙ୍କୁ ସମୟ ସମୟରେ ଅସଲି ଭ୍ରମରେ ମର୍ଯ୍ୟାଦା ମିଳିଯାଏ । କିଛି ଗେରୁଆ ଲୁଗା, କିଛି ପାଉଁଶ ଏବଂ ଲମ୍ବା ଦାଢ଼ିଟିଏ ଏକତ୍ର ଦେଖିଦେଲେ ଆମେ ଅକୃପଣ ସରଳ ଭକ୍ତି ସେମାନଙ୍କ ଲାଉତୁମ୍ବାରେ ଅଜାଡ଼ି ଦେଉ । ବୈଷ୍ଣବ ଆଢୁଆଳରେ ବିରାଡ଼ିଟି ତା'ର ଆମିଷ ଭୋଜନ କରିଚାଲିଥାଏ ।

ଜୀବନର କ୍ଷୁଦ୍ର ବଣିଜ ପାଇଁ ମଧ୍ୟ ସେମାନେ ଶ୍ରମ-କାତର ହୋଇ ରହନ୍ତି । କିପରି ଅନ୍ୟ ଜଣକର ଦୀର୍ଘ ତପସ୍ୟାର ଫଳ ଅନାୟାସରେ ମିଳିଯିବ ସେଇ ଯୋଜନାରେ ଛକିବସିଥାନ୍ତି । ମହୁମାଛି ମୁହଁରେ ହୁଳା ଲଗେଇଦେଇ ସେମାନେ ମହୁଯାକ ଖାଇଯାନ୍ତି । ବସନ୍ତର ପ୍ରଥମ ଆବାହନରେ ମହକି ଉଠିଥିବା ସହକାର ଲତିକାର ଚୂତାନ୍ତ ଫଳକୁ ଫୋପଡ଼ ମାରି ଝାଡ଼ିଦେବା ସେମାନଙ୍କର ବହୁଦିନର ଅଭ୍ୟାସ । ଏଣୁ ସେମାନେ ବେଳ ଉଣ୍ଡି ତେଜ ହରଣ କରିନିଅନ୍ତି । ଯାହା ଅନ୍ୟର ପ୍ରାପ୍ୟ ସେମାନେ ତାହା କୌଶଳକ୍ରମେ ଖାଇଯାଆନ୍ତି । ଯଜ୍ଞରେ ହବିର୍ଭାଗ ଖାଇଯାନ୍ତି, ଗୌତମ ବେଶରେ ଅହଲ୍ୟାର ସତୀତ୍ୱ ଖାଇଯାନ୍ତି ।

ଏ ପର୍ଯ୍ୟାୟର ଶଠତା ଏତେ ସାର୍ବଜନୀନ ଏବଂ ଜଟିଳ ଯେ ଠକି ହେବାର ସମ୍ଭାବନାରେ ଆମେ ସତର୍କ ହୋଇଯାଉ, ସନ୍ଦେହ କରିବସୁ ପ୍ରତ୍ୟେକ ବସ୍ତୁ ଏବଂ ବ୍ୟକ୍ତିକୁ । କିନ୍ତୁ ସବୁ ସତର୍କତା ସତ୍ତ୍ୱେ ଆମେ ସେଇ ଟୋପରେ ପଡ଼ିଯାଉ । ଯାହା ପାଉ ତାହା ଅବିକଳ ସେଇଭଳି ଦିଶୁଥିଲେ ସୁଦ୍ଧା ସୁନା ନୁହେଁ, ସେମିତି ବାସେ କିନ୍ତୁ ଫୁଲ ନୁହେଁ, ସେଇଭଳି ବୋତଲରେ ଥାଏ କିନ୍ତୁ ଔଷଧ ନୁହେଁ । ମୂଳବସ୍ତୁକୁ ଆଢୁଆଳରେ ରଖି ନକଲର ପ୍ରସାର ପାଇଁ ଏ ସମାଜର ସମସ୍ତ ବିପତ୍ତି ମୁଖର ଏବଂ କର୍ମଚଞ୍ଚଳ । ଏ ପ୍ରକାର ସାର୍ବଜନୀନ ଚିତାକଟାରେ ଉତ୍ତ୍ୟକ୍ତ ହୋଇ ଗୋଟାଏ କାହାକୁ ଫାଶୀ ହୁକୁମ ଦେଲେ ମଧ୍ୟ ନିର୍ଭରଯୋଗ୍ୟ ଦଉଡ଼ି ଖଣ୍ଡେ ମିଳିବା କଷ୍ଟକର । ଅତି ଉତ୍ପୀଡ଼ିତ ହୋଇ

Digitized by srujanika@gmail.com

ମୋଞ୍ଚାଏ ଜହର ଢୋକିଦେଲେ ମଧ୍ୟ ସେ କେବଳ ଟେଳାଏ ଭେଜାଲ ଅଟାଭଳି ନିରୀହ ଭାବରେ ଜୀର୍ଣ୍ଣ ହୋଇଯିବ । ଏଠି ବଞ୍ଚିବା ମରିବା ଉଭୟ ସମାନ ମାତ୍ରାରେ ଠକେଇ - ଏ ଯାତ୍ରାଟି ଆମୂଳଚୂଳ ଗୋଟିଏ ବକ୍ର ଶଠତା ।

ଯେଉଁ କୁଆଟି ମୟୂରପୁଚ୍ଛ ଖଞ୍ଜି ହୋଇ ଚାଲିଥିଲା ତା'ର ଉଦ୍ଦେଶ୍ୟ ହୁଏତ ଥିଲା ଠକିବା । କିନ୍ତୁ ଜଗତଜନେ ତାକୁ ଦେଖି ଯେତେବେଳେ ହସିଥିଲେ ତାର ଅସ୍ୱାଭାବିକତାଟି ଭାରି କରୁଣ ବୋଧ ହୋଇଥିଲା । ଏବେ ମଧ୍ୟ ସେମାନେ ହସନ୍ତି କାରଣ ତାଙ୍କୁ ହସମାଡ଼େ । ପ୍ରକାଣ୍ଡ ଲାଙ୍ଗୁଡ଼ଧାରୀ ଗୋଟିଏ ଲୋମଶ ହନୁ ମୁଣ୍ଡରେ ଗାନ୍ଧୀ ଟୋପି ପିନ୍ଧି ମିଟି ମିଟି ଅନେଇବାର ଦେଖିଲେ ବଳେ ହସମାଡ଼େ । ସେଇଭଳି ହସମାଡ଼େ ଯଦି ଚଞ୍ଚୁରେ ହିଙ୍ଗୁଳ ଲଗାଇ ବିଚାରୀ ବଗୀଟିଏ ମରାଳୀ ହେବାର ଅପଚେଷ୍ଟା କରିବସେ । ଯେଉଁ ମହିମଣ୍ଡନାମାନେ ଚିତ୍ର-ତାରକା ରୂପେ ବିବିଧ ବେଶ-ପୋଷାକ ଛଇଛଟାର ମେଘମାୟା ସୃଷ୍ଟି କରି ଚାଲିଯାଆନ୍ତି ସେମାନଙ୍କୁ ସବୁ ସୁନ୍ଦର ଦିଶେ । ସେମାନଙ୍କର ସ୍ୱଭାବସୁନ୍ଦର ଅଙ୍ଗଶୋଭାକୁ କ'ଣ ବା ମଣ୍ଡନ ନ ହୁଅନ୍ତା । କିନ୍ତୁ ତାକୁ ଦେଖି ସ୍ୱପ୍ନଜର୍ଜର କପିକୁଳ ଲାଗିଯାନ୍ତି ଅବିକଳ ସେମାନଙ୍କ ଭଳି ଦିଶିବାକୁ । ବେପାରୀଙ୍କର ଅଜସ୍ର କନା ବିକ୍ରି ହୁଏ । ଜଗତଜନେ ଏ ବିଡ଼ମ୍ବିତ ବଗୀମାନଙ୍କୁ ଦେଖି ପୁଣି ଥରେ ହସିବାର ସୁଯୋଗ ପାଆନ୍ତି ।

ଏସବୁ ଗୋଟାଏ ପ୍ରବୃତ୍ତି । ଦେଖି ଶିଖିବା ଆମ୍ଭମାନଙ୍କର ସହଜାତ ଗୁଣ । ତଳେ ଥାଇ ଉଚ୍ଚ ଡାଳକୁ ଉହୁଙ୍କିବା ଆମମାନଙ୍କର ଅନିବାର୍ଯ୍ୟ ଧର୍ମ । ଯାହାକୁ ଆମେ ନିଜଠାରୁ ଆହୁରି ସୁନ୍ଦର, ଆହୁରି ବଳିୟାନ୍ ବୋଲି ସ୍ୱୀକାର କରିନେଉ ତାକୁ ସ୍ପର୍ଶ କରିବାକୁ ଆସ୍ପୃହାର ଶିଖା ଝପଟିଉଠେ । ବାମନ ବିଚାରା ଏହିଭଳି ପରିସ୍ଥିତିରେ ପଡ଼ି ଚନ୍ଦ୍ରକୁ ହାତ ବଢାଇଆସିଛି । ସେଥିପାଇଁ ହୁଏତ ଜଗତଜନେ ହସୁ ହସୁ ତାର ପ୍ରୟାସରେ ଜଡ଼ିତ ହୋଇପଡ଼ନ୍ତି ଏବଂ ଗୁଡ଼ିଏ ସ୍ପର୍ଦ୍ଧିତ ବାମନ ସତକୁସତ ଚନ୍ଦ୍ରକୁ ସ୍ପର୍ଶ କରି ଫେରିଆସିଛନ୍ତି । ମଣିଷ ଏବେ ବି ସ୍ୱାର୍ଥପର ନିଶ୍ଚୟ, ସେ ନିଜ ପାଇଁ ବାକି ସମଗ୍ର ସଂସାରକୁ ବିକ୍ରି ବନ୍ଧକ କରିଦେଇପାରେ । ତା ଭିତରେ କିନ୍ତୁ ଯେଉଁ ଅନ୍ଧ ସ୍ୱାର୍ଥ ପୁରୁଷଟି ବିଭିନ୍ନ ଆବେଗରେ ଝୁଣି ହେଉଥାଏ, ଝାଙ୍କି ହେଉଥାଏ, ନିଜକୁ ଜାହିର କରିବାକୁ ସେ ସବୁବେଳେ ଚାହିଁଥାଏ କିପରି ସବୁଠାରୁ ସୁନ୍ଦର ହେବ, ସବୁଠାରୁ ବଳବାନ୍ ହେବ, ସବୁଠାରୁ ଐଶ୍ୱର୍ଯ୍ୟଶାଳୀ ହେବ । ସେ କଦାପି ଚାହେଁନା କୁତ୍ସିତ ହେବାପାଇଁ, ସବୁଠାରୁ ଦରିଦ୍ର ହୀନବଳ ହେବାପାଇଁ । ସେ ତାର କ୍ଷୁଦ୍ରତା ବିଷୟରେ ଖୁବ୍ ସଚେତନ, ନିଜ ମୁହଁ ଖଣ୍ଡକ ପୈତୃକ ଦୂଷଣ ପାଇଁ ଘୋର ଲଜ୍ଜିତ । ଏଣୁ ସେ ତାକୁ ଡେଇଁ ଚାଲିଯିବାକୁ ଚେଷ୍ଟା କରେ, ଆକାଶର ଗୋଟାଏ ରଙ୍ଗଫଳ ତୋଳିବାକୁ କୁଦାମାରି ଯାଏ । ନିଜେ ପୁଷ୍ପିତ ହେବାପାଇଁ, ମହକି ଉଠିବା ପାଇଁ ବାଡ଼ ବନ୍ଧ ନ ମାନି ଉଛୁଳି ପଡ଼ିବା ପାଇଁ ସେ ଚେଷ୍ଟା କରେ । ଅନୁକରଣ ଏକ ବିଦ୍ରୋହ, ନିଜକୁ ଉତ୍‌କ୍ରମଣ କରିଯିବାର ଅଖଣ୍ଡ ପ୍ରୟାସ । ଏ ପ୍ରୟାସର ବିମୂଢ଼ତା, ତାର ଅସହାୟତା, ବ୍ୟର୍ଥ ବିଫଳତା ଦେଖି ଜଗତ ଜନେ ହସନ୍ତି, କିନ୍ତୁ ବେଳପଡ଼ିଲେ ସେମାନେ ମଧ୍ୟ ସେଇ ପରି ଆଖି ବୁଜି

Digitized by srujanika@gmail.com

ହୁଙ୍କାରି ଉଠନ୍ତି । ନିଜ ପଛରେ ପୁଞ୍ଜାଏ ମୟୂର ପୁଚ୍ଛ ଖଞ୍ଜିଦେଇ ସେ ଭାବନ୍ତି ଯେ ସେ ହିଁ କେବଳ କୁମାରଯୋଗ୍ୟ ।

ଆଜୀବନ ଏ ପ୍ରବୃତ୍ତି ଜାରି ରହେ ସତ, କିନ୍ତୁ ଗଞ୍ଜା ବୟସରେ ଡାଳ ମେଲି ବଢିଆସିବା ବେଳ ହିଁ ଏହାପାଇଁ ପ୍ରଶସ୍ତ ସମୟ । ସେତିକିବେଳେ ଜୀବନଧର୍ମ ପ୍ରଚଣ୍ଡ ବେଗରେ ବିସ୍ଫୁରିତ ହେଉଥାଏ । କ'ଣ ଗୋଟାଏ ହେବାର ସହସ୍ର ସମ୍ଭାବନା ତାକୁ ସବୁ ସୀମା ଡେଇଁଯିବାକୁ ଉତ୍ସାହିତ କରୁଥାଏ । ସେ ଅବସ୍ଥାରେ ମଣିଷମାତ୍ରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ନେଇ ଢଳ ଢଳ ହେଉଥାନ୍ତି । ଗୋଟାଏ ତରଳ ସମୁଦ୍ର ଉପରେ ଚଞ୍ଚଳ ମନଟିକୁ ବିଭିନ୍ନ ବାତ୍ୟା ଅହରହ ତଡୁଥାନ୍ତି । ଆମେ ବିଭିନ୍ନ ଆଦର୍ଶ ଆଡ଼କୁ ଭିଡ଼ି ହୋଇଯାଉ, ଜଡ଼ି ହୋଇଯାଉ । ଆଦର୍ଶରେ ଅନୁପ୍ରାଣିତ ହୋଇଗଲେ ବଳେ ଅନୁକରଣ ଆସିଯାଏ । ଗାନ୍ଧୀ ହେବାକୁ ମୌନ ହୋଇଯାଉ, କିଛି ଖଦଡ଼ ପିନ୍ଧିପକାଉ କିମ୍ବା ଖୁବ୍ ହେଲେ ଅଣ୍ଟାରେ ଘଣ୍ଟାଟିଏ ଓହଳାଇ ହାତରେ ଲାଠି ଧରିନେଉ । ତା'ପରେ ଦିନେ ଜଗତ ଜନେ ହସିବାର ଆମ କାନରେ ପଡ଼େ । ତରୁଣ ବୟସରେ ନିଶ ଗଜେଇ ଆସିଲାବେଳକୁ ଅନେକ ଏଭଳି ଯୋଜନା ମଧ୍ୟ ଗଜେଇଆସନ୍ତି । ଆମ ଭିତରୁ କେହି ହୁଏତ ହେବାପାଇଁ ଚାହେଁ ଅମୁକ ଚିତ୍ର-ତାରକା ପରି ସୁନ୍ଦର, ରସେଲ୍ ପରି ବିଜ୍ଞ, ଗାନ୍ଧୀ ପରି ବିପ୍ଳବୀ, ବିବେକାନନ୍ଦ ପରି ବିଶୁଦ୍ଧ । ଅନୁକରଣ କରୁ କରୁ କିଛି ଚେହେରା ବା ପୋଷାକରେ ସାମ୍ୟ ହୁଏତ ଆସିଯାଇପାରେ । ତା'ପରେ ସେ ବଳେ ଓହରିଯାଏ, ସେ ଶେଷ ପର୍ଯ୍ୟନ୍ତ 'ସେ' ହିଁ ରହିଯାଏ - ଜନ୍ମ ନିୟନ୍ତ୍ରଣ ଦପ୍ତରର ବିଚାରା କନିଷ୍ଠ କିରାଣୀ ।

ସେ କନିଷ୍ଠ କିରାଣୀ ହୋଇ ରହେ ସତ, କିନ୍ତୁ ଅନୁକରଣ ବୃତ୍ତି ତାକୁ ବେଳେବେଳେ ଅଥୟ କରେ । ଝରଣା, ପାହାଡ଼, ଫୁଲ-ଲଇ-ବଣ ତାକୁ ସେହିଭଳି ଆବେଗ-ଚଞ୍ଚଳ କରନ୍ତି । ସେ ପଥରଗୁମ୍ଫାର କାନ୍ଥରେ ବା ଅଜନ୍ତାର ତୋରଣରେ ରଙ୍ଗ ଓ ରେଖା ମାଧ୍ୟମରେ ପାହାଡ଼ ଠିଆ କରିବାକୁ ଚେଷ୍ଟା କରେ । ଲଇ ଲଟେଇଯାଏ, ବଣ ସବୁଜ ଗମ୍ଭୀର ହୋଇ ଠିଆ ହୋଇଯାଏ, ଫୁଲଗୁଡ଼ିକ ବିଭିନ୍ନ ବର୍ଣ୍ଣର ପାଖୁଡ଼ା ମେଲିଦିଅନ୍ତି । ରଙ୍ଗର ମହୋତ୍ସବ ପରି ଶବ୍ଦର ଗୁରୁ ଲଘୁ ସମ୍ଭାର ମଧ୍ୟ ତାକୁ ଆଲୋଡ଼ିତ କରେ । ସେ ଅନୁକରଣ କରେ । ସାରଙ୍ଗୀର ତାରଗୁଡ଼ିକ ବିଳପିଉଠନ୍ତି । ବଂଶୀ, ବୀଣା, ବେହେଲାର ସ୍ୱର ତରଙ୍ଗରେ କୋକିଳର କୂଜନ, ଭ୍ରମରର ଗୁଞ୍ଜନ, ଭେକର ରୁକ୍ଷ ରବ ବିଭିନ୍ନ ଛନ୍ଦରେ ଲୀଳାୟିତ ହୋଇଉଠନ୍ତି । ଆଦ୍ୟ ଆଷାଢର ଭାସମାନ ମେଘଖଣ୍ଡ ସଂଜୀବିତ ହୋଇ ପ୍ରେମ ଓ ବିରହର ବାର୍ତ୍ତା ନେଇ ମନ୍ଦାକ୍ରାନ୍ତାର ବିଳମ୍ବିତ ଛନ୍ଦରେ ଅଳକା ଯାତ୍ରା କରେ । କଳା, ସଙ୍ଗୀତ ସାହିତ୍ୟର ପୁଷ୍ପ ପଲାଶ ଜୀବନକୁ ଛାୟାସ୍ନିଗ୍ଧ କରେ, ରସମେଦୁର କରେ । ଚଳଚ୍ଚିତ୍ର ପରି ଅହରହ ଉଭେଇଯାଉଥିବା ଯୌବନର କମନୀୟ ରଙ୍ଗକୁ, ଫାଟିପଡୁଥିବା ଫଗୁଣର ସୌରଭକୁ, ମିଳେଇଯାଉଥିବା ଇନ୍ଦ୍ରଧନୁର ପ୍ରଲେପକୁ ଅନୁକରଣପଟୁ କଳାକାର ବାନ୍ଧି ରଖେ, ଭାସମାନ ସୌନ୍ଦର୍ଯ୍ୟକୁ ଅମୃତାୟିତ କରେ, ଝରିଯାଉଥିବା ସୁଷମାକୁ ସଂଜୀବିତ କରେ । ପରମ ସ୍ରଷ୍ଟାର ଏ ଅପୂର୍ବ କୁହୁକକୁ ସେ ନିଜ ଗର୍ଭରେ ଧାରଣ କରି ତାକୁ ପୁଣି ଜନ୍ମ ଦିଏ । ଅନୁକରଣ ଏକ ପ୍ରକାର ଅମୃତିକରଣର ପ୍ରକ୍ରିୟା, ସୃଜନର ପ୍ରକ୍ରିୟା ।

Digitized by srujanika@gmail.com

କିନ୍ତୁ ବିଜ୍ଞ ଜନେ କହନ୍ତି, ଅନୁକରଣମାତ୍ରେ ମିଥ୍ୟା । ଆମେ ଯାହାକୁ ଜଗତ୍ ବୋଲି ଗ୍ରହଣ କରୁ, ତାହା ମୌଳିକ ସତ୍ୟ ଭାବର କେବଳ ବିମ୍ବ ପ୍ରବାହ । ଏ ଆଭାସ ରଜ୍ଜୁରେ ସର୍ପଭ୍ରମ ପରି ମିଥ୍ୟା ମାତ୍ର । ଅତଏବ ଆମେ ଯେଉଁଠି ସାପ ଦେଖି ହୁଏତ ଚମକିପଡୁ, ଏ ବିଜ୍ଞ ଜନେ ସେଇଠି ଦଉଡ଼ି ଦେଖିଦିଅନ୍ତି ନାହିଁ । ଆମେ ସିନା ଦୁଇଟି ଆଖିରେ କେବଳ ବିମ୍ବପ୍ରବାହ ଦେଖୁ, ସେମାନେ ତାଙ୍କର ତିନୋଟି ଆଖିରେ ଅବଶ୍ୟ ଆଉ କିଛି ଦେଖୁଥିବେ - ନହେଲେ ଏ ପୃଥିବୀ ଆକାଶ, ଗ୍ରହଚନ୍ଦ୍ର, ତାରକା ଆଦି ତାଙ୍କୁ କିପରି ମିଥ୍ୟା ପ୍ରତିଭାତ ହୁଅନ୍ତା ? ସତ୍ୟ ଦେଖିନଥିଲେ ଯାକୁ ସବୁ ମିଥ୍ୟା ବୋଲି ସେମାନେ ଜାଣନ୍ତେ କିପରି ? ସେମାନେ ଅବଶ୍ୟ ସତ୍ୟଦ୍ରଷ୍ଟା ! କିନ୍ତୁ କଥିତ ଅଛି ଯେ ସେମାନଙ୍କ ଭିତରୁ ଜଣେ ଜୀବନର ଚରମ ମୁହୂର୍ତ୍ତରେ ସୁଦ୍ଧା ସତ୍ୟର କଲ୍ୟାଣତମ ରୂପକୁ ଦେଖିନପାରି ସୁନାର ଢାଙ୍କୁଣିଟିକୁ ଅପସାରିତ କରିନେବା ପାଇଁ ପ୍ରାର୍ଥନା କରିଛନ୍ତି । ଏଣୁ ସେମାନଙ୍କର ଅବିଚଳିତ, ଅନାପେକ୍ଷିକ ସତ୍ୟ ଯାହା ହେଉନା କାହିଁକି, ତାହା ତାଙ୍କ ଭାଷାରେ ହିଁ ମନ ଏବଂ ଇନ୍ଦ୍ରିୟର ଗୋଚର ନୁହେଁ । ତାହା କିପରି ବା ଅନୁକରଣୀୟ ହୁଅନ୍ତା ? ଏଣୁ ଏ ବହୁଧା ବିଭକ୍ତ ଜଗତ୍ ପ୍ରବାହରେ ହିଁ ଅନେକଙ୍କର ଏକାଠି ରହିବା ହେତୁ ଗୋଟିଏ ଗୋଟିକୁ ଉଦ୍‌ବୁଦ୍ଧ କରେ, ପ୍ରଲୁବ୍‌ଧ କରେ, ତାହାଭଳି ହେବାକୁ ପ୍ରବୃତ୍ତି ସୃଷ୍ଟି କରେ । ଅପ୍ରାକୃତକୁ ପ୍ରାକୃତ କରିବା ପାଇଁ, ଅବ୍ୟକ୍ତକୁ ବ୍ୟକ୍ତ କରିବାପାଇଁ ଏ ଲୀଳାଭୂମିକୁ ଅବତରଣ କରିବାକୁ ହୁଏ । ବିଭିନ୍ନ ପ୍ରବାହରେ ତାଡ଼ିତ ହୋଇ ଜୀବନସ୍ରୋତ ସାମାନ୍ୟ ବଙ୍କେଇ ଗଲାବେଳେ ଯେଉଁ ଦିଗରେ ବୋହିଯାଏ, ଯାହା ଆଡ଼କୁ ବୋହିଯାଏ ତାକୁହିଁ ଆମେ ସେ ସମୟରେ ଅନୁକରଣ କରିଥାଉ - ଆଜି ଟୋପି ବେପାରୀକୁ ତ' କାଲି 'ବାଇରନ୍‌ଙ୍କୁ' ! ସ୍ଥାୟୀ ଅସ୍ଥାୟୀ ଭେଦରେ ଏମାନେ ଆମକୁ ଅଳ୍ପାଧିକ ପ୍ରଭାବିତ କରନ୍ତି । ଆମେ ପ୍ରାୟଶଃ ସାମୟିକ ଉତ୍ସାହରେ ତାଙ୍କରି ଆଡ଼କୁ ମାଡ଼ିଯାଉ ।

କେବଳ ସାମୟିକ ଉତ୍ସାହରେ ନୁହେଁ, ଆମେ ମହତ୍ତର ଆବେଗରେ ମଧ ଅନୁକରଣ କରୁ । ସେଥିରେ ଦୁରଭିସନ୍ଧି ନ ଥାଏ, ପ୍ରବଞ୍ଚନା ନ ଥାଏ । ପୁଅର ଦରୋଟି କଥା ମା' ତୁଣ୍ଡରେ ବାତ୍ସଲ୍ୟ ସ୍ନେହର ସୋହାଗ ମାତ୍ର । କଦମ୍ବ ଛାଇରେ ନୀଳବସନା ଗୋପାଙ୍ଗନାର ତ୍ରିଭଙ୍ଗୀ ଛନ୍ଦ, ସଂପୂର୍ଣ୍ଣ ଆତ୍ମବିସ୍ମୃତିର ମୁଦ୍ରା, ପୂର୍ଣ୍ଣ ବିକଶିତ ପ୍ରେମର ପରାଗ... ଅସଂଖ୍ୟ ଆକାଶର ଏକମାତ୍ର ପ୍ରସ୍ଫୁଟିତ ପଦ୍ମକୁ ନମସ୍କାର କରି ଯେତେବେଳେ ତପସ୍ୱୀ କହେ, 'ମୁଁ ମଧ ତୁମ ପରି ହେବାକୁ ଚାହେ' ତାହା ମାନବ ପ୍ରାଣର ବିଶୁଦ୍ଧତମ ଆକୃତି । ତାହା ହୁଏତ ଅନୁକରଣ ପ୍ରବୃତ୍ତି ନୁହେଁ, ତାହା ଶ୍ରଦ୍ଧାବନ୍ତ ସତ୍ୟଧର୍ମାର ସ୍ୱାଭାବିକ ଅଭୀପ୍ସା । ଜଳ ସ୍ଥଳ ଆକାଶରେ ରୂପ ରସ ଗନ୍ଧର ଏ ଯେଉଁ ଅନନ୍ତ ବେଶ ପରିବର୍ତ୍ତନ ଚାଲିଛି, ତାହା କୌଣସି ଅନନୁକରଣୀୟ ସ୍ଥିର ବିନ୍ଦୁର ପ୍ରଚୋଦନା ହୋଇପାରେ । ପତଙ୍ଗ ପ୍ରାଣରେ ତାରକାର ସ୍ୱପ୍ନପରି ଏ ଧରିତ୍ରୀ ହୁଏତ ତାହାରି ସ୍ୱପ୍ନରେ ରଞ୍ଜିତ ହୋଇ ଚାଲିଛି । ସେଇ ଏକମାତ୍ର ଚନ୍ଦ୍ରକୁ ନିଜର ପ୍ରତ୍ୟେକ ତରଙ୍ଗରେ ବହୁଧା ବିକୀର୍ଣ୍ଣ କରି ସେ ପ୍ରୟାସ କରି ଚାଲିଛି । ଏଥିରେ ଯଦି ଜଗତ ଜନେ ହସିବେ ତେବେ ବୁଝିବାକୁ ହେବ ଯେ ସେଥିପାଇଁ ସେମାନଙ୍କର ପୁରୁଣା ଅଭ୍ୟାସ ହିଁ ଦାୟୀ ।

❖❖❖

Digitized by srujanika@gmail.com

ଶୁଭ୍ର ଶରତ୍

ସୁଶୀତଳ କ୍ଷୀଣ ଧବଳ ଉତ୍ତରୀ ଯାହାଙ୍କର ଶ୍ରୀମନ୍ତ ଶରୀରରେ ପୁଷ୍ପ ପରାଗ ପରି ଭାସମାନ, ସ୍ଫଟିକ-ସ୍ୱଚ୍ଛ ଗଭୀର ଲଲାଟରେ ଯାହାଙ୍କର ଜ୍ୟୋସ୍ନାର କର୍ପୂର ରେଣୁ ଶୀତଳ-ଚନ୍ଦ୍ରମାର ଚନ୍ଦନ ବିନ୍ଦୁରେ ପରିଶୋଭମାନ, ମୁକ୍ତା-ବଳୟିତ ବାମ ହସ୍ତରେ ଯେ ରଜତ ଶଙ୍ଖ ଧାରଣ କରିଛନ୍ତି, ଯାହାଙ୍କର ଦକ୍ଷିଣ ହସ୍ତରେ ଶୋଭାପାଉଥିବା ଅମୃତ କଳସର ଶୀକର ସିଞ୍ଚନରେ ଶାକମ୍ଭରୀ ପୃଥ୍ୱୀ ପକ୍ୱଫଳ ଧାନ୍ୟ ସମ୍ଭାରରେ ଅନ୍ନମୟୀ ହୋଇଉଠୁଛି, ହେ କୁମୁଦ କହ୍ଲାର-ମାଳା-ମଣ୍ଡିତ-ହୀରକ-କିରୀଟଯୁତ, ସ୍ଥିର ଚଡ଼ାଗବତ୍ ଶାନ୍ତ ବିଶାଳନେତ୍ର, ସ୍ମିତ-ରଞ୍ଜିତ ପ୍ରସନ୍ନ-ବଦନ, ବିମଳ କାନ୍ତ ଯୁଗଳହଂସବାହନ, ସ୍ୱଚ୍ଛ ନୀଳବର୍ଣ୍ଣ ପୁରୁଷ ! ସତ୍ତ୍ୱ-ଗମ୍ଭୀର ଋତୁ ବ୍ରାହ୍ମଣ ଶରତ ! କୃତ୍ତିକା ମୃଗଶିରା ନାମଧେୟ ନକ୍ଷତ୍ର ରାଜ୍ୟରୁ ଅବତରଣ କରିବାହୁଅନ୍ତୁ ।

ଭବଦୀୟ ଆଗମନରେ ନଭୋମଣ୍ଡଳ ବିମଳ ଘନନୀଳ ବର୍ଣ୍ଣ ଧାରଣ କରୁ । ଦିଗ ବିଦିଗମାନଙ୍କର ଅନାବୃତ ବକ୍ଷଦେଶ ନକ୍ଷତ୍ରମାଳା ସୁଶୋଭିତ ହେଉ ! ପରମ ବ୍ୟୋମଙ୍କର ଭବ୍ୟ ବିଶାଳ ଗାତ୍ରରେ ନିହାର ରେଖା ଯଜ୍ଞୋପବୀତର ରଜତ ସୂତ୍ରରୂପେ ଶୋଭମାନ ହେଉ ! ଉତ୍ତୁଙ୍ଗ ପର୍ବତମାଳା ସଦ୍ୟସ୍ନାତ ଦନ୍ତାବଳ ପରି ଶୁଦ୍ଧ, ସ୍ନିଗ୍ଧ ନୀଳବର୍ଣ୍ଣ ଧାରଣ କରନ୍ତୁ । ପ୍ରଶାନ୍ତ ମହାସାଗର ସକଳ ରୋମନ୍ଥନ କରୁଥିବା ସୁପୁଷ୍ଟ ଐରାବତ ସଦୃଶ ଶାନ୍ତ ଗମ୍ଭୀର ହୁଅନ୍ତୁ । କେଦାରଶାଳିନୀ ଧରିତ୍ରୀ ଗୁରୁ ଗର୍ଭ ଭାରରେ ଅଳସଗାମିନୀ ହେଉ । କନକଶ୍ରୀ ଧାରଣ କରୁ ତା'ର ସ୍ଫୀତ ପୁଷ୍ପିତ ଅଙ୍ଗରାଜି । ବନସ୍ପତି ସକଳ ସଂଜୀବନୀ ଔଷଧରେ ପରିପୂର୍ଣ୍ଣ ହୁଅନ୍ତୁ । ଘନ ହରିତ୍ ହରିଦ୍ରା-ପାଟଳ ବର୍ଣ୍ଣବିଭାରେ ମଣ୍ଡିତ ହୁଅନ୍ତୁ ସେମାନଙ୍କର ପତ୍ରପୁଷ୍ପ ସମ୍ଭାର ! ସ୍ଫଟିକ-ଧାରା ତଟିନୀ କର୍ଦ୍ଦମ-ମୁକ୍ତା ହେଉ, କାଶ ପୁଷ୍ପର ଶୁଭ୍ର ବିକାଶରେ ଧବଳିତ ହେଉ ତା'ର ବକବଳୟିତ ତଟଦେଶ ! ସ୍ତନ୍ୟ-ଭାରା ସୁରଭି ପରି ପାଦପଶ୍ରେଣୀ ପକ୍ୱଫଳ ଭାରରେ ବିନମ୍ର ହୁଅନ୍ତୁ । ଚନ୍ଦ୍ରିକା ଝରିଆସୁ କୁମୁଦର ପଳାଶକୁ । କୁମୁଦ ବିକଶିତ ହେଉ ଶସ୍ୟଶାଳିନୀ କୃଷକ ବଧୂର ହାସ୍ୟ ଛଟାରେ । ଦ୍ୟୁଲୋକରୁ ସୁପ୍ରଚୁର ଅନ୍ନ ବର୍ଷା ହେଉ । ପ୍ରାଣୀ ଗର୍ଭର ପଞ୍ଚାଗ୍ନିରେ ନିକ୍ଷିପ୍ତ ହେଉ ଷଡ଼ରସର ଆଜ୍ୟ-ସମିଧ । ହେ, ବିମଳ-ଧବଳ ଶୁଚିମନ୍ତ ସ୍ୱଚ୍ଛ ଋତୁଦେବତା, ଆଗମନ କରନ୍ତୁ !!

ପୁରୁଷମାନେ ସୈନ୍ଧବ ଘୋଟକ ପରି ତେଜସ୍ୱୀ ବୀର୍ଯ୍ୟଶାଳୀ ସଂଗ୍ରାମଦକ୍ଷ ହୁଅନ୍ତୁ-ସଂଗମ-କୁଶଳ ହୁଅନ୍ତୁ । କାଶ୍ମୀର ଘୋଟକୀ ପରି ସୁରମ୍ୟା ହୁଅନ୍ତୁ, ସ୍ନିଗ୍ଧା ସୁବିପୁଳା ହୁଅନ୍ତୁ ଲଳନାମାନେ ।

Digitized by srujanika@gmail.com

ପଶୁରାଜର ଶଟା ନବ ରୋମରାଜିରେ ବିକଶିତ ହେଉ । ବ୍ୟାଘ୍ର ମୃଗାଦି ବନଚର ସ୍ପନ୍ଦିତ ହୁଅନ୍ତୁ, ବର୍ଦ୍ଧିତ, କାମପ୍ରବଣ ହୁଅନ୍ତୁ । ଗୋ-ମହିଷାଦି ଦୁଗ୍‌ଧ-ମେଦ ଭାରରେ ମଣ୍ଡିତ ହୁଅନ୍ତୁ । ସ୍ନିଗ୍‌ଧ ମସୃଣ ସୁଚନ୍ଦ୍ରଳ ହୁଅନ୍ତୁ ପକ୍ଷୀକୁଳ । ଦର୍ପଣର ପ୍ରାଞ୍ଜଳ ବିମ୍ବରେଖା ପରି ସ୍ୱଚ୍ଛ, ସ୍ଫଟିକ-ଗର୍ଭ ଜଳାଶୟରେ ମତ୍ସ୍ୟାଦି ଜଳଚରସକଳ ଶୋଭମାନ ହୁଅନ୍ତୁ । ଘୃତାଗ୍ନି ପରି ତରୁଣ ରାଜପୁତ୍ରର କାମ-ବିଳାସ ସନ୍ଦୀପିତ ହେଉ, ରାକା ରଜନୀର ବିମୁଗ୍‌ଧା ମୃଗବଧୂ ସଦୃଶ ସକାମ ହେଉ, ସଫଳ ହେଉ, ଜୀବ ଜଗତର ପ୍ରାଣ ଶକ୍ତି ! ହେ, ମଧୁର ସ୍ନିଗ୍‌ଧ ଶୀତଳ, ଅକୃପଣ ଆଶୀର୍ବାଦ କରୁଥିବା ଉଦାର ପୁରୁଷ, ଅବତରଣ କରନ୍ତୁ ।

ଅନାବିଳ ବିଶୁଦ୍ଧ ହିମାଦ୍ରିର ଶୁଭ୍ରସାନୁ ସ୍ପର୍ଶ କରି ଚନ୍ଦ୍ରିକା ଶୀତଳ ଉତ୍ତରା ମରୁତ ମନ୍ଦବାହୀ ହେଉ । ସଂଚାରିତ କରୁ ମହୌଷଧିର ରସ-ଶ୍ୱାସ । ନିରାମୟ ହୁଅନ୍ତୁ ସ୍ଥାବର ଜଙ୍ଗମ । ପୁଷ୍କରାବର୍ତ୍ତକାଦି ଜଟିଳ ଜାଲରୁ ବିମୁକ୍ତ ହେଉ, ବିସ୍ତୃତ ବିମଳ ହେଉ ଆକାଶ । ଆନ୍ଦୋଳିତ କର୍ଦ୍ଦମ ଭାରରୁ ନିର୍ଗଳିତ ହୁଅନ୍ତୁ ସିଦ୍ଧାଦି ସେବିତା ପାବନୀ ଗଙ୍ଗାଙ୍କର ସ୍ରୋତ ସକଳ । – ତଥା କୃଷ୍ଣା ଯମୁନାଦି ପୂର୍ବବାହିନୀ ସ୍ୱଚ୍ଛନୀରା କଲ୍ୟାଣୀ କାମଧେନୁରୂପା ସ୍ରୋତସ୍ୱିନୀମାନେ ! ବିମଳା ଭଦ୍ରା ଗିରିରାଜନନ୍ଦିନୀ ମହିଷମର୍ଦ୍ଦିନୀ ହୁଅନ୍ତୁ । ଶଙ୍କରାଭିଳାଷିନୀ କୈଳାସଗାମିନୀ ଗୌରୀ ସର୍ବାର୍ଥସାଧିକା ହୁଅନ୍ତୁ । ପାବନ ମନ୍ତ୍ରାଦିରେ ପାପ-ଶରୀର ବିମୋଚିତ ହେଉ । ତପୋବନ ସକଳ ବେଦଧ୍ୱନିତ ହୁଅନ୍ତୁ । ପ୍ରାଙ୍ଗଣ ଚତ୍ୱରାଦି ବୀଣାଝଙ୍କୃତ ହୁଅନ୍ତୁ । ତରୁଣମାନେ ନିଷ୍କୋଷିତ ଅସି ସଦୃଶ ଦୀପ୍ତ ଚଞ୍ଚଳ ହୁଅନ୍ତୁ । ମଦସ୍ରାବୀ ଯୁଥପତି ପରି ଦୃପ୍ତ, ଭୀମକାନ୍ତ ଅପରାଜେୟ ହୁଅନ୍ତୁ ଯୁବକଶ୍ରେଣୀ । ଅଗଭୀର ତଡ଼ାଗରେ ଚନ୍ଦ୍ରଚଞ୍ଚଳ ତରଙ୍ଗ ପ୍ରୟାସ ପରି ବୃଦ୍ଧମାନେ ସନ୍ତୋଷ-ବିକଶିତ ହୁଅନ୍ତୁ । ବ୍ରହ୍ମଚର୍ଯ୍ୟ ହୋମାଗ୍ନି ପରି ନିର୍ଦ୍ଧୂମ ହେଉ । ସନ୍ନ୍ୟାସ ଆକାଶ ପରି ବିମଳ ପ୍ରଶାନ୍ତ ଅବିକମ୍ପିତ ସର୍ବପୋଷଣକାରୀ ହେଉ । ମନରେ ଚନ୍ଦ୍ର ଅଧିଷ୍ଠିତ ହୋଇ ତା'ର କାଳିମା ଅପହରଣ କରନ୍ତୁ । ବାଣୀରେ ଅଗ୍ନି ପ୍ରତିଷ୍ଠିତ ହୋଇ ଅନ୍ତର ଆବରଣକୁ ଭସ୍ମ କରନ୍ତୁ । ହୃଦୟ ଗୁଣ୍ଡରିକାର ବିକଶିତ ପ୍ରଶାନ୍ତିରେ ଭୟ ବିଦୂରିତ ହେଉ, ଜ୍ଞାନ ବିଧୌତ ହେଉ, ସଂସ୍କୃତ ହେଉ, ସମ୍ମାର୍ଜିତ ହେଉ !!

ପରମ ପୁରୁଷର ଯଜ୍ଞରେ ହବି ସଦୃଶ ନିର୍ମଳ ସ୍ନିଗ୍‌ଧ ହେ ସତ୍ୟଶୋଭନ, ଚନ୍ଦ୍ରକାନ୍ତ ନିଷ୍କଳ ଋତୁ ବ୍ରାହ୍ମଣ ! ଆପଣଙ୍କର ବିଶୁଦ୍ଧ ରୂପ ଆମେ ଶତବାର ସଂଦର୍ଶନ କରିବୁ, ଆଶୀର୍ବାଦ କରନ୍ତୁ । – ଋତୁଚକ୍ରର ଶତ ଆବର୍ତ୍ତନରେ ଆପଣଙ୍କର ବିମଳ ଶୋଭାକୁ ଉପଜୀବ୍ୟ କରି ଜୀବନ ଧାରଣ କରିବୁ । ଶୁଣିବୁ ପ୍ରାଣ ପ୍ରାଚୁର୍ଯ୍ୟ, ଅନ୍ନ ପ୍ରାଚୁର୍ଯ୍ୟର ଗୁଞ୍ଜରଣ । ଶତ ସମ୍ବତ୍ସର ଦୀନତାମୁକ୍ତ ହେବୁ। ଉଦ୍‌ଗାତା ହୋଇ ଋକ୍, ଯଜୁ, ସାମ ଗାନ କରିବୁ ଶତ ସମ୍ବତ୍ସର । ହେ ଶରତ୍ ! ଆଶୀର୍ବାଦ କରନ୍ତୁ ! ଅବତରଣ କରନ୍ତୁ !!

❖❖❖

Digitized by srujanika@gmail.com

ଦିଅଁ ଦେଖା

ଆମେ ନ ମାନିଲେ ମଧ୍ୟ ସେ ପଥର ନୁହନ୍ତି, କାରଣ ଆମଭଳି ଢେର ବୁଦ୍ଧିମାନ୍ ଲୋକ ତାଙ୍କୁ ମାନନ୍ତି । ତାଙ୍କ ପାଇଁ ସେ ଅଛନ୍ତି, ଏଣୁ ତାଙ୍କୁ ଦିଶନ୍ତି କିମ୍ବା ଏହା ମଧ୍ୟ ହୋଇପାରେ ଯେ ସେମାନ ତାଙ୍କୁ ଦେଖିଜାଣନ୍ତି, ଏଣୁ ବୋଧହୁଏ ଦେଖନ୍ତି । ଦେଖିଜାଣିଲେ କୁଆଡ଼େ ପାଦ ତଳେ ପଥର ତରଳିଯାଏ । ଟିପ ବାଜି ଅକର୍ମ ଶିଳାର କାନ୍ଥ ତାତିଲା ଜଉ ପରି ଥୋପି ପଡ଼େ । ଦେଖିପାରିଲେ ଆକାଶ ଶୀର୍ଷରୁ ସୃଷ୍ଟି ସୀମାଯାଏଁ ତାଙ୍କର ଅକଳନୀୟ ରୂପ ବ୍ୟାପିଯାଏ, ଆଖିରେ ଆଦିତ୍ୟ ଜଳିଉଠେ, ବ୍ରହ୍ମାଣ୍ଡଗୁଡ଼ିକ ମାଳ ମାଳ ହୋଇ ଲୋମକୂପରେ ବିରାଜମାନ ହୁଅନ୍ତି । କିନ୍ତୁ ଆମେ ଯେତେ ନିଠେଇ ଦେଖିଲେ ମଧ୍ୟ ଆମକୁ ପଥର ହିଁ ଦିଶେ । ଆଗରୁ ପଛରୁ ଯେତେ ଗଳି ଅନେଇଲେ ମଧ୍ୟ ଦିଅଁ ଖଣ୍ଡିକଯାକ ତୁଚ୍ଛା ଦାରୁ ! ପଥରକୁ ଉତ୍‌କ୍ରମି ଗଲା ଭଳି ଦୃଷ୍ଟି ଆମର ନାହିଁ ବୋଲି ଆମେ କେବେ କ୍ଷୋଭ କରିନାହୁ । ଦାରୁକୁ ବ୍ରହ୍ମ କରି ଦେଖିବାର ବିଶେଷ ପ୍ରୟୋଜନ ମଧ୍ୟ ଆମର ନ ଥାଏ । ସେଥିରୁ ଗୋଟାଏ ଦାଢିଆ ତା' ମଞ୍ଚ ଉପରେ ଚଢିବାକୁ ଆମକୁ ଡାକେ । ତା' ନଳୀରେ ଅନେଇଲେ ଆଠଟା ଚନ୍ଦ୍ର ଦିଶିବ ବୋଲି ସେ ପ୍ରତିଶ୍ରୁତି ଦିଏ, ଆମେ କିନ୍ତୁ ତା' ଇନ୍ଦ୍ରଜାଲରେ ଧରାପଡ଼ିଲା ଭଳି ବୋକା ନୋହୁଁ । ଆମେ ସେ ଦାଢିଆକୁ ମାନୁନା, ତା' ନଳୀକୁ ମଧ୍ୟ ମାନୁନା । ଆମ ଅମାନିଆ ପଥର-ଦେଖା ଆଖିରେ କେବେହେଲେ ଦିଅଁ ଦିଶେ ନାହିଁ । ଆମେ ଭାବୁ ଆମ ଆଖିରେ ଅଞ୍ଜନ ନାହିଁ, ଏଣୁ ନିରଞ୍ଜନ ଦିଶୁନାହାନ୍ତି ।

ପୁଣି ଭାବୁ ଏଇ ଅଞ୍ଜନ ଟିକକ ତା'ହେଲେ ଅସଲ ଗୁମର । ସେଥିରୁ ଧାରେ ଲେଖା ଦୃଷ୍ଟିରୁ ଦିଗ୍‌ବଳୟରେ ଲାଗିଗଲେ ଇନ୍ଦ୍ରଜାଲ ବିଛେଇ ହୋଇଯାଏ, ନ ଦିଶିବା ବସ୍ତୁ ଅକସ୍ମାତ ଆସି ଉଭା ହୋଇଯାଏ, ଦିଶିବା ବସ୍ତୁ ଉଭେଇଯାଏ ଶୂନ୍ୟରେ । ତେଣିକି ଯାହା ଦିଶେ, ସେଇଟା ବ୍ୟକ୍ତିବିଶେଷର ରୁଚି ଉପର କଥା । ପ୍ରଥମେ ଦାରୁ ଖଣ୍ଡିକ ଉଭେଇଯାଉ । ତା'ପରେ ହୁଏତ ଝମକିଲା ସିଂହ ଦିଶିପାରେ, ମତ୍ତବାରଣ ମଧ୍ୟ ଦିଶିପାରେ, ଧନୁ କମାଣଧାରୀ ରଘୁନାଥ ଦିଶିପାରନ୍ତି, ଥୋଡ଼ପାହାର ଶୋଭିତ ଗଣପତି ମଧ୍ୟ ଦିଶିପାରନ୍ତି । ଗ୍ରାମ୍ୟ ପରିବେଶର ସଂପର୍କ ଥିଲେ ସେଇ ସିଂହାସନର ଧାନ ଓଳିଆଟିଏ ମଧ୍ୟ ଦିଶିପାରେ - ଏ କେବଳ ଅଞ୍ଜନର ତାରତମ୍ୟ, ଭାବନାର ତାରତମ୍ୟ । ଏଣୁ ଯାହା ଦିଶେ ତାହା ସତ୍ୟ ସ୍ୱରୂପ ନୁହେଁ ଏବଂ ଯାହା ସତ୍ୟ ତାହା ଦିଶେ ନାହିଁ । ବର୍ତ୍ତୁଳ ସ୍ଫଟିକ ପରି ସେ ଥାଏ କେବଳ । ତା'ର ଗୋଟିଏ ଗୋଟିଏ ସୋରାରେ ଆମେ ପ୍ରତିଫଳିତ ହେଉଥାଉ । ଆମେ କହୁ ସେ ସ୍ୱଚ୍ଛ ବସ୍ତୁଟି ଦାରୁ, ସେମାନେ କହନ୍ତି ସେଇଟା ବ୍ରହ୍ମ । ଉଭୟେ କିନ୍ତୁ

Digitized by srujanika@gmail.com

ଚିତ୍ର ଦେଖୁଥାନ୍ତି । ଉଭୟଙ୍କ ଆଖିରେ ଅଞ୍ଜନ - ତାଙ୍କ ଆଖିରେ ଯେମିତି ଆମ ଆଖିରେ ବି ସେମିତି । ଏ ଇନ୍ଦ୍ରଜାଲର ବିସ୍ତାର ଭିତରେ ସ୍ଫଟିକଟି କାହାକୁ ଦିଶେନାହିଁ । ଦିଶିବା ତା'ର ସ୍ୱଧର୍ମ ନୁହେଁ । ସେ କେବଳ ଥାଏ ।

ହୁଏତ ଥାଏ । ଏ ବିଷୟରେ ନିରଞ୍ଜନ ମତ ଦେବା ସମ୍ଭବ ନୁହେଁ କାରଣ ଅଞ୍ଜନ ପୋଛିଦେଲେ ଦୃଷ୍ଟି ନିରାଶ୍ରୟ ହୋଇ ଶୂନ୍ୟକୁ ପ୍ରସାରିଯାଏ, ସ୍ଫଟିକର ଏପାରି ସେପାରି ଭେଦିଗଲା ବେଳେ ଅମୂର୍ତ୍ତ ସତ୍ୟଟିକୁ ଅନୁଭବିପାରେ ନାହିଁ । ଏଣୁ ଯେଉଁଠି ବସ୍ତୁବିଗ୍ରହ ତା' ବାଟ ଜଗି ଠିଆ ରହିଥାଏ ସେ ସେହି ପୁରୁଣା ହୋସ୍‌ରେ ତାକୁ ସତ୍ୟ ବୋଲି ଧରିନିଏ । ଅନ୍ଧାରରେ ପ୍ରିୟଜନଙ୍କୁ ବାହୁ ପ୍ରସାରି ଖୋଜୁଥିଲାବେଳେ ଅକସ୍ମାତ୍ ପଶିଆସିଥିବା ଚୋରଟିକୁ କୋଳାଗ୍ରତ କଲାପରି ଏ କ୍ରିୟା । ମନରେ ପ୍ରିୟଜନ ପ୍ରାପ୍ତିର ଆଶା ମହୁଆ ବାସ୍ନାପରି ଭରିଯାଇନଥିଲେ ଚୋରକୁ ସେପରି ସମ୍ମାନିତ କରିବାର ଅବକାଶ ନାହିଁ । ଏଣୁ ଏ ଜଗତଟି 'ମନର ମୂଳେ' ଅଛି ନା ନାହିଁ, ବିବଦମାନ ହେଲେ ମଧ, ଦିଅଁଦେଖା ଯେ ପ୍ରଥମେ ମନରେ ହିଁ ହୁଏ ଏକଥା ହୁଏତ ଆପଣ ସ୍ୱୀକାର କରିବେ । ପ୍ରଥମେ ମନରେ ଦିଅଁଟିକୁ ମାନିନନେଲେ ଦିଶିବା ପଥରଟି ନିଜ ସୀମା ଭିତରେ ହିଁ ଦୃଷ୍ଟିକୁ ବାନ୍ଧିରଖେ । ଭିତରେ କିନ୍ତୁ ଭାବନା ଅନ୍ୟାଶ୍ରୟୀ ହୋଇଗଲେ ବସ୍ତୁ ବନ୍ଧ ଡେଇଁବା ସ୍ୱାଭାବିକ । ଏଣୁ ହୁଏତ ଶ୍ଳେଷ୍ମାଗାର ସେ ମୁହଁରେ ଚତୁର୍ଦ୍ଦଶୀ ଜହ୍ନ ଦିଶିଯାଏ । ଆଖିରେ ଦିଶେ ପଦ୍ମପଲାଶ ଏବଂ କଣ୍ଠରେ ଦିଶେ କମ୍ବୁ । ଏଗୁଡ଼ିକ ସେଇଠି ଥାଆନ୍ତି ବୋଲି ଦିଶନ୍ତି ନା କେବଳ ମନର ମୂଳେ ଥାଆନ୍ତି ଏବଂ ବେଳପଡ଼ିଲେ ସେ ସାରୁ ଗଛତଳୁ ଡିଆଁ ମାରି ଏଠି ଆସି ପଡ଼ନ୍ତି ? ଉଭୟ ଠିକ୍ । କାରଣ ଆଖିରେ ଶଙ୍ଖ ବା ଗ୍ରୀବାରେ ପଦ୍ମପାଖୁଡ଼ା କେହି ଦେଖନ୍ତି ନାହିଁ । ଅନ୍ଧାରରେ ଚୋର ନ ହାବୁଡ଼ି ଚତୁଷ୍ପଦ ପ୍ରାଣୀ ମାଡ଼ିଆସିଲେ ତାକୁ କେହି କୋଳାଗ୍ରତ କରେ ନାହିଁ । ଆମ କଥା ଅବଶ୍ୟ ନିଆରା, ଆମେ ମୋଟେ କିଛି ଦେଖୁନା, କାରଣ ଦେଖିବାକୁ ଚାହୁଁନା । ଆମେ ଆଦୌ କିଛି ନ ମାନିଲେ ପଥରଟି ପଥର ନ ହୋଇ ଚାରା ନାହିଁ !!

ଦିଅଁଦେଖାଳୀଗୁଡ଼ିକ ତା'ହେଲେ କ'ଣ କବି, ଯେଉଁମାନେ ନିକୃଷ୍ଟ ଉପରେ ଉତ୍କୃଷ୍ଟକୁ ଖାଲି ଖଞ୍ଜି ଚାଲିଥାଆନ୍ତି, ଯାହା ନ ଥାଏ ତାକୁ ମନମୂଳରୁ ଖୋଳି ଆଣି କେବଳ ବସ୍ତୁ ମୁଣ୍ଡରେ ଥାପି ଚାଲିଥାନ୍ତି ? ଆଜ୍ଞା ନା ! କାରଣ ଯେ ସେଭଳି ଆରୋପ କରେ, ସେ ନିକୃଷ୍ଟକୁ ଦେଖେ ଏବଂ ତା' ଉପରେ ଉତ୍କୃଷ୍ଟକୁ ଆଭାସିତ କରିବାର ପ୍ରକ୍ରିୟା ବିଷୟରେ ମଧ ସଚେତନ ଥାଏ, ପ୍ରେକ୍ଷାଳୟରେ 'ହରି ଦରଜି'କୁ ଭୀଷ୍ମ ରୂପ ଦେଉଥିବା କଳାକାରପରି । କିନ୍ତୁ ସହସ୍ର ସଂଖ୍ୟାରେ ପିମ୍ପୁଡ଼ିଧାର ପରି ଯେଉଁମାନେ ପୁରସ୍ତମ ଆସୁଥାନ୍ତି ସେମାନଙ୍କ ପାଇଁ ଏଭଳି ଦ୍ୱିଧାଭାବର ଅବକାଶ ନାହିଁ । ସେମାନେ ସିଧାସଳଖ ଦିଅଁ ଦେଖିବାକୁ ଆସିଥାନ୍ତି । ଆମେ ଯେଉଁଭଳି ପାହାଡ଼ ଦେଖିବାକୁ ଯାଇ ତାହା ଆଉ କ'ଣ ହୋଇପାରେ ବୋଲି ସଂଶୟ କରୁନା, ରୋକ୍‌ଠୋକ୍ ତାହାହିଁ ତାହା ବୋଲି ଧରିନେଉ, ସେଇଭଳି ଏ ଦିଅଁଦେଖାଳୀମାନେ ଦିଅଁଙ୍କୁ ମାନିନିଅନ୍ତି । ଏଣୁ ତାଙ୍କୁ ଦିଅଁ ହିଁ ଦିଶନ୍ତି । ସେମାନଙ୍କ ଆଖିରେ ବୁକୁରେ ଯେଉଁ ନିର୍ମଳ ଏକତାରାର ସୁର ଝଂକୃତ ହେଉଥାଏ ତାକୁ କାନେଇଲେ ହୁଏତ ଶୁଭନ୍ତା - ଏତଦ୍-ବୈତତ୍ ! ଏତଦ୍‌ବୈତତ୍ !!

Digitized by srujanika@gmail.com

ଏଇଭଳି କାଠ, ପଥର, ଲୁହା, ତମ୍ବା, ସୁନାର ଗୁଡ଼ିଏ ଧ୍ୟାନମୂର୍ତ୍ତିକୁ ଆଣି ଧ୍ୟେୟ ରୂପେ ଆରାଧନା କରାଯାଏ । ମନର ବିଶୁଦ୍ଧତମ ଏବଂ ଗଭୀରତମ ରୂପଟିକୁ ଆଣି ସ୍ଥୂଳବସ୍ତୁରେ ଜଡଉ କରିଦିଆଯାଏ । ସାପର ଲାଞ୍ଜଟି ଉନ୍ନତ ଫଣାର ଅନୁଗାମୀ ହେଲାପରି ଜୀବନରେ ଘୋସାରି ହୋଇଯାଉଥିବା ଧୂସର ମୁହୂର୍ତ୍ତଗୁଡ଼ିକ ଏଇ ବିଶୁଦ୍ଧ ଏବଂ ଉନ୍ନତ ବିନ୍ଦୁଟିଦ୍ୱାରା ନିୟନ୍ତିତ ହୁଅନ୍ତି । ଦିଅଁ ଘରେ ଆଇଁଷ ପଶେ ନାହିଁ । ପ୍ରତି ବୁଧବାର ଘର ଧୂଆ ହୋଇଥାଏ । ସକାଳୁ ନ ଗାଧୋଇଲେ ଦିଅଁଙ୍କ ଚନ୍ଦନ ଲାଗି ହେବାରେ ବିଳମ୍ବ ହୋଇଥାଏ, ସେଥିପାଇଁ ସତର୍କ ରହିବାକୁ ହୁଏ । ପାହାଚ ପାହାଚ ହୋଇ ଶତାବ୍ଦୀର ଓହ୍ଲେଇ ଆସୁଥିବା ଗାଙ୍ଗୋତ୍ରୀ ଧାରବତ୍ ସଂସ୍କୃତି ଓ ପରମ୍ପରା ସୃଷ୍ଟି ତତ୍ତ୍ୱ, ଜୀବତତ୍ତ୍ୱ, ସମାଜତତ୍ତ୍ୱ, ପାପପୁଣ୍ୟ, ଆୟୁ. ଯଶ, ବଳ, ଦାନ କରୁଥିବା ସମସ୍ତ ନିର୍ଦ୍ଦେଶକୁ ନେଇ ଏଇ ଦିଅଁକୁ କେନ୍ଦ୍ରକରି ଭଉଁରୀ କାଟୁଥାଏ । ପୁରୁଷ ପୁରୁଷ ଧରି ଦିଅଁଙ୍କୁ ସ୍ନାନ ଚନ୍ଦନାଦି କରାଯାଏ, କିନ୍ତୁ କାଠ ପଥର ବା ଧାତୁ କାହାକୁ ଦିଶେ ନାହିଁ । ସେମାନଙ୍କୁ ବିଗ୍ରହଟି କେବଳ ଦିଶୁଥାଏ ଏବଂ ତା' ନାଁ ଦିଅଁ ।

ସେ ନାନାରୂପରେ ମାନବ ଚେତନାକୁ ଆଚ୍ଛନ୍ନ କରିଆସିଛନ୍ତି । ଉପର ଶାମୁକା ଯେତେ ରଙ୍ଗର ଯେତେ ଆୟତନର ହେଲେ ମଧ ଭିତରର ମୁକ୍ତା ଉପାଦାନଟି ସବୁବେଳେ ସମାନ । ଦିଅଁ ଭାବଟିର କେତେବେଳେ ତାରତମ୍ୟ ନ ଥାଏ । ହୋଇପାରେ ସେ ମାଛ, କଇଁଛ, ଶୂକର ବା ସିଂହ । ହୋଇପାରେ ତାଙ୍କର ଦୁଇଟି ହାତ, ବା ଚାରିଟି, ବା ଦଶଟି, ବା ହୋଇପାରେ ସେ "ଅନେକ ବାହୂଦରବକ୍ତ୍ର ନେତ୍ରଂ" - ବା ହୋଇପାରେ ସେ ଅପାଣିପାଦମ୍ - ଗୋଟିଏ ହାତ ଗୋଡ଼ ନ ଥିବା ମାଦଳ !! ଏସବୁ ଭିତରେ ପ୍ରତିମାକୁ ସଂପୂର୍ଣ୍ଣ ଆଡ଼କରି ନେଇ ଆସି ଉଭା ହୁଅନ୍ତି ପ୍ରତୀକ । କୁହାଯାଏ - ଏ ଖମ୍ବକୁ ପ୍ରଣିପାତ କର । ଏଥିରେ ମନ ଦେଲେ ଯାକୁ ଦି'ଫାଳ କରି ଦିଅଁ ବାହାରିଆସିବେ । କୁହାଯାଏ ଏ ପଥର ଖୁଣ୍ଟଟି ହେଉଛନ୍ତି ପରମ ଶିବ ! ପୁଣି କୁହାଯାଏ ଯେ ଏ ଚିକକ୍‌ଣ ପଥର ଗୋଟାଳିଟି ଶାଳଗ୍ରାମ ଶିଳା, ଏହାହିଁ ଆଦିପୁରୁଷଙ୍କର ପ୍ରତୀକ । ଯା'କୁ ବେଦମନ୍ତ୍ର ପାଠ କରି ଚନ୍ଦନ ସ୍ନାନ କର । କୌଣସି ଜ୍ୟୋତିର୍ବିଦ୍ କଳାପଟାରେ ଗୋଟିଏ ନିରୀହ ଧଳାବିନ୍ଦୁ ଲେଖିଦେଇ କହନ୍ତି - 'ମନେକର ଏଇଟା ସୂର୍ଯ୍ୟ ।' ଆମେ ସେଭଳି ମନେକରିନେଉ ଏବଂ ଅବଶିଷ୍ଟ ବୟାନ ବେଳେ ବିନ୍ଦୁଟି ଅବିଚଳିତ ଭାବରେ ସୂର୍ଯ୍ୟ ପରି ଜଳୁଥାଏ ।

ପ୍ରତୀକ ଆହୁରି ସୂକ୍ଷ୍ମ ହୋଇଯାଏ । ଶାସ୍ତ୍ରେ କହନ୍ତି - ପରିବ୍ୟାପ୍ତ ଆକାଶକୁ ପୂଜା କର । ସର୍ବତ୍ର ଗମନ କରୁଥିବା ବାୟୁଙ୍କୁ ପୂଜା କର । ଜ୍ୟୋତିଙ୍କୁ ପୂଜା କର, ବରେଣ୍ୟ ସବିତାଙ୍କୁ ପୂଜା କର - ତା' ଅର୍ଥ ସେମାନଙ୍କଠାରେ ପୂଜ୍ୟ ସଂଦର୍ଶନ କର ବା ଦିଅଁ ଦେଖ । ଗଛଗୁଡ଼ିକ ଭିତରେ ଅଶ୍ୱତ୍‌ଥକୁ ଦେଖ, ଗିରିରାଜ ହିମାଳୟକୁ ଦେଖ, ନକ୍ଷତ୍ରମାନଙ୍କର ରାଜା ଚନ୍ଦ୍ରମାକୁ ଦେଖ । ଏ ଅପରିମେୟ ବସ୍ତୁସଙ୍ଘ ଭିତରେ ପ୍ରତ୍ୟେକ ବର୍ଗର ଶୀର୍ଷକୁ ଦେଖ ..... ଏବଂ ସେଇ ଉତ୍ତୁଙ୍ଗ ଅନବତ ବିନ୍ଦୁଗୁଡ଼ିକରେ ଦିଅଁ ଦେଖ । କୌଣସି ଅବାକ୍ ମୁହୂର୍ତ୍ତରେ ହୁଏତ କେହି କେହି ଏପରି ସୁବିଶାଳ ଭୂମିକାରେ ଆଶ୍ଚର୍ଯ୍ୟବତ୍ ଦିଅଁ ଦେଖିଦିଅନ୍ତି । କେହି କେହି ସେହିଭଳି ଆଶ୍ଚର୍ଯ୍ୟବତ୍ କହନ୍ତି ବା ଶୁଣନ୍ତି - କିନ୍ତୁ ବିସ୍ମୟ ବିମୂଢ ଚେତନାରେ ଏ ଚରମ ସଂଘାତକୁ ଧାରଣ କଲାଭଳି ପ୍ରସାର ନ ଥାଏ,

Digitized by srujanika@gmail.com

ଗଭୀରତା ନ ଥାଏ । ଯାହାକୁ ସଖୀ, ବନ୍ଧୁ, ପତି, ପୁତ୍ରରୂପେ ଖୁବ୍ ନିବିଡ଼ ମମତା କେନ୍ଦ୍ରରେ ସ୍ନିଗ୍ଧ ଆଶ୍ଲେଷରେ ବାହୁ ବେଢେଇ ରଖାହୋଇଥାଏ ସେ ହଠାତ୍ ବିସ୍ଫୋରିତ ହୁଏ । ଖମ୍ଭ ଦୁଇ ଫାଳ ହୋଇଯାଏ । ସିଂହ ଶଟା ଫିଟିଯାଏ ନକ୍ଷତ୍ର ରାଜ୍ୟରେ । ବିସ୍ମୃତ କୁରୁକ୍ଷେତ୍ର ଉଡେଇଯାଏ ଧୂଳିକଣା ପରି । ବିହ୍ୱଳ ବିମୂଢ଼ ଦିଅଁ ଦେଖାଳୀଟି କରଯୋଡ଼ ହୋଇ ଆଖି ବୁଜିଦିଏ ଓ ପ୍ରାର୍ଥନା କରେ ''ସୌମ୍ୟରୂପ ହୋଇଯାଅ ପ୍ରଭୁ, ଏ ବିଶ୍ୱମୂର୍ତ୍ତି ସମ୍ବରଣ କର ।'' ଏ ପ୍ରଳୟ ମୁହୂର୍ତ୍ତରୁ ଉବୁରଗଲେ, ଟିକିଏ ଆତ୍ମସ୍ଥ ହୋଇପାରିଲେ ଋଷିକଣ୍ଠରୁ ଶୁଭେ - ''ଏଠି ବିଭିନ୍ନତା ନାହିଁ, ନଦ ନଦୀ ପାହାଡ଼ ପର୍ବତ ପୃଥିବୀ ଏବଂ ଅନ୍ତରୀକ୍ଷରୂପେ ପ୍ରତିଭାତ ହେଉଥିବା ବସ୍ତୁଗୁଡ଼ିକ ଗୋଟିଏ ମାତ୍ର ସତ୍ୟ - ସେଇ ଏକ ଏବଂ ଅଦ୍ୱିତୀୟ ସତ୍ତାହିଁ ବ୍ରହ୍ମ । ଏ ସମସ୍ତ ହିଁ ତାହା - ସର୍ବଂ ଖଳ୍ୱିଦଂ ବ୍ରହ୍ମ ।''

ଏ ସମସ୍ତ ଭିତରେ କିନ୍ତୁ ଦିଅଁ ଦେଖୁଥିବା ମହାତ୍ମାଟି ଅବଶ୍ୟ ସୁଦୁର୍ଲଭ । ପ୍ରାୟ ସେଇଭଳି ସୁଦୁର୍ଲଭ ଏ ସରଳ ନିଷ୍କପଟ ପୁରଷୋତ୍ତମଯାତ୍ରୀଙ୍କୁଳ । ସେମାନେ ଅତି ସ୍ୱାଭାବିକ୍ ଭାବରେ ଦ୍ୱିଧାଗ୍ରସ୍ତ ନ ହୋଇ ଦିଅଁ ଦେଖନ୍ତି - ବର୍ଷକେ ଥରେ ଆସି ପହଣ୍ଡି ବିଜେ ଦେଖନ୍ତି । ପଚାରିଲେ କହନ୍ତି ''ଏଇତ' ଦିଅଁ, ଏଇ ଜଗତ୍‌କର୍ତ୍ତା ଜଗନ୍ନାଥ, ଯା'ରି ବଳରେ ସୃଷ୍ଟି ଆତଯାତ ହୁଏ, ସୂର୍ଯ୍ୟ ଚନ୍ଦ୍ର ଉଦୟ ଅସ୍ତ ହୁଅନ୍ତି ।'' ଆମେ କୌଶଳରେ ତାଙ୍କ ମନ ଉପରୁ ଓଢଣା ଟେକି ଅନେଇ ଦେଉ । ସେଇଠି ଦିଅଁଙ୍କ ଆସନରେ ବାହୁ ମେଲେଇ ଆଖି ତରାଟି ଅବିକଳ ଏଇ ରୂପ ଟହ ଟହ ହସୁଥିବାର ଦେଖୁ । କିନ୍ତୁ ଆମ ଆଖିର ଅଞ୍ଜନ ଏପରି ଯେ ଭିତରେ ଦିଶେ ଅନ୍ଧବିଶ୍ୱାସ ଏବଂ ବାହାରେ ଦିଶେ ଦାରୁ - ଦିଅଁ ଜମା ଦିଶେ ନାହିଁ । ବିହ୍ୱଳିତ ଉଦ୍ଧବ ପରି ଆମେ ଯେତେ ଶାସ୍ତ୍ର ବଖାଣିଗଲେ ମଧ ଏମାନେ ଶୁଣନ୍ତି ନାହିଁ । ଏ କାଳିଆ ପର୍ବତଟିକୁ ସେମାନେ ବୋହି ବୋହି ବରଂ କୂର୍ମ ପାଲଟିଯିବେ ।

ଗୋଟିଏ ଦିଅଁଙ୍କୁ ମୁଣ୍ଡରେ ବୋହି ଉତ୍‌କୂଳ ଯମୁନା ପାରି ହେବା ଯାହା ସାଧାରଣ ଜୀବନଯାତ୍ରା ତୁଲେଇବା ମଧ ସେଇଆ । ଅନେକ ଯାତନାର ଦାହ ଭିତରେ ଯେତେବେଳେ ବସନ୍ତର ସବୁ ଫୁଲକୁ ନେଇ ଆୟୁଷ ଝରିଯାଉଥାଏ, ଜଞ୍ଜାଳର ଅତର୍କିତ କଣ୍ଟାବାଡ଼ରେ ଘୋରି ହୋଇ ବିକ୍ଷତ ପୌରୁଷରୁ ଥୋପି ପଡୁଥାଏ ଲୋହିତ ଦମ୍ଭ ଏବଂ ଅଭିମାନ, ବିପନ୍ନ ଶର୍ବରୀରେ ଭୁଷୁଡ଼ି ପଡୁଥାଏ ଧୈର୍ଯ୍ୟର ଓଦା କାନ୍ଥ । ମୁଣ୍ଡ ଉପରେ ଦିଅଁଙ୍କ ଗୁରୁଭାର ସମ୍ଭାଳିବା, ତାଙ୍କୁ ଅବିଚଳିତ ଜାବୁଡ଼ି ଧରିବା ଏକ ଅସାଧ ସାଧନା । ଯାତନାକ୍ଲିଷ୍ଟ ଆଗ୍ନେୟଗିରିର ତାମ୍ର ପିଙ୍ଗଳ ଉତ୍ତପ୍ତ ଧୂଆଁ ଭିତରେ ଦିଅଁ ଲୁଚିଯିବା ଖୁବ୍ ସମ୍ଭବ । ପୁଣି ଯେତେବେଳେ ଜୀବନର ଉତ୍ତର ଗୋଲାର୍ଦ୍ଧରେ ଗୁଡ଼ାଏ ସୁନାରୂପାର ଧାତବ ଅରଣ୍ୟ ଚାରିଆଡୁ ଘେରିଯାଏ, ଧନ ଜନ ଗୋପ ଲକ୍ଷ୍ମୀର କୋଳାହଳ ସଞ୍ଚରିଯାଏ ସ୍ୱପ୍ନ ଏବଂ ଜାଗରଣର ଶିରାରେ ଶିରାରେ, ବିତ୍ତ ଯଶ ମାନର ହୀରାବାଡ଼ ଗୋଟାଏ ନିର୍ଜୀବ ଶୀତଳ ଆଲୁଅରେ ଆଖି ଝଲସାଇଦିଏ, ସେତେବେଳେ ମଧ ଦିଅଁ ନ ଦିଶିବା ଖୁବ୍ ସମ୍ଭବ । ଏ ଉଭୟରୁ ଖସିଆସି ଖୋଲା ଦାଣ୍ଡରେ ଠିଆ ନ ହେବା ପର୍ଯ୍ୟନ୍ତ ଦିଅଁ ଦେଖିବା ସମ୍ଭବ ନୁହେଁ - ଚାରିକାନ୍ଥ ଭିତରୁ ମୁକୁଳି ନ ଆସିବା ପର୍ଯ୍ୟନ୍ତ ସୂର୍ଯ୍ୟ ଦେଖିବା ସମ୍ଭବ ନୁହେଁ । ନିର୍ଦ୍ଦିଷ୍ଟ କକ୍ଷଗୁଡ଼ିକରେ ବୁଲୁଥିବା ପୃଥିବୀମାନଙ୍କୁ ପରିହାର କରି ଆକାଶକୁ ଡିଆଁମାରି ଗଲେ ତେଣିକି ସେ ନିଷ୍କ୍ରିୟ ଅବିକ୍ରିୟ ସତ୍ତା ସେମାନଙ୍କୁ ଧରୁଛି କି ସେମାନେ ତାକୁ ଧରୁଛନ୍ତି ତାହା ସେମାନେ ହିଁ କହିବେ ।

❖❖❖

Digitized by srujanika@gmail.com

ମୃତ୍ୟୁ - ଏକ ବିଳାସ

ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜୀବନର ଗୋଟିଏ ଗୋଟିଏ ସୂର୍ଯ୍ୟସ୍ନାତ ତାରିଖକୁ କବର ଦେଇ ସୁଦ୍ଧା ଆମର ବିଶ୍ୱାସ ହୁଏ ନାହିଁ ଯେ ଏ ଗଣତି ଦିନେ ସରିଯିବ, ଅତି ନିଶ୍ଚିତ ଭାବରେ ଗୋଟିଏ ତାରିଖରେ ବାଲି ଘଡ଼ିରୁ ଶେଷ ରେଣୁଟି ଝରିଯିବ । କାନ୍ଥରେ ଝୁଲୁଥିବା ଦିନପଂଜିକା ଉପରେ କୌଣସି ଗୋଟିଏ ପ୍ରାଚୀନ ଦୀର୍ଘଶ୍ୱାସର ନାଲି ମୁଣ୍ଡୁଳାଟିଏ ବୁଲେଇଦେଇ ହୁଏତ କେହି ଜଣେ କଳା ପଟି ମାରି ଚିଠି ଲେଖି ବସିବେ । ପଚାଶ ବା ଷାଠିଏ ବର୍ଷର ଜୀଅନ୍ତା ମୁହୂର୍ତ୍ତଗୁଡ଼ିକ ଗୋଟିଏ ଦିଓଟି ସ୍ମୃତିକେନ୍ଦ୍ରରେ କଳରବ କରି ଉଠିବେ । ଛେଉଣ୍ଡ ଭୋକିଲା ଶିଶୁଗୁଡ଼ିକ ଏପରି ନେହୁରା ହୋଇ କହିବେ, ‘‘ଆମକୁ ଦୟା କର, ଆମକୁ ଚିହ୍ନ, ଆମକୁ ସ୍ୱୀକାର କର ।’’ ତାଙ୍କର ଏ ସମସ୍ତ ଆକୃତିର ଉତ୍ତର କେବଳ ସେଇ ଝଲକାଏ ପବନ, ଯେ କି ପଚାଶ ବର୍ଷର ଗିରି ଉପତ୍ୟକାକୁ ପାଞ୍ଚଟି ମୁହୂର୍ତ୍ତରେ ପାରିହୋଇଯିବାକୁ ବାଧ୍ୟ, ଦୀର୍ଘଶ୍ୱାସରୂପେ ଝରିଯିବାକୁ ବାଧ୍ୟ । ଏଣୁ ସେ କେବଳ ଗିରିଚୂଳରୁ ଉଡ଼ିଆସେ । ଅନେକ ତଳେ ସହସ୍ର ସହସ୍ର କଇଁ, ଅନେକ ସବୁଜ ଘାସର ଅଗଣିତ ଶିଖା ଚାହିଁ ରହିଯାଆନ୍ତି । ଗିରିମୂଳ ପରି ସେମାନେ ବି ସତ୍ୟ । ସେମାନେ ମଧ୍ୟ ବିଗତ ଯାତ୍ରୀଟିର ପ୍ରତିଟି ଶ୍ୱାସରେ ଲାଳିତ, ଦୋଳାୟିତ ହୋଇ ତାକୁ ତାଙ୍କର ସୋହାଗ ଯାଚି ଦେଇଥିଲେ... କିନ୍ତୁ ବେଳ କାହିଁ ସେ ସମସ୍ତର ତାଲିକା କରିବା ପାଇଁ । ଚଞ୍ଚଳ ନାଲି ମୁଣ୍ଡୁଳା ମାରିଦେଇ ଚିଠି ଲେଖିବାକୁ ହେବ । ଶୋକ-ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବାକୁ ହେବ । ଏଣେ ପୁଣି ଆଉ ଅନେକ କାମ ଅଛି ତ । ଏପରି ସବୁ ସରିଯାଏ ଏବଂ ସେ ଯେଉଁ ଶେଷ ସୂର୍ଯ୍ୟଟି ବୁଡ଼ିଯାଏ ତାହା - ଅମୁକ ହରିଚନ୍ଦନ, ମୁକାମେ ଢେମାଦେଇପୁର, ଜିଲେ ପୁରୀ, ପାଇଁ ଆଉ ଉଏଁ ନାହିଁ ।

ଏବଂ ଏହିପରି ସେଇ ସୂର୍ଯ୍ୟଟି ବୁଡ଼ି ଆସିଛି ! - ଆଜି ନୁହେଁ, କେଉଁ ଅନନ୍ତ କାଳରୁ । କେବଳ ଅମୁକ ହରିଚନ୍ଦନ ପାଇଁ ନୁହେଁ, ଇତିହାସର ଆଦିମତମ ସମ୍ରାଟ ପାଇଁ ମଧ୍ୟ ସେ ଏକଦା ଅନିବାର୍ଯ୍ୟ ଭାବେ ବୁଡ଼ିଯାଇଛି । ଏଥିରେ ନୂଆ କିଛି ନାହିଁ, ଅତି ପୁରୁଣା । ଆକାଶ ପରି ବିସ୍ତୃତ ଅବିଚଳିତ ସତ୍ୟଟିଏ ଏଇ ମୃତ୍ୟୁ । ଏଣୁ ଯୁଧିଷ୍ଠିରଙ୍କ ଉତ୍ତରରେ ଯେ କେହି ରାଜି ହୋଇଯିବା କଥା । ଏସବୁ ସତ୍ତ୍ୱେ ‘ମୃତ୍ୟୁ’ ନା ଶୁଣିଦେଲେ କାହିଁକି ଝିଲ୍‌ମିଲ୍ ହସର ଲହରୀ ତୋଳୁଥିବା ପଦ୍ମପୋଖରୀଟି ହଠାତ୍ ଶୁଖିଯାଏ ? - ସରସ ମୁହଁଟି କାଠ ଛେଲାପରି ଶାଙ୍କୁଡ଼ିଯାଏ ? - ସବୁଠୁ ହମ୍ବିଲା ମଣିଷର ନିଶ ଲେଉଟିପଡ଼େ, ମଝି-ଶିରା ହାଡ଼ରୁ ଖଞ୍ଜା ଖସିଯାଏ ? ଜୀଅନ୍ତା ଜୀବଗୁଡ଼ିକ ହୁଏତ ଚିରକାଳ ଜୀଇ ରହିବାକୁ ଚାହାନ୍ତି ଏବଂ ତାଙ୍କର ସେଇ ଚିରଂଜୀବୀ ହେବାର ଇଚ୍ଛା ପୁରୁଷ

Digitized by srujanika@gmail.com

ପୁରୁଷ ଧରି ଶାଖା ମେଲେଇ ତଙ୍କ ମଡେଇ ଲଟେଇ ଚାଲିଯାଏ । ମରିବାକୁ କେହି ଚାହେଁ ନାହିଁ, କାରଣ ମରିବା ଅର୍ଥ 'ଠୋ' କିନା ଛିଣ୍ଡିଯିବା, ଯାହା ଜଳିଥାନ୍ତା ତାହା ହଠାତ୍ ଲିଭିଯିବା, କାରଣ ଜୀବନର ଠିକ୍ ବିପରୀତ, ତା'ର ନିର୍ମମ ପଶ୍ଚିମ ହିଁ ତ ମୃତ୍ୟୁ ! - ଆଜ୍ଞା ନା ! ମୃତ୍ୟୁ କୌଣସି 'ଠୋ' ବିନ୍ଦୁ ନୁହେଁ । ସେ ମଧ ଗୋଟିଏ ଧାରା । ଆମେ ଯେମିତି ବଞ୍ଚୁ, ସେମିତି ମରୁ, ଏଣୁ ପଚାଶ କି ଷାଠିଏ ବର୍ଷ ଆମେ କ୍ରମାନ୍ୱୟ ମରୁ କହିବା ଦୁଷ୍କର । ପ୍ରତିଦିନ ସନ୍ଧ୍ୟାରେ ସୂର୍ଯ୍ୟସ୍ନାତ ତାରିଖଟିକୁ କବର ଦେଲାବେଳେ ଆମେ ଟିକିଏ ଘୁଞ୍ଚିଆସି ଅନେଇଲେ। ଦେଖୁ ଯେ ଜୀବନ ଓ ମୃତ୍ୟୁ ହାତ ଧରାଧରି ହୋଇ ବୋହି ଚାଲିଛନ୍ତି । ବାଳି ସୁଗ୍ରୀବ ପରି ସେମାନେ ଗଡ଼ାଗଡ଼ି ହେଲାବେଳେ କାହା ବେକରେ ଫୁଲହାର ପକେଇ କାହାକୁ ଆମେ ଶରବ୍ୟ କରୁ ଜାଣିବା ଦୁଷ୍କର, କିନ୍ତୁ ଟିକିଏ ଗହୀରେଇ ଅନେଇଲେ ଦିଶେ ଯେ ଜୀବନର ଉପାଦାନ ହିଁ ମୃତ୍ୟୁ ! ସେ ତାକୁ ତଡ଼ିନେଇଯାଏ, ଗଡ଼େଇ ନେଇଯାଏ । ଫାଳେ ଅନ୍ଧାର, ଫାଳେ ଆଲୁଅର ଚକ ଗଡ଼ିଯାଏ ଏବଂ ଗଡ଼ିଗଲାବେଳେ ତା'ର ବର୍ମ୍ମ ଉପରେ ଗୁଡ଼ିଏ ଧଳା କାଗଜର ତାରିଖ, ମାସ ଏବଂ ବର୍ଷ ମାଟି-ଉପରେ-ଧାଡ଼ି-ବନ୍ଧା କବର ପରି ପୋତି ହୋଇଯାନ୍ତି । ତେବେ ମୃତ୍ୟୁକୁ ଏତେ ବିଜାତୀୟ ବୋଲି ଭାବିବାର ଯୁକ୍ତି କାହିଁ ? ସେ ପରା ଆମ ଅଗଣାରେ ତିମିର-ଅବଗୁଣ୍ଠିତ ହୋଇ ଠିଆ ରହିଥିବା ଭବ୍ୟ ଅତିଥି ! - ଅତି ନିଜର, ଅତି ଆପଣାର, ପ୍ରତି ମୁହୂର୍ତ୍ତର ସାଥୀ, ଯେ ଆମକୁ ନାଲିପତ୍ରରୁ ହଳଦିଆ ପତ୍ର ଯାଏଁ ବିଭିନ୍ନ ରଙ୍ଗର ପାନ୍ଥଶାଳାରେ ଭଉଁରୀ କାଟି ନେଇଯାଏ ଏବଂ ନେଇଯାଏ ଏ ଦେହରୁ ସେ ଦେହକୁ ।

ଅନ୍ଧାର ରାତିର ଦୂର ଦିହୁଡ଼ି ପରି ଆମର ଅନେକ କେନ୍ଦ୍ରରେ ନାଲି ନେଳି ହଳଦିଆ ଶିଖା ମେଲି ବହୁ ପ୍ରକାର କ୍ଷୁଧା ଦିକ୍ ଦିକ୍ ଜଳିଉଠନ୍ତି । ଆମେ ସେମାନଙ୍କୁ ଘୃତ ସମିଧ ଦେଇ ପ୍ରତିପାଳିତ କରୁ । ଭାବୁ ଯେ ଜଳିଯିବା ପାଇଁ ଆମର ସେଇ ପ୍ରଗାଢ଼ କାମନାଟି ହିଁ ବଞ୍ଚିବାର ସ୍ୱାଦ - ତା'ର ସାର୍ଥକତା । ଆମର ଚକଡ଼ା ଭୂଇଁ ଜଳିଯାଏ । ଆମେ ଖାର, ଅଙ୍ଗାର ଆଡୁ ଆଖି ଫେରେଇନେଇ ସବା ଆଗରେ ଦିକ୍ ଦିକ୍ ଜଳୁଥିବା ନିଆଁଟିକୁ ଦେଖୁ । ଆମ ଜିଭ ଅଗରେ, ଆଖି କୋଣରେ ଜଳୁଥିବା ନିଆଁ ପାଇଁ ରୂପ ରସର ସଂସାର ଛାଣିଯାଉ । ଲାଗେ ଯେ ଆମେ ବଞ୍ଚିଲୁ । କିନ୍ତୁ ଆମକୁ ଯେ ଏମିତି ଉଦ୍ଭାସିତ କରେ, ଜାଳିଯାଏ, ସେହି ହିଁ ତ "ଅଶନାୟ ମୃତ୍ୟୁଃ !" ଆମର ସମସ୍ତ ଜ୍ୱଳା, ସମସ୍ତ ତୀବ୍ର ତାଡ଼ନା, ସମସ୍ତ ତାତ୍ପର୍ଯ୍ୟ ତ ମୃତ୍ୟୁ ! - ସେ ହିଁ ପୁଅ ଦେହରୁ ଧୂଳି ଝାଡ଼ିଦେଇ ତାକୁ ଅନବରତ ଚିକ୍କଣ ରଖିଥିବା ମା'ପରି ସବୁ ପୁରୁଣା, ଘୁଣଖିଆ, ଲୋଥରା, ଧୋତଡ଼ା ପତ୍ରକୁ ଝାଡ଼ିଦେଇ ଆମ ଉଦ୍ଭିଦକୁ ଚିର-ସବୁଜ ରଖେ, ତା'ର ମୁକୁଟକୁ କଦାପି ନଇଁବାକୁ ଦିଏ ନାହିଁ, ତା' ଉପରେ ପରଳ ମଡ଼େଇଦିଏ ନାହିଁ । ଅବଶ୍ୟ ଏଭଳି ନିର୍ମଳ କରୁ କରୁ ହୁଏତ ଗୋଟାଏ ସ୍ତରରେ ଜରାଜୀର୍ଣ୍ଣ ଦେହଟିକୁ ମଧ ସେ ଆଡ଼େଇ ଥୋଇଦେବାକୁ ବାଧ ହୁଏ ।

ଏ ସମସ୍ତ ସଫେଇ ସତ୍ତ୍ୱେ ବରଫ ପରି ଶୀତଳ, ରାତି ପରି ନୀରବ, ମୁର୍ଦ୍ଦାର ଘର ମନେପଡ଼ିଯାଏ. । କୁଳା କୁଳା ଶୀତ. କୁଢେଇ ହୋଇପଡ଼େ ଝାଳ ସରସର ମାଂସର ପଞ୍ଜୁରୀ

Digitized by srujanika@gmail.com

ଉପରେ । ଛଅ ଗଣ୍ଡିଆ କୋକେଇ ଉପରେ ମାଲଭାଇଙ୍କର ଗତି ଛନ୍ଦରେ ଅସହାୟ ସ୍ପନ୍ଦିତ ହେଉଥିବା ଶସ୍ତା ନୂଆ କନାଗୁଡ଼ିଆ ସେ ମାଂସପିଣ୍ଡଟି ମନେପଡ଼େ । ମନେପଡ଼େ ଅଚଞ୍ଚଳ ଯୋଡ଼ି ଡୋଳା ଏବଂ କାକର ସେ ଚମତଳେ ଜମିଯାଇଥିବା ନିଥର ଗୁଡ଼ିଏ ପାଣି । ମନେପଡ଼ିଯାଏ ଗଛ ଡାଳରୁ ଓହଳିଥିବା ସେ ବିକଟାଳ ଜିଭ ଏବଂ ଥୋପି ପଡୁଥିବା ସେ ଯୋଡ଼ାକଯାକ ଆଖି । ରେଳ ଚକ ତଳେ ପିଣ୍ଡୁଳା ହୋଇଯାଇଥିବା ବିଚ୍ଛିନ୍ନ ଅଙ୍ଗଗୁଡ଼ିକର ହିଙ୍ଗୁଳ ସମାହାର । ବୁଦ୍ଧଙ୍କଠାରୁ ସହସ୍ରେ ଗୁଣରେ ହିମ୍ମତ୍‌ଦାର୍ ବୋଲି ଆମେ ଏ ସମସ୍ତ ଦେଖି ମଧ୍ୟ ସଂସାର ଭିତରେ ଘର କରି ରହିଥାଉ । ଯେତେ ବଡ଼ ପଥର ପଡ଼ିଲେ ମଧ୍ୟ ସହିଯାଉ । ତା' ବୋଲି ମୃତ୍ୟୁକୁ ଶଯ୍ୟାସାଥୀ କରି ତା'ର ସେ ସ୍ଥିର ଡୋଳା ଏବଂ କାକର ଚର୍ମ ଉପରେ ଯଦି ବେକ ଦେବାକୁ କୁହାଯାଏ ତା' କ'ଣ ସମ୍ଭବ ? ଯେତେ ଦର୍ଶନ ଗିଳେଇଲେ ମଧ୍ୟ ବେଳ ଜାଣି ତା' ସହିତ ଭେଟଣା ହୋଇଗଲେ, ବାହାରପାଣି ଭଳି ପ୍ରବେଗ ସୃଷ୍ଟି ହେବା ସୁନିଶ୍ଚିତ ଏବଂ ତାହା କଦାପି ପ୍ରେମର ଲକ୍ଷଣ ନୁହେଁ ।

ଯଦି ବା ସେଭଳି ତାକୁ ଆପଣେଇ ନେବା ସମ୍ଭବ ନୋହିଲା ତାକୁ ତ ଅନିବାର୍ଯ୍ୟ ଭାବରେ ସ୍ୱୀକାର କରିନେବାରେ ଆପତ୍ତି ନାହିଁ । ଯଦି ନାହିଁ, ଏମିତି ମୂଳରୁ ଛାନିଆ ନହୋଇ ତାକୁ ବରଂ ଗୋଟିଏ ସୁନା ଛାଞ୍ଚରେ ଘୋଡ଼େଇବାର ବ୍ୟବସ୍ଥା କରାଯାଉ । ଅଗ୍ରାହ୍ୟକୁ ସଜେଇ ଜାଣିଲେ ମୋତିମାଳାରେ ଝୁଲୁଥିବା ଅଜନ୍ତାର କୃଷ୍ଣା ରାଜକନ୍ୟା ପରି ସେ ଯଥେଷ୍ଟ ଗ୍ରହଣୀୟ ହୋଇଉଠିବ, ସ୍ପୃହଣୀୟ ମଧ୍ୟ ହୋଇଉଠିବ । ଜୀବନଟା ତ ସ୍ୱତଃ ଉପଭୋଗ୍ୟ ନୁହେଁ, ବରଂ ତାକୁ ଉପଭୋଗ୍ୟ କରାଯାଏ । କରି ନ ଜାଣିଲେ ବଞ୍ଚିବା ଦୁଷ୍କର ! ଘୋଡ଼େଇ ହୋଇ ଜାଣିଲେ ଶୀତାର୍ତ୍ତ ହେମନ୍ତ ଚମତ୍କାର ହୋଇପାରେ ଏବଂ ପୁଆଇଁ ଜାଣିଲେ ଅଗ୍ନି ମଧ୍ୟ ସେବ୍ୟ ହୋଇପାରେ । ଏଣୁ ବୋଧହୁଏ ଠିକ୍ ଭାବରେ ମରି ଜାଣିଲେ ମୃତ୍ୟୁ ମଧ୍ୟ ଏକ ଚୂଡ଼ାନ୍ତ ବିଳାସରୂପେ ଗ୍ରହଣ କରାଯାଇପାରେ । ଭୋକ ଏଡ଼ିହୁଏ ନାହିଁ, ଏଣୁ ତାକୁ ମେଣ୍ଟାଇବା ପାଇଁ ଏବଂ ମେଣ୍ଟାଇବାର ନିଭୃତ ଉପଭୋଗ ପାଇଁ ଅସଂଖ୍ୟ ପରୀକ୍ଷା କରାଯାଏ । କୁହାଯାଏ ଗୋଟିଏ ବ୍ୟଞ୍ଜନ ଆଉ ଗୋଟିଏ ବ୍ୟଞ୍ଜନଠାରୁ ଅଧିକ ରୁଚିକର । ସେହିପରି ମୃତ୍ୟୁ !

ମୃତ୍ୟୁକୁ ଆବାହନ କରାଯାଏ । ବୈଶାଖ ମାସରେ ଚିଗୁଡ଼ା ହୋଇ ଫାଟିଯାଇଥିବା ତାପଦଗ୍ଧ ପୋଡ଼ାଭୂଇଁ ଉପରେ ବର୍ଷାକୁ ନିମନ୍ତ୍ରଣ କଲା ଭଳି ତାକୁ ସ୍ୱାଗତ ନିବେଦନ କରାଯାଏ । ଯାତନାକ୍ରାନ୍ତ ଜୀବନର ଗୁରୁଭାର ଅଣ୍ଟା ନୁଆଇଁଦିଏ, ଫଣା ତଳକୁ କରିଦିଏ, ବଞ୍ଚିବାର ଦୂରନ୍ତ ବାସନା ମଉଳିଯାଏ । ଅଦୃଶ୍ୟ ଡେଣା ଝାଡ଼ିଦେଇ ଗୁଡ଼ିଏ ଶକୁନି ଜୀଅନ୍ତା ମାଂସପିଣ୍ଡକୁ ଖୁମ୍ପି ଖାଇଯାନ୍ତି । କଡ଼ ଯନ୍ତ୍ରଣାରେ ଏପରି ହାହାକାର କରୁଥିବାବେଳେ ମୃତ୍ୟୁ ହିଁ ଏକମାତ୍ର ଧ୍ୟେୟ । ସେ ଆସିଲେ ଅନ୍ତତଃ ଏ ଜ୍ୱାଳାରୁ ତ' ନିଷ୍କୃତି ମିଳିଯିବ, ଦେହଦାହର ଉପସଂହାର ଘଟିଯିବ !

କିନ୍ତୁ ଯନ୍ତ୍ରଣାର ଅନେକ ପୂର୍ବରୁ, ମୁରୁଜ ପରି ଶୁଖିଲା ପାଖୁଡ଼ାଗୁଡ଼ିକ ଝରିପଡ଼ିବା ପୂର୍ବରୁ, କିଛି କିଛି ସୌରଭ ଥିବାବେଳେ, କିଛି ଜୀବନ-ରସ ବୃନ୍ତ ମୂଳକୁ ଓଦା କରୁଥିଲାବେଳେ ଯଦି ମୃତ୍ୟୁକୁ ବାଛି ନିଆଯାଏ, ସାମ୍ରାଜ୍ଞୀ କ୍ଲିଓପାଟ୍ରା ପରି କୁହାଯାଏ ଯେ, 'ମୋ ଜୀବନର ପ୍ରତିଟି ମୁହୂର୍ତ୍ତ

Digitized by srujanika@gmail.com

ରତ୍ନଦୀପର ବିଳାସ, ଅଫୁରନ୍ତ ଐଶ୍ୱର୍ଯ୍ୟ ଏବଂ ଯୌବନର ବିଳାସ ! ମୁଁ ଚାହେଁନା ଏ ବିଳାସକକ୍ଷରୁ ଧୂଳି ଉପରକୁ ଅନିବାର୍ଯ୍ୟ ଭାବରେ ଓହ୍ଲେଇବାକୁ । ମୋ ପାଇଁ ମୃତ୍ୟୁ ମଧ୍ୟ ହେବ ଏକ ବିଳାସ । ମୁଁ ଜୀବନକୁ ଯେପରି ଅଖଣ୍ଡ ଯୌବନ ଉପହାର ଦେଇଛି, ରୋମୀୟ ସମ୍ରାଟକୁ ଯାହା ଦେଇଛି, ରାଜାଧିରାଜ ମୃତ୍ୟୁ ଦେବଙ୍କର ମଧ୍ୟ ତାହା ପ୍ରାପ୍ୟ । ମୃତ୍ୟୁର ଯନ୍ତ୍ରଣା ମୋ ପାଇଁ ଅବାନ୍ତର ।' ଏଣୁ ଅନେକ ପରୀକ୍ଷାରେ ସେ ବାଛିନେଇଥିଲେ କେତୋଟି ଅତି ବିଷାକ୍ତ କୀଟ । ସେମାନଙ୍କର ଦଂଶନ ଅତି ସୁଖପ୍ରଦ କେବଳ ନୂଆ ଦାନ୍ତ ଉଠିଥିବା ଶିଶୁ ସନ୍ତାନ କ୍ଷୀର ଖାଉଥିବା ବେଳେ ଗୁଟ୍‌କିନା କାମୁଡ଼ି ଦେଇ ମୁହଁକୁ ଚାହିଁ ହସିଦେଲା ପରି । ସେଥିରୁ ଦୁଇଟି ନିଜର ଅମ୍ଳାନ ସ୍ତନ ଉପରେ ରଖିଦେଇ କ୍ଲିଓପାଟ୍ରା ଶୋଇଯାଇଥିବେ । ଯାତନା ନାହିଁ, ପୀଡ଼ା ନାହିଁ । ସେ ଭୂମିରୁ ଜୀବନ ଯେତିକି ଫରାସୀ ପାନୀୟ ପରି ସ୍ପୃହଣୀୟ, ମୃତ୍ୟୁ ମଧ୍ୟ ସେପରି ଢଳ ଢଳ ଅନାମଧେୟ ମଦିରା – ଉଭୟ ଉପଭୋଗ୍ୟ, ଉଭୟ ସୁନ୍ଦର ।' ରୋମର ସମ୍ରାଟମାନଙ୍କ ପରି । ତେବେ ମନ୍ଦ କ'ଣ ? ଯଦ ନିହାତି ଦିନେ ଗୋଟିଏ ତାରିଖ ଉପରେ କବର ତୋଳିବାକୁ ହିଁ ହୁଏ, ଏଭଳି ସ୍ୱେଚ୍ଛାରେ ତାକୁ ଫୁଲମାଳ ପକେଇ ବରଣ କରିନେଲେ ମନ୍ଦ କ'ଣ ? ଭୂଇଁରେ ନାକ ଘୁସୁରିବା ପର୍ଯ୍ୟନ୍ତ ମୁମୂର୍ଷୁ ପଡ଼ି ରହିବା ଅପେକ୍ଷା ବରଂ ଆଖିରେ କିଛି ଫୁଲ ଫୁଟିଥିବାବେଳେ, ବୁକୁ ଉପରେ ଶୀତଳ ଚନ୍ଦନ କିଛି ଲାଗିଥିଲାବେଳେ, ଚାଲିଗଲେ ମନ୍ଦ କ'ଣ ?

ଆପତ୍ତି ନାହିଁ, କିନ୍ତୁ ବାଘଖିଆଠାରୁ ବାଘ ଘୋସରା ବଳିଯାଏ । ସେ ଖାଉ – ଆପତ୍ତି ନାହିଁ । ନିରୀହ ମୃଗଜାତି ଯେତେ ଆପତ୍ତି କଲେ ଲାଭ ବା କ'ଣ ? ସେ ଅବଶ୍ୟ ଖାଇବ । ତେବେ ତୋଟି ପାଖରୁ ଧରି ସେ ଯେଉଁ ଖଣ୍ଡେ ଦୂର ଘୋସାରି ନେଇଯାଏ ଏବଂ ପଞ୍ଜୁରୀରୁ ପକ୍ଷୀ ହୁରୁଡ଼େଇବାକୁ ଦୁଇ ଚାରିଥର ଝୁଣିଦିଏ ସେଇତକ ହୁଏ ଦୁଃସହ । ଏଣୁ କୌଣସି ଦୁଃଖ ନ ପାଇ ଜଣେ ଯଦି ମରିଗଲା ତାକୁ ଭାଗ୍ୟବାନ୍ ତଳେ ଗଣିବା ସର୍ବବାଦୀସମ୍ମତ । ପତ୍ରିକାରେ ପଢ଼ିବାକୁ ମିଳେ ଯେ ଅମୁକ ଚୌଧୁରୀ ତାଙ୍କ ମଣୋହିରେ ବସି ଚର୍ବିଳ କୁକୁଡ଼ାର ଫଡ଼ିଆଟା ଅଧେ ପାଟିରେ ପୂରାଇଥିବାବେଳେ ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହେବାରୁ ପ୍ରାଣତ୍ୟାଗ କଲେ । ଆଉ ବେଳେ ବାହାରେ ଯେ 'ନରିବାବୁ' ତାଙ୍କ ଆରାଧ୍ୟା ଦେବୀଙ୍କୁ ପୁଷ୍ପ ଚନ୍ଦନ ଦେଉଥିବା ଅବସ୍ଥାରେ ଟଳିପଡ଼ିଲେ । ପୁଣି ବାହାରେ ଯେ ''ନିଶା ଓ ନେତ'' ନାମ୍ନୀ କେତକୀ ପାଖୁଡ଼ା ପରି ଦୁଇଟି ଯାଆଁଳା ଭଉଣୀ ଗରା କାଖେଇ ପାଣି ପାଇଁ ଗଲାବେଳେ ଗୋଟାଏ ଚଡ଼କରେ ଭସ୍ମ ହୋଇଗଲେ – ଏ କୁଆଁରପୁନେଇକୁ ସେମାନଙ୍କୁ ଷୋହଳ ପୂରିଥାନ୍ତା । ମୃତ୍ୟୁ ଏଭଳି ଆକସ୍ମିକ ଆସିଗଲେ କେତେବେଳେ ଚମତ୍କାର, କେତେବେଳେ ବା ବଳାତ୍କାର ପରି ଜଣାପଡ଼େ । ତଥାପି ଯନ୍ତ୍ରଣାହୀନ ମୃତ୍ୟୁର ସ୍ପୃହଣୀୟତା ବିଷୟରେ ଆଉ ଦ୍ୱିତୀୟ ମତ ଶୁଣିବାକୁ ମିଳେ ନାହିଁ । ଏଇ ଯନ୍ତ୍ରଣା ନିବାରଣ କରିବାକୁ କ୍ଲିଓପାଟ୍ରା-ମତବାଦୀମାନେ ଅନେକ ଉପାୟ ବତାନ୍ତି । କହନ୍ତି, 'ପୋଟାସିୟମ ସାଇନାଇଡ୍ ଟିକିଏ ଜିଭ ଅଗରେ ମାରିଦିଅ । ସେଇଠୁ ହାତ ଖସିବା ପୂର୍ବରୁ ଝାଇଁକିନା ରଡ଼ ନିଆଁରେ କର୍ପୂର ଗୁଣ୍ଡି ପରି ସରିଯିବ ଜୀବନ ! ମୁହୂର୍ତ୍ତରୁ ଫାଳେ ଭିତରେ ଯନ୍ତ୍ରଣା କାହିଁ ! ତାକୁ ଆହୁରି ଉପଭୋଗ୍ୟ କରିବାକୁ ଯଦି ଇଚ୍ଛା ଥାଏ ତେବେ ଆଗରୁ ଚମତ୍କାର ଗାଧୁଆ ପାଧୁଆ ହୋଇ ସବୁଠାରୁ ରୁଚିକର ଖାଦ୍ୟ

Digitized by srujanika@gmail.com

ଖିଆଯାଇପାରେ । ସବୁଠାରୁ ଦାମୀ, ସବୁଠାରୁ ଉତ୍କୃଷ୍ଟ ଫରାସୀ ପାନୀୟ ସେବା କରାଯାଇପାରେ । ଉପରିସ୍ଥ ହାକିମକୁ ଅତି ନିର୍ଭୀକ ଭାବରେ, ଅଭିଧାନକୁ ଖାତିର ନ ରଖି, ଯେଚ୍ଛା ତାହା ଗାଳି ଦେଇ ଚିଠି ଲେଖାଯାଇପାରେ । ଅନେକ ମନଖୋଲା ପ୍ରେମପତ୍ର ଯାହାକୁ ମନ ତାହାକୁ ଲେଖାଯାଇପାରେ । ଖୁବ୍ ଜମି ଆସିଲାବେଳକୁ ବଡ଼ ବଡ଼ ଅକ୍ଷରରେ ଅନେକ ଅଶ୍ଳୀଳ ଲେଖାଯାଇପାରେ, ସେମିତି ଅବୈଧ ଚିତ୍ର ମଧ୍ୟ କରାଯାଇପାରେ । ତା'ପରେ ଆଖି ଉପରେ ସ୍ୱପ୍ନର ସବୁଯାକ ରଙ୍ଗ ନଇଁ ଆସିଲେ, ପ୍ରତ୍ୟେକ ଲୋମ ନିଶା-ଜର୍ଜର ହୋଇ ବାଦଶାହୀ ଭଙ୍ଗୀରେ ଆଉଜି ଆସିଲେ, ମୟୂରସିଂହାସନ ଚାରିପଟେ ପାରସ୍ୟ ଗୋଲାପର ବାସ୍ନା ଭରିଗଲାବେଳେ ଚୂଡ଼ାନ୍ତ ବିଳାସର ବିନ୍ଦୁଟିକୁ ଥୋଇଦିଆଯାଇପାରେ !'

'ଯଦି ଏତେ ତୀବ୍ର ରାଜସିକତା ସୁଖଲାଗୁନାହିଁ ତେବେ ଟିକିଏ ଅନାଧୁନିକ ପ୍ରାଚ୍ୟ ପନ୍ଥା ଧରିନିଅନ୍ତୁ । 'ଅଫିମ'ଟି ଦାନ୍ତ ନ ଥିବା ଗୋଟିଏ ଅତି ଚିକ୍କଣ ନରମ ବସ୍ତୁ । ଏଥିରେ ଆକସ୍ମିକତା ନାହିଁ, ବ୍ୟଗ୍ରତା ନାହିଁ । କାନମୂଳେ କଅଁଳ ପାପୁଲିର ଥାପୁଡ଼ି ପରି ନାନାବାୟା ଗୀତ ଗାଇ ଗାଇ ସେ ଗହଳ ମାଣ୍ଡିଆ କିଆରୀ ଭିତରକୁ ନେଇଯାଏ । ପ୍ରତ୍ୟେକ ମୁହୂର୍ତ୍ତ ନରମ ରେଶମ ପରି ସଲ ସଲ ଲାଗେ । ଗହୀରରୁ ଗହୀରକୁ ବୁଡ଼ିଯାଏ ଚେତନା ! କସ୍ତୁରୀ ମଲ୍ଲିକାର ଭୁରୁ ଭୁରୁ ଗନ୍ଧରେ ଅଫିମ ଫୁଲର ସୌରଭ ମିଶିଯାଏ । ପାଖରେ ଶୋଇ ରହେ ଆଦୌ ପ୍ରତିବାଦ କରୁନଥିବା, ପାତଳ ନିଦରେ ଶିଥିଳିତ ହୋଇଯାଉଥିବା ସେଇ ସୁରଭିତା, ଅପରିଚିତ ରାଜକନ୍ୟା । ଗୋଟାଏ ଅପୂର୍ବ ମିଥୁନର ପରିବେଶରେ ସ୍ନିଗ୍ଧ ଆଲୁଅଗୁଡ଼ିକ ଆସ୍ତେ ଲିଭି ଲିଭି ଆସନ୍ତି । ସେହିପରି ବେଣୁ, ବୀଣା, ମୃଦଙ୍ଗ ଧ୍ୱନିର ସୁନ୍ଦରୀ ପରିଚାରିକାଗୁଡ଼ିକ ନୀରବରେ ଅପସରିଯାଆନ୍ତି । ରାଜକନ୍ୟାର ନିଦ୍ରା-ଶିଥିଳ ଶ୍ୱାସ କ୍ଳାନ୍ତ-ଭ୍ରୂରୁ ଉପରେ ଚନ୍ଦନ ଲେପିଦିଏ । ସମ୍ରାଟ ଶୋଇଯାଆନ୍ତି ଖାଲି ରେଶମ, ଆହୁରି ପାତଳ, ଆହୁରି ନରମ, ଆହୁରି କାକର ରେଶମର ଗର୍ଭରେ... ।'

ନହେଲା - ଆପଣ ଯଦି ଖୁବ୍ କଟରା ନିଶ ମୋଡ଼ି ରଖିଥାନ୍ତି, ଦାଢି ଚାଞ୍ଛିଲା ବେଳେ ରଟମଟ ଶବ୍ଦ ପଡ଼ିଶା ଘରକୁ ଶୁଭେ ବୋଲି ଅଭିମାନ କରୁଥାନ୍ତି, ଏସବୁ ପନ୍ଥା ଆପଣଙ୍କୁ ନିଶ୍ଚୟ କିଛିଟା ମାଇଚିଆ ବୋଧ ହେଉଥିବ । ମୃତ୍ୟୁ ଯନ୍ତ୍ରଣାକୁ ମନେ ମନେ ଡରୁଥିଲେ ସୁଦ୍ଧା ଆପଣ ନୀରବରେ ଏଠୁ ଚାଲିଯିବାକୁ କେବେ ପସନ୍ଦ କରନ୍ତି ନାହିଁ । ଗୁଳିର ଆବାଜ, ବାରୁଦର ଗନ୍ଧ ଆପଣଙ୍କୁ ସବୁବେଳେ ମନେଇଆସିଛି । ତେବେ ଧରନ୍ତୁ ନଳୀ - ଗୋଟିଏ ନୁହେଁ ଦୁଇଟି । ତା' ପୂର୍ବରୁ ମନର ସବୁ ସାଧ ମେଣ୍ଟେଇଦେଇଥାନ୍ତୁ । ଯେ ଆପଣଙ୍କୁ ଟପି ଉପରକୁ ଚାଲିଯାଇଛି - ଧନରେ, ମାନରେ, ଯଶରେ - ତାକୁ ଘୁସି ମାରି ନାକଦଣ୍ଡା ଫଟେଇ ନିଅନ୍ତୁ । ଇଚ୍ଛା ଅନୁସାରେ ଅନେକଙ୍କୁ ଉଲଗ୍ନ କରି ଖୁବ୍ ହସିନେଇଥାନ୍ତୁ । ତା'ପରେ ଆପଣଙ୍କ ଶତ୍ରୁ ଚୂଡ଼ାମଣିଟିକୁ କାନ୍ଥରେ ମନେ ମନେ ଝୁଲେଇନିଅନ୍ତୁ । ବାଁ ହାତ ନଳୀକୁ କାନମୁଣ୍ଡାରେ ଲଗେଇ ଦିଅନ୍ତୁ ଏବଂ ଡାହାଣ ହାତ ନଳୀଟିକୁ ଶତ୍ରୁର ବୁକୁ ଉପରକୁ ଲକ୍ଷ୍ୟ କରି ଧରନ୍ତୁ । ତା'ପରେ ଆପଣଙ୍କର ସବୁ ବୀରତ୍ୱକୁ ଏକାଠି କରି ହାତରେ 'ହାନିବାଲ', ଆଖିରେ 'ଆଲେକ୍‌ଜାଣ୍ଡାର', ନାଭିରେ 'ନେପୋଲିଅନ୍'କୁ କଳ୍ପନା

Digitized by srujanika@gmail.com

କରି ତ୍ରିଭୁବନ ଜିଣିବା ଭଙ୍ଗୀରେ ଆଖି ତରାଟି ନିଅନ୍ତୁ ଏବଂ ଦାନ୍ତଗୁଡ଼ିକ ଆଉ କାହାର ବୋଲି ଚିନ୍ତାକରି ଖୁବ୍ ନିର୍ମମ ଭାବରେ କଡ଼ମଡ଼ କରନ୍ତୁ । ତା'ପରେ ଚରମ ମୁହୂର୍ତ୍ତ ଆସିଗଲା । ନାକପୁଡ଼ା ଫୁଲେଇ ନିଶ୍ୱାସ ରୋଧି ନିଅନ୍ତୁ । ମାଂସପେଶୀ ଟାଣିଦେଇ ଚିପି ଦିଅନ୍ତୁ ଘୋଡ଼ା । ତ୍ରିଭୁବନ ଜିଣିବାର ଚୂଡ଼ାନ୍ତ ଗୌରବର ମୁହୂର୍ତ୍ତରେ ଆପଣଙ୍କର ମଧ୍ୟ ଅବସାନ ଘଟିଯିବ ।'

ବାଆସ୍ ! ଯା'ପରେ କିନ୍ତୁ କ୍ଲିଓପାଟ୍ରାଙ୍କର ଏ ଉପାସକବର୍ଗଙ୍କୁ ଆଉ ପ୍ରଶ୍ରୟ ନ ଦେବା ସ୍ୱାଭାବିକ । ସେମାନେ ଅତି ବିଧିବଦ୍ଧ ଭାବରେ ଆତ୍ମହତ୍ୟାର ପ୍ରଚାର କରୁଥିବାରୁ ସେମାନଙ୍କୁ ଜେଲ୍ ଦଣ୍ଡ ମଧ୍ୟ ଦେବା ସ୍ୱାଭାବିକ । ଭାରତୀୟ ଅଦାଲତରେ ସରକାରଙ୍କ ତରଫରୁ ହୁଏତ ସେମାନଙ୍କୁ କୁହାଯିବ – 'ବହୁ ଶତାବ୍ଦୀ ପରେ ତୁମ ପରି ଏକ ଆନ୍ତର୍ଜାତିକ ଆତ୍ମଘାତୀ ଦଳଙ୍କୁ ଧରି ଉପଯୁକ୍ତ ଶାସ୍ତି ବିଧାନ କରିବାର ସୁଯୋଗ ମିଳିଛି । ତୁମେ ହିଁ ଜାପାନର ହାରାକିରି ପାଇଁ ଦାୟୀ ଏବଂ ଦାୟୀ ଦଉଡ଼ି ଦେବାଠାରୁ ବିଷ ପିଇବା ପର୍ଯ୍ୟନ୍ତ ସବୁପ୍ରକାର ଆତ୍ମହତ୍ୟାର ଉପାୟ ପାଇଁ ! ତୁମେମାନେ ଜୀବଧର୍ମର ପରିପନ୍ଥୀ । ତୁମେ ହିଁ ଜୀବନ ଏବଂ ମୃତ୍ୟୁର ପରସ୍ପର ଅନୁପାତକୁ, ଅସ୍ୱୀକାର କରି ଆସିଛ ! ମଣିଷକୁ ଜୀବନ ପରାଙ୍ମୁଖ କରି, ମୃତ୍ୟୁ ଆଡ଼କୁ ପ୍ରଲୁବ୍ଧ କରିଆସିଛ । ତୁମର ବିନାଶ କରିପାରିଲେ ଜୀବନ ଏବଂ ମୃତ୍ୟୁର ସମ୍ପର୍କରେ ସ୍ୱାଭାବିକତା ରକ୍ଷା ହୋଇପାରିବ ।

କ୍ଲିଓପାଟ୍ରା ହସିଲେ ଭାରି ଚମତ୍କାର ଦିଶେ । ରୋମୀୟ ସମ୍ରାଟ ତାକୁ ଏଡ଼ିଦେଇପାରିନାହିଁ । ଶତାବ୍ଦୀ ସ୍ପର୍ଶ କରୁନଥିବା ସେ ହସର ମଣିକାଞ୍ଚନକୁ ଏବେ ମଧ୍ୟ କେହି ଏଡ଼ିପାରିବେ ନାହିଁ । ସେ ହସ, ଯାହା ଦିଶେ ପ୍ରକୃତରେ, ତାହା ତା'ଠାରୁ ଆହୁରି ଗଭୀର, ଆହୁରି ବିସ୍ତୃତ । ବିଳାସର ଐଶ୍ୱର୍ଯ୍ୟକୁ ଜୀବନର ରେଣୁ ରେଣୁରେ ବିଛେଇ ଦେଲା ପରେ ମୃତ୍ୟୁକୁ ସୁଦ୍ଧା ଯେ ଉପଭୋଗ କରିପାରେ, ସେପରି ସାମ୍ରାଜ୍ଞୀର ହସ ଦେଖିଲେ କ'ଣ ଏଡ଼ିହୁଏ ? ଜଣାପଡ଼େ ଯେ ସେମିତି ହସିଲାବାଲା ଆମଠାରୁ ଢେର ଜାଣେ, ଢେର ବେଶୀ ଦେଖେ ଏବଂ ବୁଝେ । ଏଣୁ ଯେତେବେଳେ ସେଥିରୁ ଜଣେ ସେପରି ହସିଦେଇ କେବଳ ତା'ର ଜମାନବନ୍ଦି ଆରମ୍ଭ କରେ ମନ୍ତ୍ରମୁଗ୍ଧ ପରି ଆମେ ତାକୁ ଶୁଣିବାକୁ ଏକ ପ୍ରକାର ବାଧ୍ୟ ହେଉ ।

'ହେ ଭାରତଭୂମିର ଧର୍ମାବତାର ! ଆମକୁ ଆପଣ ଅଭିଯୁକ୍ତ କଲାବେଳେ ଆମେ ଭାବୁଛୁ ଯେ ଆପଣ ବୋଧହୁଏ ପରିହାସ କରୁଛନ୍ତି ! କାରଣ ସମଗ୍ର ପୃଥିବୀରେ ଏଇ ଗୋଟିଏ ମାତ୍ର ଦେଶ ଯେଉଁଠି ଅତି ଉଦାର ଭାବରେ ମୃତ୍ୟୁକୁ ସ୍ୱୀକାର କରାଯାଇଛି । ଅତି ଦୃଢ ଭାବରେ ଘୋଷଣା କରାଯାଇଛି ଯେ ମୃତ୍ୟୁ ହିଁ ଜୀବନ ଅପେକ୍ଷା ଅଧିକ ସତ୍ୟ । ଆମେ ଆପଣଙ୍କ ଦେଶରେ ଅନୁପ୍ରାଣିତ ହୋଇଆସୁଛୁ, କିନ୍ତୁ ଏ ପର୍ଯ୍ୟନ୍ତ ତାକୁ ସଂପୂର୍ଣ୍ଣ ଗ୍ରହଣ କରିପାରିନାହୁଁ, ବିସ୍ମୟରେ !! ଆପଣ ମୃତ୍ୟୁ ବିଷୟରେ ଯେତେ ନିଶ୍ଚିନ୍ତ ହୋଇ ମତ ଦେଇପାରନ୍ତି, ଆମେ ପାରୁନା । ଆମକୁ ଡରମାଡ଼େ । ଜଣାପଡ଼େ ଆପଣ କୌଣସି ଗୁପ୍ତ ବିଦ୍ୟା ବଳରେ ଏଡ଼େ ବଡ଼ ମହାନାଗକୁ ବେକରେ ଗୁଡ଼େଇ ଖେଳିପାରୁଛନ୍ତି, ଆମେ ଭୟରେ ତା' ପାଖ ପଶିପାରୁନାହୁଁ । 'ଆପଣ କହନ୍ତି, ମୃତ୍ୟୁ ଏକ ସାଧାରଣ ଘଟଣା, ଯୌବନରୁ ଜରାରେ ପ୍ରବେଶ କଲା ପରି ଘଟରୁ ଘଟାନ୍ତରରେ ପ୍ରବେଶ

Digitized by srujanika@gmail.com

କରିବାର ଏକ ସ୍ୱାଭାବିକ ଘଟଣା । ଏଥିରେ ବିଚଳିତ ହେବାର କିଛି ନାହିଁ । କୌଣସି ଏକ ସୁଦୂର-ପ୍ରସାର ବର୍ତ୍ମ ଉପରେ ଜୀବନଚକ୍ର ଗଡ଼ିଯାଏ, ମଝିରେ ମଝିରେ କେବଳ ନିମେଷକର ତମିସ୍ରା... ଏତିକି ଶୁଣି ଚାଲିଗଲେ ତେଣିକି ପ୍ରଚଣ୍ଡ ଜୀବନଧର୍ମରେ ଜଳିଥିବା ଖୁବ୍ ସ୍ୱାଭାବିକ । ଆପଣ କିନ୍ତୁ ପ୍ରାୟ ବିରତି ନ ଦେଇ କହନ୍ତି, ଯା'ର ଉଦୟ ଅଛି ତା'ର ଅସ୍ତ ଅବଶ୍ୟ ଅଛି । ଜାତ ହେଲେ ମୃତ ହେବା ଏକ ଧ୍ରୁବ ସତ୍ୟ । ସୃଷ୍ଟି ସ୍ଥିତି ପ୍ରଳୟ ଏକ ସମାହାର ପ୍ରକ୍ରିୟା । ଏଣୁ ମୃତ୍ୟୁ ସତ୍ୟ - ସତ୍ୟ ଏବଂ ଅନିବାର୍ଯ୍ୟ । ଛେଳି ଗୁହାଳର କବାଟ ଚିରି ମହାବଳ ମୁଣ୍ଡ ଗଳେଇଦିଏ । ତା' ଆଖିରେ ଝଲ ଖସିପଡୁଥାଏ, ରଙ୍ଗ ଟହ ଟହ ଜିଭ ଅଗରୁ ଲାଳ ଥୋପି ପଡୁଥାଏ । ଦାନ୍ତ ପଛର ସେ ଅନ୍ଧାର ଭିତରୁ ମେଘ ଗର୍ଜୁଥାଏ । ଆମେ ତାଟକା ହୋଇ ଅସହାୟ ବୋଧ କରୁ । ଆପଣ ପୁଣି କହନ୍ତି - ''ଯେ ରୁଦ୍ର, ସେ ସୁନ୍ଦର । ମୃତ୍ୟୁ ହିଁ ଅମୃତର ସୋପାନ । ମୃତ୍ୟୁ ମଙ୍ଗଳମୟ ।'' ଆମେ ଆହୁରି ତାଟକା ହୋଇ, ଆହୁରି ଅସହାୟ ଭାବରେ ତାକୁ ପ୍ରଣିପାତ କରୁ । ମନରେ ଭୟ ବହୁଗୁଣିତ ହୋଇଯାଏ । ମୃତ୍ୟୁର ଯନ୍ତ୍ରଣା, ତା'ର ପୂର୍ବ-ପେଷଣର ଚିନ୍ତା ଆମକୁ ଅବଶ ବିମୂଢ଼ କରିଦିଏ । ତାକୁ ଅତିକ୍ରମ କରିଗଲେ ଅମୃତତ୍ୱ ମିଳିବ ବୋଲି ଆପଣଙ୍କ ଖାତିରରେ ବିଶ୍ୱାସ କରୁଥିଲେ ସୁଦ୍ଧା ଆମର ଗୁରୁତର ସମସ୍ୟା ହୁଏ ତାକୁ ଅତିକ୍ରମ କରିବୁ କିପରି ?

ଆପଣ ହୁଏତ ଏପରି କିଛି ଅନୁମାନ କରିନିଅନ୍ତି ଏବଂ କହନ୍ତି, ''ଶରୀର-ଧର୍ମକୁ ଅତିକ୍ରମ କର । ସ୍ତମ୍ଭିତ ମନର ଏକ ଅବିଚଳିତ ବିନ୍ଦୁରେ ନିର୍ଲିପ୍ତ ରହ । ଉଭୟ ସୁଖ ଦୁଃଖକୁ ସମାନ ଭାବରେ ଧାରଣ କରି ତାକୁ ପରିହାର କର । ତୃଷ୍ଣାରେ ପ୍ରବୃତ୍ତ ହୁଅନାହିଁ - ସେଥିରୁ ନିବୃତ୍ତ ହୁଅ । ଆମେ ବିହ୍ୱଳ ହୋଇ ଶୁଣୁ ଏବଂ ଏସବୁ ଅସମ୍ଭବ ବୋଧକରୁ । ଆମ ଆଗରେ କିନ୍ତୁ ଆପଣ କୌପୀନ-ବସ୍ତ୍ର ହୋଇ ଭାଗ୍ୟବନ୍ତ ଦିଶନ୍ତି । ଐଶ୍ୱର୍ଯ୍ୟ, ଭୋଗ ବିଳାସ ପିଲା ଖେଳ ପରି ଅବାନ୍ତରେ ଜଣାପଡ଼େ । ଆମେ ବୁଝୁ ଯେ ଜୀବନର ସବୁ ଇନ୍ଦ୍ରିୟଗୁଡ଼ିକ ସ୍ୱାଭାବିକ ଭାବରେ ଯାହା ଚାହାନ୍ତି ଆପଣ ତାହା ଛଡ଼େଇନିଅନ୍ତି, ଶରୀରକୁ ଯାତନାସହିଷ୍ଣୁ କରିନିଅନ୍ତି । ବୈଶାଖରେ ପଞ୍ଚାଗ୍ନି-ତପସ୍ୟା ଏବଂ ପ୍ରବଳ ଶୀତରେ ପାଣି ଭିତରେ ପଶି ତପସ୍ୟା ଆମକୁ ଭାରି କରୁଣ ବୋଧହୁଏ । କିନ୍ତୁ ଆପଣ ମୂଳତଃ ମୃତ୍ୟୁ ସାଧନ କରୁଥାନ୍ତି । ଜୀବନର ପ୍ରତି ରନ୍ଧ୍ରରେ ତା'ର ଜ୍ୱାଳା ପ୍ରବେଶ କରାଉଥାନ୍ତି । ପ୍ରାଣାୟାମ ମାଧ୍ୟମରେ ଶେଷ ପ୍ରାଣବାୟୁ ନିଃଶେଷିତ ହେବାର ପୀଡ଼ା ଅଭ୍ୟାସ କରନ୍ତି । ଆପଣଙ୍କ ସମାଧି-ସିଦ୍ଧିରେ ଶରୀରଧର୍ମ ପ୍ରାୟ ସରିଯାଏ । ଲିଭିଯାଏ ଶ୍ୱାସକ୍ରିୟା । ଆପଣ ମୃତ୍ୟୁରେ ଅବସ୍ଥାନ କରନ୍ତି । ସେଇଠୁ ଫେରିଆସି କହନ୍ତି ଯେ ମୃତ୍ୟୁ ମାଧ୍ୟମରେ ଅମୃତର ମାର୍ଗ ଲୁଚିରହିଛି । ତାହାହିଁ ମହାଜନ-ପନ୍ଥା-ଏକମାତ୍ର ପନ୍ଥା !!'

ଜମାନବନ୍ଦୀର ସ୍ୱର ଆସ୍ତେ ବଦଳିଯାଏ । କ୍ଲିଓପାଟ୍ରା ପୁଣି ହସେ । ସେଥିରୁ ଜଣେ କହେ, 'ଆମେ ସେପରି ଦୁରୁହ ପନ୍ଥା ନେଇପାରୁନା । ସେପରି ନିର୍ମମ ଭାବରେ ଜୀବନକୁ ଅସ୍ୱୀକାର କରିପାରୁନା । ତା'ର ସ୍ୱାଭାବିକ ଆବାହନକୁ ଏଡ଼ିଦେଇପାରୁନା । ଆମେ ବରଂ ଜୀବନକୁ ହିଁ ପୂର୍ଣ୍ଣମାତ୍ରାରେ ଗ୍ରହଣ କରୁ ଏବଂ ତାକୁ ତେଜିଦେଉ ଯଥାସମ୍ଭବ । ଶିଖା ଚହଟିଉଠିଲେ ସଂସାରକୁ

Digitized by srujanika@gmail.com

ଆଜ୍ୟ ସମିଧ ରୂପେ ନିକ୍ଷେପ କରୁ । ଜୀବନ ହୋଇଯାଏ ଏକ ଉତପ୍ତ ସମ୍ଭୋଗ ଭୂମି । ଆମେ ତୀବ୍ର ଭାବରେ ଅନୁଭବ କରି ଦେଖିଛୁ ଯେ ତୃଷା ସତ୍ୟ, ମଦିରା ସତ୍ୟ । ପରିବାର ମାଦକତା, ତୃପ୍ତି, ସ୍ୱାଦର ଆନନ୍ଦ ସବୁ ସତ୍ୟ । ଏଣୁ ଏ ସମସ୍ତଙ୍କୁ ନେଇ ଆମେ ଅନିବାର୍ଯ୍ୟ ମୃତ୍ୟୁ ରାଜ୍ୟକୁ ଆଚ୍ଛାଦିତ କରୁ । ଆମ ବିଳାସଭୂମିରେ ସେ ସ୍ୱୟଂ ହୋଇଯାଏ ଏକ ଚରମ ବିନ୍ଦୁ । ଆମେ ଆପଣଙ୍କ ଭଳି ଦାର୍ଶନିକ ହୁଏତ ନୋହୁ । କିନ୍ତୁ ଆମେ ଭାବୁ ଯେ ମୃତ୍ୟୁକୁ ପ୍ରସାରିତ କରି ଜୀବନକୁ ବିଷାକ୍ତ, ବିଡ଼ମ୍ବିତ କରିବା ଅପେକ୍ଷା, ବରଂ ଜୀବନର ଐଶ୍ୱର୍ଯ୍ୟ-ଚନ୍ଦନରେ ସେ ଦୁଷ୍ଟବ୍ରଣକୁ ଯଥାସମ୍ଭବ ପ୍ରଲେପିତ କରିବା ଅଧିକ ଯୁକ୍ତିସଙ୍ଗତ, ଅଧିକ ଗ୍ରହଣୀୟ । ବାଟରେ ଅନିବାର୍ଯ୍ୟ ନଈ ପଡ଼ିବ ବୋଲି ତାକୁ ନ ଦେଖୁଣୁ ଆପଣ ଲଙ୍ଗଳା ହୋଇଯାନ୍ତି । ଆମେ ସେଇ ଅନିବାର୍ଯ୍ୟ ନଈଟିକୁ ଶୁଖିଲା ପାରି ହୋଇଯିବୁ ବୋଲି ଏପାରି କାଠରେ ତିଆରି ଖଣ୍ଡିଏ ନାଆ କାନ୍ଧେଇ ନେଇଯାଉ । ... ଆର ପାରି ବିଷୟରେ ଆପଣ ବୋଧହୁଏ କିଛି ବେଶୀ ଜାଣନ୍ତି । ଆମେ ସେ ବିଷୟରେ ଚିନ୍ତାକୁଳ ହୋଇ ସେଇ କେତେ ମୁହୂର୍ତ୍ତ ସମ୍ଭୋଗରୁ ବିଚ୍ୟୁତ ହେବାକୁ ଚାହୁଁନା । ଆପଣଙ୍କୁ ଆମେ ତଥାପି ସମ୍ମାନ କରୁ । ଆପଣ ହିଁ ମରଣଧର୍ମୀ, ମରଣ ସାଧକ, ଜୀବନର ପରିପନ୍ଥୀ ବୈରାଗୀ ଗୋଷ୍ଠୀ । ଆମେ ସଂପୂର୍ଣ୍ଣ ଜୀବନଧର୍ମୀ, ଜୀବନ ରସରେ ଆମେ ମରଣକୁ ଅତର୍କିତ ବୁଡ଼େଇଦେଉ । ସେ ଆମକୁ କ୍ରମଶଃ ଶୋଷି ଶୋଷି ଯନ୍ତ୍ରଣାରେ ପେଷି ମାରିବାକୁ ଆମେ ତାକୁ ପ୍ରଶ୍ରୟ ଦେଉନା । ତଥାପି ଆପଣ କହୁଛନ୍ତି ଆମେ ଆତ୍ମଘାତୀ ଦଳ - ଏବଂ ଆମେ ଜୀବନ ଓ ମୃତ୍ୟୁର ଅନୁପାତ କ୍ଷୁନ୍ନ କରୁ ଆପଣ ଚିରଦିନ ଗମ୍ଭୀର, ବିତୃଷ୍ଣ, ନିରସ ବୈରାଗୀ । ଏବେ ପରିହାସ-ପ୍ରିୟ ହେବା ଦେଖି ବିସ୍ମିତ ଲାଗୁଛି । ମନେହେଉଛି ଯେ ଆପଣଙ୍କର ସାମାନ୍ୟ ଉନ୍ନତି ଘଟିଲାଣି ଏବଂ ଆପଣଙ୍କ ଇଚ୍ଛା ଏବଂ ମତ ବିରୁଦ୍ଧରେ ଆପଣ ଆମକୁ ଶ୍ରଦ୍ଧା କଲେଣି । ଆପଣଙ୍କୁ ସ୍ୱାଗତ ଜଣାଉଛୁ ।'

କ୍ଲିଓପାଟ୍ରା ଚମତ୍କାର ହସି ଜାଣେ । ପ୍ରତିଦିନ ସନ୍ଧ୍ୟାରେ ଗୋଟିଏ ଲେଖାଁ ସୂର୍ଯ୍ୟସ୍ନାତ ତାରିଖକୁ କବର ଦେଲାବେଳେ ଆମେ ହୁଏତ ଭାବୁଯେ ଏ ଗଣତି ସରିଯିବା ପୂର୍ବରୁ ସେ କାହିଁକି ଏପରି ହସେ ଏବଂ କିପରି ଏତେ ଚମତ୍କାର ହସିପାରେ ଥରେ ଚିନ୍ତା କରି ଦେଖାଯାଉ ।

❖❖❖

Digitized by srujanika@gmail.com

ବ୍ୟବଧାନ

ଦର୍ପଣ ଉପରେ ମୁହଁ ଯୋଖି ଅନେଇଲେ ନିଜ ଚେହେରାକୁ ମଧ୍ୟ ଚିହ୍ନି ହୁଏ ନାହିଁ । ଏଣୁ ଯେଉଁ ଆଖି, ଭୂରୁ ଏବଂ ମୁହଁର ବିମ୍ବ ଦେଖିବାକୁ ବାରମ୍ବାର ଆମର ଲୋଭ ହେଉଥାଏ, ତାକୁ ଉପଯୁକ୍ତ ବ୍ୟବଧାନରେ ରଖିବାକୁ ହୁଏ । ମଝିରେ କିଛି ପ୍ରାଞ୍ଜଳ ଆକାଶକୁ ସ୍ୱୀକାର କରିବାକୁ ହୁଏ । ସାନୁମାନ ହିମାଦ୍ରିର ଦିଗନ୍ତ ବିସ୍ତାର ଦେଖିବାକୁ ହେଲେ ଘୁଞ୍ଚିଆସିବାକୁ ହୁଏ ବିନୀତ କୌଣସି ଉପତ୍ୟକା ପର୍ଯ୍ୟନ୍ତ । ଏଣୁ ନୀଳାଦ୍ରିର ଚକ୍ର-ଲାଞ୍ଛିତ ଭବ୍ୟ-ଶୀର୍ଷ ଦେଖିବାପାଇଁ ମଧ୍ୟ ତା'ର ପାଦଦେଶରେ ଠିଆହେଲେ କାମ ଚଳେ ନାହିଁ । ବରଂ ଘୁଞ୍ଚି ଆସିବାକୁ ହୁଏ ଦଣ୍ଡ-ପ୍ରଣତ ବଡ଼ଦାଣ୍ଡ ପର୍ଯ୍ୟନ୍ତ । ଦୂର ପର୍ବତ ସୁନ୍ଦର । ଦୂର ବନ୍ଧୁ ସୁନ୍ଦର । ଦୂର ବଂଶୀ ଦ୍ୱାପର ସୃଷ୍ଟି କରେ । ଏଣୁ ଶତାବ୍ଦୀର ଅନେକ ଉପତ୍ୟକା ଏପାରିରୁ ହିଁ ବୁଦ୍ଧଙ୍କର ଭବ୍ୟ-ବ୍ୟକ୍ତିତ୍ୱ କଳନା କରିହୁଏ । ଏ ବ୍ୟବଧାନ ନ ରହିବା ହିଁ ବିପଦ । ଖୁବ୍ ପାଖରେ ରହିଲେ ଆମେ ଗାନ୍ଧୀଟାକୁ ଗୁଳି କରିଦେଉ, ତାକୁ ପୂର୍ଣ୍ଣତୟା ଦେଖିପାରୁନା ବୋଲି, ବୁଝିପାରୁନା ବୋଲି ।

ଦୂରତା କେବଳ ବ୍ୟବଧାନ ନୁହେଁ, ତାହାହିଁ ସମ୍ପର୍କ । ସେଇ ମାପଟି ଠିକ୍ ଥିଲେ ଜ୍ୱଳନ୍ତ ଉଲ୍କା ପିଣ୍ଡ ଗଭୀର ଆତ୍ମୀୟତାରେ ମିଚ୍ ମିଚ୍ ଆଖିମାରେ । ମାପ ଊଣା ହୋଇଗଲେ ତା'ର ଦୁର୍ବିନୀତ ଅଗ୍ନି-ସକଳ କୋଳାହଳ କରିଉଠନ୍ତି, ତାକୁ ଦେଖି ହୁଏ ନାହିଁ । ମାପ ଅଧିକ ହୋଇଗଲେ ସେ ନିଶ୍ଚିହ୍ନ ହୋଇଯାଏ, ସେ ସ୍ୱୟଂ ଆଉ ଦିଶେ ନାହିଁ । ଆମେ କିନ୍ତୁ ଭାବୁ ଯେ ସୁନ୍ଦର ପର୍ବତଟି ପାଖରୁ ହୁଏତ ଆହୁରି ସୁନ୍ଦର ଦିଶନ୍ତା, ଆହୁରି ନୀଳ, ଆହୁରି ଚିକ୍କଣ । ଆମେ ଟାଣିହୋଇଯାଉ । ପାଖେଇଯାଉ । ଶେଷରେ ଯେଉଁ ଢିମା ଢିମା ରୁକ୍ଷ ପଥରର କୁଢ ଏବଂ ଗୁଡ଼ିଏ ନିର୍ବେଦ ଅନାମଧେୟ ଉଦ୍ଭିଦ ପାଖରେ ଆମେ ବିଡ଼ମ୍ବିତ ହୋଇ ଠିଆହେଉ, ଆମକୁ ଲାଗେ ଯେ ସେ ବସ୍ତୁଟି ହୁଏତ ଆଉ କିଛି, ତାହା କଦାପି ସେଇ ସୁନ୍ଦର ସୁନୀଳ ପର୍ବତ ନୁହେଁ ! - ସେଇଭଳି ସୁନ୍ଦର ହସଟିଏ, ମଧୁର କଥା ପଦେ, ଅପରିଚିତର ବ୍ୟବଧାନରୁ ଠିଆ ହୋଇ ଆମକୁ ହାତଠାରି ଡାକିଦିଅନ୍ତି । ଆମେ ସେଇଭଳି ଟାଣିହୋଇଯାଉ ଏବଂ ପ୍ରାୟ ସେଇଭଳି ବିଡ଼ମ୍ବିତ ମଧ୍ୟ ହୋଇଯାଉ । କିନ୍ତୁ କ'ଣ କରାଯାଏ ? ଯେ ଯେତେ ସୁନ୍ଦର ସେ ସେତେ ବେଶୀ ଟାଣେ, ସେଇଟା ତା'ର ସ୍ୱଧର୍ମ । ପାଖକୁ ଟାଣିନେଲା ପରେ ମୃଗତୃଷ୍ଣା ପରି ଅପସରିଯିବା କିମ୍ବା ଇନ୍ଦ୍ରଧନୁ ପରି ମିଳେଇଯିବା ମଧ୍ୟ ତା'ର ସ୍ୱଧର୍ମ । ଏଣେ ପୁଣି ଦିଗ୍‌ବଳୟରୁ ଦିଗ୍‌ବଳୟକୁ, ଆକାଶରୁ ଆକାଶକୁ ତା' ପଛରେ ଗୋଡ଼ାଇବା,

Digitized by srujanika@gmail.com

ବାରମ୍ବାର ବିଡ଼ମ୍ବିତ ହେଲେ ସୁଦ୍ଧା ବିମୂଢ ହୋଇ ଗୋଡ଼େଇବା ଆମର ମଧ୍ୟ ଅନିବାର୍ଯ୍ୟ ଜୀବଧର୍ମ - ଦୀପ ଶିଖାର ସ୍ନିଗ୍ଧ ରୂପରେ ଅଗ୍ନିକୁ ସନ୍ଦେହ ନକରି ସେଥିରେ ଝାସ ଦେଲାଭଳି ଏକ ପ୍ରକାର ପତଙ୍ଗ-ଧର୍ମ । ଏଣୁ ଆକର୍ଷଣ ଯେତିକି ଅନୁପେକ୍ଷ୍ୟ, ବିଡ଼ମ୍ବନା ସେତିକି ଅନିବାର୍ଯ୍ୟ । ବସ୍ତୁଗୁଣରେ ଯେଉଁ ଟିକକ ଆମକୁ ଟାଣେ ତାହା ଏକ ରହସ୍ୟ, ଭେଲିକି ଲଗେଇଦେଉଥିବା କୌଣସି କିମିଆଁ ।

ଏ ଯେଉଁ କିମିଆଁ ଟିକକ ପାଇଁ ଆମେ ହଟହଟା ହେଉଥାଉ, ଯେଉଁ ଭୋଜବାଜିରେ ବିମୁଗ୍ଧ ବିଡ଼ମ୍ବିତ ହେଉଥାଉ, ତାହା ମୋଟ ଉପରେ ସେ ବସ୍ତୁରେ ବୋଧହୁଏ ନାହିଁ । ଆମ ଆଖିରେ ମଧ୍ୟ ତାହା ନାହିଁ । ସେ କିମିଆଟି ଗୋଟିଏ ଆଚମ୍ବିତ ମୁହୂର୍ତ୍ତର ବିସ୍ମୟ । ବହୁ ଦୂରରୁ ପାଖେଇଆସୁଥିବା କୌଣସି ଛାୟା ମୂର୍ତ୍ତିଟିକୁ ହଠାତ୍ ଗୋଟାଏ ସମୟରେ ବନ୍ଧୁ ବୋଲି ଚିହ୍ନିଦେବାର ବିସ୍ମୟ । ଲୁହା ଏବଂ ଚୁମ୍ବକକୁ କ୍ରମପର୍ଯ୍ୟାୟରେ ନିକଟତର କରୁଥିଲାବେଳେ ହଠାତ୍ ଜଡ଼ପିଣ୍ଡଗୁଡ଼ିକରେ ଗୋଟିଏ ଚମକ ସୃଷ୍ଟି ହେବାର ବିସ୍ମୟ । ଏ ଯେଉଁ ବିଶେଷ ପ୍ରକ୍ରିୟା ହୁଏ ତାହା କୌଣସି ନିର୍ଦ୍ଦିଷ୍ଟ ଦୂରତ୍ୱର ହିଁ ବିଶେଷତା । ଏ କିମିଆ ବସ୍ତୁର ନୁହେଁ କି ବ୍ୟକ୍ତିର ନୁହେଁ, ଏହା ସେଇ ବ୍ୟବଧାନର ଇନ୍ଦ୍ରଜାଲ । ନିର୍ଦ୍ଦିଷ୍ଟ ଦୂରତାର ବିନ୍ଦୁ ସ୍ପର୍ଶ କରିବା ମାତ୍ରେ ଉଭୟଙ୍କୁ ଆଚମ୍ବିତ କଲାଭଳି ସେ ମଝିରେ ଦେଖାଦିଏ । ନବଜାତ ସନ୍ତାନ ପରି ଉଭୟଙ୍କ ସଂଯୋଗରେ, କିନ୍ତୁ ଉଭୟଙ୍କ ଊର୍ଦ୍ଧ୍ୱରେ, ସେମାନଙ୍କଠାରୁ ଭିନ୍ନ କୌଣସି ସ୍ୱାଧୀନ ଭୂମିର ବିଶେଷତା ନେଇ ସେ ଦେଖାଦିଏ ।

କେବଳ ଆଖିରେ ମାପିଲେ ଫୁଟ, ଗଜ ହୋଇ ସେ ଲମ୍ବିଯାଏ ମାଇଲ ମାଇଲ । ସ୍ମୃତିରେ ମାପିଲେ ଗଣିହୋଇଯାଏ ବର୍ଷ, ମାସ, ଦିନ ଏବଂ ଦଣ୍ଡ । ଏହି ଅନୁପାତରେ ବସ୍ତୁ ବା ବ୍ୟକ୍ତି ଦୂରରେ କିମ୍ବା ନିକଟରେ ଥିଲାପରି ଜଣାପଡ଼ନ୍ତି । ସେମିତି ଆବେଗର ଛୋଟ ବଡ଼ ତରଙ୍ଗ ମଧ୍ୟ ତୋଳନ୍ତି । ସ୍ଥାନ ଏବଂ କାଳରେ ଦୂରେଇଗଲେ ବା ସେଇ ନିର୍ଦ୍ଦିଷ୍ଟ ବ୍ୟବଧାନଟି ପ୍ରସରିଗଲେ ଦୂରତର ପର୍ବତ ପରି ସବୁ ଧୂମିଳ ଦେଖାଯାଏ, ଲିଭିଲିଭିଯାଏ ସୀମାରେଖାର ତୀକ୍ଷ୍ଣତା, ରଙ୍ଗର ସାନ୍ଦ୍ରତା । ଅତି ପ୍ରିୟଜନର ବିୟୋଗ ପରେ ଆମେ ଯେତେବେଳେ ତାକୁ ସ୍ମୃତି ସମ୍ବଳ କରି ଆଗେଇଯିବାକୁ ବାଧ୍ୟ ହେଉ ଏବଂ ଆସ୍ତେ ଆମ ମଝିରେ ପ୍ରସାରିତ ହୋଇଯାଏ ସମୟର ଶୀତଳ ସମୁଦ୍ର, ସେତେବେଳେ ସମ୍ପର୍କର ସମସ୍ତ ନିବିଡ଼ ଉଷ୍ମା ସଂପୂର୍ଣ୍ଣ ଲିଭିଯିବାର ସମ୍ଭାବନା ଦେଖାଦିଏ । ଅତି ନିକଟରେ ଥାଇ ଦର୍ପଣ ଉପରେ ଧୂଆଁଳିଆ ନିଃଶ୍ୱାସ ମାରିବାଠାରୁ ଏଭଳି ଦୂରରୁ ଦୂରାନ୍ତର ଗର୍ଭରେ ହଜିଯିବା ପର୍ଯ୍ୟନ୍ତ ବ୍ୟବଧାନର ଆକୁଞ୍ଚନ ଓ ପ୍ରସାରଣ ଭିତରେ ସବୁ ପ୍ରକାର ସମ୍ପର୍କ ଗଚ୍ଛିତ ରହିଯାଏ ।

କୌଣସି ଗୋଟିଏ ସରଳରେଖା ଉପରେ ଗୁଡ଼ିଏ ବିନ୍ଦୁକୁ ଅହରହ ଦୂରକୁ ବା ନିକଟକୁ ଘୁଞ୍ଚାଇବାର ଚେଷ୍ଟାରେ ଆମେ ସମଗ୍ର ଜୀବନ ଅତିବାହିତ କରିଦେଉ । ଚଳମାନ ଜଗତ୍‌ରେ କିଛି ସ୍ଥିର ରହିପାରୁନଥିବାରୁ, ଏ ବିନ୍ଦୁଗୁଡ଼ିକ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଦୂରତା ରକ୍ଷାକରିପାରନ୍ତି ନାହିଁ । ଏଣୁ ପ୍ରେୟ ହୁଏତ ଦୂରେଇଯାଏ ଘୁଞ୍ଚିଯାଉଥିବା ପଦ୍ମପରି । ଅବାଞ୍ଛିତ ପାଖେଇ ଆସେ କ୍ଷୁଧିତ ବଣ୍ୟ ଜନ୍ତୁପରି, ବ୍ୟାଧିପରି, ମୃତ୍ୟୁପରି । ଯାହା ଆଖିକୁ ସୁନ୍ଦର, ସେ ପର୍ବତଗୁଡ଼ିକ

Digitized by srujanika@gmail.com

ଦୂରରେ ରହିଯାନ୍ତି । ଶ୍ରୁତିମଧୁର, କ୍ଷୀଣ ବଂଶୀଧ୍ୱନି ସବୁ ଯମୁନା ଉପାନ୍ତରେ ବର୍ଷା ଓ କଦମ୍ବକୁ ଦ୍ରବୀଭୂତ କରିଯାନ୍ତି । କିନ୍ତୁ ଦୈବାତ୍ ସେଇଭଳି କୌଣସି ଘୁଞ୍ଚିଯାଉଥିବା ପଦ୍ମ ହାତକୁ ଆସିଗଲେ ମୃଣାଳ କଣ୍ଟକରେ ବିକ୍ଷତ କରେ । ପର୍ବତ ଉଭେଇଯାଏ, ରୁକ୍ଷ କର୍କଶ ପଥର ଗୁମ୍ଫାର ଆରଣ୍ୟକ କ୍ଷୁଧା ଗର୍ଜିଉଠେ । ପ୍ରତିଥର ସେ ପ୍ରିୟବସ୍ତୁଗୁଡ଼ିକ ବୁକୁ ଉପରକୁ ଟାଣିଆଣି ଜହ୍ନରାତିର ହୀରା ଖୋଜାଳି ଚେନା ଚେନା ଅଭ୍ରଖଣ୍ଡ ଗୋଟାଇ ବିଡ଼ମ୍ବିତ ହୁଏ । ସେତେବେଳେ ହୁଏତ ସେ ଭାବେ ଯେ ଏ ତାରାଗୁଡ଼ାକ ମଧ ମିଛ, କେବଳ ପୋଡ଼ା ଅଙ୍ଗାରଗୁଡ଼ାକୁ କେହି ହୁଏତ ଫୁଙ୍କି ଏମିତି ଦହକେଇ ଦେଉଛି । ଏଣୁ ଏ ଦୋହଲୁଥିବା ଫୁଲ, ଏ ଝଟକୁଥିବା ସମୁଦ୍ର, ଶରତ ମେଘର ପଟୁଆରରେ ନୀରବ ପହଁରୁଥିବା ଏ ଶ୍ୱେତହସ୍ତୀଗୁଡ଼ିକ ଦୂରରେ ହିଁ ସୁନ୍ଦର । ସେଇମାନଙ୍କୁ ପାଖରୁ ଓଟାରିଲେ ହିଁ ଯେତେପ୍ରକାର କରୁଣ ବିଡ଼ମ୍ବନା, କିନ୍ତୁ ମରୁରାଜ୍ୟର ଯାତ୍ରୀ ଦିଗ୍‌ବଳୟରୁ ଦିଗବଳୟକୁ ଓଟାରି ହୋଇ ଚାଲିଥାଏ । ପ୍ରତ୍ୟେକ ଥର ବାଲିର ପାହାଡ଼ ଆବିଷ୍କାର କରି ସୁଦ୍ଧା ସେ ନୀଳତରଙ୍ଗର ମାୟାକୁ ଏଡ଼ିଦେଇପାରେ ନାହିଁ । ତା'ର ତୃଷ୍ଣା ତାକୁ ବାଧ୍ୟ କରେ, ସେ ମାୟାର ବଳୟକୁ ସ୍ପର୍ଶ କରିବାକୁ, ଜହ୍ନକୁ ବାରମ୍ବାର ହାତ ବଢାଇ ନିଜର ଅସହାୟ ବାମନତ୍ୱରେ ପରାସ୍ତ ହେବାକୁ ।

ବ୍ୟବଧାନର କୁହୁକଟିକୁ ମଝିରୁ, ଟେକିନେଲେ ବସ୍ତୁ ହୋଇଯାଏ ଧୂମ । ଆକାର ଲିଭିଯାଏ, ଭିନ୍ନତା ଉଭେଇଯାଏ, ଦ୍ୱୈତଭାବରେ ସମ୍ପର୍କ ହୋଇଯାଏ ଅସମ୍ଭବ ? କିନ୍ତୁ ସେପରି ଅଭାବନୀୟ ପରିସ୍ଥିତିରେ ଉବେଇଟୁବେଇ ହେବା ପୂର୍ବରୁ ଯଦି ସେ ବ୍ୟବଧାନଟିକୁ ଟିକିଏ ଇତସ୍ତତଃ କରାଯାଏ, ତେବେ ମଧ ସମ୍ପର୍କ କମ୍ ତ ହୁଏ । ଜୀବଧର୍ମରେ କ୍ଷୁଧା ମେଣ୍ଟେଇବା ପାଇଁ ଆମେ ଗଛ ଶିଖରୁ ଫଳ ଓଟାରିଆଣୁ । ସୁନ୍ଦର ଚିକ୍କଣ ମୁହଁଟିଏ ଦେଖିଲେ ମଧ ଓଟାରିଆଣୁ ପ୍ରାୟ ସେଇଭଳି । କ୍ଷୁଧା ମେଣ୍ଟିଯାଏ । ଅନ୍ନ ହୋଇଯାଏ ସ୍ୱେଦ ଏବଂ ରକ୍ତ । ପ୍ରଣୟିନୀ ହୋଇଯାଏ ଜାୟା ଓ ଜନନୀ । ଆମେ ଉଭୟକୁ ହୁଏତ ପରିହାର କରିବାକୁ ଚାହୁଁ ବ୍ୟାଧିପରି, କିନ୍ତୁ ସେ ଦୁରାରୋଗ୍ୟ ବ୍ୟାଧି ଆମକୁ ଛାଡ଼େ ନାହିଁ । ଦୂରତାର ଅନ୍ତରାଳରୁ ଯାହାକୁ ଆମେ ଥରେ ଓଟାରି ଆଣିଛୁ, ସେ ଆମକୁ ଆଉ ଛାଡ଼େ ନାହିଁ, ଯେତେ ଅନୁତପ୍ତ ହେଲେ ସୁଦ୍ଧା ନୁହେଁ, କିନ୍ତୁ ବେଳେବେଳେ ଆମେ ସମ୍ପର୍କରେ ଗୋଟାଏ ସ୍ଥିର ଭୂମିରେ ପହଞ୍ଚିଯାଉ । ନିଜର ଅକ୍ଷଦଣ୍ଡରେ ବୁଲୁଥିଲେ ସୁଦ୍ଧା ଆମେ କକ୍ଷଚ୍ୟୁତ ହେଉନା । ଏଣୁ ପୂର୍ଣ୍ଣମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚନ୍ଦ୍ରକଳାର ହ୍ରାସବୃଦ୍ଧି ସତ୍ତ୍ୱେ ସମ୍ପର୍କ ଛିଣ୍ଡିଯାଏ ନାହିଁ । ଆଚମ୍ବିତ ପ୍ରଥମ ପ୍ରଣୟ ମୁହୂର୍ତ୍ତଟିର ବାରମ୍ବାର ପୁନରାବୃତ୍ତି ଘଟୁଥାଏ । ଗୋଟିଏ ମାତ୍ର ମୁହୂର୍ତ୍ତ ପ୍ରସାରିତ ହୋଇ ଜୀବନ ସୀମା ସ୍ପର୍ଶ କରୁଥାଏ ।

ମାତ୍ରାଭେଦରେ ଏପରି କିଛି ହେଉନଥିଲେ ଜୀବଗୋଷ୍ଠୀ ହୁଏତ ସମ୍ଭବ ହୁଅନ୍ତା ନାହିଁ । ସମସ୍ତଙ୍କ ଜୀବନରେ ଅଳ୍ପ ବହୁତ ଏପରି ସମ୍ପର୍କ ରହୁ ନ ଥିଲେ କେହି ଆଉ କାହାକୁ ଦେଖି ପୁଣି ଥରେ ଦେଖିବାକୁ ଇଚ୍ଛା କରନ୍ତା ନାହିଁ । ଥରେ ପ୍ରିୟ ବୋଲି ସ୍ୱୀକୃତି ପାଇଥିବା ମୁହଁ ଏବଂ ଆଖି ଉପଯୁକ୍ତ ବ୍ୟବଧାନରେ ପୁଣି ସେଇ ଚମକ ସୃଷ୍ଟି କରନ୍ତି । ମନେହୁଏ ଯେ ଏଠି ଅପ୍ରିୟ ବା

Digitized by srujanika@gmail.com

ଅସୁନ୍ଦର ହୁଏତ କିଛି ନାହିଁ । ଠିକ୍ ଦୂରତାରେ ନିଜେ ରହି ଜାଣିଲେ ସାପ ମଧ୍ୟ ସୁନ୍ଦର । ପୁରୁଣା ଶୁଖିଲା କାଠ ଗରିଣ୍ଡାଟାଏ ମଧ୍ୟ ସୁନ୍ଦର । ଠିକ୍ ଭଙ୍ଗୀରେ ଠିକ୍ ଦୂରରୁ ଅନେଇଲେ ଛନ୍ଦ ସୃଷ୍ଟି ହୋଇଯାଏ । ଆକାଶର ନେଳି ଥୋପିପଡ଼େ ପର୍ବତ ଉପରକୁ । ଶିରା-ବହୁଳ ଦନ୍ତୁରିତ ମୃତ କଣ୍ଟା ଗଛଟିଏ ମଧ୍ୟ ମଧୁସ୍ନାତ ଜଣାପଡ଼େ । ଏଣୁ ନିଜେ ଠିକ୍ ଦୂରରେ ରହିଜାଣିଲେ ଏ ସଂସାର ମନ୍ଦ ନୁହେଁ । ଏପରିକି ଯନ୍ତ୍ରଣାଠାରୁ ଦୂରେଇ ଜାଣିଲେ ତା'ର ଦଂଶନ ବିବ୍ରତ କରେ ନାହିଁ, ସୁଖଠାରୁ ଦୂରେଇ ଜାଣିଲେ ସେ ବିମୂଢ଼ କରେ ନାହିଁ, ବିହ୍ୱଳ କରେ ନାହିଁ । ବୀକ୍ଷଣ ଯନ୍ତ୍ରର କାଚଟିକୁ ଆଗପଛ ଘୁଞ୍ଚାଇଲା ପରେ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ସ୍ଥିର କରିନେବାକୁ ପଡ଼େ । ସେଇଠି ବିମ୍ବରେଖା ଆଉ ଧୂମିଳ ନୁହେଁ । ଏଇ ନିର୍ଦ୍ଦିଷ୍ଟ ବିନ୍ଦୁଟିର ଦୂରତା-ନିର୍ଦ୍ଦେଶ ନ ଥିଲେ ବନ୍ଧୁ, କୁଟୁମ୍ବୀ, ଗୁରୁ-ଶିଷ୍ୟ, ପତି-ପତ୍ନୀ କେହି କାହାକୁ ପରିଷ୍କାର ଦିଶିବେ ନାହିଁ । ଏଣୁ ସମ୍ପର୍କର ମଧୁରତା ବା ବ୍ୟକ୍ତିର ବାଞ୍ଛନୀୟତା ମଧ୍ୟ ବ୍ୟାହତ ହେବ । ଏ ଦୂରତାଟି ହୋଇପାରେ ମନରେ, ହୋଇପାରେ ପ୍ରାଣରେ, ହୋଇପାରେ କେବଳ ଆଖିରେ ।

ବେଳେବେଳେ କିନ୍ତୁ ମନେହୁଏ ଯେ ବ୍ୟକ୍ତି-ସମ୍ପର୍କ ଅତି ପ୍ରଗାଢ଼ ହୋଇଗଲେ ବା ସମ୍ପର୍କର ଗୋଟିଏ ସ୍ଥିର ଭୂମିରେ ପହଞ୍ଚିଗଲେ ଯେକୌଣସି ଦୂରତାରେ ମଧ୍ୟ ସ୍ଫୁରଣ ହୁଏ । ବିଚ୍ଛେଦର ଦୂରତା ସମ୍ପର୍କକୁ ପ୍ରଗାଢତର କରେ, ଆବେଗକୁ ଶୁଦ୍ଧ ମାର୍ଜିତ କରେ । ବିରହର ଅଗ୍ନି ପ୍ରଣୟକୁ ପ୍ରୋଜ୍ୱଳ କରେ, ମନ-ପ୍ରାଣରେ ସଂଯୁକ୍ତ ପ୍ରିୟଜନଙ୍କର ଦୈହିକ ବ୍ୟବଧାନର ଅର୍ଥ ପ୍ରାୟ କିଛି ନଥିଲା ପରି ଜଣାପଡ଼େ । ''ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର'' କଥା ସ୍ଥୂଳରୂପେ ସମସ୍ତେ ସ୍ୱୀକାର କରନ୍ତି । କିନ୍ତୁ ଠିକ୍ ଦେଖିଲେ ସମ୍ପର୍କର ସେ ସୁଦୀର୍ଘ ସୂର୍ଯ୍ୟବିମ୍ବରେ ମଧ୍ୟ ଗୋଟିଏ ମାତ୍ର ଉଜ୍ୱଳତମ କେନ୍ଦ୍ରବିନ୍ଦୁ ରହିଛି ଏବଂ ସେଇ ସୁପ୍ରସାରିତ ଉଜ୍ୱଳ କ୍ଷେତ୍ରରେ ମଧ୍ୟ ଗୋଟିଏ ସୀମାରେଖା ରହିଛି । ସାଧାରଣ ସମ୍ପର୍କରେ ଗୋଟିଏ ମାତ୍ର ବ୍ୟବଧାନର ବିନ୍ଦୁ ଘୁଞ୍ଚିଗଲେ ଯେମିତି ତାହା ଛିଣ୍ଡିଯାଏ, ଏ ଅସାଧାରଣ ପ୍ରିୟଜନଙ୍କ ସମ୍ପର୍କରେ ହୁଏତ ତାହା ନାହିଁ । ଖୁବ୍ ଘୁଞ୍ଚିବାର ସ୍ୱଚ୍ଛନ୍ଦତା ହୁଏତ ରହଛି ଏବଂ ସମ୍ପର୍କ ସେଥିରେ ବ୍ୟାହତ ହେଉନାହିଁ । କିନ୍ତୁ ସେଇ ଶେଷ ସୀମା ସ୍ପର୍ଶ କଲେ ସମ୍ପର୍କ ରଜ୍ଜୁ କମ୍ପିତ ହେଉଛି । ଆଉ ଧାପେ ଟାଣିହୋଇଗଲେ ଛିଣ୍ଡିଯିବ । ନିକଟରୁ ନିକଟତର ହେବାରେ ସେପରି ବିଡ଼ମ୍ବନା, ଦୂରରୁ ଦୂରତର ହେବାରେ ମଧ୍ୟ ସେପରି ବିଡ଼ମ୍ବନା । ଗୋଟିଏ ଧାରା ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇ 'ମୁଁ' ନାମକ ବିନ୍ଦୁରେ ସମାହିତ ହୋଇଯାଏ ଏବଂ ଅନ୍ୟ ଧାରାଟି ବିସ୍ତାରିତ ହୋଇ ଏ ଅକଳନୀୟ ବ୍ରହ୍ମାଣ୍ଡରେ ବିଲୀନ ହୋଇଯାଏ । ଉଭୟ କ୍ଷେତ୍ରରେ ସମ୍ପର୍କ ଉଭେଇଯାଏ ନିର୍ଦ୍ଦିଷ୍ଟ ବ୍ୟବଧାନର ଅଭାବରୁ ।

କିନ୍ତୁ ବ୍ୟବଧାନ ରହେ । ଅନିର୍ଦ୍ଦିଷ୍ଟ ଅକଳନୀୟ ଆକାଶ ପରି ଦୂରରେ, ନିକଟରେ, ଚାରିଆଡ଼େ, ଅତୀତ, ବର୍ତ୍ତମାନ, ଭବିଷ୍ୟତର ବିନ୍ଦୁ ବିନ୍ଦୁରେ ଭରିରହିଯାଏ । ଏଣୁ ସମ୍ପର୍କ ମଧ୍ୟ ଉଭେଯାଇଏ ନାହିଁ, କ୍ଷୀଣ ହୋଇଯାଏ, ଦୁର୍ବୋଧ ହୋଇଯାଏ, କିନ୍ତୁ ରହେ । ଆଣ୍ଡ୍ରୋମେଡ଼ା ବିଶ୍ୱଖଣ୍ଡ ବହୁ ଲକ୍ଷ ଆଲୋକ ବର୍ଷର ପରପାରିରେ ସ୍ପନ୍ଦିତ ହେଲେ ଆମେ ଏ ମୃତ୍ତିକା ବିନ୍ଦୁରେ ତାକୁ ଅନୁଭବ କରୁ ।

Digitized by srujanika@gmail.com

ଏଣୁ ବ୍ୟବଧାନ ହିଁ ତ ସକଳ ସ୍ଥିତି ଏବଂ ସକଳ ସମ୍ପର୍କର ହେତୁ । ଏହାହିଁ ସବୁଠାରୁ ନିକଟ ଏବଂ ସବୁଠାରୁ ଦୂର – 'ତଦ୍ଦୂରେ ତଦାନ୍ତିକେ' । ଏହାହିଁ ବିଭିନ୍ନ ରୂପରେ ଛନ୍ଦ ସୃଷ୍ଟି କରେ, ଆକର୍ଷଣ ବିକର୍ଷଣର ଲହରୀ ସଂଚାରିତ କରେ । ଅଣୁଗର୍ଭରେ ସେ ବସ୍ତୁ ସଂଘକୁ ବାନ୍ଧିରଖେ ଏବଂ ନିହାରିକାର କୁଣ୍ଡଳୀ ଭିତରେ ନକ୍ଷତ୍ର ଶଯ୍ୟାରେ ପ୍ରସାରିତ ହୋଇ ଶୋଇରହେ । ଏ ବ୍ୟବଧାନ ହିଁ ମାୟା ସଂଚାର କରି ନିଜେ ନିସ୍ପନ୍ଦ, ନିର୍ବେଦ, ଅସଂପୃକ୍ତ ବିରାଜମାନ ରହିଥାଏ । ସେ ନିର୍ଦ୍ଦିଷ୍ଟ କକ୍ଷରେଖାର କାମନା କରେ ଏବଂ ତା'ର ପ୍ରଶାସନରେ ଜଡ଼ପିଣ୍ଡଗୁଡ଼ିକ ବଦ୍ଧଜୀବପରି ବିଘୂର୍ଣ୍ଣିତ ହେଉଥାନ୍ତି । ଏଣୁ ବୋଧହୁଏ ବସ୍ତୁ ସତ୍ୟ ନୁହେଁ କିମ୍ବା ସମ୍ପର୍କ ସତ୍ୟ ନୁହେଁ, ଏମାନଙ୍କର ହେତୁ-ସ୍ୱରୂପ ସେଇ ନିସ୍ପନ୍ଦ ବ୍ୟବଧାନର ବ୍ୟାପ୍ତି ହିଁ ସତ୍ୟ !!

❖❖❖

Digitized by srujanika@gmail.com

କାନ୍ଦୁରା

ମଣିଷ ଛୁଆ ଜନ୍ମ ହେବା ମାତ୍ରେ ଅନିବାର୍ଯ୍ୟ ଭାବରେ କାନ୍ଦେ । କାନ୍ଦିବା ତାର ପ୍ରଥମ ଆତ୍ମପ୍ରକାଶ । ସଂସାରର ବାରମିଶା କୋଳାହଳ ଭିତରେ ତାହାହିଁ ତାର ବିଶିଷ୍ଟ ବେଦନାର ଆଦି ସ୍ୱର । କାନ୍ଦି ନ ପାରିବା କିମ୍ବା କାନ୍ଦି ନ ଜାଣିବା ଇତର ପ୍ରାଣୀର ଚିହ୍ନ ଏବଂ ମଣିଷ ହେବାକୁ ହେଲେ ସର୍ବପ୍ରଥମେ କାନ୍ଦିବାକୁ ହିଁ ହୁଏ । ମଣିଷ ତାହେଲେ କ'ଣ ହସେନା ? ସେ କଥାତ' କେହି କହୁ ନାହିଁ ? ସେ ହସେ । କାନ୍ଦରେ ସବୁ କଥା କହିସାରିବା ପରେ ଆଉ ବାଗେ କାନ୍ଦିବାକୁ ଯାଇ ସେ ଦିନେ ହସିପକାଏ, ବା ଏପରି ଭାବରେ କାନ୍ଦେ ଯେ ତାକୁ ଠିକ୍ ବୁଝିବାକୁ 'ହସ' ନାଁରେ ଚିହ୍ନଟ କରେ । ନଚେତ୍ ସେ ଶୋଇବାକୁ କାନ୍ଦେ, ଶୋଇସାରିଲେ କାନ୍ଦେ, ଖାଇବାକୁ କାନ୍ଦେ, ଖାଇଲାବେଳେ କାନ୍ଦେ, ଖାଇସାରି ସବୁ ଜୀର୍ଣ୍ଣ କରିବାକୁ ପୁଣି କାନ୍ଦେ । ବେଳ ଅବେଳ, ସ୍ଥାନ ଅସ୍ଥାନ, ସବୁଠି କାନ୍ଦୁଥାଏ । ଗୋଟିଏ ରାହା, ଗୋଟିଏ ସୁର । ଟୋପା ଟୋପା ଲୁହରେ ବର୍ତ୍ତୁଳ ଗୁଡ଼ିଏ ଆଦିମ ଅକ୍ଷର ଢଳ ଢଳ ହୁଅନ୍ତି । ଗଡ଼ିଯାଇ ଜମା ହୁଅନ୍ତି କାନମାନଙ୍କ ଦୁଆର ମୁହଁରେ ଗୁଡ଼ିଏ ତରଳ କାନ୍ଦଣା, ମଣିଷର ଆଦିମ ଭାଷାରେ । ଇସ୍, ମଣିଷ ଛୁଆଟା କେଡ଼େ କାନ୍ଦୁରା ସତେ !!

ଅହରହ କ୍ଷୀରରେ ଧୋଇହେଉଥିବା ମଣିଷ ମୁହଁରୁ ଏଇ ଗୋଟିଏ ମାତ୍ର ସତ୍ୟ କିଛି କାଳ ପ୍ରକଟିତ ହୁଏ । ଚାରିଟା ମୁହଁ ମଧ୍ୟ ସେଇ ଗୋଟିଏ ସତ୍ୟ, ଗୋଟିଏ ମାତ୍ର ବେଦନାକୁ ହୁଏତ ପ୍ରକାଶ କରନ୍ତା । ତା'ପରେ କିନ୍ତୁ ଜିଭ ଅଗରେ ଅଗ୍ନି କମ୍ପିତ ହୁଏ । ସ୍ୱର ସ୍ପନ୍ଦିତ ହୁଏ । ଓଠ, ତାଲୁ, କଣ୍ଠ, ମୂର୍ଦ୍ଧା ଧ୍ୱନିତ ହୁଅନ୍ତି । ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼େ ସତ୍ୟ । ସ୍ୱର, ଅନୁସ୍ୱର, ହ୍ରସ୍ୱ, ଦୀର୍ଘ, ଗୁରୁ, ଲଘୁ, ସାଙ୍ଗକୁ ଗୁଡ଼ିଏ ଅକଥ୍ୟ ବ୍ୟଞ୍ଜନ ଖଞ୍ଜି ହୋଇ ମାଳ ମାଳ ବର୍ଣ୍ଣ ସୃଷ୍ଟି କରନ୍ତି । ମା' ମା' ତା' ଭଳି ଓଦା ସରସର ସ୍ନିଗ୍ଧ ଶବ୍ଦଗୁଡ଼ିଏ ପବନରେ ପହଁରି ଆସନ୍ତି । 'ଡାଳ ରତ୍ନ ଶୁଆ ପରି' ଏଭଳି ଭାଷିବା ସମୟରେ ଭାଷା ସୃଷ୍ଟି ହୋଇଯାଏ । ବିଶିଷ୍ଟ ରୂପରେ ବିଶିଷ୍ଟ ନାମ ଖଞ୍ଜି ହୋଇଯାଏ । ଆସିଯାଏ ମାତୃଭାଷା ଲୁହରେ, କ୍ଷୀରରେ, ରସସିକ୍ତ, ଏକମାତ୍ର ଅଭିବ୍ୟକ୍ତି ମଣିଷର ।

ଏଥିରେ ଢେର୍ କଥା କହିହୋଇଯାଏ । ବଣିଜରେ କିଛି ବାଧା ଆସେ ନାହିଁ । ଯାହା ଦେଖିହୁଏ, ଶୁଣିହୁଏ, ଚାଖିହୁଏ, ତାହା ସାଧାରଣରେ କହି ମଧ୍ୟ ହୁଏ । ବେଳେବେଳେ କିନ୍ତୁ ଜିଭ ଥଙ୍ଗେଇ ଅଟକିଯାଏ । ଆମେ କ'ଣଟାଏ ହୁଏତ ଦେଖୁ ଏବଂ ନିର୍ବାକ ହୋଇ ଦେଖୁଥାଉ । ସେ

Digitized by srujanika@gmail.com

ସବୁ ଅଜସ୍ର ରଙ୍ଗ ବା ରୂପକୁ ସାଉଁଟି ଆଣି ଶବ୍ଦର ଛୋଟ ଛୋଟ ପୁଟଳିରେ ବେପାର କରିପାରୁନା । ସେହିପରି ବଇଁଶୀ ଓ ବର୍ଷା ମିଶିଗଲେ ଯେଉଁ ମୂର୍ଚ୍ଛନା ସୃଷ୍ଟି ହୋଇଯାଏ ଆମେ ତାକୁ ନାଁ ଦେଇପାରୁନା । ଏଣୁ ଭାଷାର ଖଳାବାଡ଼ିଟି ହୁଏତ ବେଙ୍ଗଳା ବଳଦଙ୍କ ପାଇଁ ଖୁବ୍ ପ୍ରଶସ୍ତ, ଖୁବ୍ ଉପଯୋଗୀ, କିନ୍ତୁ ତା'ର ଏଡ଼େଟିକେ ବଳୟର ଆର ପାଖେ ବହୁତ କଥା ଅକୁହା ରହିଯାଏ । ଏଣୁ ବେଳେବେଳେ ଭାଷା ହାରିଗଲେ ତା'ର ଆଦିମ ତରଳ ରୂପହିଁ ଭାଷାକୁ ପ୍ରକାଶ କରିପକାଏ । ଆମେ କାନ୍ଦି ପକାଉ । ସେଇଟା କିନ୍ତୁ ବେଳେବେଳେ - ଯେତେବେଳେ କଥାଟା ଆମକୁ ବଳେଇଯାଏ ବା ଆମେ ତାକୁ ସମ୍ଭାଳିନପାରୁ ।

କିନ୍ତୁ କେତେ ଜଣଙ୍କୁ ପ୍ରାୟ ସବୁ କଥା ବଳେଇଯାଏ । ଏଇ ଚିରବାଳୁତ ମଣିଷଗୁଡ଼ିକ ଆଖି ଥନ ଥନ କରି ଠିଆହୋଇଥାନ୍ତି । ତାଙ୍କ ଭିତରଯାକ ପାଣି ଭରି ରହିଥାଏ । ଟିକିଏ ଆଢୁଆ ପବନ ବାଜିଗଲେ ଝରିଯାଏ । ମୁହଁ ଫଣ ଫଣ କରି, ନାକପୁଡ଼ା ଫୁଲେଇ, ଏ ନାକ-କାନ୍ଦୁରାଯାକ କଥା କଥାକେ କାନ୍ଦନ୍ତି - ମିଳନରେ, ବିରହରେ, ରାଗ, ରୋଷ, ଭୟ, ଭକ୍ତି - ସବୁଥିରେ । ସ୍ଥାନ ଅସ୍ଥାନରେ ତାଙ୍କୁ ଏମିତି ସଡ଼ ସଡ଼ ଲୁହ ସିଙ୍ଘାଣି ହେବାର ଦେଖିଲେ ଆମେ ଛିଗୁଲେଇ ହେଉ । କହୁ ମାଇଚିଆ । ଖେଁ ଖେଁ ହୋଇ ପୁରୁଷପଣିଆରେ ହସିନେଉ । ନିଶରେ ହାତ ମାରିନେଉ । ତା'ର ମୂଳ କାରଣ ହେଲା ଯେ ଆମକୁ ଭିତରେ ଭିତରେ କାନ୍ଦ ମାଡୁଥାଏ । ତାକୁ ଏମିତି ବାଡ଼ ବନ୍ଧ ପକେଇ ନ ଜଗିଲେ ଝରିଯିବ । ବାହାରେ ଯେତେ ଟାଣ ଖୋଳ ମଡ଼େଇ ହୋଇ ଟହଲୁଥିଲେ ମଧ୍ୟ ଭିତରେ ସମସ୍ତେ ସେଇ କାନ୍ଦୁରା ମଣିଷ ଛୁଆ । ସବୁ କଇଁଚର ଶୁଖିଲା ଖୋଳପା ଭିତରେ ସେମିତି ଥଲଥଲିଆ କୋମଳ ଅସହାୟତା । ସେଇଟା ଭିତରେ ଲୁଚିଥାଏ, ସେମିତି ହାଣଖାଇଗଲେ ବୋହିଯାଏ ।

ଆମ ଭିତରେ ସବୁଠାରୁ ଜୋର୍‌ଦାର୍ ପୁରୁଷ ମଧ୍ୟ ବେଳପଡ଼ିଲେ ତରଳିଯାଏ । ଦଶଟା ମୁହଁରେ ଦଶହଳ ନିଶ ସତ୍ତ୍ୱେ ଅଲିଅଳ ଅକ୍ଷୟ କୁମାର ମରିଗଲେ ରାକ୍ଷସରାଜ ରାବଣ କାନ୍ଦେ ଏବଂ ତୁହାକୁ ତୁହା କାନ୍ଦୁଥାଏ ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁରେ । ସେହିଭଳି ପରିସ୍ଥିତିରେ ନ କାନ୍ଦିବାର ଦୃଷ୍ଟାନ୍ତ ବିରଳ । ତଥାପି ଥୋକେ ବାହାଦୂରିଆ ସାଧକ ଅଛନ୍ତି, ଯେଉଁମାନେ ଅଟଳ ରହିବାର ଭାବ କରନ୍ତି । ତାଙ୍କ ଗାଲରେ ଛୁଞ୍ଚି ଫୋଡ଼ିଦେଲେ ମଧ୍ୟ ଆଖି ମିଟିକା ନ ମାରି ସେମାନେ ଜଡ଼ ହୋଇ ରହିଯାନ୍ତି । କୁତୁ କୁତୁ କଲେ ହସନ୍ତି ନାହିଁ । ପଛଆଡ଼େ ଅତର୍କିତ ତୋପ ଫୁଟେଇଦେଲେ ମଧ୍ୟ ଚମକନ୍ତି ନାହିଁ । ସେମାନେ କିନ୍ତୁ ଜିତେନ୍ଦ୍ରିୟ ଯୋଗୀ ନୁହନ୍ତି । ସେମାନଙ୍କ ସାଧନା ଆଉ ବାଗେ । ସେମାନେ ସବୁକଥା ଢୋକି ଦିଅନ୍ତି, କଳେଇ ଦିଅନ୍ତି । କିନ୍ତୁ ଭିତରେ ଢେର୍ କାନ୍ଦୁଥାନ୍ତି । ସେଭଳି ଭାବ-କୁମ୍ଭକ କରୁଥିବା ମଉନମୁହାଁମାନଙ୍କୁ ତାଙ୍କର ଶିଶୁ ସୁଲଭ ଖିଆଲ ପାଇଁ ମାଫ୍ କରାଯାଉ । କିନ୍ତୁ ଏହା ସତ ଯେ ସ୍ୱଜନ ସଂହାରରେ ସମସ୍ତେ ଶୋକାକୁଳ ହୁଅନ୍ତି, ଅର୍ଜ୍ଜୁନ ମଧ୍ୟ ।

ଖାଲି ତଫାତ୍ ଏତିକି ଯେ ଆମେ ଯଦି ଟିକିଏ ବାଛ ବିଚାର କରି ମମତା ଅନୁପାତରେ କାନ୍ଦୁ, ସେ ଆର ଲୋକଟି ତାହା ପାରେ ନାହିଁ । ହଳେ ପକ୍ଷୀ ଭିତରୁ ଗୋଟିଏ ବୁକୁରେ ଯଦି ଶର

Digitized by srujanika@gmail.com

ଗଳିଗଲା ସେ କାନ୍ଦିପକାଏ ଏବଂ ସେ କାରୁଣ୍ୟ ଆମେ ଅନେକ ଶତାବ୍ଦୀ ପରେ ଶୁଣି ମଧ୍ୟ ବିଚଳିତ ହୋଇଯାଉ । ଜୀବ ଯାତନା ପାଇଁ ଏ ଯେଉଁ ଆପଣା-ପଣ, ଆମେ ହଠାତ୍ ବୁଝିପାରୁନା । ତାକୁ କହୁ କାନ୍ଦୁରା, ବୋକା । ନିଜ ଦେହରେ ଚୋଟ ବାଜିଲେ, ନିଜର ସନ୍ତାନ ନଷ୍ଟ ହେଲେ ସିନା ମଣିଷ କାନ୍ଦେ – ଏ ପଶୁ ପକ୍ଷୀ, ଗୋଡ଼ି ପଥର ପାଇଁ କାହିଁକି ଜଣେ ଏମିତି କାନ୍ଦିବ ? ଏଇଟା ଓଲୁ ନୁହେଁ ତ ଆଉ କ'ଣ ? ମମତା ଡୋର ଉପରେ ଚୋଟ ପଡ଼ିଗଲେ ସିନା ସେ ଲୁହ ଝରେଇବ, କିନ୍ତୁ ଇଏ ତ ଯେଉଁଠି ମନ ସେଇଠି କାନ୍ଦୁଛି ! ବିରହ ବିଚ୍ଛେଦରେ ମଣିଷର ଅଙ୍ଗହାନି ହେଲାଭଳି ଲାଗେ । ସ୍ୱଜନ ମୃତ୍ୟୁରେ ଦେହରୁ ଖଣ୍ଡେ ଛିଣ୍ଡିପଡ଼ିଲା ପରି ଲାଗେ । ମଣିଷ ଭିତର ମନ୍ଥିହୋଇ ଲହୁଲହାଣ ହୁଏ । ତା ଚାରିଆଡୁ କାନ୍ଥଗୁଡ଼ିକ ଧସିପଡ଼ିବା ଆଶଙ୍କାରେ ସେ କାତର ହୋଇପଡ଼େ । ତାର ନିଃଅବଲମ୍ବ ଏଗୁଡ଼ିକ ସତ୍ୟଟିକୁ ସେ ପ୍ରାଣରେ ଭୟ କରେ । ସେଭଳି ରହିବା ବା ଅନୁଭବ କରିବା ତ ଦୂରର କଥା, ଯଦି କିଏ ତାକୁ କହିଦେଇଛି ଯେ ସେ ଏକୁଟିଆ, ସେ ଛାନିଆ ହୋଇଯିବ । ଏ ସମସ୍ତ ବିରହ ବିଚ୍ଛେଦ ବା ମୃତ୍ୟୁ ପାଇଁ ଯେକୌଣସି ମଣିଷ କାନ୍ଦେ – ଅନନ୍ୟୋପାୟ ହୋଇ, ଅସହାୟ ଭାବରେ କାନ୍ଦିପକାଏ ।

କିନ୍ତୁ ଏ ପ୍ରାଣୀ ନିଆରା । ଏ ସର୍ବଦା ଓଦା ସରସର । ତାକୁ ସମ୍ମାନ ଦେଖେଇ ଫୁଲମାଳଟିଏ ପିନ୍ଧେଇଦେଲେ, ତା' ଆଖି ଥନ ଥନ ହୋଇଯାଏ । ତାକୁ ବିପଦ ଟେକାଟେକି କରି କହିଦେଲେ ସେ କାନ୍ଦିପକାଏ । ତା'ବନ୍ଧୁ ପ୍ରବାସରୁ ଆସି ତାକୁ କୁଣ୍ଢେଇପକେଇଲେ ସେ କାନ୍ଦେ । ଛାଡ଼ି ଚାଲିଗଲେ ତ ଆଉ କହିବାର ନାହିଁ । ସେ କେବେହେଲେ ପାଟିକରି ''ଆରେବାବୁ ଶ୍ୟାମଘନ'' ଯଶୋଦା ବିଳାପଟି ପଢିପାରିନାହିଁ । ପଢି ପାରି ନାହିଁ 'ସୀତା ବନବାସ' – 'ଅକ୍ରୁର ଗୋପ ଗମନ' – ଏ ସବୁ ତ ଜାଣି ଲୁହରେ ଲେଖାହୋଇଛନ୍ତି, ଯାଙ୍କୁ ଲୁହରେ ପଢିବା କିଛି ଅସ୍ୱାଭାବିକ ନୁହେଁ । କିନ୍ତୁ ଗମ୍ଭୀର ଦର୍ଶନ ଶାସ୍ତ୍ର ଗୀତା ! ସେଥିରେ ଧୃତରାଷ୍ଟ୍ର ନାଁ ଶୁଣିଲେ ସେ କାନ୍ଦେ । ଇସ୍, ଜନ୍ମାନ୍ଧଟିଏ ! ଯେ କେବେ ସୂର୍ଯ୍ୟ ଦେଖିନାହିଁ, ଯେ ସଂସାରକୁ ମାପିଛି କେବଳ ଶହେଟି ପୁଅର ଉଷ୍ମତା ଭିତରେ, ସେ ଶୁଣିଚି ସେମାନଙ୍କର ନିଧନ ବାର୍ତ୍ତା । ଆମ କାନ୍ଦୁରାଟି ଏଇଭଳି କିଛି ଚିନ୍ତାକରି ଲୋତକ ବର୍ଷଣ କରେ । ଅର୍ଜୁନ, ଯୁଧିଷ୍ଠିର, କୁନ୍ତୀ, ମାଦ୍ରୀ – ସମସ୍ତଙ୍କ ପାଇଁ ତା'ର ଆଖିରୁ ଲେଖା ଲୁହ ।

ଆଉ କୃଷ୍ଣ ! ସେ ନାମ ଆଉ ତା' ଶ୍ରବଣେ କେହି ଯେମିତି ନ ଶୁଣାଇବ ! ସେ ସେମିତି କିଛି ବଡ଼ ଭକ୍ତ ନୁହେଁ । କୃଷ୍ଣାବତାରର ତତ୍ତ୍ୱ-ଦର୍ଶନ ତାକୁ କିଛି ଜଣା ନାହିଁ । ତାକୁ କିନ୍ତୁ କାନ୍ଦ ମାଡ଼େ । ଦେବକୀ, ଯଶୋଦା, ବିଚାରା ନନ୍ଦ, ବିଚାରୀ ଗୋପୀ... ଇସ୍, ସେ ବ୍ରଜଧୂଳି, ସେ ଧାରାଶ୍ରାବଣ, ସେ କଦମ୍ବ ଗଛ... ସେ ଯମୁନା !! ତା' ପେଟ ବି' ଭାଗ ହୋଇ କୋହ ଉଠେ । ସେ କିଛି ବୁଝେ ନାହିଁ, କେବଳ କାନ୍ଦେ । ହୋଇପାରେ ଖୁବ୍ ତାଦାତ୍ମ୍ୟରେ ଅନୁଭବିଯାଏ ବୋଲି କାନ୍ଦିପକାଏ ।

Digitized by srujanika@gmail.com

କାନ୍ଦିବା ତା'ପାଇଁ ଅତି ସହଜ ଓ ସ୍ୱାଭାବିକ । ତା' ଭିତରର ଉପାଦାନଗୁଡ଼ିକ ସେମିତି ସେମିତି ନରମା, ତା' ଲୁହମୁଣିର ଡୋରି ସେମିତି ହୁଗୁଳା । ସେ ବିଚରା କ'ଣ କରିବ ? ସେ ଅବଶ୍ୟ ଟିକିଏ ମାଇ ଅଂଶିଆ । ତା'ଭିତରେ ଅଳ୍ପ କଥାରେ ଲୁହ ଚହଲିଯାଏ । ଜୀବ ଯାତନା ସେ ଆଦୌ ସହିପାରେ ନାହିଁ । ବିଶ୍ୱଯୁଦ୍ଧରେ ବାହାଦୁର ତରୁଣ ଲଢୁଥିଲେ ଏବଂ ମରୁଥିଲେ । ସମସ୍ତଙ୍କର ଦିହସହା ହୋଇଗଲା । କିନ୍ତୁ ଯେଉଁଦିନ ଖବରକାଗଜରେ ବାହାରିଗଲା ଯେ ତା' ଭିତରେ ଥିଲା ଗୋଟାଏ ସ୍କୁଲକୁ ଯିବା ପିଲା, ଯେ ବହିପତ୍ର ଥୋଇଦେଇ ମାଆର ବାହୁ ଭିତରୁ ଭିଡ଼ିହୋଇ ଗୁଳିଖାଇ ଶୋଇଗଲା - ଅଧିକାଂଶ ଗୋଟିଏ ଲେଖା ଦୀର୍ଘଶ୍ୱାସରେ କାମ ସାରିଦେଲେ । କିନ୍ତୁ କାନ୍ଦୁରାଟି ବାହୁନି ହୋଇ ଦେଢ ମାସ ପର୍ଯ୍ୟନ୍ତ ସଡ଼ ସଡ଼ କାନ୍ଦି ଚାଲିଥାଏ । ତାକୁ ଦିଶିଯାଉଥାଏ ଅସଂଖ୍ୟ କାରୁଣିକ ଯିଶୁ ଅସହାୟ କ୍ରୁଶଗୁଡ଼ିକ ଉପରୁ ରକ୍ତ ଝରାଇଚାଲିଥାନ୍ତି । ସେ ସେ ଚଉଖୁଣ୍ଟିଆ କାଠଟାକୁ କୁଣ୍ଢେଇ ଲୁହରେ ତରଳିଯାଉଥାଏ । ତା' ଭିତରେ ପିଲାଟିର ମା' ସତେ ଯେମିତି ଆଉ କାହାରି କଥାକୁ କାନଉ ନଥାଏ । ଅନ୍ଧାରରେ ଧୂଳି ଦରାଣ୍ଡି ଲାଗିଥାଏ, ହାଣଖିଆ ଜନ୍ତୁଟିଏ ପରି ସକ୍ ସକ୍ ଲୁହ ଗଡ଼େଇ ଚାଲିଥାଏ ।

ବେଳେ ବେଳେ ସବୁଯାକ ଘନୀଭୂତ କାରୁଣ୍ୟ ଲୁହରେ ବି ପ୍ରକାଶିତ ହୋଇପାରେ ନାହିଁ । ଗୋଟାଏ ବାଷ୍ପ ଦଶଦ୍ୱାରକୁ ରୁନ୍ଧି ଫୁଲି ଉଠେ । ସୀତା ଓ ସୀତାକାନ୍ତ ବଣ ଭିତରକୁ ପଶିଯାଆନ୍ତି ଏବଂ 'ସୁମନ୍ତ' ଫେରିଆସେ ଖାଲି ଦଶରଥ ପାଖକୁ, କିମ୍ବା ଗୋପ ଧୂଳିରେ ଗୋପୀ କୁଳକୁ ଆଛନ୍ନ କରି ଅକ୍ରୁର ମଥୁରାକୁ ଚାଲିଯାଏ ଏବଂ ଫେରେନାହିଁ । ଏଇଠାରୁ ସତକୁ ସତ ମନୋରଥ ସରିଯାଏ । ଏଠି ଲୋତକ ନୁହେଁ, କେବଳ ଗୋଟିଏ ଦୀର୍ଘଶ୍ୱାସ ହିଁ କିଛି ପ୍ରକାଶ କରିପାରେ । କାନ୍ଦଣା ଲିଭିଯାଏ ବେଦନାରେ, ଯମୁନାରେ ସେ ବିଡ଼ମ୍ବିତ ତଟଦେଶରେ କିମ୍ବା ରୋରୁଦ୍ୟମାନ ଅଯୋଧ୍ୟାର ସେ ଶୋକାର୍ତ୍ତ ପ୍ରକୋଷ୍ଠରେ ହତବାକ୍ ହୋଇ ଯେଉଁମାନେ ଭୁଷୁଡ଼ି ପଡୁଥାନ୍ତି ସେମାନେ ମାନବ ଧର୍ମରେ ହୁଏତ ଅସରାଏ କାନ୍ଦି ପକାଇବାକୁ ଢେର୍ ଚେଷ୍ଟା କରନ୍ତି, କିନ୍ତୁ ଉତ୍ତପ୍ତ ବାଷ୍ପାକୁଳ ଲୁହର ସମୁଦ୍ର ଆଦୌ ଘନୀଭୂତ ହୁଏନାହିଁ । ସବୁ ମେଘମଲ୍ଲାର ସତ୍ତ୍ୱେ ଦିଗ୍‌ବଳୟ ନୀରବ ଏବଂ ଦୃଷ୍ଟି ସୀମାଗୁଡ଼ିକ ଲୋତକ-ଶୂନ୍ୟ ହୋଇ ରହିଯାନ୍ତି । କାନ୍ଦୁରାଟି କ୍ଳାନ୍ତ ହୋଇ ବୋଧହୁଏ ଶୋଇଯାଏ, ତା ଉପରେ ଜମିଯାଏ ଆକାଶର ଅସମ୍ଭବ ନୀରବ କାରୁଣ୍ୟ !!

❖❖❖

Digitized by srujanika@gmail.com

ଖୋଜିବା : ନ ପାଇବା

ସବୁବେଳେ ଆମେ ଯାହା ଚାହୁ ତାହା ପାଉନା, ଏବଂ ଯାହା ପାଉ, ତାହା ହୁଏତ ଚାହୁନା । ଏଇ ଟିକକ ଅସମଞ୍ଜସତା ପାଇଁ ଜୀବନର ଯେତେ ଜ୍ୱାଳା, ଯେତେ ସବୁ ତୀବ୍ର ଦଂଶନ ସହିବାକୁ ପଡ଼େ । ଚାହିଁବା ଅତୃପ୍ତ ବାସନାର ଲାଉତୁମ୍ବା - ପାଇବା ହୁଏତ ମୁଠାଏ ଭିକ୍ଷା ! ଏଣୁ ପାଇବା ପରେ ମଧ୍ୟ ଲାଉତୁମ୍ବାଟି ଖାଲି ରହିଯାଏ । ଦୀନତାର ଯାଚଞ୍ଚା ବାକି ରହିଯାଏ । ଦେବାପରେ ମଧ୍ୟ କୃପଣସଂସାର ପୂର୍ବବତ୍ କୃପଣ ହିଁ ରହିଯାଏ । ଏଡ଼େ ଟିକିଏ ମଣିଷର ଚାତକତୃଷ୍ଣା ପାଇଁ ସାତଟା ସମୁଦ୍ର ଲହଡ଼ି ମାରୁଥିଲେ ସୁଦ୍ଧା ସେ ତୃଷ୍ଣା ମେଣ୍ଟିବାର ନୁହେଁ । ସେ ଅନେଇଥାଏ ଗୋଟାଏ ଘନନୀଳ ଆକାଶର ଅଷ୍ଟମ ସମୁଦ୍ରକୁ । ସେ କେତେବେଳେ ଝରିଯାଏ, କେତେବେଳେ ବା ଝରେନା । ଚାତକଟି ତୃଷ୍ଣାର ଯନ୍ତ୍ରଣାକୁ ନେଇ ବଞ୍ଚିରହେ ଏବଂ ସେଇ କାରଣରୁ ହୁଏତ ବଞ୍ଚିରହେ । ମଣିଷ ବି ବଞ୍ଚିରହେ । ଅହରହ ସେଇଭଳି ଗୋଟାଏ ଅଭାବବୋଧ ପାଇଁ ଏବଂ ସେଇ ଟିକକ ବୋଧହୁଏ ଏ ଯାତ୍ରାର ଏକମାତ୍ର ପାଥେୟ, ଜୀବନର ଏକମାତ୍ର ବଳିଷ୍ଠ ଉପାଦାନ । ଆମେ ଯାହା ଚାହୁ ତାହା ପାଉନା, କିନ୍ତୁ ପାଇବାକୁ ହିଁ ବଞ୍ଚିରହୁ । ଏଣୁ ପାଇବା ଯଦି ସମ୍ଭବ ନୁହେଁ, ହୁଏତ ତାହା ବାଞ୍ଛନୀୟ ମଧ୍ୟ ନୁହେଁ । କାରଣ ପାଇବା ଅପେକ୍ଷା ପାଇବାର ବାସନା ହିଁ ତା' ଜୀବନକୁ ଉଦ୍ଦୀପ୍ତ ରଖେ, ଯାତ୍ରା ଜାରି ରଖେ । ଏ ସମସ୍ତ ମନଭୁଲାଣିଆ ପ୍ରତିବୋଧନ ସତ୍ତ୍ୱେ କିନ୍ତୁ ଜୀବନର ଏକ ଦୁଃସହ, ଦୁର୍ବହ ସତ୍ୟ ହେଲା ଯେ ଆମେ ଯାହା ଚାହୁଁ ତାହା ପାଉନା ।

ହା, ହତୋଽସ୍ମି ! କାହିଁକି ସତେ ଏପରି ହୁଏ ? ଏଡ଼େ ଟିକେ କ୍ଷୁଦ୍ର ଜୀବ ଏ ମଣିଷଟି - ତା'ର ଏଭଳି କ'ଣ ଅପରିମେୟ ଅଭାବ ଅଛି ଯେ ତାକୁ ଏଡ଼େବଡ଼ ସଂସାର ପୂରଣ କରିପାରୁନାହିଁ ? ଠିକ୍ ତା' ନୁହେଁ ଯେ, ବହୁବାର ପରୀକ୍ଷା କଲା ପରେ ସଂସାର ଦେଖିସାରିଲାଣି ମଣିଷର ଏପାଖ ସେପାଖ । ଏ ନଳୀଟି ଯେତେ କ୍ଷୁଦ୍ର ହେଲେ ମଧ୍ୟ ଯା'ର ଦି' ମୁହଁ ମେଲା । ଗୋଟିଏ ମୁହଁରେ କ୍ଷୁଧାର ଯାତଞ୍ଚା ଅହରହ ଲାଗିରହିଛି ଏବଂ ଅନ୍ୟ ମୁହଁଟି ଅନର୍ଗଳ ଖୋଲା । ସମଗ୍ର ସଂସାର ଏ ନଳୀ ଭିତରେ ଏପାଖ ସେପାଖ ଗଳିଯିବାର ସମ୍ଭାବନା ଥିଲେ ସୁଦ୍ଧା ତାକୁ ମଙ୍ଗ ପର୍ଯ୍ୟନ୍ତ ଭରପୂର କରି ରଖିବାର ଉପାଦାନ ଏ ଜଗତରେ ନାହିଁ । ତଥାପି ଜଗତ୍‌ର ଏ ଜୀବଗୋଷ୍ଠୀ ଏଇ ଜଗତରୁ ହିଁ ଖୋଜେ କ୍ଷୁଧା ନିବୃତ୍ତିରୁ ଉପାୟ । ଏଣୁ ଖୋଜେ ଗୋଟାଏ ପ୍ରକାର ଏବଂ ଅନିବାର୍ଯ୍ୟ ଭାବରେ ପାଏ ଆଉ ଗୋଟିଏ ପ୍ରକାର ।

Digitized by srujanika@gmail.com

ଶରୀର-ଯାତ୍ରା ପାଇଁ କିଛି ଅନ୍ନବସ୍ତ୍ରର ନିଶ୍ଚୟ ପ୍ରୟୋଜନ ରହିଛି । ରୁଚି ଅନୁସାରେ ସେଥିରେ ସ୍ୱାଦ ବା ରଙ୍ଗ ସ୍ୱତଃ ଆରୋପିତ ହୋଇଯାଏ । ଅବସ୍ଥାଭେଦରେ ଜଣେ ଚାହେଁ ପଖାଳ ପିଆଜ ତ ଆଉ ଜଣେ ଚାହେଁ ଖୁର୍ମାଲଡ଼ୁ । ଉଭୟେ କିନ୍ତୁ ନିରାଶ ହୁଅନ୍ତି । କାରଣ ସେମାନେ ଯାହା ପାଆନ୍ତି ତାହା ତାଙ୍କ ଯାଚ୍ଞା ସୀମାର ଅନେକ ତଳେ । ଯଦି ସେମାନେ କିଛି ପାଉ ନ ଥାନ୍ତେ ତେବେ ତ ଅତି ସହଜରେ ବିଦ୍ରୋହର ବିସ୍ଫୋରଣ ଘଟିଯାନ୍ତା । ସେଥିରେ ସଂସାର ଜଳିଯାଉ ବା ସେ ବ୍ୟକ୍ତିଗୁଡ଼ିକ ପୋଡ଼ି ପାଉଁଶ ହୋଇଯାନ୍ତୁ - କିନ୍ତୁ ସେମାନେ କିଛି କିଛି ପାଇଯାନ୍ତି । ଫଳରେ ଏକ ବିଶିଷ୍ଟ ଭାବରେ ସନ୍ତାପଦଗ୍ଧ ମାନବ ଜୀବନର ସୂତ୍ରପାତ ହୁଏ । ହାତୀ ଶୁଣ୍ଢରେ ଘିଅ ଅଜାଡ଼ିଦେଲେ ଅଗ୍ନିକୁଣ୍ଡ ଉଚ୍ଛୁଳିଯିବ ଏବଂ କାଳେ ନିଆଁ ଲିଭିଯିବ ବୋଲି ସଂସାର ବିଶୁଦ୍ଧ ଋତ୍ୱିକ ପରି ସମପରିମାଣରେ, ସମବ୍ୟବଧାନରେ ଆହୁତି ପ୍ରଦାନ କରୁଥାଏ । ନିଆଁ ଲିଭିପାରେ ନାହିଁ । ଜୀବନରୁ ଜ୍ୱାଳା ମେଣ୍ଟିପାରେ ନାହିଁ । ଅର୍ଦ୍ଧଭୁକ୍ତ ଅର୍ଦ୍ଧପରିହିତ ହୋଇ ଅଭିଶପ୍ତ ସାଗରସନ୍ତାନ ପରି ଆମେ ଅଧେ ଜଳିଯାଉ, ଆଉ ଅଧେ କଅଁଳିଯାଉ - ସଂପୂର୍ଣ୍ଣ ଜୀବନ ବା ସଂପୂର୍ଣ୍ଣ ଦହନର ଅବିମିଶ୍ର ସମ୍ଭାବନା ଏଠି ନାହିଁ ।

ଆବେଗ ଭୂମିରେ କିନ୍ତୁ ଏ ପ୍ରକାର ବିଡ଼ମ୍ବନା ସବୁଠୁ ବେଶୀ । ଆମେ ମଣିଷ ଗୋଷ୍ଠୀର ସ୍ୱାଭାବିକ ପରିସୀମା ଭିତରେ କିଛି ସ୍ନେହ, କିଛି ମମତା ପାଇଁ ବାହୁ ପ୍ରସାରି ପାଖେଇଯାଉ । ସ୍ୱାର୍ଥପର ମଣିଷଗୁଡ଼ିକ ଈର୍ଷା ଦ୍ୱେଷର ଲାହୁଡ଼ରେ ଆହତ କରନ୍ତି । ବିଷଜର୍ଜର ହୋଇ ଆମେ ଏ ଅଦଭୁତ ଆଚରଣ କଥା ଭାବୁ । ସ୍ନେହ କିଛି ସାଧାରଣ ବସ୍ତୁ ପରି ସ୍ଥାନାନ୍ତରିତ ହେବା ପଦାର୍ଥ ତ ନୁହେଁ - ଏହା ଉଭୟ ଦାତା ଏବଂ ଗ୍ରହୀତାକୁ ଐଶ୍ୱର୍ଯ୍ୟସ୍ନିଗ୍ଧ କରନ୍ତା, କିନ୍ତୁ ସେଥିରେ ଏତେ କାର୍ପଣ୍ୟ କାହିଁକି ? ଆମେ ପ୍ରେମର ଅର୍ଘ୍ୟ ଟେକିଦେଉ, କିନ୍ତୁ ଯାହାକୁ ଏପରି ସମ୍ମାନିତ କରୁ, ସେ ଆଉ ଜଣକୁ ମନପ୍ରାଣ ସମର୍ପି ଦେଇଥାଏ ଏବଂ ସେ ଅପର ଜଣକ ମଧ୍ୟ ସେହିପରି ଆଉ କାହା ପାଇଁ ଉନ୍ନିଦ୍ର ପ୍ରତୀକ୍ଷା କରିଥାଏ । ବୈରାଗୀ ଭର୍ତ୍ତୃହରିଙ୍କର ଉକ୍ତି ବାରମ୍ବାର ବହୁ କ୍ଷେତ୍ରରେ ପ୍ରେମରାଜ୍ୟର ଏ ଚୂଡ଼ାନ୍ତ ବିଡ଼ମ୍ବନା ପ୍ରମାଣିତ କରିଚାଲିଥାଏ । ଅଗାଧ ବାତ୍ସଲ୍ୟ ଅଜାଡ଼ିଦେଲା ପରେ ପ୍ରତ୍ୟେକ ଯଶୋଦା ଉଦାସ ଆଖିରେ ଶୂନ୍ୟ ଗୋପଦାଣ୍ଡକୁ ଚାହିଁରହିଥାଏ । ନଦୀଧାର ପରି ମମତାର ତରଙ୍ଗଗୁଡ଼ିକ ପଛକୁ ଫେରିପାରନ୍ତି ନାହିଁ । ଜନୟିତ୍ରୀର ଅକୃପଣ ମମତା ନିଜେ ଗ୍ରହଣ କରି ତାକୁ ନବାଗତ ବଂଶଧରଙ୍କ ଉପରେ ହିଁ ଅଜାଡ଼ିଦିଆଯାଇପାରେ । ସମୟର ପ୍ରତିଲୋମରେ ତାର ପ୍ରତିଦାନ ସମ୍ଭବ ନୁହେଁ । ଏଠି ବୋଧହୁଏ ଜୀବନର ଚୂଡ଼ାନ୍ତ ବିଭବ ଦେଇଦେଲା ପରେ ଭୁଲିଯିବାକୁ ହୁଏ... ସୂର୍ଯ୍ୟପରି, ବର୍ଷାପରି, ପବନପରି ।

ହୁଏତ ଖୁବ୍ ଉଦାରପଣରେ ଭୁଲିହୁଅନ୍ତା, କିନ୍ତୁ ବେଳେବେଳେ ବିଡ଼ମ୍ବନା ଏତେ କଠୋର ତୀବ୍ର ପରିହାସର ରୂପ ନିଏ ଯେ ଝାଉଁଳି ପଡ଼େ ମଣିଷ ଜାତି ଉପରେ ଆସ୍ଥା । ଅକୃତଜ୍ଞ ମଣିଷ ପାଇଁ ନତଜାନୁ ହୋଇ କ୍ଷମା ଯାଚଞ୍ଚା କରିବା ମଧ୍ୟ ସମ୍ଭବ ହୁଏ ନାହିଁ । ସ୍ୱୟଂ ଯୀଶୁ ନ ହେଲେ ଯୀଶୁହନ୍ତାଗୁଡ଼ିକୁ କ୍ଷମା ଦେଇହୁଏ ନାହିଁ । ଏ ପୃଥିବୀରେ ସ୍ୱର୍ଗର ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ

Digitized by srujanika@gmail.com

ଆସିଥିବା ଏଇ ଦେବଶିଶୁଟି ଅସହାୟ ରକ୍ତସ୍ନାନ ପରେ ଫେରିଯାଏ । ପ୍ରେମ ଦେଇ ପ୍ରେମର ପ୍ରତିଦାନ ଚାହୁଁଥିବା ଦେବାବତାର ପାଇଁ କ'ଣ ଏହାହିଁ ମିଳିବାକୁ ଥାଏ ? ପରାଧୀନତାର ଶୃଙ୍ଖଳ ଛିନ୍ନ କରି ରାମରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖୁଥିବା ଗୋଟାଏ ନିଃସ୍ୱାର୍ଥ ସନ୍ନ୍ୟାସୀ ପାଇଁ କ'ଣ ଗୁଳିଚୋଟ ହିଁ ସଞ୍ଚିତ ଥାଏ ? କଣ୍ଟାବୁଦା ଉପରେ ଦୁଇଟୋପା ପାଣି ଗଡ଼ିଗଲେ ତା'ର ପ୍ରତିଦାନରେ ସେ ଦୁଇଭାର ଫୁଲ ହସିଦିଏ, କିନ୍ତୁ ମଣିଷ ପାରେନା । ଦୟାର ପ୍ରତିଦାନରେ ସେ ଦଂଶନ କରି ଆସିଛି - ଆଜି ନୁହେଁ କେଉଁ ଯୁଗରୁ । ଏଥିରେ କ'ଣ ଆମେ ଯାହା ଚାହୁଁ ତା' ପାଇବା ସମ୍ଭବ ? ଆମେ ତ ଦେଇ ଜାଣୁନା ପାଇବା କିପରି ? କିଏ ଦେବ ଭଲା ଏ ଅକୃତଜ୍ଞ ସ୍ୱାର୍ଥପର କୃପଣ ସଂସାରରେ ? ଏଠି ନ ଦେଲେ ତ ମିଳେ ନାହିଁ, ଦେଲେ ବି ମିଳେ ନାହିଁ । ଆମେ ଯେହେତୁ ସିଦ୍ଧକାମ ନୋହୁଁ ଚାହିଁଲେ ମଧ ମିଳେ ନାହିଁ । ପ୍ରତିଥର ନ ମିଳିବାର ଜ୍ୱାଳା ଟିକକ ହିଁ ମିଳୁଥାଏ । ଶୂନ୍ୟପ୍ରାୟ ଲାଉତୁମ୍ବାଟି ଅନନ୍ତ ଯାତଞ୍ଚାରେ ଭିକ୍ଷା କରି ଚାଲିଯାଏ ।

ଅପରପକ୍ଷ କିନ୍ତୁ କହନ୍ତି ଯେ ଆମେ ଖୁବ୍ ପାଉଁ । ଜୀବନ-ପାତ୍ରଟି ଅହରହ ବହୁରସରେ ପରିପୂର୍ଣ୍ଣ ହେଉଥାଏ । ଆମେ କେବଳ ତାକୁ ଠିକ୍ ଗ୍ରହଣ କରିପାରୁନା, ତାକୁ ସ୍ୱୀକାର କରିପାରୁନା ବୋଲି ପ୍ରକୃତରେ ଅର୍ଦ୍ଧପୂର୍ଣ୍ଣ ପାତ୍ରଟି ହିଁ ଆମକୁ ଅର୍ଦ୍ଧଶୂନ୍ୟ ଜଣାପଡ଼େ । ଅଖଣ୍ଡ ସୂର୍ଯ୍ୟାଲୋକ, ବିମଳ ଚନ୍ଦ୍ରିକା, ଅକୃପଣ ବର୍ଷାଧାର, ଋତୁଚକ୍ରର କ୍ରମାନ୍ୱୟ ଅବଦାନ - ଏ ବିପୁଳା ବସୁନ୍ଧରାର ଅମାପ ଐଶ୍ୱର୍ଯ୍ୟ, ଏ ଆକାଶ, ଏ ଝରଣା, ଏ ଇନ୍ଦ୍ରଧନୁ, ପ୍ରତି ବସନ୍ତର ଏ ସୁମନ-ବିସ୍ମୟ ଆମେ କେବେ କୃତଜ୍ଞତାର ସହିତ ଗ୍ରହଣ କରିପାରିନାହୁଁ । ସ୍ୱୀକାର କରିନାହୁଁ ଯୁଗଜନ୍ମା ଋଷିମାନଙ୍କର ମନ୍ତ୍ରମୟୀ ଆଶୀର୍ବାଣୀ । ବାହୁପ୍ରସାରି ନେଇପାରିନାହୁଁ କୌଣସି ପ୍ରତିବେଶୀର ସୋଦରଭାବ, ପ୍ରଣୟିନୀର ଉଦାର ପ୍ରେମ-ସମ୍ଭାର, ସ୍ୱଜନ-ବାନ୍ଧବଙ୍କର ଯତ୍କିଞ୍ଚିତ୍ ମମତାର ସ୍ନିଗ୍ଧତା । ଏଣୁ ଆମେ ପାଉ ନା ନୁହେଁ - ବରଂ ଢେର୍ ପାଉ - କିନ୍ତୁ ତାକୁ ନେଇ ଜାଣୁ ନା - ସେଥିରେ ନିଜକୁ ଶ୍ରୀମନ୍ତ କରିପାରୁନା । ଅଭାବର ତାଲିକା କରୁଥିଲେ ଅଭାବ ମେଣ୍ଟେ ନାହିଁ, ଜ୍ୱାଳା ପ୍ରଶମିତ ହୁଏ ନାହିଁ । ଯାହା ନାହିଁ, ତା' ପାଇଁ ଅଶ୍ରୁ ବର୍ଷଣ କରିବା ଅପେକ୍ଷା ଯାହା ଅଛି ବରଂ ତାକୁ ସ୍ୱୀକାର କରିପାରିଲେ ଜୀବନ ଦୁର୍ବହ ହେବ ନାହିଁ ।

ତା ନୁହେଁ ଯେ, ଏସବୁ ରକ୍ତସ୍ରାବୀ ଘା'ଗୁଡ଼ାକ ଉପରେ କମ୍ବଳ ଘୋଡ଼େଇ ଦେଇପାରିଲେ, ପେଟରେ ଓଦାକନା ପକେଇଦେଇପାରିଲେ, ନଗ୍ନ ବୁଭୁକ୍ଷିତ ଜୀବନ-ଭାରକୁ ତ୍ୟାଗ-ତପସ୍ୟାର ମର୍ଯ୍ୟାଦା ଦେଇପାରିଲେ ନିଜେ ସୁଖୀ ହୁଅ ନ ହୁଅ, ସମାଜର ସନ୍ତୁଷ୍ଟ ଗୋଷ୍ଠୀଟି ଅନ୍ତତଃ ନିଷ୍କଣ୍ଟକ ଭୋଗ କରିଯାଇପାରିବେ । ଯେଉଁ ପରମ ଐଶ୍ୱର୍ଯ୍ୟର ତାଲିକା କରାଗଲା, ସେଗୁଡ଼ିକ ତ ପ୍ରତ୍ୟେକ ଜୀବନରେ ଗରିଷ୍ଠ ସାଧାରଣ ଗୁଣନୀୟକରୂପେ ବିଦ୍ୟମାନ । ସେତକ ସମସ୍ତଙ୍କର ପ୍ରାପ୍ୟ ଏବଂ ତାହା ଅନସ୍ୱୀକାର୍ଯ୍ୟ, କିନ୍ତୁ ରୋକ୍ଠୋକ୍ ନିକିତି ଉପରେ ଆମେ ଯାହା ଖୋଜୁ ଏବଂ ଯାହା ପାଉ, ତରାଜୁ ଉପରେ ଥୋଇ କଣ୍ଟାକୁ ଅନାନ୍ତୁ । ଯଦି ଅଭାବର ଗୁରୁଭାର ଆଡ଼କୁ ଜୀବନର ମଥାନ ଅନିବାର୍ଯ୍ୟ ନଇଁଗଲା ତାକୁ କାହିଁକି ଲୁଚେଇବାର ଭାନ କରିବାକୁ ଯିବା । ଆମେ ଗୁଡ଼ିଏ ବିଡ଼ମ୍ବିତ

Digitized by srujanika@gmail.com

ଜୀବ, ନିଜଚର ତର୍କଜାଲରେ ନିଜକୁ କାହିଁକି ପୁଣି ବିଡ଼ମ୍ବିତ କରିବାକୁ ଯିବା ? ଆମେ ଯାହା ଦେଖୁଛୁ ତାହା ସିଧାସଳଖ ଦୁଇଆଖି ଖୋଲି ଅନେଇଲେ ଦିଶୁଛି । ଅପରପକ୍ଷ କିନ୍ତୁ ଚାହାନ୍ତି ଯେ ଆମେ ଡୋଳା କଡ଼ରେ ଆଙ୍ଗୁଠି ମଡ଼େଇଦେଲେ ଗୋଟାଏ ବସ୍ତୁ ହୁଏତ ଦୁଇଟା ହୋଇ ଦିଶିଯିବ ଏବଂ ତାହାହିଁ କୁଆଡ଼େ ପ୍ରକୃତ ଦର୍ଶନ ! ସେଭଳି ଖେଳପାଇଁ ଆମର ପ୍ରବୃତ୍ତି ନାହିଁ, ପ୍ରୟୋଜନ ମଧ୍ୟ ନାହିଁ । ଆମେ ଖୁବ୍ ନେଇ ଜାଣୁ, ଆମେ ବୁଭୁକ୍ଷୁ, ଏଣୁ ନେବାକୁ ଆପ୍ରାଣ ଚେଷ୍ଟା କରୁ । ସବୁ ଗ୍ରହଣ କରିସାରିଲା ପରେ ଯେଉଁଠି କିନ୍ତୁ ଅଭାବର ଅଗ୍ନି ଜଳୁଥାଏ, ତାକୁ ଅସ୍ୱୀକାର କରିପାରୁନା । ଯେଉଁ ଟିକକ ପାଇଥିଲେ ଜୀବନ ପୁଷ୍ଟବନ୍ତ ହୋଇପାରିଥାନ୍ତା ତାକୁ ଭୁଲିପାରୁନା, ଆମକୁ ସେ ଟିକକ କିନ୍ତୁ ମିଳେ ନାହିଁ ।

ତଥାପି ଆମେ ବୁଝିପାରୁଛୁ ଯେ ଖୋଜିବା ଏବଂ ପାଇବା ଦୁଇଟି ସ୍ୱତନ୍ତ୍ର ପ୍ରକ୍ରିୟା । ସେଥିରେ ଦୈବାତ୍ କାର୍ଯ୍ୟ କାରଣ ସମ୍ପର୍କ କୌଣସି ଲୁଚକାଳି ଖେଳ ଭିତରେ ହୁଏତ ଆସିଯାଇପାରେ । କିନ୍ତୁ ମୁଖ୍ୟତଃ ସେମାନେ ଅଲଗା । ଆମେ ଅହରହ ଖୋଜିଚାଲିଥାଉ । ସେଇଟା ଆମର ସହଜାତ ଧର୍ମ । ପାଉନା ସତ, କିନ୍ତୁ ନ ଖୋଜି ରହିପାରୁନା । ଏଇ ମୌଳିକ ଧର୍ମଟି ପ୍ରତି ମୁହୂର୍ତ୍ତରେ ନୂଆ ନୂଆ ବସ୍ତୁ ବା ବ୍ୟକ୍ତିକୁ କେନ୍ଦ୍ରକରି ରୂପ ନେଇଯାଏ । ଆମର ଯାହାକିଛି ଏଷଣା ଏହିଠାରେ ଜନ୍ମ ନିଏ । ବିତ୍ତ ପାଇଁ ବା ପୁତ୍ର ପାଇଁ ଯେଉଁ ଏଷଣା ଆମକୁ କର୍ମପ୍ରବୃତ୍ତ କରେ, ସେଗୁଡ଼ିକ କିଛିକାଳ ପର୍ଯ୍ୟନ୍ତ ଏଇ ଅଭାବ କେନ୍ଦ୍ରକୁ ଆବୋରି ରହିଥାନ୍ତି, କିନ୍ତୁ ସେ ଭୂମିରେ ପ୍ରତି ମୁହୂର୍ତ୍ତର ଇଚ୍ଛାଗୁଡ଼ିକ ମଧ୍ୟ ସ୍ଫୁରିତ ହେଉଥାନ୍ତି - ଆଜି ହୁଏତ କେଉଁଆଡ଼େ ଯାତ୍ରା କରିବାକୁ ହେବ । ଅମୁକକୁ ଦେଖାକରି ସମୁକ ବିଷୟରେ କହିବାକୁ ହେବ, ଇତ୍ୟାଦି । ଏଥିରୁ ଫାଳେ ଚଉଠେ ପୂରଣ ମଧ୍ୟ ହୋଇଚାଲିଥାଏ । କିନ୍ତୁ ପୂରଣ ହେବା ଅର୍ଥ ନୁହେଁ ଯେ ଅଭାବର ଅଗ୍ନି ସେଇଠୁ ଲିଭିଗଲା । ସେ ଲିଭେ ନାହିଁ । ସେ ଅନ୍ୟ ସମିଧକୁ ଆଶ୍ରୟ କରିଯାଏ କେବଳ ।

ଆମେ ସ୍ୱୟଂ ନିଜ ଜୀବନ କକ୍ଷରେ ଅଣାୟତ୍ତ ବୁଲିଲା ପରି, ଏ ସଂସାରରେ ବାକି ସବୁ ନିଜ ନିଜ ପନ୍ଥାରେ ବିତାଡ଼ିତ ହେଉଛନ୍ତି । କିଛି ପାଇଯିବା ହେଉଛି, ତାକୁ ଏ ଯାତ୍ରା ଭିତରେ ଥରେ ହୁଏତ ଛୁଇଁ ନେବା । ଏ ସଂଘାତ କେବଳ ସହଯାତ୍ରାର ଯଥାସମ୍ଭବ ପରିସର ଭିତରେ ହିଁ ହୁଏ । ତା'ପରେ ପରସ୍ପରଠାରୁ ଦୂରେଇଯିବା ଅନିବାର୍ଯ୍ୟ । ନଦୀରେ ପାଞ୍ଚଜଣ ପହଁରୁଛନ୍ତି । ସୁଅରେ ଅସଂଖ୍ୟ ଢେଉ ପହଁରୁଛନ୍ତି । ଜଣେ ଗୋଟିଏ ଢେଉକୁ ଛୁଇଁ, ଆଉ ଗୋଟିଏ ଢେଉକୁ ଚାହିଁ ରହେ । ଗୋଟିଏ ଢେଉ ଜଣକୁ ଛୁଇଁଦେଇ ଆର ଜଣକ ପାଖକୁ ପହଁରିଯାଏ । ଏ ଲହରୀଗୁଡ଼ାକ ଆମ ଆୟତ୍ତରେ ପହରନ୍ତି ନାହିଁ । ସେହିପରି ସଂସାରରେ ବାକି ସବୁ । ଘଣ୍ଟା ମିନିଟ୍‌ର ଚଟିଘରଗୁଡ଼ିକରେ ଆମେ ନିଃଶ୍ୱାସ ମାରି ଚାଲିଥାଉ । ସେଇଠି ଯେ କେହି ମିଳିଯାଇପାରେ ଏବଂ ଆମ ଚାହିଁବା ନ ଚାହିଁବା ଉପରେ ଏ ଘଟଣା ନିର୍ଭର କରେ ନାହିଁ ।

ଏଣୁ ଖୋଜିବା ନ ପାଇବା, ପାଇବା ହରାଇବା ଏକ ବିଷମ ଜ୍ୱାଳା । ସଂସାରର ସଦାଚଳମାନ ପୃଷ୍ଠଭୂମିରେ ଏଥିରୁ ନିସ୍ତାର ନାହିଁ । ବେଳେବେଳେ ପାଇବାର ଅକସ୍ମାତ୍ ସଂଘାତକୁ ଯେପରି

Digitized by srujanika@gmail.com

ବୁଝିହୁଏ ନାହିଁ, ଖୋଜିବାର ରୂପରେଖହୀନ ଜ୍ୱାଳାକୁ ମଧ୍ୟ ସେପରି ବୁଝିହୁଏ ନାହିଁ । ଖୋଜାଳି ଯଦି ଖୋଜୁଥିବା ପଦାର୍ଥର ନାମଗନ୍ଧ ସୁଦ୍ଧା ନ ଜାଣି ହାଉଳି ଖାଉଥାଏ, ତା'ପାଇଁ କ'ଣ ଉପାୟ ! ଘନିଷ୍ଠ ମୁହୂର୍ତ୍ତରେ କେହି ତାକୁ ହୁଏତ ପଚାରିଦିଏ, ''ହେ, ତୁମେ କ'ଣ ଖୋଜୁଛ ?'' ସେ କିଛି ସମୟ ବିହ୍ୱଳ ହୋଇ ଅନାଏ, ତା'ପରେ କହେ ''ମୁଁ ଜାଣେନା ।''- ଏ ବିରାଟ ବସ୍ତୁସଂଘ ଭିତରେ, ଏ ସମସ୍ତଙ୍କୁ ଅସ୍ୱୀକାର କରି, ଜୀବଧର୍ମର ଉର୍ଦ୍ଧ୍ୱରେ ଗୋଟାଏ ଅନାମଧେୟ, ଅଜ୍ଞାତ ଏବଂ ହୁଏତ ଅଜ୍ଞେୟ ଏବଂ ଅପ୍ରାପ୍ୟ କିଂଭୂତକୁ ଖୋଜିବା ବୋଧହୁଏ ସବୁଠାରୁ ବିରାଟ ବିଡ଼ମ୍ବନା । କିଛି ପାଇବା ତ' ସମ୍ଭବ ନୁହେଁ, କିନ୍ତୁ ଏ ନପାଇବାର ପରିସରଟି କେଡ଼େ ସୁବିଶାଳ ଏବଂ କେଡ଼େ ସମ୍ମାନନୀୟ ! ଏଇ ବିଶାଳତମ ନପାଇବାର ଅତି ଗମ୍ଭୀର ଶୂନ୍ୟତାକୁ ଜୀବନରେ ଧାରଣ କରିବା ହିଁ ହୁଏତ ଯଥେଷ୍ଟ ସାର୍ଥକତା ଏବଂ ଆଉ କିଛି ପାଇବା ଅପେକ୍ଷା ବହୁଗୁଣରେ ଶ୍ରେୟସ୍କର ।

❖❖❖

Digitized by srujanika@gmail.com

ଅନନ୍ୟ

ଖିଆଲୀ କୌଣସି ପିଲା ତା'ର କନିଅର ଛାଟ ଧରି କୌତୁକରେ ମାଛି ମାରୁଥିଲାବେଳେ ହୁଏତ ଅନୁଭବ କରେ ଯେ ସେ ଗୋଟିଏ ମାତ୍ର ମାଛିକୁ ହିଁ ବାରମ୍ବାର ମାରୁଛି । ତା' ଆଖିକୁ ଶହଶହ ମାଛି ଏକପ୍ରକାର ଦେଖାଯା'ନ୍ତି, ସମାନ ଦେଖାଯା'ନ୍ତି - ଯେକୌଣସି ଯୋଡ଼ିକୁ ତୁଳନା କଲେ ମଧ୍ୟ ଧାଡ଼ିବନ୍ଧା ପିମ୍ପୁଡ଼ି ପରି କିମ୍ବା ଇଉକ୍ଲିଡ଼୍‌ଙ୍କ ତ୍ରିଭୁଜ ପରି ସେମାନେ ସର୍ବତୋଭାବେ ସମାନ । ଖୁବ୍ ନିଘା କରି ଅନେଇଲେ ବା ଯନ୍ତ୍ର ଖଞ୍ଜି ପରୀକ୍ଷା କଲେ ହୁଏତ ଦିଶନ୍ତା କାହା ନିଶ କଟରା ତ ଆଉ କାହା ନିଶ ଭୁରୁଭୁରୁ । ଗୋଟିଏ ଆରଟାଠାରୁ ଅନେକ ଭିନ୍ନ, ମଣିଷ ଭଳି । କିନ୍ତୁ ମଣିଷ ଭଳି ସେମାନଙ୍କୁ ମଧ୍ୟ ଅଲଗା କରି ବାରିବାର ପ୍ରୟୋଜନ ନାହିଁ । ଖଳାବାଡ଼ିର ବିରି ବା କୋଳଥ ପରି ଲକ୍ଷ ସଂଖ୍ୟାରେ ଏ ଫୁଂଙ୍ଗୁଳା କାଳିଆ ମଣିଷଗୁଡ଼ିକ । ସଂଜ୍ଞାହୀନ, ବୈଶିଷ୍ଟ୍ୟହୀନ ବେଳାଭୂମିର ଏକାକାର ବାଲିଗୁଡ଼ିଏ, ବିସ୍ତୀର୍ଣ୍ଣ ପଡ଼ିଆରେ ଦୁବଗୁଡ଼ିଏ, ଖିଆଲୀ କନିଅର ଛାଟ ତଳେ ଅତର୍କିତ ମରିଯାଉଥିବା ମାଛିଗୁଡ଼ିଏ ଏମାନେ ।... ବାଲି ଉପରେ ପିରାମିଡ୍ ଚୂଳକୁ ବା ଆସ୍ୱାନ୍ ବନ୍ଧ ଉପରକୁ ପଥର ଘୋଷାରିଲାବେଳେ, କୋଣାର୍କର ଗୟଳ ଉପରେ 'ବଡ଼ସିଂହ' ଉଠାଇଲାବେଳେ କିମ୍ବା ହୀରାକୁଦ ପିଠିରେ ମାଟି ପକାଇଲାବେଳେ ହୁଙ୍କାତୋଳା ଉଇପରି ଏମାନେ ଝାଳ ଝରାଉଥା'ନ୍ତି, ମଧୁବାହୀ ମାଛି ଭଳି ଶ୍ରମ କରୁଥା'ନ୍ତି ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ । ଏମାନଙ୍କୁ ଫାରୋ ବା ଗଜପତି ସମ୍ରାଟମାନେ ମଜୁରୀ ଦିଅନ୍ତି । ନାଦିରଶାହ, ତୈମୁରଲଙ୍ଗଙ୍କର ମଧ୍ୟ ଦାୟିତ୍ୱ ଏମାନଙ୍କୁ ଖୋରାକ ଯୋଗାଇଦେବା ଏବଂ ସେଇ ଆଳରେ ଦିଲ୍ଲୀ ରାଜଧାନୀ ଲୁଣ୍ଠନ କରିବା । - ସଂଜ୍ଞାହୀନ ଶସ୍ତା ବନ୍ଧୁକ ପରି ସଂଖ୍ୟାବାଚୀ, ପରସ୍ପରଠାରୁ ଅଭିନ୍ନ ଜନସାଧାରଣ ଏମାନେ । ବାତ୍ୟାରେ ଦଶ ହଜାର, ମରୁଡ଼ିରେ ପନ୍ଦର ହଜାର, ବନ୍ୟାରେ ପାଞ୍ଚ ହଜାର ଏମାନେ ମରିଯାଆନ୍ତି - ଯେମିତି ମରିଯାଆନ୍ତି ଗୋରୁ, ମଇଁଷି ବା ଛେଳି । ଶାସନ ଯନ୍ତ୍ରକୁ ଖୁବ୍ କଷାକଷି କଲେ ହୁଏତ ସେ ଭିତରୁ କାହା ବିଷୟରେ ବିଶେଷ ଖବର କିଛି ମିଳିଯାଇପାରେ । ଯଥା - ନାମ-ଗେଲି ମିର୍ଦ୍ଧା, ପିତା - ଧର୍ମା ମିର୍ଦ୍ଧା, ବୟସ ଚଉଦ ! ବାଆସ୍ ! ତା'ପରେ ''ସରବୁ ସାଉଁତା''ର ନାଁ ଲିଭିଗଲେ ସେ ଯେମିତି ସେଇ ନୀରବ ଅରଣ୍ୟରେ ଅନାମଧେୟ ଉଦ୍ଭିଦ ହୋଇଯାଏ, ସେହିପରି ଏମାନେ ଓ ବାକି ସମସ୍ତେ ।

କିନ୍ତୁ ସେ ଯେଉଁ ଉଚ୍ଚ ସିଂହାସନ ଉପରେ ବସିଛନ୍ତି 'ତୁତାଙ୍ଖାମନ୍', ଯାହାଙ୍କ ମୁକୁଟରେ ବୈଦୁର୍ଯ୍ୟନ ସାପ ଫଣା ଟେକି ରହିଛି, ସେ ବୋଧହୁଏ ସେପରି ନୁହନ୍ତି । ସେପରି ନୁହନ୍ତି,

Digitized by srujanika@gmail.com

କାରଣ ସେ ମରିଗଲେ ତାଙ୍କ ଦେହଟିକୁ ଘୋଡ଼େଇ ରଖିବା ପାଇଁ ସୁନାଖୋଳ ତିଆରି ସରିଛି । ପାଣି ପବନ ବାଜିବ ନାହିଁ ବୋଲି ସାତଶ' ଫୁଟ ଉଚ୍ଚ ପିରାମିଡ଼ ତିଆରି ସରିଛି । ଗୋଟାଏ ଚୁକ୍ତି ହୋଇସାରିଛି ଯେ, ମଣିଷ ବଞ୍ଚିଥିବା ପର୍ଯ୍ୟନ୍ତ ସେ ସୁନାଖୋଳଟିକୁ କାନ୍ଧେଇବାକୁ ବାଧ୍ୟ ଏବଂ ଇତିହାସର ସେ ପ୍ରାଚୀନ ପୃଷ୍ଠାରୁ ପୁରୁଷାନୁକ୍ରମେ ସେଇ ନାଁଟିକୁ ମୁଖସ୍ଥ କରିବାକୁ ବାଧ୍ୟ ! ଆଉ ସେ ଯେଉଁ ଆରଜଣକ... ଯାହାଙ୍କ ଘୋଡ଼ା ସବୁଠୁ ଜୋରଦାର୍, ବନ୍ଧା ବିଜୁଳି ପରି ଅସ୍ଥିର, ଯାହାର ଗଣ୍ଡିରେ ଦାମୀମଦ ମାଲିସ କରାହୁଏ ! ପୁଚ୍ଛରେ ଢାଳିଦିଆହୁଏ ପାରସ୍ୟ ଅତର, ଯାହାଙ୍କ ବିଳାସ ମନ୍ଦିରର ଭିତ୍ତିଭୂମିରେ ସ୍ୱପ୍ନର ଅଙ୍କୁର ଉଜ୍ଜୀବିତ ହେବାପାଇଁ ପାମିର ଶିଖରରୁ ପ୍ରଶାନ୍ତ ବେଳାଭୂମି ପର୍ଯ୍ୟନ୍ତ ସମଗ୍ର ଭୂଖଣ୍ଡର ଐଶ୍ୱର୍ଯ୍ୟ ଲୁଣ୍ଠିତ ହୋଇ ଆସେ, ସେହି ସେ ମହାମହିମ 'କୁବଲାଇ ଖାଁ'କୁ କ'ଣ ସାଧାରଣ କୁହାଯାଇପାରେ ?... ପୁଣି ପୃଷ୍ଠା ଲେଉଟାନ୍ତୁ - ସାମ୍ରାଜ୍ଞୀ ନେଫାର୍‌ଟିଟି, ଜାରିନା କାଥାରିନା, ଏଲିଜାବେଥ୍ ଓ ଭିକ୍ଟୋରିଆ ! - ଏମାନଙ୍କୁ କ'ଣ ସାଧାରଣ କୁହାଯାଇପାରେ ? ସେମାନଙ୍କ ପାଲଟା ପୋଷାକ ପରା ଜାତୀୟ ସମ୍ପଦରୂପେ ଗଚ୍ଛିତ ରହିଛି ! ସେମାନଙ୍କ ଜୀବନର ପ୍ରତିଟି ଦିନ ବିଷୟରେ ଜ୍ଞାନ ଅର୍ଜନ କରିପାରିନଥିବା ଯୁବକଟି ପରା ଅଶିକ୍ଷିତ, କିରାଣୀ ହେବାକୁ ମଧ୍ୟ ଅନୁପଯୁକ୍ତ ! ଏଣୁ ଏ ସମସ୍ତେ ନିଶ୍ଚୟ ଅସାଧାରଣ - ଏ ସମସ୍ତ ଆଲେକ୍‌ଜାଣ୍ଡାର, ଅଶୋକ ଏବଂ ଆକବରମାନେ । ସେହିପରି ଅସାଧାରଣ ହେଉଛନ୍ତି ହୋମର, ଭର୍ଜିଲ, ଦାନ୍ତେ, ବ୍ୟାସ, ବାଲ୍ମୀକି ଓ କାଳିଦାସ ପ୍ଲାଟୋ, ଶଙ୍କର, ସକ୍ରେଟିସ୍, ବୁଦ୍ଧ - ଏମାନେ ଅବଶ୍ୟ ଅସାଧାରଣ, ଅନନ୍ୟ । କାଳ ବକ୍ଷରେ କାମାର୍ତ୍ତ ଆଷାଢ଼ର ପ୍ରଥମ ଦିବସ ପରି, ଦେଶ ବକ୍ଷରେ କସ୍ତୁରିତ କାଶ୍ମୀର ପରି ଏମାନେ ଅନନ୍ୟ ।

ଯା'ପରେ କିନ୍ତୁ ଇତିହାସର ବିରୁଡ଼ି ଘର ଗର୍ଜିଉଠେ । ପ୍ରତି ପୃଷ୍ଠାରେ ପ୍ରତିବାଦର ସ୍ୱର । ଅସଂଖ୍ୟ ମୁକୁଟ ଅମାନରେ ଥରିଉଠନ୍ତି, ଚହଟିଉଠନ୍ତି, ଅସଂଖ୍ୟ ଅସ୍ଥିଚର୍ମର ଭାର ଉତ୍‌ଫଣ ନାଗପରି । ଦାବୀହୁଏ ଯେ ଏ ତାଲିକା ବନ୍ଦ । ଚଷମା ତଳୁ ହିଗେଲ୍, ସପେନ୍‌ହର ଏ ପ୍ରତିବାଦକୁ ସମର୍ଥନ ଜଣାନ୍ତି । ରାମାନୁଜ, ବଲ୍ଲଭ, ଶ୍ରୀହର୍ଷ, ଅଶ୍ୱଘୋଷ, ଲାଓଜେ ସମସ୍ତେ ଉଠିପଡ଼ନ୍ତି ତାଲିକାଭୁକ୍ତ ହେବା ପାଇଁ । ଗୋଷ୍ଠୀ, ସମ୍ପ୍ରଦାୟ, ପରିବାର, ଧନ, ମାନ, ଜ୍ଞାନ, ପ୍ରତିପତ୍ତି, ଖାତିରରେ ଅଭିଯୋଗ ହୁଏ, କୋଳାହଳ ହୁଏ । ଅଗଣିତ ଜନସମୁଦ୍ରର ପ୍ରତ୍ୟେକ ବିନ୍ଦୁ ଆହତ ଅଭିମାନରେ ହୁଙ୍କାରି ଉଠେ । ଇତିହାସର ପ୍ରଥମ ପୃଷ୍ଠାଠାରୁ ଅଧୁନାତନ ଅସଂଖ୍ୟ ଛବିବହୁଳ ମନ୍ତ୍ରୀତାନ୍ତ୍ରିକ ଶାସନ ପୃଷ୍ଠା ପର୍ଯ୍ୟନ୍ତ ଅଖଣ୍ଡ ପଟୁଆର ଝଣ୍ଡା ଟେକି ସିଧାସଳଖ ସେ ତାଲିକା ଭିତରକୁ ପଶିଯାଆନ୍ତି । 'ଆପଣ କିଏ' ବୋଲି ପଚାରିଦେବାକୁ ଯୁ ନାହିଁ, ପ୍ରୟୋଜନ ମଧ୍ୟ ନାହିଁ ।.ଧଳା କାଗଜ ଉପରେ ଏ ପଟୁଆର ଧାଡ଼ିଗୁଡ଼ିକ ଲାଖିଯାଆନ୍ତି । ଗୁଡ଼ିଏ କଳା ଅକ୍ଷରର ଅଙ୍କାବଙ୍କା ଗାର ତଳେ ମୃତ ଅତୀତ ପୁଣି ଅବିଚଳିତ ଶୋଇଯାଏ । ଶୂନ୍ୟ ପଡ଼ିଆ ଉପରକୁ ବହୁ ଘର୍ମାକ୍ତ ପାଇକ ନିଜ ନିଜ ଧାଡ଼ିରେ ଚାଲିଆସି ଠପ୍‌କିନା ନିଶ୍ଚଳ ହୋଇଯା'ନ୍ତି । ତାଲିକା ବଢ଼ିଚାଲେ । ନଥିଖାତା ଲାଗିଯାଏ ତୁଳିକୁ ।

Digitized by srujanika@gmail.com

ପଟୁଆର ଏମିତି ଗୋଟିଏ ବଢିଲା ନଈପରି ସୁ' ସୁ' କୁଢେଇ ହେଲାବେଳେ ଅକସ୍ମାତ୍ ବିସ୍ମୟରେ ପ୍ରଶ୍ନ ଶୁଭେ, ''କିଓ 'କୁନା ପଣ୍ଡା', 'ଗଜି ଧରୁଆ', 'ସପନି ସାସମଲ' ତୁମେ ସବୁ କୁଆଡ଼େ ?'' ଉତ୍ତରରେ କିଛି ଫାତୁଙ୍ଗା ଅପମିଶ୍ରଣର ହସ । ନଈର ସୁଅ ଆହୁରି ଓସାରି ହୋଇଯାଏ । ଆହୁରି ପ୍ରଚଣ୍ଡ ବେଗରେ ସେ ଅଜାଡ଼ି ହୋଇଯାଏ । ହଠାତ୍ ସେ ଭିଡ଼ ଭିତରୁ ଶୁଭେ କିଛି ଟାପୁ ଶବ୍ଦ ଏବଂ ଖୁବ୍ ଅଭିଜାତ ଠାଣିରେ ଗୁଡ଼ିଏ ଘୋଡ଼ା ପୁଚ୍ଛ ଦୋହଲାଇ, ସେମାନଙ୍କର ହୀରାଖଚିତ ଜିନ୍ ଲଗାମ୍ ଚମକାଇ ଚାଲିଯା'ନ୍ତି, ଉଚ୍ଚୈଃଶ୍ରବା, ରକ୍‌ସ ଏବଂ ଚୈତକ । ତାଙ୍କ ପଛକୁ ଅନେକ ଧୂଳି ଏବଂ ଅଗଣିତ ଘୋଟକଙ୍କର ପୁଚ୍ଛ । ମଝିରେ ମଝିରେ ହୁଏତ ଶୁଭେ 'ଆମେ ସୈନ୍ଧବ', 'ଆମେ ଓ୍ୱେଲର', 'ଆମେ ପାରସ୍ୟ', 'ଆମେ ମହାରାଷ୍ଟ୍ରୀୟ ଟଟ୍ଟୁ' ।... ତାଲିକାର ତୋରଣ ଦ୍ୱାର ଆହୁରି ଉନ୍ନତ, ଆହୁରି ବିସ୍ତାରିତ ହୋଇଯାଏ । ଆଦିଗନ୍ତ ବ୍ୟାପିଯାଏ ପଟୁଆରର ସୁଅ ।... ହେଇ ସେ ଦୂରରେ ଥୋଡ଼ପାହାର ଟେକି ପଳାସିଯାଉଥିବା କରିଯୂଥ ବୋଧହୁଏ ଆଫ୍ରିକା ମହାଦେଶର ।... ଓଟ, ଅଷ୍ଟ୍ରିଚ୍ ଭାଲୁଙ୍କର ଥାକ ଥାକ ଅସାଧାରଣ ବର୍ଗଗୁଡ଼ିକ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ପହଁରି ଆସନ୍ତି । ଆକାଶଯାକ ବ୍ୟାପ୍ତିଯାଆନ୍ତି ଈଗଲଠାରୁ କୋଚିଲାଖାଇ ପର୍ଯ୍ୟନ୍ତ ଅସଂଖ୍ୟ ପକ୍ଷୀ, କଳା, ଧଳା, ନାଲି, ନେଳି ଦଳ ଦଳ ବହୁ ହରରଙ୍ଗୀ ଚଢେଇ। ବୁକୁ ବାଡ଼େଇ ଗରିଲା ମାଡ଼ିଆସନ୍ତି ଏବଂ କୁଦାମାରି ଚହଟି ଆସନ୍ତି ଗୋଲାଙ୍ଗୁଳା କଳାମୁଖା ଅଗଣିତ କପିକୁଳ । ଫୁ' ଫୁ-କାର କରି ଅହିରାଜ, ଚମ୍ପା, କୋଳଥିଆ, ଅଜଗର ଆଦି ସରୀସୃପ ପ୍ରସରିଯାଆନ୍ତି । ସୁଅ ତେଜି ଯାଏ । ଘୁ' ଘୁ' ଗର୍ଜିଉଠେ ଅକଳ୍ପନୀୟ ଥାଟ । ହିମାଳୟ, ବିନ୍ଧ୍ୟ, କକେସସ୍, ଆଣ୍ଡିଜ ମାଡ଼ିଆସନ୍ତି । ଆକାଶରେ ଘୋଟି ଆସନ୍ତି ପୁଷ୍କରାବର୍ତ୍ତକ ଅଭିଜାତ ମେଘ ସମ୍ପ୍ରଦାୟ । ମାତି ଉଠେ ସମଗ୍ର ଜଗତ୍ । ମହାସାଗର ସବୁ ଗମ୍ଭୀର ମୁଦ୍ରାରେ ସେମାନଙ୍କର ବିପୁଳବପୁ ଲୀଳାୟିତ କରି ପଟୁଆରରେ ଯୋଗ ଦିଅନ୍ତି । ଯୋଗଦିଅନ୍ତି ବିକ୍ଷିପ୍ତ ଗ୍ରହ, ନକ୍ଷତ୍ର, ତାରକା, ସୂର୍ଯ୍ୟ, ଚନ୍ଦ୍ର ଏବଂ ଆକାଶ । ଯୋଗଦିଅନ୍ତି ପ୍ରତ୍ୟେକ ନଦ, ନଦୀ, ସମୁଦ୍ର, ପ୍ରତ୍ୟେକ ବେଳା ଏବଂ ବେଳାଭୂମିର ପ୍ରତ୍ୟେକ ଧୂଳିକଣା । ଯୋଗଦିଅନ୍ତି ସମସ୍ତ ଅରଣ୍ୟ ଓ ପ୍ରାନ୍ତର, ପ୍ରତ୍ୟେକ ଉପତ୍ୟକାର ଅସଂଖ୍ୟ ଉଦ୍ଭିଦ, ଉଦ୍ଭିଦର ପ୍ରତ୍ୟେକ ପତ୍ର ଏବଂ ପତ୍ରର ପ୍ରତ୍ୟେକ ଶିରା । ପଦ୍ମ, ପାରିଜାତ, ଅତସି, କଦମ୍ବ ସହିତ ଅଗଣିତ ପୁଷ୍ପ ଯୋଗଦିଅନ୍ତି । ପ୍ରତିଟି ପୁଷ୍ପ ଗର୍ଭର ପ୍ରତ୍ୟେକ ପରାଗରେଣୁ, ପ୍ରତ୍ୟେକ ଗନ୍ଧତରଙ୍ଗ ଯୋଗଦିଅନ୍ତି । ତୋରଣ ବ୍ୟାପିଯାଏ ଦୃଶ୍ୟମାନ ଆକାଶର ପରପାରିକୁ । ଗର୍ଜନ ଘନ ଗମ୍ଭୀର ହୋଇ ଆସ୍ତେ ସମାହିତ ହୋଇଯାଏ କୌଣସି ଧ୍ୱନିବଳୟର ଏପାରି ଆକାଶରେ ଏବଂ ଆଲୋକରେଖା ତିମିରିତ ମହାକାଶରେ ଅବାରିତ ଖୋଜି ବୁଲେ କୌଣସି ବସ୍ତୁରେଣୁ ।

ପରାସ୍ତ ଲେଖନୀଟି ବହୁକାଳୁ ବିସ୍ମୟ ବିମୂଢ ହୋଇ ଶୋଇସାରିଥାଏ । ସ୍ୱୟଂକ୍ରିୟ ତାଲିକା ପୃଥିବୀର ପରିସର ଅତିକ୍ରମ କରି ବହୁକାଳୁ ମହାଜଗତର ପ୍ରାନ୍ତ ଦେଶରେ କୌଣସି ଦୀର୍ଘାୟତ ବେଳାଭୂମିର ତରଙ୍ଗ ପରି ଗୁଡ଼େଇ ହେଉଥାଏ । ଚେତନାର ଆଉ ଗୋଟିଏ ସ୍ତରରୁ ସୂକ୍ଷ୍ମ ଗୁଡ଼ିଏ ସୌମ୍ୟରୂପ ଆସି ଠିଆ ହୁଅନ୍ତି - ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଦୀପ୍ତିମାନ ପାଣ୍ଡବ ଏବଂ ଯଦୁକୁଳ, ନନ୍ଦ-

Digitized by srujanika@gmail.com

ଯଶୋଦା ଏବଂ ଗୋପୀ, ନଳ, ନୀଳ, ସୁଷେଣ, ଜାମ୍ବବାନ ଏବଂ ତ୍ରେତୟା ଯୁଗର ମହାବଳଶାଳୀ ଯୋଦ୍ଧୃକୁଳ । ଠିଆ ହୁଅନ୍ତି ବୃଷସ୍କନ୍ଧ ଦିଲୀପ ଏବଂ ସୂର୍ଯ୍ୟତେଜା ରଘୁ, ଆୟତନେତ୍ର ଶୀର୍ଣ୍ଣବପୁ କାମାର୍ତ୍ତ ବିରହୀ ଯକ୍ଷ ଏବଂ ଅଳକାପୁରୀର ମଳିନବସନା ବିଷର୍ଣ୍ଣା ଯକ୍ଷବଧୂ । ଠିଆହୁଅନ୍ତି ହେକ୍ଟର, ଏକିଲିସ୍, ଓଡ଼ିସିଅସ୍, ଏନିଜ୍, ଆର୍ଥର ଏବଂ ଆଥେଲ୍ଲୋ । ସେମାନେ ସମସ୍ତେ ଭଦ୍ର, ସମସ୍ତେ ଅନନ୍ୟ । ବିଶିଷ୍ଟତାରେ ଶାଣିତ ସେମାନଙ୍କର ତୀବ୍ର ବ୍ୟକ୍ତିତ୍ୱ ଜଳିଉଠୁଥାଏ । ହାମ୍‌ଲେଟ୍ ବା ଡାକ୍ତର ଫଷ୍ଟସ୍ ଖୁବ୍ ଶାଳୀନ ଏବଂ ମାର୍ଜିତ ଭାଷାରେ ହୁଏତ କହନ୍ତି – 'ଆଜ୍ଞା, ଆମେ ସମସ୍ତେ ମାନବ ମନର ଅମୃତ ସନ୍ତାନ । ତା'ର ଅନ୍ତରର ସୃଜନଶୀଳ ବେଦନା କେନ୍ଦ୍ରରେ ତା'ର ଅମୃତାୟିତ କବିକେନ୍ଦ୍ରରେ ଆମର ଜନ୍ମ । ଆମର ଜନୟିତା ହୁଏତ ଚାଲିଯାଆନ୍ତି । ଆମେ କିନ୍ତୁ ତାଙ୍କର କୀର୍ତ୍ତି ଦୀପ ଜାଳି ରଖିଥାଉ । ଆମେ ମନ ରାଜ୍ୟର ଜୀବ । ଆମେ କିନ୍ତୁ ପ୍ରତ୍ୟେକେ ଅନନ୍ୟ, ଅସାଧାରଣ ।' ଆହୁରି ଗୋଟିଏ ସ୍ତର ଉପରୁ ଆସନ୍ତି ଦେବ ଦେବୀ, ଅନେକ ରୂପ, ଅନେକ ବର୍ଣ୍ଣ, ଅନେକ ଜ୍ୟୋତିର୍ମଣ୍ଡଳର ପ୍ରସ୍ତ ପ୍ରସ୍ତ ଆଭାସ । ସେମାନଙ୍କର ସ୍ୱତଃସିଦ୍ଧ ଅନନ୍ୟତାରେ ମୁକ୍ତାଫଳ ପରି ସେମାନେ ଜଳ ଜଳ । ... ଆସନ୍ତି ଭାବରାଜ୍ୟରୁ ଭକ୍ତି, ପ୍ରେମ, ଜ୍ଞାନ ! – ସତ୍ୱ, ରଜ, ତମ । ଆବେଗ ରାଜ୍ୟର ସୂକ୍ଷ୍ମ ପ୍ରଚ୍ଛନ୍ନ ସହସ୍ର ଭାବରାଜି । ଏକେ ଏକେ ଅନନ୍ୟ । ବାକ୍ ଅନନ୍ୟ, ଶ୍ରୁତି ଅନନ୍ୟ, ଦୃଷ୍ଟି ଅନନ୍ୟ । ସ୍ପର୍ଶ, ପ୍ରାଣ, ରସ ସମସ୍ତେ ଅନନ୍ୟ ।

ହଠାତ୍ ସବୁ ଲିଭିଯାଏ । ସରିଯାଏ ପଟୁଆର, ତା'ର ସେ କୋଳାହଳ ଏବଂ ଗତିର ତୀବ୍ରତା । ସବୁ ଠକ୍‌କିନା ଗୋଟିଏ ମାତ୍ର ପାରଦ ଟୋପାପରି ଆସ୍ତେ ଗଡ଼ିଯାଏ କେଉଁଆଡ଼େ । ତା'ପରେ ସେ ଯେଉଁ ଘନ ସାନ୍ଦ୍ର ବିଶାଳ ନୀରବତା ଏବଂ ବ୍ୟାପ୍ତି ଆସିଯାଏ, ସେ ବୋଧହୁଏ ନିସ୍ତରଙ୍ଗ ମହାକାଳ ବା ସ୍ୱୟଂ ଅନନ୍ୟତା, କୌଣସି ଦୁର୍ବିଜ୍ଞେୟ, ଅଖଣ୍ଡ, ଅଦ୍ୱୈତ ।

ଏହିପରି ଅଣିୟାନ୍‌ଠାରୁ ମହିୟାନ୍ ପର୍ଯ୍ୟନ୍ତ, ନଗଣ୍ୟଠାରୁ ଅନନ୍ୟ ପର୍ଯ୍ୟନ୍ତ ମହାଜାଗତିକ ସ୍ରୋତରେ ପହଁରିଯାଉଥିବାବେଳେ ବସ୍ତୁ, ବ୍ୟକ୍ତି ଓ ସ୍ୱପ୍ନର ପଛଆଡ଼େ କାଳ ମଧ ଅସ୍ଥିର ଜଣାପଡ଼େ । ଅନେକ ବିଶିଷ୍ଟ ତାରିଖ, ବର୍ଷ, ମାସ ଶିଖା ଟେକି ନିଜ ନିଜକୁ ଜାହିର କରନ୍ତି । ଘଣ୍ଟାର ଟିକ୍ ଟିକ୍ ପରି ଅହରହ ବୋହିଯାଉଥିବା ଅଜସ୍ର ମୁହୂର୍ତ୍ତଗୁଡ଼ିକ ଶୂନ୍ୟଗର୍ଭ, ଘଟଣାହୀନ ନଗଣ୍ୟ ବିନ୍ଦୁଗୁଡ଼ିଏ । ବାକି କିନ୍ତୁ ଢାଲ ତରବାରୀ ଧରି ଅଭିଜାତ ନିଶ ମୋଡୁଛନ୍ତି ୧୫୨୬, ୧୮୫୭ ଏବଂ ୧୯୪୭ । ସମସ୍ତେ ସମସ୍ୱରରେ କହୁଛନ୍ତି, 'ମୋ ଭଳି କେହି ଅଛି କି ?' ଉତ୍ତର ଆସେ 'ନା' । ଏଠି କେହି କାହାଭଳି ନାହିଁ, ହୁଏତ ସେମିତି ଟିକିଏ ଦିଶିଯାଇପାରେ, କିନ୍ତୁ ''ଏହା'' କଦାପି ''ତାହା'' ନୁହେଁ । ଏକମୁଖିନୀ ଧାରାରେ ପୁନରାବୃତ୍ତି ନାହିଁ । ଏଭଳି ଯେକୌଣସି ଘଟଣା ଦୁଇଥର ଘଟିବା ସମ୍ଭବ ନୁହେଁ । ନଦୀର ଯେକୌଣସି ଧାରରେ ଦୁଇବାର ପ୍ରବେଶ କରିବା ସମ୍ଭବ ନୁହେଁ । ଅସଂଖ୍ୟ ଶତାବ୍ଦୀର ଢେଉ ଭିତରେ ପ୍ରତ୍ୟେକ ମୁହୂର୍ତ୍ତ ଅନନ୍ୟ, ପ୍ରତ୍ୟେକ ଘଟଣା ଅନନ୍ୟ । କୌଣସି ବଣମାଳତୀ ଝରିଯିବାଠାରୁ ଆଲେକ୍‌ଜାଣ୍ଡାର ଟଳିପଡ଼ିବା ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣାର ଆଉ ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ – ନାହିଁ ଅର୍ଥାତ୍ ନାହିଁ, ନ ଥିଲା ଏବଂ ନୋହିବ । କାଳର ବ୍ୟାପ୍ତି ଭିତରେ ୧୯୭୩

Digitized by srujanika@gmail.com

ମସିହା ଜୁନ୍ ତିନି ତାରିଖ ଆଉଥରେ ଆସିବ ନାହିଁ କିମ୍ବା ଆସିନଥିଲା । ସେହିପରି ଏହି ନିଶୂନ ସକାଳେ ସେ ଶଗଡ଼ଟି ଆଉ ଯିବ ନାହିଁ କିମ୍ବା ଯାଇନଥିଲା । ଅବାରିତ ସ୍ରୋତରେ ଯାହା ଥରେ ଭାସିଗଲା ସେ ଗଲା । ଏଣୁ ଏ ସମସ୍ତ କୌଣସି ଗୋଟିଏ ପ୍ରଚ୍ଛନ୍ନ ସୂତ୍ରରେ ମଣିମାଳ ପରି ହୁଏତ ଗୁନ୍ଥି ହେଉଛନ୍ତି, କିନ୍ତୁ ସେହି ମଣିପରି ପ୍ରତ୍ୟେକଟି ବର୍ତ୍ତୁଳ, ଅସଂପୃକ୍ତ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ଅନନ୍ୟ । ଅବଶ୍ୟ ଏ ସ୍ରୋତରେ କିଛି ଆସିଗଲା ବୋଲି ସିନା ଲିଭିଗଲା ଏବଂ ଅନନ୍ୟ ବୋଲି ଜଣାଗଲା, ତେବେ ସେ ଆସେ କେଉଁଠୁ ? ତା'ର ଉଦୟ ହୁଏ କିପରି ? ଜୁନ୍ ତିନି ତାରିଖ ଆସିବା ପୂର୍ବରୁ କେଉଁଠି ଥିଲା ? ସେ କ'ଣ ପୃଥିବୀର ଆହ୍ନିକ ଗତିରେ ଲୁଚିଥିଲା, କି ସୂର୍ଯ୍ୟର ସ୍ଥିତି ଭିତରେ ଲୁଚିଥିଲା ? ବା ଏ ବସ୍ତୁ ସଂଗ୍ରହ ବାହାରେ ଆଉ କେଉଁ ଅନାମଧେୟ ଅପ୍ରକଟ ଅନ୍ଧାର ଭିତରେ ଥିଲା ? ତା'ର ଉତ୍ତର ଜ୍ଞାନୀଜନେ ହିଁ ଦିଅନ୍ତୁ । ... ତାଙ୍କ ଭିତରୁ ଜଣେ କିନ୍ତୁ ଭାରି ରୋକ୍‌ଠୋକ୍ କହନ୍ତି - ''ଥିଲା ନୁହେଁ ବା ଥିବ ନୁହେଁ, ତାହା କେବଳ ଥାଏ । - ମାନେ ଗତି ମିଥ୍ୟା, ଏକ ଏବଂ ଅଖଣ୍ଡ ସ୍ଥିତି ହିଁ ସତ୍ୟ । ଏ ସମସ୍ତ ପ୍ରବାହ - ଯାହାକୁ ଜଗତ୍ କୁହାଯାଉଛି ଏବଂ ଏ ପଟୁଆର ସବୁ ମିଥ୍ୟା । ଅନନ୍ୟତାର ଅର୍ଥ ଅନନ୍ୟତାର ଅଭାବ । ତାହା କେବଳ ଅଦ୍ୱୟ ସ୍ଥିତିରେ ହିଁ ସମ୍ଭବ ।''

ଏଥର ସମ୍ଭାଳନ୍ତୁ ! ଜ୍ଞାନୀଙ୍କୁ ପଚାରିଲେ ହିଁ ଏଇ ଅସୁବିଧା । ତାଙ୍କର ତିନି ନମ୍ବର ଆଖିରେ ଯାହା ଦିଶେ ସେ ସବୁ ଅଦ୍ଭୁତ ଜିନିଷ ଆମକୁ ଦିଶେ ନାହିଁ । ଆମକୁ ଦିଶେ ସଂପୂର୍ଣ୍ଣ ଅଲଗା । ଆମ ପାଇଁ ହୁଏତ ଅନନ୍ୟତାର ଅର୍ଥ ଶୁଦ୍ଧ ବିଶେଷତା ଏବଂ ସେହି କାରଣରୁ ଅନିବାର୍ଯ୍ୟ ଅନେକତା, ବିଭିନ୍ନତା ଓ ଅସଂପର୍କ । ସେଥିରେ ଆମେ ସମସ୍ତେ - କନିଅର ଛାଟରେ ମରି ଶୋଇଯାଉଥିବା ମାଛିଗୁଡ଼ିକ - ବିଶିଷ୍ଟ ଗୁରୁତ୍ୱରେ ଢଳ ଢଳ ହୋଇ ବିରାଜିଉଠୁ । ''ଅନନ୍ୟତା ହିଁ ଏକକତା ।'' ଆମ ସମସ୍ତଙ୍କ ତରଫରୁ ଆପଣ ଯାଙ୍କୁ ଟକ୍‌କର ଦିଅନ୍ତୁ । ଲଢିଯାଆନ୍ତୁ ପ୍ରାଚ୍ୟ ପାଶ୍ଚାତ୍ୟର ହତିଆର ନେଇ - ଆମର ପୂର୍ଣ୍ଣ ସମର୍ଥନ ରହିଲା । ଯଦି ଆପଣ ଜିଣିଯାଆନ୍ତି ତା'ହେଲେ ତ'ଆମେ ଏକକ ଏକେ ଅନନ୍ୟ ସମ୍ରାଟ ହୋଇଯିବା ଯଦି ବା ନ ଜିଣନ୍ତି ତେବେ ମଧ୍ୟ କିଛି ଆପତ୍ତି ନାହିଁ, କିଛି ଯାଏ ଆସେ ନାହିଁ । ଆମେ ତ ଅନ୍ତତଃ ସେହି ଦୁର୍ଦ୍ଧର୍ଷ ଜ୍ଞାନୀଙ୍କଠାରୁ ଅଭିନ୍ନ ବୋଲି ପ୍ରମାଣିତ ହୋଇଯିବା !

❖❖❖

Digitized by srujanika@gmail.com

କଥା ସରିଯାଏ

ମୋ କଥାଟି ସରିଲା
ଫୁଲ ଗଛଟି ମରିଲା ।
କାହିଁକି ଲୋ ଫୁଲଗଛ ତୁ ମଲୁ ?
ମୋତେ ରଜାଝିଅ ପାଣି ଦେଲା ନାହିଁ ।
କାହିଁକି ଲୋ ରଜା ଝିଅ ପାଣି ଦେଲୁ ନାହିଁ ?
ମୋ ପୁଅ କାନ୍ଦିଲା ।
କାହିଁକିରେ ପୁଅ ତୁ କାନ୍ଦିଲୁ ?
ମୋତେ ଜନ୍ଦା କାମୁଡ଼ିଲା ।
କାହିଁକିରେ ଜନ୍ଦା ତୁ କାମୁଡ଼ିଲୁ ?
ମୁଁ ଭୂଇଁ ତଳେ ତଳେ ଥାଏଁ
କଅଁଳ ମାଉଁସ ଟିକିଏ ଦେଖିଲେ ଗୁଡ଼ଟ୍ କିନା ଖାଏ ।

କଥାଟି ଯେହେତୁ ଆରମ୍ଭ ହୋଇଛି, ସେ ଅନିବାର୍ଯ୍ୟ ଭାବରେ ସରିବ ହିଁ ସରିବ । ଯଦି ସେ ନ ସରୁଛି ତାହେଲେ ସେ ଆଉ କଥା ହେଲା କିପରି ? ଏଣୁ ମହାଭାରତ କଥା ମଧ୍ୟ ସରିଯାଏ । ସରିଯାଏ ସାନ ବଡ଼ ଯେତେ ଯେଉଁଠି ଅଛି ଜଗତର ସବୁ କଥା । କିନ୍ତୁ ଯେତେବେଳେ ମୋ ନିଜ କଥାଟି ସରିଯାଏ ଏବଂ ମୋ ତୁଣ୍ଡରେ 'ସରିଗଲା' ବୋଲି କହିବାକୁ ପଡ଼େ ସେତେବେଳେ ଦୀର୍ଘଶ୍ୱାସଟି ଟିକିଏ ପ୍ରୟୋଜନରୁ ଅଧିକ ଲମ୍ବିଯାଏ । ମୋ କଥାଟି ସରିଯିବା ଅର୍ଥ ମୁ ସ୍ୱୟଂ ସରିଯିବା, ମୁଁ ଆଉ 'ମୁଁ' ହୋଇ ନ ରହିବା । ସ୍ରଷ୍ଟାର ଆସନରୁ ଦାନଶୀଳ ସୂର୍ଯ୍ୟ ପରି ଅଜସ୍ର ରଙ୍ଗର ଫୁଲ ମୁଁ ଯାହା ବୁଣିଚାଲିଥିଲି, ତାହା ଲିଭିଯିବା । ଏଣିକି ମୁଁ ନୀରବ ନିଶ୍ଚଳ ଶୋଇଯିବା କଥା । ନିସ୍ତରଙ୍ଗ, ଅବିଚଳିତ, ଅନ୍ଧାରିତ ଜଡ଼ ପିଣ୍ଡଟିଏ - ଯା'ର ପାଟି ଫିଟେ ନାହିଁ, ମନର ଐଶ୍ୱର୍ଯ୍ୟ ଝରେ ନାହିଁ, ହୀରା ଗଛରେ ନୀଳା ଫଳେ ନାହିଁ । ଏହିପରି ମୋ କଥା ସରିଯାଏ, ମୁଁ ନିଜେ ସରିଯାଏ । କିନ୍ତୁ କାହିଁକି ? ଯେଉଁ ଗଛଟିକୁ ଦୁଇପତ୍ରରୁ ଚାରିପତ୍ର କରି ସେଥିରୁ ଫୁଲ ଫୁଟିବାର ପର୍ଯ୍ୟନ୍ତ ମୁଁ ପାଣି ଛିଞ୍ଚି ବଢେଇ ଆଣିଥିଲି ସେ ମରିଗଲା ବୋଲି ? ଫୁଲଗଛ ମରେ ବୋଲି କଥା

Digitized by srujanika@gmail.com

ସରିଯାଏ ନା କଥା ସରିଯାଏ ବୋଲି ଫୁଲଗଛ ମରିଯାଏ ? - ନା, ଫୁଲଗଛ ମରିବା ଯାହା, କଥା ସରିବା ତାହା ? ବୋଧହୁଏ ତାହା । ମୁଁ ନିଜେ ଗଛଟିର ପ୍ରଥମ ଗଜା ଭିତରେ ଆବିର୍ଭୂତ ହୋଇ ଘନ ସବୁଜ ପତ୍ର, ଲତାୟିତ ଶାଖା ପ୍ରଶାଖାରେ ପଲ୍ଲବିତ ହୁଏ, ତା' ଭିତରେ ଥାଇ ତାକୁ ଜୀବନ୍ୟାସ ଦିଏ, ତା' ବାହାରେ ତାକୁ ଆଚ୍ଛାଦିତ କରି ରଖେ । ତେଣିକି ଅନେକ ସ୍ୱାଧୀନ ସଞ୍ଚାର ପରେ ସେଇ ଗଛଟିରେ ଫୁଲ ଫୁଟିଯାଏ - ମଣ୍ଡି ହୋଇଯାଏ ସମଗ୍ର ଉଦ୍ଭିଦ ଗୋଟିଏ ଝଟକୁଥିବା, ମହକୁଥିବା ଫୁଲର ଆସ୍ତରଣରେ । ଗଛଟିଯାକ କେବଳ ଫୁଲ ! ଆଉ ହୁଏତ ଗଛ ନାହିଁ, କେବଳ ଫୁଲ ! ସମଗ୍ରଟି ଫୁଲର ଗୋଟିଏ ଗଛ- ଫୁଲଗଛ । ତା'ର ପ୍ରତି ପାଖୁଡ଼ାରେ, ତା'ର ପରାଗ ଗର୍ଭରେ ମୁଁ ସ୍ପନ୍ଦିତ ହେଉଥାଏ । ଯଦି ଏ ଫୁଲଗଛ ମରିଯାଏ ମୋ କଥାଟି ନ ସରି ଭଲା ଆଉ ରହିପାରେ ? ସେ ମରିଗଲା ପରେ ମୁଁ ଭଲା ନିଶ୍ଚଳ ଯୋଗନିଦ୍ରାରେ ନୀରବ ନିସ୍ପନ୍ଦ ଶୋଇ ନ ଯିବାର ଉପାୟ ଅଛି ? ଆହା, ବିଚାରା କଥାକାର, ଏ ଫୁଲଗଛ ମରିବ ବୋଲି କ'ଣ ସେ ଆଗରୁ ଜାଣିପାରେ ନାହିଁ ! ଜାଣିପାରେ ନାହିଁ ତା' କଥାଟି ସରିଯିବ ବୋଲି ?

କିନ୍ତୁ କଥା, କଥାକାର, ଫୁଲ, ଫୁଲଗଛର ଅଭିନ୍ନତାର ଟିକିଏ କାର୍ଯ୍ୟ କାରଣ ଭୂମିକୁ ଓହ୍ଲେଇ ଆସି ପଚରାଯାଏ - ଆଚ୍ଛା, ଫୁଲଗଛଟି ମରେ କାହିଁକି ? ସେ କ'ଣ କଳ୍ପବଟ ପରି ଅନନ୍ତକାଳ ପର୍ଯ୍ୟନ୍ତ ଶାଖା ମେଲି ଫୁଲ ଫୁଟାଇପାରିନଥାନ୍ତା ? କେମିତି ? ଏ ପରା ଫୁଲଗଛ ! ହଳଦୀ-ବସନ୍ତର ହାଲକା ହାଡ଼ ପରି ଯା'ର ସରୁ ସରୁ ଡାଳ । କୋଇଲିର କୁହୁ ପରି ଯା'ର ନରମ ଚିକ୍‌କଣ କଢଗୁଡ଼ିକ ! ଏ କ'ଣ ସେପରି କାର୍ଯ୍ୟକୁ ସମର୍ଥ ? ଏଣୁ ଏ ମରିଯାଏ, କାରଣ ରଜାଝିଅଟି ତା' ମୂଳରେ ପାଣି ଦିଏ ନାହିଁ । ଏ ସୁକୁମାରୀ ରାଜକନ୍ୟାଟି କଳ୍ପନା ପରି ସୁନ୍ଦରୀ, ସେଇଭଳି ଖିଆଲୀ, ସେମିତି ଡେଣା ଲାଗିଥିବା, ଫୁର୍ ଫୁର୍ ଉଡ଼ିଯାଉଥିବା ମେଘ ବଳୟର ରାଜହଂସୀଟିଏ । ସେ ହିଁ ତ କଳ୍ପନା । ତା'ର ସେ ଚମ୍ପାବରଣ ହାତରେ ଯଦି ସେ ମନ୍ଦାକିନୀର ମନ୍ତ୍ର ପାଣି ଛିଞ୍ଚୁନଥାନ୍ତା ଏ ଫୁଲଗଛ କ'ଣ ମୁହୂର୍ତ୍ତେ ବଞ୍ଚିପାରିଥାନ୍ତା ? ସେ ପାଣି ଦେଲା, ଫୁଲ ଫୁଟେଇଦେଲା, ତା'ପରେ ହଠାତ୍ କଳସ ଟେକିନେଲା, ଅନ୍ତର୍ଦ୍ଧାନ ହୋଇଗଲା ସେ ଫୁଲର ସୌରଭ ପରି ! ସେ ହୁଏତ ଦେଖିଲା ଯେ ଗଛଟିକୁ ଫୁଲ କରିଦେଲା ଉତ୍ତାରୁ ଆଉ ପାଣି ଢାଳିବାର ଅର୍ଥ କିଛି ନାହିଁ । ଅନ୍ଧାର କାଦୁଅ ଭିତରୁ ଉଠିଆସି ଏ ଉଦ୍ଭିଦଧାରଟି ଗନ୍ଧରେ ମହକିଗଲା, ରଙ୍ଗରେ ଚମକିଗଲା, ମିଶିଗଲା ପବନରେ, ମିଶିଗଲା ଆକାଶରେ, ସୂର୍ଯ୍ୟରେ । - ବାଆସ୍, ସରିଗଲା ତା'ର ସମସ୍ତ ସମ୍ଭାବନା । କିନ୍ତୁ ତା' ନୁହେଁ । ସୁକୁମାରୀ କଳ୍ପନା କ'ଣ ଚିନ୍ତାର ଏତେ କାଠ ବୋଝ ମୁଣ୍ଡାଇପାରିବ । ଏତେ ଯୁକ୍ତିର ଯନ୍ତା ଭିତରେ ଗଳିଯାଇପାରିବ ? ସେ ପାଣି ନ ଦେବାର ଆଉ କ'ଣ କାରଣ ଥାଇପାରେ ହୁଏତ । ତା'ର କାରଣ ହେଲା ଯେ ତା'ର ଅଲିଅଳ ପୁଅଟି କାନ୍ଦିଦେଲା ।

ଏ ପୁଅଗୁଡ଼ିକ ଏମିତି କାହିଁକି କାନ୍ଦନ୍ତି ? ଏମିତି ଫୁଲଗଛରେ ପାଣି ଦେଲାବେଳେ, ବେଳକାଳ ଦେଖି ହଟ କରି କାନ୍ଦିବାର ଅର୍ଥ କ'ଣ ? ସେ କାନ୍ଦି ଦେଲେ ସବୁ ବୁଢୀଆଣି ଜାଲ କାଟି ଧାଇଁ ଆସିବାକୁ ହୁଏ । ମମତାର ପାଟ ଡୋର ବନ୍ଧା ହୋଇଥାଏ ଅଣ୍ଟାରେ, ଭାରି ମଜଭୁତ୍,

Digitized by srujanika@gmail.com

ଭାରି ନରମ, ଭିଡ଼ିଲେ କାଟେ ନାହିଁ । ପୁଅ କାନ୍ଦିବା ଏ ସଂସାରରେ ସବୁଠାରୁ ଜରୁରୀ ପରିସ୍ଥିତି । ସବୁଠାରୁ ଅନୁପେକ୍ଷ୍ୟ ବିପଦ ଘଣ୍ଟି । ଏଣୁ ଫୁଲଗଛମୂଳେ କଳସ ଫୋପାଡ଼ି ଦେଇ ରଜାଝିଅ ଧାଇଁ ଆସିବା ଖୁବ୍ ସ୍ୱାଭାବିକ । ଜୀବଧର୍ମରେ ସ୍ରଷ୍ଟାର ଶରୀର, ତା'ର ପରିବାର କାନ୍ଦିଦେଲେ ସେ କାନ୍ଦଣା ନିବାରଣ କରିବାକୁ ଲାଗିଯାଏ କଳ୍ପନା - କହେ "ଭାଙ୍ଗିଥିଲେ ଗଢେଇଦେବି, ହଜିଥିଲେ ଖୋଜେଇଦେବି, କାନ୍ଦନା ! ପୁଅ ପାଇଁ କଳଘୋଡ଼ା ଆଣିଦେବି, ମାଆ ପାଇଁ ତୋଳିଦେବି ଉଆସ ! ଝିଅ ପାଇଁ ଗଢ଼ିଦେବି ମାଣିକ୍ୟର ଫୁଲ ।" - ଏସବୁ ଯୋଜନା ପରିକଳ୍ପନା ପ୍ରୟାସର ଘୋଡ଼ାଦଉଡ଼ ଜରୁରୀ ପରିସ୍ଥିତିରେ ଜରୁରୀ ଯୋଜନା । ଏଥିରେ କ'ଣ ଫୁଲଗଛରେ ପାଣିଦେବା ସମ୍ଭବ ? କଅଁଳ ସକାଳେ ଅଳସ ଭଅଁର ବୁଲୁଥିବାବେଳେ, ଦୂରମେଘ ଆସ୍ତେ ପହଁରୁଥିଲାବେଳେ, ଏ ପାଖଡ଼ାଗୁଡ଼ିକୁ ଉକୁଟେଇବା କ'ଣ ସମ୍ଭବ... କଳ୍ପନା ଯଦି ମୋର ମାନସକନ୍ୟା ଏ ଅଝଟ ସଂସାରଟି ମୋର ନାତିଆ ! ଭାରି ଦୁଷ୍ଟ, ଭାରି ହଟିଆ, ଅହରହ କାନ୍ଦୁରା ! କିନ୍ତୁ ଏଡ଼େ ସୁନ୍ଦର, ଏଡ଼େ କଅଁଳିଆ, ଏଭଳି ମୋ ନିଜ ରକ୍ତ ମାଂସର ଅଙ୍କୁରଟିଏ ଏ ହାରାମି ଯେ, ତା' ଉପରକୁ ହାତ ଉଠେ ନାହିଁ । ଦେଉଳର ମୁଣ୍ଡି ମାରିଲାବେଳେ, ବିମୁଗ୍ଧା ମେନକାର ଭୂରୁ ଉପରେ ତୁଳୀ ବୁଲେଇଲାବେଳେ, କବିତାର ସ୍ୱର୍ଣ୍ଣବିନ୍ଦୁକୁ ଶବ୍ଦ ଚୂଡ଼ାରେ ସଂଯୋଗ କଲାବେଳେ ସେ ଛୋକାର ତୁରୀ ଫୁଙ୍କିଦିଏ । ତା'ର ଘନ ଘନ ରଡ଼ି ଶୁଣି ଆଉ ତିଷ୍ଠିବା ସମ୍ଭବ ନୁହେଁ - ସେ କିଛି ଶୁଣେ ନାହିଁ, କେବଳ ପାଟି ମେଲେଇ ବୋବାଏ । - ସଂସାରମନ୍ତ୍ର ଯେ ସାଧିନାହିଁ ସେ କଦାପି ସେ 'ରଡ଼ି'ର ଅର୍ଥ ବୁଝିପାରିବ ନାହିଁ । - ସେଇଟା କେତେବେଳେ ହୋଇପାରେ "ମାଳି ଦେ, ମୁଦି ଦେ, ଘର, ଗାଡ଼ି, ହାର, ମୁକୁଟ, ମଣିମୁକ୍ତା ଅଜାଡ଼ି ଦେ !" ହୋଇପାରେ "ଦହି, ଦୁଧ, ଘିଅ, ମହୁ ବୋହିଆଣ !" ହୋଇପାରେ - "ଚାନ୍ଦା ଦେ, ଭୋଟ ଦେ ।" - ଉଦ୍ଭଟ, ଅଶ୍ଳୀଳ, ଅଭଦ୍ର ଗୁଡ଼ିଏ ଚିତ୍କାର ! ଇଚ୍ଛା ହୁଏ କୌପୀନ ମାରି ଦଉଡ଼ି ପଳାଇବାକୁ । କିନ୍ତୁ ସେ ନାତିଆର ନାଲି ଓଠ, ଲୁହରେ ଓଦା ସେ ଗାଲ ଯୋଡ଼ିକ ପାଇଁ ମହିବାକୁ ହୁଏ । କେବଳ ତା' ନୁହେଁ - ପାଟିରେ ଲଗାମ ଧରି ଘୋଡ଼ା ହୋଇ ତାକୁ ପିଠିରେ ସବାର କରି ବୁଲିବାକୁ ହୁଏ ! ସୁକୁମାରୀ ଝିଅଟିକୁ ତା' ସେବାରେ ଖର୍ଚ୍ଚ କରିଦେବାକୁ ହୁଏ !!

କିନ୍ତୁ ସେ ହାରାମି ସେଭଳି କାନ୍ଦେ କାହିଁକି ? 'ବ୍ବେ, ତୁ କାହିଁକି ଏମିତି ଚିଚ୍ଚିରେଇ ରଡ଼ି ଛାଡୁଛୁ ?' - ସେ ସେଇଭଳି ରଡ଼ି ଭିତରେ ହିଁ କହେ ଯେ ତାକୁ ଜନ୍ଦା କାମୁଡ଼ିଦେଲା । ହାଁ ? ଜନ୍ଦାପରି ଜୀବ, ତା'ର ପୁଣି ଏତେ ସାହସ ? ରଜାର ନାତିକୁ କାମୁଡ଼ିଦେବ ? କିନ୍ତୁ ଜନ୍ଦା କ'ଣ ଗୋଟିଏ ? - ସେ ପରା ଲକ୍ଷ ଲକ୍ଷ, କୋଟି କୋଟି ! ଲୁଚିଛନ୍ତି ଭୂଇଁତଳେ, ଏ ଚମ ତଳେ, ସାଲୁବାଲୁ ହେଉଛନ୍ତି କାହିଁ କେଉଁ ଯୁଗରୁ ! ପ୍ରତ୍ୟେକେ ଗୋଟିଏ ଗୋଟିଏ କ୍ଷୁଧାର ବିନ୍ଦୁ । ତାଙ୍କ ଥଣ୍ଟରେ ବିଷ । ସେମାନେ ଢେଗା ଢେଗା ଆଖି ଟେକି ଘୂରିବୁଲୁଥାନ୍ତି ଅବଚେତନାର ଅନ୍ଧାର ଭିତରେ, ନିଃଶବ୍ଦରେ । ସେଥିରୁ ଗୋଟିକୁ ରଜାର କଟୁଆଳ ଧରିଆଣି ଛାମୁରେ ହାଜର କରାଏ । ଆଲୁଅରେ ଛଟପଟ ହୁଏ ସେ ଅନ୍ଧାରର ଜୀବଟି । ଅସହାୟ କଳା ସାଲୁବାଲୁ ଜୀବଟିଏ ଖୋଜି

Digitized by srujanika@gmail.com

ବୁଲେ କେମିତି ପୁଣି ଲୁଚିଯିବ ତା ନିଜ ରାଜ୍ୟରେ । ତାକୁ କ୍ଷମା ଦିଅ, ତାକୁ ଅଭୟ ଦିଅ । ତାକୁ ପଚାର ସେ କାହିଁକି ସେମିତି କାମୁଡ଼ିଲା ? ସେ ଏ ପ୍ରଶ୍ନ ହୁଏତ ଶୁଣେ, କେମିତି କେଜାଣି ବୁଝେ ମଧ । ନାକ ଗଣଗଣେଇଲା ପରି ଫିସ୍ ଫିସ୍, ଝିଁ ଝିଁ ସ୍ୱରରେ ଆଉ ଏକ ପୃଥିବୀର ଭାଷାରେ କହେ - ''ମୁଁ କାମୁଡ଼ିଲି ନୁହେଁ - ମୁଁ ଏମିତି କାମୁଡ଼େ । କେଉଁ ଯୁଗରୁ ଏମିତି କାମୁଡ଼ି ଆସିଛି - କାମୁଡ଼ିବା ଏବଂ ବଞ୍ଚିବା ମୋ ପାଇଁ ଏକା କଥା । ମୁଁ ତ' ସମସ୍ତଙ୍କୁ ସବୁଠି କାମୁଡ଼େ ନାହିଁ, ମୋର ସେଭଳି ଦାନ୍ତ କାହିଁ ?... ଏଡ଼େ ଛୋଟ ଜୀବଟିଏ ମୁଁ, ମୁଁ ଖୋଜୁଥାଏ କେଉଁଠି କଅଁଳ ମାଉଁସ ଟିକିଏ ମିଳିଯିବ ! ମୁଁ ସେଇଠି ଛକିଥାଏ, ତୁମ ଆଖିର ଆଢୁଆଳରେ, ତୁମ ଆଲୁଅର ପଛଆଡ଼େ, ଭୂଇଁ ତଳେ ତଳେ, ଚମ ତଳେ ତଳେ ଲୁଚିଥାଏ ଏବଂ ଖୁବ୍ ଅଳ୍ପକରି, ବିଶେଷ ନ ବାଧିଲାପରି ଋଉଟ୍‌କିନା କାମୁଡ଼ିଦିଏ ।''

କ୍ଷମାକର ଏ ଛୋଟ ଛୋଟ କ୍ଷୁଧାଗୁଡ଼ିକୁ ! ଏମାନେ ଫୁଲର ପାଖୁଡ଼ାକୁ ବିକ୍ଷତ କରନ୍ତି । ସବୁଠାରୁ କୋମଳ ଅଂଶରେ ଆଘାତ କରନ୍ତି, ଉତ୍‌କ୍ଷିପ୍ତ କରନ୍ତି । ଶୋଇଥିବା ରାଜପୁତ୍ରକୁ ଚମକେଇଦିଅନ୍ତି । ନ ହେଲେ, 'ହେ ସ୍ରଷ୍ଟା ! ତୁମକୁ ଭଲା ଏ ମାଟି ଉପରେ କିଏ ବାନ୍ଧିରଖିପାରନ୍ତା ? ତୁମେ ରଙ୍ଗ ଦେଉ ଦେଉ ଇନ୍ଦ୍ରଧନୁରେ ମିଶିଯାଆନ୍ତ ନାହିଁ ? ଫୁଲର ଦୀପ୍ତିରେ ପହଁରିଯାଆନ୍ତ ନାହିଁ ସୌରମଣ୍ଡଳକୁ ? ତୁମେ ଏଠି ରହିବ, ଏ କାଦୁଅରେ ଚେର ମଡ଼େଇବ, ଏଇଠି ଫୁଲ ହୋଇ ଫୁଟିବ, ଫୁଲ ଫୁଟେଇ ଚାଲିଥିବ ତୁମର ସ୍ରଷ୍ଟାଧର୍ମରେ । - କେମିତି ଜାଣିବ କେଉଁଠିକି ଆସିଛ ବୋଲି ? ତୁମ ସ୍ୱପ୍ନ ନ ଭାଙ୍ଗିଲେ କ'ଣ ଜାଣିବ ? ଏଣୁ ତୁମ ଫୁଲଗଛ ଅବଶ୍ୟ ମରିବ, ତୁମ କଥାଟି ଅବଶ୍ୟ ସରିବ - ଧର ଯେମିତି ମୋର ଏ କଥାଟି ମଧ ଏଇଠି ସରିଗଲା ।

❖❖❖

Digitized by srujanika@gmail.com

ସାହାରା

ସମୁଦ୍ରକୂଳରେ ଖେଳିବାକୁ ଯାଇ କେହି ଆଂଜୁଳାରେ ଫେଣ ଗୋଟେଇ ବୁଣିଦିଅନ୍ତି । ବର୍ମା ଦେଶରୁ ଲମ୍ବିଆସୁଥିବା ଲହରୀ ଭିତରୁ ସମୁଦ୍ରର ଜିଭ ଗୋଟେଇ ଫିଙ୍ଗିଦିଅନ୍ତି । ଫେରିଯାଉଥିବା ରେଶମୀ ଲହରୀର ଝିଲିମିଲି ଝରଣା ଉପରେ ଠିଆ ହୋଇ ନରମ ବାଲିର ଗଦି ଭିତରକୁ ବୁଡ଼ିଯିବାର ସୁଖ ଅନୁଭବ କରନ୍ତି । ତାଙ୍କ ଭିତରେ ବାହାରେ ଅସଂଖ୍ୟ ଲହରୀ ଯିବା ଆସିବା କରୁଥାଏ । ଶିପ ଶାମୁକାର ରଙ୍ଗରେ, ଲୀଳାୟିତ ଲହରୀର ସ୍ୱପ୍ନରେ ସେମାନେ ମଜ୍ଜିଯାଇଥାନ୍ତି । ମଝିରେ ମଝିରେ ହୁଏତ ଭାବୁଥାନ୍ତି ଏତେ ବଡ଼ ସମୁଦ୍ର ଥାଇ କ'ଣ ହେବ ଏବଂ କ'ଣ ହେବ ଏତେ ନିଷ୍ପ୍ରୟୋଜନ ବାଲି ଥାଇ ?... ଆଉ କେହି କେହି କିନ୍ତୁ ଅନ୍ୟ ତାଳର ପକ୍ଷୀ । ସେମାନେ ଦୂରେଇ ବସି ଖେଳ ଦେଖୁଥାନ୍ତି, ମଣିଷର, ଲହରୀର, ଶିପ ଓ ଶାମୁକାର !! ଶୁଖିଲା ବାଲି ଉପରୁ ସେମାନେ ସମୁଦ୍ରକୁ ଦେଖୁଥାନ୍ତି, ତା'ର ଢେଉ ଗଣୁଥାନ୍ତି । ସମୁଦ୍ର ଉପରେ ଘୋଡ଼େଇ ହୋଇ ରହିଥିବା ଆକାଶକୁ ଦେଖୁଥାନ୍ତି ଏବଂ ମୁଠା ମୁଠା ବାଲି ନେଇ ହୁଏତ' ଭାବୁଥାନ୍ତି - ''ଏତେ ଆର୍ଦ୍ରଶତାର ପ୍ରୟୋଜନ କ'ଣ ? ଏତେ ଲହରୀ-ଲୀଳାର ପ୍ରୟୋଜନ କ'ଣ ? ଆକାଶରେ ତ' ତରଙ୍ଗ ନାହିଁ ! ଏ ବାଲିଗୁଡ଼ିକ ତ' ଚଞ୍ଚଳ ନୁହନ୍ତି ! ଜୀବନରେ ଏତେ ଚପଳତା ପାଇଁ ତ' ଅବକାଶ ନାହିଁ ! ତା'ର ବିସ୍ତୀର୍ଣ୍ଣତା ଉପରେ ବିଛେଇ ହୋଇ ରହିଛି ଅଜସ୍ର ଶୁଖିଲା ବାଲି, ଭୁଷୁଡ଼ିପଡ଼ିଥିବା ଅନେକ କୋଣାର୍କରେ କୁଢ କୁଢ ବ୍ୟର୍ଥତା !'' ... ସେମାନଙ୍କ ଆଖି ଉପରୁ ସମୁଦ୍ର ଲିଭିଯାଏ, ତରଙ୍ଗ ଅପସରିଯାଏ । ବେଳା ବିସ୍ତୀର୍ଣ୍ଣ ହୋଇଯାଏ ଆକାଶପରି । ଆକାଶ ଭରିଯାଏ ତାରକାରେ । ପୃଥିବୀ ଭରିଯାଏ ସାହାରାରେ । ମଝିରେ କେବଳ ବିମୂଢ ମଣିଷର ରେଣୁଟିଏ ସ୍ପନ୍ଦିତ ହେଉଥାଏ ।

ବାଲିର ନିସ୍ତରଙ୍ଗ ସମୁଦ୍ର ''ସାହାରା'' ଏକ ନିରୁଦ୍‌ବେଗ ମରୁକାନ୍ତାର । ସେ ଭୂମିରେ ଝଡ଼ ଉଠେ, ମେଘ ଉଠେନା । କ୍ଳାନ୍ତ ଝଡ଼ର ଡେଣାରୁ କେବଳ ଶୁଖିଲା ବାଲିହିଁ ବର୍ଷା ହୁଏ । ନିରୁଭିଦା ପୃଥିବୀ ସେଇଠି ନୀରବ ଓଟମାନଙ୍କର ପିଠିପରି ଧୂସର । ତରଳ ତାମ୍ର ସୂର୍ଯ୍ୟପରି ଆକାଶ ସେଠି ଲୋହିତ ଏବଂ ପିଙ୍ଗଳ । ମହାଶ୍ମଶାନ ପରି ବିସ୍ତୃତ ଏ କ୍ଷାର କ୍ଷେତ୍ରରେ ଦିଗବିଦିଗ ନିଷ୍ଫଳ ଅଙ୍ଗାର ପରି ଜଳୁଥାନ୍ତି । ଦହ୍ୟମାନ ସୂର୍ଯ୍ୟ କେବଳ ସ୍ଫୁଲିଙ୍ଗ ବର୍ଷା କରୁଥାଏ । ଅହରହ ଭାଜି ହେଉଥାଏ, ଉତ୍ପୀଡ଼ିତ ହେଉଥାଏ ଉତ୍ତପ୍ତ ବାଲୁକା । ଦ୍ୟାବା, ପୃଥିବୀ ଏବଂ ଅନ୍ତରୀକ୍ଷର ଏ ଅଖଣ୍ଡ ଅଗ୍ନ୍ୟୁତ୍ସବରେ ସାହାରା ମୃଗର ତୃଷ୍ଣା ଦିଗଚକ୍ରକୁ ମାୟା ବଳୟିତ କରେ । ତୁଷାର ହୁତାଶନ

Digitized by srujanika@gmail.com

ଜଳିଉଠେ ତାର ଜଠରରେ, ଶିରାପ୍ରଶିରାରେ, କାମନା-କେନ୍ଦ୍ରରେ । ପରାସ୍ତ ମୃଗଟିର ଆଖିରେ ନିଆଁ, ଓଠରେ ନିଆଁ, ରୋମେ ରୋମେ ଅଗ୍ନିର ଶିଖା । ସେ ତୃଷାକାତର ହୋଇ ଉପରକୁ ଅନାଏ । ଅନାଏ ତା'ର ସମଗ୍ର ଉତ୍ପୀଡ଼ନର କେନ୍ଦ୍ରକୁ । ଅଭିଯୋଗର ଏହିପରି ଶ୍ୱାସଟିଏ କିଛି ବାଟ ଉପରକୁ ପହଁରିଯାଏ, ''ଅନେକ ଦିନ ତଳେ ଶୁଣିଥିଲି ତୁମେ କୁଆଡ଼େ ପୁଷନ୍ ! ତୁମେ ହିଁ ସବିତା ! ତୁମେ ହିଁ ମେଘ ଗର୍ଭରେ ମଧୁ ସଂଚୟ କରି ଆଶୀର୍ବାଦ ବର୍ଷା କର । ମିଥ୍ୟା ! ତୁମର କଲ୍ୟାଣତମ ରୂପ ଏକ ପ୍ରତାରଣା । ଘୋର ଅଗ୍ନି-ତପସ୍ୟା ପରେ ମୁଁ ତୁମର ଦୟନୀୟତା ପାଇଁ ଦୁଃଖ କରୁଛି । ତୁମେ ଯେପରି ଅସହାୟ ଭାବରେ ଜଳିଯାଅ ତା' ମୁଁ ଅନୁଭବ କରୁଛି । ତୁମେ ଉତ୍ପୀଡ଼କ ନୁହଁ, ତୁମେ ମୋର ସହବ୍ରତୀ । ମୋଠାରୁ ତୁମର ଯାତନା ଆହୁରି ଦୁଃସହ, ଆହୁରି ଦୁରନ୍ତ ! ... ଯାହାର ପ୍ରଶାସନରେ ତୁମେ ଏପରି ଜଳିଯାଅ, ସେଇ ସୂର୍ଯ୍ୟର ସୂର୍ଯ୍ୟକୁ ତୁମେ କ'ଣ ଜାଣ ?'' ନୀରବ ମୃଗତୃଷ୍ଣା ଆହୁରି ତରଙ୍ଗାୟିତ ହୁଏ । ନୀରବ ମାର୍ତଣ୍ଡ ଅବାରିତ ଅଗ୍ନିବର୍ଷା କରିଯାଏ, ପୂର୍ବପରି ।

ବେଳେବେଳେ ଗୋଟିଏ ନୀରବ କୃଷ୍ଣଛାୟା ମଧ୍ୟ ଦିଗ୍‌ବଳୟର ରେଖା ଉପରକୁ ଉଭାରି ଆସେ । ମନେହୁଏ ସାହାରାର ବହୁ ଯୁଗର ଅଭିଳଷିତ ସ୍ୱପ୍ନ, ସେଇ ଚିରବାଞ୍ଛିତ ମେଘଶିଶୁ ହୁଏତ ଅଜ୍ଞାତ ଗର୍ଭରୁ ଜନ୍ମ ନେଲା । ଏଇ ବୋଧହୁଏ ଶୁଭିଯିବ ମେଘର ଶଙ୍ଖ । ପହରି ଆସିବ ଆର୍ଦ୍ର ଶୀତଳ କଳା କଳା ଓଟ ଗୁଡ଼ିକର ପଟୁଆର ! ଆକାଶ ହୋଇଯିବ ରାତି ପରି ଚିକ୍‌କଣ ଓ ଶୀତଳ। ତା'ପରେ... ତା'ପରେ ନଇଁ ଆସିବ ଅଜସ୍ର ବର୍ଷାଧାର । ଘନଘୋର ବର୍ଷା ସାହାରା ପ୍ରାଣରେ ଯୁଗ ଯୁଗର ତୃଷାକୁ ପରିତୃପ୍ତ କରିବ । ପ୍ରତ୍ୟେକ ପ୍ରାଚୀନ ଧୂଳିକଣା ଭିତରେ ଗୁଡ଼ାଏ ସତ୍ୟଯୁଗୀୟ ଶୋଷ ମେଣ୍ଟିଯିବ । ଲହରିତ ହେବ ସାହାରା ଉପରେ ଅଖଣ୍ଡ ଆଶୀର୍ବାଦର ସମୁଦ୍ର ।

ସ୍ତମ୍ଭିତ, ମୁଗ୍ଧ ସାହାରାର ରୋମାଞ୍ଚ ହୁଏ । ଗୁଡ଼ିଏ ଓଟପକ୍ଷୀ ମହାର୍ଘ ପୁଚ୍ଛ ମେଲି ନାଚିଯାଆନ୍ତି । କୃଷ୍ଣଛାୟା ଘୋଟିଯାଏ ଆକାଶକୁ । ତା'ର ପିଙ୍ଗଳ ଜଟା ମେଲିଯାଏ ଦୂରରୁ ଦୂରାନ୍ତର । ସାହାରା ସଂକିତ ହୁଏ, ପୁଣି ବିଡ଼ମ୍ବିତ ହୋଇ ନିଜର ଉଭରି ତୃଷାକୁ ସାଥୀ କରି ନଇଁଯାଏ । ଶୁଖିଲା ଧୂଳିଝଡ଼ ସୁ' ସୁ' ଗର୍ଜନ କରି ମାଡ଼ିଯାଏ ।। ତୃଷାର୍ତ୍ତ, ଉତ୍ତପ୍ତ ଗୁଡ଼ିଏ ଧୂଳିକଣା ଉନ୍ମତ୍ତ ପବନକୁ ଆଶ୍ରାକରି ଉଡ଼ିଯାଆନ୍ତି ମୃଗତୃଷ୍ଣାକୁ ଛୁଇଁବାକୁ । ପ୍ରଶସ୍ତ ସାହାରାର ଜ୍ୱଳନ୍ତ ଜଠରର ଗୋଟିଏ ବିନ୍ଦୁକୁ ଧାଇଁଯାନ୍ତି, ତୃଷାର୍ତ୍ତ ମୃଗପରି ଭୟାର୍ତ୍ତ ଓଟପକ୍ଷୀ ପରି । ମୃଗତୃଷ୍ଣା ଛଳଛଳ ପାଣିର ମାୟା ସୃଷ୍ଟିକରେ । ଝଡ଼ ସୃଷ୍ଟିକରେ ଗୁମୁଗୁମୁ ବର୍ଷନ୍ତ ମେଘର ମାୟା । ବୋଧହୁଏ ସାହାରା ହିଁ ଅଗ୍ନିପୀଡାରେ ନିଜେ ଏସବୁ ସୃଷ୍ଟିକରେ, ନିଜେ ମାୟା ମୂର୍ଚ୍ଛିତ ହେବାପାଇଁ, ଅବିରତ ଯାତନାରୁ ନିଷ୍କୃତି ପାଇବା ପାଇଁ । ଏଗୁଡ଼ିକ ତା'ର ଅସହାୟ ତୃଷାର କାମନା, ସେଇ ଦୁରନ୍ତ କାମନାର ରୂପ । ତା'ପରେ କିନ୍ତୁ ବାୟୁର ବେଗ ସରିଯାଏ । ଶେଷ ଧୂଳିକଣା ଫେରିଆସେ ସାହାରାକୁ । ଅଗ୍ନିର ନିଷ୍କମ୍ପ ଶିଖା ପୁଣି ଚହଟିଉଠେ । ଲହ ଲହ ହୁଏ ଦୁରନ୍ତ ମରୀଚିକା । ଲୋହିତ ପିଙ୍ଗଳ ଆକାଶରେ ସୂର୍ଯ୍ୟ ପୁଣି ଜଳି ଉଠେ ।

Digitized by srujanika@gmail.com

ନିରାଶାର ଅକୁଳାନ ଶୁଷ୍କତା ସାହାରା ବାଲି ଉପରେ ବିଛେଇ ହୋଇ ରହିଥାଏ । ଜୀବନରେ ଯେତେସବୁ ସବୁଜ ମୂଲ୍ୟ, ଯେତେସବୁ ନୀଳପଦ୍ମ ମରୀଚିକାର ଆରପାରିରେ ହୁଏତ ଥିବେ, କିନ୍ତୁ ଏପାରି ସମଗ୍ର ଦିଗ୍‌ବଳୟରେ କେବଳ ଦୀର୍ଘଶ୍ୱାସର ଧୂଆଁ । ସୂର୍ଯ୍ୟର ଉତ୍ପୀଡ଼ନ ସରିଗଲେ ଅନିବାର୍ଯ୍ୟ ଭାବରେ ରାତ୍ରି ନଇଁ ଆସେ, ଆକାଶସାରା ଛାଇ ହୋଇଯାଏ ଜ୍ୱଳନ୍ତ ତାରକାର ରେଣୁ । ସାହାରାର ବାଲି, ଧୂସର-ତୃଷା ଭିତରେ ଆସ୍ତେ କ୍ଳାନ୍ତ ହୋଇ ଘାଲେଇଯାଏ । ତାର ତୃଷିତ ଶିଶୁ କୁଳ ଶୋଇଗଲେ ସାହାରା ନୀରବରେ ନିଜ ଭିତରେ ଅଣ୍ଡାଳିବୁଲେ । ତାର ଆତ୍ମା ପହରିଯାଏ ଦୀର୍ଘଶ୍ୱାସ ଉପରେ ସବାରହୋଇ । ସେ ଛୁଇଁବାକୁ ଚାହେଁ ତା'ର ଜୀବନର ସୀମା - ସପ୍ତର୍ପଣରେ ଖୋଜିବାକୁ ଚାହେଁ କେଉଁଠି ଟିକିଏ ଆର୍ଦ୍ରତା, ଟିକିଏ ଘନନୀଳ ମେଘ ଅଛି କି ନା ! ଶହ ଶହ ମାଇଲର ଦିଗ୍‌ବଳୟ ସେ ଅଣ୍ଡାଳିଯାଏ । ନିଶାର୍ଦ୍ଧ ନୀରବତା ଭିତରେ କେତେଗୁଡ଼ିଏ କବର ଶୁଖିଲା ବାଲି ଉପରେ ଆଖିବୁଜି ବସିଥିବାର ସେ ଅନୁଭବ କରେ । ତା'ହେଲେ 'ଗାଜା' ମଧ୍ୟ ବିଚାରା ତାହାରି ଭଳି ଚିରତୃଷିତ ? ମହାପ୍ରତାପୀ ଫାରୋମାନଙ୍କର ସଞ୍ଚିତ ଆଶା ମୁଠାଏ ଲେଖା ଶୁଖିଲା ହାଡ଼ ଓ ଚମ ମାତ୍ର । ନିରସ ପାହାଡ଼ର ଖୋପ ଭିତରେ ସେମାନେ ସମସ୍ତେ ଲିଭିଯାଉଛନ୍ତି । ପିରାମିଡ୍‌ର ପ୍ରତ୍ୟେକ ପଥର ଦେହରେ ଅନେକ ମଣିଷର ଝାଳ ଓ ରକ୍ତ ମଧ୍ୟ ଶୁଖିଗଲାଣି । ପିରାମିଡ୍ ତା'ର ଛାଞ୍ଚଟିକୁ କେବଳ ଟେକି ଧରି ନିର୍ବାକ୍ ବସିଚି । ତା'ରି ସ୍ମୃତିରେ ମଧ୍ୟ ଅନେକ ସୂର୍ଯ୍ୟର ଉତ୍ପୀଡ଼ନ ।

ସାହାରା ପିରାମିଡ୍‌ର ଦୀର୍ଘଶ୍ୱାସ ସହିତ ନିଜର ଦୀର୍ଘଶ୍ୱାସଟିଏ ମିଳେଇଦେଇ ପୁଣି ସଂଚରିଯାଏ । ସେ ଯେତେ ବିସ୍ତୃତ ହେଉଥାଏ ସେତିକି ପ୍ରସରିଯାଉଥାଏ ନିରାଶାର ବାଲି-ସେତିକି ଶିଖାମେଲି ଚହଟିଉଠୁଥାଏ ନିଦାରୁଣ ତୃଷାର ଅଗ୍ନି । ସାହାରା ନିଜର ଅକଳନୀୟତାରେ ବିମୁଗ୍ଧ, ସ୍ତମ୍ଭିତ ହୋଇଯାଏ । ହୁଏତ' ଆହୁରି ଆଗକୁ, ସୂର୍ଯ୍ୟଦିଶାର ଆହୁରି ଅଭ୍ୟନ୍ତରରେ ତା'ର ନୀଳନଦୀର ସ୍ୱପ୍ନ ଶୋଇ ରହିଥିବ ! ସେ ତାକୁ ବହୁବାର ଆବାହନ କରିଛି । ତା'ର ଶୀତଳ ପ୍ରବାହକୁ ବୁକୁ ମେଲେଇ ଉତ୍କଣ୍ଠାର ସହିତ ଅପେକ୍ଷା କରିଛି । ନୀଳନଦୀର ଲହରୀଗୁଡ଼ିକ କଳରବ କରି ଉଠିଛନ୍ତି । ବାଲିରୁ ବାଲିକୁ ସେ ସ୍ୱର ସଂଚରିଯାଇଛି । ପରିଶେଷରେ ନୀଳନଦୀ, ମରୀଚିକାର ରେଖାଏ ତରଙ୍ଗରେ ଲିଭିଯାଇଛି ! ସାହାରାର କେନ୍ଦ୍ର ଅନନ୍ତ ତୃଷାରେ ଆକାଶରୁ ଅଗ୍ନି ପିଇଚାଲିଛି !

ସାହାରା ଆକାଶରେ କମ୍ପନ ଅନୁଭବ କରେ । ନିଜେ କମ୍ପିତ ହୁଏ, ଶଙ୍କିତ, ସଂକୁଚିତ ହୋଇଯାଏ । ଫେରନ୍ତି ଟିକିଏ ଛୁଇଁଦିଏ ରହସ୍ୟମୟୀ ସ୍ଫିନକ୍‌ସ୍‌କୁ । ''ହେ ! ତୁ କୁଆଡ଼େ ସବୁ ଜାଣୁ । ଧୂସର ସିଂହରୂପିଣୀ, ପ୍ରାଚୀନତମା ନାରୀ, ତୁ କୁଆଡ଼େ ସୂର୍ଯ୍ୟର ଜନ୍ମ ଦେଖି ଆସିଛୁ । କହନା ଦେଖି ଏ ତୃଷା ମେଣ୍ଟିବାର ନା ନୁହେଁ ?'' ସ୍ଫିନକ୍‌ସ୍ କହେ, '' 'ରା', 'ରା', 'ରା' !!'' - ଓଃ, ତା'ର ଏ ପ୍ରଚଣ୍ଡ ମନ୍ତ୍ରରେ ସୂର୍ଯ୍ୟ ଉଇଁଆସିବ । ପ୍ରଖର, ଶାଣିତ, ପ୍ରୋଜ୍ଜ୍ୱଳ ହୋଇଯିବ ତା'ର ଅଗ୍ନି ।। ସାହାରା ପୁଣି ଶିହରିତ ହୁଏ । ରହସ୍ୟମୟୀ ନାରୀ ତାର ଅନନ୍ତ ଗର୍ଭ ଭିତରୁ ଆଉ ଗୋଟିଏ ସ୍ୱର ଟେକି କହେ, ''ସାହାରା, ତୁ ସମୁଦ୍ରର ଶିଶୁ ! ଅତୀତରେ ତୋ'ର ସମଗ୍ର ବିସ୍ତାର ସମୁଦ୍ରର ହିଁ ଉପନିବେଶ ଥିଲା । ସମ୍ରାଟର ଇଚ୍ଛାରେ ତାହା ଘୁଞ୍ଚିଯାଇଛି - ଆଜିକ

Digitized by srujanika@gmail.com

ହେଉଛି ସମୁଦ୍ର । ତୋର ତୃଷା ସମୁଦ୍ରକୁ ଶୋଷିନେବାକୁ ଏବେ ଯଥେଷ୍ଟ ନୁହେଁ । ଆହୁରି ଉତ୍ତପ୍ତ ହୁଅ । ଆହୁରି ଜଳିଯାଅ । ତୋର ତପସ୍ୟା ଉଗ୍ରତର ହେଉ । ସୂର୍ଯ୍ୟକୁ ଆବାହନ କର । ସମୁଦ୍ର ଆସିବ - ସମୁଦ୍ର ଆସିବ - 'ରା' - 'ରା' - 'ରା' ।

ସାହାରା ପ୍ରକମ୍ପିତ ହୁଏ । ଦୁରନ୍ତ ଅତୀତର ସମୁଦ୍ର ସ୍ମୃତି ତାକୁ କଣ୍ଟକିତ କରେ । ଭବିଷ୍ୟତର ନୀଳଶୀତଳ ସ୍ୱପ୍ନରେ ସେ ଦ୍ରବିଭୂତ ହୁଏ । ସ୍ୱପ୍ନରେ ଉଚ୍ଚାଟ ସୃଷ୍ଟି ହୁଏ । ସଂକଳ୍ପ ଘୋଷଣା କରେ, ଅବଶ୍ୟ ତପସ୍ୟା ତୀବ୍ରତର ହେବ । ତୃଷା ଗଭୀରତର ହେବ । ସୂର୍ଯ୍ୟର ଅଗ୍ନି ଆହୁରି ଦହ୍ୟମାନ ହେଉ । ଅନ୍ତରୀକ୍ଷରେ ଏକମାତ୍ର ଇନ୍ଧନରୂପେ ସେ ଜଳିଯାଉ । ଦିଗବିଦିଗ ସ୍ଫୁଲିଙ୍ଗ ହୋଇ ଝରିଯାଆନ୍ତୁ - ତେବେ ହୁଏତ ସମୁଦ୍ର ଆସିବ । ସ୍ଫିନ୍‌କ୍ସ୍ କହିଛି ସେ ଅବଶ୍ୟ ଆସିବ । ଯୁଗାବଧି ବ୍ୟାପି ଶୋଷକୁ ଉପେକ୍ଷା କରି, ଅନ୍ତହୀନ ନିରାଶାର ଧୂସର ବାଲିକୁ ଉତ୍‌କ୍ରମଣ କରି, ସାହାରା ସମୁଦ୍ରର ସ୍ୱପ୍ନରେ ବିଭୋର ହୁଏ ।

ରାତ୍ରି ସରିଆସେ । ସାହାରା ସଂକୁଚିତ ହୋଇଆସେ ନିଜର କେନ୍ଦ୍ରକୁ । ଶୀତଳ ପ୍ରଭାତରେ ତା'ର ଆତ୍ମା ସ୍ୱପ୍ନରେ ବୋଝେଇ ହୋଇ ଫେରୁଥାଏ । ସେ ସ୍ତମ୍ଭିତ ହୋଇ ଦେଖେ ଯେ ନବୀନା ସନ୍ୟାସିନୀର ଢଳଢଳ ଆଖିପରି ଓସସିସ୍‌ଟିଏ । ଧାରେ ଲେଖା ସବୁଜ ଅଂଜନରେ ରଞ୍ଜିତ ଖୁବ୍ ଗହୀର, ଖୁବ୍ ନେଳି ସେ ଆଖି, ମୃଗତୃଷ୍ଣାଠାରୁ ଆହୁରି ସୁନ୍ଦର, ଆହୁରି ସ୍ନିଗ୍ଧ ! ସାହାରା ଚମକିପଡ଼େ - ଭାବେ, ନୀଳନଦୀ ବୋଧହୁଏ ଏମିତି ଲୁଚି ଲୁଚି ଅଭିସାର କରି ଆସିଛି । ବୋଧହୁଏ 'ନାଇଜର' ବି ଲୁଚି ଲୁଚି ଆସିବାକୁ ଚାହେଁ । ହୋଇପାରେ ଏହାହିଁ ଅନାଗତ ସମୁଦ୍ରର ପ୍ରଥମ ବିନ୍ଦୁ । ସାହାରା ସେ ସବୁଜ ଅଂଜନକୁ, ସେ ଗହୀର ନୀଳ ସ୍ନିଗ୍ଧତାକୁ ପିଇଯାଏ କି ସ୍ୱପ୍ନରେ ଶୋଇଯାଏ ସେ ଜାଣିପାରେନା । ମୁହୂର୍ତ୍ତକରେ ଜାଗିଉଠେ ସୂର୍ଯ୍ୟ । ଆକାଶ ହୋଇଯାଏ ଲୋହିତ ପିଙ୍ଗଳ । ସମଗ୍ର ସାହାରା କେବଳ ନିରାଶାର ଧୂ ଧୂ ବାଲି... ।

ସାହାରାକୁ ଆପଣ ଅସ୍ୱୀକାର କରିପାରିବେ ନାହିଁ... । ତା'ର ଏ ତୃଷାର୍ତ୍ତ ବିସ୍ତାର ଦେଖି ହୁଏତ ତାକୁ ଆପଣେଇବାକୁ ଶଙ୍କିତ ହେବେ । ଏତେ ନିରାଶା, ଏତେ ବାଲି, ଏତେ ଶୋଷ ନେଇ ଆପଣ ବଞ୍ଚିପାରିବେ ନାହିଁ ବୋଲି, ପ୍ରତିଦିନର ସ୍ୱପ୍ନ ପରେ ଏତେ ପ୍ରବଳ ଭାବରେ ବିଡ଼ମ୍ବିତ ହୋଇପାରିବେ ନାହିଁ ବୋଲି ଅସ୍ଥିର ହୋଇପଡ଼ିବେ । କାରଣ ଆପଣ ଏବେ ମଧ୍ୟ ସମୁଦ୍ରର ତରଙ୍ଗ ମାୟାରେ, ତା'ର ଝିଲିମିଲି ଝରଣାରେ ଠିଆ ରହିଛନ୍ତି - ଅସ୍ୱୀକାର କରୁଛନ୍ତି ସମୁଦ୍ରକୁ । ଅସ୍ୱୀକାର କରୁଛନ୍ତି ଏ ବିସ୍ତୀର୍ଣ୍ଣ ବାଲିର ସତ୍ୟକୁ । ସାହାରା ଆପଣଙ୍କ ସମଗ୍ର ଜୀବନର ବିସ୍ତାର । ଆପଣ ଯେଉଁ ଓସସିସ୍‌ରେ ହଠାତ୍ ପହଞ୍ଚିଛନ୍ତି, ଯେଉଁ ବନ୍ଧୁପରିବାରଙ୍କ ସ୍ନିଗ୍ଧତାରେ ବିଭୋର ଅଛନ୍ତି - ତା'ର ଉଦ୍ଭିଦ-ବଳୟର ସବୁଜ ଫାଙ୍କବାଟେ ଟିକିଏ ଆଗକୁ ଅନାନ୍ତୁ, ଟିକିଏ ପଶ୍ଚାତ୍‌କୁ ଅନାନ୍ତୁ । ଅଜସ୍ର ବାଲିହିଁ ସତ୍ୟ ସାହାରାରୁ ସାହାରାକୁ ହିଁ ଆପଣଙ୍କ ଯାତ୍ରା । ଆପଣଙ୍କର ସହଚର ଅନନ୍ତ ତୃଷା ଏବଂ ସବୁବେଳେ ଅପସରିଯାଉଥିବା ମରୀଚିକାର ମାୟା ।

Digitized by srujanika@gmail.com

ସାହାରା ପଞ୍ଚାଗ୍ନି ତପସ୍ୟାର ଭୂମି - ସେଠି ଜଳିଯାଏ ଜୀବନର ସବୁ ପ୍ରକାର ସବୁଜ ମୂଲ୍ୟ, ମଉଳିଯାଏ ସମସ୍ତ ନୀଳପଦ୍ମ । ଧୂସର ଉତ୍ତପ୍ତ ତୃଷିତ ବାଲୁକାଟି ହିଁ ସତ୍ୟ । ତରଳ ତାମ୍ର ପରି ଲୋହିତ ପିଙ୍ଗଳ ଆକାଶ ସତ୍ୟ ! ନିରାଶା ସତ୍ୟ ! ଯାତନା ସତ୍ୟ ! ... ସୂର୍ଯ୍ୟପରି ତୀବ୍ର, ଶାଣିତ, ନିର୍ମମ ଏବଂ ଦୁଃସହ ସତ୍ୟ । ...ଆପଣଙ୍କର ରକ୍ତକଣିକାଗୁଡ଼ିକ ବିବିଧ ଛନ୍ଦରେ ଯେଉଁ ଲୋହିତ ସ୍ୱପ୍ନ ସୃଷ୍ଟି କରନ୍ତି, ଯେଉଁ ସବୁଜରଙ୍ଗର ତୋରଣ ଭିତରୁ ନୀଳ ନୀଳ ଓଏସିସ୍ ଆପଣଙ୍କୁ ଆବାହନ କରନ୍ତି, ସେ କେବଳ ମୁହୂର୍ତ୍ତକର ମାୟାଞ୍ଜନ । ଆପଣଙ୍କର ଅନନ୍ତ ବିସ୍ତୃତି କେବଳ ବାଲି ଏବଂ ସୂର୍ଯ୍ୟର ସାହାରା ।

ଏ ବିଚିତ୍ର-ବର୍ଣ୍ଣା ପୃଥିବୀଟି ଗୋଟିଏ ବର୍ତ୍ତୁଳ ଓଏସିସ୍ ! ତା'ର ଏପାଖେ ବର୍ଣ୍ଣହୀନ, ଅନ୍ତହୀନ ବିପୁଳ ଆକାଶ, ସେପାଖେ ମଧ୍ୟ ଆକାଶ ! ଲକ୍ଷ ଲକ୍ଷ ସୂର୍ଯ୍ୟ ପିଣ୍ଡ ଏଠି ଜଳିଯାନ୍ତି । ଶୁଷ୍କ ନୀହାରିକାର ତାରକା-ରେଣୁଗୁଡ଼ିକ ଉତ୍ତପ୍ତ ଝଡ଼ର ବିସ୍ଫୋରଣରେ ଆହତ ହୁଅନ୍ତି, ପୁଣି ଝଡ଼ିପଡ଼ନ୍ତି ରେଣୁ ରେଣୁ ହୋଇ । ମରୀଚିକାର ବଳୟ ଅନ୍ତରାଳରୁ ଚାହିଁଲେ ମଧ୍ୟ ଏ ବ୍ୟାପ୍ତି ଶୁଷ୍କ ସାହାରାର ହିଁ ବ୍ୟାପ୍ତି । ଏ ପୁଷନ୍, ଏ ସବିତା, ଏ ହିରଣ୍ମୟ ଆଦିତ୍ୟ, ସମସ୍ତେ କେବଳ ଦହ୍ୟମାନ ଉଲ୍କାପିଣ୍ଡ । ଏଇଠି ଦହନ ସତ୍ୟ, ପୀଡ଼ନ ସତ୍ୟ, ବିସ୍ଫୋରଣର ଯନ୍ତ୍ରଣା, ତା'ର ଲେଲିହାନ ଅଗ୍ନି ସତ୍ୟ । ଏ ସାହାରା ଦଗ୍‌ଧୀଭୂତ ହୁଏ ସୂର୍ଯ୍ୟର ଆଶ୍ଳେଷରେ, ବିଡ଼ମ୍ବିତ ହୁଏ ମୃଗତୃଷ୍ଣାର ସ୍ୱପ୍ନରେ । ଏ ମରୁକାନ୍ତାର ଅଗ୍ନି ସେବନକରେ । ଏହାର ତୃଷା ବହ୍ନିମାନ । ନିସ୍ପନ୍ଦ, ନିର୍ବାକ୍, ଧୂସରବର୍ଣ୍ଣ ଏ ସାହାରା, ଅନନ୍ତ ଯୁଗଚକ୍ରର ବର୍ମ୍ମ ! ଏଠି ଶ୍ୟାମଳ ଯୁଗାବତାରଗୁଡ଼ିକ ଓଏସିସ୍‌ର ବିନ୍ଦୁ ପରି ଲିଭିଯାଆନ୍ତି - ଅବଶିଷ୍ଟ ବିପୁଳ, ଜ୍ୱଳନ୍ତ ସତ୍ୟ - କେବଳ ପରିଦହ୍ୟମାନ ବାଲି ଏବଂ ବହ୍ନିମାନ ସୂର୍ଯ୍ୟ ।

❖❖❖

Digitized by srujanika@gmail.com

ସେପାରି

ବୈତରଣୀ ଭଳି ଗୋଟିଏ ଅତି ଦୁସ୍ତର ବ୍ୟବଧାନ ମଝିରେ ରହି ସରହଦ ବାଣ୍ଟି ନ ଦେବା ପର୍ଯ୍ୟନ୍ତ ବୋଧହୁଏ ଏପାରିଠାରୁ ସେପାରି ଅଲଗା ହୋଇପାରିବ ନାହିଁ । ଅମାପ ଗହୀରର ଏ ଘନକୃଷ୍ଣ ସୀମାରେଖାଟି କିନ୍ତୁ କେତେ ସାନ୍ଦ୍ର, କେତେ ବିସ୍ତୃତ ତାହା କଳନା କରିହୁଏ ନାହିଁ । ବୁଝି ମଧ୍ୟ ହୁଏ ନାହିଁ ସେ ପୃଥକ୍ କରେ ନା ସଂଯୁକ୍ତ କରେ । ସେପାରିର ସଙ୍ଘାତ, ତା'ର ଆକର୍ଷଣ ଆମକୁ ଅହରହ ଚଞ୍ଚଳ କରେ । ଆମ ମନରେ ଉଚ୍ଚାଟର ଢେଉ ତୋଳେ । ଆମେ ବିଭୋର ହୋଇ ତା'ର ବାସ୍ନାରେ ଦିଗ ବାରି ଅଜ୍ଞାତ ଭିତରକୁ ଧସେଇ ପଶିଯାଉ । ସେ ସେମିତି ଟାଣୁନଥିଲେ ଆମେ ବୋଧହୁଏ ଏପାରି ମାଟିରେ ହୁଙ୍କା ବାନ୍ଧିଯାଆନ୍ତେ, ବୁଡ଼ିଯାଆନ୍ତେ ଗୋଟିଏ ନିସ୍ତରଙ୍ଗ ଅନ୍ଧାର ଭିତରକୁ । ଏଡ଼େ ବଡ଼ ବିସ୍ତୃତ ସମୁଦ୍ରର ବୁକୁ ଉପରେ ବଟପତ୍ର ପରି ଏଡ଼େ ଟିକେ ନାଆ ଫାଳକରେ ଠିଆହୋଇ ସାଢେ ତିନି ହାତର ମଣିଷଟିଏ ସାଢେ ତିନି ମାଇଲ ବ୍ୟାସାର୍ଦ୍ଧକୁ ଅନାଏ । ତା'ର ଆଗରେ ପଛରେ, ବାଁ ଡାହାଣ, ଏପାଖ ସେପାଖ, ସବୁଆଡ଼େ କେବଳ ସେପାରି । ଗୋଟିଏ ମାତ୍ର ଆକାଶର ଫାଳକରେ ପୂର୍ବ, ଫାଳକରେ ପଶ୍ଚିମ - ଯାତ୍ରୀ କେବଳ ପହଁରୁଥାଏ ସୂର୍ଯ୍ୟରୁ ସୂର୍ଯ୍ୟକୁ । ଅଜ୍ଞାତ ଗର୍ଭରୁ । ସେଇଭଳି ପହଁରିଯାଆନ୍ତି ଅସଂଖ୍ୟ ମୃତ-ସୂର୍ଯ୍ୟର ଖାଲି କୁତୁଆଗୁଡ଼ିକ ଏବଂ ଜମା ହୋଇଯାନ୍ତି ପଶ୍ଚିମରେ !... ସମଗ୍ର ଅତୀତ ସେପାରି ସମଗ୍ର ଭବିଷ୍ୟତ ମଧ୍ୟ ସେପାରି । ଉଭୟଙ୍କୁ ଛୁଇଁହୁଏ ନାହିଁ, ସେମାନଙ୍କ ସହିତ ଅସଂଲଗ୍ନ ମଧ୍ୟ ରହିହୁଏ ନାହିଁ । ମଝିରେ ସେଇ ଘନକୃଷ୍ଣ ସୀମାରେଖାଟି ସରହଦ ବାଣ୍ଟିଦିଏ । ଜାଣିହୁଏ ନାହିଁ ସେ ସଂଯୁକ୍ତ ନା ବିଯୁକ୍ତ କରେ ।

ତେବେ ଯାହା କଲେ ମଧ୍ୟ ସେପାରିଟି ସବୁବେଳେ ଅପ୍ରତ୍ୟକ୍ଷ ରହିଯାଏ । ଅନ୍ଧାର ଘର ଭିତରେ ଲୁଚିଥିବା ବ୍ୟକ୍ତିପରି ତାକୁ କେବଳ ମୋଟାମୋଟି ଠଉରେଇ ହୁଏ ସିନା, ଠିକ୍ ଠିକ୍ ଆଉ ବାରିହୁଏ ନାହିଁ । ଏଣୁ ମନର ବିଶ୍ୱକର୍ମା ତାକୁ ଗୋଟାଏ ପ୍ରକାର ରୂପ ଓ ରଙ୍ଗର ସମ୍ଭାବ୍ୟଦେଇ ଗଢିନିଏ । ଗଢୁ ଗଢୁ ତୂଳି କିନ୍ତୁ ବୁଡ଼େଇଦିଏ କେତେବେଳେ ଆଶଙ୍କା ଏବଂ ଅନ୍ଧକାରରେ, କେତେବେଳେ ବା ଆଶାର ସବୁଜ ମମତ୍ୱ ଭିତରେ । ଫଳରେ 'ସେପାରି'ର ଚିତ୍ରଟି ହୋଇଯାଏ ଅତି ଭୟଙ୍କର ଓ ବିକଟାଳ, କିମ୍ବା ବନ୍ଧୁ ସହୋଦରଙ୍କର ବହୁ ଅଭିଳଷିତ ସ୍ନିଗ୍ଧତାରେ ମନୋରମ, କିନ୍ତୁ ସତକୁସତ ଯେତେବେଳେ ଦିଗ୍‌ବଳୟ ଉପରକୁ 'ସେପାରି'ର ଗିରଚୂଡ଼ା ଦିଶିଯାଏ, ସେ ହୁଏ ଏକ ଅପ୍ରତ୍ୟାଶିତ ବିସ୍ମୟ । ସଂପୂର୍ଣ୍ଣ ଗୋଟିଏ ନୂଆ ମେଘ । ସେ ପୁଣି

Digitized by srujanika@gmail.com

ପାଖେଇ ଆସେ । ଆସ୍ତେ ଦେହଘଷା ହୋଇଯାଏ । ଘୋରିହୋଇଯାଏ ତାର ସବୁ ରଙ୍ଗ, ମିଳେଇଯାଏ ସବୁ ବାସ୍ନା । ଲବଣାକ୍ତ ନାଆ ଫାଳକରୁ କିଛି ଆମିଷ ଗନ୍ଧ, କିଛି ଅଙ୍ଗାରକାମ୍ଳ, କିଛି ସ୍ୱେଦ କର୍ଦ୍ଦମ ନେଇ ସେ ଘୁଞ୍ଚିଯାଏ । ଆଉ ଦିନେ ଦେଖିଲାବେଳକୁ, ସେଇଭଳି ଗିରିଚୂଡ଼ା ଟେକିଦେଇ ସେ ପଶ୍ଚିମ ଆକାଶରେ ବୁଡ଼ିଯାଉଛି । ହାତ ବଢେଇଲେ ଆଉ ପାଉନାହିଁ । ବୁକୁରେ ଗୁଡ଼ାଏ ପବନ ଭରିଯାଏ । ଆଖିରେ ଭରିଯାଏ ଗୁଡ଼ାଏ ପାଣି । ସତକୁ ସତ ସେପାରି ଚାଲିଗଲା ଯେ ! ଅନେକ ତାରୁଣ୍ୟ, ଭାର ଭାର ପ୍ରଣୟର ଚମ୍ପାଫୁଲ, ପତ୍ନୀଙ୍କର ଅମ୍ଳାନ ଯୌବନର ପାରିଜାତ, ପ୍ରଥମ ପିତୃତ୍ୱର ହୀରାମୁକୁଟ ସବୁ ଚାଲିଗଲା । ସେ ଝଲକରେ ଦିଶିଯାଏ ଅନେକ ଅସ୍ତ ସୂର୍ଯ୍ୟର ଶ୍ମଶାନ । କୁଢକୁଢ ଭଙ୍ଗା କୁଡୁଆ ଆଡ଼େଇ ହୋଇଯାଏ । ତା'ରି ଭିତରେ ଶୋଇ ରହିଥାଏ କେଡ଼େ ଚମତ୍କାର ରଙ୍ଗର ପ୍ରଜାପତି, କେତେ ସୁନ୍ଦର କାଗଜ ଡ଼ଙ୍ଗା, କେତେ କନିଅର, କେତେ ବାସ୍ନା, ସୁକୁମାର ଶୈଶବର କେତେ ଯେ ନଗ୍ନ-ସମ୍ପଦ !... ବୁକୁରୁ ପବନ ଝରିଯାଏ, ଆଖିରୁ ଲୁହ ଝରିଯାଏ । କିଛି ସମୟ ପାଇଁ ଯାତ୍ରାର ଦିଗ ବଦଳିଗଲାପରି ବୋଧହୁଏ । ମନେହୁଏ ସେଇ ଶେଷ ଗିରିଚୂଡ଼ା ପରି ଆମେ ସବୁ ପଶ୍ଚିମର ହିଁ ଯାତ୍ରୀ ।

ସେପାରିରେ ସବୁ ସୁନ୍ଦର । ସେଠି ସତେ ବା ଗୋଟାଏ ପ୍ରଚ୍ଛନ୍ନ ପରକୀୟାର ଦୁର୍ବାର ଆକର୍ଷଣ । ଏପାରି ପାହାଡ଼ କେବଳ କଣ୍ଟାବୁଦା ଏବଂ କଙ୍କରର ସ୍ତୂପ । ଏପାରି ନଈ ଧାରରେ ଅନେକ କର୍ଦ୍ଦମ ! ଏପାରି ଗଛଗୁଡ଼ିକ ଗଣ୍ଠିଆ, ଗୁଡିଆ, ନିଷ୍ଫଳ ବନସ୍ପତି । ସେପାରିର ଡାଳେ ଡାଳେ କିନ୍ତୁ କଦମ୍ବ, ଧାରେ ଧାରେ ଯମୁନା । ପାହାଡ଼ଗୁଡ଼ିକ ଶ୍ୟାମଳ ସୁନ୍ଦର । ସେପାରିର ଅଖଣ୍ଡ କୁଞ୍ଜବନରେ ଅହରହ ବଂଶୀ ଡାକୁଥାଏ । ଏପାରିରୁ ବିମୁଖ ହୋଇ ଆମେ ସେପାରିକୁ ଅଭିସାର ରଚିବାକୁ ଉତଲା ହୋଇ ଉଠୁ । ବିଷ ପରି ପିତା ଲାଗେ ପ୍ରାପ୍ତ ବସ୍ତୁ ! ସ୍ୱକୀୟା ଜଣାପଡ଼େ ଏକ ଦୁଃସହ କାରାକକ୍ଷ, ଲୁହାର ଶୀତଳ ପଞ୍ଜୁରୀ ! ସେପାରିର ବଂଶୀ-ବିଭୋର ଜନନୀ ପୁଅଟିକୁ କାଟି ଦେଇ ରକ୍ତର ହାହାକାର ଭିତରେ ବସିଯାଏ । ଜାଣିପାରେ ନାହିଁ ଏପାରିକୁ ସେ କିପରି ହତ୍ୟା କରିଛି । ତା' ଆଖିରେ ସେପାରିର ସବୁଯାକ ନେଳି ନେଳି ପାହାଡ଼, ସବୁଯାକ କୁଞ୍ଜବନ, କାନରେ ସେପାରିର ଅଖଣ୍ଡ ବେଣୁଧ୍ୱନି । ଏହିପରି ବିମୂଢ଼ କଲାଭଳି ଏପାରିରୁ ଓଟାରି ନେଲାଭଳି, ତାର ଦୁର୍ନିବାର ପରକୀୟା, ତାର ଦୁର୍ବାର ଆକର୍ଷଣ !

ମୟୂରପୁଚ୍ଛ ପରି ଗିରିଚୂଡ଼ା ଟେକି ସେପାରି ଆସେ । କିଛି ଗୋଧୂଳି ସନ୍ଧ୍ୟା, କିଛି ବର୍ଷନ୍ତ ରାତ୍ରିପରେ ସେ ଚାଲିଯାଏ । ଏପାରିକୁ ଆସି ସେ କିଛି ବିଷପାନ କରେ । କିଛି ଅଗ୍ନି ପାନକରେ । କିଛି ଦୋହନ କରେ, କିଛି ଦହନ କରେ । ତା'ପରେ ଚାଲିଯାଏ । ମୟୂରପୁଚ୍ଛ ପରି ସେ ଗିରିଚୂଡ଼ା ବୁଡ଼ିଯାଏ ପଶ୍ଚିମର ଆଡୁଆଳରେ ।... ଆମ ବୁକୁ ଭିତରେ ପବନ ଭରିଯାଏ । ଆକ୍ଷିରେ ଭରଯିାଏ ପାଣି । ଆମେ ହାହାକାର କରୁ । 'ସେପାରି' ଯେଉଁଭଳି ଆମର ସାଢେ ତିନିମାଇଲ ବ୍ୟାସାର୍ଦ୍ଧ ବାହାରେ ଥିଲା, ସେହିପରି ସେ କ୍ଷୁଦ୍ର ବ୍ୟାସାର୍ଦ୍ଧ ବାହାରକୁ ପୁଣି ଚାଲିଯାଏ । ଆମେ ପୂର୍ବରୁ ପଶ୍ଚିମକୁ ମୁହଁ ବୁଲେଇଦେଇ ସେଇ ଲବଣାକ୍ତ ନାଆ ଫାଳକରେ ଅଶ୍ରୁବର୍ଷଣ କରୁ !

Digitized by srujanika@gmail.com

ଅନାଗତ ପାଇଁ ଯେଉଁ ପ୍ରଣୟର ଅଗ୍ନି ଜଳିଥିଲା, ତା'ର ଶିଖା ମଉଳିଯାଏ । ବିରହର ଅଜସ୍ର ଧୂଆଁ ବାଷ୍ପରୋଧ କରେ । ସରିଆସେ ଯାତ୍ରା । ସେପାରିର ଅନଳ ପ୍ରସାରିତ ହୋଇଯାଏ ପୂର୍ବରୁ ପଶ୍ଚିମକୁ । ପତଙ୍ଗଟି ସାଙ୍କୁଡ଼ିଯାଏ । ଜଳିଯାଏ ତା'ର ଅମାନିଆ ଦୁଇଟି ଡେଣା ! ଏହିପରି ମୁଗ୍ଧ କଳାଭଳି, ଦଗ୍ଧ କଳାଭଳି, ପ୍ରେମ ଓ ବିରହର, ସ୍ୱପ୍ନ ଓ ଯାତନାର ଚିର ଅପ୍ରତ୍ୟକ୍ଷ ରାଜ୍ୟ ହେଉଛି 'ସେପାରି ।'

କେବଳ ଆଖିରେ ମାପିଦେଲେ ଯେ ମାତ୍ର ସାଢେ ତିନିମାଇଲର ବ୍ୟାସାର୍ଦ୍ଧଟିଏ ଆମ ସରହଦର ସୀମା ନିର୍ଦ୍ଦେଶ କରୁଛି, ତା' ନୁହେଁ, ଆଉ ଚାରିଟି ଇନ୍ଦ୍ରିୟର ଦୌଡ଼ ମଧ ସେ ସିଝୁବାଡ଼ ପରି । କଟୁ, ମଧୁର ଯାହା ଶ୍ରୁତିରେ ଶୁଭେ, ଶୀତ, ଉଷ୍ଣର ସୁଖ ଦୁଃଖ ଯାହା ତ୍ୱଚାରେ ଅନୁଭୂତ ହୁଏ, ସେଥିରେ ତ ପରମବ୍ୟୋମର ସମ୍ଭାବନା ସମ୍ପେଇପାରେନାହିଁ । ସେପାରିର ଅକଳନୀୟ ସତ୍ୟ ଲହଡ଼ି ମାରୁଥାଏ । ତା' ଭିତରୁ କିଛି ଆମ ଯାତ୍ରାରେଖାରେ ଆସିଗଲେ, ଆମେ ଆମ ପାଞ୍ଚଟି ମୁହଁରେ ତାକୁ ଗ୍ରହଣ କରିନେଉ, ଆହ୍ଲାରେ ଆହ୍ଲାଏ ମାତ୍ର ସମୁଦ୍ରକୁ ବେଳେ ବେଳେ ଛୁଇଁ ହୁଏ - କିନ୍ତୁ ବିପୁଳ ଅଂଶଟି ବାଏଁ ବାଏଁ ଉଡ଼ିଯାଏ । ଆମେ ତା'ର ଟେର୍ ବି ପାଇପାରୁନା । ଏ ପୃଥିବୀର ସାତୋଟି ମହାଦ୍ୱୀପ, ସାତୋଟି ସାଗରରେ ରୂପ ରସ ଗନ୍ଧ ସ୍ପର୍ଶର ସୁବିପୁଳ ସଙ୍ଘାତ ଆମର ସାଢେ ତିନିମାଇଲ ଭିତରକୁ ଆସିବା ସମ୍ଭବ ନୁହେଁ । ଏଣୁ ସେପାରି ଆକାଶରେ ଧ୍ରୁବତାରା ବୁଡ଼ିଯାଏ । 'କଳାହାରୀ' କଣ୍ଟାବଣରେ ଫୁଲ ଝରିଆସେ । ଆମେଜନ୍ ଅଜାଡ଼ି ହୋଇଯାଏ ଆଟଲାଣ୍ଟିକ୍ ସାଗରରେ । ବରଫର କୁହୁଡ଼ି ଭିତରେ ମେରୁଜ୍ୟୋତି ଲିଭିଯାଏ । ଏ ସମସ୍ତଙ୍କର ସହାବସ୍ଥାନ ପାଇଁ ଏ ପାରିରେ ପରିସର କାହିଁ, କ୍ଷେତ୍ରଫଳ ବା କାହିଁ ? ଯଦି ପ୍ରଚଣ୍ଡ ବେଗରେ ଏ ସୁବିପୁଳା ପୃଥିବୀ ଉପରେ ଆମେ ସେଇ ବୃତ୍ତଟିକୁ ନେଇ ଘୂରିବୁଲୁ, ତେବେ ମଧ କିଛି ହୁଏନାହିଁ । ସମୟ ଅଟ୍କେ ନାହିଁ, ବର୍ଷ, ମାସ, ଦିନ ସରିଯାଏ । ଜୀବନର ବାଲି ଝରିଯାଏ ରେଣୁ ରେଣୁ ହୋଇ । ଏଣୁ ସେପାରିର ସମଗ୍ର ଐଶ୍ୱର୍ଯ୍ୟକୁ ଏପାରି ପର୍ଯ୍ୟନ୍ତ ବୁହାଇ ଆଣିବା କିମ୍ବା ତାର ବିପୁଳତାକୁ ଏ ଦିଗଚକ୍ରରେ ସୀମିତ କରିଦେବା ଏକ ବିଫଳ ପ୍ରଚେଷ୍ଟା ।

ମନଟିର ବିସ୍ତାର କିନ୍ତୁ ଏଭଳି ନୁହେଁ । ସେ ତା'ର ସୂକ୍ଷ୍ମରୂପରେ ଏ ସମସ୍ତଙ୍କୁ କଳନା କରିନେଇ କହେ, ''ଭାବ ନାହିଁ ଯେ ଏପାରି ଅର୍ଥ କେବଳ ଏଇ ଟିକକ । ମେରୁଠାରୁ ମେରୁ ପର୍ଯ୍ୟନ୍ତ ଏ ସମଗ୍ର ଧରିତ୍ରୀ ଏପାରି । ଏ ମରୀଚିମାଳୀ ସୂର୍ଯ୍ୟଠାରୁ ମହାବ୍ୟୋମ ପର୍ଯ୍ୟନ୍ତ ଜଡ଼, ଚେତନ, ସ୍ଥାବର, ଜଙ୍ଗମ ସବୁ ଏପାରି । ମୁଁ ଯାହା ଧାରଣ କରିପାରେ, ଯେଉଁ ପର୍ଯ୍ୟନ୍ତ ଗମନ କରିପାରେ, ଯାହା ବାକ୍‌ରେ ପ୍ରକାଶିତ ହୋଇପାରେ, ଏ ସମସ୍ତ ଭୀମ ଭୈରବ, ମଧୁର ବିକଟ ସବୁ ଏପାରି । ଅଶ୍ୱତ୍ଥ ଆଦି ଏ ସମସ୍ତ ବନସ୍ପତି, ଗଙ୍ଗାଦ୍ୟା ସରିତଃ, ନାଗଲୋକରୁ ବ୍ରହ୍ମଲୋକଯାଏଁ ଏ ଚୌଦଭୁବନ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସବୁ କିଛି ଏପାରି । ... କିନ୍ତୁ ମୁଁ ମଧ ଏପାରିରେ ହିଁ ରହିଯାଏ ଏବଂ ଏ ସମସ୍ତର ସୀମାରେଖାରେ ବିମୂଢ ହୋଇ ଚାହିଁରହେ । ସେପାରି ତଥାପି ରହିଯାଏ ବୋଲି ମୁଁ ସ୍ୱୀକାର କରୁଛି, କିନ୍ତୁ ତାହା କ'ଣ ମୁଁ ଜାଣେନା, ତାହା ମୋର

Digitized by srujanika@gmail.com

ଗୋଚର ନୁହେଁ, ବୋଧଗମ୍ୟ ନୁହେଁ । ଏ ଘନକୃଷ୍ଣ ମୃତ୍ୟୁବଳୟର ଶୀତଳ ସ୍ପର୍ଶ ଭେଦକରି କାଳର କୁଞ୍ଚିତ କେଶାଗ୍ରର ଊର୍ଦ୍ଧ୍ୱରେ କ'ଣ ବିଦ୍ୟମାନ ମୁଁ ଜାଣେନା । ଶ୍ରୁତିର ଅତିରିକ୍ତ ଶବ୍ଦପରି, ଦୃଷ୍ଟିର ଅତିରିକ୍ତ ଜ୍ୟୋତିପରି, ମୋର ଅତିରିକ୍ତ ସତ୍ୟ ଅବଶ୍ୟ ଅଛି ! ତାହା ଅଛି ! ତାହା ଅଛି !

ମନକୁ ସ୍ତମ୍ଭିତ କରି ତାକୁ ଅତିକ୍ରମ କରିଥିବା ଏବଂ ମୃତ୍ୟୁକୁ ଅତିକ୍ରମ କରି ନିଜେ ସ୍ତମ୍ଭିତ ହୋଇଥିବା କେହି ଜଣେ କହନ୍ତି - ''ମନ ବା ଶରୀରର କୌଣସି ଅଙ୍ଗ ସେପାରିକୁ ଯିବାପାଇଁ ସମର୍ଥ ନୁହେଁ । କୌଣସି ଇନ୍ଦ୍ରିୟ ସଂଯମ ନୁହେଁ ତାକୁ ଧାରଣ କରିବାକୁ, ତାକୁ ଗ୍ରହଣ କରିବାକୁ । ପ୍ରତ୍ୟେକ ଅଙ୍ଗ ଯଦି ସକଳ ଇନ୍ଦ୍ରିୟର ବୃତ୍ତିରେ ବୃତ୍ତିମନ୍ତ ହୋଇଯାଏ, ତେବେ ମଧ୍ୟ ତାକୁ ଧାରଣା କରିବା ସମ୍ଭବ ନୁହେଁ । ଗୋଷ୍ପଦରେ ମହାବ୍ୟୋମ ପରି ସେ ଏକ ଅସମ୍ଭବ ଅବସ୍ଥା । କୂର୍ମର ଅବୟବ ପରି ଏ ସମସ୍ତ ଇନ୍ଦ୍ରିୟ ଏକତ୍ରିତ ହେଲେ ମଧ୍ୟ ସେ ଅବ୍ୟକ୍ତ-ତ୍ରିପାଦପାଇଁ ପରିସର ନାହିଁ, ସାମର୍ଥ୍ୟ ନାହିଁ ତାକୁ ଆସ୍ୱାଦନ କରିବାକୁ ! ଅନନ୍ତ କାଳ ଧରି ଅଣୁରୁ ଅଣିୟାନ୍‌କୁ କ୍ରମାନ୍ୱୟ ଗତି କଳାପରେ, ମହତ୍‌ରୁ ମହୀୟାନ୍‌କୁ ବିସ୍ତୃତ ହେଲା ପରେ ସକଳ ବୃତ୍ତି ଯେଉଁଠି ପରାସ୍ତ ହୋଇପଡ଼ନ୍ତି, ସ୍ଥୂଳ କିମ୍ବା ସୂକ୍ଷ୍ମରେ ଯେ ସର୍ବଦା ଅପ୍ରକଟିତ ହିଁ ରହିଯାଏ, ଯାହାଠାରୁ ପରତରଂ ନାସ୍ତି - ତତ୍‌ସଦିତି, ତତ୍‌ସଦିତି !''

ଆମେ ଏ ବୈତରଣୀଟିର ବ୍ୟାପ୍ତି ଦେଖି ହିଁ ଶଙ୍କିଯାଉ । ଚେତନାର ସବୁ ସ୍ତରରେ ଏ ଅନିର୍ବଚନୀୟା ତା'ର ଧୂମକୁଣ୍ଡଳୀ ବେଢେଇ ରଖିଥିବା ଦେଖି ହତବାକ୍ ହୋଇଯାଉ, ତା'ର ସେ ଅକଳନୀୟ ଆସ୍ତରଣ, ସେ ଶ୍ୟାମଳ ଯବନିକା କ'ଣ କେହି ଭେଦିଯାଇପାରେ ? ଏ ପାରିରୁ ସେ ପାରିକୁ ସମାନ ଭାବରେ ବିସ୍ତୃତ ହୋଇଯାଇପାରେ ? କେଜାଣି ! କେଜାଣି ବା ସେ ପରମ ସୂର୍ଯ୍ୟ ପାଇଁ ଏହା ହୁଏତ ସମ୍ଭବ ! ହୁଏତ ସମ୍ଭବ ନୁହେଁ ମଧ୍ୟ ! କାରଣ ଏପାରି, ସେପାରି ଏବଂ ମଝିରେ ଭାସମାନ ଏ ସଂଯୋଜକ ବା ବିଯୋଜକ, ଏ ସମସ୍ତଙ୍କୁ ଗୋଟେଇ ପୋଟେଇ ଯେଉଁ ଅଦ୍ୱିତୀୟ, ଚମତ୍କାର ଅକସ୍ମାତ୍ କିମ୍ଭୂତଟି ହୁଏ, ତାହା କ'ଣ ? ତାହାହିଁ ତାହା ଯା'ର ସଂଜ୍ଞା ନାହିଁ, ନାମ ନାହିଁ, ରୂପ ନାହିଁ, ଏପାରି ନାହିଁ କି ସେପାରି ନାହିଁ, ମଝିରେ ଭାସମାନ ଘନନୀଳ ଏ ସାନ୍ଦ୍ର ବୈତରଣୀଟି ମଧ୍ୟ ନାହିଁ !!

Digitized by srujanika@gmail.com

Digitized by srujanika@gmail.com

ଦୃଷ୍ଟି ଓ ଦର୍ଶନ

Digitized by srujanika@gmail.com

ପୂର୍ବାଭାସ

ପୁରୁଣା ଗଛ ପରି ପୁରୁଣା ସାହିତ୍ୟ ମଧ୍ୟ ପ୍ରତି ବସନ୍ତରେ ନୂଆ ଶାଖା ମେଲି ଯିବା କଥା । ଯେତେଦିନ ପର୍ଯ୍ୟନ୍ତ ସେ ବଞ୍ଚିଛି ଏ ଧାରା ଅବଶ୍ୟ ଚାଲିଥିବ । ଯଦି କୌଣସି କାରଣରୁ ନ ଚାଲେ, ତେବେ ଜଣାଯିବ ଯେ, ଶିଖ ଆଡୁ ଗଛ ମରି ଆସୁଛି । ଅନେକ ଗଛ ପରି ଅନେକ ସାହିତ୍ୟ ମଧ୍ୟ ଏଭଳି ମରିଗଲେଣି । ସେମାନେ ଅଧିକରୁ ଅଧିକ ଆଉ ବଢିପାରିଲେ ନାହିଁ ; ନୂଆ ଅକାଶରେ ଶାଖା ମେଲିବା ସହଜ ହେଲା ନାହିଁ । ପିରାମିଡ୍‌ର କାନ୍ଥ ଉପରେ ଗୋଟାଏ ସମୟର ଭାଷା ଓ ସାହିତ୍ୟ ପ୍ରସ୍ତରୀଭୂତ ହୋଇ ଲାଖିଯାଇଛି । ଚିରସ୍ରୋତା ଜୀବନର ନୀଳ ନଦୀ ବୋହିଯାଇଛି 'ଗାଜା'ରୁ 'ଆଶ୍ୱାନ୍' ବନ୍ଧ ପର୍ଯ୍ୟନ୍ତ । ସେ ପ୍ରାୟ ସାତ ହଜାର ବର୍ଷର ବାଟ । ପୁରୁଣା ଏବଂ ନୂଆ ଭିତରେ ଗୁଡ଼ାଏ ଅନ୍ଧାରର ବ୍ୟବଧାନ । ଏତେ ବାଟ ଆଉ ସାହିତ୍ୟ ଶାଖା ମେଲିପାରେ ନାହିଁ - କେବଳ ମଞ୍ଜି ଫୋପାଡ଼ିଦିଏ । ଚେର ତଳୁ ପାଣିଧାର ଘୁଞ୍ଚିଗଲେ ସେ ଝାଉଁଳିଯାଏ । କିନ୍ତୁ ଭବିଷ୍ୟତ ଗର୍ଭରେ ତା'ର ବୀଜକୋଷ ପୁଣି ଗଜା ମାରି ବାହାରିଆସେ । ସେଇଭଳି ଗ୍ରୀକ୍, ସେଇଭଳି ଲାଟିନ୍, ସେଇଭଳି ଚୀନା ଏବଂ ସଂସ୍କୃତ ।

ସାହିତ୍ୟ ଯେତେବେଳେ ସମୃଦ୍ଧ ହୁଏ, ସେତେବେଳେ ନୂଆ ନୂଆ ଦିଗରେ ତା'ର ଡଙ୍କ ମାଡ଼େ । ସେହି ଅନୁପାତରେ ନୂଆ ନୂଆ ବର୍ଗ ମଧ୍ୟ ସୃଷ୍ଟି ହୁଅନ୍ତି । ଚଉତିଶା, କଳସା, ଚମ୍ପୂ, ଚଉପଦୀ ପଛକୁ ରହିଯାଆନ୍ତି । ତାଙ୍କ ସମୟକୁ ଚାହିଁ ସେମାନଙ୍କର କାମ ସରିଯାଏ । ଗଦ୍ୟପଦ୍ୟ ପର୍ଯ୍ୟାୟରେ ପ୍ରବନ୍ଧ, ଉପନ୍ୟାସ, କ୍ଷୁଦ୍ର ଗଳ୍ପ, ନାଟକ, କାବ୍ୟ, କବିତା ଆଦି ଯୁଗରୁଚି ଅନୁସାରେ ଉଭାରି ଆସନ୍ତି । ପଡ଼ିଶା ଘରଠୁ ଶିଖି ନୂଆ ତିଅଣ ରାନ୍ଧିଲା ପରି ଅନ୍ୟାନ୍ୟ ବିଦେଶୀ ସାହିତ୍ୟରୁ ଢଙ୍ଗ, ଭଙ୍ଗୀ ଆଣି ପ୍ରାଦେଶିକ ଭାଷାରେ ପରୀକ୍ଷା ଚାଲେ । ପରୀକ୍ଷା କରିବା ଏକ ଅତି ସାଧାରଣ ଏବଂ ସ୍ୱାଭାବିକ ପ୍ରକ୍ରିୟା । ସୃଷ୍ଟି ମଧ୍ୟ ନିତ୍ୟ ନୂତନ ହେବା ସ୍ୱାଭାବିକ । ଯାହା ଥରେ ଗୋଟାଏ ଢଙ୍ଗରେ କୁହା ସରିଗଲା ଆଉ ତାକୁ ନେଇ ଘୋସାରିବାର ଅର୍ଥ ରହେ ନାହିଁ । ଦିଗ ବଦଳେଇ, ବାଗ ବଦଳେଇ ଚଉଷଠି ପ୍ରକାର ପରୀକ୍ଷା କରିବାକୁ ସୃଜନଧର୍ମୀ ଲେଖକର ପ୍ରବୃତ୍ତି ହୁଏ । ଲେଖକଟି ମୂଳତଃ ଯଦି ଶଗଡ଼ଦଣ୍ଡା ଛାଡ଼ିବାକୁ ଡରେ ତେବେ ହୁଏତ କିଛି ଇଟା ପଥର ବୋଝେଇ ସେ ଖଣ୍ଡେଦୂର ଗଡ଼େଇନେବ ସାହିତ୍ୟର ବ୍ୟବସାୟ । କିନ୍ତୁ ଚାରିପାଖେ ଯେଉଁ ସବୁଜ ଅରଣ୍ୟ । ଅନନ୍ତ କାଳରୁ ଅପେକ୍ଷା କରି ରହିଛି ତା' ଭିତରେ ନୂଆ ବାଟ ଫିଟେଇପାରିବ ନାହିଁ । ଏଥିରେ

Digitized by srujanika@gmail.com

ଆଉ ଗୋଟିଏ ଦିଗ ମଧ ଅଛି । ନୂଆ ଯଦି ସ୍ୱତଃ ନ ଟାଣେ ତେବେ ମାଛ ପାଣିଧାର ଭିତରୁ କୂଳକୁ ଡେଇଁ ପଡ଼ିଲା ପରି ଅଖଡ଼ରେ ପ୍ରାଣ ବାହାରିଯିବା କଥା । ଯେ ନୂଆ ବାଟ ଦେଖାନ୍ତି ପୁରୁଣାକୁ ଅପର୍ଯ୍ୟାପ୍ତ ମନେକରନ୍ତି । ତା' ହୁଡ଼ା ଡେଇଁ ଉଛୁଳି ଯିବାକୁ ସେମାନେ ଏକ ପ୍ରକାର ବାଧ । ତାଙ୍କ ଧାତୁରେ ଧାଡ଼ିବନ୍ଧା ରେଳ ରାସ୍ତା ପରି ନିର୍ମଳ ହଲେ ପଇ ସୁହାଏ ନାହିଁ ; ସେମାନେ ବିଦ୍ରୋହ କରନ୍ତି, ବିଦ୍ରୋହ ନ କଲେ ନୂତନର ଜନ୍ମ ସମ୍ଭବ ନୁହେଁ । ସେମାନେ ନିର୍ଭୀକ । ସେମାନେ ଯୁଗରୁଚିର ପ୍ରବାହକୁ ନୂଆ ମୋଡ଼ ଦେଖେଇ ଦିଅନ୍ତି ; ସେଥିରେ ଭାସିଯିବା ସେମାନଙ୍କର ଧର୍ମ ନୁହେଁ ।

କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ଚାରି କାନ୍ଥ ଭିତରେ ନିଜର ଭାବକୁ ପ୍ରକାଶ କରିବା ସାହିତ୍ୟିକ ଶୃଙ୍ଖଳା । ସେପରି ବଳିଷ୍ଠ ପ୍ରାଣଶକ୍ତି ନ ଥିଲେ, ଏଇ ବନ୍ଧନୀ ଭିତରେ ଥାଇ ନିଜକୁ ସମ୍ପୂର୍ଣ୍ଣ ସ୍ୱଚ୍ଛଳ ପ୍ରକାଶ କରିବା ସମ୍ଭବ ନୁହେଁ । ଯେ ପ୍ରଥମେ ବିୟୋଗାନ୍ତକ ନାଟକ ଲେଖିଲେ ସେ ଏକ ଅଦ୍ଭୁତ ଆରଣ୍ୟକ ଉଦ୍ଭିଦ ! ତାଙ୍କ ପାଇଁ କୌଣସି ପରମ୍ପରାର ବନ୍ଧନୀ ନଥିଲା । କିନ୍ତୁ ତାଙ୍କ ପରେ, ତାଙ୍କୁ ହୁଏତ ସମ୍ମାନ ଦେବାକୁ, ତାଙ୍କୁ ଗହୀରେଇ ବୁଝିପାରିବାକୁ, ଭବିଷ୍ୟତରେ ଅବିକଳ ସେଇଭଳି ଫସଲ ଆଶା କରି ଆରିଷ୍ଟଟଲ୍ ସାହେବ ଗୁଡ଼ିଏ କାନ୍ଥ ଚାରିଆଡ଼ୁ ଟେକିଦେଲେ । ଶାଖା ମାପି, ପତ୍ରର ବର୍ଣ୍ଣ ରୂପ ଟିପି ରଖିଦେଲେ ଭବିଷ୍ୟତ ପାଇଁ । ଫଳରେ ଦୁଇହଜାର ବର୍ଷ ପର୍ଯ୍ୟନ୍ତ ସେଇ ବେଢା ଭିତରେ ହିଁ ଏଠି ସେଠି ଟିକିଏ ଘୁଞ୍ଚି ସେଇ ଜାତି ସାହିତ୍ୟ ସୃଷ୍ଟି ହେଲା । ଅକସ୍ମାତ୍ କିନ୍ତୁ ଦେଖାଗଲା ଯେ ସେ କାନ୍ଥ ଭୁଷୁଡ଼େଇ ଗୋଟାଏ ମହାଦ୍ରୁମ ଉଠୁଛି । ତାକୁ ରୋଧିବାକୁ କାହାର ଶକ୍ତି ନାହିଁ । ତାକୁ ତଳୁ ଭିଡ଼ି ଧରିଲେ ସେ ଆରିଷ୍ଟଟଲ୍ ସାହେବଙ୍କ ସମେତ ଟୋଳି ନେଇଯାଏ ତା ଆକାଶିଆ ଶାଖା ଉପରକୁ । ତାକୁ ଅସ୍ୱୀକାର କରିବେ ଏଭଳି ମଧ କେହି ନାହାନ୍ତି । ଏଣୁ କାନ୍ଥ ଘୁଞ୍ଚେଇବାକୁ ହୁଏ । ତାର କାରଣ ହେଲା ସେ ବନ୍ଧନୀଟି ନ ପଡ଼ିଲେ ଯାକୁ ବୁଝିହେବ ନାହିଁ, କଳନା କରି ହେବ ନାହିଁ । କିନ୍ତୁ ସବୁବେଳେ କ'ଣ ସେକ୍ସପିଅର ସମ୍ଭବ ! ସେଭଳି ନ ହେଲେ ମଧ ଛୋଟ ପରିସରରେ ବିଦ୍ରୋହ ଅବଶ୍ୟ ସବୁବେଳେ ସମ୍ଭବ ଏବଂ ବିଦ୍ରୋହ ନୂତନ ସୃଷ୍ଟିର ଏକ ଅନିବାର୍ଯ୍ୟ ଗୁଣ ।

ଏଣୁ ପ୍ରବନ୍ଧ ଏଭଳି ଲେଖିବ, ତାର ଭାଷା, ଭଙ୍ଗୀ, ଛଟା ଏମିତି ହେବ, କ୍ଷୁଦ୍ର ଗଳ୍ପ ଏଭଳି ହେବ ବା କବିତା ସାଙ୍ଗକୁ ଲାଗି ଆସିଲେ ଏମିତି ସବୁ ଅଶୁଦ୍ଧ ହୋଇଯିବ ଇତ୍ୟାଦି ଚାଟଶାଳିଆ ଅବଧାନଙ୍କ ତାଗିଦା ସତ୍ତ୍ୱେ ଅମାନିଆଁ ଲେଖକ ତା' ଖୋଇ ବଜାୟ ରଖେ । ତା ହ୍ରସ୍ୱ 'ଇ' ର ଲାଞ୍ଜ ପ୍ରୟୋଜନରୁ ଅଧିକ ଦୀର୍ଘ, ତା ଅକ୍ଷରଗୁଡ଼ାକ ଦେହକୁ ଲେସି ହୋଇ ଉଷୁମ ଭିଡ଼ନ୍ତି । ଗୋଟାକରୁ ଆରଟା ବାରିହୋଇ ଅପରିଚିତ ପରି ଆଡ଼େଇ ହୋଇଯିବା କିଛି ସେପରି ବାଧତାମୂଳକ ନୁହେଁ ।

ବାନ୍ଧିଛନ୍ଦି ହେବା ଗୋଟାଏ ଅସ୍ୱସ୍ତିକର ଅବସ୍ଥା । ଏଣୁ ସମସ୍ତ ବର୍ଗୀକରଣକୁ ଭୁଲିଯାଇ ଏବେ ଇଂରାଜୀରେ ଗୋଟାଏ 'ଖୋଲା ରୂପ' ଗୃହୀତ ହୋଇଗଲାଣି । ତାକୁ ସେମାନେ 'ଢଙ୍କୁରାଙ୍କ ରଙ୍କୁଢଙ୍କ' ବୋଲି କହନ୍ତି । ଏଇଟା ସାହିତ୍ୟିକ ସ୍ୱେଚ୍ଛାଚାର ନୁହେଁ ବା ଉଦ୍ଦେଶ୍ୟହୀନ ବିଦ୍ରୋହ ମଧ

Digitized by srujanika@gmail.com

ନୁହେଁ । କୌଣସି ଗୋଟିଏ ବର୍ଗରେ ଆବଦ୍ଧ ନ ରହି ଆଉ ଟିକିଏ ବିସ୍ତୃତ ହୋଇଗଲେ, ଟିକିଏ ସ୍ୱାଧୀନ ହୋଇଗଲେ ଦେଖାଯାଉଛି ଯେ କ୍ଷୁଦ୍ର ଗଳ୍ପ ଓ ପ୍ରବନ୍ଧ ମିଶିଯାଇ ବେଶ୍ ଗୋଟିଏ ନୂଆ ପ୍ରଦେଶ ଗଠନ କରିପାରୁଛନ୍ତି । ସେଥିରେ ନାଟକ ପାଇଁ ବାସନ୍ଦ ନାହିଁ ବା କବିତା ପାଇଁ କଟକଣା ନାହିଁ । ସମସ୍ତଙ୍କୁ ଭିଡ଼ି ଆଣି ଜବରଦସ୍ତି କାଠବିଡ଼ା ପରି ବାନ୍ଧିବାର ପ୍ରୟାସ ଏଥିରେ ନାହିଁ । ସମସ୍ତଙ୍କର ସ୍ୱତନ୍ତ୍ର ମୂଳ ରକ୍ଷା କରି କେବଳ ଛନ୍ଦାଛନ୍ଦି ଶାଖାପତ୍ରରେ ଗୋଟିଏ ସବୁଜ ଉପନିବେଶ ମଧ୍ୟ ଏହା ନୁହେଁ । ଏଇଟା ବରଂ ମଞ୍ଜି ମଞ୍ଜି ମିଶି, ବର୍ଣ୍ଣ ରୂପ ମିଶି ନୂଆ ଗୋଟିଏ ଉଦ୍ଭିଦ । ତା'ର ଚେର ଭୂଇଁ ଛୁଇଁ ଗଲାଣି । ତା'ର କେବଳ ନାମକରଣ ହେବା ବାକି ଅଛି, ନିୟମିତ ବର୍ଗୀକରଣ ହେବା ବାକି ଅଛି ।

'ମନ ଅରଣ୍ୟ' ନାଁ ଦେଇ ଯେତେବେଳେ ଏବର୍ଷ ପ୍ରଥମ ରଚନା ସଙ୍କଳନ ପ୍ରକାଶ ପାଇଲା ଇକ୍ଷଲକ୍ଷରୟ କବଛ୍ଛସଭଙ୍କ ମୁଦ୍ରିତ ଙକ୍ସରଭ ରକ୍ସଜ୍ଞ କଥା ସନ୍ତର୍ପଣରେ ଲେଖକ ଚିନ୍ତା କରିଛି । ତା'ର କିନ୍ତୁ ଉଦ୍ଦେଶ୍ୟ କେବେ ନୁହେଁ ତାକୁ ଆଦର୍ଶ କରି ଓଡ଼ିଆ ସାହିତ୍ୟରେ କିଛି ଉଦ୍ଭଟ ସ୍ୱେଚ୍ଛାଚାରର ଅନୁପ୍ରବେଶ କରେଇବା । ତା'ପାଇଁ ନିଜ ସାହିତ୍ୟିକ ପରମ୍ପରାରେ ଅନେକ ବଳିଷ୍ଠ ନିର୍ଦ୍ଦେଶ ମିଳିଛି । ତାକୁ ସମ୍ବଳ କରି ସାମାନ୍ୟ ଆଗକୁ ହାତ ବଢେଇବାର ଚେଷ୍ଟାକୁ ସୁଧୀ ସହୃଦୟ ପାଠକ ନିଜ ଉଦାର ସହଣିକ ପଣିଆରେ ଗ୍ରହଣ କରିନେବେ ବୋଲି ବିଶ୍ୱାସ ।

'ଦୃଷ୍ଟି ଓ ଦର୍ଶନ' ଦ୍ୱିତୀୟ ସଂକଳନ । ଏଥିରେ କେତୋଟି ରଚନା ଦଶବର୍ଷ ପୁରୁଣା । ୧୯୬୧ ମସିହାରେ ଝଙ୍କାରର ବିଭିନ୍ନ ସଂଖ୍ୟାରେ 'ସ୍ରଷ୍ଟାର ସ୍ୱୀକାର', 'ତ୍ରିଶଙ୍କୁର ସ୍ୱର୍ଗ', 'ଅଥେଲୋ ମନୋବୃତ୍ତି', 'ଅମରତ୍ୱର ଅଭିଶାପ' ବାହାରିଥିଲା । ବାକିଗୁଡ଼ାକ ଏଇ ବର୍ଷେ ଦୁଇବର୍ଷ ଭିତରର ଲେଖା । ସଚେତନ ପାଠକକୁ ଏତକ ନ କହିଥିଲେ ମଧ୍ୟ ଚଳିଥାନ୍ତା, କିନ୍ତୁ ଯାହା ପାଖରେ ସବୁ କହିବାକୁ ସ୍ଥିର କରିସାରିଛି, ୟାକୁ ବା ନ କହିଦେବି କାହିଁକି ?

ସବୁବେଳେ, ସବୁକଥା ସମସ୍ତଙ୍କୁ ଏକାପରି ଦିଶେ ନାହିଁ । ଦେଶ କାଳ, ଭଙ୍ଗୀ ଉପରେ ରଙ୍ଗ ବଦଳିଯାଏ, ରୂପ ବଦଳିଯାଏ । ଯାହା ବା ଦିଶେ ତାକୁ ସବୁବେଳେ ଏକାପରି କହିହୁଏନାହିଁ । ଭାଷାର କୋଳାହଳ, ଶବ୍ଦର ଠେଲାପେଲା ଭିତରେ ନିଜ ପ୍ରୟୋଜନ ଅନୁସାରେ ଗୋଟିକୁ ବାଛିନେବା ଅନେକ ପ୍ରକାର ପ୍ରଭାବ ପ୍ରବାହ ଉପରେ ନିର୍ଭର କରେ । ପ୍ରତ୍ୟେକ ରଚନାର ସମସ୍ୟା ଅଲଗା । ତାକୁ ଦେଖିଲାବେଳେ ଭଙ୍ଗୀ ମଧ୍ୟ ଅଲଗା ହେଲା ପରି ଲାଗେ । କିନ୍ତୁ ଚଳନ୍ତା ରେଳ ଉପରୁ ଚଳନ୍ତି ତାରାଟାକୁ ଦେଖିଲା ଭଳି, ପାଞ୍ଚ ଛ'ପ୍ରକାର ପ୍ରବାହର ଗତି ଅନୁଭବ ହୁଏ । ସମସ୍ୟା ଯେହେତୁ ଆଧୁନିକ, ଅନେକ ସହଚର ହାତ ଧରି ଟାଣନ୍ତି – ଇଂରାଜୀ, ଆଧୁନିକ ଓଡ଼ିଆ, ବଙ୍ଗଳା ଓ ହିନ୍ଦି ; କହନ୍ତି, ଆମେ ଯେମିତି ଦେଖୁଛୁ ସେମିତି ଦେଖ୍, ଆମେ ଯେମିତି କହୁଛୁ, ସେଇ କଥାଟାକୁ ସେମିତି କହ । ଦେଶୀ ଅପେକ୍ଷା ବିଦେଶୀ ବନ୍ଧୁଙ୍କ ଓଟରାଟା ବେଶୀ ଅନୁଭୂତ ହୁଏ । କିନ୍ତୁ ଗହୀରରୁ ଭୂଇଁ ଭସେଇ ଆଉ ଗୋଟାଏ ମହାପ୍ରବାହ ତଡ଼ି ନେଇଯାଏ । ସେ ହେଉଛି ଏ ଦେଶର ଚିରନ୍ତନ ଉପନିଷଦୀୟ ଧାରା । ତାକୁ ତ ଏଡ଼ିବା ସମ୍ଭବ ନୁହେଁ – ବାଞ୍ଛନୀୟ ମଧ୍ୟ ନୁହେଁ । ଏଣେ

Digitized by srujanika@gmail.com

ପୁଣି 'ପ୍ରାଚୀନ ଯୋଗ୍ୟ' ହେବାକୁ ମଧ ବଳ ନାହିଁ । ଏପରି ହଟହଟା ଭିତରେ ମୋର ସୀମିତ କକ୍ଷ ଭିତରେ ଯାହା ଦିଶିଗଲା । ତାକୁ ଯଥାଶକ୍ତି ଦେଖିଛି, ଯେତିକି ପାରିଲି ନିଷ୍ଠାର ସହିତ କହିବାକୁ ଚେଷ୍ଟା କରିଛି । କେଉଁ ପର୍ଯ୍ୟାୟରେ, କେଉଁ ବର୍ଗର କେଉଁ କୋଣରେ ସେଇଟା ପଡୁଛି ବା ପଡୁନାହିଁ ସେ କଥା ବିଚାର କରି ରାୟ ଦେବେ ଆପଣ ।

ରଚନା ସାହିତ୍ୟ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁ ଏବଂ ଏ ଲେଖକ ଅପେକ୍ଷା ଶତଗୁଣ ବଳଶାଳୀ ପ୍ରତିଭାର ଅକୃପଣ ଦାନରେ ସେ ସମୃଦ୍ଧ ହେଉ, ଏଇ ଆଶାରେ ଏ କେତେଖଣ୍ଡ ଲେଖା ନିବେଦିତ ହେଲା ।

କାର୍ତ୍ତିକ ୨୩ ଦିନ,
୧୮୮୯ ଶତାବ୍ଦ

ଚନ୍ଦ୍ରଶେଖର ରଥ

Digitized by srujanika@gmail.com

ଆଉ ଜଣେ

କଥିତ ଅଛି ଯେ ପରମ ଦାର୍ଶନିକ ଇମାନ୍ୟୁଏଲ୍ କାଣ୍ଟ ତାଙ୍କର ଅତି ଦୁରୂହ ଗ୍ରନ୍ଥ ଲେଖୁଥିବା ସମୟରେ ଜଣେ ବିଲାତି ବଣିକ ପାଖରେ ପ୍ରତିଦିନ ସନ୍ଧ୍ୟାରେ ସେଥିରୁ ଗୋଟିଏ ଲେଖାଏଁ ପରିଚ୍ଛେଦ ବୟାନ କରୁଥିଲେ । ତାଙ୍କର ରୁଚି ଏବଂ ମତାମତକୁ ଅପେକ୍ଷା ରଖି ହୁଏତ ଲେଖୁଥିଲେ ଏବଂ ଯଦି ଅମେଳ ହେଉଥିଲା ତା'ହେଲେ ତାଙ୍କ ଲେଖାକୁ କଟାକଟି କରି ବାଗେଇ ମଧ୍ୟ ନେଉଥିଲେ । ଯଦି ସାଧାରଣ ମାପର ଏ ବଣିକଟି ନଥାନ୍ତେ, ହୁଏତ କାଣ୍ଟ ଆଉ ଗୋଟିଏ କାହାକୁ ସେହି ଆସନରେ ବସେଇଥାନ୍ତେ ବା ନିଜ ଭଳି ଏକ କଳ୍ପିତ ଶ୍ରୋତା ପାଇଁ ଲେଖି ସଂପୂର୍ଣ୍ଣ ବ୍ୟକ୍ତିଗତ ଓ ଦୁର୍ବୋଧ ହୋଇଯାଇଥାନ୍ତେ । ଏଣୁ ବିଲାତି ବଣିକଙ୍କର ଜୟ ହେଉ ! ସେ ଆମର ଯେ କେବଳ ପ୍ରତିନିଧିତ୍ୱ କରିଥିଲେ ତା' ନୁହେଁ, ସେ ଥିଲେ ବୋଲି ଆମେ ଜଣେ ମହାମନୀଷୀଙ୍କର କୃତି ପଢିବାକୁ ପାଇପାରିଲୁ । ଇମାନ୍ୟୁଏଲ୍ କାଣ୍ଟ ବହୁକାଳ ନୀରବ ତପସ୍ୟା ପରେ ତାଙ୍କର ଦର୍ଶନାନୁଭୂତି ପ୍ରକାଶ କଲେ । ସେ ରାଜ୍ୟକୁ ଏ ସାଧାରଣ ଲୋକଟିର ହୁଏତ ପ୍ରବେଶ ଅଧିକାର ନଥିଲା, ତଥାପି କାଣ୍ଟ ନିଜେ ଦ୍ୱାର ଖୋଲି ତାକୁ ଅଧେ ବାଟରୁ ପାଛୋଟି ନେଇଥିଲେ । ନିଜ ଜୀବନର ପ୍ରଗାଢ଼ତମ ଅନୁଭୂତିକୁ ଭାଷା-ରୂପ ଦେବା ହୁଏତ ଏକ ବ୍ୟକ୍ତିଗତ ଆନନ୍ଦ, କିନ୍ତୁ ସେଥିରେ ଆଉ ଜଣେ ରହିବା ଅପରିହାର୍ଯ୍ୟ । ଖୁବ୍ ପାଖରେ ଦେହକୁ ଦେହ ଲାଗି ଜଣେ କେହି ଠିଆ ନ ହେଲେ ଜୀବନର ନିବିଡ଼ ମୁହୂର୍ତ୍ତଗୁଡ଼ାକ ସତେ ବା ଘନୀଭୂତ ହୋଇପାରେ ନାହିଁ ।

ଯେପରି ଗୋଟିଏ ଗୋଡ଼ରେ ଠିଆ ରହିଯିବା ହୁଏତ ସମ୍ଭବ, କିନ୍ତୁ ଚାଲିବାକୁ ହେଲେ ଆଉ ଗୋଟିଏ ଗୋଡ଼ ପ୍ରୟୋଜନ । ସେପରି ଏକୁଟିଆ ସ୍ଥିତି ଅସମ୍ଭବ ନ ହେଲେ ସୁଦ୍ଧା ବଞ୍ଚିବା ପାଇଁ ଅପର ଉପରେ ନିର୍ଭର କରିବାକୁ ହିଁ ହୁଏ । ବିଭିନ୍ନ ଅବସ୍ଥାରେ ବିଭିନ୍ନ ସଂପର୍କରେ ମଣିଷ ଖଞ୍ଜି ହୋଇ ତ ସମାଜରେ ବଞ୍ଚି ରହେ । ତାକୁ ଟିକିଏ ଫିଟେଇ ଦେଖିଲେ ଜଣାପଡ଼େ ଯେମିତି ଏ ଚଉଷଠି ବନ୍ଧନ ହୁଗୁଳି ଗଲେ ସେ ଗୋଟାଏ ଅଜଣା ଗହୀରକୁ ଗଳି ପଡୁଛି । ସେଇସବୁ ଦଉଡ଼ି ଛିଣ୍ଡେଇଥିବା ଅବସ୍ଥାରେ ହୁଏତ ନିଜେ ନିଜ ଭିତରେ ଆଉ କାହାକୁ ପାଇ ସେ ମଜ୍ଜି ଯାଉଛି କିନ୍ତୁ ସବୁ ମିଞ୍ଜେଇ ସବୁ ଡେଇଁ ନିରୋଳା ନିସନ୍ଧି ସେ ଅଦ୍ୱିତୀୟଟି କ'ଣ ଜାଣିହୁଏ ନାହିଁ, ବ୍ଚନରେ କହି ମଧ୍ୟ ହୁଏ ନାହିଁ । ତେବେ ସମାଜରେ ପିତା ହେବାକୁ ହେଲେ ପୁତ୍ରର ପ୍ରୟୋଜନ, ପତି ହେବାକୁ ହେଲେ ପତ୍ନୀର ପ୍ରୟୋଜନ, ଖୁଡୁତା ହେବାକୁ ହେଲେ ପୁତୁରାର ପ୍ରୟୋଜନ ରହିଛି । ମଣିଷଟିର ପରିଚୟ ଦେବାକୁ ହେଲେ ତା'ର ନାମ ରୂପ ପରି ଏ ସବୁ ସଂପର୍କର ମଧ୍ୟ ସାହାଯ୍ୟ ନେବାକୁ

Digitized by srujanika@gmail.com

ପଡ଼େ । ସେହି ଅନୁପାତରେ ତା'ର ଅଧିକାର ଓ ଦାୟିତ୍ୱ ମଧ୍ୟ ନିର୍ଦ୍ଧାରିତ ହୋଇଯାଏ । ପୁରୁଣା କତା ପରି ଏ ସଂପର୍କଗୁଡ଼ିକ । କାଳେ ସେମାନେ ଛିଣ୍ଡିଯିବେ ବୋଲି ମଣିଷ ସେଥିରେ ସହସ୍ର ଗଣ୍ଠି ପକେଇ ଆଜୀବନ ଶ୍ରମ କରି ଚାଲିଥାଏ । ମାଛୁଆ ଜାଲର ଛଅଖୁଣ୍ଟିଆ ଗଣ୍ଠିଗୁଡ଼ିଏ ଆମେସବୁ । କିଏ କାହାକୁ ଧରି ରଖିବୁ ନ ଜାଣିଲେ ମଧ୍ୟ ମୋଟ ଉପରେ ସମସ୍ତେ ଯେ ଧରାଧରି ହୋଇ, ଛନ୍ଦାଛନ୍ଦି ହୋଇ ଗୋଟାଏ ବିରାଟ ଜାଲରୂପ ନେଇଛୁ ଏବଂ ଏ ସଂସାରର ଜାଲଟି କାଳ ସମୁଦ୍ରରେ ବୁଡ଼ି ଚାଲିଛି - ଏଥିରେ ସନ୍ଦେହ ନାହିଁ । ଆମେ ଯାକୁ କହୁ ଜୀବନ ଗଡ଼ିଚାଲିଛି ।

ଅପର ସହିତ ଏପରି ବହୁଳ ଓ ଜଟିଳ ସଂପର୍କ ଜୀବନରେ ବିଭିନ୍ନ ମୂଲ୍ୟ ଆଣିଦିଏ ଏବଂ ତାରି ପାଇଁ ହାଉଳି ଖାଇ ବାଟ ଅବାଟରେ ଆମେ ମାଡ଼ିଚାଲୁ । ସୁଖ-ଦୁଃଖ ଅନ୍ଧାର ଆଲୁଅରେ ନଈ, ବିଲ, ମାଳରେ ଘୋସାରି ହୋଇ ଗଲାବେଳେ ହଠାତ୍ ଅନୁଭବ ହୁଏ ଯେ ଏ ଛାୟାବାଜି ପରି ଭୁସ୍ ଭୁସ୍ ଅପସରି ଯାଉଥିବା ଯାତ୍ରା ଭିତରେ ଗୋଟାଏ କେହି ଅନେକବେଳୁ ଅନେକ ନିକଟରେ ନିଃଶ୍ୱାସ ମାରୁଛି । ଆମ ସାଙ୍ଗେ ଉଠିପଡ଼ି ସମଦୁଃଖୀ, ସମସୁଖୀ ହୋଇ ଦେହକୁ ଦେହ ଲାଗି ଆଗେଇଛି । ତା'ପାଇଁ ହୁଏତ ଖାଲରେ ପଡ଼ି ଉଠି ଆସିବା ସହଜ ହେଉଚି, କ୍ଷତ ଶୁଖିବା ପର୍ଯ୍ୟନ୍ତ ତା' ଉପରକୁ ଆଉଜି କିଛି ବାଟ କଟିଯାଇଛି । ସାବ୍‌ଜା ପଡ଼ିଆରେ ନୀଳରଙ୍ଗର ଫୁଲଗୁଡ଼ିକ ପ୍ରୟୋଜନରୁ ଅଧିକ ସୁନ୍ଦର ଦିଶିଛନ୍ତି । ହେଉପଛେ ନିଷିଦ୍ଧ ଗଛର ଫଳ, ତା' ସାଙ୍ଗରେ ଖାଇବାକୁ ତା'ର ସ୍ୱାଦ ଅନେକ ବେଶୀ ପରି ଜଣାପଡ଼ିଛି । ଆଉ ସବୁ ସଂପର୍କ ପରି ତା' ସହିତ ସଂପର୍କଟା ସେତେ ଉପରଠାଉରିଆ ନୁହେଁ । ହୁଏତ ଏଇଟା ବି ସେଇ କତା, କିନ୍ତୁ ରଥଦଉଡ଼ି ପରି ସହସ୍ରେ ପୁରରେ ଗୁନ୍ଥା । ବେଶ୍ ମଜବୁତ୍ ଆଉ ଟାଣ । ଚକ ଗଡ଼ିଲାବେଳେ ତା' ଭିତରେ ଗୁମୁଗୁମୁ କମ୍ପନ ଅନୁଭବ ହୁଏ । ଏହିପରି ଜୀବନର ପ୍ରତ୍ୟେକ ସକ୍ରିୟତା ପ୍ରତ୍ୟେକ ସମ୍ଭାବନା ଭିତରେ ଆଉ ଜଣେ ରହିଛି । ସୃଷ୍ଟି ପାଇଁ ଆଉ ଜଣେ, ସଂହାର ପାଇଁ ଆଉ ଜଣେ, ପ୍ରେମ ପାଇଁ, ବିଦ୍ୱେଷ ପାଇଁ, କଳହ ପାଇଁ, କ୍ରୋଧ ପାଇଁ, ଭକ୍ତି ପାଇଁ, ଜ୍ଞାନ ପାଇଁ ଆଉ ଜଣେ ନ ହେଲେ ନ ଚଳେ । ପ୍ରତ୍ୟେକ କାର୍ଯ୍ୟ ପଛରେ ଗୋଟିଏ ସଂପର୍କ ମାନି ନିଆହୋଇଥାଏ ଏବଂ ସଂପର୍କ ପାଇଁ ଅନ୍ତତଃ ଆଉ ଜଣେ ଅନିବାର୍ଯ୍ୟ । କିନ୍ତୁ ଏ ସମସ୍ତ ତଳେ, ଏ ସମସ୍ତଙ୍କୁ ସହିଲା ଭଳି ସବୁ ତୁଳେଇ ନେଲାଭଳି ହିମ୍ମତ୍ ଯୋଗାଉଥିବା ଆଉ ଜଣେ ଅଛି । ମଣିଷ ଜୀବନରେ ହୁଏତ ଗୋଟିଏ କେନ୍ଦ୍ର କିନ୍ତୁ ଅନେକ ପରିଧି । ସହସ୍ର ଦଳ ପଦ୍ମ ପରି କେନ୍ଦ୍ରକୁ ପାଖେଇ ଆସିଲେ ପାଖୁଡ଼ା ମଧ୍ୟ ସୂକ୍ଷ୍ମ ହୋଇଆସେ, ସଂପର୍କ ନିବିଡ଼ ହୋଇଆସେ । କେଶରର ଭିତର ବେଢାରେ ଯେଉଁ ସବା ଶେଷରେ ଆଉ ଜଣକ ରହେ, ତା' ସହିତ ସଂପର୍କ ବିଷୟରେ ସହଜରେ ଜାଣି ହୁଏ ନାହିଁ ; କାରଣ ତାଠାରୁ ନିଜର ଦୂରତା ବା ଭିନ୍ନତା ବିଷୟରେ ସ୍ଥିର ଜ୍ଞାନ ହୁଏନାହିଁ । ମଣିଷ ହୁଏତ ଯୁକ୍ତିରେ ବୁଝିଯାଇଛି ଯେ ସେ ଏଠାକୁ ଏକୁଟିଆ ଆସିଛି, ଯିବ ମଧ୍ୟ ଏକୁଟିଆ । କିନ୍ତୁ ଏ ଦୁଇ ଘାଟି ମଝିରେ ସତେ ବା ତାକୁ ଏକୁଟିଆ ରହିବା ମନା । ସେ ଚେଷ୍ଟା କଲେ ସୁଦ୍ଧା ଗୁନ୍ଥି ହୋଇଯାଏ, ଛନ୍ଦି ହୋଇଯାଏ ସହସ୍ରେ ବ୍ୟକ୍ତି ଓ ବସ୍ତୁ ସାଙ୍ଗରେ । ନିରୋଳା, ନିରାଲମ୍ବ ଏକକଟିକୁ ଖୋଜି ଠଉରେଇବା କାହିଁକି କେଜାଣି ସମ୍ଭବ ହୁଏନାହିଁ । ଦିନରାତି ପରି ଗୋଟାଏ ଆଉ ଗୋଟାକ ଉପରେ ଆଉଜି ରହେ ଗୋଟିଏ

Digitized by srujanika@gmail.com

ଭୁଷୁଡ଼ି ପଡ଼ିଲେ ଆରଟି ମଧ୍ୟ ଅଜାଡ଼ି ହୋଇପଡ଼ିବ, ଗୌରୀଶଙ୍କର ଆରୋହଣ କରୁଥିବା ପର୍ବତଚଢାଳୀ ପରି । ଗୋଟାକର ମୂଲ୍ୟ ଅନୁପାତରେ ଆରଟିର ମଧ୍ୟ ମୂଲ୍ୟାଙ୍କନ ହୁଏ । ଏ ଛନ୍ଦାଛନ୍ଦି ଜାଲ ଏମିତି ବିଛେଇ ହୋଇଯାଏ ସଂସାରସାରା । ବିଷୟବିଷୟୀ, କର୍ତ୍ତାକର୍ମ, ବକ୍ତାଶ୍ରୋତାର ଅଦ୍ଭୁତ ଏ ଜାଲ ।

ଜଣକୁ ଆଉ ଜଣକ ସହିତ ଯାହା ଯୋଡ଼ି ରଖେ ତାହା ହୁଏତ ଏକ ରହସ୍ୟ । ତାହା ଘଡ଼ିଘଡ଼ିକେ ଅନ୍ୟ ରୂପରେ ଆଭାସିତ ହୁଏ । ତାହା ଜଣକର ଆଉ ଜଣକ ବିଷୟରେ ବୁଝାମଣା । ଏ ବୁଝାମଣା ମଧ୍ୟ ନଦୀର ସ୍ରୋତପରି ଅସ୍ଥିର । ଏ ରହସ୍ୟଟି ଗୋଟିଏ ଦ୍ୱିଗୁଣ ରଜ୍ଜୁ । ଜଣେ ଆରଜଣକୁ ଯାହା ଦିଶେ, ସେ ତାକୁ ଯେମିତି ବୁଝେ, ଯେତିକି ମୂଲ୍ୟ ଦିଏ, ତା' ଭିତରେ ଯେଉଁ ପରିମାଣରେ ନିଜର ଛାଇ ନିଜର ରୁଚି ଅରୁଚି ଦେଖିପାରେ, ସେହି ପରିମାଣରେ ଏ ଦ୍ୱିଗୁଣ ରଜ୍ଜୁ ଟାଣ ଧରେ ବା କୋହଳ ହୋଇଯାଏ । ସାଧାରଣ ବ୍ୟବହାରରେ ଏହି ଅନିବାର୍ଯ୍ୟ ଆଉ ଜଣେ ସହିତ ଆମେ ଆମର ସଂପର୍କ ସ୍ୱୀକାର କରୁ । ଉପରଠାଉରିଆ ଦେଖିନେଲେ ଏ ସଂପର୍କ ଗୋଟିଏ ଖୁବ୍ ସରଳ ଗତାନୁଗତିକ ବ୍ୟବହାର ମାତ୍ର । କିନ୍ତୁ ଏଇଟା ହିଁ ଏ ସଂସାରର ମୂଳ ସୂତ୍ର । ଏକରେ ସଂସାର ନାହିଁ କେବଳ ସ୍ଥିତି, ଦୁଇ ହୋଇଗଲେ ଏକ ଆଚମ୍ବିତ ସଂପର୍କ ଓ ଅବାରିତ ସଂସାରପ୍ରବାହ । ଅସମ୍ପର୍କ ହିଁ ସ୍ଥିତି ; ସଂପର୍କ ମାତ୍ରେ ଗତି । ପୁରୁଷ ଓ ନାରୀର ମୌଳିକ ସଂପର୍କରୁ ଜୀବର ଉତ୍ପତ୍ତି ଏବଂ ସେହିଠାରୁ ପରିବାର, ସମାଜ, ରାଷ୍ଟ୍ର ଓ ଜନସଂଘର ସମ୍ଭାବନା କ୍ରମଗତିରେ ମାଡ଼ିଯାଏ । ଏକରୁ ପ୍ରଥମେ ଦୁଇ ଏବଂ ତା'ପରେ ଅନେକ ସଂପର୍କ ସମ୍ଭବ । ଏଣୁ ବୋଧହୁଏ ବ୍ୟାକରଣରେ ଦ୍ୱିବଚନଟି ଏଡ଼େ ଗୁରୁତ୍ୱପୂର୍ଣ୍ଣ । 'ମୁଁ' ରୂପକ ସ୍ଥିତିରେ ଠିଆ ହୋଇଥିବା ପର୍ଯ୍ୟନ୍ତ ଏକ ଅଚଳ ଅବସ୍ଥା । 'ଦୁଇ' ଆଡ଼କୁ ଗୋଡ଼ ବଢାଇବା ମାତ୍ରେ 'ବହୁ' ଆସିଯିବା ଅନିବାର୍ଯ୍ୟ । ଏଣୁ ମୁଁ, ଆମ୍ଭେ ଦୁହେଁ ଏବଂ ଆମ୍ଭେମାନେ ପରି ତୁମେ, ତୁମେ ଦୁହେଁ ଏବଂ ତୁମ୍ଭେମାନେ ମଧ୍ୟ ଏକ ସମାନ୍ତରାଳ ଗତି । ଏମାନଙ୍କର ଛନ୍ଦାବନ୍ଧା ସଂପର୍କ ଏକ ଜଟିଳ ରୂପ । କିନ୍ତୁ ମୁଁ ଓ ତୁମେ ଭିତରେ ସଂପର୍କଟାର ଖୁବ୍ ସିଧା ସଳଖ । ସେଇଠି ଦାମ୍ପତ୍ୟ, ସେଇଠି ବାତ୍ସଲ୍ୟ, ସେଇଠି ସଖ୍ୟ, ଦାସ୍ୟ, ପ୍ରେମ, ଭକ୍ତି, ଶ୍ରଦ୍ଧା ଏବଂ ସେଇଠି ଘୃଣା, କଳହ, ଯୁଦ୍ଧ ଓ ସନ୍ଧି ।

ଏପର୍ଯ୍ୟନ୍ତ ଦ୍ୱିଗୁଣ ରଜ୍ଜୁରେ କାମ ଚଳୁଥାଏ । ଅକସ୍ମାତ୍ ମଣିଷ ମନର ଦିଗ୍‌ଚକ୍ରରେ ଦେଖାଦିଏ 'ସେ' । ଏଇ 'ସେ'ଟି ସବୁବେଳେ ଦୂରନ୍ତ, ଅନୁପସ୍ଥିତ ଏବଂ ଅପ୍ରତ୍ୟକ୍ଷ । ତାକୁ କିନ୍ତୁ ଏଡ଼ିହୁଏ ନାହିଁ । ସେ ଆସି 'ତୁମେ' ସାଙ୍ଗରେ ବାଦ କରେ । ସଂପର୍କ ରଜ୍ଜୁ ବେଳେ ବେଳେ 'ତୁମେ' ପାଖରୁ ହୁଗୁଳି ଆସି 'ସେ' ଆଡ଼କୁ ଲମ୍ବିଯାଏ । କିନ୍ତୁ ଏଇ 'ସେ'ଟିକୁ ପାଶରେ ଧରିହୁଏ ନାହିଁ । ପବନ ପରି ସେ ଅଙ୍ଗୁଳିସନ୍ଧା ବାଟେ ଗଳି ବୋହିଯାଏ । ତାକୁ ନିର୍ଦ୍ଦିଷ୍ଟ କରି ତା' ଉପରେ ଟିପ ମଡ଼େଇହୁଏ ନାହିଁ । 'ସେ' ଅନୁମାନ ରାଜ୍ୟରେ ପହଁରୁଥାଏ । 'ମୁଁ' ଏବଂ 'ତୁମେ'କୁ ଘେରି ଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ରେଣୁ ରେଣୁରେ 'ସେ' ହିଁ ଏକମାତ୍ର ଉପାଦାନ । ଏଇ ତୃତୀୟ ପୁରୁଷ ସବୁବେଳେ ଅଜ୍ଞେୟ, ଅମର ତଥାକଥିତ ଜ୍ଞାନ-ସୀମାର ଆରପାରିର କୌଣସି ଏକ ରହସ୍ୟ ।

Digitized by srujanika@gmail.com

ତାହା ସହିତ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଏ 'ଦୁଇବଚନ' ଓ ବହୁବଚନରୁ ବାଆଁରେଇ ହୋଇ ଆନମୁଖୀ ହୋଇଯିବାକୁ ପଡ଼ିବ । ତାହାଠାରୁ ଓହରି ଆସିଲେ ଏ ଜଟିଳ ସଂପର୍କ ଛନ୍ଦରେ ପୁଣି ଗୁଡ଼େଇ ହୋଇଯିବାକୁ ହେବ । ତାହା ସହିତ ସଂପର୍କ ରକ୍ଷା କଲାବେଳେ ହୁଏତ ଲାଗିବ ଯେ ଏ ଦ୍ୱିଗୁଣରଜ୍ଜୁ ଯୋଡୁ ନାହିଁ, ତାହା ପୃଥକ୍ କରୁଛି କେବଳ । ଏ ବୁଝାମଣାର ଆପାତସିଦ୍ଧ ଜ୍ଞାନ ଜ୍ଞାନ ନୁହେଁ । ହୁଏତ ଏ ଜ୍ଞାତା ଓ ଜ୍ଞାନ ଏକହୋଇ ମିଶିଗଲେ ହିଁ ଠିକ୍ ଜ୍ଞାନ ସମ୍ଭବ ହୋଇପାରେ । ସେପରି ଜ୍ଞାନ କସ୍ମିନ୍‌କାଳେ କାହାରି ହୋଇଗଲେ ଶାସ୍ତ୍ରେ କହନ୍ତି ଯେ ଏ ତୃତୀୟ ପୁରୁଷ ଆସି ପ୍ରଥମ ପୁରୁଷକୁ ଅଧିକାର କରିବାରୁ ଦୁହେଁ ଏକାକାର ହୋଇଯାନ୍ତି । ଗୁରୁ କହନ୍ତି ତତ୍ତ୍ୱମସି, ଶିଷ୍ୟ କହନ୍ତି ସୋଽହମ୍ । ସମଗ୍ର ସ୍ଥିତିକୁ ଗ୍ରାସ କରି କେବଳ 'ସେ' ହିଁ ଅଖଣ୍ଡୈକ ବିଦ୍ୟମାନ ରହେ । 'ସେ' ସ୍ଥିତି କାଳକୁ ଗ୍ରାସ କରିଯାଏ । 'ସେ' କାରଣାର୍ଣ୍ଣବରେ ସୂର୍ଯ୍ୟ, ଚନ୍ଦ୍ର, ତାରକାର ନିର୍ବାପିତ ହୁଅନ୍ତି । ବହୁବଚନ ଦ୍ୱିବଚନରେ ସମାହିତ ହୁଏ ଏବଂ ଦ୍ୱିବଚନ ଏକବଚନରେ ନିମଜ୍ଜିତ ହୁଏ ।

କିନ୍ତୁ ଏ ନିସ୍ତରଙ୍ଗ ଭିତରେ ପୁଣି କମ୍ପନ ଆସେ, ଭାଗ ବାଣ୍ଟି ହୋଇଯାଏ । କଥିତ ଅଛି ଯେ ହିରଣ୍ୟଗର୍ଭ ଗୋଟାଏ ସମୟରେ କାମନା କରନ୍ତି – ''ଛାୟା ମେ ସ୍ୟାତ୍'' । ଏଇ ଅନିବାର୍ଯ୍ୟ ଆଉ ଜଣେ ଆସି ପହଞ୍ଚିଗଲେ ତେଣିକି ସଂସାରପ୍ରବାହ ଏକ ଅନୁସିଦ୍ଧାନ୍ତ ମାତ୍ର ।

❖❖❖

Digitized by srujanika@gmail.com

ବୁଝାମଣା ପ୍ରସଙ୍ଗ

ବିଦ୍ୟାବତୀ ଆଗରେ ମୂର୍ଖ କାଳିଦାସର ମୂକ ଭଙ୍ଗୀକୁ ଯେପରି ପଞ୍ଚା ଏ ପଣ୍ଡିତ ମିଶି ବିବିଧ ତାତ୍ତ୍ୱିକ ଅର୍ଥରେ ରଞ୍ଜିତ କରିଦେଲେ, ସେହିପରି ମୋଞ୍ଚାଏ ପିଲାଳିଆ ଆବୁରୁଜାବୁରୁ ଗାରକୁ ମଧ୍ୟ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ପ୍ରମାଣ କରି ଦିଆ ଯାଇପାରେ । ଅକସ୍ମାତ୍ ସେଥିରେ ଖଣ୍ଡେ ସରଳ ରେଖା ଯଦି ଥାଏ ତେବେ ତାହା ହିଁ ହେବ ସତ୍ୟ ଓ ଧର୍ମର ପ୍ରତୀକ, କଳାକାରରେ ସରଳତା, ତୀକ୍ଷ୍ଣତା ଏବଂ ଅବିଚଳିତ ସାଧନାର ଇଙ୍ଗିତ! ତାହା ପୁଣି କ୍ଷୁରସ୍ୟ ଧାରା ନିଶିପ ଦୂରତ୍ୟୟା' !! ଯଦି ବଙ୍କା ହୋଇଥାଏ ତେବେ ତାହା ହିଁ ପ୍ରକୃତିର ସ୍ୱରୂପ! ନାରୀଭାବର ରୂପକଳ୍ପ । ଯଦି କୁଞ୍ଚୁ କୁଞ୍ଚିଆ ହୋଇଥାଏ ତା'ହେଲେ ତ ସେଥିରେ ଜୀବନର ମହାପ୍ରବାହ ଆସିଗଲା । କାଳନଦୀ ସେଇଠାରେ ହିଁ ଆତ୍ମପ୍ରକାଶ କରିଛି ବୋଲି ବୁଝିବାକୁ ହେବ । ସେଇଠି ଇଚ୍ଛା କଲେ ଦିଶିବ କାମିନୀରେ ଚୂର୍ଣ୍ଣକୁନ୍ତଳ, ବିଦ୍ୟୁଦ୍ଦାମର ଝଲକ ତଟିନୀର ପ୍ରବାହ, ସଂସାରର ଜଟିଳଧାରା, ଏପରି କେତେ କ'ଣ! ଯଦି ଲମ୍ୱାଳିଆ ଆଳୁ ପରି କିଛି ଗୋଟାଏ ସେଥିରୁ ବାରି ହୋଇଗଲା ତେବେ ଜାଣିବାକୁ ହେବ ଯେ କଳାକାର ସେଥିରେ ସମଗ୍ର ସୃଷ୍ଟିତତ୍ତ୍ୱ କହିଦେଲେ; କିନ୍ତୁ ଖଡି ବୁଲୁ ବୁଲୁ ଯଦି ଅକସ୍ମାତ୍ '୦' ମୁଣ୍ଡାଳି ଧଣି ଯାଇଛି, ତେବେ ଆଉ କହିବାର ନାହିଁ । ସମଗ୍ର ଶାସ୍ତ୍ର ସେଥିରେ ମୁଖର ହୋଇ ବାଜି ଉଠିବେ- ଜ୍ୟୋତିଶ୍ଚକ୍ର, ଦିଗ୍‌ଚକ୍ର, ନୀଳଚକ୍ର, କାଳଚକ୍ର, ସବୁ ଯେମିତି ଏକାଠି ସେଇ ମଣ୍ଡଳରେ ସମାହିତ ହୋଇଛନ୍ତି । ଆକାଶ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ରମଣ୍ଡଳ ଆଦି ସେଥିରେ ଝଲସି ଉଠୁଛନ୍ତି । ଏଣୁ ଅପଣ୍ଡିତ, ଅରସିକ ମୂର୍ଖ କୁବିଦଙ୍କୁ ଯଦି ଆବୁରୁଜାବୁରୁ ଅତୁଆ ବାଳ ପରି ଗାରପୁଳାଏ ଦିଶେ, ସେଥିରେ କ'ଣ ଯାଏ ଆସେ ? ତତ୍ତ୍ୱଦ୍ରଷ୍ଟା ନିଷ୍ଚୟ ଦେଖିବେ ଯେ ସବୁଯାକ ତତ୍ତ୍ୱ କାଠବିଡା ପରି ବନ୍ଧା ହୋଇ ସେଇଠି ଓହଳିଛନ୍ତି । ନ ଦେଖି ପାରିବା ଲୋକ ଓଲୁ । ସେ ଏଇ ବଳ କଷାକଷି ଠାରୁ ଓହରି ଯାଏ ବା ନିରୋଳା ଦେଖି ପ୍ରାୟ ତାହାରି ଭଳି ଦିଶୁଥିବା ମୂର୍ଖ କୁରାଢ଼ିଧରା କାଳିଦାସିଆ କଳାକାରକୁ ପଚାରେ ଏ ସବୁ ବ୍ୟାଖ୍ୟା ସେ ବୁଝୁଛି ନା ନାହିଁ । କଳାକାର ଛାନିଆ ହୋଇ ବସିଥାଏ, ତା ଭିତରେ ଅନନ୍ତକୋଟି ବ୍ରହ୍ମାଣ୍ଡ ସେ ଅନୁଭବ କରୁଥାଏ । ତାକୁ ସେଇ ବ୍ରହ୍ମାନୁଭୂତିରୁ ତଳକୁ ଝସେଇବା କ'ଣ ସହଜ କଥା ? ବହୁ ଝିଙ୍କାଟଣାରେ ସେ ପ୍ରକୃତିସ୍ଥ ହେଲେ ଓଲୁ ପାଖରେ ବଡ ଅସହାୟ ଭବରେ ପ୍ରକାଶ କରିଦିଏ, ଭାଇ, ଏମିତି ଏତେ ସବୁ ହବ ବୋଲି ଜାଣିଥିଲେ ମୁଁ ଜମା ଏ ଗାରଗୁଡା ଆଙ୍କୁତି ନଥାନ୍ତି । ମତେ ଭଲ ଲାଗୁଥିଲା, ମୁଁ ବସି ଗାରାଉଥିଲି । ସେଥିରେ ଏମିତି ସବୁଓ୍ୱାଉ ଫଳୁଚି ବୋଲି ମୁଁ ବା ଜାଣିବି କେମିତି ? ଓଲୁ ଏବଂ

Digitized by srujanika@gmail.com

କଳାକାର ପରସ୍ପର ବୁଝାମଣାରେ କାନ୍ଧରେ ହାତ ପକାପକି ହୋଇ ଆଡେଇ ହୋଇଯାନ୍ତି । ପଣ୍ଡିତେ କିନ୍ତୁ ତ୍ରୁଟି ଧରାଧରି ହୋଇ ଯୁଦ୍ଧ କରୁଥାନ୍ତି ସେଇଠି; ଶତାବ୍ଦୀ ବିତିଯାଏ ।

ଏଇ ପଣ୍ଡିତେ ତ ଭାଷ୍ୟକାର । ଗ୍ରନ୍ଥକାର ବା ସୂତ୍ରକାର ତା' କାମ ଅଳ୍ପକେ ସାରିଦେଇ ଓହରି ଗଲାପରେ ଏମାନଙ୍କର ଅକଳନ୍ତି ମହିମା ପ୍ରକଟିତ ହୁଏ । ଏମାନେ କ'ଣ ତା'ହେଲେ ମୂଳତଃ ଯାହା ନଥାଏ ତା' ଦେଖନ୍ତି ନା କିଛି ଥାଏ ବୋଲି ତାକୁ ପ୍ରାଞ୍ଜଳ ଭାବରେ ଆଡେଇ ଦେଖନ୍ତି ? ସେମାନଙ୍କୁ ଯଦି ମିଥ୍ୟାଚାରୀ ଶଠ ବୋଲି ମୂଳରୁ ନାକଚ କରି ଦିଆ ନଯାଏ, ତେବେ ମାନିବାକୁ ହେବ ଯେ ସେମାନେ ଯାହା ଦେଖନ୍ତି ଅନ୍ତତଃ ତାଙ୍କୁ ତାହା ଦିଶୁଥିବ ! ଯେ ଯେଉଁ ବାଗେ ଦେଖି ପାରିଲା, ସେଥିପାଇଁ ତାର ସ୍ୱାଧୀନତା ଅଛି । ଯାହାକୁ ଯାହା ଦିଶିଗଲା ସେଥିରେ ମଧ କିଛି ଯାଏ ଆସେ ନାହିଁ ଭାଷ୍ୟକାରଙ୍କ ଭଙ୍ଗୀରେ ଦେଖିଲେ ସରଳ ମଣିଷ ମୁହଁଟିଏ ହୁଏତ ଜିଭ କାଢ଼ି ଖତେଇ ହେଲାପରି ଦିଶିପାରେ, କାହିଁକି ନା ଅଜସ୍ର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରୁଥିବାରୁ ରୂପ ମଧ ଅଜସ୍ର । ଯାହାକୁ ଯାହା ସୁହାଇଲା ଏଥିରେ ସମସ୍ତେ ସମସ୍ତଙ୍କ ଠାରୁ ଭିନ୍ନ ହେବାକୁ ବାଧ । ଏଣୁ କେଉଁଟା ଠିକ୍ ଏବଂ କେଉଁଟା ଭୁଲ, ତା କହିବା ସହଜ ନୁହେଁ । ହୁଏତ ସବୁ ଠିକ୍ ବା ଅନ୍ୟ ଅର୍ଥରେ ସବୁ ଭୁଲ । ତେବେ ସମସ୍ତେ ସହାବସ୍ଥାନ କରନ୍ତୁ; କେହି କାହା ଉପରେ ନିଜ ମତ ମଡେଇ ଦେବାକୁ ଚେଷ୍ଟା ନ କରନ୍ତୁ ।

କିନ୍ତୁ କଥାଟା ସେତେ ସରଳ ନୁହେଁ । କୌଣସି ବିଷୟକୁ ଗୋଟାଏ ପ୍ରକାର ବୁଝିଗଲା ପରେ ତାକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବାପଇଁ ବହୁ ବିଭିନ୍ନ କାରଣରୁ ଏକ ଅଦମ୍ୟ ଇଚ୍ଛା ହୁଏ । କେହି ତ କାହାକୁ ବାଧ କରୁନାହିଁ ଗ୍ରହଣ କରିବାକୁ । ମତଟାଏ ଉପସ୍ଥାପନ କଲେ କ୍ଷତି କ'ଣ ? କିନ୍ତୁ ଉପସ୍ଥାପନା କରିବାକୁ ହେଲେ ତା' ପୁଣି ଗୋଟାଏ ସର୍ବଜନବୋଧ ମାଧମ ଦରକାର । ସମସ୍ତେ ବୁଝିବାକୁ କେତେଗୁଡ଼ିଏ ଶବ୍ଦ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଅର୍ଥ ସବୁ ଆଗରୁ ଗୃହୀତ ହୋଇଥିବା ବାଞ୍ଛନୀୟ । ଗୋରୁ କହିଲେ କେହି ଏକ ବିଶିଷ୍ଟ ଚତୁଷ୍ପଦ ପଶୁ ଭିନ୍ନ ଅନ୍ୟକିଛି ବୁଝୁ ନ ଥିବେ । ତେବେ ସିନା ବୁଝିବା କିମ୍ବା ବୁଝେଇବା ସମ୍ଭବ । ଗୋଟାଏ ସାଧାରଣ ଭୂମି ନ ଥିଲେ ତ କେହି ଭେଟ ଘାଟ ପାଇବେ ନାହିଁ, ବାକି କଥା ଉଠୁଛି କାହୁଁ ? ଗୋଟାଏ ସୀମା ଭିତରେ ବିଭନ୍ନ ବିକଳ୍ପ ସମ୍ଭବ ହେଉଥିବାରୁ ସେମାନଙ୍କର ବୁଝାମଣା ପାଇଁ ଟିକିଏ ବଳ କଷାକଷି ପ୍ରୟୋଜନ ହୁଏ । ଦ୍ୱୈତ, ଅଦ୍ୱୈତ ପରି ଷଣ୍ଢୁଆ ଖେଳୁଆଡ ପଡିଗଲେ ଲଢ଼େଇ ଅମୀମାଂସିତ ରହିଯାଏ । ଦୁହେଁ ହାତ ମିଳେଇ ହାଲିଆ ମାରନ୍ତି, ଦମ୍ ଆସିଲେ ପୁଣି ମୁଠେ ହୋଇପାରେ । ସେ ପର୍ଯ୍ୟନ୍ତ ସହାବସ୍ଥାନର ଶାନ୍ତି । ଏଣୁ ଯଦି 'ଗୋରୁ' କହିଲେ, ଜଣେ ବୁଝିଲା 'ଖୁଣ୍ଟ' ଏବଂ 'ଖୁଣ୍ଟ' କହିଲେ ବୁଝିଲା 'ଓଲୁଅ', ତେବେ ତା ସାଙ୍ଗରେ କଥାବର୍ତ୍ତା ସମ୍ଭବ ନୁହେଁ । ସେ ତା' ମାର୍ଗରେ ସମଗ୍ର ସୃଷ୍ଟିଟାକୁ ନିର୍ମିତ କଲାପରେ, ତାର ବର୍ଣ୍ଣମଳା, ଶବ୍ଦମାଳା, ଅର୍ଥଧାରା ବୁଝି ପୁଣି ଯୁକ୍ତି ହୋଇପାରେ । ସେ ବିଶ୍ୱାମିତ୍ର ପରି ଆଉ ଗୋଟାଏ ସୃଷ୍ଟି କରିବାକୁ ଯଦି ସମର୍ଥ ତେବେ ତାକୁ ସ୍ୱାଗତ ଜଣେଇଲୁ; ନ ହେଲେ ଯଦି 'ଗୋରୁ'କୁ 'ଖୁଣ୍ଟ' ବୁଝି 'ବାଘ' କହିଲେ ଚମକିବ

Digitized by srujanika@gmail.com

ବା 'ତେନ୍ତୁଳି' କହିଲେ ପାଟିକୁ ଆମ୍ବିଳେଇବ, ତେବେ ସେ ଅଧାପନ୍ତରିଆ ସୁବିଧାବାଦୀ ପାଇଁ କିଛି ଭଦ୍ର ବ୍ୟବସ୍ଥା ନାହିଁ ।

ଅତଏବ ହଳଦିଆ କହିଲେ ଯେପରି ପାଚିଲା ପତ୍ର, କମଳା, କଦଳୀ ବା ବଟା ହଳଦୀ ପରି କେତୋଟି ବସ୍ତୁ ସହିତ ସଂପର୍କ ରହେ, ସେହିପରି ପରିପକ୍ୱତା ବା ସୁନାପରି ଦେହର କାନ୍ତି ସହିତ ମଧ୍ୟ ସଂପର୍କ ରହେ । ଏହିପରି ବ୍ୟବହାରସିଦ୍ଧ ହୋଇଗଲେ ଆମେ ହଳଦିଆକୁ ଗୌରୀଙ୍କ ବର୍ଣ୍ଣ ଏବଂ ଧଳାକୁ ମହାଦେବୀଙ୍କ ବର୍ଣ୍ଣ ବୋଲି ବୁଝିଯାଉ । ସେ ଦୁହିଁଙ୍କୁ ପ୍ରତ୍ୟକ୍ଷ କରିବାର ସମ୍ଭାବନା ଆମର ନାହିଁ । ଏଣୁ ସେଇ ଆବୁରୁ ଜାବୁରୁ ଚିତ୍ର ମଝିରେ ଯଦି ଗାରେ ଧଳା ଏବଂ ଗାରେ ହଳଦିଆ ଛନ୍ଦାଛନ୍ଦି ହୋଇଥାନ୍ତା, ତାକୁ ହର-ପାର୍ବତୀ କହି ପ୍ରକୃତିପୁରୁଷର ଅନନ୍ତଲୀଳା ବୋଲି ବୁଝିବାରେ କିଛି ଆପତ୍ତି ନାହିଁ । ସେହିପରି ସବୁଜ ରଙ୍ଗକୁ ସମଗ୍ର ଉଦ୍ଭିଦ ଜଗତର ଶାକମ୍ଭରୀ ରୂପ, ବା କଳା ରଙ୍ଗକୁ ମହାକାଶର ରୂପ କରି ବୁଝିବାରେ ମଧ୍ୟ କିଛି ଆପତ୍ତି ନାହିଁ । ଏ ଆପତ୍ତି ନ ରହିବାର କାରଣ ହେଲା ଯେ ଏ ସମସ୍ତ ଅର୍ଥ ଭାଷ୍ୟକାରର ନିଜ କୋଠ ସମ୍ପତ୍ତି ନୁହେଁ । ଏ ଅର୍ଥ ମୂଳତଃ କୌଣସି ନା କୌଣସି ଦ୍ରଷ୍ଟାର ଦାନ । ସର୍ବପ୍ରଥମ ଯେ 'ଗୋରୁ'କୁ ଗୋରୁ କହିଛି, ସେ କବି, ସେ ହିଁ ସ୍ରଷ୍ଟା । ତା ପରେ ଅନ୍ୟମାନେ ତାକୁ ସେଇ ଅର୍ଥରେ ଗ୍ରହଣ କରନ୍ତି କେବଳ । ବିଭିନ୍ନ ରଙ୍ଗର ଅର୍ଥ ବିଭିନ୍ନ ବସ୍ତୁର ନାମ ପରି ସେଇ ସ୍ରଷ୍ଟାର ହିଁ ଦାନ । ଏଣୁ ଭାଷ୍ୟକାର ଯାହା ଆଗରୁ ଶୁଣିଛି, ତାକୁ ପ୍ରତ୍ୟକ୍ଷ କରିବାକୁ ଚେଷ୍ଟା କରେ ମାତ୍ର । ଅତଏବ ସେଥିରେ ଅସୁବିଧା ନ ରହିବା କଥା ।

କିନ୍ତୁ ଅଛି । ସେଥିରେ ଢ଼େର ଅସୁବିଧା ଅଛି । ଆଗରୁ ଆମର ଧରନ୍ତୁ ବସ୍ତୁଜ୍ଞାନ ହୋଇଯାଏ । ଆମେ ଦଉଡି ଦେଖିଥାଉ ଏବଂ ସାପ ମଧ୍ୟ ଦେଖିଥାଉ । କିନ୍ତୁ ଦଉଡି ଦେଖି ସେଇଠି ସାପ ଦେଖିବା ତ ବିଶେଷ ସୁବିଧାଜନକ ବ୍ୟାପାର ନୁହେଁ । ସୁତ୍ରକାର ବା ଚିତ୍ରକାରର ମୂଳ ଉଦ୍ଦେଶ୍ୟ ଯଦି ବୁଝିବା ସମ୍ଭବ ନୁହେଁ, ତେବେ ଏପରି ଭ୍ରମ ହେବା କ'ଣ ଖୁବ୍ ସ୍ୱାଭାବିକ ମନେ ହେଉ ନାହିଁକି ? ଦଉଡିରେ ସର୍ପତ୍ୱ ନାହିଁ ବୋଲି କେହି କହି ପାରିବେ ନାହିଁ, କାହିଁକି ନା ଭ୍ରମ ପାଇଁ ମଧ୍ୟ ଗୋଟାଏ ଆଶ୍ରୟର ପ୍ରୟୋଜନ ରହିଛି, କାରଣ ଗୋଟାଏ 'ଶଗଡ'କୁ କେହି ସାପ ବୋଲି ଭାବି ପାରିବ ନାହିଁ । ଭାବିଲେ ମଧ୍ୟ ଶଗଡର ସେଥିରେ ଦୁଃଖ କରିବାର କିଛି ନାହିଁ, ଯେପରି ଦଉଡିର ମଧ୍ୟ ଦୁଃଖ କରିବାର କିଛି ନାହିଁ । ତା'ର କାରଣ ବୋଧହୁଏ ଏଇଆ ଯେ ବସ୍ତୁ କେବଳ ଅଛି । ତା ପ୍ରତି ଯଥେଚ୍ଛା ମତାମତ ପ୍ରକାଶ କଲେ ସେ ନିର୍ବେଦ ନିର୍ବିକାର ରହେ । ଯେକୌଣସି ମତ ସହିତ ତା'ର ବିରୋଧ ନ ଥାଏ ଏବଂ ଯେତେ ଭଙ୍ଗୀ ବଦଳେଇ ଯେତେ କହିଗଲେ ମଧ୍ୟ ସବୁ ସମ୍ଭାବନା ସରିଯାଏ ନାହିଁ । ବସ୍ତୁର ମୌଳିକ ସତ୍ୟ ସବୁବେଳେ ଆମ ଦୃଷ୍ଟି ଆଢୁଆଳରେ ରହିଯାଏ । ବସ୍ତୁର ସ୍ରଷ୍ଟା ଯଦି ଆମ ମତ ଶୁଣନ୍ତା ଏବଂ ଆମେ ବୁଝିଲା ଭଳି ଭାଷାରେ ଆମକୁ କଥା କହିପାରୁଥାନ୍ତା ତେବେ ହୁଏତ କହନ୍ତା ଯେ ଏ ଚନ୍ଦ୍ରଖଣ୍ଡ ଅମର ପ୍ରଣୟ ବିରହ ପାଇଁ ନୁହେଁ, ଏ ଫୁଲର ଉଦ୍ଦେଶ୍ୟ ଆମ ମନ୍ତ୍ରୀଙ୍କ ଧଣ୍ଡା ଗୁନ୍ଥା ହେବାପାଇଁ ନୁହେଁ, ଏ ସୂର୍ଯ୍ୟ ତାରକା ଆମ ଦିନରାତି ପାଇଁ ଉଦ୍ଦିଷ୍ଟ

Digitized by srujanika@gmail.com

ନୁହନ୍ତି । ସେମାନଙ୍କର ଏସବୁ ଅର୍ଥ ହୁଏତ ଆମ ଆଖିକୁ ଖୁବ୍ ସ୍ପଷ୍ଟ, କିନ୍ତୁ ସ୍ରଷ୍ଟାର ଉଦ୍ଦେଶ୍ୟ ଅନ୍ୟପ୍ରକାର । ତା'ର ଗୋଟିଏ କେବଳ ଲକ୍ଷଣ ଯେ ଆମେ ଆସିବାର ଢ଼େର ପୂର୍ବରୁ ସେ ଗୁଡିକଥିଲେ ଏବଂ ସ୍ୱୀକାର ନ କଲେ ମୂର୍ଖତା ହେବ ଯେ ଆମେ ବିଲୁପ୍ତ ହେବାର ଢ଼େର ପରେ ମଧ୍ୟ ସେମାନେ ରହିବେ ।

ସେହିପରି ଆବୁରୁଜାବୁରୁ ରେଖାଚିତ୍ରଟି ହୁଏତ ବୃସ୍ତୁଧର୍ମର ଦଉଡି ପରି ଆମର ସବୁ ପ୍ରକାର ବ୍ୟାଖ୍ୟା ଅର୍ଥ ପ୍ରତି ଅବିକ୍ରିୟ ରହିପାରେ, କିନ୍ତୁ ଏ ପ୍ରଗଳଭତା ଉପରେ କଳାକାରର କିଛି କହିବାର ଅଧିକାର ଅଛି । ସେ ହୁଏତ ବିନୟର ସହିତ ଆସି ଜଣେଇବ, ଆଜ୍ଞା ! ଆପଣମାନେ ଯାହା ଏଥିରେ ଅଛି ବୋଲି କହୁଛନ୍ତି ମୁଁ ସେ ସବୁ ଜମା ସେଥିରେ ପ୍ରକାଶ କରିବାର ଧୃଷ୍ଟତା କରିନାହିଁ । ନିଜେ ସେ ବିଷୟରେ ଯେହେତୁ ଅବହିତ ନୁହେଁ ମୋର କୃତିରେ ତାହା ଆପଣ ଆରୋପ କରୁଛନ୍ତି ମାତ୍ର । ଯେତେବେଳେ ସ୍ରଷ୍ଟା ନିଜେ ସଫେଇ ଦିଏ ତାକୁ ସାଧାରଣତଃ ନିର୍ବିରୋଧ ମାନିନେବା, ଆଉ କିଛି ନ ହେଲେ ମଧ୍ୟ, ଭଦ୍ରତା ନିଶ୍ଚୟ । କିନ୍ତୁ ସବୁ କ୍ଷେତ୍ରରେ ତା'ର ମତକୁ ଚୂଡାନ୍ତ ରୂପେ ଗ୍ରହଣ କରାଯାଏ ନାହିଁ, ବରଂ କୁହାଯାଏ ଯେ ସେ ହୁଏତ ସୃଷ୍ଟି କରିଛନ୍ତି, କିନ୍ତୁ କନ୍ୟାପିତା ପରି ତାଙ୍କୁ ଅପେକ୍ଷା କରିବାକୁ ହେବ ଗ୍ରାହକ ଜାମାତା ପାଇଁ । ଜାମାତାର ଆଖିକୁ ଯାହା ଦିଶେ ପିତା ତାହା ଦେଖିବା ସମ୍ଭବ ନୁହେଁ । ପ୍ରକାଶିତ ହୋଇ ଗଲାପରେ ସୃଷ୍ଟି ସ୍ରଷ୍ଟାଠାରୁ ପୃଥକ୍ ହୋଇଯାଏ । ତା'ର ସ୍ୱତନ୍ତ୍ର ସ୍ଥିତିରେ ସେ ମହିମାନ୍ୱିତ । ତା'ର ଛତ୍ରେ ଛତ୍ରେ ହୁଏତ ସ୍ରଷ୍ଟାକୁ ଅନୁଭବ କରିହେବ କିନ୍ତୁ ତାର ଏପରି କେତୋଟି ରୂପର ବିଭାବ ରହିଛି ଯାହା ଆଲୋଚକର ଦୃଷ୍ଟିରୁ ହିଁ ଦିଶିବ ।

ଯାହା କେବଳ ଦିଶେ ତାହା କଣ ସତ୍ୟ ? ତା' ଯଦି ସତ୍ୟ ନୁହେଁ ସେହି ଅନୁପାତରେ ଆଉ କିଛି ମଧ୍ୟ ସତ୍ୟ ନୁହେଁ । ସତ୍ୟର ସଜ୍ଞା ନିରୂପଣ କରିବା ଏଇଠି ପ୍ରାୟ ଅପ୍ରାସଙ୍ଗିକ । ତଥାପି ପ୍ରଶ୍ନ କରାଯାଇପାରେ, ଯାହାକୁ ସ୍ରଷ୍ଟା ଦେଖେ ତା କଣ ସତ୍ୟ ? ନା ହୋଇପାର, କିନ୍ତୁ ହୁଏତ ମିଥ୍ୟା ମଧ୍ୟ ନୁହେଁ । ଗୋଟାଏ ମୁହୂର୍ତ୍ତରେ ରୂପସୀର ମୁହଁରେ ତାକୁ ଚତୁର୍ଦ୍ଦଶୀର ଜହ୍ନ ଦିଶେ ଏବଂ ସେ ତାହା ନିଷ୍ଠାର ସହିତ ପ୍ରକାଶ କରେ । ଯଦି ତାକୁ ଏହି ପରିମାଣରେ ସ୍ୱତନ୍ତ୍ରତା ଦିଆଯାଏ, ତେବେ ବ୍ୟାଖ୍ୟାକାର କ'ଣ ଆଉ ବିଶେଷ ଦୋଷ କଲେ ? ଦୁର୍ବୋଧ୍ୟ ବେଦର ଅର୍ଥ କରୁ କରୁ ଭାଷ୍ୟକାର ଗୋଟିଏ ବିଶିଷ୍ଟ ସମ୍ଭାବନାକୁ ନିଶ୍ଚିତ ଅର୍ଥ ବୋଲି ଗ୍ରହଣ କରି ନିଅନ୍ତି, ତାଙ୍କୁ ତାହାହିଁ ଦିଶେ । ଯଦି ଉଭୟେ ହଲଫ୍ କରି କହିପାରିବେ ଯେ ସେ ଯାହା କହୁଛନ୍ତି ତା' ସେମାନଙ୍କୁ ପ୍ରତ୍ୟକ୍ଷ ଦିଶିଛି, ତେବେ ଉଭୟଙ୍କୁ ସମାନ ସ୍ୱାଧୀନତା ଦେବାରେ କୁଣ୍ଠାବୋଧ ନ ରହିବା କଥା । ଯଦି ଜଣେ କହିଲା ଯେ ନାରୀର ମୁହଁଟି ଗୋଟିଏ ଫୁଟିଲା ପଦ୍ମ ତେବେ ଆର ଜଣକ ମଧ୍ୟ କହିପାରିବ ଯେ ଧଳା ଏବଂ ହଳଦିଆ ଗାର ଛନ୍ଦଣିରେ ହର-ପାର୍ବତୀଙ୍କର ରୂପ ପ୍ରକାଶ ପାଇଛି ।

ଏଥିରେ କେହି କାହାକୁ ମିଥ୍ୟା ବୋଲି କହିପାରିବେ ନାହିଁ । ତା'ର କାରଣ ହେଲା ଯେ ଅପର ଜଣକ ଠିକ୍ କ'ଣ କହିବାକୁ ଚାହେଁ ତା' ବୁଝିବା ସମ୍ଭବ ନୁହେଁ ଏବଂ ସତ୍ୟ ମିଥ୍ୟାର ସଂଜ୍ଞା

Digitized by srujanika@gmail.com

ନିର୍ଦ୍ଦିଷ୍ଟ ରୂପେ ନିରୂପଣ କରିବା ମଧ୍ୟ ସମ୍ଭବ ନୁହେଁ । ଗୋଟାଏ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ଗୋଟାଏ ଲେଖା ନିବୁଜ୍ କୋଠରୀ । ସେ ଭିତରେ ପଶି ତା' ରହସ୍ୟକୁ ପ୍ରତ୍ୟେକ୍ଷ କରିବା ମଣିଷ ଶକ୍ତିର ବାହାରେ । ତେଣୁ ବୁଝିବା ବୁଝେଇବା ଏକପ୍ରକାର ମନଭୁଲାଣିଆ ପ୍ରବର୍ତ୍ତାଣ । କିଏ କେତେବେଳେ କାହା ପାଖରେ ନିଜ ରୁଚି ବା ଲକ୍ଷଣର ସୋରାଏ ଚେନାଏ ଦେଖି ତାକୁ ବୁଝିଯାଇଥିବାର ପ୍ରତ୍ୟୟ ନିଜ ମନକୁ ସୃଷ୍ଟି କରେ ମାତ୍ର । ଜଣକୁ ଜାଣିବାକୁ ହେଲେ ତା ସହିତ ସର୍ବତୋଭାବେ ଏକୀଭୁତ ନ ହେବାଯାଏ ତାହା ସମ୍ଭବ ନୁହେଁ, କିନ୍ତୁ ତା ସହିତ ଏମିତି ଏକୀଭୂତ ହେବା କ'ଣ ସମ୍ଭବ? - ଏବଂ ଯଦି ସମ୍ଭବ ତା' କଣ ଏପରି ବାଞ୍ଛନୀୟ ? ପ୍ରଶାନ୍ତ ମହାସାଗରର ଲକ୍ଷାଧିକ କ୍ଷୁଦ୍ରଦ୍ୱୀପ ଗୁଡିକ ଯେପରି ତା'ର ଗଭୀର ଗର୍ଭରୁ ଉଠି ଆସିଥାନ୍ତି ଏବଂ ପରସ୍ପରର ଦେହରେ ଲାଗି ଫେରି ଆସୁଥିବା ଢ଼େଉର ଉଷ୍ମାକୁ ଅନୁଭବ କରୁଥାନ୍ତି, ସେହିପରି ଗୁଡିଏ ବ୍ୟକ୍ତି ନିଜ ନିଜ କେନ୍ଦ୍ରରୁ ଯେତେଦୂର ସମ୍ଭବ ଅନ୍ୟର ଆଭାସକୁ ପାଛୋଟି ଆଣନ୍ତି; ଉଭୟଙ୍କ ମଝିରେ ଲଉଡି ମାରୁଥାଏ ଏକ ଅକଳନ୍ତି ରହସ୍ୟର ତରଳତା । ଖୁବ୍ ବୁଡ ମାରିଗଲେ ଏ ସମସ୍ତ ଦ୍ୱୀପ ଏବଂ ଏ ତରଳ ସଂଯୋଗର ସାଧାରଣ ଭୂମି ଗୋଟିଏ ବୋଲି ଅନୁଭବ ହୋଇପାରେ । ସେଇ ସମୁଦ୍ରର ଗର୍ଭଭୂମିରେ ନା ଅଛି ଦ୍ୱୀପ, ନା ଲହଡି, ନା ଜଳ । କିନ୍ତୁ ଏ ସମସ୍ତର ସୂକ୍ଷ୍ମ ମୌଳିକ ରୂପ ଏକ ନିରାଲୋକ ରାଜ୍ୟରେ ସବୁ ଏକାକାର କରି ବିଦ୍ୟମାନ ।

ବୁଝାମଣା ଦୁଇ ବା ତତୋଽଧିକର ବଣିଜ । ଏକ ଏବଂ ଅଭିନ୍ନ ସତ୍ତାରେ ତାହା ଏକ ଅବାନ୍ତର ପ୍ରଶ୍ନ । ଆମେ ପରସ୍ପରର ଯାହା ଦେଖୁ ଏବଂ ପରସ୍ପରକୁ ଯାହା ଦିଶୁ ତାକୁ ସତ୍ୟ ବୋଲି ଭାବିବାରୁ ଯେତକ ବିଭ୍ରାଟ । ଆମ ଆମ ଭିତରେ ଯେ କେବେଳ ଅପଡ ଅବୁଝାମଣା ପାଇଁ ମନ ମଉଳିଯାଏ ତା' ନୁହେଁ, ବିଭିନ୍ନ ଗୋଷ୍ଠୀ ଭିତରେ ଜାତି ଜାତି ଭିତରେ ଏହାହିଁ ରହି ସବୁ ବିଗାଡିଦିଏ । ଭଲ ମୁହଁଟା ମଧ୍ୟ ଜିଭ କାଢ଼ି ଖତେଇ ହେଲାପରି ଦିଶେ । ତା ଦିଶୁ ସେଥିରେ କିଛି ଆପତ୍ତି ନାହିଁ । ଆଉ ତ ଯାହା ହେଲେ ଦିଶନ୍ତା ଏଥିରେ କ'ଣ ଏମିତି ସୃଷ୍ଟି ଅଶୁଦ୍ଧ ହୋଇଗଲା!! କିନ୍ତୁ ଆମକୁ ଯାହା ଦିଶିଲା ତାକୁ ସତ୍ୟ ବୋଲି ଆଉ କାହା ବେକମୁଣ୍ଡାରେ ମଡେଇ ଧରିବାକୁ ଘୋର ଆପତ୍ତି ଅଛି । ଅଳସରେ ଗାର ପକଉ ପକଉ ଯଦି ଜଣେ ଆବୁରୁଜାବୁରୁ କ'ଣଟାଏ କରିଦେଇ ତାକୁ ବିସ୍ମୟରେ ଅନେଇ ରହିଛି, ଅଧେ ବୁଝି ଅଧେ ନ ବୁଝି ତାକୁ ଜବରଦସ୍ତି ଧରି ତା ନାକ ଘଷି ତାକୁ ସେଥିରେ ହରପାର୍ବତୀ ଓ କୈଳାସଶୃଙ୍ଗ ଗୋଟାଯାକ ଗିଳେଇବାର କିଛି ଅର୍ଥ ନାହିଁ । ଏଥିରେ ସାହିତ୍ୟକ୍ଷେତ୍ରରୁ କେତେକ ବଲୁଆ ପଣ୍ଡିତଙ୍କର ବଳାତ୍କାର ଉଣା ହୋଇଯାଇ ସମାଲୋଚନାର ବୁଝାମଣାରେ ଉଭଟ ଅସଂଯତ ଅପଳାପ କମିଯାନ୍ତା ଏବଂ ସମାଜ ବା ଜାତି ପର୍ଯ୍ୟାୟରେ ଚଳେଇ ଛିଗୁଲେଇ ହେଇ ଶେଷରେ ରମ୍ପାଝମ୍ପା ମଧ୍ୟ ଆସ୍ତେ ଏକ ଉଦାର ସହଣିକ ପଣିଆରେ ଲୋପ ପାଇଯାଆନ୍ତା ବୋଲି ଆଶା ।

❖❖❖

Digitized by srujanika@gmail.com

ବ୍ୟକ୍ତି ଏପରି କହେ

ଯଦି ହଣ୍ଡ, ରାସ୍‌ରେ ଭୂମିକମ୍ପ ହୋଇ ପଚାଶ ମାଇଲ ଲାଭା ମାଡିଗଲା ବା ଅକ୍‌ଲାଣ୍ଡରେ କେଉଁଠି ପାହାଡ କୁଢ଼େଇ ହୋଇ ପଡିବାରୁ ଅଶୀରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଗଲା ସେଥିରେ ମୋର କିଛି ଯାଏଆସେ ନାହିଁ । ମୋର କିଛି ଯାଏଆସେ ନାହିଁ ଯଦି ପ୍ରଶାନ୍ତ ମହାସାଗରରେ ଦି'ଚାରିଟା ଦ୍ୱୀପ ବୁଡିଗଲା ବା ଲାବ୍ରାଡର ସ୍ରୋତରେ ଯୋଡାଏ ଯାତ୍ରୀବାହୀ ଜାହାଜ ପରସ୍ପରକୁ ହାବୁଡି ଗୁଣ୍ଡ ହୋଇଗଲେ । ମୋର ଧରାବନ୍ଧା ପଦ୍ଧତିରେ ଏତେ ଟିକେ ବୋଲି ଏଥିପାଇଁ ପରିବର୍ତ୍ତନ ହୁଏ ନାହିଁ । କେବଳ ଏ ଖବର ପଢ଼ିଲା ବେଳେ ପାଟିରୁ ହୁଏତ ଦୁଇ ଚାରିଥର 'ଚୁ' 'ଚୁ' ଶବ୍ଦ ବାହାରି ଯାଇପାରେ । ସେଇଟା ମଧ୍ୟ ଏ ପଦ୍ଧତିର ବାହାରେ ନୁହେଁ । ସକାଳେ ଏକ ନିର୍ଦ୍ଦିଷ୍ଟ ସମୟରେ ଖବରକାଗଜ ପଢ଼ିଲା ପରି ସେଥିରେ ଏପରି ସମ୍ବାଦ ଦେଖି 'ଚୁ' 'ଚୁ' କରିବା ମୋର ଧରାବନ୍ଧା ନିୟମର ଅନ୍ତର୍ଭୁକ୍ତ । ଯଦି ଆପଣ ନିହାତି ଶୁଣିବାକୁ ଚାହାନ୍ତି ତେବେ ଶୁଣନ୍ତୁ । ଭାରତର ରାଷ୍ଟ୍ରପତି ଗିରି ନା ରେଡ୍‌ଡି, ସେଥିରେ ମଧ୍ୟ ମୋର କିଛି ଯାଏ ଆସେ ନାହିଁ । ମୁଣାରେ ପଇସା ଅଣ୍ଡାଳି ବଜାର ଝୋଲାଧରି ବାହାରିଲାବେଳେ ସେଦିନ ବାଇଗଣ ଦର ଅପେକ୍ଷା ରେଡ୍‌ଡ଼ି ଗିରି ପ୍ରତିଦ୍ୱନ୍ଦିତା ବହୁପରିମାଣରେ ମୋ ପାଇଁ ଗୌଣ ସମସ୍ୟା ।

ମୁଁ ଜାଣେ ଯେ ମୋ ପାଇଁ ଓକିଲାତି କରିବାକୁ କେହି ସହଜରେ ରାଜି ହେବେ ନାହିଁ । ସଭ୍ୟ ସମାଜର ନିୟମ କାନୁନ୍‌ରେ ମୋତେ ସୁହାଇଲା ଭଳି ଧାରା ଉପଧାରାର ମଧ୍ୟ ଢେର ଅଭାବ ବୋଲି ମୁଁ ଜାଣେ । ମୋ ବକ୍ତବ୍ୟ ଶୁଣି ମୋତେ ଆଦିମ ଆରଣ୍ୟକ କହି ତାଚ୍ଛଲ୍ୟ କରିବାକୁ ଇଚ୍ଛା ଥିଲେ ସୁଦ୍ଧା ଅଧିକାଂଶ ମୋର ବିଚାରକ ସାଜି ଉପଦେଶ ଛଳରେ କହନ୍ତି, 'ୟା'ର ମନର ଜମା ପ୍ରସାର ଘଟି ନାହିଁ । ୟାକୁ କିଛି ଶିକ୍ଷା ଦେବା ନିହାତି ଦରକାର । ମଣ୍ଟି ସୋରି ନାବାଳକଙ୍କ ଗହଣରେ ୟାକୁ ପ୍ରଥମେ କିଛି ସାମାଜିକ ବ୍ୟବହାରରେ ତାଲିମ୍ ଦିଆଯାଉ ।' ... ଇତ୍ୟାଦି । 'ବିଚାରକ' ଗାଦିରେ ବସି ଆଇନ୍ ପୋଥିର କାନ୍ଥ ଆଢୁଆଳରୁ ଯାହା କୁହାଯାଏ ତାକୁ କାଠଘଡ଼ା ଭିତରେ ଚାରିକୋଣିଆ ହେଇ ଠିଆ ହେଇଥିବା ଆସାମୀ ଶୁଣିବାକୁ ବାଧ୍ୟ । ମୁଁ ଖାଲି କହେ, ''ଧର୍ମାବତାର ! ଯଦି ସେ ଗାଦିରୁ ଓହ୍ଲେଇଆସି କେବେ ଆପଣ ବଙ୍ଗଳାକୁ ଫେରନ୍ତି, ଯଦି ଢିଲା ପାଇଜାମା ପଞ୍ଜାବିରେ ବଗିଚା ଚୌକିରେ ନିରୋଳା ସନ୍ଧ୍ୟାଟିଏ କାଟନ୍ତି, ବାରିପଟ ନେଳି ଘାସର ବଗିଚା ଉପରେ ଯଦି କେବଳ ପତ୍ନୀ, ତିନିବର୍ଷର ସାନ ପୁଅ ଓ ପୋଷା ଆଲ୍‌ସେସିଆନ୍ ବ୍ୟତିରେକ ସେଠିକି ଆଉ କେହି ଯିବାକୁ ମନା ଜାରି ହୁଏ, ସେଇଠି ଆପଣଙ୍କୁ ଆପଣଙ୍କ ନାଁ ଧରି ଅମୁକବାବୁ

Digitized by srujanika@gmail.com

ବୋଲି ଡାକିବାର ଅଧିକାର ଦେଲେ ଆଉ ଖଣ୍ଡିଏ ବଗିଚା ଚୌକିରେ ଆପଣଙ୍କ ପାଖକୁ ବସି ମୁଁ ମୋ 'ବୟାନ୍' ଦେଇପାରେ । ଶୁଣିବେ କି ?''

ଅଶେଷ ଧନ୍ୟବାଦ ! ମୋର ବିଶ୍ୱାସ ନ ଥିଲା ଯେ ଛାପା ଆଇନ ବହିର କଥା ଶୁଣି ଆପଣ ମଣିଷ କଥାକୁ କାନ ଦେଇପାରିବେ ! ଆପଣଙ୍କ ଆଗ୍ରହ ଦେଖି ଖୁସି ହେଲି । ଆଉ ମଧ ଦେଖି ଖୁସି ହେଲି ଯେ ଆପଣ ଅନ୍ୟର ଦୋଷାଦୋଷ ବିଚାର ପାଇଁ ସବୁବେଳେ ନ୍ୟାୟାଧୀଶର ଅଭିନୟ କରି ମଧ ସେ ପୋଷାକ ଖୋଳ ଭିତରେ ଯେ ଆପଣ ଗୋଟିଏ ବ୍ୟକ୍ତି ଏକଥା ମନେ ପକେଇ ପାରିଛନ୍ତି । ବଡ଼ ଆନନ୍ଦର କଥା, ଅମୁକ ବାବୁ ! ଏଠି ଆଉ ମୋତେ ମାମ୍‌ଲତକାରିଆ ସାଜି ନିଜ ସପକ୍ଷରେ ଛ'କୁ ନ' କରି କହିବାର ପ୍ରୟୋଜନ ପଡ଼ିବ ନାହିଁ । ଠିକେ ଠିକେ ମୋତେ ଯାହା ଦିଶିବ ମୁଁ କହିଯିବି ......

ମୁଁ ଭାବେ ଯେ ସବୁ ଜିନିଷ ଭଳି ମମତାର ମଧ ଗୋଟାଏ ନିର୍ଦ୍ଦିଷ୍ଟ ପରିସର ଅଛି । ତା'ର ଭିତରେ ମଣିଷ ଉଣା ଅଧିକେ ସୁଖଦୁଃଖ ଅନୁଭବ କରେ । ତା' ବାହାରେ କେବଳ ଯୁକ୍ତିର ଡେଣା ମେଲେଇ ଦୂର ଜିନିଷଟାକୁ ନିକଟକୁ ଓଟାରିବାକୁ ଚେଷ୍ଟା କରେ ମାତ୍ର । ସେ ଓଟାରିବାରେ ହିଁ ଯେତିକି ଅନୁଭବ ହେଇଗଲା ।.... ଯେଉଁ ଦିନ ଯାଜପୁର ପାଖରେ ରେଳ ଦୁର୍ଘଟଣା ହେଲା ସେ ଦିନ ଆପଣଙ୍କ ଭଳି ମୁଁ ମଧ ଟିକିଏ ଚମକି ପଡ଼ିଲି । ଆଫ୍‌ଗାନିସ୍ଥାନରେ ହୋଇଥିଲେ ଜାଣିବାକୁ ସାମାନ୍ୟ ଆଗ୍ରହ ସିନା ହୋଇଥାନ୍ତା, ଏମିତି ଆଉ ଚମକି ନ ଥାନ୍ତେ । ଯାଜପୁର ଓଡ଼ିଶା ଭିତରେ । ଖାସ୍ କଟକରୁ ଅଳ୍ପ ବାଟ । ମନ ଭିତରେ ଚଟାପଟ୍ ଭାବିଗଲି କେହି ମୋର ପରିସର ଭିତରର ଲୋକ ତ ରେଳରେ ଆସୁ ନଥିଲେ ? ମନ ଖୋଜାଖୋଜି କରି କହିଲା ଯେ ତା ଜାଣିବାରେ କେହି ସେମିତି ସେ ରେଳରେ ନଥିଲେ । ଚମକଟା ତତ୍‌କ୍ଷଣାତ ଥଣ୍ଡା ପଡ଼ିଗଲା, ସାଙ୍କୁଳି ଗଲା କେବଳ କୌତୁହଳ ପର୍ଯ୍ୟାୟକୁ । ପରିସର ବାହାକୁ କଥାଟା ଚାଲିଗଲା ପରେ ନିର୍ବିକାରରେ ସବୁ ପଢିହୁଏ । ସେଠି ସୁକୁମାର ଶିଶୁ, ଅସହାୟ ବୃଦ୍ଧ, ଜୀବନର ବହୁ ସ୍ୱପ୍ନକୁ ଆଙ୍କୁଡ଼ି ଲଗେଇଥିବା ତରୁଣ-ତରୁଣୀ ସବୁ ରକ୍ତ ସାଲୁବାଲୁ ହାଡ଼ମାଉଁସର ଗୋଟାଏ ଲେଖାଁ ପିଣ୍ଡୁଳା ହୋଇଯାଇଛନ୍ତି । ଆର୍ତ୍ତନାଦ ବି କିଛି କିଛି କଳ୍ପନାରେ ଶୁଣିଲି । କିନ୍ତୁ ସବୁ ଗୋଟାଏ ପ୍ରକାର ଆମୋଦ ଦେଉଥାଏ । ମାକ୍‌ବେଥ୍ ନାଟକରେ ହତ୍ୟାର ବିଭୀଷିକା ଯେମିତି ପାଠକକୁ ଗୋଟାଏ ତୀବ୍ର ସ୍ୱାଦ ଯୋଗାଏ ସେମିତି ସେ ଦିନର ପତ୍ରିକା-ବିବରଣୀଟା ମୁଁ ଆଉ ତାକୁ ଗୋଟାଏ ନିଃଶ୍ୱାସରେ ନ ସାରି ରହିପାରିଲି ନାହିଁ । ବିଭୀଷିକା ଯେତେ ଭୟଙ୍କର ତା'ର ଆନନ୍ଦ ସେତିକି ତୀବ୍ର, କେବଳ ତାହା ଯଦି ସେଇ ମମତା ପରିସର ଭିତରେ ନ ଘଟେ । ଟିକିଏ ଦୂରରେ ରହି ହଣାହଣି ଦେଖିଲେ ଯେମିତି ତୋଟି ଶୁଖିଯାଏ, ଦେହ ଝିମି ମାରିଯାଏ ତା' ସାଙ୍ଗେ ସାଙ୍ଗେ କିନ୍ତୁ ଉତ୍କଣ୍ଠାମିଶା ଆଗ୍ରହ ଉପଭୋଗ କରିହୁଏ । ଦେହରେ ସତକୁ ସତ ଆଘାତ ଲାଗିଗଲେ ଘା'ର ଅନୁଭୂତିଟା ଯା'ଠାରୁ ସଂପୂର୍ଣ୍ଣ ଅଲଗା । ଭୟ, ଆବେଗ, ଉତ୍କଣ୍ଠା ବେଶ୍ ଭଲଲାଗେ, ଗୋଟାଏ ପ୍ରକାର ବେଦନା ଦିଏ ଯାହାର ସ୍ୱାଦୁ ମିଞ୍ଜେଇ ଚାଖିଲେ ମିଠାଲାଗେ, କିନ୍ତୁ ଘା'ର ଯାତନା ଅନ୍ୟ ପ୍ରକାର । ଯାଜପୁର ଗାଡ଼ିରେ ଯଦି ସେଦିନ

Digitized by srujanika@gmail.com

ମୋର ଖଡ଼ଗପୁରରେ ଥିବା ବଡ଼ପୁଅ ଆସୁଥାନ୍ତା ବା ବିଲାତରୁ ଫେରି କଲିକତା ବାଟେ ଆପଣଙ୍କ ଜୁଆଇଁ ଫେରୁଥାନ୍ତେ ତେବେ ଯାଜପୁର ରେଳ ଦୁର୍ଘଟଣାର ରୂପରେଖ ଅନ୍ୟପ୍ରକାର ଜଣାପଡ଼ିଥାନ୍ତା, ବଙ୍କାଟଙ୍କା ଲୁହା ଫଳା ଏବଂ ଭିଣି ହୋଇଯାଇଥିବା ଚିରୁଡ଼ାକାଠ ସନ୍ଧିରେ ସବୁ ମାଂସପିଣ୍ଡୁଳାକୁ ନିର୍ବିକାର ଅନେକ ହୋଇ ନଥାନ୍ତା । ତେବେ ସେ ଦିନ ମୋ ପୁଅ ବା ଆପଣଙ୍କ ଜୁଆଇଁ ଆସୁ ନ ଥିବାରୁ ଯଦି ଆମେ ଖୋଲାଖୋଲି କହିଦେଲେ ଯେ ଯାଜପୁର ରେଳ ଦୁର୍ଘଟଣାରେ ଆମର ବିଶେଷ କିଛି ଯାଏ ଆସେନାହିଁ ତା'ଦ୍ୱାରା କ'ଣ ମିଛ କୁହାଗଲା ବୋଲି ଆପଣ ଜାହିର୍ ଦେବେ ? .... ସେହି ଆନୁପାତରେ ଆଞ୍ଚା ହଣ୍ଡୁରାସ୍‌ରେ ଭୂମିକମ୍ପ ଏବଂ ଲାବ୍ରାଡ଼ର୍‌ରେ ଜାହାଜ ବୁଡ଼ି । ସେଇଠି ଯେଉଁମାନେ ମଲେ, ସେମାନେ ଯେ ମୋ ଭଳି ମୋ ପୁଅ ଭଳି ମଣିଷଗୁଡ଼ିଏ ; ଏତକ ବୁଝିବାରେ ମୋର କିଛି ଅସୁବିଧା ନାହିଁ । ଅସହାୟ ଭାବରେ କେହି ମଣିଷ ମରିଗଲେ ଆଉ ଜଣେ ସେଥିରେ ବ୍ୟଥିତ ସହାନୁଭୂତିଶୀଳ ହେବା ଉଚିତ - ଏଇଟା ବୁଝିଯାଏ । କାହିଁକି ଉଚିତ ବୋଲି ଯଦି ବୁଝେଇବାକୁ କହନ୍ତି ତେବେ ଆପଣଙ୍କର ସାମାଜିକ ବିଜ୍ଞାନ ପୋଥିରେ 'ମଣିଷ ଗୋଟିଏ ସାମାଜିକ ଜୀବ' ଠାରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ସବୁ ଆପଣ ଶୁଣିବାକୁ ବାଧ୍ୟ । ବୁଝିବାରେ ବା ବୁଝେଇବାରେ କିଛି ଅସୁବିଧା ନାହିଁ । ଆନ୍ତରିକ ଅନୁଭବ ବେଳକୁ ଯେତେକ ଗୋଳମାଳ । ଧରନ୍ତୁ ଏଇ ସାମାଜିକ ବିଜ୍ଞାନଚର୍ଚ୍ଚାରେ ମୋର କିଛି ଜ୍ଞାନୋଦୟ ହେଲା ଏବଂ ମୁଁ ସହାନୁଭୂତି ପାଇଁ ଚେଷ୍ଟା କଲି । ସେଥିରେ କିଛି ହେବ ନାହିଁ ମୁଁ ଜାଣେ । ତେଣିକି ମୋ ମନରୁ ସ୍ୱତଃ ପ୍ରଶ୍ନ ଉଠେ, ମଣିଷ ମାତ୍ରେ ଅସହାୟ, କଷ୍ଟ ପାଇଲେ ମୋର ସହାନୁଭୂତି କରିବା ଉଚିତ୍ ନା ନୁହେଁ ? ସମଗ୍ର ପୃଥିବୀରେ ଯେକୌଣସି ସମୟରେ ରୋଗ ଦୁଃଖ ଭୋଗୁଥିବା ବ୍ୟକ୍ତିଙ୍କ ସାମୂହିକ ଯାତନା ପାଇଁ ମୋର କେବଳ ବାଚନିକ ସହାନୁଭୂତି ବ୍ୟତିରେକ ଆଉ କିଛି ସମ୍ଭବ କି ? ପୁଣି ସହାନୁଭୂତି ତ କେବଳ ରୋଗ, ଶୋକ, ମୃତ୍ୟୁ ପାଇଁ ନୁହେଁ । ମାନସିକ ବ୍ୟାକୁଳତା, ଅଶାନ୍ତି, ଆତଙ୍କ, ଅସହାୟତା ପାଇଁ ମଧ୍ୟ ସହାନୁଭୂତି ନିଷିଦ୍ଧ ନୁହେଁ । ଆପଣଙ୍କ ପଡ଼ୋଶୀଠାରୁ ଆରମ୍ଭ କରି ଉତ୍ତରମେରୁରେ ବାସ କରୁଥିବା ଏସ୍କିମୋ ପର୍ଯ୍ୟନ୍ତ କେତେ କୋଟି ମଣିଷଙ୍କ ପାଇଁ ସହାନୁଭୂତିର ଅର୍ଥ କ'ଣ ? ଆପଣମାନେ ପୁଣି କହନ୍ତି ଯେ 'ଦୁଷ୍ଟ' ଲୋକଙ୍କ ଯାତନା ସହାନୁଭୂତି ସାପେକ୍ଷ ନୁହେଁ । ଦୁଷ୍ଟଶିଷ୍ଟ ବିଚାର ପାଇଁ ଆପଣଙ୍କର ଏକ ଏକ ସୁବିଧା ଧାରା ଅଛି । ସେଇଟା ହେଲା ଯଦି କେହି ଆପଣଙ୍କର ବିରୋଧ କଲା ସେ ଆପଣଙ୍କର ଶତ୍ରୁ ଏବଂ କେବଳ ସେହି କାରଣରୁ ସେ ଦୁଷ୍ଟ । ଆପଣ ଯଦି ସେପରି ଗୋଟିଏ କାହାକୁ ବିଷ ପିଆଇ ମାରିଦିଅନ୍ତି ବା କାଠ ଛକରେ କଣ୍ଟା ପିଟି ଲଖେଇ ଦିଅନ୍ତି, ତେବେ ତାହା ନ୍ୟାୟବିଚାର ନାମରେ ଘୋଷିତ ହୁଏ ଏବଂ ଆମକୁ ମନା କରାହୁଏ ସେ ବିଷୟରେ ପ୍ରତିକ୍ରିୟା ଦେଖାଇବାକୁ। ବେଶ୍ ତାହା ହିଁ ତ ସ୍ୱାଭାବିକ । ଆମେ ଛୋଟ ଛୋଟ ବନ୍ଧନୀ ଭିତରର ମଣିଷ । ଅଯଥା ଗୁଡ଼ାଏ ସାରା ପୃଥିବୀକୁ ବୁଝିଯାଇଥିବା ଭଳି ମିଥ୍ୟାଚାର କରିବାକୁ ଅର୍ଥ କିଛି ନାହିଁ । ତା' ବୋଲି ଆମେ ସେ ଆଦର୍ଶଟାକୁ ଯେ ଅସ୍ୱୀକାର କରୁ ତା' ନୁହେଁ । ଆଦର୍ଶ ରହୁ, କିନ୍ତୁ ତାକୁ ଆମେ ହସ୍ତଗତ କରିନେଲୁ ବୋଲି କହିବା ଭୁଲ୍ ପରି ଜଣାଯାଉଛି ।

Digitized by srujanika@gmail.com

ମୋର ଆଜ୍ଞା ପ୍ରକୃତରେ ଭାରି ଇଚ୍ଛା ହଣ୍ଡୁରାସ୍‌ର ମୃତ ମଣିଷଙ୍କ ପାଇଁ ବ୍ୟାକୁଳ ହୁଅନ୍ତି, ଅଶ୍ରୁପାତ କରନ୍ତି । ବୋଧହୁଏ ବ୍ୟାକୁଳ ହେଲେ ଗୋଟାଏ କ'ଣ ସାଧୁ କାର୍ଯ୍ୟ କଲା ପରି ଭଲ ଲାଗେ । କାନ୍ଦିବା ମଧ୍ୟ ଆଉ ପ୍ରକାରେ ଏକ ଉପଭୋଗର ପର୍ଯ୍ୟାୟ, କିନ୍ତୁ ମୋଟେ ହୁଏ ନାହିଁ । ହଣ୍ଡୁରାସ୍ କଥା ଭାବିଲେ କେବଳ ସ୍କୁଲରେ ଦେଖିବା ଆମେରିକା ମାନଚିତ୍ରଟା ମନେପଡ଼େ । ପାହାଡ଼ଟା ଦିଶେ ଆମ ଗାଁର ମୁଣ୍ଡିଆ ପରି । ମଣିଷଗୁଡ଼ିକ ଦିଶନ୍ତି ଗୋଟିଏ ଗୋଟିଏ ଧୋବ ଛାଇ ପରି । ସବୁ ଯେମିତି ମିଛିମିଛିକା । ସେ ଛାଇଗୁଡ଼ିକ ଉପରେ ନିଃଶବ୍ଦରେ ଗୋଟାଏ କୁହୁଡ଼ିର ପାହାଡ଼ ମଡ଼େଇ ହୋଇପଡ଼େ । ସେମାନେ ମରିଗଲେ ବୋଲି ଚମତ୍କାର ଅଭିନୟ କଲା ପରି ଦିଶନ୍ତି । ଆଉ ଘଡ଼ିକୁ ବୋଧହୁଏ ସେମାନେ ଝାଡ଼ିଝାଡ଼ି ହେଇ ଉଠି ବସିବେ । ମୁଁ ଚେଷ୍ଟା କରେ ଓଜନିଆ ପଥରର ପାହାଡ଼ ଧସେଇବାକୁ ; ଆମ ତୁମଭଳି ସତ ମଣିଷଗୁଡ଼ିଏ ସତକୁ ସତ ସେ ପଥର ତଳେ ଚିପି ହୋଇ ରକ୍ତମାଂସର ମୁଦା ହେଇଯିବା ମଧ୍ୟ କଳ୍ପନା କରିବାକୁ । ବିଭିନ୍ନ ପ୍ରକାର ଆର୍ତ୍ତନାଦ ସୃଷ୍ଟି କରେ । ସମଗ୍ର ଘଟନାଟାର ତୀବ୍ରତା ଅନୁଭବ କରିବାକୁ ନିଜ ଉପରେ ପାହାଡ଼ ମଡ଼େଇ ଦିଏ । ନିଜେ ତା' ତଳେ ଚିପି ହୋଇଯାଉଛି ବୋଲି କଳ୍ପନା କରେ... କାହିଁରେ କିଛି ହୁଏ ନାହିଁ । ଅତି ବେଶି ସେ ଗୋଟିଏ ବାଇସ୍କୋପ୍‌ର ଚିତ୍ର ଭଳି ଦିଶେ । ମୁଁ ଅସଂପୃକ୍ତ ରହିଯାଏ । ମୁଁ ବୁଝିପାରେ ନାହିଁ ମୋ ଭଳି ଆଉ ଅନେକ କିପରି ଏ ଘଟଣାରେ ଜଡ଼ିତ ହୋଇଯାଆନ୍ତି ; ଦୁଃସ୍ଥ ପରିବାର ପାଇଁ ଚାନ୍ଦା ଆଦାୟ କରନ୍ତି; ସଭା କରି ପ୍ରସ୍ତାବ ଗୃହୀତ କରାନ୍ତି ଏବଂ 'ଶୋକସନ୍ତପ୍ତ' ପରିବାରବର୍ଗଙ୍କୁ ଗଭୀର ସହାନୁଭୂତି ଜଣାନ୍ତି ? ମୋର ମନେହୁଏ ସେମାନେ ଅନ୍ୟ କିଛି ଉଦ୍ଦେଶ୍ୟ ରଖି ହୁଏତ ଅଭିନୟ କରନ୍ତି ବା ସେମାନେ ପରମ କାରୁଣିକ ମହାମାନବ ! ମୁଁ କିନ୍ତୁ, ସତ କହୁଛି, ପ୍ରବଳ ଇଚ୍ଛା କରେ, ଚେଷ୍ଟା କରେ ହଣ୍ଡୁରାସ୍‌କୁ ଆପଣେଇବାକୁ । ହା' ହତୋଽସ୍ମି ! ହଣ୍ଡୁରାସ୍ ଚିରକାଳ ରହିଯାଏ ମୋର ଦିଗ୍‌ବଳୟର ବହୁ ଦୂରରେ ! ମିଶର ସାମ୍ରାଜ୍ୟ ପରି ସୁଦୂର, ଅଦୃଶ୍ୟ ତାରକା ପରି ବିଚ୍ଛିନ୍ନ ଓ ଅସଂପୃକ୍ତ !

କେବଳ ହଣ୍ଡୁ ରାସ୍ ପାଇଁ ନୁହେଁ, ମୁଁ ଚାହେଁ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ମରୁପ୍ରାନ୍ତର, ନଦନଦୀ, ପର୍ବତ ଉପତ୍ୟକାକୁ ଆଶ୍ରୟ କରି ରହିଥିବା ଅସଂଖ୍ୟ ନରନାରୀଙ୍କ ପୀଡ଼ା, ଜୀବନସଂଗ୍ରାମର କ୍ରନ୍ଦନକୁ ସମବେଦନା ଜଣାନ୍ତି । ଆପଣମାନଙ୍କର ଖେଳୁଆଡ଼ ଗୁଳି ଆଘାତରେ ନୀରବରେ ଟଳି ପଡୁଥିବା ଶଶା, ମିରିଗ, ସମ୍ବରଙ୍କର ପ୍ରାଣାନ୍ତ ଯାତନାକୁ ନିଜ କେନ୍ଦ୍ରରେ ଅନୁଭବ କରନ୍ତି । ଏପରି କି ଗଛଛାଇରୁ ଉଠିଆସି ତା'ର କୁରାଢ଼ିର ଦାଢ ପରୀକ୍ଷା କରିବାକୁ ମଣିଷ ସେଇ ଗଛଗଣ୍ଡିରେ ଯେଉଁ ଘା' ଦାଗିଦିଏ, ମୁଁ ସେଥିପାଇଁ ବ୍ୟଥିତ ହେବାକୁ ଚାହେଁ ; ମଣିଷପିଲା କଣ୍ଟାରେ ଫୋଡ଼ି ବେଙ୍ଗକୁ ଶୂଳୀ ଦେଲାବେଳେ ହାହାକାର କରିବାକୁ ଚାହେଁ ! ବ୍ୟାଧ ଶରଫଳାରେ କ୍ରୌଞ୍ଚ ଗୁଡ଼ି ହୋଇ ଖସିପଡ଼ିଲା ବେଳେ ନିଃସଙ୍ଗ ପକ୍ଷୀର ବେଦନାରେ ଦ୍ରବୀଭୂତ ହୋଇଯିବାକୁ ପ୍ରୟାସ କରେ । କିନ୍ତୁ ହାୟ ! ମୋର ପରିଧି ସେତେ ବାଟ ପ୍ରସାରିତ ହୋଇପାରେ ନାହିଁ।

Digitized by srujanika@gmail.com

ନା, ମୁଁ କହିପାରିବି ନାହିଁ ଠିକ୍ କେଉଁଠି ମୋର ମମତାର ପରିସର ବୃତ୍ତ କାଟି ଆସିଛି । ସବୁଠି କେବଳ ଆପେକ୍ଷିକ ମୂଲ୍ୟଟାଏ ମୋତେ ଦିଶେ ; ହଣ୍ଡୁରାସ୍ ତୁଳନାରେ ଯାଜପୁର ଦୁର୍ଘଟଣା ନିଶ୍ଚୟ ମୋର ନିକଟବର୍ତ୍ତୀ । କିନ୍ତୁ ଆପଣଙ୍କ ଜୋଇଁ ତୁଳନାରେ ମୋ ପୁଅ ମୋର ଅଧିକ ନିକଟବର୍ତ୍ତୀ । ବୋଧହୁଏ ପରିବାରଟା ହିଁ ମୋର ପରିସର । କିନ୍ତୁ ତା' ବି ଠିକ୍ ନୁହେଁ । ପିଲାବେଳେ ପରିବାରର ବିଭିନ୍ନ ବ୍ୟକ୍ତିଙ୍କର ମୂଲ୍ୟ ଯାହା ଥିଲା, ଆସ୍ତେ ଆସ୍ତେ ତା' ବଦଳିଗଲା । ମୁଁ ମୋର ମମତା କକ୍ଷଟିକୁ ଚାରିଆଡ଼େ ଘେରେଇ ହେଇ ଯେମିତି ଦୂରରୁ ଦୂରକୁ ଘୁଞ୍ଚି ଆସିଲି । ଫଳରେ କକେଇ, ଦଦେଇ କକ୍ଷ ବାହାରେ ପଡ଼ିଗଲେ । ପୁଣି ଘୁଞ୍ଚିଗଲି । ବିବାହ କଲି । ବାପମା' ମଧ୍ୟ କକ୍ଷଟିର ପ୍ରାନ୍ତପର୍ଯ୍ୟନ୍ତ ଘୁଞ୍ଚିଗଲେ । ଆସିଲେ ପତ୍ନୀ । କିଛିକାଳ ପର୍ଯ୍ୟନ୍ତ 'ମୁଁ' ଏବଂ 'ମୋର' କହିଲେ ମୁଁ ଏବଂ ଏଇ ନାରୀଟିକୁ ହିଁ ବୁଝିବାକୁ ପଡ଼ିଲା । ପରେ ପରେ ଆସିଲେ ସନ୍ତାନ । ଭାବିଲି ଏଇମାନେ ବୋଧହୁଏ ମୋର ଛୋଟ ବନ୍ଧନୀ ଭିତରର । କିନ୍ତୁ ମନ ସ୍ଥିର କରି ଭାବିଲି । ଏମାନଙ୍କୁ ବାହାରକୁ ପକେଇଦେଲା ଭଳି ଆହୁରି ଗୋଟିଏ ଘନିଷ୍ଠ ପରିଧି ଅଛି । ତା'ର ସୀମା ଉପରେ ହୁଏତ ପତ୍ନୀ ତାକୁ ସ୍ପର୍ଶ ମାତ୍ର କରି ଠିଆ ରହିଛନ୍ତି । କିନ୍ତୁ ସେ ପରିଧିର କେନ୍ଦ୍ରରେ ମୁଁ । ପରିଧିଟି ମୋ ଶରୀରର ଚର୍ମ ! ଏହାରି ସନ୍ତୋଷ ଯେଉଁଠି, ଏହାରି ସୁରକ୍ଷା ଯେଉଁଠି, ଏହାରି ସୁଖର ସମ୍ଭାବନା ଯେଉଁଠି, ସେଇଠି 'ମମତା' । ସବୁ ଏହାରି ଶାଖାପ୍ରଶାଖା ମାତ୍ର । 'ମୁଁ'ଟି ହେଲା ମଞ୍ଜି । ବାକି ଯେତେ ସବୁ 'ମୋର' ବୋଲି କୁହାଯାଏ ସବୁ ତା'ର ଡାଳପତ୍ର ।.... ମୋ ମନକୁ ସୁହାଇଲା ଭଳି କଥା ନ କହିଲେ ପତ୍ନୀପୁତ୍ର ମଧ୍ୟ ମମତା-ବଞ୍ଚିତ ହୋଇଯାଆନ୍ତି ସେଇ ମୁହୂର୍ତ୍ତ ପାଇଁ ! ... ବୋଧହୁଏ ମୋତେ ହିଁ ମୁଁ ଭଲପାଇ ଆସିଛି ! ମୋ ବ୍ୟତିରେକ ଆଉ କିଛି ମୁଁ ବୁଝିପାରେ ନାହିଁ । ଯେତେଠି ମୋର ପ୍ରତିଫଳନ ବା କିଛି ସଂପର୍କ ରହିଛି ସେଇଠି ମୁଁ 'ମମତାଶୀଳ' ହୋଇ ପଡ଼ିଛି, ଅନ୍ୟତ୍ର ନୁହେଁ । ତଥାପି ମୁଁ ଲକ୍ଷ୍ୟ କରିଛି ଯେ ବଡ଼ ମିଠେଇଟିକୁ ପୁଅକୁ ଦେବାକୁ ଇଚ୍ଛା କରି ସୁଦ୍ଧା ନିଜ ଭାଗରେ ପଡ଼ିଗଲେ ମୁଁ ଅସୁଖୀ ହୋଇନାହିଁ ! ସାମାନ୍ୟ କ୍ଷୁଧାତୃଷାର ମଣିଷଟିଏ ମନରେ ହିଁ ଭୋକଶୋଷର ଜନ୍ମ, ସେଇଠି ମଧ୍ୟ ତା'ର ପରିତୃପ୍ତି । ଖାଦ୍ୟ ଖାଇବା ବା ପୁଅକୁ ଗେଲ କରିବା ଭଳି ବାହାର ଆଚରଣ ତାର ଆନୁଷଙ୍ଗିକ ମାତ୍ର ।

ଆପଣ ମୋତେ ନିହାତି ବଣୁଆ, ଗୋଟାଏ ଜନ୍ତୁ ପରି ସ୍ୱାର୍ଥପର ବୋଲି ଉପହାସ କରିପାରନ୍ତି । ମୁଁ କିନ୍ତୁ ଅଭିନୟର ଘୋର ବିରୋଧୀ । ଏଣୁ ମୁଁ ଆପଣଙ୍କ ସମାଜରେ ଖାପଛଡ଼ା ହୋଇ ଠିଆରହେ । ମୋତେ ପେଟରୁ କାଟି ଯେ କୌଣସି ମହତ୍ ଉଦ୍ଦେଶ୍ୟରେ ଟାକ୍ସ ଦେବାକୁ ହେଲେ ମୁଁ ଅପେକ୍ଷାକୃତ ଦୁର୍ବଳ ଥିବାରୁ ଆପଣମାନଙ୍କ ଆଦେଶ ଅମାନ୍ୟ କରେନାହିଁ । ମୋ ମନରେ କିନ୍ତୁ ବିଦ୍ରୋହ ହୁଏ । ମୁଁ ଯଦି ସାମାଜିକ ଜୀବନରେ ସାମୂହିକ ସ୍ୱାର୍ଥ ପାଇଁ ମୋର ବ୍ୟକ୍ତିସ୍ୱାର୍ଥକୁ ଚିପୁଡ଼ି ଚାଲିଲି ମୋତେ ବିଶିଷ୍ଟ ଭାବରେ ମୋ ନିଜର ଲାଭ ଦେଖା ନ ଯିବା ପର୍ଯ୍ୟନ୍ତ, ବିରୋଧ କରି ଚାଲିଥିବି । ଆପଣମାନେ ମଧ୍ୟ କ'ଣ ସ୍ୱାର୍ଥର ଏ ଗମ୍ଭୀର ନିୟମ ବାହାରେ କିଛି କରିପାରନ୍ତି କି ? ସବୁ କାମ ପଛରେ ଯୋଜନା, ସାମୂହିକ କଲ୍ୟାଣ ପଛରେ ବ୍ୟକ୍ତିସମ୍ମାନ, ଏ

Digitized by srujanika@gmail.com

ସମସ୍ତ ଫଳାଭିସନ୍ଧିରୁ ତ ଆପଣ ମୁକ୍ତ ନୁହନ୍ତି । ଏପରି କି ଆପଣଙ୍କର ଆଧ୍ୟାତ୍ମିକ କର୍ମଯୋଜନାରେ ମଧ୍ୟ ଗୋଟିଏ ଏଷଣା ସବୁଟାର ପଛରେ ରହି ତଡ଼େ । ଫଳାଭିସନ୍ଧି ମାତ୍ରେ ହିଁ ସ୍ୱାର୍ଥକୈନ୍ଦ୍ରିକ, ଏଷଣା ମାତ୍ରେ ହିଁ ସ୍ୱାର୍ଥପ୍ରତିଷ୍ଠା । ଏଣୁ ଆପଣ କେବଳ ମୋତେ ସ୍ୱାର୍ଥପର ନ କହି କଥାଟାକୁ ପୁନର୍ବିଚାର କଲେ ଆଉ ଅନେକ ଅପ୍ରିୟ ସତ୍ୟ ଦେଖିପାରିବେ ।

ଏଠି କଥାଟା ସରିଯାଇଥିଲେ ମନ୍ଦ ହେଇ ନ ଥାନ୍ତା, କିନ୍ତୁ ତା' ହେଉ ନାହିଁ, ଯେହେତୁ ମୁଁ କୌଣସି ଏକକ ନୁହେଁ । ମୁଁ ଏକ ଅଦ୍ଭୁତ ସମଷ୍ଟି । ହୁଏତ ସମଷ୍ଟି ମଧ୍ୟ ନୁହେଁ । ମୋର ନାମ, ଯଶ, କୀର୍ତ୍ତି, କୌଳିନ୍ୟ, ପରମ୍ପରା ଆଦି ସହିତ ମୋର ଚିନ୍ତା, କଳ୍ପନା, ଭୋଗଲିପ୍ସା, ମୋର ପଞ୍ଚେନ୍ଦ୍ରିୟର ବିକାର, ଅଙ୍ଗପ୍ରତ୍ୟେଙ୍ଗର ଆପେକ୍ଷିକ ମୁଖ୍ୟ-ଗୌଣ-ବିଚାର ଇତ୍ୟାଦି ମିଶିଲେ ସାଧାରଣ ଅର୍ଥରେ 'ମୁଁ' ବୋଲି ଏକ କିଂଭୂତ ପଦାର୍ଥର ଧାରଣା ହୁଏ । ଡାହାଣ ହାତ ଆଙ୍ଗୁଠି ହାଣି ନ ହୋଇ ବାଁ ହାତ ହାଣି ହେଲେ ଏକପ୍ରକାର ଆଶ୍ୱସ୍ତି ଆସେ, ଯାହାହେଉ ବାଁ ହାତ ହାଣି ହେଲା, ଡାହାଣରେ ଘା' ହୋଇଥିଲେ ଭାରି ହଇରାଣ ହେବାକୁ ପଡ଼ିଥାନ୍ତା । .... ବା, 'ଟିକିଏ ଛାଡ଼ିଗଲା, ଟେକାଟା ଆଖିରେ ବସି ଯାଇଥିଲେ ମୁଁ ଆଉ ସଂସାରେ ଥିଲି ? ଏଣେ ଭୂଲତା ଫାଟି ଧାର ଧାର ରକ୍ତ ବୋହି ଯାଉଥିଲେ ମଧ୍ୟ ମୋର ବିଶେଷ କିଛି ଯାଏ ନାହିଁ ।

ଏହିପରି ଘୁଞ୍ଚି ଘୁଞ୍ଚି ମୁଁ ଦେଖେ ଯେ ମୋର ଶରୀର ମଧ୍ୟ ପରିଧିର ବାହାରେ ପଡ଼ିଯାଉଛି । ପିଆଜର ଚୋପା ଛଡ଼ାଉ ଛଡ଼ାଉ ପରିଶେଷରେ କିଛି ହୁଏତ ମିଳେ ନାହିଁ, ବା ଯାହା ମିଳେ ତା' ପିଆଜ ନୁହେଁ । ସେଠୁ ଦେଖିଲେ ଯେ କୌଣସି ଘଟଣାରେ ମୋର କିଛି ଯାଏ ଆସେ ନାହିଁ ବା କଥାଟାକୁ ଆଉ ପ୍ରକାରେ କହିପାରିଲେ ବୋଧହୁଏ ବେଶୀ ଗ୍ରହଣୀୟ ହୁଅନ୍ତା ! - ସେଇଠୁ ମୁଁ ସମସ୍ତଙ୍କୁ ସମାନ ମାତ୍ରାରେ ମମତା କରିପାରେ, ଭଲ ପାଇପାରେ, ଯଦି ସେପରି କୌଣସି ସମ୍ପର୍କ ସମ୍ଭବ । ସେଇଠି ମୋତେ ଆଉ ସେ ପରିଧି ବା ପରିସର ନାହିଁ ? ଯେକୌଣସି କାନ୍ଥକୁ ଭାଙ୍ଗିଦେଲେ ସେଇଟା ଅନନ୍ତ ଆକାଶ ପର୍ଯ୍ୟନ୍ତ ଅପସରି ଯାଏ । ଏଣୁ ସୁନ୍ଦରୀ ପତ୍ନୀ ଏବଂ ପୁତ୍ରର ମମତା ଛିନ୍ନ କଲେ ମଣିଷ ବୋଧହୁଏ ପରମ କାରୁଣିକ ହୋଇଯାଇପାରେ । ସେ ଅଦ୍ଭୁତ ବିବର୍ତ୍ତନର ଗୋଟାଏ ପର୍ଯ୍ୟାୟରେ ହୁଏତ ବଳଦ ପିଠିରେ ପାଞ୍ଚଣ ବାଜିଲେ ନିଜ ପିଠିରୁ ଫଡ଼ା ଫଡ଼ା ହୋଇ ରକ୍ତ ଝରିପାରେ । ବ୍ରାହ୍ମଣୀ ବୈତରଣୀ ବନ୍ୟାରେ ମଣିଷ ଗୋରୁଗାଈ ଭାସିଗଲେ ରୋଗା ପୁଅର ଦୁର୍ବାର ଆକର୍ଷଣ ଏଡ଼େଇ ଦେଇ ମଣିଷ ଘର ଛାଡ଼ିଯାଇପାରେ ।

କିନ୍ତୁ ମୂଳତଃ ମଣିଷ ପେଟ ପାଇଁ ପିଠିକୁ ହତାଦର କରିଆସିଛି, ଘର ପାଇଁ ପରର ଅନିଷ୍ଟ ଚିନ୍ତା କରି ଆସିଛି । ମମତା ଘନୀଭୂତ ହେଲେ ମୁଁ ହୋଇଯାଏ । ସେଠାରେ ତାହା ନିଜର ମୂଳପିଣ୍ଡ ଭିତରେ ପର୍ବତ ଖୋଳର ନିବୁଜ ନିର୍ଝର ପରି ନିଜକୁ ନିଜେ ଆହାର କରେ । ମମତା ବିସ୍ତାରିତ ହେଲେ ତା'ର ଚାରିଆଡ଼କୁ ପାଖୁଡ଼ା ମେଲିଯାଉଥିବା ଢେଉ ଉପରେ ଗଢିଉଠେ ବନ୍ଧୁ ସମ୍ପର୍କ, ପରିବାର, ସମାଜ, ଦେଶ, ଧର୍ମ ଓ ଗୋଷ୍ଠୀ । ମମତାର ମୂଳ ସୁଅ ଟାଣ ଥିଲେ ତା'ର ଅଜସ୍ର ସମ୍ଭାର କାହିଁ କେତେ ବାଟ ମେଲିଯିବ ; ଫିଟି ପଡ଼ିବ ମଣିଷ ଜୀବନର ଅକୁଳାନ ସମ୍ଭାବନା ।

Digitized by srujanika@gmail.com

ମାତ୍ର ତାକୁ ପ୍ରବର୍ତ୍ତେଇବାକୁ ହେବ, ଧିମେଇଗଲେ ସେ ସୁଅକୁ ତେଜି ନେବାକୁ ହେବ । ତା'ର ଓଲଟ ଉଜାଣିର ବାଟ ଗୁନ୍ଧି ଠିଆ ହେବାକୁ ହେବ । ଏଣୁ ମମତାର କେଉଁ ରୂପଟା ସ୍ୱାଭାବିକ ଓ କେଉଁଟା କେବଳ ପ୍ରବର୍ତ୍ତାଣ, ତା' ଠିକ୍ କରି ଗାର ଟାଣି କହିଦେବା ସମ୍ଭବ ନୁହେଁ । ଯେ ଭାର ଜଣକ ପାଇଁ ଗୋଟେ ଠେଇଁ ହେଲେ ଆଉ ଜଣକ ପାଇଁ ଚକେ ପାଏ ଘୁଞ୍ଚିଯିବ ହିଁ ଯିବ । ଏଣୁ ଲୋକଶିଖାଣିଆ ବା ଲୋକଦେଖାଣିଆ ଖାଲି ଭଲେଇ ହେବାକୁ ମମତାର ମୁଖା ନ ପିନ୍ଧି ଯେତିକି ସହଜରେ ହେଇପାରିଲା ସେଇଠି ଗାର ଟାଣି ବସିପାରିଲେ ଅନ୍ତତଃ ନିଜ ପାଖରେ ନିଜର ସତପଣିଆ ରହିବ ତ !

ଏଣୁ ମୁଁ ଖୋଲାଖୋଲି କହୁଛି ଯେ ହଣ୍ଡୁରାସ୍ ମୋ ପରିସରର ବାହାରେ ! ଯଦି ଆପଣ ୟା'ପରେ ମୋତେ ମଣ୍ଟିସୋରି ନାବାଳକଙ୍କ ସଙ୍ଗରେ ସାମାଜିକ ବ୍ୟବହାର ଶିଖେଇବେ, ମୁଁ ସଂପୂର୍ଣ୍ଣ ରାଜି !

❖❖❖

Digitized by srujanika@gmail.com

ନୂଆ ପୁରୁଣା

ନୂଆ ସବୁବେଳେ ଅତି ଆପଣାର ଓ ଅତି ନିକଟ ବୋଲି ମନେହୁଏ । ପୁରୁଣା ଉପରେ ସେ ଘୋଡ଼େଇ ହୋଇପଡ଼ିବାରୁ ଆଉ ଗୋଟିଏ ନୂଆ ଆସ୍ତରଣ ଜୀବନରେ ଜମାଟ ବାନ୍ଧିଆସେ । ଥାକ ଥାକ ହୋଇ ସମସ୍ତ ପୁରୁଣାଯାକ ସ୍ମୃତିର ନଥି ଖାତାରେ ଓହଳି ରହନ୍ତି । ପୁରୁଣା ଆଡ଼େଇ ହୋଇଯାଏ ବୋଲି ନୂଆ ଆସି ଶୂନ୍ୟସ୍ଥାନ ପୂରଣ କରେ ନା ନୂତନ ଝପେଇ ପଶିଯାଏ ବୋଲି ପୁରାତନ ବଳେ ଆଡ଼େଇ ହୋଇଯାଏ ଜାଣିବା କଠିନ । ଆଉ ମଧ୍ୟ ଜାଣିବା କଠିନ, ନଦୀଧାରରେ ନୂତନ ଓ ପୁରାତନ ନାମକ ପୃଥକ୍ ପୃଥକ୍ ଢେଉ ବୋହୁଥାଏ ନା କେବଳ ଗୋଟିଏ ମାତ୍ର ତରଳ ଉପାଦାନ ପ୍ରବାହ-ଧର୍ମରେ ଗତି କଲାପରି ଦିଶୁଥାଏ ।

ଜୀବନରେ ଗୋଟିଏ ଘଟଣା ପରେ ଆଉ ଗୋଟିଏ ଘଟଣା ଘଟେ । ଏମିତି ଆଗପଛ ହୋଇ ବହୁ ଘଟଣାକୁ ଗୁନ୍ଥିଗଲେ ମଧ୍ୟ ଗୋଟିଏ ପ୍ରକାର ପ୍ରବାହର ରୂପ ଅନୁମାନ କରିହୁଏ । ତାକୁ ଆମେ କାଳ-ପ୍ରବାହ କହିଥାଉଁ । କିନ୍ତୁ ଗତି ତ ଆପେକ୍ଷିକ । ସେଇ କାଳପ୍ରବାହରେ ସ୍ୱୟଂ ଥାଇ ତାର ଗତି ବିଷୟରେ ସଚେତନ ହେବା ଏକ ଆଶ୍ଚର୍ଯ୍ୟ କଥା । ମଣିଷର ମନ ଏବଂ ତାର ସ୍ମୃତି ବୋଧହୁଏ ଏପରି ଏକ ସୂକ୍ଷ୍ମ ଉପାଦାନରେ ଗଠିତ ଯେ ତାହା ସଂପୂର୍ଣ୍ଣ-ରୂପେ କାଳର ଅଧୀନ ନୁହେଁ । ଏଣୁ ବୋଧହୁଏ ଦିଗ ଓ କାଳ ବିଷୟରେ ମଣିଷ କିଛି ଅବଧାରଣା କରେ ।

ନୂତନ ଅନିବାର୍ଯ୍ୟ ଭାବରେ ଆସେ ଅଯାଚିତ ମଧ୍ୟ ଆସେ । କିନ୍ତୁ ତା'ପାଇଁ କେତେ ଉଦ୍‌ବେଗ, କେତେ ଉତ୍କଣ୍ଠା, କେତେ ଆୟୋଜନ ଭଲା ନ ହୁଏ ! କେତେ ଆବେଗ-ସଂବେଗ ନେଇ ମଣିଷ ନୂତନକୁ ସ୍ୱାଗତ ଜଣାଏ । କଦଳୀଗଛରେ ନୂଆ ଫୁଲଟିଏ ନଇଁଲେ ବଂଶଯାକ ଆସି ଥରେ ତାକୁ ଦେଖିଯାନ୍ତି, ଗାଈର ନୂଆ ବାଛୁରୀଟିଏ ହେଲେ ତାକୁ ବାଟରେ ଚାଲିଗଲା ଲୋକ ସୁଦ୍ଧା ଟିକିଏ ଆଦରରେ ଚାହିଁଦେଇ ଯାଏ । ନୂତନ ପାଇଁ ଗୋଟିଏ ଦୁର୍ବାର ଆକର୍ଷଣ ସବୁରି ମନରେ ଅବଶ୍ୟ ଅଛି । ଅନାଗତ ରାଜ୍ୟରୁ ଅତିଥି ପରି ଆସେ ନୂତନ । ପୁରାତନର ସବୁ ସଂଭାବନା, ତାର ପରିପକ୍ୱ ପରିଣତି, ତାହାରି ଭିତରେ ରୂପାୟିତ ହୁଏ । ତିଳ ତିଳ କରି ନିଜକୁ ହବନ କରି ପୁରାତନ ସଂଜୀବିତ କରି ରଖେ ନୂତନକୁ ଏବଂ ନୂତନ ତାର ଅନିବାର୍ଯ୍ୟ କ୍ରମବିକାଶରେ ପୁରାତନ ହୋଇଯାଏ । ଏହିପରି ବରଡ଼ା ଖସିଚାଲେ ତଳକୁ ତଳକୁ, ଗଜା ପତ୍ରର ମୁକୁଟ ଉକୁଟି ଉଠେ ଉପରୁ ଉପରକୁ ।

Digitized by srujanika@gmail.com

ଯେ ନୂଆ ଆସେ ସେ ପୁରୁଣା ଠାରୁ ଅଲଗା ହେବାକୁ ବାଧ୍ୟ । ସେ ଚେଷ୍ଟା କଲେ ମଧ୍ୟ ଅବିକଳ ପୁରୁଣା ପରି ହୋଇପାରିବ ନାହିଁ । ତଥାପି ପୁରୁଣାକୁ ଅନୁକରଣ କରିବା ଦ୍ୱାରା ତାକୁ ବଞ୍ଚେଇ ରଖିବା ପାଇଁ କେତେଜଣ ରକ୍ଷଣଶୀଳ ପୁରୁଣାପନ୍ଥୀ ସବୁ ଯୁଗରେ ଥାଆନ୍ତି । ସେମାନଙ୍କର ଆପ୍ରାଣ ଚେଷ୍ଟା ସତ୍ତ୍ୱେ ପୁରୁଣା ତା'ର ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖିପାରେ ନାହିଁ । ନୂତନର ସଂଘାତରେ ତାର ଚାରିଆଡ଼ୁ କୋରି ହୋଇ ଝଡ଼ିଯାଏ । ସେ ଅବଶ୍ୟ ଖସିଯିବ । ତାକୁ ଜବରଦସ୍ତି ଧରି ରଖିଲେ ସେଥିରେ ଅସ୍ୱାଭାବିକତା ଆସିଯାଏ - ବିଂଶ ଶତାବ୍ଦୀର ଗୁରୁକୁଳାଶ୍ରମ ପରି, ପେଣ୍ଟକୋଟ ଭିତରେ ଚନ୍ଦନ ଚିତା ପରି ! ବାପ ବୁଢ଼ା ହୋଇ ମରିଗଲା ପରେ ଯେମିତି ସେ ମୃତ ଦେହକୁ ରଖିହୁଏ ନାହିଁ, ରଖିବା ଅସ୍ୱାଭାବିକ ଏବଂ ରଖିବା ନିଷ୍ପ୍ରୟୋଜନ ; ତାକୁ ଛାଡ଼ିବାକୁ ହେବ, ସେହିପରି ଯେକୌଣସି ସଂସ୍କାରର ନିଷ୍ପ୍ରାଣ ଜଡ଼ ପିଣ୍ଡକୁ ଜାବୁଡ଼ି ଧରିବା ବିଶେଷ ବିଜ୍ଞତାର ପରିଚାୟକ ନୁହେଁ । ଯେ ଯାଉଛି ତାକୁ ସମ୍ମାନର ସହିତ ଯିବାକୁ ଦିଅ । ଶବଧାର ଚାଲିଗଲେ ତାକୁ ଅନେକ ମୁଣ୍ଡରୁ ଟୋପି କାଢ଼ି ନୀରବ ସଂଭ୍ରମରେ ବାଟ ଛାଡ଼ି ଦିଅନ୍ତି । ଚାଲିଗଲା ବୋଲି ଦୁଃଖ ନିଶ୍ଚୟ ଅଛି । ତାଙ୍କ ହାତଲେଖା ପୋଥି, ତାଙ୍କ ଯୋତା, ଛତା, ଛଡ଼ି, ଘଡ଼ି ହୁଏତ ସ୍ମୃତି-ସମ୍ବଳ କରି ରଖିବୁ । କିନ୍ତୁ ତାଙ୍କୁ ଯିବାକୁ ଦେବୁ ନିଶ୍ଚୟ । ସେ ବଞ୍ଚିଥିଲେ ଆମେ ଖୁସି ହୋଇଥାନ୍ତୁ ନା କାହିଁ ବା କେତେଦିନ ଖୁସି ହୋଇଥାନ୍ତୁ ତା କହିବା କଠିନ । କାରଣ ପୁରୁଣା ମଣିଷ ପୁରୁଷ ଅନୁଷ୍ଠାନ ଏବଂ ପୁରୁଣା ପୋଷାକ ପରି ଆସ୍ତେ ବେଦରକାରୀ ହୋଇଯାଏ । ଜୀର୍ଣ୍ଣ ବସ୍ତ୍ର ପରିତ୍ୟାଗ କରି ନୂଆ ବଦଳ କରିନେବା ହେଲା ଏକ ସ୍ୱାଭାବିକ ଧର୍ମ ।

ପୁରୁଣା କ'ଣ ତେବେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଏ ? ହୁଏତ ହୋଇଯାଏ, କିନ୍ତୁ ହଠାତ୍ ନୁହେଁ । ତା'ର ଗୋଟାଏ ଛାଇ ଅନେକ ଦିନ ଧରି ପଡ଼ିଥାଏ ନୂତନ ଉପରେ । ଏଣୁ ନୂଆ ପୁରୁଣା ପରି ଅବିକଳ ହେବାକୁ ଚେଷ୍ଟାକଲେ ତ ହୋଇପାରିବ ନାହିଁ ; ପୁରୁଣାଠାରୁ ସଂପୂର୍ଣ୍ଣ ଭିନ୍ନ ମଧ୍ୟ ହୋଇପାରିବ ନାହିଁ । ପୁରୁଣା ଭିତରେ ସେ ଅଧେ ବୁଡ଼ି ରହେ, ସେଇଟା ତାର ଡେମ୍ଫ, ତା ଉପରକୁ ସେ ଯେଉଁ ପାଖୁଡ଼ା ମେଲିଯାଏ ତା' ଅବଶ୍ୟ ଡେମ୍ଫରେ ନାହିଁ । ପରମ୍ପରା ଅନ୍ଧାର ମାଟି ଭିତରର ଚେର ପରି ସାର ଟାଣି ପରିପୁଷ୍ଟ କରେ । ସମୟ ସମୟରେ ମନେହୁଏ ଯେ ଏଥିରୁ ଏ ବୁଢ଼ାଳିଆ ଖୋପଟା ସଂପୂର୍ଣ୍ଣ ଖସିଗଲେ କ'ଣ ଚଳନ୍ତା ନାହିଁ ? କିନ୍ତୁ ସେଇଟା ଖସେ ନାହିଁ । ବାପର ଗେଣ୍ଡାଳିଆ ନାକ ପୁଅ ତା'ର ଜୀବଦ୍ଦଶା ଯାକ ମୁହଁ ମଝିରେ ବୋହି ବୁଲିବାକୁ ବାଧ୍ୟ । ମାତୁଳ-କ୍ରମରେ ଆସ୍ତେ ବଦଳିଯିବ ହୁଏତ ତିନି ପୁରୁଷକୁ କେତେକେତେ ଫାଙ୍କ ଆସିଯିବ । ପାଞ୍ଚପୁରୁଷ ବେଳକୁ ପୁରୁଣା ନୂଆକୁ ଯୋଡ଼ିବା ସମ୍ଭବ ନୁହେଁ - ନଳୀରୁ ଗୁଳି ବାହାରିଗଲା ପରି ପୁରୁଣାରୁ ନୂଆ ବାହାରି ଯାଏ ନାହିଁ, ଗଛରୁ ମଞ୍ଜିପରି ହୁଏତ ତାହା ବାହରିଆସେ । ଗଛର ସମସ୍ତ ଗୁଣ ସୂକ୍ଷ୍ମ ରୂପରେ ତା' ଭିତରେ ଥାଏ ଯେଉଁଟା ତାର ସଂଜ୍ଞା ନିରୂପଣ କରେ, କିନ୍ତୁ ନୂଆ ଗଛରେ ପୁରୁଣା ଗଛର ବାଙ୍କ, ଗଣ୍ଠି, ଶାଖା, ଉଚ୍ଚତା କିଛି ରହିବାର ଅବକାଶ ନାହିଁ । କିନ୍ତୁ ନିମ୍ବର ନିମ୍ବତ୍ୱ ମୂଳତଃ ରହିବ ହିଁ ରହିବ ।

Digitized by srujanika@gmail.com

ଏମିତି ନୂତନ ଓ ପୁରାତନ ପରସ୍ପର-ସଂଶ୍ଲିଷ୍ଟ ଓ ପରସ୍ପରବିରୋଧୀ ହୋଇ ଟଣାଓଟରାରେ ଅହରହ ଗଡ଼ିଚାଲିଥାନ୍ତି । ଯେଉଁ ନିୟମରେ ପାହାଡ଼ ଗର୍ଭରୁ ଗଙ୍ଗୋତ୍ରୀ ଆସି ସାଗରସଙ୍ଗମ ଲାଭ କରେ, ଅକର୍ମ ଶିଳାଖଣ୍ଡ ବାଲି ହୋଇ ଚୂରି ହୋଇଯାଏ ସମୁଦ୍ର ବେଳାରେ, ସେଇ ନିୟମରେ ସବୁ ତଡ଼ି ହୋଇଯାଆନ୍ତି । ଏଣୁ ମଣିଷ ଓ ତାର ଅନୁଷ୍ଠାନ, ତାର ମୂଲ୍ୟବୋଧ, ସବୁ ସେଥିରେ ବଦଳି ଯିବାକୁ ବାଧ୍ୟ । କାହାକୁ ରୋଧିବା ସମ୍ଭବ ନୁହେଁ । ମହାକାଶରେ ଲକ୍ଷ ସୂର୍ଯ୍ୟ ତାରକାକୁ ତାଙ୍କ କକ୍ଷରେ କ'ଣ ରୋଧି ରଖାଯାଇପାରେ । ଏ ଦୃଷ୍ଟିରୁ ଉଭୟ ପକ୍ଷରୁ ଟିକିଏ ସହଣିକ ପଣିଆ ରହିଲେ ମନ୍ଦ କ'ଣ ? ପୁରୁଣା ଭାବନ୍ତା 'ମୁଁ' ଅପସରି ଯିବାକୁ ବାଧ୍ୟ, ଏଣୁ ଏ ଅନିବାର୍ଯ୍ୟ ନୂତନକୁ ମୋର ବିକାଶରୂପେ ସ୍ୱାଗତ ଜଣାଇବି । ନୂଆ ଭାବନ୍ତା ଯେ, ପୁରୁଣା ମୋର ମୂଳଦୁଆ, ତା' ଉପରେ ଠିଆହେଲେ ମୁଁ ଆକାଶକୁ ଶାଖା ମେଲିଯାଇପାରେ ଏବଂ ମୋର ଅଧେ ଯେପରି ପୁରୁଣାରେ ବୁଡ଼ି ରହଅଛି ଆଉ ଅଧକ ଭିତରେ ନୂଆର ଗଜା ମଧ୍ୟ ସେହିପରି ଲୁଚି ରହିଛି - ବେଳ ପାଇଲେ ମୋତେ ବିଦାରି ବାହାରି ଆସିବ । ମୁଁ ମଧ୍ୟ ଦିନେ ପୁରୁଣା ହୋଇ ଆଡ଼େଇ ହୋଇଯିବାକୁ ବାଧ୍ୟ । ଏଣୁ ଏହି ପୁରୁଣା ହିଁ ତ ନୂଆର ଭବିଷ୍ୟତ । ଯାକୁ ସହିଯିବା ଉଚିତ୍ । କିନ୍ତୁ ତା ହୁଏ ନାହିଁ । ପୁରୁଣା ଚାହେଁ ପଥର ବନ୍ଧ ପରି ମଡ଼େଇ ହୋଇ ରହିବ ନୂଆ ଉପରେ । ତାକୁ ତା କବଳରେ ପେଷି ପଥର କରିଦେବ । କିନ୍ତୁ କଞ୍ଚା ନୂତନ ନଇଁଯାଏ, ବଙ୍କେଇଯାଏ, ମୁଣ୍ଡୁଣ୍ଡେଇ ପୁଣି ବଢ଼ିଆସେ । ତା ଚାରିଆଡୁ ଚେକା ପଥର ସବୁ ଝଡ଼ିପଡ଼ନ୍ତି, ଫାଟି ଚିରୁଡ଼ା ଚିରୁଡ଼ା ହୋଇଯାଆନ୍ତି । ଏଣେ ନୂତନ ଚାହେଁ ପୁରାତନକୁ ସଂପୂର୍ଣ ମାରିଦେବାକୁ, ତା ଖୋପରୁ ଡେଇଁ ପଡ଼ିବାକୁ । ତା' ଦ୍ୱାରା ସେ ନିଜ ମୂଳରେ କୁରାଡି ହାଣି ଦେଇଯାଏ । 'ଫ୍ରଏଡ୍' କହନ୍ତି ଯେ ବୟସ ହୋଇଗଲେ ପୁଅ ଚାହେଁ ବାପ କେମିତି ମରୁ, ଝିଅ ଚାହେଁ ମା' କେମିତି ମରୁ । ତାଙ୍କ ଅବଚେତନାରେ ଏପରି ମୃତ୍ୟୁ ଇଚ୍ଛା ଖୁବ୍ ସ୍ୱାଭାବିକ ଭାବରେ ଆସେ ସତେ ବା ତାଙ୍କ ଭିତରେ ଜୀବନଧର୍ମ ନୂତନ ମାଧମର ନିର୍ଭରଯୋଗ୍ୟତା ବାରିଦେଇ ଭିତରୁ କହେ ଯେ ପୁରାତନ ଅବଲମ୍ବନର ଆଉ ପ୍ରଯୋଜନ ନାହିଁ । କଦଳୀଗଛ ଗୋଟାଏ ମାତ୍ର କାନ୍ଧି ପକାଇ ମରିଯାଏ । ଗୋଟିଏ ପ୍ରକାର ବୁଢୀଆଣୀର ପିତୃକୁଳ ଅହରହ ଏହିପରି ସନ୍ତାନର ସମ୍ଭାବନାରେ ସାହାଯ୍ୟ କରିଦେଇ ମରିଯାଆନ୍ତି ।

ପରସ୍ପରର ଅସହନଶୀଳ ସଂଘର୍ଷରେ ହାରିଯାଆନ୍ତି ପିତୃକୁଳ । କାରଣ ଜୀବନଧର୍ମ ନୂତନର ସପକ୍ଷରୁ ହିଁ ସଂଗ୍ରାମ କରେ । ଅତଏବ ଯଦି ନୂତନ ଆସି ପୁରାତନ ରୁଚିର ଖୋଲାଖୋଲି ବିରୋଧ କଲା, ନଳୀ ପେଣ୍ଟ, ଛିଟ ପୋଷାକ, ଲମ୍ବା କଲି ଏବଂ କଟରା ନିଶ ଦ୍ୱାରା ନିଜର ବିଶେଷତ୍ୱ ଜାହିର୍ କଲା ; ଟ୍ୱିଷ୍ଟ ନାଚିଲା ବା ଜେମସ୍ ବଣ୍ଡ କମରପଟି ଭିଡ଼ି ବିଟ୍‌ନିକ୍ ବା ହିପି ଢଙ୍ଗର ରୁଦ୍ରାକ୍ଷମାଳି ପିନ୍ଧିଲା, ଭଙ୍ଗା ଭଙ୍ଗା ଇଂରାଜୀ ମିଶା ଓଡ଼ିଶାରେ ଥଙ୍ଗେଇ ଥଙ୍ଗେଇ କଥା କହିଲା, ସେଥିରେ ପୁରାତନ ବିଚଳିତ ହେବାର କିଛି ନାହିଁ, ବିଚଳିତ ହେଲେ ମଧ୍ୟ କିଛି ଯାଏ ଆସେ ନାହିଁ ।

ପୁରାତନ କ'ଣ ନିଜର ଅବଲୟ ପାଇଁ କେବଳ ଦୁଃଖିତ ହୁଏ ? ତା' ନୁହେଁ ! ସେ ଯାହାକୁ ନିଜର ଦୀର୍ଘତର ଜୀବନରେ ପରଖ କରି କରି ମୂଲ୍ୟ ଦେଇଆସିଛି, ସେଇଟା ଖଟୁଲିରୁ

Digitized by srujanika@gmail.com

ଗଡ଼ିଆସି ବାଲିଗରଡ଼ା ପରି ତଳେ ଗଡ଼ିବାର ଦେଖିଲେ ସେ ସହିପାରେ ନାହିଁ । ସେ ମଧ୍ୟ ସହିପାରେ ନାହିଁ ଏଇ ଚାଇଁଚାଇଁଆ, କଞ୍ଚା, ନେଳି-ଢ଼ଳ ଢ଼ଳ ଟୋକାଗୁଡ଼ିକ ଅଜାଣତରେ ଯାହା ଭିତରେ ଝସେଇ ପଶୁଛନ୍ତି ତା ଅପେକ୍ଷା ଢେର ଭଲ ଜିନିଷ ଭିତରେ ତାଙ୍କର ଅଜସ୍ର ଶକ୍ତି ପ୍ରୟୋଗ କରିପାରିଥାନ୍ତେ । କିନ୍ତୁ ନଈଧାର ପରି ଅମାନିଆ ହୋଇ ବୋହିଯାଏ ତରୁଣ । ଟିକିଏ ନୂଆଣିଆ ମନ-ଭୁଲାଣିଆ ପାଇଗଲେ ଝର ଝର ହୋଇ ସେଇଆଡ଼େ ବୋହି ଚାଲିଯାଏ । ପୁରୁଣା କହେ, 'ଓଲୁ' । ନୂଆ କହେ, 'ଚୁପ୍ କର୍ !!' ଫଳରେ ନୂଆ କିଛି ଓଲାମି ନିଶ୍ଚୟ କରେ, ପୁରୁଣା ମଧ୍ୟ କିଛି ଚୁପ୍ ହୋଇଯାଏ । ଏଇଟା ଆଜି ନୁହେଁ ଆବହମାନ କାଳରୁ ଏମିତି ଗଡ଼ିଆସିଛି । ତାକୁ ବାହାରେ ନ ଦେଖି ମଣିଷ ତା' ବ୍ୟକ୍ତି ଜୀବନର ଅଭ୍ୟନ୍ତରରେ ମଧ୍ୟ ଦେଖିପାରେ । ଯେଉଁ ମୂଲ୍ୟ ନେଇ ସେ ଦିନେ ଗର୍ବ କରୁଥିଲା ତା ସମୟ ସଂଘାତରେ କେତେ ବଦଳିଗଲାଣି । ଅହରହ ପୁରୁଣା ପାଣି ବୋହିଯାଇ ଜୀବନ ଘାଟରେ ନୂଆପାଣି ଭର୍ତ୍ତି ହୋଇଚାଲିଛି – ଗୋଟାଏ ମହାପ୍ରବାହ କେଉଁଠି ତା ନିଜ ବଳରେ ଚାଲିଛି ନା କିଏ ତାକୁ ଚଳେଇଛି, ସେଇଟା ଜାଣିବା ଦୁଷ୍କର, କିନ୍ତୁ ସେ ସୁଅରେ ଯେ ସମସ୍ତେ ତଡ଼ିହୋଇ ଚାଲିଛେ ଏଥିରେ ସନ୍ଦେହ ନାହିଁ । ଏ ଅନିବାର୍ଯ୍ୟ ଗତି ଭିତରେ କିଏ ଭଲ କିଏ ମନ୍ଦ ତୁଳିବା ସହଜ ନୁହେଁ, ସମ୍ଭବ ମଧ୍ୟ ନୁହେଁ । ବିଷମ ଭିତରେ ତୁଳାଯାଇପାରେ ନାହିଁ । ଯଦି ସବୁ ବଦଳି ଚାଲିଛି କେମିତି ତାହାକୁ କେଉଁଠି ବା ତୁଳିହେବ । ଏଣୁ ଯାହା ଗଲା ତା' ବୋଧହୁଏ ସେ ସମୟ ପାଇଁ ଠିକ୍ ଥିଲା, ଯାହା ଆସିଛି ତାହା ବର୍ତ୍ତମାନ ପାଇଁ ଠିକ୍ । ଆମ ପାସ୍ ବା ନାପାସ୍ କରିବାରେ ଭଲ କିଛି ଅଟକିଯାଇଛି ?

ସେଇ ମହାପ୍ରବାହଟା ହିଁ ବୋଧହୁଏ ଚିର-ପୁରାତନ ପୁଣି ନିତ୍ୟନୂତନ । ତା'ର ମୋଡ଼ ବାଙ୍କ ଅନୁସାରେ ଆମ ଜୀବନରେ ମୋଡ଼ବାଙ୍କ ଆସିବାକୁ ବାଧ୍ୟ, ସେ ଏକ ନିର୍ବୈକ୍ତିକ, ଅସଂସ୍ପୃଷ୍ଟ, ଆମ ପ୍ରତି ସଂପୂର୍ଣ୍ଣ ଉଦାସୀନ ଧାରା । ତା' କବଳରେ ପଡ଼ି ଆମେ ତାକୁ ନ ବୁଝି ଏମିତି ପରସ୍ପର ଚୁଟି ଧରାଧରି ହେଉଚେ । ତାକୁ ସାମାନ୍ୟ ବୁଝିଦେଲେ ଆମ ବୁଝାମଣା ଢେର ବାଗେଇଯାଆନ୍ତା । ମଣିଷ ଆଉ ଏମିତି ଉତ୍ତେଜିତ ଉତ୍ୟକ୍ତ ହୁଅନ୍ତା ନାହିଁ । ଏପରି ଗୁଡ଼ାଏ ଫଳାଭିସନ୍ଧି ରଖି ଘାଣ୍ଟି ହୁଅନ୍ତା ନାହିଁ । ଯାହା ଯେତେବେଳେ ଆସିଲା ତାକୁ ସେ ମହାପ୍ରବାହର ନୂତନ ଏକ ଲହରୀରୂପେ ସ୍ୱାଗତ ଜଣାନ୍ତା । ଫଳରେ ସେହି ଧାରା ସହିତ ନିଜକୁ ମିଶାଇ ଚିର ନୂତନ କରି ରଖିପାରନ୍ତା, ବିରୋଧ କମିଯାଆନ୍ତା । ଜୀବନର ପ୍ରାଣଶକ୍ତି ହ୍ରାସ ହୁଅନ୍ତା ନାହିଁ । ସେ କେବଳ ବ୍ୟୟିତ ନ ହୋଇ ପୁନର୍ଜୀବିତ, ପୁନର୍ଯୌବନ-ପ୍ରାପ୍ତ ହୋଇ ବଞ୍ଚିପାରନ୍ତା । ଅବଶ୍ୟ ଜରାମୃତ୍ୟୁ ଯଥାସମୟରେ ଆସିବେ । କିନ୍ତୁ ମଣିଷ ମନ କାଳକୁ ଅସ୍ୱୀକାର କରିପାରେ, ଯଦି ସେ ଚାହେଁ । ତାହାରି ମାଧ୍ୟମରେ ଏ ଅନିବାର୍ଯ୍ୟ ରୂପ ବଦଳକୁ ବୁଝିହେବ ; ଏଣୁ ସହି ମଧ୍ୟ ହେବ । ଆସନ୍ତୁ ଯେତେ ସବୁ ପୁରୁଣାକୁ ଜାବୁଡ଼ି ଧରିଥିବା ଖସିପଡୁଥିବା ଅଧାଡ଼ିଆ ପିତୃକୁଳ ! ଏ ଚିର ବୈଚିତ୍ର୍ୟମୟ, ଚିର-ବିସ୍ମୟକର, ଦୁର୍ବାର, ଅପରାଜେୟ ନୂତନକୁ ସ୍ୱାଗତ ଜଣାଇବା । ନୂତନ ଆମକୁ ସ୍ୱୀକାର କରୁ – ଏଇଟା ସେତେ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆମେ ତ ଜାଣୁଛୁ ଯେ ସେମାନେ ଆମ ଉପରେ ଠିଆ ହୋଇଛନ୍ତି ! ଆଉ ଧାପେ ସେମାନେ ଖସିଆସିଲେ ବଳେ ବୁଝିଯିବେ ନାହିଁ କି !

Digitized by srujanika@gmail.com

ନାମକରଣ

ପୁଅଝିଅଙ୍କର ନାଁ ଦେବା ବେଶ୍ ଗୋଟାଏ ବଡ଼ ଧରଣର ଦାୟିତ୍ୱ । କାରଣ ଯାହାକୁ ନାଁ ଦିଆଯାଏ ତା'ର ସେ ସମୟରେ ପ୍ରତିବାଦ କରିବାର କିଛି ଅଧିକାର ନଥାଏ ଏବଂ ତାକୁ ଭଲ ଲାଗୁ ବା ନ ଲାଗୁ, ତା' କବର ଉପରେ ଖୋଦେଇ ନ ହେବା ପର୍ଯ୍ୟନ୍ତ ସେ ସେଇ ନାଁଟାକୁ ଔଷଧ ବୋତଲର ଚିଠା ପରି ନିଜ କପାଳ ଉପରେ ଲଖେଇ ବୁଲିବାକୁ ବାଧ୍ୟ । ଏ ଖଣ୍ଡନ ନ ଥିଲେ ସେ ଗୋଟିଏ ଅପରିଚିତ ସର୍ବନାମ ପଦ ବା ମଣିଷ ପରି ଦିଶୁଥିବା ଗୋଟିଏ ବସ୍ତୁ । କେବଳ ତା' ନୁହେଁ । ଏ ନାଁ ଟା ହିଁ ବ୍ୟକ୍ତିତ୍ୱର ମାନ ନିର୍ଦ୍ଧାରଣ କରେ । 'ଅଇଁଠା ସେଠି' ବା 'ବିକଳି ବେବର୍ତ୍ତା' କେବେହେଲେ ମୁଣ୍ଡ ଟେକି ନିଜକୁ ଜାହିର କରିପାରିବେ ନାହିଁ । ଘୁଷୁରି ଥୋମଣା ପରି ଗୋଟାଏ ଫାଡୁଙ୍ଗା ଅଭଦ୍ର ନାମକୁ ଯେପରି ମୁହଁର କେନ୍ଦ୍ରରେ ବୋହି ବୁଲିବାକୁ ଜଣେ ବାଧ୍ୟ ଏବଂ ତାହା ଦୁର୍ଭେଦ୍ୟ, ସେପରି ଏଇ କଦର୍ଯ୍ୟ ରୁଚିହୀନ ଅପରିଚ୍ଛନ୍ନ ନାଆଁ । ନାମ ଏବଂ ରୂପ ମିଶି ବ୍ୟକ୍ତିର ଶହେରୁ ଷାଠିଏ ତୋଳି ଦିଅନ୍ତି ଏବଂ ବାକି ଯାହା ରହିଲା ତାହା ଏହାରି ଛାଇରେ ବଢେ ବା ଛିଡ଼େ । ଏପରି କ୍ୱଚିତ୍ ଅଷ୍ଟାବକ୍ର ଅଛନ୍ତି ଯେ ତାଙ୍କ ନାମ ରୂପର ଆଠବାଙ୍କ ଡ଼େଇଁ ଏକ ପ୍ରୋଜ୍ଜ୍ୱଳ ବ୍ରହ୍ମଦର୍ଶୀର ମହିମାମୟ ବ୍ୟକ୍ତିତ୍ୱକୁ ପ୍ରତିଷ୍ଠିତ କରିପାରିଛନ୍ତି – ନିଜ ନାଁଟାକୁ ଖୋଲାଖୋଲି ସମସ୍ତଙ୍କ ଆଗରେ ନିଃସଙ୍କୋଚ କହିଲା ଭଳି ସାହସ ନ ଥିଲେ ମଣିଷର ମନ ଲୋଚା ଧରିଯାଏ । ସେ ଦବିଯାଏ । ତାର ଅପ୍ରସାରିତ ବ୍ୟକ୍ତିତ୍ୱ ଆଉ ଉଧେଇପାରେ ନାହିଁ । ପାଦେ ଆଗେଇବାକୁ ଗଲାବେଳେ ସେ ତା ନିଜ ନାଆଁରେ ଝୁଣ୍ଟି ପଡ଼େ । ପ୍ରଥମ ପରିଚୟ ଦେବାରେ ହିଁ ସେ ହାରିଯାଏ । ତାକୁ ସମସ୍ତେ ତଳେଇ ଦେଖିବାର ସେ ଅନୁଭବ କରେ । ସମସ୍ତେ ସାମାନ୍ୟ ମୁହଁ ବୁଲେଇ ନିଅନ୍ତି ଏବଂ କାନୁବାଡ଼ରୁ ତାଙ୍କ ହସର ବିଦ୍ରୂପତା ପାଖକୁ ଛିଟିକି ଆସେ । ଏହିଭଳି ଏକ ଦୁର୍ବହ ନାମଭାରରେ ଗୋଟିଏ ବ୍ୟକ୍ତିକୁ ସଂହାର କରି ଦିଆଯାଏ । ବିସ୍ମୟର କଥା ଯେ ନରହତ୍ୟା ଅପରାଧରେ ସେଇ ନାମ ଦାତାଙ୍କୁ କେବେ ବିଚାର କରାଯାଏ ନାହିଁ । ତାଙ୍କ ନାଁରେ ମାନହାନି ମୋକଦ୍ଦମା ଦାଏର୍ କରାଯାଏ ନାହିଁ । ଜଣେ ନିଜ ନାଁକୁ ଗ୍ରୀଷ୍ମସନ୍ଧ୍ୟାର ଜୁଇଫୁଲ ହାର ପରି ବୁକୁ ଉପରେ ଝୁଲେଇ ଗର୍ବ ଅନୁଭବ କରୁଥିବା ସ୍ଥଳେ, ଆଉ ଜଣକ ହୁଏତ ଗଳଗଣ୍ଡ ପରି ଓହଳିଥିବା ତା' ନାଁଟାକୁ ଲୁଚେଇବାକୁ ଚେଷ୍ଟା କଲେ ମଧ୍ୟ ଲୁଚେ ନାହିଁ । ଏପରି ଘୋର ଅବିଚାର ପାଇଁ ଆମେ ଆମର ଜନ୍ମଦାତା ପିତୃପୁରୁଷଙ୍କୁ ଫାଶି ଦେଇପାରୁନା ? ବରଂ ଆମେ ଆମର ଅଦୂରଦର୍ଶୀ ପିତୃକୁଳଙ୍କ ପାପ ସକାଶେ ଆଜୀବନ ପ୍ରାୟଶ୍ଚିତ୍ତ କରୁ ।

Digitized by srujanika@gmail.com

ପୋଷା ବିରାଡ଼ି ବା କୁକୁରଙ୍କ ସକାଶେ ପାଟିକୁ ସହଜ ସୁହାଇଲା ଭଳି ଛୋଟ ନାଁଟି ମାନ ଦିଆଯାଏ । ସେମାନେ ସେଥିରେ ନିଜକୁ ବେଳିତ୍ ମନେ କରନ୍ତି ନାହିଁ । କିନ୍ତୁ ମଣିଷ ପିଲାକୁ 'ମିଟୁ','ପିଣ୍ଟୁ', 'ଘେଣ୍ଟୁ' ବା 'ମଣ୍ଟୁ', 'ଟୁନା', 'ବୁନା' ଡାକିବାର ତାତ୍ପର୍ଯ୍ୟ କିଛି ନାହିଁ । ବୟସରେ ସାନ ହେଲା ବୋଲି କ'ଣ ତାକୁ ମଣିଷତଳେ ଗଣାଯିବ ନାହିଁ ? ତା'ର ଓଜନ ଓ ଆକାର ଦୃଷ୍ଟିରୁ ବସ୍ ବା ଟ୍ରେନ୍‌ରେ ତାର ଅଧାଟିକଟ୍ ଢେର ଅସମ୍ମାନସୂଚକ ହେଲେ ମଧ୍ୟ ସେଇଟା ବୁଝିହୁଏ । କିନ୍ତୁ ତାକୁ ଯେଚ୍ଛା ତା ନାମର ମୋହର ବାଡ଼େଇ ତାର ଅଗ୍ରଜମାନେ ତାକୁ ଅପମାନିତ କରିବେ, ଏଥିପାଇଁ କୌଣସି ଯୁକ୍ତି ନାହିଁ । ତାଙ୍କୁ ଭଲଲାଗେ ବୋଲି ଗେଲରେ ତାକୁ ଯେକୌଣସି ଗୋଟାଏ ନାଁରେ ଡାକିଦେବେ ଏବଂ ସେ ତାକୁ ଆଜୀବନ ସ୍ୱୀକାର କରିବ ? ହା ଦୁର୍ଦ୍ଦୈବ ! କେଉଁ ଦୋଷରୁ ବେଶ୍ ସୁସ୍ଥ ସୁନ୍ଦର ପିଲାଟିକୁ 'କୋଚିଆ', 'ହାଡ଼ିଆ', 'ଲେଙ୍କୁଡ଼ିଆ' ବୋଲି ଡକାଯିବ ! ରଜା ଦେଉଳକୁ ନେଇଯିବ ବୋଲି ବେଶ୍ ସଳଖ ସୁନ୍ଦର ଭେଣ୍ଡିଆ ଗଛଟାକୁ କୁରାଢୀରେ ହାଣି ଖଣ୍ଡିଆ କରିଦେବା ଯାହା, ଅପର୍ତିଆଣୀକୁ ଯମ ନେଇଯିବ ବୋଲି ତାକୁ ଏମିତି କୁତ୍ସିତ ନାଆଁ ଖଞ୍ଜି କ୍ଲୀବ କରିଦେବା ତାହା ।

ନାଁଟା ଯଦି ଚନ୍ଦ୍ରକେଶର' ସେଇଟା ତୁଚ୍ଛା ଚାଉଳ ଚୂନାର ଅଲଣା ଚିତଉ ହୋଇଥିଲେ ମଧ୍ୟ ବେଶ୍ ଅଧାଅଧି ଖାଇ ହୋଇଯାଏ, କାରଣ ନାଁଟାକୁ ମିଶେଇ ମିଳେଇ ଚୋବେଇଲେ ଅଲଣା ପିଠାଟାରେ ଲାବଣ୍ୟ ଆସିଯାଏ । ଏଥିରେ ସମୟ ସମୟରେ ଯେ ହତାଶ ହେବାକୁ ହୁଏ ନାହିଁ, ତା' ନୁହେଁ । କଥା ହେଲା, ନାଁଟା ସକାଶେ ମନରେ ଅନୁକୂଳ ଆଗ୍ରହ ସୃଷ୍ଟି ହୋଇଯାଏ, ତେଣିକି ଯଦି ବସ୍ତୁରେ କଡ଼ାଏ ଗୁଣ ଥାଏ ତା' କାହାଣେ ହୋଇ ଦିଶେ । ଗୁଡ଼ାଏ ଦୁର୍ଗୁଣ ଉପରେ ଦୃଷ୍ଟି ପଡ଼େ ନାହିଁ । ବନାରସୀ ପାଟପରି ବହୁ କୁଜ ଲୁଚେଇ ଦେଇପାରେ ଗୋଟିଏ ସୁନ୍ଦର ନାଁ । ବଜାରରେ ନାଁ ବିକ୍ରି ହୁଏ । ବସ୍ତୁ ତା' ସାଙ୍ଗେ ଯୋଡ଼ି ଦିଆଯାଏ କେବଳ । ପୃଥିବୀରେ ସବୁଠାରୁ ବଡ଼ ବଡ଼ ଭୋଜନାଗାରମାନଙ୍କରେ ଚାଖୁଣିଆଙ୍କୁ ସବୁଠାରୁ ଅଧିକ ସମ୍ମାନ ଏବଂ ଦରମା ଦିଆଯାଏ । ବୋଧହୁଏ ଯେଉଁ ରୁଚି ବିଶାରଦମାନେ, ବିଭିନ୍ନ ଖାଦ୍ୟ ସାମଗ୍ରୀର ନାଁ ଦେଉଥିବେ ସେମାନଙ୍କୁ ତା' ଅପେକ୍ଷା ଅନ୍ତତଃ ଦଶଗୁଣ ମୂଲ୍ୟ ଦିଆଯିବା ଉଚିତ୍ ବୋଲି ଲେଖକର ବିଶ୍ୱାସ । କାରଣ ସେଇମାନେ ହିଁ ପ୍ରଥମେ ଅନାଗ୍ରହୀ ଗ୍ରାହକର ଲାଳଗ୍ରନ୍ଥୀକୁ ଦୋହନ କରନ୍ତି । ସ୍ୱାଦିଷ୍ଟ ନାଁଟିକୁ ଆଳ କରି ବସ୍ତୁ ସହିତ ଘନିଷ୍ଠ ପରିଚୟ ଆଶାରେ ସେ ଅପେକ୍ଷା କରିବାକୁ ବାଧ୍ୟ ହୁଏ । ସରପୁଳିଆ ସ୍ୱାଦଟାକୁ ଯେ ପ୍ରଥମେ ଶବ୍ଦରେ ଥୋଲା ଥୋଲା ସ୍ନିଗ୍ଧ ଢେଉରେ ନ ଚାଖିଛି, ସେ କ'ଣ ବସ୍ତୁକୁ ଖାଲି ଗିଳିଦେଲେ ତାକୁ ବାରିପାରିବ ? ସର ଲବଣୀ, ଗୋଟିକା ଦେଖି ନଥିଲେ ଖାଲି ଗିଳିଦେଲେ ତାକୁ ବାରିପାରିବ ? ସର ଲବଣୀ, ଗୋଟିକା ଦେଖି ନଥିଲେ ମଧ୍ୟ କ'ଣ ଖାଇଲା ପରି ଲାଗେନାହିଁ ? ହେଉ ପଛେ ତୁଚ୍ଛା ଚାଉଳ ଚୂନା, ଇନ୍ଦ୍ରଗୋବିନ୍ଦ ପିଠାଟା ନିଶ୍ଚୟ ଏଇ ନାଁ ଜୋର୍‌ରେ ପାରି ହୋଇଯାଉଥିବ – ଖାଇବା ପୂର୍ବରୁ ଜଣେ ଯଦି ଶୁଣେ ଯେ – ପଦ୍ମକେଶରୀ ଅନ୍ନ ପାଖକୁ ରାମରୋଚକ ତରକାରୀ ପରଷା ହେଉଛି, ତା'ର କ୍ଷୁଧା ଶାଣିତ ହେବା ସ୍ୱାଭାବିକ । 'ଜହର ସଙ୍ଗତେ ମହୁରା' ଶୁଣିବାକୁ ଏଡ଼େ ମଧୁର ଯେ ସେଥିରେ ଆତ୍ମହତ୍ୟା କରିବାକୁ ମଧ୍ୟ ଗୋଟାଏ ପ୍ରବୃତ୍ତି ସୃଷ୍ଟି ହୋଇଯାଏ ।

Digitized by srujanika@gmail.com

ଏତତ୍ ସତ୍ତ୍ୱେ ଆମେ ନାଁ ଦେବାରେ ଅବହେଳା କରିଥାଉ - ଜଣକୁ ଜାଣିଶୁଣି ଶଙ୍କୁନି ବୋଲି ଡାକିଲେ, ସେ ଯେ ବଳେ ବିଷାକ୍ତ ହୋଇଯିବ । ଯେଡ଼େ ସୋହଡ଼ ସୁନ୍ଦର ହୋଇଥିଲେ ମଧ୍ୟ ନକୁଳ ବା ଓଡ଼ିଆ ଘରୋଇ ରୂପାନ୍ତରର 'ନେଉଳ' ବୋଲି ଡାକିଲେ ସେ ବିଚାରା ଲୁଚି ଲୁଚି ଅପସରି ଯିବ, ଏଥିରେ ସନ୍ଦେହ କ'ଣ ? ଜଣକର ଚରିତ୍ର ଏଇ ନାଁ ଦ୍ୱାରା ପ୍ରଭାବିତ ହୁଏ । ଅନିବାର୍ଯ୍ୟ ଦୁଷ୍ଟ ପୈତୃକ ପରମ୍ପରାକୁ ସ୍ୱୀକାର କଲାଭଳି କୌଣସି ନାମର ଅର୍ଥ ଏବଂ ଇଙ୍ଗିତ ପରମ୍ପରାକୁ ମାନି ନେବାକୁ ପଡ଼େ । 'ବିକଳି ବେବର୍ତ୍ତା' ବା 'ଗୋବରା ଜେନା'ଙ୍କୁ ମୋର ଦୀନହୀନ ବୈକଲ୍ୟ ବା ଗୁହାଳ ଏବଂ ଖତକୁଡ଼ାରୁ ଅଲଗା କରି ଚିନ୍ତା କରିହୁଏ ନାହିଁ । 'ଦେବାଦ୍ରି ଭୂଷଣ' ନାଁ ଶୁଣିଲେ ଯେମିତି ଗୋଟାଏ ଶାନ୍ତ ଗମ୍ଭୀର ଶୈବ ଚେତନାର ଉନ୍ମେଷ ହୁଏ ; ଧ୍ୱନିରେ ଗୋଟିଏ ବିଶାଳତା ବା ସୁଦୂର ପଟହର ଗୁରୁ ନିନାଦ ସୂଚିତ ହୁଏ – ସେହିପରି 'ସପ୍ତର୍ଷି ପ୍ରସାଦ' ନାମ ସହିତ ଗୋଟାଏ ତାରକିତ ଆକାଶର ଉଦାର ବିଭୂତି ମନକୁ ସାମାନ୍ୟ ସ୍ପର୍ଶ କରିଯାଏ । ଶବ୍ଦ ସହିତ ପରିଚୟ ବର୍ଣ୍ଣବୋଧ ସ୍ତରରୁ ଆସ୍ତେ ଆସ୍ତେ ବୟସ ସାଙ୍ଗରେ ବୃଦ୍ଧି ପାଏ । କୌଣସି ନାଁରେ ଚିହ୍ନା ଶବ୍ଦଟାଏ ପାଇଗଲେ ପୁରୁଣା ସମ୍ପର୍କ ଅନୁସାରେ ସେହି ନାମଧାରୀ ବ୍ୟକ୍ତି ପ୍ରତି ଦୃଷ୍ଟିଭଙ୍ଗୀ ନିର୍ଣ୍ଣୀତ ହୋଇଯାଏ ।

ବ୍ୟକ୍ତିପରି ବସ୍ତୁ, ସ୍ଥାନ କିମ୍ବା ଅନୁଷ୍ଠାନ ଅଧାଅଧି ଏଇ ନାଁ ମାଧ୍ୟମରେ ହିଁ ବଣିଜ କରନ୍ତି । 'ଶାସନ' ହେଉ ପଛେ ଅଣ୍ଡିଆ ବିଶେଷ କିଛି ଉତ୍ସାହଜନକ ନାମ ନୁହେଁ । ସେହି ଦୃଷ୍ଟିରୁ 'ନିଷ୍ଠିନ୍ତ କୋଇଲି' ବେଶ୍ ଗୋଟିଏ ଭାବ ରୂପର ଦ୍ୟୋତକ । ଖୋର୍ଧାର ପ୍ଲୁତ ବ୍ୟଞ୍ଜନ ଧ୍ୱନିରେ କହିଲାବେଳେ ଯେପରି ଗୁଡ଼ାଏ ମୁକ୍ତ କଣ୍ଠରେ ପବନ ଛାଡ଼ିବାକୁ ପଡ଼େ, ସେପରି ମନ ଭିତରେ ମଧ୍ୟ କେମିତି ଗୋଟିଏ ପାଇକପଣ ଝମକିଉଠେ । ଶବ୍ଦରେ ଜମା ଅର୍ଥ ନ ଥାଇ ଖାଲି ସଙ୍ଗୀତମୟ ଧ୍ୱନିରେ ଭାବରୂପର ଦ୍ୟୋତନା ମଧ୍ୟ ଆସିଯାଏ । 'ବାରଙ୍ଗ', 'ସୋରଡ଼ା', 'ସଇଁତଲା' 'ନର୍ଲା', 'ବୁର୍ଲା' ଓ 'ତର୍ଭା' ନାମ ଭିତରେ ଏପରି କିଛି ଅଭିଧାର୍ଥ ନାହିଁ । ଭିଡ଼ି ଓଟାରି ଅପଭ୍ରଂଶ ମାର୍ଗରେ ପ୍ରତିଲୋମରେ ଖୋଜିଲେ କ'ଣଟାଏ ହାବୁଡ଼ି ଯାଇପାରେ, କିନ୍ତୁ ଏଗୁଡ଼ିକ କେବଳ ଧ୍ୱନି । ଜାଣି ନଥିବା ଲୋକପାଇଁ ଏସବୁ ବିଭିନ୍ନ ଶାକ ସବ୍‌ଜି ବା ଇଟାଗୋଡ଼ିର ନାମ ବୋଲି କହି ଚଳେଇ ନେଲେ ମଧ୍ୟ ହେବ । କେବଳ ଗୋଟିଏ ଭାଷା ଭିତରେ ଖୋଜି ବସିଲେ ତ ଏତେ ସମ୍ଭାବନା, ଯଦି ପୃଥିବୀରେ ସବୁ ଭାଷା ମିଶେଇ ଦିଆଯାଏ ; ତେବେ ମଣିଷ ସ୍ୱରରେ ଯେତେ କିଚିରି ମିଚିରି ଧ୍ୱନି ସବୁଗୁଡ଼ିକ କେବଳ ନାଁ ।

ଅନୁପସ୍ଥିତ ବସ୍ତୁ ବା ବ୍ୟକ୍ତିକୁ ଆଖିରେ ଦେଖେଇ ଦେବା ସମ୍ଭବ ନୁହେଁ ବୋଲି ତା' ବିଷୟରେ ସୂଚନା ଶବ୍ଦ ମାଧ୍ୟମରେ ଦେବାକୁ ପଡ଼େ । ବାକ୍‌ଶକ୍ତି ନ ଥିଲେ ଅଙ୍ଗଭଙ୍ଗୀରେ ଠାରି ଯେମିତି ଗୋଟାଏ ପେଟା ଗେଡ଼ା ଢେଗା-ଆଖିଆ ବିଷୟରେ ଧାରଣା ଦେଇହୁଏ, ହୁଏତ ସମସ୍ତଙ୍କ ପାଇଁ ସେମିତି ଠାରି ହୁଏନାହିଁ । ଅଙ୍ଗଭଙ୍ଗୀରେ ଗୋଟିଏ ବିଶେଷତ୍ୱ ଦ୍ୱାରା ଯଦି ଗୋଟିଏ ବ୍ୟକ୍ତି ବିଷୟରେ ସୂଚନା ଦିଆଯାଏ ତେବେ ବେଶୀ ଦୂର ଆଗେଇ ହେବ ନାହିଁ । ସବୁଯାକ ଠାର ଅଳ୍ପକେ ସରିଯିବ । ତେଣିକି ଧନ୍ଦିହେବା କଥା । ବୋଧହୁଏ ଆଜି ମଣିଷ ଏମିତି ଧନ୍ଦି ହୋଇ ଶେଷକୁ ନିଜ

Digitized by srujanika@gmail.com

ସ୍ୱରର ସାହାଯ୍ୟ ହେଲା ଏବଂ ସେଇ ବିସ୍ତୃତ ସମ୍ଭାବନା ଭିତରୁ ଗଢ଼ି ଚାଲିଲା ବିଭିନ୍ନ ଶବ୍ଦ । ଶବ୍ଦ ଅକଳନୀୟ, ନାମ ମଧ୍ୟ ସେଇ ଅନୁପାତରେ ଅକଳନୀୟ । ଚେଷ୍ଟା କରାହୁଏ କେମିତି ଗୋଟିଏ ଭାଷାର ପରିସର ଭିତରେ ଗୋଟିଏ ଶବ୍ଦଦ୍ୱାରା ଏକାଧିକ ବସ୍ତୁ ବା ବ୍ୟକ୍ତି ନାମିତ ନ ହେଉ । କିନ୍ତୁ ଓଡ଼ିଆରେ 'ଛେନା' ପରି ଶବ୍ଦ ବହୁ ବସ୍ତୁବାଚୀ ଏବଂ ଗୋଟିଏ ନାଁରେ ଅନ୍ତତଃ ଦଶ ହଜାର ବ୍ୟକ୍ତି ନାମିତ, ଯଥା - 'ରାମ', 'ହରି' ବା ଗୋପାଳ । ଇସ୍‌ଲାମ୍ ପରି ଧର୍ମ ସମ୍ପ୍ରଦାୟରେ ନାମର ନିର୍ଦ୍ଦିଷ୍ଟ ସଂଖ୍ୟା, ଯେପରି ଗଜପତି ରାଜାଙ୍କର କେବଳ ଚାରୋଟି ନିର୍ଦ୍ଦିଷ୍ଟ ନାମ ।

ଯଦି ଗୋଟିଏ ନାମ ଉଚ୍ଚାରଣ କଲେ ପାଞ୍ଚଜଣ ଆସି ଠିଆ ହୋଇଯାନ୍ତି ତେବେ ଚଳିବା ଦୁଷ୍କର, କାରଣ ନାମ ଦିଆଯାଏ ମୁଖ୍ୟତଃ ଜଣକୁ ଆଉ ଜଣକଠାରୁ ପୃଥକ୍ କରିବାପାଇଁ । ଏଣୁ ସେଗୁଡ଼ିକ ବିଶେଷ୍ୟ, ପ୍ରତ୍ୟେକ ବ୍ୟକ୍ତି ବା ବସ୍ତୁର ବିଶେଷତା । ଏଇ ବିଶେଷତା କେବଳ ବ୍ୟକ୍ତି ବା ବସ୍ତୁସୀମିତ ନୁହେଁ - ଏଥିରେ ଭାଷା, ପ୍ରଦେଶ, ଧର୍ମ, ସଂପ୍ରଦାୟ, ଏ ସମସ୍ତର ବିଶେଷତା ମଧ୍ୟ ମିଶେଇ ଗୋଳେଇ ହୋଇଥାଏ । 'କଳ୍ପବଟ', 'କୃପାସିନ୍ଧୁ' ବା 'ବାଞ୍ଛାନିଧି'ମାନଙ୍କୁ ଓଡ଼ିଶା ବାହାରେ ଖୋଜିଲେ ମିଳିବେ ନାହିଁ କିମ୍ବା 'ନିଧିଆ', 'ଗୋପିଆ', 'ବାଉରିଆ'ଙ୍କୁ ଏଇ ପ୍ରଦେଶର ଉପକୂଳରୁ ଦୂରେଇଗଲେ ଆଉ ପାଇବା ପାଇଁ । ମାକ୍‌ଡୋନାଲ୍‌ଡ଼ ଯାକ ସ୍କଟ୍‌ଲାଣ୍ଡରେ ଓ' - କନେଲ୍‌ଯାକ ଆୟାର୍ଲାର୍ଣ୍ଡରେ, ଲିନ୍, ଚିନ୍, ୟୁଟାଙ୍ଗ୍ ଯାକ ମଙ୍ଗୋଲୀୟ ପ୍ରାନ୍ତରେ ଯେପରି ସ୍ଥାନବୈଶିଷ୍ଟ୍ୟ ଗ୍ରହଣ କରିଛନ୍ତି, ସେପରି ଏଇ ଓଡ଼ିଆ ନାଁଗୁଡ଼ିକ । ନାଁଟା ସତେ ବା ଗୋଟାଏ ତାବିଜ୍, ତା' ଉପରେ ଭାଷା, ପ୍ରଦେଶ, ଧର୍ମ ନିଜ ନିଜର ମୋହର ବାଡ଼େଇ ଚାଲିଯାନ୍ତି ଓ ସେଇଟା ବେକରେ ଲମ୍ୱେଇ ବ୍ୟକ୍ତି ଆଜୀବନ ନିଜର ପରିଚୟ ଦେଇଚାଲେ ।

କିନ୍ତୁ ନାଁ ଏତତ୍ ସତ୍ତ୍ୱେ ଖାଲି ଗୋଟାଏ ନିତିଦିନିଆ ପୋଷାକ ପରି । କନ୍‌ଷ୍ଟେବଲକୁ ଯେମିତି ଖାକି ରଙ୍ଗ ଏବଂ ନାଲ୍ ପଗଡ଼ି ସହିତ ଯୋଡ଼ାଯାଏ ; ଭିତରର ନିଶୁଆ ମଣିଷଟି ବେଶ୍ ଆମ ଭଳି ଜଣେ, ସେଇପରି ମୂଳ ବ୍ୟକ୍ତିଟି ନାଁଟାକୁ ପିନ୍ଧିଥାଏ କେବଳ । ସମାଜରୁ ଗଳି ପଡ଼ିଲେ ଶ୍ମଶାନକୁ ଗଳିପଡ଼ିଲା ପରି ନାମ ବା ପରିଧେୟର ପ୍ରୟୋଜନ ରହେ ନାହିଁ । ସେଥିପାଇଁ ବୋଧହୁଏ ସନ୍ନ୍ୟାସ ନେଇଗଲେ 'ନାମ'ର ସଂହାର ହୋଇଯାଉଥିଲା । ମଣିଷ ତା' ପରିବେଶଠାରୁ ଆହୁରି ବିସ୍ତୃତ ହୋଇଗଲେ, ତା' ଚେତନାରେ ପ୍ରଶସ୍ତ ଦେଶ, କାଳ ପ୍ରବେଶ କରିଗଲେ ନାଁ ଅବାନ୍ତର ହୋଇ ହୁଗୁଳି ଖସିଯାଏ । ଯଦି ଜଣେ ପୃଥିବୀର ସବୁ ଭାଷା, ଦେଶ ଏବଂ ଧର୍ମକୁ ଗ୍ରହଣ କରିନେଇପାରିଲା ତେଣିକି ସେ ନିଜକୁ କେବଳ 'ମଣିଷ' ହିଁ କହିବ । କୌଣସି ଗୋଟିଏ ନାଁ ଏ ସମସ୍ତ ବିଶେଷତ୍ୱକୁ ଧାରଣ କରିପାରିବ ନାହିଁ । 'କୁମ୍ଭଋଷି' ବର୍ଦ୍ଧିଷ୍ଣୁ ମୀନଟିକୁ, କ୍ରମଶଃ ବୃହତ୍ତର ଆଧାରରେ ରଖି ରଖି ଶେଷକୁ ଅକୂଳ ସମୁଦ୍ରରେ ଛାଡ଼ି ଦେଲା ପରି, ବ୍ୟକ୍ତିଚେତନାର ପରିମାପରେ ନାଁର ଖୋଳଟି ପ୍ରସାରିତ ହୋଇ ନିଃଶେଷ ହୋଇଯିବାକୁ ବାଧ୍ୟ ।

ନିର୍ଦ୍ଦିଷ୍ଟ ଆକାର ବା ରୂପ ପରି ନିର୍ଦ୍ଦିଷ୍ଟ ନାଁଟିଏ ମଧ୍ୟ ଗୋଟିଏ ସୀମାର ସୂଚନା ଦେଇଥାଏ । ସେ ସୀମା ବାହାରର ଅନନ୍ତ ସମ୍ଭାବନାକୁ ଫାଶ ପକେଇ ଧରିହୁଏ ନାହିଁ । ନାମ ରୂପର ବନ୍ଧନୀରେ

Digitized by srujanika@gmail.com

କେତେଟା ବା ଆମେ ଧରିଥାଉ - ଆକାଶରେ ଅର୍ବୁଦ ତାରକା ଅନେଇଛନ୍ତି, ଅନନ୍ତ କାଳୁ, ଆମେ ତାଙ୍କୁ ନାଁ ଦେଇପାରୁ ନା । ଆମ ଚାରିଆଡ଼େ କୋଟି କୋଟି ଫଳଫୁଲର ସମ୍ଭାର ନେଇ ଜଡ଼ଜଙ୍ଗମ ଅପେକ୍ଷା କରିଛି । ଆମେ ତାଙ୍କୁ ସମସ୍ତଙ୍କୁ ନାଁ ଦେଇପାରୁ ନା । ନାଁ ହାରିଗଲେ ଅନ୍ତତଃ ଗାଣିତିକ ସଂଖ୍ୟାରେ ଚିହ୍ନଟ କରିବାକୁ ଚେଷ୍ଟା କରୁ । ଗଣିତ ନାମ ରୂପର ଉପରକୁ ଆଉ ଧାପେ ନିଶ୍ଚୟ, କିନ୍ତୁ ସେ ବି ଆଣ୍ଠେଇଯାଏ । କାହିଁ କେଉଁ ଅଦୃଶ୍ୟ ତାରକାରୁ ଲହଡ଼ି ମାରି ଆସେ ଅନନ୍ତ ଅନାମଧେୟ, ତାକୁ ସମ୍ଭାଳିବା, କଳନା କରିବା, ନାମିତ କରିବା ଅସମ୍ଭବ । କେବଳ ମନର ସୂକ୍ଷ୍ମ ସମ୍ଭାବନା ଗଣିତକୁ ଟପିଯାଏ ଏବଂ ମନର ବିସ୍ତାର ଭିତରେ ବି ସେ ସମ୍ଭାଏ ନାହିଁ - କ୍ଳାନ୍ତ ହୋଇଗଲେ ତାକୁ ଆମେ କହିଥାଉ, 'ଅବାଙ୍‌ମାନସଗୋଚର' । ତାର ନାମ ନାହିଁ, ରୂପ ନାହିଁ, ଆକାର ନାହିଁ, ସେ ଇନ୍ଦ୍ରିୟଗୋଚର ନୁହେଁ । ତଥାପି କୌଣସି ଗୋଟାଏ ମାଧ୍ୟମରେ ତାକୁ ଧରି ହେଉ ନଥିଲେ, ତା ବିଷୟରେ ଏକଥା ମଧ୍ୟ କହି ହୁଅନ୍ତା ନାହିଁ । ଅବ୍ୟୟ, ଅଣାକାର, ଅନାମ, ଅଲେଖ ଆଦି ନଞ୍‌ବାଚୀ ନାମର ଦୁର୍ବଳ ପ୍ରଚେଷ୍ଟା ଦ୍ୱାରା ତାକୁ ବାଚିତ କରିବା ମଧ୍ୟ ସମ୍ଭବ ହୁଅନ୍ତା ନାହିଁ ।

ସେ ଗମ୍ଭୀର ପର୍ଯ୍ୟାୟରେ ନାମ ରୂପ ଅବାନ୍ତର, ଅସମୀଚୀନ ବା ଅପର୍ଯ୍ୟାପ୍ତ ହୁଅନ୍ତୁ, ସେଥିରେ ଆମର କ'ଣ ଥାଏ ? ଆମେ ସାଧାରଣ ଅଦାବେପାରୀ । ଆମ ସୀମିତ ପର୍ଯ୍ୟାୟର ଚଳଣି ପାଇଁ, ପରସ୍ପରକୁ ବୁଝିବାପାଇଁ ସାମାଜିକ ଉଷ୍ମା ଭିତରେ ନାଁଟିଏ ଭାରି ଗୁରୁତ୍ୱପୂର୍ଣ୍ଣ । ନାଁ କୁ ନେଇ, ଏ ଯେତେ ସବୁ କାରବାର । ପରିଚ୍ଛନ୍ନ ପୋଷାକ ପିନ୍ଧିଲେ ଯେମିତି ସଭାରେ ବସିବାର ଅଧିକାରକୁ ସହଜରେ ଗ୍ରହଣ କରିହୁଏ, ମନରେ ଗ୍ଳାନି ଆସେ ନାହିଁ ; ସେହିଭଳି ଉତ୍ତମ ନାଁଟିଏ ପାଇଲେ ମଣିଷ ସହଜରେ କୁଜା ନ ହୋଇ ମୁଣ୍ଡ ଟେକି ଚାଲିପାରେ । ତାର ବ୍ୟକ୍ତିତ୍ୱ ଲଙ୍ଘି ଯାଏ ନାହିଁ । ମନ ଲୋଚା ଧରେ ନାହିଁ । ଏଣୁ ପିତୃକୁଳ ସନ୍ତାନର ନାଁ ଦେଲାବେଳେ ପୋଷା ଜନ୍ତୁଙ୍କୁ ଯାହା ଡାକନ୍ତି ସେମିତି ଅସମ୍ମାନକର ଦାୟିତ୍ୱହୀନ ବିଳାସରେ ବ୍ୟକ୍ତିତ୍ୱର ସଂହାର ନ କରନ୍ତୁ ।

❖❖❖

Digitized by srujanika@gmail.com

ଅମାନିଆ

କାନୁନ୍‌ର କଟକଣାରୁ ହୁଗୁଳିଯିବା ସମୟ ସମୟରେ ଏକ ଅଦ୍ଭୁତ ବିଳାସ, ପଘା କାଟି ପଳେଇଲା ପରି କଡ଼ା ନିୟମ ଶୃଙ୍ଖଳାକୁ ଭାଙ୍ଗି ସ୍ୱାଧୀନତା ଜାହିର କରିବା ମଣିଷମନର ଏକ ଦୁର୍ଦ୍ଦମନୀୟ ପ୍ରବୃତ୍ତି । ଯେଉଁ ମାହାତ୍ମାଗାନ୍ଧୀମାନେ ନିଜକୁ ଓ ଗୋଟାଏ ଗୋଷ୍ଠୀକୁ ଏପରି ଏକ ନିଗଡ଼ ଭିତରୁ ମୁକ୍ତ କରନ୍ତି ସେମାନେ ବୀର, ଯେଉଁମାନେ ଅନ୍ଧ ପରମ୍ପରାକୁ ଅସ୍ୱୀକାର କରି କ୍ରୁଶବିଦ୍ଧ ହୁଅନ୍ତି ସେମାନେ ମହାପୁରୁଷ । ଅନ୍ୟ ପକ୍ଷେ ଯେଉଁମାନେ ସହରତଳିରେ ସବୁ ପ୍ରକାର ନିୟମକୁ ଅସ୍ୱୀକାର କରନ୍ତି, ସମସ୍ତଙ୍କର ଧନଜୀବନ ନିର୍ବିଚାରରେ ବିପନ୍ନ କରନ୍ତି, ସେମାନେ ସ୍ୱେଚ୍ଛାଚାରୀ । ଗୋଟାଏ ନିୟମକୁ ଭାଙ୍ଗି ଆଉ ଗୋଟାଏ ନିୟମର ପ୍ରତିଷ୍ଠା କରିବାକୁ ସେଇ ବୀର ବା ମହାପୁରୁଷମାନଙ୍କର ସାମର୍ଥ୍ୟ ଥାଏ । ଆମର ସେତେ ଶକ୍ତି ନାହିଁ ବା ସେତେ ଦାୟିତ୍ୱ ତୁଲେଇବାକୁ ଇଚ୍ଛା ନାହିଁ । ପୁଣି ଅଭ୍ୟାସବଶତଃ ସ୍ୱେଚ୍ଛାଚାର ଆଡ଼କୁ ମନ ଯାଏ ନାହିଁ । କଡ଼ା ନିୟମ ଭିତରେ ରହିଗଲେ ଖୁଜୁରୁ ମୁଜୁରୁ ଲାଗେ, ଲୁଚି ଛପି ଟିକିଏ କ'ଣ ବେନିୟମ କରିଦେଇ ମୁହଁ ପୋଛିଦେବା ପାଇଁ ଭାରି ଇଚ୍ଛା ହୁଏ । ଦହିହାଣ୍ଡିରୁ ଉପର ସରଟାକୁ କେହି ନ ଦେଖିଲା ପରି ଉଞ୍ଚି ଖାଇବାକୁ ଇଚ୍ଛା ହୁଏ । ଛୋଟ ଛୋଟ କହିବାକୁ ଓ ସେହିପରି ଛୋଟ ଛୋଟ ନିୟମକୁ ନ ମାନି ସାମାନ୍ୟ ଟିକିଏ ଉଚ୍ଛୃଙ୍ଖଳା ହେବାକୁ ପ୍ରବଳ ଇଚ୍ଛା ହୁଏ ।

କିନ୍ତୁ ଲୋକ ଅଛନ୍ତି, ଖଣ୍ଡାଧାରରେ ଚାଲନ୍ତି । ସେମାନେ ଠିକ୍ ଚାରିଟା ବେଳେ କୁକୁଡ଼ାଙ୍କ ସାଙ୍ଗେ ବାଦ କରି ଉଠିପଡ଼ନ୍ତି ଏବଂ ଗୁଡ଼ାଏ ଗାଧୋଇ ପକେଇଲେ ତାଙ୍କୁ ଲାଗେ ଗୋଟାଏ କିଛି ମହତ୍ କାର୍ଯ୍ୟ କରିଦେଲେ । ସେଇ ଅନ୍ଧାରରେ ଦୀପ ଲଗେଇ ଦାଢ଼ି କାଟି ପକେଇବା ମଧ ଆହୁରି ଏକ ମହତ୍ କାର୍ଯ୍ୟ । ଘଣ୍ଟା ମିନିଟ୍ ଅନୁସାରେ ଜୀବନର ବାଲି ଝରେଇ ଦେଇଯାନ୍ତି । ତାଙ୍କ ଚାରିଆଡ଼େ ଅଭ୍ୟାସ ଖୋଳପା ବାନ୍ଧିଯାଏ - ପଥୁରିଆ ଟାଆଁସା ଦୁର୍ଭେଦ୍ୟ ଖୋଳପା । ତାରି ଭିତରେ କୃଚ୍ଛ ସାଧକ ସୂତା ଧରି ନିୟମ ମାନି ଚାଲିଥାଏ । ବର୍ଷ ବିତିଯାଏ । ଯଦି ଦିନେ ସାହସ ସଞ୍ଚୟ କରି ସେ ତାଙ୍କ କାନ୍ଥଘଣ୍ଟାଟାକୁ ଅମାରଘରେ ମୁହଁ ଉବୁଡ଼େଇ ଥୋଇଦେଇ ଆସିପାରନ୍ତେ ସେ ଦିନ ସେ ଅନୁଭବ କରନ୍ତେ ଯେ ତାଙ୍କ ଅପଶାସକକୁ ସେ ସଂହାର କରିଛନ୍ତି, ପାହାନ୍ତିଆ ନିଦର ଅନେକ ପାତଳ ରଙ୍ଗର ଉପତ୍ୟକା ଉପରେ ସ୍ୱଚ୍ଛନ୍ଦ ନିରଙ୍କୁଶ ପହଁରି ଆସିଛନ୍ତି । ତାଙ୍କ ବିଛଣା ଉପରେ କୋଟି କୋଟି ମାଇଲ୍ ଦୂରରୁ ହାତ ବଢେଇ ତାଙ୍କୁ ପ୍ରଥମ ଅଭିନନ୍ଦନ ଜଣାଉଛି ନବୋଦିତ ସୂର୍ଯ୍ୟ । ତା'ପରେ ସେ ଭାବନ୍ତେ ଯେ ସେ ସମ୍ରାଟ୍ । ତାଙ୍କ ଉପରେ କାହାରି କର୍ତ୍ତୃତ୍ୱ ନାହିଁ । କିଏ

Digitized by srujanika@gmail.com

କହିଲା ଦାଢି କ୍ଷୌର ହେବା ଏକ ବିଧିବଦ୍ଧ ଦୁର୍ଲଂଘ୍ୟ ନିୟମ ? କିଏ କହିଲା ଗୁଡ଼ାଏ ଗୁଡ଼ାଏ ଥଣ୍ଡା ପାଣି ଅଜାଡ଼ି ହେବା ଏକ ସୁମହତ୍ କାର୍ଯ୍ୟ ? ଇଚ୍ଛା ହେଲା ତ, ଦିନର ଯେକୌଣସି ସମୟରେ ସମୁଦ୍ରରେ ପହଁରି ଆସିବା ପାଇଁ ଆପତ୍ତି ନାହିଁ । କିନ୍ତୁ କେହି ତାକୁ ଠିକ୍ ଗୋଟାଏ ନିର୍ଦ୍ଧାରିତ ସମୟରେ ବାଧ୍ୟ କରିପାରିବ ନାହିଁ ଗାଧୋଇବାକୁ । ଦାଢି କାଟିବାକୁ, ଜଳଖିଆ ଖାଇବାକୁ । ତାଙ୍କ ସାମ୍ରାଜ୍ୟର ସୀମାରେଖା ଡେଇଁ କେହି ଭିତରେ ଅନୁପ୍ରବେଶ କରିପାରିବେ ନାହିଁ, ସେ ଯେ କେହି ହେଉ ନା କାହିଁକି ? ସ୍ୱେଚ୍ଛାଚାରର ବିଳାସ ବାଦଶାହୀ ; କିନ୍ତୁ ବ୍ୟତିକ୍ରମର ସ୍ୱାଧୀନତା ସମୟ ସମୟରେ ସେହି ବିଳାସର ସ୍ୱାଦ ଦେଇଥାଏ । କିନ୍ତୁ ଯେ ଖରା କାଟିଲେ ଶେଯରୁ ଉଠେ ଏବଂ ସାତଦିନରେ ଥରେ ବାରିକ ଦୋକାନରେ ଦାଢି କାଟେ, ତା ପାଇଁ ଏହା ଅତିକ୍ରମ ନୁହେଁ । ବରଂ ଚାରିଟାରୁ ଉଠି ଶୀତକାକରରେ ତୁ ତୁ ପାଣି ଇଡ଼ିଦେବା ଏବଂ ଆଖିରୁ ଲୁହ ଗଡ଼େଇ ଥଣ୍ଡା ପାଣି ଲଗେଇ ଗୁଡ ଛାଞ୍ଚିବା ଏକ ନୂତନ ଆନନ୍ଦ ।

ମୋଟ ଉପରେ ନିର୍ଘଣ୍ଟକୁ ଭାଙ୍ଗି ମାପଚୁପ୍ ରାସ୍ତା ତଳକୁ ଓହ୍ଲେଇଯିବାରେ ହିଁ ଆନନ୍ଦ । ତା' ଯଦି ନ କରାଯାଏ, ମଣିଷ ହୋଇଯିବ ଗୋଟିଏ ଟିକ୍ ଟିକ୍ କରୁଥିବା ଚଳନ୍ତି ଘଣ୍ଟା – ଗୋଟିଏ ନିର୍ଜୀବ କଳ । ତା' ଭିତରର ଅକଳନୀୟ ସମ୍ଭାବନାକୁ କତୁରି ପକେଇ ତାକୁ ପଞ୍ଜୁରୀ ଭିତରେ ଆବଦ୍ଧ କରିଦେଲେ ସେ କେବଳ କଟର କଟର ଡାକି ପ୍ରାଣ ଛାଡ଼ିବ । କିଛି ଦିନ ସେ ଖୋଳ ଭିତରେ ରହି ସାପ ମଧ୍ୟ ତା' କାତି ଛାଡ଼ିଯାଏ । ପ୍ରତି ବସନ୍ତର ଉପହାର କ୍ରମେ ପାଚି ଶୁଖି ଝଡ଼ିଯାଏ । ସବୁ ଦିନକୁ ଗୋଟାଏ ପଥର କାନ୍ଥ ନିଜ ଚାରିଆଡ଼େ ବେଢେଇ ରଖିଲେ, ପରିଶେଷରେ ସେ ନିବୁଜ୍ ହୋଇ ଆସିବ । ରୁନ୍ଧି ହୋଇଯିବ ଜୀବନ ।

ଯେଉଁମାନେ ନୀତିବାଗୀଶ ସମୟ ନିୟମାନୁବର୍ତ୍ତୀ, ନିଷ୍ପାପର, ଅବିକମ୍ପିତ ଭୀଷ୍ମ ସେମାନେ ସବୁ ବାହାଦୂର ; ବାଉଁଶରାଣୀରେ ଭଉଁରୀ କାଟୁଥିବା କିମ୍ବା ନାଏଗ୍ରା ଉପର ଦେଇ ଦଉଡ଼ିରେ ଚାଲିଯାଇ ପାରୁଥିବା ଅସାଧ ସାଧକ । ସଂଯମ ଶିକ୍ଷା ତାଙ୍କ ବାହାଦୂରୀ । ଜଙ୍ଗଲି ବାଘ ହାତୀକୁ ମଣ କରି ମଣିଷ ପରି ପିକା ପିଆଇବା ଏକ ଅଦ୍ଭୁତ କାର୍ଯ୍ୟ । ସେହିପରି ନିଜର ଖାଇବା ପିନ୍ଧିବା କହିବା ସବୁ ସଂଯତ କରି ଠିକ୍ କଳଟିଏ ପରି ବା କଳଠାରୁ ଆହୁରି ନିର୍ଭୁଲ ହୋଇଯାଇପାରିଲେ ସେମାନେ ଗୌରବ ଅର୍ଜନ କରନ୍ତି । ଢୋଲ ପିଟି ଏକ ମିନିଟ୍‌ରେ ଶହେ କୋଡ଼ିଏ ପାହୁଣ୍ଡ ଚାଲନ୍ତି । ପ୍ରତି ପାହୁଣ୍ଡ ପୁଣି ତିରିଶ ଇଞ୍ଚ । ବନ୍ଧୁକ କାନ୍ଧକୁ ଟେକିବା ପକେଇବା ସବୁ ହିସାବ ଉପରେ । ସୈନ୍ୟବାହିନୀରେ ଜଣେ ଆରଜଣକଠାରୁ ବାରି ନ ହେବା ପାଇଁ ଯଥେଷ୍ଟ ଯତ୍ନ ନିଆହୋଇଥାଏ । ଗୋଟିଏ ଗୁଳିଠାରୁ ଯେପରି ଆଉ ଗୋଟିଏ ଗୁଳି ବାରିହୁଏ ନାହିଁ, ହୁଏତ କିଛି ଗୋଟାଏ ସାଙ୍କେତିକ ଚିହ୍ନ ଛପା ମରା ହୋଇଥାଏ, ସେହିପରି ଏ ବାହାଦୁର ଲଢୁଆ ଯୁବକଗୁଡ଼ିକ । ଗୋଟିଏ ଗୁଳି ବନ୍ଧୁକ ନଳୀ ଭିତରେ ଘୂରି ଘୂରି ବାହାରି ଗଲାପରି ଆର ଗୁଳିଟି ମଧ୍ୟ ଅବିକଳ ସେମିତି ଯାଏ । ସୈନିକଗୁଡ଼ିକ ମଧ୍ୟ ସେହିପରି ଜଣକ ପରି ଆଉ ଜଣେ ବ୍ୟବହାର କରିବାକୁ ତାଲିମ୍ ପାଇଥାଏ । ଜଣେ ଯେମିତି ତାର । ସୀସାପରି ଓଜନ ରକ୍ତ ଢାଳିଦେଇ ବେଦରକାରୀ

Digitized by srujanika@gmail.com

ହାଲୁକା ଖୋଳଟିଏ ହୋଇ ନିସ୍ପନ୍ଦ ପଡ଼ି ରହେ, ଆଉଟି ମଧ୍ୟ ସେହିପରି । ଗୁଡ଼ିଏ ଦୁର୍ବଳ ମଣିଷଙ୍କୁ ଏକାଠି ତାଲିମ ଦେଇ ଗୋଟାଏ ସହସ୍ରପଦୀ ଅତିକାୟ ପ୍ରବଳ ଦୁର୍ମଦ ଜନ୍ତୁ ତିଆରି କରିବା ସକାଶେ ବୋଧହୁଏ ପ୍ରଥମ ସୈନ୍ୟବାହିନୀ ପ୍ରସ୍ତୁତ କରାଯାଇଥିଲା, ଯେ କି କେବଳ ଜଣକ ଆଦେଶ ଶୁଣି ଅଭ୍ୟସ୍ତ । ସେଇ ଆଦେଶରେ ସେ ମାଡ଼ିଯିବ, ତାକୁ କେହି ରୋକିପାରିବେ ନାହିଁ । ସେଇଠି ବ୍ୟକ୍ତିଟିର ନିୟମର ବାଡ଼କୁ ଅତିକ୍ରମ କରିବାର ଇଚ୍ଛା ଅବାନ୍ତର । ମୁଣିରେ ଗୁଳି ପରିବର୍ତ୍ତେ ମିଠା ଚକଲେଟ୍ ପୂରେଇ ଯୁଦ୍ଧକୁ ଯିବା ପ୍ରବାଦ ଶୁଣାଯାଏ । ଜୟ ହେଉ ମାନବ ଚେତନାର ଯଦି ସେ ଏକାପରି ଦିଶୁଥିବା ଖୋଳ ଭିତରେ ମଣିଷ ଥାଏ ଏବଂ ସେଥିରୁ ଖସି ଆସିଲେ ସେ ତା ଘରକୁ ଚିଠି ଲେଖିବା ସମୟରେ କିଞ୍ଚିତ୍ ବ୍ୟତିକ୍ରମ କରିପାରୁଥାଏ । ତେବେ ସେନାବାହିନୀର ବହୁ ଉଚ୍ଚ ପ୍ରଶଂସିତ ଶୃଙ୍ଖଳାର ଆମେ ମଧ୍ୟ ଜୟଗାନ କରିବା ।

ସ୍ୱେଚ୍ଛାଚାର ସପକ୍ଷରେ କୌଣସି ସାମାଜିକ ଜୀବ ମତ ଦେଇପାରିବ ନାହିଁ । ନୀତି ନିୟମ ରହିବା ନିହାତି ବାଞ୍ଛନୀୟ । ଆଇନ୍ କାନୁନ୍ ସୁସ୍ଥ ସାମାଜିକ ଜୀବନରେ ନିୟୋଜିତ ହେଉ । କିନ୍ତୁ ଯଦି ଆଇନ୍ କାନୁନ୍‌ର ସୁରକ୍ଷା ପାଇଁ ଜୀବନ ବ୍ୟୟିତ, ବ୍ୟବହୃତ ହୋଇଯାଏ, କେଉଁଠି ଟିକିଏ ବ୍ୟତିକ୍ରମକୁ ଯଦି ଆପଣ ଅସହିଷ୍ଣୁ ଭାବରେ ଦମନ କରନ୍ତି, ତେବେ ସଜ ଉଣ୍ଡି ଆପଣଙ୍କୁ ନ ମାନି, ଅନ୍ଧାରରେ କୂଳ ଡେଇଁ ଗୋପବଧୂ ବାହାରିଯିବେ, କେହି ଜଣେ ହୁଏତ ଆପଣଙ୍କ ଘରୁ ଲହୁଣୀ ଚୋରେଇ ଖାଇଯିବ ! ସେତେବେଳେ ଆଉ ଦୋଷ ଘେନିବେ ନାହିଁ ।

ମୋର କ'ଣ ସବୁ ଇଚ୍ଛା ହୁଏ ଜାଣନ୍ତି ? ରାତିରେ ମୋତେ କେହି ବାଧ କରନ୍ତେ ନାହିଁ ଶୋଇବାକୁ, ଯଦି ନେଳି ଆକାଶରେ ଘଡ଼ିମାରି ଜହ୍ନଟିଏ ଥାଏ । ସ୍ୱପ୍ନରେ ଭରପୁର ଆଖି ଯଦି ନିହାତି ବିଶ୍ରାମ ଚାହେଁ, ତେବେ ଝରକା କବାଟ ବନ୍ଦ କରି ମଧ୍ୟାହ୍ନ ପର୍ଯ୍ୟନ୍ତ ନିଦ୍ରା ଉପଭୋଗ କରାଯାଇପାରେ । ପିଜୁଳି ବଗିଚାରେ ଖରାବେଳେ ଘୁମାଉଥିବା ଘରଚଟିଆ ଗହଣରେ ମଧ୍ୟାହ୍ନ ଭୋଜନ ଏକ ବିଳାସ । ଡାକ୍ତର ନାମଧେୟ ପରମ ଶତ୍ରୁଙ୍କର ଖାଦ୍ୟ ତାଲିକା ମୋତେ ଆଉ କେହି ନ ଦେଖାନ୍ତେ ! କୌଣସି ଗୁପ୍ତଚର ସାହାଯ୍ୟରେ ସେ ମୋର ସବୁଠାରୁ ପ୍ରିୟ ବସ୍ତୁର ଟେର୍ ପାଇ ତାହାହିଁ ନିଷେଧ କରିବାରେ ସିଦ୍ଧହସ୍ତ । କୋକ ଦେଖେଇ ମୋତେ ମୋ ଇଚ୍ଛା ବିରୁଦ୍ଧରେ ଗୁଡ଼ାଏ ବିଚକଟିଆ ଗୁଳି ଖାଇବା ପୂର୍ବରୁ ବା ଖାଇବା ପରେ ଗିଳେଇବାରେ ସେ ଧୁରୀଣ । ଅତଏବ ମୋ ଇଚ୍ଛା ଯାହା ହେଲା ମୁଁ ଖାଇପାରେ, ଗଛଡାଳରେ ବସି ବା ଛାତ ଉପରେ ଧୂଆଁନଳୀକୁ ଆଉଜି ଚା ପିଇପାରେ, ଯେଉଁ ମୁଣି ମୋ ବେକରେ ସବୁଦିନ ଚାରିଟାବେଳେ ବଜାର ସଉଦା ପାଇଁ ଓହଳେଇ ଦିଆଯାଏ, ଖୁବ୍ ସାହସ କରି ତାକୁ ତାଚ୍ଛଲ୍ୟରେ ଫିଙ୍ଗି ଦେଇପାରେ । ସେଥିପାଇଁ ଓଳିଏ ଓପାସ ରହିବାକୁ ମୁଁ ପ୍ରସ୍ତୁତ । ମୁଁ ବରଂ ସେ ଦିନ ସନ୍ଧ୍ୟାରେ ବସି କିଛି ଗୀତ ଗାଇବି ବା ଯାହା ଯେଉଁଠି ସବୁ ସୁନ୍ଦର ଆଖି ଖୋଲି ନିଃସଙ୍କୋଚ ଦେଖିବାକୁ ବୁଲି ବାହାରିବି । ରାତି ଏଗାରଟାରେ ମୁଁ କଫି ମାଗିଲେ ଆପଣ କୁଣ୍ଠିତ ହେବେ ନାହିଁ – ମୋତେ ସାବଧାନ, ନିଶାଖୋର କହି ପଦେ ଗାଳିଦେବେ ନାହିଁ । ମୁଁ କାହାରି କିଛି କ୍ଷତି ବା ଅସୁବିଧା କରିବି ନାହିଁ ; ମୁଁ ଆପଣଙ୍କ ପରି ବା ତା'ଠାରୁ ଅଧିକ

Digitized by srujanika@gmail.com

ଗୋଟିଏ ପୋଷମନା ସାମାଜିକ ପ୍ରାଣୀ । ଖାଲି ଯଦି ଦିନେ ମୁଁ ବଞ୍ଚୁଛି ବୋଲି ମୋତେ ପ୍ରତ୍ୟୟ ଆସିଯାଏ, ବାକି ତିନିଶହ ଚଉଷଠି ଦିନ ମୁଁ ମୁଣ୍ଡ ନୁଆଇଁ ଦେବି, ପିଠି ପତେଇ ଦେବି ଖରାକୁ ଏବଂ ଆପଣଙ୍କ କୋରଡ଼ାକୁ । ମୋତେ ଦିନକ ପାଇଁ ନିଜକୁ ସମ୍ରାଟ୍ ବୋଲି ଭାବିବାକୁ ସୁଯୋଗ ଦିଅନ୍ତୁ । କୋହଳ କରିଦିଅନ୍ତୁ ଆପଣଙ୍କ ନିୟମର ନିଗଡ଼ । ମୁଁ ତେଣିକି ଆପଣଙ୍କ ପାଇଁ ଓ ଆପଣଙ୍କ ଆଇନ୍ କାନୁନ୍ ପାଇଁ ବ୍ୟୟିତ ହୋଇଯିବି । ଘୋର ଅନ୍ଧକୂପ ଭିତରେ ଗୋଟିଏ ମାତ୍ର ଛିଦ୍ର ରହୁ, ଯେଉଁବାଟେ ଧାରେ ଆଲୁଅ, ସୋରାଏ ପବନ ବାହାରି ଆସିବ । ତା'ପରେ କାଦୁଆ ଅନ୍ଧାର ଭିତରେ ଭିଡ଼ି ଓଟାରି ହୋଇ ନିଜକୁ ଏକ ଯନ୍ତ୍ର ବୋଲି ଭାବିବାରେ ଆପତ୍ତି ନାହିଁ ।

ସକାଳୁ ଉଠି ଦାଢି କାଟି ଘଣ୍ଟାର ଟିକ୍ ଟିକ୍ ଅନୁସାରେ ଅଫିସ୍ ଦୌଡ଼ି ସେଠାରେ ବିଭିନ୍ନ କାଠିମରା ଅଭିନୟ କଲାପରେ ପୁଣି ଟିକ୍ ଟିକ୍ ଉପରେ ଆଉ ଗୋଟିଏ ରଙ୍ଗମଞ୍ଚକୁ ଓହ୍ଲେଇବାରେ ମୁଁ କ୍ଲାନ୍ତ । ସନ୍ଧ୍ୟା ଆଳତି ଦେଖିଯିବା ପରି, ପ୍ରତି ଶନିବାର ସିନେମା ଯିବା, ପ୍ରତି ପହିଲାକୁ ପିଲାଙ୍କ ଜାମା କିଣିବା ବା ଝାଡ଼ା ପରୀକ୍ଷା କରେଇବା ସବୁ ଏକ ଯାନ୍ତ୍ରିକ କ୍ରିୟା - ଦିନେ ଠାକୁରଙ୍କ ଆଳତି ନ ଦେଖିଲେ ମୋର ନର୍କଗତି ହୋଇଯିବ ବା ଚନ୍ଦନ ତିଳକ କରି ଧ୍ୟାନ ନ କଲେ ମୋର ପତନ ହୋଇଯିବ ବୋଲି ଆପଣ ଯଦି ଚିନ୍ତିତ ହୋଇପଡୁଛନ୍ତି । ଆପଣଙ୍କ ଆତ୍ମୀୟତା ପାଇଁ ଧନ୍ୟବାଦ । ମୋର ସେ ସବୁ କିଛି ହେବ ନାହିଁ । ମୋ ଭଳି ଠାକୁର ମଧ୍ୟ ଏ ସବୁକୁ ବିଶେଷ କିଛି ବୋଧେ ଖାତିର କରନ୍ତି ନାହିଁ, ଖାତିର କରନ୍ତି କେବଳ ପୂଜକଦଳ, ନୀତିନିୟମର ଦୁର୍ବିନୀତ ପୂଜାରୀଗୋଷ୍ଠୀ । ମୋ ଭିତରେ ବାଳୁତଟିକୁ ନାନା ପ୍ରକାର ଶିକ୍ଷାଦୀକ୍ଷା ନାଁରେ ଆପଣ ମାରିସାରିଛନ୍ତି । ତାର ସ୍ମୃତି ପାଳିବାକୁ ମୋତେ ଦିନେ ସୁଯୋଗ ଦିଅନ୍ତୁ । ସ୍ୱାଭାବିକ ବାଳୁତପଣରେ ମୁଁ ଯଦି କିଛି ବ୍ୟତିକ୍ରମ କରିଦେଲି, ଆପଣ ମୋତେ ବାଧା ଦିଅନ୍ତୁ ନାହିଁ । ମୋ ଦରମା ବରଂ କାଟି ଦିଅନ୍ତୁ । ମୋତେ ତା ଆରଦିନ ଦଣ୍ଡ ଦିଅନ୍ତୁ । କିନ୍ତୁ ଏ ସ୍ୱାଧୀନତା ମୋର ରହୁ ।

ଆପଣ ହୁଏତ କହିବେ ଏଇଟା ଗୋଟାଏ ପ୍ରବୃତ୍ତିବାଦୀ ସହଜିଆ ସ୍ୱଭାବ ଧର୍ମର ସ୍ଥିତିବାଦୀ । ଜନ୍ତୁ ପରି ଏ ବଞ୍ଚିବାକୁ ଚାହେଁ । ଏଇଟା ସଂପୂର୍ଣ୍ଣ ଅସାମାଜିକ ଲକ୍ଷଣ, ସ୍ୱେଚ୍ଛାଚାରର ଲକ୍ଷଣ । ଯାକୁ ଦମନ କର, ନ ହେଲେ ପଶୁର ଜୟ ହୋଇଯିବ । ସଂସ୍କୃତି ଲୋପ ପାଇଯିବ । ଆପଣଙ୍କ ମୁଠା ଭିତରୁ, ଆଜ୍ଞା, ବନ୍ଧୁ ସଂସ୍କୃତି ଗଳି ପଡ଼ିଲେଣି । ଗଳି ପଡ଼ିବେ ମଧ୍ୟ । ଆପଣଙ୍କ ଗୁଡ଼ାଏ ଭବିଷ୍ୟତ୍‌ବାଣୀ ପରି ଏବର ଭବିଷ୍ୟତ୍‌ବାଣୀ ମଧ୍ୟ ମିଥ୍ୟା ପ୍ରମାଣିତ ହେବ । ଆପଣଙ୍କ ମିଥ୍ୟାଚାର ସତ୍ତ୍ୱେ, କିଛି ଗୋଟାଏ ନ ମାନିଲେ ଏକାଠି ରହିହେବ ନାହିଁ ଏବଂ ଏକାଠି ରହିବା ଏ ଦୁର୍ବଳ ଜୀବ ପାଇଁ ଅନିବାର୍ଯ୍ୟ । ଏପରି କି ଏକାକୀ ରହିବାର ଗଭୀର ଅନୁଭୂତି ପାଇଁ ଏକାଠି ରହିବା ବାଞ୍ଛନୀୟ । ସଂପୂର୍ଣ୍ଣ ଉଦାସୀ ଅବଧୂତ ଆପଣଙ୍କ ଗୁରୁ ଶାସ୍ତ୍ରୀ ଅଗ୍ନି ହୋତ୍ରାଦି ଶୃଙ୍ଖଳାରେ ବିଶ୍ୱାସ କରେ ନାହିଁ ଏବଂ ସେ ତାର ନିର୍ମଳ ସ୍ୱଚ୍ଛନ୍ଦତାରେ ଯାହା ପାଏ, ତା' ଆପଣ ଏ ଜଞ୍ଜିର ଭିତରେ କଳ୍ପନା କରିପାରିବେ ନାହିଁ । ସେ ତ ତ୍ୟାଗୀ ସନ୍ନ୍ୟାସୀ, ତା ଆଢୁଆଳରେ ଆପଣ ଆମକୁ କିଞ୍ଚିତ୍ ସ୍ୱାଧିକାର ଦେଇପାରିଲେ ଉଦାରତା ଏବଂ ସୁଜ୍ଞାନ ବୁଝାମଣାର ପରିଚୟ ଦେବେ ।

❖❖❖

Digitized by srujanika@gmail.com

ଦୁଇଟି ଚିଠି

- ୧ -

'ବନ୍ଧୁ' ଠଉଁ ଅଧିକ କିଛି ସଂବୋଧନ କଲେ ଚିଠି ବାର ହାତରେ ପଡ଼ିଯାଇପାରେ । ତୁମ ଅନୁପସ୍ଥିତିରେ ଏବେ ହାଡ଼େ ହାଡ଼େ ବୁଝୁଛି ଯେ ଜାଳ ତେଲ ଲୁଣ ସବୁ ଥାଇ କଞ୍ଚାମାଲଠାରୁ ଆହାର ବୋଲିବା ପଦାର୍ଥର ଦୂରତା କେତେ ! ବୁଝୁଛି ଯେ 'ମୁହଁରେ ଆଣି ସବୁ ହାବୁଡ଼େଇ ଦେଲେ' ମଧ୍ୟ 'କେବଳ ସିଝେଇ କୁଢେଇ ଦେବା' କ୍ରିୟାଟା ଅନ୍ତତଃ ସେତେ ସହଜ ନୁହେଁ, ଯେତେଟା ମୁଁ ଭାବିଥିଲି । ପୁଣି ବୁଝୁଛି ଯେ ସେଇ ବୁଢ଼ା ଭେଣ୍ଡି, ଶୁକୁଟା ପୋଟଳ ଏବଂ ଜାମୁକୋଳିଆ ଆଳୁରୁ କାହିଁକି ଓଳିକେ ଗୋଟାଏ ଲେଖାଁ ନୂଆ ବ୍ୟଞ୍ଜନ ଜନ୍ମ ନେଇପାରନ୍ତିନି ଏବଂ ବୁଝୁଛି ଯେ ମୋ ଭଳି ଆପଦ୍-ଗ୍ରସ୍ତ ଅବସ୍ଥାରେ ଚାଉଳ ଡାଲି ପରିବା ମାଛ ତେନ୍ତୁଳି ଏବଂ ଲିମ୍ବକଢିକୁ ଏକାଠେଇ ସିଦ୍ଧ କରି ଲୁଣ ପକାଇବାକୁ ଭୁଲି ଯାଇଥିଲେ ସୁଦ୍ଧା ଉତ୍ତମ ଆହାରରୂପେ ଭୋଜନ କରାଯାଇପାରେ । ଆଉ ତ ଯାବତ୍ ଚନ୍ଦ୍ରାର୍କେ ନୂଆ ତିଅଣ ରୂପକ ଅସମ୍ଭବ ସୃଷ୍ଟି ବିଷୟରେ ତୁମକୁ ଉଲଗୁଣା ଦେବି ନାହିଁ, ଏଣିକି ମଧ୍ୟ କହିବି ନାହିଁ - ''କିଓ, ସେଇ ହାଣ୍ଡିଶାଳାଟାରେ କାହିଁକି ଚୁଲିଟାକୁ ଅନେଇ ବସିଛ ? ବାହାର ପିଣ୍ଡାରେ ଆରାମ ଚୌକିରେ ବସି ସକାଳର ପେପରଟା ଦେଖିଲେ କେମିତି ହୁଅନ୍ତା, ଯେମିତି ମିସେସ୍ ବାନାର୍ଜି, ମିସେସ୍ ମୂର୍ତ୍ତି କରନ୍ତି !'' ଝାଉଁ କାଠ କଞ୍ଚା ସର ସର ଥାଇ ଜଳିବାର ପ୍ରସିଦ୍ଧ ଥିଲେ ମଧ୍ୟ ତାକୁ ଅହରହ ମୁହେଁଇବାକୁ ଅଣ୍ଟାକୁ କାନ୍ଥରେ ଡିରା ଦେଇ ନ ବସିଲେ, ପ୍ରାଣରୂପୀ ଅନ୍ନସ୍ୱରୂପ ପ୍ରକାଶ କରନ୍ତି ନାହିଁ ! କିଛି ସମୟ ସେଇ ଚୌକିରେ ହେଡଲାଇନ୍ସ୍ ଦେଖୁ ଦେଖୁ ଚମକି ଉଠି ଧୁଆଁର ବ୍ୟୂହ ଭେଦିଗଲେ ଖତେଇ ହେଲାପରି କିଛି କୁହୁଳା ପୋଡ଼ଖୁଣ୍ଟା ଏବଂ ହାଣ୍ଡିରୁ ତେଲୁଣି ଟେକି ଦେଖିଲେ ଚକିରେ କିଛି ଅବିକୃତ ତଣ୍ଡୁଳ ଉପରେ କିଛି ଡଳ ଡଳ ବାମ୍ଫୁଆ ଫୁଙ୍କୁଆଣି ଦେଖିବା ଅତି ସ୍ୱାଭାବିକ କଥା !

ସନ୍ତୁଳା, ବେସର, ତରକାରୀ, ଆମ୍ବିଳ, ଭଜା ଆଦି ସବୁ ସେଇ ପରିବା ଜାତୀୟ ହେଇଥିବାରୁ ଗୋଟିଏ ସର୍ବମିଶ୍ରିତ ଘାଣ୍ଟରେ ସମସ୍ତେ ରହିଯିବା ସର୍ବବାଦିସମ୍ମତ । ପୁଣି ଡାଲିଟା ତ ସେଇ ସିଝା । ତାକୁ ଯା ସାଙ୍ଗରେ ମିଶେଇ ଗୋଟାଏ ଘୋଟପାଟ ଡାଲ୍‌ମା କଲେ କ୍ଷତି କ'ଣ ? ସେଥିରେ ତ ସବୁ ରହିଗଲା - ପ୍ରୋଟିନ୍, ଷ୍ଟାର୍ଚ୍ଚ, ମିନାରାଲ୍ସ୍, ଲବଣ ଇତ୍ୟାଦି ସବୁ । କିନ୍ତୁ ଏ ଅଦ୍ଭୁତ ପଦାର୍ଥକୁ ଆୟତ୍ତ କରିବା ବହୁ ପୂର୍ବଜନ୍ମ ସ୍ୱୀକୃତିର ଫଳ । ନ ହେଲେ ହୁଏତ ପଣସ ମଞ୍ଜିତକ ତଳେ ଲାଖି ପୋଡ଼ିଯାଇପାରେ । ତାକୁ ବଞ୍ଚେଇବାକୁ ଅହରହ ଚଟୁ ଚଳେଇଲେ ଭେଣ୍ଡି ଗୁଡ଼ାକ ଫିଟିଯାଇ

Digitized by srujanika@gmail.com

ହାଣ୍ଡିକ ଯାକ ତିଅଣକୁ ଗୋଟାଏ ଅଣ୍ଡାନାଳ ପରି ଘେଙ୍ଗାଳିଆ ଫେଣଫେଣିଆ ଇନ୍ଦ୍ରାଳ କରିଦେଇପାରେ । ଚଟୁ ଟେକିଦେଲେ ଉଠିଆସେ ମୁଆଁ ପାଗପୂର୍ବରୁ ସତେ ବା ଗୋଟାଏ ଦୋହରାଗୁଡ଼ ଅଠା । ହଠାତ୍ ତୁଛେଇ ଦେବାକୁ ଥାନଖଣ୍ଡେ ହାତରେ ପଡ଼େ ନାହିଁ । ଉଠି ଆଣିବାକୁ ଅଣ୍ଟା ମନା କରେ । ନ ଗଲେ ତିଅଣ ଯାକ ଗଲା । ଅଗତ୍ୟା ଗୋଟାଏ ଡାଳ ବା ପ୍ଲାଷ୍ଟିକ୍ ମଗ୍‌କୁ ହାତ ବଢାଇ ଆଣି ପାଖରେ ନ ଥୋଇଲେ ମଧ୍ୟ ସମସ୍ୟାର ସମାଧାନ ନାହିଁ । ଡାଳରେ ତିଅଣ ତୁଛେଇବା ଅସୁନ୍ଦର ଖାଲି ଆଖି ବୁଜିଦେଲେ କଥା ଚଳିଯିବ । ସମସ୍ୟା ହୁଏ ଅନ୍ୟ ପ୍ରକାର । ଡାଳ ଚକିରେ ସାନ ପୁଅ କିଛି ବାଲି ଏବଂ କୟାଁମଞ୍ଜି ପୂରେଇ ଖେଳିଛନ୍ତି । ମଗ୍‌ରେ ତାଙ୍କ ଉପରେ ଭାଇ କ୍ଷୀର ଶୀତଳେଇ କିଛି ଚକିରେ ଛାଡ଼ି ଦେଇଥିବାରୁ ତା' ଉପରେ ଗଣ୍ଡାଏ ଛ'ଟା ମାଛି କାତ ମେଲେଇ ଭାସୁଛନ୍ତି । ଧର ଯଦି ଏତିକିବେଳେ ଡାଳରେ ବାଲି ପକେଇଥିବା ପୁଅ କୁଅମୂଳେ ପଡ଼ିଥିବା ଥାଳିରେ ହଗି ଘାଣ୍ଟୁଚି ବୋଲି ବଡ଼ଝିଅ ଚିତ୍କାର କରେ ; ଯଦି ପିଣ୍ଡାରେ ଘୋଡ଼ା ହୋଇଥିବା ମାଛକୁ ଡେକିଚି ଟେକି କୁଆ ସବୁଠୁ ବଡ଼ଟି ବାଛି ଭିଡ଼ିନିଏ, ଯଦି ପେନ୍‌ସିଲ୍ ବା କମ୍ପାସ୍ ବାକ୍‌ସ ପାଇଁ ଏତିକିବେଳେ ପୁଅ ଝିଅ ଭିତରେ କଳିତକରାଳ ରମ୍ପା ଝମ୍ପା ହୋଇ ଅଭିଯୋଗ ଆସି ଗଦେଇ ହୁଏ ଏବଂ ସର୍ବୋପରି ସ୍ୱାମୀଦେବ ଏ ପାଟିତୁଣ୍ଡ ଶୁଣି ଗର୍ଜନ କରନ୍ତି, ''ଓହୋ ଏ ଘରେ ଆଉ ରହିହେବ ନାହିଁ । ଅଶିକ୍ଷିତ ବଣୁଆ ଘରପରି ସବୁବେଳେ ଗୋଟାଏ ଘୋ ଘା'' ! ଛାଡ଼ ! ମୋତେ ବେଳ ହୋଇଗଲା । ମୁଁ କାମକୁ ବାହାରିଲି । ତେବେ ହେବ କ'ଣ ? ମତେ ତ ଲାଗୁଚି ଏଇଠି ତୁମେ ଦଶଭୁଜା ହୋଇ ନୃମୁଣ୍ଡମାଳିନୀ ବେଶରେ ମୋ ଉପରେ ଚକଟି ଯିବା ଉଚିତ୍ । ପରେ ହୋସ୍ ହେଲେ ବରଂ କିଛି ପାଦସେବା କରି ସେତକ ପରିଶୋଧ କରନ୍ତ ।

ନା ! ତା' ନ ହୋଇ ତୁମେ ବୋଧହୁଏ କେବଳ ଦଶଭୁଜା ହୋଇଯାଅ ! ନ ହେଲେ ଏ ସମସ୍ତ ଏକ ସମୟରେ ସମ୍ଭାଳିବା ତ ସେ ସରୁ ସରୁ ରୋଗିଣା ଦିଟି ହାତରେ କେବେ ସମ୍ଭବ ଜଣାଯାଉନାହିଁ । କେବଳ ଯେ ସମ୍ଭାଳ ତା' ନୁହେଁ । ପିଲାଏ ଗାଧୁଆ ସାରି ତାଙ୍କ ଇସ୍ତ୍ରୀକରା ଜାମା ପିନ୍ଧନ୍ତି, ସମସ୍ତଙ୍କ ଛୋଟ ବଡ଼ ଥାଳିରେ କାହାରି କାହାସାଙ୍ଗେ ନ ମିଶି, ତିଅଣ ଅଳ୍ପ ବହୁତ ନ ହୋଇ ସେମାନେ ଭାତ ଖାଇ ସ୍କୁଲକୁ ଯାଆନ୍ତି । ଲଇଁପଡ଼ି ତାଙ୍କ ଫିତା ବାନ୍ଧୁଥିବା ଅବସ୍ଥାରେ ତୁମକୁ ମୁଁ ବହୁବାର ଦେଖି ନମସ୍କାର କରିନାହିଁ । କପାଳର ଝାଳ ଉପରେ ନିଜର ଅଳରାବାଳ ଲାଖି ଥିଲାବେଳେ ଆଖି ତଳେ ଟୋପା ଟୋପା ଝାଳ ଜମିଥିଲା ବେଳେ ଚାରୋଟି ପିଲାଙ୍କୁ ଜଣ ଜଣ କରି ପାଉଡ଼ର ଲଗେଇ ବସ୍ତାନୀ ସଳଖି ଦେଇ ଦାଣ୍ଡପିଣ୍ଡା ପର୍ଯ୍ୟନ୍ତ ବଳେଇ ଦେଲାବେଳେ ମୁଁ ତୁମକୁ ସାଷ୍ଟାଙ୍ଗ ପ୍ରଣିପାତ କରିପାରିନାହିଁ ।

ଯା ପରେ ମୁଁ ଖାଇବି ବୋଲି ଭଲ ଘିଅରେ ଭଜା ଟିକିଏ ହବ । ବଡ଼ ଥାଳି ଚକ୍ ଚକ୍ ହୋଇ ମଜା ହେବ, ଠାଆ ପାଖରେ ମଳି ଝଳି ରହିବ ନାହିଁ । ଥାଳି ଚାରିପଟେ ମଳେଇ ହୋଇ ଛ'ଠା ତିଅଣ ବଢାହେବ । ପଙ୍ଖା ହାତରେ ଧରି ମାଛି ଉଡ଼େଇ ଦିଆହେବ ! ଆଞ୍ଚେଇ ସାରି ଠିଆ ହେଉ ହେଉ ହାତକୁ ଟାଓ୍ୱେଲ ବଢେଇ ଦିଆଯିବ । ଚୌକି ପାଖରେ ପାଲିସ୍ ହୋଇ ଜୋତା, ଧୁଆ

Digitized by srujanika@gmail.com

ହୋଇ ମୋଜା, ଇସ୍ତ୍ରୀ ପେଣ୍ଟ, ଜାମା, ଟାଇ ସବୁ ଥୁଆ ହେବ । ... ନା, ନା ! ଏଗୁଡ଼ା ମଣିଷ କରିପାରେ ନାହିଁ...... ମୁଁ ବିଶ୍ୱାସ କରିବାକୁ ମୋଟେ ପ୍ରସ୍ତୁତ ନୁହେ । ତୁମେ ହିଁ ଆଦ୍ୟା ଶକ୍ତି, ତୁମେ ଦଶଭୁଜା, ଦଶପ୍ରହରଣଧାରିଣୀ – କେବଳ କ'ଣ ସେତିକି ? ମୋତେ ଭଲଲାଗେ ବୋଲି ତୁମେ ନୀଳାମ୍ବରୀ ପିନ୍ଧ ! କିନ୍ତୁ ମୁଁ ଜାଣେ ତୁମେ ସେଇ ସାବ୍‌ଜା ସମ୍ବଲପୁରୀଟାକୁ ପିନ୍ଧିବାକୁ ସୁଖ ପାଆନ୍ତ, ତୁମ ସୁଖ କ'ଣ ତୁମ ମନକୁ କେବେ ହେଲେ ବଳାଏ ନାହିଁ ? ଉପରକୁ ଜୁଡ଼ା ପକେଇଲେ ପରା ତୁମକୁ କାଟେ ବୋଲି କେତେଥର କହି ପକେଇଛ, କିନ୍ତୁ ସେମିତି ତେବେ ପକାଅ କାହିଁକି ? ଚମତ୍କାର ଦିଶୁଛି ବୋଲି ମୁଁ ଥରେ କହି ଦେଇଥିଲି ବୋଲି ? ସନ୍ଧ୍ୟାରେ ମୁଁ ବୁଲିଯିବା ବରାଦ କରେ । ନାକରେ କାନରେ ଗଣ୍ଡେ କ'ଣ ଖାଇଦେଇ ଦି'ପହର ସାରା ଲାଗିଯାଅ ରାତିପାଇଁ ପୁଣି ସିଝେଇ ସନ୍ତୁଳି ରଖିବାକୁ । ମୁଁ ଫେରିଲା ବେଳକୁ ପ୍ରସ୍ତୁତ ହୋଇଥାଅ, ଉପର ଜୁଡ଼ା ପକେଇ ଆଉ ନୀଳାମ୍ବରୀ ପିନ୍ଧି ; ପ୍ରସ୍ତୁତ ଥାଅ ମୋ ଟାଇପିନ୍ ଫିଟେଇବାକୁ, ମୋ ହାତକୁ ଗରମ କଫି ବଢେଇ ଦେବାକୁ !

ତୁମର ଏ ଅଦ୍ଭୁତ ରୂପ ମୁଁ ପାଖରେ ଥାଇ ଦେଖି ପାରି ନଥିଲି ବୁଝିପାରି ନଥିଲି ।

ଆଚ୍ଛା କହିଲ ଭଲା, ମୁଁ କ'ଣ ତୁମକୁ ଦିଶେ ଗୋଟିଏ ଅଝଟ, ଅବୁଝା ଶିଶୁ ପରି । ଯାହାକୁ ତୁମେ ସେଇ ଦ୍ୱାପର ଯୁଗରୁ ସର ଲହୁଣୀ ଖୁଆଇ ଆସିଛ, ପୁଣି, ତାରି ପାଇଁ ନୀଳାମ୍ବରୀ ମଧ୍ୟ ପିନ୍ଧି ଆସିଛ ? ଇତି ।

- ୨ -

ସମସ୍ତଙ୍କୁ ଲୁଚେଇ ଏ ଚିଠି ଲେଖିଲା ବେଳେ କେମିତି ଟିକିଏ ଲାଜ ମାଡୁଛି । ମନେ ପକେଇଲେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଗତ ପନ୍ଦର ବର୍ଷ ଭିତରେ ମୁଁ ଏଇ ପ୍ରଥମ ଚିଠି ଲେଖୁଚି ତୁମକୁ । ଗତ ପନ୍ଦର ବର୍ଷ ଧରି ଆମେ ଏକାଠି ରହି ଆସିଚେ ।

ତୁମେ ଟ୍ରେନିଂ ଗଲାଦିନ ମନ ଭିତରେ କଷ୍ଟ ହେଉଥିଲେ ମଧ୍ୟ ଖୁବ୍ ମୁହଁ ଜୋରରେ କହିଥିଲି ଯେ ଆମର ଏଇଠି କିଛି ଅସୁବିଧା ହେବ ନାହିଁ । ଘରେ ନୌକର ପିଲାଟିଏ ରଖିଲେ ଆଉ ଭାବିବାର ନାହିଁ । ସତ କହୁଚି ମୋର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ବାହାର କାମ ମୁଁ ବେଶ୍ ଚଳେଇ ନେଇପାରିବି । ଖୁବ୍ ଫୁର୍ତ୍ତି କାମ, ଖୁବ୍ ବେପରୁଆ କାମ, ଘେରାଏ ବୁଲି ଆସିଲେ ବାହାର ଆଲୁଅ ପବନରେ ସତେଜ ଲାଗିବ । କାମ ମନକୁ ମନ ମଧ୍ୟ ହୋଇଯିବ । ଘରଟାରେ ଆଉ ହାଣ୍ଡିକି ମୁହଁ ହେଇ ବଞ୍ଚିବାରୁ ମଣିଷ ତ୍ରାହି ପାଇବ । କିନ୍ତୁ ଯେଉଁଦିନ ବୁଝିଲି ଯେ ଲୁଣ ପାଇଁ ଗୋଟାଏ ବଜାର, କନା ପାଇଁ ଆଉ ଗୋଟିଏ ବଜାର, ଜୋତା ପାଇଁ ପୁଣି ଗୋଟାଏ ବଜାର ଏବଂ ବଜାରରୁ ବଜାରକୁ ଅତି କମ୍‌ରେ ମାଇଲିଏ, ମୁଁ ହଠାତ୍ କ୍ଳାନ୍ତ ବୋଧ କଲି । ସକାଳୁ ତାଲିକା ଝୋଲା ଧରେଇ ଦେଲେ ଯଦି ଆଠଟା ପୂର୍ବରୁ ସବୁ ପହଞ୍ଚି ନ ପାରୁଥିଲା ପିଲାଏ ଭୋକେ ଯିବେ ବୋଲି ମୁଁ ବହୁବାର ବିରକତ ହେବାର ମନେପଡୁଛି । ଲାଜ ମାଡୁଛି କିଛି ନ ବୁଝି ଗୁଡ଼ାଏ ଗର ଗର ହେବାପାଇଁ ତୁମେ ଅନେକ ଥର ମୋତେ ବିରକ୍ତ ହୋଇଚ । ମୁଁ କେବଳ ଅଭିମାନ କରିଚି, ମନେ ମନେ ଖୁବ୍

Digitized by srujanika@gmail.com

ରାଗିଚି, ଭାବିଚି ଯେ ଏ ଅଣ୍ଡିରେ ଯାହା କରିବେ ସବୁ ସୁନ୍ଦର । ଘରୁ ବାହାରି ୟା ଘରେ ତା' ଘରେ ବସି ମଜାଗପ କରିବା, ଘରକଥା ଭୁଲି ମଜଲିସ୍ କରିବା ୟାଙ୍କ କାମ । ସବୁ ବୋଝ ସମ୍ଭାଳି ଆମେ ହିଁ ଘର ଜଗି ବସିଥିବୁ । ଶେଷରେ କ'ଣ ନା ସବୁ ଦୋଷ ଯାକ ମଧ୍ୟ ଆମ ମୁଣ୍ଡରେ ଅଜାଡ଼ା ହେବ, ଇତ୍ୟାଦି । କାଲି ଦେଖିଲି ତୁମ ଅଫିସ୍ । ଓଃ ସେଇଟା ଆମ ଘରଠୁ ସତେ ଏତେ ଦୂର ! ବାଟଯାକ ଏମିତି ଉଠାଣି, ଏମିତି ପବନମୁହଁ ! ଚାଇଁ ଚାଇଁଆ ଚଇତି ଖରାରେ ତୁମକୁ ସାଇକେଲ୍ ନେଇ ଗଲାବେଳେ ଭାରି କଷ୍ଟ ହେଉଥିବ ତ । ରିକ୍ସାବାଲାର ମୁଣ୍ଡରୁ ଝାଳ ନିଗିଡ଼ି ତା' ଧୂଳିଆ ଗୋଇଠି ବାଟେ ଟପ୍ ଟପ୍ ତଳେ ପଡ଼ିବାର ମୁଁ ଦେଖିଲି । ମୋ ପାଖ ଦେଇ ଜଣେ ନଇଁପଡ଼ି ସାଇକେଲରେ ଡିହ ମାରି ଗଲାବେଳେ ଘଣ୍ଟାଟାକୁ ଚାହିଁଦେଲା । ମୁଁ ମଧ୍ୟ ଅଜାଣତରେ ଘଣ୍ଟାଟାକୁ ଅନାଇ ଦେଲି । ସାଢେ ଦଶଟାକୁ ତିନି ମିନିଟ୍, କାହିଁ କେତେ ବାଟ ଯିବାକୁ ହେବ । ଅନେଇଲି ରିକ୍ସାବାଲାର ଝାଳର ଧାରକୁ, ସାଇକଲ୍ ଚଢାଳିର ଝୁଙ୍କି ହୋଇ ପବନ ସାଥିରେ ଉଠାଣି ସାଥିରେ ଲଢେଇକୁ । ଶୁଣିଲି ଗୋଟାଏ କଟ୍ କଟ୍ ଶବ୍ଦ, ମତେ ବୋଧ ହେଲା ସେ ଲୋକଟିରଅଣ୍ଟା ସେମିତି ଡାକୁଚି-ମନେ ପଡ଼ିଲା । ମୁହଁ ଫେରେଇ ଅନେଇଲି ମଣ୍ଡିରାମ ଗୁଲାବ ଚାନ୍ଦ୍ ଦୋକାନ । ସେଇଠି କଣ୍ଟ୍ରୋଲ ଚିନି ମିଳେ । ବୋଧହୁଏ ସେଥିପାଇଁ ଏତେ ବଡ଼ ଧାଡ଼ି । ସବା ଶେଷରେ ଲୋକଟି ପଛଆଡୁ ଭାରି ଆପଣାର ମନେହେଲା, ତା' ହାତରେ ସେ ଝୋଲା, ତା' ଆଖିରେ ସେ ଅସୀମ ଧୈର୍ଯ୍ୟ । ମଝିରେ ମଝିରେ ଖରାରେ ସିଝିଗଲେ ଗୋଟିଏ ନିଃଶ୍ୱାସ, ଏ ଗୋଡ଼ରୁ ସେ ଗୋଡ଼କୁ ଓଜନ ବଦଳ କରି ଠିଆ ରହିବାର ଭଙ୍ଗୀ - ସବୁ ଭାରି କରୁଣବୋଧ ହେଲା । ଆମର କ'ଣ ଚିନି ନ ହେଲେ ଚଳନ୍ତା ନାହିଁ ? ତା'ର ସେ ଝାଉଁଳା ମୁହଁ ଓ ପହଁରିଲା ପହଁରିଲା ପରି ଆଖିରେ ମୁଁ ଦେଖିଲି ସତେ ସେ କୋଉ ଯୁଗରୁ ଏମିତି ଏ ଧାଡ଼ିରେ ଠିଆ ରହିଚି ଏବଂ କାହିଁ କେତେ ଦିନ ପର୍ଯ୍ୟନ୍ତ ସେମିତି ଠିଆ ହୋଇ ରହିଥିବ । ରିକ୍ସା ଚାଲିଗଲା, ମୁଁ ଭେନିଟିବେଗ୍‌ରୁ ଚେକ୍ ବହି ବିନା କାରଣରେ କାଢି ପୁଣି ରଖିଦେଲି । ଖୁବ୍ ଘାଣ୍ଟି ଲାଗିଲା । ବ୍ୟାଙ୍କ ।

ଓଃ, ଅସମ୍ଭବ ଭିଡ଼ ! ଏତେ ଲୋକଙ୍କର ଏତେ ଟଙ୍କା ଦୈନିକ ଦିଆନିଆ ହୁଏ ବୋଲି ସେ ଦିନ ମୋର ପ୍ରଥମ ଧାରଣା ହେଲା - ଖଣ୍ଡିଏ ଚେକ୍ ଭଙ୍ଗେଇବାକୁ ପାଞ୍ଚଥର ପାଞ୍ଚଟା ଧାଡ଼ିରେ ଦିନଯାକ ଠିଆ ରହିବାକୁ ପଡ଼େ ? ଏବେ ବୁଝୁଛି, ତୁମେ କାହିଁକି ମାସଯାକ ପାଇଁ ଏକାଠି ଟଙ୍କା ନେଇ ଆସିବାକୁ କହୁଥାଅ । ସପ୍ତାହକୁ ଥରେ ଆଣିବା ପାଇଁ ମୁଁ ଜିଦ୍ କରି ଆସିଛି - ତୁମ ସାଙ୍ଗ ଜଣକ ଖୁବ୍ ସାହାଯ୍ୟ କରି ମୋତେ ସେଦିନ ଟଙ୍କାଟା ଦୁଇଘଣ୍ଟା ଭିତରେ କରେଇଦେଲେ । ମୁଁ ଖଣ୍ଡେ ଚୌକିରେ ବସି ଅପେକ୍ଷା କରିଥାଏ - ସ୍ତ୍ରୀଲୋକ ଦେଖିଲେ କେହି କେହି ଆଡ଼େଇ ହେଇଯାଉଥାନ୍ତି, ଆଉ କେହି କେହି ବେପରୁଆ ଘଷି ହୋଇ ଚାଲିଯାଉଥାନ୍ତି । ହାଉ ଯାଉ ସେ ଗହଳିରେ ମାଇପୀ ଲୋକଙ୍କର ସ୍ଥାନ ନାହିଁ - ଏ କାମ ଆମ ପାଇଁ ମୋଟେ ନୁହେଁ - ହୋଇପାରେ ସେ ବ୍ୟାଙ୍କ ଗୁଡ଼ିକ ଆଉ ଟିକିଏ ସମ୍ମାନକର ବାତାବରଣ ରଖିବା ଉଚିତ୍ । ସେଇଠୁ ଫେରିଲାବେଳକୁ ପ୍ରାୟ ଦୁଇଟା - ହଁ, ମୁଁ ସେଇଠି ବସି ଅପେକ୍ଷା କରୁଥିବା ଅବକାଶରେ ଝିଅଟିଏ ମୋତେ ଦେଖି ଆସି ପରିଚୟ ପଚାରିଲା । ସେ ଗତ ତିନିମାସ ହେଲା ସେଇଠି କାମ କରେ । ତା' ଘର

Digitized by srujanika@gmail.com

ବରହମପୁର । ତେଲେଙ୍ଗା ଝିଅଟିଏ । ଭଙ୍ଗା ଭଙ୍ଗା ଓଡ଼ିଆ କହେ । କହୁଥିଲା ଯେ ପାଞ୍ଚମିନିଟ୍ ବିଳମ୍ବ ହୋଇଗଲେ କୁଆଡ଼େ ଉପସ୍ଥାନ ଖାତାରେ ଛକି ପଡ଼ିଯାଏ । ତାପରେ କୈଫିୟତ ଲିଖିତ ଆକାରରେ ମଗାଯାଏ । ତା' ପୂର୍ବଦିନ ସେ ବିଚାରୀ ଟିକିଏ ବିଳମ୍ବ କରିଦେଇଦେଲା ବୋଲି ତା ଉପର ହାକିମ ଖୁବ୍ ତଡ଼ବଡ଼ କରିଥାଏ । ଗୋଟାଏ କ'ଣ ଉପରୁ ଲେଖା ଆସିଥାଏ ବୋଲି ବିଚାରି ଭାରି ବିବ୍ରତ ଥାଏ । ବୁଝିଲି ସେ ଲୋକଟି ଘଣ୍ଟାକୁ ଦେଖି କାହିଁକି ପ୍ରାଣପଣେ ସାଇକଲ୍ ବୁହାଇ ଆସୁଥିଲା । ସେଦିନ କାହିଁକି ବଜାର ସଉଦା ଥୋଇଦେଇ ତୁମେ ଏକମୁହାଁ ଭୋକରେ ଚାଲିଆସିଲ ! ମୁଁ ଚାରିଟା ପର୍ଯ୍ୟନ୍ତ ଓପାସ ରହି ଖୁବ୍ କାନ୍ଦିଛି । କ୍ରୋଧ ଅଭିମାନରେ ଏଇଆଡ଼େ କୁଆଡ଼େ ଖାଇପିଇ ମୋତେ ଅଖିଆ ରଖିବାର ଅଭିସନ୍ଧି ରଖିଥିଲ ବୋଲି ମଧ ମୋର ସନ୍ଦେହ ହେଇଥିଲା ।

ତୁମେ ଫେରିଲାବେଳକୁ ଅନେକ ସମୟରେ କ୍ଳାନ୍ତ ଦେଖାଯାଅ । ମୋତେ ଜଣାପଡ଼େ ଯେମିତି ତୁମେ ଅଯଥା ଗୁଡ଼ାଏ ରାଗିଛ । ଭାରି ଅବୁଝା, ନୀରସ, ଅନ୍‌ରୋମାଣ୍ଟିକ୍ ଲୋକଟିଏ । ଭାରି ଭୋକଆତୁରିଆ ମଧ । ଏଣୁ ତୁମକୁ ପ୍ରଥମେ ଖାଇବାକୁ ଦେଇ ଅଧାଅଧି ସମୟକୁ ମୁଁ ମୋର ଅନେକ ଅଭିଯୋଗ ପରାମର୍ଶ ଅସୁବିଧାର ତାଲିକା ବାଢ଼ିଦିଏ । ମୋତେ ଲାଗେ ଯେ ଏତିକିବେଳେ, ମୋର ହାତରନ୍ଧା ଖାଦ୍ୟର ସ୍ୱାଦ ପାଇଲାବେଳେ ତୁମେ ମୋର ଆଉ ସବୁ ମଧ ଗ୍ରହଣ କରିବା ମାନସିକ ଅବସ୍ଥାରେ ଥାଅ – ଝିଅର ଜାମା, ପୁଅର ଫିଜ୍, ସାନପିଲାର ଡାକ୍ତର ପରୀକ୍ଷା, ଘରକୁ ଚିଠି । ଗୋଟିଏ ବିଷୟ ଶୁଣିଲେ ଖାଇବା ଭିତରେ ଥରେ ତୁମ ହାତ ଅଟକିଯାଏ ; ପାଟି ଚାଲେ ନାହିଁ ; ଆଖିରେ ପତା ପଡ଼େ ନାହିଁ ; ଭୂଇଁକୁ ତୁମେ ଚାହିଁରହ । ମୋତେ ସେତେବେଳେ ତୁମେ ବୋକା ଦେଖାଯାଅ । କିନ୍ତୁ ତୁମ ଉପରେ ଯେ ଭାର ଉପରେ ଭାର ବୋଝେଇ ହୋଇଯାଉଥାଏ, ମୁଁ ବା ବୁଝିଥାନ୍ତି କେମିତି । ସେଦିନ ତୁମେ ଆସିଲାବେଳକୁ ଝିଅକୁ ଜର । ମୁଁ ନିଜ ଉପରେ ନିଜେ ବିସ୍ମିତ ହୋଇ ଭାବୁଛି, ମୋତେ କାହିଁକି ଓ କେମିତି ଗୋଟାଏ ପ୍ରକାର ଆନନ୍ଦ ମିଳେ, ଏମିତି ଗୋଟାଏ ଖବର ନେଇ ତୁମ ପାଇଁ ଅପେକ୍ଷା କରିବାକୁ ବୋଧହୁଏ ଭାବେ ଏଥର ତ ଆଉ ହେଳା କରିପାରିବେ ନାହିଁ । ଏଣୁ ଝିଅ ଦେହ ବ୍ୟସ୍ତ ଅଛି କହିଲାବେଳକୁ ଅଟ୍ଟ ଯେ ହସ ନ ମାଡ଼ିଛି ତା' ନୁହେଁ । ତୁମେ କିଛି ନ କହି ପାଖ ଆରାମଚୌକିରେ ବସିଗଲ – ମୁଁ ଭାବିଲି ଖୁବ୍ ଆରାମରେ ବସିଗଲ । ଏବେ ମନେପଡୁଛି ତୁମ କପାଳରେ ଝାଳ ଚିକ୍ ଚିକ୍ ଦିଶୁଥିଲା । ପ୍ରାୟ ଦଶମିନିଟ୍ ପରେ ଗୋଟାଏ ନିଃଶ୍ୱାସ ମାରି ପଚାରିଥିଲ, ଜର କେତେ ଅଛି ? ତାରି ଭିତରେ ହୁଏତ ଅନେକ ଭୟଙ୍କର ଦାୟିତ୍ୱ ପାଇଁ ମନେ ମନେ ପ୍ରସ୍ତୁତ ହେଉଥିଲ । କ୍ଳାନ୍ତ ବୋଧ କରୁଥିଲ । ହୁଏତ ସେଇ ମୁହୂର୍ତ୍ତରେ ପୁଣି ଉଠି ଡାକ୍ତରଙ୍କ ପାଖକୁ ଯିବାକୁ ବାଧ । ପ୍ରାୟ ତିନିମାଇଲ ରାସ୍ତା, ମାସର ଛବିଶ୍ ତାରିଖ, ତଥାପି ଟଙ୍କା ଯୋଗାଡ଼ କରି ଔଷଧ ଆଣିବାକୁ ବାଧ । ଆଜିକାଲି କେହି ମୁହଁକୁ ଚାହିଁ କଥା କହୁନାହାନ୍ତି, କାହାରି ପାଖରେ ଟଙ୍କା ନାହିଁ । ସମସ୍ତଙ୍କ କଥା ସମସ୍ତଙ୍କୁ ଅଠାଅଠି ଇତ୍ୟାଦି କଥା ଅନେକ ଥର କହିଛ – ମୁଁ ଏବେ ବୁଝୁଛି କାହିଁକି କହିଛ ।

ମୁଁ ତୁମକୁ ସବୁ କହେ, କହିବାକୁ ବାଧ ହୁଏ । କହିଦେଲେ ଭଲ ଲାଗେ, ସମ ସମୟରେ ବିରକ୍ତ ମଧ ଲାଗେ । ମୋ ଶାଢ଼ୀ ଆଠମାସ ପୁରୁଣା, ମୋର ଅଳଙ୍କାର ବାପଘରୁ ଆଣିବା ଭିତରେ

Digitized by srujanika@gmail.com

ଥରେ ବି ବଦଳ ହୋଇନାହିଁ, ବାହାରକୁ ଯିବାପାଇଁ ଭଲ ଖଣ୍ଡେ ନିହାତି ଦରକାର । ଏସବୁ କ'ଣ ତୁମକୁ କହିବା ଦରକାର ? ତୁମେ ନିଜେ କାହିଁକି ତା ବୁଝିପାର ନାହିଁ ବୋଲି ମୁଁ ଗର ଗର ହେଉଥାଏ । ପୁଅ କହୁଥିଲା ତୁମ ପୁରୁଣା କୋଟ୍ ପିନ୍ଧି ତୁମେ ଅଫିସ୍ ଗଲାବେଳେ ତାକୁ ଲାଜ ମାଡୁଛି । ତୁମକୁ ମୋ ରାଣ, ହାଇଦ୍ରାବାଦରୁ ନିଶ୍ଚେ ତୁମ ପାଇଁ ଦି ହଳ ସୁଟ୍ ଆଣିବ । ଗୋଟାଏ ପ୍ରେସର କୁକର୍, ଆଉରଙ୍ଗାବାଦି ଶାଢୀ କଥା ଲେଖିଥିଲ । ଆମର ଏଇଲାଗେ ଖୁବ୍ ଚଳୁଛି – ପରେ ଦେଖିବା, ଆଗ ତୁମପାଇଁ ଆଣ ।

ତୁମକୁ କୌଣସି ପ୍ରକାର କଥାଟାଏ କହିଦେଲେ ମୋ ଦାୟିତ୍ୱ ସରିଯାଏ । ସମସ୍ତେ ଘର ତୋଳିଲେଣି, ଆମର ଖଣ୍ଡେ କରନ୍ତ ନାଇଁ ? ପିଲାଏ ବଡ଼ ହେଲେଣି । ଆମର ନିଜର ବୋଲି ଖଣ୍ଡେ ଭୂଇଁ ନାହିଁ । କଥାଟା କହିଲାବେଳକୁ ମୁଁ ଭାବୁଥାଏ, ଗୋଲକବାବୁଙ୍କ କଥା, ମହେଶ୍ୱରବାବୁ, କୃପାସିନ୍ଧୁ ବାବୁ, ସୁଧାମୟୀ, ମୋ ସାଙ୍ଗ, ଏକାଠି ପଢୁଥିଲା । ମୁଁ ତା'ଠୁ ସବୁଥିରେ ଅଧିକ ନମ୍ବର ରଖୁଥିଲି । ମୋ ସ୍ୱର ଭଲ ବୋଲି ଶେଷରେ ସେ ବାର୍ଷିକ ଉତ୍ସବରେ କଟିଯାଇଥିଲା । ମୁଁ ଗୀତ ଗାଇଥିଲି । ତାଙ୍କର ଦୋତାଲା କୋଠା ଏବେ ପ୍ରତିଷ୍ଠା ହେଲା । ଲୋକେ କହୁଛନ୍ତି, ଦେଢଲକ୍ଷ ଟଙ୍କାର ଘର । ତା' ସ୍ୱାମୀ ମଧ ତ କ'ଣ ଅବକାରୀ ନା ଜଙ୍ଗଲ ମହକମାରେ କାମ କରୁଛନ୍ତି । ଲାଞ୍ଚମିଛ ତ ମାମୁଲି କଥା, ତୁମେ ଖାଲି ତୁମ ପୋଥିକୁ ଧରି ତୋରାଣି ପିଇ ବସିଥାଅ । ତା'ପରେ ତୁମେ ଠାକୁରଙ୍କୁ ଯେଚ୍ଛାତା ଭାଷାରେ ଖୁବ୍ ବକିଯିବା ମୋର ପ୍ରାୟ ଅଭ୍ୟାସ । ମୁଁ ଜାଣେ ଯେ ତୁମକୁ ଶୋଧିବା ଅପେକ୍ଷା ତୁମ ଠାକୁରଙ୍କୁ ଶୋଧିବା ସୁବିଧା ଏବଂ ତାର ପ୍ରଭାବ ମଧ ବେଶ୍ କଡ଼ା - ତୁମେ ପ୍ରାୟ କିଛି କହନାହିଁ । ତୁମକୁ ଖୁବ୍ ବାଧେ ନା ? ଆମର ଏବେ ଦିନେ ବିନା ଲୁଣରେ ତରକାରୀ ଖାଇଲୁ । ଗୋଟାଏ ଦିନ ରାତିରେ ଷ୍ଟୋଭପାଇଁ କିରାସିନି ନ ଥିବାରୁ ଦେଉଳଭୋଗ ଖାଇ ଶୋଇଲୁ । ଭାରି ଅସହାୟ ବୋଧ ହେଉଚି । ଦାଣ୍ଡକୁ ବାହାରି ପଡ଼ିଲେ ଏଡ଼େ ବଡ଼ ସଂସାର, ଏମିତି ଅପରିଚିତ ଏତେ ଫାଇଦା ଉଠାଇବାକୁ ଟାକି ବସିଛି ! ତିଳେ ଛାଡ଼ିବ ନାହିଁ । ଗୋଟାଏ ଶୁଖିଲା ବାଲିଆ ଭୂଇଁ ବିଦାରି ପାଣି କାଢିବା ଯାହା, ଏ କୃପଣ ସଂସାରରୁ ଅନ୍ନବସ୍ତ୍ର ଯୋଗାଡ଼ କରିବା ତାହା - ସମସ୍ତେ ସ୍ୱାର୍ଥପର - କେବଳ ନିଜ ଚିନ୍ତା, ନିଜ ପେଟଚିନ୍ତା, ପିଠି ଚିନ୍ତା - ଘରେ ବାହାରେ ସବୁଠି ।

ତୁମେ ମୁହଁ ଖୋଲି ଅନେକ ଥର କହିଛ ଯେ ତୁମକୁ ଭାରି ଏକୁଟିଆ ଲାଗୁଛି, ଦୁର୍ବଳ ଲାଗୁଛି, ଅସହାୟ ଲାଗୁଛି । ସେଇଟା ଏତେ ସତ ଯେ, ତୁମେ ତାହା ଆଉ ଥରେ କହିଲେ ମୁଁ ସହିପାରିବି ନାହିଁ । ମୁଁ ମରିଗଲେ ତୁମେ ସେମିତି କହୁଥାଅ । ଘରେ ପୁଅ ବୋହୂ, ପଡ଼ିଶା ଗାଁରେ ଝିଅ ଜୁଆଁଇ ସମସ୍ତେ ତୁମର ପାଦପୂଜା କରନ୍ତୁ । ମୁଁ କିନ୍ତୁ ଚଞ୍ଚଳ କେମିତି ଚାଲିଯାଏଁ । ଏଇଟା କେମିତି ମୋର ଗୋଟାଏ ଚିନ୍ତାର ଅଭ୍ୟାସରେ ପଡ଼ିଗଲାଣି । ମୁଁ ଏମିତି କାହିଁକି ତର ତର ହେଉଛି ମୁଁ ନିଜେ ଜାଣେ ନାହିଁ । ତୁମେ ମୋତେ ସୁଖରେ ରଖିଛ । ବାପଘରେ ମଧ ସୁଖରେ ଥିଲି । ତଥାପି ଦୁଃଖରେ ତାଲିକାଟା ହିଁ ସବୁବେଳେ ଆଖିଆଗରେ ଝୁଲି ରହୁଛି । ଘରେ ତୁମ ପିଲାଙ୍କ

Digitized by srujanika@gmail.com

ଜ୍ୱାଳାରେ ପଡ଼ି ପଡ଼ି ଥାଏ । ତୁମେ ଆସିଲେ, ଖୁଣ୍ଟା ଉଲୁଗୁଣା ଦେଇ ତୁମ ଉପରେ ସବୁଯାକ ରାଗ, କୋହ, ଗ୍ଲାନି ଅଜାଡ଼ିଦିଏ । ଅନେକଙ୍କ ଘରେ ଏଇ କାରଣରୁ ବୋଧହୁଏ କଳି ଲାଗେ । ବାବିବୋଉ କହୁଥିଲେ, କଳି ନ ଲାଗିଲେ କୁଆଡ଼େ ଦାମ୍ପତ୍ୟର ମିଠା ଅନୁଭବ କରିହୁଏ ନାହିଁ । ତୁମକୁ ରାଗିବାର ଥରେ ମୁଁ ଦେଖିନାହିଁ । କେବେ ପଦେ ହୁଡ଼ି ଦେଇ କହିନାହିଁ । ଅଥଚ ତୁମେ ଅନ୍ୟମାନଙ୍କ ପରି ମରଦପଣରେ ଶୋଧି ପାରନ୍ତ, ଦି ଚାପୁଡ଼ା ମାରିଦେଇ ପାରନ୍ତ । ବରଂ ମୋର ସବୁ ଅଳି ସହି ଆସିଛ । ମୋର ଅଜସ୍ର ମାନ ଗୁମାନର ଗୁମୁ ଗୁମୁ ବର୍ଷନ୍ତ ମେଘକୁ ଆକାଶ ପରି ଆବୋରି ରଖିଛ । ମୁଁ ତୁମରି ପାଇଁ ତୁମ ଉପରେ ଆଉଜି ରହି ପାହାଡ଼ ବୁକୁରେ ନଦୀଧାର ଘା' କାଟିଗଲା ପରି ତୁମକୁ ଆଘାତ କରିଛି କେବଳ । ତୁମେ ଟିକିଏ ଘୁଞ୍ଚିଯିବାରୁ ମୁଁ ମୋର ଅସହାୟତା ଅନୁଭବ କରୁଛି । ସତ କହୁଛି ଆଉ ଅଳଙ୍କାର ପାଇଁ ମୋର ଲୋଭ ନାହିଁ, ଇଚ୍ଛା ନାହିଁ ଘର ତୋଳି ନୀଡ଼ ବାନ୍ଧିବାକୁ । ସାଧାରଣ ସଂସାରଟି ଚଳେଇବା କେତେ ବଡ଼ ବୋଝ ସତେ !

ହଁ, ଭଲ ଦେଖି ତୁମର ହଳେ ଯୋତା ସେ ଆଡ଼ୁ ଆଣିଥିବ । ସୁଟ୍ ଅବଶ୍ୟ ଆଣିବ । ଏଠି ଆମ ସମସ୍ତଙ୍କର ପ୍ରାୟ ସବୁ ଅଛି । ତୁମ ଆସିବାଦିନକୁ ଚାହିଁରହିଲି । ଇତି ।

Digitized by srujanika@gmail.com

ମୁଁ ଲେଖେ କାହିଁକି ?

ଏକଦା ଜଣେ ମାର୍କିନ୍ ଲେଖକଙ୍କ ବୈଠକ ଘରକୁ ତାଙ୍କ ପତ୍ନୀ ଏବଂ ସାନପୁଅ ପଶି ଆସିଲେ । ପିଲାଟି ତା' ବାପାଙ୍କୁ କିଛି ସମୟ ଚାହିଁ ମା' କାନରେ ଫିସ୍ ଫିସ୍ କରି ପଚାରିଲା - ''ଡାଡିଙ୍କ ଦେହ କ'ଣ ଅସୁସ୍ଥ ଅଛି ?'' ମା' ତା' ବେଣା ଧରି ଘରୁ ଆଡ଼େଇ ହୋଇଗଲା ବେଳେ କହିଲେ, ''ନା, ସେ ଉପନ୍ୟାସ ଲେଖୁଛନ୍ତି ପରା !''..... ବସ୍ତୁକୁ ଚାହିଁଲା ଭଳି ଅନେଇଲେ ଆଖିରେ ବୋଧହୁଏ ସ୍ୱପ୍ନ ଦିଶେ ନାହିଁ ଏବଂ ଆଖିମେଲି ଏମିତି ସ୍ୱପ୍ନ ଦେଖୁଥିଲା ବେଳେ ଲେଖକଟି ବୋଧହୁଏ ଅନ୍ୟମାନଙ୍କୁ ଭୟଙ୍କର ଅସୁସ୍ଥ ଦେଖାଯାଉଥିବ । ପ୍ଲାଟୋଙ୍କ ପରି ଜ୍ଞାନୀ ମଧ୍ୟ କବିଙ୍କୁ ଦେଖି କହିଲେ ଯେ ସେ ଭୂତାବିଷ୍ଟ । ତା'ର ପାଗଳାମି ଏକ ସଂକ୍ରାମକ ରୋଗ । ତେଣୁ ତାଙ୍କ ଆଦର୍ଶ ସମାଜରେ ତା' ପାଇଁ ସଦର ଦରଜା ବନ୍ଦ ରଖିବାକୁ ସେ ହୁକୁମ ଜାରି କରିଥିଲେ ।

ଏବେ ମଧ୍ୟ ପରିସ୍ଥିତି ପ୍ରାୟ ସେଇଆ ।

ଦିନେ ଅକସ୍ମାତ୍ ଚାକିରିଆ ଲେଖକ, ତା' ଉପର ହାକିମଙ୍କ ତଲବ ପାଇଁ ତାଙ୍କ ବଫ୍‌ତରରେ ପହଞ୍ଚେ । ଆଖିରୁ ଚଷମା ଥୋଇ ଦେଇ ହାକିମ ତାକୁ ପଚାରନ୍ତି - ''କିଓ ? ତୁମେ କ'ଣ ଲେଖାଲେଖି ସବୁ କର ବୋଲି ଶୁଣିଲି ? କ'ଣ ସେଥିରୁ କିଛି ଟଙ୍କା ପଇସା ମିଳେ ? ଯଦି ମିଳୁନାହିଁ, ତେବେ ସରକାରୀ ସମୟ ବରବାଦ୍ କରି କାହିଁକି ମିଛୁଟାରେ ସେଥିରୁ ଗୁଡ଼ାଏ ଗଣ୍ଡଗୋଳରେ ପଶୁଚ ? - ମାନେ ମୁଁ ତୁମକୁ ନିରୁତ୍ସାହିତ କରୁନାହିଁ । କିନ୍ତୁ ଏଇଠି ବରଂ ସେତିକି ବୁଦ୍ଧି ଖର୍ଚ୍ଚ କରି ଫାଇଲ୍ କାମ କଲେ ସାବାସି ମିଳିବ । ତା' ବାହାରେ ଆମେ ତ ସରକାରଙ୍କ ଚବିଶଘଣ୍ଟିଆ ଚାକର । ଆମେ ଅନ୍ୟ କୌଣସି କାମ କରିବା ଗୋଟିଏ ପ୍ରକାର ବେଆଇନ୍ ନୁହେଁ କି ? ସେଇ ଅନୁପାତରେ ତୁମର ଦକ୍ଷତା ମଧ୍ୟ କମିଯାଉନାହିଁ କି ? ଟିକିଏ କାମରେ ମନ ଦିଅ । ନ ହେଲେ ତ ପୁଣି ବାର୍ଷିକ ଗୋପନୀୟ ରିପୋର୍ଟଟାଏ ଅଛି - ଦରମା ଅଛି । ବଦଳି ଅଛି ।'' - ଏମିତି କେତେ କ'ଣ !

ବେଶ୍ ବୁଝାମଣା ଥିବା ବନ୍ଧୁ କହନ୍ତି, ''ହେ ! କାଇଁ ସବୁବେଳେ ସେମିତି ଦଶଟଙ୍କି ହଜେଇଲା ପରି ମୁହଁଟା କରି ବସିଚ ମ ! କାଲି ରବିବାର, ଆସ ଦାସବାବୁ ଘରେ ତାସ୍ ପକେଇବା ! - ଲେଖି ପକେଇଲେ କୋଉ ସ୍ୱର୍ଗକୁ ବାଟ ଫିଟିଯିବ ନା ଦରମା ବଢ଼ିଯିବ ? ସେଇ ଅଣ ଗେଜେଟେଡ୍ ତିନିଶ ତିରିଶ୍ ।''

Digitized by srujanika@gmail.com

ଦାର୍ଶନିକ ବନ୍ଧୁ କହନ୍ତି, ''ପୃଥିବୀରେ ଶହ ଶହ ଭାଷାରେ କୋଟି କୋଟି ଗ୍ରନ୍ଥ ଲେଖା ହେଲାଣି । ତୁମେ ଏବେ ଆଉ ଖଣ୍ଡେ ଲେଖିଦେଲେ କ'ଣ ହେଇଯିବ ? ତୁମକୁ କ'ଣ ନୋବେଲ୍ ପୁରସ୍କାର ମିଳିଯିବ ? ନାଇ ତ, ଫେର୍ ସେଥିରେ କାହିଁକି ମାତିଛ ? କାହାକୁ ଭଲ ଏ ସଂସାର ମତେ ରଖିଛ ; ବା ରଖିବ ? - ଯେତେଦିନ ଅଛ, ଆସ ହରିକୀର୍ତ୍ତନ କରିବା, ବାକି ସବୁ ଫାଲତୁ !''

ଶେଷକୁ ଥାଆନ୍ତି ପତ୍ନୀ - କହନ୍ତି, ''କେତେ ଲୋକ କେତେ କଥା କରୁଛନ୍ତି । ଆମର କ'ଣ ନା ଯେତେବେଳେ ଦେଖ, ତଳକୁ ମୁହଁପୋତି କ'ଣ ସବୁ ଲେଖା ଚାଲିଛି ! କିଏ ଏବେ ଏ ଲେଖକଗୁଡ଼ାଙ୍କୁ ପଚାରୁଚି ? ଏତେ ତ ଲେଖିଲଣି, କାହିଁ ଟଙ୍କା ପାଞ୍ଚୋଟି ଘରକୁ ଆଣିବାକୁ ଯୋଗ୍ୟ ହେଲ ନାହିଁ । ଏମିତି ସକାଳ ସଞ୍ଜ ଏଥିରେ ନ ଖଟି ଆଉରି ଧପ୍‌ପା ସିଂ ଘରେ ହିସାବ କେତେ ଫନ୍ଦି ଫିକର୍ କରି ଧରାଧରି କରି ପିଲାଙ୍କୁ ବଡ଼ଲୋକ କରିଦେଉଛନ୍ତି, ଘରଦ୍ୱାର ଜମିବାଡ଼ି କରି ଗାଡ଼ିମଟର କଲେଣି । ଆମପରି ଓଲୁ କିଏ ଅଛି ସଂସାରରେ ? ମୂର୍ଖ, ଅଯୋଗ୍ୟଗୁଡ଼ାକ ତଳକୁ ମୁହଁ ପୋତି ଖାଲି ବହି ଲେଖନ୍ତି । ସେଗୁଡ଼ାକ କିଛି କାମକୁ ନୁହଁନ୍ତି । ହେଇତ, ଯେଉଁମାନଙ୍କୁ ଭଣ୍ଡ ବୋଲି କହୁଥିଲ ସେମାନେ ସବୁ କୌଶଳରେ ବହି ଛପେଇ ପୁରସ୍କାର ଯାକ ଗୋଟେଇ ନେଲେ । ତମକୁ କିଏ ଭଲା ପଚାରିଲା ? ଯା'ର ହବ, ସବୁ ହବ ; ଯା'ର ନାଇଁ, କିଛି ନାଇଁ । ତୁମେ କାଇଁକି ଏଥିରୁ ଗୁଡ଼େ ଲେଖୁଚ ଯେ ?''

ବାସ୍ ! ଏଣିକି ଆତ୍ମରକ୍ଷା ନ କଲେ ବୋଧହୁଏ ଏ ସଂସାର ବଞ୍ଚିବାକୁ ଦେବ ନାହିଁ । ହାତୀକୁ ମାହୁନ୍ତ ବୁଝାଇଲା ପରି ଗୋଟାଏ ଅନ୍ୟ ସ୍ତରର ଚେତନା ପାଖରେ ଠରାଠରି କରି ନିଜ କଥା ପହଞ୍ଚେଇବାକୁ ହିଁ ହେବ ।

ମୁଁ ଲେଖେ କାରଣ ନ ଲେଖି ବଞ୍ଚିବା ସମ୍ଭବ ନୁହେଁ । ଆପଣଙ୍କ ଶ୍ୱାସକ୍ରିୟା ପରି ଏଇଟା ମୋର ଅତି ସ୍ୱାଭାବିକ ଧର୍ମ । ମୁଁ ଆପଣଙ୍କ ପରି କୋଠା ବାଡ଼ି ସମ୍ପତ୍ତି ପାଇଁ ନିଜକୁ ସଂପୂର୍ଣ୍ଣ ଖର୍ଚ୍ଚ କରିଦେଇ ପାରିବି ନାହିଁ । ମୁଁ ହୁଏତ କୋଠାରେ ରହିବାକୁ ଚାହେଁ, ରହିବା ମୋର ପ୍ରୟୋଜନ । ଆପଣଙ୍କ ପରି ଖାଇ ପିନ୍ଧି ପାରିଲେ ବି ମୋର ଗୁଡ଼ାଏ ମୌଳିକ ଝଂଝଟ ଛିଣ୍ଡିଯାନ୍ତା, ମୁଁ ଆହୁରି ବୁଡ଼ିପାରନ୍ତି ମୋ କାମରେ । ବାୟା ଚଢେଇ ବସାଟିଏ ବାନ୍ଧି ପିଲାଙ୍କ ମୁହଁରେ ଆହାର ଦିଏ । ମୁଁ ବିନୟର ସହିତ କହୁଛି ଯେ ଆପଣମାନେ ମୋ ଆଖିକୁ ତା'ଠାରୁ ଭିନ୍ନ ଦିଶନ୍ତି ନାହିଁ । ବରଂ ଆହୁରି ଟିକିଏ ବୋକା ଆହୁରି ଟିକିଏ ସନ୍ତପ୍ତ ଦେଖାଯାନ୍ତି । ଆପଣଙ୍କର ଆଗକୁ ଆଗକୁ ଯୋଜନା, ତିନିତାଲା ଉପରେ ପାଞ୍ଚତାଲା ଏବଂ ଆହୁରି ଆହୁରି ଚହଟି ଉଠୁଥିବା ମନର ଶୋଷଗୁଡ଼ାକ, ସେ ବାତୁଳିଆ ଚଢେଇଟି ପାଖରେ ମୁଁ ଖୋଜି ପାଏ ନାହିଁ ।

ଆପଣମାନେ ଭୁଲ୍ ବାଟରେ ଚାଲିଛନ୍ତି ବୋଲି କହିବାକୁ ମୋର ସାହସ ନାହିଁ ; କାରଣ ଠିକ୍ କ'ଣ ମୁଁ ଜାଣିନାହିଁ । କିନ୍ତୁ ମୋତେ ଯଦି ଆପଣଙ୍କ ପରି ବଞ୍ଚିବାକୁ କୁହାଯାନ୍ତା, ସତ କହୁଛି, ମୁଁ ମୋଟେ ପାରନ୍ତି ନାହିଁ । ... ଗୋଟାଏ ସମୟରେ ମୁଁ ଖୁବ୍ ଧନ୍ଦି ହେଇଚି । ବହୁତ ଖୋଜିଛି, ବନ୍ଧୁ ପଚାରିଛି ; କିନ୍ତୁ ଆଦୌ ପାଇନାହିଁ, ମୋ ଜୀବନର ଲକ୍ଷ୍ୟ । ମୁଁ ଯେତେବେଳେ ସ୍ଥିର ହୋଇ

Digitized by srujanika@gmail.com

ମୋତେ ଏବଂ ମୋର ଚାରିଆଡ଼କୁ ଅନେଇ କିଛି ବୁଝିବା ବୟସକୁ ଆସିଲି, ସେତେବେଳେ ଯୌବନ ଢଳି ଆସୁଥାଏ । ମୁଁ ମୂଳରୁ ଅନୁଭବ କରୁଥିଲି ଯେ ମୁଁ ବୋଧହୁଏ ସଂସାରରେ ବଞ୍ଚିବା ପାଇଁ ଯୋଗ୍ୟତା ପାଇନାହିଁ । ଏ ଧସ୍ତାଧସ୍ତି ଭିତରେ ମାରପେଞ୍ଚ ଓସ୍ତାଦି ମୋର ନାହିଁ । କିନ୍ତୁ ଏଣେ ସଂସାର ଛାଡ଼ିଯିବାକୁ ମଧ୍ୟ ଯଥେଷ୍ଟ ସାହସ ନାହିଁ । ଇଚ୍ଛା ନ ଥାଇ ଏଠି ଠେଲି ପେଲି ଚଳିବାକୁ ହେବ, କୌଣସି ପ୍ରକାରେ ଘୋସାରି ହୋଇଯିବାକୁ ହେବ ଏ ଧୂଳିଆ, ଝାଳୁଆ ବାଟତକ ! ଏଣୁ ମୋ ମନରେ ଖୁବ୍ ଗହୀରରେ ଏକ ଅସ୍ୱସ୍ତିକର ଅନବରତ ଜ୍ୱଳନ୍ତ ପ୍ରଶ୍ନଟାଏ ଉଠିଲା । – ମୁଁ କ'ଣ ଏମିତି କାଠଗୋଲାରୁ ଆଳୁଗୋଦାମକୁ, ଦପ୍ତରି ଚୌକିରୁ ଡାକ୍ତରଖାନା ପିଣ୍ଡାକୁ ଅଣନିଃଶ୍ୱାସୀ ହୋଇ ଖାଲି ଦଉଡ଼ିବାକୁ ଆସିଥିଲି ? ମୋର କ'ଣ ଆଉ କିଛି ମହତ୍ତର ସମ୍ଭାବନା ନାହିଁ । ଜାଣିବା ଲୋକେ କହିଲେ, ''ତୋ ଭିତରେ ଖୋଜ୍ । ଯା'ର ଉତ୍ତର ସେଇଠି ! ତତେ ଯେ ପଠେଇଚି ସେ ତୋ ଭିତରେ ତୋ ଜୀବନର ଚାବିଟି ଲୁଚେଇ ରଖିଚି । ତାକୁ ପାଇବାର ପରଖ ହେଲା – ଯାହା କଲେ ତୋ ମନରେ ଗଭୀର ସନ୍ତୋଷ ଆସୁଚି, ଗ୍ଲାନି ଆସୁନାହିଁ, ଯାହା ନ କଲେ ରହିପାରିବୁ ନାହିଁ, ତାହା କରିବାକୁ ହିଁ ତୋତେ ନିର୍ଦ୍ଦେଶ ଅଛି ; ତାହାହିଁ ତୋ ଜୀବନର ଲକ୍ଷ୍ୟ ।''

ମୁଁ ଖୋଜି ଦେଖିଲି, ପାଇଲି ଅନେକ କଥା । ପଥର କାଟି ତା' ଦେହରୁ ରୂପ ଉକୁଟେଇବା ମୋର ଗୋଟାଏ ଗଭୀର ତୃଷ୍ଣା ! କାଟିଲି ମଧ୍ୟ । ନିହାଣ ମୁଗୁର ପାଇଁ ଏବେ ବି ମୋର ବରାଦ ଅଛି, ପଥର ପାଇଁ ସ୍ୱପ୍ନ ଅଛି । କାଠ, ମାଟି, ମାର୍ବଲ୍ ପରି କାଗଜ ବା ପର୍ଦ୍ଦା ଉପରେ ରଙ୍ଗ ଚଢେଇ ଅରମାନ ମେଣ୍ଟାଇବା ମଧ୍ୟ ଗୋଟିଏ ନିଶା ପରି ମାଡ଼ି ଆସିଲା । ଅନେକ ଆନନ୍ଦ ବି ପାଇଲି । କିନ୍ତୁ ବହୁ ମୂର୍ତ୍ତି ଭାଙ୍ଗି ଫିଙ୍ଗିଲି, ବହୁ କାଗଜ ଚିରି ଫୋପାଡ଼ିଲି । ଭିତରର ସ୍ୱପ୍ନକୁ କେବେ ଦେଖିଲା ଭଳି, ଛୁଇଁଲା ଭଳି ରୂପ ଆଉ ଦେଇପାରିଲି ନାହିଁ । ହତାଶା ବଢିଲା ।

ମନ ଭିତରେ ଅନେକ ସ୍ୱପ୍ନ । ସେ ସବୁ ଉହୁଙ୍କି ଉଠୁଥାନ୍ତି ଫିଟି ଆସିବାକୁ । ସେଗୁଡ଼ାକୁ ଧାରଣ କରିବା ଲାଭାର ସ୍ରୋତକୁ ଧାରଣ କଲା ପରି ! ଦିନେ ହଠାତ୍ ଉଶ୍ୱାସ ଲାଗିଲା, କ୍ଳାନ୍ତ ଲାଗିଲା, କିନ୍ତୁ ମୋଟ ଉପରେ ଭଲ ଲାଗିଲା । ଦେଖିଲି ଯେ ମୁଁ କ'ଣଟାଏ ଲେଖି ପକାଇଚି । ଲେଖା ଆତ୍ମପ୍ରକାଶର ମାଧ୍ୟମରୂପେ ମନକୁ ମନ ଆସିଥିଲା । ଏମିତି ଆସି ନଥିଲେ ମୁଁ ଲେଖି ନଥାନ୍ତି । ଜାଣି ନଥାନ୍ତି ଲେଖା କ'ଣ । ଆସ୍ତେ ତାକୁ ମୁଁ ସ୍ୱାଭାବିକ ଭାବରେ ଗ୍ରହଣ କଲି । ଯେମିତି ଗ୍ରହଣ କରିଥିଲି ବହୁଦିନ ତଳେ ଶୈଶବର ଦରୋଟି କଥା ଭିତରେ ଏ ଭାଷାଟାକୁ । ପରେ ଶିକ୍ଷା ମାଧ୍ୟମରେ ଆଉ ଯେତେ ସବୁ ଭାଷା ଆସିଲେ ତା' କେବଳ ଭାବର ବଣିଜ ପାଇଁ, ଆତ୍ମପ୍ରକାଶ ପାଇଁ ନୁହେଁ – ମୋ ପାଣି ପବନରେ ମିଶି, ସେମାନେ ମୋ ଭିତରକୁ ତ ଢ଼ରି ପାରିନାହାନ୍ତି ! ଏଣୁ ଲେଖା ଯେତେବେଳେ ନୂଆ ସମ୍ଭାବନା ନେଇ ଆସିଲା ମୁଁ ତାକୁ ଗ୍ରହଣ କଲି । ସେ ମୋତେ ଅଧିକାର କରିବାର ମଧ୍ୟ ମୁଁ ଅନୁଭବ କଲି, ଆବିଷ୍କାର କଲି ନିଜକୁ ନୂଆ କରି ଦେଖିଲି ସଂସାରକୁ । ମୋର ସମଗ୍ର ସତ୍ତାକୁ ତାହା ଧୀରେ ଧୀରେ ସଂଜୀବିତ କଲା, ଉଦ୍‌ବର୍ତ୍ତିତ କଲା । ମୋର ସ୍ୱାଭାବିକ ଜୀବନ ଧର୍ମ ସହିତ ଏକୀଭୂତ ହୋଇଗଲା । ଲେଖିବା ଓ ବଞ୍ଚିବା ବର୍ତ୍ତମାନ ମୋ ପାଇଁ ଏକାକାର, ଏକାର୍ଥବାଚୀ ।

Digitized by srujanika@gmail.com

ଲେଖାରୁ ଆନନ୍ଦ ମିଳେ, ଆତ୍ମପ୍ରକାଶର ଆନନ୍ଦ । ବୀଜରୁ ଅଙ୍କୁରରଉଦ୍‌ଗମ ପରି, ଗଛରେ ଫୁଲର ପ୍ରସ୍ଫୁଟନ ପରି, ଫୁଲରେ ସୌରଭର ସଂଚାର ପରି । ଲେଖିଦେଲା ପରେ ତାକୁ କିଏ ପଢେ, କିଏ ପଢିବା ଉଚିତ୍, ସେ ବିଷୟ ମୋତେ ବିବ୍ରତ କରିନାହିଁ । ସେ ପଢିଲେ ତା'ର ଉପକାର ହେବ ବା ନ ହେବ କିମ୍ବା ଉପକାର କ'ଣ ଏ ପ୍ରଶ୍ନ ମୋର ନାରହିଁ ; କିନ୍ତୁ ଶ୍ରୋତା କରି ଜଣକୁ କଳ୍ପନା ନ କଲେ ଲେଖିହୁଏ ନାହିଁ । ହେଇ ଯଥା ଆପଣ ! ଏ ଜଣକ ହୋଇପାରେ ଧୂଆଁରେ ତିଆରି ଅନିର୍ଦ୍ଦିଷ୍ଟ ଗୋଟିଏ ଛାଇ, କିନ୍ତୁ ଯା ଭିତରେ ମୁଁ ଏବଂ ମୋ ସଂସ୍କାର ବୁଡ଼ାମାରି ଥାଆନ୍ତି । ବହୁ ବ୍ୟକ୍ତି, ଅନୁଷ୍ଠାନ, ନୀତିନିୟମ ଲୁଚି ରହିଥାନ୍ତି । ବେଳ ପାଇଲେ ଏ ଛାୟାମୂର୍ତ୍ତି ହାତ ଉଠେଇ ପ୍ରତିବାଦ କରେ, ବାଟ ଜଗି ଠିଆ ହୁଏ । ସମୟ ସମୟରେ ଦାନ୍ତ ଦେଖେଇ ମୁଣ୍ଡ ନୁଆଇଁ କୁର୍ଣିସ୍ ମଧ୍ୟ କରେ ।

କିନ୍ତୁ ମୋ ସମସ୍ୟା ମୂଳତଃ ଭିତରର ସମସ୍ୟା । ମୁଁ ଯାହା ଚାହୁଁଛି କହିବାକୁ ତା' ଠିକ୍ କହିପାରୁଛି ନା ନାହିଁ । ମୋ ସ୍ୱପ୍ନର କପୋତ ତା'ର ସ୍ୱାଭାବିକ ଡେଣାରେ ଏ ରାଜ୍ୟକୁ ଉଡ଼ି ଆସିପାରୁଛି ନା ନାହିଁ, ଇତ୍ୟାଦି । ଓଃ, କେତୋଟି ଶବ୍ଦ ଭିତରେ ଠେଲି ପେଲି ଗୁଡ଼ିଏ ସୁକୁମାର କମନୀୟତାକୁ ଗଳେଇ ପକେଇବା ଏକ ଦୁଃସହ ଯନ୍ତ୍ରଣା । ସତେ ବା ରେଳଡବାର ଜଞ୍ଜିର ବାଟେ ମୋର ଶିଶୁ ସନ୍ତାନକୁ ଉଞ୍ଚି ଆଣିବାକୁ ମୁଁ ବାଧ୍ୟ । ଏଇ ଷ୍ଟେସନ୍‌ରେ ତାକୁ ଓହ୍ଲେଇ ନ ଦେଲେ ଚଳମାନ ଗାଡ଼ିରେ ସେ ଅଜ୍ଞାତ ରାଜ୍ୟକୁ ସବୁଦିନ ପାଇଁ ଚାଲିଯିବ । ଭିଡ଼ା ଓଟରାରେ ତା'ର ଶଙ୍ଖି ଲାଗିଯାଏ, ସେ ଛଟପଟ ହୁଏ । ମୁଁ ଚିତ୍କାର କରେ । ଚଳନ୍ତିଗାଡ଼ି ସାଙ୍ଗରେ ଝାଳ ସର ସର ଧାଇଁ ଧାଇଁ ମୁଁ ଶେଷରେ ତାକୁ ଜୋର୍‌ରେ ଝିଙ୍କି ନେଇଆସେ । କ'ଣଟାଏ ନେଇଆସେ ମୋର ସାହସ ହୁଏ ନାହିଁ ଦେଖିଦେବାକୁ । ମୁଁ ଆଖି ବୁଜି କେବଳ ତା'ର ଉଷୁମ ବାରେ । ... ମତେ ସେତିକିବେଳେ ହୁଏତ ଆପଣ ଦେଖି କହନ୍ତି ଯେ ମୁଁ ଅସୁସ୍ଥ ବା ମୋର ଦଶଟଙ୍କି ହଜିଯାଇଛି !

ଚିନ୍ତାଟିଏ ଆସନ୍ତି ମାନନୀୟ ଭବ୍ୟ ଅତିଥି ପରି । ତାକୁ ପାଛୋଟି ନ ନେଲେ ସେ ବିମୁଖ ହୋଇ ଦୁଆରୁ ବାହୁଡ଼ି ଯାଆନ୍ତି, ଆଉ ଖୋଜିଲେ ମିଳନ୍ତି ନାହିଁ । ଅତିଥିଙ୍କର ତ ସମୟବିଚାର ନ ରହିବା କଥା । ସେ ଆସନ୍ତି ଯେତେବେଳେ, ମୁଁ ଦପ୍ତରକୁ ବାହାରୁଥାଏ । ଆଚମ୍ୱିତ ଭାବରେ ଆସନ୍ତି ଯେତେବେଳେ ମୁଁ ଗହମ ପାଇଁ ଧାଡ଼ି ଲଗେଇ ରବିବାରିଆ ଖରାରେ ଠିଆ ହୋଇଥାଏ । ମୁଁ ତରତରରେ ତାଙ୍କୁ ବସିବା ପାଇଁ କହିଦେଇ ଆପଣଙ୍କ ସେବାରେ ଲାଗିଯାଏ । ତଥାପି ଆପଣ କହନ୍ତି ଯେ ମୁଁ ଫାଇଲ୍ କାମ ମନଯୋଗ ଦେଇ କରିନାହିଁ, ଆପଣ ଶ୍ରୁତଲିଖନ ଡାକିଲାବେଳେ ଧାଡ଼ି ଛାଡ଼ିଯାଇଛି । ମୋ ଘରେ ଅଭ୍ୟାଗତ ବୋଲି ମୁଁ ଆପଣଙ୍କୁ ବୁଝେଇବି କେମିତି, ବରଂ ମୁଣ୍ଡ ପୋତି ଆପଣଙ୍କ ନୀତିଶତକ ଶୁଣିଯାଏ ।

ମୁଁ କ'ଣ କେବେ ଚାହେଁ ବହି ଛାପିବି, ପୁରସ୍କାର ପାଇବି ? ଯଦି ଆପଣ ଠିକ୍ ବୁଝିବେ ତ କହିବି ଯେ, ମୁଁ ଏ ବ୍ୟାଧିରୁ ମୁକ୍ତ ହେବାକୁ ଚାହେଁ । କିପରି ଅଣାୟତ୍ତରେ ମୋତେ ଲେଖିବାକୁ ହୁଏ ଦିନେ ଆପଣଙ୍କ ଅଧରାତିଆ ଭାତନିଦ ଭାଙ୍ଗି ଯଦି ଆସି ମୋତେ ଦେଖନ୍ତେ ଠିକ୍ ବୁଝିପାରନ୍ତେ ।

Digitized by srujanika@gmail.com

ମୁଁ ସେତେବେଳେ କିପରି ଭୂତାବିଷ୍ଟ ଦିଶେ, ମୁଁ ଜାଣେ । ମୋ ପେଜୁଆ ପେଜୁଆ ଆଖିରେ କେତେ ସ୍ୱପ୍ନ ପହଁରୁଥାଏ । ମୁଁ ଜାଣେ । ଦିନେ ଦିନେ ପାହାନ୍ତା ପହରର କାକର ପବନରେ ଚେତା ଭାଙ୍ଗେ । ବସି ଦେଖେ ଯେ ମୁଁ ଯାହା ଗାରେଇଚି ସେଗୁଡ଼ାକ କିଛି ନୁହେଁ ; ଖଣ୍ଡିଆ ଦଣ୍ଡିଆ ଆବୁରୁଜାବୁରୁ କ'ଣ ଗୁଡ଼ାଏ ।

ଆପଣ ପଚାରିପାରନ୍ତି କାହିଁକି ଏତେ ଯନ୍ତ୍ରଣା ମୁଁ ପାଏ । ଜଣେ ଯାହା ଭାବିବ ତାହା ତ ସଫା ସଫା ଲେଖିଦେବ, ସେଥିରେ ଏତେ ଭାବନା ଗୋଟାଏ କ'ଣ, ଜ୍ୱାଳା ଗୋଟାଏ କ'ଣ । ଏଗୁଡ଼ାକ ସବୁ ମୋର ଅଯୋଗ୍ୟତା । ମୋର କିଛି ବ୍ୟାକରଣ ପଢିବା ଦରକାର, କିଛି ଶବ୍ଦାର୍ଥ ମୁଖସ୍ଥ କରିବା ଦରକାର । ଆପଣଙ୍କ ଉପଦେଶ ପାଇଁ ଧନ୍ୟବାଦ ! ଆପଣଙ୍କୁ ମାନି ପାରିଲେ କିଛି ହେଲେ ତ ଯୋଗ୍ୟତା ଆସିଯାନ୍ତା । ମୁଁ ପ୍ରକୃତରେ ଚାହେଁ ସଫା ସଫା ଯାହା ଭାବୁଛି ତା' କହିଦେବାକୁ : କିନ୍ତୁ ପ୍ରଥମେ ସତକୁ ସତ ବ୍ୟାକରଣ ହିଁ ବାଟ ଜଗି ଠିଆ ହୁଏ । ବିଭକ୍ତି, କାରକ, କ୍ରିୟାବିଶେଷଣ, ବିଶେଷ୍ୟ, ସର୍ବନାମର ଗୋଟାଏ ରଣ-ଦୁର୍ମଦ ସୈନ୍ୟଦଳ । ସମସ୍ତେ ପୋଲିସ କନେଷ୍ଟବଳ । ସମସ୍ତଙ୍କ ମୁଣ୍ଡରେ ଶାସକର ଟୋପି । ହାତରେ ଠେଙ୍ଗୁଣି । ତାକୁ ନ ମାନିଲେ ଆପଣ ହିଁ ମୋତେ ଦଣ୍ଡ ଦେବେ । ତାକୁ କିନ୍ତୁ କୌଣସି ପ୍ରକାରେ ପୁରୁଣା ଭାବ-ଦୋସ୍ତିରେ ଧପେଇ ମୁଁ ଚାଲିଯାଇ ଦେଖେ ଯେ ମହା ମହା ପ୍ରତିଭାଶାଳୀ ଲୋକ ବାଟ ଜଗି ଠିଆ ହୋଇଛନ୍ତି । ପ୍ଲାଟୋ କହୁଛନ୍ତି "ସେ ଚିନ୍ତାଟା ମୋର, ଯଦି ବ୍ୟବହାର କରୁଛ ସ୍ୱୀକାର କରି ବ୍ୟବହାର କର ।" କାଳିଦାସ କହୁଛନ୍ତି, ସେ ଉପମାଟା ତାଙ୍କର ; ଭାରବୀ କହୁଛନ୍ତି ଅର୍ଥଟା । ମୋତେ ପାଟି ଫିଟେଇବାକୁ ବାଟନାହିଁ । ଶେଷକୁ ବର୍ଣ୍ଣବୋଧର ଲେଖକ କହୁଛନ୍ତି ଯେ 'ଅ' ଠାରୁ 'କ୍ଷ' ଯାଏ ତାଙ୍କ ସମ୍ପତ୍ତି । ଯଦି ସ୍ୱୀକୃତି ଜଣାଏ ତେବେ ଆଉ କିଛି କହିବାର ନଥାନ୍ତା ... ମୁଁ ସେମାନଙ୍କୁ କହେ, "ହେ ମାନବ ଜାତିର ଗୁରୁକୁଳ ! ଆପଣଙ୍କୁ ମୋର ବିନମ୍ର ପ୍ରଣତି । କେବଳ ବାଣୋଚ୍ଛିଷ୍ଟ ନୁହେଁ, ଆପଣ ସମସ୍ତଙ୍କର ଉଚ୍ଛିଷ୍ଟ ଏସବୁ । ତଥାପି ମୁଁ ଭାବେ ଯେ ଏ ଚିନ୍ତାଗୁଡ଼ିକ ଆପଣଙ୍କ ପାଖକୁ ଯେମିତି ଶୂନ୍ୟରୁ ଆସିଥିଲେ ସେହିପରି ମୋ ପାଖକୁ ମଧ ତାଙ୍କ ଉଦାରପଣରେ ଆସିଛନ୍ତି । ସେ କାହାରି ନ ଥିଲେ । ମୋର ମଧ ନୁହନ୍ତି । ଆପଣ ତାକୁ ହୁଏତ ମୋ ଅପେକ୍ଷା ବେଶୀ ଅଳଙ୍କାର ଆଭରଣ ଦେଇ ଅଭ୍ୟର୍ଥନା କରିଥିଲେ । ମୁଁ ତା' ପାରୁନାହିଁ । ... ଏଣୁ ମୋତେ ଆଉ ବ୍ୟସ୍ତ କରନ୍ତୁ ନାହିଁ । ତଥାପି ଦାର୍ଶନିକ କହନ୍ତି, "ସାବଧାନ, ଆମ କଥା ଆମ ଭାଷାରେ କହିବାକୁ ତୁ ବାଧ ।" ବୈଜ୍ଞାନିକ କହନ୍ତି, "ଚୋପ୍ ! ତୁ ଏ ରାଜ୍ୟରେ ପଶିବାକୁ ମନା ।" ଗଙ୍ଗାକୁ ଭଗୀରଥ ଓହ୍ଲେଇ ଆଣିଲା ପରି ଏ ତପସ୍ୟା । ବାଟଯାକ ବହୁ ବାଧାବନ୍ଧ ପାରିକରି ଆଣିବା ଦାୟିତ୍ୱ କିଛି କମ୍ ନୁହେଁ । ତଫାତ୍ ଏତିକି ଯେ ମୋ ପାଇଁ ଗଙ୍ଗା ଆହୁରି ସେ ଦୂରନ୍ତ ନଖକୋଣରୁ ବାହାରି ନାହାନ୍ତି ।

ଶେଷକୁ ଆସନ୍ତି ଲଜ୍ଜା, ସଂକୋଚ, ସଂସ୍କାର । ଯାହା କହିବାକୁ ଇଚ୍ଛା ତା' କହିହୁଏ ନାହିଁ "ସ୍ମର ଗରଳଖଣ୍ଡନମ୍" ପରେ "ମମ ଶିରସି ମଣ୍ଡନମ୍ ଦେହି ପଦପଲ୍ଲବମୁଦାରମ୍" ଲେଖିବାକୁ

Digitized by srujanika@gmail.com

ସାହସ କୁଳାଏ ନାହିଁ ବା କହିଦେଇ ଭଞ୍ଜଙ୍କ ପରି ଅଳଙ୍କାରର ନିବୁଜ ସୁନାଖୋଳ ଭିତରେ ଘୋଡେଇ ଦେବାକୁ ପଡ଼େ । ମାର୍ବଲ୍‌ର ଅତି ଅଦ୍ଭୁତ ମୂର୍ତ୍ତିଟିଏ ଗଢିଆଣି ଫିଗ୍ ପତ୍ରଟିକୁ ଯୋଡ଼ିବାକୁ ପଡ଼େ । ସମସ୍ତେ କ'ଣ ଲେଡ଼ି ଚାଟର୍ଲିଙ୍କୁ ସେମିତି ଦେଖେଇପାରିବେ, ନା ନିଟ୍‌ସେଙ୍କ ପରି ଖୋଲାଖୋଲି ଈଶ୍ୱରଙ୍କୁ କବର ଦେଇପାରିବେ । ତଥାପି ସେମାନଙ୍କର ଏ ପ୍ରୟାସ ଏକ ଚୂଡାନ୍ତ କ୍ରୋଧ ଏବଂ ବିଦ୍ରୋହର ପ୍ରୟାସ । ଖୁବ୍ ରାଗିଯାଇ ଜଣେ ଯେମିତି ଜାଣିଶୁଣି ତାର ପରିଧେୟ ଫିଙ୍ଗିଦେଇ ବିଦ୍ରୋହ ଘୋଷଣା କରୁଛି । ସୁଠାମ ସୈନ୍ଧବ ଅଶ୍ୱପରି କଣ ନିରାବରଣ ନିଃସଂକୋଚ ଠିଆ ହୋଇ ହୁଅନ୍ତା ନାହିଁ ? ବୋଧହୁଏ ହୁଅନ୍ତା । ଋଷି ଚେତନାରେ ହୁଏତ ଏହା ସମ୍ଭବ ହୁଅନ୍ତା । ଉପନିଷଦର ଋଷି ପାଇଁ ସଂକୋଚ ନାହିଁ, ଭୟ ନାହିଁ, ଆଡ଼ମ୍ବର ନାହିଁ, ପ୍ରୟାସ ନାହିଁ । ସେ ମନ୍ତ୍ରଦ୍ରଷ୍ଟା - ତ୍ରିକାଳଦ୍ରଷ୍ଟା - ସେ ସ୍ୱୟଂପ୍ରତିଷ୍ଠ ।

ଅତି କ୍ଷୁଦ୍ର ଦୁର୍ବଳ ବିମୂଢ଼ ଜୀବଟିଏ ମୁଁ । ଅହରହ ମୋର ସନ୍ତାନ ଶିଳାରେ କ୍ଷତବିକ୍ଷତ ହେବାର ଯାତନା ମୁଁ ଭୋଗ କରେ । "କେ ସହୁ ଦେବକୀ କଷଣ" ।... ବନ୍ଦୀ ଘରର ପାଚେରୀ ଦୁର୍ଲଙ୍ଘ୍ୟ ପାଦରେ ଶାଙ୍କୁଳି ଦୁଶ୍ଛେଦ୍ୟ । ଯଦି କେବେ କୌଣସି ସ୍ୱପ୍ନର ଦେବଶିଶୁ ଏ କାରାକକ୍ଷରୁ ଜୀବନ୍ତ ମୁକୁଳି ଆସନ୍ତା, ତାହା ହିଁ ହୁଅନ୍ତା ମୋର ମାତୃତ୍ୱର ଚରମ ସଫଳତା ।

- ତା'ପରେ ଶପଥ କରୁଛି, ମୁଁ ଆଉ ଲେଖନ୍ତି ନାହିଁ ।

Digitized by srujanika@gmail.com

ସ୍ରଷ୍ଟାର ସ୍ୱୀକାର

ଆଦ୍ୟ ଆଷାଢରେ ମଣିଷକୁ ବୋଧହୁଏ ଗଛ ଭଳି ଲାଗେ । ଭିତରୁ ଗୋଟାଏ ପ୍ରକାର ତରଳ ଆଲୋଡ଼ନ ନୂଆ ପତ୍ର, କଢ ଓ ଫୁଲରେ ଉଚ୍ଛୁଳି ବୋହିଯିବା ପାଇଁ ଉତୁରି ଆସେ । ମେଘ ସାଙ୍ଗେ ଦୋସ୍ତି କରି କଥା କହିବାକୁ ଇଚ୍ଛା ହୁଏ । କଦମ୍ବ ଭାରରେ ମନର ଡାଳ ସବୁ ନଇଁଯାଏ । ଟିକିଏ ଉଦାସ ମଧ୍ୟ ଲାଗେ ; ଆନମନା ବସି ନଖରେ ଭୂଇଁ ଚିରିବାକୁ ମନ ହୁଏ । ପ୍ରଥମ ବର୍ଷାର ଧାରାପାତରେ ଶୁଦ୍ଧସ୍ନାତା ପୃଥିବୀ ପରି ପ୍ରାଣର ଆବେଗ କେନ୍ଦ୍ରରେ ଉଚ୍ଚାଟ ଧରେ, କିଛି ନୂତନର ସୃଜନ ପାଇଁ । ଶ୍ରାବଣର ଫେନାୟିତ ଆବେଗ ସ୍ରୋତକୁ ରୋଧି ରଖିବା ସମ୍ଭବ ନୁହେଁ । ତାକୁ ଧାର କାଟି ଦେଖେଇ ନଦେଲେ ମନପ୍ରାଣ ସବୁ ବନ୍ୟାରେ ବୁଡ଼ିଯିବ । ଅଗତ୍ୟା ସେଦିନ ଭାରି ଚିକ୍‌କଣ, ନରମ କଳାଭଅଁର ମାଟି କିଛି ଟେବୁଲ୍ ଉପରେ ରଖି ବସିଗଲି । ବାହାରେ ମେଘ ନଇଁ ଆସିଥାଏ ।

କେନ୍ଦ୍ରୀଭୂତ ଇଚ୍ଛା ଶକ୍ତି ନେଇ ମୁଁ ବସିଲି ନିର୍ମାତାର ଆସନରେ । ଛନ୍ଦହୀନ ବିଶୃଙ୍ଖଳା ମେଞ୍ଚାଏ ବସ୍ତୁକୁ ମୁଁ ରୂପ ଦେବି, ତା'ର ରୂପହୀନ ପିଣ୍ଡରେ ସୁକୁମାର ଛନ୍ଦ ଆଣିଦେବି, ତାର ନୀରବ ତନ୍ତ୍ରୀରେ ମୂର୍ଚ୍ଛନା ଆଣିଦେବି । ସେ ସମୟଟା ମୁଁ ଯେ ବିଶେଷ ମୁଁ ଯେ ବିଶେଷ କିଛି ଚିନ୍ତା କରୁଥିଲି ତା ନୁହେଁ ; ବରଂ ଗୋଟାଏ ତନ୍ମୟ ବିଭୋର ଭାବ ନେଇ ମୁଁ ବସିଥାଏ । କୌଣସି ମାନସିକ ପ୍ରକ୍ରିୟା ପରିବର୍ତ୍ତେ କେମିତି ଗୋଟାଏ ଉଚ୍ଛୁଳିଲା ଭଳି ଅନୁଭୂତି ଆସୁଥାଏ । ସେଇଟା ଠିକ୍ ଆନନ୍ଦ ବୋଧହୁଏ ନୁହେଁ, କାହିଁକି ନା ମୁଁ ଅନୁଭବ କରୁଥାଏ ମୋର ସଂକଳ୍ପର ଦୃଢତା ଏବଂ ଗହୀରିଆ ଗୋଟାଏ ଅସ୍ଥିରତା ଓ ପୀଡ଼ା ! ମିଠା ଖଟା ମିଶି ବଡ଼ ବିଚିତ୍ର ଅନୁଭୂତି ।

ସେତେବେଳେ ସେଇ ମାଟିଗୁଳାଟିର ବିନିମୟରେ ମୋତେ ଯାହା କିଛି ଯାଚିଥିଲେ ମୁଁ ନେଇ ନଥାନ୍ତି । ତା' ଭିତରେ ମୋର ଅସଂଖ୍ୟ ସ୍ୱପ୍ନ ଲହଡ଼ି ମାରୁଥିବା ମୁଁ ଦେଖୁଥାଏ । କିଛି ଗୋଟାଏ ହେବାର ଅସୀମ ସମ୍ଭାବନା ତାକୁ ପ୍ରକୃତିର ଉଦାରତା ଦେଇଥାଏ । ସେ ପୁରୁଷକୁ ଆହ୍ୱାନ କରୁଥାଏ ତା'ର ଅରୂପ ଇଚ୍ଛାଶକ୍ତିକୁ ପ୍ରକାଶ କରିବାକୁ, ରୂପାୟିତ କରିବାକୁ । ସେ ସମୟରେ କେବଳ ଏକ ପ୍ରଗାଢ ମୋହ ମୁଁ ଅନୁଭବ କରୁଥାଏ । ନରମ, ଚିକ୍‌କଣ, କାକର ମାଟିପିଣ୍ଡଟି ପ୍ରତି ମୋର ମମତା ଅଗାଧ । ମୋ ଶରୀରରୁ ଉତ୍ତାପ କ୍ରମଶଃ ତା' ଭିତରକୁ କ୍ଷରିତ ହୋଇଯିବାର ମୁଁ ଅନୁଭବ କଲି । ପ୍ରଗାଢ ସାନ୍ନିଧ ହେତୁରୁ ମୋର ହୃଦ୍‌ପିଣ୍ଡର ସ୍ପନ୍ଦନ ତାକୁ ଦୋହଲାଇ ଦେବାର ମଧ୍ୟ ଅନୁଭବ କଲି । କିନ୍ତୁ କୌଣସି ମୁହୂର୍ତ୍ତରେ ବୋଧହୁଏ ସେଇ ମୌଳିକ ବ୍ୟବଧାନଟିକୁ ମୁଁ ଭୁଲିପାରିଲି ନାହିଁ - ମୋର ଖୁବ୍ ଆଦରର ମାଟିପିଣ୍ଡକୁ, କିନ୍ତୁ ମୁଁ ତା'ଠାରୁ ଭିନ୍ନ !

Digitized by srujanika@gmail.com

କିଛି ସମୟ ପାଇଁ ଟେବୁଲ୍ ଉପରେ ତାକୁ ମୁଁ ବିଭିନ୍ନ ଦିଗରୁ ଚାହିଁଲି । ଅଗଣିତ ତରଳ ସମ୍ଭାବନାର ଛାଇ ପରି ଆଭାସ ତା' ଉପରେ ଭାସି ବୁଲିବାର ମୁଁ ଦେଖିଲି । କ୍ରମଶଃ ଏ ସ୍ୱପ୍ନର କୁହୁଡ଼ି ଉପରେ ହିଁ ମୋର ଦୃଷ୍ଟି ଆବଦ୍ଧ ରହିଗଲା । ମୋ ସମ୍ମୁଖରେ ସେ ମାଟିପିଣ୍ଡଟିକୁ ମୁଁ ଆଉ ଦେଖିପାରୁ ନଥିଲି । ତା' ସାଙ୍ଗେ ସାଙ୍ଗେ ମୋର ଶରୀର ମଧ କ୍ରମେ ଅବଶ, ନିଷ୍ପ୍ରାଣ ହେବାକୁ ଲାଗିଲା । ଦୃଷ୍ଟିହୀନ ଆଖିରେ ମୁଁ କେବଳ ଶୂନ୍ୟକୁ ଅନାଇଁ ରହିଥାଏ । ମୃତପ୍ରାୟ ଶରୀରରୁ ମୋର ସୂକ୍ଷ୍ମ ପୁରୁଷ ସତେ ବା ଉଦ୍‌ଗତ ହୋଇ ଭାସିଆସିଛି ଏବଂ ସେଇ ସ୍ୱପ୍ନର କୁହୁଡ଼ିରେ ପହଁରି ବୁଲୁଛି । ସହସ୍ରାଧିକ ଗୋପାଙ୍ଗନା ସହିତ ଏ ରାସ ବିହାର ଭିତରେ କେବଳ କେଉଁଠି ଚମ୍ପାର ଗନ୍ଧ, ଚିକୁରର ସ୍ପର୍ଶ ବା ଆଲିଙ୍ଗନର ଇଙ୍ଗିତ ମାତ୍ର ଅନୁଭବ କରୁଛି । ସଂପର୍କରେ କେଉଁଠି ହେଲେ ନିବିଡ଼ତା ନାହିଁ । ପ୍ରତ୍ୟେକ ତରଙ୍ଗରୁ ଆହ୍ୱାନ ଆସୁଛି, ପ୍ରତ୍ୟେକ ଥର ମିଳନର ଉତ୍କଣ୍ଠା ଓ ଆଗ୍ରହର ଜାଗ୍ରତ ହେଉଛି, କିନ୍ତୁ କିଛି ହେବା ପୂର୍ବରୁ ରୂପର ଛାୟା, ଲାବଣ୍ୟର ତରଙ୍ଗ, ସ୍ମୃତିର ଗନ୍ଧ ସବୁ ଶୂନ୍ୟରେ ମିଳେଇ ଯାଉଛି ! ପୁଣି ଦୁର୍ବାର ଆହ୍ୱାନ, ପୁଣି ମିଳନର ଚେଷ୍ଟା । ଏପରି ଅର୍ବୁଦ ଲୁଚକାଳି ଖେଳ ଭିତରେ ଘନୀଭୂତ ଆଲୋକ ଏକ ଅପୂର୍ବ ରୂପ ନେଇ ଠିଆ ହେଲା । ରୂପରେଖାର ସେତେ ଆଉ ଅସ୍ଥିରତା ନାହିଁ, ସୁକୁମାର ଚନ୍ଦ୍ରିକାରେ ରେଶମୀ ଢେଉ ପରି ସାମାନ୍ୟ ମୃଦୁ କମ୍ପନ ସୂଚନା ଦେଉଛି ଯେ ଏ ମଧ ସେଇ ସ୍ୱପ୍ନର ରୂପାନ୍ତର । କିନ୍ତୁ ଏହାର ସ୍ଥିର ଆହ୍ୱାନ, ସ୍ଥିର ଲାବଣ୍ୟ ଅନୁପେକ୍ଷ୍ୟ । ମୁଁ ଏହି ରଜୁ କଟୀ, ନିର୍ମଳ ହସ ଓ ସମ୍ମୋହିନୀ ଆଶ୍ଳେଷରେ ଲୀନ ହୋଇଗଲି ; ଚିବୁକ, ଅଧର, କପୋଳ, ଗ୍ରୀବା ଓ ବକ୍ଷର କୋମଳ ଉଷ୍ଣତା ଭିତରେ ମୁଁ ନିଜକୁ ହରାଇଦେଲି; ଚିକୁରଦାମର ସ୍ନିଗ୍ଧତା ଏବଂ ଜଘନର ମୃଦୁ ଶିହରଣ ମୋତେ ସଂପୂର୍ଣ୍ଣ ଅଭିଭୂତ୍ କରିଦେଲା । ମୁଁ ଅନ୍ୟ ଏକ ରାଜ୍ୟରେ ସୌନ୍ଦର୍ଯ୍ୟର ମଦିର ଆକଣ୍ଠ ପାନ କରିଗଲି । ବିଭୋରତାର ଏକ ଉଚ୍ଚତର ପର୍ଯ୍ୟାୟ ; କଳ୍ପନାର ଏକ ସୂକ୍ଷ୍ମ ବ୍ୟାପ୍ତି । କିଛି ସମୟ ପରେ ସ୍ୱତଃ ମୁଁ ମୋର ଅସ୍ତିତ୍ୱ ଫେରି ପାଇଲି ଏବଂ କ୍ରମେ ଶରୀରର ଜଗତକୁ ଫେରି ଆସିଲି । ଶିଥିଳିତ ଶ୍ୱାସକ୍ରିୟା ପୁନର୍ବାର ସ୍ୱାଭାବିକ ଗତିରେ ଚାଲିଲା ଏବଂ ମୁଁ ଦେଖିଲି ସେଇ ମାଟିମେଞ୍ଚାଟି ପୂର୍ବପରି ଅପେକ୍ଷା କରି ରହିଛି ।

ମାନସ କ୍ଷେତ୍ରର ଚତୁଷ୍କୋଣ ଆଚ୍ଛାଦିତ କରି ସୁଷମାର କ୍ଷୀନ ତନ୍ତୁ ପ୍ରସାରିତ ହୋଇ ରହିଥାଏ । ସ୍ମୃତିର ବିଳାସ ଏକ ମହାଭୋଗୀର ଆଳସ୍ୟ ଓ ଶ୍ରମକୁଣ୍ଠା ଆଣି ଦେଇଥାଏ । ବଡ଼ ସନ୍ତର୍ପଣରେ କିନ୍ତୁ ଇଚ୍ଛାଶକ୍ତି ଗୁପ୍ତ ମନ୍ତ୍ରଣା ଦେଲା ଯେ ମାନସସ୍ୱର୍ଗର ସୁରସୁନ୍ଦରୀକୁ ମୃଣ୍ମୟୀ ବନ୍ଦିନୀ କରାଯାଉ । ଏହି ଉଦ୍ଦେଶ୍ୟରେ ଯେତେବେଳେ ମୁଁ ପୁଣି ସ୍ମୃତିରାଜ୍ୟକୁ ଫେରିଯାଏ, ସ୍ୱପ୍ନର ପ୍ରତିମା ଚଞ୍ଚଳ ହୋଇ ଉଠିଛି । କୌଣସି ଅଙ୍ଗକୁ ନିରେଖି ଚାହିଁଲେ ଅବଚେତନାର ସହସ୍ର ସ୍ମୃତି ସେଥିରେ ଜଡ଼ିତ ରହିଛି । ମୋହିନୀ ମୂର୍ତ୍ତି ଛବିଳ ଶରତ୍ ସନ୍ଧ୍ୟା ପରି ଦେଖୁ ଦେଖୁ ନୂଆ ରୂପରେ ପ୍ରତିଭାତ ହେଉଛି । ରୂପର ଏକକତ୍ୱ ଆଉ ନାହିଁ । ଏହା କେବଳ ମାନସିକ ଐଶ୍ୱର୍ଯ୍ୟ ରୂପେ ହିଁ ରହିଯିବ । ତାକୁ ବସ୍ତୁ ଜଗତ୍‌କୁ ଆଣିବା ପୁଷ୍ପର ସୌରଭକୁ ମୂର୍ତ୍ତ କରିବାଠାରୁ ଆହୁରି ଅସମ୍ଭବ । କାଶହାସୀ ଅପରୂପ ଭଙ୍ଗୀରେ ମୋର ଦ୍ରବୀଭୂତ ପ୍ରାଣକୁ ଚଞ୍ଚଳ କରି ତୋଳୁଛି, ସହାନୁଭୂତିଶୀଳ ପ୍ରେରଣା ଯୋଗାଉଛି । ଏହାର ଫଳ ସ୍ୱରୂପ ଯେଉଁ ସଚେତନତା ଆସୁଛି ତା' ଭିତରେ ଏକ ବେଦନା ମୁଁ

Digitized by srujanika@gmail.com

ଅନୁଭବ କରୁଛି । ପରିହାସମୟୀ ମୋରି ଆଶ୍ଳେଷ ଭିତରେ ହିଁ ମିଳେଇ ଯାଉଛି । ପାଇବା ହରେଇବାର ଯୁଗପତ୍ ହର୍ଷ ବିଷାଦ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ବେଳକୁ ବେଳ ମାନସୀ ପ୍ରତିମା ଅଧିକରୁ ଅଧିକତର ଲାବଣ୍ୟମୟୀ ଅଧିକରୁ ଅଧିକ କୁତୁକିନୀ ହୋଇ ମୋତେ ଅବଶ କରି ପକାଉଛି । ଇଚ୍ଛା ମଧ ସେହିପରି ତେଜି ଉଠୁଛି ତାକୁ ନିଜର କରି ନେବାକୁ, ଧରି ରଖିବାକୁ । ବେଦନା ଆହୁରି ତୀବ୍ରତର ହୋଇ ଆସୁଛି । ଏହି ଅବସ୍ଥାରେ ସ୍ଥିର କଲି ଯେ, ସଂଯତ ହୋଇ ଲକ୍ଷ୍ୟ କଲେ ହୁଏତ ତାର କୌଣସି ଗୋଟିଏ ଶିଥିଳ ମୁହୂର୍ତ୍ତକୁ ଆୟତ୍ତ କରିହେବ । ତା' ପାଇଁ ପ୍ରସ୍ତୁତ ହୋଇ ଛଳନାମୟୀର ସନ୍ଧାନ କଲି । କିନ୍ତୁ ସ୍ଥିର ଉଦ୍ଦେଶ୍ୟ ତା' ସାଙ୍ଗରେ ମାଟିର ଗୋଟିଏ ଖୋପ ନେଇ ସେଇଠି ପହଞ୍ଚିଥାଏ, ବିଚ୍ଛୁରିତ ଲାବଣ୍ୟ ସମୁଦ୍ରକୁ ସଂକଳିତ କରି ତା' ଭିତରେ ସମାହିତ କରିବ । ଅପେକ୍ଷା କରି ରହିଲି, ପ୍ରଣୟୀର ଆଶା ନୁହେଁ ବରଂ ଲୁବ୍‌ଧକର ଉତ୍କଣ୍ଠା ନେଇ । ଯୁଗ ବିତିଗଲା ପରି ବୋଧହେଲା । ପରିଶେଷରେ କରୁଣାର କ୍ଷୀଣ ଧାରା ପରି ସୁଷମାର ଏକ କମ୍ରରେଖା ନଇଁ ଆସିଲା । ମାନସୀର ଏକ ସୂକ୍ଷ୍ମ ପ୍ରକାଶ । ମୃତ୍ତିକା ସୌରଭରେ ପରିଣତ ହେଲା । ପୁଣି ଘନୀଭୂତ ହୋଇ ରୂପ ନେଲା ଅପୂର୍ବ ବର୍ଣ୍ଣର ତରଙ୍ଗ, ଅସଂଖ୍ୟ ବର୍ଣ୍ଣର କ୍ଷିପ୍ର କୁଣ୍ଡଳୀ ତରଳ ଇନ୍ଦ୍ରଧନୁର ରଙ୍ଗ ନେଲା । ପରିଶେଷରେ ଦୀପ୍ତିମାନ୍ ସ୍ୱର୍ଣ୍ଣାଭ ଏକ ଅପରୂପ ଛନ୍ଦ, ଏକ ନୃତ୍ୟରତା ଗନ୍ଧର୍ବୀର ଲାସ୍ୟ । ବିଜୁଳିର ଚମକ ପରି ମୁଁ ସେଥିରେ ମୁହୂର୍ତ୍ତକ ପାଇଁ ଦେଖିବାକୁ ପାଇଲି ମୋହିନୀର ମୃଣାଳ ବାହୁ ଏବଂ ରଜତଶୁଭ୍ର ହାସ୍ୟଚ୍ଛଟା । କିନ୍ତୁ ପର ମୁହୂର୍ତ୍ତରେ ଦେଖିଲି ମୃତ୍ତିକାର ସଦ୍ୟଜାତ ମୂର୍ତ୍ତିଟିଏ । ଇନ୍ଦ୍ରନୀଳର ସାଗରରେ ସୁବର୍ଣ୍ଣର ତରଣୀ, ହୀରକର ଆହୁଲା, ସବୁ ଯେମିତି ମୋଠାରୁ ଦୂରେଇ ଦୂରେଇ ଭାସିଗଲା । କଳ୍ପନାସୁନ୍ଦରୀ ସହିତ ମୋର କ୍ଷଣିକ ମିଳନ ପରେ ମୃତ୍ତିକାର ଏ ଶିଶୁଟି ସତେ ବା ବ୍ୟବଧାନ ସୃଷ୍ଟି କଲା । ଦିଗ୍‌ବଳୟରୁ ଦୃଷ୍ଟି ଫେରାଇ ଆଣି ମୁଁ ସେଇ ଅପ୍‌ସରା ସନ୍ତାନକୁ ଚାହିଁଲି । ମମତାର ଡୋର ଭିଡ଼ି ଧରିଲା । ଆଦରରେ ତାକୁ ଗ୍ରହଣ କଲି, ତା'ର ପିତୃତ୍ୱ ସ୍ୱୀକାର କଲି । ସଂକୁଚିତ ସୂଚ୍ୟଗ୍ର ଚେତନା ପ୍ରସାରିତ ହୋଇ ଇନ୍ଦ୍ରିୟର ଉପକୂଳ ପର୍ଯ୍ୟନ୍ତ ଲହଡ଼ି ମାରିଗଲା । ଦେଖିଲି ସେହି ମାଟିମେଞ୍ଚାଟି ଅପରିବର୍ତ୍ତିତ ଭାବରେ ଅପେକ୍ଷା କରି ରହିଛି ।

ମନ ଭିତରେ କଳ୍ପନାର ଶିଶୁ, ଆଖି ଆଗରେ ସ୍ଥୂଳ ମାଧ୍ୟମ । ହାତରେ ଖଣ୍ଡିଏ ସରୁ କରଣି । ମାଟିର ଧର୍ମ ଓ ହାତର ଦକ୍ଷତା ଉପରେ ଚେଷ୍ଟା ଚାଲିଲା ମନର ଗାର ଉପରେ ମାଟିର ଗାର ମିଶାଇ ଦେବାକୁ । ଖୁବ୍ ମନୋଯୋଗ ଦେଇ କାଟିଗଲି, ଗଢିଗଲି । ସତେ ବା ଅଭିଶପ୍ତ ଅହଲ୍ୟାକୁ ପାଷାଣକାରାରୁ ମୁକ୍ତି ଦେଇଛି । ବଡ଼ ମନ୍ଥର ଗତିରେ ମାଟି ରୂପ ନେଉଥାଏ, ଅନବଦ୍ୟ ଆନନ୍ଦ ଝରିଆସୁଥାଏ ରୂପର ଉନ୍ମେଷରୁ । କିନ୍ତୁ କଟୀତଟରେ ଝୀନ ପରିଧେୟର ସୂକ୍ଷ୍ମରେଖା ଦେଲାବେଳେ ମୁଁ ଅନୁମାନ କଲି ସତେଯେପରି ମୃତ୍ତିକା ଅବାଧ ହୋଇଉଠୁଛି । ତାର ବିକାଶଧାରା ମୋର କଳ୍ପନାର ସ୍ରୋତ ସହିତ ଏକମୁଖିନୀ ହେଉନାହିଁ । ମୃତ୍ତିକାର ଧର୍ମ ଏବଂ ସ୍ରଷ୍ଟାର ପାରଗତା ତାକୁ ଏକ ଅପ୍ରତ୍ୟାଶିତ ଦିଗରେ ରୂପାୟିତ କରୁଛନ୍ତି । ଗ୍ରୀବାର ଭଙ୍ଗୀ, ନର୍ତ୍ତକୀର ମୁଦ୍ରା, ଚାହାଁଣିର ତାରଲ୍ୟ ଦେଖି ମନେହେଲା ଯେପରି ଆଉ ଆଦୌ ରୂପନେବେ ନାହିଁ । ପ୍ରକାଶ କରିବାର ସ୍ୱାଭାବିକ ଧର୍ମ କିନ୍ତୁ ପ୍ରୟାସରୁ ବିରତ ହେଉ ନଥାଏ । ଧ୍ରୁବତାରାକୁ ଲକ୍ଷ୍ୟ ରଖି ଗତି କଲେ ଏଇ

Digitized by srujanika@gmail.com

କ୍ଷୁଦ୍ର ପୃଥିବୀଟିର ବକ୍ଷରେ ଅନ୍ତତଃ ଯେପରି ରେଖାପାତ ହୁଏ ସେହିପରି କଳ୍ପନାର ସୁଷମା ପ୍ରାଚୁର୍ଯ୍ୟକୁ ସମ୍ମୁଖରେ ରଖି ତା'ର ସାମାନ୍ୟ ଆଭାସ ମାତ୍ର ମୁଁ ପ୍ରକାଶ କରିବା ସମ୍ଭବ ବୋଧ କରୁଥିଲି । ସୃଜନର ସୂକ୍ଷ୍ମ, ତୀବ୍ର ବେଦନା ଆନନ୍ଦର ରୂପାନ୍ତର ମାତ୍ର । ପ୍ରକୃତରେ ତାହା ବୋଧହୁଏ ବେଦନା ଏବଂ ଆନନ୍ଦର ଯୋଗବିନ୍ଦୁ, ଯେଉଁଠି ଅନୁଭୂତିର ଆଉ ପରିଚୟ ବା ପରିଭାଷା ନାହିଁ, ଯେଉଁଠି ଖୁବ୍ ଗହୀରରେ ପାର୍ଥକ୍ୟର ବିଲୟ ହୋଇଯାଇଛି ।

ଯା ଭିତରେ ପରିଚିତ ଭଦ୍ରଲୋକଟି ସଶବ୍ଦ ଘର ଭିତରକୁ ପଶି ଆସିଲେ । ସ୍ୱପ୍ନୋତ୍‌ଥିତବତ୍ କୌଣସି ପ୍ରକାର ଶିଷ୍ଟାଚାର ରକ୍ଷା କଲି । ସେ ବିଭିନ୍ନ ଦିଗରୁ ଥରେ ଦୁଇଥର ମୂର୍ତ୍ତିଟିକୁ ଚାହିଁ କହିଲେ, ''ଆଚ୍ଛା ! ହେଲା ଯେ, ହାତଗୁଡ଼ାକରୁ ଅନେକ ମାଟି ଉଠିଯିବ । ଆଉ ଯଦି କଟୀରୁ ବାଁ ଆଡ଼କୁ ଦେହଟା ବଙ୍କେଇଯାଏ ଖୁବ୍ ସୁନ୍ଦର ଦିଶିବ । ମୁଣ୍ଡଟାକୁ ଡାହାଣ ଆଡ଼କୁ ମୋଡ଼ି ଦେଖନ୍ତୁ ନା କିପରି ଚମତ୍କାର ଦିଶୁଚି !'' ଏହା କହି ମୁଁ କିଛି ଭାବିବା କିମ୍ବା କହିବା ପୂର୍ବରୁ ସେ ମୋଡ଼ିଦେଲେ । ମୁଁ ଚିତ୍କାର କରି ଉଠିଥାନ୍ତି ; ''କିଏ ଏ ବର୍ବର ! ଅଯାଚିତ ଭାବରେ ଅନଧିକାର ଦୁର୍ବ୍ୟବହାର କରିବାର ଅଧିକାର ଏ ମୂର୍ଖ ପାଇଲା କେଉଁଠୁ !'' ଯନ୍ତ୍ରଣା କିନ୍ତୁ ପ୍ରକାଶ ପାଇପାରିଲା ନାହିଁ । ତାଙ୍କୁ ଡାକରା ହେବାରୁ ସେ ବାହାରକୁ ଚାଲିଗଲେ । ବହୁ କଷ୍ଟରେ କ୍ରୋଧର ବିସ୍ଫୋରଣକୁ ସଂଯତ ରଖି ଭାବିଲି - ''ଏ ହିଁ ତ କଳାର ଗ୍ରାହକ, କଳାକାରର ପୃଷ୍ଠପୋଷକ, ଭୋଜରାଜାଙ୍କର ପ୍ରତୀକ ! - କଳା ବ୍ୟବସାୟର ଲକ୍ଷ୍ୟ ଏମାନଙ୍କର ସ୍ଥୁଳ ରୁଚିକୁ ସନ୍ତୁଷ୍ଟ କରିବା, ଏଇମାନେ କଳାର ବିଚାରକ, ନିନ୍ଦୁକ ଘାତକ ! .... ଦୁର୍ବଳ କଳାକାରଟିକୁ ନେଇ ଏଇମାନେ ମନଇଚ୍ଛା ଖେଳିଯାନ୍ତି ! କିନ୍ତୁ କଳା ଓ କଳାକାର ପରା କାଳଜୟୀ ?''...

ବିକ୍ଷୁବ୍ଧ ମନ ନେଇ ଆଉ ସ୍ଥିର ବସି ହେଲା ନାହିଁ । ପ୍ରବଳ ଝଡ଼ବତାସରେ ସତେ ବା ସମଗ୍ର ଉଦ୍ୟାନ ଉଜୁଡ଼ିଯାଇଛି । କ୍ଷତବିକ୍ଷତ ମନ ରକ୍ତସ୍ରାବରେ ଝାଉଁଳି ପଡ଼ିଛି । ବଡ଼ ଶ୍ରାନ୍ତ, ଦୁର୍ବଳ ବୋଧ କରୁଥିଲି । ଥକା ମାରି ବସିବା ପରେ କିଛି ସମୟ ମଣିଷର ମୂର୍ଖତା ପାଇଁ ଅଶ୍ରୁପାତ କଲି, କ୍ଷମା ପ୍ରାର୍ଥନା କଲି ।

ମୋର ଅଜାଣତରେ ପୁଣି ସୃଷ୍ଟିର ଉଜାଣି କେତେବେଳେ ମୋତେ ଭସେଇ ନେଇଗଲା । ମୁଁ ପୁଣି ମାଟିପିଣ୍ଡଟିକୁ ରୂପ ଦେବାରେ ମନ ଲଗେଇଲି ! ମନେହେଲା ତାକୁ ରୂପ ଦେବା ଯେପରି ମୋର ସ୍ୱାଭାବିକ ଧର୍ମ ପ୍ରକାଶିତ ହେବା ସେପରି ତାର ଅନିବାର୍ଯ୍ୟ ଅଧିକାର । ସୃଜନର ପୀଡ଼ା ଉପଭୋଗ କରୁ କରୁ ମୋତେ ବୋଧହେଲା ଯେମିତି ଇଚ୍ଛାଶକ୍ତି ମୋର ହୋଇ ଆଉ ନାହିଁ ; ବରଂ ପ୍ରାଣବନ୍ତ ମୂର୍ତ୍ତିଟି ମୋତେ ନିର୍ଦ୍ଦେଶ ଦେଉଛି, ମୋତେ ବାଧ କରୁଛି, ଇଙ୍ଗିତରେ, ନୀରବ ଭର୍ତ୍ସନାରେ, ମାନିନୀ ପ୍ରେମିକାର ଅଭିମାନରେ । ମୁକୁରର ପ୍ରତିବିମ୍ବ ଯେପରି ତରଳ ପ୍ରାଣବନ୍ତ ହୋଇ ପ୍ରସାଧନରତା ତରୁଣୀକୁ ଇଙ୍ଗିତ ଦିଏ ଏବଂ ତାକୁ ରୁଚିସମ୍ମତ ପରିପାଟୀରେ ସଜ୍ଜିତ କରିବା ଯେପରି ତା'ର କର୍ତ୍ତବ୍ୟ ହୋଇଉଠେ, ସେପରି ମୂର୍ତ୍ତିଟି ମୋର ମାନସୀ ମେନାର ପ୍ରତିବିମ୍ବ, ତାକୁ ରୂପଦେବା ମୋର ଏକାନ୍ତ ଧର୍ମ ।

ଗଠନର ତନ୍ମୟତା ଭିତରେ ମୁଁ **ସ୍ପଷ୍ଟ** ଅନୁଭବ କଲି ଯେ ମୋ ଭିତରେ ଏବଂ ବାହାରେ ଏକ ମୂର୍ଚ୍ଛନା ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଖେଳି ବୁଲୁଛି । କେତେବେଳେ ତାହା ସ୍ତମ୍ଭିତ ଚକିତ

Digitized by srujanika@gmail.com

ଚନ୍ଦ୍ରିକାର ରଜତ ଜାଲରେ ସ୍ୱପ୍ନାବିଷ୍ଟ ଭାସିଆସୁଥିବା ସୁଦୂର ବଂଶୀତାନ, କେତେବେଳେ ବା ନିସ୍ତବ୍ଧ ରଜନୀରେ କୋହଭରା କୋକବିଳାପ, ଆଉ କେତେବେଳେ ବା ପଞ୍ଚମୀ ଜହ୍ନର ଆଲୁଅରେ ସ୍ନିଗ୍ଧା ଗିରିତଟିନୀର କୁଳୁ ଧ୍ୱନି । ନୀରବତାର ସାଗରବେଳାରେ ଯକ୍ଷିଣୀର ଅଶରୀରୀ ଆତ୍ମା ଯେପରି ମୃଦୁ ମଧୁର ଗୁଞ୍ଜରିତ ହୋଇ ଭାସିଯାଉଛି । ସେ ମୂର୍ଚ୍ଛନାରେ ଅଛି ଅନୁନୟ, କାରୁଣ୍ୟ, ଏକ ଅଭିମାନମିଶା ଦୟାଭିକ୍ଷା, ସ୍ପଷ୍ଟ ଏକ ପ୍ରାର୍ଥନାଭରା ଇଙ୍ଗିତ । ମୂର୍ଚ୍ଛନାର ତରଙ୍ଗ, ମୂର୍ତ୍ତିର ରେଖା, କଳ୍ପନାର କମ୍ପନ ସବୁ ଏକାକାର ହୋଇଯାଇଛି ।

ସୃଷ୍ଟି ମୋର ବାଙ୍‌ମୟୀ ! ସ୍ରଷ୍ଟା ପାଖରେ ତାର କି ନିର୍ଦ୍ୱନ୍ଦ୍ୱ ଆତ୍ମସମର୍ପଣ, କି ଅଗାଧ ବିଶ୍ୱାସ, କି ଭକ୍ତିବିନମ୍ର ସମ୍ମାନ ! ଏବଂ ତାର ଭିତରେ ସ୍ରଷ୍ଟା ତଲ୍ଲୀନ କ୍ଷମାଶୀଳ, ଉଦାର - ସ୍ନେହ, ବାତ୍ସଲ୍ୟ ମମତାର ପ୍ଲାବନରେ ବୁଡୁବୁଡୁ ।

ଆୟୁଷ୍ମତୀ ସୌମ୍ୟା ସୃଷ୍ଟି ମୋ ସମ୍ମୁଖରେ ଲଜ୍ଜା ବିନମ୍ରା ଠିଆ ହୋଇଥାଏ । ପ୍ରାଣରେ ମୋର ପୂର୍ଣ୍ଣତାର ପ୍ଲାବନ ଆଶୀର୍ବାଦର ଧାରାରୂପେ ଝରିଆସୁଥାଏ । ଆନନ୍ଦ, ବିସ୍ମୟ ଓ ସମ୍ମାନର ସହିତ ମୁଁ ଚାହିଁ ରହିଲି । ସୃଷ୍ଟିର ପ୍ରତ୍ୟେକ କେନ୍ଦ୍ରରେ ଜୀବନର ସ୍ଫୁରଣ, ଚେତନାର ତରଙ୍ଗ ଖେଳିଯାଉଛି । ମନେହେଲା, ସୃଷ୍ଟି କୃତଜ୍ଞତାରେ ମୋର ଜୟଗାନ କରୁଛି । ସେହି ଗାନର ଏକ ସ୍ୱାତନ୍ତ୍ର୍ୟ ଅଛି, ଏକ କ୍ରମବର୍ଦ୍ଧନଶୀଳ ଗାମ୍ଭୀର୍ଯ୍ୟ, ଗୁରୁତାର ଏକ ମାତ୍ରାରୋହଣ । କ୍ରମଶଃ ତାହା ଦୂର ସ୍ତନିତର ଗୁରୁ ନିନାଦ ପରି ପ୍ରତୀୟମାନ ହେଉଛି । ସୃଷ୍ଟି ତାର ମୃଦୁ ଶିହରଣରେ ପ୍ରତିଧ୍ୱନି କରୁଛି, ଲାସ୍ୟମୟୀ ଚଞ୍ଚଳ ହୋଇଉଠୁଛି ! ତା'ପରେ କିନ୍ତୁ ଏ କି ପ୍ରଚଣ୍ଡ ଘୂର୍ଣ୍ଣନ ! ମନ୍ଦ୍ର ନିନାଦ ଗମ୍ଭୀରତର ଏବଂ ନର୍ତ୍ତନ ତୀବ୍ରତର, ଦ୍ରୁତତର ହୋଇ ଶେଷରେ ଶବ୍ଦର ତରଙ୍ଗରେ ସୃଷ୍ଟି ବିଭ୍ରାନ୍ତିତ ବିକୀର୍ଣ୍ଣ ହୋଇପଡ଼ିଲା । ମନେହେଲା ଲକ୍ଷ୍ୟ ଲକ୍ଷ୍ୟ ଜ୍ୟୋତିରଙ୍ଗଣ ଯେପରି ମହାବେଗରେ ବିଚ୍ଛୁରିତ ହୋଇପଡୁଛନ୍ତି । ବ୍ୟାପ୍ତି - ବିସ୍ଫୋରଣର ପ୍ରଖର ବ୍ୟାପ୍ତି ବିସ୍ମୟବିମୂଢ଼ କରିଦେଉଛି । ଏଇ ଆଲୋକ ବିରାଟ ଏ ରୂପ, ଅକଳନୀୟ ମହାନତାର ବିଶ୍ୱରୂପ । ମହାସଂଗୀତର ଶବ୍ଦ ଆଉ ଶ୍ରୁତିଗୋଚର ନୁହେ । କେବଳ ଗ୍ରହତାରାର ଘୂର୍ଣ୍ଣନ ଓ ଅସୀମ ବ୍ୟାପ୍ତିର ଅଦୃଶ୍ୟ କମ୍ପନରେ ହିଁ ତାହା ବ୍ୟକ୍ତ ହେଉଛି ।

ସୃଷ୍ଟି ନିଜେ ବିସ୍ମିତା ; ନିଜର ବିକାଶରେ ନିଜେ ପରାହତା, ନିଜ ଜଟିଳତାରେ ନିଜେ ଜଡ଼ିତା ! ବୋଧହୁଏ ଧ୍ୟାନମଗ୍ନା ତପସ୍ୱାରିଣୀ ସୃଷ୍ଟି ଚେତନାର ମୂଳ ଉତ୍ସ ଜାଣିପାରୁନାହିଁ ; ବିସ୍ମୟ ବିମୂଢ଼ ହୋଇ ଜଡ଼ବତ୍ ନିଶ୍ଚେଷ୍ଟ ଘୂରିଚାଲିଛି । ସ୍ରଷ୍ଟା ଗଭୀର ଶ୍ରଦ୍ଧା ଓ ସମ୍ମାନରେ ଅପେକ୍ଷା କରି ରହିଛି । ନିଜର ପରିଚୟର ଚମକରେ ସେ ସୃଷ୍ଟିକୁ ସ୍ତବ୍ଧ ଚକିତା କରିବାକୁ ଚାହେଁ ନା । ଯୋଗନିଦ୍ରାର ସମାପ୍ତି ପରେ ଅବଶ୍ୟ ସେ ଦିନ ତା'ର ସ୍ରଷ୍ଟାକୁ ଆଖି ମେଲି ଦେଖିବ । ହୋଇପାରେ ଅନନ୍ତ ନିଦ୍ରା ଏ ସୃଷ୍ଟିର ଏବଂ ଚିରଜାଗ୍ରତ ଏ ସ୍ରଷ୍ଟା - ଉଭୟେ ଚିରପ୍ରତୀକ୍ଷମାଣ ।

❖❖❖

Digitized by srujanika@gmail.com

ତ୍ରିଶଙ୍କୁର ସ୍ୱର୍ଗ

''କଳ୍ପନାର ସ୍ୱର୍ଗ ଏବଂ ଜାଗତିକ ବାସ୍ତବତାର ମଧ୍ୟଭାଗରେ ମୋର ସାମ୍ରାଜ୍ୟ ପ୍ରତିଷ୍ଠିତ । ନିଜର ଅପୂରଣୀୟ ବାସନାକୁ କେନ୍ଦ୍ରକରି ତୁମେ ଯେଉଁ ଅସ୍ତିତ୍ୱହୀନ ଅପ୍ସରାପୁରୀ ସୃଷ୍ଟି କରିଛ ତା'ର ଉଚ୍ଛୃଙ୍ଖଳତା ପାଇଁ ଏଠି ସ୍ଥାନ ନାହିଁ କିମ୍ବା ଯେଉଁ ଅପରିବର୍ତ୍ତନୀୟ ନିଷ୍ଠୁର ପରିସ୍ଥିତ ସମ୍ମୁଖରେ ତୁମେ ଦାସତ୍ୱ ସ୍ୱୀକାର କର ତାକୁ ଏଠି ଗ୍ରହଣ କରାଯାଏ ନାହିଁ । ଅଥଚ ଏଠି କଳ୍ପନା ଏବଂ ବାସ୍ତବତାର ଏକ ଅପୂର୍ବ ସମନ୍ୱୟ । ମୃଗତୃଷ୍ଣାରେ ତୃଷ୍ଣା ନିବାରଣ କରିବାର ବ୍ୟର୍ଥ ଚେଷ୍ଟା ଏଠି ନଥାଏ, ଫଳତଃ ନୈରାଶ୍ୟ ମଧ୍ୟ ନ ଥାଏ । ଏଣୁ ଜୀବନର ଅସହନୀୟ ପରିତାପରୁ ମୁକ୍ତି ପାଇବା ପାଇଁ ଏଠି ଆଶ୍ରୟର ବ୍ୟବସ୍ଥା ଅଛି । ଏହା ସାଧାରଣ ମାନବର ସ୍ୱର୍ଗ, ଦେବତାର ନୁହେ । ପ୍ରତ୍ୟେକଙ୍କର ଏବଂ ନିଜ ଜୀବନକୁ ବାଞ୍ଛନୀୟ ଏବଂ ସହନୀୟ କରିବାର ଅଧିକାର ଅଛି ଏଣୁ ସମଗ୍ର ମାନବଜାତିକୁ ସ୍ୱାଗତ ଜଣାଉଛି ।''

ତ୍ରିଶଙ୍କୁର ଏ ନିମନ୍ତ୍ରଣ ଅତି ପ୍ରାଚୀନ, ଅତି ପରିଚିତ । ମନେହୁଏ ସତେ ବା ଆମ ଭାଷାରେ ଆମ ଚିନ୍ତାଧାରାକୁ କେହି ଜଣେ ବ୍ୟକ୍ତ କରୁଛି । ଆମ ଅନ୍ତର୍ଦେଶରୁ ଯେମିତି କିଏ ନିମନ୍ତ୍ରଣ କରୁଛି । ଏଥିରେ କିନ୍ତୁ ସବୁ ପ୍ରକାଶ ପାଇପାରୁ ନାହିଁ ; ଅନେକ କିଛି ପ୍ରଚ୍ଛନ୍ନ ଭାବରେ ରହିଯାଉଛି । ଏ ତ୍ରିଶଙ୍କୁ ହୁଏତ ସ୍ୱୀକାର କରିପାରୁନାହିଁ ଯେ ସେ ଯାହା ନିଜର ସାମ୍ରାଜ୍ୟ ବୋଲି ପ୍ରଚାର କରେ ତାହା ଆଉ ଜଣକର ସୃଷ୍ଟି, ଆଉ ଏକ ବିଶ୍ୱାମିତ୍ରର ସୃଜନ୍ୟ ଏବଂ ସ୍ପର୍ଦ୍ଧାର ପ୍ରତୀକ । ଏ ହୁଏତ ପ୍ରକାଶ କରିବାକୁ ପ୍ରସ୍ତୁତ ନୁହେ ଯେ ତା'ର ନିଜର ପ୍ରକୃତିଗତ ଅପରିପକ୍ୱତା ଏବଂ ଅଯୋଗ୍ୟତା ପାଇଁ ସେ ସ୍ୱର୍ଗସୁଖରୁ ଚିରକାଳ ବଞ୍ଚିତ । ତା'ର ଦୃଷ୍ଟି ଅଧୋମୁଖୀ, କିନ୍ତୁ ଅଭିମାନ ତାକୁ ବାଧା ଦିଏ ତଳକୁ ଖସିଆସି ନେଇ ବୈଶିଷ୍ଟ୍ୟହୀନ ଅଗଣିତ ନରନାରୀଙ୍କ ସହିତ ମିଶିଯିବାକୁ । ହୁଏତ ଏଇ ନୂତନ ସ୍ୱର୍ଗର ସ୍ୱତନ୍ତ୍ରତା ତାକୁ ଗର୍ବ ଆଣିଦିଏ । ସେ କିନ୍ତୁ ବେବିଲୋନ୍ ଉଦ୍ୟାନର ନିରୀହ ମୃଗ-ଶାବକଟି ପରି ଘୂରିବୁଲେ, ମାଟିର ବହୁ ଉର୍ଦ୍ଧ୍ୱରେ ଏବଂ ଚେଷ୍ଟା କରେ ନିଜକୁ ତୃପ୍ତ ରଖିବାକୁ ।

ଏ ତ୍ରିଶଙ୍କୁ ଆଉ କେହି ନୁହେ ; ଆମେ ପ୍ରତ୍ୟେକେ ଗୋଟିଏ ଗୋଟିଏ ତ୍ରିଶଙ୍କୁ । କପିଳ, ଚାର୍ବାକ, ଶଙ୍କର କାର୍ଲମାର୍କସ୍, କନ୍‌ଫ୍ୟୁସସ୍, ଏପରି କି କାଳିଦାସ, ହୋମର୍ ଗୋଟିଏ ଗୋଟିଏ ବିଶ୍ୱାମିତ୍ର । ଯୁକ୍ତି ବା କଳ୍ପନାର ତୋରଣ ଉପରେ ସେମାନେ ଆମପାଇଁ ଇନ୍ଦ୍ରଧନୁର ରାଜ୍ୟ ସୃଷ୍ଟି କରନ୍ତି । ଆମେ ସେଠି ଗର୍ବର ସହିତ ଅବସ୍ଥାନ କରୁ ଏବଂ ଅନ୍ୟମାନଙ୍କୁ ନିମନ୍ତ୍ରଣ କରୁ ସେଇଠି

Digitized by srujanika@gmail.com

ଆଶ୍ରୟ ନେବାକୁ । ସେମାନଙ୍କର ଉଦ୍ଦେଶ୍ୟ ହୁଏତ ଏଇ ପ୍ରତିବିମ୍ବର ମାଧ୍ୟମରେ ଆମକୁ କୌଣସି ଏକ ମହାସତ୍ୟର ସନ୍ଧାନ ଦେବା ଏବଂ ତା'ର ଅସ୍ତିତ୍ୱ ସମ୍ବନ୍ଧରେ ଜିଜ୍ଞାସା ସୃଷ୍ଟି କରିବା, କିନ୍ତୁ ଆମ ନିଜର ଅସମ୍ପୂର୍ଣ୍ଣତା ରୂପକ ଶୀକରବିନ୍ଦୁର ପ୍ରଚ୍ଛଦପଟରେ ଇନ୍ଦ୍ରଧନୁର ସୃଷ୍ଟି ହୁଏ । ସୂର୍ଯ୍ୟ ଦିଶେ ନା । ସେଥିପାଇଁ ଭିନ୍ନ ଦୃଷ୍ଟିଭଙ୍ଗୀ ଆବଶ୍ୟକ । ଯାହାଙ୍କୁ ଆମେ ମହା-ମନିଷୀ କହୁ ସେମାନେ ସତ୍ୟର ସନ୍ଧାନୀ । ତାଙ୍କ ପାଇଁ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ । ଆମର ଆଲୋକଧାରାର ମୂଳ ଉତ୍ସର ସଂକେତ ସେମାନେ ପାଇଛନ୍ତି । ତା'ର ପ୍ରଚାର ପାଇଁ ସାହିତ୍ୟ, ଦର୍ଶନ ବା ଧର୍ମର ମାଧ୍ୟମ ସେ ଗ୍ରହଣ କରନ୍ତି । ଫଳତଃ ଭାଷାର ଅସାମର୍ଥ୍ୟ ଏବଂ ସାଧାରଣଙ୍କ ବୋଧଶକ୍ତିର କ୍ଷୀଣତା ହେତୁ ଏକ ଭ୍ରମ ସୃଷ୍ଟି ହୁଏ । ବ୍ୟକ୍ତିବିଶେଷରେ ବିଶେଷରୂପେ ତାହା ପ୍ରତିଭାତ ହୁଏ । ପ୍ରତ୍ୟେକର ବିଶ୍ୱାସ ହୁଏ ଯେ ତା'ର ଜଗତ୍ ହିଁ ସତ୍ୟର ଜଗତ୍ ; ଏଣୁ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଏପରି ନିମନ୍ତ୍ରଣ କରିବା ସ୍ୱାଭାବିକ । ଶିକ୍ଷା ଏହି ତଥାକଥିତ ସ୍ୱର୍ଗର ସଂଖ୍ୟାବୃଦ୍ଧିରେ ସାହାଯ୍ୟ କରେ । ଅତି ଉଚ୍ଚଶିକ୍ଷିତ ବ୍ୟକ୍ତିର ମାନସିକ ଅସହାୟତା ହାସ୍ୟାସ୍ପଦ, ଶତାଧିକ ମତବାଦର ପ୍ରହେଳିକାରେ ତା'ର ଆତ୍ମବିସର୍ଜନ ବାସ୍ତବିକ ଦୟନୀୟ । କିନ୍ତୁ ଅଧ୍ୟୟନର ଲକ୍ଷ୍ୟ ହେଲା ଯେ କୌଣସି ଯୁଗରେ ହୁଏତ କେହି ଜଣେ ଏହି ମାୟା ସ୍ୱର୍ଗର ଇଙ୍ଗିତ ବୁଝିଯିବ ଏବଂ ତାକୁ ପରିତ୍ୟାଗ କରି ସତ୍ୟଆଡ଼େ ଦୃଷ୍ଟି ଫେରାଇ ନେବ । ଅନ୍ତତଃ ସେହିପରି ଜଣେ ବ୍ୟକ୍ତିର ଆବିର୍ଭାବ ପାଇଁ ଯୁଗ ଯୁଗ ବିତିଯାଏ ।

ସାମାଜିକ ନିୟମର ପରମ୍ପରା ଅତି ବ୍ୟାପକ ଭାବରେ ମନୁଷ୍ୟ ଉପରେ ପ୍ରଭାବ ପକାଏ । ତା' ସହିତ ନିରବଚ୍ଛିନ୍ନ ଭାବରେ ସଂପୃକ୍ତ ରହେ ଧର୍ମ । ଦୁହେଁ ମିଶି ତା'ର କର୍ତ୍ତବ୍ୟ ନିର୍ଦ୍ଧାରଣ କରନ୍ତି । ଅଗଣିତ ଶତାବ୍ଦୀ ଧରି ମାନବ ଅଭିଜ୍ଞତାର ନିର୍ଯ୍ୟାସ ଏଇ କର୍ତ୍ତବ୍ୟ ପ୍ରଣୟନ କରେ । କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ଲୋଭ ଏବଂ ଭୟ ହିଁ ମନୁଷ୍ୟକୁ ଏଇ ନିର୍ଦ୍ଧାରିତ ପନ୍ଥା ଅନୁସରଣ କରିବାକୁ ପ୍ରରୋଚନା ଦିଏ । ସ୍ୱର୍ଗସୁଖ ଲାଭର ଆଶା କିମ୍ବା ନରକ ଯାତନାର ଭୟ ନ ଥିଲେ ମନୁଷ୍ୟ କେବେ ତ୍ୟାଗ ସ୍ୱୀକାର କରିବ ନାହିଁ । ସେ କେବଳ ପ୍ରତିବିମ୍ବର ଉପାସକ, ନିଜର କ୍ଷୁଦ୍ର କଳ୍ପନାରେ ବାସନାଚିତ୍ରିତ ତ୍ରିଶଙ୍କୁ-ସ୍ୱର୍ଗର ପୂଜାରୀ । ପ୍ରତ୍ୟେକ ଧର୍ମ ବା ପୁରାତନ ସମାଜର ଭିତ୍ତି ଦେଶରେ ଯେଉଁ ନିରାବରଣ ସତ୍ୟର ଇଙ୍ଗିତ ମିଳେ, ତାହା ସେ ଗ୍ରହଣ କରିବାରେ ଅନିଚ୍ଛୁକ ଏବଂ ବୁଝିବାରେ ଅସମର୍ଥ । ସମାଜ ବା ଧର୍ମର ପ୍ରାଚୀନତା ହେତୁ ସେଥିରେ କୌଣସି ବ୍ୟକ୍ତିବିଶେଷର ପ୍ରଭାବ ପରିଲକ୍ଷିତ ହୁଏ ନାହିଁ ସତ ; କିନ୍ତୁ ପରମ୍ପରା ଘନୀଭୂତ ହୋଇ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଗ୍ରହଣ କରେ ଏବଂ ବିଶ୍ୱାମିତ୍ର ପରି ମନୁଷ୍ୟକୁ ନିର୍ଦ୍ଦେଶ ଦିଏ ସ୍ୱର୍ଗଦ୍ୱାରକୁ ଅଭିଯାନ କରିବାକୁ । ଏ ଅଭିଯାନର ବ୍ୟର୍ଥତା ଅବଶ୍ୟମ୍ଭାବୀ ଏବଂ ଫଳତଃ ମାୟା-ସ୍ୱର୍ଗର ସୃଷ୍ଟି ମଧ୍ୟ ତଦ୍ରୂପ ସ୍ୱାଭାବିକ । ଦାନ, ସତ୍ୟ ବଚନ, ଅହିଂସା, ନିଷ୍କାମ କର୍ମ ଏ ସବୁ ସ୍ୱର୍ଗନିଃଶ୍ରେଣୀର ପାବଚ୍ଛ । ଏ ଧର୍ମର ବାଣୀ ଅହରହ ମନୁଷ୍ୟ ଶୁଣେ, କିନ୍ତୁ ଅଗ୍ରସର ହେବାକୁ ସେ ଉତ୍ସାହ ପାଏ କେବଳ ସ୍ୱର୍ଗର-ଚିତ୍ରରୁ । ଦ୍ୟୁତକ୍ରୀଡ଼ାରେ ଅର୍ଥବ୍ୟୟ ପରି ସେ ନିଜର ସମସ୍ତ ପାର୍ଥିବ ସୁଖ ବର୍ଜନ କରେ କେବଳ ଲାଭ ଆଶାରେ । ନିୟମର ସତ୍ୟତା ପ୍ରତି ତା'ର ଲକ୍ଷ୍ୟ ଥାଏ, କିନ୍ତୁ ନିଜର ଯୋଗ୍ୟତା ସେ ବିଚାର କରିପାରେ ନାହିଁ । ନିମ୍ନମୁଖୀ ହୋଇ ସେ ଉର୍ଦ୍ଧ୍ୱକୁ ଉଠିବାକୁ ଯତ୍ନବାନ୍ ହୁଏ । ଫଳତଃ ଦୂରତ୍ୱଜନିତ ଏକ ଭ୍ରମ ସୃଷ୍ଟି

Digitized by srujanika@gmail.com

ହୁଏ, ଏକ ମାନସିକ ବିକାର ଜାତ ହୁଏ । ଏହି ବିକାରର ଭିତ୍ତି ଉପରେ ହିଁ ତା'ର କାଳ୍ପନିକ ସ୍ୱର୍ଗ ବିଦ୍ୟମାନ । ଯଦି କେହି କେବେ ଊର୍ଦ୍ଧ୍ୱମୁଖୀ ହୋଇ ସେଇ ନିଶୁଣିର ଆଶ୍ରୟ ନେଇପାରେ - ଏହି ଆଶା ପୋଷଣ କରି ହୁଏତ ନୀତିକାର ନିୟମ ପ୍ରଣୟନ କରିଯାଇଥାନ୍ତି ।

କଳ୍ପନା-ରାଜ୍ୟରେ ସ୍ଥାନକାଳର ସ୍ୱାଭାବିକ ଧର୍ମ ନଥାଏ । ଏଣୁ କୌଣସି ଈପ୍‌ସିତ ବସ୍ତୁ ଉପରେ ଅମରତ୍ୱ ଆରୋପ ଯେତେ ସହଜ ତା'ର କାମ୍ୟ ଆକର୍ଷଣର ପରିବର୍ତ୍ତନ ମଧ୍ୟ ସେପରି ସହଜ । କଳ୍ପନାରେ ସ୍ୱର୍ଗ ଗଢିବା ପାଇଁ ହୁଏତ କେବଳ କବି ବା ପୌରାଣିକ ସେତେ ଦାୟୀ ନୁହନ୍ତି । ଜୀବନର ପ୍ରତ୍ୟେକ ପରିସ୍ଥିତିରେ ଏକ ମାନସିକ ପ୍ରତିକ୍ରିୟା ହୁଏ । ଜୀବନର ଆଶା, ଆନନ୍ଦ ଏବଂ ମୂଲ୍ୟ ଏହି ମାନସିକ ପ୍ରତିକ୍ରିୟା ଉପରେ ହିଁ ସମ୍ଭବ ହୁଏ । ଅତୀତ ଭବିଷ୍ୟତ୍‌ର ସନ୍ଧିରେଖା ବର୍ତ୍ତମାନ ନାମରେ ଅଭିହିତ ହୋଇଥାଏ ; କିନ୍ତୁ ତା'ର ନିଜର ଅସ୍ତିତ୍ୱ କିଛି ନାହିଁ । ଅତୀତ ଏବଂ ଭବିଷ୍ୟତ୍ ମଧ୍ୟ କେବଳ ମାନସିକ ବନ୍ଧନୀରେ ସନ୍ନିବେଶିତ-ଗୋଟିଏ ସ୍ମୃତିରେ ଏବଂ ଅନ୍ୟଟି କଳ୍ପନାରେ । ମନୁଷ୍ୟ ସୁଖର ସ୍ମୃତିରୁ କିମ୍ବା ସମ୍ଭାବନାରୁ ଆନନ୍ଦ ପାଏ ଏବଂ ସେହିପରି ଦୁଃଖର ଅଭିଜ୍ଞତା ବା ଆଶଙ୍କା ତାକୁ କଷ୍ଟ ଦିଏ । ଏଣୁ ସମୟର ସତ୍ତା ସହିତ ଜୀବନ ଘଟଣାବଳୀର କ୍ରମ କେବଳ ଏକ ଦୁର୍ଜ୍ଞେୟ ପ୍ରହେଳିକାମୟ ସମ୍ବନ୍ଧ ରକ୍ଷା କରେ ଏବଂ ଏ ସମ୍ବନ୍ଧ ପାଇଁ କେବଳ ମନୁଷ୍ୟର ମନସ୍ୱଶକ୍ତି ହିଁ ଦାୟୀ । ଏହାରି ଫଳରେ ଇନ୍ଦ୍ରିୟାନୁଭୂତିର କଂକାଳ ଉପରେ ଅତୀତର ସ୍ମୃତି ଏବଂ ଭବିଷ୍ୟତର କଳ୍ପନା ଏକ ମାୟାପୁରୀ ସୃଷ୍ଟି କରେ । ମନୁଷ୍ୟକୁ ଅଧିକ ଆକର୍ଷଣ କରେ କଳ୍ପନାର ରଙ୍ଗ, ଆଶାର ଆଲୋକ ଏବଂ ସୁଖ ପାଇବାର ଚେଷ୍ଟାରେ ସେ ଦୁଃଖର ଅଭିଜ୍ଞତା ବା ଆଶଙ୍କାଠାରୁ ଦୂରକୁ ଚାଲିଯିବାକୁ ଯତ୍ନବାନ୍ ହୁଏ । ନିଜକୁ ସେ ନିଜର ଏଇ ସୃଷ୍ଟିରେ ବନ୍ଦୀ କରି ରଖେ । ଧର୍ମ, ପୁରାଣ, ସମାଜ-ନୀତି, ସାହିତ୍ୟ, ଦର୍ଶନ ବା ରାଜନୈତିକ ମତବାଦ ଯେଉଁ ସବୁ ତ୍ରିଶଙ୍କୁର ସ୍ୱର୍ଗ ସୃଷ୍ଟି କରନ୍ତି ସେହି ମୌଳିକ ଉପାଦାନରେ ଗଠିତ ହେଲେ ମଧ, ଏ ପ୍ରତିମୁହୂର୍ତ୍ତର ସୃଷ୍ଟି ଯେପରି ଅତି ବୈଚିତ୍ର୍ୟମୟ । ନିଜ କଳ୍ପନାର ବିଶ୍ୱାମିତ୍ର ମନୁଷ୍ୟକୁ ତ୍ରିଶଙ୍କୁ କରିଦିଏ । ସେ କେବଳ ଏକ ମାନସିକ ଜୀବନର ସ୍ୱାଦ ପାଏ । ସେଥିରେ ସତ୍ୟର ସତ୍ତା ଅନୁଭବ କରିବାର ସୁଯୋଗ ସେ ପାଏ ନାହିଁ ।

ସତ୍ୟର ସ୍ୱର୍ଗ କଳ୍ପନାର ଊର୍ଦ୍ଧ୍ୱରେ, କଳ୍ପନା ଏକ ମାନସିକ ସ୍ୱଭାବ । ବୁଦ୍ଧି, ତର୍କ ଏବଂ କଳ୍ପନାର ମୂଳରେ ଅତି ନିଶ୍ଚିତ ଭାବରେ ଏକ ଶକ୍ତି ବିଦ୍ୟମାନ ଯାହା ମାନସିକ ଚିନ୍ତାକୁ ଉଦ୍‌ବୁଦ୍ଧ କରେ । ସେ ଗଭୀର ପ୍ରଦେଶକୁ ଇନ୍ଦ୍ରିୟ ଅନୁଭୂତି ପ୍ରବେଶ କରିପାରେ ନାହିଁ । ସେହି ଆଡ଼ମ୍ବରଶୂନ୍ୟ ଶୀତୋଷ୍ଣବିରହିତ, ନିରାଲୋକ ଛାୟାପ୍ରଦେଶରେ ଦ୍ୱନ୍ଦ୍ୱରହିତ ସତ୍ୟର ସ୍ୱର୍ଗ ବିଦ୍ୟମାନ । ସେହିଠାରେ ସ୍ଥାନ ଓ କାଳର ଏକୀକରଣରେ ଏକ ଅଦ୍ୱିତୀୟ ସତ୍ତାର ସୃଷ୍ଟି ହୁଏ । ନୀଳ ଆକାଶକୁ ଚାହିଁ ଗ୍ରହନକ୍ଷତ୍ରର ପରସ୍ପର ବ୍ୟବଧାନ ଲକ୍ଷ୍ୟ କଲେ ଦୂରତ୍ୱର ଧାରଣା ସ୍ୱତଃ ମନକୁ ଆସେ । କିନ୍ତୁ ସମୟ ସମୟରେ ମନସ୍ୱଶକ୍ତି ବଳରେ ଗ୍ରହତାରାର ପରପାରରେ ଯେଉଁ ଅନନ୍ତ ବ୍ୟାପ୍ତିର ଆଭାସ ମିଳେ, ତାହା ସୀମିତ ମାନବଶକ୍ତିକୁ ବିମୂଢ଼ କରିଦିଏ । ପରାଭୂତ ମନସ୍ୱଶକ୍ତି ଆଉ ଅଗ୍ରସର ହୋଇ

Digitized by srujanika@gmail.com

ନ ପାରି ଇନ୍ଦ୍ରିୟର ଜଗତକୁ ଫେରିଆସେ । ସେହିପରି ମାନବର ଗଭୀରତମ ପ୍ରଦେଶରେ ଏକ ଅଜ୍ଞେୟ ରାଜ୍ୟ ଅବସ୍ଥିତ । ତାହାର ଆକାର, ସ୍ୱଭାବ ବା ଶକ୍ତି ନିରୂପଣ କରିବା ଅସମ୍ଭବ । କାରଣ ଜାଗତିକ ଅଭିଜ୍ଞତାର କୌଣସି ମାନଦଣ୍ଡ ସେଠି ବ୍ୟବହାରଯୋଗ୍ୟ ନୁହେଁ । ତାହା ମାନବକୁ ଏବଂ ମାନବେନ୍ଦ୍ରିୟ ସମୂହକୁ ଅନୁଭବ ଶକ୍ତି ଦେବା ସଙ୍ଗେ ସଙ୍ଗେ ଅନୁଭୂତ ଜଗତକୁ ମଧ୍ୟ ନିଜ ସତ୍ତାର ଅଙ୍ଗ କରିନିଏ । ସେ ରାଜ୍ୟ ଏକ ଅଦୃଶ୍ୟ ଶକ୍ତିମାନ୍ ରାଜ୍ୟ, ଲୌହ ଚୁମ୍ବକର ମଧ୍ୟରେ ଅଦୃଶ୍ୟ ଶକ୍ତି ପରି ତାହା ଇନ୍ଦ୍ରିୟଜଡ଼ିତ ମନୁଷ୍ୟକୁ ବାହ୍ୟ ଜଗତର ସମ୍ପର୍କରେ ଆଣିଦିଏ । ନଚେତ୍ ମନୁଷ୍ୟ ତଥା ତା'ର ପରିବେଷ୍ଟନୀ ପ୍ରତିକ୍ରିୟାହୀନ ଜଡ଼ପିଣ୍ଡ । ପ୍ରତିକ୍ରିୟାରେ ହିଁ ମନୁଷ୍ୟ ବାହ୍ୟ ଜଗତର ଅସ୍ତିତ୍ୱ ଅନୁଭବ କରେ । କିନ୍ତୁ ଏହି ଅଦୃଶ୍ୟ ଶକ୍ତିକୁ ଅନୁଭବ କରିବାକୁ ହେଲେ ନିଜର ଏବଂ ଜଗତର ଦୂରକୁ ଯିବାକୁ ହେବ, ଆଉ ଏକ ମାଧ୍ୟମରେ ଅନୁଭବ କରିବାକୁ ହେବ । ଅବଶ୍ୟ ମନସ୍ଶକ୍ତିକୁ ବାହ୍ୟଜଗତ ଦିଗରେ ପ୍ରସାରିତ ନ କରି ଯେତେବେଳେ ସେହି ଅଦୃଶ୍ୟ ସତ୍ତା ସ୍ୱତଃ ପ୍ରତିଫଳିତ ହୁଏ, ସେତେବେଳେ ହିଁ ଏହି ଅନ୍ୟାନ୍ୟ ସାଧାରଣ ଅନୁଭୂତି ସମ୍ଭବ ।

ମନୋରମ ଇନ୍ଦ୍ରଧନୁର ରାଜ୍ୟ, ମରୀଚିକାର ତରଙ୍ଗ । ସେଥିରେ ଯଦି ଅସ୍ତିତ୍ୱ ସମ୍ଭବ, କାହିଁକି ଜଣେ ସତ୍ୟର ସନ୍ଧାନ କରିବାକୁ ଯିବ । ସତ୍ୟର ଜିଜ୍ଞାସା କିନ୍ତୁ ସ୍ୱତଃ ଜାଗ୍ରତ ହୁଏ, ତା' ପାଇଁ ପ୍ରୟାସ ଅନାବଶ୍ୟକ । କୌଣସି ଏକ ମୁହୂର୍ତ୍ତରେ ଯଦି ଇନ୍ଦ୍ରଧନୁକୁ ଦେଖି ମନୁଷ୍ୟ ସନ୍ଦେହ କରିଛି ଯେ ତା'ର ବିପରୀତ ଦିଗରେ ଏକ ଆଲୋକ ଉତ୍ସ ଲୁକ୍କାୟିତ ରହିଛି, ସେହି ମୁହୂର୍ତ୍ତରୁ ତା' ପାଇଁ ସେ ସପ୍ତରଙ୍ଗରେ ଆଉ ତୃପ୍ତି ନାହିଁ । ସେ ସେଥିରେ ବଞ୍ଚନାର ସୂଚନା ପାଏ ଏବଂ କ୍ରମଶଃ ତା'ର ଦୃଷ୍ଟି ଅନ୍ୟଆଡ଼େ ଫେରିଯାଏ । ସତ୍ୟର ସମୁଦ୍ଭାସିତ ରାଜ୍ୟର ତୀବ୍ରତା ସେ ଇନ୍ଦ୍ରଧନୁର ମାଧ୍ୟମରେ ପ୍ରକାଶ କରିପାରିବ ନାହିଁ । ଏ ଅନୁଭୂତି ଅପ୍ରକାଶ୍ୟ । ସମୟ ସମୟରେ କର୍ତ୍ତବ୍ୟବୋଧ ଦୃଷ୍ଟିରୁ ଅନ୍ୟମାନଙ୍କୁ ଇଙ୍ଗିତ ଦେବାକୁ ସେ ଯତ୍ପରୋନାସ୍ତି ଯତ୍ନ କରିଥାଏ । କିନ୍ତୁ ସାଧରଣତଃ ଏ ଅନୁଭୂତି ପରେ ଆଉ ନିଜ କଳ୍ପିତ ସ୍ୱର୍ଗର ଯଶୋଗାନ ଶୁଣିବାକୁ ମିଳେ ନା ଏବଂ ଆତ୍ମତୁଷ୍ଟି ମଧ୍ୟ କଳ୍ପନାର ବଶବର୍ତ୍ତୀ ହୋଇ ରହେ ନା । ନୀରବ, ଅନବଦ୍ୟ ଏକ ଅନୁଭବ ଜୀବନର ସତ୍ତାକୁ ନିଜ ସହିତ ମିଳାଇନିଏ । ସେଇଠି ହୁଏ ତ୍ରିଶଙ୍କୁ ଊର୍ଦ୍ଧ୍ୱମୁଖ । ପାର୍ଥିବ ଅପରିପକ୍ୱତା ଏବଂ ସସୀମତା ତ୍ୟାଗ କରି ଦିବ୍ୟ ରୂପରେ ସେ ସ୍ୱର୍ଗର ଦ୍ୱାରସ୍ଥ ହୁଏ । ସେ ସେହିଠାରେ ଅନୁଭବ କରେ ଯେ ସ୍ୱର୍ଗଦ୍ୱାର ଚିରକାଳ ଉନ୍ମୁକ୍ତ । ସେ କେବଳ ନିଜର ଅକ୍ଷମତା ପାଇଁ ପ୍ରବେଶ କରିପାରି ନଥିଲା ।

❖❖❖

Digitized by srujanika@gmail.com

'ଅଥେଲୋ' ମନୋବୃତ୍ତି

ଡେସଡିମୋନା ଅସାମାନ୍ୟା ସୁନ୍ଦରୀ । ମଥିତ ସାଗରରେ ଫେନସମ୍ଭାର ଉପରେ 'ଭିନସ୍' ପରି ତା'ର ସମ୍ମୋହିନୀ ଲାବଣ୍ୟ । ଏଣୁ ଏପରି ପତ୍ନୀ ଲାଭ କରି ଅଥେଲୋର ଦାମ୍ପତ୍ୟ ଜୀବନରେ ଅପୂର୍ଣ୍ଣ କିଛି ନାହିଁ । ତା'ର ଜୀବନର କ୍ଷୁଦ୍ର ମୃଣ୍ମୟ କଳସରେ ସତେ ବା ଅଜସ୍ର ସୁଧାଧାର ଝରିପଡ଼ିଛି । ଜୀବନ ଏବଂ ଜଗତ୍ ତା' ପାଇଁ ଅମୃତମୟ । ତା'ର କିନ୍ତୁ ଅତି ନିଭୃତରେ ସମୟ ସମୟରେ ନିଜର ଯୋଗ୍ୟତା ଉପରେ ସନ୍ଦେହ ଆସିଛି । ସେ ଡ଼େସଡ଼ିମୋନାକୁ ପ୍ରାଣାଧିକ ଭଲପାଇଛି ; କିନ୍ତୁ ବିଶ୍ୱାସ କରିପାରିନାହିଁ ଯେ ସେ ଚିରକାଳ ଗୋଟିଏ କୃଷ୍ଣକାୟ 'ମୁର୍'ର ଅନୁସଙ୍ଗିନୀ ହୋଇ ରହିପାରିବ । ତଥାପି ଯଥେଷ୍ଟ ଆତ୍ମପ୍ରତ୍ୟୟର ସହିତ ସେ ଡ଼େସଡ଼ିମୋନାକୁ ଏକ ମହାର୍ଘ ଆଭରଣ ରୂପେ ଗ୍ରହଣ କରିଛି । 'ଇଆଗୋ' ମାନବସୃଷ୍ଟିରେ ଏକ ବ୍ୟତିକ୍ରମ । ସେ ନୀତି-ନିୟମ ଓ ମାନବିକତାର ପ୍ରତିବାଦ କରେ ; ଏ ସବୁ ବିରୁଦ୍ଧରେ ଷଡ଼ଯନ୍ତ୍ର କରେ, ଯୁଦ୍ଧ କରେ । ଫଳତଃ ଅଥେଲୋର ସରଳ ବିଶ୍ୱାସର ସୁଯୋଗ ନେଇ ସେ ତା'ର ଦୃଷ୍ଟିଭଙ୍ଗୀ ବଦଳାଇ ଦେଇଛି । ଯେଉଁ ଆଶଙ୍କା ଅଥେଲୋର ଅନ୍ତର୍ଦ୍ଦେଶରେ ଲୁଚିରହିଥିଲା, ତାହା ସନ୍ଦେହ ଓ ପ୍ରତିହିଂସାରେ ଆତ୍ମପ୍ରକାଶ କରିଛି । ଡେସଡ଼ିମୋନାକୁ ଚରିତ୍ରହୀନା କୁଳଟାରୂପେ ଅଥେଲୋ ଦେଖିବାକୁ ପାଇଛି। ଜୀବନର ଚତୁଷ୍କୋଣରୁ କେବଳ ଗ୍ଳାନି, ଧିକ୍‌କାର ଓ ତୀବ୍ର ଜିଘାଂସର କୁଜ୍‌ଝଟିକା ତାକୁ ହତବୁଦ୍ଧି କରିଦେଇଛି । ତା'ର ଅନ୍ତର୍ଦାହ ଶେଷରେ ତାକୁ ତା'ର ଜୀବନର ସାର୍ଥକତାକୁ ଭସ୍ମ କରିଛି । ଅବହେଳିତ, ତିରସ୍କୃତ ପୁରୁଷତ୍ୱ ତା'ର ମନରେ ବିପ୍ଳବ ସୃଷ୍ଟି କରିଛି ଏବଂ ସେ ଡ଼େସଡ଼ିମୋନାକୁ ହତ୍ୟା କରିଛି । ଅଥେଲୋ ଜୀବନର ଏହା ଚରମ ପରିଣତି । ମାନବ ଇତିହାସର ଅସଂଖ୍ୟ ପୃଷ୍ଠାରେ ନିରୀହ ଅଥେଲୋର କରୁଣ କାହାଣୀ ଲିପିବଦ୍ଧ । ଡ଼େସ୍‌ଡ଼ିମୋନାକୁ ହତ୍ୟା କରିଛି । ଅଥେଲୋ ଜୀବନର ଏକ ଚରମ ପରିଣତି । ମାନବ ଇତିହାସର ଅସଂଖ୍ୟ ପୃଷ୍ଠାରେ ନିରୀହ ଅଥେଲୋର କରୁଣ କାହାଣୀ ଲିପିବଦ୍ଧ । ଡ଼େସ୍‌ଡ଼ିମୋନା ତା'ର ଜୀବନର ତାତ୍ପର୍ଯ୍ୟ ଓ ସମ୍ଭାବନା ; ତାକୁ ହତ୍ୟା କରି ଅଥେଲୋ ଆତ୍ମହତ୍ୟାର ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିଛି ମାତ୍ର ।

ପୁରୁଷ ଓ ନାରୀ ସଂପର୍କର ଅକଳନୀୟ ସମ୍ଭାବନାରେ ଅଥେଲୋ ପୁରୁଷ ମନସ୍ତତ୍ତ୍ୱର ଏକ ଅତି ସାଧାରଣ ସ୍ୱାଭାବିକ ବକ୍ରତା । ନାରୀ ପ୍ରେମମୟୀ, ସୌନ୍ଦର୍ଯ୍ୟମୟୀ ଓ ପ୍ରେରଣାମୟୀ ବା ପ୍ରଲୋଭନର ଆଧାର, ବନ୍ଧନର ରୂପାନ୍ତର, ଜୀବନର ଜ୍ୱାଳାମୟୀ ଓ ଧ୍ୱଂସମୟୀ ଶକ୍ତି । ବିଭିନ୍ନ ମନୋଭାବରେ ପୁରୁଷ ନାରୀକୁ ବିଭିନ୍ନ ରୂପରେ ଦେଖିବାକୁ ପାଏ । ଏହା ମୂଳତଃ ତା'ର

Digitized by srujanika@gmail.com

ଯୌନପ୍ରବୃତ୍ତିର ପ୍ରଭାବ ; କିନ୍ତୁ ଏହି ପ୍ରବୃତ୍ତି ହିଁ ନାରୀ ଓ ପୁରୁଷର ମୌଳିକ ସମ୍ପର୍କ ରକ୍ଷା କରେ ଏବଂ ଏହି କ୍ଷେତ୍ରରେ କେବଳ ଅଥେଲୋ ସକ୍ରିୟ ହୋଇଥାଏ ।

ନାରୀ ଓ ପୁରୁଷର ଏହି ସଂପର୍କ ଏକ ମୌଳିକ ପ୍ରକୃତି, ସୃଜନ ପ୍ରକ୍ରିୟାର ଏକ ଅପରିହାର୍ଯ୍ୟ ଅବିଚ୍ଛେଦ୍ୟ ଶୃଙ୍ଖଳା । ପରସ୍ପର ମାଧ୍ୟମରେ ପ୍ରଜନନପ୍ରବୃତ୍ତି ପୁରୁଷ ବା ନାରୀ-ଜୀବନର ସ୍ୱାଭାବିକ ପରିବର୍ଦ୍ଧନ । ଏହି ପ୍ରବଳ ପ୍ରବୃତ୍ତିର ନିର୍ଦ୍ଦେଶାନୁସାରେ ଜୀବସୃଷ୍ଟିରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବା ତା'ର ଜୀବନର ସଫଳତା । ଏ ପ୍ରବୃତ୍ତି ମାଧ୍ୟାକର୍ଷଣ ଶକ୍ତି ପରି ଚିରସ୍ଥାୟୀ ଏବଂ ଏହାର ଆଦେଶ ଅନବଜ୍ଞେୟ । ଜୀବନ ଅଧିକାଂଶ କ୍ଷେତ୍ରରେ ଏହି ମୌଳିକ ନିୟମର ପ୍ରତିକ୍ରିୟାର ସମାହାର ମାତ୍ର । ଯୌବନ ଶରୀର ଓ ମନର ଏକ ନିର୍ଦ୍ଦିଷ୍ଟ ଅବସ୍ଥା, ଯାହାର ଆନୁକୂଲ୍ୟରେ ପୁରୁଷ ଓ ନାରୀ ପରସ୍ପରର ପ୍ରୟୋଜନ ଅନୁଭବ କରିଥାନ୍ତି । ଯୌବନର ପୂର୍ବାବସ୍ଥା ଏହି ଲକ୍ଷ୍ୟ ସାଧନର ପ୍ରସ୍ତୁତି ଏବଂ ତା'ର ପରବର୍ତ୍ତୀ ଅବସ୍ଥା ଏହାର ପରିଣାମ । ପୁରୁଷ ଓ ନାରୀର ସଂପର୍କ ଏକ ଗତାନୁଗତିକ ସ୍ୱାଭାବିକ ଧର୍ମ ଏବଂ ବୈବାହିକ ସଂପର୍କ ଏହି ମୌଳିକ ସଂପର୍କର ସାମାଜିକ ସଂଶୋଧନ । ଗୋଷ୍ଠୀର ଐନ୍ଦ୍ରିକ ସ୍ୱେଚ୍ଛାଚାର ପରିବର୍ତ୍ତନରେ ସହଜ ବ୍ୟକ୍ତିଗତ ସଂପର୍କକୁ ନିୟମର ରୂପ ଦେଇ ତାହାରି ଉପରେ ସମାଜର ନୈତିକ ଜୀବନ ଗଢି ଉଠିଛି । ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରୁ ସାମାଜିକ କଳହ ପରିବର୍ତ୍ତେ ମୈତ୍ରୀ ଏବଂ ଏକତା ସ୍ଥାପନ ପାଇଁ ଏକ ନାରୀ ଓ ଏକ ପୁରୁଷର ସଂପର୍କକୁ ଅନବଜ୍ଞେୟ ନିୟମରୂପେ ଗ୍ରହଣ କରାଯାଇଛି । ସ୍ଥଳବିଶେଷରେ ଏ ନିୟମର ବ୍ୟତିକ୍ରମ ଥିଲେ ସୁଦ୍ଧା କେବଳ ସେହି ସଂପର୍କକୁ ବିଧିବଦ୍ଧ କରି ବିଶୃଙ୍ଖଳତା ଦୂର କରିବା ହିଁ ନୀତିକାରର ମୂଳଲକ୍ଷ୍ୟ ।

ପୁରୁଷ ସ୍ୱଭାବତଃ ଅଧିକାରପ୍ରିୟ । ଏଣୁ ନାରୀ ଉପରେ ତା'ର ଅବାଧ ଅଧିକାରରେ କୌଣସି ବାଧା ଆସିଲେ ଲଙ୍କାପୁରୀ ବୀରଶୂନ୍ୟା ହୁଏ ବା ବିପୁଳା ଟ୍ରୟ ପୋଡ଼ି ଭସ୍ମୀଭୂତ ହୁଏ । ସମସ୍ୟା ବ୍ୟକ୍ତିଗତ ସ୍ତରରୁ ଗୁରୁତର ଜାତିଗତ ମର୍ଯ୍ୟାଦାର ରୂପ ନିଏ । ଧର୍ମ ଓ ସଂସ୍କୃତି ମଧ୍ୟ ଯତ୍‌କିଞ୍ଚିତ୍ ଅନୁପ୍ରେରଣା ଯୋଗାଇଥାନ୍ତି । ଅବଶ୍ୟ ସାଧାରଣ ସମାଜର ଚିରାଚରିତ ନିୟମ ଅନୁସାରେ ପୁରୁଷ ତା'ର ଅଧିକାରରେ ଅନ୍ୟର ହସ୍ତକ୍ଷେପ ଦେଖିବାକୁ ପାଏ ନାହିଁ ; କିନ୍ତୁ ତା'ର ମନରେ ଲୁଚି ଲୁଚି ଅଥେଲୋ ଦେଖାଦିଏ ; ନିଭୃତରେ ଇଆଗୋ ସହିତ ଷଡ଼ଯନ୍ତ୍ର କରେ, ସ୍ତ୍ରୀପ୍ରତି ଅପ୍ରକାଶ୍ୟ ସନ୍ଦେହ ତାକୁ ଆତ୍ମଘାତୀ ଯନ୍ତ୍ରଣା ଦିଏ । ସେ ଏହି ଅବିଶ୍ୱାସର ପ୍ରହେଳିକା ଭେଦ କରି ସହଜରେ ଆଉ ବାହାରିପାରେ ନାହିଁ । ସନ୍ଦେହର ଜାଲରେ ସେ ନିଜକୁ ନିଜେ ଆବଦ୍ଧ କରି ରଖେ । ତା'ର ରୁଗ୍ଣ କଳ୍ପନାରେ ସେ ବଞ୍ଚିବାର ମାଦକତା ଆଉ ଦେଖିବାକୁ ପାଏ ନାହିଁ । ଫଳତଃ ତା'ର ଅନ୍ତର୍ଦେଶରୁ ଏକ ସୂକ୍ଷ୍ମ ଧାରାବାହିକ କ୍ରିୟା ଆରମ୍ଭ ହୁଏ । ଆଶା ଓ କଳ୍ପନାର ଆନନ୍ଦ ହିଁ ଜୀବନକୁ ସରସ ଓ ଉପଭୋଗ୍ୟ କରିଥାଏ । କିନ୍ତୁ ଏହି ତୃଷାଗ୍ନି ତୁଲ୍ୟ ମନ୍ଥର ଅଥଚ ଦାରୁଣ ଅନ୍ତର୍ଦାହରେ ଅଥେଲୋ ତିଳ ତିଳ କରି ପ୍ରାଣର ହବନ କରେ । ମନଭିତରେ ସେ ଅସଂଖ୍ୟ ବୃଶ୍ଚିକର ଦଂଶନ ଅନୁଭବ କରେ । ମାନସିକ ଦ୍ୱନ୍ଦ୍ୱଜନିତ ପୀଡ଼ାରେ ସେ ତା'ର ଅପକ୍ଷପାତ ବିଚାରବୁଦ୍ଧି ହରାଏ । ନିଜର ପତ୍ନୀକୁ କେନ୍ଦ୍ର କରି ସେ ଯେଉଁ ଆଶାର ଲତିକା ରୋପଣ କରିଥିଲା, ଯାହାକୁ ସେ ପ୍ରସ୍ଫୁଟିତା

Digitized by srujanika@gmail.com

ଏବଂ ଫଳବତୀ ହୋଇ ସମଗ୍ର ଭବିଷ୍ୟତ୍‌ର ଉପଜୀବ୍ୟା ରୂପେ କଳ୍ପନା କରିଥିଲା, ତାକୁ ଅନନ୍ୟୋପାୟ ହୋଇ ସ୍ୱହସ୍ତରେ କୁଠାରାଘାତ କରିବାକୁ ବାଧ ହୁଏ । ଦୀର୍ଣ୍ଣ ପ୍ରାୟ ତା'ର ରକ୍ତ ବର୍ଷଣ କରେ । ସନ୍ଦେହ-ସଂକୁଳ ମନରେ ସେ ଆଉ ତା'ର ଡ଼େସଡ଼ିମୋନାକୁ ରୂପଗୁଣର ବିଧିଲେଖା ପରି ଦେଖିପାରେ ନାହିଁ । ଧୂମିଳ ବିଷାକ୍ତ ବାଷ୍ପରେ ତା'ର ଦୃଷ୍ଟି ରୋଧ ହୁଏ । ସେ ଜାଣେ ଯେ ଡେସଡିମୋନା ତା'ର ଜୀବନର ସର୍ବସ୍ୱ । ସେଇ ବାମୂଢ଼ ଅବସ୍ଥାରେ ତା' ପାଇଁ ଅଶ୍ରୁ ବର୍ଷଣ କରେ । ଡେସଡିମୋନା ବାହ୍ୟ ଜଗତ୍‌ର ନାରୀବିଶେଷ ନୁହେଁ ବରଂ ତା'ର ମନର ଏକ ଅଂଶ ; ଆବେଗ, ଆକାଙ୍କ୍ଷା ଓ ଆନନ୍ଦର ପ୍ରତୀକ । ସେ ଅନୁଭବ କରେ ; କିନ୍ତୁ ହିଂସ୍ର ପଶୁର ପ୍ରତିହତ ସ୍ୱାର୍ଥାନ୍ଧତା ତାକୁ ପ୍ରତିହିଂସା ଓ ହତ୍ୟା ଦିଗରେ ଆଗେଇ ନିଏ । ଶାୟିତା ଡେସିଡିମୋନା ଉପରେ ତା'ର କୁଟିଳ କୁତ୍ସିତ ସନ୍ଦେହ ଏକ କଦାକାର କୁଳଟାର ଛାୟା ଆରୋପ କରେ । ଅଥେଲୋ କେବଳ ନିଜ ବିଷାକ୍ତ ମନର ପ୍ରତିଫଳନ ଦେଖିବାକୁ ପାଏ । ଅପରୂପ ସୌନ୍ଦର୍ଯ୍ୟମୟ ଡେସଡିମୋନା ସଂସାର ତା'ର ଆଗରେ ଚୂର୍ଣ୍ଣୀଭୂତ ହୁଏ । ସେ ସେହି ଲୋଭନୀୟ ପ୍ରାଣୋପମ ସଂସାରକୁ ବଞ୍ଚାଇବାକୁ ନିଜର ଚିରାକାଙ୍‌କ୍ଷିତା ଡେସଡିମୋନାର ସଂରକ୍ଷଣ ପାଇଁ ଏହି ଛାୟାମୟୀ ରାକ୍ଷସୀର କଣ୍ଠରୋଧ କରି ହତ୍ୟା କରେ ; କିନ୍ତୁ ସେ କ୍ରୋଧର ଉଷ୍ମ ମୁହୂର୍ତ୍ତରୁ ଉଦ୍‌ଗତ ହୋଇ ଦେଖେ ଯେ ଛଳନାମୟୀମାନସୀ ରାକ୍ଷସୀ ତାକୁ ଉପହାସ କରୁଛି ଏବଂ ସେ ସ୍ୱହସ୍ତରେ ନିଜର ପ୍ରାଣପ୍ରତିମାର ହତ୍ୟା କରିଛି । ଏହାପରେ ପରାହତ ପ୍ରବଞ୍ଚିତ ଅଥେଲୋର ବଞ୍ଚିବାର କିଛି ଅର୍ଥ ନ ଥାଏ ଦୀପଶିଖା ନିର୍ବାପିତ ହେଲେ ଧୂମଶିଖା ପ୍ରଦୀପର ହାହାକାରମୟ ଦୟନୀୟ ଅସ୍ତିତ୍ୱ ପରି ତା'ର ଶୁଷ୍କ, ତାତ୍ପର୍ଯ୍ୟହୀନ ଜୀବନ-ପ୍ରବାହ ।

ଡେସଡିମୋନାର ପବିତ୍ରତା, ନୈତିକ, ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣପ୍ରାଣ ଆନୁଗତ୍ୟ ହିଁ ଅଥେଲୋର ବିଶେଷତ୍ୱ । 'ମାଡ଼ାମ୍ ବୋଭାରି' ପରି ପର-ପୁରୁଷରତା, ଦୁର୍ଦ୍ଦମନୀୟା ବାସନାଉତପ୍ତା, ରାଣ୍ଡୀ କାଥେରାଇନ୍ ପରି ନାରୀର ସ୍ୱାମୀ ରୂପେ ଅଥେଲୋର ଅଥେଲୋତ୍ୱ ଆଉ ରହେ ନାହିଁ । ଦୁର୍ବହ ଜୀବନର ପ୍ରତି ମୁହୂର୍ତ୍ତରେ ମୃତ୍ୟୁପୀଡ଼ା ପରେ ଆତ୍ମହତ୍ୟା ଚରମ କରୁଣ ବେଦନା ଆଉ ରହେ ନା । ନାରୀ ଯଦି ସୀତା ପରି ନିଷ୍କଳଙ୍କା ହୁଏ ତେବେ ସନ୍ଦେହର 'ଇଆଗୋ' ବାଲ୍ମିକୀ-ସଂପୂଜିତ ରଘୁପତି ହୃଦୟରେ ମଧ୍ୟ 'ଅଥେଲୋ' ସୃଷ୍ଟି କରେ । ଦୈବଭାବପୂର୍ଣ୍ଣ ରାମ ମଧ୍ୟ ନିର୍ଦ୍ଦୟ ଅଗ୍ନି-ପରୀକ୍ଷାର ଆଦେଶ ଦିଅନ୍ତି । ଦଗ୍‌ଧ କାଞ୍ଚନ ପରି ବୈଦେହୀ ଏ ପରୀକ୍ଷା ଅତିକ୍ରମ କରନ୍ତି ସତ ; କିନ୍ତୁ ରାମନାମର ସଂଶୟ-ରାକ୍ଷସୀ ମଧ୍ୟ ସଂପୂର୍ଣ୍ଣ ଦଗ୍‌ଧ ନ ହୋଇ ଛାୟାରୂପରେ ସତୀର ଅଦୃଶ୍ୟ କଳଙ୍କ ହୋଇ ରହିଯାଏ । ସାମାନ୍ୟ ରଜକୀର ଉକ୍ତିରେ ଅନ୍ତଃସତ୍ତ୍ୱା ରାଜବଧୂ ଉପେକ୍ଷିତା ଆଶ୍ରମଚାରିଣୀ ହୋଇ ରହନ୍ତି । ଉଦାରହୃଦୟ ରାମଙ୍କର ପ୍ରାଣ ମଧ୍ୟ ଅଥେଲୋର ପୀଡ଼ନ ଅନୁଭବ କରେ, ତଦ୍ରୂପ ଦ୍ୱନ୍ଦ୍ୱକ୍ଲିଷ୍ଟ ଅସ୍ଥିର, କ୍ଷୟିତ ଏବଂ ଅବଶେଷରେ ସୀତାଙ୍କର ପାତାଳପ୍ରବେଶ ପରେ ଶୂନ୍ୟଗର୍ଭ ହୋଇ ଏକ ମହାଜୀବନର ଅବସାନ ଘଟାଏ ।

ବୀରହୃଦୟ ଅଥେଲୋ ଭାବପ୍ରବଣ, ପ୍ରେମାପ୍ଲୁତ; କିନ୍ତୁ ଶିଶୁ ପରି ସରଳ । ଯଦି ଅଥେଲୋ ଡେସଡିମୋନା ପ୍ରତି ଏପରି ଅନନ୍ୟସାଧାରଣ ପ୍ରେମର ଅଧିକାରୀ ହୋଇ ନଥାନ୍ତା ତେବେ ହୁଏତ

Digitized by srujanika@gmail.com

ଇଆଗୋର ସମସ୍ତ ଷଡ଼ଯନ୍ତ୍ର ତା'ର ମନରେ ଏପରି ବିକ୍ଷୋଭ, ଏପରି ଉତ୍‌କ୍ଷିପ୍ତତା ଆଣି ପାରି ନଥାନ୍ତା । ଯାହା ଯେତେ କାମ୍ୟ ସେହି ଆନୁପାତରେ ତା'ର ପ୍ରାପ୍ତି ଓ ଅଧିକାର ପାଇଁ ମଣିଷ ସେତେ ବ୍ୟାକୁଳ ହେବା ସ୍ୱାଭାବିକ ; କିନ୍ତୁ ପୁରୁଷ ପ୍ରତି ନାରୀର ଆକର୍ଷଣ ଅନ୍ୟ ଧର୍ମର ଅନ୍ତର୍ଗତ । ମଣିଷ ସ୍ୱାଭାବିକ ସ୍ୱାର୍ଥପର ; କିନ୍ତୁ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ସେ ନିଜ ସ୍ୱାର୍ଥର ସ୍ୱତଃ ପ୍ରସାରିତ ପରିସର ମଧ୍ୟରେ ନାରୀକୁ ଗ୍ରହଣ କରିବାକୁ ଚାହେଁ । ଏହି ପ୍ରସାରିତ ସ୍ୱାର୍ଥ ମୂଳତଃ ସ୍ୱାର୍ଥ ହିଁ ରହିଯାଏ ସତ ; କିନ୍ତୁ ନିଜର ଦୈହିକ ଏବଂ ମାନସିକ ପ୍ରୟୋଜନର ପରିତୃପ୍ତି ଛଳରେ ପୁରୁଷ ନାରୀକୁ ତା'ର ଜୀବନର ଅପରିହାର୍ଯ୍ୟ ଅଙ୍ଗରୂପେ ଗ୍ରହଣ କରେ ଏବଂ ଏହି କ୍ରିୟାର ପରିଣାମସ୍ୱରୂପ ସନ୍ତାନସନ୍ତତିଙ୍କୁ ମଧ୍ୟ ସେହି ପରିସର ମଧ୍ୟରେ ସ୍ଥାନ ଦିଏ । ବାଲ୍ୟାବସ୍ଥାରେ ଯେଉଁ ସ୍ୱାର୍ଥ କେବଳ ଶରୀରର ସୀମାରେଖା ଭିତରେ ହିଁ ନିହିତ ଥିଲା, ତାହା ଶାଖାପ୍ରଶାଖା ବିସ୍ତାର କରି ପରିବର୍ଦ୍ଧିତ ହୁଏ । ସ୍ତ୍ରୀପରିବାର, ଧନସମ୍ପତ୍ତି, ବନ୍ଧୁକୁଟୁମ୍ବ, ପ୍ରତିବେଶୀ, ଜାତିଭାଇ ସମାଜ ବା ଦେଶ ଏହି ସ୍ୱାର୍ଥର କ୍ରମିକ ବର୍ଦ୍ଧନରେ ମଣିଷର ଅଧିକାର ରାଜ୍ୟକୁ ପ୍ରବେଶ କରନ୍ତି । ଅନୁକୂଳ ପରିସ୍ଥିତିରେ ଏହାର ବ୍ୟାପ୍ତି ସମଗ୍ର ସୃଷ୍ଟିକୁ ଗ୍ରାସ କରି ସ୍ରଷ୍ଟାର ସମଧର୍ମରୂପେ ପରିଚୟ ଦିଏ । ଅବଶ୍ୟ ଏ ସ୍ତରରେ ତାହା ଆଉ ସ୍ୱାର୍ଥ ହୋଇ ନ ଥାଏ । ଏକ ମସୀବିନ୍ଦୁ ପ୍ରଶାନ୍ତ ମହାସାଗରରେ ବିସ୍ତୀର୍ଣ୍ଣ ହେଲେ ତା'ର ଯେପରି ସ୍ୱଧର୍ମ ଲୋପପାଏ ସେହିପରି ସ୍ୱାର୍ଥର ଅନନ୍ତ ପ୍ରସାରଣ ତା'ର ଲୋପ ସାଧନ କରିଥାଏ । କେବଳ ଏହିପରି ବର୍ଦ୍ଧନର ପ୍ରାଥମିକ ଅବସ୍ଥାରେ ହିଁ ଅଧିକାର ବାସନା ଅତି ତୀବ୍ର । ନାରୀ ପୁରୁଷର ନିକଟତମ ସମ୍ପତ୍ତି । ସେ ସେହି ଅଧିକାରକୁ ସବୁଠାରୁ ପ୍ରଥମ ସ୍ଥାନ ଦେଇଥାଏ । ଏଣୁ ଏଥିରେ କୌଣସି ପ୍ରକାର ବାଧା ସେ ସହ୍ୟ କରିପାରେ ନାହିଁ ; କିନ୍ତୁ ଅବାଧ ଅଧିକାର ଥାଇ ସୁଦ୍ଧା ଅଥେଲୋ ଗଭୀର ଆସକ୍ତିବଶତଃ ଏକ ପ୍ରକାର ଆନ୍ତରିକ କାର୍ପଣ୍ୟର ସୂଚନା ଦିଏ ଏବଂ ଅତି ସନ୍ଦିଗ୍ଧମନା ହୋଇଯାଏ । ଯେଉଁ ସନ୍ଦେହକୁ ହୁଏତ ସେ ଅନ୍ତରରେ ନିଜକୁ ନିଜେ ପ୍ରତାରଣା କଲା ପରି ଅବହେଳା କରି ଆସିଥିଲା ବା ତାକୁ ଚିନ୍ତାକ୍ଷେତ୍ରରେ ସ୍ଥାନ ଦେବାକୁ ମଧ୍ୟ ସାହସ କରୁ ନ ଥିଲା, ଇଆଗୋ, କେସିଓ ଆଦି ତାର ନିରାବରଣ ସ୍ୱରୂପପ୍ରକାଶ କରିବାରେ ସାହାଯ୍ୟ କରିଛନ୍ତି ।

ଅଥେଲୋ ଜୀବନ ଅଭିଶପ୍ତ । ନାରୀ ପ୍ରତି ଅବିଶ୍ୱାସ ଯେପରି ତା'ର ପ୍ରକୃତିର ଏକ ଅଙ୍ଗ ; ଉଦ୍ଭଟ କଳ୍ପନା କେବଳ ମାନସିକ ଭ୍ରାନ୍ତି ସୃଷ୍ଟି କରି ତାହାରି ମାଧ୍ୟମରେ ତାକୁ ଯନ୍ତ୍ରଣା ଦିଏ । ସାଧାରଣ ସରଳ ଘଟଣା ମଧ୍ୟ ତା'ର ମାନସିକ ବକ୍ରତା ପାଇଁ ବକ୍ର ପ୍ରତୀୟମାନ ହୁଏ ; କିନ୍ତୁ ପ୍ରେମଜନିତ ବିବଶତା ତାକୁ ଭୀରୁ କରି ଦେଇଥାଏ । ସାହସର ସହିତ ସମସ୍ୟାର ସମ୍ମୁଖୀନ ସେ ହୋଇପାରେ ନାହିଁ । ଦୂରରୁ କେବଳ କାସିଓକୁ ତା'ର ସ୍ତ୍ରୀର ଉପହାର ନେଇ ଅସଂଯତ କ୍ରୀଡ଼ା କରିବାର ସେ ଦେଖେ ଏବଂ ଅନ୍ତର ଭିତରେ କେବଳ ନିଜେ ଦଗ୍ଧୀଭୂତ ହେଉଥାଏ । ଏକ ପାର୍ଶ୍ୱରେ ଉଦାର ପ୍ରେମ ଓ ସରଳତାର ପ୍ରତିମୂର୍ତ୍ତି ଡେସଡିମୋନା ଏବଂ ଅପରପାର୍ଶ୍ୱରେ ନିଷ୍ଠୁର ସନ୍ଦେହ ତା'ର ହୃଦୟ-ତନ୍ତ୍ରୀକୁ ଆକର୍ଷଣ କରନ୍ତି । ଅଥେଲୋର ମନ, ବ୍ୟକ୍ତିତ୍ୱ, ତା'ର ସଂସାର

Digitized by srujanika@gmail.com

ସବୁ ଯେପରି ଏହି ଆତ୍ମହତ୍ୟା ରୂପକ ଅନ୍ତର୍ଯୁଦ୍ଧରେ ବିଭକ୍ତ ହୋଇଯାଆନ୍ତି । ଶେଷରେ ଇଆଗୋର ମୃତ୍ୟୁ-ସଂକେତରେ ଆକଣ୍ଠ ଉଗ୍ର ବିଷ ପାନ କରି ବିଭ୍ରାନ୍ତ ହୋଇଯାଏ । କର୍ତ୍ତବ୍ୟବିମୂଢ଼ ହୋଇ ଅଥେଲୋ ଆଉ ନିଭୃତରେ ଜଳେ ନାହିଁ । ତୃଷାଗ୍ନି ହଠାତ୍ ଲୋଳଜିହ୍ୱ-ଶିଖା ବିସ୍ତାର କରେ । ହୃଦୟର ଦ୍ୱିଧା ସାମୟିକ ଅନ୍ତର୍ହିତ ହୁଏ । ପ୍ରାଣର ଅଧିଷ୍ଠାତ୍ରୀ ଡେସଡିମୋନାକୁ ଧୂମମୟୀ ରାକ୍ଷସୀ ଗ୍ରାସ କରିଯାଏ ଏବଂ ପ୍ରଖର ବେଗରେ ଅଥେଲୋ ଜୀବନ ଭସ୍ମୀଭୂତ ହୋଇଚାଲେ । ଅବଶେଷରେ ମୃତ୍ୟୁର ଜବନିକା ଅନ୍ତରାଳରେ ଯାତନାକ୍ଲିଷ୍ଟ ଶ୍ରାନ୍ତ ଅଥେଲୋର ଅବସାନ ଘଟେ ।

ଡେସ୍‌ଡିମୋନାକୁ ଅବିଶ୍ୱାସ କରିବା ଅଥେଲୋର ହୀନମନ୍ୟତାର ଏକ ରୂପାନ୍ତର । ଅଥେଲୋର ଆତ୍ମବିଶ୍ୱାସ ନାହିଁ । ଏଣୁ ସ୍ତ୍ରୀକୁ ମଧ ସେ ବିଶ୍ୱାସ କରିପାରିନାହିଁ । ସେ ନିଜର ଅନୁପଯୁକ୍ତତା ଜୀବନରେ କେବେହେଲେ ଭୁଲିପାରିନାହିଁ । ଏହି ନ୍ୟୂନ ମନୋଭବ ଅହରହ ତାକୁ ସନ୍ଦେହମନା କରିଦେଇଛି । ନିଜ ଉପରେ ବିଶ୍ୱାସ ହରାଇ ସେ ଶେଷରେ ସର୍ବସ୍ୱାନ୍ତ ହୋଇ ମୃତ୍ୟୁର ଆଶ୍ରୟ ନେଇଛି । ତା'ର ଜୀବନର ହଳାହଳମୟ ଅଭିଜ୍ଞତା ତୁଳନାରେ ଯେ ଏହା ଶତଗୁଣରେ ବରଣୀୟ ହୋଇଛି, ଏଥିରେ ସନ୍ଦେହ ନାହିଁ ।

ଅଥେଲୋ ପୁରୁଷ ଜୀବନର ଏକ ଅଭିଶପ୍ତ ଅଧ୍ୟାୟ । ପରିମାଣଭେଦରେ ତା'ର ଯନ୍ତ୍ରଣାର ନିର୍ଯାସ ଅନେକଙ୍କର ଜୀବନ ବିଷମୟ କରିଥାଏ । ପ୍ରତ୍ୟେକ ଯୁବକର ଚିନ୍ତାରାଜ୍ୟରେ ଏ ଅମର 'ମୁର୍'ର କୃଷ୍ଣଛାୟା ପତିତ ହୋଇଥାଏ । ମନେହୁଏ ଯେପରି ଏହା ଚିର ଅପରାଜେୟ ; କିନ୍ତୁ ରାମଗିରି ଆଶ୍ରମର ଯକ୍ଷ ବିରହର ଦ୍ୱିଗୁଣିତ ପ୍ରେମରେ ଆତ୍ମବିସ୍ମୃତ ଥାଏ ଏବଂ ଅଳକାର ପ୍ରେମବିଧୁରା ଯକ୍ଷିଣୀ ପାଇଁ ତା' ମନରେ ସନ୍ଦେହ ବା ଅବିଶ୍ୱାସର ଅବକାଶ ନ ଥାଏ । ସେଇଠି ଅଥେଲୋ ନିଷ୍କ୍ରିୟ । ଅଗାଧ ପ୍ରେମ ଏବଂ ଆତ୍ମପ୍ରତ୍ୟୟ ଏ ଦାହିକା ଆତ୍ମଘାତୀ ମନୋବୃତ୍ତିର ପ୍ରତିରୋଧ କରେ, ଜୀବନକୁ କ୍ଷତବିକ୍ଷତ କରି ମନ୍ଥର ମୃତ୍ୟୁରେ ବ୍ୟୟିତ ହେବାକୁ ଦିଏ ନାହିଁ ; ବରଂ ସୁସ୍ଥ ବିମଳ ଦାମ୍ପତ୍ୟକୁ ସ୍ପୃହଣୀୟ ଓ ଶ୍ଲାଘ୍ୟ କରିଥାଏ ।

❖❖❖

Digitized by srujanika@gmail.com

ଅମରତ୍ୱର ଅଭିଶାପ

ଗ୍ରୀକ୍ କଳ୍ପିତ 'ଟିଥୋନସ୍' ଅମର, କିନ୍ତୁ ନିର୍ଜର ନୁହେ । ଶତାବ୍ଦୀ ପରେ ଶତାବ୍ଦୀ ଜରାଗ୍ରସ୍ତ 'ଟିଥୋନସ୍' ଉପର ଦେଇ ବୋହିଯାଏ । ସେ କିନ୍ତୁ ଅମର ରହି ଜୀର୍ଣ୍ଣରୁ ଜୀର୍ଣ୍ଣତର ହୋଇ ବଞ୍ଚିରହେ । ଅବିଚ୍ଛେଦ୍ୟ ଦୁର୍ବହ ଜୀବନର ଶୃଙ୍ଖଳା ତାର କଣ୍ଠରୋଧ କରେ ; କିନ୍ତୁ ମରଣର ନୈବେଦ୍ୟ ତା' ପାଇଁ ଅନାସ୍ୱାଦିତ ରହିଯାଏ । 'ଟିଥୋନସ୍' ଅମରତ୍ୱ-ବିମୂଢ଼ ମାନବ ଜାତି ପାଇଁ ସତେ ବା ଏକ କ୍ରୂର ପରିହାସ ।

ଜୀବନର ସମସ୍ତ ମାଦକତା ଓ ସ୍ପୃହଣୀୟତା ବୋଧହୁଏ କେବଳ ମରଣର ନିଶ୍ଚିତତା ଉପରେ ହିଁ ନିର୍ଭର କରେ । ମରଣ-ବିରହିତ ଜୀବନ ସଂଘର୍ଷଶୂନ୍ୟ ଏଣୁ ସ୍ୱାଦହୀନ । ମରଣ ହିଁ ଜୀବନର ପରିପୂର୍ଣ୍ଣତା ତାର ଚରମ ବିକାଶ ; ପ୍ରାଣୀର ଅମୂଲ୍ୟ ଅଧିକାର ବଞ୍ଚିରହିବାର ବାସନା ପ୍ରତ୍ୟେକ ଜୀବ ପୋଷଣ କରେ ଏବଂ ମୃତ୍ୟୁ ତା' ପାଇଁ ଏକ ଅବାଞ୍ଛନୀୟ ଅଭିଶାପ । ରୂପରସଗନ୍ଧର ମାଧ୍ୟମରେ ରମଣୀୟ ସୃଷ୍ଟି ତାକୁ ଆହ୍ୱାନ କରେ । ସେ ସେଥିରେ ମଜ୍ଜିଯାଏ, ହଜିଯାଏ । କିନ୍ତୁ ସେ ବୁଝେ ନାହିଁ ଯେ ମରଣ ହିଁ ଜୀବନକୁ ଏତେ ବାଞ୍ଛନୀୟ କରିଦେଇଛି ଏବଂ ସେଥିପାଇଁ ବଞ୍ଚିରହିବାକୁ ତା'ର ଏପରି ଦୁରନ୍ତ ବାସନା । ଆରବ୍ଧ ଜୀବନର ବିଲୟ ଅବଶ୍ୟମ୍ଭାବୀ । ବିଦ୍ୟୁଦ୍ଦାମ ପରି ତାହା କ୍ଷଣକର ଦୀପ୍ତ ଜ୍ୱାଳା । ତାଦୃଶ ଜୀବନର ଅମରୀକରଣ ନା ସମ୍ଭବ ନା ସହନୀୟ । କ୍ଷୟିତ ହୋଇ ମରିବାର ସମ୍ଭାବନା ନ ଥିଲେ ବଞ୍ଚିବାର ବାସନା ପର୍ଯ୍ୟନ୍ତ ବୋଧହୁ ଲୁପ୍ତ ହୋଇଯାନ୍ତା । ଏଣୁ ଅମରତ୍ୱର ସୀମାହୀନ ଯାତନା ହୁଏତ ହୃଦୟଙ୍ଗମ କରି ସ୍ୱର୍ଗଶିଳ୍ପୀ ତା ସହିତ ନିର୍ଜରତ୍ୱର ସମାବେଶ କରିଛି । ନଚେତ୍ ସମଗ୍ର ସ୍ୱର୍ଗଭୂମି ତେତିଶ କୋଟି 'ଟିଥୋନସ୍'ର ଅସହାୟ ହାହାକାରରେ ପୂରିଉଠିଥାନ୍ତା । କିନ୍ତୁ ମରଣହୀନ ଜୀବନ ପରି ଚିରଯୌବନ ମଧ୍ୟ ଅର୍ଥହୀନ । ଇନ୍ଦ୍ରଧନୁରସ୍ଥିର ରଙ୍ଗ କଣ ସତେ ଉପଭୋଗ୍ୟ ? ଅମରତ୍ୱ ବା ନିର୍ଜରତ୍ୱର ବାସନା ଜୀବନପାଇଁ ମୌଳିକ ମୋହର ସୂଚନା ଦିଏ; କିନ୍ତୁ ସୌଭାଗ୍ୟବଶତଃ ତାହା ସୃଷ୍ଟି ନିୟମର ପ୍ରତିକୂଳ । ଏଣୁ ତାହା ଅସମ୍ଭବ ହୋଇଥିବାରୁ ତାର ଭୟାବହ ପରିଣତିରୁ ନିଷ୍କୃତି ମିଳେ ।

ସଂସାର ସ୍ଥିରତାରହିତ ଏବଂ ପରିବର୍ତ୍ତନ, ସୃଜନ ଓ ବିଲୟର ନାମାନ୍ତର ମାତ୍ର । ଏହି ପରବର୍ତ୍ତନ ପ୍ରକ୍ରିୟାର ବେଗହିଁ ବୋଧହୁଏ ବସ୍ତୁ ବା ଅବସ୍ଥାର ଅପେକ୍ଷିକ ମୂଲ୍ୟ ନିର୍ଦ୍ଧାରିତ କରିଥାଏ । ଶରୀର ମାତ୍ରେ କ୍ଷୟ ବିକାରଗ୍ରସ୍ତ । କ୍ଷୟିତ ହୋଇଯିବା ତାର ଧର୍ମ । ଆରମ୍ଭ ଏବଂ ସମାପ୍ତି ମଧ୍ୟରେ

Digitized by srujanika@gmail.com

ଯେଉଁ ପରବର୍ତ୍ତନର ଧାରା ଯେଉଁ ଅବାଧ ସଂସରଣ ଦେଖାଦିଏ, ତାହା ହିଁ ତ ଜୀବନ । ତା ପ୍ରତି ଯେଉଁ ଦୁର୍ବାର ମୋହ ମଣିଷ ମନରେ ଥାଏ ଏଇ ସଂସାରଣଜନିତ ମୋହ, ଅର୍ଥାତ୍ ସେ ମୋହ ମରଣ ହେତୁକୀ । ଜୀବନ କିମ୍ବା ଯୌବନର ସ୍ୱଧର୍ମ ରକ୍ଷା କରି ତାର ସମସ୍ତ ଉପଭୋଗ୍ୟତା ଅକ୍ଷୁର୍ଣ୍ଣ ରଖି ଅମରତ୍ୱ ବା ନିର୍ଜ୍ଜରତ୍ୱ ଆଶା କରିବା ଏକ ଉଦ୍ଭଟ କଳ୍ପନା । ନିସ୍ତରଙ୍ଗ ସ୍ଥିତିର ସାଗରରେ ଜୀବନର ସ୍ଫୁରଣ ନାହିଁ । ଆଲୋକର ବିକୀରଣ ନାହିଁ । କାରଣ ଜୀବନ କେତେଗୁଡିଏ ଧାବମାନ ମୁହୂର୍ତ୍ତର ସମାବେଶ । ସ୍ଥିରତାବିରୋଧ ତାର ଧର୍ମ । କାଳର ମଧ୍ୟ ଗତି ନାହିଁ । ସେଥିରେ ସମୟର ପ୍ରବାହ ନାହିଁ । ଘଟନା ପରଂପରା ନାହିଁ । କଳ୍ପିତ ହେଲେ ମଧ୍ୟ ମରଣହୀନ ସ୍ଥିତି ଅତି ଭୟଙ୍କର ବିଭୀଷିକାପୂର୍ଣ୍ଣ । ଏଣୁ କବି ଯେଉଁ ଅମରର ଚିତ୍ର ଲେଖେ ସେ ପୂଣ୍ୟର୍ଜିତ ବିଶାଳ ସ୍ୱର୍ଗଲୋକ ଭୋଗ କରି ପୂଣ୍ୟକ୍ଷୟ ହେଲେ ପୁନର୍ବାର ମର୍ତ୍ତ୍ୟଲୋକକୁ ଆସେ । ଅନ୍ତତଃ ଏ କଳ୍ପନା ସେଠି ନିରୁତ୍ସାହଜନକ ନୁହେଁ ।

ଅମରତ୍ୱ ବାସନା କିନ୍ତୁ ମାନବ ଇତିହାସର ପ୍ରାରମ୍ଭରୁ ଅଦ୍ୟବଧି କାବ୍ୟିକ ଏବଂ ଦାର୍ଶନିକ ସୂକ୍ଷ୍ମ କଳ୍ପନାର କ୍ଷେତ୍ରକୁ ଅଧିକାର କରି ଆସିଛି । ଜୀବନକୁ ବିଶ୍ଳେଷଣ କରି ଅମରତ୍ୱର ପ୍ରାପ୍ତିପାଇଁ ମଣିଷ ବହୁବିଧ ଉପାୟ ଅବଲମ୍ବନ କରିଛି । ପ୍ରତିମୁହୂର୍ତ୍ତରେ ଜନ୍ମ, ବ୍ୟାଧି, ଜରା, ମୃତ୍ୟୁର ଦୃଶ୍ୟ ଦେଖି ମଧ୍ୟ ଅମର ହେବାର ଲାଳସା ଓ ବିଶ୍ୱାସକୁ ସେ ଜୟ କରିପାରି ନାହିଁ । ଶରୀରରେ ନଶ୍ୱରତା ସ୍ୱତଃ ପ୍ରତିପାଦିତ ହେଲେ ମଧ୍ୟ ଏକ ସୂକ୍ଷ୍ମଶରୀର ମାଧ୍ୟମରେ ଶରୀରୀ ବାସନା ବାରମ୍ବାର ଚରିତାର୍ଥ କରିବାର ପ୍ରଚେଷ୍ଟା ପ୍ରତ୍ୟେକ ଯୁଗରେ ଦେଖିବାକୁ ମିଳେ । ସଗୁଣ ବିକାରଗ୍ରସ୍ତ ଶରୀରର ବିପରୀତ ଏକ ଜନ୍ମରହିତ ଅକ୍ଷୟ, ଶାଶ୍ୱତ ପୁରାଣ ଆତ୍ମାରେ ଅମରତ୍ୱର ସମ୍ଭାବନା ପ୍ରଦର୍ଶନ କରାଯାଏ । କିନ୍ତୁ ମନେ ହୁଏ ଶରୀର ଏବଂ ଶରୀର ସଂବନ୍ଧୀ ଅଭିଜ୍ଞତାକୁ କେନ୍ଦ୍ର କରି ଆତ୍ମାର କଳ୍ପନା କରାଯାଇଛି । ଅସଂଖ୍ୟ ତର୍କଯୁଦ୍ଧ ପରେ ମଧ୍ୟ ତାହା କେବଳ ବିଶ୍ୱାସସାପେକ୍ଷ ଆତ୍ମାର ଅମର ସତ୍ତା ଗ୍ରହଣ କଲେ ମଧ୍ୟ ସ୍ଥାନକାଳର ଚତୁରାୟାମରୁ ନିର୍ମୁକ୍ତ । ଏହାର ଶୂନ୍ୟସ୍ଥିତି କେତେଦୂର ଶ୍ଳାଘ୍ୟ ଓ ବାଞ୍ଛନୀୟ ତାହା ସ୍ଥିର ଚିନ୍ତାର ବିଷୟ । ଯଦି ଏହି ଅବ୍ୟୟ ଅମର ସତ୍ତା ଘଟରୁ ଘଟାନ୍ତରରେ ପ୍ରବେଶ କରି କେବଳ ଜୀବନର ପୁନରାବୃତ୍ତି କରିଥାଏ, ତେବେ ପ୍ରତ୍ୟେକ ଜୀବନ ଗୋଟିଏ ଗୋଟିଏ ପରିବର୍ତ୍ତନୀୟ ଅବସ୍ଥାଚକ୍ର ଯାହାର ମାଧ୍ୟମରେ ହିଁ ଆତ୍ମାର ଅମରତ୍ୱ ଉପଲବ୍ଧ କରିବାର ଚେଷ୍ଟା କରାଯାଏ । ପକ୍ଷାନ୍ତର ଦୈହିକ ବନ୍ଧନକୁ ମୁକ୍ତ ହୋଇ ଇନ୍ଦ୍ରିୟାନୁଭୂତିର ଉର୍ଦ୍ଧ୍ୱରେ ସେ କି ପ୍ରକାର ରାଜ୍ୟ ଯେଉଁଠାରେ ଅମର ଆତ୍ମା ତାର ଅମର ମୂଳ ସ୍ରୋତରେ ଲୀନ ହୁଏ, ତାହା ସଂଧାନ କରିବା ମଣିଷବୁଦ୍ଧିର ସାଧ୍ୟାତୀତ ।

ସୁତରାଂ ଅମରତ୍ୱ ସହିତ ଜୀବନର କିଛି ସଂପର୍କ ନାହିଁ । ତାହା ଆଉ ଏକ ସତ୍ତା, ହୁଏତ ଏକ ଅଜ୍ଞାତ ଅବସ୍ଥା, ଜୀବନର ବିପରୀତ କୌଣସି ଏକ ଧର୍ମ । ଜୀବନର ଅମରୀକାଣ ପାଇଁ ଯେଉଁ ସଂଜୀବନୀ ମନ୍ତ୍ର ପ୍ରବାଦ ଅଛି ଏବଂ ଯାହା ପାଇଁ କଚ ଦେବଯାନୀର ଆନୁଗତ୍ୟ ସ୍ୱୀକାର କରିଥିଲା, ତାହା ଅମରତ୍ୱର ସଂଧାନ ନୁହେଁ, ପୁନର୍ଜୀବନ ଛଳରେ ଚିରକାଳ ବଞ୍ଚିରହିବାର ବିଫଳ

Digitized by srujanika@gmail.com

ପ୍ରଚେଷ୍ଟା । ଜୀବନ ସୀମିତ ଥିବାରୁ ଉପଭୋଗ୍ୟ ପ୍ରାଣୀର ମରଣଅଧିକାର ପାଇଁ ତାହା ଚିର ଆକାଙ୍କ୍ଷିତ । ବିଭିନ୍ନ ଋତୁର ଉପଭୋଗ୍ୟ ଆକର୍ଷଣ ନେଇ ପ୍ରକୃତି ସଜ୍ଜିତ ହୁଏ । ଜଳସ୍ଥଳ ଆକାଶର ସମୟାନୁକୂଳ ରୂପ ପରିବର୍ତ୍ତନ ନୟନମନକୁ ମୁଗ୍ଧ କରେ । ପ୍ରତି ମୁହୂର୍ତ୍ତରେ ଏକ ଏକ ନୂଆ ସୃଷ୍ଟି ବଞ୍ଚି ପୁଣି ମିଳେଇଯାଏ । ଜୀବନର ମଧୁରତା ମଣିଷ ନିଜର ପ୍ରତି ରକ୍ତକଣାରେ ଆସ୍ୱାଦନ କରେ । ବଞ୍ଚିବା କିନ୍ତୁ ଏପରି ସୁଗମ ଶାନ୍ତ ସରଣୀ ନୁହେଁ । ପ୍ରତିକ୍ଷଣରେ ଏକ ନୂଆ ଯୁଦ୍ଧଘୋଷଣା ହୁଏ, ନୂଆ ସଂଘର୍ଷର ପ୍ରୟୋଜନ ହୁଏ । ସେଥିରେ ପୀଡନ ଅଛି, ଜ୍ୱାଳା ଅଛି, ଜୀବନକୁ ତୀବ୍ର ସ୍ୱାଦ ଦେବାର ଉପାଦାନ ଅଛି, ଅଞ୍ଚିବାର ବାସନାକୁ ସଂଦୀପ୍ତ କରିବାର ପ୍ରେରଣା ଅଛି । ଦୀପଶିଖା ନିଜର ଉପଜୀବ୍ୟ ତୈଳଧାରାର ହବନ କରି, ତାକୁ ଜାଳି ଜାଳି ବଞ୍ଚି ରହେ, ଝଡ ଝଞ୍ଜାର ଆକ୍ରମଣରେ ଯୁଦ୍ଧ କରି ବଞ୍ଚିବାର ତୀବ୍ର ସ୍ୱାଦ ପାଏ । ଏହି ସଂଘର୍ଷମୟ ଜ୍ୱାଳାମୟ ଅଥଚ ଦୁର୍ବାର ଆକର୍ଷଣମୟ ଜୀବନର ଚରମ ପରିଣତ ରୂପେ ପରିଶେଷରେ ନିର୍ବାପିତ ହୁଏ । ତଟିନୀର ଧାରା ପ୍ରସ୍ତର ପ୍ରତିବନ୍ଧକରେ ବାଧା ପାଇ ଫେନାୟିତ ହୁଏ, ଚୂର୍ଣ୍ଣୀଭୂତ ହୁଏ । ଦିଗପରିବର୍ତ୍ତନ କରି ପୁଣି ବହିଯାଏ । ପ୍ରତି ଲହରରେ ନୂତନତ୍ୱ, ପ୍ରତି ବକ୍ରତାରେ ନୂତନ ଇଙ୍ଗିତ । ତାର ଅବାରିତ ଗତି କିନ୍ତୁ ସାଗର-ସଙ୍ଗମରେ କେବଳ ଶେଷ ହୁଏ ।

ଏହି ନୂତନତ୍ୱ ଜୀବନର ବିଶେଷ ଧର୍ମ । ଯେଉଁଠି ପ୍ରତି ମୁହୂର୍ତ୍ତରେ ପୁରାତନର ମୃତ୍ୟୁ ଏବଂ ନୂତନର ଜନ୍ମ ହୋଇଚାଲେ, ତାହା ଆକର୍ଷଣମୟ ନ ହୋଇ କିପରି ରହିପାରେ ? ଛାୟାଲୋକର ପରସ୍ପର ଆଶ୍ଳିଷ୍ଟ ଛନ୍ଦୋବଦ୍ଧ ଗତିପରି ଜୀବନର ଏହିଧାରା । ମୃତ୍ୟୁ ଏହାର ପ୍ରତିମୁହୂର୍ତ୍ତର ଉପାଦାନ ; ଏହାର ମାଦକତା, ଏହାର ଆଶା ଓ ଆଶଙ୍କା । ଏହା ଜୀବନର ମଦିରା, ତୀକ୍ତ, ତୀବ୍ର ଅଥଚ ମଧୁର ଉନ୍ମାଦନା । ଏହା ଜୀବନର ଅବଲମ୍ବନ, ଏହା ସହିତ ଜୀବନର ପ୍ରଣୟ ଅବିଚ୍ଛେଦ୍ୟ । ବଂଶୀତାନ ବାରମ୍ବାର ଶୁଣିବାକୁ ଗୋପବଧୂର ବିହ୍ୱଳତା ପରି, ମରଣସଂଗୀତ ପାଇଁ ଜୀବନ ରୂପସୀର ଉତ୍କଣ୍ଠା । ଜୀବନ ଓ ମରଣ ଏକତ୍ୱରେ ଦ୍ୱୈତ ପ୍ରତୀତି । ବାଗର୍ଥ ପରି ସଂପୃକ୍ତ ଓ ପରସ୍ପର ନିର୍ଭରଶୀଳ । ଏଣୁ ଜୀବନ ଯାହାପାଇଁ ଆକର୍ଷଣମୟ, ସେ ସହସ୍ରବାର ମରିବାକୁ ଚାହେଁ । ମୃତ୍ୟୁର ଅଧିକାର ତା ପାଇଁ ସର୍ବଶ୍ରେଷ୍ଠ ଅଧିକାର ।

ଏଣୁ ସମାପ୍ତିରେ ଆନନ୍ଦ ନାହିଁ, ଅଛି କ୍ରମବିକାଶରେ । ଅମରତ୍ୱ ଏକ ବିକାଶହୀନା ସମ୍ଭାବନାଶୂନ୍ୟ ସ୍ଥିତିବିନ୍ଦୁ । କିଛି ହେବାର ଉନ୍ମାଦନା, ତାର ମୋହ, ତାର ପୀଡନ, ଅସଂପୂର୍ଣ୍ଣତାର ପ୍ରୟାସ, ବାରଂବାର ବିଫଳ ପରୀକ୍ଷା ପରେ ପୁନର୍ବାର ସାହସପୂର୍ଣ୍ଣ ପ୍ରଚେଷ୍ଟା - ଏସବୁ ଦୁର୍ବାର ଆକର୍ଷଣମୟ । ଗତି ବୈଚିତ୍ର୍ୟମୟ ସ୍ଥିତି କିନ୍ତୁ ଦୁଃସହ । ମରଣ ଏକ ସ୍ୱାଧୀନତା, ଅମରତ୍ୱ ଏକ ଅଭିଶାପ । ସେଥିରେ ପରୀକ୍ଷାର ସୁଯୋଗ ନାହିଁ, ବିଫଳତାର ସମ୍ଭାବନା ନାହିଁ । ଧାରାବାହିକ ବିକାଶ ଅଭିମୁଖୀ ଗତି ନାହିଁ । ଫଳତଃ ତାହା ଏକ ଉପସଂହାର, ଏକ ଅବ୍ୟୟ ସ୍ଥାଣୁର ଅଚଳ ଅସ୍ତିତ୍ୱ-ଏଣୁ ଏକ ଅଭିଶାପ ।

Digitized by srujanika@gmail.com

ବିଶ୍ୱାସ ବିଚାର

ସମାଜରେ ଅନ୍ତତଃ ଭଦ୍ର ଭାବରେ ବଞ୍ଚିବାକୁ ହେଲେ କେତେଟି ଅନୁଷ୍ଠାନ ଏବଂ ତତ୍‌ସମ୍ପର୍କୀୟ ଶୃଙ୍ଖଳା ଉପରେ ଆସ୍ଥା ରଖିବାକୁ ହେବ । ମୋର ଆସ୍ଥା ଅଛି ଯେ ଶାସନଗତ ଶୃଙ୍ଖଳା ହେତୁ ମୋ ଘରେ କେହି ନିଆଁ ଲଗେଇ ଦେଇପାରିବେ ନାହିଁ । ପରିବହନ ଶୃଙ୍ଖଳା ହେତୁ ରାସ୍ତାରେ ଚାଲୁଥିବାବେଳେ ମୋ ଉପରେ କେହି ଟ୍ରକ୍ ମଡ଼େଇ ଦେଇପାରିବେ ନାହିଁ । ଏଥିରେ ବ୍ୟତିକ୍ରମ ହେଲେ ନିର୍ଦ୍ଦିଷ୍ଟ ସୀମା ଭିତରେ ହୁଏତ ତାକୁ ସହି ନିଆଯାଇପାରେ । କିନ୍ତୁ ତାହା ସୀମା ବହିର୍ଭୂତ ହେଲେ ଆସ୍ଥା ଉପରେ ଆଘାତ ଆସେ । ଆସ୍ଥା-ଅନାସ୍ଥାର ଦ୍ୱନ୍ଦ୍ୱ ଭିତରେ କିଛି କାଳ ବିତିଗଲେ ଘଟଣା ପରମ୍ପରା ଉପରେ ହୁଏତ ଆସ୍ଥାର ପୁନଃପ୍ରତିଷ୍ଠା ହୁଏ, ଅଥବା ସଂପୂର୍ଣ୍ଣ ଆସି ତଜ୍ଜନିତ ଭୟ ଏବଂ ଉଦ୍‌ବେଗରେ ଜୀବନକୁ ଦୁର୍ବହ କରିଦିଏ ।

ଏ ପ୍ରକାର ଆସ୍ଥା ବା ଅନାସ୍ଥା, ଜୀବନର ପ୍ରତ୍ୟକ୍ଷ ଅନୁଭୂତି ସହିତ ସମାନୁପାତିକ । କିନ୍ତୁ ଆଉ ଏକ ପର୍ଯ୍ୟାୟରେ ଅପ୍ରତ୍ୟକ୍ଷ ଘଟଣା ବା ବସ୍ତୁକୁ ମଧ୍ୟ ଗ୍ରହଣ କରାଯାଏ । ସୀମିତ ଜୀବନକାଳ ମଧ୍ୟରେ ସବୁ ପ୍ରତ୍ୟକ୍ଷ ହେବା ତ ସମ୍ଭବ ନୁହେଁ । ଏଣୁ ଆଣ୍ଡରସନ୍‌ଙ୍କ ବିବରଣୀରୁ ଉତ୍ତର ମେରୁ ବା ଟେଞ୍ଜିଙ୍ଗ୍ ସାର୍ପାଙ୍କ ଉକ୍ତିରୁ ଗୌରୀଶଙ୍କର ଚୂଡ଼ାକୁ ଆମେ ସ୍ୱୀକାର କରୁ । ସେହିପରି ସ୍ୱୀକାର କରୁ ଯେ ଅଷ୍ଟ୍ରେଲିଆ ବୋଲି ମହାଦେଶ ଅଛି । ବିରୋଧ ଅଭାବରୁ ପୃଥିବୀର ସମସ୍ତ କାକକୁ ପ୍ରତ୍ୟକ୍ଷ ଦେଖି ନ ଥିଲେ ସୁଦ୍ଧା କୃଷ୍ଣକାକକୁ ସ୍ୱୀକାର କରୁ । ଏ ସ୍ୱୀକୃତିର ପଶ୍ଚାତ୍‌ରେ ଦୁଇଟି ବିଶେଷ ଯୁକ୍ତି କାର୍ଯ୍ୟ କରେ । ଗୋଟିଏ ହେଲା ଯେ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଉକ୍ତି ନିର୍ଭରଯୋଗ୍ୟ, ଏଣୁ ନିର୍ବିରୋଧ ସ୍ୱୀକାର୍ଯ୍ୟ ଏବଂ ଅନ୍ୟଟି ହେଲା ଯେ ଯାହା କହନ୍ତି, ତାହା ଅନ୍ୟ ଯେ କୌଣସି ବ୍ୟକ୍ତି ଯେ କୌଣସି ସମୟରେ ସ୍ୱୟଂ ପରୀକ୍ଷା କରି ନେଇପାରେ । ଅତଏବ ଏପ୍ରକାର ପରୋକ୍ଷ କିନ୍ତୁ ପ୍ରତ୍ୟକ୍ଷୀଭୂତ ହେବାର ଯୋଗ୍ୟତା ହେତୁ ଏ ସମସ୍ତ ଗ୍ରହଣୀୟ । ଏହି ପର୍ଯ୍ୟାୟରେ ପ୍ରାୟ ସମସ୍ତ ବୈଜ୍ଞାନିକ ତଥ୍ୟ, ଉଦ୍ଭାବନ ଆଦି ଆସିଯାଏ, ଆସିଯାଏ ପତ୍ରପତ୍ରିକା ସମ୍ବାଦ ସରବରାହ ମାଧ୍ୟମରେ ଆନୁଷ୍ଠାନିକ ତଥ୍ୟ ପରିବେଷଣ । ଯା ବାହାରେ ଆହୁରି ଗୋଟିଏ ପର୍ଯ୍ୟାୟ ଅଛି ଯେଉଁଠାରେ ଘଟଣା ବା ବସ୍ତୁ ହୁଏତ ନାହିଁ, ଏଣୁ କିଛି ପ୍ରତ୍ୟକ୍ଷ ନୁହେଁ ଏବଂ ପ୍ରତ୍ୟକ୍ଷ ହେବାର ଅବକାଶ ମଧ୍ୟ ନାହିଁ । କେବେ ତ ତାହା ମୋଟେ ବିଚାରଯୋଗ୍ୟ ନ ହେବା ଉଚିତ । କିନ୍ତୁ ତାହା ଏପରି ଏକ ଗମ୍ଭୀର ପର୍ଯ୍ୟାୟ ଯେ ସବୁ ସତ୍ତ୍ୱେ ତାହା ନିର୍ବିରୋଧ ଗ୍ରହଣ କରାଯାଏ । ଏ ତିନୋଟି ଯାକ ପର୍ଯ୍ୟାୟରେ ସାଧାରଣତଃ 'ବିଶ୍ୱାସ' ଶବ୍ଦ ପ୍ରୟୋଗ କରାଯାଇଥାଏ । ସମଜରେ

Digitized by srujanika@gmail.com

ବ୍ୟକ୍ତି ବା ଅନୁଷ୍ଠାନ ଉପରେ ବ୍ୟବସାୟଗତ ଆସ୍ଥାକୁ ବା ପରୋକ୍ଷ କିନ୍ତୁ ନିର୍ଭରଯୋଗ୍ୟ ତଥ୍ୟର ସ୍ୱୀକୃତିକୁ ଆମେ ବିଶ୍ୱାସ ବୋଲି ଆଖ୍ୟାତ କରିଥାଉଁ । କିନ୍ତୁ ପ୍ରକୃତପକ୍ଷେ ତୃତୀୟ ପର୍ଯ୍ୟାୟରେ ସଂପୂର୍ଣ୍ଣ ପ୍ରମାଣ ଅଭାବରେ ହିଁ ବିଶ୍ୱାସର ସ୍ୱତଃ ପ୍ରୟୋଜନ ହୋଇଥାଏ ।

ପ୍ରମାଣ ଏବଂ ବିଶ୍ୱାସ ଭିତରେ କିନ୍ତୁ ବିଶେଷ ସୁସଂପର୍କ ନାହିଁ । ଉଭୟେ ଉଭୟର ସୀମା ଜଗିଥାଆନ୍ତି । ସାଧାରଣତଃ ନିଜକୁ ବିଚାରବାନ୍ ବୋଲି ମନେ କରୁଥିବା ମଣିଷ ପ୍ରମାଣ ଅଭାବରେ ବିଶ୍ୱାସ କରିବ ନାହିଁ ବୋଲି ଘୋଷଣା କରିଥାଏ । ଏ ପ୍ରମାଣ ତେବେ କ'ଣ ? - ଚାକ୍ଷୁଷ ! ନିଜର ନ ହେଲେ ମଧ ଅନ୍ୟ କେହି ତାହାଭଳି ବ୍ୟକ୍ତିର ଚାକ୍ଷୁଷ ହୋଇଗଲେ ତାହା ପ୍ରମାଣରୂପେ ସେ ଗ୍ରହଣ କରିନେଇପାରେ । ଏ ପ୍ରକାର ଯୁକ୍ତିରେ ଆମେ ଆମ ପିଠିକୁ ନ ଦେଖି ବିଶ୍ୱାସ କରୁ, ଆମ ପୂର୍ବପୁରୁଷଙ୍କୁ ସ୍ୱୀକାର କରୁ । କେବଳ ଚାକ୍ଷୁଷ ନ ହୋଇ ଅନ୍ୟ ଯେ କୌଣସି ଇନ୍ଦ୍ରିୟଗ୍ରାହ୍ୟ ହୋଇପାରିଲେ ମଧ ତାହା ପ୍ରମାଣ ହୋଇଗଲା । ଯାହା ପ୍ରତ୍ୟକ୍ଷ ନୁହେ, ତା' ପାଇଁ ଆମେ ଅନୁମାନ ବ୍ୟବହାର କରୁ ଓ ସେଥିପାଇଁ ବଳେ ଯୁକ୍ତିର ଆଶ୍ରୟ ନେଇଥାଉ । ଏହି ପୀଠ ଉପରେ 'ଜ୍ଞାତ'କୁ ଭିତ୍ତି କରି 'ଅଜ୍ଞାତ' ଆଡ଼କୁ ହାତ ବଢାଯାଏ । ପଦ୍ମପଳାଶ ଏବଂ ଆଖି ଏ ଦୁଇ ବସ୍ତୁକୁ ପୃଥକ୍ ପୃଥକ୍ ଦେଖିଥିଲେ ମଧ ଏହି ବିଚାର ରାଜ୍ୟରେ ଉଭୟର ସମାବେଶ ହୋଇ ପଦ୍ମପଲାଶନେତ୍ରର ସମ୍ଭାବନାକୁ ଗ୍ରହଣ କରାଯାଏ । ପ୍ରତ୍ୟକ୍ଷରେ ଅପ୍ରମାଣିତ ହେଲେ ମଧ ଶଶ-ବିଷାଣ ଏଇ ପ୍ରକ୍ରିୟାର ଏକ କଳ୍ପିତ ସୃଷ୍ଟି, କାବ୍ୟନାୟିକାର ବର୍ଣ୍ଣନା ଏହାରି ଫଳରେ ହିଁ ଉପଭୋଗ୍ୟ ହୋଇପାରେ । ସିଂହକଟି, ଶୁକନାସା, ମୃଣାଳବାହୁ ଏବଂ ରମ୍ଭୋରୁ ଯଦି ସତକୁ ସତ ସେହି ସେହି ବସ୍ତୁର ଏକତ୍ରୀକରଣ ହୁଅନ୍ତା ତେବେ ତାହା ଏକ ବିକଟ କିଂଭୂତ କିମାକାର ଧାରଣ କରନ୍ତା । କିନ୍ତୁ ବସ୍ତୁକୁ ନ ନେଇ ତା'ର ବିଶେଷ ପ୍ରେୟ ଗୁଣଗୁଡ଼ିକୁ ମାନବୀ ଶରୀରରେ ଆରୋପ କରାଯାଇଛି ମାତ୍ର । ଏ ଧାରାରେ ସବୁ ପ୍ରକାର କଳ୍ପନା ଏହି ମାନସିକ ପ୍ରକ୍ରିୟାର ଅନ୍ତର୍ଗତ ।

ଧରି ନିଆଯାଉ ଆତ୍ମା । ଏହା ପ୍ରଥମତଃ ଏକ ଶାବ୍ଦିକ ଅଭିଜ୍ଞତା । ସେଥିରେ ପଦାର୍ଥଗତ ଗୁଣ ନାହିଁ । ଯଦି ଗୁଣଗୁଡ଼ିକ ଇନ୍ଦ୍ରିୟ ଅନୁଭବ୍ୟ ହୁଏ ତେବେ ଗୁଣର ଅଭାବ ଯୁକ୍ତିବଳରେ ବିଚାରଗ୍ରାହ୍ୟ ହୋଇପାରିବ । କୌଣସି ଗୁଣକୁ ନ ଜାଣି ତାର ଅଭାବ କଳ୍ପନା କରିବା ଅସମ୍ଭବ । ଏହା ମଧ ବର୍ତ୍ତମାନ ବିଚାରଦ୍ୱାରା ନିର୍ଦ୍ଧାରିତ ହେଉ ନାହିଁ କି ? ଏଣୁ ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ କହିଲେ ଏହି ଛେଦ୍ୟ, ଦାହ୍ୟ ଏବଂ କ୍ଳେଦ୍ୟ ବିଷୟକ ବସ୍ତୁଜ୍ଞାନ ଉପରେ ହିଁ ବିଚାର ଅନୁମାନ କରାଗଲା । ଏପରି ଅନିର୍ବଚନୀୟ କହିବା ମଧ ଅନ୍ତତଃ ଏକ ବାଚନିକ ସମ୍ଭାବନା ଏବଂ ବାଚନିକ ହେବା ମାତ୍ରେ ଶ୍ରାବ୍ୟ, ଏଣୁ ଇନ୍ଦ୍ରିୟଗ୍ରାହ୍ୟ । ଅତଏବ ଆବ୍ରହ୍ମସ୍ତମ୍ଭ ପର୍ଯ୍ୟନ୍ତ ଯାହା କି ବ୍ରହ୍ମଲୋକରୁ ଅମୂର୍ତ୍ତ ସତ୍ୟଲୋକ ପର୍ଯ୍ୟନ୍ତ ବାଚନିକ, ତାହା ଶ୍ରାବ୍ୟ, ଏଣୁ ବିଚାର ଅନ୍ତର୍ଭୁକ୍ତ । ଅତୀନ୍ଦ୍ରିୟ ବାଚନିକ, ଏଣୁ ଇନ୍ଦ୍ରିୟଗ୍ରାହ୍ୟ, ଅତିମାନସ ସଂପୂର୍ଣ୍ଣ ମାନସିକ ବିଚାରଗ୍ରାହ୍ୟ । କିନ୍ତୁ ଯାହା ପାଇଁ ଏ ଶବ୍ଦ ସବୁ ବାଚକରୂପେ ବ୍ୟବହାର କରାଯାଏ ତାହା କ'ଣ ? - ସେ କି ବସ୍ତୁ ? ଶଶବିଷାଣ ପରି ସବୁ ଉଦ୍ଭଟ ନା ତାହା ଏପରି କିଛି ଯାହାକୁ ପ୍ରକାଶ କରିବାକୁ ଶବ୍ଦ ପରାଜିତ ଇନ୍ଦ୍ରିୟ ଅପର୍ଯ୍ୟାପ୍ତ ? ତା'ର

Digitized by srujanika@gmail.com

କେବଳ ଇଙ୍ଗିତ ଦେବାପାଇଁ ଯଥାସମ୍ଭବ ସ୍ଥୂଳ ଭାଷାର ପ୍ରୟୋଗ କରାଯାଏ ? ତାହା ବିଚାରସମ୍ବଳିତ ନା ବିଶ୍ୱାସ-ଆଧାରିତ ? ସ୍ୱୟଂ 'ବିଶ୍ୱାସ' ଏକ ବିଚାର ନୁହେଁ କି, ପୁଣି ବିଚାର ମଧ୍ୟ ଏକ ବିଶ୍ୱାସ ନୁହେଁ କି ?

ଏପରି ଅବସ୍ଥାରେ ଯଦି ଜଣେ କହେ ଯେ ସେ ଜଗନ୍ନାଥଙ୍କୁ ବିଶ୍ୱାସ କରେ, ଏ ବିଶ୍ୱାସର ଅର୍ଥ କ'ଣ ହୋଇପାରେ ? ସେ ଏତଦ୍ୱାରା ଜଗନ୍ନାଥ ନାମଧେୟ ବିଗ୍ରହ ପଦାର୍ଥକୁ ବିଶ୍ୱାସ କରେ, ନା ତତ୍‌ସମ୍ବନ୍ଧୀୟ ଶାସ୍ତ୍ରପୁରାଣକୁ ବିଶ୍ୱାସ କରେ, ନା ତଦନୁଗତ ଭକ୍ତଙ୍କ କୀର୍ତ୍ତନକୁ ବିଶ୍ୱାସ କରେ, ନା ତନ୍ନିମିତ୍ତ ବିବିଧ ପୂଜା ଉପଚାର ଉତ୍ସବାଦିକୁ ବିଶ୍ୱାସ କରେ ? ଏ ସମସ୍ତ କିନ୍ତୁ ସଂପୂର୍ଣ୍ଣ ବିଚାରପ୍ରକ୍ରିୟା ହୋଇଥିବାରୁ ବିଶ୍ୱାସପଦବାଚ୍ୟ ନୁହେଁ । ଅତଏବ ସେପରି ନାମଧେୟ ବିଗ୍ରହ ନ ଥିଲେ, ସେହି ସେହି ଶାସ୍ତ୍ର ପୁରାଣ ନ ଥିଲେ, ଭକ୍ତଙ୍କର କୀର୍ତ୍ତନ ବା ପୂଜା ଉପଚାର ଅଭାବରେ ମଧ୍ୟ ସେ ବିଶ୍ୱାସ କରନ୍ତା କି ? - ଅର୍ଥାତ୍ ସଂପୂର୍ଣ୍ଣ ଅନାଧାରିତ ବିଶ୍ୱାସ ସମ୍ଭବ କି ? ଯାହା ଅନାଧାରିତ ତାହା ଇନ୍ଦ୍ରିୟର ଅଗୋଚର, ଏଣୁ ବିଚାର-ବହିର୍ଭୂତ । ତାହା ଜ୍ଞାତ ଏବଂ ଅଜ୍ଞାତ ସହିତ ଅସଂପୃକ୍ତ ହେବାରୁ ଅଜ୍ଞେୟ । ଅତଏବ ଯଦି ସେପରି କିଛି ଅନୁଭବ ଥାଏ, ତାକୁ ଅନୁଭବ କହିବା ମଧ୍ୟ ଏକ ବିଚାର-ଅଭ୍ୟାସ । ସେହି ଅନୁଭବ କେବଳ ତୁଷ୍ଣୀଭାବ ସହିତ ସହାବସ୍ଥାନ କରିପାରେ । ତୁଷ୍ଣୀଭାବ କିନ୍ତୁ ତାର ବାଚକ ବା ପ୍ରକାଶକ ନୁହେଁ ।

ଯେ ଅଜ୍ଞାତ ଏବଂ ଅଜ୍ଞେୟକୁ ବିଶ୍ୱାସ କରେ, ଜ୍ଞାତ ଏବଂ ଜ୍ଞେୟକୁ ବିଶ୍ୱାସ କରିବା ତା' ପକ୍ଷରେ ସମ୍ଭବ ନୁହେଁ । ବିଚାରବୁଦ୍ଧି ଏପରି ଯୁକ୍ତିକୁ ସ୍ୱୀକାର କରିପାରୁନାହିଁ । ଅତଏବ ଇନ୍ଦ୍ରିୟ ଅନୁଭବ୍ୟ ଏବଂ ବିଚାରଗ୍ରାହ୍ୟ ସମସ୍ତ ବସ୍ତୁ ତାକୁ ଭ୍ରମବତ୍ ଜ୍ଞାତ ହେବା ସ୍ୱାଭାବିକ । ଏହି ଜଗନ୍ମିଥ୍ୟା ଜ୍ଞାନ ସେହି ବିଶ୍ୱାସର ଆନୁଷଙ୍ଗିକ ମାତ୍ର । କିନ୍ତୁ ଏପରି ବିଶ୍ୱାସ ଉପରେ ହିଁ ଆତ୍ମଜ୍ଞାନ ପ୍ରତିଷ୍ଠିତ ବୋଲି ଆତ୍ମବେତ୍ତାରୂପେ ଗୃହୀତ ଜ୍ଞାନିଜନ କହିଥାନ୍ତି । କିପରି ଦୁରୂହ ଏହି ବିଶ୍ୱାସ ! ସଂପୂର୍ଣ୍ଣ ଇନ୍ଦ୍ରିୟାନୁଭୂତିର ଶେଷ ସୀମାରେ ଯେଉଁଠି ସ୍ମୃତି, କଳ୍ପନା ଏବଂ ବିଚାର ସ୍ଥଗିତ, ସେଇ ଶୂନ୍ୟପ୍ରାୟ ଭୂମିରେ ହିଁ ବିଶ୍ୱାସର ବୀଜ ବପନ କରାଯାଇପାରେ । ଇନ୍ଦ୍ରିୟ ଅନାଶ୍ରିତ ଭାବରେ ସାଧାରଣ ବସ୍ତୁକୁ ତାର ଗୁଣରୁ ବିଚ୍ଛିନ୍ନ କରି ଚିନ୍ତା କରିବା ବିଚାର-ସାଧ୍ୟ ନୁହେଁ । ଏଣୁ ଆତ୍ମଜ୍ଞାନ ପାଇଁ ଭୂମି କ'ଣ, ଆଶ୍ରୟ କ'ଣ, ତାହା କିପରି ଜାଣିବା ? ଜାଣିଲେ ତ ପୁଣି ବିଚାର ଆସିଗଲା ! ବିଚାରର ମୌଳିକ ଉପାଦାନ ବିଶ୍ୱାସ ଏବଂ ବିଶ୍ୱାସର ପ୍ରକଟିତ ରୂପତନ୍ତୁ ହିଁ ବିଚାର ।

❖❖❖

Digitized by srujanika@gmail.com

ମୁଁ ଏବଂ ସମାଜ

ମୁଁ ଏ ସମାଜ ଅପେକ୍ଷା ଢେର ପୁରୁଣା । ଆଜିକୁ ଅନେକ ଦିନ ତଳେ ଯେତେବେଳେ ମୁଁ ଅନ୍ଧ ଆଦିମ ମାଟିର ଗର୍ଭ ବିଦାରି ଉପରକୁ ମୁଣ୍ଡ ଟେକିଥିଲି ଓ ଆକାଶରୁ ପ୍ରଥମ ଆଲୋକର ଇସାରା ପାଇ ସେ ଆଡ଼କୁ ମୋର ଶାଖା ମେଲି ପ୍ରସରି ଯାଇଥିଲି, ସେତେବେଳେ ମୁଁ ସ୍ୱୀକାର କରିନେଇଥିଲି ଯେ, ମୋ ଭଳି ଅନ୍ୟମାନଙ୍କ ସାଙ୍ଗେ ମିଶି ରହିବା ମୋର ଧର୍ମ । ଶାଖାରେ ଶାଖାରେ ଛନ୍ଦାଛନ୍ଦି, ପତ୍ରରେ ପତ୍ରରେ ସବୁଜ ଛାଇର ସ୍ପର୍ଶ ମୋତେ ଏକ ବିସ୍ତୃତ ପରିସର ବିଷୟରେ ସଚେତନ କରିଦେଲା । ମୁଁ ତେଣିକି ମୋର ପତ୍ନୀ ପୁତ୍ର ପରିବାର, ମୋର ଭାଇ ବନ୍ଧୁ କୁଟୁମ୍ବୀମାନଙ୍କୁ ଗ୍ରହଣ କରିବାର ଅଭ୍ୟାସ କଲି । ସବା ଶେଷରେ ସମାଜ ନାମରେ ଗୋଟିଏ ଗୋଷ୍ଠୀକୁ ମଧ୍ୟ ନିଜର ବୋଲି ସ୍ୱୀକାର କଲି । ଅବଶ୍ୟ ମୋର କ୍ରମବିକାଶରେ ସମାଜ ଗୋଟିଏ ପରିଣତ ଅବସ୍ଥା ।

ମୂଳରୁ ଯେ ସେଇଟା ଏମିତି ଅନିବାର୍ଯ୍ୟ ଥିଲା ତା ନୁହେଁ । ତାକୁ ମୁଁ ସ୍ୱେଚ୍ଛାରେ ଗ୍ରହଣ କରିଛି । ଗୋଟାଏ ନିର୍ଦ୍ଦିଷ୍ଟ ପ୍ରକାର ବଞ୍ଚିବା ପାଇଁ ମୁଁ ତାକୁ ନିଜ ଭିତରୁ ସୃଷ୍ଟି କରିଛି । ମୋର ଚେର ସବୁ ଏବେ ମଧ୍ୟ ମାଟି ଭିତରେ ବୁଡ଼ିରହି ରସ ଶୋଷନ୍ତି । ବଞ୍ଚିରହିବାର ମୌଳିକ ଉପାଦାନ ମୁଁ ସେଇଠୁ ପାଏ । ତଥାପି ଏକାଠି ରହିବାରେ କେତେଗୁଡ଼ିଏ ନୂଆ ସଂପର୍କ, ନୂଆ ମୂଲ୍ୟବୋଧ, ନୂଆ ଅନୁଷ୍ଠାନ ପାଇଁ ମୋତେ ସମାଜରେ ରହିବାକୁ ପଡ଼େ । ସମାଜ କହେ ଯେ ସେ ମୋ ବଞ୍ଚିବା ସହଜ, ନିରାପଦ, ସ୍ୱଚ୍ଛନ୍ଦ ଏବଂ ବର୍ଦ୍ଧିଷ୍ଣୁ କରିବ ; ମୋର ଅନେକ ଫଳଫୁଲର ସମ୍ଭାବନାକୁ ବିକଶିତ କରିବାରେ ସାହାଯ୍ୟ କରିବ । ମୁଁ ତାକୁ ସେଇ ସର୍ତ୍ତରେ ଗ୍ରହଣ କରେ । ପ୍ରତିଦାନରେ ମୋତେ ମଧ୍ୟ ଗୋଟାଏ ସମୂହ ସ୍ୱାର୍ଥକୁ ସ୍ୱୀକାର କରିବାକୁ ପଡ଼ିଛି । ତାକୁ ସ୍ୱୀକାର କରି ମୁଁ ଆଉ ନିଛକ ସ୍ୱାର୍ଥପର ହୋଇ ରହିପାରିନାହିଁ । ଟିକିଏ ଉଦାର ହୋଇଯାଇଛି । ସମ୍ବେଦନ ସହାନୁଭୂତି ଇତ୍ୟାଦି ମୋର କେତୋଟି ନୂଆ ସାମାଜିକ ଗୁଣ ପ୍ରକାଶ ପାଇଛି । ସେହି ପରିମାଣରେ ମୋତେ ନିଜର ପକ୍ଷବିସ୍ତାରକୁ ମଧ୍ୟ ସାଙ୍କୁଡ଼ି ରଖିବାକୁ ପଡ଼ିଛି । ଏକାଠି ଦଳେ ପକ୍ଷୀ ମେଲା ଆକାଶରେ ଉଡୁଥିଲାବେଳେ ମଧ୍ୟ ଡେଣା ଡେଣା ବାଜିବ ନାହିଁ ବୋଲି ସମସ୍ତେ ସମାନ ମାତ୍ରାରେ ଉଡ଼ିବାର ସୁଯୋଗ ପାଇଲେ ବୋଲି, ଅନେକ ସମୟରେ ଟିକିଏ ଉପରକୁ ବା ତଳକୁ ଘୁଞ୍ଚିବାକୁ ବାଧ୍ୟ । ଡେଣା ଫାଳେ ଚଉଠେ ସାଙ୍କୁଡ଼ି ଆଣିବାକୁ ବାଧ୍ୟ । ଏଇ ନିୟମରେ, ଦକ୍ଷିଣ ଆମେରିକାର ନାବାଳକ ପାଠ ପଢିବ ଏବଂ ସାମାଜିକ ମୂଲ୍ୟବୋଧ ଅନୁସାରେ ପଢିବା ଉଚିତ୍ ବୋଲି ହୁଏତ ଆସାମରେ ଜଣକ ଖାଇବା ଓଳିଏ ବନ୍ଦ ରହିପାରେ, ଓଡ଼ିଶାରେ ବନ୍ୟା ମରୁଡ଼ି ବ୍ୟାପାତ ପରେ

Digitized by srujanika@gmail.com

ଲୋକେ ଖାଇବେ ବୋଲି ଆମେରିକା କାନାଡ଼ାରେ ଖାଦ୍ୟ ସଂଗ୍ରହ ହୁଏ । ଏ ନିୟମର ଗୋଟାଏ ଘନିଷ୍ଠ ପର୍ଯ୍ୟାୟରେ ମା' ନିଜେ ଭୋକେ ରହି ଛୁଆମୁହଁରେ ଆହାର ଯୋଗେଇଦିଏ । ଯେଉଁ ବିଚାରରେ ମୁଁ ପ୍ରଥମେ ମୋର ସନ୍ତାନ ପାଇଁ ସ୍ୱାର୍ଥ ତ୍ୟାଗ କଲି, 'ମୋର' ପାଇଁ ମୁଁ ସାମୟିକ ଭାବରେ ଗୌଣ ବୋଲି ସ୍ଥିର କଲି, ସେଇ ସମୟରୁ ଏଇ ବିସ୍ତୃତ ସ୍ୱାର୍ଥଚିନ୍ତାର ମଞ୍ଜିପଡ଼ିଲାଣି । ତା' ମୋର ବିକାଶ ସାଙ୍ଗେ ସାଙ୍ଗେ ବହୁ ପର୍ଯ୍ୟାୟ ପାରି ହୋଇ ଆସି ଆଧୁନିକ ସାମାଜିକ ରୂପ ନେଇଛି ।

ମୁଁ ଏ ସମାଜଠାରୁ ନିଶ୍ଚୟ ପୁରୁଣା । କିନ୍ତୁ ଆମ ଦୁହିଁଙ୍କର ସହାବସ୍ଥାନ ମଧ୍ୟ ଢେର ଦିନରୁ । ତତ୍‌ସତ୍ତ୍ୱେ ଆମ ଦୁହିଁଙ୍କର ବର୍ତ୍ତମାନର ସଂପର୍କ ବିଶେଷ ଶ୍ଳାଘ୍ୟ ନୁହେଁ । ବିଭିନ୍ନ ଦେଶରେ ଅନେକ ପ୍ରକାର ଭୂଗୋଳ ଏବଂ ଇତିହାସର ଜଟିଳତା ଭିତରେ ତାର ତିନୋଟି ରୂପ ଏବେ ସ୍ପଷ୍ଟ ଜଣାପଡୁଛି । ଗୋଟିକରେ ହୁଏତ ମୋର ସତ୍ତାପ୍ରାୟ ବିଲୁପ୍ତ । ସେଇଠି ସମାଜ ସାଞ୍ଜୁ ପିନ୍ଧି, ଗୋଟାଏ ସର୍ବଗ୍ରାସୀ ଦାନବ ପରି ଗର୍ଜୁଛି । ଗୋଟାଏ ଅତି ପ୍ରବଳ ଶାସନଦଣ୍ଡ ତା' କ୍ରିୟମାଣ ଅବୟବ । ସେଥିରେ ତଡ଼ାଖାଇ ମୁଁ ଏବଂ ମୋଭଳି ଗୁଡ଼ିଏ ଅସହାୟ ଜୀବକୁ ବଳାତ୍କାର ସମର ଶିକ୍ଷା ଦିଆଯାଏ । କୁହାଯାଏ ଯେ ଜାତି ବା ସମାଜ ହେଉଛି ସର୍ବଶ୍ରେଷ୍ଠ ସତ୍ୟ । ତା'ପାଇଁ ମୋର ଜୀବନ ଉତ୍ସର୍ଗ ହୋଇପାରିଲେ ସୌଭାଗ୍ୟ ମୋର । ମୁଁ ଗଛଡାଳରୁ ଫଳଟାଏ ବା ମୂଳରୁ କନ୍ଦାଟାଏ କେଉଁ ଆଦିମ ଯୁଗରେ ସିନା ଖାଇଥିଲି, କିନ୍ତୁ ଏ ପରିସ୍ଥିତିରେ ଗୋଟାଏ ବିରାଟ କଳା ଗର୍ତ୍ତଭିତରେ ବୋଝ ବୋଝ ଢିମା ପଥରକୋଇଲା ଦିନକୁ ଆଠଘଣ୍ଟା ଅନବରତ କୁଢେଇବା ଦ୍ୱାରା ମୋ ଘର ଦୁଆରେ ଆସି ମୋ ଖାଦ୍ୟ ପହଞ୍ଚିଯାଉଛି । ସମାଜ ମୋ ପାଇଁ ଅନ୍ନଛତ୍ର ଖୋଲିଛି, ଖଦିଭଣ୍ଡାର ଖୋଲିଛି । ଚାରିଆଡ଼େ ଗୋଟାଏ ବିରାଟ ଅଜଗର ଯେମିତି ନିଃଶ୍ୱାସ ଟୋଳୁଚି । କାହାକୁ କିଛି କହି ହେଉନାହିଁ । କିଏ ଅଛି ଯେ କିଏ ବା ଶୁଣିବ ? ଏଇଠି ସମାଜ, ଧୂମ୍ରରୂପୀ, କାମରୂପୀ । ମୋର ଅସ୍ତିତ୍ୱ ସେଠି ଜୀର୍ଣ୍ଣ ହେବା ପୂର୍ବରୁ ଅତି ଦୟନୀୟ, ଅତି କରୁଣ ।

ଏଠି ମୋର ମନେପଡ଼େ ଯେ ଅନେକ ଦିନ ତଳେ ଆଜ୍‌ଟେକ୍ ଦେବମନ୍ଦିରର ଅତିକାୟ ବିଗ୍ରହ ଆଗରେ ମୋର ରକ୍ତର ପାଉଣା ଦିଆହୋଇଥଲା । ମୁଁ ସେ ମନ୍ଦିର ଗଢିଥିଲି । ସେ ବିଗ୍ରହର ଜନ୍ମଦାତା ମଧ୍ୟ ମୁଁ । କିନ୍ତୁ ପରିଶେଷରେ ଏମିତି ଏକ ବିଡ଼ମ୍ବନାରେ ସେ ମୋତେ ଗ୍ରାସ କରିଥିଲା । ଭାବିଥିଲି ମୁଁ ତା କବଳରୁ ମୁକୁଳି ଆସିଛି ବୋଲି । ଦେଖୁଚି ଯେ ସେ ବିଗ୍ରହ ଏବେ ଆହୁରି ଦୁର୍ମଦ ରୂପ ନେଇ ମୋତେ ଘେରି ରହିଛି । ମୁଁ ଦିନରାତି ତପସ୍ୟା କରି ବିଜୁଳି ସଂଗ୍ରହ କଲି । ସେଥିରେ କଳ ଚଳେଇଲି । ଜଳ ସ୍ଥଳ ଆକାଶକୁ ଜୟ କଲା ଭଳି ଉଦ୍ଭାବନ ଦେଲି । କିନ୍ତୁ ମୋର ଅଣୁବୋମା କାନ୍ଧରେ ପକେଇ ମୋର ବିଜୁଳି ଶକ୍ତିରେ ଲକ୍ଷ ଲକ୍ଷ ଚକ୍ରଦଣ୍ଡ ଘୂର୍ଣ୍ଣିତ କରି ମୋର ଦାନ ସ୍ୱରୂପ ସେଇ ଡାକବାଜି ଯନ୍ତ୍ରରେ ସେ ଦାନବ କୁହାଟ ଛାଡୁଛି । ମୋର ଛାପାଖାନାରେ ସେ ତାର ମିଥ୍ୟାର ବହୁତ ପ୍ରଚାର ଚଳେଇ ମୋତେ ହିଁ ମୋର ଅଜସ୍ର ଉଦ୍ଭାବନ ଭିତରେ ପେଷି ମାରି ଦେଉଛି । ମୁଁ ବଞ୍ଚିଛି ସମାଜର ଦୟାରୁ, ସମାଜ ପାଇଁ, ସମାଜ ଚାହୁଁଥିଲା ପର୍ଯ୍ୟନ୍ତ ! ସମାଜର ନିର୍ଦ୍ଦେଶକ୍ରମେ

Digitized by srujanika@gmail.com

ମୋତେ ଯେ କେବଳ ଖାଇବାକୁ ବା ପିନ୍ଧିବାକୁ ହେବ ତା ନୁହେଁ, ଚିନ୍ତା ମଧ୍ୟ କରିବାକୁ ହେବ, ସୁନ୍ଦର ଅସୁନ୍ଦର ଭଲମନ୍ଦ କହିବାକୁ ହେବ, ରୁଚି ଅରୁଚି ସବୁ ତାଲିମ୍ ନେଇ ଆୟତ୍ତ ଭିତରେ ରଖିବାକୁ ହେବ । ମୁଁ ମୋର ଶୈଶବାବସ୍ଥାରୁ ସମାଜର ପିଲାଘରେ ବଢିଆସିଛି । ଅତଏବ ବାପମା' ମୋର କିଏ ମୁଁ ଜାଣେ ନା । ସେ ସଂପର୍କ ବିଷୟରେ ମୋତେ ସଚେତନ ହେବାକୁ ପ୍ରଶ୍ରୟ ଦିଆହୁଏ ନାହିଁ । ବୟସକ୍ରମେ ଗୋଟାଏ ପର୍ଯ୍ୟାୟରେ ଆଉ ଗୋଟିଏ ନାରୀ ସହିତ ଏକତ୍ର ବାସ କରିବାର ଅନୁମତି ମୋତେ ମିଳିଥାଏ ଏବଂ ସେଥିରୁ ସନ୍ତାନ ଯଦି ହେଉଥାଏ, ତା'ର ଦାୟିତ୍ୱ ଏଇ ସର୍ବଶକ୍ତିମାନ୍ ସମାଜ ଗ୍ରହଣ କରେ । ଏକଛତ୍ର ସମାଜରେ ବାତ୍ସଲ୍ୟ ବା ବ୍ୟକ୍ତିସମ୍ପର୍କ ଏକ ଅବାନ୍ତର ପ୍ରଶ୍ନ । ଆଧୁନିକ ସମାଜ ସହିତ ମୋର ସଂପର୍କର ଏହାହିଁ ପ୍ରଥମ ଏବଂ ଭୟାବହ ରୂପ । ରାଷ୍ଟ୍ର ଗୋଷ୍ଠୀଜୀବନର ଏକ ଆଧୁନିକ ପରିଣତି । ଏଥିରେ ବ୍ୟକ୍ତି ହୁଏତ ଅତି ନଗଣ୍ୟ ଅସହାୟ ହୋଇ ଶୁଖି ଶୁଖି ଝରିଯାଏ ।

- ୨ -

ଏଇ ସମାଜ କିନ୍ତୁ ଦିନେ ମୋର ପ୍ରବଳ ପ୍ରତାପରେ ଡରି ମରି ମୋର ଶରଣ ମଧ୍ୟ ପଶିଥିଲା । ଅମିତ ପରାକ୍ରମୀ ହାନିବାଲ୍, ସିକନ୍ଦର, ଚାର୍ଲିମେନ୍ ରୂପେ ମୁଁ ତାକୁ ମୋ ଇଚ୍ଛାମତେ ଧର୍ଷଣ କରୁଥିଲି । ରାଜ୍ୟର ସମସ୍ତ ଧନସମ୍ପତ୍ତି ମୋର ପ୍ରମୋଦ ଉଦ୍ୟାନ ପାଇଁ ବା ସୁରା ଓ ନହବତ୍ ପାଇଁ ଖର୍ଚ୍ଚ ହୋଇଯାଇଥିଲା । ସମୟ ସମୟରେ ସେ ସମସ୍ତ ବ୍ୟୟ ହୋଇପାରୁନଥିଲେ ତାକୁ ମୁଁ ମୋର କବର ନିର୍ମାଣ କରିବାରେ ନିଯୁକ୍ତ କରିନେଉଥିଲି । ମୋତେ ବା ମୋ ପରିବାରବର୍ଗଙ୍କୁ ଛାଡ଼ିଦେଲେ ବାକି ଯେତେ ଥିଲେ, ସେମାନେ ସମସ୍ତେ ବେଠିଆ ବା ଲଢୁଆ ପାଇକ । ସମସ୍ତେ ମୋର ଆଜ୍ଞାବହ ।

ମୁଁ ହିଁ ସେମାନଙ୍କୁ ମତେଇ ରଖୁଥିଲି, ଖଟେଇ ରଖୁଥିଲି । ମୋର ପଦେ ହୁକୁମ୍ ଉପରେ ବିନା ପ୍ରତିବାଦରେ କାନ୍ଧରୁ ମଥା ଝଡ଼ିପଡୁଥିଲା । ରାଜ୍ୟର ଧାରେ ଧାରେ ଶତ୍ରୁ ସଂହାର କରି ରକ୍ତର ନଦୀ ବହିଯାଇଥିଲା । ମୋର ଅନୁମତି ପାଇଲେ ମୋତେ କେନ୍ଦ୍ର କରି ସ୍ଥାପତ୍ୟ, ଚିତ୍ରକଳା, କାବ୍ୟକବିତା ଫୁଟିଉଠୁଥିଲା । ମୁଁ ଅନୁଗ୍ରହ ବିତରଣ କରି ବହୁ କାଳିଦାସଙ୍କୁ କୃତାର୍ଥ କରିଛି ; ବହୁ ଦାନ୍ତେ ମୋର ଅନୁଗ୍ରହ ନ ପାଇ ବିଦେଶରେ ଶୁଖି ଶୁଖି ଅନାହରରେ ମରିଛନ୍ତି । ମୁଁ ତାର ଖବର ରଖିନାହିଁ । ରାଜତନ୍ତ୍ରରେ ଦିଲ୍ଲୀର ବାଦ୍‌ଶାରୂପେ ମୁଁ ଗୋଲାପଜଳରେ ରୂପାର ତରଣୀରେ ସୁନାର ଆହୁଲା ମାରୁଥିବା ଷୋଡ଼ଶୀ ନାବିକାଙ୍କ ଗହଣରେ ନୌବିହାର କରିଛି । ଇଚ୍ଛା ହେଲା ଦିଲ୍ଲୀରୁ ଦୌଲତାବାଦକୁ ମଧ୍ୟ ସମସ୍ତଙ୍କୁ ଘୋଷାଡ଼ି ନେଇଯାଇଛି । ମଝିରେ ମଝିରେ ଦିନ୍‌ଇଲାହି ପ୍ରଚାର

Digitized by srujanika@gmail.com

କରିଛି ବା ନବରତ୍ନଙ୍କୁ ମୋ ରାଜସଭାରେ ସମ୍ମାନିତ କରିଛି । ମୋଟ ଉପରେ ମୋର ଇଚ୍ଛା ଯାହା ହେଲା ମୁଁ ତାହା ନିର୍ବିରୋଧ କରିଯାଇଛି । ସମାଜ ଅନୁଭବ କରିଛି ଯେ ମୋତେ ହିଁ ସନ୍ତୁଷ୍ଟ ରଖିବା ତାର ପ୍ରଧାନ କର୍ତ୍ତବ୍ୟ । ସମୟ ସମୟରେ ମୋର ସ୍ୱୀକୃତ କର୍ମରେ ମୁଁ ଠକିଯାଇଛି । ଲୋକଙ୍କୁ ଶିକ୍ଷା ଦେବାରେ ଯେ ଏତେ ବିପଦ ତା ମୁଁ ଆଉ ଜାଣିବି କିପରି ? ସମାଜରେ ଅସନ୍ତୋଷର ନିଆଁ ଲାଗିଯାଇଛି । ବିକ୍ଷୁବ୍ଧ ଜନତା ଚାର୍ଲସ୍‌ର ମୁଣ୍ଡ ହାଣି ତାକୁ ତେଣ୍ଟା ଲଗେଇ ଟେକି ଧରିଛନ୍ତି । ଲୁଇ ଓ ତା ରାଣୀକୁ ହତ୍ୟା କରିଛନ୍ତି । ଏମାନେ ତ ଆଉ ଆଲେକ୍‌ଜାଣ୍ଡର ଭଳି ନୁହନ୍ତି, ଯାହାକୁ ଜନତା ବିଭୋର ହୋଇ ପୂଜା କରେ ; ଯାହା ଚାରିପଟେ ଦେଶର ସମଗ୍ର ସୈନ୍ୟବଳ ବ୍ୟୂହ କରି ଘେରିରହେ !

ଚାର୍ଲସ୍‌ର ଶବ ଉପରେ ଗଢିଉଠେ ଗଣତନ୍ତ୍ର । ପ୍ରାଚୀନ ଗ୍ରୀସ୍‌ରେ ତାର ପରୀକ୍ଷା ସରିଛି । ଏବେ ପୁଣି ପରୀକ୍ଷା ଚାଲିଛି । କିନ୍ତୁ ଏ ସମଗ୍ର ଗୋଳଘାଣ୍ଟ ଭିତରେ ମୁଁ ପୁଣି ପହଁରି ଆସେ କେନ୍ଦ୍ରକୁ । ମୁଁ କହେ ମୁଁ ହିଁ ସେମାନଙ୍କର ପ୍ରତିନିଧି, ସେମାନଙ୍କର ନେତା, ସେମାନଙ୍କର ଭ୍ରାତା ଓ ପିତା ମଧ୍ୟ । ତାଙ୍କରି କଥା ତାଙ୍କ ମୁହଁରୁ ଛଡ଼େଇ ଆଣି ମୁଁ ଡାକବାଜି ଯନ୍ତ୍ର ପଛରୁ ଚିତ୍କାର କରେ । ପ୍ରଥମେ ସେମାନେ ତାଙ୍କ କଥା ଶୁଣି ଭଳେଇ ହୋଇଯାନ୍ତି । ତା'ପରେ ମୁଁ ମୋ କଥା କହେ । ସେମାନେ ବାରି ନ ପାରି ତାକୁ ମଧ୍ୟ ଢୋକି ନିଅନ୍ତି । ଫଳରେ ମୁଁ ହୋଇଯାଏ ଫ୍ୟୁରର୍ । ମୋ ଚାରିପଟେ ବଡ଼ ବଡ଼ ଗଛ ସବୁ ହାଣି ସଫା କରିଦିଏ । ମୁଁ ହିଁ ଏକମାତ୍ର ଦ୍ରୁମ । ବାକି ମୋ ଚାରିପଟେ କେବଳ ଦୂବଘାସ । ମୁଁ ହୁଏତ ବେଳ ପଡ଼ିଲେ ଆତ୍ମରକ୍ଷା ପାଇଁ ଖଣ୍ଡେ ଛୋଟିଆ ପିସ୍ତଲ୍ ମୋ ମୁଣାରେ ଗଳେଇ ଥାଏ । କିନ୍ତୁ ମୁଁ ଆଉ ଯୁଦ୍ଧସାଜୁ ପିନ୍ଧି ଖଣ୍ଡା ଧରି ସବା ଆଗରେ ଫୁଫୁକାର କରେ ନାହିଁ । ମୁଁ ରହେ ସମସ୍ତଙ୍କ ପଛରେ । ମୋର ଅସ୍ତ୍ର ଗୋଟାଏ ଡାକବାଜି ଯନ୍ତ୍ର ଓ ତା' ଭିତରେ ରେଡ଼ିଓ ଏବଂ ଟେଲିଭିଜନ୍ । ସେଇଥିରେ ମୁଁ ଘୋଟିଯାଏ ଦେଶସାରା । ମୋର କାୟା ବିସ୍ତାର କରେ । ମୋର ଯଶୋଗାନ କରି, ମୋ କହିବା ମିଥ୍ୟାକୁ ଶହେ ଥର ଦୋହରେଇବାକୁ ମୁଁ ମୋର ଛାପାଖାନା ସବୁ ନିୟନ୍ତ୍ରିତ କରେ । ସେଥିରେ ମୋର ବଚସ୍କାର ସୈନ୍ୟ ରହି କାମ କରନ୍ତି । ପିଲାବେଳୁ ସମସ୍ତଙ୍କୁ ନୂଆ ମନ୍ତ୍ରରେ ଦୀକ୍ଷିତ କରେ । ସବୁ ବୁଢିଆ ଲୋକଙ୍କୁ ଖୁଣ୍ଟିରେ ବାନ୍ଧି ଦୁହେଁ । ତାଙ୍କୁ କହେ, ସେମାନେ ମୋ ପାଇଁ ନୂଆ ମାରଣାସ୍ତ୍ର ଦିଅନ୍ତୁ ; ନ ହେଲେ ସାଇବେରିଆରେ ମରନ୍ତୁ । ଗୁଡ଼ାଏ ଧୂଆଁ, ଗୁଡ଼ାଏ ଶବ୍ଦ, ଗୁଡ଼ାଏ ରଣହୁଙ୍କାର ଓ ଆର୍ତ୍ତନାଦ ଭିତରେ ଦିନେ ହଠାତ୍ ମୁଁ ଚାଲିଯାଏ । ପୃଥିବୀ ବିଶ୍ୱାସ କରିପାରେ ନାହିଁ । ଭାବେ ଆଉସବୁ ପରି ମୋର ମରିବା ବୋଧହୁଏ ଗୋଟାଏ ଚାଲ୍ । ପେଟ୍ରୋଲ୍‌ରେ ପୋଡ଼ିଯାଇଥିବା ମୋର ପାଉଁଶକୁ ସେମାନେ ବିଶ୍ୱାସ କରନ୍ତି ନାହିଁ । ନାନା ଆଶଙ୍କାରେ କଳ୍ପନା ଜଳ୍ପନା କରନ୍ତି ।

ମୋର ଖୋଳ ଭିତରେ କେହି ଜଣେ ପଶି ହୁଏତ ସମ୍ଭାଳିପାରେ ନାହିଁ । ପାଞ୍ଚ ପଚିଶ ପଶିଯାଇ କହନ୍ତି ଯେ ସେମାନେ 'ରାଷ୍ଟ୍ର' । ମୋର ସମସ୍ତ ପ୍ରଭୁତ୍ୱ ପ୍ରତିପତ୍ତି ସବୁ ରାଷ୍ଟ୍ର ନାଁରେ ଦଲିଲ୍ ଦସ୍ତାବିଜ୍ ହୋଇଯାଏ । ମୋର ଗୁପ୍ତଚର ସଂସ୍ଥା ରହେ । ମୋର ଛାପାଖାନା, ମୋର ସମସ୍ତ ଚାଲ୍, ରାଷ୍ଟ୍ରନୀତିରେ ପରିଣତ ହୁଏ । ସମସ୍ତଙ୍କୁ ଖାଇବାକୁ ପିନ୍ଧିବାକୁ ଯାହା ମିଳିଲା ଦେଇଦେଲା

Digitized by srujanika@gmail.com

ପରେ ରାଷ୍ଟ୍ର ତେଣିକି ନିଜର ମହାକାଶ ଯୋଜନା ବା ଉଦ୍‌ଜାନ ବୋମା ଯୋଜନାରେ ଖଜଣା ସମ୍ପତ୍ତି ବିନିଯୋଗ କରିପାରେ । ସମସ୍ତଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଓ ସ୍ୱଚ୍ଛଳତା ଦିଆଗଲା ବୋଲି ପ୍ରଚାର ବିଭାଗ ଅହରହ ସ୍ୱର ତୋଳି ଚିତ୍କାର କରେ । କିନ୍ତୁ ସବୁ ପଞ୍ଜୁରୀ ଭିତରେ ହୁଏ । ପଞ୍ଜୁରୀ ଟିକିଏ ବଡ଼ କରିଦେଲେ ପକ୍ଷୀ ଯେମିତି ବୁଝିପାରେ ନାହିଁ ଯେ ସେ ପ୍ରକୃତରେ ବନ୍ଦୀ, ସେହିପରି ଶହେ ପ୍ରକାର ପରିଧେୟ ଓ ପଚାଶ ପ୍ରକାର ଖାଇବା ଓ ପାଞ୍ଚଶ ପ୍ରକାର କଥା ଭିତରୁ ବାଛିବାକୁ ସ୍ୱାଧୀନତା ଦେଇଦେଲେ "ଅଧିକାଂଶଙ୍କର ସ୍ୱାଧୀନତା ଲାଳସା ମେଣ୍ଟିଯାଏ । କିନ୍ତୁ ଯେ ପରୀକ୍ଷା କରିବାକୁ ଚାହେଁ, ଯେ ପାଞ୍ଚଶ ଏକ ପ୍ରକାର କଥା କହିବାକୁ ଚାହେଁ, ସେ ଅନୁଭବ କରେ ଯେ ସେ ସ୍ୱାଧୀନ ନୁହେଁ । ନୂତନ ଚିନ୍ତା କରିବା ଏ ପ୍ରକାର ରାଷ୍ଟ୍ରରେ ମନା । ସାହିତ୍ୟ, ସ୍ଥାପତ୍ୟ, କଳା, ସଂଗୀତ ସବୁ ଫରମାଇସ୍ ଉପରେ ହୁଏ । ଜାତୀୟ ପାଠ୍ୟ ପୁସ୍ତକ ଜରିଆରେ, କେବଳ ନିର୍ଦ୍ଦିଷ୍ଟ ପ୍ରକାର ଜ୍ଞାନ ଅର୍ଜନ କରିବାର ସୁଯୋଗ ଦିଆଯାଏ । ଏ ସମସ୍ତ ପାଇଁ ମୁଁ ହିଁ ଦାୟୀ, ଏ ସମସ୍ତ ମୁଁ ହିଁ ଏମାନଙ୍କୁ ଶିଖେଇଚି - ଗୋଟାଏ ଅତିକାୟ 'ମୁଁ' ଠିଆ ହୋଇ ଦଉଡ଼ି ଲଗେଇ ତାଙ୍କୁ ଘୋଷାଡ଼େ ।

ଆଉ ଗୋଟାଏ ଗୋଟାଏ ମୌକାରେ ମଧ ମୋ ଚାରିଆଡ଼େ ସହସ୍ର ଲୋକ ଘେରିଯିବାର ମୁଁ ଅନୁଭବ କରିଛି । ଏମିତି ଲୋକ ଘେରିଗଲେ ମୁଁ ଜନନାୟକ ହୋଇଯାଏ, ବଡ଼ ଲୋକ ହୋଇଯାଏ । ମୋ ଚାରିପଟେ ସ୍ତାବକ ବେଢିଯାଆନ୍ତି । ମୁଁ ଅନୁଭବ କରେ ଯେ ସେମାନେ ହୁଏତ ମିଥ୍ୟାଚାରୀ ! କିନ୍ତୁ ମନକୁ ଖୁବ୍ ସୁହାଇଲା ଭଳି ସେମାନଙ୍କର ମିଥ୍ୟା ; ଅତିପ୍ରିୟ ସେ ଖଚଗୁଡ଼ିକ । ଏତିକି ଟିକିଏ ନ ହେଲେ ମୋର ଜୀବନରୁ ଅର୍ଥ ଚାଲିଗଲା ବୋଲି ମୁଁ ଭାବିଥାଏ । ବୋଧହୁଏ ପ୍ରତ୍ୟେକ ମଣିଷ ମନରେ ଏପରି ସ୍ତାବକତାର ନାୟକ ହେବାପାଇଁ, କିଛି ମିଥ୍ୟା ଖୋସାମତି ଶୁଣିବା ପାଇଁ ଗୋଟାଏ ଦୁର୍ବାର ପ୍ରବୃତ୍ତି ଲୁଚି ରହିଚି । ସେଇଟା ସ୍ଥାନବିଶେଷରେ ତାର ପୂର୍ଣ୍ଣ ରୂପ ପ୍ରକାଶ କରିଦିଏ । ନଚେତ୍ ସେମିତି ଲୁଚି ଲୁଚି ଥାଏ । ତାକୁ ଯେ ଅନ୍ୟଠାରେ ବୁଝିଛି ଓ ସେଇଠି ତାକୁ ସନ୍ତୁଷ୍ଟ କରିନେଇପାରିଛି, ସେ ହିଁ ଭକ୍ତଙ୍କ ମନ ବୁଝିଲା ଭଳି ଗୁରୁ ବା ଚାକରଙ୍କ ମନ ବୁଝିଲା ଭଳି ମାଲିକ । ପ୍ରଥମେ ଏମାନଙ୍କର ଛୋଟ ଛୋଟ ହାମ୍‌ବଡ଼ା ଭାବଟିମାନଙ୍କୁ ମହୁଘିଅ ନାଁରେ ଆଙ୍ଗୁଠି ଚଟେଇ ନ ଦେଲେ, ସେମାନେ ଓଲଟି ସ୍ତବପାଠ କରିବେ ନାହିଁ । ଏଣୁ ସବୁଠୁଁ ବଡ଼ ହେବାର ନିୟମ ହେଲା ତଳିଆ ଲୋକଙ୍କୁ ସବୁଠୁ ଅଧିକ ଟେକ କରି କହିବା । ସେଇମାନଙ୍କୁ ଜାତିର ଭବିଷ୍ୟତ୍ ବା ନୈତିକ ପ୍ରାଣକେନ୍ଦ୍ର ବା ରାଷ୍ଟ୍ରର ମୂଳପିଣ୍ଡ ବା ଅଜର, ଅମର, ଅବିନାଶୀ ଆତ୍ମା ଆଦି ସ୍ତୋକ ବାକ୍ୟରେ ତାଙ୍କର ଏ ନାୟକ ପ୍ରବୃତ୍ତିଟିକୁ ଖୋସାମତ୍ କରିଦେଇପାରିଲେ ତେଣିକି ତାଙ୍କ କାନ୍ଧରେ ଜୁଆଳି ପକାଇଲେ ସେମାନେ ଉଁ କି ଚୁଁ କରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ତା ମନେ ମନେ ଗୋଟାଏ ବେଶ୍ ବଡ଼ ଲୋକ । ଏ ପ୍ରବୃତ୍ତିଟାର ପରିପୋଷଣ ପାଇଁ ଯାବତୀୟ ପ୍ରସାର, ସଭାସମିତି, ପତ୍ରପତ୍ରିକା ବ୍ୟବହାର କରାଯାଇପାରେ । ଏ ମୌଳିକ ପ୍ରବୃତ୍ତିଟା ନ ଥିଲେ ହୁଏତ ଆଧିପତ୍ୟର ଇଚ୍ଛା ହିଁ ନଥାନ୍ତା ; ଏଣୁ ଅନେକ ଜଟିଳତାରୁ ମଣିଷ ରକ୍ଷା ପାଇ ଯାଇଥାନ୍ତା ।

Digitized by srujanika@gmail.com

- ୩ -

ଶାସକ ଶାସିତର ବାଡ଼ ବନ୍ଧ ଆଉ ବୋଧହୁଏ ରହିପାରିବ ନାହିଁ ; ରହିବା ଉଚିତ୍ ନୁହେଁ । ତଦ୍ୱାରା ମଣିଷର ଆତ୍ମାଭିମାନ ଉପରେ ଆଘାତ ଆସେ । ସେ କ୍ଷୁର୍ଣ୍ଣ ଅସନ୍ତୁଷ୍ଟ ବୋଧକରେ, ବିଦ୍ରୋହ କରେ, ରକ୍ତପାତ କରେ । ଏଣୁ ସୁସ୍ଥ ସଂପର୍କ ପାଇଁ ପରସ୍ପର ସମ୍ମାନବୋଧ ରକ୍ଷା କରି ପରସ୍ପରକୁ ସହି ସମ୍ଭାଳି ଚଳିଯିବା ଭଳି ସାମାଜିକ ଉଦାରତା ଥିବା ଦରକାର । ତା' ନ ହେଲେ ଏଇ ସାମାଜିକତା ଶିଖେଇବା ପାଇଁ ସହାବସ୍ଥାନର ଦାୟିତ୍ୱ ତାଙ୍କ ଉପରେ ବାଧ କରି ଚପେଇ ରଖିବା ପାଇଁ ଗୋଟାଏ ଶାସନ ସଂଗଠନ ନିତାନ୍ତ ପ୍ରୟୋଜନ । ଗୋଟାଏ ପୋଲିସ୍ ବା ତାଲିମ୍‌ପ୍ରାପ୍ତ ଗୋଟାଏ ସନ୍ତ୍ରୀ ବାହିନୀ ସେମାନଙ୍କୁ ଜଗିବାକୁ ବାଧ । ଏଣୁ ଗୋଟିଏ ସୁସ୍ଥ ଗଣତନ୍ତ୍ରରେ ମଧ ଶୃଙ୍ଖଳା ପାଇଁ ଏମାନଙ୍କର ପ୍ରୟୋଜନ ହୋଇଥାଏ ।

ସମାଜର ଗୋଟିଏ ସାଧାରଣ ସଭ୍ୟ ଭାବରେ ମୋର ଅଧିକାର ଅନୁପାତରେ ଦାୟିତ୍ୱ ମଧ ରହିଛି । ଏଣୁ ମୋର ସ୍ୱେଚ୍ଛାଚାର ପାଇଁ ଯଦି ସମାଜ ତାର ସାମୂହିକ କଲ୍ୟାଣ ଦୃଷ୍ଟିରୁ ମୋତେ ଅନୁମତି ନ ଦେଲା, ସେଥିରେ ମୁଁ ଆଦୌ ଦୁଃଖିତ ହେବା ଉଚିତ୍ ନୁହେଁ । ରାସ୍ତାଘାଟ ସାଧାରଣଙ୍କର ଯାତାୟାତ ସୁବିଧା ପାଇଁ ହୋଇଥିଲେ ମଧ ସେଥିରେ ସମସ୍ତଙ୍କର ସମାନ ଅଧିକାର ଯେମିତି କ୍ଷୁର୍ଣ୍ଣ ନ ହୁଏ, ସେଥିପାଇଁ ନୀତି ନିୟମ କିଛି ରହିବା ଦରକାର । ଏଣୁ ରାସ୍ତା ବର୍ତ୍ତମାନ ଓସାର ଓସାର କରି ରଖାଯାଇଛି । ଯେ ଯାହା ରାସ୍ତାରେ ଗଲେ, ଧକ୍‌କା ନ ଲାଗି, ସୁରୁଖୁରୁରେ ଯାଇହେବ । କେତେବେଳେ ଆଉ ଚଳନ୍ତି ଅବସ୍ଥାରେ ମୁହାମୁହିଁ ହେବାର ଅବକାଶ ରହିବନାହିଁ । ମୁହାଁମୁହିଁ ହେଲେ ପିଟାପିଟି ହୋଇ ହୁଏତ ଗୋଟାଏ ଝଡ଼ି ପଡ଼ିବ, ବା ଉଭୟ ରକ୍ତାକ୍ତ ହୋଇ ଶୋଇଯିବେ । ଆଗର ଏକଦାଣ୍ଡିଆ ରାସ୍ତା ଏବେ ଚଳାଚଳର ବିଭିନ୍ନ ରୂପ ନେଇ ଏତେ ପ୍ରଶସ୍ତ, ଏତେ ନିରଂକୁଶ ହେବାକୁ ବାଧ ହୋଇଛି । ଥରେ କିନ୍ତୁ ଡାକ୍ତର ଜନ୍‌ସନ୍ ତାଙ୍କ ସମୟର ସେମିତି ସରୁ ଦଣ୍ଡାଟି ଉପରେ ଯାଉ ଯାଉ ହଠାତ୍ ଦେଖିଲେ ଯେ ତାଙ୍କ ଆଗରେ ନିଶ ମୋଡ଼ି ଗୋଟାଏ ବିରାଟ ଭୁଷୁଣ୍ଡା ଲୋକ ଦଣ୍ଡାୟମାନ । ଦଣ୍ଡାତଳକୁ ଓହ୍ଲାଇଲେ କାଦୁଅ । ଅଥଚ ଦୁହେଁ ଦଣ୍ଡା ଉପର ଦେଇ ପାରିହେବାକୁ ହେଲେ ଉଭୟଙ୍କୁ କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ହେବ ; ଜଣେ ଆର ଜଣକ ପାଇଁ ଟିକିଏ ଆଡ଼େଇ ହୋଇଯିବାକୁ ପଡ଼ିବ । ସେତକ କରିବାପାଇଁ ସେ ପ୍ରସ୍ତୁତ ନ ଥିଲା । ବରଂ ଗୋଡ଼ ଫରକଟେଇ ବାହୁ ଫୁଲେଇ ସେ କହିଲା, ''ମୁଁ କେବେହେଲେ ବଦମାସ୍‌ମାନଙ୍କୁ ବାଟ ଛାଡ଼ି ଦିଏ ନାହିଁ ।'' ଡାକ୍ତର ଜନ୍‌ସନ୍ ତତ୍‌କ୍ଷଣାତ୍ ବିନାବାକ୍ୟବ୍ୟୟରେ କାଦୁଅକୁ ଓହ୍ଲେଇପଡ଼ି କହିଲେ, ''ମୁଁ କିନ୍ତୁ ସବୁବେଳେ ଛାଡ଼ିଦିଏ ।''

ଏହିପରି ଅବାଞ୍ଛନୀୟ ପରିସ୍ଥିତିରେ ପଡ଼ି ଅଗତ୍ୟା କାଦୁଅକୁ ଓହ୍ଲାଉଥିବା ଡାକ୍ତର ଜନ୍‌ସନ୍ ହୁଏତ ଅନେକ ଅଛନ୍ତି ; କିନ୍ତୁ ସେପରି ଅମାୟିକ ଭଦ୍ରଲୋକଗୁଡ଼ିକୁ ଅନବରତ ଯେପରି କାଦୁଅରେ ପଡ଼ିବାକୁ ନ ହୁଏ ସେଥିପାଇଁ ସମାଜ ସଚେତନ ହେବା ଉଚିତ୍ ନୁହେଁ କି ? ଯଦି ସେଇ ଅବସ୍ଥାରେ

Digitized by srujanika@gmail.com

ଜଣେ ଅଶ୍ୱାରୋହୀ ସୈନିକ ଆସି ଡକ୍ଟର ଜନ୍‌ସନ୍‌ଙ୍କ ବନ୍ଧୁଟିକୁ କିଛି ସାମାଜିକ ଜ୍ଞାନ ଶିକ୍ଷା ଦେଇଥାନ୍ତେ, ତେବେ କୌଣସି ବିଚାରରେ ତାହା ଅନ୍ୟାୟ ହୋଇଥାନ୍ତା କି ? ଡକ୍ଟର ଜନ୍‌ସନ୍‌ଙ୍କୁ ଜବରଦସ୍ତି କାଦୁଅକୁ ଓହ୍ଲେଇ ସମଗ୍ର ରାସ୍ତାର ଅଧୀଶ୍ୱର ରୂପେ ଚାଲିବାର ସ୍ୱାଧୀନତା ତାଙ୍କର କ୍ଷୁର୍ଣ୍ଣ ହୋଇଥାନ୍ତା କି ? ସ୍ୱାଧୀନତା କ'ଣ ଏଇଆ ? ଯାହା ଇଚ୍ଛା ତା କରିବା ଯଦି ସ୍ୱାଧୀନତା ତେବେ ଅନୁମାନ କରାଯାଉ ସେ ମୋ ଘରଆଡ଼େ ମୁହଁକରି ପୁଞ୍ଜାଏ ଡାକବାଜି ଯନ୍ତ୍ର ଦିନରାତି ଖାଲି ଗର୍ଜିଲେ ! ସେଥିରେ ହୁଏତ ଉତ୍ସବକାରୀଙ୍କୁ ଉତ୍ସବ ପାଇଁ ସ୍ୱାଧୀନତା ଦିଆହୋଇଛି ; କିନ୍ତୁ ରାତିରେ ସାତଘଣ୍ଟା ଶୋଇବା ଯେ ମୋର ମୌଳିକ ଅଧିକାର ! ଯଦି ମୁଁ ସେଥିରେ ଅକସ୍ମାତ୍ ପାଟି ଫିଟେଇଛି, ମୁଁ କୁଆଡ଼େ ଅସହିଷ୍ଣୁ, ଅସାମାଜିକ ଜୀବ । ମତେ ଖାତିର ନ କରି ଅଧିକ ଶକ୍ତିଶାଳୀ ମୋତେ କୁଦି ଚାଲିଯିବେ ; ମୋ ପଡ଼ିଶାଘର ନାଳପାଣି ମୋ ଦୁଆରେ ଜମା ରହିବ ; ତାଙ୍କ ବାଛୁରୀ ମଝିରେ ମଝିରେ ଆସି ମୋ ଫୁଲଗଛଯାକ ମୁଣ୍ଡି ଦେବ ; ତାଙ୍କ ଗେଲବସର ପୁଅ ଆମ ବାରିରୁ ତଳମୁହାଁ କଦଳୀ ଭଣ୍ଡାଟାକୁ ପାଖୁଡ଼ା ଛାଡ଼ିବା ଆଗରୁ ଭାଙ୍ଗି ନେଇଯିବ ଖେଳିବା ପାଇଁ ; ତାଙ୍କ ଯିବାଆସିବାରେ ଅସୁବିଧା ହେବ ବୋଲି ମୋ ଦୁଆରେ ତାଙ୍କ ଘୋଡ଼ାଗାଡ଼ି ଥୁଆହେବ ; ତାଙ୍କ ଆମ୍ବଡାଳ ସବୁ ଚଣା ହେବାପାଇଁ ପାଣି ଚିପିକାରୀ ମାରିବାବେଳେ ଅଗଣାରେ ହାଲିଆ ମାରି ସାହିତ୍ୟଚିନ୍ତା କରୁ କରୁ ମୁଁ ତିନ୍ତିଯିବି ; ମୋ ରୋଗାପିଲା ରାତିଅଧକୁ ଶୋଇଆସିଲା ବେଳକୁ ତାଙ୍କ ଘରେ କୁଣିଆ ଆସି କାନ୍ଥରେ ପାଞ୍ଚଟା ପର୍ଯ୍ୟନ୍ତ ମଶାରି କଣ୍ଟା ବାଡ଼ିଆ ହେବ । ଏ ପ୍ରକାର ଅତ୍ୟାଚାରର ସୀମା ନାହିଁ ! ଯାର ପ୍ରତିକାର ମଧ୍ୟ କିଛି ଦିଶୁନାହିଁ । ଯେଉଁ ପର୍ଯ୍ୟନ୍ତ ମଣିଷ ତା'ର ସଂକୀର୍ଣ୍ଣ ସ୍ୱାର୍ଥବନ୍ଧନୀରୁ ଉଛୁଳି ଯାଇ ଅନ୍ୟକୁ ତା ନିଜ ଭିତରେ ଅନୁଭବ ନ କରିଛି, ତା' ଅସୁବିଧାକୁ ନିଜ ଅସୁବିଧା ପରି ବୁଝି ନ ପାରିଛି ଏବଂ ସେହି ଅନୁପାତରେ ତା'ର ସୁବିଧାକୁ ଦୃଷ୍ଟିରେ ରଖି ପ୍ରୟୋଜନ ବେଳେ ନିଜକୁ ନିଜେ ସଂଯତ ନ କରିଛି, ସମାଜରେ ବଞ୍ଚିବା ସମ୍ଭବ ନୁହେଁ । ଶୃଙ୍ଖଳାରେ ନିଜେ ଜାଣିଶୁଣି ବାନ୍ଧି ହେବାକୁ ଯେ ସ୍ୱୀକୃତି ଦେଇପାରୁନାହିଁ, ସେ ସମାଜରେ ଥାଇ ସ୍ୱାଧୀନତାର ସ୍ୱାଦ ପାଇପାରିବ ନାହିଁ । ସଂପୂର୍ଣ୍ଣ ଉଚ୍ଛୃଙ୍ଖଳ ଅବାଧ ସ୍ୱାଧୀନତା ପାଇଁ ହୁଏତ ତାକୁ ଟିକିଏ କଷ୍ଟ ସ୍ୱୀକାର କରି ଜଙ୍ଗଲକୁ ଚାଲିଯିବାକୁ ପଡ଼ିବ । ସେଇଠିତ ନିରଙ୍କୁଶ ସ୍ୱାଧୀନତା ହୁଏ ମିଳିପାରେ ; କିନ୍ତୁ ଆଉ କିଛି ମିଳିବା ସମ୍ଭବ ନୁହେଁ ।

❖❖❖

Digitized by srujanika@gmail.com

କାଚଘର

ପ୍ରବାଦ ଅଛି ଯେ ଦିନେ ରାମକୃଷ୍ଣ ପରମହଂସ ଭାଗୀରଥୀକୂଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖଣ୍ଡେ ପିତଳ ତାଳ ଧରି ମାଜୁଥିବା ଲକ୍ଷ୍ୟ କରି ଜନୈକ ଆଶ୍ରମବାସୀ ତାଙ୍କର ଏପରି ଅଦ୍ଭୁତ କର୍ମର କାରଣ ଜିଜ୍ଞାସା କଲେ । ଉତ୍ତର ମିଳିଲା - ''ଏ ମାଟିର ପିଣ୍ଡକେ ମେଜେ ମେଜେ ସୋନା କରତେ ହବେ ।''

ଅବଶ୍ୟ ଏ ସାଧନା ବହୁ ଆୟାସ-ସାଧ୍ୟ ଏବଂ ବହୁ ସୁଦୂରପରାହତ ଏ ପ୍ରଚେଷ୍ଟାର ପରିଣାମ ; କିନ୍ତୁ ଏହି ସୁଦୀର୍ଘ ସରଣୀ ହିଁ ଜୀବନ-ବିକାଶର ଅଦ୍ୱିତୀୟ ପନ୍ଥା ।

ଶିଳାଗୃହର ନିବୁଜ ଅନ୍ଧାର ଭିତରେ ନିଜେ ନିଜକୁ ଗ୍ରାସ କଲା ପରି ମଣିଷ ବଞ୍ଚିରହେ ଏବଂ ତଦ୍ୱାରା ତା'ର ଜାନ୍ତବ ବୁଭୁକ୍ଷାର ଉପଶମନ ହୁଏ । ବହୁଯୁଗର ଅତି ଆଦିମ ଏବଂ ଦୁର୍ଦ୍ଦମ ସେ ବୁଭୁକ୍ଷା ଏବଂ ତା'ର ସେହି ମୃତ୍ତିକା-ଚେତନାର ଅସ୍ୱଚ୍ଛ ଅନ୍ଧାର ଭିତରେ ପ୍ରସ୍ତ ପ୍ରସ୍ତ ଅରମା ! ମୋଟ ଉପରେ ମନୁଷ୍ୟ ନାମରେ ଆଖ୍ୟାତ ଏ ବିବେକବାନ୍ ଜନ୍ତୁଟି ଉପରେ ଏକ ଦୁର୍ଭେଦ୍ୟ କମଠପୃଷ୍ଠର ଆବରଣ ରହିଛି । ତାହା ତା'ର ଦୁର୍ବହ ପରମ୍ପରା, ଦୁର୍ଭେଦ୍ୟ କାରାଗୃହ !

ବିବେକବୁଦ୍ଧି ଏହି ମୂଳ ପ୍ରକୃତି ଏବଂ ଜାନ୍ତବ ବୁଭୁକ୍ଷାର ବିରୋଧୀ । ସୁତରାଂ ବିବେକର ଅଙ୍କୁରୋଦ୍‌ଗମ ହେଲେ ତା'ର ପ୍ରତିକ୍ରିୟା ସ୍ୱରୂପ ଏକ ଅସ୍ୱସ୍ତି, ଏକ ଭୟଙ୍କର ଅଥୟ ଭାବ, ଘୋର ଅଶାନ୍ତି ଏବଂ ଅକଥନୀୟ ପୀଡ଼ା ଓ ଜ୍ୱାଳା ଜାତ ହୁଏ । ଏ ଦ୍ୱନ୍ଦ୍ୱଜନିତ ଦାହ ଯେତେ ତୀବ୍ର ହୁଏ, ତେତେ ପ୍ରଖର ହୁଏ ତପସ୍ୟା ଏବଂ ସେତିକି କ୍ଷିପ୍ର ହୁଏ ସାଧନା । ସେହି ଅନୁପାତରେ ଶୀଘ୍ର କ୍ଷୟିତ ହୁଏ କାରାଗୃହର ପଥର କାନ୍ଥ । ହୁଏତ ପରମବୁଦ୍ଧ ଚେତନାରେ ପହଞ୍ଚିବାକୁ ଚଉରାଅଶି ଜନ୍ମ ବ୍ୟୟିତ ହୋଇଯିବ ; କିନ୍ତୁ ଏ ମାର୍ଗର ଅନୁଗାମୀ ଏ ଲକ୍ଷ୍ୟରେ ପହଞ୍ଚିବ ନିଶ୍ଚୟ । - ଏହା ଅନବରତ ମାର୍ଜନ ଏବଂ ଶୋଧନର କ୍ରିୟା, 'ମାଟିର ପିଣ୍ଡକେ ସୋନା' କରିବାର ଦୁର୍ବାର ଅଭୀପ୍ସା ।

ଏ ସୁଦୀର୍ଘ ସାଧନା ବହୁପର୍ଯ୍ୟାୟଭୁକ୍ତ ଏବଂ ପ୍ରତି ପର୍ଯ୍ୟାୟରେ ନୂଆ ନୂଆ ସମ୍ଭାବନା ଓ ବିକାଶ । ପଙ୍କପାଣି ଭେଦି ପଦ୍ମ ଥରେ ବାହାରି ଆସିଲେ ତେଣିକି ପଦ୍ମ ଫୁଟିବାର ହିଁ କ୍ରମବିକାଶ । ସେଇଠି ଗତି ଅପୂର୍ଣ୍ଣତାରୁ ପୂର୍ଣ୍ଣତାକୁ ନୁହେଁ, କେବଳ ପୂର୍ଣ୍ଣତାରୁ ହିଁ ପୂର୍ଣ୍ଣତାକୁ । ପଦ୍ମ ପ୍ରସ୍ଫୁଟିତ ହେବା ସମୟରେ ଚାରି ପାଖୁଡ଼ାରେ ଯେଉଁ ପୂର୍ଣ୍ଣତା, ଚଉଷଠି ପାଖୁଡ଼ାରେ ମଧ୍ୟ ସେହି ପୂର୍ଣ୍ଣତା । ସେଇଠି ପରିମାଣଗତ ଭେଦ ଯାହା ପରିଲକ୍ଷିତ ହୁଏ ତାହା କେବଳ ଗାଣିତିକ ; ତାତ୍ପର୍ଯ୍ୟଗତ ନୁହେଁ ।

Digitized by srujanika@gmail.com

ଏପରି କି ସମସ୍ତ ସମ୍ଭାବନାକୁ ଭିତରେ ଗୁମ୍ଫିତ ରଖି ପଦ୍ମକୋରକ ମଧ୍ୟ ପୂର୍ଣ୍ଣତାର ପ୍ରତୀକ । କିନ୍ତୁ ଏହି ଅର୍ଥଭେଦରେ ପାଣି ପଙ୍କର ଅନ୍ଧଗର୍ଭ ସୁପ୍ତଚେତନାର ଜଡ଼ପିଣ୍ଡ । ପ୍ରଶ୍ନ ହୋଇପାରେ ଯେ ଯାହା ପୂର୍ଣ୍ଣତାର ପରିପୋଷକ ତାହା କିପରି ଅପୂର୍ଣ୍ଣ ହେବ ? - ସତ୍ୟମେତତ୍ ! କିନ୍ତୁ ପଙ୍କର ସମସ୍ତ ସାର ଏବଂ ଜଳର ସମସ୍ତ ସ୍ନିଗ୍ଧ ଆର୍ଦ୍ର ଶୀତଳତା ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇସାରି ପଦ୍ମର ଖାଦ୍ୟ ଯୋଗାଇଥାଏ, ତତ୍ପୂର୍ବରୁ ନୁହେଁ । ପଦ୍ମର ରୂପ, ରସ ଓ ଗନ୍ଧରେ ମୂଳ ପ୍ରକୃତି ନ ଥାଏ, ଥାଏ କେବଳ ତା'ର ଏକ ସଂଶୋଧିତ, ପରିମାର୍ଜିତ ସୂକ୍ଷ୍ମ ଅବଶେଷ । ତା' ଛଡ଼ା ପଦ୍ମର ଉପାଦାନ କେବଳ ପାଣି ବା ପଙ୍କ ନୁହେଁ । ତା'ର ଜୀବନ୍ୟାସ କରେ ସବିତାର ଜ୍ୟୋତିର୍ବିନ୍ଦୁ ; ଲାଳନ କରେ ଆଲୋକ ଓ ପବନ ଏବଂ ଏ ସମସ୍ତ ସ୍ଥୁଳ ଓ ସୂକ୍ଷ୍ମ ଉପାଦାନକୁ ମାତ୍ରାଭେଦରେ ଏକତ୍ର କରି ତା'ର ବିକାଶ ସାଧନ କରେ ଏକ ଅତି ରସହ୍ୟାବୃତ ଓ ଦୁର୍ବିଜ୍ଞେୟ ଚେତନା ଛନ୍ଦ ; ସୃଷ୍ଟିକ୍ରିୟାର ଏକ ପ୍ରଚ୍ଛନ୍ନ ପଦ୍ଧତି ।

ସେହିପରି ମୂଳ ପ୍ରକୃତିର ନିଗଡ଼ ଛିନ୍ନ କରି ସ୍ଥୁଳ ଉପାଦାନରୁ ସୂକ୍ଷ୍ମ ଉପାଦାନକୁ ଭେଦି ଆସିବାକୁ ମଣିଷକୁ ବହୁ ଆୟାସ ସ୍ୱୀକାର କରିବାକୁ ହୁଏ, ବହୁ ସଂଘର୍ଷ ଓ ସାଧନା ଦେଇ ଗତି କରିବାକୁ ପଡ଼େ । ଯେତେବେଳେ ଗୋଟିଏ ମାତ୍ର ସୂକ୍ଷ୍ମ ଆସ୍ତରଣ ରହିଯାଏ, ସେତେବେଳେ ମୁକ୍ତ ଆକାଶର ଆଲୋକ ମଧ୍ୟ ପାଣି ଭିତରକୁ ପଶି ଆସେ, ଉର୍ଦ୍ଧ୍ୱଗାମୀ ପଦ୍ମକୁ ପାଛୋଟି ନେବାକୁ ମଣିଷ ତାର ସାଧନାର ଏହି ପର୍ଯ୍ୟାୟରେ ଏକ ସ୍ୱଚ୍ଛ କାଚଘରେ ବନ୍ଦୀ ଥାଇ ବାହାରର ଅନନ୍ତ ଆଲୋକ ଅନୁଭବ କରେ ; କିନ୍ତୁ ଏକ ଦୁର୍ବୋଧ ପ୍ରତିବନ୍ଧକ ତାକୁ ବିସ୍ତୀର୍ଣ୍ଣ ହୋଇଯିବାରେ ବାଧା ଦିଏ । ସେଇଠି କେବଳ ଦୃଷ୍ଟିରେ ହିଁ ସମଗ୍ର ଚେତନା କେନ୍ଦ୍ରୀଭୂତ ହୁଏ ଏବଂ ତାକୁ ହାତ ଧରି ଟାଣି ନେଇଯାଏ ଆଲୋକର ରଶ୍ମି । ସ୍ଥୁଳ ଉପାଦାନ ଭିତରେ ମଣିଷର ସାଧନା କେବଳ ଅନ୍ତର୍ନିହିତ ଅଭୀପ୍ସା ଓ ନିଷ୍ଠା ବଳରେ ଉର୍ଦ୍ଧ୍ୱୋନ୍ମୁଖୀ ହୁଏ ; କିନ୍ତୁ ତା'ର ଶେଷ ସୀମାରେ ପହଞ୍ଚିଗଲେ ଆଉ ତେଣିକି ଆଭ୍ୟନ୍ତରୀଣ ଶକ୍ତି ପର୍ଯ୍ୟାପ୍ତ ହୋଇପାରେ ନାହିଁ । ଏଣୁ ଆସେ ଏକ ଅବିମିଶ୍ର ଶକ୍ତିର ପ୍ରବାହ ଯା'ର ଆଶ୍ରିତ ହୋଇ ମାନବ-ଚେତନା ମୁକ୍ତ ହୋଇଯାଏ । ଯେଉଁ କରୁଣା ପଦ୍ମବୀଜର ଅଙ୍କୁର ହେବା ମୁହୂର୍ତ୍ତର ପ୍ରଚ୍ଛନ୍ନ ରହି ତାର ଅଭୀପ୍ସାର ପ୍ରେରଣା ଯୋଗାଇଥାଏ, ତାହା ହିଁ ପରିଶେଷରେ ପୂର୍ଣ୍ଣ ପ୍ରକଟିତ ହୋଇ ତାକୁ ସୂକ୍ଷ୍ମ ଉପାଦାନ ଭିତରକୁ ରୂପାନ୍ତରିତ କରିନେଇଯାଏ । କାଚଘରେ ପଡ଼ି ରହିଯାଏ ତା'ର ସମସ୍ତ ସାଧନାର ପୃଷ୍ଠଭୂମି, ସମସ୍ତ ବାହ୍ୟ ସମ୍ଭାବନା । ପଦ୍ମର ସୌରଭ ପରି ତା'ର ଅତି ସୂକ୍ଷ୍ମ ବିକାଶ ଏକ ବୃହତ୍ତର ଚେତନାରେ ବିଲୀନ ହୁଏ ; ତା'ର କୋମଳ ବର୍ଣ୍ଣବିଭା ଆଲୋକ-ଲହରୀରେ ସମାହିତ ହୁଏ ଏବଂ ଏ ସମସ୍ତର ଉତ୍ସ ସ୍ୱରୂପ ସ୍ୱୟମ୍ଭୂ ମୂଳ ଚେତନାରେ ନୈବେଦ୍ୟରୂପେ ଅର୍ପିତ ହୋଇଯାଏ ।

ପଦ୍ମର ସମସ୍ତ ସମ୍ଭାବନା ଯେତେବେଳେ ନିଃଶେଷ ହୁଏ, ସମସ୍ତ ରୂପ, ରସ ଓ ଗନ୍ଧ ନିଗିଡ଼ି ଯାଏ, ଏ ଚରମ ପୂର୍ଣ୍ଣତାରେ ତା'ର ଦେହାବସାନ ଘଟେ । ତା'କୁ ଆଶ୍ରୟ କରି ଯେଉଁ ଚେତନା ବନ୍ଦୀ ହୋଇ ରହିଥିଲା ସେ ମୁକ୍ତ ହୋଇ ଚାଲିଯାଏ । କିନ୍ତୁ ଏଇଠି ଆଉ ଏକ ବିଚିତ୍ର କଥା

Digitized by srujanika@gmail.com

ହୁଏ । ଯେତେବେଳେ ପଦ୍ମ ବିଭୋର ହୋଇ ପୂର୍ଣ୍ଣତାରେ ଝରିଯାଉଥାଏ, ତା'ର କେଶର ଭିତରେ ମୂଳ ପ୍ରକୃତି କେତେବେଳେ ଆସି ଜମିଯାଏ ଏବଂ ସେ ମଧ୍ୟ ଜାନୁ ପାତି ଗ୍ରହଣ କରିନିଏ ବିନ୍ଦୁ ବିନ୍ଦୁ ଆଲୋକ । ଫଳତଃ ପ୍ରକୃତି ପୁଣି ହୁଏ ପଦ୍ମଗର୍ଭା । ଯଥା - ସମୟରେ ସେହି ଆଲୋକ ସନ୍ତାନମାନଙ୍କୁ ସ୍ଥୁଳ ମାଧ୍ୟମର ଅନ୍ତରାଳକୁ ନେଇଯାଏ ଏବଂ ପୁଣି ଆରମ୍ଭ ହୁଏ ସେହି ଚିରାଚରିତ ଦ୍ୱନ୍ଦ୍ୱ, ସେହି ପ୍ରଚେଷ୍ଟା, ସେହି ସାଧନା, ଆଲୋକର ବିନ୍ଦୁ ତା'ର ମୂଳ ଉତ୍ସକୁ ଫେରିଯିବାର ଦୁର୍ବାର ଅଭୀପ୍ସା । ଏହି ପଦ୍ଧତିରେ ସମସ୍ତ ସ୍ଥୁଳ ମାଧ୍ୟ ରୂପ ଏବଂ ଗନ୍ଧରେ ବିକଶିତ ହୋଇ ମୂଳ ଚେତନାରେ ମିଶି ନ ଯିବା ପର୍ଯ୍ୟନ୍ତ ଚାଲିଥିବ ଏ ଅନ୍ତହୀନ ତପସ୍ୟା - ତାମସ ଜଡ଼ ପ୍ରକୃତିର ଦୁର୍ବାର ତପସ୍ୟା ।

କାଚଘରର ଅନୁଭୂତି ମାନବ ଜ୍ଞାନର 'ଚରମ ଅନୁଭୂତି', ଯେଉଁଠି କୃପା ବିନା ଅଗ୍ରସର ହେବା ଅସମ୍ଭବ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ କେବଳ ଏହି ସୀମାରେଖାରେ ହିଁ ବିଭୁକୃପା ପର୍ଯ୍ୟବସିତ । ଜୀବନର ଉପାଦାନସ୍ୱରୂପ ଆଲୋକ, ଉତ୍ତାପ ଓ ପବନ ସେହି କୃପା ବିତରଣର ମାଧ୍ୟମ ଏବଂ ନାନା ଭେଦରେ ତାହା ସର୍ବତ୍ର ବିଦ୍ୟମାନ । ଏହି ତତ୍ତ୍ୱର ଅବଧାରଣା ମଧ୍ୟ ମୌଳିକ ସାଧନାର ଏକ ଅଙ୍ଗ । ସେହି କୃପା ହିଁ ଜୀବନର ଅଙ୍କୁର, ଜିଜ୍ଞାସାର ସ୍ଫୁରଣ ଏବଂ ସାଧନାର ପ୍ରଚୋଦନା । ଏ ସମସ୍ତ କ୍ଷେତ୍ରରେ ତାହା ପ୍ରଚ୍ଛନ୍ନ ଭାବରେ ସର୍ବକାର୍ଯ୍ୟର କାରଣରୂପେ ବିଦ୍ୟମାନ । କିନ୍ତୁ ଯେତେବେଳେ ମଣିଷର ସୀମିତ ପରିସର ଭିତରେ ତା'ର ଦେହ, ମନ ଓ ଜ୍ଞାନର ମାଧ୍ୟମ ଆଉ ଯଥେଷ୍ଟ ହୁଏ ନାହିଁ, ଅର୍ଥାତ୍ ଅନାବଶ୍ୟକ ହୋଇ ପଛରେ ପଡ଼ିରହେ, ସେତେବେଳେ କରୁଣା ସ୍ୱୟଂପ୍ରକଟ ହୁଏ ; ସ୍ୱୟଂକ୍ରିୟ ହୁଏ ।

❖❖❖

Digitized by srujanika@gmail.com

ଅପଯଶ

ବହୁବାର ମୋତେ ମନା କରିଛ ସେ କଥା କହିବାକୁ । ମୁଁ ବି ବାରମ୍ବାର ଶପଥ କରିଛି କହିବି ନାହିଁ ବୋଲି । କିନ୍ତୁ ଗୋଟାଏ ଝଲକରେ ତୁମେ ତାହା ଭଳି ଦିଶିଯାଅ, ଏଣୁ ଭାବେ ତୁମକୁ କହିଦେବି ! ତୁମେ ମୋ ଭଳି ମଧ୍ୟ ଦିଶିଯାଅ, ଏଣୁ ଭାବେ ଆଉ ଲୁଚେଇ ଲାଭ କ'ଣ ; କହି ବା ଲାଭ କ'ଣ ? ଏଣୁ ନ କହି କହିଦିଏ ଏବଂ କହି ମଧ୍ୟ କହେ ନାହିଁ । ଏତେ ଗହୀର କଥା କ'ଣ କହିହୁଏ ନା ନ କହି ସେ ଅଣନିଃଶ୍ୱାସୀ ଗହୀରରେ ରହିହୁଏ ?

ଶୁଣିଲି ଯେ ମୋ ପାଖରେ ଯେଉଁ ଖାଲି ଡାଲାଟି ଅଛି ଏବଂ ଯେଉଁଟାକୁ ମୁଁ କେବେ ଭର୍ତ୍ତି କରିପାରେ ନାହିଁ ବୋଲି ବିକଳ ହୁଏ, ସେଇଟି ସେ ବହୁଦିନ ତଳେ ମୋତେ ଦେଇଛି । ମୁଁ ଅନେକ ସମୁଦ୍ର ସେଥିରେ ଛାଣିଛି କେବଳ, ସେ ଚାଲୁଣିକୁ ଆଉ ଉଛୁଳେଇ ପାରିନାହିଁ । .... ପୁଣି ଶୁଣିଛି ଯେ ସେ ଖୁବ୍ ଦିଏ ; ଦେବାକୁ ଚାହେଁ ଏବଂ ଦେବାକୁ ଭଲପାଏ । ମୁଁ ଉପଯାଚକ ହେଲି ତା'ର ଦ୍ୱାରସ୍ଥ, ଅକିଞ୍ଚନ ମୁଁ ଲୋମେ ଲୋମେ ଭିକ୍ଷା ଯାଚନା କଲି । ମୋ ପାଦତଳେ ଦୂବ ଉଠିଗଲା । ମୁଁ ଅନେକ ଯୁଗର ଦୀନତାକୁ ସାଥୀ କରି ବାହୁଡ଼ିଲି । ମୋ ଭିକ୍ଷାଥାଳିରେ ଦୀର୍ଘ ଶ୍ୱାସଟିଏ ଜଳାରୁ ଆଶ୍ରା ଖୋଜି ବୁଲୁଥାଏ ।

... ପୁଣି ଶୁଣିଲି ଯେ ସେ ଫୁଲ ଭଲପାଏ ଏବଂ ମୁଁ ଫୁଲ ନୁହେଁ । ବହୁ ବୃନ୍ଦାବନର ଗହନ ବନ କାନ୍ତାର ଖୋଜି ସେ ଦିନ ଯେତେ ପାଇଲି ଠୁଳ କଲି । ଠୁଳ କଲି ତମାଳ, ନାଗେଶ୍ୱର, କୁରୁବେଲି ଆଉ ଚମ୍ପା ! ଭାବିଲି ଭେଟି ନେଇ ପହଞ୍ଚିଲେ ବା ସାକ୍ଷାତ୍ ମିଳିଯିବ । ମୁଁ ତାକୁ ଭଲପାଏ ବୋଲି ନିର୍ଲଜ୍ଜ ଭଳି କହିବାକୁ ପଡ଼ିଲେ ମଧ୍ୟ କିହବାର ଅବକାଶ ତ ମିଳିଯିବ ! ... ... କିନ୍ତୁ ... ଦ୍ୱାପର ଯୁଗର ଯେ କେଉଁ ଦ୍ୱାରକାର ଦ୍ୱାରପାଳ ମୋତେ ନଅର ଛାମୁରୁ ଘଉଡ଼େଇ ଦେଲେ !

ମୁଁ ନେବାକୁ ଚାହିଁଛି ସେ ଦେଇନାହିଁ । ମୁଁ ଦେବାକୁ ଚାହିଁଛି ସେ ନେଇ ନାହିଁ । ସେ ଜାଳି ଜାଣେ, ଜଳେଇ ଜାଣେ । ମୁଁ ଜଳେ, କିନ୍ତୁ ଜାଳି ଜାଣେ ନା ! ... ହେଲା ବା ମୁଁ ତାକୁ ଭଲପାଏ !!

ମୁଁ ତାକୁ ଦେଖିନାହିଁ ବୋଲି ତୁମେ ଜାଣ ! ତୁମେ ଆହୁରି ଜାଣ ଯେ ସେ ମୋତେ କୁଆଡ଼େ ଖୁବ୍ ଦେଖିଛି । ତମକୁ ମୋ ରାଣ ! ସତେ କହନା ଦେଖି ସେ କ'ଣ ମୋ କଥା କେବେ

Digitized by srujanika@gmail.com

ଭାବେ ? ତୁମେ ମୋ ପରମ ଗୁରୁ । ତୁମକୁ ହେଲେ କ'ଣ ମୁଁ ଜାଣିଲିଣି ? ତୁମେ କେତେବେଳେ କ'ଣ ପରି ଦିଶିଯାଅ ! ତା'ପରି, ମୋ ପରି, ଏ ଅଜସ୍ର ସଂସାର ପରି !! ମୋଟ ଉପରେ ତୁମେ ଏକ ଅନିର୍ବଚନୀୟ ପ୍ରହେଳିକା !! ତୁମେ ମୋତେ ବାରମ୍ବାର ମନା କରିଛ ସେ କଥା କହିବାକୁ । ନିରେଖି ଚାହିଁଲେ ବେଳେ ବେଳେ ତା ଭଳି ଦିଶିଯାଅ, ମୋ ଭଳି ମଧ୍ୟ ଦିଶିଯାଅ । ତେବେ କହନା ଦେଖି ଏ ବ୍ୟାପାର କ'ଣ ? ଦେବା, ନ ନେବା; ନେବା, ନ ଦେବା; ଏ ଯାଚନା, ଏ ପ୍ରତ୍ୟାଖ୍ୟାନ, ଏ ଦ୍ୱାଳା, ଏସବୁ କଣ !

❖❖❖

Digitized by srujanika@gmail.com

ଆସ୍ପୃହା

ବୀଜକୋଷର ଆବରଣ ଭିତରେ ହଠାତ୍ ଗୋଟିଏ ମୂହୂର୍ତ୍ତରେ ସ୍ପନ୍ଦନଟିଏ ଅନୁଭବ ହେଲା । ସେ ଆନନ୍ଦର କି ଅସ୍ୱସ୍ତିର ତା' କହିବା ସମ୍ଭବ ନୁହେଁ । ବୋଧହୁଏ ଉଭୟ । ମୋଟ ଉପରେ ସେଇଟା ଗୋଟାଏ ଉଚ୍ଚାଟ ଭାବ, କୂଳ ଲଙ୍ଘି ଫିଟି ପଡିବାର ଗୋଟାଏ ଦୁର୍ବାର ବ୍ୟାକୁଳତା । ଭିତରେ ଏ ସ୍ପନ୍ଦନର ଶିଶୁ ଧାରଣ କରି ବୀଜକୋଷ ତା'ର ଲୋମେ ଲୋମେ ହୁଏତ ଅନେଇଥିବ, ଦିଗ ବାରିଥିବ ! କିନ୍ତୁ ସେ ନିବିଡ ନୀରନ୍ଧ୍ର ଅନ୍ଧାର ଭିତରେ କ'ଣ ଦିଗ ବିଦିଗ ସହଜରେ ମିଳେ ? କୁଆଡେ ଯିବ, କେମିତି ଯିବ ବୋଲି ଧନ୍ଦି ଗୁରାଣ୍ଡି ହେଲାବେଳେ ସେ ଅନୁଭବ କରିଥିବ ଯେ ଯାହା ତା' ଭିତରେ ରହି ବିଦ୍ରୋହ କରୁଥିଲା ତାକୁ ମନ୍ଥି, ବିଦୀର୍ଣ୍ଣ କରି ପରିଶେଷରେ ବାହାରି ଆସିଲା ! ତାହା ଏତେ ଶୁଭ୍ର, ଏତେ କୋମଳ, ଅଥଚ ଏତେ ତୀବ୍ର, ଏତେ ନିର୍ଭୀକ ଏବଂ ଏତେ ନିଷ୍ପନ୍ଦ ଯେ ସେ ଏ କଦାକାର କୋଷ ଭିତରେ ପୁଣି ଥିଲା ବୋଲି ବିଶ୍ୱାସ କରିହେବ ନାହିଁ । ଅନ୍ଧକାର ତା'ର କିଛି କରିପାରେ ନାହିଁ । ସେ ଠିକ୍ ତା'ର ଦିଗ ବାରି ଉଠିଆସେ । ଅନ୍ଧକାରକୁ କହେ, ବୀଜକୋଷକୁ ମଧ୍ୟ କହେ, ''ମା ! ତୁ ମୋତେ ଟିକିଏ ଧ' । ମୋତେ ପରିପୁଷ୍ଟ କର । ମୁଁ ଯାହାର ନିର୍ଦ୍ଦେଶରେ ଉଠିଆସିଛି ତାକୁ ଅନୁଭବ କରୁଛି । ତାହାରି ଉଦ୍ଦେଶ୍ୟରେ ମୋର ଅନନ୍ତ ଯାତ୍ରା ଏଇ ଆରମ୍ଭ ହେଲା ! ମୋତେ ଶକ୍ତି ଦେ' । ବିଦାୟ ମଧ୍ୟ ଦେ । ମୁଁ ଯାଏଁ !

ଫାଟିଯାଏ ଧରଣୀ ଏବଂ ଉପରକୁ ସେହପରି ନିର୍ଭୀକ ଏବଂ ଶୁଭ୍ର ଶିଖା ପରି ଦେଖାଦିଏ ଅଙ୍କୁର । ତା'ର ଅଙ୍ଗେ ଅଙ୍ଗେ ପୁଲକ ! ସେ ହୁଏତ ସବିତାଙ୍କୁ ପ୍ରଥମ ଥର ପାଇଁ ଦେଖିଦେଇ କହେ- ''ଓ, ତୁମେ ତା'ହେଲେ ମୋତେ ଏତେ ଦୂରରୁ ଆବାହନ କରୁଥିଲ ? ତୁମେ ହିଁ ମୃତ୍ତିକା ଭିତରେ ମୋତେ ନିଦରୁ ଉଠେଇ ଦେଇଥିଲ ? ତୁମକୁ ହିଁ ମୋର ଚାରିଆଡେ ମୁଁ ଉତ୍ତାପ ରୂପେ ଅନୁଭବ କରୁଥିଲି ? ତୁମେ କ'ଣ ସେଇ ବିସ୍ମୟ ! ? ତୁମକୁ ମୁଁ ଟିକିଏ ଆଗ ଭଲକରି ଦେଖେ ତ !''

ଏତିକିରେ ସେ ବିଭାଜିତ ହୋଇଯାଏ, ପତ୍ର ମେଲିଯାଏ । ପତ୍ରଭିତରେ ଉନ୍ମୁଖଶିରା ଉପଶିରା ଯାକ ବହୁ-ଆକାଂକ୍ଷିଂତ ସେଇ ଆଲୋକରଶ୍ମି ପିଇଯାନ୍ତି । ଆହୁରି, ଆହୁରି କ୍ଷୁଧା ପତ୍ର ଏବଂ ଆହୁରି ଆକୁଳତା ! !

ଶାଖା ମେଲିଯାଏ । ପତ୍ରର ସହସ୍ର ସମ୍ଭାରରେ ଗଛ ନଇଁଯାଏ । ଭିତରେ କିନ୍ତୁ ସେଇ

Digitized by srujanika@gmail.com

ଉଚ୍ଚାଟ, ସେହିପରି ଅତିଷ୍ଠ କରି ଚାଲିଥାଏ । ପାଦପଟି କୌଣସି ଏକ ମୂହୂର୍ତ୍ତରେ ଆହୁରି ଏକ ବିକାଶର ପର୍ଯ୍ୟାୟରେ ପହଞ୍ଚି ସବିତାକୁ ପାଇବାକୁ ଆକୁଳ ହୋଇଉଠେ । ତୀବ୍ର ଅଗ୍ନିଖଣ୍ଡ ପରି ପତ୍ର ଭିତରେ ଦେଖାଦିଏ ଆଦ୍ୟ କୋରକ । ଉଚ୍ଛାଟ ଆବଦ୍ଧ ନଦୀଧାରା ପରି ଫୁଲିଉଠେ, ତାକୁ ବାନ୍ଧି ରଖି ହୁଏ ନାହିଁ । ଫାଟିପଡେ କୋରକର ପାଖୁଡା ଏବଂ ଅନ୍ଧ ମୃତ୍ତିକା ଭିତରର ସେଇ ଜ୍ୱଳନ୍ତ ଆସ୍ପୃହା ଏହି ନବବିକାଶିତ ପୁଷ୍ପକୋଶରରୁ ସୌରଭ ହୋଇ ସୂକ୍ଷ୍ମ ରୂପରେ ପହଁରି ଆସେ ପବନ ଭିତରକୁ । .... ଆଃ ! ତଥାପି ସରେ ନାହିଁ ଯାତ୍ରା ! ଫୁଲ ସୌରଭରେ ଖସିପଡେ । ତା' ଡେମ୍ପରେ ପୁଣି ଚିର-ଉତ୍ସରିତ ସଂକଳ୍ପ ଗୁଳା ବାନ୍ଧିଯାଏ । ସବିତା ତା' ଭିତରେ ଅଜସ୍ର ସମ୍ଭାବନାର ସମ୍ଭାର ଅଜାଡି ଦିଅନ୍ତି । ଫଳ ଓହଳିପଡେ, ପାଚେ । ପାଦପ ଭାବେ, ଏମିତି ବୋଧହୁଏ ହେଲା ନାହିଁ । ମୁଁ ପୁଣି ଦିଗ ବଦଳେଇ, ବାଗ ବଦଳେଇ ଉଦ୍ୟମ କରିବି, ସହସ୍ର ରୂପର, ସହସ୍ର ଛନ୍ଦରେ, ସହସ୍ର ଧାରାରେ ! !

ସମଗ୍ର ଧରାପୃଷ୍ଠ ଏଇ ପ୍ରାୟସରେ ଲତାଗୁଳ୍ମପାଦପରେ ପୂରିଉଠେ, ପୁଷ୍ପସ୍ତବକରେ ମଣ୍ଡି ହୋଇଯାଏ । କେତେ ପ୍ରକାର ଫୁଲ, କେତେ ପ୍ରକାର ଫଳ, କେତେ ବାଙ୍କ, କେତେ ଶାଖା, କେତେ ଲଇ ! ! ଅକଳନ୍ତି ସମ୍ଭାବନା ମାଧ୍ୟମରେ ସେଇ ସ୍ପନ୍ଦନ ଦିନେ ହଠାତ୍ ଦେଖାଦିଏ ଜଙ୍ଗମରେ । ପ୍ରାଣୀ ହୋଇ ସବୁ ଚେରଯାକ ନିଜ ଭିତରେ ସାଉଁଟି ରଖି ସେ ସେଇ ଅଜ୍ଞାତର ସଂଧାନରେ ଭ୍ରମିହୁଏ । କେତେ କର୍ଦମାକ୍ତ, କେତେ ଲୋମଶ ଇତିହାସ; କେତେ ହିଂସ୍ର, ଆଦିମ ଅରଣ୍ୟ ପାରି ହୋଇ ଦିନେ ପୁଣି 'ମନ'କୁ ସମ୍ବଳ କରି ମାନବଟିଏ ଦେଖାଦିଏ ଏ ଧରଣୀରେ । ତା'ଭିତରେ ମଧ୍ୟ ସେଇ ଆକୁତି, ସେଇ ଅସ୍ୱସ୍ତି ଭାବ, ସେଇ ଅହରହ ଉଚ୍ଚାଟ ! ! ..... ଟିକିଏ ଛୁଇଁ ଦିଅନ୍ତା, ଟିକିଏ ମିଶିଯାଆନ୍ତା ଘନିଷ୍ଠ ଅନୁଭବରେ ! ଯେ ତା'କୁ ଦୂରରେ ରହି ତା'ର ଶାଖାପ୍ରଶାଖାର ଉର୍ଦ୍ଧ୍ୱରେ ରହି ତାକୁ ଏମିତି ତତାଇ ଆସିଛି, ଉତଲା କରି ଆସିଛି, ତାକୁ ମୁହାଁମୁହିଁ ଦେଖିଦିଅନ୍ତା ।

....ସେଇ ଅପୂର୍ଣର ଅସହନୀୟ ଜ୍ୱାଳା, ସେଇ ଯୁଗ ଯୁଗାବଧି ଧରି ଗର୍ଭ ଭିତରର ଆଲୋଡନ ହିଁ ବୋଧହୁଏ ଆସ୍ପୃହା । କେତେବେଳେ ତାହା କେଉଁ ମାର୍ଗରେ ଚହଟିଯାଏ । କେତେବେଳେ ଯୋଗକୁ ଆଶ୍ରା କରି ଲଢ଼େଇ ଯାଏ ତ କେତେବେଳେ କର୍ମକୁ ଅବଲମ୍ୱନ କରି ସ୍ଫୀତ ହୋଇଯାଏ । ହୁଏତ କେଉଁଠି ତା'ର ବି ଯାତ୍ରା ସରି ଯାଉଥିବ ! ସରିବା ଉଚିତ । ଯାହା ଆରମ୍ଭ ହୋଇଛି ତା' ନ ସରିବ ବା କେମିତି ? କିନ୍ତୁ ତା'ର ଆରମ୍ଭ କେଉଁ ଆଦିମ ସୂର୍ଯ୍ୟର କେଉଁ ଆଦିମ ବିସ୍ଫୋରଣରେ ତା' ଯେତେବେଳେ ଜଣା ନାହିଁ, ତାର ବିଲୟ ବା କେମିତି ଜଣାଯିବ ?

ସଂସାରଧର୍ମର ମହାପ୍ରବାହରେ ଅନେକ ତାଡନା ସହିବାକୁ ପଡେ; କିନ୍ତୁ ମୂଳ ତାଡନା ବୋଧହୁଏ ଏଇ ଆସ୍ପୃହା, ଯେ ଅହରହ ମୃତ୍ତିକାର ଗର୍ଭବିଦାରି ନବ ରବିର ରଶ୍ମିକୁ ଚହଟି ଆସେ । ଏ ମୃତ୍ତିକାର ଆବରଣ ତା'ର । ତା'ର ପ୍ରସ୍ତ ପ୍ରସ୍ତ ଅନ୍ଧକାର ଯେପରି ଅନନ୍ତ, ଅସ୍ପୃହାର ଏ ସଂଗ୍ରାମ ମଧ୍ୟ ସେହିପରି ଅନନ୍ତ, ସେହିପରି ଦୁର୍ବାର ଏବଂ ଅନିବାର୍ଯ୍ୟ ।

❖❖❖

Digitized by srujanika@gmail.com

ସମୁଦ୍ର ଦର୍ଶନ

ଏ ପାହାଡଘେରା ରାଜ୍ୟରେ ବହୁବାର ସମୁଦ୍ର ବିଷୟରେ ଭାଷଣ ଶୁଣିଛି । କିଏ କେତେ ପ୍ରକାର ତାକୁ କହିଛି । ତାଳଗଛ ଉଚ୍ଚ ଢ଼େଉ ସାଙ୍ଗକୁ ଘୁ' ଘୁ' ଗର୍ଜ୍ଜନ ମିଶେଇ ଗୋଟାଏ ଅକଳନ୍ତି ଜଳଭଣ୍ଡାର । ମୁଁ ଚେଷ୍ଟା କରେ କଳ୍ପନା କରିବାକୁ । ମୋ ପାଇଁ କିନ୍ତୁ ଜଳଭଣ୍ଡାରର ଅର୍ଥ ଜଗନ୍ନାଥ ସାଗର (ଜୟପୁର କୋରାପୁଟ ସ୍ଥିତ ଏକ ଜଳାଶୟ) । ତାକୁ ଯେତେ ବାଗେଇ ବଢ଼େଇ ଦେଖିଲେ ମଧ୍ୟ ମୋତେ ସବୁବେଳେ ଦିଶିଯାଏ ଚାରିଦିଗ ଘେରି ଗୋଟାଏ ବିରାଟ ହୁଡା । ହୁଡା ନ ଥାଇ ଜଳଭଣ୍ଡାର ମୁଁ କଳ୍ପନା କରିପାରି ନାହିଁ । ଘୁ' ଘୁ ଗର୍ଜ୍ଜନ କଥା ମନେ ପକାଇଲେ ମୋତେ ସବୁବେଳେ ଦିଶିଯାଏ ବର୍ଷାଦିନର ଖେତ ହୁଡା ଡେଇଁ ଗଦ ଗଦ କୁଢ଼େଇ ହେଉଥିବା ଗୋଳିଆ ପାଣିର ଫେନସମ୍ଭାର । ନେଳି କହିଲେ ମୁଁ ବୁଝିଛି ଆକାଶ, ତା ପୁଣି ପରିଷ୍କାର ନେଳି କେବେ ନୁହେଁ । ମେଘ କୁହୁଡି ଟିକିଏ ଛାଡିଗଲେ ଲକ୍ଷାଧିକ ତାରା ଉକୁଟି ଉଠନ୍ତି । ତାଙ୍କୁ କଳ୍ପନାରେ ଛାଣିଆଣି ମୁଁ ଆକାଶର ବିଶୁଦ୍ଧ ନେଳି କେବେ ଦେଖିପାରି ନାହିଁ । ଏମିତି ଯେତେଥର ସମୁଦ୍ରଟାକୁ ବୁଝିବାକୁ ମୁଁ ଚେଷ୍ଟା କରିଚି, ଛଅ ଅନ୍ଧଙ୍କର ଖୁଣ୍ଟ ଦଉଡି ଆଉ କାନ୍ଥ ମିଶି ହାତୀ ଦେଖିଲା ପରି ସବୁ ବାରଚାଉଳିଆ ଧରି ଯାଇଛି । ମୁଁ କିନ୍ତୁ ଭାବିଛି ଯେ ସବୁଦ୍ରକୁ ମୁଁ ବି ଅନ୍ୟମନାଙ୍କ ପରି ଦେଖିଚି ଓ ବୁଝିଚି । ତାଙ୍କ କଥାରେ କଥା ମିଶେଇ ପ୍ରୟୋଜନ ହେଲେ ଦୁଇ ଚାରିଟା ଭାଷଣ ମଧ୍ୟ ଏବେ ଦେଇପାରେ । ଆଉ ଗୋଟାଏ ସମୁଦ୍ର ଦେଖି ନ ଥିବା ଗ୍ରାହକ ପାଇଲେ ତାକୁ ବିଦ୍ୟାର ହଟଚମଟରେ ତାଜୁବ୍ କରି ଦେଇପାରେ, କିନ୍ତୁ ମନେ ମନେ ମରିଯାଉଥାଏ । ସମୁଦ୍ରଟା କେତେ ସୁନ୍ଦର ହୋଇଥିବ, ଭଲା ଥରଟେ ଦେଖିଦିଅନ୍ତି ! ମନଉଚ୍ଚାଟରେ ଦିନେ ଦିନେ ଖାଲି ସମୁଦ୍ର ସମୁଦ୍ର ହୋଇ କଟାଇଥାଏ । ଫଳ କିଛି ହୁଏ ନାହିଁ, ରାତିରେ ସ୍ୱପ୍ନ ଦେଖେ ସେଇ ଜଗନ୍ନାଥ-ସାଗର, ଆଉ ତାର ଅବାଗିଆ ପଥରବନ୍ଧା ଭାରି ହୁଡା । ଆଃ, ଏ ହୁଡାଗୁଡାକ କଣ କେମିତି ହେଲେ ଭାଙ୍ଗି ହୁଅନ୍ତା ନାହିଁ । ସମସ୍ୟା ଗୁରୁତର ହେଲେ ମୁଁ ପହଞ୍ଚେ ମୋ ବନ୍ଧୁ ପାଖରେ ! ଦାର୍ଶନିକ ବନ୍ଧୁଟି ମୋର ଭାରି କୁହାଳିଆ । ସେ କୌଣସ ପ୍ରକାରେ କଥାର ସବୁ ଖିଅ କାଢ଼ି ଗୋଟାଏ କିଛି ମନଲାଖି କହିଦେବେ ।

ସେଦିନ ପହଞ୍ଚି ସକାଳପହରିଆ ତାଙ୍କ ଦୁଆରେ । ତାଙ୍କୁ ଦେଖିବା ମାତ୍ରେ ମନ ଦବିଗଲା । ତାଙ୍କର ଗୋଟାଏ ଅତି ଭୟଙ୍କରିଆ ଗ୍ରନ୍ଥ ଅଛି । ଚଷମା ଲଗେଇ ଯଦି ସେ କେବେ ସେ ଭିତରକୁ ବୁଡ଼ ମାରିଛନ୍ତି, ତାଙ୍କୁ ଆଉ ପ୍ରକୃତିସ୍ଥ ପାଇବା ଦୁଷ୍କର । ମୁଁ ପୋଥି ଦେଖିଲେ ଦୂରରୁ ଖସି ପଳାଏ । ଦିନେ ପଚାରି ବୁଝିଛି ଯେ ତା ନାଁ 'ବ୍ରହ୍ମସୂତ୍ର-ଶାଙ୍କର ମହାଭାଷ୍ୟ' - ନାଁଟାର କୌଣସି ଅଂଶ

Digitized by srujanika@gmail.com

ମୋର ବୋଧଗମ୍ୟ ନୁହେଁ । ଗ୍ରନ୍ଥର ବିଷୟବସ୍ତୁ କଥା ତ 'ନ ହି ନ ହି' ! ସେଦିନ ମଧ୍ୟ ଦେଖିଲି ଯେ ସେ ତାକୁ ଧରି ଝୁଲୁଛନ୍ତି । ବୁଝିଲି ବନ୍ଧୁଟିକି ମୋର କାଳିସି ଲାଗିଛି, କିନ୍ତୁ ଫେରି ଯାଇପାରିଲି ନାହିଁ । କାରଣ ମୋତେ ମଧ୍ୟ କାଳିସି ଲାଗିଥାଏ ; ମୋତେ ମଧ୍ୟ ନିଶା ଧରିଥାଏ, ଆଉ ସେ ନିଶା 'ସାମୁଦ୍ରିକ' । ମୁଁ ଚକା ପକାଇ ବସିଗଲି । କିଛି ସମୟରେ ପରେ ଆଖି ବୁଜି ମୁଁ ବି ବୋଧହୁଏ ଝୁଲିବାକୁ ଆରମ୍ଭ କରିଦେଲି ।

ବନ୍ଧୁଙ୍କ ଆବାଜରେ ସଂବିତ୍ ଫେରିଲା । ସେ ପୋଥି ଆଡ଼େଇ ରଖିଦେଇଥାନ୍ତି । ଆଖିରୁ ଚଷମା ଫିଟାଉ ଫିଟାଉ ପଚାରିଲେ, 'କ'ଣ ଖବର ?' । ''ଖବର ଆଉ କ'ଣ ! ଏ ସମୁଦ୍ର ଜିନିଷଟା କ'ଣ ? ତାକୁ ଦେଖିବାକୁ ମୁଁ ଭାରି ବ୍ୟାକୁଳ । ତାକୁ କଳ୍ପନା କରିବାକୁ ଚେଷ୍ଟା କରୁଚି । କିନ୍ତୁ ପାରୁନାହିଁ । ପାରୁଚି, କିନ୍ତୁ ମନ ମାନୁନାହିଁ । ତାକୁ ଯାଇ ଦେଖିବା ଭାରି କଷ୍ଟସାଧ୍ୟ ବ୍ୟାପାର । ବଡ଼ ବ୍ୟୟସାପେକ୍ଷ ମଧ୍ୟ । ବର୍ତ୍ତମାନ ଉପାୟ କ'ଣ ?''

''ଶୁଣ !'' - ଭାବିଲି, ମଲି - ସମୁଦ୍ର ଓ ସମୁଦ୍ର ବୁଢା ଏବେ ମୋତେ ନେଇ ସମୁଦ୍ରର ବୋପା ପାଖରେ ତିନିଥର କାଚିଆଣିବ । ହଉ ଦେଖାଯାଉ !

''ଆଚ୍ଛା ତୁମେ କେବେହେଲେ ଚିନ୍ତା କରି ଦେଖିଛ ଯେ ତୁମେ କାହିଁକି ସମୁଦ୍ର ଦେଖିବାକୁ ଏତେ ବ୍ୟାକୁଳ ହେଉଛ, ଆଉ ଦଶହଜାର କାହିଁକି ସେ ବିଷୟରେ ନିର୍ବିକାର ରହିଛନ୍ତି ? ସେଇଟା ତୁମର ବିଶେଷତ୍ୱ । ତୁମ ଭଳିଆ କେତେ ଜଣ ଆକାଶକୁ ତକେଇ ତାରାଗୁଡ଼ାକ ପଛରେ କ'ଣ ଅଛି ନା ନାହିଁ ବୋଲି ଖୋଜନ୍ତି । ଘର ଭିତରର ଚାରିଟା ବାଡ଼ ତାଙ୍କୁ ଅସୁଖ ଲାଗେ । ସଂସାରଟା ତାଙ୍କୁ ବୋଧହୁଏ ଭାରି ଛୋଟ, ଭାରି ସଂକୀର୍ଣ୍ଣ । ତାଙ୍କ ମନ, ସେମାନେ ଆକାଶରେ ଡେଣା ମେଲି ଦିଅନ୍ତେ, ସବୁ ପାଚେରୀଗୁଡ଼ାକୁ ପେଲି ଠେଲି ନେଇ ସେଇ ଆକାଶଦାଢରେ ଛାଡ଼ି ଦିଅନ୍ତେ । ଅସଂସାରୀ ଜୀବଗୁଡ଼ିଏ ଏମାନେ ; ସଂସାରରୂପୀ ବନ୍ଧନ ଏମାନଙ୍କର ଅସହ୍ୟ ହୁଏ । ସୀମା ଭିତରେ ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି । ସବୁବେଳେ ଚାହାନ୍ତି କେମିତି ହୁଡ଼ାଗୁଡ଼ିକ ଭାଙ୍ଗିଯାଆନ୍ତା, ବିସ୍ତାରି ହୋଇଯାଆନ୍ତା ଏ ପୃଥିବୀର ପରିଧି ।''

''ବେଶ୍ ! ବେଶ୍ ! ସେଇ କଥା ।'' ମୋ ତୁଣ୍ଡରୁ ଅକସ୍ମାତ୍ ବାହାରିପଡ଼ିଲା ।

''ଶୁଣ !''

ମୁଁ ପୁଣି କରପତ୍ର ଯୋଡ଼ିଦେଲି । ଲୋକଟା ଯେତେବେଳେ ମୋତେ ବୁଝିଆସିଲାଣି, ତାକୁ ଶୁଣିବାକୁ ହିଁ ହେବ ।

''ତାଙ୍କୁ ଗୋଟାଏ ଅସୀମ ଖୋଜ ଲାଗିଯାଏ । ତାଙ୍କ ଭିତରୁ ହାବୁକେଇ ଉଠେ ଗୋଟାଏ ଦୁର୍ବାର ଅଭୀପ୍ସା - ସେମାନେ ଅବଶ୍ୟ ସମୁଦ୍ର ଦେଖିବେ, ନ ଦେଖିଲେ ସେମାନେ ପାଗଳ ହୋଇଯିବେ - ମରିଯିବେ । ବଞ୍ଚିବାର ଅର୍ଥ ତାଙ୍କ ପାଇଁ ଆଉ ରହିବ ନାହିଁ । ତମକୁ ସେଇ ଅସୀମର ହାଓ୍ୱା ଲାଗିଛି । ପାଞ୍ଚ ପଚିଶି ପଡୁ ପଛକେ ତୁମକୁ ଅବଶ୍ୟ ଯାଇ ସମୁଦ୍ର ଦେଖିଆସିବାକୁ ପଡ଼ିବ । ସେଇଟା ଗୋଟାଏ ଭାରି ଗଭୀର ଓ ଉଦାସ ଜିନିଷ ତ ! ତାକୁ ଦେଖିଦେଲେ ମନ ଭିତରୁ

Digitized by srujanika@gmail.com

ଗୁଡ଼ାଏ କାର୍ପଣ୍ୟ ଧୋଇହୋଇଯିବା କଥା । ବିଶାଳତା ପାଇଁ ଭିତରେ ଜାଗା ଖୋଲିହୋଇଯିବା ଦରକାର । ଆଉ ତାହା ହେବ ହିଁ ହେବ ।

ଆଉ ଶୁଣ ! ଏଇଟା ଗୋଟାଏ ଭାରି ଭଲ ଲକ୍ଷଣ । ଏଇଟା ପ୍ରାୟ ବ୍ରହ୍ମ ଜିଜ୍ଞାସାର ଅନୁରୂପ । ତା'ର ପୂର୍ବାଭାସ । ସମୁଦ୍ର ଦେଖି ଯଦି ତା'ପରେ ତୁମର ଏହି ଅସ୍ୱସ୍ତି ରହିଗଲା ପୁଣି ଗୋଟାଏ କ'ଣ ଅସୀମର ସଂସ୍ପର୍ଶରେ ଆସିବାକୁ ତେବେ ତୁମ ଜୀବନର ମାର୍ଗ ସ୍ଥିର ହୋଇଗଲା ବୋଲି ବୁଝିବାକୁ ହେବ । ତା'ପରେ ତୁମେ ଆସି ଏ ଗ୍ରନ୍ଥ ପଢ଼ିବ । ଆଉ ଭଲରୂପେ ବୁଝିଯିବ ପ୍ରକୃତରେ ଅସୀମର ଅର୍ଥ କ'ଣ ?''

ମୁଁ ତୁନି ରହିଲି । ଭାବିଲି ଅସୀମକୁ ଜାଣିବା କ'ଣ ଏମିତି ଅପରିହାର୍ଯ୍ୟ ? ''ତୁମେ ଏଠି ରହି ଯାହା ସମୁଦ୍ରକୁ ବୁଝିବାକୁ ଚେଷ୍ଟା କରୁଛ ସେ ସବୁ ବୃଥା । ସସୀମ ମାଧ୍ୟମରେ ଅସୀମକୁ ବୁଝିବା ସମ୍ଭବ ନୁହେଁ । ଅସୀମ ଆଉ ଏକ ପର୍ଯ୍ୟାୟର ଜିନିଷ । ଚେତନାର ଏକ ବିକାଶରେ ତାକୁ ବୁଝିହୁଏ । ଏ ଦୀର୍ଘଯାତ୍ରାର ଶେଷରେ ଭକ୍ତି ବିନମ୍ର ଠିଆ ନ ହେବାଯାଏଁ ସମୁଦ୍ର ତୁମକୁ ଦେଖାଦେବ ନାହିଁ । ମୋତେ ମଧ୍ୟ ଏ ନିଶା ଘାରିଥିଲା ଏବଂ ମନେପଡ଼ିଲେ ଏବେ ମଧ୍ୟ ସେ ନିଶା ଉତୁରି ଉଠୁଛି ! ଶୁଣିବ ମୁଁ କେମିତି ଦେଖିଛି ସମୁଦ୍ରକୁ ?''

ଠେକୁଆକାନ ପରି ମୋର କାନଯୋଡ଼ାକ ଠିଆ ହୋଇପଡ଼ିଲେ ।

ସମୁଦ୍ର ବିଷୟରେ ଅଗାବଗାଙ୍କ ଠାରୁ ଶୁଣିଛି । ଆଉ ଯାଙ୍କଠୁ ନ ଶୁଣିବି ! ଏ ତ ଆଉ ସେମାନଙ୍କ ପରି ଦେଖି ନ ଥିବେ !

''ସମୁଦ୍ରକୁ ଦେଖିବ ଏକୁଟିଆ । ତାକୁ ଖୁବ୍ ପାଖେଇ ଦେଖିବା ଯେତେ ପାରିବ ବେଳାଭୂମିକୁ ପଛରେ ରଖି ମୁହାଁମୁହିଁ ସମୁଦ୍ରଟାକୁ ଦେଖିବ, ତେବେ ବୁଝିବ ନିଶା କ'ଣ ? ବୁଝିବ ସମୁଦ୍ର କଥା କହେ କି ନା ! ମୁଁ ବିଭିନ୍ନ ସମୟରେ ବିଭିନ୍ନ ରୂପରେ ସମୁଦ୍ରକୁ ଦେଖିଛି । ତା' ସହିତ ମୋର ପରିଚୟ ବେଶ୍ ଘନିଷ୍ଠ । କିନ୍ତୁ ଦିନକର କଥା ଶୁଣ ! ସେତେବେଳକୁ ରାତି ପ୍ରାୟ ଘଡ଼ିଏ । କୃଷ୍ଣପକ୍ଷର ରାତି ବୋଧହୁଏ, ଦଶମୀ ନା କ'ଣ ! ଅଧରାତି ପରେ ଚନ୍ଦ୍ରୋଦୟ ହେବ । ମୁଁ ଚାହିଁଥିଲି ଚନ୍ଦ୍ରୋଦୟରେ ନିଶାର୍ଦ୍ଧ ସାଗର ଦେଖିବାକୁ ; କିନ୍ତୁ କ'ଣ ଦେଖିଲି ଶୁଣ । ଅନ୍ଧାର ଆସ୍ତେ ଘନେଇ ଆସୁଥାଏ, ସମୁଦ୍ର କୂଳରୁ ପବନଖିଆ ପଇଁତରାକଟା ସବୁ ନିଜ ନିଜ ଗୁହା ଭିତରକୁ ଫେରିଯାଇଥାନ୍ତି । ଆକାଶରେ ଗୁଡ଼ାଏ ତାରା ଫୁଟିଉଠିଲେ, ଚାହୁଁ ଚାହୁଁ ରାତ୍ରି ହୋଇଗଲା । ନିସ୍ତବ୍ଧ ନିକାଞ୍ଚନ ରାତ୍ରି । ଦିଗ୍‌ବଳୟ ଲିଭିଗଲା । ମୋତେ ଜଣାଗଲା ସମୁଦ୍ର ଆହୁରି ବିସ୍ତୃତ ହୋଇଗଲା । ଢେଉଗୁଡ଼ାକ ଆକାଶରୁ ଗଡ଼ିଆସିବା ପରି ଦୃଶ୍ୟମାନ ହେଲା । ଆକାଶର ତାରାସବୁ ସମୁଦ୍ର ଭିତରୁ ଫୁଟିଉଠିଲେ - ମୁଁ ବେଳାର ସ୍ୱପ୍ନ ଭୂମି ଉପରେ ନିଶ୍ଚେଷ୍ଟ ପଡ଼ି ରହିଥାଏ । ମନେ ହେଉଥାଏ ସମୁଦ୍ରର ବିସ୍ତୃତି ସହିତ ତାଳ ଦେଇ ମୁଁ ମଧ୍ୟ ଗୁଡ଼ାଏ ଖୋଲିଯାଉଥାଏ, ସତେ ଯେମିତି ନୀହାରିକାର ଯେଉଁଠି ସବୁଠୁ ବେଶି ଧୂଆଁ ଧରିଯାଇଛି ତା' ଉପରେ ଅଙ୍ଗ ମେଲିଦେଇ ମୁଁ ଉଶ୍ୱାସରେ ଶୋଇଯାଇଛି, ମୋ ହାତମୁଠାର ଅସଂଖ୍ୟ ବାଲି ପରି ଅଗଣିତ ତାରାଗୁଡ଼ାକୁ ଆଡ଼େଇ ଦେଉଛି, ବୁଣି ଦେଉଛି ।''

Digitized by srujanika@gmail.com

ଭାବିଲି - କବି ହେବାକୁ ପଡ଼ିଲେ ବୁଢା ବେଶ୍ କାମ ଚଳେଇଦିଅନ୍ତା । ସେ ମୋ ମନକଥା ଜାଣିଦେଲେ ନ କ'ଣ ! ପୁଣି ଦାର୍ଶନିକ କଣ୍ଠରେ କହିଲେ -

''ଶୁଣ, ଏଇଟା ହେଲା ଆକ୍ରାନ୍ତ ମନର ଲକ୍ଷଣ । ଅସୀମ ଆସି ସୀମାକୁ ଏପରି ସ୍ତବ୍ଧ ଚକିତ କରେ, ତାକୁ ନିଜର ବାହୁ ପ୍ରସାର କରି ଗ୍ରାସ କରେ, ସସୀମ ବିଚାର ତାର ନିବୁଜ ସୀମା ଭିତରେ ଯାହା ଉଷୁମ ମାରୁଥିଲା ଆଉ ପାରେ ନାହିଁ । ସବୁ ଉଛୁଳେଇ ସବୁ ହିଡ଼ ଗଡ଼ି ଭାଙ୍ଗି ତା ଭିତରକୁ ପଶିଆସେ ଅସୀମ ; ତା' ଶିରାପ୍ରଶିରାରେ ଜଳିଯାଏ । ଫଳରେ ଘଟକୁ ଭାଙ୍ଗିଦେଲେ ଯେମିତି ଘଟାକାଶ ମହାକାଶ ଭିତରେ ମିଶିଯାଏ - ମିଶିଯାଏ କ'ଣ, ମିଶିଥିଲା ଚିରକାଳ ; ଖାଲି ମଝିରେ ଟିକିଏ ପ୍ରତୀତି ଆସିଥିଲା - ସେଇଟା ଅନ୍ତର୍ହିତ ହୋଇଯାଏ, ଏହି ପ୍ରତୀତି ଯାହାକୁ ମାୟା କୁହାଯାଇଥାଏ ।''

'ଆଜ୍ଞା ସମୁଦ୍ର !' -

''ଓହୋ, ସବୁ ଏକ ! ଯା ବିଷୟରେ କହିଲେ ଯାହା ତା ବିଷୟରେ କହିଲେ ତାହା । ବିଷୟ ହେଲା ମୂଳତଃ ଗୋଟାଏ, ଦିଗ କିନ୍ତୁ ଭିନ୍ନ ।''

'ରାତିରେ ସମୁଦ୍ରଟା ଭାରି ବିସ୍ତୃତ ଦେଖାଯାଏ ପରା !'

''ହଁ, ଠିକ୍ ସେଇ କଥା ତ ମୁଁ କହୁଥିଲି, ବିସ୍ତୃତ ବି ହୁଏ । ମଣିଷଟାକୁ ଗ୍ରାସ କରିଯାଏ, ତଥାପି ଧୈର୍ଯ୍ୟ ଥାଏ ମୋର ବି ଥିଲା । କିନ୍ତୁ ତା' ପରେ କ'ଣ ହେଲା ନା - ଗୋଟାଏ ମେଘ କାହୁଁଥିଲା, ଘୋଟିଗଲା, ଚତୁର୍ଦ୍ଦିଗ ବ୍ୟାପିଗଲା । ଚଉଦିଗ ଅନ୍ଧାର, ସେ ଅନ୍ଧାରରେ ସମୁଦ୍ର ପାଖରେ ଏକୁଟିଆ ବସିବା ପାଇଁ ପ୍ରକୃତରେ ବନ୍ଧୁ ସାହସ ଲୋଡ଼ା । ଯେତେବେଳେ ଆକାଶ, ପୃଥିବୀ, ସମୁଦ୍ର ଅନ୍ଧାରରେ ଏକାକାର ହୋଇଯାଉଥିବେ, ନାକ ପାଖରେ ହାତ ରଖିଲେ ମଧ ଦିଶୁ ନ ଥିବ, ସେତେବେଳେ ବାସ୍ତବିକ ସମୁଦ୍ର ହୋଇଯାଏ ଶବ୍ଦରୂପୀ - କେବଳ ଧ୍ୱନିରେ ସମୁଦ୍ର ବିଲୀନ ହୋଇଯାଏ ; ଜଳ, ସ୍ଥଳ, ଆକାଶ ଭରି କେବଳ ଗୋଟାଏ ଧ୍ୱନି । ଭୟଙ୍କର ସେ ରୂପ ! ଅନନ୍ତ ଅନ୍ଧାରଟା ସତେ ଯେମିତି ଗର୍ଜି ମାଡ଼ିଆସୁଛି । ଭାରି ଇଚ୍ଛା ହେଲା ସେଇଠୁ ଉଠି ଚାଲିଯିବାକୁ, ଅସହ୍ୟ ବୋଧହେଲା ସମୁଦ୍ର । ଅଧରାତିକୁ ଜୁଆର ଉଠିଲା । ସମୁଦ୍ର ଆହୁରି ଗର୍ଜିଲା - ମନେହେଲା ବେଳକୁ ନ ମାନି ଲଘି ମାଡ଼ିଯିବ । କାନରେ ଆଙ୍ଗୁଠିଖିଲ ମାରି ରଖିଲେ ମଧ ମୋ ହାଡ଼ ଭିତର ଦୁରୁ ଦୁରୁ ହେଉଥାଏ । ଘରପାଖ ଦେଇ ରେଳ ଚାଲିଗଲେ ଶୁଆପଞ୍ଜୁରୀ ପରି ବୁକୁର କାଠିଯାକ ଝଣ ଝଣ ହେଉଥାନ୍ତି । ଆଖି ମେଲେଇ ଦେଖିଲେ ଯାହା, ଆଖି ବୁଜିଲେ ମଧ ତାହା । ଭିତର ବାହାର ଖାଲି ଅଭେଦ୍ୟ ଅନ୍ଧାର । ସେ ମହାକାଳ ରାତ୍ରିରେ ଗୁରୁଗର୍ଜନ ମିଶି ମୋତେ ନିଃଶେଷ କରିଦେଇଥାନ୍ତି । ଝଡ଼ବତାସ ବେଳେ କେଉଟ ଘରର ପ୍ରତୀକ୍ଷମାଣ ଦୀପରେଖାଏ ପରି କାହିଁ କେଉଁ ସନ୍ଧିରେ ଟିକିଏ ଆଶା ଥାଏ ଯେ ଅବଶ୍ୟ ଚନ୍ଦ୍ରୋଦୟ ହେବ । ଏ ଚିତ୍ତବିଭ୍ରାନ୍ତକାରୀ ଏକାକାର ପ୍ରଳୟ ଅବସ୍ଥା ଯାଇ ପ୍ରାକୃତିକ ସ୍ଥିତି ପୁଣି ଆସିବ । କ୍ରମଶଃ ଅସ୍ଥିରତା ଚାଲିଯାଇ ଶାନ୍ତି ଆସିଲା । ଧ୍ୱନି ଏବଂ ଅନ୍ଧକାର ସହିତ ଆଉ ବିରୋଧ ନାହିଁ । ମନେହେଲା ଧ୍ୱନି ମୋର ଓ ମୁଁ

Digitized by srujanika@gmail.com

ନିଜେ ସେଇ ଅନ୍ଧାର ।''

ବନ୍ଧୁ କିଛି ସମୟ ଆଖି ବୁଜି ବସିଗଲେ । ମୁଁ ମଧ୍ୟ ପ୍ରାୟ ବିଭୋର, ଆଖି ଭୟରେ ବୁଜି ହେଉ ନଥାଏ । ବୁଜିଲେ ଅନ୍ଧାର ମାଡ଼ି ଆସୁଥାଏ ଓ କାନ ଭାଁ ଭାଁ ଡାକୁଥାଏ ।

''ତା'ପରେ ହଠାତ୍ ଦେଖିଲି ଅନ୍ଧାରଟା ଦୁଇଫାଳ ହୋଇଯାଇଛି, ଫାଳେ ଆକାଶ ଓ ଆଉ ଫାଳେ ସମୁଦ୍ର । ଉପର ଫାଳକ ପୁଣି ତରଳିଯାଇ ଅସଂଖ୍ୟ ଛିଦ୍ର ଫିଟିଗଲା - ଅସଂଖ୍ୟ ତାରା ଫୁଟିଗଲେ । ମୁଁ ବାଲି ଉପରୁ ଉଠି ବସିଲି । ଦେଖିଲି ସମୁଦ୍ର ଆଗ ପରି ମୋ ପାଦ ପର୍ଯ୍ୟନ୍ତ ଲୋଟି ଆସୁଥାଏ । ଜଣାଯାଉଥାଏ ଯେ ରାତି ଅଧ ସମୟରେ ନିରୋଳାରେ ଜଣକୁ ସେ ପାଇଛି ତା ଯୁଗ ଯୁଗର ବ୍ୟଥା ଶୁଣାଇବାକୁ । ଆଉ ଜଣାଯାଉଥାଏ ସେ ପାରିରୁ ଢେଉ ନୂଆ ଆଲୋକର ବାର୍ତ୍ତା ନେଇ ବେଳାରେ ପହଞ୍ଚାଇବ । କିନ୍ତୁ ବେଳାରେ ଅଜାଡ଼ି ହେଉଥାଏ ସବୁ ଦିନର ଲୁଣି ପାଣି ଓ ଫେଣ ।

ଆକାଶରୁ କିଛି ତାରା ଆଡ଼େଇ ହୋଇଗଲେ, ସମ୍ମାନର ସହ ବାଟ ଦେଲେ ଦଶମୀର ଜହ୍ନକୁ । ଜହ୍ନ ଉଇଁଲା ଓ ତାର ଆଲୋକରେ ସବୁ ଦେଖାଗଲା ଗୋଟିଏ ଶୀତଳ ସ୍ୱପ୍ନ ପରି । ସମୁଦ୍ରକୂଳିଆ କିଆବୁଦା ଓ ଝାଉଁଗଛ ସବୁ ଦେଖାଗଲେ । ମୁଁ ଟିକିଏ ପ୍ରକୃତିସ୍ଥ ହେଲି । ଭାବିଲି ସବୁ ମିଶେଇ ଗୋଳେଇ ଧୂଆଁଳିଆ ଆକାଶରେ ଫାଳେରୁ ଉଣା ଜହ୍ନ, ଧୂସର ନୀରବ ପୃଥିବୀ, ସମୁଦ୍ର ଓ ମୁଁ । ହେଲା ମଧ୍ୟ ଗୋଟାଏ ଅପୂର୍ବ ସମାବେଶ । ସେ ଅବସ୍ଥାରେ ଯଦି ସମୁଦ୍ର ଢେଉ ଉପରେ ଅସଂଖ୍ୟ ଶ୍ୱେତାଙ୍ଗୀ ଦକ୍ଷିଣୀ ନୃତ୍ୟ କରିଥାନ୍ତେ ମୁଁ ବିଶ୍ୱାସ କରିଥାନ୍ତି । ବାଲି ଉପରେ ଦେଇ ପ୍ରେତାତ୍ମାମାନଙ୍କର ନୀରବ ପଟୁଆର ମୁଁ ନିର୍ବିକାର ଗ୍ରହଣ କରିଥାନ୍ତି । ସମଗ୍ର ଜଗତ ସେତେବେଳେ ଅପାର୍ଥିବ, ମୁଁ ଗ୍ରହଗ୍ରହାନ୍ତରର ଅନୁପ୍ରବେଶକାରୀ - ସବୁ କିମ୍ଭୁତ କିମାକାର ହାଲୁକା । ପ୍ରତି ମୁହୂର୍ତ୍ତରେ ଓଲଟ ପାଲଟ ହୋଇଯିବ, ଯେମିତି କି ସବୁ ସ୍ୱପ୍ନ ବସ୍ତୁ ।

ଏ ବିହ୍ୱଳ ଅବସ୍ଥା ଚାଲିଲା କିଛିକାଳ ଧରି । ଜହ୍ନଆଲୁଅ ମୋର ଏପାରି ସେପାରି ଫୁଟି ଚାଲିଯାଉଥାଏ । ସମୁଦ୍ରର ଜୁଆରିଆ ଲହରୀ ମୋତେ ଭେଦି ଚାଲିଯାଉଥାଏ । ଯେପରି ମୁଁ ଗୋଟାଏ ଅପାର୍ଥିବ ସୂକ୍ଷ୍ମ ଶରୀର, ସମୟର ଗତି ମଧ୍ୟ ସେଠି ଭିନ୍ନ ପ୍ରକାର, ଲାଗୁଥାଏ ମୁଁ ନିଃସଙ୍ଗ କାଳରେ ପ୍ରବେଶ କରିଗଲି, ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରଭେଦ କାଳଦୃଷ୍ଟିରୁ ନିରର୍ଥକ, କେବଳ ଆପେକ୍ଷିକ । ମାନେ..... ଦଶମୀର ଜହ୍ନ ତ ବେଶୀ ସମୟ ରହି ନ ଥିବ, ପ୍ରାୟ ଚାରି ଘଡ଼ି ପରେ ସୁନ୍ଦରା ଫାଟିଯାଇଥିବ ।

ଠିକ୍ ମୁଁ ତେଣିକି ଯାହା ଦେଖିଲି ସେଇଟା ବୋଧହୁଏ ସୁନ୍ଦରା ଫାଟିବା ସମୟର କଥା । କ୍ରମଶଃ ଜହ୍ନ ପାଣ୍ଡୁର ଦେଖାଗଲା । ଆଉ ହଠାତ୍ ସବୁ କେମିତି ନିସ୍ତବ୍ଧ ହୋଇଗଲା, ସମୁଦ୍ର ସମେତ । ସତେ ଯେମିତି ସମୁଦ୍ର ଜମି ଆସିଲା । ଲହରୀଗୁଡ଼ାକ ଖୁବ୍ ଭୀରୁ, ଖୁବ୍ ଛୋଟ । ପବନରେ ମୁଁ ଅନୁଭବ କଲି ଆର୍ଯ୍ୟଋଷିମାନଙ୍କର ବେଦମନ୍ତ୍ରର ପ୍ରବାହ । ଆକାଶବକ୍ଷରେ ଶୁଣିଲି ଋଗ୍‌ବେଦର ଉଷା ଅବାହନୀ ! ମୋଠାରେ ଅପୂର୍ବ ପୁଲକ ଜାତ ହେଲା । ବୋଧ କଲି ଯେ

Digitized by srujanika@gmail.com

ବ୍ରାହ୍ମମୁହୂର୍ତ୍ତ ଆସିଗଲା । ଆକାଶ ଘୁଞ୍ଚିଗଲା ବହୁ ଦୂରକୁ । ସ୍ୱପ୍ନର ଶିଥିଳତା ଘୁଞ୍ଚିଯାଇ ସେଇଠି ଦେଖାଦେଲା ନୂତନର ସଂଘାତ ।

ମୁହୂର୍ତ୍ତ ମୁହୂର୍ତ୍ତରେ ଝରି ଆସିଲା ଆଲୋକ - ତା ପରେ କନକବର୍ଣ୍ଣା ଉଷାଙ୍କର ଅପରୂପ ଛବି ଉଭାସିତ ହେଲା ସମୁଦ୍ରର ମୁକୁଟ ପରି । ସେ ମୁହୂର୍ତ୍ତରେ ସମୁଦ୍ର ସତେ ଗୋଟାଏ ସମ୍ରାଟ୍, ତା'ର ଅଭିଷେକ ହେଉଛି ଗମ୍ଭୀର ବେଦମନ୍ତ୍ରରେ । ମୁଁ ଦେଖିଲି ବରୁଣଦେବଙ୍କର ବ୍ୟାପ୍ତି । ତା'ପରେ ମୁହୂର୍ତ୍ତକରେ ଦିଶିଗଲା ଇନ୍ଦ୍ରଦେବ ଜଗନ୍ମାତା ଉମାଙ୍କର ଚରଣଦେଶରେ ପ୍ରଣିପାତ କରି ଶୁଣୁଛନ୍ତି ଆଦିପୁରୁଷଙ୍କର ବାର୍ତ୍ତା, ବାୟୁ ଓ ଅଗ୍ନି ନତମସ୍ତକ ହୋଇ ଠିଆ ରହିଛନ୍ତି । ଅପୂର୍ବ ମୁହୂର୍ତ୍ତ .... । ସେହି ଦେବମୁହୂର୍ତ୍ତରେ ସମୁଦ୍ର ଦେଖାଯାଉଥାଏ ଗୋଟିଏ ଶିଷ୍ଟ ଶିଶୁ ପରି । ତା'ପରେ ତାର ନିର୍ମଳ ବକ୍ଷରେ ଦେଖିଲି ପ୍ରଭାତର ଐଶ୍ୱର୍ଯ୍ୟ । ଓଃ, ମୁଁ ଆଉ ଥୟ ଧରି ରହିପାରିଲି ନାହିଁ, ହାତ ଯୋଡ଼ି ଠିଆ ହୋଇଗଲି, ମହା ସତ୍ୟର ଆଗମନୀକୁ ପ୍ରଣତି ଜ୍ଞାପନ କରି । ସ୍ୱର୍ଣ୍ଣମୟ ଦିଗ୍‌ବଳୟ କ୍ରମଶଃ ଶୁଭ୍ର ସତ୍ୟର ଉଭାସନରେ ଜଳିଉଠିଲା । ଆହୁରି ପ୍ରଦୀପ୍ତ ହେଲା କନକ ବର୍ଣ୍ଣ, ତା'ପରେ ସମୁଦ୍ରର ଅନନ୍ତ ପ୍ରତୀକ୍ଷାକୁ ପୁରସ୍କୃତ କଲା ଆଦିତ୍ୟଙ୍କର ଜବାପୁଷ୍ପ ପରି ଅପୂର୍ବ ରୂପ । ସମୁଦ୍ର ହାତ ଯୋଡ଼ି ସାମ ଗାନ କଲା । ଆକାଶର ପ୍ରାଙ୍ଗଣରେ ଦେବତା ଗାନ୍ଧର୍ବ ସ୍ତୁତିପାଠ କଲେ, ମୋର ସେତେବେଳେ ଅବସ୍ଥା ବର୍ଣ୍ଣନାତୀତ ।'

ତା ପରେ ?...'

ବନ୍ଧୁ ଟିକିଏ ହସିଲେ ।

''ତା'ପରେ ଆଉ କ'ଣ ? ସ୍ୱପ୍ନ ଭାଙ୍ଗିଗଲା, ସାଧାରଣ ଦିନର ସାଧାରଣ କୋଳାହଳରେ । ସମୁଦ୍ର ମଧ ହୋଇଗଲା ସାଧାରଣ - ଆଉ ରାତିକ ଭିତରେ ବନ୍ଧୁ ରାଜ୍ୟ ବୁଲି ମୁଁ ମଧ ହାଲିଆ ହୋଇ ଫେରିଆସିଲି । ... ହଉ ଛାଡ଼, ତୁମେ ପଚାରିବାରୁ ସେ ଦିନର କଥାଗୁଡ଼ିକ ମନେ ପଡ଼ିଗଲେ । ବଡ଼ ଅଦ୍ଭୁତ ଜିନିଷଟାଏ ଏ ସମୁଦ୍ର ସତେ ! ତୁମେ ଅବଶ୍ୟ ଯାଇ ଥରେ ଦେଖିଆସ, ନ ହେଲେ ଯେତେ ଶୁଣିଲେ ମଧ ତୁମର ସଂପୂର୍ଣ୍ଣ ଧାରଣା ହେବ ନାହିଁ ।''

ଆରେ ସତେ ତ - ମୁଁ କଳ୍ପନାରେ ଏ ହୁଡ଼ାବେଷ୍ଟିତ ଜଗନ୍ନାଥ ସାଗରରେ ହିଁ ଚନ୍ଦ୍ରୋଦୟ ସୂର୍ଯ୍ୟୋଦୟ ସବୁ ଦେଖିଗଲି - ଧେତ୍ ।

ଜିଦ୍ ଆସିଲା, ମନ ଉଚ୍ଚାଟ ଧରିଲା - ଯାହା ହେଉ ପଛେ ସମୁଦ୍ର ଦେଖିବାକୁ ହେବ । ନ ହେଲେ ନ ଚଳେ । ଆପଣ ଶୁଣି ଖୁସି ହେବେ ଯେ ଗତ ତିନିବର୍ଷ ଧରି ମୁଁ ଅହରହ ଚେଷ୍ଟା ଚଳେଇଛି, କ୍ରମଶଃ ପ୍ରସ୍ତୁତ ହେଉଛି, ସମୁଦ୍ର ଦେଖିବାକୁ !

❖❖❖

Digitized by srujanika@gmail.com

ଯେ ଯଥା ମାଂ ପ୍ରପଦ୍ୟନ୍ତେ

ଶ୍ରୀଗୁଣ୍ଡିଚା ଦିନ ନୀଳାଦ୍ରିନାଥ ନବଦିନ ଯାତ୍ରା ପାଇଁ ରଥରେ ବିଜେ ହେବେ । ଭେରୀ, ତୂରୀ, କାହାଳ, ମର୍ଦ୍ଦଳ, ଶଙ୍ଖ, ଘଣ୍ଟା ନିନାଦରେ ବଡଦାଣ୍ଡ ଉଚ୍ଛୁଳି ପଡିବ । ଆକୁମାରୀହିମାଳୟ ସମଗ୍ର ଭାରତ ଭୂଖଣ୍ଡର ଅଗଣିତ ଭକ୍ତଙ୍କ ନୟନମନ ଚରିତାର୍ଥ କରି ଠାକୁରେ ପହଣ୍ଡି ବିଜେ ହେବେ । ଝୁଲିଲାବେଳେ ଟାହିଆ ଲୋଟି ପଡଉଥିବ ଝୁଲେଇଲା ବେଳେ ଶ୍ରୀଅଙ୍ଗ ସେବକଙ୍କର ଝାଳ ଫାଟି ପଡୁଥିବ । ସ୍ୱର୍ଗରୁ ପାବନୀ ଗଙ୍ଗା ଧାରାବତରଣ କଲା ପରି ଯୋଗୀନ୍ଦ୍ର ମୁନୀନ୍ଦ୍ର-ଧ୍ୟେୟ ଭକ୍ତି ଚିନ୍ତାମଣି କେବଳ ଭକ୍ତାନୁଗ୍ରହ ସକାଶେ ରତ୍ନ ସିଂହାସନରୁ ଅବତରଣ କରି ରଥରେ ବିଜେ ହେବେ । ପୁଲକିତ ଲକ୍ଷ ନରନାରୀଙ୍କ ପଦ୍ମଜ କଣ୍ଠରୁ ଶୁଭିବ 'ନିସ୍ତରିଲି' ପ୍ରଭୁ! ଚକାନୟନ ଦେଖି ତାଙ୍କର ଥକା ମନ ପ୍ରଶାନ୍ତି ଅନୁଭବ କରିବ । ଶଙ୍ଖ ନାଭିମଣ୍ଡଳରେ ସେମାନେ ତାଙ୍କର ବେନି ନେତ୍ରକୁ ପଖାଳି ନିଜକୁ ଧନ୍ୟ ମନେ କରିବେ ।

ଅନନ୍ତ କୋଟି ବ୍ରହ୍ମାଣ୍ଡର ପରମ କାରଣ, ସ୍ୱୟମ୍ଭୁ ଅଶେଷ ପର୍ଯ୍ୟାୟରେ ଅଶେଷ କର୍ମପ୍ରବାହର ଏକମାତ୍ର କର୍ତ୍ତା, ଅଚିନ୍ତ୍ୟ, ଅବ୍ୟୟ, ଅବିକ୍ରିୟ ସତ୍ତା, ସର୍ବଭୂତରେ ନିଗଢ଼ ଏକମାତ୍ର ଦେବ, କେବଳ ପ୍ରଜ୍ଞାନ ଘନ, ବ୍ରହ୍ମବାଚୀ ତତ୍‌ସ୍ୱରୂପ ଇତ୍ୟାଦି ରୂପେ ରଥାରୂଢ଼ ବାମନଙ୍କୁ ଦର୍ଶନ କରି ନ୍ୟାୟବେଦାନ୍ତାଦିର ପଣ୍ଡିତବର୍ଗ ବଦ୍ଧାଞ୍ଜଳି ହୋଇ ସ୍ତୁତିଗାନ କରିବେ ।

ଶୈବଙ୍କର ପରମଶିବ, ଶାକ୍ତଙ୍କର ଆଦ୍ୟାଶକ୍ତି ଦକ୍ଷିଣ କାଳିକା, ବୌଦ୍ଧଙ୍କର ଧର୍ମକାୟା, ଗାଣପତ୍ୟଙ୍କର ଅଗ୍ରପୂଜ୍ୟ ଗଣପତି, ବୈଷ୍ଣବଙ୍କର ବାସୁଦେବ, ସାକେତ ସେବୀଙ୍କର ରଘୁନାଥ ସେଦିନ ନୟନାଭିରାମ ନୀଳମାଧବଙ୍କର ସ୍ୱୟମ୍ଭୁ ଦାରୁବିଗ୍ରହରେ ରୂପାୟିତ ହୋଇ ଏ ସମସ୍ତଙ୍କୁ କୃତାର୍ଥ କରିବେ ।

ଅକଳନ୍ତି ଜନଗହଳି ଭିତରେ ଥିବେ ଆର୍ତ୍ତ ଯେ ସଂସାର ଦୁଃଖଦହନରୁ ପରିତ୍ରାଣ ପାଇଁ ଶରଣଭିକ୍ଷା କରୁଥିବେ । ଥିବେ ଅର୍ଥାର୍ଥୀ ଯେ ଗୃହ-ଦାରା-ପୁତ୍ରଠାରୁ ଧ୍ରୁବଲୋକ ପର୍ଯ୍ୟନ୍ତ ଯାଚଞ୍ଚା କରୁଥିବେ । ଥିବେ ଜିଜ୍ଞାସୁ, ଯେ ଗଭୀର ମନନଦ୍ୱାରା ସଗୁଣନିର୍ଗୁଣ, ପରାପରା, ସତ୍ୟାନ୍ତର ଦ୍ୱନ୍ଦ୍ୱ ତମସାରୁ ଜ୍ୟୋତିକୁ ଉତ୍ତୀର୍ଣ୍ଣ ହେବାକୁ ପ୍ରାର୍ଥନା କରୁଥିବେ । ଥିବେ ଜ୍ଞାନ ବିଧେୟ କର୍ମାନୁଷ୍ଠାନଦ୍ୱାରା ନିର୍ଧୂତ କଳୁଷ ହୋଇ ସମ୍ୟକ୍‌ଦର୍ଶନରେ ଆତ୍ମବ୍ରହ୍ମର ଅଭେଦ ଲାଭ କରୁଥିବେ ।

Digitized by srujanika@gmail.com

କଥିତ ଅଛି ଯେ, ସେଦିନ ନଭୋମଣ୍ଡଳରେ ବ୍ରହ୍ମାଦି ଦେବଗଣ କୃତାଞ୍ଜଳିପୁଟରେ ଅନନ୍ତଦେବେଶ ଜଗନ୍‌ବାସଙ୍କର ସ୍ତୁତି ଗାନ କରିବେ । ଆକାଶରେ ଯକ୍ଷ, ରକ୍ଷ, ବିଦ୍ୟାଧର, କିନ୍ନରଙ୍କ ସମାବେଶ ହେବ । ଦିକ୍‌ପାଳଗଣ ସ୍ୱଧର୍ମ ରକ୍ଷା କରି ସ୍ୱସ୍ଥାନରେ ଦଣ୍ଡପ୍ରଣାମ କରିବେ । ମର୍ତ୍ତ୍ୟଲୋକରେ ମୁନି, ଋଷି, ତପସ୍ୱୀ, ଋତ୍ୱିକ୍ ଏବଂ ଛଦ୍ମଦେହଧାରୀ ଦେବତାଙ୍କର ସାମଗମରେ ବଡଦାଣ୍ଡ ଜନାକୀର୍ଣ୍ଣ ହେବ ।

ଏ ମହାର୍ଘ ମହୋତ୍ସବରେ ଦେଖିବାକୁ ମିଳିବ ଅନେକ ମାର୍ଗ, ଅନେକ ଧାରା । କିଏ କାହା ଭିତରେ କେତେବେଳେ କେତେଦୂର ଗଡି ଚାଲିଯାଏ, ତାହା କହିବା କଠିନ । ଧାରାର ଉପଧାରା ପରି ପୁଣି ପ୍ରତ୍ୟେକ ଧର୍ମରୁ ସଂପ୍ରଦାୟ, ସଂପ୍ରଦାୟରୁ ଗୋଷ୍ଠୀ । ଏହିପରି ବହୁ ଶାଖାପ୍ରଶାଖା ମେଲି ବହୁ ସହସ୍ର ବର୍ଷ ଧରି ଏହି କ୍ଷେତ୍ରର ଆଶ୍ରୟରେ ଏକ ମହା ଜଟିଳ ରୂପ ଗଢ଼ିଉଠିଛି । ସେଥିରେ ପୁଣି ତତ୍ତ୍ୱତଃ ପ୍ରତ୍ୟେକ ବ୍ୟକ୍ତିର ଧାରା ଅନ୍ୟ ବ୍ୟକ୍ତିର ଧାରାଠାରୁ ଭିନ୍ନ । ଏପରି କି ଭିନ୍ନ ଭିନ୍ନ ମୁହୂର୍ତ୍ତରେ ସେହି ବ୍ୟକ୍ତି ମଧ ସ୍ୱୟଂ ଏକ ରହିପାରେ ନାହିଁ, ଭିନ୍ନ ଭିନ୍ନ ହୋଇଯାଏ । ଏଣୁ ନୀଳକନ୍ଦରେ ନିହିତ 'ଉତ୍ତମଂ ରହସ୍ୟମ୍' ସଂପୂର୍ଣ୍ଣ ଉଦ୍‌ଘାଟିତ ହେବ ସମ୍ଭବ ନୁହେଁ । ସହସ୍ରାଧିକ ପନ୍ଥା ଭିତରୁ କୌଣସି ଗୋଟିକରେ କିଛି ବାଟ ଯାଇ କିଛି ଅନୁଭବକୁ ନିଆଯାଇପାରେ ମାତ୍ର । ରହସ୍ୟର ଅକଳନୀୟତା ହେତୁ ବହୁ ନଦନଦୀ ପ୍ରବାହ ସାଗରସଙ୍ଗମରେ ଏକାକାର ହେଲା ପରି ଏଠାରେ ପରସ୍ପର ବିରୋଧ ଥାଇ ସୁଦ୍ଧା ସହାବସ୍ଥାନ ପାଇଁ ଯଥେଷ୍ଟ ପରିସର ମିଳେ । ବିରୋଧରେ ବୁଝାମଣାର ଅଭାବ ନ ଥାଏ; କାରଣ ବିରୋଧ ଏକ ପ୍ରକାର ନିର୍ଦ୍ଦିଷ୍ଟ ସଂପର୍କକୁ ସ୍ୱୀକାର କରେ । ପରସ୍ପରକୁ ନ ବୁଝିଲେ ପ୍ରତିଦ୍ୱନ୍ଦ୍ୱୀ ବା ବିରୁଦ୍ଧଧର୍ମୀ ହେବା ସମ୍ଭବ ନୁହେଁ ।

ଯଦି କୌଣସି ବିଦେଶାଗତ ବ୍ୟକ୍ତି ଏ ଦେଶର ଆଧୁନିକ ଶିକ୍ଷାପ୍ରାପ୍ତ ତରୁଣଙ୍କୁ ଜଗନ୍ନାଥ ମୂର୍ତ୍ତି ସଂପର୍କରେ ପ୍ରଶ୍ନ କରିବେ ହୁଏତ ତରୁଣ କହିବେ- ଏହାର ମୂଳ ନୀତି ଅବଶ୍ୟ ଗଣାତାନ୍ତ୍ରିକ । ଏଠି ଭୋଦାଭେଦ ନ ଥାଏ । ଭ୍ରାତତୃଭାବ ହିଁ ଏହାଦ୍ୱାରା ପ୍ରଚାର କରାଯାଏ । ସାର୍ବଜନୀନ କରିବାକୁ ଶ୍ୱେତାଙ୍ଗ ୟୁରୋପୀୟ, ପୀତାଙ୍ଗ ମଙ୍ଗୋଲୀୟ ଏବଂ କୃଷ୍ଣାଙ୍ଗ ଆଫ୍ରୋଅଷ୍ଟ୍ରୋ ଭାରତୀୟ ହେଉଛନ୍ତି ଏହି ତିନି ମୂର୍ତ୍ତି । ଭ୍ରାତୃଭାବ କଥା ଶୁଣି ବିଦେଶିବୃନ୍ଦ ତାଙ୍କର ଖ୍ରୀଷ୍ଟୀୟ ଧର୍ମର ଜଗତ୍‌ବିସ୍ତୃତ ବିଷୟ ଆଶ୍ଚର୍ଯ୍ୟବତ୍ ଉପଲବ୍ଧି କରି ମନେ ମନେ କୃତାର୍ଥ ହେବେ ।

ଏ ବିଦେଶ ଭାବାପନ୍ନ ତରୁଣ କିନ୍ତୁ ବିଦେଶୀ ନୁହନ୍ତି । ସେ କ୍ରମଶଃ ନିଜ ପରମ୍ପରାକୁ ଏବଂ ସେହି ଅନୁପାତରେ ନିଜକୁ ବୁଝିବାକୁ ଅସମର୍ଥ ।

ଭାରତର ମହାମାନବର ତୀରଦେଶରେ ଅସଂଖ୍ୟ ଢ଼େଉ । ଏହାର ସନାତନ କାହାରିକୁ ଅସ୍ୱୀକାର କରିନାହିଁ, ପ୍ରତ୍ୟାଖ୍ୟାନ କରିନାହିଁ । ସମସ୍ତଙ୍କୁ ଉଦାର ପ୍ରଶାନ୍ତ ଭାବରେ ବାହୁବିସ୍ତାର କରି ଗ୍ରହଣ କରିଚି । ସେହି ଅନନ୍ତ ଉଦାରତା ଏବଂ ଗମ୍ଭୀର ପ୍ରଶାନ୍ତିର ପ୍ରତୀକ ଶ୍ରୀଜଗନ୍ନାଥ । ଶ୍ରୀଗୁଣ୍ଡିଚା ପରି ପୁଣ୍ୟ ତିଥିରେ ଏ ଦେଶର ଅମର ପରମ୍ପରା ଓ ସଂସ୍କୃତିର ମହାଭାରତୀୟ ପୁଣ୍ୟପୀଠରେ ୮ ଜର ନିଭୃତ ପ୍ରାଣକେନ୍ଦ୍ରରେ ଥରେ ନିଜକୁ ଭାରତୀୟ ବୋଲି ଭାବି କୃତାର୍ଥ ହେବାର ଅବକାଶ

Digitized by srujanika@gmail.com

ଆସିଛି । ପ୍ରକାଶ୍ୟ ଭାବରେ ଖୋଳ କରତାଳ ପିଟି ଉନ୍ମତ୍ତବତ୍ ଶିରରେ ବାଲି ନିଉଡ଼ିବାକୁ ଭାବପ୍ରାବଲ୍ୟ ନାହିଁ ବା ଗ୍ରାମ୍ୟ ସରଳତା ନାହିଁ କିମ୍ବା ଭକ୍ତିର ଲାକ୍ଷଣିକ ଛଳନା କରିବାକୁ ଦୁର୍ବିନୀତ ଶଠତା ନାହିଁ । ମନେ ମନେ ଥରେ କିନ୍ତୁ ଏ ଲକ୍ଷ ଜନପ୍ରବାହ ଭିତରେ ଶ୍ରୀମନ୍ଦିରର ପୃଷ୍ଠଭୂମିରେ ରଥାରୂଢ଼ ଠାକୁରଙ୍କୁ ନିଜର ବୋଲି ଡାକିବାର ଅଧିକାର ଅଛି । ସହସ୍ରାଧିକ ବରଷ କେବଳ ଐତିହାସିକ ଗୁରୁତ୍ୱକୁ ଏ ବଡ ଦାଣ୍ଡରେ କଳ୍ପନା କରି ତା'ର ଧୂଳିକଣାକୁ ପବିତ୍ର ବିଭୂତିରୂପେ ଧାରଣ କରିବାର ଅଧିକାର ଅଛି ।

ଯେ ନିତ୍ୟ ଶୁଦ୍ଧ ବୁଦ୍ଧ ମୁକ୍ତ ପଦାର୍ଥ, ସର୍ବସମକ୍ଷରେ ସେ ସେହିଦିନ ଜଗତ୍‌ପ୍ରବାହକୁ ଅବତରଣ କରି ଆସିବାର ଲୀଳା ପ୍ରକଟ କରିବେ । ତାଙ୍କ ଅଣ୍ଟାରେ ପାଟଡୋର ବନ୍ଧା ହୋଇ ତାଙ୍କୁ ଓଟାରି ଅଣାହେବ । ଯେ ଅବାଙ୍ମାନସଗୋଚର, ଯାହାର କିଞ୍ଚିତ୍ ମାତ୍ର କଳନା କରିବାକୁ ମଧ ମାନବୀ ବୁଦ୍ଧି ସୁଦୂରପରାହତ, ସେ ପୁଣି ଏତେ ଘନିଷ୍ଠ, ଏତେ ନିବିଡ, ସଖା ସହୋଦର ପରି ଏତେ ଆପଣାର ବୋଧ ହେବେ । ଖ୍ରୀଷ୍ଟୀୟ ମତରେ ଈଶ୍ୱର ତାଙ୍କର ସୃଷ୍ଟ ମାନବକୁ ସ୍ୱୀୟ ଆକୃତି ପ୍ରଦାନ କଲେ । କିନ୍ତୁ ମନନଶୀଳ ଦାର୍ଶନିକ କହନ୍ତି ମଣିଷ ଈଶ୍ୱରଙ୍କୁ ନିଜର ଆକୃତି ପ୍ରଦାନ କଲା । ଈଶ୍ୱରଙ୍କୁ ମନାବୀକରଣ ମାଧମରେ ସାକାର, ସଗୁଣ, ଶୀତୋଷ୍ଣ, ସୁଖଦୁଃଖଗ୍ରାହୀ କରି ଚିନ୍ତା କରିବା ପ୍ରାୟ ପ୍ରତ୍ୟେକ ଧର୍ମର ଲକ୍ଷଣ । କିନ୍ତୁ ମାନବୀକରଣର ଚୂଡାନ୍ତ ବୋଧହୁଏ ଶ୍ରୀକ୍ଷେତ୍ରରେ । ଏଠି ଦିଅଁଙ୍କର ଅବକାଶ ହୁଏ, ମଣୋହି ହୁଏ, ପହୁଡ଼ ହୁଏ, ସ୍ନାନ ହୁଏ, ଆଚମନ ହୁଏ, ଏପରି କି ନବକଳେବର ଅବସର ବେଳେ ଦେହାନ୍ତର ମଧ ହୁଏ । ଜ୍ଞାତିକୁଟୁମ୍ବ ତାଙ୍କର ଶୁଦ୍ଧିଶ୍ରାଦ୍ଧ କରନ୍ତି, ଅଶୌଚ ପାଳନ କରନ୍ତି, ଠାକୁର ଯେପରି ଆମତୁମ ପରି ମାନବ ମାତ୍ର । ଈଶ୍ୱରସତ୍ତାକୁ ପରମ ପିତାରୂପେ, ଜଗଦ୍ଧାତ୍ରୀ ମାତୃ ରୂପେ, କ୍ୱଚିତ୍ ଅର୍ଜ୍ଜୁନ ବା ସୁଗ୍ରୀବ ପାଇଁ ସଖା ରୂପେ କଳ୍ପନା କରାଯାଇଛି । କିନ୍ତୁ ଯଦି ପରିବାର, କୁଟୁମ୍ବର ସମସ୍ତ ସଂପର୍କକୁ ଏକତ୍ର କରାଯାଇପାରନ୍ତା ସେହି ରୂପରେ "ଆମ ଠାକୁରେ" ବିଦ୍ୟାମାନ । ତାଙ୍କୁ ଏତେ ନିକଟକୁ ଆଣିବା ଯୋଗୀ, ମୁନି, ଜ୍ଞାନୀଙ୍କର ଦୁଃସାଧ । ଅତି ସରଳ, ଅନାବିଳ, ଶବରୀ ବିଶ୍ୱାସ ହିଁ ତାଙ୍କୁ ଏପରି ଆପଣାର କରିପାରେ । ଏତତ୍‌ସତ୍ତ୍ୱେ ପୁରୁଷୋତ୍ତମଙ୍କର ବ୍ରହ୍ମପ୍ରତୀକ ଦାରୁବିଗ୍ରହ କ'ଣ ତାହା ପରମ ଆତ୍ମଜ୍ଞାନୀ କେବଳ ଯତ୍‌ସାମାନ୍ୟ ଆଭାସ ପାଇଥାନ୍ତି । ନିର୍ଗୁଣ, ଅଚିନ୍ତ୍ୟ ସାକ୍ଷୀପୁରୁଷ ସହିତ ଆମ କାଳିଆ ଠାକୁରଙ୍କର ସମନ୍ୱୟ କରି ଏକତ୍ର ଅସୀମ ଓ ଅସୀମକୁ ଧାରଣ କରବା ଏ କ୍ଷେତ୍ରର ବିଶେଷତ୍ୱ । ସାଧାରଣ ଶରଣାପନ୍ନ ମଣିଷ ମନରେ ଭରସା ଆଣିଲା ପରି ପ୍ରଭୁଙ୍କର ସବୁ ନୀତିନିୟମର ଯୋଜନା ହୋଇଥିଲେ ସୁଦ୍ଧା, ସେ ଯେ ଆମରି ପରି ଦୁଃଖୀଙ୍କ ଗୁହାରି ଶୁଣି ବୁଝି ତାକୁ ହରଣ କରିପାରନ୍ତି, ଏପରି ପ୍ରତ୍ୟୟ ଆସୁଥିଲେ ମଧ କାଳେ ମନେହେବ ଯେ, ଏତତ୍‌ସତ୍ତ୍ୱେ ସେ ତ ସେହି ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରିଥାନ୍ତି ଆମେ ଯାଇ ଗରୁଡପୃଷ୍ଠ ପର୍ଯ୍ୟନ୍ତ ସିନା, ମନ୍ଦିର ହିଁ ପ୍ରଭୁଙ୍କର ଆବାସ, ଅନ୍ୟ ସ୍ଥାନ ନୁହେ, ଏ ପ୍ରକାର ଦୁଶ୍ଚିନ୍ତାକୁ ଦୂର କରିବାକୁ ବୋଧହୁଏ ନବଦିନ ପାଇଁ ମନ୍ଦିରକୁ ପରିତ୍ୟାଗ କରାଯାଏ । ଏତଦ୍ୱାରା ହୁଏତ ସୂଚନା ଦିଆଯାଏ ଯେ, ହେଇ, ସ୍ୱୟଂ ନୀଳାଦ୍ରିନାଥ ଆମ ଗହଣରେ ଆମ ହାତଗଢ଼ା ରଥରେ ବିଜେ ହେଲେ । ତାଙ୍କୁ ମନ୍ଦିରରେ କେବଳ ଆବଦ୍ଧ ବୋଲି ଚିନ୍ତା କରିବା

Digitized by srujanika@gmail.com

ଏଣିକି ନିଷ୍ପ୍ରୟୋଜନ । ସେ ସର୍ବତ୍ର ବିଦ୍ୟମାନ । ସେ ଯେ କେବଳ ଅବିକ୍ରିୟ ପ୍ରଜ୍ଞାନ ବ୍ରହ୍ମତା ନୁହେଁ, ସେ ଜଗତ୍‌ପ୍ରବାହରେ ଅଣୁ ଅଣୁରେ ବିଦ୍ୟମାନ ଭାସ୍ୱର ସତ୍ତା । ଈଶାବାସ୍ୟମିଦଂ ସର୍ବମ୍ ।

ମହାସାଗରସଙ୍ଗମ ପରି ପରମପାବନ ଏଇ ବିବିଧ ଭାଷା, ଧର୍ମ ଏବଂ ସମ୍ପ୍ରଦାୟ ଆଶ୍ରିତ ଜନତା ତୀର୍ଥରେ ଅବଗାହନ କରିବାର ସୁଯୋଗ ମିଳିଛି । ଏ ସମସ୍ତ ମଣିସମୂହକୁ ଗ୍ରଥିତ କରି ଧାରଣ କରିଥିବା ଅଖଣ୍ଡସୂତ୍ରରୂପକ ଶ୍ରୀଜଗନ୍ନାଥଙ୍କୁ ବଡଦାଣ୍ଡରେ ଦେଖିବାର ସୌଭାଗ୍ୟ ମିଳିଛି । ଯେ ଯେଉଁ ବାଗେ ଯେପରି ଦେଖିଲା, ସେ ସେପରି ଦେଖିବେ । ଯେତେ ଦୃଷ୍ଟିର ବିସ୍ତାର କଲେ ମଧ୍ୟ ମହାକାଶର କିୟଦଂଶ ମାତ୍ର ଦିଶେ । ନିଷ୍ଠାର ସହିତ ଅନାଇଲେ ଯାହା ଦିଶିଗଲା ତାହା ହିଁ ସେହି ବ୍ୟକ୍ତି ଓ ମୁହୂର୍ତ୍ତ ପାଇଁ ସତ୍ୟ । ଦୂରୂହ ଶାସ୍ତ୍ରବିଚାର ପାଇଁ ଶାସ୍ତ୍ରବିଚାର ପାଇଁ ଶାସ୍ତ୍ରଦର୍ଶୀ ପଣ୍ଡିତବର୍ଗ ଅଛନ୍ତି, ତତ୍ତ୍ୱଜ୍ଞାନ ପାଇଁ ସତ୍ୟ । ଦୂରୂହ ଶାସ୍ତ୍ରବିଚାର ପାଇଁ ଶାସ୍ତ୍ରଦର୍ଶୀ ପଣ୍ଡିତବର୍ଗ ଅଛନ୍ତି, ତତ୍ତ୍ୱଜ୍ଞାନ ପାଇଁ ତପସ୍ୱୀ ତତ୍ତ୍ୱବେତ୍ତା ମହାପୁରୁଷ ଅଛିନ୍ତି, ଅନାବିଳ ଭକ୍ତିପ୍ରେମ ପାଇଁ ହୁଏତ ଦ୍ୱାପରକୁ ଯିବାକୁ ପଡିପାରେ । କିନ୍ତୁ ଆମର କେବଳ ଆଶା ଯେ କେହି କେହି ତ ଏହାକୁ ଆଶ୍ଚର୍ଯ୍ୟବତ୍ ଦେଖନ୍ତି, କେହି କେହି ଆଶ୍ଚର୍ଯ୍ୟବତ୍ କହନ୍ତି, ଆଉ କେହି ବା ଆଶ୍ଚର୍ଯ୍ୟବତ୍ ଶୁଣନ୍ତି । ଏହିପରି ଦେଖି କହି ଶୁଣି ତାଙ୍କୁ କେହି ଜାଣୁ ନ ଥିଲେ ମଧ୍ୟ କୌଣସି ଅବସ୍ଥାରେ ତାଙ୍କ ଭିତରୁ କାହାରି ହେଉ, ସତ୍‌ସଙ୍ଗ ଲାଭ କରିପାରିଲେ ଆମର ଯଥେଷ୍ଟ । କଂସକୁ ଯଦି ଭୂବନମୋହନ କାନ୍ତି ନ ଦିଶିଲା, ସେଥିପାଇଁ ସଂପୂର୍ଣ୍ଣ ଦୋଷ କ'ଣ ତା'ର? 'ଅସୁରେ ଜାତ କଲୁ ମୋତେ, ସ୍ୱଭାବ ଛାଡିବ କେମନ୍ତେ' । କିନ୍ତୁ ତାକୁ କାଳଯମ ଦିଶୁଥିଲେ ମଧ୍ୟ ତାହା ତା' ପାଇଁ ସତ୍ୟ । ଭେରୀ, ତୂରୀ, କାହାଳ, ମର୍ଦ୍ଦଳ, ଶଙ୍ଖ, ଘଣ୍ଟା ନିନାଦରେ ବଡଦାଣ୍ଡ ଉଚ୍ଛୁଳିବ । ଚନ୍ଦନ, କର୍ପୂର, କେଶର, କସ୍ତୁରୀ ଗନ୍ଧରେ ପବନ ମହକିବ । ପତିତ ପାବନଙ୍କୁ ଯଥାଧିକାର ଦେଖିବାର ସୌଭାଗ୍ୟ ସମସ୍ତଙ୍କୁ ମିଳୁ । ଆମ କାଳିଆ ସାଆନ୍ତଙ୍କୁ ଧଣ୍ଡାମାଳ ଆଉ ଛେନାତାଡିଆ ଲାଗିହେବାର ବାସନା ପୂର୍ଣ୍ଣ ହେଉ ।

❖❖❖

Digitized by srujanika@gmail.com

ଅଗ୍ନି ମୋହର ନିଜଗୁରୁ

ଗୋଡ ଥକିଗଲେ ଯଷ୍ଟିସମ୍ବଳ ହୋଇ ଚାଲିବାକୁ ପଡେ । ମନ ଥକିଗଲେ ଚକାନୟନ ଦେଖିବାକୁ ଆଗଭର ହୋଇ ଲୋକେ ବାହାରି ପଡନ୍ତି । ଦୃଷ୍ଟି ଥକିଗଲେ "ଗୁରୁ"ର ଆଶ୍ରା ନେବାକୁ ହୁଏ । ହିଡ ଗଡି ସବୁ ନିଜେ ପାରି ହୋଇଯିବାକୁ ହୁବ କରି ଖଣ୍ଡେ ବାଟ ଗଲାପରେ ଯେତେବେଳେ ବୋଧହୁଏ ଯେ ଶ୍ରମ ମାତ୍ର ସାର, ବେଙ୍ଗଳା ବୁଲିଲା ପରି ମଣିଷ ଯେଉଁଠି ସେଇଟି ବୁଲି ଲାଗିଛି, ସେତେବେଳେ ଗୋଟାଏ ଆତୁରତା କାହୁଁ ଆସି ମଞ୍ଜ ଥରେଇ ଦିଏ । ଭୟ ଲାଗେ, ଅଧରାତିଆ ଅନ୍ଧାରରେ ଗୋଟାଏ ଅଘାଟ ନଈ ହାବୁଡିଗଲା କି ଆଉ! ଗଛଶିଖରେ ଚଢ଼ି ତଳକୁ ଅନେଇ ଦେଲାପରି ଗୋଟାଏ ସମ୍ଭାବ୍ୟ ଆଶଙ୍କାରେ ପାଦତଳିପା ସିର୍ ସିର୍ କରେ । ଚାରିଆଡକୁ ବିକଳରେ ବାଲୁବାଲୁ ଅନେଇବାକୁ ହୁଏ । ନା ନା ହେଲେ ନ ଚଳେ ମାନେ ଗୁରୁ ନ ହେଲେ ଆଉ ପାଦେ ଘୁଞ୍ଚିବା ସମ୍ଭବ ନୁହେଁ । କିଛି ଆଉ ନ ଦିଶିଲେ ଜଣକ ହାତ ଧରି ତ ଯିବାକୁ ହେବ । ମନକୁ ବହୁକାଳ ଧରି 'ଗୁରୁ' ମାନିନେବା ଫଳରେ ସେ ଆସି ସବୁ ଭଣ୍ଡୁର କରିବାକୁ ତୋପ, କମାଣ କାଙ୍ଗୁଲା ଖଞ୍ଜେ । ଖପୁରୀ ଭିତରୁ ଶୁଭେ- "ତୁ ଜାଣିଲୁ କେମିତି ଯେ ତୋତେ ଦିଶୁନାହିଁ ? ଯାହାକୁ ସମର୍ପି ହୋଇଯିବା ପାଇଁ ବସିଛୁ, କେମିତି ଜାଣିଲୁ ଯେ ସେ ନିଜେ ତୋ'ର ଭଳି ଗୋଟିଏ ଉଣାପାଣିଆ ଦୁଃସ୍ଥ ଜୀବ ନୁହେ ବୋଲି । ଅନ୍ଧେନୈବ ନୀୟମାନା ଯଥାନ୍ଧାଃ - ଯେ ଦେଖିଛି ବୋଲି କହେ, ସେ ଦେଖିନାହିଁ । ଯେ ଦେଖିନାହିଁ ସେ ହିଁ ଦେଖିଛି । ଇତ୍ୟାଦି, ଇତ୍ୟାଦି । ବହୁ ପ୍ରକାର ହଟଚମଟ ବିଦ୍ୟା, ବହୁ ପଡାଉଠା, ଅନେକ ଧାଁଧପଡ ପରେ ହାଲିଆ ହୋଇ ଘୁମେଇ ପଡିବା ଏକ ରକମ ଅଭ୍ୟାସରେ ପଡିଗଲାଣି ।

କଥାଲହସରେ ସେ ଦିନ ଜଣେ ପାଚିଲାମୁଣ୍ଡିଆ ପଥଶ୍ରମୀ କହୁଥିଲେ- "ଦିଗ ବାରିବା ପାଇଁ ତାର ଦେଖାଯାଏ । ଲକ୍ଷ୍ୟ ଥାଏ ଗୋଟାଏ ଠିକଣା ଦେଶ ଦାଡ଼ରେ ନାଆ ପହଞ୍ଚେଇବା । କିନ୍ତୁ ଯଦି ଅକାଶଟା ହିଁ ଲକ୍ଷ୍ୟ ହୁଏ ତେବେ ଯେ କୌଣସି ଗୋଟାଏ ତାରାକୁ ଧରି ମାଡିଗଲେ ହୁଏ । ଏ ତାରାରୁ ସେ ତାରକୁ ନେଇ ଚୁମ୍ବକ ଲଗେଇଲେ ସେଇଠି ସେଇଠି ଅକୂଳରେ ବୁଲିବା କଥା । "ଅବଧୂତ" ପରି ଟାଣୁଆ ହୋଇପାରିଲେ ଗୁରୁ ଯେଉଁଠି ସେଇଠି ମିଳିଯିବେ । କ'ଣ ପଢ଼ିବି ଜାଣିଗଲେ ତେଣିକି ପୋଥି ବାଛିବା କଷ୍ଟ ନା ଗୁରୁ ବାଛିବା କଷ୍ଟ । କିନ୍ତୁ ଆକାଶରେ ତାରା ସ୍ଥିର ନୁହନ୍ତି । ସେମାନେ ନିଜେ ବାଟ ଖୋଜି ଲାଗିଛନ୍ତି । ତଥାପି ଆମ ପାଇଁ ଯେ କୌଣସି ଗୋଟାଏ ଧରି ମନ ଦୃଢ଼ କରିନେଲେ ଏ ପାଳିକ କାମ ଚାଲିଯିବ! ମୁଁ ଭାବିଛି - ଅଗ୍ନି ହିଁ ମୋର ଗୁରୁ ।

Digitized by srujanika@gmail.com

ମହାଶୟଙ୍କୁ ବୟସ ଅନେକ, ବହୁ ଦାଢ଼ରେ ଘୋରି ହୋଇ ଚିକ୍କଣ ଧରି ଗଲେଣି । ଆଉ ଗୁଡାଏ ଭ୍ରମି ହେବାର ମନ ମଧ ତାଙ୍କର ନାହିଁ । କେମିତି ଟିକିଏ ଏ ଅତଡା-ଖସା ଭିତରେ କେଉଁଠି ଆଉଜି ଯାଆନ୍ତେ, ଦମ୍ଭ ତାଳ ଦେଖି ଓହଳି ଯାଆନ୍ତେ । କିନ୍ତୁ ତା କ'ଣ ସମ୍ଭବ ? ବହୁ ପରୀକ୍ଷା ନିରୀକ୍ଷା ପରେ ସେ ସ୍ଥିର କରିଛନ୍ତି ଯେ ଅଗ୍ନି ହିଁ ତାଙ୍କ ଗୁରୁ । ତାଙ୍କ ଦେଖାଶିଖା ମୋର ମଧ ମନ ହେଇଗଲା ଦୀକ୍ଷା ନେବାକୁ । ଭାବିଲି- "ଗୁରୁ"ଟିତ ଦେଖିବାକୁ ଭାରି ପରିଷ୍କାର ଦାଉ ଦାଉ ହୋଇ ଭାରି ତୋଫା ଆଉ ସୁନ୍ଦର । ତା' ବାହାରେ ଗୁରୁଙ୍କୁ ସନ୍ତୁଷ୍ଟ କରବାକୁ ବିଶେଷ କଷ୍ଟ ସହିବାକୁ ପଡିବ ନାହିଁ । ଯେତେବେଳେ ଦେଖିବ ତାଙ୍କର ଖାଲି ହସ ଉଚ୍ଛୁଳୁଛି । ଖଣଖଣିଆ ନୁହନ୍ତି, ବାଛି ବିଚାରି, ଯାକୁ ଛୁଇଁବି, ତାକୁ ଛୁଇଁବି ନାହିଁ- ଏମିତି କିଛି ତାଙ୍କର ନାହିଁ । ଯାଙ୍କୁ ଗୁରୁ କଲେ ମନ୍ଦ କ'ଣ ? ଶୀତ ଦିନ ଦେଖି ପାଖେଇ ଯିବା, ଖରା ହେଲେ ଦୂରେଇ ଯିବା, ସବୁ ଆଡୁ ସୁବିଧା କରି ନ ପାରିଲେ ସେ ଆଉ କି ଗୁରୁ ! ତା' ବାହାରେ ଗୁରୁ ନ କରିବା ଗୋଟାଏ ନାକରା କଥା । ସମସ୍ତେ କରୁଛନ୍ତି, କେଳେ ଲୋକେ ଏଠି ଧନ୍ୟ ଧନ୍ୟ କହିବେ, ମଲେ ମଧ କୁଆଡେ ସ୍ୱର୍ଗପ୍ରାପ୍ତି- ଏ ସୁବିଧା କାହିଁକି ଛାଡିବା ? ଅତଏବ ନିଷ୍ପତ୍ତି ହେଲା ଅଗ୍ନିକୁ ଗୁରୁ କରାଯାଉ ।

ଗୁରୁଦେବଙ୍କର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପ ଅଛି । ତୁଳସୀଚଉରା ପାଖରେ ଗୁଆଘିଅ ଦୀପ ଯେତେବେଳେ ଜଳେ ଜଣାଯାଏ ଯେମିତି ଅଗ୍ନିଦେବ ଏଇ ଜନ୍ମ ହେଲେ । ଆଉଟା ସୁନାରେ ଢ଼ଳ ଢ଼ଳ ପାତଳ ଅଂଶ କେତକୀ ପାଖୁଡା ପରି ଟେକି ରହିଛି ଉପରକୁ । ସନ୍ଧ୍ୟାରେ କାକର କଅଁଳ ନିବେଦନ ଯେମିତି ନୂଆ ବୋହୂଟିଏ ପରି ମୁଣ୍ଡିଆ ମାରୁଛି ।

.......ହୋମକୁଣ୍ଡରେ ମଧ ଦିଶେ ଏଇ ରୂପ । କିନ୍ତୁ ଟିକିଏ ଗମ୍ଭୀର । ସତେ ବା ସେ ଚେକା ମାରି ଆଜ୍ୟ ଓ ସମିଧ ଉପରେ ବସିଛନ୍ତି । ଉପରକୁ ହୁତ୍ ହୁତ୍ ହୋଇ ଜଳୁଛି ତାଙ୍କର ମଣିଚୂଡ ମୁକୁଟ । ଆକାଶରୁ ବିଜୁଳିଟାକୁ ଟୋଳି ଆଣି ଧୂମ୍ର ଜଟା ଉପରେ ମଣ୍ଡି ଦେବାରୁ ସତେ ବା ସେ ଛଟ ଛଟ ହୋଇ କମ୍ପୁଛି ! କୁଣ୍ଡ ଚାରିଆଡେ ପିଙ୍ଗଳ ଜଟାସନ୍ଧିରେ ଧୂଆଁ ସଞ୍ଚରି ଯାଇଛି । ତା'ତଳେ ଚେକାମାରି ବସିଛନ୍ତି ହୋମ ଓ ଆଚାର୍ଯ୍ୟ । ସ୍ରୁବ, ସ୍ରୁଚରେ ହବନ କ୍ରିୟା ଚାଲିଛି। ଯଜ୍ଞପୁରୁଷ ରୂପରେ ଅଗ୍ନି ଉଳ୍ଲମ୍ବର ସହିତ ଘରେ ଆସ୍ୱାଦ ନେଉଛନ୍ତି । ସମ୍ମାନ ଓ ଗୌରବ ତାଙ୍କ ଭବ୍ୟ ମୂର୍ତ୍ତି ଉପରେ ଗୋଲାପପାଖୁଡାର ଧଣ୍ଡାମାଳ ପରି ଲମ୍ୱେଇ ଦିଆହୋଇଛି । ....

ରାତି ଅଧର ଚିହିଁକା ଆଉ ବୋବାଳି ଭିତରେ ହଠାତ୍ ଦିନେ ଦେଖିଲା ବେଳକୁ ବହଳ ଅନ୍ଧାର ଓ ନିଦର ଚର୍ବି ତରଳେଇ ଦେଖା ଦେଉଛନ୍ତି କେବଳ ଅଗ୍ନିଦେବ ମଣିଷର ଘର ସମ୍ପଦ ସବୁ ଥୋଳା ଥୋଳା ନିଆଁ ମଣ୍ଡା ହୋଇ ଖସି ପଡୁଛି କଡି ବର୍ଗାର ରଡ ଉପରକୁ । ମଣିଷଟି ମାନ ମଧ ହଳଦିଆ ଅସହାୟ ଗୋଟିଏ ଗୋଟଏ ଛାଇ । ଝମ୍ପି, ପେଟରା, ସୋଫା, ଆଲମାରୀ କଅଁଳା ପିଲା, ମେଣ୍ଢାଛୁଆ, ବୁଢ଼ାହଡା ସାଙ୍ଗକୁ କବାଟ, ଝରକା, ଇଟାଚୂନ, ଲୁହାଛଡ ଗୋଟାଏ ଅଦ୍ଭୁତ ଭୋଜ୍ୟ । ଯାକୁ ସବୁ ଏକାଠି କରି ରଡମଡ ଚୋବେଇ ଗଲାବେଳେ ଗୁରୁଦେବଙ୍କ ରୂପ କଥା ମନେନାହିଁ, ତାଙ୍କ କ୍ଷୁଧାର ରୂପ ଦେଖି ଶଙ୍କିଯିବାକୁ ହେଲା । ଏମିତି ବାଛବିଚାର ନ ରଖି ସେ ମଝିରେ ମଝିରେ ଚରିଯାଆନ୍ତି

Digitized by srujanika@gmail.com

ଆଉ ଦିନେ ଦେଖିଲା ବେଳକୁ ବାସୁକି ମନ୍ଦରକୁ ବେଢ଼ିଲା ପରି ଚାରିପାଞ୍ଚଟା ପାହାଡ଼କୁ ମିଶେଇ ଗୁରୁଦେବ ଚାପୁଛନ୍ତି । ପାକୁଆ ପାଟିରେ ଆମ୍ବଟାକୁଆ ଯେମିତି ନିର୍ମଳ ହୋଇ ବାହାରିଆସେ, ମୁଣ୍ଡିଆଗୁଡ଼ିକ ସେମିତି ଟାଙ୍ଗରା ହୋଇ ଗଳିପଡନ୍ତି । ଖାଣ୍ଡବ ଖାଇବା ଦିନଠାରୁ ଏମିତି ବଣଭୋଜିରେ ଠାକୁରଙ୍କର ରୁଚି ହୋଇଯାଇଛି । ହାତୀଶୁଣ୍ଢରେ ଘିଅ ପିଆଇ ପେଟ ମାଦୁରା କରିବାକୁ ଆଜିକାଲି ଶ୍ୱେତରାଜା କେହି ନାହାନ୍ତି, ତଥାପି ହରିଣ, କୁମ୍ଭାଟୁଆ, ହାତୀ, ହରଡ ଚଡେଇ, ବଣପାରା ସାଙ୍ଗକୁ ଚିତା, ଘୁସୁରୀ, ଅଜଗର ଓ ଶାଳ ଗଣ୍ଡି ମିଶିଗଲେ ଗୋଟାଏ ଅଦ୍ଭୁତ ସୁଆଦିଆ ପାଗ ହୋଇଯାଉଥିବ । ତାକୁ ଅନ୍ତତଃ ବାର୍ଷିକ ଉତ୍ସବ ନୀତିରେ ଗୁରୁଦେବ ଥରେ ଚଲୁ ନ କଲେ ନ ହୁଏ । ପ୍ରଭୁଙ୍କର ସେ ରୂପ ଦେଖି ଆଉ ପାଖେଇବାକୁ ସାହସ ହେଲା ନାହିଁ । ତାଙ୍କର ଏମିତି ରଙ୍ଗ ଟହ ଟହ ଲକ୍ଷେ ଜିଭ ଅଛି ବୋଲି ମୋର ବିଶ୍ୱାସ ନ ଥିଲା । ସେ ସବୁ ଆକାଶକୁ ଧାପି ଯାଉଛନ୍ତି । ମୁହଁରେ ଯେ ପଡିଗଲା ସେଇଠେଇଁ ସେ ମୋଡିହୋଇ ସୋରାଏ ଧୂଆଁ ବା ଅଙ୍ଗାର ହୋଇଗଲା । ମନେ ମନେ ଜଣେଇଲି "ଗୁରୁ ଗୋସେଇଁ ହେ ! ଏ ବେଶ ହୋଇବ ନାହିଁ !" ଆତଙ୍କ ମାଡିଆସିଲା, ଭାବିଲି ଏ ଧୂନି ଛାଡିଲେ ହୁଏ । କିନ୍ତୁ ଛାଡିଯିବାକୁ ମଧ୍ୟ ଯେତିକି ସାହସ ଲୋଡା ସେତକ ଆସେ କାହୁଁ ?

ପ୍ରଭୁଙ୍କ ରୂପକୁ ଚାହିଁ ଗୁଣ ମଧ୍ୟ କିଛି କମ୍ ନୁହେଁ । ଯାହା ଯେତେବେଳେ ପାଇଲେ ତାକୁ ତତ୍କ୍ଷଣାତ୍ ପେଟରେ ପୂରେଇ ଦିଅନ୍ତି । ପ୍ରାଣୀ ହେଉ ବା ବସ୍ତୁ ହେଉ ଆଉ ଟିକିନିଖି ବାଛିବାକୁ ବେଳ ନ ଥାଏ । ଗୁରୁ ଟିକିଏ ହସି ଦିଅନ୍ତି । ଜଣାପଡେ ଯେମିତି କହୁଛନ୍ତି, "ଆରେ, ଯେତେ ସବୁ ପାର୍ଥକ୍ୟ ଦେଖୁଛ ସବୁ ଗୁଣଗତ । ଗୁଣର ଖୋଳଟିକୁ ଆଡେଇଦେଲେ ସବୁ ସମାନ । ମୁଁ ଅହରହ ତୁମକୁ ସେଇ ଶିକ୍ଷା ଦିଏ । ମୁଁ ସମସ୍ତଙ୍କର ଗୁଣଗୁଡିକୁ ହରଣ କରିନିଏ । ତେଣିକି ସମସ୍ତଙ୍କର ଗୋଟାଏ ଅବସ୍ଥା, ଗୋଟାଏ ରୂପ । ରୂପ ମଧ୍ୟ ଗୋଟାଏ ଗୁଣ ତ । ଏଣୁ ସବୁଗୁଡାକୁ ଅରୂପ ନିର୍ଗୁଣ କରିଦେବା ହେଲା ମୋ କାମ । ଇନ୍ଧନକୁ ମୁଁ ଜାଳେ । ଇନ୍ଧନ ନିଃଶେଷ ହେଲେ ମୁଁ ମଧ୍ୟ ଆଡେଇ ହୋଇଯାଏ । ସଗୁଣକୁ ମୌଳିକ ନିର୍ଗୁଣରେ ରୂପାନ୍ତରିତ କରିବା ହେଲା ମୋର କାମ । ଯଦି ହବନ କରି ଜାଣିବ, ତେବେ ତୁମର ସମସ୍ତ କଲ୍ମଷ ମୁଁ ବିଶୁଦ୍ଧ କରିଦେଇପାରେ ।"

"ଯେତେବେଳେ ପୃଥିବୀ ଜଡତାର ନିଦ୍ରାରେ ଶୋଇ ରହିଲା ପ୍ରଥମ ଗତି ଆରମ୍ଭ କଲା ଜଳ । ଗତିର ଅର୍ଥ ଅନ୍ୱେଷଣ; ମୂଳ ସତ୍ୟଟାକୁ ଖୋଜିବା ! ଜଳ ଚାଲିଲା ନିମ୍ନକୁ, ଗଭୀରରୁ ଗଭୀରକୁ ଗଲା । କିନ୍ତୁ କିଛି ନ ପାଇ ଏବେ ମଧ୍ୟ ବେଳାଭୂମି ଉପରେ ହାଉ ହାଉ ହୋଇ ଦରାଣ୍ଡୁଛି । ମୁଁ ଦେଖିଲି, ଠିକ୍ ତା'ର ବିପରୀତ ଦିଗରେ ଖୋଜିଲେ ହୁଏ । ମୁଁ ହେଲି ଉର୍ଦ୍ଧ୍ୱମୁଖ, ମୁଁ ମଧ୍ୟ ଅହରହ ଖୋଜିଲା; ପାଇଲି ନାହିଁ । ବାୟୁ ଅଣ୍ଡାଭିଡି ସବୁ ଦିଗରେ ଖୋଜିଲେ, କିଛି ମିଳିଲା ନାହିଁ । ଆକାଶ ସବୁଠେଇଁ ବ୍ୟାପିଗଲେ । ତାଙ୍କ ପାଇଁ ଦିଗ ନାହିଁ କି ଗତି ମଧ୍ୟ ନାହିଁ । ସେ ସମାଧିସ୍ଥ ଥାଆନ୍ତି, କିନ୍ତୁ ସେ ମଧ୍ୟ ସନ୍ଧାନ ପାଇନାହାନ୍ତି ।" ଏତିକି ଶୁଣି ମୋ ମନରେ ପ୍ରଶ୍ନ ଉଠିଛି କି ନାହିଁ, ଅଗ୍ନି ଉତ୍ତର ଦେଲେ – "ଆମେ କାହାର ସନ୍ଧାନ କରୁ ତା ଆମେ ନିଜେ ଜାଣୁ ନା" । ଏକଦା କିନ୍ତୁ ଯକ୍ଷରୂପରେ ସେ ଆବିର୍ଭୂତ ହୋଇ ବୁଝେଇ ଦେଇଥିଲେ ଯେ ତାଙ୍କର ଦ୍ୱାରା ପ୍ରେରିତ

Digitized by srujanika@gmail.com

ହୋଇ ଆମେ ସମସ୍ତେ ନିଜ ନିଜ କର୍ମ କରୁ । ଆମେ ଯାହାଦ୍ୱାରା ଅହରହ ଅନୁଶାସିତ ହେଉ, ତାକୁ ସନ୍ଧାନ କରୁ । ଯେତିକି ସମ୍ଭବ ଅଗ୍ନିଦେବ ମଥା ନୁଆଇଁ ସେଇ ଅଜ୍ଞାତ ଉଦ୍ଦେଶ୍ୟରେ ପ୍ରଣିପାତ କଲେ ।

ତା'ପରେ ହଠାତ୍ ଶୁଭିଲା-

"ଶିଖା ମୋର ପ୍ରକାଶ, କିନ୍ତୁ ମୁଁ ତା'ଠାରୁ ଭିନ୍ନ । ଜ୍ୱାଳା ମୋର ଗୁଣ, କିନ୍ତୁ ମୁଁ ଗୁଣ ନୁହେଁ । ମୁଁ ସମସ୍ତ ଭକ୍ଷଣ କରେ, ଶୋଧନ କରେ । ତାହା ମୋର କର୍ମ, କିନ୍ତୁ ମୁଁ ତା'ଠାରୁ ଭିନ୍ନ । ମୁଁ ପ୍ରକାଶ ରୂପରେ ସୂର୍ଯ୍ୟମଣ୍ଡଳରେ ଥାଏ । ପ୍ରଚ୍ଛନ୍ନ ହୋଇ ପୃଥିବୀର କେନ୍ଦ୍ରରେ ଥାଏ । ସଙ୍ଘର୍ଷରୁ ମୋର ଜନ୍ମ । ତୁମ ଜଠରରେ ମୁଁ ସୂକ୍ଷ୍ମ ରୂପରେ ବିଦ୍ୟମାନ । ତୁମର ସମସ୍ତ ଆକାଂକ୍ଷା ମୁଁ ସମସ୍ତ ଚିନ୍ତା, ସମସ୍ତ ପ୍ରେମ ମୁଁ । ହତାଶା ମୋର ଧୂମ । ତୁମର ଶରୀର ମୋର ସମିଧ, ବୟସ ଆଜ୍ୟ, ପ୍ରତିମୂହୂର୍ତ୍ତରେ ପ୍ରାଣବାୟୁ ମୋର ଘୃତାହୁତି ! ....କ୍ଷୁଧା ହିଁ ଅଗ୍ନି । କ୍ଷୁଧା ହିଁ ସୃଷ୍ଟିର ଜନନୀ । ତୁମେ ମୋର ସନ୍ତାନ; ତୁମେ ସମସ୍ତେ ମୋର ସମିଧ ।"

ଶିଷ୍ୟ ହେବାକୁ ଆସି ସମିଧ ହେବା ବିଶେଷ କିଛି ଉତ୍ସାହଜନକ ପରିସ୍ଥିତି ନୁହେ । ତଥାପି ଗୋଟାଏ ମୁହ୍ୟମାନ ଅବସ୍ଥା ଆସିଗଲେ, ତେଣିକି ସବୁ ସ୍ୱପ୍ନଭୂମିରେ ପହଁରିଲା ପରି ଲାଗେ । ଜଣାଯାଏ ସମିଧ ହେଲେ ନ ହେଲେ ବିଶେଷ କିଛି ଯାଏଆସେ ନାହିଁ ।

ଯା' ପରେ ଶୁଭିଲା, ଯେମିତି ଗୋଟାଏ ଗୁହା ଭିତରୁ କିଏ ଗୁଡାଏ ମନ୍ତ୍ର ପଢୁଛି-

"ଦ୍ୟୁଲୋକ ହିଁ ଅଗ୍ନି । ସୂର୍ଯ୍ୟ ସେଇ ଅଗ୍ନିର ଇନ୍ଧନ, ରଶ୍ମିଜାଲ ତା'ର ଧୂମ୍ର ଦିନ ତା'ର ଶିଖା । ଦିଗ ସବୁ ଅଙ୍ଗାର ଦିଗର କୋଣ ସକଳ ସ୍ଫୁଲିଙ୍ଗ । ଏଇ ଅଗ୍ନିରେ ଦେବଗଣ ଶ୍ରଦ୍ଧାକୁ ଆହୁତି ପ୍ରଦାନ କଲେ ସେଥିରୁ 'ସୋମ' ଉତ୍ପନ୍ନ ହୁଅନ୍ତି ।....

ପର୍ଜନ୍ୟ ହିଁ ଅଗ୍ନି । ସମ୍ବତ୍ସର ତାର ସମିଧ, ମେଘ ସକଳ ଧୂମ, ବିଦ୍ୟୁତ୍ ଶିଖା, ବଜ୍ର ଅଙ୍ଗାର ଓ ମେଘଗର୍ଜନ ସ୍ଫୁଲିଙ୍ଗ । ଏଇ ଅଗ୍ନିରେ ସୋମଙ୍କୁ ଆହୁତି ଦିଆଯାଏ । ସେଥିରୁ ବୃଷ୍ଟି ସମ୍ଭୂତ ହୁଏ ।....

ଇହଲୋକ ଅଗ୍ନି । ପୃଥିବୀ ତା'ର ଇନ୍ଧନ, ଅଗ୍ନି ଧୂମ, ରାତ୍ରି ଶିଖା, ଚନ୍ଦ୍ରମା ଅଙ୍ଗାର, ନକ୍ଷତ୍ର ସବୁ ସ୍ଫୁଲିଙ୍ଗ । ଏଇ ଅଗ୍ନିରେ ବୃଷ୍ଟି ଆହୁତ ହୁଏ । ସେଥିରୁ ଅନ୍ନ ଜାତ ହୁଏ ।.....

ପୁରୁଷ ହିଁ ଅଗ୍ନି ! ତାର ମୁଖବିବର ଇନ୍ଧନ, ପ୍ରାଣ ତା'ର ଧୂମ; ବାକ୍ ଶିଖା, ଚକ୍ଷୁ ଅଙ୍ଗାର ଶ୍ରୋତ୍ର ସ୍ଫୁଲିଙ୍ଗ ! ଏଥିରେ ଅନ୍ନ ଆହୁତ ହୁଏ । ଏଥିରୁ ରେତ ଉତ୍ପନ ହୁଏ ।......

ନାରୀ ହିଁ ଅଗ୍ନି । ତାର ଉପସ୍ଥ ସମିଧ, ଲୋକ ସକଳ ଧୂମ, ଯୋନି ହିଁ ଶିଖା, ମୈଥୁନ ଅଙ୍ଗାର, ମୁଖ ହିଁ ସ୍ଫୁଲିଙ୍ଗ । ଏ ଅଗ୍ନିରେ ରେତ ଅହୁତ ହୁଏ । ସେଥିରୁ ପୁରୁଷ ଉତ୍ପନ୍ନ ହୁଏ ।........

ମେଘ ଗର୍ଜନ ପରି ଏ ମନ୍ତ୍ରସବୁ ଚାରିଆଡେ ଲହଡି ମାରି ବୁଲିଲା । ଦିଶିଲା ଚତୁର୍ଦ୍ଦିଗରେ

Digitized by srujanika@gmail.com

କେବଳ ଅଗ୍ନି; ଭିତରେ, ବାହାରେ, ଆକାଶରେ, ପବନରେ ପୃଥିବୀରେ ! ଦେହସାରା ପାତଳ ଅଗ୍ନି ଶିଖା ପରି ଲହ ଲହ ହୋଇ ଥରିଲା । ଟିକିଏ ମାତ୍ର ଚେତା ଥାଏ ଯାହା ଆଶ୍ରାରେ ଶୁଣୁଥାଏ, ଖୁବ୍ ଗହୀରରେ ଟିକିଏ ବୁଝୁଥାଏ ।......

ତା ପରେ ଶୁଭିଲା....

"ଏଇ ଶ୍ମଶାନ ଅଗ୍ନି ହିଁ ଅଗ୍ନି । ଏଇ ଚିତାକାଷ୍ଠ ହିଁ ସମିଧ । ଏଇ ଶିଖା ହିଁ ହୋମଶିଖା । ଏଇ ଅଙ୍ଗାର ହିଁ ଅଙ୍ଗାର । ଏଇ ସ୍ଫୁଲିଙ୍ଗ ହିଁ ସ୍ଫୁଲିଙ୍ଗ । ଏଥରେ ପୁରୁଷ ଆହୁତ ହୁଏ । ସେଥିରୁ ଭାସ୍ୱରବର୍ଣ୍ଣ ଆନ୍ତର ସତ୍ତା ନିର୍ଗତ ହୁଅନ୍ତି ।"

ମନକୁ ମନ ଆଖି ବୁଜିହୋଇ ଆସିଲା । ବୋଧ ହେଲା, ଏହା ହିଁ ହୁଏତ ପରମ ସତ୍ୟ । ସ୍ୱତଃ ମୁହଁରୁ ବାହାରି ଆସିଲା ।

"ଅଗ୍ନେ ନୟ ସୁପଥା ରାୟେ ଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।"
ହେ ଅଗ୍ନି ମୋତେ ଶୋଭନ ମାର୍ଗରେ ନେଇଯାଅ ।......

ବୃଦ୍ଧ ମହାଶୟ ଅଗ୍ନିର ରୂପ ବର୍ଣ୍ଣନା କରିଦେଇ ଅପେକ୍ଷା କରିଥାନ୍ତି କେତେବେଳେ ମୋ ଆଖିକୁ ଚେତା ଫେରିବ ।

❖❖❖

Digitized by srujanika@gmail.com

Digitized by srujanika@gmail.com

ମୁଁ ସତ୍ୟଧର୍ମା କହୁଛି

Digitized by srujanika@gmail.com

ମୁଖବନ୍ଧ

ଜନ୍ତୁ ଅପେକ୍ଷା ଲାଙ୍ଗୁଡ଼ଟି ଯଦି ଭାରି ହୋଇଯାଏ, ଦେଖଣାହାରୀଙ୍କ ପାଇଁ ତାହା ଏକ ଆନୁପାତିକ ପ୍ରମାଦ; କିନ୍ତୁ ଜନ୍ତୁଟି ପାଇଁ ସଂକଟ ଅନ୍ୟ ପ୍ରକାର । ତଥାପି ଯେଉଁମାନେ ବର୍ଣ୍ଣାଡ୍ ଶ'ଙ୍କ ନାଟକଗୁଡ଼ିକୁ ଖୋଲାଖୋଲି ମଞ୍ଚ ଉପରେ ନଦେଖି ଘରେ ଲୁଚେଇ ପଢ଼ିନେବା ପାଇଁ ଅଭିସନ୍ଧି ରଖୁଥିଲେ, ତାଙ୍କର ଶାସ୍ତି ବିଧାନ ପାଇଁ ରସିକ ନାଟ୍ୟକାର ପ୍ରାୟଶଃ ଗୋଟିଏ ଲେଖାଏଁ ଦୁଃସାଧ ଏବଂ ସୁବୃହତ୍ ମୁଖବନ୍ଧର କାନ୍ଥ ଉପସ୍ଥାପିତ କରୁଥିଲେ । ହଠାତ୍ ମନେହେଉଥିଲା ସେ କାନ୍ଥଟିକୁ ଭେଦ ନ କଲା ପର୍ଯ୍ୟନ୍ତ ନାଟକ ପଢ଼ିବାର ଅଧିକାର ମିଳିବ ନାହିଁ । ସେଥିପାଇଁ କୋଡ଼ି, କାଙ୍କ, ଟୀକା-ଟିପ୍‌ପଣୀ ଅନେକ; କିନ୍ତୁ ସେଭଳି ପ୍ରୟାସ ଅନାବଶ୍ୟକ ମନେକରି ଯେଉଁ ସତସାହସୀ ନାଟକପ୍ରେମୀ ପାଠକମାନେ ସେ ପାଚେରିଟିକୁ ଅବଲୀଳାକ୍ରମେ ଡେଇଁଯାଇ ସିଧାସଳଖ ଝରକାବାଟେ ନାୟିକାର ପ୍ରକୋଷ୍ଠରେ ଅବତରଣ କରୁଥିଲେ, ସେମାନଙ୍କୁ ବୋଧହୁଏ ନେପଥ୍ୟରେ ଥାଇ ନାଟ୍ୟକାର ଆଖିମାରି ସମର୍ଥନ ଜ୍ଞାପନ କରୁଥିଲେ । କାରଣ ସେଇମାନେ ହିଁ ତ ତାଙ୍କ ନାଟକର ବାହାଦୁର ପ୍ରେମିକ ! ନହେଲେ ଅଣାଏ ପୃଷ୍ଠାର ସେଦୂରନ୍ତ ଯବନିକାଟିକୁ ଏତେ ଅସହିଷ୍ଣୁ ଭାବରେ ଆଡ଼େଇ ଦେଇ ଚାଲିଯିବା ସହଜ କଥା ନୁହେଁ !

ଏ ବିଭାଜକ ସମୁଦ୍ରଟିକୁ ଏଇଭଳି ପାରିହେବା କଥା ଯେପରି ପାଦରେ ଟୋପାଏ ସୁଦ୍ଧା ପାଣି ଲାଗିବ ନାହିଁ । ଧରନ୍ତୁ ଯଦି ସମୁଦ୍ରଟିଏ ଅଛି ବୋଲି ତାକୁ ପହଁରି ଯିବା ପାଇଁ ହନୁମାନ୍‌ଜୀ ସ୍ଥିରକରିଥାନ୍ତେ, ଏବଂ ତିନିମାସ କାଳ ସେଇ ଲବଣସାଗରରେ ବତୁରି ସାରିବା ପରେ ଆର କୂଳରେ ଓଦା ମୂଷାଟିଏ ପରି ଆବିର୍ଭୂତ ହୋଇଥାନ୍ତେ, ତେଣିକି ଆଉ କିଛି ସମ୍ଭବ ଥିଲା କି ? ଏଣୁହେ ସୁଧୀ ପାଠକେ ! ମୁଖବନ୍ଧଟି ଲଂଘନୀୟ ! ଝୀନ ଅବଗୁଣ୍ଠନ ପରି ଅନାବରଣୀୟ ।

ଏଠି ଲାଖିଯିବା ସମୟ ଏ ନୁହେଁ-ଏହା କେବଳ ବିଧିରକ୍ଷା । ହୋଇପାରେ ସୁରସିକ ପାଠକ ପାଇଁ ପରୀକ୍ଷା ମଧ୍ୟ । ଚିତ୍ରଶିଳ୍ପୀ ଅସୀତ୍ ମୁଖାର୍ଜୀ ବାଟ ଜଗି ବସିଛନ୍ତି । ତାଙ୍କ ଖାତିରରେ ପ୍ରଚ୍ଛଦପଟଠେଇଁ କିଛି ସମୟ ରହିବାକୁ ହେବ । ସେଇଠି ସ୍ୱାଗତ ସମ୍ଭାଷଣ, ମାଲ୍ୟାର୍ପଣ ଇତ୍ୟାଦି କାର୍ଯ୍ୟକ୍ରମ ରହିଛି । ତହିଁ ଉତାରୁ ଗ୍ରନ୍ଥମନ୍ଦିରଙ୍କର କଳସ ସଂକେତ ପାଖରେ କିଛି ଶଙ୍ଖନାଦ ହେବା ବିଧି । ଏହା ପରେ କେବଳ ଗ୍ରନ୍ଥ ପ୍ରବେଶ । ଏଇଠି ଯଦି ଗୋଟିଏ ଉଚ୍ଚାଙ୍ଗ ଶାସ୍ତ୍ରୀୟ ମୁଖବନ୍ଧରେ ଆଳାପ କରି ଲେଖକ ପଥ ଅବରୋଧକରେ, ସେ ଅବଶ୍ୟ ବେକୁବ୍ ।

Digitized by srujanika@gmail.com

ଦୁଆରବନ୍ଧ ଭଳି ଏ ମୁଖବନ୍ଧଟିକୁ ଯେତେ ଚଞ୍ଚଳ ଡେଇଁ ଚାଲିଯିବେ, ସେଇ ପରିମାଣରେ ଗ୍ରନ୍ଥ ପାଇଁ ଉଚ୍ଚାଟ ପ୍ରକାଶ କଲେ ବୋଲି ଭାବି ଲେଖକ ନିଜକୁ କୃତାର୍ଥ ମଣିବ । ପରେ, ଫେରିବା ବାଟରେ ଏ ଅବଗୁଣ୍ଠନଟିକୁ ସସ୍ନେହ ଦୃଷ୍ଟିପାତ କରିପାରନ୍ତି । ଏଣୁ ଅଳଂ ଅତି ବିସ୍ତରେଣ ।

ବିଷୁବ ୧୯୭୭ ଚନ୍ଦ୍ରଶେଖର ରଥ

Digitized by srujanika@gmail.com

ଲୁଚକାଳି

ମିଛିମିଛିକା ଅନ୍ଧାର ଭିତରେ ଗୋଟାଏ କାହାକୁ ଦରାଣ୍ଡ ଖୋଜିବା ପିଲାଦିନର ଭାରି ମନମତାଣିଆ ଖେଳ । ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇ ସୁଦାମ ସୁବଳ ଖିଲ୍ ଖିଲ୍ ହସ ଭିତରେ ତାଳି ମାରି ହଜିଯାଆନ୍ତି । ନିଭିଯାଏ ସବୁ ଆଲୁଅ, ସବୁ ରୂପ ଓ ରଙ୍ଗ । ଝାଇଁକିନା ଚାରିଆଡ଼ ହୋଇଯାଏ ନିଶୂନ୍, ସମୁଦ୍ର ପରି କଳା ଝିମ୍ ଝିମ୍, ଆଉ କେତେ ନାଇଁ କେତେ ଗହୀର । ଆମେ ମୁହୂର୍ତ୍ତେ ଟିକିଏ ଥମିଯାଉ । ଆମ ଦେହର ସବୁଯାକ ରୁମ ସେ ଅନ୍ଧାର ଭିତରେ ଆଖି ତରାଟି ଅନାନ୍ତି; କିଛି କିନ୍ତୁ ଦିଶେ ନାହିଁ । ଆମେ ଟିକିଏ ଅଣ୍ଡାଳି ନେଉ, ଆଉଁସି ନେଉ ଆମ ଆଖି ଉପରେ ଭିଡ଼ା ହୋଇଥିବା ଅନ୍ଧପୁଟୁଳିକୁ । ତା'ପରେ ଆମେ ଜାଣିଯାଉ ଯେ ଆମେ ଖେଳୁଛୁ । ଟିକିଏ ହସିଦେଇ ଆମେ ସେଇ ଦିଗହରା ଅନ୍ଧାର ଭିତରକୁ ପହଁରିଯାଉ । ପୁଳା ପୁଳା କରି ଆଡ଼େଇ ଦେଇ ଯାଉ ଦି'ହାତରେ ସେ ଅନ୍ଧାର ସମୁଦ୍ରଟାକୁ । ତା ଭିତରେ ହଜିଲା ଧନକୁ ଖୋଜିବାର ଅନନ୍ତ ଉଲ୍ଲାସରେ ଆମେ ମସ୍‌ଗୁଲ୍ ହୋଇଯାଉ । ହୁଏତ ଝୁଣ୍ଟିପଡୁ, ପୁଣି ଉଠୁ, ଖୁଣ୍ଟରେ ହାବୁଡୁ, ଗଛରେ ହାବୁଡୁ-କିନ୍ତୁ କି ମଜା ଏ ମିଛିମିଛିକା ଅନ୍ଧାର ଭିତରେ ଦରାଣ୍ଡି ହେବା !

ସବୁବେଳେ କିନ୍ତୁ ଏମିତି ଲୁଚକାଳି ଖେଳି ହୁଏ ନାହିଁ । ଜୀବନର ଢଙ୍ଗ ବଦଳିଯାଏ, ଆଖିରେ ରଙ୍ଗ ବଦଳିଯାଏ ଏ ପୃଥିବୀର । ପୋଖତ ଲୋକେ ଖେଳୁଆଡ଼ ବୁଦ୍ଧି ଛାଡ଼ିବାକୁ ଉପଦେଶ ଦିଅନ୍ତି । ଆମେ ବି ବୟସ ଅନୁପାତରେ ଲାଜେଇବା ଆରମ୍ଭ କରୁ । ଭାବୁ ଯେ ଏ ଖେଳ ଅତି ପିଲାଳିଆ । ଆଉ ବାଗେ, ଅନ୍ୟ ଖେଳ ଏଣିକି ଖେଳାଯାଉ ପଛେ, ଲୁଚକାଳି କିନ୍ତୁ ଆଉ ଚଳିବ ନାହିଁ । ଚଳେ ମଧ ନାହିଁ ।

କିନ୍ତୁ ଆଉ ଯାହା ବିଭିନ୍ନ ପ୍ରକାର ଖେଳ ବିଭିନ୍ନ ଭୂମିକାରେ ଖେଳିବାକୁ ଆମେ ଏକପ୍ରକାର ବାଧ ହେଉ ସେଗୁଡ଼ିକ ସବୁ ପ୍ରାୟ ଏଇ ଲୁଚିବା ଏବଂ ଖୋଜିବାର ବିଭିନ୍ନ ସଂସ୍କରଣ । ଆମେ ଖୋଜୁ, ଅଣ୍ଡାଳିହେଉ, ଅନ୍ଧାର ଭିତରେ ଝାଳ ନିଗାଡ଼ି କ୍ଳାନ୍ତ ହେଉ । ଏଇଠି ସବୁ ଲୁଚିଛନ୍ତି ବୋଲି ଆମେ ଜାଣୁ । ଧନ, ଯଶ, ବନ୍ଧୁ, ପ୍ରେମ, ପ୍ରଣୟିନୀ, ପୁତ୍ର, ଦାରା ସମସ୍ତେ । ଖୋଜୁ ଖୋଜୁ କେହି ହୁଏତ କୁଣ୍ଢ ଭିତରକୁ ଆସିଯାଇପାରନ୍ତି ଏ ଆଶା ମଧଆମର ଥାଏ । ଆମେ ସେଇ ଲୁଚକାଳି ଖେଳ ଖେଳୁ, କିନ୍ତୁ ଖେଳି ଜାଣୁନା । କାରଣ ଆଗଭଳି ଆମେ ଆଉ ହସି ଜାଣୁନା; ଖେଳକୁ ଖେଳ ବୋଲି ଅନୁଭବି ପାରୁନା । ସେତେବେଳକୁ ଆମେ ଆମର ଖେଳୁଆଡ଼ ବୁଦ୍ଧି ହରେଇ ସାରିଥାଉ ।

Digitized by srujanika@gmail.com

ଆଉ ମଧ୍ୟ ହରେଇ ସାରିଥାଉ ଅନ୍ଧପୁତୁଳିଟିକୁ ଫିଟେଇ ଥୋଇ ଦେବାର ସ୍ୱାଧୀନତା । ଖୁଣ୍ଟରେ ହାବୁଡ଼ି ଗଲେ ଆଉ ଉପାୟ ନଥାଏ ଆଖି ଖୋଲି ପରଖି ନେବାପାଇଁ । ଧୃତରାଷ୍ଟ୍ରକୁ ତା'ର ସମଗ୍ର ଜୀବନରୁ ସୂର୍ଯ୍ୟକୁ ବାଦ୍ ଦେବାକୁ ପଡ଼େ । ତା'ପରେ ଦରାଣ୍ଡିଲା ବେଳେ ଗୁଡ଼ିଏ ଲୁହା-ଭୀମ ହିଁ ହାବୁଡ଼ି ଯାଆନ୍ତି । ଅନ୍ଧ ହେଲାଠୁଁ ଆଉ କ'ଣ କରାଯାଇପାରେ ? ସେହିପରି ବାହାରର କାଚ ହଳକ ମିଟିକା ମାରୁଥିଲେ ମଧ୍ୟ ଭିତର ଆଖିରେ ଯେତେବେଳେ ପରଳ ମାଡ଼ିଯାଏ, ଅନ୍ଧପୁତୁଳିଟି ଆମ ଭିତରର ଦ୍ରଷ୍ଟାଟିକୁ ଯେତେବେଳେସାତପୁର କରି ଘୋଡ଼େଇପକାଏ, ଆମେ ମଧ୍ୟ ଦରାଣ୍ଡି ହେଉ । ଗୁଡ଼ାଏ ଟଙ୍କା ଏବଂ ସୁନା ଭିତରେ ଧନ ଖୋଜୁଥାଉ । ନପାଇ ପୁଣି ଗଦାକରୁ ସେଇ ଦୁଷ୍ପ୍ରାପ୍ୟ ଧାତୁ ଓ କାଗଜ । ହସ କାନ୍ଦ, କୋଳାକୋଳି, ଭାବ ଦୋସ୍ତି ଆଢୁଆଳରେ ବନ୍ଧୁଟି ହସି ହସି ଲୁଚିଯିବାର ଆମେ ଅନୁଭବ କରୁ । ପ୍ରସ୍ତ ପ୍ରସ୍ତ ଆବରଣ ଆଡ଼େଇ ଆମେ ଅଣ୍ଡାଳି ହେଉଥାଉ । ସେହିପରି ପତ୍ନୀ ପୁତ୍ର ଗୁଡ଼ାଏ ପାରିବାରିକ କୋଳାହଳ ପଛରେ ଲୁଚିଯାନ୍ତି । ବିଦ୍ୟା ଲୁଚିଯାଏ ଗୁଡ଼ିଏ ଛାପା କାଗଜର କାଳି ଏବଂ ଅକ୍ଷର ଭିତରେ । ଦେବତା ଲୁଚିଯାଏ ପଥରରେ । ଉଦ୍ଭିଦ ଲୁଚିଯାଏ ଦାରୁରେ । ସମସ୍ତେ ଲୁଚିଯାନ୍ତି ଏବଂ ଏକକ ସତ୍ୟଟି ଲୁଚିଗଲେ ଅକଳନୀୟ ବିକଳନୀୟ ବିକଳ୍ପର ସମୁଦ୍ର ଘେରିଯାଏ । ବହୁକାଳୁ ଅନ୍ଧପୁତୁଳି ଭିତରେ ଏଇ ସମୁଦ୍ରରେ ଆହୁଲା କାଟି ଯାଉ ଯାଉ ମନେହୁଏ ଯେ ଏସବୁ ବୋଧହୁଏ ଖେଳ ଛାଡ଼ି ବାହୁଡ଼ି ଗଲେଣି, ଏଠି କେହି ଆଉ ନାହାନ୍ତି । ମୋଟ ଉପରେ ଏଇଟା ଖେଳ ନୁହେଁ । ହୁଏତ କର୍ମ କଷଣ ହିଁ ସହିବାକୁ ପଡୁଛି ।

ଏ ସମସ୍ତେ ହେଲା ଅବା ଆମକୁ ନଦିଶିଲେ, ଆମେ ଭଲା ସେମାନଙ୍କୁ ଦିଶୁଛୁ ? ମୋଟେ ନୁହେଁ । ଆମର ନିଶ, ହସ, ଛଇଛଟା ଭିତରେ ଆମେ ଏମିତି ଲୁଚିଯାଇଛୁ ଯେ ସେମାନେ ଦିନକଯାକ ଆମ ଚାରିଆଡ଼େ ଦରାଣ୍ଡି ହେଉଥିଲେ ମଧ୍ୟ ଆମକୁ ଛୁଇଁପାରିବେ ନାହିଁ । ବେଳେ ବେଳେ ନିଜକୁ ନିଜେ ଖୋଜିହେଉ । ଗୁଡ଼ିଏ ଲୋମଶ ଅଙ୍ଗ ଗୁଡ଼ିଏ ଉଷୁମ୍ ଚିକ୍କଣ ମାଂସ ହାତରେ ବାଜେ । 'ଏଇ ତ ମୁଁ' କହିଲେ ମନ ମାନେ ନାହିଁ । ଦର୍ପଣ ଭିତରୁ ପ୍ରତିବିମ୍ବଟିଏ ବିମ୍ବକୁ ଖେଳାଇହୁଏ, ଅଭିନୟ ଦୋହରାଇହୁଏ, ଆବରଣ ଦୁଇପୁର ହୋଇ ଘୋଡ଼େଇ ହୋଇପଡ଼େ । ଖାଲି ବ୍ୟସ୍ତ ଲାଗେ । ଅନ୍ଧପୁତୁଳିଟାକୁ ଭିଡ଼ିଦେବାକୁ ଗଦେଇ ଖବେଇ ଲାଗେ । ତାକୁ ବି ଧରି ହୁଏ ନାହିଁ । ଲୁଚିଥିବା ସମସ୍ତେ ଫିସ୍ ଫିସ୍ ହସିଦିଅନ୍ତି । ଆମେ ପୁଣି ହାତ ମେଲେଇ ଅନ୍ଧାର ସମୁଦ୍ରରେ ଅଣ୍ଡାଳି ଯାଉ । ଏ ନିଷ୍ଠୁର ଖେଳ ଭିତରେ ଆଣ୍ଠୁଗଣ୍ଠି ଛିଣ୍ଡେଇ ନିରସ୍ତ ହୋଇ ଆମେ ଅସହାୟ ହୋଇ କାନ୍ଦୁ । କେହି ବୁଝନ୍ତି ନାହିଁ ଆମର ଯାତନା । ଚାରିଆଡୁ ସେମିତି ଖିଲ୍ ଖିଲ୍ ଚପା ଚାପା ହସ, କିଛି ମୃଦୁ ପାଦଶବ୍ଦ କେବଳ ଶୁଭୁଥାଏ ।

ଶେଷରେ ସବୁ ବୁଦା ପଛରେ ମେଞ୍ଚା ଅନ୍ଧାର ଘନେଇ ଆସେ । ଲାଗେ, ସେଇଠି କିଏ ସବୁ ଲୁଚିଛନ୍ତି । ସୂର୍ଯ୍ୟ ଆହୁରି ନଇଁଯାଏ । ଅନ୍ଧାରର ପରିସର ବଢ଼ିଯାଏ, ଲମ୍ବିଯାଏ । ସବୁ ଛାଇଯାକ ମିଶି ଏକାକାର ହେବାକୁ ଗଲାବେଳେ ଭୂଇଁ ଆଡ଼େଇ ଗୋଟାଏ ସ୍ୱର କେଉଁଠୁ ଶୁଭେ,- 'ହେ, ମୋତେ ଧ' । ମୁଁ ପରା ତୋ ଚାରିଆଡ଼େ, ଆଗରେ ପଛରେ, ଏତେ ପାଖରେ ରହିଛି ! ମୋତେ ଛୁଇଁପାରୁନାହୁଁ?' ମୁହଁ ଉପରକୁ କିଛି ହସ ଚହଟି ଆସେ । 'କେ, ତୁ କିଏ ? ଆ, ମୋ

Digitized by srujanika@gmail.com

ପାଖକୁ ଆଉ ଟିକିଏ ଲାଗିଆସୁନାହୁଁ !' ସ୍ୱର ଆହୁରି ନିକଟରୁ ଶୁଭେ । ଆଶ୍ଚର୍ଯ୍ୟ !- 'ମୁଁ ପରା ତୋ' ପାଦତଳ ଛାଇ, ତୋ ଜଠରର ଅନ୍ଧାର, ତୋ ଭୋକ, ଶୋଷ, ଭୟ ପଛରେ ସବୁବେଳେ ଲୁଚିଛି । ତୋ ଆଖିମିଟକା ଆଢୁଆଳରେ, ତୋ ନିଶ୍ୱାସ ତାଙ୍କ ଭିତରେ ମୁଁ ଛପିଛି । ତଡେ ବି ଅନ୍ଦିକନ୍ଦି ଖୁବ୍ ଖୋଜୁଛି । ତୋ ଶିରାପ୍ରଶିରା ନାଡ଼ି ଆଡ଼େଇ ଖୋଜୁଛି । ତୁ ବି ଦେଖୁଛି ଭାରି ଖେଳୁଆଡ଼ ଖଣ୍ଡେ !' - "କହନା, ଏ ଖସିପଡୁଥିବା ପୋଷାକ ଭିତରେ, ଏ ମଉଳି ଯାଉଥିବା ରଙ୍ଗ ଭିତରେ ତୁ କିଏ ? -ତା' ପବନ ଆଇଁଷିଆ । ତା ସ୍ୱର ବି ଭାରି ଗହୀର । ହୁଏତ ତା ଦେହ ବି ପଟାଳିଆ । ଆମେ ଶୀତେଇ ଯାଉଁ । ଏଇ ବୋଧହୁଏ ସେଇ କୋକୋୟା ଯେ ସବୁବେଳେଖେଳ ଭାଙ୍ଗି ଆସିଛି । ସେ ଆମ ମନକଥା ବୁଝିଲା ପରି ଖଣ୍ଡିଆଭୂତ ପରି ସୁ' ସୁ' ଗୁଡ଼ାଏ ହସିଦିଏ । ଗୁଡ଼ାଏ ଶୁଖିଲା ପତ୍ର ଉଡ଼େଇ ଦିଏ ଆକାଶକୁ । ଖେଳର ଏ ପର୍ଯ୍ୟାୟରେ ଭଲା ନିହାତି ନିଳଠା ନାଟୁଆ ନହେଲେ ହସିହୁଏ ?

ଆଜ୍ଞା ହୁଏ ! ଭାରି ହିମ୍ମତଦାର୍ ଥୋକେ ଆସି ଆମ ପାଖରେ ଚିତ୍କାର କରି କହନ୍ତି, "ହେ ବେକୁବ୍ ! ଏଇଟା ମୋଟେ ଖେଳ ନୁହେଁ । କେହି କେବେ କେଉଁଠି ଲୁଚି ନାହିଁ । ଯେତିକି ଅନୁଭବି ପାରୁଛୁ ସେତିକି ମାତ୍ର ଅଛି । ବାକି ସବୁ ତୋର ସେଇ ଖେଳୁଆଡ଼ ବୁଦ୍ଧିର ଜାଲିଯାତି । ତୁ କାହିଁକି ଭାବୁଛୁ ଯେ ଏ ହଳକ କାଚ ଏବଂ ଦ୍ରଷ୍ଟା ଆଉ କେଉଁଠି ଭିତରେ ବୁଡ଼ି ରହିଛି ? ଏ ଯୋଡ଼ିକ ହିଁ ଦେଖୁଛନ୍ତି ଏବଂ ଠିକ୍ ଦେଖୁଛନ୍ତି, ସବୁ ଦେଖୁଛନ୍ତି । ଏଣୁ ଏ ଗଛଟା ଗଛ, ଏ ଗୋରୁଟା ଗୋରୁ, ଏଗୁଡ଼ାକ ସବୁ ଠୋସ୍ ସତ୍ୟ - ଇଟାପରି, କାନ୍ଥପରି, ତୁମ ପରି, ଆମ ପରି । ଯା ପଛରେ ବା ତା' ଭିତରେ କ'ଣ ସବୁ ଲୁଚିଛି ବୋଲି ଆମେ ଅନେକ ଶତାବ୍ଦୀ ତୁଚ୍ଛାଟାରେ ଏ ଭୁଆଁ ବୁଲିବାରେ ନଷ୍ଟ କରି ଦେଇଛୁ । ଆଉ ନୁହେଁ । ଯାହା ଦିଶୁଛି ତାହା ହିଁ ସ୍ଥିତି, ସେଇଟା ହିଁ ସତ୍ୟ । ଯେ ଦେଖୁଛି ସେଇଟା ଗୋଟାଏ ଶୂନ୍ୟ ଫଳକ । ସେଇଟା ଶୂନ୍ୟ ଫଳକ ହୋଇନଥିଲେ ଏ ସମସ୍ତର ବିଶ୍ୱକଞ୍ଚ ଧାରଣ କରି ପାରନ୍ତା ନାହିଁ । ଏଣୁ ଏ ଲୁଚକାଳି ଛାଡ଼ । ଏଇଟା ନିଜକୁ ନିଜେ ବିଡ଼ମ୍ବିତ କରି ହତ୍ୟା କରିବାର ମୂର୍ଖତା । ଆମକୁ ଏ ଖେଳ ଧରେଇ ଦିଆ ହୋଇଛି । ଦୁର୍ଭାଗ୍ୟର କଥା, ଆମେ କେବେହେଲେ ନାବାଳକୀରୁ ମୁକ୍ତ ହୋଇପାରୁନାହୁଁ, ଏଣୁ ଖେଳିଚାଲିଛୁ । ଯଦି ଲୁହା-ଭୀମ ହାବୁଡ଼ିଗଲା ସେଇଟା ଆମ ପାଇଁ ସତ୍ୟ । ଆମେ ଧୃତରାଷ୍ଟ୍ର ନୋହୁ କି ଜନ୍ମାନ୍ଧ ହୋଇଥିବାରୁ ଗୋଟାଏ ହାଡ଼ ମାଂସର ଭୀମକୁ ନପାଇ ପାଇଥିବା ଭୀମଟିକୁ ମିଥ୍ୟା କହୁନା । ଖୁଣ୍ଟରେ ହାବୁଡ଼ିଗଲେ ଖୁଣ୍ଟ ସତ୍ୟ, ବେଣ୍ଟରେ ହାବୁଡ଼ିଗଲେ ବେଣ୍ଟ ସତ୍ୟ । ଯାହା ଯେତିକି ତାହା ସେତିକି ମାତ୍ର । ତା'ର ଭିତର ବାହାର, ଉପର ତଳ, କିଛି ନାହିଁ - ତାହାହିଁ ତାହା । ତୁମର ଅନ୍ଧପୁଟୁଳି କେବେ ନଥିଲା, ଏବେ ବି ନାହିଁ । ତାକୁ ଭିଡ଼ିବାକୁ ଗାମ୍ଭୁଡ଼ିଦେଲେ ଆଖିଯୋଡ଼ିକ ଡାଢ଼ି ହୋଇଯିବ; ଏଣୁ ସେଥିରୁ ନିରସ୍ତ ହୁଅ । ତୁମେ ସବୁବେଳେ ଚାହିଁଛ । ଏଣିକି କେବଳ ସମସ୍ୟା ହେଲା ଚାହିଁଛ ବୋଲି ବିଶ୍ୱାସ କରିବା । ନଚେତ୍ ଏପରି ଏଇଠି ବସି କାନ୍ଦୁଥିବ । ତୁମକୁ ଉପହାସ କରୁଥିବ ତୁମର ପ୍ରତିଧ୍ୱନି ।

Digitized by srujanika@gmail.com

ତା'ହେଲେ କାହିଁକି ଆଉ ଖୋଜିବା ? ଯଦି କିଛି ଲୁଚି ନାହିଁ, ତା'ହେଲେ ଖେଳ ହିଁ ସରିଯାଇଛି । ଖେଳ ସରିଗଲେ ଆଉ ଧାଁ-ଦଉଡ଼ କରିବାର ବି ପ୍ରୟୋଜନ କ'ଣ ? ସ୍ଥିର ଉପରମୁହାଁ ହାଣ୍ଡିଟିଏ ପରି ରହିଗଲେ ମଧ୍ୟ ଚଳିବ । ଯଦି ଖରା ବର୍ଷିଗଲା, ହିଁ; ଯଦି ପାଣି ବର୍ଷିଗଲା, ହିଁ; ଯଦି ପୁଳାଏ ଆକାଶ ଶଙ୍ଖ ବିରାଡ଼ି ପରି ଚେକାମାରି ସେ ଭିତରେ ଶୋଇଗଲା ତେବେ ବି, ହିଁ ! - ଗୋଟାଏ କ'ଣ ଖୋଜୁଥିଲୁ । ଭିତରର ଗୁଡ଼ାଏ ଭୋକ ମେଣ୍ଟେଇବାକୁ ଥଣ୍ଟ ଟେକି ଧାଉଁଥିଲୁ ବୋଲି ସିନା ଏତେ ଜ୍ୱାଳା, ନପାଇବାରୁ ଏତେ ଅବଶୋଷ ! ଏଣିକି ଖେଳ ଶେଷ । ଯେ ଯେଉଁଠି ଅଛି, ଯାହା ପାଇଯାଇଛି, ସେତିକିରେ ଏବଂ ସେଇଠି ଜମାଟ ବାନ୍ଧିଯାଉ । ସତ୍ୟରେ ହାବୁଡ଼ିଗଲେ ଆଉ ବିକଳ୍ପର ସମୁଦ୍ରତ ନାହିଁ ପହଁରିବାକୁ !

ଏମାନେ କ'ଣ ସତକୁସତ ସେଇ ସତ୍ୟରେ ହାବୁଡ଼ିଛନ୍ତି ? ବୋଧହୁଏ ନା ! ବରଂ ମନେହେଉଛି ଏ ବାହାଦୁରିଆ ଗଣ୍ଡାକ ଖୋଜି ଖୋଜି ନୟାନ୍ତ ହେଲା ପରେ ଲୁଚକାଳି ଖେଳର ଏଇ ଶେଷ 'ଦାଉଁ' ମାରିଛନ୍ତି । ଖୁବ୍ ରାଗିଯାଇ କହୁଛନ୍ତି, 'ଯା' ଆମେ ଆଉ ଖେଳିବୁ ନାଇଁ ।' ସେମିତି ରାଗରେ ଖୁଣ୍ଟଟାକୁ ଜାବୁଡ଼ି ଧରି ଶୁଣେଇ ଶୁଣେଇ କହୁଛନ୍ତି, 'ଏଇଟା ମୋ ବନ୍ଧୁ - ସୁଦାମଫୁଦାମ କେହି ନାହାନ୍ତି । ସେଗୁଡ଼ା ସବୁ ମିଛ, ଧୋକାବାଜ୍ ।' ଏଥିରେ ଯଦି ସୁଦାମ ସତକୁସତ ଚିହିଁକି ଉଠି ପଛରୁ ଆସି କୁଣ୍ଢେଇ-ପକାଏ, ମନ୍ଦ କ'ଣ ?

ଏଣୁ ପଢ଼ିଆ ମଝିରେ, ପୁଣି ଖେଳ ମଝିରେ ଏମିତି କାହିଁକି ହରତାଳ କରି ଚିହ୍ନା ପଡ଼ିବା ? ନପାଇ ରାଗିଗଲେ କ'ଣ ଠିକ୍ ଖେଳ ହେଲା ? ଟିକିଏ ସ୍ଥିର ହୋଇ କାନେଇବା । ମଝିରେ ମଝିରେ ଯେତେ ସବୁ 'ଇଉରେକ୍‌କା' ଡାକ ଶୁଭୁଛି, 'ପାଇଗଲି' ବୋଲି ହାଉଳି ଶୁଭୁଛି, ସେଗୁଡ଼ାକ କ'ଣ ସବୁ ଖୁଣ୍ଟ । ଜହ୍ନରାତିରେ ମୁଁ ଯାହାକୁ ଖୋଜୁଥିଲି ସେ ଯଦି ନାଗେଶ୍ୱର ଉହାଡ଼ରୁ ଆସି ମୋତେ କାନ୍ଧରେ ବସେଇ ନେଲା ଏବଂ ମୁଁ ଖେଳରେ ମଜ୍ଜିଗଲି; ସେଇଟା କ'ଣ ମିଛ ? ଏଣୁ କଥା ମାନିଯାଅ । ନିଜେ ଗୁଡ଼ାଏ ଚିତ୍କାର କରିବା ବନ୍ଦ କଲେ ଚାରିଆଡୁ ଫିସ୍ ଫିସ୍ ହସ ଶୁଭିବ । ଏ ମିଛିମିଛିକା ଅନ୍ଧାର ଭିତରେ ଲୁଚିଥିବା ସତ ସୁଦାମଗୁଡ଼ିକୁ ଖୋଜିବାର ଅଦ୍ଭୁତ ଆନନ୍ଦରୁ କାହିଁକି ବଞ୍ଚିତ ହେବା ? ଏଥିରୁ ବହୁତଗୁଡ଼ାଏ ମିଛ ନୁହେଁ ବୋଲି କେହି କହୁନାହିଁ-କିନ୍ତୁ ଏ ଲୁଚକାଳି ଖେଳଟି ଏକ ଚମତ୍କାର ସତ୍ୟ !!

Digitized by srujanika@gmail.com

କଥା ସରେନା

ଆପାତତଃ ସବୁ କିଛି ସରିଗଲା ପରି ଦିଶେ, କିନ୍ତୁ ସରେନା । ସରିଗଲେ ହୁଏତ ଲିଭିଯାନ୍ତା, ନିଶ୍ଚିହ୍ନ ନିଷ୍ଫଳ ହୋଇଯାନ୍ତା; ଅଥବା ପୂରିଯାନ୍ତା ଏବଂ ସ୍ତମ୍ଭିତ ଅବିକମ୍ପିତ ହୋଇଯାନ୍ତା । କିନ୍ତୁ ଆଦୌ କିଛି ସରେନା, ସରିପାରେନା । ଢେଉ ହୁଏତ ଗଡ଼ିଯାଏ, କିନ୍ତୁ ସ୍ରୋତ ସରେନା । ରୂପ ବଦଳିଯାଏ, ରଙ୍ଗ ମଉଳିଯାଏ, କିନ୍ତୁ କାଳ ବଦଳେନା । ଜଣାପଡ଼େ ଆଜିର ଏ ସୂର୍ଯ୍ୟଟି ତିମିର ସଂଗ୍ରାମ କରି ସରିଗଲା । କିନ୍ତୁ ତିମିର ସରେନା । ସଂଗ୍ରାମ ସରେନା । ସୂର୍ଯ୍ୟ ବି ସରେନା । ନିଟୋଳ ପୂର୍ଣ୍ଣାଙ୍ଗ ଜବାକୁସୁମ ପରି ଅରିନ୍ଦମ ସୂର୍ଯ୍ୟଟି ପୁଣି ରାଶି ରାଶି ଅନ୍ଧାର ଆଡ଼େଇ ଜନ୍ମନିଏ ପ୍ରତିଦିନ । ଶତାବ୍ଦୀ ଶତାବ୍ଦୀର ଏ ସୂର୍ଯ୍ୟ । ଯୁଗେ ଯୁଗେ ଧର୍ମର ଗ୍ଲାନି ଘଟୁଥାଏ ଏବଂ ବାରମ୍ବାର ତାର ଅଭ୍ୟୁତ୍ଥାନ ପାଇଁ ଦେବାବତାର ବି ଘଟୁଥାଏ । ତା'ର କାର୍ଯ୍ୟ ମଧ୍ୟ ସରେନା । ଧର୍ମ-ସଂସ୍ଥାପନ ସରେନା । ସରେନା ଦୁଷ୍କୃତର ବିନାଶ ଏବଂ ସାଧୁର ପରିତ୍ରାଣ । .... ପାହାଡ଼ ତଳୁ ଗୋଟାଏ ବିରାଟ ବର୍ତ୍ତୁଳ ପଥରର ଜଡ଼ପିଣ୍ଡକୁ ଅସାଧାରଣ ସାମର୍ଥ୍ୟରେ କେହି କେହି କିଛି ବାଟ ଉପରକୁ ଟେକି ନିଅନ୍ତି; କିନ୍ତୁ ସେ ପୁଣି ଅନିବାର୍ଯ୍ୟ ଭାବରେ ଗଡ଼ିଆସେ ତଳ ପର୍ଯ୍ୟନ୍ତ । ପୁଣି ଗୁଡ଼ିଏ ଦେବଶିଶୁ ତାକୁ ତୋଳିଧରନ୍ତି । ଝରିଯାଏ ସେମାନଙ୍କର ସ୍ୱେଦ ଏବଂ ଶୋଣିତ । ପଥରର ଜଡ଼ ପିଣ୍ଡ କିଛି ଉପରକୁ ଉଠିଯାଏ । ତୋଳିଧରିଥିବା ମହାମାନବ ଅପସରିଯାଆନ୍ତି । ସେ ଗଡ଼ିଆସେ ପୁଣି ପାହାଡ଼ର ପାଦଦେଶକୁ, ମାଟି କାଦୁଅ ଭିତରକୁ । ସେ ପାହାଡ଼ର ନିରାଲୋକ ଶୀର୍ଷ କେହି ଦେଖିନାହାନ୍ତି । କିନ୍ତୁ ସେ ଦିଗରେ ଆରୋହଣ କରିଚାଲିଛନ୍ତି ଯୁଗଯୁଗର ମଣିଷ । ଜଡ଼ପିଣ୍ଡଟି କେବେ ଉଠେ, କେବେ ପଡ଼େ– ତା' କଥା ସରେନା । କୌଣସି କଥା ସରେନା; ସରିପାରେନା ।

ମରିଗଲେ ପରା ସରିଯାଏ ? ଏ ଦହ୍ୟମାନ ଦେହଟି ଅନ୍ତତଃ ସରିଯାଏ । - କିଏ କହିଲା ? ... ଦେହଟିର କୌଣସି ଗୋଟିଏ ହେଲେ ତ ପରମାଣୁ ସରିଯାଏ ନାହିଁ । ପାଣି, ପବନ, ମାଟି, ନିଆଁ, ଆକାଶ ଭିତରକୁ ପାଞ୍ଚଟି ଧାର କେବଳ ଫେରିପାଏ । ବସ୍ତୁ-ସଂଘର ସଂହତି ଫିଟିଯାଏ, ମୁକୁଳିଯାଏ ବାନ୍ଧିହୋଇ ରହିଥିବା ଗୁଡ଼ିଏ ଆୟତନ ଏବଂ ଗୁଡ଼ିଏ ଉପାଦାନ । ସଂପର୍କ ହୁଏତ ସରିଯାଏ । ନା, ତା ବି ସରେନା । ଗଛଟିଏ ରୂପ ବଦଳ ପୂର୍ବରୁ ତା ଅଜସ୍ର ଡାଳରୁ ବୁଣି ଦେଇଥାଏ ପ୍ରତି ଶରତ୍‌ରେ ସହସ୍ର ସହସ୍ର ମଞ୍ଜି । ତା ଆଖିଆଗରେ ଅନୁରୂପ ବଂଶଧର ଗଢ଼ିଉଠୁଛନ୍ତି । ଗୋଟିଏ ଢେଉ ଗଡ଼ିଯାଏ କେବଳ, ଏବଂ ଅଗଣିତ ଢେଉ ତା' ପଛକୁ ତା' ପଛ ମାଡ଼ିଆସନ୍ତି ।

Digitized by srujanika@gmail.com

ସ୍ରୋତ ଅଖଣ୍ଡିତ ଚାଲିଥାଏ । ଢେଉର କଥା ସରେନା । ସରେନା ଗଛ, ପଶୁ, ପକ୍ଷୀ ଏବଂ ମଣିଷର ଅସରନ୍ତି କଥା । ବୁଢ଼ିଆଣୀ ତା'ର ସମଗ୍ର ସୁତା ଘରଟିକୁ ଖାଇଯାଏ । କିନ୍ତୁ ପୁଣି ତା'ର ନାଭିକେନ୍ଦ୍ର ସ୍ପନ୍ଦିତ ହୁଏ । ଝରିଆସେ ସୂକ୍ଷ୍ମତନ୍ତୁର ପ୍ରବାହ-ଗୋଟିଏ ତନ୍ତୁର ଜଗତ୍ । ସ୍ରଷ୍ଟା ସାଙ୍ଗରେ ଶିଳ୍ପୀ ସଂଯୁକ୍ତ ହୁଏ । ପଦ୍ମ ପରି ପାଖୁଡ଼ା ମେଲିଯାଏ ତନ୍ତୁର ଆବାସ୍ୟ ଭୂମି । ତା କେନ୍ଦ୍ରରେ ରହି ନିଜେ ଉର୍ଣ୍ଣନାଭ ପୁଣି ପୂର୍ବପରି ସ୍ପନ୍ଦିତ ହୁଏ । ତନ୍ତୁଜଗତର ଆବର୍ତ୍ତ ଏହିପରି ଚାଲିଥାଏ । ଚାଲିଥାଏ ସୃଷ୍ଟି ଏବଂ ବିଲୟର ଆବର୍ତ୍ତ । ତା'ର ଦିଗ କଣ ଏବଂ ଲକ୍ଷ୍ୟ ବା କଣ, କେହି ଜାଣିନାହାନ୍ତି । ତାହା ଏକ ଅସ୍ତି-ନାସ୍ତିର ବିସ୍ମୟ । ଏଣୁ ଦିଗହରା ଲକ୍ଷ୍ୟହରା ଆବର୍ତ୍ତ ପୁନରାବୃତ୍ତ ହେଉଥାଏ; ହୋଇଚାଲିଥାଏ ।

ଜୀବନରୁ ଆଶା ସରେ ନାହିଁ । ନିରାଶା ମଧ ସରେ ନାହିଁ । ସ୍ୱପ୍ନ ସରେ ନାହିଁ । ରାତ୍ରି ବି ସରେ ନାହିଁ । ତରୁଣର ପ୍ରଶସ୍ତ ଦିଗ୍‌ବଳୟରେ ଅନେକ ଘନନୀଳ ପାହାଡ଼, ଅନେକ ରଙ୍ଗର ବନସ୍ପତି, ଅନେକ ଫୁଲ, ଅନେକ ପ୍ରଣୟ, ଧନ, ମାନ, ଯଶର ଉଚ୍ଚ ଉଚ୍ଚ ମାଣିକ୍ୟ ପାହାଚ ତାକୁ ସ୍ପନ୍ଦିତ କରନ୍ତି, ପ୍ରଲୁବ୍ଧ କରନ୍ତି । କେବଳ ଦୁଇଟି ହାତରେ ସେ ଏତେ ଐଶ୍ୱର୍ଯ୍ୟ ଗୋଟେଇ ପାରେ ନାହିଁ । ଆକାଶର ଏତେ ବିସ୍ତୀର୍ଣ୍ଣ ଇନ୍ଦ୍ରଧନୁକୁ ସାଉଁଟି ପାରେ ନାହିଁ । ମଥା ନଇଁଯାଏ । ଭୁରୁ ନଇଁଯାଏ । ଦିଗ୍‌ବଳୟ ସାଙ୍କୁଡ଼ି ଯାଏ ଚାରିଆଡୁ । ଗୋଟାଏ ଦୀର୍ଘ ଜୀବନର ଯାତ୍ରା ପରେ ଯେତେବେଳେ ଆଖି ଉପରକୁ ସଞ୍ଜ ନଇଁ ଆସୁଥାଏ ଜଣାପଡ଼େ ସେ କିଛି ପାଇଲା ନାହିଁ । ଅନେକ ପ୍ରଶ୍ନ ସେହିଭଳି ରହିଗଲା - ଦଶାନନର ସ୍ୱର୍ଗକୁ ନିଶୁଣି ପରି । ପୁରୁଣା ଲୁଗାର ଜୀର୍ଣ୍ଣ ପିଣ୍ଡ ପରି ଶିରାବହୁଳ ସେ ଦେହଟିର ରୋମେ ରୋମେ ତୃଷ୍ଣା - ଆଉ ସହସ୍ରେ ଜନ୍ମର ଆକାଙ୍‌କ୍ଷା । ତାକୁ ପଚାରିଲେ ସେ ହୁଏତ ତା'ର ସେ ଅପସରି ଯାଉଥିବା ଆଖି ଦୁଇଟିରେ ଅନେଇବ; କିଛି ସରି ପାରିଲା ନାହିଁ । ସଂସାର ପ୍ରବାହରେ ପଶିବା ମୁହୂର୍ତ୍ତଠାରୁ ସେ ନିଜେ ଯେଉଁ ତରଙ୍ଗ ଗୁଡ଼ିକ ସୃଷ୍ଟି କରିଛି - ସେହି ଜ୍ୱାଳା - ଆଶା ଆକାଙ୍‌କ୍ଷାର ତରଙ୍ଗ - ସେଥିରୁ କୌଣସିଟି କୂଳ ଛୁଇଁପାରିଲା ନାହିଁ । ସରି ପାରିଲା ନାହିଁ ସ୍ୱପ୍ନ । ସରିବ ବା କିପରି ? କେଉଁଠି ? କେମିତି ?? ଗଛ ଏବଂ ମଞ୍ଜିପରି ଏ ଦ୍ୱୈତାଭାସ ଭିତରେ ଗୋଟିଏ ଗୋଟିକୁ ସୃଷ୍ଟି କରି ଚାଲିଛି । ମଣିଷ ପଶୁ ସମାନ ଭାବରେ ନିଜକୁ ହିଁ ସର୍ଜନା କରି ଚାଲିଛନ୍ତି । ଏ ଆବର୍ତ୍ତିତ ଧାରା ଅବା ସରିଯିବ କିପରି ? କେଉଁଠିଏବଂ କେମିତି ??

ମଣିଷର ଦୁର୍ଲଭ ଜନ୍ମ ଅଖଣ୍ଡ ପ୍ରୟାସରେ ନା ବିଦ୍ୟାର ଅଧିକାରୀ ହୁଏ ନା ଅବିଦ୍ୟାର । ପୃଥିବୀର ସବୁ ଜ୍ଞାନ ଏକତ୍ର କଲେ ସୁଦ୍ଧା ଗୋଟିଏ ବାଲୁକା ରେଣୁର ଶେଷ କଥା ଆମ ଦିଗନ୍ତର ଆର ପାରି ରହିଯାଏ । ଯୁଗ ଯୁଗ ଧରି ମନ୍ତ୍ରଦ୍ରଷ୍ଟା ଋଷି ବିଶୁଦ୍ଧ ଜ୍ଞାନ ବିତରଣ କରିଥିବା ସତ୍ତ୍ୱେ ଅଜ୍ଞାନର ସମୁଦ୍ର ପୂର୍ବବତ୍ ଅଖଣ୍ଡ ରହିଯାଏ । ମଣିଷ ବାରମ୍ବାର ଗୋଟିଏ ପ୍ରକାର ଅନୁତାପ କରିଚାଲିଥାଏ । ତା'ର ଯୁଗାବଧି ବିଳାପର ସ୍ୱର ପୂର୍ବ ପରି ବିଲମ୍ବିତ । ଅଜ୍ଞାନକିମ୍ବା ବିଳାପର କଥା ସରେ ନାହିଁ । ତଦ୍ରୂପ ସରେ ନାହିଁ ଜ୍ଞାନର ସଂଘାତ ଏବଂ ତା'ର ସୂର୍ଯ୍ୟାସ୍ତର କଥା । ଜନ୍ମ ମୃତ୍ୟୁ, ଜରା, ବ୍ୟାଧି ଓ ଦୁଃଖ ପ୍ରତ୍ୟେକ ଶରୀରକୁ ଆଶ୍ରୟ କରି ବାରମ୍ବାର ଅବକ୍ଷୟ ସାଧନ

Digitized by srujanika@gmail.com

କରୁଥାନ୍ତି । ଚରକ ସୁଶ୍ରୁତ ଯୁଦ୍ଧ ଘୋଷଣା କରି କିଛି କରିପାରନ୍ତି ନାହିଁ । ପରମକାରୁଣିକ ଗୌତମ ବୁଦ୍ଧଙ୍କର ମହାପରିନିର୍ବାଣ ସତ୍ତ୍ୱେ ସଂସାରରୁ ଦୁଃଖ ସରେନାହିଁ । ମାନବ-ଇତିହାସର ସୁଦୀର୍ଘ ବର୍ଷଉପରେ ବାରମ୍ବାର ରକ୍ତର ପାରଣା ଦିଆହୁଏ । ଗୋଟିଏ ପ୍ରକାର ଦ୍ୱେଷ, ଅସୂୟା ଓ ଅହଙ୍କାରର ବିକଟ ପରିଣାମ ସେ ଭୋଗକରି ଚାଲିଥାଏ । ନିଜେ ହିଁ ନିଜର ହବନ କରି ଆହୁତି ପ୍ରଦାନ କରୁଥାଏ ।

ଆଲୋକ ଏବଂ ଅନ୍ଧାରର ଆବର୍ତ୍ତନ ପରି, ଆମ ଭିତରେ ଗୁଡ଼ିଏ ବିପରୀତ ଧର୍ମର ଚକ୍ରବତ୍ ଆବର୍ତ୍ତନ ଚାଲିଥାଏ - ସୁଖ ଦୁଃଖ, ଆଶା ନିରାଶା, ଜନ୍ମ ମୃତ୍ୟୁ, ଏପରିକି ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟ । ଏଣୁ ଚକ୍ରଗତିର ବିରାମ ନାହିଁ । ହୃତ୍‌ପିଣ୍ଡରୁ ରକ୍ତର ଧାର ବୋହିଯାଏ, ପୁଣି ଫେରିଆସେ ସେଇ ମାଂସର ପ୍ରକୋଷ୍ଠକୁ । ପିଣ୍ଡଟି ସ୍ପନ୍ଦିତ ହେଉଥାଏ । ଶ୍ୱାସକ୍ରିୟାରେ ବାୟୁର ଗମନାଗମନ ମଧ୍ୟ ସେହିପରି ଚକ୍ରବତ୍ । ଜାଗରଣ ଓ ସ୍ୱପ୍ନ ଚକ୍ରବତ୍ । ଗୋଟିଏ ଅନ୍ୟଟିର ଅନୁଗମନ କରେ, ତାକୁ ଜନ୍ମ ଦିଏ ଏବଂ ସେଥିରେ ବିଲୟ ପ୍ରାପ୍ତ ହୁଏ । ଚକଟି ହୁଏତ ଅସୀମ । ତା'ର ପରିଧି ମଧ୍ୟ ପରିମେୟ । କିନ୍ତୁ ତା'ର ଆବର୍ତ୍ତନ ଅନନ୍ତ, ଘୂର୍ଣ୍ଣନ ପ୍ରକ୍ରିୟା ଅକଳନୀୟ । ଅଣୁ ଗର୍ଭରେ ଯେଉଁ ଆବର୍ତ୍ତନ, ସୌର ମଣ୍ଡଳରେ ମଧ୍ୟ ସେହି ଆବର୍ତ୍ତନ । ସୃଷ୍ଟି ଏବଂ ପ୍ରଳୟରେ ସେଇ ଅନିବାର୍ଯ୍ୟ ଆବର୍ତ୍ତନ । ଏ ସୁପ୍ରସାରିତ ସର୍ବବ୍ୟାପୀ ଚକ୍ରର ଘୂର୍ଣ୍ଣନକେତେକ ଦ୍ରଷ୍ଟାଙ୍କ ପାଇଁ ଅତୀବ ସୁଦର୍ଶନ । ଏହା ହିଁ ଏ ଜଗତର ମୌଳିକ ଧର୍ମ । ଜଗତ୍ ପ୍ରବହମାନ, କିନ୍ତୁ ତାହା ଏକ ଆବର୍ତ୍ତନର ପ୍ରବାହ । ଜୀବନର ମୌଳିକ ଧାତୁରେ ଏହି ମୌଳିକ ଧର୍ମ ହିଁ ବିଦ୍ୟମାନ । ଏଣୁ ଅନନ୍ତ ପ୍ରକ୍ରିୟାର ପଟ୍ଟପରିବର୍ତ୍ତନରେ ପୂର୍ଣ୍ଣଚ୍ଛେଦ ନାହିଁ । ଏ ଅସରନ୍ତି କଥାର ଶେଷ ନାହିଁ । ତାହା ସରେନା ।

କିନ୍ତୁ ଚକ୍ରର କେନ୍ଦ୍ର ହୁଏତ ଘୂରେନାହିଁ । ତାହା ଏକ ସ୍ଥିର ବିନ୍ଦୁ, ପୁଣି ତା'ର ପରିଧିର ବହିର୍ଭୂତ ଆକାଶଗର୍ଭ ହୁଏତ ସ୍ଥିର । ସେଥିରେ ତରଙ୍ଗ ନାହିଁ, ଆବର୍ତ୍ତ ନାହିଁ । ଏଣୁ ଗତିକୁ ବୁଝିବାକୁ ହେଲେ ତା'ର ବିଷମ ବିନ୍ଦୁସ୍ଥିତିକୁ ଗ୍ରହଣ କରିବାକୁ ପଡ଼ିବ । ମାତୃଗର୍ଭ ପରିସ୍ଥିତି ଏ ଆବର୍ତ୍ତନର ପ୍ରତ୍ୟେକ ତରଙ୍ଗକୁ ଧାରଣ କରି ରଖେ । ଗତି ଆପେକ୍ଷିକ । ଏଣୁ ଗତି ଏବଂ ଗତି ଭିତରେ ପରିମାଣର ପାର୍ଥକ୍ୟ ପ୍ରକୃତରେ ସ୍ଥିତିରହିଁ ପାର୍ଥକ୍ୟ । ଯେତିକି ପରିମାଣରେ ଗତି ହ୍ରାସ ହୁଏ ସେତିକି ପରିମାଣରେ ସ୍ଥିତିର ପ୍ରତିଷ୍ଠା ହୁଏ । ସ୍ଥିତି ସମ୍ଭୂତ ହୁଏନା । ତା'ର କ୍ଷୟ ବୃଦ୍ଧି ନାହିଁ । ତାହା ଆସେନା କିମ୍ବା ଯାଏନା । ମେଘର ଆସ୍ତରଣ ଯେତିକି ଘୁଞ୍ଚିଯାଏ, ଆକାଶ ପରି ତାହା ସେତିକି ପ୍ରାଞ୍ଜଳ, ସେତିକି ବିସ୍ତୀର୍ଣ୍ଣ ହୋଇ ଦିଶେ । ତାହା କାଳୋତ୍ତୀର୍ଣ୍ଣ ଅବସ୍ଥାରେ ଅବିକମ୍ପିତ, ଅପରିବର୍ତ୍ତିତ ଥାଏ କେବଳ ।

କ୍ଷୁଦ୍ର ବୃହତ୍ ଏ ଅସଂଖ୍ୟ ଚକ୍ରର ଆବର୍ତ୍ତନ ଯଦି ଜଗତ୍ ପ୍ରବାହର ଗତି ଧର୍ମ ହୁଏ, ତେବେ ତାହାର ଆରମ୍ଭ ଏବଂ ବିଲୟ ବୋଧହୁଏ ଏଇ ଅବିଚଳିତ ସ୍ଥିତିରେ । ଏ ଦୁହେଁ ହୁଏତ ଏକତ୍ର କୌଣସି ଏକ ଚୂଡ଼ାନ୍ତ ଚକ୍ରର ଆବର୍ତ୍ତରେ ପରସ୍ପର ପଛରେ ଧାବମାନ । ସମଗ୍ର ଗତି ସ୍ଥିତିରେ ବିଲୀନ ଏବଂ ସମାହିତ ହେଲେ ମଧ୍ୟ କଥା ସରିଯାଏ ନାହିଁ । କୌଣସି ଦୁର୍ଲଂଘ୍ୟ ପ୍ରଶାସନର

Digitized by srujanika@gmail.com

ନିର୍ଦ୍ଦେଶରେ ସ୍ଥିତି କମ୍ପିତ ହୁଏଏବଂ ରାତ୍ରି ପରିଣତ ହୁଏ ତରଳ ସମୁଦ୍ରରେ । ସମୁଦ୍ରରୁ ଆବର୍ତ୍ତିତ ହୁଏ ସମ୍ବତ୍ସର, ଅହୋରାତ୍ର, ଗ୍ରହନକ୍ଷତ୍ର, ସ୍ଥାବରଜଙ୍ଗମ ଏବଂ ସେମାନଙ୍କର କ୍ଷୁଦ୍ର ବୃହତ୍ ଅସଂଖ୍ୟ ଅନନ୍ତ ଆବର୍ତ୍ତ । ଗତିର ଲକ୍ଷ୍ୟ ସ୍ଥିତି ଏବଂ ସ୍ଥିତିର ଲକ୍ଷ୍ୟ ଗତି । ଗତି ତା'ର ଶତ ସଂଘାତରେ ସ୍ଥିତିକୁ ବିଚଳିତ କରିପାରେ ନାହିଁ । ସ୍ଥିତି ତା'ର ସହସ୍ର ମେଖଳାରେ ଗତିକୁ ଆବଦ୍ଧ କରି ରଖି ପାରେ ନାହିଁ । ଉଭୟେ ଉଭୟଙ୍କୁ ଧାରଣ କରନ୍ତି, ଉଭୟେ ଉଭୟଙ୍କୁ ଭକ୍ଷଣ କରନ୍ତି, ପୁଣି ଉଭୟେ ଉଭୟଙ୍କୁ ଉପଜାତ କରନ୍ତି । ଏ ସମଗ୍ର ସୃଷ୍ଟିର ବିଲୟ ପରେ ପୁଣି ସୂର୍ଯ୍ୟ ଓ ଚନ୍ଦ୍ରମା ଉଦିତ ହୁଅନ୍ତି - ଯଥା ପୂର୍ବଂ ଅକଳ୍ପୟନ୍ । ଏହିପରି ଚାଲିଥାଏ ମହାକାଗତିକ ସୃଷ୍ଟି ସ୍ଥିତି ବିଲୟର ଆବର୍ତ୍ତ ।

ଏ ପରମ ସୁଦର୍ଶନ ଚକ୍ରକୁ ଏକ ଅବିକମ୍ପିତ ତର୍ଜନୀରେ କେହି ଧାରଣ କରି ସ୍ୱେଚ୍ଛାରେ ତାକୁ ବିଘୂର୍ଣ୍ଣିତ କରୁଥିବା କଥା ଶାସ୍ତ୍ରେ କହନ୍ତି । ସ୍ଥିତି ଏବଂ ଗତିର ଚକ୍ର ସେହି ଇଚ୍ଛାରେ କମ୍ପିତ ହୁଏ । ସେ କିନ୍ତୁ ସ୍ଥିତିରେ କିମ୍ବା ଗତିରେ ସ୍ୱୟଂ ନଥାଏ । ଏଭଳି ସବୁ ପ୍ରକାର ଦ୍ୱନ୍ଦ୍ୱ, ସବୁ ପ୍ରକାର ଆବର୍ତ୍ତରୁ ମୁକ୍ତ କେବେ ହେଲେ - ସରୁ - ନଥିବା ସତ୍ୟଟାଏ ନଥିଲେ ବୋଧହୁଏ ବାକି ସବୁ ମଧ ବୁଣି ହୋଇଯାନ୍ତା, ବିକ୍ଷିପ୍ତ ହୋଇଯାନ୍ତା, ସରିଯାନ୍ତା । ଉର୍ଣ୍ଣନାଭ ପରି ଏହା ବହୁ ତନ୍ତୁ ବିସ୍ତାର କରିଦିଏ । ସେଥିରେ ବୁଣିଦିଏ ଠାଏ ଠାଏ ଗ୍ରହ ନକ୍ଷତ୍ର ଏବଂ ସୂର୍ଯ୍ୟ । ତାପରେ ମନହେଲେ ସେ ସମସ୍ତଙ୍କୁ ପୁଣି ଶୋଷିନିଏ । ନିଜ ଭିତରେ ନିଜେ ବୁଡ଼ିରହେ ସେହି ଅଦ୍ୱିତୀୟ ଏକାକୀ ସତ୍ତା । ସୂକ୍ଷ୍ମ ତନ୍ତୁ ସବୁ କିଛି ସମୟ ପାଇଁ ଲିଭିଯାନ୍ତି । ଲିଭିଯାନ୍ତି ବାକି ସବୁ ।

ଉର୍ଣ୍ଣନାଭ ଏପରି ଅନନ୍ତକାଳ ରହିଗଲେ କାହାରି କିଛି କହିବାର ନାହିଁ । କିନ୍ତୁ ସେ ପୁଣି ଇଚ୍ଛା କରେ ତନ୍ତୁ ବିସ୍ତାର କରିବାକୁ ଏବଂ ଇଚ୍ଛା କରିବା ମାତ୍ରେ ଝରିଆସେ ସେଇ ସୃଷ୍ଟି ଯାହା କିଛି କାଳ ପାଇଁ ଲୁଚି ଯାଇଥିଲା । ଉପରର ଯାହା କିଛି ରୂପ ବଦଳ ଚାଲିଥାଏ ତାହା କେବଳ ମେଘମାୟା । କାଳର ଲହରୀ ଉପରେ ସବୁ ଯେମିତି କୁଞ୍ଚିତ, ଭଙ୍ଗା ଭଙ୍ଗା ଦିଶନ୍ତି । କିନ୍ତୁ ତାଙ୍କ ପଛରେ ନିଥର ଆକାଶ ଆଦୌ ଚହଲେ ନାହିଁ - ଏ ମୁହୂର୍ତ୍ତ - ମୁହୂର୍ତ୍ତର ଯେଉଁ ସରିଯାଉଥିବାର ଅଭିନୟ ତାହା କେବଳ ବେଶ ବଦଳ - ପୁରୁଣା ପୋଷାକ ପାଲଟୁଥିବାର ଗୋଟିଏ ଅନବରତ ପ୍ରକ୍ରିୟା । ଏ ନିୟତ ଆବର୍ତ୍ତିତ ଭୂମିରେ ସରିଯିବାର ପ୍ରକ୍ରିୟାଟି ମଧ ସରେନା, ସରିପାରେନା ।

Digitized by srujanika@gmail.com

ମୁଁ ସତ୍ୟଧର୍ମା କହୁଛି

ଆପଣଙ୍କ ଇଜଲାସରେ ଏହା ବୋଧହୁଏ ମୋର ଶେଷ ବୟାନ ।

ମୁଁ ଯାହା କହିବି, ସମ୍ପୂର୍ଣତୟା ସତ୍ୟ କହିବି । ସତ୍ୟ ବ୍ୟତିରେକ ଆଉ କିଛି କହିବି ନାହିଁ ।

ମୋ ବିରୁଦ୍ଧରେ ସମସ୍ତ ଅଭିଯୋଗ ମୁଁ ଶୁଣିସାରିଛି । ସେଥିରେ କୁହାଯାଇଛି ଯେ ମୁଁ ରାଷ୍ଟ୍ରଧର୍ମର ବିରୁଦ୍ଧାଚରଣ କରେ; ମୁଁ ଦେଶଦ୍ରୋହୀ । ମୁଁ ପ୍ରତିଷ୍ଠିତ ମନ୍ଦିର ମସ୍‌ଜିଦ୍‌କୁ ଅସ୍ୱୀକାର କରେ, ମୁଁ ନାସ୍ତିକ । ଧନ, ମାନ, ଜ୍ଞାନରେ ଯେଉଁମାନେ ଏସମାଜରେ ସର୍ବସମ୍ମତିକ୍ରମେ ମାନନୀୟ ମୁଁ ସେମାନଙ୍କୁ ସର୍ବସମକ୍ଷରେ ଅପଦସ୍ଥ, ଲାଞ୍ଛିତ କରେ । ମୁଁ ଦମ୍ଭୀ; ଅହଙ୍କାରୀ, ପଣ୍ଡିତମ୍ମନ୍ୟ । ବର୍ଦ୍ଧିଷ୍ଣୁ ତରୁଣମାନଙ୍କୁ କୌଶଳରେ ପ୍ରଭାବିତକରି ଉଚ୍ଛୃଙ୍ଖଳ, ଦିଗ୍‌ଭ୍ରାନ୍ତ କରେ- କୁଶିକ୍ଷା ଦେବା ମୋର ବୃତ୍ତି । ପରିଶେଷରେ ଆପଣମାନଙ୍କୁ ସତର୍କ କରାଇ ଦିଆଯାଇଛି ଯେ ମୁଁ ମୋର ଚଟୁଳ ପ୍ରଗଲ୍‌ଭତାରେ ଆପଣଙ୍କୁ ହୁଏତ ବଶୀଭୁତ କରିଦେଇପାରେ । ଏଣୁ ସାବଧାନ ରହିଥିବେ ।

ଶେଷୋକ୍ତ ଅଭିଯୋଗଟି ଆମୋଦକର ହୋଇଥିବାରୁ ପ୍ରଥମେ ଉତ୍‌ଥାପିତ କରୁଛି । ଏ ପରିଣତ ବୟସରେ ବାଗ୍ମୀ ହେବାର ଅଭିଳାଷ ମୋର ନାହିଁ । ମୋର ରୁକ୍ଷ ସ୍ୱରରେ ଛନ୍ଦ ନାହିଁ ବା ସଙ୍ଗୀତମୟତା ନାହିଁ । ଏ ପଳିତ ଅବୟବରେ ମନୋରମ ସ୍ନିଗ୍ଧତା ନାହିଁ । କ'ଣ ପ୍ରୟୋଗ କରି ମୁଁ ଆପଣଙ୍କୁ ବଶୀଭୂତ କରିବି ବୁଝିପାରୁନାହିଁ । ଏଣୁ ଆପଣ ସେଭଳି କୌଣସି ଆଶଙ୍କା ନ କରି ନିଶ୍ଚିନ୍ତ ରହନ୍ତୁ; ବରଂ ଆପଣଙ୍କର ଯଥୋଚିତ ଉଦାର ପଣରେ ମୋତେ କିଛି ସମୟ ଶୁଣିବାକୁ ଅବଧାନ ହୁଅନ୍ତୁ । ଆପଣଙ୍କର ଏ ଭବ୍ୟ ପ୍ରକୋଷ୍ଠର ଶାଳୀନତା ବିଷୟରେ ମୁଁ ଅଜ୍ଞ । ନ୍ୟାୟାଳୟରେ ପ୍ରବେଶ କରିବା ମୋ ପକ୍ଷରେ ଏଇମାତ୍ର ପ୍ରଥମ । ଏଣୁ ଏଠିକାର ଆଦବ୍ କାଇଦା ମୁଁ କିଛି ଜାଣେ ନାହିଁ । ସେଥିପାଇଁ ମୋତେ କ୍ଷମା କରିବେ । ରୋକ୍‌ଠୋକ୍ ଦୁଇପଦ ନିରାଡ଼ମ୍ବର ସତ୍ୟ କହିଲା ବେଳେ ମୁଁ ହୁଏତ ତା ସାନୁନୟ ପ୍ରକାଶ କରି ପାରିବି ନାହିଁ । କାରଣ, ଆଜି ନୁହେଁ, ଚିରକାଳ ମୁଁ ନିର୍ଭୀକ । ଯାତନା କିମ୍ବା ମୃତ୍ୟୁ ଭୟରେ ମୁଁ ସତ୍ୟରୁ ବିଚଳିତ ହୋଇନାହିଁ, ହେବା ସମ୍ଭବ ନୁହେଁ । ପ୍ରତିପକ୍ଷର ହିଂସ୍ରତାରୁ ମୁଁ ଅନୁମାନ କରିପାରୁଛି ଯେ ଏଥିପାଇଁ ମୋତେ ହତ୍ୟା କରାଯାଇପାରେ, କାରଣ ଯୁଗେ ଯୁଗେ ସତ୍ୟପାଇଁ ହତ୍ୟା କରାଯାଇଛି; ମୋ ପରେ ମଧ୍ୟ ସେହିପରି ଅନନ୍ତକାଳ ହତ୍ୟା କରାଯିବ । ମୁଁ କିନ୍ତୁ କହି ରଖୁଛି ଯେ ମୋତେ ବାରମ୍ବାର ମରିବାକୁ ପଡ଼ିଲେ ମଧ୍ୟ ମୁଁ ସତ୍ୟରୁ ବିଚ୍ୟୁତ ହେବିନାହିଁ, ହୋଇପାରି ନାହିଁ । ପ୍ରତିପକ୍ଷପାଇଁ ମୋର କୌଣସି ଆକ୍ରୋଶ ନାହିଁ । ତାଙ୍କୁ ବିରୋଧ କରିବା ପାଇଁ ମୁଁ ବୟାନ ଦେଉନାହିଁ ।

Digitized by srujanika@gmail.com

ତାଙ୍କର ଅଭିଯୋଗ ଦ୍ୱାରା ମୋର ପ୍ରାଣହାନିର ଆଶଙ୍କା କରି ନିଜକୁ ବଞ୍ଚାଇବାକୁ ମଧ୍ୟ ଚେଷ୍ଟା କରୁନାହିଁ । କାରଣ ଏଠି ଆପଣଙ୍କ ଦୟା ଭିକ୍ଷାକରି ଥରେ ବଞ୍ଚିଗଲେ ମୁଁ ଚିରକାଳ ବଞ୍ଚି ରହିପାରୁନାହିଁ; ଏ କଥା ମୁଁ ଜାଣେ । ମୋ ଦିଗ୍‌ବଳୟରେ ଶୂନ୍ୟ-ସମୁଦ୍ର ଉଦୟ ହୋଇସାରିଲାଣି । ମୋର ଯାତ୍ରାକାଳ ଅତି ସୀମିତ । ଏଣୁ ସେଭଳି କିଛି ଅଭିପ୍ରାୟ ରଖି ମୁଁ ବୟାନ ଦେଉନାହିଁ । ମୋର ବକ୍ତବ୍ୟର ଉଦ୍ଦେଶ୍ୟ ହେଲା ଯେ ସତ୍ୟର ଅପଳାପକୁ ମୁଁ ଆଜୀବନ ବିରୋଧ କରିଆସିଛି । ମୋତେ ସନ୍ଦେହ ହେଉଛି ଯେ ମୋର ଅଭିଯୋଗକାରୀମାନେ ମିଛ କହୁଛନ୍ତି । ଯଦି ସତ୍ୟ କହୁଥାନ୍ତି ତେବେ ମୁଁ ତାହା ଜାଣିନାହିଁ; ମୁଁ ମୋର ସନ୍ଦେହ ମୋଚନ କରି ତାଙ୍କଠାରୁ ଯାହା ମାନିନେବାକୁ ପ୍ରସ୍ତୁତ । ମୋର ଦ୍ୱିତୀୟ ଉଦ୍ଦେଶ୍ୟ ହେଲା ଯେ ଯେହେତୁ ନ୍ୟାୟର ତୁଳାଦଣ୍ଡରେ ଉଭୟ ପକ୍ଷ ସନ୍ତୁଳିତ ହେଲେହେଁ ବିଚାର ସମ୍ଭବ, ଏବଂ ସ୍ୱପକ୍ଷ ଓ ପରପକ୍ଷର ଯୁକ୍ତି ଉପରେ ସିଦ୍ଧାନ୍ତ ନିର୍ଭରଶୀଳ, ସେହି ନ୍ୟାୟ ବିଚାର ସକାଶେ ମୁଁ ଯାହା ସତ୍ୟ ବୋଲି ଜାଣେ ତାହା ଏଠାରେ ଉପସ୍ଥାପିତ କରିବା ମୋର କର୍ତ୍ତବ୍ୟ ।

କୁଶିକ୍ଷା ଦେବା ମୋର ବୃତ୍ତି ନୁହେଁ । ମୁଁ ଆଦୌ ଶିକ୍ଷା ଦିଏ ନାହିଁ । ମୋର ଆଚରଣ ଦ୍ୱାରା କିମ୍ବା ମୋର କଥା ଶୁଣିବାକୁ କେହି ହୁଏତ ଆକୃଷ୍ଟ ହୋଇଥାଇପାରେ । ମୁଁ କାହାକୁ କେବେ ମୋ ପାଖକୁ ଡାକିନାହିଁ । ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଆସିଲେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଦେବା ମୋର ଶିଷ୍ଟାଚାର ନୁହେଁ । ନିଷ୍ଠାର ସହିତ ମୁଁ ଆଜୀବନ ସତ୍ୟର ସନ୍ଧାନ କରିଛି କେବଳ । ଏହାକୁ ବୃତ୍ତି କରି ଅର୍ଥ ଉପାର୍ଜନ କରିନାହିଁ । ସେଭଳି ପ୍ରମାଣ ଯଦି ଅନ୍ୟ ପକ୍ଷ ପ୍ରସ୍ତୁତ ରଖିଥାନ୍ତି; ତାହା ସେମାନେ ବର୍ତ୍ତମାନ ଦର୍ଶାଇ ପାରନ୍ତି । ମୁଁ ଜାଣେ ସେଭଳି ପ୍ରମାଣ ତାଙ୍କ ପାଖରେ ଆଦୌ ନାହିଁ, ଏଣୁ ଏହା ମୋର ବୃତ୍ତି ନୁହେଁ । ତା ପାଇଁ ଚାକ୍ଷୁଷ ପ୍ରମାଣ ଚାହାନ୍ତି ? ତା'ହେଲେ ହେଇ ଦେଖନ୍ତୁ ମୋର ଦାରିଦ୍ର୍ୟ, ମୋର ନିରନ୍ନ ଶରୀର, ମଳିନ ଚୀର ବସ୍ତ୍ର, ମୋର ଜୀର୍ଣ୍ଣକୁଟୀ । ଅର୍ଥକାରୀ ବୃତ୍ତିରେ ସମର୍ଥ କୌଣସି ବ୍ୟକ୍ତିର ଅବସ୍ଥା ଏ ପରିଣତ ବୟସରେ କଣ ଏଭଳି ହେବା ସମ୍ଭବ ? ଏହା କ'ଣ ଯଥେଷ୍ଟ ପ୍ରମାଣ ନୁହେଁ ଯେ ଏ ଅଭିଯୁକ୍ତ ବୃଦ୍ଧ ତା'ର ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଘୋର ଅବହେଳା କରି ଆସିଛି - ଏବଂ ତାହା କେବଳ ସତ୍ୟପାଇଁ ! ସତ୍ୟସନ୍ଧାନ ମୋର ବୃତ୍ତି ନୁହେଁ, ଧର୍ମାବତାର, ତାହା ମୋର ଧର୍ମ । ସତ୍ୟ ପ୍ରଚାରକରି ମୁଁ ଅର୍ଥ ଉପାର୍ଜନ କରେନା ।

ମୁଁ ଶିକ୍ଷା ଦେଉ ନଥିବା ସତ୍ତ୍ୱେ ଯଦି କେହି ମୋର ସଂସ୍ପର୍ଶରେ ଆସି କୁଶିକ୍ଷିତ ହୋଇଥାନ୍ତି, ତା'ର ଦୃଷ୍ଟାନ୍ତ ମଧ୍ୟ ମୁଁ ପାଇନାହିଁ । ବରଂ ସେମାନେ ଏକେ ଏକେ ଏ ସମାଜରେ ଶୀର୍ଷମଣ୍ଡନ କରିଛନ୍ତି । ହଁ, ମୁଁ ସ୍ୱୀକାର କରୁଛି ଯେ ସେମାନେ ସାଧାରଣ ଜନତାଠାରୁ ନିଶ୍ଚୟ ଭିନ୍ନ । ସେମାନେ ମୋର ପ୍ରଭାବରେ ପଡ଼ି ହୁଏତ କିଛି ମାତ୍ରାରେ ସ୍ୱାଧୀନଚେତା ହୋଇଯାଇଛନ୍ତି । ସତ୍ୟାନୁରାଗ ହେତୁ କିଛି ନିର୍ଭୀକ ହୋଇଯାଇଥିବା ମଧ୍ୟ ସ୍ୱାଭାବିକ । ଜୀବନରେ ଗୋଟାଏ ମହତ୍ତର ମୂଲ୍ୟର ବିକଳ୍ପ ଥିବାରୁ ହୁଏତ ଗ୍ରାସାଚ୍ଛାଦନ ତାଙ୍କର ଚରମ ଲକ୍ଷ୍ୟ ହୋଇପାରୁ ନାହିଁ । ସେହି ଅନୁପାତରେ ସେମାନେ ବିଚାରଶୀଳ, ସଦାଚାରୀ ଏବଂ ଜିଜ୍ଞାସୁ ହୋଇଯାଇଛନ୍ତି । ତାଙ୍କର ପରିବାର

Digitized by srujanika@gmail.com

ଏତଦ୍ୱାରା ଦୁଃଖିତ ନୁହନ୍ତି । ସେମାନେ ସ୍ୱୟଂ ଅନୁତପ୍ତ ନୁହନ୍ତି । ତାଙ୍କୁ କୁଶିକ୍ଷିତ ବୋଲି ବାସନ୍ଦ କରିବା ପରିବର୍ତ୍ତେ ଏ ସମାଜ ବରଂ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛି । ତେବେ ଏତଦ୍ ସତ୍ତ୍ୱେ ଆପଣଙ୍କ ସଜ୍ଞା ଅନୁସାରେ ଯଦି ଏହା କୁଶିକ୍ଷା ପଦବାଚ୍ୟ, ମୋର ସେଥିରେ କିଛି କହିବାର ନାହିଁ ।

କେବଳ ତରୁଣଙ୍କ ପ୍ରତି ମୋର ସେପରି କିଛି ପକ୍ଷପାତିତା ନାହିଁ । ସେମାନଙ୍କୁ ଦିଗ୍‌ଭ୍ରାନ୍ତ କରିବାର ଅଭିସନ୍ଧି ମଧ୍ୟ ମୋର ନାହିଁ । ସତ କହୁଛି, ମୁଁ କେବେହେଲେ ଭାବିନାହିଁ ଯେ ମୋ ପାଖରେ ବସିଥିବା ବ୍ୟକ୍ତିଟି ବୃଦ୍ଧ କି ତରୁଣ । ବୟସ-ନିରପେକ୍ଷ ରହି, ମୁଁ କେବଳ ମୋର ଗୋଟିଏ ମାତ୍ର ଅଭିଳାଷ ପ୍ରକାଶ କରିଛି । ତାହା ହେଲା, ଯଦି କେହି ସତ୍ୟ କ'ଣ ଜାଣିଥାଅ, ଦୟାକରି ମୋତେ ସେଇଠି ପହଞ୍ଚାଇଦିଅ । ତରୁଣମାନଙ୍କ ସହିତ ଆଳାପ କଲାବେଳେ ମଧ୍ୟ ମୋର ସମଗ୍ର ଚେତନା ସେହି ଏକମାତ୍ର ଅଭୀପ୍ସାରେ ଆଚ୍ଛନ୍ନ ରହିଥାଏ । ମୁଁ ନିଜକୁ ନିଜେ ପ୍ରଶ୍ନ କରିବାକୁ ଯାଇ ସେମାନଙ୍କୁ ଅନେକ କଥା ପଚାରିପକାଏ । ସେ ଅସ୍ୱସ୍ତିକର ପ୍ରଶ୍ନଗୁଡ଼ିକ ତାଙ୍କ ଭିତରକୁ ବୁଡ଼ିଗଲାବେଳେ ସେମାନେ ଅସ୍ଥିର ବୋଧ କରୁଥିବେ । ସମସ୍ତେ ସେଇଭଳି ଅସ୍ଥିର ବୋଧ କରନ୍ତି, ମୁଁ ମଧ୍ୟ । ଅନ୍ତର୍ମୁଖୀ ହୋଇଯାଏ ସେମାନଙ୍କ ଦୃଷ୍ଟି । ସେମାନେ ଖୋଜିବାକୁ ଆରମ୍ଭ କରନ୍ତି, ପ୍ରତ୍ୟେକ ନାମ ରୂପର ପଶ୍ଚାତ୍‌ରେ ସେଇ ଗୋଟିଏ ମାତ୍ର ରହସ୍ୟକୁ, ଯାହାକୁ ମୁଁ ଏବେ ମଧ୍ୟ ଖୋଜୁଛି । ତରୁଣମାନେ ହୁଏତ ମୂଳତଃ ଦିଗ୍‌ଭ୍ରାନ୍ତ । ସେମାନେ ଜାଣିବାକୁ ଚାହାନ୍ତି ସେମାନଙ୍କର ଲକ୍ଷ୍ୟ, ଏଣୁ ସ୍ୱତଃ ମୋ ପାଖକୁ ଆସନ୍ତି ଦିଗ୍‌ଭ୍ରାନ୍ତ ହେବାକୁ ନୁହେଁ, ଦିଗ ପାଇବାକୁ । ମୁଁ ତାଙ୍କୁ ହୁଏତଦିଗ ଦେଖାଇପାରେ ନାହିଁ, କିନ୍ତୁ ନିଷ୍ଠାର ସହିତ ଖୋଜିବା ଶିଖେଇଦିଏ । ସେମାନଙ୍କ ଯାତ୍ରା ଆହୁରି ଅନେକ ବାକି । ~~ଏଣୁ ସେଇଭଳି ଦିଗ ଖୋଜିବା ଶିଖେଇଦିଏ । ସେମାନଙ୍କ ଯାତ୍ରା~~ ଆହୁରି ~~ଅନେକ ବାକି~~ । ଏଣୁ ସେଭଳି ଦିଗ ଖୋଜିବା ତାଙ୍କ ପାଇଁ ସାର୍ଥକ ଏବଂ ଯଥାର୍ଥ । କିନ୍ତୁ ଯେଉଁମାନଙ୍କର ଯାତ୍ରା ସରିଆସିଲାଣି ସେମାନେ ଜାଣିବାକୁ ଚାହାନ୍ତି, କେଉଁ ବାଟେ ଆସିଲେ ଏବଂ ଅବଶିଷ୍ଟ କେଉଁ ବାଟେ ଯିବେ । ଏଇ କାରଣରୁ ହୁଏତ ସେମାନେ ଅପେକ୍ଷାକୃତ କମ୍ ସଂଖ୍ୟାରେ ମୋ ପାଖକୁ ଆସିଥିବେ, ମୁଁ ଲକ୍ଷ୍ୟ କରିପାରିନାହିଁ ।

ସେମାନେ ଆସିନାହାନ୍ତି ସତ, ମୁଁ କିନ୍ତୁ ଯାଇଛି ସେଇଭଳି ଅନେକଙ୍କ ପାଖକୁ । ଯେତେବେଳେ ଶୁଣିଛି ଯେ ସେମାନେ ବିଜ୍ଞ, ବହୁଶାସ୍ତ୍ରରେ ଅଧିତବିଦ୍ୟ ମୁଁ ତାଙ୍କ ପାଖରେ ପହଞ୍ଚିଛି ଅନେକ ଭରସା ନେଇ । ମୋର ଏକମାତ୍ର ଉଦ୍ଦେଶ୍ୟ, କେବଳ ସତ୍ୟର ଅନୁସନ୍ଧାନ । ଗଭୀର ଉତ୍କଣ୍ଠାରେ ମୁଁ ସେମାନଙ୍କ ଜ୍ଞାନକୁ ପରୀକ୍ଷା କରିଛି । ନିର୍ମମ ଭାବରେ ପ୍ରଶ୍ନ କରିଛି; କାରଣ ସତ୍ୟ ମୋ ଜୀବନର ବୃହତ୍ତମ ମୂଲ୍ୟ । ସେମାନଙ୍କ ଭିତରର ଅନ୍ଧି-କନ୍ଧି ଖୋଜିସାରିଲା ପରେ ରିକ୍ତହସ୍ତରେ ଯେତେବେଳେ ମୁଁ ବିଷର୍ଣ୍ଣ ଠିଆ ରହିଥାଏ, ମୁଁ ବୁଝିପାରେ ନାହିଁ, କାହିଁକି ସେ ମହାଶୟ କ୍ରୋଧରେ ଅଗ୍ନିବର୍ଷା କରୁଥାନ୍ତି, ଏବଂ ମୋ ଚାରିଆଡ଼େ ଗୋଟାଏ ବିମୁଗ୍ଧ ଜନତା କାହିଁକି ମୋତେ ଅଭିନନ୍ଦିତ କରୁଥାନ୍ତି । ମୋତେ ବିଶ୍ୱାସ କରନ୍ତୁ, ମୁଁ କେବେ କାହାର ଅନିଷ୍ଟ କରିବା ଚିନ୍ତା କରିନାହିଁ, ମୋ ଦ୍ୱାରା କେହି କେବେ ଲାଞ୍ଛିତ ହେଉ ବା ଅପମାନିତ ହେଉ ଏହା କେତେବେଳେ ମୋର ଉଦ୍ଦେଶ୍ୟ

Digitized by srujanika@gmail.com

ନୁହେଁ । କିନ୍ତୁ ମୋର ଦୁର୍ଭାଗ୍ୟ ଯେ, ଆପଣଙ୍କ ତଥାକଥିତ ଜ୍ଞାନୀ ପଣ୍ଡିତ ମାନନୀୟ ବ୍ୟକ୍ତି ସମସ୍ତେ ଯାହା ଦେଖାଯାନ୍ତି; ପ୍ରକୃତରେ ସେ ତାହା ନୁହନ୍ତି । ସେମାନଙ୍କର ପ୍ରକାଣ୍ଡ ଆବରଣ ଭିତରୁ ତାଙ୍କର ପ୍ରକୃତ ଖର୍ବ ଦୁର୍ବଳ ରୂପଗୁଡ଼ିକୁ ପ୍ରକାଶିତ କରିବାରେ ମୁଁ ଅବଶ୍ୟ ଦାୟୀ । ସତ୍ୟ ଖୋଜୁଖୋଜୁ ମୁଁ ଯାହା ଉନ୍ମୋଚିତ କରିଛି, ସେଥିପାଇଁ ମୁଁ ବିଡ଼ମ୍ବିତ, ଲଜ୍ଜିତ ଅନୁଭବ କରୁଛି । ସମୟ ସମୟରେ ଯାହା ଆବିଷ୍କୃତ ହୋଇଛି, ସେଥିପାଇଁ ସେ ମହାଶୟ, କିମ୍ବା ଆପଣ, ଅଥବା ମୁଁ ନିଜେ ପ୍ରସ୍ତୁତ ନଥିଲୁ । ନିଜର ନିରାବରଣ ନଗ୍ନରୂପ ପାଇଁକେହି କେତେବେଳେ ପ୍ରସ୍ତୁତ ନଥାନ୍ତି । ଏଣୁ ହୁଏତ ଲାଞ୍ଛନା ଏବଂ ଅପମାନ ହେଲା ବୋଲି ଅଭିଯୋଗ କରାହୋଇଛି ।

ମୁଁ ବାରମ୍ବାର କହିଛି ଏବଂ ଏବେ ମଧ୍ୟ ଦୃଢ଼ତାର ସହିତ ଘୋଷଣା କରୁଛି ଯେ ମୁଁ ଅଜ୍ଞ । କୌଣସି ପଣ୍ଡିତମ୍ମନ୍ୟ ବ୍ୟକ୍ତି ଏହା ହୁଏତ କରିପାରନ୍ତା ନାହିଁ । ତଥାପି ମୋତେ ଆପଣମାନେ ପୃଥିବୀର ସର୍ବଶ୍ରେଷ୍ଠ ଜ୍ଞାନୀ ବୋଲି ପ୍ରଚାର କରୁଛନ୍ତି । ଆପଣ କେଉଁ କାରଣରୁ ସେପରି କହୁଛନ୍ତି, ମୁଁ ଅନୁମାନ କରିପାରୁଥିଲେ ସୁଦ୍ଧା, ଏଭଳି ଅପପ୍ରଚାରର କାରଣ ଆପଣମାନେ ଜାଣନ୍ତି ନାହିଁ । କହୁଛି ଶୁଣନ୍ତୁ, ବୁଦ୍ଧି ହେଲା ଦିନଠାରୁ ମୁଁ ମୋର ଅଜ୍ଞତା ବିଷୟରେ ଗଭୀରଭାବରେ ସଚେତନ ଥିଲି । ଏକଦା ଦୈବୀବାଣୀ ହେଲା ଯେ ମୁଁ ଏ ପୃଥିବୀର ବିଜ୍ଞତମ ବ୍ୟକ୍ତି । ଦେଶ ଦେଶାନ୍ତରେ ପର୍ଯ୍ୟଟନ କରି ମୁଁ ଶେଷରେ ଦୈବୀବାଣୀ ସତ୍ୟ ବୋଲି ପ୍ରମାଣ ସଂଗ୍ରହ କଲି । ଏଥିରେ ସନ୍ଦେହ ନାହିଁ ଯେ ମୁଁ ହିଁ ପୃଥିବୀର ବିଜ୍ଞତମ ବ୍ୟକ୍ତି । ଆପଣ ନିଶ୍ଚୟ କହିବେ ଯେ ଅଭିଯୋଗ ଏହିଠାରେ ପ୍ରମାଣିତ ହୋଇଗଲା । ଏହାହିଁ ତ ଦମ୍ଭୀ, ଦର୍ପୀ, ପଣ୍ଡିତମ୍ମନ୍ୟ ମୂର୍ଖର ଭାଷା ! କିନ୍ତୁ ମୋ ଜୀବନର ବିଚିତ୍ର ବିଡ଼ମ୍ବନା ଶୁଣନ୍ତୁ । ମୋ ମାଧ୍ୟମରେ ଦୈବୀବାଣୀ ସମଗ୍ର ମାନବ ଜାତିକୁ ପରିହାସ କରିଛି । ମଣିଷ ମାତ୍ରେ ଅଜ୍ଞ । ଏଣୁ ଅନ୍ତତଃ ଏଇ ଟିକକ ଜ୍ଞାନର ଅଧିକାରୀ ହୋଇଥିବାରୁ ମୁଁ ବିଜ୍ଞ । ମୁଁ ନିଜେ ଅଜ୍ଞ ବୋଲି ଜାଣିବା ହିଁ ମୋର ବିଜ୍ଞତା । ଏଣୁ ଆପଣମାନେ ଯେତେବେଳେ ମୋତେ ପୃଥିବୀର ବିଜ୍ଞତମ ବ୍ୟକ୍ତି ବୋଲି ଆଖ୍ୟାତ କରନ୍ତି, ମୁଁ ଏ କ୍ଷୁଦ୍ର ପୃଥିବୀଟି ପାଇଁ ଏବଂ ତା'ଉପରେ ବାସକରୁଥିବା ଏ ଅସଂଖ୍ୟ ବ୍ୟକ୍ତିଗୁଡ଼ିକଙ୍କ ପାଇଁ ଲଜ୍ଜିତ ହୁଏ, ସେମାନଙ୍କର ଅନିବାର୍ଯ୍ୟ ବିଧିଲିପି ପାଇଁ ମର୍ମାହତ ହୁଏ । ହେ ମୋର ବିଜ୍ଞ ବିଚାରକମଣ୍ଡଳି, ଅଜ୍ଞତାହିଁ ମାନବ ଜାତିର ଚିରନ୍ତନ ଅଭିଶାପ । ଏହି କାରଣରୁ ହୁଏତ ଯେ ସତ୍ୟର ସନ୍ଧାନ କରେ ସେ ସାଧାରଣତଃ ମାନବ ସ୍ୱଭାବର ବିରୁଦ୍ଧାଚରଣ କରେ ।

ଈଶ୍ୱର କଣ ମୁଁ ଜାଣେନା । ସେ ଜ୍ଞାନ ମୋର ନାହିଁ । ଅସଂଖ୍ୟ ତଥାକଥିତ ବିଜ୍ଞ ଲୋକେ ସେ ବିଷୟରେ ଅନେକ ପ୍ରଗଳ୍‌ଭ ଭାଷଣ ଦେବାର ହୁଏତ ଶୁଣିଛି । ସେମାନଙ୍କ ଅଜ୍ଞତାରେ ମୋର ଅଜ୍ଞତା ଦୃଢ଼ୀଭୂତ ହୋଇଛି କେବଳ ଚିନ୍ତୁ ସର୍ବସମକ୍ଷରେ ମୋ ଜୀବନର ନିଗୂଢ଼ତମ ରହସ୍ୟ ଆଜି ପ୍ରକାଶ କରୁଛି, ଶୁଣନ୍ତୁ । ମୋ ଭିତରେ ଗମ୍ଭୀର ଘଣ୍ଟାଧ୍ୱନି ପରି ଗୋଟାଏ ଶାଣିତ ସ୍ୱର ମୁଁ ଅହରହ ଶୁଣୁଥାଏ । ସେ ସ୍ୱର କେବଳ ବାରଣ କରେ; ଅସତ୍ୟ, ଅଶୁଭ, ଅକଲ୍ୟାଣରୁ ସେ ମୋତେ ଦୃଢ଼ଭାବରେ ନିବୃତ୍ତ କରେ । ମୁଁ କେବଳ ତା'ଠାରୁ ଶୁଣିଆସିଛି- ନା, ନା, ନେତି, ନେତି,

Digitized by srujanika@gmail.com

ନେତି । ସେ କଦାପି କହିନାହିଁ, ଏହାହିଁ ସତ୍ୟ, ଏହାହିଁ ମାର୍ଗ, ଏହାହିଁ ଶୁଭ । ଏଣୁ ମୋର ଏ ଦୁଃଖମୟ ଜୀବନ । ମୁଁ ତାକୁ ଶୁଣେ, ନ ଶୁଣିବାର ଉପାୟ ନାହିଁ । ମୁଁ ସେ ଅଗ୍ନି ପ୍ରବାହକୁ ଧାରଣ କରେ, ଧାରଣ ନକରିବାର ଉପାୟ ନାହିଁ । ସେ ହିଁ ମୋତେ ଯନ୍ତ୍ରବତ୍ ଚାଳିତ କରେ । ଏପରି ଏକ ଅଦ୍ଭୁତ ସାନ୍ନିଧ୍ୟରେ ମୁଁ ନାସ୍ତିକ ହେବା କ'ଣ ସମ୍ଭବ ? ମୁଁ ଆପଣଙ୍କର ଦେବତା ମନ୍ଦିରକୁ ଅବିଶ୍ୱାସ କରେନାହିଁ; ଅବମାନନା କରିବା ମୋରଧର୍ମ ନୁହେଁ । ମୁଁ ବରଂ ତା'ର ପରିସର ଯଥେଷ୍ଟ ବିସ୍ତୃତ କରିନିଏ । ଏ ଦିଗନ୍ତ ହୋଇଯାଏ ତା'ର ସୀମା, ଆକାଶ ହୋଇଯାଏ ତା'ର ଶୀର୍ଷ । ହେ ମୋର ଦେଶବାସୀ, ମୁଁ ତୁମକୁ କେଉଁ ଭାଷାରେ ବୁଝାଇବି ଯେ ମୋର ଆଚରଣ ତୁମଭଳି ନହେଲେ ସୁଦ୍ଧା ମୁଁ ନାସ୍ତିକ ନୁହେଁ ! ସେ ସବୁ ବୁଝାଇବାକୁ ଏଠି ମୋର ଅବସର କାହିଁ ? ପ୍ରୟୋଜନ ବା କାହିଁ ?

ଆପଣମାନେ ହୁଏତ ଭାବୁଥିବେ ଯେ, ଆପଣଙ୍କଠାରୁ ଏତେ ଭିନ୍ନ ମତ ପୋଷଣ କରି ସକ୍ରେଟିସ ଅନ୍ତତଃ ନିଶ୍ଚୟ ଦେଶଦ୍ରୋହୀ । ଏ ବିପୁଳ ସଂଖ୍ୟକ ନାଗରିକ ହିଁ ତ ଦେଶର ପ୍ରତୀକ ! ସେମାନଙ୍କ ସ୍ୱାର୍ଥ ଦେଶର ସ୍ୱାର୍ଥ, ସେମାନଙ୍କର ମତ ଦେଶର ମତ । ଏଣୁ ସେମାନଙ୍କର ଦ୍ରୋହାଚରଣ ଅବଶ୍ୟ ଦେଶଦ୍ରୋହ ହେବା ଯୁକ୍ତିସମ୍ମତ । କିନ୍ତୁ ତାହା ନୁହେଁ । ମନ ପ୍ରାଣରେ ସତ୍ୟର ଅକୂପାର ଭାର ବହନ କଲାପରେ ଆଉ କୌଣସି ଆବେଗ ପାଇଁ ଜୀବନରେ ଅବକାଶ ନଥାଏ । ସମୁଦ୍ରର ସନ୍ଧାନରେ ବୋହିଯାଉଥିବା ନଦୀ କୂଳର ଦ୍ରୋହାଚରଣ କରେ ନାହିଁ । ତାକୁ ସମୟ ନଥାଏ ଆଖି ତୋଳି ଉଭୟ ପାର୍ଶ୍ୱକୁ ଚାହିଁଦେବାକୁ । ସେ ଗୋଟିଏ ମାତ୍ର ଭାବନାରେ ତଲ୍ଲୀନ ଥାଏ । ତା'ର ସେ ସ୍ୱାଭାବିକ ପ୍ରବେଗରେ, ଅନିଚ୍ଛାକୃତ ତାଡ଼ନରେ ଯଦି କୂଳରୁ କିଛି ଧସିଗଲା, ସେଥିପାଇଁ ତା'ର ଆୟତ୍ତ କ'ଣ ? ଦ୍ରୋହାଚରଣ ମୋ ଚରିତ୍ରର ଅସମ୍ଭବ ବିରୋଧ । ମୁଁ ଆପଣଙ୍କର କିମ୍ବା କୌଣସି ଦେଶର ଦ୍ରୋହ କରି ପାରିବି ନାହିଁ । ଯା' ବାହାରେ ଆପଣମାନେ ଏ ଦେଶର ନାଗରିକ ହେଲେ ମଧ୍ୟ କେତୋଟି ଯୁଗଚାରୀ ବିନ୍ଦୁ ମାତ୍ର ! ଆପଣଙ୍କୁ ପ୍ରତି ମୁହୂର୍ତ୍ତରେ ଦେଶ ପରିହାର କରି ନୂତନକୁ ଗ୍ରହଣ କରୁଛି । ଆପଣ ଏ ଦେଶର ଯୁଗଯୁଗ ବ୍ୟାପୀ ପ୍ରସାରିତ ବ୍ୟକ୍ତିତ୍ୱ ସହିତ ସମ-ପରିମିତ ନୁହନ୍ତି । ତା'ର ଅବିଚଳିତ ଆତ୍ମା ସହିତ ପରିଚିତ ନୁହନ୍ତି । ଯାହା ସତ୍ୟ, ତାହା ଚିରକାଳ ସତ୍ୟ । ଆପଣ ସାମୟିକ ଆବେଗର ବଶବର୍ତ୍ତୀ । ଏଣୁ ଦେଶପ୍ରେମର ଯେତେ ଅଭିନୟ କଲେ ସୁଦ୍ଧା ଆପଣ ପ୍ରକୃତରେ ସ୍ୱାର୍ଥପର । ନିଜର ଭୋଗବିଳାସ ପାଇଁ ପରୋକ୍ଷରେ ଦେଶର ସମୃଦ୍ଧିକୁ ଆପଣ ବିନିଯୋଗ କରନ୍ତି । ନିଜର ସ୍ୱାଚ୍ଛନ୍ଦ୍ୟ ପାଇଁ ଆପଣ ଦେଶକୁ ବିକ୍ରି କରିଦେଇପାରନ୍ତି ଏବଂ ଜାଣିପାରନ୍ତି ନାହିଁ ଦେଶକୁ ବିକ୍ରି କଲେ ବୋଲି । ମୁଁ କିନ୍ତୁ ଆପଣଙ୍କର ଅନ୍ଧ ସ୍ତାବକ ନୁହେଁ । ଏଣୁ ଆପଣଙ୍କ ଅନୁଗାମୀ ନ ହେବା ସ୍ୱାଭାବିକ । ମୁଁ ଦେଶର ତ୍ରିକାଳ-ଦ୍ରଷ୍ଟା । ତା'ର ଶ୍ରେୟଃ ସାଧନ ପାଇଁ ମୁଁ ଯଥାସମ୍ଭବ ତତ୍ପର । ମୋର ସ୍ୱାର୍ଥ ପାଇଁ ମୁଁ କେବେ ଚିନ୍ତା କରି ନାହିଁ । ଏଣୁ ଆପଣଙ୍କ ସହିତ ମୋର ଧର୍ମର ବିରୋଧ ନିଶ୍ଚୟ ରହିଛି । କିନ୍ତୁ ଦେଶଦ୍ରୋହର ମାତ୍ରା କେଉଁ ପକ୍ଷରେ କେତେ, ତାହା ସ୍ଥିର ମନରେ ବିଚାର କରନ୍ତୁ ।

Digitized by srujanika@gmail.com

ଆପଣଙ୍କ ପ୍ରତିକ୍ରିୟାରୁ ମୁଁ ବୁଝିପାରୁଛି ଯେ, ଏ ନ୍ୟାୟାଳୟରେ ଥାଇ ସୁଦ୍ଧା ମୋର ଆଚରଣ ଆପଣଙ୍କର ଆଶାନୁରୂପ ହୋଇପାରୁନାହିଁ । ମୁଁ ସେଥିପାଇଁ ନାଚାର । ମୁଁ ଜାଣେ ଯେ ଆପଣଙ୍କୁ ପ୍ରୀତ କରି ନ ପାରିଲେ ଆପଣ ମୋତେ ହତ୍ୟା କରିପାରନ୍ତି । କରନ୍ତୁ । ଏ ବୟସରେ ମୃତ୍ୟୁକୁ ମୁଁ ସବୁବେଳେ ମୋ ସମ୍ମୁଖରେ ସ୍ଥାପିତ କରିଛି । ଏଣୁ ତାକୁ ଡରିବା ସମ୍ଭବ ନୁହେଁ । ମୋ ପରିସ୍ଥିତିରେ ଆହୁରି ଅନେକ ବୃଦ୍ଧ ନତଜାନୁ ଆପଣଙ୍କୁ ପ୍ରାଣ ଭିକ୍ଷା କରିଛନ୍ତି । ସେମାନଙ୍କର ପୁତ୍ରକଳତ୍ରକୁ ଡକାଇ ସେମାନଙ୍କ ଅଶ୍ରୁ ଜରିଆରେ ସହାନୁଭୂତି ଭିକ୍ଷା କରିଛନ୍ତି । ମୁଁ ସେଭଳି କରୁନାହିଁ ବୋଲି ଆପଣ ଆହୁରି ଆହତ ଅନୁଭବ କରୁଛନ୍ତି । ମୁଁ କ'ଣ ତା'ହେଲେ ମଣିଷ ନୁହେଁ ? ମୁଁ ସ୍ୱୀକାର କରୁଛି, ଧର୍ମାବତାର, ମୁଁ କାଠ ନୁହେଁ କିମ୍ବା ପଥର ନୁହେଁ । ରକ୍ତ-ମାଂସ କ୍ଷୁଧା-ତୃଷାର ମୁଁ ବି ଏକ ମଣିଷ । ମୋର ପରିବାର ଅଛି, ପତ୍ନୀ ଅଛି, ନାବାଳକ ସନ୍ତାନ ଅଛନ୍ତି; କିନ୍ତୁ ସେମାନଙ୍କୁ ଆଣି ଆପଣଙ୍କୁ ଖୋସାମତ କରିପାରୁନାହିଁ ବୋଲି ଏ ବୃଦ୍ଧ ଆପଣଙ୍କ ପାଇଁ ଦୁଃଖ ପ୍ରକାଶ କରୁଛି । ସେପରି କରିବାଦ୍ୱାରା ସମସ୍ତଙ୍କର ମର୍ଯ୍ୟାଦା ହାନି ହେବାର ଆଶଙ୍କା ରହିଛି । ସାମାନ୍ୟ ଆଉ କେତେଟା ଦିନ ସକାଶେ ଜୀବନ ଭିକ୍ଷା କରି ମୁଁ ମୋର ଆତ୍ମାକୁ ଅବନମିତ କରିପାରୁନାହିଁ । ଆପଣ ନ୍ୟାୟର ଆସନରେ ବସିଥିବା ପର୍ଯ୍ୟନ୍ତ କୌଣସି ଦୁର୍ବଳ ବିନ୍ଦୁରେ ଆପଣଙ୍କୁ ପ୍ରଭାବିତ କରି ନ୍ୟାୟାଳୟର ଅବମାନନା କରିପାରୁନାହିଁ । ମୋତେ ଯେହେତୁ ଆପଣମାନେ ସର୍ବସମ୍ମତିକ୍ରମେ ଏକ ଅସାଧାରଣ ବ୍ୟକ୍ତି ବୋଲି ଆଖ୍ୟାତ କରିସାରିଛନ୍ତି, ଅନ୍ୟ ଦେଶର ଲୋକଙ୍କୁ ମୁଁ ସୁଯୋଗ ଦେଇପାରୁନାହିଁ, ମୋର କ୍ଲୀବତାର ଦୃଷ୍ଟାନ୍ତ ଦେଇ ସେମାନେ ଏ ଦେଶଟାକୁ ଉପହାସ କରନ୍ତୁ ।

କିନ୍ତୁ ହେ ସମାଜର ପଞ୍ଚପୁରୋଧାଗଣ, ମୁଁ ତଥାପି କହିବି ଯେ ଆପଣ ଏଥିରୁ ନିବୃତ୍ତ ହୁଅନ୍ତୁ । ମିଥ୍ୟା ଅସୂୟାର ବଶବର୍ତ୍ତୀ ହୋଇ ଆପଣମାନେ ମୋତେ ହତ୍ୟା କରନ୍ତୁ ନାହିଁ । କାରଣ ମୁଁ ମରିଗଲେ ମୋ ଭଳି ଆଉ ଜଣକୁ ଆପଣ ଆଉ ପାଇବେ ନାହିଁ । ମାଲିକର ନିର୍ଦ୍ଦେଶରେ ଡାଉଁଶ ଭଳି ଆପଣଙ୍କୁ ଲାହୁଡ଼ ମାରି ବାରମ୍ବାର ଜାଗ୍ରତ ରଖିବା ଥିଲା ମୋର ଅସାଧାରଣ ଭୂମିକା । ମୁଁ ଚାଲିଗଲେ ଆପଣମାନେ ଶୋଇଯିବେ; ନିଶ୍ଚେତନ, ସ୍ଥବିର ହୋଇଯିବେ । ଆପଣଙ୍କ ପାଇଁ ଆପଣଙ୍କର ଅସଂଖ୍ୟ ବଂଶଧର ଅନୁତପ୍ତ ନ ହୁଅନ୍ତୁ । ଆପଣଙ୍କ ଆଚରଣରେ ଦେଶ ଲଜ୍ଜିତ, କଳଙ୍କିତ ନହେଉ । ସାଧୁର ରକ୍ତପାତ କରି ଆପଣ କଳୁଷିତ ନହୁଅନ୍ତୁ । ଏଥିପାଇଁ କେବଳ ଆପଣଙ୍କୁ ସତର୍କ କରିଦେବା ଉଚିତ ମନେକଲି । ଏଣିକି ଆପଣ ଇଚ୍ଛାନୁରୂପ ବିଚାର କରିପାରନ୍ତି । ମୋର ଆଉ କିଛି କହିବାର ନାହିଁ ।

X X X X

ଆପଣଙ୍କ ବିଚାରରେ ମୁଁ ଆଦୌ ବିସ୍ମିତ ନୁହେଁ । ମୁଁ ପ୍ରତ୍ୟେକ ଆଖିରେ ଏହାର ପ୍ରତିଫଳନ ଅନେକ ବେଳୁ ଲକ୍ଷ୍ୟ କରିସାରିଥିଲି । ଏଣୁ ପ୍ରାଣଦଣ୍ଡର ନିଷ୍ପତ୍ତି ପାଇଁ ମୁଁ ପ୍ରାୟ ପ୍ରସ୍ତୁତ ଥିଲି । ତାହାହିଁ ହେଲା । କିନ୍ତୁ ଏହା ପରେ କାହିଁକି ପୁଣି ଦରଖାସ୍ତ କରିବାକୁ ମୋତେ ଅନୁମତି ଦେଉଛନ୍ତି ?

Digitized by srujanika@gmail.com

ଆପଣ କ'ଣ ତଥାପି ଆଶା କରୁଛନ୍ତି ଯେ ମୁଁ ମୃତ୍ୟୁଭୟରେ ଆଜୀବନ କାରାଦଣ୍ଡ ବା ଦ୍ୱୀପାନ୍ତର ପାଇଁ ପ୍ରାର୍ଥନା କରିବି, କିମ୍ବା କିଛି ଅର୍ଥଦଣ୍ଡ ବିନିମୟରେ ମୋତେ ଖଲାସ କରାଯାଉ ବୋଲି ଅରଜି କରିବି ? ଏଭଳି ଚିନ୍ତା କରିବାକୁ ହିଁ ମୋତେ ଭାରି କୌତୁକ ଲାଗୁଛି । ଧରାଯାଉ ଅର୍ଥଦଣ୍ଡ । ଆପଣ କ'ଣ ମୋର ଅବସ୍ଥା ଅନୁପାତରେ ତାକୁ ହ୍ରାସ କରିପାରିବେ ? ମୋ ପାଖରେ ବର୍ତ୍ତମାନ ମାତ୍ର ତିନୋଟି ପଇସା ଅଛି । କିନ୍ତୁ ମୋ ବିରୁଦ୍ଧରେ ଯାଇଥିବା ତେତିଶଟି ମତକୁ ଅନ୍ତତଃ ଗୋଟିକୁ ପଇସାଟିଏ ଦରରେ କ୍ରୟ କଲେ ଆଉ ତିରିଶ ପଇସା ନିଅଣ୍ଟ ହୋଇଯାଉଛି । ଏଠି ମୋର ପରିଚିତ ଅନେକ ତେଜୀୟାନ୍ ତରୁଣ ସବୁ ବସିଛନ୍ତି । ଆପଣ କହନ୍ତି ଯେ ସେମାନେ ମୋର ଶିଷ୍ୟ । କଣ ଆପଣ କହୁଛ - ପ୍ଲାଟୋ, କ୍ରିଟୋ, ପଦ୍ମପାଦ, ସୁରେଶ୍ୱର, ବିବେକାନନ୍ଦ ! ମାତ୍ର ତିରିଶଟି ପଇସା ପାଇଁ ଅଙ୍ଗୀକାର ଦେଇ ପାରିବ ? ତେତିଶଟି ପଇସା ଦେଇ ତୁମ 'ଗୁରୁ'ର ପ୍ରାଣ ଭିକ୍ଷା କରିବ କହୁଛ ?

ହେ ମୋର ଦେଶବାସୀ, ମୁଁ ତୁମକୁ କେଉଁ ଭାଷାରେ କହିବି ଏବଂ କିପରି ବିଶ୍ୱାସ କରାଇପାରିବି ଯେ ମୁଁ ଦଣ୍ଡିତ ହୋଇପାରେନା ? ଦଣ୍ଡ ଦେବାକୁ ଏଡ଼େ ବ୍ୟଗ୍ର, ଉତ୍କଣ୍ଠିତ ଏ ଦେଶରେ ସମୟ ବା କାହିଁକି ଏଡ଼େ ବଡ଼ ସମସ୍ୟାର ଉପଯୁକ୍ତ ବିଚାର କରିବାକୁ ? ଏତିକି ମାତ୍ର ଅବକାଶ ଭିତରେ ମୁଁ କିପରି ବିଶାଳତମ ସତ୍ୟର ସପକ୍ଷରେ ବୟାନ ଦେଇ ଆପଣଙ୍କୁ କହିବି ଯେ ମୋର ମୃତ୍ୟୁ ନାହିଁ ଏବଂ ଆପଣ ଯାହା କରୁଛନ୍ତି ତାହା ଭୁଲ କରୁଛନ୍ତି ? ଏଣୁ ଏ ନ୍ୟାୟାଳୟରେ ଆକଣ୍ଠ ବିଷ ପାନ କଲା ପରେ କାଲି ସକାଳୁ ଆଉ ଗୋଟିଏ ମାତ୍ର ପିଆଲା ବିଷ ପିଇବାକୁ ମୋର ଆଦୌ କୁଣ୍ଠା ନାହିଁ । ସେଥିରେ ଚିର ଅବିଚଳିତ ସତ୍ୟ ଅବିଚଳିତ ହିଁ ରହିବ ।

ଚରମ ବିଦାୟର ମୁହୂର୍ତ୍ତ ଆସିଗଲା । ଏଣିକି ଆମେ ନିଜ ନିଜ ପନ୍ଥାରେ ଚାଲିଯିବା । ମୁଁ ଯିବି 'ମରିବାକୁ' ଏବଂ ଆପଣ ଯିବେ 'ବଞ୍ଚିବାକୁ' । ଏଥିରୁ କେଉଁଟା ଶ୍ରେୟସ୍କର ହୁଏତ କେହି କହିପାରିବେ ନାହିଁ ।

Digitized by srujanika@gmail.com

ଆଷାଢ଼

ଆକାଶର ଅସଂଖ୍ୟ ନନ୍ଦିଘୋଷ ଉପରେ ଚିକ୍‌କଣ କଳା ମେଘଗୁଡ଼ିଏ ଉଦୟ ହୋଇଗଲେ ଏ ଅଞ୍ଚଳରେ ଲୋକେ କହନ୍ତି ଯେ ଆଷାଢ଼ ଆସିଗଲା, ଆସିଗଲା ଘନରସ ବରଷାର କାଳ, ପୃଥିବୀକୁ ଗୋଲାଟିଏ ନିବିଡ଼ ନୀରନ୍ଧ୍ର ଆଶ୍ଳେଷରେ ଆଚ୍ଛନ୍ନ କରି ତା'ର ରୋମେ ରୋମେ ଶୀତଳ ବିନ୍ଦୁ ସେଚନ କରିବାର କରୁଣାର୍ଦ୍ର ଘନ-ମେଦୁର ଶୁଭକାଳ ଆସିଗଲା । ଏଣିକି ପ୍ରଚଣ୍ଡ ସୂର୍ଯ୍ୟମାନଙ୍କର ବ୍ୟବଧାନରେ ନିର୍ମମ ଗୁଡ଼ିଏ ତାରା ଓ ନୀରବୟବ ନିସ୍ପନ୍ଦ ଆକାଶ ଆମର ଅସହାୟ ଦହନକୁ ଉପହାସ କରିବେ ନାହିଁ । ଯେଉଁ ଦିଗରୁ ଅହରହ ଅଗ୍ନି ବର୍ଷା ହେଉଥିଲା, ସେଇ ଦିଗରେ ଆଖି ତୋଳି କେତେ ଶିରାଳ ଧୂସର ଉଦ୍ଭିଦ, ନୀରବ କ୍ଳାନ୍ତ କେତେ ହରିଣୀଯୂଥ ଏବଂ ଆତୁର ତୃଷାରେ ଖଣ୍ଡ ଖଣ୍ଡ ଝଡ଼ିପଡ଼ୁଥିବା ଦଗ୍ଧ ଭୂମି କେତେ ଭିକ୍ଷା କରି ଚାଲିଥିଲେ,ଏବଂ ଉତ୍ତରରେ ପାଇଥିଲେ ବିଶାଖା, ଜ୍ୟେଷ୍ଠା ନକ୍ଷତ୍ରମାନଙ୍କର ଗମ୍ଭୀର ନୀରବତା ଓ ବାରମ୍ବାର ସୂର୍ଯ୍ୟର ଉତ୍ପୀଡ଼ନ । ସେ ନୀରବତା ଭଙ୍ଗ କରି ଏବେ ଉତ୍ତର ଆସିଛି । ଦୂର ସ୍ତନିତର ଗୁରୁ ଗୁରୁ ନିର୍ଘୋଷରେ କୌଣସି ସନ୍ତୁଷ୍ଟ ଦେବତା ହୁଏତ କହୁଛି- "ମୁଁ ସଗୁଣ ସତ୍ତାକୁ ଅବତରଣ କଲି । ମୁଁ କାମନା କରୁଛି, ସ୍ଥାବରଜଙ୍ଗମ ମୋର ନିର୍ବିଶେଷ କରୁଣାରେ ପ୍ଲାବିତ ହୁଅନ୍ତୁ ।"... ହୁଏତ ଦୂରାଗତ ପ୍ରବାସୀ ବନ୍ଧୁ ପରିସେ କହୁଛି, "ହେ ମଳିନବସନା ଶୀର୍ଣ୍ଣା ବଧୂ ! ମୁଁ ଆସିଗଲି । ଏଣିକି ଶୋକ ପରିହାର କର !" - ତା'ର ମେଘବଳୟିତ ବାଷ୍ପାକୁଳ ଆଖି ଯୋଡ଼ିକରୁ ଏଇ ବୋଧହୁଏ ଝରିଆସିବ ଅଜସ୍ର ଧାର !... ପ୍ରଥମ ମେଘର ଆଡ଼ମ୍ବରକୁ ସ୍ତବ୍ଧ ତୃଷିତ ଚାହିଁ ରହିଛି ଦଗ୍ଧ ଭୂମି । ଗିରିଶୃଙ୍ଗକୁ ବାହୁପ୍ରସାରି ଆଶିଷ କଲାବେଳେ ସେ ପୁଲକିତ ହୋଇଉଠୁଛନ୍ତି ବନସ୍ପତି ସକଳ । ଚନ୍ଦନ ପ୍ରଲେପ ପରି ଏ ଅମ୍ବୁବାଚୀ ପବନକୁ ଆମେ ଚିହ୍ନିଛୁ । ସେ ସୂଚନା ଦେଉଛି ଯେ କରୁଣାର ଅକୃପଣ ବିତରଣରବେଳ ଆସିଗଲା । ଆମେ ଆକାଶର ଅସଂଖ୍ୟ ନନ୍ଦିଘୋଷରେ ତା'ର ଉଦୟ ଦେଖିଆସିଛୁ । ଆମେ ଜାଣୁ ଆଷାଢ଼ ଆସିଗଲା । ଆସିଗଲା ଘନରସର ବର୍ଷାକାଳ ।

ଏଠି ସମସ୍ତେ ତାପ-ଦଗ୍ଧ ଗୁଡ଼ିଏ ଚାତକ । ଏମାନଙ୍କର ଭରସା ନଥାଏ ଯେ ଶୂନ୍ୟ ଆକାଶରେ କିଛି ହେଲେ ସମ୍ଭବ ହୋଇପାରିବ ବୋଲି । ଭରସା ନଥାଏ ନିଜର ଆବାହନରେ, ନିଜର ଆଗ୍ନେୟ ତପସ୍ୟାର ସିଦ୍ଧି ଉପରେ । ଘୋର ସଂଶୟ ସେମାନଙ୍କୁ ଆଚ୍ଛନ୍ନ କରି ରଖିଥାଏ । ବାରମ୍ବାର ପରମ ଶୂନ୍ୟ ଆକାଶକୁ ଚାହିଁଦେଇ ସେମାନେ ଭାଙ୍ଗିପଡ଼ନ୍ତି ଏବଂ ଭାବନ୍ତି, ଏ ନିରବଚ୍ଛିନ୍ନ

Digitized by srujanika@gmail.com

ଶୂନ୍ୟତା କ'ଣ କେବେହେଲେ ଉତ୍ତର ଦେଇପାରେ ? ଏଠି ପ୍ରାର୍ଥନାର ଅର୍ଥ କଣ ? ଯାର ତ କାନ ନାହିଁ ଶୁଣିବାକୁ, ଆଖି ନାହିଁ ଦେଖିବାକୁ ! ଏ କ'ଣ ଜୀବଯାତନା ବୁଝିପାରିବ ? ବୁଝିପାରିବ ସନ୍ତାପ, ଦହନ, ଜୀବନର ଏ ଦୁଃସହ ଜ୍ୱାଳା ? ଅସହାୟ ଗୁହାରି କଲାବେଳେ ଚାତକ ପ୍ରାଣ ଶୁଖିଯାଏ । ସଂଶୟରେ, ସନ୍ଦେହରେ । ବିଶ୍ୱାସ ଦୋହଲିଯାଏ, ଆଶା ମଉଳିଯାଏ । ଘେରିଯାଏ ନିରାଳମ୍ବ ଶୂନ୍ୟତା । ଦହନକୁ ଆଉ ରୋଧିବାର ପ୍ରବୃତ୍ତି ମଧ ନଥାଏ । ତାକୁ ନିବାରଣ କରିହୁଏ ନାହିଁ । ସନ୍ଦେହରେ ସବୁ ଶିରା ହୁଗୁଳିଯାଇଥାଏ । କେବଳ ବାକି ଥାଏ ଶେଷ ନିଃଶ୍ୱାସରେ କହିଦେବାକୁ ଯେ ଯାହାକୁ ଗୁହାରି କରାଯାଉଥିଲା ସେ ମିଛ, ସେ ନାହିଁ । ଏତିକିବେଳେ ଶୂନ୍ୟମଣ୍ଡଳରୁ ସେ ଘୁମୁ ଘୁମୁ ସ୍ୱରରେ ଉତ୍ତର ଦିଏ, ଉଭା ହୋଇଯାଏ ସମଗ୍ର ସନ୍ଦେହକୁ ଚୂର୍ଣ୍ଣୀଭୂତ କରି, ଶୂନ୍ୟଗର୍ଭ ଆକାଶକୁ ଶ୍ରୀମନ୍ତ କରି । କୋଟି କୋଟି କୋମଳ ତମାଳର ଘନୀଭୂତ ରୂପ ବିକଶିତ ହୋଇଯାଏ । ଆକାଶକୁ ଆଚ୍ଛନ୍ନ କରିଯାଏ ଅଭିଜାତ ମେଘପଟଳ । ଜ୍ୱାଳାକ୍ରାନ୍ତ ହତାଶ ଚାତକ ପ୍ରାଣରୁ ସନ୍ତାପ ପୋଛିଦେଲା ବେଳେ ସେ କହେ, "ମୁଁ ଅଛି ! ମୁଁ ଅଛି ଜଳ ସ୍ଥଳ ଆକାଶକୁ ଆବୋରି ମୁଁ ବିଦ୍ୟମାନ, ତୁ ଡାକିଲେ କେତେବେଳେ ଖମ୍ବକୁ ଦୁଇଫାଳ କରି ବାହାରିଆସେ, କେତେବେଳେ ଅବା ଆକାଶକୁ ଆଚ୍ଛନ୍ନ କରି ବିକ୍ରମି ଆସେ ।"... ଏହିପରି ବର୍ଷା ଆସେ । ଆଷାଢ଼ ଆସେ । ଝରିଆସେ କରୁଣା ।

ମାଟି ଓ ପବନରେ ସଞ୍ଚରିଯାଏ ଘନରସର ଆର୍ଦ୍ରତା । ତୃଷା ମେଣ୍ଟିଯାଏ । ଲିଭିଯାଏ ଉତ୍ତାପର ଶିଖା । ମାଟି କହେ, 'ମୋତେ ଆହୁରି ଆର୍ଦ୍ର କର, ହେ ଅଭିନବ ଜଳଧର ! ମୋର ମନ୍ଦରମାଳାକୁ ଆହୁରି ଆବୃତ କର, ମୋତେ ସିକ୍ତ କର, ଅଭିଷିକ୍ତ କର ! ମୁଁ ତୁମର ପ୍ରତ୍ୟେକ ବିନ୍ଦୁ ପତନ ପାଇଁ ରୋମେ ରୋମେ ଉନ୍ମୁଖ ହୋଇ ରହିଛି । ମିଥୁନ ମାସର ବର୍ଷନ୍ତ ମେଘପଟଳ ନଇଁ ଆସନ୍ତି । ଦୁର୍ଭେଦ୍ୟ ଅନ୍ଧାର ଭିତରେ ମେଘ ମେଘର ସଂଯୋଗରେ ବିଦ୍ୟୁତ୍‌ର ସ୍ଫୁରଣ ହୁଏ । ଜନ୍ମ ନିଅନ୍ତି ଅସଂଖ୍ୟ ମେଘଶିଶୁ । ଆକାଶର ବିସ୍ତୀର୍ଣ୍ଣ ଅଗଣା ତାଙ୍କୁ ଅଣ୍ଟେନାହିଁ ଖେଳି ବୁଲିବାକୁ । ସୂର୍ଯ୍ୟ ଏବଂ ସୂର୍ଯ୍ୟର ବ୍ୟବଧାନରେ ଏହିପରି ବାରମ୍ବାର ଜଳଭାରରେ ନଇଁଆସୁଥାଏ ନବୀନ ମେଘ । ପ୍ଲାବନ କରୁଥାଏ ଭୂମିଭାଗକୁ ଅଜସ୍ର ବର୍ଷାଧାର । ନତଜାନୁ ହୋଇ ଭିକ୍ଷା କରୁଥିବା ଏଇ ନିମ୍ନଭୂମିରେ ଏତେ ତୃଷା ନଥିଲେ, ଅବାରିତ ନଇଁ ଆସୁଥିବା ଏ ଅଜସ୍ର ଶୀତଳ ଧାର ବ୍ୟର୍ଥ ହୋଇଯାନ୍ତା । ସଂଖ୍ୟାହୀନ ଏ ଚାତକମାନଙ୍କର ଅକଳନୀୟ ଶୋଷ ହିଁ ଏ ଘନଘୋର କୃଷ୍ଣକାନ୍ତ ଆଷାଢ଼ ମେଘର ଯଥାର୍ଥତା । ସୁଦାମାର ଅକଥନୀୟ ଦାରିଦ୍ର୍ୟ ନଥିଲେ ଭଲା ଦ୍ୱାରକାର କୌଣସି ଦାନଶୀଳ ଅଧିପତି ତା'ଉପରେ ଇନ୍ଦ୍ର ସମ୍ପଦ ଅଜାଡ଼ି ଦେଇପାରେ ? ତ୍ରିଗୁଣ ରଜ୍ଜୁ ଉପରେ ଲକ୍ଷ ଲକ୍ଷ ପତିତଙ୍କର ଆବାହନ ନଥିଲେ ନନ୍ଦିଘୋଷ ଉପରେ ଏ ପତିତପାବନ ରୂପର କି ବା ତାତ୍ପର୍ଯ୍ୟ ? କାହିଁକି ବା ତୃଷାର୍ତ୍ତ ପୃଥିବୀ ଉପରେ ନବନିରଦର ଏ ଘୋଷଯାତ୍ରା ? ବୈଶାଖର ନିଷ୍କରୁଣ ତୃଷ୍ଣା ହିଁ ଏ ମେଘପଟଳକୁ ଆବାହନ କରେ, ତାକୁ ଜନ୍ମଦିଏ, ତା'ର ଘନରସ ସାର୍ଥକତାକୁ ପ୍ରତିପାଦିତ କରେ ।

Digitized by srujanika@gmail.com

ଆକାଶରେ ମେଘ ଆହୁରି ସାନ୍ଦ୍ର ହୁଏ । ଅସଂଖ୍ୟ ନନ୍ଦିଘୋଷ ମଣ୍ଡନ କରି ଘୋଟିଆସନ୍ତି ସମ୍ବର୍ତକାଦି ପରାକ୍ରମଶାଳୀ ଅଭିଜାତ ସମ୍ପ୍ରଦାୟ । ଚାଲେ ସମରସଜ୍ଜା । ରଣଶିଙ୍ଗା, ପଟହ ଗର୍ଜି ଉଠନ୍ତି । ଦୁମୁଦୁମୁ ପାଦଶବ୍ଦ କରି ଆଗଭର ହୋଇ ଆସନ୍ତି କରୀଥାଟ । ସେମାନଙ୍କର ବିପୁଳ ବପୁ ବିସ୍ତାରରେ ସମଗ୍ର ଭୂମି ଆଚ୍ଛନ୍ନ ହୋଇଯାଏ । ତାଙ୍କ ସହିତ ଯୋଗଦିଅନ୍ତି କ୍ଷିପ୍ର, ତେଜସ୍ୱୀ ଅଶ୍ୱାରୋହୀ ଏବଂ ଅଗଣିତ ପଦାତିକ । ଅଭିଯାନ ଆରମ୍ଭ ହୁଏ ଶୂନ୍ୟମଣ୍ଡଳରୁ । ଚତୁରଙ୍ଗ ବଳକୁ ନିର୍ଦ୍ଦେଶ ଅଛି ଯେ ସେମାନେ ଭୂଖଣ୍ଡର ତୃଷା ନିବାରଣ କରିବେ । ସେମାନେ ଆକ୍ରମଣ କରନ୍ତି । ଝରଝର ବାରିଧାର ଅବିରାମ ନଇଁଆସେ । ଧରିତ୍ରୀର ତୃଷାତାକୁ କେବଳ ଜିଭ ଲମ୍ବେଇ ଶୋଷିନିଏ । ଆକାଶରୁ ସୈନ୍ୟବଳ ସରି ଆସନ୍ତି । ବଜ୍ର-ନିର୍ଘୋଷରେ ପୁଣି ଘୋଷଣା କରାହୁଏ ଏବଂ ଦିଗ୍‌ବଳୟରୁ ପହଁରିଆସନ୍ତି ଆହୁରି ଅନେକ ନୂଆ ମେଘ । ଅବିରାମ ସଂଗ୍ରାମ ଜାରି ରହେ । ମୁକ୍ତାଫଳ ପରି ବିଶୁଦ୍ଧ ବାରିବିନ୍ଦୁ ଗୁଡ଼ିକ କାହିଁ କେଉଁ ସାଗରର ଶୀତଳ ବକ୍ଷରୁ ଉଠି ଆସିଥାନ୍ତି । ଆକାଶଯାତ୍ରା ତାଙ୍କୁ ଖୁବ୍ ଅଭିନବ ଜଣାପଡ଼େ । ତା'ପରେ ସେମାନେ ଝରିପଡ଼ନ୍ତି ପୃଥିବୀ ଉପରକୁ । ଏଠି ପାହାଡ଼ ଏତେ କର୍କଶ, ଭୂମିରେ ଏତେ କର୍ଦ୍ଦମ, ଚାରିଆଡ଼େ ଏତେ ଉତ୍ତାପ ବୋଲି ଏ ତରୁଣ ସୈନିକଗୁଡ଼ିକର ଧାରଣା ନଥାଏ । ସେମାନେ ବିହ୍ୱଳ ହୋଇଯାନ୍ତି । ତାଙ୍କ ଭିତରୁ ଅନେକେ ଗୋଷ୍ପଦ ଭିତରେ ବନ୍ଦୀ ରହି ହାହାକାର କରନ୍ତି । ଆଉ କେତେ ପୋତି ହୋଇଯାନ୍ତି ମାଟି ଭିତରର ଅନ୍ଧ କାରାଗାର ଭିତରେ ।

ସ୍ଥାନେ ସ୍ଥାନେ ଏ ନିର୍ଯ୍ୟାତନା ସତ୍ତ୍ୱେ ସେମାନଙ୍କର ହିଁ ବିପୁଳ ବିଜୟ ହୁଏ । ଦେବତାର ବିଜୟ ହୁଏ । ଆଷାଢ଼ର ବିଜୟ ହୁଏ । ପୃଥିବୀକୁ ସାଗରର ରୂପ ଦେବା ପ୍ରୟାସରେ ଖଣ୍ଡପ୍ରଳୟ ସୃଷ୍ଟି ହୋଇଯାଏ । ବିହ୍ୱଳ ହୋଇ ସ୍ଥାବରଜଙ୍ଗମ ଜଳମଗ୍ନ ଅବସ୍ଥାରେ ପୁଣି ପ୍ରାର୍ଥନା କରିବାର ଶୁଣାଯାଏ, "କିଏ ଅଛ ଆକାଶ ଗର୍ଭରେ, ଅବତରଣ କର । ତୋଳି ଧର ଏ ମନ୍ଦରମାନଙ୍କୁ । ଏ ବାରିପାତରୁ ଆମକୁ ରକ୍ଷାକର । ଆମେ ଚାତକ ପକ୍ଷୀ ସବୁ କିଛି ବିନ୍ଦୁ ଆଶାରେ ଅପେକ୍ଷା କରିଥିଲୁ । ଆମକୁ ସିନ୍ଧୁଦାନ କରି ଉପହାସ କରନାହିଁ । ଆମେ କରୁଣା ଚାହୁଁ ସତ; କିନ୍ତୁ ଏତେ କରୁଣାର ପାତ୍ର ଆମେ ନୋହୁ ।" ବିଚାରା ଅଗ୍ନି ବ୍ରାହ୍ମଣ କିଛି ଘୃତ ଖାଇବାକୁ ଭଲ ପାଉଥିଲେ ବୋଲି ଶ୍ୱେତରାଜା ତାଙ୍କୁ ଘିଅରେ ବୁଡ଼େଇ ଦେଇଥିଲେ । ଦାନରେ କ'ଣ ଏତେ ଅହଙ୍କାର ଶୋଭାପାଏ ? ଏ କରୁଣାରେ କ'ଣ ଏତେ ବିଜିଗୀଷା ଲୁଚି ରହିପାରେ ? ମୁଠିଏ ଖୁଦ ଯାହାର ସର୍ବସ୍ୱ ସେ କ'ଣ ଦରିଦ୍ର ନୁହେଁ ବୋଲି କେବେ କହିପାରିବ ? ସେ ହୁଏତ ଭିକ୍ଷା କରେ । ତାକୁ ଦୟାକରି ଭିକ୍ଷାଦାନ କର । ତୁମେ ଅଷ୍ଟୈଶ୍ୱର୍ଯ୍ୟର ଅଧିକାରୀ ବୋଲି ତାକୁ ଅଷ୍ଟରତ୍ନର ଶୀତଳ ପ୍ରବାହରେ ଅପହସିତ କରନାହିଁ । ଅନନୁପାତିକ କରୁଣାରେ ନିଷ୍ଠୁରତା ପ୍ରକାଶ ପାଇଯାଏ । କରୁଣା ବାତ୍ସଲ୍ୟ-ସ୍ନିଗ୍ଧ ହେଲେ ସିନା ଲାଳନ କରେ ଏବଂ ପରିପୁଷ୍ଟ କରେ ।।

ନିଦାଘର ତୃଷା ଆଷାଢ଼କୁ ଆବାହନ କରେ; କିନ୍ତୁ ଜାଣେନା ଯେ ତାକୁ ସମ୍ପୂର୍ଣ୍ଣ ଧାରଣ କରିବାକୁ ତା'ର ପରିସର ନାହିଁ, ତାକୁ ଶୋଷଣ କରିବାକୁ ତା'ର ଗଭୀରତା ନାହିଁ । ସେ ଚକିତ

Digitized by srujanika@gmail.com

ହୁଏ; ପରାସ୍ତ, ବିଡ଼ମ୍ବିତ ହୁଏ । ଜୀବ ଯାତନାରେ କେହି ହୁଏତ ଡାକିଦେଇଥିଲା ଆକାଶକୁ ମୁହଁକରି । ତା' ବୋଲି କ'ଣ ତାକୁ ତା'ର ନିବିଡ଼ ଆଢୁଆଳ ଭିତରୁ ଓଟାରି ଆଣି, ତା' ଭିତରୁ ଛୋଟ ଛୋଟ ମମତାର ପୁଟୁଳାଗୁଡ଼ିକ ଫିଙ୍ଗିଦେଇ, ତାକୁ ଅକିଞ୍ଚନ କରି ଠିଆକରେଇବା ଏତେ ଅନିବାର୍ଯ୍ୟ ? ଏତେ ବିଶାଳ କରୁଣାର ବୋଝ ସେ କାଳେ ଧାରଣ କରିପାରିବ ନାହିଁ ବୋଲି ତା'ର ଆଉ ଯେତେ ଆବରଣ, ସମ୍ବଳ ସବୁ କାଢ଼ିନେବା କ'ଣ ନିଷ୍କରୁଣ ପରିହାସ ନୁହେଁ ? ଗ୍ରୁହ୍ରତାପରେ ଜଳିଗଲାବେଳେ ବିଚାରା ବନସ୍ପତି ଚାହିଁଥିଲା ଟିକିଏ ଶୀତଳତା । ତା'ର ଉତ୍ତରରେ ଏତେ ପ୍ରବଳ ଧାରାପାତ, ଏପରି ଧର୍ଷଣର ପ୍ରୟୋଜନ ନଥିଲା । ଶୀତଳ କରିବାକୁ ଯାଇ ତାକୁ ଏପରି ଉନ୍ମୂଳିତକରି ଗୋଟାଏ ପ୍ରବଳ ବନ୍ୟାରେ ଭସେଇ ନେବାର କିଛି ଯଥାର୍ଥତା ନଥିଲା । ... ଆଷାଢ଼ର ଆଶୀର୍ବାଦ କିଛି ତୃଷିତଙ୍କୁ ପରିତୃପ୍ତ କରେ, କିଛି ଉତ୍ତପ୍ତ ନୀରସ ଭୂମିକୁ ରସସିକ୍ତ କରେ ସତ; କିନ୍ତୁ ତା'ପରେ ତାହା ପ୍ଲାବିତ କରେ, ଉନ୍ମୂଳିତ କରେ, ଜଳମଗ୍ନ କରେ, ନିପାତ କରେ ।

ଯେଉଁମାନେ ବିପୁଳ ବରଷାର ସଙ୍ଘାତରେ ଗଜେଇ ଉଠୁଥିବା ସବୁଜ ସମ୍ଭାରକୁ କେବଳ ଚାହିଁରହନ୍ତି ସେମାନେ କରୁଣାରେ ଦ୍ରବୀଭୂତ କୃତଜ୍ଞ ଗୁଡ଼ିଏ ଉଦ୍ଭବ । ସେମାନଙ୍କୁ ବନ୍ୟାପ୍ଲାବିତ ବାଲେଶ୍ୱରଗୁଡ଼ିକ ଦିଶେନାହିଁ; ଶୁଭେ ନାହିଁ ସ୍ଥାବରଜଙ୍ଗମର ହାହାକାର । ଗିରିନଦୀର ପ୍ରବାହରେ ଉର୍ଦ୍ଧ୍ୱମୂଳ ତରୁଣ ବନସ୍ପତି ଯେ ଆଉ ଏ ଶରତ୍ ଉତ୍ସବରେ ଯୋଗଦେବ ନାହିଁ, ପାହାଡ଼ ତଳେ ପୋତିହୋଇପଡ଼ିଥିବା ନୀରବ ଜନପଦର ଶ୍ମଶାନ ଯେ ଆଉ ସୂର୍ଯ୍ୟ ଦେଖିବ ନାହିଁ, ସେମାନଙ୍କୁ ବିଚଳିତ କରିପାରନ୍ତି ନାହିଁ । ସେମାନେ କହନ୍ତି କରୁଣା ଅହେତୁକୀ । ସେ ସ୍ୱେଚ୍ଛାରେ ଆସି ଅଭିଷିକ୍ତ କରେ, ସ୍ୱେଚ୍ଛାରେ ପୁଣି ଅନ୍ତର୍ହିତ ହୋଇଯାଏ । ଏଣୁ ସେ କୌଣସି ଅନୁପାତ ରକ୍ଷା କରିବାକୁ ବାଧ ନୁହେଁ । ଏ ଧାରାପାତ କଦାପି ନିଷ୍କରୁଣ ହୋଇପାରେନା । କୌଣସି ପରମ କାରୁଣିକର ଅଗାଧ ପ୍ରେମରୁ ଉତ୍ସାରିତ ହୋଇ ତାହାରି ପ୍ରଶାସନରେ ସେ ଉଦୟ ଏବଂ ଅସ୍ତ ହୁଏ । ଆପେକ୍ଷିକ ମୂଲ୍ୟର ଘଟଣା ସଂଯୋଗରେ ତାକୁ କଳନା କରିବା ସମ୍ଭବ ନୁହେଁ; ବରଂ କରୁଣାର ଉତ୍ତରରେ କେବଳ କୃତଜ୍ଞ ହେବା ହିଁ ସମ୍ଭବ ।

ଅପରେ କହନ୍ତି ଯେ, ଧୂମଜ୍ୟୋତି ସଲିଳ ମରୁତର ଏ ନିଶ୍ଚେତନ ବସ୍ତୁ ସମାବେଶକୁ ତଦୂର୍ଦ୍ଧ୍ୱ ଆଉ କିଛି ଭାବିବା କେବଳ ମାନସିକ ବିକାର ମାତ୍ର । ରାମଗିରିର ଆଶ୍ରମମାନଙ୍କରେ ଉଦ୍‌ଭ୍ରାନ୍ତ ବୁଲୁଥିବା ବିଧୁର ଯକ୍ଷ ଯଦି ପ୍ରକୃତ-କୃପଣା ହୋଇଯାଏ, ସେଥିରେ ବିସ୍ମିତ ହେବାର କିଛି ନାହିଁ । କିନ୍ତୁ ସମସ୍ତେ ସେଇ ଯକ୍ଷର ଭୂମିକାରେ ଅଭିନୟ କରି ଭାବାବେଶରେ ମେଘ ସାଙ୍ଗରେ ବାର୍ତ୍ତାଳାପ କରିବା ବିଚାରବୁଦ୍ଧି ହରେଇଥିବା ଲକ୍ଷଣ । ଯେଉଁ ନିୟମରେ ଗଛରୁ ପତ୍ର ଝଡ଼ିଯାଏ, ଶୁଖିଯାଏ ନଈ, ନାଳ ଏବଂ ପୋଖରୀ, ସେଇ ନିୟମରେ ଆକାଶରେ ବାଷ୍ପ ସଙ୍କଳିତ ହୁଏ, ବର୍ଷା ହୁଏ । ଏଗୁଡ଼ିକ ବସ୍ତୁଧର୍ମ । ଏଥିରେ କୌଣସି ମାନବୀ ଚେତନାର ସ୍ପର୍ଶ ନାହିଁ । ଆକାଶରେ ନନ୍ଦିଘୋଷ ନାହିଁ । ସେଇଠି ମେଘର ଉଦୟ ହେବା ଏକ ସାଧାରଣ ବାର୍ଷିକ ଘଟଣା । ତା'ବାହାରେ ବାକିସବୁ ଆପଣଙ୍କର ଅଳଂକରଣ । ଆକାଶର ସେପାରି ଏକ ପ୍ରକାଣ୍ଡ ମହାଶୂନ୍ୟ । ସେଠାରେ

Digitized by srujanika@gmail.com

କାହାରି ପ୍ରାର୍ଥନା ପହଞ୍ଚେ ନାହିଁ । ସେ କାହାକୁ ଉତ୍ତର ଦେବା ମଧ୍ୟ ସମ୍ଭବ ନୁହେଁ । ଏଣୁ ମେଘକୁ ମେଘ କହି ତୁନିପଡ଼ିଯାନ୍ତୁ, ବର୍ଷାକୁ ବର୍ଷା କହି ନୀରବ ରହିଯାନ୍ତୁ । ତାହାହିଁ ବିଜ୍ଞତା ।

ଏକମୁହାଁ ବସ୍ତା ଏଭଳି ମସ୍ତିଷ୍କ-ବାହୀ ପ୍ରାଣୀଗୁଡ଼ିକ । ଏମାନଙ୍କ ଭିତରେ ଅପ୍ରମେୟ ବିସ୍ତାର କିଛି ନାହିଁ । ଏମାନଙ୍କ ମନର ସ୍ଥୁଳପିଣ୍ଡରେ କିଛି ଅବୟବ ନାହିଁ, ଏଣୁ କୌଣସି ସଞ୍ଚାର ମଧ୍ୟ ନାହିଁ । ନିଜର ଦିଗ୍‌ବଳୟକୁ ସୃଷ୍ଟିସୀମା ବୋଲି ଭାବିନେଇଥିବା ସନ୍ତୁଷ୍ଟ ଗୋଷ୍ଠୀ ଏମାନେ । ଏମାନଙ୍କ ପାଇଁ ବିକଳ୍ପ ନାହିଁ । ଏମାନେ ନୂତନ ଦିଗ୍‌ବଳୟ ଆବିଷ୍କାର କରୁଥିବା ପ୍ରତି ମୁହୂର୍ତ୍ତର ଅଭିଯାତ୍ରୀ ନୁହନ୍ତି । ଏମାନେ ଗୁଡ଼ିଏ ସ୍ଥିର ପାଦପ । ଆଷାଢ଼ ଆସିଲେ ଗଲେ ଏମାନଙ୍କର କିଛି ଯାଏ ଆସେ ନାହିଁ । ମେଘାଡ଼ମ୍ବରରେ ପୁଚ୍ଛ ଟେକି ନାଚିବାକୁ ଯାଙ୍କ ଭିତରେ କୌଣସି ମୟୁର ନାହିଁ । ସମୁଦ୍ରର ତରଙ୍ଗ ପରି ଫୁଲି ଉଠୁଥିବା ମେଘମଲ୍ଲାର ଶୁଣିଲେ ଏମାନଙ୍କ ଆଖି ବାଷ୍ପାକୁଳ ହୁଏ ନାହିଁ । ଏଣୁ ମେଘ-ମେଦୁର ଆକାଶରେ ରାତ୍ରି ନଇଁଆସୁଥିଲା ବେଳେ ଏମାନେ ଆନମନା ହୋଇ ପାରନ୍ତି ନାହିଁ । ନିର୍ଦ୍ଦିଷ୍ଟ ଦୈର୍ଘ୍ୟ ପ୍ରସ୍ଥର ଏ ଆୟତକ୍ଷେତ୍ରମାନଙ୍କରେ ଆଷାଢ଼ର ବିପୁଳତା, ତା'ର ରୂପ ଏବଂ ତାତ୍ପର୍ଯ୍ୟର ଗଭୀରତା ସମ୍ଭେଇ ପାରେ ନାହିଁ । ଏମାନେ ତମାଳ ବର୍ଣ୍ଣ ପ୍ରଥମ ବାରିବାହକୁ ମେଘ କହି ତୁନିପଡ଼ିଯାନ୍ତି । ବର୍ଷାକୁ କେବଳ ବର୍ଷା କହି ନୀରବ ରହିଯାନ୍ତି । ଏମାନେ ବିଜ୍ଞ ଲୋକ ।

ଆମ ରାଜ୍ୟର ସତ୍ୟ କିନ୍ତୁ ଅଲଗା । ଆକାଶର ସେପାରି ମହାଶୂନ୍ୟ ଯେ ଆମକୁ ବେଳେବେଳେ ନ ଦିଶେ ତା' ନୁହେଁ; କିନ୍ତୁ ଆଖିମିଟିକା ମାରି ଠିକ୍ ଅନାଇଲେ ସେ ଗୋଟାଏ ଅବିଭାଜ୍ୟ ଘନନୀଳ ସତ୍ୟରେ ପରିପୂର୍ଣ୍ଣ ହୋଇଯାଏ । ପୁଣି ଅନେଇଲେ ସେ ସ୍ପନ୍ଦିତ ହେଉଥାଏ ବିଶୁଦ୍ଧ ଚେତନାରେ । ତା'ପରେ ଚକା ଚକା ଆଖି ଭଳି ଇନ୍ଦ୍ରିୟମାନଙ୍କର ଗୁଣାଭାସ ଦିଶିଯାଏ । ସେ କାନ ନ ଥାଇ ଶୁଣିପାରେ, ପାଦ ନ ଥାଇ ସଞ୍ଚରିପାରେ । ପ୍ରତି ଆଷାଢ଼ରେ ନୂଆ ମେଘପଟଳ ଆକାଶର ଅସଂଖ୍ୟ ନନ୍ଦିଘୋଷରେ ଉଦୟ ହେବାର ମହୋତ୍ସବ ଆମେ ଦେଖିଆସିଛୁ । ଗୋଟିଏ ପାଦରେ ଭୂମିଭାଗ ଏବଂ ଅପର ପାଦରେ ଆକାଶ ସୀମା ସ୍ପର୍ଶ କରି ବିକ୍ରମିଗଲାବେଳେ ଆମେ ତାକୁ ପ୍ରଣାମ କରି ଆସିଛୁ । ସେଇ ପାଦାଗ୍ରରୁ ପ୍ରବଳ ଧାରାପାତ ବେଳେ ବେଳେ ସହି ନ ପାରି ହୁଏତ ଆମେ କହିଦେଇଛୁ ଯେ ସେ ତା'ର ଗମ୍ଭୀର ନୀଳଶୀର୍ଷରେ ନିଷ୍କମ୍ପ ଅଧିଷ୍ଠାନ କରୁଥିବା ପର୍ଯ୍ୟନ୍ତ ଆମେ ତାକୁ ଆବାହନ କରିଥାଉ ସତ; କିନ୍ତୁ ସେ ଅବତରଣ କରି ଆସି ସମଭୂମିରେ ଆମକୁ ବାହୁ ପ୍ରସାରି ଆଶ୍ଳିଷ୍ଟ କଲେ ଆମର ଆୟତନ ତାକୁ ଧାରଣ କରିପାରେ ନାହିଁ । ଆମେ ଏ ବିପୁଳ କରୁଣାକୁ ପ୍ରତ୍ୟାଖ୍ୟାନ କରୁ, ତା'ର ଅପସାରଣ ପାଇଁ ପ୍ରାର୍ଥନା କରୁ କେବଳଆମର ଅଯୋଗ୍ୟତା ପାଇଁ... ପୃଥିବୀର ରେଣୁ-ରେଣୁରେ ତୃଷିତ ଚାତକତ୍ୱକୁ ପ୍ଳାବନ କର ନାହିଁ, ନିମଗ୍ନ କରନାହିଁ । ବରଂ ତା'ର ପ୍ଳାବନ ପାଇଁ ହେ ନବ ମୁଦିର, ଶୁଭାଗମନ କର । ତୁମର ବିପୁଳ ଘୋଷଯାତ୍ରା ଘନରସସିକ୍ତ ହେଉ ।

❖❖❖

Digitized by srujanika@gmail.com

ନୀଡ଼ାୟତନ

ନିରାଲମ୍ବ ଆକାଶରେ ପକ୍ଷୀ ବି ରହିବାକୁ ସାହସ କରେ ନାହିଁ । ଚତୁର୍ମାସ୍ୟାର କାକର ବର୍ଷାପାତ ପୂର୍ବରୁ ସେଇ ନିଃସୀମ ଶୂନ୍ୟତା ଯେତେବେଳେ ଆହୁରି ନିରାସକ୍ତ, ଆହୁରି ନିର୍ମମ ଜଣାପଡ଼େ, ସେ ଗୋଟିଏ କାଠି କୁଟାର କୁଳାୟ ରଚନା କରିପକାଏ । ତା' ଚାରିଆଡ଼େ ନିସ୍ପନ୍ଦ ବିଛେଇ ହୋଇ ପଡ଼ିଥିବା ଆକୁଳାନ ବ୍ୟାପ୍ତିରୁ ବାଡ଼ ପକେଇ କିଛି ଆବୃତ କରି ନ ଦେଲେ, ତାକୁ ହଜିଗଲା ପରି ଲାଗେ । ତା'ର ଡେଣାଯୋଡ଼ିକ ପରାସ୍ତ ହୋଇ ଘୁମେଇପଡ଼ନ୍ତି । ଅଦୃଶ୍ୟ ପବନଟାକୁ ଆହୁଲା ମାରି କ'ଣ ଏ ଆକାଶକୁ ମାପି ହୁଏ ? ପକ୍ଷୀ ଅନାଏଁ ଦଶଦିଗକୁ; ଅନାଏଁ ଅନେକ ଦୂରରେ ମୌନ ଗମ୍ଭୀର ନେଳି ପାହାଡ଼କୁ, ଆହୁରି ଦୂରରେ ଝଟକୁଥିବା ସୂର୍ଯ୍ୟକୁ । ଏମାନଙ୍କୁ ସେ ସବୁବେଳେ ହୁଏତ ଅନାଏଁ ନାହିଁ । ତଳମୁହାଁ ଚାରା ଖୋଜିବାରେ ତା'ର ସବୁଯାକ ସମୟ, ସବୁଯାକ ଶକ୍ତି ଖର୍ଚ୍ଚ ହୋଇଯାଏ । କିନ୍ତୁ ନିଜେ ଅନେଇଁ ଦେଲାବେଳକୁ ସେମାନେ ଖୁବ୍ ଅପରିଚିତ ଓ ଅନାତ୍ମୀୟ ଜଣାପଡ଼ନ୍ତି । ତା'ର ଏଡ଼େ ଟିକିଏ ଦୀର୍ଘଶ୍ୱାସ ପରି ନିଃସଙ୍ଗ ପକ୍ଷୀପ୍ରାଣକୁ ଚାରିଆଡୁ ଘେରିଯାଏ ଅସମ୍ଭବ ଶୂନ୍ୟତା । ସେ ବାହୁଡ଼ି ଆସେ ଆକାଶରୁ ଧରିତ୍ରୀକୁ- ପବନର ସ୍ୱଚ୍ଛ ସମୁଦ୍ରରୁ ବନସ୍ପତିର ନିଘଞ୍ଚ ସବୁଜ ଅରଣ୍ୟକୁ । ତା'ର ଆଖିରେ ଆକାଶର ଅଞ୍ଜନ । ତା'ର ଡେଣାରେ ଓଠରେ ସେ ଶୂନ୍ୟ ଭୂମିର ନିସ୍ପନ୍ଦ ନୀରବତା; ବୁକୁ ଭିତରେ ନିଃସଙ୍ଗତାର ଥାକ ଥାକ ରୁଦ୍ଧ ଶ୍ୱାସ । ଏଭଳି ଏକାକୀ ହୋଇଗଲେ ବୋଧହୁଏ ଯେ କେହି କାମନା କରିବ ବିଭାଜିତ ହୋଇଯିବା ପାଇଁ; ଅନେକ ଦର୍ପଣରେ ନିଜେ ବହୁବିମ୍ବିତ ହୋଇଯିବା ପାଇଁ । ବନସ୍ପତିର ଅରଣ୍ୟ ମମତାରେ ମର୍ମରି ଉଠେ । ଖୁବ୍ ନିକଟରେ ଶାଖା ଉପଶାଖା ସେମାନଙ୍କ ସବୁଜ ବାହୁ ମେଲେଇ ତାକୁ ଆହ୍ୱାନ କରନ୍ତି । ଆହୁରି ନିକଟରେ ଆଉ ଗୋଟିଏ ପକ୍ଷୀ ତା' ଦେହର ଉଷ୍ମ ଦେବାକୁ ଲାଗିଆସେ । ଗୋଟାଏ ଆଚମ୍ବିତ ମୁହୂର୍ତ୍ତରେ ଉଛୁଳିଉଠେ ପକ୍ଷୀଟିର ସମଗ୍ର ଶୂନ୍ୟତା । ସେ ସ୍ପର୍ଦ୍ଧାରେ ପ୍ରତିଦ୍ୱନ୍ଦ୍ୱିତା କରେ ଆକାଶ ସାଥିରେ । ଆକାଶକୁ ବନ୍ଦି କରିପକାଏ ଗୋଟିଏ ନିଘଞ୍ଚ ନୀଡ଼ ଭିତରେ । ତାକୁ ସେଇଠି ଶିଖାଏ ସୃଜନର ମନ୍ତ୍ର, ଦିଏ ମମତାର ଅମୃତାୟିତ ଉଷ୍ମତା । ଦୁଇଟି ପକ୍ଷୀ ପରସ୍ପରକୁ ଡେଣା ମେଲାଇ ଆବୋରି ନିଅନ୍ତି ଏବଂ ଉତ୍ତର ଦିଅନ୍ତି ଶୀତଳ ନିସ୍ପନ୍ଦ ନିରାୟତନ ମହାକାଶକୁ । କାଠିକୁଟାର କୁଳାୟଟି ହୋଇଯାଏ ପୂର୍ଣ୍ଣତାର ଆଦିବିନ୍ଦୁ; ସୃଷ୍ଟିର, ଜୀବନର, ମମତ୍ୱର କେନ୍ଦ୍ର । ତାହାରି ଭିତରେ ବଞ୍ଚିବା ମମତା ସ୍ନିଗ୍ଧ ଏବଂ ଲୋଭନୀୟ; ମରିବା ମଧ୍ୟ ସେହିପରି ଲୋତକସିକ୍ତ ଓ କରୁଣାର୍ଦ୍ର । ଏହା କୌଣସି ନିରାଲମ୍ବ ଆକାଶ ନୁହେଁ; ଯେଉଁଠି ଜୀବନ ଏକ

Digitized by srujanika@gmail.com

ଅବାନ୍ତର ଘଟଣା, ଏବଂ ଯେଉଁଠି ପକ୍ଷୀ ବି ବଞ୍ଚିବାକୁ ସାହସ କରେ ନାହିଁ । ନୀଡ଼ାୟତନ ବରଂ ସେଇ ନିର୍ମମ ନିଃସଙ୍ଗତାର ଗୋଟିଏ ନିବିଡ଼ ସାନ୍ଦ୍ର ପ୍ରତିବାଦ ।

ଲୁହାଛଡ଼ ଏବଂ ସିମେଣ୍ଟର ନୀଡ଼ ଭିତରୁ ମଣିଷଛୁଆଗୁଡ଼ିକ ଥଣ୍ଟ ମେଲେଇ ଆହାର ମାଗନ୍ତି । ଏଠି ମଧ୍ୟ ସେହି ଚତୁର୍ମାସ୍ୟାର ସଂକଟ । ଆଗକୁ ଦିଶିଯାଉଥିବା ଅବହେଳା ଦୈନ୍ୟ, ଗୋଟାଏ ସର୍ବବ୍ୟାପୀ ଅପରିଚିତ ମୌନତାର କୋହଲ । ଏଡ଼େ ଟିକିଏ ପକ୍ଷୀ ପ୍ରାଣ ମଣିଷଟିକୁ ଭୟାର୍ତ୍ତ କରେ । ଆତ୍ମରକ୍ଷାର ଅବଲମ୍ବନ ପାଇଁ ମାଡ଼ିପଡୁଥିବା ଆକାଶରୁ ନିଜକୁ ଘୋଡ଼େଇନେବା ପାଇଁ ଜଣେ ଜଣକୁ ସାଥୀ କରିନିଏ । ତେଣିକି ଯେଉଁ ଆଡ଼େ ଅନେଇଲେ ମମତାର ପକ୍ଷପୁଟ ଆବୋରି ରହିଥାଏ । ଚଢ଼େଇ ବସାପରି କୋମଳ ସ୍ନିଗ୍ଧ ଦୁଇଟି ଆଖି ସବୁବେଳେ ଆୟତନ ରକ୍ଷାକରି ରହିଥାଏ । ସେ ଭିତରକୁ ଆକାଶ କିମ୍ବା ତା'ର ଶୀତଳ ମୌନତା ଅନୁପ୍ରବେଶ କରିପାରେ ନାହିଁ । ଅନେକ ଭଡ଼ାଘରର ଶାଖାରେ ଶାଖାରେ ଉଡ଼ିବୁଲିଲା ପରେ ଦିନେ ଉଭୟେ ମିଶି ଅବସନ୍ନ ବୋଧ କରନ୍ତି । ଉଭୟଙ୍କୁ ଘେରିଯାଏ ଶୂନ୍ୟତା ଗୁଡ଼ିଏ ଯାଯାବର ଶିଶୁ ଓ ବର୍ଦ୍ଧିଷ୍ଣୁ ମଣିଷଛୁଆଙ୍କ ମୁହଁରେ ନୀରବ ପ୍ରଶ୍ନରେଖା ଉକୁଟିଉଠେ । ଆମେ କ'ଣ ଏ ଆକାଶରେ ବଞ୍ଚିପାରିବୁ; ଏଠି ପରା ପକ୍ଷୀ ବଞ୍ଚିବାକୁ ସାହସ କରେ ନାହିଁ ! ମଣିଷଟି ଅନାଏଁ ନିଜର ସାଥୀକୁ, ଅନାଏଁ ନୀଡ଼ ପରି ତା'ର ସେ ଦୁଇଟି ଉଜ୍ଜ୍ୱଳ ଆଖି ଚାରିଆଡ଼େ କେଉଟର ସରୁ ସରୁ ଜାଲକୁ । ନିଜ କାନମୂଳରେ ଲୁଚି ପାରୁନଥିବା ଧଳା ଧଳା କଟୁଆଳ ଗୁଡ଼ିକୁ । ତା'ର ତୁହାଇ ତୁହାଇ ମନେପଡ଼ିଯାଏ ଯେ ଆସନ୍ତା କାର୍ତ୍ତିକକୁ ପଇଁଚାଳିଶଟି ଶରତ୍ ସରିଯିବ । ପଉଷ ପବନ ପରି କେଉଁ ସନ୍ଧ୍ୟାବାଟେ ସିର୍ ସିର୍ ହୋଇ ଆକାଶ ପଶିଆସେ । ଚାରିଆଡ଼େ ଲୁହାଛଡ଼ ଓ ସିମେଣ୍ଟର କାନ୍ଥ ଟେକି ନ ଦେଲେ ଆଉ ରକ୍ଷା ନାହିଁ । ଏଇ ସମୟରେ ଅସହାୟ ପ୍ରୌଢ଼ଗୁଡ଼ିକ ଆତୁର ହୋଇ ଇଟା ଭାଟିରୁ ଯୋଗାଣ ଗୋଦାମ, କରଜ କିରାଣିଠାରୁ ମିସ୍ତିଘରକୁ ଧାଆନ୍ତି । ଆଜି ମୂଳଦୁଆ, କାଲି ଚଉକାଠ, ଆଉ ଦିନେଛାତ ।... କପାଳରେ ଗାର ଗାର ହୋଇ ଉଦ୍‌ବେଗର ଛାଇ ବୋଝେଇ ହୋଇଯାଏ । ଯୌବନର ଜାମାପଟା ଢିଲା ହୋଇ ଓହଳିପଡ଼ନ୍ତି । ଧୀର ଧୀର ଝାଳର ସ୍ରୋତରେ ବୟସ ବୋହିଯାଏ ପିଚୁରାସ୍ତା ଉପରକୁ । ସବୁ ନୀଡ଼ ନିର୍ମାଣ ସରିଆସିଲା ବେଳକୁ ଚତୁର୍ମାସ୍ୟାର ଅନ୍ଧାର ପ୍ରାୟ ନଇଁଆସିଥାଏ । ପିଲାଏ ଯେ ଯାହାର କୋଣ ଆବୋରି ରହିଯାନ୍ତି । କବାଟ ଝରକା ବନ୍ଦ କରିଦେଲେ ନୀଡ଼ଟି ବି ବେଶ୍ ଉଷୁମ ଜଣାପଡ଼େ । ଆପଣାପଣରେ ମଙ୍ଗ ପର୍ଯ୍ୟନ୍ତ ଭରପୂର ଓ କୋଳାହଳମୟ ! ବାହାରେ ବର୍ଷା ବତାସୀ କୁହାଟୁଥିବାର ଶବ୍ଦ ଶୁଭେ । କ୍ଲାନ୍ତ ମଣିଷଟି ବିଜେତାର ହସ ସାଙ୍ଗରେ କିଛି ଟା ଶୋଷିନିଏ । ତା'ପରେ ସବୁଠାରୁ ବଡ଼ ପ୍ରକୋଷ୍ଠଟିରେ ଶୋଇଯାଏ । ପ୍ରୟୋଜନ ବେଳେ ତା'ର ସମସ୍ତ ଆତ୍ମୀୟ ସେଇଠି ଜମାଟ ବାନ୍ଧି ତାକୁ ଘେରିଯିବେ ବୋଲି ତା'ର ଅଗାଧ ବିଶ୍ୱାସ ଆସିଯାଏ । ଏଇ ନୀଡ଼ ତା'ର । ଏ କାନ୍ଥଗୁଡ଼ିକ ସେ ନିଜେ ଠିଆ ରହି ଗଢ଼ିଛି । ଏଇ ଘରେ ଏନ୍ତୁଡ଼ି ଧୂଆଁ, ଏଇଠି ମଣିଷଛୁଆର ଲୁଣିଆ ଆଇଁଷିଆ ଗନ୍ଧ । ଏଇଠି ରୋଗ, ଶୋକ, ପ୍ରଣୟ, କ୍ଷୁଧା ତୃଷାଙ୍କ ଜ୍ୱାଳା, ଜୀବନର ସଂଘର୍ଷ ଓ କୋଳାହଳ । ଏଠି ପୁଣି ପରିଶେଷରେ, ଏଇ ଆତ୍ମୀୟ ପରି ଠିଆ ରହିଥିବା କାନ୍ଥଗୁଡ଼ିକର ବେଢ଼ା ଭିତରେ ମୃତ୍ୟୁ ଏବଂ ଚାରିଆଡ଼େ ଏ ରୋଗୁଦ୍ୟମାନ ପ୍ରକୋଷ୍ଠ । କିନ୍ତୁ ବାହାରେ ସେ ବିସ୍ତୀର୍ଣ୍ଣ ଆକାଶ, ସେ ହାଉହାଉ ଢୁଆରିଆ ପବନ ଏବଂ ସେ ପରିଚିତ

Digitized by srujanika@gmail.com

ଅନାତ୍ମୀୟ ପୃଥିବୀ...ତାକୁ ନେଇ କଣ ବଞ୍ଚିହୁଏ ନା ମରିହୁଏ ? ଏଇ ନୀଡ଼ଟି ଭିତରେ ସବୁ ଜ୍ୱାଳାର ସ୍ୱାଦ ଅଛି, ସବୁ ଯନ୍ତ୍ରଣାର ମୂଲ୍ୟ ଅଛି; ମରିବାରେ ମଧ୍ୟ ଆତ୍ମୀୟତାର ସମ୍ଭାବନା ଅଛି । ସେ ଶୂନ୍ୟଭୂମିରେ କିନ୍ତୁ ବଞ୍ଚିବା ଯେତିକି ଦୁର୍ବିସହ, ମରିବା ତଦପେକ୍ଷା ଆହୁରି ଦୁର୍ବିସହ, ଆହୁରି ଭୟାବହ । ମୋର ବୋଲି ଆଙ୍କୁଡ଼ାଟିଏ ଲଗେଇଦେବାକୁ ସେଇଠି ଫାନ୍ଦ ନାହିଁ । ଆଉଜି ପଡ଼ିବାକୁ କାନ୍ଥ ନାହିଁ । ତା' ତଳେ ଲଇଁ ପଶିଯିବାକୁ ଛାତ ନାହିଁ । ତା'ର ଦଶଦିଗ ମେଲା । ଯେଉଁଆଡ଼େ ଦରାଣ୍ଡିଲେ ଥଳକୂଳ ନାହିଁ । ଇସ୍, ସେଠି ମଣିଷ କେମିତି ରହିବ ? ସେଠି ପରା ପକ୍ଷୀ ବି ସାହସ କରେ ନାହିଁ ବଞ୍ଚିବାକୁ !

ଜୀବନରୁ ଆକାଶକୁ ବାଦ୍ ଦେବାକୁ ସେ ଉପରକୁ ଅନାଏଁ ନାହିଁ । ନୀଡ଼ାୟତନ ଭିତରେ ସେ ନିଜେ ହିଁ ରାଜତ୍ୱ କରେ । ପାଚେରିଗୁଡ଼ିକ ଶଙ୍ଖକୀଟର ଖୋଳପା ପରି ତାକୁ ଆବୋରି ରହନ୍ତି । ନିଜର ଶିରା-ଉପଶିରାକୁ ରକ୍ତ ଯୋଗାଇ ସେ ଖୋଳପାଟିକୁ ଦୃଢ଼ କରୁଥାଏ, ଚିକ୍କଣ ଓ ସୁନ୍ଦର କରୁଥାଏ । ଶାବକଗୁଡ଼ିକୁ ଚାରା ଯୋଗାଇବା ବେଳେ ସେ ଅନୁଭବ କରେ ଯେ, ନୀଡ଼ ଭିତରେ ଆହୁରି ଗୋଟିଏ ଘନିଷ୍ଠ ପରିସର ଏମାନେ ଗଢ଼ୁଛନ୍ତି । ତା' ଚାରିଆଡ଼େ ଏମାନେ ଦୁର୍ଭେଦ୍ୟ ମମତାର ବାଡ଼ ବଢ଼େଇ ଚାଲିଛନ୍ତି । ଦିନେ କିନ୍ତୁ ହଠାତ୍ ସେ ଆବିଷ୍କାର କରେ ଯେ ଜଣେ ସେ ଭିତରୁ ତା'ରି ଭଳି ଅନେଇ ରହିଛି । ତା' ଡେଣାରେ ଆକାଶର ସ୍ପର୍ଶ । ସେ ଏଣିକି ଉଡ଼ିଯିବ ଶାଖାରୁ ଶାଖାକୁ । ଏ ନୀଡ଼ାୟତନରେ ସେ ଆଉ ରହିପାରିବ ନାହିଁ । ପାଚିଲା ଫଳ ପରି ସେ ଖସିପଡ଼ିବ । ନୂତନ ଭୂମିରେ ନୂତନ ଅଙ୍କୁର ପାଇଁ ତା' ଭିତରେ ଉଚ୍ଚାଟ ସୃଷ୍ଟି ହେଲାଣି । ସେ ଚାଲିଯାଏ ଏବଂ ତାହାରି ସ୍ଥାନ ଆବୋରି ବସେ ସମପରିମିତ ଆକାଶ । ଉଦ୍ଭିଦ ପରି ଆକାଶ ବି ବଢ଼େ । ଶାଖା ମେଲେଇ ସମଗ୍ର ନୀଡ଼ର ଆୟତନକୁ ସେ କ୍ରମଶଃ ଆଚ୍ଛନ୍ନ କରେ । ପରିଶେଷରେ ପ୍ରାଚୀନ ଦୁଇଟି ପକ୍ଷୀ ପରସ୍ପରକୁ ଅନେଇ ରହନ୍ତି, ନିରବରେ ଅନେଇ ରହନ୍ତି ସେଇ ଆକାଶକୁ । ତା'ପରେ ନୀଡ଼ ପରି କୋମଳ ସ୍ନିଗ୍ଧ ସେ ଦୁଇଟି ଆଖି ମଧ୍ୟ ବୁଜି ହୋଇଯାଏ । ଅବଶିଷ୍ଟ ପକ୍ଷୀଟି ଆଉ ଡେଣା ମେଲେଇ ପାରେ ନାହିଁ । ତା' ଚାରିଆଡ଼େ ଆକାଶ - ନିରବ, ନିସ୍ପନ୍ଦ, ତୁଷାର-କଠ୍ଠ ! ସେ ସେଇ କାନ୍ଥଗୁଡ଼ିକୁ ଆତୁର ହୋଇ ଦରାଣ୍ଡି ପକାଏ; ଆଉଁଶିପକାଏ ସ୍ୱଜନବର୍ଗଙ୍କୁ !! ସମସ୍ତେ ଜଣାପଡ଼ନ୍ତି ସେଇ ଆକାଶର ହିଁ ପ୍ରତିନିଧି, ତା'ର ନିରାୟତନ ଉପନିବେଶ ! ସେ ଯାହାକୁ ଭୟରେ ଚାହିଁନଥିଲା, ତାକୁ ହିଁ ଶେଷରେ ସିଧାସଳଖ ଅନାଏଁ ଏବଂ ଅଗତ୍ୟା ଡେଇଁପଡ଼େ ତା'ର ନିରବଚ୍ଛିନ୍ନ ଶୂନ୍ୟତା ଭିତରକୁ । ପ୍ରକୋଷ୍ଠଟି ରୋରୁଦ୍ୟମାନ ହୁଏ । ସ୍ୱଜନ ବାନ୍ଧବ ଲୋତକାପ୍ଳୁତ ହୁଅନ୍ତି । କିନ୍ତୁ ସେ ରୋଦନରେ କେତେ ଅନ୍ୟମନସ୍କତା - ସେ ଲୋତକ ବିନ୍ଦୁ ଗୁଡ଼ିକ କେତେ ଶିଷ୍ଟାଚାରୀ ଏବଂ ସାମାଜିକ !!

ପ୍ରତ୍ୟେକ ନୀଡ଼ାୟତନକୁ ଏହିଭଳି ଅନର୍ଗଳ ଆକାଶ ହିଁ ଅଧିକାର କରିନିଏ । ତାକୁ ବାଦ୍ ଦେଇ ହୁଏ ନାହିଁ, ତାକୁ ବନ୍ଦୀ ବି କରି ହୁଏ ନାହିଁ । ତାକୁ କିନ୍ତୁ ସଂପୂର୍ଣ୍ଣ ଗ୍ରହଣ କରିନେଲେ ଆୟତନ ଭୁଷୁଡ଼ି ପଡ଼େ, ଜୀବନ-ମରଣର ସକଳ ସମ୍ଭାବନା ଲୋପ ପାଇଯାଏ । ପରିବାରର ଆୟତନ ଭିତରେ ପ୍ରେମ, ବାତ୍ସଲ୍ୟ, ଭକ୍ତି, ସମ୍ମାନ, ଶ୍ରଦ୍ଧା ଯେପରି ପରସ୍ପର ଜାଣିବାକୁ, ଗ୍ରହଣ

Digitized by srujanika@gmail.com

କରିବାକୁ ଉପାଦାନ ଯୋଗେଇ ଦିଅନ୍ତି, ପରିବେଶ ସୃଷ୍ଟି କରିଦିଅନ୍ତି, ସେଭଳି ବାକି ସବୁ ମଧ୍ୟ ଗୋଟାଏ ଗୋଟାଏ ଆୟତନକୁ ନେଇ ସମ୍ଭବ ହୁଏ । ସମ୍ପୂର୍ଣ୍ଣ ଅସଂପୃକ୍ତ ଗୁଡ଼ିଏ ମଣିଷ ସହାବସ୍ଥାନ କରନ୍ତି । କିନ୍ତୁ କାଳେ ସେମାନେ ଆକାଶଧର୍ମୀ ହୋଇଯିବେ, ସେଇଭଳି ନିସ୍ପନ୍ଦ, ଅପରିଚିତ ହୋଇଯିବେ, ଏଇ ଭୟରେ ଆମେ ନୀତି-ନିୟମ, ଆଚାର-ବ୍ୟବହାରକୁ ନେଇ ଗୋଟିଏ ବେଶ୍ ପ୍ରଶସ୍ତ ନୀଡ଼ ରଚନା କରୁ । ତାକୁ କହୁ ସମାଜ । ନୀଡ଼ର ଆୟତନ ଯେତେ ବଢୁଥାଏ, ଆକାଶର ପରିସର ସେତିକି ବଢୁଥାଏ । ଏଣୁ ଯେଉଁମାନେ କହନ୍ତି ଯେ ସମଗ୍ର ବସୁଧାରେ ଗୋଟିଏ ମାତ୍ର କୁଟୁମ୍ବ ବାସ କରନ୍ତି, ସେମାନେ ଦେଶ ଦେଶ ଭିତରେ, ଜାତି ଜାତି ଭିତରେ ଗୁଡ଼ିଏ ଫାଙ୍କା ଆକାଶକୁ ସ୍ୱୀକାର କରିନିଅନ୍ତି । ଏକୁଟୁମ୍ବଟିକୁ ବଳାତ୍କାର ଏକାଠି କରିବା ସମ୍ଭବ ନୁହେଁ । ତା'ର ଉପାଦାନରେ ଶହେରେ ଅନେଶ୍ୱତ ଭାଗ ଆକାଶ- ଅସମ୍ପର୍କରେ ଆକାଶ !

ସେ ଯେଉଁ ପ୍ରୌଢ଼ଟି ସରକାରୀ ବଗିଚାର ଅପରିଚିତ ଗଛମୂଳେ ପଡ଼ିଥିବା ଲୁହା ବେଞ୍ଚଟି ଉପରେ ପ୍ରତିଦିନ ସନ୍ଧ୍ୟାରେ ଆସି ବସେ ଏବଂ ତା'ଭଳି ଆଉ ଜଣେ ସେଇ ସମୟରେ ସେଇଠି ତା' ସାଙ୍ଗେ ଆସି ମିଶେ - ସେ ଦୁହେଁ ସହୃଦୟତାର ଗୋଟିଏ ନୀଡ଼ାୟତନ ଭିତରେ ଘୁମୁରନ୍ତି । ଦିନେ ହୁଏତ ସେଥିରୁ ଗୋଟିଏ ଝଡ଼ିଯାଏ ବା ଉଡ଼ିଯାଏ ଏବଂ ସରକାରୀ ବଗିଚାର ଅପରିଚିତ ଗଛମୂଳେ ପଡ଼ିଥିବା ଲୁହା ବେଞ୍ଚଟି ସନ୍ଧ୍ୟାବେଳେ ସେମିତି ଖାଲି ପଡ଼ିରହିଯାଏ । ଏହିଭଳି ସଙ୍ଗୀତ ଆସର, ପାଠଚକ୍ର, ସାହିତ୍ୟସଂସଦ, କ୍ଲବ୍, ଅନୁଷ୍ଠାନ ଗୋଟିଏ ଗୋଟିଏ ନୀଡ଼ାୟତନ । ଗୁଡ଼ିଏ ସ୍ୱାଧୀନ ପରିସରର ଚଢ଼େଇ କିଛି ସମୟ ପାଇଁ ଗୋଟିଏ ସର୍ବସାଧାରଣ ଚରାଭୂଇଁରେ ଓହ୍ଲେଇଯାନ୍ତି । ଗୁଡ଼ିଏ ମଣିଷ ସେମାନଙ୍କର ବିଭିନ୍ନ ଅଭିରୁଚିର ବିସମତା ଭିତରେ ସୂତାଖିଅ ପରି ଗୋଟିଏ ଗରିଷ୍ଠ ସାଧାରଣ ଗୁଣନୀୟକ ଆବିଷ୍କାର କରନ୍ତି । ଅନୁଷ୍ଠାନ ଗଢ଼ିଉଠେ । ଗୋଷ୍ଠୀ ପାଇଁ ଗୋଟିଏ ସ୍ୱତନ୍ତ୍ର ନୀଡ଼ାୟତନ ଗଢ଼ିଉଠେ । ଏଭଳି ଏକାଠି ମିଶି କୋଳାହଳ ନକଲେ ଚାରିଆଡ଼େ ବ୍ୟାପିଥିବା ସେଇ ନିଝୁମ ନୀଳ ଅରଣ୍ୟର ନିସ୍ତବ୍ଧତା ସେମାନଙ୍କୁ ଘୋଡ଼େଇ ପକେଇବ । ଏମିତି ନୀଡ଼ରୁ ନୀଡ଼କୁ ଡେଇଁ ବିଭିନ୍ନ ଆୟତନର ବାଡ଼ ଉପରକୁ ଆଉଜି ନ ଗଲେ ସେ ଆକାଶିଆ ରାତ୍ରି ଶୋଷିନେବ ତା ନୀଡ଼ାୟତନ ଗର୍ଭକୁ । ସମ୍ପୂର୍ଣ୍ଣ ଏକୁଟିଆ ହୋଇ ମଣିଷ ଆକାଶକୁ ଅନେଇ ପାରେ ନାହିଁ । ଦିଗମ୍ବର ମହାଶୂନ୍ୟର ନିଶ୍ଚଳ ସମାଧି । ଅସ୍ତିନାସ୍ତିର ସେ ଚିରବିସ୍ମୟ, ତା'ର ଅନନ୍ତ ବ୍ୟାପକତା ତାକୁ ନିଶ୍ଚିହ୍ନ କରିଦିଏ; ସେ ହଜିଯାଏ । ତା'ପରେ ପୁଣି କେତେବେଳେ ସେ ନିଜକୁ ନିଜେ ଆବିଷ୍କାର କରି ଆଶ୍ୱସ୍ତ ହୁଏ । ଅତି ପ୍ରିୟ ଜଣାପଡ଼େ ତା'ର ସେ ଚମତ୍କାର ଘନିଷ୍ଠତମ ଆୟତନଟି । ସ୍ୱେଦ-ଶୋଣିତର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ଯାଚନା, ସେମାନଙ୍କର ଦୁରନ୍ତ ଯାତନା ଓ ସମସ୍ତ ଦୁଃଖ ସୁଖ ଜଣାପଡ଼େ ଅତି ପ୍ରିୟ, ଅତି ଆପଣାର । ଏଣୁ ଗୋଟିଏ ପଳାତକ ଭୟାର୍ତ୍ତ ଶିଶୁ ପରି ସେ ସଂସାରର ପରିଚିତ କୋଟର ଭିତରେ ପଶିଯାଏ- ଆକାଶର ଭୟରେ, ଆକାଶଠାରୁ ଦୂରେଇଯିବା ପାଇଁ ଏବଂ ପରମଶୂନ୍ୟତା ସହିତ ଜୀବନର ଛୋଟ ଛୋଟ ଆୟତନ ଗୁଡ଼ିକର ଓ ସେମାନଙ୍କ ମମତା ମାୟାର ରାଜିନାମା ହୋଇପାରେ ନାହିଁ ବୋଲି ।

Digitized by srujanika@gmail.com

ଏତେ ଅପରିମେୟ ଆକାଶ ସତ୍ତ୍ୱେ କିଛି ଅନାକାଶ ବସ୍ତୁ କେଉଁଠି ନିଶ୍ଚୟ ଅଛି ଯାହା ଶୂନ୍ୟତାର ଅପକ୍ଷପାତୀ । ନଚେତ୍ ଏତେ ଦ୍ୱନ୍ଦ୍ୱ, ଏତେ ବିରୋଧ ସମ୍ଭବ ହୁଅନ୍ତା କେମିତି ? ଅନାକାଶରେ ଆୟତନ ଅଛି, ଗତି ଅଛି, ଆର୍ଦ୍ରତା ଅଛି, ଉତ୍ତାପ ଅଛି । ଗତିରୁ ସମ୍ପର୍କ ଏବଂ ସମ୍ପର୍କରୁ ବହୁବିଧ ରସ ଓ ଉଷ୍ମତା । ଏଣୁ ପ୍ରାଣୀମାନେ ଅନାକାଶର ଆଶ୍ରୟ ନନେଲେ ବଞ୍ଚିବା ଅସମ୍ଭବ । ସେଇଠି ସେ ପାଏ ତା'ର ଘନିଷ୍ଠ ନୀଡ଼ାୟତନ; ବନ୍ଧୁ କୁଟୁମ୍ବୀ ସ୍ୱଜନବର୍ଗଙ୍କର ନିବିଡ଼ ଉଷ୍ମତା । ତାହାରି ଭିତରେ ତା'ର ଆରାଧ୍ୟ ଦେବତା ରୂପ ପରିଗ୍ରହ କରନ୍ତି । ତା'ର ଚୂଡ଼ାନ୍ତ ଦର୍ଶନ ଭାଷା ଆୟତନକୁ ଅବତରଣ କରେ । ଜୀବନ-ବଣିଜରେ ସେ ପାଏ ଚତୁର୍ବର୍ଗ- ମନୋରମା ପତ୍ନୀ, ଗୁଣବନ୍ତ ପୁତ୍ର !! ଧନ, ଧାନ୍ୟ, ଧରା, ଧର୍ମ ତାକୁ ମହିମା-ମଣ୍ଡିତ କରନ୍ତି । ପ୍ରାଣୋପମ ବନ୍ଧୁ ଉଦାର ସ୍ନେହ ଆଦରରେ ଅଭିଷିକ୍ତ କରନ୍ତି । ମିଳେ ସାମ୍ୟ, ମୈତ୍ରୀ ଓ କରୁଣା । ମିଳେ ଯଶୋଦାର ସୌଭାଗ୍ୟ ଓ ଦଶରଥର ମର୍ଯ୍ୟାଦା । ସେ ଦିଏ ଅକୃପଣ ପ୍ରେମ, ବାତ୍ସଲ୍ୟ ଓ କୃତଜ୍ଞତା । ଏ ସମସ୍ତ ଦାନ-ପ୍ରତିଦାନର ଐଶ୍ୱର୍ଯ୍ୟକୁ ତୁଳାଦଣ୍ଡରେ ସମନମିତ କରନ୍ତି ଦୁଃଖ, ଦୈନ୍ୟ, ରୋଗ, ଶୋକ, ସନ୍ତାପ, ଦ୍ୱେଷ, ଘୃଣା, ବିଦ୍ରୋହ ଏବଂ ନିଷ୍କରୁଣ ଜିଘାଂସା । ଏ ସମସ୍ତକୁ ନେଇ ତ' ଜୀବନ ! ନୀଡ଼ାୟତନର ସ୍ତରୀଭୂତ ମୂଲ୍ୟ ତ' ଏସବୁ-କେତେ ପ୍ରିୟ, କେତେ ଆପଣାର !!

ସ୍ୱଭାବତଃ ସମୁଦ୍ର ଲୀଳାୟିତ ହେଲେ ଲହରୀ ଫେନାୟିତ ହୁଏ ଏବଂ ଶୀକରବିନ୍ଦୁ ଗୁଡ଼ିକ କିଛି କାଳ ପାଇଁ ସମୁଦ୍ରରୁ ବିଚ୍ଛିନ୍ନ ହୁଅନ୍ତି । ଯଦି ଆକାଶ ତା'ର ନିଷ୍କମ୍ପ ସ୍ଥିତିରେ ରହି ଏ ଲୀଳାୟତ ଅନାକାଶକୁ ସର୍ଜନା କରେ ଏବଂ ଏ ସମସ୍ତର ନିମିତ୍ତ ଓ ଉପାଦାନ କାରଣରୂପେ ଅଦ୍ଭୁତଭାବରେ ସେଇ ନିର୍ଗୁଣ ଶୂନ୍ୟକାଶ ହିଁ ବିଦ୍ୟମାନ- ପଣ୍ଡିତବର୍ଗଙ୍କୁ ଅନୁରୋଧ, ସେମାନେ ଏ ଭୟଙ୍କର ସତ୍ୟକୁ ପ୍ରକାଶ ନ କରନ୍ତୁ । ନିରନ୍ତର ଭୁଶୁଡ଼ି ପଡୁଥିବା ନୀଡ଼ାୟତନକୁ ଜାବୁଡ଼ି ଧରି ଆମେ କିଛି ଆଶ୍ୱସ୍ତି ପାଉଛୁ । ପ୍ରତି ମୁହୂର୍ତ୍ତରେ ଆକାଶରେ ନିମଗ୍ନ ହୋଇ ଚାଲିଛି ଜୀବନର ସ୍ଫୁଲିଙ୍ଗ । ନିର୍ଲିପ୍ତ, ନିରାସକ୍ତ ଆକାଶ ତା'ର କେବଳ ମାତ୍ର ସ୍ଥିତିରେ ଏ ସମସ୍ତ କୋଳାହଳକୁ ନୀରବ କରିଚାଲିଛି; କିନ୍ତୁ ସେଇ ନିସ୍ତରଙ୍ଗ ଶୀତଳ-ସମାଧି, ସେଇ ଶୂନ୍ୟଗର୍ଭ ଶୂନ୍ୟାୟତନ ଅପେକ୍ଷା ଜୀବନର ଏ ଧୂଳିଘର, ତା'ର ଭଙ୍ଗାଗଢ଼ା, ଜୀବନ-ଭିତ୍ତିକ ତା'ର ଆନନ୍ଦ-ବିଷାଦ, ଏକାନ୍ତ କାମ୍ୟ । ... ଏ ପକ୍ଷୀଗୁଡ଼ିକୁ ବଞ୍ଚିବାକୁ ଦିଅ, ପାଣି ଉପରେ ଘନ ବରଫର ଭେଳା ପରି ଭାସିଯିବାକୁ ଦିଅ ! ସବୁ ଆୟତନକୁ ଆକାଶରେ ବୁଡ଼େଇଦେଲେ ଭାସମାନ ମେଘଖଣ୍ଡରୁ ଇନ୍ଦ୍ରଧନୁଟି ଲିଭିଯିବ । ଏ ଭୟାର୍ତ୍ତ ଯାଯାବର ପକ୍ଷୀଟିଏ ନ୍ୟୂନତମ ଅନୁମତି ବଦଳରେ ପ୍ରତିଶ୍ରୁତି ହେଉଛି ଯେ ଆକାଶର ଅପ୍ରତିହତ ସାମ୍ରାଜ୍ୟରେ ଯେଉଁ ଟିକକ ମାୟାବଳୟିତ କରି ସେ ନିଜର ନୀଡ଼ ରଚନା କରିଛି, ତାହା ଦିନେ ସେ ମାଲିକକୁ ସମର୍ପିଦେବ । ଥଣ୍ଡ ମେଲା କରି ପଛରେ ପଡ଼ିରହିଯିବ ମୁଠାଏ ହାଡ଼ ଓ କିଛି ମୃତ୍ତିକା । ସେ ନତଜାନୁ ହୋଇ ସ୍ୱୀକାର କରୁଛି ଯେ ଏ ସମସ୍ତ ମହାମହିମ ଆକାଶଙ୍କର ସମ୍ପତ୍ତି; ଆଦିଗନ୍ତ ଏ ସମଗ୍ର ଭୂମି ଆକାଶଙ୍କର ହିଁ ସାମ୍ରାଜ୍ୟ; କିନ୍ତୁ ଆପାତତଃ ପକ୍ଷୀଟିକୁ ତା'ର ନୀଡ଼ାୟତନରେ ବଞ୍ଚିବାକୁ ଦିଅ । ତାକୁ କହ ନାହିଁ ସେ ସ୍ୱୟଂ ସେଇ ଆକାଶ ବୋଲି ।

❖❖❖

Digitized by srujanika@gmail.com

ଦେବକୀ

ଦ୍ୱାପର ଯୁଗରୁ ଏ ପର୍ଯ୍ୟନ୍ତ ଯୋଡ଼ିଏ ଆଖି ଅହରହ ଲୋତକ ବର୍ଷା କରିଚାଲିଛି । କାରାକକ୍ଷର ଅନ୍ଧାର ଭିତରେ ଉଦାସ ସେ ଦୁଇଟି ଆଖି ଏବଂ ସେ ଆଖିର ଲୋତକ । ସେ ଲୋତକରେ ରୋଦନ ନାହିଁ; ତାହା ସେ ଆଖିମାନଙ୍କର ସ୍ୱାଭାବିକ ଆତ୍ମପ୍ରକାଶ । ସେ ଆଖିରେ ଜ୍ୟୋତି ନାହିଁ, କେଉଁ କାଲୁ ଜ୍ୟୋତିର ହୀରାକଣିକାଗୁଡ଼ିକ ସେ ଲବଣାକ୍ତ ସ୍ରୋତରେ ଧୋଇହୋଇ ଚାଲିଗଲେଣି । ସେ ନୀରନ୍ଧ୍ର କାରାଗାରରେ ସୂର୍ଯ୍ୟ ନାହିଁ ତାକୁ ସଂଦୀପ୍ତ କରିବାକୁ । ପବନ ନିଶ୍ଚଳ । ଶୀର୍ଣ୍ଣ ନୂପୁର ଗ୍ରନ୍ଥି ଉପରେ ଲୁହା ଶାଙ୍କୁଳିର ଉତ୍ପୀଡ଼ନ ମଧ୍ୟ ଅନେକ ଊଣା । ଆଠଟି ଶ୍ରାବଣର ଗର୍ଭ ବେଦନା, ଶୋଣିତର ସ୍ରୋତରେ ପ୍ରସ୍ଫୁଟିତ ଆଠଟି ନବଜାତ ପଦ୍ମ ସବୁ ସ୍ୱପ୍ନ ପରି ପହଁରି ଆସନ୍ତି । ତା'ପରେ ଶୁଭିଯାଏ ସେଇ ବିକଟ ଅଟ୍ଟହାସ; ଦିଶିଯାଏ ନିଷ୍କରୁଣ ସେଇ ପାଷାଣ ବକ୍ଷରେ ଅସହାୟ ଶିଶୁର ରକ୍ତ । ଜନନୀର ହୃଦୟ ପୁଣି ବିଦାରିତ ହୁଏ । ଝରିଆସେ ଉତପ୍ତ ଅବାରିତ ଅଶ୍ରୁ । ମଳିନବସନା ବନ୍ଦିନୀ ଦେବକୀ ଗଭୀର କଷଣରେ କମ୍ପି ଉଠନ୍ତି । ନିସ୍ତବ୍ଧ ଶିଳାଗୃହର ପଥର ପାଚେରି ଦେହରେ ସେ କମ୍ପନ ଲୀନ ହୋଇଯାଏ... ଶୁଭେ ବସୁଦେବଙ୍କର ଶ୍ୱାସପତନ । ଯାତନାର ଆଉ ଏକ ସହଯାତ୍ରୀ ବନ୍ଧୁ ପାଇଁ ଦେବକୀଙ୍କର ଶ୍ୱାସ ଦୀର୍ଘାୟିତ ହୋଇଯାଏ । ଏଇ ବସୁଦେବ କହନ୍ତି ନା ଅଷ୍ଟମ ଗର୍ଭର ଶିଶୁ ଗୋପନରେ ବଢୁଛି ବୋଲି !... କେଡ଼େଟିଏ ହେବଣି ସେ ନୀଳ ସ୍ୱପ୍ନ ?... କେମିତି ଶୁଭୁଥିବ ତା'ର ଦରୋଟି କଥା ?... ଛୋଟ ପିଲାଙ୍କ ଦରୋଟି କଥା ସତେ କେମିତି ଶୁଭେ ଯେ !... ଠିଆ ହୋଇ ସେ ଚାଲିବଣି ପରା ! କେଜାଣି !... ସେ ଉଭାହେଲେ ଧରଣୀ ମଣ୍ଡିଲା ପରି ଦିଶୁଥିବ ନା ! କଳା ଭଅଁର ପରି ଥୋଲା ଥୋଲା ବାଳ ଭିତରେ ତା'ର ସେ ପଦ୍ମପାଖୁଡ଼ା ପରି ଆଖି, ସେ ଠିଆ ଠିଆ ଭୂରୁ, ନାକ, ଓଠ, କପାଳ, ଚିବୁକ ନାହିଁନଥିବା ସୁନ୍ଦର ଦିଶୁଥିବ ନା ! ହସିଦେଲେ ସେ ମୁହଁରୁ ସୁଧା ଝରିପଡୁଥିବ ତ ! --- ଆଃ ! କେତେ ରାତି ଆଉ ଅଛି କେଜାଣି ? ଏ ରାତି କ'ଣ ପାହିବ ନାହିଁ ? ଏଇଟା ସତେ ରାତି ନା ଦିନ ? ବର୍ଷର କେଉଁ ଋତୁ ଏଇଟା ? ଏବେ ଏ ନିଷ୍ଫଳ ଶ୍ରାବଣଗୁଡ଼ିକ ଏମିତି ନୀରବରେ ଆସି କେତେବେଳେ ଚାଲିଯାଉଛନ୍ତି । ପାଦରେ ଭୟଙ୍କର ପୀଡ଼ା । ଅଙ୍ଗେ ଅଙ୍ଗେ ଦୁରନ୍ତ କଷଣ ଏବଂ ଅମାନିଆଁ ସେ ଆଖିର ଲୋତକରେ ନୀରବ ଶ୍ରାବଣ ।

ବସୁଦେବଙ୍କର ଶ୍ୱାସ ଛନ୍ଦ କ୍ରମଶଃ ଭାଙ୍ଗିଯାଉଛି । ଗୋଟିଏ ରାତ୍ରିରୁ ସେ ହୁଏତ ଜାଗିଉଠିବେ ଆଉ ଗୋଟିଏ ରାତ୍ରିର ଯାତନାକୁ । କାନେଇବେ ଶୁଣିବାକୁ ଦେବକୀ ଶୋଇପଡ଼ିଛନ୍ତି ନା କାନ୍ଦୁଛନ୍ତି ।

Digitized by srujanika@gmail.com

ତା'ପରେ ହୁଏତ ପୁରୁଣା ଅଭ୍ୟାସରେ କହିବେ, "କାନ୍ଦନା ଦେବକୀ ! ସେ ତ ଗୋପରେ ବଢୁଛି - ଚିନ୍ତା କ'ଣ ? ନନ୍ଦଘରେ ତ କିଛି ଅଭାବ ନାହିଁ ! ସର, ଲବଣି, ଗୋଟିକା, ଅଧାମର ପ୍ରଚୁର ଭଣ୍ଡାରସେ ଗୋପପୁର । ସେଠି କଣ ତୁମ ପୁଅ ଅଣହେଳା ପାଉଥିବ ବୋଲି ଭାବୁଛ ? ଆରେ ନାଇଁ ମ, ଯେତେହେଲେ ଯଶୋଦା କ'ଣ ତା'ର ରଙ୍କୁଣୀର ଧନକୁ ଆଖିଆଗରୁ ଆଡ଼ କରିଦେଉଥିବ ? ବାଳୁତ ସ୍ୱଭାବରେ ଦହି ହାଣ୍ଡିଟାଏ ଭାଙ୍ଗିଦେଲେ ସେ ଛାଟ ଧରି ଗୋଡ଼େଇଯାଉଥିବ ବୋଲି ଭାବୁଛ ? ନା ନା, ତା' କଣ ସମ୍ଭବ ? ତା'ର ସେ ଅଲିଅଳ ମୁହଁକୁ ଚାହିଁଦେଲେ ତା ହାତରୁ ଛାଟ ଫିଙ୍ଗିଦେଇ ସେ ନିଶ୍ଚୟ ତାକୁ କୋଳକୁ ଟାଣିନେଉଥିବ । ଆଉ ନନ୍ଦ --- ସେ କେବେ ନିର୍ଦ୍ଦୟ ହୋଇ ପାରିବ ନାହିଁ । ଷୋଳସହସ୍ର ପ୍ରଜା ଥାଉ ଥାଉ ସେ କଣ ତା'ର ନୟନ ପିତୁଳାକୁ ବଣକୁ ପଠାଇଦେଉଥିବ ଗାଈ ଜଗିବା ପାଇଁ ? ସେଠି ଯମୁନା ନଈ ଭାରି ଗଭୀର । ସେଠା ବଣରେ ଅଜଗର ଥା'ନ୍ତି --- ଏ କଥା କଣ ସେ ଜାଣେ ନାହିଁ ? ତା'ର କଣ ଆଉ ଫଳିବାର ଆଶା ଅଛି କି ? --- ବସୁଦେବଙ୍କ ଶ୍ୱାସରେ ବତାସିଆ ଶ୍ରାବଣ !... "କାନ୍ଦନା ଶୁଚିସ୍ମିତେ ! ମହାପୁରୁଷପ୍ରସବିନୀ, ପୁଣ୍ୟଗର୍ଭା ଦେବକୀ ! ତୁମର ପୁତ୍ର ମାନବ ନୁହେଁ ଜନନୀ ! ଧର୍ମର ସଂସ୍ଥାପନ ପାଇଁ ସେ ସ୍ୱୟଂ ପୁରୁଷୋତ୍ତମ ଅବତାର ଗ୍ରହଣ କରିଛି । ସେ ହିଁ ଏ ଅଖିଳ ବ୍ରହ୍ମାଣ୍ଡର ଅଧୀଶ୍ୱର ।" --- ବସୁଦେବଙ୍କର ସ୍ତୋତ୍ରୀୟ ସ୍ୱରରେ କୌଣସି ଏକ ଦୂରସ୍ଥ ଦେବାଳୟର ଗମ୍ଭୀର ଘଣ୍ଟାଧ୍ୱନି ।

"ରାତି ଆଉ କେତେ ଅଛି ବସୁଦେବ ? ଏ ରାତି କଣ କେବେ ଆଉ ପାହିବ ନାହିଁ ? ଏତେ ବର୍ଷ ଧରି କଣ ସେଇ ଗୋଟିଏ ଶ୍ରାବଣ ବର୍ଷିଲାଗିଛି ? ଆକାଶରେ ସେମିତି ନୀରନ୍ଧ୍ର ମେଘ, ସେମିତି ରାତ୍ରି, ସେମିତି ଅନ୍ଧାର । ପିଲାକୁ ନେଇ ସତେ କୋଉଠି ଛାଡ଼ିଦେଇ ଆସିଲ ଯେ ?"

ବାସ୍ତବିକ ସେ ଆଖିଯୋଡ଼ିକରୁ ଶ୍ରାବଣ ଶୁଖିବାର ନୁହେଁ । ସେ ରାତ୍ରି ପାହିବାର ନୁହେଁ ।

"ଶୁଣୁଛ ଦେବକୀ ! କାଲି ରାତ୍ରୀର ପ୍ରହରୀ କଥାବାର୍ତ୍ତା କରୁଥିଲେ । ଜଣେ କହୁଥିଲାଯେ ମଥୁରାରେ କଣ ଧନୁ-ଉତ୍ସବଟାଏ ହେଉଛି । ବହୁ ଆଡ଼ମ୍ବରରେ ରାଜା କଂସ ଧନୁଯାତ୍ରା କରାଉଛି । ଆଉ କହୁଥିଲା କୃଷ୍ଣ-ବଳରାମଙ୍କୁ ନେଇ ନନ୍ଦରାଜା ଗୋପପୁରରୁ ଆସୁଛି । ଏ କୃଷ୍ଣ-ବଳରାମ କିଏ ଦେବକୀ ? ମୁଁ ତ ଜାଣେନା ! ସେ କଣ ଜଣେ ନା ଦୁଇଜଣ ? ଏ ନାଁ ତ ଶୁଣିବାର ମୋର ସ୍ମରଣ ହେଉନାହିଁ । ଉତ୍ସବ ଦେଖିବାକୁ ପିଲାଏ ସିନା ଶ୍ରଦ୍ଧା କରନ୍ତି---ଏ ନନ୍ଦ ସେଥିରେ କାହିଁକି ମାତିଛି ? ଯଦି ଆସୁଛି, ସାଙ୍ଗରେ ସେ ପିଲାଟିକି ନେଇ ଆସନ୍ତା ନାହିଁ ? ନା, ବରଂ ନ ଆଣୁ, କାଳେ କଂସ ଚିହ୍ନିଦେବ । ସେ ଥାଉ ଯମୁନାର ଆର ପାରିରେ । ବଣରେ ଗାଈ ଜଗି, ଗୋପଦାଣ୍ଡରେ ଧୂଳିଧୂସର ହୋଇ ଫେରୁଥାଉ ପଛେ, ସେଇଠି ବୃନ୍ଦାବନ ଅରଣ୍ୟର ଆଢୁଆଳରେ ଥାଉ । କଂସର ଡଗର ଖୋଜି ଖୋଜି ତାକୁ ପାଇବେ ନାହିଁ ।" ଆଶଙ୍କା...ଉଦ୍‌ବେଗ...ଅନ୍ଧାରିତ କାରାକକ୍ଷରେ ଅଙ୍ଗେ ଅଙ୍ଗେ ଯାତନା ।

"ହେ ଶୁଣୁଛ, ଶୁଣୁଛ ବସୁଦେବ ! ଦ୍ୱିତୀୟ ଯାମର ପ୍ରହରୀ କହୁଥିଲା, ସେ ଦୁଇଜଣ କୁଆଡ଼େ ଦୁଇ ଭାଇ ! କୃଷ୍ଣ ଆଉ ବଳରାମ ଦୁଇ ଭାଇ ! ତା' ନାଁ କଣ ତା'ହେଲେ କୃଷ୍ଣ ? ଫୁଟିଲା ତମାଳ ଫୁଲ ପରି ଯା'ର କାନ୍ତି, କନ୍ଦର୍ପ ପରି ଯା'ର ଠାଣି, ତାକୁ କଣ ଏମିତି ନାଁ ଦିଅନ୍ତି ?

Digitized by srujanika@gmail.com

ପୁଅ ହୋଇ ଏଡ଼େ ସୁନ୍ଦର ଭଲା ଆଉ କାହାରି ଘରେ ଅଛି ? ଏଡ଼େ ସୁନ୍ଦର ପୁଅକୁ ପୁଣି ଏମିତି ଗୋଟାଏ ନାଁ ! ଗୋରୀ ଗୋରୀ ଗୋପାଳୁଣୀଗୁଡ଼ିକ ଘେରିଯାଇଥିବେ ମୋ ନୀଳସୁନ୍ଦରକୁ । ଆଖିରୁ ପଲକ ଲିଭିଯାଇଥିବ । ତୁଣ୍ଡରୁ କଥା ହଜିଯାଇଥିବ । ବିହ୍ୱଳ ହୋଇ ଡାକିଦେଇଥିବେ--- କୃଷ୍ଣ ! ଯେଡ଼େ ସୁନ୍ଦର ହେଲେ କଣ ହେବ--- କାଳିଆ ସୁନାଟା ତ ! କୃଷ୍ଣ ! ସତେ କେଡ଼େ ସୁନ୍ଦର ନାଁ !... ହେ ଶୁଣୁଛ, ବସୁଦେବ ! କୃଷ୍ଣ ଆସୁଛି; ଧନୁଯାତ୍ରା ଦେଖିବାକୁ ନନ୍ଦ ସାଙ୍ଗରେ ମଥୁରାକୁ ଆସୁଛି । ଅକ୍ରୂର ରଥ ନେଇ ଯାଇଛି ତାଙ୍କୁ ସବୁ ଆଣିବାକୁ । କଂସ କଣ ସବୁବେଳେ ଅସୁର ହୋଇ ରହିଥିବ କି ? ସେ ପରା ମାମୁ । ସେ କଣ ତା' ଭଣଜାକୁ ହୀନିମାନିଆ କରି ରଖେଇବ ? ମୁଁ କଂସକୁ ଜାଣିନାହିଁ ? ମୁଁ ପରା ତା' ସୋଦର ଭଉଣୀ !" ଆଶା... ଆନନ୍ଦ... ସେହି ଅନ୍ଧାରିତ କାରାକକ୍ଷରେ ସ୍ତୂପ ସ୍ତୂପ ବିମୁଗ୍ଧତା ।

ପ୍ରହରୀ କହୁଛି--- "କଂସ ଛଳ କରି ଡକେଇ ଆଣୁଛି । ସେ କଣ ଜାଣୁନାହିଁ ଏ କୃଷ୍ଣ କିଏ ? ଏ ଧନୁ-ଉତ୍ସବ ତୁଚ୍ଛା ଆଳଟାଏ ସିନା ! ସେ ଥରେ ତା' ହାବୁଡ଼ରେ ପଡ଼ିଗଲେ କଂସ କଣ ଛାଡ଼ିବ ?"

"ରଖ ହରି ! ରଖ ଦୀନାର୍ତ୍ତିହାରୀ ! ଅବୋଧ ବାଳକକୁ ରକ୍ଷା କରିଯାଅ ଚକ୍ରପାଣି !" ବିଳପିଉଠନ୍ତି ବସୁଦେବ ।

ଅକ୍ରୂର ତା'ହେଲେ କେବଳ ଛଳନା ! କଂସ ମାତ୍ରେ କ୍ରୂର । ସେ କାହୁଁ ବୁଝିବ ଶିଶୁର ଅସହାୟତା... ପୁତ୍ରଶୋକବିଧୁରା ଦେବକୀର ଯାତନା ! ପ୍ରବଳ ବାତ୍ୟାରେ ଆନ୍ଦୋଳିତ ହୋଇଉଠେ ଦେବକୀଙ୍କର ତନୁଲତା । ତାଙ୍କ ମାତୃ-କୋଳର ଚିରନ୍ତନ ଶୂନ୍ୟତା ହାହକାର କରେ । ତାଙ୍କୁ ଶୁଭିଯାଏ ଆଦିମ ସେଇ ବିକଟ ଅଟ୍ଟହାସ । ଦିଶିଯାଏ ନିଷ୍କରୁଣ ସେଇ ପାଷାଣ-ବକ୍ଷରେ ଅସହାୟ ଶିଶୁର ରକ୍ତ । କଂସ ତା'ହେଲେ ଚିରକାଳ ସେଇ କଂସ ! ସେଇ ହିଁ ତ ଯୁଗଯୁଗର ପୁଞ୍ଜୀଭୂତ କ୍ରୂରତା !

ପ୍ରହରୀ ପୁଣି କହୁଛି--- "ମହାବଳିଆର ସେ ଗଉଡ଼ଟୋକା । ଅଘା, ବକା, ତୃଣା, ଶକଟା ସମସ୍ତଙ୍କୁ ସେ ଅବଲୀଳାକ୍ରମେ ମାରିସାରିଛି । କଂସର ପ୍ରାଣେ ଭୟ, କାଳେ ତାକୁ ମଧ ସେ ବେଳପଡ଼ିଲେ ମାରିଦେବ ।"

"ଶୁଣୁଛ, ଶୁଣୁଛ ଦେବକୀ ! ପ୍ରବଳପ୍ରତାପୀ କଂସ କୁଆଡ଼େ ତାକୁ ଭୟ କରେ ! ମୁଁ ତୁମକୁ କହୁଥିଲି ନା--- ସେ ମଣିଷ ନୁହେଁ ବୋଲି ? ସେ ସେଇ ବିରାଟ ପୁରୁଷ, ଯା'ର ଭ୍ରୂଭଙ୍ଗମାତ୍ରେ ଏ ସୃଷ୍ଟି ସ୍ଥିତି ଲୟ ପୁନରାବୃତ୍ତ ହୁଏ । ତାହାରି ପାଇଁ ଆକାଶରୁ ଦୈବୀବାଣୀ ହୋଇଥିଲା । କଂସ ଜାଣେ ତା'ର ନିସ୍ତାର ନାହିଁ ।"

ବେଦମନ୍ତ୍ରର ଗମ୍ଭୀର ଧ୍ୱନି ବସୁଦେବଙ୍କର କଂପିତ ଅଧରରେ ଲୀନ ହୋଇଯାଏ ।

"ଏଇ ଗୋଟିଏ ରାତି ଭିତରେ ବାରବର୍ଷ ବିତିଗଲାଣି ବସୁଦେବ ! ଏ ବନ୍ଦିଶାଳାରେ ତ ନବମୀର ସୂର୍ଯ୍ୟ ଆହୁରି ଉଇଁନାହିଁ । ବାରବର୍ଷର ପୁଅ କେଡ଼େଟିଏ ହେବଣି ? କେମିତି ସେ ଦିଶୁଥିବ ? ଏ ଫୁଟିଗଲା ଆଖିରେ ଥରେ ଦେଖନ୍ତି କି ! କଂସକୁ କହିଲେ କଣ ଶୁଣିବ ? ବାରବର୍ଷର

Digitized by srujanika@gmail.com

ନନ୍ଦକୁମର କୃଷ୍ଣ । ସେ କିଏ ? ମୁଁ ତ ତାକୁ ଜାଣେନା ! ସେ ସତେ କିଏ ବସୁଦେବ ? ମୁଁ ତ ତାକୁ ଜାଣେନା ।"

"ମୁଁ ବି ଜାଣେନା ଦେବକୀ-ସେ ଅପ୍ରାକୃତ ପୁରୁଷ କିଏ ? ସେ କାହିଁକି ଓହ୍ଲାଇ ଆସିଛି ଆମର ପ୍ରିତୃତ୍ୱକୁ ଅବଲମ୍ବନ କରି ।" ଉଭୟେ ବିମୂଢ଼--- ଉଭୟେ ଯାତନାକ୍ଲିଷ୍ଟ । ଅସୂର୍ଯ୍ୟ କାରାକକ୍ଷରେ ବିଗଳିତ ଯୋଡ଼ିଏ ଅଶ୍ରୁଧାର କେବଳ ।

ଗୁରୁ ଗୁରୁ ପାଦଶବ୍ଦଗୁଡ଼ିଏ ପାଖେଇ ଆସନ୍ତି । ଅପ୍ରତ୍ୟାଶିତ ଭାବରେ ଅର୍ଗଳ ଫିଟିବାର ଶବ୍ଦ ଶୁଭେ । ରାଜାଦେଶରେ ହଠାତ୍ ଫିଟିଯାଏ କାରାକକ୍ଷର ବଜ୍ରକବାଟ । ଅଦୃଶ୍ୟ ରହି ମହାସମ୍ଭ୍ରମରେ ପ୍ରବେଶ କରନ୍ତି ଦେବତା, ଗନ୍ଧର୍ବ ଓ ଦଶଦିକ୍‌ପାଳ । ପ୍ରବେଶ କରନ୍ତି ସୂର୍ଯ୍ୟ ଏବଂ ପବନ ।

ପ୍ରହରୀ ଶାଙ୍କୁଳି ଛିନ୍ନ କରିଦିଅନ୍ତି । ନିବେଦନ କରନ୍ତି ରାଜାର ନିମନ୍ତ୍ରଣ ।

ଏ ହିଁ ତ ମହାଗୌରବିତ ପରମପୁରୁଷଙ୍କର ଜନକ ଜନନୀ । ବିଂଶତି ବର୍ଷର କାରାଯାତନାରେ ଶୀର୍ଣ୍ଣତନୁ, ଜୀର୍ଣ୍ଣ ପକ୍ୱକେଶ ଏ ଦୁଇଟି ପ୍ରାଣୀ ତେବେ କିଏ ? ଏଇମାନେ କଣ ସେଇ ଅପାର ପୁଣ୍ୟ ଅର୍ଜ୍ଜନ କରିଥିବା ଯୁଗନ୍ଧର ପୁରୁଷର ଜନୟିତା ଏବଂ ଜନୟିତ୍ରୀ ? ଅକସ୍ମାତ୍ ଦିବାଲୋକରେ ବସୁଦେବ କାହାକୁ ଚିହ୍ନି ପାରୁନାହାନ୍ତି । ଏ କଣ ସେଇ ଶୁଚିସ୍ମିତା ଦେବକୀ--- ମହାପୁରୁଷ-ପ୍ରସବିନୀ ପୁଣ୍ୟଗର୍ଭା ଜନନୀ ଦେବକୀ !

ଉଭୟ ଆଖିରୁ ଚିରଧାର ଅଶ୍ରୁ ଶୁଖିବାର ନୁହେଁ । ସେ ଦୃଷ୍ଟିରେ ଜ୍ୟୋତି ନାହିଁ, ସେ ଲୋତକରେ ରୋଦନ ନାହିଁ ।

ରାଜସଭାର ମଞ୍ଚ ଉପରୁ ଦେବକୀ କାହାକୁ ଚିହ୍ନିପାରୁ ନାହାନ୍ତି । ତାଙ୍କର ନିଷ୍ପ୍ରଭ ଆଖିରେ ବିଖଣ୍ଡିତ ହୋଇଯାଉଛି, ବାଷ୍ପାକୁଳ ହୋଇଯାଉଛି ଏକକ ବସ୍ତୁ । ଆଖିରୁ ଲୁହ ଟିକିଏ ଶୁଖିଗଲେ ମଞ୍ଚ ତଳକୁ ଦିଶିଯାଉଛି ଗୋଟିଏ ସ୍ନିଗ୍ଧ ସୁଠାମ କିଶୋର । ବାର କି ତେର ବର୍ଷ ହେବ ପରା ! ଏଇ କଣ କୃଷ୍ଣ ?? ଏତିକିରେ ଉଚ୍ଛୁଳିଉଠେ ଅଶ୍ରୁଭରା ହୃଦୟ; ଉଚ୍ଛୁଳିଯାଏ ଲୁହ । ଇନ୍ଦ୍ରନୀଳ ବର୍ଣ୍ଣ ଛିଟିକିପଡ଼େ ସାରା ଆକାଶ ।--- "ନା, ମୁଁ ତ ଯାକୁ ଜାଣିନାହିଁ ! ଏ ତ କେବେହେଲେ ମୋର କୋଳ ମଣ୍ଡନ କରିନାହିଁ ! ଯାକୁ ତ କେବେ ମୁଁ ଥନ ଭାଙ୍ଗି କ୍ଷୀର ପିଆଇ ନାହିଁ ! ମୁଁ ଗର୍ଭଧାରିଣୀ ସତ; କିନ୍ତୁ ମାତୃତ୍ୱ କଣ ମୁଁ ଜାଣେନା । ବସୁଦେବ କହୁଛନ୍ତି--- ଏ କୁଆଡ଼େ ପରମପୁରୁଷ । ହେଇଥିବ, ମୁଁ ଜାଣେନା । ମୁଁ ସେଇ ଚିରରୋରୁଦ୍ୟମାନା ପୁତ୍ରଶୋକବିଧୁରା ବିଡ଼ମ୍ବିତା ଦେବକୀ ।"

କ୍ଷମା କର ଜନନୀ ! ଏ ପରମପୁରୁଷଟିକୁ କ୍ଷମା କର । କ୍ଷମା କର ଏ ଅସହାୟ ବସୁଦେବଗୁଡ଼ିକୁ ଏବଂ କ୍ଷମା କର ଏ ସମଗ୍ର ଭ୍ରାତୃକୁଳ କଂସମାନଙ୍କୁ । ସର୍ବଂସହା ଦେବକୀ ଗୋ ! ତୋର ଦୁରନ୍ତ କଷଣ ପାଇଁ ଅପରାଧୀ ଆମେ ସମସ୍ତେ କେବଳ ଅସୁର ।

❖❖❖

Digitized by srujanika@gmail.com

ଅତିମୁହୂର୍ତ୍ତ

ମହାନଦୀର କୌଣସି ପୁରୁଣା ନିର୍ଜନ ଘାଟ ସେପାରି ଅନେକ ନୀରବ ଇତିହାସ ସହିତ ଜହ୍ନ ବୁଡ଼ିଗଲାବେଳେ କିମ୍ବା ସେଇ ନିର୍ବାକ୍ ସ୍ତବ୍ଧତା ଭିତରେ ନିଃସଙ୍ଗ ନିଶାଚର କୌଣସି ପକ୍ଷୀଟିର ଡାକ ସ୍ତୂପ ବାଲି ଏବଂ ଅନ୍ଧାରରେ ମିଳେଇଗଲାବେଳେ ଗୋଟାଏ ପ୍ରକାର ସ୍ତବ୍ଧ ବେଦନା ଗୁମୁରିଉଠେ । ସ୍ୱତଃ ହୁଏତ ମନେପଡ଼ିଯାଏ ଯେ, ଆନନ୍ଦ ଏବଂ ଦଶହଜାର ଶିଷ୍ୟଙ୍କୁ 'ପ୍ରଦୀପ ସୂତ୍ର' ବୁଝେଇସାରି ପରମବୁଦ୍ଧଙ୍କର ଦୁଇଟି କରୁଣାସ୍ନିଗ୍ଧ ଆଖି ଘୋଡ଼େଇ ହୋଇ ଆସୁଛି...ଅନନ୍ତଯାତନାର ଶେଷ ମୁହୂର୍ତ୍ତ ପୂର୍ବରୁ ସେଇ କଣ୍ଟାର ମୁକୁଟଟିକୁ ତଥାପି ପିନ୍ଧିଥିବା ସମ୍ରାଟ୍‌ର ମଥା ଝାଉଁଳିଲା ଫୁଲ ପରି ନଇଁଆସୁଛି, କିମ୍ବା ଖାଲି ରଥ ବାହୁଡ଼ାଇ ଆଣି ସୁମନ୍ତ ମୁହଁ ଟେକି ଚାହିଁପାରୁନାହିଁ ଦଶରଥଙ୍କୁ, ଘନୀଭୂତ ଦୀର୍ଘଶ୍ୱାସଟିଏ ପରି ଠିଆରହିଛି କେବଳ । ବିରାଟ କିଛି ଗୋଟାଏ ହୁଏତ ଘଟିଗଲା । ଏଇ ବୋଧହୁଏ ତା'ର ଅବସାନର ଶେଷ ପର୍ବ । କୌଣସି ଅନାମଧେୟ ଆବେଗର ପ୍ଲାବନରେ ନିମଜ୍ଜମାନ ଉଭୟ ଅତୀତ ଏବଂ ଭବିଷ୍ୟତ ! ଏହା ଗୋଟାଏ ମାତ୍ର ବାଷ୍ପାକୁଳ ସ୍ଥିର ମୁହୂର୍ତ୍ତର ବେଦନା ଏବଂ ସୁପ୍ରସାରିତ ସେ ମୁହୂର୍ତ୍ତ--- ଅବସନ୍ନ ବିଦଗ୍ଧ ମୁହୂର୍ତ୍ତ ।

ବର୍ଷ ଏବଂ ମାସର ପ୍ରବାହରେ ଏ ଜ୍ୱଳନ୍ତ ବିନ୍ଦୁଟିକୁ ଚିହ୍ନଟ କରିବା କିଛି ପ୍ରୟାସ-ସାପେକ୍ଷ୍ୟ ନୁହେଁ । ଭାର ଭାର ଅନାମଧେୟ ଶୀତଳ ଅନ୍ଧାର ଭିତରେସେ ସ୍ୱପ୍ରକାଶରେ ଜଳୁଥାଏ । ଅନିର୍ଦ୍ଦିଷ୍ଟ କୌଣସି ଭବିଷ୍ୟତରେ ତାକୁ କଳ୍ପନା କରିହୁଏ । କିଛି କିଛି ସହି ମଧ ହୁଏ ସ୍ମୃତିର ପ୍ରକୋଷ୍ଠରେ ତାକୁ ପୁନର୍ଜୀବିତ କରି; କିନ୍ତୁ ତା' ଭିତର ଦେଇ ସତକୁ ସତ ପାରିହୋଇଗଲେ ଏବଂ ଥରେ ସେ ଅଗ୍ନିବଳୟ ଭେଦିଗଲେ ଆଉପାଖେ ଯାହା ଉଦ୍‌ବୃତ୍ତ ରହିଯାଏ, ସେଥିରେ ଜୀବନର ବର୍ଦ୍ଧିଷ୍ଣୁ ବନସ୍ପତି ଆଉ ସମ୍ଭବିପାରେ ନାହିଁ । ଅବଶିଷ୍ଟଟି କେବଳ ଫାଳେ ବା ଚଉଠେ ଜୀର୍ଣ୍ଣ ଦାରୁ, କିମ୍ବା ମୁଠାଏ ଖାର କେବଳ ଏବଂ ତା' ସାଙ୍ଗକୁ ଝଲକାଏ ଦୀର୍ଘଶ୍ୱାସ । ମହେଞ୍ଜୋଦାରୋ ମାଟିଖପରା ଉପରେ ମଳିନ ଚିତ୍ର ପରି, ଅରମା ବିଲଭିତରକୁ ଛିଟିକିପଡ଼ିଥିବା କୋଣାର୍କର ଦଧିନଉତି ପରି, ଜୀବନର ଏ ପଙ୍ଗୁ ଅବଶେଷଟିକୁ ନେଇ ସମୟ ସମୟରେ ବଞ୍ଚିହୁଏ ନାହିଁ---ଯେପରି, ଧରାଯାଉ ବଞ୍ଚିପାରିଲେ ନାହିଁ ଦଶରଥ । ଚାରିଦିନକୁ କଣ୍ଟ ନ ଥିଲେ ଗୋପୀ ମଧ ବଞ୍ଚିପାରି ନଥାନ୍ତେ, ବିଛିନ୍ନ ଅବୟବ ପରି ।

Digitized by srujanika@gmail.com

ଭିନ୍ନ ଭିନ୍ନ ପରିମାଣର ଜ୍ୱାଳା ନେଇ ଏ ଅନୁଭବଟି ସମସ୍ତଙ୍କ ଜୀବନରେ ପ୍ରାୟ ଆସେ । ମମତା-ମେଖଳିତ ଜୀବନର କେନ୍ଦ୍ରରୁ ଯଦି ଅଲିଅଳ ପୁଅ ଚାଲିଯାଏ, ଚାଲିଯାଏ ବାଗ୍‌ଦତ୍ତା କନ୍ୟା କିମ୍ବା ସୀମନ୍ତିନୀ ବଧୂ, ତେବେ ଏ ଅନୁଭବର ତୀବ୍ରତା କଣ ତା ବୁଝିହୁଏ । ତିଳ ତିଳ ହୋଇ ସରିଆସୁଥାଏ ସେଇ ମହାର୍ଘ ଜୀବନ । ପ୍ରୟାସ, ଉତ୍କଣ୍ଠା, ଉଦ୍‌ବେଗ ପ୍ରବଳ ସଂଗ୍ରାମ କରି ଚାଲିଥାନ୍ତି ତାକୁ ଏପରି ଭିଡ଼ି ଧରି ରଖିବା ପାଇଁ । ସ୍ତୂପ ସ୍ତୂପ ଆଶାର ଆଢୁଆଳ ଉପରକୁ ମୁଣ୍ଡ ଟେକି ଉଠୁଥିବା ସେ ବିକଟାଳ ସତ୍ୟକୁ ଘୋଡ଼େଇପକେଇବାକୁ ଯତ୍ନ ଚାଲିଥାଏ । ଏପରି ସମୟରେ ହଠାତ୍ ସ୍ତିମିତ ଶିଖା ଭିତରର ସମସ୍ତ ଦୀପନକ୍ରିୟା ସ୍ଫୀତ ହୋଇଉଠେ । ଭବ୍ୟ ବିଶାଳ ରୂପରେ ଠିଆହୁଏ ସେଇ ଶେଷ ନିଃଶ୍ୱାସ ଏବଂ ତା' ସହିତ ସେଇ ବିମୂଢ଼ ମୁହୂର୍ତ୍ତ, ଯାହାର ଏପାଖେ ଜୀବନ ଏବଂ ସେପାଖେ ମୃତ୍ୟୁ । ଉଭୟଙ୍କୁ ସ୍ପର୍ଶ କରି, ଉଭୟଙ୍କୁ ଧାରଣ କରି ବାଷ୍ପସ୍ତମ୍ଭ ପରି ଠିଆ ହେଉ ହେଉ ଲୋଟିପଡ଼େ ସେ ମୁହୂର୍ତ୍ତ । ତା'ର ବ୍ୟାପ୍ତି ହୁଏତ 'ମାତ୍ର ଗୋଟିଏ ନିମେଷ'; କିନ୍ତୁ ତା'ର ଗଭୀରତା, ତା'ର ନୀରବତା ଜାଣିବା ସହଜ ନୁହେଁ । ସେଇଠି ଆଶାଏବଂ ଉଦ୍‌ବେଗର କୋଳାହଳ ନଥାଏ, ଯାତନାର ରୋଦନ ନଥାଏ---ଥାଏ କେବଳ ସ୍ତବ୍ଧତା, ନିଷ୍କ୍ରିୟତା, ମୂକ ନିଶ୍ଚଳ ଅସହାୟତା ।

ବୁଝିବାକୁ ଗଲେ ସେ ଗୋଟିଏ ଆବେଗହୀନ ନିଶ୍ଚଳ ଅନୁଭବ, ଗଭୀର କାରୁଣ୍ୟରେ ରୂପାୟିତ ହୋଇ ରହିଯିବା ପୂର୍ବରୁ ନିର୍ବାକ୍ ସ୍ତମ୍ଭିତ ଅନୁଭବ । ସେଥିରେ କାରୁଣ୍ୟ ନାହିଁ, ସମୟ ନାହିଁ, ସମ୍ପର୍କ ନାହିଁ । ଦେଶକାଳପାତ୍ରରୁ ଉତ୍ତୀର୍ଣ୍ଣ ଅନାମଧେୟ ସେ ଅନୁଭବ । ସେଥିରେ ଆକାଶର ସ୍ପର୍ଶ ଥାଏ । ପ୍ରଶାନ୍ତ ମହାସାଗର ବେଳାଭୂମି ପରି ତାହା କୌଣସି ମହାମହିମ ସମ୍ରାଟ୍‌ଙ୍କର ମାନନୀୟ ଇଲାକା । ସେ ନିର୍ବେଦ ମୁହୂର୍ତ୍ତ ପରେ ସୃଷ୍ଟି ପୁଣି ଦୁଇ ଫାଳ ହୋଇଯାଏ । ଦିଶିଯାଏ ସେପାରି ମୃତ୍ୟୁ ଏବଂ ଏପାରି ଜୀବନ । ଫୁଲିଉଠେ ଯାତନା ଏବଂ ବିଚ୍ଛେଦର ଆବେଗ, ବିଳାପ ଓ ଅଶ୍ରୁ । କେହି ଜଣେ ଜାହାଜରେ ଚଢ଼ିବା ପୂର୍ବରୁ ହାତ ଧରି ଯଦି କହେ, 'ଯାଉଛି ବନ୍ଧୁ, ଆଉ ବୋଧହୁଏ ଦେଖାହେବ ନାହିଁ'---ମନ ଘାଣ୍ଟିହୁଏ । ହୁଏତ ଜାହାଜର ମାସ୍ତୁଲ ଲବଣାକ୍ତ ଜଳରେ ଗାର ସେପାରି ବୁଡ଼ିଯିବା ପର୍ଯ୍ୟନ୍ତ ଚାହିଁରହିବାକୁ ମନହୁଏ । ଅଦୃଶ୍ୟ ପାଟ ଡୋରିଟିଏ ଟାଣି ରଖିଥାଏ । ତା'ପରେ ଆସେ ସେଇ ମୁହୂର୍ତ୍ତ । ହେଉ, ମାସ୍ତୁଲ୍‌ର ଅଗ୍ରଭାଗ ବୁଡ଼ିଗଲା । ରଜ୍ଜୁ ଛିଣ୍ଡିଗଲା । 'ଯାଉଛି ବନ୍ଧୁ, ଆଉ ଦେଖାହେବ ନାହିଁ'... 'ଦେଖାହେବ ନାହିଁ । 'ନାହିଁ' କହି କହି ଲିଭିଯାଏ ଜାହାଜ । କ୍ରମଶଃ ତୀବ୍ରରୁ ତୀବ୍ରତର ହେଉଥାଏ ଉଦ୍‌ବେଗ ଓ ବିଚ୍ଛେଦର ଯାତନା ।....ତା'ପରେ ଆସେ ଅବିକମ୍ପିତ, ଅନିବାର୍ଯ୍ୟ ନିରୁଦ୍‌ବେଗ ପୂର୍ଣ୍ଣଚ୍ଛେଦଟିଏ । ତା'ର ପରବର୍ତ୍ତୀ ବାକ୍ୟଟି କେବଳ ତରଳ, ଲବଣାକ୍ତ ଅଶ୍ରୁର ସମୁଦ୍ର---ପାଣିରେ ବୋଝେଇହୋଇଥିବା ବତାସିଆ ଗୁଡ଼ିଏ ଦୀର୍ଘଶ୍ୱାସ ।

ରାଜନୀତିରେ ଆଜୀବନ ପ୍ରତିଦ୍ୱନ୍ଦ୍ୱୀ ଯଦି କୌଣସି ସଭାରେ କହିଦିଏ 'ବନ୍ଧୁଗଣ, ଏଇ ଥରକରେ ସରିଗଲା, ଆଉ ଆସିବି ନାହିଁ ।' ବା ଶରାହତ ରାବଣ ପରି ଚିରଶତ୍ରୁ ଯୁଦ୍ଧଭୂମିରେ ମୁମୂର୍ଷୁ ପଡ଼ିରହେ, ତା' ନୀରବ ଆଖି ଲଇଁଯାଏ ଶେଷ ଥର ପାଇଁ, ଶତ୍ରୁତା ହଠାତ୍ ଲିଭିଯାଏ । ନଇଁଯାଏ ପ୍ରତିଦ୍ୱନ୍ଦ୍ୱିତାର କ୍ଷୁରଧାର । ଆବେଗ ସରିଯାଏ । ଅବରୁଦ୍ଧ ହୋଇଯାଏ ମୁହୂର୍ତ୍ତକ ପାଇଁ ।

Digitized by srujanika@gmail.com

ତା'ପରେ ହୁଏତ ଅନ୍ୟ ପ୍ରକାର ଆବେଗର ପ୍ଲାବନରେ ମନପ୍ରାଣ ବୁଡ଼ିଯାଇପାରେ । କିନ୍ତୁ ସେ ସନ୍ଧିସ୍ଥଳଟି ଝଡ଼ର ପୂର୍ବାଭାସ ପରି ସ୍ଥିର । ଗୋଟିଏ ତୁଙ୍ଗ ପାହାଡ଼ରୁ ଆଉ ଗୋଟିଏ ତୁଙ୍ଗ ପାହାଡ଼କୁ ଗୋଡ଼ ବଢ଼େଇ ଚାଲିଯିବାକୁ ହୁଏତ ବାଟ ପାହୁଣ୍ଡେ; କିନ୍ତୁ ସେଇ ନିଶ୍ଚଳ ଶୂନ୍ୟଟିକକ ପାରିହେଲା ବେଳକୁ ଛପ୍‌କିନା କଲିଜା ବନ୍ଦ ହୋଇଯାଏ, ରକ୍ତର ସୁଅ ହଠାତ୍ ଥମିଯାଏ ।

ସେହିପରି କୌଣସି ବିଷର୍ଣ୍ଣ ଇତିହାସ ପାଖରେ ଠିଆ ରହିଗଲେ, ମନର ସବୁଯାକ ଆଲୋକିତ ଉପତ୍ୟକା ଉପରେ ଗୋଟାଏ ଛାଇ ଘୋଡ଼େଇ ହୋଇଆସେ । ପଥରକୁଢ଼ ଭିତରୁ ଫିସ୍‌ଫିସ୍ କଥା ଶୁଭେ; କାରଣ ତାରାରାତିରେ କାଠଯୋଡ଼ୀ ଉପରେ ମନ୍ତ୍ରୀ ପରି ନରାଜ ନିଃଶ୍ୱାସ ମାରୁଥାଏ । ଶତାବ୍ଦୀଗୁଡ଼ିକ ପୁରୁଣା କାନ୍ଥ ଉପରେ ଲିଭିଯାଉଥିବା ଛୋଟ ଛୋଟ ଚିତ୍ର ପରି ମଳିନ ହୋଇ ଠିଆ ରହିଯାଛନ୍ତି । 'ସବୁ ତା'ହେଲେ ଏମିତି ସରିଯିବ ଦିନେ, ଏମିତି ନୀରବ ହୋଇଯିବ' - ଭଳି ଭାବନାରେ ବୋଝତଳେ ନଇଁଯାଏ ଗୋଟିଏ ଦୀର୍ଘଶ୍ୱାସ । ଏଇଟା କିଛି ନୂଆ କଥା ନୁହେଁ । ଯେ କୌଣସି ସନ୍ଧ୍ୟାରେ ସ୍ୱର୍ଗଦ୍ୱାରର ଗମ୍ଭୀର ବାତାବରଣରେ ଏହା ହିଁ ଶୁଭୁଥାଏ । ଜୀବନରେ ବିସ୍ତୀର୍ଣ୍ଣ ସତ୍ୟଟି ଅନୁଭବ କରି ସବୁ ଯୁଗର, ସବୁ ଦେଶର ସମାନ ଜୀବଧର୍ମ ଉପରେ ଦୀର୍ଘଶ୍ୱାସ ଛାଡ଼ିବାକୁ ପଡ଼େ । ଏଭଳି ମୌଳିକ ବିଷାଦ ପାଇଁ ସମସ୍ତଙ୍କୁ କୁରୁକ୍ଷେତ୍ରର ପ୍ରୟୋଜନ ହୁଏ ନାହିଁ । ଦେଖିଜାଣିଲେ ଜଣା ଅଧିକେ ସବୁଠାରେ ଏହାର ସ୍ୱାଦ ମିଳେ । ଏଇଟା ହୋଇପାରେ ଗୋଟାଏ ଦୃଷ୍ଟିଭଙ୍ଗୀ କେବଳ; କିନ୍ତୁ ଗୋଟିଏ ଗୋଟିଏ ବିଶେଷ ପରିବେଶ ସେଭଳି ଭାବନାକୁ ଉତ୍ତେଜିତ କରିଦିଅନ୍ତି । ପରିବେଶ ଘୁଞ୍ଚିଗଲେ ହୁଏତ ମେଘ ଆଡ଼େଇ ହୋଇଯାଏ ଏବଂ ପୁଣି ଆଲୋକର ସାତ ରଙ୍ଗରେ ମର୍ମରିତ ହୋଇଉଠେ ଉପତ୍ୟକା ।

ଏହି ସାର୍ବଜନୀନ ବିଷାଦର ଗୁରୁଭାରକୁ ବୁଝିହୁଏ, ବହନ କରିହୁଏ । କେହି କେହି ତାକୁ ଉପଭୋଗ ମଧ୍ୟକରି ଜାଣନ୍ତି; କିନ୍ତୁ ଯେତେବେଳେ ବିଶିଷ୍ଟ କୌଣସି ଆପଣାପଣର ଅବସାନ ଘଟୁଥାଏ, ଆଉ ଥରେ ସେ ଜହ୍ନ ଉଇଁବାର ଅବକାଶ ନଥାଏ, ସେତେବେଳେ ମନୋରଥ ସରିଯାଏ । ଅନୁଭବ ହୁଏ ଯେ ସୂର୍ଯ୍ୟ-ଚନ୍ଦ୍ର ହେବା ଦିନଠାରୁ ଏ ପର୍ଯ୍ୟନ୍ତ ସମଗ୍ର ଅତୀତରେ ଏହା ମିଳି ନଥିଲା ଏବଂ ଏହା ପରେ ସୂର୍ଯ୍ୟ-ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଆଉ ମିଳିବ ନାହିଁ । ଏ ଅପୂର୍ବ ମହାର୍ଘ ଅନୁଭବ କୌଣସି ଆତ୍ମୀୟକୁ କେନ୍ଦ୍ରକରି ହୋଇପାରେ ଏବଂ ସେଇ ଆତ୍ମୀୟଟିର ଆବେଗ-ମୂଲ୍ୟ ଉପରେ ଅନୁଭବର ଗଭୀରତା ନିର୍ଭର କରିପାରେ; କିନ୍ତୁ ଅଙ୍ଗହାନି ପରି ଆତ୍ମୀୟର ବିଚ୍ଛେଦ କେବଳ ଯନ୍ତ୍ରଣା ଦିଏ ଏବଂ ଯନ୍ତ୍ରଣାକୁ ବୁଝିହୁଏ, ବହନ କରିହୁଏ । ସାର୍ବଜନୀନ ବିଷାଦ ବୋଝ ପରି ମଡ଼େଇହୋଇପଡ଼େ---କିନ୍ତୁ ଯନ୍ତ୍ରଣା ଅଗ୍ନିଶିଖା ପରି ଜାଳିଦିଏ, କ୍ଷୁରଧାର ପରି ସୋରା ସୋରା କରିଦିଏ । ବିଷାଦରେ ନୀରବତା ଅଛି । ଯନ୍ତ୍ରଣାରେ ଗଭୀର ଜ୍ୱାଳା ଅଛି । ଗୋଟିଏ ଉପରୁ ମଡ଼େଇ ହୋଇପଡ଼େ ଏବଂ ଅନ୍ୟଟି ଭିତରେ ପଶି କ୍ଷତବିକ୍ଷତ କରେ । ଉଭୟଙ୍କୁ ବୁଝିହୁଏ, ସହନ କରିହୁଏ; ଅଥଚ ଉଭୟରେ ସେଇ ଅତିମୁହୂର୍ତ୍ତର ସ୍ପର୍ଶ ରହିଛି ବିଦାୟୀ ବନ୍ଧୁଙ୍କୁ ନେଇ ଜାହାଜର ମାସ୍ତୁଲ୍ ବୁଡ଼ିଯାଉଥିଲାବେଳେ, ବା ତାରା-ରାତିରେ ନରାଜ କଥା କହିଲାବେଳେ । ସମୁଦ୍ରରେ

Digitized by srujanika@gmail.com

କୋଟି କୋଟି ମୁହୂର୍ତ୍ତର ବୋଇତ ପାରିହୋଇ ଯାଉଥାନ୍ତି । ଏ ଗୋଟିକର ବୋଝ କିନ୍ତୁ ଅସୁମାରି । ମନେହୁଏ ଯେ, ଏହା ପାରିହୋଇ ପାରିବ ନାହିଁ; କିନ୍ତୁ ଏ ମଧ୍ୟ ସେଇ ନିର୍ଦ୍ଦିଷ୍ଟ ନିମିଷକ ମଧ୍ୟରେ ପାରିହୋଇଯାଏ । ଦେଇଯାଏ ଗୋଟାଏ ବିସ୍ତୀର୍ଣ୍ଣ ସ୍ତବ୍ଧତାର ଅନୁଭବ ।

ଏହାର ବିଶୁଦ୍ଧ ଦୃଷ୍ଟାନ୍ତ ହୋଇପାରେ, ଯେତେବେଳେ ହିମାଳୟର ତୁଷାର ଗୁମ୍ଫା ଭିତରକୁ ଆଦିଶଙ୍କର ପଛକୁ ନ ଚାହିଁ ପ୍ରବେଶ କରିଯାଉଛନ୍ତି । ପଛରେ ସ୍ତବ୍ଧ ଚକିତ ହତବାକ୍ ଚାହିଁ ରହିଛନ୍ତି ପଦ୍ମପାଦ। ହିମାଦ୍ରିର ଜଡ଼ ପିଣ୍ଡ ଭିତରେ ଅନୁପ୍ରବେଶ କରିଯାଉଛି ତା'ର ଦେବତାତ୍ମା ଚିରଦିନ ପାଇଁ । ହୋଇପାରେ ପରମବୁଦ୍ଧ ଅପସାରି ନେଉଛନ୍ତି ତାଙ୍କର ଦୀପାଲୋକ ଏବଂ କୁଶୀନଗର ଉପାନ୍ତରେ ଦଶହଜାର ଭିକ୍ଷୁ ନିର୍ବାକ୍ ବସିରହିଛନ୍ତି । ଏମାନେ ଆତ୍ମୀୟ ନୁହନ୍ତି, କିନ୍ତୁ ଯେକୌଣସି ଆତ୍ମୀୟଠାରୁ ଆହୁରି ଘନିଷ୍ଠ । ଏମାନେ ମଧ୍ୟ ବ୍ୟକ୍ତି; କିନ୍ତୁ ଦେଶକାଳରେ ଅନନ୍ତପ୍ରସାରୀ ଏମାନଙ୍କର ବ୍ୟକ୍ତିତ୍ୱ । ଏମାନଙ୍କର ମହାପ୍ରସ୍ଥାନରେ ଯେତିକି ସ୍ତବ୍ଧତା, ସେତିକି ବିଷାଦ, ସେତିକି ଯନ୍ତ୍ରଣା, ଏକାଠି ଘନୀଭୂତ ହୋଇଯାଏ ଗୋଟିଏ ମାତ୍ର ମୁହୂର୍ତ୍ତରେ । ଯଦି କେହି କେବେ ଶେଷ ସୂର୍ଯ୍ୟ ବୁଡ଼ିଯିବାର ପ୍ରତ୍ୟକ୍ଷ ଦେଖିପାରେ---ଆଉ ସୂର୍ଯ୍ୟ ଉଇଁବ ନାହିଁ ବୋଲି ଜାଣିଯାଏ, ସେ ହିଁ ଭାରାକ୍ରାନ୍ତ ହୋଇଯାଏ ଏଇ ଅତିମୁହୂର୍ତ୍ତରେ । ତା'ର ଦିଗ୍‌ବଳୟରୁ ଯେ କେବଳ ସୂର୍ଯ୍ୟ ଲିଭିଗଲା ତା'ନୁହେଁ, ସମଗ୍ର ସୃଷ୍ଟିରୁ ଲିଭିଗଲା, ସାରା ଜୀବଜଗତ୍ ପାଇଁ ଲିଭିଗଲା ଏବଂ ଚିରକାଳ ପାଇଁ ଲିଭିଗଲା, ।

ଏ ବିସ୍ତୀର୍ଣ୍ଣ, ପରିବ୍ୟାପ୍ତ, ନିରୁଦ୍‌ବେଗ ମୁହୂର୍ତ୍ତରେ ସ୍ପନ୍ଦନ ନାହିଁ, ସ୍ପନ୍ଦନ ସମ୍ଭବ ନୁହେଁ । ଏଥିରେ ଆବେଗ ନାହିଁ; ଆବେଗ ସମ୍ଭବ ନୁହେଁ । ତାହା କୌଣସି ଜୀବନଧାରାର ବିନ୍ଦୁ ନୁହେଁ, ତାହା ଏକ ବ୍ୟାପ୍ତି ଯାହାର ଉଦାର ପରିସର ଭିତରେ ସମଗ୍ର ଜୀବନ, ତା'ର ଅତୀତ ଏବଂ ଭବିଷ୍ୟତ ବୁଡ଼ିଯା'ନ୍ତି । ଏ ଅତି-ମୁହୂର୍ତ୍ତଟି ଆତ୍ମାର ମୁହୂର୍ତ୍ତ । ସେଥିରେ ଅସୀମ କାରୁଣ୍ୟ ସହିତ ଅହେତୁକି ଆନନ୍ଦ ମଧ୍ୟ ମିଶିଥାଏ । ଉଭୟଙ୍କୁ ଆଚ୍ଛନ୍ନ କରି ରଖିଥାଏ ଘନ-ଘୋର ବିଷାଦର ଛାୟା । ଅନ୍ୟପକ୍ଷେ ସେଥିରେ ଆନନ୍ଦ ନାହିଁ, ଯନ୍ତ୍ରଣା ନାହିଁ, ବିଷାଦ ମଧ୍ୟ ନାହିଁ । ଏ ସମସ୍ତ ସନ୍ତୁଳିତ ହୋଇ ଗୋଟାଏ ଗଭୀର କେନ୍ଦ୍ରରେ ମୌନ ହୋଇଯାଇଛନ୍ତି । କାଳକୁ ଅତିକ୍ରମ କରିଯାଏ ଏଇ ଅତିମୁହୂର୍ତ୍ତ । କାଳ ତାକୁ ସମ୍ମାନକରି ଆଡ଼ହୋଇଯାଏ ।

❖❖❖

Digitized by srujanika@gmail.com

ମୁଁ ଏକ ପାଦପ

ମୋତେ ହତ୍ୟା କରାଗଲାବେଳେ ବି ମୁଁ ନୀରବ ରହିଥାଏ । ମୁଁ କାଳେ ଚିତ୍କାର କରିପକାଇବି ବୋଲି ମୋର ମୁଣ୍ଡଟି ମାଟି ଭିତରେ ପୋତି ହୋଇଥାଏ । ସେଇ ମାଟିର ଅନ୍ଧଗର୍ଭରୁ ମୁଁ ଆଖିବୁଜି ରସ ଟାଣେ । ଗନ୍ଧବତୀ ପୃଥ୍ୱୀରୁ ରଙ୍ଗ ଓ ବାସ୍ନା ଆଣି ଫୁଲ ଫଳ ଭିତରେ ବାଣ୍ଟିଦିଏ । ସେଇ ଭିତରୁ ପୁଣି ଖୁବ୍ କାକରଗୁଡ଼ିଏ ଛାଣି ନେଇ ଡାଳେ ଡାଳେ ବିଛେଇ ଦିଏ । କୁରାଢ଼ି ମୋ ଉପରକୁ ଆଉଜେଇ ଦେଇ କାଠୁରିଆଗୁଡ଼ିକ ସେଇ ଛାଇରେ ପଥଶ୍ରମ କାଟନ୍ତି ଏବଂ ପରିଶେଷରେ ମୋତେ ହତ୍ୟା କରନ୍ତି । ମୁଁ ଏକ ପାଦପ । ପୁରୁଷାନୁକ୍ରମେ ପ୍ରତିବାଦ କରିବାର ଅଧିକାର ମୋର ନାହିଁ । ଏବେ ନୁହେଁ, ବୋଧହୁଏ ସୃଷ୍ଟିର ପ୍ରାରମ୍ଭରୁ । ମୋର ବନ୍ଧୁ କୁଟୁମ୍ବୀ ସମସ୍ତେ ମୋ ଭଳି ଗୁଡ଼ିଏ ନୀରବ ବନସ୍ପତି । ମୋ ଚାରିଆଡ଼େ ଘେରି ରହିଥିବା ମୋର ପୂର୍ବଜ ସମସ୍ତେ ମାନନୀୟ, କିନ୍ତୁ ସମସ୍ତଙ୍କୁ କାଠୁରିଆ ହତ୍ୟାକରେ । ଚୋଟ ବସିଲାବେଳେ ଯନ୍ତ୍ରଣାରେ ପ୍ରତ୍ୟେକ ପଲ୍ଲବ କମ୍ପିତ ହୁଏ । ଗୋଟି ଗୋଟି ହୋଇ ବିଶାଳ ଅବୟବଗୁଡ଼ିକ ଝଡ଼ିପଡ଼ନ୍ତି । ଶେଷରେ ନିଜେ କାତମେଲାଇ ଶୋଇଯିବା ପର୍ଯ୍ୟନ୍ତ ମୋର ପ୍ରପିତାମହ ତିଳେହେଲେ ଘୁଞ୍ଚିପାରନ୍ତି ନାହିଁ; ପାଟି ଖୋଲିପାରନ୍ତି ନାହିଁ । ଆମ ଉପରେ କୌଣସି ଆଦିମ ଅଭିଶାପ ଅଛି । ଆମେ ମାଟି କାମୁଡ଼ି ପଡ଼ିରହିବାକୁ ବାଧ- --ନୀରବ ନିଶ୍ଚଳ ପଡ଼ିରହିବାକୁ ବାଧ ।

ନଖ ଦନ୍ତ ନଥିଲେ ସମସ୍ତେ ପାଦପ । ଉପରେ ଆଘାତ ପଡ଼ିଲେ ଯେ ଲେଉଟି ଘା ହାଣିପାରେ ନାହିଁ; ଧାର ଧାର କ୍ଷୀର ବୁହାଇଲା ପରି ଯେ କେବଳ ଲହୁ ଲୁହ ଝରାଏ, ସେ ଆମର ସମଧର୍ମା । କାଇଁଚ ପରି ଆଖି ଯୋଡ଼ିକରେ ନିରୀହ ବନାନୀକୁ ପ୍ରତିଫଳିତ କରୁଥିବା ଶଶା, ଖୁରୁଙ୍ଗ, ସମ୍ବରଗୁଡ଼ିକ ସମସ୍ତେ ଶସ୍ୟ, ସମସ୍ତେ ଅନ୍ନ । ପାଚିଲା ଗହମ କ୍ଷେତ ପରି ସେମାନେ ଗୋଠ ଗୋଠ ହୋଇ ଠିଆ ହୋଇଥାନ୍ତି । ଏତେ ଚିକ୍କଣ ଚମଡ଼ା, ଏତେ ନରମ ମାଂସର ବନସ୍ପତିଗୁଡ଼ିକୁ ହତ୍ୟା ନକରି ଭଲା ଆଉ କଣ କରାଯାଇପାରେ ? ଆଉ କୌଣସି ଉପାୟରେ ତ ସେମାନଙ୍କ ଜୀବନର ସାର୍ଥକତା ପ୍ରମାଣିତ ହୋଇପାରିବ ନାହିଁ । ସେଇଭଳି କଅଁଳାବାଛୁରୀ, ଛନଛନିଆଁ ଘାଗୁଡ଼ିବନ୍ଧା ଛେଳିଛୁଆ ଏବଂ ସେହିଭଳି ଆଦିବାସୀ ପଲ୍ଲୀର ଅବୁଝା ଅସନା, ଲଙ୍ଗଳା, ଭୋକିଲା ମଣିଷ ଛୁଆଗୁଡ଼ିକ । ଏ ସମସ୍ତଙ୍କୁ ହତ୍ୟା କରାହୁଏ । ବେଳେ ବେଳେ ଦିନ ଦି' ପହରେ ଆକାଶରେ ସୂର୍ଯ୍ୟକୁ ସାକ୍ଷୀ ରଖି ଆମକୁ ଚୋଟ ଚୋଟ ହାଣି ଗଡ଼େଇ ଦିଆହୁଏ । ଆଉ କେବେ ଆମ ବେକ ଚାରିପଟୁ ହାଡ଼ ଉଲାରିଦେଇ ଛାଡ଼ିଦିଆହୁଏ । ଆମେ ଝାଉଁଳିପଡୁ । ଶୁଖି ଶୁଖି

Digitized by srujanika@gmail.com

ମରିଯାଉ ନୀରବରେ । ଠିକ୍ ସେମିତି ଏମାନଙ୍କୁ ହତ୍ୟା କରାହୁଏ । ଏମାନେ ପିଞ୍ଜରାହାଡ଼ ଦେଖାଇ ଆଖି ଗହୀରରୁ ପେଢ ମାଗି ମାଗି ଟଳିପଡ଼ନ୍ତି, ପ୍ରତିବାଦ କରିପାରନ୍ତି ନାହିଁ । ପ୍ରତିବାଦ କରିପାରୁନା ଆମେ ପାଦପ ଜାତି ।... ସେମାନେ କିନ୍ତୁ ଅହିରାଜକୁ ହତ୍ୟା କରିପାରିବେ ନାହିଁ । ସେ ଫୁଫୁକାର କରି ଫଣା ଟେକି ଚମକୁଥିଲାବେଳେ ତା' ଲାଙ୍ଗୁଡ଼ ଛୁଇଁପାରିବେ ନାହିଁ । ଶଟା ମେଲେଇ ହେଣ୍ଟାଳୁଥିବା ସିଂହକୁ ହତ୍ୟା କରିପାରିବେ ନାହିଁ । କାହିଁକି ବା ହତ୍ୟା କରନ୍ତେ ? କେହି କଣ କେବେ ତା'ର ସ୍ୱଜାତିକୁ ହତ୍ୟା କରେ ?

ସନ୍ଧ୍ୟାର ଛାଇ ନଇଁ ଆସୁଥିଲାବେଳେ ଝାଳ ସରସର ହାତ ବଢ଼େଇ, ସେ ଯେଉଁ ଧୂଳିମାଟିରେ ଏକାକାର ଦିଶୁଥିବା ମୂର୍ତ୍ତିଟି ତା'ର ସପ୍ତାହ ଗୋଟାକର ମୂଲ ଗୋଟାଉଥାଏ, ସେ କେବେ ମୁହଁ ଖୋଲି କହିପାରେ ନାହିଁ । ଝାଳରେ ନିଷିକ୍ତ ପଇସା ଗଣି ଦେଇ ସେ ତା' କାନିରେ ଯେଉଁ ଚାଉଳଗଣ୍ଡାକ ପନ୍ଦର ଗଣ୍ଠି ପକେଇ ବାନ୍ଧିନିଏ, ସେଥିରେ ଅଧେ ଗୋଡ଼ି । ତା' ପାଇଁ କିଲୋ ଓଜନ ଆଠଶ' ଗ୍ରାମ । ତା'ଘରେ ଗୋଟାଏ କୋଣରେ ଧଳା ଜଟିଆ ବାଳ ତଳୁ ଯୋଡ଼ିଏ ନିରାହାର ଆଖିରେ ଯେ ଅନଉ ଥାଏ ସେ ତା'ର ପୂର୍ବପୁରୁଷ । ପବନରେ ଦୋହଲୁଥିବା ଦୁଇଟି ହାଡ଼ର ପଞ୍ଜୁରି, ଯାହା ଉପରେ କୌଣସି ବସନ୍ତ କେବେ ଢେଉ ତୋଳେ ନାହିଁ, ସେମାନେ ତା'ର ପତ୍ନୀ ଏବଂ ଅନୂଢ଼ା କନ୍ୟା ।... ଏମାନେ ମଣିଷ ବୋଲାଉଥିବା ଅନ୍ୟ ପ୍ରାଣୀଙ୍କଠାରୁ ଦୂରରେ ରହନ୍ତି । ତଥାପି ସେମାନଙ୍କ ତଣ୍ଟିରୁ ରକ୍ତ ନିଗାଡ଼ି ସେମାନଙ୍କୁ ହତ୍ୟା କରାହୁଏ । ତାଙ୍କ ଚେର ଶୁଖିଯାଏ, ସେମାନେ ପତ୍ର ଝରାଇ ଥୁଣ୍ଟା କମଳା ଗଛଟିଏ ପରି ନିଜର ନିଶାଖ ଛାଇ ଦେଖି ସହିପାରନ୍ତି ନାହିଁ । କାଠୁରିଆକୁ ମନେ ମନେ ସୁମରନ୍ତି---ସେ ଆସି କେମିତି ତାଙ୍କୁ ହାଣିଦେଉ । ସେମାନେ ଗୁଡ଼ିଏ ପାଦପ; ଠିକ୍ ଆମରି ପରି ନିରୀହ, ନୀରବ, ମୁମୂର୍ଷୁ ବନସ୍ପତି ।

ମାଟି କାମୁଡ଼ି ପଡ଼ିରହିବା ସେମାନଙ୍କ ଧର୍ମ । ସେମାନେ ସମସ୍ତେ ତଳମୁହାଁ । ଉପରେ ବର୍ଷା, ତଳେ କାଦୁଅ; ମଝିରେ ଉତ୍ପୀଡ଼ିତ ଯୋଡ଼ିଏ ବଳଦ ଏବଂ ତାଙ୍କରି ଭଳି ନୀରବ ସେ ବାପୁଡ଼ାଙ୍କୁ ମଧ ଶୋଷି ଶୋଷି ମାରିଦିଆହୁଏ । ସ୍ୱର୍ଗର ପାଣି ଝରିଲେ ସେଥିରେ ତା' ଝାଳ ଯଦି ନ ମିଶେ, ଏ କୁଣ୍ଠିତା ଭୂମିରେ ପ୍ରାଣ ସଞ୍ଚାର ହୁଏ ନାହିଁ । ସେ ମାଟିକୁ ଉଲୁସାଏ, ମେଘକୁ କାନାଏ । କାଦୁଅ ଭିତରୁ ଆଣି ଠିଆକରାଏ ରେଶମୀ ରଙ୍ଗର ଫସଲ । ଠିକ୍ ସେମିତି ଆମେ ମାଟି ଭିତରୁ ଆଣି ବାଣ୍ଟିଦେଉ ଅଜସ୍ର ସବୁଜ ଛାଇ ଏବଂ ବିକୀର୍ଣ୍ଣ ଇନ୍ଦ୍ରଧନୁର ରଙ୍ଗ । ଆମକୁ ଲୁଣ୍ଠନ କରିନିଆଯାଏ । ଆମର ସୁଗନ୍ଧିତ ଚନ୍ଦନଗୁଡ଼ିକୁ ଗଧ ପିଠିରେ ବୋଝେଇ ନିଆଯାଏ । ସେମିତି ସମଗ୍ର ଫସଲକୁ ଶଗଡ଼ରେ ବୋଝେଇ ନେଇଯାଏ ସାଉକାର । ଭୂଇଁ ନିରବରେ ବାହୁନୁଥିବା ବେଳେ, ହୁଡ଼ା ଉପରେ ବସି ସେ ଗଣୁଥାଏ ତା' ହାତରେ ଗୁଞ୍ଜା ହୋଇଥିବା କେତେ ଖଣ୍ଡ କାଗଜ, ଗଣୁଥାଏ ତା'ର ପଞ୍ଜରା ତା' ଭଙ୍ଗା ଛାତର ଗୁଅ, ଏବଂ ଆଙ୍ଗୁଠି ଆଗରେ ଗଣୁଥାଏ ଆଉ ଏଗାର ମାସ; ମାସର ପନ୍ଦର ଦିନ ପାଇଁ ପେଜପାଣି ଖର୍ଚ୍ଚା ମାଟି ସଙ୍ଗରେ ମାଟି ହୋଇ ମିଶିଯିବା ପର୍ଯ୍ୟନ୍ତ ତାକୁ ଏଭଳି ବଞ୍ଚେଇ ରଖାହୁଏ, ଆମ ରବର ଗଛକୁ ସୋରା ସୋରା ଚିରି ରସ ନିଗାଢ଼

Digitized by srujanika@gmail.com

ପରି । ସେ ବି ପାଦପ । ବିଚରା ଆମ ଭଳି ଦିନେ କଡ଼ କଡ଼ ଡାକି ଟଳିପଡ଼ିବାକୁ ଚାହେ; କିନ୍ତୁ ପାରେ ନାହିଁ ।

ସୂର୍ଯ୍ୟ ଉଇଁବା ପୂର୍ବରୁ ଯେଉଁ ନୀରବ ପଶୁଗୁଡ଼ିକୁ ତୁଣ୍ଡ ବାନ୍ଧି ହତ୍ୟା କରାହୁଏ, ଖାଦ୍ୟ ଶସ୍ୟ ପରି ଯେଉଁମାନେ ସକାଳ ପାହିଲା ବେଳକୁ ସୌଖୀନ ଝୋଲାମାନଙ୍କରେ ବିତରିତ ହୋଇଯାଆନ୍ତି ମଣିଷ ବସତିର ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତ ପର୍ଯ୍ୟନ୍ତ, ସେମାନଙ୍କୁ କେହି ସଂଖ୍ୟା କରେ ନାହିଁ । ଶହ ଶହ ବୋଝେଇ ଟ୍ରକ୍‌ରେ ଆମର ଜାତି-କୁଟୁମ୍ବଙ୍କୁ ପାରିକରି ନେଲାବେଳେ ତାଙ୍କର କେହି ହିସାବ ରଖେ ନାହିଁ । ସେହିପରି ହଜାର ହଜାର କ୍ରୀତଦାସଙ୍କ ରକ୍ତରେ ପଥର ବୋଝେଇ ପିରାମିଡ ଉଠାଯାଏ । ଅସଂଖ୍ୟ ଅର୍ଦ୍ଧଭୁକ୍ତ ରୁଗ୍‌ଣ କିରାଣିଙ୍କ ତୁଣ୍ଡରେ ଲଗାମ୍ ଲଗେଇ ଦପ୍ତରୀଭୂତ ହଜାରେ-ଚକିଆ ସରକାରୀ ଯାନକୁ ଟଣାଯାଏ । ଘାସମୁଠାକର ପ୍ରତିଦାନରେ ଦୁଗ୍ଧ ଦାନକରୁଥିବା ଗାଈ ଭଳି ଗୁଡ଼ିଏ ମଣିଷଙ୍କୁ ଭଣ୍ଡି ଦିଆଯାଏ । ଏମାନେ ଯନ୍ତ୍ରଣାରେ ଥରଥର ହୁଅନ୍ତି । ନିଷ୍ଫଳ ଚିତ୍କାର କରନ୍ତି । ବିକଳରେ ହାତଗୋଡ଼ ଛାଟିବା ଭଳି ଏ ଚିତ୍କାର ମଧ୍ୟ ପ୍ରତିବାଦ ନୁହେଁ । ଏମାନେ କେହି ଅହିରାଜ ନୁହନ୍ତି । ଏମାନେ କେହି କାମୁଡ଼ି ପାରନ୍ତି ନାହିଁ । ଏମାନଙ୍କ ନଖ ଦାନ୍ତ ସେଇ ଆଦିମ କାଳରୁ ଗଜେଇ ନାହିଁ । ଏମାନେ ଗୁଡ଼ିଏ ପାଦପ । ଏମାନଙ୍କୁ ମଧ୍ୟ ହତ୍ୟା କରାହୁଏ ଏବଂ ଏମାନେ ବି ନୀରବ ରହିଥାନ୍ତି ।

କାହିଁକି ସତେ ପାଦପମାନଙ୍କୁ ଏଭଳି ହତ୍ୟା କରାହୁଏ ? ସେଇଟା ଗୋଟିଏ ପ୍ରବୃତ୍ତି ଜିଘାଂସା ନଥିଲେ ଜଣକ ପ୍ରାଣକୁ ଶୋଷିହେବ ନାହିଁ ଏବଂ ଶୋଷି ନ ପାରିଲେ ଆଉ ଜଣେ ପ୍ରାଣ ଧାରଣା କରି ପାରିବ ନାହିଁ । ଏଣୁ ଯେଉଁଠି ପ୍ରତିବାଦ ହେଉନାହିଁ, ହତ୍ୟା କରିବା ଯେଉଁଠି ନିର୍ବିରୋଧ, ସେଇଠି ତାହା ଅପରାଧ ମଧ୍ୟ ନୁହେଁ । ଯେମିତି ଗୁଡ଼ିଏ ମାଛକୁ ଜିଅନ୍ତା କାଟିଲାବେଳେ ବା ଗୁଡ଼ିଏ ହଗଡ଼-ଚଢ଼େଇଙ୍କୁ ଗୁଳି କରି ଝଡ଼େଇ ଦେଲାବେଳେ କେହି ହତ୍ୟା ହେଲା ବୋଲି କହେ ନାହିଁ, ସେମିତି ଦେଢ଼ଲକ୍ଷ ଗାଉଁଲି ମଳିମୁଣ୍ଡିଆ ମରିଗଲେ କିଏ ତାଙ୍କୁ ଖାତିର କରୁଛି ? କୁଟୁମ୍ବ ପୋଷି ନ ପାରି ଶିକ୍ଷକଟିଏ ଦଉଡ଼ି ଲଗେଇଦେଲେ ସେଥିରେ ଅସ୍ୱାଭାବିକ କଣ ରହିଗଲା ? ଏମିତି ଅସଂଖ୍ୟ ପାଦପ ମରନ୍ତି । ସେ ସବୁ କଣ ହତ୍ୟା ? ଯଦିବା ହତ୍ୟା ହେଲା, ସେଥିପାଇଁ କଣ କାରଣଟିଏ ଥିବା ନିହାତି ଅନିବାର୍ଯ୍ୟ ? ପ୍ରେମପାଇଁ କଣ କାରଣ ଅଛି କି ? ତେବେ ଘୃଣା ପାଇଁ, ଜିଘାଂସା ପାଇଁ, ହତ୍ୟା ପାଇଁ କାହିଁକି କାରଣ ରହିବ ? ଯାହାର କୁରାଢ଼ି ଅଛି, ସେ ଇଚ୍ଛା କଲେ ନିକଟତମ ପାଦପକୁ ଚାରିଚୋଟ ହାଣିଦେଇପାରେ । ଯେ ଚାହିଁଲା ବେଜିତ୍ କରି ଜଣକର ସମ୍ମାନକୁ ହତ୍ୟାକରିବା ପାଇଁ, ସେ ନିକଟତମ ଅଧ୍ୟାପକକୁ ବଳିରୂପେ ବ୍ୟବହାର କରିପାରେ । ସେ ପାଦପକୁ ହାଣିବା କାଠୁରିଆର ମରଜି । ଯାହାକୁ ହତ୍ୟାକଲା ବେଳେ ପାଟି ଫିଟାଇ ପାରେ ନାହିଁ, ସେ ପୁଣି କାହିଁକି ଏମିତି କୈଫୟତ୍ ମାଗୁଛି ? ସେ ପରା ପାଦପ ?

ଗୋଟିଏ ଅସମଞ୍ଜସତା ପାଇଁ ହୁଏତସେ କୈଫିୟତ୍ ମାଗୁଥାଇପାରେ । ହୁଏତ ଦାନଶୀଳ ପାଦପଟି ଭାବୁଥାଏ ଯେ ସେ ତା'ର ସମଗ୍ର ଜୀବନର ଐଶ୍ୱର୍ଯ୍ୟ ଉତ୍ସର୍ଗ କରିଦେଉଥିବା ସତ୍ତ୍ୱେ, ଲକ୍ଷ

Digitized by srujanika@gmail.com

ଲକ୍ଷ ଫୁଲ ଏବଂ ଫଳ ଅକୁଣ୍ଠିତ ଅଜାଡ଼ିଦେବା ସତ୍ତ୍ୱେ, କାଠୁରିଆକୁ ବାହୁମେଲେଇ ଛାୟା-ଶୀତଳ ରଖୁଥିବା ସତ୍ତ୍ୱେ ତାକୁ ସେ କାହିଁକି ଆଘାତ କରେ ? ମାଟିରୁ ଖାଇ ବଞ୍ଚିରହେ ପାଦପ; ଅଥଚ ତା'ଦ୍ୱାରା ଅନୁଗୃହୀତ କାଠୁରିଆ ହିଁ ତାକୁ ହତ୍ୟା କରେ । ଫୁଲର ସୌରଭ ଦେଲେକଣ କୁରାଢ଼ିର ହାଣ ଖାଇବାକୁ ହୁଏ ? ଭଲ ଭଲ ସ୍ୱାଦିଷ୍ଟ ଫଳ ତା ମୁହଁରେ ଅଯାଚିତ ଅଜାଡ଼ିଲେ କଣ ସେ ଏମିତି ନବିଚାରି ହତ୍ୟା କରେ ? --- ହଁ, କରେ । ଶୁଣ, ପୃଥିବୀର ସ୍ଥାବର ନୀରବ ପାଦପ ଜାତି ! ତୁମକୁ ହତ୍ୟା କରାଯାଏ । ତୁମର ତଥାକଥିତ ସର୍ବସ୍ୱ ଦାନ ସତ୍ତ୍ୱେ ହତ୍ୟା କରିବା ଏକମାତ୍ର ପନ୍ଥା । ଏଠି ଯେ ଦିବ୍ୟ ପ୍ରେମ ଦାନ କରେ, ତାକୁ କାଠ ଛକି ଉପରେ କଣ୍ଟା ମାରିଦିଆଯାଏ । ଯେ ଜ୍ଞାନ ଦାନ କରେ, ତାକୁ ବିଷ ପିଆଇଦିଆଯାଏ । ଏଠି ପ୍ରତିଦାନ ଆଶା କରିବା ମୂର୍ଖତା । ତୋଟି ପାଖରେ ଚୋଟ ଆଣୁଥିବା ବେଳେ ଯଦି ପାରୁଛ କ୍ଳାନ୍ତ କାଠୁରିଆ ଉପରେ ଛାଇ ଘୋଡ଼େଇ ରଖିଥାଅ । ଯଦି ପାରୁଛ, ପ୍ରାର୍ଥନା କରୁଥାଅ --- "ହେ ପିତା, ଏହାକୁ କ୍ଷମା କର; ଏ ଜାଣିପାରୁନାହିଁ ଏ କଣ କରୁଛି ।"

ସେଦିନ ନୈମିଷାରଣ୍ୟରେ ଜହ୍ନରାତି ହୋଇଥାଏ । ପାଖେପାଖେ କୌଣସି କାଠୁରିଆର ଗନ୍ଧ ନଥାଏ । ପବନର ଶୀତଳ ହିଲ୍ଲୋଳରେ ପୁରାତନ ବଟ ତାଙ୍କର ବୁଢ଼ା ବଡ଼ବଡ଼ିଆ ପତ୍ରଗୁଡ଼ିକୁ ଖଡ଼ ଖଡ଼ କରି ଆମ ଭାଷାରେ କହିଲେ... "କେହି କାହାକୁ ହତ୍ୟା କରନ୍ତି ନାହିଁ ପିଲେ, ପରସ୍ପରକୁ ଖାଇ ବଞ୍ଚନ୍ତି କେବଳ । ଏ ସମସ୍ତଙ୍କୁ ଏକାଠି ଖାଉଥାଏ ଜଣେ । ତାକୁ କେହି ଜାଣନ୍ତି ନାହିଁ ।" ଆମେ ଟୋକାମାନେ ହସିଲୁ---ଭାରି ସନ୍ତର୍ପଣରେ । ଆମ ପାଦପସମାଜରେ ହସିବା ମନା । ହସିଲେ କାଳେ ଶବ୍ଦ ହୁଏ !

ସେମିତି ସେଦିନ ସୁନା ପଗଡ଼ରେ ଭର୍ତ୍ତିହୋଇଥିବା କିଆରି ଦାଢ଼ରେ ଅଶିଣା ଜହ୍ନରେ ନୀରବରେ ବସିଥିଲେ ସେ ଗାଁଟା ଯାକର ମଣିଷ । କାହାର ନଖ ନାହିଁ, କାହାର ଦାନ୍ତ ନାହିଁ । ସବୁଠାରୁ ବୁଢ଼ାପ୍ରଧାନ କହିଥିଲା---ସେଇଭଳି କିଛି । ତା'ର ଆଶା କାଠୁରିଆ ଆସିବ ନାହିଁ । ଆମେ ସବୁ ଜାଣିଥିଲୁ ସେ ଠିକ୍‌ବେଳେ ଆସି ହାଣିନେବ । ସେ ତା'ର କୁରାଢ଼ି ପଜେଇ ରଖିଛି । ତା' ଦାଢ଼ ପରଖ କରିଛି । ଜହ୍ନରାତି ନୀରବରେ ଢଳିଗଲା ।...କାଠୁରିଆ ! ଏ ବାରକ ମୋତେ ବଞ୍ଚିବାକୁ ଦିଅ ? ମୋର ଅନେକ ଶାଖା ମେଲିବାର ବାକି ଅଛି । ମୋର ଫୁଲର ସ୍ୱପ୍ନ ସରିନାହିଁ । ସେ ଫୁଲ ସବୁ ତୁମର । କାଠୁରିଆ ମୋତେ ବଞ୍ଚିବାକୁ ଦିଅ ! ମୁଁ ଏକ ନିରୀହ ପାଦପ ।

❖❖❖

Digitized by srujanika@gmail.com

ପ୍ରତିପକ୍ଷ

ଯଦି ଏଇଠି ନିହାତି ଲଢ଼ିବାକୁ ହିଁ ହୁଏ, ତେବେ ନିର୍ଦ୍ଦିଷ୍ଟ ପ୍ରତିପକ୍ଷଟିଏ ନଥିଲେ ହାୱାରେ ଖଣ୍ଡା ବୁଲେଇ ଲାଭ କଣ ? କିନ୍ତୁ ଏ କଥା ସତ ଯେ, କୌଣସି ବିରୋଧ ନଥିଲେ ଚିକ୍‌କଣ ଇସ୍ପାତ୍ ଗୋଟାଳିଟିଏ ଭଳି ଜୀବନ ଗଳିପଡ଼ିବ ମହାଶୂନ୍ୟର ଅତଳ ବିବର ଭିତରକୁ । ଜାଣି ହେବ ନାହିଁ ତା'ର ଆୟତନ, ତା'ର ତୀକ୍ଷ୍ଣତା, ତା'ର ବିଦ୍ୟା ବୁଦ୍ଧି କିମ୍ବା ପାରିଲାପଣିଆ । ଧରାଯାଉ କୌଣସି ଦିନ ଉଠିଲାବେଳକୁ ଦୁଆର ମୁହଁରେ ପଦ୍ମ ଫୁଟିଛି । କ୍ଷୀରରେ ଚା' ତିଆରି କରି ଡାକିଛି ସେ ଅଫିମଖୋର ହୋଟେଲବାଲା । କରଜଦାର ଖାଉନ୍ଦ ହସି ହସି ପାନ ଯାଚି ଦେଇଛି । ଖବରକାଗଜ ଗୋଟାକଯାକରେ କୌଣସି ଯୁଦ୍ଧ ଖବର ନାହିଁ । ଗୋଟିଏ ହେଲେ ଡକେଇତି, ଚୋରି, ନାରୀଧର୍ଷଣ, ହରଣଚାଳ କିଛି ନାହିଁ । ଫୁଟ୍‌ବଲ୍ ଖେଳରେ ମଧ୍ୟ ହାରାମିଖୋର ଦୁଇପକ୍ଷଯାକ ଷଡଯନ୍ତ୍ର କଲା ଭଳି କେହି କାହାକୁ ଗୋଲ ଦେଇନାହାନ୍ତି । ସନ୍ଧ୍ୟାରେ ତାସ ପିଟିଲାବେଳେ ହାତୁ ମିଆଁ ଆଦୌ ଚିଡ଼ୁନାହିଁ; ଅମୃତ ଖାଇଲା ଭଳି ମୁହଁ କରି ପବନ ଶୋଷୁଛି । ରାଷ୍ଟ୍ରପତିଙ୍କ ଦପ୍ତର ଗାଡ଼ି ଆଗରେ 'ଛାମୁ ଛାଡ଼' କଲା ପରି ଆପଣଙ୍କୁ ବାଟ ଛାଡ଼ିଦେଇଛି ସଂସାର । ସେଦିନ ରାତିରେ ବୋଧହୁଏ ନିଦ ହେବା ସମ୍ଭବ ନୁହେଁ । କଚାଡ଼ିହୋଇ ବିଛଣାରେ ପଡ଼ିଯିବାକୁ ଓଜନ କାହିଁ ? ବେଲୁନ୍ ପରି ଖାଲି ପହଁରୁଛି ବିରୋଧହୀନ ଜୀବନ । ବ୍ୟଞ୍ଜନରେ ସବୁ ପରିପାକ ହୋଇ ହୁଏତ ରସଘନ ସୃଷ୍ଟି ହୋଇଯାଇଛି; କିନ୍ତୁ ସେଥିରେ ଲୁଣ କାହିଁ ? ଏ ସଂସାରରେ ଧକ୍‌କା ନ ଦେଇ ବା ଧକ୍‌କା ନ ଖାଇ ଯଦି ବଞ୍ଚିବାକୁ ପଡ଼େ, ତାହା ହୁଏତ ଏକ ବିଡ଼ମ୍ବନା । ପାଣିଆ କାଦୁଅ ପରି ସେଇ ଗୋଟାଏ ନେସେଡ଼ା ବ୍ୟର୍ଥତା । ତା'ର ଠାଣି ନାହିଁ, ଢଙ୍ଗ ନାହିଁ । ଏଣୁ ଦୀର୍ଘାୟୁ ହୁଅନ୍ତୁ ମୋର ପ୍ରତିପକ୍ଷ; ମୋର କୌରବ ଶହେ ଭାଇ ! ଅନ୍ତତଃ ମୁଁ ବଞ୍ଚିଥିବା ଯାକେ ଉଭାରି ରହିଥାନ୍ତୁ । କୁହାଟୁଥାନ୍ତୁ । ନିଶ ମୋଡୁଥାନ୍ତୁ । ମୋତେ ଆୟତାକାର କିମ୍ବା ବର୍ଗାକାର କରିବାରେ ସେମାନେ ହିଁ ତ ମୋର ଚତୁଃସୀମାର କାନ୍ଥ ! ସେମାନେ ହିଁମୋ ପ୍ରବାହର ପାଚେରି । ସେମାନେ ନଥିଲେ ମୁଁ ଗୋଟାଏ ଶବ୍ଦହୀନ, ବାଧାହୀନ ବିସ୍ଫୋରଣ । ସେଥିରେ ତରଙ୍ଗ ନାହିଁ, ଘଟଣା ନାହିଁ, ଉତ୍‌ଥାନ-ପତନ କିଛି ନାହିଁ ।

ମୁଁ ଯେତେବେଳେ ଅନିବାର୍ଯ୍ୟ ଭାବରେ ବୋହି ଯାଉଥାଏ, ମୋ ଦୁଇଆଡ଼େ ଆହତ କ୍ଷତବିକ୍ଷତ ଅଥଚ ନୀରବ ନିଶ୍ଚଳ ଠିଆ ହୋଇଥାନ୍ତି ମୋର ସର୍ବପ୍ରଥମ ପ୍ରତିପକ୍ଷମାନେ । ଦିଗହରା ଯଥେଚ୍ଛା ବିକୀର୍ଣ୍ଣ ହୋଇଯିବା ପାଇଁମୋ ପ୍ରବାହର ବିନ୍ଦୁ ଗୁଡ଼ିକ ବାଡ଼େଇ ହୁଅନ୍ତି; କିନ୍ତୁ ନିବୁଜ

Digitized by srujanika@gmail.com

ପାଚେରିରେ ବାଟ ପାଆନ୍ତି ନାହିଁ । ଫଳରେ ସୁଅଟି ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ହିଁ ଗଡ଼ିଯାଏ । ମୋତେ ସୀମିତ, ଶୃଙ୍ଖଳିତ, ଆବଦ୍ଧ କରି ରଖନ୍ତି ଏଇମାନେ । ମୋର ଉତପ୍ତ ବାଲିଶଯ୍ୟାରୁ ଆର୍ଦ୍ରତା ଲିଭିଗଲେ, ଦୁଇପାଖରେ ଗୁଡ଼ିଏ ସବୁଜ ମେଘ ସୃଷ୍ଟିକରି ମୋତେ ଆଚ୍ଛନ୍ନ କରିରଖନ୍ତି, ଆବୋରି ରଖନ୍ତି, ଆଶ୍ଳିଷ୍ଟ କରି ରଖନ୍ତି । ଲାତ ମାରି, ମୁଣ୍ଡ ପିଟି ମୁଁ ସେମାନଙ୍କର ପଞ୍ଜରା ଫଡ଼େଇଦିଏ । ସେମାନେ କୌଣସି ଏକ ଦୁର୍ଲଙ୍ଘ୍ୟ ପ୍ରଶାସନରେ ହୁଏତ ଏସବୁ ସହିନିଅନ୍ତି; ମୋତେ କିନ୍ତୁ ବାଟ ଛାଡ଼ନ୍ତି ନାହିଁ । ତାଙ୍କ ପାଇଁ ହୁଏତ ମୁଁ ପୂର୍ବବାହୀ ହେବାକୁ ବାଧ୍ୟ ହୁଏ । ମୁଁ ମୁକୁଳି ଯାଇପାରେ ନାହିଁ । ବିଭିନ୍ନ ଦିଗରେ ପବନ ପରି ମୋର ଆର୍ଦ୍ରତା ବୁଣିଦେଇ ଲିଭିଯାଇପାରେ ନାହିଁ । ଏଣୁ ମୋର ସର୍ବପ୍ରଥମ ପ୍ରତିପକ୍ଷ ମୋର ପିତୃକୁଳ, ମୋର ଜନକ ଜନନୀ, ମୋର ପରିବାର । ସେମାନେ ମୋର ଗୋଡ଼ ହାତ, ପେଟ ପିଠିରେ ଓହଳି ରହନ୍ତି । ମୋର ଦିଗ ବନ୍ଧନ କରିଦିଅନ୍ତି । ପରେ ମିଶିଯାନ୍ତି ପତ୍ନୀ ଏବଂ ପୁଅ । ଏମାନେ ସମସ୍ତେ ମୋର ସ୍ୱଚ୍ଛଳ ଉଦ୍ଦାମତା, ମୋର ଅବାଧ ସମ୍ଭାବନାକୁ ନିଃଶେଷ କରିଦିଅନ୍ତି । ସେମାନଙ୍କ ଆୟତ୍ତରେ, ସେମାନଙ୍କ ନିର୍ଦ୍ଦେଶରେ ମୋତେ ବ୍ୟୟିତ ହୋଇଯିବାକୁ ହୁଏ । ସେମାନେ ମୋ'ଦ୍ୱାରା ବେଳେବେଳେ ଉତ୍ପୀଡ଼ିତ ଅତ୍ୟାଚାରିତ ହୁଅନ୍ତି ବୋଧହୁଏ; କିନ୍ତୁ କଦାପି ପରାସ୍ତ ହୁଅନ୍ତି ନାହିଁ । ସେମାନେ ମୋର ବିଜେତା । ଆଜୀବନ ମୁଁ ସେମାନଙ୍କର ବନ୍ଦୀ ।

ବେଳେବେଳେ ଦିଶିଯାଏ ଯେ ପକ୍ଷ ମାତ୍ର ଗୋଟିଏ---ଆଚରଣ କେବଳ ଭିନ୍ନ ଭିନ୍ନ । ଗୁଡ଼ାଏ କ୍ଳାନ୍ତ ହେଲା ପରେ ମୁଁ ଯାହା ଉପରକୁ ଆଉଜିପଡ଼ିଥାଏ, ସେ ମୋର ସ୍ୱପକ୍ଷ । ଯେତେବେଳେ ନିଦ ଭାଙ୍ଗିଯାଏ, ମୁଁ ମୁହଁ ବୁଲେଇ ତାକୁ କାମୁଡ଼ିଦିଏ । କାରଣ ସେ ବି ମୋତେ ଛାଡ଼େନାହିଁ । ଆମେ ତା'ପରେ ପରସ୍ପରକୁ ଘୃଣାକରୁ, ପରସ୍ପରକୁ ହତ୍ୟାକରୁ, କିନ୍ତୁ କେହି ମରୁନା । ପୁଣି ପାଖେଇ ଆସିବାକୁ ମନହୁଏ । ତୀବ୍ରତମ ପ୍ରତିକୂଳତା ଭିତରେ ଝିଲ ଝିଲ୍ ହୋଇ ପୁଣି ସ୍ୱପକ୍ଷର ମମତା ଉଦୟ ହୁଏ । ଏମିତି ଗଡ଼ିଚାଲେ ପ୍ରବାହ, ପ୍ରବାହର ତରଙ୍ଗ, ତରଙ୍ଗର ଏପାଖ ଏବଂ ସେପାଖ । ସ୍ୱପକ୍ଷ ହିଁ ପ୍ରତିପକ୍ଷ । ମୋର ଘୋରତମ ଶତ୍ରୁକୁ ହତ୍ୟାକଲାବେଳେ ତା' ଗଳାକୁ ଗୋଟିଏ ହାତରେ ନିବିଡ଼ ଭାବରେ ଜଡ଼େଇନେଇ ଅନ୍ୟ ହାତରେ ହିଁ ମୁଁ ତାକୁ ହତ୍ୟାକରେ । ଯଦି ସେ ଗୋଟିଏ ଭୂମିରେ ମୋ ସହିତ ଠିଆହୋଇ ନଥାନ୍ତା, ଗୋଟିଏ ଦେଶରେ ଗୋଟିଏ ପାଣି ପବନରେ ଗୋଟିଏ ଗାଁର ଭାଇ ଭଳି ମୋ ସହିତ ସମ୍ପର୍କିତ ନଥାନ୍ତା, ସବୁ ଦିଗରୁ ମୋର ସ୍ୱପକ୍ଷ ହେବାର ଯୋଗ୍ୟତା ଲାଭ କରିନଥାନ୍ତା, କିଭଳି ସେମୋର ପ୍ରତିପକ୍ଷ ହୋଇ ଠିଆହୁଅନ୍ତା ଭଲା !

ସେଭଳି ଠିଆ ହେଲାବେଳେ ସେ ମୋ ଆହାର ମୋ ମୁହଁରୁ କାଢ଼ିନିଏ । ମୋ ଧନ, ମୋ ମାନ, ମୋ ତେଜ ହରଣ କରିନିଏ । ମୋତେ ଚାହିଁ ହସେ, ନିଶ ମୋଡ଼େ । ମୋ ଭିତର ମଚ୍ଚିପକାଏ । ମୋଟ ଉପରେ ମୋ ମୁହାଁମୁହିଁ ମୋର ଅତି ନିକଟରେ ସେ ଠିଆ ହୋଇଯାଏ । ସେ ତା' ବିଭୂତିରେ ଗର୍ଜେ । କାୟା ବିସ୍ତାର କରେ । ମୁଁ ବି ଫୁଲିଉଠେ ସମତାଳରେ । ଯୋଡ଼ାଏ ଅହିରାଜ, ଯୋଡ଼ାଏ ସିଂହ କି ଯୋଡ଼ାଏ ବାଘ ମୁହାଁମୁହିଁ ହୋଇଯାନ୍ତି । ତା' ମୁଣ୍ଡ ଉପରୁ ଆକାଶ

Digitized by srujanika@gmail.com

ଉଭେଇଯାଏ । ପଶ୍ଚାତ୍‌ର ଉଭେଇଯାଏ ସୃଷ୍ଟି । ସେ ହୋଇଯାଏ ମୋର ଦୋସର । ହୁଏତ ତାକୁ ସଂହାର କରିବି, ନତୁବା ସେ ମୋତେ ସଂହାର କରିବ । ମୁକାବିଲାରେ ଉଭୟେ ମରିଯାଇପାରୁ; କିନ୍ତୁ ଉଭୟେ ବଞ୍ଚିବା ସମ୍ଭବ ନୁହେଁ । ମୋର ଜଳ ବଢ଼ିଗଲେ, ମୁଁ ସେ ଶିଳାବନ୍ଧଟିକୁ ଟପିଚାଲିଯାଏ । ତାକୁ ମୋ ସ୍ରୋତ ଭିତରେ ଡୋକିଦିଏ । ସେ ନିଶ୍ଚିହ୍ନ ହୋଇଯାଏ ମୋର ପ୍ରବାହରେ । ତା'ର ବଳ ବେଶୀ ହୋଇଗଲେ ସେ ମୋତେ ଦୁଇଫାଳ କରିଦିଏ । ମୋର ତର୍ଜନ, ଗର୍ଜନ, ମୋର ସ୍ରୋତ, ମୋର ବ୍ୟକ୍ତିତ୍ୱ ସବୁ ଦୁଇଫାଳ ହୋଇଯାନ୍ତି । ମୋର ସଂହାର ହୋଇଯାଏ । ଏଭଳି ଚୂଡ଼ାନ୍ତ ମୁକାବିଲା କିନ୍ତୁ ସବୁବେଳେ ହୁଏ ନାହିଁ । ବରଂ ପ୍ରତିପକ୍ଷଟି ଛୋଟ ଛୋଟ ଖଣ୍ଡରେ ବିକୀର୍ଣ୍ଣ ହୋଇପଡ଼େ ଏବଂ ମୋର ସମଗ୍ର ସ୍ରୋତକୁ ତରଙ୍ଗାୟିତ କରେ । ମୁଁ ନିରଙ୍କୁଶ ସରଳରୈଖିକ କୌଣସି ଅଜାତ ଶତ୍ରୁ ନ ହୋଇ ହୋଇଯାଏ ବହୁ ବାଙ୍କ, ବହୁ ମୋଡ଼, ବହୁ ତରଙ୍ଗ, ଫେଣ ଏବଂ ଶବ୍ଦର ଗୋଟିଏ ପ୍ରବାହ । ମୁଁ ଯାହା ଚାହେଁ, ମୋର ଦେହ ମନ ପ୍ରାଣରେ ଯେଉଁ ସବୁ ସ୍ୱାଭାବିକ ସୂକ୍ଷ୍ମ କାମନାରେ ରଜୁ ତନ୍ତୁ ସବୁ ବାହାରନ୍ତି, ତାକୁ ପଦେ ପଦେ ବିରୋଧ କରେ ପ୍ରତିପକ୍ଷ । ମୋର ସ୍ନାୟୁଗୁଡ଼ିକ ଛିଣ୍ଡିଯାଆନ୍ତି । ମୋର ଜ୍ୱଳନ ହୁଏ । ମୁଁ ଉତ୍କ୍ଷିପ୍ତ ହୁଏ । ଉତ୍ତେଜିତ ହୁଏ । ହୁଏତ ଚିତ୍କାର କରେ; କିନ୍ତୁ ପୁଣି ଦାନ୍ତ କାମୁଡ଼ି ସହିଯାଏ । ଆଖି ବୁଜିଦିଏ ସମୟର ସୁଅରେ । ଘଟଣାଣି ଘୁଞ୍ଚିଯାଏ ।

ମୋଟ ଉପରେ ଏଭଳି ମଥିତ ହେବା, ପୀଡ଼ିତ ହେବାକୁ ମୁଁ ଭଲପାଏ । ମୋର ଅଜାଣତରେ ତାକୁ ଆବାହନ କରୁଥାଏ । ଏଣୁ ସେ ଆସେ । ଖୁବ୍ ପାହାନ୍ତିଆ ବେଳକୁ ସବୁଠାରୁ ଶୀତଳ ସ୍ୱପ୍ନରେ ବଣିଜ କରୁଥିବା ସମୟରେ ନିଦଟି ଭାଙ୍ଗିଯାଏ । କାରଣ ? କାରଣ ଅନେକ । ମଶା, ଓଡ଼ଶ, ଭୟଙ୍କର ଗୁରୁଗୁଳି ଏବଂ ଅହରହ ଗର୍ଜୁଥିବା ମୋର ପଞ୍ଚମ କନ୍ୟା । ରକ୍ତର ବିସ୍ଫୋରଣରେ ମୋର କାନମୁଣ୍ଡା ଧପ୍ ଧପ୍ ହୁଏ । ଆଖି ଉପରକୁ ନିଆଁ ଚହଟିଆସେ । ଦାନ୍ତ କଡ଼ମଡ଼ କରି ହତ୍ୟା କରିବାର ମାନସିକ ଅବସ୍ଥାକୁ ଆସିବା ପୂର୍ବରୁ ମୁଁ ଡେଇଁପଡ଼ି ପଦାକୁ ପଳାଏ ଏବଂ ପଛକୁ ନ ଚାହିଁ ପଳାଏ ଅନେକ ଦୂର । ହୁଏତ ଗାଁମୁଣ୍ଡରେ ସେ ନଈଟି ନଥିଲେ ମୁଁ ବାନପ୍ରସ୍ଥ ନେଇଥାନ୍ତି । ସେଇଠି ପହଞ୍ଚି ସେ କୃପଣ ବାଲି ଉହାଡ଼ରେ ମୁଁ ପାଣି ଖୋଜି ବୁଲେ ଏବଂ ପାଏ ମୋର ଅନେକ ଆଗରୁ ସେମିତି ପାଣି ଖୋଜୁଥିବା ପୁଞ୍ଜାଏ ଅଧୁଆମୁହାଁ ହତଭାଗାଙ୍କୁ, ଯେଉଁମାନେ ସେତେବେଳ ପର୍ଯ୍ୟନ୍ତ ଦାନ୍ତ କଡ଼ମଡ଼ କରୁଥାନ୍ତି । ପ୍ରତ୍ୟେକ ସୂର୍ଯ୍ୟୋଦୟ ପୂର୍ବରୁ ଆକାଶ ସେଇଭଳି ଗୁଡ଼ିଏ ଶୀତଳ ନରମ ପବନର ବର୍ଷା ଯଦି କରୁନଥାନ୍ତା, କ'ଣ ହୁଅନ୍ତା ମୁଁ କହିପାରୁନାହିଁ; କିନ୍ତୁ ସେଇ ଅଦୃଶ୍ୟ ସ୍ୱପକ୍ଷଗୁଡ଼ିକ ମୋର ଉତ୍ତାପ ବାଣ୍ଟିନିଅନ୍ତି । ମୁଁ ପ୍ରାୟ ସ୍ୱାଭାବିକ ଅବସ୍ଥାରେ ଘରକୁ ଫେରେ । ଅତି ଉଦାର ଭାବରେ ଗ୍ରହଣ କରେ ଦୁହିତାର ବୋବାଳି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କୋଳାହଳ । ଆଉ ଥରେ କିଛି କଟାଳ ନ କରି ନୀରବରେ ବାହାରିଯାଏ ପାଣ୍ଡିଆ ହୋଟେଲକୁ ।

ତା'ର ଅଟଂଛା କାଠ ବେଞ୍ଚ ଉପରେ ପୁରୁଣା ଖବର କାଗଜ ଲେଉଟାଏ । ତା'ର ପଥର କୋଇଲା ଚୁଲି କୁହୁଳେ । ଆଖି ମଳିମଳି ମାଳିକ ଉଠେ । ଦାନ୍ତ ନିକୁଟି 'ନମସ୍ତେ' କହେ ଏବଂ

Digitized by srujanika@gmail.com

ପର ମୁହୂର୍ତ୍ତରେ ଧଡ଼ାସ୍‌କିନା ଗୋଟାଏ ଗୋଇଠା ମାରେ ମସିଆ ଜଙ୍ଘିପିନ୍ଧା ଚିକିଣିଆ ନୌକର ପିଲାଟିକୁ । ମୁଁ ଚମକି ପଡ଼େ । ମୋତେ ଲାଗେ ଯେ ସେ ଗୋଇଠାଟା ମୋ ପାଇଁ । ପଇସା ନ ନେଇ ସେ ପ୍ରଥମ କପ୍ ଚା' ମୋତେ ଦେବାକୁ ଚାହେଁ ନାହିଁ । ଏଣେ ସାହି ନେତାଙ୍କୁ ମନାକରିଦେବାକୁ ମଧ୍ୟତାର ବଳ ନାହିଁ । ମୁଁ ଗୋଟାଏ ବାହାନାରେ ମୋ ଉପର ପକେଟ୍‌ରୁ ଶାଶ୍ୱତ ଟଙ୍କାକିଆ ନୋଟଟିକୁ ଅଦ୍ଧ ବାହାର କରି ପୁଣି ମୁଣାରେ ରଖିଦିଏ । ତା' ପରେ ହଠାତ୍ ବଦଳିଯାଏ ପ୍ରତିପକ୍ଷର ରୂପ । ମାଲିକ ନିଜେ କୋଇଲା ଚୁଲିକୁ ବିଞ୍ଚେ । ଖବରକାଗଜର ବସ୍ ଦୁର୍ଘଣଟା କଥା କହେ । ଅଧଘଣ୍ଟାଏ ପରେ ଯେଉଁ ଢାଉଁ ଆସିଲିଆ ଖିରରେ ଚା' କପେ ଦିଏ, ତାକୁ ପିଇବା ଏକ ସାଧନା । ପିଇସାରି ସେ ଝାମ୍ପରୁମୁଣ୍ଡିଆ ହୋଟେଲ ମାଲିକର ଛାମୁଦାନ୍ତକୁ ଅକ୍ଷୁର୍ଣ୍ଣ ଛାଡ଼ିଆସିବା ଆଉ ଏକ ସାଧନା । କ୍ରୋଧରେ ନିଜର ଦାନ୍ତ ରଡ଼ମଡ଼ କାମୁଡ଼ିଲେ ସେ ଗଣ୍ଡାକରୁ ଚେନା ଛାଡ଼ିଯାଏ । ସେଇଠୁ ପଳାଇଗଲେ ବାଟରେ ହାବୁଡ଼ିଯାଏ ମଣିସାହୁ । ତାକୁଆଡ଼ ହୋଇଯିବା ସମ୍ଭବ ନୁହେଁ । ସେ ସାମନା ସାମନି ହୋଇ କହେ, 'ଏ ମାସରେ ମୂଳ ଆଡ଼କୁ କିଛି ଶୁଝିଦେବ ।' ଜିଘାସାର ଏକମାତ୍ର ଲକ୍ଷଣରୂପେମୋ ଦେହ ଝାଳେଇଯାଏ । ବୁକୁ ଧପ୍ ଧପ୍ ବାଡ଼େଇ ହୁଏ । ପବନରେ, ଗଛରେ, ଖୁଣ୍ଟରେ ବ୍ୟାପିଯାଏ ମଣିସାହୁ । ସବୁଠାରେ ହତ୍ୟା କରି କରି ମୁଁ ପୁଣି ଫେରିଆସେ ଘରକୁ ।

ସେଇଠି ପଞ୍ଚମାକନ୍ୟା ରୋରୁଦ୍ୟମାନା । ପତ୍ନୀ କରାଳବଦନା । ମୋର ସମଗ୍ର ପ୍ରତିପକ୍ଷ ଅସ୍ତ୍ର ଟେକି ପ୍ରତୀକ୍ଷମାଣ ! ପାଣି ନାହିଁ---କେହି ମୁହଁ ଧୋଇନାହାନ୍ତି । ଚାଉଳ ନାହିଁ । କାଠ ନାହିଁ । ଲୁଣ ନାହିଁ । କାନ୍ଥ ନାହିଁ । ବାଡ଼ ନାହିଁ । ... ମୁଁ ବୋଧହୁଏ ଗୋଟାଏ ବିକଟାଳ ରଡ଼ି ଛାଡ଼େ ଏବଂ ଦୁଇ ବାହୁକୁ ଗଦା ବୁଲାଇଲା ପରି ବୁଲାଏ । ଯେଉଁଆଡ଼େ ଇଚ୍ଛା ସେଆଡ଼େ ଲାତ ମାରେ । ଆଡ଼ଚିରା ମାରେ ଏବଂ ପୁଣି ଗର୍ଜେ । ରାତିର ଅଧୁଆ ରେକଟା ଥାଳି ଗିନା କେତେଖଣ୍ଡ କାନ୍ଥରେ ବାଡ଼େଇ ହୁଅନ୍ତି । ଘୋର ଅଶ୍ଳୀଳ ଭାଷାରେ ମୋର ପୌରୁଷ ପ୍ରକାଶ କରି ମୁଁ ଡେଇଁ ବାହାରିଯାଏ ରାସ୍ତା ଉପରକୁ ଏବଂ ସେଇ ଉଜାଣିରେ ଏକାଥରକେ ଅଫିସ୍‌କୁ ।

ଅଫିସରେ ଇନ୍‌କିଲାବ ଜିନ୍ଦବାଦ । ଶୀଳା ଅଫିସର ମୁର୍ଦାବାଦ । ହମ୍ ମାରେଗା । ହମ୍ ଲଢ଼େଗା । ଖାଲି ହିନ୍ଦୀ, ଖାଲି ଯୁଦ୍ଧ, ଖାଲି ଗରମାଗରମ ରଣହୁଙ୍କାର । ଯାରି ଭିତରେ ଶାମ ସାସମଲ ମୋତେ ଲୁଚେଇ ଜଳଖିଆ ମଗେଇ ଖାଇଦିଏ । ତାକୁ ମାସରେ ପନ୍ଦର ଦିନ ମୁଁ ମୋ ଭାଗରୁ ଅଧେ ଦେଇ ଆସିଛି । ରତନି ମିଶ୍ର ମୋ ନମସ୍କାର ଫେରାଏ ନାହିଁ । ଗୋଟାଏ ଆଡ଼କୁ ନାକ ଟେକି ଦେଇ ଚାଲିଯାଏ । କଲମରୁ ସାଇ ଝରେନାହିଁ । ନିବ୍ ଭାଙ୍ଗିଯାଏ । ଟେବୁଲ କନାଖଣ୍ଡ ଚିରା, କାଳି ସାଲୁବାଲୁ । ମଦନା ପିଅନ ଡାକିଲେ ଶୁଣେ ନାହିଁ । କହେ ବଡ଼ବାବୁ ତାକୁ ଡାକିଛନ୍ତି । ହାରାମଜାଦା, ଏ ସମସ୍ତଙ୍କୁ ମୁଁ ହତ୍ୟା କରିବି । ଏ ଦପ୍ତରରେ ନିଆଁ ଲଗାଇଦେବି । ମାରିବି ଏ ଦେଶର ଲାଞ୍ଚୁଆ ଶାସକପଲକୁ । ମାରିବି । ହାଣିବି । ପୋଡ଼ିଦେବି । ଟିକି ଟିକି କରି, ସୋରା ସୋରା କରି, ଖିନ୍ ଭିନ୍ କରି ଫିଙ୍ଗି ଦେବି ।

Digitized by srujanika@gmail.com

ଧାଇଁଲା ପରି ଫେରି ଆସେ ପୁଣି ସେଇ ଘରକୁ । ବାଟରେ କିଛି ଦିଶେ ନାହିଁ । କେହି ଦିଶନ୍ତି ନାହିଁ । ବର୍ଷାନ୍ତ ମେଘପରି ପଶିଗଲାବେଳକୁ ପିଲାଏ ଚୁପ୍‌ଚାପ୍ ପାଠ ପଢୁଥାନ୍ତି । ଘରଟି ଚିକ୍‌କଣ, ସଫାସୁତୁରା । ମୋର ଆରାମଚୌକିରେ ସଫା ଖୋଳ-ଲଗା ତକିଆ ଡେରାହୋଇଥାଏ, ଛୋଟ ଟେବୁଲରେ ଗ୍ଲାସେ ପାଣି । ଥାଳିଆରେ କିଛି ଉପମା । କପେ ବଢ଼ିଆ ଚା’ । ତା’ପରେ ଖଣ୍ଡେ ପାନ । ଏତକ ଉପଚାର ପରେ ମୋ ଆଗରୁ ଧୂଆଁ ଓହ୍ଲେଇ ଯାଏ । ମୁଁ ଦେଖେ ମୋ ସ୍ୱପକ୍ଷକୁ । ସେ ଚାହେଁ ନାହିଁ ମୁଁ ବୋମା ପରି ଫାଟିଯିବାକୁ ବା ଝୁଣାଗୁଣ୍ଡପରି ଜଳିଯିବାକୁ । ସେଇ ସ୍ୱପକ୍ଷ ହିଁ ସକାଳୁ ସେଯାଏ ଗାଁର ସେପଟକୁ ଡେଇଁଯାଇ ମୋତେ ହାଣୁଥିଲା । ମୁଁ ଦେଖେ ମୋ ପତ୍ନୀକୁ । ମୋର ପୁତ୍ର କନ୍ୟାମାନଙ୍କୁ । ସେମାନେ ଅପେକ୍ଷା କରିଥାନ୍ତି ମୋ ମୁହଁରେ ଚିହ୍ନା ମଣିଷଟାର ଚିହ୍ନା ହସଟିକୁ ଦେଖିବାକୁ । ପାନଖିଆ ପାଟିରେ ମୁଁ ଫକ୍‌କିନା ହସିଦିଏ ଏବଂ ସମଗ୍ର ସଂଗ୍ରାମର ସାଞ୍ଜୁ, ଢାଲ, ତରବାରି ଆଡ଼େଇ ଥୋଇଦିଏ । ତେଣିକି ପଞ୍ଚମା କନ୍ୟା କାନ୍ଦିଲେ ତାକୁ କାନ୍ଧରେ ବୋହି ମୁଁ ଖୁଆଇବାକୁ ପ୍ରସ୍ତୁତ । ପାଣି ନ ଥିଲେ ପଡ଼ିଶା ମନ୍ଦିର କୂଅରୁ ତିନିଶହ ବାଲ୍‌ତି ବୋହିବାକୁ ପ୍ରସ୍ତୁତ । ମୁଁ ମୋର ଛଦ୍ମବେଶୀ ପ୍ରତିପକ୍ଷର ବଚସ୍କର ଗୋଲାମ ।

ଏଭଳି ଆପଣ ପଚାରିଲେ ମୁଁ ହୁଏତ କହିପାରିବି ନାହିଁ ମୁଁ କାହା ପାଇଁ ବଞ୍ଚେ । ଏ ବିଭିନ୍ନ ଜ୍ୱାଳା, ସଂଘର୍ଷ ଓ ସଂଘାତରେ କୁଣ୍ଠିତ ମୋର ଜୀବନ । ଏଣୁ ମୁଁ ମୋର ପ୍ରତିପକ୍ଷ ପାଇଁ ତା’ ସହିତ ଅହରହ ଏଭଳି ଯୁଦ୍ଧ ପାଇଁ ବଞ୍ଚେ ନା ମୋର ସହନଶୀଳ, ସ୍ନେହଶୀଳ, ଶୀତଳ ଆଶ୍ଳେଷମୟ ସ୍ୱପକ୍ଷ ପାଇଁ ବଞ୍ଚେ ? ଯୁଦ୍ଧ ହିଁ ଜୀବନ ନା ଏଇ ଟିକକ ବିରତି ଜୀବନ ? କିଏ ଜୀବନର ଉପାଦାନ ? ଅନନ୍ତ ଜ୍ୱାଳା ନା ଏ ଚନ୍ଦନର ପ୍ରଲେପ ? ନା’ ଉଭୟ ? ହୋଇପାରେ ମଧ୍ୟ କୌଣସିଟି ମୋର ଉପାଦାନ ନୁହେଁ । ହୋଇପାରେ ମୁଁ ଏ ଦୁଇ ପକ୍ଷ ମଝିରେ ଥୁଆ ହୋଇଥିବା ଗୋଟିଏ ଅନ୍ନପିଣ୍ଡ । ଉଭୟ ମୋତେ ଭକ୍ଷଣ କରନ୍ତି ନିଜ ନିଜ ଢଙ୍ଗରେ । ଗୋଟିଏ ସମ୍ମୋହିତ କରେ, ନିଶ୍ଚେତ କରେ ଏବଂ ଅତି ସନ୍ତର୍ପଣରେ ମୋତେ ଉତ୍ତେଜିତ ନକରି ଶୋଷଣ କରେ । ଅନ୍ୟଟି କିନ୍ତୁ ନଖ ଦନ୍ତରେ କ୍ଷତବିକ୍ଷତ କରେ । ମୋତେ ବିକ୍ଷୁବ୍ଧ କରେ । ଉଭୟ କ୍ଷେତ୍ରରେ ମୁଁ କ୍ଷୟିତ ହୁଏ, ବ୍ୟୟିତ ହୁଏ । ଗୋଟିକରେ ମୁଁ ସଂପୂର୍ଣ୍ଣ ନିଷ୍କ୍ରିୟ । ଅନ୍ୟଟିରେ ମୁଁ ଜାଗ୍ରତ । ମୋର ସମସ୍ତ ଶକ୍ତିସାମର୍ଥ୍ୟ ଜାଗ୍ରତ । ମୁଁ ସମର୍ଥ । ମୁଁ ଯୋଦ୍ଧା । ମୁଁ ଅସ୍ତ୍ରଧାରୀ । ଏହି କାରଣରୁ ମୋର ଦୁଇଟି ପୃଥକ୍ ସ୍ନାୟୁମଣ୍ଡଳ ଏ ଦୁଇ ପ୍ରକାର ପରିବେଶରେ ଉତ୍ତେଜିତ ହୁଅନ୍ତି । ଗୋଟିକରେ ସ୍ନେହ, ମମତା, ପ୍ରେମ, ଦୟା, କରୁଣା ମାଧ୍ୟମରେ ମୁଁମୋର ପୀଡ଼ା ଦହନ ଏବଂ ସମ୍ବେଦନର ପରିସରକୁ ଓ ପରିମାଣକୁ ବୃଦ୍ଧି କରେ । ସେଇ ପରିମାଣରେ କ୍ଷୟିତ ମଧ୍ୟ ହୋଇଯାଏ ଏବଂ ଅନ୍ୟଟିରେ କ୍ରୋଧ, ଘୃଣା, ପ୍ରବଳ ଉଦ୍‌ବେଗ, ବିଜିଗୀଷା, ଜିଘାଂସାର ଅଜସ୍ର ଶିଖା ଭିତରେ ସିଧାସଳଖ ଦଗ୍ଧୀଭୂତ ହୋଇଯାଏ ।

ମୋର ବାମ ଡାହାଣ ହିଁ ମୋର ସ୍ୱପକ୍ଷ ଓ ପ୍ରତିପକ୍ଷ । ସେମାନେ ସଂଲଗ୍ନ ରହି, ପରସ୍ପରର ସମ୍ମୁଖୀନ ହୋଇ, ପରସ୍ପରର ବିରୋଧ କରି ମୋତେ ଚଳମାନ, ସକ୍ରିୟ ଏବଂ ଦୋଦୁଲ୍ୟମାନ କରି ରଖନ୍ତି । ସେ ଦୁହେଁ ଦୁଇଟି ମେରୁ । କେତେବେଳେ କେଉଁ ରଙ୍ଗରେ ପ୍ରତିଭାତ ହେଉଥାନ୍ତି ।

Digitized by srujanika@gmail.com

ସ୍ୱପକ୍ଷ ଭାବ ତେଜିଗଲେ, ସମଗ୍ର ବସୁଧା ମୋର କୁଟୁମ୍ବ । ମଣି ସାହୁ, ପାଣ୍ଡିଆ ହୋଟେଲବାଲା ସମେତ ସମସ୍ତେ ମୋର ଆତ୍ମୀୟ । ପ୍ରତିପକ୍ଷ ତେଜିଗଲେ ସାରା ସଂସାର ମୋର ଶତ୍ରୁ । ରେରେକାର କରୁଥିବା ମୋର ପତ୍ନୀ ପୁତ୍ର ସମେତ ସମସ୍ତେ ମୋର ପରିପନ୍ଥୀ ।

ମୁଁ ଏକ ସ୍ନାୟବିକ ପ୍ରାଣୀ । ବେଳେ ବେଳେ ମୁଁ ଚମକିବାକୁ ଚାହେଁ । ମଥିତ, ପୀଡ଼ିତ, ବିକର୍ଷିତ ହେବାକୁ ଚାହେଁ । କୌଣସି ଜଣକୁ ଘୃଣା କରିବାକୁ ଚାହେଁ । ତା'ର କଳ୍ପିତ ଅବକ୍ଷୟରେ ମଜ୍ଜି ରହି ତାକୁ ବିନାଶ କରିବାକୁ ଚାହେଁ । ହିଂସା, ଘୃଣା, ପ୍ରତିପକ୍ଷର ତାଡ଼ନାରେ ଯେଉଁ ଉନ୍ମାଦନା ଅଛି, ଯେଉଁ ମାଦକତା ଅଛି, ତାକୁ ମୋର ଅଜିତେନ୍ଦ୍ରିୟ ଜୀବନରୁ କାଢ଼ିନେଲେ ବଞ୍ଚିବା ଏକ ସରଳରୈଖିକ ବ୍ୟର୍ଥତା । ଏଣୁ ବଞ୍ଚିରହିଥାନ୍ତୁ ମୋର ପ୍ରତିପକ୍ଷ, ମୋର କୌରବ ଶହେ ଭାଇ । ସେମାନଙ୍କ ପାଇଁ ମୋର ପ୍ରାଗୈତିହାସିକ ଫଣାଟି ଟେକି ହୋଇ ରହିଥାଉ । ଅହରହ ଜୟ କରିବାର, ଜାହିର୍ କରିବାର ଅହଙ୍କାରଟି ସଫଳ ସଂଘର୍ଷର କୋଟି କୋଟି ସମ୍ଭାବନାରେ ଫର୍‌ଫର୍ ହେଉଥାଉ । କାରଣ କୌଣସି ନା କୌଣସି ଭୂମିରେ ଯୁଦ୍ଧ ନକରି ମଣିଷ କିପରି ବଞ୍ଚିପାରେ, ମୁଁ ଏଯାଏ କଳ୍ପନା କରିପାରିନାହିଁ ।

❖❖❖

Digitized by srujanika@gmail.com

ମୌନ

ଆଜି କାହିଁକି କେଜାଣି ଭାରି ମନ ହେଉଛି ତୁନିପଡ଼ିଯିବାକୁ ସବୁଦିନ ପାଇଁ । କ'ଣ ବା ସତେ ଏଠି କହିବାର ଅଛି ଆଉ ? ଏ ଅରଣ୍ୟରେ କୌଣସି ରୋଦନର କିଛି ଅର୍ଥ ନାହିଁ । ଏଠି ଅଜସ୍ର କୋଳାହଳ, ଅନେକ ବଣ୍ୟ ଉପଦ୍ରବ । ଏଠି ବରଂ ତୁନିପଡ଼ିଯିବା ଭଲ ଏଠି ଭାଷା ଅର୍ଥହୀନ । ଭାବର ବଣିଜ କେହି ବୁଝେନା । ଗାଳି, ଗୁହାରି ବା ଜ୍ଞାନ କେହି କିଛି ଏଠି ଶୁଣନ୍ତି ନାହିଁ । ଛାଡ଼.... କାହିଁକି ଆଉ ଅଯଥା ପ୍ରାଣର ହବନରେ ଗୁଡ଼ିଏ ଦିକି ଦିକି ଶବ୍ଦର ଆଳୁଅ ଜାଳିବାକୁ ଯିବା !... ପୃଥିବୀର ନାଭିକେନ୍ଦ୍ରରୁ ମହାଶୂନ୍ୟ ଯାଏଁ ଲମ୍ବମାନ ସତ୍ୟକୁ ଯଦି ଧାରଣ କରିବାକୁ ଏ ଅନୁଦାର ପ୍ରାଣରେ ସ୍ଥାନ ନାହିଁ, ତାକୁ ନିରୁଦ୍‌ବେଗ ପ୍ରସବ କରିବାକୁ ଯଦି ଏ କୁଣ୍ଠିତ ନଡ଼ଥଡ଼ ଶବ୍ଦଗୁଡ଼ିକ ଅପାରଗ, ତେବେ ତୁନି ପଡ଼ିଯିବା ବରଂ ଭଲ ନୁହେଁ କି ? ଏ ଦେଶକାଳର ଆକାଶ ନପୁଂସକ ! ପୃଥିବୀ ଧର୍ଷିତା, ରକ୍ତକ୍ଷରା !! ସବୁସାଧୁଜନେ କ୍ଷତବିକ୍ଷତ; ଉଦ୍ଭିଦ ପରି ବିକଳାଙ୍ଗ ! ହେଇ, ସେ ତଳକୁ ମୁଣ୍ଡପୋତି ଅପସରିଯାଉଥିବା ଏବଂ ଜଟାମଣ୍ଡିତ ବ୍ୟାସପରି ଦିଶିଯାଉଥିବା ଅପମାନିତ ବ୍ୟକ୍ତିଟି ସାଇବେରିଆର ବନ୍ଦୀ ବୈଜ୍ଞାନିକ, ଯାର ଜିଭ କାଟିଦିଆଯାଇଛି । ସେ ହୁଏତ ଏ ସମସ୍ତଙ୍କୁ କ୍ଷମା କରିଛି । ତା'ର ସେ ବଡ଼ ବଡ଼ ପଦ୍ମପାଖୁଡ଼ା ପରି ଆଖି ଟେକି ହୁଏତ ପ୍ରାର୍ଥନା କରିଛି ଏମାନଙ୍କପାଇଁ; କିନ୍ତୁ ପାଟି ଖୋଲିନାହିଁ---ଖୋଲିଲେ କାଳେ ରକ୍ତ ଝରିଯିବ; କାରଣ ଶବ୍ଦ ତ କେଉଁକାଳୁ ମଲାଣି । ସାଧୁ ରକ୍ତର ଅଭିଶାପରେ ପୃଥିବୀ ନିଷ୍ଫଳା ହୋଇଯିବ ବାରବର୍ଷ । ଏଣୁ ଆଜି ଭାରି ଇଚ୍ଛା ହେଉଛି ତୁନିପଡ଼ିଯିବାକୁ ସବୁଦିନ ପାଇଁ ।

ଦିନେ ମୁଁ ହୁଏତ ଯୋଦ୍ଧା ଥିଲି । କେବେ ଥିଲି ଠିକ୍ କହିପାରୁନାହିଁ ହୁଏତ ! କିନ୍ତୁ ନିଷ୍ପ୍ରଭ ବ୍ୟକ୍ତିତ୍ୱ ନେଇ ଏବେ ଠିଆହୋଇଥିବା ଏ ବୃହନ୍ନଳାଟିକୁ ସେ କଥା କହି କାହିଁକି ଉପହାସ କରିବାକୁ ଯିବା ! ନିଆଁ ଲାଗିଯାଉ ତା'ର ଅତୀତରେ । ସେଗୁଡ଼ାକ ସବୁ ମିଛ । ସତ ହୋଇଥିଲେ କ'ଣ ଏଡ଼େ ବଡ଼ ବଡ଼ ଚକା ପଥର ସବୁ ଚିରୁଡ଼ା ଚିରୁଡ଼ା ହୋଇ ଲୁଣ ଝଡ଼ିଲାପରି ଝଡ଼ିପଡୁଥାନ୍ତେ ? ଅପୌରୁଷେୟ ବେଦଗୁଡ଼ିକ ଶ୍ରୀଫଳ ସଢ଼େଇପରି ଏଠିସେଠି ଗଡୁଥାନ୍ତେ । ମୋର ଅତୀତ ନାହିଁ । ଅନ୍ତତଃ ମୋତେ ତ ସେଭଳି କିଛି ଦିଶୁନାହିଁ । ମୋର ବେପଥୁ ଅବୟବଗୁଡ଼ିକ ଯଦି ଅସ୍ତ୍ର ଟେକି ଧରିପାରୁନାହାନ୍ତି, ଯଦି ମୋର ଦୁର୍ବଳ ଦୃଷ୍ଟିରେ ଦଶଦିଗ ଶୂନ୍ୟ ଦିଶୁଛି, ତେବେ କାହିଁକି ଏ ତୁମୁଳ କୋଳାହଳ ମଝିରେ ଠିଆରହି ଶଙ୍ଖ ଫୁଙ୍କୁଥିବି ? ମୁଁ କଣ ଆଶା କରିବିଯେ ବହୁ-ଅବୟବବିଶିଷ୍ଟ ଜଣେ କେହି ମତେ ଫୁସୁଲାଫୁସୁଲି କରି ପୁଣି ଅସ୍ତ୍ର ଧରେଇଦେବ ଏବଂ ମୋ ଶଙ୍ଖ ସାଙ୍ଗରେ ତା'

Digitized by srujanika@gmail.com

ଶଙ୍ଖର ସ୍ୱର ମିଶେଇ ଫୁଙ୍କିବ ? ତା' ଯେହେତୁ ଆଦୌ ସମ୍ଭବ ନୁହେଁ ଏବଂ ଯେତେ ଆହତ ହେଲେ ମଧ୍ୟ ବରଫ ପରି ଶୀତଳ ମୋର ମଲାମାଛ ରକ୍ତରେ ଯେହେତୁ ଆଉ ନିଆଁ ଲାଗିବ ନାହିଁ, ମୁଁ ବରଂ ଓହରିଯିବି । ମୋର ଘର୍ମାକ୍ତ ମୁମୂର୍ଷୁ ଶରୀର ବୁଡ଼ିଯିବ ଗହୀର ପାଣି ଭିତରକୁ । ଶଙ୍ଖର ସଂଗ୍ରାମ ଆଉ କରିବି ନାହିଁ; କରିପାରିବି ନାହିଁ ।

ମୋର ଅବଶତାକୁ ଘେରି ଖୋଲା ଆକାଶ ପରି ଆକାଶେ ନିଷ୍ଫଳତା; କିନ୍ତୁ ଅନ୍ଧାର ରାତିରେ ଗୋଟାଏ ଧୂଳିଝଡ଼ ସାଇଁ ସାଇଁ ପିଟିଚାଲିଛି । ଏ ଅସ୍ୱାଭାବିକ ଭୂମିରେ ଏତେବେଳେ ସବୁ ସମ୍ଭବ । ସମସ୍ତେ ଅନ୍ଧ, ସମସ୍ତେ କ୍ଷୁଧାର୍ତ୍ତ । କେହି କାହା ତଣ୍ଟି କଣା କରି ଶ୍ୱାପଦ ପରି ରକ୍ତ ପିଇଗଲେ ସେଥିରେ କିଛି ଯାଏ ଆସେ ନାହିଁ । ବିକଟ ଚିତ୍କାର କରୁଥିବା ଏବଂ ଯୁଥ ଯୁଥ ବିଚରଣ କରୁଥିବା ଏ ଶ୍ୱାପଦଙ୍କୁ ରୋକିବାର ସାମର୍ଥ୍ୟ କାହାରି ନାହିଁ । ଏ ଅରଣ୍ୟର ରାଜା ସେମାନେ । ସେ ଥାଟ ଭିତରୁ କେହି ମନକଲେ ମୋର ଦ୍ରୌପଦୀକୁ ମୋର ସାମ୍ନାରେ ବିଚ୍ ବଜାରରେ ବଳାତ୍କାର କରିପାରେ । ଇଚ୍ଛାକଲେ ମୋର ପାଞ୍ଚଟିଯାକ ପୁଅର ମୁଣ୍ଡ ହାଣି ଟୋକେଇରେ ଭେଟି ଦେବାକୁ ନେଇଯାଇପାରେ । ମୋର ନିରନ୍ନ ଗର୍ଭଧାରିଣୀକୁ ଅବହେଳାରେ ଲାତ ମାରି ହତ୍ୟା କରିପାରେ ଏବଂ ଏ ସମସ୍ତ ଉପଚାର ପରେ ମୋତେ ତା'ର ସ୍ତବ ପାଠ କରିବାକୁ ବାଧ୍ୟ କରିପାରେ । ମୁଁ ତା' ନକରି ଯଦି ପ୍ରତିବାଦର ଚିତ୍କାର କଲି, ସମଗ୍ର ଅରଣ୍ୟରୁ ତା'ର ପ୍ରତିବାଦ ସହସ୍ର ହିଂସ୍ରମୁଖରେ ଶବ୍ଦାୟିତ ହେଲା, ମହମାନ୍ୟ ଶ୍ୱାପଦ ସମ୍ରାଟ ରାୟଦେଲେ ଯେ ସମୂହ ସ୍ୱାର୍ଥପାଇଁ ମୋତେ ଆତ୍ମବଳି ଦେବାର ସୁଯୋଗ ମିଳିଥିଲା । ମୁଁ ସେଥିପାଇଁ କୃତଜ୍ଞ ହେବା ଉଚିତ । କୌଣସି ପ୍ରକାରେ ତାରା ଗୋଟେଇ ବଞ୍ଚିରହିବା ମୋର ଦାୟିତ୍ୱ । ବଞ୍ଚି ନ ପାରିବା ମୋର ଅଯୋଗ୍ୟତା । ମୋର ରକ୍ତ ମାଂସ ଉପରେ କିନ୍ତୁ ମାଲିକମାନଙ୍କର ସାର୍ବଭୌମ ଅଧିକାର । ମୁଁ ସେମାନଙ୍କର ଶସ୍ୟ ।

ମୋ ଜୀବନକୁ ସତ୍ୟକୁ ମୁଁ ତମଡ଼ାତଳେ ଲୁଚେଇ ରଖିଛି । ବେଳେବେଳେ କିଛି ସମୟ ପାଇଁ ଝଡ଼ର ଆକାଶଆଡ଼େ ଅନେଇଁ ମୁଁ ଭାବିଛି କିଛି କହିଦେବି ବୋଲି; କିନ୍ତୁ କହିପାରିନାହିଁ । ଦୁରନ୍ତ ଯାତନା ପାଇଁ ଭାଷା ନାହିଁ । ମୁଁ ଏ ଭୂମି ଉପରେ କେବଳ ଉତ୍ତାନ ପଡ଼ିରହିଛି । ମୋର ଅବୟବଗୁଡ଼ିକ ବିଲମାଳ, ଗାଁଗଣ୍ଡା ଚାରିଆଡ଼େ ବ୍ୟାପିଯାଇଛନ୍ତି । ମୋ ମୁଣ୍ଡ ଉପରେ କାଳର ଗୁଡ଼ିଏ, ବରଫର ପାହାଡ଼ । ମୋ ଅଣ୍ଟା ଉପରେ ବିନ୍ଧ୍ୟଚଳ । ମୋ ପାଦ ଉପରେ ଶୀତଳ ସମୁଦ୍ର । ରୋଗ, ଶୋକ, କ୍ଷୁଧାର ଯାତନାରେ ଅବଶ ଓ ନୀରବ ମୋର ମୁମୂର୍ଷୁ ଅବୟବ । ମୁଁ ସ୍ୱୟଂ ଅବଶ ଓ ନୀରବ । ମୋର ଯାତନା ଭାଷାର ତୋରଣ ଭିତରେ ସମ୍ଭାଏ ନାହିଁ । ମୋ ବିକ୍ଷତ ଅଙ୍ଗଗୁଡ଼ିକର କାହାରି ହେଲେ ମୁହଁ ନାହିଁ । ସେମାନଙ୍କର ନୀରବ ଯନ୍ତ୍ରଣା ହିଁ ମୋର ଦୁରନ୍ତ କଷଣ ।

କଷଣ ସହିବା ଅଜଗରର ଧର୍ମ ପରି ଗୋଟାଏ ନୀରବ କ୍ରିୟା । ଜଳିବା ମଧ୍ୟ ସେଇଭଳି ଗୋଟିଏ ନୀରବ କ୍ରିୟା । ଭୋକବିକଳରେ ମୋର ଜଠର ଜଳୁଥାଏ । ମୋର ପୁତ୍ର କନ୍ୟା, ପରିବାର ଜଳୁଥାନ୍ତି । ମମତା ସୂତ୍ରରେ ସେମାନଙ୍କର ଯନ୍ତ୍ରଣା ମୋତେ ବି ଗ୍ରାସ କରେ । ମୁଁ ତଡ଼ି

Digitized by srujanika@gmail.com

ହୋଇଯାଏ । ପଥର ଭାଙ୍ଗେ । ଲୁହା ତରଳାଏ । ହାତରେ ମୁଠାଏ ଲୁଣ-ଭାତର ଚାରା ନେଇ ଫେରିଲାବେଳକୁ ବାଟରେ କୁକୁର, ଶାଗୁଣା, କୁଆଗୁଡ଼ାଏ ଝାମ୍ପିନିଅନ୍ତି । ମୋର ଆହତ ପୌରୁଷର କ୍ରୋଧ ଆଉ ଏକ ଅଗ୍ନି । ସେ ବି ଜଳେ, ବେଶୀ ଜଳେ; କାରଣ ବାହାରକୁ ଫିଟିଆସି କିଛି ଜଳିପାରେ ନାହିଁ । ମୋର ଭିତରେ ସେ ନିଆଁଟି ମଧ୍ୟ ଭାରି ଭୋକିଲା । ଜନ୍ଦାଟାଏ ରାଗିଗଲେ କାମୁଡ଼ି ପକାଏ, କିନ୍ତୁ ମୁଁ ପାରେ ନାହିଁ । କୁକୁରକୁ ବାଡ଼େଇଦେଲେ ସେ ପ୍ରତିବାଦ କରି ଭୁକିଉଠେ, କିନ୍ତୁ ମୁଁ ପାରେ ନାହିଁ । ମୁଁ ଅନ୍ଧାରରେ ରହେ, କାଦୁଅରେ ଶୁଏ । ମିଛ କରି ଗୁଡ଼ିଏ ଖଟୁଆ, ବାହାପିଆ ମୋତେ ଶୋଷିନିଅନ୍ତି । ମୁଁ ସେମାନଙ୍କୁ ମୋ ଶଙ୍ଖି ଉପରୁ ଛିଞ୍ଚାଡ଼ି ଦେଇପାରେ ନାହିଁ । ମୁଁ ବରଂ ତାଙ୍କର ଆଶ୍ରା ପାଇବି ବୋଲି ଗୋଡ଼ାଇଯାଏ । ଗୋଡ଼ାଇଯାଏ ପଡ଼ୋଶୀ ପାଖକୁ, ପଛକୁ ନ ଚାହିଁ ଚାଲିଯାଉଥିବା ପୁଅ ପାଖକୁ, ସରକାରୀ ଗାଡ଼ିର ଧୂଳିପାଖକୁ । ଏ ସମସ୍ତ ମୋର ନୀରବ ଜ୍ୱାଳା । କହିଲେ କେତେ ବା କହିବି ଏଠି ? କଣ କହିବି ଏବଂ କାହିଁକି ? ବିଡ଼ମ୍ବିତ ହେଲେ ଦୀର୍ଘଶ୍ୱାସ ହିଁ କଥା କହେ ଏବଂ ନୀରବ କଥା କହେ ।

ମନଫୁଲଣା ହେଲେ ଗୀତ ଗାଇବାକୁ ଆପତ୍ତି ନାହିଁ । ଥୋକାଏ ହୁଏତ ସେଭଳି ଗାଉଛନ୍ତି । ରୋମନଗରୀ ଜଳିଗଲାବେଳେ ‘ନିରୋ’ କ’ଣ ବେହେଲାରେ ସୁର ଦେଇ ନ ଥିଲେ କି ? ଦୟାକରି ଚିତାଗ୍ନିରେ ଜଳିଯାଉଥିବା ଆତ୍ମା ପାଖରେ ଭାଷଣ ବନ୍ଦ କରନ୍ତୁ । ତଦ୍ଦ୍ୱାରା ତା’ର ଆଉ ଅଧିକ ଅବମାନନା କରନ୍ତୁ ନାହିଁ । ଘଷିନିଆଁରେ ପୁଅକୁ ପୋଡ଼ି ଖାଇଦେଇପାରୁଥିବା କ୍ଷୁଧାନ୍ଧ ମା’ର ଦେଶରେ ସଙ୍ଗୀତ ଆସର, କୌଣସି ଅଶ୍ଳୀଳ କ୍ରିକେଟଖେଳ ଭଳି ଉଦ୍ଭଟ ଓ ଅସଙ୍ଗତ । କାବ୍ୟ କବିତାଗୁଡ଼ିକ ଏକ ତିକ୍ତ ପରିହାସ । ଯଦି ଏ ସ୍ନାଣୁ ପ୍ରାୟ ମୂକ ଏବଂ ଜଣେ ଜଣକ ଉପରକୁ ଟଳିପଡୁଥିବା ମୁମୂର୍ଷୁ ମାନଙ୍କର ଆବଦ୍ଧ ଆର୍ତ୍ତନାଦକୁ ନିଜ ତାରରେ ଫୁଟାଇ ନ ପାରୁଛି, ତେବେ ସେମାନଙ୍କ ଭଳି ତୁନି ପଡ଼ିଯିବି । ପଥର କରିନେବି ନିଜକୁ ଏବଂ ବେଳ ଆସିଲେ ନିଜେ ଝରିଯିବି ନୀରବରେ ଅନ୍ୟମାନଙ୍କ ଭଳି । କ୍ରୌଞ୍ଚଟିଏ ମରିଗଲେ ତା’ ପାଇଁ ସେଭଳି ଅସାମାନ୍ୟ ଶୋକ କରିବାର ହୃଦୟ ଆଉ ନାହିଁ । ସେ ଋଷି ମଧ୍ୟ ନାହିଁ ଯାହା ଆଖିରେ ସମଗ୍ର ସୃଷ୍ଟିର ‘ଆହା’ ଟିକକ ସେଇ କ୍ରୌଞ୍ଚ-ବଧୂର ମାଂସପିଣ୍ଡୁଳାଟିରେ ଆଶ୍ରୟ ନେଇପାରେ । ଆମେ ସବୁ ମାଡ଼ଖାଇ ବଧିରା ହୋଇଗଲୁଣି । ମଣିଷର ମଢ଼ ଭିତରେ ଆମେ ପଡ଼ିଛୁ । ଉଠିବାର ଉପାୟ ନାହିଁ । ପଳେଇବାକୁ ବଳ ନାହିଁ । ପଳେଇ ଲୁଚିବାକୁ ସ୍ଥାନ ନାହିଁ ଏସଚରାଚର ବ୍ରହ୍ମାଣ୍ଡରେ । ଗୋଟି ଗୋଟି ହୋଇ ଅବୟବ ମରିଆସିଲାଣି । ଏଭଳି ଲିଭିଆସିଲାବେଳେ କି ବା ସତ କହିବି ? ବେଦ ଶୁଣିବା ଦିନଠାରୁ ଆଧୁନିକ କବିତା ଲେଖିବା ପର୍ଯ୍ୟନ୍ତ କେବେହେଲେ ସତ୍ୟ ବକ୍ତବ୍ୟ ହୋଇନାହିଁ ଏବଂ ପରମସତ୍ୟର ଅନ୍ୟ ନାମ ମୌନ ।

ଏ ପୃଥିବୀରେ ରାତ୍ରିଗୁଡ଼ିକ ମୌନ । ଗଭୀର ଗମ୍ଭୀର ସମୁଦ୍ରଗୁଡ଼ିକ ମୌନ । ବନସ୍ପତି ପାହାଡ଼, ପର୍ବତ ସବୁ ମୌନ । ପୃଥିବୀ ବାହାରେ ଅସମ୍ଭବ ମୌନତା । ଅନବରତ ଲିଭି ଯାଉଥିବା ଶବ୍ଦର ତରଙ୍ଗଗୁଡ଼ିକ ଅତି ସ୍ୱଳ୍ପ, ଅତିକ୍ଷୁଦ୍ର । ବୋଧହୁଏ ଏ ନିର୍ବାକ୍ ମୌନତା ହିଁ ସତ୍ୟର ଭାଷା,

Digitized by srujanika@gmail.com

ନିରାଟ ବିସ୍ମୟ ଏବଂ ଅନୁଭବର ଭାଷା । ମନ-ବଚନ ଯେଉଁଠାରେ ପହଞ୍ଚି ନ ପାରି ନିବର୍ତ୍ତି ଆସନ୍ତି, ବା ଯେଉଁଠି ପହଞ୍ଚିଗଲେ ସେମାନଙ୍କର ସ୍ୱରୂପ ହଜିଯାଏ, ସେ ରାଜ୍ୟ ଅଖଣ୍ଡ ମୌନତାର ରାଜ୍ୟ । ସେଠି ମୃତ୍ୟୁର ନିରବତା । ତା' ଉପରକୁ ଆଉ ଯାହା ସତ୍ୟ ଦେଖିଥିବା କଥା ଥୋକେ କହନ୍ତି, ତା' ବି ନୀରବ । ମୃତ୍ୟୁ ତ କୌଣସି ଘଟନାବିନ୍ଦୁ ନୁହେଁ । ତାହା ଏକ ପ୍ରବାହ । ସେ କ୍ରମଶଃ ସବୁ ଉପାଦାନଗୁଡ଼ିକୁ ଆଚ୍ଛନ୍ନ କରେ । ଅସହନୀୟ ଦୁର୍ବହ ବ୍ୟର୍ଥତା ଯେତେବେଳେ ଘନ କୁହୁଡ଼ି ପରି ମାଡ଼ିଆସେ ତାହା ଗୋଟାଏ ପର୍ଯ୍ୟାୟର ମୃତ୍ୟୁ । ଓଟାରି ହୋଇ ଶେଷଫଳ ନିଶ୍ୱାସ ବିନିଯୋଗରେ ବଞ୍ଚିବାର ସଂଘର୍ଷ ସେଇଠି ନାହିଁ । ପ୍ରତ୍ୟେକ ଗ୍ରନ୍ଥି ହୁଗୁଳି ଆସେ । ମନକେନ୍ଦ୍ରରେ ପଶିଯାଏ ମୃତ୍ୟୁର କୁହୁଡ଼ି । ଆଖି ଉପରେ ଛାଇଯାଏ ଧୂସର ବର୍ଣ୍ଣର ଉଦାସ ଗୋଟିଏ ପରଳ । ଯେଉଁମାନେ ପାରିବେ ସେମାନେ ଧ୍ୱନି ଦିଅନ୍ତୁ, ନିଆଁହୁଳା ଲଗେଇ ଶୋଇ ଆସୁଥିବା ଜୀବନବିନ୍ଦୁଗୁଡ଼ିକୁ ଚମକାଇ ଦିଅନ୍ତୁ, ସତେଜ କରାନ୍ତୁ । ତାଙ୍କ ଜୀବନରେ ବିଡ଼ମ୍ବନା ଆହୁରି ଆସିନାହିଁ । ଯଦି ଅକସ୍ମାତ୍ ଏ ଶ୍ୱାପଦ ଅରଣ୍ୟରେ ତାଙ୍କୁ ଦୈବାତ୍ କେହି ଶୁଣୁଥାଏ, ତାହା କେବଳ କାନ ଥିଲେ ଶୁଣିବାକୁ ପଡ଼େ ବୋଲି । ଆଖିଯୋଡ଼ିକ ସେଇଭଳି ଏ ଲକ୍ଷ ଲକ୍ଷ ରୂପରଙ୍ଗକୁ ମାତ୍ର ସୋରାଏ ଦେଖନ୍ତି । ତାହା ହୋଇପାରେ ପୁଳାଏ ଘାସ କେବଳ । ସେମାନଙ୍କ ପଛଆଡ଼େ ଗୁଡ଼ିଏ ବ୍ୟର୍ଥ ଇନ୍ଦ୍ରଧନୁ ଝରିଯାଆନ୍ତୁ; ସେଥିକୁ ତାଙ୍କର ଭ୍ରୂକ୍ଷେପ ନାହିଁ । ଏମାନେ ସମସ୍ତେ ମିଥୁନୀ-ଶ୍ୱାପଦ । ତାଙ୍କର ପ୍ରତ୍ୟେକ ଇନ୍ଦ୍ରିୟରେ ନିଷ୍ଫଳମୈଥୁନ । ଏଣୁ ଏସବୁ ମିଶିଗଲେ କି ଅପରିମେୟ ବ୍ୟର୍ଥତା ସତେ ! ବିରାଟ ଗୋଟାଏ ନୀରବ ଯନ୍ତ୍ରଣା ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡଯାଏ କୁହୁଳୁଥିବାବେଳେ, ତାକୁ ଏତେ ଅଳୀକ ମିଥ୍ୟାଚାରର ଭାଷାରେ କିପରି ପ୍ରକାଶ କରିହେବ ? ତଦ୍ୱାରା କ'ଣ ସତ୍ୟଧର୍ମା ତା'ର ଆତ୍ମାକୁ ଦହନ କରିବ ନାହିଁ ?---ଏଣୁ ତାକୁ ଛାଡ଼ିଦିଅ । ସେ ଏଇ ଘନୀଭୂତ କଷଣରେ ମୂକ ନିଶେଷ ହୋଇ ରହୁ । ନୀରବ ରହି ବିକୀର୍ଣ୍ଣ କରୁଥାଉ ପରମସତ୍ୟର ଭାଷା । ଯଦି କେହି ଏ ଇଙ୍ଗିତରୁ କିଛି ବୁଝିଗଲା, ତା'ର ବ୍ୟଥାତୁର ଆଖିଯୋଡ଼ିକରେ କିଛି ସନ୍ଧାନ ପାଇଗଲା ତ ଭଲ କଥା, ନ ପାଇଲା ତ ନାହିଁ । ସେଥିରେ ମହାଶୂନ୍ୟର ବା କ'ଣ ଗଲା ?

ଏ ଦୁର୍ମଦ ଶ୍ୱାପଦମାନଙ୍କର ଥାଟକୁ ବଇଁଶୀ ବଜେଇ ଆୟତ୍ତ କରିବା ଆଶା ବୃଥା । ହଁ, ସେଇ ସେତୁବନ୍ଧର ଗୁଣ୍ଡୁଚିମୂଷା ନ୍ୟାୟରେ ମନର ଅରମାନ ମେଣ୍ଟାଇବାକୁ ଲୁଚି ରହି କିଛି କିଛି ଲୋତକର ଗୀତ ଗାଇପାର । କାରଣ ସେଗୁଡ଼ାକ ଥରେ ଜମାଟ ବାନ୍ଧିଗଲେ ଆଉ ତରଳିବେ ନାହିଁ ତ ! କିନ୍ତୁ ଏଇ ବିଶ୍ୱାସରେ ଗାଉଥାଅ ଯେ ତାହା ତୁମ ଆତ୍ମାର ନିରାଟ ସତ୍ୟ ନୁହେଁ; ତାହା ଦୁରନ୍ତ କଷଣର ସୁର ନୁହେଁ ଏବଂ କର୍ଦ୍ଦମାକ୍ତ ଅସଂଖ୍ୟ ବାଉ଼ହା ତାକୁ ଶୁଣିବାକୁ ବାଧ ନୁହନ୍ତି । ତୁମ ଭଳି ଆଉ ଯେ ବି ସେମିତି ଆଉ କେଉଁଠି ଗାଉଛି, ତାକୁ ମଧ୍ୟ ବେଳ ନାହିଁ ତୁମକୁ ଶୁଣିବାକୁ । ବ୍ୟର୍ଥତାର ମୃତ୍ୟୁ ତୁମକୁ ଆସ୍ତେ ଚାପି ନ ବସିବା ପର୍ଯ୍ୟନ୍ତ ସେମିତି ଗାଉଥାଅ, ଯଦି ଚାହୁଁଛ ! କିନ୍ତୁ ଏ ପୃଥିବୀକୁ ତୁମେ ବଦଳେଇ ପାରିବ ନାହିଁ ! ତୁମ ଭଳି ଚୌଦଗଣ୍ଡା ମିଶିଲେ ମଧ୍ୟ ନୁହେଁ । ତୁମର ସେ ସାମର୍ଥ୍ୟ ନାହିଁ । ଯାକୁ ବଦଳେଇବା ବାଲା ଅଲଗା । ସେ ଅନେକ ଉପରେ ଆସି ଉଦିତ ହୁଏ । ଏ ପୃଥିବୀ ଏବଂ ଅସଂଖ୍ୟ ପୃଥିବୀର ଶତାବ୍ଦୀ ଶତାବ୍ଦୀର ଯନ୍ତ୍ରଣା ଜ୍ୱାଳା ତା ଗର୍ଭରେ ସୂକ୍ଷ୍ମରୂପରେ

Digitized by srujanika@gmail.com

ଜଳୁଥାଏ । ସେ ସେଇଠୁ ବର୍ଷିଯାଏ ଗୁଡ଼ାଏ ଆଲୋକ; କିଛି ସମୟ ଆମରି ନୀରବ ବନସ୍ପତି ଛାଇରେ ସବୁଯାକ ଶ୍ୱାପଦ ଲୁଚିରହି ହାଇମାରନ୍ତି । ଆଲୋକର ବର୍ଷା ସରିଆସେ । ସେ ବି ଚାଲିଯାଏ । ପଛରେ ଆମ ପାଇଁ ଛାଡ଼ିଦେଇଯାଏ କିଛି ସ୍ମୃତି, କିଛି କଳ୍ପନା । ତା'ପରେ ଅରଣ୍ୟ ପୁଣି ଜାଗିଉଠେ । ଗର୍ଜିଉଠେ । ତେଣିକି ଗାଉଥାଅ ସହସ୍ର ଆଲୋକର କାବ୍ୟ ! ---କିଏ ଶୁଣୁଚି !

ମୋର ବିକ୍ଷତ ଅବୟବ ବିଛେଇଦେଇ ମୁଁ ଉତ୍ତାନ ପଡ଼ିରହିଛି ! ମୋତେ କିନ୍ତୁ କେଉଁ ଆଡ଼େ ହେଲେ ସେଇ ପ୍ରସିଦ୍ଧ ସୁନାର ଡାଙ୍କୁଣିଟି ଦିଶୁନାହିଁ । ବିବର୍ଣ୍ଣ ବିସ୍ତୀର୍ଣ୍ଣ ଆକାଶରେ ଏଠିସେଠି ଯାତନାର ଶିଖା । ଖୁବ୍ ନିରେଖିଲେ ଦିଶୁଚି ଗୋଟାଏ ଅତି ବିକଟାଳ ମୁଖବିବର । ଶ୍ୱେତ-ମନ୍ଦାର ପରି ତା'ର ରକ୍ତାକ୍ତ କରାଳ ଦାନ୍ତ ! ଆଗ୍ନେୟଗିରିର ପେଟ ଭିତରୁ ଉଠିଆସୁଥିବା ନିଆଁର ଫୋଟକା ପରି ତାର ଜ୍ୱଳନ୍ତ ଜିଭ । ସେ ପ୍ରବଳ ଦାନ୍ତମାନଙ୍କର ସନ୍ଧା ଭିତରେ ଲାଖିରହିଛନ୍ତି ଅଗଣିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଷ୍ଟ୍ର ଏବଂ ଉପମନ୍ତ୍ରୀମାନେ !---ଅସଂଖ୍ୟ ନେତା, ଉପନେତା, ସ୍ୱୟଂସେବକ, ଲୋକସେବକ, ବଣିକ ଓ ବଜାରୀ !---ଶାସକ, ଶୋଷକ, ମହନ୍ତ ଏବଂ ଶଠ ମଠାଧୀଶ ! --- ଏମାନେ ବୋଧହୁଏ ମୋର ପ୍ରତିପକ୍ଷର ବଳିଷ୍ଠ ଯୋଦ୍ଧା ଥିଲେ । ହୋଇପାରନ୍ତି ମୋର ସ୍ୱପକ୍ଷ ମଧ୍ୟ । ହୋଇପାରେ ସେ ଭୟଙ୍କର ମୁହଁଟା ମୋ ନିଜର । ଯାତନାର ଧୂମାଚ୍ଛନ୍ନ ଆକାଶରେ ମୋର ପ୍ରତିଫଳନ । ମୋର ବ୍ୟଥାମଥିତ ଆବେଗ ଓ ଅଭୀପ୍ସାର ରୂପ ।---ସେ କିନ୍ତୁ ମୋ ଭଳି ନୀରବ ହେଲେ ମଧ୍ୟ ଭ୍ରୂଭଙ୍ଗର ଠାଣିରେ ସୂଚେଇ ଦେଉଛି, ସେ କିଏ ! ସେ କୁଆଡ଼େ କାଳ ! ଅସଂଖ୍ୟ ଗ୍ରହ ନକ୍ଷତ୍ରଖଣ୍ଡ ବିଶ୍ୱକୁ ସେ ଚୋବେଇ ଆସିଛି !---ଅପ୍ରତିହତ ଚୋବେଇଯିବ ! ପୁଣି ମନହେଲେ ଆଉ ଗୋଟାଏ ମୁହଁରେ ପ୍ରସବ କରିଯିବ ସେଇଭଳି ଅସଂଖ୍ୟ ପୃଥିବୀ !!

ମୋର ମନେପଡୁଛି ଅନେକ ଦିନ ତଳେ ଏଭଳି କିଛି ନୀରବ କଥା ସେ ମୋତେ କହିଥିଲା । ମୋତେ ନିମିତ୍ତ କରି ସଂହାର କରିଥିଲା ଅନେକ ସ୍ପର୍ଦ୍ଧିତ ସାପମାନଙ୍କୁ । ଏଥର କିନ୍ତୁ ମୋର ଅଙ୍ଗେ ଅଙ୍ଗେ ମୃତ୍ୟୁ । ମୁଁ ଆଉ ସ୍ପନ୍ଦିତ ହୋଇପାରିବି ନାହିଁ । ମୋତେ କ୍ଷମା କର, ସଖା ! ମୋତେ ନୀରବରେ ବୁଡ଼ିଯିବାକୁ ଦିଅ । ଆଜି ମୋର ଉଦାସ ପ୍ରାଣରେ ଅଜସ୍ର ଘନୀଭୂତ ନୀରବତା ।

❖❖❖

Digitized by srujanika@gmail.com

ମିଛ ଅତି ଆପଣାର

ମିଥ୍ୟା ଏକ ସଂଯୋଗ, ଏକ ସୃଷ୍ଟି । ଏଣୁ ପ୍ରତ୍ୟେକ କବି ଓ କଥାକାର ମିଛ କହନ୍ତି । ଆମେ ସମସ୍ତେ ମଧ୍ୟ ମିଛ କହୁ; କାରଣ ମିଥ୍ୟା ହିଁ ଆମ ବଚନର ଉପାଦାନ ଏବଂ ମିଥ୍ୟା ନ କହିଲେ ଆମ ପାଇଁ ଆଉ କିଛି କହିବାର ବି ନଥାଏ । ମଣିଷର ବାକ୍ୟନ୍ତଟି ସତେ ବା ତା'ର ସାତୋଟିଯାକ ସ୍ୱରଲିପିରେ କେବଳ ମିଥ୍ୟା ହିଁ ପ୍ରକାଶ କରି ଚାଲିଥାଏ---ତଦ୍‌ଭିନ୍ନ ଆଉ କିଛି ପ୍ରକାଶ କରିବା ତା'ର ଆୟତ୍ତାଧୀନ ନୁହେଁ, ଅଧିକାରଭୁକ୍ତ ନୁହେଁ ଠିକ୍ ବୁଝିଲେ 'ସତ୍ୟ' ଶବ୍ଦଟି ମଧ୍ୟ ସେଇଭଳି ଗୋଟିଏ ମିଥ୍ୟା ମାତ୍ର । କାରଣ ସେହି ନାମଧେୟ ବସ୍ତୁଟିକୁ ଜାଣିହୁଏ ନାହିଁ ବୋଲି ତା'ର ସହସ୍ରେ ନାମ ସୃଷ୍ଟି କରି ଆମେ ଗୋଟିଏ ଜାଲ ଘୋଡ଼େଇ ହୋଇ ବସିଥାଉ । ନାମ ଏବଂ ନାମୀ ଭିତରେ ଅଙ୍ଗାଙ୍ଗୀ ସମ୍ପର୍କ ନ ଥିବାରୁ ଯଥେଷ୍ଟ ବାକ୍‌ବିଳାସ ପାଇଁ ମଧ୍ୟ ଅବକାଶ ପାଇଥାଉ । ---ଆମ ନିଜ ଉପାଦାନ ଭିତରୁ ସନ୍ତାନ ଭଳି ମିଛଟିଏ ଜନ୍ମନିଏ ଏବଂ କ୍ରମଶଃ ଆହୁରି ଅନେକ ମିଛ ଜନ୍ମଲାଭ କରନ୍ତି । ଏ ସମସ୍ତଙ୍କୁ ନେଇ ଅସରନ୍ତି ପରିଧିଗୁଡ଼ିକ ଉପରେ ଧାଁ-ଦଉଡ଼ ଚାଲିଥାଏ । ଯାତ୍ରା ସରେନାହିଁ, ସରିପାରେ ନାହିଁ । ଜୀବନ ଥିବାଯାକେ ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗରେ ରକ୍ତପ୍ରବାହ ହୃତ୍‌ପିଣ୍ଡକୁ ଫେରି ଆସୁଥାଏ । ନିଃଶ୍ୱାସ-ପ୍ରଶ୍ୱାସ ବୃତ୍ତାକାରରେ ଘୂରି ଆସୁଥାନ୍ତି । ଦିନରାତି, ସୁଖଦୁଃଖ, ଋତୁଚକ୍ର ପରି ଉଦୟ ଅସ୍ତ ହେଉଥାନ୍ତି । ଏଭଳି ଚାଲିଥିଲେ ଅନନ୍ତକାଳ ଚାଲିଥାନ୍ତା । ହୁଏତ ଗୋଟାଏ ଅର୍ଥରେ ଚାଲିଚି ମଧ୍ୟ; କିନ୍ତୁ ବ୍ୟକ୍ତି-ଜୀବନରେ ଚାଲେ ନାହିଁ । ସରିଯାଏ, କାରଣ ସବାଶେଷକ ଯେ ଆସେ, ସେ ଗୋଟିଏ ସ୍ଥିରବିନ୍ଦୁ । ସେ ଥରେ ମାତ୍ର ଆସେ ଏବଂ ପୁନରାବୃତ୍ତ ହୁଏନାହିଁ । ସେ ଜୀବନର ବିପରୀତ ଧର୍ମ । ସେ ସଂଯୋଗ ନୁହେଁ, ବିଯୋଗ । ସୃଷ୍ଟି ନୁହେଁ ବିଳୟ । ସେ ପରିଧି ନୁହେଁ, କେନ୍ଦ୍ର । ତା'କୁ ନେଇ ଆଉଥରେ ପରୀକ୍ଷା କରିହୁଏ ନାହିଁ । ସେ ଅନନ୍ୟ। ସେ ଏକ ଏବଂ ଅଚଳ ।

ଆମ ଭୂମିରେ କିନ୍ତୁ ପ୍ରତ୍ୟେକ ନିଶ୍ୱାସର ସ୍ୱାକ୍ଷରକୁ ପ୍ରତ୍ୟେକ ପ୍ରଶ୍ୱାସରେ ଲିଭେଇ ଦିଆହୁଏ । ଝୁଲ ଉପରେ ପାଉଁଶର ଆସ୍ତରଣ ଭଳି ଆମ ଉପରେ ଘୋଡ଼େଇ ହୋଇ ଚାଲିଥାଏ ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ବର୍ଷ, ମାସ, ଦିନ ଏବଂ ଦଣ୍ଡ । ଏଠି ସେ ସ୍ଥିରବିନ୍ଦୁଟିକୁ ନେଇ କ'ଣ କରାଯାଇପାରେ ? ଆମ ବଣିଜରେ ଏକମାତ୍ର ପସରା ହେଉଛି ମିଛ ଏବଂ ଚଳମାନ ରେଖାଏ ବିମ୍ବ । ଅଥଚ ସେ ଅଚଳ ବିନ୍ଦୁଟି ଆଦୌ ମିଛ ନୁହେଁ । ଆମ ସ୍ୱପ୍ନରେ ବଞ୍ଚୁ ଏବଂ ସ୍ୱପ୍ନ ପାଇଁ ବଞ୍ଚୁ । ଏଇ ଧରନ୍ତୁ, ଯାହା ଥିଲା କିମ୍ବା ଯାହା ହୋଇପାରିଥାନ୍ତା, ତାହା ନାହିଁ । ଯାହା ହେବ କିମ୍ବା ହୋଇପାରିବ, ତାହା .

Digitized by srujanika@gmail.com

ମଧ୍ୟ ନାହିଁ ଏବଂ ଯାହା ନାହିଁ, ତାହାହିଁ ତ ମିଥ୍ୟା ! ଦୂରନ୍ତ ଅତୀତର ଧୂସର ଗୁଡ଼ିଏ ଛାଇ ଏବଂ ଅସ୍ପଷ୍ଟ ଗୁଡ଼ିଏ ପାଦଚିହ୍ନକୁ ନେଇ ଇତିହାସ ମିଛ କହେ । କେତୋଟି ସଙ୍କେତ ଏବଂ ଗଣିତସୂତ୍ର ପଛରେ ବିଜ୍ଞାନ ଗୋଡ଼େଇ ଚାଲିଥାଏଓ। ମନ-ଆକାଶରେ ଏଗୁଡ଼ିକ ସବୁ ମେଘମାୟା; ନାନା ବର୍ଣ୍ଣ, ନାନା ରୂପରେ କୁହୁକ । ସତ୍ୟ ନାଁରେ ଯେତେ ସବୁ ଡିଣ୍ଡିମ ପିଟାଯାଏ ସେଗୁଡ଼ିକ ସବୁ ମିଛ । ସେମାନଙ୍କ ଆଖିକୁ ସେ ପଦାର୍ଥଟି ଆଉ ବାଗେ ଦିଶୁଥାଇପାରେ; କିନ୍ତୁ ତାକୁ ଶବ୍ଦପଞ୍ଜୁରୀ ଭିତରେ ପୂରେଇଦେଲେ ସେ ହୋଇଯାଏ ଗୋଟିଏ ମିଛ । ଏଣୁ ଯେତେ ଓକିଲାତି କଲେ ମଧ୍ୟ ଏ ଦେଶର ପ୍ରଣବ ବିଦେଶରେ ନିରର୍ଥକ । ସେ ଦେଶର ମନ୍ତ୍ର ଏ ଦେଶରେ କାକସ୍ୱନ । ମନେହୁଏ ଏ ସର୍ବବ୍ୟାପୀ ମିଥ୍ୟା-ଜାଲରୁ ନିଷ୍କୃତି ନାହିଁ ।

କିନ୍ତୁ ଆମେ କ'ଣ ସତରେ ନିଷ୍କୃତି ଚାହୁଁ ? ଆମେ ବରଂ ମିଥ୍ୟା ବିଳାସରୁ ବଞ୍ଚିତ ହେଲେ ସ୍ୱାଧିକାର ଭଙ୍ଗ ହେଲା ବୋଲି ପ୍ରତିବାଦ କରୁ । ଏଣୁ ଆମ ଜୀବନର ପ୍ରଧାନ ଉପଜୀବ୍ୟରୁ ଆମକୁ କେହି ବିଚ୍ଛିନ୍ନ କରିବାର ଆଶଙ୍କା ନାହିଁ । ଏ ଅଦ୍ଭୁତ ରାଜ୍ୟରୁ ଆମକୁ ଆଉ ଏକ ସୂର୍ଯ୍ୟ-ଚନ୍ଦ୍ର ନଥିବା ରାଜ୍ୟକୁ ଟେକିନେବାର ଯୋଜନା ବାରମ୍ବାର ବ୍ୟର୍ଥ ପ୍ରମାଣିତ ହୋଇସାରିଛି ।ଆମେ ସ୍ୱୟଂ ଗୁଡ଼ିଏ ମିଛ-କଣ୍ଢେଇ । ମିଛ ଆମ ସତ୍ତା, ଆମ ଚେତନା, ଆମ ଆନନ୍ଦ । ଯେତେବେଳେ ଆମେ ମିଛ କହୁଥାଉ ଏବଂ ଜାଣିପାରୁନା ମିଛ କହୁଛୁ ବୋଲି, ଯେତେବେଳେ ଆମେ ଆମ ଉପାଦାନ ଭିତରେ ଅଭିନ୍ନ, ସେତେବେଳେ ତାହା ଆମର ସତ୍ତା । ଆଉବେଳେ ମିଛଟିକୁ ଛାଡ଼ିଆସିଲା ପରେ ଆଉ ଏକ ପରିଧିରୁ ତାକୁ ବର୍ତ୍ତୁଳ ରୂପରେ ଦେଖିହୁଏ । ତାକୁ ନିଜର ବୋଲି କହିବାକୁ କିମ୍ବା ସ୍ୱୟଂ ନିଜେ ତାହା ବୋଲି ଅନୁଭବିବାକୁ ଆଗ୍ରହ ହୁଏ । ସେଇଟା ଆମ ଚେତନା । ଆଉବେଳେ କିନ୍ତୁ ନିଜକୁ ହିଁ ମନ୍ଥନ କରି ମିଛଟିଏ ସୃଷ୍ଟି କରିବାକୁ କାମନା ଜାଗ୍ରତ ହୁଏ । ଯାହା ନଥିଲା, ତାକୁ ଜନ୍ମ ଦେବାକୁ ଇଚ୍ଛା ହୁଏ । ତାହା ଅଦ୍ଭୁତ ଭାବରେ ଆନନ୍ଦମୟ । ସେ ଚିନ୍ତା, ସେ ପ୍ରକ୍ରିୟା, ସେ ସୃଷ୍ଟି---ସବୁ ଗୋଟାଏ ପ୍ରକାର ଘନୀଭୂତ ଆନନ୍ଦ । ଏହାରି ଉପରେ ଜୀବନର ସମସ୍ତ ଖେଳ, ସମସ୍ତ କବିତା, ସଙ୍ଗୀତ ଏବଂ ଚିତ୍ରକଳା । ଏ ଜଡ଼ ଚେତନର ସମାହାର ବୋଧହୁଏ ସେଇଭଳି କୌଣସି ପ୍ରକ୍ରିୟାରେ ରଚିତ ହୋଇଛି । ଅତି ବୃହତ୍ ଧରଣର ଗୁଡ଼ିଏ ମିଛ ଏବଂ ଯୁଗଯୁଗବ୍ୟାପୀ ଗୋଟିଏ ଅବିଶ୍ରାନ୍ତ ଖେଳ ଚାଲିଛି, ଆମକୁ ଏବଂ ସେ ଦୂରନ୍ତ ତାରକାମାନଙ୍କୁ ନେଇ । ସେ ଖେଳଟିକୁ ଆପଣ ସଂସ୍କୃତିରେ ଲୀଳା କହିଲେ ମଧ୍ୟ କିଛି ଅଧିକ ଅର୍ଥ ବୁଝାଉନାହିଁ; କାରଣ ତାହା ମଧ୍ୟ ଛାୟାବାଜି ପରି ଗୋଟିଏ ମିଛ । ତେବେ ବ୍ୟକ୍ତିଜୀବନରେ ମିଛ କହିଦେବା ସେପରି କିଛି ଗୁରୁତର ଅପରାଧ ବୋଲି କାହିଁକି ଧର୍ତ୍ତବ୍ୟ ହେବ କେଜାଣି ?

ଜାଣିଶୁଣି ମିଛ ନକହିଲେ ସେଟା କୁଆଡ଼େ ମିଛ ନୁହେଁ ! ଅର୍ଥାତ୍ ଭିତରେ ଗୋଟିଏ କଥା ଜାଣିରଖି ମୁହଁରେ ଆଉ ଗୋଟିଏ କଥା କହିବା ହିଁ ସାର୍ବଜନୀନ ମିଛ; ଅର୍ଥାତ୍ ଭିତର କଥାଟି ମିଛ ନୁହେଁ ବୋଲି ବିଶ୍ୱାସ ନଥିଲେ ବାହାରେ ମିଛ କହିବା ସମ୍ଭବ ନୁହେଁ; କିନ୍ତୁ ସେଇ ଲୁଚେଇ ରଖିଥିବା ଭିତର କଥାଟି ଯେ ଗୋଟିଏ ବୃହତ୍ତର ମିଛ ହୋଇପାରେ, ଏ ବିଷୟ ଅଧିକାଂଶ ମିଛଭାଷୀଙ୍କୁ

Digitized by srujanika@gmail.com

ଗୋଚର ନଥାଏ । ସେମାନେ କେବଳ ଭିତର କଥାଟିକୁ ଲୁଚେଇବାର ଆଦିମ ଖେଳ ଖେଳୁଥା'ନ୍ତି । ତୋଟି ପର୍ଯ୍ୟନ୍ତ ଯାହା ଭରପୂର ହୋଇ ରହିଥାଏ, ତାକୁ ସେଇଠି ବାନ୍ଧିରଖିଦିଆହୁଏ ଏବଂ ବତିଶଦାନ୍ତ ସଂଧାରେ ବତିଶ ପ୍ରକାର ମିଛକନ୍ୟାଗୁଡ଼ିକୁ ନେଇ ସେମାନଙ୍କର ବାକ୍‌ଇନ୍ଦ୍ରିୟ-ସକଳ ବିଳାସ କରନ୍ତି । ମିଛଠାରୁ ବଳି ରମଣୀୟ ଏବଂ ମଧୁର ପଦାର୍ଥ ଆଉ ନାହିଁ । ସେଥିରେ ପ୍ରଚୁର ଆନନ୍ଦ ମିଳେ---ରମଣର ଆନନ୍ଦ, ସୃଷ୍ଟିର ଆନନ୍ଦ । ନହେଲେ ନିଶାଭଳି ତାହା ଏମିତି ଘାରନ୍ତା ନାହିଁ । ପାଟି ଫିଟେଇଲେ ଏତେ ଅନାୟାସ ଏବଂ ସରଳ ଭାବରେ ତାହା ଝରିଆସନ୍ତା ନାହିଁ ।

ତା ଠିକ୍ । କିନ୍ତୁ ଯେଉଁମାନେ ସାଧାରଣତଃ ଦୁର୍ବଳ, ସେମାନେ ଅଧିକ ପରିମାଣରେ ମିଥ୍ୟାର ଆଶ୍ରୟ ଲୋଡ଼ିଥାନ୍ତି । ସେମାନେ ପ୍ରବଳ ବିରୁଦ୍ଧରେ ଯେ ତଦ୍ଦ୍ୱାରା ଆତ୍ମରକ୍ଷା କରିପାରନ୍ତି ତା' ନୁହେଁ ତାକୁ ଅତି ଚମତ୍କାର ଭାବରେ ହତ୍ୟା ମଧ କରିପାରନ୍ତି । ହାତୀଟାକୁ ଟୋପରେ ପକେଇ ଶହ ଶହ କ୍ଷୁଦ୍ର ମଣିଷ ତାକୁ ତାଙ୍କର ଛୋଟ ଛୋଟ ଅସ୍ତ୍ର ସାହାଯ୍ୟରେ କ୍ଷତବିକ୍ଷତ କଲାଭଳି ମିଥ୍ୟାପବାଦଦ୍ୱାରା ଗୋଟିଏ ବିପୁଳ ବ୍ୟକ୍ତିତ୍ୱର ସଂହାର କରାଯାଏ । ରଜକିନୀ ଢଙ୍ଗରେ ମିଛର ସିପାହୀଗୁଡ଼ିକୁ ନିମନ୍ତ୍ରିତ କରିପାରିଲେ ସର୍ବବୃହତ୍ ଚରିତ୍ରକୁ କଳଂକିତ କରାଯାଇପାରେ । ଏ ଦୁର୍ବଳ ଛୋଟ ମଣିଷ ଗୁଡ଼ିକ ଏହିପରି ନିଜଠାରୁ ମହତ୍ତର ବ୍ୟକ୍ତିମାନଙ୍କୁ ସଂହାର କରନ୍ତି ଏବଂ ସେହିପରି ପ୍ରଚାର ମାଧମରେ ନିଜକୁ ମଧ ଶାଢ଼ି-ଶିରୋପା ମିଳିବାର ବ୍ୟବସ୍ଥା କରିପାରନ୍ତି । ମିଛ ଅସଂଖ୍ୟ, ଅପରିମେୟ ଏବଂ ଧୂଆଁର କୁଣ୍ଡଳୀ ପରି କ୍ରମବର୍ଦ୍ଧମାନ । ମିଛ କହିବା ଚତୁରତା; ଜୀବନସଂଘର୍ଷରେ ଅନିବାର୍ଯ୍ୟ କୌଶଳ । ଶଠତା ମାନବ ନାମଧେୟ ପ୍ରାଣୀର ଚରିତ୍ର । ତାକୁ ଜୟ କରିବା ଏକ ଅସ୍ୱାଭାବିକ ସନ୍ଧି ।

ଏ ପ୍ରବୃତ୍ତିଟିକୁ ଯେଜୟ କରି ପକାନ୍ତି, ସେ ମଧ ସତ କହନ୍ତି ନାହିଁ । ସେ ହୋଇଯାନ୍ତି ମୁନି; କିଛି ନକହି ମୌନତା ଅବଲମ୍ବନ କରନ୍ତି । ବାକ୍‌ଇନ୍ଦ୍ରିୟଟିକୁ ଅଚଳ କରିଦେଲା ପରେ ନୀରବ ଆଚରଣ ଭିତରେ ସେ କ'ଣ ଧାରଣ କରନ୍ତି ଏବଂ ସେ ବସ୍ତୁର ସଂଜ୍ଞା କ'ଣ, ଆମେ ଜାଣିବା ସହଜ ନୁହେଁ; କିନ୍ତୁ ତାଙ୍କ ମନ କେନ୍ଦ୍ରରେ ଯେ ହାଟ ବସୁଥିବ ଏବଂ ଅଜସ୍ର କୋଳାହଳ ହେଉଥିବ, ଏଥିରେ ସନ୍ଦେହ ନାହିଁ । କେଜାଣି ଅବା ରୂପ, ରସ, ଗନ୍ଧର ଅସଂଖ୍ୟ ବାଟୋଇଙ୍କ ପାଇଁ ଯଦି ସବୁ ଦ୍ୱାର ବନ୍ଦ କରି ସେ ଅର୍ଗଳ ପକାଇ ଦିଅନ୍ତି, ସେ ଭିନ୍ନ କଥା । କହିଲେ ଶହେ ମୁହଁରେ ସ୍ୱୟଂ ମନ ହିଁ କୋଳାହଳ କରିବ । କୋଳାହଳର ସବୁ ଧ୍ୱନି ଶୁଣିବା ମିଛ । ତେଣିକି ସେମାନଙ୍କୁ ନେଇ ସେ କଣ କରନ୍ତି, ସେଇଟା ତାଙ୍କର ଗମ୍ଭାରି ଘର କଥା । ସେଥିରେ ଆମର କିଛି ଯାଏ-ଆସେ ନାହିଁ; କିନ୍ତୁ ବେଳେ ବେଳେ ସେମାନେ ପାଟି ଫିଟାଇ ଗୁଡ଼ିଏ ଶ୍ଳୋକ ଉଚ୍ଚାରଣ କରନ୍ତି । ଆମେ ବୁଝିଲା ଭଳି ଭାଷାରେ କହନ୍ତି ଭାରି ମଧୁର ଗୁଡ଼ିଏ କଥା । ସେ ଆମକୁ ବୁଲି ଦେଖାନ୍ତି, ଝରଣା ଦେଖାନ୍ତି, ଆକାଶରେ ମେଘ ଉପରେ ଯୁଦ୍ଧ ଦେଖାନ୍ତି । ସେ ଯାହାସବୁ ଦେଖିଥାନ୍ତି, ଆମେ ଦେଖି ନଥାଉ, ଆମକୁ ସେ ଦେଖାନ୍ତି । ମଣିଷର ମୁହଁ ଜହ୍ନ ଭଳି ସୁନ୍ଦର, କିମ୍ବା ତା'ର ସ୍ୱର କୋଇଲିର ରାବ ଭଳି ମଧୁର, ଏକଥା ଆମେ ନୂଆକରି ଦେଖୁ ଏବଂ ଶୁଣୁ । ଏ ନୂଆ ରୂପ, ରଙ୍ଗ

Digitized by srujanika@gmail.com

ଏବଂ ସ୍ୱର ଥିଲା, ନା ସେ ସର୍ଜନା କଲେ ? ହୁଏତ ଥିଲା, ସେ ପ୍ରଥମେ ଆବିଷ୍କାର କଲେ ! ଯେମିତି ବର୍ଣ୍ଣମାଳାରେ ସବୁ ବାକ୍ୟ ଲୁଚିରହିଥାଏ । ତାକୁ ଖୋଜିବା ହିଁ ଏକ ମାତ୍ର କାମ; ନା, ବାକ୍ୟ ଶବ୍ଦ ଏଡ଼େ ସହଜ କଥା ନୁହେଁ । ଏଇଟା ଏଣୁ ଆବିଷ୍କାର ମଧ୍ୟ ନୁହେଁ । ଏଇଟା ନୂଆ ଏକ ସୃଷ୍ଟି ଏକ ରଚନା ତେବେ ଯାହା ନଥିଲା ବା ନାହିଁ, ତା' କଣ ସତ୍ୟ ?---ଯାହା ଥିଲା ପରି ଲାଗେ, ନଥିଲେ ମଧ୍ୟ ରହୁ ବୋଲି ଇଚ୍ଛା ହୁଏ---ଅଧରରେ ସୁଧା ପରି ତାହା କ'ଣ ସତ୍ୟ ? ହୋଇପାରେ ମିଥ୍ୟା; କିନ୍ତୁ କି ଚମତ୍କାର ଦିବ୍ୟଭୂମିର ମିଥ୍ୟା ଗୁଡ଼ିଏ ଏମାନେ ? ଏଭଳି ମିଛ କହିବା ଏକ ସମ୍ଭୋଗ, ଶୁଣିବା ମଧ୍ୟ ଏକ ସମ୍ଭୋଗ । ଏଭଳି ଦଶଲକ୍ଷ ମିଥ୍ୟାର ଜୟ ହେଉ ! ଏବଂ ଏଭଳି ସୁନ୍ଦର, ସୁପ୍ରିୟ, ଶୋଭନ ମିଥ୍ୟା କହୁଥିବା ଅସଂଖ୍ୟ ବାଲ୍ମୀକିଙ୍କର ଜୟ ହେଉ । ମିଥ୍ୟାର ସ୍ୱରୂପ ଯଦି ଏପରି ରମଣୀୟ, ମିଛ କଥାଗୁଡ଼ିକ ଯଦି ସମସ୍ତେ ଏପରି ସୁରମ୍ୟା ଦେବାଙ୍ଗନା, ତେବେ ଯୌବନ ଏବଂ ସ୍ୱପ୍ନରେ ପରିପୂର୍ଣ୍ଣ ଜୀବନରେ ଆଉ କ'ଣ ଅଭାବ ରହିବା ସମ୍ଭବ କି ?---ରହିବା ଉଚିତ କି ? ହୁଏତ ନୁହେଁ; କିନ୍ତୁ ସାଧାରଣ ମିଥ୍ୟା ଭଳି ଏମାନେ ଆଚମ୍ବିତ କରନ୍ତି । ଏମାନଙ୍କୁ ଆସ୍ୱାଦନ କଲା ପରେ ଆଉ ଏକ ଭୂମିରେ କ୍ଷୁଧା ଜାଗ୍ରତ ହୁଏ । ଆଉ ଏକ ପର୍ଯ୍ୟାୟର ଅଭାବବୋଧ ଜୀବନକୁ ଅଧୀର ଏବଂ ଅସ୍ଥିର କରେ । ଆମେ ଅଧରରେ ମଧୁ ଅନ୍ୱେଷଣ କରୁ ଏବଂ ମୁହଁରେ ଖୋଜୁ ଚନ୍ଦ୍ର । ଇନ୍ଦ୍ରଜାଲର ପ୍ରହେଳିକା ପରି ଆମକୁ କାବ୍ୟ କଳ୍ପନା ଆଚ୍ଛନ୍ନ କରେ । ଜୀବନର ଢଙ୍ଗ ବଦଳିଯାଏ, ଲକ୍ଷ୍ୟ ବଦଳିଯାଏ । ରୁଚି, ଆଚରଣ, ଚାହାଁଣି, ଚଳଣି ସବୁ ବଦଳିଯାଏ । ସତ୍ୟର ସଙ୍ଘାତ ଜଣ ଏଭଳି ବିପ୍ଳବ ସୃଷ୍ଟି କରୁଥିବ ? କେଜାଣି---ସେଥିରେ ବଣିକ କରିଥିବା ବିରଳ ଯାଯାବରଗୁଡ଼ିକ କିନ୍ତୁ ଆମ ସଂପ୍ରଦାୟର ନୁହନ୍ତି ।

ଧଳା କଳା ଧୂସର ଗୁଡ଼ିଏ ଡିମା ପଥରକୁ ନିହାଣମୁନରେ ମାଠଦେଲାପରେ ସେଥିରେ ସ୍ୱପ୍ନ ଝଲସିଉଠେ । ଚମତ୍କାର ନିଟୋଳ ମିଥ୍ୟାଟିଏ ଆଖିମିଟିକା ମାରି ଅନାଏ ମିଥ୍ୟା-ସମ୍ଭୋଗୀ ମନଗୁଡ଼ିକୁ ଆପ୍ୟାୟିତ କରେ, ବିମୁଗ୍ଧ କରେ । ରୂପରେ ଅପରୂପ ଛନ୍ଦ, ଛନ୍ଦରେ ସ୍ୱଚ୍ଛଳ ମାଧୁରୀ ସବୁ ପ୍ରଗାଢ଼ ପ୍ରଲୋଭନ । ପଥରଟିକୁ ପ୍ରସ୍ତରତାରୁ ମୁକ୍ତ କଲାବେଳେ ରଚୟିତା ଜାଣେ ଯେ ସେ ନୂତନକୁ ପ୍ରସବ କରୁଛି । ଯାହା ନଥିଲା ତାକୁ ସୃଷ୍ଟି କରୁଛି---ହେଉ ପଛେ ସେ ଏକ ମିଥ୍ୟା ! କୋଡ଼ିଏ ବର୍ଷ ଧରି ଗୋଟିଏ ଶୀତଳ ଶିଳା ସହିତ ସ୍ୱପ୍ନ-ସମ୍ଭୋଗ ପରେ 'ମିଲୋ' ଔରସରୁ ଜନ୍ମନିଏ ଦେବକନ୍ୟା 'ଭିନସ୍' । ସେହିପରି ଜନ୍ମନିଅନ୍ତି କୋଣାର୍କର ଭାବରୂପା ମୃଦଙ୍ଗିନୀ ଲଳିତା, ବିଶାଖା ଏବଂ ଚିତ୍ରାଙ୍ଗଦା । ଜନ୍ମନିଏ ଗୋଟାଏ ଅଦ୍ଭୁତ ମିଛ-ଘୋଟକ; ରୂପାନ୍ତରିତ ପଥରର ଗୋଟିଏ ବିପୁଳ ରଥ । ହେଉ ପଛେ ଏସବୁ ମିଛ---ଏତେ ଐଶ୍ୱର୍ଯ୍ୟ, ଏତେ ସମ୍ଭୋଗର ସାମଗ୍ରୀ, ଏତେ ଆନନ୍ଦ, ଏବଂ ଏତେ ବିମୁଗ୍ଧ ଚେତନାକୁ ପରିହାର କଲେ ମଣିଷର ଦରିଦ୍ର ଜୀବନଟି ଆହୁରି ଦରିଦ୍ର ହୋଇଯିବ ନାହିଁ ? ଏଣୁ ଏ ସମସ୍ତ ମିଛ ଚିରକାଳ ରହନ୍ତୁ । ରହିଥାନ୍ତୁ ସେମାନଙ୍କର ଆୟୁଷ୍ମାନ୍ ଜନୟିତା ସକଳ । ବିଭିନ୍ନ ରଙ୍ଗର ସମାବେଶରେ ସୃଷ୍ଟି ହେଉଥାଉ ଅଜସ୍ର ରୂପ ଓ ବର୍ଣ୍ଣର ସୁଷମା । ବୀଣାର ତନ୍ତୀରେ ଝଙ୍କୃତ ହେଉଥାଉ କର୍ଣ୍ଣରସାୟନ ଗୁଡ଼ିଏ କୃତ୍ରିମ ସ୍ୱରର ତରଙ୍ଗ ।

Digitized by srujanika@gmail.com

ଘୋଟକର ମୂର୍ତ୍ତିଟି ଘୋଟକ ନୁହେଁ କିମ୍ବା ଫୁଲର ଚିତ୍ରଟି ଫୁଲ ନୁହେଁ । ସେହିପରି ରାମାୟଣ କାବ୍ୟ ମଧ୍ୟ ରାମ ନୁହେଁ । ଏ ସମସ୍ତେ ଗୋଟିଏ ପ୍ରକାର ଅନୁଭୂତି; ଜଳବିମ୍ବ ପରି ଗୋଟାଏ ପ୍ରକାର ପ୍ରତୀତି । ସେହି ପରିମାଣରେ ଏଗୁଡ଼ିକ ସବୁ ମିଛ ! କିନ୍ତୁ ଏପରି ରମଣୀୟ ମିଛଗୁଡ଼ିଏ ଏମାନେ ଯେ, ତଥାକଥିତ ସହସ୍ରେ ସତ ଘୋଟକକୁ ନ ଦେଖି ଆମେ ସେଇ ପଥର ଘୋଡ଼ାଟିକୁ ହିଁ ବାରମ୍ବାର ଦେଖିବାକୁ ସମବେତ ହୋଇଥାଉ । ଫୁଲ ଅପେକ୍ଷା ଫୁଲର ଚିତ୍ରଟିକୁ ଅଧିକ ଆଦର କରିଥାଉ । ଯୁଦ୍ଧଠାରୁ ଦୂରେଇ ଆସି କୌଣସି ଯୁଦ୍ଧର ଗଳ୍ପଟିକୁ ବିଭୋର ହୋଇ ଶୁଣୁଥାଉ । ଏ ସମସ୍ତଙ୍କୁ ମିଛ ବୋଲି କହୁଥିବା ପ୍ଲାଟୋମାନେ ହୋମରଙ୍କ ପୁରାଣ ଲୁଚି ଲୁଚି ଉପଭୋଗ କରୁଥିବା ଜନରବରୁ ପ୍ରକାଶ । ଏଣୁ ସତ୍ୟ ବୋଲି ଯେଉଁ ଅନ୍ୟ ଜାଗତିକ ବସ୍ତୁଟିକୁ ପାସଙ୍ଗରେ ପକେଇ ଆମ ଜୀବନର ସମସ୍ତ ଶୋଭନ ମୂଲ୍ୟକୁ ମିଛ ବୋଲି ଅପବାଦ ଦିଆଯାଏ, ତା'କୁ କେହି ଏ ଯାଏ ଧାରଣ କରିନାହାନ୍ତି । ତାକୁ ଚାଖି ପରୀକ୍ଷା କରି ତା'ର ସ୍ୱାଦ ଓ ଆୟତନ ବିଷୟରେ ନିର୍ଦ୍ଦିଷ୍ଟ କରି କହିନାହାନ୍ତି । କାରଣ ସେ ଥରେ ମାତ୍ର ଆସେ, ସବୁ ବିଲୟ କରି, ନିଶ୍ଚିହ୍ନ କରି ସମସ୍ତକୁ ଗ୍ରାସ କରି ଉଭେଇଯାଏ । ସେଭଳି ଅଦ୍ଭୁତ ବସ୍ତୁକୁ ନେଇ ଏତେ ଗୋଳଘାଣ୍ଟକରିବା ଅର୍ଥ କଣ ? ହୋଇପାରେ, ତା'ର ଶିରା ଫିଟେଇ ଦେଖିବାର ଅବକାଶ ମିଳିଲେ ଜଣାଯିବ ଯେ ତାହା ସର୍ବାପେକ୍ଷା ପ୍ରଗାଢ଼ତମ ମିଥ୍ୟା । ପଥରକୁ ଘୋଟକର ଅଭିନବ ରୂପ ଦେଲା ଭଳି, କୌଣସି ରଚୟିତା ତାକୁ ଭାଷା ମାଧ୍ୟମରେ ସୃଷ୍ଟି କରିଦେଇ ଆଡ଼େଇ ହୋଇ ଯାଇଛନ୍ତି । ତେଣିକି ହଟହଟାର ଦୁର୍ଯୋଗ ଆମ ସମସ୍ତଙ୍କ ପାଇଁ । ମିଛ ଆମର ସ୍ୱଭାବସୁଲଭ ଉପାଦାନ । ମିଥ୍ୟା ବିଳାସ ଏକମାତ୍ର ସମ୍ଭୋଗ । ସତ୍ୟର ସ୍ୱପ୍ନ ମଧ୍ୟ ସେଇଭଳି ଏକ ସମ୍ଭୋଗ । ସେଥିରେ ସତ୍ୟ ନାହିଁ; ଅଛି କେବଳ ସମ୍ଭୋଗ, ଏବଂ ତାହା ମିଥ୍ୟାଜନିତ । ସତ୍ୟରେ ସମ୍ଭୋଗ ନାହିଁ, କାରଣ ଦ୍ୱୈତ ନାହିଁ; ଜୀବନ ନାହିଁ, କାରଣ ଗତି ନାହିଁ, ସୃଷ୍ଟି ନାହିଁ; ଏଣୁ ଆନନ୍ଦ ନାହିଁ । ସେଇ ବିରଳ ଯାଯାବରମାନେ କହନ୍ତି ଯେ ସତ୍ୟ ହିଁନିସ୍ତରଙ୍ଗ ଘନୀଭୂତ ମୃତ୍ୟୁ ।

❖❖❖

Digitized by srujanika@gmail.com

ଯେକୌଣସି ଯୁଦ୍ଧ ପରେ

ଅଜସ୍ର କ୍ଳାନ୍ତି ହୁଏତ ଆସେ; କିନ୍ତୁ ଶାନ୍ତି ଆସେନା । ଗୋଟିଏ ପତାକାକୁ ଅବନମିତ କରି ଆଉ ଗୋଟିଏ ପତାକାକୁ ଉଡ଼ାଇଲାବେଳେ ଅବସନ୍ନ ସନ୍ଧ୍ୟାର ଆକାଶରେ ଗୁଡ଼ିଏ ନିଶ୍ଚିନ୍ତ ଶାଗୁଣା ଓହ୍ଲେଇଯାଆନ୍ତି । ମୃତାହତଙ୍କର ତାଲିକା ତିଆରି ଚାଲେ । ଅବସନ୍ନ ଏବଂ ଆହତ ଗୁଡ଼ିଏ ବିଜେତା ସାମରିକ ସରଞ୍ଜାମକୁ ମାଲବାହୀ ଗାଡ଼ିରେ ବୋଝେଇ କରନ୍ତି ଏବଂ ରକ୍ତାକ୍ତ ପଡ଼ିଆରୁ ସେମାନେ ଫେରିଆସନ୍ତି; ବଞ୍ଚିବାକୁ ନୁହେଁ, ବରଂ ଆଉ ଥରେ ଲଢ଼ିବାକୁ, ସେଥିପାଇଁ ଅପେକ୍ଷା କରିବାକୁ । ଶାନ୍ତି ପାଇଁ କେବେ ଯୁଦ୍ଧ କରାଯାଏନା । ଶାନ୍ତି କୌଣସି ଯୁଦ୍ଧର ପରିଣତି ନୁହେଁ । ମଣିଷ ଯୁଦ୍ଧରୁ ଯୁଦ୍ଧକୁ ହିଁ ଗତିକରେ । ଦୁଇଟି ରକ୍ତସ୍ନାନ ମଝିରେ କେବଳ ପ୍ରସ୍ତୁତି ଏବଂ ଉଦ୍‌ବେଗ । କୌଣସି ପ୍ରତିପକ୍ଷକୁ ପୀଡ଼ିତ କରିବା ଏବଂ ତା' ସହିତ ନିଜକୁ ମଧ ପୀଡ଼ିତ ଓ ଅବସନ୍ନ କରିବାର ପ୍ରବୃତ୍ତି ଅତି ପ୍ରାଚୀନ ସମ୍ଭୋଗର ପ୍ରବୃତ୍ତି । ମଣିଷ ସମ୍ଭୋଗରୁ ସଂପୂର୍ଣ୍ଣ ବିରତ ହୋଇପାରେନାହିଁ । ଯୁଦ୍ଧରୁ ମଧ ବିରତ ହୋଇପାରେ ନାହିଁ । ଯୁଦ୍ଧ ଏକ ଅତିବ୍ୟାପକ ଏବଂ ସାମୂହିକ ସମ୍ଭୋଗ । ଏଣୁ ଯେକୌଣସି ଯୁଦ୍ଧ ପରେ ଆଉ ଥରେ ଯୁଦ୍ଧ କରିବାର କାମନା ମନରେ ଲାଗି ରହିଥାଏ ଏବଂ ଏ ପ୍ରବୃତ୍ତିକୁ ମେଣ୍ଟାଇବାକୁ ବାରମ୍ବାର ଇଚ୍ଛା ହେଉଥାଏ । ଯଦି କୁରୁକ୍ଷେତ୍ରରେ ସୁଦର୍ଶନକୁ ସୁଯୋଗ ନ ମିଳିଲା, ତାକୁ ଅବଶ୍ୟ ପ୍ରଦ୍ୟୁମ୍ନର ରକ୍ତପାରଣା ଦେଇ ତୃପ୍ତ କରିବାକୁ ହେବ । ଚୂଡ଼ାନ୍ତ ସଂଘର୍ଷ ପରେ ତରବାରିଟିକୁ ସରୋବରକୁ ଫିଙ୍ଗିଦିଆଯାଏ ନାହିଁ; ବରଂ ଧୂମାଚ୍ଛନ୍ନ ବନ୍ଧୁକ ଏବଂ ଝଟକୁଥିବା କାର୍ତ୍ତୁଜଗୁଡ଼ିକୁ ଅତି ହିପାଜତ୍‌ରେ ରଖାଯାଏ । ବ୍ୟବହୃତ ବାୟୋନେଟ୍‌ରୁ ରକ୍ତର ପ୍ରଲେପକୁ ପୋଛିଦେଇ ଶାଣରେ ଚଢ଼ାଇଦିଆହୁଏ । ସେ ପୁଣି ପ୍ରସ୍ତୁତ ହୋଇଯାଏ ମଣିଷର ସ୍ପନ୍ଦିତ ମାଂସପିଣ୍ଡ ବିଦୀର୍ଣ୍ଣ କରିବାକୁ । ଯୁଦ୍ଧ ବୀରତ୍ୱର କାହାଣୀ ନୁହେଁ, ମୃତ୍ୟୁ କିମ୍ବା ରୋଦନର ଆଲେଖ୍ୟ ନୁହେଁ । ତାହା ଏକ ଆଦିମ ପ୍ରବୃତ୍ତି, ଏକପ୍ରକାର ସମ୍ଭୋଗର ବିସ୍ଫୋରଣ ।

ଯୁଦ୍ଧରେ ଦୃଷ୍ଟି ନାହିଁ---ଅଛି କେବଳ ଗୋଟାଏ ଅନୁଭବ । ସ୍ୱାଭାବିକ ଆଖିରେ ଦେଖିଲେ ଅନ୍ୟପକ୍ଷଯାକ ସବୁବେଳେନିଜ ଲୋକ । ସମସ୍ତେ ମାମୁ, ଖୁଡୁତା, ପୁତୁରା, ମଉସା, ଶାଳକ ଏବଂ ସମ୍ବନ୍ଧୀ । ସେପରି ଦୃଷ୍ଟି ଦେଇ ଯୁଦ୍ଧ କରାଯାଏ ନାହିଁ । ନିଜକୁ ନିଜେ ହତ୍ୟା କରିବାର ଅନୁଭବ ଆସିଲେ ହିଁ ବଳେ ହାତରୁ ହତିଆର ଖସିପଡ଼ିବ; ଶ୍ଳଥ ଏବଂ ବେପଥୁ ଶରୀରରେ ରୋମାଞ୍ଚ ଜାତ ହେବ । ସେ ବଳେ କହିବ ଯେ ତ୍ରିପୁର ସାମ୍ରାଜ୍ୟ ମିଳିଲେ ମଧ ସେ ନିଜର ରକ୍ତପାତ କରିବ ନାହିଁ । ତେଣିକି ତାକୁ ନାନାଦି ଯୁକ୍ତିଜାଲରେ ଛାଣିଆଣି ଲଢ଼େଇ ପାଇଁ ଠିଆ କରାଇବା ସହଜ

Digitized by srujanika@gmail.com

ବ୍ୟାପାର ନୁହେଁ । ରକ୍ତରେ ନିଆଁ ନଲାଗିଲେ କେହି ମାରିବା ପାଇଁ କିମ୍ବା ମରିବା ପାଇଁ ପ୍ରସ୍ତୁତ ହୁଏନାହିଁ । ଥରେ ମାତିଗଲେ କିନ୍ତୁ ଆଖିଆଗରୁ ଦୀପ ଲିଭିଯାଏ । ନିର୍ବିଚାଳରେ ରକ୍ତାକ୍ତ ହେବାର ପ୍ରବୃତ୍ତି ଜାଗିଉଠେ । ଉଭୟ ପକ୍ଷର ସାମର୍ଥ୍ୟ ଧୈର୍ଯ୍ୟକୁ ନେଇ ଅଠର ଦିନ କିମ୍ବା ବାରବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ଚାଲିପାରେ । ବିରୋଧର କାରଣ ମୂଳରୁ କିଛି ହୁଏତ ଥାଏ; କିନ୍ତୁ ଯୁଦ୍ଧର ଅନ୍ଧାରରେ ସେ ଅତି ଶୀଘ୍ର ହଜିଯାଏ । ଶତ୍ରୁ କହିଲେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ବୁଝାଏ ନାହିଁ । ସେ ଯେ କେହି ହୋଇପାରେ । ବେଳା ଉପରେ ଯେ ଆଗକୁ ମୁହାଁମୁହିଁ ଆସିଗଲା ତାକୁ ସଂହାର କରିବାକୁ ପଡ଼େ; ନହେଲେ ତା' ହାତରେ ସ୍ୱୟଂ ନିହତ ହେବାକୁ ପଡ଼େ । କାହିଁକି ସେ ସେଭଳି ଆହତ ହୁଏ ଏବଂ ତାହାରି ଭଳି ଆଉ ଗୁଡ଼ିଏ ମଣିଷଙ୍କ ରକ୍ତରେ ବାରମ୍ବାର ହାତ ଧୋଉଥାଏ ?---ପଚାରିଲେ ସେ କହିପାରିବ ନାହିଁ । ଯୁଦ୍ଧରେ ଗୋଟାଏ ନିଷା ଘାରିଥାଏ । କ୍ରୋଧ, ଘୃଣା, ଭୟ ଏବଂ କ୍ରୂରତାରେ ଗୋଟାଏ ପ୍ରକାର ଆନନ୍ଦର ଆବେଶ ସେ ଅନୁଭବ କରେ । ରକ୍ତନଦୀରେ ପହଁରି ଆର ପାରିରେ ନ ପହଞ୍ଚିବା ପର୍ଯ୍ୟନ୍ତ ସଂହାର ଚାଲିଥାଏ । ଚୂଡ଼ାନ୍ତ କୌଣସି ନିଷ୍ପତ୍ତି ପାଇଁ ଉଭୟ ପକ୍ଷ ସଂଗ୍ରାମ କରୁଥା'ନ୍ତି । ଶେଷରେ ଗୋଟାଏ କ'ଣ ଘଟିଯାଏ । ଅବଶିଷ୍ଟ କେତୋଟି ସୈନିକ ଯୁଦ୍ଧ ପଡ଼ିଆରେ ଆଉ କାହାକୁ ପାଆନ୍ତି ନାହିଁ । ଖୋଜୁ ଖୋଜୁ ଆସ୍ତେ ସେମାନଙ୍କର ନିଶା ମଧ୍ୟ ଓହ୍ଲେଇ ଯାଏ । ହୁଏତ ଜୟଯାତ୍ରା କରି ବାହୁଡ଼ିବା ସେତେବେଳେ ଆଉ ଗୋଟିଏ ଦୁର୍ବହ ଦାୟିତ୍ୱ ପରି ମନେହୁଏ । ଚାରିଆଡ଼କୁ ଚାହିଁ ସେମାନେ ହୁଏତ ଅନୁଭବ କରୁଥାନ୍ତି, କେଡ଼େ ବେକୁବ୍ ଭଳି ସେ ମଣିଷ ରକ୍ତରେ ହୋରି ଖେଳୁଥିଲେ, ଦୁଇ ତିନି ମାଇଲ କଣ୍ଟାବଣିଆ ଖାଲଖଣାବିଶିଷ୍ଟ ସେ ଅନୁର୍ବର ଭୂମିଟା ପାଇଁ କ'ଣ ସତେ ସେମାନେ ଲଢୁଥିଲେ ! ଏତେ ଲହୁ-ଲୁହ ବଦଳରେ କ'ଣ ଏଇମାତ୍ର ତାଙ୍କର ପ୍ରାପ୍ୟ ? ଉଦାସୀନ କ୍ଳାନ୍ତ ଆଖିଗୁଡ଼ିକୁ ସେମାନେ ଓହରାଇ ଆଣି ଜୟଯାତ୍ରାରେ ଯୋଗଦିଅନ୍ତି । ରକ୍ତ-ଜୁଡୁବୁଡୁ କୌଣସି ତରୁଣ ମୁମୂର୍ଷୁର ବୁକୁ ଉପରେ ଚକଟି ଚାଲିଯାଆନ୍ତି । ସାଥିରେ ନେଇଯାନ୍ତି କିଛି ମହାର୍ଘ କଟାମୁଣ୍ଡ, କେତେକ ବିକଳାଙ୍ଗ ବନ୍ଦୀ ଏବଂ କ୍ଷତବିକ୍ଷତ ନିଜର କ୍ଳାନ୍ତ ଗୁଡ଼ିଏ ମନ ।

ତା'ପରେ ଶହୀଦ ଦିବସ ପାଳିତ ହୁଏ । ବିଜୟଫଳକ ପ୍ରସ୍ତୁତ ହୁଏ । ଗଢ଼ିଉଠେ ସ୍ମୃତି-ସ୍ଥାପତ୍ୟ । ତା'ସହିତ ବନ୍ଦୀଗୁଡ଼ିକଙ୍କର ମଧ୍ୟ ବିଚାର କରାଯାଏ ଏବଂ ନ୍ୟାୟର ଦୋହାଇ ଦେଇ ସେମାନଙ୍କୁ ଗୁଳିକରି ଗଡ଼େଇ ଦିଆହୁଏ । ନିସ୍ତାର ନାହିଁ ମଣିଷର ଏ ପ୍ରଗାଢ଼, ତୀବ୍ର ରକ୍ତଲୋଭୀ ଶ୍ୱାପଦ-ପ୍ରବୃତ୍ତିରୁ । ସନ୍ଧି ରାଜିନାମା 'ଚୁକ୍ତି' ପାଇଁ ଖସଡ଼ା ଫର୍ଦ୍ଦ ତିଆରି ହୁଏ ଏବଂ ପ୍ରସ୍ତୁତି ମଧ୍ୟ ଚାଲେ ଆଉଥରେ ମୁକାବିଲା କରିବାକୁ । ବେଳେବେଳେ ଶେଷ ଫର୍ଦ୍ଦ ରାଜିନାମା ସ୍ୱାକ୍ଷରିତ ହେଲାବେଳେ ହିଁ ସୀମାନ୍ତ ଉପରେ ବିଗୁଲ୍ ବାଜିଉଠେ । ସନ୍ଧି କାଗଜଟିକୁ ସେଇଠି ଚିରିଦେଇ, ସେଇ ବୁଝାମଣାର କକ୍ଷ ଭିତରୁ ଯୁଦ୍ଧ ଘୋଷଣା କରାଯାଏ । ଦେଶରେ ବଳକା ତରୁଣ ରକ୍ତଥିବା ପର୍ଯ୍ୟନ୍ତ ଏଭଳି ପୌନଃପୁନିକ ରଣସମ୍ଭୋଗ ଘଟିଥାଏ । ନଚେତ୍ ସେଭଳି ଗୋଟିଏ ମାତ୍ର ସଂଘର୍ଷ ପରେ କ୍ଳାନ୍ତ ହୋଇ ପଡ଼ିବା ସ୍ୱାଭାବିକ । ଟ୍ରୟ ନଗରୀ ଜଳିଯିବା ପରେ, କିମ୍ବା ଦୁର୍ଯ୍ୟୋଧନର ନିଧନ ହେବା ପରେ ମହାପ୍ରସ୍ଥାନ ହିଁ ସ୍ୱାଭାବିକ । ବିଜିତ ଏବଂ ବିଜେତା ଉଭୟେ ନିଶ୍ଚିହ୍ନ ହୋଇଯିବା ମହାହବର ଲକ୍ଷଣ । ତା'ପରେ ହୁଏତ ବହୁଦିନ ଧରି ଜାତି ପୁଣି ଜନ୍ମହୁଏ ଏବଂ

Digitized by srujanika@gmail.com

ନାବାଳକୀ ପାରିହେଲା ପରେ ପରିପୁଷ୍ଟ ମାଂସପେଶୀରେ ସ୍ପନ୍ଦନ ଆସିବାଯାଏ ଅପେକ୍ଷା କରେ । ଅନ୍ୟଜାତି ମଧ୍ୟ ଚିତା ଭସ୍ମରୁ ପୁଣି ଜନ୍ମନିଏ । ତା'ପରେ ଦିନେ ପରସ୍ପରକୁ ଚାହିଁ ସେମାନେ ପ୍ରତିକ୍ରିୟାଶୀଳ ହୁଅନ୍ତି ଏବଂ କୌଣସି ଅସଂଯତ ମୁହୂର୍ତ୍ତରେ ବଳାତ୍କାର ପାଇଁ ପରସ୍ପର ଉପରକୁ ପୁଣି ଝାମ୍ପି ପଡ଼ନ୍ତି । ଇତିହାସର ପୃଷ୍ଠାରେ ଆଉ ଗୋଟିଏ ଯୁଦ୍ଧ ଲିପିବଦ୍ଧ ହୁଏ । ଏହିପରି ରହି ରହି ମଝିରେ ମଝିରେ ରକ୍ତର ବିସ୍ଫୋରଣ ଘଟୁଥାଏ । ସମଗ୍ର ଅତୀତଟାକୁ ଆଉଡ଼ାଇ ଗଲେ ଜଣାଯାଏ ସତେ ବା ମଣିଷ ଆଉ କିଛି କରିନାହିଁ; ହୁଏତ କେବଳ ଲଢ଼ିଛି କିମ୍ବା ଲଢ଼ିବାକୁ ପ୍ରସ୍ତୁତି କରିଆସିଛି ।---ହତଭାଗା ଜାନୁଆର୍ କାହାଁକା !

ଏ ବୀଭତ୍ସତାର ସବୁଠାରୁ ଅଶ୍ଳୀଳ ରୂପ ହେଲା ବିଶ୍ୱଯୁଦ୍ଧ । ଗୁଡ଼ାଏ ଉନ୍ନତ ଜାତି ଏକାଠି ମିଶି ନଗ୍ନ-ସମ୍ଭୋଗ କରନ୍ତି ପୃଥିବୀର ବିଭିନ୍ନ ରକ୍ତାକ୍ତ ପଡ଼ିଆରେ । ଏଥିରେ ଥରେ ମାତିଗଲା ପରେ ଅବୋଧ, ବହୁବୈକ୍ତିକ ଯୌନ-ଧର୍ଷଣ ପରି ନିଶା ଲାଗିଯାଏ । ଆଉ ଦ୍ୱିପାକ୍ଷିକ ସମ୍ଭ୍ରାନ୍ତ "ଗୋଲାପ ଯୁଦ୍ଧ"କୁ ମନ ଯାଏନାହିଁ । ପୁଣି ପୁଣି ବିଶ୍ୱଯୁଦ୍ଧ ହିଁ ହେଉଥାଏ । ଏଣିକି ଏଇଭଳି ଯୁଦ୍ଧ ହେବ ବୋଲି ଘୋଷଣା ମଧ୍ୟ କରିଦିଆଯାଏ । କେହି ନିରପେକ୍ଷ ରହିବାକୁ ଚାହିଁଲେ ସୁଦ୍ଧା ତାକୁ ଅନୁମତି ଦିଆଯାଏ ନାହିଁ । ନଗରରେ ରହି ନାଗର ନ ସାଜିବା ଯେପରି ଦୋଷାବହ ଏବଂ ଲଜ୍ଜାଜନକ, ସେହିଭଳି ସଭ୍ୟଜଗତରେ ରହି ଯୁଦ୍ଧରେ ଯୋଗ ନଦେବା ଅସ୍ୱାଭାବିକ । ଏଣୁ ଆଉ ଥରେ ମିଳିତ ସଂଗ୍ରାମ ହେଲେ କେହି ସେ ହୋରି ଖେଳରୁ ବାଦ୍ ଯିବେନାହିଁ । ସମଗ୍ର ସଭ୍ୟ-ଜଗତ୍ କାଦୁଅକୁ ଓହ୍ଲେଇ ଆସିବାକୁ ବାଧ୍ୟ, ରକ୍ତରଞ୍ଜିତ ହେବାକୁ ବାଧ୍ୟ । ଯଦି ନିଷ୍ଠାର ସହିତ ଏ ମୁକାବିଲା ଚାଲେ, ମାତ୍ର ତିନି ମିନିଟ୍ ପରି ତିନୋଟି ଦିନ ଭିତରେ ପୃଥିବୀ ଉପରେ ଗଦା ଗଦା ପାଉଁଶ ସଭ୍ୟତାର ସ୍ମାରକ ହୋଇ ରହିଯିବ । ଆଫ୍ରିକାର ଅରଣ୍ୟ ଭିତରୁ କିମ୍ବା ମେରୁ ପ୍ରଦେଶର ବରଫ ଗୁମ୍ଫା ଭିତରୁ ଗୁଡ଼ିଏ ନାବାଳକ ସରଳ ମଣିଷ ତାକୁ ଉଖାରିବେ । କିଛି ବୁଝିଯିବେ, ହୁଏତ କିଛି ବୁଝିବେ ନାହିଁ ! ତାଙ୍କ ନିଜ ଢଙ୍ଗରେ ସେମାନେ ତୋଳିବାକୁ ଆରମ୍ଭ କରିବେ ଆଉ ଗୋଟିଏ ସଭ୍ୟତାର ସୌଧ; କିନ୍ତୁ ଏଭଳି ସମ୍ଭାବନାଟିକୁ ମଧ୍ୟ ମୂଳରୁ ବାଦ୍ ଦେବାପାଇଁ ଘୋଷଣା କରାଯାଇପାରେ । "ଚାଲିଆସ, କେଉଁଠି କିଏ ଅଛ ମଣିଷ ନାମଧେୟ ପ୍ରାଣୀ---କଳା, ଗୋରା, ହଳଦିଆ, ନାରୀ, ପୁରୁଷ ଓ ଶିଶୁ । ପୃଥିବୀର ଚୂଡ଼ାନ୍ତ ସମ୍ଭୋଗରେ ଯୋଗଦିଅ । ଅନେକ ଦିନ ଏକାଠି ଆଂଶିକ ଭାବରେ ବଞ୍ଚିବା ପରେ ଆଜି ଏକାଠି ସଂପୂର୍ଣ୍ଣ ଭାବରେ ମରିବାର ତୀବ୍ର ମାଦକତା ଉପଭୋଗ କର । ତା'ପରେ କ'ଣ ହେବ ଭାବ ନାହିଁ । ତାହା କ୍ଳୀବର ଲକ୍ଷଣ ।"---ଜଳିଉଠିବ ବିପୁଳ ନରମେଧ ଅଗ୍ନି ଏବଂ ସେଇଭଳି ମଧ୍ୟ ଲିଭିଯିବ । ତା'ପରେ ହୁଏତ ଅପରିସୀମ ପାଉଁଶ ଏବଂ ବାଲି ଭିତରେ ଗୁଡ଼ିଏ ପିମ୍ପୁଡ଼ି ଖାଦ୍ୟ ଖୋଜି ବୁଲୁଥିବେ ଏବଂ ବିଷାକ୍ତ ପବନରେ ଉଡ଼ି ବୁଲୁଥିବେ ଗୁଡ଼ିଏ ଆଚମ୍ବିତ ମହୁମାଛି ।---ଭାବୁଥିବେ, ଏ ପୃଥିବୀରେ କେତେ ଫୁଲ ଫୁଟାଯାଇପାରେ !

ତେବେ ଏଭଳି ଯୁଦ୍ଧରେ ଲାଭ କ'ଣ ? ସମସ୍ତଙ୍କୁ ଏମିତି ଏକାଠି ଗୋଟେଇ-ପୋଟେଇ ହତ୍ୟା କରିବାର ଅର୍ଥ କ'ଣ ? ପରିଣାମ ଚିନ୍ତା କଲେ ହୁଏତ ସେପରି କିଛି ଅର୍ଥ ନାହିଁ; କିନ୍ତୁ ଏହା

Digitized by srujanika@gmail.com

ଏପରି ଏକ ମୌଳିକ ପ୍ରବୃତ୍ତି ଯେ ତାକୁ ରୋଧିବା ସମ୍ଭବ ନୁହେଁ । ସ୍ୱାଧୀନ ଅସ୍ତିତ୍ୱ ନେଇ ମଣିଷଟିଏ ବଞ୍ଚିବାକୁ ପ୍ରୟାସ କଲାମାତ୍ରେ ଅନ୍ୟ ସହିତ ସଂଘର୍ଷ ହେବା ସ୍ୱାଭାବିକ; କାରଣ ସେ ଅନ୍ୟମାନଙ୍କ ସହିତ ଏକାଠି ମଧ ରହିବାକୁ ଚାହେଁ; ଏବଂ ପ୍ରତି ମୁହୂର୍ତ୍ତରେ ବୃଦ୍ଧି କରିବାକୁ ଚାହେଁ ତା'ର ପରିସର । ବଞ୍ଚିବାର ଅଧିକାର ବିଷୟରେ ନୂଆ ନୂଆ ସର୍ତ୍ତ ପ୍ରସ୍ତୁତ କରି ସେ ପାଖ-ପଡ଼ୋଶୀମାନଙ୍କୁ ବାଣ୍ଟେ । ସେମାନଙ୍କୁ ନିଜ ଛାଇରେ ମିଳେଇନିଏ ଏବଂ ଆତ୍ମାର ବିସ୍ତୃତି ହୋଇଯାଏ, କିମ୍ବା ବିରୋଧୀ ହେଲେ ସେମାନଙ୍କୁ ହତ୍ୟାକରେ । ସାରା ପୃଥିବୀଟିକୁ ଅଧିକାର କରିବାର ଆଶା ନେଇ ସେ ଖଣ୍ଡା ଚମକାଉଥାଏ । ଏ ଅସମ୍ଭବ ଯୋଜନାରେ ସେ କେବଳ ଦୁଇ-ଚାରିଟା ଯୁଦ୍ଧ କରି ଦେଇ ଚାଲିଯାଏ । ଏତେ ବିପୁଳ ସ୍ୱପ୍ନ ଗୋଟେଇବାକୁ ତା'ର ହାତଯୋଡ଼ିକର ଆଙ୍କୁଡ଼ା କୁଳାଏ ନାହିଁ । ମରିବାକୁ କେହି କେବେ ଯୁଦ୍ଧ କରେନାହିଁ, ସେ ବଞ୍ଚିବାକୁ ହିଁ ଯୁଦ୍ଧ କରେ । ଯେ ଆଦୌ ମରିବ ନାହିଁ ବୋଲି ଗୋଟିଏ ଅସରନ୍ତି ଯୋଜନା ରଖିଥାଏ, ସେ ହିଁ ଯୁଦ୍ଧ କରେ । ମୃତ୍ୟୁ ଭଳି ଅବିଚଳିତ ପୂର୍ଣ୍ଣଚ୍ଛେଦଟିଏ ଯୋଜନା ଭିତରକୁ ଆସିଗଲେ ରକ୍ତରୁ ବଳେ ଫେଣ ଓହ୍ଲେଇଯିବ; ଖଣ୍ଡା ନଇଁଯିବ ହାତରୁ । ମୁହଁ ଜୋର୍‌ରେ ହୁଏତ ସେ କହୁଥିବ ଯେ ମଲେ ମରିବ ସିନା ଛାଡ଼ିବ ନାହିଁ; କିନ୍ତୁ ଭିତରେ ଭିତରେ ତା'ର କେବେହେଲେ ବିଶ୍ୱାସ ନଥିବ ଯେ ସତକୁ ସତ ଦିନେ ସେ ମରିଯିବ ନିଶ୍ଚୟ ।

ଯୁଦ୍ଧରେ ଜିଣିସାରିବା ପରେ ଆଖି ଉପରୁ ଧୂଆଁ ଓହ୍ଲେଇଗଲେ, ସେ ଚାରିଆଡ଼କୁ ଚାହିଁ ସେଇ ନିରୋଳା ସତ୍ୟଟିକୁ ଆବିଷ୍କାର କରେ । ଯୁଦ୍ଧୋତ୍ତର ନୀରବତା ତାକୁ ବିବ୍ରତ କରେ । ସେ ଯୁଦ୍ଧପଡ଼ିଆଟିକୁ ଅନାଏ ଏବଂ ଅନାଏ ସେ ନିଶ୍ଚଳ ପାହାଡ଼ଗୁଡ଼ିକୁ, ସେ ଆନମାନ ନଈଟିକୁ । ଅସ୍ୱସ୍ତି କାଟିବାକୁ ସେ ନିଶ ମୋଡ଼ି ହୁଏତ ହୁଂକାର କରେ---'ଏ ସବୁ ମୋ'ର; ଏ ନଈ, ଏ ପାହାଡ଼, ଏ ଭୂମି ।' ଆଉ କେହି ନିଶ ମୋଡ଼ି ହୁଏତ ତା'ର ବିରୋଧ କରେ ନାହିଁ; କାରଣ ଯେଉଁ ନିକଟତମ ମଣିଷଟି ବିରୋଧ କରିଥାନ୍ତା, ତାକୁ ସେ ସେଇ ପଡ଼ିଆରେ ହତ୍ୟା କରିସାରିଛି; କିନ୍ତୁ ସେ ନିଛାଟିଆ ପଡ଼ିଆ; ଆଉ ସେ ନିଶ୍ଚଳ ପାହାଡ଼ଗୁଡ଼ିକ ତାହାରି ସ୍ୱରକୁ ଦୋହରେଇ ଦିଅନ୍ତି । ସେ ପରୀକ୍ଷା କରିବାକୁ ପାହାଡ଼କୁ ଆଘାତ କରେ । ନଈକି ଚହଲେଇ ପକାଏ ଏବଂ ସେ ପଡ଼ିଆରେ ଗୁଡ଼ାଏ କୁଦାମାରେ । କୌଣସି ପ୍ରକାର ସ୍ପନ୍ଦନ କେଉଁଠି ହେଲେ ସେ ଲକ୍ଷ୍ୟ କରିପାରେ ନାହିଁ । ପ୍ରାଚୀନ ପାହାଡ଼ଗୁଡ଼ିକ କେଉଁ ଅନନ୍ତକାଳ ଅବଧି ଏଭଳି ଖେଳ ଦେଖିଆସିଛନ୍ତି । ନୀରବ କୁରୁକ୍ଷେତ୍ର ଅନେକ ଉନ୍ମତ୍ତ ପଦଚିହ୍ନ ଏବଂ ଉତ୍ତପ୍ତ ମଣିଷରକ୍ତ ଧାରଣ କରିଆସିଛି । କେହି ସେମାନଙ୍କୁ ଅଧିକାର କରିନାହାନ୍ତି, ଅଧିକାର କରିପାରିନାହାନ୍ତି । ଉଡ଼ନ୍ତା ଚଢ଼େଇ ଗଛଡାଳରେ ବସି ଉଡ଼ିଗଲା ପରି ଏଭଳି ବିଜୟୀ ଯୋଦ୍ଧା କେତେ ଆସିଛନ୍ତି ଏବଂ ଯାଇଛନ୍ତି । ବେକୁବ୍ ଜାନୁଆର୍ ଗୁଡ଼ିଏ ! ବଞ୍ଚିବାକୁ ଶିଖିବା ପୂର୍ବରୁ ସେଇ ପ୍ରୟାସରେ ହଣାହଣି ହୋଇ ମରିଯାଇଛନ୍ତି ।

ଏଣୁ ଯୁଦ୍ଧୋତ୍ତର ଯେତେ ସବୁ ସହାନୁଭୂତି ଏଇ ବିଡ଼ମ୍ବିତ ବିଜେତାଟିକୁ ହିଁ ଦିଆଯାଉ; କାରଣ ସେ ଆବିଷ୍କାର କରିଛି ନିଜର ନିର୍ବୋଧତା । ସେ ବୁଝିପାରିଛି ଯେ ନିହତ ବ୍ୟକ୍ତିଟି ତା'ର

Digitized by srujanika@gmail.com

ସୋଦର । ଉନ୍ମାଦଗ୍ରସ୍ତ ହୋଇ ସେ ନିଜକୁ ନିଜେ ହତ୍ୟା କରିପକାଇଛି ବୋଲି ଅନୁଭବ କରିପାରୁଛି ।... କିନ୍ତୁ ଏଭଳି ବିଜେତା ଅତି ବିରଳ । ସେମାନେ ସାଧାରଣତଃ ଶାନ୍ତି-ଭୀରୁ । ଶାନ୍ତି ସେମାନଙ୍କୁ ଅସ୍ୱୀକାର କରୁଥିବାରୁ ସେମାନେ ଯଥାଶକ୍ତି ତାକୁ ଅସ୍ୱୀକାର କରୁଥାନ୍ତି । ଯୁଦ୍ଧରେ ହିଁ ଯେ ନିଜର ସମଗ୍ର ବ୍ୟକ୍ତିତ୍ୱ, ସମସ୍ତ ଆଶା, ଆକାଂକ୍ଷା ଏବଂ ଆବେଗ ପ୍ରବେଗ ପ୍ରକାଶ କରେ, ଶାନ୍ତି ନେଇ ସେ କ'ଣ କରିବ ? ଏଣୁ ଯୁଦ୍ଧରୁ ବାହୁଡ଼ିବା ପରେ ଏ ଯୁଦ୍ଧସମ୍ଭୋଗୀ ଏବଂ ଯୁଦ୍ଧସର୍ବସ୍ୱ ପ୍ରାଣୀଗଡ଼ିକ ପୁଣି ସେଇ ଯୋଜନାରେ ଆକୁଳ ହେଉଥା'ନ୍ତି । ଯୁଦ୍ଧୋତ୍ତର ପୁନର୍ଗଠନର ଅର୍ଥ ଆଉ ଗୋଟିଏ ବୃହତ୍ତର ଯୁଦ୍ଧପାଇଁ ପ୍ରସ୍ତୁତି । ଏଣୁ ଏ କାହୁଁ ବୁଝିବେ କାହାକୁ ହତ୍ୟାକରି ସେ ଫେରିଛନ୍ତି ? କାହିଁକି ବା ଆବିଷ୍କାର କରିବାକୁ ଯିବେ ଦୁରନ୍ତ କୌଣସି ସତ୍ୟ ? ଥରେ ବିଜେତା ହୋଇଗଲେ ଅନବରତ ବିଜେତା ହୋଇ ରହିବାକୁ ଲାଳସା ଜାଗ୍ରତ ହୁଏ । କିନ୍ତୁ ବିଜେତା ହେବା ଏକ ଯୁଦ୍ଧୋତ୍ତର ପରିଣାମ ହୋଇଥିବାରୁ ସେମାନେ ଅନିବାର୍ଯ୍ୟ ଭାବରେ ଯୁଦ୍ଧକୁ ଆବାହନ କରୁଥା'ନ୍ତି । ଏଣୁ ଏ ଜାନୁଆରଗୁଡ଼ିକୁ ଯଦି ସମ୍ଭବ ବରଂ କ୍ଷମାଦିଆଯାଉ ।

ଏ ସହାନୁଭୂତି ତା'ହେଲେ ବିଜିତ ଯୋଦ୍ଧାଟିର ହିଁ ପ୍ରାପ୍ୟ ̃। କାରଣ ରକ୍ତନଦୀ ପହଁରି ସାରିବା ପରେ ମଧ୍ୟ ସେ ଶତ୍ରୁକ୍ଷୟ ପାଇଁ ଯୋଜନା ବାନ୍ଧି ଚାଲିଥାଏ । ଡେଣା ପୋଡ଼ିଯାଇଥିଲେ ମଧ୍ୟ ପତଙ୍ଗ ଭିତରେ ଅଗ୍ନି ଜଳୁଥାଏ ଏବଂ ସେ ଟାଣିହୋଇ ଚାଲିଥାଏ ନିଆଁରେ ଝାସଦେବାକୁ । ସମଗ୍ର ଜ୍ଞାତି ବନ୍ଧୁ କୁଟୁମ୍ବଙ୍କର ହତ୍ୟା ଦେଖିସାରି ସମଗ୍ର ଯୁଦ୍ଧକୁ ଗୋଟାଏ ଉତପ୍ତ ପରାଜୟ ଭିତରେ ସହିବା ଏକ ଦୁର୍ବହ ଯାତନା । ଚରମ ବିଫଳତା ଭିତରେ ବଞ୍ଚିବାର ଏକମାତ୍ର ଉତ୍ତେଜନା ତା'ର ଜିଘାଂସା । ତାହା ମଧ୍ୟ ଆସ୍ତେ ଲିଭି ଆସୁଥିବା ଗୋଟିଏ ସ୍ତିମିତ ଶିଖା । ସେ ସ୍ୱୟଂ ଲିଭି ଆସୁଥାଏ । ସେ ବୁଝିସାରିଥାଏ ଯେ ପ୍ରତିଶୋଧ ନେଇ ପୁଣି ଥରେ ନିଜକୁ ଜାହିର୍ କରି ନ ପାରିଲେ ବଞ୍ଚିବାର କୌଣସି ଅର୍ଥ ନାହିଁ । ତା'ର କ୍ଷତବିକ୍ଷତ ଅଙ୍ଗଗୁଡ଼ିକ ଉପରେ କୌଣସି ପ୍ରଲେପ ସେ ବୋଳିବାକୁ ଚାହେଁ ନାହିଁ; ବରଂ ଉରୁ ଭାଙ୍ଗି ପଡ଼ିଥିଲେ ମଧ୍ୟ ଶେଷ-ନିଶ୍ୱାସ ପର୍ଯ୍ୟନ୍ତ ସେ ଯୁଦ୍ଧର ସ୍ୱପ୍ନ ଦେଖି ଦେଖି ଚାଲିଯାଏ । ଯାତନାରେ କିନ୍ତୁ ମଧ୍ୟ ସତର୍କ ହୋଇଯାଏ; କିନ୍ତୁ ଏଭଳି ନିଶାରେ ହତଜ୍ଞାନ ମଣିଷଗୁଡ଼ିକ ବିତ୍‌ବିତ୍ ହୋଇ ମରିଯାନ୍ତି । ମରିବା ସେମାନଙ୍କ ପାଇଁ ଗୋଟାଏ ନିଷ୍କୃତି । ବଞ୍ଚିବା ଏକ ସାଧନା । ଯୁଦ୍ଧ ହିଁ ଏକମାତ୍ର ସତ୍ୟ । ବିଜେତାଠାରୁ ଏ ପରାଜିତ ଯୋଦ୍ଧାଗୁଡ଼ିକ ଆଦୌ ଭିନ୍ନ ନୁହନ୍ତି । ଉପାଦାନ ଉଭୟଙ୍କର ସମାନ । ଉଭୟେ ଯୁଯୁତ୍ସୁ । ଉଭୟଙ୍କ ପାଇଁ ଯୁଦ୍ଧ ଏକ ସମ୍ଭୋଗ । ଜୁଆ ଖେଳରେ ବୁଡ଼ିରହିଥିବା ଖେଳୁଆଡ଼ ପାଇଁ ଏପାଖ ଯେତିକି ଭୟାବହ ସେପାଖ ସେତିକି ଆକର୍ଷଣମୟ । ଗୋଟାକୁ ପାଇବାକୁ ସେ ବାରମ୍ବାର ଡେଉଁଥାଏ ଏବଂ ପଡୁଥାଏ ଆରଟାରେ । ଜିଣିସାରି ଆଉ କିଛି ଜାଣିବାକୁ ନ ପାଇବା ଯଦି ବିଡ଼ମ୍ବନା ହୁଏ, ତେବେ ସବୁ ଆଶା କରି ସବୁ ହରେଇବା କେଡ଼େ ବଡ଼ ବିଡ଼ମ୍ବନା ସତେ !

ଏଣୁ ଯେ କୌଣସି ଯୁଦ୍ଧ ପରେ ଯୋଦ୍ଧାଗୁଡ଼ିକ ହୁଏତ ପରାସ୍ତ ଏବଂ ମୃତ, କିମ୍ବା କ୍ଷତବିକ୍ଷତ, କ୍ଳାନ୍ତ ଏବଂ ବିଡ଼ମ୍ବିତ । ତଥାପି ଯୁଦ୍ଧର ଅଗ୍ନି ଲିଭିଯାଏ ନାହିଁ । ସମସ୍ତଙ୍କ ପ୍ରାଣରେ ତାହା ଜଳୁଥାଏ ।

Digitized by srujanika@gmail.com

ତାକୁ ଇନ୍ଧନ ଯୋଗାଇ ଚାଲିଥାଏ ଜୀବନ । ସେ ନିଆଁଟିକୁ ଆଦୌ ଲିଭିବାକୁ ଦିଏନାହିଁ । ଶୀତଳ ଆକାଶ ଭିତରେ ଅନେକ ସୂର୍ଯ୍ୟକୁ ଜାଳିରଖିବା ଯେଉଁ ପ୍ରକାର ନିୟମ, ଯୌବନର ଉତ୍ତାପରେ ସମ୍ଭୋଗ ଏବଂ ସୃଷ୍ଟି ସହିତ ସଂଘର୍ଷ ଓ ବିଲୟକୁ ବାନ୍ଧି ରଖିବା ମଧ୍ୟ ସେହି ପ୍ରକାର ନିୟମ । ହୋଇପାରେ ଯେ, ଅଗ୍ନିରୁ ଆକାଶକୁ ଡେଇଁଯିବାକୁ ଯେଉଁ ମଣିଷ ଯୋଜନାବଦ୍ଧ, ତା' ପାଇଁ ଏ ନିରର୍ଥକ ଜୀବନ ସଂଘର୍ଷ ଗୋଟିଏ ପଶୁବୃତ୍ତି; କିନ୍ତୁ ଯେ ନିବିଡ଼ଭାବରେ ବଞ୍ଚେ, ତା' ସକାଶେ ପ୍ରତ୍ୟେକ ଯୁଦ୍ଧ ଶେଷରେ କ୍ଲାନ୍ତି, ଅବସାଦ, ବିଷାଦ ସବୁ କେବଳ ସାମୟିକ ଉପରତି । ତା'ପରେ ଯୁଦ୍ଧ ଏବଂ ତା'ପରେ ମଧ୍ୟ ଯୁଦ୍ଧ । ଏ ଜାନୁଆରଟି ପାଇଁ ସବୁ ରକ୍ତସ୍ରାବ ପରେ ମଧ୍ୟ ଯୁଦ୍ଧ ହିଁ ଏକମାତ୍ର ସମ୍ଭାବନା ।

❖❖❖

Digitized by srujanika@gmail.com

ଅନ୍ୟ ଏକ ପ୍ରେମ କଥା

'କୌଣସି ମହାପୁରୁଷଙ୍କ ତିରୋଧାନରେ'

ସେ ପକ୍ଷୀଟି ନିଆରା । ଏ ଗୋଠରେ ସେ ଆଦୌ ମିଶି ପାରେନାହିଁ । ତା' ଡେଣାରେ ଅନେକ ବିରଳ ଆକାଶର ସ୍ପର୍ଶ । ବହୁ ନିଷିଦ୍ଧ ପାହାଡ଼ ଉପରେ ସେ ଭ୍ରମିଛି । ତା' ଆଖିଯୋଡ଼ିକ ଦାଉ ଦାଉ । ଏମାନଙ୍କ ସହିତ ସେ ରାବ ମିଳେଇ ପାରୁନାହିଁ । ତା' ସ୍ୱରରେ ଆଉ ଗୋଟିଏ କ'ଣ ଶୁଭୁଛି । ତାକୁ ସେମାନେ ଶୁଣୁଛନ୍ତି; କୌତୂହଳରେ, ସନ୍ଦେହରେ, ବିଦ୍ୱେଷରେ । ସେ ତାଙ୍କୁ ଅପରିଚିତ କଥାଗୁଡ଼ିଏ କହୁଛି---ଉଞ୍ଚ ଉଞ୍ଚ ଆକାଶ କଥା---ନୂଆ ନୂଆ ସୂର୍ଯ୍ୟ କଥା । ତରୁଣ ଚଢ଼େଇ ଗୁଡ଼ିଏ ଡେଣାକୁ ହଲେଇ ତା' ଚାରିଆଡ଼େ ଘେରିଯାଉଛନ୍ତି । ଥଣ୍ଟ ମେଲେଇ, ଆଖି ମେଲେଇ, ତା'ର ସେ ଅଦ୍ଭୁତ କାହାଣୀକୁ ପିଇ ଯାଉଛନ୍ତି । ତାଙ୍କ ଦେଖାଦେଖି ଆହୁରି ଅନେକ ବୟସ୍କ ପାକଳ ପକ୍ଷୀ ମଧ୍ୟ ଘୁଞ୍ଚି ଆସୁଛନ୍ତି । ଶୁଣୁଛନ୍ତି ଅଜଣା ଅରଣ୍ୟମାନଙ୍କର ଗପ । ଦଳ ଦଳ ହୋଇ ପକ୍ଷୀ ଘେରିଯାଉଛନ୍ତି । ଗଛ ଡାଳମାନଙ୍କରେ ବୋଝେଇ ହୋଇଯାଉଛନ୍ତି । ଆଗ୍ରହ, ସମ୍ମାନ, ସଂଭ୍ରମ, ଭକ୍ତି ଘେରିଯାଉଛି ସେ ନିରୋଳା ପକ୍ଷୀଟିକୁ । ସେ କହୁଛି---ଆଉ ଗୋଟିଏ ରାଜ୍ୟର କଥା । ଖୁବ୍ ଗହୀର, ଏକାନ୍ତ, ନୀଡ଼ପରି ଘନିଷ୍ଠ ଓ ଭରପୁର । ପକ୍ଷୀରାଜାର ସୀମାନା ଉପରୁ ତାହା ଦିଶେ । ସେଇଠୁ ସବୁପକ୍ଷୀ ଆସନ୍ତି । ଛୋଟ ବଡ଼, ଧଳା କଳା, ହରରଙ୍ଗୀ । ସେଠିକି ଉଡ଼ି ମଧ୍ୟ ଯାଇପାରିବେ ସେମାନେ । ସେଥିପାଇଁ ଡେଣା ମେଲିବାର ଢଙ୍ଗ ଟିକିଏ ନିଆରା । ଯାକୁ ଟପି ଅନ୍ୟ ଆକାଶକୁ ପହଁରିଯିବାର ଠାଣି ଟିକିଏ ଅଲଗା । ସେ ବାଟ ଜାଣିଛି, ଚାହିଁଲେ କଢ଼େଇ ନେଇଯାଇ ପାରିବ । ସୀମା ଟପେଇ ନେଇଯାଇ ପାରିବ । ପାଖେଇ ଆସନ୍ତି ତରୁଣ ପକ୍ଷୀ । ଆଠ ଦଶ ବାର । ଦୂରରୁ ଘୁଞ୍ଚିଆସନ୍ତି ଅନ୍ୟମାନେ । ଆଗ୍ରହରେ, ନିଷ୍ଠାରେ, ବିଶ୍ୱାସରେ । ହଠାତ୍ ଶାଗୁଣାମାନଙ୍କର ରାଜା ଚିତ୍କାର କରେ, ସମଗ୍ର ଗୃଧ୍ରପରିବାର ଚିତ୍କାର କରନ୍ତି । ସେ ଝେପ ମାରି ପଶିଆସେ । ଏତେ ବଡ଼ ବଡ଼ କଥା କହୁଥିବା ଶୁଆପରି ଛୋଟ ଅଥଚ ବିରଳ ପକ୍ଷୀଟିକୁ ସେ ଦେଖେ । ସନ୍ଧ୍ୟାର ଛାଇପରି ତା' ଡେଣା ମେଲେଇ ସେ କୁରୁଳିଉଠେ । ତ୍ରସ୍ତ ପକ୍ଷୀସମାଜକୁ ଶୁଣେଇଲା ପରି କୁହାଟେ--- 'ଏ ଯାହା କହୁଛି ସବୁ ମିଛ । ଏ ଗୋଟାଏ ଭଣ୍ଡ । ପକ୍ଷୀ ପରଂମରାର ବ୍ୟତିକ୍ରମ । ଏ ମୋଟ ଉପରେ ପକ୍ଷୀ ନୁହେଁ । ଯାର ଆମିଷ ଗନ୍ଧ ନାହିଁ । ଯା'ର ଚଞ୍ଚୁ, ମାଖୁନା । ପଞ୍ଝା ହୁଗୁଳା । ଏ ଆକାଶ ଉପରକୁ ଆଉ କିଛି ନାହିଁ । ମାଟି

Digitized by srujanika@gmail.com

ନାହିଁ, ଆଲୁଅ ନାହିଁ । ତେଣିକି ପବନ ମଧ୍ୟ ନାହିଁ । ଏ ମିଛୁଆ । ଯା'ର ମିଥ୍ୟାଚାର ପାଇଁ ମୁଁ ଶାସ୍ତିବିଧାନ କରୁଛି ।'...କୁରାଢ଼ି ଫଳା ଭଳି ଥଣ୍ଟରେ ଶାଗୁଣାମାନଙ୍କର ରାଜା ପ୍ରହାରକରେ । ସୁକୁମାର ବିରଳ ପକ୍ଷୀଟି ଟଳିପଡ଼େ । ଶାଗୁଣା ରାଜାର ପଞ୍ଝାତଳୁ ରକ୍ତାକ୍ତ ପକ୍ଷୀଟି ପୁଣି କହେ ଏବଂ ସମସ୍ତେ ଶୁଣନ୍ତି... 'ମୁଁ ଅନେକ ଥର ଆସିଛି, ଆହୁରି ଅନେକ ଥର ଆସିପାରେ । ମୁଁ ଏ ମୂର୍ଖ ଶାଗୁଣାଟିକୁ କ୍ଷମାକରୁଛି । ତାକୁ ତୁମେମାନେ ମଧ୍ୟ କ୍ଷମା କର ।' ପକ୍ଷୀଟି ତା'ର ବଡ଼ ବଡ଼ ଆଖିରେ ଅଳ୍ପ ହସୁଥାଏ । ତା'ର ଦୁଇଟା ବିରାଟ ଡେଣାକୁ ଦରମେଲାକରି ଶାଗୁଣା ରାଜା ପୁଣି ଚୋଟମାରେ । ତା' ଥଣ୍ଟରେ ପକ୍ଷୀଟିର ହୃତ୍‌ପିଣ୍ଡ ଓଟାରି ହୋଇଆସେ । ଥୋଡ଼ାଏ ରକ୍ତାକ୍ତ ଅନ୍ତ ଉଲାରି ହୋଇଆସେ । ଶାଗୁଣା ରାଜା ନିସ୍ତବ୍ଧ ହୋଇ ବସିରହେ; ଗର୍ବରେ, କ୍ରୋଧରେ, ଅଭିମାନରେ । ତା' ଚାରିଆଡ଼େ ଗୃଧ୍ରପରିବାର ସେମିତି ନିସ୍ତବ୍ଧ ହୋଇ ବସିରହନ୍ତି ।...ଆମିଷାକ୍ତ, ରକ୍ତାକ୍ତ, କ୍ଷୁଧାର୍ତ୍ତ ଗୁଡ଼ିଏ ଲୋଲୁପୀ ଗୃଧ୍ର । ସେ ଅରଣ୍ୟରେ ସୂର୍ଯ୍ୟ ଲିଭିଯାଏ ।

ପ୍ରାୟ ଏହିଭଳି ଯୁଗେ ଯୁଗେ ମହାପୁରୁଷମାନେ ଆସନ୍ତି ଏବଂ ଏହିଭଳି ସେମାନଙ୍କର ନିଧନ ହୁଏ । ସେମାନେ ସାଧାରଣ ମାନଦଣ୍ଡରେ ମାପିହୋଇ ପାରନ୍ତି ନାହିଁ । ବଳକା ହୋଇଯାଆନ୍ତି । ବେଯୋଡ଼, ବେଖାପ ଜଣାଯାଆନ୍ତି । କାରଣ ସେମାନେ ଆଉ ଗୋଟିଏ ରାଜ୍ୟର ବାର୍ତ୍ତା ନେଇ ଆସିଥାଆନ୍ତି । ଏ ରାଜ୍ୟ ଓ ସେ ରାଜ୍ୟ ଭିତରେ ବ୍ୟବଧାନ ଅନେକ । ଏଣୁ ଉଭୟ ଭିତରେ ସେ ହୁଅନ୍ତି ସ୍ୱର୍ଣ୍ଣସେତୁ । ଅନେକ ଯାତ୍ରୀଙ୍କୁ ପନ୍ଥା ମିଳିଯାଏ; କିନ୍ତୁ ଠିକଣାବେଳେ ହତ୍ୟାକାରୀ ବି ଆସିଯାନ୍ତି । ମାନବ-ଇତିହାସରୁ ସୂର୍ଯ୍ୟ ଲିଭିଯାଏ ।

ସୂର୍ଯ୍ୟ ବିଚାରା ଏଇଭଳି ଲିଭୁଥାଏ । ତା'ର ଆହ୍ନିକ ମୃତ୍ୟୁରେ ଅନ୍ଧାର ବାରମ୍ବାର ଫେରିଆସୁଥାଏ । ଏଣୁ ସାଧାରଣ ଜୀବନରେ ଅସାଧାରଣ ସହଜରେ ଆସେନାହିଁ । ଆସିଲେ ରହେନାହିଁ । ରହିଲେ ବିରୋଧ ହୁଏ । ବିରୋଧ କିନ୍ତୁ ଅନ୍ୟ କାରଣରୁ ମଧ୍ୟ ସବୁବେଳେ ହେଉଥାଏ । ଆମେ ସମସ୍ତେ ଅଲଗା ଅଲଗା କକ୍ଷରେ ଘୁରୁଥାଉ । ଆମ କେନ୍ଦ୍ର ଅଲଗା । ଲକ୍ଷ୍ୟ ବି ଅଲଗା । ଏଣୁ ଅମେଳହେବା ସ୍ୱାଭାବିକ । ପତି ପତ୍ନୀ ଦୁଇଟି ସ୍ୱତନ୍ତ୍ର ବ୍ୟକ୍ତି । ଝଗଡ଼ିହେବା ଏକ ଦୈନନ୍ଦିନ ବ୍ୟାପାର । ସମଗ୍ର ଦାମ୍ପତ୍ୟ ଏ ଝଗଡ଼ାର ସମାଧାନ ପାଇଁ ଚେଷ୍ଟା ଉଭୟଙ୍କୁ ବାନ୍ଧି ରଖିଥିବା ସୂକ୍ଷ୍ମ ରେଶମୀ ଚାଦରଟିକୁ ବାରମ୍ବାର ରଫୁକରି ନିଖୁଣ ରଖିବାର ଚେଷ୍ଟା । ବନ୍ଧୁତା ସେମିତି, ସୋଦରପଣ ସେମିତି । ମୈତ୍ରୀ, ପ୍ରୀତି, ସୋହାଗ, ସ୍ନେହ ସବୁ ସେମିତି । ଯେଉଁ ଅଦ୍ଭୁତ ଶକ୍ତି ପଥରରୁ ପଥର ଅଲଗା ରଖେ, ଉଦ୍ଭିଦରୁ ଉଦ୍ଭିଦକୁ ଅଲଗା ରଖେ, ତାହା ଜନ୍ତୁଟିକୁ ଅନ୍ୟ ଜନ୍ତୁଠାରୁ ମଧ୍ୟ ସ୍ୱତନ୍ତ୍ର କରେ । ସମୟରୁ ସମୟକୁ ମଧ୍ୟ ବିଭକ୍ତ କରେ । ମଣିଷ ମଣିଷ ମଧ୍ୟରେ ବିଭେଦ ଆଣେ । ତାହା ଏ ଜଗତର ମୌଳିକ ନିୟମ । ସୋରିଷମଞ୍ଜି ପରି ଆମେ ଏଠି ସେଠି ବୁଣି ହୋଇଯାଉ । ବର୍ତ୍ତୁଳ । ସ୍ୱତନ୍ତ୍ର । ଏକାକୀ । ତା'ପରେ ଦିନେ ମାଟି ଭିତରୁ ରସ ଟାଣୁ ଟାଣୁ ଚେରକୁ ଚେର ଛୁଇଁଯାଏ । ଆକାଶରେ ପବନ ପିଉ ପିଉ ଡାଳକୁ ଡାଳ ଛୁଇଁଯାଏ । ଚମକିଲା ପରି ଆମେ ଆଉ ଗୋଟିଏ ସତ୍ୟ ଆବିଷ୍କାର କରୁ । ଆଉ ଗୋଟିଏ ସ୍ତରର ସତ୍ୟ । ଆମେ ସ୍ୱତନ୍ତ୍ର ନୋହୁଁ । ଆମେ ସଂଶ୍ଳିଷ୍ଟ । ଆମେ ଏକତ୍ର । ରହସ୍ୟରୂପେ ଅନୁଭବ କରୁ । ତାକୁ ଭଲପାଉ । ତାକୁ କହୁ 'ପ୍ରେମ' ।

Digitized by srujanika@gmail.com

ତାହା ବିରୋଧକୁ ଅସ୍ୱୀକାର କରେ । ଯନ୍ତ୍ରଣାକୁ ଅସ୍ୱୀକାର କରେ । ମୃତ୍ୟୁକୁ ମଧ୍ୟ ଡେଇଁ ଚାଲିଯାଏ । ପ୍ରେମ ଜଡ଼ିତ କରେ, ଆଶ୍ଳିଷ୍ଟ କରେ, ସୃଷ୍ଟି କରେ । ବହୁଦୂରୁ ଏକତ୍ର ଆଡ଼କୁ ସେ ଟାଣିନିଏ । ଏ ଜଗତର ନିରାନନ୍ଦରୁ ଅନ୍ୟ ଜଗତର ଆନନ୍ଦ ଆଡ଼କୁ କିଛିବାଟ ବଳେଇନିଏ । କେହି ଜଣେ ଋଷି ମହାପୁରୁଷ ତା'ର ବିପୁଳତମ ରୂପକୁ ଦେଖି କହନ୍ତି ଯେ, ଯାହା ଏକ ତାହା ହିଁ କେବଳ ସତ୍ୟ । ଏ ବିବିଧ ବିଶୁଦ୍ଧ ରୂପଗୁଡ଼ିକ ସେଇ ଅଦ୍ୱିତୀୟ ଆଭାର ଆଭାସ ମାତ୍ର । ତସ୍ୟ ଭାସା ସର୍ବମିଦଂ ବିଭାତି ।

ବିରୋଧକୁ ଭୁଲି ନ ଗଲେ ପ୍ରେମ କରି ହୁଏ ନାହିଁ, କିନ୍ତୁ ବିରୋଧକୁ ଭୁଲିଯିବା ଅର୍ଥ ସ୍ୱାତନ୍ତ୍ର୍ୟ ହରାଇବା ନୁହେଁ । ସ୍ୱାତନ୍ତ୍ର୍ୟ ନ ରହିଲେ, ଦ୍ୱୈତ ନାହିଁ ଏବଂ ଅଦ୍ୱୈତରେ ପ୍ରେମ ନାହିଁ । ଏଣୁ ଦୁଇଟି ପରସ୍ପର ଅନୁଗତ ପ୍ରାଣୀହିଁ ପରସ୍ପରକୁ ଗ୍ରହଣ କରନ୍ତି । ବେଯୋଡ଼କୁ ଯୋଡ଼ିବା ପାଇଁ ଖାପ ସୃଷ୍ଟି କରନ୍ତି । ସେପରି ଦୁହେଁ ମିଶିଗଲେ ଏକଦ୍ୱର ଭ୍ରାନ୍ତି ସୃଷ୍ଟି ହୋଇଯାଏ । ଉଭୟର ସଂଯୋଗରେ ଆଉ ଏକ ସଂହତ ବୃହତ୍ତର ବ୍ୟକ୍ତିତ୍ୱର ସୃଷ୍ଟି ହୋଇଯାଏ ।

ଏ ସଂଯୋଗ ସବୁ କ୍ଷେତ୍ରରେ କିନ୍ତୁ ସମାନ ଅନୁପାତରେ ସମ୍ଭବ ହୁଏ ନାହିଁ । ଧରାଯାଉ, ପଥରର ଦୁଇଟି ବର୍ତ୍ତୁଳ ଗୋଲକ । କୌଣସି ସାଧାରଣ ଭୂମି ଉପରେ ସେ ଦୁହେଁ ପରସ୍ପରକୁ ଗୋଟିଏ ମାତ୍ର ବିନ୍ଦୁରେ ଛୁଇଁଦେଇ ଉଭା ହୋଇପାରନ୍ତି । ପେଟୁଆ, ନିଦା ଗୁମାନରେ ଭରପୂର ଦୁଇଟି ବ୍ୟକ୍ତି । ଯେ ଯାହା ଓଜନରେ ଅବସ୍ଥାନ କରିଥା'ନ୍ତି । ସରକାରୀ ପାରାଭାଡ଼ିଆ ଘରେ ରହିଥିବା ଦୁଇଟି ଅସଂପୃକ୍ତ ପଡ଼ୋଶୀ । ଦୈବାତ୍ ମଝିରେ ଗୋଟିଏ ମାତ୍ର କାନ୍ଥକୁ ଉଭୟେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ସିନା, ନ ହେଲେ କେହି କାହାକୁ ଗ୍ରହଣ କରନ୍ତି ନାହିଁ । ଗୋଟିଏ ଝଡ଼ିପଡ଼ିଲେ ଅନ୍ୟଟିର କିଛି ଯାଏ-ଆସେ ନାହିଁ । ନହୁବା ଧରାଯାଉ, ଭଡ଼ାଟିଆ ମଟର ଗାଡ଼ିରେ ଅଷ୍ଟମ ଯାତ୍ରୀ । ସହଜରେ ସେଥିରେ ଚାରିଜଣ ମାତ୍ର ଯିବା କଥା । ବସନ୍ତି ଆଠଜଣ । କେହି କାହାକୁ ଚିହ୍ନନ୍ତିନାହିଁ । ଚିହ୍ନିବାର ପ୍ରୟୋଜନ ମଧ୍ୟ ନାହିଁ । ତଥାପି ପରସ୍ପର ଉପରେ ଲଦାଲଦି ହୋଇ ବସିଥାନ୍ତି । ଜଣେ ଆରଜଣକୁ କହେ 'ଟିକିଏ ଘୁଞ୍ଚନ୍ତୁ' । ସେ ଜଣକ ଘୁଞ୍ଚିବାର ପ୍ରୟାସ କରେ । ଇଞ୍ଚେ ଦୁଇଇଞ୍ଚ ସ୍ଥାନ ଦିଶିଗଲେ ଅଷ୍ଟମ ଯାତ୍ରୀ ନିଜକୁ ସ୍ଥାପନ କରିବାରେ ଲାଗିପଡ଼ନ୍ତି । ଫଳରେ କିଏ ଆଗରେ ଖସିପଡ଼ିଲା ପରି ଲାଖିରହେ । କିଏ ବା ପଛରେ ଲେସି ହୋଇଯାଏ, ହାତଗୋଡ଼ ଗୁଡ଼ିକର ସନ୍ଧାନ କରିବା ସମ୍ଭବ ନୁହେଁ । ଏଭଳି ପରସ୍ପରର ଓଜନ ଓ ଗନ୍ଧକୁ ସ୍ୱୀକାର କରି ଘୁଞ୍ଚାଘୁଞ୍ଚି ହୋଇ ଏ ଯାତ୍ରାଟା ଚଳିଯାଏ । ଆଉ ଜଣକୁ ଗ୍ରହଣ କରିବାକୁ ହେଲେ ସେଇ ମାତ୍ରାରେ ନିଜକୁ ତ୍ୟାଗ କରିବାକୁ ପଡ଼େ । ଏଇ ବ୍ୟକ୍ତିଗୁଡ଼ିକ ଠୋସ୍ ଚଉଖୁଣ୍ଟିଆ ଇଟା ନୁହନ୍ତି । ଏଗୁଡ଼ିକ ସେ ସମୟ ପାଇଁ ନରମା ରବର କଣ୍ଢେଇ । ଭିଡ଼ି ଭିତରେ କାହା ପେଟ ଚିପି ହୋଇଯାଏ, କାହା ମୁହଁ ଟୋଲେଇଯାଏ; କିନ୍ତୁ ଚାରି ଜାଗାରେ ଆଠଜଣ ତ ଚାଲିଯାଆନ୍ତି ! ସମସ୍ତେ ସମସ୍ତଙ୍କୁ ସହିଯାଆନ୍ତି ।...କିମ୍ବା ଧରାଯାଉ କଞ୍ଚାମାଟିରେ କୁମ୍ଭାରର ଟିପ । ଯେଉଁ ବାଟେ ଚାହିଁଲେ ସେ ତା' ଟିପଟିକୁ ମଡ଼େଇ ଦେଇପାରେ । ମାଟିପିଣ୍ଡଟି ସେଇବାଟେ ନଇଁଯାଏ ।

Digitized by srujanika@gmail.com

ବଙ୍କେଇଯାଏ । ଟିପ କାଢ଼ିନେଲେ ମଧ ତା'ର ଖୋପଟି ଲିଭିଯାଏ ନାହିଁ । ଅପେକ୍ଷା କରି ରହିଥାଏ । ଏକଚ୍ଛିଦିଆ, ମନୁଆ ମାଲିକକୁ ଆଜ୍ଞାବହ ଭୃତ୍ୟ ପରି ।

ସେଇ ମାଟିପିଣ୍ଡ ଭଳି ମଣିଷଗୁଡ଼ିକ ଖୋପକୁ ଚାହିଁ ରୂପ ନେଇଯାଇ ପାରନ୍ତି । ଯେ କୌଣସି ପରିବେଶରେ ସେମାନେ ମିଶିଯାଇ ପାରନ୍ତି । ସେମାନେ ବିରୋଧ କରିପାରନ୍ତି ନାହିଁ । କେଞ୍ଚୁଆ ଭଳି ସେଗୁଡ଼ିକ ଅମେରୁଦଣ୍ଡୀ ପ୍ରାଣୀ । ଜାହିର୍ କଲା ଭଳି ସେମାନଙ୍କର ବ୍ୟକ୍ତିତ୍ୱ ନାହିଁ । ଲେସେଡ଼ିଆ ଅଣପୁରୁଷିଆ ଲେଫଡ଼ଗୁଡ଼ିଏ । ସେମାନଙ୍କ ପାଇଁ କୌଣସି ସମ୍ମାନ ଦାବି କରିବା ପ୍ରସ୍ତାବ ଏଠି ନାହିଁ । କାନ୍ଥ ଭଳି ନିଦା ଆଉ ମଜଭୁତ୍ ଠିଆ ନ ହେଲେ ଏଠି ନିର୍ଦ୍ଦିଷ୍ଟ ନାଁଟିଏ ମଧ ମିଳିବା ଦୁଷ୍କର । ଏଣୁ ଯେ ସବୁ ଖୋପରେ ଖଞ୍ଜି ହେଲା ଭଳି ନରମା, ସେ କେବଳ ମେଞ୍ଚାଏ ଅନାମଧେୟ କାଦୁଅ । ସେ ବ୍ୟକ୍ତି ନୁହେଁ । ତା'ର ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ କିଛି ନାହିଁ । ସବୁକ୍ଷେତ୍ରରେ କେବଳ ନିର୍ବିରୋଧ ଚଳିଯିବା ବିଚାରରେ ସେ ନିଜକୁ ଏମିତି ପରାସ୍ତ କରି ଚାଲିଥାଏ । ସେ ଗୋଟାଏ ନିହାତ୍ ଦୁର୍ବଳ, ନିହାତ୍ ସଂକୀର୍ଣ୍ଣ-ସ୍ୱାର୍ଥର ମଣିଷ । ଗଳିପଶି କୌଣସି ପ୍ରକାରେ ବଞ୍ଚିଯିବା ତା'ର ଏକମାତ୍ର ଲକ୍ଷ୍ୟ । ବିରୋଧକୁ ସେ ଭୟ କରେ । ତାକୁ ଜୟ କରିପାରେ ନାହିଁ ।

ଏଇ ମୌଳିକ ବିରୋଧକୁ କିନ୍ତୁ ଜୟ କରାଯାଇପାରେ । ଶୀତ ରାତିରେ ନିଜ କମ୍ବଳରୁ ଅଧେ ଆଉ ଜଣକୁ ଘୋଡ଼େଇଦେଲାବେଳେ, ଭାତଥାଳିରୁ ପ୍ରଥମ ପିଣ୍ଡଟି ଶୁଆକୁ କିମ୍ବା ବିରାଡ଼ିକୁ ଖୁଆଇଦେଲାବେଳେ ନିବୁଜ ସ୍ୱାର୍ଥଟି ପାଖୁଡ଼ା ମେଲି ମୁକୁଳିଯାଏ, ବିକେନ୍ଦ୍ରିତ ହୋଇଯାଏ, ପ୍ରସାରିତ ହୋଇଯାଏ । ନିଜକୁ ଭଲପାଇଲା ଭଳି ଆଉ ଜଣକୁ ମଧ ଭଲପାଇହୁଏ । ଭଲପାଇଲାବେଳେ ବିରୋଧ କରିହୁଏ ନାହିଁ । ପ୍ରେମରେ ବିରୋଧ ଧୋଇହୋଇଯାଏ । ଏଣୁ ଗୁଡ଼ିଏ ପ୍ରେମର ମଣିଷଙ୍କୁ ନେଇ ପରିବାର ସୃଷ୍ଟିହୁଏ । କିଛି କିଛି ପ୍ରେମ ଦେଲେ କିଛି କିଛି ପ୍ରେମ ମିଳେ । ସାମାଜିକ ଜୀବଟିଏ ଏଇମାତ୍ର ମୂଳଧନରେ ଏକାଠି ରହିବାର ଯୋଜନା କରେ । ଏକାଠି ରହିବାର ଯୋଗ୍ୟତା ହିଁ ସଭ୍ୟତା । ସବୁ ପ୍ରକାର ବିରୋଧ ସତ୍ତ୍ୱେ ପରସ୍ପରକୁ ସହିଯିବାର ପାରିଲାପଣ ହିଁ ସଦାଚାର । ପ୍ରେମ ହିଁ ସାମର୍ଥ୍ୟ । ଅନ୍ୟର ପୀଡ଼ାରେ ବ୍ୟଥିତହେବା ପ୍ରେମର ଲକ୍ଷଣ; ବୈଷ୍ଣବର ଲକ୍ଷଣ । ସମଗ୍ର ଜୀବଯାତନାକୁ ଅନୁଭବିପାରୁଥିବା ମହାପୁରୁଷ ହିଁ ବୁଦ୍ଧ ଏବଂ ପ୍ରେମର ଦିବ୍ୟରୂପ ହିଁ ତାଙ୍କର କରୁଣା ।

ପବନ ପରି ନିର୍ବିରୋଧ ଏବଂ ଆକାଶ ଭଳି ବନ୍ଧହୀନ ହେବା ମଣିଷଟି ପକ୍ଷରେ ସମ୍ଭବ ନୁହେଁ । ତା'ର ଚେତନାରେ ସେ କ୍ରମଶଃ ବିସ୍ତୃତ ହୋଇଯାଇପାରେ । ଜମ୍ବୁଦ୍ୱୀପର କୋଟି କୋଟି ମଣିଷର ଯାତନାର ସ୍ପନ୍ଦନକୁ ସେ ହୁଏତ ଧାରଣା କରିପାରେ । କିନ୍ତୁ ତା'ର ମଧ ଦିଗ୍‌ବଳୟ କମ୍ପିତ ହୁଏ । ବିରୋଧ ଆଉଗୁଡ଼ିଏ ମଣିଷଙ୍କ ସାଥିରେ । ତା'ପରେ ହୁଏତ ସମଗ୍ର ମାନବଜାତିକୁ ସେ ତା'ର ରୋମେ ରୋମେ ଗ୍ରହଣ କରିନିଏ । ଧାରଣ କରେ ସ୍ଥାବରଜଙ୍ଗମ, ଜଡ଼ଚେତନାର ଏ ସମଗ୍ର ପୃଥିବୀଟିକୁ । ଆଦରରେ ଏବଂ ପରମବାତ୍ସଲ୍ୟରେ ହୁଏତ ତା' ପାପୁଲିରେ ପୃଥିବୀକୁ ମୁକ୍ତାଫଳଟିଏ ପରି ସେ ଧାରଣ କରେ; କିନ୍ତୁ ମଣିଷର ପଞ୍ଜୁରିରେ ଏତେ ବଡ଼ ପ୍ରେମଚେତନା

Digitized by srujanika@gmail.com

ଜାଗ୍ରତ କରିପାରେ ନାହିଁ । ଝଡ଼ିପଡ଼େ । ତା' ପୂର୍ବରୁ ସେ ସ୍ୱତନ୍ତ୍ର ପକ୍ଷୀଟି ନୂତନ ଆକାଶର ବାର୍ତ୍ତା ଦେଉଥାଏ ଅବିଶ୍ୱାସର ବିରୋଧକୁହିଁ ପ୍ରେମକରୁଥାଏ । ଛୋଟବଡ଼ ଝଡ଼ିପଡୁଥିବା ଉପାଦାନଗୁଡ଼ିକୁ ଯୋଡ଼ିବାକୁ ଚାହୁଁଥାଏ ଭଲ ପାଇବାର ଅଶ୍ରୁଦେଇ । ଆଶ୍ଳେଷ ଦେଇ ସେ ଗୃଧ୍ରଟିକୁ ମଧ ସେ କ୍ଷମା କରେ, ପ୍ରେମ କରେ; କିନ୍ତୁ ଅନିବାର୍ଯ୍ୟ ଭାବରେ ସେ ଲିଭିଯାଏ ଏବଂ ସୂର୍ଯ୍ୟ ଲିଭିଯାଏ ପୁଣି ଥରେ ଏ ଆଦିମ ଅରଣ୍ୟରୁ ।

❖❖❖

Digitized by srujanika@gmail.com

ନିନ୍ଦୁକ ପରିଚୟ

ସର୍ବପ୍ରଥମେ ସେ ହତଭାଗାକୁ କ୍ଷମା ଦିଆଯାଉ । ସେ ମାନବ ଇତିହାସର କଳଙ୍କ । ସେ ଖଳ, ସେ ଦୁର୍ମୁଖ ଓ ବିଷାକ୍ତ । ସେ ଯୁଗେ ଯୁଗେ ସତ୍ୟର ଅପମାନ କରିଆସିଛି । ମହାପୁରୁଷଙ୍କର ହତ୍ୟା କରିଆସିଛି । ପ୍ରତ୍ୟେକ ଫୁଲର ପାଖୁଡ଼ାକୁ ସେ ଦଂଶନ କରେ, ପ୍ରତ୍ୟେକ ଗୌରବକୁ ଲୁଣ୍ଠନ କରେ । ଯେକୌଣସି ବିମଳ ଯଶକୀର୍ତ୍ତି ତା'ର ଅସହ୍ୟ । ସେ କୃତଘ୍ନ, ସେ ଅନୁଦାର, ସେ କ୍ଷୁଦ୍ର । ତା' ସକାଶେ ମଣିଷଜାତି ଲଜ୍ଜିତ ହେଉଥାଏ, ଲାଞ୍ଛିତ ହେଉଥାଏ; କିନ୍ତୁ କୌଣସି ପ୍ରତିକାର କରିପାରେ ନାହିଁ । ସେ ଘୃଣା କରିଚାଲିଥାଏ, ଅପବାଦ ରଟିଚାଲିଥାଏ । ପୃଥିବୀରୁ ପ୍ରତ୍ୟେକ ପୁଣ୍ୟାତ୍ମାର ଚରିତ୍ରକୁ ସେ ଦୂଷିତ କରି ଚାଲିଥାଏ । ସେ ଅନ୍ଧକାର ଭିତରେ ଚିରନ୍ତନ ବାସକରେ । ସେ ଛାୟାପୁରୁଷ । ସେ ରାହୁ । ଆପଣଙ୍କର ବର୍ତ୍ତୁଳ ଜହ୍ନଗୁଡ଼ିକ ତା'ର ଖାଦ୍ୟ । ସେ ଗ୍ରାସକରେ, ଅପମାନିତ କରେ, କ୍ଷତବିକ୍ଷତ ଏବଂ ଉତ୍ୟକ୍ତ କରେ । ସେ ଧୂର୍ତ୍ତ, ସେ ଶଠ, ସେ ଆପଣଙ୍କ ପ୍ରିୟତମ ଚିତ୍ରପଟରେ କାଦୁଅ ଛାଟିଦିଏ । ଆପଣଙ୍କର ଅଜ୍ଞାତରେ ଚଲାପଥକୁ କଣ୍ଟକାକୀର୍ଣ୍ଣ କରିଦିଏ । ବିଷଦଗ୍ଧ କରେ ଆପଣଙ୍କର ସୋହାଗମୟ, ଶ୍ରଦ୍ଧାମୟ ଜୀବନ। ମହତ୍ ପୁରୁଷମାନେ ଦିବ୍ୟଭୂମିରୁ ମଧୁ ସଞ୍ଚୟ କରି ଏ ପୃଥିବୀକୁ ରସସିକ୍ତ କଲାବେଳେ, ସ୍ୱପ୍ନମଣ୍ଡିତ କଲାବେଳେ, ବିରାଟ ଏବଂ ମହାର୍ଘ ଉପହାର କିଛି ଦେଲାବେଳେ ହଠାତ୍ ଏହାର ଦଂଶନ ଅନୁଭବ କରନ୍ତି । ସେ ସମସ୍ତଙ୍କୁ କୃତଘ୍ନ କରିପକାଏ । ସମସ୍ତଙ୍କୁ ଅନ୍ଧ କରିଦିଏ । ନିନ୍ଦା, ଅପବାଦ ଏବଂ କୁତ୍ସାର ଅଜସ୍ର କାଳିମା ବର୍ଷାକରି ତାଙ୍କୁ ଗ୍ରାସ କରିପକାଏ । ସେ ତାକୁ ଦେଖି ଦୁଃଖିତ ହୋଇଛନ୍ତି, ଲଜ୍ଜିତ ହୋଇଛନ୍ତି । ତାକୁ କିନ୍ତୁ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ବୋଲି କେବେ ସ୍ୱୀକାର କରିନାହାନ୍ତି । ତାକୁ ବରଂ ରକ୍ତାକ୍ତ ଅବସ୍ଥାରେ କ୍ଷମା କରିଆସିଛନ୍ତି । ଏଣୁ ସେ ଅଧମକୁ ଆଉ ଥରେ କ୍ଷମା ଦିଆଯାଉ ।

ଏ ଖର୍ବ ମଣିଷର ବାମନ-ବ୍ୟକ୍ତିତ୍ୱ ଘୋର ହୀନମନ୍ୟତା ଭିତରେ ସଢ଼ିଯାଉଥାଏ । ସେ ବୁଝିପାରୁଥାଏ ଯେ ତା'ର ସେପରି କିଛି ମହତ୍ତର ସମ୍ଭାବନା ଆଉ ନାହିଁ । ସେ କିନ୍ତୁ ସ୍ୱାଭାବିକ ଭାବରେ ଯଥାସମ୍ଭବ ସଫଳତା ଆଶା କରୁଥାଏ । କିଛି ବିଜୟ ଗୌରବ, କିଛି ତୃପ୍ତି ଏବଂ ଆନନ୍ଦ ଆଶା କରୁଥାଏ । ପ୍ରତିସ୍ପର୍ଦ୍ଧା କଲା ଭଳି ସାମର୍ଥ୍ୟ ତା'ର ନଥାଏ; ସେ ବରଂ ପ୍ରତି ମୁହୂର୍ତ୍ତରେ ହାରିଯିବାର ବିଫଳତା ହିଁ ଅନୁଭବ କରୁଥାଏ । ଏଣୁ ସେ ଅସହିଷ୍ଣୁ ହୋଇଉଠେ । ଈର୍ଷା ଅସୂୟାରେ ଜଳି ଜଳି ଅଙ୍ଗାର ହୋଇଯାଏ । ଖୋଜିବୁଲେ ସାପ ପରି କେମିତି କାହାକୁ ଦଂଶନ କରିବ । ମଣିଷଚରିତ୍ରରେ ଏହିଠାରେ ଘୋର ବିପର୍ଯ୍ୟୟ ଦେଖାଦିଏ । ତା'ର ଆତ୍ମାର ପରିସର ସଂକୀର୍ଣ୍ଣ

Digitized by srujanika@gmail.com

ହୋଇଯାଏ । ତାକୁ ସୂର୍ଯ୍ୟ ଦେଖାଯାଏ ମଳିନ; ଚନ୍ଦ୍ର ଦେଖାଯାଏ କଳଙ୍କିତ । ତା' ଆଖି ଉପରେ ଧୂଆଁ ମଡ଼େଇ ହୋଇଯାଏ । ସବୁକିଛି ସୁନ୍ଦର, ଶୋଭନ, ମୂଲ୍ୟ ଲିଭିଯାନ୍ତି । ସେ ନିଜେ କୁତ୍ସିତ ହୋଇଯିବାରୁ ତାକୁ ସବୁ କୁତ୍ସିତ ଦେଖାଯାଏ । ତା' ମୁହଁରୁ ଲିଭିଯାଏ ସତ୍ୟ । ବାକ୍ୟରୁ ଖସିପଡ଼େ ଶାଳୀନତା । ସେ କେବଳ ମିଥ୍ୟାର ବିଷ ଉଦ୍‌ଗାର କରେ । ଅଭଦ୍ର ଅପପ୍ରଚାର କରେ । ସେ ହୋଇଯାଏ ବକ୍ର, ବିକଳାଙ୍ଗ, ବିଷାକ୍ତ । ତା'ର ଏକମାତ୍ର ଉପଭୋଗ ମିଥ୍ୟା । ଏକମାତ୍ର ଆନନ୍ଦ କୁତ୍ସା । ସେଇ ମୁହୂର୍ତ୍ତ ପାଇଁ ଅନ୍ତତଃ ତା'ଠାରୁ ମହତ୍ତର ବ୍ୟକ୍ତିଟିକୁ ପରାସ୍ତ କରିବାର ଆନନ୍ଦ ସେ ଲାଭକରେ । କୋଢ଼ି ଭଳି ସେ ଅହରହ ଖୋଜୁଥାଏ ଅନ୍ୟମାନଙ୍କୁ ରୋଗାକ୍ରାନ୍ତ କରିବାକୁ । ସେଇଥିରେ ତା'ର ଆନନ୍ଦ, ସେଇଥିରେ ତୃପ୍ତି ।ଏ ନିନ୍ଦୁକଟି କିନ୍ତୁ ସ୍ୱାର୍ଥପର ନୁହେଁ । 'ଇଆଗୋ'ର କୌଣସି ସ୍ୱାର୍ଥନାହିଁ । ସେ କେବଳ ଚାହେଁ ଏ ସୁନ୍ଦର ସଂସାରଟି ଭାଙ୍ଗିଯାଉ । ନିଷ୍କଳଙ୍କ 'ଡେସ୍‌ଡିମୋନା' ଗୁଡ଼ିକୁ ତୋଟି ଚିପି ହତ୍ୟା କରାଯାଉ । ପାହାଡ଼ ପରି 'ଅଥେଲ୍ଲୋ' ଗୁଡ଼ିକ ଧୂଳିସାତ୍ ହୋଇଯାନ୍ତୁ । ମଣିଷ ଚରିତ୍ରରୁ ସବୁ ଶୀର୍ଷ ଝଡ଼ିପଡୁ । ପୃଥିବୀ ପରିଣତ ହୋଇଯାଉ ନର୍ଦ୍ଦମାରେ, ଯେଉଁଠି ଗୁଡ଼ିଏ କୀଟ ହିଁ ନିର୍ବିରୋଧ ବସବାସ କରିପାରିବେ । ଯାହାର ମନପ୍ରାଣ ଏପରି ରୁଗ୍‌ଣ, ଯାହାର ଦିଗ୍‌ବଳୟରୁ ଆଲୋକ ଲିଭିଯାଇଛି, ସେଭଳି କ୍ଲୀବ ପ୍ରାଣୀଟିକୁ ବରଂ ଦୟା କରାଯାଉ । ତା'ର ଦଂଶନ ସତ୍ତ୍ୱେ ତାକୁ କ୍ଷମା ଦିଆଯାଉ । ସେ ଆକାଶକୁ ଛେପରେ ପୋତିପକାଇବାକୁ ଯାଇ ପରିଶେଷରେ ନିଜ ଛେପର କବରରେ ଶୋଇଯାଏ । ତା'ର ଶେଷ ପର୍ଯ୍ୟନ୍ତ ବିଶ୍ୱାସ ଥାଏ ଯେ ସେ ଆକାଶକୁ ପରାସ୍ତ କରିଛି । ତାକୁ ସେ ସ୍ୱପ୍ନରୁ ଜାଗ୍ରତ କରାନଯାଉ; ବରଂ ସେ ବିଡ଼ମ୍ବିତ ବାମନ ପାଇଁ କିଛି ସମବେତ ପ୍ରାର୍ଥନା କରାଯାଉ ।

ଭୟଙ୍କର ଘୃଣା ନକଲେ ଜଣେ ନିନ୍ଦା କରିବାକୁ ହୁଏତ ଇଚ୍ଛା କରିବ ନାହିଁ ଏବଂ ଘୃଣା କରିବା ଗୋଟିଏ ପ୍ରକାର ଦହନର ପୀଡ଼ା । ସେଥିରେ ଅନେକ ଉତ୍ତାପ ସୃଷ୍ଟି ହୁଏ । ପ୍ରେମରେ ମଧ ସେହିପରି ଉତ୍ତାପ ସୃଷ୍ଟି ହୁଏ; କିନ୍ତୁ ନିନ୍ଦାପବାଦ ଏକ ବିଳାସ । ସେଥିରେ ସତ୍ୟର ଯଥେଚ୍ଛା ଅପଳାପ ହେଉଥିବାରୁ, ମନଇଚ୍ଛା ଅତିରଞ୍ଜନ ଅବକାଶ ଥିବାରୁ ନିନ୍ଦୁକ ସେଥିରୁ ପ୍ରଚୁର ତୃପ୍ତି ଲାଭକରେ । ଯେତେବଡ଼ ବ୍ୟକ୍ତି ବା ଅନୁଷ୍ଠାନ ହୋଇଥାଉ ପଛକେ, ତା'କୁ ଗୋଟାଏ ମୁହୂର୍ତ୍ତରେ ହେୟଜ୍ଞାନ କରି ତାକୁ ଦି' କଡ଼ାର କରିଦେବା ପାଇଁ ନିନ୍ଦୁକ ସମର୍ଥ । ଏଣୁ ମିଛ କହିବା ପାଇଁ ତା'ର କୁଣ୍ଠା ନାହିଁ । ସେଥିରେ ସେ ବିଜୟର ଗର୍ବ ଏବଂ ଉଲ୍ଲାସ ଲାଭ କରେ । ତା' ଭଳି ଅତି କ୍ଷୁଦ୍ର ମଣିଷଟିଏ ତା'ଅପେକ୍ଷା ଢେର୍ ବଡ଼ । ବ୍ୟକ୍ତିଟିକୁ ଏତେ ସହଜରେ ପରାଭୂତ କରିବା କିଛି କମ୍ କଥା ନୁହେଁ । ପାଞ୍ଚଜଣ ସମଗୋତ୍ରୀଙ୍କୁ ସେଇ ଗୋଟିଏ ଏକାନ୍ତ ଆସରରେ ଆରମ୍ଭ କରେ---"ଆହେ ଶୁଣିଲଣି, ତୁମର ସେ ଯେଉଁ ବଡ଼ଲୋକ !---ଆଜି ସେ ଠେକିଏ ମଦ ପିଇବାର ଜଣାଗଲା । ମୋର ଖୋଦ୍ ମଉସା ହାଟରୁ ଶୁଣି ଆସି କହୁଥିଲେ । ମୁଁ ଜାଣେ ପରା, ସବୁ ଶଳେ ସେମିତି ! ତୁମର ଯେତେ ଯେତେ ସାଧୁପୁରୁଷ ସମସ୍ତେ ଭଣ୍ଡ । ସେ ଯେଉଁ ତୁମର ବିବେକାନନ୍ଦ ଆଉ ସେ ଅରବିନ୍ଦ, ଯେତେ ସବୁ ସାନବାବା, ବଡ଼ବାବା, ମଝିଆଁବାବା---ସମସ୍ତେ ଗୋଟିଏ ଗୋଟିଏ ମାତାଙ୍କୁ ଦେଖେଇ ଲୁଚେଇ ରଖିଥିଲେ । ତୁମର ସେ ମହାତ୍ମା ଗାନ୍ଧୀ, ସେ ପରା ପକ୍କା

Digitized by srujanika@gmail.com

ଗୁଜୁରାଟୀ ବଣିଆ ! କଣ ସୁବିଧା ଦେଖି ଦେଶଟାକୁ ଦେଲା ବିଗାଡ଼ି ।... ଆଉ ଏତେ ଯେତେ ସବୁ ଏମାନେ---ସମସ୍ତେ କିଏ ଖଣ୍ଡ ତ କିଏ ଚୋର । ସଚ୍ଚୋଟ ଲୋକଙ୍କର ପରା କେତେବେଳେ ସ୍ଥାନ ନାହିଁ---ନ ହେଲେ କ'ଣ କିରାଣୀରୁ ଘୁଷୁରି ଘୁଷୁରି ମୁଁ ଏଯାଏଁ ମାଡ଼ିଆସିଥାନ୍ତି ?" କିମ୍ବା କହିପାରେ---"ସେ ଯେଉଁ ଲୋକ ତୁମର ସ୍କୁଲ କରିଦେବ ବୋଲି କହୁଛି, ତୁମେ ତା' ଭିତର କଥା କ'ଣ କିଛି ଜାଣିଲଣି ? ସେ ହେଲା ପୁରୁଣା ଚୋର । ପକ୍କା କଳାବଜାରୀ । ତା'ର ବ୍ୟବସାୟ ନଥାଉ, ଲୁଚାଚୋରା ସବୁ ଚାଲୁଥିବ । ତା' ନିଜର ସ୍ୱାର୍ଥ ନ ଥିଲେ ସେ କଣ ତୁଚ୍ଛାରେ ତୁମ ପାଇଁ ଦେଶସେବା କରୁଛି ! ମୁଁ ପରା ନିଜେ ଜାଣିଛି, ସେ ପଇସା ଖାଏ । ସେ ଯାହା ସବୁ ନିଏ, ସେଥିରୁ ତୁମକୁ ଦିଏ । ସେ ଗୋଟିଏ ପେଶାଦାରୀ ବକ୍ତା । ଯାହା କହେ ସବୁ ଗୁଡ଼ାକ କଞ୍ଚା ମିଛ । ମୁଁ ପ୍ରମାଣ କରିଦେବି ସବୁ ମିଛ । ସେ କଣ କିଛି ଜାଣେ ? ସେଥିରେ ତୁମେମାନେ କାହିଁକି ତୁଚ୍ଛାଟାରେ ମାତିଛ । ବନ୍ଦ କର ।"

ଆମର ସ୍କୁଲ ଦର୍କାର ନାହିଁ । ସେହିପରି ଯେତେ ସବୁ ଉନ୍ନୟନ ଯୋଜନା, ଯେତେ କିଛି ନୂଆ ପରିକଳ୍ପନା, ସବୁ ସେ ଭୁସୁଡ଼େଇଦିଏ । ତଳେ ଗୋଟିଏ ଲେଖା ବୋମା ଖଞ୍ଜିଦେବାରୁ ସବୁ ସହଯୋଗ, ସମସ୍ତ ଉତ୍ସାହ ହୁଗୁଳା ହୋଇଯାଏ । ସେଥିରେ ତା'ର ପରମ ଆନନ୍ଦ ଏବଂ ତା'ପରେ ଅନେକ ଦିନ ଧରି ସେ ବିଷୟରେ ବାହାଦୁରୀ ନେବା ମଧ ତା' ଜୀବନର ଚରମ ସଫଳତା ।

ଏମାନେ ଅଦ୍ଭୁତ ଭାବରେ କଳ୍ପନା-ବିଳାସୀ । ସେଥିପାଇଁ ଉପଯୁକ୍ତ ପରିବେଶ ମଧ ସେମାନେ ସୃଷ୍ଟି କରିଥାନ୍ତି । କୁତ୍ସା-ପରିଷଦର ଆନୁଷ୍ଠାନିକ ବୈଠକ ସକାଶେ ରାତ୍ରିର ପ୍ରଥମ ପ୍ରହର ହିଁ ଅତି ପ୍ରଶସ୍ତ । ସ୍ଥାନଟି ସେମାନଙ୍କ ଭିତରୁ ଯେ କୌଣସି ଜଣକର ନିଭୃତ କକ୍ଷଟିଏ ହେଲେ ଆଉରି ଉତ୍ତମ । ଆଶ୍ଚର୍ଯ୍ୟ କଥା ଯେ ନିନ୍ଦୁକମାନେ ଅତି ଉଚ୍ଚକୋଟୀର ସ୍ତାବକ ମଧ । ସେମାନେ ପରସ୍ପରକୁ ପ୍ରଥମେ କିଛି କିଛି ଭାଟବନ୍ଦନା ଶୁଣାନ୍ତି । ସେଥିରେ ସେମାନଙ୍କର ବାମନ-ବ୍ୟକ୍ତିତ୍ୱ ଫୁଲିବାକୁ ଆରମ୍ଭ କରେ । ଅଳ୍ପ ସମୟ ଏହିପରି ଉପଚାର ପରେ ସେମାନେ ଏକେ ଏକେ ଗୋଟିଏ ଗୋଟିଏ ଅସାଧାରଣ ମାନବର ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ତୁଳସୀ ପରି ଶୁଦ୍ଧ---ନେପୋଲିୟନ୍ ପରି ବୀର---ବ୍ୟାସପରି ବିଜ୍ଞ---ସିଂହ ପରି ସାହସୀ---ଏହିପରି ସ୍ୱାଭିମାନରେ ଧରାକୁ ସରାଜ୍ଞାନ କରିବାର ମନୋଭାବ ସ୍ୱତଃ ଆସିଯାଏ । ତା'ପରେ ମିଥ୍ୟାର ପେଡ଼ିଟିକୁ ଫିଟେଇ ଦିଆଯାଏ ଏବଂ ମଝିରେ କୌଣସି ତଥାକଥିତ ମହତ୍ତର ଚରିତ୍ରଟିକୁ ରଖି ପୂର୍ଣ୍ଣ ବୀରତ୍ୱର ସହିତ ବିଭିନ୍ନ ଅସ୍ତ୍ରଦ୍ୱାରା ତାକୁ ଆଘାତ କରାଯାଏ । ଯେ ସବୁଠାରୁ ଅଧିକ ଆବେଗର ସହିତ, ସ୍ୱରରେ ସବୁଠାରୁ ଅଧିକ ବିଶ୍ୱାସ ରଖି ଅତି ପ୍ରାଞ୍ଜଳଭାବରେ ମିଛ କହିପାରିଲା, ସେ ସେହି ସନ୍ଧ୍ୟାର ପ୍ରଧାନ ନାୟକ । କରତାଳି, କରମର୍ଦ୍ଦନ ଏବଂ ଜୟଜୟକାର ଭିତରେ ଅନ୍ୟମାନେ ତା'ର ସ୍ଥାପତ୍ୟଟିକୁ ବିଭିନ୍ନ ଦିଗରୁ କିଛି କିଛି ମଣ୍ଡନ କରିଦିଅନ୍ତି । ସେ ସ୍ମିତମୁଖରେ କୌଣସି ଯୁଦ୍ଧର ବିଜେତା ପରି ବସିରହେ । ସମସ୍ତେ ମିଶି କଳ୍ପନା କରନ୍ତି ଯେ ପୁଞ୍ଜାଏ ବାଘୁଆ ବିରାଡ଼ିଙ୍କ ମଝିରେ ଚକ୍ରାନ୍ତ ମୂଷାଟିଏ ପରି ସେ ବଡ଼ଲୋକଟି ଛଟପଟ ହେଉଛି । ତାଙ୍କୁ ସେଥିରୁ ପ୍ରଭୁତ ଆନନ୍ଦ ମିଳେ ।

Digitized by srujanika@gmail.com

ସେଇଠୁ ସେମାନେ ସେ'ଭଳି ବିଜୟ ଉତ୍ସବ ପାଳନ କରନ୍ତି । ସେମାନଙ୍କର ପ୍ରାୟ କିଛି କିଛି ନିଶାସେବନର ଅଭ୍ୟାସ ଥାଏ । କିଛି ଦେଶୀ କିମ୍ୱା ବିଦେଶୀ ପାନୀୟ ନ ମିଳିଲେ ଅନ୍ତତଃ ଦୁଇ ତିନି 'କଲି' ଗଞ୍ଜେଇରେ ବି ତଳେଇ ନିଆହୁଏ । ତେଣିକି ବୀରତ୍ୱ ପ୍ରକାଶ କରିବାକୁ ସେମାନେ ଘୋର ଅଶ୍ଳୀଳ ଶବ୍ଦ ପ୍ରୟୋଗ କରନ୍ତି ଏବଂ ଆସ୍ତେ ଓହ୍ଲେଇଯାଆନ୍ତି ନିରାବରଣ ଯୌନଚର୍ଚ୍ଚା ଭିତରକୁ । ଅନେକ ଦ୍ରୌପଦୀ ସେଥିରେ ନିର୍ବିଚାର ବିବସ୍ତ୍ରା ହୁଅନ୍ତି । ବହୁ ମାନବୀୟ ମହିଳାଙ୍କର ଯୌଥ-ସମ୍ଭୋଗ ଅତି ବିଶଦ ଭାବରେ ସଂଘଟିତ ହୁଏ । ରାତି ଆଗେଇ ଗଲେ ଖୁବ୍ ଉତ୍ତେଜିତ ଅବସ୍ଥାରେ, କିନ୍ତୁ ଅନେକ ପରିତୃପ୍ତି ନେଇ, ସେମାନେ ଗୁମ୍ଫାରୁ ନିର୍ଗତ ହୁଅନ୍ତି । ବିଷ ଚଢ଼ି ରହିଥାଏ ସେମାନଙ୍କର ଚୂଳ ପର୍ଯ୍ୟନ୍ତ ।

ଦିବାଲୋକରେ ସେମାନେ ପୁଣି କ୍ଷୁଦ୍ର ହୋଇଯାନ୍ତି । ସମସ୍ତେ ଲୁଚେଇ ନିଅନ୍ତି ସେମାନଙ୍କର ନଖ ଏବଂ ଦାନ୍ତ । କିନ୍ତୁ ବେଳ ସଙ୍ଗ ଉଣ୍ଡି ପରିଷଦର ପ୍ରଚାର କାର୍ଯ୍ୟ ମଧ୍ୟ କିଛି କରିନିଅନ୍ତି । ଧରାଯାଉ କୌଣସି ଛକ ଉପରେ ପାଞ୍ଚ ଜଣ ମିଶି ସେଇଦିନ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା କୌଣସି ନଦୀବନ୍ଧ ଯୋଜନା ବିଷୟ ଚର୍ଚ୍ଚା କରୁଛନ୍ତି । ଆସନ୍ତା ବର୍ଷ ଖରାଦିନେ ପାଣିର ଅଭାବ କିପରି ମେଣ୍ଟିଯିବ ଏବଂ ସେମାନେ ବଞ୍ଚିଯିବେ---ଏଇ ଚିନ୍ତାରେ ବିଭୋର ଅଛନ୍ତି । ସେମାନଙ୍କ ଭିତରେ କିଛି ସମୟ ରହି, ସେମାନଙ୍କର ହାଓ୍ୱା ବାରିସାରିଲା ପରେ, ନିନ୍ଦୁକଶିରୋମଣି ଅଚ୍ଛକରି ଅତି ରହସ୍ୟଜନକ ଭାବରେ ହସିଦିଅନ୍ତି । ସେଥିରେ ସୂଚନା ମିଳିଯାଏ ଯେ ସେ କିପରି ଅନ୍ୟମାନଙ୍କ ଅବୋଧ ସରଳତା ପାଇଁ ତାଙ୍କୁ ଦୟା କରୁଛନ୍ତି । କିପରି ସେ ଅନେକ ଅଜ୍ଞାତ ତଥ୍ୟ ସବୁ ଜାଣିଛନ୍ତି, କିପରି ସେ ଅତି ଭଦ୍ର ହୋଇଥିବାରୁ ସେମାନଙ୍କୁ ତାଙ୍କର ଅଳୀକ ସ୍ୱପ୍ନରେ ବାଧା ଦେବାକୁ ମଧ୍ୟ କୁଣ୍ଠିତ, ଇତ୍ୟାଦି । ଏତିକିରେ ସେ ସେଇ ଚର୍ଚ୍ଚା ମଣ୍ଡଳୀର କେନ୍ଦ୍ରକୁ ଚାଲିଆସନ୍ତି । ହସଟିକୁ ଦୋହରାଇ ଦିଅନ୍ତି । ଫଳରେ ସମସ୍ତଙ୍କର କୌତୂହଳ ବଢ଼ିଯାଏ । ସବୁଆଡୁ ପ୍ରଶ୍ନ ହୁଏ କଣ, କିଏ, କିପରି ? ସେ ତେଣିକି ସର୍ବଜାଣ ମୁଦ୍ରାରେ କହନ୍ତି, "ଆପଣମାନଙ୍କୁ ନିରୁତ୍ସାହିତ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମୁଁ କିନ୍ତୁ ଆପଣଙ୍କର ଏ ଯୋଜନା ବିଷୟରେ ଭିନ୍ନ ରକମ ଶୁଣିଛି ।" ଅଳ୍ପ ରହି କୌତୂହଳକୁ ତେଜିଦେଲା ପରେ ପୁଣି କହନ୍ତି, "ଏଗୁଡ଼ାକ ଆଖ୍ଖା ସବୁ ଫାର୍ସ ଚାଲିଛି । ଏମିତି କେତେ କଥା କୁହାଯାଉଛି; ଖାଲି ମିଛ । ଏତିକି ଟିକିଏ ଚଖେଇଦେଲେ ଆପଣମାନେ ତ ତୁନିପଡ଼ିଯିବେ କିଛି ଦିନ ପାଇଁ । ମୁଁ ଆଖ୍ଖା ଏ ସମସ୍ତଙ୍କୁ ଜାଣେ । ସେ ଇଞ୍ଜିନିଅର, ସେ କଣ୍ଟ୍ରାକ୍ଟର, ସମସ୍ତଙ୍କ ପାଖରେ ମୋ ଲୋକ କାମ କରୁଛନ୍ତି । ମୁଁ ସବୁ ଭିତିରି ଖବର ଜାଣେ । ସବୁ ଖାଲି ଠକ । ଅମୁକ ଜାଗାରେ ସମୁକ ଜାଗାରେ ସେ ଲୋକ ପରା---ଏମିତିକି ସେମିତି କରିଥିଲା ।"...ଏଗୁଡ଼ାକ ପ୍ରାୟ ଅକଥ୍ୟ ହୋଇଥିବାରୁ ଏବଂ ତାହା ମିଛ ହୋଇଥିବାରୁ ଦୃଷ୍ଟାନ୍ତ ପାଇଁ ମଧ୍ୟ କେବଳ ଠାର ବ୍ୟବହାର କରିବାକୁ ବାଧ୍ୟ । ସେଇ ଧାରାରେ ଆମୂଳଚୂଳ ଯେତେ ଉଦାର ଶାସକ ଏବଂ ସଚ୍ଚୋଟ କର୍ମୀ ସେ ଯୋଜନାରେ ସଂପୃକ୍ତ, ସମସ୍ତଙ୍କ ଉପରେ ଆଲ୍‌କାତରାର ଗୋଟିଏ ପ୍ରଲେପ ଲଗେଇ ଦେଇ କେତେବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ସେ ଖସି ପଳାଏ । ସମସ୍ତଙ୍କ ଧ୍ୟାନ ଭିତରେ ନଦୀବନ୍ଧଗୁଡ଼ାକ ଫାଟିଯାଏ । ତାକୁ ଯୋଡ଼ିବା ଏକ ଅସମ୍ଭବ ବ୍ୟାପାର ।

Digitized by srujanika@gmail.com

କିନ୍ତୁ ଏମାନଙ୍କୁ ଆପଣମାନେ ହିଁ ଆବାହନ କରନ୍ତି, ଫୁଟିଲାଫୁଲରେ ଲାଗିଥିବା ପ୍ରଲୁବ୍ଧ କୀଟ ପରି । ଏମାନେ ଯେ କୌଣସି ବର୍ଦ୍ଧିଷ୍ଣୁ ବ୍ୟକ୍ତିତ୍ୱକୁ ବେଢ଼ିଯାଆନ୍ତି । ଏମାନେ ନିଜ ବକ୍ରତା ଅନୁପାତରେ ତା'ର ପାଖୁଡ଼ାଗୁଡ଼ିକୁ ଖାଇଯାଆନ୍ତି । ଏଣୁ ପ୍ରତ୍ୟେକ କୁତ୍ସା ସେଇ ନିନ୍ଦୁକଟିର ହିଁ ପରିମାପକ । ସେ ନିଜ ସ୍ଥିତିରେ ଥାଇ ଆପଣଙ୍କୁ କଳନା କରେ । ଯେଉଁ ଯେଉଁ ବିଭାଗରେ ଆପଣ ଅତି ଉଜ୍ଜ୍ୱଳ ଦେଖାଯାନ୍ତି, ଏ ଅନ୍ଧକାରର ଜୀବ ତାକୁ ହାଣିବାକୁ ଚେଷ୍ଟା କରେ । ସେଇ ଅନୁପାତରେ ଏବଂ ତାକୁ ପ୍ରତିହତ କଲା ଭଳି ମିଥ୍ୟାଟିଏ ସୃଷ୍ଟିକରେ । ଆପଣ ଯଦି ସଚ୍ଚୋଟ, ଆପଣଙ୍କୁ କହେ ଲାଞ୍ଜୁଆ; ଆପଣ ଯଦି ନୀତିବାଦୀ ଏବଂ ସଚ୍ଚରିତ୍ର, ଆପଣଙ୍କୁ କହେ ମିଛୁଆ ଏବଂ ଲମ୍ପଟ । ଯଦି ଆପଣ ପ୍ରଶାସନ ଏବଂ ଶୃଙ୍ଖଳାର ପକ୍ଷପାତୀ, ଆପଣଙ୍କୁ କହେ ଖୋସାମତିଆ ଚାମ୍‌ଚା । ଆପଣ ଯଦି ଦାୟିତ୍ୱବାନ୍ ସଚିବ, ଆପଣଙ୍କୁ କହେ କିରାଣୀ । ଯଦି ସୁବକ୍ତା, ତେବେ କହେ ଭଡ଼ାଟିଆ । ଯଦି ସୁଲେଖକ, ତେବେ କହେ କପି କରନ୍ତି । ବେଳେବେଳେ ଆପଣଙ୍କ ପରିବାର ଉପରକୁ ମଧ୍ୟ ତାର ବିଷ ଚହଟିଯାଏ । ଆପଣ ଉଦାର ହୋଇଥିବାରୁ ଏ ସବୁ ଶୁଣି ଆହତ ହୋଇଥିଲେ ମଧ୍ୟ କହିଥାନ୍ତି--- "ହଅ, କହୁଥାଉ ଚଣ୍ଡାଳ ! ହାତୀ ଚାଲୁଥାଏ, କୁକୁର ଭୁକୁଥାଏ ।" କିନ୍ତୁ ଏ ସମାଜରେ ଆପଣଙ୍କୁ କେହି ଦେଖନ୍ତିନାହିଁ; ଅଥଚ ସେ କୁକୁରର ଭୁକିବା ହିଁ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରେ । ଆପଣ ହଠାତ୍ ଦିନେ ଆବିଷ୍କାର କରନ୍ତି ଯେ---ଗୁଡ଼ିଏ ସରଳ ବିଶ୍ୱାସୀ ଲୋକ, ଯେଉଁମାନେ ପ୍ରାୟ କୌଣସି ବିଷୟରେ କିଛି ଜାଣନ୍ତିନାହିଁ, ଆପଣଙ୍କୁ କେମିତି ଗୋଟିଏ ଭିନ୍ନ ଢଙ୍ଗରେ ଚାହିଁଲେଣି । ଅଳ୍ପ ଅଳ୍ପ ହସିଲେଣି । ଫିସ୍ ଫିସ୍ କଥା କହିଲେଣି । ଆପଣଙ୍କ ଅଜାଣତରେ ଆପଣ ନିଜେ କେମିତି ବିସ୍ମିତ, ବିଡ଼ମ୍ବିତ, ଅପମାନିତ ବୋଧକଲେଣି । ଆପଣଙ୍କ କାମରେ ଏବଂ କଥାରେ କେମିତି ଗୋଟାଏ ଅସ୍ୱାଭାବିକତା ଆସିଗଲାଣି । ଆପଣ ନିଜେ ଆଉ ଖୋଳଅଣା ନ ରହି ଖସିଆସିଲେଣି । ଏଇ ଅବସ୍ଥାରେ ଆଉ ଦୁଇଗୁଣ ଜୋର୍‌ରେ ନିନ୍ଦୁକ-ପରିଷଦ ଆପଣଙ୍କୁ ଆଘାତକରେ । ଅପପ୍ରଚାର, କୁତ୍ସାର ସ୍ୱର ବହୁଗୁଣିତ ହୋଇଯାଏ । ଆପଣ କେବଳ 'ହାଁ' କରି ଅନେଇଥାନ୍ତି । ଆକାଶକୁ ଚାହିଁ ଅଭିମାନରେ ଭାଙ୍ଗିପଡୁଥାନ୍ତି । ସତ୍ୟ-ଧର୍ମ-ନ୍ୟାୟରେ ଏତେ କାମ କରି କଣ ତା'ର ପ୍ରତିଦାନରେ ଏହାହିଁ ମିଳିବ ? ଆହୁରି ବିଷ ପ୍ରୟୋଗ ହୁଏ । ଆପଣଙ୍କ ବିପୁଳ ବ୍ୟକ୍ତିତ୍ୱ ଟଳିବାକୁ ଆରମ୍ଭକରେ । ତା'ପରେ ସେମାନେ ଶେଷ ପ୍ରହାର ପାଇଁ ଉଦ୍ୟତଦନ୍ତ ହୋଇ ସଜ ହୋଇଥାନ୍ତି । ଓଃ, ପ୍ରଭୁ ଆପଣଙ୍କୁ ରକ୍ଷାକରନ୍ତୁ । ସାଧୁମାନଙ୍କୁ ପରିତ୍ରାଣ କରନ୍ତୁ । ଏହିପରି ଯୁଗେ ଯୁଗେ ମହାତ୍ମାଟିକୁ ହତ୍ୟା କରାନଯାଉ । ସାଧୁରକ୍ତରେ ପୃଥିବୀ ଲାଞ୍ଛିତା ନ ହେଉ ।

ହାଁ-ହାଁ, ଟିକିଏ ରହିଯାନ୍ତୁ । ତାକୁ ନିର୍ବିଚାର ହତ୍ୟାକରିବା ପାଇଁ ଆପଣଙ୍କ ଉତ୍ୟକ୍ତ କ୍ରୋଧ ଅତି ସ୍ୱାଭାବିକ । ଆପଣଙ୍କ ପାଖରେ ମୁଁ ସେ ହତଭାଗା ପାଇଁ ଓକିଲାତି ମଧ୍ୟ କରୁନାହିଁ । ଆଉ ମଧ କହୁନାହିଁ ଯେ ଏ ଅହିଂସ୍ର ଦେଶରେ ସେ ନାଥୁରାମଟିକୁ କଦାପି କ୍ଷମା ଦିଆଯାଉ । ବ୍ୟକ୍ତି ଏବଂ ଜାତିର ଚରିତ୍ର ସଂହାର କରୁଥିବା ସେ ଘାତକ ପାଇଁ କଣ ବା ସଫେଇ ଦିଆଯାଇପାରେ ? ତା'ଘରେ ହୁଏତ ଦୁରାରୋଗ୍ୟ ଦୁଷ୍ଟ ବ୍ୟାଧି ବ୍ୟାପିରହିଛି । ତା' ବାପ ହୁଏତ ମଦ୍ୟପ ଏବଂ ଜୁଆଡ଼ି । ତା' ମା' ହୁଏତ ବାୟାଣୀ, ତା' ପତ୍ନୀ ହୁଏତ କୁଳଟା, ତାର ସନ୍ତାନଗୁଡ଼ିକ ଜାରଜ ।

Digitized by srujanika@gmail.com

ଏବଂ ସମସ୍ତ ବିଷ ଆକଣ୍ଠ ଧାରଣକରି ସେ କଣ ଆପଣଙ୍କୁ ଦଂଶନ ନ କରି ଛାଡ଼ିଦେବ ? ଆପଣ କହନ୍ତି, ତା'ହେଲେ ତ ତାକୁ ତତ୍କ୍ଷଣାତ୍ ସଂହାର କରିବା ପାଇଁ ଆଉରି ଯଥାର୍ଥତା ରହିଛି ! ତଥାପି କ୍ରୋଧ ସମ୍ବରଣ କରନ୍ତୁ । ଆପଣ କାହାକୁ ମାରିବାକୁ ଯାଉଛନ୍ତି ? ସେ ପରା ଆପଣଙ୍କ ପଡ଼ୋଶୀ ! ଆପଣଙ୍କ ଦପ୍ତରର ଦ୍ୱିତୀୟ ବ୍ୟକ୍ତି ! ସେ ପରା ସାରା ବଜାରରେ ବିଛେଇ ହୋଇ ରହିଛି । ତାକୁ ଆପଣ ମାରିବାକୁ ଯାଇ ହିରୋସିମାରେ ବୋମା ପକେଇଦେବେ କି ? ମନେରଖନ୍ତୁ, ସେ ନିଶ୍ଚୟ ଖସିଯିବ । ଏଣୁ ଖଣ୍ଡା ରଖିଦେଇ ବରଂ ଜାଲଟିଏ ଧରନ୍ତୁ । ପ୍ରଥମେ ତାକୁ ଛାଣି ଯନ୍ତ୍ର ସହିତ ଅଲଗା କରିବାକୁ ପଡ଼ିବ । ଏ କାମରୂପୀକୁ ଧରିବା ସେତେ ସହଜ ନୁହେଁ । ତଥାପି ଆପଣଙ୍କ ଉଦ୍ୟମ ସଫଳ ହେଉ । ତାକୁ କେବେ ଧରିପାରିଲେ ଟିକିଏ ସୁଯୋଗ ଦେବେ--ସେ ହତଭାଗାକୁ ଥରେ ମୁହାଁମୁହିଁ ଦେଖିବା ।

❖❖❖

Digitized by srujanika@gmail.com

ଫାଶ ଫିଟିଗଲା

ଗଭୀର ଅରଣ୍ୟ ଭିତରେ ଥରେ ଗୋଟାଏ ଦନ୍ତାହାତୀର ବିକଳ ଆର୍ତ୍ତନାଦ ଶୁଣାଗଲା । ରାତିସାରା ସେପାଖ ଗାଁଲୋକ ଆଉ ଶୋଇପାରିନାହାନ୍ତି । ସେଇ ଭୟାର୍ତ୍ତ, ବେଦନାର୍ତ୍ତ ରାତିଟି କଟିଗଲା ପରେ ସେଠାକାର ବାଣୁଆ ଏବଂ ସାହସୀ ତରୁଣମାନେ ସେଠି ପହଞ୍ଚିଯାହା ଦେଖିଲେ, ସେଥିରେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଏଡ଼େ ବଡ଼ ହାତୀ ବୋଧହୁଏ ସେମାନେ ଆଗରୁ ଦେଖିନଥିଲେ ଏବଂ ଏତେ ବଡ଼ ସାପ ମଧ ଦେଖିନଥିଲେ । ପ୍ରକାଣ୍ଡ ବଟଓହଳ ପରି ଗୋଟାଏ ଅଜଗର ହାତୀର ଚାରୋଟିଯାକ ଗୋଡ଼କୁ ଏକାଠି ବାନ୍ଧି ପାକଳ କାଟୁଥାଏ । ହାତୀ ଅତି ଅସହାୟ ଭାବରେ ତଳେ ପଡ଼ି ବୋବାଳି ଛାଡୁଥାଏ କେବଳ । ଥୋକେ ସହି ନପାରି ବାହାରିପଡ଼ିଲେ ଫାର୍ଶା ଧରି ସାପଟାକୁ ହାଣିଦେବେ; ଅରଣ୍ୟର ମଉଡ଼ମଣି ସେ ଗଜରାଜଟିକୁ ମୁକ୍ତି ପ୍ରଦାନ କରିବେ । ଆଉ ଥୋକେ ବିଚାରିଲେ ଯେ, ସେମିତି ଅଖଣ୍ଡରେ ହାତୀ ପଡ଼ିଥିଲାବେଳେ ତା' ତଣ୍ଟିକାଟି ତାକୁ ହତ୍ୟା କରିପକାଇବେ । କିନ୍ତୁ ଏତିକିବେଳେ ଦେଖାଗଲା ଯେ ବାଣୁଆ ଟା ଟୋପିଦାର ବନ୍ଧୁକ ସଜାଡୁଛି । ଏଣୁ ସମସ୍ତେ ତାକୁ ଅପେକ୍ଷା କଲେ । ସେ ବନ୍ଧୁକ ଟେକି ହାତୀର ଯଥାସମ୍ଭବ ପାଖକୁ ଗଲା, କିନ୍ତୁ ଶୂନ୍ୟକୁ ଲାଖକରି ବନ୍ଧୁକ ଲାଛିଦେଲା । ପ୍ରଚଣ୍ଡ ଶବ୍ଦରେ ସମସ୍ତେ ଚମକିପଡ଼ିଲେ ଏବଂ ଦେଖାଗଲା ଯେ, ତୂର୍ଯ୍ୟନାଦ କରି ହାତୀଟି ପରମ ଉଲ୍ଲାସରେ ପଳାସିଯାଉଛି ଏବଂ ସେ ବିରାଟ ଅଜଗରଟି ଖଣ୍ଡ ଖଣ୍ଡ ହୋଇ ଛିଣ୍ଡିଯାଇଛି । ସେ ତା'ର ସମସ୍ତ ଶକ୍ତି ନେଇ ଥରେ ଚମକିପଡ଼ିଲେ ଯେ ତା'ର ଦୁର୍ଜୟ ନାଗଫାଶ ଛିଣ୍ଡିଯିବ ଏକଥା ସେ ଦନ୍ତାକୁ ଆଦୌ ଜଣାନଥିଲା ।

ଆମ ଦେଶରେ କିଛି ଦିନ ହେବ ଏହି ବିମୁକ୍ତ ଦନ୍ତାହାତୀ ପରିରେଳଗାଡ଼ିଗୁଡ଼ିକ ନିର୍ଦ୍ୱନ୍ଦ୍ୱରେ ପଳାସିଯାଉଛନ୍ତି । ତାଙ୍କର ଗତିରୋଧକରି ତାଙ୍କୁ ବାନ୍ଧି ରଖିବାର ଅଦୃଶ୍ୟ ଅଜଗରଗୁଡ଼ିକ ଛିଣ୍ଡିପଡୁଛନ୍ତି । ସେହିପରି ଛିଣ୍ଡିପଡୁଛନ୍ତି ସର୍ପଜାତୀୟ ସବୁ ପ୍ରାଣୀ ଯେଉଁମାନେ ଦେଶଟିକୁ ବିଷବିଦଗ୍ଧ କରୁଥିଲେ । ତାକୁ ଅଣାୟତ୍ତ ଅସହାୟ ବାନ୍ଧିପକାଇ ତା'ର ଜୀବନ ସଂହାର କରୁଥିଲେ । ସେମାନଙ୍କର ଅନାଚାର ହେତୁ ନୀତି-ନିୟମ, ଶୃଙ୍ଖଳା ଏପରି ଭାବରେ ବ୍ୟାହତ ହେଉଥିଲା ଯେ ଘୋର ଧର୍ମଗ୍ଲାନିରେ ଆତ୍ମବିଶ୍ୱାସ ତୁଟିଆସୁଥିଲା । ସରିଆସୁଥିଲା ଆଶା, ପରିକଳ୍ପନା ଏବଂ ବଞ୍ଚିବାର ନିମ୍ନତମ ନିବିଡ଼ ପ୍ରୟାସ । ବରଂ ନୈରାଶ୍ୟ ଏବଂ ଅସହାୟତାର ବିମୂଢ଼ ମ୍ରିୟମାଣ ସ୍ୱର ଶୁଣାଯାଉଥିଲା---ନା, ଏ ଦେଶରେ ଆଉ କିଛି ହୋଇ ପାରିବ ନାହିଁ । ଅର୍ଥାତ୍ ଛାଡ଼ିଦିଅ, ଏ ଆଉ ବଞ୍ଚିବାର ନୁହେଁ । କିନ୍ତୁ

Digitized by srujanika@gmail.com

ବାୟୁଶୂନ୍ୟତା ବାୟୁକୁ ଆମନ୍ତ୍ରଣ କଲା ପରି ଧର୍ମଶୂନ୍ୟତା ଧର୍ମକୁ ଆବାହନ କରେ । ଗୋଟାଏ ମୁହୂର୍ତ୍ତର ଆହ୍ୱାନରେ ଫିଟିପଡ଼ିଲା ଦେଶବ୍ୟାପୀ ତତ୍ପରତା । ଚମକିପଡ଼ିଲା ଦେଶ ନୂତନ ଚେତନାର ଅପ୍ରତ୍ୟାଶିତ ଆଲୋକ ଦିଗ୍‌ବଳୟକୁ । ପ୍ରତ୍ୟେକ ବ୍ୟକ୍ତି ଆବିଷ୍କାର କଲା ପରେ ତା'ର ପ୍ରଚ୍ଛନ୍ନଶକ୍ତି, ତାର ନିର୍ଦ୍ଦିଷ୍ଟ ଧର୍ମ, ସାମୂହିକ ଜୀବନରେ ଅକସ୍ମାତ୍ ଆସିଗଲା ଗୋଟାଏ ସାବଲୀଳ ଛନ୍ଦ । ଦେଶର ନାଡ଼ୀ, ଗ୍ରନ୍ଥି, ଶିରା, ଉପଶିରାଗୁଡ଼ିକ ସ୍ୱଚ୍ଛନ୍ଦ ରକ୍ତପ୍ରବାହରେ ସଂଜୀବିତ ହୋଇଉଠିଲେ । ନାଗଫାଶରୁ ସଦ୍ୟବିମୁକ୍ତ ଏ ଗଜରାଜ ବର୍ତ୍ତମାନ ଆତ୍ମବିଶ୍ୱାସରେ ବିଷ୍ଣମ୍ଭ, ନିଜର ବିପୁଳ ଆୟତନ ଏବଂ ନିଷ୍କଳୁଷ ସତ୍ତାର ଆବିଷ୍କାରରେ ଆତ୍ମବିଭୋର; କିନ୍ତୁ ଘୋର ଦୁଃସ୍ୱପ୍ନରୁ ଉଠି ସତେ ବା ସେ ବିଶ୍ୱାସ କରିପାରୁନାହିଁ ଏ ପଟ୍ଟପରିବର୍ତ୍ତନ । କାହାକୁ ସତେ ବା ଚିହ୍ନିପାରୁନାହିଁ । ଏତେ ଚଞ୍ଚଳ ସବୁ କଣ ରୂପାନ୍ତରିତ ହୋଇଗଲା ? ଏଇଟା ଆଉ ସ୍ୱପ୍ନ ନୁହେଁ ତ ?

ଏଭଳି ବିସ୍ମୟ ସ୍ୱାଭାବିକ । ସେଭଳି ଆଶଙ୍କା ମଧ୍ୟ ସ୍ୱାଭାବିକ । ଖୁବ୍ ଅସରାଏ ବର୍ଷା ପରେ ଦିନେ ଜଣେ ଗାଉଁଲି ବେପାରୀ ତାଙ୍କ ସାଇକେଲଟି ଖୋଜି ପାଇଲେ ନାହିଁ । ବର୍ଷାବେଳେ ଏକାଠି ଆଶ୍ରୟ ନେଇଥିବା ଅନ୍ୟ ସମସ୍ତେ ସେମାନଙ୍କ ସାଇକେଲ ନେଇ ଚାଲିଗଲା ପରେ ମାତ୍ର ଖଣ୍ଡିଏ ଥୁଆହୋଇଥାଏ । ଅନେକ ସନ୍ତର୍ପଣରେ, ଅନେକ ସାହସ ସଂଚୟ କରି ସେ ତାକୁ ଛୁଇଁବାମାତ୍ରେ ଚିହ୍ନିଦେଲେ ଯେ ସେ ଖଣ୍ଡ ତାଙ୍କର । ତା'ର ଜନ୍ମକାଳରୁ ତା'ଉପରେ ଜମିଥିବା ୨୭ବର୍ଷର ଧୂଳି ଏବଂ କାଦୁଅ ହଠାତ୍ ଧୋଇ ହୋଇଯାଇଥିବାରୁ ତାକୁ ଚିହ୍ନିବାରେ ସେ ଏତେ ବିସ୍ମିତ ହୋଇଥିଲେ । ସେଇଭଳି ଆମ ଦେଶର ବିସ୍ମୟ ।... ଏ କଣ ସେଇ ବେପରୁଆ ଅଳସୁଆ ଅଫିସବାବୁ ଯେ ଏମିତି ପ୍ରାଣମୂର୍ଚ୍ଛା ଧାଇଁଛନ୍ତି ଠିକ୍ ସମୟରେ ହାଜିରା ଦେବାକୁ ? ରାସ୍ତାରେ ହାତକଡ଼ି ପିନ୍ଧି ପାଦଗାମୀ ହୋଇ ଯାଉଥିବା ସେ ମେଦବର୍ତ୍ତୁଳ ମୂର୍ତ୍ତିଟି କଣ ମହାମହିମ ଶେଠ୍ ଠାକୁରାମ ? ବେଶ୍ ଶାଳୀନ ମର୍ଯ୍ୟାଦାବନ୍ତ ଏବଂ ଭଦ୍ର ସେ ତରୁଣଗୁଡ଼ିକ କିଏ ? ଏମାନେ କଣ ସେଇ ଲମ୍ୱକେଶ, ଯଥେଚ୍ଛାବେଶୀ କଟୁଭାଷୀ, ସର୍ବଦ୍ୱେଷୀ, ସମସ୍ତଙ୍କ ମୁଣ୍ଡ ଉପରେ ଚଢ଼ିବାକୁ ଆଗଭର ଯୁବ ସଂପ୍ରଦାୟ ! ଏ କଣ କଟକ ? ରାଉରକେଲା ? ସମ୍ୱଲପୁର ? ଏ ଜନବସତିଗୁଡ଼ିକ କଣସତେ ଏଡ଼େ ପରିଷ୍କାର ? ଏମାନଙ୍କ ଧମନୀଗୁଡ଼ିକ ଏତେ ପ୍ରଶସ୍ତ ଏବଂ ସୁସ୍ଥ ? ଦିଲ୍ଲୀରେ ଚିଠି ପହଞ୍ଚିବାକୁ କ'ଣ ସତେ ଦୁଇଦିନ ମାତ୍ର ଲାଗେ ? ଆସାମ ରାଜ୍ୟରୁ ଫୋନ୍ କଲେ କନ୍ୟାକୁମାରୀ ପର୍ଯ୍ୟନ୍ତ କଥା କହିହୁଏ । ---ଏଠି ପଇସା ଦେଲେ ବଜାରରେ ସତେ ଖାଦ୍ୟ ମିଳିପାରେ ? ଅସଂଖ୍ୟ ଚକନଳୀ ବିଶିଷ୍ଟ ସରକାରୀକଳ ନାମଧେୟ ସେକଲଙ୍କିଲଗା ପ୍ରକାଣ୍ଡ ଯନ୍ତ୍ର ସତେ କଣ ଏତେ ସରଳ ମସୃଣଭାବରେ ଚାଲିପାରେ ? ଅବିଶ୍ୱାସ୍ୟ ଏ ପରିବର୍ତ୍ତନ !! ଏ ଦେଶର ସ୍ୱରୂପ କଣ ସତେ ଏଡ଼େ ସୁନ୍ଦର, ଏତେ ଭବ୍ୟ, ବଳିଷ୍ଠ ଏବଂ କର୍ମଦକ୍ଷ ? ମାଟି କାଦୁଅ ଧୋଇଦେଲା ପରେ ନିଜକୁ ଏବଂ ନିଜର ଆତ୍ମୀୟ ସ୍ୱଜନଙ୍କୁ ପ୍ରଥମଥର ପାଇଁ ଆବିଷ୍କାର କରିବାର ଆନନ୍ଦ ଏବଂ ବିସ୍ମୟ ଏକ ଅତୁଳନୀୟ ଅଭିଜ୍ଞତା । ଆଶଙ୍କା କେବଳ ଏଇଥିପାଇଁ ଯେ ଇନ୍ଦ୍ରଜାଲ ପରି ଏସବୁ ଘଟୁଛି କିପରି ? ଏ ନୀରବ ଗଙ୍ଗାପ୍ଲାବନରେ ରାଶି ରାଶି କ୍ଳେଦ କର୍ଦ୍ଦମ ଧୋଇ ହୋଇଯାଉଛି କେମିତି ? ଏସବୁ ଆଉ ସ୍ୱପ୍ନ ନୁହେଁ ତ ?

Digitized by srujanika@gmail.com

ସ୍ୱାଧୀନତା ସଂଗ୍ରାମର ତୀବ୍ରତା ଏବଂ ଅର୍ଦ୍ଧ-ଶତାବ୍ଦୀ ଧରି ସେ ବିପୁଳ ସଂଘର୍ଷର ଉଦାହରଣକୁ ବାଦ୍ ଦେଲେ ବୋଧହୁଏ ଏ ଦେଶରେ ଏତେ ପରିମାଣରେ ସଚେତନତା କେବେ ଦେଖାଦେଇ ନଥିଲା । ଏତେ ଦୃଢ଼ତାର ସହିତ ଏଡ଼େ ସୀମିତ ସମୟ ଭିତରେ ଏଡ଼େ ବଡ଼ ବିପ୍ଳବ କେବେ ସମ୍ଭବ ହୋଇନଥିଲା । ନିଃଶବ୍ଦରେ ଯେମିତି ଗଙ୍ଗା ଫୁଲିଉଠେ ଏବଂ ବ୍ୟାପିଯାଏ ତା'ର ଆଦିଗନ୍ତ ପ୍ଲାବନ, ସେହିପରି ଅଭିନବଜାଗ୍ରତ । ବିଶ୍ୱାସ କରିହେଉନାହିଁ ଏତେ ଉତ୍ସାହ, ଏତେ ସ୍ଫୂର୍ତ୍ତି କର୍ତ୍ତବ୍ୟପରାୟଣତା କେଉଁଠି ଲୁଚିଥିଲା ଏ ଦେଶରେ ? ଅନ୍ନ ଜଳ ଅଭାବରେ ଲୋଟା ହୋଇଯାଇଥିବା ଶଠ ଅଳସୁଆ, ଧୂର୍ତ୍ତ, ନିଶାଖୋର, ଜୁଆଚୋର ଏ ଜାତିର ପରା ଚରିତ୍ର ଲୋପ ହୋଇସାରିଥିଲା ? ଅନେକଙ୍କ ଆଖିରେ ଏ ବହୁବ୍ୟାଧିଗ୍ରସ୍ତ ରୋଗୀ ପରା ଶୋଇସାରିଥିଲା ଚିତା ଉପରେ ? କିଏ ଏମିତି ମନ୍ତ୍ରଜଳ ଛିଞ୍ଚି ତାକୁ ଫେରାଇଆଣିଲା ଏ ନିରାମୟ ସୁସ୍ଥ ଅବସ୍ଥାକୁ ? ଏହା କ'ଣ କୌଣସି ବ୍ୟକ୍ତିବିଶେଷର ପ୍ରୟାସରେ କଦାପି ସମ୍ଭବ ? ସେପରି ପ୍ରୟାସ ତ ଚାଲିଥିଲା ବହୁକାଳଧରି ଏବଂ ସେହି କାରଣରୁ ଦେଶ ଆସ୍ଥା ହରାଇଆସିଥିଲା ନିଜ ଉପରୁ ଏବଂ ସବୁ ପ୍ରକାର ନେତୃତ୍ୱରେ ।

ଏଣୁ ମନେହୁଏ, ଚେତନାର ଆଉ କୌଣସି ଭୂମିରେ ଅତି ନିଭୃତରେ ବୋଧହୁଏ କୌଣସି କଲ୍ୟାଣକାମୀ ସାଧୁସଂକଳ୍ପ ଏହାହିଁ ଇଚ୍ଛା କରି ଚାଲିଥିଲା । ଦ୍ୱେଷ, ଅସୂୟାରେ ଅନ୍ଧ ହୋଇ ଆମେ ଗୋଷ୍ଠୀବିବାଦରେ ରକ୍ତାକ୍ତ ହେଉଥିବାବେଳେ ସେ ଆମ ପାଇଁ ପ୍ରାର୍ଥନା କରୁଥିଲା । ଜାତିର ଦୁଃଖ ଦାରିଦ୍ର୍ୟ ସଂକଟ ବେଳେ ସେ ବିଭୁକୃପାକୁ ଆବାହନ କରୁଥିଲା ଏବଂ ଏହି ସଂକଳ୍ପ ହୁଏତ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଗୋଟିଏ ଗୋଟିଏ ସାଧୁ ମୁହୂର୍ତ୍ତରେ ପ୍ରତିଫଳିତ ହେଉଥିଲା । ବହୁ କଷ୍ଟାର୍ଜିତ ମଜୁରି ବିନିମୟରେ ଗୋଡ଼ିମିଶା ଦୁର୍ଗନ୍ଧ ଚାଉଳ ସଂଗ୍ରହ କଲାବେଳେ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ ହୁଏତ କେହି ତା'ର ପ୍ରାଣକେନ୍ଦ୍ରରୁ କହୁଥିଲା, "ଧ୍ୱଂସ ହେଉ ଏ ଲାଭଖୋର ବ୍ୟବସାୟ ।" ଅସଂଖ୍ୟ ଅପଯାତ୍ରୀଙ୍କ ଭିଡ଼ି ଭିତରେ ପେଶି ହୋଇ ଚିକିତ୍ସା ପାଇଁ ଯାଉଥିବା ଶିଶୁର ବାପ-ମା' ପ୍ରତ୍ୟେକ ଦଶହାତରେ ଥରେ ଗାଡ଼ି ଅଟକି ଯାଉଥିଲାବେଳେ ନୀରବରେ ଅଶ୍ରୁ ବର୍ଷଣ କରି କହୁଥିଲେ, "ଦଣ୍ଡିତ ହେଉ ଏ ଅମାର୍ଜନୀୟ ଅପରାଧ ।" ଅବାଧ ଉଚ୍ଛୃଙ୍ଖଳ ଯୁବକଙ୍କର ଅସଦାଚରଣରେ କାତର ଶିକ୍ଷକଟିଏ ହୁଏତ ଉପରକୁ ଆଖିଟୋଳି ପ୍ରାର୍ଥନା କରୁଥିଲେ, "ଏ ଅନ୍ଧ ବିଶୃଙ୍ଖଳ ଯୁଗର ଅବସାନ ହେଉ ।" ପ୍ରତ୍ୟେକ ଜୀବନରେ ଏହିପରି ଗୁଡ଼ିଏ ସାଧୁମୁହୂର୍ତ୍ତର ସ୍ଫୁଲିଙ୍ଗ ଦେଶସାରା ଦେଖାଇଦେଇ ଲିଭିଯାଉଥିଲା ଘୋର କୋଳାହଳମୟ ଅନ୍ଧକାର ଭିତରେ । ଅସାଧୁତାର ଆବରଣ ତଳେ ସମସ୍ତଙ୍କର ପ୍ରାଣକେନ୍ଦ୍ରରେ ସେଇ ଅସନ୍ତୋଷର ଧୂଆଁ, ସେଇ ଏକମାତ୍ର ସାଧୁ-ସଂକଳ୍ପର ସ୍ଫୁଲିଙ୍ଗ ଲୁଚିରହିଥିଲା । ଏଣୁ ସମସ୍ୱରରେ ସମସ୍ତେ ସ୍ୱାଗତ କରିଥିଲେ ଏ ଶୁଚି-ବିପ୍ଳବକୁ । ଅନେକ କାଦୁଅରେ ଘାଣ୍ଟିହେଲା ପରେ ସମସ୍ତଙ୍କର ଇଚ୍ଛା ହେଲା ଗାଧୋଇପକାଇବାକୁ; ମାର୍ଜିତ ହୋଇ ନୂତନ ଜୀବନ ଆରମ୍ଭ କରିବାକୁ ।

ଏହା ପ୍ରକୃତରେ ଆରମ୍ଭ ମାତ୍ର । ଧର୍ମର ସ୍ଥାପନ ଚାଲିଛି । ନୀତି, ନିୟମ, ଶୃଙ୍ଖଳା ଫେରିଆସୁଛି । ସମସ୍ତେ ଯେ ଯାହା କ୍ଷେତ୍ର ଆବୋରି ନିଷ୍ଠାର ସହିତ କର୍ମ ବହନ କରୁଛନ୍ତି । ଏଥିରୁ

Digitized by srujanika@gmail.com

ନିବୃତ୍ତ ହୋଇଯିବା ଯେତିକି ମାରାତ୍ମକ, ଏଥିରେ ଗୁଡ଼ାଏ ଶିଶୁ-ସୁଲଭ ଆତ୍ମତୃପ୍ତି ଗୋଟେଇନେବା ମଧ୍ୟ ସେତିକି ମାରାତ୍ମକ । ଅବଶ୍ୟ ଯେଉଁ ସାଧୁ-ସଂକଳ୍ପ ଏଥିରେ ଚାପଦେଇଛି; ସେ କଦାପି ନିର୍ବାପିତ ହେବ ନାହିଁ; କାରଣ ତାହା ଆଉ ଏକ ବିଶୁଦ୍ଧ ଭୂମିର ରୂପ । ତେବେ ଗୁଡ଼ାଏ ବିହ୍ୱଳ ନହୋଇ ଏଥିରୁ ଆତ୍ମବିଶ୍ୱାସ ସଂଗ୍ରହ କରାଯାଉ । ଏ ବିଶୋଧନ କ୍ରିୟାକୁ ଜାରି ରଖାଯାଉ । ଗଙ୍ଗାପ୍ଲାବନରେ ସମଗ୍ରଦେଶ ଶୁଦ୍ଧସ୍ନାତ ହେଉ । ତା'ପରେ ହୁଏତ ଫେରିଆସିବ ଆମେ ହଜେଇଦେଇଥିବା ମୂଲ୍ୟବୋଧ । ଖାଦ୍ୟରୁ ଯେମିତି ଭେଜାଲକୁ ବିଲୋପ କରି ବାକି ସମସ୍ତର ଉପଯୁକ୍ତ ମୂଲ୍ୟ ସ୍ଥିର କରାଯାଉଛି, ସେହିପରିସବୁ କ୍ଷେତ୍ରରେ ମଣିଷଙ୍କର ମଧ୍ୟ ମୂଲ୍ୟ ଫେରିଆସିବ । ଆମେ ଚିହ୍ନିପାରିବା ଆମ ଦେଶର ବିଦ୍ୱାନ୍, ଜ୍ଞାନଗୁରୁମାନଙ୍କୁ, ଆମର ଧୀସଂପନ୍ନ ବିଜ୍ଞାନବେତ୍ତାମାନଙ୍କୁ । ଉପଦ୍ରୁତ ହେଲେ ଯେପରି ମୁନିଋଷିମାନେ ଦେଶାନ୍ତର ଚାଲିଯାନ୍ତି, ସେହିପରି ଭାରତଭୂମି ଛାଡ଼ି ଯାଇଥିବା ବହୁ ଗୁଣୀ, ମାନୀ, ଜ୍ଞାନୀ ସମସ୍ତେ ଫେରିଆସିବେ । ଆମେ ସମସ୍ତଙ୍କୁ ସମ୍ମାନ ଦେଇଶିଖିବା । ଗବେଷଣାଗାରଗୁଡ଼ିକ ନିଷ୍ଠା, ଜ୍ଞାନ ଏବଂ ବିଚକ୍ଷଣତାରେ ଚଞ୍ଚଳ ହୋଇଉଠିବେ । ଏ ବିଶାଳ ଭୂଖଣ୍ଡର ଗ୍ରାସାଚ୍ଛାଦାନ କେବେହେଲେ ସମସ୍ୟା ହୋଇନପାରେ । କେବଳ ମନୋବଳ ସହିତ ଆମର ବାହୁବଳ ସମନ୍ୱିତ ହୋଇପାରିନଥିଲା ବୋଲି ଆମେ ଦରିଦ୍ରତମ ଦେଶରୂପେ ପରିଗଣିତ ହେଉଥିଲୁ । ଆତ୍ମସମ୍ମାନ ନଥିଲା ବୋଲି ନିଜ ତୁଣ୍ଡରେ ସେହିପରି ସ୍ୱୀକାର କରୁଥିଲୁ, ପ୍ରଚାର କରୁଥିଲୁ । କିନ୍ତୁ ଆଉ ନୁହେଁ । ଏଣିକି ଭାରତୀୟ ବୁଦ୍ଧି ବଳରେ ଭାରତଭୂମିର ଦୁଃଖ ମୋଚନ ହେବ । ଏ ଜାତି ସଚ୍ଚୋଟ ହେବ, ନିର୍ଭୀକ ହେବ, ସମୃଦ୍ଧ ହେବ । ନାଗଫାଶରୁ ସଦ୍ୟବିମୁକ୍ତ ଏ ଗଜରାଜର ସ୍ୱଚ୍ଛଳ ଜୀବନ ଏଇମାତ୍ର ଆରମ୍ଭ ହେଲା । ସମଗ୍ର ଶ୍ୟାମଳ ବନଭୂମି ତାର ସ୍ୱରାଜ୍ୟ । ସେ ଅପେକ୍ଷା କରିଛି ତା'ର ଶତାୟୁଜୀବନକୁ ଶ୍ରୀସମ୍ପନ୍ନ କରିବାକୁ ।

❖❖❖

Digitized by srujanika@gmail.com

ମୁକ୍ତିପାଇଁ ନୁହେଁ

ମୁକ୍ତି ମୁଁ ଚାହେଁନା, ଆପଣ ମଧ୍ୟ ଚାହାନ୍ତି ନାହିଁ । କେହି ଚାହାନ୍ତି ନାହିଁ । କାରଣ ମୁକ୍ତି ଏକ ସମ୍ପର୍କବିହୀନ ନିଃସଙ୍ଗତା, ଅମାପ ଶୂନ୍ୟରେ ଏକାକୀ ବଞ୍ଚିବାର ଆପାତଦାୟିତ୍ୱ ଏବଂ ତଦ୍ରୂପ ବଞ୍ଚିରହିବାର ଏକ ଅବାଞ୍ଛିତ ବିଡ଼ମ୍ବନା । ଏଣୁ ଆମେ ଯାହା ଚାହୁଁ ତାହା ମୁକ୍ତି ନୁହେଁ । ହୋଇପାରେ ତାହା ଅପେକ୍ଷା କୃତ ସୁଖକର ଓ ସହନୀୟ ସ୍ୱଚ୍ଛନ୍ଦତା; ହୋଇପାରେ ଲୁହା ଶିକୁଳି ପରିବର୍ତ୍ତେ ଆମେ ଚାହୁଁ ବରବଧୂର ବାହୁବେଷ୍ଟନୀ । ହୋଇପାରେ ଦାସତ୍ୱ ପରିବର୍ତ୍ତେ ଆମେ ଚାହୁଁ ସ୍ୱାମିତ୍ୱ; କିନ୍ତୁ ଜୀବନର ସ୍ୱାଭାବିକ ଛନ୍ଦ ଭିତରେ ଆମେ ଅହରହ ବନ୍ଧନ ହିଁ ଚାହୁଁଥାଉ । ଅନର୍ଗଳ ମୁକ୍ତି ଆମର କାମ୍ୟ ନୁହେଁ । କାରଣ ସମ୍ପର୍କଶୂନ୍ୟତା ଆମର କାମ୍ୟ ନୁହେଁ; ବରଂ ଆମକୁ ବାନ୍ଧିଜାଣିଲେ ଆମେ କଦାପି ମୁକ୍ତ ହେବାକୁ ଚାହିଁବୁ ନାହିଁ । ଆମେ ପ୍ରକୃତରେ ମୁକ୍ତି ଚାହୁଁନା ।

ଗୃହପାଳିତ ଚତୁଷ୍ପଦଟି ଗୁହାଳର ନିରାପତ୍ତା ଭିତରକୁ ସ୍ୱତଃ ଫେରିଆସେ । ପଘାରେ ବେକ ଗଳେଇଦେଇ ଆଶ୍ୱସ୍ତିରେ ହାଇମାରେ । ଖୁଣ୍ଟି ଦେହରେ ମୁହଁ ଘଷି ପାକୁଳିକରେ । ଉନ୍ମୁକ୍ତ ଚରାଭୂଇଁର ଅନିଶ୍ଚିତତା ସେ ଚାହେଁନାହିଁ । ଚାହେଁନାହିଁ ସ୍ୱାଧିକାରରେ ନିରବଚ୍ଛିନ୍ନ ଦାୟିତ୍ୱ । ଜୀବଧର୍ମରେ ଅନାୟାସରେ ସେ କେବଳ ବଞ୍ଚିବାକୁ ଚାହେଁ । ସେ ବନ୍ଧନର ନିରାପତ୍ତା ଭିତରେ ପ୍ରସବ କରେ, ଦୁଗ୍ଧ ଦାନ କରେ । ତେଣିକି ତା' ସ୍ତନରୁ କ୍ଷୀରଯାକ ବାଛୁରୀ ନ ଖାଇ ଆଉ ଯଦି କିଏ ଖାଇଗଲା, ସେଥିରେ କଣ ବା ଯାଏ ଆସେ ? ଅନିବାର୍ଯ୍ୟ ଭାବରେ କ୍ଷୀର ନିଗାଡ଼ି ଦେବା ହିଁ ତା'ର ମୌଳିକ ଆନନ୍ଦ ।.... ମଟିଷଟିକୁ ମଧ୍ୟ ବାନ୍ଧିଜାଣିଲେ ସେ ପୋଷା ମାନିଯାଏ । ଶୁଆ ଭଳି ଡାକେ । ଗୋରୁ ଭଳି କ୍ଷୀର ଦିଏ; ଭାର ଟାଣେ । ସେ ମୁକ୍ତି ଚାହେଁନା । ମୁକ୍ତିର ଦାୟିତ୍ୱ ଚାହେଁନା । ଆବଦ୍ଧ ଜୀବଟି ବିଚାରା କୌଣସି ପ୍ରକାରେ ଟିକିଏ ସହଜରେ ବଞ୍ଚିବାକୁ ଚାହୁଁଥାଏ । ଚାହୁଁଥାଏ ଆଉ କେହି ଜଣେ ତାକୁ ପାଳନ କରୁ, ପୋଷଣ କରୁ । ଟିକିଏ ସହୃଦୟ ମାଲକପଣିଆ ପାଖରେ ସେ ଉତ୍ସର୍ଗିତ ହୋଇଯାଏ । କହେ, 'ମୋତେ ନିଯୁକ୍ତକର, ବ୍ୟବହାରକର, କିନ୍ତୁ ଏ ସୁନ୍ଦର ପୃଥିବୀରେ କିଛି ଦିନ ବଞ୍ଚିବାକୁ ଦିଅ ।' ମଣିଷଗୁଡ଼ିକ ଏଇଭଳି ପରସ୍ପରକୁ କୁହାକୁହି ହୁଅନ୍ତି । ଦାସତ୍ୱ ଏବଂ ସ୍ୱାମିତ୍ୱ ପାଳି ଅନୁସାରେ ବାଣ୍ଟିନିଅନ୍ତି । ସବୁବେଳେ ମୁକ୍ତି ପାଇଁ କଳରବ କରୁଥାନ୍ତି; କିନ୍ତୁ ସବୁବେଳେ ଚାହୁଁଥାନ୍ତି ଅଧିକରୁ ଅଧିକତର ବନ୍ଧନ । ମଣିଷଟି ବଦ୍ଧଜୀବ । ସେ ମୁକ୍ତି ଚାହେଁନା ।

ବାନ୍ଧିହେବାରେ ପ୍ରଚୁର ଆନନ୍ଦ । ସ୍ନେହ-ମମତାର ଡୋରଗୁଡ଼ିକ ରେଶମୀ ସୂତାରେ ସ୍ନିଗ୍ଧ ଏବଂ କୋମଳ । ପ୍ରଣୟର ବାହୁଲତା ଚନ୍ଦନଅର୍ଗଳ ପରି ସୁରଭିତ । ଯଶ, ମାନସମ୍ମାନର

Digitized by srujanika@gmail.com

ଧଣ୍ଡାମାଳଗୁଡ଼ିକ ବିଜିତ ପାରିଜାତ ପରି ମହାର୍ଘ । ଏଗୁଡ଼ିକ କେହି କଣ ଉପେକ୍ଷା କରିପାରେ ? ଜୀବନର ଏ ମଣିକାଞ୍ଚନଗୁଡ଼ିକୁ କେହି କଣ ବନ୍ଧନ ବୋଲି ସ୍ୱୀକାର କରିପାରେ ? ଘରେ ପୁତ୍ର-କନ୍ୟାଙ୍କର କଳରବ, ବାହାରେ ବନ୍ଧୁ କୁଟୁମ୍ବ, ସାଥୀ-ସୋଦରଙ୍କର ଉଷ୍ମ ଘନିଷ୍ଠତା । ଏ ମାଟି, ପାଣି, ପବନ, ଋତୁ ଅନୁକ୍ରମରେ ଅଜାଡ଼ି ହୋଇ ପଡୁଥିବା ଫଳ, ଫୁଲ ଏବଂ ସବୁଜ-ସମ୍ଭାର, ଏ ଧରିତ୍ରୀ ଏବଂ ଆକାଶର ସଂପୁଟ ଭିତରେ ମୁକୁଳିଯାଉଥିବା ପାଖୁଡ଼ାଗୁଡ଼ିକୁ ତ ସଂସାର କୁହାଯାଏ । ଏଇଟା କଣ ବନ୍ଧନ ? ଏଇଠି ପରା ଘରେ ଗୋଡ଼ ଦେଉଦେଉ ସାନପୁଅ କୋମଳ ବାହୁ ଟୋଳି ଆଣୁ ପାଖରୁ ବେଢ଼େଇନିଏ । ଝରକା ପାଖରେ ମହକୁଥିବା ମଧୁମାଳତୀ ସ୍ୱାଗତଜଣାଏ । ଘରର କାନ୍ଥଗୁଡ଼ିକ ସ୍ନେହଓ ସମ୍ଭ୍ରମରେ ସଳଖି ହୋଇ ଠିଆରହିଥାନ୍ତି । ବାରିଆଡ଼େ 'ଚାନ୍ଦ' ଗାଈର କମଳପଟାରେ ହାତ ମାରିଦେଲେ ସେ ଥୋମଣି ଟେକି ଚାଟିପକାଏ । 'ଜେନି' ଲାଞ୍ଜ ଦୋହଲାଇ ଗୋଡ଼ପାଖରେ ଲଟେଇ ହେଉଥାଏ ଅନାବିଳ ଆପଣାପର ମଧୁର ଛନ୍ଦରେ । ପତ୍ରଗହଳରୁ ପେଣ୍ଡି ବାଇଗଣଗୁଡ଼ିକ ଉଙ୍କି ମାରୁଥାନ୍ତି । ତରୁଣ କୃଷ୍ଣଚୂଡ଼ା ତା'ର ନୂତନ ଶାଖାଗୁଡ଼ିକୁ ଦୋହଲାଇ ସ୍ଥାବର ଭଙ୍ଗୀରେ ପୁଲକିତ ହେଉଥାଏ । ସୁନାର ମୁକୁଟ ଟେକି ଚାହିଁରହେ ପଶ୍ଚିମ ଆକାଶର ମେଘ । ପବନ ଆସ୍ତେ ଆସି ବେକପଛରେ ଫୁଙ୍କିଦିଏ । ପତ୍ନୀ ଗୋପନରେ ଅଣ୍ଟା ପାଖରେ ଟିପ ମାରିଦେଇ ଚାଲିଯାନ୍ତି, ଫେରିଆସି ହସିଦିଅନ୍ତି । ଆକାଶ ପବନ ସଂକ୍ରମିତ ହୋଇଯାଏ ସୋହାଗର ସୌରଭରେ । ଜୀବନର ଏ ଐକାନ୍ତିକ ମୂଲ୍ୟଗୁଡ଼ିକ ଯଦି କେବଳ ପ୍ରଲୋଭନ, ଚାରିଆଡ଼େ ଘେରି ରହିଥିବା ଏ ବିପୁଳ ଆୟୋଜନଗୁଡ଼ିକ ଯଦି ଗୋଟାଏ ବିରାଟ ଷଡ଼ଯନ୍ତ୍ର, ଯଦି ମୋତେ ହିଁ ବାନ୍ଧି ରଖିବାକୁ ଜଡ଼ ଚେତନର ଏତେ ଉତ୍କଣ୍ଠା, ତେବେ ବନ୍ଦୀ ସମ୍ରାଟ୍ ଭଳି ଏଥିରେ ଧରାଦେବା ଏକ ଅଭିଜାତ ଗୌରବ ନୁହେଁ କି ? ତ୍ରିଭୁବନ ଯଦି ମୋର କାରାକକ୍ଷ, ଏଥିରେ ବନ୍ଦୀ ରହିବାରେ ମୋର କଣ ଆପତ୍ତି ଥାଇପାରେ ? ଆପଣଙ୍କର ବା କଣ ଆପତ୍ତି ଥାଇପାରେ ?

ରସବତୀ ପୃଥିବୀର ନିବିଡ଼ ବନ୍ଧନରେ ଠିଆରହିଥିବା ସେ ବନସ୍ପତିଟିକୁ ଦେଖନ୍ତୁ । ଯେଉଁଠି ତାର ବୀଜ ବପନ ହୋଇଥାଏ, ସେଇ ଜଠରରୁ ସେ ଉଦ୍‌ଗତ ହୁଏ, ସେଇଠି ଶାଖାୟିତ ହୁଏ, ପୁଷ୍ପିତ ହୁଏ ଏବଂ କେତୋଟି ବସନ୍ତ ପରେ ଫେରିଯାଏ ସେଇଠାକୁ---ଖତରା କାଠର କିଛି ଅବଶେଷ । ମାଟି ସାଙ୍ଗରେ ମାଟିହୋଇ ମିଶିଯାଏ । ଧରିତ୍ରୀର ଏ ବନ୍ଧନକୁ ସେ ମାନିନିଏ ଜୀବନର ଆଦିମ ଗ୍ରନ୍ଥିରୂପେ । ତାକୁ ଫିଟେଇଦେଲେ ସେ ନିଜେ ନିଶ୍ଚିହ୍ନ ହୋଇଯିବ । ଏଣୁ ବଞ୍ଚିବାପାଇଁ ତାକୁ କେହି ଜଣେ ଅଣ୍ଟା ପାଖରୁ ନିବିଡ଼ଭାବରେ ବାହୁ ବଢ଼େଇ ଧରିରଖିବାକୁ ହେବ । ତେଣିକି ଆକାଶକୁ ଲକ୍ଷ୍ୟ ରଖି ସେ ମେଲିଯିବ । ବସନ୍ତର ଉଚ୍ଚାଟରେ ମୁକୁଳିଯିବ ନୂତନ ଦିଗନ୍ତର ସନ୍ଧାନରେ । ଯେତେ ବିସ୍ତୃତ ହେଉଥିବ ଏ ପାଦପଟି, ସେତିକି ଗଭୀରକୁ ବୁଡ଼ିଯାଉଥିବ ତାର ଚେର । ସେତିକି ଗାଢ଼ତର ହେଉଥିବ ମାଟିର ବନ୍ଧନ । ଜଙ୍ଗମଗୁଡ଼ିକ ସେହିପରି ଗୋଟିଏ ନୀଡ଼ରୁ ଏବଂ ଗୋଟିଏ ଜରାୟୁରୁ ପହଁରିଆସି ଚୈତ୍ର ପବନରେ ଶିମୂଳୀତୂଳା ଭଳି ଉଡ଼ିବୁଲନ୍ତି ଏବଂ ପୁଣି ଗୋଟିଏ ଜରାୟୁରେ ବା ନୀଡ଼ର ବନ୍ଧନରେ ଜୀବନର ସାର୍ଥକତା ଅର୍ଜନ କରନ୍ତି । ମଣିଷଟିର ନାଡ଼ଗୁଡ଼ିକ ଫିଟେଇ ଦେଲେ; ସବୁ ହାଡ଼, ସବୁ ଗଣ୍ଠି, ସବୁ ତନ୍ତୁ ଫିଟେଇଦେଲେ, ସ୍ପନ୍ଦିତ ରକ୍ତକଣିକାଗୁଡ଼ିକୁ ବୁଣିଦେଲେ ସେ ହୋଇଯିବ ଗୁଡ଼ିଏ ମୁକ୍ତ ଉପାଦାନ । ଶେଣୀ, ବତା, କାନ୍ଥଗୁଡ଼ିକୁ

Digitized by srujanika@gmail.com

ଫିଟେଇଦେଲେ ଘରଟି ହୋଇଯିବ ଗୁଡ଼ିଏ ଅସମଞ୍ଜସ ବସ୍ତୁ । ଅଣୁକୁ ଫିଟେଇଦେଲେ ଭୁସୁଡ଼ିପଡ଼ିବ ଏ ବିପୁଳ ବସ୍ତୁ-ତୋରଣ । ସମୁଦ୍ରରୁ ବେଳା ଟେନିନେଲେ, ପର୍ବତରୁ ଭୂମି ଘୁଞ୍ଚେଇନେଲେ, ଜ୍ୟୋତିଷ୍କମଣ୍ଡଳରୁ ନିର୍ଦ୍ଦିଷ୍ଟ କକ୍ଷଗୁଡ଼ିକୁ ଅପସାରିତ କରିଦେଲେ ସୃଷ୍ଟି ହୁଏତ ମୁକୁଳିଯିବ; କିନ୍ତୁ କେଉଁ ଅନିର୍ଦ୍ଦିଷ୍ଟ ଅଜ୍ଞେୟ ରହସ୍ୟ ଭିତରକୁ ହୁଗୁଳିଯିବ ତାହା କଳ୍ପନାର ବନ୍ଧନୀ ଭିତରେ ଧାରଣା କରିବା ସମ୍ଭବ ନୁହେଁ ।

ଶୃଙ୍ଖଳା ଭିତରେ ଆବଦ୍ଧ ସ୍ୱରରୁ ଶବ୍ଦ ଜନ୍ମନିଏ ଏବଂ ଶବ୍ଦରେ ଅର୍ଥ ସଂଯୁକ୍ତ ହୁଅନ୍ତି । ଛନ୍ଦ ଓ ଲୟରେ ସୃଷ୍ଟିହୁଏ ସଙ୍ଗୀତ । ବ୍ୟାକରଣ ବନ୍ଧନୀ ଭିତରେ ଭାଷା, ରାଗିଣୀ ଓ ଲାସ୍ୟ ଅର୍ଥଗୌରବ ଲାଭକରନ୍ତି । ସ୍ୱରକୁ ବାନ୍ଧିବାକୁପଡ଼େ । ନୂପୁରରେଖା ବାନ୍ଧିବାକୁ ପଡ଼େ । କେୟୂର କିରୀଟ ବାନ୍ଧିବାକୁ ହୁଏ । କଟିବସ୍ତ୍ର ବି ବାନ୍ଧିବାକୁ ହୁଏ । ନିର୍ଦ୍ଦିଷ୍ଟ ମୂଲ୍ୟ ପାଇଁ ସୀମାର ବନ୍ଧନୀକୁ ସ୍ୱୀକାର କରିବାକୁ ହୁଏ । ମୁକ୍ତଛନ୍ଦ ମଧ୍ୟ ସେଇ ନାମଧେୟ ଗୋଟିଏ ଛନ୍ଦ ମାତ୍ର । ମୁକ୍ତି କେବଳ ଗୋଟିଏ ବନ୍ଧନ ପରିବର୍ତ୍ତେ ଆଉ ଗୋଟିଏ ବନ୍ଧନକୁ ଗ୍ରହଣ କରିନେବା; ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥାକୁ ଆଦରିନେବା । ସଂପୂର୍ଣ୍ଣ ବନ୍ଧନହୀନ ମୁକ୍ତି ଏକ ଅସମ୍ଭବ ଅବସ୍ଥା ।

ବନ୍ଧନ ପାଇଁ ଦୁଇଟି ସତ୍ତାର ପ୍ରୟୋଜନ । ଗୋଟିଏ ବାନ୍ଧେ ଏବଂ ଅନ୍ୟଟି ଆବଦ୍ଧ ହୁଏ । ଏଣୁ ଅକଳନୀୟ ଏ ସତ୍ତାର ସମୁଦ୍ରରେ ରହି ମୁକ୍ତି ଖୋଜିବା ଗୋଟାଏ ଆଭିମୁଖ୍ୟ ନିଶ୍ଚୟ । ମୁକ୍ତିକାମୀ ମଣିଷର ଏହା ହୁଏତ ଗୋଟିଏ ସହଜାତ ପ୍ରବୃତ୍ତି । ଏହି ହେତୁରୁ ହୁଏତ ସଂସାରରେ ସ୍ଥିରତା ନାହିଁ । ଯାହା ଅଛି, ସେଠାରୁ ହୁଗୁଳି ଅନାଗତ ଗର୍ଭକୁ ଲମ୍ଫ ପ୍ରଦାନ କରୁ ନଥିଲେ, ଏଥିରୁ ହୁଗୁଳି ସେଥିରେ ଉତ୍ସର୍ଗିତ ହେଉ ନଥିଲେ, ପ୍ରବାହ ଆସନ୍ତା କୁଆଡୁ ? କାଳଗର୍ଭରେ ତରଙ୍ଗ ଆସନ୍ତା କାହୁଁ ? ନିର୍ଦ୍ଦିଷ୍ଟ କକ୍ଷରୁ ଖସି ଚାଲିଯିବାକୁ ଚାହୁଁଥିବା ଉଲ୍‌କାପିଣ୍ଡଟିକୁ ବଳାତ୍କାର ମାଧ୍ୟାକର୍ଷଣ ଟାଣିରଖେ ବୋଲି ସେ ଘୂରିବୁଲେ । ମୁକ୍ତିର ଅଭୀପ୍‌ସା ଏବଂ ପ୍ରୟାସ ନ ଥିଲେ, ବନ୍ଧନର ପ୍ରୟୋଜନ ନଥାନ୍ତା । ଫିଟିପଡ଼ିବାକୁ ସଦା ଉଦ୍ୟତ ପରମାଣୁକୁ ଆଉ କିଛି ବାନ୍ଧିରଖେ । ଜୀବଧର୍ମରେ ଯୌନ ଉଚ୍ଛୃଙ୍ଖଳା ଏବଂ ହିଂସ୍ରତାରେ ନିଜର ହତ୍ୟା କରିବାକୁ ସଦା ତତ୍ପର ମଣିଷକୁ ତା' ଗଭୀର-କେନ୍ଦ୍ରରୁ ଆଉ କିଛି ଶୃଙ୍ଖଳିତ କରେ । ତାକୁ କରେ ସାମାଜିକ, ସଂଯତ, ପାରିବାରିକ ଏବଂ ଭଦ୍ର । ଏଣୁ ସୃଷ୍ଟିର ପ୍ରାଥମିକ ନିୟମ ହିଁ ଶୃଙ୍ଖଳା । ଆଦିମ ରତ ହିଁ ବନ୍ଧନ । ମୁକ୍ତି ବିଲୟର ଆବାହକ । ନିଃଶ୍ୱାସର ଛନ୍ଦ ଭଙ୍ଗହେବା, ଶରୀରଟି ଜୀର୍ଣ୍ଣବସ୍ତ୍ର ପରି ଖସିପଡ଼ିବା, ଯାହା ଧରିରଖେ ତାହା ଅପସାରିତ ହୋଇଯିବା---ଏ ସବୁ ବନ୍ଧନହୀନତା ବା ମୁକ୍ତିର ଦୃଷ୍ଟାନ୍ତ । ଏଣୁ ପ୍ରଣୟ-ପରିଣୟର ବନ୍ଧନ, ପ୍ରେମ ଓ ମୈତ୍ରୀର ବନ୍ଧନ ସୃଷ୍ଟିର ପ୍ରତୀକ । ସେଇ କାରଣରୁ, ଧରାଯାଉ, ଆମେ ବନ୍ଧନ ଚାହୁଁ---ମୁକ୍ତି ଚାହୁଁ ନା ।

ତଥାପି ହୁଏତ ଚାହୁଁ । ରୋଗରୁ, ଦାରିଦ୍ର୍ୟରୁ, ଯାତନାରୁ ମୁକ୍ତି ଚାହୁଁ । ମୁକ୍ତି ଚାହୁଁ ଅପଯଶ, ଲାଞ୍ଛନା ଓ ଉତ୍ପୀଡ଼ନରୁ; ଲଜ୍ଜା, ଅପମାନ ଓ ସଙ୍କୋଚରୁ; ଦ୍ୱନ୍ଦ୍ୱ, ସଂଶୟ, ଛଳନାରୁ; ଦୁଃଖ, ଶୋକ, ଜରା ଏବଂ ମୃତ୍ୟୁରୁ; ଜୀବନରେ ଅଜସ୍ର ଜ୍ୱାଳା, ଅନେକ ଦହନ, ଅନେକ ପୀଡ଼ା; କେତେ ଅବସାଦ, କେତେ କ୍ଳାନ୍ତି ଓ ନୈରାଶ୍ୟ ଜୀବନକୁ ଭାରାକ୍ରାନ୍ତ କରି ନରଖିଛି ଭଲା ! ସବୁ

Digitized by srujanika@gmail.com

ଜ୍ୟୋତ୍ସ୍ନା, ସବୁ ବସନ୍ତ, ସମସ୍ତ ପ୍ରେମର ପ୍ରଲେପକୁ ଏକାଠି କଲେ ମଧ ଜୀବନର ଯାତନା ଆହୁରି ବଳେଇଯାଏ । ଆଖିଆଗରେ ଜରାଜୀର୍ଣ୍ଣ ପିତୃକୁଳ ମଉଳିଯାନ୍ତି । ମମତାର ଡୋରଟିକୁ ଛିନ୍ନକରି ଚାଲିଯାଏ ପ୍ରାଣାଧିକ ପୁତ୍ର । ବନ୍ଧୁଗୁଡ଼ିକ ଆଘାତ କରନ୍ତି । ଶତ୍ରୁର ଜିଘାଂସା କ୍ଷତବିକ୍ଷତକରେ । ଅକୁଣ୍ଠିତ ନିନ୍ଦୁକଶ୍ରେଣୀ ଅପବାଦ ରଟାନ୍ତି । ମିଥ୍ୟା ଅପଯଶକୁ ମେଣ୍ଟାଇବାକୁ ବାରମ୍ବାର ଶୁଦ୍ଧ ସତୀତ୍ୱର ଅଗ୍ନିପରୀକ୍ଷା ହେଉଥାଏ । ବିଡ଼ମ୍ବିତ ଜୀବନରେ ଗୋଟିଏ ମାତ୍ର ଗୋଲାପ ଫୁଟାଇବାକୁ ଯାଇ ସହସ୍ରେ କଣ୍ଟକକୁ ଧାରଣ କରିବାକୁ ପଡ଼େ । ଏଗୁଡ଼ିକ କଣ ଅବାଞ୍ଛିତ ବନ୍ଧନ ନୁହନ୍ତି ? ଏଥିରୁ ମୁକ୍ତି କଣ ମୁକ୍ତି ନୁହେଁ ? ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକକୁ ଉତ୍ତୀର୍ଣ୍ଣ ହେବା କଣ ମୁକ୍ତି ନୁହେଁ ? ଅବିଦ୍ୟାରୁ ବିଦ୍ୟାକୁ ଗତିକରିବା କଣ ମୁକ୍ତି ନୁହେଁ ?

ନା ! କାରଣ ନିଷ୍କୃତି କଦାପି ମୁକ୍ତି ନୁହେଁ । ନିଷ୍କୃତିରେ ବନ୍ଧନର ସମ୍ଭାବନା ସବୁବେଳେ ରହିଥାଏ । ଯନ୍ତାମୁହଁରୁ ଆଖୁଦଣ୍ଡଟି ଖସିପଡ଼ିବା ଅର୍ଥ ମୁକ୍ତି ନୁହେଁ । ସେ ପୁଣି ସେଥିରେ ପିଷ୍ଟ ହେବ ହିଁ ହେବ । ରୋଗରୁ, ଦାରିଦ୍ର୍ୟରୁ ମୁକ୍ତି ମୁକ୍ତି ନୁହେଁ । ତାହା ସାମୟିକ ଅବ୍ୟାହତି କେବଳ । ସେଥିରେ ରୋଗର ସମ୍ଭାବନା କିମ୍ବା ଦାରିଦ୍ର୍ୟର ସମ୍ଭାବନା ସଂପୂର୍ଣ୍ଣ ଲିଭିଯାଏନାହିଁ । ଜୀବନରେ ଯାତନାରୁ, ଦୁଃଖ-ଶୋକରୁ ମୁକ୍ତି ନାହିଁ । ତାହା ଜୀବନ ଭଳି ଅପରିହାର୍ଯ୍ୟ, ଗୋଲାପର କଣ୍ଟକ ପରି ଅନିବାର୍ଯ୍ୟ । ସତ କହିବାକୁ ଗଲେ ଆମେ ବି ଚାହୁଁ ନା ସେଭଳି କୌଣସି ଜ୍ୱାଳାହୀନ, ଯାତନାହୀନ, ସଂଘର୍ଷହୀନ ଜୀବନ । ଆମେ ବନ୍ଧନ ଚାହୁଁ । ତାର ଆଶ୍ଳେଷ ଚାହୁଁ । ତାର ପୀଡ଼ନ ମଧ ଚାହୁଁ । ପୀଡ଼ନରୁ ମୁକୁଳିବାକୁ ସଂଘର୍ଷର ଅବକାଶ ଚାହୁଁ । ନ ହେଲେ ସଂଘର୍ଷବିହୀନ ସମସ୍ୟାହୀନ ଜୀବନ ସମାଧି ଭଳି ନିଷ୍ପନ୍ଦ । ଏଠି ଜୀବନ ଏକ ନିରବଚ୍ଛିନ୍ନ ବନ୍ଧନର ପ୍ରକ୍ରିୟା । ସେଇଭଳି ମରଣ ମଧ । ଜୀବନରୁ ନିଷ୍କୃତି ମରଣକୁ ଏବଂ ମରଣରୁ ନିଷ୍କୃତି ଜୀବନକୁ । ଏଥିରେ ନିଷ୍କୃତିର ପ୍ରୟାସ ହିଁ ମୁକ୍ତିର ବାସନା । ନିରାଳମ୍ବ ସମ୍ପୂର୍ଣ୍ଣ ମୁକ୍ତି ଆମେ କଦାପି ଚାହୁଁନା । ଆମେ ବାରମ୍ବାର ଜନ୍ମହୋଇ ସହସ୍ରବାର ଜୀବନକୁ ଉପଭୋଗ କରିବାକୁ ଚାହୁଁଥାଉ । ସେଥିରେ ଜ୍ୱାଳା, ସେଥିରେ ଆନନ୍ଦ । ସେଇଠି ବୈରାଗ୍ୟ, ସେଇଠି ପ୍ରେମ । ଏ ସମସ୍ତ ବନ୍ଧନ ଏକ ଅନନ୍ତ ଆନନ୍ଦର ଉତ୍ସ । ସୃଷ୍ଟିର ଆନନ୍ଦ । ସୃଷ୍ଟିର ଉତ୍ସ ।

ନିରବଧି ମୁକ୍ତି କାମନା କରି ବନ୍ଧନକୁ ସ୍ୱାଗତ କରୁଥିବା ପରିସ୍ଥିତି ମାନବଜୀବନର ବିଡ଼ମ୍ବନା । ତଥାପି ଜୀବନର ସମ୍ପୂର୍ଣ୍ଣ ବିପରୀତ, ସୃଷ୍ଟି ଏବଂ ବନ୍ଧନର ସମ୍ପୂର୍ଣ୍ଣ ବିଲୟରୂପୀ ସେ ଅପରିବର୍ତ୍ତନୀୟ ମୁକ୍ତି କେହି କେହି କାମନା କରିଥାନ୍ତି । ଦ୍ୱନ୍ଦ୍ୱରୁ ଉତ୍ତୀର୍ଣ୍ଣ ହୋଇଥିବା ସେ ମୁକ୍ତିରେ ଦ୍ୱୈତ ନାହିଁ । ଏଣୁ ବନ୍ଧନ ନାହିଁ କିମ୍ବା ସୃଷ୍ଟି ନାହିଁ । ମୁକ୍ତି କୌଣସି ଅବସ୍ଥା ନୁହେଁ, ତାହା ସମସ୍ତ ଅବସ୍ଥାର ବିଲୟ । ମୁକ୍ତି ଶାନ୍ତି ନୁହେଁ, ସୁଖ ନୁହେଁ; ଆନନ୍ଦ, ବିସ୍ମୟ, ଅନୁଭବ କିଛି ନୁହେଁ । ବିଶ୍ୱଛନ୍ଦରୁ ଏକ ଶୂନ୍ୟତାକୁ ଗଳିପଡ଼ିବା ହିଁ ମୁକ୍ତି । ଏ ସମଗ୍ର ସୃଷ୍ଟିର ଅବ୍ୟକ୍ତ 'ଆଦି' ଏବଂ ସେହିପରି ଅବ୍ୟକ୍ତ 'ନିଧନ' ବୋଧହୁଏ ସେଇ । ସେଇଠି ଗୋଟିଏ ମାତ୍ର ରହସ୍ୟ ହୁଏତ ବିଦ୍ୟମାନ । ଏଣୁ ସେ ବଦ୍ଧ ନୁହେଁ କି ମୁକ୍ତ ମଧ ନୁହେଁ । ଏଭଳି ଅଚଳ ମୁକ୍ତି ନେଇ କଣ ଜୀବନଯାତ୍ରା ସମ୍ଭବ ? ଆମେ କିଛି ଅବ୍ୟାହତି ନିଶ୍ଚୟ ଚାହୁଁ । କିଛି ସୁଖ, କିଛି ସ୍ୱଚ୍ଛନ୍ଦତା ବି ଚାହୁଁ । କିନ୍ତୁ ମୁକ୍ତି ? ---ନହି, ନହି !!

Digitized by srujanika@gmail.com

ମୁଁ ସେଇ ଲଘିଷ୍ଠ

ମୁଁ ଜାଣେ, ମୋତେ ବହୁଦିନ ଧରି ଖୋଜାଚାଲିଛି; କିନ୍ତୁ ଆପଣଙ୍କର ଛାଇ ଭିତରେ ମୁଁ ଲୁଚିଯାଏ ବୋଲି ଆପଣ ମୋତେ ପାଇପାରିନାହାନ୍ତି । ପାଇନାହାନ୍ତି ବୋଲି ମୋ ବିଷୟରେ ଆପଣ ଆଜି ସୁଦ୍ଧା ଯାହା ପ୍ରଚାର କରିଛନ୍ତି, ତା' ସହିତ ମୋର କୌଣସି ସମ୍ପର୍କ ନାହିଁ । ମୋର ନିମ୍ନତମ ଭୂମିରେ ଆପଣଙ୍କ ସହିତ କିଛି ସମ୍ପର୍କ ସମ୍ଭବ ନୁହେଁ । ସୋରାଏ ମାତ୍ର ଚଲାରାସ୍ତା ଉପରେ ମୁଁ ଜନ୍ମହୁଏ, ବଞ୍ଚେ ଏବଂ ମରେ । ମୋର ଗୋଟାଏ ପାଖେ ପାହାଚ ହୋଇ ଟୋଳି ହୋଇ ରହିଥାଏ ଆପଣମାନଙ୍କର ପାହାଡ଼, ଅନେକ କୋଳାହଳ, ଅନେକ ବିସ୍ଫୋରଣ, ପ୍ରଳାପିତ ହସ ଏବଂ କାନ୍ଦର ଚିତ୍କାର । ଅନ୍ୟପାଖେ ଢଳଢଳ ଦିଗନ୍ତହୀନ ମୃତ୍ୟୁ । ବେଳେ ବେଳେ ପାହାଡ଼ ଉପରୁ ଅନେକ ପାଟିତୁଣ୍ଡ ଭିତରେ କୌଣସି ଗରିଷ୍ଠ ବ୍ୟକ୍ତି ଗୁଡ଼ିଏ ଚିତ୍ରିତ ଖବରକାଗଜ ସାଙ୍ଗରେ ସେଇ ନିସ୍ତବ୍ଧ ସମୁଦ୍ରକୁ ଛିଟିକିପଡ଼ନ୍ତି । ସେଇଠି ସେ ଲିଭିଯାନ୍ତି; କିନ୍ତୁ ଆପଣମାନଙ୍କର ସମବେତ କୋଳାହଳ ଜାରିରହେ । ଆପଣମାନେ ପତାକାଗୁଡ଼ିକୁ ଅର୍ଦ୍ଧନମିତ କରି ରଖିଥାନ୍ତି ଏବଂ ବିପୁଳ ଶୋକ ପ୍ରକାଶ କରୁଥାନ୍ତି । ମୁଁ ପ୍ରାୟ ସେସବୁ କିଛି ବୁଝେନା । ଭାବେ, ସେଇଟା ବୋଧହୁଏ ଆପଣମାନଙ୍କର ବଞ୍ଚିବାର ଢଙ୍ଗ । ମୋ ଢଙ୍ଗ ସାଙ୍ଗରେ ତା'ର କୌଣସି ମେଳ ନ ରହିବା ସ୍ୱାଭାବିକ । ମୋ ପାଇଁ ଏ ସମୁଦ୍ରର ପାଣି ନୂଆ ନୁହେଁ । ମୁଁ ଚାଲୁଥିଲା ପର୍ଯ୍ୟନ୍ତ ମୋର କାଲୁଆ ପାଦଯୋଡ଼ିକ ସେଥିରେ ବଳାଗଣ୍ଠିଯାଏଁ ବୁଡ଼ିରହିଥାନ୍ତି । ଶୋଇପଡ଼ିଲେ ମୋ ପଡ଼ିଶାରେ ନିସ୍ତବ୍ଧତା ବିଛେଇହୋଇ ରହିଯାଏ । ମୁଁ ଜାଣେ ଏ ସରୁ ରାସ୍ତାର କୌଣସି ଗୋଟାଏ ମୋଡ଼ ପାଖରେ ସେ ମୋତେ ନୀରବ କୁହୁଡ଼ିପରି ଘୋଡ଼େଇପକେଇବ । ମୁଁ ବି ଲିଭିଯିବି । ମୋର ଆସିବା ଭଳି ଏଇଟା ମଧ ସେପରି କୌଣସି ଗୁରୁତର ଘଟଣା ନୁହେଁ । ଏଥିରେ କୋଳାହଳ ନାହିଁ । ଚିନ୍ତା କରିବା ପାଇଁ ମୋତେ ବେଳ ନାହିଁ । ପ୍ରୟୋଜନ ମଧ ନାହିଁ । ମୋର ନିମ୍ନତମ ଭୂମିରେ ବଞ୍ଚିବା ହିଁ ଏକମାତ୍ର ନିରବଚ୍ଛିନ୍ନ ପ୍ରୟାସ । ସେଇ ବଞ୍ଚିବା ହିଁ ଏକମାତ୍ର ଅବିଶ୍ରାନ୍ତ ଦାୟିତ୍ୱ । ମୁଁ ସେଇ ସାଧାରଣ ଲଘିଷ୍ଠ ମଣିଷ, ଯାହାକୁ ବହୁଦିନ ଧରି ଖୋଜାଚାଲିଛି---ଏବଂ ଯାହାକୁ ମୁହାଁମୁହିଁ କେହି ଆବିଷ୍କାର କରିନାହାନ୍ତି ।

ଆପଣ ଏବଂ ମୁଁ ପ୍ରାୟ ଗୋଟିଏ ଶ୍ରେଣୀର ଜୀବ । ଖାଲିସେ ରେଶମ ଜାମା କିମ୍ବା ପଶମ କୋଟ, ସେ ସମସ୍ତ କମ୍ବଳ, କୋଠା ଏବଂ କାରଗୁଡ଼ିକୁ ଆଡ଼େଇ ଥୋଇଦେଲେ ଆପଣ ପ୍ରାୟ ମୋ'ରି ଭଳି ଦିଶନ୍ତେ । କିଛିଦିନ ଖରା, ବର୍ଷା, ଶୀତଗୁଡ଼ିକୁ ଫୁଙ୍ଗୁଳା ଦେହରେ ପାରିହୋଇଗଲେ,

Digitized by srujanika@gmail.com

ଆପଣଙ୍କ ଚମଡ଼ା ବି ମୋ'ରି ଭଳି କାଳିଆ ଧୁତୁଧୁତୁ ହୋଇଯାନ୍ତା । ଆପଣଙ୍କ ମନ ଉପରୁ ସେମିତି ପ୍ରସ୍ତପ୍ରସ୍ତ ସ୍ୱପ୍ନ ଆଡ଼େଇଦେଲେ ଆପଣଙ୍କର ସବୁ ପ୍ରକାର କୃତ୍ରିମ ଅସାଧାରଣ ଖୋଳ ଖସିପଡ଼ନ୍ତା । ଆପଣ ଆମର ଏ ଅସଂଖ୍ୟ ସାଧାରଣମାନଙ୍କ ସରୁ ସରୁ ଚଲାରାସ୍ତା ଉପରକୁ ଓହ୍ଲେଇ ଆସନ୍ତେ । ଏଇଠି ଆପଣଙ୍କୁ ମାଟିର ସ୍ୱାଦ ଚାଖିବାକୁ ମିଳନ୍ତା । ବଞ୍ଚିବାର ନିରବଚ୍ଛିନ୍ନ ଦାୟିତ୍ୱକୁ ସିଧାସରଖ ସ୍ୱୀକାର କରିପାରନ୍ତେ । ତା'ପରେ ଆପଣଙ୍କର ବାକି ସବୁ ଆଡ଼ମ୍ବର ମୋ ଆଖିରେ କେଡ଼େ ନିରର୍ଥକ, ଜଟିଳ ଏବଂ ବଞ୍ଚିବା ଦୃଷ୍ଟିରୁ କେଡ଼େ ଅପ୍ରାସଙ୍ଗିକ ତା'ହୁଏତ ବୁଝିପାରନ୍ତେ । ଆପଣ ମୋତେ ଖୋଜିଲାବେଳେ ବାରମ୍ବାର ମୋତେ ହିଁ ଝୁଣ୍ଟୁଥାନ୍ତି; କିନ୍ତୁ ମୁଁ ବୋଧହୁଏ ଏତେ ପ୍ରାଞ୍ଜଳ ଏବଂ ଏତେ ନିରାବରଣ ବୋଲି ଆପଣ ମୋତେ ବିଶ୍ୱାସ କରିପାରନ୍ତି ନାହିଁ । ପୁଣି ଖୋଜନ୍ତି । ଖୋଜିବା ପଦାର୍ଥଟିକୁ ଦେଖି ସୁଦ୍ଧା ନଦେଖିବାର ଏ ଅସାଧାରଣ ଢଙ୍ଗ ମୁଁ ବୁଝିପାରେ ନାହିଁ ।

ଦେଖନ୍ତୁ, କ୍ଷୁଧା ହିଁ ମୋ ଜୀବନର ପ୍ରଗାଢ଼ତମ ସତ୍ୟ । ମୁଁ ବୁଝିଛି ସେ ବଞ୍ଚିବା ଅନ୍ୟତମ କ୍ଷୁଧା । ସେଥିପାଇଁ ମୁଁ ଜାଗ୍ରତ ରହେ; ଚଞ୍ଚଳ ଓ ଉଦ୍‌ବିଗ୍ନ ରହେ । ସେଥିପାଇଁ କ୍ଷୁଧାକୁ ମଧ୍ୟ ମୁଁ ବଞ୍ଚେଇରଖେ ଏବଂ ସେ କ୍ରିୟାଟି ମୋ ପାଇଁ ନିତ୍ୟପ୍ରବୃତ୍ତ ବର୍ତ୍ତମାନ । ସମୁଦ୍ରର ଜୁଆର ଏବଂ ଭଟ୍ଟା ପରି ମୋ ଭିତରେ ସେ ଉଠେ ଏବଂ ପଡ଼େ । ମୋର ନିଃଶ୍ୱାସ-ପ୍ରଶ୍ୱାସ ପରି, ମୋର ରକ୍ତପ୍ରବାହ ପରି ତାହା ଅବିରାମ ସକ୍ରିୟ ଥାଏ । ପ୍ରଥମେ ସେ ଅଳି କରେ । ମୋର କ୍ରୋଡ଼ାଶ୍ରିତ ଏ ଶିଶୁକ୍ଷୁଧା ପାଇଁ ମୁଁ ବିଶେଷ ଉଦ୍‌ବିଗ୍ନ ନୁହେଁ । ତାକୁ ବରଂ କାନ ନ ଦେଇ ମୁଁ ଶୋଇଯିବାର ଚେଷ୍ଟାକରେ । ଗୋଟାଏ ଦି'ଟା ସୂର୍ଯ୍ୟ ଏବଂ ଚନ୍ଦ୍ର ମୋ ମୁଣ୍ଡ ଉପର ଦେଇ ପାରିହୋଇଯିବାର ମୁଁ ଅନୁଭବକରେ । ତା'ପରେ ସୃଷ୍ଟିକୁ ଅନ୍ଧାର ଘେରିଆସେ । ମୋ ଭିତରେ ପୂର୍ଣ୍ଣାବୟବ କ୍ଷୁଧା ହୃତ୍‌ପିଣ୍ଡକୁ ଠେଲି ଉଭାରି ରହେ । ଘର୍ମାକ୍ତ ଅବସ୍ଥାରେ ମୁଁ ଚାରିଆଡ଼େ ଅଣ୍ଡାଳେ । ମୋର ସ୍ତ୍ରୀ, ପୁତ୍ର ବୋଲି ଚିତ୍କାର କରୁଥିବା ସେ ଅନ୍ୟ ପ୍ରାଣୀମାନଙ୍କ ହାତମୁଠା ଭିତରୁ ଉଚ୍ଛିଷ୍ଟ ଆଣିବାକୁ ମୁଁ ଉହୁଙ୍କିଯାଏ । ସେମାନେ ବଣର ପକ୍ଷୀ ପରି ମୋ ପଛାତକୁ ଉଡ଼ିଯାନ୍ତି । ମୋର ସମଗ୍ର ଶରୀର ଟାଣିହୋଇଯାଏ । ଖାଇବାକୁ ତେଣିକି ମୁଁ ଯେକୌଣସି ଜୀବ ସାଙ୍ଗରେ ଲଢ଼ିବାକୁ ପ୍ରସ୍ତୁତ । ମୋ ସରୁ ଚଲାରାସ୍ତାରେ ମୁଁ ଟଳୁଥାଏ । ମୋ ପାଖରେ ଆହୁରି ବିସ୍ତୃତ ଏବଂ ପ୍ରାଞ୍ଜଳ ଦିଶୁଥାଏ ଢଳଢଳ ମୃତ୍ୟୁର ସମୁଦ୍ର । ତଥାପି ଅଣ୍ଡାଳିଲାବେଳକୁ ମୋ ଜାବ ଭିତରେ କେବଳ ମୁଠା ମୁଠା ଶୁଖିଲା ମାଟି ଏବଂ ଗେଙ୍ଗୁଟି । ଶିରାପ୍ରଶିରା ଫାଉଁ ଫାଉଁ ହୋଇ ଜଳିଉଠେ । ଶଟା ବିସ୍ତାର କରି ଶହେଟା ମୁହଁରେ ଶ୍ୱାପଦ କ୍ଷୁଧାକୁ ମୁଁ ଆଉ ଧାରଣ କରିପାରେନାହିଁ । ମୁଁ ହୋଇଯାଏ ସ୍ୱୟଂ ସେଇ ଶ୍ୱାପଦ । ସେଇ ଅବସ୍ଥାରେ ମୁଁ ମୋର ମଲାପୁଅର ମାଂସ ଖାଇଯିବାର ବେଳେ ବେଳେ ଶୁଣାଯାଏ । କିଛି ବିଚିତ୍ର ନୁହେଁ । ମୁଁ ସେତେବେଳେ ସ୍ୱୟଂ କ୍ଷୁଧା ହୋଇ ଜଳୁଥାଏ । ମୋ ପାଇଁ ସାରା ସୃଷ୍ଟି ଅନ୍ନମୟ---ମାଟି, ଗୋଡ଼ି, ପଥର, ଗଛ, ମଣିଷ, ସାପ, କଙ୍କଚ ସବୁ !!

'ମଣିଷ ପାଇଁ ଖାଇବା କିଛି ବଡ଼କଥା ନୁହେଁ ।'---ଆପଣ କୁଆଡ଼େ ସେତିକିବେଳେ ଚିତ୍କାର କରନ୍ତି, "ମଣିଷ ସ୍ୱାର୍ଥପର, କିନ୍ତୁ ଆଉ ଗୋଟିଏ ସମୂହସ୍ୱାର୍ଥ ପାଇଁ ତାକୁ ନିଜକୁ ଉତ୍ସର୍ଗ

Digitized by srujanika@gmail.com

କରିବାକୁ ହୁଏ । ପରିବାର ଭିତରେ ସ୍ୱର୍ଗୀୟ ପ୍ରେମ, ବାତ୍ସଲ୍ୟ, ଆଦର, ଅନୁରାଗ ପାଇ ସେ ଧନ୍ୟହୁଏ । ସମାଜର ନୀତି ନିୟମ ଶୃଙ୍ଖଳା ମାନି ଚଳିବା ତା'ର କର୍ତ୍ତବ୍ୟ । ଭୟ, ଭକ୍ତି, ଜ୍ଞାନ ମାଧ୍ୟମରେ ସେ ପରମ ସତ୍ୟ ଲାଭକରେ । ପରମ ସତ୍ୟ ହିଁ ଈଶ୍ୱର ।" ଆପଣଙ୍କୁ ମୁଁ ଶୁଣେନାହିଁ, ଦେଖେନାହିଁ କିମ୍ବା ବୁଝେନାହିଁ । କ୍ଷୁଧାରୂପୀ ଲଘିଷ୍ଠ ମଣିଷ କେବଳ ବିକଟାଳ ଚିତ୍କାର କରେ । ଆପଣ ମଧ୍ୟତାକୁ ଦେଖନ୍ତି ନାହିଁ କିମ୍ବା ବୁଝନ୍ତି ନାହିଁ । କିନ୍ତୁ ମଣିଷ ଭାଷାରେ ତର୍ଜମା କଲେ, ତା'ର ସେ ଚିତ୍କାରର ଅର୍ଥ ବୋଧହୁଏ ହୁଅନ୍ତା--- "ଚୋପ୍‌ବେ ! ନାଲାଏକ, ଅଫିମଖୋର୍, ଗଞ୍ଜୋଡ଼୍ ଶଇତାନ କାହାଁକା ! ତୁ କେବେ ଭୋକେ ରହିଛୁ ? ପାଟିରେ ମୁଠା, ବାଲି ଭର୍ତ୍ତିକରି ଶୂନ୍ୟକୁ ଚାହିଁଚୁ ? ଯେବେ ଜାଣିନାହୁଁ ବଞ୍ଚିବାର ନ୍ୟୂନତମ ଅର୍ଥକଣ, ତେବେ ଚୁପ୍‌କର !" ସ୍ୱାର୍ଥ ହିଁ ଆଦିମ ସତ୍ୟ, ବାକି ସବୁ ତା'ର ପୋଷାକ । ମୋ'ର ଫମ୍ପା ଫୁସ୍‌ଫୁସ୍‌କୁ ଥଣ୍ଡା ପବନରେ ପୂର୍ଣ୍ଣ ନ କଲା ପର୍ଯ୍ୟନ୍ତ, ମୋର କଳିଜାର ଶୂନ୍ୟ ଘଟ ଭିତରେ ଉଷୁମ ରକ୍ତଗୁଡ଼ାକ ଭର୍ତ୍ତି ନ ହେବା ପର୍ଯ୍ୟନ୍ତ ଏବଂ ମୋର ଚରାମୁଣି ଭିତରେ ତାଳପତ୍ରଗୁଡ଼ାଏ ପଶି ତରଳ ନିଆଁରେ ନ ସିଝିବା ପର୍ଯ୍ୟନ୍ତ, ମୁଁ ବଞ୍ଚିଛି ବୋଲି ପ୍ରମାଣ ନାହିଁ । ନା, ମୁଁ ଆଉ କାହା ପାଇଁ ମରିବାକୁ ପ୍ରସ୍ତୁତ ନୁହେଁ । କେହି ପ୍ରସ୍ତୁତ ନୁହନ୍ତି । କେତେ ଜଣ ସେମିତି ନିଜକୁ ଏବଂ ଅନ୍ୟମାନଙ୍କୁ ଠକିବାର ଅପଚେଷ୍ଟା କରନ୍ତି କେବଳ । ମୋତେ ଭୋକକଲେ ମୁଁ ଅବଶ୍ୟ ଖାଇବି । ତାହାହିଁ ପ୍ରାଥମିକ ଶୃଙ୍ଖଳା । ସେଥିପାଇଁ ଅନ୍ୟ ଯେକୌଣସି ନୀତି ନିୟମ ମୁଁ ଭାଙ୍ଗି ଦେଇପାରେ । ପାରୁଛ ତ ମୋତେ କିଛି ଅନ୍ନ ଦିଅ । ମୁଁ ତୁମର ସତ୍ୟ ନେଇ କଣ କରିବି ? ତାହା ତୁମ ପାଇଁ ତୁମ ରେଶମୀ ପୋଷାକ ଭଳି ଗୋଟିଏ ବିଳାସ ସାମଗ୍ରୀ । ବଣ ଭିତରେ ନିଆଁ ଲାଗିଥିଲାବେଳେ ମାଇଲ ମାଇଲ ବିସ୍ତୀର୍ଣ୍ଣ ଜଳନ୍ତା ରଡ଼ ଉପରେ ଠିଆରହି ତୁମେ ତୁମ ସତ୍ୟ ଉପରେ ଭାଷଣ ଦେଇପାରିବ ? ବିଚିତ୍ର ରଙ୍ଗରେ ତୂଳୀ ବୁଡ଼େଇ ସେଥିରୁ ଗୁଡ଼ାଏ ଫାଲ୍‌ତୁ କାମ କରିପାରିବ ? ନାନା ଭଙ୍ଗୀରେ ସ୍ୱରକୁ ବାଗେଇ ଗୀତ ବୋଲିପାରିବ ? ଚିତ୍କାରକରି ବଞ୍ଚିବାର ଆଦିମ ଦାୟିତ୍ୱ ତୁଲେଇବାକୁ ଅନିର୍ଦ୍ଦିଷ୍ଟ ଭାବେ ଧାଇଁଲାବେଳେ କହିପାରିବ ତୁମେ ଉଲଗ୍ନ ନା ପରିହିତ ? ମୁଁ ଜାଣେ, ସେ ଅବସ୍ଥାରେ ତୁମେ ମୋରି ଭଳି କେବଳ ଧାଇଁବ ଓ ଡେଇଁବ । କିନ୍ତୁ ସେଭଳି ଡେଇଁବା କଣ ତୁମ ସଭ୍ୟତାର ଲକ୍ଷଣ ? ତୁମ ସଂସ୍କୃତି, ଧର୍ମ ଆଦି ସେଥିରେ ଲଜ୍ଜିତ ହେବେନାହିଁ ?

ଧେତ୍‌ତେରି, ତୁମ ଧର୍ମ ଆଉ ତୁମର ସେ କିମ୍ଭୁତ ଈଶ୍ୱର ! ପାଚିଲା ତରଭୁଜ ଭଳି ଯଦି ସେ କିଛି ସ୍ୱାଦିଷ୍ଟ ପଦାର୍ଥ ହୋଇଥାଏ, ସୋରାଏ ପଠାଇବ---ମୁଁ ଚାଖିଲେ କହିବି ସେ ସତ୍ୟ ନା ମିଥ୍ୟା । ମୋ' ଆଖି, ନାକ, କାନକୁ ଘେରି ଯେଉଁ ଟିକକ ପୃଥିବୀକୁ ମୁଁ ଅହରହ ଚାଖୁଥାଏ ତାହାହିଁ ସତ୍ୟ । ତା' ବାହାରେ ବା ଉପରେ, ଯା ପଛରେ ବା ତଳେ କିଛି ନାହିଁ । ସେସବୁ ତୁମର ପ୍ରଳାପ । ଏବେ ଏବଂ ଏଇଠି ଯାହା ଅଛି ତାହାହିଁ ତାହା---ତାକୁ ସତ ମିଛ କରିବା ତୁମର ଖିଆଲ । ମୁଁ ସେ ଗୋଲକଧନ୍ଦା ବୁଝେନାହିଁ---ଲଘିଷ୍ଠ ମଣିଷର ନ୍ୟୂନତମ ଭୂମିରେ ସେସବୁ କିଛି ନାହିଁ । କିନ୍ତୁ ତୁମ ଭାଷାକୁ ତର୍ଜମା କଲାବେଳେ ମୁଁ ତୁମ ଅଭିଧାନରୁ କିଛି ବ୍ୟବହାର କରିବାକୁ ବାଧ୍ୟ ।

Digitized by srujanika@gmail.com

ନାରୀ ମୋ' ପାଇଁ ଆଉ ଏକ କ୍ଷୁଧା । ସେ ବି ଖୁବ୍ ନିବିଡ଼ ଏବଂ ଆଦିମ ଏକ ସତ୍ୟ । ଆମେ ଦୁହେଁ ପରସ୍ପରକୁ ଖାଉ ଏବଂ ଭୋକ ମେଣ୍ଟେନାହିଁ ବୋଲି ପୁଣି ଖାଉଥାଉ । ଏଣୁ ଏ କ୍ଷୁଧାଟିକୁ ମଧ୍ୟ ମୋତେ ପୋଷି ପାଳି ବଞ୍ଚେଇ ରଖିବାକୁ ହୁଏ । ପ୍ରଥମ କ୍ଷୁଧାରେ ଅଧେ ଜଳିଗଲାବେଳେ ଏଥିରେ ଅଧେ କଅଁଳିଯାଏ । ଗୋଟିକରେ ମୁଁ ହିଁ କେବଳ ଖାଏ । ମତ୍‌ଭିନ୍ନ ବାକିସବୁ ଅନ୍ନପିଣ୍ଡ । ଅନ୍ୟଟିରେ ଉଭୟେ ଖାଉ ଏବଂ ଉଭୟେ ଅନ୍ନ । ଉଭୟ କ୍ଷେତ୍ରରେ ଭୋକ ମେଣ୍ଟାଇବା ଏକ ପ୍ରଗାଢ଼ ସମ୍ଭୋଗ । ସେଥିପାଇଁ ହୁଏତ ମୁଁ ବଞ୍ଚିବାକୁ ଚାହେଁ---ପ୍ରଗାଢ଼ ଭାବରେ ବଞ୍ଚିବାକୁ ଚାହେଁ ।

ଆପଣ ମଧ୍ୟ ଚାହାନ୍ତି; କିନ୍ତୁ କେଜାଣି କାହିଁକି ଏତେ ପରିଷ୍କାର ଭାବରେ ସ୍ୱୀକାର କରିବାକୁ ଚାହାନ୍ତିନାହିଁ । ଆପଣ ଅନେକଗୁଡ଼ିଏ ଆବରଣର ଗରିଷ୍ଠ ମଣିଷ । ଆପଣଙ୍କ ବଞ୍ଚିବା ଭିତରେ ଅନେକ ଅତିରିକ୍ତତା ଏବଂ ଗୁଡ଼ାଏ ମିଛିମିଛିକା ଖେଳ ମୁଁ ଲକ୍ଷ୍ୟ କରିଛି । ଭୋକର ରୁଦ୍ରରୂପ ଆପଣ ନିଜ ପଞ୍ଜୁରୀରେ ପାଳିନାହାନ୍ତି । ଯୌନତାର ପ୍ରଗାଢ଼ ଅନିବାର୍ଯ୍ୟତା ପାଇଁ ଅପେକ୍ଷା କରିପାରିନାହାନ୍ତି । ଆପଣଙ୍କ ଉଚ୍ଚଭୂମିରେ ଚରାଭୂଇଁ ଅନେକ ପ୍ରଶସ୍ତ; ସବୁ ପ୍ରକାର କ୍ଷୁଧା ପାଇଁ ଅନ୍ନ ଅନେକ ବେଶୀ । ଏହି ଅତିରିକ୍ତତା ପାଇଁ ଆପଣ ରକ୍ତମାଂସରେ ପ୍ରଚୁର ଖେଳୁଥାନ୍ତି । ହାଡ଼ ରସ ପଞ୍ଜୁରୀ ଉପରେ ସୁବର୍ଣ୍ଣର ଛାଇ ବିଛେଇ ଆପଣ ଗୁଡ଼ିଏ ନକଲି କ୍ଷୁଧା ସୃଷ୍ଟି କରନ୍ତି; କାରଣ କ୍ଷୁଧା ଯଦି ଲିଭିଯାଏ, ବଞ୍ଚିବାରେ ମୌଳିକ ପ୍ରବେଶ ହିଁ ଲିଭିଯିବ । ଏଣୁ କେମିତି ହେଲେ ନିଆଁଟାକୁ ଜାଳି ରଖିବାକୁ ହେବ । ଆପଣଙ୍କ ଗରିଷ୍ଠ ଜୀବନରେ କ୍ଷୁଧାଗୁଡ଼ିକ ସବୁ କାଳ୍ପନିକ ଏବଂ ମନଗଢ଼ା । ଆପଣଙ୍କ କେନ୍ଦ୍ରରେ ଆଉ ହୁତ୍‌ହୁତ୍ ହୋଇ କୌଣସି ପ୍ରଗାଢ଼ ଅଗ୍ନି ଜଳୁନାହିଁ । ଆସ୍ତେ ଆସ୍ତେ ତାହା ବିକେନ୍ଦ୍ରିତ ହୋଇଯାଇଛି । ଅପସରିଯାଉଥିବା, ବିସ୍ତୃତ ହୋଇଯାଉଥିବା ଅଗ୍ନିବଳୟର ଏଠି ସେଠି ଟିକିଏ ଶିଖା ଦିକ୍‌ଦିକ୍ ହେଉଛି କେବଳ । ଆପଣ ଏଇଠି ଏବଂ ଏଇ ମୁହୂର୍ତ୍ତରେ ବଞ୍ଚିପାରୁନାହାନ୍ତି; ବଞ୍ଚିଜାଣିନାହାନ୍ତି । ସବୁବେଳେ ବହୁ ଦୂରରେ ଗୋଟାଏ ଅନୁମାନିକ ସମ୍ଭାବନାକୁ ନେଇ ବଞ୍ଚିଥାଆନ୍ତି । ସେଇଠି ଆପଣଙ୍କ କ୍ଷୁଧା, ସେଇଠି ଆପଣଙ୍କ ଅନ୍ନ । ଆଖି ବୁଜିଦେଲେ କୁଆଡ଼େ ଆପଣଙ୍କୁ ବେଶି ଦିଶେ । କିଛି ଶବ୍ଦ ନ ହେଲେ ବେଶି ଶୁଭେ । ଶୂନ୍ୟଟାକୁ ପୂର୍ଣ୍ଣ ବୋଲି ଆପଣ କୁଆଡ଼େ କୁଣ୍ଢେଇ ଧରନ୍ତି । ମୁଁ କେବଳ ବୁଝିପାରେନାହିଁ ଗୋଟିଏକଥା---ଆପଣଙ୍କ ପାହାଡ଼ର ସବା ଉପରେ ଯେ ବସିଥାନ୍ତି ତାଙ୍କ ଚେର ମଧ୍ୟ ଏଇ ନିମ୍ନତମ ଭୂମିରେ ମୋ'ରି ଚେର ଭଳି ଲଟେଇ ହୋଇଥାଏ । ସେ ମୋ ଅପେକ୍ଷା ବେଶି ଖାଆନ୍ତି, ବେଶି ଭୋଗକରନ୍ତି---କିନ୍ତୁ କହନ୍ତିନାହିଁ; ବରଂ କହନ୍ତି ଯେ ଏ ସବୁ ମଣିଷ କରେ ନାହିଁ । ମଣିଷ ଭିତରେ ଗୋଟିଏ ପଶୁ ଲୁଚିରହିଚି । ସେ ହିଁ ଖାଏ, ସେ ହିଁ ସନ୍ତାନ ଉପଜାତକରେ, ଏସବୁ ମଣିଷ କରେନାହିଁ । ମଣିଷ କୁଆଡ଼େ ତା' ଥୋମଣି ଯେତେ ଉପରକୁ ଟେକି ରଖିଥିବ ଏବଂ ତାରା ଗଣୁଥିବ, ସେ ସେତିକି ଖାଣ୍ଟି । ମୋହାବିଷ୍ଟ ନହେଲେ କୁହୁଡ଼ିଟାକୁ ପହଁରିବା ପାଇଁ କେହି ଡେଇଁ ପଡ଼ିବେ ନାହିଁ---ଏବଂ ମୋହାବିଷ୍ଟ ହେବା ଗରିଷ୍ଠ ମଣିଷଙ୍କର ଲକ୍ଷଣ । ବିଳାସର ମାତ୍ରା ସଭ୍ୟତାର ମାପକାଠି ଏବଂ ବିଳାସ ଏକ ଅତିରିକ୍ତ ମୂଲ୍ୟ । ଆପଣ ଯାହାକୁ ସଙ୍ଗୀତ କହି ବିଭୋର ହୁଅନ୍ତି, ତାହା କେବଳ କଥା

Digitized by srujanika@gmail.com

କହିବା ଏବଂ ଶୁଣିବାର ବିଳାସ । ଯାହାକୁ ସାହିତ୍ୟ କହନ୍ତି, ସେ ସେଇ କଥାଗୁଡ଼ିକର ଅଙ୍କାବଙ୍କା ରେଖାରୂପ । ରଙ୍ଗ ମଡ଼େଇଦେଲେ ଚିତ୍ର-କଳା । ଆଖି ବୁଜି ଗୋଟାଏ ମିଛିମିଛିକା ରାଜ୍ୟରେ କଥାକୁ କଥା କୌଶଳରେ ଖଞ୍ଜିଦେଲେ ସେ ହେଲା ଦର୍ଶନ । ଆପଣଙ୍କର ହରରଙ୍ଗୀ ପୋଷାକ ଭଳି, ଏ ସମସ୍ତ କେବଳ ନାନା ପ୍ରକାର ଖୋଳ ଜୀବନଯାକ ବଞ୍ଚିବାର ବାହାନାରେ ଆପଣ ଏଥିରେ ମାତି ସାରିଲା ପରେ ଠିକଣାବେଳେ ଏ ପର୍ବତପରି ଆବରଣ ତଳୁ ସେଇ ହାଡ଼ ଚମର ଲଘିଷ୍ଠ ସତ୍ୟଟି ଗଳିପଡ଼େ, ପଛରେ ପଡ଼ିରହିଯାଏ । ସବୁ ଅତିରିକ୍ତତା ମୋତେ ପ୍ରସ୍ତ ପ୍ରସ୍ତ ଘୋଡ଼େଇ ପକେଇଲେ ମୁଁ ମଧ ମୋର ନିକଟତମ ଅନୁଭବରୁ ଦୂରେଇଯିବି । ମୁଁ ହୋଇଯିବି ଗରିଷ୍ଠ, କୃତ୍ରିମ ଓ ଜଟିଳ । ଆପଣଙ୍କୁ ସେ ଖୋଳପାଗୁଡ଼ିକରୁ ଖସେଇ ଆଣିଲେ ଆପଣ ହୋଇଯିବେ ନିରାବରଣ, ନଗ୍ନ ଓ ଲଘିଷ୍ଠ ।

ଆପଣ ସେ ପାହାଡ଼ ଉପରେ ଆଖିବୁଜି ମୋତେ ଖୋଜିଛନ୍ତି । ମୋର ରୂପ, ରଙ୍ଗ, ବର୍ଣ୍ଣ, ସ୍ୱଭାବ, ଲକ୍ଷଣ ଆପଣଙ୍କୁ ସୁହାଇଲା ଭଳି କଳ୍ପନା କରିଛନ୍ତି, କିନ୍ତୁ କେବେହେଲେ ମୋତେ ପାଇନାହାନ୍ତି । ନଜାଣିଥିବା ବିଷୟରେ ଆପଣ ସବୁବେଳେ ଖୁବ୍ ପ୍ରଗଲ୍‌ଭ । କାରଣ ରୋକ୍‌ଠୋକ୍ ସତଥରେ ମାତ୍ର କୁହାଯାଏ ଏବଂ ପଦକରେ କୁହାଯାଏ । ଆପଣଙ୍କୁ ସେଥିରେ ଯଥେଷ୍ଟ ବିଳାସପାଇଁ ପରିସର ମିଳେନାହିଁ । ମୁଁ ବେଳେ ବେଳେ ମୋ' ଠାରୁ ଭିନ୍ନ ଜୀବ ଭଳି ଦିଶୁଥିବା ଆପଣମାନଙ୍କୁ ଦେଖେ; କିନ୍ତୁ ବୁଝିବାକୁ ବେଳ କାହିଁ ? ବୁଝାଇବାର ପ୍ରୟୋଜନ କାହିଁ ? ମୁଁ କେବେ ଆପଣଙ୍କୁ ମୋ ବିଷୟରେ କିମ୍ୱା ଆପଣଙ୍କ ବିଷୟରେ କିଛି କହେନାହିଁ; କିନ୍ତୁ ମୁଁ ଜାଣେ ଆପଣ ସ୍ତ୍ରୀ ପୁରୁଷଗୁଡ଼ିକ କଣ କରନ୍ତି ଏବଂ ଆପଣଙ୍କ କଂସେଇଶାଳାରେ କିମ୍ୱା ରୋଷେଇଶାଳାରେ କଣ ହୁଏ । କୌଣସି ରାତ୍ରିଭୋଜନରେ ଗୁଡ଼ାଏ କୃତ୍ରିମ ଆଲୁଅ, ସଙ୍ଗୀତର ଗୁଡ଼ିଏ ସରୁ ସରୁ ଶବ୍ଦ ଭିତରେ କାଠକୁଣ୍ଢେଇ ପରି ସଜ୍ଜିତ ହୋଇଥିବା ଧାଡ଼ି ଧାଡ଼ି ଲୋକଙ୍କ ଗହଣରେ, ଗୋଟାଏ ଟେବୁଲ ଉପରେ କାଚ ଥାଳିଆରେ ଯାହା ପରଷା ହୁଏ, ଏବଂ ଯାହାକୁ ଗୋଟିଏ ଚାମୁଚ ବୁଡ଼େଇ ଚାଖନ୍ତି, ତାହା କୁଆଡ଼େ ତାଳରସରେ ତିଆରି, କିନ୍ତୁ କୌଣସି ନିରୋଳା ଅପରାହ୍ନରେ ମୁଁ ସେଇ ଗଛମୂଳେ ଠିଆହୋଇ ପାଚିଲା ତାଳଟାକୁ ଦାନ୍ତରେ ଭିଣି ଶୋଷିଦିଏ । ମୋର ଦଶଆଙ୍ଗୁଳି ସନ୍ଧାରୁ ତା'ର ବହଳ ଦୋରୁଅ ନିଗିଡ଼ି ଆସି ମୋର ଝାଳ ଲଟଲଟିଆ ବୁକୁ ଓ ପେଟ ଉପରେ ଥୋପିପଡ଼େ । ମୋ ଉପରେ ତାଳପତ୍ରଗୁଡ଼ିକ ପବନରେ ଖଡ଼ଖଡ଼ ହେଉଥାନ୍ତି । ମୋ ପଶ୍ଚାତ୍‌ରେ ନିରାବରଣ ନଗ୍ନ ସୂର୍ଯ୍ୟଟିଏ ବୁଡ଼ିଯିବାର ଉପକ୍ରମ କରୁଥାଏ । ମୁଁ ଆଖି ବୁଜି ସବୁ ଅନୁଭବ କରୁଥାଏ । ମୁଁ ଜାଣେ ତାହା କଣ । ମୋର ପ୍ରତ୍ୟେକ ରୋମ ସେତେବେଳେ ତାଳ ଖାଉଥାଏ । ଖାଉ ଉଭୟେ--- ଆପଣ ଏବଂ ମୁଁ; କିନ୍ତୁ ଆପଣ ହିଁ ସେ ବିଷୟରେ ଭାଷଣ ଦିଅନ୍ତି । ମୋତେ ନ ପାଇଲେ ମଧ ମୋ ଉଦ୍ଦେଶ୍ୟରେ ସନ୍ଦର୍ଭ ଲେଖନ୍ତି, ବୁଝାଇବାକୁ ଚେଷ୍ଟା କରନ୍ତି ତାଳଖିଆ କଣ ।

ଆପଣ ବହୁ ଆବରଣର ଗରିଷ୍ଠ ମଣିଷ---ଅତିରିକ୍ତ ଭାବବିଳାସୀ ମଣିଷ । ଆପଣଙ୍କ ଭାବ ମୁଁ ବୁଝେନାହିଁ । ବୁଝିବାକୁ ବେଳ ନାହିଁ । ମୁଁ ଅନୁଭବ ବୁଝେ । ମୁଁ ନିରାବରଣ ଲଘିଷ୍ଠ ମଣିଷ । ଆପଣଙ୍କ ଭଳି ନିଜଠାରୁ ମୁଁ ଏତେ ଦୂରେଇ ଯାଇ ପାରିବି ନାହିଁ । ଆପଣଙ୍କ ଭାଷାରେ

Digitized by srujanika@gmail.com

ମୁଁ ଆଦିମ, ଅନୁନ୍ନତ, ଅସଭ୍ୟ, କ୍ଷୁଧାର୍ତ୍ତ ପ୍ରାଣୀବିଶେଷ । ଆପଣ ହିଁ ସଭ୍ୟ,ଉନ୍ନତ, ଆଧୁନିକ । ସାହିତ୍ୟ ସଂସ୍କୃତି ବିଜ୍ଞାନମଣ୍ଡିତ ଶୀର୍ଷବିନ୍ଦୁ ଆପଣ । ମୃତ୍ୟୁର ବେଳାଭୂମିରେ ବଞ୍ଚିବାର ନ୍ୟୂନତମ ଭୂମିକୁ ଆପଣ ଓହ୍ଲେଇ ଆସିବା ସମ୍ଭବ ନୁହେଁ । ଏଣୁ ମୋତେ ମୁହାଁମୁହିଁ ଆବିଷ୍କାର କରିବା ମଧ୍ୟ ସମ୍ଭବ ନୁହେଁ । କିନ୍ତୁ କହିପାରିବେ, ଆପଣ କାହିଁକି ମୋତେ ଏତେ ଡରନ୍ତି ? ଏବଂ ସେଇ ଡରରେ ଏତେ ଆତୁର ହୋଇ ଖୋଜୁଥାନ୍ତି ? ମୋ ଉପରେ ବାରମ୍ଵାର ଝୁଣ୍ଟିପଡ଼ିଲେ ମଧ୍ୟ, ଆଖି ମେଲେଇ ମୋତେ ସ୍ଵୀକାର କରିପାରନ୍ତିନାହିଁ ? ଏବଂ ବାରମ୍ଵାର ଅଣ୍ଡାଳି ହୋଇ ଖୋଜୁଥାନ୍ତି ? ମୁଁ ପରା ଆପଣଙ୍କ ଛାଇ ଆଢୁଆଳରେ ଲୁଚିଯାଇଚି ! ସାହସର ସହିତ ସେଇଠି ଥରେ ଖୋଜିପାରିବେ ? ମୁଁ ଆପଣଙ୍କର ହିଁ ଲଘିଷ୍ଠ ଉପାଦାନ । ଯାହା ଉପରେ ଏ ସମଗ୍ର ପାହାଡ଼ ଠିଆହୋଇଛି, ମୁଁ ସେଇ ଲଘିଷ୍ଠ ମଣିଷ ।

❖❖❖

Digitized by srujanika@gmail.com

ଯିଶୁ

ସେ ଗୋଟିଏ ଅତି ବିଷର୍ଣ୍ଣ ଅପରାହ୍ଣର କଥା । ନିଜ କ୍ରୁଶ ନିଜେ ବହନ କରି କ୍ରମଶଃ ପୃଥିବୀରୁ ଅପସରିଯାଉଥିବା କୌଣସି ବିଡ଼ମ୍ୱିତ ଦେବ ଶିଶୁର କାହାଣୀ । ଲଲାଟରେ ତାର ଲାଞ୍ଛନା ଓ ବିଦ୍ରୁପର ରକ୍ତ, ପିଠିରେ ହିଂସ୍ରତା ଓ ବିଦ୍ୱେଷର କଷାଘାତ । ରୋମେ ରୋମେ କୃତଘ୍ନତାର ଧୂସର ବହ୍ନି । ସେ ଦିନର ଆକାଶ ଉଦ୍‌ବିଗ୍ନ । ପବନ ଭାରାକ୍ରାନ୍ତ । ଚାରିଆଡ଼େ ଆସନ୍ନ ହତ୍ୟାର ଉତ୍କଣ୍ଠତା । ବିଚାରକର ପ୍ରକୋଷ୍ଠର ବଧଭୂମି ମାଇଲ ମାଇଲ ବ୍ୟଥାର ବର୍ଷ । ଦୁର୍ବହ କ୍ରୁଶ ଏବଂ କୃତଘ୍ନତାର ଭାର ତଳେ ଯାତ୍ରୀଟି କ୍ଳାନ୍ତ, ଘର୍ମାକ୍ତ । କପାଳରୁ ତାର ଖସିଆସୁଛି ଧାର ଧାର ସ୍ୱେଦ ଏବଂ ରକ୍ତ । ହୁଏତ ଆଖିରୁ ଖସିଆସୁଛି କିଛି କିଛି କରୁଣାର ଅଶ୍ରୁ । ସମଗ୍ର ବ୍ୟଥାତୁର ଶରୀରରୁ ଛିଡ଼ିପଡୁଚି ଅନେକ ଲୋତକ । ଆର୍ଦ୍ର ହୋଇଯାଉଛି ତାର କମ୍ପିତ ପଦଯୁଗଳ । ଏ ପୃଥିବୀର କୃତଘ୍ନ ଧୂଳି ଉପରେ ଏ ଲୋହିତ ପଦଚିହ୍ନ ଆଉ ହୁଏତ ପଡ଼ିବ ନାହିଁ । ଫେରିବ ନାହିଁ ବଧଭୂମିକୁ ଯାଉଥିବା ଏ ଭାରାକ୍ରାନ୍ତ ଦେବଶିଶୁ । ସେଦିନ ସନ୍ଧ୍ୟାରେ ଛୋଟ ଛୋଟ ବିଷାକ୍ତ ମଣିଷଙ୍କ ପାଇଁ ମହୋତ୍ସବର ଆୟୋଜନ । ସେମାନେ ଚିତ୍କାରକରି ଚାଲିଛନ୍ତି, ଦେବଶିଶୁଟିକୁ ହତ୍ୟା କରିବେ । ସେଦିନ ସନ୍ଧ୍ୟାରେ କ୍ରୁଶବିଦ୍ଧ ହେବ ପ୍ରେମ ଏବଂ କରୁଣା । ଜିଘାଂସା ଚିତ୍କାର କରୁଛି । ଛୋଟ ଛୋଟ ମଣିଷ ଚିତ୍କାର କରୁଛନ୍ତି ।

ଏଣେ ବିଚାରକ ପିଲାତୁସ୍ ବୋଧହୁଏ ତାଙ୍କ ସିଦାନ ଉପରେ ବସି ମଦ୍ୟପାନ କରୁଥିବେ । ଦୃଷ୍ଟିହୀନ ଆଖି ଉପରେ ମଝିରେ ମଝିରେ ପଲକ ଲିଭିଯାଉଥିବ । ମନର ମଞ୍ଚ ଉପରେ ଅଭିନୀତ ହୋଇଯାଉଥିବ ସେଦିନ ଇଜ୍‌ଲାସର ଦୃଶ୍ୟ । ତାଙ୍କ ପଛପଟ ଗବାକ୍ଷରେ ହୁଏତ ନୀରବରେ ବୁଡ଼ିଯାଉଥିବ ସେଦିନର ସୂର୍ଯ୍ୟ । ପିଲାତୁସ୍ ମଦିରାରେ ଚୁମୁକ୍ ନେଇ ଭାବୁଥିବେ

---କାହିଁକି ସେଭଳି ଚିତ୍କାର କରୁଥିଲେ ସେ ମଣିଷସବୁ ? ଡହକୁଥିବା ଅଙ୍ଗାର ପରି ସେମାନଙ୍କର ଆଖି । ପାଟିର ବିବରଗୁଡ଼ାକ ଫେନାକ୍ତ । ନିଶ ଏବଂ ଦାଢ଼ି କ୍ଷୁଧାର୍ତ୍ତ ହୋଇ କେଡ଼େ କୁତ୍ସିତ ! କି ଭୟଙ୍କର ! କେଡ଼େ ଭୀଷଣ ସେମାନଙ୍କର ଜିଘାଂସା !...କିନ୍ତୁ...ପିଲାତୁସ୍‌ଙ୍କ ଅବଶ ହାତରୁ ନଇଁଆସିଥିବ ମଦିରାର ପାତ୍ର । କେଡ଼େ ଅଦ୍ଭୁତ ସେ ଇହୁଦୀ ଯୁବକଟି ? କେତେ ପ୍ରଶାନ୍ତ ତାର ମୁହଁ । କେତେ ଅଶ୍ରୁଳ ତାର ସେ କ୍ଳାନ୍ତ ଆଖିଯୋଡ଼ିକ । ଗୋଟିଏ ଦୀର୍ଘ ଶ୍ୱାସରେ ପିଲାତୁସ୍ ସ୍ମୃତି-ଚାରଣରୁ ମୁକୁଳି ଆସିଥିବେ । ମଦିରାର ପାତ୍ର ଉପରକୁ ନଇଁଆସିଥିବା ଈଷତ୍ କମ୍ପିତ ଓଷ୍ଠ

Digitized by srujanika@gmail.com

ଏବଂ ଈଷତ୍ ଘର୍ମାକ୍ତ ତାଙ୍କର ମସୃଣ ଲଲାଟ ।...ସେ କାହିଁକି ପ୍ରତିବାଦ କଲାନାହିଁ...କାହିଁକି ମୋତେ ମୁହଁ ଖୋଲି କହିଲାନାହିଁ...ସେ କିଏ ? ସେ ଘାତଗୋଷ୍ଠୀ ମିଥ୍ୟା ଅଭିଯୋଗ କରି ଚିତ୍କାର କରୁଥିଲେ । ଜନତାକୁ ଉତ୍ୟକ୍ତ କରୁଥିଲେ ଚିତ୍କାର କରିବାକୁ । ଇହୁଦୀମାନଙ୍କର ରାଜା କିନ୍ତୁ ନୀରବ ରହିଲା କାହିଁକି ! ତାର ନିଷ୍ପାପ ରକ୍ତପାତ କରି ପିଲାତୁସ୍ କଳୁଷିତ ହୋଇନାହାନ୍ତି ତ ? କିନ୍ତୁ କାହିଁକି ନ୍ୟାୟଦଣ୍ଡ ସେଇ କେତେଜଣ ମୁଖର ସଇତାନ୍‌ଙ୍କ କଥାରେ ଅପାପବିଦ୍ଧ ସେ ଅଦ୍ଭୁତ ମଣିଷଟିକୁ ହତ୍ୟା କଲା ? ତାଙ୍କର ଚିତ୍କାରକୁ ମୂଲ୍ୟ ଦେଇ କାହିଁକି ନରହନ୍ତା ବାରାବ୍‌ବାସ୍‌କୁ ମୁକ୍ତ କରିଦେଲେ ପିଲାତୁସ୍ ? ଭୟ ଏବଂ ଛଳନାକୁ ଲୁଚାଇବା ପାଇଁ ପିଲାତୁସ୍ କଣ ନ୍ୟାୟର ମୁଖା ପିନ୍ଧିନଥିଲେ ? ପିଲାତୁସ୍‌ଙ୍କୁ ଭିତରେ ବାହାରେ ସେ ଉଦାସ ଅଥଚ ଅବିକମ୍ପିତ ଶାନ୍ତ ମୁହଁଟି ଦିଶିଯାଉଥିବ । ସେ ଆଖିଯୋଡ଼ିକ ହୁଏତ ତାଙ୍କୁ ଭର୍ତ୍ସନା କରୁଥିବ, ଦୟା କରୁଥିବ ! ସେ ମୁହଁ ହୁଏତ ସାମାନ୍ୟ ଟିକିଏ ହସିଦେଇ ତାଙ୍କୁ କ୍ଷମାକରୁଥିବ । ପିଲାତୁସ୍ ସେଆତତାୟୀ ଇହୁଦୀମାନଙ୍କଠାରୁ ଭିନ୍ନ ନୁହନ୍ତି । ଇତସ୍ତତଃ କରୁଛନ୍ତି ପିଲାତୁସ୍ । କୋମଳ ସିଦାନ୍ ଉପରେ କଣ୍ଟକବିଦ୍ଧ ହେଉଛନ୍ତି ବିଚାରକ । ହାତର ପାପୁଲି ଘଷି ସେ କୌଣସି ରକ୍ତର ଦାଗ ଲିଭାଇ ପକାଉଛନ୍ତି । ପୋଛିପକାଉଛନ୍ତି ଗୋଟାଏ ଅସ୍ୱସ୍ତିକର ସ୍ମୃତି ।---ହ ଅ ଅ, କ୍ରୁଶରେ ଚଢ଼େଇବା କୋଉ ନୂଆ କଥା---ପିଲାତୁସ୍ କଣ ସେ ସବୁର ହିସାବ ରଖିବାକୁ ବାଧ ! ପୁଣି ମଦ୍ୟପାନ କରି ଆନତ ସନ୍ଧ୍ୟା ଯାପନ କରିଥିବେ କ୍ଳାନ୍ତ ବିଚାରକ ପିଲାତୁସ୍ !

ବଧଭୂମି ପାଖେଇ ଆସୁଥିବ ଅଜସ୍ର ଧୂଳି ଏବଂ କୋଳାହଳ ଭିତରେ । ସମଗ୍ର ମଣିଷ ଜାତିର ଅକୃତଜ୍ଞତା ସହସ୍ର ଗୁଣିତ କରିଥିବ ସେ କ୍ରୁଶର ଓଜନକୁ । ଆଃ ପିଟର !! ତୁମେ ପରା ବୁକୁ ଉପରେ ମଥା ରଖି କହିଥିଲ ଯେ କଦାପି ତାକୁ ଛାଡ଼ିଯିବ ନାହିଁ ବୋଲି ? ସେ ପରା ତୁମକୁ ପ୍ରେମର ଦୀକ୍ଷା ଦାନ କରିଥିଲା ? ତୁମକୁ ବୁକୁ ଉପରକୁ ଆଉଜାଇ ନେଇ ସେ ପରା ପ୍ରତିଶ୍ରୁତି ଦେଇଥିଲା ତୁମକୁ ସତ୍ୟର ସ୍ୱର୍ଗକୁ ନେଇଯିବ ବୋଲି ? ରାତି ନ ପାହୁଣୁ ତୁମେ ତାକୁ ବାରମ୍ବାର ଅସ୍ୱୀକାର କରିପାରିଲ ? ମୁହଁ ଫେରାଇ ନେଇ ତୁମେ କହିପାରିଲ ଯେ ତୁମେ ତାକୁ ଚିହ୍ନିନାହଁ ! ସାମାନ୍ୟ ପ୍ରାଣଟିକୁ ବଞ୍ଚାଇବାକୁ ତୁମେ ମାନବଜାତି ପାଇଁ ଏଡ଼େ ବଡ଼ ମିଛ କହିପାରିଲ ? ଏ ବିଷର୍ଣ୍ଣ ଅପରାହ୍ଣରେ କେଉଁଠି ଲୁଚି ରହିଗଲ ବାରଜଣଯାକ ଅନ୍ତରଙ୍ଗ ଭକ୍ତ ? ଏତେ ସାନ୍ନିଧ୍ୟ, ଏତେ ପ୍ରେମ, ଏତେ କରୁଣାର ପ୍ରତିଦାନରେ କଣ ମଣିଷ ଏତେ ଅକୃତଜ୍ଞ ହୋଇପାରେ ? ତୁମକୁ ପରା ସେ କୋଳାଗ୍ରତ କରିଥିଲା ? ଶେଷ ରାତ୍ରିରେ ପରା ତୁମ ପାଦ ଧୋଇ ଲୁଗାକାନିରେ ପୋଛିଦେଇଥିଲା ? କଣ କଲ ଜୁଦାସ୍ ? ମାତ୍ର ତିରିଶଟା ରୁପାର ମୁଦ୍ରା ପାଇଁ ଏଡ଼େ ବଡ଼ ବିଶ୍ୱାସକୁ ହତ୍ୟାକଲ ? ପ୍ରତାରିତ ପ୍ରେମର ରୂପାୟିତ ବିଗ୍ରହ କ୍ରୁଶ ବହନକରି ଧୂଳିଧୂସର, ନିଃସଙ୍ଗ ଯାତ୍ରୀ ଆଗେଇ ଚାଲିଥିବ ନିର୍ମମ ବଧଭୂମି ଆଡ଼କୁ । ଆଗରେ ପଛରେ, ଏ ପାଖେ ସେ ପାଖେ କେବଳ ଘୃଣା, ଅସୂୟା, ବିଦ୍ୱେଷ ଏବଂ ଜିଘାଂସା । ଆକାଶରେ ଧୂସର ମେଘ । ପବନରେ ଅନେକ ଧୂଳି । ସୂର୍ଯ୍ୟ ପ୍ରାୟ ଆଚ୍ଛନ୍ନ । ସେ ଏକାକୀ । ସେ କ୍ଳାନ୍ତ । ସେ ନୀରବ । ଏ ପୃଥିବୀରେ ସେ କାହାକୁ ବା କ'ଣ କହିବାର ଅଛି ?

..

Digitized by srujanika@gmail.com

ହତ୍ୟାର ଉତ୍ସବ ପରେ କୋଳାହଳ ସ୍ତିମିତ ହୋଇଆସୁଥିବ । ଆତତାୟୀ କ୍ଷୁଦ୍ର ମଣିଷଗୁଡ଼ିକ ଫେରିଯାଉଥିବେ ଦଳ ଦଳ ହୋଇ । ହୁଏତ ଅତୃପ୍ତ, ଅସ୍ୱସ୍ତି ବୋଧକରୁଥିବେ; କାରଣ କ୍ରୁଶବିଦ୍ଧ ହେଲାବେଳେ ମଧ୍ୟସେ ପ୍ରତିବାଦ କଲାନାହିଁ, ଚିତ୍କାର କଲା ନାହିଁ । ସେ ଅନ୍ୟକୁ ସୁଯୋଗ ଦେଲାନାହିଁ ବଳାତ୍କାର କରିବାକୁ । ସେମାନଙ୍କୁ ଅତି ଅସ୍ୱାଭାବିକ ବୋଧହେଉଥିବ, ଘୋର ଅସ୍ୱସ୍ତିକର ମନେ ହେଉଥିବ ସେ ସବୁ । ତଥାପି ମଳିନ ସଂଧ୍ୟାର ସେ ମେଘାଚ୍ଛନ୍ନ ଆକାଶ ତଳେ ସେମାନେ ଚିତ୍କାର କରି କରି ଫେରିଥିବେ । ଚିତ୍କାର ନକଲେ ଚାରିଆଡୁ ଗୋଟାଏ ନୀରବତା ସେମାନଙ୍କୁ ଘେରିଯାଉଥିବ । ସେ ନିରବତାର ପ୍ରତ୍ୟେକ କେନ୍ଦ୍ରରେ କଣ୍ଟକ । ତାର ପୀଡ଼ନରୁ ସେମାନେ ଖସି ପଳାଇ ଯାଉଥିବେ । ତାକୁ କୋଳାହଳ କରି ଭାଙ୍ଗିପକାଇବାକୁ ସେମାନେ ଚେଷ୍ଟା କରୁଥିବେ । ଆଃ---ଛୋଟ ଛୋଟ ମଣିଷଗୁଡ଼ିଏ ଘୋଷାରି ହୋଇ ଚାଲିଯାଉଥିବେ ଲୁଚିଯିବା ପାଇଁ । ସେ ଭଳି କ୍ଷୁଦ୍ର ମଣିଷ କଣ ଲଜ୍ଜିତ ହୋଇ ଜାଣୁଥିବ ? ଅନୁତାପ କରିପାରୁଥିବ ?--- କେଜାଣି ! କିନ୍ତୁ ସେମାନେ ଗୁଡ଼ାଏ ଅନ୍ଧାରକୁ ସାଉଁଟି ଅଣ୍ଡାଳି ଫେରିଯାଉଥିବେ ନିଜ ନିଜର କୁଣ୍ଡଳୀ ଭିତରକୁ । ପୃଥିବୀର ନିଷ୍କରୁଣ ଧୂଳି ଉପରେ ଅସଂଖ୍ୟ ଅନନୁତପ୍ତ ଖୋଜଚିହ୍ନ ଅଙ୍କିତ ହୋଇଯାଇଥିବ ଚିରଦିନ ପାଇଁ ।

ଏଣେ ନୀରବ କ୍ରୁଶଟିରୁ ରକ୍ତ ଝରୁଥିବ । ଦୁଃସହ ବ୍ୟଥାରେ ବିଦୀର୍ଣ୍ଣ ହୋଇଯାଉଥିବ ଶିରା, ଗ୍ରନ୍ଥି ଏବଂ ମାଂସ । ଦୃଷ୍ଟି ଉପରକୁ ନଇଁ ଆସୁଥିବ ଉତପ୍ତ ବାଷ୍ପ । ଆତୁର ଶରୀରଟି ଘର୍ମାକ୍ତ ହୋଇଆସୁଥିବ । ଉତ୍ପୀଡ଼ିତ ଅବୟବଗୁଡ଼ିକ ବେଦନାରେ ବିଳାପ କରୁଥିବେ । ଈଷତ୍ ଲିଭି ଲିଭି ଆସୁଥିବା ଛାଇ ଭିତରୁ କେହି କେହି ଚିତ୍କାର କରିବାର ଶୁଭୁଥିବ, "ତୁ ଯଦି ସତକୁ ସତ ଦେବଶିଶୁ, ତେବେ କ୍ରୁଶରୁ ଓହ୍ଲେଇ ପାରୁନାହୁଁ କାହିଁକି ? ତୋର ସେ ପରମପିତା ତତେ ରକ୍ଷା କରିପାରୁନାହିଁ କାହିଁକି ?" ଅବିଶ୍ୱାସ, ଘୃଣା, ତାଚ୍ଛଲ୍ୟର ସ୍ୱର ସବୁବେଳେ ସେହିପରି । ମୁହଁ ଉପରକୁ ତା'ର ଛାଟିହୋଇଯାଉଥିବ ସେମାନଙ୍କ ଦୁର୍ଗନ୍ଧ ଛେପର ବର୍ଷା । ଖଣ୍ଡ ଖଣ୍ଡ ହୋଇ ଝଡ଼ିପଡ଼ିବାର ଉପକ୍ରମ କରିଥିବ କ୍ରୁଶବିଦ୍ଧ ଶରୀର । ଏତେ ନିର୍ଯ୍ୟାତନା, ଏତେ ଅବମାନନା ମଣିଷ-ଧୈର୍ଯ୍ୟର ସୀମା ଭିତରେ ସମ୍ଭବ ନୁହେଁ । ଅନାବିଳ ପ୍ରେମର ଏଭଳି ଧର୍ଷଣ ଆଉ ଏ ପୃଥିବୀରେ ସମ୍ଭବ ନୁହେଁ । ସମଗ୍ର-ଜୀବଜଗତ୍‌ର ସାମୂହିକ ଯାତନା, ଅସହାୟ ଦୁର୍ବଳଗୁଡ଼ିକର ଯୁଗଯୁଗର ପୀଡ଼ନ, ଗୋଟିଏ ମାତ୍ର ବିଶାଳ ହୃଦୟରେ ଆଉ ଥରେ ପୁଞ୍ଜୀଭୂତ ହେବା ସମ୍ଭବ ନୁହେଁ । ସମ୍ଭବ ନୁହେଁ କ୍ରୁଶ ଉପରୁ ଆତତାୟୀ ଛୋଟ ମଣିଷଗୁଡ଼ିକୁ କ୍ଷମାକରିବା--- "ହେ ପିତା, ଏମାନଙ୍କୁ କ୍ଷମା କର---ଏମାନେ କଣ କରୁଛନ୍ତି ଜାଣନ୍ତି ନାହିଁ ।" ଓଃ ଅସମ୍ଭବ ! ସେ ଜ୍ୱାଳା, ସେ ଯନ୍ତ୍ରଣା, ସେ କୃତଘ୍ନତା ଏବଂ କ୍ରୂରତା ପାଇଁ ଏଡ଼େ ବିଶାଳ ହୃଦୟ ଏବଂ ଏତେ କ୍ଷମା !

ଗାଢ଼ତର ଅନ୍ଧାର । ତୀବ୍ରତର ଯନ୍ତ୍ରଣା । ଘର୍ମାକ୍ତ ଶରୀରଟି ଆହୁରି ମୁହୂର୍ମୁହୁ ପ୍ରକମ୍ପିତ, ଚେତନା ଚଞ୍ଚଳ ହୋଇ ଉଠୁଥିବ । ଯନ୍ତ୍ରଣାର ବିଷାକ୍ତ ବାଷ୍ପ ଭିତରେ ଲୁଚିଯାଇଥିବ ବିଶୁଦ୍ଧ ଲକ୍ଷ୍ୟ ବିନ୍ଦୁ । ଚୂଡ଼ାନ୍ତ ଯାତନାର ଉତ୍କଟ ମୁହୂର୍ତ୍ତରେ ଅସ୍ଥିର ହୋଇଉଠୁଥିବ ଆନତ ମସ୍ତକ । "ଆଃ...ଏଲି !

Digitized by srujanika@gmail.com

ଏଲି ! ମୋତେ ଏବେ ତ୍ୟାଗ କରନାହିଁ ପ୍ରଭୁ ! ବଞ୍ଚିତ କରନାହିଁ । ପରିହାର କରନାହିଁ ।" ହୋ ହୋ ହୋ ହସିଉଠିଥିବେ ପ୍ରହରୀ, କ୍ରୂର ହୃଦୟହୀନ ଜନ୍ତୁଗୁଡ଼ିଏ । ଓଃ, ଜ୍ୱରାକ୍ରାନ୍ତ ଓଠ ତଳୁ ଜିଭ ଶୁଖିଯାଉଥିବ । ଅଜସ୍ର ଶୋଷ । ... ହେ ଅକୃତଜ୍ଞ ମାନବଜାତି ! ଏ ଅକଳନୀୟ ତୃଷାର ମୁହୂର୍ତ୍ତଟିରେ ଟୋପାଏ ପାଣି ଦେଇପାରିବ ? ତା'ର ପ୍ରେମ ବଦଳରେ, ତାର ରକ୍ତ ଏବଂ ମାଂସ ପ୍ରତିଦାନରେ ଦେଇପାରିବ କି ଟୋପାଏ ପାଣି ?? କାଠରେ ତିଆରି ତୁମର ସ୍ତୂପ ସ୍ତୂପ ହୃତ୍‌ପିଣ୍ଡ ! ସେଥିରେ ପାଣି ନାହିଁ । ଆଖିରେ ବା ପାଣି କାହିଁ ? ଘୃଣା, ଦ୍ୱେଷ, ଜିଘାଂସାରେ ଜଳୁଥିବା ସେ ଆଖିକୁ ଅନୁତାପର ଅଶ୍ରୁ ଆସିବ କିପରି ? ଅକୃତଜ୍ଞ ମଣିଷ କ୍ରୂରତା ପରିହାର କରି ତୃଷାର୍ତ୍ତ ଜିଭ ଉପରେ ଅଜାଡ଼ି ଦେଇଥିବ ଜ୍ୱଳନ୍ତ ଅମ୍ଳରସ । ତାହାହିଁ ତାର ଶେଷ ପରୀକ୍ଷା । ତା'ର ଚୂଡ଼ାନ୍ତ ପରିଚୟ । ଜଘନ୍ୟତାର ଶେଷ ଦଂଶନ !

ଯାଅ ଯିଶୁ ! ଏ ଅକୃତଜ୍ଞ ପୃଥିବୀ ତୁମର ପଦଚିହ୍ନ ପାଇଁ ଯୋଗ୍ୟ ହୋଇପାରିନାହିଁ । ସେ ଆହୁରି ଅନୁତାପ କରି ଶିଖିନାହିଁ । ଶିଖିନାହିଁ ପ୍ରେମ ଏବଂ କୃତଜ୍ଞତା । ଏ ଛୋଟ ମଣିଷ ବାରମ୍ବାର ତୁମକୁ କ୍ରୁଶବିଦ୍ଧ କରି ଚାଲିଛି---ପୁରୁଷାନୁକ୍ରମେ ତୁମର ରକ୍ତପାତ କରିଚାଲିଛି । ତୁମେ କଣ ତଥାପି ତାକୁ କ୍ଷମାକରିପାରୁଛ ? କ୍ରୁଶ ଉପରୁ ତଥାପି ପ୍ରାର୍ଥନା କରିପାରୁଛ, "ହେ ପିତା, ଏମାନଙ୍କୁ କ୍ଷମା କର ! ଏମାନେ ଜାଣନ୍ତି ନାହିଁ କଣ କରୁଛନ୍ତି ।"

❖❖❖

Digitized by srujanika@gmail.com

ନିଜକୁ ବାମାମିତ୍ର ମନେକରି

ଚଉଷ୍ଠରି ପୂଜାରେ ବୋଧେ ଖଣ୍ଡେ ଦି'ଖଣ୍ଡ କଣ ଲେଖିଥିଲି---ମୋର ଠିକ୍ ମନେ ପଡୁନାହିଁ । ଆପଣ ତାକୁ ସବୁ ପଢ଼ିଛନ୍ତି ନା ? ସତ କହନ୍ତୁ ଦେଖି, ଆପଣଙ୍କୁ ସେଥିରୁ କେଉଁଟା ଭଲ ଲାଗିଲା ? ସତେ ଭଲଲାଗିଲା ? ଓହୋ, ଆପଣମାନଙ୍କ ଭଳି ବିଦ୍ୱାନ୍ ଲୋକ ଯେତେବେଳେ କହିଦିଅନ୍ତି ଯେ ତାଙ୍କୁ ଲେଖାଟା ଭଲଲାଗିଲା, ମୋ ଭିତରଟା କେମିତି କେମିତି ହୋଇଯାଏ । ଗୋଟାଏ କଣ ସିଦ୍ଧି ପାଇଗଲା ଭଳି ଲାଗେ । ଆଉ କଣ ପଢ଼ିଛନ୍ତି କହନ୍ତୁ ନା

---ମୋ କାନ ଟିକିଏ ଶୁଣୁ ! 'ଚନ୍ଦ୍ର ଓ ଚମ୍ପା ?' 'ବଟ ମହାପୁରୁଷ ?' ଆଉ ସେ ଯେଉଁ ହିନ୍ଦୁ ମୁସଲମାନ ଗପଟା ! ତା'ର ନାଁ ମନେପଡୁନାହିଁ । ନାଁ'ଟା ମନେ ନ ପଡ଼ିଲେ କଣ ଯାଏ ଆସେ ? ଆଚ୍ଛା, ଆଚ୍ଛା, ସଙ୍ଗୀତ ଉପରେ ସେ ପୁରୁଣାକାଳିଆ କଥାଗୁଡ଼ା ଆପଣଙ୍କୁ ଭଲଲାଗିଲା ? କେମିତି ଟିକିଏ ନଷ୍ଟାଲଜିକ ଲାଗିଲା ? ବାଃ, ଆପଣ ଏମିତି କହିଲେ ମୋ ପେଟ ପୂରିଯାଉଛି । ହେଲା, ଆପଣ ନିଜେ ଲେଖାଲେଖି କରନ୍ତି ବୋଲି ମୋତେ ପଢ଼ନ୍ତି । ଆଉ ଦୈବାତ୍ ସେଇ ସେଇ ସଂଖ୍ୟା ପତ୍ରିକାରେ ଆପଣଙ୍କ ଲେଖା ମଧ୍ୟ ବାହାରିଥିଲା ବୋଲି ମୋ ଉପରେ ଆଖିପଡ଼ିଗଲା । ହେ, ହେ... ମୁଁ ମଧ୍ୟ ସେଇପରି ଉଦାର ଭାବରେ ତାକୁ ଗ୍ରହଣକରିଛି, ସେଇ ମୋର ସୌଭାଗ୍ୟ । ମୁଁ ଆଉ ସେଥର ବିଷୁବମିଳନକୁ ଯାଇପାରିଲିନାହିଁ । ସେଠିକି ଯାଇଥିଲେ ଆପଣଙ୍କ ଭଳି ମୋର ଗୁଡ଼ିଏ ଆତ୍ମୀୟସ୍ୱଜନଙ୍କୁ ଦେଖିବାକୁ ପାଇଥାନ୍ତି । ସେତେବେଳୁ ଜାଣନ୍ତୁ ମୋର ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା । ତା'ପରେ ମୋତେ ଚାରିଆଡୁ ମେଘ ଘୋଡ଼େଇ ହୋଇ ଆସିଲା । ସେଥିରେ ମୋର ଦୁଃଖ ନାହିଁ । ରୋଗଟାଏ କ'ଣ ଆଉ ହୋଇନଥାନ୍ତା କି ? ମୁଁ କିନ୍ତୁ ଆଦୌ ରୋଗା ନଥିଲି । ଟୋକାଦିନେ ବଢ଼ିଆ ଫୁଟ୍‌ବଲ ଖେଳୁଥିଲି । ଏ ଯେଉଁ ମହାନଦୀଟା ଆପଣ ଦେଖୁଛନ୍ତି, ମୁଁ ପହଁରି ଯାଉଥିଲି ଏ କୂଳରୁ ସେ କୂଳକୁ ।

ଆଚ୍ଛା, କହନ୍ତୁ ନା, ମୋ ଚେହେରାଟା କ'ଣ ସେମିତି ଗୋଟାଏ ବଡ଼ ବାଜେ ଚେହେରା ? ମୁଁ ତ ବେଶ୍ ଲମ୍ବା ସିଧାସଳଖ ମଣିଷଟାଏ ଥିଲି । ମୋ ମୁହଁଟା ଅବଶ୍ୟ ସେତେଟା ଦୀର୍ଘ ନହୋଇଥିଲେ ଚଳିଥାନ୍ତା । ବେଳେବେଳେ ନିଜ ଉପରେ ରାଗିଗଲେ 'ଘୋଡ଼ାମୁହାଁ' ବୋଲି ଗାଳି ଦେବାକୁ ଭାରି ସୁବିଧା ହେଉଥିଲା ମୋତେ । ଆଉବେଳେ କିନ୍ତୁ ନିଜକୁ ଘୋଟକଜାତୀୟ ପୁରୁଷ ଭାବି ଭାରି ଗର୍ବ ଅନୁଭବ କରୁଥିଲି । ମୁଁ ଏବେ ବି କହିରଖୁଛି ଯେ ଗୋଟାକେତେ ବିଷୟରେ ଆତ୍ମବିଶ୍ୱାସ ନଥିଲେ, ଗର୍ବ ଅନୁଭବ କରୁନଥିଲେ, ସଂସାରରେ ଚଳିବା ସହଜ ନୁହେଁ । ସେ ଚାରିଆଡୁ ଦାବି ହୋଇଯାଏ

Digitized by srujanika@gmail.com

ତ' ! ଫଣା ତୋଳି ନ ରଖିଲେ ସୁଅଟାକୁ କାଟିବେ କେମିତି ? ହେ, ହେ ! ମୁଁ ମଧ୍ୟ ସେଇଭଳି ଆପଣଙ୍କୁ ପଢ଼ିଚି ନା; କିନ୍ତୁ ଆପଣ ମୋ ଠଉଁ ଢେର୍ ଢେର୍ ବଡ଼ ଲେଖକ । ବୟସ ଦୃଷ୍ଟିରୁ ମୋତେ ବଡ଼ଭାଇ କହୁଚନ୍ତି, ମୋର ଆପତ୍ତି ନାହିଁ ! କିନ୍ତୁ, ଆପଣହିଁ ମୋର ମାନନୀୟ । ମୁଁ ଗୋଟାଏ ସତେ ଲେଖକ ନା କଣ ? ଏମିତି ଅନେକ ଦିନରୁ ଝୁଙ୍କ ଥିଲା ବୋଲି ଗଣ୍ଡେ ଗପ ଲେଖିପକାଇଚି---ଆପଣ ଉଦାର ଭାବରେ ତାକୁ ଗ୍ରହଣ କରିଛନ୍ତି ।

ମୁଁ ଏମିତି କହିଦେଉଛି ସିନା କିନ୍ତୁ ଲେଖକ ହେଲେ ଅଭ୍ୟାସଟା ଖରାପ ହୋଇଯାଏ । ଆଉ ଯଦି ଗପ ଲେଖୁଥାନ୍ତି ତା'ହେଲେ ତ ଅବସ୍ଥା ଆଉରି ସାଂଘାତିକ । ତୁଚ୍ଛା କୁହାଳିଆ ଡହରା ଗୁଣ କଥାରେ ଓ କାମରେ ଜଣାପଡ଼ିଯାଏ । ସେଇ କାରଣରୁ ସଂସାର ବିଷୟରେ ମୁଁ ଯାହା ସବୁ ବଡ଼ ବଡ଼ କଥା କହିଦଉଚି, ନିଜେ ସେଥିରୁ କିୟଦଂଶ ମଧ୍ୟ କରିପାରି ନାହିଁ । ସେଠି ଚଳିବାଭଳି ଯୋଗ୍ୟତା ମୋର କେବେ ନଥିଲା । ପରିବାର ବୃଦ୍ଧି କ'ଣ ଗୋଟାଏ ଯୋଗ୍ୟତା ନା କଣ ? ବିଶେଷ କରି ଯଦି ପୁରୁଷଟା ଘୋଟକ-ଜାତୀୟ ହୋଇଥାଏ ଏବଂ ଗୋଟିଏ ପଦ୍ମିନୀ-ଜାତୀୟା ନାରୀ ସାଙ୍ଗରେ ତାର ସଂଯୋଗ ହୋଇଥାଏ ? କିନ୍ତୁ ତେଣିକି ଆଉ ଯାହା ସମସ୍ୟା ଆସେ ତାକୁ ତୁଲାଇଲା ଭଳି ସାମର୍ଥ୍ୟ ମୋର ଆଦୌ ନଥିଲା । ସାମର୍ଥ୍ୟ ହୁଏତ ଥିଲା; କିନ୍ତୁ ରୁଚି ନଥିଲା, ପ୍ରବୃତ୍ତି ନଥିଲା । ଠିକ୍ ବୁଝିଲେ ସମୟ ବି ନଥିଲା । କାରଣ ମୁଁ ପରା ସାହିତ୍ୟ ଲେଖୁଥିଲି ! ସେଇଟା ତ କିଛି ସୌଖୀନ ବ୍ୟାପାର ନୁହେଁ ଯେ ଷୋଳଅଣା ସୁବିଧା ହେଲେ ଯାଇ ଟିକିଏ ଆମୋଦ କରିନେବା, ନହେଲେ ନାହିଁ । ସେ ନିଶା ନଘାରିଲେ ଜାଣିହେବନାହିଁ ସେଇଟା କେତେ ସାଂଘାତିକ । କେମିତି ଭୂତ ଚଢ଼ିଲା ପରି ମଥା ଉପରେ ମଡ଼େଇ ହୋଇଥାଏ । ରାତି ଗୋଟାଯାକ ଚୌକିରୁ ଚୌକିକୁ ସ୍ଥାନ ବଦଳିକରି ନାନାପ୍ରକାର ସରଳ ଏବଂ ଜଟିଳ ଯୋଗାସନରେ ସାହିତ୍ୟ ସାଧନା କରିବାକୁ ପଡ଼େ । ନିଶାର୍ଦ୍ଧ ପରେ ହୁଏତ ଚା' କପେ ସକାଶେ ଦାମ୍ପତ୍ୟକୁ ବାଜି ଲଗେଇ ଦିଆହୁଏ ଏବଂ ସନ୍ନ୍ୟାସ ନେବା ବାହାନାରେ ଦୁଇନମ୍ବର ଇଉନିଟ୍‌ରେ ଯାଇ ନୀଳମଣି ପାଖରେ ବୈରାଗ୍ୟତକ ଝାଡ଼ିଦେବାକୁ ହୁଏ ଏବଂ ଅନୁରାଗରେ ବୋଝେଇହୋଇ ଫେରିଆସିବାକୁ ହୁଏ । ନହେଲେ ପୁଣି ସଂସାର ଚଳିବ କେମିତି ? ଆଚ୍ଛା, ନୀଳମଣି କିଏ ବୋଲି ପଚାରୁଛନ୍ତି ? ଆଶ୍ଚର୍ଯ୍ୟ ! ---ନା, ଠିକ୍ କଥା, ଏଥିରେ ଆଶ୍ଚର୍ଯ୍ୟ ଆଉ କଣ ? ରାତି ଅଧରେ ମୋରି ଭଳି ନୟାନ୍ତ ହେଉଥିବା ସେଆରକ ଉଲୂକ । ସେ ଅଧମକୁ ମଧ୍ୟ ରାତି ରାତି ନିଦ ନାହିଁ । ଏ ସାହିତ୍ୟିକ ନିଶା ପାଇଁ ତା'ର ମଧ୍ୟ ଘରୋଇ ଅବସ୍ଥା ତଦ୍ରୂପ । ସେତେବେଳେ ରାଜଧାନୀ ଆକାଶରେ ଫାଳେ ସୋରାଏ ଜହ୍ନ ଦୈବାତ୍ ଦେଖାଦେଲେ, ମୋ ନିଶାର ଜୋର୍‌ଟା ଆହୁରି ବଢ଼ିଯାଉଥିଲା । ମୁଁ ମାତିଯାଉଥିଲି ଗୋଟାଏ ଭାବରେ । ଏଇ ଧରନ୍ତୁ ବ୍ୟାସଦେବ ସମ୍ପର୍କରେ । ସେ ତ ମଣିଷ ନଥିଲେ; ମାନେ ଅନ୍ତତଃ ମୋ ଭଳି ମଣିଷ ନଥିଲେ ! ମହାଭାରତ ବି ସାହିତ୍ୟ ନୁହେଁ । ଯଦି ତାହା ସାହିତ୍ୟରୂପେ ସମ୍ଭବ, ତେବେ ମୋ କଲମଖଣ୍ଡ ହେମାମ୍‌ଦସ୍ତାରେ ଛେଚି ଗୁଣ୍ଡକରିଦେବା ଉଚିତ ନୁହେଁ କି ? ମୁଁ ବହୁବାର ସେଭଳି ସଂକଳ୍ପ କରି କଲମର ବେକଟାକୁ ଧରିନେଇଛି; କିନ୍ତୁ ତାକୁ ଛେଚିବା ପରିବର୍ତ୍ତେ

Digitized by srujanika@gmail.com

ଶସ୍ତା କାଗଜ ଉପରେ ତାକୁ ଘୋରି ନେଇଯାଇଛି; ଫଳରେ ସାହିତ୍ୟ କିଛିଟା ଛେଚିହୋଇଯାଇଛି । ଏକାକଥା ! ମୋ ସାହିତ୍ୟ ହେଉ ବା ମୋ କଲମ ହେଉ, ବ୍ୟାସଦେବଙ୍କ ଖାତିର୍‌ରେ ମୋ ସାଙ୍ଗରେ ଛେଚିହୋଇ ଗୁଣ୍ଡ ହୋଇଯିବା କଥା । ତା ହେଇଚନ୍ତି ! ଆଉ ବ୍ୟାସଦେବ ? ସେ ମୋ ପାଇଁ ସାହିତ୍ୟ ଭଳି ଗୋଟାଏ ଚିରନ୍ତନ ନିଶା ! କହୁଚି, ଶୁଣନ୍ତୁ !

ସେ ମହାଶୟ ମୋତେ ମୂଳରୁ ତାଙ୍କ କିଣା ଚାକର କରି ରଖିଥିଲେ । ତାଙ୍କ ନାଁ ଶୁଣିଲେ ମୁଁ ସବୁବେଳେ ହାତ ଯୋଡ଼ିଦେଉଥିଲି । ସେଭଳି ଅଚିହ୍ନା ଭଦ୍ରଲୋକ ପାଖରେ ଥିଲେ କାଳେ ଦେଖେଇହେଉଛି ବୋଲି କହିପାରନ୍ତି ଭାବି ମନେ ମନେ ନମସ୍କାର କରିଦେଉଥିଲି । କାରଣ ବ୍ୟାସଦେବ ଗୋଟାଏ ହିମାଳୟ ଭଳି ମହାପୁରୁଷ, ସମୁଦ୍ର ଭଳି ତାଙ୍କର ବ୍ୟକ୍ତିତ୍ୱ । ସେ ସାରା ସଂସାରଟାକୁ ହାତପାପୁଲି ଉପରେ ଥୋଇ ନଚେଇ ପାରୁଥିଲେ । ମଣିଷଟାକୁ ଭିତରେ, ବାହାରେ, ଉପରେ, ତଳେ କୋଉଠି ସେ ନ ଦେଖିଛନ୍ତି ବୋଲି ନୁହେଁ । ନମୋ ନମଃ ! ନମୋ ନମଃ ! ଆରେ ବାବା ! ଅସମ୍ଭବ ଭାବରେ ବିରାଟ ହେଉଚନ୍ତି ବ୍ୟାସଦେବ ! ହଁ କଣ କହୁଥିଲିଟି---ସେ ମୋତେ ନିଶା ଭଳି ଘାରିଥାନ୍ତି । ଅଛ ବହୁତ, ସବୁ ସାହିତ୍ୟିକ ମୋର ନିଶା । ମୁଁ ସେମାନଙ୍କୁ କେତେ ଭଲପାଏ, କେତେ ସମ୍ମାନକରେ !! ଫକିରମୋହନଙ୍କ ଫଟୋ ଦେଖିଲେ ମୁଣ୍ଡିଆ ମାରିପକାଏ । ରବୀନ୍ଦ୍ରନାଥ, ସେକ୍‌ସପିୟର, ଟଲଷ୍ଟୟ, ଦାନ୍ତେ---ଆରେ ବାପ୍‌ରେ ସେମାନେ ଯେ ମୋର ପରମ ମାନନୀୟ ପିତୃପୁରୁଷ !! ଆଉ ଆପଣମାନେ, ଯେଉଁ କେତେଜଣ ମୋ ସାଙ୍ଗରେ ବସି ଚା' ଖାଆନ୍ତି, ଭଦ୍ରତାଖାତିର୍‌ରେ ଆପଣଙ୍କ ଆଗରେ ଯେତିକି ପ୍ରଶଂସା କରେ, ଆପଣମାନେ ଚାଲିଗଲେ ମନେପକାଇ ତା' ଅପେକ୍ଷା ଆହୁରି ବେଶି ସମ୍ମାନକରେ, ଭୟକରେ । ନା, ଈର୍ଷା କେବେ କରେନା । ମୁଁ ଭାରି ଭଦ୍ର କି ନା !! ନାଇଁ ନାଇଁ, ପରିହାସ ନୁହେଁ---ମୁଁ ପ୍ରକୃତରେ ଭାରି ଭଦ୍ର - ଏଣୁ ଅନେକ ଭୀରୁ । ଆଦୌ ଖରାପ କାମ ବା ଖରାପ କଥା ମୋ ଦିହକରେ ହୋଇନାହିଁ । ହଁ, ମାନୁଛି ଯେ ସଙ୍ଗଦୋଷରୁ---ମାନେ କେତେଜଣ ନିର୍ଭୀକ ସାହିତ୍ୟିକଙ୍କ ସାଙ୍ଗରେ ମିଶି ଶାଳକର ଗ୍ରାମ୍ୟ ପରିଭାଷାଟା ଥରେ ଥରେ ଉଚ୍ଚାରଣ କରିଛି । ଚାଳିଶ ବର୍ଷ ପରେ ନୂଆ ନୂଆ ବିରଳ ଧଳା କେଶଗୁଡ଼ିକୁ ଉତ୍ପାଟନ କରିଛି ଏବଂ ଆଉ ଗୋଟିଏ ଅପରାଧ କରିଛି । ଆପଣଙ୍କ ଆଗରେ କହିଦେଲେ ଦୋଷ ଲାଘବ ହୋଇଯିବ ବୋଲି କହିଦେଉଛି । ଅନେକ ଦିନ ତଳେ, ମୋର ଜଣେ ଭାଉଜଲେଖା ହେବେ, ତାଙ୍କୁ ଥରଟେ ଚିମୁଟି ଦେଇଛି !! ପରେ ସମଗ୍ର ଫ୍ରଏଡ୍‌ଶାସ୍ତ୍ର ଅନୁସାରେ ଅର୍ଥ କରି କରି ଗ୍ଲାନିଭାରରେ ଆତ୍ମହତ୍ୟା କରିଥାନ୍ତି । ଆପଣଙ୍କ ଭିତରୁ ଜଣେ ମୋତେ ହସି ହସି ତା' ଅପେକ୍ଷା ଶତଗୁଣ ଭୟଙ୍କର କାଣ୍ଡ ତାଙ୍କ ଜୀବନରୁ ଶୁଣାଇ ଆଶ୍ୱସ୍ତ କଲେ । ...ନା, ସେ କିଏ ବୋଲି ଆପଣ ପଚାରନ୍ତୁ ନାହିଁ । ଓଡ଼ିଶାରେ ସାହିତ୍ୟିକମାନଙ୍କର ନାଁ ଧରିବା ମନା ବୋଲି କଣ ମୁଁ ଜାଣିନାହିଁ ? ପାଞ୍ଚଜଣଙ୍କ ନାଁ କହିଦେଲେ ଷଷ୍ଠଜଣକ ଗଛ ଉହାଡ଼ରୁ ମୋ ଉପରକୁ ବୋଲୁଅ ଛାଡ଼ିବ ବୋଲି କଣ ଜାଣିନାହିଁ ? ଅନ୍ତତଃ ଆପଣଙ୍କୁ ନିରାପଦ ରଖିବା ତ ମୋର କର୍ତ୍ତବ୍ୟ !

Digitized by srujanika@gmail.com

ଦେଖନ୍ତୁ, କଥା କେମିତି ଧାଡ଼ି ଛାଡ଼ିଗଲା; ବ୍ୟାସଦେବଙ୍କ କଥା କହୁ କହୁ କୁଆଡ଼େ କୁଆଡ଼େ ଚାଲିଗଲି । ଏଇଟା ହେଲା ଅଧମ ଗାଳ୍ପିକର ଲକ୍ଷଣ । ଅଯଥା ଫେଣେଇହେବା ତା'ର ଗୋଟାଏ ବଦଭ୍ୟାସ । ଆଚ୍ଛା, ବ୍ୟାସଦେବ ମୋତେ ଘାରିଥାନ୍ତି ଅନେକ ଦିନ ଧରି । ମୁଁ ମନେ ମନେ ତାଙ୍କର ନାଁ ଜପୁଥାଏ । ଲେଖାଲେଖି ସେ କେତେ ମାସ ସମ୍ପୂର୍ଣ୍ଣ ବନ୍ଦ । ଭିତରେ ଜର ଚଢୁଥାଏ । କୌଣସି କାମରେ ମନ ଧରୁ ନ ଥାଏ । ଘରେ ଝଗଡ଼ା ମଧ ନାହିଁ । ଚେଇଁଥିଲେ ସିନା ଝଗଡ଼ା---ମୁଁ ତ ବ୍ୟାସ-ନିଶାରେ ଟଳୁଥାଏ ! ସବୁଗୁଡ଼ାକ ମୋତେ ଦିଶୁଥାନ୍ତି ମହାଭାରତର ଚରିତ୍ର ପରି । ଖୁବ୍ କାନ୍ଦ ମାଡୁଥାଏ । ପ୍ରଥମେ ଲୁଚେଇ ଲୁଚେଇ, ତା'ପରେ ବେଶ୍ ଖୋଲାଖୋଲି କାନ୍ଦିଲି । ଆପଣ କାହିଁକି ଏଇଠି ଭୁରୁ କୁଞ୍ଚେଇଲେ ମୁଁ ବୁଝିଗଲି । କିଛି କିଛି ବିଦ୍ୟା ସାଧିଛି

---କଣ ମାହାଳିଆ ? ଆପଣ ବର୍ତ୍ତମାନ ଭାବୁଛନ୍ତି ଯେ, ଟିକିଏ ଆଗରୁ ଇଏ ନିଜକୁ ଘୋଟକଜାତୀୟ ପୁରୁଷ ବୋଲି ଗର୍ବ କରୁଥିଲା, ଫେର୍ ଏଇଲାଗେ କହୁଛି ଯେ ସେ ଖୋଲାଖୋଲି କାନ୍ଦୁଥିଲା ! ଲମ୍ବା ଚଉଡ଼ା ଘୋଡ଼ାମୁହାଁ ଗୋଟାଏ ପୁରୁଷ କାନ୍ଦିଲେ କେଡ଼େ ହାସ୍ୟାସ୍ପଦ ଭଲା ଦିଶୁ ନ ଥିବ ! ତା' ଦିଶୁଥିବ ! ସେଥିକି ମୋର ଆୟତ୍ତ କଣ ? କିନ୍ତୁ ଘୋଡ଼ାମାନେ ଯେ କାନ୍ଦନ୍ତି ଏ କଥା ଆପଣ ଜାଣିନାହାନ୍ତି ପରା । ସେମାନେ ତାଙ୍କ ପୌରୁଷ ସତ୍ତ୍ୱେ ଏବଂ ବୋଧହୁଏ ସେଥିପାଇଁ ଖୁବ୍ କାନ୍ଦନ୍ତି---ଏଣୁ କିଛି ଅସୁବିଧା ନାହିଁ । ମୁଁ କାନ୍ଦୁଥାଏ ଏବଂ ମନେ ମନେ ଝୁରୁଥାଏ ବ୍ୟାସଦେବଙ୍କୁ । ଦିନେ ଖୁବ୍ ବର୍ଷା ଛେଚୁଥାଏ । ଦି'ପହରେ ମୁଁ ମୋ ଅଫିସ୍‌ରେ ବସିଥାଏ ଏକାକୀ । ପ୍ରକାଶ ଥାଉ କି ସାହିତ୍ୟିକମାନେ ଚାକିରି କରନ୍ତି, ଦରମା ଖାଇ ବଞ୍ଚନ୍ତି ଏବଂ ସାହିତ୍ୟ ଲେଖନ୍ତି । ମୁଁ ବିନା କାମରେ ବସିଥାଏ ବାବୁମାନେ ଚାଲିଯାଇଥାନ୍ତି ଚା' ଦୋକାନକୁ । ମୋ ଆଖି ଉପରେ ଛାଇଟା ମଡ଼େଇହେଲା ପରି ଲାଗିଲା । ଅଫିସରେ ସେ ସ୍ୱତଃ ଅବରୁଦ୍ଧ କବାଟ ପାଖରୁ କେହି ଜଣେ ମୋ ଟେବୁଲ ଆଡ଼କୁ ଚାଲିଆସିଲେ । ମୁଁ ହଠାତ୍ ଲକ୍ଷ୍ୟକଲି ଯେ ତାଙ୍କର ପ୍ରକାଣ୍ଡ ଦାଢ଼ି । ସୁନେଲି ପିଙ୍ଗଳ ବର୍ଣ୍ଣର ଗୁଡ଼ାଏ ଜଟା । ଆଖିଗୁଡ଼ାକ କଳା---ମୁହଁ ଉପରେ ଦୁଇଟା ହୀରାଖଣ୍ଡ ପରି ଦାଉ ଦାଉ । ଗୋଟାଏ ମୁହୂର୍ତ୍ତ ବିମୂଢ଼ ରହିବା ପରେ ହଠାତ୍ ମୁଁ ଚମକିପଡ଼ିଲି !...କିଏ, ବ୍ୟାସଦେବ ? ତା'ପରେ କଣ ହେଲା ମୋର ମନେନାହିଁ । ଯେଉଁଠି ସେ ମୂର୍ତ୍ତି ଠିଆହୋଇଥିଲେ ତାକୁ ବାରମ୍ବାର ଲେହନ କରି ସେଇ ଭୁଇଁକୁ ଦରାଣ୍ଡିଲାବେଳେ ଅଫିସର୍ 'ବଡ଼ବାବୁ' ଫାଇଲ୍ ନେଇ ପଶିଆସିଥିଲେ । ମୋତେ ସେଭଳି ଗୁରୁଣ୍ଡିବା ଅବସ୍ଥାରେ ଦେଖି ତାଙ୍କ ଆଖି ବୋଧହୁଏ ଖୋସି ହୋଇଗଲା । ମୁଁ କିନ୍ତୁ କିଛି ନ କହି ସେଇଠୁ ମୋ କଲମଟାକୁ ଗୋଟେଇବା ବାହାନାରେ ଉଠିପଡ଼ିଲି । ମୁଣ୍ଡ ବୁଲାଉଥିଲେ ମଧ କିଛି କହିଲି ନାହିଁ । ମୁଁ ଗୋଟାଏ ବିସ୍ତର ଭଦ୍ରମଣିଷ ଥିଲି ତ !

ଭଦ୍ର ଥିଲି ବୋଲି ବେଶି ହଟହଟା ହେଉଥିଲି । ଆପଣମାନେ ସବୁବେଳେ ମୋର ସୋଦର କୁଟୁମ୍ବୀ ପରି ଦେଖାଯାନ୍ତି । ଏଣୁ ଆପଣଙ୍କୁ ମୁଁ ସ୍ୱାଗତ ଜଣାଇଲାବେଳେ ଗଦ୍‌ଗଦ ହେଉଥାଏ । ଆପଣମାନେ ମୋତେ ବୋଧହୁଏ ନିଶ୍ଚୟ ସ୍ନେହକରୁଥିଲେ । ନହେଲେ କଣ ମୋର ସେ ଅସ୍ୱସ୍ତିକର ବାରପ୍ରକାରର କାଠ ଚୌକିଗୁଡ଼ାକରେ ଘଣ୍ଟା ଘଣ୍ଟା ଧରି ବସିଥାନ୍ତେ ! ମୋ

Digitized by srujanika@gmail.com

ବସାଉଠା ଘରେ ଚୌକିର ସ୍ୱଚ୍ଛତାଦୃଷ୍ଟିରୁ ମୁଁ ଖଣ୍ଡେ ଖଟ ସବୁବେଳେ ପକାଇଥାଏ । ସରକାରୀ ତିନିନମ୍ବରୀ ଘରଟି ତ ଉଚ୍ଛୁଳୁଥାଏ ମଣିଷଙ୍କ ଭିଡ଼ରେ । ମୋରି ବିସ୍ତୃତ ବିଶୃଙ୍ଖଳ ପରିବାର କଥା ହିଁ କହୁଛି । ଏଣୁ ସେ ବୈଠକଘର ବାଟଟିରେ ମୁଁ ଶୁଏ । ମୋ ମୁଣ୍ଡ ଉପରକୁ ରାମକୃଷ୍ଣଙ୍କ ଫଟୋ । ସେପଟେ ରବୀନ୍ଦ୍ରନାଥ, ଆଉ ଆରପଟେ ମନାଲିସା । ଆପଣ ସେଇ ଖଟଟିରେ ବେଳେବେଳେ ଗଡ଼ିପଡ଼ିଲେ ମୋତେ କାନ୍ଦମାଡ଼ିଯାଏ । ଭାବେ ଏଇମାନେ ତ ଏ ଯୁଗର ଦୀପ୍ତିମାନ୍ ପାଣ୍ଡବ । ମୋ ଚାଦରଟା ପାଞ୍ଚଦିନ ହେଲା ବଦଳ ହୋଇପାରିନାହିଁ ଏବଂ ମୋର ଅର୍ବାଚୀନ ବାନରପଲ ତା' ଉପରେ ଯଥେଚ୍ଛାଚାର କରିଛନ୍ତି । ଏଇଟା କଣ ଏଭଳି ଅତିଥିମାନଙ୍କ ପାଇଁ ଯୋଗ୍ୟ ! ଘରର ଆଉ କୌଣସି ଅଂଶ ତା ଅପେକ୍ଷା ଭଲଥିଲେ ମୁଁ ସେଇଠି ଆପଣଙ୍କୁ ନିଶ୍ଚୟ ବସାଇ ନଥାନ୍ତି ! କବାଟ, ଝରକା, ଖଟ, ଟେବୁଲତଳ ସବୁଆଡ଼େ ବାଦୁଡ଼ି ଓହଳିଲା ପରି ମଇଳା କପଡ଼ା ଝୁଲୁଥାଏ । କାନ୍ଥକୋଣଗୁଡ଼ାକ ଭର୍ତ୍ତି ହୋଇ ରହିଥାଏ ପଟି, ତକିଆ ଏବଂ ଝାଡୁରେ । ଏଗୁଡ଼ାକ ସବୁ ନିଶ୍ଚୟ ଅଭଦ୍ର କଥା । ରୁଚି ନାହିଁ, ସଫେଇ ନାହିଁ; କିନ୍ତୁ ମୂଳତଃ ତାକୁ ବଦଳାଇବାକୁ ହେଲେ ଘରେ ଗହଳି ଟିକିଏ କମିବା ଉଚିତ ଥିଲା, କିମ୍ବା ତାଲିକାଟା ଆଉ ଟିକିଏ ଲମ୍ବାହେବା ଉଚିତ ଥିଲା---ଉଭୟ ଅସମ୍ଭବ ପ୍ରସ୍ତାବ । ଏଣୁ ଆପଣ ଆସି ମୋ ଘରେ ପହଞ୍ଚିଲେ, ମୋଟା ମୋଟା କପ୍‌ରେ, ମୋର ବିଶ୍ୱାସ ଥିଲା ଯେ ତଳେ ଛେଚିଲେ ନ ଭାଙ୍ଗୁଥିବା ପଦାର୍ଥ ହିଁ କିଣିବା ଉଚିତ, ଆପଣଙ୍କୁ କିଛି ଚା' ମୁଁ ଦେବାକୁ ଏକପ୍ରକାର ବାଧ ହେଉଥିଲି; କିନ୍ତୁ ସେ ଅବସରରେ ଏସବୁ ଦେଖିବା କିମ୍ବା ବୁଝିବା ପାଇଁ ସୁଯୋଗ ନଥିଲା । ମୂଳକଥା ଥିଲା ସାହିତ୍ୟ ଏବଂ ଆପଣମାନେ ଏକେ ଏକେ ମହାନ୍ ପ୍ରତିଭାର ଅଧିକାରୀ । କେତେ କଥା ସବୁ ଆପଣ ସତେ ଜାଣିଛନ୍ତି ! ମୁଁ ମୋର ସାଧମତେ ଯୋଗ ଦେଉଥିଲି । ସବୁଆଡୁ ବୁଲି ବୁଲି ଆସି କଥା ବଳେ ମୁହାଁଣ-ମୁହାଁ ନଈ ଭଳି ପଡୁଥିଲା ସାରଳା, ଗୋପାଳକୃଷ୍ଣ, କବିସୂର୍ଯ୍ୟ ଏବଂ ଦୀନକୃଷ୍ଣଙ୍କ ପାଖରେ । ତେଣିକି ଗୋଟାଏ ପଦ କଥାରେ ମୋର କିସ୍ତିମାତ୍ ହୋଇଯାଉଥିଲା । ସେ ଗଉଡ଼ଟୋକା ନାଁ ପଡ଼ିଲେ ମୋର ରକ୍ତ ପାଣି ହୋଇଯାଉଥିଲା । ମୁଁ ବିହ୍ୱଳ ହୋଇ କାନ୍ଦିପକାଉଥିଲି କିମ୍ବା ଉନ୍ମତ୍ତ ଭଳି ଆପଣଙ୍କ ଆଗରେ ଚିତ୍କାର କରୁଥିଲି । ମୋର ଉପାଦାନ ତାକୁ ସମ୍ଭାଳି ପାରୁନଥିଲା । ସେ ସବୁବେଳେ ମୋର ପୁରୁଷକାର ହରଣକରିନେଉଥିଲା ଏବଂ ଏ ଯେଉଁ ବୈଷ୍ଣବକବି କେତେଜଣ ଓଡ଼ିଆରେ ସବୁ ସାରିଦେଇଛନ୍ତି, ସେମାନେ ମୋତେ ଏମିତି ଦୁର୍ବଳ କରିବା ପାଇଁ ଦାୟୀ । ମୁଁ ସେ ପ୍ରସଙ୍ଗ ଉଠିଲେ ହିଁ କାନ୍ଦେ । ଗୋପୀ ପାଇଁ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ ସମସ୍ତଙ୍କ ପାଇଁ ବହେ ଲେଖା କାନ୍ଦିଯାଏ । ତା'ପରେ ଶଠଶିରୋମଣି ଧୋକାବାଜ୍ ମୋର ପ୍ରିୟତମ ପାଇଁ ଜୀବନସାରା କାନ୍ଦି କାନ୍ଦି ବିତାଇଦିଏ । ମୋର ଭିତିରିକଥା ଆପଣଙ୍କ ଭିତରୁ ଜଣେ ଦି'ଜଣ ଜାଣିଥିଲେ । ଏଣୁ ମୋତେ ହତବୀର୍ଯ୍ୟ କରିବାକୁ ଥିଲେ, ସେମାନେ ଏଇ ଗୋଟିଏ ମାତ୍ର ନାଁ'ରେ ମୋତେ ଫାୟାର୍ କରୁଥିଲେ । ସେଇ ଗୋଟାଏ ଚୋଟରେ ମୁଁ ଟଳିପଡୁଥିଲି ଦ୍ୱାପରକୁ, ମଥୁରାକୁ ଏବଂ ଗୋପକୁ ।

ତା'ରି ପ୍ରଭାବରେ ଶେଷବେଳକୁ ମୋର ଆଉ ଗୋଟାଏ ଖୋଇ ଉଠିଲା । ଆପଣ ଶୁଣିଲେ ହୁଏତ ହସିବେ; କାରଣ ପାଗଳାମି ଛଡ଼ା ଏଇଟା ଆଉ କିଛି ନୁହେଁ । ମୁଁ ଓଲୁଙ୍କ ଭଳି

Digitized by srujanika@gmail.com

ପଚାରିବା ଆରମ୍ଭ କରିଦେଲି... "ମୁଁ ଭଗବାନଙ୍କୁ କେମିତି ଦେଖନ୍ତି !" ଇଂରାଜୀରେ 'ଗଡ୍' ଶବ୍ଦ ବାରମ୍ବାର ଜପିଲି । ଆପଣ ସେ ଅବସ୍ଥାରେ ମୋତେ ଦେଖିଛନ୍ତି; ମୋର ସେ ନିର୍ଲଜ୍ଜ ପ୍ରଶ୍ନ ଶୁଣିଛନ୍ତି; ଭଦ୍ରତା ଖାତିର୍‌ରରେ କିଛି କହିନାହାନ୍ତି ହୁଏତ; କିନ୍ତୁ ମନେ ମନେ ଯାହା ମନ୍ତବ୍ୟ ଦେଇଛନ୍ତି ସେଇଟା ମୁଁ ଜାଣେ । ତଥାପି କ'ଣ କରାଯାଏ ? ନିଶା ଘାରିଲେ ତ ଓହ୍ଲେଇବା ଯାଏଁ ଅପେକ୍ଷା କରିବାକୁ ହୁଏ । ଆପଣ ସବୁ ସତ୍ତ୍ୱେ ମୋତେ ସ୍ନେହ କରିଆସିଛନ୍ତି, ସହିଆସିଛନ୍ତି । ଅଣଓସାରିଆ ଲୁଙ୍ଗି ପିନ୍ଧିଥିଲେ ମୋର ଗୋଛି ଦେଖାଯାଏ । ସେଇଟା ମୋ ଦୋଷ । ଫେକ୍ଟେରୀରେ ଭାରତୀୟ ଉଚ୍ଚତା ପାଞ୍ଚଫୁଟ ଚାରିଇଞ୍ଚ ଲୋକଙ୍କ ପାଇଁ ଧୋତି ବୁଣାଯାଏ । ଏମିତି ଅର୍ଘ୍ୟାମଣିଷ କେତେଜଣ ଅଧେ ଫୁଙ୍ଗୁଳା ରହିଲେ କଣ ଯାଏଆସେ ! ସେଭଳି ଲୁଙ୍ଗି ଉପରକୁ ବଡ଼ ସାଇଜ୍‌ର ହାତବାଲା ଗଞ୍ଜିଟାଏ ମୁଁ ପିନ୍ଧିଥାଏ । ଆପଣ ତାକୁ ହସନ୍ତି । ଅନେକ ଦିନ ଗାନ୍ଧିବାଦ୍ ପାଇଁ ମୁଁ ବେଳେବେଳେ ଖଦଡ଼ ପଞ୍ଜାବି ସାଙ୍ଗକୁ ଖଦଡ଼ ଧୋତି ପିନ୍ଧି ବାହାରିପଡ଼େ । ସେତେବେଳେ କିନ୍ତୁ ଗେଞ୍ଜି ପିନ୍ଧିପାରେନାହିଁ । ସେଇଟା ମୋତେ ବେଦରକାରୀ ଭଳି ଲାଗେ । ଖାଲି ପଞ୍ଜାବିଟାଏ ଗଳେଇ ପବନମୁହାଁ ସଞ୍ଜବେଳେ ଚାଲିଲେ ଭାରି ଆରାମ ଲାଗେ । ତାକୁ ବି ଆପଣ ଭଲପାଆନ୍ତି । ଆପଣ ଭାରି ଭଦ୍ର ! ଆପଣ ମୋର ସ୍ୱଜନ । ଆପଣ ଆଉରି ଅନେକ ଦିନ ରହି ସେଇଠି ସାହିତ୍ୟ ଲେଖନ୍ତୁ ! ମୋ ପାଇଁ ମନଦୁଃଖ କରନ୍ତୁ ନାହିଁ ।

ଆପଣ କାହିଁକି ଦୁଃଖ କରୁଚନ୍ତି ମୁଁ ଜାଣେ । ଗୋଟିଏ ସାହିତ୍ୟିକକୁ ମଶାଣିକି କାନ୍ଧେଇ ନେବା ପାଇଁ କଣ ଚାରି ପାଞ୍ଚ ଜଣରୁ ବେଶି ଲୋକ ପ୍ରୟୋଜନ ? ମୁଁ ତା'ର ବହୁ ଆଗରୁ ଖୁବ୍ ହାଲୁକାବି ହୋଇସାରିଥିଲି । ମୋ ହାତଟାକୁ ଟେକି ମୁଁ ଅନେଇଥିଲି । ସେଥିରେ ଚମଡ଼ାଟା ନଥିଲେ ବୋଧହୁଏ ହାଡ଼ ଦିଶିଥାନ୍ତା । ମୋର ଖୁବ୍ ଭାରି ଗୁଡ଼ାଏ ଯଶ, ଧନ କିମ୍ବା ପ୍ରତିପତ୍ତି ଥିଲେ ତାକୁ କାନ୍ଧେଇବାକୁ ସେଇ ଅନୁପାତରେ ଲୋକ ଯାଇଥାନ୍ତେ । ତା'କଣ ଏ ସାହିତ୍ୟିକ ପାଇଁ ସମ୍ଭବ ନା ସମୀଚୀନ ? ସେକଥା ଛାଡ଼ନ୍ତୁ---ସେତେବେଳକୁ ମୋର ଅର୍ଥାଭାବ ହୋଇଗଲା । ସେଥିପାଇଁ କଣ ଆପଣ ଦାୟୀ ନା ଆଉ କେହି ଦାୟୀ ? ସାରା ଜୀବନ ଆଉ କିଛି ପେଟ-ପିଠିରୁ କାଟି ସଞ୍ଚୟ କରିବାକୁ ମୋତେ ତ କେହି ମନା କରି ନଥିଲା ! ଫଳରେ ମୋ ଧୋତିଟା ଆଉ ଟିକିଏ ଚିରା ପଡ଼ିଥାନ୍ତା ଏବଂ ସେ ପିଲାଗୁଡ଼ାକ ଆଉରି ଟିକିଏ ମଢ଼ିଆ ହୋଇଯାଇଥାନ୍ତେ । ଆଉ 'ଗିନ୍ନ' ?---ତାର ଆଉ କ୍ଷୟ ବୃଦ୍ଧି କଣ ? ତା'ର ତ କୋଉ କାଳୁ ପଞ୍ଜୁରୀଖଣ୍ଡ ଝୁଲୁଥିଲା । ଏଣୁ ଯାହା ହେଲା ତା ଅନିବାର୍ଯ୍ୟ । ସାହିତ୍ୟିକର ପୁଅ, ପୁଣି ଏଭଳି ଘୋଡ଼ାମୁହାଁ ବାପର ପୁଅ

---ସେମାନଙ୍କ ଭାଗ୍ୟରେ ଆଉ କ'ଣ ଥାଇପାରେ ? କିଛି ସଂଘର୍ଷ କରନ୍ତୁ ! ମୁଁ ତ କାହାକୁ ହେଲେ ଅଣ୍ଟାଟିଏ ଦେଇପାରିନାହିଁ । ଜାମା ଖଣ୍ଡେ ନିୟମିତ ଭାବରେ ଦେବା କଷ୍ଟ ହେଉଥିଲା । କନ୍‌ଭେଣ୍ଟରେ ପଢ଼େଇନାହିଁ । ଏଣୁ କଣ ଆଉ ହବ ? କିନ୍ତୁ ବିଶ୍ୱାସ କରନ୍ତୁ, ସେ ହତଭାଗା ଗୁଡ଼ିକର ଚରିତ୍ର ଖୁବ୍ ପକ୍‌କା । ସେମାନେ ଆଦୌ ମିଛ କହିବେନାହିଁ । ଚୋରି କରିବେ ନାହିଁ । ଦି'ଓଳି ଉପାସ ରହିଗଲେ ମଧ୍ୟ ଚିତ୍କାର କରିବେନାହିଁ । ଆପଣ ପରୀକ୍ଷାକରି ଦେଖିପାରନ୍ତି ।

Digitized by srujanika@gmail.com

ମୋ ପାଇଁ ସବୁପ୍ରକାର ସ୍ନେହ ସତ୍ୱେ ଆପଣଙ୍କର ଦୁଇପଦ ମଧୁର ଭର୍ତ୍ସନା ମଧ ମୋ କାନରେ ପଡୁଛି । ସେଇଟା ହେଲା ମୋର ମରଣୋତ୍ତର ଦାୟିତ୍ୱ । ମୁଁ ମୋର ଅର୍ଜିତ ପରିବାର ପାଇଁ ଅନ୍ତତଃ ଘର ଖଣ୍ଡେ କାହିଁକି କଲିନାହିଁ ? ଆପଣ ମୋର ଦାୟିତ୍ୱଜ୍ଞାନ ବିଷୟରେ ଏତେ ଜାଣି ମଧ କିପରି ଏ ଯୁକ୍ତି କରିପାରିଲେ ମୁଁ ଦେଖି ଆଶ୍ଚର୍ଯ୍ୟ । ସାରାଜୀବନ ଭଡ଼ାଘରେ କିମ୍ବା ସରକାରୀ କ୍ୱାର୍ଟର୍‌ରେ କଟିଗଲା । ମୋର ପ୍ରାୟ ବିଶ୍ୱାସ ହୋଇଯାଇଥିଲା ଯେ ଗୋଟାଏ ଘରେ ସବୁଦିନ ପାଇଁ ରହିଗଲେ ବ୍ୟକ୍ତିତ୍ୱର ବିକାର ହେବନାହିଁ । ଅନେକ ସହରରେ ବୁଲିଲା ଭଳି ଅନେକ ଘରେ ମଧ ରହିବା ଦରକାର---କିଛି ବୈଚିତ୍ର୍ୟ ତ ଆସିବ ! ଏସବୁ ସତ୍ତ୍ୱେ ମୁଁ ଚେଷ୍ଟା କରିଥିଲି ଘରଖଣ୍ଡେ କରିବି ବୋଲି । ଏପରିକି ଗୋଟାଏ ସରକାରୀ ଜାଗା ମଧ ମୋ ନାଁରେ ରେଜିଷ୍ଟ୍ରି କରେଇ ନେଇ ପାରିଥିଲି; କିନ୍ତୁ ଦେଖିଲି ଯେ ସେଇଠି ଘର ପରିବର୍ତ୍ତେ ବାମ୍ଫିଟାଏ କରିବା ସୁବିଧା । ରାଣ୍ଡିପୁଅ ଅନନ୍ତା ପରି ମୁଁ ସେଇଠି ଠିଆହୋଇ ମୋରି ଉଞ୍ଚ ମାଟି ପୋତିଥିଲେ ସେ ଅନ୍ୟମାନଙ୍କ ବାଡ଼ିଆଡ଼ ଜମିର ଉଚ୍ଚତା ଲାଭକରିଥାନ୍ତା । ମୁଁ ସେଥିପାଇଁ ସେଥିରେ ଆଉ ଆଗେଇଲି ନାଇଁ । ଏଇଭଳି ଗୋଟିଏ ଖାଲୁଆ ଭାଗ୍ୟ ନେଇ, ସେମିତି ଗଭୀର ଅଭାବଗୁଡ଼ିଏ ନେଇ ମୋର ଜୀବନଟି ଗଢ଼ା । କେତେବେଳେ ଭରପୂର ହେବାର ଆଶା ମୋର ନଥିଲା । ଏଣୁ ସେଥିପାଇଁ ଯୋଜନା ମଧ ନଥିଲା । ଆପଣମାନେ ବର୍ଷାଜଳ ଭଳି ଉପରୁ ଓହ୍ଲେଇ ଆସୁଥିଲେ ଏବଂ କିଛି କାଳ ମୋ ଗର୍ଭରେ ରହିଯାଉଥିଲେ ବୋଲି, ବେଳେବେଳେ ଆକାଶ ସେଇଠି ପ୍ରତିଫଳିତ ହୋଇପାରୁଥିଲା । ଯାଯାବର ପାଇଁ ଘର କଣ ହେବ ? ଯାଯାବରର ପରିବାର ମଧ ଘର ନେଇ କଣ କରିବେ ? ମୁଁ ଏତେବର୍ଷଧରି ସାହିତ୍ୟ ସାଧନା କଲି, ସେଇଟା କଣ ଯଥେଷ୍ଟ ପୁରସ୍କାର ନୁହେଁ ? ଏବଂ ତା'ର ପରିଣାମରେ ଯଦି ଟିକିଏ ଦରିଦ୍ର ହୋଇଗଲି, ଉଦ୍‌ବାସ୍ତୁ ହୋଇଗଲି, କିମ୍ବା ମୋର ପେନ୍‌ସନୀ ଜୀବନର ଅବସାନ ପରେ ମୋର ପ୍ରିୟ ପରିବାରଟି ଅନାଥ ହୋଇଗଲା, ସେଥିରେ ଏତେ କ୍ଷୁଣ୍ଣ ହେବାର କଣ ଅଛି ? ଆପଣ ସୁଖରେ ରହନ୍ତୁ । ରାଜଧାନୀରେ ଆଉରି ବଡ଼ ବଡ଼ କୋଠା ଉଠୁ । ଆପଣମାନେ ଆମ୍ବାସେଡୋର୍‌ରେ ଗଲାବେଳେ ଯଦି କେଉଁଠି ଗୋଟିଏ ଦରିଦ୍ର, ଚରିତ୍ରବାନ୍ ଟୋକା ଦେଖନ୍ତି

---ଡେଙ୍ଗାଡାହାଳିଆ ଚେହେରା, ମୁହଁଟା ଈଷତ୍ ଲମ୍ବା, ବର୍ଣ୍ଣ ଶ୍ୟାମଳ, ଭାରି ମିଠାମିଠା ହସେ; ତାକୁ ପଚାରିବେ---ଖାଲି ଗୋଡ଼ରେ ଚାଲିବାରେ ତାକୁ ବେଶି କଷ୍ଟ ହେଉଚି କି ? ସେ ହୁଏତ ଆଖି ଛଳଛଳକରି ଆପଣଙ୍କୁ ଚାହିଁବ । ଆପଣ ମୋଟେ ପରିଚୟ ନଦେଇ କହିବେ---କଷ୍ଟ ସହିବା ଅଭ୍ୟାସ କରିନେ । ଏବଂ ସେଇଠି ନରହି ଚଞ୍ଚଳ ଚାଲିଯିବେ । ନହେଲେ ସେ ହୁଏତ ଅଭଦ୍ର ଭଳି କିଛି ମାଗିଦେଇପାରେ ।

ମୋ ପାଇଁ ଆପଣ ଢେର୍ କଲେଣି । ସଭା କଲେ । ପତ୍ରିକାରେ ଲେଖା ଛପାଇଲେ । ଖୁବ୍ ପ୍ରଶଂସାପତ୍ର ଦେଲେ । ଆଉ କଣ କରିଥାନ୍ତେ ? ଆପଣ ଖୁବ୍ ଚିହ୍ନନ୍ତି । ସେଇ ଅନୁପାତରେ ସମ୍ମାନ ମଧ ଦିଅନ୍ତି । ଆଠନମ୍ବରକୁ ଜଗିଲା ଭଳି ଗୋପବନ୍ଧୁଙ୍କୁ କଣ ଆପଣ ଠିଆକରେଇ ନାହାନ୍ତି ? ମୂର୍ତ୍ତି ପାଇଁ ମୋର ଯୋଗ୍ୟତା ନାହିଁ । ତୈଳଚିତ୍ର ପାଇଁ ବି ନୁହେଁ । ମୋଠାରୁ ଢେର୍

Digitized by srujanika@gmail.com

ବଡ଼ଲୋକଙ୍କ ପାଇଁ ସେ ଚୂଡ଼ାନ୍ତ ଗୌରବ ସଂରକ୍ଷିତ ରହୁ । ଆଉ ବର୍ଷେ ଦି'ବର୍ଷ ଶ୍ରାଦ୍ଧବାସରୀୟ ଲେଖା ଦୁଇଟି ଛପେଇଦେଲେ ମୁଁ ମୋର ପ୍ରାପ୍ୟ ପାଇଗଲି । ମୁଁ ଆପଣଙ୍କ ପାଖରେ ଋଣୀ ହେବା ଉଚିତ ହେଉନାହିଁ; କାରଣ ପରିଶୋଧ କରିବାର ଉପାୟ ଆଉ ନାହିଁ । ଏଣୁ ମୋ ପାଇଁ କିମ୍ବା ମୋର ସ୍ମୃତି ବହନ କରିଥିବା ସେ ଗୃହସ୍ଥଳୀର ଅନ୍ୟମାନଙ୍କ ପାଇଁ ଆଦୌ ଦୁଃଖ କରିବେ ନାହିଁ । ଆପଣ ପ୍ରାୟ ଭୁଲିଆସିଲେଣି । ସମ୍ପୂର୍ଣ୍ଣ ଭୁଲିଗଲେ ଆମେ ଗୋଟାଏ ଅସମ୍ମାନକର ଦୟାଦାନରୁ ନିଷ୍କୃତି ପାଇଯାନ୍ତୁ ।

❖❖❖

Digitized by srujanika@gmail.com

ମଧୁସନ୍ଧାନ

Digitized by srujanika@gmail.com

ମୁଖବନ୍ଧ

ମୋ ଅଞ୍ଚଳରେ ସାହିତ୍ୟିକ ଅବୁଝାମଣାର ମାତ୍ରା ଦେଖି ଶଙ୍କି ନ ଯିବ ଏଭଳି ଧୈର୍ଯ୍ୟବନ୍ତ କବି ପୁରୁଷ ବିରଳ। ଏଣୁ ହୁଏତ ମୋତେ ବାରମ୍ବାର କହିବାକୁ ପଡୁଥିବ ଯେ ଇଂରାଜୀରେ ଯାହାକୁ Essay କହନ୍ତି, ଓଡିଆରେ ତାହା ହିଁ ଏ ରଚନା-ସାହିତ୍ୟ। ସୃଷ୍ଟିଶୀଳ ପ୍ରତିଭାର ଅଧିକାରୀ ଭାବରେ ଏ ପୁଷ୍ପିତ ଗଦ୍ୟ ସାହିତ୍ୟର ଯେଉଁ ସଂଖ୍ୟାଗରିଷ୍ଠ ବରେଣ୍ୟ ଲେଖକମାନଙ୍କୁ ସେ ଭାଷାରେ ମାନ୍ୟତା ଦିଆଯାଏ, ସେମାନେ ସମସ୍ତେ - ହେଜ୍‌ଲିଟ, ଲେମ୍ବଠାରୁ ଆରମ୍ଭକରି ପ୍ରିଷ୍ଟ୍‌ଲେ କିମ୍ବା ଲିଣ୍ଡ୍ ପର୍ଯ୍ୟନ୍ତ - ଇଂରାଜୀ ସାହିତ୍ୟର ରଚନାମାର। Essay କହିଲେ ଏମାନଙ୍କର ବକ୍ତବ୍ୟକୁ ବୁଝାଏ ଏବଂ Essayist କହିଲେ ଏଇମାନଙ୍କୁ ମୁଖ୍ୟତ୍ଃ ସମ୍ମାନ ଦିଆଯାଏ।

କିନ୍ତୁ ଓଡିଆରେ ପ୍ରବନ୍ଧ ଏ ଯାଏଁ ତା'ର ଊନବିଂଶ ଶତାବ୍ଦୀର ସଂଜ୍ଞା ଉପରେ ନିର୍ଭରଶୀଳ। ତାକୁ ହୋଇ Essayର ବିସ୍ତାର ଧାରଣ କଲେ, କିମ୍ବା ସେହିଭଳି ବ୍ୟକ୍ତି କେନ୍ଦ୍ରର ଆବେଗ, ଅଭିରୁଚି, ଅନୁଭବ ଏବଂ ଶୈଳୀର ସ୍ୱଚ୍ଛନ୍ଦ, ସାବଲୀଳ ପ୍ରକାଶ ପାଇଁ ଏହାକୁ ଏକ ପରୀକ୍ଷା ଏବଂ ସୃଜନଶୀଳ ପ୍ରୟୋଗର ବର୍ଦ୍ଧିଷ୍ଣୁ କ୍ଷେତ୍ରରୂପେ ଗ୍ରହଣ କଲେ, ତାହା କୁଆଡ଼େ ଅଶୁଦ୍ଧ ଅପାଂକ୍ତେୟ ହୋଇଗଲା। ତେଣିକି ଉନ୍ନାସିକ ପଣ୍ଡିତେ ତାକୁ ରମ୍ୟରଚନା କହି ସାନ୍ତ୍ୱନା ଦେବା ଉଚିତ ମନେକରନ୍ତି, କିନ୍ତୁ ହିନ୍ଦିଭଳି 'ଲଳିତ ନିବନ୍ଧ' ଶବ୍ଦ ମଧ୍ୟ ପ୍ରୟୋଗ କରିବା ନିଷ୍ପ୍ରୟୋଜନ ବୋଲି ଧାରଣା।

କ'ଣ ବା କରାଯାଏ ? ଗୁଡିଏ ଲୋକ ଜନ୍ମରୁ ବାଉଁଆ। ତାକୁ ଖଗା କୁହାଯାଏ। ସେମାନେ କେବଳ ଗୋଟିଏ ଦିଗରେ ଚିନ୍ତା କରନ୍ତି ଏବଂ ସେଇ ଦିଗଟିକୁ ବୁଝିଥାନ୍ତି। - ତା' ମଧ୍ୟ ଭାରି ଦୁର୍ବଳ ଏବଂ ଅସମ୍ପୂର୍ଣ୍ଣ ଭାବରେ। ନୂତନର ସଂଘାତ ତାକୁ ସବୁବେଳେ ବିଭ୍ରାନ୍ତ କରିଆସିଛି। ସେମାନେ ତାକୁ ବୁଝିବାକୁ ଅସମର୍ଥ। ସେଇଭଳି ଜଣେ କବି ୱାଡସ୍‌ୱାର୍ଥଙ୍କୁ କହିଥିଲେ - ଏଇଟା ଚଳିବ ନାହିଁ(This will not do)। ଆଉ ଜଣେ 'କିଟ୍‌ସ' ଭଳି ଚିରଭାସ୍ୱର ପ୍ରତିଭାକୁ କେବଳ ଯେ ଅସ୍ୱୀକାର କରିଥିଲେ ତା' ନୁହେଁ, ତାଙ୍କୁ ଅସଦାଲୋଚନାରେ ଆହତ କରିଥିଲେ। ଭାବପ୍ରବଣ କବିଙ୍କର ସେଥିରେ ଅବକ୍ଷୟ ଏବଂ ମୃତ୍ୟୁ ହେବାର ଅପବାଦ ଏ ପର୍ଯ୍ୟନ୍ତ ସାହିତ୍ୟ ଜଗତରେ ରଟି ରହିଛି। ସେ ଖଗାଗୁଡ଼ିକ ପ୍ରୋଜ୍ଜ୍ୱଳ ସାହିତ୍ୟ ଇତିହାସରେ ଦୁର୍ଘଟଣା। ଏଭଳି ଅପଦାର୍ଥଙ୍କ ହାତରେ

Digitized by srujanika@gmail.com

ନିଜର କାବ୍ୟ-ସମ୍ଭାର ଟେକିଦେବାର ବିପର୍ଯ୍ୟୟକୁ ଲକ୍ଷ୍ୟ କରି ଏ ଦେଶର କବି ନିଜ ଛାତିରେ କାତି ମାରିବାକୁ ବରଂ ଶ୍ରେୟସ୍କର ମଣିଥିଲେ। ତଥାପି ଏମାନଙ୍କୁ କ୍ଷମା ଦିଆଯାଏ। କାରଣ ଏଭଳି ମନ୍ଥରା ବା ରଜକିନୀଗୁଡ଼ିକୁ ବାଦ୍‌ଦେଲେ ଅଯୋଧ୍ୟାର ଚିତ୍ର ମଧ୍ୟ ଅସମ୍ପୂର୍ଣ୍ଣ; କିନ୍ତୁ ଜୟ ହେଉ ଅସଂଖ୍ୟ ରସଗ୍ରାହୀ ଭାବଗ୍ରାହୀ ଉନ୍ମୁକ୍ତମନା ରସିକ ପାଠକଙ୍କର। ସେଇମାନଙ୍କ ଉପରେ ଅଗାଧ ବିଶ୍ୱାସ ରଖି ବିନୀତ ଲେଖକର ଏଇ ଷଷ୍ଠ ରଚନାସଂକଳନ ନିବେଦିତ ହେଲା।

ଈସା ଜୟନ୍ତୀ, ୧୯୭୮

Digitized by srujanika@gmail.com

କେତୋଟି ମୁହଁ ସମ୍ପର୍କରେ

ସବୁ ଘୋଡ଼େଇ ସାରିଲା ପରେ ଆମେ ମୁହଁଟିକୁ ମେଲାରଖୁ, କାରଣ ଚିହ୍ନଟ ପାଇଁ ସୁବିଧା ହୁଏ। ଜୀବନର ଉପାଦାନ ସଂଗ୍ରହ କରିବା ସମ୍ଭବ ହୁଏ। ଏ ଓଲଟ ବୃକ୍ଷର ପାଞ୍ଚଟି ଯାକ ଚେର ଖୋଲା ନ ରହିଲେ ଏବଂ ସେଗୁଡ଼ିକ ସଂସାରର ମାଟି, ପାଣି, ପବନରେ ଅନାବୃତ ବୁଡ଼ିନରହିଲେ, ବଞ୍ଚିବା କିମ୍ବା ବିର୍ଦ୍ଧିତ ହେବା ସମ୍ଭବ ନୁହେଁ। ଏଇ ଚେରଗୁଡ଼ିକୁ ଶୁଖି ଆସିଲେ, ଗଛ ମଉଳିଯାଏ ଏବଂ ତା'ପରେ ହୁଏତ ମୁହଁଟିକୁ ହିଁ ଘୋଡ଼େଇଦେବାକୁ ପଡ଼େ; କିନ୍ତୁ ରୂପ, ରସ, ଗନ୍ଧ ଶୋଷୁଥିବା ପର୍ଯ୍ୟନ୍ତ ମୁହଁ ବାଟେ ଜୀବନର ଅମୃତଧାର ପ୍ରବେଶ କରୁଥାଏ। ସେଇବାଟେ ପ୍ରକାଶିତ ହେଉଥାଏ ଆନନ୍ଦ, ନିରାନନ୍ଦ, ଅନୁରାଗ ବିରାଗର ସଂକେତ। ପ୍ରକାଶିତ ହେଉଥାଏ ବାକ୍ ରୂପରେ ଅଗ୍ନି। ପ୍ରକାଶିତ ହେଉଥାଏ ସମଗ୍ର ବ୍ୟକ୍ତିଟିର ବ୍ୟକ୍ତିତ୍ୱ। ମୁହଁ ଦେଖି ଆମେ ମଣିଷ ଚିହ୍ନୁ, ପିଠି ଦେଖି ନୁହେଁ। ନଖଠାରୁ ଶିଖା ପର୍ଯ୍ୟନ୍ତ ବ୍ୟକ୍ତିଟି ବିସ୍ତୃତ ରହିଥିଲେ ମଧ ଏବଂ ଅନ୍ୟାନ୍ୟ ଅବୟବଗୁଡ଼ିକ ବ୍ୟକ୍ତିତ୍ୱ ଗଢ଼ିବାରେ କିଛି କିଛି ସହାୟକ ହେଉଥିଲେ ମଧ, ଶହେରେ ଅନେଶତ ଭାଗ ସେ ମୁହଁରେ ହିଁ କେନ୍ଦ୍ରୀଭୂତ ଥାଏ। ସବୁପ୍ରକାର ଆଦାନ-ପ୍ରଦାନ, ଭାବ-ଦୋସ୍ତି ଏବଂ ପରିଚୟ ଏଇ ମୁହଁଟି ସାଙ୍ଗରେ। ଏଣୁ ଆମେ ସବୁ ଘୋଡ଼େଇସାରି ମୁହଁଟିକୁ ମେଲା ରଖୁ।

ସେ ଯେଉଁ ଲଣ୍ଡାମୁଣ୍ଡ, ତଳକୁ ଠିଆ ଠିଆ ହଳେ ବଡ଼ କାନ, ନୁଆଁଣିଆ ଭୂଲତା ତଳକୁ ଓଦାଳିଆ କାକର ଦୁଇଟି ଆଖି; ଥୋପି ପଡ଼ିଲା ପରି ବିରାଟ ସେ ନାକର ଛାଇରେ ହଳେ ତଳମୁହାଁ ବଣିଆ ନିଶ; ଚିପୁଡ଼ିଲା ପରି ପାକୁଆପାଟି ଓ ଥୋଡ଼। ଆଖି କୁଣରେ ସେ ଲୋଚାକୋଚା କୁଞ୍ଚ କୁଞ୍ଚ ଗାର, ଥୋଡ଼ି ତଳକୁ ଥୋଲା ଥୋଲା ନରମ ଗୁଡ଼ିଏ ରେଖା। ଆମେ ଦେଖିଲାମାତ୍ରେ ଚିହ୍ନିନେଉ। ଆମକୁ ଶୁଭିଯାଏ ଆବେଗଭରା, ବିଶ୍ୱାସଭରା, ଗଭୀର ଆତ୍ମୀୟତାର ଗୁଡ଼ିଏ କଅଁଳିଆ କଥା। ଦିଶିଯାଏ ସେଇ ପାକୁଆ ପାଟିରୁ ଝରିପଡୁଥିବା ଗୁଡ଼ିଏ ପାକଳ ନିର୍ମଳ ହସ। ମନେପଡ଼ିଯାଏ କର୍ମମୟ, ତପୋମୟ, ସଂଘର୍ଷମୟ ଗୋଟିଏ ଜୀବନର ବିରଳ ଇତିବୃତ୍ତ; ଚକିତ, କମ୍ପିତ, ଜାଗରିତ ଗୋଟିଏ ଜାତିର ସଂଗ୍ରାମ। ସତ୍ୟର କ୍ଷୁରଧାରକୁ ନେଇ ପରୀକ୍ଷା କରୁଥିବା, ଜୀବନର ଯାତନାକୁ ନେଇ ବେଦନାବିଦ୍ଧ ହେଉଥିବା ଏଇ ତ ସେଇ ମହାତ୍ମା। ...ଏଇ ମୁହଁଟି ଚାହିଁଥିଲା ଶୂନ୍ୟକୁ ଆଲୋକ ପାଇଁ, ଚାହିଁଥିଲା ଚାରିଆଡ଼େ ମଣିଷ ଜୀବନରେ ସତ୍ୟର ସନ୍ଧାନ ପାଇଁ, ସତ୍ୟର ପ୍ରତିଷ୍ଠା ପାଇଁ। ଏ ମୁହଁଟି କେତେ କାନ୍ଦିଛି, କେତେ ହସିଛି, କେତେ ଆବେଗ, କେତେ କରୁଣା ଝରିଛି ଏ ମୁହଁଟିରୁ। ଆମେ ଯାକୁ ଚିହ୍ନିଛୁ, ଯାକୁ ଘୋଡ଼େଇଦେଲେ ବାକି ଯେଉଁ ଅର୍ଦ୍ଧପରିହିତ ଦେହଟି ଢିମା

Digitized by srujanika@gmail.com

ଢିମା ଆଣ୍ଠୁ, ବଡ଼ ବଡ଼ ପାପୁଲା, ସରୁ ସରୁ ଗୋଡ଼, ଅନେକ ପରିଚୟ ହେତୁ ହୁଏତ ଆମେ ଚିହ୍ନିନେଉ; କିନ୍ତୁ ସେଗୁଡ଼ିକ ସେ ବିପୁଳ ବ୍ୟକ୍ତିତ୍ୱର ସମାନ୍ୟତମ ଅଂଶ ମାତ୍ର। ସେମାନଙ୍କୁ ଗୋଟିଏ ଖଦଡ଼ ଚାଦରରେ ଘୋଡ଼େଇଦେଲେ, କିମ୍ବା ଅନଶନଶୀର୍ଣ୍ଣ ସେ ଦେହଟିକୁ ବିଛଣା ଉପରେ ଆବୃତ କରିଦେଲେ, ସେଇ ମୁହଁଟି ଯେ ମହାତ୍ମାର ଏଥିରେ କାହାର ଆଉ ସନ୍ଦେହ ରହେ ନାହିଁ।

ସେହିପରି ସେ ଆର ମୁହଁଟି ବିଷୟରେ ମଧ କାହାର ସନ୍ଦେହ ରହେନାହିଁ। ତଳକୁ ଓହଳି ରହିଥିବା ଅବିନ୍ୟସ୍ତ, ଅକୁଞ୍ଚିତ ଗୁଡ଼ିଏ କେଶ ଏବଂ ସରୁ ଗୋଟିଏ ଦାଢ଼ି ମଝିରେ ଗୋଧୂମ ବର୍ଣ୍ଣର ସେ ଇହୁଦି ମୁହଁଟି ! ଟାଣି ହୋଇ ରହିଥିବା ସେ ପ୍ରଶସ୍ତ ଲଲାଟରେ ଠାଏ ଠାଏ ରକ୍ତ। ସେ ସରୁ ନାକଟି ସହିତ ସିଧା ସିଧା ଭ୍ରୂଲତା ଦୁଇଟିର ଗୋଟିଏ ଛୋଟ କ୍ରୁଶ ଭଳି ସାରୂପ୍ୟ; ଈଷତ୍ ଢଳିପଡ଼ିଥିବା ସେ ଲମ୍ବାଳିଆ ମୁହଁଟିରେ ସ୍ଥିର, ଅର୍ଦ୍ଧନିମୀଳିତ ଦୁଇଟି ଅନନ୍ୟ ଆଖି ! ଯାକୁ ଦେଖିଦେବା ମାତ୍ରେ ଆମେ ବିଚଳିତ, ଲଜ୍ଜିତ, ମର୍ମାହତ ହୋଇଯାଉ। ଏଇତ ସେଦିନ ଆମକୁ ଆମର ଅଜ୍ଞତା, କୃତଘ୍ନତା, କ୍ରୂରତାପାଇଁ କ୍ଷମା କରିଥିଲା। ସେ ଆଖିଯୋଡ଼ିକରେ ଚିରକାଳପାଇଁ ଅଙ୍କିତ କରିଗଲା ଅଭିଶପ୍ତ ମଣିଷର ଅନନ୍ତ ଯାତନା ଏବଂ ଅନନ୍ତ କାରୁଣ୍ୟର ଆଲେଖ୍ୟ। ସେ ମୁହଁରୁ ଝରିଥିଲା ପ୍ରେମ, ସ୍ନେହ, ବାତ୍ସଲ୍ୟ ଏବଂ କରୁଣା। ରକ୍ତାକ୍ତ ଲଲାଟଟିକୁ ଉପରକୁ ଟେକିଧରି ସେଇତ ଆମପାଇଁ ପ୍ରାର୍ଥନା କରିଥିଲା ! ଆମେ ତାକୁ ଚିହ୍ନୁ। ଏବେ ମଧ ତାକୁ ଗ୍ରହଣ କଲାଭଳି, ସମ୍ଭାଳି ନେଲାଭଳି ଅକୃପଣ ଉଦାରତା ଆମର ଆସିନାହିଁ। ତଥାପି ଆମେ ଚିହ୍ନୁ। ବାକି ଯେଉଁ ଓସାରି ହୋଇ ରହିଥିବା ଦୁଇଟି ଶୀର୍ଣ୍ଣ ବାହୁ, ସରୁ ସରୁ ଦେହଟି ତଳକୁ ଛନ୍ଦିହୋଇ ରହିଥିବା ଦୁଇଟି ଗୋଡ଼ ଏବଂ ସେ ରକ୍ତାକ୍ତ ଗଭୀର କ୍ଷତଗୁଡ଼ିକ ଆମକୁ ବିବ୍ରତ କରିନ୍ତି ସତ, କିନ୍ତୁ ମୁହଁଟି କେବଳ ଜଳୁଥାଏ ଅଖଣ୍ଡ ବିଭୂତିରେ କରୁଣୋଜ୍ଜ୍ୱଳ ଦୀପଟିଏ ପରି।

ଚେର ଦେଖି ଯେପରି ଗଛଟିକୁ ଚିହ୍ନିବା କଷ୍ଟ, ଅବୟବ ଦେଖି ମଣିଷକୁ ଚିହ୍ନିବା ସେହିପରି କଷ୍ଟ। ବନ୍ଧୁ, ପରିବାର, ସ୍ୱଜନଙ୍କୁ ମୁହଁ ଦେଖି ଚିହ୍ନାଯାଏ। ସେଇ ମୁହଁଗୁଡ଼ିକର ମାନ, ଅଭିମାନ, ଲଜ୍ଜା, ମମତାକୁ ଜୀବନର ଆବେଗ ମୂଲ୍ୟ ରୂପେ ଗ୍ରହଣ କରାଯାଏ। ପ୍ରିୟଜନର ମୁହଁ ଉପରେ ଛାଇଟିଏ ପହଁରିଗଲେ ଭାବାନ୍ତର ଆସିଯାଏ। ଏଇ ମୁହଁଗୁଡ଼ିକର ସରହଦରେ ଠିଆ ରହି ଦୁଇଟି ସ୍ୱତନ୍ତ୍ର ଆତ୍ମା ପରସ୍ପରକୁ ଗ୍ରହଣ କରନ୍ତି। କଥାରେ, ଆଖିରେ ଭଙ୍ଗୀରେ ନିଜକୁ ପ୍ରକାଶ କରନ୍ତି। ଦୂରବୀକ୍ଷଣଯନ୍ତ୍ରରେ ନୂଆ ତାରାଟିଏ ଧରାଦେଲାପରି ନୂଆ ମୁହଁଟିଏ ଅନେକ ବିସ୍ମୟ ବହନକରି ଜୀବନରେ ଉଦୟ ହୁଏ।

ଧରାଯାଉ ସେ ଯେଉଁ ମୁହଁଟି। ଟାଆଁସା ଦରପାରିଲା ଗୁଡ଼ିଏ ଛୋଟ ଛୋଟ ବାଳ। ଦୁଇ ତିନି ଦିନର ଗୁଡ଼। ଛୋଟ ମୋଟା ମୋଟା ଦୁଇଟି କାନ। ରେଖାବହୁଳ କପାଳଟି, ଓସାରରେ ଜମା ଅଙ୍ଗୁଳିଏ। ଭ୍ରୂଲତା ହାଡ଼ଗୁଡ଼ିକ ପାହାଡ଼ି ଜମିର ହୁଡ଼ାପରି ଉଭାରି ରହିଛନ୍ତି। ଆଖିଗୁଡ଼ିକ ଛୋଟ ଛୋଟ ଏବଂ ରଙ୍ଗିଲା। ଆଖି ଚାରିପଟେ କାମୁକୋଳିଆ ଦାଗ। କୋରଡ଼ ଭିତରେ ଆଖି ଗୋଟାଳି ଯୋଡ଼ିକ ହୁଗୁଳା ଏବଂ ଢଳ ଢଳ। ହନୁହାଡ଼ର ଲାଞ୍ଜି କାନମୂଳ ପର୍ଯ୍ୟନ୍ତ ଲମ୍ବିଯାଇଛି। ତା'

Digitized by srujanika@gmail.com

ଉପରକୁ ଖୋପ; କପାଳରୁ ଝାଳ ନିଗିଡ଼ି ଆସିଲେ ସେଇଠି ଜମାହୁଏ। ତା' ତଳକୁ ଗାଲ ପରିବର୍ତ୍ତେ ଗୋଟିଏ ଲେଖା ଉପତ୍ୟକା। ନାକଟି ଛୋଟିଆ, ମଝିରୁ ଭାଙ୍ଗିଲା ପରି। ଯାକୁ ଗଢ଼ିଲାବେଳେ କରିଗର ହାତରୁ ହୁଏତ ଉପାଦାନ ସରିଯାଇଥିଲା। ନାକ ତଳେ ସୋରାଏ ନଡ଼ିଆ ପରି ପ୍ରଶସ୍ତ ଭୂମିରେ ଗୁଡ଼ିଆ ଦରପାଚିଲା ନିଶ। ମୋଟା ମୋଟା ଓଠ। ବିସ୍ତୃତ ପାଟିର ଦୁଇ କଡରେ ବିନ୍ଦୁଏ ଲେଖା କସି କଇଠ ଖାଇଲା ପରି ଧୋବ ଚିହ୍ନ। ମୁହଁଟି ଯାକ ଉପରେ ଗୋଟିଏ ମୋଟା କାଳିଆ ତମ୍ବାଳିଆ ଚମର ଘୋଡ଼ଣି। ଏତକ ଦେଖିଲେ ଜଣାଯିବ ଯେ ଯା ଉପର ଦେଇ ଅନ୍ତତଃ ଚାଳିଶଟି ଗ୍ରୀଷ୍ମ ଏବଂ ଶୀତ ବୋହିଯାଇଛି। ଚାଳିଶ ଥର ଏ ପୃଥିବୀ ବୁଲିଆସିଛି ତା' କକ୍ଷ ଉପରେ। କୌଣସି ନିଦାଘରେ ଯାକୁ ଚନ୍ଦନର ପ୍ରଲେପ ମିଳିନାହିଁ। କୌଣସି ହେମନ୍ତର ସିରିସିରିଆ କୋହଲା ଭିତରେ ଉଷୁମ ଟିକିଏ ଆଶ୍ରୟ ମିଳିନାହିଁ। ଜଠରରୁ ଅଗ୍ନିଶିଖା ଚହଟି ଆସି ସବୁଯାକ ଚର୍ବି ତରଳେଇ ଦେଇଛି। ହାଡ଼ ଏବଂ ମାଂସ ଅହରହ ଶିଝିଛି ଏବଂ ବୋହିଯାଇଛି ଝାଳ ହୋଇ। ସେ ଆଖିଯୋଡ଼ିକ ବୋଧହୁଏ ଆଦୌ କାନ୍ଦିନାହାନ୍ତି। ଅଜସ୍ର ଭୋକ କିମ୍ବା ଅମାପ ଶୋଷ ତାକୁ ଆଚ୍ଛନ୍ନ କରିରଖିଛି। ହୋଇପାରେ ଏ ମୁହଁତଳକୁ ଝାଲୁଆ ଗୁଡ଼ିଏ ଅବୟବ। ହାତ ପାପୁଲାଗୁଡ଼ିକ ଟାଆଁସା। ଗୋଡ଼ ତଳିପା କାଠଫାଳ ପରି ମୋଟା। ଆଙ୍ଗୁଠିର ମଳା ନଖଗୁଡ଼ିକ କୋଉ କାଳୁ ଲେଉଟି ପଡ଼ିଛନ୍ତି। ... ହୋଇପାରେ ସେ 'ଗଜ ବେଗୁକ୍'। ମାଲଗୋଦାମରେ ବସ୍ତା ବୁହେ। ଘରେ ତା'ର ରୋଗିଣୀ ମାଇକିନା। ତିନିଟା ପିଲା। ବଡ଼ ତିନିଟା ବାହାରିଗଲେଣି ନିଜ ଧନ୍ଦାରେ। ସେ ଛ'ବର୍ଷର ଝିଅଟା ରହିପାରୁନାହିଁ। ଦୁଇ ତିନି ଦିନ ଖାଇବାକୁ ନ ପାଇଲେ ପଳେଇଆସୁଛି। ହାଣ୍ଡିକଳା ଛଡ଼େଇ ନପାରି ମାଡ଼ ଖାଇଲେ ପଳେଇଆସୁଛି। ଗଜ ସ୍ଥିର କରିଛି ଯେ ମଜୁରୀରୁ ଅଧେ ସେ ପିଇବ, ବାକି ଅଧେ ସମସ୍ତେ ବାଣ୍ଟି ଖାଇବେ, ନଇଲେ ମରିବେ। ...କିମ୍ବା ସେ ହୋଇପାରେ 'ଗୋବିନ୍ଦ ପାଇକ'। ଏ ବର୍ଷ ମରୁଡ଼ିରେ ଭୂଇଁ ଫାଟିଗଲା। ମାଇପ କୋଉ କାଳୁ ମରିଥିଲା। ବୋହୂ ପଳେଇଲା ଆଉଗୋଟେ ସାଙ୍ଗରେ। ପୁଅ ମରିଗଲା ହଇଜାରେ। ନାତି-ନାତୁଣୀ ଯୋଡ଼ିକ ଧରି ସେ ଆସିଛି ସହରକୁ। ସେ ମାଗି ଜାଣିନାହିଁ। ସେମାନେ ଭିକ ମାଗିନାହାନ୍ତି। ସେମାନେ ତିନି ଦିନ ହେଲା ପାଣି ପିଇ ବଞ୍ଚିଛନ୍ତି। ସେ ଛାନିଆ ହୋଇ ବଲବଲ ଚାହିଁଛି। ଜାଣିପାରୁ ନାହିଁ ସେ ବଞ୍ଚିଛି ନା ମଲାଣି। ହୋଇପାରେ ସେ 'ସମ୍ବରୁ ବେହେରା'। ପାଞ୍ଚବର୍ଷ ତଳେ ସାହୁକାର ପାଖରୁ ଖଣ୍ଡେ ଆଠହାତ ଧୋତି ପାଇଥିଲା। ସେଇଟା ଏବେ ଦୁଇଖଣ୍ଡ ହୋଇ ଛିଣ୍ଡିଗଲାଣି। ଫାଳେ ପିନ୍ଧି, ଫାଳେ ଘୋଡ଼େଇ ହୋଇ ସେ ଆସିଛି ଜମି କାଗଜ ନେବାକୁ। ସାହୁକର ପନ୍ଦର ଦିନକୁ ଖୋରାକ ଯୋଗେଇ ଦେଇ ତାକୁ କହିଛି ସେ କାଗଜ ଖଣ୍ଡ ତା'ପାଖରେ ପଇଠ ଦେବାକୁ। ସେ ଏ ଗହଳିରୁ ଖସିଯିବାକୁ ଟାକିବସିଛି। ଏଠି ମଣିଷ କଥା ନକହି କଳ କଥା କହୁଛି। ତାର ବିଶ୍ୱାସ ଆସୁନାହିଁ। ...ହୋଇପାରେ ସେ 'କେଳୁ ମଳିକ'। ତା'ର ଗୋଟାଏ ଗୋଡ଼ ଛୋଟା। ତା'ହାତରେ ବେଡ଼ି। ସେ ନିଶା ଖାଇ ତା' ମାଇପକୁ ହାଣିଦେଇଛି। କଟାଳ କରି କହୁଛି ଯେ ସେ ଠିକ୍ ଦେଖିଛି ମୁଦୁଲିର ବଡ଼ପୁଅ ଘର ଭିତରୁ ଧାଇଁ ପଳେଇଗଲା। ସେ ତାକୁ ମଧ ଦେଖିଲା ମାତ୍ରେ ହାଣିବ। ହୋଇପାରେ ସେ 'ବିଜୁତୁଙ୍ଗ'। ଲୁହା ଖଣିରେ କାମ କରୁଥିଲା। ଏବେ ରେଳବାଇରେ ଗ୍ୟାଙ୍ଗ୍‌କୁଲି କାମକରେ। ... ହୋଇପାରେ ସେ 'ଋଷି ପଟେଲ'।

Digitized by srujanika@gmail.com

ତା'ର ଛୋଟ ଜମିଟି ଏବେ ଦୋଫସଲି, ହୋଇଛି। ସେ ଆସିଛି ସାର କିଣିବାକୁ। ...କିମ୍ବା ହୋଇପାରେ ସେ 'ଯୋଗିଆ ରାମୁଡୁ'। ବଙ୍ଗାଳୀ କିମ୍ବା ତେଲେଙ୍ଗା ଗରାକ ବାଛି ବାଛି ରିକ୍ସାରେ ବସାଏ। ତା' ମାଇପ ମାଛ ବିକେ।

ସେ ଯେ ପ୍ରଜାପତିଆ ନିଶ, ଶୁଆଥଣ୍ଟିଆ ନାକ, ଓସାର କପାଳ ଏବଂ ଚିକ୍କଣ ଥୋଡ଼ିଟିକୁ ନେଇ ମୁହଁ, ତା'ର ଆଖି ଯୋଡ଼ିକ ଥୋଇଲାପରି। ପାଖରୁ ଚାହିଁଲେ ବାଳଗୁଡ଼ିକର ରଙ୍ଗ ବୋଲାହୋଇ ଦିଶୁଛି ଗାଢ଼ ନୀଳବର୍ଣ୍ଣ। ସିଗ୍ରେଟଖିଆ ଓଠଯୋଡ଼ିକ କଳା। ଚିବୁକ ତଳକୁ କିଛି ଚର୍ବି। ଆଖିରେ ଅନେକ ପାରଦର୍ଶିତା ଝଟକୁଛି। ନାକମୂଳରେ ସାମୟିକ ଚଷମା ବ୍ୟବହାର କରୁଥିବାର ଦାଗ। ଗୋଜିଆ ମୁହଁଟିରେ ବୋଲିହୋଇ ରହିଛି କିଛି ପାଉଡ଼ର। ସେ ମୁହଁଟି ହସିଲେ ବେଶ୍ ଚମତ୍କାର ଦିଶୁଥିବ। କଥା କହିଲେ ଦିଶୁଥିବ ସୁନ୍ଦର। ମୁହଁଟି ଗୋରା ନୁହେଁ କି କଳା ନୁହେଁ। ଚମଡ଼ା ମୋଟା ନୁହେଁ କି ପାତଳ ନୁହେଁ। ...ହୋଇପାରେ ସେ 'ଶାମବାବୁ', କୌଣସି ଦପ୍ତରର କନିଷ୍ଠ କିରାଣୀ। ସେ ନିଜ ଘରଟି ଭଡ଼ାଦେଇ ସରକାରୀ ଘରେ ଥାନ୍ତି। ଧରାବନ୍ଧା ଦରମାକୁ ଧରାବନ୍ଧା କାମ ସାରିଦେଇ ସେ ରବିବାର ଦିନ ଯାନ୍ତି ମାଂସ କିଣିବାକୁ। ତାଙ୍କ ଝିଅ ବିଭାପାଇଁ ରେଡ଼ିଓ କିଣିସାରିଲେଣି। ତାଙ୍କ ଘର ପରଦାଗୁଡ଼ିକ ମଇଳା। ସେ ଲୁଙ୍ଗିମାରି ତାସ୍ ଖେଳିବାକୁ ଭଲପାଆନ୍ତି। ଅନେକ ଭିଟାମିନ୍ ବୋତଲ ତାଙ୍କ ଘରେ ଦେଖିବାକୁ ମିଳେ। ପୁଅ ବେକରେ ମାଳେ ଡ଼େଉଁରିଆ। ସାନଝିଅ ପାଇଁ ଦୁଇହଳ ମେକ୍ସି। ...ହୋଇପାରେ ସେ ଇଞ୍ଜିନିଅର 'ଦାସବାବୁ'। ଯେତେ ଜାହାଜ ସେ ଦରିଆରେ ମେଲିଦେଲେ କୌଣସି ଗୋଟିଏ ହେଲେ ସେଥିରୁ କୂଳ ଛୁଇଁଲାନାହିଁ। ଅନ୍ତତଃ କୋଠା ଖଣ୍ଡିକର ଛାତ ବିଛେଇ ଦେଇପାରିଲେ ସେ ନିଶ୍ଚିନ୍ତ ହୋଇଯାନ୍ତେ। କେତେ ଲୋକ କେତେ କଥା କରିଗଲେଣି। ତାଙ୍କୁ କେବଳ ସମସ୍ତେ ଛକି ବସିଛନ୍ତି। ସେ କ'ଣ ଗାଡ଼ିଟିଏ କିଣି ନଥାନ୍ତେ, ନା ଲୁଗା ଦି'ଖଣ୍ଡ ପିନ୍ଧି ନ ଥାନ୍ତେ। ...ସେ ମୁହଁଟି ତଳକୁ ହୋଇପାରେ, ଖୁବ୍ ବଗଡ଼ିଆ ଖଦଡ଼ ପଞ୍ଜାବୀ ଏବଂ ବଡ଼ ଧରଣର ଝୋଲା ମୁଣାଟିଏ ଖଞ୍ଜି ହୋଇ ରହିଛି, ଗୋବର୍ଦ୍ଧନବାବୁ ସେକ୍ରେଟେରୀ ସମୂକ ସଙ୍ଘଙ୍କ ବ୍ୟକ୍ତିତ୍ୱରେ। ଅଜୀବନ ଅସଂଖ୍ୟ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼ି ଲଢ଼ି, ବକ୍ତୃତା ଦେଇ, ଶେଷକୁ ଏ ଦେଶ କ'ଣ ତାଙ୍କୁ ଚିହ୍ନିଲା ? ପଞ୍ଚେ ବଗୁଲିଆ ମିଶି ତାଙ୍କୁ ଟାଉଟର ବୋଲି ପ୍ରଚାର କରିଦେଲେ। ସେ କଲେଜ କରେଇଛନ୍ତି। ରକ୍ତ ଅଜାଡ଼ି ଦେଇଛନ୍ତି ଅନୁଷ୍ଠାନ ପାଇଁ। ଏବେ ଗୁଜରାଣ ପାଇଁ ଦୁଇ ଚାରିଖଣ୍ଡ ଟାକ୍ସି ପକେଇ ଦେଲେ ବୋଲି କ'ଣନା ସେ ହୋଇଗଲେ ପେଞ୍ଚୁଆ ଏବଂ ଚୋର। ... କିମ୍ବା ହୋଇପାରେ ସେ ଅଧ୍ୟାପକ 'ବେହୁରିଆ।' ପାନାମା, ଜିଲେଟ୍, ସ୍ୱିସ୍ ଏବଂ ଟୋପାଜ୍ ବ୍ଲେଡ଼ରେ ଗତ ପଞ୍ଚତ୍ରିଶ ବର୍ଷଧରି ସେ ମୁହଁଟି ମାଠି କ୍ଷୌର ହୋଇଛନ୍ତି। ଦୁଇଖଣ୍ଡ ଟେରଲିନ୍‌କୁ ପାଞ୍ଚ ବର୍ଷ ଧୋଇ ଶୁଖେଇ ପିନ୍ଧିଛନ୍ତି। ସକାଳର ଆଞ୍ଚଳିକ ସଂବାଦ ଶୁଣିଲାବେଳେ ନିଶଟିକୁ ବାଗେଇ ନେଇଛନ୍ତି। ସେ ବକ୍ତୃତା ଦେଇ ଫେରନ୍ତି ଫୁଲମାଳଟିଏ ଧରି। ନମସ୍କାରଟିଏ ପାଇଲେ ମୁହଁଟି ପଦ୍ମ ଫୁଟିଲାପରି ମୁକୁଳିଯାଏ।

...ସଞ୍ଚରେ ତିଆରି ସେ ବର୍ତ୍ତୁଳ ମୁହଁଟିରେ ସାବୁନ ଫେଣ ପରି ଥୋଲା ଥୋଲା ଚର୍ବି। ଚିକ୍‌ଣ, ଘଷାମଜା ଚମଡ଼ାଟି ତୁଳା ଭର୍ତ୍ତିହୋଇଥିବା ତକିଆର ପାଟକନାପରି ଟାଣିହୋଇ ରହିଛି

Digitized by srujanika@gmail.com

ଗାଲରୁ ଗାଲଯାଏ। ଆଖିର ଡ଼ୋଳାଗୁଡ଼ିକ ଈଷତ୍ କହରା। ଭୁରୁ ଠିଆ ଠିଆ। ନାକ ଅଗଯାଏଁ ଥୋପି ପଡୁଛି ଗୋଟାଏ ଚିକ୍‌ଣିଆ ନରମ ମାଂସର ପ୍ରଲେପ। ଓଠଯୋଡ଼ିକ ଗଣିଲାପରି। ମୁହକୁ ଚାହିଁଲେ ପାଟି ଖୁବ୍ ଛୋଟ। ଆଖି ଉପରେ ଲମ୍ବା ଚୁରୁଟ୍ ଧୂଆଁ କୁହୁଳିଲାବେଳେ ସେ ହୁଏତ ମାଣିକ ମାଦିରତ୍ତା। ମିଲ୍ ମାଲିକ, ପ୍ରକାଣ୍ଡ ଶିଳ୍ପପତି। ହସିଲେ ଖୁବ୍ ଭଦ୍ରଭାବରେ ପାଟି ଓସାରି ହୋଇଯାଏ। ଭୁରୁ ଉପରୁ, ଗାଲ ମୂଳରୁ ଗୋଲାପ ବର୍ଷା ହୋଇଯାଏ। ସେଥିରେ ମହକି ଉଠନ୍ତି, ପୁଲକି ଉଠନ୍ତି ଅନୁଗୃହୀତ ଅନୁଚରବର୍ଗ। ପାଟି ଗୋଟିକ ଓସାରି ହୋଇ ପ୍ରକାଣ୍ଡ ଅଶ୍ଳୀଳ ଶବ୍ଦମାନ ଚିତ୍କାର କରେ। ଏଇ ବୋଧହୁଏ କିଛି ଫରାସୀ ପାନୀୟ ପରେ ଏ ମୁହଁ ଉପରକୁ ଉତୁରି ଆସୁଛି ଅନେକ ଯୌନ ଯୋଜନାର ଉତ୍ତାପ। ସେ ବୋଧହୁଏ 'ବିକ୍ରମ ବଳିଆର ସିଂ' ...ମଣ୍ଟୁ ମାନଧାତା...କିମ୍ବା ବିଦ୍ୟାଧର ଗଡ଼ନାୟକ। ଗାଲ ଉପରେ କଟା ଦାଗ ଏକ ଅଲିଭା ସ୍ମୃତି। ଦର୍ପଣରେ ନିଜର ପ୍ରତିବିମ୍ବ ଦେଖିଲାବେଳେ ଏ ମୁହଁଟି ଆନମନା ଜଣାଯାଏ। ଆଖି ଡ଼ୋଳାରେ ବୋଝେଇ ହୋଇଯାଏ ସେ କ୍ଷତ ଚିହ୍ନର ଅଜସ୍ର ଇତିହାସ! ଏ ମୁହଁ ତଳକୁ ହୋଇପାରେ ରେଶମୀ ପଞ୍ଜାବିରେ ଆବୃତ ଚର୍ବିଳ ଗୋଟିଏ ଦେହ; ପାଉଁରୁଟି ଭଳି ହାତ ପାପୁଲି ଏବଂ ପାଦ - ହୋଇପାରେ ଲୋମଶ, ଘର୍ମାକ୍ତ ଗୁଡ଼ିଏ ଆପାରଗ ଅବୟବ।

ନୁଖୁରା ବାଳ ବୋଝେଇହୋଇଥିବା ଝାଳୁଆ ମୁହଁଟିରେ ପହଁରିଲା ପରି ଭୋକିଲା ଦୁଇଟି ଆଖି। ଗାଲରେ, ପାଟିରେ ଧୂଳି, ମଳି, ଅଠା, ଲୁହ, ଶିଙ୍ଗାଣି। ପାଞ୍ଚଟି କିମ୍ବା ଛଅଟି ବର୍ଷା ବୋଧହୁଏ ଯା' ଉପରେ ଅବାରିତ ଅଜାଡ଼ି ହୋଇଯାଇଛି। ଯା'ର ନାଁ ନାହିଁ। ଯା'ର ମା' ନାହିଁ, କି ବାପ ବି ନାହିଁ। ଜାତି ନାହିଁ, ଧର୍ମ ନାହିଁ, ବିଶ୍ୱାସ ନାହିଁ। ଅତୀତ ନାହିଁ, ଭବିଷ୍ୟତ ନାହିଁ। ଧୂଳି ମଳି ଝାଳରେ କାଳିଆ ଅଠାଳିଆ ଫଟା ଜାମାର ଅସଂଖ୍ୟ ଚିରା ଭିତରେ ତା'ର ଦୁକୁଦୁକି ବୁକୁ ଲୁଚିନାହିଁ। ସେ ପଞ୍ଜୁରି ଭିତରେ ଧକଉଥିବା ପକ୍ଷୀ-ଶାବକଟି ରହୁନାହିଁ କି ଯାଉନାହିଁ। ଓହଳିଥିବା ପେଟର ବୁଜୁଳା, କାଠି ପରି ଦୁଇଟି ଗୋଡ଼ ହୁଏତ ପୋତି ହୋଇ ରହିଛି ସୁବୁଦ୍ଧି ଘର ଅଇଁଠା ପତ୍ର କୁଢ଼ ଭିତରେ। ହୋଇପାରେ, ସେ ସେଇଠି ଦିନେ ଶୋଇଯିବ। ସେ ମୁହଁରେ ଆଶା ନାହିଁ, ଅଶ୍ରୁ ନାହିଁ, କୌଣସି ପ୍ରକାର ବେଦନା ମଧ୍ୟ ନାହିଁ। ଏଭଳି ଶୋଲକିଆ ମୁହଁରେ ମଣିଷର ଆବେଗ ଉକୁଟିବା କଷ୍ଟ।

ସେ ଯେଉଁ ମୁହଁଟି ତେଲ ଜରଜର, କହରା ଛୋଟ ଗୋଟିଏ ଜଟରେ ଅନେକ କଣ୍ଟା। ସେଥିରେ ପେନ୍ଥାଏ ପ୍ଲାଷ୍ଟିକ୍ ଫୁଲ। ଆଖିରେ ଅନେକ ଚାଲାକି, ଅନେକ ଆଗ୍ରହ। ସେ ଆସିଛି ସହରକୁ। ଏଇଠି ବାଲୁବାଲୁ ଚାହିଁଛି କୋଠାବାଡ଼ି, ମଣିଷଙ୍କୁ। ହୁଏତ ଦେହ ଲୁଚେଇବାକୁ ଡ଼ୋରିଆ ପାଞ୍ଚହାତି ଖଣ୍ଡେ ଗୁଡ଼େଇ ହେଇଚି କିମ୍ବା ପିନ୍ଧିଚି ଖଣ୍ଡେ ଚିରା ଦଦରା ଫ୍ରକ୍। ଏଇଠି ବାସନ ମାଜିଲେ ଲୋକେ ଖାଇବାକୁ ଦିଅନ୍ତି। ସେ ମାଡ଼ଖାଏ। ଅଇଁଠାଖାଏ। ମୁହଁରେ କିନ୍ତୁ ହସ ଲାଗି ରହିଥାଏ। ବେଳେବେଳେ ଗୁଣା ଲଗେଇବାକୁ କମଳା କଣ୍ଟା ଫୋଡ଼ି ଦେଇ ନାକ-ପୁଡ଼ାଟାକୁ ରକ୍ତ ଜରଜର କରି ରଖିଥାଏ। ଫୁଲଟିଏ ପାଇଲେ ମୁଣ୍ଡରେ ଖୋସିଦିଏ-ସେ ସତ ଫୁଲ ହେଉ ବା କାଗଜ

Digitized by srujanika@gmail.com

ଫୁଲ ହେଉ। ତା'ର ଖୁବ୍ ଦମ୍ଭ। ସେ ଏକାକୀ ଗଛମୂଳେ ରହିଯାଇପାରିବ। ସହରର ଏ ମୁଣ୍ଡରୁ ସେ ମୁଣ୍ଡକୁ ମାଛିଅନ୍ଧାର ଥାଉ ଥାଉ ଖାଲି ପେଟରେ ଧପାଲି ଯାଇପାରିବ ପାଞ୍ଚଘରେ ବାସି ଆଢ଼ତି ପାଇଁ।...ସେ ହୋଇପାରେ 'କମଳି'। ବାପ ମଲା ପରେ ଭାଉଜର ମତାଣରେ ତା' ଭାଇ ତାକୁ ଘରୁ ବାଡେଇ ବାହାର କରିଦେଇଛି। ...ହୋଇପାରେ ସେ 'ଚିନ୍ନାମ୍ମା'। ରାତିରେ ଷ୍ଟେସନ ପ୍ଲାଟଫର୍ମରେ ତା' ମା'କୁ ଖୋଜି ପାଇଲା ନାହିଁ। ରେଳ ତଳେ ପଡ଼ି ସେ ଦି' ଗଡ଼ ହୋଇ ଯାଇଥିଲା। ତା' ଆରଦିନ ଯାକ କାନ୍ଦିଲା ପରେ ସେ ଦି ଚାରି ଘରେ ପାଞ୍ଚ ବର୍ଷ କାମକରି ସାରିଲାଣି। ଏବେ ବାହାରିଚି ନିଜେ ଘର ବାସିପାଇଟି କରିବ।

ସେ ଯେ ଠିଆ ନାକ ତଳକୁ ଗଜୁରା ନିଶ, ତରାପରି ଦାଉଦାଉ ଆଖି, ପୋଛି ଦେଲାପରି ମୁହଁ, ଗାଲରେ ଏଠି ସେଠି ଦୁଇ ଚାରିଟା ବ୍ରଣ, ଥୋଡ଼ରେ କଅଁଳ କୁଣ୍ଡା ରୁମ। ହନୁ ହାଡ଼ ଲୁଚିନାହିଁ। ମୁହ ପୂରିନାହିଁ। ନିଶ ଗହଳ ଧରିନାହିଁ। ହସିଲେ ଦାନ୍ତ ଚକ୍ ଚିକ୍ ଦିଶେ; କିନ୍ତୁ ସେ ଆଖିକୁ ନିଦ ନାହିଁ। ସେ ସଂସାରକୁ କଳିବେ। ସୂର୍ଯ୍ୟ ଚନ୍ଦ୍ର କଳିବେ। ସେ ପୋଖତ ନାଉରୀ ଭଳି ସମୁଦ୍ରକୁ ଅନେଇଚି। ତା' ଲହଡ଼ି, ତା'ର ସେ ଘୁଘୁ ଶବ୍ଦକୁ କଡ଼ାକର ଜ୍ଞାନକରି ଗୋଡ଼ ଫର୍କଟେଇ ଚାହିଁଛି। କହୁଛି ସତେ ବା, "ମୁଁ ତତେ ଜିଣିବି! ତୋ ଗହୀରକୁ ମାପିବି! ତୋର ଆରପାରି ଛୁଇଁବି!" ନିର୍ଭୀକ, ନିଷ୍କମ୍ପ ସେ ଆଖି ଆଉ ମୁହଁରେ ଆଲେକ୍‌ଜାଣ୍ଡାରଭଳି ଦିଗ୍‌ବିଜୟୀ ପ୍ରତ୍ୟୟ। ...ସେ ହୋଇପାରେ ବିଭୂତି ହରିଚନ୍ଦନ! ଅଣୁ ବିଜ୍ଞାନର ସୂକ୍ଷ୍ମତତ୍ତ୍ୱ ଉପରେ ଗବେଷଣା କରୁଛି। ମହାକାଶଯାନକୁ ଖେଳଣା ଭଳି ବୁଝିସାରିଲାଣି। ପଚାରିଲେ କହୁଛି, ସେ ହାରିବାକୁ ଆସିନାହିଁ – ଆସିଛି ଅନେକ ନୂଆ ଦିଗ୍‌ବଳୟ ଆବିଷ୍କାର କରିବାକୁ। ... ..ହୋଇପାରେ ସେ ପ୍ରସନ୍ନ ପ୍ରହରାଜ! ଚମତ୍କାର କବିତା ଲେଖେ। କହୁଛି, ସାରା ପୃଥିବୀର ସବୁ ଫୁଲର ପରାଗ ଆଣି ଏଇ କିଆରୀରେ ବୁଣିଦେବ। କବିତାର ହୀରା କଣିକା ଝଟକୁଛି ତା' ଆଖିରେ; ତା' ନାକ ଅଗରେ!... ..ହୋଇପାରେ ସେ ମୁକୁନ୍ଦ ମହାପାତ୍ର। ପଛକୁ କେବେ ଫେରିଚାହିଁନାହିଁ। ସମସ୍ତଙ୍କ ଆଗରେ, ସମସ୍ତଙ୍କ ଉପରେ ସେ ରହିଆସିଛି। ଘରେ ତା'ର ଛାତ ନାହିଁ କି କାନ୍ଥ ନାହିଁ। ଗୋଡ଼ରେ ଯୋତା ନାହିଁ କି ହାତରେ ଘଣ୍ଟା ନାହିଁ। ବଦଳେଇବାକୁ ଜାମା ମଧ୍ୟ ନାହିଁ। ମଠରେ ଓଳିଏ ଭୋଗ ହେଲେ ଆର ଓଳିକୁ ଅନ୍ନ ନାହିଁ। ସେଥି'ପାଇଁ ତା ଦାନ୍ତ ପାଟି ଦାବି ରଖିଥାଏ। ଆଖି ସ୍ଥିର ହୋଇ ଆଗକୁ ଚାହିଁଥାଏ। ସେ ସ୍ୱପ୍ନ ଦେଖୁଛି ଯେ ଏ ନଈଗୁଡ଼ାକୁ ସେ ମୋଡ଼ିଦେବ। ବାଲି ଉପରେ ପଦ୍ମ ଫୁଟାଇଦେବ। ପାହାଡ଼ଗୁଡ଼ାକୁ ଉଖାରି ଫିଙ୍ଗି ଦେବ।

ଝାମ୍ପୁରା ଝାମ୍ପୁରା ବାଳ, ଚକା ଚକା ସାବୁନ୍ ଫୋଟକା ପରି ଜଳଜଳ ଆଖି। ଥୋପିପଡୁଥିବା ଗାଲ। ପାଚିଲା ଅମୃତ ଫଳରୁ ଛରିପଡୁଥିବା ନିର୍ମଳ ରସ ପରି ଥୋପି ପଡୁଛି ଲାଳ। ଅକାରଣ ହସଟିଏ ଜହ୍ନଭଳି ଉଇଁ ଆସୁଛି ସେ ମୁହଁ ଉପରକୁ। ଏ ହେଉଛନ୍ତି ଶ୍ରୀମାନ୍ କୁନା, ବୁନା, ବାପି, ଲାଲୁ, ନୀଲୁ, ଓରଫ୍ ଅନାଗତ ଶତାବ୍ଦୀର ଯୁଗନ୍ଧର ମହାପୁରୁଷମାନେ। ଏମାନେ ନିଃସଙ୍କୋଚ ଦିଗମ୍ବର ଜୈନ। ଏମାନେ କାମନାଶୂନ୍ୟ, ଚିରପ୍ରସନ୍ନ ବୁଦ୍ଧ। ଏମାନେ ସ୍ୱପ୍ନ। ଏମାନେ ସିଦ୍ଧି।

Digitized by srujanika@gmail.com

ଏଇମାନେ ହିଁ ଅମୃତସ୍ୟ ପୁତ୍ରାଃ।...ହୁଏତ କୃଷ୍ଣ ତମାଳ ପରି ମୁହଁରେ କୁଞ୍ଚକୁଞ୍ଚ ବାଳ ବାରି ହୋଉନାହିଁ। ଆଖି ଦୁଇଟି ରାଉରାଉ ଧଳା।...କିମ୍ୱା ହଳଦିଆ ଛେପରା ମୁହଁ, କାତୁଆ ମୁଣ୍ଡ। ଚିପିଲାପରି ନାକ। କହରା ଫୁରୁଫୁରିଆ ବାଳ ସାଙ୍ଗକୁ ଚିରିଦେଲା ପରି ପାତଳ ଦୁଇଟି ଆଖି ସବୁବେଳେ ଦରବୁଜା।...କିମ୍ୱା ଶଙ୍ଖ ପରି ଧଳା ମୁହଁରେ ଟେକିଲା ପରି ନାକ। ନେଳି ନେଳି ଆଖି। ତମ୍ୱାଳିଆ ମକ୍‌କା କେଶର ପରି ନରମ ଗୁଡ଼ିଏ ବାଳ। ଅନେକ ମହାଦେଶ, ଅସଂଖ୍ୟ ସାଗର ବେଳାରେ, ନଦୀ ଉପତ୍ୟକା ଏବଂ ପର୍ବତ ପ୍ରାନ୍ତରେ ଫୁଲ ଫୁଟିଲା ପରି ଏ ମୁହଁଗୁଡ଼ିକ ଫୁଟିଛନ୍ତି। ଉଦୀୟମାନ ଏବଂ ଅଗଣିତ ଅନୁଦିତ ସୂର୍ଯ୍ୟରଶ୍ମିରେ ଏମାନେ ପାଳିତ ହେବେ। ପାଳନ କରିବେ ସସାଗରା ମେଦିନୀ। ଦୋହନ କରିବେ କରିବେ ବସୁନ୍ଧରା ପୃଥିବୀକୁ। ତୋଳି ଆଣିବେ ଆକାଶର ପୁଷ୍ପ।

ଏଥର ଟିକିଏ ବୁଲି ଚାହାନ୍ତୁ। ସକାଳୁ ଝରକା ପାଖେ ବାଲୁତ ଅଗ୍ନିଶିଖାପରି ପାଖୁଡ଼ା ମେଲିଦେଇ କଳାକେଶର ଭିତରୁ ଯେ ଚାହିଁ ରହିଛି ତା' ନାଁ ସୂର୍ଯ୍ୟମୁଖୀ।...ଫଗୁ ଖେଳିଥିବା ଛୋଟ ଛୋଟ ପାପୁଲା ପରି ଟୁମା ଟୁମା ପାଖୁଡ଼ା ଘୋଡ଼େଇ ହୋଇ ଝରାଝୁମ୍ପା ଭିତରେ କନକ କେଶରକୁ ଯେ ଝୁଲିଝୁଲି ନିମନ୍ତ୍ରଣ କରୁଛି। ତା' ନାଁ ପଦ୍ମ। ନେଳି ଜରଜର ବର୍ତ୍ତୁଳ ମୁହଁ ଉପରେ ଅସଂଖ୍ୟ ଦାଉ ଦାଉ ରୂପା ଆଖିରେ ଯେ ଚାହିଁରହିଛି ସେ ତରାଟ। ଲମ୍ୱାଳିଆ କଅଁଳ ମୁହଁରେ ଏଠି ସେଠି ଲାଇକୁଳି ଦୀର୍ଘ ପଲକଗୁଡ଼ିକୁ ଅଙ୍କ ବୁଜି ଯେ ମହକୁଛି ତା' ନାଁ ଚମ୍ପା।

କଳା କାଇଁଚ ପରି ଆଖି, ଲମ୍ୱା ଠିଆ ଠିଆ କାନ, ଧଳା ପଶମରେ ତିଆରି, ସେ ସରଳ, କଅଁଳ ସୁକୁମାର ମୁହଁଟିକୁ ଆମେ ଡ଼ାକୁ ଶଶା। ଧୂସର ଲୁହା ତନ୍ତୁରେ ତିଆରି ସେ ଶଟା ତଳକୁ ନିର୍ଭୀକ ଘୁମେଇଲାପରି ଅଭିଜାତ ଆଖି। ସେ ଚଉଡ଼ା ନାକ ଏବଂ ଥୋଡ଼ ତଳକୁ ରକ୍ତ-ସ୍ନାତ ଦାଢ଼ି ଏବଂ ବାଉଁଶ ଗଜା ପରି ଦାନ୍ତର ପ୍ରହରୀ ଜଗିଥିବା ସାହାଣ ମେଲା ସେ ମୁଖ ବିବରକୁ ଆମେ କହୁ ସିଂହ।...ହଳଦିଆ ଶାଗୁଆ ଗୁଡ଼ିଏ ଚିକ୍‌କଣ ରଙ୍ଗ ଭିତରେ ରେଖାଏ ହିଙ୍ଗୁଳବେଢ଼ା ଘେରିଥିବା କଳା ଝିମ୍‌ଝିମ୍ ଆଖି, ନାଲି ଥୋପିପତୁ ଥିବା ସୁସଞ୍ଚ ଥଣ୍ଟଟିକୁ ମିଶେଇଲେ ଏ ମୁହଁଟି ହେଲା ଶୁକପକ୍ଷୀ। ମାଟିଆ ଟାଣୁଆ ଖପୁରୀ, ଭାରିଭାରି ଭ୍ରୂଲତା ତଳକୁ ଡହକୁଥବବା ଆଖି, କ୍ଷୁଧିତ କ୍ଷୁରଧାର ପରି ଥଣ୍ଟଟିର ସମାହାର ହେଉଛି ଛଞ୍ଚାଣ। ଅସଂଖ୍ୟ ଉଦ୍ଭିଦ, ଅସଂଖ୍ୟ ଜନ୍ତୁ ଏବଂ ପକ୍ଷୀମାନଙ୍କର ଅଗଣିତ ମୁହଁକୁ ନ ଚାହିଁଲେ ମେସାନଙ୍କୁ ଚିହ୍ନି ହୁଏନାହିଁ। ଚାହିଁଦେଲେ ବି ଚିହ୍ନି ହୁଏନାହିଁ। ଚାହିଁରହିଲେ ମଧ ନୁହେଁ। ରୂପ ଦେଖି ଦେଖି ନାମଟିଏ ଖଞ୍ଜିବା ହେଲା ଚିହ୍ନିବାର ଲକ୍ଷଣ। ଏତେଗୁଡ଼ିଏ ମୁହଁକୁ ଚାହିଁ ଚାହିଁ ଜୀବନ ବିତିଯାଏ। କିନ୍ତୁ ଯେତେବେଳେ ଅନୁଭବ ହୁଏ ଯେ ସେମାନେ ମଧ ଏଇ ଗୋଟିଏ ମୁହଁକୁ ଚାହିଁଛନ୍ତି, ହଠାତ୍ ଡ଼ରମାଡ଼େ, ବିମୂଢ଼ ହୋଇଯିବାକୁ ହୁଏ। ଆକାଶ ଚାହିଁ ରହେ ତା'ର ତାରା ଆଖିଗୁଡ଼ିକରେ। ନଦନଦୀ, ପାହାଡ଼ ପର୍ବତ ସମସ୍ତେ ଚାହିଁରହନ୍ତି। ଚାହିଁ ରହନ୍ତି ଲତା, ଗୁଳ୍ମ, ମହୀରୁହ ସକଳ। ଗରିଲା, ଶିମ୍ପାଞ୍ଜି, ଶଶା, ଶିଆଳ ଏବଂ ସିଂହ। ..କାହିଁ କାହିଁ ଗହୀରରେ ଗୋଟାଏ ସମ୍ପର୍କର ତନ୍ତୁ ହୁଏତ ସନ୍ଦିତ ହୁଏ। ମୁହଁଗୁଡ଼ିକ ଆସ୍ତେ ଏକାକାର

Digitized by srujanika@gmail.com

ହୋଇଯାନ୍ତି । ସମସ୍ତେ ବସନ୍ତି ଗୋଟାଏ ଛାପା ପରି । ମଉଳିଯାଏ ଯେତେ ସବୁ ବୈଶିଷ୍ଟ୍ୟ । ତା'ପରେ ହୁଏତ ଗଭୀରତମ ପ୍ରଦେଶରୁ ଆତ୍ମୀୟତା, ଅଭିନ୍ନ ସୋଦରପଣ ଉତୁରି ଆସେ; ଲହଡ଼ି ମାରିଯାଏ ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ । ଆକାଶର ମାମୁଁ ଘରକୁ ପହଁରିଯାଏ ସୋଦର ଆତ୍ମା । ସେଇଠି ଥାଇ ସେ ପୃଥିବୀକୁ ଦେଖେ । ବର୍ତ୍ତୁଳ ମୁହଁରେ ନେଳି ନେଳି ସମୁଦ୍ରର ଗାଲ । ଏପରି ସୁନ୍ଦର ମୁହଁଟିଏ ସତେ ବା ସୃଷ୍ଟିରେ ଆଉ ନାହିଁ । ସୋଦର ଆତ୍ମା ପରିହାସ କରେ – "ହେ ପୃଥିବୀ; ବିପୁଳା, ବର୍ତ୍ତୁଳା, ଶ୍ୟାମଳିନୀ...ତୁ କ'ଣ ଖାଲି ମୁହଁଟିଏ ? ତୋର ଅବୟବ କାହିଁ ?" – ସେ କହେ, "ଅବୟବ ନେଇ କ'ଣ ହେବ ? ସେଗୁଡ଼ିକ ଅପୂର୍ଣ୍ଣତାର ଲକ୍ଷଣ । ସବୁ ଗୋଟେଇ ଆଣି ବର୍ତ୍ତୁଳ ହୋଇଗଲେ କେବଳ ମୁହଁଟିଏ ହିଁ ରହିଯିବ, ଚନ୍ଦ୍ର ପରି, ସୂର୍ଯ୍ୟ ପରି, ଆକାଶ ପରି ।

❖❖❖

Digitized by srujanika@gmail.com

କାହିଁ ସେ ବନ୍ଧୁ !

କୌଣସି ଏକ ବ୍ୟଥାତୁର ଜୀବନରେ ଯେ ପ୍ରଥମେ ଅଶ୍ରୁ ଦାନକରନ୍ତି ସେ ହିଁ ପରମାତ୍ମୀୟ ସୁହୃତ୍। ଭାର ଭାର ଦୁଃଖ ବୋଝେଇ ହୋଇ ପଡୁଥିଲାବେଳେ ଅକସ୍ମାତ ଯେଉଁ ଜଣକ ଆସି ବାଟୋଇର ମୁଣ୍ଡ ଉପରୁ କିଛି ନିଷ୍କରୁଣ ପଥର ଓହ୍ଲେଇ ଦିଅନ୍ତି ଏବଂ ଅଶ୍ରୁଳ ଆଖିରେ, ଓଦା ସର ସର ଫିକା ହସଟି ଭିତରେ ନୀରବ ପ୍ରଶ୍ନ କରନ୍ତି, "କହ ବନ୍ଧୁ, ସତେ କଣ ଜୀବନର କେତକୀ ବଣରୁ ସବୁ ଫୁଲ ସରିଗଲା ? ଟିକିଏ ମୁହଁ ଟେକି ଚାହଁ। ଏବେ ବି ସୂର୍ଯ୍ୟ ଲିଭିନାହିଁ। ଆହତ ସେ ଗଛଟି ଦେହରୁ କ୍ଷୀର ଝରିଯାଉଛି। ତାହାରି ମୂଳରେ ବସି, ଏ ଯାତ୍ରାର କ୍ଷତଗୁଡ଼ିକୁ ଫିଟେଇ ଦେଖିବା କି ?" ନିମନ୍ତ୍ରଣର ଚନ୍ଦନ ପ୍ରଲେପରେ ଆତୁର ପଥିକିଟି ଚମକିପଡ଼େ ବିସ୍ମୟରେ। ସେଇ ଗଛମୂଳେ, ଅନେକ କମ୍ପନ ଏବଂ ବିଦାରଣ ଭିତରେ ଅଜାଡ଼ିହୋଇଯାଏ ଅଶ୍ରୁ ଏବଂ ଦୀର୍ଘଶ୍ୱାସ। ପଥିକ ଗାଇଯାଏ ତା'ର ବ୍ୟଥାର କାହାଣୀ। ଯାତନାର ଅଗ୍ନିବଳୟ ଭିତରେ ପୁଣି ଥରେ ପାରିହେଲାବେଳେ ତା'ଆଖିରୁ, ମୁହଁରୁ, ଦେହର ପ୍ରତ୍ୟେକ ବିନ୍ଦୁରୁ ଖସିପଡ଼େ ନିଆଁ ଝୁଲ। ସେଥିରେ ତାପିତ ହୁଏ ପବନ, ତାପିତ ହୁଏ କ୍ଷୀର ଝରାଉଥିବା ଗଛ ଏବଂ ତାପିତ ହୁଏ ଶୀତଳ ମୃତ୍ତିକା। ଅତୀତର ଅଗ୍ନିସ୍ନାନ ପରେ ସେ ଯେତେବେଳେ ଫେରିଆସି ଚାହେଁ; ସେଇ ନିକଟତମ ମୁହଁଟି ନିଆଁ ଧାସରେ ଶିଝିଯାଇଛି, ଆଖିରେ ତାର ଡବଡବ ପାଣି। ପଥିକ ବିହ୍ୱଳହୋଇ ସେ ମୁହଁଟିକୁ ଚାହେଁ। ହୁଏତ ଅନୁଚ୍ଚାରିତ ଶବ୍ଦରେ କହେ, ମୁଁ ତ ମୋର ଦୁଃଖ ଗାଇଗଲି ମନୁ ମନ, କିନ୍ତୁ ତୁମେ କାନ୍ଦିଲ କାହିଁକି ? ମୋର ଯାତନା, ବିଡମ୍ବନା, ସଂଘର୍ଷ, ପରାଜୟ ସବୁ ମୋର ଏକାନ୍ତ ନିଜସ୍ୱ। ମୋ ଦୁଃଖର ଗଭୀରତା, ମୋ ଜ୍ୱାଳାର ତୀବ୍ରତା ସବୁ ମୁ ହିଁ ବୁଝେ। କିନ୍ତୁ ହେ ଅପରିଚିତ ସହଯାତ୍ରୀ, ତୁମେ କାନ୍ଦିଲ କାହିଁକି ? ମୁଁ ବୁଡ଼ିଗଲାବେଳେ ତୁମେ ଏମିତି ହାତ ବଢ଼ାଅନାହିଁ। କହୁଛି, ତୁମକୁ ମୋ ସୁଅ ଟାଣିନେଇଯାଇପାରେ। ମୁଁ ଜଳି ଗଲାବେଳେ ଏମିତି ପାଖେଇ ଆସ ନାହିଁ, ମୋର ଚିତାଗ୍ନି ତୁମକୁ ଜାଳିଦେଇପାରେ। ତୁମେ ଭାରି ନରମ ଏବଂ ସୁନ୍ଦର ଦେଖାଯାଉଛ। ମୋତେ ଆଉ ପ୍ରଲୁବ୍‌ଧ କରନାହିଁ। ତୁମ ଆଖିରେ ଲୁହ ମୁଁ ସହିପାରୁନାହିଁ। ବରଂ ମୋତେ ହିଁ କେବଳ କାନ୍ଦିବାକୁ ଦିଅ। ତୁମ ଆଖିର ସେ ବିନ୍ଦୁଏ ଅଶ୍ରୁ ପାଇଁ ଆଜୀବନ ତୃଷାର୍ତ୍ତ ରହିଆସିଛି। ମୋତେ ସେଇ ଆଖି ଉପରୁ ତାକୁ ପିଇଯିବାକୁ ଅନୁମତି ଦିଅ। ମୁଁ ବଞ୍ଚିଯାଏ ଏ ନିର୍ମମ ସଂସାରରେ। କିନ୍ତୁ ହେ ମୋର ପରମ ସୁହୃତ୍, ତଥାପି କହ ମୋ ଦୁଃଖରେ ତୁମେ କାନ୍ଦିଲ କାହିଁକି ?

Digitized by srujanika@gmail.com

କାନ୍ଦିବା କିଛି ନୂଆ କଥା ନୁହେଁ; ସ୍ନେହର କପୋତଟିକୁ ଛଞ୍ଚାଣ ଝାମ୍ପି ନେଇଛି। ପୁଅ ମରିଯାଇଛି। ଭାଇ ଭଗାରି ଦାଉ ସାଧିଛନ୍ତି। ମରିଯାଇଛି ବଞ୍ଚିବାର ନ୍ୟୂନତମ ମୂଲ୍ୟ। ବନ୍ଧୁ ବୋଲି ଯାହାକୁ ଆବୋରିଥିଲି, ସେ ବିପଦ ବେଳେ ଲୁଚି ଯାଇଛି। ଚୋରେଇ ନେଇ ଯାଇଛି ମୋର ମଜୁରି। ପିଣ୍ଡା ତଳୁ ଘଉଡ଼େଇ ଦେଇଛି ମାଲିକାଣୀ, ଗଛ ମୂଳରୁ ତଡ଼ି ଦେଇଛି ପିଆଦା। ତାତିଲା ବାଲି ରାସ୍ତାରେ କେତେ ଦିନରୁ ଏକୁଟିଆ ଚାଲିଛି ମୋର ମନେ ନାହିଁ। କେତେ ଏମିତି ପାଖେଇ ଆସିଛନ୍ତି। ମୁଁ ମାତିଯାଇଛି ସେମାନଙ୍କ ସାନ୍ନିଧରେ। ବାହୁ ବଢ଼ାଇ ଧରିନେଇଛି। ସେମାନେ ମୁହଁକୁ ଚାହିଁ ହସିଛନ୍ତି। ତା'ପରେ ଚାଲି ଯାଇଛନ୍ତି କାହିଁ କୁଆଡ଼େ। ଠକି ଦେଇଛନ୍ତି। ଭୋକ ମେଣ୍ଟେଇ ନେଇଛନ୍ତି। ସେମାନଙ୍କ ଅଭିସନ୍ଧି ମୁଁ ସନ୍ଦେହ କରିପାରିନାହିଁ। ଗଛ ଭଳି ସେମାନଙ୍କୁ ସହିଯାଇଛି। ସେମାନେ ଯଥେଚ୍ଛାଚାର କରି ଚାଲିଯାଇଛନ୍ତି। ମୁଁ ଏଇଭଳି କ୍ଷୀର ଝରେଇ ଚାଲିଛି। ମୋର ରୋମେ ରୋମେ କ୍ଷତ ଚିହ୍ନ, ମୁଁ ପିଙ୍ଗଳା। ମୁଁ ବଜାରରେ ବିକ୍ରୀ ପସରା ଉପରେ ଗାଲିସି ଟେକି ଧକଉଥିବା ମାଛ। ବ୍ୟାଧର ପଞ୍ଜୁରି ଭିତରେ ଲୁଲୁ ଳଲୁ ଚାହିଁଥିବା ଏକାକୀ ପକ୍ଷୀଟିଏ। ମୋର ଅଜସ୍ର ଦୁଃଖ ପାଇଁ ଅଶ୍ରୁ ନାହିଁ। କିନ୍ତୁ ମୋ ପାଇଁ ଆଉ କିଏ କାନ୍ଦିପାରେ ବୋଲି ମୁଁ ଜାଣି ନ ଥିଲି। ନିଜ ଦୁଃଖକୁ ଡେଇଁ ଆଉ କାହା ଦୁଃଖ ଆପଣେଇ ହୁଏ ବୋଲି ଜାଣିନଥିଲି।

ବ୍ୟାଥାତୁର ପଥୁକି ପ୍ରଥମ ସମବେଦନାର ସ୍ପର୍ଶରେ ଏଇଭଳି ବିହ୍ୱଳ ହୋଇପଡ଼େ। ଗୋଟିଏ ହୃଦୟର ଜ୍ୱାଳା ଏବଂ ଯାତନା ଆଉ ଗୋଟିଏ ଉଦାର ଏବଂ ଗଭୀର ହୃଦୟକୁ ସଞ୍ଚରି ଯାଇପାରେ ଦେଖି ସେ ବିଶ୍ୱାସ କରିପାରେ ନାହିଁ। ବର୍ଷାପାଣି ଅନେକ ମାଳଭୂମି ଉପରେ ସିଆର କାଟି, ମାଟି ଗୋଡ଼ି ଧୋଇ ବୋହିଆସେ, କୌଣସି କ୍ଷତରୁ ଝରିଆସୁଥିବା ରକ୍ତଧାର ପରି। ସବୁ ଆଡ଼ୁ ଏହିପରି ସମଗ୍ର ଉପତ୍ୟକାର ଝରଗୁଡ଼ିକୁ ହ୍ରଦ ତା' ଗର୍ଭରେ ସ୍ଥାନ ଦିଏ। ତା'ର ନିଜର ଅକଳନୀୟ ଅଶ୍ରୁ ସଂପଦ ସତ୍ତ୍ୱେ ଏ ଯାତନାଗୁଡ଼ିକୁ ମଧ୍ୟ ଧାରଣ କରେ। କେତେ ଗୁଳ୍ମ, କେତେ ଲତା, ଛୋଟ ଛୋଟ ଦୁବଘାସ, କୀଟପତଙ୍ଗ, ଅଣୁ, ପରମାଣୁମାନଙ୍କର ଦୁଃଖ ସେ ଗ୍ରହଣ କରିନିଏ ଭଲା। କିନ୍ତୁ ସେ କ'ଣ ନିଜେ କେତେବେଳେ କାନ୍ଦେ ? ତା'ର ଅଶ୍ରୁଧାର କ'ଣ ଆଉ କେଉଁଆଡ଼େ ଝରିଯାଏ ? ଯାଏ-ବେଳେବେଳେ ତାହା ଯୁଗଯୁଗର ପୁଞ୍ଜିଭୂତ ଲବଣାକ୍ତ ଅଶ୍ରୁ ସାଗରକୁ। ଏ ପୃଥିବୀରେ ତିନିଭାଗ କେବଳ ଅଶ୍ରୁ ଏବଂ ଆଉ ଭାଗେ ମାତ୍ର ସବୁଜ ଅରଣ୍ୟ - ଯେଉଁଠି ବେଳେବେଳେ ଫୁଲ ଫୁଟେ। ଏଣୁ ଆଉ କାହା ଦୁଃଖକୁ ଚିହ୍ନିବା ଏବଂ ଗ୍ରହଣ କରିନେବା ମହାନୁଭବ ବୈଷ୍ଣବମାନଙ୍କର ଲକ୍ଷଣ। ସେମାନେ କରୁଣାର୍ଦ୍ର ପୁରୁଷ। କିନ୍ତୁ ଲୁହ ଝରିଯିବା ତ ଉଚ୍ଛୁଳି ଯିବାର ଲକ୍ଷଣ। ଅକଳନୀୟ ଦୁଃଖ ଧାରଣା କରିବାର ଗଭୀର ମହାନୁଭବତ୍ୱ ସେଥିରେ କାହିଁ ? ପରମ ବୈଷ୍ଣବମାନେ କ'ଣ ଅନ୍ୟର ଯାତନାରେ ଏମିତି ଲୋତକ ବର୍ଷଣ କରନ୍ତି ? ଏ ସଂସାରଯାକର ଅପରିମେୟ ଲବଣ ସାଗରକୁ କ'ଣ ଅଶ୍ରୁରେ ପ୍ରକାଶ କରିହୁଏ ?

ତା'ହେଲେ ଏ ଯେ ନିକଟରେ ବସି ଅଶ୍ରୁପାତ କରୁଛନ୍ତି ସେ କିଏ ? ଦୀର୍ଘଶ୍ୱାସରେ ଦୀର୍ଘଶ୍ୱାସ ମିଶେଇ ଦୁଃଖ ଭୋଗ କରୁଛନ୍ତି ସେ କିଏ ? ...ସେ କ'ଣ ତେବେ ଆଉ ଗୋଟିଏ

Digitized by srujanika@gmail.com

କାତର ଅମ୍ଭା - ଯେ ଅନ୍ୟ ଏକ ସମାନ୍ତର ଜୀବନଧାରା ଭିତରେ ଏହି ଭଳି ଘାତ ପ୍ରତିଘାତ ସହନ କରି ଏଇଠି ଆସି ପହଞ୍ଚିଛନ୍ତି ? ଦୁଃଖଭରା ଜୀବନର ପରିବେଶ ଭିନ୍ନ ହେଲେ ସୁଦ୍ଧା ତାଙ୍କ ଜ୍ୱାଳା ଏଇ ପ୍ରକାର ? କେଜାଣି ? ମୋଟଉପରେ ଦୁଃଖକୁ ହାଡ଼େ ହାଡ଼େ ଚିହ୍ନି ସାରିଲା ପରେ ତା'ର ଯେ କୌଣସି ଦୃଷ୍ଟାନ୍ତରୁ ଜ୍ୱାଳା ଆହରଣ କରିବା ହୁଏତ ସହଜ, ହୁଏତ ଅନିବାର୍ଯ୍ୟ। କିନ୍ତୁ ଏଭଳି ନିରୋଳାରେ ଏକାଠି ଦୁଇଟି ଆମ୍ଭା ପରସ୍ପର ପାଖରେ ନିବେଦନଶୀଳ ହେଲେ ପରସ୍ପରର ଆଖିଡ଼ୋଳା ଭିତରେ ନିଜ ନିଜର ପ୍ରତିବିମ୍ବ ଆବିଷ୍କାର ନକଲେ, ଲୁହଝରିବା ସମ୍ଭବ ନୁହେଁ। ସୂକ୍ଷ୍ମ ରୂପରେ କୌଣସି ଗୋଟିଏ ନିଭୃତ ଭୂମିରେ ଜଣେ ଆଉ ଜଣକର ଦିଗବଳୟ ଭିତରେ ପ୍ରବେଶ କରିନଗଲେ ଅନ୍ତତଃ କେତୋଟି ମୁହୂର୍ତ୍ତ ପାଇଁ ବିଭାଜକ ସୀମାରେଖାଟି ଲିଭିନଗଲେ ଗୋଟିଏ କିଆରିରୁ ଅନ୍ୟ କିଆରିକୁ ଲୁହ ମାଡ଼ି ଯାଇ ପାରିବ ନାହିଁ।

କିନ୍ତୁ ଅନ୍ୟର ଦୁଃଖକୁ ନିଜର ଘନିଷ୍ଠ ପରିସୀମା ଭିତରେ ସନ୍ଦୀପ୍ତ କରିପାରିବା କୌଣସି ସାଧାରଣ କିମ୍ବା ସାର୍ବଜନୀନ ସାମର୍ଥ୍ୟ ନୁହେଁ। ଅସଂଖ୍ୟ ବ୍ୟକ୍ତିଙ୍କ ସହିତ ଅସଂଖ୍ୟ ଘଟଣାରେ ସଂପୃକ୍ତ ହେଲେ ମଧ କେବଳ କେତେଜଣଙ୍କ ପାଇଁ ବେଳେବେଳେ ବନ୍ଧ ଭାଙ୍ଗି ଲୋତକର ବନ୍ୟା ଝରିଆସେ। ସେତେବେଳେ ବେଦନା ଘାଟନିକ ନ ହୋଇ, ହୋଇଯାଏ କଳ୍ପନାସଞ୍ଚାରୀ। ଅତୀତର ଯନ୍ତ୍ରଣାଟି ସ୍ମୃତି ମାଧ୍ୟମରେ ପୁନରୁଜ୍ଜୀବିତ ହୋଇ ଦୁଇଟି ଅନ୍ତରକୁ ଏକାବେଳକେ ବିକ୍ଷତ କରେ। ଦୁଇଟି ଆମ୍ଭା ପରସ୍ପରକୁ ଏତେ ପାଖେଇ ଆସିଥାନ୍ତି ଯେ ଗୋଟିଏ ଧାସ ହିଁ ଉଭୟଙ୍କୁ ଦଗ୍ଧ କରେ। ସହଯାତ୍ରୀ ବନ୍ଧୁଟି ସେ ମସୟ ପାଇଁ ଭୁଲିଯାନ୍ତି ଯେ ସେ ଅପୁତ୍ରକ। ଅନ୍ୟର ପୁତ୍ରକଷ୍ଟରେ ସେ ଶୋକାବିଷ୍ଟ ହୋଇ ହାହାକାର କରନ୍ତି।

ଏ ପ୍ରକାର ସଂକ୍ରମଣ ପାଇଁ ପାଇଁ ଯୋଗସୂତ୍ରଟି ଉଭୟଙ୍କ ଅଲକ୍ଷ୍ୟରେ ଗଢ଼ି ଉଠିଥାଏ, ତାହା ମାନବ ଚରିତ୍ରର ସେଇ ଅତି ପ୍ରାଚୀନ ମମତାର ତନ୍ତୁ। ଶରୀରର ପୀଡ଼ାକୁ ଅତିକ୍ରମ କରିଥିବା ସମସ୍ତ ପ୍ରକାର ଯାତନା ପାଇଁ ଏଇ ଆହତ ମମତା ହିଁ ଦାୟୀ। କୌଣସି ଏକ ରହସ୍ୟାବୃତ, ସ୍ନିଗ୍ଧ ଏବଂ ସେଇ ମୁହୂର୍ତ୍ତରେ ହିଁ ତା'ର ଅନ୍ତରଟି ଅନ୍ୟ କେନ୍ଦ୍ରରୁ ସବୁ ପ୍ରକାର କମ୍ପନ, ସବୁ ପ୍ରକାର ଅଗ୍ନି ଏବଂ ବର୍ଷାକୁ ଆପଣାର କରିନିଏ। ବାତ୍ୟା ଭିତରେ ଭଗ୍ନନୀଡ଼ ଅପରିଚିତ ଦୁଇଟି କ୍ଲାନ୍ତ ପକ୍ଷୀ, ରାତ୍ରିର ଡ଼ାଳ ଉପରେ ପରସ୍ପରକୁ ସ୍ୱୀକାର କଲାଭଳି ବେଳେବେଳେ ହୁଏତ ଏମାନେ ସଂପର୍କିତ ହୋଇଯା'ନ୍ତି। ଏକତ୍ରିତ ଦୁଃଖ ଭୋଗ କଲା ପରେ ସମବେଦନା ସ୍ୱାଭାବିକ ଜଣାପଡ଼େ। ତା'ପରେ କିନ୍ତୁ ମମତା ସୃଷ୍ଟି ହେବା ନ ହେବା ଆଉ ଏକ ପର୍ଯ୍ୟାୟ। କୌଣସି ଏକ ରେଳ ଦୁର୍ଘଟଣାରେ ଆହତ ଦୁଇଟି ଯାତ୍ରୀ କିଛି ସମୟ ପାଖ ପାଖ ଶେଯରେ ଚିକିତ୍ସିତ ହେଲା ପରେ ପୁଣି ଦୂରେଇ ଯାଇପାରନ୍ତି ଏବଂ ପୂର୍ବବତ୍ ତାଙ୍କ ଭିତରେ ଗଢ଼ିଉଠିପାରେ ଅମାପ ବ୍ୟବଧାନ। କିନ୍ତୁ ପ୍ରଥମେ ମମତାଚ୍ଛନ୍ନ ହୋଇଗଲେ, ସମବେଦନା ହୋଇଯାଏ ଖୁବ୍ ଘନିଷ୍ଠ ଏବଂ ଗଭୀର। ବେଦନାଟି ଏକାନ୍ତ ନିଜସ୍ୱ ପରି ମନେହୁଏ। କୌଣସି ପ୍ରସାରିତ ଅଂଗ ଉପରେ ଆଘାତ ହେଲେ ସମଗ୍ର ବ୍ୟକ୍ତିଟି ବିକଳ ହୋଇଉଠେ।

Digitized by srujanika@gmail.com

ସହଯାତ୍ରୀ ବନ୍ଧୁଟି ମଧ୍ୟ ସେହିଭଳି ବିକଳ ହୋଇଉଠନ୍ତି। ମୁହଁସଞ୍ଜବେଳେ ଖେଳୁଆଡ଼ ପୁଅ ଆଣ୍ଠୁ ଗଣ୍ଠିରୁ ରକ୍ତ ଝରେଇ ଆସି ପହଞ୍ଚିଗଲେ; ମାଆ ସେ ଯନ୍ତ୍ରଣାରେ କାନ୍ଦି ପକାନ୍ତି। ନବବିବାହିତା ପତ୍ନୀ ସାମାନ୍ୟ ଜ୍ୱରାକ୍ରାନ୍ତ, ହେଲେ ତରୁଣ ସ୍ୱାମୀଙ୍କୁ ଦଶଦିଗ ଅନ୍ଧାର ଦେଖାଯାଏ। ଶାଶୁଘରୁ ଝିଅର ଚିଠି ପାଇ ବାପ ଗୋଟାଏ ଓଳି ଉପାସ ଶୋଇଯାଆନ୍ତି। ଘରେ ବିପତ୍ତି ପଡ଼ିଗଲେ ଗାଁ ଲୋକେ ଆସି କାମ ତୁଲେଇ ନିଅନ୍ତି। ଏ ସମସ୍ତ ଅତି ସ୍ୱାଭାବିକ ଏବଂ ସାଧାରଣ ଦହ୍ୟମାନ ଜୀବନର ଉପଚାର। ଏ ପ୍ରକାର କିଛି ଚନ୍ଦନର ପ୍ରଲେପ ନଥିଲେ ଅନେକ ଜ୍ୱାଳା ହୁଏତ ଉପଶମ ହୁଅନ୍ତା ନାହିଁ। ଏସମସ୍ତ ପାଇଁ ଗୋଟାଏ ପ୍ରକାର ପ୍ରତ୍ୟାଶା ସବୁବେଳେ ରହିଥାଏ। ଜୀବନର ବଣିଜରେ ଏ ସମସ୍ତ ନ ଆସିବା ବରଂ ଅସ୍ୱାଭାବିକ। କିନ୍ତୁ ବନ୍ଧୁଟିଏ ଆସନ୍ତି ଅପ୍ରତ୍ୟାଶିତ ସୌରଭ ପରି। ପ୍ରଥମ ସ୍ପର୍ଶରେ ବନ୍ଧନ ବେଢ଼େଇ ହୋଇଯାଏ। ଲାଗେ ଯେ ଏଇ ଟିକକ ମୂଲ୍ୟ ପାଇଁ ବୋଧହୁଏ ଅନେକ ଦିନରୁ ଜୀବନର ଗୋଟାଏ ବିଭାଗ ଖାଲି ପଡ଼ି ରହିଥିଲା। ଅନ୍ୟ ମୂଲ୍ୟ ଗୁଡ଼ିକ ଆସ୍ତେ ଆସ୍ତେ ଊଣା ହୋଇ ଆସିଲେ, ଏ ଗୋଟିକ ଉପରେ ହୁଏତ ଆଉଜି ଯାଇ ହେବ। ଅମାପ ବିଶ୍ୱାସରେ, ଅନେକ ଭରସା ଏବଂ ଆଶ୍ୱାସନାକୁ ନେଇ ଏ ଅକସ୍ମାତ ମୂଲ୍ୟଟିକୁ ଗ୍ରହଣ କରାଯାଏ। ସହଯାତ୍ରୀ ବନ୍ଧୁଟିକୁ ନେଇ ଏ ଅକସ୍ମାତ ମୂଲ୍ୟଟିକୁ ଗ୍ରହଣ କରାଯାଏ। ସହଯାତ୍ରୀ ବନ୍ଧୁଟିକୁ ପାଖରେ ପାଇଲେ, ସବୁ ଯନ୍ତ୍ରଣାର ଇତିହାସ ଗାଇଯିବାକୁ ଇଚ୍ଛା ହୁଏ। ମନଗହନରେ ଖୁବ୍ ଗହୀର ପ୍ରାନ୍ତରଗୁଡ଼ିକ ଆଉ ଏକୁଟିଆ ପାରିହେବାକୁ ପଡ଼େ ନାହିଁ। ଆଶ୍ଚର୍ଯ୍ୟ ଲାଗେ ଯେ ପତ୍ନୀ ପୁତ୍ର ପରିବାରର ଘନିଷ୍ଠତମ ବନ୍ଧନୀ ସତ୍ତ୍ୱେ ଆହୁରି ଏତେ ବାକି ରହିଥିଲା ଜାଣିବାକୁ ଏବଂ ଜଣେଇବାକୁ। ଆଶ୍ଚର୍ଯ୍ୟ ଲାଗେ ଯେ, ଏ ବନ୍ଧୁଟି ଯଦି ଆବିର୍ଭୂତ ହୋଇନଥାନ୍ତେ କେତେ ରିକ୍ତ ଏବଂ ଅସଫଳ ହୋଇ ରହିଯାଇଥାନ୍ତା ଜୀବନରେ ଅନେକ ଶାଖା ଏବଂ ଉପଶାଖା। ତାଙ୍କର ଶୀତଳ ସଂବେଦନଶୀଳ ଉପସ୍ଥାନରେ ବଳେ ବଳେ ଲୁଚି ରହିଥିବା ଲାଭାଗୁଡ଼ିକ ବୋହି ଆସନ୍ତି। ଆଉ ଥରେ ଅତୀତର ଆଗ୍ନେୟ ମୁହୂର୍ତ୍ତଗୁଡ଼ିକରେ ପ୍ରବେଶ କରିବାର ଅବକାଶ ମିଳେ। କିନ୍ତୁ ତାଙ୍କର ଅଶ୍ରୁ ବର୍ଷାରେ ସେଥିରୁ ଅଧେ ଶିଖା ଲିଭିଯାଏ। ଅନେକ ଜ୍ୱାଳା ସେ ନିଜେ ଗ୍ରହଣ କରିନ୍ତଅନ୍ତି। ଏଣୁ ବାରମ୍ବାର ଦୁଃଖ ଗାଇଯିବାକୁ ଇଚ୍ଛାହୁଏ। ପରିଶେଷରେ ଦୁଇବନ୍ଧୁ ଭିତରେ ଯନ୍ତ୍ରଣାର ଇତିହାସଗୁଡ଼ିକ ବିୟୋଗାନ୍ତକ ନାଟକ ଭଳି ଉପଭୋଗ୍ୟ ହୋଇଉଠେ।

ତେଣିକି ସମସ୍ୟା ଘନୀଭୂତ ହୋଇ ଯାତ୍ରାପଥଟିକୁ ଆଚ୍ଛନ୍ନ କରିଗଲେ, ମନେ ପଡ଼ନ୍ତି ସୁହୃତ୍। ସେଇ ବୋଧହୁଏ ବାଟ ଦେଖେଇ ଦେଇପାରିବେ। ଅକୂପାର ଦାୟିତ୍ୱର ବୋଝ ତଳେ ଗୋଡ଼ ଟଳମଳ ହେଲାବେଳେ ସେ ଗୋଟିଏ ବଳିଷ୍ଠ ସ୍ତମ୍ଭପରି ପାଖରେ ଠିଆ ହୋଇଯିବେ। ଆଉଜାଇ ନେବେ ଉପରକୁ। କାନ୍ଧରେ ହାତ ମାରି କହିବେ, “ଚିନ୍ତା ନାହିଁ ବନ୍ଧୁ, ମୁଁ ଅଛି।” ସମସ୍ୟା ସମାଧାନ ହେବା ନ ହେବା ପରବର୍ତ୍ତୀ ବ୍ୟାପାର। କିନ୍ତୁ ଏ ପଦକ କଥା ପାଇଁ, ଏ ଅଭୟ ମୁଦ୍ରାଙ୍କିତ ବାହୁ ପ୍ରସାର ପାଇଁ ଶରଣ ପଶିଯିବାକୁ ଇଚ୍ଛା ହୁଏ। ତେଣିକି ସେ ତାଙ୍କ ସାଧମତେ ଥାଟ ପ୍ରସ୍ତୁତ କରି ଯଦି ସମୁଦ୍ର ଲଘନ କରେଇ ନିଅନ୍ତି, ଉତ୍ତମ। ନହେଲେ ମଧ୍ୟ ମନ୍ଦମାନ ମୁହୂର୍ତ୍ତରେ

Digitized by srujanika@gmail.com

ଆଶ୍ରୟ ଭିତରକୁ ଟେଳି ନେବା ପାଇଁ ବାହୁ ପ୍ରସାରିଦେବା ଯଥେଷ୍ଟ। ଅନିବାର୍ଯ୍ୟ ଭାବରେ କଷ୍ଟ ସହିଯିବା ପାଇଁ କିଛି ଆପତ୍ତି ନାହିଁ। କିନ୍ତୁ ସଂପୂର୍ଣ୍ଣ ନିରାଶ୍ରୟ ଏବଂ ଏକାକୀ ହୋଇ ଉପୁଡ଼ିପଡ଼ିଥିବା ଗଛଟିଏ ପରି ନିର୍ମମ ଆକାଶର ଶୂନ୍ୟତାରେ ଝରିଯିବ, ଏହା ମଣିଷ ସୀମାକୁ ଲଙ୍ଘନ କରୁଥିବା ଏକ ଦୁଃସହ ବିଡ଼ମ୍ବନା। ସୋଦର କୁଟୁମ୍ବୀକୁ ନେଇ ବା ସେମାନଙ୍କ ପାଇଁ ବୁଡ଼ିଯାଉଥିଲାବେଳେ, ଏଭ ସହୃଦୟ ସୁହୃତ୍ ଆସି ଟୋଳିଧରିପାରନ୍ତି, ଆଶ୍ରୟ ଦେଇପାରନ୍ତି। ଘନ ଘୋର ରାତିରେ ନିଜ ମୁଣ୍ଡ ଉପରେ ବଜ୍ର ବିଦ୍ୟୁତ୍ ଧାରଣ କରି ଯେଉଁ ଉଦାର ବନସ୍ପତି ନିଜ କୋଟରରେ ଆଶ୍ରୟ ଦିଅନ୍ତି, ଆକାଶ ଏବଂ ପୃଥିବୀର ବିସ୍ତୀର୍ଣ୍ଣ ଅଥଚ ନିର୍ମମ ପରିସର ଭିତରେ ବ୍ୟଥାତୁର ପଥୁକିଟି ବିଲୀନ ହୋଇଯାଉଥିବାବେଳେ ଯେଉଁ କରୁଣାର୍ଦ୍ର ସହଯାତ୍ରୀ କୋଳେଇ ନିଅନ୍ତି, ତାଙ୍କୁ ଚିରଦିନ ମାନି ନେବାକୁ ଇଚ୍ଛା ହୁଏ। ତାଙ୍କ ମମତାର ସବୁଜ ଛାୟା ତଳେ ନୀଡ଼ ନିର୍ମାଣ କରି ରହିଯିବାକୁ - ଇଚ୍ଛା ହୁଏ। ବାରଂବାର ତାଙ୍କ ହାତ ଧରି କହିବାକୁ ଇଚ୍ଛାହୁଏ,... "ତୁମେ ହିଁ ମୋର ଏକମାତ୍ର ଆଶ୍ରୟସ୍ଥଳୀ, ତୁମେ ହିଁ ମୋର ଏକମାତ୍ର ନିବାସ।"

ସହଯାତ୍ରୀ ବନ୍ଧୁ ଏ ନିରାଶ୍ରୟ ପଥୁକିଟିର ଅସହାୟତାରେ ଆହୁରି ଲୋତକ ବର୍ଷଣ କରନ୍ତି। ମମତା ଆହୁରି ନିବିଡ଼ ହୋଇଚାଲେ। ସେ ଅତି ପାଖରେ ଠିଆହୋଇ ଦେଖନ୍ତି ବାହାର ଏବଂ ଅନ୍ତରର ଯାତନା, ସଂଘର୍ଷ ଏବଂ ରକ୍ତସ୍ରାବ। ଗଭୀର ବିଶ୍ୱାସରେ ପଥୁକି ତା'ର ସମଗ୍ର ଅତୀତ ଫିଟେଇଦିଏ ତାଙ୍କ ଆଗରେ। କିଛି ଲୁଚେଇବାର ନାହିଁ। ନିଃଶଙ୍କୋଚେ ବଖାଣି ଯାଏ ତାର ଅସଂଖ୍ୟ ଅନାଗତ ସ୍ୱପ୍ନ, ତା'ର ଅଜସ୍ର କାମନା, ଆଶା ନିରାଶା... ଅନୁରାଗ ବିଦ୍ୱେଷର ଜଟିଳ ଭାବଭୂମିର ତନ୍ତୁଗୁଡ଼ିକୁ ଖୋଲିଦିଏ। ସହାନୁଭୂତିର ଦୁଇଟି ସ୍ନିଗ୍ଧ ଆଖି ଉପରେ ବିଶୁଦ୍ଧ ଏବଂ ସ୍ୱଚ୍ଛ ମୁକ୍ତାଫଳଗୁଡ଼ିକୁ ଦେଖି ତା'ର ପ୍ରତ୍ୟୟ ହୋଇଥାଏ ଯେ ଏହି ଏକମାତ୍ର ବ୍ୟକ୍ତି ଯେ ତାକୁ ବୁଝିପାରିଛି। ଏ ନିସ୍ପନ୍ଦ ଅରଣ୍ୟରେ ତାକୁ ବାଛି ତା'ର ମୂଲ୍ୟାୟନ କରିଛି - ତା'ର କ୍ଷତଗୁଡ଼ିକୁ କା'ର ଶାଖାରେ ଶାଖାରେ ବୋଝେଇ ହୋଇଥିବା କ୍ରନ୍ଦନକୁ ଶୁଣିପାରୁଛି। ବିରଳ ପୁଲକକ୍ଷିଗୁଡ଼ିକୁ ସ୍ନେହ କରିପାରୁଛି। ତା' ହେଲେ ଆଉ ଚିନ୍ତା ନାହିଁ।

ଏ ଅନନ୍ତ ଅବୁଝା ସଂସାରକୁ ତା'ଜୀବନର ସତ୍ୟ ସେ ବୁଝାଇବାର ସମ୍ଭାବନା ନାହିଁ। ଯେତେବେଳେ ଯାତ୍ରା ସରିଯିବ ସେ ହାତ ବଢ଼ାଇ ପୂର୍ଣ୍ଣ ବିଶ୍ୱାସରେ କହିପାରିବ, "ବନ୍ଧୁ, ତୁମେ ହିଁ ମୋର ଏକମାତ୍ର ସାକ୍ଷୀ। ମୋର ମରଣୋତ୍ତର ବିଚାର ବେଳେ ସମଗ୍ର ସଂସାର ଯଦି ମୋ ଅନ୍ୟାୟ ବୁଝାମଣା କରେ, ତୁମେ ହିଁ ତାକୁ ବୁଝାଇଦେବ ଏବଂ କହିବ ଯେ ସେ ଆଜୀବନ ଚେଷ୍ଟା କରିଛି, ନିଜର ଆଶା, ବିଶ୍ୱାସ, ପ୍ରେମ ଏବଂ ଜୀବନର ସତ୍ୟକୁ ପ୍ରକାଶ କରିବାକୁ। କାହାକୁ ପାଇନାହିଁ ବୁଝେଇବା ସକାଶେ। ତାକୁଯଦି ବୁଝିପାରି ନାହଁ ଏବେ ମୁଁ ଯାହା କହୁଛି ଶୁଣ। ମୁଁ ହିଁ ତା'ର ଏକମାତ୍ର ସାକ୍ଷୀ।"

କୃତଜ୍ଞତାରେ ନଇଁଯାଏ ପଥୁକି। କ'ଣ ବା' ସେ ଦେଇପାରିବ ଏ ମହାର୍ଘ ମମତାର ପ୍ରତିଦାନରେ ? ସେ ବିହ୍ୱଳ ହୋଇ ନିଜକୁ ହିଁ ଉତ୍ସର୍ଗ କରିଦିଏ - "କହ ବନ୍ଧୁ ! ତୁମେ ହିଁ ମୋତେ

Digitized by srujanika@gmail.com

ନିର୍ଦ୍ଦେଶ ଦିଅ, ଏଣିକି ମୁଁ କ'ଣ କରିବି। ତୁମେ ଜାଣ ମୋର ସମଗ୍ର ଅତୀତ, ମୋର ଆଶା ଏବଂ ସାଧନା। ତୁମେ ମୋର ଦାୟିତ୍ୱ ଗ୍ରହଣକର। ଜାରିକର ମୋ ଉପରେ ତୁମର ଅଖଣ୍ଡ ପ୍ରଭୁପଣ। ଅକୁଣ୍ଠିତ ଭାବରେ ଆଦେଶ ଦିଅ। ତୁମ ଉପରେ ନିର୍ଭର କରି ସାରିଲା ପରେ ମୁଁ ଆଉ ନିଜ ବିଷୟରେ ଚିନ୍ତା କରିପାରୁନାହିଁ। ହେ ମମତାସ୍ନିଗ୍ଧ ପ୍ରଭୁ, ତୁମର ବଚସ୍କର ହେବାର ସୌଭାଗ୍ୟ ପ୍ରଦାନ କର।" ଏତେ ନିର୍ଭରଶୀଳତା, ଏତେ ସର୍ମପଣ ଭିତରେ ଗୋଟାଏ ପ୍ରକାର ନାରୀଭାବ କାହୁଁଆସି ତାକୁ ଆଚ୍ଛନ୍ନକରେ। ନିଭୃତରେ ଇଚ୍ଛା ହୁଏ ଏ ବଳିଷ୍ଠ ଅକୃପଣ ସ୍ନେହଶୀଳତାକୁ ଭର୍ତ୍ତାରୂପେ ପାଇବାକୁ। ମୁହୂର୍ତ୍ତେ ମୁହୂର୍ତ୍ତେ ବନ୍ଧୁତା ଦାମ୍ପତ୍ୟର ସ୍ପର୍ଶରେ କମ୍ପିତ ହୋଇଉଠେ। ମମତା ପ୍ରେମରେ ଏବଂ ପ୍ରେମ ବାତ୍ସଲ୍ୟରେ ରୂପାୟିତ ହୋଇ କରୁଣାକୁ ମହିମାନ୍ୱିତ କରେ। ବ୍ୟଥାତୁର ପଥିକି ବିଗଳିତ ହୋଇ କହେ... "ମୋତେ ଆବୃତ୍ତ କର, ଆଚ୍ଛନ୍ନ କର, ମୋର ଜୀବନର ଅଗ୍ରପଶ୍ଚାତ୍ ପରିପୂର୍ଣ୍ଣ କରି ବିଦ୍ୟମାନ ରହ। ମୁଁ ତୁମ ଭିତରେ ନିଜକୁ ଉତ୍ସର୍ଗିତ କରିଦିଏ। ତୁମେ ହିଁ ମୋର ଗତି, ମୋର ଲକ୍ଷ୍ୟ।"

ଏ ସମସ୍ତ ନିବେଦନ ପରେ ଉଭୟ ଯାତ୍ରୀଙ୍କୁ ସେଇ କ୍ଷୀରସ୍ରାବୀ ବନସ୍ପତିଟିର ନୀରବତା ଘୋଡ଼େଇ ପକାଏ। ଅଦ୍ଭୁତ ରେଖାଏ ହସ ସେ କରୁଣ ମୁହଁଟି ଉପରକୁ ଟାଣିଆଣି ସହଯାତ୍ରୀ ବନ୍ଧୁ ଚାହାନ୍ତି। ପଥ ଏବଂ ପଥିକିକୁ ଅତିକ୍ରମ କରି ଚାହାନ୍ତି ସେଇ ନିସ୍ତବ୍ଧ ଦିଗନ୍ତକୁ। ସେ ମୁହଁରେ ପଥିକିକୁ ଦିଶିଯାଏ ଅନନ୍ତ ବ୍ୟଥାର ଇତିହାସ। ରାଜପୁତ୍ରର ଲଲାଟରେ ବନବାସର ଦୁଃସହ ଯାତନା। ଶୁଣିଯାଏ ଶ୍ରାବଣ ରାତିର ଅରଣ୍ୟରୋଦନ। କେତେ ଯେ ଯୁଦ୍ଧ, କେତେ ବେଦନା, କେତେ କ୍ଳାନ୍ତି !...ପୁଣି ଦିଶିଯାଏ ଶିଆଳୀ ଲଟା ତଳେ ଶରାହତ ରକ୍ତଜର୍ଜର ସେ ପାଦ।...ଦିଶିଯାଏ ଆରକ୍ତ ସନ୍ଧ୍ୟାରେ ଅନ୍ଧାରିତ ଗୋଟିଏ କାଠକୁଶ। ଆକାଶ ଏବଂ ପବନରେ ଯୁଗଯୁଗର ପୁଞ୍ଜିଭୂତ ଜୀବନ ଯାତନା, ବ୍ୟଥାର ଆର୍ତ୍ତନାଦ। ସେ ଅଥର୍ବ ବସିରହେ। ଶୁଖିଯାଏ ତା'ର ଅଶ୍ରୁ। ଅନେକ ଅନ୍ଧାର ସମୁଦ୍ର ପରିହୋଇ ସେ ତା'ର କମ୍ପିତ ନୀଡ଼ ଭିତରକୁ ପୁଣି ଫେରିଆସି ଚାହେଁ। ଅବନତ ଅପରାହ୍ନର ଦୀର୍ଘାୟିତ ଛାଇ ସହଯାତ୍ରୀ ବନ୍ଧୁଟି ସେମିତି ବସିଥାନ୍ତି। ଚାହିଁରହିଥାନ୍ତି ନିସ୍ତବ୍ଧ ଦିଗଟିକୁ। ତାଙ୍କ ଆଖିରେ ମଧ ଲୋତକ ଶୁଖିଯାଇଥାଏ। ଏତେ ବ୍ୟଥା ପାଇଁ ଅଶ୍ରୁ କାହିଁ ?

Digitized by srujanika@gmail.com

ତୃତୀୟ ପନ୍ଥା

ଦୁଇ ନାଆରେ ଗୋଡ଼ଦେଲେ ପରିଣତି ଯାହା ହେଉ ନା କାହିଁକି, ତାହା ଯେ ଏକ ଅତି ଅସୁଖକର ଅବସ୍ଥା ଏଥିରେ ସନ୍ଦେହ ନାହିଁ। ନିଜେ ଦୁଇଫାଳ ହୋଇ ଜରାସନ୍ଧ ପରି ଚିରିହୋଇଯିବା ଯେପରି ଅସମ୍ଭବ, ଦୁଇ ନାଆକୁ ଭିଡ଼ିଆଣି ଏକାଠି କରିବା ମଧ୍ୟ ସେଭଳି ସାଧ୍ୟାତୀତ। ଏଣୁ ନାଆ ଅନିବାର୍ଯ୍ୟ ଭାବରେ ଚାଲେ ଏବଂ ମଝିରେ ଟଳୁଥିବା ମଣିଷଟି ମଝି ନଈକୁ ଗଳିପଡ଼େ। ଏହା କୌଣସି ସମାଧାନ ନୁହେଁ। ଏହା ଏକ ସମାପ୍ତ। ତଥାପି ଏ ଅସମ୍ଭବ ଅବସ୍ଥାରେ ଅନେକେ ଅଗତ୍ୟା ରହିଥାନ୍ତି। କାରଣ ଗୋଟିଏ ନାଆପାଇଁ ତାଙ୍କର ଯୋଗ୍ୟତା ନ ଥାଏ ଏବଂ ଅନ୍ୟ ନାଆରେ ବାସିନ୍ଦା ହେବାକୁ ଇଚ୍ଛା ବା ସାହସ ନଥାଏ। ଆଉ କେତେକଙ୍କୁ ଏହା ପୈତୃକ ଅଧିକାର ରୂପେ ପ୍ରାପ୍ତ ହୁଏ। ପୁରୁଷ ପୁରୁଷ ଧରି ଏହିଭଳି ଦୁଇ ନାଆରେ ଗୋଡ଼ ଦେଇଥିବା ମଣିଷମାନେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀଭୁକ୍ତ ହୋଇଯାନ୍ତି। ବେଳେବେଳେ ଅସହାୟ ଭାବରେ ଏବଂ ବେଳେବେଳେ କିନ୍ତୁ ଯଥେଷ୍ଟ ଶ୍ଲାଘାର ସହିତ ସେମାନେ ନିଜକୁ ସମାଜର ମଧ୍ୟବିତ୍ତଶ୍ରେଣୀ ରୂପେ ଉଦ୍‌ଘୋଷିତ କରିଥାନ୍ତି। ସେମାନଙ୍କର ଗୋଟାଏ ପାଖରେ ପାଟଛିଟ, କୋଠାବାଡ଼ି, କାର, କ୍ଲବ୍, ମାଛ, ମାଂସ, ମଦିରାର ବିଳାସଭୂମି। ସେଇଠି ଘୁମନ୍ତ ଝୁମନ୍ତ ବିପୁଳ ଚର୍ବିଳ ଜୀବନ। ପାଦରେ ମରକ୍‌କୋ ଦେହରେ ସିଫନ୍ ଏବଂ ଆରକ୍ତ ଆଖି ଉପରେ ଚର୍ବିର ପରଦା! ସେ ରାଜ୍ୟର କୋଠା ଉପରୁ ସେଭଳି ଆଖିରେ ଚାହିଁଲେ ସମଗ୍ର ସଂସାର ସ୍ନିଗ୍ଧ ମଧୁର; ଉପଭୋଗ୍ୟା ବସୁନ୍ଧରା। ସେଇଠି ଜୀବନଯାତ୍ରା ସୁଗନ୍ଧିତ ପ୍ରସାଧନ କକ୍ଷଠାରୁ ଚନ୍ଦ୍ର ଶାଳାପୁରଯାଏ ବିସ୍ତୃତ। ସେଇଠି ଆହାର ତୁଳନାରେ କ୍ଷୁଧା ଅପର୍ଯ୍ୟାପ୍ତ! ଅନ୍ୟ ପାଖରେ କୋତରାକନା ଚାଳିଘର ଛାଇରେ ଅଧା ଫୁଙ୍ଗୁଳା, ଅଧା ଭୋକିଲା, କୁଣ୍ଠିତ ଗୁଡ଼ିଏ ଅପରିଚ୍ଛନ୍ନ ଲୁଣିଆ ଝାଳୁଆ ମଜୁରିଆ ମଣିଷ। ସେମାନଙ୍କ ଘର୍ମାକ୍ତ କ୍ଷୁଧାର୍ତ୍ତ ଜୀବନଯାତ୍ରା ସୂର୍ଯ୍ୟୋଦୟ ପୂର୍ବର ଧୂଆଁଠାରୁ ସୂର୍ଯ୍ୟାସ୍ତ ପରର ଧୁଆଁ ଓଟାରି ହୋଇ ରହିଛି। ସେଇଠୁ ଦେଖିଲେ ଅଧିକାଂଶ ସଂସାରର ମରୁପ୍ରାନ୍ତର ଉପରେ ନିର୍ମମ ମେଘରୁ ପାଣି ଝରେନାହିଁ। ସମଗ୍ର ନୌ-ଯାତ୍ରାଟି ବନ୍ଦରରୁ ବନ୍ଦର ଯାଏଁ ଝାଳର। ହୁଏତ ବିପରୀତ ଧର୍ମରେ ପରସ୍ପର ସଂଶ୍ଳିଷ୍ଟ ମଧ୍ୟ; ସ୍ୱତନ୍ତ୍ର୍ୟ କିଛି ନାହିଁ ବୋଲି ମନେହୁଏ। 'ଆଦ୍ୟ' ଶବ୍ଦରେ 'ପ୍ରାନ୍ତର' ଇଙ୍ଗିତ ଥାଏ ଏବଂ 'ପ୍ରାନ୍ତ' କହିଲେ ଅନିବାର୍ଯ୍ୟ ଭାବରେ 'ଆଦ୍ୟ'କୁ ସ୍ୱୀକାର କରିବାକୁ ହୁଏ; କିନ୍ତୁ ମଧ୍ୟଟିକୁ ବୁଝିବାକୁ ହେଲେ ଉଭୟ ଆଦ୍ୟ ଏବଂ ପ୍ରାନ୍ତର ସାକ୍ଷ୍ୟ ପ୍ରମାଣ ନେବାକୁ ପଡ଼େ, ନହେଲେ ତା'ର ଅର୍ଥ କିଛି ରହେ ନାହିଁ। ମଧ୍ୟମଟି ସବୁବେଳେ ଦୁର୍ବୋଧ ଗୋଟିଏ ଜାରଜର ସମ୍ଭାବନା, ଗୋଟିଏ ରହସ୍ୟ! ବିତ୍ତର ମାପକାଠି

Digitized by srujanika@gmail.com

ନେଇ ମାପିଲେ ସିନା ଗୋଟିଏ ଅସ୍ତି-ଗୋଷ୍ଠୀ ଏବଂ ଅନ୍ୟଟି ନାସ୍ତିଗୋଷ୍ଠୀ ! କିନ୍ତୁ ମଝିରେ ଏମଙ୍ଗ ଏବଂ ସେମଙ୍ଗ ଉପରେ ଗୋଡ଼ ଫରକଟେଇ ନିଶ ମୋଡ଼ୁଥିବା ସେ ମଧ୍ୟବିତ୍ତଟି କିଏ ? ତାକୁ ଉଭୟେ ହୁଏତ ପରିହାର କରିଛନ୍ତି; କିନ୍ତୁ ତାକୁ ପଚାରିଲେ ସେ କହେ ଯେ ସେ ଉଭୟଙ୍କୁ ତା'ର ବିସ୍ତାରିତ ପକ୍ଷପୁଟରେ ଧାରଣ କରିଛି। ସେ ହିଁ ମୂଳପିଣ୍ଡ ଏବଂ ଅନ୍ୟ ଦୁଇଟି ତା'ର ଶାଖା ମାତ୍ର। ସ୍ୱପକ୍ଷ ସମର୍ଥନବେଳେ ଲାଜ ଛାଡ଼ି ଯୁକ୍ତି କରାଯାଏ ତ ? ନ ହେଲେ ବଞ୍ଚିବା ସମ୍ଭବ ନ ହୋଇ ପାରେ। ଅନଧିକାର ଦୋଷ ଦେଖାଇ ଉଭୟ ମଙ୍ଗରୁ ଗୋଡ଼ ଖସେଇ ଦିଆଯାଇପାରେ। ଦୁଇ ନାଆରେ ଗୋଡ଼ ଦେଇ ଘୋର ବିଡ଼ମ୍ବିତ ଏବଂ ଅସୁଖକର ଅବସ୍ଥା ପାଇଁ ପାଟିକରି ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ମଧ୍ୟ କିଛି କମ୍ ବାହାଦୁରୀ କଥା ନୁହେଁ।

ତତ୍ ସତ୍ତ୍ୱେ ଅତି ବିପନ୍ନ ଏବଂ ବିଭାଜିତ ସୃଷ୍ଟିଟିଏ ହେଉଛନ୍ତି ଶ୍ରୀମାନ୍ ମଧ୍ୟବିତ୍ତ ଦାସ। ଦଶହାତରେ ତିରିଶହାତ ଖଣ୍ଡିଏ ଡ଼ିହ କୌଣସି ସହରର ଉପାନ୍ତ ଉପରେ ତାଙ୍କର ମାଲିକାନା ସ୍ୱତ୍ୱ ବହନ କରିଥାଏ ଏବଂ ସେଇଠି ଇଟା-ଚୂନରେ ଗୋଟିଏ କୋଠରି ପଛକୁ ବାଉଁଶ ଟାଟିଘେରା ବାଡ଼ିକୁ ମିଶେଇ ସେ ଦୁଆରମୁହଁରେ ତା'ର ନାମକରଣ କରିଥାନ୍ତି "ଅମୃତନିଳୟ" କିମ୍ବା "ମଧୁ ମନ୍ଦିର"। ଦୁଆରେ କେହି ଜାଣିପାରିବେ ନାହିଁ, ଆଶାକରି ସମ୍ବଲପୁରୀ ମୁହଁ ଥିବା ଅଧେ ପୁରୁଣା ଶାଢ଼ିକୁ ପରଦା କରି ଓହଳାଇଥାଏ। ତାଙ୍କ ପତ୍ନୀ ହୁଏତ ବହୁ ଶ୍ରମ ସ୍ୱୀକାର କରି ପରଦା ମଝିରେ ଛୁଞ୍ଚିକାମରେ ଫୁଲଟିଏ କିମ୍ବା ଅତିକାୟ ପତ୍ରଟିଏ ଉକୁଟେଇଥାନ୍ତି। ଝୁଣ୍ଟିପଡ଼ିଲା ପରି ଉଞ୍ଚ ଖଣ୍ଡିଏ ପାପୋଛ ଦେହରୁ ନଡ଼ିଆ କତା ଅନବରତ ଝଡ଼ୁଥାଏ। ଦୁଇଟି ଭିନ୍ନ ଧରଣର କାଠ ଚୌକିକୁ ମୁହାଁମୁହିଁ ପକାଇ ଗାଧୁଆ ଖଟୁଲିଟିକୁ ମଝିରେ ରଖାଯାଇଥାଏ, ସୋଫା ଢ଼ଙ୍ଗରେ। କୁଣରେ ଖଣ୍ଡିଏ ତିନି ଫୁଟିଆ କାଚ ଆଲମାରି ଭିତରେ କିଛି ଦଶମ ଶ୍ରେଣୀଯାଏଁ ପୁରୁଣା ପାଠ୍ୟପୁସ୍ତକ ଦିଶିଲାଭଳି ଠିଆମାର୍ଗେ ସଜାଯାଇଥାଏ; ଏବଂ ଆଲମାରି ଉପରେ କିଛି ମାଟିତିଆରି କଦଳୀ, ବେଲ, ସୀତାଫଳ ଏବଂ ଡ଼ାଳିମ୍ବ ! ଅନ୍ୟ କୁଣରେ ଖଣ୍ଡିଏ ଦଉଡ଼ି ଟଣାଯାଇ ଝୁଲୁଥାଏ ରଙ୍ଗୀନ ହେଙ୍ଗରରେ ତାଙ୍କର ଦ୍ୱିତୀୟ ପେଣ୍ଟ ଏବଂ ବୁସ୍‌ସାର୍ଟ। ଚଉତାହୋଇ ଓହଳିଥାଏ ପତ୍ନୀଙ୍କର ସବୁଠାରୁ ମହାର୍ଘ ଶାଢ଼ୀ ଖଣ୍ଡିକ। ଭିତରପଟ ପିଣ୍ଡାକୁ ଯିବାପାଇଁ ହେଲେ ଆଉ ଗୋଟିଏ ପରଦା ଟେକିବାକୁ ହୁଏ। ସେ ଖଣ୍ଡିକ ବୋଧହୁଏ ବାବୁଙ୍କ ଲୁଙ୍ଗି ରୂପେ ଢ଼େର୍ ଦିନ ବ୍ୟବହୃତ ହୋଇସାରିଥାଏ। ବାଉଁଶ ଚାଞ୍ଚ ଘେରିଦେଇ ସେଇଠି ଗୋଟିଏ ପଟା ଟେବୁଲ ଉପରେ ଦୁଇପ୍ରସ୍ତ ଲୋଚାକୋଚା ଧୋତି ବିଛେଇ ଦିଆହୋଇଥାଏ। ପାଖରେ ପଡ଼ିଥାଏ ଗୋଟିଏ ଷ୍ଟୁଲ ଏବଂ ନୁଆଣିଆ ଦଉଡ଼ିଖଟ। ସେଇ ବାହୁଙ୍ଗାରେ ବସିପଡ଼ି ଟେବୁଲ ଉପରେ କଂସାରେ ପରଷା ହୋଇଥିବା ଚୁଡ଼ାପଖାଳ ଶ୍ରୀମନ୍ ମଧ୍ୟବିତ୍ତ ଦାସ ଚାମୁଚ ସାହାଯ୍ୟରେ ଖାଆନ୍ତି। କିଛି କିଛି ଲକ୍ଷ୍ୟଭ୍ରଷ୍ଟ ହେଲେ ବାଁ ହାତରେ ନେଇ ପୁଣି କଂସାରେ ସଂରକ୍ଷିତ କରୁଥାନ୍ତି। ଗୋଟିଏ ପ୍ଲାଷ୍ଟିକ୍ ମଗ, ଦୁଇ ତିନୋଟି ପ୍ଲେଟ୍ ଏବଂ ଦୁଇ ତିନୋଟି କାଚଗ୍ଲାସ ସଜାଡ଼ା ରହିଥାଏ। କପ୍‌ଗୁଡ଼ିକରୁ କାନ ଛିଣ୍ଡିଯିବାରୁ ତାକୁ ଗିନା ଆକାରରେ ବ୍ୟବହାର କରାଯାଏ। ଗୋଟିଏ ଦର୍ପଣ ଏବଂ ତା' ପାଖକୁ ଗୋଟିଏ ପଟା ଖୋପ ଉପରେ ପାଉଡ଼ର, ବାସନାତେଲ ଏବଂ ଦାନ୍ତଘଷା ଓ କ୍ଷୌର ସରଞ୍ଜାମ। କଥାରେ ଏଠି ସେଠି ଦରଫୁଟା ଇଂରାଜୀ କଡ଼ଗୁଡ଼ିଏ; ଚାଲି ଏବଂ

Digitized by srujanika@gmail.com

ଚଳଣିରେ ଏଠ ସେଠି ବିଳାସର ଛିଟା। ମୋଟାମୋଟି ଭାବରେ ଏହାହିଁ ହେଉଛି ଶ୍ରୀମାନ୍ ମଧ୍ୟବିତ୍ତ ଦାସଙ୍କର ନ୍ୟୂନତମ ରୂପ। ଯା ଉପରକୁ ସେ ହୋଇପାରନ୍ତି ପଢୁଆ, ପାଠୁଆ, ବୁଦ୍ଧିଆଳ ଅଧ୍ୟାପକ। ହୋଇପାରନ୍ତି କର୍ମଠ ଫାଇଲସର୍ବସ୍ୱ ଦପ୍ତର-ସିଂହ ବଡ଼ବାବୁ। ଅଥବା ହୋଇପାରନ୍ତି ସତକୁସତ ସୋଫାରେ ବସୁଥିବା, ସତକୁସତ ଟେବୁଲରେ ଖାଉଥିବା, ଇଂରାଜୀ କହୁଥିବା, କାର୍ ଯୋଗେ କ୍ଲବ୍‌ରେ ଆଦେଶୀ ରୀତିରେ ଅବସରବିନୋଦନ କରୁଥିବା ମିଷ୍ଟର ମଧ୍ୟବିତ୍ତ ଦାସ। ଏଇଟା କେବଳ ସୁବିଧା ଓ ସୁଯୋଗ କଥା, ଅବସ୍ଥା ଏବଂ ମାତ୍ରାଭେଦ କଥା। ନହେଲେ ମୂଳ ମଞ୍ଜିଟି ସେଇ ଗୋଟିଏ। କୌଣସି ବିଳାସର ସ୍ୱପ୍ନକୁ ଅପାରଗ ହାତ ବଢ଼ାଇ ଓଟାରି ହେଉଥିବା ଗୋଟିଏ ନାଆମଙ୍ଗରେ ବନ୍ଧାପଡ଼ି ଅନ୍ୟ ନାଆମଙ୍ଗକୁ ଗୋଡ଼ ବଢ଼ାଇଦେଉଥିବା ଦୋଭାଷୀ, ଦୋମିଶା ମଣିଷର ମଞ୍ଜି।

ସହର ଭିତରେ କିନ୍ତୁ ଶ୍ରୀଯୁକ୍ତ ମଧ୍ୟବିତ୍ତ ଦାସଙ୍କ ଭୂମିକା ଭିନ୍ନ ପ୍ରକାର। ସେ ମୂଳତଃ ମଜୁରିଆ ହେଲେ ମଧ ଏଇଠି ଗଣଆନ୍ଦୋଳନ ଜରିଆରେ କିଛି ଅଧିକାର ଆଦାୟ କରିଥାନ୍ତି। ବେଳେବେଳେ ସେ ନେତା ହୋଇ ଉଦ୍‌ବୋଧନ ଦେବାର ଦେଖାଯାଏ। ସେଇପରି ଦେଖାଯାଏ, କୌଣସି ଭଜନମଣ୍ଡଳୀରେ ଦୁଇଘଣ୍ଟା ଆଧ୍ୟାତ୍ମିକ ସାଧନାରେ ସେ ଆଖି ବୁଜି ବସିଛନ୍ତି। ଉଚ୍ଚାଙ୍ଗ ସଙ୍ଗୀତ ସଭାରେ ରାଗ-ମାଧୁର୍ଯ୍ୟ ଉପଭୋଗ କରୁଛନ୍ତି, କିମ୍ବା ଚଳଚ୍ଚିତ୍ର ଦେଖିସାରି କୌଣସି ସ୍ୱୀକୃତ ପଦ୍ଧତିରେ ପଇଁତରା କାଟୁଛନ୍ତି। ତାଙ୍କ ଭିତରେ ଅଜସ୍ର ଅସନ୍ତୋଷ; ଅତୃପ୍ତ ବାସନା ଏବଂ ଅସୂୟା, ଉପରେ ଅନେକ ଠଆ ଠାଣି ବୀରତ୍ୱ ଏବଂ ସ୍ୱାଭିମାନର ସିଂହନାଦ। ଏଠି ସେ ରୋଟି, ମଖନ୍, ଅଣ୍ଡା ଅଭ୍ୟାସ କରନ୍ତି; ଫଳରେ ଆମ୍ବ, ଶିମ୍ବ, ଶାଗ, ମୁଗ, ପନିପରିବା ଏବଂ ଚୁଡ଼ା, ଗୁଡ଼ ପରିତ୍ୟକ୍ତ ହୋଇଯାନ୍ତି। କିଛି ଖାଦ୍ୟ-ପ୍ରାଣ ଔଷଧ ବୋତଲ ଏବଂ ଗୁଳି ନିୟମିତ ଭାବରେ ଖାଦ୍ୟାଭାବ ପୂରଣ କରିବା ରୁଚିସମ୍ମତ ବୋଲି ଗୃହୀତ ହୁଏ। ସାହିତ୍ୟ ପତ୍ରିକା କିଣାଯାଏ। ମଝିରେ ମଝିରେ ସେଓ, ଅଙ୍ଗୁର କିଣାଯାଏ। ପୁଅକୁ କନ୍‌ଭେଣ୍ଟରେ ଭର୍ତ୍ତିକରାଯାଏ। ଝିଅକୁ ଶିଖାଯାଏ ନାଚ ଓ ଗୀତ। ଖାଇବା ଅପେକ୍ଷା ପିନ୍ଧିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ। ନୂଆ କାଚ, ମୁଦି, ମାଳି, ନୂଆ ଜାମା, ଜୋତା, ଶାଢ଼ି, ଅତ୍ୟାଧୁନିକ ପ୍ରସାଧନ ସାମଗ୍ରୀ, ମୁହଁ, ଆଖି, ଭୂରୁ ପାଇଁ ବିଭିନ୍ନ ଉପଚାର ଖର୍ଚ୍ଚ ତାଲିକାରେ ସର୍ବାଗ୍ରେ ଶୋଭାପାଆନ୍ତି। ଶ୍ରୀମାନ୍ ମଧ୍ୟବିତ୍ତ ତାଙ୍କର ଦୋମିଶା ସ୍ୱରୂପ ଉପରେ ବିଶୁଦ୍ଧ ବିତ୍ତଶାଳୀର ଖୋଳ ମଢ଼େଇହେବା ପାଇଁ ଆପ୍ରାଣ ଚେଷ୍ଟା କରିନ୍ତି। ସେଇ ପ୍ରଚେଷ୍ଟାରେ ସେ ହୋଇଯାନ୍ତି ବିଶିଷ୍ଟ ନାଗରିକ ମିଷ୍ଟର ମଧ୍ୟବିତ୍ତ ଦାସ।

ଧନିକ ବିରୁଦ୍ଧରେ ଅହରହ ଯୁଦ୍ଧ ଘୋଷଣା କରିବା ଏହାଙ୍କର ଚିରାଚରିତ ଅଭ୍ୟାସ। ସେମାନେ ଶୋଷକ, ଲାଭଖୋର, ସ୍ୱାର୍ଥପର, ଲୋଭୀ, ନୃଶଂସ ଇତ୍ୟାଦି କହି ଗିଲୋଟିନ୍ ତଳେ ସେମାନଙ୍କର ଶିରଚ୍ଛେଦନର ପରିକଳ୍ପନା, ଏହାଙ୍କ ବୁଦ୍ଧିପ୍ରସୂତ। ତାଙ୍କ ସମ୍ପତ୍ତି ବାଜ୍ୟାପ୍ତକରି ସେମାନଙ୍କ ଲୁଣ୍ଠନକୁ ଜନସାଧାରଣରେ ବଣ୍ଟନ କରିବାର ଯୋଜନା ତାଙ୍କର। ଶ୍ରମିକ ଧର୍ମଘଟ ଧ୍ୱଜା ଧାରଣକରି ମିଲ୍ ମାଲିକଙ୍କୁ ନତଜାନୁ କରେଇବା ସଂକଳ୍ପ ତାଙ୍କର; କିନ୍ତୁ ନିଭୃତରେ ମିଷ୍ଟର ମଧ୍ୟବିତ୍ତ ଦାସ,

Digitized by srujanika@gmail.com

ବିଭିନ୍ନ ନିୟମ ଏବଂ ପ୍ରୟୋଜନର ଦ୍ୱାହି ଦେଇ ସୁବିଧା ପାଇଲେ ନିଜେ କିଛି ଶୋଷଣ କରିବାକୁ ପଛାନ୍ତିନାହିଁ। ଚାନ୍ଦା ପଇସାରେ ନିଜ କୋଠା, କାର୍ କରିବାରେ ପଶ୍ଚାତ୍‌ପଦ ହୁଅନ୍ତିନାହିଁ। ସେଥିପାଇଁ ଯୁକ୍ତି ହେଲା ଯେ ସାଧାରଣ ବ୍ୟକ୍ତିଗତ ସମସ୍ୟାର ଊର୍ଦ୍ଧ୍ୱକୁ ଗଲେ ସିନା ଜଣେ ସାମୂହିକ ଜାତୀୟ ସମସ୍ୟାରେ ନିଜକୁ ବିନିଯୋଗ କରିପାରିବ ! ସେ ଧନିକକୁ ଘୃଣା କରନ୍ତିନାହିଁ, ବରଂ ଈର୍ଷାକରନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ। ତାଙ୍କର ନିରାଲୋକିତ ଅବଚେତନାରେ ସେ ତାକୁ ସଂହାରକରି ତା'ର ସ୍ଥାନ ଅଧିକାର କରିବାକୁ ଯୁଦ୍ଧ କରୁଥାନ୍ତି। ଏଣେ ନିର୍ଦ୍ଧନ ଗୋଷ୍ଠୀ ପାଇଁ ହଜାରେ ଗ୍ରନ୍ଥ ଲେଖି ଅସଂଖ୍ୟ ଭାଷଣ ଦେଲେ ମଧ୍ୟ ନିଭୃତରେ ସେ ତାକୁ ଘୃଣାକରନ୍ତି। ଯଦି କୌଣସି ସମୟରେ ପରିସ୍ଥିତି ତାଙ୍କୁ ନିର୍ଦ୍ଧନ ଜୀବନ ଯାପନପାଇଁ ବାଧକଲା, ସେ ତାକୁ ବିଜ୍ଞାପନପାଇଁ ପ୍ରଚୁର ବ୍ୟବହାର କରିନିଅନ୍ତି। ଦୋମୁହା ଶ୍ରୀଯୁକ୍ତ ମଧ୍ୟବିତ୍ତ ଦାସ ଯାହାକୁ ଭଲପାଆନ୍ତି ତାକୁ ହତ୍ୟାକରନ୍ତି ଏବଂ ଯାହାର ଜୟଜୟକାର କୀର୍ତ୍ତନ କରନ୍ତି ତାକୁ ଘୃଣା କରୁଥାନ୍ତି। ଉଭୟର ସୁଯୋଗ ନହେଲେ, ମଝିରେ ରହି ଏହିଭଳି ଅଭିନୟ ନକଲେ ବୋଧହୁଏ ତାଙ୍କର ଭିତର ଏବଂ ବାହାର ଭାରସାମ୍ୟ ରକ୍ଷା କରିପାରିବେନାହିଁ। ଏଣୁ ବିପରୀତକୁ ନେଇ ପଶାପାଲିରେ ତାଙ୍କର ଉଭୟ ପକ୍ଷରୁ ଖେଳ ଚାଲିଥାଏ। ଫଳରେ କୌଣସି ନାଆମଙ୍ଗରୁ ଗୋଡ଼ ଖସେନାହିଁ। ମଧ୍ୟବିତ୍ତ ତାଙ୍କର ବିପନ୍ନ କେଳାନାଟ ଦେଖାଇ ଉଭୟଙ୍କୁ ଚମତ୍କୃତ କରୁଥାନ୍ତି। ଦୁଇଟି ମୁହଁରେ ଉଭୟଙ୍କ ସେବା କାର୍ଯ୍ୟ ଚାଲିଥାଏ; 'କାମଶାସ୍ତ୍ର' ଏବଂ 'ଦାସ୍ କାପିଟା' ରଚନା ମଧ୍ୟ ଚାଲିଥାଏ।

ସଦା-ସଂକଟରେ ଶ୍ରୀ ମଧ୍ୟବିତ୍ତ ଦାସ ବିଚାରା ଆଉ କ'ଣ କରିପାରେ ? ସେ ରୂପଜୀବୀ, ଶ୍ରମଜୀବୀ କିମ୍ବା ଧନଜୀବୀ ହୋଇପାରେନାହିଁ; ଏଣୁ ବାଧହୋଇ ବୁଦ୍ଧିଜୀବୀ ହୋଇଯାଏ। ନିରାପତ୍ତାପାଇଁ ସବୁବେଳେ ସତର୍କ ରହିଥାଏ। ଏଣୁ ଏ ଅନ୍ୟମାନଙ୍କଠାରୁ ଦେଖେ ବେଶି, ଶୁଣେ ବେଶି, ବୁଝେ ମଧ୍ୟ ବେଶି। ନିଜର ସ୍ଥିତି ଉପରେ ଅନୁଧ୍ୟାନ କରି ସେ ଅନ୍ୟମାନଙ୍କ ଅପେକ୍ଷା ସେମାନଙ୍କୁ ବେଶି ଜାଣେ। ଏହି କାରଣରୁ ଯେତେବେଳେ ସେ ମଜୁରିଆ ବିଷୟରେ ଭାଷଣ ଦିଏ, ଶ୍ରମଜୀବୀ ବିଚାରା ଚକିତ ହୋଇ ନିଜ ବିଷୟରେ ଅନେକ ଅନାବିଷ୍କୃତ ସତ୍ୟ କଥା ଶୁଣେ। କୃତଜ୍ଞ ଶାସକ ଚାଣକ୍ୟଙ୍କୁ ମନ୍ତ୍ରୀରୂପେ ବରଣ କରିନିଅନ୍ତି। ନିଜର ଅସପତ୍ନ ରାଜ୍ୟରେ ନିଷ୍କଣ୍ଟକ ଅଧିକାର ଜାରି ରଖିବାର ଗୁପ୍ତମନ୍ତ୍ର ସେମାନେ ଏଇ ମନ୍ତ୍ରୀଠାରୁହିଁ ଶିକ୍ଷାକରନ୍ତି। ଏଣୁ ସର୍ବପ୍ରଥମେ ଏଇ ବୁଦ୍ଧିସର୍ବସ୍ୱ ମଣିଷ-ସମାଜ ନାମଧେୟ ସାମୂହିକ ଜୀବନକୁ ଆବିଷ୍କାର କରେ। ଆବିଷ୍କାର କରେ ନିଜକୁ ଏବଂ ଅନ୍ୟମାନଙ୍କୁ; ଗୋଷ୍ଠୀ ଗୋଷ୍ଠୀ ଭିତରେ ବିଭାଜିତ ରେଖାଗୁଡ଼ିକୁ ମଧ୍ୟ ଆବିଷ୍କାର କରେ। ଚାରୋଟି ବର୍ଣ୍ଣ ସୃଷ୍ଟି କରିବା ବ୍ୟକ୍ତି ହେଉଚି ଏଇ। ସେ ସେମାନଙ୍କ ପାଇଁ ଜନବସତି ଯୋଜନା କରେ। ମାଟି, ପଥର, ଇଟା ତିଆରି ବାସଗୃହ ଉଦ୍ଭାବନ କରେ। ଉଦ୍ଭାବନ କରେ ଚାଷ, ରୋଷେଇ ଏବଂ ଚିତ୍ର। ସଙ୍ଗୀତ, ଭାଷା, ନୃତ୍ୟ, ପୋଷାକ, ଅଳଙ୍କାର ସୃଷ୍ଟିକରେ। ଶେଷରେ ସେ ହିଁ ଉଦ୍ଭାବନକରେ ଛୁରି, କଟୁରି, ଭାଲା, ବର୍ଚ୍ଛା ଏବଂ ବନ୍ଧୁକ। ସେ ରଣକୌଶଳ ଶିଖାଏ। ସେ ହାନିଓ୍ୱାଲକୁ ଶିଖାଏ ଶତ୍ରୁ ସଂହାରର ପଦ୍ଧତି, ରାଜ୍ୟ ପରେ ରାଜ୍ୟକୁ ଗ୍ରାସ କରିଯିବାର କୌଶଳ।

Digitized by srujanika@gmail.com

ଚାରଣଗୀତ ବୋଲି, ରଣଭେରୀ ଫୁଙ୍କି ସେ ଯୁଦ୍ଧରେ ପ୍ରବୃତ୍ତ କରାଏ। ଯୁଦ୍ଧ ପରେ ଶାନ୍ତିର ଚୁକ୍ତିପତ୍ର ମଧ ସେ ପ୍ରସ୍ତୁତକରେ। ଶିକ୍ଷାପଦ୍ଧତି ତା'ର, ଶାସନପଦ୍ଧତି ତା'ର, ଶ୍ରାଦ୍ଧପଦ୍ଧତି ମଧ ତା'ର। ସମାଜର ମଝିରେ ରହି ସେ ତାକୁ ଆନ୍ଦୋଳିତ କରେ, ଚମକିତ କରେ। ମନ୍ଦର ପର୍ବତକୁ ବ୍ୟବହାର କରି କ୍ଷୀରସାଗର ମନ୍ଥନ କଲା ପରେ ଦେବ ଦାନବଙ୍କର ଚିରନ୍ତନ କଳହର ସୂତ୍ରପାତ ବୋଧହୁଏ ସେ ହିଁ କରାଏ। ସେ ଆଦିମକାଳରେ ଅମୃତ ପାଇଥିବା ଏବଂ ନ ପାଇଥିବା ଗୋଷ୍ଠୀ ପ୍ରଥମେ ଯୁଦ୍ଧ କରିଥିଲେ; ଏବେ ମଧ ଯୁଦ୍ଧ କରୁଛନ୍ତି। ଗୋଷ୍ଠୀବିବାଦ ମଝିରେ ରହି କଳହର ଉପାଦାନ ଏବଂ ସମାଧାନର ପନ୍ଥା ଯୋଗାଇ ଚାଲିଥାନ୍ତି ଶ୍ରୀଯୁକ୍ତ ମଧବିତ୍ତ ଦାସ ଏବଂ ତାଙ୍କ ଭଳି ଅସଂଖ୍ୟ ବୁଦ୍ଧି-ସର୍ବସ୍ୱ ମଣିଷ।

ଏ ଅପରିସୀମ ଖେଳ ଭିତରେ କିନ୍ତୁ ଚାଲିଥାଏ ତା'ର ଜୀବନସଂଘର୍ଷ, ନିଜକୁ ଅପରିହାର୍ଯ୍ୟ କରିବାର ଅଖଣ୍ଡ ପ୍ରୟାସ, ଚାଲିଥାଏ ଅହରହ ନୂତନ ସମସ୍ୟାର ଆବିଷ୍କାର ଓ ସମାଧାନର ଅନ୍ୱେଷଣ। ବଦଳି ଚାଲିଥାଏ ବିଚାର ଏବଂ ବୁଝାମଣା, ବଦଳି ଚାଲିଥାଏ ବଞ୍ଚିବାର ଢ଼ଙ୍ଗ, ମନ୍ତ୍ରଣା ଏବଂ ଉପଭୋଗର ବ୍ୟାପକତା ଓ ସଂଜ୍ଞା, ଲେଖା ଚାଲିଥାଏ ବହୁ ବୈଚିତ୍ର୍ୟମୟ ସଂଘର୍ଷମୟ ମାନବଜାତିର ଇତିହାସ। ଆଗେଇ ଚାଲିଥାଏ ଅସଂଖ୍ୟ ମଣିଷମାନଙ୍କର ଯୁଗଯୁଗର ପଟୁଆର। କୌଣସି ସମୟରେ ଯଦି ନୂତନ ପ୍ରୟାସର ମାତ୍ରା କମିଯାଏ, ଗତି ହୋଇଯାଏ ସ୍ତିମିତ, ତେବେ ସେ କ୍ଷୟମାଣ ସମଜ ସଙ୍କୁଚିତ ହୋଇଯାଏ। ପ୍ରସାର ଅଭାବରୁ ଆଦ୍ୟ, ମଧ, ପ୍ରାନ୍ତ ଯୋଡ଼ିହୋଇ ଗୋଟିଏ ମାତ୍ର ସଂଜ୍ଞାହୀନ କ୍ଷୟିଷ୍ଣୁ ଗୋଷ୍ଠୀ ଦେଖାଦିଏ ଏବଂ ପରିଶେଷରେ ଲିଭିଯାଏ। କାଳର ସ୍ରୋତରେ ପଛକୁ ଚାହିଲେ ଅସଂଖ୍ୟ ବୁଦ୍‌ବୁଦ ସୂଚନା ଦିଅନ୍ତି ଯେ ବହୁ ଗୋଷ୍ଠୀ ଏଭଳି ବୁଡ଼ିଗଲେଣି। ଏ ବିଷୟରେ ମଧବିତ୍ତ ଦାସ ସମ୍ପୂର୍ଣ୍ଣ ସଚେତନ। ଏଣୁ ବିଭିନ୍ନ ସମୟରେ ସେ ଦେଶକାଳରୁ ଉତ୍ତୀର୍ଣ୍ଣ କୌଣସି ସତ୍ୟର ସନ୍ଧାନ କରି ଚାଲିଛି। ଫଳରେ ମହାକାଶତତ୍ତ୍ୱ ମଧ ସେ ବିଭିନ୍ନ ଦର୍ଶନ ମାଧମରେ ଲିପିବଦ୍ଧ କରିଯାଇଛି। ସେଇଠି ଥାଇ ସେ ବିପୁଳ ବିଶ୍ୱର ପରିପ୍ରେକ୍ଷୀରେ ପୃଥିବୀଟିକୁ ମାପେ। ସେଥିରେ ମଣିଷସମାଜର ଛୋଟବଡ଼ ସମସ୍ୟା ସହିତ ସମଗ୍ର ସମାଜଟି ଦିନେ ଯେ ଅନିବାର୍ଯ୍ୟ ଭାବରେ ଲିଭିଯିବ, ସେ ବିଷୟରେ ଅନ୍ୟମାନଙ୍କୁ ସତର୍କ କରିଦିଏ। ମନେମନେ ହୁଏତ କହୁଥାଏ – 'ମରିବେ ନିଶ୍ଚେ ଏ ଲତୁଆ ନିଶୁଆ ମଣିଷପୁଞ୍ଜାକ। ଏଇ ଯେଉଁ ଭୂରୁ ଟେକି ମାଡ଼ି ଯାଉଛନ୍ତି, ମୁଣ୍ଡ ନୁଆଇଁ ନମସ୍କାର କଲେ ଚାହୁଁ ନାହାନ୍ତି, ଭାବୁଛନ୍ତି ସେଇମାନେ ଚିରକାଳ ଏ ପୃଥିବୀର ଅଧିପତି, ସେମାନେ ବି ଦିନେ ନିଶ୍ଚେ ମରିବେ - ଯିବେ କୁଆଡ଼େ ? ଆଉ ସେ ସୁଦୂର ଭବିଷ୍ୟତରେ ଯେତେବେଳେ ଚନ୍ଦ୍ର ଭଳି ପୃଥିବୀ ଶୀତଳ ହୋଇଯିବ, ସେତେବେଳେ ତ ଆଉ କାହାରି ରକ୍ଷାନାହିଁ !' ଏମିତି କହି ଅନ୍ୟମାନଙ୍କୁ ଡ଼ରାଇଲାବେଳେ ନିଜେ ମଧ ଅତିମାତ୍ରାରେ ଡ଼ରିଯାଏ। ତା'ପରେ ଭାବେ ସତେ କ'ଣ ସବୁ ସେମିତି ସରିଯିବ ? ମଣିଷ କ'ଣ କେବଳ ବସ୍ତୁ ? ନାଁ, ସେ ଅମର, ଅବିନାଶୀ, ଶାଶ୍ୱତ, ପୁରାଣ ! ! ତା'ର ସନାତନ ସତ୍ତାରେ ସେ କେବେହେଲେ ମରେ ନାହିଁ। ମଉଳି ଯାଉଥିବା ମନର ପାଖୁଡ଼ାଗୁଡ଼ିକୁ ଛିଞ୍ଚାବିଞ୍ଚା କରି ପୁଣି ସତେଜ କରାଯାଏ। ଯାହା ଦିଶୁଛି ତାହା ଶେଷ କଥା ନୁହେ। ତା' ବାହାରେ

Digitized by srujanika@gmail.com

ଆହୁରି ଏକ ରାଜ୍ୟ ଅଛି। ସେଇଠି ମଣିଷର ଆତ୍ମା ପହଞ୍ଚିଗଲେ ଆଉ ପୁନରାବର୍ତ୍ତନ ନାହିଁ। ସେ କିପରି ରାଜ୍ୟ ? ଓଃ, ତାହା ବର୍ଣ୍ଣନା କରି ହେବନାହିଁ। ସେଠାକୁ ମନ ଯାଇପାରିବ ନାହିଁ, ବାକ୍ୟରେ ତାକୁ ପ୍ରକାଶ କରି ହେବନାହିଁ...ଇତ୍ୟାଦି।

ଏ ସମସ୍ତ ବିଦ୍ୟା ସାଧି ତାକୁ ପ୍ରୟୋଗ କରିପାରିଲେ ହିଁ ସମାଜର ଏ ମଝି ମଣିଷଟିର ଆବଶ୍ୟକତା ଅଛି ବୋଲି ଲୋକେ ବୁଝିବେ। ନହେଲେ ନୂତନ ନୂତନ ବିତ୍ତଯୋଜନାରେ ଏ ଶ୍ରେଣୀଟି ନିଶ୍ଚିହ୍ନ ହେବା ଉପରେ। ବିତ୍ତ କ'ଣ ଏକମାତ୍ର ମାପକାଠି ? ତାକୁ ବୁଝି ଏ ଶ୍ରେଣୀ-ବିଭାଜନକୁ ଯେ ପ୍ରଚାର କଲା ଏବଂ ନିଜର ନିଧନ ବିଷୟରେ ଯେ ଘୋଷଣା କରିପାରିଲା, ସେ କ'ଣ କେବଳ ଜଣେ 'ମଧ୍ୟବିତ୍ତ' ? ତା'ର ମଧ୍ୟବିତ୍ତତା ହୁଏତ ଏକ ଚଳମାନ ଅବସ୍ଥା; କିନ୍ତୁ ତା'ର ସ୍ଥାୟୀ ସମ୍ପତ୍ତି ହେଲା ଏକ ପ୍ରଶସ୍ତ-ଚିତ୍ତତା, ଯେଉଁଠି ଥାଇ ସେ ବୁଝେ ଏବଂ ବୁଝାଏ, ଚାଲେ ଏବଂ ଚଲାଏ। ଏଣୁ ଶ୍ରୀମାନ୍ ମଧ୍ୟବିତ୍ତ ଦାସଙ୍କ ଜୀବନର ବିଡ଼ମ୍ବନା ବିଷୟରେ ଦୁଃଖ କରି କିଛି ଲାଭନାହିଁ। ସେ ତାହା ଜାଣନ୍ତି ଏବଂ ଆଉ ମଧ୍ୟ ଜାଣନ୍ତି ଯେ ତାଙ୍କର କସ୍ମିନ୍‌କାଳେ କିଛି ହେବନାହିଁ।

Digitized by srujanika@gmail.com

ମଧୁ ସନ୍ଧାନ

ଘୋଷଣା ହେଲା ଯେ ଦୁଃଖଂ ସତ୍ୟମ୍! ହେଲା, କେହି ତ ମନା କରୁନାହିଁ! ତା'ପାଇଁ ପ୍ରମାଣ ମଧ ଦାବୀ କରୁନାହିଁ। କିନ୍ତୁ ସତ୍ୟ କ'ଣ କେବଳ ଦୁଃଖ ? ସଂସାର କ'ଣ ଗୋଟିଏ ମାତ୍ର ବିଶୁଦ୍ଧ ଉପାଦାନକୁ ନେଇ ଚଳିପାରେ ? ଏଠି ବୁଶୁଦ୍ଧ କିଛି ନାହିଁ। ଦୁଃଖ ବି ନୁହେଁ। ଏଠି ବରଂ ଅପରିମେୟ ଦୁଃଖର ବୋଝକୁ ଓହଳେଇ ରଖିବା ପାଇଁ ଗୋଟିଏ ଡେଙ୍ଗର ପ୍ରୟୋଜନ ହୁଏ ଏବଂ ତାହାରି ସନ୍ଧାନରେ ବିତିଯାଏ ଜୀବନ। ସ୍ୱପ୍ନଭଳି, ସ୍ମୃତିଭଳି ସେ ମେଦୁର ଆକଶରେ ଚମକି ଉଭେଇଯାଏ। ତାକୁ ଆମେ ଖୋଜୁଥାଉ ଦେଶ ଦେଶାନ୍ତର, ନଦୀ, ଗିରି, ବନ ଏବଂ ଉପତ୍ୟକାରେ; ମଣିଷର ଆଖିରେ, ମୁହଁରେ, ଭିତରେ ଏବଂ ବାହାରେ। ସେ ମିଳେ କି ମିଳେନା କହିବା ଦୁଷ୍କର; କିନ୍ତୁ ସେ ଯେ ଆସେ ଏବଂ ଯାଏ ସେତିକିରେ ବରଫକୁ ବାମ୍ପ କରିଦିଏ, ସମୁଦ୍ରରେ ଢେଉ ଫୁଙ୍କିଦିଏ, ପୃଥିବୀଟିକୁ ବୁଲେଇ ଦିଏ ତା'ର ଅକ୍ଷଦଣ୍ଡରେ-ଏଥିରେ ସନ୍ଦେହ ନାହିଁ। ତା'ରି ସ୍ପର୍ଶରେ, ସେଇ ଆଭାସରେ ଜୀବନ ଚଞ୍ଚଳ ହୋଇଉଠେ। ହୁଏତ ଯାତନା-ଯୋଗ୍ୟ ହୋଇଉଠେ।

ଧରାଯାଉ କେହି ଜଣେ ହାରିଯାଇଛି। ତା' ଆକାଶରୁ ପବନ ସରିଆସୁଛି। ସେ ନଇଁଆସୁଛି; ଦୁର୍ବହ ବୋଝ ତଳେ ଶୋଇଯିବ, ପେଷି ହୋଇଯିବ। ଏତିକିବେଳେ ଅକସ୍ମାତ୍ ତାକୁ ଚାହିଁ ଜଣେ ଝିଲ୍‌ଝିଲ୍ ହସି ଦେଇଛି। ସେତିକିରେ ସେ ତେଜିଉଠିଛି। ଏଇ ସେ ହସଟିକୁ ଧରିବାକୁ ହାତ ବଢ଼େଇଦେଇଛି। ହସ ଘୁଞ୍ଚିଯାଇଛି ଗହୀରରୁ ଗହୀରକୁ। ଓଟାରି ହୋଇ କିଛି ବାଟ ବୁଡ଼ିଗଲା ପରେ ହୁଏତ ଆଖିରେ ନିଆଁଝୁଲ ଫୁଟେଇ ଆକାଶକୁ ଚାହିଁ ସେ ଚିତ୍କାର କରିଛି - "ମୋତେ ଅଗ୍ନି ଦେ, ଆଲୋକ ଦେ, ଅମୃତ ଦେ, ଭରିଦେ ମୋର ବିବର! ଏଇ ଗହୀରରୁ ମୋର ଅଭିଯାନ ଆରମ୍ଭ ହେଲା।" - ନିଟୋଳ ସୁଧାବିନ୍ଦୁ ପରି ଗୋଟିଏ ଜହ୍ନ ରାହୁର ମୁହଁରେ ପଶି ବାହାରିଯାଏ। ତାକୁ ଚୋବେଇବାକୁ ତା'ର ଦାନ୍ତ ନାହିଁ। ଜୀର୍ଣ୍ଣ କରିବାକୁ ଉଦର ନାହିଁ। ଥରେ ଗିଳିଦେଲେ ପୁଣି ଗିଳିବାକୁ ସେ ତା' ପଛରେ ଗୋଡ଼େଇଥାଏ। ତାକୁ ସେ ଆକାଶ ସାରା ଜୀବନ ସାରା ଖୋଜୁଥାଏ - ପାଏ କି ପାଏନା କହିବା ଦୁଷ୍କର।

ହୁଏତ ଏକପ୍ରକାର ପାଏ। ପାଉ ନ ଥିଲେ ବଞ୍ଚିବାର ଏଭଳି ଉଚାଟ ଆସନ୍ତା କାହୁଁ? ସଂଘର୍ଷ କରିବାର ପ୍ରବୃତ୍ତି ବା ଆସନ୍ତା କାହୁଁ? ବରଂ ଥରେ ନଇଁଗଲେ ଆଉଥରେ ମୁଣ୍ଡ ଟେକି ଚାହିଁବାର ଇଚ୍ଛା ସମ୍ଭବ ହୁଅନ୍ତାନାହିଁ; କିନ୍ତୁ ପରିବାର ଜଞ୍ଜାଳରେ ହାଲିଆ ହୋଇ ବସିପଡ଼ିଲାବେଳେ

Digitized by srujanika@gmail.com

ସାନପୁଅ ବେକରେ ଓହଳି ଟିକିଏ ନାଚିଦିଏ। ଝିଅ ମୁଣ୍ଡ ଉପରୁ କୁଟାଟିଏ କାଢ଼ି ସେଇ ଆଉଁଷି ଦିଏ। ପତ୍ନୀ ଟିକିଏ ହସିଦିଅନ୍ତି। ବାଆସ୍, ଏତିକିରେ ଘା'ରେ ବକଳା ବାନ୍ଧିଯାଏ। ପୁଣି ଥରେ ସିଂହର ବଳ ଚଢ଼ିଆସେ ଆଣ୍ଠୁଗଣ୍ଠି ଉପରକୁ ଏବଂ ପୁଣି ଯୁଦ୍ଧ କରି ରକ୍ତାକ୍ତ ହେବାରେ ଏଣିକି ଆଉ ଆପତ୍ତି ନଥାଏ। ପଦେ 'ବାହାବା' ଶୁଣିଦେଲେ ଦୁଇଗୁଣ ବୋଝ ଉଠେଇବା ପାଇଁ ମନହୁଏ - ଟିକିଏ ଯଶ ଟିକିଏ ସମ୍ମାନ ପାଇଁ। ସେଇଭଳି ଟିକିଏ ସ୍ନେହ, ମମତା, ରତି, ପ୍ରୀତି ପାଇଁ, ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଜୀବନର ଦୈନନ୍ଦିନ ଭାର ବହନ କରିବାକୁ ସାମର୍ଥ୍ୟ ଆସିଯାଏ। ଏଇମାତ୍ର ପୁରସ୍କାରର ସମ୍ଭାବନା, ଏଇ ଆଶା, ଏଇ ସ୍ୱପ୍ନ ପାଇଁ ସଂଘର୍ଷ ହୋଇଯାଏ ସାର୍ଥକ - ନ ହେଲେ ଶ୍ରମ ଏବଂ ଘର୍ମର ସେଭଳି କିଛି ଅର୍ଥ ନାହିଁ।

ଯେଉଁ ଟିକକ ଚଟେଇଦେଇ ଢ଼ିଙ୍କି ଗିଳିବାକୁ କୁହାଯାଏ ଏବଂ ଯାହାର ଖାତିରରେ ଦିଅଁଙ୍କ ରାଣ ପକେଇ ଢ଼ିଙ୍କିଗିଳା ଚାଲିଛି, ସେଇ ଧୂମ୍ରବସ୍ତୁଟିକୁ ସଂପୂର୍ଣ୍ଣ ଆୟତ୍ତ କରିବାକୁ ଧାଁଧପଡ଼ ଚାଲିଛି କେଉଁ ଆଦିମ କାଳରୁ। ସେ ଯଦି ଉଭେଇ ଯାଆନ୍ତା, ଆଉ ସମସ୍ୟା ନଥିଲା। ଦୁର୍ଗଚୂଡ଼ାର ଗବାକ୍ଷରେ ପଦ୍ମଫୁଲ ପରି ମୁହଁଟିଏ ଆଦୌ ନ ଫୁଟିଲେ ଏ ପଥରକାନ୍ଥଗୁଡ଼ାକ ପାଇଁ କେହି କ'ଣ ସଂଗ୍ରାମ କରନ୍ତା ! ସେ ମୁହଁଟି ପ୍ରଥମେ ଉଞ୍ଚରେ ଥାଇ ଟଟେଇଦିଏ; କ'ଣ ଗୁଡ଼ାଏ ଅମୃତ ବର୍ଷିଦେବ ବୋଲି ଟକମକ ଫୁଟୁଥିବା ରକ୍ତର ସୈନିକମାନଙ୍କୁ ଠାରିଦିଏ। ତା'ପରେ ଚାଲେ ସଂଗ୍ରାମ। ଏ ପଥର ଟାଳିଦେଲେ, ଏ ପାହାଡ଼କୁ କାଖେଇପାରିଲେ, ସେ ପଦ୍ମଫୁଲ ମୁକୁଳିବ। ଏ ଭୂଇଁକୁ ସାତତାଳ ଗହୀର ପର୍ଯ୍ୟନ୍ତ ବିଦାରିଗଲେ ହୀରା ଝଟକିବ। ଏ ସାତଟାଯାକ ସମୁଦ୍ରକୁ ଛେପିଗଲେ ଲବଙ୍ଗ ମହକିବ। ଏଇ ଭଳି ପାଞ୍ଚଲକ୍ଷ ମୁଣ୍ଡ ଗଡ଼େଇଲେ ପାଞ୍ଚହାତ ମାଟିର ଇଲାକା ମିଳିଯିବ। ସବୁପ୍ରକାର ଯୋଜନା ଏବଂ ସଂଘର୍ଷ ଶେଷକୁ ଏଇଭଳି ଟିକିଏ କ'ଣ ସ୍ୱପ୍ନ ବୋଲି ଦିଆ ହୋଇଥାଏ। ତାହାରି ଆଶାରେ ଜୀବନକୁ ପଣ ଲଗେଇ ଯୁଦ୍ଧ ଜାରିହୁଏ। ଏ ଯୁଦ୍ଧ ହୁଏତ ସରେନା। ଗୋଟିଏ ଭୂମିରେ ଉତ୍ତାପ କମିଆସିବାବେଳକୁ ଆଉ ଏକ ଭୂମିରେ ଆଉ ଟିକିଏ କ'ଣ ଝଲସି ଲଠେ ଏବଂ ସେଇଆଡ଼େ ଓଟାରି ହୋଇଯାଏ ଆଶାୟୀ ମଣିଷ। ଫାଶରୁ ଫାଶକୁ ବେକ ଗଳେଇ ଘୋଷାରି ହୋଇଯିବା ତ ଜୀବନ। ପ୍ରତ୍ୟେକ ସଂଗ୍ରାମ ଶେଷରେ ପ୍ରତିଶ୍ରୁତ ପୁରସ୍କାରଟି ମିଳେ ନା ନାହିଁ ବୋଲି ପଚାରିବା ପ୍ରୟୋଜନ ନାହିଁ; କାରଣ ସେଇଟା ମିଳେ ଏବଂ ମିଳେନା। ରାତ୍ରିରେ ସମୁଦ୍ରକୂଳରେ ଦୁର୍ମୂଲ୍ୟ ମାଣିକ୍ୟ ପରି ଝଟକୁଥିବା ପଦାର୍ଥଟି ମଲା ଚିଙ୍ଗୁଡ଼ି ଖୋଳଟିଏ। ଦୁର୍ଗ ଉପରୁ ପଦ୍ମଫୁଲ ପରି ମୁକୁଳିଥିବା ରାଜକନ୍ୟାଟି, ବାଙ୍ଗୁରୀ ମୋଟୀ ମାଇକିନିଆଟିଏ। ହୀରାଗୁଡ଼ିକ ଝକମକି ଗୋଡ଼ି। ....ସ୍ୱପ୍ନରେ ପହଁରୁଥିବା ପର୍ଯ୍ୟନ୍ତ ସେ ସବୁ ମଧୁମୟ ମାଦକ-ସମ୍ପଦ। ପାଖରେ ଆଖି ଫିଟିଗଲେ ନିଷ୍ଠୁର ଟେଳାଏ ଲେଖା ଠୋସ୍ ବସ୍ତୁ।

ଏ ପ୍ରକାର ବିଡ଼ମ୍ବନା ସତ୍ତ୍ୱେ ଏବଂ ବାରମ୍ବାର ଅପହସିତ ହେବା ସତ୍ତ୍ୱେ ମଧ ସୁନାର ପକ୍ଷୀଟିକୁ ଉଞ୍ଚ ଡ଼ାଳରେ ଦେଖି ଆମେ ଜାଲ ଫିଙ୍ଗି ଚାଲିଥାଉ। ଜାଲ ଛନ୍ଦିହୋଇଯାଏ ଡ଼ାଳରେ। ପକ୍ଷୀ ଉଡ଼ିଯାଏ ଅନ୍ୟ ଡ଼ାଳକୁ। ଏମିତି ବହୁ ଡ଼ାଳରେ ସେ ବସୁଥାଏ ଏବଂ ସବୁଠାକୁ ଭିଡ଼ିହୋଇ ଶେଷରେ ଜାଲଖଣ୍ଡି ଛିଣ୍ଡିଯାଏ। ଛିଣ୍ଡା ଜାଲଟିକୁ ନୁଆଣିଆ ଭୂରୁତଳୁ ଅନାଇଁ ରଫୁ କଲାବେଳେ

Digitized by srujanika@gmail.com

ସୁନାପକ୍ଷୀ ଉପରୁ ପ୍ରାୟ ଆସ୍ଥା ତୁଟି ଆସିଥାଏ। "ଆବ୍‌ବେ ଯାଃ ! ମୁଁ ଢ଼େର୍ ଦେଖିଛି ସେ ପକ୍ଷୀର ଖେଳ। ସେଇଟା ଖାଲି କୁହୁକ। ଆମକୁ ବେକୁବ୍ ବନେଇବାପାଇଁ ଗୋଟାଏ ଷଡ଼ଯନ୍ତ୍ର।" ପାଟିଲାମୁଣ୍ଡିଆ କ୍ଲାନ୍ତ କିରାତର କଥା କେହି ପ୍ରାୟ ଶୁଣନ୍ତିନାହିଁ। ତାଙ୍କପାଇଁ ତ ସୁନାପକ୍ଷୀ ସହସ୍ର ରୂପରେ ଆକାଶ ପାଣି ପବନରେ ଉଡ଼ି ବୁଲୁଥାନ୍ତି ପଲ ପଲ ହୋଇ। ମହୁରେ ତିଆରି ସୁନାପରି ଢ଼ଳଢ଼ଳ ଯାଯାବର ପକ୍ଷୀଗୁଡ଼ିଏ ମେଘ ଉପରେ ଧାଡ଼ି ଧାଡ଼ି ହୋଇ ମଣ୍ଡିହୋଇଯାନ୍ତି। ରୂପସୀର କମଳା ବଗିଚାଯାକ ସୁନାପକ୍ଷୀଙ୍କର ଭିଡ଼ - ପୃଥିବୀରେ ଆଉ କିଛି ନାହିଁ ଯେମିତି। ଆଖି ତୋଳି ଚାହିଁଦେଲେ ଦିଗ୍‌ବଳୟ ସାରା ଝକ୍‌ଝକ୍ କରୁଛି ଡ଼େଣା ମେଲିଥିବା ସୁନାପକ୍ଷୀ ମାନଙ୍କର ଗହଳିରେ। କୁହୁକ ବିଛେଇ ହୋଇଯାଏ। ଜୀବନସଂଗ୍ରାମ ମଧ ତଦ୍ରୂପ ବିଛେଇ ହୋଇଯାଏ। ସୁନାପକ୍ଷୀ ଧରାପଡ଼େନାହିଁ। ତାକୁ ଧରିବାକୁ ସହସ୍ର ସହସ୍ର ଜାଲ ଏଠିସେଠି ଫିଙ୍ଗାହୋଇ ଚିରିଯାଏ। ସବୁ କିରାତ କ୍ଳାନ୍ତହୋଇ ଦିନେ ଜାଲଟିକୁ ରଫୁ କରିବାକୁ କୌଣସି ଗଛମୂଳେ ବସିଯାନ୍ତି। ସୁନାପକ୍ଷୀ ନିରୋଳା ତାରା ଉପରୁ ଡ଼େଣା ଝାଡ଼ିଦିଏ। ଶେଷ ଉଜାଟରେ ଜାଲ ଫିଙ୍ଗିଦେଇ କିରାତ ତାକୁ ଧରି ଓହ୍ଲାଇପଡ଼େ। ଜାଲଟି କେବଳ ପୁଳାଏ ପବନ ଛାଣିପକାଏ। କିରାତ ହାମୁଡ଼ି ପଡ଼ିଯାଏ। ଉଭୟଙ୍କ ଉପରେ ଗୁଡ଼ିଏ ଶୁଖିଲା ପତ୍ର ବୁଣି ହୋଇଯାଏ। ନୀରବ ଅନ୍ଧାରରେ କିଛି କାକର ବର୍ଷିଯାଏ।

ପ୍ରବାଦ ଅଛି ଯେ ସୁନାପକ୍ଷୀଟିଏ ଏକଦା ଅଗ୍ନିରୂପରେ ଧରାପଡ଼ିଥିଲା। ସେ ବିରଳ ମଧୁ ଉଦ୍ୟାନରେ ଚହଲ ପଡ଼ିଯାଇଥିଲା ଏବଂ ରକ୍ଷୀମାନେ ଘେରିଯାଇଥିଲେ ସେ ବୀର ପୁରୁଷଟିକୁ। ଲୁହା ଶିକୁଳିରେ ପାହାଡ଼ କାନ୍ଥରେ ତାକୁ ବାନ୍ଧିଦିଆଯାଇଥିଲା ଏବଂ ତାକୁ ପୋଷା ଶାଗୁଣାମାନେ ଜୀଅନ୍ତା ଖାଇଯାଇଥିଲେ। ଆଉଥରେ କୁଆଡ଼େ ସମୁଦ୍ରରୁ ଉଠି ମହୁ ରୂପରେ ସେ ଶୂନ୍ୟେଶୂନ୍ୟେ ହରଣଚାଲ ହୋଇଯାଉଥିଲା। ଏ ରାଜ୍ୟରୁ କେହି ଜଣେ ଯାଇ ତାକୁ ଅଧିକାର କଲା। ସାଙ୍ଗେ ସାଙ୍ଗେ ଏକଚାଟିଆ ବେପାରୀମାନେ ତାଙ୍କ ରାଜାଙ୍କୁ କହି ସେ ବିଚାରାଟିର ମୁଣ୍ଡକାଟ କରିଦେଲେ। ସେଇ ଦିନଠାରୁ କଟା ମୁଣ୍ଡଟିଏ ପାଟି ମେଲେଇ ଶୂନ୍ୟ ଆକାଶରେ ପହଁରୁଚି। ମହୁ ବୋଲି ଜହ୍ନଟାକୁ ବାରମ୍ବାର ଗିଳିଚାଲିଛି। ଯେଉଁ ଟିକକ ଚାଖି ଦେଇ ସେ ଅତୀତରେ ଥରେ ବାଉଳା ହୋଇଥିଲା, ତାକୁ କିନ୍ତୁ ଆଉ ଖୋଜି ପାଉନାହିଁ। ମଧୁ ସନ୍ଧାନ ଚାଲିଛି ଏ ଗୋଡ଼ି, ମାଟି, ପଥର ଏବଂ ଏ ଲୁଣିଆ ସମୁଦ୍ରମାନଙ୍କରେ; ସ୍ଥାବର, ଜଙ୍ଗମ ଏବଂ ମଣିଷମାନଙ୍କ ଭିତରେ।

ବୋଧହୁଏ ଏ ଅଗ୍ନିହିଁ ମଧୁ। ଏ ଆଲୋଗ-ପିଣ୍ଡଗୁଡ଼ିକ ମଧୁବିନ୍ଦୁ। ସେ ଯେଉଁ ଜଳିଯାଉଛି ନାନା ରୂପ ଏବଂ ବର୍ଣ୍ଣରେ, ସେ ବହୁ ରଙ୍ଗର ଫୁଲ, ସେ ସବୁଜ ବଣ, ନେଳି ନେଳି ଆକାଶ, କଳାଘୁମର ମେଘ, ଘନନୀଳ ପାହାଡ଼, ସେ ଛଳଛଳ ଆଖି, ସେ ଓଠ ଭୂରୁ ଠାଣି, ରଙ୍ଗ - ସେ ସମସ୍ତ କ'ଣ ମଧୁ!!

ହୋଇପାରେ, ଏ ପବନ ହିଁ ମଧୁ। ପ୍ରଥମ ବର୍ଷାରେ ମାଟିର ବାସ୍ନା, ମାଳତୀ, ମରୁଆ, ଗଜଦନ୍ତର ସୌରଭ, ଶିଶୁର ଗନ୍ଧ, ଏ ଝଙ୍କାର, ଏ କାକଳି, ଏ ରୋଟି ଲାଳାୟିତ ଶବ୍ଦ - ଏ ସବୁ କଣ ମଧୁ?

Digitized by srujanika@gmail.com

କିମ୍ବା ହୋଇପାରେ ଏ ପାଣି ହିଁ ମଧୁ। ତା' ହେଲେ ସେ ରଙ୍ଗ ଟହଟହ କମଳା ବଗିଚା, ସେ ଷଡ଼ରସର ବ୍ୟଞ୍ଜନ, ସେ ଛେନା, ଦୁଧ, ଲହୁଣୀ ଏବଂ ସେ ଚୁମ୍ବନଗୁଡ଼ିକ କ'ଣ ମଧୁ? ସେ ଚିକ୍‌କଣ ଉଷୁମ ମାଂସପିଣ୍ଡଗୁଡ଼ିକ, ସେ ଆଶ୍ଳେଷ, ସେ ଶୃଙ୍ଗର କ'ଣ ମଧୁ?

ବହୁ ସହସ୍ର ଥର ଏମାନଙ୍କୁ ଆସ୍ୱାଦନ କଲା ପରେ ବର୍ତ୍ତୁଳ ଜହ୍ନପରି ଆମର କଟାମୁଣ୍ଡ ବାଟେ ଏମାନେ ଗଳିପଡ଼ନ୍ତି। ଆମେ ଜିଭ ଲମ୍ୱେଇ ଏମାନଙ୍କ ପଛରେ ପୁଣି ଗୋଡ଼େଇଥାଉ। ଏଣୁ ମନେହୁଏ ଯେ ଏମାନେ କେହି ହେଲେ ମଧୁ ନୁହନ୍ତି; ବରଂ ସୃଷ୍ଟିର ପ୍ରାରମ୍ଭରେ ଯେଉଁଠି ଅମୃତର ସ୍ୱାଦ ଥରେ ସ୍ପର୍ଶ କରିଥିଲା, ସେଇ ରସନାର ସ୍ମୃତି ଯୁଗଯୁଗାବଧି ଧରି କ୍ଷୁଧା ରୂପରେ ଦହକୁଛି ଏବଂ ତା'ରି ଦାହରେ ଏ ସବୁ ମଧୁର ଜଣାପଡୁଛନ୍ତି। କ୍ଷୁଧା ହିଁ ତାହେଲେ ମଧୁ। ମନରେ ହେଉ, ଦେହରେ ହେଉ, କ୍ଷୁଧା ମାତ୍ରେ ସେଇ ଆଦିମ ସ୍ମୃତି। ସବୁ ଇଚ୍ଛା, ସବୁ ଆକାଙ୍‌କ୍ଷା, ସବୁ ଅଭୀପ୍‌ସା ସେଇ ଏକମାତ୍ର ଅନୁସନ୍ଧାନ; ଯାହା ହଜିଯାଇଛି ତା'ର ସନ୍ଧାନ।

କଟାମୁଣ୍ଡଟି ହୁଏତ ତା'ର ଅନ୍ୟାନ୍ୟ ଅବୟବକୁ ଖୋଜୁଥାଏ। ଖୋଜୁଥାଏ ତା'ର ପୂର୍ଣ୍ଣତା। ଏଇ ପ୍ରୟାସରେ ସେ ପାଏ ମମତା, ପ୍ରେମ, ପ୍ରୀତି, ସ୍ନେହ, ସୋହାଗ ଏବଂ ଏସବୁ ଗୋଟାଏ ପ୍ରକାର ମାନସିକ ଅବୟବର ବିସ୍ମୃତି। ସେଥିରେ ସେ କ୍ଷୁଧାକୁ ଆଉରି ବିସ୍ତୀର୍ଣ୍ଣ କରେ। ଜିଭକୁ ଆଉରି ଲମ୍ୱେଇଦିଏ ଏବଂ ଆଉରି ଗୁଡ଼ିଏ ବସ୍ତୁ, ଆଉରି ଗୁଡ଼ିଏ ଭାବ ଏବଂ ଆବେଗକୁ ନେଇ ପରୀକ୍ଷା କରେ। କେଉଁଠି ସତେ ସେ ଅମୃତ ଲୁଚିଗଲା? ହୁଏତ ଜୀବନରେ! ହୁଏତ ମୃତ୍ୟୁରେ!! ଜୀବନକୁ ଆଖି ବୁଜି କୋଳି ଚାଖିଲାପରି ଅନେକ ପରଖିବା ପରେ ପାଇଛି ବୋଲି କହିହୁଏନାହିଁ। ମୃତ୍ୟୁରେ ବୁଡ଼ି ବାହାରି ହୁଏନାହିଁ। ଏଣୁ ସେଠି ମଧ କହିହୁଏନାହିଁ, ସେ ଅଛି ନା ନାହିଁ। ଯଦି ନିଶ୍ଚିତରୂପେ ଜଣାପଡ଼ିଯାନ୍ତା ଯେ ତାହା ଏଠି ନାହିଁ କି ସେଠି ନାହିଁ, ମୋଟ ଉପରେ ମଧୁ ବୋଲି କିଛି ମାତ୍ର ନାହିଁ, ଗୋଟାଏ ପ୍ରକାର ସ୍ଥିର ଅବସ୍ଥା ଆସିଯାନ୍ତା। ତେଣିକି ନଥିବା ବସ୍ତୁଟିକି ଭୁଲିଯିବା ପାଇଁ ଯୋଜନା କରାଯାଇ ପାରନ୍ତା। ନତୁବା ଯଦି ସେଇଭଳି ନିଶ୍ଚିତରୂପେ ଜଣାପଡ଼ିଯାନ୍ତା ଯେ ଏଇଟା ବା ସେଇଟା ବା ଏ ସମସ୍ତ ଯାହା କିଛି ଦିଶୁଛି ସବୁ ମଧୁ, ତେଣିକି ଆଖି ବୁଜି ପିଇଯିବା ଭଙ୍ଗୀରେ ଉଲ୍ଲସିତ ହେବାକୁ ପ୍ରସ୍ତୁତ ହୁଅନ୍ତେ।

କିନ୍ତୁ ଅବସ୍ଥା ତା' ନୁହେଁ। ଏଠି ସେଠି କେବଳ ଗୋଟିଏ ଛାଇ ବେଳେବେଳେ ଦିଶଯାଏ। ସେଇ ଆଭାସ ପାଇ ତାକୁ ମହରଗରେ ଗେଙ୍ଗୁଟି ଭଳି ଆମେ ଗିଳିଦେଉ। ଏହା ଯେ ତାହା ନୁହେ, ଏତକ ଜାଣିବାକୁ ବାରଂବାର ଅନେକ ଦୁଃଖର ମୂଲ ଦେବାକୁ ପଡ଼େ; କିନ୍ତୁ ଚାଲିଥାଏ ବାଉଳା ମଧୁସନ୍ଧାନ।

ପରିଶେଷରେ ଭୟଂକର ରାଗିଯାଇ କେହି ଜଣେ କହନ୍ତି, "ଶୁଣ, ଏସବୁ ନିରର୍ଥକ ପରିଶ୍ରମର ବ୍ୟାପାର। ମୁଁ ଦେଖୁଛି, ମୁଁ କହୁଛି, ମୁଁ ଶୁଣୁଛି - ମୁଁ ହିଁ ଖୋଜୁଛି। ମୁଁ ବଞ୍ଚିଛି, ଏବଂ ମରୁଛି। ଏଣୁ ମୁଁ ହିଁ ସବୁ। ମୁଁ ହିଁ ମଧୁ।" ଯା ପରେ ତାଙ୍କର ତାଟିକବାଟ ପଡ଼ିଯାଏ, ବହୁବିଧ ଜଗତଟି ଉଭେଇ ଯାଏ - ସୁଦୂର-ବିସ୍ତୃତ ତାରା ରାଜ୍ୟରୁ - ଅବୟବଗୁଡ଼ିକୁ ଗୋଟେଇଆଣି

Digitized by srujanika@gmail.com

ଅସଂଖ୍ୟ ବସ୍ତୁ ଉପରୁ ଜିଭଗୁଡ଼ିକୁ ଓହରେଇ ଆଣି, ମୁଁ ଗୋଟାଳି ବାନ୍ଧିଯାଏ। ନିଜକୁ ନିଜେ ଢ଼ୋକିଦେଇ ଗୁମ୍ ହୋଇଯାଏ। ତେଣିକି ମଧୁ ନାହିଁ କି ଅମଧୁ ନାହିଁ - ଖୋଜା ଖୋଜି ସବୁ ବନ୍ଦ। ପାଣିକୁଆ ଯେମିତି ବୁଡ଼ାମାରି ଅନ୍ତର୍ଦ୍ଧାନ ହୋଇଯାଏ, ମନେହୁଏ ଯେ ସେ ଆଉ ବାହାରିବ ନାହିଁ; କିନ୍ତୁ ଆଉ ଠାଏ ପୁଣି ମୁଣ୍ଡ ଟେକି ସେ ଅନାଏ ଏବଂ ପବନ ଶୋଷେ; ସେଇଭଳି ଏ ସମାହିତ ମହତ୍ମାମାନେ ସେ ଗମ୍ଭୀରା ଭିତରୁ ଉଠିଆସି ପୁଣି ଏ ବହୁବିଧ ସଂସାରକୁ ଚାହିଁବାର ଦେଖାଯାଏ। ମଧୁ - ସ୍ନାନ ପରେ ତାଙ୍କ ଆଖିକୁ ସବୁ ମଧୁମୟ ଦିଶିବା ସ୍ୱାଭାବିକ। "ମଧୁବାତା ଋତାୟନ୍ତେ ମଧୁ କ୍ଷରନ୍ତି ସିନ୍ଧବଃ।" ସେମାନେ ହିଁ ଶେଷକୁ ଏଇ ମଧୁବାର୍ତ୍ତା ପ୍ରଚାର କରନ୍ତି ଏବଂ ଗୁଡ଼ିଏ ସଚ୍ଚୋଟ ସଂସାରୀ ମଣିଷକୁ ବାଉଳା କରିପକାନ୍ତି। କିନ୍ତୁ ତାଙ୍କ ଭିତରୁ ଯେଉଁମାନେ ଅସଂଖ୍ୟ ପଥର ପଡ଼ିବା ସହି ସହି ସଂସାର ଭିତରେ ଘର କରି ରହିଛନ୍ତି, ସେମାନେ ଆଦୌ ବିଚଳିତ ହୁଅନ୍ତିନାହିଁ। ବରଂ ତାଙ୍କ ମୁହଁରେ ଶୁଖିଲା ହସଟିଏ ଦେଖାଯାଏ। ସେ କହନ୍ତି, "ଆମେ ଏ ମହାତ୍ମାଙ୍କୁ ସମ୍ମାନ କରୁଛୁ। ସେ ଆମ ଭିତରୁ ଜଣେ ବୀରପୁରୁଷ। କିନ୍ତୁ ସେ ଯାହା ପାଇବାକୁ ବୁଡ଼ାମରିଥିଲେ ସେ ବି ସେଇଆ। ଦୂରରେ ସବୁଠି ଟିକିଏ କିମିଆ ଲାଗିଲା ପରି ଦିଶେ। ସେ ବି ପାଇ ନାହାନ୍ତି। ସେଇଠୁ ଫେରିବା ପରେ ତାଙ୍କ ଚାହିଁବା ଢ଼ଙ୍ଗ ଟିକିଏ ବଦଳିଯାଇଛି। ମାତ୍ର ଏ ବସ୍ତୁ ଯିମିତି ଥିଲେ ସେମିତି। ଏ ସଂଗ୍ରାମ, ଏ ସଂଧାନ, ଏ ବିଡ଼ମ୍ବନା ଯେମିତି ଥିଲା ସେମିତି। ଏଣୁ ବୋଧହୁଏ ଏଠି ଆଉ କିଛି ନାହିଁ। କେବଳ ଦୁଃଖଂ ସତ୍ୟମ୍!

❖❖❖

Digitized by srujanika@gmail.com

ଏ ଚିଠି ଗୋପନୀୟ

ସମ୍ପାଦକ ମହାଶୟ,

ଯାହାଙ୍କ ପାଇଁ ଏ ଚିଠି ଲେଖୁଛି, ସେ ଯାକୁ ପଢ଼ିପାରିବେ ନାହିଁ - ଏକଥା ମୁଁ ଜାଣେ। ଆଉରି ମଧ୍ୟ ଜାଣେ ଯେ ଅନ୍ୟର ଚିଠି ପାଇ ଆପଣ ଟିକିଏ ଅପ୍ରତିଭ ହେଲେ ମଧ୍ୟ ଅନ୍ତତଃ ଥରେ ପଢ଼ିଯିବେ। ତେଣିକି କ'ଣ କରିବେ ବା ନ କରିବେ, ସେଥିରେ ମୋର ବିଶେଷ କିଛି ଯାଏଆସେ ନାହିଁ। କାରଣ କ'ଣ ଜାଣନ୍ତି ? କାରଣ ହେଲା ଯେ, ଏ ଚିଠି ଖଣ୍ଡିକ ଅନେକ ଦିନରୁ ଲେଖିବାର ଯୋଜନା କରି କରି ଏ ଯାଏଁ ତାକୁ ଲେଖିପାରି ନଥିଲି। ଆପଣଙ୍କୁ ଆଳ କରି ଅନ୍ତତଃ ଲେଖିପାରିଲି - ଏଇ ଯଥେଷ୍ଟ। ତା'ହେଲେ ତ ଆପଣଙ୍କୁ ନ ଦେଲେ ମଧ୍ୟ ଚଳିଥାନ୍ତା; କିନ୍ତୁ ମୋର ଗୋଟାଏ କୌତୂହଳ ହେଲା। ଲେଖକଟି କସ୍ମିନ୍‌କାଳେ ସତ କହିପାରେନାହିଁ ବୋଲି ଲୋକଙ୍କର ବିଶ୍ୱାସ। ସେ କେବଳ ମନରୁ ଫାନ୍ଦି ଗୁଡ଼ିଏ କ'ଣ କଥା ଏକାଠି କରେ, ତାକୁ ସଜାସଜି କରି ଗୋଛେଇ ରଖିଦିଏ। ଭାରି ମଧୁରିଆ ଲୋକଟିଏ ଲେଖକ, କିନ୍ତୁ ନିପଟ ମିଛୁଆଟିଏ। ଏଇ ଆଢୁଆଳ ପଛରେ ରହି ମୁଁ ଭାବିଲି ଯେ ଥରେ ନିଛକ ସତକଥା ଗୁଡ଼ିଏ କହିଦେବା - ଦେଖିବା କେମିତି ପୁରୁଣା ଅଭ୍ୟାସରେ ତାକୁ ମଧ୍ୟ ଲୋକେ ଆଖିମାରିଦେଇ ଅବିଶ୍ୱାସରେ ପାଠକ ତରକିଯିବେ। ତଥାପି ମୋର ଧାରଣା ଯେ, ଲେଖକ ସତକହୁଛି ବୋଲି ସେମାନେ ଏ ଯାଏଁ ବିଶ୍ୱାସ କରିନାହାନ୍ତି। ତେଣୁ ଏ ପରୀକ୍ଷାଟି କରାଯାଇପାରେ। ନିହାତି ବ୍ୟକ୍ତିଗତ ଏବଂ ଗୋପନୀୟ ଚିଠିକୁ ଲଇଭଳି ଖୋଲାଖୋଲି ଆପଣଙ୍କ ପାଖକୁ ଲେଖିଦେଉଛି।

ଦାସେ ଆପଣେ!

ଯା' ଭିତରେ ଅନେକ ଅଞ୍ଚଳ ଭ୍ରମି ଭ୍ରମି ଭୁବନେଶ୍ୱରରେ ଆସି ପହଞ୍ଚିଲିଣି। ଚଉବନ ସତ୍ୟନଗରରେ ବସି ଏ ଚିଠି ଛଳରେ ଆପଣଙ୍କ ସାଙ୍ଗେ ଟିକିଏ ଗଞ୍ଜଘଷ ହେବାପାଇଁ ମନହେଲା। ଅଶରୀରୀ ସନ୍ତୁଷ୍ଟ ଆତ୍ମାଟିଏ ପରି ଆପଣ ସବୁବେଳେ ପାଖେପାଖେ ରହିଛନ୍ତି। ପହଁଗୁଛନ୍ତି ଶୂନ୍ୟରେ। 'ଯନ୍ତ୍ରାରୂଢ଼' ଲେଖା ହେବାର ଆଜିକୁ ବାର ବର୍ଷ ହୋଇଗଲା। ଆପଣ ସେଇଭଳି ରୁଦ୍ରାକ୍ଷ ମାଳଟିଏ ବେକରେ ପକେଇ ହାତଧୂଆ ଦୋସଡ଼ା ଖଣ୍ଡିଏ ଘୋଡ଼େଇ ହୋଇ ଠିଆରହିଛନ୍ତି। ସେମିତି ବୋଧହୁଏ ଠିଆରହିଥିବେ ମୁଁ ଥିବାଯାଏଁ - ହୁଏତ ମୋର ଅନେକ କାଳ ପରେ ମଧ୍ୟ।

Digitized by srujanika@gmail.com

ଆପଣଙ୍କୁ ସନାତନ ଦାସ ବୋଲି ନାଁ ଧରି ଡ଼ାକିଦେବାକୁ ମନ ବଳୁନାହିଁ, କାରଣ ଅଧିକାଂଶ ସମୟରେ ଆପଣ ମୋ ନନାଙ୍କ ଭଳି ଦିଶିଯାଆନ୍ତି, ବେଳେବେଳେ ଭାଇନାଙ୍କ ଭଳି ! ଆପଣ ଯେଉଁଦିନ ପ୍ରଥମ ଆସିଥିଲେ - ଆପଣଙ୍କର ମନେପଡୁଛି ? ବାରିପଦାରେ ତିନିଛକ ଉପରେ ଜୁବିଲୀ ଲାଇବ୍ରେରୀ ସାମ୍ନା ବିପିନ ମହାନ୍ତି ଘର। ଖରାଦିନ ସକାଳ - କଲେଜ କାମ ସାରି ମୁଁ ଫେରିଥାଏ। ଶୁନ୍‌ଶାନ୍ ଦ୍ୱିପ୍ରହର ବେଳା। ପିଲାଙ୍କୁ ନେଇ ଭୂଷଣବୋଉ ପାଖ ବଖରାରେ ଶୋଇଯାଇଥାଏ। ଖୁଜ୍‌ମୁଜ୍ ଲାଗୁଥାଏ। ଆଖି ମେଲେଇ ଚାହିଁଥାଏ। ଭଡ଼ାଘରର ରଙ୍ଗଛାଡ଼ିଯାଇଥିବା ଝରକା କବାଟ। - ଉପରେ ମସିଆ ପୁରୁଣା ବତା ଉପରେ ରାଣିଗଞ୍ଜ ଟାଇଲ୍। ସେଇ ଚାହିଁବା ଅବସ୍ଥାରେ ମୁଁ ଆଉଥରେ ଚେଇଁଲି। ମୋ ଭିତରେ ଆଉ ହଳେ ଆଖି ଫିଟିଗଲା ପରି ଲାଗିଲା। ଦିଶିଲା 'ବାଣିଆ ଜଗନ୍ନାଥ' ମନ୍ଦିର। ସେଇ ଭଡ଼ାଘରଠୁ ବାଁଆଡ଼ିକି ରାସ୍ତା ଗହୀରରେ ଆଉ ହଳେ ଆଖି ଫିଟିଗଲା। ସେଇ ଗଛ ପାଖରେ ଦେଖାଦେଲା ପିପ୍‌ପଳଟିଏ। କାହୁଁ ଆସିଲା କେଜାଣି ! ସବୁ ଜିନିଷ ତେଣିକି ଖୁବ୍ ସ୍ୱାଧୀନ ଭାବରେ ପହଁରିବାକୁ ଆରମ୍ଭକଲେ। କାହିଁ କେଉଁ ଦିନର କଥା, କାହିଁ କେଉଁଠିକା କଥା - ଦେଖିବା କଥା, ଶୁଣିବା କଥା - ସବୁ ଫିଟିଆସିଲେ। ସମୟର ବାଡ଼ବନ୍ଧନ ଭୁଷୁଡ଼ିଗଲା। ଏ ଦେଶ ସେ ଦେଶ ଭିତରେ ଆଉ ପାଚେରୀ ରହିଲାନାହିଁ। ଏତିକିବେଳେ ଆପଣ ଆସିଥିଲେ। ପ୍ରଥମେ ଏତେ ପରିଷ୍କାର ଦିଶୁନଥିଲେ। ଟିକିଏ ଧୂଆଁଳିଆ ପାଣିଚିଆ ରୂପର ଗୋଟିଏ ରେଖାଚିତ୍ର ସତେ ବା' ! ସେଇଠୁ ଆସ୍ତେ ସବୁ ଜମିଆସିଲା। ଆପଣ ତେଣିକି ଆମ ଭଡ଼ାଘରଟିକୁ ସମ୍ପୂର୍ଣ୍ଣ ଅଧିକାର କରିଗଲେ। ତଳଘରେ, ମଝି ଅଗଣାଟିରେ, ବଟ, ଭାଇଗ, ରଘୁବୋଉ ଆସି ସ୍ୱଚ୍ଛନ୍ଦରେ ବିଚରଣ କଲେ। ସେଇ ଦାଣ୍ଡବଖରାରେ ଆପଣ ନିଶ୍ଚିନ୍ତ ବସି ତାଳପତ୍ରରେ ପୁଟ ମଡ଼େଇଲେ, ଦାଣ୍ଡପିଣ୍ଡାରେ ବସି ଜାତକ କଷିଲେ। ଖୁବ୍ ସହଜ ଭାବରେ ପ୍ରତିଦିନ ଦ୍ୱିପ୍ରହର ବେଳକୁ ଆପଣ ଆସୁଥିଲେ ଏବଂ ଗୋଟିକ ପରେ ଗୋଟିଏ ଦୃଶ୍ୟଫିଟି ଯାଉଥିଲା। ଗୋଟିକ ପରେ ଗୋଟିଏ ପରିଚ୍ଛେଦ ମୁଁ ସେଇ ସଅପ ଉପରେ ପେଟେଇ ପଡ଼ି ଲେଖିନେଉଥିଲି।

ମୋ ଭିତରେ ପଶି ମୋ ଅଦିକନ୍ଦି ଖୋଜାସରିଥିଲା। ସେଇ ଭିତରୁ ଚେହେରା, ବସ୍ତୁ, ପରିସ୍ଥିତି ଆଣି ଖଞ୍ଜାଖଞ୍ଜି କରି ମୋତେ କିଏ ଦେଖେଇ ଦେଉଥିଲା। ମୁଁ ଲେଖିଲାବେଳେ ଏ ଅଦ୍ଭୁତ ରସାୟନ ବୁଝିପାରୁନଥିଲି। ଏବେ ନିଠେଇ ଦେଖିଲାବେଳକୁ ସେ ହଟଚମଟରୁ କିଛି କିଛି ବୁଝାପଡୁଛି। ସେ ଯେଉଁ ଧବଳେଶ୍ୱରଙ୍କ ପାଖରେ ପୂଜାବରଣ ପାଇଁ ଆପଣ ଗାଁ ଛାଡ଼ି ଯାଉଛନ୍ତି, ଘରେ ରହୁଛନ୍ତି ସୁଦର୍ଶନ ନନ୍ଦେ। ବାରିପଦା ଭଡ଼ା ଘରିଟି ତ ପୂରାପୂରି ଆପଣଙ୍କର। ଏଣୁ ସେଇଠୁ ଖୁବ୍ ସ୍ୱାଭାବିକ ଭାବରେ ଆପଣ ବାହାରିପଡ଼ିଲେ। ମୋଡ଼ିଲେ ଡ଼ାହାଣେ, କାରଣ ଗାଁକୁ ଗଲେ ବାଣିଆ ଜଗନ୍ନାଥ ମନ୍ଦିର ଓରେଫ ଆପଣଙ୍କର ଲକ୍ଷ୍ମୀନାରାୟଣ ମନ୍ଦିର। କିଛି ବାଟ ଗଲାପରେ ଗୋଟିଏ ନାଳ ପାଖରେ ହୁବୁଡ଼ିଲେ। ମୋ ଜାଣିବାରେ ସେଇଠୁ ମାଇଲିଏ ଅନ୍ତରରେ 'ସରାଳୀ' ନାଳ ନଥିଲା। ସେ କଥା ଲେଖିବାର ଅନେକ ପରେ ମୁଁ ଆବିଷ୍କାର କରିଥିଲି। କିନ୍ତୁ ଲେଖିଲାବେଳେ ଯେଉଁ ଅଣଓସାରିଆ ନଈଟି ମୋତେ ଦୃଶ୍ୟହୋଇଥିଲା, ସେଇଟା ନିଠେଇ ଦେଖିଲା ବେଳକୁ ତରଭା ପାଖରେ ବହିରାସର ଘାଟ ଏବଂ ଶୁକତେଲ ନଈ। ବାରିପଦାର ଯେଉଁଠି ଗୋଟିଏ ପକ୍‌କାରାସ୍ତା

Digitized by srujanika@gmail.com

ପୋଷ୍ଟ ଅଫିସରୁ ଷ୍ଟେସନ ଆଡ଼ିକି ଯାଇଛି ବୋଲି ମୋ ଉପର ଆଖିରେ ବାରମ୍ବାର ଦେଖିଛି ଏବଂ ଏବେ ମଧ୍ୟ ଯାଇ ଦେଖିପାରେ, ସେଇଠି ମୋତେ ଦିଶିଯାଇଥିଲା ପାହାନ୍ତିଆ ମାଛଅନ୍ଧାରରେ ଅଶିଣମାସିଆ ନିରୋଳା କାକର ନଈଟିଏ। ଆଗରୁ ପରିଚିତ; କିନ୍ତୁ ସେଇଠି ନୁହେଁ କିମ୍ବା ସେତେବେଳେ ନୁହେଁ।

ମୋ ଆଖିରେ ଆଖି ମିଳେଇ ଆପଣ ମୋତେ କେବେ ଚାହିଁନାହାନ୍ତି, କାରଣ ଆପଣଙ୍କ ଜଗତରେ ମୁଁ ଅଦୃଶ୍ୟ। ମୁଁ ମଧ୍ୟ ସେତେବେଳେ ମୋ ଭଡ଼ାଘରଟିରେ ଥାଇ ମୋତେ କିମ୍ବା ମୋ ପିଲାପିଲିଙ୍କୁ ଦେଖିପାରୁନଥାଏ। ଦିଶୁଥାନ୍ତି କେବଳ ଆପଣ ଏବଂ ଆପଣଙ୍କ ପରିବାର। ତଳପିଣ୍ଡାରେ ଆପଣ ଏବଂ ରଘୁବୋଉ ବସି ପୁଟଖଇର ପୁଡ଼ା ଫିଟାଇଲାବେଳେ ତିନୋଟି ଛୋଟ ବଡ଼ ପିଲା ଚାରିଆଡୁ ଓହଳିପଡ଼ି ଶୁଙ୍ଘିଂବାର ଦୃଶ୍ୟ ମୁଁ ଉପର ପିଣ୍ଡାର ଦୁଇନମ୍ବର କାଠ ଖୁଣ୍ଟି ପାଖରେ ଠିଆହୋଇ ଦେଖିଛି। ପାତ୍ର ବୁଢ଼ା ପାଖରୁ ଆଣିଥିବା ସଉଦା ଫିଟେଇ ଶୁଖିଲା ଲଙ୍କାର ମୁଣ୍ଡିଗୁଡ଼ାକୁ ପାଛୁଡ଼ିଲାବେଳେ, ଉପର ପିଣ୍ଡାରେ ଆପଣ ମଝିପାହାଚ ଉପରକୁ ଠିଆରହି ପତ୍ନୀଙ୍କ ଗାଳି ଶୁଣୁଥିବାବେଳେ ମୁଁ କାନ୍ଥ କୁଣକୁ ଲେସିହେଲାପରି ଠିଆହୋଇ ଦେଖିଛି। ସେଇ ଘରେ ଢ଼େର ଢ଼େର ଘଟଣା ଘଟିଯାଇଛି; କିନ୍ତୁ ଆଶ୍ଚର୍ଯ୍ୟର କଥା, ଉପରର ବଡ଼ବଖରାଟିରେ ଆପଣଙ୍କୁ ପଶିଯିବାର ମୁଁ କେବେ ଦେଖିନାହିଁ। ହୁଏତ ସେଇଟା ସେ ଭଡ଼ାଘରର ସବୁଠୁଁ ପ୍ରଶସ୍ତ ଏବଂ ବାସଯୋଗ୍ୟ ବଖରା। କାହିଁକି ଆପଣ ସେ ଆଡ଼କୁ ଆଦୌ ଚାହିଁନାହାନ୍ତି ? ସେଇଠି ରଘୁର ସ୍ତ୍ରୀ ଶୁଏ ବୋଲି ? ସେ ତ କିଛି ଦିନ ପରେ ଚାଲିଯାଇଛି ! ତା'ପରେ ମଧ୍ୟ ଆପଣ ସେଆଡ଼ିକି ମୁହାଁଇବାର ମୁଁ ଦେଖିନାହିଁ। ସବୁବେଳେ ପ୍ରାୟ ଦେଖଇଛି ସେଇ ଦାଣଘରେ, ଉପର ପିଣ୍ଡା, ତଳ ପିଣ୍ଡା କିମ୍ବା ବାହାର ପିଣ୍ଡାଟିରେ। ମୋ ଆୟତ୍ତରେ କଥା ଥିଲେ ହୁଏତ ମୁଁ ଆପଣଙ୍କୁ ସେଇ ଭଲ ବଖରାଟିରେ ଥଇଥାନ କରିଥାନ୍ତି; କିନ୍ତୁ ଆପଣଙ୍କର ସ୍ୱଚ୍ଛନ୍ଦ ଗତିରେ ବାଧାଦେବାକୁ ମୁଁ କିଏ ? ମୁଁ ପରା ସେ ରାଜ୍ୟର ଗୋଟିଏ ଅଦୃଶ୍ୟ ଦର୍ଶକ ମାତ୍ର !

ଆପଣଙ୍କ ଘରେ ରୋଗ ପଶିଚି, ମୃତ୍ୟୁ ପଶିଛି। ମୁଁ ଦେଖିଛି। ସେତେବେଳେ ମୋ ନିଃଶ୍ୱାସ ଆଉ ସରଳ ଏବଂ ସ୍ୱାଭାବିକ ହୋଇପାରିନାହିଁ। ଅଧାଡ଼ିଆ, ବେତାଳିଆ, ଚିପିଲା ପରି ନିଃଶ୍ୱାସ। ପ୍ରାଣରେ ଉଦ୍‌ବେଗ ଓ ଉତ୍କଣ୍ଠା। ଉପର ପିଣ୍ଡାରୁ ମୁଁ ଲକ୍ଷ୍ୟ କରିଛି ତଳଘରକୁ। ସେଇଠି ଖଟ ଦୁଇଟି ପଡ଼ିଛି ଉତ୍ତର ଦକ୍ଷିଣ ହେଇ। ଆପଣ ଦକ୍ଷିଣ କାନ୍ଥକୁ ଆଉଜି, ମୁଣ୍ଡ ଉପରେ ହାତ ଯୋଡ଼ି ବସିଛନ୍ତି, କିମ୍ବା ଘରସାରା କୁହୁଳା ଭିତରେ ଭାଇଗ ଉପରେ ଚିତ୍କୁଛନ୍ତି, କିମ୍ବା ବୈକୁଣ୍ଠ କବିରାଜଙ୍କୁ ଆଣି ଦେଖଉଛନ୍ତି। ଏସବୁ ସେ ଦ୍ୱିପ୍ରହର ବେଳାରେ ଅତି ପରିଷ୍କାର ଭାବରେ ମୁଁ ଦେଖିଛି। ସେଇ ଉଦୁଉଦୁଆ ଖରାବେଳେ ମୁଁ ରାତି ଦେଖିଛି। ଡ଼ିବି ଆଲୁଅରେ ମଲୁଗୁଡ଼ିକ ମୁଣ୍ଡ ଗଡ଼େଇବାର ଦେଖିଛି ଏବଂ ଅଗଣାରେ କୋକେଇ ଉପରେ ରଘୁ ବୋଉକୁ ହଳଦି ଅଳତା ବୋଳି ବିଦାୟ ଦେବା ସମୟର ଅନ୍ଧାରୁଆ ଦୃଶ୍ୟ ତଳପିଣ୍ଡାରୁ ଉପର ପିଣ୍ଡାରୁ ଦେଖିଛି। ନାକ ଅଗରୁ ଲୁହଥୋପି ପଡ଼ିଲାବେଳେ ଆପଣ ମୋ ନନାଙ୍କ ପରି ଅବିକଳ ଦିଶୁଛନ୍ତି। ଆପଣଙ୍କ ମୃତପତ୍ନୀ

Digitized by srujanika@gmail.com

ଅନେକ ସମୟରେ ବୋଉ ପରି ଦିଶୁଛନ୍ତି ସତ; କିନ୍ତୁ ସେତେବେଳେ ସେ ହୋଇଯାଇଛନ୍ତି ମୋ ବଡ଼ଭାଉଜ। ମୋ ବୋଉ ବଞ୍ଚିଥାନ୍ତି ବୋଲି ବୋଧହୁଏ ଏମିତି ରୂପ ବଦଳହେଇଗଲା; କାରଣ ଭାଉଜଙ୍କ ଦେହାନ୍ତ ହୋଇସାରିଥାଏ ଅନେକ ଦିନରୁ ଏବଂ ସେ ଥିଲେ ମା' ପରି। ଏମିତି ଏମିତି ଆପଣଙ୍କର ଏବଂ ମୋର ବେଦନା ମିଶାମିଶି ହୋଇ ମନ୍ଥୁହେଉଥାଏ; କିନ୍ତୁ ଆଶ୍ଚର୍ଯ୍ୟ କଥା ଯେ, ମୋ ଆଖି ଉପରକୁ ରେଖାଏ ହେଲେ ଧୂଆଁ ଉଠିଆସିନାହିଁ। ଗୋଟାଏ ପଲକ ପାଇଁ ମଧ ମୁଁ ସେ ମର୍ମନ୍ତୁଦ ଦୃଶ୍ୟରୁ ଓହରିଯାଇନାହିଁ। ମୋର ମନେଅଛି, 'ସୁବର୍ଣ୍ଣ ସୀତା କି ବଚନ କହେ' ଲେଖିସାରି ମୁଁ କିଛି ସମୟ ଶୋଇଯାଇଥିଲି। ତା'ପରେ ଚାରିଟାବେଳେ ଚାଲିଯାଇଥିଲି ଟେନିସ୍ ଖେଳିବାକୁ। ସନ୍ଧ୍ୟାରେ ଫେରୁ ଫେରୁ କିଛି ବିଳମ୍ବ ହୋଇଗଲା। ଶ୍ରୀନିବାସ ରାଓ ଜେଲର୍ କିଛି ବଢ଼ିଆ କଫି ଖୁଆଇ ଟେନିସ୍ ପଡ଼ିଆରେ ଗପ ଜମେଇ ଦେଇଥିଲେ। ଘରକୁ ପଶିଆସି ଚମକିପଡ଼ିଲି। ଭୂଷଣବୋଉ ମୁହଁ ହାଣ୍ଡିପରି। କାନ୍ଦି କାନ୍ଦି ଆଖି ଯୋଡ଼ାକ ଫୁଲିଯାଇଚି। ଖୁବ୍ ସନ୍ତର୍ପଣରେ ହାତ ଓଠ ଧରି ପଚାରିଲି। ବହୁ କଷ୍ଟରେ ବୁଝିଲି ଯେ, ଲେଖା ସାରି ରଖିଦେଲେ ଅନ୍ୟ ଦିନ ଯେମିତି ସେ ପଢ଼ନ୍ତି, ସେମିତି ସେଦିନ ମଧ ପଢ଼ିଦେଇ ସମଦୁଃଖରେ ବିହ୍ୱଳ ହୋଇପଡ଼ିଛନ୍ତି। କାନ୍ଦିଛନ୍ତି ଅଜସ୍ର। ମୁଁ ଠୋ ଠୋ ହସିଥିଲି; କିନ୍ତୁ ସତକହୁଛି, ଗତ ବାରବର୍ଷ ଭିତରେ ଯେକେହି ସେ ପରିଚ୍ଛେଦ ପଢ଼ିଛନ୍ତି ବା ଯେତେଥର ମୁଁ ନିଜେ ପଢ଼ିଚି, କେତେବେଳେ ଆଖିର ଲୁହକୁ ରୋକିହୋଇନାହିଁ। ଆପଣଙ୍କ ପାଇଁ ଏହିଭଳି ଅବିଶ୍ରାନ୍ତ ଅଶ୍ରୁ ତର୍ପଣ ଚାଲିଛି। କିନ୍ତୁ ମୋର ପରିଷ୍କାର ମନେଅଛି, ମୁଁ ସେ ଦୃଶ୍ୟ ଦେଖିଲାବେଳେ, ଅର୍ଥାତ୍ ଲେଖିଲାବେଳେ, ମୋ ଆଖିରୁ ଟୋପାଏ ହେଲେ ଲୁହ ଝରିନଥିଲା। ଆଖିରୁ ଝରିଥିଲେ ହୁଏତ କଲମରୁ ଲୁହ ଝରିନଥାନ୍ତା। ବାଁ ଆଖିରୁ ମଧ ଝରିଥିଲେ ଆହୁରି ଅଧିକ କ'ଣ ଲେଖିପାରିଥାନ୍ତି। କେଜାଣି!

ଧବଳେଶ୍ୱର ମନ୍ଦିର ବାରିପଦାର ପାଞ୍ଚଶ ମାଇଲ ଦୂରରେ, କାହିଁ କେଉଁ ଟିଟିଲାଗଡ଼ର ପାହାଡ଼ ଖୋପ ଭିତରେ ପ୍ରସିଦ୍ଧ ଶିବମନ୍ଦିର। ଅବଲୀଳାକ୍ରମେ ଆପଣ ସେଠିକି ଯାଇଛନ୍ତି ବେଲପତ୍ର ବରଣ ପାଇଁ। ପାଟମାଳୀ, ମୋ ପିଲାଦିନର ଗୋଟିଏ ଛୋଟ ବାଙ୍ଗରା ମଣିଷ। ଧବଳେଶ୍ୱରଙ୍କଠି ତା'ର କିଛି ସମ୍ପର୍କ ନାହିଁ। ମୋ ପାଇଁ ସେ ସବୁବେଳେ ଖଣ୍ଡେ ଓଦା କରିଆ ଗୁଡ଼େଇହେଇଥାଏ। ମେଳା ହେବ, ମୁଣ୍ଡରେ ବୋଝେ ଓଦାସରସର ବେଲପତ୍ର। ତାକୁ ହୁଏତ ଦେଖିଥିବି ଚଉତ୍ରିଶ କିମ୍ବା ପଇଁତ୍ରିଶ ମସିହାରେ। ସେ ଆସି ହାଜର ଉଣିଶ୍ଶହ ଚଉଷଠିରେ ସନାତନ ଦାସଙ୍କ ପାଖରେ। ଧବଳେଶ୍ୱର ମନ୍ଦିରର ବାହାର ଦୃଶ୍ୟ ଗୋଟିଏ ସ୍ମୃତି ଏବଂ ଭିତର ଦୃଶ୍ୟ ଆଉ ଗୋଟିଏ ମହାଦେବ ମନ୍ଦିରର ସ୍ମୃତି। ଅପୂର୍ବ ଯୋଡ଼ା-ଯୋଡ଼ି। ବାରିବା ମୋ ପକ୍ଷରେ ମଧ ସାଧାରଣ ଭାବରେ ସହଜ ନୁହେଁ।

ଅନେକ ଚେଷ୍ଟାପରେ ମଧ କେତେଗୁଡ଼ିଏ ପରିବେଶକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରିପାରି ନାହିଁ। ଧରାଯାଉ ଗୋଟିଏ ପ୍ରସଙ୍ଗ। ହାଓଡ଼ା ଷ୍ଟେସନରେ ବାଁପାଖ ପ୍ଲାଟ୍‌ଫର୍ମଟିରେ ଓହ୍ଲେଇ ଗଙ୍ଗାଧର ଶତପଥୀଙ୍କ ସହିତ ଆପଣଙ୍କୁ ଚାଲିଯିବାର ମୁଁ ପରିଷ୍କାର ଦେଖିପାରୁଛି। ବିମଲ୍ ବାବୁ ମଧ – କାଳିଆ

Digitized by srujanika@gmail.com

ମୋଟାଲିଆ ଧୋତିପଞ୍ଜାବୀ ପିନ୍ଧିଥିବା ବୟସ୍କ ଭଦ୍ରଲୋକଟିଏ। ଖୁବ୍ ଆପଣାର ଏବଂ ଆତ୍ମୀୟ ଚେହେରାଟିଏ; କିନ୍ତୁ ଚିହ୍ନିଲାଭଳି ନୁହେଁ। ହୁଏତ ଚିହ୍ନିଦେଲେ ନାଁଟାଏ ଛାଏଁ ଆସି ଯୋଡ଼ିହୋଇଯାଆନ୍ତା। ସେ କଥା ଛାଡ଼ନ୍ତୁ - ଆପଣଙ୍କ ରାଜ୍ୟରେ ସବୁ ସେମିତି। ମୋତେ କିନ୍ତୁ ବିସ୍ମିତ କରୁଛି ବିମଳବାବୁଙ୍କ ସେ ଘରଟା। ଯେତେ ଚେଷ୍ଟା କଲେ ମଧ୍ୟ ମୁଁ ତାକୁ ଏ ଯାଏଁ ଚିହ୍ନଟ କରିପାରୁ ନାହିଁ। ସକାଳ ପହରରେ ଲାଇଟ୍ ଲାଗିଥିବା ତା'ର ସେ ଅନ୍ଧାରୁଆ ଅଥଚ ଶୀତଳ ପିଣ୍ଡାଟି ଏବଂ ସେ ଓଦା ଓଦା ଗାଧୁଆଘର ମୁଁ କୁତ୍ରାପି ଦେଖିଲାପରି ମନେପଡୁ ନାହିଁ। ଏଠୁ ଖଣ୍ଡେ ସେଠୁ ଖଣ୍ଡେ ଯୋଡ଼ିଲେ ମଧ୍ୟ ସେ ଦୃଶ୍ୟ ଆସୁନାହିଁ। ମୋତେ କ'ଣ ମନେହେଉଛି ଜାଣନ୍ତି ? ହୁଏତ' ମୁଁ ସେ ଘରଟିକି ଦେଖିବି ଭବିଷ୍ୟତରେ - ଏ ଯାଏଁ ଦେଖିନଥିଲେ କ'ଣ ହେଲା ? ଯେଉଁ ରାଜ୍ୟରେ ସମୟ ଓଲଟପାଲଟ ହୋଇସରିଛି, ସେଇଠିକି ଆଗତୁରା କିଛି ପହଞ୍ଚି ଆସିବା ବିଚିତ୍ର କଥା ନୁହେଁ। ମୋ ଉପର ଆଖି ପାଇଁ ସିନା ସେ ଅପହଁଚ ! କିମ୍ବା ଆଉ ଗୋଟାଏ ସମ୍ଭାବନା ମନକୁ ଆସୁଛି। ହୁଏତ, ଏ ଦେହରେ ପଶିବା ପୂର୍ବରୁ ଆଉ କୌଣସି ଦେହରେ ଥାଇ ମୁଁ ତାକୁ ଦେଖିଛି। ଘଟ ବଦଳବେଳେ ସେ ଲିଭି ନ ଯାଇ କେଜାଣି କେମିତି ଲାଖିଯାଇଛି ମୋ ମୂଳ ଚେତନାରେ - ନା କ'ଣ ଆପଣ କହୁଛନ୍ତି ?

ତା'ପରେ ଆପଣଙ୍କର ମହାଯାତ୍ରା କଥା। ଆପଣ ଘରୁ ବାହାରିଛନ୍ତି ଏବଂ ଆଉ ଫେରିପାରିନାହାନ୍ତି। ମୋତେ ଏବେ ଅନେକେ ପଚାରୁଛନ୍ତି, ମୁଁ କେମିତି ଆପଣଙ୍କ ଭିତରର ସେ ଗହନ ଅନୁଭୂତି ସବୁ ଜାଣିଲି। ମୋର ସେଥିପାଇଁ ଆଉ କ'ଣ ଉତ୍ତର ଅଛି ? କାତ-ମେଲେଇ ସୁଅରେ ପଡ଼ିଗଲେ ତେଣିକି କେବଳ ଭାସିଯିବା କଥା। ପ୍ରୟାଗ, କାଶୀ ପର୍ଯ୍ୟନ୍ତ ସବୁ ଦେଖା ଜାଗା। କିନ୍ତୁ ବୃନ୍ଦାବନ ନୁହେଁ କି ମଥୁରା ବି ନୁହେଁ ! ଏଣେ ଆପଣ ସେଠି ଅବଶ୍ୟ ପହଞ୍ଚିବେ। ଏଣୁ କ'ଣ ହେଲା ଜାଣନ୍ତି ? ଗୋଟାଏ ପୁରୁଣା କଚେରି ଘର ଆସି ଠିଆହେଇଗଲା ଧର୍ମଶାଳା ହୋଇ। ତାରି ପାଖକୁ ଲାଗି ଓକିଲ ମହକିଲ ବୁଲିବାପାଇଁ ଯେଉଁ ମେଲା ଖଣ୍ଡକ ଏବଂ ତା ପାଖକୁ ଦୁଇ ସାହାଲା ଘର ସବୁ, ଉଭାନ ହୋଇ ସେଇଠି ବୋହିଲା ଯମୁନା ! ଅକ୍ରୂର ଘାଟ, କଦମ୍ବ ଏବଂ କୁଞ୍ଜବନ ସବୁ ତାରାଲୋକିତ ସେ ରାଜ୍ୟରେ ଆସି ଖଞ୍ଜିହୋଇଗଲେ - କିଛି ଅସୁବିଧା ନାହିଁ। ଲେଖିଲାବେଳେ ଏପରି ହଟଚମଟ ହେଲା ବୋଲି ମଧ୍ୟ ମୁଁ ଅନୁଭବ କରିପାରିନାହିଁ। ଲେଖିଲାବେଳେ ନୁହେଁ, କାରଣ ସେତେବେଳେ ତ' ମୁଁ ଦେଖୁଛି ଏବଂ ଲେଖୁଛି। ବିସ୍ମିତ ହେଲି ପରେ, ଅନେକ ପରେ - ପଢ଼ିଲାବେଳେ।

ଆପଣ ପୁରୀ ଆସିଲେ, ସେଇଠି ମହୋଦଧି ବେଳାଭୂମିରେ ଆପଣଙ୍କର ଦେହାବସାନ ଘଟିଲା। ଏ ସମସ୍ତ ମୋତେ ଦିଶିବାରୁ ମୁଁ ଲେଖିଗଲି। କିନ୍ତୁ ଆପଣ ଆଗ ଭଳି ସେମିତି ଅଛନ୍ତି ତ ! ଇଚ୍ଛାକଲେ ପୁଣି ଥରେ ଆପଣଙ୍କ ଚରିତର ଯେକୌଣସି ପର୍ବ ପୁଣି ଜୀଇଁ ଉଠୁଛି ତ' ! ଏ କ'ଣ ଘଟଣା ? ମୋତେ ଆପଣଙ୍କ ଭଙ୍ଗୀ ଦିଶିଯାଉଛି। ଆପଣ ହୁଏ ତ' କହୁଛନ୍ତି - "ଯାକୁ କ'ଣ ମୁଁ ବୁଝିଛି କିଓ ? ମୁଁ କ'ଣ ଏଯାଏଁ ଜାଣିଲିଣି ମୁଁ ଗୋଟାଏ ମଣିଷ କି ଧୂଆଁ ?" ସତକଥା। ସେଇଟା, ଦାସେ ଆପଣେ, ମୋ ପାଇଁ ମଧ୍ୟ ମୋରପ୍ରଶ୍ନ। ଆକାଶରେ ଯୋଡ଼ାଏ ମେଘକୁ ଫୁଙ୍କି, କାହୁଁ କାହୁଁ

Digitized by srujanika@gmail.com

ଆଣି ଏକାଠି କଲାଭଳି ଆଉ କିଏ ହୁଏତ ଏ ନବରଙ୍ଗ ଲଗେଇଚି - ନା' କ'ଣ କହୁଛନ୍ତି ? ଏମାନେ କିନ୍ତୁ କହୁଛନ୍ତି ମୁଁ କୁଆଡ଼େ ଆପଣଙ୍କୁ ସର୍ଜନା କରିଛି ! ଯାପେ, ଏଗୁଡ଼ା ବାୟା ନ ହେଲେ ଏମିତି କହନ୍ତେ ? ବିପିନ ମହାନ୍ତି ଘରେ ମୁଁ ଯାଇ ପିଲାପିଲି ନେଇ କିଛିଦିନ ରହିଗଲି ବୋଲି ସେ କହିବ ଯେ ମୋତେ ସର୍ଜନା କଲା ! ଛାଡ଼ ! ଅପାଣ୍ଡୁକ କଥା ! ଆପଣ କେମିତି ମୋ ଭିତରକୁ ଆସିଲେ ବା ମୁଁ କେମିତି ଆପଣଙ୍କ ରାଜ୍ୟକୁ ପଶିପାରିଲି, ସେଇଟା ଗୋଟାଏ ରହସ୍ୟ - ଯେମିତି ଏସବୁ ସୃଷ୍ଟି ଗୋଟାଏ ରହସ୍ୟ।

ଆଉ ପଦଟିଏ ପଚାରିଥାନ୍ତି ! ମତେ ତ' ଆପଣ ଏଯାଏଁ ଦେଖିନାହାନ୍ତି ! ଦେଖିଥିଲେ କ'ଣ କହିଥାନ୍ତେ କେଜାଣି ? ଆପଣ ହୁଏତ ଜାଣି ବି ନାହାନ୍ତି ଯେ ଆପଣଙ୍କ କଥା ଟିକିନିଖି ମୁଁ ଦେଖିଛି ଏବଂ ଜାଣିଛି ? ତା' ବାହାରେ ଏ ଜଗତରେ ମୋତେ ବି ମୁଁ ଜାଣିଛି। ସେଥିପାଇଁ ହୁଏତ ମୋତେ ସେମାନେ ସ୍ରଷ୍ଟା ବୋଲି ସନ୍ଦେହ କରୁଛନ୍ତି। କିନ୍ତୁ ମୋର ସନ୍ଦେହ ହେଉଛି ଯେ ଆଉ ଯୋଡ଼ିଏ ଅଦୃଶ୍ୟ ଆଖି ମୋତେ ଚାହିଁଛି। ମୋ ଶିରା, ନାଡ଼ୀ, ସ୍ମୃତି, ଅନୁଭବ ଏପାଖ ସେପାଖ କରି ଗଢ଼ି ତୋଳୁଛି ଗୋଟିଏ ବାଲିଘର ତାର ଅଦୃଶ୍ୟ ହାତରେ। ସେଇଠି ଆପଣ ଆସିଯାଉଛନ୍ତି ତା'ରି ଇଚ୍ଛାରେ ମୁଁ ମାତ୍ର ମାଧମଟିଏ। ମୋ ବେଳାରେ ମୁଁ ଖସି ଚାଲିଯିବି, କିନ୍ତୁ ଆପଣ ତା ଇଚ୍ଛାରେ ଆମର। ମୋ ଭିତରେ ଖୋଜି ଖୋଜି ଯେଉଁ ଟିକକ ଅମୃତ ସେ ପାଇଲା, ସେଇଥିଲେ ସେ ଗଢ଼ିଦେଲା ଆପଣଙ୍କୁ। ଆପଣ ଚିରଞ୍ଜୀବୀ। ଆପଣ ଏଣିକି ପ୍ରତ୍ୟେକ ପାଠକପାଇଁ ନୂଆ ରୂପ, ନୂଆ ପରିବେଶରେ ସେଇ ଘଟଣାଗୁଡ଼ିକୁ ପୂନର୍ଜୀବିତ କରିଚାଲିଥିବେ !- ନିଜେ ପୂନର୍ଜୀବିତ ହୋଇ ଚାଲିଥିବେ। କିନ୍ତୁ କେହି କ'ଣ କେବେ ବାରିପଦାର ସେଇ ତିନିଛକି ଉପରେ ଜୁବିଲୀ ଲାଇବ୍ରେରି ସାମ୍ନା ବିପିନ ମହାନ୍ତିର ଚାରିବଖୁରିଆ ଭଡ଼ାଘରେ ଆପଣଙ୍କୁ ଦେଖିପାରିବ ? ଆପଣ ମୋ ସାଙ୍ଗରେ ସେ ବିଷୟରେ ଚୁକ୍ତିବଦ୍ଧ। ଆଉ କାହାରି କସ୍ମିନ୍‌କାଳେ ଅବିକଳ ସେଇ ପରିବେଶରେ ଅନୁପ୍ରବେଶ କରିବାର ଅଧିକାର ନାହିଁ। ସେଇଟା କେବଳ ମାତ୍ର ମୋର ସ୍ୱତନ୍ତ୍ର ଅଧିକାର। ଆପଣଙ୍କୁ ସର୍ମପ୍ରଥମ ଦେଖିବାର ଅଧିକାର।

ଆପଣ ଏ ଚିଠି ପାଇବେ ନାହିଁ, କାରଣ ଡ଼ାକୁଆ ଏ ରାଜ୍ୟରୁ ସେ ରାଜ୍ୟକୁ ଚିଠି ନିଏ ନାହିଁ। ଏଣୁ ଉତ୍ତର ମଧ ମିଳିବ ନାହିଁ। ତଥାପି ଗୋଟାଏ ଆପଣାପଣର ଆବେଶରେ ମନର ଅରମାନ ମେଣ୍ଟାଇବା ପାଇଁ ଏ ଚିଠିଟି ଲେଖିଦେଲି। ଇତି।

❖❖❖

Digitized by srujanika@gmail.com

ନିଷିଦ୍ଧ ଦରଜା

ମନାକଲେ ହିଁ ନ ମାନିବାକୁ ଇଚ୍ଛା ହୋଇଥାଏ। କୌଣସି କବାଟ ଉପରେ ମଣିଷ ଖପୁରୀ ଏବଂ ଛକି ହାଡ଼ର ଚିତ୍ର ଥିଲେ ଫାଙ୍କବାଟେ ଭିତରକୁ ଗଳି ଚାହିଁଦେବାକୁ ମନ ହୁଏ। ସେଭଳି କବାଟ ଫିଟେଇ ଭିତରକୁ ପଶିଗଲେ, ଝୁଲିରହିଥିବା କଟାମୁଣ୍ଡ ଗୁଡ଼ିକ ଟହ ଟହ ହସିପାରନ୍ତି; କିମ୍ବା ହୀରାଗଛରେ ଟଳମଳ ନୀଳଫଳ ଗୁଡ଼ିକ ଥୋପା ଥୋପା ଓହଳି ପାରନ୍ତି। ସେଥିରେ କିଛି ଯାଏଆସେନାହିଁ - କାରଣ, ସେ ସବୁ ପର ଘଟଣା। ଯିଏ କିନ୍ତୁ ପ୍ରଥମେ ରହସ୍ୟ ଉପରୁ ଢ଼ାଙ୍କୁଣି ଟେକିବାର ଦୁଃସାହସ କରେ ଏବଂ ଦୁର୍ଲଙ୍ଘ୍ୟ ଗାର ଡ଼େଇଁ ଯିବାକୁ ଗୋଡ଼ ବଢ଼ାଏ, ସେ ସେଇ ଚୁଲ୍‌ଚୁଲିଆ ଟୋକା ଯେ ଚାଲିଲା ଶଗଡ଼ରେ ହାତଦିଏ ବୋଲି ଅପବାଦ ରହିଛି। ସେ ଭାଡ଼ି ଉପରେ ଚଢ଼ି ଦୁଧସରଟିକୁ ଖାଇଯାଏ। କେହି ନ ଦେଖିଲାବେଳେ ଆଇସ୍‌କ୍ରିମ୍ ଖାଇଦିଏ। ବାପାଙ୍କ ଦାମୀ କଲମରେ ଚିତ୍ର ଆଙ୍କିପକାଏ। ଟାଇପ୍ ରାଇଟରରେ କାଗଜ ଖଞ୍ଜିବାକୁ ନୂଆ ଯନ୍ତଟିକୁ ମୋଡ଼ାମୋଡ଼ି କରିଦିଏ। ନହକା ଜାମୁଡ଼ାଳରୁ କୋଳି ପାରିବାକୁ ଚଢ଼ିଯାଏ। ସଞ୍ଜବେଳେ କୋଶଳି ଫିଟେଇ ପଦ୍ମପୋଖରୀ ଭିତରକୁ ବୁହେଇନିଏ। ତା'ର ଏଇ ଅମାନିଆ ଅଝଟ ଗୁଣ ଯୋଗୁ ତା' ଅଣ୍ଟରେ ଦ୍ୱାପର ଯୁଗରୁ ଦଉଡ଼ି ବନ୍ଧା ହୋଇ ଆସୁଛି। ସେ କିନ୍ତୁ ପଞ୍ଜୁରୀରେ ପୋଷମାନି 'ଚକ୍ରଧର' ଡ଼ାକିବା ଶୁଆ ନୁହେଁ। ସେ ମନା ମାନିବ ନାହିଁ। ମନା ମାନିଲେ ସିଆର ଜଗି ଜଗି ତା'ର ଚାରୋଟିଯାକ ଖୁରା କାଦୁଅରେ ବୁଡ଼ି ରହିଯିବ। ଏଣୁ ସେ ବୋଲ ମାନି ଚଳି ପାରେ ନାହିଁ। ନିଷିଦ୍ଧ ଦରଜା ଉପରେ ସେ ବାରମ୍ବାର କରାଘାତ କରେ। ନଦୀ ଧାରରେ ବାଡ଼ ଦେଇ ରୋଧି ହୁଏ ନାହିଁ। ସେଇଭଳି ମୌଳିକ ପ୍ରବାହଟିଏ ନେଇ ସେ ଆସିଥାଏ। ତାକୁ ମଧ ଗାର ପକେଇ ରୋଧି ହୁଏ ନାହିଁ।

ହୁଣ୍ଡାପଣରେ ଅବାଧ ହେବା କିନ୍ତୁ ଆଉ ଗୋଟିଏ ପ୍ରକାର କଥା। ସେଇଟା ଗୋଟାଏ ଅରଣା ସ୍ୱଭାବ - ଯେ ଯାହା କହୁ ଆମେ ମାନିବୁ ନାହିଁ; ଆମ ମନକୁ ଯାହା ପାଇଗଲା ଆମେ ତା' କରିଯିବୁ; ଆମ ଇଚ୍ଛା! - ଏଇଭଳି ଖାଲଖଣା ନ ମାନି ପଳାସିଗଲେ ବଣୁଆହାତୀ ଟୋପରେ ପଡ଼ିଯାଏ; ଆଗପଛ ବିଚାର ନ କରି ମୃତ୍ୟୁବରଣ କରେ। ସେଭଳି ଦାନବୀ ପ୍ରବୃତ୍ତିଟି ଦୁର୍ବାର, କିନ୍ତୁ ଅନ୍ଧ! ମୂଢ଼ ପଣରେ ସମୁଦ୍ରକୁ ଡ଼େଇଁ ଅଷ୍ଟପଦୀ ପାଇଁ ଭୋଜ୍ୟ ହେବା ଏବଂ ସମସ୍ତେ ମନାକଲେ ମଧ ଡ଼ଙ୍ଗା, ସାଞ୍ଜ, ବଲମ ନେଇ ତା' ସାଙ୍ଗେ ଯୁଦ୍ଧ କରିବା ଅଲଗା ଅଲଗା କଥା। ଉଭୟେ ସମୁଦ୍ର ବେଳାରେ ସେମାନଙ୍କ ଶୁଭେଚ୍ଛୁମାନଙ୍କ ବାରଣ ନ ମାନି ସମୁଦ୍ରକୁ ଝାସଦିଅନ୍ତି। ଜଣେ ମଦାନ୍ଧ;

Digitized by srujanika@gmail.com

ଜାଣିପାରେ ନାହିଁ ସମୁଦର ଗହୀର କେତେ, କରାଳ ଲୋହିତ ଛାଇପରି ସେ ଲୋଲିହାନ ଜନ୍ତୁର ବାହୁବିସ୍ତାର କେତେ, କ୍ଷୁଧା କେତେ! ସେ ତାର ମୂର୍ଖତା ପାଇଁ ପ୍ରାୟଶ୍ଚିତ୍ତ କରେ ମୃତ୍ୟୁରେ। ବେଳାଭୂମିରେ ଅନେକ ଦିନର ପୁରାତନ ଭୟ ଆହୁରି ଦୃଢ଼ୀଭୂତ ହୁଏ। ଆରଜଣକ କିନ୍ତୁ କାଣେ, ସେ ମୃତ୍ୟୁକୁ ମୁକାବିଲା କରିବ, ଯାହା ଏ ଯାଏ କେହି କରିନାହିଁ। ସେ ନିର୍ଭୀକ; କିନ୍ତୁ ସତର୍କ। ସେଭଳି ଲଢୁଆଳ ଟୋକା ହୁଏତ ଅପରାଜିତକୁ ପରାସ୍ତ କରେ। ଚିରଦିନ ପାଇଁ ବେଳାବାସୀଙ୍କୁ ଭୟଶୂନ୍ୟ କରିଦିଏ - କିମ୍ବା ଲଢୁ ଲଢୁ ହାରିଯାଇପାରେ। କିନ୍ତୁ ପୁଣି ଲଢ଼ିବାର ସମ୍ଭାବନା ରଖିଦେଇଯାଏ। ଦୁହେଁ ମୃତ୍ୟୁକୁ ଅସ୍ୱୀକାର କରନ୍ତି ନିଜ ନିଜ ଢ଼ଙ୍ଗରେ। ନିଷିଦ୍ଧ ଢ଼ାଙ୍କୁଣି ପଛରେ ସବୁବେଳେ ଲାହୁଡ଼ ଟେକି କରିଥାଏ ଗୋଟାଏ ଛାଇ। ତା'ର ମୁକାବିଲା ଗଲେ ସେ ଘୁଞ୍ଚିଯାଏ। ଲଢ଼ି ନ ଜାଣିଲେ ଲାଛିଦିଏ।

ଜୀବନକୁ ଗୋଟିଏ ନିର୍ଦ୍ଦିଷ୍ଟ ରାଜରାସ୍ତାରେ ନିର୍ବିରୋଧ ଚଳେଇନେବାକୁ ସବୁବେଳେ ଚେଷ୍ଟା ଚାଲିଥାଏ। ବହୁ ଖାଲଖଣାରେ ବିଚରଣ କରିଆସିଥିବା ବୃଦ୍ଧଜନେ ହିଁ ସେପରି ଚେଷ୍ଟା କରିଥାନ୍ତି। ଯେତେବେଳେ ଆନତ ସଂଧ୍ୟାର ସ୍ତିମିତ ଆଲୋକରେ ମୃତ୍ୟୁକୁ ଆଉ ଅସ୍ୱୀକାର କରିବାର ଅବକାଶ ନଥାଏ, ସେତେବେଳେ ସ୍ମୃତି ମନ୍ଥନକରି ସେମାନେ ସ୍ମୃତିଶାସ୍ତ୍ର ପ୍ରଣୟନ କରନ୍ତି। ତରୁଣଙ୍କ ଉପରେ ନିଷେଧାଜ୍ଞା ଜାରି ହୁଏ -

"ବୃକ୍ଷାରୋହଣ କରିବ ନାହିଁ!"

ଉତ୍ତର ମିଳେ, "କରିବୁ।"

"ନଈ ପହଁରିବ ନାହିଁ।"

ଉତ୍ତର - "କାହିଁ କି ?"

"ପରଦ୍ରବ୍ୟକୁ ଗୋଡ଼ିମାଟି ପରି ଜ୍ଞାନକରିବ।"

ଉତ୍ତର - "ଦ୍ରବ୍ୟ କାହାର ?"

"ପରଦାରାମାନଙ୍କୁ ମାତୃବତ୍ ଜ୍ଞାନ କରିବ।"

"ଅସମ୍ଭବ!"

ସ୍ମୃତିକାରମାନେ ନିଶ୍ଚୟ ଜ୍ଞାନୀ, ଅନୁଭବୀ ଏବଂ ସାମୂହିକ - କଲ୍ୟାଣକାମୀ। ସେମାନେ ପ୍ରବାହରି ମଝି ଧାରରୁ ସାମାନ୍ୟ ଓହରି ଆସିଥିବାରୁ ଅଗ୍ରପଶ୍ଚାତ୍ ଦେଖିପାରିନ୍ତି। ଯେଉଁଠି ସ୍ୱାଭାବିକ ଜୀବନର ବ୍ୟତିକ୍ରମ ସେମାନେ ଦେଖନ୍ତି, ଯେଉଁଠି ଅବକ୍ଷୟର ଆଶଙ୍କା ରହେ, ସେଇଠି ସେମାନେ ତର୍ଜନୀ ଟେକି ନିଷେଧ କରନ୍ତି - "ମାନିଯାଅ, ନହେଲେ ମରିବ!" ନିର୍ଭୀକ ତରୁଣ ଆଦୌ ଡରନ୍ତି ନାହିଁ। ବର୍ଦ୍ଧିଷ୍ଣୁ ଜୀବନର ସବୁଜ ପ୍ରସାର ପାଖରେ ସ୍ୱୟଂ ମୃତ୍ୟୁ ଆଡ଼ହୋଇ କୁର୍ଣ୍ଣିସ୍ କରୁଥାଏ। ସେମାନେ କହନ୍ତି, "ଫୁଃ! ମରିବୁ ଗୋଟାଏ କ'ଣ ? କିଏ କେବେ ମରିବ ବୋଲି ଏବଠୁ ନିଶ୍ୱାସ

Digitized by srujanika@gmail.com

ରୋଧି ବନ୍ଧମାର ଅର୍ଥ ନାହିଁ। ଆପଣ ଯାହା ମାନିବାକୁ କହୁଛନ୍ତି ତାକୁ ନିଜେ ମାନିଛନ୍ତି ? ଯଦି ମାନିଛନ୍ତି, ଏବେ ମରୁଛନ୍ତି କାହିଁକି ? ଏବଂ ଯଦି ମାନିନାହାନ୍ତି, ଆମକୁ ମାନିବାକୁ କହୁଛନ୍ତି କାହିଁକି ?" ତୀବ୍ର ଦିବାଲୋକରେ ଛାଇଗୁଡ଼ିକ ଚେର ତଳକୁ ବୁଡ଼ିଯାଇଥାଏ। ସେତେବେଳେ ଏ ସବୁ ଦେଖିବା ଶୁଣିବାକୁ ଅବକାଶ ନଥାଏ। ପ୍ରଚଣ୍ଡ ଜୀବନସ୍ରୋତ ତଡ଼ିନେଉଥାଏ ତା'ର ଉଜାଣିରେ। ତଥାପି କାରୁଣିକ ବୃଦ୍ଧଜନେ ତର୍ଜନୀ ଟେକି ନିଷେଧ କରୁଥାନ୍ତି। ନିଷିଦ୍ଧ ଦରଜା ଉପରେ ମୃତ୍ୟୁ ସଙ୍କେତ ରୂପେ ମଣିଷ ଖପୁରି ଏବଂ ଛକି ହାଡ଼ର ଚିତ୍ର ଆଙ୍କିଛାଲିଥାନ୍ତି।

ପ୍ରତ୍ୟେକ ନିଷିଦ୍ଧ ଦରଜାର ଆହ୍ୱାନ, ତା'ର ପ୍ରଲୋଭନ ଏବଂ ଆକର୍ଷଣ ପରକୀୟା ଭଳି ଅନୁପେକ୍ଷ୍ୟ। ସେ ଅବଶ୍ୟ ଟାଣିବ - କାମିନୀ କାଞ୍ଚନ ଅବଶ୍ୟ ଟାଣିବ। ତାକୁ ଏଡ଼େଇ ଯିବା କିମ୍ୱା ଅନ୍ୟପକ୍ଷେ ସେଇଆଡ଼େ ଭିଡ଼ିହୋଇଯିବା ସେଭଳି କିଛି ବିଶିଷ୍ଟ ଘଟଣା ନୁହେଁ। ରହସ୍ୟଟିକୁ ଉଦ୍‌ଘାଟିତ କରିବାର ପ୍ରବୃତ୍ତି ହିଁ ଏକ ଚିରନ୍ତନ ସତ୍ୟ। ମନା ନମାନି ସୀମା ଲଙ୍ଘନ କରିବା, ବାରଣ କଲେ ମଧ ଆବରଣ ଉନ୍ମୋଚନ କରିବାରେ ଜୀବନର ଯାହା କିଛି ଆବେଗ, ଶିହରଣ ଏବଂ ସାର୍ଥକତା।'ଜିବ୍ରାଲ୍‌ଟର' ପାଖରେ ପୃଥିବୀର ସୀମା ନିର୍ଦ୍ଦେଶ କରି ସେ କାଳର ଜ୍ଞାନୀମାନେ କହିଲେ, 'ତେଣିକି ଆଉ ଯାଅ ନାହିଁ।" ନିର୍ଭୀକ ନାବିକମାନେ କିନ୍ତୁ ଗଲେ ଏବଂ ଏବେ ମଧ ସେଇଭଳି ସୀମା ଲଙ୍ଘନ କରି ଯାଉଛନ୍ତି। ଆଫ୍ରିକାର ନିରନ୍ଧ୍ର ଅରଣ୍ୟ ଭିତରେ ଆଡ଼େଇ ଖୋଜୁଛନ୍ତି; ସମୁଦ୍ରର ସାତମାଇଲ ତଳେ ବତି ଟିପି ଦେଖୁଛନ୍ତି; ସାହାରାକୁ ଛାଣିଯାଉଛନ୍ତି। ଅଣୁକୁ ଫିଟେଇ ନିରେଖୁଛନ୍ତି। ମହାକାଶକୁ ଟିପମାରି ପରଖୁଛନ୍ତି! "ହାଁ, ହାଁ" କହି ମନାକରିଲାଗିଛି ପରାସ୍ତ, ମୃତ୍ୟୁକବଳିତ ପ୍ରାଚୀନ ବୁଦ୍ଧି ଏବଂ ହସି ହସି ତାକୁ ଅମାନ୍ୟ କରି ଚାଲିଛି ଅପରାଜେୟ, ଅମୃତଆଶାୟୀ, କୌତୂହଳୀ ତରୁଣ ଚେତନା। ଗୋଟିକ ପରେ ଗୋଟିଏ ନିଷିଦ୍ଧ ଦରଜା ଫିଟି ଚାଲିଛି। ସୀମା ଘୁଞ୍ଚି ଚାଲିଛି ଦୂରରୁ ଦୂରକୁ।

'ଯେତେ ମନାଇଁ କହିଲେ ସୁଦ୍ଧା ବାଳା କେବେ ପହିଲୁ ମାନେନାହିଁ'। ପଛେ ଆସି ବରଂ 'ଗୋଡ଼ ଖସି ଖେଦ ହେବାର ଦରଜ' ଯିବାପାଇଁ ଉପାୟ ଏକାନ୍ତରେ ପଚାରୁଥାଏ। ଉନ୍ମତ୍ତ ବେଳା ପଡ଼ିଲେ କେହି ବୋଲ ମାନି ପାରନ୍ତି ନାହିଁ, କୌଣସି ଉପଦେଶକୁ କାନାନ୍ତି ନାହିଁ। ପ୍ରେମରାଜ୍ୟର ସେ ଦରଦଟି ମଧ ଅତି ଅମୂଲ୍ୟ ଅନୁଭୂତି। ସେଇ ମଧୁର ଜ୍ୱଳନ ପାଇଁ ବାରମ୍ବାର ଅଗ୍ନିରେ ଝାସଦେଉଥିବା ପତଙ୍ଗକୁ ମନାକଲେ ସେ ମାନିବ ନାହିଁ। ପ୍ରାୟ ଏହିଭଳି ନିଷ୍ଫଳ ଅନ୍ୟାନ୍ୟ ନିଷେଧ, ଏହିଭଳି ଅନୁପେକ୍ଷ୍ୟ ସେ ଆକର୍ଷଣଗୁଡ଼ିକ। ସ୍ୱପ୍ନଟିଏ ପଛରେ ଗୋଡ଼ାଇଲା ବେଳେ ଆଉ କିଛି ଦିଶେନାହିଁ କି ଶୁଭେନାହିଁ। ସେତିକି ବେଳେ କେଜାଣି କାହିଁକି ଛୋଟ ଛୋଟ ବିଦ୍ରୋହ କରିବାକୁ ଇଚ୍ଛାହୁଏ; ଅଭକ୍ଷ୍ୟ ଭକ୍ଷିବା, ଅଗମ୍ୟ ଗମିବା, ଅକଥ୍ୟ କହିବାକୁ ମନହେଉଥାଏ। ବୁଢ଼ା ବୁଢ଼ା ପଥରମାନଙ୍କ ଉପରେ ଛଳଛଳ ଡ଼େଣା ମେଲେଇ ଡ଼େଇଁଯିବାକୁ ମନହେଉଥାଏ। ପ୍ରେମ କଲେ ହିଁ କିଛିଟା ଅବୁଝା, କିଛିଟା ଅବୋଲକରା ହେବାକୁପଡ଼େ। ସାରା ସଂସାରର ପ୍ରତିବାଦକୁ ଉପେକ୍ଷା କରିବାର ସାହାସ ଓ ଶକ୍ତି ବୋଧହୁଏ ସେତିକିବେଳେ ଆସିଥାଏ। ପ୍ରେମର ଏଭଳି ଅବାଧତା ଏତେ

Digitized by srujanika@gmail.com

ଦେହସୁଦ୍ଧା ହୋଇଗଲାଣି ଯେ ତାହା ବରଂ ସ୍ୱାଭାବିକ ଓ ସୁନ୍ଦର ଦେଖାଗଲାଣି। ଏକାକିନୀ ସ୍ୱାମୀନୀଙ୍କ ଜାର-ପୁରୁଷକୁ ଦେଖି ପାଳିତ କୁକୁର ଅଭ୍ୟାସବଶତଃ ଥରଟେ ଭୁକିଦିଏ ସତ, କିନ୍ତୁ ତାର ତଣ୍ଟି କଣାକରି ହତ୍ୟା କରିବାକୁ ସେ ଚାହେଁନା। ପରକୀୟାକୁ ନିଷେଧ ଜାରି କଲାବେଳେ ସେହିପରି ବିଜ୍ଞଜନେ ବୋଧହୁଏ ମନେମନେ ତାକୁ ଆଦର କରୁଥାନ୍ତି। ନିଭୃତରେ ତାକୁ ଲେହନ କରୁଛନ୍ତି, ଲାଞ୍ଜ ଟିପି ନିଜର ଆନୁଗତ୍ୟ ପ୍ରକାଶ କରୁଥାନ୍ତି। ମୁହଁରେ କିନ୍ତୁ ହାଉହାଉ ହେଉଥାନ୍ତି। ବ୍ୟତିକ୍ରମକୁ ଏବଂ ନିଷିଦ୍ଧ ଦରଜା ଫିଟାଉଥିବା କୌତୂହଳୀ ତରୁଣଙ୍କୁ ଏହିଭଳି ସ୍ନେହଶୀଳ ସ୍ମୃତିକାରମାନେ ସବୁବେଳେ ଲୁଚି ଲୁଚି ଅନୁମୋଦନ କରୁଥାନ୍ତି।

ଏକାଠି ରହିବାପାଇଁ ଅସଂଖ୍ୟ ନିୟମ, ଅସଂଖ୍ୟ ନିଷେଧ ରହିଛି। ନିୟମଭଙ୍ଗ ଅପରାଧ ପାଇଁ ସେଇ ପରିମାଣରେ ଦଣ୍ଡବିଧାନ ମଧ ରହିଛି। ଶଠ, ଲମ୍ପଟ, ଚୋର, ଡ଼କାୟତ, ହତ୍ୟାକାରୀ, ରାଷ୍ଟ୍ରଦ୍ରୋହୀମାନଙ୍କ ପାଇଁ ପର୍ଯ୍ୟାୟକ୍ରମେ ବିଧାନମାନ ଲିପିବଦ୍ଧ ରହିଛି। ଏମାନେ ଅସାମାଜିକ ପ୍ରାଣୀ। ଏମାନେ ନିଜପାଇଁ ସହାବସ୍ଥାନର ତ୍ୟାଗପ୍ରଧାନ ନିୟମଗୁଡ଼ିକୁ ଭଙ୍ଗକରିଥାନ୍ତି। ବିଜ୍ଞଜନେ ତାଙ୍କୁ ଦଣ୍ଡ ଦେଇଥାନ୍ତି। ସେମାନେ ସ୍ୱେଚ୍ଛାଚାରୀ ହୋଇ ଜନଜୀବନ ବିପନ୍ନ କରନ୍ତୁ, ଏହା କାହାରି ଇଚ୍ଛା ନୁହେଁ। କିନ୍ତୁ ଯେତେବେଳେ ଖବରକାଗଜରେ ଏ ଅପରାଧ ପୃଷ୍ଠାଟି ଆଖିରେ ପଡ଼େ, କାହିଁକି ସର୍ବାପେକ୍ଷା ସାମାଜିକ ଭଦ୍ରଲୋକେ ତାକୁ ଏଭଳି ଉଚ୍ଚାଟ ଆଗ୍ରହରେ ପଢ଼ିପକାନ୍ତି ଏବଂ ବାରମ୍ବାର ପଢୁଥାନ୍ତି ? ନାରୀଧର୍ଷଣ ବିବରଣୀଟି କାହିଁକି ତାଙ୍କୁ ରାଷ୍ଟ୍ରପତିଙ୍କ ନିର୍ବାଚନ ଖବର ଅପେକ୍ଷା ବେଶି ଆକୃଷ୍ଟ କରିଥାଏ ? ଯଦି ହତ୍ୟା ସହିତ ସହିତ ଲୁଣ୍ଠନ, ଧର୍ଷଣ ମିଶାମିଶି ହୋଇ ରହିଛି, ତା'ଠାରୁ ବଳି ଷଡ଼ରସ-ପରିପାକ ଏବଂ ସ୍ୱାଦ୍ୟ ଆଉ କିଛି କାହିଁକି ପାଆନ୍ତି ନାହିଁ? ତାଙ୍କର ସୁସଂଯତ ଶୃଙ୍ଖଳିତ ସ୍ୱଭାବ ପଛଆଡ଼େ କୌଣସି ଗୋଟିଏ ନିଭୃତ କେନ୍ଦ୍ରରେ ସେ କ'ଣ ଚାହୁଁ ନାହାନ୍ତି, ଏପରି କିଛି ଘଟୁଥାଉ ? ଏହା ସହିତ ନିଜକୁ ଯୋଡ଼ି ସେ କ'ଣ ଏଭଳି ନିୟମଭଙ୍ଗର ପରୋକ୍ଷ ସ୍ୱାଦ ଅନୁଭବ କରନ୍ତି ନାହିଁ? - ଏମିତି ପଚାରିଗଲେ କିନ୍ତୁ ତତ୍‌କ୍ଷଣାତ୍ ସାମାଜିକ ଖୋଳ ଭିତରେ ପଶିଯାଇ ସେମାନେ ଖିଙ୍କାରି ଗୋଡ଼େଇବେ। ତାଙ୍କ ସାଙ୍ଗେ ଲଢ଼ିବାର ପ୍ରୟୋଜନ ନାହିଁ। ସେମାନଙ୍କୁ କେବଳ ସୂଚାଇ ଦେବାକୁ ପଡୁଛି ଯେ, ନିଷେଧକୁ ଅବଜ୍ଞା କରିବାର ପ୍ରବୃତ୍ତି ସମସ୍ତଙ୍କର ସବୁକାଳେ ଅଛି। ସାମାଜିକ ଅପରାଧଗୁଡ଼ିକ ତା'ର କେବଳ ଅତି ଉତ୍କଟରୂପ।

କେମିତି କେଜାଣି ଲୁଚିଥିବା ବସ୍ତୁଟିକୁ ଉନ୍ମୋଚିତ କରିବା ଆମର ସହଜାତ ପ୍ରବୃତ୍ତି। ଆବରଣଟି ଜାଣିଶୁଣି କିଏ ଓହଳେଇ ଥାଇପାରେ କିମ୍ବା ସ୍ୱତଃ ତାହା ସେଇଠି ଥାଇପାରେ। ତାକୁ ଫିଟେଇବା, ଅପସାରିତ କରିବା, ତା'ପଛରେ ଲୁଚିରହିଥିବା ରହସ୍ୟକୁ ଦେଖିବାପାଇଁ କେଉଁ ଯୁଗରୁ ମଣିଷ ମନରେ ଗୋଟାଏ ବିଶେଷ ଉଚ୍ଚାଟ ଲାଗିରହିଛି। ସେଇ ପ୍ରକ୍ରିୟାରେ ସେ ଅବଗୁଣ୍ଠନ ଟେକିପାରେ, କିମ୍ବା ନୀବିବନ୍ଧନ ଫିଟେଇପାରେ, କିମ୍ବା ବନ୍ଦିନୀ-ଗଙ୍ଗାକୁ ମୁକ୍ତ କରିବାକୁ ପାଷାଣ ପାଚେରୀରେ ଦନ୍ତାଘାତ କରିପାରେ। ସେ ବୀଜକୋଷକୁ ଉନ୍ମୋଚିତ କରି ଦେଖେ। ଜରାୟୁକୁ, ହୃତ୍‌ପିଣ୍ଡକୁ, ଶିରା ଉପଶିରାକୁ ଫିଟେଇ ଦେଖେ। ଭୂଗର୍ଭକୁ ଭେଦକରି ହୀରା ଆହରଣ କେର,

Digitized by srujanika@gmail.com

ହୀରାକୁ ଫିଟେଇ ଅଙ୍ଗାର ଆବିଷ୍କାର କରେ। ଗୁଣ୍ଡୁଚି ମୂଷାଟିଏ ସକାଳ ଖରାରେ ବସି ମଞ୍ଜିକୁ ଦାନ୍ତେଇଲା ପରି, ମଣିଷ ସବୁ ଫିଟେଇ ଚାଲିଛି। କେଉଁଠି ହୁଏତ ଏ ପ୍ରକ୍ରିୟାର ଶେଷ ନାହିଁ। ତା' ଅଜ୍ଞାତରେ ଯାହା ଏ ସମସ୍ତ ଆବରଣ ପଛରେ ଲୁଚିରହିଛି, ସେ ହୋଇପାରେ ଗୋଟିଏ ଲାହୁଡ଼ ଟେକି ରହିଥିବା ଛାଇ। ହୋଇପାରେ ପରମ ସତ୍ୟ ! ଅନେକ ଶ୍ରମ, ଅନେକ ବାଧାବିଘ୍ନ ସତ୍ତ୍ୱେ ସେ କଦାପି ଧରାଦେଇନାହିଁ, ଧରାଦେବ ବୋଲି ବିଶ୍ୱାସ ହେଉନାହିଁ। ତଥାପି କେଉଁଠି ଟିକିଏ ଆବରଣ ଦିଶିଗଲେ ତାକୁ ଟେକି ଟେକି ପରୀକ୍ଷା ଚାଲିଛି। ନିଜ ଲାଙ୍ଗୁଡ଼ ପଛରେ ଗୋଡ଼େଇଲା ପରି, ନିଜ ନାଭୀକେନ୍ଦ୍ରରୁ ଉଦ୍‌ଗତ ସୌରଭକୁ କସ୍ତୁରୀ ମୃଗ ଖୋଜିବୁଲିଲା ପରି, କିମ୍ବା ପିଆଜର ଆବରଣ ଖୋଲି ଖୋଲି ତା'ର ସତ୍ୟ ଆବିଷ୍କାର କରିବାର ପ୍ରୟାସ ପରି - ଏ ସମସ୍ତ ହୁଏତ ବାଉଳା ଶ୍ରମ କେବଳ। ତଥାପି ଏ ପ୍ରବୃତ୍ତିକୁ ନିରୋଧ କରିହୁଏନାହିଁ। କିଏ ହୁଏତ ମୁଣ୍ଡରେ ଥାପୁଡ଼ି ମାରିଦେଇ ଅନ୍ଧାର ଭିତରେ ଲୁଚିଯାଇଛି - କହୁଛି, ମତେ ଖୋଜ୍ ! ଆକାଶରେ ପବନରେ ଗଛରେ ପାହାଡ଼ରେ ଫୁଲ ଫଳ ମଣିଷ ପଶୁପକ୍ଷୀ ଜଡ଼ ଚେତନ ଭିତରେ ତାକୁ ଖୋଜି ଖୋଜି ମଣିଷ ନୟାନ୍ତ।

ସେ ବୋଲ ମାନି ରହିଯାନ୍ତି ଏବଂ ଚିରୁଗୁଣୀ-ନିଆଁକୁ ଦୂରରୁ ଦେଖି ରହିଯାନ୍ତି, ପୁରୁଣା ବରଗଛର ଭୂତ ପାଖରେ କସ୍ମିନ୍‌କାଳେ ପହଞ୍ଚନ୍ତି ନାହିଁ, ସେମାନଙ୍କ ସଂଖ୍ୟା ଶହେରେ ଅନେଶତ। ଏମାନଙ୍କର ନିଷିଦ୍ଧ ଦରଜା ଫିଟାଇବାର ପ୍ରବୃତ୍ତିଟି ନିଶ୍ଚିହ୍ନ ନହେଲେ ବି ଅତି କ୍ଷୀଣ। ସମଗ୍ର ଜୀବନରେ ରାଜରାସ୍ତା ଉପରେ ଚାଲିବାର ଗର୍ବ ସେମାନଙ୍କ ଥାଏ। ଭାରି ଚମତ୍କାର ପୋଷମନା, ଦାୟିତ୍ୱବାନ୍, ନିତିବାନ୍, ଭାରବାହୀଗୁଡ଼ିଏ ସେମାନେ। ସେମାନଙ୍କ ପାଇଁ ସ୍ମୃତିଶାସ୍ତ୍ର ସାର୍ଥକ ଏବଂ ପର୍ଯ୍ୟାପ୍ତ। କିନ୍ତୁ ଯେ ଖୋଜି ଖୋଜି ଜୀବନ ବିତେଇଛି, ଅଥଚ ପାଇନାହିଁ; ସେ ହିଁ ତା'ର ଚରମ ମୁହୂର୍ତ୍ତରେ ସୁନାର ଢ଼ାଙ୍କୁଣିଟିକୁ ଅପସାରିତ କରି ନିରାବରଣ ସତ୍ୟ ଦେଖିବାକୁ କାତର ପ୍ରାର୍ଥନା କରେ। ଯାହାକୁ ସେ ଖୋଜୁଥିଲା, ସେ ଏତେ ଦୂରରେ ରହିଛି ବୋଲି ଜାଣିନଥିଲା, ତାକୁ ଏତେ ନିକଟରେ ପାଇ ନଥିଲା, ଏ ସୁନାର ଦରଜା ଫିଟାଅ ନାହିଁ ବୋଲି ତାକୁ ତା'ର ପ୍ରଳୟ ମୁହୂର୍ତ୍ତରେ କେହି ବାରଣ କରିନାହାନ୍ତି। ବାରଣ କଲେ ବା ସେ କୋଉ ମାନିବାକୁ ଯାଉଛି ! !

Digitized by srujanika@gmail.com

ମୁଁ କିଏ ?

ମୁଁ ଅନ୍ତତଃ ଏକ ପ୍ରତିନିଧି; ଦେଶକାଳରେ ପ୍ରବାହ ଭିତରେ ମାନବଜାତିର ଏକ ସଂଚାରୀ ବିନ୍ଦୁ। ମୋର ଡ଼ାକଘରୀ ଠିକଣା ମୋର ସଂଜ୍ଞା ନୁହେଁ। ମୋର ନାମ ବା ରୂପ ମୋର ସ୍ଥାୟୀ ଭାବ ନୁହନ୍ତି। ମୁଁ ଅମୁକ ନହୋଇ ସମୁକ ହୋଇପାରିଥାନ୍ତି। ମୋର ମୌଳିକ ସତ୍ତାରେ ସ୍ଥିରରହି ବ୍ୟାବହାରିକ ପ୍ରୟୋଜନ ପାଇଁ ମୁଁ ଯେକେହି ହୋଇପରିଥାନ୍ତି। ଅନିର୍ଦ୍ଦିଷ୍ଟ, ବିପୁଳ ସର୍ବନାମର ମୁଁ ଗୋଟିଏ ମାତ୍ର ବିଶେଷ୍ୟ-ରୂପ। ଜଡ଼ଚେତନର ସମାହାର ଭିତରେ ନିଜକୁ "ମୁଁ" ବୋଲି ଅଭିହିତ କରିପାରୁଥିବା ପ୍ରାଣୀମାନଙ୍କ ମଧ୍ୟରୁ ମୁଁ ଯେ କେହି ଜଣେ। ମୁଁ ସେମାନଙ୍କର ପ୍ରତିନିଧି। ଆପଣ ବି ଜଣେ ପ୍ରତିନିଧି। ଆପଣ ଜାଣିବାକୁ ଚାହିଁଛନ୍ତି କିମ୍ବା ମୁଁ ଆପଣଙ୍କୁ ଜଣେଇବାକୁ ଚାହିଁଛି, ମୁଁ କିଏ ? ପ୍ରଶ୍ନଟି ଉଭୟଙ୍କର। ସଂଜ୍ଞାଟି ଉଭୟଙ୍କର। ଯେକୌଣସି ପ୍ରତିନିଧି ମାଧ୍ୟମରେ ସମଗ୍ର ମାନବଜାତିର ଏ ସଂଜ୍ଞା। ଏଇଟା ବୋଧହୁଏ ପ୍ରଶ୍ନ ନୁହେଁ - ଏହା ଏକ ବିସ୍ମୟ; ଇତିହାସର ସବୁଠାରୁ ପୁରାତନ, ସବୁଠାରୁ ଗଭୀରତମ ବିସ୍ମୟ। ସେଥିପାଇଁ ପ୍ରଶ୍ନର ଉତ୍ତରଟି ମଧ୍ୟ କୌଣସି ବୟାନ ନୁହେଁ କିମ୍ବା ସଂଳାପ ନୁହେଁ; ବରଂ ତାହା ଏକ ଅସ୍ଫୁଟମନ, ଏକ ସ୍ୱଗତୋକ୍ତି, ଗୋଟାଏ ପ୍ରକାର ଧ୍ୟାନ ବା ଅନ୍ତର୍ମୁଖୀ ଅନୁଧ୍ୟାନ, କୌଣସି ଏକ ନୀରବ ମୁହୂର୍ତ୍ତରେ ପୁରୁଣା ଆକାଶକୁ ନିରୀକ୍ଷଣ କଲାଭଳି ଗୋଟିଏ କ୍ରିୟା।

ମୋର ଅସଂଖ୍ୟ ସମ୍ପର୍କ। ଅସଂଖ୍ୟ ସଂଜ୍ଞା। ସମ୍ପର୍କର ଭୂମିମଧ୍ୟ ଅସଂଖ୍ୟ। ପରିବାର, ସମାଜ, ଦେଶ ଏବଂ ଏ ପୃଥିବୀ କେତେଗୁଡ଼ିଏ ସମକେନ୍ଦ୍ରିକ ବୃତ୍ତରେଖା। ଏଥିରେ କେନ୍ଦ୍ର ଆଡ଼କୁ ସମ୍ପର୍କର ଜାଲଟି ଘନୀଭୂତ। ପୁଅ, ପୁତୁରା, ବାପ, ଦାଦି, ମାମୁଁ, ମଉସା ଇତ୍ୟାଦି ମୋର ନିବିଡ଼ତମ ସମ୍ପର୍କ, ଦାୟିତ୍ୱ ଏବଂ ଅଧିକାର। ଏ ଭୂମିରେ ସମ୍ପର୍କ ରକ୍ତଗତ, ଜୈବିକ ଏବଂ ଏକାଠି ବଞ୍ଚିବା ପାଇଁ ନ୍ୟୁନତମ ସ୍ୱୀକୃତି। ହୁଏତ ମୋର ଜନ୍ମିବା ଏକ ଆକସ୍ମିକ ଘଟଣା। ସେଥିରେ ମୋର ସ୍ୱେଚ୍ଛାକୃତ ଆୟତ୍ତ ନାହିଁ। ସେଥିପାଇଁ ଜନ୍ମଗତ କେତେଗୁଡ଼ିଏ ସମ୍ପର୍କ ଉପରେ ମଧ୍ୟ ମୋର ଆୟତ୍ତ ନାହିଁ। ମା'ର ଜଠର ପରି ସେ ସମ୍ପର୍କଗୁଡ଼ିକ ମୋର ଅଦ୍ୟ ପିଢ଼ି, ମୋ ଚେର ପାଇଁ ମୂଳ ମାଟି। ମୁଁ ପ୍ରଥମେ ଆଖି ଖୋଲି ତାଙ୍କୁ ଆବିଷ୍କାର କରେ। ତା'ପରେ ଦ୍ୱିତୀୟ ବୃତ୍ତର ସମ୍ପର୍କଗୁଡ଼ିକ ସ୍ୱେଚ୍ଛାକୃତ ସୂକ୍ଷ୍ମତର; କିନ୍ତୁ ସ୍ୱାଭାବିକ। ସମାଜ ଜଙ୍ଗମ ମାନଙ୍କର ଅରଣ୍ୟ। ସେଠି ଡ଼ାଳକୁ ଡ଼ାଳ ବାଜି ସମ୍ପର୍କ। ଚାଷୀ, ଗାଈଆଳ, କମାର, କୁମ୍ଭାର, ତେଲୀ, ବେପାରୀ, ସାହୁକାର ଭୂମିକାରେ ମୁଁ ନିର୍ଦ୍ଦିଷ୍ଟ ଆହାର ପାଏ ଏବଂ ଦିଏ। ଏ ଭୂମିରେ ମୁଁ ହୋଇପାରେ ଶିକ୍ଷକ, ମୁଣ୍ଡିଆଳ ମୁରବୀ। ହୋଇପାରେ ଦୀକ୍ଷାଗୁରୁ, ପୂଜକ ବା ପଣ୍ଡା। ହୋଇପାରେ କବିରାଜ, ଡ଼ାକ୍ତର କିମ୍ବା ସ୍ୱେଚ୍ଛାସେବୀ।

Digitized by srujanika@gmail.com

ହୋଇପାରେ ଶାସକ, କର୍ମଚାରୀ ବା ନେତା; ଶ୍ରମିକ କିମ୍ବା ମଜଦୁର। ହୋଇପାରେ ପ୍ରେମିକ, ଲେଖକ, ଚିତ୍ରକର ବା ଶିଳ୍ପୀ। ଯା ଉପର ଧାପର ସମ୍ପର୍କଗୁଡ଼ିକ ଆହୁରି ସୂକ୍ଷ୍ମ। ଭୂମି ଆହୁରି ବିସ୍ତୀର୍ଣ୍ଣ। ଏଇଠି ମୁଁ କୌଣସି ସୀମାରେଖା ଉପରେ ସଙ୍ଗୀନ ମୁନରେ ଯୁଦ୍ଧକରେ ବା କୌଣସି ରାଜଧାନୀରେ ବସି ଯୁଦ୍ଧ ଘୋଷଣାକରେ। ମୁଁ ଅକାଶଛତାରୁ ଅବତରଣ କରୁଥିବା ସୀମାନ୍ତସନ୍ତ୍ରୀ, କିମ୍ବା ବିଶାଳ ଭୂଖଣ୍ଡର ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ। ମୁଁ ମତଦାନକରେ, ରକ୍ତଦାନକରେ। ଦେଶଟିଏ ଗଢ଼େ, ଦେଶର ପୂଜାକରେ। ଦେଶ ପାଇଁ ବଞ୍ଚେ ବା ମରେ। ଈଶ୍ୱରଟିଏ ଗଢ଼େ। ତାକୁ ପୂଜା କରେ। ତା'ପାଇଁ ବଞ୍ଚେ ବା ମରେ। ସମଗ୍ର ପୃଥିବୀଟି ଏ ପର୍ଯ୍ୟାୟର ବୃହତ୍ତମ ବୃତ୍ତ। ସମ୍ପର୍କ ସେଇଠି ସୂକ୍ଷ୍ମତମ; ଭାବିଲେ ଅଛି, ନହେଲେ ନାହିଁ। ଏହିଭଳି ଅସଂଖ୍ୟ ସମ୍ପର୍କର ଅସଂଖ୍ୟ ତନ୍ତୁ ଏକାଠି କରିଦେଲେ ବିଭିନ୍ନ ଆଚରଣ, ଚିନ୍ତା, ଆବେଗ ଏବଂ କର୍ମ କରୁଥିବା ମୋର ଗୋଟିଏ ଭାବମୂର୍ତ୍ତି ପ୍ରତିଭାତ ହୁଏ। ଏହାରି ମାଧ୍ୟମରେ ମୋତେ ଅପରମାନେ ବୁଝନ୍ତି ବା ଜାଣନ୍ତି।

କିନ୍ତୁ ଏ ବୃତ୍ତଗୁଡ଼ିକର କେନ୍ଦ୍ର ମୁଁ। ହୁଏତ ସ୍ୱୟଂସମ୍ପୂର୍ଣ୍ଣ ବର୍ତ୍ତୁଳ ବିନ୍ଦୁଟିଏ। କିଛି କ୍ଷୁଧା ନେଇ ଜନ୍ମିଥାଏ, ମୁଖ୍ୟତଃ ବଞ୍ଚିବାର ହିଁ କ୍ଷୁଧା। ଚେତନାରେ ସ୍ତରୀଭୂତ ହୋଇ ରହିଥାଏ କୋଟି କୋଟି ବର୍ଷର କ୍ଷୁଧା, ଜନ୍ମ, ମରଣ, ଯାତନା !, ସଂଘର୍ଷ ଏବଂ ସମ୍ପର୍କର ପରମ୍ପରା। ମୁଁ ବଞ୍ଚିବାକୁ ପ୍ରୟାସ କରେ। ନିଜପାଇଁ, ନ୍ୟୂନତମ ସ୍ୱାର୍ଥପାଇଁ, ଜନ୍ତୁଟି ପାଇଁ ବଞ୍ଚିବାକୁ ପ୍ରୟାସ କରେ। ପାଞ୍ଚଟି ମୁହଁ ମେଲେଇ ମୁଁ ଆହାର ଅନ୍ୱେଷଣ କରେ। ଦାବି କରେ ଯେ ମୁଁ ପ୍ରଥମେ ଅଧିକାର; ବୋଧହୁଏ ଏକମାତ୍ର ଦାୟିତ୍ୱ ଏବଂ ଏକମାତ୍ର ଅଧିକାର। ସେଥିପାଇଁ ଉଇଁଆସୁଥିବା ସୂର୍ଯ୍ୟକୁ ଆକାଶରୁ ତୋଳିବାକୁ ମୁଁ ହାତ ବଢ଼ାଏ। ସମଗ୍ର ପୃଥିବୀକୁ ଆହାର କରିବାକୁ ମୁହଁ ମେଲାଏ। ସାତସମୁଦ୍ରକୁ ଶୋଷିବାକୁ ଗଣ୍ଡୁଷରେ ତୋଳି ଧରେ। ମୁଁ ଜନ୍ମତଃ ସ୍ୱାର୍ଥପର, ଜନ୍ମତଃ ଜନ୍ତୁ। ମୁଁ ନିଜେ ବଞ୍ଚିବାକୁ ସଂଘର୍ଷ କରେ। ସମ୍ପର୍କ ସୃଷ୍ଟିକରେ। ସେଥିରେ ଆହତ ହୁଏ, ଶାସିତ ହୁଏ, ସଂଯତ ମାର୍ଜିତ ଶୋଧିତ ହୁଏ। ସ୍ୱାର୍ଥର ଘନ ବିନ୍ଦୁଟି ମୁକୁଳିଯାଏ। ସ୍ୱାର୍ଥର ପରିସର ବଢ଼ିଯାଏ। ସେହି ଅନୁପାତରେ କାମନାର ପରିସର ମଧ୍ୟ ବଢ଼ିଯାଏ। କ୍ଷୁଧା ବଢ଼ିଯାଏ। ସଂଘର୍ଷ ବଢ଼ିଯାଏ। ଅହଙ୍କାରଟି ବୟଂକାରରେ ପରିଣତ ହୁଏ। ହାନିବାଲ୍ ତିମୁର ରୂପରେ ମୁଁ ଦିଗ୍‌ବିଜୟ କରେ ବା ସେମାନଙ୍କର ବଳବତ୍ତର ସ୍ୱାର୍ଥ ପାଇଁ ହାଣଖାଇଯାଏ। 'ଫାରୋଆ'ର କବର ପାଇଁ ପଥର ବୋହି ବୋହି ଜୀର୍ଣ୍ଣ ହୋଇଯାଏ। ପୁଣି ବିଦ୍ରୋହ ହୁଏ। ସମ୍ରାଟଙ୍କୁ ହତ୍ୟା କରାହୁଏ। ମୁଁ ହିଁ ମୋତେ ହତ୍ୟାକରେ। ଖାଲି ସିଂହାସନରେ ବସେ ବୃହତ୍ତର ସମାଜ। ନିର୍ଦ୍ଦିଷ୍ଟ ବ୍ୟକ୍ତି ନ ରହି ଅନିର୍ଦ୍ଦିଷ୍ଟ ଧାରଣା ବା ବିଶ୍ୱାସଟିଏ ରାଜତ୍ୱ କରେ। କହେ - ହୁଏତ ମୁଁ ହିଁ ସାମୂହିକ କଣ୍ଠରେ କହେ - ଏ ବିରାଟ ଯନ୍ତ୍ରରେ ତୁମେ ସବୁ ଗୋଟିଏ ଗୋଟିଏ ଖିଲା। ଯନ୍ତ୍ର ଚାଲିଲେ ତୁମେ ଚାଲିବ, ଯନ୍ତ୍ର ରହିଲେ ତୁମେ ରହିବ। ମୁଁ ଗୋଟିଏ ଖିଲା। ମୋର ବଞ୍ଚିବାର ଅଧିକାରକୁ ମୋ ହାତରୁ ଛଡ଼େଇନିଆହୁଏ। ପରସ୍ପର ପାଇଁ ବଞ୍ଚିବାର ଗୋଷ୍ଠୀସ୍ୱାର୍ଥ ମଧ୍ୟ ରହେ ନାହିଁ। ଛୋଟ ଛୋଟ ପରିଧି ଭାଙ୍ଗିଯାଏ। ସମସ୍ତେ ଗୋଟ ଗୋଟି ହୋଇ ବୃହତ୍ ପଡ଼ିଆଟିରେ ଠିଆହୋଇଯାନ୍ତି। ଚିତ୍ରିତ କଣ୍ଢେଇଟିକୁ ସର୍ବଶକ୍ତିମାନ୍ କହି ପୂଜକମାନେ ଶାସନ କରନ୍ତି। ମୁଁ ହିଁ ଏ ଆଳୁଆଳରେ ଶାସନ କରେ। ଅନ୍ୟପକ୍ଷେ ମୁଁ ଆଦିମ ସଂଘର୍ଷର କ୍ରୀତଦାସ ହୋଇ ରହିଯାଏ। କେବଳ ନିଜେ ବଞ୍ଚିବା ନିଛକ ସ୍ୱାର୍ଥ। ଅନ୍ୟକୁ ଖାଇ ବଞ୍ଚିବା ସେଇ ସ୍ୱାର୍ଥ। ଖାଇବାର ଢ଼ଙ୍ଗ, ଠାଣି,

Digitized by srujanika@gmail.com

ବିପୁଳତା ସେଇ ସ୍ୱାର୍ଥର ହିଁ ମଣ୍ଡଣି । ମୁଁ ମୋର କ୍ରୀତଦାସ । ମୁଁ ମୋର ସ୍ୱାର୍ଥର ପୂଜାରୀ । ବଞ୍ଚିବା ଏକ ନିରବଚ୍ଛିନ୍ନ କ୍ଷୁଧା । କ୍ଷୁଧା ହିଁ କାମନା । ମୁଁ ଅସଂଖ୍ୟ କାମନାର ସମାହାର ।

ଶରୀରର କ୍ଷୁଧା । ମନର କାମନା । ମନର ମୂଳେ ଏ ଜଗତ । ଶରୀର କେବଳ ବସ୍ତୁସଂଘ । ମନ ଏକ ଅସ୍ଥିର ପବନ । ଜଗତ ଏକ ଛାୟାବାଜି । ପୃଥିବୀ ଗୋଟିଏ ଧୂସର ଧୂଳିକଣା । ସୂର୍ଯ୍ୟ ଗୋଟିଏ ମ୍ରିୟମାଣ ପ୍ରଦୀପ । ଆକାଶର ଜ୍ୟୋତିରିଙ୍ଗଣଗୁଡ଼ିକ ନିଶ୍ଚେତନ ଜଡ଼ପିଣ୍ଡ । ଦେଶକାଳର ମହାବ୍ୟାପ୍ତି ଭିତରେ ଜୀବନ ଗୋଟିଏ ଆକସ୍ମିକ ଘଟଣା । ମଣିଷର ଆବିର୍ଭାବ ଏବଂ ତିରୋଭାବ ଗୋଟିଏ ଫୋଟକାର କାହାଣୀ । ସେଥିରେ ନିଜକୁ ମୁଁ ବୋଲି କହୁଥିବା ଏ ପଦାର୍ଥଟି ଏକ ଅସ୍ତିନାସ୍ତିର ବିସ୍ମୟ । ଏଣୁ କିବା ତା'ର ଶରୀର, କିବା କ୍ଷୁଧା, କିବା ମନ, କିବା କାମନା, କିବା ଦାୟିତ୍ୱ, କିବା ଅଧିକାର - ସେ ପ୍ରାୟ ନାହିଁ ବା ନଥିଲା । ସେଥିରେ ସ୍ୱାର୍ଥ କ'ଣ, ପରାର୍ଥ ବା କ'ଣ ? ମୁଁ କ'ଣ, ମମ କ'ଣ; ମମତା ବା କ'ଣ ? ଲିଭିଯାଉଥିବା ଏ କ୍ଷୀଣ ରେଖାଟିକୁ ଜାଲ ଫାନ୍ଦି ରୋଧି ହୁଏନାହିଁ । ନଗଣ୍ୟରୁ ନଗଣ୍ୟତର ହୋଇ ମୁଁ ନିଶ୍ଚିହ୍ନ ହୋଇଯାଏ ।

ମୁଁ କିନ୍ତୁ କେବଳ ଜନ୍ତୁ ନୁହେଁ । ଲୋମଶ ଲୋଲୁପ ଦ୍ୱିପଦ ଶ୍ୱାପଦ ନୁହେଁ । ମୁଁ କେବଳ ଶରୀର, ମନ ବା ପ୍ରାଣ ମୁହେଁ । ଏ ସମସ୍ତର ସମାହାର ବି ନୁହେଁ । ଅସଂଖ୍ୟ ନାମ ବିମ୍ବର ପଶ୍ଚାତ୍‌ରେ ସର୍ବନାମ ଅନାମ ମୁଁ । ଅସଂଖ୍ୟ ରୂପର ଛାୟାବାଜିର ପଶ୍ଚାତ୍‌ରେ ସର୍ବରୂପ ଅରୂପ ମୁଁ । ମୁଁ ହିଁ ସୂତ୍ର ରୂପରେ ଏ ଅକଳନୀୟ କଣ୍ଢିଗୁଡ଼ିକୁ ଭେଦକରେ । ଧାରଣ କରେ । ଏ ଚେତନାର ସମୁଦ୍ରରେ ଜଡ଼ ବୋଲି କିଛି ନାହିଁ । ସବୁ ଚୈତନ୍ୟମୟ । ମୁଁ ହିଁ ସେଇ ଚୈତନ୍ୟ । ସମଗ୍ର ଅତୀତ ମୁଁ । ସମଗ୍ର ଭବିଷ୍ୟତ୍ ମୁଁ । ବ୍ୟାପ୍ତି ମୁଁ, ସ୍ଥିତି ମୁଁ, ଗତି ମୁଁ, ଜଗତ୍ ମୁଁ । ପ୍ରଥମ କାମନାରେ ମୁଁ ସୃଷ୍ଟିକରେ । ଦ୍ୱିତୀୟ କାମନାରେ ପାଳନ କରେ । ତୃତୀୟ କାମନାର ସଂହାର କରେ । ମୋର ତ୍ରିପାଦ ଅବ୍ୟକ୍ତ । ମୁଁ ନକ୍ଷତ୍ରମାନଙ୍କ ପାର୍ଶ୍ୱଦେଶରେ ଶାୟିତ ଅଦ୍ଭୁତ ପୁରୁଷ । ମୁଁ ଚେତନା ସାଗରର ଅଭିନ୍ନ ଲହରୀ । ମୁଁ ଅମୃତ ସାଗର; ମୁଁ ଅମୃତବିନ୍ଦୁ । ମୋର ଶ୍ୱାସପତନ ହିଁ କାଳ । ମୋର ଲୋମକୂପରେ ଦୋଳାୟମାନ ଏ ସୃଷ୍ଟି ।

ମୁଁ ଏହିରୂପେ ନିଜକୁ ନିଜେ ଜୟକରେ । ବଦ୍ଧଜନ୍ତୁକୁ ମୁକ୍ତଦେବତା କରେ । ମୋ ଭିତର ବାହାରକୁ ଏକାକାର କରେ । ଅମୃତର ମୁଖଦ୍ୱାରରୁ ଖୋଳପା ଛଡ଼େଇଦିଏ । ଆଲୋକକୁ ଆବାହନ କରେ । ମୋର ତୃତୀୟ ନେତ୍ର ଫିଟିଗଲେ ମୁଁ ହୁଏ ତୁଷାରଧବଳ ଦେବଶିଶୁ । ତେଣିକି ସାମୂହିକ ଜୀବଯନ୍ତ୍ରଣା ମୋତେ ବିଗଳିତ କରେ । ଅଶୁଭର ବିନାଶ ପାଇଁ ମୁଁ ମୋର ଅସ୍ଥି ଦାନକରେ । ଦୁଃସହ ଯାତନାର ନର୍କରେ ନିଜେ ପଡ଼ିରହି ଆର୍ତ୍ତ ପ୍ରାଣୀମାନଙ୍କର ଅପ୍ରମିତ ଦୁଃଖ ଉପଶମ କାମନା କରେ । କ୍ରୁଶ୍ ଉପରେ ମରଣାନ୍ତକ କ୍ଷତ ବହନକରି ଜୀବଜଗତ୍ ପାଇଁ ପ୍ରାୟଶ୍ଚିତ୍ତ କରେ । ଦୁଃସହ ସଂଘର୍ଷମୟ ଜୀବନର ହଳାହଳ ନିର୍ବିକାର ପାନକରି ସୃଷ୍ଟିକୁ ଜ୍ୱାଳାମୁକ୍ତ କରେ । ମଙ୍ଗଳ ବିଧାନ କରେ । ଏହା ମୋର ଚୂଡ଼ାନ୍ତ ଦିବ୍ୟରୂପ । ମୁଁ ଅର୍ଦ୍ଧାକାଶରୁ ବିନ୍ଦୁ ବର୍ଷିଯାଏ । ବିତରିତ ହୋଇଯାଏ ତୃଷାର୍ତ୍ତ ପୃଥିବୀରେ ଏବଂ ନିଃଶେଷ ହୋଇଯାଏ ସେଇ ଅର୍ଦ୍ଧାକାଶରେ । ଏଇ ତ ମୁଁ !!

Digitized by srujanika@gmail.com

ଛପନଭୋଗୀ

ଏ ଦେଶର ଗଜପତି ମହାର୍ଜାମାନେ ଶହେଘର ହତୀ ପୋଷୁଥିଲେ ବଣ ପାରି ହେବାପାଇଁ ଏବଂ ଏକ ଘର ଦିଅଁ ପୋଷୁଥିଲେ ସଂସାର ପାରି ହେବାପାଇଁ। ଖର୍ଚ୍ଚ ସମାନ। ଖାଦ୍ୟ ବି ସମାନ। ଏ ଦିଅଁଙ୍କର ମୁହଁ ସବୁବେଳେ ଓଦା ଥାଏ। ବାରମ୍ବାର ଭୋଜନ ପରେ ବାରମ୍ବାର ଆଞ୍ଚଉଥିବାରୁ ଏମନ୍ତ ହୁଏ ବୋଲି ଭକ୍ତେ କହନ୍ତି। ସର୍ବଦା ଗ୍ରସମାନ ମୁହଁଟିକୁ କହିଁକି ଯେ ଆଞ୍ଚୋଇବା କ୍ରିୟାଦ୍ୱାରା ଅଯଥା ବାଧା ଦିଆଯାଏ, ବୁଝିବା କଠିନ। କେତେ ପରିମାଣ ଅନ୍ନ ନୈବେଦ୍ୟ ହେଲା, ତାକୁ କଳନା କରିବା ଭକ୍ତଜାତିର ସ୍ୱଭାବ ନୁହେଁ- କିନ୍ତୁ ଅନ୍ତତଃ କେକେଥର ଧୂପ ଉଠିଲା, ତାକୁ ମଞ୍ଜି ଆଣିଲାପରି ହିସାବ ରଖାଚାଲିଥାଏ। ନୀତିର ବ୍ୟତିକ୍ରମ ହୁଏ ନାହିଁ। ସେଥିପାଇଁ ଯେତେବେଳେ ପଚାରିଲେ ମଧ ଠାକୁରଙ୍କ ନୀତି ବଢୁଥାଏ, ନୈବେଦ୍ୟ ଅର୍ପଣ ଚାଲିଥାଏ କିମ୍ବା ଆଚମନ ଚାଲିଥାଏ। ଅନ୍ୟ କୌଣସି ଈଶ୍ୱରୀୟ ଦାୟିତ୍ୱ ତାଙ୍କୁ ଏଠାକାର ଭକ୍ତମାନେ ଦେଇନାହାନ୍ତି। ଅହରହ ଭୋଜନ କ୍ରିୟାକୁ ସାବ୍ୟସ୍ତ କରୁଥିବା ସେ ମୁଖମଣ୍ଡଳଟି ଦେଖିଲେ ଗୁହାରିଆ କେବଳ ଅନ୍ନ ଖଣ୍ଡିଏ ହିଁ ମାଗିପାରେ। ଆଉ କିଛି ଶ୍ରୀଛାମୁରେ ଜଣାଇବା ଅବାନ୍ତର ମନେହୁଏ। ବର୍ଣ୍ଣ, ଆକାର, ଆହାର ଏବଂ ଠାଣିରୁ ପ୍ରବଳ ମତୁଆଲା ହାତୀର ପରିଚୟ ପାଇ କେହି ଜଣେ ଭକ୍ତ ତାଙ୍କୁ ଆଉ ଗୋଟିଏ ହସ୍ତୀସୁଲଭ ଚିତ୍ତବିନୋଦନପାଇଁ ଆବେଦନ କରିଥିଲେ - ତା' ହେଲା, ପଦ୍ମ ବନଟିକୁ ଦଳିବା। ସେଥିରେ ମଧ କୁଆଡ଼େ ସେ ଅଙ୍ଗୀକାର ଦେଲେ ନାହିଁ ବୋଲି ଜନରବ। କାରଣ ଭୋଜନ ଏବଂ ଆଚମନର ଅବିଶ୍ରାନ୍ତ ପରିଶ୍ରମରେ ଅବସନ୍ନ ହେବାପରେ କେବଳ ପହୁଡ଼ ହିଁ ସମ୍ଭବ ଏବଂ ସମୀଚୀନ। ଏଭଳି ହାତୀ ପୋଷିବା ଗଜପତିମାନଙ୍କର ଇଜ୍ଜତ। ତାକୁ ତେମନ୍ତ ମାର୍ଗେ ପାଳିବା ଆମ୍ଭଭଳି ଇତର ଜନଙ୍କ ପାଇଁ ଦୁସ୍ତର ଦାୟିତ୍ୱ। ଦୋଳିରେ ଝୁଲି ସରଳବଣୀକୁ ଥୁ ଥୁ କରି ଫିଙ୍ଗୁ ଥିବା ଅଳିଅଳ ଠାକୁରେ ଗଣ୍ଡିଏ ବଗଡ଼ା ବା ଖଣ୍ଡିଏ ପୋଡ଼ପିଠାରେ ବକତେ ତୁଳାଇ ନେଉଛନ୍ତି; ତଥାପି କେମିତି ଏବଂ କାହିଁକି ତାଙ୍କ ରୋଷ ଘରୁ ଧୂଆଁ ଉଠୁଥାଏ। ଆଠକାଳୀ ବାରମାସୀ, ଭୋଗ ଉଠୁଥାଏ ବର୍ଷ ସାରା ଏବଂ ଯାନିଯାତ୍ରା ପର୍ବପର୍ବାଣୀରେ ପିଠାପଣାପାଇଁ ପୁରୁଷାନୁ କ୍ରମେ ଖଟଣିରେ ନିଯୁକ୍ତି ହୋଇଥାନ୍ତି ଦଇତାପତିମାନେ, ଏହା ଆମ୍ଭ କ୍ଷୁଦ୍ର ବୁଦ୍ଧିର ଅଗୋଚର। ଏ ଭୋଗ କ୍ଷେତ୍ରରେ ଖାଇବା ଉଣା ହୋଇଗଲେ ଈଶ୍ୱରଙ୍କ ବିଭୂତି ଉଣା ହୋଇଯାଏ, ସଂଜ୍ଞା ବଦଳିଯାଏ ଈଶ୍ୱରଙ୍କର। ଏଣୁ ଭକ୍ତି, ଶକ୍ତି ଏବଂ ପ୍ରେମ ବିବର୍ଜିତ ହୋଇ ସୁଦ୍ଧା ପରଂପରାଟିକୁ ରକ୍ଷା କରାଯାଏ। ହାତୀ ପୋଷାଯାଏ।

Digitized by srujanika@gmail.com

ଖାଇବା ମଣିଷ ପାଇଁ ନ୍ୟୂନତମ ପ୍ରୟୋଜନ; କିନ୍ତୁ ଆଦିମତମ ବିଳାସ। କେଉଁ କାଳରୁ ଭୋଜ୍ୟର ପରିମାଣ ଅନୁପାତରେ ତା'ର ଐଶ୍ୱର୍ଯ୍ୟ ଏବଂ ପ୍ରତିପତ୍ତି ନିର୍ଣ୍ଣିତ ହୋଇ ଆସୁଛି। ଆଲେକ୍‌ଜାଣ୍ଡାର ଆଉ ଲକ୍ଷେ ରାଜ୍ୟ ଜୟକରନ୍ତୁ - କିନ୍ତୁ ତାଙ୍କ ମଣୋହି ପାଇଁ ଯଦି ଦଶ କୋଡ଼ିଏଟି ବର୍ଣ୍ଣ୍ୟ ବାର୍‌ହା ସଂପୂର୍ଣ୍ଣ ଏବଂ ସାବୟବ ଭଜାହୋଇ ପରଷା ହେଲାନାହିଁ, ତେବେ ସେ କି ବିଶ୍ୱବୀର। ସେ ପୁରୁଷ ସିଂହ ସତକୁ ସତ ସେ ବିସ୍ତୃତ ପଡ଼ିଆରୁ ସବୁଯାକ ଖାଦ୍ୟ ଭୋଗ କରନ୍ତି, ନା ଛକି ଛକି ବୁଲୁଥିବା ଅସଂଖ୍ୟ ଭକ୍ତ-ବିଲୁଆମାନେ ତାକୁ ପାଇଥାନ୍ତି - ତାହା ସେପରି କିଛି ଗୁରୁତର ପ୍ରଶ୍ନ ନୁହେ। କଥା ହେଲା ଆଲେକ୍‌ଜାଣ୍ଡାରଙ୍କ ସୁବିଶାଳ ସାମ୍ରାଜ୍ୟ ତୁଳନାରେ ତାଙ୍କୁ ଭୋଗ-ମଣୋହି ଅର୍ପଣ ହେଲା ନା ନାହିଁ। ଜନ୍ତୁଟି ସିନା ଖାଏ; କିନ୍ତୁ ଭୋଜନକୁ ଐଶ୍ୱର୍ଯ୍ୟରେ ପରିଣତ କରେ ମଣିଷ। ଜନ୍ତୁ ବଞ୍ଚେ, କିନ୍ତୁ ଜୀବନକୁ ଭୋଗକରେ ମଣିଷ। ଭୋଗ କରିବାର ଆଦିମତମ ରୂପ ହେଲା ଭୋଜନ ଏବଂ ମୈଥୁନ। ଏଥିରେ ହିଁ ଆବହମାନ କାଳରୁ ସବୁପ୍ରକାର ଯୋଜନା ଏବଂ ସ୍ୱପ୍ନ ଜଡ଼ିତ ହୋଇରହିଛି। ଏଥିରେ କ୍ଷୁଧା, ଏଥିରେ ଆନନ୍ଦ। ଦେହର ସବୁଠାରୁ ଉତ୍ତପ୍ତ ଦୁଇଟି ବିନ୍ଦୁରେ ଦୁଇଟୋପା ଅମୃତ ଲାଗିରହିଛି କେଉଁକାଳୁ। ତାକୁ ଜିଭ ଲମ୍ବେଇ ଚାଟିନେବାକୁ ଅହରହ ଚେଷ୍ଟାରେ ଜଳିଯାଇଛି ଦେହ ପରେ ଦେହ। ସେ ଅମୃତର କ୍ଷୟ ନାହିଁ। ସେ ଜ୍ୱଳନର ମଧ ବିରାମ ନାହିଁ। ସେଥିପାଇଁ ଖାଇବା ଖୁଆଇବା ଏବଂ ସେଥିରେ ଅମୃତ ଖୋଜିବା ଆମର ପାରଂପରିକ ଅଭ୍ୟାସ।

ଭାରି ଖାଉଟିଆ, ପିଠାପଣାରଙ୍କ, ଯାନିଯାତ୍ରା-ମଉଛବପ୍ରିୟ ଏ ରାଜ୍ୟ ଲୋକେ। ବର୍ଷସାରା ଏତେ ପର୍ବ ପାଳନର ବ୍ୟବସ୍ଥା, ଏପରି ନିଜ ଦିଅଁଙ୍କ ମୁହଁ ସର୍ବଦା ଓଦା ରଖିବାର ବ୍ୟବସ୍ଥା ଆଉ କୁତ୍ରାପି ନାହିଁ। ଅକୁଣ୍ଠ ଜୀବନରେ ଯଦି ଚତୁଷ୍ପାଦରେ ଐଶ୍ୱର୍ଯ୍ୟର ପଦ୍ମ ଫୁଟିଛି, ଲହଡ଼ି ମାରୁଛି ବିଶାଳ ଭୂଖଣ୍ଡରେ ଦିଗ୍‌ବିଜୟୀ ଜାତିର ଭୋଗଲିପ୍‌ସା, ସମୁଦ୍ର କୂଳରେ ତୁଳେଇ ହେଉଛି ଭାର ଭାର ମାଣିକ୍ୟ, ସେତିକିବେଳେ ବିଳାସର ଚିହ୍ନ ରୂପେ ଏସବୁ ଦେଖାଦେବା ସ୍ୱାଭାବିକ। ଖୁବ୍ ସ୍ୱାଭାବିକ ଜୀବନ ଏପରି ଉଛୁଳିଯିବା, ସେଥିରେ କାର୍ପଣ୍ୟ ନାହିଁ। ଉଚ୍ଛୃଙ୍ଖଳତା ମଧ ନାହିଁ। ସେ ଗୋଟାଏ ପ୍ରକାର ସରଳ ଆଭିଜାତ୍ୟ, ଖୁବ୍ ସ୍ୱାଭାବିକ ଗୋଟାଏ ବଡ଼ପଣ। ସେମିତି ଥରେ ବେଳ ଆସିଥିଲା ଆମ ଇତିହାସରେ। ଆମେ ସମୁଦ୍ର ସାଙ୍ଗେ ଟକ୍‌କର ଦେଉଥିଲୁ। ପର୍ବତ ସାଙ୍ଗେ ସ୍ପର୍ଦ୍ଧାକରି ଆମ ନିଶାଣ ଉଡୁଥିଲା। ସେଇଟା ଆମର ଦିଗ୍‌ବିଜୟ ସମୟ; ଉତୁରିପଡ଼ିବାର, ବିଚ୍ଛୁରିତ ହୋଇ ପଡ଼ିବାର ସମୟ। ସେତିକିବେଳେ ହିଁ ଖାଇବା ଏବଂ ଖୁଆଇବାର ଏ ବିସ୍ତୃତ ବାଦଶାହୀ ଯୋଜନା ହୋଇଥିଲା। ଚାଲିଲା ମଧ ଅନେକ ଦିନ ସୁବିଧାରେ, ସ୍ୱଚ୍ଛନ୍ଦରେ। ତା'ପରେ କେତେବେଳେ ଆମକୁ ଘୋର ଦୁର୍ଦ୍ଦିନ ଆସି ଘୋଡେଇ ସାରିଲାଣି - ଆମର ଖିଆଲ୍ ନାହିଁ। ହାଣ୍ଡିରୁ କେଉଁକାଳୁ ପାରା ଉଡ଼ିଗଲେଣି, ଖସିପଡ଼ିଲାଣି କଳସ - ଆମର ହୋସ୍ ନାହିଁ। ଆମେ ସେମିତି ପୁରୁଣା ଅଭ୍ୟାସରେ ଓସାରି ହେଉଛୁ, ଘୋଷାରି ହେଉଛୁ। ଗୋଟିଏ ପତରରେ ଗଣ୍ଡିଏ ମୁଢ଼ି ଦେବା କଷ୍ଟ ହୋଇଗଲାଣି, ଅଥଚ ଦେଢ଼ହାତିଆ ଶିଆଳି ଖଲି ସିଆଁ ଚାଲିଛି। ସେଥିରେ କୁଆଡ଼େ ଶହେପ୍ରକାର ଅନ୍ନ ବ୍ୟଞ୍ଜନ ପରଷା ହେବ। ଯେତିକି ଖାଇଲେ ସେତିକି ଖଲିରେ କୁଢ଼ା ହୋଇ ରହିବ। ନ ହେଲେ ପତ୍ରଉଠାଳି ହସିଦେବେ। କହିବେ, 'କିବା ଖାଇବାକୁ ହେଇଥିଲା ଏ ଚମଚଟା କାଂପି, ଲୋକେ ପତ୍ର ଚାଟି ଖାଇଗଲେ'। ଗୋଟିଏ ଚଟିଆକୁ ଆହାର ଯୋଗେଇବାକୁ ବଳ ନାହିଁ, ଏଣେ ହାତୀ

Digitized by srujanika@gmail.com

ଲଢ଼େଇ ହେବ। ତିରିଶ ପୁଞ୍ଜା କାକରାଖିଆ ହାତୀ ପଚିଶ ପୁଞ୍ଜା ଖାଇଲାବାଲାକୁ ହଟେଇବ। ଖଇ ଖାଇବ ଭରଣେ। ଚୁଡ଼ା ଖାଇବ ଗଉଣିଏ ! ଶହେ ଦିଅଁ ପୋଷାହେବେ। କିଏ ଖାଇବ ସରପୁଳି, କିଏ ଖାଇବ ମୁଆଁ। କିଏ ମାଛପୋଡ଼ା ତ କିଏ କାନିକା ! ଏ ହେଲାଣି ଗୋଟାଏ ବିଡ଼ମ୍ବନା; ଭାରି କରୁଣ ଗୋଟାଏ ପରିସ୍ଥିତି। ତଥାପି ଆମର ଚେତା ଆସୁନାହିଁ।

କେହି ଭୋକିଲା ହୋଇଗଲେ ତାକୁ ଖାଇବାର ସ୍ୱପ୍ନ ଘାରେ। ସେ ଅହରହ କେବଳ ଖାଇବି ଖାଇବି ହେଉଥାଏ। ଛୋଟ ହୋଇଯାଏ ତା'ର ମନ। ସେ ସାଙ୍କୁଡ଼ି ଯାଏ ଗୋଟିଏ ଛୋଟିଆ ଜନ୍ତୁର ପରିସର ଭିତରକୁ। ସେଇଠି ବଞ୍ଚିବାପାଇଁ, ନ୍ୟୁନତମ ପ୍ରୟୋଜନ ସକାଶେ ସେ ଲଢ଼େଇ କରେ। ଖାଦ୍ୟ ପାଇଁ ସଂଗ୍ରାମ କରେ। ସେ ବଞ୍ଚେ ତାର ଉଦର ପାଇଁ; ଅବୟବ ପାଇଁ। ଆକାଶ ସାରା ବିଛେଇ ହୋଇଥିବା ଅସଂଖ୍ୟ ଡାଳ ମରିଯାଏ। ସେ ହୋଇଯାଏ ଉଇ, ଜନ୍ଦା, କେଞ୍ଚୁଆମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଗୋଟାଏ ପରିଚୟହୀନ ଥୁଣ୍ଟା ଗଛ। ଭୋଜନର ଐଶ୍ୱର୍ଯ୍ୟରୁ ଓହ୍ଲାଇ ଆସିଲେ କ୍ଷୁଧାର୍ତ୍ତ ଜନ୍ତୁଟିଏ କ'ଣ ନଖାଏ ସତେ ? କୌଣସି ବାଛବିଚାର ନ ରଖି ସେ ମୁହଁ ବଢ଼େଇ ସବୁ ଚରିଯାଏ। ଭକ୍ଷ ଓ ଅଭକ୍ଷ ସବୁ ଖାଇଯାଏ ! ଓଃ, ଏ ହତଭାଗାକୁ କ୍ଷମା କରାଯାଉ ! ତା'ର ସେ ବିପର୍ଯ୍ୟୟ ପାଇଁ ଶୋକପ୍ରସ୍ତାବ ରଖାଯାଉ।

ସେ ଖାଏ ସର୍ବପ୍ରଥମେ ତା'ର ପରଂପରା ଏବଂ ବାପ ଗୋସେଇଁ-ବାପଙ୍କର ଇଜ୍ଜତକୁ। ଏତକ ନ କଲେ ତେଣିକି ଅବାଧ ଖାଇବା ପାଇଁ ତାକୁ ଅସୁବିଧା ହେବ ବୋଲି ସେ ଜାଣିଛି। ଯା'ପରେ ବନ୍ୟା ପାଇଁ ଗଚ୍ଛିତ ଚୁଡ଼ା ଚାଉଳ ବିକ୍ରି କରି ଖାଇପାରେ। ଦେଶରକ୍ଷା ପାଣ୍ଠିକୁ ତୋଷରପାତ କରିପାରେ। ଦେବବିଗ୍ରହକୁ ଲଙ୍ଗଳା କରି ସୁନା ରୂପା ଦି'ଖଣ୍ଡ ଭିଡ଼ି ନେଇପାରେ। ତା'ର ଦାନବୀୟ ବୁଦ୍ଧିରେ ସେ ଅନାୟାସେ ଅନ୍ୟମାନଙ୍କ ତୁଣ୍ଡିବାନ୍ଧି ନିଜ ମୁହଁରେ ଖୋପ ଘୋଡ଼େଇ ଚାଲିଯାଇପାରେ। ଦିଅଁଙ୍କ ମୁହଁ ଓଦା ରଖିବାକୁ ପାଞ୍ଚଥର ଆଚମନରେ ଥରେ ଭୋଜନ ହେଲେ କୌଣସି ଅସୁବିଧା ନାହିଁ ବୋଲି ଯୁକ୍ତି କରିପାରେ। ସେ ସବୁ ଖାଏ। ଖାଇବା କ୍ରିୟାଟି ତା'ର ପ୍ରତ୍ୟେକ କର୍ମ ପଛରେ ଲୁଚିଥାଏ। ବେଳେବେଳେ ବ୍ୟବହାରରେ ମଧ୍ୟ ଫୁଟି ଦିଶିଯାଏ। 'ଆପଣଙ୍କ ପୁଅ ପରୀକ୍ଷାରେ ପାଶ୍ କଲା, ଖାଇବାକୁ ଦିଅନ୍ତୁ।' 'ମା ମରିଗଲେ ଖାଇବାକୁ ଦିଅନ୍ତୁ।' 'ଝିଅ ଶାଶୁଘର ଗଲା, ଭୋଜି ଦିଅନ୍ତୁ।' 'ଆପଣ ଛୁଟି ପାଇଲେ, ସରକାରୀ ଋଣ ପାଇଲେ, ଋଣରେ ଘର ତୋଳିଲେ,' 'ଘର ସରକାରୀ ଭଡ଼ାରେ ଲାଗିଗଲା,' - ଏ ସବୁ କ୍ଷେତ୍ରରେ ଖୁସି ମନେଇବାର ଏକମାତ୍ର ଉପାୟ ହେଲା - "ଖାଇବାକୁ ଦିଅନ୍ତୁ"। ଚାରିଆଡ଼େ ଖାଇବି, ଖାଇବି ବୋଲି ଅନ୍ନକାଙ୍ଗାଳ ଛପନଅଙ୍କିଆମାନଙ୍କର କୁହାଟ; କିମ୍ବା 'ଖାଇଗଲା, ଖାଇଗଲା' ବୋଲି ହୁରି। ସେ ଲାଞ୍ଚ ଖାଇଗଲା, ଦଳଟାକୁ ଖାଇଗଲା, ସଂଘ ଖାଇଗଲା, ପଇସା, ଟଙ୍କା, ଜମି, ସଂପତ୍ତି ସବୁ ଖାଇଗଲା, ଦିଅଁ ଖାଇଗଲା, ଖଟୁଲି ଖାଇଗଲା ଇତ୍ୟାଦି ! ନିଜେ ଖାଇବି ଏବଂ ବଞ୍ଚିବାର ଅଭିଳାଷ; ଅନ୍ୟ ଜଣେ ଖାଇଗଲା, ତା' ପେଟ ଫାଟିଯାଉ ବୋଲି କାମନା କରିବାର ଅଭିଶାପ; ଏବଂ ଯାହା ହେଉ, ନ୍ୟାୟ ହେଲା, ସେ ନିଇଠା ମାଡ଼ଖାଇଲା, ଲାତ ଗୋଇଠା ବିଧାଗୁଡ଼ିଏ ଖାଇଲା, ପୁଳାଏ ଖାଇଥିଲା, ଖେଞ୍ଚାଏ ଖାଇଲା, ଇତ୍ୟାଦିରେ ସନ୍ତୋଷ ଏବଂ ଆଶ୍ୱାସନା - ଏ ସମସ୍ତ ପାଇଁ ଗୋଟାଏ ମାତ୍ର ସର୍ବଗ୍ରାସୀ କ୍ରିୟାର ପ୍ରକାଶ। ତା'ହେଲା ଏ ଦରିଦ୍ରମାନଙ୍କର ଖାଇବାର ଆଦିମ କ୍ରିୟା। ସବୁଠାରୁ ଦୟନୀୟ ବିଷୟ ହେଲା ଯେ ଏ ଅଧମ ସ୍ନେହ

Digitized by srujanika@gmail.com

ଏବଂ ପ୍ରେମ ପ୍ରକାଶ କରିବାକୁ ଯାଇ ଚୁମାଟିକୁ ମଧ ଖାଏ ! ବୋକଟିଏ ଖାଏ ! ଘୋର ଦୁର୍ଭିକ୍ଷରେ ପୁରୁଷ ପୁରୁଷ ଧରି ଶିଝି ନ ଥିଲେ, ସେ ବୋଧହୁଏ ଏମିତି କ୍ଷୁଧା - ସର୍ବସ୍ୱ ହୋଇ ନଥାନ୍ତା। ଏମିତି କାଙ୍ଗାଳ ମନ ନେଇ ସେ ଚାରି-ଟାପୁରେ ତଳମୁହାଁ ହାମୁଡ଼ନ୍ତା ନାହିଁ ଖାଇବାକୁ।

ଏଭଳି ତ୍ରିପୁର ଖାଇଯିବାକୁ ହାଁ ମେଲି ପଡ଼ିଥିବା ଭୋକିଲା ମଣିଷଙ୍କପାଇଁ ସ୍ୱାର୍ଥଟିକୁ ଛାଡ଼ିଦେଲେ ଆଉ କୌଣସି ବିଚାରଯୋଗ୍ୟ ମୂଲ୍ୟ ନାହିଁ। ସେମାନେ ବେଳ ପଡ଼ିଲେ ବାପକୁ ବିକିଦେବେ, ଏଣୁ କୋଣାର୍କରୁ ଜୀଅନ୍ତା ପଥର ସବୁ ଓଟାରିନେଇ ଦରିଆ ପାରି କରିଦେବା ବିଚିତ୍ର ନୁହେଁ। ସେମାନେ ଅଭୁକ୍ତ ଆଦିବାସୀ ଶିଶୁର ଆହାର ଛଡ଼େଇ ନେଇପାରିବେ, ଦେଶକୁ ଟେକିଦେଇପାରିବେ ହିମାଳୟ ଆରପାରିକୁ ! କିବା ବିଚିତ୍ର ସେମାନଙ୍କ ପାଇଁ ? – ଲିଙ୍ଗରାଜ ମନ୍ଦିରଟିକୁ ଫଡ଼ା ଫଡ଼ା କରି ତା ତଳୁ କ'ଣ ମିଳିଯିବ, ତାକୁ ଖାଇଦେବାପାଇଁ ତାଙ୍କ ଯୋଜନା ! ନୀଳଚକ୍ର ତଳେ ଠିଆହୋଇ ରତ୍ନଭଣ୍ଡାରକୁ ବାଟ ଫିଟେଇବା ତାଙ୍କ ଚକ୍ରାନ୍ତ ! ଠାକୁରଙ୍କୁ ନଚାହିଁ ସେମାନେ ତା'ର ହୀରାମଣ୍ଡଣିକୁ ଚାହିଁ ରହିଥାନ୍ତି; ତକେଇଥାନ୍ତି ରତ୍ନଥାଳୀକୁ ! କେଉଁ ଖଞ୍ଜରେ କେମିତି ସମସ୍ତଙ୍କୁ ଚିତାକାଟି ହାତୀପରି ଏ ଦିଅଁଟିକୁ ଲଙ୍ଗଳା କରିଦେବେ, ଏଇ ଚିନ୍ତା ତାଙ୍କୁ ସର୍ବଦା ଘାରିଥାଏ। ତା'ର ସବୁ ଲୁଣ୍ଠନ କରି ଖାଇଯିବେ। ତାକୁ ମଧ ଶେଷକୁ କାଠ ଦରରେ ବିକ୍ରି କରି ଖାଇଯିବେ !

ତାଙ୍କ ଆୟତ୍ତରେ କଥା ଥିଲେ ସେମାନେ ଏ କାର୍ଯ୍ୟଟି କେଉଁକାଳୁ କରିସାରିନ୍ତେଣି। କିନ୍ତୁ ଅଦୃଶ୍ୟ କାଚବାଡ଼ଟାଏ ସେମାନଙ୍କର ପଥରୋଧ କରୁଛି। ଝଲମଲ ଖରାରେ କ'ଣଟାଏ ସ୍ତବ୍ଧ ହୋଇ ଦ୍ୱାର ଜଗିରହିଛି। ତାକୁ ପଛରୁ ଏବଂ ଶୂନ୍ୟରୁ ଚାହିଁଛି। ଆଗରୁ ଏବଂ ଦିଗ୍‌ବଳୟରୁ ଅନେଇଛି। ସମୁଦ୍ର ଲହଡ଼ିପରି କେତେ କେତେ ସାମ୍ରାଜ୍ୟ ଉଠିବା ପଡ଼ିବା ସେ ନିର୍ବିକାର ଦେଖୁଛି। ଚୌଦ ବ୍ରହ୍ମାଣ୍ଡକୁ ଉଦରରେ ଧାରଣ କରି ସେ ଚାହିଁଛି, ଏ ଦରିଦ୍ର, ହତଶ୍ରୀ ଭୋକିଲା ମଣିଷକୁ। ଏମାନଙ୍କ ଛୋଟ ମନ, ଛୋଟ ପ୍ରାଣ, ଛୋଟିଆ ଛୋଟିଆ ଦୀନତାକୁ ସେ ନିର୍ଲିପ୍ତ ନିରେଖୁଛି। ଛପନକୋଟି ଜୀବଙ୍କୁ ଅନ୍ନ ଯୋଗାଇବାବେଳେ ଏମାନଙ୍କ ପାଇଁ କାର୍ପଣ୍ୟ କରିବା ତା'ର ଧର୍ମ ନୁହେଁ। କିନ୍ତୁ ଧରଣୀ ଧାରଣ କରିଥିବା କଚ୍ଛପ ବେଳେବେଳେ ସାମାନ୍ୟ କଡ଼ ଲେଉଟାଏ। ସେତିକିରେ ଲେଉଟିପଡ଼ନ୍ତି ପର୍ବତମାଳା। ଉଛୁଳିପଡ଼ନ୍ତି ମହା ସମୁଦ୍ରମାନେ। କକ୍ଷଚ୍ୟୁତ ହୋଇ ଖସିପଡ଼ନ୍ତି ନକ୍ଷତ୍ରପୁଞ୍ଜ। ବେଳ ପଡ଼ିଲେ ପାଟି ଚିପି ସ୍ଥାଣୁ ପ୍ରାୟ ବସିଥିବା ସାକ୍ଷୀ ପୁରୁଷ ତା'ର ମୁଖ ବ୍ୟାଦାନ କରେ। ଭ୍ରୁକୁଟି ଚହଟି ଯାଏ ଆକାଶକୁ। ଡ଼ୋଳାର ଦ୍ୱାଦଶ ସୂର୍ଯ୍ୟ ନଭୋମଣ୍ଡଳକୁ ଆଚ୍ଛାଦିତ କରନ୍ତି। ବିଲୋମରେ ଅପସରି ଯାଉଥିବା ଅନ୍ଧ ସ୍ୱାର୍ଥର କ୍ଷୁଧା-ସର୍ବସ୍ୱ ମଣିଷଗୁଡ଼ିକ ସେ ଜ୍ୱଳମାନ ମୁଖବିବରକୁ ଶୋଷିହୋଇଯାନ୍ତି, ପ୍ରବଳ ବାତ୍ୟାର ପତ୍ରପରି। ମଣିଷକୁ ଆଚ୍ଛନ୍ନ କରୁଥିବା ଶ୍ୱାପଦମାନଙ୍କୁ ସେ ଗ୍ରାସ କରଯାଏ। ଗ୍ଳାନିରେ ମଳିନ ହୋଇଯାଉଥିବା ମାନବ ଆତ୍ମାର ସୂର୍ଯ୍ୟ ମେଘମୁକ୍ତ ହୁଏ। ଜୀବନର ଭାସ୍ୱର ମୂଲ୍ୟଗୁଡ଼ିକ ଅଜ୍ଞାତବାସ ନିର୍ବାସନରୁ ଫେରିଆସନ୍ତି। ଥୁଣ୍ଟା ଗଛରେ ପୁଣି ନୂଆ ଡ଼ାଳ ସବୁଜ ଆସ୍ପୃହାରେ ଆକାଶକୁ ହାତ ବଢ଼ାନ୍ତି। ଐଶ୍ୱର୍ଯ୍ୟମୟ ହୁଏ ଜୀବନ। ତେଣିକି ଘରେ ଦିଅଁ ବା ଶହେଘର ହାତୀ ପୋଷିବା ନିଜର ବିସ୍ମୃତ ଆତ୍ମାକୁ ପୋଷିବା ପରି ଅତି ସାଧାରଣ କଥା।

Digitized by srujanika@gmail.com

ଉତ୍ତର ଅରଣ୍ୟ

Digitized by srujanika@gmail.com

ମୁଖବନ୍ଧ

ଉପନ୍ୟାସକୁ ଛୋଟକରିଦେଲେ ତାହା କ୍ଷୁଦ୍ରଗଳ୍ପ ହୁଏନାହିଁ । ସେହିପରି ପ୍ରବନ୍ଧକୁ ସରଳ କିମ୍ବା ଲଳିତ କରିଦେଲେ ରଚନା ହୁଏନାହିଁ ।

ରଚନା ଗୋଟିଏ ସ୍ୱତନ୍ତ୍ର ବର୍ଗର ସାହିତ୍ୟ । ହିନ୍ଦୀ ଭାଷାରେ ତାକୁ ଲଳିତ ନିବନ୍ଧ ବୋଲି ନାମିତ କରାଯାଇଛି । ସର୍ବଭାରତୀୟ ସ୍ତରରେ ଏହି ନାମକରଣ ଗ୍ରହଣ କରିନେଲେ ବର୍ଗୀକରଣ ଏବଂ ତୁଳନାତ୍ମକ ବିଚାରରେ ସାହାଯ୍ୟ କରିବ ଭାବି 'ତୃପ୍ୟନ୍ତାମ୍' ଲେଖାଟିକୁ ଧରିତ୍ରୀ ଜନ୍ମବିଶେଷାଙ୍କରେ 'ଲଳିତନିବନ୍ଧ' ନାମରେ ଛପେଇଥିଲି । ତା'ପରେ କାଁ ଭାଁ ଲେଖା ବାହାରୁଛି । ନୂଆ ଫେଶନ୍ ଭଳି ନାଁଟିକୁ ବିଚାରହୀନ ଭାବରେ ବ୍ୟବହାର କଲେ ତାର ତାତ୍ପର୍ଯ୍ୟ-ହାନି ଘଟେ । 'ପ୍ରଫେସର୍' କହିଲେ ତତ୍କ୍ଷଣାତ୍ ସମ୍ମାନ ମିଳୁଥିବାରୁ କୌଣସି ସର୍କସର ନିଆଁ ଡିଆଁଳି ସୁଦ୍ଧା ପ୍ରଫେସର୍ ଅମୁକ ବୋଲି ପ୍ରଚାର ଚଳେଇ ଦେଲେ । ଫଳରେ ନିର୍ବିଚାର ପ୍ରୟୋଗ ହେତୁ ତା'ର ସଂପୂର୍ଣ୍ଣ ମୂଲ୍ୟ ହ୍ରାସ ହୋଇଗଲା । ସେହିପରି ଏବେ କଥାକଥାକେ ସେମିନାର୍, କଥାକଥାକେ ଧର୍ମଘଟ, ଆନ୍ଦୋଳନ, ଅନଶନ ବ୍ୟବହାର ହେବାଦ୍ୱାରା ଏକଦା ଅତି ଗମ୍ଭୀର ଏବଂ ତାତ୍ପର୍ଯ୍ୟ-ପୂର୍ଣ୍ଣ ଶବ୍ଦଗୁଡ଼ିକ ଗଣିକାବତ୍ ସମ୍ମାନ ହରେଇ ବସିଛନ୍ତି ।

'ଲଳିତ ନିବନ୍ଧ'ର ପ୍ରସାର ଘଟୁ...କିନ୍ତୁ ରମ୍ୟରଚନାକୁ ଯେପରି କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ରଖେଇ ଦେଲେ ନାହିଁ, ସେପରି ନହେଉ;- କିନ୍ତୁ ସେହିପରି ହିଁ ହେବ କବିତାରେ, ଗଳ୍ପରେ, ଉପନ୍ୟାସରେ, ଓଡ଼ିଶୀ ନାଚ ଏବଂ ଗୀତରେ । କାରଣ ଆମେ ଆସ୍ତେ ବିଶୁଦ୍ଧିରେ ବିଶ୍ୱାସ ହରେଇ ଆସିଲୁଣି । ବିଶୁଦ୍ଧ କେତେକଙ୍କୁ ଆଭିଜାତ୍ୟ ଭଳି ଦିଶେ, ଉତ୍ତୁଙ୍ଗ ମୂଲ୍ୟ ପରି ଦିଶେ । ଏଣୁ ଗୋଳଘାଣ୍ଟ କରିଦେଲେ କେହି କାହାକୁ ଆଉ ବାହୁନିବାକୁ ନଥିବ । ଏବଂ ବିଧ ଯୁଗଧର୍ମକୁ ନତମସ୍ତକ ସ୍ୱୀକାର କରି ଗଭୀର ଶୋଇ ସନ୍ଧ୍ୟେ ଉଦୀୟମାନ ଏବଂ ଉଦ୍ୟତ ସୂର୍ଯ୍ୟମାନଙ୍କୁ ମୁଁ ସ୍ୱାଗତ ଜଣାଉଛି, ଯେଉଁମାନେ ଧର୍ମର ପୁନଃପ୍ରତିଷ୍ଠା କରିବେ ।

ବୈଶାଖ ପୂର୍ଣ୍ଣିମା — **ଲେଖକ**

୧୯୮୦

Digitized by srujanika@gmail.com

ତୃପ୍ୟନ୍ତାମ୍

ଗୁଡ଼ ସାଲୁବାଲୁ ଥୋଡ଼ ଦେଖେଇ ଯେଉଁ ଅଧାଡ଼ିଆ ମଣିଷମାନେ ସବ୍ୟଭାଗରେ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ପାଣି ଆଞ୍ଜୁଳା ଟେକିଦିଅନ୍ତି, ସେମାନଙ୍କ ମୁହଁଟିମାନ ଆମ୍ଳିଲେଇ ଯାଉଥାଏ । ଜୀବନର ଅପରାହ୍ନରେ ସେମାନେ ମନେପକାଉଥାନ୍ତି ନିଜର ଅଲିଅଳ ଅତୀତକୁ; ଝୁରୁଥାନ୍ତି ପୁରୁଣା ଚିତ୍ରପରି ମଳିନ ହୋଇଆସୁଥିବା ସ୍ମୃତିଆଶ୍ରିତ ନିଜର ପିତୃକୁଳଙ୍କୁ । କହୁଥାନ୍ତି, "ହେ ମୋର ତୃଷାର୍ତ୍ତ ପୂର୍ବପୁରୁଷ, ତୃପ୍ତି ଲାଭକର, ପରଲୋକରେ ତୁମର ଚିତାଗ୍ନି ଲିଭିଯାଉ, ତୁମର ଅଖଣ୍ଡ ଶୋଷ ମେଣ୍ଟିଯାଉ । ତୁମେ ସନ୍ତୁଷ୍ଟ ହୋଇ ଫେରିଯାଅ ।" ଅସଂଖ୍ୟ ପିତୃପୁରୁଷ ଯେଉଁମାନଙ୍କ ନିଃଶ୍ୱାସ ପବନ ଦିନେ ଏଇ ପବନରେ ମିଶିଥିଲା ଏବଂ ଯାକୁ ଆଲୋଡ଼ିତ କରିଥିଲା, ଅଥଚ ଯେଉଁମାନେ ଅରୂପ ଏବଂ ଅଜ୍ଞେୟ, ସେମାନେ ଧୂସର ଗାଇପଲ ପରି କୌଣସି କୁହୁଡ଼ିର ଅରଣ୍ୟରେ ପଶିଯାଆନ୍ତି; ଫେରିଯାଆନ୍ତି କେଜାଣି କୋଉଠିକି; କିନ୍ତୁ ଫେରନ୍ତିନାହିଁ ପାଚିଲାଦାଢ଼ିଆ, ପାକୁଆପାଟିଆ କେତୋଟି ମହାର୍ଘଦିନର ଟାପରାପ୍ରିୟ ବାଲ୍ୟବନ୍ଧୁ ଗୋସେଇଁବାପାଗୁଡ଼ିକ ଏବଂ ସେଇଠି ଗୁଡ଼େଇ ତୁଡ଼େଇ ହେଉଥାନ୍ତି କେତେ ରୂପ, କେତେ ଭଙ୍ଗୀ, କେତେ କେତେ ଘଟଣାରେ ପୁଣି ଥରେ ଜୀଅନ୍ତା କଦମ୍ବ ପରି ଟାଙ୍କୁରି ଉଠିଥିବା ବାପାମାନେ ।

ସ୍ମୃତିକୁ ତର୍ପଣ ଟେକିଦେଲାବେଳେ ସେ ଗୁଡ଼ିଆ ଅଧାଡ଼ିଆ କାନ୍ଦୁରା ମଣିଷମାନେ ବାରମ୍ବାର ଛେଉଣ୍ଡ ହେଉଥାନ୍ତି । ବାରମ୍ବାର ମନେ ପକାଉ ଥାନ୍ତି କେମିତି ପାଟିରୁ କାଢ଼ି ପୁଅରଙ୍କୁଣୀ ମା'ମାନେ ଅମୃତ ଭୁଞ୍ଜାଇଦେଉଥିଲେ---ଅଥଚ କେମିତି ସେଇ ବୁଢ଼ୀମାଙ୍କୁଡୀଙ୍କ ପାଇଁ ଶୀତ ରାତିରେ ପିଲା ମୂତିଥିବା ଓଦା ଲେଙ୍କଡ଼ା ଫୋପାଡ଼ି ଦେଇ ଏଇ ହାତଗୁଡ଼ିକ ନିଜ ପୁଅଙ୍କୁ କାଶ୍ମୀରୀ କମ୍ବଳ ଘୋଡ଼େଇ ଦେଇଥିଲେ; ନିଜର ପତ୍ନୀଙ୍କ ଉପରକୁ ଟାଣି ନେଇଥିଲେ ମହାର୍ଘ ରେଜେଇ । ସେଇ ହାତ ସବୁ ଜଳତିଳ ଦାନକଲାବେଳେ ଛିଣ୍ଡି ପଡୁନାହାନ୍ତି, ଭିତର ସୋରା ସୋରା ହୋଇ ଲହୁ ଲୁହାଣ ହେଲାବେଳେ ଝଡ଼ିପଡୁ ନାହାନ୍ତି । ସେମାନେ ତେଣିକି କହିପାରୁନାହାନ୍ତି, "ହେ ମୋରେ ପିତୃପୁରୁଷ ! ତୃପ୍ତ ହୁଅ, ତୁମର ତୃଷା ନିବାରଣ ହେଉ ।" ସେମାନେ ବରଂ କହୁଛନ୍ତି, କ୍ଷମାକର ହେ ମୋର କ୍ଷମାପ୍ରବଣ, ସ୍ନେହପ୍ରବଣ, କରୁଣାପ୍ରବଣ ପିତୃକୁଳ, ଏ ଅପରାଧୀକୁ କ୍ଷମାକର, କୃତଘ୍ନକୁ କ୍ଷମାକର ! ଜୀବନର ଅପରାହ୍ନରେ ଆଖି ଉପରୁ ପରଳ ଖସାଇଦେଇ ସେ ଏବେ ଉଭୟ ଦିଗକୁ ଦେଖିପାରୁଛି । ସେ ତୁମଭଳି ପଳିତ ଜୀର୍ଣ୍ଣ ଅସହାୟ ହୋଇପାରୁଛି । ନିଜର ଅକାତର କୁଣ୍ଠିତ ଉତ୍ତରପୁରୁଷଙ୍କୁ ଦେଖିପାରୁଛି । ଅତୀତ ଏବଂ ଭବିତବ୍ୟକୁ ଦୁଇଟି କଇଁଫୁଲ ପରି ଏକତ୍ର ମିଶାଇ

Digitized by srujanika@gmail.com

ପାରୁଛି, ବୁଝିପାରୁଛି ତା'ର ନିପାରିଲାପଣ, ତା'ର ନିଦସ୍ଥିଲାପଣ, ତାର ବିଗତ ଯୌବନ, କୈଶୋର, ଅପୋଗଣ୍ଡ ଏବଂ ଆସନ୍ନ ରୋଗ, ଶୋକ, ଜରା, ପରେ ମୃତ୍ୟୁ । ସେ ତୁମଠାରୁ ଦୂରତମ ବିନ୍ଦୁରେ ଠିଆରହି ଏଣିକି ଓଲଟି ଫେରିଯିବ, ବୃତ୍ତରେଖାଟିକୁ ବୁଜିଦେବ ଯେଉଁଠୁ ଆସିଥିଲା ସେହିଠାରେ । ପିତୃଲୋକର ତୋରଣ ଉନ୍ମୁକ୍ତ ରଖିଥାଅ । ହେ କ୍ଷମାଶୀଳ ପିତୃଲୋକେ, ଅନ୍ଧାରରୁ ଫେରୁଥିବା ଏ ପୁରୁଷଟିକୁ ଆଲୁଅ ଦେଖାଇ ନେଇଯାଅ । ଅସଂଖ୍ୟ ପୁରୁଷରେ ସେ ବି ମିଶିଯାଉ । ସେ ହୋଇଯାଉ ଆଉ ଗୋଟିଏ ଢେଉ, ହୋଇ ଯାଉ ସମୁଦ୍ର । ହେ ଅଖଣ୍ଡ ଆଲୋଡ଼ିତ ସମୁଦ୍ର, ଏଇ ଆଞ୍ଜୁଳାଏ ତିଳୋଦକରେ ତୃପ୍ତି ଲାଭକର ! ହେ ମୋର ଅକଳନୀୟ ତୃଷାର୍ତ୍ତ ପୂର୍ବପୁରୁଷମାନେ, ତୃପ୍ୟନ୍ତାମ୍ ! ତୃପ୍ୟନ୍ତାମ୍ !!

ସ୍ୱର୍ଗଠାରୁ ଗରୀୟାନ୍ କିଏ ସେହି ବ୍ୟକ୍ତି ଯାହାର ଅନ୍ତ୍ୟେଷ୍ଟି ସମାପନ କରିସାରିଲା ପରେ ତାକୁ ଆବିଷ୍କାର କରାଯାଏ ? କାଚ୍‌ବନ୍ଧେଇ ଫଟୋ ଭିତରୁ ନିଷ୍ପଳ ଚାହିଁଥିବା ସେ ଆକୃତିଟି କାହାର ? କେଉଁ କାଳର, କେଉଁ ଦେଶର ଯେ ରୂପ ଏବଂ ନାମ ? ରକ୍ତର ସୁଅ ତଳମୁହାଁ ବୋହିଗଲାବେଳେ ପଛକୁ ଘୁଞ୍ଚିବା ମନା । ପଛରୁ କିନ୍ତୁ ସେ ଆଖି ଯୋଡ଼ିକ ଅନେକକାଳ ପର୍ଯ୍ୟନ୍ତ ଚାହିଁ ରହିଥାନ୍ତି । ଶାନ୍ତି ଉଦକ ଛିଞ୍ଚିଦେଲା ପରେ ବୁଣି ହୋଇ ଯାଇଥିବା ସେ ଗୁଣ୍ଡହାଡ଼ ଗୁଡ଼ିକରେ କିମ୍ବା ପାଉଁଶ ମୁଠାକରେ ଅଗ୍ନି ନଥାଏ । ଚିତ୍ରପଟର ସେ ଆଖିଯୋଡ଼ିକରେ ମଧ୍ୟ ପଲକ କିମ୍ବା ଦୃଷ୍ଟି ନ ଥାଏ । କିନ୍ତୁ ନାତି ନାତୁଣୀମାନଙ୍କ ହାତରୁ ଗଙ୍ଗାଜଳ ପାଟି ମେଲେଇ ପିଇଗଲାବେଳେ ବଡିଶବନ୍ଧନ ଭିତରେ ଆକାଶ, ପବନ, ପୃଥ୍ୱୀ ଏକାଠି ଟଳମଳ ହେଉଥିଲେ । ତା' ପୂର୍ବରୁ ରୋଗ ସତ୍ୟ, ଯନ୍ତ୍ରଣା ସତ୍ୟ, ସେ କୋରଡ଼ିଆ ଆଖି ଭିତରେ ଡବଡବ ଭରିଯାଉଥିବା ଅଶ୍ରୁ ସତ୍ୟ । ସେ ପାକୁଆ ପାଟି ଜୀବନର ସ୍ୱାଦିଷ୍ଟ ନଡ଼ିଆ ଖାଇବାକୁ ଚାହିଁ ନଥିଲା । ସାତହାତ ଗାମୁଛାଠୁଁ ଅଧିକ କିଛି ଘୋଡ଼େଇ ହେବାକୁ ସେ ଧୂଡୁଧୂଡୁ ଚମ ଚାହିଁ ନଥିଲା । ସଂସାରର ଗାଦି ଉପରୁ ଓହ୍ଲେଇ ଯାଇ ସେ ସ୍ୱାଗତ ଜଣେଇଥିଲା ଉତ୍ତରପୁରୁଷଙ୍କୁ--- "ଏଇ ମୋର ଏକମାତ୍ର କୁଳଚନ୍ଦ୍ରମା । ତାକୁ ଠାକୁରେ ପରମାୟୁ ଦେଇଥାନ୍ତୁ । ଏକା ଡଙ୍କ ସାତଡଙ୍କ ହେଉ । ପୁଅ ମୋର ଧନଧାନ୍ୟ ଭୋଗକରୁ । କୁଣ୍ଡା ପିଠା ଖୋଇ ବଢ଼େଇଥିଲି---ଘିଅ ଖାଇ ଦୁଧରେ ଆଞ୍ଚଉ । ମୋ ପୁଅ ହାକିମ ହେଉ, ବଡ଼ଲୋକ ହେଉ, ମୋ କୁଳ ଉଜ୍ଜ୍ୱଳ ହେଉ ।" ଏହା ଏକଦା ସତ୍ୟ ଥିଲା, ଆଜିର ଏ ପାଉଁଶ ପରି, ଏ ଗୁଣ୍ଡହାଡ଼ ପରି ।

---- ଆଉ ମଧ୍ୟ ସତ୍ୟ ଥିଲା ଯେ, ବେକ ଭାଙ୍ଗି ଚାହିଁଲେ ଅଧା ଆକାଶରେ ସେ ବୃହତ୍ ବ୍ୟକ୍ତିର ହାଣ୍ଡିପରି ମୁହଁ ଦିଶୁଥିଲା । ସ୍ନେହରେ ଥୋପିପଡୁଥିବା ପାନ ଜରଜର ହସ ଦିଶୁଥିଲା । କଅଁଳ ବାସିଫୁଲ ପରି ନୁଆଁଣିଆ ଆଖିଯୋଡ଼ିକ ଦିଶୁଥିଲା । ଦେହ ବାସୁଥିଲା ଚନ୍ଦନପରି । ପାଚଲା ଗାମୁଛା ବାସୁଥିଲା ଦିଅଁଘର ପରି । ଆଙ୍ଗୁଠିଟି ଧରିଲେ ମୁଠା ପୂରିଯାଉଥିଲା । ଲାଗୁଥିଲା, ଆକାଶର ଡେଉ ପରି ବଟ ଗଛର ଓହଳଟାକୁ ଧରିଛି । ନିର୍ଭୟ ଲାଗୁଥିଲା ।...ଆସ୍ତେ ଆସ୍ତେ ସେ କାନ୍ଧ ନଇଁଆସିଲା । ମୁହଁ ସାଙ୍କୁଡ଼ି ଗଲା । ଭାତ ଥାଳିରେ ଆଉ ସାନ ବଡ଼ ରହିଲାନାହିଁ । ସେ ଘରେ ନ

Digitized by srujanika@gmail.com

ଥିଲେ ବସାଦହିର ସରଯାକ ଆଉ ଭାଗ ଭାଗ ହେଲାନାହିଁ । ସେ ଥିବାଯାଏଁ ବରଂ ବଡ଼ ଭାଗଟା ସବୁବେଳେ ସେଇଆଡ଼େ ଗଲାପରି ଲାଗିଲା । ଅନ୍ଧାରରେ ତାକୁ ଘୃଣା କରିବାକୁ ଇଚ୍ଛାହେଲା । କାହାକୁ କାହା ସହିତ ତୁଳନା କରିବାକୁ ଇଚ୍ଛାହେଲା । ଦିନେ କିନ୍ତୁ ଭୋଜିଭାତ ପରେ ଖୁବ୍ କ୍ଳାନ୍ତ ଉଦ୍‌ବିଗ୍ନ ବାପଟି ତାର ଏକମାତ୍ର ଶୋଇବା ଘରୁ ଆଡ଼େଇ ହୋଇ ଯାଇଥିଲା ନିଶାର୍ଦ୍ଧ ଉତ୍ତୀର୍ଣ୍ଣ ହେବା ପରେ । ସେଇଠି ପୁଅ ଆରମ୍ଭ କଲା ତାର ସଂସାର । ଏ ସମସ୍ତ ସତ୍ୟ । ଆଜିପରି, ଏ ବକ୍ତା ପରି, ଏ ଶ୍ରୋତାପରି ସତ୍ୟ, କୁଶାକୀର୍ଣ୍ଣ ଏ ତିଳୋଦକ ପରି ସତ୍ୟ ।

ତାକୁ ବାହାରେ ଖୋଜିଲେ ମାଟିଘଡ଼ିରେ ପୋତା ରହିଥିବା ଦୁଇଖଣ୍ଡି ହାଡ଼, ଭିତରେ ଖୋଜିଲେ ମୁଠା ମୁଠା ସ୍ମୃତି । ଆଉ ପୁରୁଷେ ଘୁଞ୍ଚିଗଲେ କେବଳ କଥା, କିମ୍ବଦନ୍ତୀ, ବଂଶପରମ୍ପରା ଓ କାହାଣୀ । ପୁଣି ଗୋସେଇଁ ବାପା ବାଘ ସଙ୍ଗେ ଲଢ଼େଇ କରିଥିଲେ । ତାଙ୍କ ବାପେ ଗଜପତିଙ୍କୁ ମୁକାବିଲା କରିଥିଲେ । ତାଙ୍କ ଘର ଘରଣୀ ଚାଖଣ୍ଡେ ଓସାରର ଚକ୍ରନୋଥ ମଣ୍ଡିହୋଇଥିଲେ । ତାଙ୍କ ପାହୁଡ଼ ହଳକରେ ପାଞ୍ଚବିଶା ରୂପା । ଆହୁରି ଅଲୌକିକ କାହାଣୀ । କିଏ ତା' ଭିତରୁ କୁରୁକ୍ଷେତ୍ର ପଡ଼ିଆରେ କଳିଙ୍ଗ ସେନା ଭିତରେ ବୁକୁ ଉଭାରି ନିଶ ଠିଆକରି ରଖିଥିଲେ । କିଏ ଅଶୋକ ଥାଟ ଭିତରେ ପଶି ଶତ୍ରୁସେନା ମନ୍ଥି ପକାଇଥିଲେ । ସବା ଶେଷ ପାହାଡ଼ ପରେ ହେଇ ଯେଉଁଠୁ ଆଉ କିଛି ଦିଶୁନାହିଁ ସେଇଠି ଅତ୍ରି, ଭରଦ୍ୱାଜ, ଅଙ୍ଗିରାଦି ଋଷିମାନେ ପ୍ରଜା ସୃଷ୍ଟିକରି ବଂଶଧାରା ପ୍ରବାହିତ କରିଛନ୍ତି । ଦିଶୁଛନ୍ତି ହିମାଳୟର ଶୃଙ୍ଗ ପରି ସୁଦୂର, ଅସ୍ପଷ୍ଟ ଏବଂ ମାନନୀୟ । ସେ ଭିତରୁ ଗୋଟାଏ ଋଷିଙ୍କର ଆଖି ଆକାଶିଆ ନେଳି ରଙ୍ଗର ହୋଇପାରେ । ବାହୁଯୋଡ଼ିକ ସୁଦୀର୍ଘ ହାତୀଶୁଣ୍ଢ ପରି ଲମ୍ବମାନ ହୋଇଥାଇପାରେ । ସିଂହ ବୁକୁ ପରି ଶଟାରେ ଘୋଡ଼େଇ ହୋଇଥାଇପାରେ ତାଙ୍କର ବିକ୍ରାନ୍ତ ପୌରୁଷ ।... ଏ ଅଖଣ୍ଡ ବଂଶପରମ୍ପରା ଭିତରେ ପ୍ରତ୍ୟେକ ଗ୍ରନ୍ଥି ଆଜିପରି ସତ୍ୟ---ଏ ବକ୍ତା ପରି, ଏ ଶ୍ରୋତା ପରି, ଏ ତିଳୋଦକ ପରି ସତ୍ୟ ।

ପ୍ରତ୍ୟେକ ପୁରୁଷ ଗୋଟାଏ ଗୋଟାଏ ଜଗତର ଅଧିକାରୀ ଥିଲେ । ସେ ଜଗତର ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ରାଷ୍ଟ୍ର, ରାଜାପ୍ରଜା; ସେ ଆକାଶର ମେଘ, ସେ ଅରଣ୍ୟର ଫୁଲ ଫଳ ସବୁ ସ୍ୱତନ୍ତ୍ର । ସେସମସ୍ତଙ୍କୁ ନେଇ ସ୍ୱୟଂସମ୍ପୂର୍ଣ୍ଣ ଜଗତ୍ । ସେମାନଙ୍କ ଜୀବନର ପ୍ରତି ମୁହୂର୍ତ୍ତକୁ ନେଇ ସ୍ୱତନ୍ତ୍ର ଜଗତ ଏକଦା ଆଜିପରି ସତ୍ୟ ଥିଲା । ମାଟି ପାଣି ପବନରେ ସେମାନେ ଖେଳିଥିଲେ, କବରୀରେ ଚମ୍ପା କଢ଼ ଖୋସିଥିଲେ, ପ୍ରେମ କରିଥିଲେ, ଯୁଦ୍ଧ କରିଥିଲେ, ହତାହତ ହୋଇଥିଲେ । ବା[illegible] ଉପ[illegible] ତଳପୃଷ୍ଠକୁ ବହି ଆସିଥିଲା, ଆଜିପରି, ଯେ [illegible] ପୁରୁଷ ପୁରୁଷକୁ ଆଶ୍ରିତ ହୋଇ ଥାକ ଥାକ ଜଗତ୍ ଅପସାରିତ ହୋଇଯାଇଛନ୍ତି । ମାନବ ଇତିହାସର ସମପରିମିତ ଏ ଅଧାଡ଼ିଆ ବଂଶ ଇତିହାସ । ତା'ର ଇତିହାସ ହିଁ ମଣିଷ ଜାତିର ଇତିହାସ । ପ୍ରତ୍ୟେକ ଯୁଗରେ ତା'ର ପୂର୍ବପୁରୁଷ ସେ ଇତିହାସକୁ ଧାରଣ କରି, ତାକୁ ପରିପୁଷ୍ଟ କରି ବିଦ୍ୟମାନ ।

ବାପ ମାତ୍ରେ ପୁଅ ଭିତରେ ଆଉ ଥରେ ଜନ୍ମଲାଭ କରେ । ବହୁ ଯତ୍ନରେ ଯୁଗ ଯୁଗର ସଞ୍ଚିତ ପୂର୍ବପୁରୁଷମାନଙ୍କୁ ପୁରୁଷାନ୍ତରିତ କରେ । ଆଖିରେ ଆକାଶ ପ୍ରତିଫଳିତ ହୋଇ ଚାଲିଥାଏ ।

Digitized by srujanika@gmail.com

ବାହୁ ଦିଶି ଚାଲିଥାଏ ପ୍ରଳମ୍ବ ହାତୀଶୁଣ୍ଢ ପରି, କିନ୍ତୁ ତା' ବି ଲିଭିଯାଏ ବହୁ ସ୍ରୋତର ପାଣି ପ୍ରବାହରେ । ଗେରୁ ଗୁମ୍ଫାରୁ ବାହାରିଥିବା ନଦୀରେ ଅସଂଖ୍ୟ ଧାର ମିଶି ମିଶି ତାର ଚିହ୍ନଟକୁ ଧୋଇଦିଅନ୍ତି; କିନ୍ତୁ ବହୁ କାଳ ପରେ ସ୍ରୋତର ସୁଦୂର ଉତ୍ତରରେ ହଠାତ୍ ଗୋଟାଏ ଗେରୁଆ ଫୋଟକା ଉଠିଆସେ କାହିଁ କେଉଁ ଗହୀର ଭିତରୁ । ସହସ୍ରେ ବର୍ଷର ପୁରୁଣା ଚିହ୍ନଟ ପୁଣି ନିଜକୁ ଜାହିରକରେ । ସହସ୍ର ସହସ୍ର ପୂର୍ବପୁରୁଷ ଏ ଜଳାଞ୍ଜଳି ଦେଉଥିବା ମଣିଷଟି ଭିତରେ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ନିଜକୁ ଜାହିର କରୁଥାନ୍ତି । ସେ ସେମାନଙ୍କୁ ଅଦ୍ଭୁତ ଭାବରେ ଧାରଣକରି ରଖିଥାଏ । ତାଙ୍କଠାରୁ ବିଚ୍ଛିନ୍ନ ଉଦ୍‌ଗୀର୍ଣ୍ଣହୋଇ ଚାଲିଥାଏ । ବଞ୍ଚିଚାଲିଥାଏ, ମରିଚାଲିଥାଏ, ଭାସିଚାଲିଥାଏ ଏବଂ ବୁଡ଼ିଚାଲିଥାଏ । ମୁହୂର୍ତ୍ତ ମୁହୂର୍ତ୍ତର ବୃତ୍ତଗୁଡ଼ିକୁ ନେଇ ବୃତ୍ତରେଖାଟି ବଙ୍କେଇ ଚାଲିଥାଏ ତାର ଆଦିବିନ୍ଦୁ ଆଡ଼କୁ । ପ୍ରତି ମୁହୂର୍ତ୍ତର ବୃତ୍ତଟି ଗୋଟିଏ ଗୋଟିଏ ନିମେଷ ବିଶ୍ୱ । ଏ ମାଳ ମାଳ ବ୍ରହ୍ମାଣ୍ଡକୁ ଧାରଣକରି ଜଗତସାରା ଘୋଟିରହେ ଏ ପୁରୁଷ; କିନ୍ତୁ ଆଖି ମଟକା ମାରି ଚାହିଁଦେଲାବେଳକୁ ରୁଗ୍ଣ ସାଲୁବାଲୁ ଅଧାଡ଼ିଆ ମଣିଷଟି ସ୍ମୃତି ସାଗରରେ ଅପସରିଯାଉଥିବା କୌଣସି ପଦ୍ମକୁ ବାହୁନି ବାହୁନି ମ୍ରିୟମାଣ । ତା'ର ପିତୃପୁରୁଷ ଏକେ ଏକେ ତୃଷାର୍ତ୍ତ । ତାଙ୍କୁ ସେ ତିଳତର୍ପଣ କରୁଛି । କହୁଛି, 'ତୃପ୍ତି ଲାଭକର ହେ ମୋର ପିତୃପୁରୁଷ ! ତୁମର ତୃଷା ଶାନ୍ତହେଉ !!'

ଅତି ସାଧାରଣ ଦେଖାଯାଉଥିବା ବଙ୍କା ବାଡ଼ି, ରୁପାବନ୍ଧେଇ ଚାଳିଶା ଚଷମା ଏବଂ ନାସଡ଼ିବା ମହାର୍ଘ ବସ୍ତୁପରି ସଜାହୋଇ ରହିଥାଏ କିଛି ଦିନ । ପାଣି ବୁନ୍ଦା ପରି ଢଳ ଢଳ ଅସଂଖ୍ୟ ସ୍ମୃତି ସେମାନଙ୍କ ଦେହରେ ଜଡ଼ଉ ହୋଇ ରହିଥାଏ । ଅନ୍ତତଃ ହଲେ ଆଖିକୁ ଦେଖାଯାଏ ଯେ, ସେମାନେ ଚଳପ୍ରଚଳ ହେଉଛନ୍ତି । ତାଙ୍କ ସହିତ ଅତି ପରିଚିତ ଗୋଟିଏ ଛାୟାମୂର୍ତ୍ତି ସକାଳ ପହରରୁ ଫୁଲ ତୋଳିବାକୁ ଖାଲି ପାଦରେ ନିଃଶବ୍ଦରେ ଚାଲିଯାଉଛି । କାନ୍ଧକୁ ଆଉଜି ଫତେଇ ମୁଣାରୁ ନାସଦାନି ବାହାରକରି ଲେଡ଼ିକୁ ଝାଡୁଛି । ପାଖରେ ବସିପଡ଼ି ଗୋଟାଏ ଲଙ୍ଗଳା ନାତି ବୋହିପଡୁଥିବା ଲହୁଣୀ ପରି ସେ ଥୁଲୁଥୁଲିଆ ମୁହଁକୁ ଚାହିଁରହିଛି...ଆଉ କାହାକୁ କିନ୍ତୁ ଏ ସବୁ କିଛି ଦିଶୁନାହିଁ । ବଙ୍କାବାଡ଼ି, ନାସଦାନୀ ସବୁ ପୁରୁଣା, ମସିଆ, ବେଦରକାରୀ ବସ୍ତୁ । ସେଗୁଡ଼ାକୁ ଫିଙ୍ଗା ଯାଇପାରେ । ଅଧାଡ଼ିଆ ମଣିଷ ଏକମାତ୍ର ଶୋଇବାଘରୁ, ଗୃହସ୍ଥଳିର କେନ୍ଦ୍ରରୁ ଯେତିକି ଅପସରି ଯାଏ, ସେତିକି ଊଣା ହୋଇଯାଏ ତାର ସ୍ମୃତିର ମୂଲ୍ୟ ଏବଂ ସେଇ ସ୍ମୃତିଜଡ଼ିତ ବସ୍ତୁଗୁଡ଼ିକର ମୂଲ୍ୟ । ସେ କିନ୍ତୁ ତର୍ପଣକରେ ପିତୃପୁରୁଷଙ୍କ ପାଇଁ, ସେମାନଙ୍କ ସହିତ ଜଡ଼ିତ ନଦୀ, ପର୍ବତ ବନସ୍ପତିମାନଙ୍କ ପାଇଁ । ଜଳତିଳ ଅର୍ପଣ କରି କହେ, 'ହେ ପର୍ବତମାନେ, ତୃପ୍ତି ଲାଭ କର । ହେ ଔଷଧି ଓ ବନସ୍ପତିମାନେ ତୃପ୍ତି ଲାଭକର । ହେ ସରିତ୍ ଓ ସରିତ୍‌ପତିମାନେ ତୃପ୍ତି ଲାଭକରନ୍ତୁ । ମୋର ଷାଠିଏ ହଜାର ପିତୃପୁରୁଷଙ୍କ ତୃପ୍ତି ବିଧାନ ହେଉ ।'

ଅସଂଖ୍ୟ ପିତୃପୁରୁଷଙ୍କୁ ସ୍ମରଣ କରି ସେ ଜଳ, ତିଳ ତର୍ପଣ କରେ । ପ୍ରାଚୀନ ଯୋଗ୍ୟ ହେବାର ଅସାମର୍ଥ୍ୟ ପାଇଁ ରୋଦନ କରେ । ତଥାପି ପୁରୁଷାନୁକ୍ରମର ମହାପ୍ରବାହରେ ଜଡ଼ିତ ହୁଏ । ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ସେ ଗମ୍ଭୀର ମୁହୂର୍ତ୍ତରେ ଧାରଣକରି ଟଳମଳ ହୁଏ ।

Digitized by srujanika@gmail.com

ଯେତେ ଅଯୋଗ୍ୟ ହେଲେ ମଧ୍ୟ ଅନ୍ତତଃ ଏହି ଉତ୍ତରପୁରୁଷ ଧରା ଧାରଣ କରି ରହେ; କିନ୍ତୁ ଯେଉଁଠି ସ୍ରୋତ ଛିଣ୍ଡିଯାଇଛି, ମହାପୁରୁଷମାନେ ନିଜକୁ ବିଚ୍ଛିନ୍ନ କରି ନେଇଛନ୍ତି, ସେଇଠି 'ଅପୁତ୍ରକାୟ ଭୀଷ୍ମ ବର୍ମଣେ' କହି ରାଷ୍ଟ୍ରର ପିତାମହ ଉଦ୍ଦେଶ୍ୟରେ ମଧ୍ୟ ତର୍ପଣ କରେ । ଭବ୍ୟ ବିଶାଳ ହିମାଦ୍ରି ଶୃଙ୍ଗକୁ ଅର୍ଘ୍ୟ ଦେବା ଭଙ୍ଗୀରେ ସେ ମହନୀୟ ବ୍ୟକ୍ତିତ୍ୱ ପାଖରେ ନିଜକୁ ଅବନତ କରି ସ୍ମୃତି ତର୍ପଣ କରେ ।

ବର୍ଷା ଘୁଞ୍ଚିଗଲା ପରେ ଆଦ୍ୟ ଶରତ୍‌ର କ୍ଷୟିଷ୍ଣୁ ଚନ୍ଦ୍ର ସହିତ ଦକ୍ଷିଣଦିଗରୁ ଅଶରୀରୀ ଆତ୍ମାମାନେ ସତେ ବା ସଞ୍ଚରି ଆସନ୍ତି । ସ୍ମୃତି ଏବଂ ଇତିହାସର ଅସମ୍ଭବ ଭିଡ଼ । ଦକ୍ଷିଣ ଆକାଶ ସାରା ଘନୀଭୂତ ହୁଏ ଏ ଦେଶର ସଂସ୍କୃତି, ଧର୍ମ ପରମ୍ପରା ଓ ଇତିହାସ । ଆକୁମାରୀ ହିମାଳୟ ଏ ପ୍ରାଚୀନ ଭୂମିରେ ଏ ଯୁଗର ଅଧାଡ଼ିଆ ମଣିଷମାନେ ପିତା ପ୍ରପିତାମହଙ୍କ ଉଦ୍ଦେଶ୍ୟରେ ସତେବା ନିଜକୁ ଉନ୍ମୁଖ କରି ଧରିରଖନ୍ତି । ହୁ ହୁ ପବନ ବହେ ଦକ୍ଷିଣ ସମୁଦ୍ରରୁ, ସୁଦୂର କୁମେରୁ ବିନ୍ଦୁରୁ । ଆକାଶରେ ବୋଝେଇ ହୋଇଯାଏ ଅତୀତର ପାରିଜାତ ଗନ୍ଧ ।

ତର୍ପୟିତା ଅତୀତାଚ୍ଛନ୍ନହୋଇ ବିମୂଢ଼ ବସିରହେ । ତା'ର ନିଃଶ୍ୱାସ ପ୍ରଶ୍ୱାସରେ ଅସଂଖ୍ୟ ଆତ୍ମା ଯାତାୟାତ କରୁଥାଆନ୍ତି । ପ୍ରତି ଲୋମକୂପରେ ପୁଷ୍କକରାଗ ପରି ବୁଣିହୋଇ ଲାଖି ରହିଥାନ୍ତି । ନିକଟ ଅତୀତର ସ୍ମୃତି ତାକୁ ବାଟ କଢ଼େଇ ନିଏ । ଧୂସର ନୀଳବର୍ଣ୍ଣ ଧୂମରୂପରେ ପହଁରୁଥିବା ତା'ର ପୂର୍ବପୁରୁଷମାନଙ୍କୁ ସେ ଚିହ୍ନେ । ଭିତରେ ବାହାରେ ସେମାନଙ୍କୁ ଆବିଷ୍କାର କରେ, ନମସ୍କାର କରେ । କହେ, "ହେ ମୋର ଆତ୍ମାର ପୋଷକ, ମୋ ଆକୃତିର ଶିଳ୍ପୀ, ମୋ ଚିନ୍ତା, ମୋ ଚରିତ୍ର ମୋ ସ୍ୱପ୍ନର ବୃହତ୍ତମ ଉପାଦାନ, ମୋର ପ୍ରେରକ, ମୋର ପ୍ରତିପାଦକ, ମୋର ଆଦି ମଧ୍ୟ ଏବଂ ଅନ୍ତର ଅଧିଷ୍ଠାନ, ମୋର ରକ୍ତ, ମେଦ, ଅସ୍ଥି, ମୋର ଶୁକ୍ରକଣିକା, ମୋର ଅମୃତତ୍ୱ ! ହେ ମୋର ପିତୃପୁରୁଷ ! ଯେଉଁ ଅପରିମେୟ ତୃଷା ନେଇ ତୁମେ ଏ ସଂସାରରେ ଯାତ୍ରାକଲ, ତାହା ଏ ଭାସମାନ ତିଳକଣିକା ପରି ନଦୀ ପ୍ରବାହରେ ଅତ୍ରତତ୍ର ବିକୀର୍ଣ୍ଣ । ସଂସାର ଯେଉଁପରି ଅପରାଜେୟ ଅପରିମେୟ ଥିଲା ସେହିପରି ଅଛି । ଯେଉଁଭଳି ମାନବାତ୍ମା ତୃଷିତ ରହିଥିଲା ସେପରି ଅଛି । ଅଗ୍ନିରେଖାର ଆରପାରିରେ ଉନ୍ମୁକ୍ତ, ହେ ମୋର ପିତୃପୁରୁଷ, ଶୀତଳ ହୁଅ, ଶାନ୍ତ ହୁଅ ! ତୃଷାମୁକ୍ତ ହୁଅ, ତୃପ୍ୟନ୍ତମ୍ ! --- ତୃପ୍ୟନ୍ତାମ୍ !!"

❖❖❖

Digitized by srujanika@gmail.com

ଖର୍ବପୁରୁଷ

ଏବାମନ ରାଜ୍ୟରେ ଜହ୍ନ ଏକ ଅପହଞ୍ଚ ସ୍ୱପ୍ନ । ବାଇଗଣ ଗଛକୁ ଆଙ୍କୁଡ଼ି ଲଗାଉଥିବା ଖର୍ବ ମଣିଷଙ୍କ ପାଇଁ ଉଚ୍ଚ ଉଚ୍ଚ ଆକାଶର ସମ୍ଭାବନା ନାହିଁ । ଛୋଟ ମନ, ଛୋଟ ପ୍ରାଣ, ଛୋଟ ଛୋଟ ହାତଗୋଡ଼ ନେଇ ସେମାନେ ଗୋଟିଏ ଅପ୍ରସାରିତ ଜଗତରେ ବଞ୍ଚୁଥାନ୍ତି । ସେମାନଙ୍କର ସୁଖ ଦୁଃଖ ସଂଘର୍ଷରେ ମଧ କୌଣସି ବିସ୍ତାର ନାହିଁ । ଏପରିକି ଦୁରାସଦ କାମକ୍ରୋଧମାନେ ମଧସେମାନଙ୍କର କୃପଣ ଜୀବନରେ ଅତି ଦୀନହୀନ ଭାବରେ ପ୍ରକଟିତ ହୁଅନ୍ତି । କୁଣ୍ଠିତ, ସଙ୍କୁଚିତ, ଦରିଦ୍ର, ଭୟାର୍ତ୍ତ ଜୀବଗୁଡ଼ିଏ ଏମାନେ । ସ୍ପର୍ଦ୍ଧା ନାହିଁ, ସ୍ୱାଭିମାନ ନାହିଁ, ବିଭବ ବିଭୂତି କିମ୍ବା ଐଶ୍ୱର୍ଯ୍ୟ କିଛି ନାହିଁ । ପାଣିକେଞ୍ଚୁଆ ଭଳି ସାମାନ୍ୟ ବାଧା ପାଖରୁ ସଙ୍କୁଡ଼ି ଯାଇ କୌଣସି ପ୍ରକାରେ ବଞ୍ଚିରହିବା ହିଁ ଜୀବନ । ଯଦି ହିମାଳୟକୁ ଲଙ୍ଘିଯିବାର ଅଭିପ୍ସା ମୋ ଭିତରୁ ଲିଭିଯାଇଛି; ଯଦି ଗଧଖୁରାରେ ଲାତଖାଇ ମୁଁ ଅବିଚଳିତ ରହିପାରୁଛି, ତେବେ ମୋ ଭିତରେ ଦୟାକରି ସେ ଅହିରାଜକୁ ଖୋଜନ୍ତୁ ନାହିଁ, ଯା' ଲାଙ୍ଗୁଳରେ ପବନ ବାଜିଗଲେ ସେ ମଣିମଣ୍ଡିତ ଫଣା ଟୋଳି ଯୁଦ୍ଧ ଘୋଷଣା କରେ । ମୁଁ ଏକ ଚିରପରାସ୍ତ, ଅତି ଦୁର୍ବଳ, ବେଲଜ୍ଜ, ଅମେରୁଦଣ୍ଡୀ ପ୍ରାଣୀ; ଯେ ମୁକାବିଲା କରି ଶିଖି ନାଇଁ, ସାମ୍ନାସାମ୍ନି ଦେଖିନାହିଁ ସମସ୍ୟାକୁ, ସଙ୍କଟକୁ ବା ଶତ୍ରୁକୁ । ବଞ୍ଚିବାକୁ ଜାବୁଡ଼ି ଧରି ବଞ୍ଚିବାର ସକଳ ସମ୍ମାନ ଏବଂ ସଂଭ୍ରମ ମୁଁ ହରେଇସାରିଛି । ସଂକୀର୍ଣ୍ଣ, କୃପଣ, ମ୍ରିୟମାଣ ଏ ବାମନ ରାଜ୍ୟରେ ମୁଁ ଏକ ବାମନ ପ୍ରତିନିଧି, ମୋର ଇତିବୃତ୍ତ କ୍ଷୁଦ୍ର ।

ଏକୁଟିଆ ବଞ୍ଚିବାକୁ ସାମର୍ଥ୍ୟ ନ ଥିବାରୁ ମୁଁ ଏକାଠି ବଞ୍ଚେ । ଏକାଠି ବଞ୍ଚିଲେ ପ୍ରେମ କରିବାକୁ ପଡ଼େ, ଘୃଣା କରିବାକୁ ପଡ଼େ; କିନ୍ତୁ ମୋର ଉଦାରତା ନାହିଁ । ମୁଁ ତ୍ୟାଗ କରିପାରେନାହିଁ, ଉତ୍ସର୍ଗ କରିବା ମୋର ସ୍ୱଭାବ ନୁହେଁ । ମୋତେ ହିଁ ଜାବୁଡ଼ି ଧରି ମୁଁ ଗଣ୍ଠି ବାନ୍ଧିଯାଇଛି । ଏଣୁ ପାଖ ପଡ଼ୋଶୀଙ୍କୁ ମୁଁ କେବଳ ସହିଯାଏ । ସହଯାତ୍ରୀଙ୍କୁ ଅଗତ୍ୟା ସ୍ୱୀକାର କରେ; ପ୍ରେମ କରିପାରେ ନା, ମୁଁ ପ୍ରେମକୁ ଚୋରିକରେ । ପ୍ରେମକୁ ପାପଜଡ଼ିତ କରେ । ପ୍ରେମ ପାଇଁ ଲଜ୍ଜିତ ହୁଏ । ବାପ ମା'ଙ୍କୁ ଭଲପାଏନା, ସେମାନଙ୍କର ମୃତ୍ୟୁ କାମନା କରେ । ମୁଁ କୃତଜ୍ଞ ନୁହେଁ । ମୋର ପତ୍ନୀ କୌଣସି ସ୍ୱାଦିଷ୍ଟ ଫଳ ପରି---ମୁଁ ତାକୁ ଖାଏ । ସେ ଏକ ଗାଇ ପରି---ମୁଁ ତାକୁ ଦୋହନ କରେ । ମୋର ପୁତ୍ର କନ୍ୟା ମୋର ଦାୟିତ୍ୱ । ତାଙ୍କର ପ୍ରତିପୋଷଣ ମୋର ସାମାଜିକ କର୍ତ୍ତବ୍ୟ । ସେଥିରେ ଅବହେଳା କଲେ ମୁଁ ଦୁଃଖିତ ନୁହେଁ । ମୋର ଉପାର୍ଜନ ମୁଁ ମୋ ପରିବାର ପାଇଁ ବାଣ୍ଟି ଦିଏ । ଶୋଇବା ପାଇଁ ମୋ ଘରର ପ୍ରକୋଷ୍ଠ ବାଣ୍ଟିଦିଏ । ମୁଁ ଏମାନଙ୍କୁ ଭୟକରେ, ଅନ୍ୟମାନଙ୍କୁ

Digitized by srujanika@gmail.com

ଭୟ କରେ, ପ୍ରେମ କରିପାରେ ନା । ପ୍ରେମ ଏକ ଅବାଧ ବନ୍ୟା । ତା'ର ପ୍ଲାବନ ପାଇଁ ମୋ ଗର୍ଭରେ ବିସ୍ତାର ନାହିଁ । ଘୃଣା ପାଇଁ ମଧ୍ୟ ମୁଁ ସମର୍ଥ ନୁହେଁ । ମୁଁ କେବଳ ଲୁଚି ଲୁଚି ନିଭୃତିରେ ଘୃଣା କରିପାରେ । ଅନ୍ୟକୁ ଘୃଣା କଲେ ମୁଁ ନିଜକୁ ଭଲପାଏ---ସେଥିପାଇଁ ମୁଁ ଘୃଣାକରେ । ଘୃଣା ଏକ ଦହନ, ଏକ ତରଳ ଅଗ୍ନି । ପରିପୂର୍ଣ୍ଣ ଘୃଣା କ୍ରୋଧରେ ଫାଟିପଡ଼େ । କ୍ରୋଧ ଏକ ସାହସିକ ସାମର୍ଥ୍ୟ---ମୋର ସାହସ ନାହିଁ । ମୋର ପୌରୁଷ ନାହିଁ । ମୁଁ ବାମନ । ମୁଁ କ୍ଷୁଦ୍ର ପୁରୁଷ ।

ନିରାପତ୍ତାକୁ ମୁଁ ସବୁଠାରୁ ବେଶି ମୂଲ୍ୟ ଦିଏ । ଏଣୁ ଗୋଡ଼ ଫରକଟେଇ ମୋ ସାମ୍ନାରେ ଠିଆହୋଇଥିବା ରେରେକାରକୁ ମୁଁ ଆଡ଼େଇହୋଇ ଖସିଯାଏ । ତା ପୁଡ଼ାତଳେ ଗଳିଯାଏ । ସଦର ଦର୍ଜା ଉପରେ ଅନେକ ଦୃଷ୍ଟି, ଅନେକ ଆଲୋକ । ମୁଁ ତେଣୁ ପଛବାଟେ ପଶିଯାଏ । ମୋ ମାଖୁନା ମୁହଁରେ ମୁଁ ନିଶ ଗଜୁରିବାକୁ ଦିଏନାହିଁ । ଠିଆନିଶର ଦାୟିତ୍ୱ ତୁଲେଇବାକୁ ମୁଁ ଅକ୍ଷମ । ନେଇଆଣି ଥୋଇ ଜାଣିବା ବିଦ୍ୟା ମୋତେ ଖୁବ୍ ପୋଷାଏ । ମୋତେ ବିଶ୍ୱାସକଲେ ମୁଁ ସେଇ ବିଶ୍ୱାସର ସୁଯୋଗ ନିଏ । ଠକି ପାରିବା ମୋର ଯୋଗ୍ୟତା । ବାଲି, ଗୁଗୁଡ଼ିକୁ ରାସ୍ତାରେ ନପକାଇ ମୋ କୋଠାରେ ନେଇ ଲଗେଇଦିଏ । ଦଣ୍ ଦେଲି ବୋଲି କହି ପାଞ୍ଚ ଖାଇଯାଏ । ମୋ ରାଜ୍ୟରେ ସମସ୍ତେ ମିଛ କହନ୍ତି । ମିଛ କହିପାରିବା ଚତୁରତା । ସମସ୍ତେ ଚୋରିକରନ୍ତି । ଚୋରିକରିବା ସାମର୍ଥ୍ୟ ଅଛି । 'ଖଡ଼ାବଡ଼ି ଥୋଡ଼' ଯଦି ଅଛି, ମୁଁ ତାକୁ 'ଥୋଡ଼ବଡ଼ି ଖଡ଼ା' କରିଦିଏ । ମୋତେ ଆପଣ ଡିଲିଟ୍ ଉପାଧି ଦିଅନ୍ତି । ଆପଣ ବି ସେଇଆ କରିଛନ୍ତି । ମୋ ଦେଶର ପାଞ୍ଚଲକ୍ଷ ଗବେଷଣାର ଚଷୁ ପର୍ବତଭିତରେ ଗୋଟିଏ ଦାନା ବହୁ କଷ୍ଟରେ ଦେଖାଦିଏ । ସି.ଭି. ରମନ ଏକ ବ୍ୟତିକ୍ରମ । କାହିଁକି ସେ ଉଞ୍ଚ ମଣିଷଟିଏ ଏ ଖର୍ବ ରାଜ୍ୟରେ ଜନ୍ମିଥିଲା ?

ମୋ ଦେଶର ସବୁଠୁ ବୃହତ୍ତମ ଲେଖକଗୋଷ୍ଠୀ ଦପ୍ତର କିରାଣୀ । ଶଠତା ଆମ ବୃତ୍ତି । ଆମେ ପରସ୍ପରକୁ ଚୋରିକରୁ । ପରସ୍ପରକୁ ଈର୍ଷାକରୁ, ନିନ୍ଦାକରୁ, ହୁଏତ ସଂହାର କରୁ । ଆମେ ରକ୍ତରେ ଖେଳିବାକୁ ଘୋଷଣା କରୁ; ଖେଳୁ କାଦୁଅରେ--ରକ୍ତପାଇଁ ସାହସ ନାହିଁ । ଆମେ ବଞ୍ଚୁ ଆଂଶିକ ଭାବରେ । ଏଣୁ ପ୍ରାଣ ଦେଇ ଦେଖିପାରୁନା, ପ୍ରାଣ ଦେଇ ଲେଖିପାରୁନା । ମୁଁ ବି ଲେଖିପାରେନା । ମୋ ଭାଷାରେ ପ୍ରାଣ ନାହିଁ, ଶବ୍ଦରେ ଅଗ୍ନି ନାହିଁ । ବାକ୍‌ରେ ମୁଁ ପ୍ରାଣକୁ ହବନ କରିପାରୁ ନାହିଁ । ମୋ ଚେତନା ଅବରୁଦ୍ଧ । ମୋର ଅନୁଭବ ସଂକୀର୍ଣ୍ଣ । ମୋର ଆବେଗ କୁଣ୍ଠିତ । ମୋର ଅବୟବ ଅପ୍ରସାରିତ । ମୋର ବେଦନା ନାହିଁ, କ୍ଷତ ନାହିଁ । ଅଶ୍ରୁକ୍ଷରଣ ନାହିଁ, ରକ୍ତ କ୍ଷରଣ ନାହିଁ । ଏ ସବୁର ଚିହ୍ନମାତ୍ର ମୋ ପାଇଁ ଯଥେଷ୍ଟ । ମୁଁ କ୍ଲୀବ, ମୁଁ ଅର୍ଦ୍ଧମଣିଷ ।

ମୋର କାମନାଗୁଡ଼ିକ ପଙ୍ଗୁ । ମୋ କ୍ଷୁଧା ପାଖରେ ମୁଁ ପ୍ରଥମେ ବଳି ପଡ଼ିଯାଏ । ତା'ର ଶିଖା ଚହଟିବାକୁ ଦିଏନାହିଁ । ମହାର୍ଘ ଆହାର ଦେଖି ଲାଳାୟିତ ହୁଏ । ଭୋଜନକୁ ଜିହ୍ୱାଲାଳସା କହି ଉପେକ୍ଷା କରେ । ମନୋରମା ନାରୀକୁ ଲୁଚି ଲୁଚି ଦେଖେ । ମନରେ ସମ୍ଭୋଗ କରେ, ସ୍ପର୍ଶ କରେନା । ରମ୍ଭା, ଉର୍ବଶୀ ମୋର କାମ୍ୟା ନୁହନ୍ତି । କାଶ୍ମୀର ଘୋଟକୀ କରି ସୁରମ୍ୟା ରମଣୀ ମୋର ସଙ୍ଗ କାମନା କଲେ ମୁଁ ମୂର୍ଚ୍ଛିତ ହୋଇଯିବି । ସେହିପରି ବିସ୍ତୃତ ହେମଜଡ଼ିତ ହର୍ମ୍ୟ ମୋର

Digitized by srujanika@gmail.com

ଆବାସ୍ୟ ନୁହେଁ । ମୁଁ ତା'ର ତ୍ରିସୀମା ସ୍ପର୍ଶ କରେନାହିଁ । ମୋ ଖର୍ବିତ ଅଙ୍ଗ ପରାସ୍ତ ହୁଏ । ଯେ କୌଣସି ଐଶ୍ୱର୍ଯ୍ୟ ମୋତେ ତ୍ରାସିତ କରେ । ଅନର୍ଘ ମଣିମୁକୁଟ ପାଇଁ ମୋର ମାନଗୋବିନ୍ଦ ମୂର୍ଦ୍ଧା ନାହିଁ । ସମୁଦ୍ରକୁ ଦେଖିଲେ, ମୁଁ ଖର୍ବମଣିଷ, ଆଖି ନୁଆଇଁଆଣେ । ଆରପାରିକୁ ଯାଇ ମୁକ୍ତା ଆଣିବାକୁ ମୁଁ ମନ ବଳାଏ ନାହିଁ । ଢେଉ ମୋ ସାଙ୍ଗେ ଖେଳିବାକୁ ଗୋଡ଼ାଇ ଆସିଲେ ମୁଁ ସଂତ୍ରସ୍ତ ହୋଇ ଧାଇଁପଳାଏ । ବିସ୍ତୃତ ସମୁଦ୍ରମୋର ବିପରୀତଧର୍ମୀ । ସମୁଦ୍ର ମୋର ଶତ୍ରୁ । ମୁଁ ଗୋଷ୍ପଦର ମଣିଷ । ସମୁଦ୍ର ଲଙ୍ଘନ ମୋ ପାଇଁ ଅବାନ୍ତର । ସେହିପରି ହିମାଳୟ ମୋର ଶତ୍ରୁ । ସେ ମୋତେ ଉପହାସ କରେ । ଗୁଡ଼ାଏ ଉଦ୍ଭଟ ବିଶାଳ ବନସ୍ପତି ମୋର ଭୟ ସଞ୍ଚାର କରନ୍ତି । ମୁଁ ଗୁଳ୍ମ-ରାଜ୍ୟର ମଣିଷ । ମୁଁ ଅଭିମାନ କରେନାହିଁ, କରିପାରେ ନାହିଁ । ନୂତନକୁ ମୁଁ ଡରେ । ତା'ର ସହସା ସଂଘାତ ପାଇଁ ମୁଁ କଦାପି ପ୍ରସ୍ତୁତ ନୁହେଁ । ମୁଁ କାହିଁକି ଚନ୍ଦ୍ରରେ ଅବତରଣ କରିବି ? କାହିଁକି ଗ୍ରହ ନକ୍ଷତ୍ରର କଳନା କରିବି ? କାହିଁକି ଆପେକ୍ଷିକତତ୍ତ୍ୱ ଉଦ୍ଭାବନ କରିବି ? ମୋର ଅଭିଳାଷ ସଙ୍କୁଚିତ । ମୁଁ ଶ୍ରମକାତର ଭୟାର୍ତ୍ତ ମଣିଷ । ମୁଁ ସମ୍ରାଟକୁ ଭୟକରେ । ସାମ୍ରାଜ୍ୟକୁ ଭୟକରେ । ଜ୍ଞାନୀକୁ ଭୟକରେ, ଜ୍ଞାନକୁ ଭୟ କରେ । କର୍ମଫଳର ଆଶଙ୍କା ମୋତେ ବିବ୍ରତ କରେ । କର୍ମ ବିବ୍ରତ କରେ । କର୍ମରୁ ବିରତ ହୋଇ ମୁଁ ଆଳସ୍ୟକୁ ଲେସେଡ଼ିଯାଏ । ମୋର ଆଳସ୍ୟ ନିଦ୍ରାଜଡ଼ିତ । ନିଦ୍ରା ସ୍ୱପ୍ନ-ଦୁଷ୍ଟ । ମୃତ୍ୟୁ-ଭୟ ମୋ ଜୀବନରେ ଏକମାତ୍ର ଆବେଗ, ମୋର ଗରିଷ୍ଠ ଉପାସାଦ ମୋର ବିଡ଼ମ୍ବନା ।

ମୁଁ ଅହିଂସ୍ର ନୁହେଁ, ଦୁର୍ବଳ । ଦୁର୍ବଳ ନୁହେଁ, ଭୀରୁ । ମୁଁ ହିଂସ୍ର ହେବାପାଇଁ ଯଥେଷ୍ଟ କ୍ରୁଦ୍ଧ ହୋଇପାରେନା । କ୍ରୁଦ୍ଧ ହେବାପାଇଁ ଯଥେଷ୍ଟ ଅପମାନିତ ହୋଇପାରେନା । ମୋର କ୍ରୋଧ, ହିଂସା, ଅପମାନ ସବୁ ଅସଫଳ । ମୁଁ ଶତ୍ରୁକୁ ମୁକାବିଲା କରିପାରେ ନାହିଁ । ତାର କୁକୁରକୁ ଆଣି କୁଶବିଦ୍ଧକରେ । ମୁଁ ପରାସ୍ତ କରିବାକୁ ଚାହେଁ, ଜିଣିବାକୁ ଚାହେଁନା---ନିଃସଙ୍କୋଚ ପ୍ରଭୁପଣ ପାଇଁ ମୋର, ଯୋଗ୍ୟତା ନାହିଁ, ଏଣୁ ନିଜକୁ ଏବଂ ନିଜର ବାମନ ପରିବାରକୁ ମୁଁ ମର୍ଦ୍ଦିତକରେ, ହୁଏତ ହତ୍ୟାକରେ । ସେ ଦୀର୍ଘମଣିଷମାନଙ୍କ ପରି ଆମେ ଧନୀ ହେବାକୁ ଚାହୁଁ; କିନ୍ତୁ ଧନପତିର କୁବେର ଭଣ୍ଡାର ଫିଟିଗଲେ ଆମେ ତା'ର ଜ୍ୱଳମାନ ଦୀପ୍ତିରେ ଝଲସିଯିବୁ । ଆମେ ବିଳାସ ଚାହୁଁ । ବିଳାସର ସମୁଦ୍ରରେ ଆମେ ବୁଡ଼ିଯିବୁ । ସଂସାର ଭୋଗିବାକୁ କ୍ଷୁଧା ନାହିଁ । ସଂସାର ଛାଡ଼ିବାକୁ ବଳ ନାହିଁ । ଖର୍ବ ମଣିଷର ଖର୍ବ ହାତଗୋଡ଼ ଯୋଡ଼ିକ କୌଣସି ସୀମା ଛୁଇଁପାରେ ନାହିଁ । ମୋର ଜୀବନ କାଳ ଭିତରେ ଗୋଟିଏ ହେଲେ ମର୍ଯ୍ୟାଦାବନ୍ତ ତୁଙ୍ଗ ମୁହୂର୍ତ୍ତ ନାହିଁ । ମୋ ଦେଶରେ ସମସ୍ତେ ସେଇଆ । ମୋ ଯୁଗରେ ସମସ୍ତେ ସେଇଆ । ଆମେ ସଂଖ୍ୟାରେ ଅକଳନୀୟ । ଅଥଚ ବ୍ୟକ୍ତିତ୍ୱରେ, ପୌରୁଷରେ, ବଳ ଏବଂ ବୁଦ୍ଧିରେ କ୍ଲୀବ, ବାମନ । ଆମେ କଳି କରୁ, ସଂଗ୍ରାମ କରି ପାରୁନା । ଆମେ ଚୋରିକରୁ, ଲୁଣ୍ଠନ କରିପାରୁନା' । ଆମେ ଅତ୍ୟାର କରୁ, ଧର୍ଷଣକରୁଁ - ସଂହାର କରିପାରୁନା ।

ରାଜ୍ୟଶାସନ କରିବାକୁ ମୋ ଦେଶରେ ଭୋଟ ଚୋରି ହୁଏ । ଶାସନରେ ଅର୍ଥ ଚୋରି ହୁଏ । କୋଠାଟିଏ, ଟଙ୍କାଗଣ୍ଡେ ପାଇଁ ବାମନ ଶାସକ ମିଥ୍ୟା କହେ । ଅଯୋଗ୍ୟ ମଣିଷଙ୍କର

Digitized by srujanika@gmail.com

ଅଯୋଗ୍ୟ ପ୍ରତିନିଧିମାନେ ନିଜର ଛୋଟ ଛୋଟ ବାମନ ଇଚ୍ଛାଗୁଡ଼ିଏ ପୂରଣ କରିବାକୁ ଉମ୍ପାଝମ୍ପା ହଉଥାନ୍ତି । ବ୍ୟବସାୟରେ ଲାଭ ପାଇଁ ପ୍ରତିଯୋଗିତା ହୁଏନାହିଁ---ଠକେଇ ହୁଏ---ଭେଜାଲ ହୁଏ । ଚିନିରେ କାଚଗୁଣ୍ଡ, ଔଷଧରେ ମଳା ମୂଷା ମିଶିଯାଏ । ଏଭଳି ମିଶେଇବା ଏଇ କ୍ଷୁଦ୍ର ଅପାରଗ ପୋକମଣିଷଙ୍କ ପ୍ରବୃତ୍ତି ।

ମୋ ରାଜ୍ୟ ଶିକ୍ଷାଗୁରୁ, ଧର୍ମଗୁରୁ ପଣ୍ଡିତମ୍ମନ୍ୟ, ଜ୍ଞାନ-କାତର, ବୃତ୍ତି-ଚେତା ଶଠ । ଛାତ୍ର ଦୁର୍ବିନୀତ, ଲକ୍ଷ୍ୟହୀନ, ହତାଶ । ଶିକ୍ଷା ଭ୍ରମସଂକୁଳ । ତଥ୍ୟ ପ୍ରମାଦପୂର୍ଣ୍ଣ । ପାଣ୍ଡିତ୍ୟ ଗୋଦାମ-ଧର୍ମୀ । ସାହିତ୍ୟ ପ୍ରତିଭାଶୂନ୍ୟ ସଂସ୍କୃତି କୋଳାହଳ ମାତ୍ର । ନ୍ୟାୟବିଚାର ପଣ୍ୟ । ଏ ବାମନ-ରାଜ୍ୟରେ ସବୁ ପଥର ଲୁଣପରି ଭାଙ୍ଗିଯାଏ, ଝଡ଼ିଯାଏ । ସେଥିରେ ତୋଳିବା ଯାହା ଭାଙ୍ଗିବା ତାହା । ଏ ମହାଦଶର ପ୍ରତିନିଧିତ୍ୱ କରିବାକୁ ଖାତିମାନେ ନିର୍ବାଚିତ ହୁଅନ୍ତି, ଖେଳାଳୀ ନୁହେଁ । ସର୍ବକାଣ ମନ୍ତ୍ରୀମାନେ ନିର୍ବାଚନ କରନ୍ତି । ଛୋଟ ଛୋଟ ଦ୍ୱୀପର ଉଞ୍ଚଉଞ୍ଚ ମଣିଷମାନେ ସେ ହୀନପ୍ରଭ ଅପାରଗ ବାମନମାନଙ୍କୁ ମୁହଁରେ ଲାତମାରି ପରାସ୍ତ କରନ୍ତି । ବାରମ୍ବାର ପ୍ରତିସ୍ପର୍ଦ୍ଧାର ସବୁ ଭୂମିରେ ଏ ଜାତିର ପତାକା ଲଜ୍ଜିତ ହୁଏ; କିନ୍ତୁ ଆମେ ହେଉନା । ଅପମାନିତ ହେବା ମର୍ଯ୍ୟାଦାବନ୍ତ ପୁରୁଷର ଅଧିକାର, ଆମର ନୁହେଁ । ଆମେ ଅପମାନକୁ ସହିଯାଉ । ଭୁରୁ ଟେକିଦେଉ । କହୁ, ଆମେ ଦାର୍ଶନିକ ।

ମୋ ଦେଶର ଦର୍ଶନକୁ ମୋଠାରୁ ଅନ୍ୟମାନେ ବେଶି ବୁଝନ୍ତି । ସେମାନେ ହିଁ ମୋତେ ଏବଂ ଅନ୍ୟମାନଙ୍କୁ ବୁଝାଇଛନ୍ତି । ସେଥିରେ ମୋର ଗର୍ବ । ମୋ ମା' ବିଷୟରେ ସେମାନେ ବେଶି ଜାଣିଛନ୍ତି କହିଲେ ବି ମୁଁ ଗର୍ବିତ ହେବି, ଅପମାନିତ ହେବିନାହିଁ । ମୋ ଦର୍ଶନକୁ ମୁଁ ବୁଝେନା ସତ, କିନ୍ତୁ ତାକୁ ମୁଁ ବଂଶାନୁକ୍ରମରେ ବଞ୍ଚାଇଆସିଛି । ଆତ୍ମା ଅମର---ମୋ ଦେଶରେ ଏଇଟା ସକ୍ରେଟିସ୍ ପୂର୍ବରୁ କୁହାହେଇଚି । (କେବେ, ସେମାନଙ୍କୁ ପଚାରନ୍ତୁ ।) ମୁଁ କିନ୍ତୁ ମରିଯିବି ବୋଲି ସବୁବେଳେ ଡରୁଥାଏ । ମୁଁ ଯାହା ପ୍ରଚାର କରେ, ତାକୁ ବିଶ୍ୱାସ କରେନା । ଡରୁଆ ମଣିଷ କାମ କରେନାହିଁ । ସେଥିପାଇଁ ଶାସ୍ତ୍ର ଅଛି । ଜଗତ୍ ମିଥ୍ୟା ହେବାରୁ ଭଲପାଇବା, ଭଲ ଖାଇବା, ଭଲ ପିନ୍ଧିବା, ଭଦ୍ରଭାବରେ ବଞ୍ଚିବା, ପରସ୍ପରକୁ ନିଃସଙ୍କୋଚ ମର୍ଯ୍ୟାଦା ଦେବା ଇତ୍ୟାଦି ସବୁ ମିଥ୍ୟା । ଏଣୁ ତା'ର ବିପରୀତଯାକ କୁଆଡ଼େ ସତ୍ୟ । କୃଚ୍ଛ୍ର ସାଧିବା, ଦିଗମ୍ବର ହେବା, ସମସ୍ତଙ୍କୁ ହେୟ ମଣିବା, ତା ବି ମୁଁ କରେନାହିଁ । ମୁଁ ଜଗତକୁ ନିଏ ନାହିଁ କି ଛାଡ଼େ ନାହିଁ; କିନ୍ତୁ ସବୁଆଡୁ ଶ୍ରମ କାଟି ଦିଏ । ମାଟି ମୃଦାଟିଏପରି ଛୋଟ ଖଳାବାଡ଼ିଟିକୁ ସଂସାର ମଣି ସେଇଠି କ୍ଳୀବ ଜନ୍ତୁଟିଏ ପରି ବଞ୍ଚିରହେ । ସାର୍ଥକତା ପାଇଁବଂଶ ବୃଦ୍ଧି କରେ । ସମୟର ମୋ ପାଇଁ କିଛି ମୂଲ୍ୟ ନାହିଁ । ମୁଁ ଲୁଗା ବଦଳ କଲାପରି ଅସଂଖ୍ୟ ଥର ଜନ୍ମ ନେଇ ପାରୁଥିବାରୁ ଏବେ ଏମିତି କାଉଳି ହେବାର କୌଣସି ଅର୍ଥ ନାହିଁ । ଅନ୍ୟ ରାଜ୍ୟର ଉଞ୍ଚ ଉଞ୍ଚ ମଣିଷମାନେ ସର୍ବଦା ଧାଉଁଥାନ୍ତି, କାରଣ ସେମାନେ ଆଉ ଥରେ ଏ ପୃଥିବୀକୁ ଆସିବେ ନାହିଁବୋଲି ବିଶ୍ୱାସ କରନ୍ତି । ମୁଁ କିନ୍ତୁ ଆସିବି---ଥରେ ନୁହେଁ ସହସ୍ରଥର । ମୋ ଗୋସେଇଁ ବାପାମାନେ କହିଛନ୍ତି । ମୋ ଦେଶର ଦର୍ଶନ କହୁଚି; ଏଣୁ ଏଥର ନ ପାରିଲେ

Digitized by srujanika@gmail.com

ଆଉଥରକୁ ଦେଖିବା ।...ମୁଁ ନ କଲେ ମୋ ଭାଇ କରିବ । ସେ ନ କଲେ ମୋ ଦାଦି କରିବ । କାହିଁ କୋଉ କାଳରୁ ମୁଁ ମୋର ବଟଗଛିଆ ପରିବାରରେ ରହିଆସିଛୁ । ଗୋସେଇଁବାପ, ବାପ, ପୁଅ, ନାତି, ପଣନାତି, ଅଣନାତିର ବିରାଟ ମନ୍ଦା । ସେଇଠି କୌଣସି ଜଣେ ଦାୟୀ ନୁହେଁ । ସେଠି ପଙ୍ଗୁ ପାଳିତ ହୁଏ, ଶଠ ପାଳିତ ହୁଏ, ଅଳସୁଆ ବି ପାଳିତ ହୁଏ । ଏଣୁ ଶହ ଶହ ବର୍ଷ ଧରି ଠକିବା, ଆଉ ଜଣକ ଉପରକୁ ଆଉଜି ରହିବା, ନିଜେ ଲୁଚିବା ଅଭ୍ୟାସ କରି କରି ମୋର ତାହା ସ୍ୱଭାବ ହୋଇଗଲା । ମୁଁ ସବୁବେଳେ ଆଉ ଜଣକୁ ମୋପାଇଁ ଶ୍ରମ କରିବାକୁ, ଦୋଷ ମୁଣ୍ଡାଇବାକୁ, ଦାୟିତ୍ୱ ନେବାକୁ ଏବଂ ଫାଶୀ ପାଇବାକୁ ଖୋଜୁଥାଏ । ମୁଁ ସବୁମତେ ବାମନ । ମୋର ହାତ ଗୋଡ଼, ମନ, ପ୍ରାଣ ସବୁ ଛୋଟ ।

ମୋର ବୃହତ୍ ଭାବନାଗୁଡ଼ିକ ସବୁ ଇତିହାସରେ । ମୁଁ ସେମାନଙ୍କୁ ଦେଖିନାହିଁ । ଦେଖିବାକୁ ମୋର ଆଗ୍ରହ ନାହିଁ । ମୁଁ ଆଧୁନିକ ହେବାକୁ ଚାହେଁ । ପୁରୁଣାକୁ ଉପହାସ କରେ । ଘୃଣାକରେ । ଅପରିଚିତ ହେଲେ ମଧ ବିଦେଶୀ ଢଙ୍ଗଟିକୁ ଆପଣେଇନିଏ । ଢଙ୍ଗ ନକଲ କରିବାରେ ଛୋଟ ମଣିଷ ଆନନ୍ଦ ପାଏ । ମୁଁ ଉଞ୍ଚ ଉଞ୍ଚ ମଣିଷଙ୍କୁ ନକଲ କରି ସେମାନଙ୍କୁ ଶସ୍ତା କରିପକାଏ । ମୁଁ ତାଙ୍କ ଭଳି ଦିଶିବାକୁ ଯାଇ ସେମାନଙ୍କୁ ମୋ ଭଳି ବାମନ କରିପକାଏ । ମୋ ଦେଶରେ କଦବା କ୍ୱଚିତ୍ ସାମାନ୍ୟ ବିସ୍ତୃତ ଦିଗ୍‌ବଳୟ ଦେଖୁଥିବା ମଣିଷଗୁଡ଼ିକୁ ଆମେ ଏହିପରି ବୁଡ଼େଇ ଦେଉ । ମୋ ଇତିହାସକୁ ମୁଁ ଏଇଭଳି ଅବହେଳିତ କରେ, ବେଳେବେଳେ ସଲଜ୍ଜ ସ୍ୱୀକାର କରେ । ମୋ ଇତିହାସ କେବଳ ସାହିତ୍ୟ । ମୋ ସାହିତ୍ୟ କେବଳ ଦର୍ଶନ । ମୋ ଦର୍ଶନ କେବଳ ଧର୍ମ । ମୁଁ ତେଣିକି ପୂଜାକରେ । ମଥୁରା ଅଯୋଧ୍ୟାର ସାହିତ୍ୟକୁ ଖଟୁଲିରେ ଥୋଇ ଅର୍ଚ୍ଚନା କରେ---କାରଣ ପୂଜା କରିଦେଲେ ଦୂରତା ରକ୍ଷା ହୁଏ । ଆକାଶିଆ ହୋଇଯାଏ ଆଦର୍ଶ । ବାମନ କାହିଁକି ତା'ମାଟି ଛାଡ଼ି ସେଯାଏ ଉଠିବାକୁ ଯିବ ? ବ୍ୟାସ ବଶିଷ୍ଠକୁ ନେଇ ଜଗତ୍ ବିହ୍ୱଳ ହେଉଥାଉ, ସେଥିରେ ମୋର କ'ଣ ଥାଏ ? ସେମାନେ ଖୋଜି ଖୋଜି ଆସି ମୋ ପାଖରେ ଅବଶ୍ୟ ପହଞ୍ଚିବେ । ମୁଁ ଛକି ବସିଛି । ଗେରୁଆ-ପିନ୍ଧା, ଦାଢ଼ିଆ ବାମନ ଛକି ବସିଛି, କେମିତି ସେ କୌତୂହଳୀ ଯାତ୍ରୀଦଳଙ୍କୁ ଭୁଆଁ ବୁଲେଇବି----ଚିତା କାଟି ଛାଡ଼ିବି । ସେମାନେ କିଛି ନ ପାଇ ଫେରିଯିବେ । ଯାଆନ୍ତୁ । ଆମକୁ ନିନ୍ଦା କରିବେ, କରନ୍ତୁ । ଆମର ଚରିତ୍ର ନାହିଁ, ଆମେ ଠକ, ଭଣ୍ଡ, ମୂର୍ଖ, ଅଳସୁଆ, ଚୋର ବୋଲି କହିବେ, କହନ୍ତୁ । ଆମେ ଏମିତି ପ୍ରାୟ ଶୁଣୁ । ଏ ଗୁଡ଼ାକର ଅର୍ଥ ଆମ ପାଇଁ ନାହିଁ । ମର୍ଯ୍ୟାଦା ହାରି ସାରିବା ପରେ ଆଉ କାହାକୁ ଘୋଡ଼େଇବା ?

ପୃଥିବୀର ସବୁ ପ୍ରକାର ମୂଲ୍ୟ ଏଠି ଅଛି; କିନ୍ତୁ ସବୁଗୁଡ଼ିକ ଖର୍ବ ରୂପ । ମାନବିକ ଅଧିକାର, ବ୍ୟକ୍ତି ସ୍ୱାଧୀନତା, ଦେଶପ୍ରୀତି, ଏମିତି ଏମିତି ନାନା କଥା । ଉପର ଢାଞ୍ଚାଟି ସଯତ୍ନେ ରଖାହୋଇଥାଏ । ତା' ଭିତରେ କିନ୍ତୁ ମୂଷା ପଶି ସବୁ କତୁରି ଦେଇଥାଏ । ଗଭୀର ଦେଶପ୍ରୀତିର ବକ୍ତୃତା ଆମ ସମସ୍ତଙ୍କର ମୁଖସ୍ଥ । ସଜ ଉଣ୍ଡି ଦେଶଟିକୁ ବିକି ଭାଙ୍ଗି ଆମେ ଖାଇଛୁ । ମୋର ସ୍ୱାଧୀନତା ଉପରେ ମୋର ଅଧିକାର । ମୁଁ ଯେତେବେଳେ ଯାହା କହିପାରେ, ଯାହା କରିପାରେ,

Digitized by srujanika@gmail.com

ମୋ ଇଚ୍ଛା । ମୋ ଦେଶର ସର୍ବୋଚ୍ଚ ସଭାରେ ସେଥିପାଇଁ ଆମେ ମାଡ଼ପିଟ ଲାଗୁ । ଗାଳିଗୁଲଜ ହୁଏ । ମୁଣ୍ଡ ଫଟାଫଟି ହୁଏ । ଏ ସବୁ କେବଳ ଦେଶ-ପ୍ରୀତି ପାଇଁ, କେବଳ ବ୍ୟକ୍ତିର ଅଖଣ୍ଡ ସ୍ୱାଧୀନତା ପାଇଁ ! କ୍ଷୁଦ୍ର ମଣିଷମାନେ ପ୍ରତିସ୍ପର୍ଦ୍ଧା କରନ୍ତି ନାହିଁ । କେବଳ ଶୋଧାଶୋଧି ହୁଅନ୍ତି । ଗୋଇ ଖୋଳାଖୋଳି ହୁଅନ୍ତି । ଗୋଛି କଟାକଟି ହୁଅନ୍ତି । ପରସ୍ପରକୁ ତଳକୁ ତଳକୁ ଭିଡ଼ି ରଖି କେହି ଭୁଇଁ ଛାଡ଼ି ପାରନ୍ତି ନାହିଁ । ଲେସିହୋଇ ଘୁଷୁରୁଥାନ୍ତି, ପୋକପରି ।

ହିମାଳୟର ସବୁ ଦେବଦାରୁମାନେ ପଙ୍ଗୁ ଗୁଳ୍ମ । ହିମାଳୟ ସ୍ୱୟଂ ଖର୍ବିତ । ତା' ମଥାରେ ବିଭିନ୍ନ ପାଦଚିହ୍ନ । ଏ ଦେଶରେ କୌଣସି ଉଚ୍ଚ ଭୂମି ଆଉ ନାହିଁ, ସ୍ମୃତିରେ, ବିଶ୍ୱାସରେ, ମର୍ଯ୍ୟାଦାରେ, ଆଶାରେ କିମ୍ବା କଳ୍ପନାରେ । ଏଠି ସମସ୍ତେ ଖର୍ବ, ଅନୁଦାର, ନିସ୍ତବ୍ଧ । ଦୁର୍ବଳ ମଣିଷ ଭୟରେ ଉପରକୁ ହାତ ବଢ଼ାଏ ନାହିଁ । ଉପରକୁ ଚାହେଁନାହିଁ । ସେ ନିଜେ ନିଜକୁ ଦ୍ୱେଷ କରେ; ଈର୍ଷା କରେ । ଗୋଠ ଗଢ଼ି ଲୁଚି ଲୁଚି ଅନିଷ୍ଟ କରେ । ଅଶୁଭ ଅମଙ୍ଗଳମୟ ତା'ର ଦୁର୍ଭାବନା । ସେ ବେଲଜ ବୃହନ୍ନଳା । ତା'ର ଅଭିଶାପ ମେଣ୍ଟିବାର ନୁହେଁ । ଏଠି ମହନୀୟ କିଛି ଆଉ ଘଟିବାର ନାହିଁ । ଏକକ ବ୍ୟକ୍ତିତ୍ୱ ଏଠି ନାହିଁ । ଦୈବାତ୍ ଦେଖାଇଦେଲେ ସେ ମହାତ୍ମାକୁ ଆମେ ଗୁଳିକରିଦେଉ, କାରଣ ସେ ଗୋଟାଏ ବ୍ୟତିକ୍ରମ । ଆମେ ଗଣ-ବ୍ୟକ୍ତିତ୍ୱ ଗଢ଼ିବାକୁ ପ୍ରୟାସୀ । ଏଠି କେହି ଉଚ୍ଚ ହୋଇ ପାରିବେନାହିଁ । ଆମେ ଅଭିବୃଦ୍ଧିର ବିରୋଧୀ । ଆମେ କାଦୁଅରେ ପଡ଼ିଥିବୁ । କାଦୁଅରେ ଖେଳୁଥିବୁ । ଆମେ ଅଯୋଗ୍ୟ, ହତ୍ୟା ପାଇଁ ଅଥବା ଆତ୍ମହତ୍ୟା ପାଇଁ । ଏ ବାମନଜାତି କେବେ ଜହ୍ନ ପାଇଁ ଅଭିଳାଷ ପାଳିବନାହିଁ । ଏ ରାଜ୍ୟରେ ଜହ୍ନ ଅବାନ୍ତର, ଜହ୍ନ ଏକ ଅପହଞ୍ଚ ସ୍ୱପ୍ନ । ଆମେ ଗୁଡ଼ିଏ କ୍ଷୟିଷ୍ଣୁ କ୍ଷୁଦ୍ର ପୁରୁଷ । ଆମ ଇତିବୃତ୍ତ କ୍ଷୁଦ୍ର ।

❖❖❖

Digitized by srujanika@gmail.com

ଯୋଗ୍ୟତରେଷୁ

ମୁଁ ଡାଳେ ଡାଳେ ଗଲେ ଯିଏ ପତ୍ରେ ପତ୍ରେ ଯିବାର ଅପୂର୍ବ ଗତିରେ ମୋତେ ସ୍ତମ୍ଭିତ କରିଆସିଛନ୍ତି, କୌଣସି ଲକ୍ଷ୍ୟସ୍ଥଳରେ ମୁଁ ପହଞ୍ଚିବାର ବହୁପୂର୍ବରୁ ଯେ ସେଠାରେ ତାଙ୍କର ଆଧିପତ୍ୟ ବିସ୍ତାର କରିସାରିଥାନ୍ତି, ଚିରକାଳ ଯାହାଙ୍କ ପୁଚ୍ଛଦର୍ଶନ ହିଁ ମୋର ଭାଗ୍ୟଲିପି, ସବୁ ପ୍ରକାର କୁଣ୍ଠା ଏବଂ ଅବିଶ୍ୱାସ ସତ୍ତ୍ୱେ ତାଙ୍କୁ ଅଗତ୍ୟା ମୋଠାରୁ ଯୋଗ୍ୟତର ବୋଲି ସ୍ୱୀକାର ନ କଲେ ଚଳୁନାହିଁ । ଅନେକ ଶ୍ରମ ଏବଂ ଘର୍ମ ପରେ ଯେତେବେଳେ ମୁଁ ଅନୁଭବ କରିଛି ଯେ ଏ ସହସ୍ରେ ଯୁଣ ପନ୍ଥାର ପ୍ରଥମ ପାବଚ୍ଛ ପାଖରେ ମୁଁ ତାଙ୍କୁ ପଛରେ ପକାଇ ଆସିଛି, ଅନ୍ତତଃ ଏଥର ମାଣିକ୍ୟ ଖମ୍ବ ପାଖରେ ନିରୁପଦ୍ରବ ଗୋଟିଏ ଜୟମାଲ୍ୟ ମୋର ପ୍ରାପ୍ୟ, ମୁଁ ଦେଖି ବିଶ୍ୱାସ କରିପାରେନାହିଁ କିପରି ଏବଂ କେଉଁ ମାର୍ଗେ ସେ ସେଇଠି ପହଞ୍ଚି ସାରିଥାନ୍ତି ଏବଂ ସାଫଲ୍ୟରେ ସ୍ନାନ କରୁଥାନ୍ତି । କୌଣସି ଅଦ୍ଭୁତ ଇନ୍ଦ୍ରଜାଲ ବିଦ୍ୟାକୁ ସେ ଆୟତ୍ତ କରିଥିବାରୁ ସିନା ଏପରି ମାୟା ବିସ୍ତାର କରି ଅସମ୍ଭବକୁ ସମ୍ଭବ କରିପାରୁଛନ୍ତି । ଭାଗ୍ୟକ୍ରମେ ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାର ବିଡ଼ମ୍ବନା ନେଇ ମୁଁ ଜନ୍ମିଛି । ତାଙ୍କୁ ପରାସ୍ତ କରିବାର ସ୍ୱପ୍ନାଭିଳାଷ ମୋତେ ଜୀବନ ସାରା ଘାରିଆସିଛି । ମୋ'ଠାରୁ ଏତେ ନ୍ୟୂନ, ଏପରି ମାନହୀନ, ବଳ ବିଦ୍ୟା-ବୁଦ୍ଧି ବିବର୍ଜିତ ଗୋଟାଏ ନପୁଂସକ ସହିତ ସଂଗ୍ରାମରେ ଯେ ମୋ ପରା ଯୋଦ୍ଧା କାହିଁକି ପରାସ୍ତ ହେବ, ତା' କଦାପି ମୁଁ ବୁଝିପାରିନାହିଁ, କିନ୍ତୁ ପଦେ ପଦେ ଏହାଙ୍କ ପାଖରେ ପରାଜିତ ହେବା ମୋ ଜୀବନର ପ୍ରମାଣିତ ବିଡ଼ମ୍ବନା । ବାରମ୍ବାର ଏହିପରି ତାଡ଼ିତ ହେବା ପରେ ଯୋତବେଳେ ଆଉ ସନ୍ଦେହର ଅବକାଶ ନାହିଁ ଯେ ସେଇ ସବୁପ୍ରକାରେ ଖର୍ବ ମଣିଷଟି ମୋ'ଠାରୁ ଯୋଗ୍ୟତର, ତୁଳାଦଣ୍ଡରେ ଏତେ ତଳକୁ ନଇଁଥିବା ବ୍ୟକ୍ତିଟିର ଧାତୁ ପରୀକ୍ଷା କରିବା ପାଇଁ ମନ ବଳିବା ସ୍ୱାଭାବିକ । ଏଣୁ ଯୋଗ୍ୟତରେଷୁ, ନିବେଦିତମିଦଂ । ହେ ମୋର ବିଜେତା, କୌଣସି ଅସୂୟାଦ୍ୱେଷରେ ଚାଳିତ ନହୋଇ, ବିଜିଗିଷାର ଧନୁର୍ବାଣ ବହୁକାଲୁ ଫିଙ୍ଗିଦେଇ ମୁଁ ଆପଣଙ୍କୁ ଆଜି ମୋର ନିରପେକ୍ଷ ବକ୍ତବ୍ୟ ଶୁଣାଇବାକୁ ଆଗ୍ରହୀ । ଅବଧାନ ହୁଅନ୍ତୁ ।

ଆପଣଙ୍କ ମୌଳିକ ବିଚାରରେ କେବେହେଲେ କୌଣସି ଗୋଟିଏ ପନ୍ଥାର ଗୁରୁତ୍ୱ ଥିବାର ମୁଁ ଦେଖିନାହିଁ । ଯେତେବେଳେ ଯାହା ସୁବିଧା ହେଲା ଆପଣ ସେଇବାଟେ ଗଳି ଯାଇଛନ୍ତି । ଅମଡ଼ା ମାନିନାହାନ୍ତି । କୌଣସି ବିଦ୍ୟା ପରୀକ୍ଷା ପାଇଁ ଯେତେବେଳେ ମୁଁ ବା ମୋ' ପରି ବେକୁବମାନେ ଦିବାରାତ୍ରି ପୁସ୍ତକ ଆୟତ୍ତ କରୁଥାଉ, ଆପଣ ପରୀକ୍ଷାକଟିକୁ ଆୟତ୍ତ କରିନିଅନ୍ତି ।

Digitized by srujanika@gmail.com

ଆମ ପାଇଁ ବିଚାରକ ହେଲେ ଧର୍ମାବତାର । ତାଙ୍କର ତୁଳାଦଣ୍ଡ ଅପହଞ୍ଚ ଆକାଶରୁ ଓହଳିଥାଏ । ଆମେପରମ ସମ୍ଭ୍ରମରେ ଅପେକ୍ଷା କରିଥାଉ । ଆପଣ କିନ୍ତୁ ଅପେକ୍ଷା କରିଥାନ୍ତି ଆଉଠାଏ । ଯେତେବେଳେ ତୁଳାଦଣ୍ଡ ଆଡ଼େଇ ଦେଇ ତାଙ୍କ ଗମ୍ଭୀର ଭୂମିକାରୁ ସେ ଭୋକିଲା ମଣିଷଟି ଗଳିପଡ଼ିଥାନ୍ତି, ଆପଣ ହାବୁଡ଼େଇ ଦିଅନ୍ତି ଭୋଗଥାଳି । ସେଥିପାଇଁ ସତର୍କତା, ଚତୁରତା କିମ୍ବା ବିଚିତ୍ର ଚଟୁଳତାରେ ଆପଣଙ୍କର କେତେବେଳେ ଅଭାବ ନଥାଏ । ଫଳରେ ଆପଣଙ୍କର ପାଇକା ଓଜନଯାକ କିଲୋ ମୂଲ୍ୟରେ ହିସାବ କସା ହୋଇଯାଏ । ଆମେ ଛାନିଆଁ ହୋଇଯାଉଁ । ଆପଣ ଦାଉଦାଉ ସୁନାପଦକ ପିନ୍ଧି ଆମକୁ ଆଡ଼ନୟନରେ ଚାହିଁ ମୁରୁକିମାରନ୍ତି । ସେମିତି ମିଜାଜ୍‌ରେ ଥିଲେ ଦି'ପଦ ଉପଦେଶ ମଧ ଦେଇଥାନ୍ତି । ବିଧାମାରିଲେ ଯାହାକୁ ବିଷ୍ଣୁ ଆସେ ନାହିଁ ବୋଲି ଆମେ ଜାଣିଥିଲୁ, ତାଙ୍କ ଲାଙ୍ଗୁଡ଼କୁ ଛୁଇଁବାର ଅଧିକାର ମଧ ଆମର ନ ଥାଏ । କ'ଣ କରାଯାଏ ? ସବୁ ତ ଫଳେନ ପରିଚୟତେ । ସେଥିରେ ହିଁ ଆପଣ ଆମ୍ଭମାନଙ୍କଠାରୁ ଚିଡେ ଉପରେ ସର୍ବଦା ବିରାଜମାନ କରିଥାନ୍ତି । ଆମେ କିଏ ଆପଣଙ୍କ ଯୋଗ୍ୟତା ବିଷୟରେ ପ୍ରଶ୍ନ କରିବାକୁ ?

ନୈତିକତା ନାଁ ପଡ଼ିଲେ ଆପଣ କହନ୍ତି ମାର ଗୋଲି । ଆପଣ ସେଗୁଡ଼ାକୁ ଆଉ ବାଗେ ବୁଝିଛନ୍ତି । ଆମେ ମନେ ମନେ ନୀତିବାନ୍ ରହିବାକୁ କୃଚ୍ଛ୍ର ସାଧନା କରୁଥାଉ । ଆପଣ ସବୁପ୍ରକାର ସତୀ-ଗାର ଡେଇଁ ବିମାନରେ ଚଢ଼ିଯାନ୍ତି । ଆପଣଙ୍କ ଯୁକ୍ତି ହେଲା ଯେ ପେଟରେ ଭୋକ ଥାଇ ମୁହଁରେ ଲାଜ କାହିଁକି ? ସମସ୍ତେ ତା' ଅଙ୍କ ବହୁତେ ନୀତିନିୟମ ଭାଙ୍ଗିବାକୁ ଚାହୁଁଥାନ୍ତି । ତଦ୍ଦ୍ୱାରା କ'ଣ ସବୁ ସୁବିଧା ସୁଯୋଗ ଲାଭ, ଲବ୍ଧି ଅଛି ତା'ବି ଜାଣିଥାନ୍ତି; କିନ୍ତୁ ସାହସର ସହିତ ଅଦୃଶ୍ୟ ଲାଇଗୁଡ଼ାକୁ ଖେପା ଟେକି ପାରିହେବାର ସାମର୍ଥ୍ୟ ତାଙ୍କର ନ ଥାଏ । ଏଣୁ ଦୁର୍ବଳର ସାନ୍ତ୍ୱନାପାଇଁ ଅଙ୍ଗୁର ପେନ୍ଥାକୁ ଚାହିଁ ଚାହିଁ ଓଠ ଚାଟୁଥିଲେ ସୁଦ୍ଧା ସେପରି ସର୍ବବାଦିସମ୍ମତ ମିଠା ଫଳଗୁଡ଼ିକୁ ଖଟା ବୋଲି ଆଖ୍ୟାତ କରାଯାଏ । ଏଗୁଡ଼ାକ ଭାଣ୍ଡାମି । ଆପଣ ବରଂ ନୀତିଶିକ୍ଷା ଦିଅନ୍ତି ଏହିପରି--- "ଆହେ, ଜୀବନରେ କ'ଣ ଚାହୁଁଛ ଆଗ ସ୍ଥିର କରିନିଅ । ଯଦି ଅଙ୍ଗୁର ଚାହୁଁ ନାହଁ ତାକୁ ଏମିତି ତକେଇ ରହି କାହିଁକି ପାଟି ସଡ଼ସଡ଼ କରୁଚ ? ବରଂ, ଫେରିଯାଅ, କିଛି ମୂଳା ଉପାଡ଼ି ଖାଇଯାଅ । ସେଥିପାଇଁ ତୁମର ସାମର୍ଥ୍ୟ ଅଛି, ଏଣୁ ସେତିକି ତୁମ ଯୋଗ୍ୟତା । ସେମିତି ଯଦି ପରୀକ୍ଷାରେ ଅଧିକ ନମ୍ବର, ଦପ୍ତରରେ ଚାକିରି, ରାଜଧାନୀରେ କୋଠା ଲୋଡ଼ା, ତେବେ ଲାଜ ଲାଜ କାହିଁକି ? ଯେମିତି ପାରିବ ସେଇଠି ପହଞ୍ଚିଗଲେ ଗଲା । ରୋକଠୋକ କାରବାର କର । ରୋକଠୋକ ବଞ୍ଚ । ଏମିତି ଦି'ଭାଗ ହୋଇ ତହଳବିକଳ ହୁଅ ନାହିଁ । ଭଲ ଲେଖିଲେ ନମ୍ବର ମିଳେ, ଲାଞ୍ଚ ଦେଲେ ବି ନମ୍ବର ମିଳେ । ଏଥିରେ ଭଲମନ୍ଦ କଣ ? ଯାହାକୁ ଯାହା ସୁହାଇଲା ସେ ତାହା କଲା । ତମେ ଜବାବସୁଆଲ ଭିତରେ ଖୋଳ ପିନ୍ଧି ବସିଥିବା ସେ ବିଚାରକଟିକୁ ସନ୍ତୁଷ୍ଟ କରି ତମ ଆଡ଼େ ଢଳେଇବାକୁ ଚେଷ୍ଟା ଚଳେଇଥାଅ । ଆମେ ସେଇ ମଣିଷଟିକୁ ଅନ୍ୟ ସମୟରେ ସନ୍ତୁଷ୍ଟ କରିଦେଉଁ । ଉଦ୍ଦେଶ୍ୟ ଏକ, କିନ୍ତୁ ମାର୍ଗ ଅଲଗା । ଏଣୁ ବିଚାରମଣ୍ଡଳୀର ପ୍ରତ୍ୟେକଟି ହସହସ ଚିହ୍ନା ଚାହାଣିକୁ ଉପଯୁକ୍ତ ମୂଲ୍ୟରେ କିଣାସରିଥାଏ । ଫଳ ବାହାରିଲେ ତୁମେ ଅଯଥା ଗୁଡ଼ାଏ ବିସ୍ମିତ ହୁଅ ସିନା, ସେଥିରେ ପ୍ରକୃତରେ ବିସ୍ମିତ ହେବାର କିଛି ନାହିଁ । ତାହା ନ ହୋଇ ଆଉ କିଛି ହେବା ବରଂ

Digitized by srujanika@gmail.com

ଆଶ୍ଚର୍ଯ୍ୟ କଥା । ମୂଳ ଭୁଲ୍‌ଟି ହେଲା ଯେ, ତୁମେ ଯାହାକୁ ଯୋଗ୍ୟତା ବୋଲି ଶେଷ ପର୍ଯ୍ୟନ୍ତ ଜାବୁଡ଼ି ଧରିଥାଅ, ଆମର ଉପଚାର ପରେ ତା'ର ଅନେକ ଅଦଳବଦଳ ହୋଇସାରିଥାଏ । --- ମୁଁ ଏ ଯୁକ୍ତି ଶୁଣିସାରିଲା ପରେ, ଆପଣଙ୍କୁ ଯୋଗ୍ୟତର ବୋଲି ସ୍ୱୀକାର ନ କରି ଉପାୟ ନାହିଁ । ପରକୁ ଆପଣା କରିବାରେ, ସମସ୍ତ ଲୁହାବାଡ଼କୁ ନିଜ ପାଇଁ ବଙ୍କେଇ ନେବାରେ ଆପଣଙ୍କ ଯୋଗ୍ୟତାକୁ କେହି ସନ୍ଦେହ କରିପାରିବ ନାହିଁ, ଆପଣ ଠିକ୍ କହିଛନ୍ତି । ଆମ ଭିତରେ ଦେଖିବା ଢଙ୍ଗରେ ଗୋଟାଏ ତାରତମ୍ୟ ରହିଯାଉଛି । ମୁଁ ଚାହିଁଥାଏ ମଣିଷଟାର ଶୀର୍ଷକୁ; ତାକୁ ଏବଂ ତା' ଦେହରୁ ଝୁଲୁଥିବା ମହାର୍ଘ ମୂଲ୍ୟ ଗୁଡ଼ିକ ଉପରେ ବାଜି ଲଗେଇ ଦିଏ । ଆପଣ ତଳେଇ ଯାଆନ୍ତି; ଯେଉଁଠି ସେ ଗୋଟିଏ ଜନ୍ତୁ, ସେଇଠି ତାକୁ ଅଳ୍ପ ଆହାର ଦେଇ ସନ୍ତୁଷ୍ଟ କରିବା ସହଜ । କିନ୍ତୁ ମଣିଷଟାକୁ ସେଭଳି ପୋଷ ମନେଇବା ଦୁଷ୍କର---ଏଇ କାରଣରୁ ମୁଁ ହାରିଯାଏ ଏବଂ ଆପଣ ଜିଣନ୍ତି । ସାମନାସାମନି ମୁକାବିଲାରେ ଜିତାପଟର ମାତ୍ରା ଊଣା ରହିବ ସ୍ୱାଭାବିକ; କିନ୍ତୁ ସାକୁଲାସାକୁଲି ସାଲିସ୍‌ରେ ସେ ଭୟ ନାହିଁ । ମୋଟ ଉପରେ ଲଢ଼ିବା କାହାରି ହେଲେ ସେଭଳି ସଉକ ବା ଲକ୍ଷ୍ୟ ହୋଇ ନଥିବାରୁ ଜିଣିବାପାଇଁ ଏମିତି ସବୁବେଳେ ମୁକାବିଲା କରିବା ନିର୍ବୋଧତା ନୁହେଁ କି ? ଏବଂ ସେଇଟା ହିଁ ତ ମୋର ଅଯୋଗ୍ୟତା ।

ମତଲବଟିକୁ ଠିକ୍ ବୁଝି ତାକୁ ହାସଲ କରି ନେବାରେ ଆପଣ ସିଦ୍ଧହସ୍ତ । କେବଳ ମଣିଷ ନୁହେଁ, ନୀତିନିୟମ, ଅନୁଷ୍ଠାନ ସବୁ ନିଜକୁ ସୁହାଇଲା ଭଳି ମୋଡ଼ିଦେଇପାରିବା ହେଲା ଆପଣଙ୍କ ବାହାଦୁରି । ଯାହା ଆମ ଆଖିରେ ଅଯୋଗ୍ୟତା ପରି ଦିଶେ, ତାକୁ ହିଁ ସର୍ବସମକ୍ଷରେ ଯୋଗ୍ୟତାରୂପେ ସ୍ୱୀକାର କରେଇନେବା ଆପଣଙ୍କର ଅସାଧାରଣ ସାମର୍ଥ୍ୟ । ଏଣୁ ତଳକୁ ମୁହଁ ପୋତି ନିଷ୍ଠାର ସହିତ ଯେ କାମ କରେ, ସେ ହୋଇଯାଏ ବଳଦ ଏବଂ ସେ କାମ କରିବାର ଭାନ କରିପାରେ, ସେମିତି ଚହଟ କାଢ଼ିପାରେ, ଠିକଣା ଲୋକ ପାଖରେ ଠିକଣା ପ୍ରଚାର ପହୁଞ୍ଚାଇ ଦେଇପାରେ, ସେ ହୁଏ ସଫଳ ଏବଂ ସାର୍ଥକ କର୍ମୀ । ସେହି କାରଣରୁ ପ୍ରଚାର ଉପରେ ଆପଣ ଏତେ ଜୋର୍ ଦେଇଥାନ୍ତି । ଆପଣଙ୍କ ବିଶ୍ୱାସ ଯେ ପାଞ୍ଚତୁଣ୍ଡରେ କୁହାଇ ପାରିଲେ ଛେଳିଟା କୁକୁର ହୋଇଯାଇପାରେ । ତେଣିକି ସମସ୍ତଙ୍କ ପାଖରେ ନିଜକୁ ଛେଳି ବୋଲି ଜାହିର କରିବା ଦାୟିତ୍ୱ ତା'ର । ଲୋକଙ୍କର ତେଣିକି ସନ୍ଦେହ ହୁଏ ଯେ ଗଣଭୋଟରେ କୁକୁର ବୋଲାଉଥିବା ଏ ଜନ୍ତୁଟି ଛେଳି ପରି ଦିଶୁଚି କାହିଁକି ? ଏହିପରି ଛଳନାତ୍ମକ ଆଚରଣ ଦଣ୍ଡନୀୟ ଅପରାଧ ନା ନୁହେଁ ? ତାର କୁକୁରପଣିଆ ସର୍ବାଦୌ ଅସ୍ୱୀକାର କରୁଥିବା ନିର୍ଭେଜାଲ କୁକୁରୀଟିର ସାକ୍ଷ୍ୟପ୍ରମାଣ କେହି ନିଏ ନାହିଁ । ସର୍ବଶେଷରେ ସାକ୍ଷ୍ୟ ସଂଗ୍ରହ ପାଇଁ ସେ କଂସେଇ ପାଖରେ ବେକପତେଇଦିଏ--- ମୃତ୍ୟୁ ପଛେ ଅନ୍ତତଃ ଛେଳି ବୋଲି ତ ଚୁଡ଼ାନ୍ତ ପ୍ରମାଣ ମିଳିଯିବ ! ଫଳହୁଏ ସେ କୁକୁର ମାରେଣି ଅପରାଧରେ କଂସେଇ ଜେଲଦଣ୍ଡ ଭୋଗକରେ ଏବଂ ଏହିପରି ଛେଳିର ଇତିବୃତ୍ତ ସରିଯାଏ ।

ଅନ୍ୟ ପକ୍ଷେ ଆପଣ ନିଜର ପୈତୃକ ସାରମେୟ ଚେହେରା ଉପରେ ଗୋଟିଏ ସିଂହର ଖୋଳ ମଡ଼େଇ ଅନ୍ୟପ୍ରକାର ପ୍ରଚାର ଚଳେଇ ଦିଅନ୍ତି । ପଶୁରାଜଙ୍କ ପାଇଁ ଛାମୁଛାଡ଼ ଡାକରା

Digitized by srujanika@gmail.com

ଶୁଭେ । ଡୁଗୁଡୁଗୁ ଧାଇଁବା ପରିବର୍ତ୍ତେ ଆପଣ ବିକ୍ରମ ପହିଳ କାଢ଼ନ୍ତି । ମହୁରିଆ ଫୁକାର ଛାଡ଼ି ଚୋଟିମୂଳରୁ ଗାରୁ ଗାରୁ ଗର୍ଜନ ହୁଏ । ସମସ୍ତଙ୍କର ଭୟ, ସମ୍ମାନ, ସମ୍ଭ୍ରମ ପାଇଁ ଯଥେଷ୍ଟ ପରିପାଟୀର ଆୟୋଜନ କରାଯାଏ । ଯେଉଁ କେତେ ଜଣ ଖୁବ୍ ଘରୋଇ ଏବଂ ବନ୍ଧୁ ପରିଜନ ଆପଣଙ୍କ ସ୍ୱରୂପ ସହିତ ପରିଚିତ, ତାଙ୍କୁ ମଧ ଛୋଟବଡ଼ ମୁଖା ଆପଣ ଯୋଗାଡ଼ କରିଦେଇଥାନ୍ତି । ମୁଖା ଭିତରୁ ପରସ୍ପର ଲାଙ୍ଗୁଡ଼ ଦେଖି ଆପଣ ସ୍ୱଜାତି ଚିହ୍ନଟ କରି ପକାନ୍ତି । ଏକାଠି ଛକ ଜାଗା ଜଗି ବିଅନ୍ତି । "ଏକଜୁଟ ହୋଇଯାଅ, ସିଂହଭାଇମାନେ", "ଆମକୁ ଯେଉଁମାନେ କୁକୁର କହୁଛନ୍ତି ସେମାନେ ଦେଶଦ୍ରୋହୀ । ତାଙ୍କୁ ନଖଦାନ୍ତରେ ଟିକିଟିକି କରିଦିଅ । ଆଉ ଯେଉଁମାନେ ବିଶୁଦ୍ଧ ଛେଳି ବୋଲାଉଛନ୍ତି, ସେମାନେ ହିଁ କୁକୁର । ସେମାନଙ୍କୁ ଆମ ସେବାରେ ନିଯୁକ୍ତ କର ।" ଏହିପରି ଆପଣଙ୍କ ସହିତ ସମାଜନୀତି, ମୂଲ୍ୟବୋଧ ଏବଂ ଯୋଗ୍ୟତାରେ ବିଶ୍ୱାସ କରୁଥିବା ଗୋଷ୍ଠୀଟିଏ ଆକାଶମାର୍ଗରେ ଥାଇ ବିଚିତ୍ର କୁହୁକବିଦ୍ୟାରେ ସମସ୍ତଙ୍କୁ ତାଜୁବ୍ କରୁଥାନ୍ତି ଏବଂ ଶାସନ କରୁଥାନ୍ତି ।

ଥରେ ଦୁଇଟି ପାଦ୍ରୀବନ୍ଧୁ ଜଣେ ଚିହ୍ନା ଚୋରକୁ ବଢ଼ିଆ ପୋଷାକ ପିନ୍ଧି ଯାଉଥିବାର ଦେଖିଲେ । ଜଣେ ଆର ଜଣକୁ ପଚାରିଲା, "ଚୋରି ଭଳି ପାପ କଲେ କ'ଣ ଦଣ୍ଡ ଏଇଆ ମିଳେ ?" ଆର ଜଣକ ଉତ୍ତର ଦେଲା, 'ରହିଥା, ପାପର ପ୍ରାୟଶ୍ଚିତ୍ତ ଅବଶ୍ୟ ହେବ, ସେ ଯିବ କୁଆଡ଼େ ?" ତା'ର କିଛି ବର୍ଷ ପରେ ଦେଖାଗଲା ଯେ ସେ ବିରାଟ କୋଠା କଲାଣି; କାହୁଁ କାହୁଁ ସମ୍ପତ୍ତି ଠୁଳ କଲାଣି । ଦିନେ ସେ ଗାଡ଼ିରେ ଧୂଳି ଉଡ଼େଇ ଚାଲିଗଲାବେଳେ ପୁଣି ସେହି ପାଦ୍ରୀ ତାର ବନ୍ଧୁକୁ ପଚାରିଲା, "କିଓ, ଏ କ'ଣ ଘଟଣା ? ସେ'ତ କ'ଣ ଆହୁରି ଉଠିଲା !" ଉତ୍ତର ହେଲା, "ରହିଥା, ସେ ଯିବା କୁଆଡ଼େ ?" ତା'ପରେ ସେ ହେଲା ପ୍ରତିଷ୍ଠିତ ନେତା, ମନ୍ତ୍ରୀ, ରାଷ୍ଟ୍ରଦୂତ---ବୟସ ବଢ଼ି ଚାଲିଲା । କୋଠା ଉପରେ କୋଠା, ଗାଡ଼ି ପଛକୁ ଗାଡ଼ି, ଉପରୁ ଆଉରି ଉପରକୁ ସେ ଉଡ଼ିଚାଲିଲା । ପାଦ୍ରୀ ଦୁଇଟିର ସେଇ ପ୍ରଶ୍ନ, ସେଇ ଉତ୍ତର । ପରିଶେଷରେ ଦିନେ ଜରାଜୀର୍ଣ୍ଣ ଦୁଇଟି ପାଦ୍ରୀ ସେଇ ଛକ ପାଖରେ ଅଗତ୍ୟା ଠିଆରହିଥାନ୍ତି, ବିରାଟ ଶୋଭାଯାତ୍ରାଟାଏ ପାଖେଇ ଆସିଲା । ସୁସଜ୍ଜିତ କମାଣଗାଡ଼ି ଉପରେ ଫୁଲର ବେଦି, ତା'ପରେ ଜାତୀୟପତାକାରେ ଆବୃତ କରି ମହାମାନ୍ୟ ଅମୁକଙ୍କୁ ସତ୍କାର ପାଇଁ ନିଆଯାଉଥାଏ । ମଲାବେଳକୁ ତାଙ୍କର ବୟସ ପଞ୍ଚାନବେ ବର୍ଷ । ସେ ବିଧିମତେ ପାଞ୍ଚଥର ବିବାହ କରି ପୃଥିବୀର ପାଞ୍ଚଟି ଅତୁଳନୀୟା ସୁନ୍ଦରୀଙ୍କୁ ପତ୍ନୀରୂପେ ଲାଭ କରିଥାନ୍ତି । ତାଙ୍କର ବଂଶାଧିକ ପୁତ୍ର ପୃଥିବୀର ବିଭିନ୍ନ ଦେଶର ଧନପତି, ଶତାଧିକ ନାତିନାତୁଣୀ । ପ୍ରଶ୍ନ କରୁଥିବା ପାଦ୍ରୀ କେବଳ ତାଙ୍କ ବନ୍ଧୁ ମୁହଁକୁ ଚାହିଁଲେ । ଆରଜଣକ ବି କିଛି ସମୟ ସେମିତି ନିର୍ବୋଧ ଭଳି ଚାହିଁବା ପରେ ଅଳ୍ପ ହସି କହିଲେ, "ପରିଶେଷରେ ସେ ମଲା ନା ନାହିଁ ?" ପ୍ରଥମ ପାଦ୍ରୀର ନୈତିକ ପ୍ରଶ୍ନ ପାଇଁ ଏହାଠାରୁ ବଳିଆଉ ପରିହାସ ନଥିଲା । "ବେ, ସେ କଣ ମରି ନ ଥାନ୍ତା କି ?" ମରିବା କ'ଣ ତା'ର ସମଗ୍ର କୁଟିଳ ଜୀବନର ଅସଂଖ୍ୟ ଦୁରାଚାର ପାଇଁ ଦଣ୍ଡ ? ମରିବେ ତ ସମସ୍ତେ---ଧନୀ, ଦରିଦ୍ର, ସାଧୁ, ଅସାଧୁ ! କିନ୍ତୁ ଯାହାକୁ ଏ ଦରିଦ୍ର ପାଦ୍ରୀମାନେ ରୌରବରେ ପଡ଼ିବେ ବୋଲି ଭାବିଥିଲେ, ସେ ଜୀବନର ସବୁ ଫୁଲରୁ ମହୁ ଖାଇ ଖାଇ, ତାଙ୍କୁ ଆଖି ମାରିଦେଇ ଖସିଗଲା । ପ୍ରମାଣ କରିଦେଇଗଲା ଯେ, ନିଜକୁ ନିଜେ

Digitized by srujanika@gmail.com

ଛନ୍ଦିବାନ୍ଧି ସତ୍ୟ, ଧର୍ମ, ନ୍ୟାୟ ନାଁରେ ବେଡ଼ି ପିନ୍ଧି ବସିଥିବା ବହୁ ବିଦ୍ୟା ବୁଦ୍ଧିର ଏଇ ବଳଦ ହଳକ ସମ୍ପୂର୍ଣ୍ଣ ବେକୁବ୍---ସେମାନେ ବାଧ୍ୟହୋଇ ତାଙ୍କଠାରୁ ଯୋଗ୍ୟତାର ବ୍ୟକ୍ତିର ଶ୍ମଶାନ ଯାତ୍ରାକୁ ସମ୍ମାନ ଦେଇଥିଲେ ।

ସାମାନ୍ୟ ମାତ୍ରାଭେଦରେ ଆପଣଙ୍କ ପାଇଁ ମଧ ମୋତେ ଦିନେ ଏହା କରିବାକୁ ହେବ ବୋଲି ମୁଁ ଜାଣିଛି । ଇତ୍ୟବସରରେ କିନ୍ତୁ ଆପଣ ପଦେ ପଦେ ମୋତେ ପରାସ୍ତ କରି ଚାଲିଛନ୍ତି । ମୁଁ କେବଳ ବିସ୍ମିତ ପାଦ୍ରୀ ପରି ତାଜୁବ୍ ହୋଇ ଅନେଇଁଛି । ତାଲିକାର ସବାତଳେ ଆପଣଙ୍କ ନାଁ ଥିବାର ସମସ୍ତେ ଜାଣିଛନ୍ତି । ପଦୋନ୍ନତି ପାଇଁ ସେଦିନ ବିଚାର ଆରମ୍ଭ ହେଲା । ଆପଣ ସାଇବଙ୍କ ଡ୍ରାଇଭର, ପିଅନ, ରୋଷେଇଆମାନଙ୍କ ସାଙ୍ଗେ ଖୁବ୍ ଭାବଦୋସ୍ତି କରି ସମସ୍ତଙ୍କୁ ଚଢ଼ା ଦାମ୍‌ରେ କିଣିନେଲେ । ସେଇଟା ଆପଣଙ୍କ ପଦ୍ଧତି, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସେହିପରି ବିଭାଗୀୟ କିରାଣିଟିକୁ ପାଦଦଠାରୁ ଶିଖାଯାଏ ଆପଣ ଚିକ୍‌କଣ କରିଦେଲେ ଏବଂ ସେ ଆପଣଙ୍କୁ ଦେଖିଲା ମାତ୍ରେ ଖାଲି କୁରୁଳିଲା--- ତା ବି କିଛି ନୂଆ ନୁହେଁ । ସାଇବଙ୍କ ଖୋଦ ପେସ୍କାର ହାତରେ ତାକୁ ବୁଡ଼େଇ ତା' ମାଲିକ ଯାଏ ତେଣ୍ଡା ବୁହାଇଲେ, ତା ବି ଜଣାଶୁଣା କଥା; କିନ୍ତୁ ମାଲିକମାନେ ଗସ୍ତକ୍ରମେ ସେ ଡାକବଙ୍ଗଳାରେ ଥିବାବେଳେ ହଠାତ୍ ସନ୍ଧ୍ୟାବେଳେ ଆପଣ କେମିତି ସେଇଠି ସସ୍ତ୍ରୀକ ପହଞ୍ଚିଗଲେ ? କେମିତି ବା ଚମତ୍କାର ବିଦେଶୀ ପାନୀୟର ବାକ୍‌ସଟିଏ ଆଗରୁ ଯୋଜନା କଲାଭଳି ଆପଣଙ୍କ ଗାଡ଼ିରୁ ବାହାରିଲା ଏବଂ ଲାଜଲାଜ ହୋଇ ଆପଣ ତାକୁ ସେମାନଙ୍କୁ ସମର୍ପି ଦେଇଥିଲେ ? ଅଧଘଣ୍ଟାଏ ପରେ ନ ଖାଇ ନ ପିଇ କଣ ଜରୁରି କାମରେ ବାହାରି ଆସିଥିଲେ ଏକୁଟିଆ ଏବଂ ଫେରିଥିଲେ ତା' ଆରଦିନ ସକାଳୁ ? ସାହେବମାନେ ଜଳଖିଆ ଖାଇଲାବେଳେ ଗୋଟିଏ ଛୋଟ ଲଫାଫା ଟେବୁଲ କୋଣକୁ ରଖିଦେଇ ଗୋଟିଏ ଆଠଅଙ୍କି ନମସ୍କାରରେ ଆପଣ ଏ ସମସ୍ତ ଉପଚାରର ମୁଣ୍ଡିମାରିଥିଲେ । ପାଞ୍ଚଦିନ ଭିତରେ ଦେଖାଗଲା ଯେ ଆପଣ ଆଦିବାସୀ ଅଞ୍ଚଳରେ ରହି ସେମାନଙ୍କ ଭାଷା ଓ ସଂସ୍କୃତି ଉପରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିବାରୁ ଏବଂ ସରକାର ସବୁ କ୍ଷେତ୍ରରେ ସେହିଭଳି ଅଫିସରଙ୍କ ସାହାଯ୍ୟ ଲୋଡ଼ୁଥିବାରୁ ଆପଣଙ୍କ ମୁଣ୍ଡରେ ଉଚ୍ଚପାହ୍ୟାର ଶାଢ଼ି ବନ୍ଧା ହୋଇଗଲା । ମୁଁ ନତମସ୍ତକ ସ୍ୱୀକାର କରୁଛି ଯେ ଆପଣଙ୍କର ଏସମସ୍ତ ଯୋଗ୍ୟତା ପାଇଁ ଆମ୍ଭେ ଆଦୌ ଭାଜନ ନୋହୁ ।

ଏଥିପାଇଁ ଯେ ମୁଁ କେବେହେଲେ ଘୃଣାକରେ ଏକଥା ଭାବିବେ ନାହିଁ । ମୁଁ ଖାଲି ବିସ୍ମିତ ହୁଏ । ଆପଣଙ୍କ ଧାତୁଟା ହିଁ ଅଲଗା । ଜୀବନର ମୂଲ୍ୟ, ଆଶା ଅଭିଳାଷ ମଧସେଇ ଅନୁପାତରେ ଭିନ୍ନ । ପୁଅ ପାଇଁ ବେତନ ଦେଇସାରି ମୁଁ ଅନନ୍ୟୋପାୟ ହୋଇ ଯେତେବେଳେ ଯୋତାରେ ତାଳି ପକାଉଥାଏ, ଆପଣ ନୂଆ ଘରୁ ପରଦାଟେକି ନାଇଟ୍‌ଗାଉନ ଭିତରୁ ଚା' ସୋଷି କୁହୁଡ଼ିଆ ସକାଳକୁ ଅନେଇଥାନ୍ତି---ଦେଖୁଥାନ୍ତି କେମିତି ନୂଆ ଡ୍ରାଇଭର ତିନି ନମ୍ବର ଗାଡ଼ି ଧୋଉଛି । ଆପଣ ମୋ ତୁଳନାରେ ପ୍ରଚୁର ବିତ୍ତଶାଳୀ । ଆପଣଙ୍କ ସ୍ୱପ୍ନ, ଆଉରି ଇଟା ସିମେଣ୍ଟ ଏକାଠି କରିବେ । ଆହୁରି ଚାରିଚକିଆ ପୁଞ୍ଜାଏ କରିବେ । ଘରର ଜଣପିଛା ଦି' ଦି'ଟା ଗାଡ଼ି ଖଞ୍ଜିବେ ।

Digitized by srujanika@gmail.com

ଏ ଅଭିଳାଷ ପୂରଣ ପାଇଁ ନାନା ଫନ୍ଦି ଫିକର କରିବାକୁ ପଡୁଥିବ । ପଚାଶ ଲୋକଙ୍କୁ ପଚାଶ ପ୍ରକାରେ ସନ୍ତୁଷ୍ଟ କରିବାକୁ ପଡୁଥିବ । ଆପଣ ତାଙ୍କ କଥା ବୁଝିଲେ ଋଣ ସୁଝିଲା ପରି ସେ ଆପଣଙ୍କ କଥା ବୁଝିଦିଅନ୍ତି । ମଝିରେ ଯଦି କେହି ଜଣେ ଉଭୟଙ୍କର ଦୀପ ଜାଳିବାକୁ ଖର୍ଚ୍ଚ ହୋଇଯାଉଛି, ସେଥିକୁ ଆପଣ ପରବାୟ କରିବାକୁ ବେଳ ନାହିଁ । ଅଯୋଗ୍ୟ ପୁଅକୁ ବିରାଟ ଶିଳ୍ପ ସଂସ୍ଥାର ମ୍ୟାନେଜର କରି ଥାପିବାରେ, କିମ୍ବା କୁରୂପା କନ୍ୟାକୁ ସୁନା ମଣ୍ଡଣିରେ ବୁଡ଼େଇ କୌଣସି ଦେବକାନ୍ତ ବିଚକ୍ଷଣ ଯୁବକ ସହିତ ଛନ୍ଦି ସାରିବା ପରେ ଉଭୟଙ୍କୁ ଶୂନ୍ୟମାର୍ଗେ ନେଇ ବିଦେଶୀ ଐଶ୍ୱର୍ଯ୍ୟରେ ସ୍ଥାପନ କରିବାରେ, କେନ୍ଦ୍ର ମନ୍ତ୍ରୀଠାରୁ ଆରମ୍ଭକରି ଏ ରାଜଧାନିଆ କିରାଣିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟାଏ ଯନ୍ତ୍ରରେ ବାନ୍ଧିବାକୁ ପଡୁଥିବ । ଏ ବ୍ୟାପାରଟି ଅସମ୍ଭବ ପରି ଦିଶୁଥିଲେ ସୁଦ୍ଧା ଆପଣ ତାହା ସାଧି ପାରନ୍ତି । ଯେତେ ଅଯୋଗ୍ୟତାକୁ ଘୋଡ଼େଇ, ତାକୁ ଅସ୍ୱୀକାର କରି, ତା' ଉପରେ ଦାଉ ଦାଉ ଫୁଟ ମଡ଼େଇ ସବୁଠାରୁ ଚଢ଼ା ଭାଉରେ ବିଚିତ୍ର ବିପଣିରେ ଉଠିଆ ହୋଇଯାନ୍ତି ।

ଏ ଅସାଧାରଣ ବାହାଦୁରି ପାଇଁ ଆପଣ କଦାପି ଆମ୍ଭମାନଙ୍କର ସାଧାରଣ ନିୟମ ମାନିପାରିବେ ନାହିଁ । ଏଣୁ ମିଛ କହି ଆପଣ ଜିଭ କାମୁଡ଼ନ୍ତି ନାହିଁ କିମ୍ବା ଚୋରି, ଜାଲିଆତି, ଦଗାବାଜି କରିନେଇ ବୁକୁରେ ଛେପ ପକାନ୍ତି ନାହିଁ । ନିଜ ଯୋଜନା ସକାଶେ ଆପଣ ନିଧଡ଼କ ଦୁଇଚାରିଟା ଖୁନ୍ ମଧ କରିପାରନ୍ତି । ଖୁଣ୍ଟର ନିୟମ, ପଘାର ନିୟମ, ଗୁହାଳର ଚଉହଦି କେବଳ ଘାସଖିଆ ମେଣ୍ଢାଙ୍କ ପାଇଁ । ସିଂହ ନ ହେଲେ ବି ସିଂହ ପରି ବଞ୍ଚିବାକୁ ହେଲେ ହିଂସ୍ର ଆଚରଣ ସ୍ୱାଭାବିକ । ଅମଡ଼ା ମାଡ଼ିବା ସ୍ୱାଭାବିକ । ସେଥିପାଇଁ ଆପଣଙ୍କୁ ସମୁଦ୍ର ବାଟ ଛାଡ଼ିଦିଏ, ନିୟମ ଭୁଷୁଡ଼ିପଡ଼େ । କିଏ ପଚାରେ ଧର୍ମ, ସମାଜ ବା ରାଷ୍ଟ୍ରକୁ ?---କିମ୍ବା କିଏ ପଚାରେ ଇହକାଳ ପରକାଳର ଗଞ୍ଜୁଡ଼ ଗପକୁ ? ଆପେ ସୁଖୀ ତ ଜଗତ ସୁଖୀ । ପ୍ରଥମେ ନିଜେ ଭୋଗି ସାରିଲା ପରେ ସୁବିଧା ଦେଖି ବାକି କଥା । ବଳବାନ ପାଇଁ କିଛି ବାରଣ ନାହିଁ---ବଢ଼ିଆ ଯୁକ୍ତି । ଏ ସଂସାରକୁ ବିଳସିଯିବା ପାଇଁ ଅନନ୍ୟ ଯୋଗ୍ୟତା । ଯଦି ଆପଣ ସତକୁ ସତ ସିଂହ ହୋଇଥାନ୍ତେ, ମୁଁ ମଧ ଆପଣଙ୍କ ପଞ୍ଝାତଳୁ କିଛି କିଛି ଜୟଗାନ କରିଥାନ୍ତି, କିନ୍ତୁ ଆପଣଙ୍କ ଶିଆଳ ରୂପକୁ ଦେଖି ଦେଖି ସ୍ତମ୍ଭିତ । କେତେ ଚଞ୍ଚଳ ଲାଙ୍ଗୁଡ଼ ହଲେଇ କୁଁ କୁଁ ସ୍ୱରରେ ଆପଣ ଲଇଁପଡ଼ନ୍ତି, ଏ ଆଖି ତା' ଦେଖିଛି । କାହା ପାଦତଳୁ ଆଇଁଷଟିକିଏ ଚାଟିଦେବାପାଇଁ ଏ ଲଇଁ ପଡ଼ିବା ଢଙ୍ଗ ଆପଣଙ୍କୁ ଭାରି ମାନେ । ଆପାଦ ଶୀର୍ଷ ଆପଣଙ୍କର ସବୁ ଖଞ୍ଜା ହୁଗୁଳା । ଚମତ୍କାର । ଗଢ଼ିଯିବା ପାଇଁ ସତେ ବା କେଉଁ ବିଶ୍ୱକର୍ମା ଆପଣଙ୍କୁ ଗଢ଼ି ରଖିଛି । ଫଣାରେ ସିଂହ ଏବଂ ଲାଙ୍ଗୁଡ଼ରେ କୁକୁର ଗୁଣ ଧାରଣ କରିଥିବା ଅଦ୍ଭୁତ ସାପଟିଏ ଆପଣ । ଆପଣଙ୍କୁ ଦେଖିଲେ ମୁଗ୍ଧ ହୋଇ ଚାହିଁରହିବାକୁ ହୁଏ, ଆଖିରେ ଆଖି ମିଶିଗଲେ ଯେ କେହି ପଥର ପାଲଟି ଯିବା କିଛି ବିଚିତ୍ର ନୁହେଁ ।

ଏ ଦେଶକାଳକୁ ଚାହିଁ ଆପଣ ହିଁ ଉପଯୁକ୍ତ ପାତ୍ର ! ଆପଣ ରୂପରେ ବିଶ୍ୱାସୀ, ଗୁଣ ତା'ର ଅନୁବର୍ତ୍ତୀ । ଯାହା ଦିଶେ ତାହାହିଁ ବଶୀଭୂତ କରେ, ପରାସ୍ତ କରେ । ଗୁଣ ଅପ୍ରକଟ ପରୀକ୍ଷାସାପେକ୍ଷ, ବ୍ୟବହାରସିଦ୍ଧ; ଏଣୁ ତାକୁ ଜଗିବସିବା ସମୟର ଅପବ୍ୟୟ । ସତ କହିବା

Digitized by srujanika@gmail.com

କୌଣସି ବାହାଦୁରି ନୁହେଁ, କେବଳ ଧର୍ମଭୀରୁ ଏବଂ ପରିଣାମ-କାତର ମଣିଷ ସତ କହେ । ଆପଣ ବୁଝିଛନ୍ତି, ଯେ, ସତ୍ୟଭାଷୀ ହେବା ଅପେକ୍ଷା ମିଷ୍ଟଭାଷୀ ହେବା ଅଧିକ ଫଳପ୍ରଦ । ସେଥିରେ ଅନେକ କୌଶଳ, ବାକ୍‌ଚାତୁରି, ଆତ୍ମବିଶ୍ୱାସ ଏବଂ ସାହସ ପାଇଁ କ୍ଷେତ୍ର ରହିଛି । ଆପଣ କଥା କହି ପାଣିରେ ସର ପକେଇ ପାରନ୍ତି । ହସରେ ମହୁ ବର୍ଷି ପାରନ୍ତି । ଏଥିପାଇଁ ଆପଣଙ୍କ ବ୍ୟବହାର ଶାସ୍ତ୍ରରେ ବିଚାରବୁଦ୍ଧି ଅପେକ୍ଷା ଚତୁରତା ଅଧିକ ବାଞ୍ଛନୀୟ । ଚତୁରତାରେ କିଞ୍ଚିତ ଶଠତା ରହୁ ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଶଠ ନ ହେଲେ କୌଣସି ବେପାର ଚଳିବ ନାହିଁ । ଆପଣ ଜୀବନ-ବଣିଜର ଉତ୍କୃଷ୍ଟ ବେପାରୀ । ବଞ୍ଚିବା ମୌଳିକ ଧର୍ମ । ଏଣୁ ସ୍ୱାର୍ଥ ହିଁ ଠୋସ୍ ସତ୍ୟ, ବାକି ସବୁ ଚାଲ୍‌ବାଜି । ଏଇ ଦେଖୁ ନାହାନ୍ତି ଗୋଟିଏ କଥା ! ପଚିଶ ବର୍ଷରେ କ'ଣ ଗୋଟାଏ ସତୀ ଗାର ପଡ଼ିଥିଲା---ତା'ପରେ ସରକାର ନିଯୁକ୍ତି ଦେବେନାହିଁ । ଯା' ଭିତରେ ପୁଅକୁ ପଚିଶ୍ ଡେଇଁଗଲା । ଆପଣ ବାହୁବଳ ଲଗେଇ ଗାର ଘୁଞ୍ଚେଇଦେଲେ ଅଠେଇଶ ପର୍ଯ୍ୟନ୍ତ । ସେଥିରେ ଦେଶ ଉଚ୍ଛନ୍ନ ହୋଇଯାଉ, କିଏ ପଚାରେ ? ଆପଣଙ୍କ ପଡ଼ିଆ ଜମିରେ ନଈକୁ ମୋଡ଼ିନେଇ ମଡ଼େଇ ଦେଲେ ସାତଖଣ୍ଡ ଗାଁର ତିନିଫସଲି ଖଇରାତ୍ ଉଜୁଡ଼ି ଯାଉ । ଆପଣ ହାତୀ କଲିଜା ଭାଜି ଖାଇବା ପାଇଁ ଦନ୍ତା ଯୂଥପତିକୁ ମାରି ଗଡ଼େଇ ଦେଲେ, ସେତେବଡ଼ ଭବ୍ୟ ପରିବାର ହାହାକାର କରୁଥାଉ, ସେଥିକି କିଏ ଖାତିର କରେ ? ପଣ୍ଡିତ ହେବା, ଧାର୍ମିକ ହେବା ସବୁ ମୂର୍ଖ ବେଠିଆଙ୍କ ମେହେନତ କଥା । ମୋଟ ଉପରେ ହେବା ଅପେକ୍ଷା ସେଇଭଳି ଦିଶିବା ହିଁ ବେଶି ଗୁରୁତ୍ୱପୂର୍ଣ୍ଣ । ଆପଣ ଏ ସମସ୍ତ ଭଳି ଦିଶିବାକୁ ସବୁପ୍ରକାର ଉପଚାର ବିଦ୍ୟାରେ ଦୁରୁସ୍ତ । ମାରଣ, ତାରଣ, ବଶୀକରଣ ଆପଣଙ୍କ ଆୟତ୍ତ ହୋଇସାରିଛି ।

ଏଣୁ ଅଶେଷପ୍ରକାର ଆପଣ ଆମ୍ଭଠାରୁ ଯୋଗ୍ୟତର । ଆମେ ଆପଣଙ୍କ ସାଫଲ୍ୟରେ ଯେତିକି ବିସ୍ମିତ ସେତିକି ପ୍ରଲୁବ୍ଧ; କିନ୍ତୁ ସେଭଳି ଯୋଗ୍ୟତା ପାଇଁ ଆମର ଉପାଦାନ ନାହିଁ । ଆମ ଧାତୁ ଅଲଗା । ଏଣୁ ଆପଣ ଯା'ନ୍ତୁ ପତ୍ରେ ପତ୍ରେ । ଆମ ଗତି କିନ୍ତୁ ଡାଳେ ଡାଳେ । ଆମ ବର୍ଗ ଅଲଗା, ଏଣୁ ମାର୍ଗ ବି ଅଲଗା । କିଏ ଭୁଲ କିଏ ଠିକ୍ ସେ କଥା ଏଠି ପଡ଼ିନି । ମୂଳତଃ ଆମ ଦୁହିଙ୍କ ଭିତରେ ତୁଳନା ନାହିଁ, କାରଣ ସମଭୂମି ନାହିଁ । ଏଣୁ ଆପାତତଃ ଦିଶୁଥିବ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ନାହିଁ । ତଥାପି ଏକଦା ଏ ଡାଳରେ ଥାଇ ଆପଣ ସେ ପତ୍ରକୁ କୁଦାମାରିଥିଲେ ବୋଲି ଏ ବିଶିଷ୍ଟ ବାହାଦୁରି ପାଇଁ ଆପଣ ଆମଠାରୁ ଯୋଗ୍ୟତର---ସେତେବେଳେ, ଏବେ ଏବଂ ସବୁକାଳକୁ ଯୋଗ୍ୟତର !!

Digitized by srujanika@gmail.com

ଅଜ୍ଞାତବାସ

ଯୁଗ ଶାପଗ୍ରସ୍ତ ହେଲେ ଯୁଗନ୍ଧର ପୁରୁଷମାନେ ସ୍ୱୟଂ ହୀନପ୍ରଭ ହୋଇ ମଉଳି ଯାନ୍ତି । ଭୀମାର୍ଜ୍ଜୁନ ପରି ବଳିଷ୍ଠ ଯୋଦ୍ଧାମାନେ ନିଷ୍ପ୍ରଭ-ପୌରୁଷ ନେଇ ଉଦ୍‌ବାସ୍ତୁ ବନଚାରୀରୂପେ ଭ୍ରମଣ କରନ୍ତି । ସେତେବେଳେ ସ୍ୱୟଂ ଧର୍ମପୁରୁଷ ମଳିନ ଅଜ୍ଞାତବାସ ବରଣ କରିଥାନ୍ତି । ସେଭଳି ଯୁଗର ସୂର୍ଯ୍ୟ କେତୁଗ୍ରସ୍ତ, ହିମାଦ୍ରିମଣ୍ଡିତ ପୃଥିବୀ ଛାୟାଚ୍ଛନ୍ନ ।

ଯେ କୌଣସି ଝଟକୁଥିବା ପ୍ରତିଭାକୁ ଅସହିଷ୍ଣୁ ଅପଣାସକମାନେ ଘୋଡ଼ାଶାଳରେ ଅପବ୍ୟୟ କରିଦେବା ଏକ ଦୈନନ୍ଦିନ ଘଟଣା । ରାଜଜେମା ପରି ସୁକୁମାର ଶାଳୀନ ମର୍ଯ୍ୟାଦାକୁ ବିଚ୍ ବଜାର ଉପରେ ଉଲଗ୍ନ କରିବା ସେମାନଙ୍କର ନିରପରାଧ ପୌରୁଷ । ନିରାଡ଼ମ୍ବର ଋଷି କାନ୍ଧରେ ଭାର ବୁହାଇବା, ତାକୁ ହଡ଼ା ବଳଦ ସାଙ୍ଗରେ ଜୁଆଳି ଫାନ୍ଦି କୋରଡ଼ାରେ ନିର୍ଯ୍ୟାତିତ କରିବା ଶାସକ ଶକ୍ତିର ଏକ ଉପଭୋଗ୍ୟ ଖିଆଲ । ଗୋଟିଏ ଗୋଡ଼ରେ ଠିଆହୋଇ ଲୋତକପାତ କରୁଥିବା ନିର୍ବାକ୍ ବୃଷଭଟିକୁ ପ୍ରହାର କରିବା ନିରଙ୍କୁଶ ଯୁଗଧର୍ମ । ଏ ଯୁଗର ଶକ୍ତିମାନ୍ ପୁରୁଷମାନେ ଶବରପଲ୍ଲୀର ମୁକ୍ତାଫଳ ପରି ଅତ୍ରତତ୍ର ବିକୀର୍ଣ୍ଣ । ଏଠି ମୂଲ୍ୟ ଅନୁପସ୍ଥିତ ନୁହେଁ; ମୂଲ୍ୟ ଅନାଦୃତ, ଅବହେଳିତ, ଉପେକ୍ଷିତ । ସୂର୍ଯ୍ୟ ଅସ୍ତମିତ ନୁହେଁ, ମେଘାଚ୍ଛନ୍ନ । କୀଚକମାନଙ୍କର ଏ ବିରାଟ ଦେଶରେ ସୁଧନ୍ୱା ପାଣ୍ଡବମାନେ ବିଧିବଶାତ୍ ଆଶ୍ରୟଭିକ୍ଷୁ । ଏ ରାଜ୍ୟ ସେମାନଙ୍କ ପାଇଁ ଅଜ୍ଞାତବାସ ।

ଭାଗ୍ୟକୁ ଆଦରି ଅଜ୍ଞାତବାସ ଭୋଗୁଥିବାବେଳେ ନିଜର ସବୁ ମହିମା ଅପ୍ରକଟ ରଖିବାକୁ ହୋଇଥାଏ । ଅକଥନୀୟ ଲାଞ୍ଛନା, ଅପମାନ ମୁଣ୍ଡପାତି ସହିଯିବାକୁ ହୋଇଥାଏ । ନରଶାର୍ଦ୍ଦୂଳମାନେ ପୋଷା ବିଲେଇର ଭୂମିକାରେ ନ୍ୟୂନ ଅଭିନୟ କରିବାକୁ ବାଧ ହୁଅନ୍ତି । ଉଗ୍ରତେଜା ମଲ୍ଲବୀରମାନେ ହ୍ରସ୍ୱହାତର ଥାପୁଡ଼ି ଖାଇ ସହିଯାନ୍ତି । ସିଂହନାଦ କରି ଭୂଇଁ ଦୁଲୁକେଇବାର ବେଳା ଆସି ନାହିଁ । ନେମିଘୋଷରେ କୁରୁକ୍ଷେତ୍ର ଅନୁନାଦିତ ହେବାର ସମୟ ଏ ନୁହେଁ । ଦାନ୍ତ ଜାକୁଡ଼ି ଅନ୍ଧାରର ଏ ବିପର୍ଯ୍ୟୟ ସହିବାକୁ ହେବ । ଅପେକ୍ଷା କରିବାକୁ ହେବ ଏ ଆକାଶରେ ପୁଷ୍ପିତ ସୂର୍ଯ୍ୟର ପ୍ରତିଷ୍ଠା ।

ଅଜ୍ଞାତବାସର ଏ ଅବମାନନା କ୍ରୋଧର ଅଗ୍ନ୍ୟୁତ୍ପାତ ପାଇଁ ସହାୟକ । ଏ ଲାଞ୍ଛନା, ଏ କ୍ଷୁଧା, ଏ ଜ୍ୱାଳା, ଆଗାମୀ ମହାହବର ପ୍ରସ୍ତୁତି । ପ୍ରବଳ ଧାରା ନଦୀପ୍ରବାହକୁ ବଳାତ୍କାର ଅବରୋଧ କଲେ ସେ ଫେନାୟିତ କ୍ରୋଧରେ କାୟା ବିସ୍ତାର କରେ । ସେ ଅହରହ ପ୍ଲାବନର ମନ୍ତ୍ର ଜପୁଥାଏ । ନଦୀବନ୍ଧର ଛାଇ ପଛରେ ସ୍ଫୀତ ହୋଇ ଉଠୁଥାଏ ପ୍ରଳୟର ଦୁର୍ବାର ଶକ୍ତି । ସେହି ଶକ୍ତି ସଞ୍ଚୟ

Digitized by srujanika@gmail.com

କରିବାକୁ, ସଙ୍କଳ୍ପ ଦୃଢ଼ କରିବାକୁ, ଶତ୍ରୁଘାତୀ କୁପିତ କୁଠାରମାନଙ୍କୁ ଶାଣିତ, ଅଭିମନ୍ତ୍ରିତ କରିବାକୁ ଏ ଅଜ୍ଞାତବାସ ଏକ ଘୋର ତପସ୍ୟା । ଏ ଭଳି ତାପିତ ନହେଲେ, ସାଧୁପୁରୁଷମାନେ କ୍ରୁଧ ହୁଅନ୍ତିନାହିଁ । ଦୟାଶୀଳ, କ୍ଷମାଶୀଳ ଉଦାରପୁରୁଷମାନେ ଧନୁ ଧାରଣ କରନ୍ତି ନାହିଁ । ଧର୍ମର ଏଭଳି ଗ୍ଲାନି ନ ଆସିଲେ, ସେଭଳି ନୂତନ ଅଭ୍ୟୁତ୍‌ଥାନ ସମ୍ଭବ ହୁଏନାହିଁ । ଭୀମକର୍ମା ବୃକୋଦରମାନେ ଏ ଭଳି କ୍ଷୁଧିତ, ଲାଞ୍ଛିତ ନହେଲେ, ସେଭଳି ବେଣୀସଂହାର ହୁଏନାହିଁ; କିମ୍ବା ସେଭଳି ଉରୁଭଞ୍ଜନ ହୁଏନାହିଁ । ଅଜ୍ଞାତବାସ ଏକ ବିଶୋଧନ-ଅଗ୍ନି; ଏକ ବର୍ଦ୍ଧିଷ୍ଣୁ ପ୍ରସ୍ତୁତି; ଏକ ନୀରବ ସଫଳତା ।

ଗୋଟିଏ ଅନ୍ଧ ଅପଶକ୍ତିର କବଳରେ ଏ ରାଷ୍ଟ୍ର ଧୃତ । କପଟପାଶାର ପ୍ରହେଳିକାରେ ଜ୍ଞାନ, ବୁଦ୍ଧି, ପରାକ୍ରମ ସବୁ ପରାସ୍ତ । ଟହଟହ ହସୁଥିବା ମଦାନ୍ଧ ଶତପୁତ୍ରର ଶାସନରେ ଧର୍ମ ଏକ ପଳାତକ ଭିକ୍ଷୁ । ଅରଣ୍ୟରେ କିଏ ଚିହ୍ନେ ଦିବ୍ୟତେଜା ପାଣ୍ଡବଙ୍କୁ ? ଏ ରାଜପୁତ୍ରଙ୍କର ଐଶ୍ୱର୍ଯ୍ୟ କାହିଁ ? କେୟୁର କଙ୍କଣ କାହିଁ ? ଅପରିଚିତ ଭୂମିରେ ଅପରିଚିତ ଆଗନ୍ତୁକ ପରି ସେମାନେ ଅପରିଚିତ ଆହାର ଗ୍ରହଣ କରିଛନ୍ତି, ଅପରିଚିତ ଆଶ୍ରୟ ଭିକ୍ଷା କରିଛନ୍ତି । କଠୋର ବନବାସର ତାଡ଼ନାରେ ସୁକୁମାର ରାଜପୁତ୍ରମାନେ ହୋଇଛନ୍ତି ରୁକ୍ଷ, କର୍କଶ, କଷ୍ଟସହିଷ୍ଣୁ । ପ୍ରତ୍ୟେକ ତାଡ଼ନାରେ ବାହାରେ ବର୍ମ ଦୃଢ଼ୀଭୂତ ହୋଇଛି, ଭିତରେ ଅଗ୍ନି ସନ୍ଦୀପିତ ହୋଇଛି । ଯୋଦ୍ଧା ଯୁଯୁତ୍ସୁ ହୋଇ ଉଠିଛନ୍ତି, ଧର୍ମଭୀରୁ ହୋଇ ଉଠିଛନ୍ତି ଧର୍ମ-ସଂସ୍ଥାପକ । ଦ୍ୱାଦଶ ଗ୍ରୀଷ୍ମର ଅଗ୍ନି, ଦ୍ୱାଦଶ ଦୁର୍ଦ୍ଦିନର ଧାରାପାତ ସେମାନଙ୍କୁ କମାରଶାଳର ଶରଫଳା ପରି ତପ୍ତ-ଶୀତଳ ପ୍ରକ୍ରିୟାରେ ବଜ୍ରଦୃଢ଼ କରିଛି । ସେଇ ପାଞ୍ଚୋଟି ମାତ୍ର ନିଷ୍କଳଙ୍କ ଶରଫଳାରେ ସାରା ପୃଥିବୀକୁ ଦଗ୍‌ଧୀଭୂତ କରିବାର ଅପ୍ରତିହତ ବହ୍ନି ସଞ୍ଚିତ ହୋଇଛି ବାରବର୍ଷ ବନବାସ ଭିତରେ ।

ଏ ତପସ୍ୟାର ଚୂଡ଼ାନ୍ତ ତୀବ୍ରତା ହେଉଛି ଅଜ୍ଞାତବାସ । ନଭାଚାରୀ ଶ୍ୟେନରାଜମାନେ ପକ୍ଷ ସଙ୍କୁଚିତକରି କାକକୁଳାୟରେ ଆଶ୍ରା ଲୋଡ଼ିଛନ୍ତି । ମଳିନ ଛଦ୍ମବେଶରେ ଲୁଚି ଯାଇଛି ଦେଦୀପ୍ୟମାନ ବ୍ୟକ୍ତିତ୍ୱ । ଶାପଗ୍ରସ୍ତ ଯୁଗର ନିଷ୍ପ୍ରଭ ଯୁଗପୁରୁଷମାନେ ସ୍ୱୀକାର କରିନେଇଛନ୍ତି ଭାଗ୍ୟର ବିଡ଼ମ୍ବନା । ଜୀବନର ଅସଂଖ୍ୟ ଯୁଦ୍ଧରେ ସ୍ଥିର ରହୁଥିବା ଶୀର୍ଣ ଦୀପଶିଖା ପରି ନିଷ୍କମ୍ପ ଜଳୁଥିବା, ମାନବୀୟ ସତ୍ୟ କୌଣସି ଆୟତ ନେତ୍ର ଦରିଦ୍ର ବ୍ରାହ୍ମଣ ରୂପେ ଆସି ରାଜଦ୍ୱାରରେ କୃପାଭିକ୍ଷା କରିଛନ୍ତି । ଶାଳଦଣ୍ଡା ପରି ଲମ୍ବମାନ ବାହୁବିଶିଷ୍ଟ ଶୌର୍ଯ୍ୟଦେବ ମୁଣ୍ଡ ନୁଆଇଁ ଗଣ୍ଡିଏ ଅନ୍ନର ଯାଚନା କରିଛନ୍ତି । ଇନ୍ଦ୍ରପରି ଅମିତ ପରାକ୍ରମୀ ଧନୁର୍ବିଦ୍ୟା, ଶରାସନ ଫିଙ୍ଗିଦେଇ ମାଗିଛନ୍ତି ନଟୀର ବୃତ୍ତି । ଝଲମଲ କରୁଥିବା ବଳବନ୍ତ ତାରୁଣ୍ୟ କୌଣସି ପ୍ରକାରେ---ଅଶ୍ୱପାଳ ହୁଅନ୍ତୁ ବା ଧେନୁପାଳ ହୁଅନ୍ତୁ---ଛପି ଯାଇଛନ୍ତି ଅଜ୍ଞାତବାସର ଆଡୁଆଳରେ । ତପସ୍ୟାର ଏ ଉଦ୍‌ଯାପନ ପର୍ବରେ ତାଙ୍କୁ କେହି ଯେପରି ନଚିହ୍ନେ । ସେମାନେ ସ୍ୱୟଂ ନିଜକୁ ସୁଦ୍ଧା ଯେପରି ନଚିହ୍ନନ୍ତି; ସେଥିପାଇଁ ସେମାନେ ତତ୍ପର ।

କଥିତ ଅଛି, ଏକଦା ଅନ୍ୟ ଏକ ଶାପଗ୍ରସ୍ତ ଯୁଗର ରାଜସଭାରେ ମହାମହିମ ଦେବତାମାନଙ୍କୁ ଭୃତ୍ୟ ସେବାରେ ନିଯୁକ୍ତ କରାଯାଇଥିଲା । କିଏ ଥିଲେ ଦ୍ୱାରରକ୍ଷୀ ତ ଆଉ କିଏ

Digitized by srujanika@gmail.com

ଥିଲେ ସଭାନର୍ତ୍ତକ । ସେମାନେ ହୀନପ୍ରଭ ହୋଇ ଅଭିଶାପ ସ୍ୱୀକାର କରିଥିଲେ । ଅପବ୍ୟବହାର କରୁଥିବା ଦାନବ ତାଙ୍କୁ ଜାଣିଥିଲା; କିନ୍ତୁ ବିଜେତାର ଅଭିମାନରେ ସେ ତାଙ୍କୁ ମର୍ଦ୍ଦିତ କରୁଥିଲା । ସବୁ ରଶ୍ମି ସମ୍ବରଣ କରି ଦେବତାମାନେ ଦାରୁଣ ଯାତନା ସହି ଯାଉଥିଲେ, ଅପେକ୍ଷା କରୁଥିଲେ ଶାପମୋଚନର ମୁହୂର୍ତ୍ତକୁ । ଅପେକ୍ଷା କରୁଥିଲେ କେତେବେଳେ ପାଷାଣ ତରଳିବ, କେତେବେଳେ ସମୁଦ୍ର ଲଙ୍ଘନ ହେବ, ସ୍ୱର୍ଣ୍ଣମୟୀ ଲଙ୍କା ଦାନବଶୂନ୍ୟ ହେବ । ଗିରିଗୁହାର ତପସ୍ୱୀ ଜପ କରୁଥିଲେ ଶାପମୁକ୍ତିର ମନ୍ତ୍ର । ନିଭୃତରେ ବ୍ରହ୍ମତେଜାମାନେ ଦକ୍ଷିଣ ଦିଗକୁ କୋପଦୃଷ୍ଟିରେ ଚାହୁଁଥିଲେ । ସମସ୍ତେ କିନ୍ତୁ ଅନନ୍ୟୋପାୟ; ସମସ୍ତେ ଭଗ୍ନପକ୍ଷ ବିହଙ୍ଗ ।

ଅଭିଶାପରେ ଭାରାକ୍ରାନ୍ତ ଏ ପୃଥିବୀ । ଲୁଚିଯାଅ ଯେ ଯେଉଁଠି ଅଛ ତେଜସ୍ୱୀ ପୁରୁଷମାନେ । ତୁମକୁ ବର୍ତ୍ତମାନ କେହି ଚିହ୍ନିପାରିବେ ନାହିଁ । କୀଚକ ରାଜ୍ୟରେ କାହାର ଦୃଷ୍ଟି ନାହିଁ ତୁମକୁ ଚିହ୍ନିଯିବ । ସେମାନେ କିପରି ବୁଝିବେ ଯେ ଖାଲି ପାଦରେ ନିଃଶବ୍ଦ ଚାଲୁଥିବା, ଧୋତି ପାଛୁଡ଼ା ପିନ୍ଧିଥିବା, ସଦାବେଳେ ମଟମଟ ଦାଢ଼ି ଭିତରୁ ମଲ୍ଲୀକଢ଼ ପରି ହସୁଥିବା, ବଡ଼ ବଡ଼ ଆଖି ତୋଳିଭାରି ନରମ ଚାହାଣୀରେ ହାକିମର ତର୍ଜନ ସହୁଥିବା ସେ ନାତିଦୀର୍ଘ ମଣିଷଟି ଧର୍ମରାଜ ! କିପରି ବୁଝିବେ, ଯେ କୁଞ୍ଚିତ କେଶଭାର ତଳୁ ଶାର୍ଦ୍ଦୂଳ ପରି ଚାହୁଁଥିବା, ଗାଳି ଖାଇଲେ ଗମ୍ଭୀର ହୋଇ ହେଁଟମାଥ ନୀରବ ଠିଆହେଉଥିବା, ମାଲିକ ବିଜେ ହେଲେ ଗାଡ଼ି କବାଟ ଖୋଲି ଧରୁଥିବା ସେ ଦୀର୍ଘାୟିତ ବିକ୍ରାନ୍ତ ପୁରୁଷ ସେମାନଙ୍କ ବେତନଭୋଗୀ ଗାଡ଼ିଚାଳକ ନୁହେଁ । ସିଂହପରି ନିରୁଦ୍‌ବିଗ୍ନ ବୁକୁ ଉଭାରି ଚାଲୁଥିବା, ପରିଘପରି ବାହୁ ଯୋଡ଼ିକ ଲୁଚାଇ ପାରୁ ନଥିବା, ପଦ୍ମପାଖୁଡ଼ା ପରି ଆଖିରେ ତଳକୁ ଚାହିଁରହିଥିବା ସେ ସୁଗଠିତ ଶ୍ୟାମଳ ପୁରୁଷଟି ସେମାନଙ୍କ ରଙ୍ଗଶାଳାର ବଚସ୍କର ଭୃତ୍ୟ ନୁହେଁ । କିମ୍ବାସେ ମଳିନବସନା ଗନ୍ଧର୍ବୀ ପରି ସୁନ୍ଦରୀ, ବିଷର୍ଣ୍ଣ କାନ୍ଦ କାନ୍ଦ ମୁହଁ ତୋଳି ଆଦେଶକୁ ଅପେକ୍ଷା କରୁଥିବା ମୁକ୍ତକେଶା ନାରୀ ସେମାନଙ୍କ ଲାଳସାର ସାମଗ୍ରୀ ନୁହେଁ--- ସେମାନଙ୍କର ସେ ସାମର୍ଥ୍ୟ ନାହିଁ, ସେ ଦୃଷ୍ଟି ନାହିଁ ।

ନିଜର ସମସ୍ତ ବିଭୁତିକୁ ଢାଙ୍କି ରଖିବା, ଶୃଗାଳର ଗର୍ଜନ ଶୁଣି କେଶରୀ ତାର ଶଟା ବିକାଶ ନ କରିବା ଅତି ଦୁଃସାଧ ସଂଯମ । ଆଗ୍ନେୟଗିରି ଗର୍ଭରେ ତରଳ ଅଗ୍ନି ଲହଡ଼ି ମାରୁଥିଲେ ସୁଦ୍ଧା ଉପରକୁ ଉଦ୍‌ଗୀର୍ଣ୍ଣ ହୋଇ ଫାଟି ନପଡ଼ିବା ପ୍ରାୟ ଅସମ୍ଭବ ବ୍ୟାପାର । ସେହିପରି ପରାକ୍ରମୀ, ଧନୁହୁଲରେ ପୃଥ୍ୱୀ ଧାରଣେ କରିବାକୁ ସମର୍ଥ ଯୋଦ୍ଧାମାନେ ତଳକୁ ମୁହଁ ପୋତି ନିର୍ଯ୍ୟାତନା ଭୋଗକରିବା ହିଁ ଧର୍ମର ଗ୍ଲାନି । ସେମାନେ ସ୍ୱୟଂ ଅଜ୍ଞାତବାସ ବରଣ କରିଥାନ୍ତୁ; ଅଥବା ଯୁଗାଶ୍ରୟୀ କପଟାଚାର ତାଙ୍କୁ ସେଥିପାଇଁ ବାଧ କରିଥାଉ, ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁ ମଥା ଅଗ୍ରଣୀର ମୁକୁଟ ପାଇଁ ଯୋଗ୍ୟ, ତା ଉପରେ ସମଗ୍ର ଯୁଗର ଯାତନା, ଜଟାଭାର ଲଦି ହୋଇଯିବାହିଁ ଅଭିଶାପ । ସେମାନେ ଯୁଗ ଯନ୍ତ୍ରଣାର ପ୍ରତିନିଧି । ପ୍ରତ୍ୟେକ ବ୍ୟକ୍ତି ଭିତରେ ଆଉଟି ହେଉଥିବା ଅସନ୍ତୋଷ, ନିର୍ଯ୍ୟାତିତ ଅସହାୟତା, ବାଷ୍ପରୋଧ କରୁଥିବା କ୍ରୋଧ, ଦୃଢ଼ ହୋଇ ପାରୁନଥିବା ବିଦ୍ରୋହର ସଂକଳ୍ପ, ବୋହିଆସି ଏଇ ଦେବତାତ୍ମା ଗିରିଗର୍ଭରେ ଠୂଳହୋଇଥାଏ । ସେମାନେ ସେ

Digitized by srujanika@gmail.com

ବିଷଜ୍ୱାଳାରେ ଟଳୁଥାନ୍ତି । ତା'ପରେ ସାରା ପୃଥିବୀ କମ୍ପିତହୁଏ । ଗୁରୁଗର୍ଜନ ଶୁଭେ ଅତଳରୁ । ତଥାପି ସେ ଅଗ୍ନିକୁ ଧାରଣକରି ନିଷ୍କମ୍ପ ଠିଆରହିଥିବା ପର୍ଯ୍ୟାୟ ହିଁ ଅଜ୍ଞାତବାସ । ଝାମ୍ପମାରିବା ପୂର୍ବରୁ ପଶୁରାଜ ସଙ୍କୁଚିତ ସ୍ତବ୍ଧ ହୋଇଯିବାର ପର୍ଯ୍ୟାୟ ହିଁ ଅଜ୍ଞାତବାସ ।

ସମଗ୍ର କୀଚକ ରାଜ୍ୟ ଚକିତ ହୁଏ । ମଣିମୁକୁଟ ମଣ୍ଡିହୋଇ ବସିଥିବା ଅନ୍ଧ ଅପଶାସକର ଶତପୁତ୍ର ଉଚ୍ଛୁଳା ନଦୀକୁ ରୋଧିଥିବା ମାଟିବନ୍ଧ ପରି ଭୁଷୁଡ଼ି ପଡ଼ନ୍ତି । ଅସଂଖ୍ୟ ଶଙ୍ଖନାଦରେ ଧର୍ମଯୁଦ୍ଧ ଉଦ୍‌ଘୋଷିତ ହୁଏ । ଶମୀବୃକ୍ଷର କୋଟରରୁ ଝଲମଲ ଶାଣିତ ଦିବ୍ୟାସ୍ତ୍ର ପରି ଅଜ୍ଞାତବାସ ଭିତରୁ ବାହାରି ଆସନ୍ତି ଯୁଗନ୍ଧର ପୁରୁଷମାନେ । ନିର୍ଯ୍ୟାତିତ ସାଧୁମାନଙ୍କର ପରିତ୍ରାଣ ହୁଏ; ଦୁଷ୍କୃତମାନଙ୍କର ବିନାଶ ହୁଏ । ଉତ୍ତପ୍ତ କ୍ରୋଧରେ ଦୁର୍ମତିର ବୁକୁ ବିଦାରଣ କରି ରକ୍ତ ପିଆହୁଏ । ସମସ୍ତଙ୍କ ସମକ୍ଷରେ ପୁତ୍ରହନ୍ତାର ଶିରଚ୍ଛେଦନ ହୁଏ । ଗୋଟି ଗୋଟି କରି ଶତ ପୁତ୍ରଙ୍କୁ ଯଜ୍ଞଭୂମିରେ ପଶୁବଳି ଦିଆହୁଏ । ରକ୍ତସ୍ନାନ କରି ଆଶ୍ୱସ୍ତ ପୃଥିବୀ ବେଣୀବନ୍ଧନ କରେ । ଅଜଗର କବଳରୁ ମୁକ୍ତହୁଏ ଶାପଗ୍ରସ୍ତ ଯୁଗ । ଧର୍ମଙ୍କୁ ମାଡ଼ିବସି ଆଚ୍ଛନ୍ନ କରିରଖିବାର ସବୁ ଅପଶକ୍ତି ଏବଂ ଅଜ୍ଞାତବାସରୁ ନିର୍ଗତ ସମସ୍ତ ଦେବ-ଦୀପ୍ତ ପୁରୁଷକାର ଉଭୟ ଖର୍ବହୋଇଯାନ୍ତି ମହାହବର ଯଜ୍ଞଭୂମିରେ । ନିଶ୍ଚିହ୍ନହୋଇଯାନ୍ତି ଅନ୍ଧରାଜାର ଶତେପୁତ୍ର । କ୍ଳାନ୍ତ, ପରିଶ୍ରାନ୍ତ, ବିଗତସଂକଳ୍ପ ହୋଇଯାନ୍ତି ଯୁଗର ମୂଲ୍ୟ, ଧର୍ମ ଏବଂ ଯାତନାକୁ ଧାରଣକରିଥିବା ଯୁଗନ୍ଧର ପୁରୁଷମାନେ ।

ସେମାନେ ସତକୁ ଧାରଣ କରିଥିବାରୁ ନିର୍ଭୀକ । ନିର୍ଭୀକ ହେବାରୁ ଯୋଦ୍ଧା; କିନ୍ତୁ ଠିକ୍ ସେହି କାରଣରୁ ସେମାନେ ଅପଶକ୍ତିର ଶତ୍ରୁ । ସେହି କାରଣରୁ ସେମାନେ ଦଣ୍ଡିତ ବନବାସୀ, ପରିଚୟହୀନ ଯାଯାବର । ଜତୁଗୃହରୁ ଅଜ୍ଞତବାସ ପର୍ଯ୍ୟନ୍ତ ସେମାନଙ୍କର ଦୁରନ୍ତ ପରୀକ୍ଷା । ସେଥିରେ ସେମାନେ ପେଷି ହୋଇ ପଥର ଫଟେଇ ଉଭାରି ଆସିଛନ୍ତି ଦୁର୍ବାର ବନସ୍ପତି ପରି । ତାଙ୍କର ସୁକୁମାର ନାବାଳକୀ କଟିଯାଇଛି । ସେମାନଙ୍କର ଧୈର୍ଯ୍ୟ, ଶୌର୍ଯ୍ୟ, ସାମର୍ଥ୍ୟର ଅଗ୍ନିପରୀକ୍ଷା ହୋଇଛି । ସେମାନେ ଯେ ଯୁଗଧାରଣ କରିପାରିବେ, ଏହା ପ୍ରାମାଣିତ ହୋଇଛି । ସଂକଟର ସିଂହଶାବକ ଭୟଙ୍କର ପଶୁରାଜରେ ପରିଣତ ହୋଇଛି । ବନବାସର ଜ୍ୱାଳା ଦେଇ ପାରିହେବା ପୂର୍ବରୁ ସେମାନେ ଧର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ଯୋଦ୍ଧା ନୁହନ୍ତି । ସେମାନେ କେବଳ ଗୁଡ଼ିଏ ଉଜ୍ଜ୍ୱଳ ସମ୍ଭାବନା । ଅଜ୍ଞତବାସ ଚୂଡ଼ାନ୍ତ ପ୍ରବେଶ । ତା'ପରେ ସେମାନେ ଅପ୍ରତିହତ ଅପରାଜେୟ ଦାବାନଳର ଶିଖା ।

ନିଜକୁ ପୂର୍ଣ୍ଣ ପ୍ରକାଶିତ, ପୂର୍ଣ୍ଣ ବିକଶିତ କଲା ପରେ ସେ ପ୍ରଚଣ୍ଡ ଅଗ୍ନିଖଣ୍ଡ ଉପରେ ପାଉଁଶ ଜମିଆସିଛି । ସେମାନେ ମଳିନ, ନିଷ୍ପ୍ରଭ ହୋଇଯାଇଛନ୍ତି ଆଉ ଗୋଟିଏ ପ୍ରକାର ଅଜ୍ଞାତବାସ ଭିତରକୁ । ଦ୍ୱାପର ଯୁଗର ସନ୍ଧ୍ୟା ଛାଇ ଭିତରେ ଅପସୃୟମାନ ସେ ପାଞ୍ଚଟି ମୂର୍ତ୍ତିଙ୍କର ନିର୍ଦ୍ଦିଷ୍ଟ ଜ୍ୱଳନ୍ତ ସଂଜ୍ଞା ଏବଂ ବ୍ୟକ୍ତିତ୍ୱ ଲିଭି ଲିଭି ଆସୁଛି । ନୀରବ କୁରୁକ୍ଷେତ୍ର ଏବଂ ନୀରବ ହିମାଦ୍ରିରେ ସତ୍ୟର ପ୍ରତିଷ୍ଠା ହୋଇସାରିଛି । ସେମାନେ ଆଉ ଗୋଟିଏ ଅଜ୍ଞାତ ବିରାଟ ରାଜ୍ୟକୁ ଅପସରି ଯାଉଛନ୍ତି; କିନ୍ତୁ ଏ ବିରାଟ ସେ ବିରାଟ ନୁହେଁ, କିମ୍ବା ଏ ଅଜ୍ଞାତବାସ ସେ ଅଜ୍ଞତବାସ ନୁହେଁ ।

❖❖❖

Digitized by srujanika@gmail.com

ମୌନଭଙ୍ଗ

ଏକଦା ତୁମର ଅତିମନ୍ଥନର ବିଷକୁ ମୁଁ ସ୍ୱୀକାର କରିଥିଲି । ବହୁ ସ୍ତବଗାନ କରି ତୁମେ ମୋତେ ସନ୍ତୁଷ୍ଟ କରିଥିଲ ବୋଲି ମନେପଡୁଛି । ମୁଁ ଅଦ୍ୟାବଧି ସେଇଭଳି ସନ୍ତୁଷ୍ଟ ଅଛି । ତୁମ ବିଳାସ-ଭୂମିର ଅନେକ ଦୂରରେ ମୋର ଗିରିକନ୍ଦର ଭିତରେ ମୁଁ ସ୍ୱତଃ ସନ୍ତୁଷ୍ଟ ଥାଏ; କିନ୍ତୁ ତୁମେ କାହିଁକି ଅଦ୍ୟାବଧି ଭାର ଭାର ବିଷ ମୋ ପାଇଁ ଯୋଗାଡ଼ କରି ଚାଲିଛ ? ଦାବୀ କରି ଚାଲିଛ ଯେ, ଏ ସବୁ ପାନକରିବା ମୋର ସ୍ୱତନ୍ତ୍ର ଦାୟିତ୍ୱ ? ତୁମ ଭାଷାରେ ଆଉ ଶାଳୀନ ନାହିଁ । ତୁମ ଆଚରଣରେ ବିନୟ ନାହିଁ । ମୋତେ ଏଭଳି ବ୍ୟବହାର କରିବା କୁଆଡ଼େ ତୁମର ଅଧିକାର ହୋଇସାରିଲାଣି । ମୁଁ ଏକ ପାଳିତ ପଶୁପରି । ମୋ ଆହାର କେବଳ ବିଷ । ତୁମ ନିଜର ପ୍ରୟୋଜନ ପାଇଁ ତୁମେ ମୋତେ ପୋଷିରଖିଛ; ନ ହେଲେ ଅନବରତ ବିଷର ଅଗ୍ନି ପାନ କରିବାକୁ କେହି ମିଳିବେନାହିଁ । ସେଥିରେ ହୁଏତ ଜଳିଯିବ ତୁମର ସାମ୍ରାଜ୍ୟ । ଅଗତ୍ୟା ବନ୍ଦହୋଇଯିବ ତୁମ ଅତିମନ୍ଥନର ମହୋତ୍ସବ ।

ଯେଉଁଦିନ ଆକାଶକୁ ଧୂମାଚ୍ଛନ୍ନ କରି କାଳକୂଟର ଅଗ୍ନିପ୍ରବାହ ବୋହିଆସିଲା, ବାଲୁତ ପରି ତୁମେମାନେ ଇତସ୍ତତଃ ଧାଇଁବାର ମୁଁ ଦେଖିଛି । ପଥରର ଖୁଆଦଣ୍ଡରେ ପାଣି ମନ୍ଥିବାର ବିଚିତ୍ର ଖେଳ ପାଇଁ ଉନ୍ମତ୍ତ ହୋଇ ତୁମେ ଦୁଇଦଳଯାକ ମାତିଥିଲ; କିନ୍ତୁ ସେତେବେଳେ ଭୟରେ ଲୁଚିବାକୁ ତୁମକୁ ବାଟ ମିଳୁ ନଥିଲା । ଅକୂପାର ସମୁଦ୍ରରେ କ'ଣ ଅଛି ନ ଜାଣି, ମନ୍ଦର ମନ୍ଥନରେ କିଭଳି ବିକ୍ଷୋଭ ହୁଏ, କିଭଳି ପୀଡ଼ନ ହୁଏ ନ ଜାଣି, ତୁମେ ମାତିଯାଇଥିଲ । ସହସା ନୀଳବର୍ଣ୍ଣର ନିଆଁ ଧୂମ୍ରାଭ ଶଟା ବିସ୍ତାରକରି ମାଡ଼ିଆସିଲା । ତୁମେମାନେ ଚିହ୍ନିପାରିଲ ନାହିଁ ସେ ବିସ୍ମୟକୁ, ନିଜ କର୍ମର ସେ ଉତ୍କଟ ଓ ଭୟାବହ ପରିଣାମକୁ; କିନ୍ତୁ ସେ ହଳାହଳଠାରୁ ତୁମେମାନେ ଦୂରେଇଯିବାକୁ ଇତସ୍ତତଃ ଧାଇଁଥିଲ । ତୁମ ଭିତରୁ କାହାରି ସାହସ ନଥିଲା ପଛକୁ ଫେରି ଚାହିଁବାକୁ । କାରଣ ଯେଉଁ ନୀଳବର୍ଣ୍ଣର ଲେଲିହାନ ସତ୍ୟଟି ତୁମର ଅନୁଧାବନ କରୁଥିଲା ତା ପାଖରେ କୌଣସି ଚପଳତା ପାଇଁ କ୍ଷମା ନଥିଲା । ତୁମର ଅଗ୍ରଣୀ ନେତାମାନେ ସବୁଠାରୁ ବେଶି ସଂତ୍ରସ୍ତ ଏବଂ ଅସହାୟ ଜଣାଯାଉଥିଲେ । ସେମାନେ ହିଁ ତୁମ ସମସ୍ତଙ୍କୁ ବାଟ କଢ଼େଇ ଆଣିଥିଲେ ମୋ ପାଖକୁ । ଅଗାଧ ବିଶ୍ୱାସ ଏବଂ ଆସ୍ଥା ନେଇ ତୁମେମାନେ ଆସିଥିଲ ଯେ ମୁଁ ହିଁ ସେ ବିପର୍ଯ୍ୟୟରୁ ତୁମକୁ ରକ୍ଷାକରିବାକୁ ସମର୍ଥ ।

ତା' ଠିକ୍ । ମୁଁ ହିଁ ସେଥିପାଇଁ ସବୁବେଳେ ସମର୍ଥ । ତୁମ ନେତାମାନେ ହୁଏତ ଜାଣିଥିଲେ ଯେ ପାହାଡ଼ଗୁମ୍ଫାରେ ଉଲଗ୍ନ ବସିଥିବା ଏ ମୌନୀପୁରୁଷ କଦାପି କୌଣସି କଥାରେ ପ୍ରତିବାଦ

Digitized by srujanika@gmail.com

କରିବନାହିଁ । ଅଧିକାରରେ ଜ୍ୟେଷ୍ଠ ହେଲେ ସୁଦ୍ଧା ସେ ତୁମର ଧନସମ୍ପତ୍ତି ଭାଗବଣ୍ଟାବେଳେ ପାଟି ଫିଟାଏନାହିଁ । ଶୋଭାମୟୀ ନାରୀ ପାଇଁ, ହାତୀ ପାଇଁ, ଘୋଡ଼ା ପାଇଁ ସେ କଦାପି ଅଡ଼ିବସେନାହିଁ । ଏପରିକି ଝଟକୁଥିବା ତୁମ ଅଳକାପୁରୀକୁ ସେ କେବେହେଲେ ଯିବାକୁ ମନକରେନାହିଁ । ସେ ବାଛି ନେଇଛି ନିମ୍ନତମ ଭୂମି । ତା'ର ଏକମାତ୍ର ସହଚର ବୁଢ଼ା ବଳଦଟିଏ । ତୁମେ ସମସ୍ତେ ମୃତ୍ୟୁଠାରୁ ଦୂରତମ ଇଲାକାରେ, ଅମୃତ ପାନ କଲାବେଳେ ସେ ମୃତ୍ୟୁର ରାଜ୍ୟରେ ବିଚରଣ କରୁଥାଏ । ଚିତାଭସ୍ମ ବୋଳିହୋଇ ଏକାକୀ ଭ୍ରମୁଥାଏ ମଶାଣିରୁ ମଶଣିକୁ । ଗନ୍ଧହୀନ ବର୍ଣ୍ଣହୀନ ଗୟସ କିମ୍ବା ଦୁଦୁରାଫୁଲଟିଏ ଦେଖିଲେ ତାକୁ ନେଇ ସେ ତା'ର ଅଯତ୍ନବିନ୍ୟସ୍ତ ଜଟାରେ ଖୋସିଦିଏ । ଯାହାକୁ କେହି ନିଅନ୍ତିନାହିଁ, ସେ ସେଭଳି ବସ୍ତୁରେ ଆନନ୍ଦ ପାଏ । ଏଣୁ ଯାଠାରୁ ଅଧିକ ନିର୍ବୋଧ ଆଉ କିଏ ଥାଇପାରେ ? ଏହାକୁ ହିଁ ଭଳେଇ ଦେଇପାରିଲେ ଏ ବିଷତକ ପିଇଦେବ । ଯା'ର ଭଲମନ୍ଦ ବିଚାର ନାହିଁ । ସେମିତି ଭଳେଇ ରଖିପାରିଲେ ସେ ସବୁକାଳେ ବିଷ ପିଇ ଚାଲିଥିବ ଏବଂ ସେଆଡ଼େ ସାଗରମନ୍ଥନର ବିଳାସ ମଧ୍ୟ ଚାଲିଥିବ ନିର୍ବିରୋଧ । ଯୋଜନାଟି କିଛି ମନ୍ଦ ନୁହେଁ !

ଅତି ସନ୍ତର୍ପଣରେ ତୁମ୍ଭେମାନେ ଆସିଥିଲ । ଅତି ସାବଧାନତା ଏବଂ ସମ୍ଭ୍ରମର ସହିତ ସ୍ତବପାଠ କରିଥିଲ । ମୋର ବିଶଦବିଶାଳ ରୂପ ତୁମକୁ ଭବ୍ୟ ଏବଂ ସମ୍ଭ୍ରାନ୍ତ ଦେଖାଯାଇଥିଲା । ତୁମେ ଅକୁଣ୍ଠିତ ଶରଣ ପଶିଯାଇଥିଲା । ସମୁଦ୍ରରୁ ସବୁ ଭୋଗ୍ୟବସ୍ତୁ ଛାଣି ନେଇସାରିଲା ପରେ ସମସ୍ତ ହଳାହଳ ମୋତେ ଯାଚିଲାବେଳକୁ ତୁମଠାରେ କୌଣସି ଦ୍ୱିଧା କିମ୍ବା ଲଜ୍ଜା ସଂକୋଚ ମୁଁ ଲକ୍ଷ୍ୟ କରିପାରିନାହିଁ । ବରଂ ନିଜ ଚତୁରତାରେ ନିଜେ ମୁଗ୍ଧ ହେଲାପରି ତୁମେ ସମସ୍ତେ ଦେଖାଯାଉଥିଲା । ମୁଁ କିନ୍ତୁ ପରମ ସନ୍ତୁଷ୍ଟ ମୁଦ୍ରାରେ ସେସବୁ କିଛି ଦେଖି ମଧ୍ୟ ଦେଖିନାହିଁ; ବରଂ ଦେଖିଛି ସେ ଦହକୁଥିବା ସେ ନୀଳବର୍ଣ୍ଣର ବିଷାଗ୍ନିରେ କୌଣସି ବଞ୍ଚନା ନଥିଲା, ଦ୍ୱିଧା ସଂକୋଚ ନଥିଲା । ତାକୁ ଜାଳିବାକୁ ଛାଡ଼ିଦେଇଥିଲେ ସେ ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଭସ୍ମୀଭୂତ କରି ଦେଇଥାନ୍ତା । ସେ ନିରାଟ ଏବଂ ନିଷ୍ଠୁର । ତା' ପାଖରେ କୌଣସି ଶଠତା ନାହିଁ । ତୁମର ଅବିମୃଷ୍ୟକାରିତା ପାଇଁ ସମଗ୍ର ଜଗତ୍ ଦଣ୍ଡିତ ହେବାର କୌଣସି କାରଣ ନ ଥିଲା ।

ତା'ପରେ ମୁଁ ବିଷପାନ କଲି । ଟଳମଳ ହେଲା ପୃଥ୍ୱୀ ଏବଂ ଆକାଶ । ମୋ ଆଖି ଉପରେ ଧୂଆଁ ମାଡ଼ିଗଲା । ଲୋମକୂପରୁ ଚହଟିଲା ଅଗ୍ନିଶିଖା । ସେ ବିଷମ ବିଷଜ୍ୱାଳାକୁ ମୁଁ ଧାରଣ କଲି । କେତେ ଯୁଗ ପର୍ଯ୍ୟନ୍ତ ଧାରଣ କଲି ମନେନାହିଁ । ସେ ପର୍ଯ୍ୟାୟକ୍ରମେ ଶୀତଳ ଏବଂ ଦ୍ରବୀଭୂତ ହେଲା । ନିଦ୍ରିତ ଅହିରାଜ ପରି ସେ ଛପିଗଲା ମୋ ଭ୍ରୂକୁଟିର ପଶ୍ଚାତ୍‌ରେ । ଲୁଚିଗଲା ପିଙ୍ଗଳ ଜଟାର ଅରଣ୍ୟରେ । ମୁଁ ଜାଣେ ଯେ ଉଦ୍ଦୀପ୍ତ ହେଲେ ମୋର ଆଉ ଗୋଟାଏ ବହ୍ନିମାନ ଆଖି ଫିଟିଯିବ । ବ୍ୟୋମ ପର୍ଯ୍ୟନ୍ତ ବ୍ୟାପିଯିବ ଉତ୍‌କ୍ଷିପ୍ତ ଜଟା । ତା'ପରେ କଣ ହେବ ମୁଁ କହିପାରୁନାହିଁ । ମୁଁ ବିଷପାନ କରି ସେଦିନ ଏପରି ଟଳୁଥିବାବେଳେ ତୁମେମାନେ ଅପସରିଯାଇଥିଲ । ମୁଁ ଆଖି ଫିଟେଇ ଚାହିଁଲାବେଳକୁ ମୁଁ ଏକାକୀ ! ଏବଂ ସେଇଦିନଠାରୁ ଏକାକୀ ! ମୋର ନୂତନ ସହଚର ଏ ସମଗ୍ର ହଳାହଳ ଏବଂ ତାର ଜ୍ୱାଳା ।

Digitized by srujanika@gmail.com

ସେଇଦିନଠାରୁ ତୁମେ ବିଭକ୍ତ ଏବଂ ମୋହାବିଷ୍ଟ । ତୁମକୁ ସୁଖ ଏବଂ ଐଶ୍ୱର୍ଯ୍ୟର ନିଶା ଘାରିରହିଛି । ତୁମେ ଅନୁଭବ କରିପାରୁନାହଁ ଯେ କ୍ଷୀରସାଗର ଆଉ ନାହିଁ । ମନ୍ଦରାଚଳ ନାହିଁ । ମନ୍ଥନର ଆବେଗ ଉତ୍ସାହ ସବୁ ଉତ୍କଟ ସଂଘର୍ଷରେ ପରିଣତ ହୋଇସାରିଛି । ତୁମେ ବାରମ୍ବାର କେବଳ ରକ୍ତାକ୍ତ ସଂଗ୍ରାମ କରିଚାଲିଛ । ଭାବୁଛ ଯେ ମନ୍ଥନ ଚାଲିଛି, ଏଥିରୁ ଅଷ୍ଟୈଶ୍ୱର୍ଯ୍ୟ ଫେନାୟିତ ହୋଇ ଉଠିଆସିବ । ତା' ନ ହୋଇ ଉଠୁଛି କେବଳ ହାହାକାର, ଯନ୍ତ୍ରଣା ଏବଂ ମୃତ୍ୟୁ । ସେଇ ଆଦିମ ଗରଳ ବାରମ୍ବାର ଉଠିଆସୁଛି ତୁମ ଅତି ମନ୍ଥନର କ୍ରିୟାରୁ । ବାରମ୍ବାର ତୁମେ ସେଥିରେ କିଞ୍ଚିତ୍ ଝଲସିଗଲା ପରେ ପାହାଡ଼ବାସୀ ପାଖକୁ ଗଡ଼େଇ ଦେଉଛି ବିଷର ଧାରା । ତାକୁ ଦେଖିବାକୁ ତୁମର ଅବକାଶ ନାହିଁ । ଅନିର୍ଦ୍ଦିଷ୍ଟ କୌଣସି ପାହାଡ଼ର ଅନିର୍ଦ୍ଦିଷ୍ଟ କୌଣସି କୋଟରରେ ସେ ଅବଶ୍ୟ ଥିବ । ଯେତେ ସବୁ ଭାର ଭାର ବିଷ ତୁମ ବିଳାସଭୂମି ରାଜଧାନୀମାନଙ୍କରୁ ଉଦ୍‌ଗୀର୍ଣ୍ଣ ହେଉଛି, ତାକୁ ସେ ଅବଶ୍ୟ ପାନ କରିଯିବ । ତା' ପାଇଁ ଅନ୍ୟ କୌଣସି ଆହାରର ବ୍ୟବସ୍ଥା ହୋଇ ନଥିବାରୁ ବିଷପାୟୀ କେବଳ ବିଷର ଅପେକ୍ଷାରେ ବସିରହିଛି । ବିଷ ପାନ କରିବା ତା'ର ଏକମାତ୍ର ଅଧିକାର ଏବଂ ଏକମାତ୍ର ଦାୟିତ୍ୱ । ନିର୍ବିଷ ଏବଂ ନିର୍ଦ୍ୱନ୍ଦ୍ୱ ପୃଥିବୀ ଭୋଗ କରିବାକୁ ତୁମେମାନେ ତ ସର୍ବଦା ରହିଛ !

ଯାହାକୁ ତୁମେ ଏଭଳି ବ୍ୟବହାର କରିଚାଲିଛ, ସେ ଯା ଭିତରେ ଅନେକ ବଦଳି ଗଲାଣି । ସେ ସହସ୍ର ମୁଖରେ ତୁମର ଉଦ୍‌ବୃତ୍ତ ବିଷ ପାନ କରୁଛି । ଧୂଳିଧୂସର ସହସ୍ର ରୂପ ପରିଗ୍ରହ କରି ସେ ଅସଂଖ୍ୟ ଗିରିକନ୍ଦରରେ ବାସକରେ । ସେ ଏବେ ମଧ୍ୟ ଅନାବୃତ, ଏବେ ମଧ୍ୟ ସନ୍ତୁଷ୍ଟ; କିନ୍ତୁ ଉତ୍କଟ ବିଷ ପାନ କରିବା ଫଳରେ ତା ଦେହର ବର୍ଣ୍ଣ କଳା । ସେ ଦୁର୍ବଳ, ଖର୍ବ ଏବଂ କ୍ଷୀଣକାୟ । ଏବେ ମଧ୍ୟ ସେ ଅରଣ୍ୟର ଅନାମଧେୟ ଫୁଲ ଆଣି ତାର ଜଟାପ୍ରାୟ ଜୁଡ଼ାରେ ଖଞ୍ଜିହୁଏ । ଭ୍ରମୁଥାଏ ମଶାଣିରୁ ମଶାଣିକୁ । ଏବେ ମଧ୍ୟ ବୁଢ଼ା ହାଡ଼ଟି ଉପରେ ସେ ଆଉଜି ରହିଛି । ହଡ଼ା ଆହୁରି ବୁଢ଼ା, ଆହୁରି ଦୁର୍ବଳ ହୋଇସାରିଲାଣି । ବିଷର ପ୍ରକୋପରୁ ସେ ବି ମୁକ୍ତ ନୁହେଁ ।

ତୁମର ନେତା ଅମରବତୀ ଭୋଗ କରିବାକୁ ଚାହେଁ । ହାତୀଘୋଡ଼ା ଚଢ଼ିବାକୁ ଚାହେଁ । ସେହି ଅନୁପାତରେ ମନ୍ଥନ ହୁଏ, ଲୁଣ୍ଠନ ବି ହୁଏ । ଅସତ୍ୟ ସମୁଦ୍ରରେ ଅସତ୍ୟ ମନ୍ଥନ । ସେଥିରେ ଖୁଆଦଣ୍ଡ ହୁଏ ମନ୍ଦର ପରି ବିପୁଳ ଶଠତା । ମୂଳର ବିଷୋଦ୍‌ଗାର ହୁଏ ଅସୂୟା, ଦ୍ୱେଷ, ଜିଘାଂସାର ଫେନାୟିତ ହଳାହଳ । ସେଥିରେ ଦଗ୍ଧୀଭୂତ ହୁଏ ସତ, କିନ୍ତୁ ତାକୁ ଧାରଣ କରିପାରନାହିଁ । ସେ ସବୁ ଗଡ଼ି ଆସି ଠୁଳହୁଏ ଗିରିବାସୀର ଦ୍ୱାରଦେଶରେ । ସେ ହିଁ ତାକୁ ଜୀର୍ଣ୍ଣ କରି ଅମରାବତୀ ପାଇଁ ସମଗ୍ର ଶୁଳ୍କ ଦାନକରେ । ଲୁଣ୍ଠିତ ହୁଏ ତା'ର କୈଳାସ । ତା' ପଞ୍ଜରା ଉପରୁ ଆଉ କିଛି ସ୍ୱାସ୍ଥ୍ୟ, କିଛି ଲାବଣ୍ୟ ଝରିଯାଏ । ସେ ଆଉ ଗୋଟିଏ ମାତ୍ରା ଦରିଦ୍ର ହୋଇଯାଏ । ଆଉ ପ୍ରସ୍ଥେ କଳା ପଡ଼ିଯାଏ ତାର ଦୁର୍ବଳ ବିଗ୍ରହ । ଯୁଗଯୁଗର ସଞ୍ଚିତ ବିଷ ସହିତ ଆଉ କିଛି ନୂଆ ଆସି ମିଶିଯାଏ । ତଥାପି ଏ ସନ୍ତୁଷ୍ଟ ହିଁ ରହେ । ସେ ତା'ର ଆଦିମ ପ୍ରତିଶ୍ରୁତି ଭଙ୍ଗ କରେନାହିଁ । ତୁମର ବିଷ ପାନ କରି ତୁମକୁ ଉଜ୍ଜ୍ୱଳ ଚିକ୍‌କଣ ମନ୍ଥନକ୍ଷମ କରିରଖିଥାଏ ।

Digitized by srujanika@gmail.com

ତୁମେ ଅପ୍‌ସରା ଭୋଗିବାକୁ ଚାହଁ । ଲାଳସାର ମନ୍ଥନ ହୁଏ । ବିକଟ ବିଷ ଗଳିତ ମାଂସର ଅବଲମ୍ବନରେ ବ୍ୟାପଯାଏ ଦେହରୁ ଦେହକୁ । ଗିରିକନ୍ଦରକୁ ବିବର୍ଣ୍ଣ କରେ ବିଷର ଦାହ । ତୁମେ ଅମୃତ ଲାଳସାରେ ମଦିରା ପାନ କରିବାକୁ ଚାହଁ । ତୃଷାର ଅଗ୍ନି ଧପ୍‌ଧପ୍ ହୋଇ ଜଳିଉଠେ । ତାକୁ ପ୍ରଶମିତ କରିବାକୁ ତୁମେ ମାଂସ ଭକ୍ଷଣ କର । ସେଥିପାଇଁ ହତ୍ୟାକର । ମିଥ୍ୟାର ଆଶ୍ରୟରେ ଛପିଯିବାକୁ ଚାହଁ । ଜୀବନର ସ୍ନେହ, ଶ୍ରଦ୍ଧା, ପ୍ରେମ ବିନ୍ଦୁ ବିନ୍ଦୁ ଅମୃତ ପରି କେଉଁଆଡ଼େ ଝରିଯାନ୍ତି । ତୁମେ ଅପଶାସନ କର ନିଜକୁ ଏବଂ ଅପରକୁ । ସବୁ ସୁଖସମ୍ଭୋଗ କରିବାକୁ ଜୀବନର ଅପର୍ଯ୍ୟାପ୍ତ ପରିଧି ଭିତରେ ଘୋର ଅତିମନ୍ଥନରେ ମଜ୍ଜିଯାଅ । ତା'ପରେ ପୁଣି ଆଦିମ ବିଷ ଶିଖା ବିସ୍ତାର କରି ଜଳିଉଠେ । ସେ ଜ୍ୱଳମାନ ନୀଳସମୁଦ୍ରକୁ ଦେଖି ତୁମେ ପୁଣି ଆତଙ୍କିତ ହୁଅ । ବାଳୁତ ପରି ଇତସ୍ତତଃ ଧାଇଁବାକୁ ଆରମ୍ଭ କର । ସେ ସମୁଦ୍ର ଲହଡ଼ି ମାରି ଜଳି ଆସେ । ଶ୍ମଶାସନର ଉପକଣ୍ଠରେ, ଗିରିଗୁହାର ଦ୍ୱାରଦେଶରେ ଯେଉଁମାନେ ତାକୁ ପିଇବାରେ ଅଭ୍ୟସ୍ତ, ସେମାନେ ପୁଣି ଏଇ ପରିଣାମକୁ ପିଇଯାନ୍ତି ।

ମୁଁ ବିଷ ପିଏ; ବିଷରେ ଅଭିଷିକ୍ତ ହୁଏ । ମୁଁ ସେଇ ସ୍ଥାଣୁ ପୁରୁଷ ଯା'ର ସମସ୍ତ ଅବୟବ ବିଷଜ୍ୱାଳାରେ ନିଶ୍ଚିହ୍ନ ହୋଇସାରିଲାଣି । ଚିକ୍‌କଣ କଳା ମୁଗୁନି ପରି ମୁଁ ଅଥର୍ବ, ତଥାପି ସେଇ ସନ୍ତୁଷ୍ଟ ଦେବତାର ପ୍ରତିଶ୍ରୁତି ଏବେ ଏବଂ ଚିରକାଳ ପାଳନ ହେଉଥିବ । ତୁମର ସମସ୍ତ ବିଷ ଧାରଣକରି ତାର ପ୍ରତିଦାନରେ ତୁମ ଉପରେ ମଧୁ ବର୍ଷା କରିବା, ତୁମକୁ ତୁମର ସମସ୍ତ ଚପଳତା, ଅଜ୍ଞତା ଏବଂ ନିର୍ବୋଧତା ପାଇଁ କ୍ଷମାକରିବା, ତୁମର ରୂପାନ୍ତର ହେବା ପର୍ଯ୍ୟନ୍ତ ଅନନ୍ତକାଳ ଅପେକ୍ଷା କରିବା ପାଇଁ ଏ ସନ୍ତୁଷ୍ଟ ଦେବତା ପ୍ରସ୍ତୁତ ଅଛି । ତୁମର ଏ ଟିକକ ବିଷ ଅବା କେତେ ? ଖାଲି ଅତି ମନ୍ଥନର ପୀଡ଼ନରେ ତୁମେ ଉଭୟ ପକ୍ଷ ସ୍ୱୟଂ ଘୋରି ହୋଇ ସରିଯିବାର ଆଶଙ୍କା ରହିଛି । ସରିଗଲେ ତୁମର ଏତେ ସବୁ ସଞ୍ଚିତ ବିଭବକୁ ନେଇ ଏକାକୀ ମୁଁ କ'ଣ କରିବି ? ମୋତେ ଯେହେତୁ ବିଷପାନର ଅଭ୍ୟାସ କରେଇଛ, ତାକୁ ଜାରି ରଖ । ବଞ୍ଚି ରହିଥାଅ । ସ୍ୱପ୍ନାବିଷ୍ଟ ଭଳି ମନ୍ଥନଭଙ୍ଗୀରେ ମଥିତ ହେଉଥାଅ । ଉତ୍ପାଦନ କରୁଥାଅ କେବଳ ବିଷ । ତୁମ ପାଇଁ ସୁଖ ଏକ ଝଲମଲ ଛାଇ । ଭୋଗ କେବଳ ଟୋପାଏ ଶୋଷ । ଐଶ୍ୱର୍ଯ୍ୟ ସ୍ତୂପସ୍ତୂପ ରଙ୍ଗ ଏବଂ ବସ୍ତୁ । ତୁମେ ସବୁବେଳେ ଦୁଇଭାଗ ହୋଇ ଗୋଟାଏ ବିରାଟ ସାପକୁ ଉଭୟ ଦିଗରୁ ଭିଡୁଥାଅ ଏବଂ ଛାଡୁଥାଅ । ପାଣି ଏବଂ ପଥରକୁ ମନ୍ଥି ମନ୍ଥି ଉତପ୍ତ, ଫେନାୟିତ ଏବଂ ବିଷାକ୍ତ କରୁଥାଅ । ତୁମର ଚେତନା, ବୁଦ୍ଧି, କ୍ରିୟା ଏବଂ ଦୃଷ୍ଟି ସବୁ ସେଇ ମନ୍ଥନରେ ଆଚ୍ଛନ୍ନ । ତୁମେ ସେଇଭଳି ରହିଥାଅ ।

ତୁମେ ଗୁଡ଼ିଏ ପରାସ୍ତ ଉଦ୍‌ଭ୍ରାନ୍ତ ଜୀବ । ଜାଣିପାରୁ ନାହଁ ଯେ ତୁମର ଆତ୍ମଘାତୀ ମନ୍ଥନର ବିଷ ତୁମକୁ ଏବଂ ବାକି ସମସ୍ତଙ୍କୁ ଜାଳିଦେବାକୁ ସମର୍ଥ । ମୁଁ ବାରମ୍ବାର ସେ ବିଷ ପାନ କରି ତାହା ବାରଣ କରୁଛି, ମଙ୍ଗଳବିଧାନ କରୁଛି; କାରଣ ତାହା ଏକ ଶୁଭଙ୍କର ସନ୍ତୁଷ୍ଟ ଦେବତାର ପାଳନଧର୍ମ । ଏ ସମସ୍ତ ସମୂଳେ ବିଧ୍ୱସ୍ତ କରିବାକୁ ଏକମାତ୍ର ଅଧିକାରୀ, ଭୟଙ୍କର ରୁଦ୍ରଦେବତା ମହାକାଳ ଏବଂ ସେ ପରମ ରୁଷ୍ଟ ଦେବତା ସ୍ୱୟଂ ମୁଁ ।

Digitized by srujanika@gmail.com

ଅପହଞ୍ଚ

ଲୋକଙ୍କର ବିଶ୍ୱାସ ହୋଇଯାଇଚି ଯେ ମୁଁ ବେତାଳ ସାଧିଛି । ତାଙ୍କ ଭିତରୁ ପଞ୍ଚେ ଦେଖିଲେଣି ଯେ ମୋ ଭ୍ରୁଗୁ ମଝିରେ ଗୋଟେ କ'ଣ ଜଳୁଛି । ମୋ ଆଖିର ପିତୁଳା କୁଆଡ଼େ ରଙ୍ଗ ଟହଟହ କେଶର ଭିତରେ ପେଜୁଆ ଧରିଗଲେଣି । ଏଣୁ ଥୋକେ ଡରିଲେଣି; କିନ୍ତୁ ଆଉ ଥୋକେ ଛକିଲେଣି ବେଳ ଉଣ୍ଡି ମୋତେ ବାଡ଼େଇବେ । ସେମାନଙ୍କୁ ଦିଶେ ଯେ ମୁଁ ଚାଲିଲାବେଳେ ମୋ ବୁକୁଟା ଉଭାରି ରହେ, ମୋ ବେକ ମୁଣ୍ଡାରେ କୁଜ ବାହାରେ ନାହିଁ । ମୁଁ ଚାହିଁଲେ ତାଙ୍କୁ ତରା ଫୁଟିଲା ପରି ଦିଶେ, କଥା କହିଲେ ନିଶ ଠିଆ ଠିଆ ହୋଇଯାଏ । ସେମାନେ ଭାବନ୍ତି ଯେ ମୁଁ ତାଙ୍କର ସର୍ବନାଶ ମନାସି ମଶାଣି ଚଣ୍ଡୀ ପୂଜୁଛି । ଯଦି ମୁଁ ବଞ୍ଚେ ତାଙ୍କୁ କୁଆଡ଼େ ଶୋଷି ଶୋଷି ଚୁଚୁନ୍ଦ୍ରା କରିଦେବି ! ସେମାନେ ତାଙ୍କ କୁନ୍ତ ପଜେଇ ସଳଖି ରଖିଛନ୍ତି ବେଳ ପାଇଲେ ମୋ ପିଠିରେ ଭୁଷିବେ । ମୋ ଅଗୋଚରରେ, ଅଜାଣତରେ ମୁଁ ତାଙ୍କୁ ତତାଏ, ତାଙ୍କୁ କୁଆଡ଼େ ଫୁ' ମାରି ଶୂନ୍ୟରେ ଉଭାନ୍ କରେ ।

ମୁଁ କିନ୍ତୁ ବୁଝେ ନାହିଁ କାହିଁକି ଏମିତି ହୁଏ, ଆଉ ବୁଝେନାହିଁ ତା'ର ସେ ନିଃଶବ୍ଦ ହେମାଳିଆ କଥାଗୁଡ଼ାକୁ । ଏକୁଟିଆ ପାଇଲେ ସେ ମୋତେ କ'ଣ ସବୁ କହେ । ବହୁ ବହୁ କଥା ଘଣ୍ଟା ଘଣ୍ଟା ଧରି ସେ କହୁଥାଏ । ମୋ ଦେହସାରା ଶୀତକଣ୍ଟା ମାରେ । ହାତ ଗୋଡ଼ ଅବଶ ହୋଇଯାଏ । ଖପୁରି ଭିତରେ କ'ଣ ଗୋଟାଏ ଦପ୍ ଦପ୍ ହୋଇ ଜଳି ପୁଣି ଲିଭିଯାଏ । ମୋର ମନେହୁଏ ଯେ ମୋତେ କିଏ ଗୋଟାଏ ଗ୍ରାସକରିଛି । ମୁଁ କିନ୍ତୁ ଖୁବ୍ କାନାଏ, ଆଖିପତା ନ ପକାଇ, ନିଃଶ୍ୱାସକୁ ଜବଦ କରି ଶୁଣେ । ପଦେ ହେଲେ ସମଝା ପଡ଼େନାହିଁ । ଖାଲି ଶୁଭେ ଗୋଟାଏ ମଞ୍ଚ ଥରେଇଲା ପରି ଝାଉଁବଣିଆ ସିର୍‌ସିରିଆ ଅବୁଝା ନିଃଶବ୍ଦ କଥା । ଜମା ଜଣାପଡ଼େନାହିଁ କିଏ କହେ, କେଉଁଠୁ କହେ, କ'ଣ ବା କହେ !

ଭୀମଟାଙ୍ଗିର କଇଁଚପିଠିଆ ଆବୁ ଉପରେ ସେ ଦିନ ଜହ୍ନ ଅଧରାତିରେ ଗାର ଟପି ଢଳିଯାଉଥାଏ । ମୋତେ ଲାଗିଲା ଭୁଇଁଟା ନିଃଶ୍ୱାସ ମାରୁଛି । ଫୁଲିଯାଉଛି ବେଲୁନ୍ ପରି । ପୁଣି ଖସି ଆସୁଛି ଶୂନ୍ୟରୁ, ରସାତଳକୁ ଖାଙ୍କେଇ ଯିବ । ନଈ ଢେଉ ଉପରେ ବନ୍‌ସୀ କଣ୍ଟାର ଶୋଲ ଡାଙ୍ଗପରି ମୁଁ ଉଶ୍ୱାସ ହୋଇ ଉଠୁଚି ପଡୁଚି । ଚଇତିଘୋଡ଼ାରେ ଚଢ଼ିଚି ଯେମିତି । ଭିତରେ ଗୋଟାଏ କିଛି ହାବୁକା ମାରୁଚି । ମନେହେଉଛି, କାଚ ପରି ରାତିର ନୀରବତାଟାକୁ ହାତୁଡ଼ିରେ

Digitized by srujanika@gmail.com

ବାଡ଼େଇ ଚିରୁଡ଼ା କରିଦେବି । ସେଇଟା ଚଡ଼କି ଯିବମୋ କୁହାଟରେ ଆକାଶର ଏ ଡାଳରୁ ସେ ଡାଳ ଯାଏଁ । ଏତିକିବେଳେ ମୁଁ ଶୁଣିଥିଲି ପ୍ରଥମ ଥର ପାଇଁ ସେଇ ଅଦ୍ଭୁତ ଶବ୍ଦ । ଭିତରୁ ଯାହା ଉଠୁରି ଆସୁଥିଲା ହଠାତ୍ ଦବିଗଲା । ଭୁଇଁ ଆଉ ଆଡ଼ଚିରା ନ ମାରି ନିଶ୍ୱାସକୁ ରୋଧିଦେଲା । ସବୁ ଥମିଗଲା ଚାରିଆଡ଼େ । ମୋ ଭିତର କମ୍ପିଲା ଦୁର୍ ଦୁର୍ ହେଇ । ମୁଁ ଅନେଇଲି ଚମକି ଚମକି ଦଶ ଦିଗକୁ । ଦଶ ଦିଗରୁ ଶୁଣିଲି ସେଇ ଫିସ୍ ଫିସ୍ ଶବ୍ଦ । ଭାବିଲି ଯେ କିଳିକିଳା ରାବକରି ମୁଁ ସେଠୁ ଦୌଡ଼ିଲି । ଭୀମଟାଙ୍ଗିର ଏ ମୁଣ୍ଡରେ ଗୋଟାଏ ଗୋଡ଼, ସେ ମୁଣ୍ଡରେ ଗୋଟାଏ ଗୋଡ଼ ଖାଲି ଫରକଟେଇ ହୋଇଗଲା । ପୁଣି ଦିଗ ବୁଲେଇ ଆଉ ଯୋଡ଼ାଏ ଗୋଡ଼ । ଏମିତି ଟାଙ୍ଗିର ଉପର ଯାକ ବରଗଛ, ଓସ୍ତ ଗଛ, ଆମ୍ବ, ସାଗୁଆନ, ଶାଳଗଛ ପରି ପୋତି ହୋଇଗଲେ ମୋର ଅସଂଖ୍ୟ ଗୋଡ଼ । କୋଚିଲା ବଣ ପରି ଗୁନ୍ଥି ହୋଇଗଲେ ପାଦ ଆଉ ଆଙ୍ଗୁଠି । ହାତ ଛାଟିଲି, ପ୍ରତିଟି ଭଙ୍ଗୀ ଲାଖି ରହିଗଲେ ଯୋଡ଼ାଏ ଲେଖା ହାତ ହୋଇ । କାନ୍ଧ ମୂଳରୁ ଅସଂଖ୍ୟ ନାଗ ସାପ ପରି ହାତ । ମୁଣ୍ଡ ଝାଙ୍କିଲି । ଫଳରେ ବିରାଟ ଗୋଟାଏ ପିଆଜ ମୁଦା ପରି ଆକାଶରେ ଝାଳ ସରସର ହୋଇ ଦେଖାଦେଲା ଗୋଟାଏ ମୁଣ୍ଡର ମୁଦା । ମୋର ଚିତ୍କାର ଯାକ ବରଫ ପରି ଜମିଗଲେ ଥାକ ଥାକ ହୋଇ; ଚମକିଲେ ଜହ୍ନ ଆଲୁଅରେ । ଶୁଣିଲି ସେଇ ଅଗୋଚର ଶବ୍ଦ ।

ତା' ଆରଦିନ ଗୁଣିଆକୁ ପଚାରିବାରୁ ସେ କହିଲା ଯେ ମୋତେ ଅର୍ଯମା ଗ୍ରାସିଛି, ସେ ଭୂତ ଛାଡ଼ିବା ସହଜ କଥା ନୁହେଁ । ସେଇ ଦିନଠାରୁ ତା'ର ଫିସ୍ ଫିସ୍ କଥା ମୋର ଦେହସୁହା ହୋଇଗଲାଣି । ମୁଁ ଗହଳି ଭିତରେ ପଶି ତାକୁ ଆଡ଼େଇ ଦେଉଥିଲି । ଏଣିକି ମୋତେ ସମସ୍ତେ କରଛଡ଼ା ଦେଲେଣି । ସବୁବେଳେ ଶୁଭିଲାଣି ସେଇ ଅଶରୀରୀ ଭାଷା । ମୋର ମନେହେଲାଣି ଯେ ସେ ଦିନେ ମୋ ଆଗରେ ଆସି ଉଭା ହୋଇଯିବ । ନ ହେଲେ ସେ ନିଛାଟିଆ ଦେଖି କାହିଁକି ଶୁଖିଲା ପତ୍ରଟାକୁ ଖଡ଼ ଖଡ଼ କରନ୍ତା; ମୋ ଆଗରେ ପଛରେ ଦୁମୁଦୁମୁ ହେଇ ଚାଲନ୍ତା, ମେଘ ଅନ୍ଧାରରେ କିର୍ କିର୍ ହେଇ ହସନ୍ତା ।

ସେ ଦିନ ମନେହେଲା ଯେ ଅସଂଖ୍ୟ ନୀରବ ଓଟ ଉପରକୁ ଥୋମଣିଟିମାନ ଟେକି ଉଦାସ ଆଖିରେ ଅନେଇ ରହିଛନ୍ତି ଓ ଉପରୁ ସେମିତି ନୀରବ ଅନେଇ ରହିଛନ୍ତି ଅସଂଖ୍ୟ ତାରା । ସ୍ୱପ୍ନର ଛାଇପରି ଗୋଟାଏ କ'ଣ ପହଁରୁଚି ମଝିରେ । ମୋତେ ଶୁଭୁଚି ତା'ର ସେଇ ନିଃଶବ୍ଦ କଥା । .... ବର୍ଷା ବତାସୀରେ ବାଳ ମୁକୁଳା କରି ଗୋଟାଏ ବିରାଟ ମୁହଁ ଓଦା ଭୁଇଁ ଉପରେ ଗାଲଟି ଥୋଇ ଧକଉଚି । ମୋତେ ଲାଗୁଛି, ସେ ଭାରି ଭାରି ଜଟା ଭିତରୁ ଗୋଟାଏ ଜୀଅନ୍ତା ଜହ୍ନ ଜୁଳୁଜୁଳିଆ ପୋକ ପରି ଜଳୁଛି, ଲିଭୁଚି ଓ ସେ ସାଇଁ ସାଇଁ ପବନରେ ଶୁଭୁଚି ଅର୍ଯମାର ଫାସୁ ଫାସୁ । .... ଖରାଦିନ ଦି'ପହର ବେଳାରେ ସବୁ ଧକ୍ ଧକ୍ ହୋଇ ଜଳିଲାବେଳେ ମନେହେଉଛି ଯେମିତି ମଣିଷ, ପଶୁ, ପକ୍ଷୀ, ଗଛ ଲଟା ସବୁ ଗୋଟିଏ ଲେଖା ଝିଲିମିଲି ସାପ । ଗୋଟିଏ ଅଦୃଶ୍ୟ ଲାଞ୍ଜ ଉପରେ ଅସଂଖ୍ୟ ଫଣା ବା ଗୋଟିଏ ଖାତରେ ପଶିଥିବା ମୁଣ୍ଡ ପଛକୁ ଲହ ଲହ ସଂଖ୍ୟାହୀନ ଲାଞ୍ଜ । ଏ କିଲିବିଲି ସାପଗୁଡ଼ାକ ହିସ୍ ହିସ୍ କରନ୍ତି; ମୋତେ ଶୁଭେ ତା'ରି ଅଶରୀରୀ କଥା । ....

Digitized by srujanika@gmail.com

ମୋତେ ବାଉଳା ଧରିଛି । ମୁଁ ସମଝି ପାରୁନାହିଁ ତା'ର ଏ ଅନ୍ତଃହୀନ ଭାଷା । ଦିନେ ତାକୁ ପଚାରିଲି ପରିଷ୍କାର ଭାବେ, ସେ କାହିଁକି ମୋ ଭାଷାରେ କହୁନାହିଁ ଯଦି ସେ କିଛି ଶୁଣେଇବାକୁ ଚାହେଁ । ସେ ଦିନଠୁ ସମସ୍ତେ କହିଲେ ଯେ ମୁଁ କୁଆଡ଼େ ମୋ ନିଜ ସାଙ୍ଗରେ ବିଡ୍ ବିଡ୍ ହେଇ କଥା କହେ---ମୁଁ ବେତାଳ ସାଧିଛି, ମୋ ଆଖିର ପିତୁଳା ପେଢ଼ୁଆ ।

ଶିଉଳି-ଲଗା ଭଙ୍ଗା କାନ୍ଥ ବେଢ଼େଇ ହୋଇଥିବା ଗୋଟାଏ ବିକଟାଳ ବଣ ମଝିରେ ପୁରୁଣା ବାମ୍ଫିଟାଏ ଥାଏ । ତା' ଚାରିଆଡ଼େ ଗୁଞ୍ଜ ଲାଇ । ସେଇ ବାମ୍ଫି ପାଖରେ ଫୁଲଟାହିଆ ମାରି ମଙ୍ଗଳବାର ଦିନ ସଞ୍ଜରେ ଚାଲିଯିବାରୁ ମୋ ଭଉଣୀକୁ ଭୁତ ଲାଗିଥିଲା । ସେ ତିନି ଦିନ କାଳ ସେହି ମାଉଲିର ଭାଷା କହିଲା । ଆଖି ତରାଟି ଦାନ୍ତ ଜାବି ରହିଲା । ସେ ନିଜେ ହୋଇ ଆଉ ରହିଲାନାହିଁ । ବଡ଼ ଆଶାରେ ଭାବିଲି କାଳେ ଏଇ ନାରୀଙ୍କୁ ଆଶ୍ରା କଲେ ଏ ଭୁତକୁ ମିଶେଇ ହେବ । ତା' ଭାଷାନିଜ ଭିତରେ ଜୀର୍ଣ୍ଣ କରି ସହଜରେ ବଞ୍ଚିହେବ । ଡାକିଲି ସର୍ବଭୂତରେ ନାରୀ-ରୂପା, ଭାର୍ଯ୍ୟା ରୂପା, ମାତୃରୂପା ଆଦ୍ୟାଶକ୍ତିଙ୍କୁ । ଅମାବାସ୍ୟା ରାତିରେ ମୁଁ କୁଆଡ଼େ ଚାମଡ଼ାମାନଙ୍କ କୁହାଟ ଭିତରେ ମଶାଣିରେ ମୋ ମା'ର ଶବ ଉପରେ ଆରୁଢ଼ ହୋଇ ଆଭିଚାରିକ ମନ୍ତ୍ର ପାଠ କରିଥିଲି । ଶବ କୁଆଡ଼େ ହୋ ହୋ ହୋଇ ହସିଉଠିବାରୁ ସାରା ଭୀମଟାଙ୍ଗି ଦୋଳିକିଥିଲା । ସମସ୍ତେ ପ୍ରମାଦ ଗଣିଲେ । ମୋତେ କିନ୍ତୁ କିଛି ଜଣା ନାହିଁ । ମୁଁ ଖାଲି ସେ ପବନତୋଳା କଥା ଭିତରେ ମଜ୍ଜିଗଲି । ପଦେ ହେଲେ ସମଝା ଗଲା ନାହିଁ ।

ମୁଁ ଅହରହ ଖସୁଛି, ବନ୍ଧୁ ଦୂରରୁ ଗୋଟାଏ କଳା ଝିମ୍‌ଝିମ୍ ଅନନ୍ତ ସମୁଦ୍ର ଭିତରକୁ । ବୁଝୁଛି ଯେ ସେଇ ମୋତେ ଶାଢ଼ୁକୁଛି ତା' ଗର୍ଭକୁ । ମୋ ବୁକୁରେ ଗୋଟିଏ ପେଝେଁକାଳିଆ ରନ୍ଧ୍ର । ସେଇଠି ଅହରହ ଶୁଭୁଚିଏଇ ଆଶରୀରୀ, ନୀରବ, ହେମାଳିଆ କଥା---ଯାହାକୁ ସେ କେଉଁ ଅନନ୍ତ କାଳ ଅବଧି କହି କହି ହାଲିଆ ହେଉନାହିଁ ବା ମୁଁ ଶୁଣି ଶୁଣି ବାଉଳା ହେଉନାହିଁ । ପଦଟିଏ ସମଝି ମଧ୍ୟ ପାରୁନାହିଁ ।

❖❖❖

Digitized by srujanika@gmail.com

ଏ ମନ ଏହିପରି

ଏ ମନଟାର ଗୋଟାଏ ବୋଲି ଦିଗ ନାହିଁ କି ବାଗ ନାହିଁ; ମାନେ ନିର୍ଦ୍ଦିଷ୍ଟ ସ୍ରୋତ କିଛି ନାହିଁ କି ଆକାର କିଛି ନାହିଁ । ବେଳେବେଳେ ଶୀତଦିନିଆ ନଈଧାର ପରି ଖଳଖଳ ହୋଇ ବୋହୁଥାଏ, ଯେଉଁମାନେ ବାଲି ଆଡ଼େଇଦେବ ସେଇ ଆଡ଼େ ବୋହିଯିବ । ଆଉ ବେଳେବେଳେ କିନ୍ତୁ ଚିକ୍‌କଣକାଳିଆ ଅକର୍ମଶିଳାର ଆବୁଟାଏ ପରି ଆଖି କାନ ରୁନ୍ଧି ଜବ୍‌ଦ ହୋଇଯାଇଥାଏ । ତା' ଉପରେ ଯାହା ପଡ଼ିଲେ ଖସିଯାଏ, ଆଲୁଅ ପଡ଼ିଲେ ବି ଧାର ଧାର ହୋଇ ବୋହିଯାଏ ଚାରିଆଡ଼େ । ସେଥିରୁ ଗୁଡ଼ାଏ ଲେଉଟି ଛିଟିକିଯାଏ ଆକାଶକୁ । ଭାରି ଅମାନିଆ ନିସନ୍ଧି ହେଇ ଡେକାମାଲି ପକେଇହନୁ ଭଳି ହୁଁକାରୁଥାଏ ମନ; ସତେ ଯେମିତି ଗୋଟାଏ ଅମୁହାଁ ଦେଉଳ । ଆଉ ବେଳେ ବିରାଟ ଗୋଟାଏ କଂସା ଘଣ୍ଟା ଭଳି ଟିପ ବାଜିଲେ ଝାଇଁ କରେ ଦିଗ୍‌ବଳୟ ଯାଏଁ, ଟିକିଏ ପବନରେ ଝାଉଁବଣ ପରି ମର୍ମରିଉଠେ । ସେବୁଠଉଁ ଭଲଲାଗେ ଯେତେବେଳେ ସଜଫୁଟା କଇଁଚଟାଏ ପରି ସେ ଚନ୍ଦ୍ରଉଦିଆ ଆକାଶ ସାଙ୍ଗରେ ଯୋଡ଼ିଦିଏ । ହାଲୁକା ପବନର ଶୀତଳ ଘୋଡ଼ା ପିଠିରେ ଚଢ଼ି କଅଁଳିଆ ବାସ୍ନାର ଉପନିବେଶ ସବୁ ଏଠି ସେଠି ବିସ୍ତାର କରିନିଏ । ସେତେବେଳେ ସତକୁ ସତ ରଜାଟାଏ ତ ! ମୁକୁଟ ଝାଡ଼ି ଟୁମା ଟୁମା ଆଖି ପାଖୁଡ଼ାରେ କହୁଥାଏ ସଂସାରକୁ -- 'ତୁ କି ବର ମାଗୁଛୁ ମାଗ୍ !'

ବହୁରୂପୀ ମନର ଆହୁରି ବହୁ ପୁରୁଣା ବେଶ ପୋଷାକ । କିନ୍ତୁ ତା'ର ସେ ମହଣମୋଡ଼ା ନିଶ ଦି'ପଟ୍ଟ ଲୋଚାକୋଚା ହୋଇ ପଡ଼ିଛି । ଢାଲ ତରବାରିରୁ ଜରି ଛାଡ଼ି ଭିତରର ଫାସ୍‌କୁଣ୍ଡିଆ କାଠ ଦିଶୁଛି । ତା'ର ଏବେ ସେ ସବୁ ପାଇଁ ସଉକ ନାହିଁ, ଏବେ ବେଶି ବେଳ ବାସି ଶାଗ ପରି ଝାଉଁଳି ପଡ଼ିଥାଏ; ଟିକିଏ ଖରାତାପ ହେଲେ ମୁରୁଜ ପରି ଗୁଣ୍ଡ ହୋଇଯିବ । ସେତେବେଳେ ଘୋସାରି ହୋଇ ଯାଇ ତା' ଉପରେ ସମୁଦ୍ରଟାଏ ଲହରେଇ ନଦେଲେ ସେ କାହିଁ କେଉଁ ପାତାଳ ପର୍ଯ୍ୟନ୍ତ ସାଙ୍କୁଡ଼ି ଯିବ । ସେଇଠି ଗୋଟାଏ ବାମ୍ଫି ଭିତରର ରାତି ଭଳି ଛାଇ ସାଙ୍ଗରେ ତା'ର ଦୋସ୍ତି । ସେ ଛାଇଟା ତାକୁ କିଛି କହେ ନାହିଁ---ଅଳସ ଭାଙ୍ଗିଲା ପରି ଖାଲି ଟିକିଏ ମୋଡ଼ିଭିଡ଼ି ହୋଇଯାଏ । ସେତିକିରେ ବାଲିବାଡ଼ ସବୁ ଭୁସ୍ ଭୁସ୍ ହୋଇ ଝଡ଼ିପଡ଼େ । ଆଲୁଅ ସବୁ ଲିଭିଯାଏ । ଅନ୍ଧାର ଘୋଟିଆସେ ଗୋଟାଏ କଟାସ ଆଖିଆ ଅରଣା ମଇଁଷି ପରି । ଦିନେ ତାକୁ ପଚାରି ଦେଲା, "ହେ ! ତୋ ନାଁ କ'ଣ ମୃତ୍ୟୁ ?" ଉତ୍ତରରେ ଗୋଟାଏ ବିରାଟ ବାଦୁଡ଼ି ଅନ୍ଧାରରେ ତା'ର

Digitized by srujanika@gmail.com

ନିଃଶବ୍ଦ ତେଣା ଥରେ କହଲେଇ ଦେଲା । ସେଇ ଦିନଠୁ ମନ ଖାଲି ଲୁହ-ସିଙ୍ଗାଣିଆ ହୋଇ ବସିଛି । ଯେତେ ଉସୁକେଇଲେ ଜମା ଘୁଞ୍ଚୁନାହିଁ । ତା'ର ମଞ୍ଜ ଫସ୍‌କି ଯାଇଛି ଯେମିତି ।

ଓଦା ତମ୍ବୁ ପରି ମନ ଏମିତି ନେସେଡ଼ି ଗଲେ ସବୁ ଚିପୁଡ଼ି ହେଲା ପରି ଦିଶେ । ସବୁଠାରୁ ସାର ନିଗିଡ଼ି ଯାଏ । ତାରାଗୁଡ଼ାକ ଦିଶନ୍ତି ରୋଗିଣା, ଫୁଲ ଦିଶନ୍ତି ମିଛ ଧୁତୁରା ପରି ସୁକୁଟା ! ଶୀତ ଝରଣା ପରି ବୋହିଗଲାବେଳେ ଯେମିତି ସାରା ସୃଷ୍ଟି ଭରିଯାଇଥିଲା ଗୋଟାଏ ଛଳଛଳିଆ ଆତ୍ମୀୟତାରେ---ସେଇଟା ଆଉ ଦିଶେ ନାହିଁ । କଇଁଫୁଲ ପରି ସବୁ ଦିଗକୁ ଚହଟି ପଡ଼ିଲାବେଳେ ସବୁ ଯେମିତି ଚନ୍ଦ୍ରଉଦିଆରେ ସୁନ୍ଦର ଶୋଭନ ଦିଶୁଥିଲା, ତା' ସ୍ୱପ୍ନ ପରି ଲାଗେ । ସବୁ ଠକ, ସବୁ ମିଛ ! ଧେତ୍ ଏ ସଂସାର, ଫାଲତୁ !! କ'ଣ ବା ଯାର ଅର୍ଥ ? ବାତୁଳ ପରି ଏଠି ଏମିତି ଦୌଡ଼ିବୁଲିବା ଆମ ଅଭାଗ୍ୟ ! ନ ହେଲେ ଏପରି ବଞ୍ଚିବାର ବା କ'ଣଟା ଅର୍ଥ ? ଦାୟରେ ପଡ଼ି ବଞ୍ଚିଚେ ଅନ୍ୟ ଉପାୟ ନାହିଁ ବୋଲି... ଇତ୍ୟାଦି...

ଏମିତି ଲୁହ-ସିଙ୍ଗାଣିଆ ପର୍ଯ୍ୟାୟ ଚାଲିଥାଏ । ହଠାତ୍ ତା'ପରେ ଦିନେ ଲାଗିଲା ଯେ ଆଉ ସବୁ ବେଶ ଭଳି ବହୁରୂପୀ ମନର ଏ ବି ଗୋଟାଏ ବେଶ ହୋଇପାରେ । ତା'ହେଲେ ତ ପୁଣି ନାନା କଥା । ଅସଲ ମନଟା ତା'ହେଲେ କିଏ ? ସେ ଦେଖିବାକୁ କିପରି ?

କାହାକୁ ପଚାରିବା ? କିଏ ବା କହିବ ?

ମନର ଅଭିମାନୀ ଦେବତା ଚନ୍ଦ୍ରଙ୍କୁ ପଚରାଯାଉ । ଚନ୍ଦ୍ରଦେବତା କହିଲେ ସେ ମନର ବହୁ ବହୁ ରୂପକୁ ଏକାଠି ମିଶେଇ ନେଲେ ପରିଶେଷରେ ତିନୋଟି ରୂପ ହିଁ ବାହାରିବ ।

ଗୋଟିକରେ ସେ ସ୍ଥୂଳ ରୂପରସରେ ବୁଡ଼େ, ତାକୁ ଖାଏ । ତା'ର ଫୁଲଣା ପାଇଁ ଆମେ ତାକୁ ଡାକୁ 'ବୈଶ୍ୱାନର' । ସେତିକିରେ ସେ ଆହୁରି ତେଜିଯାଏ ।

ବେଳେ ବେଳେ କିନ୍ତୁ ଗୁଡ଼ାଏ ଧୂଆଁ-ରାଜ୍ୟରେ ସେ ପହଁରେ । ଖାଲି ଧୂଆଁଳିଆ ସ୍ୱପ୍ନ ଖାଇ ବଞ୍ଚେ । ସେଇଟା କୁଆଡ଼େ ତାକୁ ଭାରି ମିଠା । ସେଥିରେ ମଜ୍ଜିଗଲେ ସେ ଆଉ ସହଜରେ ଲେଉଟେ ନାହିଁ । ସ୍ୱପ୍ନର ନିଶାରେ ଟଳୁଥିଲାବେଳେ ଆମେ ତାକୁ ଗେହ୍ଲାରେ ଡାକୁ 'ତୈଜସ' । ସେ ଏ ରାଜ୍ୟରୁ ସେ ରାଜ୍ୟକୁ ଏମିତି ଖାଲି ଡିଆଁମାରି ଖେଳେ । ଏଇଟାର ବୋଧହୁଏ ଏତିକି !

ପୁଣି କିନ୍ତୁ ଦିନେ ଦେଖିଲାବେଳକୁ ସେ ବେଶ୍ ଅସଲ ଜାଗାରେ ବୁଡ଼ ମାରି ଆସିଛି, ଏକାବେଳେ ସୁଷୁପ୍ତି ରାଜ୍ୟରୁ ଆସି ଆନନ୍ଦ-ବିଭୋର । ଭାରି ଖୁସି ହୋଇ ଆମେ ଏଥର ତା'ର ନାମକରଣ କଲୁ 'ପ୍ରଜ୍ଞା' ।

"କିନ୍ତୁ ଏ ସବୁ ତ ବାହ୍ୟ---ମନ ନିଜେ କ'ଣ ? ଏ ତିନିଟା ମିଶେଇଲେ କ'ଣ ମନର ନିଜ ରୂପ ହେଲା ?"

"ରୂପ କାହାର ? ମନଟା ପରା ନିଜେ ଗୋଟାଏ ମୁଖା !"

Digitized by srujanika@gmail.com

"ହେଁ ! ମନ ଗୋଟାଏ ମୁଖା ??... କାହାର ??"

ଚନ୍ଦ୍ର କହିଲେ--- "ଅନ୍ତରୀକ୍ଷର ! ଧର ମୁଁ ଯେମିତି ନିଳେ ଏ ଆକାଶର ମୁଖା । ମୁଁ ଆଉ ମୋର ନେଳିଆ ଡେଣା ଆକାଶକୁ ଘୋଡ଼େଇ ଦେଉ । ଆକାଶ ରହିଯାଏ ପଛରେ । ତା'ର ରୂପରେଖ ନାହିଁ । ସେମିତି ମନ ଅନ୍ତରୀକ୍ଷର ମୁଖା । ବହୁ ବହୁ ରୂପର ସମୁଦ୍ର ଆଖି ବାଟେ ଆସେ, ସେହିପରି ଶବ୍ଦର ସମୁଦ୍ର କାନ ବାଟେ, ଗନ୍ଧର ସମୁଦ୍ର ନାକ ବାଟେ । ଏମିତି ପାଞ୍ଚଟା ସମୁଦ୍ର ଏକାଠି ହୋଇ ଅନ୍ତରୀକ୍ଷରେ ମିଶନ୍ତି । ମନ ସେଇ ଅନ୍ତରୀକ୍ଷଟାକୁ ଘୋଡ଼ାଏ ନାନା ବିଚିତ୍ର ବର୍ଣ୍ଣରେ ।"

ହେଃ ! ଏଗୁଡ଼ା ସବୁ ବାରଚାଉଳିଆ ଗପ !

ଗପ ? କାହିଁ ନୁହେଁ ତ ! ବେଶ୍ ଠିକ୍‌କଥା ! ... ତା'ହେଲେ ଏ ଅନ୍ତରୀକ୍ଷଟା କ'ଣ ? ... ସେ ପୁଣି କାହାର ମୁଖା ? ... ସେ ଯାହାର ମୁଖା ସେ ପୁଣି କାହାର ମୁଖା ? ଏମିତି ମୁଖା ଫିଟେଇ ଫିଟେଇ ଏ ଧାରା ଯାଇ କେଉଁଠି ପହଞ୍ଚିବ ନା ନାହିଁ ?

ଏମିତି ଝାଳନାଳ ହୋଇ କେଉଁଠି ନଙ୍ଗର ପକେଇବି ବୋଲି ଧନ୍ଦି ହେଲା ବେଳକୁ ଦେଖିଲି ଯେ ମନ ମୁଚୁକି ମାରୁଛି ।

"ଆରେ, ତୁ'ଟା ଗୋଟେ ମୁଖା ! ଏପରି ତତ୍ତ୍ୱ ଚିନ୍ତାବେଳେ ତୁ ପୁଣି ଏମିତି ଏଠି ଆସି କ'ଣ ଓଲନାଳ ହେଉଛୁ ?"

ସେ ଆଉ ଟିକିଏ ହସିଲା ଓ ହସି ବୁଝେଇ ଦେଲା--- " ଏ ସମସ୍ତ 'ମୁଖା' କଥା ତୋତେ କିଏ କହିଲା ବୋଲି ଭାବୁଛୁ ? ତୁ ପରା ମୋରି ଖେଳ ବର୍ତ୍ତମାନ ସୁଦ୍ଧା ଦେଖୁଥିଲୁ ! ତୁ କ'ଣ ଭାବିଛୁ ତୁ ମୋ ଘେର ଭିତରୁ ଆଉ କୁଆଡ଼େ ଗଲୁ ଚାଲି ?"

ଆରେ ହେ !... ସତେ ତ !!!

ମନ ତା'ର ମହଣମୋଡ଼ା ନିଶ ଯୋଖି ତା' କାଠ ଖଣ୍ଡାକୁ ଚମକେଇଲା । ପାରିଲାପଣିଆ ଦେଖେଇଲାବେଳେ ସେ ତା' ଜରି ପୋଷାକ ମଧ୍ୟ ପିନ୍ଧିପକାଏ । ତାକୁ ଏତେବେଳେ ପଚାରିବାକୁ ଇଚ୍ଛା ହେଲା---ବୁ ତ ଭାଇ ସବ୍‌ଜାନ୍‌ତା ! ଟିକିଏ କହନ୍ତୁ ନାଇଁ ମୁଁ କିଏ ? ... ପଚାରିଦେଲି ନା କ'ଣ !

ଗୁଡ଼ାଏ ଖଣ୍ଡିଆ ଭୂତ ଏକାଠି ହେଇ ନାନା ଦିଗରେ ବୁଲିଲେ । ଆକାଶରେ ତାରାଗୁଡ଼ା ଉଡ଼ିଲେ ସେ ଭିତରେ ଶୁଖିଲା ପତ୍ର ପରି । ମନର ଏଇଟା ଅକର୍ମଣିଳା ରୂପ । ସେ ପରାସ୍ତ ହୋଇ ଗୁମ୍ ମାରି ବସିଗଲା---କିଛି କହିବ ନାହିଁ କି କିଛି ଶୁଣିବ ନାହିଁ । ମୁଗୁନି ପଥରର ଗୋଟାଏ ଗୋଟାଳିଆ ଆବୁ ! ଗୋଟାଏ ଅମୁହାଁ ଦେଉଳ !!!

Digitized by srujanika@gmail.com

ଦିଗବାଉଳା

ନୂଆ ଜାଗାରେ ଗୋଟିଏ ଦିଗବାଉଳା ପଥିକ ଚାରିଆଡ଼କୁ ଅଚିହ୍ନା ଆଖିରେ ବଲବଲ ଚାହିଁ ରହିଥିବା ପରି ସମୟରେ ଆଉ ଜଣେ ଆସି ଅଚାନକ ସେ ଦୋ'ଛକି ଠେଇ ପହଞ୍ଚିଗଲେ । ତାଙ୍କ ଆଖି କିନ୍ତୁ ଛନଛନିଆ ନୁହେଁ ବା ମନ ଦୋଦୋପାଞ୍ଚ ନୁହେଁ । ସିଧାସଳଖ ସେ ଗୋଟିଏ ମାର୍ଗ ଧରି ଚାଲିଯାଉଛନ୍ତି । ଏତିକିବେଳେ ପ୍ରଥମ ପଥିକଟି ପଛରୁ ଡାକପକାଇଲେ---

"ଆପଣଙ୍କ ଆଗେଇବାରେ ସାମାନ୍ୟ ବାଧା ଦେଲି ବୋଲି କିଛି ମନେ କରିବେ ନାହିଁ । ଦୟାକରି କହିପାରିବେ କି ମୋ ପାଇଁ ବାଟ କିଏ ?"

"ଆପଣ କେଉଁଠାକୁ ଯିବାକୁ ଚାହାନ୍ତି ? ଲକ୍ଷ୍ୟ ସ୍ଥିର ହେଲେ ସିନା ପନ୍ଥା ଦେଖେଇହେବ ।"

"ମୋର ଅସୁବିଧାଟା ସେଇଠି । ମୋ ପାଇଁ ସବୁ ନୂଆ । ଆପଣ ନିଜେ ସ୍ଥିର କରିଦେଇପାରିବେ ?"

"ନା ! ଆପଣ ନିଜ ମନକୁ ପଚାରି କହନ୍ତୁ ।"

"ସେଥିପାଇଁ ଆପଣ ଟିକିଏ ସାହାଯ୍ୟ କଲେ ହୁଅନ୍ତା ! ଦି' ଚାରିଟା କଥା ପଚାରିବି ?"

"ପଚାରନ୍ତୁ !"

"ଏ ଲକ୍ଷ୍ୟ ବୋଇଲେ କ'ଣ ?"

"ଯେଉଁଠି ଏ ବାଟ ଯାଇ ପହଞ୍ଚିଛି ତାହା ହିଁ ଲକ୍ଷ୍ୟ !"

"ତା'ହେଲେ କ'ଣ ପାଦେ ଆଗରେ ଥିବା ଅବସ୍ଥା ମୋର ଏବକାର ଅବସ୍ଥାରେ ଲକ୍ଷ୍ୟ ନୁହେଁ କି ? ସେଇଠି ତ ଏ ବାଟ ପହଞ୍ଚିଛି ।"

"ଲକ୍ଷ୍ୟ ହେଉଛି ମାର୍ଗର ଶେଷ ଅବସ୍ଥା ।"

"ସେଇଟା ତା'ହେଲେ ମାର୍ଗର ଗୋଟିଏ ଅବସ୍ଥା, ମାର୍ଗଠାରୁ ଭିନ୍ନ କିଛି ନୁହେଁ ?"

"ଫୁଲଟା କ'ଣ ଡେମ୍ଫଠାରୁ ଭିନ୍ନ ନୁହେଁ ?"

Digitized by srujanika@gmail.com

"ତାହେଲେ ଉଭୟେ କ'ଣ ସମାନ ଉପାଦାନରେ ତିଆରି ? ଆଉ ମଧ୍ୟ ଫୁଲ ପରି ଲକ୍ଷ୍ୟଟି କ'ଣ ମାର୍ଗରୁ ହିଁ ଉତ୍ପନ୍ନ ?"

"ନା, ତା କେମିତି ହେବ ?"

"ଆଚ୍ଛା ମାର୍ଗର ତ ଦୁଇଟି ଦିଗ । ଆର ପଟୁ ଦେଖିଲେ ମୁଁ କ'ଣ ଲକ୍ଷ୍ୟହୋଇଯାଉନାହିଁ କି ?"

"ଦେଖନ୍ତୁ ମୋର ସମୟର ଅଭାବ । ବହୁ ଦୂର ଯିବାକୁ ହେବ । ମୋତେ ଜଣାଯାଉଛି, ବର୍ତ୍ତମାନ ଅବସ୍ଥାରେ ଯୁକ୍ତିଟା ହିଁ ଆପଣଙ୍କର ଲକ୍ଷ୍ୟ । ଆପଣ କେଉଁଆଡ଼େ ହେଲେ ଯିବା ପାଇଁ ମନ ବାନ୍ଧି ନାହାନ୍ତି ।"

"କେମିତି, କାହା ଉପରେ ମନ ବାନ୍ଧିବି କହୁନାହାନ୍ତି ! ସବୁ ଯଦି ଅଜଣା, ଯିବି କେଉଁଆଡ଼େ ?"

"ଅଜଣା ଆପଣଙ୍କ ପାଇଁ । ତାକୁ ଜାଣିବା ଲୋକ ତ ପୁଣି ଅଛନ୍ତି !"

"ଯଥା ଆପଣ !...ଆପଣ ଆପଣଙ୍କ ଲକ୍ଷ୍ୟ ଜାଣନ୍ତି ?"

"ନିଶ୍ଚୟ ।"

"ବାଃ, ଏମିତି କାଣିଚାଏ ହେଲେ ଯଦି ମୋର ପ୍ରତ୍ୟୟ ଥାଆନ୍ତା ! ଆଚ୍ଛା, ଆପଣଙ୍କର ଲକ୍ଷ୍ୟ ପର୍ଯ୍ୟନ୍ତ ମୋତେ ନେଇଯିବେ ?"

"ସର୍ତ୍ତ ଉପରେ---ଯଦି ଆପଣ ଅନ୍ଧପୋଟଳି ବାନ୍ଧିଥିବା ଲୋକ ପରି ମୋ ହାତ ଧରି ଚାଲନ୍ତି---ବାଟଯାକ ବାଙ୍କୁରୁ ବାଙ୍କୁରୁ ହୋଇ ଦେଡ଼ଲକ୍ଷ୍ୟ କଥା ନପଚାରନ୍ତି !"

"ଏ ସର୍ତ୍ତ ମୁଁ ଆଗରୁ ମଧ୍ୟ ଶୁଣିଛି । କିନ୍ତୁ ମୋ ଦେଇ ତା' ହେଇ ପାରିବ ନାହିଁ । ମୋତେ ଯେ ପାଦ ଦେଇଛି ଚାଲିବାକୁ, ସେ ଆଖି ଦେଇଛି ଦେଖିବାକୁ, ମନ ଦେଇଛି ବାଛିବାକୁ, ତୁଣ୍ଡ ଦେଇଛି କହିବାକୁ । ମୁଁ ବାଟ ଚାଲିବି ବୋଲି ବାକି କିଛି କରିବାକୁ ମନା--- ଏଇଟା ବଡ଼ ଅଡୁଆ କଥା !"

"ବୋଧହୁଏ ଆପଣଙ୍କର ତଡ଼ବଡ଼ି ବେଳ ଆସି ନାହିଁ---ଏଣୁ ଆପଣ ଧୀରେ ସୁସ୍ଥେ ସବୁ ବୁଝି ଶୁଝି ଲାଭ କ୍ଷତି ତୁଳିବାକୁ ବେଳ ପାଉଛନ୍ତି । ଏ ଦୋ'ଛକିଠେଇ ଠିଆହେବା ମନା । ଏଠୁ ପିଆଦା ଆସି ତଡ଼େ । ଯେଉଁ ପିଆଦା ତଡ଼ି ତଡ଼ି ଆପଣଙ୍କୁ ଆଣି ଏଠି ଠିଆ କରେଇଛି, ସେ ପଛରୁ ତଡ଼ିଲେ ଆଉ ଉପାୟ ନାହିଁ । ଗୋଟାଏ ଧାରା ବାଛି ନେବାକୁ ପଡ଼ିବ । ନହେଲେ ବେଳ ନିଅଣ୍ଟ ହେଇଯିବ ଶେଷକୁ ।"

"ମୋ ପଛରୁ ପିଆଦା ତଡ଼ିଲାଣି । ନହେଲେ ମୁଁ ଆପଣଙ୍କୁ ଏମିତି ଡାକି କାହିଁକି ହଇରାଣ କରିଥାନ୍ତି ? କିନ୍ତୁ ମୁଁ ଏବେ କରେ କ'ଣ ? କିଏ ମୋତେ ବାଟଟିଏ ଦେଖେଇ ଦେବ ?"

Digitized by srujanika@gmail.com

"ସର୍ତ୍ତ ହେଲା ପରା ମୁଁ ଆପଣଙ୍କୁ ମୋ ବାଟରେ ନେଇଯିବି !"

"ସର୍ତ୍ତ ଆଉ କେତେବେଳେ ହେଲା ? ବାଟଟା କିନ୍ତୁ ଆପଣଙ୍କର ହେଲେ ସୁଦ୍ଧା ଆଉ ଜଣେ ଇଚ୍ଛା କଲେ ଯାଇପାରିବ ! ଆଚ୍ଛା, ଆପଣ ଭଲା ସେମିତି ଇଚ୍ଛା କରି ଆଉ ଗୋଟାଏ ମାର୍ଗରେ ଯାଇପାରିବେ ?"

"ସେ କଥା ଉଠୁଛି କାହୁଁ ?" ମୋର ପରା ଲକ୍ଷ୍ୟ ଠିକ୍ ହୋଇ ସାରିଛି ! ମୁଁ ଆଉ ବାଟ କେମିତି ବଦଳେଇ ପାରିବି ?"

"ଆପଣ ତା' ହେଲେ କ'ଣ ଭାବୁଛନ୍ତି ଯେ ଆପଣ ଯେଉଁଠି ପହଞ୍ଚିବାକୁ ଯାଉଛନ୍ତି ସେଇଟା ହିଁ ସବୁଠୁ ଠିକ୍ ?"

"ମୁଁ ହୁଏତ ସେ କଥା ଅନ୍ୟ କାହାକୁ କହି ପାରିବି ନାହିଁ । କିନ୍ତୁ ମୋ ପାଇଁ ତାହା ହିଁ ଠିକ୍ ।"

"ଆପଣ ଲକ୍ଷ୍ୟରେ ନ ପହଞ୍ଚି ଲକ୍ଷ୍ୟ କଥା ଜାଣିବା ଯେହେତୁ ସମ୍ଭବ ନୁହେଁ ଆପଣ ବହୁ ଶ୍ରମ କରି ସେଠାରେ ପହଞ୍ଚି ଅପାର ଆନନ୍ଦ ତ ପାଇଥିବେ !"

"ସେ ଆନନ୍ଦ ଆଉ କଥାରେ କହି ନୁହେଁ । ଲକ୍ଷ୍ୟରେ ପହଞ୍ଚିବା ଲୋକ ହିଁ କେବଳ ବୁଝିପାରିବ ।"

"ତା'ହେଲେ ଆପଣ ସେପରି ଆନନ୍ଦ ଛାଡ଼ି ପୁଣି କାହିଁକି ମାର୍ଗରେ ଆସି ପହଞ୍ଚିଛନ୍ତି ? ଆପଣଙ୍କ ଲକ୍ଷ୍ୟ କ'ଣ କୌଣସି ପର୍ବତର ଶିଖ ପରି ଯେଉଁଠି ପହଞ୍ଚି ହୁଏ କିନ୍ତୁ ରହି ହୁଏ ନାହିଁ ? ସେଠି ପହଞ୍ଚି ପୁଣି ଫେରିବାର ପ୍ରୟୋଜନ ଅନୁଭବ ହୁଏ ?"

"ପ୍ରୟୋଜନ ହୁଏ କି ନ ହୁଏ ମୁଁ ଆଉ କହୁନାହିଁ । ମୁଁ ଆସିବାରୁ ହେଇ ଆପଣଙ୍କ ଭଳି ତ ଜଣେ ବାଟ ପାଇଯିବେ ।"

"ଆପଣ କ'ଣ ତା'ହେଲେ ସ୍ୱେଚ୍ଛାରେ ମୋର କଲ୍ୟାଣ ପାଇଁ ଆସିଛନ୍ତି ନା ଆସିବା ଅଣାୟତ୍ତରେ ହୋଇଛି ?"

"ବୋଧହୁଏ ମୋତେ ଆସିବାକୁ ହିଁ ପଡ଼ିଛି ।"

"ମାତ୍ର ବର୍ତ୍ତମାନ ପାଇଁ ତ ଆପଣ ଜଣେ ପଥିକ, ମୁଁ ଜଣେ ପଥିକ---ଆମର ତ ଆଉ କିଛି ସମ୍ପର୍କ ନାହିଁ ଯେଉଁଥିପାଇଁ ଆପଣ ମୋର ଦାୟିତ୍ୱ ନେବେ !"

"ଦାୟିତ୍ୱ ଆପଣ ଦେଉଛନ୍ତି---ମୋର ଖାଲି 'ହଁ' ବା 'ନାହିଁ' କହିବା କଥା ।"

"ତା' ଠିକ୍ ଯେ--- ହେଲେ ଏଠି ବାଟ କେତୋଟି ?"

"ବାଟୋଇ ଯେତୋଟି ବାଟ ସେତେଟି ।"

Digitized by srujanika@gmail.com

"ତା'ହେଲେ ତ ଲକ୍ଷ୍ୟ ମଧ ସେତେଟି ହେବା ଉଚିତ ?"

"ପ୍ରାୟ ସେତେଟି !"

"ତା'ହେଲେ ଏପରି କ'ଣ ଲକ୍ଷ୍ୟ ସମ୍ଭବ ନୁହେଁ ଯେଉଁଠି ସବୁ ବାଟଯାକ ଯାଇ ମିଶିବେ ?"

"ମୁଁ ସେ ବିଷୟରେ ଶୁଣିଛି, କିନ୍ତୁ ସନ୍ଧାନ ପାଇନାହିଁ ।"

"ସନ୍ଧାନ ପାଇଲେ ଆପଣ ତାକୁ ନିଜର ଲକ୍ଷ୍ୟ ରୂପେ ସ୍ୱୀକାର କରନ୍ତେ କି ?"

"କହିପାରୁନାହିଁ । ଯଦି ସେପରି ସର୍ବବ୍ୟାପକ ଲକ୍ଷ୍ୟ ସମ୍ଭବ, ତେବେ ବା କ'ଣ ହୁଅନ୍ତା ! ବୃଥାରେ ସେ ଅଜ୍ଞାତ କଥାରେ ଭ୍ରମି ହେବା ବୃଥା ।"

"ଯଦି ଆକାଶ ଭଳି ସବୁଠେଇ ପୂରିରହିଥିବା, ପବନ ଭଳି ସବୁଠେଇ ଅନର୍ଗଳ ପହଁଚିପାରୁଥିବା ଲକ୍ଷ୍ୟଟାଏ ହୁଅନ୍ତା, ବୋଧହୁଏ ସବୁ ସେଥିରେ ସମ୍ପୃକ୍ତେଇଯାଆନ୍ତା । ଏତେ ଛନ୍ଦାଛନ୍ଦି ବାଟରେ ଧନ୍ଦି ହେବାକୁ ପଡ଼ନ୍ତା ନାହିଁ ।"

"ଆପଣ ଯାହା କହୁଛନ୍ତି ତାହା ତତ୍ତ୍ୱତଃ ହୁଏତ ମିଛ ମଧ ନୁହେଁ ।"

ପ୍ରାୟ ନ ଶୁଣିଲା ପରି---

"ବୋଧହୁଏ ଆଦୌ ଯିବାକୁ ପଡ଼ନ୍ତା ନାହିଁ । ଯଦି ଏଇଠୁ ସବୁ ବାଟ ବାହାରି ଯାଇଛନ୍ତି, ଦିଗ ବୁଲେଇ ଦେଖିଲେ ମୋଠେଇ ସବୁ ବାଟ ଆସି ମିଶିନାହାନ୍ତି କି ? ତା' ହେଲେ ମୁଁ କ'ଣ ସେଇ ଲକ୍ଷ୍ୟ ଯେଉଁଠି ସବୁ ପଥ ଆସି ମିଶିଛି ?"

"ମହାଶୟ ! ଆପଣ ବୋଧହୁଏ ଯିବା ଅବସ୍ଥାରେ ନାହାନ୍ତି । ମୁଁ ଚାଲିଲି । ବହୁ ବାଟ ଯିବାକୁ ପଡ଼ିବ---ସମୟ ନାହିଁ ।"

ମନରେ ଦୋଦୋପାଞ୍ଚ ନାହିଁ । ବାଟୋଇ ପୂର୍ବପରି ଗୋଟିଏ ମାର୍ଗରେ ପାହୁଣ୍ଡ ପକେଇ ଚାଲିଗଲେ ।

ଦିଗବାଉଳା ବାଟୋଇଟି କିନ୍ତୁ ସ୍ୱପ୍ନ ଦେଖିଲା ପରି ଦଶ ଦିଗକୁ ଅନେଇ ମନକୁ ମନ କଥା କହୁଥାନ୍ତି---

"ତା'ହେଲେ ମୁଁ ହିଁ ସଚରାଚର ବିଶ୍ୱ-ବ୍ରହ୍ମାଣ୍ଡ ବ୍ୟାପିରହିଛି । ଏ ସୂର୍ଯ୍ୟ, ଚନ୍ଦ୍ର, ତାରକା ସବୁ ମୋର ଜ୍ୟୋତିରେ ଜଳୁଛନ୍ତି । ପବନ ଚଳୁଛି ମୋରି ଆଦେଶରେ । ଗଛପତ୍ର ଜୀବଜନ୍ତୁ ସବୁ ମୋର ଶାସନରେ ଚଳୁଛନ୍ତି । ଏ ସମସ୍ତ ହିଁ ମୋର ବିକାର---ଏ ସମସ୍ତ ହିଁ ମୁଁ । ତା'ହେଲେ ଯିବି କୁଆଡ଼େ ?...କାହିଁକି ? ଏ ପ୍ରଶ୍ନ ବା କାହିଁକି ?"

Digitized by srujanika@gmail.com

ବହୁ ବାଟୋଇ ପଙ୍କ୍ତି ପଙ୍କ୍ତି ହୋଇ ବିଭିନ୍ନ ଦିଗରେ ମାଡ଼ି ଚାଲିଛନ୍ତି । ସନ୍ଦେହ ନାହିଁ, ସଂଶୟ ନାହିଁ । ଆଖିକୁ ସାମାନ୍ୟ ସ୍ୱପ୍ନ ମାଡ଼ି ଆସିଲେ ଆଗରେ ପଛରେ ଅନ୍ୟମାନଙ୍କୁ ମଟମଟ କରି ଚାହିଁ ପୁଣି ଗୋଡ଼ ଛାଟି ଆଡ଼େଇ ଯାଉଛନ୍ତି ।

ଦୋ'ଛକିଠେଇ ବହୁ ଲୋକ ଦେଖି କହନ୍ତି ଯେ ଗୋଟାଏ ଜଡ଼ ଭରତ ବସିଛି । ଆଉ କେହି କହନ୍ତି, ସେଇଟା ଗୋଟାଏ ଅବଧୂତ । ଜଣେ କିଏ କହୁଥିଲା---ସେଇଟା ସେ ସବୁ କିଛି ନୁହେଁ---ସେ ଗୋଟାଏ ବ୍ରହ୍ମଭୂତ---ତା'ର ସହସ୍ରେ ଶିର, ସହସ୍ରେ ଆଖି, ସହସ୍ରେ ପାଦ । ତା' ଆଖିରେ କୁଆଡ଼େ ବାରଟା ଆଦିତ୍ୟ ଜଳୁଛନ୍ତି । ...ଏମିତି କେତେ କଥା ।

କିନ୍ତୁ ଦେଖିବା ଲୋକେ ପୁଣି କହୁଛନ୍ତି---ସେଇଠି ପ୍ରକୃତରେ କେହି ନାହିଁ । ସେଇଠି ଖାଲି ଗୋଟାଏ ହାୱା କେମିତି ଆସି ଭିତରେ ପଶିଯାଏ । ଲାଗେ ସତେ ଯେମିତି ଆମେ ନିଜେ ସେଇ -- ଯାହାକୁ ଏତେ କରି କୁହାଯାଉଛି ।

❖❖❖

Digitized by srujanika@gmail.com

ଯା'କୁ ଚିହ୍ନନ୍ତି ?

ଗହଳି ଭିତରକୁ ଗଳି ପଶିଗଲାବେଳେ ଅଚିହ୍ନା ପରି ଲୋକଟାକୁ ସମସ୍ତେ ଦୂର୍‌ଦୂର୍ ମାର୍‌ମାର୍ କରୁଥାନ୍ତି । ଶୀତ ରାତିରେ ଠୁକୁଠୁକୁ ଥରୁଥିବା କୁକୁଡ଼ାଛୁଆଟିଏ ଯେମିତି ଉଷ୍ମ ଟିକିଏ ପାଇଁ କାନ୍ଥ ଆଉଜା ଦେଉଥାଏ, ଏ ଲୋକଟିର ଆଚରଣ ପ୍ରାୟ ସେହିପରି । ଧକ୍‌କା ଖାଇଲେ ମଧ ଆହୁରି ନିଲଠେଇ ହେଇ ପଶିଯାଉଥାଏ । କିଏ ଲେଢ଼ାରେ ଠେଲି ଦେଉଥାଏ ତ କିଏ କହୁଣୀରେ । ଏ ପେଲାପେଲି ଭିତରେ ସେ ଜାଣିପାରି ନାହିଁ ଯେ ସେ ଗହଳି ଭିତରୁ ଜଣେ ତାକୁ ଅନେଇ ରହିଛି । ଆଉ ଥରେ ଧକ୍‌କା ଖାଇ ଆଖି ଛଳଛଳ କରି ପଶିଗଲାବେଳକୁ ଆର ଜଣକ ତାକୁ ପଚାରିଲା---

"ହେ, କାହିଁକି ଏତେ ଧକ୍‌କା ଖାଇ ପୁଣି ସେ ଗହଳି ଭିତରେ ପଶିବାକୁ ମନ କରୁଛି ?"

ସେ ମୁହଁ ଟେକି ଅନେଇଲା । ତା'ର ହାଲିଆ ଗହରିଆ ଆଖିଯୋଡ଼ିକ ଲୁହରେ ପହଁରୁଛି । କପାଳ ଉପରକୁ ନଇଁଆସିଛି ବୋଝେ ହେବ ନୁଖୁରା ବାଳ । ଶୁଖିଯାଇଥିବା ଓଠ ଦିଓଟି ସେ କହିଲା---

"ମୋତେ ଏକୁଟିଆ ରହିଲେ ଡର ମାଡୁଛି ।"

ଅଳ୍ପ ହସି ଆର ଜଣକ କହିଲା, "ଏକୁଟିଆ ତ ସମସ୍ତେ ! ଏଠି କେହି କାହା ସାଙ୍ଗରେ ନାହାନ୍ତି । ତୁମେ କାହିଁକି ଏମିତି ଛାନିଆ ହେଇପଡୁଛ ?"

"ହେଇ ତ ସେ ସମସ୍ତେ ଏକାଠି ଦେହକୁ ଦେହ ଘଷି ହୋଇ ଅଛନ୍ତି । ମୋତେ ସେମିତି ଟିକିଏ ପାଖେଇ ନେଲେ କ'ଣ ତାଙ୍କର ସରିଯାଆନ୍ତା ?"

ଆର ଜଣକ ମୁହଁରୁ ହି-ହି ହୋଇ କିଛି ହସ ଝରିଗଲା, ସତେ ବା ପୁଷମାସିଆ ଶୁଖିଲା ଝୁର୍‌ଝୁରିଆ ପତ୍ର ଗଣ୍ଡେ । କହିଲା--- "ଆଚ୍ଛା, ସେମାନେ କେମିତି ପରସ୍ପରର ଉଷ୍ମରେ ଠିଆ ରହିଛନ୍ତି ସେ କଥା ପଛେ ଦେଖିବା । ଧର ବା ଯଦି ସେ ତାଙ୍କର ଠିଆହେଲେ, ତୁମକୁ ପାଖରେ ପୂରେଇଲେ ନାହିଁ ବୋଲି ତୁମର କାହିଁକି ଏତେ ଅଭିମାନ ? ତୁମେ କ'ଣ ସେମାନଙ୍କୁ ଚିହ୍ନ ? ତାଙ୍କ ଉପରେ ତୁମର ଅଧିକାର କ'ଣ ?"

ଜଳନ୍ତା ମହମବତିର ଅଗ ପରି ତା' ମୁହଁଟା ତରଳିଗଲା । ବଙ୍କାଟଙ୍କା ହେଇ ଗୁଡ଼ାଏ ଲୁହ ଡବ୍‌ଡବ୍ ବୋହିଆସିଲା ଆଖିରୁ । କ୍ରୋଧ, ଅଭିମାନ, ଦୁଃଖ ମିଶେଇ ତା'ର ବାମ୍ଫୁଆ କାନ୍ଦଣାରେ ସେ କହିଲା, "ହୁଁଃ ! ମୁଁ ଯା'କୁ ଚିହ୍ନି ନାହିଁ ? ଚିହ୍ନି ନ ଥିଲେ ଭଲା ଏମିତି ପେଲି ପଶୁଥାନ୍ତି ?

Digitized by srujanika@gmail.com

ଏମାନେ ପରା ସମସ୍ତେ ମୋର ! ହେଇ, ସେ ସବା ଆଗରେ ଯେ ଅଛି ସେ ମୋ ଦଦେଇ; ତା' ପାଖକୁ ମୋ ଖୁଡୁତା, ତାଙ୍କୁ ଘେରି ମୋର ଭାଇ, ପୁତୁରା ! ଆରପଟକୁ ମୋ ଶ୍ୱଶୁର, ଶଳା, ଶାଳୀ । ସେଇଠି ମୋ ଝିଅ, ଜ୍ୱଆଇଁ, ସମୁଦୀ, ନାତି, ନାତୁଣୀ !"... ମନକୁ ମନ ସ୍ୱର ସଂଯତ ହୋଇଆସୁଥାଏ । ସେ ସାମାନ୍ୟ ଅଟକି ଯାଇ ଦୀର୍ଘ ନିଃଶ୍ୱାସଟିଏ ଛାଡ଼ି ପୁଣି କହିଲାବେଳେ, ଆର ଜଣଙ୍କ ମୁଚୁକି ମାରୁଥାଏ ।

"ଏଇ ମୋର ବଡ଼ପୁଅ, ଏ ସାନପୁଅ, ଏ ମୋର ପତ୍ନୀ ।" ତା'ର ସ୍ୱର ସେତେବେଳକୁ ଭାରାକ୍ରାନ୍ତ । ଆଖି ଯୋଡ଼ିକ ସ୍ଥିର । ମନକୁ ମନ ବିଡ୍‌ବିଡ୍ ହେଲେ ଲୋକ ଯେମିତି ଲାଖିଯାଉଥିବା ଓଠକୁ ପାକୁ ପାକୁ କରେ, ସେମିତି । ତାକୁ ଉତ୍ସାହିତ କଲା ପରି ଆର ଜଣକ କହିଲା---

"ତା'ପରେ ?...ହେଲା ବା ଏମାନେ ସମସ୍ତେ ତୁମର । ତୁମେ ଏମାନଙ୍କୁ ସେହି କାରଣରୁ ଖୁବ୍ ଭଲଭାବରେ ଚିହ୍ନ ! ତୁମେ କ'ଣ କହିବାକୁ ଚାହଁ ସେ ସେମାନେ ସେହି ଅନୁପାତରେ ତୁମକୁ ଚିହ୍ନୁ ନାହାନ୍ତି ବା ତୁମେ ତାଙ୍କର ନିକଟତର ହେବାକୁ ଯେତେ ବ୍ୟାକୁଳ ହେଉଛ ସେମାନେ ସେହି ପରିମାଣରେ ତୁମକୁ ନିକଟରେ ପାଇବାକୁ ଆଗ୍ରହୀ ନୁହନ୍ତି । ତୁମେ ଯେତିକି ସେମାନଙ୍କୁ ବିଭିନ୍ନ ସମ୍ପର୍କରେ ସ୍ୱୀକାର କର, ସେମାନେ ମଧ୍ୟ ତା ସେତିକି ତୁମକୁ ପତି, ପିତା, ସମୁଦୀ, ଶ୍ୱଶୁର, ଖୁଡୁତା, ପୁତୁରା, ମାମୁଁ ବୋଲି ସେହି ସେହି ସମ୍ପର୍କରେ ସ୍ୱୀକାର କରନ୍ତି ! ତେବେ ତୁମର ଅଭିଯୋଗଟା କ'ଣ !"

"ଏଇଟା ଠିକ୍ ଅଭିଯୋଗ ନୁହେଁ । ମୁଁ କିଛି ବୁଝିପାରୁନାହିଁ କାହିଁକି ଏପରି ହେଲା ବା ମୋତେ ଏପରି ସବୁ ବିପରୀତ ବୋଧହେଉଛି ? ମୁଁ ସେମାନଙ୍କୁ ସ୍ୱୀକାର କରୁଥିଲି ଏବଂ କରୁଛି, ସେମାନେ ମଧ୍ୟ ହୁଏତ ମୋତେ ସେମିତି ସ୍ୱୀକାର କରୁଥିଲେ ଏବଂ କରୁଛନ୍ତି । କିନ୍ତୁ ଏ ପ୍ରକାର ଡକାଡକି ହେବାର ଅଭ୍ୟାସଗତ ଶୁଆପଢ଼ା ମୋତେ ଫମ୍ପା ଏବଂ ଅର୍ଥହୀନ ବୋଧହେଉଛି । ଯେଯାହାର ନିଜ ନିଜ ପ୍ରୟୋଜନ ଅନୁସାରେ ସୋରାଏ ଫଡ଼ାଏ ଛେଲିନେଇ ମୁହଁ ବୁଲେଇ ଦେଇଛନ୍ତି । କାହାକୁ ମୁଁ ଆଉ ମୋର ନିଜର କରି ରଖିପାରିନାହିଁ । ଯେତେ ଭିଡ଼ିହେଇ ତାଙ୍କ ପାଖକୁ ଯାଉଛି, ସେତିକି କେବଳ ଧକ୍‌କା ଖାଇବା ମାତ୍ରସାର ହେଉଛି ।...ମୁଁ ତ ଆଦର କରି ଜାଣେ---ଏମାନେ କାହିଁକି ମୋତେ ଏମିତି ଦୂରକୁ ଠେଲି ଦେଉଛନ୍ତି ? ମୋର ଅଭିଯୋଗ ଯେ ଏସବୁ ଏପରି ସବୁବେଳେ ନଥିଲା । ମୁଁ ଏମାନଙ୍କୁ ମୋ ଜୀବନର କେନ୍ଦ୍ରରେ ପାଇଥିଲି । ଗୋଟାଏ ଗୋଟାଏ ସମୟରେ ଏମାନେ ମୋର ପ୍ରାଣୋପମ ଥିଲେ । ତାଙ୍କ ବିନା ବଞ୍ଚିବା ଅସମ୍ଭବ ମଣୁଥିଲି । ଏବେ କାହିଁକି ସେମାନେ ମୋତେ ପାଖରେ ପୂରେଇ ଦେଉ ନାହାନ୍ତି ?

"ତୁମେ ତାଙ୍କୁ ଛାଡ଼ିଦେଇ ବାହାରିଆସୁନ ! ଶ୍ରଦ୍ଧା ଯଦି ନାହିଁ ବୋଲି ବୁଝୁଛ ସେଇଠି ଆଉ ଲେସେଡଇ ହେଇ ପଶିବାର ଅର୍ଥ କଣ ?"

"କୁଆଡ଼େ ବାହାରିଯିବି ? ମୁଁ ଯେ ବାହାରିଯିବାକୁ ଚେଷ୍ଟା ନ କରିଛି ତା' ନୁହେଁ । ଖୁବ୍ ଅନ୍ତରଙ୍ଗ ବନ୍ଧୁ ଗହଣରେ ଖୋଜିଛି, ଯଦି କେହି ଜଣେ ସବୁଦିନକୁ ପାଖେଇ ମିଳିଯାନ୍ତା; କିନ୍ତୁ କ'ଣ ବା ମିଳିଲା ? ସବୁଠେଇଁ ଦୁଇଘଡ଼ିର ଦିଆନିଆ । ମୋର କେନ୍ଦ୍ରଭୂମିରେ କେହି କେହି ହୁଏତ

Digitized by srujanika@gmail.com

ପହଞ୍ଚିଯାଇଛନ୍ତି । ତାଙ୍କୁ ଧରିରଖିବାକୁ ହାତ ପସାରି ଦେଲାବେଳକୁ ଦେଖିଛି ଯେ ମୁଁ ଯାହା ଭାବିଥିଲି ତା' ସେ ନୁହେଁ । ନିରାଶ ହୋଇ ଶାସ୍ତ୍ରଗୁଡ଼ାଏ ପଢ଼ିଛି । ସେଥିରେ ବି' ସବୁ ଫାଙ୍କ୍ ଫାଙ୍କ୍ । ବନ୍ଧୁ, କୁଟୁମ୍ବୀ ପରି ଶାସ୍ତ୍ର ସବୁ ମଧ୍ୟ ନିଜ ନିଜ କଥା କହିଚାଲିଛନ୍ତି । ମୁଁ ନିଜେ ନିଜ ଡେଣା କହଲେଇ ତାଙ୍କ ସାଙ୍ଗେ ମାତିଥିଲା ପର୍ଯ୍ୟନ୍ତ ସେମାନେ ମୋତେ କଥା କହିଛନ୍ତି । ଯେତେ ଥର ମୁଁ ନିଜେ ଜବ୍‌ଦ ହୋଇ ତାଙ୍କୁ କାନେଇଛି, ସେ ସବୁ ନୀରବ । କାହାରି କିଛି କହିବାର ନାହିଁ । ମୋ ପାଇଁ କାହାରି କିଛି ଯାଏ ଆସେ ନାହିଁ ।"

ମୁହଁଟାରେ ତା'ର ସବୁ ହରେଇ ଦେଇଥିବାର ହତାଶା । ଖୁବ୍ ଆନମନା । ତା'ର କପାଳର ରେଖାଗୁଡ଼ା ବାଣି ଦଉଡ଼ି ପରି ମୋଟା ମୋଟା ହୋଇ ଓହଳି ଆସୁଛି ଯେମିତି ।

ଆର ଜଣକ ସେହିପରି ଅଳ୍ପ ମୁରୁକିମାରି ଠିଆହେଇଚି ଅପେକ୍ଷା କରି ।

ପୁଣି ସେମିତି ସେ କହୁଛି, "ଶେଷରେ ଭାବିଲି ଯେ ଜଣେ କେହି ସେମିତି ମିଳଗଲେ ତାଙ୍କ ପାଖରେ ସବୁ ସମର୍ପି ଦିଅନ୍ତି । ମୋତେ ମୋଟେ ଏ ସବୁ କିଛି ବୁଝା ପଡୁନାହିଁ । ସବୁ ତାଙ୍କୁ କହିପକାନ୍ତି । ତେଣିକି ବା' ସେ ମୋର ହୋଇ ରହିଯାନ୍ତେ । ଗୁରୁ ସବୁଠୁ ଅତି ଆପଣାର ବୋଲି ଶାସ୍ତ୍ରେ କହନ୍ତି । ଖୋଜିଲି ପାଇଲି, ହରେଇଲି ଯେମିତି ବାକି ସମସ୍ତଙ୍କୁ ପାଇଲି ଏବଂ ହରେଇଲି । କିଛି ପାର୍ଥକ୍ୟ ନାହିଁ । ଗୁରୁ ମଧ୍ୟ ତାଙ୍କ ମାର୍ଗରେ ଚାଲିଛନ୍ତି । କିଛି ବାଟ ଯେ ତାଙ୍କ ପାଖରେ ଏ ନିଛାଟିଆ କୋହଲା ନ କାଟିଛି ତା ନୁହେଁ । କିନ୍ତୁ ସେ ବି ଶେଷକୁ କହିଲେ, 'ଏଣିକି ତୋ'ର ଯାହା ଇଚ୍ଛା ତା' କର !' ମୁଁ ପୁଣି ଯେଉଁ ଏକୁଟିଆ ସେଇ ଏକୁଟିଆ ହୋଇଗଲି । ବୁଲିପଡ଼ି ଦେଖିଲି ଏ ଜନଗହଳି---ଯେଉଁମାନେ ମୋ'ଠଉଁ କିଛି ଆପଣାର ଭାବ, କିଛି ନିବିଡ଼ ଉଷ୍ମା ପାଇଛନ୍ତି ଓ ଦେଇଛନ୍ତି । ମୁଁ ଭାବିଲି ଦେଖାଯାଉ କେହି ଯଦି ଆଗଭଳି ଆଉ ଥରେ ପାଖେଇ ଆସେ ! ମୋତେ ଭାରି ଏକୁଟିଆ ଲାଗୁଛି, ଆଉ ବ୍ୟର୍ଥ ବୋଧହେଉଛି ଏ ସମସ୍ତ ଥାଟ ପଟୁଆର ।"

"ଯଦି ଏକୁଟିଆ ରହିବା ହିଁ ଶେଷ କଥା ବୋଲି ତୁମେ ଅନୁଭବ କରୁଛ; ତେବେ ଏକୁଟିଆ ରହିଶିଖିଲେ ମନ୍ଦ କ'ଣ ?"

"ହୁଃ ! ଶିଖିବି କ'ଣ ? ଯେତେବେଳେ ଆକାଶରେ ସୂର୍ଯ୍ୟ ସମେତ ସମସ୍ତେ ଲିଭିଯିବେ, ଚାରିଆଡ଼େ ନିର୍ଜନ ଅନ୍ଧାର ଆଉ ବରଫ ବେଢ଼ିଯିବ, ସେତେବେଳେ କିଛି କ'ଣ ଶିଖାଯାଇପାରେ ? ନ ଶିଖିବାର ସ୍ୱାଧୀନତା ଥିଲେ ସିନା ଶିଖିବାର ଅର୍ଥ ହୁଏ ।"

"ତା'ହେଲେ ତୁମର ଆଉ କିଛି ଅଭିଳାଷ ନାହିଁ ? ମନ ଭିତରେ କିଛି ବୋଲି ଶୋଷ ନାହିଁ ?"

"ଥିଲେ କ'ଣ ହେବ---ତା'ର ଅର୍ଥ କିଛି ନାହିଁ । ସେଇଟା ଏ ବାହାରର ଗୋଟାଏ ଛାଇ, ବାହାରଟା ତା'ର ଗୋଟାଏ ଛାଇ । ଗୋଟାଏ ଗୋଟାକୁ ତେଜିଦିଏ, ଜାଳେ ଏବଂ ଦୁହେଁ ମିଶି ଗୋଟିଏ ଷଡ଼ଯନ୍ତ୍ର କରି ମୋତେ ମଝିରେ ଅହରହ ପୋଡ଼ନ୍ତି ।"

Digitized by srujanika@gmail.com

"ପୋଡ଼ିବାର ଯାତନା, ଏକୁଟିଆ ଜଳିବାର ଅସହାୟତାଟା କେମିତି ବୁଝ ? ତୁମ ଭିତରର ସେହି ଆତ୍ମା-ପୁରୁଷ କ'ଣ ଏ ସବୁ ବୁଝେ ?"

ପ୍ରଶ୍ନ ବେଳେ ମଧ ସେମିତି ମୁରୁକି ମାରୁଥାଏ ସେ ।

ଟିକିଏ ଚଢ଼ାଗଳାରେ ସେ କହିଲା, "ରଖିଥାଅ ତୁମର ସେ ଆତ୍ମା ପରମାତ୍ମା ଶବ୍ଦସମ୍ଭାର ! ମନକୁମନ ସେଥିରୁ ଗୁଡ଼ିଏ ଶବ୍ଦ ତିଆରି କରି ସେଥିରେ ଧନ୍ଦି ହେବାର ଅର୍ଥ କିଛି ନାହିଁ । ଏଇଠି ଖାଇ ପିନ୍ଧି ରହିବାକୁ ଇଚ୍ଛାକରୁଥିବା ଲୋକଟିକୁ ଯଦି କୁହାଯାଏ, ଏ ସମସ୍ତ ଦିନେ ସରିଯିବ, ସେ ଖାଲି ସେଇ ବଞ୍ଚିବାର ମୋହଟାକୁ ଏଡ଼ି ନ ପାରି ସେଥିରୁ ଗୁଡ଼ାଏ ଆତ୍ମା ପରମାତ୍ମା କଥା ଗପେ । ସେଗୁଡ଼ା ସବୁ ପିଲାଙ୍କ ଗଣିତ ବହିର ଧନ୍ଦା । ସତକୁ ସତ ସାତଟା ଘୋଡ଼ା ବିକି ତେଇଶିଟି ଛେଳି କିଣାଯାଏନାହିଁ । ସେଥିରେ ଗୁଡ଼ାଏ ସେମିତି ମିଛିମିଛିକା କାରବାର କରାଯାଏ । ସେଥିରୁ ମନରେ ଦମ୍ଭ ଆସେ । ଏ ଦେହରେ ଏଠି ନ ହେଲା ନାହିଁ, ଆଉ ଗୋଟିଏ ସୂକ୍ଷ୍ମ ଶରୀରରେ ଆଉ ଗୋଟାଏ ଲୋକରେ ଯାଇ କେତେ କ'ଣ ଭୋଗ କରିପକେଇବ । ଏ ସବୁ କେହି ଠିକ୍ କରି କହିନାହାନ୍ତି । କେହି ଦେଖି ଫେରି ଆସିନାହିଁ । ଅଛି ନା ନାହିଁ, ଏତେ ଦିନର ଟାଣୁଆ ବିଶ୍ୱାସ ସତ୍ତ୍ୱେ ଠିକ୍ ଜଣା ପଡୁ ନାହିଁ । ଏସବୁ ବୋଧହୁଏ ଗୋଟାଏ କୁହୁଡ଼ିପଦଁରା । ଦେବଲୋକ ଏକ ମଜାଗପର ରାଜ୍ୟ, ଯେଉଁଠି ଘୋଡ଼ାଟାକୁ ପକ୍ଷୀରାଜ କରି କଳ୍ପନା କରିହୁଏ । ମୁଁ ଖୁବ୍ ଶୁଣିଛି, ଏମିତି ଆଶାରେ ଲୋଭ ଉପୁଜେଇଲା ପରି ସହସ୍ର ବର୍ଣ୍ଣନା । ଆଉ ନୁହେଁ !! ମୋତେ ଜଳଜଳ ଦିଶୁଛି ଏମାନେ ଯାଇ ଯାଇ ଯେଉଁ ଅତଡ଼ାରୁ ଖସିବେ ଗୋଟି ଗୋଟି ହୋଇ । କେଉଁଠି ପଡ଼ିବେ, ପଡ଼ିବେ ବା ନାହିଁ, କେହି ଜାଣନ୍ତି ନାହିଁ । ଖସିବା ବିଷୟରେ ତ କିଛି ଅନ୍ତତଃ ସନ୍ଦେହ ନାହିଁ । ତେଣିକି କେବଳ ନୀରବ ଅନ୍ଧାର, ନିଝୁମ ନିର୍ଜନତାର ଅରଣ୍ୟ । ସେଇଟା ବୋଧହୁଏ ଏ ଗହଳି ଭିତରେ ଥାକ ଥାକ ହୋଇ ଅଦୃଶ୍ୟ ଭାବରେ ପହଁଚୁଛି । ଫଳରେ କେହି କାହା ପାଖ ପଶିପାରୁ ନାହାନ୍ତି । ସେଇ କଳା ଝିମ୍‌ଝିମ୍ ସମୁଦ୍ର ଉପରେ ଲକ୍ଷ ଲକ୍ଷ ଫୋଟକା ପରି ଏ ସବୁ ମଣିଷ, ଏ ଗଛ ଲଟା, ପଶୁ ପକ୍ଷୀ ଏବଂ ଏ ଗ୍ରହ ତାରା ଆଉ ସୂର୍ଯ୍ୟ---ସବୁ । ଥରେ ସେ ଅଜଣା ଉଜାଣି ଭିତରେ ଲିଭିଗଲେ ତେଣିକି କେବଳ ନୀରବତା...କେବଳ ନୀରବତା ଓ ନୀରବତା.... !!"

ସତକୁ ସତ ଟୋପାଏ ନିରନ୍ଧ୍ର ଘନ ନୀରବତା ସେଇଠି ଜମାଟ ବାନ୍ଧିଗଲା । ଜନଗହଳିରୁ ଗୋଟାଏ କାନ୍ଦଣା ସୁର୍ ଶୁଭିଲା, "ସେ କାହିଁ ? ସେ 'ବାପ' 'ଭାଇ' 'ବନ୍ଧୁ' 'ଖୁଡୁତା' 'ପୁତୁରା' ବୋଲି ଆମେ ଯାହାକୁ ଡାକୁଥିଲୁ ସେ କାହିଁ ?"

ସେଇ ଟୋପାକ ନୀରବତା ଗୋଟାଏ ସମୁଦ୍ର ଭଉଁରି ପରି ଅଥଳ ଗହୀରରୁ ତାଙ୍କୁ ସତେବା ତୋଳା ନ ଥିବା ଗୋଟାଏ ଆଖିରେ ଅନେଇ ରହିଥିଲା । ଶବ୍ଦରେ ସବୁ କଥା ବୁଝିଯାଉଥିବା ଲୋକେ କହିଲେ ସେଇଟା କୁଆଡ଼େ 'ମୃତ୍ୟୁ' ।

❖❖❖

Digitized by srujanika@gmail.com

ମନର ମେଘ

ଖ୍ରୀଷ୍ଟିୟାନ୍‌ମାନଙ୍କ ଭିତରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି---ଈଶ୍ୱର ଯେତେବେଳେ ମନୁଷ୍ୟକୁ ନିଜର ଅନୁରୂପ କରି ସୃଷ୍ଟିକଲେ ଏବଂ ତା' ଭିତରେ ପ୍ରାଣର ସଞ୍ଚାର କଲେ, ତାଙ୍କର ଇଚ୍ଛାହେଲା ଯେ ସେ ତାକୁ କିଛି ଆଶୀର୍ବାଦ ଦେବେ । ଗୋଟିଏ ପିଆଲାରୁ ଝରି ଆସି ବିଭୁକୃପା ମଣିଷକୁ ଅଭିଷିକ୍ତ କଲା । ଧନ, ମାନ, ଯଶ, ପଦମର୍ଯ୍ୟାଦା, ବୁଦ୍ଧି, ବିବେକ ଆଦି ଅତୁଳନୀୟ ଐଶ୍ୱର୍ଯ୍ୟ ଝରିଆସିବା ପରେ ପିଆଲାରେ କେବଳ ଆଉ ବିନ୍ଦୁଏ ଲାଖିରହିଥାଏ । ସେଇଟା ଆଉ ମଣିଷ ଭାଗ୍ୟକୁ ଯୁଟିଲା ନାହିଁ । ଅହରହ କେବଳ ମଣିଷକୁ ଆକୃଷ୍ଟ କଲା, ସନ୍ତାପିତ କଲା, ଅପୂର୍ଣ୍ଣତାର ଖଣ୍ଡିତ ଅଭାବବୋଧରେ ତାକୁ ସର୍ବଦା ବିବ୍ରତ କଲା । ସେଇ ଶେଷ ବିନ୍ଦୁଟି ହେଲା ସନ୍ତୋଷ । ଖୋଦ ଈଶ୍ୱରଙ୍କ ଦରବାରରେ ବିଚାର ହୋଇ ମଣିଷକୁ ସେଥିରୁ ଚିରକାଳ ବଞ୍ଚିତ କରାହେଲା ।

ଯେକୌଣସି ପରିସ୍ଥିତିରେ, ଯେ କୌଣସି ସମୟରେ ହେଉ ନା କାହିଁକି, ମଣିଷ ଗୋଟାଏ ହାଉ ଅନୁଭବ କରେ, ଯେଉଁଟା ତାକୁ ଅହରହ ତଡ଼େ । ହାବେଳି ପଛରେ ନିଆଁ ଲାଗିଲା ପରି ଏ ଗୋଟାଏ ଦୁର୍ଜୟ ଜ୍ୱାଳା । ଯା'ର ହାବୁକା ମଧ ଠିକ୍ ସେହିପରି ଅସମ୍ଭାଳ । ଏଇଟା ନ ଥିଲେ ହୁଏତ ମଣିଷ ଶୋଇଯାଆନ୍ତା । ତା' ଭିତରୁ ଶୁଖିଯାଆନ୍ତା ବଞ୍ଚିବାର ସମସ୍ତ ବାସନା । ସେ ଘାଲେଇ ଯାଆନ୍ତା; କିନ୍ତୁ ଏ ଯେଉଁ ପ୍ରକାର ଅନବରତ ପ୍ରଚୋଦନା, ସେଥିରେ ମୁହୂର୍ତ୍ତେ ମଧ ବିଶ୍ରାମ କରିବାର ଅବକାଶ ନାହିଁ । ପ୍ରାଣବାୟୁ ଗତାଗତ ହେଉଥିବା ପର୍ଯ୍ୟନ୍ତ ମୋଡ଼ି ହୋଇ ଭିଡ଼ି ହୋଇ ଚାଲିବାକୁ ହେବ । ଏହା ଏକ ଦୁର୍ନିବାର ଶକ୍ତି ଯାହା ମଣିଷକୁ ଅଥୟ କରେ, ତା' ଭିତରେ ଆବେଗ ସମ୍ବେଗର ପ୍ରବାହ ସୃଷ୍ଟି କରେ, ତାକୁ ଆକୁଳ କରେ । ଭଗୀରଥ ପରି ଭୂମିର କ୍ରମନିମ୍ନତା ଯେମିତି ନାନା ବାଗରେ ନାନାବାଟରେ ନଦୀକୁ ବହଲେଇ ନେଇଯାଏ ସାଗର ପାଖକୁ, ସେମିତି ଏ ଅଭାବବୋଧ ମନର ଗୋଟିଏ ଗଡ଼ାଣି । ନିଜର ଓଜନ ଥିବା ପର୍ଯ୍ୟନ୍ତ ତାକୁ ରୋଧିହେବ ନାହିଁ । ପ୍ରବାହରେ ଅବଶ୍ୟ ଭାସିଯିବାକୁ ହେବ ।

ଗଛଟିଏ ଗଜେଇଲାବେଳେ ସେ ଚେରରେ ସାର ଭିଡ଼େ, ପତ୍ରର ଜାଲ ଭିତରୁ ପବନ ଶୋଷେ, ଆଲୁଅ ଟାଣେ । ଗୁଡ଼ାଏ ଶାଖା, ପ୍ରଶାଖା ଛାଟି ନେଇଯାଏ ଆକାଶକୁ । ଗଛଟି ବଞ୍ଚିଥିବା ପର୍ଯ୍ୟନ୍ତ ଏ ଧାରା ଅବିଚ୍ଛିନ୍ନ ଭାବେ ଚାଲିବାକୁ ପଡ଼ିବ । ନ ଚାଲିବା ହିଁ ମୃତ୍ୟୁ । ସେହିପରି, ମଣିଷ

Digitized by srujanika@gmail.com

ବା ଆଉ ଅନ୍ୟାନ୍ୟ ପ୍ରାଣୀ ଭିତରେ କେବଳ ବଞ୍ଚିବା ପାଇଁ ଗୋଟାଏ ଚେଷ୍ଟା ତାକୁ ଅହରହ ଚଞ୍ଚଳ କରେ । କିନ୍ତୁ ଗୋଟିଏ କଥା---ବାଘକୁ ଭୋକ କଲେ ନିର୍ବିଚାରରେ ସେ ହରିଣଟାଏ ସମ୍ବରଟାଏ ମାଡ଼ିବସି ଖାଇଯାଏ; କିନ୍ତୁ ହାତୀ ଭାଙ୍ଗେ ବରଡାଳ ବା ସୋଡ଼କି ନିଏ ଧାନ କିଆରିଟାକୁ ଶୁଣ୍ଢରେ । ଏଇଠି ତାଙ୍କ ଭିତରେ ଗୋଟାଏ ବାଛବିଚାର ଆସି ପହଞ୍ଚିଯାଏ । ମୂଳ ପ୍ରବାହ ପଛରେ ସେ ଆଉ ଗୋଟିଏ ଧାରା ଯାହା ବାଘକୁ ହିଂସ୍ର କରେ, ଆମିଷ ଖୁଆଏ; କିନ୍ତୁ ହରିଣକୁ ଡାଳ, ପତ୍ର, ଦୂବ ଉପରେ ବଞ୍ଚିବାକୁ ପ୍ରଚୋଦିତ କରେ । ସମସ୍ତଙ୍କୁ ବଞ୍ଚାଏ; କିନ୍ତୁ ଅଲଗା ଅଲଗା ଧାରା ଧରେଇଦିଏ । ଏଣୁ କିଏ କାହାକୁ ଖାଇ ବଞ୍ଚିବ ପ୍ରାୟ ନିର୍ଦ୍ଧାରିତ ହୋଇଯାଏ । କିନ୍ତୁ ମଣିଷଠି ପହଞ୍ଚିଗଲେ କଥାଟା ଆଉ ସେତେ ସରଳ ନ ହୋଇ ଟିକିଏ ଅଡୁଆ ଧରିଯାଏ । ଏଇ ବଞ୍ଚିବା ପ୍ରବୃତ୍ତିଟି ତା ଭିତରେ ଏତେ ସହସ୍ର ଶାଖା ମେଲିଯାଏ ଯେ ତା'ର ବହୁଗୁଣିତ ଜଟିଳ ଅଭାବବୋଧକୁ କଳିବା ଏକ ଦୁରୁହ ସମସ୍ୟା ହୋଇ ଠିଆହୁଏ ।

ତାର ଏମିତି ବିଚ୍ଛୁରିତ ମନକୁ ସୁହାଇଲା ଭଳି ନାନା କଥା ସେ ସୃଷ୍ଟି କରେ । ପଚାରିଲେ ହୁଏତ କହେ ଯେ ଯାହା ଏମିତି ଗଛରେ ଫଳିଲା ପରି ଓହଳେ ନାହିଁ ବା ନଈର ସୁଅ ପରି ଏମିତି ଗୋଟାଏ ଦିଗରୁ ଆଉ ଗୋଟାଏ ଦିଗକୁ ବହିଯାଏ ନାହିଁ, ସେପରି କୌଣସି ମନର ଫଳ ପଛରେ ସେ ଅହରହ ଧାଉଁଛି । ଧର, ସେଥିରୁ ଗୋଟିଏ ଫଳ ହେଲା ସୁଖ । ସେ ତ ଗୋଟିଏ ଭାବରାଜ୍ୟର କଥା । ମଣିଷ ମନର ଗୋଟିଏ ଗୋଟିଏ ପ୍ରକାର ଅବସ୍ଥା ଏବଂ ସେଇଟା ବୁଝିହୁଏ କେବଳ ଏଇ ଅପୂର୍ଣ୍ଣତା ମାଧ୍ୟମରେ । ଅଭାବବୋଧର ନିଆଁଟା ପଛରୁ ଯେମିତି ତଡ଼େ, ଏଇ ସୁଖ ବୋଲାଉଥିବା ଧୂଆଁଟା ଆଗରୁ ସେମିତି ଟାଣେ । ଆକାଶର ନେଳି ଭଳି ଏହା ଆକୃଷ୍ଟ କରେ, ବିମୋହିତ କରେ, ପାଟିରୁ ନାଳ ଗଡ଼େଇଦିଏ, ଭିତରର ଭୋକଟାକୁ ଆହୁରି ତେଜିଦିଏ; କିନ୍ତୁ ହାତରେ ପଡ଼େ ନାହିଁ । ଏମିତି ଖାଲି ଟିକିଏ ପବନର ସୁଅପରି ଛୁଇଁଦେଇ ଅପସରିଯାଏ, ଅଛି ବୋଲି ବିଶ୍ୱାସ ଜନ୍ମେଇ ଦିଏ; ଆଖିର ପରଳ ଉପରେ କାଉଁରୀ ଛୁଆଁଇ ନାନା ଜାତିର ନାଲି ନେଳି ସ୍ୱପ୍ନ ଗଢେଇଆଣେ । ମନ ଉତଳା ଧରେ । ଜୀବନନର ପାଲ ଭିତରେ ପବନ ଟୋଳେଇ ଆସେ । ଗୋଟାଏ ପ୍ରକାର ଗତି ଅନୁଭୂତ ହୁଏ, ଜୀବନରେ ସଙ୍ଗତି ଥିଲା ପରି ମଧ୍ୟ ଲାଗେ । ତା'ପରେ ହଠାତ୍ କେବଳ ସେଇ ଖାଲି ଖାଲି ସବୁଆଡ଼େ ବୁଣି ହୋଇଯାଏ । ପୁଣି ସୁଖ ଦୂରେଇ ଯାଏ ଓ ସେଇ ଦୂରରେ ରହି ଟାଣେ । ନିଆଁଟାଏ ଘର ଭିତରେ ଜାଳିଦେଲେ ତା'ର ଛାଇ ଯେମିତି କାନ୍ଥରେ ପଡ଼ି ନାଚେ, ବୋଧହୁଏ ମଣିଷ ଭିତରେ କ୍ଷୁଧାର ଛାଇ ସେମିତି ସୁଖ ରୂପରେ ବାହାରକୁ ଦେଖାଦିଏ । ଘରଟାଏ, ପୋଷାକଟାଏ, ସୁଆଦିଆ ଖାଦ୍ୟ ପୁଳାଏ ତାକୁ ଆଡ଼ କରିଦେଲେ ହୁଏ ତ ଗୋଟିଏ କାନ୍ଥରୁ କିଛି ସମୟ ପାଇଁ ଛାଇ ନାଚ ଅପସରିଯିବ ଏବଂ ମନେହେବ ଯେ ସେ ନାଚରୁ ମୁଠାଏ ହାତ ଭିତରେ ରହିଗଲା ନା କ'ଣ ! କିନ୍ତୁ ପର ମୁହୂର୍ତ୍ତରେ ନିଆଁ ଏ ଆଢୁଆଳଗୁଡ଼ିକୁ ଖାଇ ପୁଣି ଚହଟି ଉଠେ । କାନ୍ଥରୁ କାନ୍ଥକୁ ମାଡ଼ିଯାଏ ସେଇ ପୁରୁଣା ମତାଣିଆ ଛାଇ ନାଚ । ଅନବରତ ଏମିତି ଆଢୁଆଳ ଦିଆ ଚାଲିଥାଏ, ଭିତରର ଏ କ୍ଷୁଧାକୁ ତୃପ୍ତ କରିବାକୁ ନାନା ଜାତିର ଖାଦ୍ୟ କେବଳ ଯୋଗେଇଦେବା

Digitized by srujanika@gmail.com

ଚାଲିଥାଏ । ଶେଷକୁ ଆଧାରଟି ସେଇ ନିଆଁରେ ତାତି ତାତି ପାଉଁଶ ହୋଇ ଭୁଷୁଡ଼ି ପଡ଼େ । ନିଆଁଟା ମଧ୍ୟ ତା ସାଙ୍ଗରେ ନିଭିଯାଏ ବୋଧହୁଏ ।

ଜୀବନଟା ଏପରି ଏକ ଜଳଘଟ ଯାହାର ଚକି ଛାଡ଼ିଯାଇଛି । ଏହାରି ଭିତରେ ଆମେ ଅହରହ ଅଜାଡ଼ି ଲାଗିଥାଉ ଆମର ସମଗ୍ର ଜୀବନର ଶକ୍ତି ଧାର । ପରିଶେଷରେ ଘଟଟି ଯେଉଁ ଖାଲିକୁ ସେଇ ଖାଲି । ଏବେ ସୁଦ୍ଧା ମଣିଷ ଭଲ ଅସାର ଯାହା କଲାଣି ସବୁ ଏଇ ଚକି ନଥିବା ଘଟଟି ଉପରେ ଅଜାଡ଼ିଯାଇଛି । ଏମିତି ଅଜାଡ଼ି ଚାଲିଥିବା ହେଲା ଗୋଟିଏ ଅନନ୍ତ ପ୍ରକ୍ରିୟା, ଭାରି ସ୍ୱାଭାବିକ ଓ ସହଜ ମଧ୍ୟ । ଏତେ ସହଜ ଯେ ଆଦୌ ଜଣାପଡ଼େ ନାହିଁ ଏମିତି ଗୋଟାଏ କିଛି ଅହରହ ଚାଲିଛି ବୋଲି । ସେଥିରେ ଗୋଟାଏ ପର୍ଯ୍ୟାୟରେ ଜମି ଚଷାହୁଏ, ଧାନ ବୁଣା ହୁଏ, କଳ ଚଳାଯାଏ, ଲୁଗା ବୁଣା ହୁଏ । ଆଉ ଗୋଟିଏ ପର୍ଯ୍ୟାୟରେ ଉହା ଭିତରେ ଲୁହା ତାତେ; କାତି, କଟୁରି ଗଢ଼ା ହୁଏ, ବନ୍ଧୁକ, କମାଣ ତିଆରି ହୁଏ । ପୁଣି ଆଉ ଏକ ପର୍ଯ୍ୟାୟରେ ସଙ୍ଗୀତ ବଜାଯାଏ, ସାହିତ୍ୟ ଲେଖାଯାଏ, ଚିତ୍ର ଅଙ୍କାଯାଏ । ଯାହା କିଛି ପ୍ରକ୍ରିୟା ପ୍ରଚେଷ୍ଟା ଦିଶୁଛି ସବୁ ଏଇ ଅତଳ ଘଟକୁ ଉଚ୍ଛୁଳେଇବାରେ ବିଫଳ ଚେଷ୍ଟା---ଏକ ମୂଢ଼ ଆବିଷ୍ଟ ଅବସ୍ଥାରେ ଏକପ୍ରକାର ଚକ୍ଷୁକୁଟା କଥା ।

ଏଇଟା ଯେ ଚକ୍ଷୁକୁଟା ତା' ଜଣାପଡ଼େ କେମିତି ? ସେ ଆଉ ଏକ କଥା । ଯେତେବେଳେ ଆମେ ସେଇ ଧାର ସାଙ୍ଗରେ ମିଶି ଏଇ ଘଟ ଭିତରେ କୁଢ଼େଇ ହୋଇପଡୁ ଆମେ ଆଦୌ କିଛି ଜାଣିପାରୁନା; କିନ୍ତୁ ବେଳେ ବେଳେ ମନେହୁଏ ଯେ ନା' ଆମେ ସେଇ ଘଟ, ତା' ଭିତରେ ଅଜାଡ଼ି ହେଉଥିବା ପାଣିଧାର । ଆମେ ଆଉ ଏକ ତୃତୀୟ ସତ୍ତା ଯେ ଉଭୟ ଦେଖେ; କିନ୍ତୁ କିଛି କରିପାରେ ନାହିଁ । ସେଇ ତୃତୀୟ ସତ୍ତା ବୁଝିଯାଏ ଯେ ଏ ସମସ୍ତ ଗୋଟିଏ ବାୟା ଘର, ସବୁ ନିଷ୍ଫଳ, ନିରର୍ଥକ, ବାତୁଳିଆ । କୌଣସି କଥାର କିଛି ଅର୍ଥ ନାହିଁ । ଗୋଟାଏ ଏକବାଗିଆ ପୁରୁଣା ଅଭ୍ୟାସକୁ ଏମିତି ଅନ୍ଧାରରେ ବାଉଳା ହୋଇ ଦରାଣ୍ଡିଲା ପରି ଜୀବନ ବିତିଗଲା ପରି ବୋଧହୁଏ, ଭାରି ଅସ୍ୱସ୍ତିକର ଏ ଅନୁଭୂତି । ସବୁ ପତ୍ର ଝଡ଼ିଗଲେ କାକର 'ହୁ ହୁ' ପବନ ଯେତେବେଳେ ଗଛର ମଞ୍ଜକୁ ଚାଉଁ ଚାଉଁ ଛୁଇଁଯାଏ, ସେ ବୋଧହୁଏ ସେମିତି କିଛି ଅନୁଭବ କରୁଥିବ । ଭାରି ନିଛାଟିଆ ଲାଗେ । ପରିବାର ପତ୍ନୀ ପୁତ୍ରଠାରୁ ଆରମ୍ଭ କରି ଦେଉଳର ଦେବବିଗ୍ରହ ପର୍ଯ୍ୟନ୍ତ କେମିତି ଅସମ୍ପର୍କିତ ପରି ଦୂରେଇ ହୋଇ ଠିଆହୋଇ ଯାଆନ୍ତି । ଯେତେଗୁଡ଼ିଏ ଅବଲମ୍ବ ଦେହରେ ଡଙ୍କ ମଡ଼େଇ ଜୀବନ ଗୋଟାଏ ଯଥାର୍ଥର ଆକାର ପାଇଥିଲା, ହଠାତ୍ ସେ ସବୁ ବରଫ ଡାଙ୍ଗ ପରି ମିଳେଇ ପଡ଼ିବାରୁ ଲଇ ଗୋଟାଯାକ ଖସି ପଡ଼େ, ଭୁସ୍ ଭୁସ୍ ହୋଇ ଗୋଟାଏ ବ୍ୟର୍ଥତାର କୁଢ଼ ପରି । ଧର୍ମ, ରାଜନୀତି, ଦର୍ଶନ, ସାହିତ୍ୟ, କଳା, କୃଷ୍ଟି-ସବୁ ସେ କୁଢ଼ ଭିତରେ ମୋଡ଼ିମାଡ଼ି ହୋଇ ପଡ଼ିଥିବା ଗୋଟିଏ ଗୋଟିଏ ଅସହାୟ ଡଙ୍କ ମାତ୍ର । ଧନ, ମାନ, ଐଶ୍ୱର୍ଯ୍ୟ, ଆଧିପତ୍ୟ ସେ ଡଙ୍କଗୁଡ଼ିକରୁ ଓହଳିଥିବା ଫୁଲ, କଢ଼ ଓ ଫଳ ।

କିନ୍ତୁ, ଏ ତୃତୀୟ ସତ୍ତା ସବୁବେଳେ ଜାରି ରହେ ନାହିଁ । ରହିଗଲେ ବୋଧହୁଏ ବଞ୍ଚିବା ସମ୍ଭବ ହେବ ନାହିଁ । ଗୋଟିଏ ଦୀର୍ଘଶ୍ୱାସରେ ଝରିଯିବ ଜୀବନ ଓ ତା'ର ସମଗ୍ର ସାର୍ଥକତା ।

Digitized by srujanika@gmail.com

ଆଚ୍ଛା, ଏ ଅଥଳ ଅବସ୍ଥାରେ ଭରସା ଖଟେଇବାକୁ କିଛି ଗୋଟାଏ ଆଶ୍ରା କରିନେଲେ କ'ଣ ଚଳନ୍ତା ନାହିଁ ? ଯଥା---ଗୁରୁ, ଦେବତା, ନୀତି ବା ସେମିତି ଗୋଟାଏ ଭାବି ହେଉ ନ ଥିବା, ଚିନ୍ତା କରି ହେଉ ନ ଥିବା କିଛି ? ସେ ସବୁ ବାୟା କଥା । ସେ ସବୁ ଯେ ଆଉ ଗୋଟିଏ ଅଭାବବୋଧର ରୂପ ଏହା କ'ଣ ମନ ଭିତରେ ଉଠୁନାହିଁ ? ଖାଲି ଭୟ ଲାଗେ ବୋଲି ଅନ୍ୟମାନଙ୍କ ଆଗରେ ତାହା ମୁହଁ ଫିଟେଇ କହି ହୁଏ ନାହିଁ ସିନା ! ସବୁ ଖାଲି ଗୁଞ୍ଜା ଗୁଅ । ବେଳେ ବେଳେ ଲାଗେ ଯେ ସେ ତୃତୀୟ ସତ୍ତାଟି ମଧ୍ୟ ସେମିତି ଗୋଟାଏ ଭାବନା କେବଳ, ଗୋଟାଏ ଅଭାବବୋଧ ମେଣ୍ଟେଇବାକୁ ଧୂଆଁରେ ତିଆରି ଗୋଟାଏ ଫଳ । ପଣ୍ଡିତେ କହିପାରନ୍ତି ଯେ ସେଇଟା ଆମ ସାକ୍ଷୀ ପୁରୁଷ ଏବଂ ସେଇଠୁ ଈଶ୍ୱରତ୍ୱ ଆଉ ମାତ୍ର ପାହାଚେ । ଏପରି ଯାହା ମନକୁ ସୁହାଇଲା ସେପରି ଅନେକ କଥା କୁହାଯାଇ ପାରେ, ଆଉ କୁହାଯାଇପାରେ ଯେ ଯଦି ତାହା ଅଭାବବୋଧ ତାହା ସାଧାରଣ ଅଭାବବୋଧ ନୁହେଁ, ତାହା ଅଭୀପ୍ସା, ଏକ ଆଧ୍ୟାତ୍ମିକ ଆସ୍ପୃହା । ସେଗୁଡ଼ାକ ସବୁ ପ୍ରବର୍ତ୍ତାଣ । ମୂଳତଃ ଜଣାପଡ଼େ ଯେ ଏଇ ଅଭାବବୋଧ ବା କ୍ଷୁଧାଟି ଅଛି ଓ ଆମେ ଅଛୁ । ଏତଦ୍‌ଭିନ୍ନ ଆଉ କିଛି ନାହିଁ ବା ଉଭୟେ ମିଶି ମାତ୍ର ଗୋଟିଏ ସତ୍ୟ---ଘୋର ଅସହାୟ, ନିରାଲମ୍ବ ଶୂନ୍ୟତାର ସତ୍ୟ । ସେ କ୍ଷୁଧା ହିଁ ସ୍ୱୟଂ ଆମେ । ଏପରି ନିବିଡ଼ ଅନ୍ଧାର ଭିତରେ ମେଘୁଆ ମନକୁ ବୋଧହୁଏ ଅସୂର୍ଯ୍ୟ ଲୋକ ବୋଲି ଉପନିଷଦ୍ କହିଛନ୍ତି; କିନ୍ତୁ ତାଙ୍କର ବର୍ଣ୍ଣିତ ଚିରଭାସ୍ୱର ସତ୍ତା, ତାମସର ପରପାରରେ ସେଇ ଆଦିତ୍ୟ ବର୍ଣ୍ଣ ନ ଦେଖିବା ଯାଏଁ ଏ ମେଘଟା ହିଁ ତ ସତ୍ୟ !

❖❖❖

Digitized by srujanika@gmail.com

ଏକାକୀ

ସାଧାରଣ ଅର୍ଥରେ ବୁଝିଲେ ମୋର ଦାର୍ଶନିକ ବନ୍ଧୁଟି ଗୋଟିଏ ଘୋର ଅସାମାଜିକ ଜୀବ । ସେ ଗହଳି ଭିତରେ ଜମା ଚଳିପାରନ୍ତି ନାହିଁ । ସଭା ସମିତି, ବକ୍ତୃତା ତ ନହି ନହି । ଗୁଡ଼ାଏ ଘୁଁ ଘାଁ ହୋଇଗଲେ ତାଙ୍କୁ ଅଣନିଃଶ୍ୱାସୀ ଲାଗେ । ତାଙ୍କ ଭିତରର ଗୁଡ଼ାଏ ସୂକ୍ଷ୍ମ ତନ୍ତୁ ଏ ସଂଘାତରେ ଛିଣ୍ଡିଯାଆନ୍ତି । ସମୁଦ୍ରବେଳାରେ ଛିଟିକି ପଡ଼ିଥିବା ମାଛଟାଏ ଭଳି ସେ ଛଟପଟ ହୋଇଉଠନ୍ତି; କିନ୍ତୁ ଅନିବାର୍ଯ୍ୟ ସମାଜ ଭିତରେ ଜାକିଜୁକି ହୋଇ ତାଙ୍କର ସ୍ୱାଧୀନ ପକ୍ଷ-ବିସ୍ତାରକୁ ସଙ୍କୁଚିତ କରି ବଞ୍ଚିବାକୁ ବାଧ୍ୟ ହୁଅନ୍ତି ବୋଲି ନିଜ ଉପରେ ପ୍ରାୟ ସବୁବେଳେ ଗରଗର ହେଉଥିବା ମଧ୍ୟ ମୁଁ ଲକ୍ଷ୍ୟ କରିଛି । ତାଙ୍କର ମୂଳ ଇଚ୍ଛା ଯେ ସବୁବେଳେ ସେ ଏକୁଟିଆ ରହନ୍ତେ । କିଛି ଜଞ୍ଜାଳ ନ ଥାନ୍ତା । ସଂସାର ଚାବିଦିଆ ଚକପରି ନିଃଶବ୍ଦରେ ଗଡ଼ିଯାଉଥାନ୍ତା । ସେ ତାଙ୍କର ମେଲାରେ ବସି ଶାସ୍ତ୍ରଚର୍ଚ୍ଚା କରୁଥାନ୍ତେ । ତା' କ'ଣ ସମ୍ଭବ ? ସଂସାର ତ ଜଗି ବସିଛି କାତି ଧରି, ତା' ସୋରାକ ସେ କେମିଛି ହେଲେ ମଧ୍ୟ ଛେଲିନେବ ହିଁ ନେବ । ଏପରି ଚୋଟ ଖାଇ ବଲବଲ ହେଉଥିଲାବେଳେ ବନ୍ଧୁଟି ପ୍ରାୟ ମୂକ ହୋଇଯାଆନ୍ତି କିଛି ସମୟ ପାଇଁ; କିନ୍ତୁ ଥରେ ଥରେ ଖୁବ୍ ଉତ୍ୟକ୍ତ ହୋଇ ଗୁଡ଼ାଏ କ୍ଷୋଭ ପ୍ରକାଶ କରନ୍ତି । ସେହିପରି ଗୋଟିଏ ବାବଦୁକ ଦିନର ଘଟଣା ।

"ଏ ସଂସାରରେ ଚଳିବା ଆଉ ସମ୍ଭବ ହେଲା ନାହିଁ । ସେଥିପାଇଁ ଆଉ ଏକପ୍ରକାର ଯୋଗ୍ୟତାର ପ୍ରୟୋଜନ ରହିଛି । ନଖ ଦାନ୍ତ ଲାଙ୍ଗୁଡ଼ର ଗୋଟାଏ ହିଂସ୍ର ସାଞ୍ଜୁ ମଡ଼େଇ ଏ ବଣ ଭିତରେ ଟାପୁ ଖୁରା ଚମକେଇ ନ ଧାଇଁଲେ କେହି ତୁମକୁ ସ୍ୱୀକାର କରିବେ ନାହିଁ । ମାଡ଼ି, ଦଳି, ଚକଟି ତୁମ ଉପରେ ସବୁ ଚାଲିଯିବେ; ଚାଲିଯାଉଛନ୍ତି । ଯାହାକୁ ଅତି ନିଜର, ଅତି ଆପଣାର ବୋଲି କୁଣ୍ଢେଇ କାଖେଇ ନିଜର ଉଷୁମ ଦିଅ, ସେଇମାନେ ନିଜ ନିଜ କଥାରେ ବାଉଳା । ଏଠି କେହି କାହାକୁ ଆଡ଼ଆଖିରେ ସୁଦ୍ଧା ଚାହେଁ ନାହିଁ । ନିଜର ପ୍ରୟୋଜନ ନ ଥିଲେ ବା ନିଜର ସ୍ୱାର୍ଥ-ସିଦ୍ଧିରେ ସହାୟକ ନ ହେଲେ କେହି କେବେ ମୁହଁ ଦେଖାନ୍ତା ନାହିଁ । ସଂସାରର ନିଜ ରୂପ ଥରେ ଦେଖିଦେଲେ କ'ଣ ଆଉ ଏଠି ସମ୍ଭାଳି ବସି ହେବ ନା, ଦେଖି ନ ଦେଖିଲା ପରି ଜଳଜଳ ଦିଶୁଥିଲେ ମଧ୍ୟ ଜଳକା ପରି କିଛି ଦିଶୁନାହିଁ ବୋଲି ଭାବିକରି ନିଜକୁ ନିଜେ ଧୋକା ନ ଦେଲେ ଏ ନିଛାଟିଆ ରାଜ୍ୟରେ ଚଳିହେବ ? ଯେତେ ପ୍ରସ୍ତ ପାରୁଛ ଆଖିରେ ଲଗେଇ ଯାଅ; ପୁର ପୁର କରି ଜାଲ ବିଛେଇ ଯାଅ, ଯେତେବେଳଯାଏଁ ତୁମ ଭିତରେ ବାହାରେ ସେଇ ଜାଲଟାକୁ ହିଁ କେବଳ ଅନୁଭବ ନ କରିଛ । ବିଭିନ୍ନ ପ୍ରକାର ମୂଲ୍ୟବୋଧ ଯୋଖି ଯଥାସମ୍ଭବ ଗୋଟାଏ ଛନ୍ଦାଛନ୍ଦି ସମ୍ପର୍କ

Digitized by srujanika@gmail.com

ସୃଷ୍ଟି ନ କଲେ ଏ ମହାଶୂନ୍ୟରେ ସତେ ଯେମିତି ନିରାଲମ୍ବ ଝୁଲିରହିବା ସମ୍ଭବ ନୁହେଁ । ଅମୁକର ପୁଅ, ଅମୁକର ବାପ, ଅମୁକର ମାମୁଁ, ଭଣଜା, ପୁତୁରା, ଅମୁକ ଅନୁଷ୍ଠାନର ସଭ୍ୟ ବା ଅମୁକ ଦେଉଳର ଭକ୍ତ ବୋଲି ନ କହିଲେ ନିଜର ଅସ୍ତିତ୍ୱ ବିଷୟରେ ସତେ ଯେମିତି ଗୋଟାଏ ଘୋର ସନ୍ଦେହ ଉପୁଜିଯାଏ । ଯଦିବା କୌଣସି ମୁହୂର୍ତ୍ତରେ ବୁଝାପଡ଼ିଯାଏ ଯେ ଏଗୁଡ଼ିକ କେବଳ ଖୋ, ତଥାପି ପିଆଜଚୋପା ଭଳି ବ୍ୟକ୍ତି ହୋଇଯାଏ ଗୁଡ଼ିଏ ଖୋଳର ସମଷ୍ଟି ମାତ୍ର । ପୁର ପୁର କରି ଫଟେଇ ଗଲେ ପରିଶେଷରେ ଭିତରେ କିଛି ନାହିଁ । ବିଜ୍ଞାନରେ ଏବେ ସେମିତି ଫିଟେଇ ଫିଟେଇ ଦେଖିଲେଣି ଯେ ଅଣୁଗୁଡ଼ିକ କେବଳ ଫମ୍ପା । ତା' ଭିତରେ ଶୂନ୍ୟ ପୂରିରହିଛି । ଏ ଶୂନ୍ୟର ଶୂନ୍ୟତା ନେଇ ମଧ୍ୟ ଗାଣିତିକ ଗବେଷଣା ଚାଲିଲାଣି । ସେମାନେ କେଉଁଠି ଯାଇ ହାବୁଡ଼ିବେ ଠିକ୍ କରି କହି ହେଉ ନାହିଁ; କିନ୍ତୁ ବେଶ୍ ବୋଧହେଉଛି ଯେ ତାଙ୍କ ଧାରାଟା ହିଁ ଠିକ୍ । ହୁଏତ ସେମାନେ ପହଞ୍ଚିବେ ଗୋଟାଏ ଚରମ ସଂଶୟରେ ଯେଉଁଟା ଆମର ଏଇ ମୁଣ୍ଡଲଡ଼ା ଜ୍ଞାନ ଅପେକ୍ଷା ଢେର୍ ଉପାଦେୟ ।

ସମୟସମୟରେ ଜୀବନରେ ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ, ଏ ସମସ୍ତ ନାନାବିଧ ସମ୍ପର୍କ କୋହଳ ଧରିଯାଏ । ସେ ମୁହୂର୍ତ୍ତଟି ଏକ ଅଦ୍ଭୁତ ଧରଣର ସ୍ୱାଧୀନତା ଦିଏ ସତ; କିନ୍ତୁ ତା' ସାଙ୍ଗେ ସାଙ୍ଗେ ଏପରି ଏକ ଅସହାୟତା ଓ ଅସ୍ୱସ୍ତିବୋଧ ଆଣିଦିଏ ଯେ ତାକୁ ସ୍ୱାଧୀନତା ବୋଲି ଆଉ ଗ୍ରହଣ କରି ହୁଏ ନାହିଁ; ବରଂ ଲାଗେ ଯେ ଯା ଅପେକ୍ଷା ବନ୍ଧନ ସହସ୍ରେ ଗୁଣ ଭଲ ଥିଲା । ଏତେ ଅସହାୟତା, ଏତେ ଆଶାହୀନତା, ଏତେ ଅସମ୍ପର୍କ ସହି ହୁଏ ନାହିଁ । ତଥାପି ନିଜ ଭିତରେ କେଉଁ ଏକ କୋଣରେ ବେଶ୍ ଭଲ ମଧ୍ୟ ଲାଗେ ଏ ଅବସ୍ଥାଟା । ସେଇଠି ମଜ୍ଜିଗଲେ ଆସ୍ତେ ଅନୁଭବ ହୁଏ ଯେ ଗୁଡ଼ାଏ ବିସ୍ତୃତ ହୋଇଗଲେ, ସାଗର ଭଳି ଖୁବ୍ ଉଦାର ହୋଇଗଲେ ବୋଧହୁଏ ଏକୁଟିଆ ରହିବାକୁ ଏତେ କଷ୍ଟ ବୋଧହେବ ନାହିଁ । ବହୁ ସହସ୍ର ବେଳାରେ ବହୁ ସହସ୍ର ଲହରୀ ମେଲିଦେଇ ଛୁଇଁ ନ ଛୁଇଁଲା ପରି ବେଶ୍ ଏକୁଟିଆ ନିଜକୁ ନିଜେ ସାଙ୍ଗ କରି ବଞ୍ଚି ହେବ । ଏ ଧାରାର ଶେଷ ପାହାଚଟା ଏଇଠୁ ଆଉ ମାତ୍ର ଧାପେ । ସେଇଟା ହେଲା ଆକାଶର ନିଃସଙ୍ଗତା !! ଗୋଟାଏ ଅନ୍ତଃହୀନ ଦୀର୍ଘଶ୍ୱାସ ଯେମିତି ଜମିଯାଇ ନିସ୍ତରଙ୍ଗ ହୋଇଯାଉଛି । ଅକଳନ୍ତି ଯୁଗ ତା' ପିଠି ଉପର ଦେଇ ଗଡ଼ିଯାଆନ୍ତି, କୌଣସି ପ୍ରବାହ ତା' ଭିତରେ କମ୍ପନ ସୃଷ୍ଟି କରେ ନାହିଁ । ସଂପୂର୍ଣ୍ଣ ରୂପେ ଅସଂପୃକ୍ତ ରହେ ନିର୍ବିକାର ଉଦାସୀନ ଆକାଶ । ବହୁ ସନ୍ଧ୍ୟା, ବହୁ ସକାଳ ତା'ର ପୃଷ୍ଠଭୂମିରେ ଫୁଲ ଝରିଲା ପରି ଝରିଯାଆନ୍ତି ।

ଏମିତି ଆକାଶ-ଭାବରେ ମଜ୍ଜିଥିଲାବେଳେ ଅବଶ ଧୂଆଁ ରେଖାଏ ଭଳି ପ୍ରଶ୍ନ ଉଠେ, ଆଚ୍ଛା, ଏ ଭଳି ସ୍ଥିତି କ'ଣ ସମ୍ଭବ ଏବଂ ଯଦି ସମ୍ଭବ ତାହା କ'ଣ ସ୍ଥିତି ନା ଅସ୍ଥିତି, ଉଭୟ ନା ଅନୁଭୟ ବା ଏ ଚତୁଷ୍କୋଟି ବିନିର୍ମୁକ୍ତ କୌଣସି ଏକ ଅଚିନ୍ତ୍ୟ ଅବସ୍ଥା ? ନିଛାଟିଆ ରାତିରେ ଗୋଟିଏ ଲମ୍ବା ଲହରିଆ ଡାକ ପରି ଆପେ ଆପେ ବିହ୍ୱଳ ହୋଇ ପ୍ରଶ୍ନଟି ମିଳେଇ ଯାଏ; ତରେ ଉତ୍ତର କିଛି ମିଳେ ନାହିଁ, ମିଳିପାରେ ନାହିଁ ବା ଉତ୍ତର ପାଇଁ ବୋଧହୁଏ ଏ ଆଦୌ ଆଗ୍ରହ ନ ଥାଏ

Digitized by srujanika@gmail.com

ବା ଉତ୍ତର ପାଇବାକୁ ନିଜେ ପ୍ରଶ୍ନକର୍ତ୍ତା ହୁଏତ ଅନିଚ୍ଛୁକ । ଏହା ସତେ ଯେମିତି ଏକ ସ୍ୱୟଂସଂପୂର୍ଣ୍ଣ ପ୍ରଶ୍ନ ।

ମୁଁ ସଜ ଉଣ୍ଡି ଏଇ ସାମାନ୍ୟ ବିରତି ପାଖରେ ପଚାରିଦେଲେ---"କ'ଣ କଥା ? ଆଜି କ'ଣ କିଛି ହେଲା କି ?"

ଗୋଟାଏ ଅଜ୍ଞାତ ଶୂନ୍ୟରେ ତାଙ୍କର ଦୃଷ୍ଟି ଯାହା ହଜିଯାଇଥିଲା, କ୍ରମଶଃ ସେଥିରେ ଜ୍ୟୋତିର ତରଙ୍ଗ ଦେଖାଦେଲା । ବନ୍ଧୁ ଅଳ୍ପ ଉଦାସିଆ ହସ ହସି ସ୍ୱରରେ ସାମାନ୍ୟ କଡ଼ ବଦଳେଇ କହିଲେ---

"ହବ ଆଉ କ'ଣ ?... କ'ଣ ବା କେତେବେଳେ ହୁଏ ? ହୁଏ ହୁଏ ବୋଲି ସିନା ତୁଚ୍ଛାଟାରେ ଆମେ ହୁରି କରୁ ! ... କଳକଣ୍ଟା ଭିତରେ ଚାବି ମୋଡ଼ି ତାକୁ ଛାଡ଼ିଦେଲେ ସେଇ ଭିତରର ପ୍ରବେଗକୁ ଖର୍ଚ୍ଚ କରିବା ପାଇଁ ଗୁଡ଼ାଏ ଚକ କଣ୍ଟା କାଠି ସବୁ ବୁଲନ୍ତି, ବୁଝନ୍ତି ନାହିଁ କାହିଁକି ଏମିତି ବୁଲିବାକୁ ପଡୁଛି ଘେରା ଘେରା ହେଇ । ସେମିତି ଦମ୍‌ଦିଆ କଳ ଭଳି ଆମେ ଅସହାୟ ଭାବରେ କେତେ ବର୍ଷ ଏଠି ନାନା ଚକ, କଣ୍ଟା ବୁଲେଇ ନିଜର ସ୍ୱତନ୍ତ୍ର ଜାହିର୍ କରି ଚାଲିଚେ । ସେଥିରେ ପୁଣି କେତେ ସମ୍ପର୍କ, କେତେ ବିରୋଧ, କେତେ ଜ୍ୱାଳା, କେତେ ପୀଡ଼ା ! ଅହୋ, ମୋଟ ଉପରେ ସଂପର୍କଟା କାହିଁ ଯେ ସେଥିପାଇଁ ଏତେ ହଟଚମଟ ଚାଲିଛି ?... କାହା ସହିତ କାହାରି ସମ୍ପର୍କ ନାହିଁ, ବୋଧହୁଏ ସମ୍ପର୍କ ସମ୍ଭବ ନୁହେଁ । ଟିକିଏ ସ୍ଥିର ମନରେ ବିଚାର କରି ଦେଖ ଯେ ଏ ସମ୍ପର୍କ ଧାରଣାଟି ଆଉ ଅସଂଖ୍ୟ ଧାରଣା ଭଳି ଆମେ ନିଜେ ଆମ ମୁଣ୍ଡ ଭିତରେ ପୁରେଇଛୁ । ଯଦି ଥରେ ଗ୍ରହଣ କରିନେଲୁଯେ ସମ୍ପର୍କ ଅଛି ବା ରହିବା ଉଚିତ, ତେଣିକି ସବୁଠାରେ ସମ୍ପର୍କ ଯୋଖିବା ହୋଇଯିବ ଏକପରମ କର୍ତ୍ତବ୍ୟ । ଏଇ ବିଶ୍ୱାସ ଉପରେ ସମସ୍ତ ସମ୍ପର୍କ ଗଢ଼ିଉଠିଛି---ପରିବାର, ସମାଜ ରାଷ୍ଟ୍ର, ଜାତି, ଧର୍ମ ଏବଂ ଗୋଷ୍ଠୀ । ଏପରି କି କାର୍ଯ୍ୟ କାରଣ ସମ୍ପର୍କ ମଧ ଏଇ ମୌଳିକ ବିଶ୍ୱାସ ଉପରେ ହିଁ ଆଉଜି ରହିଛି ।"

ଏମିତି ସମ୍ପର୍କଗୁଡ଼ାଏ ମାନିନେଲେ ମଧ ସଂସାରଟା ବେଶ୍ ଚାଲେ । ମୋଟ ଉପରେ ଆମେ ହିଁ ଚାଲି ସଂସାରଟାକୁ ଚଳାଇଥାଉଁ । ମଝିରେ ମଝିରେ ଏମିତି ଫାଙ୍କା ଦିଶିଗଲେ, ତେଣିକି ଯେତେକ ଅସୁବିଧା । ନଈସୁଅ ଗଡ଼ିଚାଲିଥିଲାବେଳେ ତା ଉପରେ ନାଆ ଖଣ୍ଡେ ମେଲିଦେଇ ବସାଯାଇପାରେ; କିନ୍ତୁ ଯଦି ଜଣାଗଲା ଯେ ତାହା ଗୋଟିଏ ସୁଅ ନୁହେଁ, ତାହା ଅସଂଖ୍ୟ ଅସମ୍ପର୍କିତ ପରମାଣୁର ନାନା ଜଟିଳ ଗତିର ସମାହାର ମାତ୍ର ଏବଂ ସେଇ ପରମାଣୁଗୁଡ଼ିକର ବାହାରେ ଓ ଭିତରେ କେବଳ ଶୂନ୍ୟ ହିଁ ବିଦ୍ୟାମାନ୍, ଟିକିଏ ଛନକା ଧରିଯିବ । ନାଆକୁ ଚାହିଁଲେ ସେ ଦିଶିବ ଝାପ୍‌ସା କୁହୁଡ଼ି ସୋରାଏ ପରି । ନିଜର ଦେହ ଖଣ୍ଡିକ ମଧ ଦିଶିବ ହୁଏତ ପବନରେ ଅଦୃଶ୍ୟ ଛାଇଟିଏ ଭଳି । ତେଣିକି ମନ ଭିତରେ ଚାରିକାନ୍ଥ ଧସେଇ ଶୂନ୍ୟ ପଶିଯିବ । ତାକୁ ସମ୍ଭାଳିବ କିଏ ? ସେତେବେଳେ ଆଉ କୌଣସି ମୂଲ୍ୟବୋଧ ବା ଆଉ କୌଣସି ଧାରଣା ମନରେ ସ୍ଥାନ ପାଇବା ସମ୍ଭବ ନୁହେଁ । ସବୁ ଦିଶିବ କେବଳ ଶୂନ୍ୟାଶ୍ରୟୀ । ଆରମ୍ଭରେ ହୁଏତ ଶୂନ୍ୟ ଏବଂ

Digitized by srujanika@gmail.com

ଶେଷରେ ଶୂନ୍ୟ; ମଝିରେ କେବଳ କେତେଗୁଡ଼ିଏ ପ୍ରବାହ । ଯାହା ବସ୍ତୁ ବା ବ୍ୟକ୍ତି ପରି ଦିଶନ୍ତି, ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଏଇ ପ୍ରବାହ । ପ୍ରତିଟି ମୁହୂର୍ତ୍ତ ଅନ୍ୟ ମୁହୂର୍ତ୍ତଠାରୁ ଭିନ୍ନ । ପ୍ରତିଟି ପରମାଣୁ ଅନ୍ୟ ପରମାଣୁ ସହିତ ଅସଂପୃକ୍ତ । ମଣିଷ ଯାହାକୁ ଜୀବନ ବୋଲି ବିଶ୍ୱାସ କରେ, ତାହା ହୁଏତ ଏମିତିଆ ଗୋଟାଏ ଅଦ୍ଭୁତ ପ୍ରବାହ, ଗୋଟାଏ କିମ୍ଭୁତ ଧାରା, ଯାହା ବୁଝି ହେବ ନାହିଁ । ମଣିଷ ତ ଏପରି ଏକ ଜୀବନରେ ନିଜେ ନିଜ ସହିତ ଅସଂପୃକ୍ତ, ଅନ୍ୟ ସମ୍ପର୍କ କଥା ବା କ'ଣ କହିବା ? ଯେତେବେଳ ଯାଏ ସେ ନିଜକୁ ଜଗତର ଆଉ ବାକି ସବୁଠାରୁ ଭିନ୍ନ ଅଥଚ ସମ୍ପର୍କିତ ବୋଲି ବୁଝିପାରୁଥିଲା, ସେତେବେଳ ଯାଏଁ କଥାଟା ପ୍ରାୟ ଠିକ୍ ଚାଲୁଥିଲା । ନିଜକୁ ସେ ଅତି ଅସହାୟ ବୋଲି ଦୟା କଲେ ମଧ୍ୟ ଅନ୍ତତଃ ସବୁ ବୁଝିବାର ଅଧିକାରଟିକକ ତ ଥିଲା ! ଶୂନ୍ୟରେ କିନ୍ତୁ କିଛି କିଛି କହିବାର, ଦେଖିବାର ବା ବୁଝିବାର ପ୍ରଶ୍ନ ଉଠୁନାହିଁ । କିଏ କହିବ, ଦେଖିବ ବା ବୁଝିବ ? ଏ ପ୍ରବାହ ମଧ୍ୟ ଅନୁମାନ ମାତ୍ର । ତଥାପି ସବୁ ଶୂନ୍ ହୋଇଗଲେ ଆଉ ସେତେ ନିଛାଟିଆ ଲାଗେନାହିଁ । ସବୁ ତ ଅଲଗା, ସବୁଠି ଏଇ ଶୂନ୍ୟ ହିଁ ପୂରିରହିଛି, ତେବେ ଆଉ ସନ୍ତାପର କାରଣ କାହିଁ ? କାରଣ କ'ଣ, ତାପ ବା କ'ଣ, ସେପରି ପଚରାଯାଇପାରେ ସମ୍ପର୍କ ବା କି ଜିନିଷ ?

ବନ୍ଧୁଙ୍କ କଥାରେ ଆଉ ସେତେ ହତାଶାର ଝାଞ୍ଜି ନାହିଁ । ସବୁ ଯେମିତି ସୁ' ସୁ' ହୋଇ ଫାଟି ପଡୁଥିଲା; ସବୁ ମୂଲ୍ୟ, ସବୁ ଟାଣପଣ ଯେମିତି ଧସିପଡୁଥିଲା, ସାରା ପୃଥିବୀଟା ଉଭେଇ ଯାଉଥିଲା ସାବୁନ୍ ଫେଣ ପରି ଭୁର୍ ଭୁର୍ ହୋଇ, ଟିକିଏ ଅଟକି ଗଲାପରି ବୋଧହେଲା । ଝାଞ୍ଜି ତା' ନିଜ ସୁଅ ଭିତରେ କୁଣ୍ଡଳୀ କାଟି ଗୋଟାଏ ବାଗ ଧରିବାକୁ ଆରମ୍ଭ କଲା । ମୁଁ ଆଗ୍ରହରେ କୌଣସି ବାଧା ନ ଦେଇ ଶୁଣିଲି---

"ଏ ପ୍ରବାହଟି କ'ଣ ତା'ହେଲେ ସତ୍ୟ ? ନା କେବଳ ଅନୁମାନ ମାତ୍ର ? ମୋଟ ଉପରେ କିଛି କ'ଣ ଚାଲିଛି କି ? କାରଣ ଚାଲୁଥିଲେ ତ ପୁଣି ଆସିଲା କେଉଁଠୁ, ଅଛି କେଉଁଠି, ଯିବ କେଉଁଠାକୁ---ଏସବୁ ପ୍ରଶ୍ନ ଉଠିବ ! ଏଣୁ ବୋଧହୁଏ ଚାଲୁନାହିଁ । ସେମିତି ଲାଗୁଛି ବା ଦିଶୁଛି କେବଳ ! ତା'ହେଲେ ସେହିପରି ବସ୍ତୁ ବା ବ୍ୟକ୍ତିର ବିଭିନ୍ନତା କ'ଣ ନାହିଁ ? ସେମିତି ଖାଲି ଲାଗେ ? ଧରାଯାଉ ଗୋଟିଏ ଜିନିସ ଆଉ ଗୋଟିଏ ଜିନିଷଠାରୁ ତତ୍ତ୍ୱତଃ ଭିନ୍ନ ନୁହେଁ; ତା'ହେଲେ ତ ସମ୍ପର୍କ ମଧ୍ୟ ଏକ ଅକାରଣ ପ୍ରଶ୍ନ । ଯଦି ସବୁ ଏକ---ସେ ଏକ ଯାହା ହେଉ ବା କାହିଁକି--- କାହା ସହିତ କିଏ ସମ୍ପର୍କିତ ହେବ ? ଗତି ବା ସମ୍ଭବ କିପରି ? -- ଦୁଇଟି ଭିନ୍ନ ସ୍ଥାନ ଥିଲେ ସିନା ! ଶୂନ୍ୟରେ ଯେପରି ସମ୍ପର୍କ ନାହିଁ । ଏହି ଏକ ଏବଂ ଅଦ୍ୱିତୀୟ ସତ୍ତା ଭିତରେ ମଧ୍ୟ ସମ୍ପର୍କ ସମ୍ଭବ ନୁହେଁ । ସମ୍ପର୍କ ପାଇଁ ଅନ୍ତତଃ ଦୁଇଟି ସତ୍ତାର ତ ପ୍ରୟୋଜନ । ଏଇଟା ବେଶ୍ ଗୋଟାଏ ଦୃଷ୍ଟିଭଙ୍ଗୀ । ଏକୁଟିଆ ଯଦି ଲାଗେ, ଏମିତିଆ ଏକୁଟିଆ ଲାଗିଲେ କ୍ଷତି କ'ଣ ?

ଏଥିରେ ଆଉ ଗୋଟିଏ କଥା ମଧ୍ୟ ଅଛି । ଦେଖି ଜାଣିଲେ ତମେ ଯେଉଁଠି ଥିଲ ସେଇଠି ଅଛ ଏବଂ ରହିବ । ଗତି ମୋଟ ଉପରେ ନାହିଁ । କାଳ ମଧ୍ୟ ହଲଚଲ ହେଉ ନାହିଁ; ଥିଲ, ଅଛ

Digitized by srujanika@gmail.com

ଏବଂ ରହିବ, ଏହା କେବଳ ଗୋଟିଏ କାଳହୀନ ସ୍ଥିତିର ବ୍ୟାଖ୍ୟା । କାଳ ମଧ୍ୟ ହଳଚଳ ହେଉନାହିଁ । ବେଶ୍ ବଢ଼ିଆ !! ଏଇଠି ଏମିତି ସବୁ ଦିଗକୁ ଆବୋରି ରହିଗଲେ ମନ୍ଦ କ'ଣ ? ସେଇ 'ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ' ସତ ନା ମିଛ ବୋଲି ପଚାରିବା ମଧ୍ୟ ପ୍ରୟୋଜନ ନାହିଁ । ଆମର କଣ ସତ ମିଛ ବିଷୟରେ ସେମିତି ଗୋଟାଏ ଦୃଢ଼ ଧାରଣା ହେଲାଣି କି ? ଦେଖି ବୁଝି କ'ଣ ସତ୍ୟବୋଧ ହୁଏ ? ଅବଶ୍ୟ ତୁମେ କହିପାର ଯେ ଏ ତଥ୍ୟ ମୋତେ ବର୍ତ୍ତମାନ ସୁହାଉଛି ବୋଲି ବା ମୋର ବର୍ତ୍ତମାନ ଅବସ୍ଥା ପାଇଁ ଅନ୍ୟ କୌଣସି ତଥ୍ୟ ଅପେକ୍ଷା ବେଶି ସୁବିଧାଜନକ ବୋଲି ମୁଁ ଯାକୁ ଗୋଟାଏ ଅବଲମ୍ବନ ପରି ଗ୍ରହଣ କରୁଛି । ହୋଇପାରେ ତୁମ କହିବା କଥା ହିଁ ଠିକ୍ !"

ଆହୁରି ହାବୁକାଏ ମେଘ ଘୋଡ଼େଇ ହୋଇ ଆସିବାର ଲକ୍ଷ୍ୟ କରି ମୁଁ ଉଠିଲି । ଅସଂପର୍କ ଉପରେ ଭାଷଣ ଦେଇସାରି ମୋର ବୃଦ୍ଧ ବନ୍ଧୁଟି ହଠାତ୍ ସାମାଜିକ ଶିଷ୍ଟାଚାର ରଖିବାକୁ ଉଠି ଠିଆହେଲେ । ବେଶ୍ କିଛି ବାଟ ବଳେଇ ଦେଇଗଲେ ମଧ୍ୟ । ମୁଁ ଆଉ ପଛକୁ ଫେରି ଚାହିଁନାହିଁ । ବନ୍ଧୁ ବୋଧହୁଏ ସେତେଟା ଏକୁଟିଆ ଆଉ ବୋଧ କରି ନ ଥିବେ ।

Digitized by srujanika@gmail.com

ଚଷମା ସପକ୍ଷରେ

ଚାଳିଶା ନ ଲାଗିବା ଯାଏଁ ଦମ୍ଭ ଥାଏ । ତା' ପରେ ହଠାତ୍ ଦିନେ ସବୁ ଝାଲଝାଲୁଆ ଦେଖାଯାଏ । ଗୋଟିଏ ବସ୍ତୁ ଯୋଡ଼ାଏ ପରି ଦିଶେ, ପୁଣି ବହୁ ବସ୍ତୁ ଏକାଠି ମିଶି ମେଞ୍ଚାଟାଏହୋଇ ଦେଖାଯା'ନ୍ତି । ସାରା ସୃଷ୍ଟିର ଯେମିତି ଆଉ ଆଗ ଭଳି ଟାଣପଣ ନାହିଁ । ସେଥିପାଇଁ ଏମିତି ପାଣିଚିଆ ଦିଶୁଚି, ସବୁ ଦିଶୁଚି ଲେସିହେଲା ପରି ଏକାକାର, ଅବାଗିଆ । ଆକାର-ପ୍ରକାର-ହୀନ ଖାଲି ଧୂଆଁ ରୂପ ଯେମିତି ଏ ସବୁ । ଭାରି ଅଡୁଆ ଅଡୁଆ ଲାଗେ । ପରିଚିତ ବସ୍ତୁ ଓ ବ୍ୟକ୍ତି ଅପରିଚିତ ହୋଇ ଦୋ-ଦୋ-ଚିହ୍ନା ହୋଇ ଠିଆହେଲେ ଯେମିତି ଲାଗନ୍ତା । ସଂସାର କ'ଣ ଏଡ଼େ ଚଞ୍ଚଳ ବଦଳିଗଲା ? ଏତ ସେଇଯା ନୁହେଁ, ଯାହାକୁ ଗତ ଚାଳିଶ ବର୍ଷ ଧରି ମୁଁ ବା ମୋ' ଭଳି ଅନେକ ଜାଣିଥିଲେ ! ଏ ତ କ'ଣ ତା'ଠାରୁ ଢେର୍ ଭିନ୍ନ ! ଏତେକାହିଁକି ବଦଳିଗଲା ସବୁ ? ତା' ନୁହେଁ ଯେ, ସଂସାର ଯେମିତି ଚାଲିବା କଥା ଠିକ୍ ଚାଲିଛି ତା'ର ଧର୍ମ ରକ୍ଷା କରି । ସବୁ ରହିଛି ଯେମିତି ସେମିତି ।... କେବଳ ମୁଁ ଘୁଞ୍ଚିଯାଇଛି ଧାପେ । ଏ ନୂଆ ମୋଡ଼ରୁ ଦେଖିଲା ବେଳକୁ ସବୁ ଦିଶୁଛି ନୂଆ 'ନୂଆ', ମାନେ ଏତେ ପୁରୁଣା, ଏତେ ଘଷିଆ, ଏତେ ଝାପ୍‌ସା ଯେ ତା'ର ମୂଳ ରୂପର ସତେ ଯେମିତି ଏଇଟା ଗୋଟାଏ ପ୍ରେତ । ସବୁ ଜିନିଷ ତଳେ ଏଇଠି ନୂଆ ଦର କସାଯିବ । କାହାର ଦାମ୍ ଅଧେ ତ କା'ର ଚଉଠେ । ସବୁଠି ଗୋଟିଏ ମୂଲ୍ୟହାନି । ମୂଲ୍ୟରେ ଯେମିତି ନିର୍ମମ ଛଟେଇ ଚାଲିଛି ।

ନିଜ ସଂସାରର ମୂଲ୍ୟ କମିଗଲେ ନିଜେ ମଧ ଶସ୍ତା ହୋଇଯିବାକୁ ବାଧ । ଏଣୁ ସହି ହୁଏ ନାହିଁ । ଚେଷ୍ଟା ଚାଲେ କେମିତି ଆଗଭଳି ସବୁ ଦିଶନ୍ତା; ସବୁଗୁଡ଼ାକରେ ପୁରୁଣା ମୂଲ୍ୟ ବଜାୟ ରହନ୍ତା । ବନ୍ଧୁ, କୁଟୁମ୍ବୀ, ଡାକ୍ତର ସମସ୍ତେ ମିଶି କହନ୍ତି---'ଚଷମା ଲଗାଅ' । ଅଗତ୍ୟା ଲଗାଇବାକୁ ପଡ଼େ; କିନ୍ତୁ ଚଷମା ଉପରେ ଯେତେ ଜୋର୍ ନାହିଁ, ଜୋର୍ କେମିତି ଫ୍ରେମ୍‌ରେ ବନ୍ଧେଇ ହେବ । ମୋଟା ମୋଟା ଶିଙ୍ଗରେ, ନା ସରୁ ସୂତା ପରି ସୁନାରେ, ନା ନାକ ପାଖରେ ଚିପିଧରୁଥିବା ଜମା ଫ୍ରେମ୍ ନ ଥିବା ହଲେ କାଚରେ ? ତା' ଅର୍ଥ ପରିଷ୍କାର ଜଣେଇଦେବାକୁ ହେବ ଚଷମା ପିନ୍ଧିଛି ବୋଲି ନା ତା'କୁ ସନ୍ତର୍ପଣରେ କାହାକୁ ନ ଦିଶିଲା ପରି ବ୍ୟବହାର କରିବାକୁ ହେବ ? ଦେଖିବା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବିଚାର ହେଲେ ମଧ ଦେଖେଇବା ଏକ ସାମାଜିକ ଆଚରଣ । ଚଷମା ଉଭୟ ପର୍ଯ୍ୟାୟରେ ପଡ଼ି ତା'ର ରୂପରେଖ ଭିତରେ ଚଷମା-ପିନ୍ଧାଳିର ସଂପୂର୍ଣ୍ଣ ବ୍ୟକ୍ତିତ୍ୱର ପ୍ରକାଶ କରିଦିଏ ।

Digitized by srujanika@gmail.com

ଚଷମା ପିନ୍ଧା ହୁଏ ଆଜି । କାଲି ଭିତରେ ବୟସରେ ମିଶିଯାଏ ଆଉ ଦଶ ବର୍ଷ । ଚେହେରା ଦିଶେ ବେଶ୍ ପୋଖତ; ଏଣୁ ସମ୍ମାନନୀୟ । ଅନେକ ଭାବନ୍ତି ବହୁ ଗ୍ରନ୍ଥ ପଢ଼ିପଢ଼ି ଆଖିରେ କେବଳ ଜ୍ଞାନ ଦିଶିଲା; ଏଣୁ ବସ୍ତୁ ଦିଶିବାକୁ ଏ ଚଷମା । ଏଣୁ ଚଷମା-ପିନ୍ଧାଳି କ୍ୱଚିତ୍ ଅଜ୍ଞାନୀ ବୋଲି ପରିଗଣିତ ହୁଅନ୍ତି, ଯେମିତି କ୍ୱଚିତ୍ କୁଦନ୍ତୀ ଅପଣ୍ଡିତାଃ । କିନ୍ତୁ ଚଷମା-ପିନ୍ଧାଳି ବିଶେଷ କିଛି ଦେଖେ ନାହିଁ । ଯାହା ସେ ଦେଖି ଦେଖି ଅଭ୍ୟସ୍ତ ତାହାହିଁ ଦେଖେ, ଅନ୍ୟ କିଛି ଦେଖିବାକୁ ସାହସ ବା ଇଚ୍ଛା ନ ଥିବାରୁ ।

ଚଷମା-ପିନ୍ଧାଳିକୁ ପ୍ରଶ୍ନ କଲେ ସେ ସାଧାରଣତଃ କହିଥାଏ ଯେ ଆଖି ଖରାପ ହେବାରୁ ସେ ଚଷମା ପିନ୍ଧିବାକୁ ବାଧହୋଇଛି । ଖରାପ ହେବା ଅର୍ଥ ଦୃଷ୍ଟିଶକ୍ତି କମିବା ଅଥବା ଯାହା ଦିଶୁଥିଲା ତାହା ନ ଦିଶିବା । ଅଳ୍ପ କଥାରେ ପ୍ରଚଳିତ ରୂଢ଼ିରେ ସେ କହେ ଯେ ତାକୁ ଚାଳିଶା ଧରିଛି । ଚାଳିଶା ଧରିଛି ବୋଲି ସେ କୌଣସି ପ୍ରକାରେ ତା'ର ପ୍ରତିକାର କରିବାକୁ ସଂସାର ଛାଡ଼ିଛି । ଛାଣି ଛାଣି ପାଇଛି ହଳେ ଚଷମା । ତା'ର ଆଖିର ଯେଉଁ ବକ୍ରତା ପାଇଁ ଦେଖିପାରୁନାହିଁ ବୋଲି ସେ ଭାବେ, ଠିକ୍ ତାର ବିପରୀତ ବକ୍ରତା ଥିବା କାଚ ଭିତରୁ ସେ ପୁରୁଣା ଜଗତକୁ ପୁରୁଣାରୀତିରେ ଓ ପୁରୁଣା ରୂପରେ ଦେଖିବାକୁ ପାଇ ଆଶ୍ୱସ୍ତ ହୁଏ ।

ଚାଳିଶି ବର୍ଷକୁ ଯେମିତି ରୋକି ହୁଏ ନାହିଁ ଚାଳିଶାକୁ ସେମିତି ରୋକି ହୁଏ ନାହିଁ । ସେ ଆସେ ଅତି ସ୍ୱାଭାବିକ ଓ ଅତି ସହଜ ଭାବରେ; ଠିକ୍ ଯେମିତି 'ପଚିଶା' ଆସିଥିଲା । ସେତେବେଳେ କିନ୍ତୁ ଏତେ ବହଳିଆ ରଙ୍ଗ ପିନ୍ଧିଥିଲା ଯେ ଦୃଷ୍ଟିର ଅଦଳବଦଳକୁ କେହି ଖାତିର୍ କଲାନାହିଁ । ଯଦି ତା' ଆଗରୁ ଗୁଡ଼ି ଆଉ କାଗଜଡଙ୍ଗାର ସରଳ ନିର୍ମଳ ସଂସାର ହଠାତ୍ କୁଆଡ଼େ ଲୁଚିଗଲା ତ ଗଲା, ସେଥିପାଇଁ ଭାବିବାକୁ ସମୟ କାହିଁ ? 'ପଚିଶା'ର ଉଜାଣି ନଦୀ ଟାଣିନେଇଗଲା ପନ୍ଦର ବର୍ଷର ସୁଅ ଭିତରେ । ମୁଣ୍ଡ ଟେକି ଚାରିଆଡ଼େ ଅନାଇଲାବେଳକୁ ଚାଳିଶା ମାଡ଼ିଗଲାଣି । ମାର୍ଗଶିର ମାସ ସକାଳର ସ୍ଥିର ପାତଳ କୁହୁଡ଼ି ପରି ନଇଁଆସିଲାଣି ଚାଳିଶା । 'ପଚିଶା'ର ରଙ୍ଗ କାଟିବାକୁ ଚଷମାର ପ୍ରୟୋଜନ ହୁଏ ନାହିଁ; କିନ୍ତୁ ଚାଳିଶାର କୁହୁଡ଼ି କାଟିବାକୁ ଚଷମା ହଳେ ନପିନ୍ଧିଲେ ବଞ୍ଚିବା ଦୁଷ୍କର ।

ଋତୁ ଜାଣି କୁହୁଡ଼ି ଆସିଲା ପରି ତା' ବେଳରେ ତ ଚାଳିଶା ଆସେ; ତାକୁ ଏତେ ଭୟ କାହିଁକି ? ତାକୁ କଣ ଗୋଟାଏ ରୋଗ ବୋଲି ମଣିଷ ଭୁଲ ବୁଝେ, ଆଉ ଏମିତି ଛାନିଆ ହୋଇଯାଏ; ନା ତାକୁ ଖୁବ୍ ବୁଝେ, ଅତି ନିର୍ଭୁଲ ଭାବରେ ବୁଝେ ବୋଲି ସେମିତି ହୁଏ ? ସେ ବୁଝେ ଯେ ରେଳଯାତ୍ରାର ଏଇ ଖୋର୍ଦ୍ଧା ଷ୍ଟେସନ---ଆଉ ଖଣ୍ଡେ ବାଟ ଗଲେ ପୁରୀଠେଇଁ ପଇ ସରିଯିବ । ରେଳର ସାଉଁ ସାଉଁ ନୀରବ ହୋଇଯିବ । ସେଇଠି ଯାତ୍ରା ଶେଷ । ଏଇ କଥାଟା ତୁହାଇ ତୁହାଇ ମନେପକାଇଦିଏ ବୋଲି ଚାଳିଶାଟାକୁ ଏତେ ଡର । ଏଇଠି ପାଖ ଜିନିଷ ଦିଶେ ବାମ୍ଫରେ ତିଆରି ହେଲାପରି ଅନିଶ୍ଚିତ; କିନ୍ତୁ ଦୂର ଦିଶେ ଭାରି ପରିଷ୍କାର, ନିର୍ମଳ । ପଚିଶା ବେଳେ 'ଦୂର' ହୁଏତ ଦିଶନ୍ତା, କିନ୍ତୁ ତାର ପ୍ରୟୋଜନ ନଥାଏ । ଦେହ ଆଖିକୁ ଲାଗି ଏତେ ରୂପ, ରସ

Digitized by srujanika@gmail.com

ଗନ୍ଧର କୁଢ଼ କୁଢ଼ ଇନ୍ଦ୍ରଧନୁ ଝଟକୁଥାନ୍ତି ଯେ ସେମାନଙ୍କର ଉଲୁସି ଉଠୁଥିବା ବିମ୍ବରେଖାରେ ଆକାଶ ସୀମା ବୁଡ଼ିଯାଏ । ମୋଟ କଥା ହେଲା ଯେ, ଯେତେବେଳେ ଯାହା ଦିଶେ ତାହା ସେ ସମୟପାଇଁ ସତ୍ୟ । 'ପଚିଶା'ର ରଙ୍ଗ ପରି ଚାଳିଶାର ଧୂଆଁ ମଧ୍ୟ ସତ୍ୟ; କିନ୍ତୁ ଯାହା ଦିଶେ ବା ଯେ ଦେଖେ ସେ ଦୁହେଁ ନିର୍ଲିପ୍ତ । ମଝିରେ ମଝିରେ କେବଳ ଚଷମା ବଦଳର ବିକ୍ରିୟା ।

ପାଣିର ନିଜର ରଙ୍ଗ ନ ଥାଏ; କିନ୍ତୁ ଯେ କୌଣସି ରଙ୍ଗ ଆପଣେଇ ନେବାର ସାମର୍ଥ୍ୟ ଥାଏ । ସଂସାରଟାକୁ ସେମିତି ତା'ର ନିଜ ରୂପରେ ଦେଖିବା ସମ୍ଭବ ନ ହେଲେ ମଧ୍ୟ ବହୁ ବର୍ଣ୍ଣର ଚଷମାରେ ତା'ର ବିଭିନ୍ନ ସମ୍ଭାବନାକୁ ଦେଖିହୁଏ । ଆଖିର ସ୍ୱାଭାବିକ ସୀମାକୁ ସ୍ୱୀକାର ନ କରି ଗୋଟାଏ ପ୍ରଥାର କାଚ ପଛରୁ ଦେଖିଲେ ମହାକାଶର ଦୂରନ୍ତ ତାରକା ପାଖେଇଆସେ । ଆଉ ଗୋଟାଏ କାଚ ପଛରୁ ଦେଖିଲେ ସୂକ୍ଷ୍ମାତିସୂକ୍ଷ୍ମ ଗୋଟାଏ ଜଗତ ଦୃଷ୍ଟି ଭିତରକୁ ପହଁଚିଆସେ । ବସ୍ତୁର ଦୂରତା ବା ଆକାରକୁ ଆୟତ୍ତ କରିବାକୁ ଏ ପ୍ରକାର ଚଷମା ଭାରି ଉପଯୋଗୀ ।

ଆଖିର ଚଷମା ପରିମଳରେ ମଧ୍ୟ ବହୁ ପ୍ରକାର ଚଷମା ଲଗେଇହୁଏ । ଆମ ଦେଶୀ ଚଷମାକୁ ବିଶ୍ୱାସର ନାକଦଣ୍ଡା ଉପରେ ଜମେଇ ବୁଦ୍ଧିର କାନମୂଳେ ଖୋସିଦେଲେ ସବୁ ଦିଶିବ ଶୂନ୍ୟମୟ, ଏଡ଼େ ବଡ଼ ବିଶ୍ୱ-ବ୍ରହ୍ମାଣ୍ଡ ପାଣି ଫୋଟକା ପରି ବା କେବଳ ସ୍ୱପ୍ନବସ୍ତୁ । ପୁଣି ଆଉ ହଲେ ବିଦେଶୀ ଚଷମା ଲଗେଇ ନେଲେ ସବୁ ଠିକ୍---ପୃଥିବୀ ପୁଣି ତା' ମେରୁଦଣ୍ଡରେ ବୁଲୁଛି

---ସୂର୍ଯ୍ୟ ମଧ୍ୟ ତା' ପରିବାର ଧରି ଆଉ ଗୋଟାଏ ବିନ୍ଦୁକୁ କେନ୍ଦ୍ର କରି ବିହରଣ କରୁଛି ।

ଏହି ପ୍ରକାର ଅଜସ୍ର ଚଷମା, ଅଜସ୍ର ଦୃଶ୍ୟ । ମଝିରେ ମଝିରେ ଏ ସବୁ ଲଗେଇ ନ ଦେଖିଲେ କେମିତି ଗୋଟାଏ ଅପୂର୍ଣ୍ଣତା ରହିଯିବ; କିନ୍ତୁ ସବୁବେଳକୁ କେବଳ ଗୋଟିଏ ଚଷମା ନିଜର କରି ରଖିବାକୁ ପଡ଼େ । ତାକୁ ବଦଳେଇଲେ ମୁଣ୍ଡ ବିନ୍ଧେ, ନ ପିନ୍ଧିଲେ ମୁଣ୍ଡ ବିନ୍ଧେ । ନିଜ ଦୃଷ୍ଟି ଯେତିକି ବଙ୍କା ଧରିଥାଏ ତାକୁ ଖାପିଲା ପରି ଏ ଚଷମା କାଚର ବକ୍ରତା । ଏ ତ ଚଷମା ନୁହେଁ, ପ୍ରତିଚକ୍ଷୁ ମଧ୍ୟ ନୁହେଁ -- ଏହାକୁ ହିଁ ଚକ୍ଷୁ କହିଲେ କ୍ଷତି କଣ ? ବା ଆମେ ଯେଉଁ ଯୋଡ଼ିକୁ ଆଖି ବୋଲି ବୁଝୁ, ସେ ଯୋଡ଼ିକ ହୁଏତ ହଲେ ଚଷମା । ଆଖି କ'ଣ ନିଜେ ଦେଖେ ନା ଆଉ କାହାକୁ ସାହାଯ୍ୟ କରେ ଦେଖିବାରେ ?

❖❖❖

Digitized by srujanika@gmail.com

କଣ୍ଟାର ମୁକୁଟ

ନ୍ୟାୟାଧୀଶ ପାଇଲେଟଙ୍କୁ ଅଦ୍ୟାବଧି କାଠଗଡ଼ାରେ ପୂରେଇ ସହସ୍ର ଥର ଫାଶିଖୁଣ୍ଟରେ ଝୁଲାଇ ସାରିଥିଲେ ମଧ୍ୟ ତାଙ୍କ ଉପରେ ଆମ ବିଚାର ଅପୂର୍ଣ୍ଣ ରହିଯାଉଛି; କାରଣ ସେ ଫାଶ ଭିତରୁ ଗମ୍ଭୀରମୁଦ୍ରାରେ ପ୍ରତ୍ୟେକ ଥର ପଚାରୁଛନ୍ତି, "ସତ୍ୟ କଣ ?" ବାରମ୍ବାର ତାଙ୍କୁ କବରତଳୁ ଉଠିବାକୁ ପଡୁନାହିଁ; କାରଣ ମୋଟଉପରେ ସେ ମଲେ ସିନା ତାଙ୍କୁ କବର ଦିଆଯାନ୍ତା ! ସେମାନବଜାତିର ଅମର ଘାତକ । ତାଙ୍କର ମୃତ୍ୟୁ ନାହିଁ । ସେ ଅହରହ ଯିଶୁଙ୍କୁ କ୍ରୁଶବିଦ୍ଧ କରିବାକୁ ତାଙ୍କ ଆଦେଶନାମାରେ ସ୍ୱାକ୍ଷର କରନ୍ତି । ଅହରହ ତାଙ୍କ ଇଜ୍‌ଲାସ୍‌ରେ ନ୍ୟାୟ ନାମରେ ପ୍ରେମର ହତ୍ୟା ହୁଏ । ଆମେ ଏଇ 'ପାଇଲେଟ୍‌'ଙ୍କୁ କାଠ ଗଡ଼ାରେ ପୂରେଇ ବିଚାର କରୁ । ବିଚାର କିନ୍ତୁ ଅସମ୍ପୂର୍ଣ୍ଣ ରହିଯାଏ, କାରଣ ଆମେ ନିଜେ ସେଇ ପାଇଲେଟ୍ । ବାରମ୍ବାର ଯିଶୁଙ୍କୁ କ୍ରୁଶରେ ଚଢ଼େଇବା ଆମ ଅଭ୍ୟାସ । ଯିଶୁର ରକ୍ତ ଆମର ଚିରନ୍ତନ ଫସଲ । ଏଥେନ୍‌ସର ନାଗରିକ ହୋଇ ଆମେ ସକ୍ରେଟିସ୍‌କୁ ବିଷ ଦେଇଚୁ, ଜାରା ରୂପରେ କୃଷ୍ଣଙ୍କର ପାଦକୁ ଶରଫଳାରେ ଏପାଖ ସେପାଖ ଫୁଟେଇ ଦେଇଚୁ । ବନ୍ଧୁକର ଗୁଳି ଚୋଟରେ ବାପୁଜୀର ଅନ୍ତ ଉଲାରିଦେଇଚୁ । ଏଇଟା ଆମର କୁଳାଚାର । ଯାର ତାଲିକା ଦେଇ କହି ବସିଲେ ସରିବନାହିଁ; କିନ୍ତୁ ବିସ୍ମୟର କଥା ଯେ, ଆମର ବିଚାର ହେଉନାହିଁ ! ହୋଇପାରୁ ନାହିଁ... କାରଣ ଆମେ ସବୁବେଳେ କେବଳ 'ନ୍ୟାୟ' ହିଁ କରିଥାଉ । ଏ 'ନ୍ୟାୟ'ର ବିଚାର ଏଠି ସମ୍ଭବ ନୁହେଁ । ପାଇଲେଟ୍‌ର ବିଚାର ପାଇଲେଟ୍ କରିପାରେନା । ସେ କେବେ ଯିଶୁଙ୍କୁ ବିଚାର କରି ଦଣ୍ଡାଦେଶ ଦେଇ ଜାଣେ ! ଅହରହ ଯିଶୁର କ୍ଷତ ରକ୍ତ ଝରେଇ ଚାଲିଚି । ପାଇଲେଟ୍ ପଚାରି ଚାଲିଚି, "ସତ୍ୟ କଣ" ? ମଝିରେ ମଝିରେ କହୁଛି, "ମୁଁ କ୍ଷମା ବୋଧହୁଏ ଚାହେଁନା, କରୁଣା ଚାହେଁନା---କାରଣ ମୁଁ ବୁଝିପାରୁନାହିଁ ମୋର ଅପରାଧ କଣ ? ତାହା କାହିଁକି କ୍ଷମଣୀୟ ? ଅତଏବ ହେ ଯିଶୁ ! ମୋତେ କ୍ଷମା କରିବାକୁ ତୁମେ ତୁମ ପିତାକୁ ପ୍ରାର୍ଥନା କର ନାହିଁ । କାରଣ ମୁଁ ତାକୁ ଜାଣେନା । ମୋତେ ବିଶ୍ୱାସ କର । ମୁଁ ମୋ ପରିଧି ଭିତରେ ହୁଏତ ଆଦୌ ମିଛ କହେନା ! ସତ କହିବାକୁ, ସତ ଜାଣିବାକୁ ଚେଷ୍ଟା କରି ମିଛ କହେନା ! କିନ୍ତୁ ମୋତେ କହିପାରିବ, ସତ୍ୟ କ'ଣ ?" ପାଇଲେଟ୍ ବିଳାପ କରେ, ଯିଶୁ ପାଇଁ ନୁହେଁ, ସତ୍ୟ ପାଇଁ । ତାର ହଜାର ହଜାର ବର୍ଷବ୍ୟାପୀ ଜୀବନରେ ସେ ଅନୁତାପ କରି ପାରେନାହିଁ । ନିଜେ ସେଇ ଅନ୍ଧାର ରାତିର ବତାସି ଠେଲି ଦରାଣ୍ଡି ଦରାଣ୍ଡି ଯିଶୁଙ୍କୁ କ୍ରୁଶ ଉପରେ ଠାବ କରେ । କଣ୍ଟା ଆଉ ହାତୁଡ଼ିର ପ୍ରତିଧ୍ୱନିରେ ତରାଗୁଡ଼ା ମିଚ୍‌ମିଚ୍ ହୁଅନ୍ତି । ଯିଶୁର ଶରୀରରେ ନୂତନ କ୍ଷତ

Digitized by srujanika@gmail.com

ହୋଇ ରକ୍ତ ଝରେ । ପାଇଲେଟ୍ ଅପେକ୍ଷା କରେ ସତ୍ୟର ସନ୍ଦେଶକୁ । ଭାବେ ଏପରି କରିବା ତାର କର୍ତ୍ତବ୍ୟ ।

ଯଦି ଅଜ୍ଞାନ ଏକ ଅଭିଶାପ, ତା' ବିଷୟରେ ସଚେତନ ନ ହେବା ତା'ଠାରୁ ଶହେ ଗୁଣ ବଳି ଅଭିଶାପ । ଆମେ କେତେଗୁଡ଼ିଏ କାଠର ଖୋପ ଧରି ବସିଥାଉଁ । ଯେ ତା'ଭିତର ଦେଇ ଗଳି ଚାଲିଗଲା ସେ ଆମ ଗୋଷ୍ଠୀର । ଯେ ଯାଇପାରିଲା ନାହିଁ ଏବଂ ତାକୁ ଠେଲି ଆଡ଼େଇ ଦେବାକୁ ଚେଷ୍ଟାକଲା, ଆମେ ଜବରଦସ୍ତି ତା' ଉପରେ ସେଇ କାଠ ଖୋପ ମଡ଼େଇବସୁ । ତାର ଯାହା ବଳକା ଅଂଶ ଉଭାରି ରହେ, ତାକୁ କଟୁରି ଧରି ହାଣି ଫିଙ୍ଗିଦେଉ । ଯିଶୁ ଯଦି କାଠ କ୍ରୁଶକୁ ନ ଯିବେ, ତେବେ ଆମ କାଠ ଖୋପ ଭିତରେ ଗଳି ଯାଆନ୍ତୁ । ଆମେ ଯାହା କରୁଛୁ ସେ ଠିକ୍ ତାହା କରନ୍ତୁ । ସେ ଯଦି ତାହା ନ ପାରିବେ, ଆମେ ଅବଶ୍ୟ ତାଙ୍କୁ କଣ୍ଟାର ମୁକୁଟ ପିନ୍ଧେଇ ତାଙ୍କ କାନ୍ଧରେ କ୍ରୁଶ ବୁହାଇବୁ । ତାଙ୍କୁ କଣ୍ଟା ମାରି କ୍ରୁଶ ଦେହରେ ଲଗେଇଦେବୁ । ଆମ ପାଇଁ ଯିଶୁ ବଡ଼ ନୁହେଁ; ଆମ କାଠ ଖୋପ ହିଁ ବଡ଼ । ଏ ଖୋପଟି ଭୁଲ୍ ବୋଲି ଆମକୁ କୁହାହେଉଚି । ବାରମ୍ବାର କୁହାହେଉଚି, ଏହା ଆମର ଅଜ୍ଞାନର ରୂପ; କିନ୍ତୁ ଆମେ ତାହା ଅନୁଭବ କରିପାରୁନାହୁଁ । ଏହି ତଥାକଥିତ ଅଜ୍ଞାନ ବିଷୟରେ ସଚେତନ ହୋଇପାରୁନାହୁଁ ।

ଏ ଖୋପଟି ପ୍ରକୃତରେ କଣ ? ସେଇଟା ଆମ ନ୍ୟାୟ ବିଚାର, ଆମ ନୀତି-ନିୟମ, ଆମ ପରମ୍ପରା, ଅମାର ସର୍ବସ୍ୱ । ଆମେ ତାକୁ ଜନ୍ମ ଦେଉ ସତ; କିନ୍ତୁ ତାକୁ ଆମର ସମ୍ମାନ, ବିଶ୍ୱାସ ମଧ୍ୟ ସବୁ ଦେଉ ଏବଂ ତାହା'ର ଆଢୁଆଳରେ ବଞ୍ଚୁ । ଏ ଖୋପ ଆମକୁ ଚାରିଆଡୁ ଘେରି ରଖେ । ଆମକୁ ଆମର ସୀମାବନ୍ଧ ଭିତରେ ସନ୍ତୁଷ୍ଟ ରହିବାକୁ ମଧ୍ୟ ଶିଖାଏ । ତାହାରି ଭିତରେ ଆମେ ଜୀବନକୁ ବୁଝୁ, ତାକୁ ଘଷି ମାଜି ଉଜ୍ଜ୍ୱଳ ରୁଚିବନ୍ତ କରିବାକୁ ଚେଷ୍ଟା କରୁ । ମୃତ୍ୟୁକୁ ମଧ୍ୟ ବୁଝୁ, ତାକୁ ସ୍ୱୀକାର କରୁ, ତାକୁ ସମ୍ମାନ ଦେଉ । ସୃଷ୍ଟିକୁ ବୁଝୁ, ସ୍ରଷ୍ଟାକୁ ମଧ୍ୟ ଅନୁମାନ କରି ବୁଝୁ । ଏ ସମସ୍ତେ ଆମ କାଠ ଖୋପ ଭିତରେ ଗଳିବାକୁ ବାଧ୍ୟ । ଆମ ନିୟମ କହେ ଯେ ଏ ସ୍ରଷ୍ଟା ମହାନ୍; ଏଣୁ ଆମେ ତାକୁ ସମ୍ମାନ ଦେଉ । କିନ୍ତୁ ଯଦି ଆମ ଖୋପ ବାହାରୁ କେହି କେବେ ମୁଣ୍ଡ ଟେକି କହେ ଯେ, ସେ ଆଉ କିଛି, ଆମେ ତାକୁ ଗୁଳି କରି ମାରିଦେଉ । ଆମ ନିୟମ ଆମେ ସମସ୍ତଙ୍କ ଉପରେ ଚପେଇ ଦେଇପାରୁ; ସେଥିପାଇଁ ଆମର ଗୋଳା କମାଣ ଅଛି, ବୋମା ବାରୁଦ ଅଛି । କେହି ଅବାଧ ହେଲେ ଆମେ ତାକୁ ବିଚାର କରି ଦଣ୍ଡ ଦେଉ; 'ନ୍ୟାୟ' ନିଶାପ ନ କରି ଦଣ୍ଡ ଦେବା ଆମେ ସହି ପାରୁନା । ଏ ବିଚାରରେ ଯିଶୁ ଯଦି କ୍ରୁଶବିଦ୍ଧ ହୋଇଯାନ୍ତି, ଆମର ଅନୁତାପ କରିବାର ଅବକାଶ କାହିଁ । ସାମାନ୍ୟ ପିମ୍ପୁଡ଼ିଟିଏ ମରିଗଲେ ଆମେ ଶୋକପ୍ରକାଶ କରି ଜାଣୁ । ଏଣୁ ମଣିଷ ମରିଗଲେ ଶୋକ ହେବା ସ୍ୱାଭାବିକ; କାରଣ ଆମ ନିୟମ କହେ ଯେ, ମଣିଷ ପିମ୍ପୁଡ଼ିଠାରୁ ଶ୍ରେୟସ୍କର । ଯିଶୁଙ୍କ ମୃତ୍ୟୁରେ ଆମେ ଶୋକ କରୁ; କିନ୍ତୁ ନ୍ୟାୟ ପାଇଁ ଆମେ ବାଧ୍ୟ ହୋଇ ତାଙ୍କୁ ସଂସାର କରୁ । ଏଇ ନ୍ୟାୟ ହିଁ ଆମେ ଯୁଦ୍ଧପଡ଼ିଆରେ ଥାପନା କରି ଅକୁଣ୍ଠିତ ଚିତ୍ତରେ ଅଗଣିତ 'ଅନ୍ୟାୟ-ସେବୀ'ଙ୍କୁ ସଂହାର କରୁ । "ଆମକୁ କେହି ବିଚାର କରି ପାରିବେ ନାହିଁ,

Digitized by srujanika@gmail.com

ଆମେ ହିଁ ସମସ୍ତଙ୍କୁ ବିଚାର କରୁ । କିନ୍ତୁ ଆମେ ଆମକୁ ବିଚାର କରି ପାରିବୁ ନାହିଁ; କାରଣ ନିଜକୁ ନିଜେ ବିଚାର କରିବାର ନିୟମ ଆମ କାଠ ଖୋପ ଭିତରେ ନାହିଁ ।"

ମନେପଡୁଛି, ଏଇ ନିୟମ କଥା ଯିଶୁ ବୋଧହୁଏ କହୁଥିଲେ । ସେଇକଥା ସକ୍ରେଟିସ୍ କହୁଥିଲେ, ବୁଦ୍ଧ କହୁଥିଲେ ଆଉ ବହୁ ବ୍ୟକ୍ତି କହୁଥିଲେ । ସେ ସବୁ ଆମକୁ ବୁଝାପଡୁନାହିଁ । ଆମକୁ କେବଳ ବୋଧହେଉଛି ଯେ ସେମାନେ ସବୁ ଆମକୁ ବହକେଇଦେବାକୁ କେବଳ ଚେଷ୍ଟାକରନ୍ତି । ଆମର କାଠ ଖୋପ ଭଳି ତାଙ୍କର ମଧ ଗୋଟାଏ ଲେଖା କାଠ ଖୋପ ଅଛି । ଆମେ ତାକୁ ଚପେଇଲା ଭଳି ସେମାନେ ମଧ ଆମ ଉପରେ ତାଙ୍କ ଖୋପ ପକେଇବାକୁ ଚେଷ୍ଟା କରନ୍ତି । ତାଙ୍କ ଖୋପ ଭିତରକୁ ଯେ ବହୁତ ବ୍ୟକ୍ତି ନ ଯାଆନ୍ତି ତା' ନୁହେଁ । ସେଠୁ ଯେ ପୁଣି ଆମ ଗୋଷ୍ଠୀକୁ ଫିଟି ନ ଆସନ୍ତି ତା' ନୁହେଁ । ସେମାନେ ସବୁବେଳେ କହନ୍ତି ଯେ, ଆମେ ଅବିଦ୍ୟାଗ୍ରସ୍ତ; ସେମାନେ ଆଲୋକର ଦ୍ରଷ୍ଟା, ସତ୍ୟର ଦ୍ରଷ୍ଟା । ତାକୁ ଆମେ ଧୈର୍ଯ୍ୟର ସହିତ ଶୁଣୁ; କିନ୍ତୁ ଆମର ସେଇ ଗୋଟିଏ ପ୍ରଶ୍ନ---"ସତ୍ୟ କଣ ?" ବହୁ ପ୍ରକାର ଉତ୍ତର ଆସେ । ଆମେ ବୁଝୁ ଯେ କୌଣସିଟି ଠିକ୍ ଉତ୍ତର ନୁହେଁ । ଠିକ୍ ଭୁଲ୍ ବୁଝିବାର ଅଧିକାର ଆମର ଅଛି । ଆମର ସେଥିପାଇଁ ନିୟମ ମଧ ଅଛି ।

ଆମେ ଯିଶୁକୁ କଣ୍ଟାର ମୁକୁଟ ପିନ୍ଧାଇବାରେ ଆପତ୍ତି କରୁନାହିଁ, କାରଣ ଆମେ ତାକୁ କ୍ରୁଶବିଦ୍ଧ କରିବାକୁ ହୁକୁମନାମା ସ୍ୱାକ୍ଷର କରୁ । କିନ୍ତୁ ବହୁକାଳ ପରେ ଆମେ ଦେଖୁ ଯେ, ଆମ କାଠ ଖୋପର ନିୟମ ଭିତରେ ଯିଶୁ, କନଫୁସିଅସ୍, ସକ୍ରେଟିସ୍ ସମେସ୍ତ ବନ୍ଧା ପଡ଼ିଛନ୍ତି । ତାଙ୍କର ଉପଦେଶ ସବୁକୁ ଯା ଭିତରେ ସ୍ୱୀକୃତି ମିଳିଗଲାଣି । ତା'ରି ଜରିଆରେ ଏବେ ପୁଣି ବିଷ ଦେବା ବା କ୍ରୁଶବିଦ୍ଧ କରିବା ଆହୁରି ନ୍ୟାୟସଙ୍ଗତ ବୋଧହେଉଛି । ଅନ୍ୟକୁ ଆହୁରି ନିଠେଇ ବିଚାର କରିବାକୁ ସୁବିଧା ମିଳୁଛି । ସେଇ ନିୟମରେ ନିଜେ ନିଜକୁ ବିଚାର କରୁନାହାନ୍ତି ବୋଲି ଅନ୍ୟଙ୍କୁ ଦଣ୍ଡ ଦିଆହେଉଛି, ଅପମାନ ଦିଆହେଉଛି । ଏଇ ଦଣ୍ଡ ଦେବାପାଇଁ ଯେତେବେଳେ ଯେଉଁ ନିୟମ ସୁହେଇଲା ତାକୁ ଦ୍ୱାହି ଦେଇ ଆଦେଶନାମା ସ୍ୱାକ୍ଷର ହେଉଛି । ଫଳରେ ସେଇ ପୁରୁଣା କଥା । ପାଇଲେଟ୍ ଅହରହ ଯିଶୁକୁ କ୍ରୁଶବିଦ୍ଧ କରିଚାଲିଛି । ଆମେ ଯିଶୁର ରକ୍ତରେ ଫସଲ ଉଠେଇ ଚାଲିଚେ ।

ଏବେ ମଧ ଯିଶୁକୁ ପାଇଲେଟ୍ ହତ୍ୟା କରିବ । ସେଥିରେ ତାର ସଂକୋଚ ନାହିଁ । ଯେତେବେଳ ଯାଏଁ ଯିଶୁର ରକ୍ତରେ ସମଗ୍ର କାଠ ଖୋପ ଭରପୂର ହୋଇ ଉଛୁଳି ନ ଯାଇଛି, ସେ ପର୍ଯ୍ୟନ୍ତ ଏ ନିୟମ ବୋଧହୁଏ ଚାଲିଥିବ ! ପାଇଲେଟ୍ ପ୍ରଥମେ ଜାରା ସ୍ତରକୁ ଉଠିଆସିଲେ ଅନୁତାପ କରିବା ଶିଖିପାରନ୍ତା । ଯେ ତାକୁ ପ୍ରେମ ଦେଇଛି, ତାକୁ ଥରେ ଚିହ୍ନିଲେ ତା ଉପରେ ଶର ପ୍ରହାର କରି ପାରନ୍ତା ନାହିଁ । ନିଜର ଦୁଷ୍କର୍ମକୁ ଦୁଷ୍କର୍ମ ବୋଲି ବୁଝିପାରନ୍ତା; ଫଳରେ ନିଜେ ହାଣିଥିବା କ୍ଷତ ଉପରେ ଲୁହ ଢାଳି କ୍ଷମା ପ୍ରାର୍ଥନା କରି ଶିଖନ୍ତା---କୃତଜ୍ଞତା ଶିଖନ୍ତା ।

Digitized by srujanika@gmail.com

ତା'ପରେ ହୁଏତ ପାଇଲେଟ୍ ଇଚ୍ଛା କରନ୍ତା ନିଜେ କାଠଗଡ଼ା ଭିତରେ ଠିଆହୋଇ କଣ୍ଟାର ମୁକୁଟ ପିନ୍ଧିବାକୁ; ନିଜେ ନିଜର କ୍ରୁଶ ବହନ କରି ତା' ଉପରେ ବିଦ୍ଧ ହେବାକୁ । ପ୍ରତ୍ୟେକ କଣ୍ଟାର ଆଘାତରେ ସେ ଅନୁଭବ କରନ୍ତା ସାମୂହିକ ପ୍ରାଣୀଜଗତର ଅନନ୍ତ ଯାତନା । ଅନ୍ୟର ପାପ ପାଇଁ ନିଜେ ପ୍ରାୟଶ୍ଚିତ୍ତ ଲୋଡ଼ିନିଅନ୍ତା । ସେଇ ବୋଧହୁଏ ତାର ଚରମ ମୁହୂର୍ତ୍ତ, ଯେତେବେଳେ ଚକ୍ଷୁ ତୋଳି ଦେଖିପାରନ୍ତା ତା'ର ପିତାକୁ, ଯାହାକୁ ସେ ଯିଶୁଙ୍କ ପିତା ବୋଲି ସ୍ୱୀକାର କରୁ ନଥିଲା, ଜାଣି ମଧ୍ୟ ପାରୁ ନ ଥିଲା । କିନ୍ତୁ ପାଇଲେଟ୍ ଉପରେ ବିଚାରର ଅଧିକାର କିଏ ନେବ ? ଯିଶୁ କଣ ଏଥିପାଇଁ ରାଜି ହେବେ ? ତାଙ୍କ ଅଗାଧ ପ୍ରେମର ନିଦର୍ଶନ ସ୍ୱରୂପ, ସେ କ'ଣ ପାଇଲେଟ୍‌କୁ ଏ କଣ୍ଟାର ମୁକୁଟ ପିନ୍ଧେଇ ସମ୍ରାଟ କରି ପାରିବେ ? କ୍ରୁଶ ଉପରେ ଲାଖିରହି ଜଗତର ଯାତନା ମାଧ୍ୟମରେ ଅନନ୍ତ ପ୍ରେମର ଆସ୍ୱାଦନ ସୌଭାଗ୍ୟ ଦେଇ ପାରିବେ ? ହେ ଯିଶୁ ! ସେପର୍ଯ୍ୟନ୍ତ ତୁମେ ଅହରହ କ୍ରୁଶବିଦ୍ଧ ହିଁ ହେଉଥିବ । ଅନନ୍ତକାଳ ଅବଧି ଝରୁଥିବ ତୁମର ରକ୍ତ !

❖❖❖

Digitized by srujanika@gmail.com

ଶିଷ୍ଟାଚାର

କେତେକ ପର୍ଯ୍ୟାୟର ଅଭଦ୍ର ବ୍ୟବହାର ସଭ୍ୟ ସମାଜରେ ଦଣ୍ଡନୀୟ ଅପରାଧ ରୂପେ ବିବେଚିତ ହୁଏ । ଯଦି କୌଣସି ଅଶିକ୍ଷିତ ମଦ୍ୟପ (ଶିକ୍ଷିତ ହେଲେ ମଧ କିଛି ଯାଏ ଆସେ ନାହିଁ) ଭାଷା ଏବଂ ପରିଚ୍ଛଦରେ ଅସାମାଜିକ ଅସଂଯମ ପ୍ରକାଶ କରେ ତାକୁ ତତ୍‌କ୍ଷଣାତ୍ କଏଦି କରିବା ନିୟମାନୁମୋଦିତ । ଏହା ଅତି ସ୍ଥୁଳ ଏବଂ ପ୍ରକାଶ୍ୟ ଭାବରେ ରୁଚିଭଙ୍ଗ କରେ; ଏଣୁ ଏହାର ଅମାର୍ଜନୀୟ ଦଣ୍ଡନୀୟତା ବିଷୟରେ ବୋଧହୁଏ ମତାନ୍ତରର ଅବକାଶ ନାହିଁ । କିନ୍ତୁ ସାମାଜିକ ଜୀବନର ଦୈନନ୍ଦିନ କ୍ରିୟା-କଳାପରେ ଅସଂଖ୍ୟ ତ୍ରୁଟି ରହିଯାଏ, ଯାହା ଅଶିଷ୍ଟ, ଅଭଦ୍ର ଏବଂ କୁରୁଚିବ୍ୟଞ୍ଜକ । ସେଥିରୁ ଅଧିକାଂଶ ହୁଏତ ଦଣ୍ଡନୀୟ ହେଲେ ଚଳିବା ଦୁଷ୍କର ହେବ; କିନ୍ତୁ ଦଣ୍ଡ ଦେଲେ ବେଶ୍ ଫଳପ୍ରଦ ହୁଅନ୍ତା ନା କଣ ! ଅବଶ୍ୟ କେତେଜଣ ଅସ୍ୱାଭାବିକ ଭାବରେ ରୁଚି ନିୟମର ପକ୍ଷପାତୀ ଏବଂ ତାକୁ ମାନି ଚଳିଲେ ସାମାଜିକ ଜୀବନ ଅସ୍ପୃହଣୀୟ ଏବଂ ଦୁର୍ବଳ ହୋଇଯିବ। ସେମାନେ ଏ ଦିଗର ଚରମପନ୍ଥୀ ଏଣୁ ସର୍ବଦା ବର୍ଜନୀୟ । ଶିଷ୍ଟାଚାରର ବ୍ୟାଜରେ ଅତ୍ୟାଚାର ବାଞ୍ଛନୀୟ ନୁହେଁ ଏବଂ ଜୀବନକୁ ସହଜ ସୁନ୍ଦର ନ କରି ଅସ୍ୱାଭାବିକ ଓ ପଙ୍ଗୁ କରି ସ୍ୱାଧୀନତାର ପକ୍ଷଚ୍ଛେଦ କରିବାର କୌଣସି ତାତ୍ପର୍ଯ୍ୟ ମଧ ନାହିଁ । ଏକପକ୍ଷେ ଅଶୋଭନୀୟ ଅଭଦ୍ରତାରୁ ବଞ୍ଚିବାକୁ ହେବ ଏବଂ ଅନ୍ୟପକ୍ଷେ ଚରମ ଶିଷ୍ଟାଚାରର ବିକୃତିରୁ ରକ୍ଷା ପାଇବାକୁ ହେବ । ଜୀବନର ଅନ୍ୟାନ୍ୟ ଅନେକ କ୍ଷେତ୍ରପରି ଏ କ୍ଷେତ୍ରରେ ମଧ 'ମୁରାରେଃ ତୃତୀୟ ପନ୍ଥା' ସର୍ବାପେକ୍ଷା ଶ୍ରେୟସ୍କର।

ଶିଷ୍ଟାଚାର ସୁସ୍ଥ ସାମାଜିକ ଜୀବନର ଅଙ୍ଗ । ଯୁଗ ଅନୁସାରେ ସମାଜର ରୁଚି ମଧ ବଦଳିଯାଏ ଏବଂ ଶିଷ୍ଟତାର ମାନଦଣ୍ଡ ମଧ ତଦନୁସାରେ ପରିବର୍ତ୍ତିତ ହୋଇଯାଏ । ଯଥା ବନ୍ଧୁ ସମ୍ଭାଷଣରେ ପୂର୍ବେ କୁହାଯାଉଥିଲା, 'ଅହୋ ଭାଗ୍ୟ ମହାଶୟେ, ଆସିବା ହେଉନ୍ତୁ ! ବସିବା ହେଉନ୍ତୁ ! ଆଉ ଆପଣଙ୍କର ସବୁ କୁଶଳ ତ ?' ବର୍ତ୍ତମାନ ହୁଏତ କୁହାଯିବ---"ଆରେ ଆପଣ ଯେ ! କେବେ ଆସିଲେ ? ଆପଣଙ୍କର ତ ଆଜିକାଲି ଦେଖାନାହିଁ । ଯାହାହେଉ ଆପଣଙ୍କ ସଙ୍ଗେ ଅନେକ ଦିନ ପରେ ଦେଖା ହେଲା ! ଆଉ ସବୁ ଭଲ ତ !" ଏପରି କିଛି । ପ୍ରଥମଟିରେ ହୁଏତ ବନ୍ଧୁ ହାର୍ଦ୍ଦିକତା ଏବଂ କୃତକୃତ୍ୟତା ପ୍ରକାଶ ପାଉଛି; କିନ୍ତୁ ଦ୍ୱିତୀୟଟିରେଏକ ବିସ୍ମୟଭାବ, ହୁଏତ ସାମାନ୍ୟ କିଛି ଭଲପାଇବା ଏବଂ ତଜ୍ଜନିତ ଆନନ୍ଦ ମିଶି ରହିଛି । ଏଠି ସ୍ମରଣ ରଖିବା ଆବଶ୍ୟକ ଯେ, ଅନ୍ତରଙ୍ଗ ମହଲରେ ବନ୍ଧୁ ଅଭଦ୍ରତା ଯେ କ୍ଷମା କରାଯାଏ, ତା ନୁହେଁ; ବରଂ ଭଦ୍ର ଏବଂ ଶିଷ୍ଟ

Digitized by srujanika@gmail.com

ବ୍ୟବହାରରେ ବନ୍ଧୁତା କ୍ଷୁର୍ଣ୍ଣ ହୁଏ । ଘନିଷ୍ଠ ବନ୍ଧୁତା ଶିଷ୍ଟାଚାରର ରେଖାଙ୍କିତ ଚତୁଃସୀମାର ବହିର୍ଭୂତ । ତାର ନିୟମକାନୁନ୍ ଅଲଗା । ହୁଏତ ନିକଟରେ ସମ୍ପର୍କ ପାଇଁ ଆପେକ୍ଷିକ ନଗ୍ନତାର ପ୍ରୟୋଜନ ଅଛି । ସେଥିରେ ପରସ୍ପର ପ୍ରତି ସଂକୋଚ ନଥାଏ, ଥାଏ ଏକ ସ୍ପଷ୍ଟ ପ୍ରାଞ୍ଜଳ ଅଭିବ୍ୟକ୍ତି; କିନ୍ତୁ ଶିଷ୍ଟାଚାର ଅଭିଜାତ ସମାଜର ଖୁବ୍ ଖଳିଲଗା ଶାଣଦିଆ ସୁଦୃଶ୍ୟ ପରିଚ୍ଛଦ । ତାହା ପରସ୍ପର ପ୍ରତି ଆକର୍ଷଣ ଏବଂ ସହନଶୀଳତା ଉତ୍ସାହିତ କରେ । କିନ୍ତୁ ସେହି ଅନୁପାତରେ ବ୍ୟବଧାନ ଏବଂ ପ୍ରତିବନ୍ଧକ ମଧ୍ୟ ସୃଷ୍ଟି କରେ । ଯେପରି ରଙ୍ଗମଞ୍ଚରେ ଜଣେ ଆଉ ଜଣକୁ ଏକ ଭିନ୍ନ ଅସ୍ୱାଭାବିକ ଭୂମିକାରେ ଦେଖିବାକୁ ପାଏ । ଶିଷ୍ଟାଚାର ଏକପ୍ରକାର ଅଭିନୟ; କିନ୍ତୁ ସାମାଜିକ ଜୀବନ ପାଇଁ ଏକ ଅତ୍ୟାବଶ୍ୟକ ଅପରିହାର୍ଯ୍ୟ ଅଭିନୟ ।

ସମାଜରେ ବିଭିନ୍ନ ଧରଣର ଏବଂ ପର୍ଯ୍ୟାୟର ସାମାଜିକ ସମ୍ପର୍କ ଥାଏ । ଘନିଷ୍ଠ ବନ୍ଧୁ ପରି ସର୍ବାଦୌ ଅପରିଚିତ ବ୍ୟକ୍ତି ସହିତ ମଧ୍ୟ କୌଣସି ପ୍ରକାର ନିର୍ଦ୍ଦିଷ୍ଟ ଆଚରଣର ନିୟମ ବନ୍ଧନ ନାହିଁ । ସ୍ୱଳ୍ପ ପରିଚୟ ବା ପ୍ରଥମ ପରିଚୟ ହିଁ ଶିଷ୍ଟାଚାରର ଉତ୍ତମ କ୍ଷେତ୍ର । ପ୍ରଥମ ପ୍ରକାର ସମ୍ପର୍କରେ କିଞ୍ଚିତ ପ୍ରଗଳ୍‌ଭତା, କିଞ୍ଚିତ ସ୍ୱାଭାବିକତା, ଏପରିକି, ଉଚ୍ଛୃଙ୍ଖଳତା ଏବଂ ଦ୍ୱିତୀୟ କ୍ଷେତ୍ରରେ ଘନ ଶୀତଳ ନିର୍ବିକାର ନିଷ୍ପୃହା ନୀରବତା ହିଁ ପରିଲକ୍ଷିତ ହୁଏ । କିନ୍ତୁ ତୃତୀୟ ପ୍ରକାର ସମ୍ପର୍କରେ ସମସ୍ତ ପ୍ରକାର ଶାଳୀନତା, ଭଦ୍ରତା, ଭାଷା ଏବଂ ସମ୍ଭାଷଣର ପରିମାର୍ଜିତ ଅଭିବ୍ୟକ୍ତିର ବିଶେଷ ପ୍ରୟୋଜନ । ଗୋଟିଏ କଳ୍ପିତ ଉଦାହରଣ ନିଆଯାଉ । କୌଣସି ଗୋଟିଏ ଉତ୍ତରଭାରତୀୟ ନଗରୀରେ ଶୀତାର୍ତ୍ତସନ୍ଧ୍ୟା । ବତିଖୁଣ୍ଟ ଚାରିପାଖେ ଥଣ୍ଡା ପବନଟା ଜମାଟ ବାନ୍ଧି ଆସୁଛି । ସାମାନ୍ୟ ଅନ୍ଧକାରରେ ଦୁଇଜଣ ବ୍ୟକ୍ତି ଆଳାପ କରୁଛନ୍ତି । ଶୀତୋପଯୋଗୀ ପରିଚ୍ଛଦରେ ଉଭୟେ ଆବୃତ---ଅନ୍ୟ ଦିଗରୁ ତୃତୀୟ ବ୍ୟକ୍ତି ଜଣକ ଆସୁଛନ୍ତି । ଦୁଇଜଣଙ୍କ ମଧ୍ୟରୁ ଜଣେ ତାଙ୍କର ପରିଚିତ ଏବଂ ଅନ୍ୟ ଜଣକୁ ପରିଚୟ କରେଇଦେବା କର୍ତ୍ତବ୍ୟ ମନେକରନ୍ତି । ପ୍ରଥମତଃ ଶୀତଳ ନୀରବତା ଏବଂ ପରେ ପରେ ସାମାନ୍ୟ ହସ, କରମର୍ଦ୍ଦନ, ତା' ପରେ ବିସ୍ମୟ---"ଆପଣ ପାଣିଗ୍ରାହୀ ତା'ହେଲେ ଓଡ଼ିଶାର !"

"ଆଜ୍ଞା ଆମ ଘର ଭଦ୍ରକରେ ।"

"ଭଦ୍ରକରେ କାହା ଘର ?"

"ଆଜ୍ଞା ବିଶ୍ୱନାଥ ପାଣିଗ୍ରାହୀ ମୋର ବଡ଼ଭାଇ ।"

"କଣହେଲା !! ତୁ ଚୁନା କିରେ !"

"କିଏ ?---ବାବୁଆ !"

ତା'ପରେ ମଧ୍ୟସ୍ଥ ବନ୍ଧୁଙ୍କ ସାକ୍ଷାତରେ ଭାଙ୍ଗିଯାଏ ଶ୍ଳୀଳତା ଏବଂ ଭଦ୍ର ଆଚରଣର ପ୍ରାଚୀର । ଦୁହେଁ ସାଧାରଣ ଦୃଷ୍ଟିରେ ଅତି ଅଭଦ୍ର ଭାବରେ ପରସ୍ପରକୁ କୁଣ୍ଢେଇ ରାସ୍ତାରେ ଗୁଡ଼ାଏ ହେଁ-ହେଁ ହୁଅନ୍ତି । ଏଥିରେ ଲକ୍ଷ୍ୟ କରିବା କଥା, କିପରି ତ୍ରିବିଧ ସମ୍ପର୍କରେ ତ୍ରିବିଧ ବ୍ୟବହାର

Digitized by srujanika@gmail.com

ଉପର୍ଯ୍ୟୁପରି ଆସି ପହଞ୍ଚିଯାଇଛି । ଅତଏବ ବାକ୍‌ଶାଳିନ୍ୟ ଓ ଶିଷ୍ଟାଚାରର କେବଳ ଅର୍ଦ୍ଧ-ପରିଚିତ ମଧ୍ୟମ ଧରଣର ସମ୍ପର୍କ ପର୍ଯ୍ୟାୟରେ ହିଁ ସୀମାବଦ୍ଧ ।

ଅବଶ୍ୟ ପାରିବାରିକ ଜୀବନରେ ମଧ୍ୟ କିଞ୍ଚିତ୍ ଶାଳୀନତା ରକ୍ଷା କରିବା ଅପରିହାର୍ଯ୍ୟ । କାରଣ ପାରିବାରିକ ଜୀବନ ଏକପ୍ରକାର ଘନିଷ୍ଠତର ସାମାଜିକ ଜୀବନ; ତାହା ବନ୍ଧୁତା ପର୍ଯ୍ୟାୟର ନୁହେଁ । ଯଦି ସାମାଜିକ ଜୀବନନରେ ରୁଚିଭଙ୍ଗ ଭୟରେ ଶିଷ୍ଟାଚାର ପାଳନୀୟ, ପରିବାରରେ ନୀତି ଭଙ୍ଗପାଇଁ ସୌଜନ୍ୟ ଅବଶ୍ୟ କର୍ତ୍ତବ୍ୟ । ଗୁରୁଜନଙ୍କ ସମ୍ମୁଖରେ ଯଥେଷ୍ଟ ସଂଯମ ଆବଶ୍ୟକ

---ବାକ୍ୟରେ ଓ ଚାଲିଚଳନରେ । ଏଥିରେ ବିଶିଷ୍ଟ ପାର୍ଥକ୍ୟ ଅବଶ୍ୟ ଆନ୍ତରିକତାରେ ଅଛି । ଶିଷ୍ଟାଚାରରେ ହୁଏତ ସଚେତନ ବ୍ୟକ୍ତି ଅନୁଭବ କରେ ଯେ, ସେ ଟିକିଏ ଅଭିନୟ କରୁଛି । କିନ୍ତୁ ପରିବାରରେ ସେ ଅଭିନୟ କରେ ନାହିଁ; ତଦ୍‌ଗତ ପ୍ରାଣରେ ଏପରି ଅଭିନୟ କରେ ଯେ ଭୂମିକା ସହିତ ଏକାତ୍ମବୋଧ ଆସିଯାଏ । ତିରିଶ ବର୍ଷ ପୂର୍ବରୁ ହୁଏତ ବାପ ବକା ଆଗରେ ସଳଖି ଠିଆହେବା ଅଶିଷ୍ଟ ଆଚରଣର ଅନ୍ତର୍ଭୁକ୍ତ ଥିଲା, ଉତ୍ତର ଦେବା ଥିଲା ଅବାଧ୍ୟତା, ଅଭଦ୍ରତାର ଲକ୍ଷଣ । କିନ୍ତୁ ଅଧୁନା ଚଳଚ୍ଚିତ୍ର ଯୁଗରେ ଉଭୟ ପିତା ପୁତ୍ର ଜୀବନର ଅତି ଗୋପନୀୟ ଏବଂ ଘନିଷ୍ଠ ପରିସ୍ଥିତିର ଚିତ୍ର ଏକତ୍ର ଦେଖିବା ଦ୍ୱାରା ତାଙ୍କର ପାରସ୍ପରିକ ସମ୍ପର୍କ ଏବଂ ଦୃଷ୍ଟିଭଙ୍ଗୀର ଅନେକ ପାର୍ଥକ୍ୟ ଆସିଯାଇଛି । ବୟଃପ୍ରାପ୍ତ ପୁତ୍ର ଏବଂ ପିତା ବର୍ତ୍ତମାନ ପ୍ରାୟ ବନ୍ଧୁଶ୍ରେଣୀଭୁକ୍ତ । ଶିଷ୍ଟାଚାରଜନିତ ସଂକୋଚର ଅଭାବ ହିଁ ବିଶେଷ ପରିଲକ୍ଷିତ ହୁଏ ।

ଯୁଗରୁଚି ଅନୁଯାୟୀ ସମାଜରେ ଏକପ୍ରକାର ବ୍ୟବହାର ପ୍ରଣାଳୀ ଗଢ଼ିଉଠେ । ନୀତି ନିୟମ ମଧ୍ୟ ତା'ସାଙ୍ଗରେ ସଂଯୋଜିତ ହୁଏ ଏହି ପ୍ରଭାବରେ ବ୍ୟକ୍ତି-ଜୀବନ ହୁଏ ଶୃଙ୍ଖଳିତ । ସମାଜ ତ ଅବିମିଶ୍ରଏକ ଗୁଣବାଚୀ ଅନୁଷ୍ଠାନ ନୁହେଁ । ସେଥିରେ ବହୁ ଗୋଷ୍ଠୀ ଏବଂ କୋହଳ ଅର୍ଥରେ କହିଲେ ବହୁ କ୍ଷୁଦ୍ର ସମାଜ ରହିଛନ୍ତି । ଏହି କ୍ଷୁଦ୍ର ସମାଜଗୁଡ଼ିକର ପ୍ରତ୍ୟେକଟିରେ କିଛି ବିଶିଷ୍ଟ ନୀତିନିୟମ ରହିଛି ପାରସ୍ପରିକ ବ୍ୟବହାରକୁ ନିୟମିତ କରିବା ସକାଶେ । ମନେହୁଏ ଅର୍ଥନୈତିକ ଏବଂ ସାଂସ୍କୃତିକ ସୋପାନ ଉପରେ ଶିଷ୍ଟାଚାରର ବିପୁଳତା ନିର୍ଭର କରେ । ସରଳ ନିରାଡ଼ମ୍ବର ଜୀବନରେ ଆଚରଣ ମଧ୍ୟ ଅତି ସହଜ ଏବଂ ସ୍ୱାଭାବିକ । ସେଥିରେ ଶିଷ୍ଟାଚାରର ନିୟମ ମଧ୍ୟ ଖୁବ୍ କୋହଳ । କିନ୍ତୁ ଯେ କୌଣସି ଆଭିଜାତ୍ୟର ଅପରିହାର୍ଯ୍ୟ ଗୁଣ ହେଲା ଏକ ବିଶଦ ଲମ୍ବା ଚୌଡ଼ା ଶିଷ୍ଟାଚାରର ଫର୍ଦ୍ଦ । ଉନବିଂଶ ଶତାବ୍ଦୀର ଇଂରେଜ ଅଭିଜାତ ଶ୍ରେଣୀରେ ଚଳିବା ଅତି ଦୁଷ୍କର ହୋଇଉଠିଥିଲା । କୋଟର ଲମ୍ବାଇ, ଟୋପିର ଗୋଲେଇ, ନିଶ, ହସ, କାଶ ସମସ୍ତର ନିର୍ଦ୍ଦିଷ୍ଟ ଦୈର୍ଘ୍ୟ, ଭାଷାର ଟଣାଓଟରା ଅସ୍ୱାଭାବିକତା ସବୁ ନିୟମାବଦ୍ଧ । ଭୋଜିରେ ଖାଇବା ବିଷୟ ଉତ୍‌ଥାପନ କରିବା ଅତି ଭୟଙ୍କର ଅଶିଷ୍ଟାଚାର । ଖାଇବାରେ ଶବ୍ଦ ହେବା, ଦାନ୍ତ ଦିଶିଯିବା, ଖାଇବାବେଳେ କଥା କହି ନ ପାରିବା, ମହିଳା ଥିବା ସ୍ଥଳେ ଏଉଡ଼ି ମାରିଦେବା, ଛେପ ଖଙ୍କାର ଆଦି ଶବ୍ଦ ଉଚ୍ଚାରଣ କରିଦେବା---ଘୋର ବ୍ୟତିକ୍ରମ ରୂପେ ପରିଗଣିତ ହେଉଥିଲା ଏବଂ ଭଦ୍ର ସମାଜରେ ଏପରି କୁରୁଚିପୂର୍ଣ୍ଣ ବ୍ୟକ୍ତିଙ୍କର ସ୍ଥାନ ନ ଥିଲା । ଲୁହା ଖୋଳରେ ପଶି ଟିନା

Digitized by srujanika@gmail.com

ମହିଳାଙ୍କର ପାଦ ଯୋଡ଼ିକ ସୁନ୍ଦର ହେବା ପୂର୍ବରୁ ଯେପରି କ୍ଷୁଦ୍ର ହୋଇ ଅକର୍ମଣ୍ୟ ହୋଇଯାଏ, ସେପରି ଅସ୍ୱାଭାବିକ ସୌଜନ୍ୟ ରକ୍ଷାକରି ବ୍ୟକ୍ତି-ଜୀବନ ହୋଇଯାଏ କ୍ଲୀବ । ଆମ ଓଡ଼ିଶାରେ ଏକଦା ଗୋଟିଏ ଗ୍ରାମର ପ୍ରତିପତ୍ତି-ପରିବାର 'ନୂଆ ମହତ' ଶିଖିବାର କିମ୍ବଦନ୍ତୀ ଅଛି । ସେଥିରେ 'ବାପ ଆପଣ', 'ପୁଅ ଆଜ୍ଞା' କହିବା ବିଧି ଥିଲା---ଅନେକ ଅତିଥିଙ୍କର ସମ୍ମୁଖରେ ଏବଂ ବିଧ ବାକ୍ୟ ଶୁଣିବାକୁ ମିଳିଲା--- "ବାପା ଆପଣ ! କେଉଁ ଦିଗକୁ ଯିବାର ହେଉଛନ୍ତି ?" "ପୁଅ ଆଜ୍ଞା ! ଦକ୍ଷିଣକୁ କାଟି ପୂର୍ବରୁ ଅଧେ ଯିବାର ବିଚାର ଅଛି ।"

ଏପରି ଆହୁରି ଅନେକ ହାସ୍ୟାସ୍ପଦ ପରିସ୍ଥିତିରେ ଅତି ଶିଷ୍ଟାଚାରର ବର୍ଜନୀୟ ରୂପ ଦେଖିବାକୁ ମିଳେ । ମୋଗଲ ବାଦ୍‌ଶାହା ଦରବାରରେ ଏ ଶିଷ୍ଟାଚାର ବହୁ ଜଟିଳ ଏବଂ ଅସମ୍ଭାର ଆଡ଼ମ୍ବର ନେଇ ଗଢ଼ିଉଠିଥିଲା । କେବଳ ଗୋଟିଏ ଉଦାହରଣ ଦିଆଯାଉ---"ନିଜ କଥା ଯେତେ ନ୍ୟୂନ କରି କୁହାଯାଇପାରେ ସେତିକି ଶିଷ୍ଟାଚରଣ ହେଉଥିଲା ।" ଜଣେ ଅମିର ତାଙ୍କର ଜଣେ ଆପେକ୍ଷିକ ଗରିବ ବନ୍ଧୁକୁ ନିମନ୍ତ୍ରଣ ଦେଲେ । ବିରାଟ ଉଆସ, ଦିହୁଡ଼ିଲଗା ଦରବାଜା---ଦ୍ୱାରେ ଦ୍ୱାରେ ସନ୍ତ୍ରୀ । ଖାଇବାକୁ ପଲାଉ କୁର୍ମା---ରାଜପୁତ୍ର ପରି ଦୁଇ ପୁଅ---ଏ ସମସ୍ତଙ୍କୁ ସେ ବିନୟର ସହିତ କହିଲେ---"(ତସରିଫ୍ ଲାଇଏ, ହମାରେ ଗରିବ ଖାନେ ମେ ଔର ଏ ଶୁଖି ରୁଖି ଯୋ ହେ ତକଲିଫ୍ ଉଠାଇୟେ)" "ଆପଣ ମୋର ଗରିବ କୁଟୀରକୁ ଆସିବା ହେଉନ୍ତୁ, ଆଉ ଯାହା କିଛି ଶୁଖା ରୁଖା ଅଛି କଷ୍ଟ ସ୍ୱୀକାର କରି ଭୋଜନ କରନ୍ତୁ ।"--ଇତ୍ୟାଦି । ଆର ଜଣକୁ ପଡ଼ିଗଲା ଅସୁବିଧା । ଶିଷ୍ଟାଚାର ପାଇଁ ସେ ଆହୁରି ଗୋଟିଏ ସୋପାନ ତଳକୁ ଯିବା ବିଧେୟ; କାରଣ ତାଙ୍କର ଘରଦ୍ୱାର ଏବଂ ଖାଇବା ପିଇବା ଏତେ ଉଚ୍ଚକୋଟୀର ନିଶ୍ଚୟ ନ ଥିଲା---ଅତଏବସେ ନିମନ୍ତ୍ରଣ କଲେ, "(---ଆପ୍ ହମାରେ ପା'ଖାନେମେ ତସରିଫ୍ ଲାଇୟେ, ଔର ଜୋ କୁଛ ଗୁହ ଗୋବର ହେ ଉସେ ତକଲିପ୍ ଉଠାଇୟେ)" "ଆପଣ ମୋର ପାଇଖାନାକୁ (ଅର୍ଥାତ୍ ଆପଣଙ୍କ ତୁଳନାରେ ପାଇଖାନା ସ୍ୱରୂପ ବାସଭବନକୁ) ଆସିବା ହେଉନ୍ତୁ ଏବଂ ଯାହା କିଛି ଗୁହ ଗୋବର ଅଛି ତାହା ସେବନ କରନ୍ତୁ ।"---ଅତି ଚରମପନ୍ଥୀ ଶିଷ୍ଟାଚାରୀଦଳ ଏପରି ହାସ୍ୟାସ୍ପଦ ହୋଇଥାନ୍ତି ।

କିନ୍ତୁ ସାଧାରଣ ବ୍ୟବହାରରେ ତ୍ରୁଟି ଆସେ ଅସଂଯମରୁ । ଯଥା---ଜଣକର ପ୍ରଥମ ପରିଚୟ ପରେ ସମ୍ଭାଷଣ--- "ଓ, ତା'ହେଲେ ଆପଣ କେବେ ଯାଉଛନ୍ତି ?" ହଠାତ୍ ଜଣକୁ ଅବାଞ୍ଛନୀୟ ବ୍ୟାଧିତୁଲ୍ୟ ଦେହରୁ ଝାଡ଼ିଦେବାଠାରୁ ବଳି ବୋଧହୁଏ ଆଉ ମର୍ମନ୍ତୁଦ ଅଶିଷ୍ଟାଚାର ନାହିଁ । ତା'ପରେ ହେଲା ନୂଆ ପରିଚିତକୁ ଚମକେଇବା; ଯଥା -- "ଆପଣ କୃଷିବିଭାଗରେ କାମ କରନ୍ତି ? ଓଃ, ଆପଣଙ୍କର ଡାଇରେକ୍‌ଟର ଶ୍ୟାମ ବାବୁ ମୋର ବନ୍ଧୁ । ଡେପୁଟି ଡାଇରେକ୍ଟର ଯେତେକ ସେ ସବୁ ମୋ ଶଳାର ସାଙ୍ଗମାନେ---ଧରନ୍ତୁ ଶଳା । ଆପଣଙ୍କର ଏଠାରେ ଅଫିସର---ଓ ଧନେଇ, ଧନେଶ୍ୱର---ସେ ପରା ଦୈନିକ ତିନି ଥର ଗାଡ଼ି ଧରି ଆସେ ତା ଫାର୍ମ ଦେଖିଯିବାକୁ -- ମୋତେ କଣ ବେଳ ଅଛି ? ହେଇ କାଲି କଲେକ୍ଟର ଚା' ଖାଇବାକୁ ଆସିଥିଲେ... ଆରେ ଦେଖିଲ, ସେ ଦୋକାନବାଲାର ଫଳ ସାଲାଡ୍ ବାବଦକୁ ୬୦ ଟଙ୍କା ବାକି ଦିଆଯିବା କଥା"

Digitized by srujanika@gmail.com

ଇତ୍ୟାଦି । ଏ ସମସ୍ତ ଡିଣ୍ଡିମନାଦ ପ୍ରାୟ ଶହେରେ ଅଶିଏ ମିଥ୍ୟା । ଧରାଯାଉ ଯଦି ସତ, ତଥାପି କହିବା ଭଙ୍ଗୀରେ ଏବଂ ଉଦ୍ଦେଶ୍ୟରେ ଏହା ଘୋର କୁରୁଚିବ୍ୟଞ୍ଜକ । ଆଉ ଏକ ପରିସ୍ଥିତି ନିଆଯାଉ--ପ୍ରତି କ୍ଷେତ୍ରରେ ଧରିନେବାକୁ ହେବ ଯେ ପରିଚୟ ଶିଷ୍ଟାଚାର-ସାପେକ୍ଷ୍ୟ । ଆପଣ ଏବଂ ଆଉ ଦୁଇ ତିନି ଜଣ ଠିଆହୋଇଛନ୍ତି । ହଠାତ୍ ନୂଆ ପରିଚିତ ଜଣେ ଆପଣଙ୍କର ପରିଧେୟକୁ ଚୁମୁଟି ଖୁବ୍ ବ୍ୟବସାୟୀ ଗଳାରେ ପଚାରୁଛନ୍ତି, “ଏଇଟା କଣ ଟେରିଲିନ୍---ଯା ଗଜ କେତେ ?” ଦୋକାନରେ ବହୁ ନମୁନାର କପଡ଼ା ଚୁମୁଟି ଚୁମୁଟି ଯେମିତି ଦୋକାନୀକୁ ନ ଚାହିଁ ତାକୁ କୌଣସି ଗୋଟିକର ଦାମ୍ ପଚରାଯାଏ--- ବ୍ୟବହାର ପ୍ରାୟ ସେହିପରି । ମୂଳତଃ କାହାରି ପରିଧେୟ ଉପରେ ମତାମତ ପ୍ରକାଶ କରିବା ଅସୌଜନ୍ୟ ଯଦି କହିବା ଅପରିହାର୍ଯ୍ୟ ମନେହୁଏ, ତେବେ ତାର ଢଙ୍ଗ ଏପରି ହେବା ଉଚିତ ଯେ, ଭଦ୍ରଲୋକ ମନେ କରିବେ ନାହିଁ ଯେ ସେ ଜଣେ ସର୍କସର ଫଣ୍ଟସ୍, ଯାହା ଉପରେ ଯଥେଚ୍ଛା କୁହାଯାଇପାରେ କିମ୍ବା ଆଧୁନିକ ପରିଚ୍ଛଦ ଦୋକାନର ଦଲାଲ, ସେ ମାଗଣା ପରିଚ୍ଛଦ ସାଜିହୋଇ ଦୋକାନର ନାମକୀର୍ତ୍ତନ କରେ । ଯଦି ଖୁବ୍ ପସନ୍ଦ ହେଉଛି, ଦୟାକରି କେବଳ ଥରେ ମାତ୍ର କୁହନ୍ତୁ, “ବାଃ, ଆପଣଙ୍କୁ ବେଶ୍ ମାନୁଛି ।” କିନ୍ତୁ ଯଦି କହି ଦିଅନ୍ତି, “ଭଲ ସିଲେଇଛି ତ, କୋଉ ଦର୍ଜିକୁ ଦେଇଥିଲେ ?” ଏହା ପ୍ରାୟ କନାର ଦର ପଚାରିବା ପରି ହୋଇଯିବ । ଅନ୍ୟକୁ ସମ୍ମାନ ଦେଇ ଶିଖିଲେ ଆପଣ ଯେତିକି ସମ୍ମାନ ତାଙ୍କଠାରୁ ଆଶାକରନ୍ତି-– ଏ ପ୍ରକାର ତ୍ରୁଟି ବୋଧହୁଏ ହେବ ନାହିଁ ନା କଣ ! ଆଉ ଗୋଟିଏ ଉଦାହରଣ ନିଆଯାଉ, ଆପଣଙ୍କର ବହୁ କନିଷ୍ଠ ଏବଂ ପାରିବାରିକ କ୍ଷେତ୍ରରେ ସୁପରିଚିତ ଜଣେ ତରୁଣ ଖୁବ୍ ଜଣେ ପଦସ୍ଥ କର୍ମଚାରୀ ରୂପେ ଆସିଛନ୍ତି — ତାଙ୍କ ଚାରିପାଖେ ବହୁ ଅମଲା ଅଫିସର । ଆପଣ ହୁଏତ ଥଳି ଧରି ବଜାର ଯାଉଛନ୍ତି — ହଠାତ୍ ତାଙ୍କୁ ଦେଖି ସ୍ନେହ ପ୍ରକାଶ କରିବାକୁ ଆପଣଙ୍କର ଇଚ୍ଛା ହୋଇଗଲା । ତାଙ୍କୁ ପିଠିରେ ଥାପୁଡ଼େଇ ଆଉଁସି ସାଉଁଳି ଆପଣ ଆପଣଙ୍କର ଜ୍ୟେଷ୍ଠତ୍ୱ ପ୍ରମାଣ କଲେ; ହୁଏତ ଆପଣଙ୍କର ଉପର ଅଫିସର ସେଇଠି ଥିବାରୁ ତାଙ୍କୁ ଦେଖାଇବାକୁ ଆହୁରି ଟିକେ ଉତ୍ସାହିତ ହେଲେ । ତା’ପରେ ଆପଣ ଆବିଷ୍କାର କରିବେ ଯେ, ସେ ଜଣଙ୍କ ଆପଣଙ୍କୁ କିଛି ନ କହି ଗମ୍ଭୀର ହୋଇ ଠିଆ ହୋଇଛନ୍ତି, ତାଙ୍କ ଗହଣରେ ଅନ୍ୟାନ୍ୟ ସମସ୍ତେ ମଧ ତଦ୍ରୂପ ଗମ୍ଭୀର । ଆପଣ ବଜାର ଯିବାକୁ ବାଧ ହେବେ । ଅଫିସର ଜଣକ ତାଙ୍କ କୋଟରେ ଆପଣଙ୍କ ହାତ ଲାଗିଥିବା ସ୍ଥାନରୁ ଧୂଳି ଝାଡ଼ି ଅନ୍ୟ କାମରେ ମନଦେବେ । କିନ୍ତୁ ଆପଣ ବାରମ୍ବାର ଏପରି ବ୍ୟବହାର କଲେ ଆପଣଙ୍କ ନିରାପତ୍ତା ପାଇଁ ହୁଏତ କେହି ଦାୟୀ ହେବେ ନାହିଁ । ସାମାଜିକ ମୂଲ୍ୟବୋଧ ବିଷୟରେ ସଚେତନ ନ ହେଲେ ଉପଯୁକ୍ତ ସମ୍ମାନ ଦେଇ କିମ୍ବା ନେଇ ହୁଏନା ।

କଥା ନ କହି ମଧ ଅନ୍ୟ ଜଣକୁ ଖୁବ୍ ଆଘାତ କରାଯାଇପାରେ । ଜଣେ ପତ୍ରିକା ପଢୁଛନ୍ତି ସକାଳେ ଖରାରେ ଠିଆହୋଇ । ଆଉ ଜଣେ ଆସି ତାଙ୍କ ପଛଆଡୁ ହାମୁଡ଼େଇ ପଢ଼ିବାକୁ ଚେଷ୍ଟା କଲେ କିମ୍ବା ପାଖକୁ ଯାଇ ଲଇଁପଡ଼ି ତଳ ପତ୍ରଟା ପଢ଼ିଦେବାକୁ ପ୍ରୟାସ କଲେ କିମ୍ବା ନୀରବରେ ତାଙ୍କ ହାତରୁ ଗୋଟାଏ ପତ୍ର ଭିଡ଼ିବାର ପ୍ରଯତ୍ନ କଲେ । ଏହାଠାରୁ ବଳି ବିରକ୍ତିକର ଅଶିଷ୍ଟାଚାର ବୋଧହୁଏ ବିରଳ । କିମ୍ବା ଜଣେ ଆପଣଙ୍କ ସହିତ ଆଳାପ କରୁଛନ୍ତି, ଆପଣ ଖଙ୍କାରିବା ଆରମ୍ଭ କରିଦେଲେ । ଖଙ୍କାର, ଛେପ ପ୍ରତି ଅଧ ମିନିଟ୍‌ରେ ଯଦି ଉଦ୍‌ଗାର କରାଯାଏ

Digitized by srujanika@gmail.com

ଭୀଷଣ ଶବ୍ଦରେ, ସେ ଜଣକ ନମସ୍କାର ଜଣାଇ ଚାଲିଯିବା ଉଚିତ । ପ୍ରଥମ ପରିଚୟ ପରେ ଦୁଇଜଣଙ୍କର ରାସ୍ତାରେ ଦେଖାହୋଇଛି । ଜଣେ ହୁଏତ ପରିଚୟ ବଜାୟ ରଖିବାକୁ ଚାହିଁ ଅଳ୍ପ ହସିଛନ୍ତି, କିନ୍ତୁ ଆର ଜଣକ ସଂପୂର୍ଣ୍ଣ ଅପରିଚିତ ପରି ମୁହଁ ଫେରେଇ ଚାଲିଯାଇଛନ୍ତି । ଆଉ ଥରକୁ ଏ ଜଣକ ଯେତେ ଚେଷ୍ଟା କଲେ ବି ଅପର ବ୍ୟକ୍ତି ପ୍ରତିଶୋଧ ନେବେ ହିଁ ନେବେ ।

ଅନ୍ୟ ଉପରେ ନିଜର ସମସ୍ୟା ଅଯାଚିତ ଭାବରେ ଲଦିଦେଲେ ଅନେକ ସମୟରେ ଅସୌଜନ୍ୟ ପ୍ରକାଶ ପାଏ । ଅଶିଷ୍ଟାଚାର ସର୍ବଦା ଅଜ୍ଞାତରେ ହିଁ ହୋଇଥାଏ । ଜ୍ଞାତସାରରେ ଅଭଦ୍ର ଆଚରଣ କରିବା ଦୁଷ୍ଟ ପ୍ରକୃତିର ମଣିଷଙ୍କ କାମ । ସାଧାରଣତଃ ରୁଚିଭଙ୍ଗ କରୁଥିବା ବ୍ୟକ୍ତି ଜାଣେନା ଯେ ସେ ରୁଚିଭଙ୍ଗ କରୁଛି । ଜାଣିଲେ ହୁଏତ ସେ ସତର୍କ ହୋଇଯାଆନ୍ତା । ଜଣେ ହୁଏତ ଅଫିସକୁ ବ୍ୟସ୍ତ ହୋଇ ଚାଲିଯାଉଛନ୍ତି, ଆଉ ଜଣେ ତାଙ୍କୁ ଅଟକେଇ ଆରମ୍ଭ କରୁଛନ୍ତି ଯେ, ତାଙ୍କ ସାନଝିଅର କେମିତି ତିନି ମାସ ହେଲା କାଛୁ ଭଲ ହେଉନାହିଁ । କାଛୁ ହେବା ଏବଂ ଭଲ ନ ହେବା ହୁଏତ ତାଙ୍କ ପ୍ରତି ଗୋଟାଏ ସମସ୍ୟା ହୋଇଉଠିଛି । କିନ୍ତୁ ସେ ଅନ୍ୟର ସୁବିଧା ଅସୁବିଧା ବିଷୟରେ ସଚେତନ ନ ଥିବାରୁ ଦେଶକାଳ ବିବେଚନା କରିପାରିନାହାନ୍ତି; ଫଳତଃ ବ୍ୟବହାରରେ ଶାଳୀନତାର ଅଭାବ ଦେଖା ଦେଇଛି । ନ ପଚାରିଲେ ନିଜ କଥା କହିବା ହୁଏତ ନିଷ୍ପ୍ରୟୋଜନ; କିନ୍ତୁ ସହାନୁଭୂତିକାଙ୍ଗାଳ ହୋଇ ଦୟା ଭିକ୍ଷା କରିବା ଯେପରି ମଣିଷର ଗୋଟାଏ ଅତି ଗଭୀର ଏବଂ ଗର୍ହିତ ଗୁଣ ।

ଶିଷ୍ଟାଚାର ଯେତେ ନିର୍ଭର କରେ ସାମାଜିକ ଶିକ୍ଷା ଉପରେ, ବୋଧହୁଏ ସେତେ କିମ୍ବା ତତୋଧିକ ନିର୍ଭର କରେ ବ୍ୟକ୍ତିର ସ୍ୱଭାବ ଉପରେ । ପାରିବାରିକ ବାତାବରଣ, ବାଲ୍ୟବନ୍ଧୁର ପ୍ରଭାବ, ପ୍ରାରମ୍ଭିକ ଶିକ୍ଷା ଇତ୍ୟାଦି ବ୍ୟକ୍ତିର ସ୍ୱଭାବକୁ ଭଦ୍ର ଏବଂ କମନୀୟ କରିବାରେ ସାହାଯ୍ୟ କରନ୍ତି । ଅନ୍ୟର ମନରେ କୌଣସି ଅବସ୍ଥାରେ ପ୍ରତ୍ୟକ୍ଷ ବା ପରୋକ୍ଷରେ କଷ୍ଟ ନ ଦେବା ସୁଜନର ଲକ୍ଷଣ । ପ୍ରିୟଭାଷୀ, ସହନଶୀଳ, ଅନହଂକାରୀ ବ୍ୟକ୍ତି ହିଁ ସୌଜନ୍ୟକୁ ନିଜର ସହଜ ସ୍ୱଭାବରେ ପରିଣତ କରେ । ସେଥିପାଇଁ ତାକୁ ନୀତି ନିୟମ ମୁଖସ୍ଥ କରିବାକୁ ପଡ଼େନାହିଁ କିମ୍ବା ପ୍ରୟାସ କରିବାକୁ ପଡ଼େ ନାହିଁ । ତାର ଅନାୟାସ ବ୍ୟବହାର ହିଁ ଶିଷ୍ଟାଚାର । ମାନସିକ ଦୃଷ୍ଟି ଭଙ୍ଗୀରେ ଏକ ଆନ୍ତର ଛନ୍ଦ ଓ ସ୍ୱଭାବରେ ଏକ ଭାରସାମ୍ୟ, ଏକପ୍ରକାର ସ୍ଥିତିପକତା ନ ଆସିବା ଯାଏ ଶିଷ୍ଟାଚାର ହେବ ଏକ ଅସ୍ୱାଭାବିକ ବଳାତ୍କାର ଆରୋପ । ସୌଜନ୍ୟ ପାଇଁ ବ୍ୟକ୍ତି ନିଜେ ସୁଜନ ହେବା ବାଞ୍ଛନୀୟ । ଦୃଷ୍ଟ ପ୍ରକୃତିର ଆବରଣ ସ୍ୱରୂପ ବାହ୍ୟ ଶିଷ୍ଟାଚରଣ ଅସମ୍ଭ ନୁହେଁ; କିନ୍ତୁ ତା'କେବଳ ବ୍ୟଭିଚାରୀ ଭାବ ପରି ଅସ୍ଥାୟୀ---ଶିଷ୍ଟାଚାରକୁ ସ୍ଥାୟୀ ସ୍ୱଭାବରେ ପରିଣତ କରିବା ପ୍ରତି ସଭ୍ୟ ସମାଜର ଲକ୍ଷ୍ୟ, ବିଶେଷତଃ ପ୍ରତି ସଭ୍ୟ ବ୍ୟକ୍ତିର କର୍ତ୍ତବ୍ୟ ।

❖❖❖

Digitized by srujanika@gmail.com

ଅଭିଭାବକ

ଗଛଛାଇରେ ଗଛ ଯେମିତି ଉଧାଏ ନାହିଁ, ମଣିଷ-ଛାଇରେ ମଣିଷର ବ୍ୟକ୍ତିତ୍ୱ ଯେମିତି ଅଧେ ବଢ଼େ ଅଧେ ଛିଡ଼େ; ସମାନ ବିପୁଳତାରେ ଗଜେଇପାରେନା । କିନ୍ତୁ ନୂଆ ବଢ଼ିବ ବୋଲି ପୁରୁଣାକୁ କାଟି ଫିଙ୍ଗିଦେଇ ହୁଏନାହିଁ । ଅଭିଭାବକକୁ ମଧ୍ୟ ଠିକ୍ ସେମିତି ସହିଯିବାକୁ ହୁଏ । ତା’ ବୋଲି ଯେ ସେ ସଂପୂର୍ଣ୍ଣ ଅନାବଶ୍ୟକ ଏହା ମଧ୍ୟ କହିହେବ ନାହିଁ । ଚାରା ନୂଆ ହୋଇ ଚେର ଲଟେଇଲା ବେଳେ ପତର ଠୁଙ୍ଗା ଯେମିତି, ବା ସୂର୍ଯ୍ୟତାପରେ ଜଟାୟୁ ଜଳିଯିବ ବୋଲି ତା’ ଉପରେ ଡେଣା ମେଲେଇ ପଙ୍ଗୁ ହୋଇ ଖସିପଡ଼ିବା ସମ୍ପାତି ଯେମିତି, ଏ ଅଭିଭାବକ ବିଚାର ବି ସେମିତି । ଗୋଟାଏ ସମୟରେ ତାକୁ ବାଦ୍ ଦେଇ ବଞ୍ଚି ହୁଏନା । ଅବଶ୍ୟ ଏମାନଙ୍କ କଥା ଏଠି ପଡ଼ିନାହିଁ । ଜନ୍ମ ଦେଇ ପାଳିବା ପୋଷିବା, ଦାୟିତ୍ୱକୁ, ମମତା-ସ୍ନିଗ୍ଧକରି ସନ୍ତାନକୁ ଏଡ଼େଟିଗୁ ଏଡ଼େଟିଏ କରୁଥିବା ବାପ-ମା’ଙ୍କ କଥା ପଡ଼ିନାହିଁ; ପଡ଼ିଛି ସେଇମାନଙ୍କ କଥା, ଯେଉଁମାନେ ବର୍ଦ୍ଧିଷ୍ଣୁ ଜୀବନର ସହଜ ପନ୍ଥା ଉପରେ ବିଶ୍ୱାସ ରଖନ୍ତି ନାହିଁ, ଯେଉଁମାନେ ଭାବନ୍ତି ସେମାନେ ନ ଥିଲେ ସୃଷ୍ଟି ଅଚଳ ହୋଇଯିବ, ନୀତି-ନିୟମର ଧ୍ୱଜାଧାରୀ ସେହି ଅତ୍ୟାଚାରୀ ଅପଶାସକଙ୍କ କଥା ଏଠି ପଡ଼ିଛି । ମୋଟ ଉପରେ କୌଣସି ନିର୍ଦ୍ଦିଷ୍ଟ ଅଭିଭାବକ ନୁହେଁ; ମାତ୍ର ସେହି ତଥାକଥିତ ଅଭିଭାବକତ୍ୱ ହିଁ ଆମର ବିଚାର୍ଯ୍ୟ ।

ପ୍ରଥମତଃ ଅଭିଭାବକ ମହାଶୟ ଭାବିଥାନ୍ତି ଯେ, ତାଙ୍କ ଅଧୀନସ୍ଥ ନାବାଳକଟି ତାଙ୍କ ଅଜ୍ଞାକାରୀ ଭୃତ୍ୟଓ । ସେ ଯାହା କହିବେ ତାକୁ ନିର୍ବିରୋଧ ମାନିଯିବା ତାର କର୍ତ୍ତବ୍ୟ; ଏଣୁ ସଦ୍‌ଗୁଣ ମଧ୍ୟ । ଯେ ଟିକିଏ ନିଜ ସ୍ୱାଧୀନ ଇଚ୍ଛା ଉପରେ କାମ କରିବାକୁ ଚେଷ୍ଟା କରିଦେଲା, ତା’ ଉପରେ ତ ଯାହା ଶାସନର ପିଙ୍ଗଳ କୋଡ୍ ଅନୁଯାୟୀ ଦଣ୍ଡବିଧାନ ହେବ, ସେ କଥା ଛାଡ଼

---ତାକୁ ସ୍ୱାଧୀନ ବୋଲି ସ୍ୱୀକାର ନ କରି କେବଳ ଅବାଧ୍ୟ ଆଖ୍ୟାରେ ମଧ୍ୟ ଅପମାନିତ କରାଯାଏ । ବିଧା, ଗୋଇଠା, ଚାପୁଡ଼ା, ବେତ, ବାଡ଼ି ପ୍ରହାରର ଉପାଦେୟତା ପାଇଁ ନିୟମ ଅଛି । ଏଇଠି ମନେରଖିବା ଉଚିତ ଯେ, ଅଭିଭାବକଙ୍କର ମଧ୍ୟ ଆହୁରି ଜୋର୍‌ଦାର୍ ଅଭିଭାବକ ଅଛନ୍ତି । ସେଗୁଡ଼ିକ କିନ୍ତୁ ଅଶରୀରୀ ଭୂତ, ଯଥା---ଚକ୍ଷୁଲଜ୍ଜା, ଭୟ, ଲୋକେ କଣ କହିବେ ଭୟ, ଅନ୍ୟାୟ କଲେ ଧର୍ମ ସହିତ ନାହିଁ ଭୟ, ଇତ୍ୟାଦି । ନାନା ପ୍ରକାର ଆଇନାନୁମୋଦିତ ଦଣ୍ଡ ଦେବାର ମୂଳ ଉଦ୍ଦେଶ୍ୟ ହେଲା, ସେଇ କୋମଳ ନାବାଳକ ପ୍ରାଣରେ ଏକ ଆତଙ୍କ ସୃଷ୍ଟି କରିଦେବା

Digitized by srujanika@gmail.com

-- ମାଙ୍କୁଡ଼ିଆ ଯେମିତି ତା' ପୋଷା ମାଙ୍କଡ଼ପିଲାକୁ ନାନାପ୍ରକାର ବିକଟ ଭଙ୍ଗୀରେ ନଚାଏ ଏବଂ ବାହାଦୂରୀ ନିଏ, ଅଭିଭାବକଙ୍କ କାମ ହେଲା ସେଇ ପ୍ରକାର ଗୋଟାଏ ବାହାଦୂରୀ ନେବା । ତା' ଭିତରୁ କେତେ ଜଣ ନୀତି କରି ଦେଇଛନ୍ତି ଯେ, ନାବାଳକ ଯାହା ଚାହିଁବ, ଠିକ୍ ତାର ଓଲଟା ପାଇଁ ତାକୁ ବାଧ କରିବା । ଏହା କୁଆଡ଼େ ତାକୁ ମଣିଷ କରିବାରେ ସାହାଯ୍ୟ କରିଥାଏ ! ଉଦାହରଣ ସ୍ୱରୂପ---ଯଦି ସେ କହିଛି, କୋଟରେ ଗୋଟିଏ କିମ୍ବା ଦୁଇଟି ବୋତାମ ରହୁ ଯେପରି ରଖିଛନ୍ତି ରାମଚନ୍ଦ୍ର, ଶ୍ୟାମସୁନ୍ଦର କିମ୍ବା ଦାମୋଦର---ତତ୍‌କ୍ଷଣାତ୍ ଅଭିଭାବକ ସେହି ତିନୋଟି ଭଦ୍ର ଲୋକଙ୍କୁ ରାମା, ଶାମା, ଦାମାରେ ପରିଣତ କରି କହିବେ ଯେ, ସାତୋଟି କିମ୍ବା ତଦୂର୍ଦ୍ଧ୍ୱ ବୋତାମ କୋଟରେ ରହିବା ବିଧେୟ । ଯଦି ନିହାତି ଚାହଁ ବେକ ପାଖକୁ ଚକେ ଲେଖା ପ୍ରଜାପତିଆ କଲର ରଖିପାର । ଛୁଟି ଦିନ ଦୁଇପହର ବେଳା ଯଦି ଇଚ୍ଛା ହେଲା ଚକା ବରଗଛରେ ଡାଳମାଙ୍କୁଡ଼ି ଖେଳିବା ବା ନଈକୂଳରେ ଫିରିକ୍ ଧରିବା...ଓଃ, ସେ ମହା ଭୟାନକ କଥା, ତା କି କେବେ ସମ୍ଭବ ! ଦ୍ୱିପ୍ରହରଟା ଖରା ବେଳା, ଶୋଇଯାଅ । ଖରାରେ ବୁଲିଲେ ଝୋଳା ମାରିଦେବ । ସେତେବେଳେ ଇଚ୍ଛା ହୁଏ କହିବାକୁ, ତୁମକୁ ହେଲେ ଝୋଳା ମାରିଦିଅନ୍ତା କି ପ୍ରଭୁ---ଏକାଥରେ ମଣିଷ ନିଷ୍କୃତି ପାଇଯାନ୍ତା ! ହୁଏତ ଅଭିଭାବକ ବୁଝନ୍ତି---ଟୋକା ଯାହା କହୁଛି ଠିକ୍ ଏବଂ ସେ ଯାହା କହୁଛନ୍ତି ଭୁଲ୍; କିନ୍ତୁ ତାକୁ ସେଇୟା କହିଦେଲେ ତା' ମୁହଁ ବଢ଼ିଯିବ ନାହିଁ ? ତାକୁ ବାଧ କରିବା ତ ହେଲା ତାଙ୍କର ଏକମାତ୍ର କର୍ତ୍ତବ୍ୟ । ସେଥିପାଇଁ ମାଡ଼ ଖାଇ ସେ ବାଜୁଆ, ଗୟାଁ ହୋଇଯାଉ ବରଂ ତା ହିଁ ଶ୍ରେୟସ୍କର । କିନ୍ତୁ ବାପରବାୟ ହୋଇଯିବ ସେ ଥାଉ ଥାଉ, ଏ କଥା ଅସହ୍ୟ; ତା' କେବେ ହୋଇପାରେନା !

ଦ୍ୱିତୀୟତଃ ସେ ଭାବନ୍ତି ନାବାଳକଟି ଅନ୍ଧ । ତାକୁ ଏ ଘୋର ସଂସାରରେ କିଛି ବାଟ ନାକରେ ଖଣ୍ଡେ ଦଉଡ଼ି ଲଗେଇ ଟାଣିନେଇଗଲେ ହୁଏ । ଜୋର୍ କରି କିଛି ନୀତିନିୟମର ପାନେ---ଯାହାକୁ ସେ ନିଜେ ଏ ପର୍ଯ୍ୟନ୍ତ ଏଡ଼ିପାରି ନାହାନ୍ତି---ତାର ପାଟିରେ ଭର୍ତ୍ତିକରିଦେବା ତାଙ୍କର କର୍ତ୍ତବ୍ୟ । ଏଥିରେ ଦୁଃଖ ରହିଯାଏ ଗୋଟିଏ କଥା ନେଇ---ତା' ହେଉଛି ଯେ ଅଭିଭାବକ ଅନବରତ ଚିନ୍ତା କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ ସେ ନାବାଳକର ଶୁଭଚିନ୍ତକ । ତାଙ୍କୁ ଯାହା ଭଲ ଦିଶେ, ବା ଠିକ୍ କହିବାକୁ ଗଲେ ଯାହାକୁ ସେ ଭଲ ବୋଲି ଦେଖି ଶିଖିଛନ୍ତି, ତାକୁ ସେ ସମସ୍ତଙ୍କ ପାଇଁ ଏବଂ ସବୁ କାଳରେ ଭଲ ବୋଲି ମାନି ନିଅନ୍ତି । ତାର ବିଷମୟ ଫଳ ଭୋଗେ ନାବାଳକ ବିଚାର । ଅଭିଭାବକ କଥା-କଥାକେ ଉଦାହରଣ ଦିଅନ୍ତି ନିଜର । ସେ କିପରି ଆରୁଣିତୁଲ୍ୟ ଗୁରୁଜନ ବାକ୍ୟ ଅଲଙ୍ଘ୍ୟ ମଣି, ନାନା କଷ୍ଟ ସହି ଆଜି ମଣିଷ ହୋଇଛନ୍ତି । ତା ସାଙ୍ଗକୁ ଆଜିକାଲିକା ପିଲାଙ୍କ ଭବିଷ୍ୟତ ନେଇ ଘୋର ନୈରାଶ୍ୟ ପ୍ରକାଶ । ଏମିତି ଦୋମୁନିଆ ଯନ୍ତ୍ର ଲଗାଇ ସେ ହତଭମ୍ବ ନାବାଳକଟି ଉପରେ ପ୍ରଭାବ ପକାନ୍ତି । ସେ ବି କିଛି ବିଚାର ନ କରି ବାପ ଦାଦିଙ୍କର ପୁରୁଣା କାଦୁଅ ପୁଣି ଚକଟେ । ନୂଆ ରାସ୍ତା ନେବା ମନା । ଅଭିଭାବକ ତାକୁ ଲଉଡ଼ି ଧରେଇ ଦେଇଥାନ୍ତି । ସେ ତାକୁ ଯେଉଁଆଡ଼େ କଢ଼େଇଲା ତାହାହିଁ ରାଜପଥ । ଟିକିଏ ସଚେତନ ଓ ବିଚାରବନ୍ତ ଅଭିଭାବକଙ୍କୁ ଯଦି ପଚାରିଦିଆଯାଆନ୍ତା, "ଆଜ୍ଞା, ଏ ରାସ୍ତା କଣ ଠିକ୍ ବୋଲି ଆପଣ

Digitized by srujanika@gmail.com

ନିଜେ ଜାଣନ୍ତି ?"---ସେ ଟିକିଏ ଚମକି ଯାଆନ୍ତେ । ଭାବନ୍ତେ--- "ଆରେ ସତେ ତ, ପନ୍ଥା ତ ମୁଁ ଦେଖିନାହିଁ---ମୋତେ ଦେଖେଇ ଦିଆ ହୋଇଛି---ମୁଁ ପଥିକ ମାତ୍ର । ଇଚ୍ଛା ବିରୁଦ୍ଧରେ ଏଥିରେ ପେଲି ହୋଇ ପଶିଆସିଛି ଏବଂ ସେହିପରି ଭିଡ଼ ଭିତରେ ଏହାକୁ ମଧ ଟାଣିନେଉଛି । ସେ କଣ ସତେ ଏ ଗଳିରେ ଯିବାକୁ ବାଧ ?'---କିନ୍ତୁ ହତୋସ୍ମି ! ଏପରି ଅଭିଭାବକ କୋଟିକେ ଗୋଟିଏ ମିଳିବା କଷ୍ଟ ।

ଏଥିରୁ ଜଣାଗଲା ଯେ, ଏ ଅଭିଭାବକ ମହୋଦୟ ଯେତେ ନିଷ୍ଠୁର ଅପଶାସକ ହୁଅନ୍ତୁ ପଚ୍ଛକେ କଲେଜ ପରେ ଅନ୍ତତଃ ତାଙ୍କର ଆଉ ଦେଖାମିଳିବ ନାହିଁ । ମହାମତି ଚାଣକ୍ୟ କହିଛନ୍ତି---ସେଥିପାଇଁ ତାଙ୍କର ଜୟ ହେଉ !---ଯେ ଷୋଳ ବର୍ଷ ପୂରିଗଲେ ସେ କୁଆଡ଼େ ମିତ୍ରାଚରଣ କରନ୍ତି । ଏବେ ଅବଶ୍ୟ ଆଉ ପାଞ୍ଚ ବର୍ଷ ଦରକାର ସାବାଳକ ହେବା ପାଇଁ । କିନ୍ତୁ ଏହା ବିଡ଼ମ୍ବନା ମାତ୍ର । ଆମେ ମୋଟ ଉପରେ କେବେ ସାବାଳକ ହେଉନା ଏବଂ କସ୍ମିନ୍ କାଳେ ଏ ଅଭିଭାବକତ୍ୱର ଛାୟାରୁ ମୁକ୍ତ ହୋଇପାରୁନା । ସଂବିଧାନ ଅନୁସାରେ ସାବାଳକ ହୋଇଗଲେ ଅଭିଭାବକ ଆଉ ବ୍ୟକ୍ତି ହୋଇ ରହେନାହିଁ ସତ---କିନ୍ତୁ ହୋଇଯାଏ ଏକ ଅଶରୀରୀ ଆତ୍ମା । ଏକ ଅନତିକ୍ରମ୍ୟ ଦୁଷ୍ଟ ପରମ୍ପରା । ଏଣୁ ବ୍ୟକ୍ତିଠାରୁ ସେ ହୋଇଯାଏ ଆହୁରି ବ୍ୟାପକ, ଆହୁରି ଅମାନିଆ ଏବଂ ଅତ୍ୟାଚାରୀ । ଗୋଷ୍ଠୀ ହୋଇଯାଏ ଅଭିଭାବକ । ଗୋଷ୍ଠୀର ପ୍ରତିନିଧି ଆସି କହେ, "ତମେ ବାବୁ ଆମ ସାହିରେ ଅଛ । ଆମେ ତୁମର ଦେଖିରେଖ୍ କରିବା, ଆଉ ସାହିବାଲାଙ୍କଠୁ ତୁମକୁ ରକ୍ଷା କରିବା । ବର୍ତ୍ତମାନ ସାହିର ଅମୁକ ଅନୁଷ୍ଠାନକୁ କିଛି ଚାନ୍ଦା ଦେଇପକାଅ ।"---ନକହି କୁହାଯାଏ ଭଙ୍ଗୀରେ ଏବଂ ଇଙ୍ଗିତରେ, 'ନ ହେଲେ ସମ୍ଭାଳ ।'--- ମନେପଡ଼ିଯାଏ ପିଲାଦିନର ବିଧା ଗୋଇଠା, ବେତ ଏବଂ ବାଡ଼ି ଏବଂ ତତ୍‌ଜନିତ ଆତଙ୍କ... ଚାନ୍ଦା ଦେବାରେ ଡେରି ହୁଏ ନାହିଁ । ଶ୍ରମିକ-ଗୋଷ୍ଠୀ ଆସି କହେ, 'ତୁମେ ଆମ ଅନ୍ତର୍ଭୁକ୍ତ, ଚାରଣିଆ ସଭ୍ୟ ହୋଇଯାଅ ବା ଯଦି ଚାହଁ ପାଞ୍ଚ ଟଙ୍କିଆ ଆଜୀବନ ସଭ୍ୟ ହୋଇପାର, ଆମେ କାରଖାନା ମାଲିକ ଖଣି ମାଲିକପାଖରେ ଲଢ଼ି ତୁମକୁ ରକ୍ଷା କରିବା ।' ପାଞ୍ଚଟି ଟଙ୍କା ଖସିଯାଏ ଏବଂ ଖସିଯାଏ ସେହି ଅନୁପାତରେ ନିଜ ଉପରୁ ଆସ୍ଥା । ଏପରି ବିବିଧ ଅନୁଷ୍ଠାନ, ଅସଂଖ୍ୟ ସଂପ୍ରଦାୟ---ଲକ୍ଷାଧିକ ଭୟ ଆତଙ୍କ, ଯୁକ୍ତି ଓ ପୃଷ୍ଠପୋଷକତା ଆସି ବ୍ୟକ୍ତିର ସମସ୍ତ ସମ୍ଭାବନାର ପଥରୋଧ କରି ଠିଆହୁଅନ୍ତି । ତାର ସାମୂହିକ ବ୍ୟକ୍ତିତ୍ୱ ଯେଉଁ ସବୁ ବିଭିନ୍ନ ପନ୍ଥାରେ ବିକଶିତ ହୋଇଥାନ୍ତା ସେ ସମସ୍ତର ଦ୍ୱାରଦେଶରେ ଗୋଟିଏ ଗୋଟିଏ ଅଭିଭାବକ । ଅଣନିଶ୍ୱାସୀ ହୋଇ ଚିତ୍କାର କରେ, "ମୋତେ ଛାଡ଼ିଦିଅ, ମୁଁ ସ୍ୱାଧୀନ ହେବାକୁ ଚାହେଁ ମୁଁ ବରଗଛରେ ଡାଳମାଙ୍କୁଡ଼ି ଖେଳିବି, କୋଟରେ ଗୋଟିଏ ବୋତାମ୍ ଲଗେଇବି, ସେଥିରେ ଯାହା ବିପଦ ଥାଉ ସେଥିକି ମୋର ଭ୍ରୂକ୍ଷେପ ନାହିଁ । ମୋତେ ତୁମେ ଚାରିଆଡୁ ଘେରି ମାରିଦିଅ ନାହିଁ ।"---ଉତ୍ତର ଆସେ, "ଆମେ କଣ ଏଠି ଚଷୁ କୁଟୁଛୁ ? ଆମେ ପରା ସେଇଆ ଚାହୁଁ ! ତୁମେ ଆଉ ସ୍ୱାଧୀନ କଣ ହେଲ !" ସ୍ଥିର ହୋଇ ବୁଝ, ସ୍ୱାଧୀନତାର ଅର୍ଥ କଣ ? ତୁମେ ସ୍ୱାଧୀନ ହେବାକୁ ହେଲେ କଣ କରିବାକୁ ହେବ, କିପରି କେଉଁ ପନ୍ଥା ଅବଲମ୍ବନ କରିବାକୁ ହେବ । ଫରାସୀ ଆନ୍ଦୋଳନ ଦିନଠାରୁ ଖୋଲାଖୋଲି ଆମେ ସେଇଆ ଆମର ନୀତି କରି ଆସିଛୁ । ତୁମେ ଅଗ୍ରସର ହୁଅ ।

Digitized by srujanika@gmail.com

ଆମେ କେବଳ ତୁମ ପଛରେ ଠିଆହୋଇଥିବୁ । କାଳେ ଥାଏ ତ' କେତେବେଳେ ଏକୁଟିଆ ଦେଖି କିଏ ଝାମ୍ପ ମାରିଦେବ, ସେତେବେଳେ ଘଣ୍ଟ ଘୋଡ଼େଇ ଚକ୍ର ଆକୁଆଳ କରିବା ଆମର କାମ । ଯା ପରେ ଚୁପ୍ । କଥାଟା ମୋଟ ଉପରେ ସତ ନୁହେଁ କି ? ସଂସାରର ରୂପ ଯାହା ହେଲାଣି ଏକୁଟିଆ ଲୋକଟିକୁ କିଏ ପଚାରେ ? ସତ୍ୟ ନ୍ୟାୟ ବିଷୟରେ ମଧ୍ୟ ସଂସ୍ଥା ସଂପ୍ରଦାୟ ସବୁ ରହିଛି । ସବୁ ତା ମାଧ୍ୟମରେ ହେବା ଉଚିତ !" ଆଉ ବିରୋଧ ରହେନାହିଁ । ବ୍ୟକ୍ତି ତାର ଚିରନାବାଳକତ୍ୱ ସ୍ୱୀକାର କରିନିଏ । କିନ୍ତୁ ଏଇଠି ଲକ୍ଷ୍ୟ କଲେ ସେ ଦେଖନ୍ତା ଯେ ସେ କେତେବେଳୁ ତାର ଅଜ୍ଞାତରେ ନିଜେ ଗୋଟିଏ ଅଭିଭାବକ ସାଜି ସାରିଲାଣି । ଏଣୁ ବିରୋଧ ନ ରହିବା ସ୍ୱାଭାବିକ । ଅଭିଭାବକ ନିଜେ ଅଭିଭାବତ୍ୱରୁ ମୁକ୍ତ ନୁହେଁ, ସେ ତାର ପୋଷାକ ଓ ପୋଷିତ ।

ନାବାଳକତ୍ୱ ମଣିଷ ପ୍ରକୃତିର ଏକ ମୌଳିକ ଦୁର୍ବଳତା । ଯେଉଁଦିନଠାରୁ ସେ ତାର ଶାରୀରିକ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ଗୋଷ୍ଠୀବଦ୍ଧ ହୋଇ ବଳବତ୍ତର ଜନ୍ତୁ ଆକ୍ରମଣରୁ ନିଜକୁ ରକ୍ଷାକଲାଣି, ଅଣାୟତ୍ତରେ ସେ ଏହି ଦୁର୍ବଳତାକୁ ସ୍ୱୀକାର କରିନେଲାଣି । ଏ ଦୁର୍ବଳତା ଯେ କେବଳ ଶାରୀରିକ ତା' ନୁହେଁ, ଏହା କ୍ରମଶଃ ସଞ୍ଚରି ଯାଇ ମନରାଜ୍ୟ ଏବଂ ଭାବରାଜ୍ୟରେ ମଧ୍ୟ ତାକୁ ପରାୟତ୍ତ କରିଦେଇଛି---ମଣିଷ ଆଉ ଏକୁଟିଆ ଚିନ୍ତା କରି ଶିଖିଲା ନାହିଁ । ସକ୍ରେଟିସ୍ ଅମଳରୁ ଗୋଟିଏ ଦ୍ୱିତୀୟବ୍ୟକ୍ତି ଆବଶ୍ୟକ---ହୋଇପାରେ ସେ କେବଳ ନିମିତ୍ତ ମାତ୍ର, ହୋଇପାରେ ମଧ୍ୟ ଯେ ସେ ଗୋଟାଏ ମୂର୍ଖ । କିନ୍ତୁ ତାର ମୂର୍ଖତାକୁ ହିଁ ଲକ୍ଷ୍ୟରେ ରଖି ସକ୍ରେଟିସ୍ ତାଙ୍କ ତଥ୍ୟ ବୟାନ କରିବାକୁ ବାଧ୍ୟ । ଜଣକ ଉପରେ ଭରା ନ ଦେଇ କିଛି କହିହେବ ନାହିଁ । ସମାଜ ମଧ୍ୟ ଏପରି ରୂପ ନେଇସାରିଛି ଯେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ ଅପର ଉପରେ ନିର୍ଭର କରିବ । ଏଣୁ ବ୍ୟକ୍ତିମାତ୍ରକେ କେତେକାଂଶ ନାବାଳକ ଏବଂ ଅନ୍ୟ କେତେକାଂଶ ଅଭିଭାବକ । ଡରେଇ ଚମକେଇ ଅନ୍ୟକୁ ନିଜର ଆଜ୍ଞାବହ କରିବାକୁ ସମସ୍ତେ ଆଗ୍ରହୀ । ଖାଲି କ୍ଷେତ୍ରବିଶେଷରେ କାହାକୁ ସୁଯୋଗ ମିଳିଯାଏ । ନିଛାଟିଆ ରାତିରେ ନୂଆ ଯାତ୍ରୀ ହାବୁଡ଼ରେ ପଡ଼ିଗଲେ ଟାକ୍ସିଚାଳକ ମଧ୍ୟ ତାର ଅଭିଭାବକପଣିଆ ବେଶ୍ ଦେଖେଇଦିଏ ଏବଂ ଦୁଇ ପଇସା ଚାନ୍ଦା ମଧ୍ୟ ଆଦାୟ କରିଦିଏ ସଂସ୍ଥା ପାଇଁ । କୌଣସି ବଡ଼ ଧରଣର ଅଫିସରେ ଜଣେ ନୂଆ ଲୋକ ପଶିଗଲେ ତାଙ୍କ କାଗଜଖଣ୍ଡ କେଉଁ ପର୍ବତରେ ଠାବ କରିବାକୁ ଚାହିଁଗଲେ ଏମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ସବୁ ମୁହଁ ନୂଆ, ଅପରିଚିତ । ଜଣକ ପାଖକୁ ଚାଲିଗଲେ ଏବଂ ବୟାନ କଲେ ନିଜ କାହାଣୀ, ସେ ଚଷମା ତଳୁ ସବୁ ଶୁଣିସାରି ପକେଇଦେଲେ ଗୋଲକଧନ୍ଦାରେ ବାଟୁଳି---"ଆପଣ ମୋତେ ସବୁ ଛାଡ଼ି ଦିଅନ୍ତୁ । ମୁଁତାର ସବୁ ବନ୍ଦୋବସ୍ତ କରିଦେବି । ଆପଣ ନିଶ୍ଚିନ୍ତ ହୋଇଯାଆନ୍ତୁ ।" କହିଲେ ମୁରବି । ସବୁ ମୁରବି ଏମିତି କହିଥାନ୍ତି । ଥରେ ତାକୁ ଛାଡ଼ିଦେଲେ ତେଣିକି ତ କେଳା ନଳରେ ଚଢ଼ି ରହିଥିବା କଥା---ନା ଖସି ହୁଏ, ନା ରହି ହୁଏ ! ଘୋଡ଼ଦୌଡ଼ ପାଖରେ ମୁରବି । ମନ୍ଦିର ଭିତରେ ପଣ୍ଡା ମୁରବି । ଏମାନଙ୍କଠାରୁ ରକ୍ଷା ନାହିଁ କି ରକ୍ଷା ନାହିଁ ନିଜର ଅସହାୟ ନାବାଳକତ୍ୱରୁ । ନବଦମ୍ପତି ବିବାହ ପରେ କିଛି ଦିନ ଏକୁଟିଆ ରହିବାକୁ ଚାହାନ୍ତି । କିନ୍ତୁ

Digitized by srujanika@gmail.com

ପହଞ୍ଚିଗଲେ ମୁରବି, ପିଲାକୁ ନୂଆ କରି ସଂସାର ଚଳେଇବା ସେ ଶିଖେଇବେ---ଗୁଡ଼ିଏ ଅଦ୍ଭୁତ ଏବଂ ଅମୂଲ୍ୟ ସମ୍ଭାବନା ହଠାତ୍ ସେଇଠି ସଂକୁଚିତ ହୋଇ ମରିଯିବେ---ତଥାପି ଏଅଭିଭାବକତ୍ୱ ସହିବାକୁ ପଡ଼େ ।

ତାର ପ୍ରଧାନ କାରଣ ହେଲା ଯେ ଏହି ଅଭିଭାବକତ୍ୱର ମୂଳ ମଞ୍ଜି ରହିଲା ମା-ବାପାଙ୍କ ପାଖରେ ଏବଂ ଜୀବନର ଏପରି ଏକ ଅସହାୟ ମୁହୂର୍ତ୍ତରେ ସେମାନେ ଆବିର୍ଭୂତ ହୁଅନ୍ତି, ଯେତେବେଳେ ନିର୍ବିଚାର ତାକୁ ଗ୍ରହଣ କରିବାକୁ ପଡ଼େ । ବେଶ୍ ପାଞ୍ଚ ବର୍ଷ କଟିଯାଏ । ତା'ପରେ ଲାଳନ ପର୍ଯ୍ୟନ୍ତ ସରିଗଲେ ତାଡ଼ନ ଆସିଯାଏ ଏବଂ ତା' ସାଥିରେ ଆସିଯାନ୍ତି ଅଭିଭାବକ । ସଂରକ୍ଷକ ହୋଇଯାନ୍ତି ଗୌଣ; ପ୍ରାଧାନ୍ୟ ଲାଭ କରନ୍ତି ଶାସକ । ତାଙ୍କର ଯାହା ନୀତି ନିୟମ ବିଚାର ସବୁ ବଳପୂର୍ବକ ଲଦିଦିଆହୁଏ ବାଧ ନାବାଳକଟି ଉପରେ । ଏ ସୁଯୋଗରେ ଆସନ୍ତି ବଡ଼ଭାଇ, କକେଇ, ଦଦେଇ, ମାମୁ, ଶିକ୍ଷକ, ସାଇପଡ଼ିଶା, ହେଡମାଷ୍ଟ୍ରଙ୍କ ପିଅନ ଇତ୍ୟାଦି ଇତ୍ୟାଦି---ତା'ର ଆଉ ଇୟତ୍ତା ନାହିଁ । ଘୋର ଅପଶାସନ ଚାଲେ ଏବଂ ଚାଲେ ସେଇ ପରିମାଣର ଅତ୍ୟାଚାର । ଯେଉଁ ବ୍ୟକ୍ତିତ୍ୱଟି ଏଥିରୁ ବାହାରେ ଖଣ୍ଡିଆ ଖାବରା ଏବଂ ବହୁ ଅଭିଭାବକ ବକ୍ରତା ନେଇ ବାହାରେ । ସେ ହୋଇଯାଏ ସାଧାରଣ ସାମାଜିକ ଗୋଟିଏ ଜୀବ । କିନ୍ତୁ ଯେ ବିଦ୍ରୋହ କରି ଭିତରେ ଏ ଅଭିଭାବକକୁ ହତ୍ୟା କରିସାରିଛି, ସେ ହୁଏ ଗୋଟିଏ ବ୍ୟତିକ୍ରମ---ଅସାଧାରଣ ପ୍ରତିଭା । ଏହି ଆନ୍ତର ବିଦ୍ରୋହର ସଫଳତା ଉପରେ ନିର୍ଭର କରେ ମଣିଷର ମୌଳିକ ପ୍ରତିଭା ।

ଅଭିଭାବକ ରହିନେ, ରହିଛନ୍ତି ଏବଂ ରହିବା ଉଚିତ । କିନ୍ତୁ ତାଙ୍କ ସୀମା ବିଷୟରେ ସେ ସଚେତନ ହୋଇଯିବା ଦରକାର । ସେ କେବଳ ସୁରକ୍ଷା କରିବେ---ଶାସନ କରିବା ତାଙ୍କର କର୍ତ୍ତବ୍ୟ ନୁହେଁ । ନାବାଳକତ୍ୱକୁ ମୂଳତଃ ଆରୋପ ନ କରି ବରଂ ପ୍ରତ୍ୟେକ ବ୍ୟକ୍ତି ଏକ ଦାୟିତ୍ୱବାନ୍ ସାବାଳକ ବୋଲି ଗ୍ରହଣ କରିବା ବାଞ୍ଛନୀୟ । ତଦ୍ୱାରା ପରସ୍ପର ସମ୍ମାନବୋଧ ବଢ଼ିବ ଏବଂ ତା' ସାଙ୍ଗେ ସାଙ୍ଗେ ଗଢ଼ି ଉଠିବ ଏକ ସୁସ୍ଥ ବଳିଷ୍ଠ ଆତ୍ମନିର୍ଭରଶୀଳ ବ୍ୟକ୍ତିତ୍ୱ ।

❖❖❖

Digitized by srujanika@gmail.com

ଗାଡ଼ି ଛାଡ଼ିଦେଲା

ସମୟସମୟରେ ଦେଖିବାକୁ ମିଳେ ଯେ ଷ୍ଟେସନ୍ ଦାଢ଼ରେ ଖୁବ୍ ହାଲିଆ ଓ ଝାଳ ସର ସର ହୋଇ ଜଣେ କେହି ଦୂରେଇ ଯାଉଥିବା ରେଳ ଗାଡ଼ିଟି ଆଡ଼କୁ ବିକଳରେ ଚାହିଁରହିଛି । ଦୂର ମୋଡ଼ରେ ଗାଡ଼ିଟି ବଙ୍କେଇଯାଇ ଅଦୃଶ୍ୟ ନହେବାଯାଏଁ ତାଙ୍କୁ ଅପଲକ ଆଖିରେ ସେଇ ଦିଗକୁ ଚାହିଁ ଠିଆ ରହିଥିବାର ଦେଖାଯାଏ । ତା'ପରେ ପରାସ୍ତ ଓ ବିଡ଼ମ୍ବିତ ଲୋକଟି ଗୋଟିଏ ମାତ୍ର ଦୀର୍ଘ ନିଶ୍ୱାସରେ ସତେ ଯେମିତି ପାଣି ଫୋଟକା ପରି ଉଭେଇ ଯିବ ! ସେ କିନ୍ତୁ ଉଭାଏ ନାହିଁ । ଖୁବ୍ ସାଙ୍କୁଡ଼ି ଯାଏ ଓ ଖୁବ୍ ଅସହାୟ ଦେଖାଯାଏ । ଅହରହ ଛୁଟି ଚାଲିଥିବା ସଂସାର ସହିତ ସେତାଳ ଦେଇପାରି ନାହିଁ । ତା'ର ଯୋଗାଯୋଗ ଫିଟିଯାଇଛି । ଫଳତଃ ତା' ଜୀବନର ସମଗ୍ର ସମ୍ଭାବନା ସାମୂହିକ ଭାବରେ କିଞ୍ଚିତ ଘୁଞ୍ଚି ଯାଇଛି । ତେଣିକି ଏହି ଏକମୁହାଁ ଧାଉଁଥିବା ଜଗତ୍‌ଟାକୁ ନା ରୋକି ହୁଏ ନା ଟପି ହୁଏ । ସେ ପଛେଇ ଯାଏ । ତା'ର ଜୀବନର ଧାଡ଼ି ବଦଳେଇବାକୁ ସେ ବାଧ ହୁଏ । ନୂଆ ରାସ୍ତାରେ ବହୁବାର ସେ ଏଇ ଦୁର୍ଯ୍ୟୋଗକୁ ମନେପକାଏ, ବାହୁନିହୁଏ ଏବଂ ଗୋଟାଏ ହତାଶାର ସୁର୍ କହେ ଯେ ତା'ର ଗାଡ଼ି ଫିଟିଗଲା । ତାକୁ ଫଳରେ ବଡ଼ ଅସହାୟ ଲାଗେ, ଅସଂପୂର୍ଣ୍ଣ ଲାଗେ । ସେ ଜୀବନ ସାରା ଛି ଛା ହୁଏ ଏବଂ ଅନୁଭବ କରେ ଯେ ସେ ଯେଉଁ ଏମିତି କି ସେମିତି ହୋଇପାରିଥାନ୍ତା ତା' ଆଉ ସମ୍ଭବ ହୋଇ ପାରିଲା ନାହିଁ ।

ଅଳ୍ପ ବହୁତ ଆମେ ସମସ୍ତେ ଏ ଦୁର୍ଦ୍ଦଶା ଭୋଗିଛୁ । କିଏ ଆଇ.ଏ.ଏସ୍.ରେ ଠିକ୍ ବେଳେ ଦରଖାସ୍ତ ଦେଇପାରିନାହିଁ ତ କିଏ ବେଳ ଉଣ୍ଡି ନିଲାମ ହାଙ୍କି ପାରି ନାହିଁ । ସମସ୍ତଙ୍କର ଗାଡ଼ି ଛାଡ଼ିଦେଇଛି ଏବଂ ଫଳ ହୋଇଛି ଆମରଣ ମନସ୍ତାପ ଏବଂ ଅସନ୍ତୋଷ । ସାଧାରଣ ଭାଷାରେ ଆମେ ତାକୁ ସୁଯୋଗ ବୋଲି କହିଥାଉ ଏବଂ ସେଇଟା କୁଆଡ଼େ ଜୀବନରେ ଥରେ ମାତ୍ର ଆସେ । ତାକୁ ହରେଇଲେ ପଶାଖେଳରେ ହାର ହୋଇଗଲା; ଫଳରେ ଅଜ୍ଞାତବାସ ଭୋଗିବାକୁ ପଡ଼ିପାରେ, ଘୋର ବିପର୍ଯ୍ୟୟ ସହିବାକୁ ପଡ଼ିପାରେ । ଏଣୁ ଏ ସବୁ ଜାଣିଶୁଣି କେହି କେବେ ସୁଯୋଗ ହରାଏ ନାହିଁ । ହରାଏ କେବଳ ଅଣାୟତ୍ତ ହୋଇ, ପରିସ୍ଥିତିର ଚକ୍ରାନ୍ତରେ, ଘୋର ଅନିଚ୍ଛାସତ୍ତ୍ୱେଏବଂ ସମୟସମୟରେ ଅହରହ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ମଧ୍ୟ । ଏପରି ଅନିବାର୍ଯ୍ୟ ପରାଜୟ ହେଲେ ମନ ପିତା ଧରିଯାଏ ଏବଂ ନିରୁପାୟ ହୋଇ ଭାଗ୍ୟ ନିନ୍ଦା କରିବା ଛଡ଼ା ଅନ୍ୟ ପନ୍ଥା ନ ଥାଏ । କିନ୍ତୁ ଟେକସିରେ ଚଢ଼ିଲା ବେଳକୁ ହାତମୁଣାଟା ନେବାକୁ ପାଶୋର ହୋଇ ନଥାନ୍ତା, ବା ବକ୍‌ସିବଜାର ଛକଠି ସେଇ ପୁରୁଣା ସାଙ୍ଗଟା ହଠାତ୍ ହାବୁଡ଼ି ନ ଥାନ୍ତା ବା ଧରାଯାଉ ସବୁଦିନ ଦେଢ଼ଘଣ୍ଟା

Digitized by srujanika@gmail.com

ଡେରିରେ ଆସୁଥିବା ଏକ୍‌ସପ୍ରେସ୍ ଏକାବେଳେ ଠିକ୍ ସମୟରେ ନଆସି ମାତ୍ର ଦଶ ମିନିଟ୍ ଡେରିରେ ଆସିଥାନ୍ତା ତେବେ କଲିକତାରେ ଇଣ୍ଟରଭ୍ୟୁ ହରେଇବାର ଆଶଙ୍କା ନ ଥିଲା । କିନ୍ତୁ ଯୋଗ ତ ନାହିଁ ! ଏ ବାଜିକ ଅବଶ୍ୟ ହାରିବାକୁ ହେବ ଯୁଧିଷ୍ଠିର ପରି; ନିଜ ଦୋଷରୁ ନୁହେଁ, ଗୋଟାଏ ଦୁର୍ଜ୍ଜୟ ଶକ୍ତିର ଅଭିସନ୍ଧି ଫଳରେ ।

କାର୍ଯ୍ୟଟିଏ ଥିଲେ ତା'ର ଅବଶ୍ୟ କାରଣଟିଏ ଅଛି । ଦୃଶ୍ୟ ହେଉ, ଅଦୃଶ୍ୟ ହେଉ କାରଣ ବ୍ୟତିରେକ କାର୍ଯ୍ୟର ଅସ୍ତିତ୍ୱ ନାହିଁ । ଏପରି ବୁଝିବା ତାର୍କିକ ଲୋକେ କାରଣର କାରଣ ଖୋଜି ଖୋଜି ହାଲିଆ ହୋଇଗଲେ ଗୋଟିଏ ଅକାରଣ କାରଣ ବା ପରମ କାରଣରେ ପହଞ୍ଚି ତୁନିପଡ଼ି ବସିଯାଆନ୍ତି । ଯାହାର ଗାଡ଼ି ଛାଡ଼ିଦେଇଥାଏ ସେ ବିଚରା ମଧ୍ୟ ଖୋଜି ଖୋଜି ବେଳେ ବେଳେ ଏଇ ମୂଳରେ ଆସି ପହଞ୍ଚିଯାଏ ଯୁକ୍ତିବଳରେ ଏବଂ ସେଇଠି ପହଞ୍ଚିଗଲେ ପରାଜୟଟା ଆଉ ବାଧେ ନାହିଁ । ଯଦି ଅମୁହାଁ ବଣ ଭିତରେ ହେଣ୍ଟାଳୁଥିବା ସିଂହ ଯେ କି ଅକ୍ଲେଶରେ ଆମକୁ ଗୋଟିକଯାକ ଢୋକି ଦେଇପାରେ ଆସି ଅବଲୀଳାକ୍ରମେ ଖାଲି ଟିକିଏ ପେଲିଦିଏ ସେଥିରେ ଆଉ ପରାଜୟର ତୀବ୍ରତା ନ ଆସି ବରଂ କୃତଜ୍ଞତା ଆସିବା ଉଚିତ ନୁହେଁ କି ? କଣ୍ଟା ବୁଦାରେ ଛିଟିକି ପଡ଼ି କିଛି ରକ୍ତସ୍ରାବ ହେଲେ ମଧ୍ୟ ମନକୁ ବୋଧେଇବାକୁ ବହୁ ଯୁକ୍ତି ଆସି ଯୁଟିଯାଏ । ସେହିପରି ଗାଡ଼ିଟା ସିନା ଛାଡ଼ିଦେଲା ସେଥିରେ ଯାଇଥିଲେ ହୁଏତ ପ୍ରାଣ ନ ଯାଇଥାନ୍ତା ବୋଲି କିଏ କହିବ ? ଅତଏବ ଯାହା ଘଟୁଛି ତାହା ଘଟିବା ଉଚିତ । ବିକଳ୍ପ ଚିନ୍ତା କରି ବୃଥାରେ କେବଳ ମନରେ ଅଶାନ୍ତି ଲୋଡ଼ି ଅଣାଯାଏ । ଏ ଯୁକ୍ତିରେ କ'ଣ ଭଲା କୁହାଯାଏ ? କୁହାଯାଏ ଯେ ମଣିଷଟି ଗୋଟିଏ କିଞ୍ଚିନ୍ମାତ୍ର ଜୀବ । ତା'ର ଜ୍ଞାନ ବୋଲି କିଛି ନାହିଁ । ଏଣୁ ନିର୍ବୋଧଟି କେବଳ କିଛି ଦେଖି ବୁଝି ନ ପାରି ଏମିତି ବିକଳ ହୋଇଥାଏ । ଏହି ପରମକାରଣ କିନ୍ତୁ ସବୁଜାଣେ ସବୁ ଦେଖେ ଏବଂ ଯାହା କରେ ତାହା ମଙ୍ଗଳ ପାଇଁ କରେ । ଏ ଦିଗରେ ଚିନ୍ତା କରୁଥିବା ଲୋକଙ୍କ ପାଇଁ ମୃତ୍ୟୁଟା ସୁଦ୍ଧା ଅମୃତ-ସୋପାନ । ସେମାନେ ଆଉ ଗାଡ଼ିଟାଏ ଫିଟିଯିବା ଉପରେ କାହିଁକି ବା ଦୃଷ୍ଟିପାତ କରିବେ ? ବରଂ କୃତଜ୍ଞତାରେ କରଯୋଡ଼ ହୋଇ ଲୁହ ଗଡ଼େଇବେ । ଏମାନଙ୍କ ଦୃଷ୍ଟିଭଙ୍ଗୀ ଅସାଧାରଣ । ତାଙ୍କ ସହିତ ସାଧାରଣ ମଣିଷର ମେଳ ଖୁବ୍ କମ୍ । ଏଣୁ ସାଧାରଣ ଦୃଷ୍ଟିରେ ଏମାନେ ଦିଶନ୍ତି ସତେ ବା ଯେମିତି ଗୁଡ଼ାଏ ଖଣ୍ଡିଆ ଖାବରାକୁ ମୋଟା ପଲସ୍ତରାଟାଏଦେଇ ଘୋଡ଼େଇଦେଉଛନ୍ତି । ବିଲୁଆର ଲାଙ୍ଗୁଡ଼ ଛିଡ଼ିଗଲେ ତାକୁ ଉଶ୍ୱାସ ଲାଗେ ବୋଲି କୁହନ୍ତି । ଯେ ଯାହା ହେଉ ପଛକେ ଏ ମଙ୍ଗଳବାଦୀ ଗଣ୍ଡାକ ଗୁଡ଼ାଏ ଡହଳବିକଳରୁ ଅନ୍ତତଃ ନିଷ୍କୃତ ପାଇଯାନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତି ଉପରେ ନୂଆ ରଙ୍ଗ ମଡ଼େଇ ଗ୍ରହଣ କରିନିଏ । ସେଥିରେ ହତାଶା ବା ନିରାଶାକୁ ସ୍ଥାନ ଦିଆଯାଏ ନାହିଁ । ଯଦି ଅସହାୟ ଭାବରେ ନିହାତି ଦୁର୍ଦ୍ଦିନ ସହିବାକୁ ପଡ଼େ, ବିରୋଧ କରିବାକୁ ଜିଣିଲା ଭଳି ବାହାରେ ବଳ ନଥାଏ, ତେବେ ତାକୁ ଏମିତି ଆପଣେଇ ନେଲେ କ୍ଷତି କ'ଣ ? ସେଥିରେ ତା'ର ଦାଢ଼ଟା ତ ଅନ୍ତତଃ ମରିଯିବ !

Digitized by srujanika@gmail.com

ଜୀବନରେ ଯେଉଁମାନଙ୍କର ଗାଡ଼ି ଛାଡ଼ିଦେଇଛି ସେମାନଙ୍କୁ ଏ ପ୍ରକାର ଅଦୃଷ୍ଟ ଦର୍ଶନ ବେଶ୍ ମାନେ । ସେମାନେ ନିଜକୁ ବେଶ୍ ମନ୍ତ୍ରମୁଗ୍ଧ କରି, ବରଫ ବେଢ଼ା ଭିତରେ ଗୁଣ୍ଡି କାଲୁଆ କରି ଗୁଡ଼ାଏ ଅନୁତାପ ଜ୍ୱାଳାରୁ ବଞ୍ଚିଯାଆନ୍ତି । ନିଶାଖୋର ଲୋକ ଯେମିତି ଟିକିଏ ନିଜକୁ ଭୁଲିଯିବା ପାଇଁ ଗୁଡ଼ାଏ ତାଡିଲା ବିଷ ପିଇଯାଏ, ସେମିତି ଦର୍ଶନରୁ ଟେଳାଏ ପକେଇ ଆଖି ମିଟିମିଟି କରି ଅନେଇଲେ ସବୁ ନୂଆ ନୂଆ ଲାଗେ । ଏଇଟା ବି ଗୋଟାଏ ସେମିତି ମନ ଭୁଲାଣ ନୁହେଁ କି ? ରୋଗୀ ଅଣାୟତରେ ଔଷଧ ଗିଳିଲା ପରି ବଡ଼ଭାଗ ନିରାଶ ଲୋକ ଏହାର ଆଶ୍ରା ଲୋଡ଼ି ନିଅନ୍ତି ।

ସେମାନଙ୍କୁ ଏମିତି ଦି'କଡ଼ାର ବୋଲି ମଣୁଥିବା ଲୋକେ କିନ୍ତୁ ମାନନ୍ତି ଯେ ତାଙ୍କ ଭିତରୁ କେତେଜଣ ବେଶ୍ ଗହୀର ପାଣିର ଜୀବ । ସେଗୁଡ଼ିକ ମୋଟ ଉପରେ ଜୀବନ ପ୍ରତି ଉଦାସୀନ । ମାଟି ପାଣି ସଂସାରର ସୁଖ-ଦୁଃଖ ତାଙ୍କୁ ବିଚଳିତ କରିପାରେ ନାହିଁ । ତାଙ୍କ ମନରେ ଉଚ୍ଚାଟର ଉଜାଣି ଧରେ ନାହିଁ । ଏଣୁ ସେମାନେ ସେପରି କୌଣସି ସୁଯୋଗ ଆସିବା ବା ତାକୁ ହରେଇଦେବା କଥା ଜାଣିପାରନ୍ତି ନାହିଁ । ସେମାନଙ୍କ ଜୀବନଟା ଭିତରମୁହାଁ । ବାହାରର ପ୍ରତିଯୋଗିତା, ଦ୍ୱନ୍ଦ୍ୱ, ଜୟ ପରାଜୟ ସେ ଭିତରେ ପଶିପାରେ ନାହିଁ । ସେଗୁଡ଼ିକ ଆତ୍ମାରାମ ଜଡ଼ ଭରତ ଶ୍ରେଣୀର ଲୋକ । ସଂସାରର ଶୋଭାଯାତ୍ରାକୁ ଦୂରରୁ ନିର୍ଲିପ୍ତ ହୋଇ ଦେଖିବାହିଁ କେବଳ ତାଙ୍କର ଧର୍ମ । ସେମାନଙ୍କୁ ଭିଡ଼ି ଓଟାରିଆଣି ପାଲିଙ୍କି ବୁହାଇଲେ ସେମାନେ ତାଳ ରକ୍ଷା କରି ପାରିବେ ନାହିଁ । ଜୀବନରେ ଅଭିଳାଷ ବା କାମନା ଯାହାର ନାହିଁ ବା ଆଉ ପ୍ରକାରେ କହିଲେ ହାତପାଇଲା ଭଳି ଛୋଟ ବଡ଼ ଲକ୍ଷ୍ୟ ଯାହାର ନାହିଁ ତା'ପାଇଁ ସୁଯୋଗର ମଧ୍ୟ ଅର୍ଥ କିଛିନାହିଁ । ଯଦି ଜଣେ ଯାତ୍ରା କରିବାକୁ ପ୍ରସ୍ତୁତ ନୁହେଁ ତା' ପାଇଁ ପଚାଶଟା ଗାଡ଼ି ଆସିଲେ କେତେ ବା ଛାଡ଼ିଦେଲେ କେତେ ! ଧର ସେମାନେ ସେଇ ଷ୍ଟେସନ ମାଷ୍ଟର ଭଳି ଗାଡ଼ି ଯିବା ଆସିବା କେବଳ ଠିଆ ହୋଇ ଦେଖନ୍ତି । ମୋଟ ଉପରେ ଗୋଟାଏ ଚଳାଚଳ ବିଷୟରେ ସେମାନେ ହୁଏତ ସଚେତନ, କିନ୍ତୁ କୌଣସି ଗୋଟିଏ ଗାଡ଼ି ଛାଡ଼ିଦେଲେ ବିଶେଷ ତାତ୍ପର୍ଯ୍ୟ ତାଙ୍କ ମନକୁ ଛୁଇଁପାରେ ନାହିଁ । ନ ଛୁଇଁବା କଥା ।

ଦୁଇଟି ଅଲଗା ଅଲଗା ସୁଅରେ ଯୋଡ଼ିଏ ବିନ୍ଦୁ ପରସ୍ପର ଆଡ଼କୁ ପାଖେଇ ଆସୁଛନ୍ତି । ସମୟର କୌଣସି ଗୋଟିଏ ମୁହୂର୍ତ୍ତରେ ହୁଏତ ମିଶିଯାନ୍ତେ, କିନ୍ତୁ ତା'ହେଉନାହିଁ, କାରଣ ସମୟ ଆଉ ଏକ ସୁଅ । ଆମ ଭିତରେ ବାହାରେ ଏତେ ପ୍ରକାର ପ୍ରବାହ ଯେ ତାକୁ ବୁଝିବସିଲେ ବୁଦ୍ଧି ହଟିଯାଏ । କୌଣସି ବସ୍ତୁ ତ ସ୍ଥିର ନୁହେଁ । ଅଣୁ ପରମାଣୁଠାରୁ ଆରମ୍ଭ କରି ଆକାଶରେ ଗ୍ରହ ନକ୍ଷତ୍ର ପର୍ଯ୍ୟନ୍ତ ସମସ୍ତଙ୍କୁ ଯେମିତି କିଏ ତଡ଼ି ନେଇ ଚାଲିଛି । ଏପ୍ରକାର ଧାଁଦଉଡ଼ ଭିତରେ ଯଦି ଯୋଜନା ଅନୁସାରେ କିଛି ଘଟିଗଲା ତାହାହିଁ ସବୁଠାରୁ ବେଶି ବିସ୍ମୟକର । ଏଇ ଧରନ୍ତୁ ସେ ରେଳ ଛାଡ଼ିଦେବା କଥା । କେଉଁ ଅପନ୍ତରା ଭିତରୁ ଗାଡ଼ି ମଟର ଧରି ଆସି ଷ୍ଟେସନରେ ରେଳ ଚଢ଼ିବା କେତେ ପ୍ରକାର ପ୍ରବାହର ମିଶାଗୋଳିଆ କଥା---ଏ ଜଟିଳ ଛନ୍ଦ ଭିତରେ ଗାଡ଼ି ଛାଡ଼ିଦେବା ବରଂ ଖୁବ୍ ସ୍ୱାଭାବିକ ! ସବୁ ଯୋଗାଯୋଗ ହୋଇ ଗାଡ଼ି ଚଢ଼ିବା ଏକ ଅଦ୍ଭୁତ ବ୍ୟାପାର ।

Digitized by srujanika@gmail.com

ଅନେକେ ଅଛନ୍ତି ଯେଉଁମାନଙ୍କୁ ଏ ସବୁ ଗତି ଦିଶେ । ତାଙ୍କୁ ଦିଶେ ସବୁ ଘୁରୁଛି; ସବୁ ଦୂରେଇ ଯାଉଛି । ଯାହା ଅଚଳ ପରି ଦିଶୁଛି ତାହା କେବଳ ସେମତି ଦିଶୁଛି ମାତ୍ର । ତା' ଭିତରେ ଅହରହ ଅଣୁ ପରମାଣୁ ଘୂର୍ଣ୍ଣନ ଚାଲିଛି । ଟିକିଏ ତଳେଇ ଦେଖିଲେ ପ୍ରକୃତରେ ଅନନ୍ତ କାଳର ସୁଅରେ ଏ ଅନନ୍ତ ଧାଁ ଦଉଡ଼କୁ ନେଇ ହିଁ ଏ ଜଗତଟା । ଆମ ଭିତରେ ରକ୍ତର ଧାର ବୁଲେ, ତା' ଭିତରେ କଣିକା ବୁଲନ୍ତି । ଆବେଗର ତାଡ଼ନାରେ ଆମେ ଘୁରି ବୁଲୁ । ଏ ପୃଥିବୀ ଘୂରେ, ସୂର୍ଯ୍ୟ ଘୂରେ । ଗ୍ରହ ନକ୍ଷତ୍ର ଘୂରନ୍ତି । ଗୋଟେ ବାରୁଦ ହାଣ୍ଡି ଫୁଟିଲା ବେଳେ ତା' ଧୂଆଁ ଭିତରେ ରହିଗଲେ ଯେମିତି ସବୁ ଚାରିଆଡ଼େ ଛିଞ୍ଚାଡ଼ି ହୋଇ ପଡ଼ିବାର ଅନୁଭୂତି ଆସନ୍ତା, ଏ ପ୍ରାୟ ସେହିପରି । ଏ ଦୁର୍ବାର ଗତି କାହିଁକି ? ଏମିତି ତଡ଼ି ନେଇ ନେଇ କେଉଁଠି ପହଞ୍ଚେଇବ ନା ଖାଲି ଏମିତି ରାଇଁ ରାଇଁ ବୁଲିବା ହିଁ ଏ ସୃଷ୍ଟିଟାର ଲକ୍ଷ୍ୟ ? ଯା'ର ଉତ୍ତର ଦେବା ଭାରି କଷ୍ଟ । କିନ୍ତୁ ଏ ଗତିଟା ଜଣାପଡ଼େ କେମିତି ? ସ୍ଥିର ନ ଥିଲେ ତ ଗତି ଜଣା ପଡ଼ିବ ନାହିଁ । ନିଜେ କୌଣସି ସ୍ଥିର ବିନ୍ଦୁରେ ରହିଲେ ସିନା ତେଣିକି ସବୁ ଘୂର୍ଣ୍ଣନ ଦିଶିବ । ସେପରି ସ୍ଥିର ବିନ୍ଦୁଟିଏ ତ ସଂସାରରେ କୁତ୍ରାପି ନାହିଁ । ଯଦି କୌଣସିଠାରେ କସ୍ମିନ୍ କାଳେ ସେପରି ସ୍ଥିର ବିନ୍ଦୁଟିଏ ଆସିଯାଏ, ତେବେ ସମଗ୍ର ବିଶ୍ୱ ହଠାତ୍ ଧ୍ୱଂସ ହୋଇଯିବ । କାଳ ନିସ୍ତରଙ୍ଗ ହୋଇଯିବ । ତେଣିକି କ'ଣ ହେବ ନ ହେବ କହି ହେଉ ନାହିଁ । ମୋଟ ଉପରେ ତାହା ଏକ ଅସମ୍ଭବ ଅବସ୍ଥା ! ତେବେ ଆମେ ଗତ ବିଷୟ ଜାଣୁ କିପରି ? ତା' କେବଳ ଆପେକ୍ଷିକ ଦୃଷ୍ଟିରୁ । ଗୋଟିଏ ଆପେକ୍ଷିକ ସ୍ଥିତିରୁ ଆପେକ୍ଷିକ ଗତିକୁ ବୁଝିବା କଥା । ସେ ମଧ୍ୟ କେବଳ ପ୍ରତୀତି ହୋଇପାରେ । ଆମ ଭିତରେ ଯେଉଁ ଯନ୍ତ୍ରଟା ଜାଣେ ବା ଜାଣିବା କାର୍ଯ୍ୟରେ ବ୍ୟବହୃତ ହୁଏ, ସେଇଟା ମଧ୍ୟ ଗୋଟାଏ ଅସ୍ଥିର ତରଙ୍ଗ ଭଳିଆ ଜିନିଷ । ଆମକୁ ଦିଶେ ସୂର୍ଯ୍ୟ ଚାଲୁଛି । ଆମେ ଯୁକ୍ତିରେ ବୁଝୁ ଯେ ପୃଥିବୀ ଚାଲୁଛି । ଆଉ ତଳକୁ ଦେଖିଲେ ଉଭୟେ ଚାଲିଛନ୍ତି । ଏମିତି ବୁଝୁ ବୁଝୁ ହଠାତ୍ ପ୍ରଶ୍ନ ଉଠେ, 'ଚାଲିଛନ୍ତି କି ?'

ଯା ଉପରେ ଆଉ ଖେଳାଏ ପୋଥି । ପ୍ରକୃତରେ କିଛି ଚାଲିନାହିଁ, ସବୁ ସେମିତି କେବଳ ଲାଗୁଛି । ଏ ଜଗତ୍‌ଟା ଗୋଟାଏ ପ୍ରତୀତି, ଗୋଟାଏ ପ୍ରହେଳିକା---ଯାହା ଦିଶୁଛି ସେ ସବୁ ମିଥ୍ୟା । କେବଳ ଅବିଦ୍ୟା ବୋଲି ଗୋଟାଏ କୁହୁକରୁ ଉତ୍ପନ୍ନ । ନିଦରେ ବୁଡ଼ିଥିଲେ ଯେମିତି ବହୁ ବହୁ କଥା ଦିଶେ ମାତ୍ର ଆଖି ଫିଟେଇଦେଲେ ସବୁ କୁଆଡ଼େ ଉଭେଇଯାଏ ସେପରି ସୃଷ୍ଟି । କେବଳ ଗୋଟିଏ ଭ୍ରମ । ଦଉଡ଼ିଟାକୁ ସାପ ବୋଲି ବିଚାରିବା ଯାହା, ପ୍ରାୟ ସେହିପରି । ଆମେ ଆମର ମୂଳ ସତ୍ୟରେ ସବୁବେଳେ ଅଛୁ । ସେଇଟା ହିଁ ଏକମାତ୍ର ସତ୍ୟ । ସେଥିରେ ଆମେ ସବୁବେଳେ ଥିଲୁ, ଅଛୁ ଏବଂ ରହିବୁ । ଏ ସମୟଟା ମଧ୍ୟ ଭ୍ରମ । କାଳ-ଗତିର ଏ ପରଳ ଆଡ଼େଇଦେଲେ ଆମେ ହିଁ ସେହି । ଏଣୁ ସ୍ଥିତି ସତ୍ୟ, ଗତି ମିଥ୍ୟା । ଏ ପ୍ରକାର ମଧ୍ୟ କେତେ ଜଣ ବୁଝିଛନ୍ତି । ସେମାନେ ଜୀବନକୁ ଗୋଟାଏ ସ୍ୱପ୍ନ ପରି ଦେଖୁଥାନ୍ତି । ତେମନ୍ତ ଦ୍ରଷ୍ଟାଙ୍କ ପାଇଁ ଗାଡ଼ିଟାଏ ଛାଡ଼ିଦେବା କି ବା ଛାର କଥା ।

Digitized by srujanika@gmail.com

ଆମେ କିନ୍ତୁ ସାଧାରଣ ମଣିଷ ଭାବରେ ଗୁଡ଼ିଏ ଯୋଜନାକୁ ନେଇ ବଞ୍ଚୁ । ସେଇ ଯୋଜନା ପଛରେ ଧାଇଁବା ହେଲା ଆମ ଜୀବନର ଅର୍ଥ । ଏଥିରୁ କୌଣସି ଯୋଜନା ଯଦି ଗୋଟିଏ ସୁଯୋଗ ହରେଇବା ଦ୍ୱାରା ଭଣ୍ଡୁର ହୋଇଗଲା ତେବେ ଆମକୁ ଧକ୍କା ଲାଗିବା କଥା । ସେ ଯୋଜନାଟା ସହିତ ଗୋଟିଏ ପ୍ରକାର ଏକାତ୍ମଭାବ ହୋଇଯାଇଥିବାରୁ ତାକୁ ଜୀବନରୁ କାଢ଼ି ନେଇଗଲେ ଅଙ୍ଗହାନି ହେଲାପରି ଲାଗିବା କଥା । ସୁଯୋଗ ହରାଇ ତାକୁ ଝୁରି ଝୁରି ଜୀବନ ସାରା ମନସ୍ତାପ କରିବା କଥା । ଅନେକ ସମୟରେ ସୁଯୋଗ ଆସେ ଏବଂ ଯାଏ ଆମ ଅଜାଣତରେ । ବହୁ ପରେ ଆମେ ବୁଝୁ ଯେ ସେ ଆସିଥିଲା । ସେଥିରେ ମଧ୍ୟ ଗୁଡ଼ାଏ ହାହୁତାଶ ହେବାକୁ ହୁଏ । ଏ ସବୁ ମୂଳରେ ସେଇ ଯୋଜନା-ସର୍ବସ୍ୱ ଜୀବନ । ଖାଇବା, ପିନ୍ଧିବା, କୋଠାବାଡ଼ି କରିବା, ଧନଦୌଲତ କରିବା, ନିଜେ ଓ ନିଜର ସମସ୍ତଙ୍କୁ ଆମେ ଯାହା ସୁଖ ବୋଲି ବୁଝୁ ସେଥିରେ ବୁଡ଼େଇ ରଖିବା ହେଲା କେତେ ଗୁଡ଼ିଏ ମୂଳ ଯୋଜନା । ଏମାନେ ଜୀବନରେ ଗୋଟିଏ ଆଭିମୁଖ୍ୟ ସଜାଡ଼ି ଧରନ୍ତି ଓ ଆମକୁ ପଛରୁ ତଡ଼ନ୍ତି । ଏ ଫାନ୍ଦରେ ନ ପଡ଼ିବ ଏମିତି ପୁଅ କେହି ନାହିଁ । ତେବେ ଏ ଅସଂଖ୍ୟ ଯୋଜନା ଭିତରେ କିଏ କେଉଁଟାକୁ କେତେବେଳେ ଗୁରୁତ୍ୱ ଦେଇଥାଏ । ସେ ଅନୁସାରେ ସେ ତା' ପଛରେ ଗୋଡ଼ାଏ । ବହୁ ଶ୍ରମ, ବହୁ ଅଶାନ୍ତି, ବହୁ ପରାଜୟ ସାଙ୍ଗକୁ ଅନେକ ସଫଳତା ଓ ଆନନ୍ଦ ମଧ୍ୟ ଆସି ପହଞ୍ଚେ । ପ୍ରତି ମୁହୂର୍ତ୍ତରେ ପ୍ରସ୍ତ ପ୍ରସ୍ତ ହୋଇ ଆଲୁଅ ଅନ୍ଧାର ତାକୁ ଘୋଡ଼େଇ ଚାଲିଥାନ୍ତି । ମନେହୁଏ ଯେ ଏ ସବୁ ଯୋଜନା ଉପରେ ତା'ର କୌଣସି ମାଲିକପଣିଆ ନାହିଁ; ବରଂ ସେଗୁଡ଼ିକ ଗୋଟିଏ ଗୋଟିଏ ଅଦୃଶ୍ୟ ପ୍ରବାହ । ସେଥିରୁ କେଉଁଟା କେତେବେଳେ ଆସି ମଣିଷର ମନପ୍ରାଣକୁ ବୁଡ଼େଇ ଦିଏ, ତଡ଼ି ନେଇଯାଏ । ବହୁ ଅସହାୟ ଅବସ୍ଥାରେ କେବଳ ଗୋଟାଏ ଅନେକ ସୁଅର ମଥିତ ଆନ୍ଦୋଳନ ଉପରେ ସେ ଭାସୁଥାଏ । ଯେଉଁ ସୁଅ ଯେତେବେଳେ ଟାଣ ପଡ଼ିଗଲା ସେ ମୁହଁରେ ସେ ସବୁବେଳେ ତଡ଼ି ହୋଇ ଚାଲିଥାଏଓ। ତାର ସେଥିରେ ଆୟତ୍ତ ବା କ'ଣ ? ସ୍ରୋତର ଝାବୁକାରେ ଉଚ୍ଚାଟ ଓ ଆବେଗ ତେଜିଉଠେ । ସେଥିରେ ସେ ମଜ୍ଜିଯାଏ । ଏଇ ସୁଅମୁହଁରେ ତଡ଼ି ହୋଇ ଗଲାବେଳେ ତାକୁ ସଂସାରର ବାକି ସବୁ କିଏ ପ୍ରତିକୂଳ ତ କିଏ ଅନୁକୂଳ ପରି ବୋଧ ହୁଅନ୍ତି । ଅନୁକୂଳକୁ କେନ୍ଦ୍ର କରି ମନରେ ସ୍ୱପ୍ନ ଗଜେଇ ଉଠେ । ସେ ଆଉ ଏକ ପ୍ରବାହର ପ୍ରଥମ ପ୍ରକାଶ । ଫଳରେ ଗାଡ଼ି ଛାଡ଼ିଦେଲେ ତା'ର ସ୍ୱପ୍ନରେ ଆଘାତ ଲାଗେ । ସେ ବିକଳ ହୋଇଉଠେ ଆଉ ଗୋଟାଏ ସୁଅ ତାକୁ ତଡ଼ି ନନେବା ପର୍ଯ୍ୟନ୍ତ । ଯଦି ଆଉ ଥରେ ପୁରୁଣା ସୁଅମୁହଁରେ ସେ ପୁଣି କେବେ ପଡ଼ିଯାଏ, ତେବେ ନଷ୍ଟ ସୁଯୋଗ ପୁଣି ଅନୁତାପ ସୃଷ୍ଟି କରେ ।

କଲିକତାକୁ ପରୀକ୍ଷା ଦେଇ ଯାଉଥିବା ଜଣକ ଗାଡ଼ି ଧରିପାରେନାହିଁ । ଫଳତଃ ସେ ହୁଏତ ରେଳବାଇରେ ଯେଉଁ ଉଚ୍ଚ ପାହିଆ କାମ ପାଇଥାନ୍ତା ତାହା ନ ପାଇ ଫେରିଆସେ । ପରିସ୍ଥିତି ତାକୁ ନେଇ ହାଇସ୍କୁଲ ଶିକ୍ଷକ କରି ଥୋଇଦିଏ । ସାଧାରଣ ମୂଲ୍ୟବୋଧ ତାକୁ ସେଇ ପୁରୁଣା ସ୍ରୋତ ଆଡ଼କୁ ଖୋଲି ଧରେ । ସେ ସେଥିରେ ପଡ଼ି ପୁରୁଣା ସ୍ୱପ୍ନରେ ଘାରିହୁଏ; ଏବଂ ମନ

Digitized by srujanika@gmail.com

ଭିତରେ ଖାଲି ଭାବୁଥାଏ ସେହି ଗାଡ଼ି ଛାଡ଼ିଦେବା କଥା--- "ଇସ୍ ଯଦି ନ ଛାଡ଼ିଥାନ୍ତା ତେବେ କାହିଁରେ କ'ଣ ହୋଇସାରନ୍ତାଣି ।"

ଜୀବନରେ ବହୁ ଜ୍ୱାଳା । ଯେ ଯାହାର ବେଳ ଜାଣି ଆସି ପ୍ରସ୍ତେ ପୋଡ଼ି ଦେଇଯାନ୍ତି । ଗାଡ଼ି ଧରି ନ ପାରିବା ମଧ୍ୟ ଗୋଟିଏ ଅଦ୍ଭୁତ ଜ୍ୱାଳା । ତା' ବୋଧହୁଏ କେବଳ ଥରେ ମାତ୍ର ଘଟିଥାଏ । କିନ୍ତୁ ବହୁ ସହସ୍ର ଥର ସେ ଲାହୁଡ଼ ମାରି ଜୀବନକୁ ବିଷ ଦଗ୍ଧ କରେ । ପ୍ରତ୍ୟେକ ଥର ତା'ର ପାଉଣା ଗୋଟିଏ ଦୀର୍ଘଶ୍ୱାସ । ଅବଶ୍ୟ ଯଦି କେହି ଯେମିତି ଏ ସଂସାରରୁ ହୁଗୁଳି ଯାଇଛି, ତା' ପ୍ରଶ୍ନ ଅଲଗା; କାରଣ ତା'ର ମୂଲ୍ୟବୋଧ ଅଲଗା ।

❖❖❖

Digitized by srujanika@gmail.com

ପ୍ରତିବେଶୀ

ମୋର ଦାର୍ଶନିକ ବନ୍ଧୁଟି ବଡ଼ ଏକୁଟି ବାରିହା ଲୋକ । ବହୁ କ୍ୱଚିତ୍ ସେ ଅପରିଚିତ ଲୋକଙ୍କୁ ପାଖରେ ପୂରାନ୍ତି ଏବଂ ତା'ଠାରୁ କମ୍ ଲୋକଙ୍କୁ ସେ ପ୍ରକୃତରେ ସୁଖ ପାଆନ୍ତି । ଏକୁଟିଆ ପ୍ରାୟ ନୀରବରେ ବସିବାକୁ ତାଙ୍କର ଏକାନ୍ତ ଇଚ୍ଛା । କିନ୍ତୁ କିଛି କହିବାର ପ୍ରବୃତ୍ତି ହେଲେ ଜଣେ ସୁଚତୁର, ସହୃଦୟ ଶ୍ରୋତା ପାଇଁ ସେ ବ୍ୟାକୁଳ ହୋଇ ଉଠନ୍ତି । ସେହି ଅବସରରେ ହିଁ ମୋ ସହିତ ତାଙ୍କର ଘନନିଷ୍ଠ ପରିଚୟ ହୋଇ ଆସିଛି । ଫଳତଃ ଯେ ତାଙ୍କୁ ସେପରି ପୁଷ୍ପିତ ଅବସ୍ଥାରେ ନ ଦେଖିଛି ସେ ତାଙ୍କ ଚରିତ୍ରର ସବୁଠାରୁ ମୂଲ୍ୟବାନ୍ ସବୁଠାରୁ ଚିତ୍ତାକର୍ଷକ ଅଂଶ ସହିତ ପରିଚିତ ହୋଇ ପାରି ନାହିଁ । ତାଙ୍କ ସାହିପଡ଼ିଶାରେ ପଚାରିଲେ ତାଙ୍କ ନାଁ ଠିକ୍ କହିପାରନ୍ତି ନାହିଁ । ଅଧିକ ଖୋଳି ତାଡ଼ି ପଚାରିଲେ କହନ୍ତି, ସେ ଗୋଟିଏ ପୋଡ଼ାମୁହାଁ ଅସାମାଜିକ ଲୋକ । ତାଙ୍କ ସାଙ୍ଗେ କାହାରି ତାଳ ପଡ଼େ ନାହିଁ । ବେତାଳିଆ, ବେଖାପିଆ; କିନ୍ତୁ ନିରାପଦ ଲୋକଟିଏ ।

ଏପରି ମନ୍ତବ୍ୟ ଯେ ମୋ ପରି ଗୁଣମୁଗ୍ଧ ବନ୍ଧୁ ପାଇଁ ଘୋର ପୀଡ଼ାଦାୟକ, ଏଥିରେ ସନ୍ଦେହ ନାହିଁ । ଏଣୁ ଦିନେ ସଂଭ୍ରମର ସହିତ ମୁଁ ତାଙ୍କୁ ପଚାରିଦେଲି, 'ଜଣେ ତା'ର ପଡ଼ୋଶୀ ପାଖରୁ ଯେପରି ବ୍ୟବହାର ଆଶା କରେ ପ୍ରଥମେ ସେ ନିଜେ ତାଙ୍କୁ ସେପରି ବ୍ୟବହାର କରିବା ଉଚିତ ନା ନୁହେଁ ?" କିଛି ସମୟ ବଡ଼ ଗମ୍ଭୀର ମୁଦ୍ରାରେ ସେ ମୋତେ ଚାହିଁରହିବା ପରେ ହଠାତ୍ ଚକା ପକେଇ ବସିଗଲେ । ତାଙ୍କର ଆଖି ଯୋଡ଼ିକ ଅଳ୍ପ ହସିଲା ହସିଲା ପରି ଉଜ୍ଜ୍ୱଳ ହୋଇଉଠିଲେ । ମୁଁ ବୁଝିଲି ଯେ ଅନ୍ୟୂନ ଦୁଇଟି ଘଣ୍ଟା ମୋତେ ସହୃଦୟ ଶ୍ରୋତା ହୋଇ ବସିବାକୁ ହେବ ଏବଂ ବସିଲି ମଧ୍ୟ ।

"ବ୍ୟବହାର ନିର୍ଭର କରେ ଦୃଷ୍ଟିଭଙ୍ଗୀ ଉପରେ ଏବଂ କୌଣସି ଦୁଇଟି ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ଏକ ହେବା ସମ୍ଭବ ନୁହେଁ । ଏଣୁ ମୋର ଦୃଷ୍ଟିଭଙ୍ଗୀ ଅନୁସାରେ ମୋର ପଡ଼ୋଶୀକୁ ଯେପରି ଦେଖେ ଓ ବୁଝେ, ସେହିପରି ହୁଏତ ବ୍ୟବହାର କରେ ଏବଂ ତଦ୍ରୂପ ସେ ମଧ୍ୟ ତା' ଦୃଷ୍ଟିଭଙ୍ଗୀରୁ ମୋତେ ଯେପରି ଦେଖେ ଓ ବୁଝେ, ସେପରି ବ୍ୟବହାର କରେ ! ଏଣୁ ମୋଟ ଉପରେ ଉଭୟେ ନିଜ ଇଚ୍ଛା ଅନୁସାରେ ନିଜର ମୂଲ୍ୟାଙ୍କନ ଉପରେ ବ୍ୟବହାର କରିଚାଲନ୍ତି । ବିରୋଧ ହୁଏ, ଅମେଳ ହୁଏ, ଏପରିକି ସଂଘର୍ଷ ମଧ୍ୟ ହୁଏ । କେବଳ ସହନଶୀଳତାର ନମନୀୟ ବର୍ମ ଗୁଡ଼ାଏ ଧକ୍କା ଗ୍ରାସ କରିଯାଏ ବୋଲି ଯୁଦ୍ଧ ହୁଏନାହିଁ । ତା' ମାନେଆମେ ଆମ ପଡ଼ୋଶୀଠାରୁ ସଂସାରର

Digitized by srujanika@gmail.com

ସମସ୍ତ ସ୍ମୃତି ଓ ନୈତିକ ନିୟମର ଦ୍ୱାହି ଦେଇ ଏକ ଲକ୍ଷ ଜିନିଷ ଆଶା କରୁ; କିନ୍ତୁ ପାଉ ଖୁବ୍ କମ୍ । ଏଇ ପାଇବା ଉପରେ ଆମ ବ୍ୟବହାରଟା ନିର୍ଭର କରେ । ମନ ଭିତରେ ଗୋଟାଏ ପ୍ରକାର ନିରାଶାରୁ ଏ ବ୍ୟବହାରର ଜନ୍ମ, ଏଣୁ ନିଶ୍ଚୟ ଭଗ୍ନ ଓ ଖଣ୍ଡିତ । ତା'ର ଉତ୍ତର ମଧ୍ୟ ଆସେ ଆହୁରି ଡେଙ୍ଗା ଆହୁରି ଅସହ୍ୟ ରୂପ ନେଇ । ଫଳ ଅତି ବିଷମୟ ନିଶ୍ଚୟ । ଏଣୁ ନିୟମଟା ଆରବାଗିଆ ହେଲେ ଭଲ । ତମେ ଯେ କୌଣସି ବିଚାରଭଙ୍ଗୀରୁ ହେଉ ନା କାହିଁକି ଯେତିକି କରିପାରୁଛ ଅନ୍ତତଃ ସେତିକି ତମ ପଡ଼ୋଶୀଠାରୁ ଆଶା କର । ଏଠି ମଧ୍ୟ ନିରାଶ ହେବାର ଆଶଙ୍କା କିଛି କମ୍ ନୁହେଁ । ଫୁଲଟିଏ ଦେଲେ ଯେ ଫୁଲଟିଏ ପାଇବ ତାର କିଛି ନିଶ୍ଚିତତା ନାହିଁ; କିନ୍ତୁ ଟେକାଟିଏ ଦେଲେ ଅବଶ୍ୟ ଦୁଇଟି ଟେକା ଆଶା କରିବା ଉଚିତ । ମୋଟ ଉପରେ ତୁମ ପଡ଼ୋଶୀ ତୁମକୁ ଯେପରି ବ୍ୟବହାର କରିବାକୁ ତୁମେ ଆଶାକରୁଛ, ତୁମେ ତାକୁ ସେପରି ବ୍ୟବହାର କରିବା ସମ୍ଭବ ନୁହେଁ, ନିରାପଦ ନୁହେଁ, ବାଞ୍ଛନୀୟ ମଧ୍ୟ ନୁହେଁ । ଏଇ ଆଗତୁରା ଆଶା କରିବାରେହିଁ ବହୁତ ଭୁଲ୍ ରହିଯାଏ ।"

ଏ ଆଡ଼ଶୂଳିଆ ଲୋକଟାକୁ ମୁଁ ବି ମଝିରେ ମଝିରେ ବୁଝିପାରେନାହିଁ । ଭୟଙ୍କର ବିପ୍ଳବୀ ଧରଣର ଲୋକ । ସମସ୍ତେ ଯଦି ଫାଳେ ବୁଝନ୍ତି, ସେ ବୁଝନ୍ତି ଆଉ ଫାଳେ । ମଝିରେ ମୁଁ ବା ପ୍ରଶ୍ନ କରନ୍ତି; କିନ୍ତୁ ଲୋକଟା ବିଶେଷ ଆଲୋଚନାପ୍ରିୟ ନୁହେଁ । ଆଉ ତର୍କ ଭିତରେ ପଶିଲେ ସେ ନିଜେ ବାଉଳା ହୋଇଯାନ୍ତି ଏବଂ ଶୁଣିବା ଲୋକକୁ ତା'ଠୁ ଅଧିକ ବାଉଳା କରି ଦିଅନ୍ତି । ବରଂ ତୁନିପଡ଼ି ଏ ଅବାଗିଆ ଲୋକଟାର ଅବାଗିଆ ମତ ଶୁଣିଲେ ବଡ଼ ଆମୋଦ ମିଳେ ।

"ଆଉ ଗୋଟିଏ ମଜା କଥା ଶୁଣ ! ଏ ଯେଉଁ ବିପୁଳ ସଂସାର, ଯାହାର ଥଳକୂଳ ଏପର୍ଯ୍ୟନ୍ତ କେହି କଳନା କରିପାରିନାହିଁ---ତା'ର ଅନନ୍ତ ଜଟିଳତା ନେଇ ବିରାଟ ଏକ କଇଁଚ ପରି କେଉଁଠି ଖୋଳ ଭିତରେ ଲୁଚିରହେ ଏବଂ ତା'ର ସରୁ ମୁହଁଟି କାଢ଼ି ଜୁଳୁଜୁଳୁ ଚାହିଁ ରହେ । ସେଇ ମୁହଁଟା ତୁମର ପଡ଼ୋଶୀ । ପଡ଼ୋଶୀହିଁ ସଂସାର ପ୍ରତୀକ । ସେଇଠି ସଂସାର ସହିତ ଆଳାପ ପରିଚୟ ହୁଏ । ସାମ୍ନା ସାମ୍ନି ତାକୁ ପାଇ ଛକାପଞ୍ଝା ବି ହୁଏ । ତେଣିକି କଳିତକରାଳରୁ ଭିଣାଭିଣି, ତଣ୍ଟି କଟାକଟି ମଧ୍ୟ ହୁଏ । ସଂସାରର ତୁମକୁ ଗିଳିବାକୁ ଚେଷ୍ଟା କରେ; ତୁମେ ସଂସାରକୁ ଠକିଦେଇ ତାକୁ ଓଲଟି ଗିଳିବାକୁ ଚେଷ୍ଟା କର । ସବୁପ୍ରକାର ଚାଲାକି, ଚାଲ୍‌ବାଜି, କୁଟନୀତି, ବୈଦେଶିକ ନୀତି, ଯୁଦ୍ଧବିଦ୍ୟାର ମମସ୍ତ ଆଡ଼ଗ, ତାଡ଼ନ, ମୁଷ୍ଟି ଯଷ୍ଟି ପ୍ରହରଣ, ତନ୍ତ୍ରବିଦ୍ୟାର ସମ୍ମୋହନ, ଉଚ୍ଚାଟନ, ବିନାଶନ ଇତ୍ୟାଦିର ପ୍ରୟୋଗ ପାଇଁ ପଡ଼ିଶାଘରଠାରୁ ବଳି ଆଉ ପ୍ରଶସ୍ତ କ୍ଷେତ୍ର କାହିଁ ? ନିଜ ଘରର ଏରୁଣ୍ଡିବନ୍ଧ ପାଖରେ ଠିଆହେଲେ ଜଣାପଡ଼େ ସଂସାରରୂପକ ଦୋମୁଣ୍ଡିଆ ସାପର ରୂପ । ଘରେ ତା'ର ଅନୁପେକ୍ଷ୍ୟ ସ୍ନେହାନୁବନ୍ଧନର ଗୂଢ଼ ରୂପ ଏବଂ ବାହାରେ ଅତି ଭୀଷଣ ଅସହନଶୀଳ ବିରୋଧୀ ରୂପ । ମଝିରେ ଦେଢ଼ଖଣ୍ଡ ଇଟାରେ ଚୂନଦିଆ ଅତି ସାମାନ୍ୟ ବ୍ୟବଧାନ ଟିକିଏ । ଏପଟେ ସଂସାର, ସେପଟେ ସଂସାର । ଏ ପଟେ ତୁମେ ଏବଂ ତୁମର ପରିବାର । ସେ ପଟେ ଅନନ୍ତ ସଂସାର, ଯା'ର ସ୍ୱରୂପ ଗୁପ୍ତ ରହି ବାହାରକୁ ଦିଶୁଥାନ୍ତି କେବଳ ତୁମର ପଡ଼ୋଶୀ ।

Digitized by srujanika@gmail.com

କେଉଁ ବିଦ୍ୟାର କେଉଁ ଅଧ୍ୟାୟ ପ୍ରୟୋଗ କରାଯିବ ତାହା ନିର୍ଭର କରେ ଅବଶ୍ୟ ସେଇ ବ୍ୟକ୍ତି ଓ ତା'ର ପ୍ରତିକ୍ରିୟା ଉପରେ; କିନ୍ତୁ ସାଧାରଣତଃ ପଡ଼ୋଶୀଟାକୁ ପ୍ରତିଦ୍ୱନ୍ଦ୍ୱୀ ଚକ୍ଷୁରେ ଦେଖିବା ମଣିଷ-ସ୍ୱଭାବର ଲକ୍ଷଣ । ଧର, ପ୍ରାୟ ଏହି ପ୍ରକାର ଗୋଟାଏ କ୍ରମରେ ପ୍ରତିବେଶୀକୁ ଆୟତ୍ତରେ ପକାଯାଏ । ପ୍ରଥମେ ତାଙ୍କ ଅନ୍ଦିକନ୍ଦି ଖୋଳି ତାଙ୍କ ଆସବାବପତ୍ର, ଖଟ, ପଲଙ୍କ, ରେଡିଓ, ଗାଡ଼ି ଆଦି ପିଲାଙ୍କ ପିନ୍ଧାପିନ୍ଧି ଠଉଁ ମଉସା ମାଉସୀଙ୍କ କନା ଦାମ୍ ପର୍ଯ୍ୟନ୍ତ ଗୋଟାଏ ତାଲିକା ପ୍ରସ୍ତୁତ କରାଯାଏ । ତା'ପରେ ତାକୁ ଆଣି ନିଜର ମୁଖସ୍ଥ ତାଲିକା ସାଙ୍ଗରେ ମିଳେଇ ନିଆଯାଏ । ସେଇଠୁ ଆରମ୍ଭ ହୁଏ ତାଚ୍ଛଲ୍ୟବ୍ୟଞ୍ଜକ ଗୋଟାଏ ପ୍ରକାର ଦୟା କିମ୍ୱା ନିନ୍ଦା ଈର୍ଷା ଓ ଘୃଣାର ଏକ ଅଭିଯାନ । ଯଦି ତାଲିକା ପ୍ରାୟ ମିଶିଗଲା ତେବେ ତୁମର କ'ଣ ଥିଲା କ'ଣ ହୋଇଥାନ୍ତା, କ'ଣ ହୋଇ ନଷ୍ଟ ହୋଇଗଲା ବା କ'ଣ ହେବାକୁ ଯାଉଛି, ଏପରି ଗୁଡ଼ିଏ ଅବାସ୍ତବ ମିଥ୍ୟାକୁ ଆଶ୍ରୟ କରି ପ୍ରଗଲ୍‌ଭତାର ଅସ୍ତ୍ର ପ୍ରହାର କରିବା ଏକ ଅତି ସ୍ୱାଭାବିକ କଥା । ପଡ଼ୋଶୀଟିର ସମସ୍ତ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବାକୁ ଯେତିକି ଉଦ୍ୟମ, ଉତ୍ସାହ ଓ ଆଗ୍ରହ ପ୍ରକାଶ ପାଏ ପ୍ରାୟ ସେହି ଅନୁପାତରେ ନିଜର ଚିରା ଦଦରା ଲୁଚେଇ ପେଡ଼ିସାଇତାର ଚକ୍‌ଚାକ୍ ଦେଖେଇବାକୁ ପ୍ରଯତ୍ନ ବ୍ୟବହାର ହୁଏ । ମୋଟ ଉପରେ ତାକୁ ଉତ୍‌କେଇ ତାକୁ ଦୀ'କଡ଼ାର କରିଦେବା ପାଇଁ ଏ ସମସ୍ତ ଚେଷ୍ଟା ।

ତୁମେ ହୁଏତ ବର୍ତ୍ତମାନ ସୁଦ୍ଧା କେବଳ ମଧ୍ୟବିତ୍ତ ଶ୍ରେଣୀର କ୍ଷୁଦ୍ରାକାର ଦୁଇଟି ବ୍ୟକ୍ତି କଥାହିଁ ଚିନ୍ତା କରୁଛ । ସେଥିପାଇଁ ଅବଶ୍ୟ ମୁଁ ଦାୟୀ । ସରଳ ଅର୍ଥରେ ପଡ଼ୋଶୀ ଶବ୍ଦର ଅର୍ଥ ବୁଝିବାକୁ ହେଲେ ଏହି ଉଦାହରଣଟି ପ୍ରାୟ ଅପରିହାର୍ଯ୍ୟ । କିନ୍ତୁ ତା'ରବହୁ ବ୍ୟାପକ ଅର୍ଥ ରହିଛି ଏବଂ ପ୍ରତିବେଶୀଙ୍କର ନାନା ସୂକ୍ଷ୍ମ ବୃହତ୍ ରୂପ ଚକ୍ଷୁର ଅନ୍ତରାଳରେ ରହିଛି ।"

ବନ୍ଧୁ ଏହି ଅବସ୍ଥାକୁ ଆସିଲେ ମୁଁ ପ୍ରାୟ ସତର୍କ ହୋଇଯାଏ । କାରଣ ତାଙ୍କର ଯାହା ମୌଳିକତା ଏହିଠାରୁହିଁ ପ୍ରକାଶିତ ହେବାକୁ ଆରମ୍ଭ କରେ । ମୁଁ ତାଙ୍କୁ ଉତ୍ସାହିତ କଲାଭଳି ମୁହଁରେ ଯଥାସାଧ୍ୟ ପ୍ରସନ୍ନତା ଏବଂ କୌତୁହଳ ଧାରଣ କରିବାକୁ ଚାହିଁରହିଲି । ସତେବା ପ୍ଲାଟୋ ଦର୍ଶନର କ୍ରିଟୋ ବା ଫିଡ୍ରସ୍ ସକ୍ରେଟସ୍ ସମ୍ମୁଖରେ ଚିତ୍ରପ୍ରତିମା ପରି ମୁଁ ଆଶାୟୀ ହୋଇ ଅପେକ୍ଷା କରି ରହିଲି ।

"ପଡ଼ୋଶୀଟାକୁ ଭଲ ପାଇବା ଅପେକ୍ଷା ତାକୁ ଭଲ ନ ପାଇବା ହିଁ ମଣିଷଚରିତ୍ରର ସ୍ୱଭାବସିଦ୍ଧ ଗୁଣ । ଯାହା କିଛି ଅସ୍ୱାଭାବିକ ସହନଶୀଳତା ଦେଖିବାକୁ ମିଳେ ତାହା କେବଳ ସଂକ୍ଷିପ୍ତ ସ୍ୱାର୍ଥଦୃଷ୍ଟିରୁ । ନଚେତ୍ ପିଲାଖେଳରୁ, ନର୍ଦ୍ଦମା ନାଳରୁ ରାତିରେ ରେଡିଓ ବା ଗ୍ରାମୋଫୋନ ଲଗେଇବାରୁ ପଡ଼ୋଶୀ ସାଙ୍ଗରେ କଳି କରିବାକୁ ହିଁ ଲୋକେ ଜଗିବସିବା ଖୁବ୍ ସ୍ୱାଭାବିକ ଦୈନନ୍ଦିନ ଘଟଣା । ଯଦି ସେ ମୋଟ ଉପରେ ସୁସ୍ଥ ସବଳ ହୋଇ ସପରିବାର ସୁଖରେ ରହିଯାଇଛି ତା'ର ଶ୍ରୀ ସହି ନ ପାରିବା ମଣିଷର ସ୍ୱାଭାବିକ ଲକ୍ଷଣ । ଯଦି ସହିଯାଉଛି ବା ତା'ର ସୁଖରେ ନିଜେ ସୁଖୀ ହେବାର ପ୍ରୟାସ କରୁଛି ତେବେ ତାହା ଶିଖା ପାଠ, ମଣ କଲା ଶୁଆର 'ଚକ୍ରଧର' ପରି ।

Digitized by srujanika@gmail.com

ଯାହା ବ୍ୟକ୍ତି ସ୍ତରରେ ଘଟୁଛି ତାହା ଆହୁରି ବ୍ୟାପକ ଓ ସାଙ୍ଘାତିକ ଭାବରେ ଦେଶ, ଜାତି ବା ସମାଜ ସ୍ତରରେ ମଧ୍ୟ ଘଟିଚାଲିଛି । କୌଣସି ଦୁଇଟି ପଡ଼ୋଶୀ ରାଜ୍ୟ ଭିତରେ ମାନବଜାତିର ସମଗ୍ର ଇତିହାସ ଚକ୍ରରେ କେବେହେଲେ ମୈତ୍ରୀ ସ୍ଥାପିତ ହୋଇ ପାରିନାହିଁ । କଳହ, ଦ୍ୱନ୍ଦ୍ୱ, ରକ୍ତପାତହିଁ ସେମାନଙ୍କର ସ୍ୱାଭାବିକ ସମ୍ପର୍କ---ଅବଶ୍ୟ ଶାନ୍ତି ସୌହାର୍ଦ୍ଦ୍ୟ ପାଇଁ ସେ ପ୍ରୟାସ ହୋଇନାହିଁ, ଏ କଥା ନୁହେଁ । ଏହା ମଣିଷ ଭିତରର ଆହୁରି ଗୋଟିଏ ଲକ୍ଷଣ । ଯୁଦ୍ଧବିଗ୍ରହର ଘନଘଟା ଭିତରେ ଏ ଯେମିତି ବିଜୁଳିର ସ୍ଫୁରଣ । ସେ ଆସେ ଏବଂ ଯାଏ । ସାଧାରଣ ଦୃଷ୍ଟିରେ ବିଶେଷ କିଛି ପରିବର୍ତ୍ତନ ହେଲାପରି ଜଣାଯାଏନାହିଁ । ଧର୍ମ ଆଦର୍ଶ, ସମାଜ ବା ଶାସନ ନୀତି ଗୋଟିଏ ଗୋଟିଏ ଯୁଦ୍ଧ-ପଡ଼ିଆ । ଏମାନେ ସବୁ ବିରୋଧ ସୃଷ୍ଟି କରନ୍ତି ଏବଂ ବିରୋଧକୁ ପୋଷି ପାଳି ବଞ୍ଚେଇ ରଖନ୍ତି । କିନ୍ତୁ ଭାବିବ ନାହିଁ ଯେ ଏହି କାରଣରୁ ଏଗୁଡ଼ିକ ସର୍ବାଦୌ ପରିହର୍ତବ୍ୟ; ବରଂ ଏସବୁ ନଥିଲେ ମଣିଷର କ୍ରମବିକାଶ ସମ୍ଭବ ନୁହେଁ । ଗୋଟାଏ ଦୃଷ୍ଟିରୁ ଏ ଯୁଦ୍ଧବିଗ୍ରହର ମଧ୍ୟ ପ୍ରୟୋଜନ ରହିଛି । ସେଇଟା ଅବଶ୍ୟ ଗୋଟିଏ ଭିନ୍ନ ପ୍ରଶ୍ନ । ପଡ଼ୋଶୀ ଦେଶ ସହିତ ଯୁଦ୍ଧ କରିବା ଇତିହାସରେ ଲିପିବଦ୍ଧ ରହିଆସିଛି, ରହିବ ମଧ୍ୟ । ଏଣିକି ବିଜ୍ଞାନର ଦ୍ରୁତ ଗତି ପାଇଁ ପୃଥିବୀପୃଷ୍ଠରେ ଯେକୌଣସି ଦେଶ ଅନ୍ୟ ଯେକୌଣସି ଦେଶର ପଡ଼ୋଶୀ ହେବାର ଆଶଙ୍କା ହେଲାଣି । ଏଣିକି ଭିଣାଭିଣି ହୋଇ ଜଣକ ଘରେ ନିଆଁ ଲଗେଇଦେଲେ ସମଗ୍ର ପୃଥିବୀଟା ଉଚ୍ଛନ୍ନ ହୋଇଯିବ । ସାତଟାଯାକ ମହାଦେଶର ଆପେକ୍ଷିକ ଦୂରତା ଚିପିହୋଇ କମିଗଲାଣି । ଏବେ ସେମାନେ ଚାଳକୁ ଚାଳ ଲାଗିଥିବା ସାତଟି ଆଟୁଘର ପରି ଧାଡ଼ି ବାନ୍ଧି ଠିଆହୋଇଛନ୍ତି । ପ୍ରତି ଘରୁ ବାହାଦୂର ଭେଣ୍ଡିଆ ବାହାରି ନିଶ ମଳୁଛନ୍ତି । ହାବେଳୀ ଛାଡୁଛନ୍ତି ଶୂନ୍ୟକୁ, ଦମକା ଫୁଟାଉଛନ୍ତି । ପରସ୍ପରର ଗୋଇ ଖୋଳାଖୋଳି ହେଉଛନ୍ତି; ଅବିକଳ କେତୋଟି ଅର୍ଦ୍ଧ-ଶିକ୍ଷିତ ଅପରିମାର୍ଜିତ ପଡ଼ୋଶୀ ପରିବାର ପରି । ହୁଏତ କେତେବେଳେ ପିଟାପିଟି ହୋଇଯିବେ । ନ ହୋଇ ମଧ୍ୟ ପାରନ୍ତି, କାରଣ ଯଦୁବଂଶ ପରି ଏକାଥରେ ସମସ୍ତେ ଧ୍ୱଂସ ହୋଇଯିବାର ଗୋଟାଏ ଆଶଙ୍କା ତ ଫେର୍ ରହିଛି ।

ପଡ଼ୋଶୀକୁ ନିଜର ଭାଇ ପରି ଦେଖିବାକୁ ବିରାଟ ଏକ ମାନବ-ପରିବାରର ଜଣେ କୁଟୁମ୍ବୀ ଭଳି ଗ୍ରହଣ କରିବାକୁ ବହୁ ଉପଦେଶ ମିଳିଛି । କିନ୍ତୁ ଏହାକୁ କାର୍ଯ୍ୟରେ ପରିଣତ କରିବା ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ସମ୍ଭବ ହୋଇ ପାରି ନାହିଁ । ମନେହୁଏ ମଣିଷ ଭିତରେ ଏପରି ଏକ ବକ୍ରତା ଅଛି, ଏପରି ଏକ ଟାଣୁଆ କୁକୁର ଲାଙ୍ଗୁଡ଼ ଅଛି, ଯାହାକୁ ସଳଖିବାକୁ ଯୁଗ ବିତିଯିବ ସିନା ସେ ସଳଖି ହେବ ନାହିଁ । ଗୋଟାଏ ବାଘୁଆ ଜାନ୍ତବ ମତଲବ ସବୁବେଳେ ତା' ଭିତରେ କାମ କରୁଛି । ନିଜ ପେଟକୁ ବାଧିଲେ ସେ ସାରା ସୃଷ୍ଟିକୁ ମାନିବ ନାହିଁ, ନିଶ୍ଚୟ କାମୁଡ଼ି ଦେବ, ତା' ଜାବ ଭିତରେ ଯେ ପଡ଼ିଯାଉ । ଏଇଟା ଠିକ୍ ସ୍ୱାର୍ଥପରତା ନୁହେଁ । ସେଥିରେ ମିଶି ରହିଛି ଅହଙ୍କାର, ଯାହା ମଣିଷକୁ ସ୍ୱାଧୀନ ବ୍ୟକ୍ତି ହିସାବରେ ବଞ୍ଚେଇ ରଖେ । ସେଥିରେ ମିଶି ରହିଛି ଅଭିମାନ, ଯାହା ମଣିଷକୁ ସମ୍ମାନ ନେବାକୁ ଓ ଦେବାକୁ ଶିକ୍ଷା ଦିଏ । ବ୍ୟକ୍ତିଭେଦରେ ନାନା ପ୍ରକାର ଗୁଣର ମଧ୍ୟ ଟୋପାଏ ଟୋପାଏ ଏହା ଭିତରେ ମିଶିଯାଏ । ଫଳ ହୁଏ ସେଇ କୁକୁର ଲାଙ୍ଗୁଡ଼ିଆ ବକ୍ରତା । ବ୍ୟକ୍ତି ମାତ୍ରକେ ଏଥିରୁ ଟିକିଏ ନିଶ୍ଚୟ ରହିବ । ସେଇଟା ହିଁ ତା'ର ବ୍ୟକ୍ତିତ୍ୱ ।

Digitized by srujanika@gmail.com

ଏଣୁ ପଡ଼ୋଶୀ ସାଙ୍ଗରେ କେମିତି ମିଶିବ । ଅବଶ୍ୟ ସମୟ ସମୟରେ ଗୋଟାଏ ଗୋଟାଏ ରାଜଯୋଟକ ଆସି ପଡ଼ିଯାଏ । ପଡ଼ୋଶୀ ଦୁଇ ଜଣ ଏମିତି ମିଶିଯାନ୍ତି ଯେ ଆଉ ପାଣି ଗଳେ ନାହିଁ । ଉଭୟ ସତେବା' ଗୋଟିଏ ପରିବାର ହୋଇଯାନ୍ତି । କିନ୍ତୁ ତା' ପାଖ ଘର ସାଙ୍ଗରେ ଚିରାଚରିତ ଛକାପଞ୍ଝା ଚାଲେ । ସେ ହୋଇଯାଏ ପଡ଼ୋଶୀ, ମାନେ ପ୍ରତିଦ୍ୱନ୍ଦ୍ୱୀ । ଦୁଇଟି ପଡ଼ୋଶୀ ମିଶିଯିବାରେ ଏ ଅଦ୍ଭୁତ ପ୍ରତିବେଶୀ-ଭାବର ଅବସାନ ଘଟେ ନାହିଁ ବା ଏ ସମସ୍ୟାର ସମାଧାନ ମଧ୍ୟ ହୁଏନାହିଁ । ସେ ଖାଲି ବା'ର ହାତ ଚକି ଘୁଞ୍ଚାଇ ନିଏ ।

ଗଣ୍ଡେ ବସୁଧୈବ କୁଟୁମ୍ବକମ୍'ବାଲା ସବୁଠି, ସବୁକାଳେ ଥାଆନ୍ତି । ସେମାନେ ସବୁ ଏଇ କୁକୁର ଲାଙ୍ଗୁଡ଼ ସଳଖିବାକୁ ଠିକା ନେଇଥାନ୍ତି । ବହୁ ପରିଶ୍ରମ କରନ୍ତି । କେତୋଟି ବ୍ୟକ୍ତିବିଶେଷଙ୍କୁ ନେଇ ହୁଏତ ମୋଡ଼ାମୋଡ଼ି କରି ବାଗେଇ ଦିଅନ୍ତି; କିନ୍ତୁ ମଣିଷ ଜାତିର ମୌଳିକ ଚରିତ୍ରର ଆଦୌ ପରିବର୍ତ୍ତନ ହୁଏ ନାହିଁ । ସେମାନଙ୍କ ପ୍ରୟାସ ମଧ୍ୟ କେତେବେଳେ ହାର୍ ମାନି ଯାଏ ନାହିଁ । ଲାଗିଥାଏ ଏମିତି ଟଣାଓଟରା ଯୁଗ ଯୁଗ ଧରି । ସେଗୁଡ଼ାକ କ'ଣ ଏଡ଼ିକି ଓଲୁ ? କାହିଁକି ଏମିତି ନିଷ୍ଫଳ ଶ୍ରମ କରନ୍ତି ? ସେଇଟା ତାଙ୍କ ସ୍ୱଭାବର ନିୟମ । କଣ କରିବେ ? ଅଣାୟତ୍ତରେ ସେମାନେ ଲଢ଼ନ୍ତି । ଏତେ କଥା ତ ମଣିଷ ଭିତରେ ଅଛି । ପୁଣି ଅଛି ଗୋଟିଏ ଖିଅ ଲଇ ଯେଉଁଟା ଉପରକୁ ଠେଲି ବାହାରି ପଡ଼ିବାକୁ ଛଟେଇ-ପଟେଇ ହୁଏ । ସେଇଟା ସେମିତି ପେଲିହୁଏ ବୋଲି ମାଛ କଇଁଚରୁ କ୍ରମବିକାଶର ଧାରା ଆସି ପହଞ୍ଚିଛି ମଣିଷ ପାଖରେ । ଜୀବ ସୃଷ୍ଟି ହେବା ଦିନଠୁଁ ଏ ଲଇ ମାଡ଼ି ଚାଲିଛି; ପେଲି ଠେଲି ଶାଖା ମେଲି ଚାଲିଛି । 'ପ୍ରେମ', 'ଶାନ୍ତି' ବୋଲି ଯେଉଁମାନେ ହରିବୋଲିଆ ଡାକ ଛାଡ଼ନ୍ତି ସେମାନେ ଏଇ ଲଇରେ ଓହଳିଥିବା ଫଳ । ସେମାନେ କେବଳ ଗୋଟାଏ ସମ୍ଭାବନାର ଦିଗ ଦେଖେଇ ଦିଅନ୍ତି । ସେ ଦିଗରେ ବିକାଶର ଧାରା ଗଡ଼ିବାକୁ କେତେ ସହସ୍ର ବର୍ଷ ଲାଗିବ କେଜାଣି; କିନ୍ତୁଯଦି ଏ'ଲଇ ଏପର୍ଯ୍ୟନ୍ତ ଠିକ୍ ଚାଲିଛି, ଏବେ ମଧ୍ୟ ଠିକ୍ ଚାଲିବ । ପଡ଼ୋଶୀଟା ସତକୁ ସତ କୁଟୁମ୍ବୀ ହୋଇଯିବ । ବାଘର ହେଣ୍ଟାଳ, କୁମ୍ଭୀରର ଖଗ ଓ ଦାନ୍ତ ପରି ପୁରୁଣା ହୋଇଯିବ ଆମର କଳହ, ବଡ଼ିମା, ଅଭିମାନ ।"

ମୁଁ ଏଇଠି ଭାବିଲି ଯେ ଉଠିବାର ଉପକ୍ରମ କଲେ ହୁଏ । ଟିକିଏ ମୋଡ଼ିଭିଡ଼ି ମଧ୍ୟ ହେଲି ।

"ଆହା ବସନା ! ଏମିତି କ'ଣ କାମ ସବୁ ଅଟକିଯାଉଛି । ଗଲେ ତ ସେଇ ତୁମର ପେଟା ପଡ଼ୋଶୀଟା ସାଙ୍ଗରେ ଲାଗିବ । ଆଉ କ'ଣ ଅଧିକ କରିବ ?"

ମୋର ମନେପଡ଼ିଗଲା ସତକୁ ସତ ସେମିତି ଗୋଟାଏ କିଛି ମୁଁ କରିବାକୁ ଯାଉଥିଲି । ମୋ ପଡ଼ୋଶୀ ଯା ଭିତରେ ତା' ଝିଅ ଦି'ଟା ପାଇଁ ରେଶମୀ କନାର ଜାମା ତିଆରି କରି ନେଇ ଆସିଛି । ସେମାନେ ଜାମା ପିନ୍ଧି ଚାଲିଗଲେ ଆମକୁ ଦିଶୁଛି ଛିଗୁଲେଇ ହେଲେ କି ଆଉ ! ପତ୍ନୀଙ୍କ ଜିଦ୍ ଆଜି ଆସିବ---ପାଞ୍ଚ ପଡୁ ପଚିଶ୍ ପଡୁ, ଆଜି କିଣା ହୋଇ ଆସିବ ରେଶମୀ ଜାମା, ତାଙ୍କ ଘରଠୁ ଆହୁରି ନାଲି, ଆହୁରି ଚକ୍‌ଚକିଆ । ଏ ଆଡ଼େ ପୁଅର ରଡ଼ି କାନରେ ଅତଡ଼ା ପକେଇ

Digitized by srujanika@gmail.com

ଦଉଥାଏ । ତଥାପି ସ୍ଥିର ମନରେ ଭାବିଲି, ପୁଅଟାକୁ ଯେମିତି ରଙ୍ଗ ଜାମାଟାଏ ପିନ୍ଧେଇବି, ମାଲୁଆଳୀ ଟୋକା ପରି ଦିଶିବ । କିନ୍ତୁ ପତ୍ନୀଙ୍କୁ ଦ୍ୱିରୁକ୍ତି କରିବାର ମୂର୍ଖତା ମୋର ନାହିଁ । ଅଭିଜ୍ଞତା ବେଶ୍ ଶିଖେଇଛି ତାଙ୍କୁ ସବୁ କ୍ଷେତ୍ରରେ ମାନି ଚଳିଯିବା ଭଲ ବୋଲି । ଅଗତ୍ୟା ବାହାରି ପଡ଼ି ଏଠି ଦୁଇ ଘଣ୍ଟା କଟେଇ ଦେଲେଣି ।

ବନ୍ଧୁ ଅଳ୍ପ ହସି ପୁଣି ଆରମ୍ଭ କଲେ ।

"ପଡ଼ୋଶୀ ସାଙ୍ଗରେ ଲାଗିବାରେ ଗୋଟାଏ ମଜା ମଧ୍ୟ ଅଛି । ତମକୁ ସବୁବେଳେ ଗରମ୍ ରହିବାକୁ ଗୋଟାଏ ଉପାଦାନ ମିଳିଯାଏ । ରାଗ, ଅଭିମାନ, ଈର୍ଷାରେ ସିଝେଇ ସନ୍ତଳି ହୋଇ କିରାସିନ୍ ବତି ପରି ହୁ' ହୁ' ହୋଇ ଜଳିଯିବାରେ ମଧ୍ୟ ଗୋଟାଏ ମାଦକତା ଅଛି । ପଞ୍ଚାଏ କବି ଏଇଟାକୁ ଜୀବନର ମୌଳିକ ଦର୍ଶନ ବୋଲି ପାଟିତୁଣ୍ଡ କଲେଣି । କିନ୍ତୁ ଦର୍ଶନ ତ ଯେଚ୍ଛା ତା' ଜିନିଷ ହୋଇ ନାହିଁ । ଛାଡ଼, ମୋଟ ଉପରେ ମୁଁ ଏବେ ଯାହା କହିଲି ସେଇଟା ସାଧାରଣ ଲୋକଙ୍କର ସ୍ୱାଭାବିକ ଜୀବନର କଥା । କିନ୍ତୁ ଯା' ପୂର୍ବରୁ ଯେଉଁ ବିକାଶଜୀବୀ ଲୋକଙ୍କ କଥା କହୁଥିଲି ସେମାନେ ସବୁ ଅସାଧାରଣ । ସେମାନେ ନିଜ ପରର ଭାଗ କାନ୍ଥ ଭାଙ୍ଗି ଦେଇଥାନ୍ତି । ଏଇଥିପାଇଁ ନିର୍ବିରୋଧ କହନ୍ତି, "ବସୁଧୈବ କୁଟୁମ୍ବକମ୍ ।" ପଡ଼ୋଶୀ ବିଷୟରେ ପଚାରିଲେ କହନ୍ତି, "ତୁମ ଭିତରୁ ଶିଖ ! ତୁମ ଭିତରେ ଯେଉଁ ସାକ୍ଷୀ ପୁରୁଷ ବିଦ୍ୟମାନ ସେ ହିଁ ପ୍ରକୃତରେ ଏ ସଂସାରର ପଡ଼ୋଶୀ । ତା'ର ନିର୍ଲିପ୍ତତା ତା' ଅକାତର ସହନଶୀଳତାକୁ ନିଜର କରିନିଅ । ତା' ସହିତ ଅଭିନ୍ନଭାବ ସ୍ଥାପନ କର ।"

ମୁଁ ଧୀରେ ଉଠିଲି । ସେ "ହାଁ" "ହାଁ" କହୁ କହୁ ମୁଁ ଯାଇ ରାସ୍ତା ଧରିଲିଣି । ସେତେବେଳକୁ ପ୍ରାୟ ଦଶଟା । ଆଜି ରଙ୍ଗ ଜାମା ନେଇ ନ ଫେରିଲେ ମୁଣ୍ଡ ରହୁଛି ନା ନାହିଁ, ସନ୍ଦେହ ।

ବନ୍ଧୁ ଏଣେ କ'ଣ ଭାବିଥିବେ କେଜାଣି !

❖❖❖

Digitized by srujanika@gmail.com

ଯାନ-ଯାତ୍ରା

ମୋର ଜଣେ ବିଶିଷ୍ଟ ବନ୍ଧୁଙ୍କୁ ବସ୍ କିମ୍ବା କୌଣସି ଚଳନ୍ତି ଯାନରେ ବସିବା ସଙ୍ଗେ ସଙ୍ଗେ ଦଶ ଦିଗ ତରଳ ଦେଖାଯାନ୍ତି ଏବଂ ମନ କେନ୍ଦ୍ରରେ କେତେକ ସୁପ୍ତ ପ୍ରକୋଷ୍ଠ ହଠାତ୍ ଖୋଲିଯିବା ଫଳରେ ତାଙ୍କ ଜୀବନର ସମସ୍ତ ମୌଳିକ ଚିନ୍ତା ଏହି ସମୟରେ ହିଁ ତାଙ୍କୁ ଆବିଷ୍ଟ କରିଥାନ୍ତି । ତାଙ୍କୁ ପଚାରିବାରେ ସେ କହନ୍ତି ଯେ ଗତିର ବହୁଳତା ନେଇ ଏପରି ବିପୁଳ ଚିନ୍ତା ସବୁ ଆସେ । ସାଧାରଣତଃ ଆଜିକାଲିକାର ବହୁ ସ୍ୱାଧୀନତାବ୍ୟଞ୍ଜକ ସରକାରୀ ଯାନ ଆଗକୁ ଯଦି ପରିଶେଷରେ ଗତି କରେ ତେବେ ପଥପ୍ରାନ୍ତର ଗଛ ଲତା ସବୁ ସେହି ବେଗରେ ତଦ୍‌ବିପରୀତ ଦିଗରେ ଗତି କଲା ପରି ପ୍ରତୀତ ହୁଅନ୍ତି । କିନ୍ତୁ ସେ କହନ୍ତି ଅନ୍ୟ ପ୍ରକାର । ଯାନଟି ନାନା କଳକବ୍ଜା ଚହଲାଇ ଘୁଞ୍ଚିବା ଆରମ୍ଭ କଲେ ଦିଗ୍‌ବଳୟକୁ ଦୃଷ୍ଟି ପ୍ରସାରିତ କର । ସେଠିକାର ପାହାଡ଼, ମୁଣ୍ଡିଆ ବା ଆକାଶରେ ଚେନାଏ ମେଘ ମନେ ହେବ ଯେମିତି ସେମାନେ ଆଉ ପଛକୁ ଯାଉନାହାନ୍ତି । ସେମାନେ ଆମ ସହଚର, ଆମର ସହଯାତ୍ରୀ । ଗୋଟିଏ ଦିଗ, ଗୋଟିଏ ବେଗ, ଗୋଟିଏ ଗତି ହେବାରୁ ଏକପ୍ରକାର ସୌହାର୍ଦ୍ଦ୍ୟ ଆସେ ସ୍ୱତସ୍ଫୂର୍ତ୍ତ ଭାବରେ । ଦିଗ୍‌ବଳୟରୁ ଆସ୍ତେ ଦୃଷ୍ଟି ଫେରାଇ ଆଣିଲେ ବିପରୀତ ଗତି କ୍ରମାନ୍ୱୟରେ ବୃଦ୍ଧି ପାଇବାର ଦେଖାଯାଏ ଏବଂ ପରିଶେଷରେ ଯେ ଯେତେ ପାଖରେ ସେ ସେତେ ବେଗରେ ଆସି ପୁଣି ପଛରେ ଲୁଚିଯାଏ । ଦିଗ୍‌ବଳୟର ସେହି ସହଚାରୀ ବିନ୍ଦୁକୁ କେନ୍ଦ୍ରକରି ବେଙ୍ଗଳା ବଳଦ ବୁଲିଲା ପରି ଯେମିତି ଚକା ଚକା ହୋଇ ସାରା ଦୃଶ୍ୟମାନ ସୃଷ୍ଟି ବୁଲିଚାଲିଛି । ନା'ପରେ ଦୃଷ୍ଟି ଆସେ ବସ୍ ଭିତରକୁ । ଠେଲାପେଲା ଶାନ୍ତ ହୋଇ ଗୋଟିଏ ନିର୍ବିକାର ଅସହାୟ ଭାବ ସମସ୍ତଙ୍କର ସଚଳ ଗାଡ଼ିଟା ଭିତରେ ଏ ସମସ୍ତେ ଯେମିତି ଗୋଟିଏ ଗୋଟିଏ ଅଚଳ ପାଷାଣ । ଆପେକ୍ଷିକ ଗତି ପରସ୍ପର ଭିତରେ ଆଦୌ ନାହିଁ କହିଲେ ଚଳନ୍ତା । ଏତିକିବେଳେ ଧର ପୋଲଟାଏ ଆସିଯାଏ । ହାତୀଶୁଣ୍ଢ ପରି ଲୁହା ଧାରଣାଯାକ ସାଙ୍ଗେ ସାଙ୍ଗେ ପଛକୁ ପିଟି ହୋଇ ଚାଲିଯାନ୍ତି । ଗତିର ଗୋଟାଏ ତୀବ୍ର ପର୍ଯ୍ୟାୟ ନିଜ ଭିତରର ହୃତ୍‌ପିଣ୍ଡଠାରୁ କ୍ରମାନ୍ୱୟରେ ଗାଡ଼ିର କଳ, ଚକ ଏବଂ ଚତୁର୍ଦ୍ଦିଗରେ ଭ୍ରାମ୍ୟମାଣ ପରିବେଷ୍ଟନୀ ସବୁ ବହୁ ପ୍ରକାରଗତିର ଓତଃପ୍ରୋତ ଭାବରେ ଜଡ଼ିତ ହୋଇଥିବା ସଂଶ୍ଳିଷ୍ଟ ରୂପ ମଧଦେଇ ତାଙ୍କୁ ନେଇଯାନ୍ତି ପୃଥିବୀର ଆହ୍ନିକ ଏବଂ ବାର୍ଷିକ ଗତିକୁ । ତେଣିକି ତ ଭଲ ଲୋକର ଚିତ୍ତ ବିଭ୍ରାନ୍ତ କରିବାକୁ ରହିଛି ଜ୍ୟୋତିଷଶାସ୍ତ୍ର । ଫଳତଃ ବନ୍ଧୁ ଜଣକ ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ପର୍ଯ୍ୟାୟକୁ ଅଣାୟତ୍ତ ହୋଇ ଉଲ୍ଲଙ୍ଘନ କରିବା ଫଳରେ ମନରାଜ୍ୟରେ ଅସ୍ୱାଭାବିକ ଉତ୍ତାପ ସୃଷ୍ଟି ହୁଏ ଏବଂ ଗୁଡ଼ବଦ୍ୱାରା ଅନେକ ଫିଟିଯାଏ ।

Digitized by srujanika@gmail.com

ଅଧିକାଂଶ ଲୋକ କିନ୍ତୁ ଶୁଅନ୍ତି; ଶୋଇବା ଉଚିତ ମଧ୍ୟ । ହାତରୁ ପଇସା ଦେଇ ଆମ ବନ୍ଧୁଙ୍କ ପରି ଏତେ ଚିନ୍ତା ପୁଣି ମୁଣ୍ଡକୁ କାହିଁକି ? କିନ୍ତୁ ନ ଶୋଇ ତାଙ୍କର ଚାରା ନାହିଁ । ଚାରିଆଡ଼େ ମଣିଷ ଉଷୁମ । ଜୀବନର ସର୍ବ ପ୍ରଥମ ଅଭିଜ୍ଞତା ମଣିଷର ଏ ଦୋଳି ଉପରେ । କାହାରି କାହାରି ଦୋଳି ଦେଖିବାର ମଧ୍ୟ ସୁଯୋଗ ନ ଥାଏ; କିନ୍ତୁ ଉଭୟ କ୍ଷେତ୍ରରେ ଦୋଳିରେ ବସିବାର ବା ଶୋଇବାର ଅନୁଭୂତି ମିଳେ କେବଳ ବସ୍‌ରେ । ଆଦିମ ବାଳକଟି ଶୋଇବା ଛଡ଼ା ଆଉ କ'ଣ କରିପାରେ ? ବେଶ୍ ଗୁମ୍‌ସୁମ୍ ହୋଇ ଅନଧିକାର ଲୋକଙ୍କ ଉପରେ ହାତ ଗୋଡ଼ ଛାଟି ଶୋଇବାର ସର୍ବୋତ୍କୃଷ୍ଟ ସ୍ଥାନ ହେଲା ଏହି ସରକାରୀ ଯାନ । ରେଳଗାଡ଼ି କଥା ତ' ଆହୁରି ଆଶାପ୍ରଦ । ସେଥିରେ ଦିନ ରାତି ଶୋଇବା ପାଇଁ କେବଳ ପିଟାପିଟି---ଉଦ୍ଦେଶ୍ୟ କେମିତି ପହଞ୍ଚିବା ନୁହେଁ ବା କେଉଁ ବାଟେ ଗାଡ଼ି କେମିତି ଯିବ ନୁହେଁ, କେମିତି ବ୍ୟୂହଭେଦି ପଶୁ ପଶୁ ଶୋଇଯିବା--- ହେଉପଛେ ରାସ୍ତା ଜମା ନ' ମାଇଲ୍ ।

ଏ ସବୁ ଆମ ବନ୍ଧୁ ବେଶ୍ ଦେଖିଛନ୍ତି, ବୁଝିଛନ୍ତି ଏବଂ ଉପଭୋଗ କରିଛନ୍ତି । ବେଳ ପଡ଼ିଗଲେ ଆହୁରି ଅନେକ କଥା ସେ କହନ୍ତି । ଯଥା--- "ଚାଲେ ଗୋଟାଏ ଜିନିଷ, ତାକୁ ଚଳାଏ ଆଉ ଜଣେ, ମାତ୍ର ଯେ ନିଶ୍ଚେଷ୍ଟ ବସି ରହିଥାଏ ସେ ହିଁ ହୁଏ ଯାତ୍ରୀ । ସେ ଚାଲେ ନା, ଚଳାଏ ନା କିନ୍ତୁ ସେ ହିଁ ପ୍ରକୃତରେ ସ୍ଥାନରୁ ସ୍ଥାନାନ୍ତରଣ ଯାଏ । ସାକ୍ଷୀ ସ୍ୱରୂପ ସେ କେବଳ ନିର୍ବିକାର ସବୁ ଦେଖିଯାଏ, ଚାହିଁରହେ ସ୍ଥାବର ଜଙ୍ଗମର ରହସ୍ୟମୟ ପ୍ରବାହ । ଅତି ପରିଚିତ ବନଫୁଲର ଗନ୍ଧ, ପାହାଡ଼ ବୁକୁରେ ଆଉଜି ରହିଥିବା ଅଳସେଇ ଫୁଲର ସୁବର୍ଣ୍ଣ ଛଟା, ପୁରାତନ ବର ଓହଳରେ ଚମକି ମୁହୂର୍ତ୍ତକରେ ଉଭେଇ ଯାଉଥିବା ଗୁଣ୍ଡୁଚି ମୂଷା, ଶୀତ ସକାଳେ ଧାନ କ୍ଷେତରେ ସହସ୍ର ଶିଶିର ବିନ୍ଦୁର ସାଥୀରେ ଧାଇଁ ଚାଲିଥିବା ମୁକ୍ତାରେ ତିଆରି ଗୋଟାଏ ବିଚ୍ଛୁରିତ ସୂର୍ଯ୍ୟବିମ୍ବ---ଏ ସବୁ ଆସନ୍ତି ମୁହୂର୍ତ୍ତକ ପାଇଁ । ପର ମୁହୂର୍ତ୍ତରେ ପ୍ରାଣକୁ ଐଶ୍ୱର୍ଯ୍ୟମୟ କରି କାଉଁରି ଛୁଇଁ ଚାଲିଯାଆନ୍ତି ସବୁଦିନ ସକାଶେ ଅତୀତକୁ ବୋଧହୁଏ ବିସ୍ମୃତିକୁ; କିନ୍ତୁ ତାଙ୍କୁ ଫେରି ଚାହିଁବାକୁ ନା ଥାଏ ଅବସର ନା ପ୍ରୟାସ । ଭବିଷ୍ୟତ ତା'ର ଅନନ୍ତ ସମ୍ଭାବନା ନେଇ ଅପେକ୍ଷା କରିଛି, ଏଇ ଭାସ୍ୱର ମୁହୂର୍ତ୍ତିଟିରେ ସଂଯୋଜିତ ହେବାପାଇଁ । ପ୍ରତ୍ୟେକ ମୁହୂର୍ତ୍ତ ଅଭିନବ, ଅଭୂତପୂର୍ବ, ଅଦ୍ୱିତୀୟ । ତାର ସ୍ୱାଗତ ଜଣାଇବାକୁ ପ୍ରସ୍ତୁତ ରହିଥିବା ମନ ଓ ପ୍ରାଣ ବୃତ୍ତି ପଛକୁ ଫେରି ଚାହିଁବାର ଅବକାଶ ପାଆନ୍ତି ନାହିଁ । ବଣଭୋଜିରେ ଯାଇଥିବା ବିମୂଢ଼ ବାଳକ ଯେପରି ନଦୀରୁ ବହୁ ଚିକ୍‌କଣ ପଥର ଏକାଠି କରେ କିନ୍ତୁ କ୍ରମଶଃ ବାଛି ବାଛି ଘରକୁ ଆଣେ କେବଳ ଦୁଇଟି, ସେପରି ଏ ଅସଂଖ୍ୟ ଐଶ୍ୱର୍ଯ୍ୟରୁ ସ୍ମୃତି ଯତ୍‌ସାମାନ୍ୟନିଜ ଅଞ୍ଚଳରେ ବାନ୍ଧିରଖେ ।

ସବୁଠୁ ବେଶି ବିସ୍ମୟକର ଅପରିଚିତ ମଣିଷ ସହିତ ଭେଟ । ହୁଏତ ପାଖ ଗାଁ ହାଟକୁ ଧାଡ଼ିବାନ୍ଧି ଯାଉଥିବେ ତରୁଣ, ଯୁବକ ବୃଦ୍ଧ । ମୁହୂର୍ତ୍ତକ ପାଇଁ ଗୋଟାଏ ଜୀବନର ଲୁପ୍ତ ଇତିହାସ ତା' ମୁହଁରେ ଝଲସି ଯାଏ । କେତେ ଆଶାର ପ୍ରଦୀପ, କେତେ ଜୟ ପରାଜୟର ସ୍ମୃତି, କେତେ ଯୋଜନା, କେତେ ବିଫଳତା ସବୁ ଯେପରି ସେହି ମୁହୂର୍ତ୍ତଟାରେ ହିଁ ସମାହିତ । ବୃଦ୍ଧର ପ୍ରତ୍ୟେକଟି

Digitized by srujanika@gmail.com

ଶୁକ୍ଳକେଶ ଇତିହାସ ଯୁଗର, କୁଞ୍ଚିତ ଚର୍ମର ପ୍ରତ୍ୟେକଟି ରେଖା ଇତିବୃତ୍ତର ଶିଳାଲେଖ । ମୁହୂର୍ତ୍ତକରେ ଦେଖାଦେଇ ସେ ମିଳେଇ ଯାଏ । ସୃଷ୍ଟିର ଆଦିମ କାଳରୁ ବହୁ ବଂଶ ପରମ୍ପରା ମଧ୍ୟ ଦେଇ ଉଭୟ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା ଏ ଚୂଡ଼ାନ୍ତ ମୁହୂର୍ତ୍ତ ସକାଶେ । ଜଣେ ବସ୍‌ରେ ଯାଉଥିବ ଏବଂ ଆଉଜଣେ ଆଣ୍ଠୁଏ ଧୂଳିରେ ହାଟମୁହାଁ ଚାଲିଥିବ । ମହାଶୂନ୍ୟରେ ଯୁଗ ଯୁଗ ଧରି ଭାସି ବୁଲୁଥିବା ଦୁଇଟି ନକ୍ଷତ୍ର ପିଣ୍ଡର ଏକ ମୁହୂର୍ତ୍ତରେ ମିଳନ ପରି ଏ ଅକସ୍ମାତ ସାକ୍ଷାତ । ତାର ପଶ୍ଚାତ୍‌ରେ ସମଗ୍ର ସୃଷ୍ଟିର ଇତିହାସ ।

ଯାନ, ଯାତ୍ରା ଓ ଯାତ୍ରୀ---ଏ ତିନିହେଁ ଚିରସମ୍ପର୍କିତ । ଏ ସଂସାରର ମୌଳିକ ଧର୍ମ ହେଲା ସଂସରଣ ବା ଯାତ୍ରା---ଗୋଟାଏ ସୁଦୂର ଲକ୍ଷ୍ୟ ଏବଂ ସେହି ଉଦ୍ଦେଶ୍ୟରେ ଅହରହ ଯାତ୍ରା । ଗତି ଅନିବାର୍ଯ୍ୟ ଜୀବନର ପ୍ରତୀକ, ପ୍ରମାଣ ଏବଂ ଲକ୍ଷଣ ଏହି ଗତି । ସ୍ଥିତି ଜଡ଼ର ଧର୍ମ । ଗତିହୀନ ସ୍ଥିତି ମୃତ୍ୟୁର ନାମାନ୍ତର ମାତ୍ର; କିନ୍ତୁ ଗତି ଯଦି ଅନିବାର୍ଯ୍ୟ ତେବେ ତାହା ସ୍ୱାଧୀନ ନ ହୋଇ ଏତେ ଆପେକ୍ଷିକ ହୁଏ କାହିଁକି ? ଅନ୍ୟ ପ୍ରକାରେ କହିଲେ ଯାନର ଆବଶ୍ୟକତା କାହିଁ ? ଯାତ୍ରାର ସ୍ୱାଭାବିକ ଧର୍ମ ହେଲା ଯାନଟିଏ ଉପରେ ସାଧାରଣତଃ ନିର୍ଭର କରିବା । ଜୀବନ ଯାତ୍ରାରେ ଶରୀର ହୋଇଯାଏ ଯାନ ଏବଂ ଅଶରୀରୀ ଆତ୍ମା ହୁଏ ଯାତ୍ରୀ । ଜୀର୍ଣ୍ଣ ଶରୀର ପରିତ୍ୟାଗ କରି ନୂତନ ଶରୀର ଧାରଣ ନ କଲେ ଆତ୍ମାର ଗତି ସମ୍ଭବ ନୁହେଁ । ଶରୀର ଧର୍ମ ହିଁ ସାଧନାର କ୍ଷେତ୍ର, କର୍ମର କ୍ଷେତ୍ର, କର୍ମଫଳର ମଧ୍ୟ କ୍ଷେତ୍ର । ନିର୍ଲିପ୍ତ ଆତ୍ମାକେବଳ ସାକ୍ଷୀପୁରୁଷ । ଯାତ୍ରାର ଘର୍ମ, ଯାତ୍ରାର ଧୂଳି, ଯାତ୍ରାର କ୍ଲେଦ କର୍ଦ୍ଦମ ତା ଦେହରେ ଯେ ନ ଲାଗିବ ଏପରି ନୁହେଁ । ସେ ଯାତ୍ରାର ମହତ୍ତ୍ୱ, ତା'ର ନିର୍ଯ୍ୟାସ ମାତ୍ର ଗ୍ରହଣ କରେ ଏବଂ ଏହିପରି ଗାଡ଼ି ଚାଲେ ଜୀବନ-ଚକ୍ର ଗୋଟାଏ କିଛି ପ୍ରଚ୍ଛନ୍ନ ଉଦ୍ଦେଶ୍ୟରେ ।

ବନ୍ଧୁ ଏପରି ସବୁ ତତ୍ତ୍ୱ ନେଇ ତାଙ୍କର ସାଧାରଣ ବସ୍ ଯାତ୍ରାରେ ଯୋଖନ୍ତି । ପରିଶେଷରେ ଧାଡ଼ି ବଦଳେଇ କହନ୍ତି ଯେ ବସ୍ ଯାତ୍ରା ଏକ ଦୁର୍ଲ୍ଲଭ ଅଭିଜ୍ଞତା । ରାସ୍ତା ହୁଏ ତ' ଗୋଟିଏ, ଯାନ ମଧ୍ୟ ସେ ଖଣ୍ଡିଏ; କିନ୍ତୁ ପ୍ରତ୍ୟେକ ଥର ନୂଆ ନୂଆ ଯାତ୍ରୀ । ଜୀବନର ନିତ୍ୟ ନୂତନତା, ଜୀବନର ପ୍ରାଚୁର୍ଯ୍ୟ, ବିବିଧ ବୈଭବ ସବୁ ଏଇ ବସ୍ ଯାତ୍ରାରେ ହିଁ ଅନୁଭବ୍ୟ । ଆଉ ସେହି ବସ୍ ଚାଳକ !! ଓଁ, ସେ ଗୋଟାଏ ଦ୍ରଷ୍ଟା ! ଯନ୍ତ୍ରର ଶିରା ଉପଶିରା, ତା'ର ଗନ୍ଧ, ଡାକ, କୁହାଟ ସହିତ ସେ ଘନିଷ୍ଠ ଭାବରେ ପରିଚିତ । ସେ ଜାଣେ କେତେବେଳେ ତେଲ, କେତେବେଳେ ପାଣି, କେତେବେଳେ ବା ସାମାନ୍ୟ ଟିକିଏ ଠେଲା ପେଲାର ପ୍ରୟୋଜନ ରହିଛି । ସେ ଯନ୍ତ୍ରର ଚାଳକ ହୁଏ ସେତେବେଳେ, ଯେତେବେଳେ ସେ ତା' ସହିତ ଏକୀଭୂତ ହୋଇଯାଏ । ସମଗ୍ର ବସ୍‌ଟି ତା'ର ପ୍ରସାରିତ କାୟା । ସେ ନିଜ ଭିତରେ ଏତେ ସବୁ ଯାତ୍ରୀଙ୍କୁ ଧରି ଚାଲିଥାଏ । କେଉଁଠି କେତେ ମୋଡ଼ିଲେ ରାସ୍ତା ଦାଢ଼ରୁ ଖସି ନ ଯିବ ସେ ଜାଣେ । ବସ୍ ଚାଲୁଥିବା ସମୟରେ ଚାଳକ ଏବଂ ଯାନର ପୃଥକୀକରଣ ଅସମ୍ଭବ; କିନ୍ତୁ ଯେଉଁ ମୁହୂର୍ତ୍ତରେ ଯାନକୁ ଚାଳକ ରଖିଦିଏ, ଲକ୍ଷ୍ୟ ପହଞ୍ଚି ଯାଏ, ସେତିକିବେଳେ ଖୋଳରୁ ମଞ୍ଜ ପରି, ଅତି ନିର୍ଲିପ୍ତ ଭାବରେ ପଦ୍ମ ପତ୍ରର ପାଣି ପରି ଚାଳକ ଖସିଯାଏ । ତା'ର

Digitized by srujanika@gmail.com

ଉତ୍ତାପ, ଗତିର ଶିହରଣ, ତା ସହିତ ସଂଯୋଗର ସ୍ମୃତି କିଛି ସମୟ ଯାନଟିକୁ ବିମୂଢ଼ କରି ରଖେ; କିନ୍ତୁ ସାମାନ୍ୟ କେତେକ ମୁହୂର୍ତ୍ତ ପରେ ଯାନ ପାଲଟି ଯାଏ ଜଡ଼, ଶୂନ୍ୟଗର୍ଭ । ହୁଏତ' ଗୋଟାଏ ଚେତନ ସମ୍ଭାବନା, କିନ୍ତୁ ଜଡ଼ ନିଶ୍ଚୟ । ଗତି ପରିଶେଷରେ ସ୍ଥିତିରେ ସମାହିତ ହୁଏ । ଜୀବନର ସଂସରଣ ଆଶ୍ରୟ ନିଏ ମୃତ୍ୟୁର ବିଶ୍ରାନ୍ତିରେ । ଜୀବନର ଧାରା ସଂପୂର୍ଣ୍ଣ ବିଲୁପ୍ତ ହୁଏନା, କେବଳ ଫଲ୍‌ଗୁ ଧାର ପରି ଅନ୍ତଃସ୍ରୋତା ହୋଇଯାଏ, ମୃତ୍ୟୁର ଅନ୍ତରାଳକୁ ଅପସରିଯାଏ ।

ପରିପକ୍ୱ ବୟସ ଦୃଷ୍ଟିରୁ ବନ୍ଧୁଙ୍କୁ ଭେଷଜ ପରାମର୍ଶ ଅନୁସାରେ କିଛି ଦିନ ଯାନଯାତ୍ରା ନିଷେଧାଜ୍ଞା ଜାରିକରାଯାଇଛି !

❖❖❖

Digitized by srujanika@gmail.com

ଆମ ସାର୍

ନିସ୍ତବ୍ଧ ଅତୀତକୁ କାନ ଡେରି ଶୁଣିଲେ ଅନେକ ପୁରୁଣା ସୁର୍ ବାଜି ଉଠେ ଏବଂ ଆନୁଷଙ୍ଗିକ ଅନେକ ଘଟଣା ଓ ଅନୁଷ୍ଠାନ ପୁନର୍ଜୀବିତ ହୋଇଉଠନ୍ତି । ଅତୀତ ସତେ ପୁଣି ଫେରି ଆସେ । ଜୀବନର ଗୋଟିଏ ସମୟ ଆସେ, ଯେତେବେଳେ ଭବିଷ୍ୟତ ପାଇଁ ଯୋଜନା ସମଗ୍ର ମନକୁ ଆଚ୍ଛନ୍ନ କରିରଖେନା । ଅନେକ ତୃଷ୍ଣା ମେଣ୍ଟି ଯାଇଥାଏ ବା ମରି ଯାଇଥାଏ । ସେତେବେଳେ ସ୍ୱତଃ ମୁହଁ ଫେରିଯାଏ ଅଜଣା ଭବିଷ୍ୟତରୁ ପୁରୁଣା ପରିଚିତ ଅତୀତକୁ । ଜୀବନଯାତ୍ରା ହୋଇଯାଏ ଗୋଟାଏ ପ୍ରକାର ପଛଆଡ଼ିଆ ଦୌଡ଼ । ସମୟର ଅନୁଲୋମରେ ଗଡ଼ିଯିବାକୁ ବାଧ୍ୟ; କିନ୍ତୁ ଆଖି ଥାଏ ଅତୀତ ଉପରେ । ଭବିଷ୍ୟତକୁ ପିଠି କରିଦେଇ ମଣିଷ ଘୋଷାରି ହୋଇ ଚାଲିଥାଏ । ଏଣୁ ବୟସ ଯେତେ ବଢ଼ି ଚାଲେ, ସେହି ଅନୁପାତରେ ମଣିଷ ଅତୀତଟାକୁ ସେତେ ବେଶି ପାଗୁଳିକରେ । ଅନେକେ କହନ୍ତି ବୁଢ଼ା ଗୋଟାଏ କୁଣରେ ଘଣ୍ଟା ଘଣ୍ଟା ଧରି କ'ଣ ଏମିତିଆ ଭାବୁଛି ? ସେ ତା'ର ବିଗତ ଯୌବନର ପୁନର୍ବାର ଆସ୍ୱାଦ ନେଉଥାଏ ମାତ୍ର ।

ସେହିପରି ଅତୀତରୁ ପୃଷ୍ଠାଏ । ୧୯୪୭ମସିହାରେ ପୂର୍ବତନ ଅସ୍ୱାଧୀନ ଭାରତର ଘଟଣା; ହୁଏତ ୧୯୩୬ ପୂର୍ବର ବିଚ୍ଛିନ୍ନ ଓଡ଼ିଶାର ଇତିବୃତ୍ତ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ବାତ୍ୟା ପୂର୍ବର ପୃଥିବୀ ଏ ସ୍ମୃତିରେ ଜଡ଼ିତ ! କିନ୍ତୁ ପରିବେଶର ପରିସର ଅତି ସୀମିତ, ବ୍ୟକ୍ତିଗତ ଓ ଘନିଷ୍ଠ । ଯେଉଁ ବ୍ୟକ୍ତିମାନଙ୍କର ନାମୋଲ୍ଲେଖ କରିବାର ପ୍ରୟାସ କରୁଛି, ସେମାନେ ଗୋଟିଏ ଗୋଟିଏ ଅନୁଷ୍ଠାନ, ଗୋଟିଏ ଯୁଗର ଅଜ୍ଞାତ ପ୍ରତୀକ । ଇତିହାସର ପୃଷ୍ଠାରେ ତାଙ୍କର ଗଣନା ହୁଏନା ସତ, କିନ୍ତୁ ସେମାନେ ଇତିହାସର ମୌଳିକ ଉପାଦାନ । ତାଙ୍କର ମର୍ମର ମୂର୍ତ୍ତି କରି ଶିଳାଲେଖରେ କୀର୍ତ୍ତିଗାନ କରିବାର ଇଚ୍ଛା ଥିଲେ ସୁଦ୍ଧା, ସେଥିରୁ ନିବୃତ୍ତ ହେବାକୁ ପଡୁଛି; କାରଣ ସେମାନେ ସୁଦୃଢ଼ ନୀତିବାଦୀ ଯୁଗର ପ୍ରତିନିଧି ଏବଂ ତାଙ୍କ ନୀତି ନାମ ଯଶର ଅପକ୍ଷପାତୀ । ସେମାନେ କୀର୍ତ୍ତି ପରାଙ୍‌ମୁଖ ତପସ୍ୱୀ ।

ସେତେବେଳକୁ ଚାଟଶାଳିଆ ପାଠ ତାର ଶେଷ ପର୍ଯ୍ୟାୟରେ ପହଞ୍ଚିଥାଏ । ମୁମୂର୍ଷୁ ଅବସ୍ଥା; କିନ୍ତୁ ତା'ର ଅନ୍ତ୍ୟେଷ୍ଟି ପାଇଁ ଆହୁରି ଦଶବର୍ଷ ବାକି ଥାଏ । ବର୍ଣ୍ଣମାଳା ବା ପଣକିଆର ଧାଡ଼ିବନ୍ଧା ସ୍ମୃତି-ପ୍ରଧାନ ଶିକ୍ଷା ପ୍ରଣାଳୀ ପରି ଜୀବନ ମଧ୍ୟ ଥାଏ ଭାରି ଏକବାଗିଆ, ଗତାନୁଗତିକ; କିନ୍ତୁ ବେଶ୍ ସମ୍ମାନାସ୍ପଦ । ଆମେ ଶ୍ରୀପଞ୍ଚମୀ ଦିନ ଠ ମୁଣ୍ଡୁଳା ବୁଲେଇ ବିଦ୍ୟାରମ୍ଭ କରିଛୁ । ଗଡ଼

Digitized by srujanika@gmail.com

ଜିଣିଲା ପରି ସେଇ ଦିନଠୁ ଗର୍ଜି ଗର୍ଜି ଖଡ଼ି ଘୋରି ଘୋରି ଅକ୍ଷର ପରେ ଅକ୍ଷର ଭେଦି 'କ୍ଷ' ଠେଇ ଅଭିଯାନ ସାରିଛୁ । ଗୋଡି ଗଣି ପଣିକିଆ ମୁଖସ୍ଥ କରିଛୁ । ପୁଣି ଗୋଜିଆ ଧୋବ ରୁଗୁଡ଼ି ଉପରେ ଆଣ୍ଠେଇଛୁ । ଆଖିରୁ ଲୁହ ଗଡ଼େଇ ଆଣ୍ଠୁର ଲହୁ ସହିତ ମିଶେଇଛୁ । ଶୂନ୍ୟରେ ଚୌକି ବସିଛୁ, ଯାଉଁଳି ବେତର ମାଡ଼ ଖାଇଛୁ । ସେ ସମୟରେ କଇଠ ପରି ଛୋଟ ଛୋଟ ଲଣ୍ଠନଟିମାନ ମିଳୁଥିଲା, ସେଥିରେ ଦୁଇ ପଇସାର ତେଲ ଧରେ । ମୁହଁ ସଞ୍ଜବେଳକୁ ସେଥିରୁ ଗୋଟିଏ ଲେଖାଁ ଆଉ ବର୍ଣ୍ଣବୋଧ, ସିଲଟ୍, ଖଡ଼ି ଧରି ଧାଡ଼ି ବାନ୍ଧି ଚାଲିଆସୁ ଶତପଥୀଙ୍କ ପିଣ୍ଡାକୁ । ଆମେ ଚାରି ଜଣ ଥାଉ ଯୁକ୍ତାକ୍ଷରରେ । ସେ ଦିନ ପଢ଼ା ହେବ "ଗୁରୁଣ୍ଡି ଏରୁଣ୍ଡି ଉପରେ ମାଧବ ବସିଛି ଯାଇ ।" ଯେ ଯାହା ଥାନରେ ଆଗରୁ ପୋଥି ମେଲେଇ ବସିଯିବା ବିଧି । ଆହା ବିଚାରା ଗୋ--- ! ତା'ର ଲଣ୍ଠନ ନ ଥାଏ ବୋଲି ଯା ପାଖକୁ ତା' ପାଖକୁ ଗୁଞ୍ଜି ହୋଇ ବସେ, କିନ୍ତୁ ଲଣ୍ଠନରେ ଆମେ ସବୁ ବହି ଘୋଡ଼େଇ ତାକୁ ଅନ୍ଧାର କରିଦେଉ । ହୁଏତ ସେଇ ଅନ୍ଧାରରେ ଅସହାୟ ଲୁହ ତା'ର ଖସିଆସୁଥିବ ଟୋପା ଟୋପା ହୋଇ । ମାତ୍ର ତାକୁ ଦେଖେ କିଏ । ସେ ବୟସଟାରେ ସତେ ମଣିଷର ସ୍ୱାର୍ଥପରତା ବଡ଼ ନଗ୍ନ ଆକାରରେ ଦେଖାଦିଏ !

ଏମିତି ସବୁ ଝୁମ୍ପୁରା ଝୁମ୍ପୁରି ଚାଲିଥାଏ । ଦି'ଚାରି ଜଣ ଝୁଲିଝୁଲି ଡାକ ଛାଡୁଥାନ୍ତି ତେର ତିରି ଅଣଚାଳିଶ, ତେର ଚଉ ବାବନ । ଆଉ ପଞ୍ଚେ ସରୁ ମହୁରୀ ପରି ଗଳାରେ ଡାକୁଥାନ୍ତି -- 'କ' ହର୍ଷ ଇ କି, 'ଖ' ହର୍ଷ ଇ ଖି, 'ଗ' ହର୍ଷ ଇ ଗି । ଏ ସମସ୍ତ ଘୋଘା ଭିତରେ ଅଚାନକ ବଜ୍ରାଘାତ ହୁଏ । କାକର ଆସିବ ନାହିଁ ବୋଲି ବାଉଁଶ ତାଟି ଦେଇ ପିଣ୍ଡାଟିକୁ ବୁଜା ହୋଇଥାଏ । ତାହାରି ଉପରେ ଚଡ଼ାଲ କିନା ଯାଉଁଳି ବେତ ଗର୍ଜି ଉଠେ । ସମସ୍ତେ ଶୂନ୍ୟକୁ ଚକେ ଲେଖା ଚମକି ଉଠି ପୁଣି ଭୂଇଁରେ ପଡ଼ନ୍ତି ।--- "କିରେ, ପାଠ ପଢୁଛ ?"---ସମସ୍ତେ ବୋଧକରନ୍ତି ଯେ ସେ ପାଠ ପଢୁନାହାନ୍ତି । ଏବେ ଭାବୁଛି ପଡ଼ିବାଟା ହୁଏତ ଗାଁ ସେ ମୁଣ୍ଡ ପର୍ଯ୍ୟନ୍ତ ଶୁଭୁଥିବ; କିନ୍ତୁ ପ୍ରତିଦିନ ନିଶ୍ଚୟ ପଚରାଯିବ 'କିରେ ପଢୁଛ ?'---ତା' ପରେ ଲଣ୍ଠନ ଆଲୁଅରେ ଖଣ୍ଡେ ଚାଦର ଘୋଡ଼େଇ ହୋଇ ଉଭା ହୁଅନ୍ତି 'ଆଜ୍ଞା' । ମୁଣ୍ଡ ତୁଳିରେ ବାଜୁଥାଏ, ତାଙ୍କ ଛାଇ ରାସ୍ତା ସେ କଡ଼େ ଭୀମା ସାହୁ ଘର କାନ୍ଥ ପର୍ଯ୍ୟନ୍ତ ମାଡ଼ିଥାଏ । ବର୍ଣ୍ଣବୋଧର ଯୁକ୍ତାକ୍ଷର ଦାଢ଼, ପଣିକିଆର ହୁଡ଼ା ହୁଡ଼ା ଆବଡ଼ା ଥାବଡ଼ା କାନ୍ଥ, ବେତ ଗର୍ଜନ, କାନ୍ଦ, ପାଟି, ଲଣ୍ଠନ ଆଲୁଅ---ଏ ସବୁର ଏକତ୍ରିତ ସାକାର ରୂପ ଆମ ଆଜ୍ଞା । ଡାକିଲେ କହୁ ଆଜ୍ଞା, କିନ୍ତୁ ଆମ ଭିତରେ କଥା ପଡ଼ିଲେ ଭୟରେ ଶ୍ରଦ୍ଧାରେ ଏପରି କି ସ୍ନେହରେ ଆମେ ତାଙ୍କୁ ଡାକୁ 'କେମ୍ପା ମାଷ୍ଟ୍ରେ' ! ତାଙ୍କ ବାଁ ହାତ କେହି କେବେ ଦେଖିନାହିଁ । କିଏ କହେ ପିଠି ପଛଆଡ଼େ ମୋଡ଼ିହୋଇ ରହିଛି । ଆଉ କିଏ କହେ, ଜମା କାନ୍ଧ ପାଖରୁ ନାହିଁ । ଆଉ କିଏ କହେ ଥଟାରେ ଯେ ସେଇଟା ଗଜେଇଛି, ପାଣି ପାଉ ନାହିଁ ବୋଲି ବଢ଼ି ପାରୁନାହିଁ; କିନ୍ତୁ ଯଦି ତାଙ୍କର ଦୁଇ ହାତ ହାକ ଥାନ୍ତା, ତା' ହେଲେ ଆମେ ସବୁ ଯାହା ଫାଳେ ଫାଳେ ଉଧୁରି ଆସିଛୁ ସେତକ ଆଉ ସମ୍ଭବ ହୋଇ ନ ଥାନ୍ତା ନା କ'ଣ !

Digitized by srujanika@gmail.com

ସକାଳ ଓଳି ଆଜ୍ଞା ଆଉ ସେତେ କରାଳ ଦିଶନ୍ତି ନାହିଁ । ତାଙ୍କ ବସନ୍ତ ମୁହଁ ମଣିଷ ମୁହଁ ପରି ଦିଶେ । ନନା ପାନ ଖାଇଲାପରି ସେ ବି' ପାନ ଏକପଟିଆ କରି ଚୋବାନ୍ତି । ଚଷମା ଲଗେଇ ଅଙ୍କ ଦେଖନ୍ତି; କିନ୍ତୁ ସବୁ ବିଗିଡ଼ି ଯାଏ ସେଇ ଅଙ୍କ ପାଇଁ । ସକାଳ ଓଳି ଅଙ୍କ କଷା, ପଣିକିଆ ପରୀକ୍ଷା । "ସତର ସତା, ଉଣେଇଶି ତିରି, ତେର ନୂଆ, ପନ୍ଦର ଅଷା, ତେଇଶି ପଞ୍ଝା କେତେ ?" ଯଦି ପାଟିରୁ ପ୍ରଶ୍ନ ଫିଟୁ ଫିଟୁ ପାଣି ପରି ଗାଇ ନ ଯାଇଛ, ତେବେ ଭୀମା ବେହେରା ତ' ମରେ, ତା ସାଙ୍ଗେ ଆମେ ମଧ ମରୁ । ସେ ଯେଉଁ ଚିହିଁକା, ଭୂଇଁ ଉପରେ ଯାଉଁଳି ବେତ ମାଡ଼, ପାଟିରୁ ପାନ ପିକର ଯାବ କାଢ଼ି ଆଖି ତରାଟି ଓଠ ଥରେଇ ଆଜ୍ଞାଙ୍କ ଭୀଷ୍ମ ରୂପ ! ବାବା ରେ, ସେଥିରେ କ'ଣ ଆଉ ବଞ୍ଚିବା କଥା ନା ବଞ୍ଚିବା ଉଚିତ ? ଆମେ ଏମିତି ପ୍ରତିଦିନ ମରୁ । କେତେ ଥର ମରୁ କେଜାଣି, କିନ୍ତୁ ତତ୍‌ସତ୍ତ୍ୱେ ଅବଶ୍ୟ ବଞ୍ଚିରହୁ ବୋଧହୁଏ, ନହେଲେ ଏବେ ବଞ୍ଚିଥାନ୍ତୁ କେମିତି ? ଆମେ ତାଙ୍କଠୁ ମାଡ଼ ଖାଉ, କିନ୍ତୁ ବାଡ଼ିରେ କଦଳୀ ପାଚିଲେ ପ୍ରଥମ ଫେଣାଟା ତାଙ୍କୁ ଦେଉ । ବାଇଗଣି ଧୂଆଁପତ୍ର ଆସିଲେ ଦୁଇଫାଳ ତାଙ୍କର । ବେହେରା ଘରର ଆମ୍ବ ତୋଟାରୁ ଟୋକେଇଟିଏ, ପାଚିଲା କୟାଁ ଗୁଳାଏ ଇତ୍ୟାଦି ଆଜ୍ଞାଙ୍କ ପାଉଣା । ନ ମାଗିଲେ ମଧ ଆମେ ଆଗତୁରା ଦେଇ ଆସୁ । ତା'ର ଅସଲ କାରଣ ହେଲା ଯେ, ଏ ଉତ୍କୋଚ କରିବା ପାଇଁ ଦୁଇ ଦିନ ଖଣ୍ଡେ ଲାଗେ ଏବଂ ସେ ଦୁଇ ଦିନ ଅନ୍ତତଃ ପାଠ ପଢ଼ାଆଡୁ ଟିକିଏ କୋହଳ ପଡ଼ିଯାଏ । ହେ ମୋର ଆଦ୍ୟ ଗୁରୁ, ତୁମକୁ ନମସ୍କାର ! ନମସ୍କାର ତୁମର ଅଦୃଶ୍ୟ ହାତକୁ---ଯାହା ହୁଏତ ବେତ ମାଡ଼ ବେଳେ ଆଶୀର୍ବାଦ କରି ଆସିଛି ।

ଗାଁରେ ସେ ସମୟରେ ଆଉ ଦୁଇଜଣ ଚାଟଶାଳୀ ମାଷ୍ଟ୍ର ଥାନ୍ତି ଏବଂ ଉଭୟ "ଯେନାଙ୍ଗେନାଙ୍ଗିନୋ ବିକାରଃ" ପର୍ଯ୍ୟାୟରେ । ଜଣେ କୁଜା, ଆଉ ଜଣକ କଣା । ବୋଧହୁଏ ଗୋଟିଏ କିଛି ଖୁଣ ନ ଥିଲେ ଗୁଣ ସମ୍ଭବ ହେଉ ନ ଥିଲା ! ଜ୍ୟୋତିଷ ଚକ୍ରର ଗ୍ରହଯୁଗଳ ଆସି ସତେ ଯେପରି ମଣିଷ ରୂପ ପରିଗ୍ରହ କରିଥିଲେ । ଆମେ ତାଙ୍କୁ କୁଜା ମାଷ୍ଟ୍ରେ, କଣା ମାଷ୍ଟ୍ରେ କହି ସେମାନଙ୍କ ଶିଷ୍ୟଙ୍କ ଆଗରେ ଛିଗୁଲେଇ ହେଉ; କିନ୍ତୁ ଆଗ ଛକରେ ଯଦି କୁଜ ଦିଶିଛି, କିମ୍ବା କାକ ଦୃଷ୍ଟିର ସୂଚନା ମିଳିଛି ଆମେ ଏ ଛକରୁ ଛୁ । ସେମାନେ ସବୁ ଥିଲେ ଏକ ଭିନ୍ନ ପର୍ଯ୍ୟାୟର ପ୍ରାଣୀ, ତାଙ୍କୁ ଭୟ କରିବା ଓ ସେହି କାରଣରୁ ଭକ୍ତି କରିବା, ତାଙ୍କଠୁ ଦୂରରେ ରହିବା ଯେମିତି ଆମର ଅତି ମୌଳିକ ସ୍ୱଭାବରେ ପରିଣତ ହୋଇଯାଇଥିଲା । କିନ୍ତୁ ଯଦି କେହି କେବେ ପଚାରିଥାନ୍ତା ଯେ ଆମେ ତାଙ୍କୁ ଘୃଣା କରୁ କି ନା, ତାଙ୍କୁ ଜମା ଦେଖିବାକୁ ଇଚ୍ଛା କରୁ କି ନା, ବୋଧହୁଏ ଆମର ଉତ୍ତର ହୋଇଥାନ୍ତା---ଆମେ ତାଙ୍କୁ ଭଲପାଉ । କାରଣ ?--- କାରଣ କାହାକୁ କ'ଣ ଜଣାଥାଏ ?

ଚାଟଶାଳୀ ପରେ ସ୍କୁଲ । ଏଠି ବନ୍ଧୁ ମାଷ୍ଟ୍ରେ ଏବଂ ବିଭିନ୍ନ ପ୍ରକାର ମାଡ଼ ପାଇଁ ପ୍ରତ୍ୟେକ ଏବେ ସୁଦ୍ଧା ଆମ ଭିତରେ ପ୍ରସିଦ୍ଧ । ଆମେ ଜଣକୁ ଡାକୁଥିଲୁ 'ଘଣ୍ଟ ବାଡ଼ି' ଆଉ ଜଣକୁ 'ତାଳ ବିଧା ।' ତାଙ୍କଠି କ'ଣ ପାଠ ପଢ଼ିଚୁ ମନେ ନାହିଁ, କିନ୍ତୁ ପ୍ରହାର ବିଦ୍ୟାର ବିଶେଷଜ୍ଞ ରୂପେ ସେ ଦୁହେଁ ଚିର ଅମର ହୋଇ ରହିବା ଉଚିତ । 'ଘଣ୍ଟ ବାଡ଼ି'ଟି ଖଣ୍ଡେ ମୋଟା ଗଣ୍ଠିଆ ବଙ୍କା ବେତ ।

Digitized by srujanika@gmail.com

ଦଣ୍ଡନୀୟ ବାଳକ (ସେ ସମୟରେ ବାଳିକା ବଡ଼ ଦୁର୍ଲ୍ଲଭ !) ଭୟ କାତର ଠିଆରହିଥାଏ ଏବଂ ସେ ଆଡୁ ଅତି ଧୀରେ ଆସନ୍ତି ଘଣ୍ଟ ବାଡ଼ି । ପ୍ରଥମେ ବେଶ୍ କିଛି ସମୟ ସଜାସଜି କରି ତା' ଚୁଟିଟାକୁ ଜୋର୍‌ରେ ଧରନ୍ତି, ସତେ ବା ଲମ୍ବୋଦର ବେହେରା ଗୋଟିଏ ମଣିଷ ଘଣ୍ଟା । ତା' ପରେ ବେତକୁ ବାଗେଇ ବେଶ୍ ତାଳ ଲୟରେ ମୁଣ୍ଡ ହଲେଇ ଚାଲେ ଗୋଟିଏ ପର୍ବ । ଘଣ୍ଟ ଏପଟ ସେପଟ ଭିଡ଼ି ହୋଇ ତାଳ ବିଗିଡ଼ି ଗଲେ ପୁଣି ନିର୍ଲିପ୍ତ ଭାବରେ ମୂଳରୁ ପୁନରାବୃତ୍ତି ହୁଏ । 'ତାଳ ବିଧା' କଥା ନ କହିଲେ ଭଲ । ସ୍କୁଲ ଘରେ ଛାତ ଦୁଲୁକି ଦୁଲୁକି କିଛି ଦିନ ପରେ ଭୁସୁଡ଼ି ପଡ଼ିଲା । ଘଣ୍ଟବାଡ଼ିରେ ସ୍ନାୟବିକ ଶକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ତାଳ ବିଧାଦ୍ୱାରା ହାଡ଼ ପାକଳ ଧରିଆସିଲା । ଏ ସବୁ ସର୍ବତୋଭାବେ କେବଳ ବୃଦ୍ଧିରେ ହିଁ ପରମ ସହାୟକ ହୋଇଥିଲେ । ଏ ଦିଗରେ କିନ୍ତୁ ଆଉ ଦୁଇ ଜଣ ବିଶେଷଜ୍ଞଙ୍କ ନାମୋଲ୍ଲେଖ ନ କଲେ ହୁଏତ, ତାଙ୍କ ମନ କଷ୍ଟ ହେବ । ସେଥିରୁ ଜଣେ ନିଜର ନାକ ଆଗକୁ ଭିଡ଼ନ୍ତି ଏବଂ ରଙ୍ଗ ଧରିଗଲେ ଯେ ପାଖରେ ପଡ଼େ ତା' ବେକ ନୁଆଇଁ ହୁଁଙ୍କାର ସହିତ କୋଡ଼ିଏଟି ବିଧା ଝାଙ୍କି ଦିଅନ୍ତି । ତା'ପରେ ସ୍ୱୟଂ ହେଡ଼ମାଷ୍ଟ୍ରେ । ବହୁ କମ ଦେଖା, ହେଲେ ତାଙ୍କର ସୂକ୍ଷ୍ମ ମାଡ଼ ସବୁଠୁ ପ୍ରଳୟଙ୍କରୀ । ସେ ପାଖକୁ ଡାକନ୍ତି ଆଉ ଖପ୍ କିନା ପେଟର ମାଉଁସଟାକୁ ପୁଳାଏ ଚିମୁଟି ଧରନ୍ତି । ପ୍ରାୟ ଘଡ଼ିଏ ତାକୁ ଧରି ଦୁହିଁବା ହେଲା ତାଙ୍କ ଦଣ୍ଡବିଧି ।

ସେହି ପୁଣ୍ୟ ପୀଠରେ ଧାଡ଼ି ବାନ୍ଧି ସିଧା ହୋଇ ବସିବା ଶିଖିଛୁ । ପ୍ରତିଦିନ ଦାନ୍ତ ନଖ ଦେଖାଇ ପରିଚ୍ଛନ୍ନତା ଶିଖିଛୁ । ଉପଯୁକ୍ତ ବିରତି ଦେଇ ଓଡ଼ିଆ ଗଦ୍ୟ ଏବଂ ପଦ୍ୟ ପଢ଼ିଛୁ । ଶିଖିଛୁ ଅନେକ ନୂଆ କଥା---ଶୁଭଙ୍କରୀ, ଚକ୍ରବୃଦ୍ଧି, ପାହାଡ଼ିଆ ଭଗ୍ନାଂଶ, ଘଡ଼ି ଦେଖା, ବଗିଚାରେ ଭେଣ୍ଡି ପିଆଜ ଚାଷ ଏବଂ ଡ୍ରିଲ । କିନ୍ତୁ ଏ ସବୁ ଇଟା ଯୋଗା ହୋଇ ବୋଧହୁଏ କୋଠା ତୋଳା ହୋଇଛି, ବାହାରକୁ ଦିଶୁଛି କେବଳ ଚୂନ, ଅର୍ଥାତ୍ ଘଣ୍ଟ ବାଡ଼ି ଓ ତାଳ ବିଧା । ଏ ସବୁ ସାଙ୍ଗକୁ ମନେଅଛି ଆଉ ଦିନକର ଘଟଣା, ଯେଉଁ ଦିନ ହେଡ଼ମାଷ୍ଟ୍ରେ ଲମ୍ବା କାଗଜ ଫର୍ଦ୍ଦରୁ ପଢ଼ିଗଲେ ଅନେକ ନାଁ ଏବଂ ସିଲଟ କିତାବ୍ ଆକାଶରେ ଉଡ଼ାଇ ଆମେ ସ୍କୁଲରୁ ଦୌଡ଼ି ବାହାରି ଆସିଲୁ---ସବୁ ଦିନ ପାଇଁ ।

'ସାର୍' ଶବ୍ଦ ଶିଖିଲୁ ଆସି ହାଇସ୍କୁଲରେ । ସର୍ବ ପ୍ରଥମେ ଯେଉଁ ମହୋଦୟଙ୍କ ଠାରୁ ଶିକ୍ଷା ଲାଭ କରି ନ ପାରି ଆମେ ନିଜକୁ ହତଭାଗ୍ୟ ମନେକରିଛୁ ସେହି ଋଷିପ୍ରତିମ ପ୍ରା.ପଟ୍ଟନାୟକଙ୍କୁ ପ୍ରଣତି ଜଣାଉଛି । ମନେଅଛି ଦିନେ ଡ୍ରଇଂ ଶିକ୍ଷକଙ୍କ ଅନୁପସ୍ଥିତିରେ ସେ ଆମ କ୍ଲାସକୁ ଆସିଥିଲେ । ଧୋତି ଚାଦରରେ ତାଙ୍କ ଭବ୍ୟ ମୂର୍ତ୍ତି ଦେଖିବାର ସେଇ ପ୍ରଥମ । ସମଗ୍ର କଳାପଟା ଆଗରେ ଗୋଟିଏ ଆମ୍ବ ଅଙ୍କନ କରିଥିଲେ । ତାଙ୍କର ବିପୁଳ ବ୍ୟକ୍ତିତ୍ୱ ସହିତ ଛନ୍ଦ ରକ୍ଷା କରିଥିଲା ସେହି ଅତିକାୟ ଆମ୍ବ । ତା'ପରେ ମନେ ଅଛି ଦିନେ ସନ୍ଧ୍ୟାବେଳେ ଅତି ଗମ୍ଭୀର ଏବଂ ବିଷନ୍ନ ବାତାବରଣରେ ତାଙ୍କର ଅକାଳ ବିୟୋଗରେ ଶୋକ-ସଭା । ସେ ଦିନର ବର୍ଷା ଅନ୍ଧାର ଏବଂ ବତାସି ପ୍ରଥମ ମୃତ୍ୟୁର ଛାପ ମନ ଉପରେ ଆଙ୍କିଦେଇଗଲା ।

ଯାହାଙ୍କ ଅନୁପସ୍ଥିତିରେ ପ୍ରା. ପଟ୍ଟନାୟକ ଆସି ଆମ୍ବ ଅଙ୍କନ କରିଥିଲେ ସେ ଥିଲେ ଆମର ଡ୍ରଇଂ ସାର୍ । ତାଙ୍କ ହାତ ହଲିଲେ ଛନ୍ଦ ସୃଷ୍ଟି ହେଉଥିଲା, ଗାର କାଟିଲେ ଚିତ୍ର ଉକୁଟି

Digitized by srujanika@gmail.com

ଉଠୁଥିଲା । ତାଙ୍କର କଦମ୍ବଫୁଲିଆ ଦାଢ଼ି, ଚନ୍ଦା ମୁଣ୍ଡ, ଦିର୍ଘାୟତ ଚେହେରା ଭୁଲିବାର ନୁହେଁ । ସେ ହସୁଥିଲେ ବେଶ୍ ଚମତ୍କାର, କଥା କହୁଥିଲେ କମ୍ ଏବଂ ଚାଲୁଥିଲେ ପିମ୍ପୁଡ଼ି ମରୁନଥିଲା । ତାଙ୍କୁ କେହି ଭୟ କରୁ ନ ଥିଲୁ ସତ, କିନ୍ତୁ ତାଙ୍କ ସ୍ନେହର ପ୍ରତିଦାନରେ ଅକୁଣ୍ଠିତ ଭକ୍ତିବିନମ୍ର ଆଦର ଅଜାଡ଼ି ହୋଇ ଆସୁଥିଲା ଆମ ଭିତରୁ ।

ସବୁଠାରୁ ବେଶି ଭୟ ଆସୁଥିଲା ପଣ୍ଡିତଙ୍କୁ ଦେଖିଲେ । କୁଳବୃଦ୍ଧ ନ. ମହାପାତ୍ର, ଆମ ସଂସ୍କୃତ ସାର୍ । ତାଙ୍କ କ୍ଲାସ୍ ଆମର କୋକୋୟା ଭୟ । ସେଦିନ ସକାଳେ ଅଙ୍କ ସାହିତ୍ୟ ପଛକୁ ପକେଇ କେବଳ ଶବ୍ଦରୂପ, ଧାତୁରୂପ ପାଣି ପରି ମୁଖସ୍ଥ କରି ନ ଗଲେ ତ୍ରାହି ନାହିଁ ! ଭୟରେ ଅଧେ ଭୁଲି ହୋଇଯାଏ । ବୁଢ଼ା ଚୌକିରେ ବସି ଗୋଦର ଗୋଡ଼ଟିକୁ ଭଲ ଗୋଡ଼ ଉପରେ ରଖି ସାଉଁଳନ୍ତି ଆଉ ସେଇ ଅବସରରେ ସମସ୍ତଙ୍କୁ କଳି ନିଅନ୍ତି । ନିସ୍ତବ୍ଧ କ୍ଲାସରେ ଅପେକ୍ଷା ଥାଏ କାହା ଉପରେ ଚଡ଼କ ପଡ଼ିବ । "କିରେଃ... ସୋମନାଥ, ମତି ଶବ୍ଦ ପଞ୍ଚମୀ ରୂପ କଲୁ !" ସୋମନାଥଟି ଟିକିଏ ଦୁର୍ବଳିଆ । ତାକୁ ବିଶେ କମ୍, ସେ ବୁଝେ ବି ତାଠୁ କମ୍ । ସେ ଠିଆ ହୋଇ ଗୋଟାଏ କ'ଣ କହିଦିଏ । ଭୁଲ୍‌ତ ନିଶ୍ଚୟ---ତା' ପରେ ପଣ୍ଡିତେ ଝୁଲି ଝୁଲି, ତାକୁ ଶୋଧନ୍ତି--- "କିରେଃ ଚଣ୍ଡାଳ ! ତୁ ଖାଲି ଅନ୍ନ ଧ୍ୱଂସ କରି ମଳାଶୟ ପୂର୍ଣ୍ଣ କରିବୁ, ତୋ ଦିହାତି ଆଉ ପାଠ୍ ହେଲା ନାଇଁ...ଏଁ !" ତାଙ୍କ ଓଡ଼ିଆ ଶୁଭେ ସଂସ୍କୃତ ପରି---ପ୍ରତି ଶବ୍ଦ ଶେଷରେ ପ୍ରାୟ ବିସର୍ଗ ରହିଲେ ଯେମିତି ଶୁଭନ୍ତା । ପଣ୍ଡିତଙ୍କର ପ୍ରାୟ ସବୁବେଳେ ଗମ୍ଭୀର ମୁଦ୍ରା । ଛାତ୍ରାବାସରେ ଖଡମ୍ ପିନ୍ଧି ମେଲା ଦେହରେ ପୂଜା ପାଠ ପରେ ସକାଳ ସନ୍ଧ୍ୟାରେ ଥରେ ବୁଲି ଆସିବା ଭିତରେ ପିଲାଙ୍କ ଶାସନ ହୋଇଯାଏ । ପ୍ରକୃତ ପ୍ରଭାବଶାଳୀ ବ୍ୟକ୍ତି ବୋଧହୁଏ ଏହିପରି ନୀରବ ରହି ପ୍ରଭାବ ପକାନ୍ତି । ଏବେ ମଧ ମନେପଡ଼ିଲେ ସ୍ୱତଃ ହାତ ଯୋଡ଼ି ହୋଇଯାଏ, ତୁଣ୍ଡରୁ ବାହାରିପଡ଼େ, "ନମସ୍ତୁତେ ଦେବବର ପ୍ରସୀଦ ।"

ହେଡ଼ମାଷ୍ଟରଙ୍କ ଭାଲୁଆ ଭୂଲତା ସହିତ ଆମେ ଯେତେ ପରିଚିତ ନୋହୁ, ତା'ଠୁ ଅଧିକ ପରିଚିତ ତାଙ୍କ କେଁକଟର ଡାକୁଥିବା ପୁରୁଣା ସାଇକଲ୍ ସାଙ୍ଗରେ । ବହୁ ପଛରୁ ସେ ଶବ୍ଦ ଆମେ ବାରିଦଉ । ପଛକୁ ଲେଉଟି ଚାହିଁବା ଦରକାର ପଡ଼େନାହିଁ, ସାହସ ବି ନଥାଏ । ଶବ୍ଦରୂପୀ ସାର୍ ପାଖେଇଆସି ହଠାତ୍ ଆମ ଆଗକୁ ସାକାର ହୋଇ ବାହାରି ପଡ଼ନ୍ତି । ଆମେ ଦେଖୁ ପଛପଟର ଚନ୍ଦାମୁଣ୍ଡ, ପାନ ଡବା ଭାରରେ ଓହଳି ରହିଥିବା କୁରୁତାର ବାଁ ପାଖ ମୁଣା, ଆଉ ଶୁଣୁ ସେ ମହାଯାନର ଛନ୍ଦମୟ ଜପ ଧ୍ୱନି । ତାଙ୍କ ଭାରି ମୁହଁରେ ଭାରି ମୋଟା ଚଷମା । ଭାରି ଭାରି ଇଂରାଜୀ ଶବ୍ଦରେ ବୃଟସ୍‌ଙ୍କ ବକ୍ତୃତା ସେ ବୁଝନ୍ତି, ରବୀନ୍ଦ୍ର ନାଥଙ୍କ ଇଂରାଜୀ କବିତା 'ଯେଉଁଠି ମନରହେ ବଂଧହୀନ' ପଢ଼େଇବାକୁ ତିନି ସପ୍ତାହ ନିଅନ୍ତି । ଅନ୍ୟମନସ୍କ ହେଲେ ତାଙ୍କ କ୍ଲାସରେ ପିତାମ୍ବର ଚଟକଣି ଖାଏ, ବେଶି ଜାଣିବାର ହୋଇ ଦେଖେଇହେଲେ ରମେଶ ଚିହ୍ନାପଡ଼େ, ବହୁ ଦୁଷ୍ଟାମି କଲେ ସ୍କୁଲର ସବୁ ପିଲାଙ୍କ ଆଗରେ ପଦ୍ମନାଭ ପାଞ୍ଚ ବେତ ମାଡ଼ ଖାଏ ! ହେ ସ୍କୁଲ ସାମ୍ରାଜ୍ୟରେ ଏକଛତ୍ର ଅଧୀଶ୍ୱର ! ତୁମକୁ ବିନମ୍ର ନମସ୍କାର !

Digitized by srujanika@gmail.com

ଏ ସ୍ମୃତିର ସାଗରରେ ମୁଣ୍ଡ ଟେକି ଦିଅନ୍ତି ପି.ପଣ୍ଡା, ଯେ କଳାପଟାରେ ବାକ୍ୟ ଅଧା ଲେଖି ଠିଆ ଠିଆ ଶୋଇପଡ଼ନ୍ତି, ଯାହାଙ୍କ କାନରେ ପାଖୁଡ଼ାଏ ଫୁଲ ଖୋସା ହୋଇଥାଏ, ଆଉ ସବୁବେଳେ ପାଟିରେ ହରିଡ଼ା ଧରିଥିବାରୁ ଯାହାଙ୍କ ମୋଟା ଓଠ ଦୁଇଟି ସେଠା ଦିଶେ । ସେ ରାତି ଚାରିଟାରୁ ଉଠି ବଗିଚାରେ ପାଣି ଦିଅନ୍ତି, ରାତିରେ ପାଠ ପଢ଼ି ଶୁଅନ୍ତି ବାରଟା ପରେ । ସିନେମା ଦେଖନ୍ତି ନାହିଁ । ଗେଞ୍ଜି ପିନ୍ଧନ୍ତି ନାହିଁ ଜିଦ୍‌ରେ । ପଚାରିଲେ ହସିଦିଅନ୍ତି । କହନ୍ତି ତାଙ୍କ ସାଙ୍ଗମାନେ କୁଆଡ଼େ ତାଙ୍କୁ ଏମିତି ଫନ୍ଦିରେ ପକେଇଦେଲେ ।...ଦିଶନ୍ତି ଦି'ଟା ରଙ୍ଗ ରଙ୍ଗ ଉଭାରି ରହିଥିବା ଆଖି, କସରା ଟାଆଁସା ଦି'ପଟା ନିଶ ଏବଂ କହୁଣି ପର୍ଯ୍ୟନ୍ତ ଖଡ଼ି ଗୁଣ୍ଡ ଲାଗିଥିବା ଡଷ୍ଟର ଧରିଥିବା ଗୋଟିଏ ଲୋମଶ ହାତ । ସେ ଆମ ମୁଣ୍ଡକୁ ଠଣାମାରନ୍ତି, ସେଇ ଡଷ୍ଟରରେ ବାଡ଼ାନ୍ତି---ଆମ ଗଣିତ ସାର୍ ।

ସାଗରରେ ଅସଂଖ୍ୟ ଢେଉ । ଏ ସମସ୍ତଙ୍କ ସାମୂହିକ ରୂପ ହିଁ ସମୁଦ୍ର । କିନ୍ତୁ ସବୁଗୁଡ଼ିକର କଳନା ସମ୍ଭବ ନୁହେଁ, ଗଣନା ମଧ୍ୟ ସମ୍ଭବ ନୁହେଁ । ଅବଶ୍ୟ ସେଥିରୁ କେହି ହେଲେ ପରିହାର୍ଯ୍ୟ ନୁହନ୍ତି, ଗୁରୁତ୍ୱହୀନ ନୁହନ୍ତି; ଏପରିକି ଶିକ୍ଷକତାର ନୂତନ ଦାୟିତ୍ୱ ଭାରରେ ଗଳଦ୍‌ଘର୍ମ ମ. ସାହୁ ବା କେବଳ କେଶବିନ୍ୟାସରେ ବିଶ୍ୱାସ କରୁଥିବା ଅନଭିଜ୍ଞ ନ. ବେହେରା ମଧ୍ୟ ଆମ ଜୀବନର ଦୀର୍ଘ ଆଠ ବର୍ଷ ଭିତରେ ଏଠି ସେଠି ଫାଙ୍କ ଭରି ରହିଛନ୍ତି । ଏ ସମସ୍ତଙ୍କୁ ନେଇ ହିଁ ସ୍କୁଲ ଜୀବନ । ତାଙ୍କଠୁ ଶିଖିବା, ତାଙ୍କୁ ଠକିବା, ତାଙ୍କୁ ଭକ୍ତିକରିବା, ତାଙ୍କୁ ପଛରେ ଖତେଇ ହେବା ଭିତରେ ବିତିଯାଏ ଜୀବନର ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟ ।

ଅତୀତଟାକୁ ପ୍ରାୟ ଆଚ୍ଛନ୍ନ କରି ରହିଛି ଏ ସ୍ମୃତିବହୁଳ ସ୍କୁଲ ଜୀବନ । ପରବର୍ତ୍ତୀ ଜୀବନ ତାକୁ ଆଶ୍ରୟ କରି, ତାହାରି ସ୍ୱପ୍ନରେ ରଞ୍ଜେଇ ହୋଇ ବଢ଼ିଉଠିଛି, ଗଢ଼ିଉଠିଛି । ଏବେ ମଧ୍ୟ ସେ ସ୍କୁଲ ଆପଣାର । ତା' ବିଷୟରେ କିଏ କେଉଁଠି ପଦେଦ କହିଦେଲେ ନିଜ ଦେହରେ ବାଜେ, ଆଉ ଆମ ସାର୍... ସମସ୍ତେ ଗୋଟିଏ ଗୋଟିଏ ଅନୁଷ୍ଠାନ । ଆଉ ଗୋଟିଏ ଯୁଗର, ଗୋଟିଏ ଗୋଟିଏ ରୀତିର କୋଣାର୍କ, ଲିଙ୍ଗରାଜ ପରି ଆମ ପରମ୍ପରାର ଚକା ପଥର ସେମାନେ । ତାଙ୍କଠୁ ଯାହା ପାଇଛୁ ଆମ ପରବର୍ତ୍ତୀ ବଂଶଧରଙ୍କୁ ତାହା ଦେଇ ନ ପାରି ହୁଏତ ଋଣୀ ହୋଇ ରହିଯିବୁ ନା କ'ଣ !!

❖❖❖

Digitized by srujanika@gmail.com

ସେଇ ପକ୍ଷୀ ପରି

ଲୋକବିଶ୍ୱାସରେ ଗୋଟିଏ ପକ୍ଷୀ ଅଛି ଯେ ରାତି ହେଲେ ଗୋଡ଼ ଯୋଡ଼ିକ ଉପରକୁ ଟେକି ଶୁଏ । ଦିନଯାକ ତଳମୁହାଁ ଚାରା ଗୋଟେଇବା ପରେ ଯେତେବେଳେ ସେ ପ୍ରଥମେ ଉପରକୁ ମୁହଁ ଟେକେ ତାକୁ ହଠାତ୍ ଛାନିଆ ଲାଗେ ଯେ ଏ ଆକାଶଟା ନିଶ୍ଚେ ଛିଡ଼ିପଡ଼ିବ; ଆଉ ସେ ଯଦି ତାର ଗୋଡ଼ ଯୋଡ଼ାକରେ ତାକୁ ରୋକି ନ ଦିଏ ଆକାଶ ମଡ଼େଇ ପଡ଼ିବ ଓ ସାରା ସଂସାର ଉଚ୍ଛନ୍ନ ହୋଇଯିବ । ବହୁ ରାତି ସେ ଉନ୍ନିଦ୍ର ବିତେଇ ଦିଏ । ମନରେ ତା'ର ବହୁ ଆଶଙ୍କାର ମେଘ । କପାଳରେ ବେଣି ଦଉଡ଼ି ପରି ମୋଟା ମୋଟା ଚିନ୍ତାରେଖା । ତାକୁ ଦେଖି ଅନେକ ଅନେକ ପକ୍ଷୀ ନତଚଞ୍ଚୁ ହୋଇ ତା'ର ଆରାଧନା କରିପାରନ୍ତି । ସ୍ୱାର୍ଥର ସୀମିତ ବନ୍ଧନୀରୁ ଉତ୍ତୀର୍ଣ୍ଣ ଏଇ ମହାତ୍ମା ସର୍ବଜୀବ ହିତାୟ ଉର୍ଦ୍ଧ୍ୱପାଦ ତପସ୍ୟା କରନ୍ତି ।

ସତକୁ ସତ ଆକାଶ ପଡ଼ିବ କି ନ ପଡ଼ିବ ତାହା ବିଚାର କରିବା ପ୍ରୟୋଜନ ନାହିଁ । ବୋଧହୁଏ ପଡ଼ିବ, କାରଣ ମହାତ୍ମାଙ୍କର ତାହା ଦୃଷ୍ଟିଗୋଚର ହେଉଛି । ପଡ଼ିଲେ ସେ ତାଙ୍କର କ୍ଷୀଣ ଗୋଡ଼ ଯୋଡ଼ିକରେ ଆକାଶକୁ ଟେକି ପାରିବେ କି ନପାରିବେ ତାହା ମଧ୍ୟ ବିବେଚ୍ୟ ନୁହେଁ; କାରଣ ସେ ମହାତ୍ମା, ଏଣୁ ନିଶ୍ଚୟ ପାରିବେ । ମହାଜନୋ ଯେନ ଗତଃ ସ ପନ୍ଥା ନୀତିରେ ଅନୁଗତ ଶିଷ୍ୟଗଣ କେବଳ ତାଙ୍କ ଅନୁରୂପ ଗୋଡ଼ ଟେକି ଶୋଇବା ଉଚିତ । ସେମାନଙ୍କର ଏବଂ ବିଧ ଶୃଙ୍ଖଳିତ ଜୀବନ ଯାପନ ପାଇଁ ସଂଘ ଗଢ଼ାଯିବ, ରହିବା ପାଇଁ ଆଶ୍ରମ କରାଯିବ ।

ଆଉ ଦଳେ ପକ୍ଷୀ ହୁଏତ ଏ କଟକ ଚିନ୍ତା କରୁଥିବା ବାଇମୁଣ୍ଡିକୁ ଅନେକ ସମ୍ମାନ ଦେବେ । କହିବେ, ମନ୍ଦ ନୁହେଁ । ଏପରି ମହତ୍ ଚିନ୍ତା କରିବା ସମୟ ସମୟରେ ଖୁବ୍ ଭଲ । ତଥାପି ବାଇମୁଣ୍ଡି ପାଇଁ କିଞ୍ଚିତ୍ ଦୟା କିଞ୍ଚିତ୍ ଅବିଶ୍ୱାସ ତ ନିଶ୍ଚୟ ଅଛି । ସତକୁସତ ପଥର ବନ୍ଧ ବନ୍ଧା ହୋଇଗଲେ ବାଇମୁଣ୍ଡିକୁ ସବୁ ବାହାଦୁରୀ ନ ଦେଇ ଅନଙ୍ଗଭୀମଙ୍କୁ ଶହେରେ ସତୁରୀ ଦେବାକୁ ସେମାନେ ଆଗଭର ହୋଇଯିବେ ।... ଆହୁରି ଦଳେ କିନ୍ତୁ ଅଛନ୍ତି ଯେଉଁମାନେ ଦିନଯାକ ଖୁଦମୁଣ୍ଡି ଗୋଟେଇବାରେ ବିତେଇ ଦିଅନ୍ତି, ରାତି ବିତେଇ ଦିଅନ୍ତି ତା'ରି ସ୍ୱପ୍ନରେ । ସେମାନେ ନିଜନିଜର ନୀଡ଼ ବାହାରେ କ'ଣ ହେବ । ନ ହେବା କଥା ଆଦୌ ଭାବନ୍ତି ନାହିଁ । ସଂସାର ତାଙ୍କ ପାଇଁ ଦୁଇ ଡେଣାରେ ମାପିଲା ଭଳି ଛୋଟ, ଥଣ୍ଟରେ ଖୁମ୍ପିଲା ଭଳି ନରମ । ଝଡ଼ ବତାସୀ ଆସେ ଆଉ ଯାଏ । ସେଥିରେ ସେମାନେ ଆଗତୁରା ଛାନିଆଁ ହୁଅନ୍ତି ନାହିଁ କି ଆସିଲେ ରୋକି ମଧ୍ୟ ପାରନ୍ତି

Digitized by srujanika@gmail.com

ନାହିଁ । ଏଣୁ ଆକାଶ ଛିଡ଼ିପଡ଼ିବା କଥା ତାଙ୍କୁ କହିଲେ ସେ ଖାଲି ଆବାକାବା ହୋଇ କିଛି ସମୟ ଅନାନ୍ତି---କଳିଯୁଗ ସରିଯିବା କଥାକୁ ଛାନିଆଁ ହୋଇ ଆଖି ଖୋସି ଯେମିତି ଶୁଣାଯାଏ---ତା, ପରେ ସହଜ ଅଭ୍ୟାସରେ ଯେ ଯାହା ବାଟରେ ଫୁର୍‌ଫାର୍ ଉଡ଼ିଯାନ୍ତି ।

ଆମ ଭିତରୁ ବଡ଼ ଭାଗ ବୋଧହୁଏ ଏଇ ଚାରା ଗୋଟେଇବା ପର୍ଯ୍ୟାୟରେ । ଆମ ଦାୟିତ୍ୱ ଜ୍ଞାନ ମଧ୍ୟ ସେହିପରି ଅତି ଛୋଟ ଘେର ଭିତରେ ଖୁପୁରୁଖୁପୁରୁ ହୁଏ । ଘେର ଡେଇଁଯିବା ଭଳି ପ୍ରବୃତ୍ତି ବା ପ୍ରୟୋଜନବୋଧ ନ ଥାଏ । ଯେଉଁମାନେ ଭାବନ୍ତି ଯେ ତାଙ୍କ ଦାୟିତ୍ୱ ସମାଜ, ଦେଶ ବା ଜାତି ପର୍ଯ୍ୟନ୍ତ ବ୍ୟାପି ରହିଛି, ସେମାନେ ଏ ଛୋଟ ଘେରକୁ ଘୃଣା କରନ୍ତି, ଦୟା କରନ୍ତି, ପୋଷା ଷଣ୍ଢ ପିଠିରେ ଥାପୁଡ଼େଇଲା ପରି ତାଙ୍କ ନିଜ ଗୁଣରେ ସହିଯାନ୍ତି । ଆମ ସୀମାକୁ ସେମାନେ ସହିଯାନ୍ତି ବୋଲି ଆମେ ତାଙ୍କ ଦୟା ବା ଘୃଣାକୁ ମଧ୍ୟ କୃତଜ୍ଞତାରେ ସ୍ୱୀକାର କରିଯାଉ । ଏମିତି ନିଶୁଣିର ଦୁଇଟା ଧାପ ପରସ୍ପରକୁ ମାନିନିଅନ୍ତି । ଭାବନ୍ତି ବୋଧହୁଏ କାହା ଦେହକୁ କିଛି ନ ଲାଗିଲା ଭଳି ଗୋଟାଏ ବୁଝାମଣା ହୋଇଗଲା । ଏହା ସାଙ୍ଗରେ ସୃଷ୍ଟି ହୋଇଗଲା ରୁଷିଆର 'ଜାର' ଓ ତାଙ୍କର ଅଗଣିତ ଚାରାଶ୍ରୟୀ ଶ୍ରମିକ, 'ଫାରୋ' ଏବଂ 'ପିରାମିଡ୍' ପାଇଁ ପଥର ବୋହିବାର ଅକଳନ୍ତି ଭାରବାହୀ ଥାଟ । ବେଳେ ବେଳେ ଗୋଟାଏ ଆରଟା ଉପରେ ମଡ଼େଇ ପଡ଼ିବାରୁ ବୁଝାମଣା ହୁଗୁଳି ଯାଇଛି । ରାତି ଅଧରେ ଥାଟ ଭିତରୁ ହିସ୍ ହିସ୍ ଶବ୍ଦ ଭିତରେ ନିଆଁହୁଳା ଚହଟି ଉଠିଛି; ଉପର ମହଲରେ ଝଣଝାଣ୍ ହୋଇ ଲୁହା କବାଟ ପଡ଼ିଛି, ଗଡ଼ ଖାଇ ଉପରେ ଗୋଳା କମାଣ ଗର୍ଜି ଉଠିଛି । ବହୁ ଚିତ୍କାର ଭିତରେ ବାଟହୁଡ଼ା କ୍ଳାନ୍ତ ଗାଈଟିଏ ପରି ଗୁହାଳକୁ ଫେରିଆସିଛି ବୁଝାମଣା । ତାକୁ ପୋଷିବାକୁ ତା' ମୁହଁରେ ଥାଟ ଅଜାଡ଼ି ଦେଇଛି ତାର ସବୁତକ ଶ୍ରମ ଝାଳ । ଆଉ ଫାରୋମାନେ ତା'ର ଟାଣିରହିଥିବା ପହ୍ଳାକୁ ଦୁହିଁଦେଇ ତା'ର ଅସ୍ୱସ୍ତି ଦୂର କରିଛନ୍ତି । ଏବେ ମଧ୍ୟ ଖଣି ମାଲିକ ସେମିତି ଦୁହେଁ ଓ ଚାରାଶ୍ରୟୀ ଜୀବ ଗୁଡ଼ିଏ ପୃଥିବୀର ଅନ୍ଧାରୁଆ, ଅମାନିଆ ପଞ୍ଜରା ଦେହରୁ ଛେଲି ଆଣନ୍ତି କୁଢ଼ କୁଢ଼ ଅଙ୍ଗାର ।

ଏବକୁ ଜଣାଯାଉଛି ଯେ ଏ ଦାୟିତ୍ୱ ଜିନିଷଟି ଭାବିଲେ ଅଛି ନ ଭାବିଲେ ନାହିଁ । ସତେ କ'ଣ କେହି ଆଉ କାହାପାଇଁ ଦାୟୀ ହୋଇପାରେ ? ଆମେ ସମସ୍ତେ ଏପରି ଗୁଡ଼ିଏ ଅଲଗା ଅଲଗା ଜୀବ ଯେ ଆମମାନଙ୍କ ଜୀବନର ସ୍ୱତନ୍ତ୍ର ବୃତ୍ତଗୁଡ଼ିକ ଭିନ୍ନ ଭିନ୍ନ ସ୍ତରରେ ଭଉଁରୀ କାଟିଯାନ୍ତି । କେଉଁଠି କେମିତି ଅକସ୍ମାତ୍ ଛୁଇଁଗଲେ ସମ୍ପର୍କ ହୋଇଯାଏ । ଏଇ ଆକସ୍ମିକ ବିନ୍ଦୁଗୁଡ଼ିକ ଯୋଡ଼ି ଯେଉଁ ଅଦ୍ଭୁତ କାଳ୍ପନିକ ରେଖାଟି ହୁଏ ତାହା ଜ୍ୟାମିତିକ ସତ୍ୟ ହୋଇଥିବାରୁ ଆମ ଜୀବନର ସତ୍ୟ ବୋଲି ଆମେ ଭାବିଥାଉଁ । ଏଇ ବିନ୍ଦୁଗୁଡ଼ିକରେ ଯେତେ ଟାଣ ଅନୁଭବ ହୁଏ ସେଇ ଅନୁପାତରେ ଦାୟିତ୍ୱ ମଧ୍ୟ ନିର୍ଦ୍ଧାରିତ ହୋଇଯାଏ । ଏମିତି ଛୋଟ ବଡ଼ ପରିଧି ଭିତରେ ପରିବାର ବା ସମାଜକୁ ନିଜ ନିଜ ସମ୍ପର୍କରେ ମିଶେଇ ଆମେ ବଞ୍ଚୁ । କିନ୍ତୁ ଜୀବନର ବୃତ୍ତ ଲଢ଼େଇଯାଏ ତା'ର ସହଜ ପ୍ରୟୋଜନ ଉପରେ ନିର୍ଭର କରି । ଅବଶ୍ୟ ସେଇଟା ନିଜେ ଚାଲେ କେଉଁ ପ୍ରେରଣା ବା ନିର୍ଦ୍ଦେଶ ବଳରେ ତାହା ବିଚାର କରିବା ଆଉ ଏକ ପ୍ରସଙ୍ଗ । ତଥାପି ଏ କଥା ଠିକ୍ ଯେ ଦାୟିତ୍ୱ ନେଲାବେଳେ ଭାରି ବାନ୍ଧିଛନ୍ତି

Digitized by srujanika@gmail.com

ହୋଇ ଅନ୍ୟ ପନ୍ଥା ନ ଥିବା ଅବସ୍ଥାରେ କେହି ହେଲେ କାନ୍ଧରେ ଯୁଆଳିକୁ ତୋଳିନିଏ । ନତୁବା କେବଳ ବଞ୍ଚିବା ଦାୟିତ୍ୱ ହିଁ ତା'ର ପ୍ରଥମ ଏବଂ ଶେଷ ଦାୟିତ୍ୱ । ପଞ୍ଚେ ଏ ଦାୟିତ୍ୱକୁ ଅଧିକାର ବୋଲି ମଧ୍ୟ ନାଆଁ ଦେଇଛନ୍ତି । ଏବୁ ହର୍ ଗୁଣ୍ ଫେଡ୍ ମିଶା କରିଦେଲାପରେ ନିର୍ଯାସ ହେଲା ପରସ୍ପରକୁ ଖାଇ ନ ଯାଇ କେମିତି ବଞ୍ଚିହେବ । ଏଇ ଖିଅଖେଇରୁ ଓହରି ଯିବା ହେଲା ମହତ୍ ପଣିଆର ଦାୟିତ୍ୱ । ଏ ଦାୟିତ୍ୱ ଲୋକଙ୍କୁ ଶିଖେଇବା ଦାୟିତ୍ୱ ମଧ୍ୟ କେତେ ଜଣ ସ୍ୱାତଃ ନିଅନ୍ତି ।

ଏମିତି ସର୍ବଜନହିତାୟ ଯେଉଁମାନେ ମନକୁ ମନ ଦାୟିତ୍ୱ ନିଅନ୍ତି ତାଙ୍କ ଭିତରୁ ଗୁଡ଼ାଏ ବାହାରନ୍ତି ଫନ୍ଦିବାଜ । ତାଙ୍କ ପାଇଁ ଆକାଶ ଛିଡ଼ିପଡ଼ିଲା ପରି ଦିଶେ । ସେମାନେ ବାଟରେ ଚାଲିଗଲା ଲୋକଙ୍କୁ ଭିଡ଼ିଆଣି ତାକୁ ସେ ସମ୍ବାଦ ଦେବାର ଦାୟିତ୍ୱ ନିଅନ୍ତି । ତାଙ୍କ ମତରେ ସେଇ କେବଳ ଦେଖୁଛନ୍ତି ଯେ ସଂସାରର ସମସ୍ତଙ୍କ ମୁଣ୍ଡ ଉପରେ ଅହିଆ ଜଳୁଛି । ସମସ୍ତେ ଅନ୍ଧ, ସମସ୍ତେ ଖସୁଛନ୍ତି ଅତଡ଼ାରୁ । ଏମିତି ଉପରେ ପଡ଼ି ଗୁରୁପଣିଆ ଅନେକ ସମୟରେ ଅସହ୍ୟ ହୁଏ, ଯେତେବେଳେ ସେଥିରୁ ଗୋଟାଏ ବାହାରିପଡ଼ି ଆପଣଙ୍କୁ କହେ ଯେ, "ଅମୁକ ଦିନ ଅମୁକ ବେଳାରେ ଅଣସ୍ତରୀ ମିନିଟ୍ ପାଇଁ ନିଶ୍ୱାସକୁ ରୁନ୍ଧୁଛନ୍ତି ନା ନାହିଁ ? ଯଦି ନକରୁଥାନ୍ତି ଆପଣଙ୍କ ପାଇଁ ଗୌରବର ଦ୍ୱାର କେଁକଟକଟ ହୋଇ ଫିଟୁଛି । ମାସକୁ ସାତ ପେଣ୍ଡା ଧୂପକାଠି ପୋଡୁଛନ୍ତି ନା ନାହିଁ ? ଠିକ୍ ସମୟରେ ମହିମା ଅଧ୍ୟୟନ କରୁଛନ୍ତି ନା ନାହିଁ ? ଆପଣ ଗୁରୁ ଦର୍ଶନ କେଇଥର କଲେଣି ? ଆପଣଙ୍କ ପାଇଁ ମୁଁ ତପସ୍ୟା କରୁଛି, କାରଣ ଆପଣଙ୍କ ପାଇଁ ମୋ ଅନ୍ତରାତ୍ମା ହାହାକାର କରୁଛି । ମୁଁ ଆପଣଙ୍କର ସର୍ବତୋଭାବେ କଲ୍ୟାଣ ପାଇଁ ଦାୟୀ ।" ଏହିପରି ଗୁଡ଼ିଏ ନିଜର ପୁଡ଼ିପେଟେରା ମେଲେଇ ଆପଣଙ୍କୁ ଅଥୟ କଲେ ଆପଣ ସେ ପାମରକୁ କ'ଣ କହିବେ ? ମୋଟ ଉପରେ ଆପଣଙ୍କୁ କେଉଁଟା ବେଶି ବାଧିବ---ତା'ର ଆକାଶ ଛିଡ଼ିପଡ଼ିବାର ସଂତ୍ରାସବାଦୀ ଗପ ନା ତା'ରମନକୁମନ କର୍ତ୍ତୃତ୍ୱ ଜାହିର କରିବାର ବହପ ? ଯା ପଛରେ ରହିଛି ମାତ୍ର ଯୋଡ଼ିଏ କଥା । ପ୍ରଥମତଃ ଆପଣ କ୍ଲୀବ, ଅନ୍ଧ, ଦାୟିତ୍ୱହୀନ, ଅବିଦ୍ୟାଗ୍ରସ୍ତ, ପତିତ ଏବଂ ସେ କେବଳ ପୁରୁଷାର୍ଥଭୂଷିତ, ଚକ୍ଷୁଷ୍ମାନ୍, ଦାୟିତ୍ୱବାନ୍, ବିଦ୍ୱାନ୍---ଯେ କୃପାପରବଶ ହୋଇ ଆପଣଙ୍କୁ ସଦ୍‌ମାର୍ଗକୁ ଉଦ୍ଧାର କରିଦେବ । ସେଥିପାଇଁ ଦାନ ଦକ୍ଷିଣା ମଧ୍ୟ ରହିଛି ।

ଏହିପରି ବହୁ ଗୁରୁ, ବହୁ ମଠ । ଧର୍ମ, ରାଜନୀତି, ସମାଜକୁ ଘେରି ଏପରି ଅନେକ ଗୁରୁଗିରି ଆପଣଙ୍କୁ ସହିବାକୁ ପଡ଼େ । କିନ୍ତୁ ସତକୁସତ ଯେଉଁମାନେ ଦାୟିତ୍ୱ ଅର୍ଥରେ ନୀରବରେ ଦାନ କରିଯାଆନ୍ତି, ଦୁଷ୍ଟ ପୁତ୍ରର ହିତୈଷୀ ବାପ ଉଇଲ୍‌ନାମା କଲା ପରି ତାଙ୍କ ଜୀବନରେ ପ୍ରତ୍ୟାଶା ନ ଥାଏ, ଫଳାଭିସନ୍ଧି ନ ଥାଏ । ନଦୀ ଯେମିତ ବୋହିଯାଏ ଏବଂ ଦୁଇ ଧାରରେ ଅଜାଡ଼ିଦେଇଯାଏ ଅଜସ୍ର କରୁଣା, ଖୁବ୍ ସହଜରେ, ଅନାୟାସରେ ଓ ଅବାଧରେ---ସେମିତି ସାଧୁଜନ ଜ୍ଞାନ ବିତରି ଯାଆନ୍ତି । ଗଛରେ ଫୁଲ ଫୁଟିବା, ଫଳ ପାଚିବା ଏକ ସ୍ୱାଭାବିକ ଧର୍ମ । ଯଦି କେହି କିଛି ବାସ୍ନା ପାଇଗଲା ବା ଦି'ଟା ଫଳ ଗୋଟେଇନେଲା ସେଥିପାଇଁ ଗଛ ଦାୟି ନୁହେଁ---ସେ କର୍ତ୍ତୃତ୍ୱ ସେ ମୂଳରୁ ନେଇନାହିଁ ।

Digitized by srujanika@gmail.com

ସେଥିପାଇଁ ଯେ ଯୋଜନାବଦ୍ଧ ହୋଇ ପରୋପକାର କରିବାକୁ ବାହାରେ ସେ ନିଜର ହିଁ ସେବା କରିଥାଏ । କିଛି ଯଶ, କିଛି ଖ୍ୟାତି, ହୁଏତ କିଛି ଅର୍ଥ ତାର ମୌଳିକ କାମ୍ୟ । ବୁଝିବସିଲେ ଏପରିକି କିଛି ପୁଣ୍ୟ ଅର୍ଜନ କରିପକେଇବା ମଧ୍ୟ ଏକ ନିକୃଷ୍ଟତର ସ୍ୱାର୍ଥସେବା । କିନ୍ତୁ ଯେ ସଚ୍ଚୋଟଭାବରେ ନିଜ ପାଇଁ ହିଁ କେବଳ ଗଛ ପରି ବଞ୍ଚେ ସେ ହିଁ ପରପାଇଁ ବଞ୍ଚେ । ଏଣୁ ଯେ ସାଧାରଣ ଅର୍ଥରେ ଦାୟୀ ବୋଲି କହେ ସେ ଦାୟୀ ନୁହେଁ; କିନ୍ତୁ ଯେ ଦାୟୀ ନୁହେ ସେ ହିଁ ଦାୟୀ । ମହାକାଶରେ ସୂର୍ଯ୍ୟପିଣ୍ଡ ଏକାକୀ ନିସ୍ପୃହ, ଅସଂପୃକ୍ତ ଭାବରେ ଜଳିଯାଏ । ସେ କାହାରି ଦାୟିତ୍ୱ ନିଏ ନାହିଁ, କିନ୍ତୁ ପୃଥିବୀ ପୃଷ୍ଠରେ କାହାପାଇଁ ଭଲା ସବିତା ଦାୟୀ ନୁହେଁ ?

ଯେଉଁ ଚଢ଼େଇଟି ଆକାଶ ଛିଡ଼ିପଡ଼ିବା ଭୟରେ ଗୋଡ଼ଯୋଡ଼ିକ ଟେକି ଶୁଏ ସେ ହୁଏତ କେବଳ ଆତ୍ମରକ୍ଷା ପାଇଁ ତାହା କରେ । କିନ୍ତୁ ତାକୁ କେନ୍ଦ୍ର କରି ଯେଉଁମାନେ ଦଳ ଗଢ଼ନ୍ତି, ମନକୁମନ ସାରାର ସଂସାରର ଦାୟିତ୍ୱ ନେବାର ଧୃଷ୍ଟତା ପ୍ରକାଶ କରନ୍ତି, ତାଙ୍କୁ ହିଁ ବୋଧହୁଏ ଲକ୍ଷ୍ୟ କରି କୁହାଯାଇଛି--- "ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।"

❖❖❖

Digitized by srujanika@gmail.com

ପତ୍ରଲିଖନ

ଚିଠି ଲେଖା କେତେକଙ୍କ ପାଇଁ ଏକ ନିତ୍ୟନୈମିତ୍ତିକ କର୍ମ, ଏକ ଉପଭୋଗ୍ୟ ବିଳାସ । ସେମାନେ ନିଃସନ୍ଦେହରେ ଏ ଯୁଗର ମହାପୁରୁଷ । ଆଉ କେତେକଙ୍କ ପାଇଁ ଏଇଟା ଗୋଟାଏ ସାମାଜିକତା ଦୃଷ୍ଟିରୁ ସାପ୍ତାହିକ ସୌଜନ୍ୟ । ସେମାନେ ହେଲେ ବିଶିଷ୍ଟ ସାଧକ । ଆଉ କେତେଜଣ ଦାୟିତ୍ୱ ଟାଳି ଟାଳି ହଠାତ୍ ଦିନେ ଏକ ପ୍ରେରଣାର ଆବେଗରେ ବା ବିବେକବୁଦ୍ଧିର କଷାଘାତରେ ଡାକ ଅଫିସ ପିଣ୍ଡାରେ ରାମ୍ପିଦେଇ ବେଶ୍ ଉଶ୍ୱାସରେ ହସି ହସି ଚା'ଦୋକାନରେ ପଶିଯାଆନ୍ତି । ସେମାନେ ମଧ୍ୟ ଭାରି ଭଲ ଲୋକ । ସବା ଶେଷକୁ କିନ୍ତୁ ଅଛନ୍ତି ପୁଞ୍ଜାଏ ଅଧମ, ଚିଠିଲେଖା ନାଁ ଶୁଣିଲେ ତାଙ୍କ ପିଳେହି ପାଣି ହୋଇଯାଏ, ତାଳୁ ଶୁଖିଯାଏ, ଦେହରୁ ଗୋଟା ଗୋଟା ଝାଳ ଫିଟିଯାଏ । ସେମାନଙ୍କ ଜାତକରେ ଚିଠି ଲେଖା ନାହିଁ । ତାହା ଏକ ଗ୍ରହଦୋଷ-ଜନିତ ଅସମ୍ଭାଳ ବିପତ୍ତି । ବିଚାରା କେବେ ଚିଠିଟାଏ ଲେଖି ପାରନ୍ତି ନାହିଁ । ଯଦି ବଳାତ୍କାର ତାଙ୍କଠାରୁ ଲେଖେଇ ନିଆ ହୁଏ, ବୁଢ଼ୀ ଅସୁରୁଣୀ ମୁଣ୍ଡରୁ ଧୋବ ବାଳ ଉପାଡ଼ିଲା ପରି, ଏତଦ୍ୱାରା ଠୋ' କିନା ତାଙ୍କର ପ୍ରାଣ ଛାଡ଼ିଯିବ । ସେମାନଙ୍କୁ ପ୍ରାଣଦଣ୍ଡ ନ ଦେଇ କେବଳ ପାଞ୍ଚ ଫର୍ଦ ଧଳା କାଗଜ ଦେଖେଇ ଦେଲେ କାଳେ ଏଡ଼େ ଲମ୍ବ ଚିଠିଟାଏ ଲେଖିବାକୁ ହେବ ବୋଲି ଭୟରେ ସେମାନେ ତତ୍କ୍ଷଣାତ୍ ପ୍ରାଣତ୍ୟାଗ କରିବେ । ଚିଠି ଲେଖା କାହିଁକି ଯେ ବ୍ୟକ୍ତିବିଶେଷ ପାଇଁ ଏପରି ମାରାତ୍ମକ ହଏ ତା'ର ଟିକିଏ ଆଲୋଚନା କରାଯାଉ ।

ଭାବ ବିନିମୟ ପାଇଁ ପତ୍ରଲିଖନ ଏକ ସର୍ବବାଦୀସମ୍ମତ ପୁରାତନ ପନ୍ଥା । କିଣାବିକା ବ୍ୟବସାୟ ବଣିଜରେ ଯେଉଁ ଲକ୍ଷ ଲକ୍ଷ ଡାକଟିକଟ ଥିବା ନଥିବା ପତ୍ରର ଆଦାନ ପ୍ରଦାନ ହୁଏତାକୁ ବରଂ ପତ୍ର ନ କହିବା ଭଲ; କାରଣ ଚିଠି ଭିତରେ ଯେଉଁ ଆପଣାର ଭାବ ଟିକକ ଥାଏ ତା' ଏ ତଷ୍ଟୁଗଦାରେ ନ ଥାଏ । ସବୁ ସେଥିରେ ମାପ୍‌ଚୁପ୍, ସବୁ ଆଗରୁ ତିଆରି, ଭାଷାଭଙ୍ଗୀ ବିଷୟ । ହେଲା ତ ଜଣେ ଶ୍ରମ ସ୍ୱୀକାର କରି ତାଙ୍କର ବହୁମୂଲ୍ୟ ନାମାଙ୍କନ କରିଦେଲେ, ନ ହେଲେ ନାହିଁ; ଗୋଟିଏ ରବର ଛାପାରେ କାମ ଚଳେଇ ଦିଆଗଲା । ବହୁ ସଂଖ୍ୟକ ଦଫ୍‌ତରରେ ଅସଂଖ୍ୟ କିରାଣି ଓ ଅଫିସରଙ୍କ ନମ୍ବର ମୁଦ୍ରା ମାରି ଯେଉଁ ପତ୍ର ବିନିମୟ ହୁଏ, ସେଗୁଡ଼ିକ ମଧ୍ୟ ଆମ ଦୃଷ୍ଟିରେ ଅସାର ତଷ୍ଟୁ ତୁଲ୍ୟ । ସେଥିରେ ଚିଠିର ଦରଦୀପଣିଆ ନାହିଁ । ସେଗୁଡ଼ିକ ଅନୁଷ୍ଠାନିକ । ସେମାନଙ୍କ ପାଇଁ ଗୋଟାଏ ଧରାବନ୍ଧା ନିୟମର ଧାଡ଼ି ରହିଛି । ଅବଶ୍ୟ ଏହା ମାନେ ନୁହେଁ ଯେ ଏ ପ୍ରକାର ପତ୍ରର ଉପାଦେୟତା ନାହିଁ । ସେ ବିଷୟରେ ସନ୍ଦେହ କରିବା ସାହିତ୍ୟିକ ପକ୍ଷରେ ବିଶେଷ ନିରାପଦ ମଧ୍ୟ

Digitized by srujanika@gmail.com

ନୁହେଁ । ରାଜନୀତି କ୍ଷେତ୍ରରେ ଅନେକ ପ୍ରକାରର ପତ୍ର ଲେଖାଯାଏ । ଯୁଦ୍ଧବିଗ୍ରହ, ସନ୍ଧିବିଗ୍ରହ, ନାନା ବିଷୟରେ ଆଗ୍ରହ, କେତେକ ବିଷୟରେ ଅନୁଗ୍ରହ ଇତ୍ୟାଦି ନେଇ । ଯା'ଭିତରେ ରାମଚନ୍ଦ୍ର ଅଙ୍ଗଦ ହାତରେ ରାବଣଙ୍କୁ ଦେଇଥିବା ଚିଟାଉ ମଧ୍ୟ ଆସିଯାଏ । କିନ୍ତୁ ସେ ସମସ୍ତ ବାଦ୍ ଦେବାକୁ ପଡୁଛି ।

ମୂଳ କଥା ହେଲା, ଯେଉଁଠି ଭାବ ଦୋସ୍ତି ନାହିଁ, ସମ୍ପର୍କରେ ଘନିଷ୍ଠତା ନାହିଁ, କେତେକ ବିଷୟରେ ଏକାତ୍ମବୋଧ ନାହିଁ, ସେଠି ପ୍ରକୃତରେ ଚିଠି ଲେଖାଲେଖି ମଧ୍ୟ ନାହିଁ; ଏପରି କି ଏ ସମ୍ପର୍କ ଓ ଚିଠିଲେଖା ଭିତରେ ଗୋଟିଏ ଆନୁପାତିକ କ୍ଷୟ ବୃଦ୍ଧି ମଧ୍ୟ ଘଟେ । ସମ୍ପର୍କ କୋହଳ ଧରିଗଲେ ଚିଠିଟା ମଧ୍ୟ ଫାଙ୍କା ଆବାଜ ମାରେ; ଢିଲା ଉପରଠାଉରିଆ ହୋଇଯାଏ । କୃଷ୍ଣ ଏବଂ ଗୋପୀମାନଙ୍କର ସମ୍ପର୍କ ପତ୍ର ଆଦାନ-ପ୍ରଦାନ ପାଇଁ ବେଶ୍ ଅନୁକୂଳ । ଆଜିକାଲି ପରି ଡାକ ତା'ର ବିଭାଗ ଥିଲେ ବହୁ ଚିଠିପତ୍ର ଦିଆନିଆ ହୋଇଥାନ୍ତା । କିନ୍ତୁ ବିଚରା ଉଦ୍ଧବ ଗୋଟିଏ ଦ୍ୱାପର ଯୁଗର ରଥ ଚଢ଼ି ଯାହା ସାହାଯ୍ୟ କରିଛି ତାହା ଯଥେଷ୍ଟ । ଆଉ ଅଧିକ ଗୁଡ଼ାଏ ଚିଠି ଦିଆନିଆ ହୋଇଥିଲେ ମଧ୍ୟ ଅବସ୍ଥା ଅସମ୍ଭାଳ ହୋଇପଡ଼ିଥାନ୍ତା । ଅତଏବ ସମ୍ପର୍କରେ ନିବିଡ଼ତା ଯେତେ ବେଶି ଥିବ, ପରସ୍ପର ଠାରୁ ଦୂରେଇଗଲେ ଚିଠିଲେଖାର ପ୍ରୟୋଜନ ସେତେ ଗଭୀର ଭାବରେ ଅନୁଭବ ହେବ । ଏ କ୍ଷେତ୍ରରେ ଚିଠିଟିଏ ଆସି ପହଞ୍ଚିଗଲେ ପରସ୍ପର ଭିତରେ ଦୂରତା ଉଭେଇ ଯାଏ---ଜଣାଯାଏ ଯେମିତି ମନରାଜ୍ୟରେ ଦୁହେଁ ପୁଣି ମିଶିଯାଉଛନ୍ତି । ଜଣେ ତା' ଭିତରୁ କ'ଣ ଖୁବ୍ ଜଣାଶୁଣା, ପୁରୁଣା କଥାଗୁଡ଼ାଏ ତାର ଅଦ୍‌ଭୁତ ଭଙ୍ଗୀରେ କହୁଛି ଓ ଆଉ ଜଣେ ଶୁଣୁଛି । ଚିଠି ଭିତରେ ଲେଖିଲାବାଲା ଯେଉଁ ଆତ୍ମପ୍ରକାଶ କରେ ସେଇଟା ଯେତେ ସହଜ, ସ୍ୱାଭାବିକ, ଆଉ ଯେତେ ଖୋଲାଖୋଲି ହୋଇପାରିବ, ମନ ଭିତରେ ଏ ମିଶାମିଶି ସେତେ ଚମତ୍କାର ହୋଇପାରିବ । କିନ୍ତୁ ଆତ୍ମପ୍ରକାଶଟା ସେତିକି ସହଜ ହେବ ଯେତିକି ପୂର୍ବାପର ସମ୍ପର୍କଟା ନିବିଡ଼ ଥିବ ।

ଅତଏବ ଶରତ୍‌ରେ ନିର୍ମଳ ଚନ୍ଦ୍ର ମଣ୍ଡଳ ବିରାଜିଥିବ । ବହୁ ପୁରୁଣା କଥା ମନେ ପକାଇ ପ୍ରବାସୀ ବନ୍ଧୁ କାତର ହେବ । ତେଣିକି 'ପ୍ରଣୟ ପତର' ନ ଲେଖିଲେ ଆଉ ଗତି ନାହିଁ । ଚିଠି ଲେଖିଲାବେଳେ ସେ ଅପରକୁ ମନେ ମନେ ପାଖରେ ବସାଇ ମନ ଖୋଲି କଥା କହେ ଏବଂ ସେଇ ମାନସ-ଆଳାପ ହିଁ ହୁଏ ଚିଠି । ତାକୁ ପାଇ ପଢ଼ିଲା ବେଳେ ମଧ୍ୟ ଠିକ୍ ଏଇ କଥା ହୁଏ । ଦୂରରେ ରହିବା ବାଧା ସାମୟିକ ଭାବରେ ଉପଶମ ହୁଏ ବୋଲି ବନ୍ଧୁ ବନ୍ଧୁ ପରସ୍ପର ପାଇଁ ଚିଠି ଲେଖନ୍ତି । ଚିଠି ଲେଖା ଅନିବାର୍ଯ୍ୟ ହୋଇପଡ଼େ, ନ ଲେଖି ରହିହୁଏନାହିଁ । ନିରକ୍ଷର ମଧ୍ୟ ଭଡ଼ାଟିଆ ଚିଠି-ଲେଖାଳି ପାଖରେ ପଚିଶ କଥା ବଖାଣେ । ଚିଠିରେ ସେଥିରୁ ଭାଗେ ଲେଖାଁ ନହେଲେ ମଧ୍ୟ ତା'ର ସନ୍ତୋଷ ଆସିଯାଏ । ମନଖୋଲି ଭିତରର ଆବେଗଗୁଡ଼ିଏ ପ୍ରକାଶ କରିଦେଲେ ବିଶ୍ୱାସ ଲାଗେ । ଏପରି ଚିଠି ଆପେ ଲେଖି ହୋଇଯାଏ, ପରିଶ୍ରମ କରିବାକୁ ପଡ଼େନାହିଁ । ଏଥିରେ ଖୁବ୍ ଛୋଟ ଛୋଟ ଗୁଡ଼ିଏ ମାର୍ମିକ କଥା, ପରସ୍ପରର ଖୁବ୍ ଆପଣାର ଦୁଇ ଚାରି ପଦ କ'ଣ ଲେଖାହୁଏ; ଯଥା ରବୀନ୍ଦ୍ରନାଥ ପତ୍ନୀଙ୍କୁ ଲେଖୁଛନ୍ତି---"ଆସିଲାବେଳେ ଗୋଟାକେତେ ପାଚିଲା ଆମ୍ବ ଟୁକୁଣାରେ

Digitized by srujanika@gmail.com

ନେଇ ଆସିଥିବ ।" ଏହା ପଛରେ ଉଭୟଙ୍କର ଦୀର୍ଘ ଦାମ୍ପତ୍ୟର ବହୁ ବହୁ ଆତ୍ମଖିଆ ଘନିଷ୍ଠ ମୁହୂର୍ତ୍ତର ଭାବ ଓ ଆବେଗ ଲୁଚି ରହିଯାଇଛି---ଆମେ ବୁଝି ପାରିବା ନାହିଁ, କିନ୍ତୁ ନିଃସନ୍ଦେହ ଠାକୁର ପତ୍ନୀତାଙ୍କୁ ଖୁବ୍ ବୁଝିଯାଇଥିବେ ।

ଅସୁବିଧାଟା ଏଠି ନାହିଁ, ଅଛି ଏ ଭାବଗୁଡ଼ାକୁ ଭାଷାରେ ପ୍ରକାଶ କରିବାରେ । ଯେତେବେଳେ ସମ୍ପର୍କ ସେତେ ନିବିଡ଼ ନୁହେଁ, ଚିଠିରେ କେବଳ ଇଙ୍ଗିତଧର୍ମୀ ଚାରିପଦ ଲେଖିଦେଲେ ଚଳୁନାହିଁ, କାହିଁକି ନା ଉଭୟ ପକ୍ଷରୁ ବୁଝାମଣା ମାତ୍ରାଟା ଟିକିଏ କମ୍, ସେତିକିବେଳେ ଚିଠି ଲେଖାଟା ହୋଇଯାଏ ଗୋଟିଏ ସୂକ୍ଷ୍ମ କଳା । ଏଣୁ ତାକୁ ସମ୍ଭାଳି ତୁଲେଇବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ସବୁବେଳେ ପ୍ରଶ୍ନ ଉଠେ "କ'ଣ ଲେଖିବା ?" ଚାରିଆଡ଼େ ଢ଼ଗିବାକୁ ହୁଏ, କୌଣସି କଥା ମନକୁ ଷୋଳଅଣା ପାଏ ନାହିଁ । "ଏଇଟା ଲେଖିଲେ ସେ କ'ଣ ବୁଝିବ ? ....ଆରଟା ଲେଖିଲେ ସେ କ'ଣ ଭାବିବ ପରା ।" ପ୍ରାଣରେ ସନ୍ଦେହ, ଭୟ, ଆଶଙ୍କା । ମନରେ ଭାଷା ମଧ୍ୟସେମିତି ଆତ୍ମବିଶ୍ୱାସ-ହୀନ ବର୍ଣ୍ଣାଶୁଦ୍ଧି, ସ୍ୱରସନ୍ଧି, ସମାସ, ତଦ୍ଧିତ ପ୍ରତ୍ୟୟ ଆଦି ଧୂଆଁ ଭିତରେ ବାଟ ନ ପାଇ ଥ ଥ ମ ମ । କିଛି ପୁଣି ସ୍ଫୁରିଲେ ତ'ଲେଖିବ ! ଏଣେ ଗୁଡ଼ିଏ ଘଟଣା ଆଣି ଖଞ୍ଜିବାକୁ ହେବ । ସେଥିରେ ଅପର ପକ୍ଷର ଆଗ୍ରହ ଥିବା ଭଳି ହୋଇନପାରିଲେ ମୂଳରୁ ଅଶୁଦ୍ଧ ହୋଇଗଲା । ତାକୁ ପୁଣି ମନ ରଞ୍ଜେଇଲା ପରି ଚାଖି ଚାଖି ସୁଖବୋଧ ଭାଷାରେ ଲେଖିବାକୁ ହେବ । ଏପରି କଡ଼ାକଡ଼ି ନିୟମ ଭିତରେ କ'ଣ ସହଜେ ଚିଠିଟାଏ ଲେଖିହୁଏ ? ଆଣ୍ଠୁରେ ପଡୁ, ମୁଣ୍ଡରେ ପଡୁ ଯେଉଁମାନେ କେବଳ ଛାଞ୍ଚିନେବାରେ ବିଶ୍ୱାସ କରନ୍ତି ସେମାନେ ବୀରପୁରୁଷ । ଲେଖିଲାବେଳେ ଯାହା ମନକୁ ଆସିଗଲା — ଶାଗ, ମାଛ ତାକୁ ଅକଟା, ଅବଛା ଗଦେଇ ଥୋଇଦେଇ ମୁଦ ମାରିଦିଅନ୍ତି । ତେଣିକି ଖଲାସ । ତାଙ୍କୁ ଢ଼ଗିବାକୁ ପଡ଼େନାହିଁ । 'ହୁଁ' ବୋଇଲେ ଗଗନେ ଉଡ଼ିବାଲୋକ ସେମାନେ । ତାଙ୍କ ସମକକ୍ଷ ସମସ୍ତେ ହୋଇପାରିଲେ ନା !

ବଡ଼ ଭାଗ ଲୋକ କିନ୍ତୁ ଏପରି ପତ୍ରାଳପରେ ଛକା ପଞ୍ଝା ନୀତି ନନେଲେ ଲେଖି ପାରନ୍ତି ନାହିଁ । ବହୁ କଥାକୁ ଢ଼ଗିବାକୁ ହୁଏ ଯଥା କିପରି ଆରମ୍ଭ କରାଯିବ । 'ପ୍ରିୟ' ଶବ୍ଦ ହ୍ରସ୍ୱଇ ନା ଦୀର୍ଘଈ ଅଭ୍ୟାସ ନ ଥିଲେ ସନ୍ଦେହ ହେବା ସ୍ୱାଭାବିକ । ଚିଠିଲେଖା ଆରମ୍ଭରୁ ଅଭିଧାନ ଦେଖିବା ବଡ଼ ନୈରାଶ୍ୟଜନକ । ଆଗକାଳରେ କିନ୍ତୁ ଲେଖାର ଗୋଟିଏ ପଦ୍ଧତି ସମସ୍ତଙ୍କ ମୁଖସ୍ଥ ଥିଲା । ପ୍ରଥମ ପାଞ୍ଚଧାଡ଼ି ଆଖି ବୁଜି ଲେଖିସାରିବା ପରେ ଚିଠି ଆରମ୍ଭ ହେଉଥିଲା । 'ଶ୍ରୀ ଦୁର୍ଗେ ଶରଣ ! ଅମୁକଙ୍କୁ...ଇତ୍ୟାଦି ବାଞ୍ଛିତ । ଆମ୍ଭର ଏଠାରେ ସମସ୍ତଙ୍କ କୁଶଳ, ତୁମ କୁଶଳକୁ ପରମେଶ୍ୱର ମାଲିକ ଅଟନ୍ତି ।' ଏପରି କିଛି ବା ଟିକିଏ ଅଦଳ ବଦଳ କରି ନିର୍ମଳ ପାଞ୍ଚ ଧାଡ଼ି ଲେଖିଗଲେ ତେଣିକି ଚିନ୍ତା । ଏବେ କିନ୍ତୁ ଏପରି ଆରମ୍ଭ କଲେ ତେଣିକିଆଉ ନ ଲେଖିବା ଭଲ । କାରଣ ଆଧୁନିକ ବନ୍ଧୁ କ'ଣ ଆଉ ପଢ଼ିବେ ? ଏଣୁ ପ୍ରଥମରୁ ପ୍ରଥମ ବାକ୍ୟର ପ୍ରଥମ ପଦରୁ ସଂଘର୍ଷ ଆରମ୍ଭ ହୋଇଯାଏ---କେଉଁ ମାର୍ଗେ ଲେଖିବାକୁ ହେବ ! ବହୁ କଷ୍ଟରେ ଧରାଯାଉ ଖଣ୍ଡିଏ କାର୍ଡ଼ରେ ବଡ଼ ବଡ଼ ଅକ୍ଷରରେ ଭର୍ତ୍ତି କଲାଭଳି ଦୁଇ କଥା କ'ଣ ସ୍ଫୁରିଛି । ତେଣିକି ବାଗ୍‌ଦେବୀ ହଠାତ୍

Digitized by srujanika@gmail.com

ନୀରବ । ଯେତେ କାନେଇଲେ ଆଉ କେଉଁଠି ଟିକିଏ ହେଲେ ଝଙ୍କାର ଶୁଭୁନାହିଁ । ଏଣେ କିନ୍ତୁ ଆଜିକାଲି ଖଣ୍ଡିଏ ଅନ୍ତର୍ଦ୍ଦେଶୀୟ ପତ୍ର ଲେଖିବାକୁ ହେବ । ବହୁ ଦିଗରୁ ବିଚାର କଲେ ସେ ଚମତ୍କାର ନେଳିପିଠିଆ କାଗଜ ଖଣ୍ଡ ସରକାରଙ୍କ ଦୂରଦୃଷ୍ଟି ସୂଚାଉ ଥିଲେ ମଧ୍ୟ ଏଭଳି କେତେ ଜଣକୁ ଯେ ତାହା କିପରି ବିପତ୍ତି ସୃଷ୍ଟି କରେ ତାହା କ'ଣ ସେ କେବେ ଚିନ୍ତା କରିଛନ୍ତି ? ବାଁପାଖ ସୋରାକରେ କିଛି ଲେଖା ହେଲା

---ବାକି ପଡ଼ିଛି ନିଛାଟିଆ ଅପନ୍ତରା ପଡ଼ିଆ ପରି ଫାଳେ କାଗଜ । ସେତକ ଭର୍ତ୍ତି ହୁଏ କିପରି ? କେଇ ଜଣ ବିକଳ ହୋଇ ଏହି ଅବସ୍ଥାରେ ବିଭୁଙ୍କୁ ସୁମରଣା କରୁଥିବା ମଧ୍ୟ ଶୁଣାଯାଏ । ସବୁ କଥା ଲେଖା ହେଲା ନା ନାହିଁ ବୋଲି ପ୍ରାୟ ଦଶ ଥର ଆମୂଳ ପଢ଼ି ଆସି ସେମାନେ ବୁଝନ୍ତି ଯେ ଆଉ କୌଣସି କଥା ବାକି ନାହିଁ । ଲେଖାଯୋଖା ମାଇଁ, ମାଉସୀ ସମସ୍ତଙ୍କୁ ମାନ୍ୟ ଦିଆ ସରିଲାଣି । ଓହୋ ପ୍ରଭୁ, ଆଉ ଏତକ ଚିଠି କେମନ୍ତେ ପୂରିବ ? ଧରନ୍ତୁ ଅବସ୍ଥାଟା ପ୍ରାୟ ଏହିପରି---ଖଣ୍ଡିଏ ଆଜିକାଲିର ସରୁ ନଳିଆ ପୂରା ପେଣ୍ଟ ଜଣେ ପିନ୍ଧୁଛନ୍ତି ନିରୋଳାରେ ! ସେଇଟା ଆସି ଟିକିଏ ଆଣ୍ଠୁଉପରକୁ ଲାଖିଯାଇଛି । ନା ଉପରକୁ ଯାଉଛି ନା ତଳକୁ ! ଶରୀରର ଆଉ ଅଧିକ କିପରି ଘୋଡ଼େଇବେ ବୋଲି ସେ ନାକରେ କାନ୍ଦି ଗଲେଣି । ଏଣେ ଖସେଇ ମଧ୍ୟ ପାରୁନାହାନ୍ତି---ଟେକିବା ତ ଏକାବେଳକେ ଦୁଃସାଧ । କିନ୍ତୁ କୌଣସିପ୍ରକାରେ ଭିଡ଼ି ନନେଲେ ଆଉ ରକ୍ଷାନାହିଁ । ଅଗତ୍ୟା ଖଣ୍ଡେ, ତଉଲିଆ ଅଣ୍ଟା ପାଖରେ ଗୁଡ଼େଇଧରି ସେ ଅଳ୍ପ ନିଃଶ୍ୱାସ ମାରନ୍ତି । ସେହିପରି ଅଧାରେ ଲାଖିଯିବା ଚିଠିକୁ ପାଣିପାଗ ଆଦି ବିବରଣୀ ଏବଂ ବାଇଗଣ କ୍ୱଆ ଶୁଖିଲା ଦର ଲେଖି ଭର୍ତ୍ତି କରି ଦେବାକୁ ପଡ଼ିବ । ଚିଠି ସହିତ ଏ ଅଂଶର ଆଦୌ ସମ୍ପର୍କ ନାହିଁ । ଏଇଟା ଧରନ୍ତୁ ନିହାତି ଲଜ୍ଜା ନିବାରଣାର୍ଥେ ତଉଲିଆର ବେହେରଣ ମାତ୍ର ।

ଯା ପରେ ଲେଖକକୁ କ'ଣ ସ୍ୱାଭାବିକ ଅବସ୍ଥାରେ ଚିଠିଟାଏ ଲେଖିବାକୁ ଆଶା କରାଯାଇପାରେ ? ଚିଠି ନାଁ ଶୁଣିଲେ ସେ ବଳେ ଚମକିବ । ଭାବିବ ଆଉ ନୁହେଁ---'ନ ଗଙ୍ଗାଦତ୍ତ !'...ଚିଠି ନ ପାଇ ଯେ ଯାହା ଭାବିବେ ଭାବନ୍ତୁ... ଏ ସଂସାରରେ କିଏ କାହାର ? ଆସିଛୁ ଏକକ ଯିବୁ ତୁ ଏକଲା---ତୁଚ୍ଛାରେ ଏଥିରୁ ଗୁଡ଼ାଏ ନବରଙ୍ଗ ଲାଗିଛି । ...ସେ ଘୁମେଇ ଶୋଇଯାଏ । ଯଦି ଆଉ ପକ୍ଷ ବନ୍ଧୁଟି ସମଝିବାବାଲା ନ ହୁଏ ତେବେ ବନ୍ଧୁତା ମଧ୍ୟ କୋହଳ ପଡ଼ିଯିବା କଥା । ଏପରି ଚିଠି ଲେଖା ନ ହୋଇ କେତେ ଲକ୍ଷ ବନ୍ଧୁତା ଯେ ଭାଙ୍ଗୁଥିବ ତା'ର ଗଣନା ଦୁଷ୍କର । କିନ୍ତୁ କ'ଣ କରାଯାଏ ? ସରସ୍ୱତୀଙ୍କ କରୁଣା ନ ହେଲେ ତାକୁ କ'ଣ ଉପାୟ ଅଛି ?

ଲେଖିବାକୁ କଥାବସ୍ତୁବା ଭାଷା ନ ପାଇ ଅନେକେ ଏହିପରି ଚିଠି ଲେଖାରୁ ଓହରିଯାଆନ୍ତି । ନିଜର ଚାରିଆଡ଼କୁ ଅନେକ ବହୁ ଚମତ୍କାର କଥା ଓ ଅଭିଜ୍ଞତା ଚିଠିରେ ଲେଖିଲା ଭଳି ତାଙ୍କର ଶକ୍ତି ନ ଥାଏ । ମୋଟଉପରେ ତାଙ୍କ ଭିତରେ ବେଶ୍ ମାର୍ମିକ ଆନ୍ତରିକ ହୃଦୟବାନ୍ ବନ୍ଧୁଟିଏ ଅଛି, କିନ୍ତୁ କଳାକାର ନାହିଁ । ଚିଠି ଲେଖିବାକୁ ବହୁ ଉପାଦାନ ଅଛି, କିନ୍ତୁ ଲେଖିବ କିଏ ? ସବୁ ସମ୍ଭାଳି ପ୍ରଥମ ମାସେ ଦୁଇ ମାସ ଆବେଗର ହାତୁଡ଼ାରେ ଖଣ୍ଡେ ଦୁଇଖଣ୍ଡ ଲେଖି ହୋଇଯାଏ । ତା'ପରେ ମାଡ଼ିଆସେ

Digitized by srujanika@gmail.com

ଘୁମ । ଭାଷା ଚକରେ ଆଉ ତେଲ ନାହିଁ... ସେ ମୋଟ ଉପରେ ଗଡୁ ନାହିଁ, ପେଲି ପେଲି କେତେ ନେବ ?

'ପତ୍ର ଲିଖନ' ପରି ବିଦ୍ୟାରେ ଅଧମଙ୍କ କଥା ଆହୁରି କୁହାହୋଇନାହିଁ । କାଳେ ଆମ୍ଭ ପ୍ରକାଶ ପାଇଯିବ ବୋଲି ଲେଖକ ଘୋର ଶଙ୍କିତ---ତଥାପି କହିବାକୁ ହେବ । ଏମାନେ ହେଲେ ସେହି ଶ୍ରେଣୀର ଲୋକ ଯାହାଙ୍କ ଧାତୁରେ ଚିଠି ଲେଖା ଆଦୌ ଚଳେ ନାହିଁ । ଆଜିକାଲି 'ଏଲର୍ଜି' ବୋଲି ଗୋଟିଏ ରୋଗ ହୁଏ । ଦେହରେ ନ ଯିବା ଜିନିଷ ଖାଇଦେଲେ ଶରୀରଯାକ ଓ୍ୱାଉ ଫଳିଲା ପରି ଫଳିଯାଏ । ତତ୍‌କ୍ଷଣାତ୍ ଉପଚାର ନ କଲେ ଗଡ଼ି ଗଡ଼ି ପ୍ରାଣ ମଧ ଚାଲିଯାଏ । ସେହିପରି ଏମାନଙ୍କର ଚିଠିଲେଖା 'ଏଲର୍ଜି' ସୃଷ୍ଟି କରେ । ସେମାନେ ସ୍ୱାଭାବିକ ଅଳସୁଆ, ବେପରୁଆ, ଗପୁଡ଼ି ଏବଂ ସବୁ କଥାକୁ ସହଜେଇ ଦେବା ତାଙ୍କ ଧର୍ମ । ଯାହା ହୋଇଗଲେ ସୁଦ୍ଧା ତାଙ୍କର କିଛି ଯାଏ ଆସେ ନାହିଁ । ସୃଷ୍ଟି ଓଲଟି ଯାଉଥିଲେ ସେମାନେ ସାରୁ ଗଛ ମୂଳେ ବସିଯିବା ଲୋକ । ତାଙ୍କ ଦେଇ ତ ଚିଠି ଲେଖା ହୁଏ ନାହିଁ---ସେମାନେ କଣ କରିବେ ? ତା' ହେଲେ ସେମାନଙ୍କର କ'ଣ କାହା ସହିତ ଏପରି ନିବିଡ଼ ସମ୍ପର୍କ ହୋଇନାହିଁ ଯାହାପାଇଁ ସେ ଚିଠି ଲେଖିବାକୁ ବାଧ ହେବେ ? ସେଥିରେ ଅଭାବ ନାହିଁ---କିନ୍ତୁ କ'ଣ କରିବେ ? ଅଳସୁଆମିକୁ ଟପିଯିବା ଭଳି ଆବେଗ ଆସେ କମ୍ । ଆଜି ଯଦି ସଂକଳ୍ପ କରାଗଲା ସପ୍ତାହେ ପରେ ଆନ୍ତର୍ଦେଶୀୟ ପତ୍ର କିଣାଯିବ, ଠିକଣା ତାରିଖ ବସେଇ ତାକୁ ପନ୍ଦର ଦିନ ପକେଇରଖିବାକୁ ହେବ, ଭାବଗୁଡ଼ାକ ପାକଳ ଧରିବା ପର୍ଯ୍ୟନ୍ତ । ତା'ପରେ ଆଜି ଅଧେ ଦିଦିନ ପରେ ଆଉ ଅଧେ---ନାନା ବର୍ଣ୍ଣର କାଳିରେ ଚିଠି ସମାପ୍ତ ହେଲେ ମୁଦ ମାରି ପକେଇବାକୁ ଆଉଦିନେ । ଏପରି ବହୁ ପରିଶ୍ରମରେ ଚିଠି ଖଣ୍ଡିଏ ହୁଏତ ଯାଏ । ତା'ପରେ ଆଉ ଛ ମାସ ପାଇଁ ଛୁଟି । ଅଧମ ଶ୍ରେଣୀରେ ତଥାପି ଏମାନେ ହେଲେ ଉତ୍ତମ ବ୍ୟତିକ୍ରମ । ମାତ୍ର ଏ ଶ୍ରେଣୀର ଅଧିକାଂଶ ମୋଟେ ଚିଠି ଲେଖନ୍ତି ନାହିଁ । ଭାବନ୍ତି ଏକା ଥରେ ଦେଖାହେଲେ ସବୁ କହିଦେବେ । ଏପରି କାହାର ଯଦି ସେମିତି ଚିଠି ଲେଖାଳି ବନ୍ଧୁଟାଏ ଥାଏ ତେବେ ଅବସ୍ଥା ବାର'ଣ୍ଡା ଦି'କଡ଼ା । ଗାଳି ମାଡ଼ ଛେଚା ଖାଇ ପିଠି ବଜରା ହୋଇଯାଏ । ପିଟିପିଟି ଆର ପକ୍ଷ ଓହରି ନ ଯିବା ପର୍ଯ୍ୟନ୍ତ ଏ ପକ୍ଷ ଆଖି ବୁଜି ସବୁ ହଜମକରେ । ତାକୁ ସେ ଅବସ୍ଥାରେ ଆର ବନ୍ଧୁ ଥରେ ଦେଖିଲେ ଉଞ୍ଚେଇଲା ପାହାର ତଳକୁ କରିନିଅନ୍ତା । ହୁଏତ ଭାବନ୍ତା---ବନ୍ଧୁତା ପାଇଁ ଏ କାଳି କାଗଜର ମେହେନତ ସେମିତି କିଛି ଅପରିହାର୍ଯ୍ୟ ନୁହେଁ ।

❖❖❖

Digitized by srujanika@gmail.com

ନରକିନ୍ନର

ଅବଚେତନାର ଅନ୍ଧ ରାଜ୍ୟରେ ଗୁଡ଼ାଏ ଦୁଃସ୍ୱପ୍ନ ଦେଖିଲେ ଯେମିତି କ୍ଳାନ୍ତ ଲାଗେ, ଏ ବହିଟା ପଢ଼ିଲା ପରେ ପ୍ରାୟ ସେମିତି ଲାଗିଲା । ଚରିତ୍ରଗୁଡ଼ିକ ସବୁ ଖଣ୍ଡିଆ ଦଣ୍ଡିଆ---ଚରଣ ସିଂଙ୍କର ଅଙ୍ଗାର ଚିତ୍ର କିମ୍ବା ଶିମୁଳୀ ଗଛର ପଛଆଡୁ ଉଇଁଆସୁଥିବା ଫଟା ସୂର୍ଯ୍ୟଟା ପରି । ପଢ଼ିଲାବେଳେ ବରାବର ମନେହେଉଥାଏ ଆଉ ନ ପଢ଼ିଲେ ହୁଅନ୍ତା । କୋଇଲା ଧୂଆଁ, ସିଝା ମାଉଁସର ଫୁଗୁକୁଟିଆ ଗନ୍ଧ ଯେମିତି ଶ୍ୱାସରୋଧ କରନ୍ତି---ଓଃ, ସେ କେମିତି ଗୋଟାଏ ଆଫା ଆଫା ଲାଗେ, କିନ୍ତୁ ନଟେଇଯାଏ ଦେହର ଚାରିଆଡ଼େ ଦୁଃସ୍ୱପ୍ନର ଶିଆଳୀ ଲଟା, ଗୋଟାଏ ଦୁର୍ଜ୍ଜୟ ହାବୁକାରେ ପାଠକ ଗଡ଼ି ଚାଲେ । ତୀଖ ପାହାଡ଼ର ଦାଢ଼ ଉପରେ ପଛରୁ ବାଘ ହାଁକରି ଗୋଡ଼ାଉଥାଏ, ଝାଳନାଳ ହୋଇ ପ୍ରାଣମୂର୍ଚ୍ଛା ଧାଇଁବା କଥା, ଗାଉଁକିନା ବେକ ମୁଣ୍ଡାରେ ମାଡ଼ି ନ ବସିବା ପର୍ଯ୍ୟନ୍ତ ସେ ନିଦ ବି ଭାଙ୍ଗେ ନାହିଁ । ଓଃ, ନରକିନ୍ନରର ଗଳିକନ୍ଦି, ମନ ଭିତରର ଅପନ୍ତରା ନାଳ ନର୍ଦ୍ଦମା ବାସ୍ତବିକ କି ଭୟଙ୍କର ଭାବରେ ଅସ୍ୱସ୍ତିକର ! କିନ୍ତୁ ମଝିରେ ମଝିରେ ପାଠକ ତା'ର ଅଜ୍ଞାତସାରରେ ହସି ବି ପକାଏ । ଗୋଟାଏ କଣ 'ଠୋ' କିନା ଫାଟିଲାଣି ତ ଜଣେ କିଏ ପଚାରିଲାଣି--- "ହୋ ! ତୁମେ କିଏ ?" ଚରିତ୍ରଗୁଡ଼ାକ ବୀଭତ୍ସ ହେଲାବେଳେ ହାସ୍ୟୋଦ୍ଦୀପକ ହୋଇଛନ୍ତି ବେଳେ ବେଳେ । ଆଉ ଲେଖକଙ୍କ ଭାଷା ମଝିରେ ମଝିରେ ଏମିତି ମଜାରେ କଥାଟାକୁ ଅପ୍ରତ୍ୟାଶିତ ଭାବରେ ପ୍ରକାଶ କରିଦିଏ ଯେ, ନ ହସି ରହି ହୁଏ ନାହିଁ । କିନ୍ତୁ ଏ ହସ ସ୍ୱପ୍ନରେ ବିଲିବିଲେଇ ହସିଲା ପରି ମୁହୂର୍ତ୍ତକରେ ପୁଣି ମିଳେଇଯାଏ । ଚାରିଆଡୁ ନିବୁଜ ହୋଇ ଘେରିଆସେ ସେହି ଫୁଗୁକୁଟିଆ ଗନ୍ଧ, ସେଇ ନାଳ ନର୍ଦ୍ଦମାର କୋଇଲା ଧୂଆଁ ।

ଦୁଃସ୍ୱପ୍ନରେ ଛଟେଇ ହେଲାବେଳେ ଖୁବ୍ ଗହୀରରେ ମନହୁଏ, ଏ ନିଦ ଭାଙ୍ଗିଯାଆନ୍ତା କି ପ୍ରଭୁ । ଗଳାରୁ ଅଜଗରଟା ହୁଗୁଳିଯାଆନ୍ତା, ଦିନ ହୋଇଯାନ୍ତା । କିନ୍ତୁ ଦିନ ହୁଏ ନାହିଁ। ସାରା ଉପନ୍ୟାସଟା ଅନ୍ଧାରର ଉପନ୍ୟାସ । ସେ ମେଚକ ରାଜ୍ୟର ହିଂସ୍ର ଜନ୍ତୁ ଗୁଡ଼ାକ ଅନ୍ଧାରରେ ବିଚରଣ କରନ୍ତି । ଦିନର ଅବିମିଶ୍ର ଆଲୁଅରେ ସତେ ବା ସେମାନେ ବଞ୍ଚି ପାରିବେ ନାହିଁ । କାଠ କେବିନର ଅନ୍ଧାର, ପଚ୍ଛିମା ମାଇକିନା ଘରର ଅନ୍ଧାର, କବିରାଜ ପିଣ୍ଡାର ଅନ୍ଧାର ଭିତରେ ନିଜର ମିଆଁ ଘୁଙ୍ଗୁଡ଼ି ମାରେ, ଗୋଦରୀ ବୁଢ଼ୀ ଗୋଟାଏ ଉଷୁମ ଛାଇ ପରି ବିଚରଣ କରେ, ଚରଣ ସିଂ ଆଖି ତରାଟି ହାତ ଗୋଡ଼ ମୁଠା ମୁଠା କରି ଜାବ ପକାଇ ବିଡ଼ିବିଡ଼ି ହୁଏ । ଧୋବଧାଉଳିଆ ଲୋକଟାଏ

Digitized by srujanika@gmail.com

ଧୋବଣୀ ଘରକୁ ପଶିଯାଏ, କୁତିଟାଏ ନସଡ଼ ନସଡ଼ ହୋଇ ଘୁସୁରି ପଳାଏ । ଆଲୁଅ ଯାହା ବି ଆସେ ତା, ବି କିମ୍ଭୁତ କିମାକାର । ଲମ୍ବା ଲମ୍ବା ବୃଷାଳିଆ ଛାଇରେ ଗୁନ୍ଧି ହୋଇ ଛୋଟ ଡିବି ଆଲୁଅଟାଏ କିମ୍ବା ଉଞ୍ଚ ରାସ୍ତା ଉପରେ ମାଡ଼ିଯାଉଥିବା ମଟରଗାଡ଼ିର ଘାଉଁ ଘାଉଁ ହୋଇ ଦପ୍‌କିନା ଲିଭିଯାଉଥିବା ଆଲୁଅ, ଚିରୁଗୁଣୀ ନିଆଁ ପରି କୋଇଲା ଚୁଲିର ହଳଦିଆ ରୋଗଣା ଆଲୁଅ--- ସୂର୍ଯ୍ୟଟା ସୁଦ୍ଧା ସ୍ୱଚ୍ଛ ହୋଇ ଅଖଣ୍ଡ ଅବସ୍ଥାରେ ଜନ୍ମ ହୋଇପାରେନା ଏ ରାଜ୍ୟରେ । ପଞ୍ଚକୁ ଯେତେବେଳେ ଜର୍ଜ ଏକଗୋଡ଼ିଆ ଗରୁଡ଼ ସାଙ୍ଗରେ ଲଢ଼େଇକରେ ବା ତା'ପରେ ଧକ୍ ଧକ୍ ଜଳୁଥିବା ନଈବାଲିରେ ହୀରା ଖୋଜେ, ସେଇଟା ମଧ ଠିକ୍ ଦିନ ଆଲୁଅ ନୁହେଁ । ତା' ଭିତରର ନାନା ଜାତିର କ୍ଷୁଧା ଯେମିତି ବାହାରକୁ ଫାଟି ପଡୁଛି, ଜଳିଯାଉଛି । ତା'ର ବନ୍ଦିଶାଳାର ବିଜୁଳି ଆଲୁଅ ଗୋଟାଏ ହାଉ ହାଉ କୋଳାହଳ । ଏ ସମସ୍ତ ଅନ୍ଧାର କିନ୍ତୁ ଅତି ସ୍ୱାଭାବିକ ଭାବରେ ଉପଜୀବ୍ୟ ହୁଏ ସେ ଚରିତ୍ର ଏବଂ ଘଟଣାଗୁଡ଼ିକର । ସେମାନେ ଯାକୁ ଖାଇ ବଞ୍ଚନ୍ତି, ଯେମିତି ଦଳେ ରିକ୍‌ସାବାଲା ଗେଟାଏ ବୁଢ଼ୀମିଆଁ ଆଉ ଗୋଟାଏ ବାୟା ଗୋଦରୀ ବୁଢ଼ାଟାକୁ ଖାଇ ବଞ୍ଚିଛନ୍ତି । 'ଜାରଜାତକା' ତାକୁ ମେଡିକାଲ ନାଳରେ ଫୋପାଡ଼ିଲା ବେଳେ, ମଲା ମାଇକିନାର ଚମ ମନ୍ଥି ତାକୁ ଜୀଆଁଇଲାବେଳେ ବା ଧୋବଣୀ ଘରକୁ ଧୋବଧାଉଳିଆ ପଶିଲା ବେଳେ, ଆକାଶରେ ଆଲୁଅ ଟିପି ଦେଲେ ଖେଳ ଭଣ୍ଡୁର ହେଇଯିବ । ଆଖିଟାମାନ କୁମ୍ଭାଟୁଆ ପରି କରି, ସେଇ ପେଟା ଆଖିଆ ପରି---ପାଠକ ଯାହା ସେ ଅନ୍ଧାରରେ ନିରେଖି ନିରେଖି ଏ ମଣିଷ ଭୂତଗୁଡ଼ାକୁ ଲକ୍ଷ୍ୟ କରୁଥିଲା, ସବୁ ଧାଁ ଧାଁ ଧରିଯିବ । ମାକ୍‌ବେଥ୍‌ରେ ଯେମିତି ଆମୂଳଚୂଳ ଖାଲି ଅନ୍ଧାର---ଅନ୍ଧାର ନ ହେଲେ ମଣିଷ ମନର ପିଶାଚ ପିଶାଚୁଣୀ ଯେମିତି ଆଉ ଖୋଲାଖୋଲି କେଳି କରି ପାରିବେ ନାହିଁ । 'ଲା' ମିଜରବ୍‌ଲା'ରେ ଯେମିତି ଅନ୍ଧାରରେ ହିଁ ଛପି ଛପି ମଣିଷ ସନ୍ତୁଳୀ ହୁଏ ସନ୍ତାପରେ, ସ୍ନେହରେ, ଏପରି କି ପ୍ରେମରେ---ନର କିନ୍ନରରେ ସେମିତି ଆଲୁଅଟା ଗୋଟାଏ ଅବାନ୍ତର ପ୍ରଶ୍ନ । ତା'ର ପ୍ରୟୋଜନ ନାହିଁ, ଏଣୁ ସମୀଚୀନତା ମଧ ନାହିଁ ।

ଆଉ ନାରୀ ? ସେଗୁଡ଼ିକର ତ ତୁଳନା ନାହିଁ ! ଗୋଟାଏ ହୁଡ଼ା ହୁଡ଼ା ଦର୍ପଣରେ ନାରୀର ବିମ୍ବ ଦୋହଲୁଛି ଯେମିତି । କେତେବେଳେ ଗୋଡ଼ଟାଏ ଗୋଦର ତ କେତେବେଳେ ଜଙ୍ଘଗୁଡ଼ାକ ତାଳଗଛ ପରି, ପୁଣି ମୁଣ୍ଡଟା ଚଢ଼େଇ ମୁଣ୍ଡ ପରି ଗୁଆ ଗୋଟାଳିଟିଏ । କୋଢ଼ୀ ଖାଙ୍କରକେଶୀ, ବିରୂପା ଅନ୍ଧୁଣୀ ନାରୀଗୁଡ଼ିଏ । ଇବ୍‌ସେନ୍ ବା ବାର୍ନର୍ଡଶ ନାରୀକୁ ଗିଳନ୍ତା ଅଜଗର ରୂପରେ ହୁଏ ତ ଦେଖିଛନ୍ତି, କିନ୍ତୁ ବାହ୍ୟ ରୂପରେ ତା'ର ଏମିତି ବିକୃତି ବୋଧହୁଏ ସହିପାରିନାହାନ୍ତି । ଆଚାର୍ଯ୍ୟେ ମଣିଷର ପଙ୍କ ମନ୍ଥି ଯେଉଁ ଆଇଁସିଆ, କାଦୁଆ, ସିଣ୍‌ସିଣିଆ ମାଇକିନିଆଙ୍କୁ ପାଇଛନ୍ତି, ଦେଇଛନ୍ତି ସେମାନଙ୍କୁ ପାହାରେଲେଖା ତାଙ୍କ କଲମର ମୂଦ୍‌ଗରିଆ ଅଂଶଟାରେ । ଫଳତଃ ସେଗୁଡ଼ିକ ସମସ୍ତେ ବିକଳାଙ୍ଗୀ । ଗୋଦରୀବୁଢ଼ୀଠଉଁ ମିସେସ୍ ଆଡାମସ୍ ପର୍ଯ୍ୟନ୍ତ---ଆହା ! ଗୋଟିଏ ଚିତ୍ର ତାରକାର ଗ୍ୟାଲେରୀ କି ଆଉ ! ଠାଏ ଦି'ଠା' କ'ଣ ଟିକିଏ ସ୍ପୃହଣୀୟ ହୋଇଯାଇଛି, କିନ୍ତୁ ସ୍ଥୁଳତା ଅବ୍ୟାହତ ରଖି । ଧୋବଣୀ ବୋହୂ କାଠ ପଟାରେ ଲୁଗା ପିଟିଲାବେଳେ ତା'ର ହୁଡ଼ା ହୁଡ଼ା

Digitized by srujanika@gmail.com

ମାଉଁସର ସ୍ପ୍ରିଂ...ମାତ୍ର ତା'ର "ସବୁର୍ କର" ଚାହାଁଣୀରେ ଯାଏ ସବୁ ଭାସି । କଲେଜ ଝିଅଟିଏ 'ଜର୍ଜ'ର ରିକ୍ସାରେ ଚଢ଼ିଛି ଅଚାନକ ଭାବରେ । ଓଃ ! ପାଠକ ଭାବେ କିଛି ଗୋଟାଏ ଏଇଠି ଅବାଗିଆ ଦେଖାପିଆ ହେଇଯିବ ନା କ'ଣ ! କିନ୍ତୁ କାହିଁ---ସେ ଟୋକା ପିଠି କରି ଦେଇଛି ନାରୀର ଏ ସ୍ୱାଭାବିକ ରୂପକୁ । ଗୋଦରୀପାଳିତ, ଧୋବଣୀ-ବିମୋହିତ ଟୋକା କ'ଣ ସହଜେ ସ୍ୱାଭାବିକ ଆକାର-ଆୟତନ ଗ୍ରହଣ କରିପାରିବ ? ଚିରା ଗେଞ୍ଜି ଫାଙ୍କରେ ଝାଳ ସରସର ପିଠିରେ ଲୋମକୂପରେ ସେ ପିଉଥାଏ ଗୋଟାଏ ଶିହରଣ । ପରିଶେଷରେ କଚ୍‌କିନା ଗୋଟାଏ ପିନ୍ ଫୋଡ଼ି ହୋଇଗଲା କଞ୍ଚା ମାଉଁସରେ । ତା'ର ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟ ଯାହାହେଉ, ଏଠି ଦ୍ୱିତୀୟ ନାରୀଟିର ଇତି ।

ଏ ନାରୀଗୁଡ଼ିକ କିନ୍ତୁ ମଣିଷର ତଳୁଆ ମନର ନାରୀ । ବୋଧହୁଏ ସେଇ 'ପୋକ ମଣିଷ', 'ଘୁସୁରୀ ମଣିଷ'ନାରୀ ଏମାନେ; ଅବଚେତନାରେ ଜାନ୍ତବ ନାରୀଭାବ କେବଳ । ଧୂଆଁର ରୂପ ପରି କେତେବେଳେ କେଉଁ ରୂପ ଦେଖାଦେଉଛି । ହୁଡ଼ା ହୁଡ଼ା ଦର୍ପଣର ଏ କାନ୍ଥରୁ ସେ କାନ୍ଥକୁ ଦୋହଲି ଯାଉଛି ନାରୀ ରୂପ । ଗୋଟାଏ ଛେଉଣ୍ଡ ଜାରଜ ପିଲାପାଇଁ ନାରୀକୁ ମା' ଭଉଣୀ ରୂପରେ ଦେଖିବାର ସୁଯୋଗ ଯୁଟିନାହିଁ । ବୁଢ଼ା ମରିବା ପରେ ନାରୀ ସହିତ ତା'ର ଯେଉଁ ପ୍ରଥମ ମଧୁର ମିଳନ ହୋଇଛି ତାହାହିଁ ଯଥେଷ୍ଟ ସୂଚନା ଦିଏ କିପରି ନାରୀରନ୍ ସବୁ ଆହୁରି ଗହ୍ୱିତ ଉପନ୍ୟାସର ଅମାରରେ । ଏଣେ ପୁଣି ଅପୋଗଣ୍ଡ ଛାଡ଼ି କୈଶୋର, ତାରୁଣ୍ୟ, ତା'ପରେ ଯୌବନ ତା'ର ଅପ୍ରତିହତ ଗତିରେ ତା' ଛାତି ଭିତରେ କେମିତି ଗୋଟାଏ ରାସାୟନିକ ପ୍ରକ୍ରିୟା ସୃଷ୍ଟି କରି ଚାଲିଛନ୍ତି । ସେ ମଧ ବାଧ ହୋଇପଡ଼ି ଚାଲିଛି ଗୋଟାଏ ନା ଗୋଟାଏ ରାକ୍ଷାସୁଣୀ, ସର୍ବଗ୍ରାସୀନୀ ମାଇକିନିଆ ଖାପଚରେ । ହରି 'ମିସ୍ତ୍ରୀ'ର କଳା ରବରର ପବନଦିଆ ମାଇକିନିଆ, ଚରଣ ରାଓର ଅଙ୍ଗାର ଗିରା ଭିତରେ କୁହାଟୁଥିବା ଲଙ୍ଗଳା ମାଇକିନିଆ, ଏଣେ ପାଉଁଶୁଟି ବାଲି ମେଦ ଚାପରେ କମ୍ପାଉଥିବା ପଞ୍ଜାବିଣୀ ଏଗୁଡ଼ା ସବୁ ଏକ ଶ୍ରେଣୀର । କ୍ରମବର୍ଦ୍ଧିଷ୍ଣୁ ଜର୍ଜର ପୌରୁଷ ଉପରେ ଏ ସମସ୍ତଙ୍କର ଏକପ୍ରକାର ପ୍ରଭାବ । ପରିଶେଷରେ ଯେତେବେଳେ "ମା' କାଳୀ" ଆବିର୍ଭୂତା ହୁଅନ୍ତି ଏବଂ ଜର୍ଜର ନାକଖଣ୍ଡକ ଚୋବାଇ ଖାଇବାକୁ ସିରସିରେଇ ଉଠନ୍ତି, ଗୋଟିଏ ଶୋଷଣରେ ଜର୍ଜ ସମେତ ତାଙ୍କ ଉଦରରେ ଜୀର୍ଣ୍ଣ ହୋଇଯାଏ । କଂସେଇ କୁବେରର କନ୍ୟା ଅଭିଜାତ ପୁରୁଷ ଉପରେ ତା'ର ପ୍ରତିଶୋଧ ନେଇ ଶୋଇଯାଏ । ମୋଟ ଉପରେ ସ୍ୱାଭାବିକ ଚିରାଚରିତ ରୋମାଣ୍ଟିକ ପରମ୍ପରା ଉପରୁ ଏ ନାରୀଗୁଡ଼ିକୁ ଚାହିଁଲେ ଅଇ ଉଠିବ । ମନେହେବ ଏ ପିଶାଚୁଣୀ ପଙ୍କ୍ତା କେବଳ ମଣିଷର ମାଉଁସ ରକ୍ତ ପାରଣା ପାଇଁ ପାଟି ମେଲେଇ ହାଇଁହାଇଁ ହୋଇ ଧାଇଁଛନ୍ତି । ଯେଉଁ ପୁରୁଷ ନିଜ ବାନ୍ତି ଉପରେ ଲଟେଇ ହୋଇ ଗଡ଼ିବାକୁ ସୁଖ ପାଏ, ନିଜ ଝାଳ ସୁଙ୍ଘିଲେ ବିଭୋର ହୁଏ, ଦେହରୁ ବାମ୍ଫ ବାହାରିଲା ବେଳେ ସୁକୁଟା ମାଉଁସକୁ ଆଖିବୁଜି ରେକେଟେ, ସେଇ କେବଳ ଖାଇଯାଏ ଏ ମାଇପିଗୁଡ଼ାଙ୍କୁ । ବୀର ସାମଲ ସିନା ଗୋଦରୀ ବୁଢ଼ୀଟାକୁ ଖାଇଲା ବୋଲି ବୁଢ଼ୀ ଆକ୍ଷେପ କରେ, କିନ୍ତୁ ନଜିର ମିଆଁ ଠିକ୍ କହନ୍ତା କିଏ କାହାକୁ ଖାଇଗଲା ! ସେ ଯାହାହେଉ ଏ

Digitized by srujanika@gmail.com

ଝାଳସୁଙ୍ଘା ମଣିଷ ଆଉ କେହି ନୁହେଁ । ଗୋଟାଏ ଗୋଟାଏ ମୁହୂର୍ତ୍ତରେ ଆମେ ସମସ୍ତେ ଝାଳସୁଙ୍ଘା । ଏଇ ବାଷ୍ପବିଷାକ୍ତ ମୁହୂର୍ତ୍ତଟାହିଁ ନରକିନ୍ନରରେ ପ୍ରସାରିତ ହୋଇ କାଳର ରୂପ ନେଇଛି । ଏହି ମୁହୂର୍ତ୍ତର ପ୍ରଭାବରୁ ହିଁ ଉପନ୍ୟାସର ନାରୀ ସବୁ ବିକଳାଙ୍ଗୀ---ସେଇ ବିକଳାଙ୍ଗ, ମୁହୂର୍ତ୍ତର ରୂପାୟନ ଓ ହବଲମ୍ବ ।

ଚାରିତ୍ରିକ ରହସ୍ୟ ରହିଛି ପ୍ରକୃତରେ ପୁରୁଷଗୁଡ଼ାକ ଭିତରେ । ନଜିର୍ ମିଆଁଟା ବାସ୍ତବିକ୍ ସର୍ଦ୍ଦାର ଲାଖି ଲୋକଟାଏ । ବେଶ୍ ଗମ୍ଭୀର, ତା' ହିସାବରେ ବେଶ୍ ଜ୍ଞାନୀ, ବେଶ୍ ମୁରବୀପଣିଆରେ ପାକଳ ଲୋକଟାଏ । ନିଶକୁ ପଜେଇ ଅଳ୍ପ କହେ, କିନ୍ତୁ କହେ ଖୁବ୍ । ଅସହାୟ ରୁଗ୍ଣ ଅବସ୍ଥାରେ ଗୋଦରୀ ବୁଢ଼ୀର ଆଶ୍ରୟରେ ନଜିର୍ ମିଆଁ ବଞ୍ଚିଛି ଏବଂ କୃତଜ୍ଞତା ଦେଖାଇ ବୁଢ଼ୀକୁ ଆପଣେଇ ନେଇଛି । ତାର ହକ୍ ସେ କେବେ ସାବ୍ୟସ୍ତ କରିବାକୁ ଚେଷ୍ଟା କରିନାହିଁ । ତା' ଯେମିତି ଆଉ ଅନେକ ସତ୍ୟ ପରି ଗୋଟାଏ ସ୍ୱତଃସିଦ୍ଧ ଜିନିଷ । ସେ ବେପରୁଆ ତା' ହକ୍‌ଟାକୁ ଢିଲା କୋଟ୍ ପିନ୍ଧିଲା ପରି କାନ୍ଧରେ ଗଳେଇ ବସିଥାଏ । ଅନ୍ୟମାନଙ୍କଠାରୁ ସେ ଅଲଗା । ସତେ କି ଏଥିରେ ଟିକିଏ ଆଭିଜାତ୍ୟର ଇଙ୍ଗିତ ମିଳିଯାଏ, ଯେଉଁଟା ବୀର ସାମଲ ସହିପାରେ ନାହିଁ କି ଜର୍ଜ ସହିପାରେ ନାହିଁ । 'ବୀରା'କୁ ପୁଅ ପରି ପାଳି ଆଣି ବୁଢ଼ୀ କିନ୍ତୁ ପୁଅ ପାଇନାହିଁ; ପାଇଛି ଆଉ ଗୋଟାଏ ପୁରୁଷ---ଗୋଟାଏ ଷଣ୍ଢୁଆ, ହୁଙ୍କାପିଟା ପୁରୁଷ । ନିରୁତା କ୍ଷୀର ପରି ବୁଢ଼ୀର ବାତ୍ସଲ୍ୟ ଯାହା ଜର୍ଜ ଉପରେ ଅଜାଡ଼ି ହେବାର ଆମେ ଦେଖୁ, ହଠାତ୍ କେତେବେଳେ ଦହି ଛିଣ୍ଡି ଡାଉଁ ଆମ୍ବିଳିଆ ଧରିଗଲାଣି । ସତେକି ନାରୀ ପୁରୁଷର କେବଳ ଗୋଟିଏ ମାତ୍ର ସମ୍ପର୍କ---ବାକି ସବୁ କାଠିମରା, ଧରିମାରି ସୃଷ୍ଟି କରିଥିବା ସାମାଜିକ ପ୍ରବର୍ତ୍ତାଣ ।... "ଆବେ, ମା' କଣ ? ମାଇକିନିଆ ତ ମାଇକିନିଆ, ମା' ଫେର୍ କ'ଣ ବେ, ଓ କାହିଁକି ?" ମନେ ମନେ ଆଚାର୍ଯ୍ୟେ ଏମିତି ଚିହିଁକି ଉଠୁଥିବେ ପରା !---ବୁଢ଼ୀର ସିଝା ମାଉଁସକୁ ଘେରି ରହିଥିବା ସବୁଗୁଡ଼ିକ ଆଇଁଷଖିଆ ଅଣ୍ଡିରା । ପୁରୁଷର ଏହି ବିଶିଷ୍ଟ ରୂପ ଅତି ନିର୍ଭୁଲ ଭାବରେ ଦେଖାଦେଇଛି ଏ ସମସ୍ତ ଚରିତ୍ରରେ ଊଣା ଅଧିକ ରୂପ ନେଇ । ଜର୍ଜ ମାଧ୍ୟମରେ ଏଇ ଦୃଷ୍ଟିଭଙ୍ଗୀଟିର କ୍ରମବିକାଶ ହିଁ ପ୍ରକାଶ ପାଇଛି ।

ମାତ୍ର ନାରୀଟାକୁ ମା' ବୋଲି ଅନ୍ତତଃ ସ୍ୱୀକାର ନ କଲେ ପୁରୁଷ ସମ୍ଭବି ପାରିବ ନାହିଁ । ନାରୀ ମଧ୍ୟ ଗୋଟାଏ ଶୂନ୍ୟ ଭିତରେ ଝୁଲି ରହିଯିବ ଗୋଟାଏ ଅସମ୍ପୂର୍ଣ୍ଣ କବନ୍ଧ ପରି । ଗୋଦରୀଟାକୁ କେହି କେବେ ମା' ବୋଲି ଡାକିଦେଇନାହିଁ, କି ଜାରଜାତକା ଜର୍ଜ ତା' ଜୀବନର ଅନ୍ଧାରକୁ ମନ୍ଥି ତାକୁ ସମଝିଲା ବେଳେ କେଉଁଠି ହେଲେ ଖୋଜି ପାଇନି ମା'ର ଟିକିଏ ହେଲେ କୋଡ଼ ଉଷୁମ । ମେଣ୍ଢା ଛୁଆଟାକୁ ବୁଢ଼ୀ ତା' ତରଫରୁ କାନିରେ ଗୁଡ଼େଇ ବୁକୁ ପାଖରେ ଦୋଳେଇଚି । ତା'ର କଅଁଳିଆ କାନ ଯୋଡ଼ାକୁ ଦାନ୍ତେଇଚି, ନାକ ଆଗରୁ ଥୋପି ପଡୁଥିବା ଲୁହକୁ ତାଲୁ ଉପରେ ଘସି ତାକୁ ଛଳ ଛଳ ଆଖିରେ ଶୁଙ୍ଘିଚି । କିନ୍ତୁ କେହି ତାକୁ ମା' ବୋଲି ଡାକି ଦେଇ ନାହିଁ । ଡାକିଥିଲେ ସେ ହୁଏତ ଉଦ୍ଧରିଯାଇଥାନ୍ତା । ଜର୍ଜଠେଇ ତାର ବହୁ ଆଶା । ତଥାପି ଜର୍ଜ କିଛି ବୁଝିବା ଆଗରୁ ତା'ର ନିଶ ଗଜେଇ ଆସିଛି; ତେଣିକି ସିଂହ ବାଘ ପରି ହାଉଁ ହାଉଁ ଗୁଡ଼ାଏ ମାଉଁସ ଖାଇବା ବେଳ-

Digitized by srujanika@gmail.com

--ମା'କୁ ବୁଝିବା ବୟସ ଆଉ ନାହିଁ । ଏଇ ପୀଢ଼ ବଦଳି ବେଳେ ଜର୍ଜକୁ ଜରର ପ୍ରଳାପ ଭିତରେ ଦିଶିଛି ଗୋଟାଏ ଦୁଧ ପିଠଉ ପରି ହାତ । ଆକାଶର ସବୁଠୁ ଗହୀରିଆ ନେଳି ଭିତରୁ ସେଇଟା ନଇଁ ଆସିଛି---ଆଉ ତା' ମସ୍ତିଷ୍କ ଉପରେ ଆଞ୍ଚୁଡ଼ି ଯାଇଛି ପାଞ୍ଚଟା କ୍ଷୀରର ଗାର । ମୁହଁ ଉପରେ ସାଉଁଳି ଦେଇଛି ପାଣି ପଟିର ଶୀତଳ ହାତ । ଗୁଡ଼ାଏ ବତିଖୁଣ୍ଟ ଯାହାକୁ ସେ ଗଣିପାରୁ ନ ଥିଲା ହଠାତ୍ ଗୋଟିଏ ମୁହୂର୍ତ୍ତରେ ସକ୍‌କିନା ଏକ ହୋଇ ଯାଇଛନ୍ତି । ସେଇ ଗୋଟାଏ ପଛରେ ଲୁଚିଯାଇଛନ୍ତି ଅଗଣିତ ବତିଖୁଣ୍ଟ । ସେ ସେଇ ମୁହୂର୍ତ୍ତରେ ବିସ୍ମୟରେ ଡାକି ଦେଇଛି ମା' । ଜର୍ଜର ଏଇଟା ଗୋଟାଏ ଆବିଷ୍କାର ଯେଉଁଟା ଅନିବାର୍ଯ୍ୟ; କିନ୍ତୁ ଯେଉଁଟାକୁ ପୁଣି ଆଉ ଅଧିକ କରି କହିବାକୁ ବେଳ ବି ନାହିଁ । କିନ୍ତୁ ବୁଢ଼ୀ ପାଇଁ ଏଇଟା ତା' ଜୀବନର ଶେଷ କଥା । ବୁଢ଼ୀର ଡୋଳା ଚକା ଧରିଯାଇଛି, ସେ ମରିଯାଇଛି ବସନ୍ତରେ । ଜର୍ଜର ମୁହଁରେ ମଧ ବସନ୍ତର ଖୋଜ । କିନ୍ତୁ ଝଡ଼ରେ କାବତାଟିଏ ପରି ତା' ମନରେ ସାରା ଜୀବନ ପାଇଁ ଏ ଆବିଷ୍କାର ଡେଣା ମେଲିଛି । ଅବଶ୍ୟ ତାକୁ ଦେଖିବାକୁ ହେଲେ ଖୁବ୍ ନିରେଖିବାକୁ ହୁଏ । ନାରୀ ପୁରୁଷର ସମ୍ପର୍କରେ ଆଚାର୍ଯ୍ୟେ ଖୁବ୍ ଦେଖେଇଛନ୍ତି ନାରୀ କେମିତି ଗିଳେ ବା ଗିଳାଏ ତା' ପୁରୁଷଟାକୁ । କିନ୍ତୁ ଏଇଠି ମୋଡ଼ ଭାଙ୍ଗିଲାବେଳେ ତା'ର ମା' ରୂପଟାକୁ ସେ ଅସ୍ୱୀକାର କରିପାରି ନାହାନ୍ତି । ଯା' ପରେ କିନ୍ତୁ ଟୋକା ବୟସର ଅବୋଧ ପୀଢ଼ ଉପରେ ଅନ୍ଧାରରେ ଛପି ଛପି ବଢ଼ିଉଠିଛି ଛାଇ ପରି ଗୋଟାଏ ପୁରୁଷର ଭୂତ, ନାନା ଅଭିଜ୍ଞତା ଓ ପରିସ୍ଥିତି ଭିତର ଦେଇ ।

ଏହି ପରିସ୍ଥିତି ଓ ସାଇଁ ସାଇଁ ଛାୟାବାଜି ପରି, ସ୍ୱପ୍ନର କୁହୁଡ଼ି ପରି ଧାଇଁ ଚାଲିଥିବା ଅବସ୍ଥା ଚକ୍ରହିଁ ଉପନ୍ୟାସର ଅଦ୍ଭୁତ ରୂପକଳ୍ପକୁ ଜନ୍ମ ଦେଇଛି; ଆଉ ସୃଷ୍ଟି କରିଛି ସଣ୍ଢୁଆସି ପରି ପାଠକକୁ ଜାବୁଡ଼ି ଧରିବା ଶକ୍ତିଟାକୁ । ଧରାଯାଉ ବୁଢ଼ାର ହିକ୍‌କା ଉଠିବା ସମୟର ଚିତ୍ର । ଅନ୍ଧାରରେ ସିଂହିକା ଅସୁରୁଣୀ ପରି ଭୁଜ ମେଲେଇ ଆଖି ତରାଟ ଠିଆହେଇଚି ଗୋଟାଏ ନାରୀ, ଆଉ ଭୟରେ ଜଡ଼ସଡ଼ ଗୋଟାଏ ଅବୋଧ ଟୋକା । ପୁଣି ସେଇ ଅନ୍ଧାରରେ ରେଳ ଲାଇନ ଉପରେ ପିଶାଚୁଣୀ ବୁଢ଼ୀ, ନିଜର ମିଆଁ, ରେଳ କୋଇଲା । କାଠ କେବିନ୍‌ରେ ଗୋଦରୀ ବୁଢ଼ୀର ବିଶାଳ ଛାଇ । ଗୋଟିଏ ଗୋଟିଏ ବ୍ୟକ୍ତିକୁ କେନ୍ଦ୍ରରେ ରଖି ଏହିପରି ଅନେକ ଚିତ୍ର ରହିଛି । କିନ୍ତୁ ତାଙ୍କର ପ୍ରିୟ ଜନତାକୁ ଚିତ୍ର କଲାବେଳେ ଆଚାର୍ଯ୍ୟଙ୍କ କଲମରେ ଆଉ ବାଟୁଳି ବାଜେନାହିଁ । 'ମେଓ୍ୱା'ଟା ବେଶ୍ ଚମତ୍କାର ଶବ୍ଦଟାକୁ । କହିଲେ ପାଟିର ଦୈର୍ଘ୍ୟ ପ୍ରସ୍ଥ ସବୁ ପୁରି ଉଛୁଳିଯାଏ । ଗୋଟାଏ ଯାଦୁ ଶବ୍ଦ ପରି ତାକୁ ଥରେ ଉଚ୍ଚାରଣ କରିବା ଫଳରେ ପଦ୍ମତୋଳା ଶୁଣି ନାଗ ଫଣା ଟୋଳିଲା ପରି ଉଠିଲା କ୍ଷୁଧାର୍ତ୍ତ ଜନତା କୁହାଟମାରେ । କୁଷ୍ଠ ରୋଗିଆ, ମିମିଆଁ ଧୋକଡ଼ା ଲୋକଗୁଡ଼ାକ କଳଙ୍କ ଲଗା ଲୁହାପାତିଆ ଓ ବେଦରକାରୀ ଲୁହା ଜଙ୍କ୍‌ର କୁଢ଼ ପରି ଏ ପୋକ ମଣିଷର ମନ୍ଦା । କିନ୍ତୁ ସେଥିରେ ମାରାତ୍ମକ କ୍ଷୁଧାର ଦାଢ଼ ବି ଲୁଚି ରହିଛି । ଯଦି ଘେରିଯିବ ତେବେ ଲହୁଲୁହାଣ କରିଦେବ ମେଓ୍ୱାବାଲା ଓ ତାର ପ୍ଲାଷ୍ଟିକ୍ ମେଓ୍ୱା ପେନ୍ଥାକୁ ।

Digitized by srujanika@gmail.com

ଗୋଷ୍ଠୀ ଜୀବନର ଏ ହେଲା ପ୍ରଥମ ରୂପ । ଗାଉଁଲି ଅସହାୟ ମାଇପି ମରଦ ପିଲାଙ୍କର ଯେଉଁଠି ପଟୁଆର ଆସି ବୀର ହନୁମାନଙ୍କ ଗଛମୂଳେ ଟଙ୍କା କୁଢ଼ାନ୍ତି ସେ ଆଉ ଗୋଟିଏ ଅଦ୍ଭୁତ ରୂପ । ଏ ଉଭୟ ଆଉ ଠାଏ, ଆହୁରି ଅଧିକ ଗୁରୁତ୍ୱ ଓ ତାତ୍ପର୍ଯ୍ୟ ନେଇ ଆସିଛନ୍ତି । ଦେଢ଼ହଜାର ପାହାଚକୁ ଗୋଟାଏ ଗୋଡ଼ରେ ଆୟତ୍ତ କରୁଥିବା 'ଗରୁଡ଼ ଭଗବାନ'କୁ ଘେରି ଉନ୍ମତ୍ତ ଭକ୍ତଙ୍କର ଜୟଜୟକାରଏବଂ ପରମୁହୂର୍ତ୍ତରେ ଯେତେବେଳେ ଜର୍ଜ ତା'ର ପ୍ରାଣମୂର୍ଚ୍ଛା ପ୍ରୟାସରେ ଗରୁଡ଼କୁ ବୁଲେଇ ପିଟିଛି ଓ ସେ ତଳେ ପଡ଼ିଯାଇଛି, ସେଇ ଉନ୍ମତ୍ତ ଜନତା ଆହୁରି ଉନ୍ମତ୍ତ ହୋଇ 'ପର୍ଶୁରାମ ଅବତାର'ଙ୍କର ଗଗନ କମ୍ପା ସଂକୀର୍ତ୍ତନ ଆରମ୍ଭ କରିଦେଇଛି । ପରିଶେଷରେ ସେଇ ଅନ୍ଧୁଣୀ କୋଢ଼ୀ ଥିବା ପଟୁଆରରେ ଜର୍ଜ ପଶିଗଲାବେଳେ ପୁଣି ଆସିଛି ସେଇ ମେଓ୍ୱାଶବ୍ଦ । ଏ ଚାରୋଟିଯାକ ଚିତ୍ରରେ ଜନତା କେବଳ ଯେ ବାୟା, ଏକମୁଖିଆ, ଅବ୍ୟବସ୍ଥିତ ଚିତ୍ତ ବୋଲି ପ୍ରମାଣିତ ହୋଇଛି ତା' ନୁହେଁ, ବହୁଦିନର ଜନତା ଜନାର୍ଦ୍ଦନ ଦି'କଡ଼ାର ହୋଇ ଦାଣ୍ଡରେ ହାଟରେ ଗଡ଼ିଯାଇଛି ।

ଏ ଦିଗଟାକୁ ଅଡ଼େଇଗଲେ ବହୁ ପାହାଚ ଥିବା ମନ୍ଦିର ଓ ଗରୁଡ଼ର ରୂପକ ବେଶ୍ ଅର୍ଥପୂର୍ଣ୍ଣ ଗୋଟାଏ ଚିତ୍ର । ଧୂ' ଧୂ' ଦି' ପହରିଆ ବାଲିରେ ହୀରା ଖୋଜିବା ମଧ୍ୟ ସେହିପରି ଇଙ୍ଗିତଧର୍ମୀ, କିନ୍ତୁ ଉଭୟ ଯେପରି ମନେହୁଏ କ୍ଷୁଧାର୍ତ୍ତ ଜର୍ଜର ଉତ୍ୟକ୍ତ ମସ୍ତିଷ୍କର ବିକୃତି, କେବଳ ଭୟଙ୍କର ସ୍ୱପ୍ନଗୁଡ଼ାଏ । ଏହା ବ୍ୟତୀତ ଆଉ ଗୋଟାଏ ପ୍ରକାର ଚିତ୍ର ମଝିରେ ମଝିରେ ଆସିଛି । ବରଗଛମୂଳେ ରିକ୍ସା ରଖି ଅପେକ୍ଷା କରିଥିଲାବେଳେ ଶିମୁଳୀଗଛ ପଛଆଡ଼ୁ ସୂର୍ଯ୍ୟୋଦୟଟାଏ ହୋଇଛି ଓ ଶିମୁଳୀ ଗଛଟା ପରମୁହୂର୍ତ୍ତରେ ଜଳିଉଠିଛି । ବାଃ, ଫଟା ସୂର୍ଯ୍ୟଟାକୁ ମିଶେଇଲେ ମଧ୍ୟ ଏଇଟା ଯେ ଚେନାଏ କବିତା ଏଥିରେ ସନ୍ଦେହ ନାହିଁ । ଆଉଥରେ ଆକାଶ ଆସିଛି ଦୃଷ୍ଟି ଭିତରକୁ ଯେତେବେଳେ ଜର୍ଜ ତା' ଝରକାବାଟେ ବୁଢ଼ୀକୁ ଆଉ ନିଜର ମିଆଁକୁ ଝିକିମିକି ଭରା ହୋଇ ଚାହୁଁଥିବାର ଦେଖିପାରୁଛି ।

କିନ୍ତୁ ପରିସ୍ଥିତି ଗୁଡ଼ାକ କେତେ ଅପ୍ରତ୍ୟାଶିତ ଭାବରେ ଏବଂ କେଡ଼େ ଶୀଘ୍ର ବଦଳି ଚାଲିଛନ୍ତି---ସତେ ଅବା ମେଜିକ୍ ଲଣ୍ଠନ୍‌ର ସକ୍‌ସାକ୍ ବଦଳି ଯାଉଥିବା ଚିତ୍ରଗୁଡ଼ିଏ । ଲେଖକଙ୍କୁ କାଠକେବିନ୍‌ଟିରେ ଟିକିଏ ଫୁରୁସତ ଥିଲା ପରି ଜଣାଯାଏ । ଅମର ଫଳ ଖୋଜୁଥିବା ଗୋଟାଏ ଅନ୍ତକୋଷୀ କବିରାଜକୁ ବା ମଣିଷମାରୁ ଅପରାଧରେ ଜେଲ ଭୋଗି ଫେରିଥିବା ଗୋଟିଏ ପାଗଳା ଚରଣ ରାଓକୁ କେନ୍ଦ୍ରକରି ଜୀବନର ଗୋଟିଏ ଦୁଇଟି ମୌଳିକ ତଥ୍ୟର ଆଲୋଡନ କରିବାକୁ ଅବକାଶ ମିଳିଲା ପରି ଜଣାଯାଏ । ତା' ଭିତରେ କିନ୍ତୁ ଜର୍ଜର ଜୀବନଚକ୍ର ଗଡ଼ିଚାଲେ ଅବାରିତ ଭାବରେ । କୋଇଲାବୁହା, ରିକ୍‌ସାଟଣା, ପାଉଁରୁଟି ଦୋକାନରେ ଛିଟିପିଲା କାମ, ହରି ମିସ୍ତ୍ରୀ ଦୋକାନରେ ସାଇକଲ ସଜା, ଗୋଟାକ ପରେ ଗୋଟାଏ ଅକସ୍ମାତ ଆସି ପୁଣି ସେହିପରି ଅଚାନକ ଚାଲିଯାନ୍ତି । କିନ୍ତୁ ଏ ସବୁ ଘଟେ ଗୋଟାଏ ନିର୍ଦ୍ଦିଷ୍ଟ କକ୍ଷ ଭିତରେ । ଗୋଦରୀ ବୁଢ଼ୀ ଓ କାଠକେବିନ ତାର କେନ୍ଦ୍ର । ଜର୍ଜ ନାନା ଚିନ୍ତା କରି କେବଳ ନାରୀ ପୁରୁଷର ଅଦ୍ଭୁତ ସମ୍ପର୍କ ବୁଝିବାକୁ ଚେଷ୍ଟା କରି ଚାଲିଛି ଏ ସମସ୍ତ ପରିସ୍ଥିତି ଭିତରେ । ଶେଷରେ ଗୋଦରୀ ଠୋ' କିନା ମରିଯାଇଛି ପାଣି

Digitized by srujanika@gmail.com

ଟୋପାଏ ପିଇବାକୁ ନ ପାଇ ଏବଂ ଟୋକାଟା ଛିଟିକି ପଡ଼ିଛି ତା କକ୍ଷ ଭିତରୁ । ତେଣିକି ସବୁ ବାରଚାଉଳିଆ ଧରିଯାଇଛି, ଧରିଯିବା କଥା ମଧ୍ୟ । ବଢ଼ି ଆସୁଥିବା ପୁରୁଷ ପିଲାଟା ହଠାତ୍ ଘୋଡ଼େଇ ହେଇଯାଇଛି, କିନ୍ତୁ ଉପରକୁ ଉଭାରି ଆସିଛି ଅମୃତ-ଫଳ ବାଉଳା ବା ହୀରା-ଖୋଜାଳୀ ଗୋଟାଏ କଳାଆଖିଆ ଚାଲାକ ଟୋକା । ଜୀବନଟା ଯାକ ସେ ବିଚାରା ପାଇଁ କେବଳ ବିସ୍ମୟ ମୂଳରୁ ଶେଷଯାଏ । ତା'ର ଅପରିପକ୍ୱ ମନରେ, ଦେହ ଉପରେ ହାଉଁ ହାଉଁ ହୋଇ ହାତୁଡ଼ି ବାଡ଼ିଆ ଚାଲିଛି---ଧର୍ମ, ରାଜନୀତି, ବିଜ୍ଞାନ---ସବୁ ପୁଣି ଗୋଟାଏ ଉତ୍କଟ ଯୌନଜ୍ୱରାକ୍ରାନ୍ତ ତାପ ଗୃହ ଭିତରେ । ଘାଟନିକ ସମ୍ପର୍କ ଏଠି ବଡ଼ ଶିଥିଳ । ପଥରର ଲକ୍ଷ୍ମୀକୁ ସେବା କରୁଥିବା ଚା'ବିକାଳି ବାବାଜିକୁ ଖୋଜି ଜର୍ଜ ପଲଟଣ୍ ପଛରେ ଏକାକୀ ଚାଲିଥିବା ଗରୁଡ଼ ସହିତ ଯୁଦ୍ଧ କରେ । ତା' ପର ମୁହୂର୍ତ୍ତରେ ପାଗଳ ଜନତାର ଭଉଁରୀ ଭିତରୁ ଖସି ପଳେଇ ଆସି ବାଲିରେ ଗୁଡ଼ାଏ ହୀରା ଖୋଜେ ଓ ସେଇ ପେଚାଆଖିଆର ଗାଡ଼ିରେ କିଛି ବୁଝିବା ପୂର୍ବରୁ ପହଞ୍ଚିଯାଏ ମଣିଷ ମସ୍ତିଷ୍କର କାରଖାନାରେ । ରାଜନୀତି, ପୃଥିବୀର ମାଲିକପଣିଆ ପାଇଁ କୂଟ ଚକ୍ରାନ୍ତ, ବିଜ୍ଞାନ ମାଙ୍କଡ଼ ଓ ସେ ମାଙ୍କୁଡ଼ିଆ ଗଛର ମେଓ୍ୱା

---ଏଗୁଡ଼ାକ ସବୁ ଜର୍ଜର କୋଠରୀ ଭିତରର ବିଜୁଳି ଆଲୁଅ ପରି ଅସହ୍ୟ ହେଉ ! ଗୋଟାଏ ବାଲ୍‌ଟି ନ ହେଲେ ବାସ୍ତବିକ ଆଉ ଆତ୍ମରକ୍ଷାର ଉପାୟ ନାହିଁ ।

ଅନ୍ଧାରୁଆ ଉତ୍ତପ୍ତ ଅବଚେତନାର ରାଜ୍ୟରେ ପାଠକ ଘୋସାଡ଼ି ହୋଇ ବାମ୍ଫୁଆ କାଳିଆ ଘୋଡ଼ା ପରି ସ୍ୱପ୍ନ ପିଠିରେ ଚଢ଼େ । ବହୁବାର ଚମକେ । ଟିକିଏ ମନ ମଜି ଘୁମେଇ ଆସିଲାବେଳକୁ କାନ ପାଖରେ ଗୋଟାଏ କିଏ ଏଡ଼େ ପାଟିରେ କହୁଛି, "ହୋ, ତମେ କିଏ ?"

---ନ ହେଲେ ସେହି ଅବସ୍ଥାରେ ମଝି ଶିରା ହାଡ଼ ଉପରେ କାକର ଧଣ୍ଡଟାକୁ ଓହଳେଇ ଦେଉଛି । ଭୂମି ଉପରେ ମେଦିନୀ ହୁଡ଼ାହୁଡ଼ା ହୋଇ ଭାଙ୍ଗିପଡୁଛି ଅସ୍ଥିର ଘଟଣା ପରମ୍ପରା ଭିତରେ । ଆଚାର୍ଯ୍ୟେ ଯେପରି କହୁଛନ୍ତି, "ଆହା, ଜୀବନରେ କେବେ ଗୋଟାଏ ଆଦ୍ୟ, ମଧ୍ୟ, ପ୍ରାନ୍ତ ଥାଇ ଗପ ଭଳି ସରଳ ଘଟଣାର ସୂଅ ଦେଖିଛ ? --- ଦେଖିନା ତ, ଫେର୍ ଏଠି କାହିଁକି ଏମିତି ଡିଆଁ ମାରିବାକୁ ଅସୁଖ ଲାଗୁଛି ! ଗୁଡ଼ାଏ ଡିଅଁ, ଗୁଡ଼ାଏ ଝାଳ ବୋହୁ । ତା ପରେ ମର । ମୁଁ ସେଥିପାଇଁ ତୁମକୁ ଖେଞ୍ଚିବି, ତମକୁ କୁତୁକୁତୁ କରିବି । ତମ କାନ ପାଖରେ ଜୋର୍‌ରେ କୁର୍‌ର୍ କରିବି । ଏଠି ଶାଳା ଘୁମେଇବା ମନା, ଘୁମେଇଲେ ମଲ ।"

ମୋଟ ଉପରେ ଉପନ୍ୟାସଟା ଉଠାଏ ନାହିଁ କି ପକାଏ ନାହିଁ । ଗୋଟାଏ ଘଣି ଚକ୍‌ରରେ ଖାଲି ପୂରାଏ, କ୍ଳାନ୍ତ କରେ । ସବୁ ଚରିତ୍ର କୋଇଲା ରଡ଼ପରି ଚେଙ୍ଗି ଦିଅନ୍ତି; କିନ୍ତୁ କାହାରି ପ୍ରତି ସହାନୁଭୂତି ବା ସମ୍ମାନ ଟିକିଏ ଆସେ ନାହିଁ; ଏପରି କି ବୁଢ଼ା, ବୁଢ଼ୀ, ଜର୍ଜ, ନଜିର ମିଆଁ ପାଇଁ ମଧ୍ୟ ନୁହେଁ । ଆଦର୍ଶବାଦ ପାଇଁ ଉପନ୍ୟାସର ସଦର ଦର୍ଜା ବନ୍ଦ । ଶେଷକୁ ଜର୍ଜ ଯେତେବେଳେ ତା'ର ଅପତ୍ୟ ଭିତରେ ସାରା ସଂସାରଟାକୁ ପାଇଛି, କାଳେ ଆଦର୍ଶବାଦିଆ ହୋଇଯିବ ବୋଲି ବୋଧହୁଏ ଗୋଟାଏ ଅବୋଧ ପାଗଳ ପରି ସେ ପୁଣି ଡାକିଛି ମେଓ୍ୱା ଦିଅ

Digitized by srujanika@gmail.com

---ଏମାନଙ୍କୁ ମେଓ୍ୱା ଦିଅ । ଫୁଲି ଆସୁଥିବା ପୁରୁଣା ଭାବଧାରାର ବେଲୁନଙ୍କୁ କଣ୍ଟାରେ ଭୁସ୍ କରି ଫୋଡ଼ିଦିଅନ୍ତି ଲେଖକ। କହନ୍ତି, 'ହୋ, ତମେ ବହୁତ ଫାନୁସ ଉଡ଼େଇଲଣି, ତମେ ତମ ବାଡ଼ିଆଡ଼ ନର୍ଦ୍ଦମା ଦେଖିଛ---ଯାହାକୁ ତାଟି ପକେଇ ନିଜର ବୋଲି ତମେ ସ୍ୱୀକାର କର ନାହିଁ ? ସେଠିକି ଆସ, ତମ ନାକ ଘସି ମୁଁ ତୁମକୁ ତାଜୁବ୍ କରୁଚି ।

ନରକିନ୍ନରରେ ନରର ମାତ୍ରା ବଡ଼ କମ୍ । କିନ୍ନର ମାଳ ମାଳ ଅଙ୍ଗାର ଚିତ୍ର ପରି ବହିଟାର ଖୋଳ ପର୍ଯ୍ୟନ୍ତ ଜରିଯାଇଛି । ସାହସର ସହିତ ତାକୁ ଜାହିର କରିବା ବହୁ ଦିନରୁ ଆବଶ୍ୟକ ଥିଲା ଓଡ଼ିଆ ସାହିତ୍ୟରେ । ସେଇଟା ହେଲା ହାଚାର୍ଯ୍ୟଙ୍କ ହାତରେ । ବେଶ୍ ବଳୁଆ ଉପନ୍ୟାସଟାଏ ହେଇଚି ନରକିନ୍ନର, ଆଉ ବେଶ୍ ଚମକେଇଲା ପରି ହେଇଛି ତା'ର ଦୃଷ୍ଟିଭଙ୍ଗୀ । ସେ ନିଜେ ଆଉଠାଏ କହିଲା ଭଳି ଥୁଣ୍ଟା ଗଛ ଶିଖରେ ଏକଗୋଡ଼ିଆ ଠିଆହୋଇ ସେ ଆକାଶକୁ ହାତ ବଢ଼େଇ ଡାକିଛନ୍ତି, "ମତେ ଧ" । ଆକାଶ ନଇଁଆସୁ ତାଙ୍କୁ କାଖକରିବାକୁ ଓ ତା' ସାଙ୍ଗେ ସାଙ୍ଗେ ଭାଷା ଓ ସାହିତ୍ୟଟାକୁ ।

❖❖❖

Digitized by srujanika@gmail.com

ପରଜା

ଖୁବ୍ ତିଖ ଗୋଟାଏ ପାହାଡ଼ ଉପରୁ ପାଞ୍ଚଟା ଢିମା ପଥର ତଳକୁ ଖସେଇଦେଇ ଜହ୍ନପକ୍ଷ ନିଃଶବ୍ଦ ରାତିରେ ତାଙ୍କର ହାଲୋଳି ଖାଇ ଅସହାୟ ଭାବରେ ଗଡ଼ିଯାଉଥିବା ଶବ୍ଦକୁ କାନରେ ରଖିଲେ ଯେମିତି ଲାଗନ୍ତା, ଗଦ୍ୟ ସାହିତ୍ୟର ଏ ବିୟୋଗାନ୍ତକ ପୁରାଣଟାକୁ ପଢ଼ି ପ୍ରାୟ ସେମିତି ଲାଗିଲା । କାହିଁ କେଉଁ ଅଜଣା ଗହୀରରେ ଉଛୁଳି ବୋହି ଯାଉଥିବା ଝୋଲା ଭିତରକୁ ଧୂମ୍‌ଧଡ଼ାସ ଢିସ୍‌ଢାସ ହୋଇ ଏଗୁଡ଼ାକ ଗଡ଼ି ଯାଆନ୍ତି । କିନ୍ତୁ ସବୁଠାରୁ ବେଶି କରୁଣା ଲାଗେ ଯେତେବେଳେ ସେଇ ପୁରୁଣା ଚକା ପଥରଟା ମଝିରେ ମଝିରେ ଟିକିଏ ରହି ରହି ଗଛକୁ ପାହାଡ଼ର ଶିଖକୁ ଅନାଏଁ--କିନ୍ତୁ ଅଣାୟତ୍ତରେ ପୁଣି ଗଡ଼ି ଚାଲିଯାଏ, ଭିଡ଼ିହୋଇ ହାହାକାର କରି । ମଝିରେ ମଝିରେ ମନେହୁଏ, ହେଇ ସେଇ ଶାଖା ମେଲେଇ ମଜବୁତ୍ ଠିଆହୋଇଥିବା ଟାଣୁଆ ଶାଳଗଛଟା ମୂଳରେ ଏଥିରୁ ଅନ୍ତତଃ ଗୋଟାଏ ରହିଯିବ ନା କ'ଣ ! ହେ, ସେଇ ମୋଡ଼ଠି ବାକି ସବୁ ଘୋସାରି ହେଇ ଆଣ୍ଠୁ ଗଣ୍ଠି ଛିଡ଼ୁ ପଛକେ ଅଟକି ଯିବେ ନା କ'ଣ ! କିନ୍ତୁ ଖାଲି ମୁହୂର୍ତ୍ତେ ପାଇଁ ନିଶ୍ୱାସଟାଏ ଛାଡ଼ିଦେଲେ ପୁଣି ସେଇ କରୁଣ ଆର୍ତ୍ତନାଦ ଶୁଭେ---ଧୂମ୍ ଧଡ଼ାସ୍ ଢିସ୍ ଢାସ୍ ! ପରିଶେଷରେ ଝୋଲା ପାଣିରେ ସବୁ ଝସେଇ ପଡ଼ନ୍ତି ଚିଲି, ବିଲି, ଟିଡ୍ରା, ମାଣ୍ଡିଆ, ଶୁକ୍ରୁ । କାହାଣୀର ସମାପ୍ତି ହୁଏ ସେଇ ପାହାଡ଼ମୂଳିଆ ଗହୀର ଅନ୍ଧାରରେ । କିନ୍ତୁ ଢିମା ପଥରଗୁଡ଼ାକ ଡୁମା ହୋଇ ପବନରେ ପହଁରି ଆସନ୍ତି । ପରଜା ଉପନ୍ୟାସର କବିତା ଆତ୍ମା ପାହାଡ଼ ଛାତିରେ ପିଟିହୋଇ ଭାଙ୍ଗି ଚୁରି ବିଛି ହୋଇଯାଏ । ଜହ୍ନ ଆଲୁଅରେ ପାହାଡ଼ ଶିଖର ଭସାଣିଆ ରଣ କୁହୁଡ଼ି ସେମିତି ଘାଲେଇ ଶୋଇରହେ । ଦୂର ଗାଁର ଗୋଟାଏ ଏକୁଟିଆ ଡୁଙ୍ଗା ଶୁଭେ କି ନ ଶୁଭେ । ହଠାତ୍ ପାଠକ ଭାବେ ଯେ ସେ ଗୋଟାଏ ଦୋନଳୀ ଧରି ଜଙ୍ଗଲ ଗାରଡ଼ ପରି ପଥରଗୁଡ଼ାକ ଗଡ଼େଇ ଦେଇ ସେ ତିଖ ଉପରେ ଠିଆରହିଛି । ଦୋଷୀ ପରି ସେ ଗଛ ଗହଳରେ ଲୁଚିଯାଏ । ପାଦତଳେ ଧରତିନ୍, ମୁଣ୍ଡ ଉପରେ ଆକାଶ, ଚାରିଆଡ଼େ ଢିମା ଢିମା ପୋଡୁ ଚାଷର ପାହାଡ଼ ତାକୁ ତଡ଼ି ନିଅନ୍ତି ତା' ଗୁହା ଭିତରକୁ । ତାକୁ ଛି'ଛା ଲାଗେ, ବିକଳ ଲାଗେ, ସେ କାନ୍ଦ କାନ୍ଦ ହୁଏ । ଉଷୁମ ଲୁହାଗୁଡ଼ାକୁ ଢୋକିଦେଇ, ଦାନ୍ତକୁ ଦାନ୍ତ ଚାବି ପୋଥି ବନ୍ଦ କରି ଥୋଇ ଦିଏ । କେତେବେଳକେ ଭିତରର ଅନ୍ଧ ବିଦ୍ରୋହ ରାମଚନ୍ଦ୍ର ବିଶୋଇ ଉପରେ ଆହୁରି ଦି' ଚାରି ଚୋଟ ହାଣି ଥମିଯାଏ । ସେତେବେଳେ ମନେପଡ଼େ ଯେ ସେ ପାଠକ, ଗୋପୀନାଥ ମହାନ୍ତି ଲେଖକ ଏବଂ 'ପରଜା' ଓଡ଼ିଆ ଭାଷାରେ ଲିଖିତ ଖଣ୍ଡିଏ ଉପନ୍ୟାସ ।

Digitized by srujanika@gmail.com

ସମଗ୍ରଉପନ୍ୟାସଟା ମେଲିହୋଇଯାଇଛି ଏକ ନିରାଡ଼ମ୍ବର ସ୍ୱପ୍ନ ପରି । ସଂଗୀତ, ଯୌବନ ଓ ଗୁଡ଼ାଏ ସ୍ୱାଭାବିକ ହସ ଆଉ କାନ୍ଦ ଭିତରେ ଜୀବନର ଯେଉଁ ଅଧ୍ୟାୟଟାରେ ଆସେ ଜଟିଳତା, ସେଇଟାକୁ ପରଜା ପରମ୍ପରା ବହୁ ଆଗରୁ ସରଳ ଓ ସହଜ କରି ଦେଇଛି । ପୂର୍ବପୁରୁଷଙ୍କର 'ଡୁମା'କୁ ପ୍ରତି ନିଶ୍ୱାସରେ ପିଇ ତାଙ୍କ ମଶାଣି ପଥର ଚାରିଆଡ଼େ ଘେରି ତାଙ୍କ ଜୀବନର ଧାରା ଗଡ଼ିଚାଲେ ନିରଳସ ଡୁଙ୍ଗୁଡୁଙ୍ଗାର ମତାଣିଆ ସୁରୁ ପରି, ଅବିକୃତ ମନର ତାତି ମିଶା ପରଜା ଟୋକାର ଗୀତ ପରି । ମଳି ଧୂଳି ନ ଥିବା ନିରାବରଣ ତାଙ୍କର ଯୌବନ । ପାହାଡ଼ କୋଡ଼ରେ ଛଳଛଳେଇ ବୋହିଯାଉଥିବା କୁଆଁଆଖିଆ 'ଝୋଲା'ର ଧାର ପରି ସେ ଯୌବନର ଉଦ୍ଦାମ ଗତି । ସେଥିରେ ଲୁଚେଇବାର କିଛି ନାହିଁ । ଅତି ସହଜ, ଅତି ନିତିଦିନିଆ ପରିଚିତ ତା'ର ପଦ୍ଧତି । ପାହାଡ଼ ଦେହରେ ଛାଇ ଯେମିତି ଲାଗି ରହିଥାଏ, ସୂର୍ଯ୍ୟ ଚନ୍ଦ୍ର ଥିବାଯାଏ ଗୋଟାଏ ଗୋଟାକୁ ଛାଡ଼େ ନାହିଁ, ସେମିତି ଖୋଲା ଖୋଲି ଜୀବନର ସାଥୀ ବାଛି ନିଆଯାଏ ପରଜା କୁଳର ପୁଅ ଝିଅଙ୍କ ଭିତରେ । ବଡ଼ ସରଳ ଓ ପୁରୁଣା ତାଙ୍କର ଅନୁଷ୍ଠାନ, ଦିଶାରୀର ତାରା ଗଣତି ପିତ, ମଶାଣି ପଥରରେ କୁକୁଡ଼ା ଡିମ୍ବ ଭାଙ୍ଗିବା ପରି । ମୁଣ୍ଡିଆ ଉପରେ ମନ୍ଦାଏ କୁଡ଼ିଆକୁ ଘେରି ରହିଛି ଯେଉଁ କେଉଁକାଳର ବନସ୍ତ, ଇମାଢିମା ଢେଉଢେଉକା ପାହାଡ଼, ଆଉ ହାବୁକେଇ ଉଠୁଥିବା ହିଡ଼ ଗଡ଼ି ନ ମାନି ବୋହିଯାଉଥିବା ଝରଣା, ସେ କୁଡ଼ିଆ ଭିତରର ଜୀବନକୁ ମଧ୍ୟ ମଞ୍ଜ ପର୍ଯ୍ୟନ୍ତ ତିନ୍ତେଇ ରଖିଛି । ଏ ମଣିଷଗୁଡ଼ା ତାଙ୍କ ପରିବେଶରୁ ବାରି ହୁଅନ୍ତି ନାହିଁ । ବଞ୍ଚି ରହନ୍ତି ପାହାଡ଼ର ରସ ଖାଇ, ଝରଣାର ସଂଗୀତ ପିଇ, ମରିଗଲେ ସେଇଠି 'ଡୁମା' ସାଜିଭାଘ ରୂପରେ, ବିଲୁଆ ରୂପରେ ଘୂରି ବୁଲନ୍ତି । ତାଙ୍କୁ ମମତା ଘେରିରହିଛି, ଜାବୁଡ଼ି ଧରିଛି ଚତୁର୍ଦ୍ଦିଗରୁ ଏ ଯୁଗଯୁଗର ସହଜ ପ୍ରକୃତି । ଥୁଣ୍ଟା ଗଛ ଶିଖରେ ତରା ହଳକ ଲାଗିଗଲେ ଚଇତ ପର୍ବର ଦେବତାକୁ ଆବାହନ କରାଯାଏ । ହୁ'ହୁ' ପବନ, ଫାଟିପଡୁଥିବା ଯୌବନ, ଫିଟିପଡୁଥିବା ଜହ୍ନ ଆଉ ହସ ଖୁସି, ନାଚ, ବାଜଣା, ରନ୍ଧା ମଦର ଦେବତାକୁ ଡାକରା ଦିଆଯାଏ ଓ ତା ସଙ୍ଗରେ ଡାକରା ଦିଆଯାଏ ଜୀବନର ଉଲ୍ଲାସକୁ, ମନ ଗହୀରର ତାତିଲା ଆବେଗକୁ ।

ଏ ପାଖେ ପାହାଡ଼ । ସେ ପାଖେ ପାହାଡ଼ । ଏ ଡାକିଲେ ସେ ଡାକିଲା ପରି ଶୁଭେ । ଜହ୍ନ ଆଲୁଅ ବୋଲି ହୋଇ ଦୁହେଁ ଦିଶନ୍ତି ଗୋରା ଗୋରା, ମନମତାଣିଆ, ଖୁବ୍ ଭାରି ଭାରି ଆଉ ବଳୁଆ; ସତେ ବା ଗୁଳା ଗୁଳା ବାହା ଟାଣି ବୁକୁ ଓସାରି ଠିଆହୋଇଛନ୍ତି ମାଣ୍ଡିଆ ଆଉ ବାଗ୍ଲା । ମଝିରେ ଛଳଛଳ ହୋଇ ବୋହିଯାଉଛି କାଜୋଡ଼ି । ତା'ର କଳା କଳା ଆଖିରେ ସେ ଏଥିରୁ ଟିକିଏ ଚାଖେ, ସେଥିରୁ ଟିକିଏ ଚାଖେ, କିନ୍ତୁ ବୋହିଯାଏ ଗହୀରରୁ ଗହୀରକୁ । ଗଣ୍ଡ ପାଖରେ ହୁଏତ ସେ ନିଜର ଥିର ଗହୀର ପାଣିକୁ ଅନାଏ । ଦେଖେ ସେଥିରେ ଗୋଟାଏ ପାହାଡ଼ର ଛାଇ ତା'ର ବୁକୁ ଭରି ତାର ସମଗ୍ର ସ୍ରୋତ ଉପରେ ମେଲେଇ ହୋଇ ତାକୁ ଆବୋରି ରହିଛି । ସେ ହୋଇଯାଏ ବାଗ୍ଲାର । ଏଥିରେ କୌଣସି ସଂକୋଚ ନାହିଁ, କିଛି ଅନ୍ୟାୟବୋଧ ନାହିଁ । ଅବଶ୍ୟ ମନ ତାଡ଼ି ହୋଇଛି, ଓଦାମାଟି କୋରି ହୋଇ ଅତଡ଼ା ଖସିଛି ! ଏଠି ବାଙ୍କ ଧରିଯାଇଛି । କିନ୍ତୁ ଗଣ୍ଡ ପାଖରେ ପହଞ୍ଚିଲାବେଳକୁ ସେ ସବୁ ହୋଇସାରିଛି ଇତିହାସ, କନ୍ଦ ଖୋଳା, ଝୋଲା ଗାଧୁଆ ପରି ଦିହସହା କେତୋଟି ଘଟଣା । ନୂଆଘରେ ବାଗ୍ଲା ଓ କାଜୋଡ଼ି ପଶିଗଲା ବେଳକୁ ମାଣ୍ଡିଆ ଜାନି ସାତ ପର ।

Digitized by srujanika@gmail.com

ଏମିତି ଗୋଟାଏ ଛନ୍ଦରେ 'କରାପୁଟ'ର ଆଦିମ ପ୍ରକୃତି ଓ ଏ ଆଦିବାସୀଆ ପରଜାଗୁଡ଼ିକ ବୁଣି ହୋଇ ଯାଆନ୍ତି । 'ଗୋପୀ' ବାବୁଙ୍କ କବିତାଧର୍ମୀ ଭାଷାରେ ସତେ ବା ଟେନିସନଙ୍କ 'ଇଡିଲ୍' ଗୁଡ଼ାକ ନୂଆ ସଂସ୍କରଣର ରୂପ ନେଇଛନ୍ତି । ପ୍ରକୃତ କହିଲେ ପରଜା ଉପନ୍ୟାସରେ କେବଳ ମୁଣ୍ଡୁଣ୍ଡେଇ, ହାବୁକେଇ ଉଠିଥିବା ମାଳ ମାଳ ପାହାଡ଼, ଏଠି ଚକାଏ ଜାଗା, ସେଠି ସୋରାଏ ବାଟ ବା ଧାରେ ପାଣି, ଉପରେ ନାନା ବର୍ଣ୍ଣର ଋତୁଚିତ୍ର ନେଇ ଦିନ ରାତି ଆକାଶ । ନିଘଞ୍ଚ ଜଙ୍ଗଲର ଅପର୍ଯ୍ୟାପ୍ତ ସବୁଜିମା କେତେବେଳେ ପାତଳ ବହଳ ରଙ୍ଗର ପୁଟନେଇ ଫୁଲ, କଢ଼, କଅଁଳ ପତ୍ରର ସମ୍ଭାର ନେଇ ଚହଟି ଉଠନ୍ତା, କିନ୍ତୁ ପରଜାରେ ସେ ରଙ୍ଗ ଉପଭୋଗ କରିବାର ଅବକାଶ ନାହିଁ; କାରଣ ପର୍ବତ ପରି ପ୍ରକୃତିକୁ ସୁନ୍ଦର ରୂପରେ ଦେଖିବାପାଇଁ ଯେତିକି ଦୂରରେ ରହିବା ଆବଶ୍ୟକ, ସେ ଦୂରତ୍ୱର ଏଠି ଅଭାବ । ମଣିଷ ସିଧାସଳଖ ଯାଇ ଗଛମୂଳେ ଲଟା-ଲଇରେ ଢାଙ୍କି ରହିଥିବା ପଥୁରିଆ ରାସ୍ତା ଉପରେ ଠିଆହୁଏ । ଗଛ ଉପରେ ଫୁଲର ରଙ୍ଗ ଦେଖିବା ସମ୍ଭବ ହୁଏନାହିଁ । କିନ୍ତୁ ତା'ଠାରୁ ବଳି ଫୁଲର ଗନ୍ଧ ଚହଟି ଆସେ ପବନରେ । ଗଛର ଛାଇ ବାହୁ ମେଲେଇ କୋଳକୁ ଟାଣିନିଏ । ମଣିଷ ପ୍ରକୃତି ଭିତରେ ହଜିଯାଏ । ସେମିତି କହିଦେଲେ ପଦକେ ଛିଡ଼ିଯାନ୍ତା ପ୍ରକୃତିର ବର୍ଣ୍ଣନା---ଇମା ଢିମା ଅସମତଳ ଧରିତ୍ରୀ ଉପରେ ଢାଙ୍କି ରହିଛି ଗୋଟାଏ ଟୋଲା ଆକାଶ, ମଝିରେ କେତେବେଳେ ପଶି ଆସୁଛି ହୁ' ହୁ' ବତାସିଆ ନିସନ୍ଧି ମେଘ, ଅଜାଡ଼ି ଚାଲିଯାଉଛି ମୂଷଳ ଧାରାରେ ବର୍ଷା ବା ଜହ୍ନ ସୋରାଏ ଉଠି ଆସୁଛି ପାତଳ କୁହୁଡ଼ିର ପଣତ ଉହାଡ଼ରୁ । କିନ୍ତୁ ଏତିକି ମାତ୍ର ସାମଗ୍ରି ନେଇ 'ଗୋପୀ ବାବୁ' ହାତ ସଫେଇ ଦେଖାନ୍ତି । ପାଠକ ତାଜୁବ୍ ହୋଇ ଅନେଇଥାଏ । ସତେ ଯେମିତି ପ୍ରତିଦିନର ସେହି ପଶ୍ଚିମ ଆକାଶରେ ନୂଆ ନୂଆ ସନ୍ଧ୍ୟା ଉକୁଟୁଛି, ବେଶ ବଦଳେଇ, ରଙ୍ଗ ବଦଳେଇ, ଭଙ୍ଗି ବଦଳେଇ । ପୁଣି ସେହି ସନ୍ଧ୍ୟା ପରି ମଧ ପ୍ରାୟ ନୀରବ ଏ ପ୍ରକୃତି । ଗଛ ଶିଖ ଦୋହଲାଇ ମତାଣିଆ ଝଙ୍କାଏ ପବନ ସୁ' ସୁ' ହୋଇ ଅଜାଡ଼ି ହୋଇଯାଏ ଦିନ ରାତି ପାହାଡ଼ ବୁକୁରେ । କିନ୍ତୁ ସେଇଟା ଅରଣ୍ୟର ନୀରବତାକୁ ଆହୁରି ବଢ଼େଇ ଦିଏ । ମଝିରେ ମଝିରେ ମୟୁର ଡାକେ, ସମ୍ବର ବୋବାଏ, କୁଟୁରା ଭୁକେ, ବାଘ ମଧ ହେଣ୍ଟାଳେ, କିନ୍ତୁ ଏଡ଼େବଡ଼ ଜଙ୍ଗଲଟା ପ୍ରାୟ ନିଃଶବ୍ଦରେ ମଣିଷ କେଇଟାକୁ ଘେରି ଘୁମେଉ ଥାଏ । ସମୁଦ୍ର ଗାଧୁଆ ପଞ୍ଚାଏ ଲୋକ ଯେମିତି ଯେତେ ପାଣି ପିଟିଲେ ମଧସେ ଅକଳନ୍ତି ସମୁଦ୍ରଟାର ବିରାଟ ଛନ୍ଦକୁ ତିଳେମାତ୍ର ଘୁଞ୍ଚେଇ ପାରନ୍ତି ନାହିଁ, ସେମିତି ଗଣ୍ଡାଏ ଧାଙ୍ଗଡ଼ିଙ୍କର ଗୀତ ମାଳିକା ବା ଧାଙ୍ଗଡାଙ୍କର ଧାଙ୍ଗଡ଼ୁଙ୍ଗା ଚତୁର୍ଦ୍ଦିଗର ନୀରବ ପ୍ରକୃତିକୁ ଚହଲେଇ ପାରେ ନାହିଁ ।

ଅବଶ୍ୟ ଉପନ୍ୟାସର ମୂଳ ଗତି ସେଇ କେତୋଟି ପରଜା ଜୀବନକୁ କେନ୍ଦ୍ର କରି ବୋହିଯାଏ । ମଣିଷଗୁଡ଼ାକ ପୋକ ମାଛି ପରି ଯେତେ ଛୋଟ ହୁଅନ୍ତୁ ପଛକେ ସେଇମାନେ ଉପନ୍ୟାସର ନାୟକ ନାୟିକା, ସେଇମାନେ ତା'ର ଉପଜୀବ୍ୟ; ପ୍ରକୃତି ନୁହେଁ । 'ଥମାସ୍ ହାର୍ଡ଼ିଙ୍କର ପ୍ରକୃତି ଯେପରି ଏକ ଦୁର୍ବିଜ୍ଞେୟ ଦୁର୍ଦ୍ଧର୍ଷ ନିୟତିର ପ୍ରତିନିଧି ରୂପରେ ମଣିଷକୁ ଉଦେଇ ଟୁବେଇ ମାରିଦିଏ । ତାଙ୍କର ସେଇ ବିଷର୍ଣ୍ଣ, ନୀରସ, ଶୁଷ୍କ କଣ୍ଟା ବୁଦାରେ ପରିପୂର୍ଣ୍ଣ 'ଏଗଡନ୍' ପ୍ରାନ୍ତର ପରି 'ପରଜା'ର ପ୍ରକୃତି ଅସହନଶୀଳ ନୁହେଁ । ହାଉଁ ହାଉଁ ଭୋକିଲା ପାଟି ମେଲେଇ ସେ ମଣିଷ

Digitized by srujanika@gmail.com

ଗଣ୍ଡାକୁ ଡକାଏ ନାହିଁ । ହାର୍ଡ଼ିଙ୍କ ଉପନ୍ୟାସରେ ମଣିଷ ଆଉ ପ୍ରକୃତି ମୁହାଁମୁହିଁ ବିରୋଧ କରନ୍ତି, ଯୁଦ୍ଧ କରନ୍ତି । ପରିଶେଷରେ ମଣିଷ ରକ୍ତ ଜୁଡୁବୁଡୁ ହୋଇ ହାରି ଶୋଇଯାଏ । ସେଥିବରେ ଦୁର୍ଜ୍ଜୟ ପ୍ରକୃତି ଓ ନିୟତି ଏକଜୁଟ୍ ମେଣ୍ଟ ବାନ୍ଧି ମଣିଷକୁ ଘେରିଯାଆନ୍ତି । କିନ୍ତୁ ପରଜାରେ ପ୍ରକୃତି ମଣିଷର ପରିପୂରକ । ସେଥିରେ ହେଣ୍ଡାଳ ଖାଉଥିବା ବାଘ ମଧ 'ସମ୍ୱାରୀ'ର ଡୁମା । ବିରୋଧ ବୋଲି ଟିକିଏ ନାହିଁ । ପ୍ରକୃତି ଏଠି ଦେଖାଦେଇଛି ମା' ରୂପରେ, ପୁରୁଷ ପୁରୁଷ ଧରି ପରଜା ଜୀବନକୁ ପ୍ରତିପାଳି ବଢ଼େଇ ଆଣିଥିବା ଧାତ୍ରୀରୂପରେ ।

କିନ୍ତୁ ଗୋଟାଏ ଦୃଷ୍ଟିରୁ ହାର୍ଡ଼ି ଏବଂ ଗୋପୀ ବାବୁ ସମଧର୍ମୀ । ପ୍ରକୃତି ଭିତରେ ପ୍ରାକୃତିକ ଜୀବନର ଯେଉଁ ସାବଲୀଳ ନିସର୍ଗ ଛନ୍ଦ ଅତି ସହଜ ରୀତିରେ ଗଢ଼ିଉଠେ ତାହା ଚହଲିଯାଏ ବାହାର ରାଜ୍ୟର ଅନୁପ୍ରବେଶପାଇଁ । ହାର୍ଡ଼ିଙ୍କର ପ୍ରାୟ ପ୍ରତ୍ୟେକ ଉପନ୍ୟାସରେ ଦୁର୍ଭାଗ୍ୟର ବାହକରୂପେ ଜଣେ ଅପରିଚିତ ପରଦେଶିଆ ଆସି ପହଞ୍ଚିଯାଏ । ତାକୁ କେନ୍ଦ୍ରରେ ରଖି ପ୍ରତିକୂଳ ଥାଟ ଠିଆଟି ହୁଏ, ମେଘର ଘନଘଟା ଘୋଟିଯାଏ ଏବଂ ପରିଶେଷରେ ସରଳ ଗ୍ରାମ୍ୟ ଜୀବନରେ ନିଆଁହୁଳା ଧରି ଜଳନ୍ତା ଗାର କାଟି ଚାଲିଯାଏ ନିର୍ଦ୍ଦୟ ନିର୍ମମ ନିୟତି । ପରଜା ଉପନ୍ୟାସରେ ମୂଳରୁ ଯେଉଁ ଶୁଦ୍ଧ ପାହାଡ଼ୀ ପରଜା ଜୀବନର ଉଚ୍ଛଳ ସଙ୍ଗୀତର ଢେଉ ମନ ରଞ୍ଜେଇଦିଏ ସେଥିର ପ୍ରଥମ ଛନ୍ଦ ଭଙ୍ଗ କରେ କୋଚଟିଆ, ଅଧା ପେଣ୍ଟ ପିନ୍ଧା ଗୋଟାଏ ପିଚାଶଆଖିଆ ଜଙ୍ଗଲ ଗାରଡ଼ । 'ଜିଲି'ର ରକ୍ତ ଉଭାରି ରହିଥିବା ଚମରେ ଲହଡ଼ି ଭାଙ୍ଗୁଥିବା ଯୌବନକୁ ଭୋକିଲା ଗାରଡ଼ଟା ଗାରଡ଼େଇ ଚାହେଁ । ଦାନ୍ତ ନିକୁଟେଇ କଳାଜରରେ ଦରସିଝା ସୁକ୍ରୀ ସେଠା ହାତ ବଢ଼େଇ ସେ ଜଙ୍ଗଲର ଶିରୀକୁ ଉଠେଇ ନେବାକୁ ଚାହେଁ । ଯେମିତି ଛେନା ପରି କଅଁଳ ହରଡ଼ ଚଢ଼େଇର ବୁକୁ ଉପରୁ ସେ କଅଁଳ ଚୂନା ଚୂନା ପର ସବୁ ଉଠେଇ ଏଠି ସେଠି ବୁଣି ଦେଇଯାଏ । ଛନ୍ଦରେ ବେସୁରା ଧରିଯାଏ । କାଉପରଜା ଖାଏ ମାଡ଼ ଏବଂ ଆରମ୍ଭ ହୋଇଯାଏ ଗୋଟାଏ ଘୂର୍ଣ୍ଣି ଏହି ଘଟଣାକୁ କେନ୍ଦ୍ର କରି । ଉଜଳି ଉଠୁଥିବା, ଗଜେଇ ଆସୁଥିବା ପରଜା ପରିବାର ଉଜୁଡ଼ିଯାଏ; ନିପାତ ହୋଇଯାଏ, ତଳିତଳାନ୍ତ ହୋଇ ନିଶ୍ଚିହ୍ନ ହୋଇଯାଏ ।

ବାହାରର ମଣିଷ ମାଲିକପଣିଆର ମୁଖା ପିନ୍ଧା ସେ ପାହାଡ଼ ମୁଲକରେ ପହଞ୍ଚେ । ବହୁ ଜଟିଳତା, ନାନାପ୍ରକାର ରୋଗ ଆଉ ତାତି ଖାଇ ପେଟ ବିକଳରେ ସେ ପଶେ ଲକ୍ଷ୍ମୀପୁର, କାକରିଗୁମା ଅଞ୍ଚଳର ବଣ ଭିତରକୁ । ସେ ତା' ସାଥିରେ ନେଇଯାଏ ଏକଅତି ଅବାଗିଆ ସୁରଭଙ୍ଗା ବେତାଳିଆ ଲହର । ସେଥିରେ ଜଙ୍ଗଲର ଶାଳବଣିଆ, ସାରିଆ ଫୁଲିଆ ସୁର୍ ମିଶେ ନାହିଁ । ମିଶେ ନାହିଁ ପରଜା ଜୀବନର ସହଜ ଛନ୍ଦ । ଅପଡ଼ ହୁଏ । ବିରୋଧ ହୁଏ । ଫଳରେ ଶୁକ୍ରୁ ଜାନି ଉଚ୍ଛନ୍ନ ହୁଏ, ରାମ ବିଶେଇ ହାଣ ଖାଏ । ଯଦି ବାହାରର ଏମିତି ମାଟିଟେଳା ପଡ଼ି ପରଜା ଜୀବନର ନିର୍ମଳ ପାଣି ଧାରକୁ ଚହଲେଇ ନଦିଏ, ବା ତାକୁ କାଦୁଅ କରି ନଦିଏ, ତେବେ ମୂଳରୁ ଶେଷ ପର୍ଯ୍ୟନ୍ତ କେବଳ ଶୁଭେ ଡୁଙ୍ଗ୍‌ଡୁଙ୍ଗାଆଉ ଅଳସେଇ ଫୁଲର ସୁନା ଚହଟ ପରି ଅଳସେଇ ଧାଙ୍ଗଡ଼ୀଙ୍କର ସହଜ ହସ, ଦିଶେ କେବଳ ନିର୍ମଳ, ନିରଳସ, ସରଳ, ପରଜା ଜୀବନର ସାତ ପୁରୁଷର-ଗରବ ଗର୍ବିତ ଅଛିଣ୍ଡା ଇତିହାସ । ମଝିରେ ମଝିରେ ଡମଟାଏ, ହାଡ଼ିଟାଏ, ଦୋମିଶା ଖିରସ୍ତାନଟିଏ ହୁଏ

Digitized by srujanika@gmail.com

ତ ଟିକିଏ ବେସୁରା ତୋଳନ୍ତି, କିନ୍ତୁ ପାହାଡ଼ୀ ଝିଅଙ୍କର ଉଦ୍ଦାମ ଜୀବନ ସେଥିରେ ହଟିଯାଏ ନାହିଁ କି ହାରିଯାଏନାହିଁ ।

ଏମିତି ହାର ମାନୁ ନ ଥିବା, ବଲୁଆ ପରଜା ଚରିତ୍ରଟା ବଡ଼ ମୌଳିକ । ଖୁବ୍ ପାକଳ ଆଉ ଟାଣୁଆ ତା'ର ମଞ୍ଜ । ପରଜା କୁଳରେ ମୂଳ ହେଲା ଧରମ୍ ଦେବତା, ଧରତିନ୍ ଆକାଶ ଆଉ ପୂର୍ବପୁରୁଷଙ୍କର ଡୁମା । ଦିଶାରୀକୁ ଘେରି ବହୁ ଅନୁଷ୍ଠାନ ଆଗରୁ ଗଢ଼ି ଆସିଛି । କେତେ ପରବ, କେତେ ପରମ୍ପରା ସବୁ ଅତୁଟ ରହି ଆସିଛି । ସେ ସବୁ ମଣିଷଙ୍କୁ ଏକାଠି ବାନ୍ଧି ରଖନ୍ତି, ସମାଜ ଗଢ଼ନ୍ତି, ଜୀବନର ଧାରା ବାଗେଇ ଦିଅନ୍ତି । ସେଇଟା ପରଜା କୁଳର ସାମୂହିକ ଜୀବନର ଧାରା । ତା ଭିତରେ ମଣିଷ ବଞ୍ଚିବ, ତାକୁ ମାନି ଚଳିବ । ସେ ଧାରାରେ ମିଶି ବୋହିଯିବ । ସେଥିରେ ଉଁ ଚୁଁ କରିବାର ଉପାୟ ନାହିଁ । ଯଦି ଝୋଲା ଟଙ୍କା ନ ଦେଲେ ବିଭା ହୋଇ ପାରିବ ନାହିଁ ତେବେ ଗନ୍ଧା ମଦ ବିକି ଜେଲ ଯାଉ ପଛେ ମାଣ୍ଡିଆ ଜାନି ଆଉ କାଜୋଡିକୁ ବିଭା ହୋଇ ପାରିବ ନାହିଁ । ଭାରି ଟାଣୁଆ ସେମାନଙ୍କର ସାତପୁରୁଷୀ ନିୟମ । ସେଇଟା ତାଙ୍କ ଜୀବନର ମଞ୍ଜ । ଯେତେ ଯାହା ହୋଇଗଲେ ସୁଦ୍ଧା ତାକୁ ଆଡ଼େଇ ଚାଲିଯିବା ପ୍ରଶ୍ନ ମୋଟେ ଉଠି ପାରେନା । ଶିକାର ଉତ୍ସର୍ଗ, ଧାଙ୍ଗଡ଼ା ଧାଙ୍ଗଡ଼ି ବସାର ପ୍ରଥା ବହୁ ପୁରୁଣା । ସେଥିରେ ବ୍ୟତିକ୍ରମ ହେବ ନାହିଁ । ତାକୁ ଅତୁଟ ରଖିବାକୁ ଦି' ଚାରି ଜଣ ଭାସିଯାଆନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ଏ ପରମ୍ପରା ପରଜାକୁ ବଞ୍ଚାଏ ଏବଂ ତାକୁ ଖାଇ ମଧ୍ୟ ନିଜେ ବଞ୍ଚେ ।

ପ୍ରକୃତି ଆଉ ପରମ୍ପରା ମିଶି ପରଜାର ଶହେରୁ ଅଶିଏ ଭାଗ ଗଢ଼ନ୍ତି । ବାକି କୋଡ଼ିଏ ଭାଗରେ ବ୍ୟକ୍ତିର ବିକାଶ ହୁଏ । ଫଳରେ ଶୁକ୍ରୁ ଜାନି ପରି ପୁରୁଣା ସପନରେ ମଜ୍ଜି ରହିଥିବା, ନୂଆ ପନ୍ଥାକୁ ନାପସନ୍ଦ କରୁଥିବା ଚରିତ୍ର ସବୁ ଦେଖା ଦିଅନ୍ତି । ଏକା ମାଣ୍ଡିଆ ଦଶଟା ଭେଣ୍ଡିଆର ଜୋର୍ ନେଇ କାମ କରନ୍ତା, କିନ୍ତୁ କାଜୋଡ଼ିକୁ ସେ ଆଉ କଥା ଦେଇ ରଖିପାରୁ ନାହିଁ । ଝୋଲା ଟଙ୍କା ଦେଇ ତାକୁ ଆପଣେଇ ନେବାକୁ ମାଣ୍ଡିଆର ଅନ୍ତରାତ୍ମା ବିକଳ ହୋଇ ଉଠିଛି । ସେ ଭୁଲ୍ କରିଛି । ଫଳରେ ଆହୁରି ପାହାଚେ ଖସି ଯାଇଛି ସେମାନଙ୍କ ଭାଗ୍ୟ ରେଖା । ଜିଲିର ସ୍ୱପ୍ନ ଉଜୁଡ଼ି ଯାଇଛି । ଶାଳ ଗଛରେ ଛନ୍ଦି ହୋଇ ରହିଥିବା ବଣଲଇ ଯେମିତି ଗଛଟା ଟଳି ପଡ଼ିଲେ ତା' ସାଙ୍ଗରେ ସେ ମଧ୍ୟ ଧୂଳିରେ ଲୋଟି ପଡ଼େ, ପୋତି ହୋଇଯାଏ, ବୁଣି ହୋଇଯାଏ, ତା'ର ପତ୍ର କଡ଼ର ସମ୍ପଦ । ଶେଷକୁ 'ବାଗ୍ଲା' ଓ 'କାଜୋଡ଼ି' ମଧ୍ୟ ତା ମୁହଁ ଉପରେ ହସିଦେଇ ହାତ ଧରାଧରି ହୋଇ ପିଠିକରି ଚାଲିଯାଆନ୍ତି । ଆହା ବୋଲିଦେବାକୁ ଆଉ ତାର ହୋଇ କେହି ନାହିଁ ।

ଏମିତି ବଲୁଆ ଆଦୌ ନଇଁନଥିବା ପରମ୍ପରା ପରଜା ସଂପ୍ରଦାୟର । ତା'ସାଙ୍ଗକୁ ସଂବେଦନା, ସହାନୁଭୂତି ସତେ ଯେମିତି ତାଙ୍କ ଚରିତ୍ରରେ ମୋଟେ ସମ୍ଭବି ପାରିନାହିଁ । ପାଖ ଗଛଟା ହାଣ ଖାଇଗଲେ ଏ ଗଛଟା ଯେମିତି ଉଁ ଚୁଁ କରେ ନାହିଁ, ସେମିତି ଶୁକ୍ରୁ - ଜାନି ଆଉ ତା'ର ପରିବାର ଖଣ୍ଡିଆଭୂତର ଉଡ଼ନ୍ତା ପତ୍ରପରି ଅସହାୟ ଭଉଁରୀ କାଟି ଉଡ଼ିଗଲେ ମଧ୍ୟ ଗାଁଲୋକ ଆଉ ପାଟି ଫିଟେଇ ଦେଉନାହାନ୍ତି । ବରଂ ସାକ୍ଷୀ ଦେଲା ବେଳକୁ ନିଜ ବିପଦକୁ ଏଡ଼ି ମିଛ କହି ଶୁକ୍ରୁକୁ ପେଲି ଦେଉଛନ୍ତି ମଝି ଗଣ୍ଡକୁ । ଆଦିମସ୍ତରର ଏ ମଣିଷଗୁଡ଼ିକ ପିଲାଙ୍କ ପରି ସ୍ୱାର୍ଥପର; ସେଥିରେ

Digitized by srujanika@gmail.com

ସେମାନଙ୍କର ସଂକୋଚ ନାହିଁ, ଲଜ୍ଜା ନାହିଁ । ଶୁତ୍ରୁ ଜାନି ମଧ୍ୟ ବିଶେଷ ଆଶ୍ଚର୍ଯ୍ୟ ହୁଏନାହିଁ ଏମିତି କରଛଡ଼ା ବ୍ୟବହାରରେ । ସେ ଜାଣେ ତାଙ୍କ ଜାତିରେ ଅନ୍ୟଠାରୁ ଅଧିକ କିଛି ଆଶା କରାଯାଏ ନାହିଁ । ବଣୁଆ ଜନ୍ତୁ ପରି କାହାପାଇଁ ସେ ଖଟିବ---ନିଜେ ସବୁ ସହିବ । ତେବେ ଏ ସମାଜଟା କାହିଁକି ? ସମାଜଟା ଚଇତି ପରବ ପାଇଁ, ବାହାଘର ପାଇଁ; ଏକାଠି କୁଡ଼ିଆ ବାନ୍ଧି ରହିବାର ଗୋଟାଏ ମୋହ ପାଇଁ । ଅବଶ୍ୟ ସହାନୁଭୂତି ଜମା ନାହିଁ କହିଲେ ଭୁଲ ହେବ । ଯାହା ଅଛି ସେ ଟିକକ ଦୁର୍ବଳ, ସାମାଜିକ ଦାୟିତ୍ୱ ବୋହିବା ପାଇଁ ତା'ର ଉପଯୁକ୍ତ ସାମର୍ଥ୍ୟ ନାହିଁ । ଫଳରେ ହରିଣ ପଲରେ ଯେ ଗୁଳି ଚୋଟ ଖାଇ ପଡ଼ି ରହିଗଲା--- ବାକି ପ୍ରାଣ ବିକଳରେ ଉଭେଇ ଗଲେ ଜଙ୍ଗଲ ଭିତରକୁ । ପଛକୁ ଫେରି ଗୁଳି ମୁହଁରେ ଠିଆହେବାକୁ ଦମ୍ଭ ନାହିଁ, ଯେ ପଡ଼ିଗଲା ତା ଘା'ଟାକୁ ଟିକିଏ ଶୁଙ୍ଘିଦେବାକୁ ତର ନାହିଁ, ବିପଦ ପଡ଼ିଲେ କେବଳ 'ପଳା' 'ପଳା' ଶବ୍ଦ । ଏଠି ମନେପଡ଼େ ଡିକେନ୍‌ସଙ୍କର ସିଡ଼୍‌ନି କାର୍ଟନ୍ ଚରିତ୍ର । ଯେତେବେଳେ ବିପଦ ଘନେଇ ଆସିଛି, ଏ ଲୋକଟା---ହୋଇପାରେ ପ୍ରେମ ପାଇଁ

---ଆଉ ଜଣକ ସକାଶେ ଗିଲୋଟିନ୍ ତଳେ ବେକ ପତେଇ ଦେଇଛି । ସେମିତି ଚରିତ୍ର ପରଜାଙ୍କ ଭିତରେ ସମ୍ଭବ ନୁହେଁ । ପିଲାଦିନୁ ନିଜେ କନ୍ଦା ଖୋଳି, ଗଛ ଶିଖରୁ କୋଳି ଦି'ଟା ପାଟିରେ ପକାଇ ଯେଉଁମାନେ ବଢ଼ି ଆସନ୍ତି, ମୂଷାଟାଏ, ପକ୍ଷୀଟାଏ ଖୋଜି ଖୋଜି ଯେଉଁମାନଙ୍କର ଦିନ ବିତିଯାଏ, ସେ ସ୍ୱତଃ ହୋଇଯାନ୍ତି ଆତ୍ମକୈନ୍ଦ୍ରିକ । ସିଡନି କାର୍ଟନ ପରି ଉଦାର ହୋଇଗଲେ ପରଜାଟାଏ ବଡ଼ ଅସ୍ୱାଭାବିକ ଜଣାଯିବ---ବେଖାପିଆ ସୋଲ ଟୋପିଟାଏ ପିନ୍ଧିଲେ ଲଙ୍ଗଳା ପିଲାଟାଏ ଯେମିତି ଦିଶନ୍ତା ।

ଏ ସମାଜରେ ସହାନୁଭୂତିଟା ଯେତିକି କୋହଳ, ପରଜା ପରିବାର ଭିତରେ ମମତାଟା ସେତିକି ଟାଣୁଆ । ଶୁକ୍ରୁ ଜାନି ନିଜ ପାଇଁ ଦିନେ ହେଲେ ଭାବିନାହିଁ । ତାର ଚାରିଟା ପିଲା ପାଇଁ ସେ ଆଜୀବନ ପଣ କରି ଆସିଛି---ତାଙ୍କୁ ଥଇଥାନ କରିବ, ତାଙ୍କର ବଢ଼ତି ଦେଖିବ, ସେମାନେ ଘର ଦ୍ୱାର କରି, ବିଭା ତୋଳା ହୋଇ ସୁଖରେ ରହିବାର ଦେଖିଲେ ମରିଯିବ । ତେଣେ 'ସମ୍ବାରୀ' ତ ପୁଣି ତାକୁ ଅପେକ୍ଷା କରି ରହିଛି । ବିଭୋର ହୋଇଗଲେ ଶୁକ୍ରୁ ଜାନି ତା'ର ପିଲାଙ୍କ ମା'କଥା ଭାବିଯାଏ । ନ ହେଲେ କେବଳ ମାଣ୍ଡିଆ, ଟିଡ୍ରା, ଜିଲି, ତା'ର ମନର ଚାରି କୋଣକୁ ଘେରି ରହିଥାନ୍ତି । ରାମ ବିଶୋଇର ଗୋତି ଖଟିଲାବେଳେ, ମାଟି ହାଣି ଥକିଗଲେ, ଶୁକ୍ରୁ ତା' ପ୍ରାଣଠୁ ବଳି ଜମି ସୋରାକ ବନ୍ଧା ପକାଏ । ସବୁ ସେ ପିଲାଙ୍କ ପାଇଁ ସିନା ! ଏତେ ହଇରାଣ ମାନହାନୀ ହେଲା ପଛେ ଜିଲି, ବିଲି, ଆଉ ବୁଢ଼ା ବାପଟାକୁ ଏଡ଼ି ପାରିଲେ ନାହିଁ । ପଇସା ରୋଜଗାର ନ ହେଉ ବରଂ ଗାଁକୁ ଫେରିବାକୁ ହେବ---'ବାପ' କହୁଛି !!

ଏମାନଙ୍କ ସରଳତା ହିଁ ଏମାନଙ୍କର କାଳ । ସମ୍ବରଟାଏ ଯେମିତି ରାତି ଅଧରେ ଅକସ୍ମାତ୍ ଆଲୁଅଟାକୁ ଆବାକାବା ହୋଇ ଚାହିଁ ରହିଯାଏ, ଆଲୁଅ ପଛରୁ ନଳୀ ସଜଡ଼ା ହୁଏ, ଲାଖ କରି ଚୋଟ ବସେଇଦିଏ ବାଣୁଆ ! ଟିକିଏ ଯଦି ବୁଝି ପାରୁଥାନ୍ତା ଓଲା ପିଲାକିଆ ସମ୍ବରଟା ! 'ଗାରଡ଼'ର ମାଲିକପଣିଆ, ରାମଚନ୍ଦ୍ର ବିଶୋଇର ଟଙ୍କା ଥଳି, ସବୁ ନୂଆ ଆଲୁଅ । ତା' ପଛରେ କେତେ ମିଛ

Digitized by srujanika@gmail.com

ସାକ୍ଷୀ ଦେଇ ତାକୁ ବୁଡ଼େଇ ଦିଆହୁଏ, କେତେ ମିଛ ଦଲିଲ୍, ମିଛ ହିସାବରେ ତାକୁ ଆଜୀବନ ଛନ୍ଦେଇ ଦିଆଯାଏ, ଶୁତ୍ରୁ ଜାନି ବୁଝେ ନାହିଁ । ସେ ଚୋଟ ଖାଇ ଗଡ଼ିପଡ଼େ, କିନ୍ତୁ ଶେଷ ପର୍ଯ୍ୟନ୍ତ ସାହସ ହାରେ ନାହିଁ, ଆଶା ଛାଡ଼େନାହିଁ---ଦିନେ ନା' ଦିନେ ସେ ଟଙ୍କା ଶୁଝି ମୁକୁଳିବ---ନିଜ ଜମି ନିଜ ହାତରେ ଚଷିବ । ତା'ର ମାଣ୍ଡିଆ, ଚିତ୍ରା ନୂଆ ଘର ତୋଳି ବୋହୂ ଆଣିବେ । ଜିଲି, ବିଲି ତା'ପାଇଁ ଝୋଲା ଟଙ୍କା ଆଣିବେ । ସଂସାର ପୁଣି ହସି ଉଠିବ, ସମ୍ଭାରୀର ଡୁମା ସନ୍ତୁଷ୍ଟ ହେବ; କିନ୍ତୁ ସେ ବୁଝେନାହିଁ ତା'ର ତୋଟି କଣାହୋଇ ତା' ଉଷୁମ ରକ୍ତଯାକ ରାମ ବିଶେଇର ଦାନ୍ତୁଆ ଜିଭରେ ଇଡ଼ି ହୋଇ ଯାଉଛି, ସେ ଖାଇଯାଉଛି ତାକୁ, ତା' ପରିବାରକୁ ତା'ଖାବଲାରେ ପକେଇ । ବୁଝିଲାବେଳକୁ ବହୁ ଡେରି ।

ପରଜା ପରର ଛନ୍ଦ କପଟ ସିନା ବୁଝେ ନାହିଁ, କିନ୍ତୁ ନିଜ ସମ୍ମାନକୁ ଖୁବ୍ ବୁଝେ, ନିଜ ଧର୍ମକୁ ଖୁବ୍ ବୁଝେ । ସେଇ ଇଜ୍ଜତ୍ ଉପରେ ଆଞ୍ଚ ଆଣିବାରୁ କାଉ ପରଜାକୁ ଶୁତ୍ରୁ କାନି ଛେଚିଦେଇଗଲା ଓ ଶେଷରେ ସେଇ ଇଜ୍ଜତ୍ ଦିକଡ଼ାର ହେଇଯିବାର ଦେଖି ରାମ ବିଶେଇର ମାଉଁସିଆ ବେକରେ କୁରାଢ଼ି ପାହାର ହାଙ୍କିଦେଇଗଲା । ତା' ଝିଅ କୁଲି ଲାଗିବେ ନାହିଁ, ବରଂ ଭୋକରେ ମରନ୍ତୁ । ତା' ପିଲେ ଗୋତି ଖଟିବେ ନାହିଁ, ବରଂ ସେ ମୁଣ୍ଡ ବିକି ମରିଯାଉ, ବରଂ ସାତପୁରୁଷୀ ଜମି ସାଉକାର ଖାଇଯାଉ । ବଡ଼ ଟେକ ଶୁତ୍ରୁ ଜାନିଟାର ! ସେ ଭାଙ୍ଗିଯିବ ପଛେ ନଇଁବ ନାହିଁ । କାହା ଦୁଆରେ ହାତ ପତେଇବ ନାହିଁ । କାହାକୁ ଦାନ୍ତ ନିକୁଟି ନେହୁରା ହେବ ନାହିଁ -- ଯାଉ ଚାଲି ଜୀବନଟା, ସେଥିରେ କିଛି ଯାଏ ଆସେ ନାହିଁ ।

ଗୋଟିଏ ପରଜା ପରିବାରକୁ କେନ୍ଦ୍ରକରି ଏ ଉପନ୍ୟାସ । କେବଳ ଗୋଟିଏ ପରିବାରର ପତନର କାହାଣୀ । ବାକି ସବୁ ଦେଖଣାହାରୀ---ପାଠକ ସମେତ । ମଝିରେ ମଝିରେ ଆକାଶର ଫାଙ୍କା ଦେଇ ଗୋଟାଏ ବିରାଟ ସୂଚନା ନଇଁଆସିଛି । ଭାଗ୍ୟର ଝିଙ୍କା ଓଟରା ଭିତରେ ଗଭୀର ଏକ ଜୀବନ-ଦର୍ଶନ ମୁଣ୍ଡଟେକି ପୁଣି ବୁଡ଼ିଯାଇଛି, କିନ୍ତୁ ଆମୂଳଚୂଳ ଛଳଛଳେଇ ରହିଛି କବିତା; ଗୋପୀବାବୁଙ୍କର ଭାଷାଗତ ସ୍ୱଚ୍ଛଳ କବିତା ଠିକ୍ ପରଜା ଜୀବନ ପରି । ଯେତେ ଯାହା ହୋଇଗଲେ ମଧ୍ୟ ପରଜାର ଡୁଙ୍ଗଡୁଙ୍ଗା ନୀରବ ହୁଏନାହିଁ । ତା'ର ଗୀତ ଥମିଯାଏ ନାହିଁ, କି ତା'ର ସାରିଆ ଫୁଲିଆର ଅନବରତ ହସ ଫିକା ପଡ଼ିଯାଏ ନାହିଁ । ମହୁଲିଆ ମତାଣିଆ ଉପନ୍ୟାସଟାର ବାତାବରଣ । କାହାଣୀଟା ଆଗ ମନ ରଙ୍ଗେଇ ଦିଏ, କିନ୍ତୁ ପରେ ଏମିତି ତତେଇ ଦିଏ, ଆଉଟି ଦିଏ, ମତେଇ ଦିଏ ଯେ ଦଶ ଦିଗ ଅନ୍ଧାର ଦିଶିଯାଏ । କିଏ ମଲା କିଏ ଗଲା ଆଉ ଜଣାପଡ଼େ ନାହିଁ । ଉପନ୍ୟାସ ସରିଗଲେ ଅସହାୟ ପରଜାଗୁଡ଼ିକଙ୍କ ପାଇଁ ଗୋଟାଏ କରୁଣ କୋହ ଆଉ ତାଙ୍କ ରକ୍ତ ଚିପୁଡ଼ି ଖାଉଥିବା ବିଶୋଇଗୁଡ଼ାଙ୍କ ପାଇଁ ଏକ ବିଜାତୀୟ ଘୃଣା ଉପରକୁ ଉଭାରି ରହେ । ତା ପଛକୁ ଶୀତଳ ବଣ କୁହୁଡ଼ି ପରି ନୀରବରେ ଭାସୁଥାଏ ସେଇ ପାହାଡ଼ ଚୂଳର ସଂଗୀତ-ସର୍ବସ୍ୱ ପରଜା-ପଲ୍ଲୀଟିର ସ୍ମୃତି ।

❖❖❖

Digitized by srujanika@gmail.com

ଛ' ମାଣ ଆଠଗୁଣ୍ଠ

"ଛ'ମାଣ ଆଠଗୁଣ୍ଠ"ଟାକୁ ସୂତା ପକେଇ ମାପି ଦେଲାବେଳକୁ ଜଣାପଡ଼େ ଯେ, ଏମିତି ବଢ଼ିଆ କଥା ଏମିତି ଗଫଲିୟତି ନ ରଖି ଓସ୍ତାଦି ଢଙ୍ଗରେ ଆଉ ଭଲା କିଏ କହିବ ! ଭିତରେ ଭିତରେ ସ୍ୱଗତୋକ୍ତିରେ ସାବାସି ବାହାରେ--- 'ବାଃ, ଭାଇ ଫକୀରମୋହନ, ଓରେଫ୍ ମୋ ସାହିତ୍ୟର ଆଗୁଆ ବାହାଦୂର ସେନାପତି, ଓଡ଼ିଆ ଉପନ୍ୟାସର ଆଦ୍ୟ ଗୁରୁ !!

ଓସ୍ତାଦ ବୁଢ଼ା ଫକୀରମୋହନ ! କଥାଟା ବଙ୍କେଇ କହିବାକୁ ଯାଇ ତାକୁ ଏମିତି ବାଗରେ ଲଟେଇ କହିଦେଇଥିବ ଯେ ଆଉ ତା' ଲାଖି କିଛି କହି ହେବନାହିଁ । ଯେମିତି ପଦେ ପଦେ କଥାରେ ଆମକୁ ବେବକୁବ୍ ବନେଇବା ଭଳି ଏମିତି ରସୁଆଳ କଥାକାର କୋଟିକେ ଗୋଟିଏ ହେବେ ପରା ! ଏଣୁ ପ୍ରଥମେ ନଜର ପଡ଼େ କହିବାର ଏ ଅଦ୍ଭୁତ ମାର୍ଗଟା ଉପରେ । କଥା ସୁଅ କାଟି ଚାଲିଥିବ ଗୋଟେଆଡ଼େ ତ ପାଣି ପିଟା ଚାଲିଥିବ ଆଉ ଆଡ଼େ । ଯଦି ଏ ବ୍ୟଙ୍ଗପ୍ରେମୀ ରସିକ ବୁଢ଼ାଟାର ଅପାଙ୍ଗ କିଏ ବୁଝି ନ ପାରିଛି, ସେ ଆଉ ଏପୋଥି ନ ପଢ଼ିବା ଉଚିତ; କିନ୍ତୁ ବୁଢ଼ା ନିଜେ ବୁଝେଇ ହୋଇ ଯାଆନ୍ତି । ଅଧେରୁ ଅଧିକ ବାଟ ଆସି ତାଙ୍କ ପ୍ରିୟ ପାଠକକୁ ପାଛୋଟି ନେଇ ଯାଆନ୍ତି ମଙ୍ଗରାଜଙ୍କ ଅମାର ଘରର କୋଳପ ପଛ ଆଡ଼କୁ । ନ ବୁଝିଲା ନ ବୁଝିଲା ପରି ଲାଗେ, କିନ୍ତୁ ନ ବୁଝି ରାସ୍ତା ନାହିଁ । ଏମିତି ଏପଟ ସେପଟ ଆଖି ଚମକେଇ, ଫୁଟୁକି ମାରି ଫକୀରମୋହନ ତାଙ୍କ ପାଠକକୁ ସବୁ ସୂଚେଇ ଦିଅନ୍ତି, ଦର୍ଶେଇ ଦିଅନ୍ତି; କିନ୍ତୁ ଠିକଣାରେ ଠୋ କରି କିଛି କହିଦେବା ତାଙ୍କ ଧାତୁରେ ଚଳେନାହିଁ । ମଙ୍ଗରାଜେ ଏକାଦଶୀ ରାତିରେ ସେରେ ଦୁଧ, ଦିଶୁ ଖଇ, ନବାତ, ପାଚିଲା କଦଳୀ ଲୁଚି ଲୁଚେଇ ପାରଣା କରିବା ଏମିତି ସିଧା ସଳଖ କହିଦେଲେ ଲୋକଟା ହେଇଯିବ ନାଲାଏକ୍ ଆଉ ଲେଖାଟା ମଧ୍ୟ ହୋଇଯିବ ତଦନୁରୂପ ନାଲାଏକ । ଟିକିଏ ଓକିଲାତି ଢଙ୍ଗରେ ଲୋକଟାକୁ ଘୋଡ଼େଇ ନେବା ବାହାନା କରାଯାଉ ! କିନ୍ତୁ ଏ ପାଖ ଆବୋରି ସେ ପାଖ ଆଡ଼େଇ ଦିଆଯାଉ । ସେଥିରେ ସେ ଧାରଣଟାକୁ କରି ହେବ; ଧୂର୍ତ୍ତ, ଶଠ, ପରସ୍ୱାପହରୀ ଖୁନୀଟାକୁ ଜମିଦାର ମଙ୍ଗରାଜ ରୂପେ ଥୋଡ଼ାଏ ବାଟ ଗଡ଼େଇ ନେଇ ହେବ । ଚମ୍ପାଟାକୁ ସେମିତି ବାହାଡ଼ାଦାନ୍ତୀ, ଡଗଡଗୀ, ଭ୍ରଷ୍ଟା, ଦୁଷ୍ଟା କହିବା ସହଜ, କିନ୍ତୁ ସେମିତି କହିଦେବାକୁ ସେନାପତିଙ୍କ ଅଭିଜାତ କଲମ ଏକବାରେ ନାରାଜ । କହିଦେଲେ ତ ଭଣ୍ଡୁର ହୋଇଯିବ ! ଦାଣ୍ଡରେ ହାଣ୍ଡି ପିଟା ହେଲେ ଖେଳ ଶେଷ । ସେ କଥା ଏଠି ଚଳିବ ନାହିଁ । ଖେଳେଇ ଖେଳେଇ ନେବାକୁ ହବ । ସେଥିପାଇଁ ଫାରସୀ, ଉର୍ଦ୍ଦୁ, ସଂସ୍କୃତ, ବାଲେଶ୍ୱରୀ ମିଶେଇ ତାଙ୍କର ଲାଖରାଜ୍ ଭାଷା । ସେଥିରେ

Digitized by srujanika@gmail.com

ଶୁଳ୍କ ଦଣ୍ଡ ନାହିଁ । ସେଇଟା ଫକୀରମୋହନଙ୍କ ମାଫି ଜମି । ତା' ଉପରେ ଫସଲ ହେଲେ ସେ କଦରଦାନ୍ ପାଠକ ଦେଖି ହକ୍ ବାଣ୍ଟି ଦେଇପାରନ୍ତି; କିନ୍ତୁ ଜମିଟା ଆଉ କାହା ନାରେ ଦଲିଲ ହୋଇପାରିବ ନାହିଁ, ହୋଇ ନାହିଁ ମଧ୍ୟ । ସେଠି ଏବକୁ ବଣ ଉଠିଗଲାଣି । ଚବିଶ୍ ଦସ୍ତି ପଦିକାରେ ଜମିଟାକୁ ବାଡ଼ି ବାହାଲ କରିବା କାଠିକର ପାଠ ।

ଦେଖିବା ଉପରେ ଲେଖିବା ନିର୍ଭର କରେ । ଖୁବ୍ ଗହୀରେଇ ଦେଖି ନ ଜାଣିବା ଲୋକ ଲେଖିପାରେନାହିଁ । ଲେଖିଲେ ସେମିତି ଉପରଠାଉରିଆ ଦି'ପଦ ହୁଏତ ଲେଖେ । ପାଦତଳୁ ଭୂଇଁ ତାଡ଼ି ନେଇଯିବା ଭଳି ଲେଖା ତା' ଆୟତ୍ତରେ ହୁଏ ନାହିଁ । ଜୀବନଟାକୁ ଫକୀରମୋହନ ମୁଚୁକି ମାରି ଦେଖିଛନ୍ତି, ଆଉ ଖୁବ୍ ପାଖେଇ ନିଘା ଜମେଇ ଦେଖିଛନ୍ତି; ଏଣୁ ଏ ମୁଚୁକିମରା ଲେଖା । ଗର୍ହିତ କଥାଟାକୁ ବିଚାରକ ଦୃଷ୍ଟିରୁ ନ ଦେଖିଲେ ଗମ୍ଭୀର ହେବାର କୌଣସି ପ୍ରୟୋଜନ ନାହିଁ । ବେଶ୍ ତାକୁ ଟିକିଏ ଉପଭୋଗ କରିହେବ; ଟିକିଏ ସହିଯାଇ ତାକୁ ଟିକିଏ ଭଲପାଇହେବ । ଫକୀରମୋହନ ଭାରି ଉଦାର ଭାବରେ ଜୀବନଟାକୁ ସହିଛନ୍ତି । ତା'ର ନାନାପ୍ରକାର ବାଗ ଅବାଗକୁ ଦେଖଣାହାରୀର ନିର୍ଲିପ୍ତତା ନେଇ ଗ୍ରହଣ କରିଛନ୍ତି । ଏଣୁ ପରିହାସ ଛଳରେ ଗୁଡ଼ାଏ ମସିଆ, ଦିଚ୍‌କିଟିଆ ବୁଜୁଳା ଫିଟେଇ ମଣିଷଟାକୁ ଦେଖେଇଛନ୍ତି ତା'ର ଗୋଟାଏ ନମୁନା । ଆଦ୍ୟୋପାନ୍ତ ଫକୀରମୋହନ ନିର୍ଲିପ୍ତ ଦ୍ରଷ୍ଟା । ଟିକିଏ ବୋଲି କେଉଁଠି ହେଲେ ସେ ଚହଲି ଯାଇନାହାନ୍ତି । ସାପୁଆକେଳା ଯେମିତି ନାଗକୁ ଫଣା ମେଲେଇ ଖେଳାଏ, ତା'ର ଚୋଟଯାକ ପଡ଼େ ପେଡ଼ିଖୋଳ ଉପରେ, ସେମିତି ଉପନ୍ୟାସ ଭିତରେ ଖୁବ୍ ମାମଲା ହୋଇଯାଏ, ନାନା ଭଣ୍ଡାମି, ଜୁଆଚୋରୀ ଭିତରେ ସେ ଆଦୌ ଉତ୍ୟକ୍ତ ହେବାର ଦେଖାନାହିଁ । ସେମିତି ସ୍ଥିର, ଭଦ୍ର ଭାବରେ, ଅଳ୍ପ ରସିକତା କରି ସେ ଗଡ଼େଇ ନେଇଯାନ୍ତି ଘଟଣାଗୁଡ଼ାକୁ । ମୋଟ ଉପରେ ତାଙ୍କ ଭାଷା ଯେମିତି ସାଧାରଣଟାକୁ ଅସାଧାରଣ ଜରିଜାମା ପିନ୍ଧେଇଦିଏ, ତାଙ୍କ ଉଦାର ଦୃଷ୍ଟିଭଙ୍ଗୀ ଅସାଧାରଣଟାକୁ ସାଧାରଣ ଭାବରେ ଅବିଚଳିତ ହୋଇ ମଧ୍ୟ ଦେଖେ । ଫଳରେ ଅନ୍ଧାରରେ ନିଛାଟିଆ ଦୋକାନ ଭିତରେ କେନ୍ଦୁଆ ଶୁକରୀକୁ ଝାମ୍ପି ଭିଣିଦେଲା ପରି ଗୋବିନ୍ଦା ଚମ୍ପାକୁ ଖୁରରେ କାଟି ପକେଇଲାବେଳେ ଭାଷା ଓ ବର୍ଣ୍ଣନା ହୋଇଯାଏ ଇଙ୍ଗିତଧର୍ମୀ ଓ ଗୋଟିଏ ବିଭୀଷିକା ହୋଇଯାଏ କେବଳ ଗୋଟାଏ ବିକଟାଳ ଚିତ୍ର । ତାଙ୍କୁ ଚଞ୍ଚଳ ଗଡ଼େଇ ନେଇ ଆଉ କଥାରେ ପାଠକକୁ ଛନ୍ଦି ଦେଇ ଫକୀରମୋହନ ପଳାନ୍ତି । ବିଲୁଆ, ବାଦୁଡ଼ି, ଅନ୍ଧାର ବରଗଛରେ ଝଡ଼ କଥା କହୁ କହୁ ହତ୍ୟା ସରିଯାଏ---ଲେଖକ ଖଲାସ, ପାଠକ ମଧ୍ୟ ଉଶ୍ୱାସ । ତେଣିକି ପୁଣି ସ୍ୱାଭାବିକ ଢଙ୍ଗ, ସ୍ୱାଭାବିକ ରସିକତା, ସେମିତି ମୁଚୁକିମାରୁଥିବା ବ୍ୟଙ୍ଗ ପରିହାସ । ଏଇଟା ଗୋଟାଏ ଅଦ୍ଭୁତ ଶୈଳୀ ।

କିନ୍ତୁ ତା'ଠୁଁ ଅଧିକ ନ ହେଲେ ମଧ୍ୟ ସେତିକି ଅଦ୍ଭୁତ ଛ' ମାଣ ଆଠଗୁଣ୍ଠର ଚରିତ୍ର ପୁଞ୍ଜାକ । ବାପ୍‌ରେ ବାପ୍, କି ଚରିତ୍ର !! କାହା କଥା ଆଗେ ଲେଖିବା ! ଏକୁ ଆରେକ ମହାବଳୀ ! ମଙ୍ଗରାଜଙ୍କୁ ପ୍ରଥମେ ଧ୍ୟାନ ନ ଦେଲେ ହଠାତ୍ ପଛରୁ ଶୁଭୁଛି---"ବେ, ଗୋବରା ! ଯାକୁ ଦି'

Digitized by srujanika@gmail.com

ପୁଞ୍ଜା ଛେଚି ଆଗ ଦାରୋଗା ପାଖରେ ଏତଲା କରିଦବୁଟି ! ସେ ଆମକୁ ବେଇଜ୍ଜତ କଲା ! ତା' ଭଲ ପାଇଁ ତ ଆମେ ତାକୁ କିଛି ଏମିତି ଶିଖେଇବା । ନ ହେଲେ ତା' ମୁହଁ ବଢ଼ିଯିବନାହିଁ ? ଇଜ୍ଜତ ଦାବୀରେ ତା' କାଗଜ କଲମ ସବୁ ଜବଦ୍ କରି ପୋଡ଼ିଦେ ।" ମନେହୁଏ ଏଇଟା ଖୁବ୍ ସମ୍ଭବ । କଚଟିଠଉଁ ହାତ ଦୁର୍ବଳ ହୋଇଯାଏ । ଭୟରେ ଜମିଦାର କଥା ଆରମ୍ଭ କଲାବେଳକୁ ପୁଣି କେଉଁଠୁ ଶୁଭେ, "ହାଁ !! ଏଡ଼େ ବହପ ପୋଇଲୀଟାର ! ମୋ' ପରା ସାଆନ୍ତାଣୀକୁ ପଛେଇ ଦେଲା ! ରହ ଦଉଚି ତୋ ଅନ୍ତପୁଟା ଦୁହିଁ । ତୋ ରକ୍ତ ଚିତା ଯଦି ନଘେନିଛି ମୋ ନାଁ ଚମ୍ପା ନୁହେଁ !" ହେ' ମା ଟାଙ୍ଗି ମାଉସୀ, ଏ ବାରକ ରଖି ଯା ! ଯା ଦେବୀ ଉପନ୍ୟାସେଷୁ କର୍ତ୍ତ୍ରୀ ରୁପେଣ ସଂସ୍ଥିତା, ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ । ଅତଏବ ଅଗତ୍ୟା ପ୍ରଥମେ ଚମ୍ପା ।

ଗୋହିରୀ ଦାଣ୍ଡରେ ମାଣିଆବନ୍ଦି ପଣତକାନି ମେଲେଇ ଖଣ୍ଡିଉଡ଼ା ଦେଇ ଚାଲୁଥିଲାବେଳେ ଚମ୍ପା ଟିକିଏ ଚହଲେଇଦିଏ; କାରଣ ସେତେବେଳକୁ ଦୂରରୁ ମାଣିଆ ବନ୍ଦିଟା ତ ଦିଶୁଥାଏ । ସେ ଶାଢ଼ୀଟାର ଭୁଆଷୁଣିଆ ରଙ୍ଗ ନାରୀର ଆକାର ଉପରେ ଗୋଟାଏ କିମିଆଁ କରିବା ଭାରି ସ୍ୱାଭାବିକ କଥା---ଯଦି ନ କରିଛି ତେବେ ପାଠକକୁ ଇଲମଦାର୍ ନ କହିଲେ କସୁର ଆଉ କେଉଁଠି ରହିଲା ? କିନ୍ତୁ ପରେ ପରେ ତା' ବାହାଡ଼ା ଛାମୁ ଦାନ୍ତରେ ହାବୁଡ଼ା ଖାଇ ତା'ର ବେହୋସି ଭାଙ୍ଗେ । ସେ ଅନେଇଁଦିଏ ଚମ୍ପାର ରୁପକୁ । ତାକୁ 'ଗୋରୀ' କହିବା ବର୍ଣ୍ଣ ବିଷୟରେ ଅଜ୍ଞତା, କିନ୍ତୁ କାଳୀ କହିଲେ ସେ କାମୁଡ଼ି ପକେଇବ ବୋଲି କାଳିଦାସଙ୍କ ଉହାଡ଼ରୁ ତାକୁ 'ଶ୍ୟାମା' ବୋଲି ସେନାପତିଏ ଲେଖି ପକାଇଛନ୍ତି । ତା' ପରେ ସୌଜନ୍ୟ, ସଂକୋଚ ଆଉ ଯୁଗରୁଚିକୁ ଜଗି ଯେଉଁ ଅବିଶଦ ବର୍ଣ୍ଣନା ଅଛି, ତାକୁ ମିଶେଇ ଗୋଟାଏ ଧାରଣା କରାଯାଇପାରେ । କଳା ଦେହକୁ ତେଲ ହଳଦି, ବାହାଡ଼ା ଦାନ୍ତକୁ ଗୁଣ୍ଡି ମିଶା ଖିଲ୍ଲୀର ବୋଳ, ଏବଂ ଷୋଳ ହାତୀ ଶାଢ଼ୀକୁ ଥୋପଭିଡ଼ା ଜୁଡ଼ା ମିଶେଇଲେ 'ଦୁମୁ ଦୁମୁ' 'ଗୁମୁ ଗୁମୁ' ଚାଲି ବଳେ ବାହାରିବ । ଏ ରୂପ ଦେଖି ଶଙ୍କି ନ ଯିବ ଏମିତି ପୁଅ କାହିଁ ? ଦେଖିଲେ ପଳେଇବା ବ୍ୟତିରେକ ଗତ୍ୟନ୍ତର ବା କାହିଁ ?

କିନ୍ତୁ ପଳେଇ ହୁଏ ନାହିଁ ସେ ମାଣିଆବନ୍ଦିର ଜାଲ ଭିତରୁ, କି ଉବୁରି ହୁଏ ନାହିଁ ଚମ୍ପାର ଏକ ଦୁର୍ନିବାର ଆକର୍ଷଣ ପାଶରୁ । କୁଟୀଳା ସର୍ପିଣୀର ବକ୍ର ଛନ୍ଦ ଦେଖି ଯେମିତି ତାକୁ ଅନେଇଁ ରହିଯିବାକୁ ହୁଏ, ତାର ଆଖିରେ ନିଆଁ ଓ ଜିଭରେ ବିଷ ବୁଝି ମଧ୍ୟ ସେଇଠି ଜଡ଼ି ଯିବାକୁ ହୁଏ, ସେମିତି ଚମ୍ପାର ଶୟତାନୀ ଆକର୍ଷଣ । ସେନାପତିଙ୍କ କଥା-ଜାଲ ପଛରୁ ତ ବାହାଦୁର ପାଠକଟାକୁ ଏମିତି କାବୁ କଲା ଭଳି ନାରୀ ଏଇ ଚମ୍ପା ! ତେବେ ମଙ୍ଗରାଜେ ତା ହାତମୁଠା ଭିତରେ ଯେ ବିଳାସ ନ କରିବେ, ଏ କଥା କେମିତି କହିବା ? ମଙ୍ଗରାଜ ପରିବାରରେ ଚମ୍ପା ଶମ୍ପା ପରି ଆବିର୍ଭୂତା ହୁଏ । ଯେମିତି ମେଘ ଅନ୍ଧାର କରି ଘୋଟିଆସିଲେ ବଳେ ବିଜୁଳି ଚମକି ଉଠେ; ରାମଚନ୍ଦ୍ର ମଙ୍ଗରାଜଙ୍କର ଚକ୍ରାନ୍ତ, ଷଡ଼ଯନ୍ତ୍ର ସବୁ ପାକଳ ହୋଇ ମଞ୍ଜି ଧରି ଆସିଲାବେଳକୁ ଯେ ଅକସ୍ମାତ ଚମ୍ପା ଆସି ପହଞ୍ଚିଥିବ ଏ କଥା ଫକୀରମୋହନଙ୍କୁ ଟିକିଏ ଆଡ଼ କରି ଆମେ କହିପାରୁଁ ।

Digitized by srujanika@gmail.com

ମଙ୍ଗରାଜ ଭିତରର ପିଶାଚ ଯେତେବେଳେ ପ୍ରସ୍ତୁତ, ସେତିକିବେଳେ ଚମ୍ପା ପାଇଥିବ ଉପଯୁକ୍ତ ପରିବେଶ, ପାଇଥିବ ସ୍ୱାଗତ ସମ୍ଭାଷଣ ଓ ଉଭୟେ ଲୁଚେଇ ଦେଖେଇ ମିଶି ଯାଇଥିବେ ।

ଚମ୍ପା ଚତୁରା । ଖୁର ଧୀର ପରି ତା'ର ବୁଦ୍ଧି ଓ ସେମିତି ଟାଣୁଆ ଆଉ ଅଣବାହୁଡ଼ା । ସେ ମଙ୍ଗରାଜ ପରିବାରରେ ଆସି କ୍ଷଣକେ ବୁଝିଯାଇଥିବା କେଉଁ କୁଣରୁ ଜାଲ ଫିଙ୍ଗିବ, ଫଳରେ ସାଆନ୍ତଙ୍କୁ ଫିସାଦରେ କାବୁ କରି ତାଙ୍କ ଜଳନ୍ତା ନିଆଁରେ ତେଲ ଯୋଗେଇ ସେ ହୋଇଯିବ ବିଶ୍ୱସ୍ତା ମନ୍ତ୍ରିଣୀ । ଯେଉଁ ରାଜ୍ୟରେ ମଙ୍ଗରାଜ ନିଶାଚର ପରି ଏକୁଟିଆ ବିଚରଣ କରୁଥିଲେ, ସେହି ଚମ୍ପା ହେଲା ସହଚରୀ, ପରାମର୍ଶଦାତ୍ରୀ, ପ୍ରୋତ୍ସାହିନୀ । ମଙ୍ଗରାଜେ ମଧ୍ୟ ସହଜ ଲୋକ ନୁହନ୍ତି । ଭାରୀ ଗହୀରରେ କଳିଦେବେ ସେ ମଣିଷଟାକୁ; କିନ୍ତୁ ଚମ୍ପା ପାଖରେ ତାଙ୍କର ନଙ୍ଗର ପାଏ ନାହିଁ । ଚମ୍ପା ମଙ୍ଗରାଜଙ୍କ ମଙ୍ଗବୁଡ଼ାସ। ଚମ୍ପା ଚାହିଁଛି ମଙ୍ଗରାଜ କେମିତି ତାକୁ ବିଶ୍ୱାସ କରୁ, ନିଜ ସମେତ ସମସ୍ତ ସମ୍ପତ୍ତି ଓ ପରିବାରଟାର ଦାୟିତ୍ୱ ସମର୍ପି ଦେଉ ଏବଂ ମଙ୍ଗରାଜ ତାହା କରିଛନ୍ତି; କିନ୍ତୁ ଚମ୍ପା ତାଙ୍କୁ ଯାହା ଦିଶିଛି ସେ ତାହା ନୁହେଁ । ଏସବୁ ବିଶ୍ୱାସ ଓ ଦିଆନିଆ ଭାବର ଅନ୍ତରାଳରେ ସେ ଚାହିଁଛି କେମିତି ସବୁ ନିଜେ ହଜମ କରି ବସିଯିବ । ତା' ନିଜ ପେଟ ପୂରିଗଲେ ସେ ଆଉ କାହା ବିପତ୍ତିରେ ଚହଲିବା ଲୋକ ନୁହେଁ, ମଙ୍ଗରାଜଙ୍କ ବିପତ୍ତିରେ ମଧ୍ୟ ନୁହେଁ । ଚମ୍ପା ଖାଲି ବହକେଇ ଦିଏ, ବହଲେଇ, ସହଲେଇ ଚୋପି ମାରିଦିଏ । ଗଣ୍ଠି କାଟିବା ତା'ର ଧର୍ମ, ସେଥିପାଇଁ ତଣ୍ଟି ମଧ୍ୟ ସେ କାଟିଦେଇପାରେ । ଆସୁରୀ ମାୟା ପରି ତା'ର ଧୂଆଁ ବାଣ; ସେଥିରେ ମଙ୍ଗରାଜ ସଦୃଶ ଦାନବ ତ ଭେଦିପାରିନାହିଁ, ଆଉ କିଏ ବା କି ଛାର !

ଚମ୍ପାର ଚତୁରତା ଓ ଶଠତାକୁ ଚାହିଁ ତା'ର ମର୍ଦାନୀ ବହପ ତାକୁ ଗୋଟାଏ ରକ୍ତମୁଖୀ ବାଘୁଣୀର ଭୟଙ୍କର ରୂପ ଦେଇଛି । ସେ ଏକା ଏକା ପାଞ୍ଚଟା ମିଣିପର ସାହସ କରିଯାଏ । ତାକୁ ଭୟ ଭ୍ରାନ୍ତି ନାହିଁ । ମହା ଫନ୍ଦିବାଜ୍ ତା' ମଗଜରେ ସେ ଯେମିତି ସର୍ବନାଶର ଯୋଜନା ଗଢ଼ି ଥୋଇଦିଏ, ତାକୁ କାର୍ଯ୍ୟକାରୀ କରେ ମଧ୍ୟ ସେମିତି ହିମ୍ମତ୍‌ର ସହିତଓ। ନେତ ଉପରେ ଆଖି ରଖି ଜାଲ ପକାଉ ପକାଉ ଭଗିଆ ସାରିଆ ଉଚ୍ଛନ୍ନ ହୋଇଗଲେ । ତାଙ୍କ ଆଖି ଆଗରେ ଛ'ମାଣ ଆଠଗୁଣ୍ଠ ଜମିରେ ମଙ୍ଗରାଜର ହଳ ପଶିଲା । କୁଡ଼ିଆ ଖଣ୍ଡ ଧୂଳିସାତ୍ ହେଲା । 'ହରକଳା'ର ଆନନ୍ଦ କହିଲେ ନ ସରେ । ପୁରାଣର କଳହା ପରି ପରର ହାହାକାର ଭିତରେ ସେ ମଉଜ କରେ, ପର ଘରେ ନିଆଁ ଲାଗିଲେ ସେ ତାଳିମାରି କୁରୁଳିଉଠେ; କିନ୍ତୁ ପକ୍ଷୀଛୁଆକୁ ସାପ ଘେରିଲା ପରି ଯେତେବେଳେ ମଙ୍ଗଳା ନାଁରେ ସାରିଆକୁ ତା' ଖାବଳାରେ ପୂରେଇ ଚମ୍ପା ତାକୁ ମୋଡୁଛି, ସେ ସବୁ କମ୍ କୌଶଳ ଓ ସାହସର କଥା ନୁହେଁ । ବାଘସିଂହ ଘର ଭିତରେ ପଶି ଏଡ଼େ କଥା ଏକାକୀ ସାଧି ଆସିବାପାଇଁ କେବଳ ଏଇ "ଟାଙ୍ଗି ମାଉସୀ" ହିଁ ସମର୍ଥା ।

ଆଚ୍ଛା, ଯେତେହେଲେ ତ' ଚମ୍ପା ବିଧାତା ସୃଷ୍ଟିରେ ଗୋଟିଏ ନାରୀ---ତା'ର କ'ଣ ମମତା ଟିକିଏ ନାହିଁ, କାହାରି ପ୍ରତି ଟିକିଏ ମୋହ ନାହିଁ, ସାମାନ୍ୟ ଟିକିଏ ଆକର୍ଷଣ ନାହିଁ ? ସେ କ'ଣ ପ୍ରେମକରି ଶିଖି ନାହିଁ ? ... ବା ଚମ୍ପା କ'ଣ କେବେ ମା' ହୋଇ ପାରିଥାନ୍ତା ?

Digitized by srujanika@gmail.com

ସେନାପତିଙ୍କୁ ପଚାରିଥିଲେ ସେ ବୋଧହୁଏ ତାଙ୍କ ଆମ୍ବଟାକୁଆ ଥୋଡ଼ି ଟେକି ଅଳ୍ପ ହସିଥାନ୍ତେ । କହିଥାନ୍ତେ, "ଆରେ ବାୟା ! ଚମ୍ପାଟାକୁ କ'ଣ ଏମିତି ସେମିତି ମାଇକିନିଆ ଠଉରେଇଲୁ କି ? ଏ ସବୁ ଚିକ୍‌କଣ କାରିଗରି ଲଗେଇ ଚମ୍ପାଟାକୁ ମାଠି ଦେଲେ ସେ ଆଉ ଚମ୍ପା ହୋଇ ରହିବଟି ? ---ଆରେ, ସେଇଟା ପରା ଗୋଟାଏ ବ୍ୟତିକ୍ରମ !" ହେଲା ଅବା ଚମ୍ପା ଗୋଟାଏ ବ୍ୟତିକ୍ରମ--- ତା'ଠି ମୋହ ମମତା କିଛି ନାହିଁ---ଏପରି କି ମଙ୍ଗରାଜ ପାଇଁ ମଧ୍ୟ ନୁହେଁ---କିନ୍ତୁ ଏପରି ଶଠତା, ନୃଶଂସତା ସାଙ୍ଗକୁ ତା'ର ନୈତିକ ଚରିତ୍ରଟି ଗୋଟିଏ ପ୍ରଶ୍ନବାଚୀ ପରି ରହିଗଲେ କେମିତି, ଗୋଟାଏ ବେଖାପିଆ ଲାଗୁନାହିଁ । ଆଚ୍ଛା, ମଙ୍ଗରାଜ ସହିତ ଚମ୍ପାର ପ୍ରକୃତ ସମ୍ପର୍କଟା କ'ଣ ? ଖାଲି କ'ଣ ଷଡ଼ଯନ୍ତ୍ର, ପରଚର୍ଚ୍ଚା, ଘରବୁଡ଼ା ଚକ୍ରାନ୍ତ କଲେ ଏମିତି ନିବିଡ଼ତା ଆସିପାରେ ?--- ସହଧର୍ମିଣୀଠାରୁ ଗୋଟାଏ ବେଶ୍ ବୁଝୁରୁକ୍ ଲୋକଟାକୁ ବିମୁଖ କରିଦେଇପାରେ ?... ଏମିତି ଗୁଡ଼େଇ ତୁଡ଼େଇ ପଚାରିଲେ ରସିକ ବୁଢ଼ା ଫକୀରମୋହନ ପୁଣି ଟିକିଏ ବୋଧହୁଏ ହସିଥାନ୍ତେ । କହିଥାନ୍ତେ, "ହେ ନାତିଆ ! ତୁ' ଏମିତି ପଚାରିଲେ କ'ଣ ମୁଁ ଗୁମର କଥାଟା କହିଦେବି ବୋଲି ଭାବିଚୁ ? ଆମ ସମୟରେ ଏ ସବୁ କଥା କୁହା ହେଉ ନ ଥିଲା ! ଏବପରି ହେଇଥିଲେ ତେମେ କ'ଣ ମତେ ଆଉ ବଳିଯାଇଥାନ୍ତା ?"

ହଉ, ତା'ହେଲେ ଏତିକିରେ ହରକଳାଙ୍କର ଜୟ ହେଉ । ସେ ଆଉ ଗୁଡ଼ାଏ ଲୋକହସା ନ ହୋଇ ହାଣ ଖାଆନ୍ତୁ ପଛେ ଇଜ୍ଜତ୍ ନ ଯାଉ । ତାଙ୍କ ତୋଫାନୀ, ବିକଟାଳ, ବିକୃତ ଜୀବନଟାର ଇତି କରିବାକୁ ଗୋଟାଏ ନିଛାଟିଆ, ନଈକୂଳିଆ ଦୋକାନ ଘର ଓ ଗୋଟାଏ ଧୂର୍ତ୍ତ ବାରିକର ଭୋକିଲା ଖୁରଠାରୁ ବଳି ଉପଯୁକ୍ତ ଆଉ କ'ଣ ଚିନ୍ତା କରାଯାଇପାରେ ?

"ଛାମୁ ଛାଡ଼ି !" "ଛାମୁ ଛାଡ଼ !"

ଗୋବରା ଜେନା ନିମକ୍ ଖାଇଛି । ଠେଙ୍ଗା ବୁଲେଇ ରଡ଼ିଛାଡ଼ିଛି---"ଘରବାଲେ ଖବରଦାର୍ ! ଗାଁଲୋକେ ହୋସିଆର !! ମହାପ୍ରତାପୀ ଫତେପୁର ସରଷଣ୍ଡ ଜମିଦାର ସାଆନ୍ତେ ଶ୍ରୀ ରାମଚନ୍ଦ୍ର ମଙ୍ଗରାଜ କଚିରି ଘରକୁ ବିଜେ !"

ଗୋଟାଏ ହାତରେ ଶେଖ୍ ଦିଲ୍‌ଦାର ମିଆଁ ପି: କେରାମତ୍ ଆଲିଙ୍କ ବେହୋସି ଦସ୍ତଖତ୍ ସହିତ ଜମିଦାରୀର କବୁଲିୟତ୍‌ନାମା; ଆର ହାତରେ ଭଗିଚନ୍ଦ, ପି:ଗୋବିନ୍ଦ ଚନ୍ଦ ପରମାଣିକର ଟିପଚିହ୍ନମରା ଛ'ମାଣ ଆଠଗୁଣ୍ଠର ରଣ ବାବଦକୁ କଟକାବ୍‌ଲା ! ମୁହଁର ମୁଦ୍ରାଟା ମଧ୍ୟ ବେଶ୍ ଗମ୍ଭୀର । ବାଁପାଖେ ଧାଡ଼ିବାନ୍ଧି ଗଳବସ୍ତ୍ର ଠିଆ ରହିଛନ୍ତି ତାଙ୍କ ମୂଲିଆଶ୍ରେଣୀ । ନିତିପ୍ରତି ତାଙ୍କୁ ସାରବାନ୍ ଖାଦ୍ୟ ଦେବାର ତଦାରଖ କରିଥିବାର ପରମ କାରୁଣିକ ସାଆନ୍ତଙ୍କ ଭାଟ ବୋଲା ଛାଡ଼ିଛନ୍ତି । ଡାହାଣ ପାଖେ ଖାଡ଼ଙ୍ଗା ଆଦି ବ୍ରାହ୍ମଣଯାକ ବନ୍ଧାଞ୍ଜଳି ହୋଇ ଭୁରିଭୋଜନ ପରେ ଆଶୀର୍ବାଦ ଢାଳି ଲାଗିଛନ୍ତି । ଟିକିଏ ଦୂରକୁ ମଜବୁତ୍ ଠେକାଟାଏ ଲେଖା ଭିଡ଼ି ଚିତେ ଉଞ୍ଚ ଠେଙ୍ଗାମାନ ଧରି ତମ ସାହିର ଭେଣ୍ଡିଆଯାକ କଦରଦାନ୍, ମେହେରବାନ୍ ଖାଉଁଦର ଆଖି ପିଛୁଡାକୁ ଚାହିଁରହିଛନ୍ତି, ଇସାରା ପାଇଲେ ଇନ୍ଦ୍ର ଚନ୍ଦ୍ରଙ୍କୁ ପିଟି ଛତୁ କରିଦେବେ । ଏ ଥାଟ ଓ ଜାକ୍‌ଜମକରେ

Digitized by srujanika@gmail.com

ବେଶ୍ ଗୋଟାଏ ଖାନଦାନୀ ଇଜ୍ଜତ୍‌ର ଇସାରା ମିଳିବା କଥା; କିନ୍ତୁ ଯେ ଆମକୁ ବୁଲେଇ ଏ ଦରବାର ଦେଖାଉଛନ୍ତି ସେ ଭାରି ହୋସିଆର୍ ଲୋକ । ଆଖି ମାରି କହୁଛନ୍ତି, "ଟିକିଏ ଶୁଣ ! ଭଲ କରି ଟିକିଏ ନିଘା ଜମେଇ ଦେଖ । ବୁଝ କଥାଟାକୁ ।"

ଆମେ ଶୁଣୁଛୁ ମୂଲିଆ କହୁଛନ୍ତି---"ଆମେ ମୁଣ୍ଡଝାଳ ତୁଣ୍ଡରେ ମାରି ମେହେନ୍ତ ଖଟିଛୁ, ଆମ ତାତିଲା ନିଃଶ୍ୱାସ ତା ଉପରେ ପଡୁ । ଆମ ଅସନ୍ତୋଷ ତାକୁ ଖାଇଯାଉ !"---ବ୍ରାହ୍ମଣେ କହୁଛନ୍ତି, "ଆମକୁ ଖଇ ଗୁଡ଼ ଶୁଙ୍ଘେଇ ତଡ଼ିଛି; ଲୋଭୀ, ଲମ୍ପଟ କହି ବଜାରେ ଶୋଧୁଛି । ଏଇଟା ଭସ୍ମାସୁରପରି ନିଜେ ନିଜେ ଜଳିଯାଉ ।" ଡମଯାକ କହୁଛନ୍ତି, "ଶଳା, ଆମକୁ ଖାଲି ଭଣ୍ଡେଇ ଭଣ୍ଡେଇ ନିଶା ଖୁଆଇଲା, ପେଟ ପୂରେଇଲା ନାହିଁ । ଶଳାର ସର୍ବନାଶ ହେଉ !" ଏଇଟା ଶୁଣିବାପରେ ନିଶ୍ଚୟ କ'ଣ ଗୋଟାଏ କହିଦେବାକୁ ମନହେବ । ହାଁ ହାଁ, ସବୁର୍ କର । ନିନ୍ଦୁକ କ'ଣ ନାହାନ୍ତି ? ନିମକହାରାମ କ'ଣ ନାହାନ୍ତି ! ଯେ ପୋଷି ପାଳି ରଖିଥିବ, ତା'ର ନିନ୍ଦା କରିବା କ'ଣ ନୂଆ କଥା ? ସେନାପତିଏ ଆମ ପାଟିରେ ହାତ ଚାବି ଦିଅନ୍ତି, କିନ୍ତୁ କହନ୍ତି, "ସାଆନ୍ତେ ଜାବୁଡ଼ି ଧରିଥବବା କବୁଲିୟତ୍‌ନାମାଟାକୁ ଟିକିଏ ଦେଖ । ଗୋଟାକରୁ ଦିଲ୍‌ଦାର ମିଆଁର ସରାବ୍ ଗନ୍ଧ ଆହୁରି ଯାଇନାହିଁ ଓ ଆରଟାରୁ ସାରିଆର ରକ୍ତ ଛିଟାଯାକ ଲିଭିନାହିଁ ।"

ଆମର ଆଉ ସମ୍ଭଳା ପଡ଼େନାହିଁ । ଆମେ ଚିତ୍କାର କରି ଉଠିଲାବେଳକୁ ପୁଣି ସେନାପତିଏ ଜଗିଦିଅନ୍ତି, "ଓହୋ ! ଆମେ କ'ଣ ଜାଣିନାହୁଁ ତୁମେ ମଙ୍ଗରାଜଙ୍କୁ ଶଇତାନ, ଫନ୍ଦିବାଜ, ଶଠ, ମିଥ୍ୟାବାଦୀ, ଡକାୟତ୍, ଦଗଲବାଜ୍, ନାଲିସେଖୋର୍ ଇତ୍ୟାଦି କହିବାକୁ ଚାହଁ ! ସେହି ସୁଅରେ ତାଙ୍କ ପିତା ମାତାଙ୍କୁ ଇଙ୍ଗିତ କରି ଦୁଇଚାରିଟା ବେଆଇନ୍ ଶବ୍ଦ ମଧ ଉଚ୍ଚାରଣ କରିବାକୁ ଚାହଁ । ହଉ, ହେଲା ! ଆମେ କ'ଣ ତାକୁ କେବେ ସାଧୁ ସନ୍ନ୍ୟାସୀ ବୋଲି କହିଛୁ ? କିନ୍ତୁ ଚୋରଟାକୁ ଚୋର ବୋଲିବା ଏପରି କିଛି ଅନିବାର୍ଯ୍ୟ ନୁହେଁ । ବୁଝିଗଲେ, ଜାଣିଗଲେ କ'ଣ ହେଲାନାହିଁ ? ଏଇଟା ହେଲା ଦରବାର । ତାଙ୍କ ଘରେ ଏବେ ସେ ପତ୍ନୀଙ୍କୁ ଅସମ୍ମାନ କରନ୍ତି, ଚମ୍ପା ନାମ୍ନୀ ମହିଳା ତାଙ୍କର ପରାମର୍ଶଦାତ୍ରୀ, ଆମେ କ'ଣ ଏ କଥା ଲୁଚାଉଛୁ ? ଆପଣ ବିଜ୍ଞ ପାଠକ ! ଆପଣ କ'ଣ ଆମକୁ କହିପାରିବେ ଯେ ଏପରି ମଣିଷ ଆପଣଙ୍କ ସମାଜରେ ନାହାନ୍ତି ? ତେବେ ହଁ, ତାକୁ ଶାସ୍ତି ଦେବାକୁ କହୁଛନ୍ତି ଯଦି ସେଥିରେ ଆମ ରାଜି । ତାର ପୁଅ ତିନିଟା କୁଳାଙ୍ଗାର, ନିଶାଖୋର, ଜୁଆଚୋର ହୁଅନ୍ତୁ---ତଥାସ୍ତୁ !! ମଙ୍ଗରାଜକୁ ହାତକଡ଼ା ପକେଇ ଗୋବିନ୍ଦପୁର ଦାଣ୍ଡରେ ଦାରୋଗା ବାନ୍ଧିନେଉ ! ତା' ଠକ ସଂପତ୍ତି ଠକରେ ଓକିଲ ଖାଇଯାଉ

---ହେଲା ଏଥର ତ ସନ୍ତୁଷ୍ଟ ? ନା, ତାକୁ ଘଣାପେଲା ଜେଲଦଣ୍ଡ ହେଉ । ମିଛ ସାକ୍ଷୀ ଡମଙ୍କ ସହିତ ସେ ଜେଲ୍ ଭୋଗୁ । ଆହୁରି ଯଦି ଚାହାନ୍ତି ତା ନାକ କାମୁଡ଼ି ଛିଣ୍ଡେଇ ଦିଆଯାଉ । ଭଗିଆ ହିଁ ଏ କାର୍ଯ୍ୟ କରୁ । ତା ପରେ ସେଇ ଗୋବରା ଜେନା ହାତରେ ଅଧରାତିଆ ମାଡ଼ରେ ସେ ରକ୍ତବାନ୍ତି କରି ମରୁ । ଆପଣଙ୍କ ନ୍ୟାୟବୁଦ୍ଧିର ସନ୍ତୋଷବିଧାନ ପାଇଁ ଆମେ କ'ଣ ନ କରିପାରୁ ? ଏଣୁ ମଙ୍ଗରାଜକୁ ଆମେ ଯେଉଁପରି ଚିହ୍ନାଇଲୁ ଆପଣ ସେହିପରି ଗ୍ରହଣ କରିବା ହେଉନ୍ତୁ !"

Digitized by srujanika@gmail.com

ଶଠତାର ପୀଢ଼ ଉପରେ ମଙ୍ଗରାଜ ଲୋକଙ୍କ ତଣ୍ଟିରେ ଗୋଡ଼ ରଖି ବଡ଼ଲୋକ ହୁଏ । ସେଇ ଲୋକେ କହନ୍ତି, "ସ୍ନେହ, ମାୟା, ମମତା, ଚକ୍ଷୁଲଜ୍ଜା, ଧର୍ମ କର୍ମ ମଙ୍ଗରାଜ ମନକୁ ଛୁଇଁନାହିଁ । ସେ ଭଲରୂପେ ବୁଝିଛି 'ଟଙ୍କାଏବ ମନୁଷ୍ୟାଣାଂ ଚତୁର୍ବର୍ଗ ଫଳପଦା ।' ଦିବା ରାତ୍ରି ତା'ର ଟଙ୍କା ଥିଲା ଧ୍ୟାନ, ଟଙ୍କା ଥିଲା ଜ୍ଞାନ ।" ସେଇ ମୋହରେ ସେ ଅହରହ ଘାଣ୍ଟିହୋଇ ଜୀବନ ବିତେଇଛି ଓ ଶେଷରେ ଆପଣା କର୍ମଫଳ ଆପେ ଭୋଗକରି ସଂସାରରୁ ବିଦାୟ ନେଇଛି । ବେଶ୍ ପରିଷ୍କାର କଥା---ଅମାନୁଷିକ ସର୍ବଗିଳା ଲୋକଟାଏ, ତା'ର ଗତି ଏମିତି ନ ହୋଇ ଆଉ କ'ଣ ହୋଇଥାନ୍ତା ?

ମଙ୍ଗରାଜର ବିଚାର ହେଲାବେଳେ ଠାଏ ମଧ ସେନାପତିଙ୍କ କଲମ ସାକ୍ଷ୍ୟ ଦେବାରେ କୋହଳ ପଡ଼ିନାହିଁ । ଯମପୁରାଣରେ ପାପୀ ଯେମିତି ଚୌରାଶି ନର୍କ ଭୋଗିବା କଥା ବିଶଦ ବର୍ଣ୍ଣନା କରି ପୁରାଣକାର ଖଳ ସ୍ୱଭାବକୁ ଶିକ୍ଷା ଦିଏ; ସେମିତି ମଙ୍ଗରାଜଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଫକୀରମୋହନ ଏଇ ଶିକ୍ଷା ଦେବା ନୀତିଟାକୁ ଛାଡ଼ିନାହାନ୍ତି । ଯେଉଁ ପଞ୍ଚାକ ମିଶି ସବୁ ମିଥ୍ୟାଚାରର ବିଭ୍ରାଟ କରିଛନ୍ତି, ଦେବାନ୍ ବାହାଦୁର ସେମାନଙ୍କୁ ଗୋଟି ଗୋଟି କରି ଝିଙ୍କିଆଣି ନ୍ୟାୟଦଣ୍ଡରେ ଛେଚିଚନ୍ତି । ସେଥିରେ କିଏ ବଞ୍ଚିଛି ବା କିଏ ମରିଛି ସେଇଟା ଛେଚାର ଟାଣପଣ ଉପରେ ନିର୍ଭର କରିଛି । ଦୋଷର ଓଜନ ଦେଖି ଦଣ୍ଡବିଧାନ ହୋଇଛି । ହେଲେ ଦେବାନ ବାହାଦୂର ଓ ଘୋର ନୀତିବାଦୀ ନିତ୍ୟକର୍ମ-ପଦ୍ଧତିକାର, ଏ ଦୁଇ ଜଣଙ୍କ ପଛକୁ ଯେଉଁ ସ୍ରଷ୍ଟାଟି ଛିଡ଼ା ରହିଛନ୍ତି ତାଙ୍କ ମୁହଁ ଟିକିଏ ବିରସ । ଯେପରି ସେ କହିବାକୁ ଚାହାନ୍ତି---"ରାମଚନ୍ଦ୍ରଟା ଦୁଷ୍ଟ ଲୋକ, ଖଳ ଲୋକ, ସେ ଦଣ୍ଡ ନ ପାଉ ଏ କଥା ମୁଁ କେବେ କହିବିନାହିଁ । ହେଲେ ଭ୍ରାନ୍ତ ଲୋକଟିଏ ବିଚାରା । ସେଇଟା ପୂରାପୂରି ଶଇତାନ ନୁହେଁ । ଟିକିଏ ବିଚାରି ଦେଖ । ତା ପୁଅ ତିନିଟାଯାକ ଅଯୋଗ୍ୟ, ଆଗକୁ ଭରସା ନାହିଁ । ଆଠ କଳସ ମାଡ଼ି ବେଦୀ ଉପରେ ଯାହାକୁ ବିଭା ହୋଇଥିଲା ସେ ଅକାଳରେ ଛାଡ଼ି ଚାଲିଗଲା । ହେଲା ଏବେ ରାମଚନ୍ଦ୍ର ତାକୁ ପଚାରିନାହିଁ, ତା' ସହିତ କେବେହେଲେ ପରାମର୍ଶ କରିନାହିଁ, ତଥାପି ପତ୍ନୀ-ବିୟୋଗରେ ଅସହାୟ ଭାବରେ ଲୁହ ଢାଳିବାବେଳେ ମୁଁ ତାକୁ ଦେଖିଛି, ବୁଝିଛି, ତୁମେ ଦେଖି ମଧ ଦେଖିନାହଁ । ଲୋକଟା ଭିତରେ ଯେଉଁ ମାୟା ଟିକକ ଥିଲା ତା'ର କ'ଣ କିଛି ମୂଲ୍ୟ ନାହିଁ ? ସେଇଟା ଏକବାରେକେ ନାଲାଏକ ହୋଇଗଲା ? ତାକୁ ଜେଲ ଦେବ, ତାକୁ ମାଡ଼ ମାରି ଉଲ୍ଲବାନ୍ତି କରେଇବ, ତାକୁ ତ ବରଂ ଫାଶି ଚଢ଼େଇ ଦେଇଥିଲେ ଆହୁରି ଭଲହୋଇଥାନ୍ତା !---ହଁ, ସେ ବହୁ ଅନ୍ୟାୟ ଅତ୍ୟାଚାର କରି ସଂପତ୍ତି ଅର୍ଜିଛି; କିନ୍ତୁ ତାକୁ କ'ଣ ରଇସ୍ ଲାଗି କେବେ ସେ ଭୋଗ କରି ପାରିଲା ? ନୁଚି ନୁଚି ଅବା ପେଟକୁ ଦି'ଟା ଖାଇଛି; ତା ବି ତମଆମ ପରି ନୁହେଁ---ଚୋର ପରି ଲୁଚି ଲୁଚି । ମୁହଁ ପାଖରେ ଥାଇ ଖାଇ ନ ପାରିବା କ'ଣ ଗୋଟାଏ ଅଭିଶାପ ନୁହେଁ ? ହାଁ ହାଁ ହୋଇ ତା' ଜୀବନଟା ବିତିଛି । ସୁଖ କ'ଣ ସେ ଜାଣିନାହିଁ । ଅନ୍ୟାୟ ନଇରେ ଗୋଡ଼ ଦେଉ ଦେଉ ସେ ମଝି ସୁଅରେ ପହଞ୍ଚିଗଲାଣି । ସେଇଠୁ ଏ କୂଳ ଯେତେ ସେ କୂଳ ସେତେ । ତାକୁ ହାବୁକା ମାରି ଆର ପାରିରେ ପହଞ୍ଚାଇବାକୁ ମଧ ଚମ୍ପା, ଗୋବରା ଠିଆ ରହିଛନ୍ତି । ତା' ପ୍ରତି କାହାରି ହେଲେ ଟିକିଏ ସହାନୁଭୂତି ନାହିଁ । ତେଣୁ ଆମେ ଭାବିଲୁ, 'ଯାଉ

Digitized by srujanika@gmail.com

ଚଣ୍ଡାଳ ମାଡ଼ ଖାଇ ମରିଯାଉ ।' ଶେଷକୁ ଉତ୍ତର ମୁଣ୍ଡ ହୋଇ କତରା ଉପରେ ଶୋଇଥିଲାବେଳେ କାଳେ ଆପଣଙ୍କର ଦୟା ଜାତ ହୋଇଯିବ ପରା ଏବଂ କଳୁଷିତକୁ ଦୟା କରି ଆପଣ କାଳେ କଳୁଷିତ ହୋଇଯିବେ, ଏଇ ଭୟରେ ଆପଣଙ୍କୁ ସମର୍ଥନ କଲା ପରି ଗୋଟିଏ କବିରାଜଙ୍କୁ ଆଣି ଯୁଟେଇ ଦେଇଛୁ । ମଙ୍ଗରାଜଟା ତ ମରୁଛି, ମରୁ, କିଛି ରସିକତା କଲେ କ୍ଷତି କ'ଣ ? ପରିଶେଷରେ ଯେତେବେଳେ ମାଡ଼ଖିଆ ଘୁଷୁରି ମରଣ ଚିତ୍କାର ପରି ସେ "ଥ-ମାଆ-ରୁ" ବୋବାଏ, ମୁଁ ଜାଣେ ତା'ର ବେଦନା । ଚମ୍ପା ଗୋବରା ମରିଯିବା ପରେ, ଧନ ସମ୍ପତ୍ତି ଉଜୁଡ଼ିଯିବା ପରେ ରାମଚନ୍ଦ୍ରଟା ମରିବା କ'ଣ ଏମିତି ଅପରିହାର୍ଯ୍ୟ, ନା ସେ ବଞ୍ଚିଲେ ସେମିତି ଅବିବେକ ହୋଇ ରହିଥାନ୍ତା ? ତା' ନୁହେଁ ଯେ, ରାମଚନ୍ଦ୍ରଟା ମରିଗଲେ ସମସ୍ତଙ୍କୁ ସନ୍ତୋଷ । ସମସ୍ତଙ୍କ ନ୍ୟାୟ ବିଚାରକୁ ପୋଷେଇଲା ଭଳି ସେଇଟା ଗୋଟାଏ ଚରମ ଦଣ୍ଡ । ଅତଏବ ସେ ମରୁ---ଆଉ କ'ଣ କରାଯାଏ ?

ସାରିଆ, ଭଗିଆ, ସାଆନ୍ତାଣୀ---ଏଗୁଡ଼ାକ ସବୁ ନୀରବ ଜୀବ । ମଙ୍ଗରାଜଙ୍କ ଦାଢ଼ରେ ପଡ଼ି ଦୁଇଗଡ଼ ହୋଇଯାଇଥିବା ନୀରବ ମାଛଗୁଡ଼ିଏ । ସାଆନ୍ତାଣୀ ଭାରି ସହଣିକ ମଣିଷ । ଖୁବ୍ ସହିଛନ୍ତି ନିଜର ଦୁଃଖ; କିନ୍ତୁ ପର ଦୁଃଖରେ ତାଙ୍କର ଅନାବିଳ ପ୍ରାଣ କାନ୍ଦିଛି । ସେ ନିଜ ହାତପାଆନ୍ତା ଯାହା ପାଇଛନ୍ତି ତା' କରିଛନ୍ତି । ତାଙ୍କ ଚାରିଆଡ଼େ ସବୁ ଅନୀତି, ଅନ୍ୟାୟ କୁହୁଳୁଛି । ସେ ଅସହାୟ । ତାକୁ ଦେଖି ସହି ରହୁଛନ୍ତି । ଶେଷରେ ତାଙ୍କର ଅହିଅ ଡିଙ୍ଗୁରା ବାଜିଛି, ସେ କାଳବେଳେ ଚାଲିଯାଇଛନ୍ତି । ତାଙ୍କର ନୈତିକତାର କିଛି ମାତ୍ର ପ୍ରବାହ କାହା ଉପରେ ହେଲେ ପଡ଼ିନାହିଁ । ସେ ଚାଲିଗଲେ--- କାରଣ ସମସ୍ତେ ତ ଦିନେ ଏମିତି ଚାଲିଯିବେ । ବାସ୍, ଯାଠୁଁ ଅଧିକ କିଛି ପ୍ରତିକ୍ରିୟା ନାହିଁ । ତାଙ୍କ ପ୍ରତି ଅନ୍ୟାୟ କରାହୋଇଛି ବୋଲି କେହି ତାଙ୍କ ତରଫରୁ ଓକିଲାତି କରିନାହିଁ । ବରଂ ସାରିଆକୁ ସମସ୍ତେ ବିକଳ ପାଇଛନ୍ତି । ସାରିଆ ଓଲିପାଣ୍ଡି, ସନ୍ତାନଟିଏ ତା'ର ନାହିଁ ବୋଲି ସେ ବିଚାରି ହାଇଁପାଇଁ ହେଉଚି । ଶେଷରେ ତା'ର ସବୁ ସେନେହ ଅଜାଡ଼ି ଦେଇଛି ନେତ ଉପରେ । ତାକୁ ଠକି ଭଣ୍ଡି, ତା'ର ସଂସାର ଉଜାଡ଼ି ପରିଶେଷରେ ତାକୁ ବାଡ଼େଇ ମାରିବା ଭୟଙ୍କର ଅମାନୁଷିକ ନୃଶଂସତା । ଏଇ କାରଣରୁ ହିଁ ମଙ୍ଗରାଜଙ୍କୁ କ୍ଷମା କରି ହେଉନାହିଁ । ଭଗିଆ ବିଚାରା ବାୟା ହେଉ ପଛେ ଏ ଅନ୍ୟାୟ ଅତ୍ୟାଚାର ପରେ ଯେ ବଞ୍ଚିରହିପାରିଲା ସେଇଟା ଘୋର ବିସ୍ମୟ ।

ଏମିତି ଏ ଚରିତ୍ର ସବୁ ଭାଗ ଭାଗ ହୋଇ ଠିଆ ରହିଛନ୍ତି---ଅଧେ ଅନ୍ୟାୟ ଅନୀତିରେ କାନ୍ଧକୁ ଆଉଜିଛନ୍ତି, ଅଧେ ନିରୀହ ଅସହାୟତାରେ ଦୁର୍ବଳ ଧର୍ମର ଆଶ୍ରୟ ଲୋଡ଼ିଛନ୍ତି । ଜୀବନରେ ଯେକୌଣସି ମୌଳିକ ସମ୍ପର୍କରେ ଏ ଦୁଇଟି ଶକ୍ତି ବିଦ୍ୟମାନ । ଗୋଟିଏ ଗୋଟିକୁ ପରାସ୍ତ ନକଲା ପର୍ଯ୍ୟନ୍ତ ସଂଘର୍ଷର ବିରାମ ନାହିଁ; କିନ୍ତୁ ଛ'ମାଣ ଆଠଗୁଣ୍ଠରେ ଅନ୍ୟାୟ ନିଜେ ନିଜର ମରଣ ଲୋଡ଼ି ଆଣିଛି । ସମଗ୍ର ଉପନ୍ୟାସରେ ଦୁଷ୍ଟ ପ୍ରକୃତିର କେବଳ ସାମୟିକ ଦୁର୍ଜୟତା ଦେଖେଇ ଶେଷରେ ତାକୁ ନିଃଶେଷ କରାହୋଇଛି । ସତ୍ୟ ବା ନ୍ୟାୟର ବଳିଷ୍ଠ ଚିତ୍ର ନାହିଁ । କେବଳ ନିରୀହ ସରଳତାକୁ ଯଦି ଏଇ ଆଖ୍ୟାରେ ଚଳେଇ ନିଆଯାଏ ସେ ଭିନ୍ନ କଥା । ତଥାପି ଅତି ପରିଷ୍କାର ଭାବରେ ଉପନ୍ୟାସରେ ନୈତିକ ତାତ୍ପର୍ଯ୍ୟ ଯେ କେହି ବୁଝିଯିବ ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଅସୁର ଦୀଘିକୁ ଘେରି ଆଠଅଙ୍କିଆ ଗାଁଟାକୁ ସେନାପତିଏ ଖୁବ୍ ଦେଖିଛନ୍ତି, ଖୁବ୍ ଚିହ୍ନିଛନ୍ତି ଓ ପାଠକକୁ ହାତଧରି ନେଇ ଚାରି ତୁଠ, ତିନି ସାଇ ଖୁବ୍ ବୁଲେଇ ମଧ ଆଣିଛନ୍ତି । ବ୍ୟଙ୍ଗ ପରିହାସ ନକଲେ ତ ତାଙ୍କ ତୁଣ୍ଡରୁ କଥା ବାହାରିବ ନାହିଁ । ଯେତେ ବଡ଼ ଗୁରୁତର ବିଷୟଟା ହେଉ ପଛେ, ତାକୁ ଟିକିଲେଇ କହିବା ହେଲା ତାଙ୍କ ନୀତି । ହାତୀ ଭଳି ଏଡ଼େବଡ଼ ଜନ୍ତୁ, ତା'ର ଥୋଡ଼ପାହାର, ତା' ମୁଣ୍ଡ, ତା'ର ଖମ୍ବ ପରି ଗୋଡ଼ --- ଏ ସବୁ ତ ସମସ୍ତେ ଦେଖିବେ, ତାକୁ ବହଲେଇ ଫେଣେଇ କହିବେ; କିନ୍ତୁ ସେନାପତିଏ ଚାଲିଯିବେତା' ପଛପଟକୁ ଯେଉଁଠି ସରୁ ହୋଇ ଗୋଟିଏ ଦୁଇହାତିଆ ଲାଙ୍ଗୁଡ଼ ନୁଡୁବୁଡୁ ହେଉଛି । ଗମ୍ଭୀର ହେବା କିମ୍ବା ସ୍ତମ୍ଭୀଭୂତ କରେଇବା ତାଙ୍କ ନୀତି ନୁହେଁ । ତାଙ୍କ ଦୃଷ୍ଟିଭଙ୍ଗୀଟା ଏଇଭଳି ସବୁବେଳେ ହାତୀ-ଲାଙ୍ଗୁଡ଼ିଆ । ଏଣୁଗାଁ ବୁଢ଼ୀ ମଙ୍ଗଳାଙ୍କର ଟାପରା କଲାବେଳେ, ସଂସ୍କୃତ ଶ୍ଳୋକଟିଏ ବୋଲି ତା'ର ଆମୋଦକର କଦର୍ଥ କଲାବେଳେ କିମ୍ବା ନୂଆ ପାଠୁଆଙ୍କୁ ବଙ୍କେଇ ବଙ୍କେଇ କଥା ଲାଛିଲାବେଳେ ସେନାପତିଙ୍କୁ ଏ ଲଘୁ ପରିହାସ ଭଙ୍ଗୀଟା ବେଶ୍ ମାନେ । କଥାକାର ଏମିତି ସହଣିକ ଓ ସହୃଦୟ ନହୋଇ ଯଦି କଥା-କଥାକେ ଗମ୍ଭୀର ଓଁକାର ନାଦ କରି ଖାଲି ଦର୍ଶନ ଗିଳେଇବେ, କେବଳ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରି କରି ହାଲିଆ କରିଦେବେ, ତେବେ ପାଠକକୁ ମଧ ଆତ୍ମରକ୍ଷାର ଖୁବ୍ ସହଜ ଉପାୟ ଜଣାଅଛି; କିନ୍ତୁ ସେ ଭୟ ଛ'ମାଣ ଆଠଗୁଣ୍ଠରେ ନାହିଁ । ସେନାପତିଏ କେତେବେଳେ ହେଲେ ପାଠକକୁ ତାଙ୍କ ନଜରରୁ ଆଡ଼ କରିଦେଇ ନାହାନ୍ତି । ତା' ସହିତ ଏମିତି ସିଧାସଳଖ ସମ୍ପର୍କ ରଖି ଏମିତି ବାର୍ତ୍ତାଳାପ ମାଧ୍ୟମରେ ଉପନ୍ୟାସ ଲେଖିଯିବା ଯୁଗ-ଶୈଳୀ ହୋଇପାରେ; କିନ୍ତୁ ଫକୀରମୋହନ ତାକୁ ଗୋଟିଏ ଅଦ୍ଭୁତ କଳାରେ ପରିଣତ କରିଛନ୍ତି । ପାଠକ ଯେପରି ତାଙ୍କର ଅତି ଜଣାଶୁଣା ଅତିଥିଟିଏ, ଯାହାକୁ ସେ ଭଲପାଆନ୍ତି, ଯାହାକୁ ସେ ଖାତିର କରନ୍ତି, ଆଉ ପ୍ରୟୋଜନ ହେଲେ ଛଳେଇ ଦୁଇପଦ ଉପଦେଶ ଦେବାର ଅଧିକାର ମଧ ରଖିଛନ୍ତି ।

ସବୁ ହୁଏ ଯେ, ପାଠକ ଲେଖକ ଓ ଉପନ୍ୟାସର ଏକାତ୍ମବୋଧ ଆସେ ନାହିଁ । ଲେଖକ ସବୁବେଳେ ଜାଣନ୍ତି ଯେ ସେ କାହାଣୀ ଲେଖୁଛନ୍ତି ଓ ତାଙ୍କ ଆଗରେ ପାଠକ ବସିଛି । ଠାଏ ଠାଏ କଥାର ସୁଅ ଏମିତି ବଳୁଆ ଧରିଛି ଯେ ପାଠକ ହଜିଯାଉଛି; ସେଇ ଅନୁପାତରେ ଲେଖକ ମଧ । କିନ୍ତୁ ତା'ପରେ ପରେ ଫକିରମୋହନ ଫିକ୍‌କିନା ହସିଦେଇ ପାଠକର କାନ ପାଖରେ ଫୁଟୁକି ମାରିଦେଇଛନ୍ତି । କହୁଛନ୍ତି ଯେମିତି, "ଏଗୁଡ଼ାକ ଏତେ ଗୁରୁତର କଥା କିଛି ନୁହେଁ । କଥାଣୀର ବାଘଭାଲୁକୁ ଏମିତି ଡରିଲେ ଆଉ ଚଳିବ ?" ସେ ଖୁବ୍ ପରିଷ୍କାର ସୂଚେଇ ଦିଅନ୍ତି ଶେଷ ପର୍ଯ୍ୟନ୍ତ ଯେ ଆମେ ସବୁ ପାଠକ, ସେ କଥାକାର ଓ ଛ'ମାଣ ଆଠଗୁଣ୍ଠ ଗୋଟିଏ ଉପନ୍ୟାସ । ଏବକାର ସେବକାର ଭଲ ମନ୍ଦ କଥା ସବୁ ସେ କହନ୍ତି---ସମାଜ ବିଷୟରେ, ବ୍ୟକ୍ତି ବିଷୟରେ, ପାପପୁଣ୍ୟ, ଦୋଷ ଦଣ୍ଡ ଏମିତି କେତେ କଥା । କିନ୍ତୁ ତାଙ୍କର ନିର୍ଲିପ୍ତତା ଯେମିତି ପାଠକକୁ ଖୁବ୍ ଲାଗେ । ଆଉ ଟିକିଏ ଭଲା ଲେଖକ ତାଙ୍କ ଲେଖା ଭିତରେ ମଜ୍ଜି ଯାଇଥିଲେ ସେ ନିଜେ ଗହୀରରେ ବୁଡ଼ ମାରି ପାରିଥାନ୍ତା । କିନ୍ତୁ ଏ କଥା ହୁଏନାହିଁ । ସେନାପତିଙ୍କୁ ଛ'ମାଣ

Digitized by srujanika@gmail.com

ଆଠଗୁଣ୍ଟା ଆଣ୍ଠୁଆଣି ହୁଏ । ସେ ତା'ଠାରୁ ଢେର ବଡ଼ ବୋଲି ପ୍ରମାଣିତ ହୋଇଯାଏ । ଯେତିକି ସେ ତା' ଭିତରେ ବୁଡ଼ିଛନ୍ତି ସେଇଟା ଉପନ୍ୟାସର ଜୀବନ୍ୟାସ କରେ; ତାକୁ ଦିଏ ଗୋଟାଏ ଅଦ୍ଭୁତ ସୃଷ୍ଟିର ପ୍ରାଣ । କିନ୍ତୁ ତାଙ୍କର ବାକି ବିରାଟ ଅଂଶଟା ପରିହାସ କରେ, ବ୍ୟଙ୍ଗ କରେ, ଫୁଟୁକି ମାରି କଥା ଗୁଡ଼ାକୁ ଉଡ଼ାଏ ।

ଓଡ଼ିଆ ଭଳି ଗୋଟାଏ ନାଲାଏକ ଇଲମ୍‌କୁ ନେଇ ଏମିତି ମାଫିକ୍ କିତାବ ଲେଖିବାର ବାହାଦୁରୀ ପାଇଁ ସେନାପତିଙ୍କୁ ଯୁଗ-ଯୁଗଧରି ଆମେ ସଲାମ ବଜେଇବୁ । ଆମେ ନାଲାଏକ, ଏପରି ଗୁରୁଠାରୁ ବକ୍ତବେଳେ ଇଲମ୍ ହାସଲ କଲୁ ନାହିଁ ବୋଲି ଅବଶୋଷ ମଧ କରୁଥିବୁ ।

❖❖❖

Digitized by srujanika@gmail.com

ସାରଳାଙ୍କ ଭୀମ

ଗଛତଳୁ ଗୁଡ଼ାଏ ଅପହଞ୍ଚ ଶିଖକୁ ନିଘା କରୁଥିଲାବେଳେ ଗୋଟାଏ ବୃଷାଳିଆ ଡାଳ ହାତପାଆନ୍ତି ମିଳିଗଲେ ତାକୁ କୁଣ୍ଢେଇ, ତା' ଦେହରେ ବୁକୁ ଘଷି, ତା' ଉପରେ କୁଦାମାରି ବସିବାରେ ଯେମିତି ତା' ପ୍ରତି ଗୋଟାଏ ସୋଦର-ଭାବ ଆସେ, ଅତି ଆପଣାର, ଅତି ନିଘଞ୍ଚ ବୋଧହୁଏ ତା'ର ସେଇ ବଳବନ୍ତ ଚିକ୍‌କଣ ଘେର । ସାରଳାଦାସ ମହାଭାରତରେ ସେଭଳି ଖୁବ୍ ପାଖେଇଆସନ୍ତି ଭୀମସେନ ଠାକୁରେ; ସତ୍ତ୍ୱେ ସିଂହ ପରାକ୍ରମୀ ରକ୍ଷା ଜଗଜ୍ୟେଷ୍ଠି ବୃକୋଦର, କୋଇନ୍ତାଙ୍କ ଭୀମ, ସାରଳାଙ୍କ ଭୀମା !! ଅପାର କାଳ ଅନ୍ତେ ଏବେ ମଧ ତାଙ୍କ ଶାଳ ଗଣ୍ଡି ପରି ଘଷା-ମଜା ବାହୁଦଣ୍ଡରୁ ସାରଳା ଦାସଙ୍କ ଦେହର ଉଷୁମ ବାରିହୁଏ । ତାଙ୍କ ଠାଣି, ତାଙ୍କ ବିକ୍ରମ, ତାଙ୍କ ସଙ୍କୋଚପଣିଆ ଭିତରେ ଦାସଙ୍କ ନିଜ ରୂପ ଝଲସି ଉଠେ । ତାଙ୍କ ଚନ୍ଦ୍ରଉଦିଆ ପରି କାନ୍ତି ଉପରେ ଦାସେ ଯେମିତି ଅଜାଡ଼ି ଦେଇଛନ୍ତି ସ୍ରଷ୍ଟାର ଅକୃପଣ ଆଦର, ଯତନରେ ସଞ୍ଚିରଖିଥିବା ଅନେକ ଅଶ୍ରୁ । ମୂଳ ମହାଭାରତକୁ ବ୍ୟାସେ ଯେଭଳି ଆକାଶମାର୍ଗେ ଟୋଳିନେଇଥିଲେତାକୁ ସାରଳା ଦାସେ ନିଜ ବାହୁବଳେ ଭୂଇଁକୁ ଓଟାରି ଆଣିବାରେ ସମଗ୍ର ମହାଭାରତ ଆମ ସାଧାରଣ ଜୀବନକୁ ପ୍ରତି କେନ୍ଦ୍ରରେ ଛୁଇଁଲା ଭଳି ନଇଁଆସିଛି । ତା' ଦେହରେ ସେ ବୁଣିନେଇଛନ୍ତି ଅନେକ ନୂଆ ନୂଆ ଉପାଖ୍ୟାନର ଲଇ । ଅନେକ ବାଙ୍କ ସଳଖି ଦେଇଛନ୍ତି ଆମକୁ ସୁହାଇଲା ଭଳି; ଖଞ୍ଜିନେଇ ଯାଇଛନ୍ତି ବଡ଼ଡାଳକୁ ଛୋଟ ଡାଳ, ଛୋଟ ଡାଳକୁ ଲଇ ପତ୍ର, କଢ଼, କେବଳ ଠିକେ-ଠିକେ-ବ୍ୟାସଙ୍କୁ ଯୁକେଷ୍ଟି-ମାନୁଥିବା-ଦୁର୍ନିବାର ଭୀମସେନ ଭଙ୍ଗୀରେ । ପ୍ରାଣ ଦେଇ ପ୍ରାଣ ସଂଚାର କରିଛନ୍ତି ସେ କୌରବ ଓ ପାଣ୍ଡବଙ୍କ ଚରିତ୍ରରେ । ସମସ୍ତେ ତାଙ୍କପାଇଁ ଗୋଟିଏ ପରିବାର; ସମସ୍ତେ ସୋମବଂଶୀ । କିନ୍ତୁ ଜଣକ ଆଖ୍ୟାନ ପଢ଼ିଗଲେ ଦାସେ ଖୁବ୍ ଚାଖି ଚାଖି ସୁଆଦ ମିଞ୍ଜେଇନେଲା ପରି ଜଣାପଡ଼ନ୍ତି । ତାଙ୍କ ସମୁଦ୍ରରେ ଉଜାଣି ଉଠେ, ଆଖି ଜକେଇଯାଏ, ଗାଲମୂଳେ ଶୀତକଣ୍ଟା ମାରେ । ଜଣାପଡ଼େ ସତେ ଅବା ଏଇ ଭୀମ ହିଁ ପରାଣଦୋସର ।

ବୃକୋଦର ଅନ୍ୟମାନଙ୍କଠୁ ଟିକିଏ ବେଶି ଖାଏ; କିନ୍ତୁ ଖାଏ ବୋଲି କେତେ ଲୋକହସା ଭଲା ନ ହୁଏ ! ସବୁଠେଇ ବିଚାରା ଚିହ୍ନାପଡ଼େ ଏଇ ଭୋକବିକଳିଆ ସ୍ୱଭାବ ନେଇ । ପାଣ୍ଡବଙ୍କ ପାଇଁ ତ ଦୁର୍ଦ୍ଦିନ କେବେ ଛାଡ଼ନାହିଁ । ଏଡ଼େ ବଡ଼ ପୃଥ୍ୱୀ ଉପରେ ପାଦ ଥୋଇବାକୁ ନିଜର ହୋଇ ଥାନ ଟିକିଏ ନାହିଁ; କାରଣ ବ୍ରହ୍ମାଣ୍ଡନାଥ ତାଙ୍କ ସଖା ତ ? ଏଥିରୁ ଆଉ ବା କ'ଣ ହୋଇଥାନ୍ତା ?

Digitized by srujanika@gmail.com

ଏକା-ଏକାକେ ଯେଉଁ ଯୋଦ୍ଧା ତିନି ଭୁବନ ଜୟ କରି ଆସନ୍ତେ ତାଙ୍କୁ ଦୁର୍ବିପାକରେ ଅନ୍ନବସ୍ତ୍ର କଷ୍ଟ ଆସିଗଲା । ଆଦ୍ୟ ଯୌବନରୁ ସେମାନେ ବନବାସୀ । ସାମାନ୍ୟ ଝିମିଟି ଖେଳରୁ ଦୁର୍ଦ୍ଦଶା ଘୋଟିଆସିଲା । ବାଛି ବାଛି ପାଞ୍ଚଟା ଶରଫଳାକୁ ନିଆଁରେ ପୋଡ଼ାହେଲା । ଟାଣ ପାଣି ଦେଇ ଶାଣ ପଥର ଉପରେ ଅହରହ ଘୋରା ଚାଲିଲା; ଯେମିତି ସେ ବିଜୁଳି ପରି ଝଟକିବେ, ମହାଭାରତର ଗୋଳଯୁଦ୍ଧରେ ନିମିତ୍ତ ହୋଇ ଅସାଧ ସାଧନ କରିବେ । ସେପରି ଘୋର ଦୁର୍ଦ୍ଦିନରେ ମଧ ଭିକ୍ଷାବୃତ୍ତିରୁ ଯାହା ମିଳେ କୋଇନ୍ତା ଭୀମ ପାଇଁ ଅଧେ ରଖିଦେଇ ବାକି ଅଧକ ସମସ୍ତଙ୍କୁ ବାଣ୍ଟି ଦିଅନ୍ତି । ଭୀମ ଜାଣେ, ମନେ ମନେ ଲାଜେଇଯାଏ । କିନ୍ତୁ ପେଟରେ ବୃକ ଅଗ୍ନି ହାଉ ହାଉ ଜଳି ଉଠିଲେ ଆଉ କିଛି ନବିଚାରି ସମଗ୍ର ରୋଷେଇର ଅର୍ଦ୍ଧେକ ଅନ୍ନ ପାବନି ଏକାକି ଭୁଞ୍ଜିଦିଏ---ବିଶ୍ୱାସ ଥାଏ ଯେ ଗଣ୍ଡେ ଅନ୍ନ ଅଧିକ ଖାଇବାର ଅଧିକାର ତାର ଅଛି । ଆଉ ତ କିଛି ରାଜକୁମାରର ପ୍ରାପ୍ୟ ବିଳାସ ସମ୍ଭୋଗ ନାହିଁ---ଏଣୁ ଅନ୍ତତଃ କୁନ୍ତୀ ଓ ଯୁଜେଷ୍ଠି ଠାକୁରେ ଏ ଅଧିକାରକୁ ମାନିନେବେ । କିନ୍ତୁ ଯେତେବେଳେ ନଈ ମଝିରେ ଡଙ୍ଗା ଟଳୁଛି, ନାଉରୀ ମଙ୍ଗ ସମ୍ଭାଳି ନ ପାରି କହୁଛି ଯେ ବାକି ସମସ୍ତେ ବଞ୍ଚିବାକୁ ହେଲେ ଜଣେ ପାଣିକୁ ଡେଇଁ ପଡ଼ିବାକୁ ହେବ, ହେଠମୁଖ ହୋଇ ବସିଛନ୍ତି ଯୁଧିଷ୍ଠିର ଓ କୁନ୍ତୀ । "ନା-ନା ! ତା କେବେ ସମ୍ଭବ ନୁହେଁ !" ଭାବିଛନ୍ତି ଭୀମ, "ମୋ ମା' ମୋ ଭାଇ କ'ଣ ମୋତେ ମୂର୍ଚ୍ଛିଦେଇ ନଈରେ ବିସର୍ଜି ଦେବେ ? ମୁଁ ଗଣ୍ଡେ କ'ଣ ଅଧିକ ଖାଇଦିଏ ବୋଲି ମୋ ମୁହକୁ ଚାହିଁବେ ନାହିଁ ? ମୋର ହୋଇ ତା'ହେଲେ କେହି ନାହିଁ ?" ଆହା ଆହା କରିଥିବେ ସାରଳା ଦାସ ଯେତେବେଳେ ଭୀମସେନ ନିଜ ଭିତରର ତାତିଲା କୋହଗୁଡ଼ାକୁ ବୁଡ଼େଇ ଦେବାକୁ ନଈକୁ ଡେଇଁପଡ଼ିଥିବେ । କେଡ଼େ ଛୋଟ, କେଡ଼େ ଅନୁଦାର, କେଡ଼େ ଆମ-ତୁମଭଳି ସାଧାରଣ ଦେଖାଯାଉଛନ୍ତି କୁନ୍ତୀଦେବୀ । ଉଶ୍ୱାସ ହେଲା ଡଙ୍ଗା ଓ ସେତିକି ଗୁରୁହୀନ, ଅସହାୟ ହୋଇ ଝାଉଁଳିପଡ଼ିଲେ ବଳକା ପାଣ୍ଡବେ । କିମ୍ଭୀରୁଣୀକୁ ଉଦ୍ଧାର କରି ଓଦା ସରସର ହୋଇ ଆସି ଠିଆହୋଇଥିବେ ଭୀମ । ମନରେ କିନ୍ତୁ ହରଷ ନ ଥିବ । ଆଖିରୁ ଲୁହଧାର ଗଡ଼େଇ ସଭିଏଁ ତାଙ୍କୁ ଆଉଁସି ଦେଲାବେଳେ ତାଙ୍କ ଆଖି କେବଳ ଶୂନ୍ୟକୁ ଅନେଇ ରହିଥିବ । ଦି' କାନ୍ଧରେ ଚାରି ଭାଇ, ପିଠିରେ ମା'କୁ ବୋହି ଦୁର୍ଗମ ବଣ ପାରିହେବା ପୂର୍ବରୁ ସମସ୍ତଙ୍କୁ ଲୁଚେଇ ଗୋଟିଏ ଦୀର୍ଘନିଶ୍ୱାସ ହୁଏତ ବାହାରିଯାଇଥିବ । ଆଖି ପତା ଓଦା ହୋଇଯାଇଥିବ । ମନେପଡ଼ିଥିବ ଯେ ସେ କିଛି ଅଧିକ ଅନ୍ନ ଖାଆନ୍ତି । ଅଳ୍ପ ହସିଦେଇ ସେ ଆନମନା ହୋଇ ପଶିଥିବେ ବଣ ଭିତରେ । ସାରଳା ଖୁବ୍ ଅଥଳ ଗହୀରରୁ ଏ ଲୁହ, ଏ ହସ, ଏ ନୀରବତାକୁ ଅନୁଭବି ଥିବେ; ଆଉ ଏ ଶାଣଦିଆ ମୁହୂର୍ତ୍ତରେ କଟୁରି ହୋଇ ଯାଇଥିବେ ନିଜେ । ଦାସଙ୍କ ବାମ୍ଫୁଆ କୋହ ଆମ ଆଖିକୋଣରୁ ଧୂଆଁ ହୋଇ ଫୁଟି ପଡ଼େ । ବୁକୁ ଭିତରୁ ଉଛୁଳି ଆସି ତୋଟି ପାଖରେ ଗୁଳା ବାନ୍ଧିଯାଏ । ଆମେ କହୁଁ, "ଆହା, ଭୀମସେନ ଗଣ୍ଡେ ଅଧିକ ଖାଆନ୍ତି ବୋଲି... ଆମେ କ'ଣ ଯୋଗେଇ ପାରନ୍ତେ ନାହିଁ ଯେ..."

କିନ୍ତୁ ଯୋଗେଇ ଦିଅନ୍ତି ଦାସେ ଅକାତର, ଅକୃପଣ ଆଦରରେ । ବକାସୁର ପାରଣରୁ ସହସ୍ରେକ ମଣ୍ଡା ଭୀମ ଗର୍ଭକୁ କ୍ଷେପନ୍ତି । ବିରାଟର ରୋଷେଇଶାଳରେ ଷାଠିଏ ପଉଟି ଅନ୍ନ ଏକାକି ଭୁଞ୍ଜନ୍ତି; କିନ୍ତୁ ଖାଆନ୍ତି ବୋଲି ତା'ଙ୍କୁ ବାଘମୁହଁରେ ମେଲିଦିଆ ହୁଏ । ସବୁ ଭୀମର ଦେହଘଷା ।

Digitized by srujanika@gmail.com

ଆଉ ଏଥିରେ କ୍ଷୋଭ ନାହିଁ କି ମନ ଉଦାସ ନାହିଁ । ବିରାଟ ପୋଷୁଛି, ସେ ବାଘମୁହଁରେ ଦେଇପାରେ, ମାଳମୁହଁରେ ଦେଇପାରେ---ସେ ତ ଆଉ ତାଙ୍କ ମା' ଭାଇ ନୁହେଁ ! ସମସ୍ତେ ସିଂହର ବଳବୋଲି ସିନା ଭୀମକୁ ଏ ସବୁ କେତେ ମାତ୍ର; କିନ୍ତୁ ତାକୁ ଏମିତି ବିପତ୍ତି ମୁହଁରେ ପଶା ସାର ଭଳି ଖେଳିଦେବାର ନିର୍ଦ୍ଦୟ ଭାବ ସେ ଯେତେ ନ ବୁଝିଲା ପରି ଦିଶିଲେ ମଧ୍ୟ କ'ଣ ବୁଝେନାହିଁ ବୁଝେ, କିନ୍ତୁ ବେଶିଆଉ ଫେଣାଏ ନାହିଁ, କାଳେ କ୍ରୋଧାଗ୍ନି ଭୃକୁଟିଯିବ; ସେଥିରେ ତୁଚ୍ଛାକୁ ବ୍ୟାଘାତ ହେବ ସିନା ! ତଥାପି ଅପମାନର କ୍ଷୋଭ ରୋଷେଇଶାଳର କଞ୍ଚା କାଠନିଆଁ ପରି କୁହୁଳେ । ବେଳ ପାଇଲେ ଗୋଟାଏ ହୁଳାରେ କୀଚକ ଶହେ ଭାଇଙ୍କୁ ଉଟମଟ କରି ଚୋବେଇ କାଇଯାଏ । କୀଚକକୁ ଗନ୍ଧର୍ବ ମାରେଣିରେ ଏମିତି ମାଉଁସ-ଗୁଳା କରିବା କଣ କମ୍ ଭୟଙ୍କର କ୍ରୋଧ ଆଉ ପରାକ୍ରମର କଥା ? ଏପରି ଆଉ କାହାକୁ ମାରିଥିବା ତ ସାରା ମହାଭାରତରେ କୁତ୍ରାପି ଦେଖିବାକୁ ମିଳେନାହିଁ । ଭୀମକୁ ବାଧେ, ବାଧିଲେ ସେ ସମ୍ଭାଳି ପାରେନାହିଁ, ଅଘଟନ ଘଟେଇଦିଏ; କିନ୍ତୁ ଯଦି ସେ ଘାଆକୁ ଭିତରେ ମିଞ୍ଜେଇ ରଖେ, ସେ ଦିନେ ଏମିତି ଭୂଇଁ ଚିରି ନିଆଁ ଉଠୁରି ଆସିଲା ପରି ଶତେ ସିଂହ ପରାକ୍ରମୀ କୀଚକଟାକୁ ଦଳି ଚକଟି ଓଗାରେ ଉଳୁଚେଇ ଦିଏ । ତାକୁ ସମ୍ଭାଳିବା ଯାହା ମହାବଳ ବାଘଟାକୁ ସମ୍ଭାଳିବା ତାହା । ଅଜ୍ଞାତବାସରେ ଯୁଧିଷ୍ଠିର ଭୀମ ଉପରେ ଭରସା ବାନ୍ଧିଥାନ୍ତି; କିନ୍ତୁ ସବୁବେଳେ ବିପତ୍ତି ଗଣୁଥାନ୍ତି ସେଇ ଭୀମକୁ ନେଇ । ବିରାଟର ପଶାକାଠିମାଡ଼ରେ ଧର୍ମଙ୍କ ରକ୍ତ ଭୂଇଁରେ ପଡ଼ିଲେ ପୃଥ୍ୱୀ ବାରବର୍ଷ ନିଷ୍ଫଳା ହେବାକୁ କୋନ୍ତଭଙ୍କ ଯେତିକି ଭୟ ନାହିଁ, ସେତିକି ଭୟ କାଳେ ଭୀମସେନ ଆଖିରେ ପଡ଼ିଯିବ, ଆଖିପିଛୁଡାକେ ବିରାଟ ଆଉ ତାର ବିଶାଶହେ ପୃଥ୍ୱୀ ପଦା ହୋଇଯିବ---ଅଜ୍ଞାତବାସ ନିଷ୍ଫଳ ହୋଇଯିବ । କୋନ୍ତେ ଅବଶ୍ୟ ଜାଣନ୍ତି ଯେ, ଭୀମସେନ ତାଙ୍କ ବୋଲ ଅମାନ୍ୟ କରିବ ନାହିଁ । ଯଦି ନ ମାନେ ତାକୁ ମଣ କରିବାକୁ କାହାର ସାଧ ।

ଧର୍ମରାଜ ଯୁଧିଷ୍ଠିରଙ୍କୁ ଭୀମ କିନ୍ତୁ ମାନି ନେଇଛନ୍ତି, ଯେମିତି ସମୁଦ୍ର ତାର ବେଳାକୁ ମାନିନିଏ । ତାଙ୍କୁ ଲଂଘିଯିବା ଅଧର୍ମ । ସେ ନ୍ୟାୟ କରୁଛନ୍ତି କି ଅନ୍ୟାୟ କରୁଛନ୍ତି, ସେକଥା ବିଚାରିବା ଭୀମ ଆବଶ୍ୟକ ମଣନ୍ତି ନାହିଁ । ଅଗ୍ରଜଙ୍କ ଅନୁଜ୍ଞା ନ ହେଲେ କୌଣସି କାର୍ଯ୍ୟ କରିବା ସମ୍ଭବିବ ନାହିଁ । ବିରାଟ ସଭାତଳେ ରାଜା ଆଡ଼କୁ ଅଙ୍ଗ ଢାଳି ଯୁଧିଷ୍ଠିରଙ୍କୁ ପ୍ରତିପାତ ହୋଇ ଠିଆହେବା ଭଙ୍ଗୀ ଭୀମଙ୍କୁ ଭାରି ମାନୁଥିବ । ବିରାଟର ଆଦେଶକୁ ସହି ଭାଇଙ୍କ ଇଙ୍ଗିତରେ କାର୍ଯ୍ୟ କରିବା ହେଲା ବଲ୍ଲଭ ପଣ୍ଡାଙ୍କ ଧର୍ମ। ରାଜାଙ୍କୁ ସମ୍ମାନ ହେଉ ଅସମ୍ମାନ ହେଉ, ତା' କଥାକୁ ସମ୍ଭାଳି ତା' ବେକଟିକୁ ବଗ ବେକ ପରି ମୋଡ଼ି ଦି' ଖଣ୍ଡ ନ କରିବା ହେଲା ଭୀମଙ୍କ ସହଣିକପଣିଆ । ଯୁଧିଷ୍ଠିର ଦେବ ଯଦି ପଶା ଖେଳି ସର୍ବସ୍ୱ ହାରିଯାନ୍ତି, ତେବେ ତାହା ଶିରୋଧାର୍ଯ୍ୟ । ଯଦି କପଟ କରି ଡାହାଣ ଅଙ୍ଗ ଆଗଭର କରି ହିମାଳୟ ଆରୋହଣ କରିବାକୁ କହନ୍ତି, ତାହା ମଧ୍ୟ ଶିରୋଧାର୍ଯ୍ୟ । ପୁଞ୍ଜାଏ ଅର୍ଜୁନ ବିକା ହୋଇଗଲେ କେତେ, ଗଣ୍ଡାଏ ଭୀମ ଟଳି ପଡ଼ିଲେ କେତେ, ଧର୍ମରାଜଙ୍କ ଶାସନ ସର୍ବାଗ୍ରେ ରହିବାକୁ ହେବ---ଏଇଆ ହେଲା ନୀତି । କିନ୍ତୁ ମଝିରେ ମଝିରେ ସାଉଳା ସହିପାରନ୍ତି ନାହିଁ ଯୁଧିଷ୍ଠିରଙ୍କୁ, ଏଣୁ ତାଙ୍କ ଭୀମସେନ ମଧ୍ୟ କୁରୁସଭାକୁ 'ଗୋଲକ ପୁତ୍ର' ନେଇ

Digitized by srujanika@gmail.com

ଗଲାବେଳେ ତାଙ୍କୁ ବାରମ୍ବାର ଝୁଣ୍ଟିପଡ଼ନ୍ତି, ଦ୍ରୌପଦୀ ବିବସନା ହେଲାବେଳେ ରୁଦ୍ର ରୂପରେ ଗର୍ଜନ କରି ଉଠନ୍ତି ।

ଭୀମ ଯେତିକି ଭୟ କରନନ୍ତି ଯୁଝେଷ୍ଠିଙ୍କୁ, ସେତିକି ଭକ୍ତି କରନ୍ତି ଗୋବିନ୍ଦଙ୍କୁ, ଆଉ ସେତିକି ଭଲ ପାଆନ୍ତି ପାଞ୍ଚାଳୀଙ୍କୁ । ପାଞ୍ଚାଳୀ, ଯେ ହସ୍ତିନାର ପାଟରାଣୀ ହୁଅନ୍ତା, ଯେ ସୋମବଂଶର କୁଳବଧୂ, ସେ ଆସି କୁରୁସଭାତଳେ ବିବସ୍ତ୍ରା ହେବ, ଆଉ ତାକୁ ଭୀମ ଆଖି ଆଗିରେ ଦେଖି ସହିଯିବ ? ବନ୍ଧାପଡ଼ିଥିବା ଦନ୍ତାହାତୀ ଝୁଣିହୋଇ ଗର୍ଜିଉଠିଲା ପରି ଗର୍ଜି ଉଠିଲା ଭୀମସେନ । ସତ୍ୟର ଶାଙ୍କୁଳି ସୁଦ୍ଧା ଉଞ୍ଚ ହୋଇ ଛିଣ୍ଡିପଡ଼ିବା ପରି ଜଣାଗଲା । ଆଖି ବୁଲିଲା କୁରାଳ ଚକ୍ର ପରି; ଆକାଶ ଛିଡ଼ିପଡ଼ିଲା ତାଙ୍କ ରଡ଼ି ଘାତରେ । ବାହୁ ଦଣ୍ଡରେ ବିଦ୍ୟୁତ୍‌ର ସ୍ଫୁରଣ ହେଲା, ଘନ ଘନ କମ୍ପିଉଠିଲା ଭ୍ରୂକୁଟି ! ଦାନ୍ତ କଡ଼ମଡ଼ କରି କାଳ କୃତାନ୍ତ ପରି ଭୀମ କୌରବପଲ ଭିତରେ ଝସେଇ ପଶିବେ କି ଆଉ ! ପାଞ୍ଚାଳୀର ଅପମାନ ଆଗରେ ଦୁଃଶାସନର ବୁକୁର ରକ୍ତ ଯେମିତି ନିଅଣ୍ଟ, ଦୁର୍ଯ୍ୟୋଧନର ଉରୁକୁ ଗଦାଘାତରେ ଗୁଣ୍ଡ କରିଦେଲେ ମଧ୍ୟ ସେମିତି ନିଅଣ୍ଟିଆ । ସତ୍ୟ ଧର୍ମ ଯୁଝେଷ୍ଠି ଦେବଙ୍କୁ ମିଶେଇ ସେଇ କ୍ରୋଧ ଅଗ୍ନି ଭିତରେ ଭାଜି ହେଉଛନ୍ତି; ପୋଡ଼ିଯିବେ, ପାଉଁଶ ହୋଇଯିବେ । ଧର୍ମ ପାଳି ଯେଉଁ ଭାଇ ଭୁଇଁକୁ ଚାହିଁ ଚଳିଆସୁଥିଲା ତା ଭିତରୁ ହୁଗୁଳି ଆସିବ କୃତାନ୍ତକ ଯମ । ସମସ୍ତେ ସ୍ତବ୍ଧ ହୋଇଗଲେ । ସମସ୍ତଙ୍କ ମେରୁଦଣ୍ଡ ଶିକୁଳି ଛାଡ଼ିଗଲା । ଶରୀର କଂପିଲା ଦୁରୁଦୁରୁ ହୋଇ; କିନ୍ତୁ ସମସ୍ତେ ଜାଣନ୍ତି ଯେ ଭୀମସେନ ସତ୍ୟ ଲଂଘି ପାରିବେନାହିଁ । ଯେତେ ବାତ୍ୟା ବତାସିରେ ଅଥଳ ସମୁଦ୍ର ମନ୍ଥିହେଲେ ମଧ୍ୟ କୂଳ ଲଘଂପାରିବନାହିଁ । ଲଂଘି ପାରିଲେନାହିଁ ଭୀମସେନ । ସବୁ ବଜ୍ରାଗ୍ନି ନିଜ ଗର୍ଭକୁ କ୍ଷେପି ହେଠମୁଖ ହୋଇ ବସିପଡ଼ିଲେ । ପାଞ୍ଚାଳୀର କଲବଲ ସହିବାକୁ ହେଲା । ତାର ଆର୍ତ୍ତ ବୋବାଳି ଶୁଣି ପାଷାଣ ପରି ଧର୍ମକୁ ଜାବୁଡ଼ି ବସିବାକୁ ହେଲା ।

ଏହି ଅଗ୍ନିକୁ ଉଖାରିଦେଲା କୀଚକ । ଗୋଟାଏ ହୁଳା କେବଳ ଉଠିଆସିଲା ଅଜ୍ଞାତବାସର ନିବୁଜ କାନ୍ଥ ଭିତରୁ । ଆଖଡ଼ାଘର ଅନ୍ଧାରରେ ପାଞ୍ଚାଳୀ ଅପମାନର ପ୍ରତିଶୋଧ ନେଇ ଭୀମ ଦୁଃଶଷାସନର ବୁକୁ ବିଦାରି ଦେଇଥିଲେ, ଦୁର୍ଯ୍ୟୋଧନ ଉରୁକୁ ବିଧାଘାତରେ ଚୂନା କରିଦେଇଥିବେ । କୀଚକ ତ କେବଠୁଁ ମଲାଣି । ତା' ମେଦ ଶରୀର ଦଳି ହୋଇ ଗୋଟାଏ ପିଣ୍ଡୁଳା ହୋଇଯାଇଥିବ । ତାଙ୍କ ଗର୍ଭରେ ଲହଡ଼ି ମାରୁଥିବା ଘୋର କ୍ରୋଧାଗ୍ନିର ସେଇ ଟିକକ ପାଇଁ ମଧ୍ୟ ଗୋଟିଏ କୀଚକ କ'ଣ ଅଣ୍ଟନ୍ତା ? ରାତିଯାକ ଭୋକିଲା ଶାର୍ଦ୍ଦୂଳ ପରି ଗର୍ଜିଥିବ କ୍ରୋଧ ! ତା' ଆର ଦିନ କୀଚକ ଚିତାରେ ତା'ଅନେଶତ ଭାଇଙ୍କୁ ଜୀଅନ୍ତା ପୋଡ଼ି ଖାଇଯାଇ ସେ ଗର୍ଭକୁ ଲେଉଟିଥିବ ।

ଏ ଅଗ୍ନି କିନ୍ତୁ ପୁଣି ଫାଟିପଡ଼ିଲା କୁରୁକ୍ଷେତ୍ର ପଡ଼ିଆରେ ଯେଉଁଠି ଭୀମ ସତକୁ ସତ ମହାରଥୀ ଭୀମ । ରଣଶିଙ୍ଗା ବାଜିଲେ ତାଙ୍କ ବହୁଦେଣ୍ଡରୁ ହଜାରେଟା ସିଂହ କୁହାଟ ମାରି କୁଦିପଡ଼ନ୍ତି । ରଣରଙ୍ଗରେ ମାତିଗଲେ ଭୀମ ଆଗରେ ଠିଆହେବ ଏମିତି ଯୋଦ୍ଧା ପୁଣି କିଏ ଅଛି ? ଗୋଟି ଗୋଟି କରି କୌରବ ଶହେ ଭାଇଙ୍କୁ ଗଦାଦଣ୍ଡରେ ଚୁରିବା ହେଲା ସେ ମହାଯୁଦ୍ଧରେ ଭୀମସେନଙ୍କର

Digitized by srujanika@gmail.com

ଗୋଟାଏ ବିଳାସ । ଯେଉଁଦିନ ଦୁଃଶାସନକୁ ପାଇ ମହାବଳୀ ଭୀମ ତା' ବୁକୁ ଚିରି ରକ୍ତ ପିଇଗଲେ, ସେତେବେଳେ ସେ ମହାଭୈରବ ରୂପ; ବେଣୀବନ୍ଧରୁ ରକ୍ତ ଥୋପିପଡୁଥିବାବେଳେ ଯାଜ୍ଞସେନୀ ମହାଭୈରବୀ ରୂପା !! ଭୀମଙ୍କ ବାହୁରେ ନୃସିଂହ ଆଖିରେ ବଡ଼ବା, ନିଶ୍ୱାସରେ ଅଣଅାଶ ମୂର୍ତ୍ତି ପବନ ! ଏଥିରେ ସେ ଦିଶୁଥିଲେ ମହାକାଳ ସଦୃଶ ଭୟଙ୍କର ! ଏ ରୂପ ଅନ୍ୟ କୁତ୍ରାପି ନାହିଁ--- ଜରାସନ୍ଧକୁ ଦି'ଫଡ଼ା କଲାବେଳେ ନାହିଁ କି ଦୁର୍ଯ୍ୟୋଧନକୁ ଗଦାମାଡ଼ରେ ଭଗ୍ନଜାନୁ କଲାବେଳେ ମଧ୍ୟ ନାହିଁ । ଭୀମଙ୍କର ଏ ରୂପକୁ ସାରଳା ସ୍ତବ କରିଛନ୍ତି ପାଣ୍ଡବଙ୍କ ମୁହଁରେ, ଗୋବିନ୍ଦଙ୍କ ମୁହଁରେ ।

ଗୋବିନ୍ଦେ କି, ଜାଣନ୍ତି ଯେ ଭୀମଟା ହୁଣ୍ଡା । ପେଟେ ଖାଏ ଚୋଟେ ହାଣେ--- ବେଳ ପାଇଲେ ଜହ୍ନରାତି ଦେଖି ବିରାଟର ରୋଷଶାଳ ପଥର ଅଗଣାରେ ନିର୍ଘାତ ଶୁଏ । ଚିନ୍ତା ବୋଲି ଏତେ ଟିକେ ନାହିଁ । ଯାହା ବୁଝିଥିବ ସେଇଆ । କପଟ କଥା ତା' ବାଲୁତ ସ୍ୱଭାବରେ ପଶିପାରେ ନାହିଁ । ଭାଇ ଅଛନ୍ତି ବୁଝିବାକୁ, ଗୋବିନ୍ଦେ ଅଛନ୍ତି ସଂଭାଳିବାକୁ, ଅର୍ଜୁନ ଅଛି ଯୁଝିବାକୁ--- ଏତିକିରେ ଏମିତି ଚାଲୁ । ବେଳ ପଡ଼ିଲେ, କ'ଣ ଯୁଦ୍ଧ ହେବ ବୋଲି କହୁଛନ୍ତି, ଦେଖିବାନାଇଁ ! ଏଇୟା ପ୍ରାୟ ଭୀମଙ୍କ ଭାବନା । 'ଜୟଦ୍ରଥର' ଭିଣୋଇ, ଏଣୁ ଅବଧ୍ୟ । ତା' ବାଳକୁ ସାତବେଣ୍ଟି କରି ତାକୁ ସାତଥର ପୁଡ଼ାତଳେ ଗଳେଇବା ତାଙ୍କ ବୁଦ୍ଧି । ମୁଥ ଦେଖେଇ ବିରାଟର ଅକ୍ଷୌହିଣୀ ସେନାଙ୍କଠୁ ଅନ୍ନ ବଳକାଇ ନିଜେ ଭୁଞ୍ଜିବା ହେଲା କାମ । ନାଗଲୋକରେ ଉଲୁପୀ ଡାକିଲେ 'ହଁ', ବନସ୍ତରେ ହିଡ଼ିମ୍ବୀ ଡାକିଲେ 'ହଁ'---ଆଗପଛକୁ ବିଚାର ନାହିଁ । ସିଧାସଳଖ ନିଷ୍କପଟ ସତ୍ୟବନ୍ତ ପୁରୁଷ ଏଇ ଭୀମସେନ । ତାଳଗଛ ହେଉ, ଶାଳଗଛ ହେଉ---ହାତରେ ଯାହା ପଡ଼ିଗଲା ତାକୁ ବୁଲେଇ ପିଟିବା ହେଲା ତାଙ୍କ ଢଙ୍ଗ । ଯୁଦ୍ଧ ହେଲେ ସେ ରଥ ଉପରେ ରଥ, ହାତୀ ଉପରେ ହାତୀ ଛେଚି ଦିଅନ୍ତି, ଚାପୁଡ଼ାକେ ମୁଣ୍ଡ ଛିଣ୍ଡିଯାଏ, ମୁଥାକେ ମୁର୍ଦ୍ଧା ଫାଟିଯାଏ । ଯୁଦ୍ଧଟା ସତେ ଯେମିତି ଗୋଟାଏ ଖେଳ ! ମନ୍ଦରଗିରି ସାଗର ମନ୍ଥିଲା ପରି ଅବଲୀଳାକ୍ରମେ ଖେଳିଯାନ୍ତି ଭୀମସେନ । ସେତିକିରେ ଯୁଦ୍ଧ ସରିଯାଏ । ମଲାବେଳେ ଘଟୋତ୍କଚ ଡାକିଦେଲା । ଭୀମେ କହିଲେ--- କୁରୁଆଟଆଡ଼େ ମାଡ଼ି ପଡ଼ି ଯା' । ଗୋଳଯୁଦ୍ଧ ଭିତରେ, ରାଗ-ରୋଷବେଳେ ଡିଡ଼ିମ୍ବୀ ଆଉ ମନେପଡ଼ିନାହିଁ । ଅଳପ କରି ଦରାଣ୍ଡିଲେ ପାଞ୍ଚ ସାତ ଜଣ ଘୋଷାଡ଼ି ହୋଇଯାନ୍ତି, ଭୀମେଆସ ବୋଲି ଆଦରରେ ଡାକିଲେ ଝିଙ୍କିଲାପରି ଦିଶେ । ଗୋଟିଏ କଥା ବୁଝି ଆଉ ଅଝଟରେ ପଶିବାକୁ ମନ ନ କରୁଥିବାରୁ ତାଙ୍କ ହୁଣ୍ଡାପଣ ଦିଶେ ।

ଏଇ ହୁଣ୍ଡାପଣରେ ସେ ଧର୍ମକୁ ଛାଡ଼ି ସମସ୍ତଙ୍କୁ ହୁଡ଼ନ୍ତି । ସ୍ୱୟଂ ଯାଦବପତି ମଧ୍ୟ ଦି' ଚାରି ହାବୁକା ଖାଇଛନ୍ତି । ଭୀମେ ବୁଝନ୍ତି ପୁରୁଷୋତ୍ତମଙ୍କୁ । ସକଳ କର୍ମ ସେ କରେ ବୋଲି ମଧ୍ୟ ବୁଝନ୍ତି । କିନ୍ତୁ ବୁଝିପାରନ୍ତିନାହିଁ ତାଙ୍କର ମାନବୀଧର୍ମ, ତାଙ୍କ କପଟ ଲୀଳା, ତାଙ୍କ ଆଡୁଆ ମୋଡ଼ଣି । ଭୀଷ୍ମେ ପ୍ରତିଜ୍ଞା କଲେ ମେଦିନୀ ଅପାଣ୍ଡବା କରିବାକୁ । ସେ ପ୍ରତିଜ୍ଞାଟା ସର୍ବନିୟନ୍ତା ପାଖରେ ବା କି ଛାର ! ସେ କାହିଁକି ଏମିତି ଛାନିଆ ତାଟକା ହୋଇ ହସ୍ତିନା ଛାଡ଼ି ଯିବାକୁ ବାହାରିପଡ଼ନ୍ତି ?

Digitized by srujanika@gmail.com

ସମସ୍ତେ କରଯୋଡ଼ି ଗୁହାରି କଲାବେଳକୁ ଭୀମ ତାଙ୍କୁ ଉଶ୍ୱାସରେ ତୋଳି ଆଣି ଯୁଧିଷ୍ଠିରଙ୍କ ପାରୁଶରେ ବସେଇଦିଅନ୍ତି । କୃଷ୍ଣଙ୍କୁ ମଧ୍ୟ ଏ ଓଟରଟା ଭଲଲାଗେ । ସଖାଙ୍କ ବଡ଼ଭାଇ ଭୀମସେନ ଠାକୁରେ ବେଳ ପଡ଼ିଲେ ଚୁଟି ଧରି ଚାପୁଡ଼ା ଝାଙ୍କିଦେବେ ଏ ପ୍ରତ୍ୟୟ ନାରାୟଣଙ୍କର ଅଛି । ପ୍ରଭୁଙ୍କ ଉପରେ ଭୀମଙ୍କର ତିଳାର୍ଦ୍ଧେ ସନ୍ଦେହ ନାହିଁ, କାଣିଚାଏ ସଂଶୟ ନାହିଁ କୁରୁନଦୀ ଯେତେ ଭୟଙ୍କର ହେଉ ପଛକେ ସେ ଭକ୍ତକୁ ଉଦ୍ଧାରି ନେବେ---ଏ ବିଶ୍ୱାସ ତାଙ୍କର ଅଟଳ । ସୁପକ୍ୱ ଅନ୍ନ-ବ୍ୟଞ୍ଜନରେ ତାଙ୍କର ରୁଚି ଭଳି, ବଡ଼ଭାଇଙ୍କ ଉପରେ ଆସ୍ଥାଭଳି, ଅତି ସହଜ, ଅତି ସ୍ୱାଭାବିକ ।

ଭୀମସେନଙ୍କ ସରଳପଣିଆ ପାଇଁ ବିପତ୍ତିବେଳେ ତାଙ୍କୁ ଆଗକରି ବାକି ସବୁ ପଛେଇ ଯାଆନ୍ତି । ବକା ମାରିବେ ଭୀମ, ହିଡ଼ିମ୍ବା ମାରିବେ ଭୀମ, ଶାମ୍ବ ଲୁହା ମୂଷଳ ପ୍ରସବିଲେ ତାକୁ ଘୋରିବେ ଭୀମ । ପୋଷମନା ହାତୀଟାକୁ ଯେମିତି ଖଟେଇ ନିଆହୁଏ, ତା' ବଳ ଉପରେ ନିର୍ଭର କରିହୁଏ ବୋଲି, ସେ କିଛି ବୁଝିପାରେନାହିଁ ବୋଲି । ଭୀମସେନ କିନ୍ତୁ ବୁଝନ୍ତି; ହେଲେ ହୁଣ୍ଡାପଣେ ସବୁଠି ବାମ ଅଙ୍ଗ ପାତିଦେଇ ମାଡ଼ିଯାଆନ୍ତି । ସମାନ ସମାନ ପରିତାଳ ପଡ଼ିଗଲେ ଭୀମସେନଙ୍କୁ ଅଭିଶାପ ଅଛି ସେ ପ୍ରଥମେ ହାରିବା ଅପମାନ ସହିବେ । ପଛରେ ଜୟ କଲେ ମଧ୍ୟ ଯଶ କାହିଁ ? ଯେଉଁଠି ଶୁଣିବ ଖାଲି ଅର୍ଜୁନର କୀର୍ତ୍ତି । ସେଥକୁ ଭୀମଙ୍କ ଭ୍ରୂକ୍ଷେପ ନାହିଁ--- ହେଲେ ହେଲା, ନୋହିଲେ ନୋହିଲା । ଯାହା ହାବୁଡ଼େ ପଡ଼ିଲା ତାହା କରିବାକୁ ସେ ଆଗଭର ହୁଅନ୍ତି, ଯଦି ତହିଁରେ ଭାଇଙ୍କ ଅନୁମତି ଥାଏ । ଯୁଝେଷ୍ଠିଙ୍କ ଆଖିଠାର ତାଙ୍କ ଗୁରୁବାକ୍ୟ । ସାରଳା ହୁଣ୍ଡାଟିଏ ସର୍ଜିଛନ୍ତି ସତ, ମାତ୍ର କି ମାର୍ଗେ ତାକୁ ତୋଳିଛନ୍ତି !

ଭୀମସେନଙ୍କ ଭିତରେ ଦୁଇଟି କେନ୍ଦ୍ର । ଗୋଟିକରେ ଯୁଝେଷ୍ଠି ଠାକୁରେ, ଆରଟିରେ ପାଞ୍ଚାଳୀ । ଯୁଝେଷ୍ଠିଙ୍କ ଆସନ ସତ୍ୟର ଆସନ, ଧର୍ମର ଆସନ, ଗୁରୁର ଆସନ । ସେଇଠି କୃଷ୍ଣ ସୁଦ୍ଧା ଆଡ଼ଘଷା ଦେଇ ଠିଆ ରହନ୍ତି; ସୃଷ୍ଟି ଟଳିଗଲେ ମଧ୍ୟ ଭୀମଙ୍କ ଆସ୍ଥା ଭାଇ ଉପରୁ ଟଳିବ ନାହିଁ । ଏଇଟା ତାଙ୍କ ନଦୀଧାରର ଦିଗ । ଯୁଝେଷ୍ଠି ବଙ୍କେଇଲେଧାର ବାଙ୍କିବ, ନଚେତ୍ ସେ ଯାହା କହିବେ ସେଇଆ । ଆରଟି ତାଙ୍କ ମନ, ଟେକ ଆଉ ପ୍ରେମର ଆସନ । ସେଇଠି ପବନ ବାଜିଗଲେ ତାଙ୍କ ବୁକୁରେ ଘା' ଦାଗିହୋଇଯାଏ । ସେଇଠି ଅପମାନ ହେଲେ ତାଙ୍କ ଆଖିରେ କଳାନଳ ଝଲକିଉଠେ । ଏଇଟା ତାଙ୍କର ପ୍ରବେଗ; ତାଙ୍କୁ ତତାଏ, ତଡ଼େ, ଉଚ୍ଛୁଳାଏ ଏଇ ଯାଜ୍ଞସେନୀ । ଏଇ ଦୁଇଟି ନିୟମ ଭିତରେ ସାରା ମହାଭାରତର ଅକଳନ୍ତି ବନ୍ଧୁ କୁଟୁମ୍ବୀ ଦୂର ନିକଟରେ ଖଞ୍ଜି ହୋଇ ଯାଆନ୍ତି । ଭୀମସେନ ତାଙ୍କୁ କେବେ ଆଡ଼ଆଖିରେ ଚାହିଁଦିଅନ୍ତି ତ କେବେ ନାହିଁ । ଏ ଦୁଇଟି ଭିତରେ ମଧ୍ୟ ମଝିରେ କଷାକଷି ହୋଇଯାଏ, ଯେଉଁଟା ଯେତେବେଳେ ଜିଣିଗଲା । ସୁଅ ତେଜିଗଲେ କୂଳ ଧସିପଡ଼ିଛି, ବା କୂଳ ଟାଣ ହେଲେ ସୁଅ ମୋଡ଼ି ହୋଇଯାଇଛି; କିନ୍ତୁ ଏ ଦୁଇଟାକୁ ନେଇ ଭୀମସେନରୂପୀ ମହାନଦୀ ଆଉମାନଙ୍କ ପାଇଁ ସ୍ୱଧର୍ମରେ ଉତ୍ସର୍ଗ ହୋଇ ବୋହିଯାଇଛନ୍ତି ମହାଭାରତ ଆଖ୍ୟାନର ଏ ପାରିରୁ ସେ ପାରିକୁ ।

Digitized by srujanika@gmail.com

ଶକୁନିର କପଟରେ ଯୁଦ୍ଧ ହୁଏ, କୃଷ୍ଣଙ୍କ କପଟରେ ସମସ୍ତେ ସଂହାର ହେଲାପରେ ଜୟସ୍ତମ୍ଭ ଉପରୁ ଏକାଚାପୁଡ଼ାକେ ବେଲାଳସେନକୁ ଭୀମ ଝାଡ଼ିଦିଅନ୍ତି । ତା' ପରେ କିନ୍ତୁ କପଟର ଏ ସୂକ୍ଷ୍ମରୂପ ତାଙ୍କର ସୁହାଯାଏନାହିଁ । ସେ ବୁଝିଯାନ୍ତି ଯେ ସେ ଠକି ହୋଇ ଯାଇଛନ୍ତି । କୋଇନ୍ତାଙ୍କ ସ୍ନେହ ତାଙ୍କ ପାଇଁ କାଣିଚାଏ ଊଣା, ଦ୍ରୌପଦୀଙ୍କ ମନ ତାଙ୍କ ପାଇଁ କାଣିଚାଏ ଊଣା, ଗୋବିନ୍ଦଙ୍କ କରୁଁଣା ମଧ୍ୟ କାଣିଚାଏ ଊଣା । କୌରବ ଥାଟ ସମସ୍ତଙ୍କର ତାଙ୍କ ଉପରେ ରୋଷ । ଅନ୍ଧ ଧୃତରାଷ୍ଟ୍ର ତାଙ୍କୁ ଚୂରିବାକୁ ଯାଇ ଲୁହା ଭୀମକୁ ଗୁଣ୍ଡ କରିଦେଇଛି । ନାହାରି ଆଡ଼କୁ ସେ ଆଉ ଖୋଲ'ଣା ଆତ୍ମୀୟଭାବରେ ଅନେଇ ପାରୁନାହାନ୍ତି । ଏଡ଼େ ବଡ଼ ମନ ଭୀମସେନଙ୍କର ମଉଳିଯାଇଛି । କେବଳ ମୂକ ହୋଇ ଧର୍ମ ଆଶ୍ରା କରି ଶେଷରେ ମହାଯାତ୍ରା କରିଛନ୍ତି । ଆଗରେ ଯୁଧିଷ୍ଠିର ଚାଲିଛନ୍ତି ବୋଲି ଭରସା । ପଛରେ ମୃତ୍ୟୁ ପାଦକୁ ପାଦ ପକେଇ ଆଗେଇଚି । ଶେଷରେ ଯୁଝେଷ୍ଟି ଦେବ ମଧ୍ୟ କପଟ କଲେ ! ଭୀମ ବୁଝିଥିବେ ପରା ! ଅତଡ଼ାକୁ ଦିଗ ଦେଖେଇ ଦେଇ ଆଡ଼େଇ ହୋଇଯାଇଛନ୍ତି ଯୁଝେଷ୍ଟି । ଅଜାଡ଼ି ହୋଇ ପଡ଼ିଛନ୍ତି ଭୀମସେନ ମହାକାଳର ପ୍ରସାରିତ ବାହୁ ଭିତରେ । ସ୍ୱଦେହରେ ସ୍ୱର୍ଗ ତାଙ୍କର କ'ଣ ହେବ ? ଯାହାକୁ ସେ ମାନି ଆସିଛନ୍ତି, ସେ କପଟ କଲେ ମଧ୍ୟ ତାକୁ ଶେଷରେ ମାନି ଚାଲିଯିବେ । ଡାହାଣ ଅଙ୍ଗ ପାତିଦେଲେ ଭୀମ, ସେମିତି ପାତିଦେଲେ ତାଙ୍କ ଡାହାଣ ଅଙ୍ଗ ସାରଳା ଦାସ । ଶାନ୍ତିପର୍ବରେ ସବୁ ଉଚ୍ଚ ଉଚ୍ଚ ଢେଉ ଓ କୁହାଟ ନିସ୍ତବ୍ଧ ଭଜିଲେ । ଦ୍ୱାପରଯୁଗକୁ ଅନ୍ଧାର ନଇଁଆସିଲା ।

Digitized by srujanika@gmail.com

ଅଶ୍ରୁତ ସ୍ୱର

Digitized by srujanika@gmail.com

Digitized by srujanika@gmail.com

ପ୍ରଶ୍ନ

ପେଶାଦାର ବହୁରୂପୀ ତା' ପେଟେରା ଭିତରେ ହରରଙ୍ଗି କିଛି ପୋଷାକ ଓ ତା' ସାଙ୍ଗକୁ ରଙ୍ଗ ନେଳି ହଳଦିଆ ମଇଲମ କିଛି ରଖି ବୁଲୁଥାଏ । ବେଳ ପଡ଼ିଲେ ସେଇ ରଙ୍ଗ ଏବଂ ପୋଷାକ କେତେଖଣ୍ଡର ହର୍ ଗୁଣ୍ ଫେଡ଼୍ ମିଶା ଭିତରେ ସେ ନାନା ବେଶ ଓ ରୂପରେ ଆସି ଉଭାହୁଏ । ସେମିତି ଦେଖିବାବାଲା କିନ୍ତୁ ଏ ଖୋଳ ଭିତରେ ସେଇ ଗୋଟିଏ ମାତ୍ର ଦୁସ୍ଥ ଅଭିନେତାକୁ ହିଁ ଦେଖେ ଏବଂ ତାକୁ ଦୟାକରେ । ସେଇଭଳି ସେ ଦୟା କରେ ମୋଟା ଚଷମା ପରିହିତ ସର୍ବ-ଜାଣ ଜ୍ଞାନସାଗରଙ୍କୁ, ଯାହାଙ୍କ ମୁଣ୍ଡରେ ସଂସାରର ସର୍ବ ପ୍ରଶ୍ନର ଉତ୍ତର ତାଳପତ୍ରର ନଥି-ଖାତାରୂପେ ଥାକ ମରାହୋଇ ଥୁଆ ହୋଇଥାଏ । ତାଙ୍କ ମନଟି ଗୋଟିଏ ଗୋଦାମ ଘର, ବୁଦ୍ଧି ଗୋଟିଏ ଚାରିକୋଣିଆ ଆଲମାରୀ । ତା' ଭିତରେ ସେ ଅନେକ ପୁରୁଣା ମାଲ ହରଣଚାଳ କରି କୋଳପ ପକାଇଥାନ୍ତି । ଦୁଃସ୍ଥ ଗ୍ରାହକ ବିକଳରେ ତାଙ୍କ ଦୁଆରେ ଆସି ମୁଣ୍ଡ ପିଟିଲେ ସେ ଚଷମାକାଚ ଖଞ୍ଜିଲାପରି ତା' ପ୍ରଶ୍ନକୁ କେତୋଟି ଯାଦୁ ଶବ୍ଦରେ ଖାପିଯାନ୍ତି । ଯେଉଁଠାରେ ସେ 'ହଇ, ହଇ' କହି କୁହାଟି ଦେଲା, ସେଇଠି ସର୍ବଜାଣଙ୍କ ଟିକିଏ ସବ୍‌ଜାନ୍‌ତା ମୃଦୁହସ, କିଛି ଜ୍ଞାନମୁଦ୍ରା ଓ ସମାଧି । ସେ ନିଜେ ପ୍ରଶ୍ନ କରିପାରନ୍ତି ନାହିଁ । ସେଇଟା କୁଆଡ଼େ ତାଙ୍କପାଇଁ ଘୋର ଅପମାନସୂଚକ । ସପ୍ତର୍ଷିମଣ୍ଡଳ ପରି ମହାକାଶରୁ ଭୂଗର୍ଭ ପର୍ଯ୍ୟନ୍ତ ଲମ୍ୱମାନ ଥୋଲା ଥୋଲା ପ୍ରଶ୍ନର ରୂପ ସେ ଦେଖିନାହାନ୍ତି । ସେଇ ନୀରବ, ନିଷ୍ପନ୍ଦ, ଶୀତଳ ବକ୍ରରେଖାଗୁଡ଼ିକୁ ସମ୍ଭ୍ରମରେ ନମସ୍କାର ଜଣାଇ ନାହାନ୍ତି । ସେହି ଚିରନ୍ତନ ଆବାହନର ସଙ୍କେତ, ସେଇ ସନାତନ ଯାଚନାର ଚିହ୍ନକୁ ସେ ଦେଖି ସୁଦ୍ଧା ଦେଖିନାହାନ୍ତି । ଜାଣିନାହାନ୍ତି ଯେ ଉତ୍ତରର ଅଜସ୍ର ଆଜ୍ୟ ସମିଧ ଆହୁତି କଲେ ମଧ୍ୟ ପ୍ରଶ୍ନର ଶିଖା ସନ୍ଦୀପିତ ହୋଇ ରହିଥାଏ ।

ସମୁଦ୍ରରେ ଅନିବାର୍ଯ୍ୟ ଲହରି ଉଠିଲା ପରି ମନର ପରିଧି ଭିତରେ ଅସଂଖ୍ୟ ପ୍ରଶ୍ନର ଢେଉ ବେଳାଭୂମିକୁ ଆଘାତ କରନ୍ତି । ଗୁଡ଼ାଏ ଅଜ୍ଞାତ ରାଜ୍ୟର ଅନ୍ଦି କନ୍ଦି ଭିତରକୁ ମାଡ଼ିଯାଏ ଲୁଣାପାଣିର ଜୁଆର । ନିଜକୁ ନିଜେ ଗ୍ରାସ କଲା ପରି ପୁଣି ଫେରି ମଧ୍ୟ ଆସେ । ଏଇଭଳି ନିଜକୁ ନିଜେ ମନ୍ଥନ କରି ସେ ଲହରୀଗୁଡ଼ିକ କ'ଣ ଖୋଜନ୍ତି ବା କ'ଣ ପ୍ରକାଶ କରିବାକୁ ଚାହାନ୍ତି, ବୁଝିବା କଠିନ । ଶ୍ୱାସ ପ୍ରଶ୍ୱାସର ପ୍ରବାହ ଗୋଟିଏ ଅବିରାମ ଛନ୍ଦରେ ଯେମିତି ସ୍ୱାଭାବିକ ଧର୍ମ ରକ୍ଷା କରି ଚାଲିଥାନ୍ତି, ପ୍ରାୟ ସେପରି । ପ୍ରଶ୍ନ ଏଇ ପର୍ଯ୍ୟାୟର ଏକ ପ୍ରକାର ତରଳ ଅସ୍ଥିରତା । ଶରୀର ପ୍ରାଣବନ୍ତ ଥିବା ପର୍ଯ୍ୟନ୍ତ ଶ୍ୱାସର ଆନ୍ଦୋଳନ ଚାଲିଥାଏ ଏବଂ ମନ ସକ୍ରିୟ ଥିବା ପର୍ଯ୍ୟନ୍ତ ପ୍ରଶ୍ନର ଲହରୀ ଉଠୁଥାଏ ।

Digitized by srujanika@gmail.com

ଏ ତରଙ୍ଗ ଲିଭିଗଲେ ମନର ସୂର୍ଯ୍ୟ ବୁଡ଼ିଯାଏ ଏବଂ ଜମାଟ ବାନ୍ଧିଯାଏ ସମଗ୍ର ତରଳ ଚେତନା । ସାଧାରଣ ଜୀବନରେ 'କ'ଣ କରିବା' ଗୋଟିଏ ପଞ୍ଚାକ୍ଷର ମନ୍ତ୍ର, ଏକ ଶାଶ୍ୱତ ପ୍ରଶ୍ନ । ଦ୍ୱିପ୍ରହର ଖରାରେ ନୂଆ ପତ୍ର ପକାଉଥିବା କଅଁଳ ଲଇକୁ କାନେଇଲେ ସେଇଠି ଅହରହ ଶୁଭୁଥାଏ 'କ'ଣ କରିବା' । ଚାରିଆଡ଼େ, ନଈ, ବଣ ପାହାଡ଼, ତାରା ଜଳଜଳ ଦିଶୁଥିଲେ ସୁଦ୍ଧା ଚେତନା ଝୁଣ୍ଟିପଡ଼େ ଗୋଟାଏ ଅଦୃଶ୍ୟ କାଚବାଡ଼ ଉପରେ । ଧାପେ ଆଗକୁ କ'ଣ ଅଛି, ଭବିଷ୍ୟତର ଅନ୍ତରାଳରେ କ'ଣ ଲୁଚିଛି ଜାଣେପାରେ ନାହିଁ ବୋଲି ପ୍ରତିମୁହୂର୍ତ୍ତର ସଂଗ୍ରାମରେ ସେ ଜପୁଥାଏ 'କ'ଣ କରିବା' । ଯେଉଁମାନେ ଏ ପ୍ରଶ୍ନର ଧକ୍କା ସମ୍ଭାଳି ପାରନ୍ତି ନାହିଁ, ସେମାନେ ପହଞ୍ଚନ୍ତି ସର୍ବଜ୍ଞାଣଙ୍କ ପାଖରେ । ହନୁମାନ ପ୍ରଶ୍ନ ଉପରେ ଖଡ଼ି ଗୋଟାଳିଟି ଥୋଇ ଦିଅନ୍ତି ଏବଂ କୁଣ୍ଡ ପାଇଲା ଭଳି, ଭବିଷ୍ୟତର ଅନନ୍ତ ସମ୍ଭାବନା ଭିତରୁ କିଛି ଠିକେ ଠିକେ ଶୁଣିଲା ପରେ ଡୁବ କରନ୍ତି ଅଜଣା ଭିତରକୁ ପଶିବାପାଇଁ । ଆଉ ଦଳେ ବ୍ୟବସାୟୀ ଯୋଜନା କରି ତାହାରି ସମ୍ଭାବ୍ୟ ଫଳରୁ ସଞ୍ଜୀବନୀ ଶୋଷନ୍ତି ଓ ସେଥିରେ ମସ୍‌ଗୁଲ୍ ଥାଆନ୍ତି । ତାଙ୍କ ପାଇଁ 'କ'ଣ କରିବା' ପ୍ରଶ୍ନ ସେତେ ତୀବ୍ର ନୁହେ ; କିନ୍ତୁ ଯେତେବେଳେ ବେଳାଭୂମିର ବାଲିଘର ଉପରେ ଅତର୍କିତ ସମୁଦ୍ର ଲହଡ଼ି ମାଡ଼ିଯାଏ ଏବଂ ବାରମ୍ବାର ମାଡ଼ିଯାଏ, ଯୋଜନାଖୋର ବ୍ୟବସାୟୀ ମଧ୍ୟ ଗାଲରେ ହାତ ଦେଇ ତା'ର ଝୁଲି ପଡ଼ିଥିବା ନିଶ ଓ ଆଖିପତା ତଳୁ ବିଡ଼୍ ବିଡ଼୍ ହୁଏ, 'କ'ଣ କରିବା' । ଏହାର ଉତ୍ତର ସେ ପାଏ ନାହିଁ, କାରଣ ଉତ୍ତର ନାହିଁ । ଏହା ତ ପ୍ରଶ୍ନ ନୁହେଁ, ଜୀବନର ଅସହାୟତା ଉପରେ ଏଇଟା ଗୋଟାଏ ମନ୍ତବ୍ୟ ।

ଶିଶୁ କଥା କହିବା ଆରମ୍ଭ କରୁ କରୁ ପ୍ରଶ୍ନ ପଚାରେ । ତା' ଆଖିରେ ସବୁ ନୂଆ, ସବୁ ଅଚିହ୍ନା । ତା' ଭିତରେ ଅଦମ୍ୟ ଇଚ୍ଛା ହୁଏ ଚିହ୍ନିବାକୁ, ଜାଣିବାକୁ । ସେଇ ଇଚ୍ଛା ପ୍ରଶ୍ନରୂପରେ ହିଁ ପ୍ରକାଶ ପାଏ । ଏଇଟା କ'ଣ ? - ଫୁଲ । ଫୁଲ କ'ଣ ? - ଫୁଲ ଗଛରେ ଫୁଟେ । କାହିଁକି ଫୁଟେ ? ବୟସ୍କ ଉତ୍ତରଦାତା ଟିକିଏ ଥମିଯାଆନ୍ତି । ହୁଏତ କହନ୍ତି, 'ଚୋପ୍, ବଗୁଲିଆ !' ବା କହନ୍ତି, 'ଚାଲ୍ ଏଥର ଘରକୁ ଯିବା !' କିମ୍ବା କହନ୍ତି, 'ବଡ଼ ହେଲେ ଜାଣିବୁ !' ଏଇଭଳି ଅଜସ୍ର ସଂସାରକୁ ସେ ତା' କେନ୍ଦ୍ରରୁ ଦେଖି ଅସଂଖ୍ୟ ପ୍ରଶ୍ନ କରେ । ଉତ୍ତରରେ କେବଳ ଶବ୍ଦରୂପ ଧାତୁରୂପ କିଛି ପାଏ ଏବଂ ବସ୍ତୁ ସାଙ୍ଗକୁ ଗୁଡ଼ିଏ ନାଆଁ କେବଳ ଯୋଡ଼ି ଚାଲେ । ସେ ହୁଏତ ନିଜ ଅଜାଣତରେ ଉତ୍ତମ ରହସ୍ୟଟି ଖୋଜୁଥାଏ ; କିନ୍ତୁ ତାକୁ ପିଆଇ ଦିଆହୁଏ କିଛି ଅଭିଧାନ, କିଛି ମୀମାଂସା । ସେ କାବୁ ହୋଇ ତଳକୁ ମୁହଁପୋତି ଭୁଲାଏ କିମ୍ବା ସେଇ ଉତ୍ତରଗୁଡ଼ିକୁ ଘୋଷି ମୁଖସ୍ଥ କରେ । ତଥାପି ପ୍ରଶ୍ନର ଜୁଆର ମାଡ଼ି ଆସେ ତା'ର ସ୍ୱାଭାବିକ ରୀତିରେ । ପ୍ରତିମୁହୂର୍ତ୍ତରେ ଗୋଟିଏ ଲେଖାଁ ପ୍ରଶ୍ନ ଜୀବନର ତନ୍ତୁ ସନ୍ଧାରେ ଓହଳି ରହନ୍ତି । - 'ଦାନ୍ତକାଠି ଅଛି ?' - 'କ'ଣ ତିଅଣ ହେବ ?' - 'ଯୋତା ସଫା ହେଲାକି ?' - 'ଦରମା କେତେ ?' - 'ମଶାରି ଧୋବା ଦେଲାଣି କି ?' - ଇତ୍ୟାଦି । ଏପରି ପ୍ରଶ୍ନକଣିକାର ସଂଖ୍ୟାର ନାହିଁ, ବେଳ ମଧ୍ୟ ନାହିଁ, ସେମାନଙ୍କ ପାଇଁ 'ହଁ', 'ନାହିଁ'ର ଗୋଟାଏ ଦର୍ପଣୀ ଉତ୍ତର ଦେଖେଇବାକୁ । ହୁ ହୁ କେବଳ ଜୀବନ ଗଡ଼ିଚାଲେ କି ଏଭଳି ପ୍ରଶ୍ନପ୍ରବାହ ମାଡ଼ିଚାଲେ ଆମ ସର୍ବଜ୍ଞାଣ କ'ଣ କହିପାରିବେ ?

ଚାରିକୋଣିଆ ଝରକା ଭିତର ଦେଇ ଜହ୍ନରାତିରେ ଘୁମନ୍ତ ବଣ, ନଈ ଓ ଧାଡ଼ି ଧାଡ଼ି ବିଲମାଳକୁ ଅନାଇଁ ରହିଥିଲାବେଳେ ଦୃଷ୍ଟିର ସୁଅରେ ଦର୍ଶକ ନିଜେ ପହଁରି ଆସିଥାଏ ସେଇ ପାଣ୍ଡୁର

Digitized by srujanika@gmail.com

ଏବଂ ଶୀତଳ ପରିବେଶ ଭିତରକୁ । ପାହୁଣ୍ଡେ ପଛକୁ ଘୁଞ୍ଚିଗଲେ ; କିନ୍ତୁ ତାକୁ ହଠାତ୍ ଦିଶେ ଯେ ଅନନ୍ତ ଆକାଶସମେତ ସେ ସମସ୍ତ ବିସ୍ତୀର୍ଣ୍ଣ ଦୃଶ୍ୟ ଗୋଟିଏ ଚିତ୍ରପଟ ଭଳି ଚାରିକୋଣିଆ ଝରକାର ଚଉକାଠଭିତରେ ବନ୍ଧା ପଡ଼ିଛନ୍ତି । ସେଇଭଳି ଦୂରବୀକ୍ଷଣ ଯନ୍ତ୍ରର ସମାନ୍ତରାଳ ଗାରଗୁଡ଼ିକର ଖୋପଭିତରେ ଶୂନ୍ୟଚାରୀ ନକ୍ଷତ୍ର ଧରାଦିଏ, ନିରାକାର ଆକାଶ ଗୋଟିଏ ଗିରାକଟା ଚକାଥାଳିଆ ପରି ଦିଶେ । ସଚେତନ ମନର ଗବାକ୍ଷ ଗୋଟିଏ ପ୍ରଶ୍ନବାଚୀ ଚିହ୍ନ । ତା' ଭିତର ଦେଇ ଯାହାକୁ ଚାହିଁଲେ ତା' ଉପରେ ସେଇ ଚିହ୍ନଟି ମଡ଼େଇ ହୋଇଯାଏ । ସେଇ ବଙ୍କା ଲାହୁଡ଼ଟି ଲାଛି ହୋଇଗଲେ ମନ ଅସ୍ଥିର ହୋଇଉଠେ । ସରଳ ଗାଈଟିଏ ପରି ଦୂବଘାସକୁ ସେ ଅନେଇପାରେ ନାହିଁ । ତା'ର ଶିରା ଗଣେ, ତା'ର ଅଗମୂଳ ପରୀକ୍ଷା କରେ । ତା'ର ବଂଶପରମ୍ପରା ନିର୍ଣ୍ଣୟ କରେ । ତା' ଉପରେ ଚିହ୍ନଟପାଇଁ ନାଁଟାଏ କାଗଜ ଚିଠାରେ ଲଗାଇ ଦିଏ । ତା'ପାଇଁ ଅଣୁବୀକ୍ଷଣ ଯନ୍ତ୍ର ଖଞ୍ଜେ । ଯାହା ଦେଖେ, ତାକୁ ଥାକ ଥାକ ଗ୍ରନ୍ଥ ଲେଖି ଥୁଏ । ତା' ଦାଢ଼ି ପାଚିଯାଏ । ଆଖି ଚାରିଆଡ଼େ ବୁଢ଼ିଆଣୀ ଜାଲ ମାଡ଼ିଯାଏ । ଅଣୁରୁ ପରମାଣୁକୁ ଯାଇ ସେ କ୍ଲାନ୍ତ ହୋଇପଡ଼େ । ଦୂବଘାସ ଉପରୁ କିନ୍ତୁ ସେଇ ପ୍ରଶ୍ନବାଚକ ଚିହ୍ନଟି ପୂର୍ବବତ୍ ଲାଞ୍ଜ ଟେକି ତାକୁ ଅନେଇଥାଏ । ସେଥିରୁ ମୋଟେ ମୁକ୍ତି ମିଳେନାହିଁ ; କାରଣ ସଚେତନ ମନର ତାହା ହିଁ ଗବାକ୍ଷ ତା'ରି ଭିତରେ ଆର୍କିମିଡ଼ସ, ଗାଲିଲିଓ ଏବଂ ଆଇନ୍‌ଷ୍ଟାଇନମାନେ ଅନାନ୍ତି । ଦୂବଘାସର ସବୁଠାରୁ ସୂକ୍ଷ୍ମ ଶିରାରେ ଦିଶୁଥିବା ସୂର୍ଯ୍ୟ ଚାରିପଟେ ହୁଏତ ବାରଟା ଚନ୍ଦ୍ର ବୁଲିବାର ସେମାନେ ଦେଖନ୍ତି । ପୁରୁଷ ପୁରୁଷଧରି ସେଇ ଝରକା ପାଖେ ମଣିଷ ମନର ଅଜସ୍ର ଲହୁ ଲୁହ ବଳିଦାନ ହୋଇଯାଏ । ଅନେକ ଗ୍ରନ୍ଥାଗାର ଭରିଯାଏ ନୂଆ ନୂଆ ତଥ୍ୟରେ । ସମୁଦ୍ର ଲହରୀ ପରି ନିଜକୁ ନିଜେ ମନ୍ଥନ କରେ, ନିଜକୁ ନିଜେ ଦୋହନ କରେ ମଣିଷର ପ୍ରଶ୍ନବାଚୀ ମନ ଏବଂ ଏ ସମସ୍ତ ଐଶ୍ୱର୍ଯ୍ୟ ଛାଣେ । ପାଞ୍ଚଶ' ହଜାରେ ବର୍ଷପରେ ସେ ଗ୍ରନ୍ଥ ସବୁ ହୁଏତ ସେଇ ଦରରେ ବିକ୍ରି ହୋଇଯିବ, ବା ସେଇ ଦୂବଘାସମୂଳେ ଖତରୂପେ ଅଜଡ଼ା ହୋଇଯିବ ; କିନ୍ତୁ ଏ ଝରକାପାଖେ ଠିଆ ହୋଇଥିବା ପର୍ଯ୍ୟନ୍ତ ପ୍ରଶ୍ନବାଚକ ଚିହ୍ନଟି କେବେ ଅପସାରିତ ହେବନାହିଁ ; ସେଇ ଚିହ୍ନ ହିଁ ଆମ ମନର ଏକମାତ୍ର ଝରକା । ବିଭିନ୍ନ ବସ୍ତୁ ଉପରେ ଆମେ ତାହାର ହିଁ ଆକାର ଆୟତନ ଦେଖୁ । ଗାଈର କିନ୍ତୁ ସେପରି ଝରକା ନାହିଁ । ସେ ହୁଏତ ଜାଣେନା ଦୂବର ରଙ୍ଗ ସବୁଜ । ତା' ପାଇଁ ତା'ର ବାସ୍ନା ଅଛି, ଯାହା କି ଜଠର ଭିତରେ ଅଗ୍ନି ଜାଳିଦିଏ । ତା'ର ସ୍ୱାଦ ଅଛି, ଯାହା ତା'ର ଢେଗା ଢେଗା ଗବ୍ୟ ଆଖି ଯୋଡ଼ିକୁ ବୁଜିଆଣେ । ଏଣୁ ପ୍ରଶ୍ନ ହୁଏତ ମଣିଷ ମନର ହିଁ ଏକ ବିକ୍ରିୟା, ଏକପ୍ରକାର ବିଶିଷ୍ଟ ବକ୍ରତା । ପ୍ରଶ୍ନ ପଚାରିବା ଏଇ ମାନସିକ ଜୀବଟିର ଦୁର୍ଲ୍ଲଭ ଅଧିକାର କିମ୍ବା ଏକ ଅନିବାର୍ଯ୍ୟ ପ୍ରବୃତ୍ତି ।

ତା'ହେଲେ ତ ପାଣିଭିତରେ ଅଧା ବୁଡ଼ିଥିବା କାଚଦଣ୍ଡ ପରି ସମଗ୍ର ସଂସାର ସରଳ । କେବଳ ମନଭିତରେ ଅଧେ ପାରି ହୋଇଗଲାବେଳେ ସେଇଟା ବଙ୍କା ଦିଶିଯାଏ ; କିନ୍ତୁ ଘଟଣାଟା ବୋଧହୁଏ ଠିକ୍ ତାହା ନୁହେଁ । ପ୍ରତ୍ୟେକ ବସ୍ତୁଭିତରେ ଏଭଳି କିଛି ଅଛି, ଯାହା ମନର ରସ ବଳିତାରେ ନିଆଁ ଲାଛିଦିଏ । କିଛି ସମୟ ନିଆଁ ମାଡ଼ିଗଲେ ହାଵେଳି ଗର୍ଜେ । ସୁ' ସୁ' ହୋଇ ତେଣିକି ସେ ଶୂନ୍ୟକୁ ଚହଟିଯାଏ, ପୁରୁଣା ଭୂଇଁ ଛାଡ଼ି ନୂଆ ଦିଗ୍‌ବଳୟକୁ ଅନାଏଁ । ତଥାପି ଦିଗ୍‌ବଳୟ ସରିଯାଏ ନାହିଁ । ଚାରିଆଡୁ କୋଟି କୋଟି ରୂପ, ରଙ୍ଗ ଭିତରୁ ଏଇଭଳି ଗୋଟାଏ

Digitized by srujanika@gmail.com

କ'ଣ ତାକୁ ତତେଇ ଦିଏ, ତାକୁ ପ୍ରଚୋଦିତ କରେ । ସାଗର ଗର୍ଭ ଭିତରେ କୌଣସି ଗୋଟିଏ ଅଜ୍ଞାତ କେନ୍ଦ୍ରରେ ଅଦ୍ଭୁତ କମ୍ପନ ଲକ୍ଷ ଲକ୍ଷ ଢେଉ ଅହରହ ସୃଷ୍ଟି କଲାପରି ମଣିଷଟି ନିମିତ୍ତରୂପେ କେବଳ ବ୍ୟବହୃତ ହୋଇଯାଏ । - ସୃଷ୍ଟିର ପ୍ରତିଟି ରେଣୁ ସୃଷ୍ଟିପରି ପୁରୁଣା । ଏଇ ଧୂଳିକଣାଟି ହୁଏତ କାଳର କୌଣସି ସମ୍ଭାବନା ଭିତରେ ସୁଦୂର ନିହାରିକା ମଣ୍ଡଳରେ ଦିନେ ଭିନ୍ନ ରୂପରେ ଥିଲା । ଏ ସମସ୍ତ ରେଣୁ ମଧ ନ ଥିଲେ ନୁହେଁ - ଅବଶ୍ୟ ଥିଲେ । ଏଥିରୁ କେହି ଅର୍ବାଚୀନ ନୁହନ୍ତି ; ସମସ୍ତେ ଶାଶ୍ୱତ, ସମସ୍ତେ ପୁରାଣ, ସମସ୍ତଙ୍କର ଉପାଦାନ ସେଇ ଅକଳନୀୟ ଅନନ୍ତ । ଗଛର ପତ୍ରରେ ଶରୀର ଗ୍ରନ୍ଥି ଭିତରେ ମୌଳିକ ଉତ୍ତମ ରହସ୍ୟଟି ଉଙ୍କି ମାରୁଥାଏ । ଏଇ ମାନସିକ ଜୀବଟିକୁ ଉପାୟରୂପେ ବ୍ୟବହାର କରି ନିଜେ ପ୍ରକଟ ହେବାକୁ ଚାହେଁ । ସେ ପ୍ରଲୁବ୍ଧ କରେ, ଉଚ୍ଚାଟ ସୃଷ୍ଟି କରେ, ଅସ୍ଥିର କରେ । ତାକୁ ସେ ପରାର୍ଦ୍ଧ ଯୋଜନର ଗଭୀରତା ଭିତରୁ ଓଟାରି ଆଣିବାକୁ ମଣିଷ କ୍ଷୁଧିତ ହୋଇଉଠେ । ତା' କ୍ଷୁଧାର ରୂପ ସେଇ ପ୍ରଶ୍ନ, ଅପୂର୍ଣ୍ଣ ଶ୍ରୁବପରି କ୍ଷୁଧିତ ଏବଂ ବକ୍ର, ଦେବୀ ଖର୍ପର ପରି ଅପୂରଣୀୟ, ହବନ କୁଣ୍ଡପରି ଜ୍ୱଳନ୍ତ ।

ଏଭଳି ଅଣାୟତରେ ପ୍ରଶ୍ନ କରୁ କରୁ ସମୁଦ୍ର ଫୁଲି ଉଠେ । ଛୋଟ ଛୋଟ ଢେଉ ପରିବର୍ତ୍ତେ ମାଡ଼ିଆସେ ଜୁଆରିଆ ତରଙ୍ଗ । ଏ ଗମ୍ଭୀର ପର୍ଯ୍ୟାୟରେ ପ୍ରଶ୍ନର ରୂପ ମଧ ଅତି ବିଶାଳ ଏବଂ ଭବ୍ୟ ସୁନ୍ଦର । କୌଣସି ଗୋଟିଏ ବ୍ୟକ୍ତି ବା ବସ୍ତୁ ଉପରେ ଯେଉଁ ଛୋଟ ପ୍ରଶ୍ନ - ରେଣୁଗୁଡ଼ିଏ ଗୁଡେଇ ହୋଇପଡୁଥିଲା, ତା' ନ ହୋଇ ଗୋଟିଏ ମାତ୍ର ଅତିକାୟ ପ୍ରଶ୍ନ ସମସ୍ତଙ୍କୁ ଘୋଡ଼େଇ ପକାଏ । 'ଏ ସୃଷ୍ଟି କ'ଣ ?' -'ଏହାର ଉତ୍ପତ୍ତି କେଉଁଠାରୁ, ସ୍ଥିତି କେଉଁଠି, ବିଲୟ କେଉଁଠାରେ ?' - 'ଶାସ୍ତ୍ର ମତରେ 'ଜନ୍ମାଦ୍ୟସ୍ୟ ଯତ' କହିଲେ କାହାକୁ ବୁଝାଏ ?' ପ୍ରଶ୍ନକର୍ତ୍ତା ବିହ୍ୱଳ ହୋଇ ନିଜକୁ ଅନାଏ । 'ମୁଁ କିଏ ? - କେଉଁଠାରୁ କେଉଁଠାକୁ ମୋର ଏ ଦୁର୍ଗମ ଯାତ୍ରା ?' - ଖୁବ୍ ଗହୀରରେ ପୁଣି ଗୁଞ୍ଜରି ଉଠେ 'ସତ୍ୟ କ'ଣ ?' 'ବ୍ରହ୍ମ କ'ଣ ?' 'ଆତ୍ମା କ'ଣ ?' - ଏ ପ୍ରଶ୍ନଗୁଡ଼ିକ ସତେ ବା ଲକ୍ଷ ଲକ୍ଷ ମହଣ ଲୁହାରେ ତିଆରି । ତାରାମଣ୍ଡଳ ଟପି ସେମାନଙ୍କର ଶୀର୍ଷଗୁଡ଼ିକ ଉଭାରି ରହିଛନ୍ତି ; ଦୁର୍ଲ୍ଲଙ୍ଘ୍ୟ ଦୁରଧିଗମ୍ୟ, ତୁଷାର ଜଟାମଣ୍ଡିତ ଗୁଡ଼ିଏ ସମାଧିସ୍ଥ ପୁରାଣ ପ୍ରଶ୍ନ । ଋଷି ପିପ୍ଳାଦ ମଧ ଏମାନଙ୍କୁ ସମ୍ଭ୍ରମରେ ଆସନ ଦେଇ ବିନୟ ପ୍ରକାଶ କରନ୍ତି । ଅନେକ ବଛାବଛି ପରେ ଛ'ଟି ପ୍ରଶ୍ନ ବିରାଟ ପିନାକ ପରି ହୁଳ ଟେକି ରହନ୍ତି । ପ୍ରଶ୍ନୋପନିଷଦ ସରିଯାଏ । ଉତ୍ତରରେ ଉତ୍ତରୀ ସେ ବିଶାଳ ପ୍ରଶ୍ନମାନଙ୍କୁ ଘୋଡ଼େଇ ପାରେନାହିଁ ।

ମହାବଳ ପାଳିଲା ପରି ଏଭଳି ପ୍ରଶ୍ନଗୁଡ଼ିକୁ ଧାରଣ କରି ବଞ୍ଚିବା ଏକ ବିଡ଼ମ୍ବନା ; କିନ୍ତୁ ବଞ୍ଚିବାକୁ ହୁଏ । ଭୂମି ବିଦାରି ଯେତେବେଳେ ଏ ମହାଦ୍ରୁମ ସବୁ ଉଠନ୍ତି, ଆକାଶକୁ ଶାଖା ମେଲି ମାଡ଼ିଯାଆନ୍ତି, ତାଙ୍କୁ ପୋଷଣ କରିବା ହିଁ ଜୀବନର ଏକମାତ୍ର ଲକ୍ଷ୍ୟ ହୋଇଯାଏ । ଭିକ୍ଷାଥାଳ ଧରି ହିମାଳୟଠାରୁ କୁମାରିକା ଯାଏ ବହୁ ଆଶ୍ରମ, ଅନେକ ଗୁରୁ ଏବଂ ଶାସ୍ତ୍ରର ଆଶ୍ରୟ ନେବାକୁ ହୁଏ । ଏ ଅତିକାୟ ସନ୍ତାନଙ୍କୁ ପରିତୃପ୍ତ କରିବାକୁ ଆପ୍ରାଣ ଚେଷ୍ଟା ଚାଲେ ; କିନ୍ତୁ ପରିଶେଷରେ ହୁଏତ ଜିଜ୍ଞାସୁ ଜୀବନର ଅବସାନ ଘଟେ ଏବଂ ଯେଉଁ ମହାଶୂନ୍ୟରୁ ସେ ଦ୍ରୁମଗୁଡ଼ିକର ବୀଜ କ୍ଷରିତ ହୋଇ ଆସିଥିଲା, ସେମାନେ ମଧ ସେଇ ମହାଶୂନ୍ୟରେ ଏକୀଭୂତ ହୋଇଯାଆନ୍ତି । ପୁଣି ସଜ ଉଣ୍ଡି କାହା ଭିତରେ ପ୍ରକଟ ହେବାପାଇଁ ଅପେକ୍ଷା କରନ୍ତି ।

Digitized by srujanika@gmail.com

ଏହିସବୁ ମୌଳିକ ପ୍ରଶ୍ନକୁ ଆଶ୍ରୟ କରି ଆଉ ଗୋଟାଏ ପ୍ରକାର କଣ୍ଟା ଲଇ ମଧ ମାଡ଼ିଥାଏ । ସେ ଦ୍ୱନ୍ଦ୍ୱ ସଂଶୟର ଲଇଗୁଡ଼ିକ କିନ୍ତୁ ନିଜେ ଠିଆହେବାକୁ ବଳ ପାଆନ୍ତି ନାହିଁ । ଯଦି ସେପରି କୌଣସି ଟାଣୁଆ ଶାଳଗଛଟାର ଆଶ୍ରୟ ମିଳିଗଲା, ତେବେ ସେମାନେ ବ୍ୟାପି ଯାଆନ୍ତି ଶିଖ ପର୍ଯ୍ୟନ୍ତ । ମୂଳ ଉଦ୍ଭିଦ ସମ୍ପୂର୍ଣ୍ଣ ଲୁଚିଯାଏ । କେବଳ ଧୂଆଁ ପରି ସଂଶୟର ଧୂସର ପତ୍ର ବେଢ଼ିଯାଏ ଚତୁର୍ଦ୍ଦିଗରୁ । ସଂଶୟ ପ୍ରଶ୍ନ ନୁହେଁ । ତାହା ଏକ ଅନୁକରଣ, ଏକ ଧୂମବସ୍ତୁ, ଗୋଟାଏ ପ୍ରକାର ଆତ୍ମଘାତୀ ଅତିପ୍ରଶ୍ନ । ସଂଶୟର ନିର୍ଦ୍ଦିଷ୍ଟ ବେଳାଭୂମି ନାହିଁ । ସେ ସମୁଦ୍ର ଲହରୀ ପରି ଆୟାତି ଯାତି ନିୟମରେ ଶୃଙ୍ଖଳିତ ନୁହେଁ । ଘନ କୁହୁଡ଼ିର ସର୍ବଗ୍ରାସୀ ରୂପ ଏ ସଂଶୟର । ପ୍ରଶ୍ନକୁ ପ୍ରଶ୍ନ କଲେ, ପ୍ରଶ୍ନକର୍ତ୍ତାଙ୍କୁ ମଧ ପ୍ରଶ୍ନ କରେ ଏକ ଅଚଳ ଅବସ୍ଥା । ମୌଳିକ ପ୍ରଶ୍ନଗୁଡ଼ିକ ଜ୍ୱଳନ୍ତ ଆବାହନ ; କିନ୍ତୁ ସଂଶୟ ଏକ ବିଭ୍ରାନ୍ତି, ଏକ ହତାଶା, ଗୋଟାଏ ଅତଳ ବିବର । ସଚେତନ ମନ ସତେ ବା କୌଣସି ଦର୍ପଣରେ ନିଜକୁ ନିଜେ ଉପହାସ କରୁଛି । ବିଶ୍ୱାସମାତ୍ରେ ସେ ଖାଇ ଗୋଡ଼ାଏ । ସ୍ଥିର ଭୂମି ସେ ଦେବାକୁ ଚାହେଁନାହିଁ । ସମ୍ପୂର୍ଣ୍ଣ ଶୂନ୍ୟଭୂମିରେ ଗତି ସମ୍ଭବ ହୁଏନାହିଁ । ତୀବ୍ର ଜ୍ୱାଳା ନିଜ ଜଠର ଭିତରେ ଜଳି ଜଳି ନିଜକୁ ନିଜେ ଜୀର୍ଣ୍ଣ କରିଯାଏ । ଏ ଜ୍ୱଳା କିନ୍ତୁ ବହ୍ନିମାନ ନୁହେଁ । ତୁଷାଗ୍ନି ପରି ଦିଗହରା ଅନ୍ତର୍ଦାହ । ସଂଶୟ ଆତ୍ମାର ଯାତନା ; ସଚେତନାର ଏକ ବିଡ଼ମ୍ବନା । ସଂଶୟ ଜାଲରେ ମନ ନିଜେ ବିଡ଼ମ୍ବିତ, ପରାଭୂତ ।

ମନକୁ ଜୟ କରିବାକୁ ଅନ୍ୟ ଏକ ପନ୍ଥା ମଧ ସୁଧିଜନ କହୁଛନ୍ତି । ପ୍ରଶ୍ନ ଯଦି ମନର ବିକ୍ରିୟା ହୁଏ, ମନକୁ ଛାଡ଼ିଦେଇପାରିଲେ ବୋଧହୁଏ ପ୍ରଶ୍ନ ମଧ ଖସି ପଡ଼ିବ, କିନ୍ତୁ ମନକୁ କିଏ ଧାରଣ କରିଛି, କାହାର ଇଚ୍ଛାରେ ମନ ପ୍ରେରିତ ହୋଇଥାଏ, 'କେନେଷିତଂ ପ୍ରେକ୍ଷିତଂ ମନ ?' ଏ ପୁଣି ଆଉ ଏକ ପ୍ରଶ୍ନ । କଚ୍ଛପ ପରି ମନକୁ ଗୋଟେଇ ଆଣିପାରିଲେ, ମନର ବିପରୀତ ଧର୍ମ ଅମନୀ ଭାବରେ ବୁଡ଼ିପାରିଲେ, ସାତ ଲହଡ଼ା ପାରିହୋଇ ଗହୀର ଭିତରକୁ ପଶିଯାଇହେବ । ହେବ କି ?.... ହୋଇଥିଲା କି ?   ହେଲେ, ତେଣିକି କ'ଣଟାଏ ହୋଇଯିବ କି ?... ଚୋପ୍ । ଏ ସବୁ ଚଗଲା ମନର ଖେଳ ! ଏଭଳି ମୁଣ୍ଡଟେକି ଯେ ଉଠିଲା ତାକୁ ତତ୍‌କ୍ଷଣାତ୍ ଶ୍ୱାସରୋଧି ମାରିପକାଅ । ମନକୁ ନିଷ୍ପନ୍ଦ କରିଦିଅ । ତା'ପରେ ଯାହା ଶାସ୍ତ୍ରେ କହନ୍ତି ଏବଂ ମହାଜନମାନେ କହୁଛନ୍ତି, ସେଇ ଭାସ୍ୱର ବର୍ଣ୍ଣ ଚିନ୍ମୟ ସତ୍ତା ଚିଦାକାଶରେ ଉଇଁବେ ।

ସବ୍‌ଜାନତା ଉତ୍ତରଦାତାଙ୍କର ଏ ମହନୀୟ ଶାସ୍ତ୍ର ଉଦ୍ଧୃତି ପାଇଁ ଧନ୍ୟବାଦ ; କିନ୍ତୁ ସୃଷ୍ଟିର ପ୍ରତିବିନ୍ଦୁରେ ସ୍ପନ୍ଦିତ ପ୍ରଶ୍ନ ଯଦି ଲିଭିଯାଏ, ସୃଷ୍ଟି ନିଜେ ନିର୍ବାପିତ ହୋଇଯିବ । ତା'ର ବୀଜକୋଷ ଶୂନ୍ୟ ହୋଇଯିବ । ଉଦ୍‌ବର୍ତ୍ତନର ଧାରା ଶୁଖିଯିବ, ପ୍ରବାହ ସ୍ତବ୍ଧ ସ୍ତମ୍ଭିତ ହୋଇଯିବ । ଏଣୁ ସେଇ ଘୋର କାଳରାତ୍ରି ଭିତରେ ଯେ ପ୍ରଥମେ ନିଃଶ୍ୱାସ ତୋଳନ୍ତି, ଯାହାଙ୍କର ପ୍ରଥମ କାମନାର ସ୍ପନ୍ଦନରେ ସୃଷ୍ଟି ନିକ୍ୱଣିତ ହୁଏ ; 'ଏକ କି ଅନେକ'ର ନିର୍ବାଚନ ପୂର୍ବରୁ ଗୋଟାଏ ଜଳସ୍ତମ୍ଭବତ୍ ମୁହୂର୍ତ୍ତରେ ଯେଉଁ ଭାସ୍ୱର ପୁରୁଷ ଚଞ୍ଚଳ ହୋଇଉଠନ୍ତି, ସେଇ ଘନନୀଳବର୍ଣ୍ଣ ଅନନ୍ତ ଆଦି ପ୍ରଶ୍ନଙ୍କୁ ନମସ୍କାର !!

❖❖❖

Digitized by srujanika@gmail.com

ଅନ୍ଧାର

ବୁଢ଼ା ହେଲେ ସୁଦ୍ଧା ଆମର କୋକଭୟ ଯାଏନାହିଁ । ଏଣୁ ଅନ୍ଧାରରେ ଆଖି ବୁଜି ଘୋଡ଼ିଘାଡ଼ି ହୋଇ ଶୋଇଯିବା ଆମର ଗୋଟାଏ ଦୁର୍ଲଘ୍ୟ ପ୍ରବୃତ୍ତି । କମ୍ବଳ ଭିତରେ ମିଟିମିଟି ଅନେଇ ବରଂ ପଡ଼ିରହୁ, କିନ୍ତୁ ଖୋଲାଖୋଲି ଅନ୍ଧାରକୁ ଗ୍ରହଣ କରି ବିଚରଣ କରିପାରୁନା ; କାରଣ ଆମେ ନିଶାଚର ନୋହୁ । ଆମେ ଅନ୍ଧାରକୁ ଡରୁ, ତାକୁ ଘୃଣା କରୁ, ତାକୁ ନାଶ କରିବାକୁ ସବିତା ମଣ୍ଡଳରେ ଥିବା ଜ୍ୟୋତିଷ୍ମାନ୍ ପୁରୁଷଙ୍କୁ ଆବାହନ କରୁ । ଆମେ ସବୁ କୁଆଡ଼େ ଆଲୋକର ସନ୍ତାନ । ଏଣୁ ଅନ୍ଧାରକୁ ଜୟ କରିବା, ତାକୁ ଦୂର କରିବା ଆମର ସହଜାତ କର୍ତ୍ତବ୍ୟ ।

କିନ୍ତୁ ଆଲୁଅକୁ ନିଜର ବୋଲି ଯେତେ ଯାବୁଡ଼ି ଧରିଲେ ମଧ୍ୟ ସେ ଅନିବାର୍ଯ୍ୟ ଭାବରେ ଗୋଟାଏ ପଶ୍ଚିମରେ ନିଶ୍ଚୟ ବୁଡ଼ିଯାଏ ଏବଂ ସେମିତି ଅନିବାର୍ଯ୍ୟ ଭାବରେ ଅନ୍ଧାର ମାଡ଼ିଆସେ । ସେ ଦୁହେଁ କାହିଁ କେଉଁ ଅନନ୍ତକାଳରୁ ଗୋଡ଼ିଆ ଗୋଡ଼େଇ ହୋଇ କେହି କାହାକୁ ଛୁଇଁ ପାରିନାହିଁ, ଟପି ପାରିନାହାନ୍ତି । ଆମେ ଚାହିଁଲେ ଯେ ଅନ୍ଧାରକୁ ରୋକିଦେବୁ, ଏମନ୍ତ ନୁହେଁ । ଗୋଲାକାର ପୃଥିବୀ ତା' ମେରୁଦଣ୍ଡରେ ବୁଲୁଥିବା ପର୍ଯ୍ୟନ୍ତ ଏବଂ ସୂର୍ଯ୍ୟପିଣ୍ଡଟି ନ ଲିଭି ଜଳୁଥିବା ପର୍ଯ୍ୟନ୍ତ ଆଲୁଅ ସେତିକି ପରିମାଣରେ ସତ୍ୟ ଏବଂ ଅନିବାର୍ଯ୍ୟ, ଅନ୍ଧାର ମଧ୍ୟ ସେତିକି ପରିମାଣରେ ସତ୍ୟ ଏବଂ ଅନିବାର୍ଯ୍ୟ ।

କୌଣସି ଏକ ଆଦିମ ଅସ୍ତରଙ୍ଗ ଅନ୍ଧାରରୁ ହିଁ ବୋଧହୁଏ ଆଲୁଅର ଜନ୍ମ । ସେ ଏକ ବିଦ୍ରୋହ, ଏକ ଉଦ୍‌ବର୍ତ୍ତନ । ଏଣୁ ତା'ର ଦୁର୍ଭେଦ୍ୟ ବ୍ୟୂହ ଭିତରକୁ ତାକୁ ଫେରେଇ ନେବାପାଇଁ ଅନ୍ଧାର ତା'ପଛରେ ଗୋଡ଼େଇ ଚାଲିଛି । ପଳାତକ ଆଲୁଅ ଅମାନିଆ ଶିଶୁ ପରି ହସରେ ଫାଟି ପଡୁଛି, ବୁଣି ହୋଇଯାଉଛି । ସେଇ ପରିମାଣରେ ଝରିଯାଉଛି, ସରିଯାଉଛି । ଶେଷରେ ଏ ସନ୍ତାନଟି ସେଇ ଆଦିମ ଜନୟିତ୍ରୀର କୋଡ଼ ଭିତରେ ହିଁ ବିଲୟ ଭଜିବ । ଅନନ୍ତ ଆକାଶର ଅସଂଖ୍ୟ ଆଲୋକ ବିନ୍ଦୁ ଲିଭିଯିବେ । ନିସ୍ତରଙ୍ଗ ଅନ୍ଧାର ପୁଣି ଘାଲେଇ ଶୋଇଯିବ ଅନନ୍ତକାଳ ପାଇଁ !

ଏସବୁ ନ ଜାଣି ମଧ୍ୟ ପିଲାଟିଦିନୁ ଆମେ ଅନ୍ଧାରକୁ ଡରୁ ; କାରଣ ତା'ଭିତରେ ସବୁ ସମ୍ଭବ । ସୃଷ୍ଟି ଆରମ୍ଭରେ ଯେମିତି କେବଳ ଗୁଡ଼ିଏ ଉପାଦାନ ଥିଲା କିନ୍ତୁ ବସ୍ତୁ ନଥିଲା, ଏଣୁ ଯେ କୌଣସି ବସ୍ତୁର ସମ୍ଭାବନା ହିଁ ଥିଲା ସେମିତି ରାତିର ଅନିଶ୍ଚିତତା । ସେଇଟା ଖୁଣ୍ଟି ନ ହୋଇ ମଣିଷ ହୋଇପାରେ, ଘୋଡ଼ା ନ ହୋଇ ଗାଡ଼ି ହୋଇପାରେ ! ସେତିକିବେଳେ ଡାହାଣୀ, ଚିରୁଗୁଣୀ, ମଲାମଣିଷ ପ୍ରେତ, ଯକ୍ଷ, ରକ୍ଷ, ପିଶାଚ ସବୁ ଫିଟିଆସନ୍ତି ; କଳ୍ପନା କରୁ କରୁ ସେ ଆସି ଠିଆ

Digitized by srujanika@gmail.com

ହୋଇଯାଆନ୍ତି । ଆମେ କିନ୍ତୁ ଚାହୁଁନା ଏମିତ ରୋକ୍ ଠୋକ୍ କଥା । ଏଣୁ କିଛି ନଭାବି ହୁଏତ ଶୋଇଯାଉ । ଭୟ ଆମର ଅତି ଆଦିମ ମୌଳିକ ପ୍ରବୃତ୍ତି ।

ଆମେ ଅନ୍ଧାରକୁ ଡରୁ ସତ ; କିନ୍ତୁ ସତ୍ୟକୁ ମଧ ଡରୁ । ତାକୁ ଅନେକ ପ୍ରକାର ଆବରଣରେ ଘୋଡ଼େଇ ମୁଖା ପିନ୍ଧେଇ ରଖିଥାଉ । ଏ ବିରାଟ ରଙ୍ଗମଞ୍ଚରେ ସୂର୍ଯ୍ୟଦୀପ ଅହରହ ଜଳୁଥାଏ । ଆମେ ତା' ଆଲୁଅରେ ଚମତ୍କାର ଅଭିନୟ କରୁ । ଅନେକ ବେଶ ପୋଷାକ, ଛଇ ଛଟାର ଅଟାଟୋପ ହାକିମ, ଅମଲା, ମନ୍ତ୍ରୀ, ସନ୍ତ୍ରୀଆଦିଙ୍କର ବିଭିନ୍ନ ଭାବଭଙ୍ଗୀର ପରିପାଟି । ଜଣେ ଜଣେ ଏକାଧିକ ଭୂମିକାରେ ଅଭିନୟ କରି କରି କ୍ଳାନ୍ତ ହୋଇପଡ଼ନ୍ତି । ସଙ୍ଗୀତ, ସାହିତ୍ୟ, ସଭାସମିତି ଓ କଳା ବିଜ୍ଞାନର ବିଭିନ୍ନ ଭୂମିକାରେ କୋଟି କୋଟି ଅଭିନେତା ଏ ରଙ୍ଗମଞ୍ଚରେ ନାଚିଯାଆନ୍ତି । ସୂର୍ଯ୍ୟଦୀପ ମଧ କ୍ଳାନ୍ତ ହୋଇଯାଏ, ତା'ର ଅପଲକ ଆଖି ବୁଜି ହୋଇଯାଏ । ଯା'ପରେ ଆସେ ଅନ୍ଧାର, ସମସ୍ତଙ୍କୁ ଘୋଡ଼େଇ ଦେଲାପରି, ସମସ୍ତଙ୍କୁ ପରସ୍ପରଠାରୁ ଲୁଚେଇ ଦେଲାପରି ଗୋଟିଏ ଆବରଣ । ଏଇଟା ପ୍ରେକ୍ଷାଳୟ । ଏଇଠି ସବୁ ଅଭିନେତା ଲାଜ ଛାଡ଼ି ମୁଖା ଫିଟେଇ ପକାନ୍ତି । କିଏ ଝାଳ ପୋଛେ କିଏ ବିଡ଼ି ଟାଣେ । ରାମଲୀଳାର ହନୁମାନ ତା' ଲାଙ୍ଗୁଡ଼ ଖସେଇ ଥୋଇଦିଏ ।

ଅନ୍ଧାରରେ ସମସ୍ତେ ତାଙ୍କ ମୌଳିକ ସତ୍ତାକୁ ଫେରିଆସନ୍ତି । କିଛି ଲୁଚେଇବାର ବା ଘୋଡ଼େଇବାର ପ୍ରୟୋଜନ ନ ଥାଏ । ଅଭିନୟ ନ କରି ଖୁବ୍ ନିବିଡ଼ ଭାବରେ ମଣିଷ ବଞ୍ଚେ ଏଇ ଅନ୍ଧାରରେ । ତାକୁ ଅନେକ ଉଶ୍ୱାସ ଲାଗେ, ସ୍ୱାଭାବିକ ଲାଗେ ଏବଂ ହସମାଡ଼େ କେମିତି ଏ ନିରାଟ ସତଗୁଡ଼ାକୁ ଅଶ୍ଳୀଳ କହି ଘୋଡ଼େଇ ପକାଉଥିଲା ଗୋଟାଏ ସାମାଜିକ ଆଲୁଅର କୋଳାହଳ ଭିତରେ । ଏଇ ଅନାବୃତ ନିଛକ ମୁହୂର୍ତ୍ତଗୁଡ଼ାକ ଜୀବନର ମୌଳିକ ଉପାଦାନରେ ସମୃଦ୍ଧ, ବଞ୍ଚିବାର ସତ୍ୟତାରେ ମଙ୍ଗ ପର୍ଯ୍ୟନ୍ତ ଭରପୁର । ଆଲୁଅଠାରୁ ଅନ୍ଧାର ବେଶି ସତ୍ୟ, ବେଶି ଘନିଷ୍ଠ, ବେଶି ଆପଣାର । ଆମେ ଅନ୍ଧାରକୁ ହୁଏତ ଭୟ କରୁନା । ଆମେ ତାକୁ ଭଲପାଉ । ମନେ ମନେ ଝୁରୁଥାଉ । ଅଭିନୟର ଭିଡ଼ାଓଟରା ଭିତରେ ମଧ ଅନ୍ଧାରକୁ ଲୋଡୁଥାଉ । ଆଲୁଅ ଭଳି ଅନ୍ଧାର, ତା' ଏତେ ନିର୍ମମ ନୁହେଁ । ସେ ଖିନ୍‌ଭିନ୍ ସବୁ ଖୋଲି ଦେଖାଏନାହିଁ । ଘୋଡ଼େଇ ପକାଏ, ନିବିଡ଼ ଭାବରେ ଅନୁଭବ କରିବାକୁ ସୁଯୋଗ ଦିଏ । ଆମ ଭିତରେ ଯଦି ଆଲୁଅର ଉପନିବେଶ କିଛି ଦିଶେ, ସେ ସବୁ ଯାଯାବର ସଂସ୍ଥା । ତା'ର ନୂଆ ବାସିନ୍ଦା ସବୁ ଶ୍ୱେତାଙ୍ଗ ଶାସକ ; କିନ୍ତୁ ଭିଟାମାଟିକୁ ଲାଗି ଯେତେ ସବୁ ମଳିଛିଆ ଛାଇଭଳି ନୀରବରେ ପହଁରି ଯାଉଛନ୍ତି ଯାହାଙ୍କୁ ଗଣି ହୁଏନାହିଁ, ପାରି ହୁଏ ନାହିଁ, ଯେଉଁମାନେ ସେଇ ମାଟିଭଳି ପୁରୁଣା ସେମାନେ ସବୁ ଆମର । ଆମ ଭିତରେ ଆଲୁଅ ପଶିଗଲେ, ଆମେ ଗଛମୂଳେ, ବୁଦାମୂଳେ ଲୁଚିଥାଉ । ସେ ଓହରିଗଲେ, ଆମେ ପରସ୍ପରର ଗନ୍ଧ ବାରି ପାଖେଇ ଆସୁ । ପ୍ରାଚୀନ ଅନ୍ଧାରର ସନ୍ତାନ ଆମେ । ଅନ୍ଧାର ଆମର ଜାୟା ଓ ଜନନୀ ; ତାକୁ ଭୟ କରିବା ଏକ କୁସଂସ୍କାର ।

ନିଃସଙ୍କୋଚ ଅନ୍ଧାର ଭିତରେ ଆମେ ସମସ୍ତେ ଗୋଟିଏ ଗୋଟିଏ ଦ୍ୱିପଦ ପ୍ରାଣୀ । ଆମ ଚାରିଆଡ଼େ ଆମର ଅସଂଖ୍ୟ ଲୋମଶ ପୂର୍ବପୁରୁଷଙ୍କ ଉଷୁମ ଆମେ ସେଇଠି ଅନୁଭବ କରୁ । ଆମକୁ କିଛି ହୁଏତ ଦିଶେନାହିଁ ; କିନ୍ତୁ ସବୁ ଅନୁଭବ କରିହୁଏ । ଚମତଳକୁ ସବୁ ଅନ୍ଧାର । ସେହି

Digitized by srujanika@gmail.com

ଖୋଳଭିତରେ ଆମର ଅଜସ୍ରନାଡ଼ୀ ସନ୍ଦିତ ହୁଅନ୍ତି, ଖାଦ୍ୟ ପରିପାକ ହୁଏ, ପ୍ରାଣବାୟୁ ଯାତାୟତ କରେ । ଏଣୁ ଅନ୍ଧାରରେ ହିଁ ବୁକୁ ଦୁରୁଦୁରୁ ହେବା ଆମେ ଅନୁଭବ କରୁ, ଜଠରରେ ନିବିଡ଼ ତାତି ଅନୁଭବ କରୁ ।

ଆଲୁଅରେ ଦୃଷ୍ଟି ଫେରିଆସେ, ବ୍ୟବଧାନ ଫେରିଆସେ । ଦୃଷ୍ଟିରେ ଦୂରତା ଅନିବାର୍ଯ୍ୟ ; କିନ୍ତୁ ସ୍ପର୍ଶରେ ବ୍ୟବଧାନ ନାହିଁ, ଦୂରତା ନାହିଁ । ତୃତୀୟ ସତ୍ତାର ସମ୍ଭାବନା ନାହିଁ । ସ୍ପର୍ଶ ଆଉ ଏକ ପ୍ରକାର ଦୃଷ୍ଟି । ପ୍ରତି ଲୋମକୂପରେ ସହସ୍ରାକ୍ଷ ପରି ଉତ୍ତାପକୁ ପିଇହୁଏ, ଶିହରଣକୁ ଶୋଷି ହୁଏ । ଆଲୁଅ ଲିଭିଗଲେ ଆଖି ହଜିଯାଏ ସତ ; କିନ୍ତୁ ଆଉ ଚାରିଟା ଇନ୍ଦ୍ରିୟ ମନକୁ ମିଶେଇ ମାତିଉଠନ୍ତି । ଅନ୍ଧାରରେ ଗୁଞ୍ଜରଣ ବେଶି ସଂଗୀତମୟ, ସ୍ୱାଦ, ଗନ୍ଧରେ ଆହୁରି ଅନେକ ମାଦକତା । ଅନ୍ଧାର ସବୁ ସାଉଁଟି ଆଣେ, କେନ୍ଦ୍ରୀଭୂତ କରିଦିଏ, ଗହୀରକୁ ଟାଣିନିଏ ! ଆଲୋକ ବିକ୍ଷିପ୍ତ କରିଦିଏ ; ବିସ୍ତୃତ ବିକେନ୍ଦ୍ରିତ କରିଦିଏ । ଆଲୋକ ଅପେକ୍ଷା ଅନ୍ଧାର ବେଶି ଜୀବନଧର୍ମୀ, ବେଶି ବାସ୍ତବ ।

ବାସ୍ତବ ହେବା କିଛି ଲାଜ କଥା ନୁହେଁ । ନିଜେ ଯାହା, ତାକୁ ସହଜଭାବରେ ଖୋଲାଖୋଲି ମାନିନେବା ମିଥ୍ୟା ମଧ୍ୟ ନୁହେଁ । ତାକୁ ମିଥ୍ୟା ବୋଲି କହିଦେଇ ପରିହାର କରିଦେବା କିଛି ଖେଳଘର ମଧ୍ୟ ନୁହେଁ । ପ୍ଲାଟୋ କହିଲାଭଳି ଆମେ ସବୁ ଅନ୍ଧାରରେ ଗୁମ୍ଫାଭିତରେ ବନ୍ଦୀ ଥାଉ । ଆମ ଭିତରୁ ଜଣେ ଫିଟିଯାଇ ଆଲୋକର ସନ୍ଧାନ କରେ । ସେହିଭଳି 'ପ୍ରମିଥିଅସ୍' ମାନଙ୍କୁ କେହି ଅସ୍ୱୀକାର କରୁନାହିଁ ; କାରଣ ମୂଳତଃ ଆଲୋକକୁ କେହି ଅସ୍ୱୀକାର କରୁନାହିଁ ; କିନ୍ତୁ ଯେତେବେଳେ ସେଇ ଆଲୋକ-ସନ୍ଧାନୀମାନେ ଆସି ଅନ୍ଧାର ରାଜ୍ୟରେ ବିପ୍ଲବର ସୂତ୍ରପାତ କରନ୍ତି, ଆମକୁ ଟିକିଏ ହସ ମାଡ଼େ । ଆସାମର ଚା'ବଗିଚାରେ ଚାରିମାସ କାଟି ଆସିବାପରେ ଓଡ଼ିଆ କୁଲିସର୍ଦ୍ଦାର ଘରେ ଆସି ହିନ୍ଦୀ କହେ, ଭାନ କରେ ଯେ ସେ ଆଉ ଓଡ଼ିଆ ନୁହେଁ ; ଏଠିକାର ଭାଷା ତା'ର ଆଉ ପଚ୍ଛୁ ନାହିଁ ! ଉଷା, ଅଗ୍ନି ବା ସବିତା ମାଧମରେ ବହୁବାର ଆଲୋକର ଆବାହନ କଲେ ସୁଦ୍ଧା ମଣିଷର ମୌଳିକ ସତ୍ୟ ବିଷୟରେ ବେଦ ନୀରବ ନୁହେଁ । ପୁରାଣର ବିଶ୍ୱାମିତ୍ର ବହୁ ତପସ୍ୟା ପରେ ମଧ୍ୟ ମେନକା ପାଖରେ ସମସ୍ତ ଆବରଣ ତଳେ ଲୁଚି ରହିଥିବା ନିଜର ଅନାବୃତ ସତ୍ତାକୁ ସ୍ୱୀକାର କରନ୍ତି ।

ସେମାନେ କହିବା ଅନୁସାରେ ଏ ସତ୍ତାଟି କୁଆଡ଼େ ଆମର ଜାନ୍ତବ ପରମ୍ପରା ଏବଂ ସେଥିପାଇଁ ଆମକୁ ଲଜ୍ଜିତ ହେବା ଉଚିତ୍ । ଲଜ୍ଜିତ ହେବାକୁ ଆମର ଆପତ୍ତି ନାହିଁ ; କିନ୍ତୁ କାହିଁକି ଏବଂ କାହା ପାଖରେ ? ଯଦି ସବୁଠାରେ ଏଇ ଜନ୍ତୁଟି ହିଁ ଅନିବାର୍ଯ୍ୟ ସତ୍ୟ, ତା'ପାଇଁ ଲଜ୍ଜା କରିବାର କାହିଁ ? ଉଲଗ୍ନ ରାଜ୍ୟରେ ତ' ପରିଧେୟର କିଛି ଅର୍ଥ ନାହିଁ ଏବଂ ଅର୍ଥ ନାହିଁ ସେପରି କୌଣସି ଅଭିନୟର । ଜନ୍ତୁ ଜୀବନରେ ଅସଂଖ୍ୟ କ୍ଷୁଧା ଏବଂ ସେଗୁଡ଼ିକ ଖୁବ୍ ସ୍ୱାଭାବିକ । ସେଗୁଡ଼ିକୁ ଲିଭେଇ ହୁଏନାହିଁ, ହୁଏତ ସନ୍ତୁଷ୍ଟ ମଧ୍ୟ କରିହୁଏନାହିଁ । ତା'ବୋଲି ସେମାନଙ୍କୁ କମ୍ବଳ ଘୋଡ଼େଇ ଦେଇ ଉପରେ ସଫେଇ ଦେଖେଇ ହେବା ମିଥ୍ୟାଚାର । ଯେତେ ତାଳପତ୍ର କାଟିଲେ ମଧ୍ୟ ଉଦ୍ଭିଦ ମରିଯାଏନାହିଁ ; ତା'ର ଉଲଗ୍ନ ଚେରଗୁଡ଼ିକ ଅନ୍ଧାର ମାଟି ଭିତରେ ମୁହଁ ବୁଡ଼େଇ ପ୍ରାଣରସ ଟାଣୁଥାନ୍ତି । ପୁଣି ଶାଖା ମେଲି ଯାଏ, ପତ୍ର କଢ ଉଭାରି ଆସନ୍ତି । ଚେର ଲଗାତ୍ ଭିଡ଼ି

Digitized by srujanika@gmail.com

ଫୋପାଡ଼ିଦେଲେ ଯେଉଁ ମାଟିପିଣ୍ଡକୁ ସେ ସହସ୍ରେ ପୁର ଗୁଡ଼େଇ ଧରି ରଖିଥିଲା ; ସେ ନିରାଧାର ଖସି ପଡ଼ିବ । ଜୀବନର ସମସ୍ତ କ୍ଷୁଧା ନିର୍ବାପିତ ହୋଇଗଲେ କେବଳ ନିଷ୍ପନ୍ଦ ଖାର ପଡ଼ି ରହିବ । ଜ୍ୱଳନର କ୍ରିୟା ହିଁ ଯଦି ଜୀବନ ହୁଏ, ତେବେ କ୍ଷୁଧା ନଥାଇ ବଞ୍ଚିବା ସମ୍ଭବ ନୁହେଁ । ବଞ୍ଚିବାକୁ ହେଲେ, ଜନ୍ତୁଟି ହିଁ ବଞ୍ଚେ । ତା' ଉପରେ ଯେତେ ରଙ୍ଗ ମଡ଼େଇ ଯେତେ ମୁଖା ଖଞ୍ଜିଲେ ମଧ ସେ ନିର୍ଭୁଲ ଭାବରେ ସେଇ ଜନ୍ତୁ ।

ଅନ୍ଧାର ଏଇ ଆଦିମ ଜନ୍ତୁଟିକୁ ହୁଗାଳି ଦିଏ । ଦିନ ଆଲୁଅରେ ଯେଉଁ ଜଞ୍ଜିରରେ ସେ ବନ୍ଧା ପଡ଼ିଥିଲା, ରାତିରେ ସେଇଟା ଫିଟିଯାଏ ଏବଂ ଫିଟିଯାଏ ବୋଲି ରକ୍ଷା ହୋଇଯାଏ । ନାରୀ ଏବଂ ପୁରୁଷ ନିରାବରଣ ପରସ୍ପରକୁ ସ୍ୱୀକାର କରନ୍ତି । ସୃଷ୍ଟିର ଆଦିମ ଅନୁଶାସନ ଜାରି ରହେ । ନଚେତ୍ କେବଳ ଅଭିନୟ ଏବଂ ମିଛିମିଛିକା ଖେଳ ଭିତରେ ଜୀବନ ସରିଯାଆନ୍ତା । ଜରାୟୁରେ ଅମାପ ଅନ୍ଧାର ଏବଂ ମୃତ୍ୟୁର ଅନ୍ଧାର ଅପରିସୀମ । ଏ ଦୁଇଟି ବାହୁବେଢା ଭିତରେ ମଣିଷର ଚପଳତା, ଆଲୁଅ ଅନ୍ଧାରର ଲୁଚକାଳି ଭିତରେ ସରିଯାଏ । ଅନ୍ଧାରରୁ ଆସି ଅନ୍ଧାର ଭିତରେ ଆମେ ପୁଣି ପଶିଯାଉ । ରଙ୍ଗମଞ୍ଚର ଉଭୟ ପାଖେ ଅନ୍ଧାର । କେବଳ ଏ ପାଖରୁ ସେ ପାଖକୁ ଯିବା କଥା ।

ଆଲୁଅ ନିଜେ ଗୋଟାଏ ବିଦ୍ରୋହର ଶୋଭାଯାତ୍ରା । ସେପରି ଆଲୁଅ ପଛରେ ଗୋଡ଼େଇବା ମଧ ଗୋଟିଏ ଦିଗ-ବାଉଳା ବିଦ୍ରୋହ । ଆମର ଗୋଟାଏ ପ୍ରକାର ଅଭ୍ୟାସ ହୋଇଗଲାଣି ଆଲୁଅକୁ ଦେଖି ବିଭୋର ହୋଇଯିବା । ଉଷା ସୁନ୍ଦର, ସୂର୍ଯ୍ୟସୁନ୍ଦର, ଉଦ୍ଭିଦ, ମଣିଷ, ଫୁଲ, କଢ ଏବଂ ମଣିଷ ଛୁଆ ଏ ସବୁ ସୁନ୍ଦର । ଦିନବେଳେ ମମତାର ଫୁଲ-କିଆରୀ ଯେତେ ବଢିଯାଏ, ବିସ୍ତୃତ ହୋଇଯାଏ, ଆମକୁ ସେତେ ଦମ୍ଭ ଲାଗେ, ସେତେ ଖୁସି ଲାଗେ । ଆଲୋକ ପାଇଁ ଆମ ଭିତର ଅନେକ ଓକିଲାତି । ଏଣେ କିନ୍ତୁ ଅନ୍ଧାରର ଆକର୍ଷଣ ଅନିବାର୍ଯ୍ୟ । ଅନ୍ୟ ଜନ୍ତୁ ଅପେକ୍ଷା ଆମେ ବେଶି ଦେଖୁ ବେଶି ବୁଝୁ । ଆମ ବୁଦ୍ଧିର ଫାଟକ ଅନେକ ପ୍ରଶସ୍ତ । ଏଣୁ ଆମ ଭିତରକୁ ଅନେକ ପରିମାଣରେ ଆଲୁଅର ଅନୁପ୍ରବେଶ ହୁଏ ; ଉପନିବେଶ ସବୁ ପ୍ରତିଷ୍ଠିତ ହୁଏ । ଆମେ ଦୁଇଭାଗ ହୋଇଯାଉ । ଦୁଇଭାଗ ଛାଡ଼ି ଶହେଭାଗ ହେଲେ ମଧ ଆପତ୍ତି ନଥିଲା ; କିନ୍ତୁ ସେଇ ପରିମାଣରେ ଶଠତା ଆମ ଭିତରକୁ ପଶିଆସେ । ପଶିଆସେ ଦ୍ୱନ୍ଦ୍ୱ ଏବଂ ସଂଶୟ । ଆମେ ପ୍ରକୃତରେ ଆଲୁଅର ନା ଅନ୍ଧାରର, ଏ ବିଷୟରେ ସନ୍ଦେହ ଆସିଯାଏ । କଥିତ ଅଛି ଯେ ଜଣେ ଦାର୍ଶନିକ ଏକ ପ୍ରଜାପତି । ତା'ପରେ ତାଙ୍କର ସମସ୍ୟା ହେଲା ଜାଣିବାକୁ ଯେ ସେ ପ୍ରଜାପତି ହୋଇ ମଣିଷ ହେବାର ସ୍ୱପ୍ନ ଦେଖୁଛନ୍ତି ନା ମଣିଷ ହୋଇ ପ୍ରଜାପତି ହେବାର ସ୍ୱପ୍ନ ଦେଖୁଛନ୍ତି । ସମାଧାନର ପନ୍ଥା ଖୋଜି ଖୋଜି ସେ ହୁଏତ ଚାଲିଯାଇଥିବେ । ଆମର ପ୍ରାୟ ସେଇ ସମସ୍ୟା । ଏ ଦୋଭାଷୀ ମୁଲକରେ ଆମେ କାହାର ? ଅନ୍ଧାରର ନା ଆଲୁଅର ? ପଂଝେ ଆପୋଷାବାଲା କହନ୍ତି ଆମେ ଉଭୟର । ଆଉପଂଝେ ବିରକ୍ତ ହୋଇ କହନ୍ତି ଆମେ କାହାରି ନୋହୁ । ଏମିତି ଟଣାଓଟରା ଭିତରେ କିନ୍ତୁ ସ୍ୱୀକାର କରିବାକୁ ପଡ଼େ ଯେ ଆମେ ଆଲୁଅରେ ଯାହା, ଅନ୍ଧାରରେ ତାହା ନୋହୁ ଏବଂ ଅନ୍ଧାରରେ ଯାହା ଆଲୁଅରେ ତାହା ନୋହୁ । ଆମେ ଗୋଟାକରେ ବଞ୍ଚୁ ଏବଂ ଅନ୍ୟଟିରେ ଅଭିନୟ କରୁ ; କିନ୍ତୁ ଏତେ ତନ୍ମୟ ତଦ୍‌ଗତ ଭାବରେ ଅଭିନୟ କରୁ ଯେ ଏ ଅଭିନୟ ହିଁ ସତ୍ୟ ଏବଂ ବଞ୍ଚିବା ଏକ ଅଭିନୟ ବୋଲି ମନେହୁଏ ।

Digitized by srujanika@gmail.com

ଅନ୍ଧାର ସ୍ଥିର ସମୁଦ୍ର ପରି ଗୋଟାଏ ସ୍ଥିତି - ଅକଳନୀୟ, ନିଷ୍ପନ୍ଦ, ପ୍ରାଚୀନ । ଆଲୁଅ ଏକ ବିସ୍ଫୋରଣ, ଦୁର୍ଦ୍ଦମନୀୟ, ଛନ୍ଦମୟ, ଗତିଶୀଳ - ଏଣୁ ନୂତନ । ଅବିଚଳିତ ଅନ୍ଧକାର ହିଁ ପ୍ରକୃତିରୂପା କାଳରାତ୍ରୀ । ତା'ର ନିଷ୍ପନ୍ଦ ଜଠରରୁ ଗ୍ରହ, ଚନ୍ଦ୍ର, ତାରା, ବୀଜକୋଷର ଅଙ୍କୁର ପରି ଜନ୍ମ ହୁଅନ୍ତି ; ଜନ୍ମ ହୁଅନ୍ତି ଏ ଉଦ୍ଭିଦ, ପଶୁ, ପକ୍ଷୀ ଏବଂ ମଣିଷ । ସେ ଆଦି ଜନୟିତ୍ରୀ ଜଗଦ୍ଧାତ୍ରୀ । ତା'ରି କୋଳରେ ସବିତା ସ୍ପନ୍ଦିତ ହୁଅନ୍ତି, ପ୍ରାଣ ସ୍ପନ୍ଦିତ ହୁଏ, ଜୀବନର ଅଭିବୃଦ୍ଧି ହୁଏ, ଜୀବ ବହୁଗୁଣିତ ହୁଏ ! ... ସେ ଅଖିଳ ବ୍ରହ୍ମାଣ୍ଡର ଏକମାତ୍ର ଜାୟା ! - ତା'ର ନିଷ୍ପନ୍ଦ ଶୀତଳ ଜଠରରେ ସୂର୍ଯ୍ୟ ନିର୍ବାପିତ ହୁଏ, ସୃଷ୍ଟି ସମାହିତ ହୁଏ, ଗତି ସ୍ତମ୍ଭିତ ହୁଏ, ବିଲୟ ହୁଏ ଚେତନାର ସ୍ଫୁରଣ । ସେ କାଳରାତ୍ରି, ବିଶ୍ୱବ୍ରହ୍ମାଣ୍ଡର ଶୀତଳ, ସମାଧି-ଗର୍ଭ !

ଆଲୁଅ ଗୋଟିଏ ବିନ୍ଦୁ, ଗୋଟିଏ ରେଖା, ଗୋଟିଏ ପ୍ରବାହ । ସେ ଏକକୁ ବହୁଧା ବିଭକ୍ତ କରେ । ନିଜେ ଦିଶେ ନାହିଁ କିନ୍ତୁ ସମସ୍ତଙ୍କୁ ଦେଖାଏ । ଅନ୍ଧାର ଏକ ସ୍ଥିତି, ଏକ ସମାଧି । ତା'ଭିତରେ ସବୁ ପୁଣି ଏକୀଭୂତ ହୁଅନ୍ତି । ସେ ହିଁ ପ୍ରତ୍ୟୟ ଆଣିଦିଏ 'ନେହ ନାନାସ୍ତି କିଞ୍ଚନ' । - ସେ ସମସ୍ତଙ୍କୁ ଲୁଚେଇ ଦିଏ, ପ୍ରତ୍ୟେକକୁ ଏକାକୀ କରିଦିଏ । ବାହାରର ସମସ୍ତ ଗ୍ରହ, ଚନ୍ଦ୍ର, ତାରା ଓ ପୃଥିବୀ ମନରାଜ୍ୟ ଭିତରକୁ ଚାଲିଆସନ୍ତି । ଅନ୍ଧାରରେ ଆମେ ଜଗତକୁ ଧାରଣ କରୁ, ଏଣୁ ଆଲୁଅକୁ ମଧ୍ୟ ଧାରଣ କରୁ ; କିନ୍ତୁ ଆମ ଭିତରେ ଗୋଟିଏ ଖେଳ ଅଛି । ସେ ଆମକୁ ଏକାକୀ ରହିବାକୁ ଦିଏନାହିଁ । ଆମେ ଆଉ ଜଣକୁ ଖୋଜୁ । ସମଗ୍ର ସତ୍ତା ଅନ୍ଧାରରେ ବୁଡ଼ିଯାଏ, ବୁଡ଼ିଯିବାକୁ ସୁଖ ପାଏ ; କାରଣ ତା'ର ଉପାଦାନ ହିଁ ଅନ୍ଧାର ; କିନ୍ତୁ ଏଇ ଗୋଟିଏ ମାତ୍ର ଚଞ୍ଚଳ ବିନ୍ଦୁ ଆମ ଭିତରେ ବିଦ୍ରୋହ କରେ, ଉଚ୍ଚାଟର ଢେଉ ତୋଳେ ଏବଂ ସେଇ ବିନ୍ଦୁଟି ହିଁ ବୋଧହୁଏ ଆଲୋକର କେନ୍ଦ୍ର, ତାର ମୂଳ ନିବେଶ ! ଆମେ ଆଲୋଡ଼ିତ ହେଉ, ବହୁଧା ବିଭକ୍ତ, ସଂପର୍କିତ ହେବାକୁ କାମନା କରୁ ଏବଂ ଆଲୁଅରେ ହିଁ ଏ ବିଭାଜନ ସମ୍ଭବ । ଏଣୁ ବହୁରୂପା ସମଷ୍ଟିକୁ ଭଲ ପାଇବାକୁ ଯାଇ ଆଲୁଅର ପୃଷ୍ଠଭୂମିଟାକୁ ଭଲପାଇଯାଉ, ବ୍ୟକ୍ତିଟିକୁ ଭଲ ପାଇବାକୁ ଯାଇ ତା' ଘର, ବାଡ଼ି, ଆମ୍ବଗଛ ଆଦିକୁ ଭଲ ପାଇଲା ପରି । ବୋଧହୁଏ ଏ ଭଲପାଇବା ହେତୁରୁ ହିଁ ବ୍ୟକ୍ତିଟି ବିସ୍ତୃତ ହୋଇ ପ୍ରତିଫଳିତ ହୁଏ । ପାଖ ଆଖ ବସ୍ତୁ ମଧ୍ୟ ତା'ର ଚୁମ୍ବକର ଟାଣ ପାଇ ନିଜେ ଟାଣନ୍ତି । ସେଇଭଳି ଆଲୁଅ । ସେଥିରେ ଆମେ ସଂସାରକୁ ଦେଖୁ, ସଂସାରକୁ ଭଲପାଉ ଏବଂ ସେଇ କ୍ରମରେ ଆଲୁଅକୁ ମଧ୍ୟ ଭଲ ପାଇଯାଉ !

ଆମେ ସୂର୍ଯ୍ୟବଂଶୀ ନୋହୁ, ଆଲୁଅ ଆମର ମୌଳିକ ଉପାଦାନ ନୁହେଁ । ଆମେ ଶହେରେ ଅନେଶତ କେବଳ ଅନ୍ଧାର । ବାକି ଯେଉଁ 'ଏକ'ଟି ଆମେ ବୁଝିପାରୁନାହୁଁ, ତାକୁ ମଧ୍ୟ ଆଲୁଅ କହିବା ସହଜ ନୁହେଁ । ଜରାୟୁରୁ ଜରାୟୁକୁ ଆମର ଅନିବାର୍ଯ୍ୟ ଗତି ଏବଂ ପରିଶେଷରେ ଏକାକାର ଅଭିନ୍ନ ଅନ୍ଧାର ହିଁ ଏକମାତ୍ର ସତ୍ୟ ।

❖❖❖

Digitized by srujanika@gmail.com

ଅଶ୍ରୁତ-ସ୍ୱର

ରାମଗିରି ଆଶ୍ରମର ଯକ୍ଷ ଆଦ୍ୟ ଆଷାଢ଼ରେ ମେଘଖଣ୍ଡକୁ ଦେଖି ଦୂତରୂପେ ଅଳକାପୁରକୁ ପଠାଇଦେଲା ବୋଲି ପଂଝାଏ ଅଦ୍ୟାବଧି ନାକରେ ହାତ ଦେଇ ହସୁଛନ୍ତି । ସେମାନେ ହସନ୍ତି ଏବଂ ହସନ୍ତି ବୋଲି ସେମାନଙ୍କ ଉପରେ କାଳିଦାସ ମଧ୍ୟ ତାଙ୍କ ଯକ୍ଷଟିର ଏଭଳି ଅସ୍ୱାଭାବିକତା ପାଇଁ ଗୋଟିଏ ପ୍ରକାର ଓକିଲାତି କରିଛନ୍ତି । ପାଗଳ କିମ୍ବା ମଦ୍ୟପ ଯେପରି ସ୍ୱାଭାବିକ ବ୍ୟବହାର ପାଇଁ ବାଧ୍ୟ ନୁହନ୍ତି, କାମାର୍ତ୍ତ ମଧ୍ୟ ଜଡ଼ଚେତନ ବାରି ନ ପାରିବା କୁଆଡ଼େ ସେହିପରି ଯୁକ୍ତିସଙ୍ଗତ । ଯେଉଁ ବିଚାର-ବୁଦ୍ଧି ବଳରେ ତର୍କ କରାଯାଏ, ସେଇଟା ଯଦି ସବୁବେଳେ କ୍ଷୁରଧାର ପରି ଚାଇଁ ଚାଇଁ ହେଉଥିବ, ତେବେ ତ' କଥା ସେଇଠି ସରିଗଲା ; କାରଣ କଳ୍ପନା ରହିବ ନାହିଁ, ଏଣୁ ଭୂତ ଭବିଷ୍ୟତ ମଧ୍ୟ ରହିବ ନାହିଁ । ସାହିତ୍ୟ, ଦର୍ଶନ ଏକେବାରେ ନାକଚ ଏବଂ ଧର୍ମଧାରଣା ସଂପୂର୍ଣ୍ଣ ଅସମ୍ଭବ । ସେଇ ନାକଟେକା ନୀତି-ବାଗୀଶଦଳ ଚଷମା ପିନ୍ଧି କାବ୍ୟରୂପୀ କବିଟିକୁ ଓଲଟ ପାଲଟ କରି ଗଡ଼େଇଲାବେଳେ ଓଠ ଲେଉଟେଇ ଭୂରୁକୁଞ୍ଚେଇ ଟାକରା ମାରନ୍ତି ଏବଂ ବିଚରା ଯଦି କୌଣସି ଗୋଟିଏ ମୁହଁରେ କେବେ ଚତୁର୍ଦ୍ଦଶୀର ଜହ୍ନ ଦେଖିଦେଇଛି, ତେବେ ତାକୁ ନିର୍ବିକାର, ଶୂଳରେ ଚଢେଇ ଦିଅନ୍ତି । ତାଙ୍କ ପାଇଁ ମେଘ ସଂପୂର୍ଣ୍ଣ ଜଡ଼ ; ହଂସ ବା ଭ୍ରମର କାଶୀରେ ସଂସ୍କୃତ ପଢିନାହାନ୍ତି, ଏଣୁ ସେମାନଙ୍କୁ ଦୂତ କରିବା ଭଲା କିପରି ସମ୍ଭବ ? ଆହା ବିଚରା ! ଶୁଖିଲା କାଠଛେଲା ପରି ଏମାନଙ୍କ ଜୀବନରେ କେବେ ହେଲେ ଫୁଲ ଫୁଟେନାହିଁ । କେବଳ ଓଉ ଫଳିଲା ପରି ଗୁଡ଼ାଏ ଗୋଟାଳିଆ ଓଜନ ଓହଳି ଥାଏ । ସେଇଥିରେ ତାଙ୍କ ଡାଳ ଲଇଁ ରହେ ଏବଂ ତାକୁ ବଣିଜ କରି ସେମାନେ ବଞ୍ଚନ୍ତି ଓ ମରନ୍ତି । ଅଦ୍ଭୁତର ସଂଘାତରେ ଆଚମ୍ବିତ ହେବାର ନମନୀୟତା ତାଙ୍କର ନାହିଁ । ଏ ଶୁଷ୍କଂ କାଷ୍ଠଂ ମହାଶୟମାନେ ଗୋଟିଏ ଗୋଟିଏ ଦୁଷ୍ଟଗ୍ରହ । ସେମାନଙ୍କୁ କିଛି ବଳିଭୋଜ୍ୟ ଦେଇ ଆଡ଼େଇ ଆସନ୍ତି । ସେମାନଙ୍କ ପାଇଁ ନିଷିଦ୍ଧ ଅଞ୍ଚଳର ବଣଭୋଜି ଭିତରକୁ ଆପଣଙ୍କୁ ନିମନ୍ତ୍ରଣ ରହିଲା । ଆପଣଙ୍କୁ ହାତଧରି ଯେ ପାଛୋଟି ନେଇଯିବେ, ସେ ହୁଏତ ସହାରାଞ୍ଚଳ ତରୁଣ ପିପ୍ପଳଟିଏ । ଯେ ଆପଣଙ୍କ ଆଗରେ ନାଚି ନାଚି ରୂପାର ଝରଣାପରି ଝରିଯିବ ସେ ହୁଏତ ପୂର୍ଣ୍ଣମୀର ପାହାଡ଼ । ଆପଣ ସମସ୍ତଙ୍କୁ ଜାଣନ୍ତି ; କିନ୍ତୁ ଚିହ୍ନନ୍ତି ନାହିଁ । ଦୋଷ ଆପଣଙ୍କର ନୁହେଁ । ଯାହାର ଦୋଷ ଆପଣ ତାଙ୍କୁ ଫାଟକ ପାଖରେ ଛାଡ଼ିଦେଇ ଆସିଛନ୍ତି ।

ଜହ୍ନକୁ ମାମୁଁ ବୋଲି ଡାକିବା ବୟସରେ ଆପଣ ବେଳେବେଳେ ଧରିଥିବା ପ୍ରଜାପତିଟିକୁ ଛାଡ଼ି ଦେଇଛନ୍ତି, ନ ହେଲେ ତା' ମା' କୁଆଡ଼େ କାନ୍ଦିଥାନ୍ତା । ଚାଟଶାଳୀକୁ ଗଲାବାଟରେ ବସ୍ତାନୀ

Digitized by srujanika@gmail.com

ତଳେ ଥୋଇ ଦେଇ ବଟ ଓହଳରେ ଘଡ଼ିଏ ଦୋଳି ଖେଳିଛନ୍ତି, ନ ହେଲେ ବଟଗଛ ମନ ଉଣା କରିଦେଇଥାନ୍ତା । ଖୁବ୍ ନରମ ସେ ରାଜ୍ୟର ସ୍ୱପ୍ନ । ସରଳ ସ୍ନିଗ୍ଧ ଗୋଟିଏ ଚନ୍ଦ୍ରବିମ୍ବିତ ଜୁଆର ସୃଷ୍ଟି ସାରା ଛଳ ଛଳ ହେଉଥାଏ ସେ ରାଜ୍ୟରେ ; କିନ୍ତୁ ବୟସ ବଢି ଆସିଲେ ଜୁଆର ଘୁଞ୍ଚିଯାଏ ଏବଂ କାଦୁଅ ହୁଡ଼ାଭିତରେ ବେଢେଇ ହୋଇ କିଆରୀ କିଆରୀ ହୋଇଯାନ୍ତି, ଜଡ଼, ଚେତନ, ଉଦ୍ଭିଦ, ପଶୁ ପକ୍ଷୀ ଓ ମଣିଷ । ସେ ବୟସଟାରେ ବୋଧହୁଏ ଖୁବ୍ ସହଜରେ ନିଜକଥା ଅନ୍ୟ ଉପରେ ଆରୋପ କରିଦେଇ ହୁଏ ; ସେ ବଟଗଛ ହେଉ ବା ପ୍ରଜାପତି ହେଉ ; କିନ୍ତୁ କଥାଟାକୁ ଆଉ ଟିକିଏ ତଳେଇ ଦେଖିଲେ ଜଣାଯାଉଛି ଯେ ଆମ ମୁଣ୍ଡବାଳ ପାଚିଲା ପର୍ଯ୍ୟନ୍ତ ଏ ବାଲ୍ୟାବସ୍ଥାରେ ହିଁ ରହିଥାଉ । ନହେଲେ କ'ଣ କାଠ ପଥରକୁ ଚନ୍ଦନ ସିନ୍ଦୂର ଦେଇ ଦୋଳିରେ ଝୁଲାଉ ଥାଆନ୍ତେ ? ଆମେ ସୁଖ ପାଉଥିବା ବିବିଧ ପିଠାପଣା ଭୋଗ ଲଗାଇ ଉନ୍ମତ୍ତପରି କୀର୍ତ୍ତନ କରୁଥାନ୍ତେ ? ଆଜୀବନ ଆମେ ବାଳୁତ ହୋଇ ରହିଯାଉ । ଆମ ସ୍ୱପ୍ନଭୂମି ବଦଳିଯାଏ, କିନ୍ତୁ ନିଶା କଟେନାହିଁ ।

ଭାଗ୍ୟକୁ ନିଶା କଟେନାହିଁ ବୋଲି ମେଘଦୂତ ରଚନା ହୁଏ, ବାରମ୍ବାର ଜଡ଼ଚେତନାର ବ୍ୟବଧାନ ଡ଼େଇଁ ଏକାକାର କରିବାର ଉତ୍ସୁକତା ଜାରି ରହେ । ବୟସ ବୃଦ୍ଧିକୁ ଅସ୍ୱୀକାର କରୁଥିବା ତା'ର ମୋଟା ଚଷମାକୁ ଭାଡ଼ିତଳେ ଲୁଚାଇ ଦେଇଥିବା ଚପଳମଣି ବାଳକର ଅଜସ୍ର ଜୟ ହେଉ ! ମୋଟ ଉପରେ କଳ୍ପନାର ଜୟ ହେଉ । - ଯାହା କେବେ କୌଣସି ଶୃଙ୍ଖଳାକୁ ସ୍ୱୀକାର କରିନାହିଁ, ପୁରୁଣାରେ ନୂଆକୁ ସୃଷ୍ଟି କରିଛି ; ନୂଆରେ ପୁରୁଣାକୁ ପୁନର୍ଜୀବିତ କରିଛି ; ତା'ର ଚିର ପ୍ରବହମାନ ଧାରାରେ ଅହରହ ଇନ୍ଦ୍ରଧନୁର ରଙ୍ଗ ଫୁଟେଇ ଚାଲିଛି । ସେ ଜଡ଼ରେ ଜୀବନ୍ୟାସ କରେ, ଅଚଳକୁ ସ୍ପନ୍ଦିତ କରେ ; ମ୍ରିୟମାଣ, ନିର୍ବାକ୍ ଚେତନାରେ ନୂତନ ସ୍ଫୁରଣ ଯୋଗାଇଦିଏ । କଳ୍ପନାର ଇନ୍ଦ୍ରଜାଲରେ ସର୍ଜନା କରିଚାଲିଥିବା ସ୍ରଷ୍ଟା ସ୍ୱପ୍ନ-ବିଭୋର ନୁହେଁ, ସେ ଆଉ ଏକ ଘନିଷ୍ଠ ପର୍ଯ୍ୟାୟରେ ସତ୍ୟ-ବିଭୋର । କୌଣସି ନୀରବ ନିଶାର୍ଦ୍ଧ ଭିତର ଭିସୁଭିୟସ୍‌ର ବିସ୍ଫୋରଣ ଘଟିଲେ ସେ ହିଁ ସାଗର ଗର୍ଭରେ ନିଜର ଅଦ୍ଭୁତ ଅଗ୍ନ୍ୟୁତ୍ସବ ଦେଖିପାରିବେ । ହୁଏତ ସେଇଟା ତା' ନିଜର ପ୍ରତିବିମ୍ବ ; କିନ୍ତୁ ତା' ବୋଲି ଆଗ୍ନେୟଗିରି କିମ୍ବା ସାଗର ପରି ବସ୍ତୁ ତୁଳନାରେ ତାହା ଯେ କମ୍ ସତ, ଏକଥା କ'ଣ କହିହେବ ? ବରଂ ଉଭୟର ସଂଘାତରେ ଏ ଆଚମ୍ବିତ ସୃଷ୍ଟି ଅନ୍ୟ ଯେକୌଣସି ବସ୍ତୁ ପ୍ରବାହପରି ସତ । ସ୍ଥୂଳ ଇନ୍ଦ୍ରିୟର ବଳୟ ଭିତରେ ମୋଟା ମୋଟି ଭାବରେ ଆମେ ରହିଯାଉ । ବତିଖୁଣ୍ଟକୁ ବେଢିଥିବା ଆଲୋକ ଚିତ୍ରର ପରପାରରେ ଅଦ୍ଭୁତ ରାତ୍ରି ଆମର ଆଗୋଚର ରହିଯାଏ । ଅତୀନ୍ଦ୍ରିୟ ଜଗତ ଅପରିଚିତ ରହିଯାଏ । ପରିଚିତ ପରିଧିକୁ ସ୍ପର୍ଶକରି ତା' ଉପରକୁ ଅଦୃଶ୍ୟ ଶୀତଳ ସ୍ୱପ୍ନକରି ସଂଚରି ଆସୁଥିବା 'ଅପରିଚିତ' ହିଁ ନିତ୍ୟ-ପ୍ରବୃତ୍ତ-ବର୍ତ୍ତମାନ । ସାମାନ୍ୟ ମାତ୍ର ଦୃଷ୍ଟିର ଅଦଳ ବଦଳ ହୋଇଗଲେ ଏ ରାଜ୍ୟରୁ ସେ ରାଜ୍ୟକୁ ପହଁରି ଯାଇହୁଏ ।

କୌଣସି ଆର୍ଦ୍ର ନିର୍ଜନ ଅପରାହ୍ନରେ ନୀରବ ଡାକବଙ୍ଗଳାରେ ବସି ଆପଣ ସେ ଗଛଗୁଡ଼ିକୁ ନିଶ୍ଚୟ ଦେଖିଥିବେ । ପ୍ରତ୍ୟେକଟିର ଠାଣି ଅଲଗା, ଶାଖା ପତ୍ର ଡାଳ ସବୁ ଅଲଗା । ପବନ ବାଜିଲେ ଚହଲିଯିବା ଭଙ୍ଗୀ, ନ ବାଜିଲେ ଗୁମ୍ ମାରି ଠିଆ ରହିବାର ଢଙ୍ଗ, ଜଣକଠାରୁ ଆର

Digitized by srujanika@gmail.com

ଜଣକର ସଂପୂର୍ଣ୍ଣ ସ୍ୱତନ୍ତ୍ର । ପ୍ରତ୍ୟେକର ଗୋଟିଏ ଲେଖା ବ୍ୟକ୍ତିତ୍ୱ, କାହା ସାଙ୍ଗରେ ନ ମିଶିଲା ଭଳି, ସମସ୍ତଙ୍କଠାରୁ ବାରି ହୋଇଗଲା ଭଳି । କିଏ ଦିଶେ, ହେଇ ବୋଧହୁଏ ନିଦରୁ ଉଠି ବାହୁତୋଳି ଅଳସ ଭାଙ୍ଗୁଛି ; ଗୁଡ଼ାଏ ନରମ ହାଲୁକା ବାଳ ମୁହଁରେ ବୁକୁରେ ବିଛେଇ ହୋଇଯାଇଛି ! କିଏ ଦିଶେ ଲାଜରେ ଜଡ଼ସଡ଼ ହୋଇ ଠିଆହେଲାଭଳି । ଦୁଇଟି କଞ୍ଚା ଲଇ ପରି ସଙ୍କୁଚିତ ବାହୁ ତା'ର ସଦ୍ୟସ୍ନାତ ଲାବଣ୍ୟକୁ ଘୋଡ଼େଇ ପାରୁନାହିଁ ; ଆଖି ତୋଳି ସେ ଅନେଇ ପାରୁନାହିଁ ମେଘବଳୟିତ ଶ୍ରାବଣର କଦମ୍ୱକୁ ; - ନୂପୁର-ରେଖା ଉପର ଦେଇ ଯମୁନା ବୋହିଯାଉଛି - । ନେଳି ଜର ଜର ବଳିଷ୍ଠ ସ୍ତମ୍ଭ ପରି ଆଉ କାହାକୁ ଦେଖି ମନେହୁଏ କହିବାକୁ 'ପୁରୁଷପୁଙ୍ଗବ ଦେହି ଦାସ୍ୟଂ' ତା' ଭିତରୁ କିଏ ହୁଏତ ପାଚିଲା ଭୂରୁ ତଳୁ ମିଟିମିଟି ଅନାଇ ମୁରୁକି ମାରେ, ତା' ଚନ୍ଦାମୁଣ୍ଡରେ ଦୁଇ ତିନି କେରା ଝୋଟ ପରି ଅଲଗା ବାଳ । ତା'ର ଶାଖାଗୁଡ଼ିକ କେବଠୁଁ ଝଡ଼ିଗଲେଣି, ଶୁଖିଗଲାଣି ପତ୍ରର ସଂଭାର । ଗଣ୍ଡି ମାଟି ଖାଇ ବିବର ଫିଟିଲାଣି । ଦାନ୍ତ ନଥିବା ପାକୁଆ ପାଟି ମେଲେଇ ତଥାପି ସେ ମଇତ୍ରପଣିଆଁ ପ୍ରକାଶ କରେ । କିଏ ଦିଶେ ପୁଚ୍ଛ ଛାଟି ଦେଇ ଚହଟି ଆସୁଥିବା ମୟୂର ପରି, ଫଣା ତୋଳି ପଦ୍ମତୋଳାରେ ଝୁଲୁଥିବା ଚମ୍ପାନାଗ ପରି ।

ଚିନ୍ତାରାଜ୍ୟରେ ଏଗୁଡ଼ିକ ଉଭଟ ! ଅଳଙ୍କାରରେ ରୂପ ବା ଉତ୍‌ପ୍ରେକ୍ଷା । କେବଳ ବାଗ୍‌ବିଳାସ - ଦାୟିତ୍ୱହୀନ ଲଗାମ ଛଡ଼ା କଳ୍ପନାର ମିଥ୍ୟାଚାର । ଗଛଗୁଡ଼ାକ କାହିଁକି ମଣିଷ ଭଳି ବା ପଶୁପକ୍ଷୀ ଭଳି ଦିଶିବେ ? ଦିଶିବାରେ ସେମାନଙ୍କର ଆୟତ୍ତ ନାହିଁ । କେବଳ ଦେଖୁଥିବା ଆଖିରେ କେମିତି କାଚ ଲାଗିଛି ତା'ରି ଉପରେ ସେମାନଙ୍କର ରୂପ ଓ ରଙ୍ଗ ବଦଳିଯାଏ । ଏଥିରେ ସତ୍ୟତା ନାହିଁ ; ଅଛି କେବଳ ଦର୍ଶକର ପ୍ରତି ମୁହୂର୍ତ୍ତରେ ବଦଳୁଥିବା ଖିଆଲି ରୁଚି । ସେଇ ଗଛ ହୁଏତ' ଦାନ୍ତ କଡ଼ମଡ଼ କରି ଆଖି ତରାଟି ମାଡ଼ିଆସିଲା ପରି ଦିଶିପାରେ । ବାହୁ ତୋଳି ଗର୍ଜି ଉଠିଲାପରି ବୋଧ ହୋଇପାରେ । ଅତି ବିକଟାଳ ଓ ଭୟଙ୍କର ଦିଶିପାରେ । ଅତଏବ ଦିଶିବା ଗୋଟାଏ ବ୍ୟଭିଚାରୀ ବିମ୍ୱରେଖା । ସେଥିରେ କି ପ୍ରକାର ବା ସତ୍ୟ ଥାଇପାରେ ? କୌଣସି ଗୋଟାଏ ମୁହୂର୍ତ୍ତରେ ମଣିଷ ଏବଂ ଗଛ ପରସ୍ପରକୁ ସ୍ପର୍ଶକରୁଥିବା ହେତୁ ହୁଏତ ଦର୍ଶକ ଉଦ୍ଭିଦାୟିତର ହୋଇଯାଏ ଏବଂ ଗଛ ହୋଇଯାଏ ମାନବାୟିତ । ଗୋଟିକରେ ଆରଟିର ନିବିଡ଼ ପ୍ରତିଫଳନ ହୁଏ ବୋଲି ଏଭଳି ଭ୍ରମ ହେବା ସ୍ୱାଭାବିକ । ଖୁବ୍ ସମ୍ଭବ ଏହା ହିଁ ହୁଏ ; କିନ୍ତୁ ସବୁବେଳେ କ'ଣ ତାହା ହୁଏ ନା ସମସ୍ତଙ୍କ ପାଇଁ ହୁଏ ? କୌଣସି ବିଶିଷ୍ଟ ପରିବେଶ ଭିତରେ ଅନେକ ଆବରଣ ତଳେ ଖୁବ୍ ଗହୀରରେ ଏ ପ୍ରକାର ନିବିଡ଼ ଅନୁଭବଟିଏ ଆସେ ଏବଂ ଏଇଟା ଗୋଟାଏ ପ୍ରକାର ସ୍ନିଗ୍ଧ ଶୀତଳ ଆପଣାପଣର ଅନୁଭବ ; ଭଲପାଇବାର ଅଦ୍ଭୁତ ଅନୁଭବ ।

ଗଛଟିଏ ଆଉ କାହାଭଳି ନ ଦିଶି କେବଳ ଗଛପରି ଦିଶିଲେ ମଧ ଭାରି ଚମତ୍କାର ଦିଶିପାରେ । ଖାଲି ତାକୁ ଠିକ୍‌ରୂପେ ନିଘା ଜମେଇ ଦେଖି ଜାଣିଲେ ହେଲା । କିଛି ସମୟ ଧରି ଆମେ କେବଳ ନିଜକୁ ହିଁ ସର୍ବତ୍ର ଦେଖିଥାଉ । ଆମ ରୁଚି, ଆମେ ସାଙ୍ଗେ ମେଳ ଖାଉଥିବା, ବାରପଣରୁ ଷୋଳପଣ ମିଶିଯାଉଥିବା ରଙ୍ଗ ରୂପରେ ଆତ୍ମୀୟତା ଅନୁଭବ କରୁଥାଉ । ଗଛଟିକୁ

Digitized by srujanika@gmail.com

ବାରମ୍ବାର ଯେତେବାଗେ ଅନାଇଲେ ମଧ ତା'ର ନୂଆ ରୂପ, ନୂଆ ଛନ୍ଦ ଆମକୁ ମୁଗ୍ଧ କରେ । ଘନିଷ୍ଠ ବ୍ୟକ୍ତି ଯେପରି ବହୁ ସହସ୍ର କମନୀୟତାର ପାଖୁଡ଼ା ମେଲି ଜୀବନକୁ ମଧୁସ୍ନାତ କରୁଥାଏ, ତଥାପି ତାର ଅସଲ କେନ୍ଦ୍ରଟିକୁ ଛୁଇଁ ହୁଏନାହିଁ, ଚିହ୍ନି ହୁଏନାହିଁ ସେ ଅତି ପରିଚିତ ବନ୍ଧୁଟିକୁ ଯେପରି ଏ ଗଛଟି ଶାଖା, ପ୍ରଶାଖା, ପତ୍ରପୁଷ୍ପର ଗୋଟିଏ ମୁହୂର୍ତ୍ତରୁ ମୁହୂର୍ତ୍ତକୁ ସେ ବଦଳି ଚାଲିଥାଏ । ଦଶଦିଗରୁ ବଦଳି ଚାଲିଥାଏ । କୌଣସି ଗୋଟିଏ ମୁହୂର୍ତ୍ତରେ ସମଗ୍ର ଗଛଟିକୁ ଦେଖିବା ସମ୍ଭବ ନୁହେଁ । ଏଣୁ ଫାଳେ ସୋରାଏ ନେଇ ଯାହା କିଛି ସଂପର୍କ ହୋଇଗଲା, କେବଳ ସେତିକି । ଏ ଅଫୁରନ୍ତ ପ୍ରୟାସରେ ହଠାତ୍ କ୍ଳାନ୍ତ ଲାଗେ ଏବଂ ଯେଉଁ ରୂପ, ରଙ୍ଗ ଓ ଛନ୍ଦରେ ସେ ଜଡ଼େଇ ରଖିଥିଲା ହଠାତ୍ ସେ ସବୁ ଜଣାପଡ଼େ - ସେଇ ପରିମାଣରେ ନିଜର ଆଖି, ନାକ, କାନର ଧରାବନ୍ଧା ବସ୍ତୁ - କ୍ରିୟା ଜଣାପଡ଼େ ଅତି ବାହାରିଆ, ଅତି ସାଧାରର, ଉପରେ ଉପରେ କେବଳ ଗୋଟିଏ ପ୍ରକାରର ଭାବ ଦୋସ୍ତିପରି । ସବୁ ରୂପ ରଙ୍ଗ ଛନ୍ଦ ଆଡ଼େଇ ଦେଲାପରି ଯେଉଁ ଅବଶେଷଟି ରହିଯାଏ ଏବଂ ଦେଖି ଶୁଣି ଛୁଇଁବାର ବାହ୍ୟ ଆଚରଣ ପଶ୍ଚାତ୍‌ରେ ଦର୍ଶକର ଯେଉଁ ଅବଶେଷାଂଶ ଲୁଚିଥାଏ, ସେ ଦୁହେଁ ହଠାତ୍ ଦିନେ ମୁହାଁମୁହିଁ ହୋଇଯାନ୍ତି । ଘନ ଅନ୍ଧାର ଏବଂ ନୀରବତା ଭିତରେ ବିଜୁଳି ଚମକିଲାପରି ଗୋଟାଏ ଆଚମ୍ବିତ ସମ୍ପର୍କ ହୋଇଯାଏ, ନିର୍ବାକ୍ ବନସ୍ପତି ସେଠି କଥା କହେ । ସମସ୍ୱରରେ ଦୁହେଁ ଗୋଟିଏ ଛନ୍ଦରେ ଗୋଟିଏ ମାତ୍ର ସଙ୍ଗୀତ ଗାଇଉଠନ୍ତି । ତେଣିକି ଗଛରୁ ପୁରୁଣା ବକଳା ଝାଡ଼ିଦେଇ ତାକୁ କୁଣ୍ଢେଇବା ସହଜ, ତା' ପତ୍ରରେ ପତ୍ରରେ ଲହଡ଼ି ମାରୁଥିବା ଆତ୍ମୀୟତାକୁ ଅନୁଭବ କରିବା ସହଜ, ତା' ମୂଳରେ ପାଣି ଢାଳି ନିଜର ତୃଷା ମେଣ୍ଟେଇବା କିମ୍ବା ତା'ର ସବୁଜ ଚୂଡ଼ା ଉପରେ ହିମବର୍ଷା କରି ନିଜେ ଆର୍ଦ୍ରଶୀତଳ ହେବା ସହଜ । ଏଣୁ ଜଣେ ମୟୂର ପରି ନାଚି ଉଠିଲେ ଆଉ ଜଣକ ନବଜୀମୂତ ରୂପରେ ପ୍ରେମ ରକ୍ଷା କରିବାକୁ ବାଧ୍ୟ । ଏଭଳି ନୂଆ ନୂଆ ରୂପ ସବୁ ସେଇ ମୌଳିକ ସଂପର୍କ ଓ ଛନ୍ଦର ହିଁ ବିଭିନ୍ନ ସ୍ୱର ।

ଥରେ ଏପରି ନିବିଡ଼ ସଂପର୍କ ବସ୍ତୁ ବା ବ୍ୟକ୍ତି ସହିତ ସ୍ଥାପିତ ହୋଇଗଲେ, ସମଗ୍ର ଜଗତରେ ସେଇ ଗୋଟିଏ ମାତ୍ର ଛନ୍ଦ ଅନୁଭବ ହୋଇପାରେ । ଜଡ଼ ଚେତନ ଏକାକାର ହୋଇଯାଇପାରେ । ଚେତନାର କେନ୍ଦ୍ରବିନ୍ଦୁରେ ସଂବିତ୍ ସଂବେଦନଶୀଳତାରେ ସର୍ବଭୂତରେ ପ୍ରସାରିତ ହୋଇ ଅଦ୍ଭୁତ ପ୍ରେମାନନ୍ଦର ଆସ୍ୱାଦନ କରିପାରେ । ତେଣିକି ସେ ଯଦି ଆବର୍ତ୍ତକ ବା ପୁଷ୍କର ମେଘକୁ ଭାଇ ବୋଲି ସମ୍ବୋଧନ କଲା, ତାହା ଖୁବ୍ ସ୍ୱାଭାବିକ୍ ଏବଂ ଯଦି ପାହାଡ଼ ବା ପାଦପକୁ, ଚଳନ୍ତା ପ୍ରବାହ ରୂପେ ଦେଖିଲା, ସେଥିରେ ମଧ ଅସୁବିଧା କିଛି ନାହିଁ । ପ୍ରେମର ପୃଷ୍ଠଭୂମିରେ ସମଗ୍ର ବସ୍ତୁସଂଘ ମୁକୁରବତ୍ କେବଳ ଗୋଟିଏ ସତ୍ୟ ରୂପକୁ ବିମ୍ବିତ କରିବା ସ୍ୱାଭାବିକ ।

ଏ ସ୍ୱରର ଭାଷାନାହିଁ, ଶବ୍ଦସ୍ପର୍ଶାଦି ଅନନ୍ତ କୋଳାହଳର ବହୁଳତା ନାହିଁ । ଆପଣ ଏ ସ୍ୱରଟିକୁ ସମ୍ପୂର୍ଣ୍ଣ କଳ୍ପନାର ଅଳୀକ ରଚନା ବୋଲି ହସି ଉଡ଼େଇ ଦେବାର ଅଭ୍ୟାସ କରିଛନ୍ତି । ପଥର ସାଙ୍ଗରେ କେହି ଭାବଦୋସ୍ତି କଲେ ଆପଣ ପଣ୍ଡିତପଣିଆରେ ସେଇ ନିର୍ବୋଧ ଆଦିମ ଶିଶୁଗୁଡ଼ିକୁ ଉପହାସ କରନ୍ତି । ପ୍ରଚଣ୍ଡ ଖରାରେ ଶିଖ ମଉଳାଇ ଝାଉଁଳି ପଡ଼ିଥିବା ବୁଦାଟିର ବ୍ୟଥାରେ

Digitized by srujanika@gmail.com

ଆତୁର ହେଲେ ଆପଣ ବୁଝିପାରନ୍ତି ନାହିଁ । କଳାଧଳାର ଦୁରନ୍ତ ବ୍ୟବଧାନକୁ ବେଖାତିର କରି, ବିଭିନ୍ନ ମାନବୀ ଭାଷାର ଗିରିକାନ୍ତାର ଉଲଂଘନ କରି, ମଣିଷ ଛୁଆର ଅପରିମେୟ ଯାତନାକୁ ଏକ ସାର୍ବଜନୀନ ସ୍ୱରରେ ତର୍ଜମା କରିଦେଲେ, ଆପଣ ଅସନ୍ତୁଷ୍ଟ ହୁଅନ୍ତି ! ଏଥିରେ କୋରାଣ୍ ବା ବାଇବେଲ୍‌ର ପବିତ୍ର ଶବ୍ଦ ନ ଥିବାରୁ ଆପଣ ହତାଶ ହୁଅନ୍ତି ! ଆପଣ ଏତେ ସବୁ ନ କରି ବରଂ କେବଳ ଥରେ ନିଜର ବୃତ୍ତି ନିରୋଧ କରି କାନେଇବାକୁ ଚେଷ୍ଟା କରନ୍ତୁ । ତା'ପରେ ଆପଣଙ୍କର ଅନୁଭବକୁ ସ୍ୱର୍ଗର ଅଗ୍ନିକଣା ପରି ଆପଣ ନିଜେ ବିତରଣ କରିବେ ! ଆମ ଭିତରୁ ଜଣେ ଶରବିଦ୍ଧ କ୍ରୌଞ୍ଚର ବେଦନା ପାଇଁ ଶୋକ କରିଅଛି । ଆଉ ଅନେକେ ହୁଏତ ଭାଷାହୀନ ମୂର୍ଚ୍ଛନାରେ ସମଗ୍ର ପ୍ରାଣୀଜଗତକୁ ବେଣୁବୀଣାର ମଧୁର ସ୍ୱରରୂପରେ ମୁଗ୍‌ଧ କରିଛନ୍ତି । ଏ କଳ୍ପନାପାୟୀ ଗୋଷ୍ଠୀ କିନ୍ତୁ ସେ ମୌଳିକ ସ୍ୱର ଶୁଣି ଶୁଣି ନାହାଁନ୍ତି । କାରଣ ତା'ର ପ୍ରଥମ ଲକ୍ଷଣ ସ୍ତବ୍‌ଧତା, ଘନ-ପ୍ରଶାନ୍ତ ନୀରବତା । ତାକୁ ଥରେ ଶୁଣିଲେ ତଲ୍ଲୀନ ହୋଇଯିବା କଥା । ସେଠି ପହଞ୍ଚିଗଲେ ଏ ରାଜ୍ୟରୁ ଫେରିବାର ପ୍ରଶ୍ନନାହିଁ, ବିଭିନ୍ନ ମାଧମରେ ତାକୁ ପ୍ରକାଶ କରିବାର ଅବକାଶ ନାହିଁ ।

ଏଣୁ ଆପଣ ବାଛନ୍ତୁ । ଆଗକୁ କିନ୍ତୁ କହି ରଖୁଛି ଯେ ଏ ପନ୍ଥା ସହଜ ନୁହେଁ । 'ଦୁର୍ଗଂ ପଥଂ ତତ୍ କବୟୋ ବଦନ୍ତି ।' ଆପଣ ଏ ଅଦ୍ଭୁତ ରାଜ୍ୟକୁ ଆସିଲେ ଜଗତର ଉପର ଆବରଣ ଖସିପଡ଼ିବ ; ଯାହା ଉପରେ ସାଧାରଣତଃ ଆପଣଙ୍କର ସମସ୍ତ ମୂଲ୍ୟବୋଧ ଖଞ୍ଜିହୋଇ ରହିଛି । ସେ ତୀବ୍ର ଅନୁଭବ ସହିପାରିବେ ତ ? ନ ହେଲେ ଏବେ ମଧ ସମୟ ଅଛି । ଦୁଆରେ ଅପେକ୍ଷା କରି ରହିଛନ୍ତି ଆପଣଙ୍କର ମୋଟା ଚଷମା ପରିହିତ ପଣ୍ଡିତ ବନ୍ଧୁ । ଆପଣ ଫେରିଯାଆନ୍ତୁ ଛାପାକାଗଜ ଏବଂ ତାଳପତ୍ରର ବହୁ ଭାଷା ଓ ଭାବର ପରିଚିତ ରାଜ୍ୟକୁ । ସେଠି ଚନ୍ଦ୍ର ଏକ ପରାଜିତ ଜଡ଼ପିଣ୍ଡ ; ଉଦ୍ଭିଦ ପଶୁପକ୍ଷୀ ତାଙ୍କର ଗାଣିତିକ ସୀମାରେଖା ଭିତରେ ପରସ୍ପରଠାରୁ ବିଚ୍ଛିନ୍ନ । ଏକାକାର ହୋଇଯିବାର ଗୋଳମାଳ ସେଠି ଆଦୌ ନାହିଁ । ଅଶ୍ରୁତ ସ୍ୱରର ସଂଘାତ ଆପଣଙ୍କୁ କକ୍ଷଚ୍ୟୁତ କରିବାର ଆଶଙ୍କା ନାହିଁ । ସେଠି କିନ୍ତୁ ଦିନେ ନା ଦିନେ କ୍ଳାନ୍ତ ବୋଧ କରି ଆପଣ ଫିଟି ଆସିବାକୁ ଚାହିଁବେ । ଏ ଦ୍ୱାର ସବୁବେଳେ ଉନ୍ମୁକ୍ତ ରହିଲା ଏବଂ ଆପଣଙ୍କୁ ନିମନ୍ତ୍ରଣ ରହିଲା, ନିଶ୍ଚୟ ଆସିବେ ।

❖❖❖

Digitized by srujanika@gmail.com

ମହାଜନ ପନ୍ଥା

ଟୋକେଇଏ ବାଇଗଣ ଭିତରୁ କୌଣସିଟିକୁ ସର୍ବଶ୍ରେଷ୍ଠ ବିଚାର କରି ନିଃସନ୍ଦେହ ବାଛିନେବା ଯେତେ ସହଜ ବୋଲି ମନେହେଉଥିଲେ ସୁଦ୍ଧା ତା' ଆଦୌ ସହଜ ନୁହେଁ । ଘଣ୍ଟା ଘଣ୍ଟା ଧରି ନିଠେଇ ନିଠେଇ ବାଛିବା ପରେ ମଧ, ମନ ପରିଷ୍କାର ହୋଇପାରେ ନାହିଁ । ଅନୁଭବ ହୁଏ ଯେପରି କି ସବୁଠାରୁ ଭଲ ବାଇଗଣଟି ସେଇ ଟୋକେଇରେ ହିଁ ରହିଗଲା । ପୁଣି ନଇଁପଡ଼ି ଟୋକେଇଯାକ ବାଇଗଣ ଓଲଟପାଲଟ କରି ପରୀକ୍ଷା ଚାଲେ । ଗୋଟିଏ ହାତକୁ ଧରିବା ମାତ୍ରେ ଆଉ ଗୋଟିଏ ତା'ଠାରୁ ଭଲ ପରି ଦିଶେ । ସେଇଟି ଧରିଲେ ପୁଣି ଗୋଟିଏ ଦେଖାଯାଏ ତା'ଠାରୁ ଭଲ । ଶେଷରେ ବାଇଗଣ ତ' ବାଛି ହୁଏନାହିଁ ; ବେପାରୀ ନିକିତି ଦଣ୍ଡା ଟେକି ଘଉଡ଼ିଦିଏ ! ଅସନ୍ତୁଷ୍ଟ ଗରାକ ଭାବେ - ''ଏଥରକ ନ ହେଲା ନାହିଁ, ଆର ପାଳିକୁ ଦେଖିବା !'' ଆର ପାଳି ଆସେ କି ନାହିଁ, ଆସିଲେ ସେ ଆସେ କି ନାହିଁ, ସେ ଆସିଲେ ମଧ ବାଇଗଣ ଆସେ କି ନାହିଁ - ପ୍ରଶ୍ନଗୁଡ଼ିକର ଆଉ ଏକ ପ୍ରସଙ୍ଗ ।

ସମସ୍ତେ କିନ୍ତୁ ଏଭଳି ତଡ଼ା ଖାଆନ୍ତି ନାହିଁ । କେତେ ଗରାକ ଆସିବା ମାତ୍ରେ ଖପ୍‌କିନା ଟୋକେଇରୁ ଗୋଟାଏ ଟେକିନିଅନ୍ତି । ତାଙ୍କୁ ବେଳ ନଥାଏ ; କିନ୍ତୁ ସେ ଯାହା ଉଠାନ୍ତି, ତାଙ୍କର ପୂର୍ଣ୍ଣ ବିଶ୍ୱାସ ଯେ ତାହା ହିଁ ସାରା ଟୋକେଇର ଶ୍ରେଷ୍ଠ ବାଇଗଣ ! ତାଙ୍କୁ ପଂଝାଏ ଚଖା ମିଶି କହନ୍ତି ଯେ ସେଇଟା କୁଆଡ଼େ ଭେଜେରା, ମଞ୍ଜିଆ, ପୋକଡ଼ା, ବିନ୍ଧା ପୋଟକା ! ସେ କିନ୍ତୁ କାହାକୁ କାନାଏ ନାହିଁ । ମନ ଦୃଢ଼କରି ଯାହା ଧରିଥାଏ, ତାକୁ ନେଇ ହାଟରୁ ବାହୁଡ଼ି ଯାଏ । ଆଉ ଥୋକେ ମଧ ସେମିତି ଖପ୍‌କିନା ଗୋଟାନ୍ତି । ସେମାନଙ୍କ କଥା କିନ୍ତୁ ଅଲଗା । ସେମାନେ ସାଧାରଣତଃ ଭଡ଼ାଟିଆ । ସେମାନଙ୍କ ତାଲିକାରେ ଆଗରୁ ବାଇଗଣ ଲେଖାଥାଏ । ସେମାନେ ଚଞ୍ଚଳ ଗୋଟାଏ ଝୋଲାରେ ପକେଇ ନେଇଯାଆନ୍ତି । ନିଜ ପାଇଁ ତ ନୁହେଁ, ଏଣୁ ସେଇଟା ପୋକଡ଼ା ହେଲେ କେତେ ଭେଜେରା ହେଲେ କେତେ ! - ଦର୍ଶନ ଅଧ୍ୟାପକ ପରୀକ୍ଷାର୍ଥୀ ଛାତ୍ରଙ୍କ ଆଗରେ ଘଣ୍ଟାକ ଭିତରେ ସମଗ୍ର ଜୈନମତ ବିଡ଼ା ବାନ୍ଧି କାମ ତୁଲେଇ ନେଲା ପରି ! ବଣିଜରେ ସେମାନଙ୍କର ଆପଣାପଣ ନଥାଏ ; ଭଲ ଅସାର ଉପରେ ଜୋର୍ ନଥାଏ । ବାଛିବା ଉପରେ ସେମାନେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ, କାରଣ ସେମାନଙ୍କ ପାଇଁ ତାହା କୌଣସି ଧରଣର ସମସ୍ୟା ନୁହେଁ । ଅତି ବେଶି ହେଲେ, ହୋଇପାରେ ଏଇଟା ଗୋଟାଏ ଫେସନ୍‌ବାଜି । ଏକ ପ୍ରକାର ସାମାଜିକ ବାହାଦୁରୀ । ''ଆମ ଝୋଲାରେ ଯାହା ଖୋଜିବ ତା' ପାଇବ । ଏବେ କ'ଣ ସମସ୍ତେ ବାଇଗଣ କିଣିଲେଣି,

Digitized by srujanika@gmail.com

ଏଣୁ ସେଥିରୁ ଗୋଟାଏ ମଧ୍ୟ ପଢ଼ିଥାଉ'' - ଏଇ ଯୁକ୍ତିରେ । ଅନ୍ୟମାନଙ୍କୁ ଦେଖି ଗୋଷ୍ଠୀ-ରୁଚି ଅନୁସାରେ ଟୋପି ପିନ୍ଧିଲାପରି, ବା ମାଡ୍ରାସ୍‌କୁ ଚମଡ଼ା କିଣିବାକୁ ଯାଇ ପଣ୍ଡିଚେରୀରୁ ଧର୍ମଗ୍ରନ୍ଥ କିଣିଲା ପରି !

ଶ୍ରେଷ୍ଠଟିକୁ ବାଛିବା ସହଜ ନୁହେଁ ; କାରଣ ତାହା ସମ୍ଭବ ନୁହେଁ ; କାରଣ ନିରାଟ ରୂପେ ଶ୍ରେଷ୍ଠ ବୋଲି କିଛି ନାହିଁ, ଯାହା ସାଧାରଣ ଭାବରେ ଅନୁଭବ ସାପେକ୍ଷ ! ସେଇଟା ଗୋଟାଏ ଆପେକ୍ଷିକ ଗୁଣ ଏବଂ ଭାରି ବ୍ୟଭିଚାରି ଗୁଣ । ପ୍ରଥମେ ମନେହୁଏ ଯେ ଶ୍ରେଷ୍ଠଟିକୁ ଜାଣିବା କିମ୍ବା ଚିହ୍ନିବା, ଚିରନ୍ତନ ପରୀକ୍ଷାସୁଲଭ ଅଭିଜ୍ଞତା ନୁହେଁ ; ବରଂ ଗୋଟାଏ ପ୍ରକାର ଅନୁଭବ । ମୋ ପାଇଁ, ଏଇଠାରେ ବର୍ତ୍ତମାନ ସକାଶେ ଏଇ ପଦାର୍ଥଟି ଶ୍ରେଷ୍ଠ । ଏଥିରୁ କୌଣସିଟିକୁ ଚହଲେଇ ଦେଲେ ଶ୍ରେଷ୍ଠତ୍ୱ ଆଉ ଉପପାଦ୍ୟ ହୋଇପାରୁନାହିଁ । ଆଉ କାହାପାଇଁ ବା ଆଉ କୌଣସିଠାରେ ଅନ୍ୟ ସମୟରେ ଏତଦ୍‌ଭିନ୍ନ ଅନ୍ୟ ପଦାର୍ଥ ଶ୍ରେଷ୍ଠ ହୋଇପାରେ ; କିନ୍ତୁ ସେଇଟା ମଧ୍ୟ ଆଉ ଏକ ଅନୁଭବ-ବିନ୍ଦୁ ଏବଂ ତାହା ସହିତ ମୋର ବର୍ତ୍ତମାନ ଅନୁଭବର କିଛି ସମ୍ପର୍କ ନାହିଁ ।

କିନ୍ତୁ ଆଉ ବେଳେବେଳେ ଲାଗେ ଯେ ଏଇଟା ଗୋଟାଏ ଯୋଗାଯୋଗ କଥା । ପ୍ରତ୍ୟେକ ମଣିଷ ଭିତରେ ଗୋଟାଏ ପରିମିତି ଅଛି । କାଳ ବୋହି ଚାଲିଥାଏ, ସେ ଗୋଟିଏ ଧାରା । ପଦାର୍ଥ ବା ବ୍ୟକ୍ତି ମଧ୍ୟ ଗୋଟିଏ ପ୍ରବହମାନ ଧାରା । ଏ ସମସ୍ତ ଧାରା ବୋହି ଯାଉ ଯାଉ କୌଣସି ଗୋଟାଏ ବିନ୍ଦୁରେ ଚାଉଁକିନା ଅକସ୍ମାତ୍ ଯୋଗାଯୋଗ ହୋଇଯାଏ । ମଣିଷ ମନର ସେ ରହସ୍ୟମୟ ପରିମିତିର ଚତୁଷ୍କୋଣ ଉଛୁଳିଯାଏ । ଆଶ୍ଚର୍ଯ୍ୟବତ୍ ଗୋଟାଏ କ'ଣ ଦିଶିଯାଏ । ସେ ଏକ ବିସ୍ମୟର ପୂର୍ଣ୍ଣ ଅନୁଭବ, ଶ୍ରେଷ୍ଠତ୍ୱର ଅନୁଭବ, ପୂର୍ଣ୍ଣତ୍ୱର ଅନୁଭବ ! ସେଇଠି ପୋକରା, ଖଣ୍ଡିଆ ଆଦି ଆଶଙ୍କ ବିଚାର ଆସିବ କେଉଁଠାରୁ ? କିନ୍ତୁ ଏ ଅନୁଭବଟିକୁ ଧାରଣ କରିହୁଏନାହିଁ । ସେ ସବୁ ପ୍ରବଳ ପ୍ରବାହକୁ ରୋଧି ହୁଏନାହିଁ, ସମୁଦ୍ର ପରି ସେ ସମସ୍ତ ଗର୍ଭିତ ମଧ୍ୟ କରିହୁଏ ନାହିଁ । କାଳ ବହିଯାଏ ଏବଂ ଆସ୍ତେ ଆସ୍ତେ ଗାର ଲିଭିଆସେ । ଶ୍ରେଷ୍ଠତ୍ୱର ମୁକ୍ତାଫଳ ବି କ୍ରମଶଃ ମଳିନ ହୋଇଯାଏ । ସ୍ମୃତିର ଅମାର ଘରେ ତାର ରୂପ ଆକାର ମଧ୍ୟ ବଦଳିଯାଏ ।

ଏଣୁ ବେଳେବେଳେ ଲାଗେ ଯେ ବ୍ୟଭିଚାରି ମନ ଇତସ୍ତତଃ ମୁହଁମାରି ସାମୟିକ ବିଳାସ ଉପଭୋଗ କରୁଥିବା ମୁହୂର୍ତ୍ତଗୁଡ଼ିକ କ'ଣ ଶ୍ରେଷ୍ଠତା କି ? ହୋଇପାରେ କିମ୍ବା ପ୍ରତି ମୁହୂର୍ତ୍ତରେ ଯାହା ଘଟି ଚାଲିଛି, ଯଦି ତଦ୍‌ଭିନ୍ନ ଆଉ କିଛି ଘଟିବା ସମ୍ଭବ ନୁହେଁ, ତେବେ ସେଇ ଅନିବାର୍ଯ୍ୟଟିକୁ ମନ ବୁଝେଇବା ସକାଶେ ଆମେ ହୁଏତ ଶ୍ରେଷ୍ଠ ବୋଲି କହିଥାଉ । ଯଦି ତାହା ଅନିବାର୍ଯ୍ୟ ଏବଂ ବିକଳ୍ପରହିତ ଏକକ, ତାକୁ ଶ୍ରେଷ୍ଠ କହି ଆପେକ୍ଷିକ ମୂଲ୍ୟ ଦେବାର କ'ଣ ପ୍ରୟୋଜନ ? ବିଭିନ୍ନ ତୃଷ୍ଣା ମେଣ୍ଟାଇବା ସମୟରେ ପାନୀୟଟି ଯେପରି ଜଗତ୍‌ର ଶ୍ରେଷ୍ଠ ବସ୍ତୁ, ସେହିପରି । ସେହି ସମୟ ପାଇଁ ହୁଏତ ଅନ୍ୟ କୌଣସି ବିଷୟରେ ସଚେତନ ରହିବାର ସମ୍ଭାବନା ନଥାଏ । ଶୋଷ ହିଁ ଅନ୍ତର ବାହାର ଚାରିଆଡ଼େ ଏପରି କୋଳାହଳ କରୁଥାଏ ଯେ ଅନ୍ୟ ସ୍ୱର ଶୁଣାଯାଏ ନାହିଁ ; କିନ୍ତୁ ଶୋଷ ମେଣ୍ଟାଇଲା ପରେ ଜଣାଯାଏ ଯେ ସେଇଟା କେବଳ ଗୋଟିଏ ମାତ୍ର ସ୍ୱର । ଭିତରର ବିସ୍ତୀର୍ଣ୍ଣ

Digitized by srujanika@gmail.com

ପରିମିତି ଆଗଭଳି ରିକ୍ତ, ଅନାବୃତ, ଅପରିପୂର୍ଣ୍ଣ ପଡ଼ି ରହିଛି । ଏ ପରିମିତିଟା ବିଷୟରେ ନିଶ୍ଚିତ କିଛି ଅନୁଭବ ନାହିଁ । ଯେତେବେଳେ ସେ ଆଶ୍ଚର୍ଯ୍ୟ ଭାବରେ ପରିପୂର୍ଣ୍ଣ ହୋଇଯାଏ, ସେଇ ପୂର୍ଣ୍ଣତାର ବନ୍ୟାଭିତରେ ତାକୁ ଏବଂ ତା'ର ଚତୁଷ୍କୋଣକୁ ଅନୁଭବ କରି ହୋଇଯାଏ । ନଚେତ୍ ଗୋଟିଏ ଚିରନ୍ତନ ଅସ୍ୱସ୍ତିବୋଧ କେବଳ ଉଚ୍ଚାଟ ସୃଷ୍ଟି କରୁଥାଏ । ଟୋକେଇକ ଯାକ ବାଇଗଣ ବାଛିଗଲା ପରେ ମଧ୍ୟ ଶ୍ରେଷ୍ଠଟିକୁ ବାଛି ହୁଏନାହିଁ । ଅଭାବବୋଧ ସତେ ବା ଆଉ ମେଣ୍ଟିବ ନାହିଁ । ଏଇ ଅଭାବବୋଧଟି ଗୋଟିଏ ପ୍ରକାର ଦହନ ; ଏକ ପ୍ରକାର ଜ୍ୱାଳା । ସେଇଟା ଯଦି ଖାଲି ଗୋଟିଏ ନିଶ୍ଶେଷ ରିକ୍ତତା ହୋଇଥାନ୍ତା, ଯଦି ଅହରହ ସକ୍ରିୟ ଭାବରେ ଭିତରେ ଏମିତି କଡ଼ ଲେଉଟାଉ ନ ଥାନ୍ତା, ତେବେ ନିଶ୍ଚିନ୍ତ ଶୋଇଯାଇ ହୁଅନ୍ତା । ଶ୍ରେଷ୍ଠଟିଏ ଖୋଜିବାକୁ ଏତେ ବ୍ୟାକୁଳତା ଆସନ୍ତା ନାହିଁ ; କିନ୍ତୁ ସେ ରଖେଇ-ଥୋଇ ଦିଏନାହିଁ, ଅହରହ ତଡ଼େ । ଗୋଟିଏ ଜରୁରୀ ପରିସ୍ଥିତି ସୃଷ୍ଟି କରିଦିଏ । ଫଳରେ ଅନ୍ୟର ଉଦାହରଣ ଦେଖି ଶିଖିବାକୁ ଇଚ୍ଛା ହୁଏ । ଅନ୍ତତଃ ସେ ଯେମିତି ବାଛିପାରୁଛି, ସେମିତି ବାଛିଲେ ଯଦି ମିଳିଯାଏ । କିନ୍ତୁ ସମସ୍ତେ ଯଦି ଅନ୍ଧ, ଜଣକ ଅଣ୍ଡାଳିବା ଆଉ ଜଣକୁ କ'ଣ ବା ସାହାଯ୍ୟ କରିପାରିବ ? ତା' ବାହାରେ ଅବିକଳ ଦୁଇଟି ମୁହୂର୍ତ୍ତ ନାହିଁ - ଯେପରି ଅବିକଳ ଦୁଇଟି ପଦାର୍ଥ ମଧ୍ୟ ନାହିଁ । ଦେଶ କାଳ ଭେଦରେ ଜୀବନର ଘଟଣାପରମ୍ପରା ଏବଂ ତଜ୍ଜନିତ ପରିସ୍ଥିତି ସମସ୍ତେ ଏକଠାରୁ ଅନ୍ୟଟି ଭିନ୍ନ । ଏଣୁ ବର୍ତ୍ତମାନ ଏଇଠାରେ ମୋ ପାଇଁ କ'ଣ ପ୍ରୟୋଜନ, ତାହା ଆଉ କାହାର ଅନ୍ୟ ସମୟର ଅଭିଜ୍ଞତା କହିପାରିବ ନାହିଁ । ଗୋଟିଏ ରାସ୍ତାରେ ଚାଲୁଥିଲାପରି ବୋଧ ହେଉଥିବା, ଦୁଇଜଣ ବାଟୋଇଙ୍କର ପାଦଚିହ୍ନ ଭିନ୍ନ ଭିନ୍ନ ଏବଂ ଭିନ୍ନ ହେବାକୁ ବାଧ୍ୟ । ଭୂମିର ତାରତମ୍ୟ କୌଶଳରେ ଦୂର କରିପାରିଲେ ମଧ୍ୟ, କାଳର ତାରତମ୍ୟ ଅନିବାର୍ଯ୍ୟ । ଏକ ସ୍ଥାନରେ, ଏକ ସମୟରେ ଦୁଇଜଣଙ୍କର ପାଦଚିହ୍ନ ପଡ଼ିବା ଅସମ୍ଭବ । ଏ ଦୃଷ୍ଟିରୁ ମୁଁ ମଧ୍ୟ ମୋର ଅତୀତ ଓ ଭବିଷ୍ୟତଠାରୁ ଭିନ୍ନ । ତେବେ କ'ଣ କରାଯାଇପାରେ ? ପରିସ୍ଥିତି ଭାରି ଜଟିଳ, ଭୟଙ୍କର ନିରୁତ୍ସାହଜନକ ।

ଦୁର୍ଗମ ଅରଣ୍ୟ ଭିତରେ ହଠାତ୍ ବାଟ ନ ପାଇ ଧନ୍ଦି ହେବା କଥା । ପ୍ରଥମେ ଅନୁଭବକୁ ଆସେ ଯେ, ଏହା ଏକ ଅରଣ୍ୟ ଏବଂ ଏଇଠାରୁ ବାହାରିଯିବାକୁ ହେବ । ତା'ପରେ ପ୍ରଶ୍ନ ଉଠେ - ବାଟ କାହିଁ ? ... ଯେଉଁମାନେ ବଳଶାଳୀ, ସେମାନେ ନିଜେ ଲଟାର, ବୁଦା କାଟି ବାହୁବଳରେ ନୂଆ ବାଟ ପକେଇଦିଅନ୍ତି । କିନ୍ତୁ ଅଧିକାଂଶ, ଯେଉଁମାନେ ନିହାତି ଯିବାକୁ ଚାହାନ୍ତି ଏବଂ ନିଜେ ଖୋଜି ନିଜ ପନ୍ଥା ବାହାର କରିବାର ସାମର୍ଥ୍ୟ ନ ଥାଏ, ଇଚ୍ଛା ମଧ୍ୟ ନ ଥାଏ, ସେମାନେ ଅନୁସରଣ କରନ୍ତି । ଚଲା ରାସ୍ତା ପାଇଲେ ଆଗେଇ ଯାଆନ୍ତି । ନୂଆ କିଛି ନାହିଁ । ଯାହା ଥରେ ଘଟିଗଲା, ତାହା ଆଉ ଥରେ ଏବଂ ବାରମ୍ବାର ହୁଏତ ଘଟିପାରେ - ଏଇ ଆଶାରେ ଚାଲିଥାନ୍ତି, କିନ୍ତୁ ଆଉ ଜଣେ କେହି କୁକୁରଟିଏ ଆଗରେ ଚଳେଇ ହିମାଳୟ ଚୂଳରେ ପହଞ୍ଚି ପାରିନାହିଁ ।

ତଥାପି ମହାଜନ ପନ୍ଥା ଅଗତ୍ୟା ଗ୍ରହଣୀୟ । ସେମାନେ ତାଙ୍କ କ୍ଷେତ୍ରରେ ଯାହା କରିଛନ୍ତି, ତା ଅବିକଳ ନ ହେଲେ ମଧ୍ୟ ଅନ୍ୟକ୍ଷେତ୍ରରେ ମୋଟାମୋଟି ଭାବରେ ପ୍ରଯୋଜ୍ୟ ହୋଇଯାଏ ।

Digitized by srujanika@gmail.com

ଧରାଯାଉ ଯେମିତି ଭାଷାର ବର୍ଣ୍ଣମାଳା ଶିଖିଲା ପରି । ସେତକ ଅବଶ୍ୟ ଗ୍ରହଣୀୟ । ତାକୁ ନେଇସାରିଲା ପରେ ଶବ୍ଦ, ବାକ୍ୟ ଆଦି ପାଇଁ ପ୍ରତ୍ୟେକ ବ୍ୟକ୍ତିର ପ୍ରତି ମୁହୂର୍ତ୍ତର ସ୍ୱାଧୀନତା ଅଛି ; କିନ୍ତୁ ଆଗ ଏ ଅକ୍ଷରକୁ ଗ୍ରହଣ କରିବାକୁ ହେବ । ମହାଜନଙ୍କର ମହାକାବ୍ୟ ସେଥିରେ ଲେଖା ନୋହୁ, ଅନ୍ତତଃ ଦି'ପଦ ଚଉତିଶା ତ ସମ୍ଭବ ହୋଇପାରିବ ।

ମହାଜନ ପନ୍ଥା ଗୋଟିଏ ବଡ଼ଦାଣ୍ଡ । ସେଇଠି ଗଳିକନ୍ଦି ନାହିଁ, ଦେଢ ହଜାର ବାଙ୍କ ନାହିଁ । ସବୁ ମିଶାମିଶି ହୋଇ ଗୋଟିଏ ଖୁବ୍ ଓସାରିଆ, ସମସ୍ତଙ୍କୁ ସୁହାଇଲା ଭଳି ରାସ୍ତା । ସେଇଠି ଯେ ଯାହା ଦିଗ ରକ୍ଷା କରି ଚାଲିପାରେ ; ତଥାପି ସହଯାତ୍ରୀର ଅଭାବ କେବେ ନାହିଁ । ସେଇଠୁ ବହୁ ସରୁ ରାସ୍ତା ବାହାରିପାରେ, ପୁଣି ସେହିପରି ବହୁ ରାସ୍ତା ଆସି ମିଶି ମଧ ପାରେ । ଏଣୁ ତାକୁ ରାସ୍ତା କହିବା ମଧ ସମୟ ସମୟରେ ଅସମୀଚୀନ ବୋଧହୁଏ । ସେଇଟା ହୁଏତ ଗୋଟାଏ ପ୍ରବହମାନ ପଡ଼ିଆ, ବୋହିଯାଇଛି କାହିଁ କେଉଁ ଅପନ୍ତରା ଶରଧାବାଲି ଉପରୁ ଗିରି ଚୂଳଯାଏ ।

ଆଉ କେତେବେଳେ ମନେହୁଏ ଯେ ମହାଜନ ପନ୍ଥାଟି ହୁଏତ ବଡ଼ଦାଣ୍ଡ ନୁହେଁ, ବରଂ ଅଖଣ୍ଡ ଅରଣ୍ୟ ଭିତରେ ପାଣି ପିଇବା ପାଇଁ ଓହ୍ଲାଇଥିବା ପ୍ରକାଣ୍ଡ ଦନ୍ତାହାତୀର ରାସ୍ତା । ସେ ତା'ର ସ୍ୱାଭାବିକ ଭଙ୍ଗୀରେ ସହଜ ଖୋଜ ପକେଇ ପଳାସି ଗଲାବେଳେ ଗଛଲଟା ଆଡ଼େଇ ହୋଇଯାଏ, ଡାଳ ଭାଙ୍ଗିଯାଏ, ଲଇ ଛିଣ୍ଡିଯାଏ ! ହାତୀ ପାଦତଳ ଭୂଇଁକୁ ସିନା ଅନାଏଁ ନାହିଁ ; କିନ୍ତୁ ଛିଡ଼ି ପଡ଼ିଥିବା ଅତଡ଼ା ପାଖରୁ ଆଡ଼େଇ ହୋଇଯାଏ, ଗଣ୍ଡ ପାଖରୁ ଘୁଞ୍ଚି ଆସେ । ବାଘ ହେଣ୍ଟାଳିଲେ ସତର୍କ ହୋଇଯାଏ । ତା' ଯିବା ବାଟରେ ପଲ ପଲ ହାତୀ ବଣ ଭିତରେ ସୁଅ କାଟିଦିଅନ୍ତି । କୁଣ୍ଠିତ ନିରନ୍ଧ୍ର ବଣ ଓସାରି ହୋଇଯାଏ, ଦୁଇଭାଗ ହୋଇଯାଏ । ସେହିପରି, ଭାଦ୍ରବରେ ଦୁଇକୂଳ ଖାଉଥିବା ଯମୁନା ବାଟ ଦେଇଦେଲା ପରି ମହାଜନମାନଙ୍କୁ ସଂସାର ବାଟ ଦେଇଦିଏ । ମନେହୁଏ ଯେ ସବୁଦିନ ପାଇଁ ଏ ସମସ୍ୟାର ସମାଧ ହୋଇଗଲା - ବଣ ଭିତରୁ ବାହାରି ଯିବାକୁ ରାଜପଥ ଫିଟିଗଲା ।

କିନ୍ତୁ ଯଦି ଏଇ ହାତୀ ଧରସା ଉପରେ ପିମ୍ପୁଡ଼ିଟିଏ ଯିବାକୁ ବାହାରେ ତା'ର ସମସ୍ୟା ହେବ ଆଉ ଗୋଟିଏ ପ୍ରକାରର, ଆଉ ଗୋଟିଏ ପର୍ଯ୍ୟାୟର । ଯେଉଁ ସରୁ ସୁତା ପରି ପାଣି ଧାରଟିଏ ହାତୀ ପଳାସି ଗଲାବେଳେ ତା' ଖୋଜ ମଝିରେ ପଡ଼ିଗଲା, ସେ ହୋଇଯାଏ ଗୋଟିଏ ଖରସ୍ରୋତା ନଈ । ଯେଉଁ ବୁଦାଲଟା ଥୋଡ଼ ପାହାର ବାଜି ଝାଉଁଳି ଗଲେ ; କିନ୍ତୁ ମଲେ ନାହିଁ, ସେମାନେ ପୁଣି ଶିଖା ଟେକି ଠିଆ ହୋଇଯାନ୍ତି ଦୂରଧିଗମ୍ୟ ସମସ୍ୟା ହୋଇ । ପିମ୍ପୁଡ଼ିଟିକୁ ଲଟା ତଳେତଳେ ଗଳିବାକୁ ପଡ଼େ, ଅନେକ ଉଚ୍ଚ ନୀଚ ଭୂମି ପାର ହୋଇ ନଈ ପହଁରିବାକୁ ପଡ଼େ । ଏ ସବୁ ହାତୀର ପାହୁଣ୍ଡ ମଝିରେ ତା' ପାଇଁ ସମ୍ପୂର୍ଣ୍ଣ ଅଜ୍ଞାତ ଭୂମି । ହସ୍ତୀ-ପନ୍ଥା ହସ୍ତୀକୁ ସିନା ସୁହାଏ, ପିମ୍ପୁଡ଼ି ପାଇଁ ତାର ଅର୍ଥ କିଛି ନାହିଁ, ତା' ପାଇଁ ମୋଟ ଉପରେ ସେଇଟା ପନ୍ଥା ମଧ ନୁହେଁ ।

Digitized by srujanika@gmail.com

ମହାଜନ ପନ୍ଥା ତଦ୍ରୂପ ମହାମାନବଙ୍କ ପାଇଁ । ବାକି ଛୋଟକାଟିଆ, ସାଧାରଣ ଆମ ତୁମ ଭଳି ଲୋକଙ୍କ ସମସ୍ୟା ଅଲଗା । ତାକୁ ସେ ମହାଜନ ଜୀବନରେ ଖୋଜିଲେ ମିଳିବ ନାହିଁ ବା ପରିଶେଷରେ ସେମାନେ ଯେଉଁଠି ଥୋଡ଼ ପାହାର ପକେଇ ପାଣି ଶୋଷନ୍ତି, ସେଇଠି ପିମ୍ପୁଡ଼ି କେବେ ପହଞ୍ଚିବ ବୋଲି ଆଶା ମଧ୍ୟ କରିହେବ ନାହିଁ । ପିମ୍ପୁଡ଼ି ପାଇଁ ଶୁଖିଲା ତେନ୍ତୁଳି ପତ୍ରଟିଏ ମଧ୍ୟ ଗୁରୁଭାର, ବଟପତ୍ର ଖଣ୍ଡିଏ ଗୋଟାଏ ଶୁଖିଲା ବୋଇତ । ଯେଉଁ ଅତଡ଼ା ପାଖରୁ ହାତୀ ଆଡ଼େଇ ହୋଇଯାଏ, ସେଇଠୁ ପିମ୍ପୁଡ଼ିଟି ଆଡ଼େଇ ହୋଇଯିବାର ପ୍ରୟୋଜନ ଅନୁଭବ କରିପାରେ ନାହିଁ, ବାଘ ହେଣ୍ଟାଳିରେ ତା'ର କିଛି ଯାଏ ଆସେ ନାହିଁ । ତା'ମାନେ ଦୂରରୁ ହାତୀ-ପନ୍ଥାଟିକୁ ଦେଖି ପିମ୍ପୁଡ଼ି ଖୁବ୍ ଆଶା କରି ଆସି ଦେଖେ ଯେ ସେଇଠି ତା ପାଇଁ ନିରନ୍ଧ୍ର ବଣ ; ପନ୍ଥା ମୋଟେ ନାହିଁ । ତା' ସ୍ଥିତି ବା ଗତିର ସମସ୍ୟା ସମ୍ପୂର୍ଣ୍ଣ ଅଲଗା, ଏଣୁ ପନ୍ଥା ମଧ୍ୟ ଅଲଗା ହେବା ଅନିବାର୍ଯ୍ୟ ।

କିନ୍ତୁ ସମ୍ପୂର୍ଣ୍ଣ ଅଲଗା ନୁହେଁ । ସେ ତା'ର ଛୋଟ ଛୋଟ ନଈ, ନାଳ, ପତ୍ର, ଡାଙ୍ଗ, ଲଇ ପାରି ହୋଇ ଆସି ଦେଖେ ଯେ ଗୋଟାଏ ବେଶ୍ ସମତଳ ଉପତ୍ୟକା । ସେଠି ଢେର ଆଲୁଅ । ପାଖ ଆଖର ଅତିକାୟ ପାହାଡ଼ ପରି ଉଦ୍ଭିଦ ସବୁ ଠେଲି ହୋଇଯାଇଛନ୍ତି ; ଭାଙ୍ଗି ଗୁଣ୍ଡ ହୋଇ ଆଡ଼େଇ ହୋଇଯାଇଛନ୍ତି । ସେ ବିସ୍ମୟରେ ଅନାଏଁ, ସେ ଖଣ୍ଡକ ବାଟ ତାର ଖୁବ୍ ନିର୍ଦ୍ୱନ୍ଦ୍ୱରେ କଟିଯାଏ । ସେ ଉପତ୍ୟକାଟି ହାତୀର ଗୋଟିଏ ପାଦଚିହ୍ନ ମାତ୍ର । ଏଭଳି ଚାରିଟି ଉପତ୍ୟକା ପାରି ହୋଇଗଲେ ପିମ୍ପୁଡ଼ିର ଯାତ୍ରା ହୁଏ ତ' ସରିଯିବ । କିନ୍ତୁ ସମ୍ପୂର୍ଣ୍ଣ ଘନ ବନାନୀ ଭିତରେ ବାଟ ଖୋଜିଥିଲେ ସେ ବୋଧହୁଏ ଏତେ ଆଗେଇ ପାରି ନଥାନ୍ତା । ଅବଶ୍ୟ ଯେଉଁ ପିମ୍ପୁଡ଼ିମାନେ ସେଇଠି କେବଳ ମାଟି ଖୋଳି ବସା ବାନ୍ଧିବାକୁ ଚାହାନ୍ତି ଏବଂ ଆଗେଇବାକୁ ସର୍ବାଦୌ ଅମଙ୍ଗ ତାଙ୍କ କଥା ଏଠି ଅବାନ୍ତର ।

ଅନନ୍ତ ମହାକାଶରେ ନିହାରୀକାର ଆଲୋକ ରେଣୁ ପରି ଝାପ୍‌ସା ଗୋଟାଏ ପ୍ରାଚୀନ ଚଲା ରାସ୍ତା, ଏଇ ମହାଜନ ପନ୍ଥା । ମଣିଷ ଜୀବନରେ ସାଧାରଣ ବଣିଜ ପାଇଁ ଯାହା ସବୁ କିଣାବିକା ହୋଇ ବଦଳିଯାଆନ୍ତି ସେ ସବୁ ଦେଶ କାଳର ଅନୁସାରୀ ; ମାତ୍ର ସବୁ ଖୋଳପା ତଳେ ଗୋଟାଏ ପ୍ରସ୍ତ ମଞ୍ଜ ଥାଏ, ସେଇଟା ବଦଳେ ନାହିଁ । ତାକୁ ଛୁଇଁ ପାରିଲେ, ଏବେ ମଧ୍ୟ ଘୃତ ସମିଧ ଦେଇ ଜଣେ ଅଗ୍ନିଷ୍ଟୋମ ଯାଗ କରିପାରେ ବା ସେ ପ୍ରକାର ଯାଗଦ୍ୱାରା ଯେଉଁ ଅଭିଷ୍ଟ ସିଦ୍ଧ ହେଉଥିଲା, ତା'ପାଇଁ ଏବେ ମଧ୍ୟ ଯାଗଧର୍ମୀ ହୋଇପାରେ । କାଳର ଗତି ମତେ ମଣିଷର ମୌଳିକ ସମସ୍ୟା ଯାହା ଥିଲା ବର୍ତ୍ତମାନ ମଧ୍ୟ ପ୍ରାୟ ସେଇଆ, ମୌଳିକ ଲକ୍ଷ୍ୟ ଯାହାଥିଲା, ବର୍ତ୍ତମାନ ମଧ୍ୟ ପ୍ରାୟ ସେଇଆ । ଏଣୁ ସବୁ ସମୟ ପାଇଁ ସମସ୍ତଙ୍କ ସକାଶେ ସାଧାରଣ ମଣିଷର ମୌଳିକ ସ୍ୱରୂପକୁ ସ୍ପର୍ଶ କରୁଥିବା ଗୋଟାଏ ମାର୍ଗ ସମୟ ସମୟରେ ଉଦ୍ଭାବିତ ହୋଇଯାଏ । ଯେ ତାକୁ ପ୍ରଥମେ ଉଦ୍ଭାବନ କରନ୍ତି, ସେ ଅବଶ୍ୟ ମହାଜନ, ତାଙ୍କ ପନ୍ଥା ମହାଜନ ପନ୍ଥା । ସେଥିରେ ଥାକ ଥାକ ହୋଇ ଶତାବ୍ଦୀଗୁଡ଼ିକୁ ଥୋଇଗଲେ ମଧ୍ୟ ଆହୁରି ଅନେକ ବଳକା ଥାନ ରହିଯାଏ ଭବିଷ୍ୟତ ପାଇଁ । ପୁରୁଷ ପୁରୁଷ ଧରି ମଣିଷ ସେଇ ବାଟେ ଗଲେ ମଧ୍ୟ ସମସ୍ତଙ୍କୁ ଧାରଣ କରି ରଖିପାରେ

Digitized by srujanika@gmail.com

ସେଇ ମହାଜନ ପନ୍ଥା ; ସମସ୍ତଙ୍କୁ ଗୋଟାଏ ଆଡ଼କୁ ଆଗେଇ ନେଇଯାଇପାରେ । ସମସ୍ତଙ୍କର ନିଜ ନିଜର ମୌଳିକତା ପାଇଁ ଅବକାଶ ଦିଏ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖିଅଟିଏ ଫିଟେଇ ନେଇଯାଏ ।

ମହାଜନ ପନ୍ଥା ଏ ଦିଗରୁ ହୁଏତ ବେଶ୍ ସୁବିଧାଜନକ ଗୋଟିଏ ବଡ଼ଦାଣ୍ଡ । ଅନ୍ୟ ଦିଗରୁ କିନ୍ତୁ ସେଇଟା ଗୋଟିଏ ହାତୀ-ପନ୍ଥା ; କେବଳ ପନ୍ଥାର ଆଭାସ, କିନ୍ତୁ ପନ୍ଥା ନୁହେଁ । ଯେଉଁମାନେ ଅଣମହାଜନ, ଦିଗବାରି ହୁଏ ତ ସେଥିରେ ଗଡ଼ିଯାନ୍ତି ବା ସେଇ ଉପତ୍ୟକାଗୁଡ଼ିକୁ ଯୋଡ଼ି ନିଜ ବାଟ ନିଜେ କାଟନ୍ତି ।

କିନ୍ତୁ ଏ କଥା ହୁଏତ ସତ ଯେ, କୌଣସି ମହାଜନ ତାକୁ ନିଜ ପନ୍ଥା କରି ଆଉଥରେ ଗ୍ରହଣ କରିବ ନାହିଁ - କାରଣ ସେ ମହାଜନ । ସେ ବାଟ ଫିଟେଇବାରେ ବିଶ୍ୱାସ କରନ୍ତି ; ଅନୁସରିବା ତାଙ୍କ ଧର୍ମ ନୁହେଁ । ସାଧାରଣ ମଣିଷ ଭିତରେ ଯେଉଁ ଛୋଟ ଛୋଟ ବିଦ୍ରୋହଗୁଡ଼ିକ ମୁଣ୍ଡ ନୁଆଇଁ ମନର ଅନ୍ଧାର ଭିତରକୁ ଲୁଚିଯାନ୍ତି ସେଇ ସମସ୍ତ ବିଦ୍ରୋହ ହିଁ ପୁଣି ପୁଞ୍ଜିଭୂତ ହୋଇ ଜନ୍ମ ନିଏ ଏକ ମହାଜନ ରୂପରେ, ଫଳରେ ପୁଣି ଏକ ନୂତନ ପନ୍ଥା ଫିଟିଯାଏ । ଏହିଭଳି ଯୁଗେ ଯୁଗେ ଧର୍ମର ଗ୍ଳାନି ହେଉଥାଏ ଏବଂ ସଂସ୍ଥାପନ ବି ହେଉଥାଏ ।

ବାଇଗଣ ବାଛିବା କିଛି ଅନିବାର୍ଯ୍ୟ ନୁହେଁ । କିନ୍ତୁ ସବୁ ଚେଷ୍ଟା ସତ୍ତ୍ୱେ ଯଦି ଭାଗ୍ୟରେ ପୋକଡ଼ାଟାଏ ପଡ଼ିଗଲା, ତାକୁ ଧରି ବରଂ ପାଳିକ ଚାଲିଯିବା ଭଲ - କାରଣ ଅନ୍ଧାର ପୂର୍ବରୁ ହାଟ ବାହୁଡ଼ା ନ ହେଲେ, ତେଣିକି ଯେ ଢେର ଅସୁବିଧା !

❖❖❖

Digitized by srujanika@gmail.com

ଲଟେରୀ ସ୍ୱପ୍ନ

କେବଳ ଲକ୍ଷପତିଙ୍କୁ ଛାଡ଼ିଦେଲେ ବୋଧହୁଏ ସମସ୍ତଙ୍କର ଊଣାଅଧିକେ ଲକ୍ଷପତି ହେବାର ଅଭିଳାଷ ଥାଏ । ପବନରେ ଦୁର୍ଗ ତୋଳିଲେ ଇଟାଖର୍ଚ୍ଚ ପଡ଼େନାହିଁ । ସ୍ୱପ୍ନ ପାଇଁ ଶ୍ରମ କରିବାକୁ ପଡ଼େନାହିଁ । ମନର ଅନେକ ପ୍ରକାର କ୍ଷୁଧାକୁ କଳ୍ପନା ସାଙ୍ଗରେ ପରିଚୟ କରାଇଦେଇ ପାରିଲେ ଦୁହେଁ ମିଶି ଅନେକ ଅଦ୍ଭୁତ ରାଜ୍ୟ ବୁଲି ଆସନ୍ତି ଏବଂ ଏମିତି ସ୍ୱପ୍ନ ଭିତରେ କିଛି ପହଁରି ଆସିଲେ କ୍ଷୁଧା ବୋଧହୁଏ ଶାଣିତ ହୋଇଯାଏ ; କିନ୍ତୁ ସେଇ ସମୟତକ ବେଶ୍ ପରିତୃପ୍ତ ମଧ୍ୟ ହୋଇଯାଏ । ଜୀବନର ସବୁ ସ୍ୱପ୍ନ ପାଇଁ ରାତି ଅଣ୍ଟେ ନାହିଁ ସତ ; ତଥାପି ଯଥାସମ୍ଭବ ଏଥିରୁ କିଛି ନହେଲେ ବଞ୍ଚିବା ସମ୍ଭବ ନୁହେଁ । ହୁଏତ ତରୁଣ ମନର ଅଜସ୍ର ରଙ୍ଗ ସବୁବେଳେ ସ୍ୱପ୍ନ ଉପରେ ମଡ଼େଇ ହୋଇ ରହିପାରେନାହିଁ । କିନ୍ତୁ ତା'ର ସରହଦ ଡେ଼ଇଁ ଅନାଗତ ରାଜ୍ୟରୁ କଳା କଳା ଛାଇ ଓ ବରଫଝଡ଼ ମାଡ଼ି ଆସିବା ପୂର୍ବରୁ ବୋଧହୁଏ ଧନାଗମ ତୃଷ୍ଣା ସ୍ୱପ୍ନ-ଭୂମିକୁ ଗୋଟାଏ ଭାରି ତୀବ୍ର ଉଚ୍ଚାଟ ଆଣିଦିଏ । ଜୀବନର ଏଇ ମଧ୍ୟବର୍ତ୍ତୀକାଳୀନ ପୀଢ ବଦଳବେଳେ ଅନେକ ସମୟରେ କାନରେ ବାଜେ "ମାତ୍ର ଗୋଟିଏ ଟଙ୍କା - ଗୋଟିଏ ଟଙ୍କାରେ ଲକ୍ଷପତି ? କିଏ କହିପାରେ ମଣିଷ ଭାଗ୍ୟରେ କ'ଣ ଅଛି ? ଆଜି ଯେ ହୁଏତ ଦାଣ୍ଡର ଭିକାରୀ, କାଲି ସେ ହୋଇଯିବ ଲକ୍ଷପତି । ଲକ୍ଷପତିର ସୁଯୋଗ ! ମାତ୍ର ଗୋଟିଏ ଟଙ୍କାର ବିନିମୟରେ ଆପଣ ହେବେ ଲକ୍ଷପତି !!!" ଏପରି କେହି ବାବାଜି ନାହିଁ ଯେ କି ଏତକ ଶୁଣିଦେଇ ନିର୍ବିକାର ଚାଲିଯାଇପାରିବ ! ସ୍ୱପ୍ନରୁ ଅନ୍ତତଃ ଦି' ଚାରି କଳ ଧୂଆଁ ନ ଶୋଷି ସେ ଯାଇପାରିବ ନାହିଁ । ଜୁଆ ଖେଳକୁ ଏଭଳି ଆହ୍ୱାନ ଆସିଲେ ସତ୍ୟପୁରୁଷ ଯୁଧିଷ୍ଠିର ମଧ୍ୟ ଏଡ଼ିଦେଇ ପାରନ୍ତି ନାହିଁ । ତା'ର ଗୋଟିଏ ଦୁର୍ନିବାର ନିଶା ଅଛି । ତା'ପାଇଁ ଅଜସ୍ର ଅକ୍ଳାନ୍ତ, ଅନେକ ଯୁକ୍ତି ମଧ୍ୟ ଅଛି ।

ସହଜିଆ ମୁକ୍ତିପରି ସହଜିଆ ଐଶ୍ୱର୍ଯ୍ୟର ମଧ୍ୟ ଗୋଟାଏ ଦୁର୍ବାର ଆକର୍ଷଣ ଅଛି । କିନ୍ତୁ ଟଙ୍କାଏ ଦେଇ ଲକ୍ଷପତି ହେବାର ମୋହ ବୋଧହୁଏ ଜୁଆ ଜଗତ ପାଇଁ ମଧ୍ୟ ଏକ ବିଶେଷ ଖବର । ଗଲେ ମାତ୍ର ଟଙ୍କାଏ ; କିନ୍ତୁ ଆସିଲେ ଲକ୍ଷେ ! ଏପରି ଚୁଟିକି ମାରିଦେଲେ ଆରବ୍ୟ ଉପନ୍ୟାସର ରତ୍ନଭଣ୍ଡାର ଫିଟିଯିବା ବୋଧହୁଏ ଅନ୍ୟ କୌଣସି ବଣିଜରେ ସମ୍ଭବ ନୁହେଁ । କିନ୍ତୁ ଫଂଘାଏ ଅଛନ୍ତି ଯେଉଁମାନେ କୌଣସି କାର୍ଯ୍ୟ ସହଜରେ ହେବାକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ମତରେ ସହଜରେ ହୋଇଯିବା ଅର୍ଥ ଅନ୍ୟାୟ ହୋଇଯିବା । ଯେଉଁଟା ଯେତେ କଠିନ, ଯେତେ ପୀଡ଼ାଦାୟକ, ଯେତେ କ୍ଳାନ୍ତିକର ସେଇଟାରେ ସତ୍ୟ କୁଆଡ଼େ ସେଇ ପରିମାଣରେ ଧର୍ମ, ନ୍ୟାୟ

Digitized by srujanika@gmail.com

ସହିତ ଆତ୍ମପ୍ରକାଶ କରେ । ସହଜରେ କିଛି ବୁଝିଯିବା ମଧ୍ୟ ପାପ । ଯାହା ଯେତେ ସହଜରେ ବୁଝି ହୋଇଯାଏ, ତାହା ସେତିକି ଶସ୍ତା । ସହଜରେ ଗାଇଦେଲେ ତାହା ସଙ୍ଗୀତ ନୁହେଁ । ତୀର୍ଥଯାତ୍ରା କଲେ ଯଦି କାହା ପାଦଗୁ ଚମ ସାରି ଯାଉ ନଥିଲା ଏବଂ ସେ ଜୀଅନ୍ତା ଫେରି ଆସୁଥିଲା ତେବେ ତା'ର ପୁଣ୍ୟ ଅତି ସାଧାରଣ ବୋଲି ବିଚାର କରାଯାଉଥିଲା । ରେଳରେ ଚଢ଼ିବା ସମୟରେ ଓହ୍ଲାଇବା ପର୍ଯ୍ୟନ୍ତ ଯେକୌଣସି ସମୟରେ ଚିପିହୋଇ ମରିଯିବାର ଆଶଙ୍କା ଥିବାରୁ ଦିନକୁ ଦିନ ପୁଣ୍ୟାର୍ଜନ ପାଇଁ ତାହା ଏବେ ଅଧିକରୁ ଅଧିକ ଗ୍ରହଣୀୟ ହୋଇଗଲାଣି । କିନ୍ତୁ ଯଦି କେହି ବିମାନ ଯୋଗେ ଗଙ୍ଗା ବାରେଣୀକୁ ଚାଲିଗଲା, ତା'ର ପୁଣ୍ୟ ଫଳ ତ ନିଶ୍ଚୟ ନାହିଁ, ଓଲଟା ସେ ସମସ୍ତଙ୍କର ପାପଯାକ ମୁଣ୍ଡେଇବାକୁ ବାଧ୍ୟ ।

ଏହିପରି ବିଚାରଶୀଳ ଧର୍ମବକଗୋଷ୍ଠୀ ଲଟେରି ଟିକଟ ବିରୁଦ୍ଧରେ ବହୁ ଅପପ୍ରଚାର କରିବା ସ୍ୱାଭାବିକ । ତାଙ୍କ ଚିନ୍ତାର ପଶ୍ଚାତରେ କେବଳ ଅସହିଷ୍ଣୁତା, ଅସୂୟା, ପରର ଅଭିବୃଦ୍ଧିରେ ଗୋଟାଏ ପ୍ରକାର କାତର ଭାବ ହିଁ ବୋଧହୁଏ କାମ କରୁଥାଏ । ସେମାନେ ସ୍ୱୟଂ ଭାରି କଷ୍ଟରେ ହୁଏତ ଲୋକଲଜ୍ଜାକୁ ଭୟକରି ଲୋଭ ସମ୍ବରଣ କରି ଘରେ ରହି କୃଚ୍ଛ୍ର ସାଧନା କରନ୍ତି । କିନ୍ତୁ ଆଜିକାଲି ଯାହା ବା ଯେ ଯେଉଁଠି ଅର୍ଜନ କରେ ସେଥିରେ ଝାଳ ଅନୁପାତରେ ଯଦି ପୁଣ୍ୟ ମପାଯାଏ, ତେବେ କାହାକୁ ଲୁଚିବାକୁ ସ୍ଥାନ ମିଳିବ ନାହିଁ । ଏଣୁ ଟିକଟ କିଣିବାରେ କିଛି ଆପତ୍ତି ନ ରହିବା କଥା ।

ଟିକଟ କିଣାଯାଏ କେବଳ ଏଥିପାଇଁ ନୁହେଁ ଯେ ତାହା ନ୍ୟାୟସଙ୍ଗତ । ସେଥିରେ ପ୍ରକୃତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଚାର ହିଁ କାମ କରିଥାଏ, ତା' ହେଲା କାହାରି କିଛି କ୍ଷତି ନକରି ମାତ୍ର ଟଙ୍କାଏ ଦେଇ ମାସକ ପାଇଁ ଲକ୍ଷେ ଟଙ୍କାର ସ୍ୱପ୍ନ କିଣିବା । ଟିକଟ ଖଣ୍ଡି ସତେ ବା ଖଣ୍ଡେ କୁହୁକ କାଠି ! ସେ କୋଲପ ପଡ଼ି ଆଲମାରିରେ ଥୁଆ ହୋଇଗଲା ପରେ ଅଦ୍ଭୁତ ଇନ୍ଦ୍ରଜାଲ ଆରମ୍ଭ ହୋଇଯାଏ । କ୍ରେତା ଅକାରଣ ଖୁବ୍ ଉଦାର ହୋଇଯାଏ । କଥା କଥାକେ ହସେ । ଖୁବ୍ ବେପରୁଆ ଚାଲେ । ତା' ଆଖିଗୁଡ଼ାକ ଅସ୍ୱାଭାବିକ ଉଜ୍ଜ୍ୱଳ ଦେଖାଯାନ୍ତି । ଅନେକ ସମୟରେ ନିରୋଳାରେ ବସି ସେ ସ୍ୱପ୍ନ-ସମୁଦ୍ରରେ ବୁଡ଼ି ମହୁ ପିଉଥାଏ । ଦାରିଦ୍ର୍ୟ, ଅଭାବ ପୀଡ଼ନରେ ମନ ଯେଉଁଠି ଲୋଚା ଧରିଯାଇଥିଲା ଠିକ୍ ସେଇଠି ଗଢ଼ିଉଠେ ଅନେକ ଉଚ୍ଚ ମାର୍ବଲ୍‌ର ଗମ୍ବୁଜ । ସେଇଠି ଜହ୍ନ ଜମା ଚତୁର୍ଦ୍ଦଶୀ ଡେଇଁ ଓହ୍ଲାଏ ନାହିଁ । ଅଜସ୍ର ଫୁଲ ଗଛରୁ ରଙ୍ଗ ମଉଳେ ନାହିଁ । ଘଡ଼ି ଘଡ଼ିକେ ଅଷ୍ଟବେତାଳ ଆସି ସେବାରେ ଖଟନ୍ତି, ଟୋଳି ଦିଅନ୍ତି ଉଆସ, ଟେକି ଆଣନ୍ତି 'ଲିମୋଜାଇନ୍' ଗାଡ଼ି – ଖାଇବାକୁ କେତେ କ'ଣ ! ଶୋଇବାକୁ କାହିଁରେ କ'ଣ !! ଓଃ, ମନରେ ଏପରି କୌଣସି କାମନା ଆଉ ରହେ ନାହିଁ, ଯାହା ଉପରେ ସ୍ୱପ୍ନର ମହୁ ମାଡ଼ି ନ ଯାଏ । କାମନା ହାରିଯାଏ, ସରିଯାଏ ଇଚ୍ଛାର ଦଉଡ଼ି । ସବୁଠାରେ କେବଳ ତୃପ୍ତିର ଆଶ୍ୱସ୍ତି – ଏକଲକ୍ଷ ଟଙ୍କା କିଛି କମ୍ ନୁହେଁ । କିଏ କହିଲା ସେଥିରେ ମାତ୍ର ପାଞ୍ଚଟା ଶୂନ ? – ସେଥିରେ ତ' ଶୂନ୍ୟ ଗଣତି କରିହୁଏ ନାହିଁ । ଝଲ ଝଲ ମୋତି ପରି ଦିଗ୍‌ବଳୟ ଯାଏ କେତେ ଯେ ଶୂନ୍ୟ ତା' କ'ଣ କିଏ ଗଣେ, ନା ଗଣିବାକୁ ବେଳ ପାଏ ?

Digitized by srujanika@gmail.com

କିନ୍ତୁ ସେଥିରେ ଶୂନ୍ୟ ମାତ୍ର ପାଞ୍ଚଟି, ଅତି ନିର୍ଦ୍ଦିଷ୍ଟ ଭାବରେ ପାଞ୍ଚଟି । ପାଖରେ ବସି ଖୁବ୍ ହିସାବୀ ଗୃହପତ୍ନୀ ଆଙ୍ଗୁଠି ଗଣି ଦେଖେଇ ଦିଅନ୍ତି । କହନ୍ତି, ଆଜିକାଲି ଲକ୍ଷେ ଟଙ୍କାରେ କ'ଣଟା ହେବ ଯେ ? ଘର ଖଣ୍ଡେ ତ ମନଲାଖି କଲେ ତିନିଲକ୍ଷ, ତେଣିକି ଆଉରି ବାକି ସବୁ ଅଛି । ... କିଛି ନିଶା କଟିଯାଏ । ନିଶା କଟିଗଲେ ଗଣିତ ବୁଦ୍ଧି ପ୍ରଖର ହୋଇଯାଏ । ଚାଲେ ହିସାବ, ଆଗ ଦାରିଦ୍ର୍ୟର ଖାଲ ଖଣା ଭର୍ତ୍ତିକରି ଘରର ସମସ୍ତଙ୍କର ସୁସ୍ଥ ଗ୍ରାସାଚ୍ଛାଦନ କରୁ କରୁ ଚାଲିଯାଏ ଅଧେ । ବାକି ଅଧକେ ନାରାୟଣବାବୁ, ଗୋପୀବାବୁ, ଆଚାର୍ଯ୍ୟବାବୁଙ୍କ ଘରଭଳି ଖଣ୍ଡେ ମଧ ତୋଳି ହୋଇଯାଏ । ବେଶ୍ ସବୁ କ୍ଷୁଧାକୁ ଫଳେ ପୁଷେ ମେଣ୍ଟେଇ ଦେଇ କିଛି ସମୟ ମସ୍‌ଗୁଲ୍ ହୋଇ ବସିଲା ପରେ ଆଖିରୁ ସ୍ୱପ୍ନ ଓହ୍ଲେଇଯାଏ, ତେଜ ଅପସରି ଯାଏ । ମେଲା ଦେହରେ ପୁଅଝିଅ ବୁଲୁଥିବାର ଦେଖାଯାଆନ୍ତି । ସାଧାରଣତଃ ଦିନବେଳେ ସବୁ ସ୍ୱପ୍ନ କାଚ ଘଡ଼ି ପରି ଏଇଠି ଚରି ହୋଇଯିବା କଥା, ଯେମିତି ଗଉଡୁଣୀର ମୁଣ୍ଡରୁ ଦୁଧହାଣ୍ଡି ଖସି ପଡ଼ିଥିଲା । କିନ୍ତୁ ଏହାର ବିଶେଷତ୍ୱ ହେଲା ଯେ, ଏହା ମୋଟେ ଭାଙ୍ଗେ ନାହିଁ ବରଂ ଅଭାବର ବିକଟ ରୂପକୁ ଚାରିଆଡ଼େ ଚାହିଁ ନିଶ ମୋଡ଼େ । କହୁଥାଏ ଯେମିତି – "ରହ, ତତେ ମୁଁ ଅଲବତ୍ କାବୁ କରିବି । ଆହୁରି ଅଣତିରିଶ ଦିନ ସମ୍ଭାଳି ଥା । ଯେଉଁଦିନ କାଗଜରେ ବାହାରିଯିବ ଯେ..." ତା'ପରେ ପୁଣି ତୁହାଏ ସ୍ୱପ୍ନର ଜୁଆର ।

କାନ୍ଧରେ ଘୋର ଦାୟିତ୍ୱର ଯୁଆଳି କାଟେ ନାହିଁ । ଭୋକ ଉପାସ ବାଧେ ନାହିଁ । ସବୁ ଯାତନାରୁ ଯେମିତି ଦାଢ ମରିଯାଇଛି । ବରଂ ଦାନ କରିବାକୁ ମନ ହୁଏ । ଦୟା କରିବାକୁ ମନ ହୁଏ । ଦୁଆରୁ ଭିକାରିକୁ ଆଉ ଖିଙ୍କାରି ଘଉଡ଼ି ଦେବାକୁ ପ୍ରବୃତ୍ତି ହୁଏ ନାହିଁ । ଦିନକୁ ଚାରି ପାଞ୍ଚଟା କ୍ଷୁଦ୍ର ଶିଳ୍ପର ଯୋଜନା ଦୂର ପାହାଡ଼ ପରି ଆସି କୁର୍ଣ୍ଣିସ କରି ଠିଆ ହୁଅନ୍ତି । ତାଙ୍କ ଚାରିପଟେ ସ୍ୱପ୍ନ ଲଟେଇ କିଛି ଫୁଲ ଫୁଟେଇଦିଏ । କିଛି ମେଘ ଉଇଁଆସେ । ମୟୂର ନାଚ, ତାପରେ ସେମାନେ ମିଳେଇ ଯାଆନ୍ତି । ଭୁବନେଶ୍ୱରରେ ଯାତାୟାତର ଭାରି ଅସୁବିଧା । ଦିଲ୍ଲୀ ପରି ତିନିଚକିଆ ଅଟୋ ରିକ୍‌ସା ଭଲ ଚାଲନ୍ତା – ବାଃ – ଆସିଗଲେ ଅଟୋ ରିକ୍‌ସା । ଭାରି ଚକ୍ ଚକ୍ ପଗଡ଼ି ଭିଡ଼ି, ଦାଢିବାନ୍ଧି ସର୍ଦ୍ଦାର ଡ୍ରାଇଭର ସବୁ ବସିଗଲେ । ଆଖି ପିଛୁଡ଼ାକେ ଖଣ୍ଡଗିରି ଉଡ଼ିଯିବେ । ସେଠୁ ଉଡ଼ି ଆସିବେ ଶିଶୁପାଳଗଡ଼ – କିଛି ସମୟ ସେମାନେ ଉଡ଼ିଲେ ମଧ । ପତ୍ନୀ ଆଣି ହାତରେ ବଜାରମୁଣା ଗୁଞ୍ଜିଦେଲାବେଳେ ସବୁ କୁଆଡ଼େ ପୁଣି ମିଳାଇଗଲେ । ସେମିତି କେତେ ହୋଟେଲ ଦାଉ ଦାଉ ହୋଇ ଜଳି ଉଠିଛନ୍ତି, ଫାକ୍‌ଟେରୀ ଘୂରିଛନ୍ତି, ଛାପାଖାନା ଚାଲିଛନ୍ତି, ଲଣ୍ଡ୍ରିରେ ଅଦ୍‌ଭୁତ ଆଧୁନିକ କଳ କାମ କରିଛନ୍ତି । ମଝିରେ ମଝିରେ ଖାଲି କୋଳପ ଫିଟେଇ ଟିକଟ ଖଣ୍ଡ ଦି ଚାରିଥର ଏପଟ ସେପଟ ଦେଖି ଥୋଇଦେଲେ ପୁଣି ପ୍ରତ୍ୟୟ ଆସିଯାଏ । ଚାଲେ ସ୍ୱପ୍ନର ବଣିଜ ।

ଦିନ ଯେତେ ନିକଟ ହୋଇଆସେ ସେଇ ପରିମାଣରେ ବଢିଚାଲେ ମନରେ ଉଚ୍ଚାଟ । ସତେ କ'ଣ ମିଳିବ ? ନ ମିଳିବ କାହିଁକି ? ଏମିତି ତ ଜଣେ ପାଉଥିବ ନା ନାହିଁ ? ମନେ ଅଛି ଯେଉଁଦିନ ଅଫିସ ପିଅନ୍ 'କୁଶା' ନାଁରେ ଟେଲିଗ୍ରାମ ଚାଲି ଆସିଲା, ଅଫିସର ସାଇବ ଲଗାତ୍ ସମସ୍ତେ ଆସି କୁଶାକୁ ବେଢିଗଲେ । ଆଗଭଳି କେହି ଆଉ ଭରସି ତାକୁ କଥା କହି ପାରୁନଥାନ୍ତି କୁଶା ମଧ କାଲୁଆ ହୋଇଯାଇଥାଏ । ତା' ଆଖିକୁ ଘୁମ ମାଡ଼ିଆସୁଥାଏ । ଅଚାନକ ଲକ୍ଷେ ଟଙ୍କା ମଡ଼େଇ ହୋଇ ପଡ଼ିଲେ ତାକୁ ସମ୍ଭାଳିବା ଭଳି ଦମ୍ଭ ସମସ୍ତଙ୍କର ନାହିଁ । ଆକାଶକୁ ଯେ ଜଟା

Digitized by srujanika@gmail.com

ମେଳିଛି, ସେ ହିଁ ଏ ଗଙ୍ଗାଧାରକୁ ଧାରଣ କରିବ । ନ ହେଲେ ଭାଙ୍ଗି ପଡ଼ିବ ।

ଏତେ ତ ଯୋଜନା ହେଇଛି । ମନେ ମନେ ଲକ୍ଷେ ଥର ସେ ଲକ୍ଷେ ଟଙ୍କାକୁ ବିନିଯୋଗ କରାହୋଇଛି । ନ ହେଲାବେଳକୁ ବେଙ୍କ୍‌ରେ ଜମା କରିଦେଲେ ଖାଲି କଳନ୍ତର ମାସକୁ ହଜାରେ । ମୂଳଧନରୁ ପଇସାଟିଏ ଖର୍ଚ୍ଚ ନାହିଁ । ଯେଉଁ ଲକ୍ଷପତିକୁ ସେଇ ଲକ୍ଷପତି ସବୁଦିନ । ମନ୍ଦ କ'ଣ ? ସ୍ୱପ୍ନରେ ଗହଳି ସହିହୁଏ ନାହିଁ ; ପ୍ରବଳ କ୍ଷିପ୍ରତା ସହି ହୁଏନାହିଁ । ଭାରି କ୍ଳାନ୍ତ ଲାଗେ । ମଥା ଟଣ୍ ଟଣ୍ କରେ । ପାଞ୍ଚମିନିଟ୍‌ରେ ପାଞ୍ଚଟା ଲକ୍ଷଟଙ୍କିଆ ଯୋଜନାକୁ ତୁଲେଇବା କ'ଣ ସହଜ ପଡ଼ିଛି ?

ଦିନ ଆହୁରି ନିକଟ ହୋଇଯାଏ । ସ୍ୱପ୍ନ ଛାଣି ହୋଇଯାଏ । ସବୁଠୁ ସୁନ୍ଦର କେତୋଟି ମନମତାଣିଆ ଯୋଜନା ବାରମ୍ବାର ଆସି ଅଧିକାର ଜମେଇବସନ୍ତି । ଶେଷକୁ ଯାହା ରହିଯାଏ, ତା ଭୋଜି ଶେଷରେ ପାୟାସାନ୍ନ ପରି । ଆଖିବୁଜି ତାକୁ ଖାଲି ଲୋମେ ଲୋମେ ଶୋଷିଯିବା କଥା । ସବୁ ଭାଗ୍ୟ କଥା ତ ! ଭାଗ୍ୟମାନେ ତ ଗ୍ରହସ୍ଥିତି । ତତ୍‌କ୍ଷଣାତ୍ ଗ୍ରହାଚାର୍ଯ୍ୟଙ୍କ ପାଖରେ ବସି ତାଙ୍କୁ ଟଙ୍କା ପଇସା ଉତ୍କୋଚ ଦେଇ କୌଣସି ପ୍ରକାରେ ଇଚ୍ଛା ଅନୁସାରେ ଗଣନାଫଳ ଶୁଣାଯାଏ । ଧନାଧିପତି ଅଷ୍ଟମରେ, ବୃହସ୍ପତି ମହାଦଶାବେଳକୁ ଶନିର ଅନ୍ତର ଚାଲିଛି ଓ ଲଗ୍ନରେ ବୃହସ୍ପତି ଅତି ଉଚ୍ଚ । ଏମାନଙ୍କୁ ଚାହିଁ ପଞ୍ଚମାଧିପତି ରବି ଓ ଦ୍ୱିତୀୟାଧିପତି ଶୁକ୍ର ଏପରି ରାଜଯୋଟକରେ ହାତ ବଢେଇଲେ ଟଙ୍କା ଅଜାଡ଼ି ହୋଇଯିବା କଥା । ମୁହୂର୍ତ୍ତେ ମୁହୂର୍ତ୍ତେ ଧନପ୍ରାପ୍ତିର ସ୍ୱପ୍ନ । ଅଗ୍ନିରେ ଇନ୍ଧନ ପଡ଼ିଯାଏ ଏବଂ ବଢିଚାଲେ ଯୋଜନାର ଶିଖା ।

ମନରେ ସ୍ୱପ୍ନ ଘନୀଭୂତ ହୋଇଯାଏ । ଏଥର ଆଉ ପ୍ରଥମ ପୁରସ୍କାର ଫିଟି ନଯିବା କଥା । ଅଣତିରଶ ଦିନ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଲକ୍ଷପତିର ଐଶ୍ୱର୍ଯ୍ୟ ଭୋଗକରି ବହୁ କାମନା ପରିତୃପ୍ତ ହୋଇପାରେ । ଏହା ଛଳନା । କିନ୍ତୁ ଛଳନାର ଅଦ୍ଭୁତ ବ୍ୟାପ୍ତି, ଅପରିମେୟ ବିଭୂତି ଏଥିରେ ପ୍ରକଟିତ ହୁଏ । ଏପରି ଐଶ୍ୱର୍ଯ୍ୟରେ ଶାସ୍ତ୍ର କହୁଛି ଈଶ୍ୱରଙ୍କ ଭାବ ହିଁ ପ୍ରକାଶିତ ହୋଇଥାଏ । ଯଦି ଜଣେ ସତକୁ ସତ ଲକ୍ଷେ ପାଇଗଲା, ତେବେ ସମସ୍ୟା ଅର୍ଥନୀତି ବିଚାରକୁ ଆସିଗଲା । ତାହା ତା'ର ସ୍ୱୋପାର୍ଜିତ ନା ନୁହେଁ, ସେଥିରେ ସେ ସମାଜବାଦର ପ୍ରତିଷ୍ଠା କଲା ନା ପୁଞ୍ଜିବାଦର, ତାକୁ ସେଥିପାଇଁ ଜେଲ୍‌ଦଣ୍ଡ ଦେଲେ ଚଳିବ ନା ପ୍ରାଣଦଣ୍ଡ ଅନିବାର୍ଯ୍ୟ, ନା ତା'ର ପୈତୃକ ସମ୍ପତ୍ତି ପରି ଏ ଅର୍ଥକୁ ମଧ ସେ ନିର୍ବିରୋଧ ଭୋଗ କରିବାକୁ ସ୍ୱାଧୀନତା ପାଇବା ଉଚିତ୍ - ଏହିପରି ନାନା ଜଟିଳ ପ୍ରଶ୍ନ ଆସି ପହଞ୍ଚିଯିବେ ।

ତା' ଆଖିରୁ ସ୍ୱପ୍ନ ଭାଙ୍ଗି ନଥିବ, ଏପରି ଅବସ୍ଥାରେ ସେ ଲକ୍ଷେ ଟଙ୍କାର ଅଧିକାର ପାଇଲେ ତାକୁ ପୁଣି ହୁଏତ ବ୍ୟାଙ୍କରେ ଜମା କରିଦେବ ଏବଂ ଟିକଟ କାଗଜ ପରିବର୍ତ୍ତେ ଖଣ୍ଡେ ପାସ୍ ବହିର କାଗଜକୁ ଦେଖି ସ୍ୱପ୍ନ ଗଣିବ । ତଫାତ୍ ଖୁବ୍ କମ୍ । ଐଶ୍ୱର୍ଯ୍ୟର ସମ୍ଭାବନାରେ ହିଁ କୋଟିପତିର ସ୍ୱପ୍ନ । ଯଦି ଏତେ ସ୍ୱପ୍ନ ମିଳୁଛି, ତେବେ ଅନ୍ତତଃ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଖଣ୍ଡେ ଟିକଟ କିଣି କିଛିଦିନ ବହୁ ଯନ୍ତ୍ରଣାର କାଞ୍ଚନିକ ଉପଶମ ଯୋଗେଇ ଦେଇ ପାରିଲେ କ'ଣ ଖୁବ୍ ଗର୍ହିତ ଅନ୍ୟାୟ ହୋଇଯିବ ବୋଲି ଭାବୁଛନ୍ତି ?

❖❖❖

Digitized by srujanika@gmail.com

କବିପତ୍ନୀ

ଗୋଟିଏ ଡେମ୍ଫରେ ଦୁଇଟି ଫୁଲ ଫୁଟିଲା ପରି ଯୌବନ ମୁକୁଳି ଆସିଲାବେଳକୁ ଜୀବନର ଖୁବ୍ ଗହୀରରୁ ଗଜେଇ ଆସନ୍ତି କବିତା ଓ ପ୍ରେମ । ସେ ଦୁହେଁ ଯାଆଁଳା । ଗୋଟିକୁ ଛୁଇଁଲେ ଆରଟି ଝରଝର କାନ୍ଦିପକାଏ । ଗୋଟିଏ ଦୋହଲିଲେ ଆରଟି ସୁର ତୋଳି ଗୀତ ଗାଏ । ଦୁହେଁ ହାତ ଧରାଧରି ହୋଇ ସେମିତି ମତାଣିଆ ବେଳ ପଡ଼ିଲେ ଉଲୁସିଉଠନ୍ତି । କବିତାଟି ପଢିଲେ ଭୂଇଁତଳ ଚେରଗୁଡ଼ିକ ଚହଲିଯାଆନ୍ତି । ଆଖି ଜକେଇଯାଏ । କବିତାଟିକୁ କୁଣ୍ଢେଇ ବୋକ ଦେବାକୁ ଇଚ୍ଛା ହୁଏ । ଏଣୁ ଯଦି ସେମିତି ବୀଣାତାର ଭଳି ଟିପ ବାଜିଲେ କମ୍ପି ଉଠୁଥିବା ତରୁଣୀ ସେଭଳି କବିତାଟିଏ ପଢନ୍ତି, ତେବେ ସେହି କବିଙ୍କର ପତ୍ନୀ ହେବାପାଇଁ ସେ ଉତଳା ହୋଇ ଉଠିବା କିଛି ଅସ୍ୱାଭାବିକ ନୁହେଁ । ସବୁବେଳେ କ'ଣ ଦାନ୍ତ, ଆଖି, ଚମ ଦେଖି ପ୍ରେମ କରାଯାଏ ? କବିତା ଭିତରେ ଯେଉଁ ଆତ୍ମାଟି ଗୁଞ୍ଜରୁଥାଏ ଏବଂ ସେଥିପାଇଁ କବିତାର ପାଖୁଡ଼ାଗୁଡ଼ିକ ଲହରୀ ତୋଳୁଥାନ୍ତି, ତାକୁ ପ୍ରେମ କରିବା ବ୍ୟବସାୟୀ ଦୃଷ୍ଟିରୁ ହୁଏତ ଅସତର୍କତା ; କିନ୍ତୁ ସତର୍କ ରହି ତ ପ୍ରେମ କରାଯାଏ ନାହିଁ, ବରଂ ବଣିଜ କରାଯାଏ । ଚାରିଆଡୁ ଗଣ୍ଠି ପକେଇ ଛନ୍ଦି ବାନ୍ଧି ଗୋଟାଏ ପ୍ରକାର ପ୍ରେମ ବେଉସା ଆମେ କରିଥାଉ । ଏଣୁ ବୋଧହୁଏ ସାଧାରଣ ଜୀବନରେ ଅନୁଭବ କଲାଭଳି ପ୍ରେମ ଆସେ ନାହିଁ । ସବୁ ଗଣ୍ଠି ହୁଗାଳି ଦେଇ, ଖୋଲା, ବେପରୁଆ, ଚାରିକାତ ମେଲେଇ ସ୍ରୋତରେ ନିଜକୁ ଭସେଇ ଦେଲା ଭଳି ପ୍ରେମ ଆମେ କରିପାରୁନା ; ସେମିତି ସାହସ ଆମର ନାହିଁ, ସେତିକି ଉଦାରତା ନାହିଁ, ବିଶ୍ୱାସ ମଧ୍ୟ ନାହିଁ ।

ପ୍ରାୟ ଏହିଭଳି ଯୁକ୍ତିରେ ବିଶ୍ୱାସ କରୁଥିବା ତରୁଣୀ କବିତା ପଢିଦେଇ କବିଙ୍କର ପତ୍ନୀ ହୋଇଯା'ନ୍ତି । ନାନ୍ଦୀ, ସୂତ୍ରଧାର ଏବଂ ପୁରୋହିତାଦିଙ୍କର କୋଳାହଳ ପରେ ସେ ପ୍ରଥମେ ଯେତେବେଳେ କବିଙ୍କୁ ମୁହଁ ତୋଳି ଚାହାଁନ୍ତି, ଗୋଟାଏ ନିଆଁହୁଲା ତାଳୁରୁ ତଳିପା ଯାଏ ଖସିଯାଏ । ଆଖି ନଇଁ ଆସେ, ବୁକୁରେ ପବନ ଫୁଲିଉଠେ । ନିଶୁଆ ଝୁରଝୁରିଆ ମଣିଷଟିଏ, ଭିତରକୁ ଓହରି ଯାଇଥିବା ଗାଲ ଯୋଡ଼ିକ, ଭୋକିଲା ଆଖି ଯୋଡ଼ିକ ବହୁ ରାତିରେ ଉନ୍ନିଦ୍ର ରହୁଥିବା ଦୁଇଟି କ୍ଳାନ୍ତ ପ୍ରହରୀ । ସେଇ ସୁକୁମାର ଦେବଶିଶୁଟି ତେବେ କାହିଁ, ଯାହାର ମୁକ୍ତାଫଳ ପରି ଆଖିଧାରରେ ଅସଂଖ୍ୟ ସ୍ୱପ୍ନ ? - କବିତାର ଝର୍କା ବାଟେ ଯାହାର ରୂପ ଦେଖି ସେ ବିମୁଗ୍ଧ ହୋଇଥିଲେ ? ବୁକୁରେ ଫୁଲିଉଠୁଥିବା ପବନକୁ ଆଉ ରୋକି ହୁଏ ନାହିଁ । ବୈଶାଖୀ ଝାଞ୍ଜି ଖୁବ୍ ଲମ୍ବା ସୁରଟିଏ ପରି ବୋହିଯାଏ ।

Digitized by srujanika@gmail.com

ପ୍ରସ୍ତ ପ୍ରସ୍ତ ହୋଇ ତା'ପରେ କିନ୍ତୁ ଖୋଳପା ବାନ୍ଧିଆସେ । ଆଖିରେ ଆତ୍ମୀୟତାର ଅଞ୍ଜନି ମାଡ଼ିଯାଏ । ଏଇ ସୁର୍ମା ଧାରେ ଲେଖା ଲଗେଇ ଅନେଇଲେ ସବୁ ଦିଶେ ସୁନ୍ଦର । କବି ବେଳେବେଳେ ଝାପ୍‌ସା ଦୀପ ଆଲୁଅରେ ସେଇ ଦେବଶିଶୁ ପରି ଦିଶିଯାନ୍ତି । ଆଖି, ଗାଲ, ଚେହେରାକୁ ଏଭଳି ଏକ ରଙ୍ଗ ମଡ଼େଇଦେଲେ ମନ୍ଦ ଦିଶେ ନାହିଁ । ବେଶ୍ କିଛି କିଛି ପ୍ରେମ କରି ବସନ୍ତି କବି ପତ୍ନୀ । ଦି'ଚାରିଟା କ'ଣ କବିତା ମଧ୍ୟ ବିଭୋର ହୋଇ ଶୁଣନ୍ତି । କିନ୍ତୁ ବେଶି ଦିନ ନୁହେଁ, ଯଦି କେବଳ କବିତା ଚୋବେଇଲେ ପେଟ ପୂରି ଯାଉଥାନ୍ତା, ତେବେ କବିପତ୍ନୀଙ୍କୁ କିଛି ଅସୁବିଧା ନ ଥିଲା । ଅନ୍ନବସ୍ତ୍ର କଷ୍ଟ ଯେତେବେଳେ ବେଶି ବାଧେ ଓ ସେ ଆସି ଝାଡ଼ି ଦେଇ ଯାଆନ୍ତି, ଅଭିଯୋଗରେ ଦବି ଯାଉଥିବା ଗଳାରେ କବି କେବଳ ହସିଦିଅନ୍ତି । ସତେ ବା ଡାଲି ତେନ୍ତୁଳି ଓ ହଂସଡ଼ିମ୍ବ ସବୁ ଅବାନ୍ତର, ଅସମୀଚୀନ, ଅଶ୍ଳୀଳ ଶବ୍ଦଗୁଡ଼ିଏ ।

ସଂସାର ଚଳେଇବାକୁ କବିଙ୍କର ଯୋଗ୍ୟତା ମୋଟେ ନ ଥାଏ । ସଂସାର କିନ୍ତୁ ଅନିବାର୍ଯ୍ୟ ଭାବରେ ତାଙ୍କୁ ଚାରିଆଡୁ ଘେରିଆସେ । କବିପତ୍ନୀ ନିଜେ ଘେରି ଆସନ୍ତି । ତାଙ୍କ ବାହୁ ବେଢା ଭିତରେ ଥିବା କବିଟିକୁ ସେ କିଆରିରେ ଟିକି ଟିକି କରି ବୁଣିଦେବା ପୂର୍ବରୁ ମୁହୂର୍ତ୍ତେ ଦ୍ୱନ୍ଦ୍ୱରେ ପଡ଼ିଯାନ୍ତି । ଡାଲି, ତେନ୍ତୁଳି ଓ ହଂସ ଡିମ୍ବର ଫସଲ ବାସ୍ତବିକ ଭାରି ଲୋଭନୀୟ । କିନ୍ତୁ କବିଟିକୁ ନିଃଶେଷ କରି ଅଜାଡ଼ିଦେବାକୁ ତାଙ୍କ ହାତ ଯାଏ ନାହିଁ ।

ଯେଉଁମାନେ କିନ୍ତୁ ଅଜାଡ଼ି ଦିଅନ୍ତି, ତାଙ୍କ ସଂଖ୍ୟା ଶହେରେ ଅନେଶତ । ସେଇ ରାମା, ଶାମା, ଦାମା ମା'ଗୁଡ଼ିକ କବିତା ନ ପଢି କବିଟିକୁ ଅକସ୍ମାତ ପତିରୂପେ ପାଇଥାନ୍ତି । ସେମାନେ ବାରି ପାରନ୍ତି ନାହିଁ ଯେ, ଯାହାକୁ ସେମାନେ ନିଜ ପାଇଁ ଏବଂ ତାଙ୍କ ସ୍ନେହର ରାମା, ଶାମା, ଦାମା ପାଇଁ ଖର୍ଚ୍ଚ କରିଦିଅନ୍ତି, ସେ ବିଚାରା ସେଥିରୁ ପାରିବାର ନୁହେଁ । ସଂସାରର ଝାଞ୍ଜି ଓ ପତ୍ନୀଙ୍କ ଝିଙ୍ଗାସରେ ଯେତେବେଳେ ଦୀପ ଲିଭିଆସେ, ଛେଉଣ୍ଡ ପରିବାର ବୋବାଳି ଛାଡ଼ି ଡାକୁଥିଲା ବେଳେ ଯୋଡ଼ିଏ ଅପଲକ ଆଖି ଶୂନ୍ୟକୁ ଅନେଇ ରହିଯାଏ । ଯୋଡ଼ିଏ ନୀରବ କବିତା ବର୍ଣ୍ଣମାଳାର ସ୍ୱର ଏବଂ ଛନ୍ଦ ଭିତରକୁ ଆସି ନ ପାରି ବାହୁଡ଼ିଯାଆନ୍ତି । ଦରିଦ୍ର ପୃଥିବୀ ଦରିଦ୍ର ହୋଇଯାଏ । ରାମା, ଶାମା, ଦାମା ଓ ସେମାନଙ୍କ ମା'ମାନେ ଝାଡ଼ିଝୁଡ଼ି ହୋଇ ବିଲମାଳରୁ ଫସଲ ଉଠାଣି ପରେ ଧାନ ଶିଷା ଗୋଟାନ୍ତି । କିନ୍ତୁ ଶହେରେ ଯେଉଁ ଜଣକ ଏ ପର୍ଯ୍ୟାୟରେ ପଡ଼ନ୍ତି ନାହିଁ ସେଇ ମହିୟସୀ କବିପତ୍ନୀଙ୍କର କଥା ଏଠି ପଡ଼ିଛି ଏବଂ ସେ ତାଙ୍କର କବିତାଟିକୁ ସେମିତି ବିସର୍ଜି ଦେଇପାରନ୍ତି ନାହିଁ ।

ଫଳରେ ସରକାରୀ ସ୍କୁଲରେ ଦଶଟାରୁ ଚାରିଟା ସେ ପିଲାକୁ ପଢାନ୍ତି, ଆସିଲାବେଳକୁ ଯୋଡ଼ିଏ ସେଓ ଆଣିଥାନ୍ତି । ସାଧାରଣ ଲୋକ କ'ଣ ଟିକିଏ ସାଧାରଣ ଚିନ୍ତା କରେ ବୋଲି ମସ୍ତିଷ୍କର ଅସଂଖ୍ୟ ତନ୍ତୁ ଛିଣ୍ଡିଯାଏ ! କବିତା ଲେଖିବା କିଛି ଖେଳ ଘର ନୁହେଁ ଏବଂ ସେଓ ଅଙ୍ଗୁର କ୍ଷୀର ଟିକିଏ ନ ହେଲେ କବିଟିର ସୁକୁମାର ଗୋଲାପ ଡାଳରେ କଅଁଳ ପତ୍ର ମେଲିବ ନାହିଁ କି କଢ ଫୁଟିବ ନାହିଁ । ଖାଲି ସେତିକି ନୁହେଁ । କବି ବସିବା ଭଙ୍ଗୀ ଉପରେ ପ୍ରେରଣାର ଧାରା ନିର୍ଭର

Digitized by srujanika@gmail.com

କରେ । ଗୋଟାଏ ଆଠ ଅଙ୍କି କାଠ ଚୌକିରେ ଖୁଣ୍ଟପରି ବସି ସେମିତି ଟାଣୁଆ ଲୋକ ହୋଇଥିଲେ ପ୍ରବନ୍ଧ ଲେଖିପାରେ, କିନ୍ତୁ କବିତାର ସରୁ ଧାର ସେଇ ଅଣ୍ଟାଭଙ୍ଗ ପାଖରେ ଲାଗିଯିବ, ଆଉ ଉପରକୁ ଆସିବା ସହଜ ନୁହେଁ । ଏଣୁ ଆରାମ ଚୌକିଟିଏ ନିହାତି ଲୋଡ଼ା । କ୍ରମଶଃ ବକ୍ର ଅଙ୍ଗରେଖାରେ ସହଜରେ କବିତା ବଲ୍ଲରୀ ମାଡ଼ି ଆସିପାରେ । ପୃଥିବୀର ମେରୁଦଣ୍ଡ ପରି କବିଙ୍କ ମେରୁଦଣ୍ଡ ମଧ ଭୂମି ସହିତ ସାଢେ ତେଇଶ ଡିଗ୍ରୀ ଅଙ୍କନ କରିବା ହେଲା ସବୁଠାରୁ ଶ୍ରେଷ୍ଠ ଅବସ୍ଥା ।

କବି ସୌନ୍ଦର୍ଯ୍ୟର ଉପାସକ । ଏଣୁ ବହୁ ଶ୍ରମ ସ୍ୱୀକାର କରି ଫୁଲଗଛ ଲଗାହୁଏ । ରଙ୍ଗୀନ ପର୍ଦା ଝୁଲେ ଏବଂ କବିପତ୍ନୀ ଅନେକ ଯତ୍ନରେ ନିଜର ପ୍ରସାଧନ କରନ୍ତି । ସୂର୍ଯ୍ୟକୁ ନିଜର ପ୍ରତିଦ୍ୱନ୍ଦୀ ବୋଲି କବି ସ୍ୱୀକାର କରୁ ନଥିବାରୁ ସେ ଉଠିବା ପୂର୍ବରୁ ସକାଳର ବେଶ୍ ଦୁଇଘଡ଼ି ସମୟ ମିଳିଯାଏ ସଜଡ଼ାସଜଡ଼ି ହେବାକୁ ।

ରୂପ, ରସ, ଗନ୍ଧ, ସ୍ପର୍ଶର ଜଗତକୁ ଆନନ୍ଦମୟ ସୌନ୍ଦର୍ଯ୍ୟମୟ କରି କବି ଦେଖିବାକୁ ଚାହେଁ । ଏଣୁ କବିପତ୍ନୀ ଲୁଚି ଲୁଚି ସଙ୍ଗୀତ ଶିକ୍ଷା କରିବାର ମଧ ଦେଖାଯାଏ । ଚନ୍ଦ୍ର ପକ୍ଷରେ ସେତାର ବାଜେ । ନିରୋଳା ସନ୍ଧ୍ୟାରେ ମଧୁର ସଙ୍ଗୀତ ଶୁଭେ । କବିଙ୍କୁ ବିଭୋର କରିବାକୁ ପଡ଼ିବ । ଆମ୍ଭହରା ନହେଲେ କବିତା ସମ୍ଭବ ନୁହେଁ ।

ଏ ସବୁ ସତ୍ତ୍ୱେ କବି କେବଳ ଚିଡ଼ନ୍ତି । ସେ ଚାହାନ୍ତି କବିତାରୂପିଣୀ ପତ୍ନୀକୁ ନିଜଠାରୁ ଅଭିନ୍ନ ରଖିବାକୁ । କବିପତ୍ନୀ ନିଜକୁ କୃତାର୍ଥ ମଣନ୍ତି ; କିନ୍ତୁ ଚିନ୍ତାମଣି ପରି ସମୟ ଜାଣି ଉପଦେଶ ଦେଇ କହନ୍ତି ଯେ, ଛାର ନାରୀ ଉପରେ ସେ ଯେତେ ମୁଗ୍ଧ ବିଭୋର ରହୁଛନ୍ତି, ଯଦି ଶାଶ୍ୱତୀ କବିତା ଉପରେ ସେତିକି ରହିପାରନ୍ତ କ'ଣ ନ ହୁଅନ୍ତା ? କବିପତ୍ନୀ ନିଜେ ଏହାପରେ ଅସଂଖ୍ୟ ସମ୍ଭାବନାର ସ୍ୱପ୍ନରେ ବୁଡ଼ିଯାଆନ୍ତି । କବି କିନ୍ତୁ କେବଳ ରୋଦନ କରନ୍ତି । ତାଙ୍କ କାନି ଧରି ଅଝଟ, ଅବୁଝା ହୋଇ ତାଙ୍କୁ ଭିଡ଼ିଧରନ୍ତି ! ଓ ! ତା' ହେଲେ କବିଙ୍କୁ ଅକୃପଣ ପ୍ରେମ ହିଁ ପ୍ରୟୋଜନ ! ପ୍ରେମ ହିଁ ସୃଷ୍ଟିକୁ ଆନନ୍ଦମୟ ସୌନ୍ଦର୍ଯ୍ୟମୟ କରିଦିଏ । ପ୍ରେମ ଏବଂ କବିତା ଯାଆଁଳା । ଗୋଟିକୁ ଛୁଇଁଲେ ଆରଟି ଝର ଝର କାନ୍ଦିପକାଏ ।

ଏଣୁ ପ୍ରେମ ହୁଏତ ଆସେ ; କିନ୍ତୁ କବିତା ଆସିପାରେ ନାହିଁ । ସବିତା ଆସେ, ସଙ୍ଗୀତ ଆସେ, ଟୁନୁ, ମୁନୁ ଆସନ୍ତି । ନିରୋଳାରେ ମୃଗବଧୂ ପରି ବୁଲୁଥିବା କବିତା ଏ ଗହଳି ଭିତରେ ପଶିପାରେ ନାହିଁ । ଦାଣ୍ଡଦୁଆରେ ତଟସ୍ଥ ଠିଆ ରହି ଲୁହ ଗଡ଼ାଏ । କବି ଲୁହ ଗଡ଼ାନ୍ତି ; କିନ୍ତୁ ତଟସ୍ଥ ଠିଆ ନ ରହି ବାହାରିପଡ଼ନ୍ତି କବିତାକୁ ଖୋଜିବା ପାଇଁ । କବିପତ୍ନୀ ମଧ କବିତାକୁ ଖୋଜି ବାହାରିଥିଲେ । ଚାହିଁଥିଲେ ଯେ, ସେ ଆସିଲେ ବହୁ ଯଶ କୀର୍ତ୍ତି ଆସି ଅଜାଡ଼ିହେବ ଏବଂ ଇତିହାସ ଲଗାତ୍ କହିବ ଯେ ତାଙ୍କ ଭଳି ସହଧର୍ମିଣୀ ନ ଥିଲେ ମହାକବି ଅମକ (ନାଁ ଧରିବା ଭାରତୀୟ ପରମ୍ପରା ନୁହେଁ ।) ଆଦୌ ସମ୍ଭବ ହୋଇପାରି ନ ଥାନ୍ତେ । ଫଟୋ ଉଠିବ, ଲେଖା ବାହାରିବ, କେହି କ'ଣ ତାଙ୍କୁ ବାଦ୍ ଦେଇପାରିବେ ?

Digitized by srujanika@gmail.com

କବିତା ଖୋଜି ଖୋଜି ସେ କିନ୍ତୁ ପାଆନ୍ତି ପୁଞ୍ଜାଏ ଜଞ୍ଜାଳିଆ ଅଝଟ ଅବୁଝା ପିଲା । ତାଙ୍କ ବାପକୁ ମିଶେଇ ସେ ହୁଅନ୍ତି ପାଞ୍ଚ । ଅନ୍ଧାରରୁ କୋଇଲା ଚୁଲି ଲଗେଇଲା ବେଳେ ସେ ଭାବନ୍ତି ଯେ, ତାଙ୍କ ଜନ୍ମ ବୃଥା ହୋଇଗଲା । ନିଜେ ବରଂ ଆଉ ଦି'ଅକ୍ଷର ପଢିଯାଇଥିଲେ କ'ଣ ବା ହୋଇଥାନ୍ତା । ଯେ କବି ! କବିତା ବି କ'ଣ ସବୁ ଲେଖନ୍ତି । ଚମତ୍କାର ଦି' ତିନିଖଣ୍ଡ ସେବେ ଲେଖିଥିଲେ । କିନ୍ତୁ ସବୁ ମିଶେଇ ଦେଲେ ମଧ୍ୟ ସେମିତି ଯୁଗସୃଷ୍ଟି କଲାଭଳି କ'ଣ ଲେଖିପାରୁଛନ୍ତି ? ... ପିଲା କାନ୍ଦେ, ଚାଉଳ ସରିଯାଏ, ସବିତାକୁ ଜର ହୁଏ । ଆଚ୍ଛା, ଏ କବିତା ଲେଖିବେ ବୋଲି କ'ଣ ମାଇକିନାଟିଏ ଏସବୁ ସମ୍ଭାଳିବା ଉଚିତ୍ ? କାହିଁ, ସେ ଅମୁକ ରାଉତ ବା ତମୁକ ମହାପାତ୍ର କ'ଣ କବି ନୁହନ୍ତି ? ସେ ତ' ଫେର୍ କଥା ସମ୍ଭାଳିଛନ୍ତି ! ହେଲା ବା ଯେ' ଆମର ଖୁବ୍ ନିପାରିଲା । ଛୋଟିଆ, ଉଶ୍ୱାସିଆ ଧନ୍ଦାଟିଆ କ'ଣ କଲେ ଦି' ପଇସା ଘରକୁ ଆସନ୍ତା ନାହିଁ ? କୋଇଲା ଚୁଲି କୁହୁଳେ । ଢେର ଧୂଆଁ ବାହାରି ଘର ଭରି ହୋଇଯାଏ ।

ଝଗଡ଼ା ନ ଲାଗିଲେ କୁଆଡ଼େ ଦାମ୍ପତ୍ୟ ଅପୂର୍ଣ୍ଣ ରହିଗଲା । ଗୋଟାଏ ମନୁଆ କବି ଘରେ ଥିଲେ, ଝଗଡ଼ା ପାଇଁ ପ୍ରୟାସ କରିବାକୁ ପଡ଼େ ନାହିଁ । କାରଣ ? – କାରଣ ଯାହା ଇଚ୍ଛା ତାହା ହୋଇପାରେ । ମାନ, ଅଭିମାନ, କାନ୍ଦକଟା ଭିତର ଢେରଦିନ ବିତିଯାଏ । କବି ଗୁମାନରେ କଥା କହନ୍ତି ନାହିଁ । ଦାଢି କାଟନ୍ତି ନାହିଁ । କବିପତ୍ନୀ ପିଲାଙ୍କୁ ନେଇ ବାପଘର ଚାଲିଯାଆନ୍ତି । ମୂଳ ମଞ୍ଜୀ କିନ୍ତୁ ଖୁବ୍ ଗହୀରରେ ଲୁଚିଯାଏ । କବିତା ଖୋଜିବା ଆଳରେ କବି ଯାଇ ପଶନ୍ତି ଅମୁକଙ୍କ ଘରେ ; କାରଣ ତାଙ୍କ ପତ୍ନୀ ସୁରସିକା, ତାଙ୍କ ରୁଚି ଚମତ୍କାର, ସେ ଦିଶନ୍ତି ତା'ଠୁ ଆହୁରି ଚମତ୍କାର । ପହଞ୍ଚନ୍ତି ସମୁକଙ୍କ ଘରେ ; କାରଣ ସେଇଠି ଯେଉଁ ଲମ୍ୱା ଝିଅଟି ରହେ ସେ ଲେଖାରେ କବିଙ୍କ ଶାଳୀ ହୋଇପାରେ ! ଫେରନ୍ତି ରାତିରେ ଖୁବ୍ ବିଳମ୍ୱରେ । କବି ଏହିପରି କାହାକୁ ପ୍ରକୃତରେ ଖୋଜନ୍ତି କହିବା କଠିନ । ବୋଧହୁଏ କବିତାକୁ ହିଁ ଖୋଜନ୍ତି ଏବଂ ଘରେ ଆସି ଚୋର ଧରା ହୁଏ । କବି ଚିତ୍କାର କରନ୍ତି, ତା'ଠୁ ଆହୁରି ଚିତ୍କାର କରନ୍ତି କବିପତ୍ନୀ । ପିଲାଏ ଚିହିଁକି-ଚିହିଁକି ବୋବାଳି ଛାଡ଼ନ୍ତି । ହେଇଯାଏ ଗୋଟାଏ ବେଶ୍ ଭୋକ ଉପାସ, ପାଟିତୁଣ୍ଡ, ରାଗ ରୋଷର ପର୍ବ ।

ଅଧରାତିରେ କିଛିଦିନ କବିତା ଲେଖାହୁଏ, କବି ଗୁମାସ୍ତା ଚାକିରି କରନ୍ତି । କବିପତ୍ନୀ ଧୈର୍ଯ୍ୟରଖି ମନସ୍ତତ୍ତ୍ୱ ପଢନ୍ତି । କବି ଏକ ମନସ୍ତାତ୍ତ୍ୱିକ ପ୍ରାଣୀ, କବିତା ଏକ ମନସ୍ତାତ୍ତ୍ୱିକ ଘଟଣା । କବି ଆଣି ପଢନ୍ତି ସାତ୍ରେ, କିର୍କେଗାର୍ଡ଼ । ସୁଅ ଅନେକ ଗହୀରରେ ପାଣି କାଟେ । ପିଲାଏ ପାଠ ପଢନ୍ତି, ସ୍କୁଲକୁ ଯାଆନ୍ତି । ନିରୋଳାରେ ଦିନେ ଖୁବ୍ ସଂଯତ ପାକଳ ଦୁଇଟି ପ୍ରାଣୀ ପରସ୍ପରଙ୍କୁ ଅନେକ ସମୟ ଅନେଇ ରହନ୍ତି । ପୁଣି ଥରେ ପ୍ରେମର ସଂଚାର ହୁଏ । ଅବଶ୍ୟ ନିଶୁଆ ଝୁରଝୁରିଆ ମଣିଷଟି ଯା' ଭିତରେ ଆଉରି ଝୁରଝୁରିଆ ହୋଇଯାଇଥାଏ ଏବଂ ବୀଣାତାର ପରି କବିପତ୍ନୀ ଦାୟିତ୍ୱରେ କଳାକାଠ ପଡ଼ିଯାଇଥିଲେ ସୁଦ୍ଧା ଆଉରି ଟାଙ୍ଗ ଟାଙ୍ଗିଆ ହୋଇଯାଇଥାନ୍ତି ।

ଇତସ୍ତତଃ ପଡ଼ିଥିବା କବିତାଗୁଡ଼ିକୁ ଗୋଟେଇ ଏକାଠି କରାଯାଏ । ସଂକଳନ ଛପା ହେବ । ରାଜଦରବାରରେ ଚିରକାଳ କବି ଉପହାର ପାଇ ଆସିଛନ୍ତି । ଏବେ ମଧ୍ୟ ସେଇଭଳି

Digitized by srujanika@gmail.com

ବେଶ୍ ପରିପାଟୀ ହୋଇ ସେ କବିତା ଗୁଚ୍ଛଟିକୁ ନେଇ ଦରବାରକୁ ଯାଆନ୍ତି । ଏଣେ ଘରେ ଆଶା, ଉତ୍କଣ୍ଠା, ଉଦ୍‌ବେଗ ଘର ଉଛୁଳେଇ ଦୁଆରବନ୍ଧରେ ଲହଡ଼ି ଭାଙ୍ଗୁଥାଏ । ଏଇଥର ରତ୍ନଭଣ୍ଡାର ନିଶ୍ଚୟ ଟେକି ଆଣିବେ । କବି କିନ୍ତୁ ଫେରନ୍ତି ଆଖି ପର୍ଯ୍ୟନ୍ତ ସ୍ୱପ୍ନରେ ବୋଝେଇ ହୋଇ । ପରମ ଉତ୍ସାହରେ ଗୋଟିଏ ଗେଣ୍ଡୁମାଳ ପତ୍ନୀଙ୍କ ବେକରେ ପକେଇ ଦେଇ ବିଭୋର ହୋଇ ଠିଆ ରହନ୍ତି - ରାଜକଣ୍ଠେର ମାଲା - କବିପତ୍ନୀ ସନ୍ତର୍ପଣରେ ଛୁଇଁ ଦେଖନ୍ତି ଯେ ସେଗୁଡ଼ାକ ସୁନା ନୁହେଁ... କିନ୍ତୁ ତଥାପି କବିଙ୍କର ମନ ଭାଙ୍ଗିଯିବା ଭୟରେ ଉତ୍ସବ ମନାଯାଏ । ପିଲାଏ ମିଠା ଖାଇ ଡିଅଁନ୍ତି ।

'ତା'ହେଲେ ହେଲା ନାହିଁ', ଭାବନ୍ତି କବିପତ୍ନୀ । - ଗେଣ୍ଡୁଫୁଲ ମାଳଟି ଆସ୍ତେ ଝରିଯାଏ । କବିଙ୍କର ବୟସ ବଢେ, ଦାଢି ବଢେ, ଝିଅ ବଡ଼ ହୁଏ, ଶାଶୁ ଘରକୁ ଯାଏ । ଗୋଟାଏ ବିରାଟ ଝଡ଼ ପାରି ହୋଇଗଲା ପରେ ଶିଖ ନଇଁଯାଏ । ଉଭୟେ ଦୋହଲି ଯାଆନ୍ତି । ଉଭୟଙ୍କ ଉପରେ ଗୋଟାଏ ବ୍ୟସନୀ ସଂସାର ଆସୁରୀ ସମ୍ଭୋଗ କରି ଚାଲିଯାଏ । ଝିଅ ଯାଏ, ଆର ଝିଅ ମଧ ଯାଏ । ପୁଅ ଦୁହେଁ ଯାଆନ୍ତି, କିଏ ପଢିବା ପାଇଁ, କିଏ ଚାକିରି ପାଇଁ । ପୁଣି ଏକ ନିରୋଳା ମୁହୂର୍ତ୍ତରେ ଦୁଇଟି ପ୍ରାଣୀ ପରସ୍ପରକୁ ଅନାନ୍ତି... । ପୁଣି କାହିଁ କେଉଁ ଗହୀରରୁ ପ୍ରେମ ଝରି ଆସେ । ଝୁରଝୁରିଆ ମଣିଷଟି ଶିରାବହୁଳ, ଦୁର୍ବଳ, ବୀଣାତାର ପରି କବିପତ୍ନୀ, ଶୀର୍ଣ୍ଣା, ରୁଗ୍‌ଣା - ଘରେ ଅନେକ ନିର୍ଜନତା ।

ଏଇ କାଳିଆ ଅଝଟ ପିଲାଟି ବଇଁଶୀ ବଜାଏ । ଗୁଞ୍ଜପାଟି ବାନ୍ଧି ମୟୂର ଚନ୍ଦ୍ରିକା ଖଞ୍ଜିହୁଏ । ତାକୁ କାଖରେ ବସେଇ ଲହୁଣୀ ଖୁଆଇବାକୁ ହେବ । ସେ ଦହି ହାଣ୍ଡି ଭାଙ୍ଗିଲେ ତାକୁ ଦଣ୍ଡିବା ମନା । ପୁଣି ସେଓ କିଣା ହୁଏ, ଅଙ୍ଗୁର ଆସେ । ସେ ଗାଧୋଇଲାବେଳେ କବି ନଇଁପଡ଼ି ରନ୍ଧାଘରେ ଦହି ପିଇ ଦିଅନ୍ତି, କରେଇରୁ ଭଜା ଟେକି ନେଇ ଖାଇଦିଅନ୍ତି । ଅନ୍ୟମନସ୍କ ହୋଇ କଥା କହନ୍ତି ନାହିଁ, କହିଲେ ବୁଝନ୍ତି ନାହିଁ । ପୁଣି ହଠାତ୍ ବେକରେ ଓହଳିପଡ଼ି ଗୁଡ଼ାଏ ଗେଲ କରି ପକାନ୍ତି । ସବା ସାନ ପୁଅଟି ଏମିତି ଅଝଟ ହେବ ବୋଲି କବିପତ୍ନୀ କେବେ ଭାବି ନଥିଲେ !!

କବିତାର ମୃଗବଧୂ ବି ଦୁଆର ବନ୍ଧ ଡେଇଁ ଘର ଭିତରକୁ ପଶିଆସେ । ...ଯା'ଭିତରେ ଦିନେ କିନ୍ତୁ ପ୍ରକାଣ୍ଡ ମେଘ ନଇଁ ଆସେ । କବି ବାଉଳା ହୋଇ ବାଟ ପାଆନ୍ତି ନାହିଁ । ଯା'କୁ ପାରି ହୋଇଗଲେ ଆରପଟେ କବିତାର ରାଜ୍ୟ । ତାଙ୍କୁ ସେତାରର ସରୁ ବାଜଣା ପୁଣି ଶୁଭିଯାଏ । ସେ ବର୍ଷକର ପୁରୁଣା 'ଫଟୋ'ଟିକୁ ଅନାନ୍ତି । ଏ କାଚ ଭିତରୁ ସେ ଆସି ତାଙ୍କୁ ଆଉ ଡାକିବ ନାହିଁ । ଦୁଇଟି ଝିଅ ବେଳେବେଳେ ଶାଶୁ ଘରୁ ଆସନ୍ତି, କିନ୍ତୁ ଏ ଆଉ ଆସିବ ନାହିଁ । - ରେଖାଏ ଧୂଆଁ ତାଙ୍କ ଆଖିର ପିତୁଳା ଉପରେ ଉପରକୁ ଉଠିଯାଏ । ପ୍ରକାଣ୍ଡ ମେଘ ଝରଝର ଝରିଯାଏ । ଝରିଯାଏ ଆକାଶ, ଧରିତ୍ରୀ, ପବନ, ପାଣି ଓ ସୂର୍ଯ୍ୟ । ଫଟୋ ଭିତରୁ କବିପତ୍ନୀ ଆହୁରି ଉଜ୍ଜ୍ୱଳ ଦେଖାଯାନ୍ତି । ... ଝରଝର ଝରିଯାଏ ପାଠକର ଲୁହଧାର । ସେ ଲୁହ ଭିତରୁ ଅନାଏ, ଅନେକ ଶତାବ୍ଦୀ ପରେ ଅନାଏ ! 'ମଥୁରା ମଙ୍ଗଳ'ଟି ଲୁହରେ ଜୁଡୁବୁଡୁ, ଓଦା ସରସର । - କବିତା କୁଆଡ଼େ ମରେନାହିଁ ବୋଲି ପ୍ରବାଦ ଅଛି ପରା !

❖❖❖

Digitized by srujanika@gmail.com

ଏଣିକି କିଛି ଭୁଲାଯାଉ

ମହାକବି ଶ୍ରୀହର୍ଷଙ୍କ ବିଷୟରେ ପ୍ରବାଦ ଅଛି ଯେ ଏକଦା ନଦୀ ତୁଠରେ ବସିଥିବା ସମୟରେ ସେ ଦୁଇଟି ସ୍ତ୍ରୀ ଲୋକଙ୍କର ଅକସ୍ମାତ୍ କଳିତକରାଳ ଶୁଣିଥିଲେ । ପରେ ରାଜଦରବାରରେ ସାକ୍ଷ୍ୟ ଦେବାକୁ ଯାଇ ସେ ସେହି ସମ୍ପୂର୍ଣ୍ଣ ଅଶ୍ଳୀଳ ଆଳାପଟିକୁ ନିର୍ବିକାର ପୁନରାବୃତ୍ତି ମଧ୍ୟ କରିଦେଇଥିଲେ । ରାଜା ହୁଏତ ଅନାୟାସ ଦୋଷୀର ଦଣ୍ଡବିଧାନ କରିଥିବେ ; କିନ୍ତୁ ସମସ୍ତେ ବିସ୍ମିତ ହୋଇଥିବେ କିପରି ଏକ ଅପରିଚିତ ଭାଷାର ଗୁଡ଼ାଏ ପ୍ରଗଲ୍ଭ, କ୍ଷୀପ୍ର ଅର୍ଥହୀନ ଧ୍ୱନିକୁ ସେ ଅବିକଳ ମନେରଖିପାରିଲେ । ସେଥିପାଇଁ ସେ ମଧ୍ୟ ବିଶେଷ ପ୍ରଯତ୍ନ କରିନାହାନ୍ତି । ଜାଣିନାହାନ୍ତି ଯେ ତାଙ୍କୁ ସେ ବିଷୟରେ ରାଜଦରବାରରେ ଭବିଷ୍ୟତରେ ପରୀକ୍ଷା ଦେବାକୁ ପଡ଼ିବ । ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ଭାରତଭୂମିରେ ତାହା ଖୁବ୍ ସମ୍ଭବ । ଏଇଠି ବେଦକୁ ମଧ୍ୟ ଶ୍ରୁତି ମାଧ୍ୟମରେ ଆୟତ୍ତ କରାଯାଏ । ତେଣୁ ଶବ୍ଦର ରୈଖିକ ରୂପ ଏଠି ଏକ ଅତି ଅର୍ବାଚୀନ ପଦ୍ଧତି । ଅସାଧାରଣ ଶ୍ରୁତିଧରଙ୍କର ଦେଶ ଏ ଭାରତଭୂମି । ପୋଥିକୁ ଦେଖି, ପଢି, ଲେଖି ଶିଖିବା ଏ ଦେଶର ପରମ୍ପରା ନ ଥିଲା । ଥରେ ଶୁଣିଦେଲେ ଯଥେଷ୍ଟ ହେଉଥିଲା ସ୍ମୃତିରେ ଧାରଣ କରିବାକୁ । ସେ ଋକ୍ ବେଦର ମହିମ୍ନ ମନ୍ତ୍ର ହେଉ ବା ଗଣିତ ଜ୍ୟୋତିଷ କିମ୍ବା ଲୀଳାବତୀର ଦୁରୂହ ସୂତ୍ର ହେଉ । ଏକଦା ମେକ୍‌ଲେ ସାହେବ ମଧ୍ୟ କହିଥିଲେ ଯେ ଯଦି ସମଗ୍ର ଲଣ୍ଡନ୍ ସଂଗ୍ରହାଳୟ ଜଳିଯାଏ, ସେ ପ୍ରାୟ ସବୁ ବହି ମନେ ପକାଇ ଲେଖି ଦେଇ ପାରିବେ । ଯୁଗେ ଯୁଗେ ଏପରି ସ୍ମୃତିଧରଙ୍କର ଜୟ ହେଉ । ମଣିଷ ମନର ଅକଳନୀୟ ପ୍ରସାର ବିଷୟରେ ବାରମ୍ବାର ତା'ର ଆତ୍ମବିଶ୍ୱାସ ପ୍ରତିଷ୍ଠିତ ହେଉଥାଏ । ନଚେତ୍ ଅନେକ ସମୟରେ ସେ ଆଶଙ୍କା କରିବ ଯେ ସ୍ମୃତିର ପେଟରା ଖଣ୍ଡଚୁମା ହୋଇ ଅଧିକ ଗୁଡ଼ାଏ କ'ଣ ମନେରଖି ପକାଇଲେ ଫାଟିଯିବ ।

ଏ ପ୍ରକାର ପୃଷ୍ଠଭୂମିରେ ଯଦି ଜଣେ ମନେ ରଖିପାରୁନାହିଁ ତାକୁ ଅଯୋଗ୍ୟ ତଳେ ଗାରିବା ତ ସାଧାରଣ କଥା ; କିନ୍ତୁ ଯଦି ସେ ପାଟି ଫିଟେଇ କସ୍ମିନ୍‌କାଳେ କହିଦେଇଛି ଯେ ମନେ ରଖିବା ସେପରି କିଛି ବଡ଼ କଥା ନୁହେଁ ବା ମନେରଖିବା ଉଚିତ ନୁହେଁ, ଭାରତୀୟ ପରମ୍ପରାର ଖିଲାପ କରୁଥିବାରୁ ତାକୁ ଦେଶଦ୍ରୋହ ଅପରାଧରେ ପ୍ରାଣଦଣ୍ଡ ଦେବା ମଧ୍ୟ ଅସମ୍ଭବ ନୁହେଁ । ତଥାପି ଭାରି ପ୍ରବୃତ୍ତି ହୁଏ ସତ ; କଥାଟା କହିଦେବାକୁ । ବହୁ ସମୟରେ ମନେହୁଏ ଯେ ଝରକା ନ ଥିବା ଗୋଟାଏ ଅନ୍ଧାରୁଆ ଗୋଦାମ ଘରେ ଥାକମାରି ଗୁଡ଼ାଏ ଧୂଳିଆ ଆଳୁବସ୍ତା ରଖିବା ଯାହା, ପୁରୁଣା ଅଖାଭିତରେ ଝୁଙ୍କି ଝୁଙ୍କି କୁଣ୍ଡା ଭର୍ତ୍ତିକରିବା ଯାହା, ଗୁଡ଼ାଏ ଶବ୍ଦରୂପ ଧାତୁରୂପ ଜବରଦସ୍ତି ମନେରଖିବା

Digitized by srujanika@gmail.com

ମଧ୍ୟ ତାହା । ମୁଠାଏ ଲେଖା ବିରି ଧରି ଅଣ୍ଡା ସଳଖି ଶ୍ଳୋକ ମୁଖସ୍ଥ କରୁଥିବା ଅବସ୍ଥାରେ ମୁଁ ଏ ଭାରବାହୀଗୁଡ଼ିକୁ ଦେଖିଛି ଓ ସେହିଦିନଠାରୁ ସଂକଳ୍ପ କରିଛି ଯେ ବରଂ ମୂର୍ଖ ହେବା ଭଲ ; କିନ୍ତୁ ଏପରି ମନକୁ ମ୍ୟୁଜିୟମ କରି ତା' ଭିତରେ ମଲାଜନ୍ତୁ ଓ ପୁରୁଣା ପଥର ସଜାଡ଼ି ରଖିବାର କିଛି ଅର୍ଥ ନାହିଁ । ବହୁ ଚେଷ୍ଟା ପରେ ହାରିଯାଇ ଶେଷକୁ ଚାଟଶାଳୀ ଅବଧାନେ କହିଥିଲେ - ଏଇଟା 'ବେଗ-ବେଗା' ସବୁ ବୁଝିବ କିନ୍ତୁ ମନେରଖି ପାରିବ ନାହିଁ - ଭାରି ବୁଦ୍ଧିଆ ହେବ କିନ୍ତୁ ପାଠୁଆ ହେବନାହିଁ । ଅବଧାନେ ଅନେକ ସମୟରେ ସତ କହିଥାନ୍ତି । ମୁଁ ମଧ୍ୟ ଖୁବ୍ ଚେଷ୍ଟା କରିଛି - ଗଜପତି ବିରୁଦାବଳୀ କିମ୍ୱା ମୋଗଲ ବଂଶାବଳୀ ମନେ ରଖିବାକୁ, କିନ୍ତୁ ପାରିନାହିଁ । ଫଳରେ ପାଠୁଆ ହେବାର ତ ନୋହିଲା, ଏଣେ ସଂସାରରେ ବୁଦ୍ଧିର ବିଶେଷ ପ୍ରୟୋଜନ ବା ଆଦର ନ ଥିବାରୁ ସେଇଟାର ମଧ୍ୟ ବିକାଶ ହୋଇଥିବା ପରି ଜଣାଯାଉନାହିଁ ।

ଯେଉଁମାନେ ମନେରଖିବାଟାକୁ ଏତେ ବେଶି ଜୋର୍ ଦିଅନ୍ତି, ସେମାନେ ସତରେ କ'ଣ ସବୁ ମନେ ରଖନ୍ତି ? ପାଞ୍ଚ ଦଶ ବର୍ଷରେ କୋଉଠି ସବୁ ସନ୍ଧା ବାଟେ ଗଳି ପଡ଼ିଯାଏ, ସବୁ ଆସ୍ତେ ଆସ୍ତେ ପାସୋରି ହୋଇଯାଏ । ସେଥିରୁ ଗୋଟାଏ ପାଠୁଆ ନେବୁଚାଦନେଜାରର ନାତିର ନାଁ କ'ଣ ବା ଏସ୍କିମୋ ଦେଶର କୌଣସି ଚମଡ଼ା ପୋଷାକ ବା ତମ୍ବୁର ନାମ କ'ଣ ମନେ ପଡୁନଥିବାରୁ ଲୁହ ଗଡ଼େଇ ଛି' ଛା' ହୁଏ । ତା' ଇଚ୍ଛା ସେ ଆତ୍ମହତ୍ୟା କରନ୍ତା । ଶୁଙ୍ଗ ବଂଶର ତୃତୀୟ ରାଜା କେବେ ତା'ର ଦଶମ ପତ୍ନୀକୁ ବିବାହ କଲା, ଯଦି ସେ ମନେ ରଖି ନ ପାରିଲା ତେବେ ସେ କ'ଣ ବଞ୍ଚିବା ଉଚିତ୍ ? ଆଜ୍ଞା, ନିଶ୍ଚୟ ଉଚିତ୍ । ବରଂ ସେପରି ଗୁଡ଼ାଏ ମନେ ରଖି ତା'ର ବଞ୍ଚିବାର କିଛି ଅର୍ଥ ନାହିଁ । ଗେଙ୍ଗୁଟି ବୋଝ ମୁଣ୍ଡେଇ ସେ ଟଳି ଟଳି ନିଶ୍ଚୟ କିଛି ବାଟ ଚାଲେ । ଲୋକେ ତା'ର ଏ ଅସାଧ୍ୟ ସାଧନ ଦେଖି ତାଟକା ହୁଅନ୍ତି । ତା'ପରେ ତା' ଅଖାରେ ଜଳା ଫିଟିଯାଏ, ସେଇବାଟେ ସବୁ ଗଳିଯାଏ । ସେ ଗୁଡ଼ାଏ ଗୋଟାଳି ଗୋଟେଇ ପୁଣି ଅଖାରେ ସାଇତେ ; କିନ୍ତୁ ଅସଂଖ୍ୟ ଜଳାବାଟେ ବିଦେଶୀ ଗେଙ୍ଗୁଟିଗୁଡ଼ିକ ନୀରବରେ ଅନ୍ଧାର ଭିତରକୁ ପହଁରି ଯାଆନ୍ତି । ବରଂ ମୂଳରୁ ଗୋଟିଏ ଚାଲୁଣୀ ଧରି ଚାଲିଲେ କିଛି ଅସୁବିଧା ନାହିଁ । ହେଇ ଆସିଲା, ହେଇଗଲା ! ଚାଲୁଣୀ ଖଣ୍ଡ ସବୁବେଳେ ପରିଷ୍କାର । ତା'ର ସହସ୍ରେ ଜଳାର ଏପାଖ ସେପାଖ ଏକାକାର, ସେଇ ନିସ୍ପୃହ ଅନ୍ଧକାର ଖୋଲାଖୋଲି ପବନ ଯା ଆସ କରେ, ଶବ୍ଦ ଯାତାୟାତ କରେ ।

ଧରନ୍ତୁ ଯଦି କିଛି ପାସୋର ହେଉନଥାନ୍ତା, ଯଦି ମନର ମଞ୍ଚ ଉପରକୁ ସେ ପ୍ରବେଶ କଲା, ସେ ଆଉ ପ୍ରସ୍ଥାନ କରନ୍ତା ନାହିଁ, ତେବେ ଅଳ୍ପ ସମୟ ଭିତରେ ଏତେ ଭିଡ଼, ଏତେ ଠେଲାପେଲା ହୁଅନ୍ତା ଯେ ଆଉ ସମ୍ଭାଳିବା ସମ୍ଭବ ହୁଅନ୍ତା ନାହିଁ । ଶହେରେ ନବେ ଭୁଲି ନଗଲେ ଜୀବନ ସତକୁ ସତ ଦୁର୍ବହ ହୋଇଯିବ । ଗତ ତିରିଶ ବର୍ଷ ଭିତରେ ଦୈନିକ କ'ଣ ତିଅଣ ଶାଗ ହୋଇଥିଲା, ଯଦି ଜଣେ ଅନିବାର୍ଯ୍ୟ ଭାବରେ ମନେରଖେ ଏବଂ ମନେରଖେ ଯାତ୍ରା କଲାବେଳେ କେଉଁଠାରେ କେତେବେଳେ ସେ କାହା ସହିତ ସାକ୍ଷାତ କରିଛି, ପ୍ରତିଦିନ ଖବରକାଗଜର ଆମୂଳଚୂଳ ମନେରଖେ ଏବଂ ମନେରଖେ ତା' ଜୀବନର ଟିକିନିଖି ପ୍ରତିଟି ମୁହୂର୍ତ୍ତର ଅଭିଜ୍ଞତା, ତେବେ ସେ ମସ୍ତିଷ୍କର ସବୁ

Digitized by srujanika@gmail.com

ସ୍ନାୟୁତନ୍ତୁ ଛିଣ୍ଡି ପଡ଼ିବ ଏବଂ ସେ ପାଗଳ ପରି ଉତ୍‌କ୍ଷିପ୍ତ ହୋଇ ଶେଷରେ ମରି ଶୋଇଯିବ । ଭାଗ୍ୟଭଲ ଯେ ମୂଳରୁ ସେପରି ଉପାଦାନରେ ମଣିଷ ମନଟିକୁ ତିଆରି କରାଯାଇନାହିଁ । ପାଣିରେ ଗାର ପକାଇଲେ ତରଙ୍ଗ ସୃଷ୍ଟି ହୁଏ, କିନ୍ତୁ ଗାର ଲିଭିଯାଏ । ମନଟା ପ୍ରାୟ ସେହିପରି ।

ସ୍ମୃତିର ଗନ୍ତାଘରେ ନିବୁଜ କାନ୍ଥ ନାହିଁ । କବାଟ କୋଳପ କିଛି ନାହିଁ । ଦୁଆରୀ କଟୁଆଳ ବି କେହି ନାହାନ୍ତି । ମନର ପାଞ୍ଚଟା ଦ୍ୱାର ବାଟେ ପାଞ୍ଚଟା ସମୁଦ୍ର ଅଜାଡ଼ି ହୋଇଯାଏ ଏବଂ ସ୍ମୃତି ଉପର ଦେଇ ମୁହାଣ ଆଡ଼େ ମାଡ଼ି ଚାଲିଯାଏ । ତୁଚ୍ଛେଇ ହୋଇଯାଏ ଯେଉଁଠାରୁ ଆସିଥିଲା ସେଇଠାକୁ । ଏଠି ସେଠି ଟିକିଏ ଓଦା ଧରିଯାଏ । କିଛି ସମୟ ପାଇଁ । ତା'ପରେ ବେଳଙ୍କାଣି ସେ ବି ନିଗିଡ଼ିଯାଏ । କିଛି କଥା, କିଛି ରୂପ, କିଛି ଗନ୍ଧ କିଛିଦିନ ଧରି ମନେରହେ । ତା'ପରେ ଦୂରେଇ ଯାଏ, ଗହୀରେଇ ଯାଏ, ହଜିଯାଏ ।

କ'ଣ କେମିତି ମନେରହେ ଏବଂ ଆଉ ସବୁ ମନେ ରହେନାହିଁ ତା' ଜାଣିବା ସହଜ ନୁହେଁ । ସେ ଏକ ଯୋଗାଯୋଗ କଥା । ମୋଟାମୋଟି ଭାବରେ ଭଲପାଇବା ପରି । ଅତଏବ ଏ ସଂକ୍ରାନ୍ତରେ ଜବରଦସ୍ତି ନ ଚଳିବା ଉଚିତ । କିନ୍ତୁ ଚଳେ । ସଂକଳ୍ପ ଯାହାକୁ ଗୋଟାଏ ଅବାଞ୍ଛିତ ଭାବରେ ସ୍ମୃତି ଉପରେ ମଡ଼େଇ ରଖିଦେଇପାରେ । ଶୁଆକୁ 'ଚକ୍ରଧର' ରଟେଇଲାପରି କୌଣସି କାରଣରୁ କିଛି ଆବ୍ରାକାଡ଼ାବ୍ରା ଜପିବାକୁ ହେଲେ, ସଂକଳ୍ପ ଛାଟିଆ ପରି କାର୍ଯ୍ୟକରେ । ଦୈନିକ ସେ ଅଜପା ମନ୍ତ୍ରକୁ ମନର ଖାସ୍‌ମାହାଲ ଭିତରକୁ ଆଣି ପୁଣି ସ୍ମୃତିର ବସାଘର ଭିତରେ ଛାଡ଼ିଦିଏ । ଏପରି ଅଭ୍ୟାସ ହେଉହେଉ ଦେଖାଯାଏ ଯେ ଆବ୍ରାକାଡ଼ାବ୍ରା ସେ ରାଜ୍ୟର ଏକ ତାଲିକାଭୁକ୍ତ ଅଧିବାସୀ । ଏହିଭଳି ସମସ୍ତ ବ୍ୟାକରଣ ମୁଖସ୍ଥ କରାଯାଏ । ଧର୍ମଶାସ୍ତ୍ର, ଶ୍ରୁତି, ସ୍ମୃତି, ପିଙ୍ଗଳକୋର୍ଡ଼ ଆୟତ୍ତ କରି ବିଶିଷ୍ଟ ପାଣ୍ଡିତ୍ୟ ପ୍ରକାଶ କରାଯାଏ, କିନ୍ତୁ ସବୁ ଛାଟିଆ କ'ଣ ସବୁବେଳେ ସମାନ । ତାଙ୍କ ଭିତରେ ଅଳସୁଆ ଓ ଠକ ମଧ୍ୟ ଅଛନ୍ତି । ସେମାନେ ଟିକିଏ ଢୋଳେଇ ପଡ଼ିଲେ ସ୍ମୃତି ଝାଡ଼ିଝୁଡ଼ି ହୋଇ ବସିଯାଏ । ଯେଉଁ ନିଛାଟିଆ ପଡ଼ିଆକୁ ସେଇ ନିଛାଟିଆ ପଡ଼ିଆ । ଆବ୍ରାକାଡ଼ାବ୍ରା ଆଉ କୋଉଠି ଦିଶୁନାହାନ୍ତି । ନଖଦର୍ପଣ ଉପରେ ଅନେକ ଝାପ୍‌ସା ଧୂଳି ! ଏଭଳି ଅବସ୍ଥାରେ ଭୀମସେନ ଗଭୀର ଉଦ୍‌ବେଗରେ 'ଗୋଲକପୁତ୍ର'ଙ୍କୁ ଖୋଜିବାର ପୁରାଣରେ ଉଲ୍ଲେଖ ଅଛି ।

ଆମେ ଭୁଲିଯାଉ ଏବଂ ଭୁଲିଯାଉ ବୋଲି ବଞ୍ଚିଯାଉ ; କିନ୍ତୁ କିଛି କିଛି ତ ମନେ ରହେ । ନହେଲେ ନିଜକୁ ଅମୁକ କି ସମୁକ ବୋଲି ଜାଣିବା ଏବଂ ଜଣେଇବା ସମ୍ଭବ ହୁଅନ୍ତା ନାହିଁ ଏବଂ ଆଉ କେତେଗୁଡ଼ିଏ ଛୋଟ ଛୋଟ କଥା ମନେରଖିପାରିଲେ ଜୀବନରୁ ହୁଏତ ଗୁଡ଼ାଏ ଅବାଞ୍ଛିତ ବିରକ୍ତି ମଧ୍ୟ କଟିଯାଆନ୍ତା । ଯଥା ଧରାଯାଉ 'ଦୋକତା ଡିବା' । ତାକୁ ଅଣ୍ଟାରେ ଖୋସିବା ପାଇଁ ଦୈନିକ ଯେତେଥର ପ୍ରତିଜ୍ଞା କଲେ ମଧ୍ୟ ସେଇଟା କେତେବେଳେ କେମିତି ଖସିଯାଏ, ତାହା ଜଣାପଡ଼େ ନାହିଁ । ରାତିଅଧରେ ଦୀପଧରି ଖଟତଳଯାକ ଗୁରୁଣ୍ଡି ଗୁରୁଣ୍ଡି ଅଣ୍ଟାଳୁଥିବା ଅବସ୍ଥାରେ ଆମେ ଆମ ଅଜାଙ୍କୁ ଦେଖିଛୁ ; ଯେ କି ସମଗ୍ର ଅମରକୋଷ ଏକା ନିଃଶ୍ୱାସରେ ଗାଇଯାଉଥିଲେ ; ଯଜୁର୍ବେଦରୁ ତେର ଅଧ୍ୟାୟ ଆଙ୍ଗୁଠି ପବରେ ଗଣିଦେଉଥିଲେ । ଦୋକତା ଡିବା ପରି ତାଙ୍କ

Digitized by srujanika@gmail.com

'ଚଷମା' । ଦଶଥର ତାକୁ ହଜେଇ ପୁଣି ପାଆନ୍ତି । ଶେଷକୁ ଗୋଟାଏ ଥର ଆଉ ମୋଟେ ପାଇଲେ ନାହିଁ । ଗୋଟାଏ ବୟସରେ ବୋଧହୁଏ ଖଣ୍ଡେ ବାଡ଼ିଧରି ଚାଲିବାକୁ ମନହୁଏ । ଧରିଲେ ଦମ୍ଭଲାଗେ । ଶେଷକୁ ନ ଧରିଲେ ଚଳେନାହିଁ । ଆମ ପଣ୍ଡିତ ଅଜାଙ୍କ ଅମଳରେ ଆମେ ଜାଣିବାରେ ସେ ଅନ୍ତତଃ ଷାଠିଏ ଖଣ୍ଡ ବାଡ଼ି ବଦଳ କରିଥିବେ । ବଜାରରେ, କୁଣିଆଘରେ, ମାଛପସରା ପାଖରେ, ଖଣ୍ଡେ ବାଡ଼ି ଅବଶ୍ୟ ହଜିବ । ସେ ତା' ଉପରେ ଗାଧୋଇବା ଆଗରୁ କେତେ ତେଲ ମାଲିସ୍ କରି ତାକୁ ପଚେଇଥାନ୍ତି ; କିନ୍ତୁ କ'ଣ କରାଯାଏ ? – ତାକୁ ବାହୁନି ବାହୁନି ଦୁଇ ତିନିଦିନ ଗଲେ ପୁଣି ଖଣ୍ଡେ ଯୋଗାଡ଼ ହୁଏ । ବଙ୍କା ବାଡ଼ିପରି ସେ ଆମର ସରଳ ନାଁ କେତୋଟି ମନେରଖିପାରନ୍ତିନାହିଁ । ଅମରକୋଷର ମୂଳରୁ ଆଉଡ଼େଇଲାପରି ଆମ ସମସ୍ତଙ୍କର ନା ଯାକ ଧାଡ଼ିବନ୍ଧା ଗଡ଼େଇ ଆଣିଲେ ହୁଏତ ଗୋଟାକୁ ଧରିଦିଅନ୍ତି । ବେଳେବେଳେ ତା'ବି ହୁଏନାହିଁ । ଚନ୍ଦାମୁଣ୍ଡକୁ ଯେତେ ରାମ୍ପିଲେ ଟିପ ଖସିଯାଏ । ସେ ଚିକ୍କଣ ଭୂମିରେ ଗୋଟାଳିଆ ନା ବା କାହୁଁ ରହିବ ? କେବଳ ନାତି ନାତୁଣୀଙ୍କ ନାଁ ମଧ୍ୟ ସହଜରେ ମନେ ପକାଇପାରନ୍ତି ନାହିଁ । ସବୁଗୁଡ଼ିକ କୁଆଡ଼େ ଆସି ଆସି ତାଙ୍କ ଜିଭ ଅଗରେ ଅଟକି ଯାଆନ୍ତି । ସେଇଠି ବୋଧହୁଏ ରସାତଳକୁ ବିବର ଫିଟିଯାଇଛି । ସବୁ ସେଇଠି ଗଳିପଡ଼ନ୍ତି, ନିଖୋଜ ହୋଇଯାଆନ୍ତି । ଗୋଟାଏ ଗୋଟାଏ ହୁଏତ ଚହଟି ବାହାରି ଆସନ୍ତି । ସେଥିପାଇଁ ଅଜା ଅବଶ୍ୟ ଦାୟୀ ନୁହନ୍ତି ।

ଆମେ ନାତି ନାତୁଣୀଯାକ ମଧ୍ୟ ସେଇ ପରମ୍ପରାର ପିଲା । ଆମ ଅଙ୍କ ବହି ହଜିବା ଭାରି ସାଧାରଣ କଥା । ଖଡ଼ିପାଇଁ ନିତିଦିନ କଳି । ସ୍କୁଲ ଯିବାବେଳକୁ କମ୍ପାସ୍ ବାକ୍ସର ବିଭିନ୍ନ ଅଂଶ ଘରର ଦାଣ୍ଡଦୁଆରୁ ବାଡ଼ିଆଡ଼ ପର୍ଯ୍ୟନ୍ତ ଖୋଜିବା ଏକ ଦୈନନ୍ଦିନ ଘଟଣା । ପଇସା ନେଇ ପାଖ ବଜାରକୁ ଗଲେ ସବୁଠାରୁ ଜରୁରୀ ସଉଦାଟି ଭୁଲିଯିବା ଏବଂ ସଂଖ୍ୟାପୂରଣ ପାଇଁ କିଛି ଚିନାବାଦାମ ଭୁଲ୍‌ରେ କିଣି ଆଣିବା ମଧ୍ୟ ଭାରି ସ୍ୱାଭାବିକ କଥା । ଠିକ୍ ସମୟରେ କଥାଟା ମନେପଡ଼େ ନାହିଁ ବୋଲି ଘରେ ଗାଳି, ବାହାରେ ଗାଳି ଖାଇ ଖାଇ ଦେହଘଷିଆ ହୋଇଯାଏ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏ ଖୋଇ ମଧ୍ୟ ବଢ଼ିଚାଲେ । ପୁଅ ପାଖକୁ ତା' ସାଙ୍ଗ ଦେଇଥିବା ଚିଠି ମୁଣା ଭିତରେ ପନ୍ଦରଦିନ ପଡ଼ିରହେ । ଧୋବା ଘରକୁ ଲୁଗା ପଡ଼ିଲାଦିନ ହୁଏତ ସେ ନିଜେ ତାକୁ ଆବିଷ୍କାର କରେ । ନିର୍ଲଜ୍ଜପରି ଦାନ୍ତ ନେଫେଡ଼େଇ ମାନିଯିବାକୁ ହୁଏ ଯେ ଏଣିକି ଆଉ ସବୁ କଥା ମନେ ରହୁନାହିଁ । ଚିଠିକୁ କେନ୍ଦ୍ର କରି ସବୁ ପ୍ରକାର ପାସୋରିବା ବିକ୍ରିୟା ଦେଖାଦିଏ । କାହାପାଖକୁ ଚିଠି ଲେଖିବା ପଡ଼ିଗଲେ ସେଇ କାମଟି ତିନିଚାରି ଧାପରେ ଉଠିଆ ହୁଏ । ଦିନେ କାର୍ଡ଼ କିଣାଯାଏ, ଆଉଦିନେ ତାରିଖ ପଡ଼େ, ଆଉଦିନେ ହୁଏତ ଚିଠି ଲେଖାହୁଏ ; କିନ୍ତୁ ତାକୁ ନେଇ ଡାକଘରେ ପକାଇବା କାଠିକର ପାଠ । ବହୁବାର ଏ ମୁଣାକୁ ବଦଳ ହୋଇସାରିବା ପରେ ଯଥାସମୟରେ ପ୍ରାୟ ମାସକ ପରେ ସେଇଟି ବନ୍ଦର ଛାଡ଼େ । ତେଣିକି ଆରକୂଳରେ ତାହା ଲାଗେନା ନାହିଁ, ଯଦି ବନ୍ଧୁ ଜଣକ ସମର୍ଧମୀ ହୋଇଥାନ୍ତି, ତେବେ ଜାଣିବା ଅସମ୍ଭବ ।

ଏମିତି ଅନେକ ଜିନିଷ ଭୁଲି ହୋଇଯାଏ । ମନେରଖିବା ସତେ ବା ଏକ ଅସ୍ୱାଭାବିକ ପ୍ରଚେଷ୍ଟା । ପାସୋରିବା ହିଁ ମନର ସ୍ୱାଭାବିକ ଧର୍ମ । ଜବରଦସ୍ତି ତା'ଉପରେ ଚପେଇ ନ ରଖିଲେ,

Digitized by srujanika@gmail.com

ସେ ହୁଏତ କିଛି ମନେରଖନ୍ତା ନାହିଁ । ମନ ଭିତରୁ ଯଦି ଭୟ ଚାଲିଯାନ୍ତା, ଲୋଭ ଚାଲିଯାନ୍ତା, କ୍ରୋଧ ଓହ୍ଲେଇ ଯାଆନ୍ତା, ତେବେ ବୋଧହୁଏ ସେ ଆକାଶପରି ଖୋଲିଯାଆନ୍ତା । ସେଥିରେ ଶହେ ପ୍ରକାରର ମେଘ ଆସନ୍ତେ ଓ ଯାଆନ୍ତେ ; କିନ୍ତୁ କାହାକୁ ସେ ଧରି ରଖିବାକୁ ଇଚ୍ଛା କରନ୍ତା ନାହିଁ । ଭୁଲାମନକୁ ଠିକ୍ କହିଲେ ସେଇଟା ଭୋଳାମନ । ସେ କାହାକୁ ଡରେ ନାହିଁ । ଏଣୁ ତାକୁ ସନ୍ତୁଷ୍ଟ କରିବାକୁ ବା ତା' ରୁଚିକୁ ସୁହାଇଲାଭଳି କୌଣସି କଥା ମନେ ରଖିବାକୁ ସେ ବାଧ୍ୟ ନୁହେଁ । ଧନ, ମର୍ଯ୍ୟାଦା, ପ୍ରତିପତ୍ତି ବା ପ୍ରତିଷ୍ଠା ପାଇଁ ତା'ର ଲୋଭ ନାହିଁ । ଏଣୁ ଟିପାଖାତା ରଖି ଗୋଟାକ ପରେ ଗୋଟାଏ ଇଟା ଖଞ୍ଜିବାର ଯୋଜନା ତାର ନାହିଁ । ଏଣୁ ମନେରଖିବାର ପ୍ରୟୋଜନ ମଧ୍ୟ ନାହିଁ । ମାନ ଅପମାନକୁ ସମାନ ଗୁରୁତ୍ୱ ଦେଉଥିବାରୁ ତା'ର କାହା ଉପରେ କ୍ରୋଧ ଉପଜାତ ହେବାର ମଧ୍ୟ ଅବକାଶ ନାହିଁ । ଦିନରାତି ଶତ୍ରୁନିପାତ ମନ୍ତ୍ର ଜପି କୁରାଢୀ ପଜେଇବାରେ ପ୍ରୟୋଜନ ନାହିଁ ।

ପାସୋରିବା ଅର୍ଥ ପଛକୁ ପକେଇଦେବା – ମଣିଷ ସମାଜର ଘୋର ଅବୁଝାମଣା ଭିତରେ କଥା କହିଲେ ଶତ୍ରୁ, ମନେରଖିଲେ ହଣାହଣି । ପଛକୁ ପକେଇଦେଲେ ନୂଆକରି ବୁଝାବୁଝି ହେବାର ଆଶାଥାଏ, ବ୍ୟକ୍ତି ସମ୍ପର୍କରେ ନୂଆପାଖୁଡ଼ା ଫିଟେଇବାର ସମ୍ଭାବନା ଥାଏ । ପଛକଥାକୁ ଗଣ୍ଠି ପକେଇ ରଖିଲେ ଆଗାମୀ ଆଲୋକକୁ ଗ୍ରହଣ କରିହୁଏ ନାହିଁ । ସେଥିପାଇଁ ବୋଧହୁଏ ଦିନଯାକର କଳିତକରାଳ, କ୍ରୋଧ, ଆକ୍ରୋଶ, ମାନ ଅପମାନକୁ ପୋଛିଦେବାକୁ ପୁଣି ନିର୍ମଳ ନିରାବରଣ ହୋଇ ନୂଆ ସୂର୍ଯ୍ୟକୁ ଅଭିନନ୍ଦନ ଜଣାଇବାକୁ ଗୋଟାଏ ରାତିର ପାସୋର-ପ୍ରଲେପ ମନ ଉପରେ ବୋଳି ହୋଇଯାଏ, କିନ୍ତୁ ଆମେ ଉଠିବା ମାତ୍ରେ କାଲି କଥାଯାକ ଅବିକୃତ ମନେପଡ଼ିଯାଏ । ପୁରୁଣା କ୍ଷତ ସବୁ ପୁଣି ରକ୍ତ ଝରାନ୍ତି, ପୁରି ଅସୂୟା ବିଦ୍ୱେଷରେ ଲହୁଲୁହାଣ ହେବାପାଇଁ ଆମେ ବାହାରିପଡୁ, ପଛକଥା ପଛକୁ ପକେଇ ହୁଏନାହିଁ ବୋଲି ସବୁ ଜମାଟ ବାନ୍ଧି ଗୋଟାଏ ଦୁର୍ଜୟ ସଂକଟରୂପେ ଦେଖାଦିଏ । ଯଦି ସତକୁ ସତ ପ୍ରତ୍ୟେକ ଦିନର ସବୁ ଉତ୍ତାପକୁ ରାତିର ନିବୁଜ ନିର୍ଜନତା ଭିତରେ ବୁଡ଼େଇ ଦେଇ ହୁଅନ୍ତା, ବୋଧହୁଏ ଜୀବନରୁ ଅନେକ ଅସୁସ୍ଥତା ଦୂର ହୋଇଯାଆନ୍ତା, ଦିନକୁ ଦିନ ମଣିଷ ଏତେ କ୍ଳାନ୍ତ ଅନୁଭବ କରନ୍ତା ନାହିଁ ।

ତା' ବୋଧହୁଏ କିଛି କିଛି ନିଶ୍ଚୟ ହୁଏ । ଦିନଶେଷର କ୍ଳାନ୍ତ ଘର୍ମାକ୍ତ ବାଟୋଇଟିର ହାତଧରି ନିଦ ଆସ୍ତେ ଟାଣିନିଏ, ଖୁବ୍ କାକର ନରମ ସ୍ୱପ୍ନ ରାଜ୍ୟ ଭିତରକୁ । ସେଇଠାରେ ତା' କ୍ଷତରେ ଚନ୍ଦନ ବୋଳାହୁଏ । ବହୁ ଭଙ୍ଗାରୁଜାକୁ ପୋତି ଦିଆଯାଏ । ତା' ନ ହେଲେ ସେ ତା ପରଦିନ ପୁଣି ଚାଲିପାରିବ ନାହିଁ । ଶୋଇ ନ ପଡ଼ିଲେ, ଅନେକ କଥା ଭୁଲି ନ ଗଲେ, ସ୍ନାୟୁରୁ ତୋରଣ କୁଢେଇ ହୋଇପଡ଼ିବ ଖଣ୍ଡ ଖଣ୍ଡ ହୋଇ !

ତା' ହେଲେ ତ ଯେତେ ପାସୋରିବ ସେତେ ଭଲ ! କିଛି ମନେ ନ ରଖିଲେ ସବୁଠୁ ଭଲ । ଏଠି ପ୍ରତିପକ୍ଷ ନିଶ୍ଚୟ ଟିକିଏ ହସିବେ । କହିବେ ଭୁଲିଗଲେ ଆଉ ସମାଜ, ସଂସ୍କୃତି, ସାହିତ୍ୟ, ଦର୍ଶନ, ବିଜ୍ଞାନ ଆଦି ରହିବେ ତ ? ଏ ସମସ୍ତ ପରା ଯୁଗଯୁଗର ସଞ୍ଚିତ ପାଣ୍ଠି ! ଯଦି ଏବକଥା ପରମୁହୂର୍ତ୍ତରେ ଭୁଲି ହୋଇଯାଏ, ତେବେ ନିଜକୁ ମଧ୍ୟ ଗୋଟିଏ ବର୍ଦ୍ଧିଷ୍ଣୁ ବ୍ୟକ୍ତିରୂପେ

Digitized by srujanika@gmail.com

ବୁଝିହେବ ନାହିଁ । ଯାହା ବୁଝିଲ ତାକୁ କଥାରେ ପ୍ରକାଶ କରିହେବ ନାହିଁ । କାରଣ ବର୍ଣ୍ଣମାଳା, ଶବ୍ଦ ଅର୍ଥ ସବୁ ପାସୋର ହୋଇଯାଇଥିବ । ତେବେ ତ ନିଶୁଣୀରେ ସବୁ ଧାପ ଚଢିଯାଇ ଶୂନ୍ୟକୁ କୁଦାମାରି ଯିବାକଥା । ସମଗ୍ର ନିଶୁଣୀ ଖସି ପଡ଼ିବ ଏବଂ ତା'ପରେ ନିଜର କ'ଣ ହେବ ତା କିଏ କହିପାରିବ ? ସ୍ମୃତି ନ ରହିଲେ କାଳ ଜ୍ଞାନ ଆସିଲା କାହୁଁ ? ଘଟଣା ଘଟିଲା ପରେ ଯଦି ଲିଭିଯାଆନ୍ତା ପରମ୍ପରା ଆଉ ଦିଶୁନଥାନ୍ତା, ଅତୀତ ବର୍ତ୍ତମାନକୁ ଯୋଡ଼ି ହେଉନଥାନ୍ତା, ତେବେ ଭବିଷ୍ୟତ କ'ଣ ଆକାଶରୁ ଆସନ୍ତା ? ସବୁ ଗଳିପଡ଼ନ୍ତା ଗୋଟାଏ ଅବ୍ୟକ୍ତ ଶୂନ୍ୟକୁ । କାଳଜ୍ଞାନ ନଥିଲେ ବସ୍ତୁଜ୍ଞାନ ମଧ୍ୟ ସମ୍ଭବ ନୁହେଁ । ମୋଟ ଉପରେ ଜ୍ଞାନ ହିଁ ସମ୍ଭବ ନୁହେଁ । ଅତଏବ ସ୍ମୃତିକୁ ଯଦି ବାତିଲ୍ କରି ଦିଆଯାଏ, ମନ ତା'ର ଆଧାର ଅଭାବରେ ଭାଙ୍ଗି ପଡ଼ିବ । ସ୍ମୃତି ହିଁ ମନର ଆଦିମରୂପ, ତା'ର ମୂଳପିଣ୍ଡ । ବହୁକଥା ମନେରଖିବା ପରେ ତାକୁ ଗୁଛିବା ପ୍ରତିକ୍ରିୟାରେ ମନର ଅନ୍ୟାନ୍ୟ ବିଭାଗ ସବୁ ବୋଧହୁଏ ପ୍ରକଟିତ ହୋଇଥିଲା । ତା'ହେଲେ ସବୁ ପାସୋର ହୋଇଗଲେ ମଣିଷର ହିଁ ବିଲୟ ହୋଇଯିବ ।

ତା' ଠିକ୍ ! ବୋଧହୁଏ ହୋଇଯିବ । ହୋଇଗଲେ ମଧ୍ୟ ସୃଷ୍ଟି କିଛି ଗୋଡ଼ି ମାଟି ହୋଇଯାଉନାହିଁ । ମଣିଷର ବହୁ ଆଗରୁ ସୃଷ୍ଟି ଯେପରି ଥିଲା, ସେ ନିଶ୍ଚିହ୍ନ ହେବାର ଅନନ୍ତକାଳ ପରେ ମଧ୍ୟ ତା' ନିଜ ନିୟମରେ ସେହିପରି ଚାଲିଥିବ । ମଣିଷ ଆସିବା ଯିବା ଗୋଟାଏ ନିମେଷକର ବ୍ୟବଧାନ ମାତ୍ର ହୋଇପାରେ ; ତଥାପି ମଣିଷର ବିଲୟ ହୋଇଯାଉ, ଏକଥା କେହି କହୁନାହିଁ । ତାରି ବଞ୍ଚିବା ପାଇଁ ସେ ନିଜେ ଯଦି ବା ସେମିତି କିଛି ଶ୍ଳାଘ୍ୟ ନୁହେଁ, ତଥାପି ବଞ୍ଚୁ । ଖାଲି ଜୀବନକୁ ଏତେଟା ଦୁର୍ବହ ନ କରି ଯଦି ଟିକିଏ ହାଲୁକା କରିହୁଏ ; ସେଥିପାଇଁ ଏଇଟା ଗୋଟାଏ ପ୍ରସ୍ତାବ ମାତ୍ର । ଭୁଲିଯିବା ଯେହେତୁ ସମ୍ଭବ, ଅନେକ ଜ୍ୱାଳା ଅନେକ ତୀବ୍ର ଦଂଶନ ଭୁଲିଗଲେ ମନ୍ଦ କ'ଣ ? ଯଦି ମନେରଖିଥିବା ସମ୍ଭବ, ତେବେ ରେଖାଏ ମେଘ ବା ପାଖୁଡ଼ାଏ ଫୁଲର ନୀରବ ଆବାହନକୁ ମନେରଖିଲେ କ୍ଷତି କ'ଣ ? ଆମେ ହୁଏତ ପରସ୍ପରକୁ ଭଲପାଇବାକୁ ଚେଷ୍ଟା କରିଆସିଛୁ, କିନ୍ତୁ ଆମେ ପାଖେଇ ଆସିଲେ ଆମର ଅଜସ୍ର ନଖଦନ୍ତରେ ଏପରି ଆଘାତ କରୁ, ଏପରି କ୍ଷତ ବିକ୍ଷତ କରୁ, ଯାହାଫଳରେ କ୍ରୋଧ ବିଦ୍ୱେଷ ହିଁ ମଣିଷ ସମ୍ପର୍କର ଅନିବାର୍ଯ୍ୟ ପରିଣାମରୂପେ ଆସି ଠିଆହୁଏ । ଏ ଅସହାୟ କ୍ଷତିଗୁଡ଼ିକୁ ଭୁଲିଯାଇ ସେଇ ମୌଳିକ ପ୍ରୟାସଟିକୁ ମନେରଖି ପାରିଲେ ଆମ ସଂସ୍କୃତି ଓ ପରମ୍ପରାର କ'ଣ ବିଶେଷ କ୍ଷତି ହୋଇଯାଆନ୍ତା ? ଗୋଟିଏ ତୀବ୍ର ଜ୍ୱାଳା ଭୁଲିବା ପାଇଁ ଯଦି ପାଞ୍ଚଟି ବିଶିଷ୍ଟ ସୂକ୍ତ ବା ଐତିହାସିକ ନାମ ଭୁଲିବାକୁ ପଡ଼େ - ଏ ସର୍ତ୍ତରେ ରାଜି ହୋଇଯିବା ଉଚିତ୍ । ଗଣ୍ଠି ପକେଇ ମନେରଖିବା ଆମର ଗୋଟାଏ ଦୁରାରୋଗ୍ୟ ବ୍ୟାଧି । ଏଣୁ ପ୍ରସ୍ତାବ ହେଲା, ଏଣିକି କିଛି ଭୁଲାଯାଉ ।

Digitized by srujanika@gmail.com

ପାହାଡ଼ଚଢ଼ା

ସାର୍ପା ଟେନ୍‌ସିଙ୍ଗଙ୍କର ଗୌରିଶଙ୍କର ବିଜୟ ପରେ ଜଣେ ବଣିକଧର୍ମୀ କୁଆଡ଼େ ପଚାରିଲେ, ''କିଓ ସେ ପର୍ବତ ଉପରେ ସୁନା ଅଛି ନା ରୂପା ଅଛି ? ଏତେ ବାଟ ଏତେ ପରିଶ୍ରମ କରି ଚଢ଼ିବାରେ ଲାଭ କ'ଣ ? ଲାଭ ନଥିଲେ ଓଲାଙ୍କ ପରି ଏମିତି ଜଣେ କାହିଁକି କଷ୍ଟ ପାଇବାକୁ ଯିବ ?'' ତାଙ୍କୁ ଅବଶ୍ୟ ଉତ୍ତରରେ କୁହାଯାଇପାରିଥାନ୍ତା ଯେ, ଧନ ନ ମିଳିଲେ ନାହିଁ, ଯଶ ତ' ମିଳିବ । ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଆରୋହଣ କରିବା କିଛି କମ୍ ଗୌରବର କଥା ନୁହେଁ, କିନ୍ତୁ ଏ କ'ଣ ଯଥାର୍ଥ ଉତ୍ତର ହେଲା ବୋଲି ଭାବୁଛନ୍ତି ? ମହାକାଶଚାରୀ ଚନ୍ଦ୍ର ଭୂମିର ମରୁପ୍ରାନ୍ତରେ ଓହ୍ଲାଇବା ଉପରେ ଯଦି ସେହି ବଣିକଧର୍ମୀ ମହାଶୟ ପୁଣି ପ୍ରଶ୍ନ କରନ୍ତି, ତେବେ ଆମେ ସେଇଭଳି କିଛି ଉତ୍ତର ଦେଇଦେବା ; କିନ୍ତୁ ଯଶ ପାଇଁ କ'ଣ ଆଉ ପ୍ରଶସ୍ତ କ୍ଷେତ୍ର ନ ଥିଲା - କାହିଁକି ମଣିଷ ଗୋଟାଏ ଶୃଙ୍ଗ ଉପରେ ଚଢ଼େ ? ସେ ଜାଣେ ଯେ ତାହା ସହଜ ନୁହେଁ... ସହଜ ନୁହେଁ ବୋଲି ବୋଧ ହୁଏ ବେଶି ତା'ର ଇଚ୍ଛାହୁଏ । ସେ ଆହୁରି ଜାଣେ ଯେ ସେଥିରେ ଯଶ ମିଳୁ ନ ମିଳୁ ମୃତ୍ୟୁ ହାବୋଡ଼ି ଯାଇପାରେ । ତତ୍‌ସତ୍ତ୍ୱେ ସେ କାହିଁକି ଭିଡ଼ି ବାହାରିପଡ଼େ ଚଢ଼ିବାକୁ ?

ଉଣାଅଧିକେ ସମସ୍ତଙ୍କ ଭିତରେ ଗୋଟିଏ ଲେଖାଁ ଯୋଦ୍ଧା ଲୁଚି ରହିଛି । ତାକୁ ରେରେକାର କଲେ ସେ ସହିପାରେନାହିଁ, କୁଦାମାରି ବାହାରି ଆସେ । ଅପରାଜିତାକୁ ଜୟ କରିବାକୁ, ଦୁର୍ଦ୍ଦାନ୍ତକୁ ପରାସ୍ତ କରିବାକୁ ତା'ଭିତରେ ଗୋଟିଏ ବିଜିଗିଷା ସବୁବେଳେ ଜଳୁଥାଏ । ସେ ସଂସାରକୁ ଚାହିଁଲାବେଳେ ତାକୁ ଜଣାପଡ଼େ ଯେ ଚାରିଆଡୁ ତା'ପାଇଁ ଯୁଦ୍ଧର ଆହ୍ୱାନ ଆସିଛି । ଅଛିଣ୍ଡା ଅଙ୍କଟାଏ ବା ଗଛ ଶିଖ ଉପରେ ଓହଳିଥିବା ପାଚିଲା ଆମ୍ବଟାଏ ତାକୁ ଟଟେଇଲାପରି, ଟିହାଇ ଦେଲାପରି ମୁରୁକିମାରି ପଚାରୁଛି, ''ହଁ ତୁ କ'ଣ ପାରିବୁ ?'' ବୁକୁ ଉପରେ ଚାପୁଡ଼ା ମାରି ଡେଣା ଫୁଲାଇ ପୁରୁଷପଣିଆ ହୁଙ୍କାରିଉଠେ । କହେ, ''ମୁଁ ପାରିବି ନାହିଁ ? ମୁଁ ପରା ଆଲେକ୍‌ଜାଣ୍ଡାର୍ ! ମୋତେ କ'ଣ ବୋଲି ପାଇଲୁ ?'' ଦିଗ୍‌ବଳୟକୁ ମାଡ଼ିଯାନ୍ତି ରଣଦୁର୍ମଦ ଗ୍ରୀକ୍ ସୈନ୍ୟ । ମାସିଡ଼ନଠାରୁ । ଗଙ୍ଗା ପର୍ଯ୍ୟନ୍ତ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଯାଏ । ସେହିଭଳି ଗୋଟାଏ ଅଭିଯାନରେ ଅପରାଜିତ ସମୁଦ୍ରକୁ ପାରିହୋଇ ଆମେରିକା ଆବିଷ୍କାର ହୋଇଯାଏ । କୁମେରୁ ସୁମେରୁ ଉପରେ ପତାକା ଦଣ୍ଡ ପୋତାଯାଏ । ଇଟାଲୀର ଏକତ୍ରୀକରଣ ହୋଇଯାଏ । ଭାରତ ସ୍ୱାଧୀନ ମଧ ହୋଇଯାଏ । ଏଇଭଳି ନଦୀବନ୍ଧ ଗଢ଼ାହୁଏ । ସମୁଦ୍ରରେ ପୋଲ ପଡ଼େ, ମରୁଭୂମି

Digitized by srujanika@gmail.com

ଶସ୍ୟ ସମ୍ଭାରରେ ଭରିଯାଏ, ନେପୋଲିୟନମାନେ ଘୋଷଣା କରନ୍ତି ଯେ, 'ଅସମ୍ଭବ' ଶବ୍ଦ କେବଳ କାପୁରୁଷମାନଙ୍କର ଅଭିଧାନରେ ଥାଏ ।

ମନ୍ଦ ନୁହେଁ । ଏଭଳି ପାରିଲାବାଲା ପଂଝାଏ ନ ଥିଲେ ଯୁଦ୍ଧ ବିଗ୍ରହ ହୁଅନ୍ତା ନାହିଁ କିମ୍ବା ଦିଗ୍‌ବିଜୟ ହୁଅନ୍ତାନାହିଁ । ଲଢ଼ିବା ପ୍ରବୃତ୍ତି କିଛି ମନ୍ଦ ନୁହେଁ । ତାକୁ କେବଳ ମଣିଷ ମୁଣ୍ଡ ହାଣିବାରେ ପ୍ରୟୋଗ କରାଗଲେ ଆଜିକାଲି ଆଉ ବେଶି ସମୟ ଲାଗିବନାହିଁ, ଘଣ୍ଟାକଭିତରେ ଖେଳ ସରିଯିବ । ତା ନ କରି ବରଂ ଶତ୍ରୁକୁ ବାଛି ଜାଣିଲେ ଯୁଦ୍ଧକୁ ଯୁଦ୍ଧ ହୁଅନ୍ତା, ମଣିଷ ଅଧିକରୁ ଅଧିକ ଶାଖାମେଲି ବଞ୍ଚିପାରନ୍ତା । ଧରାଯାଉ କେନସର୍ ଏକ ଶତ୍ରୁ । ସେଭଳି ଲକ୍ଷାଧିକ ଆଧିବ୍ୟାଧି ଆମର ଶତ୍ରୁ । ଦାରିଦ୍ର୍ୟ ଆମ ଶତ୍ରୁ, ଅଜ୍ଞତା ଆମ ଶତ୍ରୁ, ମହାକାଶ ଆମ ଶତ୍ରୁ । ବନ୍ୟା, ମରୁଡ଼ି, ବାତ୍ୟା ଏ ସମସ୍ତ ଆମର ଶତ୍ରୁ । ଏମାନଙ୍କୁ ଜୟ କରିବାପାଇଁ ଆମର ସମସ୍ତ ବୁଦ୍ଧିବୃତ୍ତି, ସମସ୍ତ ଧନ ସମ୍ପତ୍ତି, ଶକ୍ତି ସାମର୍ଥ୍ୟ ବ୍ୟୟ କଲାଭଳି ଅବକାଶ ଅଛି । ଖୁବ୍ ଭିଡ଼ାଭିଡ଼ି ଯୁଦ୍ଧ ଅନ୍ତତଃ ଗୋଟାଏ ଶତାବ୍ଦୀ ପାଇଁ ଚାଲିପାରେ । ରଣକଣ୍ଡୁ ମେଣ୍ଟାଇବାପାଇଁ ଏହାଠାରୁ ଆଉ ପ୍ରଶସ୍ତ କ୍ଷେତ୍ର ବା କାହିଁ ?

ଏ ସମସ୍ତ ଗୋଟାଏ ଲେଖାଁ ପାହାଡ଼ ଚଢା ; ସାଧାରଣ ଦୃଷ୍ଟିରେ ଅସମ୍ଭବ ପରି ଦିଶୁଥିବା କୌଣସି ସମସ୍ୟାକୁ ଆୟତ୍ତକୁ ଆଣିବାର ଗୋଟାଏ ବଳଶାଳୀ ପ୍ରକ୍ରିୟା । ଗୋଟାଏ ପ୍ରଖର ଘୋଡ଼ାକୁ ଚଢ଼ିବା, ମହାବଳକୁ ଯନ୍ତାରେ ପୂରାଇ ପୋଷା ମନେଇବା କିମ୍ବା ନାଏଗ୍ରା ପ୍ରପାତ ଉପରେ ତାର ଭିଡ଼ି ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଚାଲିଯିବା ଭଳି ! ଅସାଧ ସାଧନ କଲେ ସାଧୁବାଦ ତ ନିଶ୍ଚୟ ମିଳେ, ତା ବାହାରେ ଏମାନଙ୍କ ଭିତରର ଅସାଧାରଣ ଗୋଟାଏ ବହ୍ନି ଶାନ୍ତ ହୋଇଯାଏ । ଯାହା କେହି କରିପାରିବେ ନାହିଁ ତା' ମୁଁ କରିବି, ଏ ଆତ୍ମପ୍ରତ୍ୟୟ ପରିତୁଷ୍ଟ ହୁଏ । ସେମାନେ ଦାମ୍ଭିକ ନୁହନ୍ତି । ନିଜପାଇଁ ବସ୍ତୁତଃ ଗୋଟାଏ ଅସମ୍ଭବ, ଅସାଧାରଣ ଯୋଜନା କରିବା ଭିତରେ ସେମାନେ ଅନ୍ୟମାନଙ୍କଠାରୁ ବାରିହୋଇଯାଆନ୍ତି । କାଳସ୍ରୋତରେ ଲକ୍ଷ୍ୟହୀନ ଭାବରେ ଭାସିଯିବା ସେମାନଙ୍କ ଜାତକରେ ନାହିଁ । ସୁଅକାଟି ସ୍ରୋତରେ ବରଂ କିଛି ଗାର ପକେଇଯିବେ । ସେଇଟା ସବୁଦିନକୁ ରହିବା ନ ରହିବା ପ୍ରଶ୍ନ ତାକୁ ବିବ୍ରତ କରେନାହିଁ । ସେ ସମତଳ ଧୂଳିଆ ଭୂଇଁରେ ଚାଲି ଚାଲି ପାଦରେ ବିଣ୍ଡି ପକାଇବାକୁ ନାରାଜ ! ସେ ଚାହାନ୍ତି ଇମାଢିଆ ପଥର ଡେଇଁ କଣ୍ଟାଲଟା କାଟି ଅହରହ ତଳକୁ ଟାଣି ଧରୁଥିବା ଗୋଟାଏ ଅଦୃଶ୍ୟ ଶକ୍ତି ସାଙ୍ଗରେ ଲଢେଇ କରି ଶିଖରେ ଯାଇ ପହଞ୍ଚିବେ । ପାହାଡ଼ ଚଢ଼ିବା ଗୋଟାଏ ମନସ୍ତତ୍ତ୍ୱ । ଗୋଟାଏ ପ୍ରକାର ମନୋଭାବ । ଏଥିରେ ଆଡ଼ି ପତେଇ ଫୁଙ୍ଫୁକାର କରୁଥିବା ଗୋଟାଏ ଷଣ୍ଢ ଅହରହ ପ୍ରତିଦ୍ୱନ୍ଦ୍ୱୀଟାଏ ଖୋଜୁଥାଏ । କିଛି ନ ମିଳିଲେ ଭୂଇଁଟାକୁ ଘୂରେଇ ପକାଏ, ରଙ୍ଗମାଟି ଗଦାଟାକୁ ଶିଙ୍ଗରେ ତାଡ଼ି ବୁଣି ଦେଇଥାଏ । ଏମାନେ ସାଧାରଣ ଜୀବନରେ ଉଚ୍ଚନୀଚ ଚାହାନ୍ତି । ସେଇ ଅନୁପାତରେ ନିଜର ବଳ ଖଟେଇବାକୁ ଚାହାନ୍ତି । ମୋଟ ଉପରେ ଖୋଜୁଥାନ୍ତି ଗୋଟାଏ ପାହାଡ଼ । ପାହାଡ଼ ମଧ୍ୟ ଅଜସ୍ର ମିଳିଯାଏ । ନଚେତ୍ ଗାଙ୍ଗେୟ ଉପତ୍ୟକା ପରି ସମତଳ ଜୀବନଭୂମିରେ ସେମାନେ ଶୂନ୍ୟକୁ କୁଦାମାରି ମାରି ମରିଯାଆନ୍ତେ ।

Digitized by srujanika@gmail.com

ସେମିତି ପକ୍‌କା ଓସ୍ତାଦ୍ ନହେଲେ ପାହାଡ଼ଚଢାଳିର ମୁହଁ ଅତ୍ୟନ୍ତ ଗମ୍ଭୀର ହେବା ଉଚିତ୍ । ଯଦି ସେ ବହୁବାର ଚଢି ଓହ୍ଲାଇଥାଏ, ତେବେ ପାହାଡ଼ ପାଦଦେଶରେ ଠିଆହୋଇ ଯୁଦ୍ଧକୁ ତିଆର ହେଉଥିବା ଗୋଲନ୍ଦାଜ ମୁଣ୍ଡାରୁ ଚକୋଲେଟ କାଢି ଖାଇଲା ପରି ଟିକିଏ ଦୋକତା ପାଟିକୁ ପକେଇପାରେ, ଟିକିଏ ସିଗାରେଟ୍ ଫୁଙ୍କିପାରେ ବା ପାଖରେ କେହି ଥିଲେ ଟିକିଏ ପରିହାସ ମଧ କରିପାରେ । ନ ହେଲେ ପାହାଡ଼ ଶିଖକୁ ସ୍ଥିରଦୃଷ୍ଟିରେ ଚାହିଁ ଦୁଇ ଚାରିଥର ଦୀର୍ଘଶ୍ୱାସ ଟେକି ଛାଡ଼ିବା ହେଲା ବିଧି । ଅଣ୍ଟାରେ ଚଉଡ଼ା କମରପଟା, ପାଦରେ ସେମିତି ଟାଣୁଆ ଜୋତା, ଆଖିରେ ସ୍ଥିରତା, ମନରେ ଦୃଢତା – ସମଗ୍ର ଚେତନାରେ ଗୋଟାଏ ପାହାଡ଼ ପରି ସଂକଳ୍ପ । ତୁଳି ଜାଣିଲେ ପଥରପାହାଡ଼ଠାରୁ ଏ ସଂକଳ୍ପର ପାହାଡ଼ ଦଶଗୁଣ ଭାରି । ନହେଲେ ଚଢାଳିକୁ ଏମିତି ଉପରକୁ ଟେକିନେବା ସମ୍ଭବ ହୁଅନ୍ତା ନାହିଁ ।

ଟାଉ ଟାଉ କେହି କେବେ ପାହାଡ଼ ଚଢେ ନାହିଁ । ପ୍ରତିଥର ପାଦ ପକେଇବା ପୂର୍ବରୁ ଦେଖିବାକୁ ପଡ଼େ । ଏଠି ତ ଆଉ ଗୋରୁ ଶଗଡ଼ ଚଲା ବାଟ ପଡ଼ିନାହିଁ । ନିଜେ ବାଟ କାଢି ଯିବାକୁ ହେବ । ନିଜକୁ ଭିଡ଼ି ନେବାକୁ ହେବ । ଟିପଠାରୁ ଶିଖ ପର୍ଯ୍ୟନ୍ତ ସବୁ ଶିର ଟାଣି ହୋଇଯାଆନ୍ତି । ଦେହ ଖଣ୍ଡକ ଆଉ ଢିଲାବସ୍ଥା ନୁହେଁ । ଏଣୁ ପାହାଡ଼ଚଢାଳି ସବୁ ଜୋର୍ ଲଗେଇ ପାଦ ପକାଇବାରେ ଗୋଟାଏ ଆନନ୍ଦ ପାଏ । ସବୁ ଶକ୍ତି ବିନିଯୋଗ କରିବାର ସୁଯୋଗ କ'ଣ ସବୁବେଳେ ମିଳେ ? ସେ ଭିଡ଼ି ହୋଇ ଉପରକୁ ଉଠେ ; କିନ୍ତୁ ସେ କେବଳ ନିଜକୁ ଭିଡ଼େନାହିଁ, ଭିଡ଼େ ଆଉ ଗୋଟାଏ କାହାକୁ, ଯେ ତା' ଅଣ୍ଟାକୁ ଜାବୁଡ଼ିଧରି ଓହଳିଥାଏ । ପାହାଡ଼ ଯେତେ ତିଖ ସେତେ ଭାରି ଏ ଅଦୃଶ୍ୟ ବୋଝ । ବଡ଼ ବଡ଼ ଲୁହା ଜଞ୍ଜିର ପାଦରେ ଆଙ୍କୁଡ଼ା ଲଗେଇ ଓହଳି ଥାଆନ୍ତି । ଶିରା ଉପଶିରା ସବୁ ଯୁଦ୍ଧକରି ଛିଣ୍ଡିଗଲା ପରି ଲାଗନ୍ତି । ଶେଷରେ ଗୋଟାଏ ପାଦ ଚଢି ସ୍ଥିର ହୋଇ ଠିଆ ହୋଇଗଲେ ସେ ଆଉ ଟାଣେ ନାହିଁ । ତେଣିକି ପୁଣି ଆଖି ଉପରକୁ ଚାହେଁ । ପାହାଡ଼ ଶିଖ ମୁରୁକିମାରି ପୁଣି ତାକୁ ଟିହାଇଦିଏ । ଚାବୁକ୍ ଖାଇ ଘୋଡ଼ା ପୁଣି ଚହଟି ଉଠେ । ଚାଲେ ଅଖଣ୍ଡ ଅଭିଯାନ । ଲୋକଙ୍କୁ ଦିଶେ ଯେ ସେ ପାହାଡ଼ ସଙ୍ଗେ ଲଢେ ; କିନ୍ତୁ ପାହାଡ଼କୁ ସେ ଭଲପାଏ । ପାହାଡ଼ ନଥିଲେ ନିଜକୁ ଜାହିର୍ କରିବାକୁ ଅନ୍ୟ ଅବଲମ୍ବନ ନାହିଁ ବୋଲି ସେ ବେଶ୍ ବୁଝିଯାଇଥାଏ । ପାହାଡ଼ର ଶିଖ ତା'ପାଇଁ ସଂସାରର ଏକମାତ୍ର ଅମୂଲ୍ୟବସ୍ତୁ । ସେ ଏକ ବନ୍ଦିନୀ ରାଜଜେମା, ତାକୁ ମୁକୁଳେଇବାକୁ ଏ କରିବାର ଯୋଦ୍ଧାପଣ କରିଛି ।

କିଛିବାଟ ଚଢିଗଲେ ଦୃଷ୍ଟି ବେଳେବେଳେ ସେଇ ଏକକ ଶୀର୍ଷବିନ୍ଦୁରୁ ଓହରି ଆସି ଦିଗନ୍ତ ଆଡ଼େ ପହଁରିଯାଏ । ଯେଉଁ ପଡ଼ିଆ ପାରି ହେବାକୁ ଘଡ଼ିଏ ପରିଶ୍ରମ କରିବାକୁ ପଡୁଥିଲା, ସେଇଟା ଦିଶେ ଥାଳିଆପରି, ଗଛଶିଖ ସବୁ କାହିଁ ତଳେ ଦୋହଲନ୍ତି । ମଣିଷଟିମାନ ପିମ୍ପୁଡ଼ି ପରି । ଏ ହେଲା ଉଚ୍ଚଭୂମିର ନିଶା । ମନମତାଣିଆ ଧରିଯାଏ । ଲାଗେ ଗୋଟାଏ କୋଉଠି ପହଞ୍ଚିଗଲା ନା କ'ଣ । ମନ୍ଦ କ'ଣ ? ଉପରକୁ କାହିଁକି ବା ଚଢିବ ? ଏପରି ଭାବି ଏଇଠି ରହିଗଲେ କିନ୍ତୁ ପାହାଡ଼ଚଢାଳି ହାରିଗଲା ବୋଲି ବୁଝିବାକୁ ହେବ । ସେ ନୂଆ ଦିଗନ୍ତରୁ ଦୃଷ୍ଟି ଓହରେଇ ଆଣି ପୁଣି

Digitized by srujanika@gmail.com

ଶିଖକୁ ଅନାଏ ଏବଂ ପୁଣି ଆଗେଇ ଚାଲେ । ପାହାଡ଼ ଶିଖ ଗୋଟାଏ ଦୁର୍ନିବାର ଆକର୍ଷଣ । ସେ ଉଚ୍ଚଭୂମିର ନିଶା କାଟିପକାଏ । ତା'ଠାରୁ ଆହୁରି ଉଚ୍ଚଭୂମି ଅଛି ବୋଲି ସ୍ପଷ୍ଟ ଭାବରେ ସୂଚେଇ ଦିଏ । ଚଢାଳି ଯେତେ ଉପରକୁ ଉଠେ, ତା'ର ଦିଗ୍‌ବଳୟ ସେତିକି ବିସ୍ତୃତ ହୋଇଚାଲିଥାଏ । ସେଇ ନୂଆ ପାଖୁଡ଼ା ମେଲିଯାଉଥିବା ଦିଗନ୍ତ ଭିତରେ ଅନେକ ନୂଆ ପାହାଡ଼ ଶିଖ ଦେଖି ସେ ବିସ୍ମିତ ହୁଏ । ଦୂରରୁ ମୁଣ୍ଡ ଟେକି ଉଠନ୍ତି ନୂଆ ଉଦ୍ଭିଦ, ନୂଆ ପ୍ରାନ୍ତର, ଯାହା ବିଷୟରେ କେବେହେଲେ ସେ ଚିନ୍ତା କରି ନଥିଲା । ସାରା ଦିଗ୍‌ବଳୟରୁ ଅଜ୍ଞାତର ଆମନ୍ତ୍ରଣ । ନିଶା ପୁଣି କଟିଯାଏ, ମନରେ ହତାଶାର ଛାଇ ମାଡ଼ିଯାଏ। ସେ ଅନୁଭବ କରେ ଯେ, ଏ ଚଢନ୍ତି ଭୂମିରେ ପାଦେ ଆଗେଇଲେ ଦିଗ୍‌ବଳୟର ବୃତ୍ତ ଆଉ ଗାରେ ଘୁଞ୍ଚିଯାଉଛି । ନୂଆ ପରିସର ଭିତରେ ଆଉ ଲକ୍ଷେ ପାହାଡ଼ ଶିଖରରୁ ଏକଲକ୍ଷ ଆହ୍ୱାନ ତାକୁ ବିହ୍ୱଳ କରି ପକାଉଛି, ସେ ଯୋଦ୍ଧାପଣ ଭୁଲିଯାଇ ବିନୟରେ ସାଙ୍କୁଡ଼ି ଯାଏ -କେତେ ଛୋଟ ଜୀବଟିଏ ସେ ଏବଂ କେତେ ସୀମିତ ତା'ର ପାରିଲାପଣିଆ । ଏ ବା କି ପାହାଡ଼ ! ଯାଠାରୁ ଆହୁରି ଉଚ୍ଚ, ଆହୁର ଦୁଃସାଧ ଅକଳନ୍ତି ଲକ୍ଷ ଲକ୍ଷ ପାହାଡ଼ ଅନେଇ ରହିଛନ୍ତି । ଦେଖି ମୁଣ୍ଡ ନଇଁଯାଏ । ବଳେ ଦୀର୍ଘ ନିଃଶ୍ୱାସଟିଏ ବାହାରିଯାଏ - ଉଚ୍ଚଭୂମିର ନିଶା ଏଇଠି ସମ୍ପୂର୍ଣ୍ଣ ଓହ୍ଲେଇଯାଏ ।

ମହାକାଶଚାରୀ ଚନ୍ଦ୍ରରେ ପହଞ୍ଚିଗଲେ ମଙ୍ଗଳ ଅନେଇ ରହେ । ବୁଧ, ଶନିଶ୍ଚର,ବୃହସ୍ପତି ଅନେଇ ରହନ୍ତି । ସୌରଜଗତର ପରପାରିରୁ ଅନନ୍ତ ମହାକାଶ ଅନେଇ ରହେ, ଆହ୍ୱାନ କରେ । ଚନ୍ଦ୍ର ବିଜୟର ସାଫଲ୍ୟ ଓ ଗର୍ବ ମଉଳିଯାଏ । ଯାହା ସେ ପାଉନାହିଁ ବା ପାରିବ ନାହିଁ, ତାକୁ ସେ ଚାହେ ନାହିଁ । ଜାଣିଶୁଣି ସେଆଡୁ ଦୃଷ୍ଟି ଫେରେଇ ଆଣି ଯେଉଁ ଟିକକ ସେ ପାରିଛି, ସେଇଠି ଆତ୍ମତୁଷ୍ଟି ଲାଭ କରେ । ପାହାଡ଼ ଚଢାର ଚରମ ମୁହୂର୍ତ୍ତରେ ଅନାବିଳ ଉଲ୍ଲାସ ନ ରହି କେମିତି ଗୋଟାଏ ଉଦାସଭାବ, ଗୋଟାଏ ପ୍ରକାର କ୍ଳାନ୍ତି ଏବଂ ଅବସାଦ ଆସି ଯୋଦ୍ଧାକୁ ଆଛନ୍ନ କରେ ।

ଆଉ ଦଳେ ଅଛନ୍ତି, ଯେଉଁମାନେ କେବଳ ପାହାଡ଼ ଶିଖକୁ ଚାହିଁରହି ଆଗେଇଥାନ୍ତି । ''ଗିରିଶିଖେ ଲକ୍ଷ୍ୟରଖି ଚାଲିବି ନିକର'' - ସେମାନେ ପଣ କରିଥାଆନ୍ତି ଯେ, ଚୂଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆଉ କୁଆଡ଼େ ଅନେଇବେ ନାହିଁ । ଚଢିବା ତାଙ୍କର ଗୋଟିଏ ବିଳାସ । ତା'ର ଜ୍ୱାଳା ଯନ୍ତ୍ରଣା ତାଙ୍କର ଉପଭୋଗ୍ୟ । ସେମିତି ଟିକିଏ ନିଜକୁ କଷ୍ଟ ନହେଲେ ସେମାନେ ଜୀବନର ସ୍ୱାଦ ଅନୁଭବ କରିପାରନ୍ତି ନାହିଁ । ଗିରିଚୂଡ଼ା ତାଙ୍କ ପାଇଁ ଇନ୍ଦ୍ରପଦ ପରି ଶ୍ଲାଘ୍ୟ - ସେମାନେ ଚଢି ଚଢି ଯାଇ ଯେତେବେଳେ ସେଇଠି ପହଞ୍ଚନ୍ତି, ଗୋଟାଏ ମୁହୂର୍ତ୍ତ ବିହ୍ୱଳ ହୋଇଯାଆନ୍ତି, କିନ୍ତୁ ପରମୁହୂର୍ତ୍ତରେ ପାହାଡ଼ଚଢାଳି ଗୋଡ଼ ଯୋଡ଼ିକ ଅଥୟ ହୁଅନ୍ତି ଏବଂ ସେମାନେ ହଠାତ୍ ତୀବ୍ରଭାବରେ ଅନୁଭବ କରନ୍ତି ଯେ, ପାହାଡ଼ ଚଢା ସରିଗଲା । ଏଣକି ଆଉ ଚଢି ହେବ ନାହିଁ । ଏ ଶିଖରେ ରହି ମଧ ହେବ ନାହିଁ । ଓହ୍ଲେଇବାକୁ ହିଁ ହେବ । ପାହାଡ଼ ଚଢାକୁ ଜୀବନର ସବୁ ମୂଲ୍ୟ, ସବୁ ସ୍ୱାଦ ଦେଇଥିବା ଚଢାଳି ହଠାତ୍ ଅବସନ୍ନ ବୋଧ କରନ୍ତି - ''ତା'ହେଲେ ଏଇ ଶୁଖିଲା ନିରାଶ୍ରୟ ବିନ୍ଦୁଟାକୁ ସେ ଏପରି ଖୋଜୁଥିଲେ'' - ନ ପହଞ୍ଚିବା ପୂର୍ବରୁ ସେ ଏତେ ଟାଣେ, ପହଞ୍ଚିଗଲେ

Digitized by srujanika@gmail.com

ସେଇଟା ସତେ ଏତେ ନିରର୍ଥକ !! ବ୍ୟର୍ଥ ବୋଧହୁଏ ତାଙ୍କର ସମସ୍ତ ପ୍ରୟାସ । ସେମାନେ ମୁଣ୍ଡ ତଳକୁ କରି ହୁଏତ ନିରୁତ୍ସାହ ପାଦଯୋଡ଼ିକୁ ଘୋଷାରି ଆରପାଖ ସୂର୍ଯ୍ୟାସ୍ତକୁ ଓହ୍ଲାଇଯାଆନ୍ତି ।

କିନ୍ତୁ କେତେବେଳେ ଏଇ ପାହାଡ଼ ଏତେ ଉଚ୍ଚ ଯେ, ତା'ର ଚୂଳ ଦିଶେ ନାହିଁ, ଚୂଳ ଅଛି କି ନାହିଁ କେହି କହିପାରିବେ ନାହିଁ, ଏଣୁ କାଳେ ସେଇଠି ପହଞ୍ଚିଯାଇ ପୁଣି ଓହ୍ଲେଇବାକୁ ପଡ଼ିବ ଏ ଆଶଙ୍କା ନ ଥାଏ, ଏଭଳି ଏକ ଅକଳନ୍ତି ପାହାଡ଼ ପିଠିରେ ବିଦ୍ୟା ଅର୍ଜନ କରାଯାଏ । ଏ ପାହାଡ଼ର ଶୀର୍ଷରେ କେହି କେବେ ପହଞ୍ଚି ନାହିଁ, କାରଣ ଏହାର ଶୀର୍ଷ ନାହିଁ - ସେଇଠି ପହଞ୍ଚିବାର ଅବକାଶ ମଧ୍ୟ ନାହିଁ । ବିଦ୍ୟା ଅର୍ଜନ କରିବାଦ୍ୱାରା ଯେତିକି ଜ୍ଞାନ ହୁଏ, ତଦପେକ୍ଷା ଦଶଗୁଣ ଅଧିକ ଅଜ୍ଞାନ ବୃଦ୍ଧିପାଏ । ଧାପେ ଚଢ଼ିଗଲେ ଦିଗ୍‌ବଳୟ ଘୁଞ୍ଚିଯାଇ ନୂଆ ଦିକ୍‌ଚକ୍ରଟାଏ ଫିଟିଯାଏ ଏବଂ ସେଇଟା ଅଜ୍ଞାନର ପରିଧି । ସେ ବିଷୟରେ ଚଢ଼ାଳି କିଛି ଜାଣିନଥିଲା । ଏଣେ ଧାପେ ନ ଚଢ଼ିଥିଲେ ମଧ୍ୟ ସେ ନୂଆ ଦିକ୍‌ଚକ୍ର ଦିଶିନଥାନ୍ତା । ବହୁ ଶ୍ରମକରି ଜ୍ଞାନ ଅର୍ଜନ ସିନା କରାଯାଏ, କିନ୍ତୁ ସେ ଏକ ବିଡ଼ମ୍ବନା । ଗୋଟିଏ ବିଷୟରେ ଜ୍ଞାନ ହେବା ଅର୍ଥ ଆଉ ଦଶଟି ବିଷୟରେ ନିଜର ଅଜ୍ଞତା ସ୍ୱୀକାର କରିବା । ଏଣୁ ଯେ ଯେତେ ଜାଣେ, ସେ ସେତିକି ଜାଣେ ନାହିଁ - ଜ୍ଞାନ ପାଇଁ ଯେତକି ପ୍ରୟାସ କରାଯାଏ, ଅଜ୍ଞାନଭୂମି ସେତିକି ବହୁଗୁଣିତ ହୁଏ, ସେତିକି ପ୍ରସାରିତ ହୁଏ । ଶେଷରେ ସମ୍ପୂର୍ଣ୍ଣ ପରାସ୍ତ ହେଲା ପରି କହିବାକୁ ପଡ଼େ ଯେ ଅଜ୍ଞାନର ଜ୍ଞାନ ହିଁ ପ୍ରକୃତ ଜ୍ଞାନ । ଆମେ ଜାଣୁନା, ନ ଜାଣିବା ବିଷୟରେ ସଚେତନ ହେଉ କେବଳ । ଯାହାକୁ ବିଦ୍ୱାନ କହିଥାଉ, ସେ ବିଚାରା ଏହି କାରଣରୁ ବିନୟୀ ହେବାକୁ ବାଧ୍ୟ । ଆମେ ସିନା ଆମ ଦିଗ୍‌ବଳୟରୁ ତା'ର ଉଚ୍ଚତା ମାପି କହୁ ଯେ ସେ ସକଳବିଦ୍ୟାର ଆଧାର, କିନ୍ତୁ ସେ ଜାଣେ ତା ଦିଗ୍‌ବଳୟ କେତେ ବିସ୍ତୃତ । ସେ ହିଁ କେବଳ ବୁଝେ ଯେ ସେ କେତେ ଜାଣେନା ଏବଂ ଅଜ୍ଞାନର ପରିମାଣ ତା'ର ତଥାକଥିତ ଜ୍ଞାନ ଅପେକ୍ଷା କେତେ ଅଧିକ । ଏଭଳି ଖୁବ୍ ବୁଝେ ବୋଲି ସେ ନରମି ଯାଏ ବିନୟରେ, ହୁଏତ ଅବସାଦରେ । ଏଣୁ ବିଦ୍ୟା ଜ୍ଞାନ ଦିଏ ନା ନାହିଁ ହୁଏତ କହିବା କଠିନ, କିନ୍ତୁ ବିନୟ ନିଶ୍ଚୟ ଦିଏ ।

ପାହାଡ଼ଚଢ଼ା ଏକ ଦୁଃସାଧ୍ୟ ଏବଂ ଅନୁପେକ୍ଷ୍ୟ ଆକର୍ଷଣ ; କିନ୍ତୁ ସେ ପ୍ରକ୍ରିୟା ଚଢ଼ାଏ ଯେତେ ଖସାଏ ତା'ଠାରୁ ଦଶଗୁଣ । ସେ ଏକ ବିସ୍ମୟକର ବିଡ଼ମ୍ବନା ।

❖❖❖

Digitized by srujanika@gmail.com

ଭଜବୁଢା

ଭଜବୁଢା ବୁଢା ନ ହୋଇ ଯେ ଆଉ କିଛି ହୋଇଥିବ, ତା' ଆମ ଚିନ୍ତାକ୍ଷେତ୍ରକୁ ପ୍ରବେଶ କରିନାହିଁ । ଐତିହାସିକ ଯୁକ୍ତିରେ ଆକବର ବାଦଶାକୁ କଳ୍ପନା କରି ବିଶ୍ୱାସ କରିହେଉଛି ; କିନ୍ତୁ ଭଜବୁଢାର ବାଲ୍ୟାବସ୍ଥା ବା ଯୌବନ ବିଷୟରେ ଧାରଣା କରିବା ଭାରି ଦୁଃସାଧ୍ୟ । ଆମେ ଦେଖିଲା ଦିନୁ ତା'ର ଛାମୁଦାନ୍ତ ଯୋଡ଼ିଏ ନାହିଁ, ଭୂଲତା ଅଛି ନା ନାହିଁ କହିବା କଠିନ । ତା'ର କଳା ଚମରେ ବାଳ ଅସ୍ତି ନାସ୍ତି ବିଷୟ ପିଲା ଆଖିକୁ କ'ଣ ସହଜେ ଦିଶନ୍ତା ? ମୁଣ୍ଡଟା ଯେ ଶିଖାଯାଏ ଚନ୍ଦା, ଆଉ ପଛକୁ କଅଁଳିଆ ନୁଖୁରା ଦରପାଚିଲା ଗଣ୍ଡେ ବାଳ ବଢେନାହିଁ, କି ଛିଡ଼େ ନାହିଁ ଏଥିରେ ଆମେ ନିଃସନ୍ଦେହ । ବୁଢାର ଦାଢୀ କେବେ ଗଜାଏ ନାହିଁ, ଅନ୍ତତଃ ତା ପଡ଼ିଶାଘର ହରି ବାରିକ ତାକୁ ଗଜେଇବାକୁ ଦିଏନାହିଁ । ସକାଳପହରୁ ଚିକ୍କଣ କରି ମାଠିଦିଏ । ଯେତେହେଲେ 'ଭଜବୁଢା' ସ୍କୁଲ ପିଅନ । ଖରା, ବର୍ଷା, ଶୀତ ଯାହାହେଉ ନ'ଟା ଅଧେ ବେଳକୁ ମାଟିଆ କୋଟ, ପିନ୍ଧି ବାହାରିପଡ଼େ - ଆଣ୍ଠୁ ପାଖରୁ ବେକଯାଏ ସେଥିରେ ଦାଉ ଦାଉ କରୁଥାଏ ବଡ଼ ବଡ଼ ପିତଳ ବୋତାମ । ହରି ବାରିକ ବୁଝେ, ଆଉ ତାକୁ ଟିକିଏ ସେବା କରିଦିଏ ! ଫଳରେ ଭଜବୁଢାର ସୋରାଏ ମୁହଁ ଆଉ କଇଠଗୋଟାଳି ପରି ଥୋଡ଼ କେବେ ଅସନା ଗୁମୁରୁମିଆ ଦେଖାଯାଏ ନାହିଁ । ସେ ମୁହଁରେ ସେ ପ୍ରାୟ ହସେ । ହସିଲେ ଉପରପଟ ମାଢି ଦିଶେ । ଦାନ୍ତ ନଥିବା ସମସ୍ତେ ଜାଣନ୍ତି । ଆଜିକି ପ୍ରାୟ ତିରିଶ ବର୍ଷ ଧରି ତାକୁ ଜାଣିବା ପରେ ଶୁଣିଲି ଯେ 'ଭଜବୁଢା' ମରିଯାଇଛି ।

ସ୍କୁଲ ହତାର ବହୁ ବହୁ କଥା ଜୀବନର ଅଭିଜ୍ଞତା ଭିତରେ ମନେପଡ଼େ, ମଝି ପାହାଚ ଆଗକୁ ବିରାଟ ସ୍କୁଲ ଘଣ୍ଟା ! ଟିପେଇ ଠିଆହେଲେ ଆଙ୍ଗୁଠି ଅଗରେ ତାକୁ ଛୁଇଁହୁଏ - ଠେଲିଲେ ଘୁଞ୍ଚେନାହିଁ କି ଟିପିଲେ ବାଜେନାହିଁ । ଓରାଖାପରେ କାଠ ମୁଣ୍ଡିଟାଏ ଥୁଆ ହୋଇଥାଏ । ଭଜବୁଢା ଘଣ୍ଟା ଗଣି ଏକରୁ ସାତ ପର୍ଯ୍ୟନ୍ତ ପିଟେ । ବାକି ସମୟତକ ପାଖ ଝରକା ଦାଢରେ ବସି ଘୁମାଏ । ଟିକିଏ ଖୁସ୍‌ଖାସ୍ ହେଲେ ମିଟିମିଟି ଅନାଏ, ପିଲାଙ୍କୁ ଦେଖିଲେ ମୁରୁକି ମାରେ - ମାଷ୍ଟ୍ରମାନଙ୍କୁ ଦେଖିଲେ ସାଙ୍କୁଡ଼ିଯାଏ ; କିନ୍ତୁ ସେଇଠି ବସିରହେ ଅଣଷାଠିଏ ମିନିଟ୍ । ଷାଠିଏ ବେଳକୁ ଉଠି ଘଣ୍ଟା ଉପରେ କସି-କସି ପାହାର ପକାଏ । ଆମେ ଭଲପାଉ ସବା ଶେଷର ଲମ୍ବା ଘଣ୍ଟାଟାକୁ । ସେତେବେଳେ ତ ଘୋ କରି ଫେଣାରୁ ମହୁମାଛି ସବୁ ଉଡ଼ନ୍ତି, ତର ନଥାଏ ଘଣ୍ଟା ଶୁଣିବାକୁ । କେବେ କେମିତି ଦେଖିଲେ 'ଭଜବୁଢା' ଆଖିବୁଜି ବିଭୋର ହୋଇ ଘଣ୍ଟା ବାଡ଼ଉଥାଏ । ସେଥିରେ ଆଉ ଜୋର୍ ନଥାଏ । ଘଣ୍ଟାକୁ ଆଉଁସି, ସାଉଁଳି ପିଠି ଥାପୁଡ଼େଇ ଯେମିତି ଦିନକପାଇଁ ସେ

Digitized by srujanika@gmail.com

ବିଦାୟ ମାଗୁଥାଏ । ଘଣ୍ଟାଟା ବି ମୋଟା ବିରାଡ଼ିଟା ପରି ତା' ହାତରେ ଗାଉଁ ଗାଉଁ ରାଉଁ ରାଉଁ ଡାକୁଥାଏ ।

ଭଜବୁଢ଼ା ସତେ ମରିଗଲା, ନା ?

ସେ ଘଣ୍ଟାଟା ପୁଣି ବାଡ଼େଇବ କିଏ ! ସେ ତ ଆଉ କାହା ପୋଷା ମାନିବ ନାହିଁ । କିଛି ନ ହେଲେ ପଚାଶବର୍ଷ ଧରି ଭଜବୁଢ଼ା ତା' ସାଙ୍ଗରେ ଦୋସ୍ତି କରିଥିଲା । ସେ ତାକୁ ଛୁଇଁଲେ ସେ କଥା କହୁଥିଲା । ଆଉ ସେମିତି କିଏ ତାକୁ ବଜେଇବ ! ଯାଃ ଭଜବୁଢ଼ା ମରିଗଲା, ... ହେଲେ ତା' ନାଁରେ ସେ ଘଣ୍ଟାଟା ଆଉ ସେ ସାଉଁଳିଆ ପାଚିଲା କାଠମୁଣ୍ଡିଟାକୁ ଆଡ଼େଇ ଥୋଇଦେଲେ ହୁଅନ୍ତାନାହିଁ ! ସେଇ ଝରକାପାଖ କାନ୍ଥ ଉପରକୁ ଗୋଟିଏ କଣ୍ଟାରେ ଝୁଲିରହନ୍ତା ସେ ବିରାଟ କଂସା ଘଣ୍ଟାଟା, ଆଉ ଠିକ୍ ତା' ତଳକୁ ଯୋଡ଼ିଏ କାଠି ଉପରେ ଶୋଇ ରହନ୍ତା ସେ କାଠମୁଣ୍ଡିଟା..... ଉଭୟଙ୍କର ଆଉ ବିରୋଧ ନଥାନ୍ତା, ସଂଘର୍ଷ ନଥାନ୍ତା - ନୀରବରେ ସେମାନେ ଭଜବୁଢ଼ାର ତାଜମହଲ ପରି ତା'ର ସ୍ମୃତିକୁ ସମ୍ମାନ ଦିଅନ୍ତେ । ଆଉ ସବାତଳେ ଯେଉଁଠି ଘଣ୍ଟାକର ଅଣଷାଠିଏ ମିନିଟ୍ ସେ ବସି ଘୁମାଉଥିଲା, ସେଇଠି ତାର ପାଚିଲା ଗାମୁଛାଟା ଚଉତି ବିଛେଇ ରଖିଲେ ଆମେ ଦି'ଟା ମଲ୍ଲୀକଢ ତା' ଉପରେ ଆସ୍ତେ ଥୋଇଦିଅନ୍ତୁ । ଖରାଦିନ ସକାଳ ସ୍କୁଲ ହେଲେ ଭଜବୁଢ଼ା ହାତମୁଠାରେ ମଲ୍ଲୀଫୁଲଟି ନାକପାଖରେ ଧରି ଆଖିବୁଜି ବସୁଥିଲା । ଛାମୁଦାନ୍ତ ନଥିବା ପାଟି ମେଲେଇ ତା'ର ରଙ୍ଗିଲା ଆଖିର ହସ ଆଉ ଦେଖିବାକୁ ମିଳିବନାହିଁ.... ଭଜବୁଢ଼ା ଆଉ ଘଣ୍ଟା ପିଟିବ ନାହିଁ ।

ଏତେଦିନ ବିତିଗଲା । ବୁଢାଟା ଥରେ ପାଟି ଫିଟେଇ କ'ଣହେଲେ କହିଥାନ୍ତା ! ଆମେ ସବୁ କାନ୍ଥରେ ଓଳି ଛାଇ ଦେଖି ବହୁ ଆଗରୁ ସ୍କୁଲରେ ହାଜର ହୋଇଯାଉ । କ୍ଲାସ୍‌କୁ ଯିବା ମନା, ଆଗଦୁଆରେ ବିରାଟ ତାଲା କଞ୍ଚି ନେଇ ଭଜବୁଢ଼ା ସଡ଼କରୁ ଓହ୍ଲାଏ । ଆମେ ସେତେବେଳେ ସିମେଣ୍ଟ ପିଣ୍ଡାର ଛକି ଦାଢରୁ ସ୍ଲେଟ୍ ଖଡ଼ି ଫୁଙ୍କି ଖେଳୁଥାଉ । ହାରିବା ଜିଣିବା ଭୁଲି ବସ୍ତାନି କାଖେଇ ଆମେ ଘେରିଯାଉ ଭଜବୁଢ଼ାର ଆଣ୍ଠୁ ଚାରିଆଡୁ । ସେ ଧଡ଼ଧଡ଼ କବାଟ ଫିଟେଇ ପେଲିଦିଏ । ଆମେ ତା' ଦୁଇପାଖେ ଠେଲି ପଶିଯାଉ ଚିତ୍କାର କରି । ସେ ସେଇଠି ଠିଆହୋଇ ଆମକୁ ଅନେଇରହେ । ନୂଆ ନୁହେଁ, ଭଜବୁଢ଼ା । ଆମେ ଆସିଲାବେଳକୁ ତିରିଶିବର୍ଷ, ଆଉ ବର୍ଷର ଦୁଇଶହ ଦିନ ସେ ଏମିତି ଦେଖିଆସିଛି । ସେ ସେମିତି ଅଳ୍ପ ମୁରୁକି ମୁରୁକି ଯାଏ ତା' ଘଣ୍ଟା ପାଖକୁ । ଘଣ୍ଟା ବାଜିବାରେ ସେ ତା'ର ସମସ୍ତ ଅନ୍ତରର ଭାଷା ପ୍ରକାଶକରେ । ଭାରି ସରଳ, ସହଜ ସେ ଭାଷା, ତା'ହସପରି ମିଠା ଆଉ ଚିକ୍‌କଣିଆ - ପ୍ରତ୍ୟେକ ଘଣ୍ଟାରେ ସେ ଯେମିତି ଆମକୁ କହେ - ''ମୋ ବାପଧନେ ! ଆଉରି ଘଣ୍ଟେ ସରିଲା । ଘରବାହୁଡ଼ା ଆଉରି ଘଣ୍ଟେ ପାଖେଇଲା ।'' ଆମେ ବେଶ୍ ବୁଝିଯାଉଥିଲୁ ଆଉ ତାକୁ ଭଲପାଉଥିଲୁ ସବୁଠୁ ଅଧିକ ।

ମହାଦୁର୍ଦ୍ଦାନ୍ତ ଟୋକା ପଦ୍ମନାଭ । ସେ ଦିନେ ମାଡ଼ ଖାଇଲା । ଓଃ କାହାରି ପାଟିକୁ କଥା ପଇଟୁ ନଥାଏ । ସମସ୍ତଙ୍କ ମୁହଁରୁ ପାଣି ନିଗିଡ଼ିଯାଇଥାଏ । ସ୍କୁଲ କାନ୍ଥ ଗୁଡ଼ାକରୁ ଦିନସାରା ଗୁମୁରୁଥାଏ ବେତର ଚଡ଼ାଲ ଚଡ଼ାଲ ଶବ୍ଦ ଆଉ ପଦ୍ମନାଭର ଅସହାୟ ବୋବାଳି । ମଝିରେ ଥରେ ପାଣିପିଆ ଛୁଟିରେ ଆମେ ଯାଇ ଉଙ୍କିମାରି ଦେଖିଲୁ ଯେ, କନିଅର ଗଛମୂଳେ ଭଜବୁଢ଼ା ତାକୁ

Digitized by srujanika@gmail.com

ଚିନାବାଦାମ ଛଡ଼େଇ ଧରେଇ ଦଉଚି ଓ ତା' ପିଠି ଆଉଁସି ଦେଉଛି । ମାଡ଼ ଖାଇଲା ପଦ୍ମନାଭ କିନ୍ତୁ ବାଧିଲା ଭଜବୁଢାକୁ । ସେଦିନ ଆଉ ଦୁଇଥର ଘଣ୍ଟା ବାଡ଼େଇବାକୁ ଥାଏ - ଆମର ଏବେ ମଧ୍ୟ ମନେଅଛି, ସେଦିନର ଘଣ୍ଟାଟା କେମିତି ବେବାଗିଆ ଶୁଭିଥିଲା ।

ସ୍କୁଲ ଛାଡ଼ିବାର ପନ୍ଦର ବର୍ଷ ପରେ ଥରେ ଭଜବୁଢାକୁ ଦେଖିଥିଲି । ପ୍ରଥମେ ବିଶ୍ୱାସ ହେଲା ନାହିଁ । ବୁଢା ସତେ ଏଡ଼େ ଛୋଟିଆ ମଣିଷଟିଏ ନା ! ମୋର ଅଣ୍ଟା ଉପରକୁ ଟିକିଏ ତା'ର ସେ ଚିକ୍‌କଣ ମୁହଁ ସୋରାକ - ସେଇ ଛାମୁଦାନ୍ତହୀନ ପାଟି ଦେଖି ହଠାତ୍ ଜଣାଗଲା ମୁଁ ଯେମିତି ତା'ର ଆଣ୍ଠୁଏ ଉଚ୍ଚରେ ଠିଆହୋଇଛି । ମୁଁ ତାକୁ ଚିହ୍ନିଗଲି, ସେ କିନ୍ତୁ ଦୋ-ଦୋ ଚିହ୍ନା ହେଉଥାଏ । ପଚାରିଲାରୁ ଥଥ-ମମ ହୋଇ କ'ଣ ଦି'ଚାରି ପଦ କହିଲା । ଭୟ, ସଂକୋଚ, ସମ୍ଭ୍ରମ ଆଦି ମିଶେଇ ସେ ଚିହ୍ନା ବାବୁକୁ କ'ଣ ବୋଧେ ଗୁହାରିଲା, ମୁଁ କିନ୍ତୁ ମନେ ମନେ ଖୋଜୁଥାଏ ସେଇ ମଲ୍ଲୀଫୁଲ ଶୁଙ୍ଘା ମୁଚୁକି ମାରୁଥିବା ଭଜବୁଢାକୁ, ତାକୁ ଆଉ ପାଇଲିନାହିଁ । ବୋଧହୁଏ ସମୟର କାଠଗଡ଼ା ଦେଇ ମୁଁ ବାହାରି ଆସିଛି ... ତା'ଠାରୁ ଦୂରେଇ ଯାଇଛି । ଭଜବୁଢା କିନ୍ତୁ ଯେଉଁଠି ସେଇଠି ରହିଯାଇଛି । ତାକୁ ପାଇବାକୁ ହେଲେ ଏଇ ଏକମୁହାଁ ସୁଅରେ ପଛକୁ ପହଁରିଯିବାକୁ ହେବ, ଯେଉଁଠି ସ୍କୁଲର ତିନିଫୁଟ ପିଣ୍ଡାଟା ହେବ ହାତଚାପଡ଼େ ଉଚ୍ଚ ଆଉ ସ୍କୁଲର ଛାତ ଉଠିଯିବ ଆକାଶର ଅଧେବାଟ । ସେଇଠି ଭଜବୁଢା ବସି ଘୁମଉଥିବ - ତା' ପାଖରେ କିଛି ନ କହି ଖୁସ୍‌ଖାସ୍ ହେଲେ ସେ ଆଖି ମେଲେଇ ମୁଚୁକି ମାରିବ ! କିନ୍ତୁ କାହିଁ ? ପାଣି ଧାରରେ ସିନା ଲେଉଟି ହେବ, ସମୟ ଧାରରେ ନୁହେଁ ।

ଭଜବୁଢା ଯେମିତି ଆଖିବୁଜି ଘଣ୍ଟା ବାଡାଏ, ସେମିତି ଆଖି ବୁଜି ପିକା ଟାଣେ, କିନ୍ତୁ ସ୍କୁଲ ଭିତରେ କେବେ ନୁହେଁ । ସବୁ କାମ ସାରି ଘରକୁ ଫେରିଲେ ବୁଢା କୋଟ୍ ଓହ୍ଲେଇ ରଖିଦିଏ ଆଉ ଦୁଇ ଆଣ୍ଠୁ ଉପରେ ଥୋଡ଼ିଟିକୁ ଥୋଇଦେଇ କାନ୍ଥକୁ ଆଉଜି ବସିଥାଏ । ଏଇଟା ତା'ର ପିକା ଟାଣିବା ବେଳେ ଶାଳପତ୍ରରେ ମୋଡ଼ି ମୋଡ଼ି ଗୋଟାଏ ଅଧହାତିଆ ପିକା ତିଆରି ହୋଇଥାଏ । ବୁଢା ସେଥିରେ ଜୁଇ ଲଗାଇ ଭୋଳହୋଇ ଆସ୍ତେ ଆସ୍ତେ ଟାଣେ । ତା' ମୁହଁ ପାଖରେ ଧୂଆଁ ପହଁରେ, ସେ ଆଖିବୁଜି ତା' ଭାବ ନିଏ ।

ତାକୁ ଏମିତି ବିଳାସ କରୁଥିବାବେଳେ ଥରେମାତ୍ର ଦେଖିଛି । ସେ ଆଉ ଗୋଟାଏ ଦିନକର କଥା ।

କମଳଲୋଚନ ପାଠଚୋର - କିଛିଦିନ ଧରି ଏ ଅଦ୍ଭୁତ ବିଦ୍ୟାରେ ମୋର ଗୁରୁ । ଯେଉଁ କେତେଜଣ ନୀତି ନିୟମରେ ଭାରି କଡ଼ା ଲୋକ, ସେମାନଙ୍କ ପାଇଁ ଏଇଟା ମଣିଷମାରୁ ଅପରାଧ । ସାତବର୍ଷର ପିଲା ଯଦି ପାଠଚୋର ହେଲା, ତାକୁ ଆଉ କ୍ଷମା ନାହିଁ । ଏଥିପାଇଁ ତାକୁ ପ୍ରାଣରେ ନ ମାରି ମଜବୁତ କାଠଫାଳିଆରେ ଶହେ ପାହାର ନୋଳା ଫଟେଇ ପିଟା ଯାଇପାରେ । ଏ ଭୟଙ୍କର ଫଳପ୍ରାପ୍ତି ଥିଲେ ସୁଦ୍ଧା ସବୁବେଳେ ଗଣ୍ଡେ ପାଠଚୋର ଥାଆନ୍ତି । ଆମେ ମଧ୍ୟ କିଛିଦିନ ସେ ଦୀକ୍ଷା ନେଇଥିଲୁ । ଖାଇପିଇ ଘରୁ ବାହାରିପଡ଼ିଲେ ସମସ୍ତେ ଜାଣିଲେ ଯେ ପାଠପଢି ଗଲା, କିନ୍ତୁ ଅଧବାଟରେ ଜଗିଥାନ୍ତି କମଳଲୋଚନ । ସେ ଆଉ ପାଠପଢା ଧନ୍ଦାରେ ନ ପୂରେଇ ଦେଖେଇଦିଅନ୍ତି ସରଳ ବାମପନ୍ଥା । ଗୋଟିଏ କିଆବୁଦା ଭିତରେ ବହିବସ୍ତାନି ଭାର ଓହ୍ଲେଇଦେଇ ଆମେ ବାହାରିପଡୁ

Digitized by srujanika@gmail.com

ଗୋଟାଏ ଦିନର ରୋମାଞ୍ଚ ପାଇଁ । ସାରା ଦ୍ୱିପ୍ରହର କଟିଯାଏ ସ୍ୱାଧୀନ ଆନନ୍ଦରେ । ଏଇ ସମୟରେ ପାଟିକରି ଗୀତ ବୋଲୁ - ଇଚ୍ଛାହେଲେ ଧାଉଁ, ଇଚ୍ଛାହେଲେ ଗଛମୂଳେ ଶୋଇଯାଉ, ନ ହେଲା ତ ଇଚ୍ଛାହେଲେ ହସୁ । କେବଳ ଅକାରଣ ହସିବାଟା ସେତେବେଳେ ଗୋଟାଏ କାମ ଥାଏ, କିନ୍ତୁ ଶିଖିଛୁ ମଧ ବହୁତ କଥା, ଯାହା ପୋଥିରେ ନାହିଁ । ଶିମୂଳି ଉଡ଼ା ସମୟର କେମିତି ତୂଳା ପବନରେ ପହଁରେ ..... ନେଳୀ ଆକାଶରେ ସେତେବେଳେ ମାଟିଆଚିଲା କୁରୁଳୁଥାଏ, ଭଉଁରୀ କାଟୁଥାଏ - ତଳେ ଝିକିମିକି ପଥରଗୁଡ଼ାକ ନିଝୁମ ଦ୍ୱିପ୍ରହର ଖରାରେ ଜଳୁଥାନ୍ତି । ଆମେ ଜାଣୁ କାପତା କେମିତି ଗୋଡ଼ି ଗୋଟାଏ, ରାଜକୁମ୍ଭାଟୁଆ କେମିତି ଡାକେ, ଗୋବରପୋକ କେମିତି ଗୋଟାଳି ଗଡ଼େଇ ଗଡ଼େଇ ନିଏ - ଆମେ ଜାଣୁ ଆକାଶମଲ୍ଲୀ ଫୁଲକୁ ଫୁଙ୍କିଲେ ବାଜେ, ତାକୁ ଆମେ ବନ୍ଧୁ ପିପି ଫୁଲ - ଆମେ କଙ୍କି ଦେଖିଲେ କହିଦେବୁ ସେଇଟା ରଜା ନା ରାଣୀ - ଆଉ ସେଥିରୁ କାହା ମୁଣ୍ଡ ମାଟିରେ ପୋତିଲେ କଉଡ଼ି ବାହାରିବ.... ଏପରି ଅନେକ କଥା । ଏ ସବୁ ଚାଲେ ଭଜବୁଢ଼ା ଲମ୍ବା ଘଣ୍ଟି ବଜେଇଲା ପର୍ଯ୍ୟନ୍ତ । ତା'ପରେ ସୁଶୀଳ ବାଳକ ପରି ବସ୍ତାନି କାନ୍ଧରେ ପକେଇ ଘରମୁହାଁ ।

ସେଦିନ ଫେରିଲାବେଳକୁ ସାମାନ୍ୟ ଡେରି ହୋଇଗଲା । କାରଣ ଗୁରୁଙ୍କୁ ହଠାତ୍ ଦୃଶ୍ୟ ହେଲା ଯେ, ପୋଖରୀରୁ ପାଣି କାଟି ଯେଉଁ ନାଳଟା ସ୍କୁଲହତା ପଛପଟେ ଯାଇଛି, ସେଇଠି ଗୋଟାଏ ଜାଗାରେ ପୋଲୁହ ବସିଛି ଏବଂ ସେଥିରେ ମାଛ ଥିବେ । ଅଗତ୍ୟା ଯିବାକଥା । ଗଲୁ ; କିନ୍ତୁ ଗୋଟିଏ ଖୁଦ୍ ଚିଙ୍ଗୁଡ଼ି ମଧ ପାଇଲୁ ନାହିଁ । ବୁଲାଣି ବାଟଦେଇ ଫେରୁଛୁ, ହଠାତ୍ ଦେଖିଲୁ ଭଜବୁଢ଼ା ମେଲା ଦେହରେ କାନ୍ଥକୁ ଆଉଜି ପିକା ଟାଣୁଛି । ମୁଁ ତାକୁ ସେଇ ରୂପରେ ଦେଖିବା ତାହା ପ୍ରଥମ । ଥମିଗଲି । ଭଜବୁଢ଼ା ଧୂଆଁ ପଛରୁ ଆଖି ମେଲେଇ ବୋଧେ ଚାହିଁଲା, ତା'ପରେ ପିକାଟାକୁ ଆଡ଼େଇ ଭଲକରି ଅନେଇଲା । ଚିହ୍ନି ଟିକିଏ ଆଖି ଆଖି ମିଟିମିଟି କରି ହସିଦେଲା । କିନ୍ତୁ ସେଇଟା ତାର ସାଧାରଣ ମୁଚକିମରା ହସ ନୁହେଁ । ସେଥିରେ ଥିଲା କେମିତି ଗୋଟାଏ ସର୍ବଜ୍ଞାଣ ଭାବ । ହଠାତ୍ ଜଣାଗଲା, ମୋତେ ସେ କହୁଛି - ''ତୋ ଦେଇ ପାଠ ହବନାଇଁ । ତୁ ବାପା ଏ ବିଦ୍ୟା ଛାଡ଼ି ପୁଞ୍ଜାଏ ଗାଈ ଜଗିଲେ ହୁଅନ୍ତା ନାଇଁ ? କାହିଁକି ଏମିତି ସମସ୍ତଙ୍କୁ ଠକି ଲୁଚି ଲୁଚି ବୁଲୁଛୁ । ହେଲା, ତୁ କ'ଣ ଭାବିଛୁ ସମସ୍ତଙ୍କର ପାଠ ହେଇଯିବ ?'' ଏ ନୀରବ ଝିଙ୍ଗାସ ମୁଁ ପରିଷ୍କାର ଶୁଣିଲି, ଆଉ ତେନ୍ତୁଳି ପରି ସଡିଗଲି । ମୋ ପାଦତଳ ମାଟି ଭିତରୁ କେହି ଯେମିତି କହିଲା - 'ପାଠଚୋର' 'ପାଠଚୋର' ଆଉ ମଝିଶିରା ହାଡ଼ ସେଥିରେ ବରଡ଼ାପତ୍ର ପରି ଥରିଲା । କେତେବେଳକେ ସେଇଠୁ ଗୋଡ଼ କାଢି ବାହାରିଲୁ । ସେହିଦିନଠୁ କମଳ ଲୋଚନଙ୍କ ବାମପନ୍ଥା ଆଉ ସୁହାଇଲା ନାହିଁ ବରଂ ସବୁଦିନ ଦଶଟାବେଳେ ଭଜବୁଢାର ସାବାସି ଦେଉଥିବା ହସ ଟିକକ ପାଇଁ ଆଗରୁ ଯାଇ ପୋଥିପତ୍ର ସହିତ ସ୍କୁଲ ପିଣ୍ଡାରେ ଅଧିଆ ପଡ଼ିବାକୁ ପ୍ରାଣପଣେ ଚେଷ୍ଟା ଚାଲିଲା ।

ଭଜବୁଢାର ଲମ୍ବା ଘଣ୍ଟି ବାଜିଯାଇଛି... ତାକୁ ଆଉ ଏଠି ରୋକିବା କଷ୍ଟ । ସେ କିନ୍ତୁ ଦିନେହେଲେ କାମରୁ ଲୁଚିନାହିଁ - ଥରେହେଲେ ହେଳା କରିନାହିଁ ନିୟମରେ । ଯଦି ସେପାରିରେ ପରୀକ୍ଷା ହେଉଥିବ, ତେବେ ବୋଧହୁଏ ଭଜବୁଢାର ନମ୍ବର ରହିବ ସବୁଠୁ ବେଶି ।

Digitized by srujanika@gmail.com

ଅବଶେଷାନୁଚିନ୍ତା

ଅନେକ ସମୟରେ ମନେହୁଏ ଯେ, ପ୍ରତ୍ୟେକ ପ୍ରଶ୍ନର ଶେଷରେ ଯେପରି ଗୋଟିଏ ଦୁର୍ଜ୍ଞେୟ ଅବଶେଷ ରହିଯାଏ । ସେହିପରି ଜୀବନକୁ ଅହରହ ବ୍ୟୟ କଲାପରେ ମଧ୍ୟ ଗୋଟିଏ ଅଛିଣ୍ଡା ଅବଶେଷ ବୋଧହୁଏ ରହିଯାଏ ।

ଜୀବନକୁ ତ ବୁଝି ହୁଏ ନାହିଁ । ଜନ୍ମ ଏବଂ ମୃତ୍ୟୁ ପରି ଦୁଇଟି ରହସ୍ୟ-ବିନ୍ଦୁ ମଝିରେ ଧୂମରେଖା ପରି ପ୍ରସାରିତ ହୋଇଥିବା ଏ କିଂଭୂତ ପଦାର୍ଥଟି ସତେ କ'ଣ ? - ଏହା କେଉଁ ଉପାଦାନରେ ତିଆରି ? - ଦିକ୍‌କାଳ ଏବଂ ସେମାନଙ୍କର ଇନ୍ଦ୍ରିୟାନୁଭାବ୍ୟତାକୁ ଅକ୍ଷେପା କରୁ ନଥିବା କିଛି ବିଶେଷ୍ୟ ଏଥିରେ ଅଛି କି ? - ବୁଝାପଡ଼େ ନାହିଁ । ଆହୁରି ନିରେଖି ଚାହିଁଲେ ମନେହୁଏ ଯେ ଏ ଧୂମରେଖାର ପ୍ରତ୍ୟେକ କଣିକାରେ ସେଇ ଜନ୍ମ ଓ ମୃତ୍ୟୁ ରହସ୍ୟ ମିଞ୍ଜି ରହିଛି । ସତେ ବା ଜନ୍ମ ମୃତ୍ୟୁର ଅଦ୍ଭୁତ ସମାହାର ଶୂନ୍ୟ ହୋଇ ନଯାଇ ଜୀବନର ଉପାଦାନ ରୂପେ ତାକୁ ଧାରଣ କରିଛି । ପ୍ରତିଟି ମୁହୂର୍ତ୍ତରେ ଜନ୍ମ ଓ ମୃତ୍ୟୁ ଉଭୟ ସମାନୁପାତରେ ସଂଘଟିତ ହୋଇ ଚାଲିଛି । ଗୋଟିଏ ହୁଏତ ଗତି ପାଇଁ ପ୍ରଚୋଦିତ କରୁଛି ଏବଂ ଅନ୍ୟଟି ତାକୁ କୌଣସି ଏକ ନିସ୍ତରଙ୍ଗ ସ୍ଥିତିରେ ସମାହିତ କରିବାକୁ ଧରିରଖୁଛି । ଫଳରେ ଜୀବନଟି ଗୋଟିଏ ପବନପରି ପ୍ରବହମାନ ଧାରା ବା ଅବିଚଳିତ କିଛି ଗୋଟାଏ ଆକାଶବତ୍ ସ୍ଥିତି, ତା ଜାଣିହୁଏ ନାହିଁ ।

ତାକୁ ଆଉ ବାଗେ କହିଲେ - ଯାହା ଚଳମାନ ପରି ଦିଶେ, ତାକୁ ଜୀବନ କହିବା, ନା ଯାହା ଅବିକମ୍ପିତ ଥିଲା ପରି ଅନୁମିତ ହୁଏ, ତାକୁ ଜୀବନ କହିବା, ନା ଉଭୟକୁ ଧାରଣ କରି କୌଣସି ସ୍ଥିର କେନ୍ଦ୍ର ଚାରିପଟେ ଘୂର୍ଣ୍ଣାୟମାନ ବୃତ୍ତରେଖା ପରି ଗୋଟାଏ କିଛିକୁ ଜୀବନ କହିବା ? ... ଏ ମୌଳିକ ପ୍ରଶ୍ନ ଉପରେ ଶାସ୍ତ୍ର ଓ ଶାସ୍ତ୍ରବିତ୍ ଉଭୟେ ମୁଖର । ଲକ୍ଷେ ଶାସ୍ତ୍ର, ଲକ୍ଷେ କଥା । ଏଣୁ ସେମାନଙ୍କ ଜରିଆରେ ଜୀବନକୁ ନ ବୁଝି, ତାକୁ ବରଂ ଖୁବ୍ ତୀବ୍ର ଏବଂ ଗଭୀର ଭାବରେ ବଞ୍ଚିବାକୁ ବୁଝିବାକୁ ଚେଷ୍ଟା କରିବା ଟିକିଏ ସହଜ ; କିନ୍ତୁ ଯେତେ ଯାହା କଲେ ମଧ୍ୟ ଏ ରହସ୍ୟ ଆଉ ଫିଟୁନାହିଁ । ପଥର ଗୋଟାଳିଟିଏ ପରି ତାକୁ କେବଳ ଗଡ଼େଇବା କଥା । ତା ଗର୍ଭ ଭିତରର ରହସ୍ୟ ଜାଣିବା ସହଜ ନୁହେଁ । ଜଣା ପଡ଼ନ୍ତା ଯଦି କେହି ତାକୁ ହାତୁଡ଼ିରେ ଚୂରି ଦିଅନ୍ତା, କିନ୍ତୁ ତା'ପରେ ତାକୁ ଜାଣିବାକୁ କେହି ରହିଲେ ନା !!

Digitized by srujanika@gmail.com

ଏ ପ୍ରସଙ୍ଗକୁ ଅଗତ୍ୟା ଏପରି ଅଧାପନ୍ତରିଆ ଛାଡ଼ି, ଆସନ୍ତୁ ସେଇ ମୂଳ ଇଙ୍ଗିତକୁ ଯିବା । କୌଣସି କାରଣରୁ ସମୟ ସମୟରେ ମନେହୁଏ ଯେ, ଜୀବନକୁ ଅହରହ ବ୍ୟୟ କଲାପରେ ମଧ ଗୋଟିଏ କିଛି ଅଛିଣ୍ଡା ଅବଶେଷ ରହିଯାଇଛି । ଆଞ୍ଜୁଳାଏ ଜୀବନ ଧରି ଆମେ ଯେତେବେଳେ ଏ ସଂସାର ଭିତରକୁ ଆସୁ, ପ୍ରଥମେ ବାଟ ଜଗି ଠିଆହୁଏ ଆମର ଏ ଶରୀର । ତାର ବିଭିନ୍ନ କେନ୍ଦ୍ରରେ କ୍ଷୁଧା, ବିଭିନ୍ନ କେନ୍ଦ୍ରରେ ତୃଷ୍ଣା ! ଜିହ୍ୱା ଉପସ୍ଥାଦିକୁ ଆହୁତିଏ ଲେଖା ଦେଇ ଆଡ଼େଇ ହେଇଗଲାବେଳକୁ ଶରୀରର ଚିତ୍କାର ଶୁଭେ - ''ଆରେ ଯିବୁ କୁଆଡ଼େ ? ମୋତେ ସଙ୍ଗରେ ନେଇଯିବାକୁ ପଡ଼ିବ । ମୋତେ ପରିତୁଷ୍ଟ କଲାପରେ ଦେଖିବା ତୋର ଆଉ କିଛି ବଳକା ରହୁଛି କି ନାହିଁ । ମୋତେ ଦରକାର ଖାଦ୍ୟ, ଦରକାର ବିଳାସ, ଦରକାର ନିଦ୍ରା । ମୋର ପ୍ରାଣକେନ୍ଦ୍ରରେ ଆବେଗ ସମ୍ଭୋଗର ତୃପ୍ତି ପାଇଁ, ମନରେ ସହସ୍ର କୋଟି କାମନାର ତୃପ୍ତି ପାଇଁ ତୁ' କ'ଣ କରୁଛୁ ଶୁଣେ ।'' ଜନ୍ତୁ ତାଟକା ହୋଇ ଶୁଣେ ଏବଂ ସେଇଠି ରହିଯାଏ । ମଣିଷ କହେ, ''ରହ, ମୋତେ ଆହୁରି ଗୋଟାଏ କ'ଣ ଦିଗ୍‌ବଳୟ ଦିଶୁଚି, ମୁଁ ସେଇଠି ବ୍ୟୟ କରିବାକୁ ଚାହେଁ ।'' ଶରୀରର ହାଉ ହାଉ ପ୍ରତିବାଦକୁ କାନ ନ ଦେଇ ସେ ପରିବାର ପୋଷଣ କରେ, ସମାଜ ପୋଷଣ କରେ, ରାଷ୍ଟ୍ର, ଧର୍ମ ଏବଂ ନାନା ପ୍ରକାର ଗୋଷ୍ଠୀ ପୋଷଣ କରେ । ଏ ସମସ୍ତ ଗୋଟାଏ ପ୍ରଚଣ୍ଡ ଅଗ୍ନିକୁଣ୍ଡର ସହସ୍ର ଶିଖା । ଯଥାସମ୍ଭବ ଏମାନଙ୍କୁ ପରିତୃପ୍ତ କରିବାକୁ ସେ ବହନ କରିଚାଲେ ନିଜ ଜୀବନକୁ । ପାତ୍ରରୁ ହବ୍ୟ ସରିଆସେ । ତଥାପି ତା' ଚାରିଆଡ଼େ ଏ ସହସ୍ର ଶିଖା ବହ୍ନି ତାକୁ ଦାବି କରି ଚାଲିଥାଏ, ''ଦେ, ଦେ, ମୁଁ ଖାଇବି !'' ଶେଷକୁ ପାତ୍ରରେ ହବ୍ୟ ପରିବର୍ତ୍ତେ ରହିଯାଏ ଟିକିଏ ସ୍ନିଗ୍ଧତା ଏବଂ ଶ୍ରୁବ ହୋଇଯାଏ ଶିଥିଳ । ହଠାତ୍ ନିଆଁ ଚହଟି ଆସି ଯାକୁ ମଧ ଗ୍ରାସ କରିଯାଏ । ବାହାରକୁ ଦିଶେ ଯେ ପତ୍ନୀପୁତ୍ର ଶୋକାର୍ତ୍ତ ହୋଇ ଅଶ୍ରୁରେ ଲୋଟିଯାଉଛନ୍ତି ବା ଅଜସ୍ର ଫୁଲଭାରରେ ରାଷ୍ଟ୍ର ପୋତି ପକାଉଛି ।

ଏ ପର୍ଯ୍ୟନ୍ତ ହୁଏତ ଗୋଟିଏ କିଛି ନିର୍ଦ୍ଦିଷ୍ଟ ରୂପ କ'ଣ ଦିଶୁଛି । ଏଇଠି ବାଣ୍ଟି ବାଣ୍ଟି ଯଦି ଆଞ୍ଜୁଳାକ ଜୀବନ ସରିଗଲା ଏବଂ ଏପରି ନିଃଶେଷ ନିରବଶେଷ ହୋଇ ସରିଗଲା, ତେବେ 'ଫେର୍' ଗୋଟାଏ ଆସିଲା କାହୁଁ ? - ଏ ତ କେବଳ 'ଫୁର୍ !!'

ତଥାପି ମନେହୁଏ ଯେ, ହବନ ସରିଗଲେ ମଧ ହୋତା କେଉଁଠି ହୁଏତ ଅବଶେଷ ରହିଯାଏ । ତାର ସ୍ୱରୂପ ଚିନ୍ତାକଲେ କିଛି ଦିଶେ ନାହିଁ, କିଛି ଜଣାପଡ଼େ ନାହିଁ । ଜାଣିବାକୁ ହେଲେ ପୃଥକ୍ ରହିବାକୁ ହୁଏ, ନା ଏକୀଭୂତ ହେବାକୁ ହୁଏ ତା' ବି ଜଣାପଡୁନାହିଁ । ଏଇଠି ଚାରିଆଡୁ ଶୁଭେ, କାଳ, ଶାସ୍ତ୍ର, ଗୁରୁ ସମସ୍ତେ ଏକସ୍ୱରରେ କ'ଣ କହୁଛନ୍ତି ! ହଠାତ୍ ମନେହୁଏ ଯେ ଚରାଚରକୁ ପରିବ୍ୟାପ୍ତ କରି ଅଖଣ୍ଡମଣ୍ଡଳାକାର କିଂଭୂତ ଛାଇଟାଏ କ'ଣ ଦିଶୁଛି । ପରମୁହୂର୍ତ୍ତରେ ଦିଶୁଛି ଯେ ପ୍ରଚଣ୍ଡ ବହ୍ନିମାନ ଶିଖା ଗ୍ରହତାରାକୁ ଗ୍ରାସକରି ବ୍ୟୋମ ଭେଦକରି ବିଦ୍ୟମାନ । କୋଟି କୋଟି ବିଶ୍ୱ କେବଳ ଏକ ପାଦ 'ବ୍ୟକ୍ତି' ମଧରେ ହିଁ ସୀମାବଦ୍ଧ । ବାକି ଅବ୍ୟକ୍ତ ତ୍ରିପାଦ ମାନସଗୋଚର ନୁହେଁ ।

Digitized by srujanika@gmail.com

କୌତୁକ ପରି ଲାଗେ ଯେ, ତା ହେଲେ ଏଇ ମହାଶୟ ହିଁ ସେଇ ଅଦୃଶ୍ୟ ହୋତା !! ଏତ ସ୍ୱୟଂ ମହାବହ୍ନି । ନିହାରିକା ପରି ଲକ୍ଷମାନ ସହସ୍ରଶିଖା ତାଙ୍କର ଭୁଜପଟଳ। ସେ ସେଥିରେ ଜୀବନ ଧର୍ମର ଶ୍ରୁବ ତୋଳି ନିଜେ ନିଜ ମୁଣ୍ଡରେ ବହନ କରୁଛନ୍ତି !! ତା' ହେଲେ ଜୀବନର ଚୂଡ଼ାନ୍ତ ବ୍ୟୟ ପରେ ଯାହା ଅବଶେଷ ରହିଯାଏ, ତାହା କ'ଣ ଏଇ ? – ଗଣିତଶାସ୍ତ୍ରର ପଣ୍ଡିତବର୍ଗ ହୁଏତ କହିବେ ଯେ, ଭାଗଶେଷ ଭାଜ୍ୟର ଏପରି ଏକ ଅଂଶ, ଯାହା ଭାଜକକୁ ସୁଦ୍ଧା ପୂର୍ଣ୍ଣ ଧାରଣା କରିପାରେ ନାହିଁ । ଏଠି କିନ୍ତୁ ଭାଗଶେଷଟି ଏତେ ବିରାଟ ଯେ ଭାଜ୍ୟ ଭାଜକ ଭାଗଫଳାଦି ସମଗ୍ର ଭାଗକ୍ରିୟା କେଉଁ ଏକ ବିନ୍ଦୁରେ ତା ଗର୍ଭରେ ଅବଲୁପ୍ତ, ତାହା ଖୋଜି ନିର୍ଣ୍ଣୟ କରିବା ସହଜ ନୁହେଁ । ଏହି ଅପରିମେୟ ଅବଶେଷ ଲୀଳାନ୍ୱିତ ହେଲେ ଭାଜକ ଭାଜ୍ୟାଦିରେ ପ୍ରକଟ ହୁଏ । ଅନନ୍ତ ଭାଗଶେଷ ପାଇଁ ଅନନ୍ତ ଭାଜକ, ଭାଜ୍ୟ ଓ ଭାଗଫଳ ; ଅନନ୍ତ ଏ ବିଭାଜନର ପ୍ରକ୍ରିୟା !! ସର୍ବତ୍ର ସେଇ ଅଖଣ୍ଡିତ ଅନନ୍ତ ସତ୍ତା ବିଭିନ୍ନ ସଂଜ୍ଞାର ଛାୟାରେ ପ୍ରତିବିମ୍ବିତ ମାତ୍ର । ଏଣୁ ଗାଣିତିକ ମୂଢତାରେ ତାକୁ ଏପରି ବହୁଧା ନ ଦେଖି ଏକତ୍ୱରେ ଅନୁଭବ କଲେ ହୁଅନ୍ତା ନାହିଁ ? ଆପଣ ଏଇଠି ହୁଏତ ପଚାରିବେ ଯେ - କିଏ କାହାକୁ କିପରି ଅନୁଭବ କରିବ ? ବୋଧହୁଏ ଭାଜକର କର୍ତ୍ତୃତ୍ୱରୁ ଭାଜ୍ୟର ଉଦାସୀନତା ଦେଇ ଭାଗଫଳର ଶୁଦ୍ଧତା ମାଧ୍ୟମରେ ଭାଗଶେଷ ପର୍ଯ୍ୟନ୍ତ କ୍ଷରି ଯାଇପାରିଲେ, ସେଥିରେ ସମାହିତ ହୋଇପାରିଲେ, ଏହା ସମ୍ଭବ ହୋଇପାରେ !

❖❖❖

Digitized by srujanika@gmail.com

ନିଜକୁ ନାସ୍ତିକ ମନେକରି

ବିଶ୍ୱାସରେ ବାଧବାଧକତା କିଛି ନାହିଁ । ବିଶ୍ୱାସ କରିବା ଯଦି ଏକ ସ୍ୱଚ୍ଛନ୍ଦସହଜ ଏବଂ ସ୍ୱାଧୀନ ଅଧିକାର, ବିଶ୍ୱାସ ନ କରିବା ମଧ ତଦ୍ରୂପ ଏକ ଅଧିକାର । ଜଣକର ମନ ହେଲା ତ ସେ ବିଶ୍ୱାସ କଲା । ନ ହେଲା ନାହିଁ । କେହି କାହାକୁ ଏ ବିଷୟରେ ବାଧ କରିପାରିବେ ନାହିଁ । ତଥାପି ଶହ ଶହ ବର୍ଷର ଆଦିମ ଅଭ୍ୟାସ ବିରୁଦ୍ଧରେ ଯଦି କେହି କେବେ ପଦେ ସାହସ କରି କହିଦେଲା, ତାକୁ ନାସ୍ତିକ କହି ଚାରିଆଡୁ ସହସ୍ର ସଂଖ୍ୟାରେ ଲୋକେ ଘେରିଯିବେ ।

ଆଗ ଅବଶ୍ୟ ତାକୁ ଟେକି ମାରି ପୋତି ପକାଉଥିଲେ ବା ଜୀଅନ୍ତା ପୋଡ଼ି ଦେଉଥିଲେ । ଏବେ କିନ୍ତୁ ସେପରି ଅମାନୁଷିକ ଭାବରେ ତାକୁ ସଂହାର କରିବାର ସାହସ କାହାରି ନାହିଁ ; କାରଣ ପ୍ରତ୍ୟକ୍ଷ ଭାବରେ ତାର ସପକ୍ଷରେ ନ ହେଲେ ମଧ ଏ ଯୁଗର ଶ୍ରେଷ୍ଠ ବୁଦ୍ଧିଜୀବୀ ଏବଂ ବିଜ୍ଞାନବେତ୍ତାଗଣ ତା ପାଖାପାଖି ଠିଆ ରହିଛନ୍ତି, ଏଣୁ ନାସ୍ତିକତାର ବୟାନ ଦେଲାବେଳେ ଆପଣ କାନରେ ଶୋଲ ଚୁଷା ମାରିପାରନ୍ତି, କିନ୍ତୁ ତାକୁ ତାର ଭାବ ପ୍ରକାଶରୁ ଆପଣ ନିବୃତ୍ତ କରିପାରିବେ ନାହିଁ ।

ଆପଣଙ୍କ ଈଶ୍ୱରଗୁଡ଼ିକ ସମସ୍ତେ ଆଞ୍ଚଳିକ । ବହୁ ସହସ୍ର ବର୍ଷ ପରେ ମଧ ସମଗ୍ର ମାନବ ଜାତି ପାଇଁ ଗୋଟିଏ ଈଶ୍ୱର ସମ୍ଭବ ହୋଇପାରିନାହିଁ, ହେବ ନାହିଁ ମଧ, କାରଣ ନେପାଳର ରାଜା ଇଥିଓପିଆର ସମ୍ରାଟଠାରୁ ତାଙ୍କ ଖାଇବା ପିନ୍ଧିବା ବେଶଭୂଷା ଚାଲିଚଳଣ ରୀତିନୀତିରେ ଭିନ୍ନ । ଆପଣଙ୍କର ଗୋଟିଏ ଈଶ୍ୱର ସୁନା ସିଂହାସନରେ ବସି ଡୋଳାନ୍ତି । ଆଉ ଗୋଟିଏ ଟେକା ମାରିଥିବା ସାପ ଉପରେ ଶୋଇଥାନ୍ତି । କିଏ ପାହାଡ଼ ଉପରେ ବିଦ୍ୟୁତ୍‌ର ଠେଙ୍ଗା ଧରି ବସିଥାନ୍ତି ତ ଆଉ କିଏ ଅନ୍ଧାର ଭିତରେ ପୃଥିବୀକୁ ଦାନ୍ତ ଅଗରେ ଟେକି ଧରିଥାନ୍ତି । ଏସବୁ ଆପଣମାନଙ୍କର ନିଜ ନିଜର ଭୌଗୋଳିକ ପରିସ୍ଥିତିଗତ ଅଭ୍ୟାସ । କିଏ ଶୀତର ପ୍ରକୋପରୁ ତା ଈଶ୍ୱରଙ୍କୁ ବଞ୍ଚାଇବାକୁ ବହୁ ପ୍ରକାର କମ୍ବଳ ପୋଷାକ ଗୁଡ଼ାଇ ସୁନା ସିଂହାସନରେ ଆକାଶ ଉପରେ ବସାଏ, କିଏ ବା ପ୍ରବଳ ଗ୍ରୀଷ୍ମତାପରୁ ବଞ୍ଚେଇବା ପାଇଁ ସମୁଦ୍ର ଉପରେ ଥଣ୍ଡା ସାପ ଉପରେ ଶୁଆଏ । ଦୟାକରି ଏଗୁଡ଼ାକ ଆମକୁ ଗିଳିବାକୁ ଆଉ କୁହନ୍ତୁ ନାହିଁ । ଆମେ ଢେର୍ ଦିନ ଧରି ଢେର୍ ଗିଳି ଆସିଛୁ, ଆଉ ନୁହେଁ ! କାହା ମେଣ୍ଢା ବଳୁଆ ଜାଣିବାକୁ ଯେମିତି ସାହି ସାହି ଭିତରେ ଲଢେଇ ହୁଏ ଏବଂ ନିଃସଙ୍କୋଚ ମେଣ୍ଢାଗୁଡ଼ିକ ଆଡ଼ି ପଡେଇ ମୁଣ୍ଡକୁ ମୁଣ୍ଡ ପିଟାପିଟି ହୁଅନ୍ତି, ସେହିପରି ବିଲେଇ ଦେବତା, ଗୋରୁ ଦେବତା, ଗିର୍ଜା ଦେବତା, ମସ୍‌ଜିଦ୍ ଦେବତା, ମନ୍ଦିର ଦେବତା, ବିହାର ଦେବତା, ପରସ୍ପର ଲଢି ଲଢି ମାନବଜାତିର ସମଗ୍ର ଇତିହାସଟାକୁ ରକ୍ତ-ରଞ୍ଜିତ କରି ସାରିଛନ୍ତି । ପିଲାଏ ଗୁଡ଼ି ଲଢେଇ

Digitized by srujanika@gmail.com

କଲାଭଳି ଏଥିରେ ସାବାଳକ ବିଚାରବୁଦ୍ଧିରେ ଘୋର ଅଭାବ - ଏଥିରେ ଜେହାଦ୍ ବା କ୍ରୁଶେଡ୍‌କୁ ଡାକିଦେଲେ ଏଣିକି ଆମକୁ ହସମାଡୁଛି ।

ଆପଣଙ୍କ ଈଶ୍ୱରମାନେ ଯେ ଯାହାର ଜମିଦାରୀ ମାଡ଼ି ବସିଛନ୍ତି । ଆଗ କାଳରେ ପର୍ଯ୍ୟଟକ ଯେପରି ବିଭିନ୍ନ ଦେଶର ଶାହା ବାଦଶାହ ସମ୍ରାଟଙ୍କୁ ଏକ ପର୍ଯ୍ୟାୟର ଭାବି ସମ୍ମାନ ଦେଉଥିଲେ ; କିନ୍ତୁ ଆନୁଗତ୍ୟ କେବଳ ନିଜ ରାଜ୍ୟର ଅଧିପତିଙ୍କ ପାଖରେ ସ୍ୱୀକାର କରୁଥିଲେ, ସେହିପରି ଆପଣଙ୍କ ଭିତରୁ କେତେଜଣ ଏ ସମସ୍ତ ଈଶ୍ୱରଙ୍କୁ ସମ୍ମାନ ଦେଇ ଚାଲିଛନ୍ତି । ଉଦ୍ଦେଶ୍ୟ କେବଳ ସଂଘର୍ଷରୁ ନିଷ୍କୃତି ପାଇ ନିଜର ନିରାପତ୍ତା ବଜାୟ ରଖିବା ଏବଂ ନିଭୃତରେ ନିଜର ଈଶ୍ୱରଟିକୁ ସର୍ବାପେକ୍ଷା ନିକଟତମ ଏବଂ ଶ୍ରେଷ୍ଠରୂପେ ପୂଜା କରିବା ।

ମୂଳ କଥା ହେଲା ଯେ, କେତେକ ସରଳବିଶ୍ୱାସୀ ମନୁଷ୍ୟଙ୍କୁ ଈଶ୍ୱରାଭିମୁଖୀ କରାଇ ଦେଇପାରିଲେ, ସେମାନଙ୍କୁ ଆଉ ଗୋଟାଏ ମୂଲ୍ୟବୋଧ ଧରାଇ ଦେଇପାରିଲେ, ସେମାନେ ଆଉ ସୁଖ-ସ୍ୱାଚ୍ଛନ୍ଦ୍ୟ ବା ବିଳାସ-ବୈଭବ ପାଇଁ କଟାକ୍ଷ କରିବେନାହିଁ । ଫଳରେ କେତେଜଣ ଦଳପତି ଏବଂ ବିଶିଷ୍ଟ ଧର୍ମପାଳଙ୍କ ପାଇଁ ନିଷ୍କଣ୍ଟକ ବ୍ୟସନ ସହଜଲଭ୍ୟ ହୋଇପାରିବ । ଏ ପ୍ରକାର ସମ୍ପୂର୍ଣ୍ଣ କଳ୍ପିତ ମୂଲ୍ୟବୋଧର ମାନଦଣ୍ଡରେ ଶାରୀରିକ ସୁଖ ସୁଖ ନୁହେଁ, ଭୋଗବିଳାସ ପରିହର୍ତ୍ତବ୍ୟ । ଏ କ୍ଷଣଭଙ୍ଗୁର ସଂସାରରେ ବରଂ ନ ଖାଇ ନ ପିଇ ଶରୀରକୁ କୃଶ କରି ତପସ୍ୟା ନାମରେ ତଥାକଥିତ ପୁଣ୍ୟ ଏବଂ ଅନିର୍ଦ୍ଦିଷ୍ଟ ଗୁଣ ଲାଭ କଲେ ଅଖଣ୍ଡ ସ୍ୱର୍ଗସୁଖ ଲାଭ ହୁଏ । ଏ ନିରୀହ ପ୍ରଜାଙ୍କର ସ୍ୱର୍ଗଲାଭ ଇଚ୍ଛା ଅତି ଦୁର୍ବାର କରିବାକୁ ଦଳ ଦଳ ହୋଇ ଧର୍ମଯାଜକ ଏବଂ ପୁରୋହିତ ନିଯୁକ୍ତ ହୋଇଛନ୍ତି । ସେହିପରି ତାଙ୍କ ଅର୍ଜିତ ଧନ ଏବଂ ଶସ୍ୟ ଲୁଣ୍ଠନ ଦରି ରାଜାର ଭଣ୍ଡାର ପୂର୍ଣ୍ଣ କରିବାକୁ ହଜାର ହଜାର ଅସ୍ତ୍ରଶସ୍ତ୍ରଧାରୀ ସୈନ୍ୟ ମଧ୍ୟ ଅଛନ୍ତି । ଏ ଉଭୟ ଗୋଷ୍ଠୀ ରାଜାଦ୍ୱାରା ଲୁଣ୍ଠିତ ସେହି ଧନରେ ପ୍ରତିପାଳିତ । ଜଣେ ଶାସ୍ତ୍ରଦ୍ୱାରା ମଣିଷମାନଙ୍କୁ କାବୁ କରେ, ଚୌରାଶି ନର୍କର କଳ୍ପିତ ଭୟ ଦେଖାଇ ତାଙ୍କୁ ଅଙ୍ଗୁଠି ଅଗରେ ନଚାଏ ଏବଂ ଆଉ ଜଣେ ଶସ୍ତ୍ର ଟେକି ତାଙ୍କୁ ଭୀତତ୍ରସ୍ତ କରେ । ଏହିପରି ଶାସ୍ତ୍ର ଓ ଶସ୍ତ୍ରର ପ୍ରଭାବରେ ଶାସକଗୋଷ୍ଠୀ ନିରଙ୍କୁଶ ଭୋଗକରି ଆସିଛନ୍ତି - ସେନାଧକ୍ଷ ମଣିଷ ହାତରୁ ଶସ୍ତ୍ର ଛଡ଼ାଇ ତାଙ୍କୁ କ୍ଳୀବ କରିଦେଇଛି ଏବଂ ଧର୍ମଯାଜକ ସ୍ୱାଧୀନ ଚିନ୍ତା ଅପହରଣ କରି ବିଶ୍ୱାସର ପଥର ଚକ ତଳେ ତାଙ୍କୁ ନିଷ୍ପେଷ କରିଦେଇଛି ।

ଆପଣଙ୍କ ମନ୍ଦିରର ଗମ୍ଭୀରା ଭିତରେ ସର୍ବସାଧାରଣଙ୍କ ଦୃଷ୍ଟି ଆଡୁଆଳରେ ଆପଣଙ୍କର କାଠ, ପଥର, ମାଟି, ପିତଳ ବିଗ୍ରହକୁ ଯେଉଁମାନେ ସିନ୍ଦୂର ବୋଳି କଳା ଧନ ଲଗେଇ ଚିତ୍ର କରନ୍ତି, ସେମାନେ କ'ଣ ଜାଣନ୍ତି ନାହିଁ ଯେ ଚିତ୍ର ପଛରେ ହୁଏତ ମାତ୍ର ଖଣ୍ଡେ ବଙ୍କା ପଥର ବା ଖତରା ଖଣ୍ଡେ କାଠ ବିଦ୍ୟମାନ ? କିନ୍ତୁ ଯେତେବେଳେ କବାଟ ଫିଟିଯାଏ ସହସ୍ର ସହସ୍ର ଭକ୍ତ ତାଙ୍କୁ ସର୍ବଶକ୍ତିମାନ୍ ଈଶ୍ୱର ବୋଲି ପ୍ରଣିପାତ ହୋଇ ଭାବବିଭୋର ହୋଇପଡ଼ନ୍ତି - ଏହା କେବଳ ଆତ୍ମପ୍ରତାରଣା ଏବଂ ନିଜକୁ ନିଜେ ସମ୍ମୋହିତ କରିବାର ପ୍ରକ୍ରିୟା । ଖଣ୍ଡେ ଇଟାକୁ କେନ୍ଦ୍ର କରି ଭୋଳହେବାକୁ ଇଚ୍ଛାକଲେ ସେଥିରେ ମଧ୍ୟ ସ୍ୱେଦ ପୁଲକାଦି ମହା ବିକାର ଶରୀରରେ ଦେଖାଦେବ । ଏହାର ଚୂଡ଼ାନ୍ତ ଫଳ ହେଲା ଯେ ବଡ଼ ଭାଗ ଲୋକ ବଞ୍ଚିବାର ସ୍ୱାଧୀକାର ବିଷୟରେ ଆଦୌ ସଚେତନ ହେବେନାହିଁ । ପରସ୍ପର କଳହ ନ କଲେ, କେତେଜଣଙ୍କ ନିର୍ଦ୍ଦେଶରେ ବାକି ସମସ୍ତେ

Digitized by srujanika@gmail.com

ଚଳାଇପାରିଲେ ଏକାଠି ରହିବା ସହଜ ହୋଇଯିବ । ଶିଶୁକୁ ପାଳନ କରିବା ପରି ଅପାରଗ ବୃଦ୍ଧ ପିତାମାତାଙ୍କୁ ମଧ୍ୟ ପାଳନ କରିବାକୁ ନିୟମ ଅଛି । ପରଦ୍ରବ୍ୟକୁ ଲୋଷ୍ଟ୍ରବତ୍ ଜ୍ଞାନ କରି ପଡ଼ୋଶୀକୁ ଭ୍ରାତୃବତ୍ ସ୍ନେହ କରିବାକୁ ଏମାନେ ଶିଖନ୍ତି । ଏଗୁଡ଼ିକ ସହାବସ୍ଥାନ ପାଇଁ ଅନିବାର୍ଯ୍ୟ ସାମାଜିକ ପ୍ରୟୋଜନ । ତାହା କିନ୍ତୁ ଧର୍ମ ମାଧ୍ୟମରେ ଆସେ । ତାହା ସଙ୍ଗେ ସଙ୍ଗେ ଆହୁରି ଅନେକ କଥା ମଧ୍ୟ ଆସେ । ଟିକିଏ ଗଭୀର ଦୃଷ୍ଟି ଦେଲେ ଏ ସମସ୍ତ ନିୟମ ସାର୍ବଜନୀନ ନୁହେ । ଯଥା – ପରସ୍ୱ ଅପହରଣ କଲେ ନର୍କଗତି ଅନିବାର୍ଯ୍ୟ – କିନ୍ତୁ ରାଜକୋଷର କେବଳ ପରସ୍ୱ ହିଁ ଗ୍ରହଣୀୟ – ସେଥିପାଇଁ ଧର୍ମ-ଶାସ୍ତ୍ର ମୁଖର । ଲୁଣ୍ଠିତ ଧନକୁ ଧର୍ମକ୍ଷେତ୍ରରେ ଦେବତାକୁ ଦାନ କରିଦେଲେ ସ୍ୱର୍ଗକୁ ନିଶୁଣି ମିଳିଯାଏ । କେତେଗୁଡ଼ିଏ ମଣିଷଙ୍କୁ ମଧ୍ୟ ଏ ଅବକାଶରେ ଦେବପୂଜା ମିଳେ । ସେମାନଙ୍କୁ ପାଟ ଘୋଡ଼ାଇ ତିନି ମହଲାରେ ବସେଇ ଧୂପ ଦୀପ ଦେଇ କୁହାଯାଏ ଯେ... ''ସେ ହିଁ ପରମ ଈଶ୍ୱର ବା ପରମ ଈଶ୍ୱରୀ ।'' ତାଙ୍କୁ ଦର୍ଶନ କରିବାକୁ ଟଙ୍କା, ତାଙ୍କର ଆଶୀର୍ବାଦ ପାଇବାକୁ ଆହୁରି ଟଙ୍କା – ତାଙ୍କର ଅନର୍ଗଳ କୃପା ପାଇବାକୁ ମାତ୍ର ଏକ ଲକ୍ଷ୍ୟ । ଶସ୍ତ୍ରଧାରୀ, ଶାସ୍ତ୍ରଧାରୀ ଓ ଶାସକଙ୍କର ଏ ଆପୋଷ ମେଣ୍ଟଗୁଡ଼ିଏ ଅକର୍ମା ଶୋଷକଙ୍କୁ ଜୋକ ଶୋଷିଲା ପରି ଶୋଷି ଚାଲିଛି । (ଶାସନର ଗଣତାନ୍ତ୍ରିକ ଆବରଣ ସତ୍ତ୍ୱେ ଆମମାନଙ୍କର ଲୋକ-ସରକାରର ମନ୍ତ୍ରିଗଣ ଗୋଟିଏ ଗୋଟିଏ ଆଶ୍ରମ ଓ ଗୁରୁଙ୍କର ଆଶ୍ରୟ ନିଅନ୍ତି । ନେଲେ ଚିତା ଚୈତନ ପାଇଁ ସୁବିଧା ହୁଏ । ଲାଞ୍ଚ ମିଛ ପାଇଁ ସୁବିଧା ହୁଏ । ମନ ବୋଧେଇବାକୁ ମା'ଙ୍କୁ ବା ଗୁରୁଦେବଙ୍କୁ ଅର୍ଥ ଦେଇ ପ୍ରାୟଶ୍ଚିତ୍ତ କରିଦେବା ମଧ୍ୟ ପୂର୍ଣ୍ଣ ସ୍ୱାୟତ୍ତରେ ଥାଏ ।) ଏଥିରେ ଗୁଡ଼ିଏ ଶଠ ମଠ-ମହନ୍ତ ନାମରେ ଯାହା ଉପଦେଶ ଦିଅନ୍ତି, ତାର ବିପରୀତ ବ୍ୟସନରେ ବୁଡ଼ିରହିବାକୁ ସୁବିଧା ପାଆନ୍ତି । ଚାନ୍ଦା ଉଠାଇ ସାଧାରଣ ଅର୍ଥକୁ ଯଥେଚ୍ଛା ବ୍ୟୟ କରିବାର ଅଧିକାର ପାଇଯାନ୍ତି ।

ଆପଣମାନଙ୍କୁ ସବୁଠାରୁ ଅଧିକ ଦୟା ହୁଏ, ଯେତେବେଳେ ଆପଣ ସେହି ଈଶ୍ୱରବାଚୀ ପିତୁଳା ବା ଶୂନ୍ୟ କାନ୍ଥଟିକୁ ଏ ଅନନ୍ତ ବିଶ୍ୱର ସ୍ରଷ୍ଟା ବୋଲି ଜାହିର କରିବାକୁ ସାହସ କରନ୍ତି । ଆପଣଙ୍କୁ ଆମର ନିମନ୍ତ୍ରଣ ରହିଲା, କେବେ ଦିନେ ପୁଣ୍ୟ ଅର୍ଜନ କରିବାର ଲୋଭ ସମ୍ବରଣ କରି ଆମ ମାନ-ମନ୍ଦିରକୁ ଆସନ୍ତୁ । ସେଇଠି ଥରେ ଏ ମହାକାଶର ସାମାନ୍ୟ ଅଂଶ ଦେଖିପାରିଲେ କିଛି ଅଙ୍କ କଷି ଆପଣଙ୍କୁ ଏ ବିଶ୍ୱ ସଂକ୍ରାନ୍ତରେ ଟିକେ ସଚେତନ କରାଇଦେଲା ପରେ ଆପଣ ସୃଷ୍ଟି ଓ ସ୍ରଷ୍ଟା ବିଷୟରେ ହୁଏତ ସଂଯତ ହୋଇ କଥାବାର୍ତ୍ତା କରି ଶିଖିବେ । କୋଟି କୋଟି ଆଲୋକବର୍ଷରେ ପ୍ରସାରିତ ନୀହାରିକାମଣ୍ଡଳ ଏବଂ ଖଣ୍ଡ ବିଶ୍ୱରେ ଇତସ୍ତତଃ ଚିହ୍ନିତ ଏ ଅକଳନୀୟ ମହାକାଶ ! ଏ ପୃଥିବୀର ଜନ୍ମ ପୂର୍ବରୁ ସେ ଅନନ୍ତ ଦିଗ୍‌ବଳୟ ପ୍ରାନ୍ତରୁ ଆଲୋକ ଏ ଦିଗରେ ଗତିକରି ଏ ପର୍ଯ୍ୟନ୍ତ ପୃଥିବୀକୁ ସ୍ପର୍ଶ କରିପାରିନାହିଁ । ମାତ୍ର ଦଶ ହଜାର ବର୍ଷ ପୁରୁଣା ଆପଣଙ୍କର ଗିରିଗୁହା ମନ୍ଦିର ଗୀର୍ଜାରେ କିପରି ଏ ଅନନ୍ତ ବ୍ରହ୍ମାଣ୍ଡର ସ୍ରଷ୍ଟା ବିରାଜମାନ କଲେ, ତାହା ଆମକୁ ବୁଝାଇବାକୁ ଆଉ ଚେଷ୍ଟା ନ କଲେ ଆପଣ ବୁଦ୍ଧିମାନର ପରିଚୟ ଦେବେ । ଏକଦା ଏ ପୃଥିବୀ କେବଳ ଜଡ଼ ଥିଲା । ଏହା ଯେପରି ସତ୍ୟ, ଭବିଷ୍ୟତରେ ସଂପୂର୍ଣ୍ଣ ଜୀବଶୂନ୍ୟ ହୋଇଯିବା ମଧ୍ୟ ସେହିପରି ନିରାଟ ସତ୍ୟ । ଗୋଟିଏ ଶୀତଳ ସୂର୍ଯ୍ୟର ଚାରିପଟେ ଏକ ନିର୍ଜୀବ ପୃଥିବୀ ଦୂରରୁ ଦୂରକୁ ଘୂରିଘୂରି ଅପସରିଯିବ ଏବଂ ହୁଏତ ଏକଦା ଏକ ନିରାଲୋକ ରାଜ୍ୟରେ ସବୁ ନିର୍ବାପିତ ହୋଇଯିବ । ସେତେବେଳେ

Digitized by srujanika@gmail.com

ଆପଣଙ୍କର ଏ ସମସ୍ତ ଅଟାଟୋପ ନିଶ୍ଚୟ ନ ଥିବ । - ନା ତଥାପି ଥିବ ? ଧନ୍ୟ ଆପଣଙ୍କର ଦୂରାରୋଗ୍ୟ ବିଶ୍ୱାସ ବ୍ୟାଧି ଏବଂ ଧନ୍ୟ ଆପଣଙ୍କର ଅପ୍ରସାରିତ ଅଜ୍ଞତା ।

ମାତ୍ର ଶହେ ଦୁଇଶହ ବର୍ଷ ତଳେ ଆମେ ଏପରି ଭାଷାରେ ଆପଣଙ୍କୁ କହିଥିଲେ, ଆପଣ ତତ୍‌କ୍ଷଣାତ୍ ଧର୍ମଦ୍ରୋହୀର ପ୍ରାଣଦଣ୍ଡ ପାଇଁ ସୁପାରିସ୍ କରିଥାନ୍ତେ । ଏପରି ଅନେକ ମଧ ଆମ ଭିତରୁ ମରିଛନ୍ତି । ଏବେ ଆପଣଙ୍କର ସହନଶୀଳତା ପାଇଁ ଧନ୍ୟବାଦ । ଆନନ୍ଦର କଥା ଆପଣଙ୍କର ଭଗବାନଙ୍କୁ ଆମେ କୋକ କହିଲେ ଆପଣ ଶୁଣିପାରୁଛନ୍ତି, ଆପଣଙ୍କର ପୂଜକଗୋଷ୍ଠୀକୁ ଶଠ କହିଲେ ଆପଣ ଆମ ଶିରଚ୍ଛେଦ କରୁନାହାନ୍ତି, ଆପଣଙ୍କୁ ଅଫିମଖିଆ ଆତ୍ମପ୍ରତାରକ କହିଲେ ଟିକିଏ ଚକିତ ହୋଇପାରୁଛନ୍ତି ।

ପ୍ରଥମ ଭୟରେ ଗଛଟାକୁ, ଖୁଣ୍ଟଟାକୁ ଧରି ତା ତଳେ ଆଶ୍ରା ଲୋଡୁ ଲୋଡୁ ଗୋଟାଏ ସମୟରେ ହଠାତ୍ ଆପଣ ଏ ଭଗବାନଟିକୁ ସୃଷ୍ଟି କଲେ । ସେଇଟା ଏତେ ଚମତ୍କାର କାମରେ ଲାଗିବ ବୋଲି ଆପଣଙ୍କର ମଧ ଧାରଣା ନଥିଲା । ମନୁଷ୍ୟ ମନରେ ଏକ ଆଦିବ ଭୟ ତ ସବୁବେଳେ ରହିଛି । ଶାରୀରିକ ଯାତନା, ରୋଗ, ଶୋକ, ଜରା, ଶତ୍ରୁ, କ୍ଷୁଧା, ତୃଷା, ଦାରିଦ୍ର୍ୟ, ଅପଯଶ ଏ ସମସ୍ତଙ୍କୁ ସେ ଭୟକରି ଆସିଛି ଏବଂ ସେଇଥିପାଇଁ ସେ ଆଶ୍ରା ଖୋଜୁଛି । ତାକୁ ଆପଣ ଗୋଟାଏ ଚିତ୍ରପ୍ରତିମା ଧରେଇ କିଛି ମନ୍ତ୍ର ଶୁଣାଇଛନ୍ତି । ଫଳରେ ସେ ମୁଣ୍ଡ ବିକି ସେଇଠି ସମର୍ପିତ ହୋଇଯାଇଛି । ତେଣିକି ଆପଣଙ୍କ ସୁବିଧାଟା ଆପଣଙ୍କୁ ନ କହିଲେ ଭଲ । ଆପଣଙ୍କ ପରି ଈଶ୍ୱର ମଧ ବେଶ୍ ଲାଞ୍ଚୁଆ । ତାଙ୍କର ମଧ ଘୋର ନିଜ ପର ଜ୍ଞାନ ଥାଏ । ସେ ବି ସାଧାରଣ ମନୁଷ୍ୟପରି ଖାଇପିଇ ଶୁଅନ୍ତି । ହର୍ଷବିଷାଦ ପ୍ରକାଶ କରନ୍ତି । ତାଙ୍କର କ୍ରୋଧ କିନ୍ତୁ ସବୁଠୁଁ ମାରାତ୍ମକ । ତା'ରି ନାଁରେ ଭୟାର୍ତ୍ତ ଭକ୍ତଙ୍କ ତାଲିକା ଦୈନିକ ବଢିଚାଲେ । ଆପଣ କାହିଁକି ଏମିତି ଅବାଧ ଦିଗ୍‌ବିଜୟ କରି ଚାଲିଛନ୍ତି ଆପଣ ଜାଣନ୍ତି ? ତା'ର କାରଣ ହେଲା ଯେ, ଶତ ଚେଷ୍ଟାକରି ମଣିଷ ତାର ମନର ଗହୀର ଭିତରୁ ମୃତ୍ୟୁଭୟକୁ ଅପସାରିତ କରିପାରୁନାହିଁ । ବାକି ଯେତେ ସମସ୍ତ ଭୟ ତାହା ସେ ମୂଳ ଗଣ୍ଠିର ଶାଖାପ୍ରଶାଖା ମାତ୍ର । ମୃତ୍ୟୁ ସମସ୍ତଙ୍କୁ ଗ୍ରାସ କରେ, ତା' ପାଖରେ ସମସ୍ତେ ହାରିଯାନ୍ତି । ଆପଣ ସିନା ଗାଲୁ ମାରନ୍ତି ଯେ ଆପଣ ମୃତ୍ୟୁକୁ ଜୟ କରିଯିବେ । ଆପଣ ନ ହେଲେ ମଧ ଆପଣଙ୍କର ଯେ ଅର୍ହନ, ବୁଦ୍ଧ ବା ଅତିମାନସିକ ଗୁରୁ ଏ ଛାର ମୃତ୍ୟୁକୁ ପାରି ହୋଇଯାଇଛନ୍ତି, କିନ୍ତୁ ଏମିତି ଗୁଡ଼ାଏ ତାହା ମିଛ କହିବାକୁ କାହିଁକି ଓ କିପରି ଲଜ୍ଜା ଲାଗେନାହିଁ ତାହା ଆମେ ଭାରି ଗମ୍ଭୀର ଭାବରେ ଅନୁଧାନ କରିଛୁ । ଆମକୁ ଲାଗେ ଯେ ଏଇଟା ଗୋଟାଏ ମନସ୍ତାତ୍ତ୍ୱିକ ବିଡ଼ମ୍ବନା । ଅନେକ ଦିନରୁ ଏହା କହି କହି ଅଭ୍ୟାସ ହୋଇଯାଇଥିବାରୁ ତା ମିଥ୍ୟା ବୋଲି ଭିତରେ ଭିତରେ ବୁଝିଲେ ମଧ ଆପଣଙ୍କର ଦୁର୍ବଳ ଜିଭଟି ଲେଉଟି ପାରେନାହିଁ । ଆପଣ ଆଉ କ'ଣ କରିପାରିବେ ? ସେଥିପାଇଁ ଆପଣଙ୍କୁ ଆମେ ଆମର ହାର୍ଦ୍ଦିକ ସହାନୁଭୂତି ଜଣାଉଛୁ ।

ସବୁଠୁ ବେଶି ଆମୋଦ ଲାଗେ, ଯେତେବେଳେ ଆପଣଙ୍କ ଠାକୁରକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରିବାକୁ ଆପଣ ତା ଉପରେ ସୁନା, ରୂପା, ହୀରା, ଜହରତ୍ ମଣ୍ଡିଦେଇ ଯାଆନ୍ତି । ସେ ସବୁ ପୁଣି ବିଭିନ୍ନ ଖଣ୍ଡଙ୍କର ଦାନ । ଯେଉଁ ଠାକୁରର ସ୍ୱର୍ଣ୍ଣଭାର ଯେତେ ବେଶି, ସେ କୁଆଡ଼େ

Digitized by srujanika@gmail.com

ସେତେ ପ୍ରତାପୀ । ଯେଉଁ ଗୁରୁ ଯେତେ ଉପରୁ କହେ, ସେ ସେତେ ବଡ଼ । ତାକୁ ସେବା କରିବାକୁ ହେଲେ ପୁଣି ଧନଲିପ୍‌ସା ସଂପୂର୍ଣ୍ଣ ତ୍ୟାଗ କରିବାକୁ ହେବ । ବାଃ - ବାଃ - କି ଚମତ୍କାର ! ସାମନ୍ତବାଦୀ ବାଦଶାହୀ ନୀତି । କେମନ୍ତ ଲାଞ୍ଛୁଆ, ପରସ୍ୱାପହାରୀ, ଜିଜିଆକର ଆଦାୟ କରୁଥିବା ସର୍ବଶକ୍ତିମାନ୍ ଆପଣଙ୍କର ଏ ଠାକୁର । କେବଳ ତା ନୁହେଁ । ଯା ଦେଉଳ ବଡ଼, ସେ ଦିଅଁ ବଡ଼ । ମଣିଷକୁ ଆକାର ଓ ଐଶ୍ୱର୍ଯ୍ୟରେ ଆଚମ୍ବିତ କରିବାର କି ଆଦିମ ଉପାୟ ସବୁ ଆପଣ ଏବେ ମଧ୍ୟ ଅଭ୍ୟାସ କରୁଛନ୍ତି । ଏଥିରେ ଆମକୁ ହସ ମାଡ଼ିଲେ ଆପଣ ଚିଡ଼ନ୍ତି । କହନ୍ତି - ''ବିଧର୍ମୀ, ପାଷଣ୍ଡ, ଅବିଶ୍ୱାସୀ, ନାସ୍ତିକ । ତୁମର ନର୍କଗତି ହେବ, ତୁମେ ସବୁ ଅତଳ ଅନ୍ଧାରରେ ପଡ଼ିବ ।'' ଆମକୁ ଆହୁରି ହସମାଡ଼େ । ଆପଣ ଟିକିଏ ସେ ପ୍ରତାରଣାର ଧୂଆଁ ଭିତରୁ ମୁକୁଳି ଆସିଲେ ବୁଝନ୍ତେ ସମସ୍ତ ଜିନିଷଟା କେଡ଼େ ହାସ୍ୟାସ୍ପଦ ।

ସତ୍ୟ କୁଆଡ଼େ ଆପଣ ହିଁ ଜାଣିଛନ୍ତି । ଆଉ କେହି ଜାଣିବାର ଅଧିକାରୀ ନୁହନ୍ତି । ଆପଣମାନେ ବହୁ ରାଜା ମହାରାଜାଙ୍କର ଅନ୍ନ ଧ୍ୱଂସକରି ଲୁଣ୍ଠନରେ ସାହାଯ୍ୟ କରି ଖୁବ୍ ବୁଦ୍ଧି ଖର୍ଚ୍ଚ କରି ଶାସ୍ତ୍ର ପ୍ରଣୟନ କରିଛନ୍ତି । ଆପଣଙ୍କର ତର୍କ ବଳ ଢେର୍, କିନ୍ତୁ ଆପଣଙ୍କର ଶେଷ କଥା ହେଲା, ତର୍କ କରନାହିଁ । ଖାଲି ଯାହା କୁହାହେଲା ତାହା କରିଯାଅ । ଆପଣ ସବୁବେଳେ ମୃତ୍ୟୁ ପର କଥା, ଇନ୍ଦ୍ରିୟାତୀତ କଥା ଭାବୁଥାନ୍ତି, ଯେଉଁଠି ଯାହା ଇଚ୍ଛା ତାହାକୁ କହିଲେ ମଧ୍ୟ ତାକୁ ପରୀକ୍ଷା କରିବା ସମ୍ଭବ ନୁହେଁ । ତାହା ଏପରି ଏକ ଗପୁଡ଼ିଙ୍କ ରାଜ୍ୟ ଯେ, ସେଇଠି ବକ୍ତା ମୂର୍ଖ ଏବଂ ଶ୍ରୋତା ଉଲୁ ହେଲେ ମଧ୍ୟ ବେଶ୍ ଚଳେ । ଆପଣ ଯାହା କିଛି ସିଦ୍ଧି, ମୁକ୍ତି ବା ଆନନ୍ଦ କଥା କହୁଛନ୍ତି, ଧରନ୍ତୁ ସେ ସବୁ ସତ୍ୟ । ତା'ପରେ କିନ୍ତୁ କ'ଣ ? ଆପଣ ତ ସେଇ ଜଡ଼ ଧର୍ମରେ ବିଲୁପ୍ତ ହେବାକୁ ବାଧ୍ୟ । ଆପଣଙ୍କର ଯଶ କୀର୍ତ୍ତି ମଧ୍ୟ ବିସ୍ମୃତ ହେବାକୁ ବାଧ୍ୟ । ତେବେ କାହିଁକି ଓ କାହା ଉପରେ ଏ ସମସ୍ତ ଆଡ଼ମ୍ବର ?

ଆପଣ ସେ ସବୁ ପୋଥିପତ୍ର ବନ୍ଦକରନ୍ତୁ । ଆପଣଙ୍କର ପ୍ରତିମା ଆଦି ବିସର୍ଜନ କରନ୍ତୁ । ସେଇଠି ଗଚ୍ଛିତ ଅର୍ଥ ଜନକଲ୍ୟାଣରେ ବ୍ୟୟ କରନ୍ତୁ । ଆସନ୍ତୁ ଆଉ ଥରେ ଜୀବନକୁ ବୁଝିବାକୁ ଚେଷ୍ଟା କରିବା, କୌଣସି ପ୍ରାକ୍‌ବିଶ୍ୱାସରେ ମନକୁ କ୍ଳୀବ ନ କରି ନିରପେକ୍ଷ ଶିଶୁ ପରି ସବୁ ଜିନିଷର ମୂଲ୍ୟାୟନ କରିବା । - ପୃଥିବୀକୁ ଦେଖିବା ସୌରମଣ୍ଡଳରୁ, ମଣିଷକୁ ଦେଖିବା ମହାଶୂନ୍ୟରୁ । ଆପଣଙ୍କର ଏଥିରେ କିଛି ପ୍ରତିପତ୍ତି ହୁଏତ ହ୍ରାସ ହୋଇପାରେ, କିନ୍ତୁ ଆଉ ଏପରି ଅଭିନୟ କରି ଭଣ୍ଡାମିରେ ପେଟ ପୋଷିବାକୁ କ'ଣ ଆପଣଙ୍କର ଇଚ୍ଛା ହେଉଅଛି ? ଆପଣଙ୍କର ପୁରୁଣା ମୁଖା ଦେହରେ ପରା ଅଜସ୍ର କଣା ! ଆମେ ସବୁ ଆପଣଙ୍କର ସ୍ୱରୂପ ଦେଖି ନାକରେ ହାତ ଦେଇ ହସୁଛୁ । ଆଉ ଆପଣ କ'ଣ ଏ ଧନ୍ଦା ଚଳାଇପାରିବେ, କଥା ମାନନ୍ତୁ ! ଆଉ ଗୁଡ଼ାଏ ଲୋକହସା ନ ହୋଇ ଗୋଟିଏ ସମ୍ମାନକର ବୃତ୍ତି ବାଛି ନିଅନ୍ତୁ ଏବଂ ଚିନ୍ତା କରିବାକୁ ଶିଖନ୍ତୁ ନିଜ ଅନାବିଳ ଅକୁଣ୍ଠିତ ବୁଦ୍ଧି ସାହାଯ୍ୟରେ ।

Digitized by srujanika@gmail.com

ଦାରୁଦର୍ଶନ

ଅବିଶ୍ୱାସରେ ବିଶ୍ୱାସ ନଥିଲେ ଅବିଶ୍ୱାସ କରିହୁଏ ନାହିଁ । ଯେ କିଛି ବିଶ୍ୱାସ କରେନାହିଁ ବୋଲି କହେ, ସେ ଅନ୍ତତଃ ନିଜକୁ ଏବଂ ନିଜର ସଂଶୟାତ୍ମକ ମନକୁ ସ୍ୱୀକାର କରେ ଏବଂ ଏହି ସ୍ୱୀକୃତି ମାଧ୍ୟମରେ ବିଶ୍ୱାସ କରେ । ବିଶ୍ୱାସ ପରି ଅବିଶ୍ୱାସ ମଧ୍ୟ ସଂକଳ୍ପ ବିକଳ୍ପାତ୍ମକ ମନର ଏକ ସହଜାତ ଲକ୍ଷଣ । ଏ ଦୁଇଟି ପରସ୍ପର-ବିରୋଧୀ ଧର୍ମର ସଂଘାତରେ ଦ୍ୱନ୍ଦ୍ୱ ଜାତ ହୁଏ । ଦ୍ୱନ୍ଦ୍ୱ ଓ ସଂଶୟ ମନର ପ୍ରମଥନକାରୀ ଅନ୍ୟାନ୍ୟ ଶକ୍ତି ସମୂହଙ୍କୁ ଉଦ୍ଦୀପ୍ତ କରନ୍ତି । ଫଳରେ ମନ କେବଳ ବିଷୟାଶୟୀ ହୋଇ ରହିଯାଏ । ଚଞ୍ଚଳ ମନର ଆଉ ନିଗ୍ରହ ହୋଇପାରେନାହିଁ, କିନ୍ତୁ ଯେ ଦ୍ୱନ୍ଦ୍ୱାତୀତ ଏବଂ ସ୍ଥିତପ୍ରଜ୍ଞ, ତା' ପାଇଁ ବିଶ୍ୱାସ ଏବଂ ଅବିଶ୍ୱାସ ସମପର୍ଯ୍ୟାୟ ଭୁକ୍ତ । ସେ କୌଣସିଟିରେ ବିଚଳିତ ହୁଏନାହିଁ । ସ୍ଥିତପ୍ରଜ୍ଞ ହେବା ଅବଶ୍ୟ ସହଜ ସାଧ୍ୟ ନୁହେଁ, ଏଣୁ ନିଜ ନିଜର ବିଶ୍ୱାସ-ବିଶ୍ୱାସର ଦ୍ୱନ୍ଦ୍ୱକୁ ଆଶ୍ରୟକରି ମାନବଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ ବଞ୍ଚିଆସିଛି ।

ବାଉଁଶ ସରଳ ନ ହେଲେ ବଇଁଶୀ ବାଜେ ନାହିଁ । ମନ ସରଳ ନ ହେଲେ ବିଶ୍ୱାସ ଉପୁଜେ ନାହିଁ । ମନର ଏଇ ଋଜୁ ଅବସ୍ଥାରେ ଯେଉଁ ବିଶ୍ୱାସ ସେଥିରେ ଆଧାରିତ ହୋଇଯାଏ, ତାହା ସେଇ ବ୍ୟକ୍ତି ଜୀବନର ଚରମ ସାର୍ଥକତା, ତା'ର ସର୍ବଶ୍ରେଷ୍ଠ ମୂଲ୍ୟବୋଧର ସ୍ତମ୍ଭ । ସାଧାରଣତଃ ଏହା ଧର୍ମବିଶ୍ୱାସର ରାଜ୍ୟ । ଏହା ଉପରେ ଆଉଜି ରହେ ନୈତିକତା, ସାମାଜିକତା, ଶିକ୍ଷା, ସଂସ୍କୃତି, ରାଜନୀତି । ଏଣୁ ଏହା ଉପରେ ହସ୍ତକ୍ଷେପ ହେଲେ ମଣିଷ ଉତ୍କ୍ଷିପ୍ତ ହୋଇଉଠେ । ଶହ ଶହ କ୍ରୁସେଡ଼ରେ ପ୍ରାଣବଳି ଦେଇ ସେ ତାକୁ ବଞ୍ଚାଏ, ଶିର୍ ଦେଇ ଶାୟର୍ ରକ୍ଷାକରେ । ବିଶ୍ୱାସର ସିଂହାସନ ତା'ର କେତେବେଳେ ଖାଲି ରହେନାହିଁ । ଧର୍ମର ଆଦେଶ ନହେଲେ ମଧ୍ୟ ଅନ୍ୟ ଯେ କୌଣସି ଆଦର୍ଶବାଦ ସେ ଗାଦିମାଡ଼ି ବସିବାକୁ ହେବ । ଖାଲି ଖଟୁଲି ରହିବା ସମ୍ଭବ ନୁହେଁ । ଏସିରଆ ଏବଂ ବେବିଲୋନର ବିଭିନ୍ନ ଦେବାଶ୍ରିତ ଧର୍ମବିଶ୍ୱାସୀଙ୍କ ସଂଘର୍ଷ ପରି ଏ ଯୁଗରେ ଦୁଇଟା ନୀତି ବା ବିଶ୍ୱାସର ମଧ୍ୟ ସଂଘର୍ଷ ହୋଇପାରେ, ଉଭୟ ସଂଘର୍ଷ ଭିତରେ ମୌଳିକ ପାର୍ଥକ୍ୟ କିଛି ନାହିଁ ।

ତର୍କ ଏବଂ ବିଶ୍ୱାସ ମନପାଇଁ ଦୁଇଟି ସ୍ୱାଧୀନ ଅବଲମ୍ବନ । ଯୁକ୍ତି ଚିନ୍ତାଶୀଳ ମନର ଆଲମ୍ବନ, ଯେପରି ଦୃଷ୍ଟିପାଇଁ ରଙ୍ଗ ବା ଆକାର, କର୍ଣ୍ଣପାଇଁ ଶବ୍ଦ ଏବଂ ରସନା ପାଇଁ ସ୍ୱାଦ । ମନ ରହସ୍ୟମୟ ହେଲେ ସୁଦ୍ଧା ତାହା ଏକ ବିଶିଷ୍ଟ ଇନ୍ଦ୍ରିୟ ମାତ୍ର । ଚକ୍ଷୁ ଯେପରି ଦେଖେ ଏବଂ ନାସିକା

Digitized by srujanika@gmail.com

ଗନ୍ଧ ଗ୍ରହଣ କରେ, ମନ ସେପରି ଚିନ୍ତା କରେ, ତର୍କ କରେ, ପ୍ରମାଣ ଅପ୍ରମାଣ ନିର୍ଣ୍ଣୟ କରେ । ଏ ସମସ୍ତ ପ୍ରକ୍ରିୟାପାଇଁ ଇନ୍ଦ୍ରିୟାନୁଭବ ଏବଂ କୌଣସି ଭାଷାର ପରିସର ପ୍ରୟୋଜନ । ଭାଷା ଶବ୍ଦସମ୍ବଳିତ । ପ୍ରତ୍ୟେକ ଶବ୍ଦର ଅର୍ଥ ସାଧାରଣ ସ୍ୱୀକୃତି ଉପରେ ଆଧାରିତ, ଏଣୁ କେବଳ ବିଶ୍ୱାସ ସାପେକ୍ଷ । କୌଣସି ଏକ ବିଶ୍ୱାସକୁ ଆକ୍ରମଣ କଲାବେଳେ ଯେଉଁ ଶବ୍ଦ ସମ୍ଭାର ବ୍ୟବହୃତ ହୁଏ, ତା'ର ନିର୍ଦ୍ଦିଷ୍ଟ ଅର୍ଥ ଶ୍ରୋତା ଗ୍ରହଣ କରୁଛି ବୋଲି ବିଶ୍ୱାସ ଥାଏ । ତଥାପି ବିଶ୍ୱାସ ବିରୁଦ୍ଧରେ ଯୁକ୍ତିତର୍କ କରାଯାଏ । ଯୁକ୍ତି କରିବା ପରିଣତ ମସ୍ତିଷ୍କର ଏକ ଅନିବାର୍ଯ୍ୟ ସମୃଦ୍ଧି ।

ଯୁକ୍ତିଦ୍ୱାରା ଯୁକ୍ତିର ସୀମା ନିର୍ଦ୍ଦେଶ କରାଯାଇପାରେ । ମନଦ୍ୱାରା ମନର ଦିଗ୍‌ବଳୟ ନିର୍ଣ୍ଣୟ କରାଯାଇପାରେ । ଯୁକ୍ତିର ପରପାରରେ ବିଶ୍ୱାସ, ମନର ପରପାରରେ ଅବାଙ୍‌ମାନସ ଗୋଚର କିଛି ବିଶ୍ୱାସ ସତ୍ତା । ଯାହା ମନର ଅତୀତ ତାହା ଯୁକ୍ତିର ଅତୀତ, କାରଣ ଯୁକ୍ତି ମନର ପ୍ରକ୍ରିୟା । ଯେପରି କର୍ଣ୍ଣରସାୟନ ସଙ୍ଗୀତ ଗାନ କଲେ କାନକୁ ଭଲଲାଗେ, ମୁଖରୋଚକ ରସ ପାନକଲେ ଜିହ୍ୱାକୁ ସୁହାଏ, ସେପରି ଯୁକ୍ତିସିଦ୍ଧ ବିଷୟରେ ମନର ତୃପ୍ତି ସାଧନ ହୁଏ । ଇନ୍ଦ୍ରିୟର ତୃପ୍ତିକୁ ସୁଖ ଜ୍ଞାନ କଲାପରି ମନର ତୋଷଣକୁ ସତ୍ୟ ବୋଲି ଭ୍ରମ ହୋଇଥାଏ । ଜଠରରେ କ୍ଷୁଧା ହେଲେ ଆହାର ଯୋଗେଇ ଦିଆଯାଏ, ମନରେ କ୍ଷୁଧାହେଲେ ଯୁକ୍ତି ବାଢ଼ି ଦିଆଯାଏ । ଆହାରରେ କ୍ଷୁଧା ନିବୃତ୍ତ ହୁଏନାହିଁ, ତଦ୍ଦ୍ୱାରା ତାକୁ ଜାଗ୍ରତ ରଖାଯାଏ ମାତ୍ର, ସମିଧରେ ଅଗ୍ନିପରି । ଯୁକ୍ତିରେ କୌତୂହଳ ବା ସନ୍ଦେହ ଦୂର ହୁଏନାହିଁ । ନୂତନ ଶିଖା ମେଲି ସେ ପୁଣି ପ୍ରକାଶିତ ହୁଏ । କ୍ଷୁଧାର ଅନ୍ତ ନାହିଁ, ଆହାରର ଅନ୍ତ ନାହିଁ, ସନ୍ଦେହର ଅନ୍ତ ନାହିଁ, ଯୁକ୍ତିର ମଧ୍ୟ ଅନ୍ତ ନାହିଁ । ଏହା କିନ୍ତୁ ଅନନ୍ତତ୍ୱ ନୁହେଁ । ଏହା କୁମ୍ଭାର ଚକର କୌଣସି ବ୍ୟାସର ଦୁଇଟି ବିନ୍ଦୁପରି ପରସ୍ପରର ଅନୁଧାବନ କରନ୍ତି । ଏଠି କାହାକୁ କେବେ ସତ୍ୟ ମିଳିନାହିଁ, କେବଳ ମନରୂପୀ ଇନ୍ଦ୍ରିୟର ତୃପ୍ତି ସାଧନ ହୋଇଛି ମାତ୍ର । ଏଥିରେ ଅନ୍ତତଃ ଗୋଟିଏ ଉପକାର ହୁଏ । ସଚେତନ ମନ ତା'ର ସୀମା ବୁଝିଯାଏ । ବିନୟରେ ସ୍ୱୀକାର କରେ ଯେ, ତା' ପରପାରରେ ଅନେକ ସମ୍ଭାବନା ରହିଯାଉଛି। ଏଣୁ ଏଣୁଅ ଶିଙ୍କୁବାଡ଼ ଯାଏ ନଗଲେ ବାଡ଼ ଆରପଟ କଥାର କେମିତି ଆଭାସ ପାଇବ ? ମନ ଯୁକ୍ତିକରୁ ସେଥିରେ ସେ ପାକଳ ଧରିବ । ତାର ନାବାଳିକୀ କଟିଯିବ । ତା'ପରେ ହୁଏତ ପ୍ରଶ୍ନ ଉଠିପାରେ କେନେଷିତଂ ପ୍ରେକ୍ଷିତଂ ମନଃ.... ସେ ଦିଗ ଅଲଗା - ଏତିକି ମାତ୍ର ଉପୋଦ୍‌ଘାତ ପରେ ବିଚାର ଆରମ୍ଭ ହେଉ ।

ଏ ବର୍ଷ ନୀଳାଚଳ ଧାମରେ ଦାରୁବିଗ୍ରହ ବଦଳ ହେବେ । ନବ କଳେବର ହେବ । ଜ୍ୟୋତିଷ ଗଣନା ଅନୁସାରେ ଏ ବର୍ଷ ଦୁଇଟି ଆଷାଢ଼, ଏଣୁ ନବକଳେବର ପାଇଁ ନିବନ୍ଧ ଏକାଧିକ ବିଧାନ ଭିତରୁ ପ୍ରଥମ ପାଦ ପୂରଣ ହେଲା । ୧୯୫୦ ମସିହା ପରେ ଠାକୁର ପୁଣି ଏଥର ନବକଳେବର ହେଉଅଛନ୍ତି । ଜୀର୍ଣ୍ଣବାସ ପରିହାର କରି ନବବସ୍ତ୍ର ଗ୍ରହଣ କଲାପରି ପ୍ରାଣୀର ଘଟାନ୍ତର ହୁଏ (ବାସାଂସି - ଜୀର୍ଣ୍ଣାନି... ଗୀତା) ସେହି ନ୍ୟାୟରେ କ'ଣ ଜଗନ୍ନାଥଙ୍କର ବିଗ୍ରହାନ୍ତର ହୁଏ କି ? ଏ ପ୍ରକାର ଜୀବସୁଲଭ ବିକାର ସହିତ ପରଂବ୍ରହ୍ମ ସତ୍ତାର କିପରି ଏକତ୍ର ବିଚାର

Digitized by srujanika@gmail.com

କରାଯାଇପାରେ ? ତାହା କେବଳ ଗୋଟିଏ ଦୃଷ୍ଟିରୁ ରୂପ ଗୁଣୋତ୍ତୀର୍ଣ୍ଣ ଅବିକ୍ରିୟ ସତ୍ତାକୁ ବିଗ୍ରହୀଭୂତ କରିବା ବିଡ଼ମ୍ବନା ମାତ୍ର । ଅବତାର କ୍ଷେତ୍ରରେ ସିନା ନିଶ୍ଚିତ ବିଗ୍ରହ, କିନ୍ତୁ ଅବତାରୀଙ୍କର ବିଗ୍ରହ କିପରି ସମ୍ଭବ ? ଏଣୁ ଜଗନ୍ନାଥଙ୍କର ବିଗ୍ରହ ବିଗ୍ରହ ନୁହେଁ, ଏକ ଇଙ୍ଗିତ ମାତ୍ର । ତାହା ଏକ ସୂଚନା, ଏକ ରୂପକଳ୍ପ । ବିଗ୍ରହରେ ଦେବତ୍ୱ ଆରୋପ କରିବାରେ ସାଧାରଣ ଭ୍ରମ ନିରାକରଣ କରିବାକୁ, ବ୍ରହ୍ମଦାରୁଙ୍କର ନବକଳେବର ହୋଇଥାଏ । ରତ୍ନସିଂହାସନରେ ଅଧିରୂଢ଼ ବିଗ୍ରହ, ପରମାତ୍ମାସ୍ୱରୂପ, ସର୍ବଧର୍ମର ସମାହାର ସତ୍ୟ ସତ୍ତାର ଧ୍ୟାନକଳ୍ପିତ ବିଗ୍ରହ । ଏଥିରେ ସୂଚନା ଦିଆଯାଏ ଯେ, ଯଦି ପରମ ସତ୍ୟରୂପ କିଏ, ତାହା ପ୍ରାୟଶଃ ଏହିପରି ଯଦି ମାନବୀ ଚେତନା ଏବଂ ରୂପର ସନ୍ନିକଟବର୍ତ୍ତୀ ହୁଏ, ତେବେ ବ୍ରହ୍ମ ପ୍ରାୟ ଏହିପରି । ତେବେ କାଳେ ଏହାକୁ ହିଁ ସେହି ଦର୍ଶକ ଭାବିଦେଇପାରେ, କେବଳ ବିଗ୍ରହ ହିଁ ବ୍ରହ୍ମ ବୋଲି ଭ୍ରମ କରିଦେଇପାରେ, ଯଦ୍ୱାର ପ୍ରତୀକର ଉଦ୍ଦେଶ୍ୟ ପୂରଣ ହେଉନାହିଁ, ବ୍ରହ୍ମର ସର୍ବ ବ୍ୟାପକତାରେ ଦର୍ଶକର ଜ୍ଞାନ ହେଉନାହିଁ, ଏଣୁ ପ୍ରତ୍ୟକ୍ଷରେ ବିଗ୍ରହକୁ ତ୍ୟାଗ କରାଯାଏ । ''ସେ କ'ଣ ଏଇ ?'' ପ୍ରଶ୍ନ କଲେ ଉତ୍ତର ମିଳେ 'ନେତି' । ମୃଣ୍ମୟ ପ୍ରତିମାକୁ ଆବାହନ ପ୍ରାଣ ପ୍ରତିଷ୍ଠା କରି ସାମୟିକ ପୂଜାପରେ ବିସର୍ଜନ କରାଯାଏ । ଏହାର ପଶ୍ଚାତ୍‌ରେ ମଧ୍ୟ ସେଇ ଇଙ୍ଗିତ ବିଦ୍ୟମାନ । ଶରୀର ସତ୍ୟ ନୁହେଁ ଆତ୍ମା ସତ୍ୟ । ବିଗ୍ରହ ବ୍ରହ୍ମ ନୁହେଁ, ତା'ର ଅନ୍ତର୍ଗତ ନୁହେଁ, ସମ ପରିବ୍ୟାପ୍ତ ନୁହେଁ, ସର୍ବବ୍ୟାପୀ । ଆକୁମାରୀ ହିମାଳୟ ପ୍ରତ୍ୟେକ ହିନ୍ଦୁ ଦେବାଳୟରେ ମୂର୍ତ୍ତି ପୂଜିତ ହୁଅନ୍ତି । ମୂର୍ତ୍ତି ପୂଜାର ସପକ୍ଷରେ ଯୁକ୍ତି ବିଳାସର ଏ ଅବକାଶ ନୁହେଁ, କିନ୍ତୁ କୌଣସି କ୍ଷେତ୍ରରେ ସଂପୂଜିତ ବିଗ୍ରହକୁ ଏପରି ପରିହାର କରି, ନବକଳେବର କଳ୍ପନା ପାଇଁ ସାହାସ ହୋଇନାହିଁ । ଦେବ ବିଗ୍ରହକୁ ବିଧର୍ମୀ ସ୍ପର୍ଶ କଲାମାତ୍ରେ ଲକ୍ଷ ମସ୍ତକ ଭୂଲୁଣ୍ଠିତ ହେବାର ଭୂୟସୀ ପ୍ରମାଣରେ ଇତିହାସ ମୁଖର । ବିଗ୍ରହଙ୍କୁ ସଂପୂର୍ଣ୍ଣ ପରିହାର କରି ପରମ ସତ୍ୟ ଇନ୍ଦ୍ରିୟର ସୂଚନା ଦେବା ପାଇଁ ଏପରି ଅପୂର୍ବ ସାହସ ଓ ସତ୍ୟ ସଂକଳ୍ପ ବିରଳ । ପରମ ସତ୍ୟ ଅଗୋଚର, ଏଣୁ ସାକାର ବିଗ୍ରହକୁ ଆଶ୍ରୟକରି ତଦ୍‌ବ୍ୟତିରେକ ସତ୍ୟକୁ ଅନୁଭବ କରିବା ହେଲା ଆଧ୍ୟାତ୍ମିକ ସାଧନା । ଏଥିରେ ପ୍ରତ୍ୟକ୍ଷରୂପେ ସହାୟ ହୁଏ ଠାକୁରଙ୍କ ନବକଳେବର ଗ୍ରହଣ । ଖଣ୍ଡ ପର୍ବତ ପରି ଶ୍ରୀମନ୍ଦିର ଯେ ଗଢ଼ିପାରିଥିଲା, ତା'ପାଇଁ କେବେହେଲେ ଶିଳାର ଅଭାବ ନଥିଲା । ଏଣୁ ସେ ଦେବବିଗ୍ରହଙ୍କୁ ଦାରୁ ରୂପରେ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ଗ୍ରହଣୀୟ । ନୀଳମାଧବଙ୍କ ଶାବରୀ ପରମ୍ପରାରେ ଦାରୁ ପୂଜନ ମଧ୍ୟ ଏକ ପ୍ରତିପାଦ ଯୁକ୍ତି - ଦାରୁନିର୍ମିତ ମୂର୍ତ୍ତି କିଛି କାଳପରେ କ୍ଷୟିତ ହୋଇଯିବା ହେତୁ ନବକଳେବରର ଯୋଜନା ମଧ୍ୟ ଯୁକ୍ତିଯୁକ୍ତ । ଏତଦ୍ୱାରା ମୂଳ ଉଦ୍ଦେଶ୍ୟ ହିଁ ପ୍ରତିପାଦିତ ହେଉଛି । ବିଗ୍ରହର ନଶ୍ୱରତା ଭୌତିକତା ସୂଚନା ଦେବାହିଁ ମୌଳିକ ଲକ୍ଷ୍ୟ । ପାଷାଣୀ ମୂର୍ତ୍ତି ମଧ୍ୟ କ୍ଷଣଭଙ୍ଗୁରତା ସୂଚନା ଦେଇପାରେ, କିନ୍ତୁ ସାଧାରଣ ମାନବର ଜୀବନକାଳ ମଧ୍ୟରେ ତାହା ପ୍ରତ୍ୟକ୍ଷ ଅନୁଭବକୁ ଆସି ନପାରେ।

ନଶ୍ୱରତା ସିନା ଦାରୁ ବିଗ୍ରହରେ ପ୍ରତିପାଦିତ ହେଲା ! କେଉଁ ଦୃଷ୍ଟିରୁ ସେଥିରେ ବ୍ରହ୍ମସନ୍ଧାନ ମିଳେ ? କିପରି ସୂଚନା ମିଳେ ଯେ ଏହା ବ୍ରହ୍ମସ୍ୱରୂପ । ଏହାର ଉତ୍ତରରେ ଅନେକ ଆଧ୍ୟାତ୍ମିକ ଅର୍ଥସମ୍ବଳିତ ବ୍ୟାଖ୍ୟା ରହିଛି । ଏଠାରେ ସୁଧୀ ପାଠକଙ୍କୁ ସାମାନ୍ୟ ଇଙ୍ଗିତ ଦେବାହିଁ ଯଥେଷ୍ଟ

Digitized by srujanika@gmail.com

ମନେହୁଏ । ଚିରଜାଗ୍ରତ ସର୍ବଦ୍ରଷ୍ଟା ସାକ୍ଷୀରୂପର ପ୍ରତୀକ ଦୁଇଟି ପଲକହୀନ ବିଶାଳ ଆଖି । ଅଚଳ ସ୍ଥାଣୁତ୍ୱର ପ୍ରତୀକରୂପେ ପଦାଦି ରହିତ ଏକ ବିଗ୍ରହ, ସର୍ବଶକ୍ତିମତ୍ତାର ପ୍ରତୀକରୂପେ ଦୁଇଟି ବିଶାଳଭୁଜ । ସେ ଅଚଳ ଅଥଚ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା ଅଥଚ ଅସଂପୃକ୍ତ । ସର୍ବଶକ୍ତିମାନ ଅଥଚ ଅକର୍ତ୍ତା । ଅନନ୍ତ ଆକାଶର ଘନକୃଷ୍ଣ ନୀଳିମାପରି ଅଥଚ ମୁଖ ଉଦର ଅବୟବାଦି ଚିହ୍ନିତ ମାନବୀ ମନର ପରିଚିତ ଏକ ସତ୍ତା । ଆର୍ତ୍ତଜିଜ୍ଞାସୁ ଅର୍ଥାର୍ଥୀ ଜ୍ଞାନୀ ସମସ୍ତଙ୍କ ପାଇଁ ସେ ମୂଳାଶ୍ରୟ । ଶୈବ, ଶାକ୍ତ, ବୌଦ୍ଧ, ଜୈନ, ବୈଷ୍ଣବ ସମସ୍ତଙ୍କର ପରମଆରାଧ୍ୟ । ଏତଦ୍‌ସତ୍ତ୍ୱେ ବିଗ୍ରହ ଦାରୁମାତ୍ର ଏବଂ ତାଙ୍କର ନବକଳେବର ହୁଏ ।

ନବକଳେବର ପାଇଁ ଦାରୁ ଖୋଜିବାକୁ ବିଶ୍ୱାବସୁଙ୍କ ବଂଶଧର ଦଇତାପତିମାନେ ଅନ୍ୟାନ୍ୟ ଅଧିକାରୀମାନଙ୍କ ଗହଣରେ ବାହାରିଲେ । ସ୍ୱାଧୀନ ବିଚାରର ଅବକାଶ ନାହିଁ, ସବୁ ଆଗରୁ ନିର୍ଣ୍ଣିତ ରହିଛି । କେଉଁଠାକୁ ଯିବେ, କ'ଣ କରିବେ, କିପରି ଦାରୁ ଚିହ୍ନିବେ, ଇତ୍ୟାଦି । ସବୁ ସହସ୍ରାଧିକ ପରମ୍ପରାଦ୍ୱାରା ନିୟମାନୁବଦ୍ଧ, ଶିଳାଲେଖପରି ଅପରିବର୍ତ୍ତନୀୟ ସେ ସମସ୍ତ ପୁରାତନ ନିୟମ । ଉଦ୍ଭିଦ ଜଗତର ଅକଳନୀୟ ପରିସର ଭିତରୁ ଦାରୁ ବଛାଯାଇପାରିବ, ତାକୁ କିନ୍ତୁ ନିର୍ଦ୍ଦିଷ୍ଟ କରିବାପାଇଁ ବିଭିନ୍ନ ଲକ୍ଷଣଦ୍ୱାରା ଅନ୍ୱେଷଣର ପରିଧିକୁ କ୍ରମଶଃ ସଂକୀର୍ଣ୍ଣ କରିଆଣି କେବଳ ଗୋଟିଏ ଦାରୁକୁ ହିଁ ଚିହ୍ନିତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଦାରୁ କେବଳ ନିମଗଛରୁ ହିଁ ସଂଗୃହୀତ ହେବ । ନିମଗଛ ତ ଲକ୍ଷାଧିକ, ତେବେ ତା' ଭିତରୁ କିପରି ବାଛିବା ? ... ତା ନିକଟରେ ଶ୍ମଶାନ ଥିବ ଅସ୍ତୁ ! ସେପରି ମଧ୍ୟ ଅନେକ ମିଳିବ । ପାର୍ଶ୍ୱରେ ଶିବ ମନ୍ଦିର, ପୁଷ୍କରିଣୀ, ହେଲା ତା' ମଧ୍ୟ ଦୁଷ୍ପ୍ରାପ୍ୟ ନୁହେଁ । ଗଛପାଖରେ ସାହାଡ଼ା, ବେଲ ଏବଂ ବରୁଣ ଗଛ ତାଙ୍କ ମନକୁ ଉଠିଥିବେ । ଏଇ ପର୍ଯ୍ୟାୟରେ ସାମାନ୍ୟ ସଂଶୟ ଆସିଯାଉଅଛି । ଏପରି କ'ଣ ମିଳିବ ? କେବଳ ସେତିକି ନୁହେଁ, ତା' ମୂଳରେ ସାପ ହୁଙ୍କା ଥିବ, ହୁଙ୍କାରେ ନାଗ ବାସ କରୁଥିବ । ଗଛରେ ଆଘାତ ଚିହ୍ନ ନଥିବ, ଗଣ୍ଡିରୁ ତ୍ରିଶାଖା ବିସ୍ତାର ହୋଇଥିବ, ସେଥିରେ କେବେ କୌଣସି ପକ୍ଷୀ ବସାବାନ୍ଧି ନଥିବେ ! ଅସମ୍ଭବ ! ଏହା କେବେ ମିଳି ନପାରେ । ଆଚ୍ଛା, ଯଦି ମିଳେ ? ତାହାହେଲେ ତା'କୁ ଅଦ୍ଭୁତ ବୋଲି ସ୍ୱୀକାର କରିବାକୁ ପଡ଼ିବ, କିନ୍ତୁ ତାହା ଅଦ୍ଭୁତ ନୁହେଁ । ପ୍ରତ୍ୟେକ ନବକଳେବରକୁ ଏହିପରି ଦାରୁ ହିଁ ସଂଗ୍ରହ କରାଯାଏ । ଏତଦ୍ ବ୍ୟତିରେକ ଅନ୍ୟ ଦାରୁ ସଂଗ୍ରହ କରିବାର ଅଧିକାର କାହାର ନାହିଁ ଏବଂ ଅଦ୍ୟାବଧି ଠାକୁରଙ୍କର ବହୁଶହ ଥର ନବକଳେବର ହୋଇସାରିଲାଣି ।

ଏହାକୁ କେବଳ କାକତାଳୀୟ ନ୍ୟାୟରେ ସ୍ୱେଚ୍ଛାଚାରୀ ଘଟଣା ବୋଲି କହିବା ପାଇଁ ଯୁକ୍ତିସର୍ବସ୍ୱ ମନର ମଧ୍ୟ ସାହାସ ହୁଏନାହିଁ, ସାମାନ୍ୟ ବିସ୍ମୟ ଆସେ । ତଥାପି ସନ୍ଦେହ ଉତ୍‌ଫଣ ସର୍ପପରି ଗର୍ଜିଉଠେ । ଆଗ କ'ଣ ହେଉଥିଲା, ଏପରି ଦାରୁ ମିଳୁଥିଲେ ନା ନାହିଁ, ତା'ର ପ୍ରତ୍ୟକ୍ଷ ପ୍ରମାଣ ଆମପାଇଁ ଅନ୍ତତଃ ନାହିଁ । ବର୍ତ୍ତମାନ ମିଳୁଥିବା ଦାରୁଟିକୁ ନିଜେ ଦେଖିନେଲେ ସଂଶୟ ଭଞ୍ଜନ ହୋଇଯିବ । ଯେଉଁ ନିୟମ ସବୁ ବର୍ଣ୍ଣନା କରାଗଲା, କେବଳ ସେତିକି ଏକତ୍ର ମିଳିବା ଏବଂ ନିଶ୍ଚିତରୂପେ ନବକଳେବର ସମୟକୁ ମଙ୍ଗଳାଙ୍କର ସ୍ୱପ୍ନାଦେଶ ଅନୁସାରେ ମିଳିବା ସାଧାରଣ

Digitized by srujanika@gmail.com

ବୁଦ୍ଧିର ବୋଧଗମ୍ୟ ସୀମାଭିତରର ବିଷୟ ନୁହେଁ । ତଥାପି ମନର ସଂଶୟକୁ ପରାଭୂତ କରିବାକୁ ବ୍ରହ୍ମଦାରୁ, ପ୍ରଭୁଙ୍କର ଆୟୁଧ ଚିହ୍ନିତ ମଧ ହୋଇଥିବ । ନିର୍ଦ୍ଦିଷ୍ଟ ସୀମା ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ଧାରାରେ ଚିନ୍ତା କରିବାକୁ ଶିଖିଥିବା ମଣିଷର ମନ ଅନୁଦାର ସଂକୀର୍ଣ୍ଣତାକୁ ପରିହାର କରିପାରେ ନାହିଁ । ଏହି ହେତୁରୁ ଗୋଟିଏ ଧର୍ମାବଲମ୍ବୀ ଅନ୍ୟ ଧର୍ମାବଲମ୍ବୀର ମତବାଦକୁ ଗ୍ରହଣ କରିବା ଦୂରେ ଥାଉ ହୃଦ୍‌ବୋଧ ମଧ କରିପାରେ ନାହିଁ । ଜଣକପାଇଁ ଆଉ ଜଣେ ଅନ୍ଧବିଶ୍ୱାସୀ ରକ୍ଷଣଶୀଳ ମୂର୍ଖ ସେ ଉଭୟଙ୍କୁ ଏବଂ ସେମାନଙ୍କର ଆଶ୍ରୟ ସ୍ୱରୂପ ମୂଳତଃ ଧର୍ମଭାବକୁ ଉପହାସ କରୁଥିବା ଆଧୁନିକ ବ୍ୟକ୍ତି କିନ୍ତୁ ବୁଝିପାରେ ନାହିଁ ଯେ, ସେ ମଧ ଆଉ ଏକ ଅନ୍ଧବିଶ୍ୱାସର ଅନ୍ଧକାର ମଧରେ ଦିଗ୍‌ଭ୍ରାନ୍ତ । ତା'ର ମଧ ଆଉ କିଛି ବୁଝିବାଭଳି ଶକ୍ତି ନାହିଁ । ତା' ପାଇଁ ପଞ୍ଚେନ୍ଦ୍ରିୟ ହିଁ ସତ୍ୟାନୁଭବର ଏକମାତ୍ର ପନ୍ଥା, ଯୁକ୍ତି ହିଁ ମାଧମ । ଧର୍ମାଦି ସମସ୍ତ ଏକ ଦୂଷିତ ପରିତ୍ୟାଜ୍ୟ ପରମ୍ପରା । ବିଜ୍ଞାନ ନାମରେ ଏହା କେଉଁପ୍ରକାର ବୈଜ୍ଞାନିକ ମନୋବୃତ୍ତି ? ଏତେ ଅସହିଷ୍ଣୁତା, ଏତେ ଅନୁଦାରତା କ'ଣ ବିଜ୍ଞାନ ଶିକ୍ଷାଦିଏ ? ଅପକ୍ଷପାତିତା ଏବଂ ଫଳାଭିସନ୍ଧିନିର୍ମୁକ୍ତ ଅନୁସନ୍ଧିତ୍ସା ପରା ବିଜ୍ଞାନର ଭିତ୍ତିଭୂମି ?

ପ୍ରତ୍ୟେକ ଯୁଗରେ ଅଧିକାଂଶ ବ୍ୟକ୍ତି ସଂକୀର୍ଣ୍ଣମନା, ଅନୁଦାର ଏବଂ କାର୍ପଣ୍ୟ ଦୋଷଦୁଷ୍ଟ । ସେଇମାନେ ହିଁ ଅନ୍ଧବିଶ୍ୱାସୀ, ନିଜର ବିଶ୍ୱାସକୁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରିବା ହିଁ ଅନ୍ଧବିଶ୍ୱାସ । ନିର୍ବିରୋଧ ସରଳ ବିଶ୍ୱାସକୁ, ସମ୍ପୂର୍ଣ୍ଣ ସମର୍ପିତ ଅଟଳ ଦୃଢ଼ତାକୁ ଅନ୍ଧବିଶ୍ୱାସ କହିବା କେବଳ ଅଜ୍ଞତାର ପରିଚାୟକ । ସରଳ ବିଶ୍ୱାସ ଏକ ସିଦ୍ଧି, ଅନ୍ଧବିଶ୍ୱାସ ଏକ ଦୁରାରୋଗ୍ୟ ବ୍ୟାଧି, ଏକ ଦୁଃସାଧ ବକ୍ରତା, କିନ୍ତୁ ପ୍ରତ୍ୟେକ ଯୁଗରେ ପୁଣି ଜ୍ଞାନିପୁରୁଷ ଅଛନ୍ତି, ଯେଉଁମାନଙ୍କର କାର୍ପଣ୍ୟ ଦୋଷ ନାହିଁ, ଯେଉଁମାନେ ସର୍ବ ଧର୍ମସହିଷ୍ଣୁତା ଅର୍ଜନ କରିଛନ୍ତି । ଏକ ଧର୍ମଭୁକ୍ତ ହେଲେ ମଧ ଅନ୍ୟ ଧର୍ମର ନିର୍ବିରୋଧ ତାଙ୍କର ସହଜ ସାଧନା । ଏ ବିଜ୍ଞାନ ଯୁଗରେ ମଧ ଆଇନଷ୍ଟାଇନ୍ ବା ହାଇଟ୍‌ହେଡ୍ ପରି ଜ୍ଞାନିପୁରୁଷ ଅଛନ୍ତି, ଯେଉଁମାନେ ତଥାକଥିତ ସ୍ୱଳ୍ପଜ୍ଞାନର ଦର୍ପରେ ଅନ୍ୟଙ୍କୁ ଉପହାସ କରୁଥିବା ଅନ୍ଧବିଶ୍ୱାସୀଙ୍କ ଊର୍ଦ୍ଧ୍ୱରେ ।

ତାପଙ୍ଗରେ ମିଳିଥିବା ଦାରୁଦେହରେ ଶଙ୍ଖ, ଚକ୍ର, ଗଦା, ପଦ୍ମର ଚିହ୍ନ ଦେଖିବାକୁ ବହୁ ଲୋକଙ୍କର ସମାଗମ ହୋଇଥିଲା । ବିଶ୍ୱାସକୁ ଲାଜଉଥିବା ବହୁ ଆଧୁନିକ ରୁଚିସମ୍ପନ୍ନ ବ୍ୟକ୍ତି ମଧ 'ଥରେ ଦେଖିନେବା' ମନୋବୃତ୍ତିରେ ପହଞ୍ଚିଥିଲେ । ଚିହ୍ନଗୁଡ଼ିକୁ ସମସ୍ତ ପୂର୍ବ ବିଶ୍ୱାସର ପରଳ ଫିଟେଇ ଦେଖିଲେ ମଧ ସନ୍ଦେହ ନ ଆସିବା କଥା । ତାହା କେହି ନଖରେ ବା ନିହାଣରେ ଖୋଳି ନିଶ୍ଚୟ ଆଙ୍କିତ କରିନାହିଁ । ଯେପରି ଗଛମୂଳେ କେହି ନାଗକୁ ପୋଷିନାହିଁ ବା ଡାଳ ଉପରୁ ପକ୍ଷୀଙ୍କୁ ହୁରୁଡ଼େଇ ନାହିଁ ବା ଧରିବାନ୍ଧି ଗଛର ତିନୋଟି ଶାଖା କରିନାହିଁ । ପୂର୍ଣ୍ଣ ସମୃଦ୍ଧ ପୁଷ୍ଟକଳେବର ଦାରୁରେ ଏକ ବ୍ୟକ୍ତିତ୍ୱ ପରିସ୍ଫୁଟ । ତା'ର ଅକ୍ଷତ ଶରୀରରେ ଏ ଚିହ୍ନଗୁଡ଼ିକ ଅତି ସ୍ପଷ୍ଟ ଏବଂ ସ୍ୱାଭାବିକ । ଯଦି ତାହା କୌଣସି ପ୍ରାକୃତିକ ନିୟମରେ ହୋଇଥାଏ, ଯାହା କି ଖୁବ୍ ସମ୍ଭବ ସେହି ନିୟମର ପଶ୍ଚାତ୍‌ରେ ଏକ ନିୟାମକର ସୂଚନା ମିଳୁଛି । ସେଗୁଡ଼ିକ ଠିକ୍ ସେହିପରି ରୂପନେବା

Digitized by srujanika@gmail.com

କେବଳ ଆକସ୍ମିକ ଭାବେ ସମ୍ଭବ ନୁହେଁ । ଯଦି ବା ଦାମ୍ଭିକତାର ଚରମ ଅଭିବ୍ୟକ୍ତି ରୂପେ ଏହାକୁ ଆକସ୍ମିକ କୁହାଯାଏ, ତେବେ ଏହି ଆକସ୍ମିକତା ହିଁ ଆଦି ସୃଷ୍ଟିର ଆକସ୍ମିକତା । ଜଡରେ ଆଦି ପ୍ରାଣ ସଞ୍ଚାରର ଆକସ୍ମିକତା । ମହାକାଶରେ ପ୍ରବଳବେଗରେ ବିଘୂର୍ଣ୍ଣିତ ବିରାଟ ଉଲ୍‌କା ପିଣ୍ଡର ସଞ୍ଚାର ସତ୍ତ୍ୱେ ଏ ଧୂଳିକଣାବତ୍ ପୃଥିବୀ ଭସ୍ମସାତ୍ ନହେବାପରି ଆକସ୍ମିକତା । ଯଦି ଏ ଅକଳ୍ପନୀୟ ଆକସ୍ମିକତାର କର୍ତ୍ତା କେହି ଥାଏ ବୋଲି ବୁଦ୍ଧି ଗ୍ରହଣ କରିପାରୁଛି, ସେହି ଅଦ୍ଭୁତକର୍ମାଙ୍କୁ ହିଁ ବ୍ରହ୍ମଦାରୁ ବିଗ୍ରହ ରୂପରେ ରତ୍ନସିଂହାସନରେ ପ୍ରତିଷ୍ଠା କରାହୋଇଛି -

ସମଗ୍ର ମାନବ ଚେତନା କାର୍ପଣ୍ୟମୁକ୍ତ ହେଉ !

ଅନ୍ଧବିଶ୍ୱାସର ବିନାଶ ହେଉ !

ଦେହି ବୁଦ୍ଧିମ୍ ପ୍ରଶସ୍ତମ୍ ! ଦେହି ଚିତ୍ତମ୍ ପ୍ରଶସ୍ତମ୍ -

❖❖❖

Digitized by srujanika@gmail.com

ଆପାତତଃ

ବୟସର ଧାନ କିଆରୀରେ ଫସଲ ପାଚିବାକୁ ପ୍ରାୟ ଚାଳିଶବର୍ଷ ଲାଗିଯାଏ । 'ଚାଳିଶା'ର ମାର୍ଗଶୀର ସାଙ୍ଗକୁ କିଛି କୁହୁଡ଼ି ମଧ ଚାରିଆଡୁ ଘୋଡ଼େଇ ହୋଇଆସେ । ଚିହ୍ନା ମୁହଁଗୁଡ଼ାକ ଉପରେ ଗୋଟାଏ ଲେଖା ପରଳ ମାଡ଼ିଯାଏ । ସେଗୁଡ଼ିକର ସୀମାରେଖା ସବୁ ଝାପ୍‌ସା ଦେଖାଯାନ୍ତି । ଖୁବ୍ ନିଶ୍ଚିତ, ନିଃସନ୍ଦେହ ହୋଇ ଆଉ କିଛି ରହେ ନାହିଁ । ପଚାରିଲେ କୁହାଯାଏ, ''ହଁ, ସେ ବସ୍ତୁଟା ପ୍ରାୟ ଏଇୟା ହୋଇପାରେ ।''... ବିଜ୍ଞାନ ଯୁଗର ବହୁ ସାଫଲ୍ୟ ପରେ ବିଂଶ ଶତାବ୍ଦୀର ପ୍ରାରମ୍ଭକୁ ଯେତେବେଳେ ଜ୍ଞାନର ପରିସର ପ୍ରଶସ୍ତ ହେବାକୁ ଲାଗିଲା, ପାକଳ ଧରି ଆସିଲା ବୈଜ୍ଞାନିକ ବୁଦ୍ଧି, ସେତିକିବେଳେ ସେଇଭଳି ଗୋଟାଏ କୁହୁଡ଼ି ମାଡ଼ିଆସିଲା । ଆଇନ୍‌ଷ୍ଟାଇନ୍ ମହାଶୟ ଗୋଟାଏ ଆପେକ୍ଷିକ ତତ୍ତ୍ୱ ଆଣି ଥୋଇଲେ । ଯାହା ଉପରେ ଆଗରୁ ହଲପ କରି କୁହାଯାଇପାରୁଥିଲା, ସେ ସବୁ ପାଇଁ କୁହାଗଲା ଯେ ତାହା ହୁଏତ ଖୁବ୍ ସମ୍ଭବ, କିନ୍ତୁ ନିଶ୍ଚିତ ନୁହେଁ । 'ଦୁଇ'ରେ 'ଦୁଇ' ମିଶିଲେ ଆଉ ନିଶ୍ଚିତ ଭାବରେ 'ଚାରି' ହେବା ସେତେ ସହଜ ବୋଧ ହେଲାନାହିଁ । ସୂର୍ଯ୍ୟ ପୂର୍ବରୁ ଉଦୟ ହେବା ସେପରି କୌଣସି ଚିରନ୍ତନ ଅପରିବର୍ତ୍ତନୀୟ ନିଶ୍ଚିତ ସତ୍ୟ ନୁହେଁ । ଯାହା ଦିଶୁଚି ତାହା ଠିକ୍ ତା' ନୁହେଁ, ଯାହା ଠିକ୍ ତା' ନୁହେଁ ! ମଣିଷ ମନର ଦିଗ୍‌ବଳୟରୁ ଏ କୁହୁଡ଼ି ମାଡ଼ି ଆସିଲା, ଅନିଶ୍ଚିତତାର କୁହୁଡ଼ି । ଜୀବନର ରହସ୍ୟ ଚାରିଆଡୁ ଘନୀଭୂତ ହୋଇ ଗହୀରକୁ ବୁଡ଼ିଗଲା । କୌଣସି ବିଷୟରେ ଶେଷ ନିଷ୍ପତ୍ତି ଆଉ ନିଆଯାଇ ପାରିଲା ନାହିଁ । ସବୁ କେବଳ ଆପାତସିଦ୍ଧ, କେବଳ କିଛି ସମୟ କାମ ଚଳେଇବା ପାଇଁ ଗୋଟିଏ ଛାମୁଣ୍ଡିଆର ଛାଇ ।

ଯେଉଁମାନେ କିନ୍ତୁ 'ଦୁଇ-ଦି ଗୁଣେ ଚାରି' ନିୟମିତ ପୃଥିବୀରେ ନିଶ୍ଚିତ ଗ୍ରହ ତାରାଙ୍କୁ ନେଇ ଶୋଇଯାଇଥିଲେ, ତାଙ୍କୁ ଚମକେଇ ଦିଆଗଲା । ତାଙ୍କୁ କୁହାଗଲା ଯେ, ଗୋଟିଏ ଆଖିରେ ଯାହା ଦିଶେ, ତାହା ଆର ଆଖିରେ ଦିଶେ ନାହିଁ ଏବଂ ଉଭୟ ଆଖି ଖୋଲି ଦେଖିଲେ ସେ ଆଉ ପ୍ରକାରେ ଦିଶେ । କୁହାଗଲା ଯେ, ଯାହା ରଙ୍ଗ ବୋଲି ଦିଶେ, ତାହା ପ୍ରକୃତରେ ରଙ୍ଗ ନୁହେଁ, ମଣିଷକୁ ଯାହା ଦିଶେ ମାଛିଟିକୁ ତାହା ଦିଶେ ନାହିଁ । ସାବୁନ ଫେଣର ପ୍ରତ୍ୟେକ ବୁଦ୍‌ବୁଦ୍‌ରେ ପ୍ରତିଫଳନ ହେଲାପରି ତା' ଆଖିରେ ହୁଏତ ବସ୍ତୁ ବିମ୍ବିତ ହେଉଥିବ । ଏଣୁ ବିଭିନ୍ନ ପଶୁପକ୍ଷୀଙ୍କୁ ଆମେ କିଭଳି ଦିଶୁ ବା ଜଗତ କିଭଳି ଦିଶେ କହିବା କଠିନ । ବହୁଦିନ ତଳେ ଗ୍ରୀକ୍ ଦାର୍ଶନିକ ଡିମାକ୍ରାଇଟସ କହିଲେ, ''ଅଣୁ ସତ୍ୟ, ଶୂନ୍ୟ ସତ୍ୟ, ବାକି ସମସ୍ତ କେବଳ ଗୋଟିଏ ଲେଖାଁ

Digitized by srujanika@gmail.com

ମତ ।'' ସେ ସମୟରେ ତାଙ୍କୁ ଅନେକେ ହସିଥିବେ, ହସିଥିବେ ବହୁ ଦେଶୀ ଏବଂ ବିଦେଶୀ ପଣ୍ଡିତ, ଆମ ଅମଳଯାଏ, କିନ୍ତୁ ବିଜ୍ଞାନକ୍ଷେତ୍ରରେ ତାଙ୍କ କଥା ଗୋଟାଏ ନିଷ୍ପତ୍ତି ରୂପେ ଜାରି ରହିଲା ଅନେକ ଦିନ ପର୍ଯ୍ୟନ୍ତ । 'ନେହ ନାନାସ୍ତି କିଞ୍ଚନ' ଭଳି ତାଙ୍କ ଉକ୍ତିରେ ଗୋଟାଏ ଗମ୍ଭୀର ଏବଂ ଚମକପ୍ରଦ ବିବୃତି ଦିଆଯାଇଛି ଏବଂ କିଛିଦିନ ଧରି ସେ କ୍ଷେତ୍ରରେ ଏହା ହିଁ ଶେଷ ସିଦ୍ଧାନ୍ତରୂପେ ଅନେକେ ଗ୍ରହଣ କରି ନେଇଛନ୍ତି ।

କିନ୍ତୁ ଦେଖାଗଲା ଯେ, ଅଣୁ ମଧ ଶେଷ କଥା ନୁହେଁ, ଅବିଭାଜ୍ୟ ନୁହେଁ । 'ଶୂନ୍ୟ'ର ଶୂନ୍ୟତା କୌଣସି ନିଶ୍ଚିତ ସତ୍ୟ ନୁହେଁ । ପରମାଣୁ ଜଗତ୍ ଉନ୍ମୋଚିତ ହୋଇ ଦେଖାଗଲା ଯେ, ଅଣୁଠାରୁ ଆହୁରି ଅଣୀୟାନ୍ ବସ୍ତୁ ରହିଛନ୍ତି । ଏଣେ ଗ୍ରହରୁ ଗ୍ରହାନ୍ତରକୁ ଯାତ୍ରା ଯୋଜନା କଲାବେଳେ ଶୂନ୍ୟକୁ ମଧ ପ୍ରଶ୍ନ କରାଗଲା । ମହାଶୂନ୍ୟର ଉପାଦାନ ଅନ୍ୱେଷଣ କରାଗଲା । ଦେଖାଗଲା ଯେ, ତାହା ସମ୍ପୂର୍ଣ୍ଣ ଶୂନ୍ୟ ନୁହେଁ । ଖୁବ୍ ପାତାଳ ବସ୍ତୁରେଣୁରେ ତାହା ହୁଏତ ପରିପୂର୍ଣ୍ଣ । ଟଲେମି, କୋପରନିକ୍ସ, ଗାଲିଲିଓ ବା ଭାସ୍କରାଚାର୍ଯ୍ୟ ସମେତ ପୁରାତନ ଜ୍ୟୋତିର୍ବିଦ୍ ପଣ୍ଡିତ ଯାହା କହିଗଲେ, ତାହା ସେ ସମୟ ପାଇଁ ହୁଏତ ଶେଷ ସିଦ୍ଧାନ୍ତ ଥିଲା, କିନ୍ତୁ କ୍ରମେ ଉତ୍ତରୋତ୍ତର ମତବାଦ ଆସି ପୁରାତନର କ୍ରମାନ୍ୱୟ ସଂଶୋଧନ କରି ଚାଲିଛି । ଏଣୁ ଆଇନ୍‌ଷ୍ଟାଇନ ବା ତାଙ୍କ ପରବର୍ତ୍ତୀ ନାଲେକରଙ୍କୁ ଚୂଡାନ୍ତ ନିଶ୍ଚିତତାରେ ଥୋଇଦେଲେ, ଅହରହ ନୂଆ ରାଜ୍ୟରେ ସୂର୍ଯ୍ୟ ଫୁଟାଉଥିବା ମାନବ-ସମ୍ଭାବନା ଅବରୁଦ୍ଧ ହୋଇଯିବ । ଏ ଅଦ୍ଭୁତ ଉଦ୍ଭିଦରେ କେଉଁ ଶତାବ୍ଦୀରେ କେଉଁ ଫୁଲ ଫୁଟିବ କହିବା କଠିନ ।

ନିଶ୍ଚିତ ସତ୍ୟ ବୋଧହୁଏ ସବୁବେଳେ ଅପସରି ଯାଉଥିବା ଗୋଟିଏ ବିନ୍ଦୁ, ଯାହା ଅନନ୍ତକାଳ ପାଇଁ କେବଳ ଅନୁସରଣୀୟ, ଯାହାକୁ ପାଖେଇ ହୁଏ, କିନ୍ତୁ ପାଇ ହୁଏ ନାହିଁ । ପାଖେଇ ଆସିବାର ଏଇ ଚିରନ୍ତନ ପ୍ରକ୍ରିୟାରେ ମଣିଷ ମନର ସମସ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ରହିଯାଇଛି ଏବଂ ରହିଯିବ ମଧ । ପ୍ରାୟତଃ ସତ୍ୟକୁ ନେଇ ଆମେ ବଞ୍ଚିରହୁ । ସବୁ କେବଳ ଆପାତ-ସିଦ୍ଧ, କେବଳ ସମ୍ଭାବନାରେ ଊଣା ଅଧିକ ମାତ୍ରାଭେଦ । ସମ୍ଭାବନାର ମାତ୍ରା ଯେତେ ଅଧିକ, ସେଥିରେ ସତ୍ୟ ପ୍ରତୀତି ସେତେ ବେଶି । ପୂର୍ବଦିଗରୁ ସୂର୍ଯ୍ୟ ଚନ୍ଦ୍ରର ଉଦୟ ପରି, ଋତୁଚକ୍ରର ଘୂର୍ଣ୍ଣନ ପରି ହୁଏତ ଜନ୍ମ ଏବଂ ମୃତ୍ୟୁ ପରି ଏଗୁଡ଼ିକ ଅବଶ୍ୟମ୍ଭାବୀ । ମଣିଷ ଜ୍ଞାନର ପରିସର ଭିତରେ ଏହାକୁ ବିରୋଧ କଲାଭଳି ଦୃଷ୍ଟାନ୍ତ ହୁଏତ ନାହିଁ । ତଥାପି ହଠାତ୍ ବିସ୍ଫୋରଣ ଘଟି ସୂର୍ଯ୍ୟପିଣ୍ଡ ନିଶ୍ଚିହ୍ନ ହୋଇଯାଇପାରେ । କୌଣସି ଦୂରନ୍ତ ତାରକାର ଆକର୍ଷଣରେ ପୃଥିବୀ ଆଦି ସମସ୍ତ ଗ୍ରହ ମହାଶୂନ୍ୟରେ ବିକ୍ଷିପ୍ତ ହୋଇଯାଇପାରନ୍ତି । ଜରାବ୍ୟାଧିର କୌଣସି ଅଦ୍ଭୁତ ଉପଚାରଦ୍ୱାରା ମୃତ୍ୟୁକୁ ମଧ ଲଙ୍ଘନ କରାଯାଇପାରେ ।

ଦେଖିବା, ଶୁଣିବା ଆଦି କ୍ରିୟାରେ ଯେପରି ସବୁକଥା ଜଣାପଡ଼େ ନାହିଁ, ଅନେକ ବାକି ରହିଯାଏ, ସେହିପରି ଅନ୍ୟାନ୍ୟ ଇନ୍ଦ୍ରିୟ ମଧ ଶେଷ କଥା ଗ୍ରହଣ କରିପାରନ୍ତି ନାହିଁ । ଯାହା ଗ୍ରହଣ କରିହୁଏ ନାହିଁ, ତାକୁ ମନ ବଳରେ ଅନୁମାନ କରାଯାଏ, କିନ୍ତୁ ମନ ଯେତେ ପ୍ରତାପଶାଳୀ ହେଲେ ସୁଦ୍ଧା, ବିଚାରା, ସେ ବି ଗୋଟିଏ ଇନ୍ଦ୍ରିୟ । ତା'ର ମଧ ଦୌଡ଼ ସରିଯାଏ । ସେ ନିଜେ ବୁଝିଯାଏ

Digitized by srujanika@gmail.com

ଯେ, ତା' ହାତ ନ ପାଇଲା ଭଳି ଗଭୀର ଅରଣ୍ୟରେ ଅନେକ ଉଞ୍ଚ ଉଞ୍ଚ ଡାଳ ଅଛି, ଅନନ୍ତ ମହାସମୁଦ୍ରରେ ଅନେକ ଗଭୀର ଶୀଳତା ଅଛି, ଅନେକ ଅଜ୍ଞାତ ଢେଉ ଅଛି । ଗଣିତଶାସ୍ତ୍ରର ହର-ଗୁଣ-ଫେଡ଼-ମିଶା ମନରେ ନିମ୍ନପ୍ରାଥମିକ ଅବସ୍ଥାରେ ହିଁ ସରିଯାଏ । ସେଥିରେ ନାବାଳକ ମନର କର୍ଷଣ ସରିଯାଏ । ବଳ ଚଢି ଆସିଲେ ତେଣିକି ଗୁଡାଏ ଅନିର୍ଦ୍ଦିଷ୍ଟ ଗାଣିତିକ ଧାରାକୁ ନେଇ ଅଙ୍କ କଷାଯାଏ । କେଉଁଠି ଅନନ୍ତର ସଙ୍କେତ ନେଇ ବା କେଉଁଠି ଶୂନ୍ୟକୁ ପାଖେଇ ଆସୁଥିବା କୌଣସି ସଂଜ୍ଞାହୀନ ସଂଖ୍ୟାକୁ ନେଇ ଧାରା ବଢେଇ ଦିଆଯାଏ । ଯେତେବେଳଯାଏଁ ଏ ଅନିର୍ଦ୍ଦିଷ୍ଟର ସଂଘାତ ଆସି ନ ଲାଗିଛି, ଗଣିତର ସବୁ ସଂଖ୍ୟା ଗୋଟିଏ ଲେଖାଁ ବର୍ତ୍ତୁଳ ଅବିଚଳିତ ସତ୍ୟ । ତା'ପରେ କିନ୍ତୁ ଥରେ ତା'ର ହାୱା ଲାଗିଗଲେ ସେଗୁଡ଼ିକ ଉପରେ ଧୂଆଁ ଘେରିଯାଏ । କଥିତ ଅଛି, ଆଚାର୍ଯ୍ୟ ଆଇନ୍‌ଷ୍ଟାଇନ୍ ତାଙ୍କ ପଡ଼ିଶାଘରର ସାନଝିଅକୁ ପ୍ରାଥମିକ ଗଣିତ ଶିଖାଇବାରେ ଭାରି ଆମୋଦ ପାଉଥିଲେ । ଦିନେ ତାଙ୍କ ବଗିଚାରେ ଧ୍ୟାନମଗ୍ନ ଅବସ୍ଥାରେ ଭ୍ରାମ୍ୟମାଣ ବିଶ୍ୱ-ଖଣ୍ଡ ବିଷୟ ଚିନ୍ତା କଲାବେଳେ ଝିଅଟି ତାଙ୍କ ଜାମାପଟା ଓଟାରି ତାଙ୍କୁ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ଚେଷ୍ଟାକଲା । ସେ ତାକୁ ଅନେଇଲେ ସତ, କିନ୍ତୁ ତାଙ୍କ ଚେତନା ସେମିତି ବିସ୍ମୃତ ହୋଇ ରହିଥାଏ । ଝିଅଟି ତାଙ୍କ ମନନେଲା ଭଳି ଶିଖିଥିବା ଗଣିତରୁ ପଦେ ଉଦ୍ଧାର କରି କହିଲା, ''କାଲି ତୁମେ କହିଥିଲ ନା ଦୁଇରେ ଦୁଇ ମିଶିଲେ ଚାରି ହୁଏ ?'' ଯୋଗାରୁଢ ଋଷି ଉତ୍ତରଦେଲେ, ''ହଁ ହୋଇପାରେ, ଯଦି ଦୁଇ ଏବଂ ଦୁଇ ଅବିଚଳିତ ମୂଲ୍ୟରୂପେ ବ୍ୟବହାର କରନ୍ତି ଏବଂ ଯୌଗିକ ଚିହ୍ନଟି ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପର୍କର ପ୍ରତୀକ ହୁଏ ।'' - ହୋଇପାରେ ଘଟଣାଟି ମନଗଢା, କିନ୍ତୁ ଖୁବ୍ ସମ୍ଭବ । ନିର୍ଦ୍ଦିଷ୍ଟକୁ ନେଇ ଗୋଟିଏ ଘନିଷ୍ଠ ପରିସର ଭିତରେ ନାବାଳକୀର ଖେଳ ବେଶ୍ ମଧୁର, କିନ୍ତୁ ଅନିର୍ଦ୍ଦିଷ୍ଟର ଅପରିମେୟ ବିସ୍ତାର ପାଇଁ ଆଚାର୍ଯ୍ୟ ଆଇନ୍‌ଷ୍ଟାଇନ୍‌ଙ୍କର ପୋଖତ ବିଚାର ନ ହେଲେ ଚଳୁନାହିଁ ।

ଯେଉଁ ସୃଷ୍ଟି ଘଡ଼ିଘଡ଼ିକେ ଆନ, ବଦଳିଯିବା ଯାହାର ଚିରନ୍ତନ ଧର୍ମ, ସେଇଠି ନିର୍ଦ୍ଦିଷ୍ଟ ଚକା ପକେଇ ବସିବା ପାଇଁ ସ୍ଥାନ କାହିଁ ? ପ୍ରତି ମୁହୂର୍ତ୍ତରେ ପବନର ସ୍ରୋତ ପରି, ଧୂଆଁର ରୂପପରି, ନଦୀର ଧାର ପରି ଉଦ୍ଭିଦ, ପଶୁପକ୍ଷୀ ମଣିଷ ବଦଳି ଚାଲିଛନ୍ତି । ଅଗ୍ନିରେ ସମିଧ ପଡ଼ି ଧୂଆଁ ଏବଂ ନିଆଁରେ ବିକ୍ଷିପ୍ତ ହୋଇଯାଉଛି । କାଳ ଏକମୁହାଁ ଅଜାଡ଼ି ହେଲା ପରି ବୋଧ ହେଉଛି । ସତେ ବା ନଳଙ୍କ ରଥରେ ଆମେ ସବୁ ଆରୋହୀ । ଏଇଠି, ''ହେଇ, ଉତ୍ତରୀ ଖସିଲା'' କହି ଅନାଇଲାବେଳକୁ ସହସ୍ରେ ଯୁଣ ଘୁଞ୍ଚିଗଲାଣି । ନିର୍ଦ୍ଦିଷ୍ଟ କରି ନିର୍ଦ୍ୱନ୍ଦ୍ୱରେ ଚିହ୍ନିତ କରୁଥିବା ତର୍ଜନୀ ଏଇଠି ଅହରହ କମ୍ପିତ ହୁଏ । ସ୍ଥିର ରହିବା ଏଠି ମନା । ତାହା କେବଳ ଗୋଟିଏ ବିକଳ୍ପ ଚିନ୍ତା, ସ୍ୱାଭାବିକ ଅନୁଭବ ନୁହେଁ । ଅସ୍ଥିର ହେଲେ ଅନିର୍ଦ୍ଦିଷ୍ଟ ହେବା ସାଧାରଣ କଥା ।

ଯେ ନିର୍ଦ୍ଦିଷ୍ଟ, ସେ ଅପରିଚିତ ପରି ଠିଆ ରହେ । ତାକୁ ଜାଣିବା କହିବା ଭୁଲ, ଜାଣିନାହିଁ କହିବା ମଧ୍ୟ ଭୁଲ । ସେ ଅନନ୍ତର ସମ୍ଭାବନାର ରାଜ୍ୟରେ ରହି କୌଣସି ଗୋଟିଏ ବିନ୍ଦୁରେ ଆମକୁ ଛୁଇଁଦିଏ । ସେଇ ଅକସ୍ମାତ୍ ସଂଯୋଗରୁ ଜିଜ୍ଞାସା ଜାଗ୍ରତ ହୁଏ, ତାକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାକୁ, ତାକୁ ଜାଣିବାକୁ । ଖାଦ୍ୟ ଦେଖିଲେ ଯେପରି ଖାଇଦେଇ ତାକୁ ଆତ୍ମସାତ୍ କରାଯାଏ ଏବଂ ଭୋକ

Digitized by srujanika@gmail.com

ମେଣ୍ଟିଗଲେ ଯେମିତି ଗୋଟାଏ କ'ଣ ଜୟକଲା ଭଳି ଖୁସିଲାଗେ, ସେଇଭଳି ଆଉ ଯେତେ ସମ୍ଭୋଗ ଇଚ୍ଛା । ଆମ ଭିତରେ ଗୋଟାଏ କ୍ଷୁଧା ଅହରହ ଜଳୁଥାଏ ଏବଂ ଅଜଗର ଶୋଷିଲା ପରି ସେ ଦଶଦ୍ୱାର ବାଟେ ଗୁଡ଼ାଏ ସଂସାରକୁ ଶୋଷେ । ମନ ମଧ୍ୟ ଗୋଟିଏ ଦ୍ୱାର । ସେଇବାଟେ ବେଶି ଭାଗ କ୍ଷୁଧା ପ୍ରକାଶିତ ହୁଏ, ପ୍ରଶମିତ ମଧ୍ୟ ହୁଏ । ଫୁଲଟାଏ ଶୁଙ୍ଘିଲା ପରି ବା ବଇଁଶୀ ଶୁଣିଲା ପରି, ଅଙ୍କ ଛିଣ୍ଡେଇଦେଲେ ବା ଗୋଟାଏ କ'ଣ ଜାଣିଦେଲେ, ମନ ମାଧ୍ୟମରେ ଏ ଭୋକ ମେଣ୍ଟିଯାଏ । କିନ୍ତୁ ସତେ କ'ଣ ମେଣ୍ଟେ ? ନା, ଯାହା ଗ୍ରହଣ କରାଗଲା, ସେ ସତକୁ ସତ ନିଜର ହୋଇ ରହେ ? ସେ କେବଳ ମୁହୂର୍ତ୍ତର ସଂଘାତ । କେବଳ ଏଇ ସମୟ ପାଇଁ, କେବଳ ଆପାତତଃ । ଆମେ କ୍ଷୀର ଖାଉଁ, ତା' ବିଷୟରେ ଦି'ଚାରି କଥା ଯେ ନଜାଣୁ ଏମନ୍ତ ନୁହେଁ, କିନ୍ତୁ ଶେଷ କଥା ଜାଣୁ ନା । କାରଣ ଶେଷ କଥା ନାହିଁ । ଆଉସବୁ ବସ୍ତୁପରି ଅନିର୍ଦ୍ଦିଷ୍ଟ, ଅନିର୍ଣ୍ଣେୟ ।

ଏଣୁ ବୋଧହୁଏ ଯେ ଜାଣିନାହିଁ ବୋଲି କହେ, ସେ କିଛି କିଛି ଜାଣିଛି ଏବଂ ଯେ ଜାଣିଛି ବୋଲି କହେ, ସେ ପ୍ରାୟ କିଛି ଜାଣିନାହିଁ । ଅସ୍ଥିର ଢେଉ ପିଠିରେ କେବଳ ଗତି ହିଁ ସତ୍ୟ । ସେଇଠି ସବୁ ବିଶ୍ୱ ବିକୃତ ଏବଂ ଢେଉଢେଉକା, କିନ୍ତୁ ସେ ଚହଲିଯାଉଥିବା ବିଶ୍ୱରେଖାରେ ଗୋଟାଏ କ'ଣ ସୀମା ନାହିଁ । ଘାସଠାରୁ ଛେଳି ଭିନ୍ନ ଏବଂ ଛେଳିଠାରୁ ମଣିଷ ଭିନ୍ନ । ଏ ଘାସଠାରୁ ସେ ଘାସ ଭିନ୍ନ, ଏ ଛେଳିଠାରୁ ସେ ଛେଳି ଭିନ୍ନ । ଏ ମୁହୂର୍ତ୍ତର ଘାସଠାରୁ ସେ ମୁହୂର୍ତ୍ତର ଘାସ ବା ମୁଁ ଦେଖିବା ଛେଳିଠାରୁ ସେ ଦେଖିବା ଛେଳିରେ ତାରତମ୍ୟ ରହିଯାଉଛି । ତାରତମ୍ୟ ଯେତେ ଜଟିଳ, ସୀମା ସେତେ ପାଖାପାଖି । ଗୋଟାଏ ଆଉ ଗୋଟାଏଠାରୁ ନିର୍ଦ୍ଦିଷ୍ଟ ଭାବରେ ଭିନ୍ନ ବୋଲି ତ ଆମେ ଜାଣିପାରୁଚେ ? - ଆଜ୍ଞା, ନା ! ପୁଣି ଡିମୋକ୍ରାଇଟସ୍‌ଙ୍କୁ ମନେପକେଇବାକୁ ପଡୁଛି । ଅଣୁ ସ୍ତରରେ ସବୁ ସମାନ । ଏ ସମୟ, ସେ ସମୟ, ବର୍ତ୍ତମାନ ଏବଂ ଅତୀତ, ସବୁ ଏକାକାର । ଅତଏବ ନିର୍ଦ୍ଦିଷ୍ଟ ହେବାକୁ ହେଲେ ଯେଉଁ ଅବିକମ୍ପିତ ସୀମାରେଖାଟି ନହେଲେ ନଚଳେ, ତା'ର ଏକାନ୍ତ ଅଭାବ ରହିଯାଉଛି ।

କିନ୍ତୁ ଏ ଅସ୍ଥିରତାକୁ ଯେ ଦେଖୁଛି, ଯେ ତା' ପଛରେ ମନ୍ତବ୍ୟ ପ୍ରକାଶ କରୁଛି, ସେ ନିଶ୍ଚୟ ଏ ପ୍ରବାହରୁ ମୁକ୍ତ । କାଳ ନଦୀଧାର ପରି ବହିଯାଏ । ତା' ସ୍ରୋତରେ ଭାସୁଥିବା ପତ୍ର ତା'ର ଗତି ବିଷୟରେ ସଚେତନ ନୁହେଁ । ପୃଥିବୀର ଆହ୍ନିକ ଗତିକୁ ଆମେ ଅନୁଭବ କରିପାରୁନା । ଅତଏବ ଯେଉଁଠାରୁ ଏ ସ୍ରୋତକୁ ଦେଖିହୁଏ, ସେଇଠି ଅତୀତ ଗଚ୍ଛିତ ରହୁଥିବ ଏବଂ ଭବିଷ୍ୟତର ଆନୁମାନିକ ଆଭାସ ମଧ୍ୟ ମିଳୁଥିବ । ଏଣୁ ଚେତନାର ସେଇ ଚଉକା ଖଣ୍ଡ ହୁଏତ ସେତେ ଚଳମାନ ନୁହେଁ । ଆପେକ୍ଷିକ ଭାବରେ ହୁଏତ ତା'ର ଗତି ଟିକିଏ ଧୀମା, କିନ୍ତୁ ତାହା ସମ୍ପୂର୍ଣ୍ଣ ସ୍ଥିର ନୁହେଁ, ନିର୍ଦ୍ଦିଷ୍ଟ ନୁହେଁ । ପରମାଣୁଠାରୁ ନୀହାରିକା ମଣ୍ଡଳ ପର୍ଯ୍ୟନ୍ତ କେହି ସ୍ଥିର ନୁହନ୍ତି । ମଣିଷର ଜ୍ଞାନ, ମତାମତ, ଶାସ୍ତ୍ରବିଦ୍ୟା ସବୁ ଅସ୍ଥିର । ସଭ୍ୟତା, ସଂସ୍କୃତି, ରାଷ୍ଟ୍ରଗୋଷ୍ଠୀ ସମାନ, ସମସ୍ତେ ଚଳନ୍ତା ମେଘଖଣ୍ଡ, କିନ୍ତୁ 'ଜୀବନ ନୁହଇ ସ୍ଥିର, ସ୍ଥିରଟି ମରଣ ।' କେଜାଣି ? ଟିକିଏ ଭାବିଲେ ହୁଏତ ଜଣାଯାଏ ଯେ, କାହାକୁ ସ୍ଥିର ରଖେଇ ନ ଦେବାକୁ ଅହରହ ମୃତ୍ୟୁ ଆସି ଅତୀତ ଉପରେ ପାଉଁଶ ବୁଣିଦେଇଯାଏ ।

Digitized by srujanika@gmail.com

ଅନିର୍ଦ୍ଦିଷ୍ଟର ଗୋଟିଏ ହାତବାରିସି ମୃତ୍ୟୁ । ସେ ତାକୁ ପ୍ରତିପାଦିତ କରେ ମାତ୍ର । ଏଣୁ ସେ ନିଜେ ନିର୍ଦ୍ଦିଷ୍ଟ ନା ଅନିର୍ଦ୍ଦିଷ୍ଟ କହିବା ସହଜ ନୁହେଁ ।

ଯୁକ୍ତିଛଳରେ ବେଳେବେଳେ କୁହାଯାଏ ଯେ, ଯଦି ଏ ଅସଂଖ୍ୟ ବସ୍ତୁ, ବ୍ୟକ୍ତି, ଦେଶ, କାଳ ଆଦି ନଥାନ୍ତା - ଯଦି ସମଗ୍ର କାଳରୁ ସମୟର ଢେଉ ସବୁ ଲିଭିଯାନ୍ତେ, ବାକି ସବୁ ବସ୍ତୁ ମିଶି ଆକାଶ ସମେତ ଏକ ହୋଇଯାଆନ୍ତେ ଏବଂ ଶେଷରେ ଏ ଅନନ୍ତ କାଳ ଓ ଏ ଅନନ୍ତ ଆକାଶାଦି ମିଶି ପୁଣି ଏକ ହୋଇଯାନ୍ତେ, ସେ ଚରମ ଏକକ ସତ୍ତାରେ ଆଉ ଗତି ସମ୍ଭବ ହୁଅନ୍ତା ନାହିଁ । 'କିଏ', 'କ'ଣ', 'କେବେ' ଆଦି ପ୍ରଶ୍ନ ସବୁ ଲିଭିଯାଆନ୍ତେ । ଏଣୁ ସେଇ ନିବୁଜ ଅନାମଧେୟ ବୋଧହୁଏ କେବଳ ନିଶ୍ଚିତ ସତ୍ୟ ହୋଇ ଅବିଚଳିତ ରହିଯାନ୍ତା ।

ବାଃ, ଚମତ୍କାର ! ଏଥିରୁ ଗୋଟାଏ ସମ୍ପୂର୍ଣ୍ଣ ଅଚଳନ୍ତି ଅକାମି ସମାପ୍ତିଟାକୁ ନେଇ କ'ଣ ଆମେ ଏ ବଜାରରେ ଚଳେଇପାରିବା ? ଆସନ୍ତୁ, ଆମର କିଛି ଚଳନ୍ତି ମୁଦ୍ରାର ଆପେକ୍ଷିକ ମୂଲ୍ୟରେ ସଂସାରରେ କାରବାର କରୁଥିବା, ଢେଉ ଗଣୁଥିବା, ଅଧେ ଜାଣି, ଅଧେ ନଜାଣି । ଆଉରି ଆଗେଇବାକୁ, ଆଉରି ଜାଣିବାକୁ ହାତ ବଢେଇ ରହିଥିବା ଶୂନ୍ୟକୁ । ଏ ସୂର୍ଯ୍ୟ, ଏ ତାରକା, ଏ ବିଦ୍ୟୁତ୍ ଜଳୁଥିବା ପର୍ଯ୍ୟନ୍ତ ଆପାତତଃ ଆମ ବଣିଜ ତ ଚାଲିଥିବ । ମନ୍ଦ କ'ଣ ? ଏ କୁହୁଡ଼ିଟା ହୁଏତ ଆମରି ଦୃଷ୍ଟିର ଧୂଆଁ । ଅଧିକ ଗୁଡ଼ାଏ ନିଠେଇ ଦେଖିବାରୁ ସବୁ ଜାଲଜାଲୁଆ ଧରିଯାଇଛି । ତଥାପି ଆଉରି ନିଠେଇ ଦେଖିବାର ଅବକାଶ ତ ଦେଉଛି ! ଆଉ କିଛି ନ ହେଲେ ମଧ୍ୟ ଆମର ସୂର୍ଯ୍ୟଦୃଷ୍ଟି ନ ଆସିବା ଯାଏଁ ଏ କୁହୁଡ଼ିଟା ତ ଅନ୍ତତଃ ସତଭଳି ଲାଗୁଛି । ମନ୍ଦ କ'ଣ ?

Digitized by srujanika@gmail.com

ବଡ଼ମୁହାଁ

ଥରେ ହୁରିପଡ଼ିଗଲା ଯେ, ବାଲିଯାତ୍ରାରେ ଗୋଟାଏ ଜଲେବିର ଓଜନ କୋଡ଼ିଏ ସେର୍ ଏବଂ ଆକାର ଗୋଟିଏ ଶଗଡ଼ ଚକ ପରି । ତାକୁ ଚାହିଁ ଗୋଟିଏ ଗଉଣିଭଳି ରସଗୋଲା ମଧ କୁଆଡ଼େ ଥୁଆହୋଇଥିଲା । ପୃଥିବୀର ଦୀର୍ଘତମ ପୋଲ ଓ ବୃହତ୍ତମ ଘଣ୍ଟା ଘୋଷି ମୁଖସ୍ଥ କରୁଥିବା ପିଲାଏ ଚଞ୍ଚଳ ହୋଇଉଠିଥିଲେ ଏ ଯୋଡ଼ିକୁ ସେ ତାଲିକାରେ ଅନ୍ତର୍ଭୁକ୍ତ କରିବାପାଇଁ । ଗୋଟାଏ ପଶ୍ଚିମା ବେପାରୀ କୁଆଡ଼େ କହୁଥିଲା ଯେ, ତା' ଗୋସେଇଁବାପା କୁମ୍ଭମେଳାରେ ସେମିତି ଗୋଟାଏ କ'ଣ ଦେଖିଥିଲା, ଆଉ ସଂସାରରେ ଏମିତି କେଉଁଠି ନାହିଁ । ଯେଉଁଠି ଏ କଥାରେ ଟିକିଏ ଜାତୀୟତା ତେଜିଗଲା ସେଇଠି ଚାଲିଲା ଲମ୍ବା ତାଲିକା, ଆମ ଦେଉଳ - ବଡ଼ଦେଉଳ, ଆମ ଦାଣ୍ଡ - ବଡ଼ଦାଣ୍ଡ, ଆମ ଠାକୁର - ବଡ଼ଠାକୁର, ଆମ ନଦୀ - ମହାନଦୀ, କିନ୍ତୁ ସମଝିଲାବାଲା ନିଭୃତରେ କଥା ହେବାର ଶୁଣାଯାଇଥିଲା - 'କିଓ, କାହିଁକି ଏତେ ସରକ ସାରି ସେଥିରୁ ଯୋଡ଼ାଏ ଅଚଳନ୍ତି ଚିଜ ସେ ଦାମସାହୁ ତିଆରି କଲା ? - ତା' ମୁଣ୍ଡକୁ କ'ଣ ପିତ୍ତ ଝାଙ୍କିଲା କି ?'

ତା' ସତ ! ଏଭଳି ପିତ୍ତ ଝାଙ୍କେ, କେବଳ ଦାମସାହୁକୁ ନୁହେଁ - ପିରାମିଡ୍ - ବାଉଳା ମିଶର ସମ୍ରାଟଠାରୁ ହିଟ୍‌ଲର ପର୍ଯ୍ୟନ୍ତ ସମସ୍ତଙ୍କୁ ଝାଙ୍କେ । ବହୁ ଅର୍ଥ ବ୍ୟୟକରି ରାଜାଙ୍କର ମୂଲ୍ୟବାନ୍ ମୃତଦେହଟିକୁ ସୁନା ସଂପୁଟ ଭିତରେ ପୂରେଇ ରଖିବାରେ ଯୁକ୍ତି ଥାଇପାରେ, କିନ୍ତୁ ସେ ମମିଟି ରଖିବାକୁ ଗୋଟିଏ ପର୍ବତପରି ପିରାମିଡ୍ ତୋଳିବା ସକାଶେ ରାଜ୍ୟର ସମସ୍ତ ରାଜସ୍ୱ ଖର୍ଚ୍ଚ କରିଦେବାର ତାତ୍ପର୍ଯ୍ୟ କ'ଣ ? କବରର ଦୈର୍ଘ୍ୟ ପ୍ରସ୍ଥକୁ ନେଇ ସମ୍ରାଟମାନେ କୁଆଡ଼େ ସାନ ବଡ଼ ହୋଇଯାଇଥିଲେ । ଏଇ ଭୟରେ ଏବଂ ଏଇ ଯୁକ୍ତିରେ କ'ଣ ସବୁ ପିରାମିଡ୍ ତୋଳାହୋଇଥିଲା ? ଛୋଟିଆ ମଣିଷଟିଏ ହିଟ୍‌ଲର, ଗୋଟାଏ ହାତ କେମ୍ପା, ଆଖିକୁ ଦିଶେ ନାହିଁ, କିନ୍ତୁ ଗୋଟାଏ ଦୁର୍ଦ୍ଧର୍ଷ ସୈନ୍ୟବାହିନୀର ମାଲିକପଣିଆ ଜାହିର୍ କରିବାକୁ ସେ ଏସବୁ ଘୋଡ଼ାଇ ପକାଉଥିଲା । ଗୋଟାଏ ବିପୁଳ ଟେଙ୍କ୍‌ରେ ବସି ଯାତାୟାତ କରୁଥିଲା । ଗୋଟାଏ ଖେଳପଡ଼ିଆ ପରି ହଲ୍‌ରେ ସାକ୍ଷାତ୍ ଦେଉଥିଲା । ଉଦ୍ଦେଶ୍ୟ ବୋଧହୁଏ ଏଭଳି ପଟାଟୋପରେ କାହାକୁ ବିମୁଢ କରିସାରିଲା ପରେ କା'ର ମୁଣ୍ଡ ଉପରେ ପାଦଥୋଇଲେ ସେ କିଛି କହିବ ନାହିଁ - ଯଦି ଗୋଟାଏ ପାଦ ପୃଥିବୀ ବ୍ୟାପିଯାଏ ଏବଂ ଆରପାଦ ସମଗ୍ର ଅନ୍ତରୀକ୍ଷକୁ ଘୋଟିଯାଏ, ତେବେ ତୃତୀୟ ପାଦଟି ସେଇ ବିସ୍ମୟବିମୂଢ ମୁଣ୍ଡ ଉପରେ ରହିବ ନାହିଁ ତ' ଆଉ ରହିବ କେଉଁଠି ?

Digitized by srujanika@gmail.com

ପ୍ରାୟ ଏହି ନୀତିରେ ରାଜାବାହାଦୂରମାନେ ଭେରୀତୂରୀ ବଜେଇ ଉଠୁଥିଲେ । ଛତିଶାନିଯୋଗରେ ବିଜେ ହେଉଥିଲେ, ତା' ଭିତରୁ ଗୋଟାଏ ଆଲେକ୍‌ଜାଣ୍ଡାର ପାଇଁ ବାର ଗୋଟା ବାର୍‌ହା ଏକାଥରକେ ଭଜାଯାଇ ମଣୋହି ପାଇଁ ସଜ୍ଜିତ ହେଉଥିଲା । ଗୋଟାଏ ଜହ୍ନରାତିରେ ସେଥିରୁ ଜଣେ ନୌବିହାର କରିବେ ବୋଲି ଦଶମାଇଲ ଲମ୍ବ ମାର୍ବଲ ନଈରେ ଗୋଲାପଜଳ ପୂର୍ଣ୍ଣ କରାହେଉଥିଲା । ସେଭଳି ଯେକୌଣସି ମହାମହିମଙ୍କୁ ସେ ଆଡ଼ମ୍ବରର ଖୋଳ ଭିତରୁ ଖସେଇଆଣି ତାଙ୍କ ଦେହରୁ ସୁନା ଜରି ସବୁ କାଢି ପକାଇଲେ, ମୁଣ୍ଡ ଉପରୁ ପଥର ଏବଂ ସୁନାର ଓଜନିଆ ସେ ଟୋପିଟିକୁ ଖସେଇଦେଲେ ଏବଂ ପରିଶେଷରେ ଅଯଥା ଗୁଡ଼ାଏ ଲଟେଇଥିବା ସେ ନିଶହଳକ କ୍ଷୌର କରିଦେଲେ ସେ ହୋଇଯିବ ସେଇ ଚନ୍ଦାମୁଣ୍ଡିଆ, ଢେଗାଆଖିଆ ସାଧାରଣ ଦାମସାହୁଟିଏ, ଯେ ଶଗଡ଼ଚକିଆ ଜଲେବି ଦେଖେଇ ଲୋକଙ୍କୁ ଅଭିଭୂତ କରୁଥିଲା - ''ଛୋଟକୁ ଛୋଟକରି ଦେଖେଇବାରେ ଲାଜମାଡ଼େ, ଏଥିପାଇଁ ତା' ଭିତରୁ କେତେଜଣ ଦାମ୍ଭିକ ବେଲୁନ୍‌ରେ ପବନ ପୂରାନ୍ତି, କାୟା ବିସ୍ତାର କରନ୍ତି । ଦେହସାରା ତୋପ କମାଣ ଖଞ୍ଜି ନିଜକୁ ଫୁଲାନ୍ତି । ଚିତ୍ରକରି ଭୟଙ୍କର ଦିଶନ୍ତି । ଅହରହ ଏ ଖଞ୍ଜାଖଞ୍ଜି ଭିତରେ ରହିବାକୁ ଆପ୍ରାଣ ଚେଷ୍ଟା କରୁଥାନ୍ତି । ନ ହେଲେ ବିରାଟ ଖୋଳର ପିରାମିଡ୍ ଖସିପଡ଼ିଲେ ଅସହାୟ କ୍ଷୁଦ୍ର ମମିଟି ଦିଶିଯିବ ଯେ । ସେ କାହାକୁ ସେ ସୁଯୋଗ ଦେବେନାହିଁ । ସ୍ପର୍ଦ୍ଧାରେ ସଂସାରକୁ ଟକଟି ଚାଲିଯିବେ । ସାତମହଲାରୁ ଜମ୍ପା ଓହ୍ଲେଇବେ ନାହିଁ ।

ସବୁବେଳେ କିନ୍ତୁ ସ୍ପର୍ଦ୍ଧାରେ ଏଭଳି କାମ କରାଯାଏ ନାହିଁ । ହଜାରେ ବର୍ଷ ହୋଇଗଲା ହିମାଳୟ ପରେ ଗୋଟିଏ ବିରାଟ ପଥରର ଦୀପ ଭିତରେ ଏକାଥରକେ ଷାଠିଏ ମହଣ ଘିଅ ଢଳାଯାଏ ଏବଂ ସେଥିରେ ସେଇଭଳି ଗୋଟାଏ ବଳିତା ପକେଇ ଶିବ ଚତୁର୍ଦ୍ଦଶୀ ଦିନ ଗିରିରାଜ କୈଳାସର ଆରତି କରାଯାଏ । ଆଦିଶଙ୍କର ଏ ବ୍ୟବସ୍ଥା କରିବା ପୂର୍ବରୁ କେବଳ ହୁଏତ ଭାବିଥିବେ ଯେ ତୁଷାରମଣ୍ଡିତ ଭବ୍ୟସୁନ୍ଦରଏ 'ଅଦ୍ରିବିଶାଳ'କୁ ସେଇଭଳି ଅର୍ଘ୍ୟ ନଦେଲେ କ'ଣ ସୁନ୍ଦର ଦିଶିବ ? ଅନୁପାତ ବିରୋଧ ହୋଇଯିବ ନାହିଁ ? ଯଦି ଷାଠିଏ ମହଣ ଘିଅ ଧରୁଥିବା ମହାଦୀପ ପରିବର୍ତ୍ତେ ହିମାଳୟର ସେ ବିସ୍ତୀର୍ଣ୍ଣ ମାନ୍ୟତା ଭିତରେ ଗୋଟିଏ ପୁରୀ ଦେଉଳିଆ ସୁଡକି ଆକାରରେ ଚଟକା ଦୀପାଳୀରେ ଠୋପେ ଚିକ୍‌କଣ ଚଟେଇ ଦେଇ ଆରତି କରାଯାଏ, ତେବେ କ'ଣ ସୁନ୍ଦର ଦିଶିବ ? ଅନୁପାତସିଦ୍ଧ ନହେଲେ ଅଙ୍ଗହାନିପରି ସମ୍ପର୍କର ସୌଷ୍ଠବ୍ୟ ନଷ୍ଟ ହୋଇଯାଏ !

କିନ୍ତୁ ଏସବୁ ତାତ୍ତ୍ୱିକ ଯୁକ୍ତି କଥା ପଡ଼ିନାହିଁ, ପଡ଼ିଚି ସେଇ ଦାମସାହୁମାନଙ୍କ କଥା, ଯେଉଁମାନେ ସାନ ଦେଖିଲେ ଚିଡନ୍ତି । ଅସୁନ୍ଦର ହେଲେ ମଧ ବଡ଼ ଜିନିଷଟିକୁ ଲୋଭ କରନ୍ତି । ସେ ଭିତରୁ ଜଣେ ବଜାରରୁ ସବୁଠାରୁ ବଡ଼ ମୂଳାଟିକୁ ଘରକୁ କାଖେଇ ନେଇଯାଏ । ସେଥିରେ କଟୁରି ନଚଳୁ ବା ଭିତରଯାକ ଫମ୍ପା ଥାଉ, ସେଥିରେ କିଛି ଯାଏ-ଆସେ ନାହିଁ । ଅଫିସ ଯାଉଥିବା ରାସ୍ତାରୁ ହୁଏତ ଫେଣାଏ ବନ୍ତଳ ଧରି ସେ ଘରକୁ ଧାଇଁବାର ଦେଖାଯାଏ । ଅଫିସ ଟିକିଏ ବିଳମ୍ବ ହେଉ ବରଂ ଗୋଟିକୁ ସେରେ ଓଜନର ଏ କଦଳୀ ଫେଣାଟିକୁ ହାତଛାଡ଼ କରିବାକୁ ହେବନାହିଁ । ସେଭଳି ଆମ୍ବ, ସେଇଭଳି ସବୁ । ତାଙ୍କ ଘର କଂସାଥାଳିଗୁଡ଼ିକର ବ୍ୟାସ ଦେଢହାତ, ଡାଳଗୁଡ଼ିକ

Digitized by srujanika@gmail.com

କଳସ ପରି । ଭୋପା ବେପରୁଆ ଜମିଦାରିଆ ଲୋକଗୁଡ଼ିଏ ଏମାନେ । ବୋଧହୁଏ ଏ ସମସ୍ତଙ୍କର ବୃଷରାଶି । ବୋଧହୁଏ ଏମାନଙ୍କର ଗୋସେଇଁବାପାମାନେ ଏକଦା ଐଶ୍ୱର୍ଯ୍ୟଶାଳୀ ଥିଲେ । ଏଣୁ ବୋଧହୁଏ ଏମାନେ କଥା କହିଲେ ସୁଆଙ୍ଗର ରଜାପରି ଟାଣିହୋଇଯାନ୍ତି । ସେଇ ଠାଣିରେ ସେମିତି ବଡ଼ପାଟିରେ ବକ୍ତୃତା ଦିଅନ୍ତି । ଟିକିଏ ବାହାପିଆ, ଖଚୁଆ ନିଶ୍ଚୟ, କିନ୍ତୁ ସବୁ କଥାରେ ବଡ଼ମୁହାଁ ଲୋକଗୁଡ଼ିଏ ।

ବଡ଼ମୁହାଁ ହେବା ଗୋଟିଏ ଖୋଇ, ଗୋଟାଏ ପ୍ରକାର ମନସ୍ତତ୍ତ୍ୱ - ଧରନ୍ତୁ ସେଥିରୁ ଜଣେ ତାଙ୍କ ନିଜ ଘରେ ସାନଝିଅ ପାଇଁ ଜାମା ସିଲେଇ କରୁଛନ୍ତି । ମାପ କୋଡ଼ିଏ ଇଞ୍ଚ ଲମ୍ବା । ତଳୁ ମୋଡ଼ାହେବାକୁ ଦୁଇ ଇଞ୍ଚ, କିନ୍ତୁ ତିନି ଇଞ୍ଚ ହାତରେ ଥିଲେ କ୍ଷତି କ'ଣ । କାନ୍ଧ ପାଖରେ ଯୋଡ଼ାହେବ ଅଧଇଞ୍ଚ ଲାଗିବା କଥା, ଗୋଟିଏ ଇଞ୍ଚ ଥାଉ । ଝିଅଟା ତ ପୁଣି ବଢିବ । ଏ ଜାମା ମଧ ଟିକିଏ ଛୋଟ ଦିଶୁଛି । ଏଣୁ ଚାରିଇଞ୍ଚ ରହୁ । କାଳେ ନଅଣ୍ଟ ପଡ଼ିଯାଇପାରେ, ଏଣୁ ହାତରେ ଦୁଇଇଞ୍ଚ ଥାଉ । ଏଭଳି ଯୁକ୍ତିରେ ଯେତେବେଳେ ଜାମା ଖଣ୍ଡି ତିଆରି ହୁଏ ସେ ହୋଇଯାଏ ଗୋଟିଏ ଉଦାର ପରିସରଯୁକ୍ତ 'ଆଲଖୋଲା' । ଝିଅର ସର୍ବାଙ୍ଗ ଆବୃତ । ଉପରେ କେବଳ ମୁହଁଟି ଅନିବାର୍ଯ୍ୟକାରଣବଶତଃ ଖୋଲା ରହିବାକୁ ବାଧ । ସେ ଯଦି ରାନ୍ଧନ୍ତି ସେହିଭଳି ଦୁଇକେଜି ଚାଉଳ ଅଧିକ ସିଝିଯାଏ । ତାଙ୍କ ହାତରେ ଲୁଣ ଟିକିଏ ବେଶି ପଡ଼େ, ତେଲ ଟିକିଏ ବେଶି ସରେ । ପରିବାଗୁଡ଼ାକ ବଡ଼ ବଡ଼ ଖଣ୍ଡରେ କାଟିହୋଇଯାଆନ୍ତି । ବାଢି ବସିଲେ ଥାଳିଆରେ କିଲେ ତିଅଣ ନ ପଡ଼ିଲା ପର୍ଯ୍ୟନ୍ତ ତାଙ୍କ ଆଖିକୁ ଦିଶେନାହିଁ । ହାତେ ଉଞ୍ଚରେ ଭାତବଢା ନହେଲେ ତାଙ୍କ ମନକୁ ପାଏନାହିଁ । ତାଙ୍କ ଆଖିଟା ବଡ଼ । ଦେଖେଇହେବା ଢଙ୍ଗ ତାଙ୍କର ହୁଏତ ନାହିଁ, କିନ୍ତୁ କାଳେ କେଉଁଠି ଛୋଟପଣ ଦିଶିଯିବ ଏବଂ ଛୋଟ ସହିତ ଷଣ୍ଢରାଶି ପଡ଼ିବ ନାହିଁ ବୋଲି ସେ ଏମିତି ହୁଅନ୍ତି । ଲୋକେ ତାଙ୍କ ଆଚରଣରେ ଭୋଳ ହୋଇ ତାଙ୍କୁ ବେକୁବ୍ ନକହି, କହନ୍ତି ବଡ଼ମୁହାଁ । ଉଲ୍ଲୁ ନକହି କହନ୍ତି ଭୋପା । ସେ ଅନୁଭବ କରନ୍ତି ଯେ, ସେ କୃତାର୍ଥ ହୋଇଗଲେ ।

ସେଭଳି ଓଲା-ଭଗିଆଙ୍କୁ ଅଳ୍ପକେ ଭଳେଇ ଦିଆଯାଇପାରେ । ଚିକ୍‌କଣ ଶିଆଳମୁହାଁ ମଧ ଅନେକ ଆସି ଜୁଟିଯାଆନ୍ତି ଚାଟୁବାକ୍ୟରେ ତା'ର ସର୍ବସ୍ୱ ଲୁଟି ନେବାକୁ । ସେ ବିଚାରା ଜାଣିପାରେନାହିଁ । ଗୋଟାଏ କୌଣସି ପାରମ୍ପରିକ ଉଦାରପଣ, ଗୋଟାଏ ପ୍ରଚ୍ଛନ୍ନ ମହତ୍ତ୍ୱକୁ ଘୋଡ଼େଇବାକୁ ସେ ଜାଣିଶୁଣି ଧରାଦିଏ । ଚାକିରିଆ ହେଲେ ସୁଦ୍ଧା ମାସ ମଝିରେ ଗୋଟାଏ ଭୋଜି ଦେବାକୁ ରାଜି ହୋଇଯାଏ । ପାଞ୍ଚଜଣଙ୍କ ପାଇଁ ଆରମ୍ଭକରି ପଚାଶଙ୍କୁ ଖୁଇବାକୁ ବାଧ ହୁଏ । ସମସ୍ତେ ଉତ୍ସବ ଶେଷରେ ତା' ପିଠି ଥାପୁଡ଼ାଇ ପାନ ଚୋବେଇ ଚାଲିଯାଆନ୍ତି । ସେ କ୍ଳାନ୍ତ ହୋଇ ବୋଧହୁଏ ନଖାଇ ଶୋଇଯାଏ । ମନକୁ ମନ କହେ ''ବେକୁବ୍, ଉଲ୍ଲୁ, ଏମିତି ସେମାନେ ତୋ'ଠୁ ବେଶି ସିଆଣିଆ ? ତୁ'ଟା ଏମିତି କଦମ୍ବା ଭକୁଆ ? ଏବେ କିଏ ପିଠିରେ ପଡ଼ିବ ? ଉଧାର ଖାତାରେ ଅଧିକ ଶହେ ଆଠଟଙ୍କା କିଏ ଦେବ ? ତତେ ତ କିଏ ଘାସ ପୁଳାଏ ଦିଅନ୍ତି ନାହିଁ । ସେମାନେ ଭେଲେ ଭେଲେ କହି ତହଁକେଇଦେଲେ ତୁ କାହିଁକି ସବୁଥର ଏମିତି ଆଡ଼ି ପତେଇ ଫୁଫୁକାର କରି ମାଟି ଖୁରୋଉଚୁ ? ଏମିତି ଗୁଡ଼ାଏ ହାଲିଆ ହେବାର ଅର୍ଥ କ'ଣ ! କ'ଣ

Digitized by srujanika@gmail.com

ନା' ସେଥିରୁ କିଏ ଗୋଟାଏ ତୋତେ ଆଗରୁ ବହକେଇ ଦେଇଚି ଯେ ତୋ'ର ଷଣ୍ଢରାଶି, ଏମିତି ନହେଲେ ନ ଚଳେ ?'' - ଅନେକ ଛି-ଛା ଅବଶୋଷ ଭିତରେ କିଛିକାଳ କଟିଗଲେ ପୁଣି ବଡ଼ମୁହାଁ ମୁଚୁକିମାରି କହେ ''ହେ ମାର ଗୋଲି, କ'ଣ ହୋଇଗଲା ଏବେ ! ମୋ ବାପ ଆଲେକ୍‌ଜାଣ୍ଡାର, ମୋ ଗୋସେଇଁବାପ ଥରୋ, ମୁଁ ଦାମସାହୁ ! ମୁଁ ଶଗଡ଼ଚକିଆ ଜଲେବି କରିବି ନାହିଁ ତ କ'ଣ ସେ ବାରବୁଲା ଚୁଚୁମୁଣିଆ ଧଡ଼ିଆଯାକ କରିବେ ? ତାଙ୍କୁ କାନ ମୋଡ଼ି ପଚାରିବଟି, ତାଙ୍କ ସତେଇଶି ପୁରୁଷରେ କାହାର ବୃଷରାଶି ଅଛି ପରା ! ହୁଁଃ !

ଏ ଉଦାର ଲୋକଟି ହିସାବୀ ନୁହେଁ । ଗଣିତରେ ସଦା ଦୁର୍ବଳ । ଏ ସାରଳାଦାସ ସ୍ୱାଭାବିକ ଢ଼ଙ୍ଗରେ ଅତିଶୟୋକ୍ତି କରି ଚାଲେ । ତା' ହାତୀ ଛଅଯୁଣ ହେଲେ ତା' ବେକରେ ଓହଳିଥିବା ଘଣ୍ଟାଟା ବାରଯୁଣ । ମାପି ଯୋଖି ଖାପିବା ତା' ଧାତୁରେ ଚଳେନାହିଁ । ସେ ତା'ର ସାମୁଦ୍ରିକ ଉଦାରପଣରେ ଛୋଟ ଭଙ୍ଗାରୁଜା ନିୟମ ବେନିୟମ୍ ସବୁକୁ ଗୋଟଏ ଭୀମକାୟ ଜୁଆରରେ ମଡେଇଦିଏ । ତା' ସୈନ୍ୟ ଗଣନାରେ ହାତୀ ଅବଶ୍ୟ ଏକ 'ଖର୍ବ' ରହିବେ । ପଦାତିକ ରହିବେ 'ପଦ୍ମେ' । ଖର୍ବ କହିଲେ ଯେ ଏକରେ ଦଶଟି ଶୂନ ଲଗେ ଏବଂ ପଦ୍ମ କହିଲେ ଯେ ଏକ୍‌ରେ ଅନ୍ୟୂନ ଚଉଦଟି ଶୂନ-ସେ କଥାକୁ ତା'ର ଖିଆଲ ନଥାଏ । ତ'ଠୁଉଣା ହେଲେ ପରା ତାକୁ ଦିଶେନାହିଁ! ସେଇଭଳି ତା'କୁ ଦିଶେନାହିଁ ଯଦି ସମୁଦ୍ରମୁହାଁ ରାସ୍ତାଟିତା'ର ଅଣଓସାରିଆ ହୋଇଯାଏ ବା ମୁଣ୍ଡିଆ ଉପରେ ତା' ଗଢ଼ା ଦେଉଳଟି ଗୋଟିଏ ଖଣ୍ଡିଆ ପର୍ବତରୁ ଊଣା ଦିଶିଯାଏ । ତା'ର ବଡଦାଣ୍ଡିଆ ମନ । ସେ ଭୋଗକଲେ ଥରକେ ଷାଠିଏ ପୌଟି ଟେକିନେଇ ଥୋଇଦିଏ । ଠାକୁରଙ୍କୁ ଥୁଏ ଚିତେ ଉଞ୍ଚ ସିଂହାସନରେ । ତା ଠାକୁର ମଧ ତା ମନଲାଖି ବଡମୁହାଁ, ବଡଆଖିଆ, ବଳିଆରଭୂଜ । ତା' ବେଶପାଇଁ ମହଣ ମହଣ ସୁନା ଆଣି ଥୋଇଦିଏ । ମାଳ ଖଞ୍ଜିବାକୁ ସାତକୋଟି ଟଙ୍କାର ହୀରାଗୋଟାଳି ଗୁନ୍ଥେ ।

ଗୋଟିଏ ଜାତି ଏଭଳି ବଡମୁହାଁ ହୋଇଯାଇପାରେ । ଏମିତି ସାମୁଦ୍ରିକ ବହପଣରେ ଘୁ-ଘୁ ଗର୍ଜାପାରରେ-ଏଇଟା ଗୋଟାଏ ଅଭିଜାତ ପରଂପରା, ଦୁଃସାହସିକ କଳିଙ୍ଗର ପରଂପରା । ଏଠି ଈଶ୍ୱରଙ୍କ ଭାବକୁ ଐଶ୍ୱର୍ଯ୍ୟରେ ରପାୟିତ କରାହୁଏ । ଉପରୁ ଉପରକୁ, ବୃହତ୍‌ରୁ ବୃହତ୍ତରକୁ ଏହାର ଉଶ୍ୱର୍ଯ୍ୟରେ ରୂପାୟିତ କରାହୁଏ । ଉପରୁ ଉପରକୁ, ବୃହତ୍‌ରୁ ବୃହତ୍ତରକୁ ଏହାର ଊର୍ଦ୍ଧ୍ୱଗତି । ମହତୋ ମହୀୟାନ୍ ଏହାର ଲକ୍ଷ୍ୟ- ଭୋପା ବଡମୁହାଁ ଦାମସାହୁ ଭଳି ଏ ଜାତି । ବାଲିଯାତ୍ରାରେ ଏମାନେ ଶଗଡଚକ ପରି ଜଲେବି ଅବଶ୍ୟ ଥୋଇବେ । ସେଥିରେ ସରକ ସରିଯାଉ, ଦାମିଆ ଉଚ୍ଛନ୍ନ ହୋଇଯାଉ, ଧାର ଖାତାରେ ଶହେ ଆଠଟଙ୍କା ଅଧିକ ଚଢ଼ିଯାଉ, ସେଥିରେ କିଛି ଯାଏ-ଆସେ ନାହିଁ । ଏ ଜାତିଟାରେ ବୃକ୍ଷରାଶି । ଏବେ ନୁହେଁ, ମହାଭାରତ ଅମଳରୁ, ତେପ୍‌ପନ ପୁରୁଷରୁ ଏହାର ରାଶି ବୃଷ ।

Digitized by srujanika@gmail.com

କଣ୍ଟା ଓ ବେଦନାବୋଧ

ଜାଣିଶୁଣି କେହି କେବେ ସପ୍ତଫେଣିଆ କଣ୍ଟା ଉପରେ ଗୋଡ ମଡେଇଦେବାର ଶୁଣାନାହିଁ । କିନ୍ତୁ ଅସାବଧାନ ଥିଲାବେଳେ ବଡ ଅତର୍କିତ ଭାବରେ ହୁଏତ ହଠାତ୍ କଣ୍ଟାଟାଏ ପାଦରେ ବୁଡ଼ିଯାଏ ଏବଂ ବୁଡୁ ବୁଡୁ ଭାଙ୍ଗିଯାଏ । କିଛି ସମୟପାଇଁ ହୁଏତ କପ୍ କପ୍ ହୋଇ ବିନ୍ଧେ । ତା'ପରେ ବେଶ୍ ରହି ରହି ପାଦଟି ବାଗ ଅବାଗରେ ପଡିଗଲେ ଆସ୍ତେ ରକ୍ କରି ଲାଗିଯାଏ, ନ ହେଲେ ସେ ସେମିତି ଥାଏ । ଆଖିକୁ ଦିଶେ ନାହିଁ, ଚିପି ଚିପି ଦରାଣ୍ଡିଲେ ଜଣାପଡେ । ସେମିତି ଟିପ ମାରି ରକ୍ ରକ୍ କରିବାକୁ ପ୍ରକୃତରେ ସମସ୍ତଙ୍କୁ ସୁଖ ଲାଗେ, କିନ୍ତୁ କୌଣସି କାରଣରୁ ତାକୁ ସୁଖ କହିବା ଆମର ଅଭ୍ୟାସ ହୋଇନାହିଁ ।

ତଥାପି ମାନିବାକୁ ହେବ ଯେ ଜୀବନର ଅନେକ ଉପଭୋଗ୍ୟ ମୁହୂର୍ତ୍ତ ଭିତରୁ ଗୋଟିଏ ହେଲା କଣ୍ଟା କଢ଼େଇବା ସମୟର ଅପୂର୍ବ ବିଳାସ । ନିଜେ ନଇଁପଡି ଖୋଳିଦେଲେ ସେଥିରେ ଆନନ୍ଦର ମାତ୍ରା ଅନେକ କମ୍, ନଚେତ୍ କଣ୍ଟା କାଢ଼ିବା ବେଶ୍ ଗୋଟାଏ ଚମତ୍କାର ଉତ୍ସବ । ପ୍ରଥମେ ଖୁବ୍ ଗୋଟାଏ ବାଦଶାହୀ ଢ଼ଙ୍ଗରେ ଗୋଡ ଲମ୍ବେଇ ନରମ ଗଦିକୁ ଆଉଜି ବସାଯାଏ । ଅନେକେ ସେତେବେଳେ ଶୋଇଯିବାକୁ ମଧ ପସନ୍ଦ କରନ୍ତି । ଆଉ କେହି କେହି ହୁଏତ ଆରାମଚୌକିରେ ବିଛେଇ ହୋଇ ବସିଯାଆନ୍ତି । ମୂଳ ଉଦ୍ଦେଶ୍ୟ ହେଲା ସେପରି ଅବସ୍ଥାରେ ଆଖିବୁଜି ଜିନିଷଟାର ପୁରା ସ୍ୱାଦ ନେଇ ହେବ ନା ନାହିଁ, ଏଥିପାଇଁ ବିଶେଷ ନୀତି-ନିୟମ କିଛି ନାହିଁ । ଯେ ଯେମିତି ଚାଲିଲା ସଜ ହୋଇ ବସିଗଲା । ଶରୀରଟିରେ ଚମତ୍କାର ଗୋଟିଏ ସମର୍ପଣର ମୁଦ୍ରା, ଭିତରେ କିନ୍ତୁ ଚେତନା ଖୁବ୍ ତୀବ୍ର ଓ ଶାଣିତ । ପବନ ବାଜିଲେ ଟାଇଁ ଟାଇଁ କରୁଥାଏ ଚେତନା ।

ସେଇଠୁ ଆସନ୍ତି କଣ୍ଟା-କଢ଼ାଳି । ତାଙ୍କ ପାଖରେ ଆଉ ଗୋଟାଏ କଣ୍ଟା । ହୁଏତ ଭାରି ପିନ୍‌ପିନିଆ ମୁନିଆ ଛୁଞ୍ଚିଟିଏ । ତାଙ୍କ ମୁଖାରବିନ୍ଦ ପ୍ରାୟ ସସ୍ମିତ । ସ୍ୱର୍ଗର କୌଣସି ସନ୍ତୁଷ୍ଟ ଦେବପୁରୁଷ ଆସି ବର ଯାଚିବାର ଭଙ୍ଗୀରେ ସେ ପଚାରନ୍ତି,-କେଉଁଠି କଣ୍ଟା ବୁଡିଛି ଦେଖି ! ସେତକିବେଳୁ 'ସୁ', 'ସା', 'ଆହା' 'ଇହି' କହି ସାକୁଳେଇ ହେବାକୁ କଣ୍ଟାଧାରୀ ପ୍ରସ୍ତୁତ ହୋଇଯାଆନ୍ତି । ଅନେକ କଷ୍ଟର ଭାବ କରି ସତେ ବା ନିଜ ଅନିଚ୍ଛାରେ ସେ ପାଦ ହଲାଇ ଇଙ୍ଗିତ କରନ୍ତି, କିନ୍ତୁ, ଅଲକ୍ଷ୍ୟରେ ଗୋଟିଏ ସ୍ନିଗ୍ଧ ବେଦନାର ଆଶାରେ ସେ ଉତ୍‌କଣ୍ଠିତ ଥାଆନ୍ତି ।

Digitized by srujanika@gmail.com

ଯାପରେ ସାଧାରଣତଃ ଯେଉଁମାନେ ଖୁବ୍ ସମଝଦାର, ସେମାନେ ଆଖି ବୁଜି ଦିଅନ୍ତି । ସବୁ ତେଣିକି କେବଳ ସ୍ପର୍ଶର ଅନୁଭବ । ପ୍ରଥମ ଗୋଟିଏ ନରମ ଏବଂ ଉଷୁମ ହାତ ପାପୁଲି ସେ ସମଗ୍ର ରାଜ୍ୟକୁ ଆଉଁସି ଚାଲିଯାଏ, ତାକୁ ଉଲ୍ଲସିତ କରି ଦେଇଯାଏ । ସମଗ୍ର ଶରୀରର ଲକ୍ଷେ କେନ୍ଦ୍ରରେ ସେଇ ଗୋଟିଏ ପୁଲକ କଣ୍ଟକିତ ହୋଇଉଠେ । ଶରୀରରେ ରୋମେ ରୋମେ ସତେ ବା ସେହି ଗୋଟିଏ ମାତ୍ର କଣ୍ଟା ଶାଖା ମେଲିଯାଏ ! ତା'ପରେ ଟିପଟିଏ କେବଳ ଖୋଜିବୁଲେ ସେଇ ମୃଦୁ ଯନ୍ତ୍ରଣାର ବିନ୍ଦୁଟିକୁ । ମଝିରେ ମଝିରେ ମାଖୁନା ଟିପରେ ପାଦକୁ ଚିପି ଚିପି କଣ୍ଟାକଢ଼ାଳି ପଚାରନ୍ତି, 'କ'ଣ ଏଇଟା ?' ଉତ୍ତର ଆସେ 'ଉଁହୁଁ' । ଆଉ ଟିକିଏ ବାଁକୁ ବା ଡାହାଣକୁ । ଯଦି ଦୁର୍ଭାଗ୍ୟକୁ କଣ୍ଟାଟା ଗୋଇଠିର ମୋଟା ଗୋଦାରା ଚମରେ ବୁଡିଥାଏ ଏ ପର୍ଯ୍ୟାୟଟା ସେତେ ଉପଭୋଗ୍ୟ ହୋଇପାରେ ନାହିଁ, କିନ୍ତୁ ଯଦି ପାନିଆଁରେ ମଝିଆଡିକି ବୁଡିଯାଇଛି-'ଓଃ ଜଗତରେ ସମସ୍ତଙ୍କର ସେଇଠି ହିଁ କଣ୍ଟା ବୁଡ଼ୁ' ତେବେ ପ୍ରତିଟି ସ୍ପର୍ଶର ମୁହୂର୍ତ୍ତ ଗୋଟାଏ ଲେଖାଁ ଅନବଦ୍ୟ ମୋଗଲାଇ ବିଳାସ ! ଟିପ ଆସ୍ତେ ପାଖେଇଆସେ..... ହାଁ ହାଁ, ନାଁ ନାଁ ଭିତରେ ହଠାତ୍ ବିଜୁଳିଟାଏ ମାରିଯାଏ । ଟିପଟି ଚମକି ଉଠିଯାଏ । ପାଦଟି ଚମକି ଘୁଞ୍ଚିଯାଏ । କିନ୍ତୁ ଅବିଳମ୍ୱେ ଟିପ ଯାଇ ପୁଣି ନିର୍ଭୁଲ ଥାନ ଉପରେ ମଡେଇ ରହେ- ଉତ୍କଣ୍ଠା ବଢ଼ିଚାଲେ । ମୃଦୁ ଯନ୍ତ୍ରଣାଟିକକ ପାଇଁ ଆଗ୍ରହର ଉଜାଣି ଉଞ୍ଚ ଉଞ୍ଚ ଢ଼େଉ ତୋଳେ । କଣ୍ଟା-କଢ଼ାଳି ଟିପ ମଡେଇ ରକ୍ ରକ୍ କରିଦିଅନ୍ତି - 'ଉହୁ' 'ଉହୁ' ହୋଇ ପାଦ ଘୁଞ୍ଚିଗଲେ ପରିହାସରେ ପଚାରନ୍ତି 'କ'ଣ ଏଇଟା ତ !' ଭାରି ପରିଷ୍କାର ନିଷ୍କମ୍ପ ନିର୍ଭୁଲ ଭାବରେ ଉତ୍ତର ଆସେ ''ହଁ ହଁ ସେଇ !'' ।-

ଟିକିଏ ହଳଦି ପାଣି ନେଇ ଧୋଇଦେଲେ କୁଆଡେ କଣ୍ଟାଟା ବେଶ୍ ପରିଷ୍କାର ବିନ୍ଦୁଟିଏ ପରି ଦିଶେ । କଞ୍ଚା ମାଉଁସଟାକୁ ଖଣ୍ଡିଆ କଲାବେଳେ ଟିକିଏ ହଳଦିର ପ୍ରଲେପ ଲାଗିଥିବା ମଧ ଶାସ୍ତ୍ରସମ୍ମତ । ଏଣୁ ଆସ୍ତେ ପାଣି ଟିକିଏ ଲୋପିଦେଇ ପୋଛିନିଆହୁଏ । କଣ୍ଟା କଢ଼ାଳି ସଜାଡି ହୋଇ ବସିଯାଆନ୍ତି । ଆଖିଯୋଡିକ ତାଙ୍କର ତୀକ୍ଷଣ, ମୁହଁରେ ଗୋଟିଏ ଜରୁରୀ ପରିସ୍ଥିତି । ଛୁଞ୍ଚି ଯେତେ ବାଗେ ଚାଲେ ସେମିତି ବିଶୁଦ୍ଧ ଜାତିର କଣ୍ଟା-କଢ଼ାଳି ହୋଇଥିଲେ ତାଙ୍କ ମୁହଁ ମଧ ସେତିକି ବାଗରେ ମୋଡି ହେବାକଥା । ସେଇଥିରୁ ସେମାନଙ୍କୁ ଅଧମ ବା ଉତ୍ତମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇପାରେ । କଣ୍ଟାଧାରୀଙ୍କର ଏଇଠାରୁ ଆରମ୍ଭ ହୁଏ ପ୍ରକୃତ ଆନନ୍ଦ । ଛୁଞ୍ଚି ଯାଇ କଣ୍ଟାର ଆଖପାଖ ଅଞ୍ଚଳରେ ଫୋଡି ଦେଲେ ପାଣିଚିକଆ ଧରିଯାଉଥିବା ପାଟିଟାକୁ ସେ ଖୁବ୍ ସୁଆଦ କରି ପବନ ଶୋଷୁଥାନ୍ତି । ମାତ୍ର କଣ୍ଟାରେ ଠକ୍‌କିନା ବାଜିଗଲେ ଜୋର୍‌ରେ ଭିତି ନିଅନ୍ତ ପବନ ଓ ଆସ୍ତେ ଚମକେଇ ଦିଅନ୍ତି ପାଦଟାକୁ । ଉତ୍ତମ କଣ୍ଟାକଢ଼ାଳି ମଧ ପାଟିସୁଆଦି କରୁଥାନ୍ତି । ଯନ୍ତ୍ରଣାର ଆନନ୍ଦ ସେ ସମୟରେ କିଏ ଅନୁଭବ କରୁଥାଏ, କହିବା କଠିନ । ପାଦ ଚମକି ଘୁଞ୍ଚିଗଲେ ଏବଂ 'ଉହୁ ଉହୁ' ଶବ୍ଦ ହେଲେ କଣ୍ଟା କଢ଼ାଳି ମୃଦୁ ଭର୍ତ୍ସନା ଦେଇ କହନ୍ତି, ''ଏମିତି ହଲେଇଲେ - ତେବେ ଥାଉ !'' ପାଦଟି ମନକୁ ପୁଣି ଲମ୍ୱିଆସି ଛୁଞ୍ଚିକୁ ଅପେକ୍ଷା କରେ । କଣ୍ଟାଧାରୀଙ୍କର ସମସ୍ତ ଚେତନା ସେଇ ଗୋଟିଏ ବିନ୍ଦୁରେ ପୁଞ୍ଜୀଭୂତ ଏବଂ କଣ୍ଟାକଢ଼ାଳିଙ୍କର ସମଗ୍ର ଏକାଗ୍ର ଧ୍ୟାନ ସେଇ ଛୁଞ୍ଚିମୁନରେ । କିଛି ସମୟ ଏପରି ମାଂସ ଆଡେଇଲା ପରେ ଆରମ୍ଭ ହୁଏ ଚରମ ପର୍ଯ୍ୟାୟ ।

Digitized by srujanika@gmail.com

ଛୁଞ୍ଚି ମୁନରେ କେବଳ କଣ୍ଟାଟିକୁ ଏପାଖ ସେପାଖ ଦୋହଲାଇ ହୁଗାଳିବା ହେଲା କାମ । ଦାନ୍ତ ଜାକି 'ଉହୁ' 'ଉହୁ'ରେ କମ୍ପିତ ଶରୀରଟିକୁ ସଂଯତ କରି କଣ୍ଟାଧାରୀ ପଡ଼ିରହନ୍ତି । ପ୍ରତିଟି ଅଘାତରେ ତଳିପାଠାରୁ ତାଳୁକାଯାଏଁ ବିଜୁଳି ମାରିଯାଏ । କିନ୍ତୁ ଏଣେ ଖୁବ୍ ଭିତରେ ଇଚ୍ଛା ହେଉଥାଏ - ଏ ଅସମ୍ଭବ ପର୍ଯ୍ୟାୟ ଚାଲିଥାନ୍ତା କି । କିନ୍ତୁ ତାହା ଚାଲେନାହିଁ, କଣ୍ଟାକଡ଼ାଳି ସ୍ୱାଭାବିକ ଭାବରେ ହାଲୁକା ହୋଇଯାନ୍ତି । ଏକାଗ୍ରତାରେ ଯାହା ଧନୁପରି ତାଙ୍କ ଦେହ ଟାଣି ହୋଇ ରହିଥିଲା ସ୍ନାୟୁ, ମାଂସପେଶୀ ସବୁ ହୁଗଳା ହୋଇଯିବାରୁ ସେ ଅଧାନିଶ୍ୱାସଗୁଡ଼ାକୁ ପୂରା କରି ଲମ୍ବା ଲମ୍ବା ଛାଡ଼ନ୍ତି । କହନ୍ତି - ଓହୋ - କେଡେ ମୂର୍ତ୍ତି ସେଇଟା ହେଇଚି ଦେଖିଲାଣି ?' ସେହିଭଳି ଓହୋ କହିଉଠନ୍ତି କଣ୍ଟାଧାରୀ, ଆଖି ପ୍ରଥମେ ଫିଟେଇ ସେ ଚାହାଁନ୍ତି । ସଂଦେହରେ ଆଙ୍ଗୁଠିଟିଏ ଯାଇ ପାଦ ପାନିଆଁରେ ଦରାଣ୍ଡୁଥାଏ, 'ସତେ କ'ଣ ସେଟା ବାହାରିଗଲା' - ବହୁ ଯତ୍ନରେ କଣ୍ଟାଟିକୁ ଗୋଟେଇ ତାଙ୍କ ହାତ ପାପୁଲିରେ ଥୋଇଦେଲେ ସଂଶୟ ଚାଲିଯାଏ । ଆଖିପତାର ବାଳଟିରେ ଟେକିଲେ ଯଦି ସେ ଲାଖିଗଲା ତେବେ ସେଇଟା ଚୋର । ଯଦି ଡିଆଁ ମାରି ଚାଲିଗଲା ତେବେ ବାଘ । ଅଶ୍ୱସ୍ତି ଓ ଚରମତୃପ୍ତିରେ ନିଶ୍ୱାସଟିଏ ଲେଖାଁ ମାରି ଉଭୟେ ଉଠିପଡନ୍ତି । ପାଦତଳିପାଟିର ସ୍ନେହ-ସୋହାଗର ଅବସର ସରିଯାଏ । ଯାହା ଆଦର ସେ ପାଇଥାଏ, ତାକୁ ମନେପକାଇ ତଳମୁହାଁ ପୁଣି ଧୂଳିମଳି ଗୋଡ଼ିମାଟିରେ ଘୋଷାରି ହେବାକୁ ସେ ସଜ ହୋଇଯାଏ । ହଠାତ୍ ହୁଏତ ନୁହେଁ, କିନ୍ତୁ ମଝିରେ ମଝିରେ ତ'ର ଅବଶ୍ୟ ଇଚ୍ଛା ହୁଏ କଣ୍ଟା ଆଉଥରେ ବୁଡ଼ନ୍ତା କି ।

❖❖❖

Digitized by srujanika@gmail.com

ଉଦ୍‌ବର୍ତ୍ତନ

ଶୁଣିଛି ଯେ ସାତ୍ତ୍ୱିକରେ ଥାଇ ବହୁ ଯୋଗୀଜନ ଏ ସଂସାରର ବହୁଳ ଦ୍ୱନ୍ଦ୍ୱ ସବୁ କାଟି କୌଣସି ଏକକ ସତ୍ତାରେ ପହଞ୍ଚିବା ପାଇଁ ତପସ୍ୟା କରନ୍ତି । ମୁଁ କିନ୍ତୁ ତା' କରିପାରେ ନାହିଁ । ମୋ ସ୍ୱଭାବ ଆସୁରୀ । ସେଇମାନେ କହନ୍ତି ମୁଁ କୁଆଡ଼େ ତାମସିକ । ମୁଁ କିନ୍ତୁ ଏ ଦ୍ୱନ୍ଦ୍ୱଟାକୁ ଖୁବ୍ ବୁଝେ । ମୋତେ ସେ ଅତିଷ୍ଠ କରେ । ମୋର ବିପରୀତ ମୋତେ ରଖେଇ ଦିଏନାହିଁ । ସେ କେଉଁଠି ଥାଏ, କିପରି ଥାଏ, କାହିଁକି ବା ମୋତେ ଏପରି ତ୍ରସ୍ତ ଚଞ୍ଚଳ କରେ, ମୁଁ ବୁଝିପାରେ ନାହିଁ । ମୁଁ ବୁଝେ ଯେ ତା'ର ବିନାଶ ନ ହେଲେ ମୁଁ ବଞ୍ଚିପାରିବି ନାହିଁ । ଏଣୁ ମୁଁ ମୋ ସ୍ୱଭାବରେ ତା'ର ବିରୋଧ କରେ ।

ଆଦିଯୁଗର କଥା । ମୁଁ ହିରଣ୍ୟାକ୍ଷ ହୋଇ ତାକୁ ଘୋର ଅନ୍ଧକାର ଭିତରେ ଖୋଜିଛି, ତାକୁ କୌଣସି ପ୍ରକାରେ ଖୋଜି ସଂହାର କରିବାକୁ ମୋର ଦୁର୍ବାର ସଂକଳ୍ପ । ନିଜ ଉପରେ ଅପରିମେୟ ଆସ୍ଥା । ସେ ଯେ ଅବଶ୍ୟ ମରିବ, ଏଥିରେ ମଧ୍ୟ ପ୍ରଗାଢ଼ ବିଶ୍ୱାସ । ସେ ସେଇ ଅନ୍ଧକାର ଭିତରୁ ମୋତେ ଆସି ପ୍ରବଳ ଭାବରେ ଆକର୍ଷିବା ମୁଁ ଅନୁଭବ କରିଛି । ଘୋରଯୁଦ୍ଧରେ ମୁଁ ତାକୁ ପରାସ୍ତ କରିପାରିନାହିଁ । ମୁଁ ତା'ର ଶୂକର ଦନ୍ତ ପାଇଁ ପ୍ରସ୍ତୁତ ନ ଥିଲି । ଅଦ୍ୟାବଧି ମୁଁ କେବେହେଲେ ତା'ପାଇଁ ପ୍ରସ୍ତୁତ ହୋଇପାରି ନାହିଁ । ସେ ସେଇ ଶାଣିତ ଦନ୍ତରେ ମୋତେ ବିଦାରଣ କଲା, ମୋ ଭାଇକୁ ମଧ୍ୟ ବିଦାରଣ କଲା ନଖରେ । ଆମେ ହାରିଛୁ ସତ, କିନ୍ତୁ ଆମ ପାଇଁ ସେ ନଖ ଦନ୍ତରେ ପ୍ରକଟିତ ହେବାକୁ ବାଧ ହୋଇଥିଲା । ଆମେ ହିଁ ବାଧ କରିଥିଲୁ, ସେ ତା'ର ନିଜ ପ୍ରୟାସରେ ଆମକୁ ସଂହାର କରିବାକୁ ।

ତା' ପରେ ଆମେ ବୁଣି ହୋଇଯାଇଛୁ ଅଗ୍ନିକଣା ପରି, ସେ ବୁଣି ହୋଇଯାଇଛି ବର୍ଷାବିନ୍ଦୁ ପରି । ଆମେ ଜାଣିପାରିନାହୁଁ, ସେ ବି ଲିଭେଇ ପାରିନାହିଁ । ଆମେ ମୋଟଉପରେ ଜମାଟ ବାନ୍ଧି ନାହୁଁ । ଗୋଟିଏ ଯୁଗ ବିତିଯାଇଛି !

ନୂତନ ଯୁଗରେ ମୁଁ ପୁଣି ସେଇ ଅସୁର । କିନ୍ତୁ ମୁଁ ବ୍ରାହ୍ମଣ, ବିଶ୍ରବା ମୋର ଜନକ ! ମୁଁ ତାକୁ ଜାଣିଶୁଣି ବିରୋଧ କରିଛି । ସେ ମୋତେ ସଂହାର କରିବ - ଏକଥା ମୁଁ ଜାଣେ, ତଥାପି ତାକୁ ପ୍ରବଳ ସଂଗ୍ରାମରେ ଆଚ୍ଛନ୍ନ କରି ରଖିବି ଶେଷ ପର୍ଯ୍ୟନ୍ତ, ମୁଣ୍ଡ ନଇଁବ ନାହିଁ, ଏହା ମଧ୍ୟ ସଂକଳ୍ପ କରିଛି । ତାକୁ ମାରିବା କଳ୍ପନା ମୋତେ ସମୟ ସମୟରେ ଆବିଷ୍ଟ କରିଥିଲେ ମଧ୍ୟ, ମୁଁ ଯେ

Digitized by srujanika@gmail.com

ମରିବି, ଏକଥା ମୁଁ ନିଶ୍ଚିତ ଜାଣିଛି । ମୋର ଦଶଟା ମୁଣ୍ଡକୁ ଦଶଥର ହାଣି ସେ କ୍ଲାନ୍ତ ହୋଇପଡ଼ିଛି । ମୁଁ ମରିବା ପୂର୍ବରୁ ସେ ଦୂବପରି କଅଁଳ ମାନବଟିକୁ ଦେଖି ସନ୍ଦେହ କରିଛି, ଏ କ'ଣ ସେଇ ବଜ୍ରସୂଚୀ ପରି ଟାଆଁସା ଲୋମଯୁକ୍ତ ଦୁର୍ଦ୍ଧର୍ଷ ଶୂକର ?

ଯାପରେ ତା' ସାଙ୍ଗେ ଯେତେବେଳେ ମୋର ଭେଟ ହୁଏ, ସେ ମୋର କୁଟୁମ୍ବୀ, ମୋର ଖୋଦ ଭଣଜା ! ମୋର ଚରମ ବିପରୀତକୁ ଏତେ ପାଖାପାଖି ପାଇବାର ପ୍ରଥମ ଚମକ ସେ ଏଥର ହିଁ ମୋତେ ଦେଇଛି । ଶୁଣିଲି ଯେ, ସେ ଗୋପରେ ବଢ଼ୁଛି । ତା'ର ସମ୍ଭାବନାକୁ ସୁଦ୍ଧା ନାଶ କରିବାକୁ ଯାଇ ମୁଁ ଗୁଡ଼ିଏ ବାଳକଙ୍କୁ ମାରିପକାଇଲି । ଶେଷରେ ଆଉ ସହିପାରିଲି ନାହିଁ । ତାକୁ ନିମନ୍ତ୍ରଣ କରି ଆଣିଲି, ସ୍ୱଜନ କୁଟୁମ୍ବୀର ଅଧିକାରରେ, ମାମୁଁ ପଣେ, ରାଜାର ଆଦେଶରେ । ଦେଖୁ ଦେଖୁ ମୁଷ୍ଟିକ ଚାଣୁରକୁ ସୁଦ୍ଧା ନିପାତକରି ନୂଆମେଘ ପରି ସେ ଉଠିଆସିଲାବେଳକୁ ମୁଁ ଚାହିଁଦେଲି । ତାର ଆୟୁଧ ନ ଥିଲା, ମୋର ମଧ୍ୟ ଆୟୁଧ ନ ଥଲା, ପ୍ରତିଦ୍ୱନ୍ଦ୍ୱୀ ହୋଇ ଯୁଦ୍ଧ କରିବାର ଅବକାଶ ମଧ୍ୟ ନ ଥିଲା । ଗୋପ ମଥୁରାର ବ୍ୟବଧାନ ହଠାତ୍ ଘୁଞ୍ଚିଗଲେ, ସେଇ ଚମକରେ ମୁଁ ବଳେ ବିଲୟପ୍ରାପ୍ତ ହୋଇଯାଏ । ତାକୁ ସେମିତି ମୁହାଁମୁହିଁ ରଖିଦେଲେ ମୋ ସ୍ଥିତି ଆଉ ସମ୍ଭବ ନୁହେଁ ।

ଅଧୁନା ହୁଏତ କଥା ଟିକିଏ ନିଆରା । ଭୟ ଆଗ ଅପେକ୍ଷା ଅନେକ ବେଶି, ସନ୍ଦେହ ମଧ୍ୟ ଆଗଠାରୁ ହଜାରେ ଗୁଣ ଅଧିକ । ଏଥର ସେ ଆଉ କୁଟୁମ୍ବୀ ନ ହୋଇ ହୁଏତ ଆହୁରି ପାଖେଇ ଆସିବ । ମୋ ଭିତରୁ ହିଁ ସେ ହୁଂକାରି ଉଠିବ ବୋଲି ମୁଁ ଏତେ ଭୟ କରିଯାଇଛି । ମୁଁ ଏ ସମଗ୍ର ସୃଷ୍ଟିଟାକୁ ଅଣୁପରମାଣୁରେ ଭାଙ୍ଗି ଭାଙ୍ଗି କେଉଁଠି ହେଲେ ତା'ର ଆଭାସ ପାଇପାରୁନାହିଁ । ସେ ଘୁଞ୍ଚିଯାଇଛି, କାହିଁ କେଉଁ ଅଜ୍ଞାତ ବିସ୍ମୟର ଅନ୍ତରାଳକୁ । ମୁଁ ମୋ ଭିତରକୁ ମଧ୍ୟ ଶିରା ଉପଶିରା ଆଡ଼େଇ ଦେଖିଦେଇଛି । ସବୁଠି କେବଳ ନାହିଁ, ନାହିଁ, ନାହିଁ ଶୁଣିଆସିଛି, ମୋତେ ଅନୁଭବ ହେଉଛି ଯେ ଏଥର ସେ ବିସ୍ମୟର ପର୍ଦା ଟେକି ହଠାତ୍ ଉହ୍ଙ୍କି ଆସିବ । ଅଣୁ ପରମାଣୁ ସଚେତନ ହୋଇ ଉଠିବେ । ଘାଉଁକିନା ଏ ସମଗ୍ର ବସ୍ତୁ ତୋରଣ ମିଳେଇଯିବ ଏବଂ ସେହି କେବଳ ଜଳେ, ସ୍ଥଳେ, ଅନ୍ତରୀକ୍ଷେ ବିରାଜମାନ ହୋଇଯିବ । ....ମୁଁ ସନ୍ତର୍ପଣରେ ଛକିଛି ସେ ମୁହୂର୍ତ୍ତଟାକୁ, ମୋର ଚରମ ପ୍ରଳୟର ମୁହୂର୍ତ୍ତଟାକୁ !

❖❖❖

Digitized by srujanika@gmail.com

ହାଟ ବାହୁଡା

କିଣାବିକା ସରୁ ସରୁ କେମିତି କେଜାଣି ବେଳ ବି ବୁଡିଯାଏ । ଯେଉଁମାନେ କଅଁଳିଆ ଖରାରେ ଅଳ୍ପ କଣ ସଉଦା ସାରିଦେଇ ଫେରିଯାଆନ୍ତି, ସେମାନଙ୍କ କଥା ନିଆରା । ସେମାନେ ସବୁ ପୁଣ୍ୟବନ୍ତ ପୁରୁଷ । ଦିନସାରା ପସରାରୁ ପସରାକୁ ଘୋଷାରି ହୋଇ ବାର ପ୍ରକାର ଗଣ୍ଠିରା କାନ୍ଧେଇ ଫେରିବାର ଦୁର୍ବିପାକ ତାଙ୍କର ନ ଥାଏ । ପୁଣି ଏସବୁ ମୁଣ୍ଡେଇ ଯଦି କାହାକୁ ଗୋଟାଏ ଗାରଡ ବା ଗୋଟାଏ ପୋଢୁଅ କିଣିବାକୁ ବାକି ଥାଏ, ତା'କଥା କହିଲେ ନସରେ । ସେ କୌଣସି ପ୍ରକାରରେ କିଛି ଅନ୍ନ ବ୍ୟବସ୍ଥା କରିଦେଇ ଦି'ପହର ମୁଣ୍ଡାଳି ହାଜର ହୋଇଯାଏ ପଶୁଙ୍କ ଗୋଠରେ । ସହସ୍ର ସଂଖ୍ୟାରେ ଭାରବାହୀ ପଶୁ ଗଛ ଛାଇତଳେ ହାଇ ମାରୁଥାନ୍ତି । କାଳିଆ, କସରା, ବଡଶିଙ୍ଗା, ଲଣ୍ଡା, ଛୋଟ, ବଡ, ମଝିଲି - ଏମିତି କେତେ ଧରଣର ଗଦାଏ ଗଦାଏ ଅସହାୟ ନିରୀହ ପଶୁତ୍ୱ, ଚାରୋଟି ଲେଖାଁ ଦୋଫଳି ଖୁରୁ ଉପରେ କୁଢ଼େଇ ହୋଇ ରହିଥାନ୍ତି । ତାଙ୍କରି ଭିତରେ ସେ କୁଟା, ଗୋବର ଏବଂ ପଞ୍ଚଗବ୍ୟର ଦୁର୍ଗନ୍ଧଭିତରେ ତାକୁ ବୁଲିବାକୁ ହୁଏ । ଯା' ପିଠି ଥାପୁଡାଇ, ତା' ଲାଞ୍ଜ ମୋଡି ବାଛିବାକୁ ହୁଏ । ପଶୁମାଲିକ ମୁହଁରୁ ପିକ କାଢ଼ି ଆଉ କାହାକୁ ଚାହିଁଲା ପରି ମୂଲ ହାଙ୍କେ । ଛେଳି ମେଣ୍ଢାଙ୍କ ବୋବାଳି ଭିତରେ କୌଣସି ପ୍ରକାରେ କିଛି ଟଙ୍କା ଗଣାଗଣି ପରେ ପଘାଖଣ୍ଡ ଏ ହାତରୁ ସେ ହାତକୁ ହୋଇଯାଏ । ଗୋଟିଏ ହାତରେ ପଘା, ଆର ହାତରେ ଛାଟ, କାନ୍ଧରେ ଗଣ୍ଠିରା । ଗୋରୁ ହାଟର ଧୂଳି ପାରିହୋଇ ସେ ଥରେ ପଛକୁ ଅନାଏ । ସେଦିନର ସୂର୍ଯ୍ୟ ପାଚି ଆସିଥାଏ । ନଇଁଆସିଥାଏ ପଶ୍ଚିମର ଶ୍ମଶାନକୁ । ଆଉ ଗୋଟିଏ ସୂର୍ଯ୍ୟର ସ୍ୱପ୍ନ ତାକୁ ହୁଏତ ହିମ୍ମତ ଯୋଗାଏ, କିନ୍ତୁ ଚାରିଆଡୁ ଦିଗ୍‌ବଳୟର ସେ ପାରିରୁ ଘେରି ଆସୁଥିବା ଅନ୍ଧାରକୁ ଚମକିଲା ପରି ସେ ଅନାଏ, ଏବଂ ନିଛାଟିଆ ଶଗଡ ଦାଣ୍ଡି ଉପରେ ପୋଢୁଅ ପିଠିରେ ଛାଟ ପିଟିଦେଇ ଟାଉ ଟାଉ ଘରକୁ ବାହୁଡେ । ସେ ହାଟ ବାହୁଡା ।

ଏ ପାଳିକ ତା'ହେଲେ ଏଇଭଳି ସରିଗଲା । କିଣାବିକା ଲାଭକ୍ଷତି ହିସାବ ଯୋଡି ଯୋଡି ସେ କ୍ଳାନ୍ତି ବୋଧକରେ । ଭାବେ ଯେ, ଅନେକ କିଛି ହୋଇ ପାରିଥାନ୍ତା, କିନ୍ତୁ ହେଲାନାହିଁ । ଅନେକ ବାକିଆ କାମ ମନେପଡିଯାଏ । ଅନେକ ଅପୂର୍ଣ୍ଣ ଇଚ୍ଛା, ଅନେକ ଯୋଜନା ମନଭିତରର ଛି ଛା ଗୋଟାଏ ଦୀର୍ଘ ଶ୍ୱାସରେ ଝରିଯାଏ । ତା'ର ଅବସନ୍ନ ଗୋଡଯୋଡିକୁ କିମ୍ୱା ଏକ ମୁହାଁ ଚାଲିଥିବା ପଶୁଟିକୁ ସେ ଓଟାରି ରୋକିପାରେ ନାହିଁ । ନିଜେ ପଘାରେ ବନ୍ଧା ପଡିଥାଏ । ଭିଡି

Digitized by srujanika@gmail.com

ହୋଇ ଆଗେଇ ଚାଲିଥାଏ । କାହିଁ ସେ ଅନ୍ଧାର ଭିତରେ ଗାଁ ମଶାଣି ପାରିହୋଇ କୁଆଡେ ତା' ଘର । ବାଟ ଅନେକ, ଧୂଳି ଅନେକ ! ଆଉ ବେଳ ନାହିଁ ।

ସବୁ ସରିଗଲେ ନିଶ୍ଚୟ କ୍ଲାନ୍ତ ଲାଗେ, କିନ୍ତୁ ବେଶି କ୍ଲାନ୍ତ ଲାଗେ ଯଦି ଶେଷ ବେଳକୁ ଅନୁଭବ ହୁଏ ଯେ ସେ ଠକିଯାଇଛି, ଯାହା ହୁଏତ ଦେଇଛି, ତା'ଠାରୁ ଢ଼େର କମ୍ ପାଇଛି ବା ଆଦୌ ପାଇନାହିଁ । କେବଳ ହାଟ ବାହୁଡା ପାଇଁ ନୁହେଁ, ଜୀବନର ଗୋଟାଏ ନିର୍ଦ୍ଦିଷ୍ଟ ମୋଡ ପାଖରେ ଏହିଭଳି ସବୁ ହାରିଯାଇଥିବା, ସବୁ ଠକିଯାଇଥିବା ମନୋଭାବ ଆସି ପହଞ୍ଚିଯାଏ । ବୟସ ସେତେବେଳକୁ ଢ଼ଳିଆସିଥାଏ । ଯେଉଁମାନଙ୍କଠାରୁ ସେ ଅକାତର, ଅକୁଣ୍ଠିତ ସ୍ନେହ ଆଦର ପାଇ ବଢ଼ି ଆସିଥିଲା, ସେ ପିତୃକୁଳକୁ ହୁଏତ ସେ ଶ୍ମଶାନରେ ବିସର୍ଜି ଆସିଥାଏ । ଚାରିଆଡକୁ ଚାହିଁ ଦେଖିଲେ ବନ୍ଧୁ କୁଟୁମ୍ବୀ ସମସ୍ତେ ଯେ ଯାହାର ଧନ୍ଦାଧରି ବ୍ୟସ୍ତ ଥାଆନ୍ତି । ତା'ଆଡିକୁ ଫେରି ଚାହିଁବାକୁ ତାର ଅବସର ନଥାଏ । ଘର ଭିତରେ ମଧ୍ୟ ମମତାର ଡୋର ହୁଗୁଳି ଆସିଥାଏ । ସେ ଅନୁଭବ କରେ ଯେ, ଏଥର ବାହୁଡିଗଲେ ହୁଏ । ଜୀବନଧର୍ମ ଯାହା ଉପରକୁ ଶିଖାମେଲି ଜଳି ଉଠୁଥିଲା, ତା' ଶେଷରେ ଇନ୍ଧନଗର୍ଭକୁ ନଇଁଆସେ । ସେ ପ୍ରସ୍ତୁତ ହୋଇଯାଏ ବଞ୍ଚିବା ପାଇଁ ନୁହେଁ, ଆଉ ଗୁଡିଏ ଜଳିବା ବା ଜାଳିବା ପାଇଁ ନୁହେଁ, ଏଠୁ ସଉଦା ସାରି ଫେରିଯିବାକୁ । ଏ ନିର୍ମମ ବ୍ୟବସାୟୀଙ୍କ ହାଟରେ ସମସ୍ତେ ଛକି ବସିଛନ୍ତି ଲାଭ ଉଠାଇବାକୁ । ସୁବିଧା ପାଇଲେ କେହି କାହାକୁ ତିଳେ ଛାଡିବେ ନାହିଁ । ବଣଜନ୍ତୁ ସିନା ତାଙ୍କ ନଖ, ଦାନ୍ତ, ଲାଙ୍ଗୁଡ ଲୁଚାଇ ପାରନ୍ତି ନାହିଁ, କିନ୍ତୁ ମଣିଷ ସବୁ ତା ପେଟ ଭିତରକୁ ଢ଼ୋକିଦେଇ ଉପରେ ଚିକ୍କଣ ହୋଇ ବସିଥାଏ । ତାକୁ ଥରେ ଚିହ୍ନିଦେଲେ ମନ ଛି ଧରିଯିବ । ଆଉ ନୁହେଁ, ଏଗୁଡାକୁ ବିଶ୍ୱାସ କରି ପାଖେଇ ହେବ ନାହିଁ ।

ହୁଏତ ହାରିଗଲେ ମନ ଭିତରେ ହତାଶା, ଗ୍ଲାନି, ଆରପକ୍ଷପାଇଁ କିଛି କ୍ରୋଧ, ଆକ୍ରୋଶ ସବୁ ମିଶି ଗୋଟାଏ ଧୂଆଁ ସୃଷ୍ଟି କରିଥାନ୍ତି, କିନ୍ତୁ କିଛି ସମୟ ପରେ ଝାଳ ସରସର ଦେହକୁ ଗୋଟାଏ କ୍ଲାନ୍ତି ମାଡି ଆସେ । କେମିତି ଆଉ ଖଣ୍ଡେ ବାଟଗଲେ ଟିକିଏ ଏ କୋଳାହଳରୁ ମୁକ୍ତ ହୋଇପଡିବାକୁ । ସବୁ ଚିଠା, ନଥିପାତ୍ର, ଦଲିଲ୍, ଦସ୍ତାବିଜ୍ ଉପରେ ସୂତା ଗୁଡେଇ ଥୋଇଦେବାକୁ ମନ ଡାକେ । ମନ ଏତିକିବେଳେ ଥକି ଯାଇଥାଏ । ଆଉ କାରବାର ପାଇଁ ତା' ଭିତରେ ମୋଟେ ପ୍ରବୃତ୍ତି ହୁଏ ନାହିଁ । ହେଲା, ଗୋଟି ଗୋଟି କରି ସମସ୍ତଙ୍କୁ ପରଖି ସାରିଲାଣି । କାହା ପାଖରେ କିଛି ନାହିଁ । ସେମାନେ ସମସ୍ତେ ମୋ ପରି ଗୋଟାଏ ଗୋଟାଏ ବିଡମ୍ବିତ ଜୀବ । ଆହା ବିଚାରାମାନେ –

ଏଭଳି ବୁଝିଗଲାପରେ ତାର ଯେଉଁ ସହନଶୀଳତା ଆସେ, ଯେଉଁ ପ୍ରଶାନ୍ତି ଆସେ, ଯଦି ସେଭଳି ମୂଳରୁ ଆରମ୍ଭ କରିଥାନ୍ତା, ସଂସାର ବ୍ୟବସାୟରେ କେହି ତାକୁ ଠକି ପାରିନଥାନ୍ତେ । ସବୁ ବୁଝି ହିସାବ ନିକାଶ ଯୋଡିଲାବେଳକୁ କିନ୍ତୁ ବେଳ ଗତଗତ । ସେ ଖୁବ୍ ଡେରିରେ ଚିହ୍ନେ । ସେଭଳି କେତେଜଣ ପୁଣି ଫେରିଆସି କୋଳାହଳ ଭିତରେ ନୂଆ ପରୀକ୍ଷା କରିବାକୁ ମଧ୍ୟ ପ୍ରୟାସ କରିଛନ୍ତି । ନଈଧାର ପରି ପଛକୁ ଫେରିବା ଏ ସ୍ରୋତରେ ମଧ୍ୟ ସମ୍ଭବ ନୁହେଁ । ଯଦି ସମ୍ଭବ କିନ୍ତୁ ସ୍ଥାୟୀ ସ୍ୱାଭାବିକ ନୁହେଁ ।

Digitized by srujanika@gmail.com

ଏ ନୂଆ ମୂଲ୍ୟାଙ୍କନ ବେଳେ ହତାଶା ତ ନିଶ୍ଚୟ ଆସେ, କିନ୍ତୁ ହାଟ ବାହୁଡା ମନର ସେ ଗୋଟିଏ ବ୍ୟଭିଚାରୀ ପ୍ରକ୍ରିୟା, ସେ ଖୁବ୍ ଶୀଘ୍ର ଚାଲିଯାଇ ଗୋଟିଏ ସ୍ଥାୟୀ ଭାବ ଆସେ, ତା' ହେଲା ନିସ୍ପୃହା - ନିର୍ଲିପ୍ତତା, ଗୋଟାଏ ଅସମ୍ପର୍କ । ସେ ଆସ୍ତେ ନିଜକୁ ଏକୁଟିଆ ଅନୁଭବକରେ, ସତେ ବା ସେ ଏତେ ବଡ ପୃଥିବୀରେ ଜଣେ ଅପରିଚିତ ବିଦେଶୀ- ଅସମ୍ପର୍କରେ ମାନ ଅପମାନ, କ୍ରୋଧ ଘୃଣା ଆଦି ସମ୍ଭବ ନୁହେଁ - ସେସବୁ ନିର୍ଦ୍ଦିଷ୍ଟ ସମ୍ପର୍କର ପ୍ରତିକ୍ରିୟା - ସମ୍ପର୍କ ହୁଗୁଳିଗଲେ ବଡୀଖୁଣ୍ଟପରି ସେ ଠିଆ ରହିଯାଏ । ହଜାର ବାଟୋଇ ତା ପାଖଦେଇ ଚାଲିଯାନ୍ତି, ଏ ନିର୍ଲିପ୍ତତା ମଧ ଆସ୍ତେ ଉଦାର ହୋଇଯାଏ, ଖୁବ୍ ବିସ୍ତୃତ ବେଳାବାଲି ଉପରେ କାକର ଝରିଯାଏ । ସେ ଅସମ୍ପର୍କ ଭିତରେ ହିଁ ସମସ୍ତଙ୍କୁ ଭଲପାଏ । କାହାକୁ ଜାଣେ ନାହିଁ, ପରିଚୟ ମାଗେ ନାହିଁ । ବାର୍ତ୍ତାଳାପ ମଧ କରେ ନାହିଁ । ଅଥଚ କେମିତି ଗୋଟାଏ ବିଚିତ୍ର ଭାବରେ ସେ ତାକୁ ଭଲ ପାଇଯାଏ । ଏ ଭଲ ପାଇବାରେ କିନ୍ତୁ ବାଛବିଚାର କିଛି ନାହିଁ । ଅଧିକାର ଜାହିର କରିବାର ବ୍ୟଗ୍ରତା ନାହିଁ । କିଛି ପାଇଯିବାର ଉତ୍କଣ୍ଠା ନାହିଁ । ସେ ନିର୍ବିଚାରରେ ସମସ୍ତଙ୍କୁ ସହିପାରେ, ସବୁ ଗ୍ରହଣ କରିପାରେ । ତା'ର ଯେଉଁ କେନ୍ଦ୍ରରେ ପ୍ରୟୋଜନବେଳେ ଜୁଆର ଉଠୁଥିଲା ଏବଂ ତାକୁ ଅସ୍ଥିର କରୁଥିଲା, ତା ଆଉ କାମ କରେ ନାହିଁ । ସୁନ୍ଦର ଅସୁନ୍ଦର ଭଲମନ୍ଦର ମଝି ପାଚେରି ଆସ୍ତେ ଭାଙ୍ଗିପଡେ - ସେଇ ଅନୁପାତରେ ଭାଙ୍ଗିପଡେ ମନ ଭିତରର ରାଗ, କ୍ଲେଶ, ମମତାର ଡୋଳି ଧରିଥିବା ସମ୍ପର୍କ ସବୁ! ସଂସାର ବେପାରରେ ଏଗୁଡିକ ଆମେ ଦେଉ ଏବଂ ପ୍ରତିଦାନରେ କିଛି ପାଉ ।

ହାଟରୁ ବାହୁଡିବାବେଳେ ସେଇ ପଶୁଟି ସହିତ ପଘା ସମ୍ପର୍କ ରଖିବାକୁ ପଡିଥାଏ । ଶରୀର ଧର୍ମ ସମ୍ପୂର୍ଣ୍ଣ ମୁକ୍ତ ସନ୍ନ୍ୟାସରେ ମଧ ବିଲୁପ୍ତ ହୁଏ ନାହିଁ । ଶେଷ ପର୍ଯ୍ୟନ୍ତ ସେ ତା'ର ଦାବୀ ବଜାୟ ରଖେ । ତିଳେ ଛାଡେ ନାହିଁ, କିନ୍ତୁ ଉପାୟ କ'ଣ ? ସେ ବିଚାର ମଧ ଅସହାୟ । ଅରଣ୍ୟର ଅଜଗର ପରି ତାକୁ କର୍ମକଷଣ ସହିବାକୁ ପଡେ । ତାହାରି ପରିସର ଭିତରେ ଜନ୍ମମୃତ୍ୟୁ, ଜରାବ୍ୟାଧି ଯଥାବିଧି ସଂକ୍ରମିତ ହୁଅନ୍ତି । ଯନ୍ତ୍ରପରି ଚାରୋଟି ଖୁରାରେ ଏ ଜଡପିଣ୍ଡଟି ସେ ପଘାଟି ସକାଶେ ଭିଡିହୋଇ ଚାଲିଥାଏ । ମୁହଁ ସଞ୍ଜବେଳେ ଯେତେବେଳେ ଅସୂର୍ଯ୍ୟ ଆକାଶରେ ବିସ୍ତୀର୍ଣ୍ଣ ଅନ୍ଧକାର ନଇଁ ଅସୁଥାଏ, ପରିଶ୍ରାନ୍ତ ହାଟ ବାହୁଡା ପଘାଟାକୁ ହୁଗାଳିଦିଏ ।

❖❖❖

Digitized by srujanika@gmail.com

ଶୂନ

ଛାତ୍ର-ଜୀବନର ଅନେକ ଛୋଟ ଛୋଟ ଆନନ୍ଦ ଭିତରୁ ଗୋଟିଏ ହେଲା ଯେ, ବୀଜଗଣିତର ଶତପଦୀ ବିଛାପରି ଲମ୍ୱା ଏବଂ ପାହାଡ଼ିଆ ଭଗ୍ନାଂଶରେ ବୋଝେଇ ହୋଇଥିବା ଗୋଟିଏ ଖୁବ୍ ଜଟିଳ ଅଙ୍କଟାକୁ ସରଳ କରୁ କରୁ ସବୁ ଛିଣ୍ଡିଯାଇ ଶେଷକୁ ଫଳ ପଡ଼ିଯାଏ ଶୂନ । ଶୂନ ଫଳ ପଡ଼ିଗଲେ ଆଉ କାହାକୁ ପଚାରିବା ଦରକାର ନାହିଁ । ସେଇଟା ନିଶ୍ଚୟ ଠିକ୍, ସେଥିରେ ଭୁଲ୍ ହେବାର ସମ୍ଭାବନା ନାହିଁ । ସେ ଅଦ୍ଭୁତ ଜଙ୍ଗଲ କାଟି କାଟି ଯଦି ଆଉ ଜଣେ ବାହାଦୂର ଯାଇ ଗୋଟିଏ ଅଛିଣ୍ଡା ଗଣ୍ଠିଆ ଭଗ୍ନାଂଶଠେଇଁ ହାବୁଡ଼ିଗଲା, ସେ ନିଜେ ଜାଣିଯାଏ ଯେ ସେ ଭୁଲ୍, ତା' ବାଟ ଭୁଲ୍, ତା' ପାଠ ଭୁଲ୍ - ସବୁ ଭୁଲ୍ । ଅଙ୍କ ଶେଷରେ ଯେଉଁ ଛୋଟିଆ ଶୂନଟିକୁ ବିରାଟ ଖୋଳ ଭିତରୁ ମୁକ୍ତାମଞ୍ଜିପରି ଖସେଇ ଦେଇ ଆରଜଣକ ବିଭୋର ହୋଇ ବସିଥାଏ, ତାକୁ ଏ ବିଚାରା ଖୋଜି ଖୋଜି ପାଏନାହିଁ । ପାଏ କୌଣସି କୁରାଢିରେ ଛିଣ୍ଡୁ ନଥିବା ଗୋଟାଏ ସୁବୃହତ୍ ଗଣ୍ଠି - ପାଞ୍ଚଶ' ଉଣେଇଶର ତିନିଶ' ସତର ! ତା'ର ଝାଳ ଫିଟିଯାଏ । ସେ ତେଣିକି ଜାଣିଯାଏ ଯେ, ଏଠି ଲୁଚି ରହିଥିବା ଶୂନଟି ହୁଏତ ଅତିକାୟ ରୂପରେ ପରୀକ୍ଷା ଖାତାର ଖୋଳ ଉପରେ ଆସି ଗୋଟାଏ ହାତୀଖୋଜପରି ପଡ଼ିବ । ତା' ତଳେ ଚିପି ହୋଇ ମରିଯିବ ତା'ର ସବୁ ସମ୍ମାନ, ସବୁ ଆଶା, ଆକାଙ୍‌କ୍ଷା । 'ଶୂନ'ର ଏପରି ଆବିର୍ଭାବ ହୁଏତ ଚୂଡାନ୍ତ ପରାଜୟ ବିପର୍ଯ୍ୟୟ ଏବଂ ମୃତ୍ୟୁର ସୂଚନା, କିନ୍ତୁ ସେ ଦିଶେ ବଡ଼ ନିରୀହ ! କିଛି ବାଙ୍କ ନାହିଁ, ଆଙ୍କୁଡ଼ା ନାହିଁ, ଛନ୍ଦଣି ନାହିଁ ! ବର୍ତ୍ତୁଳ ସ୍ୱୟଂସମ୍ପୂର୍ଣ୍ଣ, ଆତ୍ମାରାମ ଜିନିଷଟିଏ ! ସେ ଦିନେ ସିନା ସେମିତି ସରଳ, ତାକୁ ଯଦି ଆଉ ଟିକିଏ ବଡ଼ କରିବାକୁ ଗୁଣନ କର, ସେ ଗୁମାନରେ ମୋଟେ ଘୁଞ୍ଚେ ନାହିଁ । କହେ, ''ମତେ ତମେ ଆଉ ବଡ଼ କରିପାରିବ ନାହିଁ, ମୁଁ ପରା ଅନନ୍ତ । ଯଦି ପ୍ରମାଣ ଚାହଁ, ମୋତେ ଭାଗକରି ପରୀକ୍ଷା କର !'' - ଏହିପରି ଗଣିତ ଶାସ୍ତ୍ର ଭିତରେ ଏ ନିରାଲମ୍ବ ପେଣ୍ଡୁଟି ନାନା ବିଚିତ୍ର ଖେଳ ଖେଳିଯାଏ ।

ଏ ପେଣ୍ଡୁଟି କିନ୍ତୁ ଗଡ଼େନାହିଁ । ଶୂନର ଗତି ସମ୍ଭବ ନୁହେଁ, ସେ ସ୍ଥିର ଅଚଞ୍ଚଳ । ସେ କେବଳ ଥାଏ । ଶାମୁକାର ହାଡ଼ ମାଂସ ଆବରଣ ଭିତରେ ମୁକ୍ତା ମଞ୍ଜିଟି ଯେମିତି ଢଳ ଢଳ ହେଉଥାଏ, ପ୍ରାୟ ପ୍ରତ୍ୟେକ ବସ୍ତୁଭିତରେ ଶୂନ ସେଇଭଳି ସ୍ୱୟଂସମ୍ପୂର୍ଣ୍ଣ ହୋଇ ବିଦ୍ୟମାନ । ଆଖି ମେଲି ଦେଖୁଥିଲା ପର୍ଯ୍ୟନ୍ତ ଇଏ କାଠ, ସିଏ ପଥର, କିନ୍ତୁ ବସ୍ତୁବ୍ୟୂହକୁ ଭାଙ୍ଗିଦେଲେ ଯେଉଁ ଅଗଣିତ ଅଣୁ ଆସିଯାନ୍ତି, ସେମାନେ ସରଳୀକରଣର ପ୍ରଥମ କୁଟିଳ ବନ୍ଧନୀ । ସେଥିରୁ ଗୋଟିକୁ ଅତି ସୂକ୍ଷ୍ମ ଯନ୍ତ୍ର ଲଗେଇ ଫିଟେଇଦେଲେ ତା' ଭିତରୁ ଫାଉଁକିନା ଗୋଟିଏ ଶୂନ ବାହାରିଆସେ । ଦୁଇଫାଳ

Digitized by srujanika@gmail.com

ଖମ୍ବ ଭିତରୁ ସେ ବିଚିତ୍ର ବସ୍ତୁକୁ ଉହିଁକି ଆସିବାର ଦେଖି ପ୍ରହ୍ଲାଦ ମଧ ବିସ୍ମିତ ହୋଇଯାଏ । ସେଇଠି କାଠପଥର ମଝିରେ ଆଉ କୌଣସି ବ୍ୟବଧାନ ବା କୁଟୀଳବନ୍ଧନୀ ରହେନାହିଁ । ସେମାନେ ସବୁ ଗୋଟାଏ ପ୍ରକାଣ୍ଡ ଗ: ସା: ଗୁ:ରେ ଛିଣ୍ଡିଯାନ୍ତି, କିଛି ଅବଶେଷ ରହେନାହିଁ । ବୀଜଗଣିତର ବିଛା ଉଭେଇଯାଏ, ସମଗ୍ର ବସ୍ତୁ ତୋରଣ ଉଭେଇଯାଏ । ପରମ ସତ୍ୟଟି ବର୍ତ୍ତୁଳ ରୂପରେ ଆସି ସବୁ ସମାଧାନ କରିଦିଏ । ଆମେ ପରମ ଆଶ୍ୱସ୍ତିରେ ପରମ ଆହ୍ଲାଦରେ ଏବଂ ସତ୍ୟଧର୍ମର ନିଷ୍କମ୍ପ ସ୍ୱରରେ କହୁ, ''ଏସବୁ ସମାନ ଶୂନ ! ଅଣୁଠାରୁ ମହାକାଶ ପର୍ଯ୍ୟନ୍ତ ସବୁ କେବଳ ଗୋଟିଏ ଶୂନ । ଆମକୁ ଯାହା ରୂପ ରଙ୍ଗ ଦିଶେ, ସେଗୁଡ଼ିକ କେବଳ ସେଇ ବିଭିନ୍ନ ଦୈର୍ଘ୍ୟର ଗୁଡ଼ିଏ ଜଟିଳ ବନ୍ଧନୀ !

ଶୂନଟି ଗୋଟିଏ ନୀରବଶେଷ ଅବସ୍ଥା । ଯାହା ଥିଲା ତାହା ସେଥିରୁ ଆଦାୟ ହୋଇଗଲେ ବାକି କିଛି ରହେନାହିଁ । ଟଙ୍କା ପଇସା ପରି ମଣିଷ, ପଶୁ, ପକ୍ଷୀ ସବୁ ନିଃଶେଷ ହୋଇଯାନ୍ତି । ପାଣିଗାର ସବୁ ଲିଭିଯାଏ । ଆମେ ଭାବୁ ରହେନାହିଁ, କିନ୍ତୁ ରହେ । ପାଣିର ଗାର ଲିଭିଯାଏ ସତ, କିନ୍ତୁ ପାଣି ଆସି ଭରପୁର ହୋଇଯାଏ । ସେଇଭଳି ସମସ୍ତଙ୍କର ମୂଳ ଉପାଦାନ ଏଇ ଶୂନ । ସେ ସମସ୍ତଙ୍କର ପ୍ରତିନିଧିତ୍ୱ କରେ, ସେମାନେ ଚାଲିଗଲେ ତାଙ୍କର ସ୍ଥାନ ପୂରଣ କରେ । ଶୂନ-ସମୁଦ୍ରରେ ସମସ୍ତେ ପାଣିଗାର ପକେଇ ଚାଲିଥାନ୍ତି । ସେଥିରେ ତରଙ୍ଗ ସୃଷ୍ଟି ହୁଏ ନିଶ୍ଚୟ, ସେହିପରି ସଂଘର୍ଷ ମଧ ହୁଏ । ଫେନ, ଶୀକାର କିଛି ସମୟ ପାଇଁ ନିଜର ଅସ୍ତିତ୍ୱ ଜାହିର କରନ୍ତି । ତା'ପରେ କିନ୍ତୁ ସେଇ ନିସ୍ତରଙ୍ଗ ବର୍ତ୍ତୁଳ ସତ୍ୟ ହିଁ ରହିଯାନ୍ତି, ପାରଦ ଟୋପାପରି ଶୁଭ୍ର, ନିଜ ଗୁରୁତ୍ୱରେ ନିଜେ ପ୍ରତିଷ୍ଠିତ, କାଳହୀନ, ଦିଗହୀନ, ନିର୍ଗୁଣ, ଶୂନ୍ୟ !

ପିଲାଦିନର ଅଭ୍ୟାସବଶତଃ କାଳେ ଅବଧାନେ ନିର୍ବୋଧ ଚତୁଷ୍ପଦ କହି ଗାଳିଦେବେ, ଏଇ ଭୟରେ ଆମେ ଶୂନଟିକୁ ସେତେ ଖୋଲାଖୋଲି ଭଲ ପାଇପାରୁନା । ସେ ମଧ ଅତି ତୀବ୍ର ଅସହାୟତାର ପ୍ରତୀକରୂପେ ଆସି ଉଭା ହୋଇଯାଏ । ମାସର ଶେଷାଂଶରେ ଚାକିରିଆ ହାତବାକ୍ସ ଦରାଣ୍ଡି ଦେଖେ ଯେ ସବୁ ଖର୍ଚ୍ଚ ସରି ଆଉ ବାକି ସାତଦିନ ପାଇଁ କପର୍ଦ୍ଦକ ନାହିଁ । ଗୃହିଣୀ ହାଣ୍ଡି ଦରାଣ୍ଡି କେବଳ ତା'ର ବିଶୁଦ୍ଧ ଆୟତନ ଅନୁଭବ କରନ୍ତି, ତଣ୍ଡୁଳକଣାଟିଏ ମଧ ନଥାଏ । ରାହୁର ଛାୟାପରି ଗୋଟିଏ କୃଷ୍ଣରୂପ ଆସ୍ତେ ମଡେଇ ହୋଇପଡ଼େ ନିରାଶ ପରିବାର ଉପରେ । ବୁକୁ ଭିତରୁ ନିଃଶ୍ୱାସ ସରିଆସେ । ଆତଙ୍କ, ଆଶଙ୍କାରେ ସେମାନେ 'ଶୂନ'ଟିକୁ ତା'ର ନିର୍ବାତ ପରିଧି ଭିତରେ ଅନୁଭବ କରନ୍ତି, ଲୁଣର କଣ୍ଢେଇଟି ସତେ ବା ସମୁଦ୍ର ଲହରୀରେ ନିର୍ବିରୋଧ ମିଳେଇଯାଏ । ... ଆଉଦିନେ ସେପରି ସେ ଅନୁଭବ କରନ୍ତି ଯେ ତା' ଭୋଜି ପରେ ପଞ୍ଚାବନ ବର୍ଷ ସରିଗଲା । ଅଶିଣ ସନ୍ଧ୍ୟାରେ ବିଗତ ବର୍ଷଗୁଡ଼ିକର ଭାର ଭାର ସ୍ୱପ୍ନ ଉପରେ ମଡ଼େଇ ହୋଇପଡ଼େ ବୀଜଗଣିତର ଚୂଡ଼ାନ୍ତ ଫଳ, ସବୁ ବନ୍ଧନୀ ଖସିପଡ଼ିଲା ପରେ ସେଇ ନିରାବରଣ ଚୂଡାନ୍ତ ଶୂନ - ଯାହାପରେ ଖାତା ଲେଉଟେଇ ଦିଆହୁଏ, ଯାହାକୁ ଆଉ ସନ୍ଦେହ କରିବାରେ କିମ୍ବା ତାର ସତ୍ୟତାକୁ ପ୍ରଶ୍ନ କରିବାର ଅବକାଶ ନଥାଏ । ବିଦାୟ ମୁହୂର୍ତ୍ତର ଏଇ ସାକାର ରୂପକୁ ପ୍ରତିଟି ବାଷ୍ପରୁଦ୍ଧ ନିଃଶ୍ୱାସରେ ଅନୁଭବ କରିଥିବେ ରାଜା ଦଶରଥ, ଯେତେବେଳେ ସୁମନ୍ତ ଶୂନ୍ୟରଥ ନେଇ ଫେରିଆସିଥିବ ଏବଂ କହିଥିବ ଯେ ରାମ, ଲକ୍ଷ୍ମଣ ଓ ସୀତା ବନଗମନ କଲେ, ଅକ୍ରୂର ରଥ ଅଦୃଶ୍ୟ ହୋଇଯିବା ପରେ ଅନୁଭବ

Digitized by srujanika@gmail.com

କରିଥିବେ ଗୋପୀକୁଳ ଏବଂ ଅନୁଭବ କରିଥିବେ ଶଚୀ ଦେବୀ ଯେତେବେଳେ 'ନିମାଇଁ' ପଛକୁ ନ ଚାହିଁ ଚାଲିଯାଇଥିବେ ସବୁଦିନ ପାଇଁ ! ଏ ଅନୁଭବ ଶୂନ୍ୟତାର ଅନୁଭବ, ଗୋଟାଏ କ୍ରମବର୍ଦ୍ଧିଷ୍ଣୁ ଅସହାୟତାର ଅନୁଭବ, ସେଇଠାରୁ ସବୁ ମନୋରଥ ସରିଯାଉଥିବାର ଗୋଟିଏ କାତର ଅନୁଭବ !

ହଠାତ୍ ମନେହେବ ଯେ ଏ ଅନୁଭବଟି ଗୋଟିଏ ଯନ୍ତ୍ରଣା, ବିରହ ବିଚ୍ଛେଦର ଶୋକାଚ୍ଛନ୍ନ ମୁହୂର୍ତ୍ତର ଯନ୍ତ୍ରଣା ! କିନ୍ତୁ ତାହା ନୁହେଁ । ଶୂନ୍ୟତାର ଅନୁଭବ ଗୋଟିଏ ଦିଗହରା ଅନନ୍ତ ବିସ୍ତୀର୍ଣ୍ଣତା । ହଠାତ୍ ମହାକାଶକୁ ଗଳିପଡ଼ିବାର ଅନୁଭବ ! ଭୟ, ବିରହର ଯନ୍ତ୍ରଣା, ଏପରିକି ଅତି ଅସହାୟ ଏକାକୀତ୍ୱ ମଧ୍ୟ ପରବର୍ତ୍ତୀ ପ୍ରତିକ୍ରିୟା ମାତ୍ର । ଶୂନ୍ୟାବସ୍ଥାରେ ସୁଖ ଦୁଃଖ ନାହିଁ । ସେ ନିରାଲୋକ ଛାୟା ରାଜ୍ୟରେ ଏକାନେକର ବିଭେଦ ନାହିଁ । 'ଧନପକ୍ଷ' ଏବଂ 'ଋଣପକ୍ଷ'ର ଯେଉଁଠି ସ୍ୱଭାବ ସଂହାର ହୁଏ, ଅଗ୍ନୀନ୍ଧନ ପରି ସେଉଁଠି ସେମାନେ ପରସ୍ପରକୁ ନିଃଶେଷ କରିଦିଅନ୍ତି, ସେଇ ନିରାଲମ୍ବ ଅବସ୍ଥା ହିଁ ଶୂନ । ସେଇଠି ଯନ୍ତ୍ରଣା ଅନୁଭବ କରିବା କିମ୍ବା ପୂର୍ଣ୍ଣାନନ୍ଦ ଅନୁଭବ କରିବା ପରବର୍ତ୍ତୀ ବିକାର । ତଥାପି ଜଣାପଡ଼େ ଯେ ସେଇଭଳି ଦୁଇଟି ନିର୍ଦ୍ଦେଶକ ରେଖା ଉଭୟ ପାର୍ଶ୍ୱରେ ସୀମା ରକ୍ଷା ନ କଲେ ଏ ମଧ୍ୟବର୍ତ୍ତୀ ଶୂନ୍ୟଟିକୁ ବୁଝିବା କଠିନ । ଦୁଇଟି ବିପରୀତ ଧାରା ପରସ୍ପରକୁ ନିଃଶେଷ କରୁଥିବା ପ୍ରକ୍ରିୟାର ଅବିଚଳିତ ରୂପହିଁ ଶୂନ୍ୟ, ଆୟବ୍ୟୟ ପରି, ଅଗ୍ନି ଇନ୍ଧନ ପରି, କିନ୍ତୁ ଘଟାକାଶ ଭଳି ଶୂନ୍ୟର ଏହା ଗୋଟିଏ ଲୌକିକ ରୂପ ମାତ୍ର । ଏହାର ସ୍ୱରୂପ ସୂକ୍ଷ୍ମାତିସୂକ୍ଷ୍ମ ଅଣୁଗର୍ଭରୁ ପରମବ୍ୟୋମର ଶେଷସୀମାକୁ ଅତିକ୍ରମ କରି ବିଦ୍ୟମାନ । ସେହିଠାରେ ଅଗ୍ନି-ଇନ୍ଧନ ପରି ସଂସାର ପ୍ରବାହ ; ଅସଂଖ୍ୟ ଜ୍ୱଳନ୍ତ ଉଲ୍‌କାପିଣ୍ଡର ଘୂର୍ଣ୍ଣନ ସବୁ ନିଶ୍ଚିହ୍ନ ହୋଇ ଶୂନ୍ୟରୂପ ହୋଇଯାଆନ୍ତି । ଏ ଅନୁଭବ ପାଇଁ ବୁଦ୍ଧଙ୍କ ଶରଣ ନେବାକୁ ହେବ କିମ୍ବା ଅନ୍ତତଃ ନେମାଳ ଗାଦି ପାଖରେ ସର୍ବତ୍ୟାଗୀ ଠେକା ଭିଡ଼ିବାକୁ ପଡ଼ିବ ।

ଏକଠାରୁ ପରାର୍ଦ୍ଧ ପର୍ଯ୍ୟନ୍ତ ଚମତ୍କାର ସଂଖ୍ୟା ସୌଧରେ ବିଚରଣ କରୁଥିବା ଅର୍ଥନୀତି ଏବଂ ତତ୍‌ସଂଲଗ୍ନ ରାଜନୀତି ଓ ଅନ୍ୟାନ୍ୟ ଅସଂଖ୍ୟ ନୀତିରେ ଏ ବିପୁଳ ସଂସାରକୁ ବିଳସୁଥିବା କୌଣସି ମହାଶୟଙ୍କୁ ଶୂନ୍ୟ-ବିହ୍ୱଳ କରି ଗେରୁଆ ପିନ୍ଧେଇବାର ଅଭିସନ୍ଧି ଏଇଠି ନାହିଁ, କାରଣ ନିରାଲମ୍ବ ଶୂନ୍ୟକୁ ଚରମ ସତ୍ୟରୂପେ ଗ୍ରହଣ କରିପାରିବାର ସାହସ ବା କ୍ଷମତା ଏ ଲେଖକର ମଧ୍ୟ ନିଶ୍ଚୟ ନାହିଁ । ସାଧାରଣ ଜୀବନରେ ସାମାନ୍ୟ ଶୂନ୍ୟାଭାସ ଦିଶିଗଲେ କିପରି ପାଦତଳୁ ଭୂଇଁ ଅପସରିଯାଏ, କିପରି ଗୋଟିଏ ସଦ୍ୟ ଉନ୍ମୂଳିତ ବୃକ୍ଷର ଅନୁଭବ ଆସି ସମଗ୍ର ଚେତନାକୁ ଆଚ୍ଛନ୍ନ କରିପକାଏ, ତାହା ସମସ୍ତଙ୍କୁ ଊଣାଅଧିକେ ଗୋଚର ଅଛି । ଏକଦା ପରିପୂର୍ଣ୍ଣ ଟଙ୍କାଥାଳି ପରି ଖୁବ୍ ମୂଲ୍ୟବାନ୍ ବ୍ୟକ୍ତି ଏବଂ ବସ୍ତୁ ମଧ୍ୟ ଖାଲି ହୋଇଯାଆନ୍ତି । ତାଙ୍କ ଭିତରେ ମଧ୍ୟ ଦରାଣ୍ଡିଲେ ସେହିପରି ଶୂନ୍ୟ ଅନୁଭବ ହୁଏ । ଏମାନଙ୍କ ମୂଲ୍ୟ ଉପରେ ନିର୍ଭରଶୀଳ ନିଜର ମୂଲ୍ୟ ମଧ୍ୟ ତଦନୁଯାୟୀ ଖର୍ଚ୍ଚ ହୋଇଯାଏ । ଏପରି ଜୀବନରେ ବିଭିନ୍ନ ମୁଦ୍ରାର ମୂଲ୍ୟ ହ୍ରାସ ଘଟୁଥିବାବେଳେ ଶୂନ୍ୟର ଅନୁଭବ କ୍ରମଶଃ ଅଧିକରୁ ଅଧିକ ଭୂମି ଉପରେ ମଡ଼େଇ ହୋଇଆସେ । ସେଇ ନିରୀହ ଅବସ୍ଥାରେ ସାମାନ୍ୟ ଅନୁଶୀଳନ ଓ ମନନ କଲେ ଶୂନ୍ୟ ହିଁ ମୂଳ ସତ୍ୟରୂପେ ପ୍ରତିଭାତ ହୁଏ । ଚୂଡାନ୍ତ ବୈରାଗ୍ୟର ଉଦୟ ହୁଏ । ମନେହୁଏ 'ପ୍ରଦୀପସୂତ୍ର' ହିଁ ସତ୍ୟ ନିର୍ବାଣ ଦୀପରେ ଶୂନ୍ୟତାର ଅନୁଭବ ହୁଏ । ଯେତେବେଳେ କିନ୍ତୁ ସର୍ବତ୍ର ନିରାଶ ହୋଇ ତଥାଗତ ନିରାଶ ମଧ୍ୟ ହେବାକୁ ପଡ଼େ ଏବଂ ସତ୍ୟରୂପେ

Digitized by srujanika@gmail.com

ଗୃହୀତ 'ଶୂନ୍ୟ'ର ଶୂନ୍ୟତା ଆସି ପ୍ରସ୍ତାବିତ ସମ୍ଭାବନା ରୂପେ ଉପସ୍ଥାପିତ ହୁଏ ସେତେବେଳେ ମନନ କ୍ରିୟା ସ୍ତମ୍ଭିତ ହୁଏ, ବାକ୍ ପାଣି ନିରୁଦ୍ଧ ହୋଇଯାନ୍ତି, ଘନ-ନୀରବତା ଭିତରେ ଜୀବନ ଦୀପ ମହାଶୂନ୍ୟରେ ନିର୍ବାପିତ ହୁଏ ।

ଯଦି ସେଭଳି ହେଉଥାଏ ହେଉ, ସେଥିରେ ଆମର କିଛି କହିବାର ନାହିଁ, କିନ୍ତୁ ସେଭଳି ନ ହୋଇ ଯଦି ଆଉ ଭଳି ହେଉଥାଏ, ସେଥିରେ ବି କିଛି କହିବାର ନାହିଁ । ଶୂନ୍ୟାଭାସ ନ ଦେଖି ଜଣେ ଯଦି ଚିଦାଭାସ ଦେଖେ ଏବଂ ଶୂନ୍ୟରେ ନ ପହଞ୍ଚି ପର୍ଣ୍ଣରେ ହାବୁଡ଼ିଯାଏ, ସେଥିରେ ପାର୍ଥକ୍ୟ ଆଉ ବିଶେଷ କେଉଁଠି ରହିଗଲା । ଶୂନ୍ୟ ଏବଂ ବ୍ରହ୍ମ କେବଳ ଧାରେ ଧାରେ ଦୁଇଟି ବାଚକ ଶବ୍ଦ ମାତ୍ର, କିନ୍ତୁ ଉଭୟେ ଯେ ପରମବର୍ତ୍ତୁଳ ଏବଂ ଅଖଣ୍ଡ ମଣ୍ଡଳାକାର, ଏ ବିଷୟରେ ଅତତ୍ତ୍ୱବିତ୍‌ଙ୍କର ଅନ୍ତତଃ ସନ୍ଦେହ କରିବାର ନାହିଁ, କାରଣ ଶାସ୍ତ୍ରେ ସେପରି କହୁଛନ୍ତି । ଯଦି ଆପଣ ତତ୍ତ୍ୱବିତ୍ ହେବାକୁ ଚାହାନ୍ତି ଏବଂ ଅଧିକ ଶାସ୍ତ୍ର ହେବାକୁ ଚାହାନ୍ତି, ଅନ୍ତତଃ ଚୌରାଶୀଟି ଜନ୍ମ ପର୍ଯ୍ୟନ୍ତ ଆପଣଙ୍କୁ ନୟାନ୍ତ କଳାଭଳି ଅଗାଧ ଶାସ୍ତ୍ର ସମୁଦ୍ର ଗର୍ଜୁଛନ୍ତି । ଆପଣ ବୁଡ଼ା ମାରନ୍ତୁ । ଆମେ ସମସ୍ତେ 'ହୀନବଳ' ତଟସ୍ଥ ହୋଇ ଅପେକ୍ଷା କଲୁ ଆପଣଙ୍କର ମଣିମାଣିକ୍ୟର ସମ୍ଭାରକୁ ।

ଆମ ମତରେ କିନ୍ତୁ ଯେଉଁ ମହାପୁରୁଷ - ସେ ଆରବର ହୁଅନ୍ତୁ ବା ଭାରତର ହୁଅନ୍ତୁ - ପ୍ରଥମେ ଏ ସଂଖ୍ୟାରୂପକ ମନ୍ତ୍ର ଦର୍ଶନ କରିଥିଲେ, ସେ ପରମ ସତ୍ୟଦ୍ରଷ୍ଟା ଋଷି ଏବଂ ଯଦି ସେ ହିଁ ଗାଣିତିକ 'ଶୂନ'ର ମଧ୍ୟ ପ୍ରଥମ ଦ୍ରଷ୍ଟା, ତା'ହେଲେ ତାଙ୍କୁ ସମଗ୍ର ମାନବ ଜାତିର ଅକୁଣ୍ଠିତ କୃତଜ୍ଞତା ଜ୍ଞାପନ କରାଯାଉ । ଏଇ ବର୍ତ୍ତୁଳ ରେଖାଙ୍କିତ ସତ୍ୟ ହିଁ ଧର୍ମ ଦର୍ଶନ ଓ ବିଜ୍ଞାନର ମୂଳପିଣ୍ଡ, ପୂର୍ଣ୍ଣତା ଏବଂ ଶୂନ୍ୟତାର ଅଦ୍ୱିତୀୟ ପ୍ରତୀକ । ଯାର ଅବୟବ ନାହିଁ, ବକ୍ରତା ନାହିଁ, ଋଜୁ ସୀମା ମଧ୍ୟ ନାହିଁ । ଏହା ଏକ ଅତଳ ବିବରତ୍ୱ ଦ୍ୱାର ଚିହ୍ନ । ଏହା ହିଁ ନିତ୍ୟବର୍ତ୍ତମାନର ତୋରଣ । ଏଇ ବାଟେ ଭବିଷ୍ୟତ ଅତୀତ ଗର୍ଭରେ ଅଜାଡ଼ି ହୋଇଯାଏ, ଅସମ୍ଭୂତି ସମ୍ଭୂତିରେ ରୂପାୟିତ ହୁଏ । ସମଗ୍ର ପ୍ରବାହର ଅବସାନ ପରେ ଏ ବର୍ତ୍ତୁଳ ପରିଧିର ଅଦୃଶ୍ୟ କେନ୍ଦ୍ରରୁ ସୃଷ୍ଟି ସୀମା ପର୍ଯ୍ୟନ୍ତ ଗୋଟିଏ ନିସ୍ତରଙ୍ଗ ନିରଞ୍ଜନ ଏକକ ସତ୍ତା ନିଷ୍କମ୍ପ ବିରାଜିତ ହୁଏ ।

ଆପଣ ଏଇଟିକୁ ବ୍ରହ୍ମ କହିବାକୁ ଭାରି ଆଗ୍ରହୀ ଥିଲା ପରି ଜଣାପଡୁଛନ୍ତି । ଆମେ ତାକୁ କିନ୍ତୁ ଶୂନ୍ୟ କହିଦେବା ମାତ୍ରେ ଚାରିଟା ଶଙ୍କରାଚାର୍ଯ୍ୟ କାନ୍ଧରେ ଠେଙ୍ଗା ପକେଇ କ୍ଷେପି ଆସିବେ ଯେମିତି ବାହାରିଥିଲେ ତାଙ୍କ ଆଦିଗୁରୁ ସେଇ ଶୂନ୍ୟକୁ ଗୋଟେଇ ପୋଟେଇ ହିମାଳୟର ଆରପାରିକୁ ଟେକି ଗଡ଼େଇଦେବା ପାଇଁ । ଆମର କିଛି ଯାଏ ଆସେ ନାହିଁ । ଆପଣ ଯାହା କହିଲେ ମଧ୍ୟ ଏବଂ ତା'ର ମଧ୍ୟ କିଛି ଯାଏ ଆସେ ନାହିଁ । ତା'ର କାରଣ ହେଲା ପୂର୍ଣ୍ଣକୁ କେନ୍ଦ୍ରକରି ଯେଉଁ ମିଶାଣ ଫେଡ଼ାଣ ଅଙ୍କଟି ଅଦ୍ୱିତୀୟ ଶାନ୍ତିପାଠରୂପେ ଗୃହୀତ ହୋଇଆସିଛି ତାହା ଶୂନ ପାଇଁ ମଧ୍ୟ ସମାନ ମାତ୍ରାରେ ସମ୍ଭବ । ଶୂନରୁ ଶୂନ ଆଦାୟ କରିନେଲେ ଶୂନ ହିଁ ଅବଶେଷ ରହେ । ଆଶା କରାଯାଉ ଯେ ବ୍ରହ୍ମକୁ ଜାଣିଥିବା ଅବଧାନକୁଳ ଏଣିକି ପ୍ରକୃତ ଅଧିକାରୀ ଦେଖି ପରମ ଶୂନପାଇଁ ଆଗ୍ରହ ସୃଷ୍ଟି କରାଇବେ ଏବଂ ଅଙ୍କରେ ସର୍ବାଧିକ ଶୂନ ଫସଲ ଉଠାଇଥିବା ଶିଷ୍ୟମଣିଙ୍କୁ ନିର୍ବୋଧ ଚତୁଷ୍ପଦ କହି ଅପମାନ ନ କରିବେ ।

❖❖❖

Digitized by srujanika@gmail.com

ଦର୍ପଣ

ଏକଦା ଚୀନ ଦେଶର ଜଣେ ବୌଦ୍ଧ ସନ୍ନ୍ୟାସୀ ଗୋଟିଏ ଅଦ୍ଭୁତ ବସ୍ତୁ ଆବିଷ୍କାର କରି ଦେଖିଲେ ଯେ, ସେଥିରେ ମୁଣ୍ଡିତ ମସ୍ତକ ଗୋଟିଏ ଜୀବନ୍ତ ଆତ୍ମା ଆବଦ୍ଧ ରହିଛି । ବହୁବାର ସେଇ ଆତ୍ମାଟିକୁ ସେଥିରେ ଦେଖିସାରିବା ପରେ, ସେ ରକ୍ଷାକବଚ ରୂପେ ତାଙ୍କ ଶିଷ୍ୟଙ୍କୁ ତାହା ଦାନ କରିଦେଲେ । ତାଙ୍କ ଶିଷ୍ୟ କିନ୍ତୁ ସେଥିରେ ନିଜ ମୃତ ପିତାଙ୍କୁ ଆବିଷ୍କାର କଲେ ଏବଂ ପରମ ବିସ୍ମୟରେ ଲୁଚି ଲୁଚି ତାକୁ ଦେଖିବାକୁ ଲାଗିଲେ । ତାଙ୍କ ଆଚରଣରେ ସନ୍ଦେହ ପ୍ରକାଶ କରି ଦିନେ ତାଙ୍କ ପତ୍ନୀ ତାକୁ ମୁଣିରୁ କାଢ଼ି ଦେଖିବାରୁ ସେଥିରେ ଗୋଟିଏ ସୁନ୍ଦରୀ ତରୁଣୀଙ୍କୁ ଆବିଷ୍କାର କଲେ । ତା'ପରେ ଖୁବ୍ ସ୍ୱାଭାବିକ ଢଙ୍ଗରେ ଦାମ୍ପତ୍ୟ କଳହ ଆରମ୍ଭ ହୋଇଗଲା ଏବଂ ସନ୍ନ୍ୟାସୀ ସ୍ୱୟଂ ଆସି ମୀମାଂସା କରିବାକୁ ବାଧ୍ୟ ହେଲେ । ପରିଶେଷରେ ତିନିହେଁ ମିଶି ଆବିଷ୍କାର କଲେ ଯେ ବସ୍ତୁଟି ପୃଥିବୀର ପ୍ରଥମ ଦର୍ପଣ । ସେମାନେ ପ୍ରଥମ ଥର ପାଇଁ ଆବିଷ୍କାର କଲେ ନିଜକୁ, ପ୍ରଥମ ଥର ପାଇଁ କୌଣସି ପ୍ରତିବିମ୍ବକୁ ନିଜର ବୋଲି ଜାଣିବାର ଏକ ପ୍ରକାର ଗଭୀର ବିସ୍ମୟ ଏବଂ ଆନନ୍ଦର ଅନୁଭୂତି ସେମାନେ ଲାଭକଲେ । ସେହି ପ୍ରକାର କୌଣସି ପ୍ରଥମ ବିସ୍ମୟରେ ନାର୍‌ସିସସ୍ ଜଳ ଭିତରେ ନିଜର ପ୍ରତିବିମ୍ବକୁ ଦେଖି ସେଇଠାରୁ ଆଉ ଘୁଞ୍ଚିପାରି ନ ଥିବ । ସେ ଜାଣି ନ ଥିଲା ଯେ ତାର ରୂପ-ସୌନ୍ଦର୍ଯ୍ୟ ଏତେ ଦୂର ଅନୁପେକ୍ଷ୍ୟ ଏବେ ମଧ୍ୟ କିଶୋର ପ୍ରାଣର ପ୍ରଥମ ସଚେତନ - ତା' ଭିତରେ ନାର୍‌ସିସସ୍ ଲୁଚି ଲୁଚି ନିଜକୁ ଏତେ ପ୍ରଗାଢ଼ ମମତାରେ ଭଲପାଏ । ଭଲପାଏ ତାର ସୁଠାମ ଅଙ୍ଗ, ତାର ଚାହାଣୀ ଏବଂ ଭ୍ରୂବିଳାସକୁ । ଏଇ ସଚେତନତା ଏବଂ ଏଇ ଭଲପାଇବାର ସମାନୁପାତରେ ସେ ଦର୍ପଣଟିକୁ ନିଜର ଅତି ପ୍ରିୟବସ୍ତୁରୂପେ ଗ୍ରହଣ କରିନିଏ । ତାର ଅତି ପରିଚିତ ପରିସର ଭିତରେ ସେଇ ଆଦିମ ଝରଣାର ନିଃସ୍ତରଙ୍ଗ ଜଳ ନାରସିସସ୍‌କୁ ପ୍ରତିବିମ୍ବିତ କରେ, ତାକୁ ମୁଗ୍ଧ ବିମୂଢ଼ କରେ - ବାରମ୍ବାର ତାର ଗଭୀର ସ୍ୱଚ୍ଛତା ଭିତରେ ନିଜକୁ ଆବିଷ୍କାର କରିବାକୁ ପ୍ରଲୁବ୍‌ଧ କରେ । ତରୁଣ ନାରସିସସ୍ ଅଭିଶପ୍ତ ଦେବଶିଶୁପରି ଏଇ କୁହୁକ ରାଜ୍ୟରେ ବନ୍ଦୀ ହୋଇଯାଏ, କିନ୍ତୁ ମନେ ମନେ ଭାବୁଥାଏ ଯେ ସେ ସ୍ୱଚ୍ଛ ହୀରକ ରାଜ୍ୟଟିଯାକ କେବଳ ତାହାର, ସେଇଠି ଆଉ କାହା ପାଇଁ ସ୍ଥାନ ନାହିଁ । ଦର୍ପଣ ତ ତାର ପ୍ରଥମ ପ୍ରିୟା, ତା' ସହିତ ତାର ଆଦ୍ୟ ପ୍ରଣୟ । ମୃଗନାଭି ଏଇଠି ତାର କସ୍ତୁରିକାର ଗନ୍ଧ ପାଇ ନାକପୁଡ଼ା ଫୁଲେଇ ପ୍ରଥମ ହେମନ୍ତର ଶୀତଳ ଜହ୍ନକୁ ଅନାଏ । ପବନର ଆମନ୍ତ୍ରଣରେ ଚହଟିଯାଏ ବନରୁ ବନାନ୍ତରକୁ ।

Digitized by srujanika@gmail.com

ଦିନେ କିନ୍ତୁ ଅତର୍କିତ ଭାବରେ ସେ ଆଉ ଗୋଟିଏ ସତ୍ୟ ଆବିଷ୍କାର କରି ଆଚମ୍ବିତ ହୋଇ ଅନାଏ । ଏତେ ସହସ୍ର ଥର ତାର ପ୍ରିୟ ବିମ୍ବରେଖାକୁ ଧାରଣ କରିଥିଲେ ସୁଦ୍ଧା ଦର୍ପଣଟି ସତେ କେଡ଼େ ନିରାସକ୍ତ ! ଏତେ ତାରୁଣ୍ୟ, ଏତେ ତରଳ ସ୍ୱପ୍ନର ଗାରେ ମଧ୍ୟ ସେ ଗ୍ରହଣ କରେ ନାହିଁ । ଅସଂଖ୍ୟ ତାରା ଗଙ୍ଗଶିଉଳି ପରି ଫୁଟନ୍ତି ଏବଂ ଝରିଯାଆନ୍ତି । ବିଭିନ୍ନ ପକ୍ଷୀ ଅସଂଖ୍ୟ ରଙ୍ଗର ଡ଼େଉ ତୋଳି ସବୁଜ ଦିଗନ୍ତରେ ଲୁଚିଯାଆନ୍ତି - କିନ୍ତୁ ବିସ୍ତୀର୍ଣ୍ଣ ଆକାଶରେ ଗୋଟିଏ ହେଲେ ରେଖାପାତ ହୁଏନାହିଁ, ବିନ୍ଦୁଏ ହେଲେ ରଙ୍ଗ ଲାଗେ ନାହିଁ । ସେ ସେହିପରି ଅବିକୃତ, ଅମାପ ଗହୀରତାରେ ନେଳି ଜର ଜର ହୋଇ ଅନେଇ ଥାଏ । ସବୁ ରଙ୍ଗର ଅବିକଳ ପ୍ରତିଫଳନ କରିବାରେ ସେଇଭଳି ଦର୍ପଣଟିର କାର୍ପଣ୍ୟ ନାହିଁ, କିନ୍ତୁ ତାକୁ ଗ୍ରହଣ କରିବା ତାର ଧର୍ମ ନୁହେଁ । ସମସ୍ତେ ତା' ଭିତରକୁ ଆସିପାରନ୍ତି, ତାକୁ ଅଧିକାର କରିପାରନ୍ତି, ତାକୁ ନିଜର କରିପାରନ୍ତି । ସେ କିନ୍ତୁ କାହାକୁ ନିଜର କରିପାରେ ନାହିଁ । କାହାକୁ ଅଧିକାର କରେ ନାହିଁ, କାହା ଭିତରକୁ ପ୍ରବେଶ କରିପାରେ ନାହିଁ । ଅକଳନୀୟ ତା'ର ଗଭୀରତା । ସେ ଅନନ୍ତଗର୍ଭ । ସମସ୍ତଙ୍କୁ ଧାରଣ କରିବା ପରେ ମଧ୍ୟ ତାର ଅନନ୍ତ ସମ୍ଭାବନାକୁ ଅକ୍ଷୁର୍ଣ୍ଣ ରଖିପାରେ । ତରୁଣ ନାରସିସସ୍ ଦୀର୍ଘ ନିଃଶ୍ୱାସଟିଏ ମାରି ମୁହଁ ଫେରାଇ ଆଣେ - ତାର ପ୍ରଥମ ପ୍ରଣୟରେ ସେ ମମତାର ପ୍ରତିଦାନ ନ ପାଇ ହତାଶ ହୋଇପଡ଼େ । ଗୋଟିଏ ନିଃଶ୍ୱାସରେ ଝରିଯାଏ ତା'ର ତାରୁଣ୍ୟର ସମଗ୍ର ପୁଷ୍ପଭାର - ତା'ର ଭୃରୁ ଯୋଡ଼ିକ ନଇଁଯାଏ ଥୋଲା ଥୋଲା ବରଫର ଓଜନରେ ।

ଯା'ପରେ ମଧ୍ୟ ସେ ପୁଣି ଥରେ ଆଖି ଖୋଲି ଅନାଏ । ପରିଚିତ ବିମ୍ବଟି ମଧ୍ୟ ସେ ଚାରିକୋଣିଆ ବାତାୟନରୁ ତାକୁ ଅନାଏ । ତା' ଭୃରୁ ଉପରେ ମଧ୍ୟ ଅନେକ ଓଜନ । ଆଖି ଯୋଡ଼ିକରେ କେଜାଣି କେତେ ଗଭୀରତା । ଏଇ ରୂପଟିକୁ ବାରମ୍ବାର ଦେଖି ଦେଖି ସେ ଚିହ୍ନିଯାଇଥାଏ । ଭାବିଥାଏ ଯେ ସେଇଟା ସେ, ହଠାତ୍ କିନ୍ତୁ ସେ ନିଜ ଶବ୍ଦ ଶୁଣି ନିଜେ ସ୍ତବ୍ଧ ଚକିତ ହୋଇଯାଏ । "ଦର୍ପଣ ଭିତରେ ଯାହା ଦିଶୁଚି, ସେଇଟା ମୋର ପ୍ରତିବିମ୍ବ - ମୁଁ ତ ଏ ପାଖେ ।" ଅଦୃଶ୍ୟ ବ୍ୟବଧାନଟି ହଠାତ୍ ଗୋଟିଏ ରୁଦ୍ଧ ବାଷ୍ପର କାନ୍ଥପରି ମଝିରେ ଫୁଲିଉଠେ । ତା'ର ଆଖି ଯୋଡ଼ାକ ଆହୁରି ଖୋଲିଯାଏ, ଭୃରୁ ଆହୁରି ନଇଁ ଆସେ । ଏଥର ସେ ଆଉ ସେଇ ବିମ୍ବଟିକୁ ପରିଚିତ ବୋଲି ଭାବିପାରେ ନାହିଁ । କୌଣସି ଦୂରାଗତ ଅଚିହ୍ନା କେହି ଜଣେ ହୁଏ ତ । ସେ ତା ଆଖି ଭିତରକୁ ଅନାଏ । ଆଖିର ଡୋଳାଯୋଡ଼ିକ କାଚକେନ୍ଦୁ ପାଣିରେ ଭରପୁର ଦୁଇଟି ଅମାପ ଗହୀରର ବାମ୍ଫି । ତା' ଭିତରେ କିଛି ସେ କଳିପାରେ ନାହିଁ । ସେଇ ବିମ୍ବଟିକୁ ସେ କେବେ ଛୁଇଁପାରି ନାହିଁ । କେବଳ ସେଇ କୁହୁକ ରେଖାର ଏପାଖେ ଆଉ ଗୋଟିଏ ବିମ୍ବକୁ ନେଇ ସେ ଯାହା କିଛି କରିଛି, ତାର ଅବିକଳ ନକଲ ଫୁଟି ଉଠିଛି ରେଖାର ସେପଟେ । ସେ ବିସ୍ମୟରେ ଗାଲରେ, ମୁହଁରେ, ନାକରେ ହାତ ବୁଲେଇ ଦର୍ପଣଟିକୁ ଆଖିବୁଜି ଲେଉଟେଇ ଦିଏ ।

ଆଖି ବୁଜିଦେବା କିନ୍ତୁ ଘୋର ବିପଦ । କାରଣ ଭିତରେ ଦିଶିଯାଏ ବିମ୍ବହୀନ ଶୂନ୍ୟ ଦର୍ପଣ । କେବଳ ଗୋଟାଏ ପରମ ନିରାସକ୍ତ ରଙ୍ଗ ସ୍ୱାଦ-ସ୍ପର୍ଶ-ଗନ୍ଧହୀନ ସ୍ୱଚ୍ଛତା, ସୃଷ୍ଟିର ପ୍ରାରମ୍ଭିକ

Digitized by srujanika@gmail.com

ଅନସ୍ତିତ୍ୱ । ମହାକାଶରେ ଗଳିପଡ଼େ ଗୋଟିଏ ଚେତନାର ବିନ୍ଦୁ । ଅନନ୍ତ ବ୍ୟାପ୍ତି ଭିତରେ ସେ ଥଳକୂଳ ପାଏ ନାହିଁ । ଆକ୍ରା ହୋଇ ଚାରିଆଡ଼କୁ ଗୁଡ଼ାଏ ପହଁରିଯାଏ, ଜଣାପଡ଼େ ନାହିଁ, ସେ ପହଁରୁଚି ନା ସେମିତି ଭାବୁଚି କେବଳ । କାରଣ ଗତି ଆପେକ୍ଷିକ । ଶୂନ୍ୟ ପ୍ରଦେଶରେ ସ୍ଥାନ କାଳର ଅଭାବ ହେତୁ ଗତି ଏକ ପ୍ରତୀତି ମାତ୍ର । ସେ ଆଖି ଖୋଲି ମଟ ମଟ ଅନାଏ । ପରିଚିତ ପୃଥିବୀ, ଅସଂଖ୍ୟ ବିମ୍ବ ରେଖାରେ ତାକୁ ପୁରୁଣା ଦୋସ୍ତିରେ ଡାକେ । ସେ ଦେଖେ ଯେ ତା'ର ସ୍ମୃତିରେଖା ସହିତ ଏ ବିମ୍ବରେଖା ଖୁବ୍ ମିଶୁଚି... ଯେଉଁଠି ସେ ପାହାଡ଼ ଦେଖିଥିଲା, ସେଇଠି ସେଇ ବସ୍ତୁ ଦିଶୁଚି । ଯେଉଁଠି ଝରଣା ଦେଖିଥିଲା ସେଇଠି ସେ ରହିଛି, କିନ୍ତୁ ବୁଝିପାରେ ନାହିଁ ଦର୍ପଣର ବାଡ଼ଟି କେଉଁଠି ? ବିମ୍ବ କିଏ ଏବଂ ପ୍ରତିବିମ୍ବ କିଏ ? କିଏ ପ୍ରଥମେ ଚହଲିଲେ ଆରଟି ତାକୁ ଅବିକଳ ନକଲ କରେ ? ପୁଣି ଏ ଯେଉଁ ଅନନ୍ତ ରୂପ ଦିଶୁଚି ସେ କ'ଣ ସେଇ ଗୋଟିଏ ମାତ୍ର ଦ୍ରଷ୍ଟାର ପ୍ରତିବିମ୍ବ ? ପରିଚିତକୁ କେନ୍ଦ୍ରକରି ଏପରି ଗୁଡ଼ିଏ ଅପରିଚିତ ଚିନ୍ତା ତାର ଦିଗ୍‌ବଳୟକୁ କ୍ରମଶଃ ସଂକ୍ରମିତ କରିଯାଏ ।

ଅପରିଚିତର ଏଭଳି ସଂଘାତ ହେଲେ ଅନେକ ସମୟରେ ଲୋକେ ଗୁଡାଏ ଗ୍ରନ୍ଥ ପଢ଼ନ୍ତି- ତାଙ୍କର ଆଶା ହୁଏ ଯେ କାଳେ ପ୍ଲାଟୋ ହୁଏତ ଅସଲ ଜିନିଷଟି ଦେଖିଛନ୍ତି । ପ୍ଲାଟୋଙ୍କୁ ପଢୁ ପଢୁ ଖୁସି ଲାଗେ ଯେ ସେ ମହୋଦୟ ଏ ଅଦୃଶ୍ୟ ଦର୍ପଣଟିକୁ ଖୁବ୍ ଦେଖିଛନ୍ତି । ସମଗ୍ର ବସ୍ତୁଜଗତକୁ ସେ କହୁଛନ୍ତି ଗୋଟିଏ ପ୍ରତି ବିମ୍ବ, ସତ୍ୟର ଅବିକଳ ନକଲ- ସତ୍ୟର ଅନୁରୂପ ବସ୍ତୁ । କେଜାଣି! ପ୍ଲାଟୋ କହୁଛନ୍ତି, ଏଣୁ ସନ୍ଦେହ ନ ହେବା କଥା । କିନ୍ତୁ ହୁଏ । ହୁଏ, କାରଣ ଯାହା ନିଜର ପ୍ରତିବିମ୍ବ ବୋଲି ଆମେ ଦେଖୁ ଏବଂ ବିଶ୍ୱାସ କରୁ, ତାହା କଣ ଆମର ପ୍ରକୃତ ରୂପ ଯାହା ଅନ୍ୟମାନଙ୍କୁ ଦିଶେ ? ଦର୍ପଣରେ ସବୁ ରହେ କିନ୍ତୁ ଦିଗ ବଦଳିଯାଏ । ଆମେ ସେଥିରେ ଦିଶୁ ବାଉଆଁ । ସମସ୍ତେ ଖଗା, କିନ୍ତୁ ସେ ପ୍ରତିରୂପଟି ଏତେ ପରିଚିତ ଯେ ଆମେ ଅନ୍ୟମାନଙ୍କୁ ଆଉ କିଛି ଦିଶୁଥାଇପାରୁ ବୋଲି ମଧ୍ୟ ବିଶ୍ୱାସ ହୁଏ ନାହିଁ । ଏଣୁ ପ୍ଲାଟୋ ମହାଶୟ ଏ ସମସ୍ତ ବସ୍ତୁଜଗତକୁ ପ୍ରତିବିମ୍ବ କହିବା ହୁଏତ ଭୁଲ ନୁହେଁ, କିନ୍ତୁ କେମିତି ମୋଡିଲେ ତାହା ସତ୍ୟ-ସ୍ୱରୂପ ହେବ, ସେ ବତେଇ ନାହାନ୍ତି । ଦର୍ପଣକୁ ଅନେଇ, ଭୂରୁ କୁଞ୍ଚେଇ, ବିମୂଢ଼ ଜୀବଟି ଆହୁରି ଖୋଜେ - ହୁଏତ ସତ୍ୟକୁ ଖୋଜେ, କିନ୍ତୁ ବିମ୍ବ-ପ୍ରତିବିମ୍ବ ଭିତରେ ବ୍ୟବଧାନ କେବଳ ଦୁଇଗୁଣ ଦିଶେ । ମଝିରେ କୁହୁକର ସେଇ ଅଦୃଶ୍ୟ ସ୍ଫଟିକ ରେଖାଟି ଅମୀମାଂସିତ ରହସ୍ୟ ହୋଇ ଝୁଲି ରହେ ।

ଧେତ୍‌ତେରି! ଏତେ ସହଜ ଜିନିଷଟାକୁ ଏମିତି କିଟିମିଟିଆ କରିବାର କ'ଣ ପ୍ରୟୋଜନ ? କାଚଟି ମୂଳତଃ ସ୍ୱଚ୍ଛ । ଆଲୋକ ରଶ୍ମିକୁ ଏପାରି ସେପାରି ସେ ସିଧା ସଳଖ ବାଟ ଦେଇଦିଏ । ଫାଳକରେ ପାରା ଲଗେଇ ଦେଲେ କବାଟ ପଡିଗଲା । ଏଣିକି ତା ଦେହରେ ପିଟିହୋଇ ଆଲୋକଗୁଡିକ ଛିଟିକି ଫେରିଆସନ୍ତି । ସତେ ବା ଗୁଡିଏ ରବର ପେଣ୍ଡୁ! ପଳେଇବାକୁ ମଧ୍ୟ ଉପାୟ ନାହିଁ, ଆଉ ଯୋଡିଏ କାଚ ଦ୍ୱାରା ମେଲି ସେମାନଙ୍କୁ ଡାକନ୍ତି । ମଣିଷର ଆଖି ଭିତରେ ଓଲଟ ପାଲଟ ହୋଇ ଆଉ ଗୋଟିଏ ପ୍ରତିବିମ୍ବ ସୃଷ୍ଟି ହୋଇଯାଏ । ସେ କିନ୍ତୁ କହେ ଯେ, ସେ

Digitized by srujanika@gmail.com

ଦେଖେ । ଆଖି ମେଲି ରଖିଲେ ଆଲୁଅ ଏମିତି ଅବଶ୍ୟ ଖେଳିବ । ଦେଖିବା ତେଣିକି ଅବଶ୍ୟମ୍ଭାବୀ । ଦରଜା ବନ୍ଦ କରିଦେଲେ ଅବଶ୍ୟ କଥା ଅଲଗା । ଅତି ସହଜ ଏ ପାଠଟିକୁ ପଦାର୍ଥ ବିଜ୍ଞାନ ଆରମ୍ଭରୁ ପିଲାଏ ବୁଝିଯାନ୍ତି । ଏଥିରେ ପୁଣି ଏତେ ଧରପଗଡ କାହିଁକି ଲାଗିଛି ?

ଧରପଗଡ ନ ଲାଗିବା କଥା । କେହି ମଧ ଚାହୁନାହିଁ ନିଜେ ଏ ଧରପଗଡିରେ ଏମିତି ତଳ ଉପର ହେବାକୁ କିନ୍ତୁ ପଦାର୍ଥ ବିଜ୍ଞାନ ପରୀକ୍ଷାଗାରରୁ ଟିକିଏ ଗୋଡ କାଢ଼ିଲେ ଆପେ ଆପେ ଧରପଗଡ ଲାଗିଯାଉଛି । ଦର୍ପଣଟିକୁ ସିନା ମାପି ଯୋଖି କିଛି ସମଝିଗଲୁ । କିନ୍ତୁ ତାର ସେ ପ୍ରତିଫଳନ ଧର୍ମଟିକୁ ବୁଝିବା ବଡ କଠିନ ହୋଇଗଲା । ସେଇ ଧର୍ମରେ ଆଜ ସହସ୍ରେ କର୍ମ ଆମ ଚାରିଆଡେ ସମ୍ପାଦିତ ହେଉଛି । ଆମେ ପରୀକ୍ଷାଗାର ଭିତରୁ ବାହାରି ଆସି ଏମିତି ବିହ୍ୱଳ ହୋଇ ଅନାଉଁ, ଦର୍ପଣ ମଧ ଫିଟିଆସି ଚାରିଆଡେ ବୁଣି ହୋଇଯାଏ । ସର୍ବତ୍ର ଦିଶେ ସେଇ ପ୍ରତିଫଳନର କ୍ରିୟା । ଇତିହାସ କହେ ସେ ଅତୀତର ପ୍ରତିଫଳନ । ଜ୍ୟୋତିଷ କହେ ସେ ଭବିଷ୍ୟତର । ଲକ୍ଷାଧିକ ଖବର କାଗଜ କହନ୍ତି ସେମାନେ ବର୍ତ୍ତମାନର ପ୍ରତିବିମ୍ବ । ଭାବ କହେ ସେ ଜ୍ଞାନକୁ ପ୍ରତିଫଳିତ କରେ, ଭାଷା କହେ ସେ ଭାବକୁ ପ୍ରତିବିମ୍ବିତ କରେ, ଶବ୍ଦ କହେ ସେ ଭାଷାକୁ ବିମ୍ବିତ କରେ ଏବଂ ଶେଷରେ ଗୁଡିଏ ବକ୍ର ଓ ଋଜୁରେଖା ଏ ସମସ୍ତଙ୍କର ଚୁଡାନ୍ତ ପ୍ରତିନିଧିତ୍ୱ କରନ୍ତି । ସେଇ ରେଖା ସମ୍ବଳିତ ପ୍ରତ୍ୟେକ ଗ୍ରନ୍ଥ ଗୋଟିଏ ଗୋଟିଏ ମୁକୁର । ସେହିପରି ବହୁ ମୁକୁର ମିଶି ଗ୍ରନ୍ଥାଗାର ନାମରେ ଗୋଟିଏ ଜାତି ବା ଗୋଷ୍ଠୀର ଶିକ୍ଷା ସଂସ୍କୃତିର ପରିସରକୁ ମୁକୁରିତ କରେ । ଲୋକସଭା, ରାଜ୍ୟସଭା, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ସମସ୍ତେ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଭ୍ରୁକୁଞ୍ଚିତ ହେଲେ ଦେଶର ଭ୍ରୁକୁଞ୍ଚନ ହେଲା ବୋଲି ଧରିନିଆଯାଏ । ସେମାନେ ନାଚିଲେ ଦେଶ ନାଚେ । ସେମାନେ ଚିତ୍କାର କଲେ ଦେଶ ଚିତ୍କାରକରେ । ଦେଶ ନିଜେ ଗୋଟିଏ ବିରାଟ ମୁକୁର । ସେଥିରେ ଅସଂଖ୍ୟ ବସ୍ତୁ, ଅନେକ ହିମାଳୟ, ବିନ୍ଧ୍ୟାଦି ପର୍ବତ, ନଦ ନଦୀ, ବିଲମାଳ, ଗେଣ୍ଡା, କୋଚିଆ, ହାତୀ, ଗଣ୍ଡାର ବଙ୍ଗଳା, ଗୁଜୁରାଟ, କାଶ୍ମୀର, ଅନେକ ଭାଷା, ସାହିତ୍ୟ, ବେଶଭୂଷା, ପରମ୍ପରା, ବେଦ, କୋରାନ୍, ବାଲିମାଟି, ରେଳପଥ ଆଦି ପ୍ରତିବିମ୍ବିତ ହୁଅନ୍ତି । ଏ ସମସ୍ତଙ୍କର ସାମୂହିକ ପ୍ରତିବିମ୍ବର ଗୋଟାଏ ନାଁ, ସେ ହେଲା ଇଣ୍ଡିଆ ଅଥବା ଭାରତ ।

ଦର୍ପଣ - ବାଉଳା ପୁଣି ଅନାଏଁ । ତାକୁ ଲାଗେ ସ୍ମୃତି ଗୋଟିଏ ଦର୍ପଣ । କାଳର ବିଭିନ୍ନ କେନ୍ଦ୍ରରେ ସେ ପ୍ରସାରିତ ହୋଇପାରେ । ଅତୀତର ବିଲୁପ୍ତ ବିମ୍ବ ବିମ୍ବରେଖାକୁ ମଧ ପ୍ରତିଫଳିତ କରିପାରେ । ବୁଦ୍ଧି ଗୋଟିଏ ଦର୍ପଣ ସେଥିରେ ବିଭିନ୍ନ ଜ୍ଞାନ ଏକତ୍ରିତ ହୁଏ, ପ୍ରତିଫଳିତ ହୋଇ ଗୋଟିଏ ନୂତନ ସମାହାର ସୃଷ୍ଟି ହୁଏ । ଚିତ୍ରକଳା, ସ୍ଥାପତ୍ୟ, ସାହିତ୍ୟ, ଦର୍ଶନସବୁ ଗୋଟିଏ ଗୋଟିଏ ପ୍ରତିଫଳନ । କିଏ ବସ୍ତୁକୁ ତ, କିଏ ଚିନ୍ତାକୁ କିଏ ଭାବକୁ ତ, କିଏ ଆବେଗକୁ ପ୍ରତିବିମ୍ବିତ କରନ୍ତି । ସେ ମଣିଷକୁ ଅନାଏ । ମଣିଷର ରୂପ-ରେଖକୁ ନିର୍ବିକାର କାଚ ଆଖିରେ ସେ ଧାରଣ କରେ, ମୁକୁରିତ କରେ, ତା'ପରେ କିନ୍ତୁ ଅନେକ ଗୋଳମାଳ ଧରିଯାଏ । ମନର ଅଦୃଶ୍ୟ କେନ୍ଦ୍ରରୁ ବିଭିନ୍ନ ରଙ୍ଗର ମେଘ ଘୋଡେଇ ହୋଇ ଅଧେ । ମଣିଷଟି ତେଣିକି ବିଭିନ୍ନ ମେଘର ଆବରଣ

Digitized by srujanika@gmail.com

ଭିତରେ ବିଭିନ୍ନ ସଂଜ୍ଞାରେ ନାମିତ ହୋଇଯାଏ । ସେ ନିଶ୍ଚୟ କାଶ୍ମୀରୀ ! ନାକ ସିଧା ଆଖି ନେଳି, ଚମତ୍କାର ରଙ୍ଗ ହାତୀ ଦାନ୍ତରେ ଅଳତା ବୋଳିଲାପରି- ବାଃ-ଡାଲହ୍ରଦ-ସେଓ, ନାସ୍‌ପାତି, ଅଙ୍ଗୁର-ରାଜ ତରଙ୍ଗିଣୀ-ଆର୍ଯ୍ୟ ସଭ୍ୟତା - ସେ ଆମର ଖୁବ୍ ନିକଟରେ, ମୋର ସେହି ମୁଁ ! ! କିମ୍ବା ସେ ଫତେଇ ପିନ୍ଧିଚି, ତା'ର କଳି ଲମ୍ବା, ବାଗୁଲି, ସେ କାବୁଲି ପଠାଣ ! ସେ କୋରାନ ପଢ଼େ - ସେ ସୋମନାଥ ଲୁଣ୍ଠନ କରିଛି, ସେ ଘୋରୀ, ସେ କଳାପାହାଡ, ସେ ୧୫୨୬, ୧୯୪୮, ୧୯୭୧ ! ହମ୍ ନହିଁ ଛୋଡେଙ୍ଗେ.... ହାଁ ହାଁ କରୁ କରୁ ଖଣ୍ଡା ଭୂଜାଲି ଚମକି ଉଠେ ! ଆଗ୍ନେୟଗିରି ଭିତରୁ ବିଭିନ୍ନ ଧାତୁ ତରଳି ବିଚିତ୍ର ରଙ୍ଗର ବାମ୍ଫ ମାଡିଆସେ, ତାକୁ ରୋକି ହୁଏ ନାହିଁ । ମୁକୁର ଧର୍ମ ଭୟଙ୍କର ଭାବରେ ଜଟିଳରୁ ଜଟିଳତର ହୋଇଯାଏ । ମଣିଷ ଯଦି ଯାହା ଦିଶୁଛି କେବଳ ସେତିକି ହିଁ ଦିଶନ୍ତା, ତେବେ ଅନେକ ଦୁଃସ୍ୱପ୍ନର ଭୂତ ଉଭେଇ ଯାଆନ୍ତେ । ହଳଦିଆ ଥାଳିଆ ପରି ମୁହଁରେ ଧାର ଧାର ଆଖି ଓ ନିଘଞ୍ଚ କଳା ମୁହଁରେ ଧଉଳା ଚୂନପରି ଦାନ୍ତ ସମାନ ଭାବରେ ଚମତ୍କାର ଦିଶନ୍ତେ । ପଦାର୍ଥ ବିଜ୍ଞାନର ପରୀକ୍ଷାଗାର ନିୟମରେ କେବଳ ଆଲୋକ ଶିଶୁଗୁଡାଏ ଏଠୁ ସେଠିକି କୁଦାମାରି ସମସ୍ତେ ନିରାସକ୍ତ ଖେଳ ଖେଳି ଚାଲିଯାଆନ୍ତେ ।

ଏ ଅଦ୍ଭୁତ ପ୍ରତିଫଳନର ଖେଳ ଭିତରେ କିନ୍ତୁ ଆଲୁଅ ନିଜେ ଦିଶେ ନାହିଁ, ଦେଖାଏ । ବିମ୍ବ ନିଜେ ଦିଶେ ନାହିଁ - ପ୍ରତିବିମ୍ବିତ ହୁଏ । ମୁକୁର ନିଜେ ଦିଶେ ନାହିଁ, କେବଳ କୁହୁକ ସୃଷ୍ଟିକରେ ! ଦ୍ରଷ୍ଟା ସ୍ୱୟଂ ସର୍ବଦା ଅଦୃଶ୍ୟ ରହିଥାଏ । ଅଦ୍ଭୁତ ଏ ଖେଳ । ଶିଖାଖଣ୍ଡଟି ହୁଏତ ଗୋଟିଏ ଠୋସ୍ ବସ୍ତୁ । ହୋଇପାରେ ସେ ହିଁ ସତ୍ୟ, ''ମୁଁ ପରା ଗୋଟିଏ ପ୍ରତିବିମ୍ବ - ମୁଁ ଶିଳାତ୍ୱର ପ୍ରତିନିଧି ! ଯାହା ଦେଖୁଛ ସେଗୁଡିକ ବିଭିନ୍ନ ଗୁଣ ମାତ୍ର - ତୁମ ଆଖିକୁ ଦଉଡି ମଧ ସାପପରି ଦିଶିପାରେ । ତୁମେ ଏ ସମସ୍ତ ମଧ ଏକାଠି ଦେଖିପାରିବ ନାହିଁ । ସବୁବେଳେ ଫାଳେ ସୋରାଏ ମାତ୍ର ପ୍ରତିଫଳିତ ହୁଏ । ମୁଁ ସମ୍ପୂର୍ଣ୍ଣରୂପେ କ'ଣ, ତାହା ତୁମ କାଚରେ ଦିଶିବ ନାହିଁ । ମୋର ନିର୍ଗୁଣ ସତ୍ୟ ସ୍ୱରୂପ କ'ଣ - ତାହା ତୁମ ଜ୍ଞାନର ସୀମାଭିତରେ ଆସିପାରିବ ନାହିଁ । ଆଉ ପାଦେ ଆଗେଇଲେ କାନ୍ଧରେ ଠେଙ୍ଗା ପକେଇ ଜଗଦ୍‌ଗୁରୁ ଜଗିଛନ୍ତି । କହୁଛନ୍ତି ଏ ସମସ୍ତେ ବହୁଧା ବିଶ୍ୱ ରୂପରେ ନାନାତ୍ୱ କେବଳ ସର୍ପ ଭ୍ରମ ! ! ସତ୍ୟ ଅଦ୍ୱିତୀୟ, ଚିରନ୍ତନ, ଏକ ! 'ତାହା', 'ଏହା', 'ମୁଁ', 'ସେ' ଇତ୍ୟାଦିର ବ୍ୟବଧାନ କେବଳ ସେଇ ଅଦୃଶ୍ୟ ଅନିର୍ବଚନୀୟ ମୁକୁରର କୁହୁକ । ସେ ସତ୍ୟକୁ ପ୍ରତିଫଳିତ କରେ, କିନ୍ତୁ ଦିଗ ବଦଳାଇ ଦିଏ । ଏକତ୍ୱକୁ ବହୁଗୁଣିତ କରି ଦେଖାଏ । ଯଦି ସତ୍ୟ ଦେଖିବାକୁ ଚାହଁ ନିଜେ ଦର୍ପଣ ହୋଇଯାଅ। ସଂସାରର ବିମ୍ବରେଖା ପରି ନିଶ୍ଚିହ୍ନ ହୋଇଯାଅ ! ନିର୍ଲିପ୍ତ ସଂଗରହିତ ହୋଇଯାଅ । ତେବେ ଗୋଟାଏ ଆଚମ୍ବିତ ମୁହୂର୍ତ୍ତରେ ତୁମ ଭିତରେ ଅନନ୍ତ ସତ୍ୟ ରୂପାୟିତ ହୋଇଯିବ ! ଦୁଇଟି ମୁକୁର ପରସ୍ପରକୁ ଅନେଇ ରହିଲେ ସେମାନଙ୍କର ବ୍ୟବଧାନ ଭିତରେ ଗୋଟାଏ ଅନନ୍ତ ପ୍ରତିଫଳନ, ସ୍ୱଚ୍ଛ ସ୍ଫଟିକର ସୀମାହିନତା ଆସି ବିସ୍ତୃତ ହୋଇଯାଏ । ସେଥିରେ ତରଙ୍ଗ ନାହିଁ, ରୂପରେଖ ନାହିଁ, ରଙ୍ଗ, ସ୍ୱାଦ, ଗନ୍ଧ, କିଛି ନାହିଁ ! ! ସେଥିରେ କମ୍ପନ ନାହିଁ - ସେ ଅନିର୍ବଚନୀୟ, ଅନାଦି ମଧ୍ୟାନ୍ତ । ଶଙ୍କର ପଦାର୍ଥ - ବିଜ୍ଞାନର ପରୀକ୍ଷାଗାର ଭିତରେ ପିଲାଙ୍କୁ ମୁକୁର ଧର୍ମର ଆଉ ଗୋଟିଏ ବ୍ୟାପ୍ତି ବୁଝେଇଦେଇ ଯାଆନ୍ତି ।

Digitized by srujanika@gmail.com

କିନ୍ତୁ ମୁକୁରରେ ଥିବା ପର୍ଯ୍ୟନ୍ତ ସତ୍ୟସ୍ୱରୂପ ଦିଶେ ନାହିଁ । ପ୍ରତିବିମ୍ବର ରାଜ୍ୟକୁ ଥରେ ଆବିଷ୍କାର କରିଦେଲେ, ତେଣିକି ସେଥିରେ ମନ ଲାଗେ ନାହିଁ । ମନରେ ଉଚ୍ଚାଟ ସୃଷ୍ଟିହୁଏ - ବୁଲିପଡେ କେମିତି ସତ୍ୟରୂପକୁ ଥରେ ଦେଖିଦେବ । ପରିଶେଷରେ ସତ୍ୟକୁ ସେ ପ୍ରେମ କରେ, ତାକୁ ପାଇବାକୁ ସେ ବ୍ୟାକୁଳ ହୋଇଉଠେ । ଶାଲଟ୍-ବାସିନୀ ଭଦ୍ରମହିଳାଙ୍କ ତୀବ୍ର ସଂକଳ୍ପ ତାଙ୍କୁ ଦର୍ପଣ-ବିମୁଖ କରିଦିଏ । ସେ ବୁଲିପଡନ୍ତି ସତ୍ୟର ରାଜ୍ୟକୁ । ଦର୍ପଣଟି ଚିରୁଡା ହୋଇ ଝରିପଡେ । ଉଭେଇଯାଏ ତା'ର କୁହୁକ ! ସତ୍ୟଧର୍ମା ତା'ର ଚରମ ମୁହୂର୍ତ୍ତରେ ସୁନାର ଘୋଡଣି ଟେକି ସେଇ ଏକର୍ଷି ସତ୍ୟର 'କଲ୍ୟାଣ-ତମ' ରୂପକୁ ଦେଖେ । ମୁକୁରର ଅନୁପସ୍ଥିତିରେ ପ୍ରତିବିମ୍ବଟି ମୂଳବସ୍ତୁରେ ଲୀନ ହୋଇଯାଏ । ଖେଳ ସରିଯାଏ !! ଏଣୁ ସେଇ ପ୍ରାଚୀନ ଚୀନ୍ ଦେଶର ବୌଦ୍ଧ ସନ୍ନ୍ୟାସୀ ମହାଶୟଙ୍କର ଆଶୀର୍ବାଦ ସ୍ୱରୂପ ଏ କୁହୁକ ଯନ୍ତ୍ରଟିକୁ ଗ୍ରହଣ କରାଯାଉ । ତାକୁ ଘଷିମାଜି ଦେଖି ଦେଖି ଜାଣିଲେ କେବଳ ଦାମ୍ପତ୍ୟ କଳହ କାହିଁକି, ସବୁପ୍ରକାର କଳହର ସମାଧାନ ହୋଇ ଯାଇପାରେ ।

❖❖❖

Digitized by srujanika@gmail.com

ପରିଚୟ

ସକ୍ରେଟିସ୍‌ଙ୍କର ଗୋଟିଏ ଖୋଇ ଥିଲା ଯେ, ସେ ଏଥେନ୍‌ସ ବଜାର ବାଟରେ ଠିଆହୋଇ ଅପରିଚିତ ବ୍ୟକ୍ତିଟିକୁ ପାଖକୁ ଡାକିବେ ଏବଂ ତାକୁ ଗୁଡିଏ ପ୍ରଶ୍ନ ପଚାରିବେ । ସେ ବ୍ୟକ୍ତିଟି ପ୍ରଥମେ ହୁଏତ' ତାଙ୍କୁ ବୋକା ଠଉରେଇ ଟିକେ ହସୁଥିଲା, କିନ୍ତୁ ଗ୍ରୀକ୍ ଲୋକଗୁଡିକ ତ ସ୍ୱାଭାବିକ ଭାରି ଗପୁଡି । ଏଣୁ ସେ ବୁଲିପଡି ତାଙ୍କୁ ଉତ୍ତରଦେବା ଆରମ୍ଭ କରିଦେଉଥିଲା । ଏଣିକି ସକ୍ରେଟିସ୍‌ଙ୍କ ପାଳି । ଆଖି କୋଣରୁ ଝିଲ୍ ଝିଲ୍ ମୁଚୁକି ମାରି ଲୋକଟି ଆଗରେ ସେଇ ଗୋଟିଏ ମାତ୍ର ଅବିଚଳିତ ପ୍ରଶ୍ନଟିକୁ ଧରି ରଖୁଥିଲେ । ବ୍ୟକ୍ତିଟି ତାର ଉତ୍ତର ଦେଇ ଦେଇ କ୍ଳାନ୍ତ ହେଲାପରେ ଦେଖୁଥିଲା ଯେ ପ୍ରଶ୍ନ ପୂର୍ବପରି ଏକ ଅମୀମାଂସିତ ବକ୍ରରେଖାଟିଏ ଏବଂ ସକ୍ରେଟିସ୍‌ଙ୍କର ଅସୁନ୍ଦର ମୁହଁଟି ମଧ୍ୟ ପୂର୍ବପରି କୁଞ୍ଚୁକୁଞ୍ଚିଆ ହସଟିଏ । ଏବପରି ହୋଇଥିଲେ ସକ୍ରେଟିସ୍ ମହାଶୟ କିଛି ବୋଲୁଅ ମାଡ ଖାଇଥାନ୍ତେ ନିଶ୍ଚୟ, କିନ୍ତୁ ସେ ସମୟରେ ଏଥେନ୍‌ସ ନାଗରିକ ମଧ୍ୟ ପ୍ରବଳ ବିରକ୍ତି ଏବଂ କ୍ରୋଧରେ ତାଙ୍କୁ ଖୁବ୍ ଗୋଟାଏ ଶୋଧାଶୋଧି ଯେ ନ କରିଥିବ ଏପରି ନୁହେଁ – ତଥାପି ସକ୍ରେଟିସ୍ ଯେଉଁ ପ୍ରଶ୍ନ ପଚାରନ୍ତି ଆବହମାନ କାଳରୁ ଏପର୍ଯ୍ୟନ୍ତ ପ୍ରଶ୍ନଟି ଅତି ସରଳ, ସହଜ, ନିହାତି ମୌଳିକ ଶିଷ୍ଟାଚାରର ପ୍ରଶ୍ନଟିଏ । ତା' ହେଲା ''ଆପଣ କିଏ ?'' ସେ ଭଳି ପଚାରିବା ମଧ୍ୟ ଦୋଷାବହ ନୁହେଁ, ଆମେ ଦୈନିକ ବହୁବାର ଏହା ପଚାରୁ । କିନ୍ତୁ ଆପଣଙ୍କର ପ୍ରଖର ବିଂଶ ଶତାବ୍ଦୀ ବୁଦ୍ଧି ଖଟେଇ ଏବେ ବି ଯା'ର ଉତ୍ତରଦେବାକୁ ଚେଷ୍ଟା କରନ୍ତୁ ନା ଦେଖି ! ଆପଣ ଅବଶ୍ୟ ହାରିଯିବେ । କାରଣ ଏଇଟି ଯେତେ ନିରୀହ ଦେଖାଯାଉଛି, ପ୍ରକୃତରେ ସେ ତାହା ନୁହେଁ । 'ଅଲିସ୍'ର ବିସ୍ମୟ ରାଜ୍ୟରେ ଖରଗୋସ୍‌ର ଗର୍ତ୍ତପରି ଏହା ପୃଥିବୀର ଏପାଖ ସେପାଖ ଫୁଟି ବାହରିଚି । ଯଦି ଖରଗୋସ୍ ପଛରେ ଥରେ ଆପଣ ପଶିଗଲେ, କୁମାରୀ ଆଲିସ୍ ପରି ଆପଣ ମଧ୍ୟ ଖୁବ୍ ଚମକିବେ । ଅନେକ ଅଦ୍ଭୁତ ରାଜ୍ୟରେ ବୁଲିବେ ଏବଂ କ୍ଳାନ୍ତହୋଇ ସେଇବାଟେ ପୁଣି ଫେରିଆସିବେ । ତା'ର ଅବିକୃତ ବିବର ଦ୍ୱାରରେ ଖରଗୋସ୍‌ଟି କିନ୍ତୁ ସେଇଭଳି ଅପେକ୍ଷା କରିବ ଆଉ ଜଣକୁ, ଯେପରି ଏବେ ବି ଅପେକ୍ଷା କରି ରହିଛି ସକ୍ରେଟିସ୍‌ଙ୍କ ପ୍ରଶ୍ନ ''ଆପଣ କିଏ ?''

ଏଥେନ୍ସର ନାଗରିକଙ୍କ ପରି ଆମ ଦେଶର ଯୁବକଗୋଷ୍ଠୀ ତ ଆଉ ଓଲା ନୁହଁନ୍ତି ବା ଗପୁଡି ନୁହଁନ୍ତି । ସେମାନେ ଖୁବ୍ ଚାଲାକ୍, ଖୁବ୍ ନିର୍ଭୀକ । ଏଣୁ ଖୁବ୍ ଆଧୁନିକ । ସେଥିପାଇଁ ସେମାନଙ୍କ କଲି ଢ଼େର ଲମ୍ବା, ସେମାନଙ୍କ ନିଶ ହଳକ ଆସ୍ଥାନରେ ମଇଁଷି ଶିଙ୍ଘ ପରି ବେଶ୍ ପୁଷ୍କଳ ଓ ବଙ୍କା । ସେମାନେ ଶିଷ୍ଟାଚାରକୁ ଦୁର୍ବଳତା ବୋଲି ଭାବନ୍ତି । ଏଣୁ ଏ ମରହଟିଆ ପ୍ରଶ୍ନକୁ ସେମାନେ କ'ଣ

Digitized by srujanika@gmail.com

ଉତ୍ତର ଦିଅନ୍ତି ଜାଣନ୍ତି ? କହନ୍ତି -"ଆମେ ଯିଏ ମନ ସିଏ ହେଲେ ତୋ' ବାପ୍‌ପର କ'ଣ ଗଲାବେ !" ବା "ତୁଟ୍‌ଟା କିଏ ଆମକୁ ପଚାରିବାକୁ ?" କିମ୍ବା ଖୁବ୍ ଦୃପ୍ତରେ ଗମ୍ଭୀର ମୁଦ୍ରାରେ ଗୋଟିଏ ପ୍ରତି ପ୍ରଶ୍ନ "କାହିଁକି ?" ଏତିକିରେ ଏପୁରୁଷ ପୋଢ଼ଙ୍କ ସାମନାରୁ ସକ୍ରେଟିସ୍ ତାଙ୍କ ପ୍ରଶ୍ନ ପେଡି ଗୋଟେଇ ପକେଇବା କଥା । କିନ୍ତୁ ସେ ପୁରୁଣା ମାର୍ବଲ ମୂର୍ତ୍ତୀଟିଏ ପରି ଏଥେନ୍‌ସ ବଜାରର ପଥର ଖୁଣ୍ଟିକୁ ଆଉଜି ଠିଆ ରହିଯା'ନ୍ତି । ପ୍ରଶ୍ନଟି ମଧ୍ୟ କାଲୁଆ ହୋଇ ପଥର ପାଲଟିଯାଏ । ଧୂଳି ଝଡପରେ ପୁଣି ଆଖିରେ ଆଖିଏ ଲେଖା ଆତ୍ମୀୟତା, ଆନ୍ତରିକ ନେଇ ସେ ମୁଚୁକି ମାରି ପଚାରନ୍ତି "ଆପଣ କିଏ ?"

ଆଚ୍ଛା କଥା, ଏମିତି ଟିକିଲେଇ ପଚାରିବା ଅର୍ଥ କଣ, ଯାର କ'ଣ ଉତ୍ତର ନାହିଁ । ମୁଁ ଜାଣେ ମୁଁ ମୋ ନାମୋଚ୍ଚାରଣ ଅକ୍ଷର ଏବଂ ଯା ସହିତ ସ୍ୱର ସଂଯୋଗ କଲେ ଯାହା ହୁଏ, ତାହା ମୁଁ ନୁହେଁ । ତା'ପରେ ଅମୁକଙ୍କ ପୁଅ ସମୁକଙ୍କ ନାତି, ଗମୁକଙ୍କ କୋଇଁ – ବା ମୁକାମେ ରାମଚନ୍ଦ୍ରପୁର, ଜିଲା-ପୁରୀ, ଜମ୍ବୁଦ୍ୱୀପେ ଭାରତ ଖଣ୍ଡେ ଇତ୍ୟାଦି ଇତିହାସ, ଭୂଗୋଳରେ ବି ସେ ସନ୍ତୁଷ୍ଟ ହେବେ ନାହିଁ । ଦେଶ, କାଳ, ନାମ, ରୂପକୁ ଛାଡିଦେଲେ ବାକି ଯାହା ରହିଲା ସେଇଟା କୁଆଡେ ସତ୍ୟ ଏବଂ ସେଇ ବିଚିତ୍ର ବସ୍ତୁଟିକୁ ଆମ୍ଭେ ଏ ଯାଏଁ ସମଝି ନାହୁଁ । ଅତଏବ ଏ ସହଜ ସରଳ ପୁରୁଣା ପ୍ରଶ୍ନଟିର ଉତ୍ତର ଦେବା ମୋ ବୁଦ୍ଧି ଏବଂ ଅନୁଭବରେ ସମ୍ଭବ ନୁହେଁ । ସେହିପରି ଆଉ କାହାପାଇଁ ମଧ୍ୟ ସମ୍ଭବ ନୁହେଁ, କିନ୍ତୁ ସକ୍ରେଟିସ୍ ଏକ ଜାତିବାଚକ ବିଶେଷ୍ୟ । ସେମାନେ ସବୁକାଳେ ସବୁ ଦେଶରେ ଉଣା ଅଧିକେ ଥାନ୍ତି ଏବଂ ଏ ପ୍ରଶ୍ନ ତାଙ୍କ ପାଖରେ ଯାଇ ହାବୁଡେ । ସେମାନେ ତାକୁ ଅନେକ ପ୍ରକାର ଉତ୍ତର ଦେଇ ଘୋଡେଇ ପକାନ୍ତି । ସେମାନଙ୍କର କୁଆରିଆ ଲହଡି ତଳେ ସେ କିଛି ସମୟ ବୁଡିଯାଏ ନିଶ୍ଚୟ, କିନ୍ତୁ ଲହରୀ ଘୁଞ୍ଚିଗଲେ ପୁଣି ସେମିତି ମୁଚୁକିମାରି ଅବିକୃତ ଅନେଇ ରହେ । ମାନବ ବୁଦ୍ଧିକୁ ଉତ୍ତେଜିତ, ଉତ୍କ୍ଷିପ୍ତ କରିବା, ତାକୁ ଶାଣିତ ଜାଗ୍ରତ କରି ରଖିବା ସତେ ଯେମିତି ଏ ପ୍ରଶ୍ନର ଚିରନ୍ତନ କାମ ।

ସେ ଭିତରୁ ଜଣେ କହନ୍ତି ମୁଁ ଏକ ଆକସ୍ମିକ ଘଟଣା, ମୋର ଜନ୍ମ ହେବା କିମ୍ବା ନହେବା ସମାନ ଭାବରେ ଆକସ୍ମିକ । କିଛି ଜୈବିକ କ୍ଷୁଧା, କିଛି ପୈତୃକ ରୁଚି ଏବଂ ପିତାମହୀ ଚେହେରା ନେଇ ମୁଁ ସଂସାରରେ ଡାଳପତ୍ର ମେଲିଯାଏଁ ।ଏ ଲଇ ପ୍ରାୟ ଛିଣ୍ଡେ ନାହିଁ, ଚାଲିଥାଏ ଅନନ୍ତକାଳ ପର୍ଯ୍ୟନ୍ତ । ମୁଁ କିନ୍ତୁ ଏ ପ୍ରବାହର ଗୋଟିଏ ମାତ୍ର ବିନ୍ଦୁ । କୌଣସି ଅଜ୍ଞାତ ଅନ୍ଧାରରୁ ପୁଣି ସେଇ ବା ତଦ୍‌ଭିନ୍ନ ଗୋଟିଏ ଅଜ୍ଞାତ ଅନ୍ଧାରରେ ମିଳେଇଯିବା ମୋର ଜୀବନ । ମୋତେ ସାମୟିକ ବ୍ୟବହାର କରିନିଆହୁଏ ବଂଶରକ୍ଷା କରିବାକୁ । ବିଭିନ୍ନ କ୍ଷୁଧାରେ ସମିଧ ଯୋଗେଇ ମୁଁ ନିଜେ ସେଥିରେ ଦଗ୍ଧ ହୋଇଯାଏ, ଜୀର୍ଣ୍ଣ ହୋଇଯାଏ, ଏ କ୍ରମାନ୍ୱୟ ଜୀର୍ଣ୍ଣ ହେବାର ଧାରା ହିଁ ଜୀବନ ।

ଆଉ ଜଣେ ସ୍ୱରମିଳେଇ କହନ୍ତି ଯେ, ସେସବୁ ଠିକ୍ । ମଣିଷ କହିଲେ ଯେଉଁ ଜନ୍ତୁଟାକୁ ବୁଝାଏ, ସେ ମାତ୍ର ଦଶ ପନ୍ଦର ହଜାର ବର୍ଷ ହେଲା ଏ ପୃଥିବୀରେ ଦେଖା ଦେଉଛି । ତା' ପୂର୍ବରୁ ଥିଲେ ମାଙ୍କଡ ଏବଂ ସୋମନଙ୍କ ପୂର୍ବରୁ ଅନ୍ୟାନ୍ୟ ଚତୁଷ୍ପଦ । ଏଇଭଳି ପଛେଇ ପଛେଇ ଗଲେ

Digitized by srujanika@gmail.com

ଶେଷକୁ ଗୋଟିଏ ଉତ୍ତପ୍ତ ଜଡପିଣ୍ଡ ମାତ୍ର ଥିଲା । ଯାହାକୁ ଆମେ ବର୍ତ୍ତମାନ ପୃଥିବୀ କହୁଛୁ । ସେ ସମୟରେ ଜୀବନର କୌଣସି ଚିହ୍ନ ନଥିଲା, କିନ୍ତୁ କେମିତି ଆସିଲା ବା କେବେ ଆସଲା ତା କହିହେବ ନାହିଁ । ଏ ଧାରାରେ ମଣିଷ ଅତି ଅର୍ବାଚୀନ ଗୋଟିଏ ଜୀବଗୋଷ୍ଠୀ ଯାହାଙ୍କ ତୁଳନାରେ ସାପ ବା ମାଛ ସହସ୍ର ଗୁଣରେ ପ୍ରାଚୀନ ଏବଂ ମୌଳିକ । ବିବର୍ତ୍ତନର ଅବାରିତ ଧାରା ଚାଲିଛି ଏବଂ ଚାଲିଥିବ । ବ୍ୟକ୍ତି-ମଣିଷ କେବଳ ଜୀବଧର୍ମର ଏକ ଧାରାକୁ ପୁଷ୍ଟକରି ଚାଲିଯିବା ହେଲା ତା'ର ଏକମାତ୍ର ଧର୍ମ ବା କର୍ତ୍ତବ୍ୟ । ମଣିଷ ପରେ ହୁଏତ' ଆଉ ଗୋଟାଏ ପ୍ରକାର ଜୀବ ଆସିବ - ସେ ହେବ ମଣିଷ ଅପେକ୍ଷା ଆହୁରି ସିଆଣିଆ, କିନ୍ତୁ ଆହୁରି ଦୁର୍ବଳ, ଆହୁରି କ୍ଷୁଦ୍ର । ଏଭଳି ଚିତ୍ରପଟ ବଦଳି ଚାଲିଥିବା - ଗୋଟାଏ ଶୀତଳ, ନିର୍ବାପିତ, ବାତାବରଣ ଶୂନ୍ୟ, ଧୂଳିପିଣ୍ଡ ପର୍ଯ୍ୟନ୍ତ । ସେତେବେଳେ ପୃଥିବୀଟା ହାତୀପେଟରୁ ଗଳିପଡିଥିବା କେବଳ ନିଃଶେଷ କଇଁଠଟିଏ । ନିଷ୍ପ୍ରଦୀପ ଆକାଶ । ନିର୍ବାପିତ ସୂର୍ଯ୍ୟ-ଚନ୍ଦ୍ର ଶୀତଳ ବ୍ୟାପିଯିବ ଚରାଚର । ଘୋର କାଳ-ରାତ୍ରିରେ ସଂଖ୍ୟାହୀନ ଗ୍ରହ ନକ୍ଷତ୍ରର ପ୍ରେତାତ୍ମା ଲକ୍ଷ୍ୟହୀନ ଘୂରି ବୁଲୁଥିବ । ସାରା ସୃଷ୍ଟି ହେବ ଏକ ନିସ୍ତବ୍ଧ ଶ୍ମଶାନ । ଆଉ ମଣିଷ ? - ହେଃ - ସେ କୋଉକାଳୁ ଜୀର୍ଣ୍ଣ ନିଶ୍ଚିହ୍ନ ହୋଇ ସାରିଥିବ ।

ଆଉଜଣେ ମନେ କରନ୍ତି ଯେ 'ମୁଁ' ପଦାର୍ଥଟି କୌଣସି ଏକକ ନୁହେଁ, ତାହା ଗୋଟିଏ ଦୁର୍ବୋଧ ସମାହାର । ଶରୀର, ମନ ନାମଧେୟ ଦୁଇଟି ସମାହାରର ସମଷ୍ଟି । ପ୍ରତିଟି ରକ୍ତକଣିକା, ପ୍ରତ୍ୟେକଟି ଶୁକ୍ରକୀଟ ସ୍ୱୟଂକ୍ରିୟ । ଇନ୍ଦ୍ରିୟଗୁଡିକ ସ୍ୱୟଂକ୍ରିୟ ଚିନ୍ତାର ସ୍ରୋତ, ତାର ପ୍ରଖରତା ସବୁ ଆୟତ୍ତର ବାହାରେ, ଆବେଗ ପ୍ରବେଗ ମଧ୍ୟ ସେଇଭଳି । ହାବେଳିରେ ନିଆଁ ଲଗେଇ ଦେଲେ ଯେମିତି ଅଗ୍ନି ପବନ, ଶବ୍ଦ, ଆଲୁଅ ପରସ୍ପରକୁ ଠେଲି ପରସ୍ପର ସହିତ ଛନ୍ଦି ହୋଇ ଗୁଡିଏ ବସ୍ତୁକୁ କିଛିଦୂର ଶୂନ୍ୟକୁ ଟୋଳି ନେଇଯାଆନ୍ତି ଏବଂ ସେମାନେ ପରସ୍ପରକୁ ଖର୍ଚ୍ଚ କରିଦେଲାପରେ ଶୂନ୍ୟ ଘଟଟିଏ ଖସିପଡେ, ସେଇ ପରି ମୁଁ । ମୁଁ ଏ ସମସ୍ତ ଅଣାୟତ୍ତ ଧାରାର ଗୋଟିଏ କଳ୍ପିତ ସମାହାର ।

ଏଇ ଯୁକ୍ତିରୁ ଆଉ ଗୋଟିଏ ଖିଅ ଫିଟିଯାଏ । ଏ ସମାହାରଟି କ'ଣ ସଚେତନ ? ନିଜେ ଗୋଟିଏ ସମାହାର ବୋଲି ଜାଣିବା ଗୋଟିଏ କ୍ରିୟା ମୁଁ କ'ଣ ସେଇ କ୍ରିୟାର କର୍ତ୍ତା । ମନ ଇନ୍ଦ୍ରିୟ ଆବେଗ ସଂବେଗ ଇତ୍ୟାଦି ଇତ୍ୟାଦି କାଢ଼ି ନେଲେ ଆଉ କ'ଣ ଅବଶେଷ ରହୁଚି ନା ଏଇଟା ଗୋଟାଏ ନିରବଶେଷ ବସ୍ତୁସଂଘ ? ଏ ସମସ୍ତ ବସ୍ତୁ କ'ଣ ନିଜ ନିଜ ଇଚ୍ଛାରେ ଏକାଠି ହୋଇଛନ୍ତି ? ଇଚ୍ଛାକରିବା କିନ୍ତୁ ଜଡର ଧର୍ମ ନୁହେଁ, ତାହା ଚେତନାର ଧର୍ମ । ଯଦି ସେମାନେ ସେଭଳି ସ୍ୱେଚ୍ଛାରେ ଏ ସମାହାର ସୃଷ୍ଟି କରି ନାହାନ୍ତି ତାଙ୍କୁ ଦେଶ କାଳ ମାଧ୍ୟମରେ କିଏ ବା କ'ଣ ଏକାଠି କରିଛି ? ଏଣୁ, ଆଜ୍ଞା ଏ ଗଳିରେ ବେଶିବାଟ ଯିବା ସମ୍ଭବ ନୁହେଁ । ପାତାଳ ମେଘ ଆଡେଇ ଶୁଭ୍ର ଗିରିଚୂଡା ପରି ଦିଗ୍‌ବଳୟରେ ଦିଶିଲାଣି ପୁଣି ସେଇ ମୂଳ ପ୍ରଶ୍ନ ''କସ୍ତ୍ୱଂ ?'' ସଂସ୍କୃତ ଶୁଣିଲେ ସ୍ୱଦେଶପ୍ରେମୀ ପାଠକେ କାଳେ ମୂଳରୁ ହୁରୁଡି ଯିବେ ବୋଲି ତାକୁ ଲୁଚେଇ ରଖିଥିଲି, କିନ୍ତୁ ଏ ପ୍ରଶ୍ନଟି ମୂଳତଃ ଏଇ ଭୂମିର ପ୍ରଶ୍ନ ଏବଂ ଏଠି ଯାହା ଉତ୍ତର ମିଳେ ଆପଣ ବିଶ୍ୱାସ କଲେ କହିବି । ଆମ ପରଂପରାରେ ମୁଁ ମୋର ପରିଚୟର ସାମାନ୍ୟ ଆଭାସ ମାତ୍ର ଦେଉଛି, ଶୁଣିବାକୁ ଅବଧାନ ହେଉ ।

Digitized by srujanika@gmail.com

ମୁଁ ଚେତନ, ଜଡ ନୁହେଁ, ବସ୍ତୁସଂଘ ନୁହେଁ । ସଂକଳ୍ପ ବିକଳ୍ପାତ୍ମକ ମନକୁ ମୁଁ ପ୍ରେରିତ କରେ ପରିଚାଳିତ କରେ । ଶରୀର ମୋର ପରିଧେୟ, ଜୀର୍ଣ୍ଣ ବସ୍ତ୍ର ପରି ମୁଁ ତାକୁ ପରିହାର କରେ । ମୋର କ୍ଷୟ ନାହିଁ ଅଭିବୃଦ୍ଧି ମଧ୍ୟ ନାହିଁ, ମୋର ଜନ୍ମ ମୃତ୍ୟୁ ଜରା ବ୍ୟାଧି କିଛି ନାହିଁ । ବିବର୍ତ୍ତନର ଜଡଧର୍ମ ମୋ ପାଇଁ ନୁହେଁ । ମୁଁ ଏ ସୃଷ୍ଟିଠାରୁ ପୁରୁଣା । ଏ ବିପୁଳା ପୃଥିବୀ, ଏ ସୌରମଣ୍ଡଳ, ଏ ମନୋରମ ନୀହାରମାଳା କୋଟି କୋଟି ଆଲୋକ ବର୍ଷର ବ୍ୟବଧାନ ବିଚ୍ଛିନ୍ନ ଏ ଜ୍ୟୋତିଃପୁଞ୍ଜ ମୋ ତୁଳନାରେ ଅର୍ବାଚୀନ । ମୋ ପାଇଁ କାଳ ନିସ୍ତରଙ୍ଗ, ମୋର ଏକକ ସତ୍ତାରେ ବ୍ୟବଧାନ ବିଲୁପ୍ତ । ମୁଁ ସଂଖ୍ୟାରେ ଗଣନୀୟ ନୁହେଁ, ପରିମାଣରେ ପରିମେୟ ନୁହେଁ । ମୁଁ ବିକାର ଶୂନ୍ୟ, ଆକାର ଶୂନ୍ୟ ଓ ନିରବୟବ । ମୁଁ ନଞ୍ଚବାଚୀ ନୁହେଁ - ଅସ୍ତି ନାସ୍ତି ଉଭୟ ଅନୁଭୟ ଏ ଚତୁଷ୍କୋଟୀରେ ମୁଁ ବ୍ୟକ୍ତ ନୁହେଁ ।

ମୁଁ ଏକ ଚେତନାର ବିପୁଳ ସମୁଦ୍ର, ମୋର ଅସଂଖ୍ୟ ଶୀକର ବିନ୍ଦୁରେ ସମସ୍ତ ଜୀବ ଜଗତ ଭାସମାନ । ପଶୁ, ପକ୍ଷୀ, କୀଟ, ପତଙ୍ଗ, ମାନବ ଲକ୍ଷ କୋଟି ଜଡ ଆୟତନର ବିମ୍ବରେଖା ଭିତରେ ଗୋଟିଏ ସମୁଦ୍ରର ଉପାଦାନରେ ପ୍ରାଣବନ୍ତ । ଏ ସମସ୍ତ ଜୀବଜଗତ୍ ଚୈତନ୍ୟମୟ ଏବଂ ଏ ଜୀବଜଗତର ପ୍ରତ୍ୟେକ କେନ୍ଦ୍ର ଓ ତା'ର ସମ୍ପୂର୍ଣ୍ଣ ବ୍ୟାପ୍ତି ମୁଁ । କେବଳ ଏ ପୃଥିବୀ ନୁହେଁ ଆଉ ଏକ ଦୂରନ୍ତ ବିଶ୍ୱର ପୃଥିବୀ ଯେଉଁଠି ହୁଏତ କେବଳ ବ୍ୟୋମ ହିଁ ଉପାଦାନ, ସେଇଠି କ୍ଷୁତ୍‌ପିପାସା ରହିତ ଅତି-ପ୍ରଜ୍ଞାବାନ୍ ମଣିଷଗୁଡିକ ମଧ୍ୟ ଏ ଚେତନା ସମୁଦ୍ର ଶୀକର ବିନ୍ଦୁ ।

କେବଳ ଚେତନ ନୁହେଁ ଜଡ ମଧ୍ୟ ଏ ପରିଧିର ଅନ୍ତର୍ଭୁକ୍ତ । ପଞ୍ଚମହାଭୂତ ଚୈତନ୍ୟମୟ, ଏ ପାହାଡ, ଏ ମରୁପ୍ରାନ୍ତର, ଏ ଦିଗନ୍ତବ୍ୟାପି ସମୁଦ୍ର ରେଣୁ-ରେଣୁରେ ପ୍ରାଣବନ୍ତ । ମୁଁ ହିଁ ପ୍ରାଣ, ମୁଁ ପର୍ଜନ୍ୟ, ମୁଁ ସୋମ, ମୁଁ ସବିତା, ଅର୍ଥାତ୍ ଏ ସମସ୍ତଙ୍କୁ ଜାତକରି, ଧାରଣକରି ଏବଂ ଗ୍ରାସକରି ଯେଉଁ ପୁରୁଷ ଅଖଣ୍ଡୈକ ବିଦ୍ୟମାନ ସେହି ମୁଁ- ଅସାବସୌ ପୁରୁଷଃ ସୋହମସ୍ମି ।

ଏପରି ଜଗତ୍‌ବ୍ୟାପୀ ପରିଚୟ ଦେଇ ପରେ ଉଭୟପକ୍ଷ ଗମ୍ଭୀର ହୋଇଯିବାକୁ ବାଧ୍ୟ । ଏ ଉତ୍ତରରେ ହୁଏତ' ମୂଳ ପ୍ରଶ୍ନର ଏପରି ସମାଧାନ ହୋଇଛି ଯେ, ତାହା ଆଉଥରେ ମୁଣ୍ଡଟେକି ଚାହିଁ ପାରିବ ନାହିଁ । ଏକକ ସତ୍ତାରେ ପ୍ରଶ୍ନ କାହିଁ କିଏ କାହାକୁ ପଚାରିବ ? କିନ୍ତୁ ସେ ପ୍ରଶ୍ନ ସିନା ନାହିଁ, ଏ ଲମ୍ବା ବୟାନ ଭିତରେ ଏକ ଲକ୍ଷ ପ୍ରଶ୍ନ ଆସିଯାଉଛି । ସେସବୁ ପାଇଁ ଅଭ୍ୟାସଗତ ସୌଜନ୍ୟରେ ହସିଦେଇ ସକ୍ରେଟିସ୍ ହୁଏତ କହନ୍ତି "ହେଲା ସେସବୁ ପରିହାସ ଛାଡନ୍ତୁ, କହନ୍ତୁ, ଆପଣ କିଏ ?" ଉତ୍ତର ଆସେ "ପରିହାସ କରିବାର ଅବସର ଏ ଗମ୍ଭୀର ଭୂମିରେ ନାହିଁ, ଭାରତୀୟମାନେ ଦାର୍ଶନିକ କି ନା ଏଣୁ ସେମାନେ ଖୁବ୍ କମ୍ ହସନ୍ତି - ଯଦି ଏ ତତ୍ତ୍ୱସବୁ ଆପଣଙ୍କୁ ପରିହାସ ପରି ଶୁଭିଲା ତେବେ ଗୋଟିଏ କାମ କରନ୍ତୁ । ଏ ପ୍ରଶ୍ନଟି ଆପଣ ନିଜକୁ ପଚାରି ଯାଆନ୍ତୁ । ତା'ର ରୂପ ହେବ 'ମୁଁ କିଏ ?' ସାବଧାନ; କିନ୍ତୁ ଆମ ବୟାନ୍ ବ୍ୟବହାର କରିବେ ନାହିଁ, ସେ ପରିହାସ ହୋଇଯିବ ଆପଣ ସେ ପ୍ରଶ୍ନ ଉପରେ ଧ୍ୟାନମଗ୍ନ ହୁଅନ୍ତୁ । ଆପଣଙ୍କ ଚାରିପଟେ ହୁଙ୍କା ଉଠିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କଲୁ ।"

Digitized by srujanika@gmail.com

କ୍ରୀତଦାସର ସ୍ୱପ୍ନ

Digitized by srujanika@gmail.com

Digitized by srujanika@gmail.com

କ୍ରୀତଦାସର ସ୍ୱପ୍ନ

ନିଜକୁ ପ୍ରଥମେ କ୍ରୀତଦାସ ବୋଲି ଅନୁଭବ କରିବା କ୍ରୀତଦାସ ଜୀବନର ଯେତିକି ବଡ଼ ଆବିଷ୍କାର, କୌଣସି ବିକଳ୍ପ ସମ୍ଭାବନାକୁ ନେଇ ତେଣିକି ସ୍ୱପ୍ନ ବିଭୋର ହେବା ସେତିକି ସ୍ୱାଭାବିକ । ସ୍ୱପ୍ନ ପାଇଁ ମରିବା କିମ୍ବା ମାରିବା ସ୍ୱାଭାବିକ । ସ୍ୱପ୍ନ ଅବାଧ, ସେଥିପାଇଁ ଅବୈଧ ହେବାରେ ମଧ୍ୟ କିଛି ଯାଏଆସେ ନାହିଁ । ସ୍ୱପ୍ନ ମନ ଗମ୍ଭୀରାର ବଣିଜ । ସେ ଭିତରକୁ ଆଉ କାହାରି ପ୍ରବେଶ କରିବାର ଅଧିକାର ନାହିଁ । ଗୁପ୍ତଅଙ୍ଗ ଭଳି ସେ ଗୁପ୍ତରାଜ୍ୟକୁ ବଳାତ୍କାର ଅନାବୃତ କରିବାର ଶକ୍ତି କାହାରି ନାହିଁ । ସ୍ୱୟଂ ସେ ସ୍ୱପ୍ନମାନଙ୍କୁ ପ୍ରଘଟ କରିବାର ଦାୟିତ୍ୱ ତା'ର ନାହିଁ । ପ୍ରଘଟ କରିଦେବାର ପ୍ରବଳ ପ୍ରଲୋଭନ ସତ୍ତ୍ୱେ ସେଥିପାଇଁ ସାହାସ ମଧ୍ୟ ତା'ର ନାହିଁ । ସେହି ବିସ୍ତୀର୍ଣ୍ଣ ଆଶୁ ସମ୍ଭବ ରାଜ୍ୟରେ ସବୁଠାରୁ ପ୍ରିୟ ସ୍ୱପ୍ନଗୁଡ଼ିକ ମହାର୍ଘ-ମାଣିକ୍ୟ ପରି ସେ ଲୁଚେଇ ରଖିଥାଏ । ପରକୀୟା ପ୍ରଣୟ ପରି ଅତି ଗୋପନ-ସମ୍ଭୋଗ ପାଇଁ କ୍ରୀତଦାସ ସେମାନଙ୍କୁ ସମ୍ପାଦି ରଖିଥାଏ । ସେଥିରୁ କେବଳ ସାମାନ୍ୟ ଅଂଶ ପ୍ରକାଶିତବ୍ୟ ।

ପ୍ରଥମେ ଏହି କ୍ରୀତଦାସଟିକୁ ଚିହ୍ନିତ କରାଯାଉ । କିଛି ଅର୍ଥ ବିନିମୟରେ ଏହାକୁ ଛାଗଳ ପରି ଖୋଲାବଜାରରେ କିଣାଯାଇପାରେ । ପିଠିରେ କୋରଡ଼ା ମାରି କିମ୍ବା ଗାଲ ଓ ସ୍ତନାଗ୍ର ଭଳି କୋମଳ ଅଂଶକୁ ଚିମୁଟାରେ ଛିଣ୍ଡାଇ ତା'ର ସହନଶୀଳତା ପରୀକ୍ଷା କରାଯାଏ । କାନ୍ଧ ଉପରେ ଅଥବା ବୁକୁ ଉପରେ ଠିଆ ହୋଇ ଭାରବାହୀ ଶକ୍ତି କଳନା କରାଯାଏ । କେତେ କମ୍ ଖାଦ୍ୟ ଏବଂ ଉଚ୍ଛିଷ୍ଟ ପରି କେଡ଼େ ଘୃଣିତ ଏବଂ ବର୍ଜ୍ଜନୀୟ ଖାଦ୍ୟ ଖାଇ ସେ ସନ୍ତୁଷ୍ଟ ହୋଇପାରୁଛି ତାହା ସେଇ ବଜାରରେ ପରୀକ୍ଷା କରି ଦେଖାଯାଏ । ନାରୀ ହୋଇଥିଲେ ରମଣୀୟତା, ବାଳକ ହୋଇଥିଲେ ଅନ୍ୟ ଯୌନାଚାର ପାଇଁ ଯୋଗ୍ୟତା ବିଚାରକୁ ନିଆଯାଏ । ଯା ବାହାରେ କ୍ରୀତଦାସର ସେପରି କୌଣସି ବ୍ୟବହାରରେ ଆସୁନଥିବା ଜିଭ ଯଦି କଟାହୋଇଥାଏ; ଚିହ୍ନଟ ପାଇଁ ଶରୀରର ଅତ୍ର ତତ୍ର ଗଭୀର ଲଛାଦାଗ ଥାଏ, ରାତିରେ ବେଡ଼ି ପିନ୍ଧିଥିବା ଫଳରେ ହାତ ପାଦରେ ବିଣ୍ଡି ପଡ଼ିଥାଏ, ଭାର ବୋହିବା ଫଳରେ କାନ୍ଧରେ ଗଣ୍ଠି ପଡ଼ି ଯାଇଥାଏ, ତେବେ ତାକୁ ସୁଲକ୍ଷଣ ବୋଲି ଗ୍ରହଣ କରାଯାଏ । କୌଣସି ନିର୍ଯାତନାରେ ଉତ୍ପୀଡ଼ିତ ନହେବା ଏବଂ କୌଣସି ପ୍ରତିବାଦ ନକରି ତୋଷାମଦ କରିପାରୁଥିବା ଅନ୍ୟାନ୍ୟ ବାଞ୍ଛନୀୟ ଲକ୍ଷଣ । କିନ୍ତୁ ସବୁଠାରୁ ବିଶିଷ୍ଟ ଲକ୍ଷଣ ହେଲା ଯେ, ସେ ନିଜେ କ୍ରୀତଦାସ ବୋଲି ବୁଝିବାର ଅସମର୍ଥତା ।

Digitized by srujanika@gmail.com

ଏସବୁ ବୁଝିବିଚାରି କ୍ରୀତଦାସକୁ ପଣ୍ୟରୂପେ କିଣାଯାଏ । ସହସ୍ର ସଂଖ୍ୟାରେ ଗୋଠ ଗୋଠ କିଣି ଅଡ଼େଇନିଆଯାଏ । ପତରଛାଉଣୀ, ମାଟିକାନ୍ଥର କୁଡ଼ିଆ, ଖାଲଢ଼ିପ ମାଟିଚଟାଣ, ତା'ର ପରିବେଶ, ଖଟଣି, ଖାଦ୍ୟ ବ୍ୟବହାର କୌଣସିଠାରେ ରୁକ୍ଷତାର ଯେପରି ଅଭାବ ନ ରହେ ସେଥିପ୍ରତି ଦୃଷ୍ଟି ଦିଆଯାଏ । ନ ହେଲେ ସେ ସୁକୁମାର ହୋଇଯାଇପାରେ । ତାର କ୍ରେତା ଯେକେହି ହୋଇପାରନ୍ତି- ବ୍ୟବସାୟୀ, ଅନୁଷ୍ଠାନ କିମ୍ବା ଖୋଦ ଗାଦିନସିନ ଶାସକ । ତାକୁ ଯେକୌଣସି ଜାଗାରେ ବ୍ୟବହାର କରାଯାଇପାରେ-ପଥରଖଣି, ଲୁହାଆଉଟା କୁଣ୍ଡ କିମ୍ବା ସୁଡ଼ଙ୍ଗ-ଦପ୍ତର । ସେଥିରେ କିଛି ଯାଏ ଆସେ ନାହିଁ । ସବୁକ୍ଷେତ୍ରରେ ମନେ ରଖିବାକୁ ହେବ ଯେ ତା'ର ଲୁହ ଲୁହ ନୁହେଁ, ରକ୍ତ ରକ୍ତ ନୁହେଁ, ତା'ର ଯନ୍ତ୍ରଣା ନୁହେଁ । ତାକୁ ମାରିଦେଲେ ହତ୍ୟାପରାଧ ହୁଏ ନାହିଁ । ସେ ନିରାହାରରେ ମରିଗଲେ ପାପ ହୁଏ ନାହିଁ । ତାର ରୋଗ ପାଇଁ ଔଷଧ ନାହିଁ । ରୋଗ ସହିତ ଯୁଦ୍ଧ କରିବାକୁ ତାକୁ ଛାଡ଼ିଦିଆଯାଇପାରେ । କିଏ ଜିତିଲା ବା ହାରିଲା ଲକ୍ଷ୍ୟ କରିବାର ପ୍ରୟୋଜନ ନାହିଁ । ତାକୁ ଅହରହ କ୍ଷୁଧାର୍ତ୍ତ, ଭୟାର୍ତ୍ତ, କ୍ଳାନ୍ତ କରି ରଖିବା ବିଧେୟ । କୌଣସି ମନସ୍କ-ପ୍ରାଣୀର ଅଧିକାର ବା ସୁଯୋଗ ତାର ପ୍ରାପ୍ୟ ନୁହେଁ । ସ୍ୱପ୍ନ ପ୍ରବଣତା କ୍ରୀତଦାସ ଜୀବନରେ ସବୁଠାରୁ ଗର୍ହିତ ଦୋଷ ଏବଂ ବିଡ଼ମ୍ବନା । ମନେରଖିବାକୁ ହେବ ଯେ, ମେଘାଚ୍ଛନ୍ନ ଆକାଶ ପରି ଯନ୍ତ୍ରଣା – କାତର ଜୀବନରେ କୌଣସି ଶୀତଳ ନୀଳ ସ୍ୱପ୍ନର ସମ୍ଭାବନା ନାହିଁ ।

ତଥାପି ଗଭୀର ନିଶାର୍ଦ୍ଧରେ ଅତି ସନ୍ତର୍ପଣରେ କ୍ରୀତଦାସ ସ୍ୱପ୍ନ ଦେଖେ । ତା'ର କାରଣ ହେଲା ଯେ, ଦିନେ ଆକସ୍ମିକ ଭାବରେ ସେ ନିଜକୁ ଆବିଷ୍କାର କରି ପକାଏ । ଆବେଗ ଏବଂ ହୃତ୍‌କମ୍ପ ଭିତରେ ସେ ଅନୁଭବ କରେ ଯେ, ତା ହାତରେ ସେ ସର୍ଦ୍ଦାର ଧରିଥିବା କୋରଡ଼ାକୁ ଧରିପାରେ । ସର୍ଦ୍ଦାରର ଅବୟବ ସହିତ ତା' ନିଜ ଅବୟବର କୌଣସି ପାର୍ଥକ୍ୟ ନାହିଁ । ସେ ଚାହିଁଲେ ତା' ଭଳି କଥା କହିପାରେ, ପୋଷାକ ପିନ୍ଧିପାରେ । ସେ ଉଚ୍ଚ ଉଚ୍ଚ ଧଳା କାନ୍ଥର କୋଠାରେ ରହିପାରେ । ସେ ଗୋଲାପ ବଗିଚାରେ ବୋହିଯାଉଥିବା ନିର୍ମଳ ପାଣିରେ ମୁହଁଲଗେଇ ପେଟେ ପିଇଦେଇପାରେ । ତା'ର ରୋମାଞ୍ଚ ହୁଏ । ଦ୍ୱିପହରର ନିଆଁଝୁଲ ପରି ଖରା ତାକୁ ବିବ୍ରତ କରିପାରେ ନାହିଁ । ସେ ଲୁଚେଇ ଲୁଚେଇ ସେ ଆବିଷ୍କାରକୁ ଲକ୍ଷ୍ୟ କରେ । ଲୁଚେଇ ଲୁଚେଇ ତାକୁ ଆସ୍ୱାଦ କରେ। ଯନ୍ତ୍ରଣା, ଅବସାଦ, ନିଦ୍ରା କ୍ଷୁଧା ସବୁ ସେହି ଲୁହା ଜଞ୍ଜିର ଭଳି ତା ଦେହକୁ ମାତ୍ର ଆଶ୍ରୟକରି ପଡି ରହନ୍ତି। ସେ ମୁକୁଳି ଯାଏ ମନରାଜ୍ୟକୁ, ସ୍ୱପ୍ନ ରାଜ୍ୟକୁ।

ସେ ପୁଣି ଆଚମ୍ଭିତ ହୋଇ ଆବିଷ୍କାର କରେ ଯେ, ମେଣ୍ଢା ବା ଗୋରୁ ଭଳି ତାକୁ ବଞ୍ଚିବାକୁ ହେଉଛି । ସେହିଭଳି ସେ ଶ୍ରମ କରୁଛି । ସେହିଭଳି ଖାଉଛି । ସେହିଭଳି ଶୋଉଛି । ସେମିତି ଫୁଙ୍ଗୁଳା ରହି ଖରା ବର୍ଷା ଶୀତ ସମ୍ଭାଳୁଛି, ଅଥଚ ଦେଖିବାକୁ ସେ ଆଦୌ ମେଣ୍ଢା କିମ୍ବା ଗୋରୁଭଳି ନୁହେଁ। ସେ ବରଂ ଧଳା କାନ୍ଥର କୋଠାରେ ରହୁଥିବା ମାଲିକମାନଙ୍କ ଭଳି ଅବିକଳ ଦିଶେ। ସାମାନ୍ୟ ବିବର୍ଣ୍ଣ, ଅପରିଷ୍କୃତ, ସାମାନ୍ୟ ହାଡୁଆ, ଟାଆଁସା, ଘାଘଡା; କିନ୍ତୁ ସେଇଭଳି ତ ଦୁଇଗୋଡ଼ରେ ଚାଲୁଥିବା, ମୁଣ୍ଡ ସଳଖି ଚାହିଁପାରୁଥିବା, ବୁକୁ-ପେଟ-ଶିଶ୍ନ ବିଶିଷ୍ଟ ପ୍ରାଣୀଟିଏ ସେ ! ସେ କ'ଣ

Digitized by srujanika@gmail.com

ତା'ହେଲେ ମଣିଷ ?-ସେଇଭଳି, ସେ ମାଲିକମାନଙ୍କ ଅନୁରୂପ ମଣିଷ ? ଗୋରୁଭଳି ବଞ୍ଚିବା ତା'ହେଲେ ତା'ପାଇଁ ସ୍ୱାଭାବିକ ନୁହେଁ ? ସେଭଳି ତାକୁ କିଣାବିକା କରିବା ସ୍ୱାଭାବିକ ନୁହେଁ... କ୍ରୀତଦାସ ହେବା ତା'ହେଲେ ଅସ୍ୱାଭାବିକ ?... ତେବେ ଏଇଟା ବଦଳି ଯାଇପାରେ ! କିନ୍ତୁ କେମିତି ବଦଳିବ ? ସେ କ୍ରୀତଦାସ ନ ହୋଇ ଆଉ କ'ଣ ହୋଇପାରେ ? ?

ଆହୁରି ସ୍ୱପ୍ନ । ... ସେଥିରେ ତାର ସବୁ ଯନ୍ତ୍ରଣା ଅପସରି ଯାଇଛି । ସେ ଚମଡ଼ାର ଲମ୍ୱା ଲମ୍ୱା ଜୋତା ପିନ୍ଧିଛି । ଚକ୍‌ଚକ୍ କମରପଟା କସିଛି । ନିଶମୋଡି ଦେଇଛି ଭ୍ରୂଲତାଯାଏଁ । ଟୋପିତଳେ ଆଖି ରାଉ ରାଉ ଡହକୁଛି । ନିଶତଳେ ଫଟାହାଣ୍ଡି ପରି ଗର୍ଜୁଛି ସର୍ଦ୍ଦାର ସିଂହ । ତା ହାତରେ ବିରାଟ ଗୋଟାଏ ଚାବୁକ ନର୍ତ୍ତ ରହିଥିବା ଶହ ଶହ ପିଠି ଉପରେ ସେ ବାଡେଇ ଯାଉଛି ନିର୍ବିଚାରେ । ନଇଁଥିବା ସମସ୍ତେ ସେଇ ନିଶୁଆ ସର୍ଦ୍ଦାର । ସେ ଅସମ୍ଭାଳ କ୍ରୋଧରେ ଶହ ଶହ ବର୍ଷର ପ୍ରତିଶୋଧ ନେବା ପାଇଁ ପିଟିଲାଗିଛି । କୌଣସି ସର୍ଦ୍ଦାର ପାଟି ଫିଟଉ ନାହିଁ । ଚାବୁକ୍ ଖାଇବା ଗୋଟାଏ ନୀରବ ଦାୟିତ୍ୱ, ଯେମିତି ସେ ନିଜେ ଆଜନ୍ମ ଏବଂ ପୁରୁଷାନୁକ୍ରମେ ତୁଲେଇଆସିଛି । ...ତା ବୁକୁରେ ଏତେ କ୍ରୋଧ, ତା ବାହୁରେ ଏତେ ବଳ ଗଚ୍ଛିତ ଥିଲା ବୋଲି ସେ କେବେହେଁ ଭାବି ନ ଥିଲା

ସେ ବିସ୍ତାରି ହୋଇଯାଏ ସ୍ୱପ୍ନରେ । ତା' ମଥା ତାଳଗଛ ଉପରକୁ ଉଭାରି ରହେ । ପାହାଡରୁ ପାହାଡକୁ ବ୍ୟାପିଥିବା ପୃଥ୍ୱୀକୁ ସେ ଛୋଟ ଶାଗ ପଟାଳିଟିଏ ପରି ପାହୁଣ୍ଡକରେ ମାପିଯାଏ । ସେ କ୍ଷେପିଯାଏ ଧଳା ଧଳା କାନ୍ଥର ସେ କୋଠାମାନଙ୍କ ଆଡକୁ । ଦୂରରୁ ସେମାନଙ୍କୁ ସେ ଦେଖିଆସିଛି । ସେଠିକାର ବାସିନ୍ଦାମାନେ ଅନବରତ ଖେଳୁଥାନ୍ତି କିମ୍ୱା ଖାଉଥାନ୍ତି । ବିଭିନ୍ନ ରଙ୍ଗର,ବୋଧହୁଏ ବିଭିନ୍ନ ସ୍ୱାଦର କୁଢ଼ କୁଢ଼ ଖାଦ୍ୟକୁ ବେଢ଼ିବସିଥାନ୍ତି । କାଚଗ୍ଲାସ ମାନଙ୍କରେ ବୋଧହୁଏ ରକ୍ତ ପିଅନ୍ତି !... ସେମାନେ କଣ ସମସ୍ତେ ଗୋରା ?...ସମସ୍ତେ ସାଇବ ?...ସ୍ୱପ୍ନରେ ସୁଧା ସର୍ଦ୍ଦାର ସେମାନଙ୍କ ପାଖ ପଶି ପାରେ ନାହିଁ; କିନ୍ତୁ ସେ ଅଣ୍ଡିରାଗୁଡାକ ତ ପ୍ରାୟ କଳା-ଚିକ୍‌କଣ ନିଶ୍ଚୟ; କିନ୍ତୁ କଳା ! ଠାଣି ମାଣି ପୋଷାକରେ ସତେ ଅବା ସାହେବ ! ... ଆଉ ସେ ମାଇକିନାଗୁଡାକ ଖୁବ୍ ଗୋରୀ, ହସକୁରୀ...ଧଳା ଦାନ୍ତ, ନାଲି ଓଠ, ଚିକ୍‌କଣ ଗାଲ ! ସେ ଗୋଟାପଣେ ଶୀତେଇଯାଏ । ଦାନ୍ତକୁ ଦାନ୍ତ ଜାକି, ହାତ ମୁଠା ମୁଠା କରି ସେ ସରୁ ସରୁ ଆଖିରେ ଅନାଏ । ତା'ବୁକୁ ଧଡ ଧଡ ହୁଏ । ଦେହ ଝାଳେଇଯାଏ । ତା'ପରେ କ'ଣ ସବୁ ଘଟିଯାଏ । ...ଅବାଧ ସ୍ୱପ୍ନ ରାଜ୍ୟ !...ସେ ଆଉ ସର୍ଦ୍ଦାର ନୁହେଁ; ସେ ସ୍ୱୟଂ ମାଲିକ ! ସେ ନାରୀଗୁଡ଼ିକୁ ଖୁଣ୍ଟି ମାନଙ୍କରେ ବିଛେଇଲା ପରି ବାନ୍ଧିଦିଏ । ଅପରିମେୟ କାମନା, ଅପରିମେୟ ଭୋଗ ! ଅପରିମେୟ ହିଂସା ! ନାରୀମାନେ ଚିତ୍କାର କରନ୍ତି, ତା ଭଉଣୀ ପରି, ତା'ର ପ୍ରଥମ ସ୍ତ୍ରୀ ପରି, ତାର ସାତବର୍ଷର ଛୋଟଝିଅ ପରି । ସେମାନଙ୍କୁ ସେ ବେଶ ପୋଷାକର ମାଲିକମାନେ ସେହିପରି ଖୁଣ୍ଟିରେ ବାନ୍ଧିଥିଲେ । ବଳାତ୍କାର ଭୋଗ କରିଥିଲେ । ଅକାତରେ ହତ୍ୟା କରିଥିଲେ ।... ସେ ତା'ର ସ୍ୱପ୍ନରେ ଅସଂଖ୍ୟ ଚିତ୍କାର ଶୁଣେ । ରକ୍ତ, ରେତ, ସ୍ୱେଦରେ ପରିପ୍ଲୁତ ହୋଇ ସେ ସ୍ୱପ୍ନ ଦେଖୁଥାଏ ।

Digitized by srujanika@gmail.com

ଏ ଭଳି ସ୍ୱପ୍ନ ପରେ ତା'ର ଦୃଷ୍ଟି ବଦଳିଯାଏ । ସେ ଦିବାଲୋକରେ ସୁଦ୍ଧା ଖୋଲା ଆଖିରେ ସେଇ ସ୍ୱପ୍ନକୁ ଦୋହରାଇପାରେ, ବାରମ୍ବାର ଲେହନ କରିପାରେ । ସେ ନୂଆ କରି ଆବିଷ୍କାର କରେ ତା'ହାତ ପାଦରେ ବେଢ଼େଇ ରହିଥିବା କୁତ୍ସିତ ଲୁହାର ବଳାଗୁଡ଼ିକୁ । ସର୍ଦ୍ଦାରକୁ ଲୁଚେଇ ତାକୁ ଛିଣ୍ଡେଇବାକୁ ଟାଣେ । ହାତର ଚମଡ଼ା ଫାଟି ରକ୍ତ ଝରିଯାଏ । ସେ ଭୀଷଣ ରାଗିଯାଏ । ଏଇ ବେଢ଼ି ହିଁ ଅସ୍ୱାଭାବିକ । ଏହା ହିଁ କ୍ରୀତଦାସର ଚିହ୍ନ, ତା'ର ବୈଶିଷ୍ଟ୍ୟ । ସେ କ୍ରୀତଦାସ !

ସେ ପୁଣି ଆବିଷ୍କାର କରେ ଯେ, ସେ ଏକୁଟିଆ ନୁହେଁ, ଆହୁରି ଅସଂଖ୍ୟ ସେଇଭଳି ଶାଙ୍କୁଳିରେ ବନ୍ଧାପଡ଼ିଛନ୍ତି । ହଜାରେ କ୍ରୀତଦାସଙ୍କୁ ଗୋଟାଏ ସର୍ଦ୍ଦାର ଗୋଟାଏ ଚାବୁକରେ ପ୍ରହାର କରୁଛି । ପ୍ରହାର କରିବା ତା'ର ଅଧିକାର ନୁହେଁ । ଏମାନେ ଏମିତି ଚାବୁକ ମାଡ଼ ଖାଇ ନୀରବ ରହିବା ସ୍ୱାଭାବିକ ନୁହେଁ । ଏମାନେ କେହି ଛେଳି କିମ୍ବା ଗୋରୁ ନୁହଁନ୍ତି । ଏମାନେ ସମସ୍ତେ ତାଙ୍କ ହାତରେ ସେ ଚାବୁକ୍ ଧରିପାରନ୍ତେ । ଏମାନେ ସମସ୍ତେ ସେଇ ମାଲିକମାନଙ୍କ ଅନୁରୂପ- ବିବର୍ଣ୍ଣ, ଅପରିଷ୍କୃତ, ହାଡୁଆ, ଟାଆଁସା, ଘାଘଡ଼ା; କିନ୍ତୁ ସମସ୍ତେ ସେଇଭଳି ମଣିଷ...ଏମାନଙ୍କୁ କାହିଁକି ଏଇଟା ଦିଶୁ ନାହିଁ ! ଏମାନେ କାହିଁକି ଗୋରୁ ଭଳି ଅବୁଝା ଆଖିରେ ଚାହିଁଛନ୍ତି-ଗୋରୁ ଭଳି ଖାଉଛନ୍ତି, ଶୋଉଛନ୍ତି ?...

ସେ ପୁଣି ସ୍ୱପ୍ନ ଦେଖେ । ଅସଂଖ୍ୟ କ୍ରୀତଦାସଙ୍କୁ ସେ ତାର ଆବିଷ୍କାର କଥା କହୁଛି । ଅଦ୍ଭୁତ ଭାଷାରେ କହୁଛି ସେମାନେ ବିମୂଢ଼ ହେଲାପରି ତାକୁ ନିଷ୍ପଲକ ଆଖିରେ ଚାହିଁ ରହୁଛନ୍ତି । ସେମାନେ ଭୟାର୍ତ୍ତ ଦିଶୁଛନ୍ତି । ସେମାନେ ଛେଳିପରି ଦିଶୁଛନ୍ତି; ଗୋରୁପରି ଦିଶୁଛନ୍ତି । ବିରାଟ ଚାବୁକ ଧରି ହେଣ୍ଟାଳୁଥିବା ସର୍ଦ୍ଦାର ସେମାନଙ୍କୁ ଅଡ଼େଇ ନେଇ ଚାଲିଯାଉଛି । ଅବାଧ ସମ୍ରାଜ୍ୟ ! ସେ ପୁଣି ସେମାନଙ୍କୁ ଆଉ ଏକ ପଡିଆରେ ତା'ଆଡ଼କୁ ଭୋକିଲା ଆଖିତୋଳି ଚାହିଁ ରହିଥିବାର ସପ୍ନଦେଖେ । ତାଙ୍କୁ ସେ ବାରମ୍ବାର ବୁଝାଏ । ସେମାନେ ହଠାତ୍ ଏକଦା ସବୁକଥା ବୁଝିଯା'ନ୍ତି-- ସେ ଯେମିତି ନିଜେ ବୁଝିଯାଇଥିଲା । ତା'ପରେ ସେମାନେ ସମସ୍ତେ ଲୁହା ଜଞ୍ଜିର ଭିତରୁ ଅଦ୍ଭୁତ ଭାବରେ ହୁଗୁଳି ଆସନ୍ତି । ସମସ୍ତେ ଆକାଶକୁ ହାତଟେକି ଗୋଟିଏ ସ୍ୱରରେ କ'ଣ ଧ୍ୱନି କରନ୍ତି । ନୂଆ ମେଘ ଡାକିଲା ପରି ତାକୁ ଶୁଣାଯାଏ । ତା' ଦେହ ଶୀତେଇଯାଏ । ସେ ସ୍ୱପ୍ନରୁ ଉଠି ତାକୁ ହିଁ ସମ୍ବଳକରି ଆଉଜିରହେ । ତାକୁ ଶୋଷି ଶୋଷି ତା'ର ଶୋଷ ମେଣ୍ଟାଏ, କ୍ଷୁଧା ମେଣ୍ଟାଏ ।

ସେ ଅନୁଭବ କରେ ଯେ, କ୍ରୀତଦାସ ହେବା ଭୋକରେ ରହିବା, ରୋଗରେ ମରିବା, ଜଞ୍ଜିରରେ ଶୋଇବା ଭଳି ଅସ୍ୱାଭାବିକ । ଯାକୁ ଭାଙ୍ଗିବାକୁ ସେ ବିଦ୍ରୋହ କଲେ ତାହା ଅପରାଧ ନୁହେଁ । ଲୁଚି ଲୁଚି ଅନ୍ୟମାନଙ୍କୁ ଏ ସ୍ୱପ୍ନରେ ଦୀକ୍ଷିତ କଲେ ଅପରାଧ ନୁହେଁ । ହୁଏତ ଦିନେ କେହି ଜଣେ ତା'ର ବେଢି ଛିଣ୍ଡାଇ ରାତି ଅଧରେ ଦୁଇ ବାହୁ ସ୍ୱାଭାବିକ ଭାବରେ ତୋଳି ଧରି ଠିଆହେବ । ସେ ହୁଏତ ଅନ୍ୟ ସମସ୍ତଙ୍କୁ ସେଇଭଳି ଖୋଲିଦେବ । ଏପରି ଖୋଲିଦେବା ଅପରାଧ ନୁହେଁ । ସର୍ଦ୍ଦାର

Digitized by srujanika@gmail.com

ଏକୁଟିଆ । କ୍ରୀତଦାସ ଅନେକ । ସର୍ଦ୍ଦାର ହୁଏତ ଦଣ୍ଡଦେବାକୁ ଚାବୁକ୍ ଟେକି ଧାଇଁ ଆସିବ । ସମସ୍ତେ ଅଭ୍ୟାସରେ, ଭୟରେ, ଦୁର୍ବଳ ବିଶ୍ୱାସରେ ପୁଣି ନଇଁପଡ଼ିବେ । ଜଞ୍ଜିର ପିନ୍ଧିପକାଇବେ । ପିଠି ଖୋଲି ଦେଖାଇଦେବେ । ପ୍ରସ୍ତୁତ ହୋଇଯିବେ ନୀରବ ରହି ଚାବୁକ୍ ଖାଇବାକୁ ।

ଏ ସ୍ୱପ୍ନ ତା'ର ନିରବଚ୍ଛିନ୍ନ । ସେ ଆଖିତରାଟି ହୁଏତ ଚାହିଁରହିବ ଶୂନ୍ୟକୁ । ଦୁର୍ବଳ କ୍ରୀତଦାସ ମାନଙ୍କର ରକ୍ତାକ୍ତ ପିଠିରେ ଚାବୁକ୍ ପଡ଼ିବାର ସେ ନିଜ ପିଠିରେ ଅନୁଭବ କରିବ । ସ୍ୱପ୍ନରେ ଚମକିବ । ହୁଏତ ସର୍ଦ୍ଦାର ଦେଖିଦେଲା ବୋଲି ଶଙ୍କିଯିବ । ତା'ପରେ ପୁଣି ପଶିହୋଇଯିବ ସ୍ୱପ୍ନଭିତରକୁ । ନଇଁଥିବା ସବୁ ପିଠି ତା'ର କ୍ରୋଧ ଫଳରେ ସଳଖିଯିବେ । ଅସଂଖ୍ୟ କ୍ରୀତଦାସ ଛାତିହୋଇ ଠିଆ ହୋଇଯିବେ । ଚାହିଁବେ ତାକୁ, ସେ ଯାହା କହିବ ସେମାନେ କରିବାକୁ ପ୍ରସ୍ତୁତ ଥିଲାପରି ଜଣାପଡିବେ । ସେ କ'ଣ କହିବ ତାଙ୍କୁ ? ...ସେମାନେ ସର୍ଦ୍ଦାର ହାତରୁ ଚାବୁକ ଛଡାଇ ନେଇପାରନ୍ତି । ତାକୁ ବେଢ଼ିଯାଇପାରନ୍ତି । ଖଞ୍ଜାକଣ୍ଟେଇ ପରି ତା'ର ସବୁ ଅବୟବଗୁଡିକୁ ହୁଗୁଳେଇ ଫିଙ୍ଗିଦେଇ ପାରନ୍ତି । ସେମାନଙ୍କ ହାତରେ ବେଡି ନାହିଁ । ସେମାନେ ସମସ୍ତେ ବେକ ସଳଖି ଠିଆହୋଇଛନ୍ତି । ସେମାନଙ୍କ ଆଖିରେ ଭୟ ନାହିଁ । ବୁକୁ ଉଭାରି ରହିଛି ଆଗକୁ । ଡେଣାରେ ଗୁଳାଗୁଳା ମାଂସପେଶୀ । ଅଜସ୍ର ବଳ । ସେମାନେ ଏଣିକି ଯାହା ଇଚ୍ଛା କରନ୍ତୁ । ସେମାନଙ୍କ ବୁକୁରେ ଏତେ କ୍ରୋଧ, ବାହୁରେ ଏତେ ବଳ ଗଚ୍ଛିତ ଥିଲା ବୋଲି ସେ କେବେ ହେଁ ଭାବି ନ ଥିଲା । ସେମାନେ ସମସ୍ତେ ବଢ଼ିଲା ନଈପରି ଗର୍ଜିଉଠୁଛନ୍ତି; ଫେଣେଇ ଉଠୁଛନ୍ତି ।

ଜଞ୍ଜିର ନ ଥିବା ଫୁଙ୍ଗୁଳା ହାତଗୁଡାକରେ ଅନ୍ଧାର ରାତିରେ ଜ୍ୱଳନ୍ତ ମଶାଲ ଖୁବ୍ ଭୟଙ୍କର ଦିଶେ । ଶସ୍ୟ କାଟୁଥିବା, ପଥର ଭାଙ୍ଗୁଥିବା, କାଗଜ ରାମ୍ପୁଥିବା ନିରୀହ ଡେମ୍ପଲଗା ଲୁହାପାତିଆଗୁଡାକ ଝଲମଲ ହତିଆର ହୋଇ ସେଇ ଅନ୍ଧାରରେ ଝଟକନ୍ତି । ସମସ୍ତେ ବାହୁ ଟୋକି ଉପରକୁ ଚାହିଁ କ'ଣ ଧ୍ୱନି କରନ୍ତି । ନୂଆମେଘ ଡ଼ାକିଲା ଭଳି ଶୁଭେ । ସେ ଶୀତେଇଯାଏ । ସେମାନେ ସମସ୍ତେ ସେଇ ଧଳାକାନ୍ଥର କୋଠାଆଡ଼େ ମାଡ଼ିଯାଆନ୍ତି । ତୁମୁଳ ଧ୍ୱନି ହୁଏ । ସବୁ ମଶାଲ ଏକାଠି ହୁତ୍‌ହୁତ୍ ହୋଇ ଜଳି ଉଠନ୍ତି । କେତେ ଚିତ୍କାର, କେତେ ବିସ୍ଫୋରଣ, କେତେ ରକ୍ତ, କେତେ ସ୍ୱେଦ, କେତେ ଆଘାତ ସେ ଆଉ କଳିପାରେ ନାହିଁ । ସ୍ୱପ୍ନ ମଧ ସେ ଗୁରୁଭାର ସମ୍ଭାଳି ନ ପାରି ଟଳମଳ ହୁଏ । ଭାଙ୍ଗି ପଡ଼େ । କ୍ରୀତଦାସ ସହସ୍ରେ ଥର ମରିବାର କ୍ଲାନ୍ତିରେ ଅବଶ ହୋଇ ଆଖିମିଟିକା ମାରି ନୀରବ କ୍ଲାନ୍ତ ରାତିକୁ କାନାଏ । ଓଃ, ସେ ଅଦ୍ଭୁତ ଆବିଷ୍କାର ଏବଂ ଅଦ୍ଭୁତ ସ୍ୱପ୍ନର ପରିଣତି କ'ଣ ଏଇଆ ?

ସ୍ୱାପ୍ନାକ୍ରାନ୍ତ କ୍ରୀତଦାସ ଚାହିଁଥାଏ କି ଶୋଇଥାଏ କେଜାଣି ! ପୋଡ଼ି ଜଳି ଯାଇଥିବା ଗୋଟିଏ ବିଧ୍ୱସ୍ତ ପୃଥିବୀରେ ବିକୀର୍ଣ୍ଣ ହାଡ଼ କୁଢ଼ ଭିତରେ ସେ କିଛି କାଳ ଏକାକୀ ବିଚରଣ କରେ; କିନ୍ତୁ ଅବାଧ ସ୍ୱପ୍ନରାଜ୍ୟ ।... ସେ ଦେଖେ ଯେ, ଜଞ୍ଜିରରେ ବାନ୍ଧି ଗୋଠ ଗୋଠ ନଇଁଥିବା ମଣିଷକୁ କିଏ ଚାବୁକ୍ ମାରି ଅଡ଼େଇ ନେଉଛି । ସେଥିରେ ଧଳାକୋଠାର ଅଣ୍ଡିରାମାନଙ୍କୁ, ଚିତ୍କାର କରୁଥିବା ସେଇ କୋଠାର ମାଇକିନା ଏବଂ ପିଲାମାନଙ୍କୁ ସେ ଆବିଷ୍କାର କରେ ।...ଦୃଶ୍ୟ ବଦଳି ଯାଏ ।

Digitized by srujanika@gmail.com

ଧଳାକୋଠାର ଶିରା ଶିରା ଉଲାରି ଲାଗିଛନ୍ତି ସେମାନେ । ସେମାନେ ଠିଆ ଠିଆ ସେ କୁଢ଼ କୁଢ଼ ଖାଦ୍ୟ ଗେଫିଦେଇ ଯାଉଛନ୍ତି । ପୋଷାକ ପିନ୍ଧି ନିଶ ବାଗଉଛନ୍ତି । ଚିକ୍କଣ ଦିଶୁଛନ୍ତି । ମଶାଲଧରି ନାଚୁଛନ୍ତି । ସେମାନେ ମଧ୍ୟ କାଚ ଗ୍ଲାସ୍‌ରେ ରକ୍ତ ପିଉଛନ୍ତି, ହସୁଛନ୍ତି ।

କ୍ରୀତଦାସ ମଝି ସରହଦ ଉପରେ ଠିଆହୋଇଛି । ସେ ସ୍ୱପ୍ନରେ କାନ୍ଦୁଛି । ଗୋଲାପ ବଗିଚାର ନିର୍ମଳ ପାଣିରେ ମୁହଁ ବୁଡ଼େଇ ସେ ପିଇପାରୁନାହିଁ । ତା' ହାତ ଦୁଇଟି ସେଥିରେ ବୁଡ଼େଇ ଚାହିଁରହିଛି । ନିର୍ମଳ ପାଣି ଧାର ନାଲି ଜର ଜର ହୋଇ ଆଉଟି ହେଉଛି । ଗୋଲାପ ପାଖୁଡ଼ାଗୁଡ଼ିକୁ ମନ୍ଥି କେହି ହୁଏତ ସବୁ ଦୋରୁଅ ଚିପୁଡ଼ିଦେଇଛି । ସେଇ ଦୋରୁଅ ବହଳ ହୋଇଯାଉଛି ଆସ୍ତେ ଆସ୍ତେ କଟା-ଛେଳିରକ୍ତ ପରି । ସେ କାନ୍ଦୁଛି । ମନକୁ ମନ କହୁଛି, "ନା... ନା... କ୍ରୀତଦାସର ଅସମ୍ମାନକୁ କ୍ରୀତଦାସର ଅସମ୍ମାନରେ ଦୂର କରିହେବନାହିଁ ।...କ୍ରୀତଦାସ ହେବା ମଣିଷ ଆତ୍ମାର ଆବମାନନା । କ୍ରୀତଦାସର ଯାତନା ତୁମେ କେହି ବୁଝିନାହଁ । ପରସ୍ପରକୁ ଏପରି ଜଞ୍ଜିରରେ ବାନ୍ଧନାହିଁ । ପରସ୍ପରକୁ ଗୋରୁଭଳି, ଛେଳିଭଳି ବଞ୍ଚିବାକୁ ବାଧ୍ୟ କରନାହିଁ । ତୁମେ ତୁମର ସାମ୍ୟ ଆବିଷ୍କାର କରିନାହଁ । ନିଜକୁ ଆବିଷ୍କାର କରିନାହଁ । ମୋତେ ଦେଇଦିଅ ସବୁ କ୍ରୀତଦାସର ଅପମାନ, ତାଙ୍କର ଯାବତୀୟ ଯନ୍ତ୍ରଣା, ତାଙ୍କର ମୃତ୍ୟୁ !"

ସେ ସ୍ୱପ୍ନରୁ ଉଠେ କି ଉଠେନା କେଜାଣି ! ସ୍ପଷ୍ଟ ଦିବାଲୋକରେ କିନ୍ତୁ ଏ ବିପୁଳ ପୃଥିବୀରେ କ୍ରୀତଦାସ ହେବା ଗୋରୁଭଳି, ଛେଳିଭଳି ବଞ୍ଚିବା ଖୁବ୍ ପାରମ୍ପରିକ ଏବଂ ସ୍ୱାଭାବିକ । ନୀରବ ରହି ଯାତନା ସହିବା ମଧ୍ୟ ସର୍ବଦା ଗୋଟିଏ ଗୋଷ୍ଠୀର ସ୍ୱାଭାବିକ ଅଭ୍ୟାସ ।

କେତେ ସ୍ୱପ୍ନ ହେଲେ ଏମାନେ ସମସ୍ତେ ତା'ଭଳି ଚେଇଁଉଠିବେ କେଜାଣି ?

❖❖❖

Digitized by srujanika@gmail.com

କଣିକ ଉବାଚ

ଆପଣ ନିଷ୍କଣ୍ଟକ କ୍ଷମତାସୀନ ରହିବା ପାଇଁ ମୋର ଯେଉଁ ବିଦ୍ୟାକୁ ଆଜି ଆବାହନ କରୁଛନ୍ତି, ତାହା ଆପଣଙ୍କୁ ବଜ୍ରକବଚ ପରି ଆଚ୍ଛାଦିତ କରୁ ! ଆପଣ ଭୟଶୂନ୍ୟ ହୁଅନ୍ତୁ ! ଆପଣଙ୍କର ଏଭଳି ଆତଙ୍କର ବୀଜରୂପ ସକଳ ପ୍ରକାର ଶତ୍ରୁ ବିନାଶପ୍ରାପ୍ତ ହୁଅନ୍ତୁ ! ଜ୍ୱରାକ୍ରାନ୍ତ ଆପଣଙ୍କର ମନ ଏବଂ ଶରୀର ନିରାମୟ ହେଉ । ଆପଣ ନିରୁଦ୍‌ବିଗ୍ନ ହୁଅନ୍ତୁ !

ମୋର ବିଦ୍ୟା ପ୍ରବଳା, ନିରୁଙ୍କୁଶା, କୈତବ-ଶୂନ୍ୟା ! କୃଷ୍ଣା ଘୋଟକୀ ପରି ମୋର ବୁଦ୍ଧିକୁ ଆପଣ ଉପଯୁକ୍ତ ମୂଲ୍ୟ ଦାନ କରି ନିଯୁକ୍ତ କରିଛନ୍ତି । ସେ ଅବଶ୍ୟ ଆପଣଙ୍କୁ ବିପଦମୁକ୍ତ କରିବ । ତାହା ଉପରେ ଆରୂଢ଼ ହୋଇ ଅଶେଷ ଅଜ୍ଞାତ ମାର୍ଗରେ ନିର୍ବିଚାର ଏବଂ ନିର୍ବିରୋଧ ଭ୍ରମିବାକୁ ଆପଣଙ୍କୁ ମୁଁ ଶକ୍ତିଦାନ କରିବି । ସେ ସମସ୍ତ ଶକ୍ତି ଏବଂ ସମସ୍ତ ମନ୍ତ୍ର ମୋ ବିଦ୍ୟାର ଅଧିନ । ଆପଣଙ୍କର ଜୟ ହେଉ ।

ଦୃଷ୍ଟିହୀନ ହେବା କୌଣସି ରାଷ୍ଟ୍ରନାୟକ ପକ୍ଷରେ ଦୁର୍ଲଙ୍ଘ୍ୟ ବାଧକ ନୁହେଁ । ତାକୁ ସେଭଳି ଭାବିବା ହିଁ ବାଧକ । ଆଉ କାହାରି ସାମର୍ଥ୍ୟ ନାହିଁ ତାଙ୍କର ଦୋଷ ଦର୍ଶନ କରିବ । ଥିଲେ ମଧ ସେଭଳି ସାମର୍ଥ୍ୟକୁ ସ୍ୱୀକାର କରାଯାଏନା । ନୀତି-ନିୟମ, ଶାସ୍ତ୍ର-ସଂହିତା ଅନ୍ୟ ସମସ୍ତଙ୍କ ପାଇଁ ପ୍ରଣୀତ । ଆପଣ ତା'ର ପ୍ରଣେତା । ଆପଣ ତା'ର ଉର୍ଦ୍ଧ୍ୱରେ । ସମସ୍ତେ ଆପଣଙ୍କର ଅନୁଗମନ କରିବେ । ଆପଣ ସର୍ବାଗ୍ରେ ଫଣୀଫଣା ପରି ଉତ୍ତୁଙ୍ଗ, ତୀକ୍ଷ୍ଣ ଏବଂ ଭୟାବହ ହୋଇ ଗମନ କରୁଥିବେ। ନିର୍ବିଷ ରଜ୍ଜୁପରି ବାକି ସମସ୍ତେ ଆପଣଙ୍କର ଅନୁବର୍ତ୍ତୀ। ନିଜକୁ ଅଦ୍ୱିତୀୟ, ଅପ୍ରତିହତ, ନିରଙ୍କୁଶ ବୋଲି ବିଶ୍ୱାସ ନ କଲେ, ଯଥାର୍ଥରେ ତାହା

ହେବା ସମ୍ଭବ ନୁହେଁ। ନୀତି ଏବଂ ନୀତିବିଦ୍‌ମାନେ ଆପଣଙ୍କର ପ୍ରଥମ ପ୍ରତିବନ୍ଧକ। ଆପଣ ସେମାନଙ୍କୁ ଲଙ୍ଘନ କରନ୍ତୁ। ଲଙ୍ଘିବା ଆପଣଙ୍କ ଅଧିକାର; ଲଙ୍ଘିବାକୁ ଆପଣ ସମର୍ଥ ! ସେମାନେ ନିଜ ସ୍ୱାର୍ଥଦୃଷ୍ଟିରୁ ଆପଣଙ୍କୁ କ୍ଳୀବ ରଖିବାକୁ ଚାହାନ୍ତି। ବିଚାରବୁଦ୍ଧିକୁ ବିବିଧ କଳ୍ପନାରେ ଭାରାକ୍ରାନ୍ତ କରନ୍ତି। ଆପଣ ଚତୁର, କ୍ଷିପ୍ର ଏବଂ ଅବାଧ ହୁଅନ୍ତୁ। ସର୍ବଦା ଦଣ୍ଡ-ଚାଳନା କରନ୍ତୁ। ଭୀତିସଂଚାର କରନ୍ତୁ। ସବୁ ସୀମା ଲଙ୍ଘନକରି ଶୀର୍ଷ ମଣ୍ଡନ କରନ୍ତୁ।

'କଣିକ'-ପାଣ୍ଡବ ବିନାଶ ପାଇଁ ଧୃତରାଷ୍ଟ୍ରଙ୍କ ଉପଦେଷ୍ଟା ।

Digitized by srujanika@gmail.com

ସବୁ ଉଦ୍‌ବେଗ ଶତ୍ରୁଜନିତ। ଯେତେ ଛୋଟ ହେଉ ପଛକେ କଣ୍ଟକର କଣାଟିଏ ଥିବା ପର୍ଯ୍ୟନ୍ତ ତା'ର ଦନ୍ତାଘାତରେ ଆପଣ ରକ୍ତାକ୍ତ ହେବାର ଆଶଙ୍କା ରହିଛି। ଏଣୁ ସର୍ବପ୍ରଥମେ ଶତ୍ରୁକୁ ନିର୍ଣ୍ଣୟ କରିବାକୁ ପଡ଼ିବ। ଗୋପନରେ କୌଣସି ପ୍ରକାର ଭୟ ବା ସନ୍ଦେହର ଉଦ୍ରେକ ନକରି ଶଶା ପଛରେ କଟାସ ପରି ଛପିରହି ଚିହ୍ନଟ କରିବାକୁ ହେବ। ମନେରଖନ୍ତୁ, ଶତୃତାର କାଳ କିମ୍ବା ପରିମାଣ ବିଚାର୍ଯ୍ୟ ନୁହେଁ। କାୟ ଏବଂ ବାକ୍ୟରେ ଯତ୍‌କିଞ୍ଚିତ ବିରୋଧ ହିଁ ଶତ୍ରୁତା । ଯେ ଆଦ୍ୟରେ ଶତ୍ରୁଥିଲେ, ବର୍ତ୍ତମାନ ମିତ୍ର ହେଉଛନ୍ତି ଯେ ଏବେ ଶତ୍ରୁତା କରୁଛନ୍ତି ଏବଂ ଭବିଷ୍ୟତରେ ଯେ ଶତ୍ରୁ ହେବାର ସୂଚନା କିମ୍ବା ସମ୍ଭାବନା ଦେଖାଦେଉଛି, ସେ ସମସ୍ତେ ଆପଣଙ୍କର ଶତ୍ରୁ । ସେ ସମସ୍ତଙ୍କୁ ନିରବଶେଷ ହତ୍ୟା କରିବା ଆପଣଙ୍କର ପ୍ରଥମ ଏବଂ ପ୍ରଧାନ କାର୍ଯ୍ୟ। ବ୍ୟଞ୍ଜନ ପାଇଁ ଯେପରି ଛାଗଳକୁ ହତ୍ୟା କରାଯାଏ, ସେହିପରି ବିନା ଦ୍ୱିଧା ଏବଂ ସଂକୋଚରେ ଏ ଅତୀବ ଯଶସ୍ୱୀର କାର୍ଯ୍ୟ ଆପଣ ସମ୍ପାଦନ କରିବେ। କଦାପି ମନସ୍ତାପ କରିବେ ନାହିଁ। କଦାପି ପଶ୍ଚାଦ୍‌ଦର୍ଶୀ ହେବେନାହିଁ।

ଆଜିଠାରୁ ବିଶ୍ୱାସକୁ ପରିହାର କରନ୍ତୁ। ଜଦ୍ୱାରା ଗଜରାଜ ମଧ୍ୟ ଶୃଗାଳର ଛଳ ବାକ୍ୟରେ ପ୍ରାଣ ବିସର୍ଜନ କରେ। ଆପଣ ସଂସାରର ସର୍ବଶ୍ରେଷ୍ଠ ଐଶ୍ୱର୍ଯ୍ୟ ଏବଂ ସର୍ବାଧିକ କ୍ଷମତାରେ ଆସୀନ ଥିବାରୁ ଲୋଭାନ୍ୱିତ ହୋଇ ମନୁଷ୍ୟ ମାତ୍ରେ ଆପଣଙ୍କର ବିନାଶ ପାଇଁ ପ୍ରଯତ୍ନ କରିବେ। ଏଣୁ ପିତା, ମାତା, ପତ୍ନୀ, ପୁତ୍ର ଆଦିଙ୍କୁ ମଧ୍ୟ ଆପଣ ସଂପୂର୍ଣ୍ଣ ବିଶ୍ୱାସ କରିବେନାହିଁ। ଅପର ପକ୍ଷରେ ସମସ୍ତଙ୍କର ପରମ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରିବେ - ଏପରିକି ଶତ୍ରୁକୁ ହତ୍ୟା କରିବା ପର୍ଯ୍ୟନ୍ତ ତା'ର ବିଶ୍ୱାସପ୍ରାପ୍ତ ହେବା ଆପଣଙ୍କର ଅଶେଷ ସହାୟକ ହେବ। ବିଶ୍ୱାସ ପାଇଁ କାନ୍ଧରେ ବୋହି ନେଉ ନେଉ, ସେପରି ସୁଯୋଗ ପାଇଲା ମାତ୍ରେ ପଥରରେ ମାଟି ହାଣ୍ଡିକୁ କଚାଡ଼ି ଗୁଣ୍ଡ କଲାପରି ଶତ୍ରୁକୁ ବିନିଷ୍ଟ କରିବେ। ଆପଣ ସ୍ୱୟଂ ହିଁ ଆପଣଙ୍କ ସକାଶେ ଏକମାତ୍ର ଏବଂ ସର୍ବଶ୍ରେଷ୍ଠ ମୂଲ୍ୟ। ନିଜର ସୁଖ ହିଁ ଏକମାତ୍ର ସୁଖ। ଅନ୍ୟର ସୁଖ କେବଳ କଳ୍ପନା। ଏଣୁ ନିଜର ସିଦ୍ଧି ପାଇଁ ଅକାରଣ ମମତାଛନ୍ନ ହୋଇ ଆତ୍ମ-ପର-ଭେଦରେ ମୋହାବିଷ୍ଟ ହେବେ ନାହିଁ। ଆତ୍ମୀୟସ୍ୱଜନ ହିଁ ଗୂଢ଼ତମ ଶତ୍ରୁ କୌଣସି ପ୍ରକାର ଦ୍ୱିଧା ନରଖି ଶତ୍ରୁକୁ ବିନାଶ କରିବେ ।

ଶତ୍ରୁ ସମର୍ଥ ଥିବା ପର୍ଯ୍ୟନ୍ତ ତାକୁ ଦେଖି ନ ଦେଖିଲା ପରି, ଶୁଣି ନ ଶୁଣିଲା ପରି ଆଚରଣ କରିବେ; କିନ୍ତୁ ବଣ୍ୟଜନ୍ତୁ ପରି ଉତ୍କର୍ଣ୍ଣ ଏବଂ ଜାଗ୍ରତ ରହିଥିବେ। ସେ ଆୟତକୁ ଆସିବା ମାତ୍ରେ ସାମ-ଦାମ-ଦଣ୍ଡ-ଭେଦ ପ୍ରଭୃତି ଯେକୌଣସି ଉପାୟରେ ହେଉ ତାକୁ ବଧ କରିବେ। ଅପକାରୀ ଶତ୍ରୁର ବଧ ଅତୀବ ପ୍ରଶଂସନୀୟ ଅଟେ। ଦୟା କିମ୍ବା କ୍ଷମାଦି ଆଚରଣ ସକାଶେ ଶତ୍ରୁ ଉପଯୁକ୍ତ ପାତ୍ର ନୁହେଁ। ଏଣୁ ସେ ଭୟାର୍ତ୍ତ ହୋଇ ଶରଣାଗତ ହେଲେ ସୁଦ୍ଧା, ତାହା ମହତ୍ତର ସୁଯୋଗ ମଣି ତା'ର ଅବିଳମ୍ବେ ବିନାଶ କରିବେ।

ପୁରାତନ ଶତ୍ରୁକୁ ପ୍ରଥମେ ବଶିଭୁତ କରି, ଧନ ରତ୍ନ ଭୂମି ପଦବୀ ଆଦି ଦାନକରି, ପ୍ରୟୋଜନ ହେଲେ ତା'ର ପରିବାରୁ କନ୍ୟାଦି ପରିଗ୍ରହ କରି, ତା'ର ବିଶ୍ୱାସଭାଜନ ହେଲାପରେ

Digitized by srujanika@gmail.com

ତାକୁ ଅସତର୍କ ଭାବରେ ସମୂଳ ଧ୍ୱଂସ କରିବେ। କୌଣସିଠାରେ ତା'ର କିଛି ମାତ୍ର ଅବଶେଷ ଯେପରି ନ ରହେ, ସେଥିପାଇଁ ଦୃଷ୍ଟି ଦେଇଥିବେ। ଏ କ୍ଷେତ୍ରରେ ଭ୍ରୁଣ ସୁଦ୍ଧା ନିପାତନଯୋଗ୍ୟ। ତା'ର ସହାୟକମାନଙ୍କ ସହିତ, ଶତୃର ମୂଳ ଅଧିଷ୍ଠାନକୁ ବଳାତ୍କାର ଛିନ୍ନ କରିବେ।

ଶତୃ ଜାଗ୍ରତ ଥିଲେ ତା'ର ଚତୁର୍ଦ୍ଦିଗରେ ଛଦ୍ମ ବିସ୍ତାର କରି ତାକୁ ପ୍ରତାରିତ କରିବେ। ତା'ର ସବୁ ଛିଦ୍ର ଜାଣିବା ପାଇଁ ଯାହାକୁ ନିଯୁକ୍ତ କରିବେ, ତାକୁ ମଧ ଅନ୍ୟଦ୍ୱାରା ଆଚ୍ଛନ୍ନ ରଖିଥିବେ। ଶତୃର ଯେଉଁଭଳି କାର୍ଯରେ ବିଶ୍ୱାସ ଜନ୍ମିବ, ଧର୍ମ, ଶାସ୍ତ୍ର, ସେବା, ଦାନ ଆଦି ସବୁ କର୍ମର ଅଭିନୟ ସୁଚାରୁ ରୂପେ ସଂପାଦନ କରିବେ। ସରୀସୃପ, କର୍କଟ, ବ୍ୟାଘ୍ରାଦି ଭଙ୍ଗୀରେ ଗତିକରି ତା'ର ନିକଟବର୍ତ୍ତି ହେବା ମାତ୍ରେ ତା'ର ମର୍ମଭେଦ କରିବେ।

ଏଭଳି ରୌଦ୍ର କର୍ମ କଲାବେଳେ କୌଣସି କ୍ଷେତ୍ରରେ ଶୁଦ୍ଧାଶୁଦ୍ଧ ବିଚାରରେ ବିଚଳିତ ହେବେନାହିଁ। ବିଶୁଦ୍ଧତା ଏକ ଅର୍ନିଦିଷ୍ଟ ଭାବନା; ଏଣୁ ଏକ ଅକାରଣ ପ୍ରତିବନ୍ଧକ। ଯେଉଁଭଳି ପାରିବେ ଧନ ହରଣ କରିବା ଦୋଷାବହ ନୁହେଁ; କାରଣ ଉଦ୍ଦେଶ୍ୟ ଧନପ୍ରାପ୍ତି। ସେହି ପରି ଯେଉଁଭଳି ପାରିବ ଶତୃର ତେଜ ହରଣ , ଯଶ ହରଣ ଏବଂ ପ୍ରାଣ ହରଣ କରିବେ; ଉଦ୍ଦେଶ୍ୟ ନିଷ୍କଣ୍ଟକ ଏବଂ ନିରୁଦବିଗ୍ନ ରାଜ୍ୟ ପ୍ୟାପ୍ତି। ଏ ସମସ୍ତ ଶାସକର ଧର୍ମ। ନଦୀଧାରାର ଦୃଷ୍ଟି ନାହିଁ, ସ୍ୱାୟତ୍ତାଧୀନ ଗତି ନାହିଁ, ତେଣୁ ଲକ୍ଷ ନାହିଁ। ତାହା ମୃତ, କ୍ଲୀବ, ଅପାରଗ ଜଡ଼ପିଣ୍ଡର ଗତି; କିନ୍ତୁ ପଥମେ ଲକ୍ଷ ସ୍ଥିର କରି ଅଭ୍ରାନ୍ତ ଶର ଯେପରି ଇତସ୍ତତଃ ନହୋଇ ବିଚାରଶୂନ୍ୟ ଏବଂ ଏକାଗ୍ର ଗତିକରି ସେଠାରେ ପ୍ରୋଥିତ ହୁଏ, ଏବଂ ସିଦ୍ଧି ଓ ଯଶ ଆସ୍ୱାଦନ କରେ, ଆପଣ ସେପରି ଲକ୍ଷଭେଦ କରିବେ। କୌଣସି ବାଧା ଆସିଲେ ତାକୁ ଛିନ୍ନକରିଯିବେ।

ବାଧା କିମ୍ବା ପ୍ରତିବନ୍ଧକ ଅନେକ ପ୍ରକାର। ତାର ଗୁଣ ଏବଂ ସାମର୍ଥ୍ୟ ଅନୁପାତରେ ଆପଣ ଆଚରଣ କରୁଥିବେ। ଭୟାଳୁକୁ ଭୟ ଦେଖାଇ, ଶୌର୍ଯ୍ୟଶାଳୀକୁ କୃତାଞ୍ଜଳି ହୋଇ, ଲୋଭିକୁ ଅର୍ଥଦାନ କରି, ସମକକ୍ଷ କିମ୍ବା ନ୍ୟୁନ ବ୍ୟକ୍ତିକୁ ତେଜ ଦେଖାଇ ଆୟତ୍ତାଧୀନ କରିବେ। ଉପାୟର ନୈତିକତା ବିଚାର ମୁର୍ଖତା। ଅସ୍ତ୍ର, ଶସ୍ତ୍ର, ବିଷ, ବିସ୍ଫୋରକ, କପଟତା, କ୍ରୁରତା ଯେକୌଣସି ଉପାୟ ଲକ୍ଷସିଦ୍ଧି ପାଇଁ ଗ୍ରହଣୀୟ ଏବଂ ଶୁଦ୍ଧ। ତଥାପି ଶତୃ ସଂହାରରେ ସ୍ୱୟଂ ଲିପ୍ତ ହେବେ ନାହିଁ। ବରଂ ପ୍ରଚ୍ଛନ୍ନ ରହି ନିୟନ୍ତ୍ରଣ କରିବେ। ଶତ୍ରୁକୁ ବଧ କରିବା ପୂର୍ବରୁ ତା'ନିକଟରେ ପ୍ରିୟ ଏବଂ କୋମଳ ବାକ୍ୟ କହିବେ। ନିଧନର ଅବ୍ୟବହିତ ପୂର୍ବରୁ କୋମଳତମ ବାକ୍ୟ ଉଚାରଣ କରିବେ। ଏଥିରେ ଅନ୍ୟଥା କରିବେ ନାହିଁ। ଅନ୍ୟଥା କଲେ ଜୀବିତ ଶତ୍ରୁ ମାନେ ସତର୍କ ହୋଇଯିବେ।

ଶତ୍ରୁ ମୋଚନ ଏକ ଘୋର କର୍ମ। ସେଥିରେ ଯେଉଁମାନେ ନିଯୁକ୍ତ ହେବେ ସେମାନେ ଆପଣଙ୍କର ବଶବର୍ତ୍ତୀ ଏବଂ ବଚସ୍କର ହେବା ବିଧେୟ। ସେମାନଙ୍କ ଭିତରୁ ଯେଉଁମାନେ ଅର୍ଥ ଆଶାରେ ଆସିଥିବେ ସେମାନଙ୍କ ପ୍ରତି ସତର୍କ ଥିବେ। ଅର୍ଥପାଇଁ ଯେ ଗ୍ରହଣ କରିପାରେ, ସେ ଅର୍ଥପାଇଁ ତ୍ୟାଗ ମଧ କରିପାରେ। ସେ ମାନଙ୍କ ବୃତ୍ତି ଗଣିକା ପ୍ରାୟ। ସେ ମାନଙ୍କୁ ଗୂଢ ବାକ୍ୟ କହିବେ ନାହିଁ; କିନ୍ତୁ ସମସ୍ତ ଗୂଢ଼ ବାକ୍ୟ ଶୁଣୁଥିବେ। ବାକ୍ୟରେ ସତ୍ୟ ମିଥ୍ୟା କେବଳ ପ୍ରୟୋଜନସିଦ୍ଧ

Digitized by srujanika@gmail.com

ବୋଲି ଜାଣିବେ। ସେମାନଙ୍କୁ ପରସ୍ପରର ପ୍ରତିଦ୍ୱନ୍ଦୀ କରାଇ ଦେବେ। ପାହାଡ଼ ପରି ଅର୍ଥର ପ୍ରତିଶ୍ରୁତି ଗୋଟିଏ ଗୋଟିଏ ଟେଳା ମାଧ୍ୟମରେ ତାହା ପୂରଣ କରି ଚାଲିଥିବେ। ସେ ଚିର ପ୍ରଲୁବ୍ଧ ଏବଂ ଚିର ଆଶାୟୀ ହୋଇପାରିବେ ଅନୁଗତ ରହିବେ। କୁକୁରକୁ ଅର୍ଦ୍ଧ ଭୁକ୍ତ ରଖିଲେ ସେ ଜାଗ୍ରତ ଏବଂ ହିଂସ୍ର ରହି ଉପଯୁକ୍ତ ସେବା କରିଥାଏ।

ଯେଉଁମାନଙ୍କର ଅର୍ଥାଭାବ ନାହିଁ ସେମାନେ ସ୍ୱତଃ କାମାସକ୍ତ ଏବଂ ମଦ୍ୟଲୋଭୀ । ତାଙ୍କୁ ସେଥିରେ ଆସକ୍ତ ରଖି ତାଙ୍କର ଅର୍ଥକୁ ଦୋହାନ କରିବେ । ସେମାନଙ୍କୁ କ୍ଷମତାର ଲୋଭ ଦେଖାଇ ବହୁ ଦୂରବର୍ତ୍ତୀ ଯୋଜନାରେ ଫାନ୍ଦି ରଖିବେ । ମହୁପାତ୍ରରେ ବ୍ରଣମକ୍ଷୀପରି ସେମାନେ ଲାଗିରହିବେ । ସେମାନଙ୍କ ଭିତରେ ଶତ୍ରୁମିତ୍ର ନିର୍ବିଶେଷରେ ଏଭଳି ଆଚରଣ କରିବେ । ପ୍ରୟୋଜନ ଅନୁସାରେ ଯାହାକୁ ଚାହିଁବେ ତାକୁ ବିନାଶ କରିଯିବେ । ସେମାନେ ଆପଣଙ୍କର ଉପକାର କରିବାର ନାମ ସେବା । ତାହା ଆପଣଙ୍କର ପ୍ରାପ୍ୟ । ସେଥିପାଇଁ ଆପଣ କୃତଜ୍ଞ ହେବାର କାରଣ ନାହିଁ । ଯେ ସେବା ନ କଲା ସେ ମିତ୍ର ନୁହେଁ, ଏବଂ ଅମିତ୍ର ହିଁ ଶତ୍ରୁ । ଶତ୍ରୁ ସର୍ବଦା ହନନଯୋଗ୍ୟ । ଶତ୍ରୁ ଥିବା ପର୍ଯ୍ୟନ୍ତ ଆପଣ ବିପନ୍ନ । ଯେ ବିପନ୍ନ ସେ ଉଦ୍‌ବିଗ୍ନ। ଉଦ୍‌ବେଗ ସୁଖର ଅନ୍ତରାୟ। ଆପଣ ଐଶ୍ୱର୍ଯ୍ୟକାମୀ। ଆପଣ କ୍ଷମତା ରୂଢ ରହିବାକୁ ଚାହାନ୍ତି। ଏଣୁ ଶତ୍ରୁ ବିନାଶ ଏକ ସୁଖକର , ସାର୍ଥକ, ଶକ୍ତି ବର୍ଦ୍ଧନ କାରୀ କ୍ରିୟା। ଆପଣ ଏଥିରେ ଅଚିରେ ସଂଯୁକ୍ତ ହୁଅନ୍ତୁ।

କ୍ରୋଧକୁ ପ୍ରକାଶ କରିଦେଲେ ଶକ୍ତିର ଅପଚୟ ଘଟେ। ନିଶିତ କ୍ଷୁର ପରି ତାକୁ ସବୁବେଳେ ସଂଗୋପନରେ ବର୍ଦ୍ଧିତ କରୁଥିବେ। ତାକୁ ମୁହୂର୍ତ୍ତକ ପାଇଁ କେବଳ ଦୋଷମୁକ୍ତ କରି କର୍ମ ସଂପାଦନ କରାଯାଇ ପାରେ। ସବୁବେଳେ କିନ୍ତୁ କୋମଳ ମୃଦୁ ହାସ୍ୟଦ୍ୱାରା ନିଜର ମୁଖ ମଣ୍ଡଳକୁ ଆବୃତ ରଖି ସମସ୍ତଙ୍କୁ ବିମୁଗ୍ଧ କରୁଥିବେ। ଶତ୍ରୁର କାନ୍ଧରେ ଚକ୍ରପରି ମୁଣ୍ଡ ଛିଡ଼ିପଡ଼ିବା ପର୍ଯ୍ୟନ୍ତ ସେ ଯେପରି ମୂଢ଼ବତ୍ ସେ ମଧୁର ମୁହଁକୁ ଚାହିଁରହିଥିବ ସେଥିପାଇଁ ଚେଷ୍ଟିତ ଥିବେ । ଶତ୍ରୁର ମର୍ମଭେଦ କଲାବେଳେ ମତ୍ସ୍ୟଜୀବୀ ପରି ନିର୍ବିକାର ଏବଂ ଅଚଞ୍ଚଳ ରହିପାରିବା ପ୍ରକୃଷ୍ଟ ସାଧନା ।

ଶଠତାପାଇଁ ସଖ୍ୟ ସର୍ବଶ୍ରେଷ୍ଠ ଆବରଣ । ମନକୁ ଜୟ କରିବାକୁ ଅଶ୍ରୁ ଅତି ଉପାଦେୟ ମାଧ୍ୟମ। କୌଣସି ଆଗ୍ନେୟ ଘରେ ନିକଟତମ ଶତ୍ରୁଙ୍କର ବିଶ୍ୱାସ ଅର୍ଜନ କରି ତାଙ୍କୁ ଦଗ୍ଧୀଭୂତ କଲାପରେ ସେମାନଙ୍କ ଅନ୍ତ୍ୟେଷ୍ଟି ପାଇଁ ବହୁ ଆଡ଼ମ୍ବରରେ ଅର୍ଥ ବ୍ୟୟ କରିବେ ଏବଂ ଅକୁଣ୍ଠିତ ଅଶ୍ରୁମୋଚନ କରିବେ।

ଭାଇ, ବନ୍ଧୁ, ପୁତ୍ର, ପିତା, ଜାୟା, ଜନନୀ କେହିହେଲେ ଏ ନିର୍ମମ ବିଦ୍ୟାର ପ୍ରୟୋଗ ବହିର୍ଭୂତ ନୁହଁନ୍ତି । ବେଳ ପଡ଼ିଲେ ସମସ୍ତଙ୍କୁ ଅପସାରିତ କରିବାକୁ ପଡ଼ିବ । ପୁରୁଷାର୍ଥର ତିନୋଟି ବର୍ଗ ପାଇଁ ଏ ଶତ୍ରୁ ତାପିନୀ ବିଦ୍ୟାର ତୁଳନା ନାହିଁ । ମନରୁ ସବୁ ସଂଶୟ ଦୂର କରି ଆପଣ ଏହାର ଆଶ୍ରିତ ହୁଅନ୍ତୁ । ଆପଣ ବୃଦ୍ଧ ହୁଅନ୍ତୁ ଅବା ଅପାରଗ ହୁଅନ୍ତୁ କିମ୍ବା ଅନ୍ଧ ହୁଅନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ। ଏହି ଦ୍ୱିଧା ଗ୍ଲାନିଶୂନ୍ୟ ମାର୍ଗରେ ଏ ସସାଗରା ଭୂଖଣ୍ଡକୁ ଆପଣ ଭୋଗ

Digitized by srujanika@gmail.com

କରିପାରିବେ । ପଶୁରାଜ ପରି ଏ ବିସ୍ତୃତ ଅରଣ୍ୟକୁ ଆପଣ ପଦାନତ କରି ଅଶେଷ ପ୍ରଭୂତ୍ୱ, ପ୍ରତିପତ୍ତି, କ୍ଷମତା ଏବଂ ଐଶ୍ୱର୍ଯ୍ୟ ଭୋଗ କରିପାରିବେ ।

ମୁଁ କଣିକ କ୍ଷୁଧାର ବଶବର୍ତ୍ତୀ । ମୋର ନିରନ୍ନ ପରିବାର ଗ୍ରାସାଚ୍ଛାଦନ ପାଇଁ ମୋ ଉପରେ ନିର୍ଭରଶୀଳ । ମୁଁ ଅଶେଷ ବିଦ୍ୟାର ଅଧିକାରୀ ହେଲେ ସୁଦ୍ଧା ନିଜ ପାଇଁ କୌଣସି ବିଦ୍ୟାର ପ୍ରୟୋଗ କରେନାହିଁ । ଯୋଗ୍ୟତା ଏବଂ ପ୍ରୟୋଜନ ବିଚାର କରି ଉପଯୁକ୍ତ ପାତ୍ରରେ ତାହା ଦାନ କରେ । ପ୍ରତିଦାନରେ ମୋର କିଛି ଅର୍ଥ ହିଁ ପ୍ରାପ୍ୟ । ଆହୁରି ଅନେକ ମହତ୍ତର ବିଦ୍ୟା ବିରଳ ପକ୍ଷୀପରି ମୋ ଶାଖାରେ ବାସ କରନ୍ତି । ସେଥିପାଇଁ ଆପଣ ଲୋଭ କରନ୍ତୁ ନାହିଁ । ଦୁର୍ବଳ ଦାରୁଖଣ୍ଡ ବଜ୍ରାଗ୍ନିରେ ଭସ୍ମୀଭୂତ ହେଲା ପ୍ରାୟ ସେମାନଙ୍କୁ ସ୍ପର୍ଶ କଲାମାତ୍ରେ ଆପଣଙ୍କର ମୋହାନ୍ଧ ଶରୀରର ପତନ ଘଟିବ । ମୋ ପାଇଁ ବିଦ୍ୟା ଯାହା, ଅବିଦ୍ୟା ତାହା । ଅବିଦ୍ୟାର ଘୋର ଅନ୍ଧକାର ତୁଳନାରେ ବିଦ୍ୟାର ଅନ୍ଧକାର ଘୋରତର । ମୁଁ ସମସ୍ତଙ୍କ ମହତ୍ତ୍ୱ ବୁଝେ; କାହାକୁ ମହତ୍ତ୍ୱ ଦିଏ ନାହିଁ ।

ଆଜି ଆପଣଙ୍କର ଘୋର ସଙ୍କଟ ଉପସ୍ଥିତ । ଆପଣ ପରମ ତେଜସ୍ୱୀ ଶତ୍ରୁଜାଲରେ ଆବୃତ । ମୋତେ ଆପଣ ଧନ-ମାନରେ ସନ୍ତୁଷ୍ଟ କରିଛନ୍ତି । ମୁଁ ଆପଣଙ୍କୁ ଅମୋଘ ଶତ୍ରୁ ବିଧ୍ୱଂସିନୀ, ପ୍ରବଳା ନିରଙ୍କୁଶା ବିଦ୍ୟା ଦାନ କରି ବିଦାୟ ନେଉଛି । ଏଣିକି ଆପଣ ଇଚ୍ଛାମତେ କାର୍ଯ୍ୟ କରିବାହେବେ ।

❖❖❖

Digitized by srujanika@gmail.com

ଅଜାତଶତ୍ରୁ

ଦାନ୍ତକୁ ଦାନ୍ତ ପରିତାଳ ହେଲେ ସିନା ଶତ୍ରୁତା; କିନ୍ତୁ ଶାଳଗ୍ରାମ ଗୋଟାଳି ପରି ଯେ ସବୁଆଡୁ ଚିକ୍‌କଣ, ପାଣିପରି ସରଳ, ପବନ ପରି କଅଁଳ, ତାର ଦାନ୍ତ ବୋଲି କିଛି ନାହିଁ। ଏଣୁ ବିରୋଧ ନାହିଁ କି ଶତ୍ରୁତା ନାହିଁ।

ଏଭଳି ପୁରୁଷ କ'ଣ ସମ୍ଭବ ? ଶତ୍ରୁ ନ ଥାଇ ପୁରୁଷକାର କାହିଁ ? କମରପଟାରୁ ଚନ୍ଦ୍ରହାସ ଖଡ୍‌ଗ ଯଦି ଝୁଲିନାହିଁ, କଥାକଥାକେ ଯଦି ନିଶକେଶର ଠିଆ ହେଉନାହିଁ, ଯଦି ସେ ପ୍ରତିଦ୍ୱନ୍ଦୀ ସୃଷ୍ଟି କରିପାରୁ ନାହିଁ, ପଣ କରିପାରୁ ନାହିଁ ପ୍ରତିପକ୍ଷକୁ ଦୁଇଫାଳ କରି ଚିରିଦେବାକୁ ଅଥବା ସେଇ ଯମଦାନ୍ତ ଉପରେ ନିଜେ ଦୁଇଖଣ୍ଡ ହୋଇଯିବାକୁ କି ବା ସେ ସମର୍ଥ ପୁରୁଷ ? କି ବା ତା'ର ସେ ନିଷ୍ଫଳ ବେଲଜ୍ଜ ଜୀବନ ? ସେ ହୋଇପାରେ କୌଣସି ଟାଣପଣ ନଥିବା ଅମେରୁଦଣ୍ଡୀ କୃମୀ; ହୋଇପାରେ ସବୁ ଅପମାନ ସହିପାରୁଥିବା କୌଣସି ମାନହୀନ ବୃହନ୍ନଳା; କିନ୍ତୁ ସେ ପୁରୁଷ ପଦବାଚ୍ୟ ନୁହେଁ। ଯେ ପ୍ରକୃତ ପୁରୁଷ, ଯା'ର ନିଶ ଅଗରେ ହୀରାଗୁଣ୍ଡି ଝଟକୁଥାଏ, ଯା'ର ଭୂରୁ ଚମକିଲେ ପୃଥ୍ୱୀ ଦୁଲୁକୁଥାଏ, ତା' ଆଗରେ ଅକ୍ଷୌହିଣୀ ଥାଟ ଅସିଚର୍ମ ଧରି ତାକୁ ରେରେକାର କଲାବେଳେ ସେ ଏକାକୀ ସିଂହନାଦ କରି ଅନୁଧାବନ କରେ। ଶତ୍ରୁକୁ ଏଭଳି ସ୍ୱୀକାର କରିବା, ତାକୁ ପରାସ୍ତ କରିବା, ତା'ର ସଂହାର ସାଧନ କରିବା ମର୍ଯ୍ୟାଦାବନ୍ତ ଜୀବନର ସାର୍ଥକତା। ଯଦି କେହି ଯୁଦ୍ଧ କରିନାହିଁ, ତା'ର ଜୀବନ କାହିଁ ଯେ, ସେଥିରେ ପୌରୁଷର ମେରୁମନ୍ଦର ସ୍ଥାପିତ ହେବ ? ବୀର ଯୋଦ୍ଧୃପୁରୁଷ ପାଇଁ ପୃଥିବୀ ଶତ୍ରୁମୟ, ଜୀବନ ସଂଗ୍ରାମମୟ, ବିଜୟ ହିଁ ଏକମାତ୍ର ସିଦ୍ଧି, ପରାଜୟ ମୃତ୍ୟୁ।

ଠିକ୍ କଥା ! ଲଢୁଆଳ ପୁରୁଷର ଲକ୍ଷଣ ଗର୍ଜୁଥିବା ସିଂହପରି, ଫୁଁଫୁଁକାର କରୁଥିବା ଅହିରାଜପରି। ସେ ଏକ ଜ୍ୱଳମାନ ଅଗ୍ନି। 'ତିମୁର' 'ହାନିବାଲ' ଅସୁମାରୀ ସବୁଜ ଅରଣ୍ୟକୁ ଗ୍ରାସିଯାଉଥିବା ଦାବାଗ୍ନି। ସେମାନେ କ୍ରୋଧୀ। ସେମାନଙ୍କ ବର୍ଣ୍ଣ ହୁଏତ ପିଙ୍ଗଳ। ଆଖି ରକ୍ତବର୍ଣ୍ଣ, ମୁଖ-ବିବର ଫେନାକ୍ତ। ସେମାନେ ବଳାତ୍କାର ହତ୍ୟା କରନ୍ତି। ଭୁଜ ବିକ୍ରମରେ ଅପରକୁ ବିଦାରଣ କରନ୍ତି। ସେମାନେ ସମସ୍ତେ ବହୁ ପୁରାତନ ଆଦିମ ପରମ୍ପରାର ପ୍ରତୀକ ଯୋଦ୍ଧା। ଗଣ୍ଡା, ଗୟଳ, ସିଂହ, ଶୂକର ଆଦି ଯେଉଁ ପରାକ୍ରମରେ ବଞ୍ଚି ଆସିଛନ୍ତି କିମ୍ବା ମରି ଯାଇଛନ୍ତି; ସେଇ ଧାରାର ଉତ୍ତରଦାୟାଦ ହେଉଛନ୍ତି ଏମାନେ। ଜାନୁଆର ତ କେବଳ ହିଂସ୍ର ନୁହେଁ- ସେ ଭୟଙ୍କର, ଚତୁର,

Digitized by srujanika@gmail.com

ଧୂର୍ତ୍ତ । ସେମାନଙ୍କ ପାଇଁ କ୍ଷୁଧା ହିଁ ଏକମାତ୍ର ସତ୍ୟ । କିନ୍ତୁ ସେଥିରେ ମଣିଷର ବୁଦ୍ଧି ନିର୍ବିଚାର ମିଶିଗଲେ, କ୍ଷୁଧା ଜିହ୍ୱା ଏବଂ ଉପସ୍ଥରୁ ଚହଟିଯାଏ ପ୍ରତ୍ୟେକ କେଶାଗ୍ର ପର୍ଯ୍ୟନ୍ତ । ଆଚରଣ ମଧ୍ୟ ସେହି ଅନୁପାତରେ ଶାଣିତ, କ୍ରୁର ଏବଂ ଭୟାନକ ହୋଇଯାଏ । ନିଜର ଚର୍ମ ଆବରଣଟିକୁ ସୀମା ବୋଲି ସ୍ୱୀକାର କରିନେଲା ପରେ ସଂଘର୍ଷ ଅନିବାର୍ଯ୍ୟ । ତେଣିକି ହିଂସ୍ରତା ପରିମାଣରେ ବିରତ୍ୱ କିମ୍ବା ଚତୁରତା ପରିମାଣରେ ସାଫଲ୍ୟ ପରବର୍ତ୍ତୀ ଘଟଣା । ପ୍ରତିଦ୍ୱନ୍ଦୀ ସୃଷ୍ଟି କରିବା, ନଖଦନ୍ତ ସ୍ତରରେ ସଂଗ୍ରାମ କରିବା ହୁଏତ ସେଭଳି କିଛି ପୌରୁଷ ନୁହେଁ । ତାହା ଯେ କୌଣସି ଜନ୍ତୁ ଜୀବନର ବିଡ଼ମ୍ବନା । ଯେ ଶତ୍ରୁକୁ ସ୍ୱୀକାର କରେନାହିଁ, ସେ ଶତ୍ରୁଠାରୁ ଅନେକ ଗୁଣରେ ବିସ୍ତୃତ, ତାର ପରିସର ଅନେକ ବେଶି ବିସ୍ତୀର୍ଣ୍ଣ । ତାର ଶତ୍ରୁଟିଏ ହୋଇ କେହି ଜନ୍ମହେବା ସମ୍ଭବ ନୁହେଁ । ସେ ହୋଇପାରେ ସେହି ପ୍ରସିଦ୍ଧ ଅଜାତଶତ୍ରୁ ।

ନିଜେ ଛୋଟ ନହେଲେ ସରହଦ ରେଖାଗୁଡ଼ିକ ତୀକ୍ଷ୍ଣ ହୁଅନ୍ତିନାହିଁ । ଏଣୁ ବିରୋଧ ପରିସ୍ଫୁଟ ହୁଏନାହିଁ । ଶତ୍ରୁ ପ୍ରତିଦ୍ୱନ୍ଦୀ ହୋଇ ଆଗରେ ଆସି ବାହୁ ମେଲେଇ ଠିଆ ହୁଏନାହିଁ । ଅପରକୁ ନିଜର ସମକକ୍ଷ ବୋଲି ଅନୁଭବ ନ କଲା ପର୍ଯ୍ୟନ୍ତ ଶତ୍ରୁ ସୃଷ୍ଟି ହୁଏନାହିଁ । ଶତ୍ରୁକୁ ନିଭୃତରେ ଭୟକରି ଏବଂ ସେହି ହେତୁରୁ ଘୃଣାକରି ମୁକାବିଲା କରାଯାଏ । କ୍ରୋଧ ଏକ ଆବରଣ । ଯେ ଦୁର୍ବଳ ସେ ଭୟ କରେ । ସେ ହିଁ କ୍ରୋଧ ପ୍ରକାଶ କରେ । ଦୁର୍ବଳ ହିଁ କ୍ରୁର, ନୃଶଂସ ହୋଇପାରେ । ଯେ ସମସ୍ତଙ୍କୁ ଭଲପାଏ ସେ ସବୁଠାରୁ ଉଦାର । କ୍ରୋଧ ତା' ପାଇଁ ଅବାନ୍ତର । ପ୍ରେମ ଏବଂ ଭୟ ସହାବସ୍ଥାନ କରିପାରନ୍ତି ନାହିଁ । ଭୟ ମୃତ୍ୟୁର ଆଶ୍ରିତ । ପ୍ରେମ କିନ୍ତୁ ମୃତ୍ୟୁକୁ ଅସ୍ୱୀକାର କରେ, ତାକୁ ପରାସ୍ତ କରେ । ଏଣୁ ଯେ ନଖ ଦନ୍ତର ପ୍ରତୀକ ଚନ୍ଦ୍ରହାସଖଡ଼୍‌ଗକୁ ଅନେକକାଳରୁ କମରପଟାରୁ ଖସେଇସାରିଛି, ଯୁଦ୍ଧ କଥା ପଡ଼ିଲେ ଯେ ସାମାନ୍ୟ ଟିକିଏ ହସିଦେଇଥାଏ, ସେ ଅସମର୍ଥ ନଂପୁସକ ନୁହେଁ । ସେ ବରଂ ନିଶ୍ଚଳ ସମୁଦ୍ର ପରି ଅପରିସୀମ ମହାପୁରୁଷ ।

ସେ ଯୁଦ୍ଧ କରିନାହିଁ ନୁହେଁ, ସେ ବରଂ ଅନେକ ଯୁଦ୍ଧ କଲାପରେ ତା'ର ବ୍ୟର୍ଥତା ବୁଝିସାରିଛି । ଯୁଦ୍ଧର ପିଲାଖେଳ ପାଇଁ ତା'ର ପ୍ରବୃତ୍ତି ନାହିଁ । ସେ ଅଭିନୟର ରଙ୍ଗଭୂମିକୁ ବୁଝିସାରିଛି । ତା'ର ସାମଗ୍ରିକ ରୂପକୁ ଦେଖିସାରିଛି । କାହା ସାଙ୍ଗେ ଅବା ସେ ଯୁଦ୍ଧ କରନ୍ତା ? କିଏ ଆଉ ତା'ର ସମକକ୍ଷ ? ରକ୍ତ ଥୋପିପଡୁଥିବା ଚନ୍ଦ୍ରହାସ ଖଡ଼୍‌ଗଟିକୁ ପାଟକନାର ଖାପ ନିର୍ବିରୋଧ ଗ୍ରହଣ କଲାପରି ସଂଗ୍ରାମକ୍ଳାନ୍ତ ମଣିଷଗୁଡ଼ିକୁ ସେ ଗ୍ରହଣ କରିନିଏ- ବିସ୍ତୃତ ଯୁଦ୍ଧଭୂମିପରି, ଅକୃପଣ ଆକାଶ ପରି । ଜୀବନ ତା' ପାଇଁ ସଂଗ୍ରାମଠାରୁ ଢ଼େର୍ ବେଶି ଗଭୀର, ପ୍ରଶାନ୍ତ ଏବଂ ଅବିଚଳିତ ସତ୍ତା । ତା'ର ଢ଼େଉଗୁଡ଼ିକ ଉପରେ ଖରା କିମ୍ବା ଛାଇ । ସେ ତା'ର ଉଦାର ବକ୍ଷ ପାତି ନେଇ ଏ ଚପଳ ଲହଡ଼ିଗୁଡ଼ିକୁ ଖେଳିବାକୁ ଦିଏ । ସେମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରେ । ନରମ ସ୍ନେହଶୀଳ ଆଖିରେ ଚାହିଁରହିଥାଏ ଅବୋଧ କ୍ଷୁଦ୍ରତାଗୁଡ଼ିକୁ । ମୃତ୍ୟୁ ତା' ପାଇଁ କୌଣସି ପୁରୁଣା ଗଛ କୋରଡ଼ରୁ ଉଡ଼ି ଆସିଥିବା ଅନ୍ଧ ବାଦୁଡ଼ିଟିଏ । ପ୍ରଚଣ୍ଡ ଆଲୋକିତ ସୂର୍ଯ୍ୟସ୍ନାତ ଜୀବନର ବିସ୍ତିର୍ଣ୍ଣତାରେ ସେ ପକ୍ଷୀଟି ପରି ଅସହାୟ ନୀରବ ଛାଇଟିଏ କେବଳ ।

Digitized by srujanika@gmail.com

ସେ ତୁମର ଯୁଦ୍ଧ ଭୂମିରେ ନିରସ୍ତ୍ର ଠିଆହେବା ଦେଖି ତୁମେ ପ୍ରଥମେ ତାକୁ ଶଠ ଛଳପୁରୁଷ ବୋଲି ସନ୍ଦେହ କର । ତା'ର ପ୍ରାଞ୍ଜଳ ହସଟିକୁ କପଟ ଅଭିସନ୍ଧି ଭାବି ସତର୍କ ହୁଅ । ତାକୁ ମଧ୍ୟ ତୁମେ ଭୟ କରୁଥାଅ ଯେ କୌଣସି ମୁହୂର୍ତ୍ତରେ ସେ ଛପିରହିଥିବା ସିଂହପରି ଶଟା ମେଲେଇ ଗ୍ରାସିଯିବ । ଏଇ ଆଶଙ୍କାରେ ତୁମେ ତାକୁ ନିଷ୍ପଲକ ଚାହିଁରହିଥାଅ । ସେ କିନ୍ତୁ ନିଷ୍ପନ୍ଦ ଝଟକୁଥାଏ । ତୁମକୁ ଦିଶୁଥାଏ ଆକାଶରୁ ଝୁଲିରହିଥିବା ଉଲ୍ଲଙ୍ଗ ଅସିପତ୍ରପରି । ସେଥିପାଇଁ ତୁମେ ତାକୁ ହଠାତ୍ ଆଘାତ ମଧ୍ୟ କରିପାରନାହିଁ । ଅନେକ ପରୀକ୍ଷା କଲାପରେ ଯେତେବେଳେ ତା' ଆଖିରେ କୌଣସି ଛଳନା ତୁମେ ପାଅନାହିଁ, ସେ ତୁମକୁ ତୁମର ସଖାପରି, ବନ୍ଧୁପରି, ଜାୟାପରି, ଜନନୀପରି ସ୍ନେହ କରୁଥିବାର ଲକ୍ଷଣ ଆବିଷ୍କାର କର, ଅଥଚ ବିଶ୍ୱାସ କରିପାରନାହିଁ, ସେତେବେଳେ ତୁମେ ତାକୁ ଉପହାସ କର । ତା'ର ସେ ସମ୍ଭ୍ରାନ୍ତ ଚେହେରା ଉପରେ ଛେପ ପକାଇ ହାସ୍ୟରୋଳ କର । ତାକୁ ଅସଂଖ୍ୟ କୁବଚନରେ ଅପମାନିତ କର, ଖଳବାକ୍ୟ କହି ନିନ୍ଦା କର । ସେ ତଥାପି ତୁମକୁ ଭଲପାଏ । ପ୍ରତିବାଦ କରେନାହିଁ । ତୁମକୁ ଶତ୍ରୁତାର ସ୍ୱୀକୃତି ଦିଏନାହିଁ । ତୁମେ ହୁଏତ ଅନୁଭବ କର ଯେ କୌଣସି ପ୍ରକାରେ ସେ ତୁମକୁ ଅକୁଳାନ ହେଉଛି । ତୁମକୁ ସହସ୍ର ଗୁଣରେ ଟପିଯାଇ ଅର୍ଦ୍ଧାକାଶରୁ ତୁମକୁ ଚାହିଁ କରୁଣା କରୁଛି । ଯୋଦ୍ଧା ବିଜିଗୀଷାରେ ଶାଣିତ ହୁଏ । ହିଂସା ହିଁ ତା'ର ଆଶ୍ରୟ । ଶତ୍ରୁ ନ ହେଲେ ସେ ଭୁଷୁଡ଼ିପଡ଼େ ପବନକୁ ଚୋଟହାଣି ମୁହଁମାଡ଼ି ପଡ଼ିଗଲାପରି ! କିନ୍ତୁ ଏଠି ଦାଢ଼ରେ ଦାଢ଼ ପରିତାଳ କାହିଁ ? ଏନପୁଂସକ ଯେ ଜମା ଉତ୍ତ୍ୟକ୍ତ ହେଉନାହିଁ ! କି ଅଦ୍ଭୁତ ଆଚରଣ ଏ ନିର୍ଲଜ୍ଜ ବ୍ୟକ୍ତିର ?–କ୍ଷମା କ'ଣ ? କରୁଣା କି ପଦାର୍ଥ ?

ସେ ତୁମକୁ ତୁମର ଏ କ୍ଷୁଦ୍ରତାରେ ହିଁ ପରାସ୍ତ କରେ, ପରାସ୍ତ କରିବା ତା'ର ଅଭିପ୍ରାୟ ନୁହେଁ; ତୁମେ ବଳେ ପରାଜିତ ହୋଇଯାଅ । ସେ ପବନ ପରି ତୁମ ଚାରିଆଡ଼େ, ତୁମ ଭିତରେ, ବାହାରେ ତୁମକୁ କୋଳାଗ୍ରତ କରୁଥାଏ । ତୁମେ ତା'ର ବିଶାଳ ନୀରବତାରେ ଛୋଟହୋଇଯାଉଥାଅ । ଆକାଶକୁ ଅଜସ୍ର ଛେପ ପକାଇଲା ପରେ ଅନୁଭବ କରୁଥାଅ ଯେ ସେ ସବୁ ତୁମ ମୁହଁ ଦେହରେ ବର୍ଷା ହୋଇଯାଇଛି । ତାକୁ ଆଘାତ କରିବାକୁ ଯାଇ କେବଳ ତୁମେ ଠିଆ ହୋଇଥିବା ଭୂମିକୁ ହାଣିଯାଇଛ । ସେ ପୂର୍ବପରି ତୁମକୁ ଏବଂ ତୁମର ସମସ୍ତ ଚପଳତାକୁ ତାର ଜବିଷ୍ଣ ଦୃଷ୍ଟିରେ କ୍ଷମା କରୁଛି ।

ପରାଜୟର ଗ୍ଲାନିରେ ତୁମେ ଅନ୍ଧପ୍ରାୟ ଯନ୍ତ୍ରଣାରେ କଲବଲ ହୁଅ । ସେ ତୁମ ପାଇଁ ଅଶ୍ରୁ ମୋଚନ କରେ । ତୁମେ ଶର ପ୍ରହାର କର । ସେ ପାଦ ପାତି ତାକୁ ଗ୍ରହଣ କରେ । ତୁମେ ତାକୁ ବିଦୀର୍ଣ୍ଣ କରିବାକୁ ଶଲ୍ୟ ପ୍ରୟୋଗ କର । ସେ ଉନ୍ମୁକ୍ତ ବାହୁ ଏବଂ ବକ୍ଷରେ ତାକୁ ଗ୍ରହଣ କରେ । ତୁମେ କ'ଣ ତଥାପି ବୁଝିପାରନାହିଁ ସେ ତୁମକୁ କେତେ ଭଲ ପାଏ ? ତୁମ ପାଇଁ ସେ କେତେ ଉଦ୍‌ବିଗ୍ନ ? -- ତଥାପି ବୁଝିପାରନାହିଁ ଯେ ବାରମ୍ବାର ରକ୍ତାକ୍ତ ହେବାରେ ତାର ଅପରିମେୟ ପୌରୁଷ ତୁମର ଯୁଦ୍ଧ ଭୂମିରେ ଏ ପିଲାଖେଳ ପାଇଁ କେତେ ଅନୁପଯୁକ୍ତ; ଏ ଭୂମିଠାରୁ କେତେ ସହସ୍ର ଗୁଣରେ ସେ ଉତ୍ତୁଙ୍ଗ ଏବଂ ମହାନ ? ଜୀବନକୁ ଶତ୍ରୁମୟ କରିସାରିଲା ପରେ ଶତ୍ରୁକ୍ଷୟ ଏକ

Digitized by srujanika@gmail.com

ବିଡ଼ମ୍ବନା । ସବୁ ପ୍ରକାର ଆଳରେ ତୁମେ ନିଜକୁ ନିଜେ ନିପାତ କରୁଥାଅ । ରକ୍ତରେ ଲେଖୁଥାଅ ଅସଂଖ୍ୟ ମାନଚିତ୍ର । ସବୁ ଶତ୍ରୁ ନିପାତ କରି ନିଜେ ଅଜାତ ଶତ୍ରୁ ହେବାର ସ୍ୱପ୍ନ ଦେଖୁଥାଅ । ସେ କିନ୍ତୁ ତୁମକୁ ଅସୀମ ଧୈର୍ଯ୍ୟ ଏବଂକରୁଣାର ସହିତ ଦେଖୁଥାଏ । ସବୁ ସକାଳର, ସବୁ ଦେଶର ଅଜାତଶତ୍ରୁ ସମ୍ରାଟକୁ ତୁମେ ଜାନୁପାତି ସ୍ୱୀକାର କରିପାରୁନାହଁ । ତୁମେ କ'ଣ ଏବେ ମଧ୍ୟ ତା ସହିତ ଦାଢକୁ ଦାଢ ପରିତାଳ କରି ବାକୁ ମନସ୍ଥ କରିଛ ?- ପ୍ରମାଣ କରିବାକୁ ଚାହୁଁଛ ଯେ ତୁମେହିଁ ଏକମାତ୍ର ସମର୍ଥ ପୁରୁଷ ?- ତୁମେ ହିଁ ଯୋଦ୍ଧା ? ତୁମେ କ'ଣ ବିଶ୍ୱାସ କରିପାରୁନାହଁ ଯେ ସେ ତୁମକୁ ମଧ୍ୟ ତାରି ଭଳି ଅଜାତଶତ୍ରୁ କରିବାକୁ ଚାହେଁ ? ଜୀବନର ନିଘଞ୍ଚ ଐଶ୍ୱର୍ଯ୍ୟ ଏବଂ ଅମୃତ ଭିତରେ ତୁମକୁ ପାଳନ କରିବାକୁ ଚାହେଁ ?

ତୁମେ ତା'ର ସାମର୍ଥ୍ୟ କଳିବାକୁ ହିଁ ଚେଷ୍ଟାକରି ବିଡ଼ମ୍ବିତ ହେଉଛ । କ'ଣ କଳିବ ସମୁଦ୍ରର ସାମର୍ଥ୍ୟ ? ବରଂ ସେ ଯେଉଁଭଳି ତୁମକୁ ଧରାଦେଉଛି, ସେଭଳି ତାକୁ ବୁଝିଯାଅ । ସେ ତୁମ ଯୋଦ୍ଧୃପୁରୁଷର ପ୍ରେମମୟ ବିକଳ୍ପ ସମ୍ଭାବନା । ସେ ତୁମ ଡ଼ାଳରେ ଫୁଟି ପାରୁନଥିବା ଅସଂଖ୍ୟ କଢ଼, ତୁମ ଭିତରର ଅପ୍ରକଟିତ ମୃତ୍ୟୁଞ୍ଜୟ ନିର୍ଭୀକ ଅଜାତଶତ୍ରୁ !!

❖❖❖

Digitized by srujanika@gmail.com

ଗୁରୁ

ସେଇଟା ଦିନ ନୁହେଁ କି ରାତି ନୁହେଁ । ଘର ନୁହେଁ କି ବାହାର ନୁହେଁ । ଆକାଶରେ ସୁର୍ଯ୍ୟ ନାହିଁ କି ଚନ୍ଦ୍ର ନାହିଁ । ପୃଥିବୀରେ ଆଲୁଅ ନାହିଁ କି ଆକାଶରେ ଅନ୍ଧାର ନାହିଁ । ଏଭଳି ଅପମିଶ୍ରିତ ବେଳା ସବୁବେଳେ ଆଚାର୍ଯ୍ୟଙ୍କୁ ଉତ୍ୟକ୍ତ କରି ଆସିଛି ।

ସେ ଖୁବ୍ ଅସୁସ୍ଥ ବୋଧ କରିବାରୁ ଘରୁ ବାହାରି ଆସି ଦୁଆରେ ପଦଚାରଣ କରୁଥାନ୍ତି । ଯା'ପରେ ନିରୋଳା, ଘନିଷ୍ଠ ଅନ୍ଧାର ଆସୁ ଅଥବା ନିରଳସ, ପ୍ରାଞ୍ଜଳ ଆଲୋକ ଆସୁ-ସେଥିପାଇଁ ତାଙ୍କର ସେଭଳି କୌଣସି ଆପତ୍ତି କିମ୍ବା ଉତ୍କଣ୍ଠା ନାହିଁ । ଦେହରେ ଲେସିହୋଇ, ଲଟେଇ ହୋଇ ତାଙ୍କୁ ଆବିଷ୍ଟ କରୁଥିବା ଶୀତଳରାତ୍ରି ପାଇଁ ମୋହ ଅଛି । ଧଳା ବାଛୁରୀଟିଏ ପରି ତାଙ୍କ ଚାରିଆଡ଼େ ଡେଇଁ ଡେଇଁ ବୁଲୁଥିବା, ଉଷୁମ୍ ଜିଭ ଲଗେଇ ତାଙ୍କୁ ପାଦଠାରୁ ମୁଣ୍ଡଯାଏ ଚାଟିଯାଉଥିବା, ଉଜ୍ଜ୍ୱଳ ଦିନଟି ପାଇଁ ତାଙ୍କର ମମତା ଅଛି । ସେ ଉଭୟଙ୍କୁ ଚିହ୍ନନ୍ତି ଏବଂ ଉଭୟଙ୍କୁ ଭଲପା'ନ୍ତି; କିନ୍ତୁ ଏ ଦୋ'ମିଶା କେତୋଟି ମୁହୂର୍ତ୍ତ ସକାଶେ ତାଙ୍କୁ କ୍ଷୁର ଧାରରେ ଲହୁଲୁହାଣ ହେବାକୁ ପଡ଼େ । ସେତେବେଳେ ସେ ଚାହାଁନ୍ତି ଏ ପୃଥିବୀ ଦୁଇଫାଳ ହୋଇଯାଆନ୍ତା କି ? ଏ ଆକାଶ ଦୁଇଭାଗ ହୋଇଯାନ୍ତା ନିକିତିର ଗୋଲାର୍ଦ୍ଧ ପରି ଏବଂ ସେ ନିଜେ ଚିରି ହୋଇଯାନ୍ତେ ଦୁଇଟି ବିଶୁଦ୍ଧ ଉପାଦାନରେ ।

ଏତିକିବେଳେ ସେ ଦୁଇଜଣ ଆସି ତାଙ୍କ ପାଖରେ ପହଞ୍ଚିଲେ ! ବୋଧହୁଏ ଦୁଇଭାଇ ହେବେ ନା' କଣ ! ହୋଇପାରନ୍ତି ଯାଆଁଳା । ଏକା ବୟସ, ଏକାପରି ଚେହେରା । ଦୁହେଁ ତରୁଣ । ଦୁହେଁ ସୁନ୍ଦର । ଦୁଇଜଣଯାକ ବିଦ୍ୟାର୍ଥୀ । ତାଙ୍କୁ ଦେଖୁ ଦେଖୁ ଆଚାର୍ଯ୍ୟେ ଭଲ ପାଇଗଲେ । ସେ ଅସ୍ଥିରବେଳା ସତ୍ତ୍ୱେ ତାଙ୍କୁ ଗୋଟାଏ ପ୍ରକାର ନୂତନ ପୁଲକ ଉଲୁସେଇଦେଲା । ସେମାନଙ୍କ ମୁଣ୍ଡ ଉପରେ ହାତ ବୁଲେଇ ଦେଇ ସେ ତାଙ୍କୁ ଚାହିଁରହିଲେ । ମୁହଁରେ ଅଳ୍ପ ହସ ।

"ଆଚାର୍ଯ୍ୟ ଦେବ, ଆମର ଅଭିବାଦନ ଗ୍ରହଣ କରନ୍ତୁ ।"

"ତୁମେ ଦୁହେଁ ସ୍ୱଧର୍ମରେ ବଳଶାଳୀ ହୁଅ । ସାହସୀ ହୁଅ । ମୋର ମନେ ହେଉଛି ଯେ, ତୁମେ ଏକାଠି ବିଦ୍ୟାଭ୍ୟାସ କରିପାରିବ ନାହିଁ । ତୁମର ଉପାଦାନ ଅଲଗା, ଏଣୁ ଅଧିକାର ମଧ୍ୟ ପୃଥକ୍ ।

Digitized by srujanika@gmail.com

ସେ ଈଷତ୍ ପିଙ୍ଗଳ ତରୁଣଟିର କାନ୍ଧରେ ହାତ ପକେଇ ପାଖକୁ ଅପସାରିନେଲେ ଏବଂ ଆଉ ଜଣକ ଉଦ୍ଦେଶ୍ୟରେ କହିଲେ, "ତୁମେ ତୁମର ଉପଯୁକ୍ତ ସମୟରେ ଆସିବ । ବର୍ତ୍ତମାନ ଶିଷ୍ୟଶାଳାରେ ବିଶ୍ରାମ କର ।"

ଅନ୍ଧକାର କ୍ରମଶଃ ଘନୀଭୂତ ହେଲା ।

"ତୁମ ଦେହରେ ଆମିଷର ଗନ୍ଧ ସ୍ପଷ୍ଟ ! ତା ଶାସକର ଗନ୍ଧ ! ତୁମେ ଚକ୍ରବର୍ତ୍ତୀର ଲକ୍ଷଣ ନେଇ ଜନ୍ମ ହୋଇଛ ।"

ତରୁଣର କାନ୍ଧ ଉପରେ ଗୁମ୍ଫ ଟାଙ୍କୁରି ଉଠିଲା । ନାକପୁଡ଼ା ଫୁଲିଗଲା । ବାହୁ ଏବଂ ବୁକୁ ଉପରେ ମାଂସପେଶୀଗୁଡ଼ିକ ସ୍ଫୀତ ହେଇ ଉଠିଲେ ।

ପିଠିରେ ହାତ ମାରିଦେଇ ଆଚାର୍ଯ୍ୟ ତାକୁ ଗୋଟିଏ ପ୍ରକୋଷ୍ଠ ଭିତରକୁ ନେଇଗଲେ । ଅତି ଚମତ୍କାର କସ୍ତୁରୀ ଏବଂ ମୃଗମଦର ଗନ୍ଧ ତରୁଣକୁ ବିଭୋର କଲା । ସେ ପାଦତଳେ ନରମ ଚିକ୍‌କଣ କୌଣସି ଆସନର ସ୍ପର୍ଶ ପାଇଲେ । ଆଚାର୍ଯ୍ୟ ତାଙ୍କ ହାତ ଛାଡ଼ିଦେଇ କହିଲେ, "ଏଇଠି ବସ ।"

ଆଚାର୍ଯ୍ୟ ନୀରବ ରହି ଅପେକ୍ଷା କଲେ ।

ଚାରିଆଡେ ଘନୀଭୂତ ଅନ୍ଧକାର । ତା ପରେ କିଛି ପାଦ ଶବ୍ଦ । ପ୍ରକୋଷ୍ଠର ଦ୍ୱାର ଦେଶରେ କେତେଜଣ ଆସି ରୁଣ୍ଡ ହେବାର ସୂଚନା । "ଭିତରକୁ ଚାଲିଆସ"- କହିଲେ ଆଚାର୍ଯ୍ୟ ! ଖୁବ୍ ନିଃଶବ୍ଦରେ, ବଣଜନ୍ତୁମାନଙ୍କ ଭଳି ପଶିଆସିଲେ ଅସଂଖ୍ୟ ଛାଇ । କେହି କାହା ସାଙ୍ଗରେ ବାଡେଇ ହେଉନଥାନ୍ତି । ଧୁସି ହେଉନଥାନ୍ତି । ଅଣ୍ଡାଳି ହେଉନଥାନ୍ତି । ଗୋଟିଏ ଉପାଦାନର ଅସଂଖ୍ୟ ଲହରୀ ପରି ସେମାନେ ସମସ୍ତେ ନିର୍ବିରୋଧ ଆସି ବୋଧହୁଏ ବସିଗଲେ । ଅନ୍ଧାର ସ୍ତମ୍ଭିତ ହେଲା । କୌଣସି ଅରଣ୍ୟର ବିବିଧ ମର୍ମର ପରି ଗୁଡ଼ିଏ ନିଃଶ୍ୱାସ କେବଳ ଶୁଭୁଥାଏ ।

ଆଚାର୍ଯ୍ୟଙ୍କ ସ୍ୱର ଶୁଭିଲା, "ଏ ନବାଗତ ହେଉଛନ୍ତି ନୂତନ ବିଦ୍ୟାର୍ଥୀ । ତାଙ୍କର ସବୁ ପ୍ରକାର ଯୋଗ୍ୟତା ଥିବାର ଆମେ ଅନୁଭବ କରି ତାଙ୍କୁ ଗ୍ରହଣ କରିଛୁଁ । ସେ ଏଭଳି ବିମୂଢ଼ ବିହ୍ୱଳ ହୋଇ ବସି ରହିବାର କାରଣ ହେଲାଯେ, ସେ ଏପର୍ଯ୍ୟନ୍ତ କିଛି ଦେଖି ପାରୁ ନାହାନ୍ତି । ତାଙ୍କର ତିମିର ଦୃଷ୍ଟି ନାହିଁ ।" ଅନ୍ଧାରରେ ବିଦ୍ୟାର୍ଥୀଙ୍କ ଆଖି ତରାଟି ହୋଇଗଲା । ବାରୁଦ ଫୁଟିଲାପରି ହଠାତ୍ ଗୋଟାଏ ଦୁଲ ଦୁଲ ଶବ୍ଦରେ ହାସ୍ୟରୋଳ ଉଠିଲା । ସେ ଚମକି ପଡ଼ି ପୁଣି ବସିଗଲେ । ତାଙ୍କ ପିଠି ଉପରେ ଆଚାର୍ଯ୍ୟଙ୍କର କର ସ୍ପର୍ଶ ସେ ଅନୁଭବକଲେ । ପୁଣି ସବୁ କ୍ଷଣକ ଭିତରେ ସ୍ତବ୍ଧ ହୋଇଗଲା ।

"ଚିହ୍ନି ରଖ । ଚକ୍ରବର୍ତ୍ତୀର ସମସ୍ତ ଚିହ୍ନ ନେଇ ଯେଉଁ ଅଧିନାୟକ ଆସିବେ ବୋଲି ଆମେ ଅପେକ୍ଷା କରିଥିଲେ, ସେ ଏଇ ଆସିଗଲେ ।"

Digitized by srujanika@gmail.com

ଆନନ୍ଦରେ ପବନ ଶୋଷିବାର, ଟାକରା ମାରିବାର, କୁରୁଳିବାର ଶବ୍ଦ ଶୁଣାଗଲା । ଶୁଣାଗଲା ଖୁସ୍‌ମୁସ୍ ହୋଇ ଗୋଟିଏ ସାମ୍ରାଜ୍ୟ, ତାର ଆନୁଗତ୍ୟ ପ୍ରକାଶ କରିବାର ଶବ୍ଦ ! କାନ୍ଧ ଉପରେ ସବୁ ରୁମ ପୁଣି ଟାଙ୍କୁରି ଉଠିଲା । ବାହୁ ଏବଂ ବୁକୁ ଉପରେ ମାଂସପେଶୀ ସ୍ଫୀତ ହୋଇଉଠିଲେ ।

ପରମ ସଂଭ୍ରମରେ ସତେ ବା ଅନ୍ଧାରର ସମୁଦ୍ରଟିଏ ତାର ସବୁ ଲହରୀକୁ ଢ଼ୋକିଦେଇ ଆଦେଶକୁ ଅପେକ୍ଷା କଲା ।

ଆଚାର୍ଯ୍ୟଙ୍କ ସ୍ୱର ଖୁବ୍ ସ୍ପଷ୍ଟ । ଅବାଧ ଗଡ଼ିଯାଉଥିବା ଚିକ୍‌କଣ ମୁକ୍ତାଫଳ ପରି ପ୍ରତିଟି ଶବ୍ଦ ।

"ଏହାଙ୍କ ଅବଗତି ପାଇଁ ଏକ ବିକ୍ରମରେ ଅନୁଶାସନ ଆବୃତ୍ତି କର ।"

"ମୁଁ କେବଳ ମୋ ପାଇଁ ବଞ୍ଚିପାରେ ।"

"ମୁଁ ମୋର ଶରୀରଠାରୁ ଅଭିନ୍ନ ।"

"ମୋର ସୁଖ-ଶରୀରର ତୃପ୍ତି ଏବଂ ସମ୍ଭୋଗ ।"

"କାମନାର ସନ୍ତୋଷ ହିଁ ଏକମାତ୍ର ସିଦ୍ଧି ।"

ଯା ପରେ ଅତଡ଼ା ଦାଢ଼ରେ ଟିପେଇ ଠିଆ ହେଲା ପରି ରେଖାଏ ନୀରବତା । ପ୍ରଶ୍ନୋତ୍ତର ଛଳରେ ଆଚାର୍ଯ୍ୟ ନୂତନ ବିଦ୍ୟାର୍ଥୀକୁ ବୁଝାଇ ଚାଲିଲେ ।

---ସଂସାର କ'ଣ ?

ଉତ୍ତର ଆସିଲା, "ସମ୍ଭୋଗର ଲୀଳାଭୂମି ।"

---"ସୁଖର ସାଧନା କ'ଣ ?"

"ବଳପ୍ରୟୋଗ ।"

--- "ଅନ୍ୟର ସୁଖ କ'ଣ ?"

"ଅବାନ୍ତର !"

ପୁନରାବୃତ୍ତି ଛଳରେ କହିଗଲେ, "ମନେରଖ, ଏ ବସୁନ୍ଧରା ବୀରଭୋଗ୍ୟା । ବୀରତ୍ୱ ଅପରକୁ ପରାସ୍ତ କରିବାର ଯୋଗ୍ୟତା । ଅପର ସବୁବେଳେ ସ୍ୱାର୍ଥର ପରିପନ୍ଥୀ । ଧନ ଲୁଣ୍ଠନଯୋଗ୍ୟ । ଦୁର୍ବଳ ଧର୍ଷଣଯୋଗ୍ୟ । ନାରୀ ଉପଭୋଗ୍ୟା । ସମର୍ଥ ପୁରୁଷ ପାଇଁ ଅପରାଧ ନାହିଁ । ବଳ ପ୍ରୟୋଗ ପରି ବୁଦ୍ଧି ପ୍ରୟୋଗ କେବଳ ସିଦ୍ଧି ପାଇଁ । ସତ୍ୟ କିଛି ନାହିଁ । ଏକମାତ୍ର ଇନ୍ଦ୍ରିୟାନୁଗତ ସ୍ୱାର୍ଥ ହିଁ ସତ୍ୟ । ମିଥ୍ୟା କିଛି ନାହିଁ, ଅତୀନ୍ଦ୍ରିୟ ପ୍ରଗଲ୍‌ଭତା ହିଁ ଏକମାତ୍ର ମିଥ୍ୟା ।"

ନିସ୍ତବ୍ଧ ଅନ୍ଧାର ପୁଣି ବିଚଳିତ ହେଲା-ଆଚାର୍ଯ୍ୟ ଶିଷ୍ୟ ପିଠିରେ ହାତ ରଖି କହିଲେ, "ଦୂରକୁ ଦେଖିଲେ ଚାଲି ହୁଏ ନାହିଁ । ଦୂରଦୃଷ୍ଟି ବର୍ଜନ କର । ଅତୀତକୁ ବିସ୍ମୃତ ହୁଅ । ଭବିଷ୍ୟତକୁ

Digitized by srujanika@gmail.com

ଅସ୍ୱୀକାର କର । ଶକ୍ତି କେନ୍ଦ୍ରୀଭୂତ ହେବ । ଦୂରସ୍ଥଙ୍କୁ ଅନୁମାନ କରାଯାଏ । ତାହା ପ୍ରତ୍ୟକ୍ଷ ଏବଂ ପ୍ରାଞ୍ଜଳ ନୁହେଁ, ଏଣୁ ଏକ ପ୍ରବଞ୍ଚନା । ଯେତିକି ଦିଶୁଚି ସେତିକି ମାତ୍ର ଗ୍ରହଣୀୟ । ଶରୀର ସବୁଠାରୁ ନିକଟତମ ଏବଂ ସ୍ପଷ୍ଟତମ ବିଷୟ । ସେ ହିଁ ବିଷୟୀ । କ୍ଷୁଧା ଜାଗ୍ରତ ରହୁ ଭୋଗ ସାର୍ଥକ ରହୁ । ତାହା ହିଁ ସନ୍ତୋଷ । ଅପରକୁ ବିନାଶ କରିବାର ଆନନ୍ଦ ଅବାରିତ ରହୁ । କାରଣ ତାହାହିଁ ଏକମାତ୍ର ଆନନ୍ଦ ।

ବିଦ୍ୟାର୍ଥୀର ଶରୀର ଘନ ଘନ କମ୍ପିତ ହେଲା । ଅନ୍ଧାର ଭିତରେ ଅସ୍ପଷ୍ଟ କିଛି କିଛି ଦେଖାଗଲା । ପ୍ରବଳ ଇଚ୍ଛା ହେଲା ଦୀପଟିଏ ନେଇ ଏ ସମସ୍ତଙ୍କୁ ଦେଖିବାକୁ । ଆଚାର୍ଯ୍ୟ ସର୍ବଜ୍ଞାତା । ସେ ସମସ୍ତଙ୍କୁ ସତର୍କ କଲାପରି ତାକୁ ଶୁଣାଇଲେ, "ନା, ଏଠି ଆଲୋକ ପ୍ରବେଶ କରିପାରିବ ନାହିଁ । ଆଲୋକ ଏକ ପ୍ରବଞ୍ଚନା । ଗୋଟିଏ ଅତି ସାମାନ୍ୟ ତାରା ନିକଟକୁ ଚାଲିଆସି ସବିତା ନାମରେ ବଡ଼ିମା ପ୍ରକାଶ କରେ ! ଆମେ ତା'ଠାରୁ ଶତସହସ୍ର ଗୁଣରେ ମହୀୟାନ୍ ନକ୍ଷତ୍ରମାନଙ୍କର ସହଚର । ସ୍ୱୟଂ ମହାମାନ୍ୟ ଆକାଶ ଅନ୍ଧକାରମୟ ।"

ଯା ପରେ ସାମାନ୍ୟ ଆମୋଦର ସ୍ୱର-"ଶରୀର ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ ଆଉ ଏକ ଶରୀରର ମାଂସ ! ଜୀବନ୍ତ ଓ ସକ୍ଷମ ଶରୀର, ଦୁର୍ବଳ ଶରୀରକୁ ହତ୍ୟା କରେ, ଭକ୍ଷଣ କରେ । ସର୍ବୋତ୍କୃଷ୍ଟ ପାନୀୟ ମଦିରା । ପୃଥିବୀ ଗନ୍ଧବତୀ । ତାର ପୁଷ୍ପ-ମଧୁ, ରସବନ୍ତ ଫଳ ନିର୍ଯ୍ୟାସ ହିଁ ରକ୍ତସ୍ରୋତର ଉଦ୍ଦୀପକ ।"

"ତା'ହେଲେ ଯାଙ୍କୁ ସ୍ୱାଗତ କରିବାର ଉପଯୁକ୍ତ ବ୍ୟବସ୍ଥା କର । ପାନ ଭୋଜନର ଉତ୍ସବ ହେଉ !"

ତୁମୁଳ ଶବ୍ଦ କରି ସମସ୍ତେ ତେଇଁପଡ଼ିଲେ । ଚାରିଆଡ଼େ ବିସ୍ତୀର୍ଣ୍ଣ ହୋଇଗଲା ମେଘ ଲହଡ଼ି ପରି ଅଟ୍ଟହାସ୍ୟ । ତା'ପରେ ଶୁଭିଲା ବିଭିନ୍ନ ଚିତ୍କାର । ପଶୁ-ପକ୍ଷୀ, ମଣିଷମାନଙ୍କର ଆର୍ତ୍ତନାଦ । ବିରାଟ ବିରାଟ ପଥର ଧସିପଡ଼ିବାର ଶବ୍ଦ । ପର୍ବତ ପରି ମହୀରୁହଗୁଡ଼ିକ ମଟମଟ ଭାଙ୍ଗି କୁଢ଼େଇ ପଡ଼ିବାର ଶବ୍ଦ ।

ରଣଝଣ ହୋଇ ଝମକି ଉଠିଲା ଗୋଟାଏ ଲହ ଲହ ଧାତବ ଝଣତ୍କାର । ବୋଧହୁଏ ଅସ୍ତ୍ରଶିକ୍ଷା ଚାଲିଛି, ସଂଗ୍ରାମ ଚାଲିଛି, ରନ୍ଧନ ଚାଲିଛି, ଲୁଣ୍ଠନ ଚାଲିଛି, ହତ୍ୟା ଚାଲିଛି, ଧର୍ଷଣ ଚାଲିଛି ! ଶୂକରର ଶଟା ପରି ବିଦ୍ୟାର୍ଥୀର ରୋମଗୁଡ଼ିକ ଆଉ ଶରୀର ସ୍ପର୍ଶ କଲେ ନାହିଁ । ସ୍ଫୀତ ମାଂସପେଶୀ ସେହିପରି ସ୍ଫୀତ ହୋଇ ରହିଗଲେ । ମେରୁଦଣ୍ଡ ବାରମ୍ବାର କମ୍ପିତ ହେଲା । ମସ୍ତିଷ୍କ, ଉଦର ଏବଂ ଶିଶ୍ନ ଗୋଟାଏ ଛନ୍ଦରେ ସ୍ପନ୍ଦିତ ହେଲେ । ତେଜିଉଠିଲା କ୍ଷୁଧାର ଅଗ୍ନି, କାମନା ସନ୍ଦୀପ୍ତ ହେଲା । ଆଚାର୍ଯ୍ୟ ପ୍ରସନ୍ନ ମୁଦ୍ରାରେ ତା'ର ମସ୍ତକ ସ୍ପର୍ଶ କଲେ- "ବର୍ତ୍ତମାନ ତୋର ଘଟାନ୍ତର ଆରମ୍ଭ ହେଲା । ଅପମିଶ୍ରିତ ଜୀବ ବର୍ତ୍ତମାନ ବିଶୁଦ୍ଧ ଉପାଦାନ ଶକ୍ତିରେ ପରିଣତ ହେବ । ତୋତେ ମୁଁ ତିମିର ଦୃଷ୍ଟି ପ୍ରଦାନ କରୁଛି । ତୋର ପ୍ରବଳ ଅଭିବୃଦ୍ଧି ହେଉ । ତୁ ଏ ପ୍ରଚଣ୍ଡ ବାହିନୀକୁ ନିୟନ୍ତ୍ରିତ କରିବୁ । ତୋର ସମ୍ଭାବନା ଅନନ୍ତ । ତୁ ହିଁ ଚକ୍ରବର୍ତ୍ତୀ । ତୋର ଦ୍ୱନ୍ଦ୍ୱ ଦୂର ହେଉ । ଅପମିଶ୍ରିତ ଭୂମିରୁ

Digitized by srujanika@gmail.com

ତୁ ଲମ୍ଫ ପ୍ରଦାନ କରି ଏମାନଙ୍କର ଅଧିନାୟତ୍ୱ ଗ୍ରହଣ କର ।"

ଚକ୍ରବର୍ତ୍ତୀର ରୋମେ ରୋମେ କ୍ଷୁଧା । ସେ ସେଠାରୁ ଉଠି ଚିତ୍କାର ଭୂମିରେ ପ୍ରବେଶ କଲା ।

ଆଚାର୍ଯ୍ୟ ଏକାକୀ ସେ ପ୍ରକୋଷ୍ଠରେ କିଛି ସମୟ ବସି ରହିଲେ । ତା'ପରେ ଗୋଟାଏ କ୍ଷୁଧାର୍ତ୍ତ ସିଂହ ଗର୍ଜନ କଲା ପରି ଗୁରୁଗମ୍ଭୀର ନାଦ ହେଲା । ଆଚାର୍ଯ୍ୟଙ୍କ ସଙ୍କେତ ପାଇ କେହି ଜଣେ ପାନାହାର ଥୋଇଦେଇ ତତ୍କ୍ଷଣାତ୍ ଅନ୍ତର ହୋଇଗଲା । ସେଇଠୁ ଚର୍ବିଳ ମୃଦୁଳ ମାଂସ ଶୋଷିବାର, ଚୋବାଇବାର, ହାଡ଼କୁ ରଟମଟ ରେକେଟିବାର ଶବ୍ଦ, ଢ଼କ ଢ଼କ ପାନୀୟ ପିଇବାର ଶବ୍ଦ, ସନ୍ତୋଷର ଏଉଡ଼ିଗୁଡ଼ିଏ ଶୁଣାଗଲା । ଶୁଣାଗଲା ସମ୍ଭୋଗର ସୀତ୍କାର ,ଏବଂ ହୁଙ୍କାର । ଶୁଣାଗଲା ନିଦ୍ରାଜଡ଼ିତ କିଛି ଗୁଞ୍ଜନ ଏବଂ ଘୁଙ୍ଗୁଡ଼ି !

ସେହିପରି ଆଉ ଏକ ଅପମିଶ୍ରିତ ବେଳା । ଅନ୍ଧାର ଏବଂ ଆଲୋକର ଫେଣ୍ଟାଫେଣ୍ଟି ସମୟରେ ଆଚାର୍ଯ୍ୟ ଏକାକୀ ଅସ୍ଥିର ପଦଚାରଣ କରୁଥାନ୍ତି । ଧଳା ଛାଇଟିଏ ପରି କେହି ଜଣେ ତାଙ୍କ ପାଖକୁ ଆସିବାର ସେ ଲକ୍ଷ୍ୟ କଲେ । ପଦ୍ମର ଗନ୍ଧ ନେଇ ପଦ୍ମକଢ଼ ପରି ସେ ଆସି ସମିତ୍ପାଣି ତାଙ୍କର ପଦବନ୍ଦନା କଲା । ସେ ସ୍ନେହରେ ତାର ପିଠି ସ୍ପର୍ଶକରି କହିଲେ, "ଆସ, ମୁଁ ତୁମକୁ ହିଁ ଅପେକ୍ଷା କରିଥିଲି ।"

ଚାରିଆଡ଼େ ନୂଆ ପାଖୁଡ଼ା ମେଲିଥିବା ଅସଂଖ୍ୟ ଫୁଲର ସୁଗନ୍ଧ, ଅସଂଖ୍ୟ ପକ୍ଷୀର କଳରବ, ପାଖରେ ପ୍ରଶାନ୍ତ ସରୋବର । ଉଷାଲୋକ ଡେଜି ଆସୁଥାଏ । ସେମାନେ ଯାଇ ଗୋଟିଏ ବଟଗଛ ମୂଳେ ପହଞ୍ଚିଲେ । ସେଇଠି ନୂଆ ଘାସର ଶୀତଳ କୋମଳ ସ୍ପର୍ଶ । ଆଚାର୍ଯ୍ୟ କହିଲେ, "ଏଇଠି ବସ !" ସେ ନିଜେ ଯାଇ ବଟଗଛ ମୂଳେ ତା' ଆଡ଼କୁ ମୁହଁକରି ବସିଗଲେ । ଗୁରୁଙ୍କ ନୀରବ ନିର୍ଦ୍ଦେଶରେ ବିଦ୍ୟାର୍ଥୀ ପଦ୍ମାସନରେ ଆଖିବୁଜି ଅପେକ୍ଷା କଲେ ।

ଅତି ସନ୍ତର୍ପଣରେ କେତୋଟି ପାଦଶବ୍ଦ ପାଖେଇ ଆସିବାର ଶବ୍ଦ ଶୁଭିଲା । ଧଳା ଧଳା ପରିଧେୟ ଏବଂ ଉତ୍ତରୀ ପିନ୍ଧି ଚାରୋଟିତରୁଣ ଆସି ଆଚାର୍ଯ୍ୟଙ୍କୁ ଅଭିବାଦନ କଲେ ଏବଂ ସେହିପରି ନୀରବ ନିର୍ଦ୍ଦେଶ ପାଇ ସେହିଠାରେ ପଦ୍ମାସନରେ ଉପବେଶନ କଲେ ।

ଆଲୋକ ପ୍ରାଞ୍ଜଳ ହେଲା । ଆକାଶ ଚଞ୍ଚଳ ହେଲା । ଶାଖାସବୁ କଳରବରେ ମୁଖରିତ ହେଲେ । ଭଅଁରଗୁଡ଼ିଏ ଗୁଞ୍ଜରିଗଲେ ଫୁଲରୁ ଫୁଲକୁ ।

ଆଚାର୍ଯ୍ୟ ପୁରାତନ ବିଦ୍ୟାର୍ଥୀମାନଙ୍କୁ ଚାହିଁଲେ କେବଳ ! ସେମାନେ ଉଦାତ୍ତ କଣ୍ଠରେ କ'ଣ ସବୁ ଗହଗହ ନାଦକରି ଗାନ କଲେ । ନବାଗତର ସମଗ୍ର ଶରୀର କଣ୍ଟକିତ ହେଲା । ତା ପରେ ସେମାନେ ଅତି ମୃଦୁ ଅଥଚ ଅବିକମ୍ପିତ ସ୍ୱରରେ କହିଲେ--

'ଆମେ ଜଗତ କଲ୍ୟାଣ ପାଇଁ ଜନ୍ମିଛୁ ।'

'ଆମେ ଏ ଶରୀର ନୋହୁଁ, ବସ୍ତୁସଂଘ ନୋହୁଁ ।'

Digitized by srujanika@gmail.com

'ଶରୀରକୁ ଅତିକ୍ରମ କରିବା ଆମର ସାଧନା ।'

'କାମନାର ସମ୍ପୂର୍ଣ୍ଣ ବିନାଶ ହିଁ ଆମର ସିଦ୍ଧି ।'

'ସତ୍ୟ, ଧର୍ମ, ନ୍ୟାୟର ପ୍ରତିଷ୍ଠା କରିବାକୁ ଆମେ ପଣ କରିଛୁ । ଆମେ ଧର୍ମଯୋଦ୍ଧା । ବାହୁରେ ବଳ, ହୃଦୟରେ ସାହାସ, ବୁଦ୍ଧିର ପ୍ରଖରତା ଆମର ସାଧନା । ଦୁର୍ବଳର ତ୍ରାଣ କରିବା ବିରତ୍ୱ । ଆମେ ଅନ୍ୟ ପାଇଁ ସଂଗ୍ରାମ କରିବୁ । ସ୍ୱାର୍ଥ ଏକ ଲୋଶମ ଜନ୍ତୁ ପରି ବର୍ଜନୀୟ ।'

ଆଚାର୍ଯ୍ୟ ପ୍ରସନ୍ନ ମୁଦ୍ରାରେ ଚାହିଁଥାନ୍ତି ।

"ସାଧନାରେ ଭୋଗ ନାହିଁ । ତ୍ୟାଗ ହିଁ ସାଧନା । ତପସ୍ୟା ଏକ ଅଗ୍ନି । ସେଥିରେ ଜଳିବା ଏବଂ ବାରମ୍ବାର ବିଶୁଦ୍ଧ ହେଉଥିବା ହିଁ ଏ ମାର୍ଗର ପ୍ରତିଶ୍ରୁତି ! ଧନ କାହାରି ନୁହେଁ । ତାକୁ ତ୍ୟାଗ କରି ଭୋଗ କରାଯାଏ । କାମନା ଅତଳ ଘଟ ପରି କଦାପି ପୂର୍ଣ୍ଣ ହୁଏ ନାହିଁ । ତାର ତୃପ୍ତି ମୃଗତୃଷ୍ଣା ପଛରେ ଗୋଡ଼ାଇଲା ପରି ଏକ ବ୍ୟର୍ଥତା ! ନାରୀ ଜନନୀ, ଏଣୁ ବନ୍ଦନୀୟା ତଥା ସେବନୀୟା ।"

ଆଚାର୍ଯ୍ୟ ଜ୍ଞାନମୁଦ୍ରାରେ ନିର୍ଦ୍ଦେଶ ଦେବାରୁ ସବୁ ନୀରବ ହୋଇଗଲା । ଦିଗଚକ୍ରରେଖା ଭେଦକରି ସୂର୍ଯ୍ୟ ଦେଖାଦେଲେ । ଆକାଶସାରା ଆଲୋକର ପଦ୍ମପଲାଶ ବିକୀର୍ଣ୍ଣ ହୋଇଗଲା ।

ଆଚାର୍ଯ୍ୟଙ୍କ ସହିତ ପାଞ୍ଚଜଣ ପୂର୍ବଦିଗକୁ ମୁହଁକରି ଠିଆହେଲେ । କରପତ୍ର ଯୋଡ଼ି ସ୍ତୋତ୍ର ପାଠ କଲେ--

"ହେ ସବିତା ! ଆମକୁ ଆଲୋକ ଦିଅ ! ଦୃଷ୍ଟି ଦିଅ ! ଉତ୍ତାପ ଦିଅ ! ପରମାୟୁ ଦିଅ ! ଆମକୁ ଐଶ୍ୱର୍ଯ୍ୟ ଦାନ କର । ବିଶୁଦ୍ଧ କର ! ଆମକୁ ତୁମର ପ୍ରତିନିଧି କର । ତୀକ୍ଷ୍ଣ ଧାର ଦିବ୍ୟାସ୍ତ୍ର ପରି ନିଷେଧ କର ! ଅନ୍ଧକାର ବିଦୀର୍ଣ୍ଣ ହେଉ ।"

ଆଚାର୍ଯ୍ୟ କହିଲେ-- "ନବାଗତ ବିଦ୍ୟାର୍ଥୀ ତୁମର ଅଧିନାୟକ ହେବେ । ତାଙ୍କ ପାଇଁ ଯଥାବିଧି ସ୍ୱାଗତ ବ୍ୟବସ୍ଥା କର ! ପୃଥିବୀ ଶାକମ୍ବରୀ । ଆହାର କେବଳ ପଶୁ-ପୋଷଣର ଅବଲମ୍ବନ ! ଦ୍ୱେଷ କରନାହିଁ । ଲୋଭ କରନାହିଁ । ହତ୍ୟା କରନାହିଁ । କ୍ଷୁଧା କେବଳ ଜଠରାଗ୍ନି ନୁହେଁ କିମ୍ବା ଉପସ୍ଥ ଅଗ୍ନି ନୁହେଁ । ତାହା ରୋମେ ରୋମେ ଜଳୁଥିବା କାମନାର ଶିଖା । ତାହା ତୃପ୍ତ ହୁଏ ନାହିଁ । ତା'କୁ ଜୟ କର ! ମୃତ୍ୟୁକୁ ଜୟ କର । ସମର୍ଥ ପୁରୁଷ ପାଇଁ ଅସମ୍ଭବ କିଛି ନାହିଁ । ଭୟ ନାହିଁ, କ୍ଲାନ୍ତି ନାହିଁ, ଅବସାଦ ନାହିଁ !"

ଫଳାହାର ଅତି ନିରାଡ଼ମ୍ବର ଯଜ୍ଞପରି । ସନ୍ତୋଷ ନିରୁଦ୍‌ବିଗ୍ନ ମନର ସ୍ୱାଭାବିକ ଲକ୍ଷଣ । ସେମାନେ ସନ୍ତୁଷ୍ଟ ହୋଇ ଆଚାର୍ଯ୍ୟଙ୍କୁ ନେଇ ପର୍ବତ ଆରୋହଣ କଲେ । ନଦୀ ଉଲ୍ଲଙ୍ଘନ କଲେ । ମଲ୍ଲବିଦ୍ୟା, ଧନୁର୍ବିଦ୍ୟା ଅଭ୍ୟାସ କଲେ । ଶ୍ରୁତି, ସ୍ମୃତି, ଶାସ୍ତ୍ର, ପୁରାଣ ପାଠ କଲେ । ସୁନାବର୍ଣ୍ଣର ସିଂହଶିଶୁ ପରି ପାଞ୍ଚଜଣଯାକ ଉଜ୍ଜଳ ଦେଖାଗଲେ ।

ନବାଗତ ମନେ ମନେ ଚିନ୍ତାକଲେ, "ପ୍ରେମରେ ଦ୍ୱେଷ ନାହିଁ; ଶାନ୍ତିରେ ସଂଗ୍ରାମ

Digitized by srujanika@gmail.com

ନାହିଁ । ଧର୍ମ ସମସ୍ତଙ୍କୁ ଧାରଣ କରେ । ଅନ୍ଧକାର, ଶୀତଳ ଛାୟା ରୂପରେ ଏଠ ବିଦ୍ୟମାନ । ତାକୁ ଘୃଣା କରିବା ବିଧିସଙ୍ଗତ ନୁହେଁ ।"

ଆଚାର୍ଯ୍ୟ ଜାଣିପାରି କହିଲେ, "ନା । ଏଭଳି ଛଳନାରେ ଭୁଲି ଯାଅନାହିଁ । ଅନ୍ଧାର ଏକ ଅଗାଧ ସମୁଦ୍ର । ସେ ପ୍ରଲୁବ୍ଧ କରେ । ତୁମର ପଶୁ ଶରୀରକୁ ଲାଳାୟିତ କରେ । ତାର ପ୍ରତିରୋଧ କର । ଏ ରାଜ୍ୟରେ ଅନ୍ଧକାର ପ୍ରବେଶ କରିପାରିବ ନାହିଁ । ତୁମର ଭିତରେ ଏବଂ ବାହାରେ ଆଲୋକ ଏବଂ ଅମୃତ ଲହଡ଼ି ମାରୁଛି । ତାକୁ ସ୍ୱୀକାର କର ! ତନ୍ମୟ ହୁଅ ! ଦେଶ-କାଳର ପରମବ୍ୟାପ୍ତି ଅନୁଭବ କର । ମୁଁ ତୁମକୁ ଦିବ୍ୟଦୃଷ୍ଟି ପ୍ରଦାନ କରୁଛି ! ପ୍ରସାରିତ କବି-ଦୃଷ୍ଟିରେ ତୁମକୁ ତ୍ରିକାଳ ସହିତ ଚତୁର୍ଦ୍ଦଶ ଭୁବନ ଦୃଶ୍ୟ ହେଉ !"ଆଚାର୍ଯ୍ୟ ତାଙ୍କ ମସ୍ତକ ସ୍ପର୍ଶ କରି ଆଶୀର୍ବାଦ କଲେ ।

ରାତ୍ରିର ଅଧିନାୟକ ବିବିଧ ଅସ୍ପର ଝଣତ୍କାର ଭିତରେ କୁହାଟିବାର ଶୁଣାଗଲା : "ଆମର ଏକମାତ୍ର ପ୍ରତିବନ୍ଧକ ଭୟ; ଏକମାତ୍ର ବ୍ୟର୍ଥତା ମୃତ୍ୟୁ ! ଭୟ କେବଳ ଶତ୍ରୁଜନିତ । ଆମେ ଶତ୍ରୁସଂହାର କରିବା । ଆଚାର୍ଯ୍ୟ କହିଛନ୍ତି, ଆମର ବିପରୀତ ଉପାଦାନ ହିଁ ଆମର ଶତ୍ରୁ । ସେ ଆମକୁ ବିନାଶ କରିବା ପୂର୍ବରୁ ଆମେ ତାକୁ ଗ୍ରାସ କରିଯିବା !"

ହୁଙ୍କାରରେ ପୃଥିବୀ ଏବଂ ଆକାଶ ପ୍ରତିଧ୍ୱନିତ ହେଲା : "ଆମେ ନିଦ୍ରିତ ଶତ୍ରୁମାନଙ୍କୁ ଛଳ କରି ପରାସ୍ତ କରିବା । ଆହାରରେ ବିଷ ପ୍ରୟୋଗ କରିବା । ଘରେ ନିଆଁ ଲଗାଇ ଦଗ୍ଧିଭୂତ କରିବା । ସେମାନଙ୍କର ସମସ୍ତ ଐଶ୍ୱର୍ଯ୍ୟ ଲୁଣ୍ଠନ କରିନେବା । ସାମ୍ରାଜ୍ୟ ବଳାତ୍କାର ଅଧିକାର କରିବା । ସେମାନଙ୍କର ନାରିମାନଙ୍କୁ ଭୋଗଶାଳାରେ ଉଲଗ୍ନ କରିବା !"

ପୁଣି ଅସ୍ପର ଅରଣ୍ୟ ମର୍ମରିତ ହେଲା ।

"ଆଜି ଆମେ ଯୁଦ୍ଧ ଘୋଷଣା କରିବୁଁ ! ସେମାନେ ବଞ୍ଚିଥିବା ଯାଏଁ ଆମର ସୁଖସମ୍ଭୋଗ ନିରୁପଦ୍ରବ ନୁହେଁ ।"

ଆଚାର୍ଯ୍ୟ ନିରବ ସୁରାପାନ କରି ଶୁଣୁଥାନ୍ତି । ଅନ୍ଧାର ଏକାଥରେ ବିଶୁଦ୍ଧ ଅନ୍ଧାର ! ସେ ଆଶ୍ୱସ୍ତି ବୋଧକଲେ !

"ସତ୍ୟର ସାଧନ କଲେ ଏହିପରି ତାପିତ ହେବାକୁ ହୁଏ ।ବନବାସ କଷ୍ଟ ଧର୍ମପୁରୁଷମାନଙ୍କର ବିଧିଲେଖା । ଆଚାର୍ଯ୍ୟ କହୁଥିଲେ ଯେ ଧର୍ମଯୁଦ୍ଧର ବେଳ ଆସିଗଲା । ବିଦ୍ୟାର ପ୍ରୟୋଗ ହେବ । ଧନୁର୍ଧାରଣ କରିବାକୁ ହେବ । ନାରୀ ନିର୍ଯ୍ୟାତନାର ପ୍ରତିଶୋଧ ନେବାକୁ ହେବ, ଶିଶୁହତ୍ୟାର, ହିଂସା,ଅସୂୟା, ଛଳନାର ଦଣ୍ଡବିଧାନ ହେବ । ମନରୁ ସବୁ ଦ୍ୱିଧା ଦୂର କରି ଦୃଢ଼ସଂକଳ୍ପ ହୁଅ ! ଆଜି ଯୁଦ୍ଧଘୋଷଣା ହେଲା !"

ଆଚାର୍ଯ୍ୟ ଦେଦୀପ୍ୟମାନ ଆକାଶକୁ ଚାହିଁ ଧ୍ୟାନସ୍ଥ ହେଲେ ! ଆଶ୍ୱସ୍ତି ବୋଧକଲେ । ଆଲୋକ ବିଶୁଦ୍ଧ । ଏଥିରେ ଅପମିଶ୍ରଣ ନାହିଁ ।

Digitized by srujanika@gmail.com

"ଅନୁଭବ କର ପୃଥିବୀର କମ୍ପନ । ସେ ଉଲ୍ଲସିତ ହେଉଛି । ଆକାଶ ଉତ୍ସବ ଚକିତ ହେଉଛି ଅଜସ୍ର ଉଲ୍‌କାପାତରେ । ଆମେ ଦୁର୍ମଦ, ଅଜେୟ, ଅକଳନୀୟ ଶକ୍ତି । ସଂଘବଦ୍ଧ ହୁଅ ! ଏ ଯୁଦ୍ଧରେ ଚିରଦିନର ଦ୍ୱନ୍ଦ୍ୱ ସମାଧାନ ହେଉ । ବିପକ୍ଷ ବିଲୁପ୍ତ ହେଉ । ଗୁପ୍ତ ତୀକ୍ଷ୍ଣଧାର ଅସ୍ତ୍ର ଉତ୍ତୋଳନ କରି ପ୍ରସ୍ତୁତ ହୁଅ । ରକ୍ତସ୍ରାବୀ ସଦ୍ୟ ଚର୍ମରେ ପ୍ରସ୍ତୁତ ପଟହ ନାଦ କର । ରଣଶିଂଗା ବୀରକାହାଳି ବଜାଅ !"

"ମହାହବର ସୂଚନା ଦିଶୁଛି । ଦିଗ୍‌ଚକ୍ରରେ ବିଦ୍ୟୁତ୍ ଲିଭୁନାହିଁ । ଅରଣ୍ୟ, ନଦୀ, ସାଗର ସ୍ତମ୍ଭୀଭୂତ ଜଣାପଡୁଛନ୍ତି । ଆକାଶ ଧୂମାଭ୍ର । ଶ୍ୟେନ ଶକୁନିମାନେ ଚକ୍ରାକାର ଉଡ଼ି ବୁଲୁଛନ୍ତି । ଶଙ୍ଖନାଦ କର ! ରଥବାଜିପ୍ରସ୍ତୁତ କର । ଗୁରୁ ସ୍ମରଣ କରି, ଦିବ୍ୟାସ୍ତ୍ରମାନଙ୍କୁ ଆବାହନ କର । ସୁଧନ୍ୱୀ ଯୋଦ୍ଧାମାନେ ଦୃଢ଼କବଚ ହୋଇ ଆଗୁସାର ହୁଅ ।"...

ଅପମିଶ୍ରିତ ବେଳାରେ ଆଚାର୍ଯ୍ୟ ପୁଣି ଏକାକୀ ଅସ୍ଥିର ବୋଧ କରୁଥାନ୍ତି । ସେ ପ୍ରବାହମାନ ନଦୀକୂଳରେ ଉପବେଶନ କରି ଆକାଶକୁ ଚାହିଁ କହିଲେ, "ଏ ବ୍ୟାମିଶ୍ର ସମୟକୁ କୌଣସି ପୁରୁଣା ଖମ୍ୱପରି ବିଦୀର୍ଣ୍ଣ କରି ତୁମେ ଆବିର୍ଭୂତ ହୁଅ ! ମୋତେ ବିଦୀର୍ଣ୍ଣ କରି ଆବିର୍ଭୂତ ହୁଅ ! ! ତୁମେ ହିଁ ତ ଚିରକାଳ ସଦସତ୍ ପୁରୁଷ ! ଏ ବିପରୀତକୁ ଏକତ୍ର ଧାରଣ କରିବାର ଶକ୍ତି ଏ ପିଣ୍ଡରେ ନାହିଁ । ଏ ପୃଥିବୀରେ ନାହିଁ । ତୁମେ ଆବିର୍ଭୂତ ହୋଇ ପକ୍ଷ ଗ୍ରହଣ କର । ନିଜକୁ ନିଜେ ସଂହାର କର । ଶୋଧନ କର । ଉପାଦାନ ଦୁଇଟି ବର୍ତ୍ତମାନ ବିଶୁଦ୍ଧ ଏବଂ ବିପରୀତ ! ପରସ୍ପର ବିରୋଧୀ ଯୋଦ୍ଧାମାନେ ଉଦ୍ୟତଅସ୍ତ୍ର ! ଅବତୀର୍ଣ୍ଣ ହୁଅ ! ଏଇ ତୁମର ପ୍ରକଟ ହେବାର ମୁହୂର୍ତ୍ତ ! ଏଇ ମୋର ସିଦ୍ଧି ।"

ଆଚାର୍ଯ୍ୟ ଶରୀରରକ୍ଷା କଲେ ବୋଲି ବାର୍ତ୍ତା ପ୍ରସରିଗଲା । ସେତେବେଳେ ରାତି ନୁହେଁ କି ଦିନ ନୁହେଁ, ଆକାଶରେ ସୂର୍ଯ୍ୟ ନାହିଁ କି ତାରା ନାହିଁ । ଦୁଇଟି ପ୍ରତିପକ୍ଷ ସେନା ମୁହାଁମୁହିଁ ଠିଆ ହୋଇ ମଧ୍ୟରେଖା ଉପରେ କୌଣସି ଅକସ୍ମାତ୍ ସଙ୍କେତ ଅପେକ୍ଷା କରିଥିବାର ସ୍ତବ୍ଧ ଶାଣିତ ବେଳା !

Digitized by srujanika@gmail.com

ନୀତି ପ୍ରୟୋଗ

କୌଣସି କ୍ରୁଦ୍ଧ କବି ଆମକୁ ଏକଦା ତରଳ ଅଗ୍ନିରେ ନିକ୍ଷେପ କରାହୋଇଥିବା କଥା ପ୍ରଚାର କରିଥିଲେ। ସେ କେବଳ ଆମଦ୍ୱାରା ଅନୁପ୍ରାଣିତ ହୋଇ ଆମରି ଭଳି ଆଚରଣ କରିଥିଲେ ମାତ୍ର। ଆମେ ସବୁବେଳେ ଏଠାରେ ନିରୁପଦ୍ରୁତ ରହି ଆସିଛୁ ଏବଂ ରହିବୁ। ସେ ତରଳ ଅଗ୍ନି ଅଥବା ସେ ତପ୍ତ କଟାହ କସ୍ମିନ୍‌କାଳେ ନଥିଲା କିମ୍ବା ନାହିଁ। ନ ଥିଲାକୁ ଥିଲା ବୋଲି, ନ ହେଲାକୁ ହେଲା ବୋଲି ପ୍ରଚାର କରିବା ଆମର ଅତି ବିସ୍ତୃତ ଆଚରଣ-ପଦ୍ଧତିର ଏକ ବିଶେଷ ଅଂଶ। କବି ଆମକୁ ଅନୁସରଣ କରି ଆମର ହିଁ ପୁଷ୍ଟିସାଧନ କରନ୍ତି । ଏଣୁ ତାକୁ ବିଶେଷ ଗୁରୁତ୍ୱ ନ ଦେଇ ସାବଧାନ ହୋଇଯାଅ, ସମଗ୍ର ମାନବଜାତିକୁ ଗୋଟିଏ ମାତ୍ର ଶାସନରେ ଆଣିବାକୁ ଆମେ ମୂଳରୁ ଯତ୍ନ କରିଆସିଛୁ । ସମସ୍ତଙ୍କୁ ଗୋଟିଏ ଆଚରଣ-ପଦ୍ଧତିରେ ଅବଝା କରିବା ପର୍ଯ୍ୟନ୍ତ ଏ ଯୋଜନା କାର୍ଯ୍ୟକାରୀ ରଖିବାକୁ ପଡ଼ିବ । ଲକ୍ଷ୍ୟ ନିକଟତର ହୋଇ ଆସିଲେ ନିର୍ଦ୍ଦେଶ ଅତି ଅଭ୍ରାନ୍ତ, ପ୍ରୟୋଗ ଖୁବ୍ ସ୍ଥିର ଓ ଅପ୍ରତିହତ, ଯୋଜନା ବିସ୍ତୃତ, ସୁଚିନ୍ତିତ ଏବଂ ସୁଦୂର ପ୍ରସାରୀ କରିବାକୁ ପଡ଼ିବ । ସମୟ ବର୍ତ୍ତମାନ ଅନୁକୂଳ । ଏଣୁ ବନ୍ୟା ବେଗରେ ଚାରିଆଡ଼େ ମାଡ଼ିଯିବାକୁ ହେବ । ସମସ୍ତେ ସାବଧାନ ହୋଇଯା'ନ୍ତୁ ।

ପ୍ରଥମେ ମଣିଷକୁ ତା'ର ଇତିହାସରୁ ମୁକ୍ତ କର । ସେ ତା'ର ମୃତ ବାପା ମା'ଙ୍କ ପ୍ରେତକୁ ଭୟ କଲାଭଳି ସମଗ୍ର ଅତୀତକୁ ଭୟକରୁ । ସେଥିପାଇଁ ତାକୁ ବୁଦ୍ଧିରେ ନାବାଳକରୁ ଉତ୍ତୀର୍ଣ୍ଣ ହେବାକୁ ଦିଅନାହିଁ । ସେ ସେହିପରି ସରଳ ଏବଂ ଅଜ୍ଞ ରହୁ । ତାକୁ କୁହ ଯେ, ଯାହା କିଛି ଅନୁପସ୍ଥିତ ତାହାହିଁ ସବୁ ଏକମାତ୍ର ମିଥ୍ୟା । ଅତୀତ ଯେତିକି ମିଥ୍ୟା, ଭବିଷ୍ୟତ ମଧ୍ୟ ସେତିକି ମିଥ୍ୟା-ଅତୀତ କଙ୍କାଳ ଭଳି ଭୟଙ୍କର । ଭବିଷ୍ୟତ ତଳ ଦିଶୁନଥିବା କୂଅଭଳି ଭୟଙ୍କର-ସେ ପ୍ରଥମେ ପ୍ରଚୁର ଭୟ କରୁ । ସେଥିରେ ତାର ନିଜ ଉପରେ ଗୁଡ଼ାଏ ଅଯଥା ଅଂହକାରୀ ଆସ୍ଥା କଟିଯିବ । ସେ ନଇଁବାକୁ ଏବଂ ଆଉଜିବାକୁ ପ୍ରସ୍ତୁତ ହୋଇଯିବ । ତାହା ହିଁ ଆମର ଲକ୍ଷ୍ୟ ! -- ସେ ଭବିଷ୍ୟତରୁ ଓହରିଗଲେ ତା'ର ଗୁଡ଼ାଏ ଅସଂଯତ ସ୍ୱପ୍ନ ଦୂର ହୋଇଯିବ । ନିଶା କଟିଯିବାରୁ ସେ ବାଧ୍ୟ ଗୋରୁପରି ବ୍ୟବହାର କରିବ । ଶୃଙ୍ଖଳା ବା ଶାସନକୁ ସନ୍ଦେହ କରିବନାହିଁ--ଅତୀତରୁ ମୁକ୍ତ ହୋଇ ସେ ନିର୍ମୂଳ ବୃକ୍ଷଟିଏ ପରି ଅତି ବାଧ୍ୟ ଏବଂ ସହଜସାଧ୍ୟ ହୋଇଯିବ ।

ତାକୁ ଉପଯୁକ୍ତ ପରିମାଣରେ ଘୃଣା କରି ଶିଖାଅ । ଭୟ ଯେତିକି ଦୁର୍ବଳ କରେ, ଘୃଣା ସେତିକି ଉତ୍ତେଜିତ କରେ । ଘୃଣାକୁ ଶାଣିତ କରି ରଖୁଥାଅ । ତୃଷାଗ୍ନି ପରି ସେ ସମସ୍ତଙ୍କ ଭିତରେ

Digitized by srujanika@gmail.com

ସବୁବେଳେ ଜାଗ୍ରତ ଥାଉ । ପ୍ରୟୋଜନ ବେଳେ, ସେଥିରୁ ହିଁ ଆବଶ୍ୟକ ପରିମାଣର ହିଂସା ଏବଂ କ୍ରୋଧ ସଂଗ୍ରହ କରାଯାଇପାରିବ । ଏ କ୍ଷେତ୍ରରେ ଅନେକ ଅଞ୍ଚଳ ଆମ ଆୟତ୍ତକୁ ଆସିସାରିଛି । ତାକୁ ବିସ୍ତୃତ କରିବାକୁ ହେବ । ନିଜପରି ଜ୍ଞାନ ନେଇ ସେ ଜନ୍ମ ହୋଇଛି ।ତା'ର ସେହି ସହଜାତ ପ୍ରବୃତ୍ତିକୁ ବ୍ୟବହାର କର, ଶରୀରର ବର୍ଣ୍ଣ ଭଳି ବିଭିନ୍ନ ଭାଷା, ପୋଷାକ, ଦେଶ, ଧର୍ମ, ବୟସ ଇତ୍ୟାଦି ଆଳରେ ସେମାନଙ୍କୁ ପୃଥକ କର । ପୃଥକ୍ ହେବାର ଅନୁଭବରୁ ସେମାନେ ନିଜ-ପର ବିଷୟରେ ସଚେତନ ହେବେ । ସେଇଠି ଘୃଣାକୁ ପ୍ରବେଶ କରାଅ! ନିଜଠାରୁ ବଳି ଆଉ କିଛି ମୂଲ୍ୟ ନାହିଁ । ତଦ୍‌ଭିନ୍ନ ସବୁ ତା'ର ପରିପୋଷକ କିମ୍ବା ପ୍ରତିବନ୍ଧକ । ନିଜକୁ ଭଲ ପାଇବାର ଅର୍ଥ ଅନ୍ୟକୁ ଘୃଣା କରିବା । ଘୃଣା କରିବା ସହଜ ଏବଂ ସ୍ୱାଭାବିକ । ସେ ନିଜେ ସବୁଠାରୁ ଗରିଷ୍ଠ ଉପାଦାନ । ଅନ୍ୟ ଅନୁଷ୍ଠାନ ସ୍ୱାଭାବିକ ।ସେଇଠି ସେ ଘୃଣା କରୁ ସମସ୍ତଙ୍କୁ । ମୃତ ଗଳିତ ଶବପରି ସେ ଘୃଣାକରି ଶିଖୁ । ସେଥିରେ ସେ ଅଯଥା ସମ୍ପର୍କଜାଲରୁ ବିଚ୍ଛିନ୍ନ ହେବ, ମୁକ୍ତ ହେବ । ତା'ର ତର୍କ-ବୁଦ୍ଧିକୁ ବ୍ୟବହାର କର । ସେଥିରେ ସେ କେବଳ ଗଛ ଚଢୁଥିବ; କିନ୍ତୁ ଫଳ ପାଖରେ ପହଞ୍ଚିବ ନାହିଁ । ସେଇ ବେଳରେ ଅନ୍ୟକୁ ଅବିଶ୍ୱାସ କରିବା ଦ୍ୱାରା ସେମାନେ ପରସ୍ପରକୁ ଅନୁପ୍ରାଣିତ କରୁଥିବେ । ଜାଣିବାର ଇଚ୍ଛାକୁ ସମୂଳେ ଉଚ୍ଛେଦ କର ! ଜାଣିବା ଲୋକଙ୍କର କଦର୍ଥନା ବଢ଼ାଅ ! ତାକୁ ନିରୁତ୍ସାହିତ କର । ଅର୍ଥକାରୀ ଅପେକ୍ଷା ଅନ୍ୟର ଅନର୍ଥକାରୀ ବିଦ୍ୟା ପରିମାଣତଃ ଲାଭଜନକ । ସେହିପରି ନିଜପାଇଁ ଯଶସ୍କରୀ ଅପେକ୍ଷା ଅନ୍ୟର ଅଯଶସ୍କରୀ କାର୍ଯ୍ୟ ସର୍ବଦୌ କରଣୀୟ ! ନଜାଣି ଜାଣିବାର ଛଳ ଶିଖାଅ ! ସେଥିରେ ପରସ୍ପରକୁ ସେମାନେ ପ୍ରତାରିତ କରିପାରିବେ ! ଉଭୟେ ବିଡ଼ମ୍ବିତ ହେବେ । ଘୃଣା ଦୃଢ଼ୀଭୂତ ହେବ । ଭୟ ସାକାର ହେବ ! ସେଥିରେ ସେମାନେ ବଞ୍ଚିବାର ଉତ୍ତେଜନା ଲାଭକରିବେ ! କାକୁ ମୂଲ୍ୟ ରୂପେ ଗ୍ରହଣ କରିବେ ।

ଲାଳସା, ସ୍ୱାର୍ଥକୁ ପୋଷଣ କରେ । ହିଂସା ପରାର୍ଥକୁ ପ୍ରତିହତ କରେ । ଉଭୟେ ଜୀବନର ମୌଳିକ ଉତ୍ତେଜନା । ଶରୀରରେ ମନରେ ନିଆଁ ଜଳାଅ ! ପ୍ରେମ, ସ୍ନେହ, ବାତ୍ସଲ୍ୟ ଆଦି ଭାଷା ଭ୍ରମ । ମୂଳତଃ ସେ ସମସ୍ତ କ୍ଷୁଧା । ସେଥିପାଇଁ ଲାଳସାକୁ ଅକୁଣ୍ଠିତ କର ! ଅନ୍ୟ ଜନ୍ତୁର ଦୃଷ୍ଟାନ୍ତ ଦେଖାଇ ତାକୁ ପ୍ରଲୁବ୍ଧ କର ! ଜନ୍ତୁର କାମନା ପ୍ରାଞ୍ଜଳ । କ୍ଷୁଧା ନିଷ୍କପଟ । ସେ ସମ୍ଭୋଗ ପାଇଁ, ତୃପ୍ତି ପାଇଁ ହିଂସ୍ର ହୁଏ । ମଣିଷ ମୁଖ୍ୟତଃ ଜନ୍ତୁ । ନିଜ ପରମ୍ପରାରୁ ସାମାନ୍ୟ ବିଚ୍ୟୁତ ନିଶ୍ଚୟ; କିନ୍ତୁ ସେ ଜନ୍ତୁ, ତାକୁ ଏଇ ବୋଧ ଦେଇପାରିଲେ, ତା'ର ଅନେକ କୁଣ୍ଠା ଖସିପଡ଼ିବ । ସେ ଲୁଚି ଲୁଚି ରାତିରେ ଯାହା କରୁଛି ତାକୁ ସ୍ପଷ୍ଟ ଦିବାଲୋକରେ କରିପାରିବ ! ତା'ର ଲଜ୍ଜା ସଂକୋଚ ଆଦି ସ୍ୱାଭାବିକ ଭୟର ବିକୃତ ରୂପ ଆଉ ରହିବନାହିଁ । ସେ ନିଜ ତର୍କ ଲାଜରେ ନିଜେ ଛନ୍ଦି ହୋଇ ଯାଉଛି । ତା'ର ତର୍କ-ବୁଦ୍ଧିକୁ ସରଳ କର । ସେ ନିଃଶ୍ୱାସ ପ୍ରଶ୍ୱାସ ପରି ସ୍ୱପକ୍ଷ ଓ ପ୍ରତିପକ୍ଷକୁ ପ୍ରତି ମୁହୂର୍ତ୍ତରେ ଖଣ୍ଡନ କରୁଥାଉ । ସେଥିରେ ସେ ନିର୍ବିଚାର ଏବଂ ନିର୍ବିକାର ହିଂସା କରିପାରିବ, ହତ୍ୟା କରିପାରିବ ! ଅନ୍ୟକୁ ହତ୍ୟା ନକରି ନିଜେ ବଞ୍ଚିବା ଏକ ସ୍ୱୟଂବିରୁଦ୍ଧ ଅବସ୍ଥା । କୁକୁଡ଼ାଟିକୁ କାଟି ଆନନ୍ଦରେ ତା'ର ମାଂସ ଆହାର କଲାପରି ସେ ଅପରକୁ ହତ୍ୟା କରି, ଅକୁଣ୍ଠିତ ତା'ର ସମ୍ପତ୍ତି ଭୋଗକରୁ । ସେ ସେଭଳି ଅନେକ ହତ୍ୟା କରୁଛି; କିନ୍ତୁ କୁଣ୍ଠା ଛାଡ଼ି ପାରୁନାହିଁ । ତାକୁ ସେ କୁଣ୍ଠାରୁ

Digitized by srujanika@gmail.com

ମୁକ୍ତ କର । ହତ୍ୟା ଏକ ଚରମ ଉତ୍ତେଜନା । ଆତ୍ମହତ୍ୟା ପରି । ତାକୁ ଉଭୟ ପାଇଁ ଉପାଦାନ ଯୋଗାଇ ଦିଅ, ଉତ୍ସାହିତ କର । ତା'ର ସ୍ମୃତି ମନ୍ଦିର, ଶ୍ରାଦ୍ଧସଭା, ତୈଳଚିତ୍ର ଆଦି ପୁରସ୍କାର ମାଧ୍ୟମରେ ତାକୁ ପ୍ରଲୁବ୍ଧ କର !

ମନେରଖ, ଆମର ସଂଗ୍ରାମ ସେଇ ମୃତ ଇତିହାସ ବିରୁଦ୍ଧରେ । ସେ ମରି ସୁଦ୍ଧା ମରୁନାହିଁ । ତା'ର ଶ୍ମଶାନରୁ ହାଡ଼ ସଂଗ୍ରହ କରି ଗୁଡ଼ିଏ ଶାସ୍ତ୍ରୀ ଏଠି ସେଠି ଏ ଯୁଗକୁ ବିଭ୍ରାନ୍ତ କରୁଛନ୍ତି । ଯୁଗସ୍ୱର ସେମାନଙ୍କ ପାଇଁ ସ୍ପଷ୍ଟ ହୋଇ ଶୁଭୁନାହିଁ । ସେମାନେ ଶାସ୍ତ୍ର ନାମରେ ଯାହା ରଚୁଛନ୍ତି, ତାକୁ ସେମାନେ ସ୍ୱୟଂ ବୁଝିନାହାନ୍ତି । ବିଶାଳ ଅତୀତରୁ ଛିଟିକି ପଡ଼ିଥିବା ସାମାନ୍ୟ କାଳୋଚ୍ଛିଷ୍ଟ ପରି ସେ ସବୁକୁ ବର୍ଜନ କରାଅ । ସେ ବୃଦ୍ଧ ଅଧ୍ୟାପକ ଗୋଟାଏ ଅର୍ଥହୀନ ଗୃଢ଼ି । ସୂର୍ଯ୍ୟୋଦୟ ପୂର୍ବରୁ ଯେତେବେଳେ ନିଦ ଛାଡ଼ିନଥାଏ ଏବଂ ସ୍ୱପ୍ନ ତରଳିନଥାଏ, ସେମାନେ ଗୁଡ଼ାଏ ଉପଦେଶ ଭୁଞ୍ଜେଇ ଦିଅନ୍ତି । ଦୁର୍ବଳ ମୁହୂର୍ତ୍ତ ଦେଖି ଗୁଡ଼ିଏ ଭୀରୁ ମଣିଷକୁ କାବୁ କରିପକାନ୍ତି । ସେମାନଙ୍କୁ ଉଦ୍ଧାର କର । ତାଙ୍କୁ ଭୀରୁ ବୋଲି ବିଟ୍ ବଜାରରେ ଘୋଷଣା କରିଦେଲେ ସେମାନେ ଉତ୍କ୍ଷିପ୍ତ ହୋଇଯିବେ ଏବଂ ସେ ନିଶାସକ୍ତ କୁ ପ୍ରଭାବରୁ ଛିଟିକି ଆସିବେ । ଅବଶ୍ୟ ସେ ଗୁରୁକୁ ଏକଦା ନିରୀହ ବିଚାର କରି କେବଳ ଶୁଷ୍କବିଦ୍ୟା ଚାଷ କରିବାକୁ ଛାଡ଼ିଦିଆହେଇଥିଲା । ଏବେ ସେମାନଙ୍କୁ ତିନି ପ୍ରକାର ହତ୍ୟା କରାଯାଇପାରେ । ଛୁରୀ କଟୁରିରେ ତାଙ୍କୁ ବଧ କରିବା ଅତି ଅନାୟାସସାଧ ହୋଇଥିଲେହେଁ, ସେଭଳି କାର୍ଯ୍ୟକୁ ସେ ଯୋଗ୍ୟ ନୁହେଁ । ତାକୁ ଗୋଟାଏ କାହାର ଆଦେଶନାମା ସହିତ ଗିନାଏ ବିଷ ଧରେଇ ଦେଲେ ସେ ତାହା ପି ଇଦେଇ ପାରେ ! ସେଇଟା ଖୁବ୍ ସୁବିଧା ! ତାହା ନ ହେଲେ ସେ ନିଜକୁ ଯାହା ବୋଲି ବିଶ୍ୱାସ କରୁଥାଏ, ଏବଂ ପ୍ରଚାର କରିବାକୁ ଆଗ୍ରହୀ ହେଉଥାଏ, ତା'ର ସଂପୂର୍ଣ୍ଣ ବିପରୀତ ପ୍ରଚାର କଲେ ତା'ର ସଂହାର ହୋଇଯିବ । ପ୍ରଚାର କାର୍ଯ୍ୟ ଆମ ବିଦ୍ୟା । ସେଥିରେ କେତେବେଳେ କାର୍ପଣ୍ୟ କରନାହିଁ । ପ୍ରଚାର ମାଧ୍ୟମରେ ନୂତନ ବ୍ୟକ୍ତି ଜନ୍ମଲାଭ କରେ । ସେ ଭିତରେ ଯାହା ଥାଉ, ତା'ର ସାର୍ବଜନୀନ ରୂପ ସବୁ ବେଳେ ଆମ ଆୟତ୍ତରେ! କଳା ଧଳା ରଂଗ ଆମ ହାତରେ । ଚିତ୍ର କରିବା ଆମକୂଟନୀତିର ଗୂଢ଼କର୍ମ । ତା'ପରେ ତାକୁ ମାରିବାର ଆଉ ଗୋଟିଏ ଉତ୍କୃଷ୍ଟ ପନ୍ଥା ଅଛି । ତା ବିଦ୍ୟାକୁ ବ୍ୟଭିଚାରିଣୀ କରିଦିଅ। ସେ ଯାହା କରୁଛି, ଆଉ ଶହେ ଅବିକଳ ତାହା କରନ୍ତୁ । ଯାହା କହୁଛି, ତା'କୁହନ୍ତୁ-- ତା"ଭଳି ଶହେ ଜଣ ଅତ୍ର ତତ୍ର ଦେଖିବାକୁ ମିଳିଲାବେଳେ ତାର ତେଜ ହରଣ ହେଇଯିବ । ଜଣେ ଯାଗାରେ ଶହେ ଜଣ ସାଧୁ ବୋଲାଉଥିବେ ଏବଂ ପ୍ରତ୍ୟେକେନିଜକୁ ସଚ୍ଚା କହି ଅନ୍ୟମାନଙ୍କୁ ନକଲି ବୋଲି ଅହରହ ନିନ୍ଦା କରୁଥିବେ । ତାହାହିଁ ସେହି ବିଦ୍ୟାର ମୃତ୍ୟୁ--ସେ ଗୁରୁ ଗୋଷ୍ଠୀକୁ ହତ୍ୟାକର । ଘାସ ପଡିଆରେ ଦାଆ ଚଳାଉଥାଅ, କାହାରି ଶିଖା ଉଠିବାକୁ ଦିଅନାହିଁ । ସବୁଠାରୁ ଶିଖା କାଢିନିଅ । ତେଜ ହରଣ କରିନିଅ । ଗୁଣୀ, ଜ୍ଞାନୀ, ମାନୀ, କବି, କଳାକାର, ଶିଳ୍ପୀ ବୋଲାଉଥିବା ବ୍ୟକ୍ତିଙ୍କୁ ବେଢିଯାଅ । ବେଢଙ୍ଗ କୋଳାହଳ କରି ସେମାନଙ୍କ ଛନ୍ଦ ଭାଙ୍ଗିଦିଅ । ତାକୁ ବୁଡ଼େଇ ଦିଅ । ଅପମିଶ୍ରିତ କର । ଲକ୍ଷେ ଚକମକି କାଚ ଭିତରେ ଗୋଟାଏ ବିଜାତୀୟ ମଣିର ତେଜ ହଜିଯିବ । ତାହାହିଁ ତାର ମୃତ୍ୟୁ ।

Digitized by srujanika@gmail.com

ଆମର ଉପଯୁକ୍ତ ପ୍ରତିନିଧି ବାଛି ନିଅ । ସେମାନଙ୍କୁ ତରୁଣ ଅବସ୍ଥାରେ ହିଁ ବଶୀଭୂତ କର । ଅପରିପକ୍ୱ କିମ୍ବା ଶିଥିଳ ସ୍ନାୟୁ ଶୋଣିତକୁ ନେଇ କିଛି କାର୍ଯ୍ୟ ହୁଏନାହିଁ । ଏଣୁ ଶିଶୁ ଏବଂ ବୃଦ୍ଧମାନଙ୍କୁ ସମାନ ଭାବରେ ଉପେକ୍ଷା କର ।ତରୁଣର ସ୍ୱାର୍ଥକୁ ବ୍ୟବହାର କର । ସେ ଅତି ଅନାୟାସରେ ଉତ୍ତେଜିତ ହୋଇପାରିବ । ତାକୁ ଅସନ୍ତୁଷ୍ଟ ଏବଂ କ୍ରୋଧୀ କରାଅ । କ୍ରୋଧ ହିଁ ମୁକ୍ତ ସାହାସ । ଗୁଡ଼ାଏ ହିତାହିତ ଜ୍ଞାନ, ପକ୍ଷ ବିଚାର, ବା ଗୋଟାଏ ଦିଗରେ ଲମ୍ଫ ପ୍ରଦାନ କରିବା ସାହାସ ନାମଧେୟ ମୁର୍ଖତା । ବଳବାନ କ୍ରୋଧୀ ହେଲେ ଯଥେଷ୍ଟ । ସେ ଇଚ୍ଛା ଅନୁସାରେ ତାର କ୍ରୋଧ ପ୍ରକାଶ କରିପାରେ । ହିତାହିତ ବିଚାର ଅନ୍ୟମାନଙ୍କ ପାଇଁ । ତରୁଣକୁ ଅନର୍ଗଳ କର ସେ ତାର ପିତୃକୁଳ ଗୁରୁକୁଳର ପ୍ରଭାବରୁ ମୁକ୍ତ ହେବାପାଇଁ । ସେମାନଙ୍କୁ ସର୍ବପ୍ରଥମେ ଅସ୍ୱୀକାର କରୁ । ମୁକ୍ତି ଘୋଷଣା କରିବାକୁ ସେମାନଙ୍କୁ ଅପମାନିତ କରୁ, ଉଲଗ୍ନକରି ପାଦପ୍ରହାର କରୁ । ସବୁଠାରୁ ମାନନୀୟ ବୋଲାଉଥିବା କୁଳାଭିମାନୀ ବ୍ୟକ୍ତି ଏ ପ୍ରକାର ଉପଚାର ପାଇଁ ଉତ୍କୃଷ୍ଟ । ବାପଟାଏ ହେବା ଏକ ସର୍ବସାଧାରଣ ଅଧିକାର । ଯେକେହି ପୁରୁଷ ବାପ ହୋଇପାରୁଥିବାରୁ, ଅଯଥା କୌଣସି ନିର୍ଦ୍ଦିଷ୍ଟ ବାପଟାଏ ଉପରେ ଗୁରୁତ୍ୱ ଦେବା ପ୍ରୟୋଜନ ନାହିଁ--ପୁରୁଷାନୁକ୍ରମେ ଘୋଡ଼ା କିମ୍ବା କୁକୁର ଉପଯାତ କରିବାରେ ବିଚାରଯୋଗ୍ୟ । ମଣିଷ ସେଥିରୁ ମୁକ୍ତ । ତରୁଣର ଯୌନାଭିଳାଷ ଏକ ଉତ୍ତମ ଏବଂ ସୁସ୍ଥ ପ୍ରବୃତ୍ତି । ତାକୁ ସେଥିରେ ଅବାଧ କର ତାକୁ ପ୍ରଲୁବ୍ଧ ଏବଂ ବଶୀଭୂତ କରିବାକୁ ମୁକ୍ତ ଯୌନାଚାର ଏକ ବଳିଷ୍ଠ ଉପାୟ । ତାକୁ ଉପଭୋଗର ସ୍ୱାଦ ଚଖାଅ। ସେ ଯଥାଶୀଘ୍ର ମଦ୍ୟାଦି ନିଶାଦ୍ରବ୍ୟ ସେବନ କରୁ । ବିଳାସୀ ହେବାପାଇଁ ଲାଳାୟିତ ହେଉ । ଭୋଗ ତା'ର ଏକମାତ୍ର ଲକ୍ଷ୍ୟହେଉ । ତେଣିକି ସେ ସବୁ ତଥାକଥିତ ନୀତି ଲଙ୍ଘନ କରିଯିବ। ଉପଦେଶକୁ ବିଷପ୍ରାୟ ବର୍ଜନ କରିବ। ବିଦ୍ୟାକୁ ବ୍ୟାଧିବତ୍ ପରିହାର କରିବ । ଅନ୍ଧପ୍ରାୟ ନିର୍ବିଚାର କ୍ରୋଧୀ ହୋଇପାରିବ । ଅକୁଣ୍ଠିତ ବଳକ୍ରାର, ଲୁଣ୍ଠନ ଏବଂ ହତ୍ୟାକରିପାରିବ । ତାକୁ ନପୁଂସକ ବଳଦ ପରି ଅନ୍ୟର ସେବାକାର୍ଯ୍ୟରେ କେହି ନିୟୋଜିତ କରିପାରିବେ ନାହିଁ । ଅଧିକାର, ଦାୟୀତ୍ୱ, ନୀତି, ନୀୟମାଦିର ସୀମାରେଖା ଆଉ ରହିବ ନାହିଁ । ତଦ୍ୱାରା ସମାଜ ଉଚ୍ଛୃଙ୍ଖଳିତ ନୁହେଁ, ବରଂ ମୁକ୍ତ ହୋଇଯିବ । ସମସ୍ତେ ସ୍ୱେଚ୍ଛାଚାରୀ ଏବଂ ସ୍ୱଭାବାଚାରୀ ହେବାକୁ ଉପଯୁକ୍ତ ମଣିବେ।

ସମସ୍ତେ ସେଭଳି ମୁକ୍ତ ହୋଇଗଲେ ଚରମ କୋଳାହଳ ଏବଂ ଚରମ ମୁକ୍ତିର ରାଜ୍ୟରେ କୌଣସି ଶାସନର ପ୍ରୟୋଜନ ରହିବ ନାହିଁ । ଆମେ ମୂଳରୁ ଶାସନ -ବିରୋଧୀ । ସବୁ ଆବରଣରୁ ମୁକ୍ତ ହୋଇ ମଣିଷ ସ୍ୱଚ୍ଛନ୍ଦ ଏବଂ ଉଲଗ୍ନ ବିଚରଣ କରୁ । ଏହା ହିଁ ଆମର ଚରମ ଲକ୍ଷ୍ୟ । କିନ୍ତୁ ସେ ଲକ୍ଷ ଏବେ ମଧ୍ୟ ସୁଦୂରପରାହତ । ଏଣୁ ଶାସନର ପ୍ରୟୋଜନ ରହିଛି । ସେ କ୍ଷେତ୍ର ସଂପୂର୍ଣ୍ଣ ଆମର । ତରୁଣାବସ୍ଥାରୁ ତାଲିମ୍ ପାଇଥିବା କୌଣସି ବିଦ୍ୟାର ବିନ୍ଦୁ-ବିସର୍ଗ ଜାଣିନଥିବା ବିଶୁଦ୍ଧ ଏବଂ ନିଦା ଜୀବଗୁଡ଼ିକୁ ଶାସନକାର୍ଯ୍ୟ ଦିଅ । ସେମାନଙ୍କୁ ବୁଝାଇଦିଅ ଯେ ଶାସନ ସହିତ ପାଳନର କୌଣସି ସଂପର୍କ ନାହିଁ । ପ୍ରଗଲ୍‌ଭ ହିଁ ଜ୍ଞାନୀ, ସେମାନଙ୍କର ଯଥେଚ୍ଛାଚାର ହିଁ ନିୟମ; ସେମାନଙ୍କୁ ଏକାକୀ କେତେବେଳେ ରହିବାକୁ ଦିଅନାହିଁ । ସେ ଅବସ୍ଥାରେ ବେଳବେଳ ବିଚାର ବ୍ୟାଧି କ୍ରୀୟାଶୀଳ ହୋଇଉଠେ । ସେ ଏକାକୀ ଅନୁତାପପ୍ରିୟ, ଏକାଠି ହିଂସାପ୍ରବଣ; ଏଣୁ ତାକୁ ଉତ୍ତେଜିତ ଉନ୍ମତ୍ତ

Digitized by srujanika@gmail.com

ରଖିବାକୁ ଗୋଷ୍ଠିର କୋଳାହଳ ଆବଶ୍ୟକ । ଚିନ୍ତା କରିବାକୁ ଅବସର ଦିଅନାହିଁ । କାହାକୁ କିଛି ଜାଣିବାକୁ ଦିଅନାହିଁ । ସେମାନେ ଅହରହ ଗର୍ଜୁଥାନ୍ତୁ । ପାନ ଭୋଜନ ରମଣାଦି ଅହରହ କରୁଥାନ୍ତୁ । ଏହିପରି ଅବସ୍ଥାରୁ ଯେଉଁ ନିଷତ୍ତି ବାହାରିବ, ତାହାହିଁ ଶାସନ । ତାହା ହିଁ ଅନ୍ୟମାନଙ୍କୁ ଉତ୍‌କ୍ଷିପ୍ତ କରି ଶାସନକ୍ଷମ ଏବଂ ହିଂସ୍ର କରିବ । ମେଷଙ୍କୁ ପାଳନ କରାଯାଏ, କିନ୍ତୁ ପ୍ରଜାଙ୍କୁ ପୀଡ଼ନ କରାଯାଏ । ପୀଡ଼ିତ ହେଲେ ସେମାନେ ସ୍ୱଭାବ ପ୍ରକାଶ କରି ପାରିବେ । ସେମାନେ ଯେତିକି ଉତ୍‌କ୍ଷିପ୍ତ ହେବେ ଏବଂ ନୀତିଭ୍ରଷ୍ଟ ହେବେ, ସେତିକି ମୁକ୍ତ ହେବେ । ସେହି ପରିମାଣରେ ରାଜ୍ୟରେ ଏକାଚାର ଦେଖାଦେବ । ଶାସକ ଶାସିତ ସମାନ ଯୋଗ୍ୟ ହୋଇ ବାହାରିବେ । ଅହରହ ଶାସକ ଶାସିତର ସ୍ଥାନ ପରିବର୍ତ୍ତନ ଘଟୁଥିବ । ତାହା ହିଁ ଲକ୍ଷ ।

ଶାସକମାନେ ପ୍ରଥମେ ସାହାଯ୍ୟ ନକରି ଶାସନ କରନ୍ତୁ ; ନେତୃତ୍ୱ ନ ଦେଇ ଆଦେଶ ଦିଅନ୍ତୁ । ପ୍ରତିଭାକୁ ସନ୍ଦେହ କରନ୍ତୁ । ତାକୁ ନିର୍ବିଚାର ହତ୍ୟା କରନ୍ତୁ; କାରଣ ତାହାହିଁ ଏ ପ୍ରକାର ରାଜକାର୍ଯ୍ୟରେ ପ୍ରଧାନ ଶତ୍ରୁ ।କାରଣ ସେହି ଧାରଣା ଦେଇଥାଏ ଯେ ଶକ୍ତି କେବଳ ସଂଖ୍ୟାଗରିଷ୍ଠତାରେ ନଥାଇ ବ୍ୟକ୍ତିବିଶେଷରେ ମଧ ରହିପାରେ । ଶିକ୍ଷା ଅନୁଷ୍ଠାନରେ ବିଦ୍ୟାକୁ ଘୃଣାକରୁଥିବା, ତାକୁ ବାରନାରୀ ପରି ବିକ୍ରି କରୁଥିବା ଗୁଡ଼ିଏ ଦରିଦ୍ର ଅଭାବଗ୍ରସ୍ତ ଲୋକଙ୍କୁ ପ୍ରବେଶ କରାଅ । ସେମାନେ ଅହରହ ଅସନ୍ତୁଷ୍ଟ ରହନ୍ତୁ । ବିଦ୍ୟାକୁ ନିନ୍ଦା କରନ୍ତୁ । ନିଜ ଆଚରଣରେ ତାର ନିକୃଷ୍ଟ ପ୍ରଭାବ ପ୍ରମାଣିତ କରୁଥାନ୍ତୁ । ବଳେ ଶିକ୍ଷା ଲୋପପାଇଯିବ । ମନ ସ୍ଥିର ଏବଂ ସୁସ୍ଥ ରହିବା ଏକ ଭ୍ରାନ୍ତ ଧାରଣା । ମନ ଅସ୍ଥିର ହେବା ହିଁ ତା'ର ସ୍ୱାଭାବିକ ସ୍ୱାସ୍ଥ୍ୟ । ସେହିପରି ଶରୀର ରୋଗଶୂନ୍ୟ ହେବା ଏକ ହାସ୍ୟାସ୍ପଦ ହେବା ଚିନ୍ତା; ବରଂ ପୀଡ଼ିତ ହେବା ତାର ସୁଲକ୍ଷଣ । ସେଥିପାଇଁ ଭେଷଜବିଦ୍ୟାକୁ ପ୍ରାଚୀନ ଧାରଣାକୁ ମୁକ୍ତକର । ବୈଦ ରୋଗର ସେବକ-ରୋଗୀର ନୁହେଁ । ରୋଗ ହିଁ ତାର ଅନ୍ନସଂସ୍ଥାନ କରାଏ, ଏଣୁ ରୋଗର ଅଭିବୃଦ୍ଧି ତା'ର ଏକମାତ୍ର କାମ୍ୟ ହେଉ । ସେଥିରେ ରୋଗୀର ଯନ୍ତ୍ରଣା କିମ୍ବା ମୃତ୍ୟୁ ଏକ ଅତି ଗୌଣ ବିଚାର । ରୋଗ ଚିରସ୍ଥାୟୀ-ରୋଗୀ କିନ୍ତୁ ଅସ୍ଥାୟୀ । ଏଣୁ ରୋଗ ହିଁ ପରମ ସେବ୍ୟ । ଏହି ପ୍ରକାର ଦୃଷ୍ଟିରେ ଦେଖିଲେ ଔଷଧକୁ ସାମାନ୍ୟ ପରିବର୍ତ୍ତନ କରିବା ପ୍ରୟୋଜନ । ଶାସନ ସେଥିପାଇଁ ତତ୍‌ପର ହେଉ । ଅସଂଖ୍ୟ ବେପାରୀଙ୍କୁ ଔଷଧର ଏକଚାଟିଆ ଅଧିକାର ବିକ୍ରି କରିଦେଉ । ସେମାନେ ଚେଷ୍ଟାକରି ଅପମିଶ୍ରଣ ସାହାଯ୍ୟରେ ଅନେକ ପୁରୁଣା ଗୋଟାଏ ବିଶ୍ୱାସ ଭଙ୍ଗ କରିଦେଇ ପାରିବେ । ଔଷଧରୁ ମଣିଷ ମୁକ୍ତ ହୋଇପାରିବ । ଔଷଧ ଅପେକ୍ଷା ମନ୍ତ୍ର ଆହୁରି ଫଳପ୍ରଦ ଜଣାପଡ଼ିବ । ମନ୍ତ୍ର ପାଇଁ ଅଧିକରୁ ଅଧିକ ନିରକ୍ଷର ନିଯୁକ୍ତ କର । ଅଧିକରୁ ଅଧିକ ବିଶ୍ୱାସଭଙ୍ଗ ହେଉ । ହତ୍ୟା ହେଉ । ସ୍ୱଭାବ ମୁକ୍ତ ହେଉ ।

ଉତ୍କୋଚ ସର୍ବୋଚ ବିଚାରରୂପେ ନ୍ୟାୟ ବିତରଣ କରୁ । ନ୍ୟାୟ ବିଷୟରେ ଶୁଚିବାୟୁଗ୍ରସ୍ତ ମନୋଭାବର ଅବସାନ ହେଉ । ନ୍ୟାୟବିଚାର ଦୁର୍ବଳ ଏବଂ ଅଯୋଗ୍ୟଙ୍କର ସୃଷ୍ଟି । ସେମାନଙ୍କର ସାମର୍ଥ୍ୟ ନ ଥାଇ ବଳବାନ୍ ପୁରୁଷର ସମକକ୍ଷ ହେବାପାଇଁ ଏହା ଏକ ଅପଚେଷ୍ଟା । ବଳଶାଳୀଙ୍କୁ ବୁଝାଇଦିଅ ଯେ ସେମାନେ ଯାହା କରିବେ ତାହାହିଁ ନ୍ୟାୟ । ସେମାନେ ବଳାତ୍କାର ଭୋଗ କଲେ

Digitized by srujanika@gmail.com

ଅନ୍ୟମାନେ ଲୁଣ୍ଠନ ବୋଲି ଆଖ୍ୟା କରିପାରନ୍ତି । ସେଥିରେ ବିବ୍ରତ ହେବାର କିଛି ନାହିଁ । ଦୁର୍ବଳ ସବୁବେଳେ ପରାଜିତ ମନୋବୃତ୍ତିରେ ଅନିଷ୍ଟ ଚିନ୍ତା କରୁଥାଏ । ବଳବାନ୍ ଆତ୍ମ-ବିଭୋର ଥାଏ । ବଳବାନ୍ ହେବାକୁ, ସମର୍ଥ ଏବଂ କ୍ରୋଧୀ ହେବାକୁ, ତରୁଣକୁ ଉତ୍ସାହିତ କରେ । ପ୍ରଗଳ୍ଭ ଏବଂ ବଚନମୁକ୍ତ ହେବାକୁ ଉପଦେଶ ଦିଅ । ବାକ୍ୟର ଚଟୁଳତାରେ ଥିବାକୁ ନଥିବା ବୋଲି ବୁଝାଇବାକୁ କୁହ । ଏଥିରେ କୁଶଳୀ କଳାକାର ପରି ସେମାନେ କଥା ଏବଂ କାର୍ଯ୍ୟକୁ ପୃଥକ୍ ରଖିବେ; କାରଣ କଥା ମାନି କାର୍ଯ୍ୟ କରିବା କ୍ରୀତଦାସର ଲକ୍ଷଣ । ମୁକ୍ତ ମଣିଷପାଇଁ କୌଣସି ବନ୍ଧନ ନାହିଁ ।

ଶାସକ ମୋଚି ନୁହେଁ । ଏଣୁ ଜୋତା ସିଲାଇ ପରି ଶାସନତନ୍ତ୍ରରେ ତାଲିମ-ପ୍ରାପ୍ତ ହେବା ତା'ପାଇଁ ଜରୁରୀ ନୁହେଁ। ସେ ନୀତିବାନ ହେବା ଅପେକ୍ଷା ବଳବାନ୍ ହେବା ବେଶି ପ୍ରୟୋଜନ। ସେ ଯେକୌଣସି ସଂପତ୍ତିକୁ ନିଜର ବୋଲି କହିପାରିବ । ଅନ୍ନଥାଳି ଉପରେ ମାଛିଟାଏ ବସିଛିବୋଲି ଥାଳିଯାକ ଖାଦ୍ୟ ତାହାର ନୁହେଁ । ତାକୁ ଅଡ଼େଇ ଦେଇ ଭୁଞ୍ଜିବା ଅତି ଉତ୍ତମ କାର୍ଯ୍ୟ । ଅଯୋଗ୍ୟକୁ ସବୁ ଅଧିକାରରୁ ତଡ଼ିବା ବିଧେୟ । ସବୁ ଦୁର୍ବଳମାନେ ଅଯୋଗ୍ୟ । ଏଭଳି ପରସ୍ପରକୁ ଲୁଣ୍ଠନକରି ସେମାନେ ସବୁ ଅଧିକାର ଲୋପ କରନ୍ତୁ । ସବୁ ଅନିଶ୍ଚିତ ହେବାରୁ ଭବିଷ୍ୟତ ଯୋଜନା ଲୋପହେଉ । ସେମାନେ ତଦ୍ୱାରା ଦାୟାଦ ଦାୟୀତ୍ୱରୁ ମୁକ୍ତ ହେବେ । ଯେପରି ପିତୃ ପ୍ରଭାବରୁ ମୁକ୍ତ ହୋଇଛନ୍ତି- ଏହା ହୋଇଗଲେ ଏକାକୀ, ଭୟାର୍ତ୍ତ, ଘୃଣାଜଡ଼ିତ ମଣିଷ ସଂପୃକ୍ତ ଗୋଷ୍ଠୀ ଚିତ୍କାରରେ ଦିନେ ଭୟାବହ ଯୁଦ୍ଧ ଘୋଷଣା କରିବ । ସର୍ବଶ୍ରେଷ୍ଠ ବୁଦ୍ଧି ନିଜ ଆତ୍ମରକ୍ଷା ପାଇଁ ନିଯୁକ୍ତ । ଆତ୍ମରକ୍ଷା ଅନ୍ୟର ବିଧିବଦ୍ଧ ସଂହାର । ଏଣୁ ଗଣହତ୍ୟା ପାଇଁ ଉପାଦେୟ ଅସ୍ତ୍ର ଉଦ୍ଭାବନ କରିବା ମନୁଷ୍ୟ ବୁଦ୍ଧିର ସର୍ବଶ୍ରେଷ୍ଠ ଅବଦାନ । ଘୋର ଯୁଦ୍ଧରେ ବିପୁଳ ହତ୍ୟା ହେବା ସ୍ୱାଭାବିକ । ଅନଟନ, ଦାରିଦ୍ର୍ୟ ହେବା ମଧ୍ୟ ସ୍ୱାଭାବିକ । ଘରେ ଭାଇକୁ, ଗାଁରେ ପଡ଼ୋଶୀକୁ, ସମାଜରେ ରାଜ୍ୟରେ ବୟୋଜ୍ୟେଷ୍ଠ ନାଗରିକକୁ ହତ୍ୟା କରିବା ଏ ଯୋଜନାର ଅନ୍ତର୍ଭୁକ୍ତ । ଜୀବନରୁ ସବୁ ଭୂଲ୍ୟ ମୂଳପୋଛ ନହେବା ଯାଏଁ ନୂତନ ମୂଲ୍ୟ ଆସିବ କେମିତି ? ଏହା ଆମର ଆଧିପତ୍ୟ ପାଇଁ ଅତି ଉତ୍କୃଷ୍ଟ ବିଚାର ।

କିନ୍ତୁ ସାବଧାନ ଥିବ--ହଜାର ହଜାର ବର୍ଷଧରି ଆମର ସବୁ ଚେଷ୍ଟା ସତ୍ତ୍ୱେ ଶତ୍ରୁ ମରିନାହିଁ । ସେ ଖାଲି ଉଭାନ ହୋଇଯାଇଛି । ଆମର ଏ ସମସ୍ତ ବିଚାରକୁ ଶୁଣିବାକୁ ତା'ର ଚାର ନିଯୁକ୍ତି କରୁଛି । ସାବଧାନ ଥିବ, ଏସବୁ ମନ୍ତ୍ରଣା ଅବିକଳ ଏହିଭଳି ମୁକୁଳି ଯାଇପାରେ । କେହି ଜଣେ ଏହାକୁ ଲେଖି ଛାପିଦେଇପାରେ । ମଣିଷକୁ ଯେତେ ଆଡ଼ବାଙ୍କରେ ତୁମେ ରଖିଥାଅ, ସେ ଥରେ ଫୁଙ୍କିଦେଇ ଚାଲିଗଲେ ପୁଣି ଏମାନେ ଚାବିଦିଆ କଣ୍ଢେଇପରି ଯେ ଯାହା ମାର୍ଗରେ ଚାଲିବେ । ଫେର୍ ସମସ୍ତେ ଧର୍ମ ଧର୍ମ ହୋଇ ମାତିବେ, ପୁଣି ଉପରକୁ ଚାହିଁ ହଜାରେ ଗୀତ ବୋଲିବେ । ସେ ଆମକୁ ହସିଦେଇ ଚାଲିଯିବ । ତାକୁ ଯେତେ କଣ୍ଟା ପିଟି ଲଗାଅ, ବିଷ ଦେଇ ନିଆଁରେ ପୋଡ଼ିମାର, ସେ କେଉଁ ମାର୍ଗେ ଖସି ଚାଲିଯିବ । ଏ ମଣିଷଟା ବି ସେମିତି । ତାକୁ ନୀତିରେ ତୋଳି ଧର- ସେ କିଛି ସମୟ ପରେ ଲେସେଡ଼ି ଆସିବ । ଅନୀତିରେ ତୋଳି ଧର-ସେ ସେଇଆଡ଼ୁ ଡେଙ୍ଗିଆସିବ । ଆମ ସାଙ୍ଗରେ ଏଇଟା ଗୋଟାଏ ଖେଳ ଚାଲିଛି ଯୁଗ - ଯୁଗ ଧରି । ଏବେ ଆମର ଜିତାପଟ

Digitized by srujanika@gmail.com

ଚାଲିଛି । ସାବଧାନ ହୋଇ ଜଗିଥିବ । ବାମନ ହେଇ ସେ ଗଳିଆସିପାରେ । ତାକୁ ମାରି ଗୁଣ୍ଡ କରିଦେବ । ଏଥର ହୁଏତ ସଂପୂର୍ଣ୍ଣ ବିଜୟ ହୋଇପାରେ । ମୂଳକଥା ମୁଁ ସନ୍ଦେହ କରୁଛି ଯେ, ଅନ୍ୟ ପକ୍ଷରେ ଗୁପ୍ତଚର ଏସବୁ ଟିପି ନେଉଛି । ତାକୁ ଜଗି, ତା ବେକରେ ବାଉଁଶ ମଡ଼େଇଦିଅ । ସେ ଯେମିତି ପଦେ ପ୍ରଘଟ ନକରୁ । କେହି ନ ଜାଣନ୍ତୁ ଯେ ଆମେ ହିଁ ସବଳବଳେ ଏ ଯୁଗଟାକୁ ଆକର୍ଷି ଧରିଛୁ ।

❖❖❖

Digitized by srujanika@gmail.com

ଆପଣା କଲା କର୍ମମାନ

ଢେ଼ଲାଟିଏ ପକାଇଲେ ପଥରଟିଏ ଥୁଆ ହୋଇଛି ବୋଲି କହି ଆମକୁ ନିବର୍ତ୍ତାଯାଏ । ପଇସାଟିଏ ଦାନକଲେ ଲକ୍ଷେ ଟଙ୍କାର ପୂଣ୍ୟଫଳ ଆତ୍ମାକୁ ଆହ୍ଲାଦ କରେ ବୋଲି ସେହିପରି ଆମକୁ ପବର୍ତ୍ତାଯାଏ । ଭୟ ଏବଂ ପ୍ରଲୋଭନ ଦେଖାଇ ସର୍କସର ସିମ୍ପାଞ୍ଜିକୁ ସିଗ୍ରେଟ ପିଆଇଲା ପରି ଆମକୁ ମଧ୍ୟ ନିୟନ୍ତ୍ରିତ କରାଯାଏ । ଆମ ପାଇଁ ଚଉରାଶି ପ୍ରାଣର ଭୟ ଏବଂ ଚଉଷଠି ପ୍ରକାର ପ୍ରଲୋଭନ । ତା'ରି ଭିତରେ ଆମେ କିଛି କର୍ମ କରୁ ବା କରିବାକୁ ପ୍ରୟାସ କରୁ ଏବଂ ଆଉ କିଛି କର୍ମ ନକରୁ ବା' ନକରିବାକୁ ଚେଷ୍ଟାକରୁ । ଯା ଭିତରେ ଗୋଟିଏ କଥା କିନ୍ତୁ ସ୍ଥିର ସତ୍ୟରୂପେ ଦେଖାଦିଏ ଯେ ଆମେ ଯାହା କରୁ ସେଥିପାଇଁ ଆମେ ସର୍ବତୋଭାବେ ଦାୟୀ; ଏଣୁ ତା'ର ଫଳାଫଳ ପାଇଁ ମଧ୍ୟ ଦାୟୀ । କୌଣସି କୁକର୍ମ କରି ତା'ର ପରିଣାମରୁ ଖସିଯିବାର ଉପାୟ ନାହିଁ । ଜଣେ ଋଷିଙ୍କ ଦୃଷ୍ଟାନ୍ତ ଏଥିପାଇଁ ଦିଆଯାଇଥାଏ । ସେ ତାଙ୍କର ପିଲାଦିନେ ଗୋଟିଏ କୁଳିବେଙ୍ଗକୁ ନେଇ ଖେଳୁଥିଲାବେଳେ ସ୍ୱାଭାବିକ ଚଗଲାପଣିଆରେ ତାକୁ ଗୋଟିଏ କଣ୍ଟାରେ ଫୋଡ଼ି ହତ୍ୟା କରିଥିଲେ । ପରିଣାମତଃ ତାଙ୍କୁ ରାଜଦଣ୍ଡ ସ୍ୱରୂପ ପରିଣତ ବୟସରେ ଗୋଟିଏ ନିର୍ମମ ଶୂଳି ଉପରେ ପ୍ରାଣତ୍ୟାଗ କରିବାକୁ ପଡ଼ିଥିଲା । ଶୂଳିରେ ଚଢ଼ିବାକୁ କାହାରି ପ୍ରବୃତ୍ତି ନହେବା କଥା; କିନ୍ତୁ ସେଥିରୁ ବଞ୍ଚିବାକୁ ହେଲେ ଆମକୁ ଗୋଟିଏ ନିର୍ଦ୍ଦିଷ୍ଟ ଆଚରଣକୁ ସ୍ୱୀକାର କରିବାକୁ ପଡ଼ିବ । ସେଇଟା ହେଲା, କେବଳ କୁଳିବେଙ୍ଗ ନୁହେଁ, କାହାକୁ ହେଲେ କଣ୍ଟାରେ ଫୋଡ଼ି ହତ୍ୟା କରିବନାହିଁ । କେବଳ କଣ୍ଟା ନୁହେଁ, ଆଉ କୌଣସି ଉପାୟରେ ମଧ୍ୟ କାହାକୁ ହତ୍ୟା କରିବ ନାହିଁ । ମୋଟ ଉପରେ ହତ୍ୟା କରିବନାହିଁ-ହତ୍ୟା ପାପ- ହତ୍ୟା ଏକ ଅପରାଧ । ସେହିପାରି କାହାରି ଅନିଷ୍ଟ କରନାହିଁ । କାହାରି ଦାରା ହରଣ କରିବ ନାହିଁ; ତାକୁ ମା' ବୋଲି ଜ୍ଞାନ କରିବ । କାହାରି ଦ୍ରବ୍ୟ ଲୁଣ୍ଠନ କରିବନାହିଁ, ତାହା ମାଟିଟେଲା ବୋଲି ଜ୍ଞାନ କରିବ । ମିଛ କହିବନାହିଁ । ଅପ୍ରିୟ କହିବନାହିଁ । ଅସତ୍ ଚିନ୍ତା କରିବନାହିଁ ।...ଇତ୍ୟାଦି ଇତ୍ୟାଦିର ତାଲିକା ହିସାବ କଲେ ସରିବନାହିଁ । ସାଙ୍ଗକୁ ଆହୁରି ଯୋଡ଼ିଦିଆହୁଏ ନଈ ପହଁରିବ ନାହିଁ, ଗଛ ଚଢ଼ିବ ନାହିଁ, ବିରୁଡ଼ି ବସା ଭାଙ୍ଗିବ ନାହିଁ, ଗୁଡ଼ାଏ ହସିବ ନାହିଁ କି କାନ୍ଦିବ ନାହିଁ-ଅତି ଭକ୍ତି, ଅତି ପ୍ରୀତି ସବୁ ତ୍ୟାଗ କରିବ । ଏ ସମସ୍ତ ହେଲା ଆଚରଣର ନିଷିଦ୍ଧ ଅଙ୍ଗ । ଅନ୍ୟଟି ହେଲା ପ୍ରସିଦ୍ଧ ଅଙ୍ଗ । ସତ୍ୟ କହିବ । ମିତଭାଷୀ, ପ୍ରୀୟଭାଷୀ ହେବ । ସମସ୍ତଙ୍କର ମଙ୍ଗଳ କରିବ । ବିନୟୀ ହେବ । ମାତୃଦେବ, ପିତୃଦେବ, ଆଋର୍ଯ୍ୟ ଦେବ ହେବ ।...ଏ ତାଲିକା ମଧ୍ୟ ସେହିଭଳି ଦୀର୍ଘ । ଏ ଦୁଇଟି ଫର୍ଦ୍ଦ

Digitized by srujanika@gmail.com

ନିର୍ଦ୍ଦେଶ ନାମାକୁ ବେକରେ ଓହଳେଇଦେଇ ଏ ସମାଜରେ ଚଳିବା ପାଇଁ ଆମକୁ କୁହାଯାଏ । ସ୍ମୃତିକାରମାନଙ୍କର ଧାରଣା ଯେ ଏହାଦ୍ୱାରା ଖୁବ୍ ଦୃଢ଼ ଲୁହା ପଲ ପକେଇଦିଆଗଲା, ଏଣିକି ରେଳଗାଡ଼ିଟିଏ ପରି ଜୀବନ ପୂର୍ବରୁ ପଶ୍ଚିମକୁ ଅତି ସହଜରେ ନିର୍ବିରୋଧ ଗଡ଼ିଯିବାକଥା ।

କିନ୍ତୁ ଗଡ଼େନାହିଁ ଦୁଇଟି ନିର୍ଦ୍ଦିଷ୍ଟ କାରଣରୁ । ପ୍ରଥମଟି ହେଲା ତାଲିକାଭୁକ୍ତ କୁକର୍ମମାନଙ୍କର ପରିଣାମ ଯେତିକି ଭୟାବହ, ସେହି କର୍ମଗୁଡ଼ିକ ସେତିକି ଲୋଭନୀୟ । ରୌରବ କିମ୍ବା କୁମ୍ଭୀପାକରେ ପଡ଼ିବାକୁ ଆମର କାହାରି ସାହାସ ନାହିଁ, କି ଇଚ୍ଛା ନାହିଁ ସତ; କିନ୍ତୁ ଜୀବନରେ ଉଠିପଡ଼ି ସଂଗ୍ରାମ କଲାବେଳେ, ଏଠିସେଠି ଟିକିଏ ମୋହ ଲାଗିଗଲେ, ତାକୁ ଏଡ଼ିଯିବା ପାଇଁ ଆମର ସାମର୍ଥ୍ୟ କୁଳାଏ ନାହିଁ । ନାରୀ ସୁରାର ଆକର୍ଷଣ, କାମିନୀକାଞ୍ଚନର ଦୁର୍ବାର ଲୋଭପାଇଁ ଇନ୍ଦ୍ରିୟାନୁଗତ ଜୀବନଟି ସାର୍ଥକ ବୋଧହୁଏ । ଡ଼େଣା ବାରମ୍ବାର ପୋଡ଼ିଯାଉଥିଲେ ସୁଦ୍ଧା ପତଙ୍ଗ-ଜୀବନର ଏକମାତ୍ର ସ୍ୱାଭାବିକ ମୂଲ୍ୟ ଏଇ ଅଗ୍ନି ପରୀକ୍ଷା । ସେ ସେତେବେଳେ ବୋଧକରୁଥାଏ ଯେ ସେ ଅଗ୍ନିରେ ଝାସ ଦେଉନାହିଁ; ବରଂ ସେ ତରଳ ଶିଖାଗୁଡ଼ିକୁ ଆକଣ୍ଠ ପାନକରୁଛି । ସେ ଦହନକୁ ସ୍ୱୀକାର କରୁନାହିଁ, ତା ପଶ୍ଚାତ୍‌ରେ ଆଉ ଗୋଟାଏ କ'ଣ ସ୍ୱାଦ ତାକୁ ବିଭୋର କରୁଛି । ସେ ସ୍ୱାଦ କ'ଣ ଜାଣିବାକୁ ହେଲେ ନିଜେ ପତଙ୍ଗ ହେବାକୁ ପଡ଼ିବ । ସେହିପରି ମିଛ କହିବାର ସ୍ୱାଦ ମଧ୍ୟ ଦୁର୍ବାର । ଗଛରେ ଚଢ଼ିବାକୁ, ଗଛର ଉଚ୍ଚ ଡ଼ାଳଗୁଡ଼ିକୁ ହିଁ ତରୁଣକୁ ଆମନ୍ତ୍ରଣ କରୁଥା'ନ୍ତି । ଖଳଖାଳ ହୋଇ ବହିଯାଉଥିବା ନଦୀ ଆମନ୍ତ୍ରଣ କରୁଥାଏ ତା'ର ଗଜେଇଆସୁଥିବା ପୌରଷକୁ । ସମଗ୍ର ପୃଥିବୀର ଅନେକ ଶୋଭା, ଅନେକ ଉପଭୋଗ୍ୟ ସାମଗ୍ରୀ... ତାକୁ ତ୍ୟାଗ କରିବାର ସତ୍‌କର୍ମ ଖୁବ୍ କଷ୍ଟସାଧ । ପ୍ରଲୋଭନ ହେତୁ କଷ୍ଟସାଧ; କିନ୍ତୁ ଲାଗେ ଯେ ଏପରି ରସବନ୍ତ ଶୋଭାବନ୍ତ ଜୀବନକୁ ସବୁଆଡୁ ନିବୃତ୍ତକରି ରଖିବାରେ ଲାଭ କ'ଣ ? ଏକଦା ଜଣେ ଲୋହିତଭାରତୀୟ ତାଙ୍କର ଶହେପଚାଶ ବର୍ଷବ୍ୟାପୀ ଜୀବନର ରହସ୍ୟ ବଖାଣୁଥିଲେ । ସେ କିପରି ସଂଯମ ଅଭ୍ୟାସ କରିଛନ୍ତି, ତା'ର ବୟାନ ଦେଉଥିଲେ । ସେ ମିଠା ଖାଇନାହାଁନ୍ତି, ସୁରା ଛୁଇଁନାହାଁନ୍ତି । ଶହେ ବର୍ଷ ତଳେ ଜଣେମାତ୍ର ନାରୀକୁ ସହଧର୍ମିଣୀ କରି ଗ୍ରହଣ କରିଛନ୍ତି, ସିନେମା ଦେଖିନାହାନ୍ତି, ସମୁଦ୍ର କୂଳରେ ବିହାର କରିନାହନ୍ତି... । ଏ ସବୁ ଶୁଣି, ହାସ୍ୟ ଅଭିନେତା ଡ଼େନିକୋୟଙ୍କୁ ସଂବୋଧନ କରିବା ଭଙ୍ଗିରେ ତାଙ୍କ ବନ୍ଧୁ କହିଲେ, "ଦେଖ ବନ୍ଧୁ, କେମିତି ଏ ଲୋହିତ ଭାରତୀୟଟି ବଞ୍ଚିଛି !" ସଙ୍ଗେ ସଙ୍ଗେ ଡ଼େନିକୋୟ ଉତ୍ତରଦେଲେ- "ସତେ ତ, କାହିଁକି ଏ ବେକୁବ୍ ଏମିତି ବଞ୍ଚିଛି କେବଳ !" ଦୀର୍ଘ ଜୀବନର ପୁରସ୍କାର ଭଳି ସ୍ୱର୍ଗସୁଖର ପ୍ରତିଶ୍ରୁତି ମଧ୍ୟ ଅନେକ ସମୟରେ ଜୀବନର ତଥାକଥିତ ମଧୁଭାଣ୍ଡରୁ ଆମକୁ ନିବୃତ୍ତ କରିପାରେନାହିଁ । ଆମର ଧାରଣା ହୁଏ ଯେ ଆମକୁ ଅଯଥା ଭଣ୍ଡେଇ ଦିଆହେଉଛି । ପିଲାଙ୍କୁ ମିଛ କହି, ଭେଳେଇ, ବହଲେଇ ଦେଲାପରି ଆମ ସାଙ୍ଗରେ ଏମିତି କେବଳ ଗୋଟାଏ ଖେଳଚାଲିଛି ।

ଜୀବନ ନଗଡ଼ିବାର ଦ୍ୱିତୀୟ କାରଣ ଏହାର ପରିପୂରକ । ସୁକର୍ମମାନଙ୍କର ତାଲିକା ପିତା ଓଷଦ ଭଳି ଉତ୍କଟ, ପାହାଡ଼ଚଢ଼ା ଭଳି ଦୁଃସାଧ । ବୈଶାଖ ମାସ ମଧ୍ୟାହ୍ନରେ ଆକାଶରୁ ନିଆଁ

Digitized by srujanika@gmail.com

ଛିଡ଼ିପଡୁଥିବାବେଳେ ତାତିଲା ଭୂଇଁ, ଉପରେ ଗୋଟାଏ ଗୋଡ଼ରେ ଠିଆହୋଇ ଚାରିଆଡ଼େ ଚାରିଟା ଧୂନି ଜାଳି ନାକ ଅଗକୁ ଚାହିଁଲେ ସତ୍ୟଦର୍ଶନ ହୁଏ । କେହି ନ ଶୁଣିଲା ପରି ଆମେ କହୁ, "ସେ ସତ୍ୟ କ'ଣ ଏମିତି ଜରୁରି ?" ଭୋକିଲା ଛଞ୍ଚାଣକୁ କପୋତ-ଓଜନର ମାଂସ ନିଜ ଦେହରୁ କାଟି ଦେଉ ଦେଉ କଙ୍କାଳସାର ଦାତା ନିକିତିରେ ସ୍ୱୟଂ ବସିଯିବା ଦାନଧର୍ମର ଚୂଡ଼ାନ୍ତ ଉଦାହରଣ । ଆମେ ପୁଣି କହୁ, "ଏଭଳି ଦାନ କରିସାରିଲାପରେ ତା'ର ଫଳ କିଏ ଭୋଗକରେ ?" ଏହିପରି, ଭାଇ ବିନା ଦୋଷରେ ଫାଶୀ ପାଉଥିଲେ ସୁଦ୍ଧା ନିର୍ବୋଧଙ୍କ ପାଇଁ ପ୍ରାର୍ଥନା କରିବା-ସବୁ କାର୍ଯ୍ୟ ସତ୍‌କର୍ମର ଅପରୂପ ଓ ଅନନ୍ୟ ଦୃଷ୍ଟାନ୍ତ ! -ଆମେ ସାଧାରଣ ଭୂମି, ସାଧାରଣ ସଂଭାବନା ଏବଂ ସାମର୍ଥ୍ୟର ମଣିଷ । ଏସବୁ ଆମ ଆଚରଣ ପରିସର ଭିତରେ ଗ୍ରହଣ କରିବାକୁ ଆମେ ରାଜି ନୋହୁଁ । ହଁ, ଏସବୁ ଶୁଣି ଆମେ ନିଶ୍ଚୟ ବିସ୍ମିତ ହେବୁ । କେମିତି ଆମରି ଭଳି ଗୋଟାଏ ଦେହ ଧରି ଆଖି, ନାକ, କାନ, ମେଦ ରକ୍ତର ଶରୀର ଧରି ସେମାନେ ଏ ଅଦ୍ଭୁତ କାର୍ଯ୍ୟ କରିପାରିଲେ ? ଏହା କିଭଳି ସମ୍ଭବ ହେଲା ? ମଣିଷ ଜୀବନରେ କ'ଣ ଆଉ ଗୋଟାଏ ରହସ୍ୟଭୂମି ରହିଯାଇଛି ଆମ ଅଜ୍ଞାତସାରରେ, ଯେଉଁଠି ଏମିତି ସାମର୍ଥ୍ୟ ମିଳେ ? ଏ ବିସ୍ମୟରୁ ସାମାନ୍ୟ କୌତୂହଳ ହୁଏ । ଖୁବ୍ ନିଭୃତରେ ଇଚ୍ଛାଟିଏ ଉଙ୍କିମାରେ ସେ ଯେତେ ଛୋଟ ହେଲେ ମଧ୍ୟ, ହେଉ ନହେଉ, ଏମିତି ଟିକେ ଚେଷ୍ଟା କଲେ କେମିତି ହୁଅନ୍ତା ? ରାଜ୍ୟ ଛାଡ଼ିଯିବା ପାଇଁ ଆମର ବୈଶାଳୀ ନଗରୀ ନାହିଁ; କିନ୍ତୁ ଜନ୍ତୁଭଳି ଦଶହାତ ଭୂଇଁର ସରହଦ ପାଖରେ ପଡ଼ୋଶୀଙ୍କୁ ହାଣୀଦେବା ପାଇଁ ଆମେ ଯେଉଁ ଫାର୍ଶା ଟେକିଧରୁ, ସେ ଜାବ ଟିକିଏ ହୁଗୁଳା କଲେ କେମିତି ହୁଅନ୍ତା ? ଅଭାବରେ ପଡ଼ି ଫେରିକରିବା ଯଦି ଅପରାଧ ନହେଲା, ଅନ୍ତତଃ ନିର୍ଦ୍ଦୋଷ ଋକର ଟୋକା ମୁଣ୍ଡରେ ସବୁ ଅଠା ବୋଲି ନିଜେ ସାଧୁ ହେବାର ଅଭିଳାଷଟାକୁ, ଖଂଜାଖଂଜି କରି ମିଛ ପାଚେରିଟିଏ ଟେକିବାର ପ୍ରୟାସଟାକୁ ଟିକିଏ ଛାଡ଼ିଦେଲେ କେମିତି ହୁଅନ୍ତା !

ହୁଅନ୍ତା ଯେ, ଖୁବ୍ ବଢ଼ିଆ ହୁଅନ୍ତା ! ଆମେ ନିଜେ ସବୁ ମିଠାଫଳ ଖାଇ ବାକି କଷାଯାକ ଖୁଆଇବାର ବିଚିତ୍ର ଆନନ୍ଦରୁ ନିଜକୁ ବଂଚିତ କରିବାକୁ ପଡ଼ନ୍ତା । କାରଣ ଆମର ଯୁକ୍ତି ହେଲା ଯେ ଆମେ ମନଇଚ୍ଛା ଆମକୁ ଯାହା ସୁହାଇଲା କରିବୁ, ଆମକୁ କେହି ବାରଣ କରିବେ ନାହିଁ; କିନ୍ତୁ ଫଳ ଭୋଗିଲାବେଳକୁ ଆପଣମାନେ ଅଛନ୍ତି । ସେତେବେଳେ ମଧ୍ୟ ଆମକୁ ଯାହା ସୁହାଇବ ଆମେ ;ସେଭଳି ଫଳ ବାଛିନେବୁ; ଆମକୁ କେହି ବାରଣ କରିବେ ନାହିଁ । ନିଜପାଇଁ ଏହାଠାରୁ ଚମତ୍କାର ଯୁକ୍ତି ଆଉ କ'ଣ ଥାଇପାରେ ? ଏଇଟା କିନ୍ତୁ ଏଇଠି ସମ୍ଭବ ନୁହେଁ । ଏ ସୃଷ୍ଟର ନିୟମରେ ସମ୍ଭବ ନୁହେଁ । ଏଇଠି ମଞ୍ଜିଟିଏ ପୋତିଲେ ଗଛଟିଏ ହେବ; କିନ୍ତୁ ଆମ୍ବଡ଼ ପୋତିଲେ ଆମ୍ବ ହେବନାହିଁ । ବିଚ୍ଛୁଆତି ଗଛଟିଏ ଲଗେଇଦେଇ ମଧୁମାଳତି ଆଶା କରୁଥିବା କେହି ମନାକରୁନାହିଁ; କିନ୍ତୁ ମଣିଷ ମାରିବାର ଫଳରତ୍ନାକର ହିଁ ଭୋଗିବ, ଆଉ କେହି ନୁହେଁ; ଏପରିକି ପ୍ରତିପାଳିତ ପୁଅଝିଅ ମାଇପି ମଧ୍ୟ ନୁହଁନ୍ତି । ତେବେ ?...ତେବେ ଆଉ କ'ଣ ? ଏ କାର୍ଯ୍ୟଟି ଛାଡ଼, ନ ହେଲେ ତା'ର ଫଳ ଭୋଗିବାକୁ ପ୍ରସ୍ତୁତ ହୋଇଯାଅ । ଅବହେଳାରେ ସୁଦ୍ଧା ଶୁଖିଲା ବଣରେ ନିଆଁ ଲଗେଇଦେଲେ ବହୁ ନିରୀହ ଜନ୍ତୁ ପୋଡ଼ିଯିବେ କଞ୍ଚା, ଜୀୟନ୍ତା ସହସ୍ରେ ଗଛ ଫଳଫୁଲ ସହିତ ପାଉଁଶ ହୋଇଯିବେ;

Digitized by srujanika@gmail.com

କିନ୍ତୁ ସେଇ ବନାଗ୍ନି ଆତର୍କିତ ଆସି ଶେଷରେ ତୁମକୁ ଘେରିଯିବ ! ନିଆଁ ସବୁବେଳେ ନିଆଁ । ଖେଳିବାକୁ ମୁଁ ଆଙ୍ଗୁଠି ଦେଖେଇଥିଲି କହିଲେ ସେ ଛାଡ଼ିଦେବନାହିଁ-ଅବଶ୍ୟ ଝଲସେଇଦେବ । ସେହିପରି ପାଣି ସବୁବେଳେ ପାଣି; ଅର୍ଥାତ୍ ସେମାନଙ୍କର ସ୍ୱଧର୍ମ ଅବିଚଳିତ । ସେହିପରି ପ୍ରତ୍ୟେକ ମଣିଷର ଗୋଟାଏ ଧର୍ମ ଅଛି ।

ସେଇଟା ପୁଣି କ'ଣ ? ସେଇଟା ଗୋଟାଏ ସୂତ୍ର । ଯେ କର୍ମ କ'ଣ ଜାଣିଛି, ସେ ଧର୍ମକୁ ମଧ୍ୟ ଜାଣିଛି; କିନ୍ତୁ ସ୍ମୃତିଶାସ୍ତ୍ରର ତାଲିକା ଯେତେ ଦୀର୍ଘ କଲେ ସୁଦ୍ଧା ସମସ୍ତଙ୍କ ପାଇଁ ସବୁକାଳର କର୍ମ ଏବଂ ଅକର୍ମ ନିର୍ଦ୍ଦିଷ୍ଟ ହୋଇପାରିବ ନାହିଁ । କର୍ମ କ'ଣ ଅକର୍ମ କ'ଣ, ଏଥିରେ ପରା ତ୍ରିକାଳଦ୍ରଷ୍ଟା ମଧ୍ୟ ବାଉଳା ହୋଇଯାନ୍ତି ! ଏଇଟା ଯେତେ ସହଜ ଦିଶେ, ପ୍ରକୃତରେ ସେତେ ସହଜ ନୁହେଁ । ଆମ ପାଇଁ ଏଇଠି ଏବେ ଯାହା କର୍ମ, ହୁଏତ ଆଉଠାଏ, ଆଉ କେବେ ତାହା ଅକର୍ମ । ଏଣୁ ଜଣେ କହିଛନ୍ତି ଯେ ପାପ ଭୌଗଳିକ । ଅର୍ଥାତ୍ ସ୍ଥାନରୁ ସ୍ଥାନକୁ, କାଳରୁ କାଳକୁ, ଏପରିକି ବ୍ୟକ୍ତିରୁ ବ୍ୟକ୍ତିକୁ ତାହା ବଦଳୁଥାଏ । ଆମେ ସବୁ ଯଦି ଗୋଟିଏ ମହାଶୂନ୍ୟରେ ଏକା ଏକା ପହଁରୁଥା'ନ୍ତେ, ସେଇଠି କାର୍ଯ୍ୟକାରଣ ଆଉ ପ୍ରକାରେ ହୁଅନ୍ତା-ହୁଏତ ସରଳ, କିନ୍ତୁ ଖୁବ୍ ଗହୀର ହୁଅନ୍ତା । ଆମେ କିନ୍ତୁ ଆଉ ସହସ୍ରେ ସାଙ୍ଗେ ରହିଥିବାରୁ ଏଠି କର୍ମଟିଏ ଏତେ ଜଟିଳ ଏବଂ ଏତେ ଗୁରୁତ୍ୱପୂର୍ଣ୍ଣ । ଆମେ ପରସ୍ପରକୁ ପ୍ରଭାବିତ କରୁ । ଆମକୁ ଆମର ସାମୁହିକ ଇତିହାସ ପ୍ରଭାବିତ କରେ । ଆମ ପୂର୍ବପୁରୁଷମାନଙ୍କର ସମସ୍ତ କର୍ମ ଅକର୍ମ ଆମ ରକ୍ତପ୍ରବାହରେ ମିଶି ଆମକୁ ପ୍ରଭାବିତ କରୁଥାଏ । ଏକଦା ଲୋମଶ ବଣଜନ୍ତୁରୂପେ ବୁଲୁଥିବା ପ୍ରାଣୀମାନେ ଏବେ ମଧ୍ୟ ଆମ ମନଗହନ ଭିତରେ, ଆମ ଚେତନାରେ ବିଚରଣ କରୁଛନ୍ତି; ଆମକୁ ପ୍ରଭାବିତ କରୁଛନ୍ତି । ଏଣୁ ଆମେ ଯାହା କରୁ ସେଥିପାଇଁ କ'ଣ କେବଳ ଆମେ, ଏବଂ ନିଛକ ଭାବରେ ଆମେ ହିଁ ଦାୟୀ ?ଅତଏବ ତା'ର ଫଳଭୋଗ କରିବାକୁ କ'ଣ ଆମେ, ଏବଂ କେବଳ ଆମେ ହିଁ ଦାୟୀ ? -ଆଉ କେହି ନୁହେଁ ? ଯଦି ଆମେ କର୍ମଫଳ ହିଁ ଭୋଗୁଥାଉ, ଆମର ସୁଖ-ଦୁଃଖ ଯଦି କେବଳ ପରିଣାମ, ତେବେ କର୍ମ ଆରମ୍ଭ କରିନଥିବା ଅବୋଧ ଶିଶୁ କାହିଁକି ଉତ୍କଟ ମହାମାରୀ ରୋଗରେ ଚିତ୍କାର କରି କରି ମରିଯାଏ ? ଏବଂ କାହିଁକି ଆମ ଆଖି ଆଗରେ ଆପଣଙ୍କ ତାଲିକାଭୁକ୍ତ ଅସଂଖ୍ୟ ଅପକର୍ମ କରିଥିବା ବ୍ୟକ୍ତି ପରମ ଐଶ୍ୱର୍ଯ୍ୟରେ ଲୋଟି ଲୋଟି କୌଣସି ଯନ୍ତ୍ରଣା ଜାଣିବା ପୂର୍ବରୁ ଏ ଦେହ-ପଞ୍ଜୁରୀରୁ ଚୁପ୍‌ଚାପ୍ ଖସିଯାଇପାରେ ?-କେଉଁଠି ଆମ ଜୀବନର ଗୁପ୍ତଚିତ୍ର ବିଉରକରିବାକୁ ସେ ଚିତ୍ରଗୁପ୍ତ ମହାଶୟ ବସିଛନ୍ତି ?

ହଁ, ଆମେ ଅବଶ୍ୟ ମାନୁଛୁ ଯେ ମୋଟାମୋଟି ଆମକୁ ଏକାଠି ରହିବାକୁ ହେବ ଏବଂ ସେଥିପାଇଁ ଗୋଟାଏ ଆଚରଣପଦ୍ଧତି ପ୍ରୟୋଜନ ଅନୁସାରେ, ଯୁଗ ଅନୁସାରେ, ଦେଶ, ପରମ୍ପରା, ବିଶ୍ୱାସ ଅନୁସାରେ ମାନିନେବାକୁ ହେବ । ନହେଲେ ଏକାଠି ବଞ୍ଚିବା ତ ସମ୍ଭବ ହେବନାହିଁ, ଏକାଠି ମରିବା ମଧ୍ୟ ସମ୍ଭବ ହେବନି ।

Digitized by srujanika@gmail.com

ଶାସନ ଚିନ୍ତା

ଗଣତନ୍ତ୍ରରେ ଥାଇ ଗଣତନ୍ତ୍ରର ବିକଳ୍ପ ଚିନ୍ତା କରିବା ସକ୍ରେଟିସ୍‌ଙ୍କ ପାଇଁ ମଧ୍ୟ ନିରାପଦ ନୁହେଁ; କିନ୍ତୁ ସେ ଥିଲେ ସତ୍ୟଦ୍ରଷ୍ଟା ଋଷି ଏବଂ ସତ୍ୟକୁ ନିରାବରଣ ପ୍ରକାଶ କରିବା ତାଙ୍କର ଧର୍ମ । ଦ୍ୱିତୀୟରେ ରାଷ୍ଟ୍ରର ଆତ୍ମାପୁରୁଷ ସହିତ ସେ ଘନିଷ୍ଠ ଭାବରେ ପରିଚିତ ଥିଲେ ଏବଂ ତା'ର ପାଳନ ପାଇଁ ଶାସନତନ୍ତ୍ରର ଅସମର୍ଥତା ତାଙ୍କୁ ବିଚଳିତ କରିଥିଲା । ସେ ଲକ୍ଷ୍ୟ କରିଥଲେ ଯେ ଗୁଡ଼ିଏ ନୀତିହୀନ ପ୍ରଗଲ୍‌ଭ ବ୍ୟକ୍ତି ମିଥ୍ୟା ପ୍ରଚାର ସାହାଯ୍ୟରେ ଶାସନକ୍ଷମତାକୁ ଅଧିକାର କରିନେଇଛନ୍ତି । ପ୍ରଶାସନ ବିଦ୍ୟା ଏବଂ ରାଷ୍ଟ୍ର ଚେତନାରେ ସଂପୂର୍ଣ୍ଣ ଅନଭିଜ୍ଞ ଥିବାରୁ ସେମାନେ ନିଜର ବାକ୍‌ପଟୁତାକୁ ଏକମାତ୍ର ଯୋଗ୍ୟତା ବୋଲି ଭାବୁଛନ୍ତି ଏବଂ ଶାସନତନ୍ତ୍ରକୁ ଏକ ବିତର୍କ ସଭାରେ ପରିଣତ କରିଛନ୍ତି । ବିତର୍କ-ସଭାର ପାଟିତୁଣ୍ଡ ଭିତରେ କୌଣସି ସୁଚିନ୍ତିତ କାର୍ଯ୍ୟ କରିହେବ ନାହିଁ କିମ୍ବା ସେଥିପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରିହେଉ ନାହିଁ । ପରିଷଦର କେହି କେହି ସଭ୍ୟ ବିଜ୍ଞ ହୋଇପାରନ୍ତି; କିନ୍ତୁ କେବଳ ସଂଖ୍ୟାଗରିଷ୍ଠ ମତ ହିଁ ଚୁଡ଼ାନ୍ତ ମତରୂପେ ଗୃହୀତ ହେଉଛି, ଏବଂ ଏହି ମତ ଅଧିକାଂଶ କ୍ଷେତ୍ରରେ ଭ୍ରାନ୍ତ ବୋଲି ଜଣାପଡୁଛି । ରାଷ୍ଟ୍ରର ସ୍ୱାର୍ଥ ଦୃଷ୍ଟିରୁ ସକ୍ରେଟିସ୍ ଏ ପ୍ରକାର ଶାସନ ପଦ୍ଧତିର ଦୋଷତ୍ରୁଟି ନିର୍ଦ୍ଦେଶ କରି ତା'ର ବିକଳ୍ପ ଚିନ୍ତା କରିଥିଲେ ।

କିନ୍ତୁ ସକ୍ରେଟିସ୍ ଏବଂ ତାଙ୍କର ଧୀମାନ୍ ଶିଷ୍ୟ ପ୍ଲାଟୋଙ୍କର ସମସ୍ତ ବିଜ୍ଞତା ସତ୍ତ୍ୱେ ପୃଥିବୀରେ କାଳକ୍ରମେ ଗଣତନ୍ତ୍ର ହିଁ ଏକମାତ୍ର ପଦ୍ଧତିରୂପେ ସ୍ୱୀକୃତି ଲାଭ କଲା । ମଣିଷର ମୌଳିକ ସ୍ୱାଧୀନ ଚେତନାରୁ ଏହା ଜନ୍ମଲାଭ କରିଛି । କୌଣସି ବ୍ୟକ୍ତି ଆଉ କାହା ଦ୍ୱାରା ଶାସିତ ହେବାକୁ ଚାହେଁ ନାହିଁ; ଅଥଚ ଉଚ୍ଛୃଙ୍ଖଳ କିମ୍ବା ଅଣଶାସିତ ହେବାକୁ ଋହେଁନାହିଁ । ସେ ସ୍ୱୟଂ-ଶାସିତ ହେବାକୁ ଋହେଁ । ନିଜେ ନିଜକୁ ନିୟନ୍ତ୍ରିତ କରିବାକୁ ଋହେଁ । ନୈତିକ କିମ୍ବା ଆଧ୍ୟାତ୍ମିକ କ୍ଷେତ୍ରରେ ଏହା ସମ୍ଭବ ଯେଉଁଠି ବ୍ୟକ୍ତି ଅନେକ ପରିମାଣରେ ସ୍ୱତନ୍ତ୍ର, ଅସଂଯୁକ୍ତ ଏବଂ ଏକାକୀ; କିନ୍ତୁ କୌଣସି ସମାଜର ସଭ୍ୟରୂପେ ଏବଂ ରାଷ୍ଟ୍ରର ନାଗରିକରୂପେ ସେ ସେଭଳି ନିରୋଳା ସ୍ୱାତନ୍ତ୍ର୍ୟ ପାଇପାରିବ ନାହିଁ । ସେଇଠି ସେ ଅନ୍ୟମାନଙ୍କୁ ନେଇ ଏକାଠି ବଞ୍ଚିବାକୁ ବାଧ୍ୟ । ଏହି ବାଧ୍ୟତା ହିଁ ଶାସନ । ଏଥିରେ ତା'ର ଆଚରଣ, ଅଧିକାର, ଦାୟିତ୍ୱ ନିର୍ଦ୍ଧାରିତ ହୁଏ । ସେ ଏକାକୀ ସ୍ୱତନ୍ତ୍ର; ସେଇଟା ତାର ଅଧିକାର । ଏକତ୍ର ସେ ଶୃଙ୍ଖଳିତ, ସହନଶୀଳ, ସେଇଟା ତାର ଦାୟିତ୍ୱ । ଏ ଯୁଗ୍ମ-ଭୂମିକୁ ସନ୍ତୁଳିତ କରି ସ୍ୱୟଂଶାସିତ ହେବାକୁ ହେଲେ ପ୍ରତିନିଧି ମାଧ୍ୟମରେ ଶାସିତ ହେବା ଅନିବାର୍ଯ୍ୟ । ସେଇ କାରଣରୁ ଗଣତନ୍ତ୍ର ପଦ୍ଧତି ମଧ୍ୟ ଅନିବାର୍ଯ୍ୟ । ଅନ୍ୟ କୌଣସି ବିକଳ୍ପ ମାଧ୍ୟମରେ ସାଧାରଣ

Digitized by srujanika@gmail.com

ନାଗରିକର ବ୍ୟକ୍ତି-ସମ୍ମାନ ଏଭଳି ସଂରକ୍ଷିତ ହେବା ସମ୍ଭବ ନୁହେଁ । ଏହାର ଅଧିକାଂଶ ତ୍ରୁଟି ପ୍ରୟୋଗରେ; ପଦ୍ଧତିରେ ନୁହେଁ । ଯାର ଅସଫଳତା ପାଇଁ ସମସ୍ୟାର ବହୁଳତା ଦାୟୀ; ଅପାରଗତା ନୁହେଁ ।

ତଥାପି ଅପାରଗତା ଏବଂ ତ୍ରୁଟି ନିଶ୍ଚିତ ରହୁଛି । କାରଣ ପଦ୍ଧତିରେ ନିର୍ବାଚିତ ପ୍ରତିନିଧି ଏକ ଜଟିଳ ବ୍ୟକ୍ତିତ୍ୱ । ସେ ପ୍ରକୃତରେ କାହାର ପ୍ରତିନିଧି ? ନିର୍ବାଚନମଣ୍ଡଳୀର ନିର୍ଦ୍ଦିଷ୍ଟ ଦଳର ? ଦେଶର ? ନା ଏକକ ମତଦାତାର ? ନା ଏ ସମସ୍ତଙ୍କର ? ନା ସେହି କାରଣରୁ କାହାରି ନୁହେଁ । ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବ୍ୟକ୍ତି ମତଦାନ କରନ୍ତି ନାହିଁ । ଯେଉଁମାନେ କରନ୍ତି, ସେମାନଙ୍କ ଭିତରୁ ସମସ୍ତେ କୌଣସି ଜଣେମାତ୍ର ପ୍ରତିନିଧିକୁ ସମର୍ଥନ କରନ୍ତି ନାହିଁ । ଦଳୀୟ ବିଚାରରେ ବ୍ୟକ୍ତିର ଯୋଗ୍ୟତା ଅନ୍ୟପ୍ରକାର । ଦେଶ ଏବଂ ରାଷ୍ଟ୍ର ବହୁ ଦୂରରେ ଅପେକ୍ଷା କରି ରହିଥିବା ପରିବ୍ୟାପ୍ତ ସୂକ୍ଷ୍ମ ସତ୍ତା ! ଏକକ ମତଦାତା ଏବଂ ମତଗ୍ରହୀତା ଅଧିକାଂଶ କ୍ଷେତ୍ରରେ ପରସ୍ପର ସକାଶେ ସମ୍ପୂର୍ଣ୍ଣ ଅପରିଚିତ । ଏଣୁ ସାଧାରଣତଃ ଏ ପଦ୍ଧତିର ପ୍ରତିନିଧି କାହାରି ସମସ୍ୟା ବା ସ୍ୱାର୍ଥ ପାଇଁ ଦାୟୀ ନୁହେଁ; କାରଣ ସେ ବିଷୟରେ ସେ ସଚେତନ ନୁହେଁ । ସେ କେବଳ ଦଳୀୟ ମତ ଏବଂ ସ୍ୱାର୍ଥ ବିଷୟରେ ମଧ୍ୟ ସଚେତନ । ଏଣୁ ଗଣତନ୍ତ୍ର ପଦ୍ଧତିରେ ରାଜନୀତି ମୁଖ୍ୟତଃ ଦଳୀୟ ରାଜନୀତି ହେବା ଏକପ୍ରକାର ଅନିବାର୍ଯ୍ୟ ।

ଏକଚ୍ଛତ୍ର ଶାସନର ସ୍ୱରୂପ-

ଏକଚ୍ଛତ୍ର ଶାସନରେ କେବଳ ଜଣେ ବ୍ୟକ୍ତି ସମଗ୍ର ଦେଶ ପାଇଁ ନିଷ୍ପତ୍ତି ଗ୍ରହଣ କରେ । ପ୍ରକୃତରେ କିନ୍ତୁ ତା'ର ଆତ୍ମୀୟସ୍ୱଜନ ଏବଂ ବଚସ୍କର ଭୃତ୍ୟମାନେ ମିଶି ଗୋଟିଏ ଦଳ ଗଠନ କରିଥାନ୍ତି ଏବଂ ବସ୍ତୁତଃ ଏହି ଦଳ ହିଁ ଶାସନ କରିଥାଏ । ଛତ୍ରପତିଙ୍କ ଇଚ୍ଛା, ତାଙ୍କର ବିଶ୍ୱାସ ଏବଂ ବ୍ୟକ୍ତିତ୍ୱ ଶାସନରେ ପ୍ରତିଫଳିତ ହେଉଥାଏ । ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ନହେଲେ ସୁଦ୍ଧା ସମସ୍ତ ପ୍ରକାର ଭିନ୍ନ ମତ ଏବଂ ବିଶ୍ୱାସକୁ ଅପ୍ରକଟିତ ରଖାଯାଏ । ଭିନ୍ନ ମତ ପ୍ରକାଶ କରିବା ରାଜଦ୍ରୋହ ଅପରାଧ । ଶାସକଗୋଷ୍ଠୀ ଏ ପ୍ରକାର ବିରୋଧ ଦମନ କରିବାକୁ ସଦା ତତ୍ପର । ଗଣତନ୍ତ୍ରରେ କିନ୍ତୁ ସବୁ ପ୍ରକାର ରାଜନୈତିକ ମତବାଦର ସହାବସ୍ଥାନ ସମ୍ଭବ । ମତବାଦ କେବଳ ବିଶ୍ୱାସ ପର୍ଯ୍ୟାୟରେ ରହିଲେ ତା'ର ତଥ୍ୟଗତ ମୂଲ୍ୟ ଥାଇପାରେ; କିନ୍ତୁ ପ୍ରୟୋଗ ନ ହେବା ଯାଏ ତା'ର କାର୍ଯ୍ୟକାରିତା ପ୍ରମାଣିତ ହୋଇପାରେ ନାହିଁ । ଏଣୁ ପ୍ରତ୍ୟେକ ମତବାଦୀ ଦଳ ଶାସନ କ୍ଷେତ୍ରକୁ ଅଧିକାର କରିବାକୁ ଅନ୍ୟ ସହିତ ପ୍ରତିସ୍ପର୍ଦ୍ଧା କରେ । ସହାବସ୍ଥାନରେ ପ୍ରତିଦ୍ୱନ୍ଦିତା ଦେଖାଯାଏ । ରାଜନୈତିକ ପ୍ରତିଦ୍ୱନ୍ଦିତା ଏକପ୍ରକାର ରାଜ୍ୟପ୍ରାପ୍ତିର ଯୁଦ୍ଧ । ମଧ୍ୟଯୁଗରେ ସିଂହାସନ ପାଇଁ ସଂଗ୍ରାମ ହେଲାଭଳି ଏହା ଏକ ଶକ୍ତିସଂଘର୍ଷ । ଏଥିରେ ହୁଏତ ରକ୍ତପାତ ଏବଂ ହତ୍ୟା ଉପରେ ସେଭଳି ଗୁରୁତ୍ୱ ଦିଆଯାଏନାହିଁ; କିନ୍ତୁ ଯୁଦ୍ଧକାଳୀନ ସମସ୍ତ ପ୍ରକାର କୂଟନୀତି, ଗୁପ୍ତଚରଣ, ପ୍ରଚାର ଏବଂ ପ୍ରତିବିଚାର ଆଦିର ଅବାଧ ପ୍ରୟୋଗ କରାଯାଏ । ରାଜ୍ୟ ସଂଗ୍ରହ କିମ୍ବା ଅର୍ଥ ସଂଗ୍ରହ ପରି ମତ ସଂଗ୍ରହ କରାଯାଏ ଏବଂ ଏ କ୍ଷେତ୍ରରେ ମଧ୍ୟ ଶକ୍ତି ଓ ସଫଳତା କେବଳ ପରିମାଣଗତ ।

Digitized by srujanika@gmail.com

ପ୍ରତ୍ୟେକ ଦଳ ଏକ ନିର୍ଦ୍ଦିଷ୍ଟ ମତବାଦକୁ କେନ୍ଦ୍ରକରି ଗଢ଼ିଉଠିଥାଏ, କିନ୍ତୁ ମତବାଦର ପ୍ରତିଷ୍ଠାତା ଜଣେ ବ୍ୟକ୍ତି ହୋଇଥିବାରୁ ଦଳ ବ୍ୟକ୍ତିକୈନ୍ଦ୍ରିକ ହେବାର ଦେଖାଯାଏ । ଏଭଳି ବ୍ୟତିକ୍ରମକୁ ନିୟମ ବୋଲି ଭାବି ଜଣେ ଜଣେ ନେତା ଗୋଟିଏ ଗୋଟିଏ ଦଳ ସୃଷ୍ଟିକରନ୍ତି; ପ୍ରୟୋଜନ ହେଲେ ପରେ କୌଣସି ଗୋଟିଏ ନୀତିର ବୟାନ କରିଦିଆଯାଏ । ଫଳତଃ ଅସଂଖ୍ୟ ଦଳ ନୀତିହୀନଭାବେ ସୃଷ୍ଟି ହୋଇଯାଏ । ସମସ୍ତଙ୍କର ଲକ୍ଷ୍ୟ କେବଳ ଶାସନକୁ ଅଧିକାର କରିବା । ବେଶ ଏବଂ ଦେଶବାସୀଙ୍କର ସେବା କରିବେ ବୋଲି ପ୍ରତ୍ୟେକ ଦଳ ପ୍ରଚାର କରିବାକୁ ଭୁଲନ୍ତିନାହିଁ; କିନ୍ତୁ ଶାସନ ଯେ କେବଳ ସେବା ନୁହେଁ ଏବଂ ଲଢୁଥିବା ଦଳଗୁଡ଼ିକର ଉଦ୍ଦେଶ୍ୟ ଯେ ସେଭଳି କିଛି ମହତ୍ ନୁହେଁ, ଏକଥା ସମସ୍ତେ ଜାଣନ୍ତି । ଶାସକର ଭାବମୂର୍ତ୍ତି ଏବେ ସୁଦ୍ଧା ସେଇ ମଧ୍ୟଯୁଗୀୟ କ୍ଷମତା, ପ୍ରତିପତି, ବୈଭବ ଏବଂ ବିଳାସର ଲୋଭନୀୟ ଜ୍ୟୋତିବଳୟରେ ଆବୃତ୍ତ ହୋଇ ରହିଛି । ଶାସନ କହିଲେ ଏବେ ମଧ ରାଜତ୍ୱକୁ ହିଁ ବୁଝାଏ । ବହୁକାଳରୁ ଶାସିତର ଶୋଣିତରେ ଶାସକର ଅଧିକାରକୁ ଭୋଗ କରିବାର ସ୍ୱପ୍ନ ଜଡ଼ିତ ହୋଇ ରହିଛି । ଦଳୀୟ ଶାସନରେ ତାହା କେତେକାଂଶରେ ଚରିତାର୍ଥ ହୁଏ । ଶାସକର ଚାରିଆଡ଼େ ଭାଟବନ୍ଦନା, ସମ୍ଭ୍ରମ, ସମ୍ମାନ, ଫୁଲମାଳ ଏବଂ ଜୟ ଜୟକାର ସେଇ ମଧ୍ୟଯୁଗୀୟ ରାଜୋପଚାରର ଛାୟା ମାତ୍ର ।

ଏହି ପ୍ରକାର ଚିନ୍ତାଧାରାରୁ ସଂପୂର୍ଣ୍ଣ ମୁକ୍ତ ହେବା ପୂର୍ବରୁ ଯେଉଁମାନେ ଗଣତାନ୍ତ୍ରିକ ଶାସନର ଗୁରୁଦାୟିତ୍ୱ ବହନକରନ୍ତି, ସେମାନେ ସ୍ୱତଃ ନିଜର ସ୍ୱାର୍ଥ ପାଇଁ କ୍ଷମତାର ଅପବ୍ୟବହାର କରିବାକୁ ପ୍ରଲୁବ୍ଧ ହେବେ । ସ୍ୱତଃ ଅନ୍ୟ ଦଳ ପ୍ରତି ଅସହନଶୀଳ ହେବେ, ରାଷ୍ଟ୍ରର ଜନସାଧାରଣଙ୍କୁ ପ୍ରଜା ଜ୍ଞାନକରି ଦୟା ବିତରଣ କରିବେ, ଏଥିରେ ସନ୍ଦେହ ନାହିଁ । ଯଦି ପରିଶେଷରେ ବ୍ୟବସାୟଗତ ପ୍ରୟୋଜନ ଦୃଷ୍ଟିରୁ ମାତ୍ର ଦୁଇଟି ଦଳ ଏହି ପ୍ରକାର ମନୋବୃତ୍ତିରେ ଦେଶର ରାଜନୈତିକ ଜୀବନକୁ ଅଧିକାର କରନ୍ତି ଏବଂ ପ୍ରତ୍ୟେକେ କିଛି କାଳ ସୁଖ-ସମ୍ଭୋଗ କରି କ୍ଷୁଧା ନିବୃତ୍ତି କରିବାକୁ ସେମାନଙ୍କର ବୁଝାମଣା ହୋଇଯାଏ, ତେବେ ଗଣତନ୍ତ୍ର ପରିବର୍ତ୍ତେ ଏକ ଗର୍ହିତ ଧରଣର ଏକଛତ୍ରବାଦର ପ୍ରତିଷ୍ଠା ହୋଇଯିବ । କୌଣସି ଗିରିସଙ୍କଟ ଉପରେ ଧନ ଜୀବନ ଲୁଣ୍ଠନ କରିବାକୁ ଦୁଇଟି ଦଳ ଭଳି ସେମାନେ ପରସ୍ପରର ପରିପୋଷକ ହୋଇଯିବେ । ବିରୋଧୀଦଳ ତାର ଗଣତାନ୍ତ୍ରିକ ଦାୟିତ୍ୱ ଭୁଲିଯାଇ ଶାସକର ଉଚ୍ଛୃଙ୍ଖଳତା ପାଇଁ ଲଗାମ ହେବା ପରିବର୍ତ୍ତେ କେବଳ ନିଜର ସୁଯୋଗକୁ କ୍ଷୁଧାର୍ତ୍ତ ହୋଇ ଅପେକ୍ଷା କରି ବସିରହିବ । ଏହା ଗଣତନ୍ତ୍ର ଶାସନପଦ୍ଧତିର ସବୁଠାରୁ ବଡ଼ ବିକଟରୂପ ।

ଶାସନ ରାଜତ୍ୱ ନୁହେଁ--

ଶାସନକୁ ରାଜତ୍ୱ ବୋଲି ମଣୁଥିବାଯାଏ ରାଜନୀତିରୁ ସୀମିତ ସ୍ୱାର୍ଥର ଆମିଷ ଗନ୍ଧ ଦୂର ହେବନାହିଁ । କ୍ଷମତା ପାଇଁ ଲଢୁଥିବାଯାଏ ପରସ୍ପର କୁତ୍ସା ହିଁ ଏକମାତ୍ର ରାଜନୀତି, ଶଠତା ହିଁ ଏକମାତ୍ର କୌଶଳ, ଲାଭ ହିଁ ଏକମାତ୍ର ଶୁଭ ବୋଲି ଗୃହୀତ ହେବା ସ୍ୱାଭାବିକ । ରାଜନୀତିରୁ ନୈତିକତା ସଂପୂର୍ଣ୍ଣ ବିଦାୟ ନେଇଯିବା କିଛି ବିଚିତ୍ର କଥା ନୁହେଁ । ଏଣୁ ଏଭଳି ସାଂଘାତିକ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ନହେଲେ ଦେଶର ମଙ୍ଗଳ ହେବ କିପରି ? କିଏ ଚିନ୍ତା କରିବ ଦେଶର ସାମୁହିକ ସ୍ୱାର୍ଥ ବିଷୟରେ ? କିଏ ଉଦ୍ଧାର କରିବ ଏ ଜାତିକୁ ଭୟାବହ ସଂକଟରୁ ?

Digitized by srujanika@gmail.com

ଯେଉଁ ଦେଶର ବିକଟ ଦାରିଦ୍ର୍ୟ, ଖାଦ୍ୟାଭାବ, ଅନଟନ, ନିରକ୍ଷରତା ଚତୁର୍ଦ୍ଦିଗ ଆଚ୍ଛନ୍ନକରି ରଖିଛି, ସେ ଦେଶରେ ଶାସନ ରାଜତ୍ୱ ବିଳାସ ନୁହେଁ, କିମ୍ବା ରାଜନୀତି ଜୁଆଖେଳ ନୁହେଁ । ବନ୍ୟାଗ୍ରସ୍ତ ଅଞ୍ଚଳରେ ବିପନ୍ନ ଧନ ଜୀବନକୁ ରକ୍ଷାକରିବାକୁ ଯଦି କେହି ବ୍ରତ ବୋଲି ଗ୍ରହଣ କରିଥା'ନ୍ତି, ସେ କରାଳ ବିଭୀଷିକା ପାଖରେ ଛୋଟ ଛୋଟ ଡ଼ଙ୍ଗାନେଇ ପହଞ୍ଚନ୍ତି, ସେଇଠି ପ୍ରତଦ୍ୱନ୍ଦିତା ନିତାନ୍ତ ଅଶୋଭନୀୟ । ସହଯୋଗିତା ନହେଲେ ସୁଦ୍ଧା, ଅନ୍ତତଃ ଗୋଟିଏ ଲକ୍ଷ୍ୟରେ ପ୍ରତିଯୋଗିତା ସେମାନଙ୍କଠାରୁ ଆଶା କରାଯାଇପାରେ । ସେଇଠି କ'ଣ କେବେ ହେଲେ କଳ୍ପନା କରାଯାଇପାରେ ଯେ ବିପନ୍ନଲୋକଙ୍କର ଅସହାୟତାର ସୁଯୋଗ ନେଇ, ଜଳଦସ୍ୟୁଭଳି ସେମାନଙ୍କୁ ଦଳ ଦଳ ହୋଇ ଲୁଣ୍ଠନ କରାଯାଉ ! ଲୁଣ୍ଠନର ସୁବିଧା ଦୃଷ୍ଟିରୁ ସେମାନଙ୍କର ଅବସ୍ଥାର ପରିବର୍ତ୍ତନ ନ କରି, ତାଙ୍କୁ ସେଇ ପାଣିଘେର ଭିତରେ ରଖିବାର ଚେଷ୍ଟା କରାଯାଉ !

ଦେଶ ବର୍ତ୍ତମାନ ଏହିପରି ସଙ୍କଟରେ ପଡ଼ିଛି । ଏହା ଅନୁଭବ କରିପାରିଲେ ଆଧ୍ୟାତ୍ମିକ ପୀଡ଼ା ଜାଗ୍ରତ ହେବ, ଚେତନାର ବିସ୍ତାର ଘଟିବ । ଲୋକପ୍ରତିନିଧି ଆଖିରୁ ପରଳ ଖସିପଡ଼ିବ । ସେ ଅବଶ୍ୟ ଜାତୀୟ ଜୀବନର ବିପୁଳ ପ୍ରସାର ଭିତରେ ନିଜକୁ ଖୋଜି ପାଇବନାହିଁ ! ଶାସନର ଗୁରୁଦାୟିତ୍ୱ ରୂପ ସେ ଅନୁଭବ କରିପାରିବ । ଅସଂଖ୍ୟ ସମସ୍ୟାରେ ସମାକୀର୍ଣ୍ଣ ଏ ବିରାଟ ଦେଶକୁ ଶାସନକରିବା କିଛି ପିଲାଖେଳ ନୁହେଁ । ସେଥିପାଇଁ ଯୋଗ୍ୟତା ଅର୍ଜ୍ଜନ କରିବାକୁ ହେବ । ରାଜନୀତି ବୃତ୍ତି ନୁହେଁ । ରାଜନୀତି ଏ ଦୃଷ୍ଟିରୁ ଏକ ସାଧନା । ଉଦାର, ସହନଶୀଳ, ତ୍ୟାଗୀ, ତପସ୍ୱୀର ସାଧନା । ନିଜର ଚରିତ୍ର ଶୋଧନପରେ ଯଥେଷ୍ଟ ଶରୀର ଓ ମନର ଶକ୍ତି ସଞ୍ଚୟପରେ, ନିଜକୁ, ନିଜ ସାମର୍ଥ୍ୟକୁ, ଦେଶକୁ ଏବଂ ତା'ର ବିସ୍ତାରକୁ ସଂପୂର୍ଣ୍ଣ ବୁଝିସାରିବା ପରେ, ଅନ୍ୟକୁ ସମାନ ଅଧିକାରୀ ସହଯୋଗୀ ବୋଲି ଗ୍ରହଣ କଲାପରେ, ଅନ୍ୟଦଳ ଏବଂ ନୀତିକୁ ସମ୍ମାନଦେଇ ଶିଖିଲାପରେ, ଜଣେ ରାଜନୀତିକୁ ବ୍ରତରୂପେ ଗ୍ରହଣ କରିପାରେ । ଦେଶନିଷ୍ଠା ଚେତନାରେ ରାଜନୀତି ମଙ୍ଗଳମୟ, ନଚେତ୍ ଗଣତନ୍ତ୍ର ବିଧାନରେ ଏହା ଜୁଆଖେଳ କିମ୍ବା ନିଆଁଖେଳ ଭଳି ବିପଜ୍ଜନକ ।

❖❖❖

Digitized by srujanika@gmail.com

ରଚନା ସଂପର୍କରେ

୧

ଆପଣମାନଙ୍କ ପରିଚିତ କୌଣସି ସଂଜ୍ଞାରେ ସିଧା ସଳଖ ପଡ଼ିପାରୁ ନ ଥିବାରୁ, ଏ ପ୍ରକାର ନିବନ୍ଧକୁ ଆପଣ ଆପାଙ୍‌କ୍ତେୟ କହିବା ପରିବର୍ତ୍ତେ 'ରମ୍ୟ ରଚନା' କହିଥା'ନ୍ତି । କୌଣସି କାରଣରୁ ଏ ଗଡ଼ିକ ଆପଣଙ୍କପାଇଁ 'ରମ୍ୟ' ବିବେଚିତ ହେଉଥାଇପାରେ; କିନ୍ତୁ ପ୍ରକୃତରେ ଏ ଗୁଡ଼ିକ କେବଳ 'ରଚନା' ।

ରଚନା କରିବା କବିର ଧର୍ମ । ସେଥିରେ ସେ ଅବାଧ ସୃଷ୍ଟି କରିବାକୁ ଋହେଁ । ସୃଜନଧର୍ମୀ ରଚନାରେ ଢ଼େର୍ ସ୍ୱାଧୀନତା, ବିଭିନ୍ନ ପ୍ରକାର ପରୀକ୍ଷା କରିବାପାଇଁ ଅନେକ ଅବକାଶ ! ଇଂରାଜୀରେ Essay କହିଲେ ଯାହା ବୁଝାଏ, ଯେତିକି ପରିମାଣରେ ଲେଖକ ମନର ସାବଲୀଳତା ସ୍ୱୀକାର କରେ, ବିଷୟବସ୍ତୁ ପାଇଁ ଯେମିତି ସେଥିରେ ବାଗ-ଲଗାମ କିଛି ନାହିଁ, 'ପିମ୍ପୁଡ଼ି' ଠାରୁ 'ଚକ୍ ଖଡ଼ି' ପର୍ଯ୍ୟନ୍ତ, 'ଟୋପି ପଛରେ ଧାଇଁବା' ଠାରୁ 'ଖାଦ୍ୟ ସମସ୍ୟା' ପର୍ଯ୍ୟନ୍ତ, ସୁଚିନ୍ତିତ ରଚନାପାଇଁ ଏକ ଉଦାର କ୍ଷେତ୍ରରୁ ଯେପରି ବାଡ଼ବନ୍ଧ ଟେକି ନିଆଯାଏ, ସେପରି ଏ ରଚନାଗୁଡ଼ିକ !

ମନ ରଞ୍ଜେଇବା ଏହାର ଉଦ୍ଦେଶ୍ୟ ନୁହେଁ; ଆଉ ମଧ୍ୟ ଉଦ୍ଦେଶ୍ୟ ନୁହେଁ ଭାରି ଗମ୍ଭୀର ମୁଦ୍ରାରେ ନାକ, ଆଖି ଚିପି କେବଳ ପ୍ରଣବ ମାଧ୍ୟମରେ ନିଛକ ଜ୍ଞାନ ପିଆଇବା । * 'ରସେଲ୍'ଙ୍କ ଭଳି ବହୁ ଜ୍ଞାନିଲୋକଙ୍କୁ ଆଖି ମଟକା ମାରି ବେଶ୍ ବଡ଼ବଡ଼ କଥା କହିବାର ଯେ ଶୁଣିଛି, ତା'ର ବଳେ ବିଶ୍ୱାସ ଜମି ଯିବ ଯେ ଜ୍ଞାନପାଇଁ ଏତେ ଗମ୍ଭୀର ମୁଦ୍ରାର ପ୍ରୟୋଜନ ନାହିଁ । ଅତଏବ ନିଷ୍ଠାର ସହିତ ଜୀବନର ବିଭିନ୍ନ ବିଭାଗକୁ ମିଞ୍ଜେଇ ଅନୁଭବ କଲାବେଳେ ଯଦି କେତେବେଳେ

* ବିଭିନ୍ନ ସଂକଳନରେ ମୁଖବନ୍ଧ ରୂପେ ପ୍ରକାଶ ପାଇଥିବା ।

Digitized by srujanika@gmail.com

କିଛି ଦିଶିଗଲା, ତାକୁ ନିଜ ଭଙ୍ଗୀରେ ଖଣ୍ଡିଏ 'ରଚନା' ଆକାରରେ ଗ୍ରାହକ ପାଠକ ପାଖରେ ପହଞ୍ଚେଇ ଦେଲେ କ୍ଷତି କ'ଣ ।

ବ୍ୟାସ, ବାଲ୍ମିକୀ, ସାରଳା, ଜଗନ୍ନାଥ ଯେଉଁ ସାହିତ୍ୟର ପରମ୍ପରା ସେଥିରେ କ'ଣ ଗୋଟାଏ ସଂପୂର୍ଣ୍ଣ ନୂଆ କଥା କହିଦେବି, ସେ ଧୃଷ୍ଟତା ମୋର ନାହିଁ; କିନ୍ତୁ ଜୀବନ ଜାହ୍ନବୀରେ ଐରାବତ ସ୍ନାନକରି ଚାଲିଗଲା ପରେ ସ୍ରୋତ ସରିଯାଏ ନାହିଁ ଏବଂ ପିମ୍ପୁଡ଼ିଟିଏ ମଧ୍ୟ ତା' ଶକ୍ତି ଅନୁସାରେ ସେଥିରେ କିଛିବାଟ ପହଁରିଯିବାପାଇଁ ନୂତନ ସମ୍ଭାବନା ଥାଏ । ବ୍ୟାସେ ଯାହା ଦେଖିଛନ୍ତି, ହୁଏତ' ମଣିଷ ଜନ୍ମରେ କେହି ସେତେ ଦେଖିବନାହିଁ । ତଥାପି ପୁରୁଣାକୁ ମଧ୍ୟ ନୂଆ ଭଙ୍ଗୀରେ ଦେଖା ଯାଇପାରେ । ବେଳେ ବେଳେ ଏ ଅନନ୍ତ ଧାରାରେ ସଂପୂର୍ଣ୍ଣ ନୂଆଟାଏ ମଧ୍ୟ ଆସିନଯିବ ଏପରି ନୁହେଁ । ପାହାଡ଼ ଦେହରେ ଲଟେଇଥିବା କୁନ୍ଦଲଇ ମୂଳରେ କାଲିର ଫୁଲଯାକ ଆଉରି ମଉଳି ନାହିଁ; କିନ୍ତୁ ତା'ର ଚୂଳେ ଚୂଳେ ନୂଆ କଢ଼ ସବୁ ପାଖୁଡ଼ାମେଲି ଆସୁଛନ୍ତି । ଦେଖିବାକୁ ଅବିକଳ ସେମିତି; କିନ୍ତୁ ଏ ଫୁଲ କ'ଣ ସେଇ ଫୁଲ ?ଫୁଲର ଆଉ ଅନେକ ଗୁଣପରି ଗୋଟିଏ ଗୁଣ ହେଲା, ଆମ ମନ ଭିତରେ ଫୁଲ ଫୁଟେଇବା । ଚିନ୍ତାର ଗୁଣ ହେଲା, ପାଠକର ଚିନ୍ତା କେନ୍ଦ୍ରକୁ ଆଲୋକିତ କରିବା । ସମୟ ସମୟରେ ସଂପୂର୍ଣ୍ଣ ମୂହ୍ୟମାନ କରିବାର ଶକ୍ତି ମଧ୍ୟ ତା'ର ଅଛି । ସେଥିପାଇଁ କିନ୍ତୁ ଉପନିଷଦ୍‌ର 'ଆରଣ୍ୟକ' ବିପୁଳତାର ପ୍ରୟୋଜନ ! ଗୋଟିଏ କୁନ୍ଦଲଇ ଠାରୁ ସେତକ ଆଶା ନକଲେ ଚଳନ୍ତା !

ବିଷୟବସ୍ତୁ ଉପରେ ବିଭିନ୍ନ ଚିନ୍ତାର ତୋରଣ ଟେକିବା ଅବଶ୍ୟ ଅନିବାର୍ଯ୍ୟ; କିନ୍ତୁ ତାହା ସଂପୂର୍ଣ୍ଣ ନୈର୍ବ୍ୟକ୍ତିକ ହେବା କ'ଣ ସେଭଳି ଅନିବାର୍ଯ୍ୟ ? ନୈର୍ବ୍ୟକ୍ତିକ ହେବା ଅନେକଙ୍କ ମତରେ ପ୍ରକୃତ ସତ୍ୟଦ୍ରଷ୍ଟାର କାମ । ସେ ସବୁ କଥା ସ୍ଥିର ଭାବରେ ବୁଝିଯାଇଥାଏ । ତା'ର ଆଉ ଗୋଳମାଳ କିଛି ନାହିଁ । ଏଣୁ ଅସଂପୃକ୍ତଦ୍ରଷ୍ଟା ରୂପେ ସେ ଦୂରରୁ ରହି କଥାଟାକୁ ଦେଖେ ବା କହେ । ଟିକିଏ ବିଚାରକଲେ ଜଣାଯାଉଛି, ସତେ ବା ଏଇଟା ଗୋଟାଏ ଠାଣି ମାତ୍ର । କୌଣସି ପ୍ରକାଶିତ ବା ଭାଷାରେ ରୂପାୟିତ ସତ୍ୟ କ'ଣ କେବେ ନୈର୍ବ୍ୟକ୍ତିକ ହୋଇପାରେ ? ନିଜକୁ ବିଷୟ ସହିତ ସଂଶ୍ଳିଷ୍ଟ ନ କଲା ପର୍ଯ୍ୟନ୍ତ, ତା ଭିତରେ ନିଜ ପ୍ରାଣର ପ୍ରତିଷ୍ଠା ନ କଲା ପର୍ଯ୍ୟନ୍ତ ସେ କ'ଣ କେବେ ପ୍ରାଣବନ୍ତ ହୁଏ ? ଯେ ସଂପୂର୍ଣ୍ଣ ନୈର୍ବ୍ୟକ୍ତିକ, ଅସଂପୃକ୍ତ ଦ୍ରଷ୍ଟା, ସେ ଅବିକ୍ରିୟ; ନିଜକୁ ପ୍ରକାଶ କରିବାର ଜ୍ୱାଳାରୁ ମୁକ୍ତ । ଏଣୁ ସେପରି 'ବ୍ରହ୍ମ ହୋଇ ଯାଇଥିବା ବ୍ରହ୍ମବିଦ୍'କୁ ନେଇ ସାହିତ୍ୟ କ'ଣ କରିବ ?

ଆମେ କହୁ ହୋମର୍, ବାଲ୍ମୀକି, ସେକ୍ସପିଅର ଆଦିଙ୍କର କୃତି ସବୁ ନୈର୍ବ୍ୟକ୍ତିକ, କାହିଁକି ନା ତାଙ୍କର ବ୍ୟକ୍ତିଗତ କୌଣସି ଗୋଟିକିଆ ମତକୁ ଟିପ ମଡ଼େଇ କୌଣସିଠାରେ ଧରିହୁଏ ନାହିଁ । ଆମ ଭଳି ସଂକୀର୍ଣ୍ଣ ପରିସର ଭିତରେ ସିନା ଗୋଟିଏ ମାତ୍ର ମତପାଇଁ ସ୍ଥାନ ଥାଏ, ସେତିକିରେ ସବୁ ସମ୍ଭାବନା ସରିଯାଏ; କିନ୍ତୁ ଯେ ବିଷୁବୀୟ ମହାଅରଣ୍ୟ ପରି ନିରନ୍ଧ୍ର, ଦିଗନ୍ତ-ପ୍ରସାରୀ ସେ ନୈର୍ବ୍ୟକ୍ତିକ ପରି ଆମକୁ ଦିଶୁଥିଲେ ମଧ୍ୟ ସେ ତା'ର ବିଶାଳତାରେ ହିଁ ନିଜର ବ୍ୟକ୍ତିତ୍ୱକୁ ପ୍ରକାଶିତ କରିଥାଏ ।

Digitized by srujanika@gmail.com

ଜରତା, ସୁର୍ପଣଖା, ରାବଣ, ବଶିଷ୍ଠ, ଦଶରଥ ଏବଂ ରାମଚନ୍ଦ୍ର ଏ ସମସ୍ତଙ୍କୁ ଧାରଣ କଲାଭଳି କ'ଣ ବାଲ୍ମୀକିଙ୍କ ବ୍ୟକ୍ତିତ୍ୱ ଏତେ ପ୍ରଶସ୍ତ, ଯେଉଁଠି ବିପରୀତ-ବିରୋଧ ମଧ୍ୟ ହଜିଯାଏ ? ଆମକୁ ତାଟକା ଲାଗେ, ଆଫା ଆଫା ଲାଗେ; କିନ୍ତୁ ବିସ୍ତାରର ବିଭିନ୍ନ ପ୍ରଦେଶ ପରି ଗଭୀରତାର ବିଭିନ୍ନ ସ୍ତର ନେଇ ପ୍ରଶାନ୍ତ ମହାସାଗର । ସେଇଠି କୌଣସି ଏକକ ବ୍ୟକ୍ତିତ୍ୱ ମିଳୁନାହିଁ ବୋଲି ତାକୁ ସଂପୂର୍ଣ୍ଣ ନୈର୍ବ୍ୟକ୍ତିକ କହିବା ଟିକିଏ ଅବିଚାର ହେଲାପରି ଜଣାପଡୁଛି ।

ଏଣୁ ବ୍ୟକ୍ତି ପରି ବ୍ୟକ୍ତିର ଅଭିମତ ଓ ଅଭିରୁଚି ମଧ୍ୟ ସ୍ୱତନ୍ତ୍ର ମୂଲ୍ୟ ପାଇବା ପାଇଁ ଅଧିକାରୀ । 'ରଚନା'ରେ ଏଇ ବ୍ୟକ୍ତିଗତ ସ୍ୱରଟି ଅତି ସ୍ପଷ୍ଟ । ସମୟ ସମୟରେ ନୈର୍ବ୍ୟକ୍ତିକ ଠାଣିରେ କଥାଟା କୁହାଯାଏ, ଯଥା-କୌଣସି ନିରପେକ୍ଷ ସମାଚାର-ସନ୍ଦର୍ଭ ବା କୌଣସି ବୈଜ୍ଞାନିକ-ତଥ୍ୟ ସଂବଳିତ ଲେଖା; ଯେଉଁଥିରେ ବ୍ୟକ୍ତିଗତ ମତପାଇଁ ଅବକାଶ ନାହିଁ । ଏ ଗୁଡ଼ିକର ସାହିତ୍ୟିକ ମୂଲ୍ୟ ନିରୂପଣ କରିବାପାଇଁ ଅବଶ୍ୟ ବିଶେଷ ଯୁକ୍ତିତର୍କର ଆବଶ୍ୟକତା ନାହିଁ; କିନ୍ତୁ ଖୋଦ୍ ସାହିତ୍ୟର ପରିସୀମା ଭିତରେ ମଧ୍ୟ ଆଲୋଚନାମୂଳକ ପ୍ରବନ୍ଧ ଲେଖାହୁଏ । ସ୍ୱର୍ଗତ ରତ୍ନାକର ପତି ଏବଂ ଶଶିଭୂଷଣ ରାୟ ମହାଶୟ ଏ ଦିଗରେ ଢ଼େର୍ କାର୍ଯ୍ୟ କରିଛନ୍ତି । ଜଣାପଡ଼େ ସତେ ବା ଖୁବ୍ ମୋଟା ମୋଟା କାନ୍ଥର ବେଶ୍ ମଜବୁତ୍ ସାତଶେଣିଆ ଘର ସବୁ ସାହାଲା ସାହାଲା ହୋଇ ପିଟାହୋଇଛି । 'ଲଘୁ ସାହିତ୍ୟ' ବା 'କାନବାଟେ କଥା ଚାଲେ' ପ୍ରାୟ ଚାଳିଶ ପୃଷ୍ଠା ପର୍ଯ୍ୟନ୍ତ ଚାଲନ୍ତି ! ଖୁବ୍ ଟାଣୁଆ ଶବ୍ଦ ମଧ୍ୟ ଭାଷାକୁ ବଳ ଯୋଗାଏ । ମଧୁରାୟଙ୍କ 'ଜୀବତତ୍ତ୍ୱ' ବା 'ପୂର୍ଣ୍ଣଧର୍ମ', ରାଧାନାଥଙ୍କ 'ବିବେକୀ' ଆଦି ଏହାର ଅନ୍ୟ ଉଦାହରଣ । ଭାଷାର ଏପରି ରୂପକୁ ଗୋଟାଏ ପ୍ରକାର ଆଭିଜାତ୍ୟ କୁହାଯାଇପାରେ । ଗୋଟିଏ ତିଖ ଉପରେ ଚଢ଼ି ଯାଇ ସତେ ଆଉ ଓହ୍ଲେଇ ପାରୁନାହିଁ ।

କିନ୍ତୁ ପ୍ରହରାଜଙ୍କ 'ବାଇମହାନ୍ତି ପାଞ୍ଜି' 'ଭାଗବତ ଟୁଙ୍ଗିରେ ସଂଧ୍ୟା' ବା ଗୋବିନ୍ଦ ତ୍ରିପାଠୀଙ୍କ 'ବଟୁଆ' ତାଙ୍କ ଯୁଗରେ ଗୋଟାଏ ଲେଖାଁ ବ୍ୟତିକ୍ରମ । ଏଠି ପ୍ରକୃତରେ 'ରଚନା'ଲେଖାର ଆୟମାରମ୍ଭ । ବେଶ୍ ସ୍ୱାଭାବିକ ଭଂଗୀରେ କୌଣସି ଅଟାଟୋପ ନଥାଇ, ଏ ଗୁଡ଼ିକ ଖୁବ୍ ପାକଳ ଚିନ୍ତାର ସାବଲୀଳ ପରିପ୍ରକାଶ ।

ଅନେକ ସମୟରେ କୌଣସି ବିଷୟରେ ମନ ମଜ୍ଜିଗଲେ, ସେହି ସ୍ୱପ୍ନରେ ରହି ସ୍ୱପ୍ନର ଭାଷା କହିବାକୁ ଭାରି ଇଚ୍ଛାହୁଏ । ସଂପୂର୍ଣ୍ଣ ଜାଗତିଆର ହୋଇ ଲେଖିଲେ ଅଧିକ ବ୍ୟାକରଣ ଗୁଡ଼ିଏ ଲେଖି ହୋଇଯାଏ ବୋଲି ଭାରି ଚବେଇ ଖବେଇ ଲାଗେ, ଅସନ୍ତୁଷ୍ଟ ଲାଗେ । ଭାଷାରେ ଆଉ କବିତା-ଆତ୍ମା ସଂଚରି ପାରେନାହିଁ, କଥାର ପ୍ରାଣ ପ୍ରତିଷ୍ଠା ହୁଏ ନାହିଁ । ଭୂଇଁରୁ କଞ୍ଚା ଡ଼ାଳପତ୍ର ମେଲି ଉଦ୍ଭିଦ ଉଠିଆସିଲା ପରି ଗୋଟାଏ ଗହୀରିଆ ପ୍ରତ୍ୟୟ ଭିତରୁ କଞ୍ଚା ଜୀଅନ୍ତା ଭାଷାଟିଏ ମୁଣ୍ଡଟେକି ଉଠି ଆସିଲେ ଲାଗେ ଯେ ଭାବ ସ୍ୱୟଂ- ପ୍ରକାଶ ହେଲା ! ଏଣିକି ହୁଏତ' ଏଥିରେ ପାଠକ ଅନୁଭବି ପାରିଲାଭଳି କିଛି ସ୍ପନ୍ଦନ ରହିବ । ଲେଖକ ଓ ପାଠକର ସବୁ ବାହାରିଆ ନିର୍ମୋକ ଖସିଗଲେ ଗୋଟାଏ ମୌଳିକ ବୁଝାମଣାର ଭାଷା ହୁଏତ' ଏମିତି ଆପଣେଇ ହେବ । ବେଳେବେଳେ

Digitized by srujanika@gmail.com

ଶବ୍ଦଟାଏ ନୂଆ ତିଆରି ହୋଇଯାଏ, କେତେବେଳେ ବା ପୁରୁଣା ଶବ୍ଦଟା ନୂଆ ସଂପର୍କରେ, ନୂଆ ରଙ୍ଗରେ ମୁହଁ ଟେକି କହେ- 'ମତେ ଚିହ୍ନିଛୁ ?' ଏ ଅସରନ୍ତି ଅର୍ଥ ସଂସଦରେ ଭାଷା ନୂଆ ନୂଆ ବସନ୍ତରେ ପୁଷ୍ପିତ ହୋଇ ଚାଲିଥିବ ଯେତେ ଦିନ ପର୍ଯ୍ୟନ୍ତ ମଣିଷ ବଞ୍ଚିଛି । ମୁଖା ଆଢ଼େଇ ଭାଷାର ସ୍ୱରୂପ ଦେଖିବାକୁ ଅହରହ ଚେଷ୍ଟା ଚାଲେ; କିନ୍ତୁ ବାରପଣ ହୁଏତ, ଲୁଚି ରହିଯାଏ; କେବଳ ପାଏ ଚଉଠେ ଭିତରେ ସାହିତ୍ୟର ଯେତେ ସବୁ କାରବାର ।

ବ୍ୟଙ୍ଗ ପରିହାସ ଦେଇ, ମନ ରଞ୍ଜେଇ ଆପ୍ୟାୟିତ କରିବା ପାଇଁ 'ରଚନା'ରେ ଅବକାଶ ଖୁବ୍ କମ୍; କିନ୍ତୁ ତାହା ଆଦୌ ନିଷିଦ୍ଧ ନୁହେଁ । ଯେମିତି ଆର ବାଗେ ଖୁବ୍ ଗମ୍ଭୀର ହୋଇ ଆଧାତ୍ମ୍ୟ ଚିନ୍ତା କରିବା ମଧ୍ୟ ନିଷିଦ୍ଧ ନୁହେଁ । ଯେତେବେଳେ ଲେଖକ ବିଚରା ତା' ଜୀବନର କୌଣସି ଏକ ମୁହୂର୍ତ୍ତର ଶ୍ରେଷ୍ଠ ଚିନ୍ତାଟିକୁ ଯେତେଦୂର ସମ୍ଭବ ଲୋଚକୋଚ ନକରି ପ୍ରକାଶ କରିବାକୁ ଆପ୍ରାଣ ଚେଷ୍ଟା କରୁଥାଏ; ଆଉ ମଧ୍ୟ ଚେଷ୍ଟା କରୁଥାଏ କେମିତି ପ୍ରତିଟି ସ୍ୱାଭାବିକ ଶବ୍ଦରେ ମୂଳ ସ୍ୱର ହିଁ ଅନୁରଣିତ ହେଉ, ସେତେବେଳେ ସେମିତି ଖେଳୁଆଡ଼ ହୋଇନଥିଲେ, ଆପଣଙ୍କ ସହିତ ପରିହାସ କରିବା ତା' ଶକ୍ତିର ବାହାରେ ! ଆପଣଙ୍କୁ ସେ ତା'ର ଗଭୀର ପ୍ରତ୍ୟୟର ଆନ୍ତରିକ ଭାଷାରେ ହୁଏତ' କେତେବେଳେ କେମିତି ଆତ୍ମୀୟତାରେ ଛୁଇଁଯାଏ ବୋଲି ଆପଣ ତାକୁ ପଢ଼ିବାକୁ ସୁଖ ପାଆନ୍ତି । ସମୟ ସମୟରେ ହୁଏତ ଆପଣ ଅନୁଭବ କରନ୍ତି ଯେ, ସେ ଆପଣଙ୍କ ଭାବକୁ ପ୍ରାୟ ଆପଣଙ୍କ ଘରୋଇ ଭାଷାରେ ଖୁବ୍ ନିଷ୍ଠାର ସହିତ କହି ଯାଉଛି । ଏଣୁ ମଧ୍ୟ ଆପଣ ତାକୁ ସୁଖ ପାଇଥାଇପାରନ୍ତି !

'ରଚନା'ରେ କବିତାର ପ୍ରାଣ, ତାର ଆଙ୍ଗିକ ଭାଷା ଓ ଭଙ୍ଗୀ, ଗଳ୍ପର ରଞ୍ଜକତା ଓ ଚତୁରୀ, ପ୍ରବନ୍ଧର ବୌଦ୍ଧିକତା, ଶାଣିତ ଚିନ୍ତାର ଦୀପ୍ତି, ସମୟ ସମୟରେ ନାଟକର ଛଟା ଏବଂ ସଂଳାପ ଥିଲେ ମଧ୍ୟ ଏହା ମଧ୍ୟ ଏହା ଏ ସମସ୍ତଠାରୁ ଭିନ୍ନ, ନିଜ ଗୋଡ଼ରେ ନିଜେ ଠିଆହେଲାଭଳି ଏକ ସ୍ୱତନ୍ତ୍ର ସାହିତ୍ୟିକ ଅଭିବ୍ୟକ୍ତି । ଆପଣ କ'ଣ ତଥାପି କହିବେ ଯେ, 'ରଚନା' ଇଂରାଜୀର Bell's letters ର ଏକଦେଶିଆ ଅନୁକରଣ ମାତ୍ର ? ସେମିତି ପାରିଲା ହାତରେ ପଡ଼ିଲେ 'ରଚନା' କି ଅଦ୍ଭୁତ ସାଧନ କରିପାରେ, ଇଂରାଜୀ ସାହିତ୍ୟ ତ'ର ଯଥେଷ୍ଟ ପ୍ରମାଣ ଦେଇସାରିଛି ।

୨

ପୁରୁଣା ଗଛ ପରି ପୁରୁଣା ସାହିତ୍ୟ ମଧ୍ୟ ପ୍ରତି ବସନ୍ତରେ ନୂଆ ଶାଖା ମେଲିଯିବା କଥା । ଯେତେଦିନ ପର୍ଯ୍ୟନ୍ତ ସେ ବଞ୍ଚିଛି ଏ ଧାରା ଅବଶ୍ୟ ଚାଲିଥିବ । ଯଦି କୌଣସି କାରଣରୁ ନ ଚାଲେ, ତେବେ ଜଣାଯିବ ଯେ, ଶିଖ ଆଡୁ ଗଛ ମରିଆସୁଛି । ଅନେକ ଗଛ ଭଳି ଅନେକ ସାହିତ୍ୟ ମଧ୍ୟ ଏଭଳି ମରିଗଲେଣି । ସେମାନେ ଅଧିକରୁ ଅଧିକ ଆଉ ବଢ଼ିପାରିଲେ ନାହିଁ । ପିରାମିଡ୍‌ର କାନ୍ଥ ଉପରେ ଗୋଟାଏ ସମୟର ଭାଷା ଓ ସାହିତ୍ୟ ପ୍ରସ୍ତରୀଭୂତ ହୋଇ ଲାଖିଯାଇଛି । ଚିରସ୍ରୋତା

Digitized by srujanika@gmail.com

ଜୀବନର ନୀଳନଦୀ ବୋହିଯାଇଛି 'ଗାଜା'ରୁ 'ଆଶ୍ୱାଡ୍' ବନ୍ଧ ପର୍ଯ୍ୟନ୍ତ । ସେ ପ୍ରାୟ ସାତ ହଜାର ବର୍ଷର ବାଟ । ପୁରୁଣା ଏବଂ ନୂଆ ଭିତରେ ଗୁଡ଼ାଏ ଅନ୍ଧାରର ବ୍ୟବଧାନ । ଏତେ ବାଟ ଆଉ ସାହିତ୍ୟ ଶାଖା ମେଲିପାରେ ନାହିଁ-କେବଳ ମଞ୍ଜି ଫୋପାଡ଼ି ଦିଏ । ଚେର ତଳୁ ପାଣି ଧାର ଘୁଞ୍ଚିଗଲେ ସେ ଝାଉଁଳିଯାଏ; କିନ୍ତୁ ଭବିଷ୍ୟତ ଗର୍ଭରେ ତା'ର ବୀଜକୋଷ ପୁଣି ଗଜା ମାରି ବାହାରିଆସେ । ସେଇଭଳି ଗ୍ରୀକ୍, ସେଇଭଳି ଲାଟିନ୍, ସେଇଭଳି ଚୀନା ଏବଂ ସଂସ୍କୃତ ।

ସାହିତ୍ୟ ଯେତେବେଳେ ସମୃଦ୍ଧ ହୁଏ, ସେତେବେଳେ ନୂଆ ନୂଆ ଦିଗରେ ତା'ର ଡ଼ଙ୍କ ମାଡ଼େ । ସେହି ଅନୁପାତରେ ନୂଆ ନୂଆ ବର୍ଗ ମଧ୍ୟ ସୃଷ୍ଟି ହୁଅନ୍ତି । ଚଉତିଶା, କଳସା, ଚମ୍ପୂ, ଚଉପଦୀ ପଛକୁ ରହିଯାଆନ୍ତି । ତାଙ୍କ ସମୟକୁ ଚାହିଁ ସେମାନଙ୍କର କାମ ସରିଯାଏ । ଗଦ୍ୟପଦ୍ୟ ପର୍ଯ୍ୟାୟରେ ପ୍ରବନ୍ଧ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ନାଟକ, କାବ୍ୟ, କବିତା ଆଦି ଯୁଗରୁଚି ଅନୁସାରେ ଉଭାରି ଆସନ୍ତି । ପଡ଼ିଶା ଘରଠୁ ଶିଖି ନୂଆ ତିଅଣ ରାନ୍ଧିଲା ପରି ଅନ୍ୟାନ୍ୟ ବି ଦେଶୀ ସାହିତ୍ୟରୁ ଢଙ୍ଗ, ଭଙ୍ଗୀ ଆଣି ପ୍ରାଦେଶିକ ଭାଷାରେ ପରୀକ୍ଷା ଚାଲେ । ପରୀକ୍ଷା କରିବା ଏକ ଅତି ସାଧାରଣ ଏବଂ ସ୍ୱାଭାବିକ ପ୍ରକ୍ରିୟା । ସୃଷ୍ଟି ମଧ୍ୟ ନିତ୍ୟ ନୂତନ ହେବା ସ୍ୱାଭାବିକ । ଯାହା ଥରେ ଗୋଟାଏ ଢଙ୍ଗରେ କୁହା ସରିଗଲା, ଆଉ ତାକୁ ନେଇ ଘୋଷାରିବାରେ ଅର୍ଥ ରହେ ନାହିଁ । ଦିଗ ବଦଳେଇ ବାଗ ବଦଳେଇ ଚଉଷଠି ପ୍ରକାର ପରୀକ୍ଷା କରିବାକୁ ସୃଜନଧର୍ମୀ ଲେଖକର ପ୍ରବୃତ୍ତି ହୁଏ । ଲେଖକଟି ମୂଳତଃ ଯଦି ଶଗଡ଼ଦଣ୍ଡା ଛାଡ଼ିବାକୁ ଡରେ, ତେବେ ହୁଏତ କିଛି ଇଟା ପଥର ବୋଝେଇ ସେ ଖଣ୍ଡେଦୂର ଗଡ଼େଇନେବ ସାହିତ୍ୟର ବ୍ୟବସାୟ; କିନ୍ତୁ ଚାରିପାଖେ ଯେଉଁ ସବୁଜ ଅରଣ୍ୟ ଅନନ୍ତକାଳରୁ ଅପେକ୍ଷା କରି ରହିଛି ତା' ଭିତରେ ନୂଆ ବାଟ ଫିଟେଇ ପାରିବନାହିଁ । ଏଥିରେ ଆଉ ଗୋଟିଏ ଦିଗ ମଧ୍ୟ ଅଛି । ନୂଆ ଯଦି ସ୍ୱତଃ ନ ଟାଣେ, ତେବେ ମାଛ ପାଣିଧାର ଭିତରୁ କୂଳକୁ ଡେଇଁପଡ଼ିଲା ପରି ଅଖଡ଼ରେ ପ୍ରାଣ ବାହାରିଯିବା କଥା । ଯେ ନୂଆବାଟ ଦେଖାନ୍ତି, ସେମାନେ ପୁରୁଣାକୁ ଅପର୍ଯ୍ୟାପ୍ତ ମନେକରନ୍ତି । ତା' ହୁଡ଼ା ଡେଇଁ ଉଛୁଳି ଯିବାକୁ ସେମାନେ ଏକ ପ୍ରକାର ବାଧ୍ୟ । ତାଙ୍କ ଧାତୁରେ ଧାଡ଼ିବନ୍ଧା ରେଳ ରାସ୍ତା ପରି ନିର୍ମଳ ହଳେ ପଇ ସୁହାଏ ନାହିଁ; ସେମାନେ ବିଦ୍ରୋହ କରନ୍ତି, ବିଦ୍ରୋହ ନ କଲେ ନୂତନର ଜନ୍ମ ସମ୍ଭବ ନୁହେଁ । ସେମାନେ ନିର୍ଭୀକ । ସେମାନେ ଯୁଗରୁଚିର ପ୍ରବାହକୁ ନୂଆ ମୋଡ଼ ଦେଖେଇ ଦିଅନ୍ତି; ସେଥିରେ ଭାସିଯିବା ସେମାନଙ୍କର ଧର୍ମ ନୁହେଁ ।

କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ଚାରି କାନ୍ଥ ଭିତରେ ନିଜର ଭାବକୁ ପ୍ରକାଶ କରିବା ସାହିତ୍ୟିକ ଶୃଙ୍ଖଳା । ସେପରି ବଳିଷ୍ଠ ପ୍ରାଣଶକ୍ତି ନ ଥିଲେ ଏଇ ବନ୍ଧନୀ ଭିତରେ ଥାଇ ନିଜକୁ ସମ୍ପୂର୍ଣ୍ଣ ସ୍ୱଚ୍ଛନ୍ଦ ପ୍ରକାଶ କରିବା ସମ୍ଭବ ନୁହେଁ । ଯେ ପ୍ରଥମେ ବିୟୋଗାନ୍ତକ ନାଟକ ଲେଖିଲେ, ସେ ଏକ ଅଦ୍ଭୁତ ଆରଣ୍ୟକ ଉଦ୍ଭିଦ ! ତାଙ୍କ ପାଇଁ କୌଣସି ପରମ୍ପରାର ବନ୍ଧନୀ ନ ଥିଲା; କିନ୍ତୁ ତାଙ୍କ ପରେ, ତାଙ୍କୁ ହୁଏତ ସମ୍ମାନ ଦେବାକୁ ତାଙ୍କୁ ଗହୀରେଇ ବୁଝି ପାରିବାକୁ, ଭବିଷ୍ୟତ୍‌ରେ ଅବିକଳ ସେଇଭଳି ଫସଲ ଆଶା କରି ଆରିଷ୍ଟଟଲ ସାହେବ ଗୁଡ଼ିଏ କାନ୍ଥ ଚାରିଆଡୁ ଟେକିଦେଲେ । ଶାଖା ମାପି, ପତ୍ରର ବର୍ଣ୍ଣ ରୂପ ଟିପି ରଖିଦେଲେ ଭବିଷ୍ୟତ ପାଇଁ । ଫଳରେ ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ସେଇ

Digitized by srujanika@gmail.com

ବେଢ଼ା ଭିତରେ ହିଁ ଏଠି ସେଠି ଟିକିଏ ଘୁଞ୍ଚି ସେଇ ଜାତି ସାହିତ୍ୟ ସୃଷ୍ଟି ହେଲା। ଅକସ୍ମାତ୍ କିନ୍ତୁ ଦେଖାଗଲା ଯେ, ସେ କାନ୍ଥ ଭୁଷୁଡ଼େଇ ଗୋଟା, ମହାଦ୍ରୁମ ଉଠୁଛି । ତାକୁ ରୋଧିବାକୁ କାହାର ଶକ୍ତି ନାହିଁ । ତାକୁ ତଳୁ ଭିଡ଼ି ଧରିଲେ ସେ ଆରିଷ୍ଟଟଲ୍ ସାହେବଙ୍କ ସମେତ ଟୋଳି ନେଇଯା, ତା' ଆକାଶିଆ ଶାଖା ଉପରକୁ । ତାକୁ ଅସ୍ୱୀକାର କରିବେ ଏଭଳି ମଧ କେହି ନାହାନ୍ତି । ଏଣୁକାନ୍ଥ ଘୁଞ୍ଚେଇବାକୁ ହୁଏ । ତାର କାରଣ ହେଲା, ସେ ବନ୍ଧନୀଟି ନ ପଢ଼ିଲେ ଯାକୁ ବୁଝିହେବନାହିଁ, କଳନା କରିହେବନାହିଁ; କିନ୍ତୁ ସବୁବେଳେ କ'ଣ ସେକ୍ସପିଅର ସମ୍ଭବ ! ସେଭଳି ନ ହେଲେ ମଧ ଛୋଟ ପରିସରରେ ବିଦ୍ରୋହ ଅବଶ୍ୟ ସବୁବେଳେ ସମ୍ଭବ ଏବଂ ବିଦ୍ରୋହ ନୂତନ ସୃଷ୍ଟିର ଏକ ଅନିବାର୍ଯ୍ୟ ଗୁଣ ।

ଏଣୁ ପ୍ରବନ୍ଧ ଏଭଳି ଲେଖିବ, ତାର ଭାଷା, ଭଙ୍ଗୀ, ଛଟା ଏମିତି ହେବ, କ୍ଷୁଦ୍ରଗଳ୍ପ ଏଭଳି ହେବ ବା କବିତା ସାଙ୍ଗକୁ ଲାଗି ଆସିଲେ ଏମିତି ସବୁ ଅଶୁଦ୍ଧ ହୋଇଯିବ ଇତ୍ୟାଦି ଚାଟଶାଳିଆ ଅବଧାନଙ୍କ ତାଗିଦା ସତ୍ତ୍ୱେ ଅମାନିଆଁ ଲେଖକ ତା' ଖୋଇ ବଜାୟରଖେ । ତା ହ୍ରସ୍ୱ 'ଇ'ର ଲାଞ୍ଜ ପ୍ରୟୋଜନରୁ ଅଧିକ ଦୀର୍ଘ, ତା ଅକ୍ଷରଗୁଡ଼ାକ ଦେହକୁ ଦେହ ଲେସିହୋଇ ଉଷୁମ ଭିଡ଼ନ୍ତି । ଗୋଟାକରୁ ଆରଟା ବାରିହୋଇ ଅପରିଚିତ ପରି ଆଡ଼େଇ ହୋଇଯିବା କିଛି ସେପରି ବାଧତାମୂଳକ ନୁହେଁ ।

ବାନ୍ଧିଛନ୍ଦି ହେବା ଗୋଟାଏ ଅସ୍ୱସ୍ତିକର ଅବସ୍ଥା । ଏଣୁ ସମସ୍ତ ବର୍ଗୀକରଣକୁ ଭୁଲିଯାଇ ଏବେ ଇଂରାଜୀରେ ଗୋଟାଏ 'ଖୋଲା ରୂପ' ଗୃହୀତ ହୋଇଗଲାଣି । ତାକୁ ସେମାନେ 'open form' ବୋଲି କହନ୍ତି । ଏଇଟା ସାହିତ୍ୟିକ ସ୍ୱେଚ୍ଛାଚାର ନୁହେଁ ବା ଉଦ୍ଦେଶ୍ୟହୀନ ବିଦ୍ରୋହ ମଧ ନୁହେଁ । କୌଣସି ଗୋଟିଏ ବର୍ଗରେ ଆବଦ୍ଧ ନରହି ଆଉ ଟିକିଏ ବିସ୍ତୃତ ହୋଇଗଲେ, ଟିକିଏ ସ୍ୱାଧୀନ ହୋଇଗଲେ ଦେଖାଯାଉଛି ଯେ କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ମିଶିଯାଇ ବେଶ୍ ଗୋଟିଏ ନୂଆ ପ୍ରଦେଶ ଗଠନ କରିପାରୁଛନ୍ତି । ସେଥିରେ ନାଟକ ପାଇଁ ବାସନ୍ଦ ନାହିଁ କି କବିତା ପାଇଁ କଟକଣା ନାହିଁ । ସମସ୍ତଙ୍କୁ ଭିଡ଼ିଆଣି ଜବରଦସ୍ତି କାଠବିଡ଼ାପରି ବାନ୍ଧିବାର ପ୍ରୟାସ ଏଥିରେ ନାହିଁ । ସମସ୍ତଙ୍କର ସ୍ୱତନ୍ତ୍ର ମୂଳ ରକ୍ଷାକରି କେବଳ ଛନ୍ଦାଛନ୍ଦି ଶାଖପତ୍ରର ଗୋଟିଏ ସବୁଜ ଉପନିବେଶ ମଧ ଏହା ନୁହେଁ । ଏଇଟା ବରଂ ମଞ୍ଜି ମଞ୍ଜି ମିଶି, ବର୍ଣ୍ଣ ରୂପ ମିଶି ନୂଆ ଗୋଟାଏ ଉଦ୍ଭିଦ । ତା'ର ଚେର ଭୂଇଁ ଛୁଇଁଗଲାଣି । ତା'ର କେବଳ ନାମକରଣ ହେବା ବାକି ଅଛି, ନିୟମିତ ବର୍ଗୀକରଣ ହେବା ବାକି ଅଛି ।

ଏଇଠି Alfred Kazinଙ୍କ ମୁଦ୍ରିତ open form କଥା ସନ୍ତର୍ପଣରେ ଚିନ୍ତାକ୍ଷେତ୍ରକୁ ଆସିଯାଏ; କିନ୍ତୁ ତାକୁ ଆଦର୍ଶ କରି ଓଡ଼ିଆ ସାହିତ୍ୟରେ କିଛି ଉଦ୍ଭଟ ସ୍ୱେଚ୍ଛାଚାରର ଅନୁପ୍ରବେଶ ଘଟେଇବାର ପ୍ରୟୋଜନ ନାହିଁ । ତା' ପାଇଁ ତା ନିଜ ସାହିତ୍ୟିକ ପରମ୍ପରାରେ ଅନେକ ବଳିଷ୍ଠ ନିର୍ଦ୍ଦେଶ ମିଳିଛି । ତାକୁ ସମ୍ବଳ କରି ସାମାନ୍ୟ ଆଗକୁ ହାତ ବଢ଼େଇବାର ଚେଷ୍ଟା ହିଁ ଯଥେଷ୍ଟ ।

Digitized by srujanika@gmail.com

ସବୁବେଳେ, ସବୁ କଥା ସମସ୍ତଙ୍କୁ ଏକାପରି ଦିଶେନାହିଁ । ଦେଶ, କାଳ, ଭଙ୍ଗୀ ଉପରେ ରଙ୍ଗ ବଦଳିଯାଏ, ରୂପ ବଦଳିଯାଏ । ଯାହା ବା ଦିଶେ, ତାକୁ ସବୁବେଳେ ଏକାପରି କହିହୁଏନାହିଁ । ଭାଷାର କୋଳାହଳ, ଶବ୍ଦର ଠେଲାପେଲା ଭିତରେ ନିଜ ପ୍ରୟୋଜନ ଅନୁସାରେ ଗୋଟିକୁ ବାଛିନେବା ଅନେକ ପ୍ରକାର ପ୍ରଭାବ ପ୍ରବାହ ଉପରେ ନିର୍ଭର କରେ । ପ୍ରତ୍ୟେକ ରଚନାର ସମସ୍ୟା ଅଲଗା । ତାକୁ ଦେଖିଲାବେଳେ ଭଙ୍ଗୀ ମଧ୍ୟ ଅଲଗା ହେଲା ପରି, ଲାଗେ, କିନ୍ତୁ ଚଳନ୍ତା ରେଳ ଉପରୁ ଚଳନ୍ତି ତାରାଟାକୁ ଦେଖିଲାଭଳି ପାଞ୍ଚ ଛ' ପ୍ରକାର ପ୍ରବାହର ଗତି ଅନୁଭୂତ ହୁଏ । ସମସ୍ୟା ଯେହେତୁ ଆଧୁନିକ, ଅନେକ ସହଚର ହାତ ଧରି ଟାଣନ୍ତି--ଇଂରାଜୀ, ଆଧୁନିକ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ କହନ୍ତି; ଆମେ ଯେମିତି ଦେଖୁଛୁ ସେମିତି ଦେଖ, ଆମେ ଯେମିତି କହୁଛୁ, ସେଇ କଥାଟାକୁ ସେମିତି କହ । ଦେଶୀ ଅପେକ୍ଷା ବିଦେଶୀ ବନ୍ଧୁଙ୍କ ଓଟରାଟା ବେଶି ଅନୁଭୂତ ହୁଏ; କିନ୍ତୁ ଗହୀରରୁ ଭୂଇଁ ଭସେଇ ଆଉ ଗୋଟାଏ ମହାପ୍ରବାହ ତଡ଼ି ନେଇଯାଏ । ସେ ହେଉଛି ଏ ଦେଶର ଚିରନ୍ତନ ଉପନୀଷଦୀୟ ଧାରା । ତାକୁ ତ ଏଡ଼ିବା ସମ୍ଭବ ନୁହେଁ, ବାଞ୍ଛନୀୟ ମଧ୍ୟ ନୁହେଁ । ଏଣେ ପୁଣି 'ପ୍ରାଚୀନ ଯୋଗ୍ୟ' ହେବା ମଧ୍ୟ ସହଜସାଧ୍ୟ ନୁହେଁ ।

ଏଭଳି ପରିସ୍ଥିତିରେ ଏ ସମସ୍ତଙ୍କୁ ସ୍ୱୀକାର କରି ରଚନାଟିଏ ଲେଖାଯାଏ, ଖୁବ୍ ଯତ୍ନରେ ଏବଂ ନିଷ୍ଠାର ସହିତ ।

୩

ଅଳ୍ପଦିନ ତଳେ ଜଣେ ସୁପାଠକ କବିବନ୍ଧୁ କହୁ କହୁ କହିଲେ ଯେ- ରଚନାଟିଏ ଲେଖିବାପାଇଁ ବୋଧହୁଏ କୌଣସି ବିଷୟ ନିର୍ବାଚନର ପ୍ରୟୋଜନ ହୁଏନାହିଁ; ଅର୍ଥାତ ଯେକୌଣସି ବିଷୟ ଉପରେ ରଚନା ଲେଖାଯାଇପାରେ । ମୋତେ ଜଣାଗଲା ଯେ ବନ୍ଧୁ ମୋତେ ମୋର ଉଦାର ସାମର୍ଥ୍ୟପାଇଁ ଅଭିନନ୍ଦନ କଲେ; କିନ୍ତୁ କବି ଯେ ବ୍ୟାଜୋକ୍ତି କଲେ, ସେକଥା ବୁଝିବାକୁ ମୋତେ ଅଗତ୍ୟା ଆଉ ଜଣେ କବିଙ୍କର ସାହାଯ୍ୟ ନେବାକୁ ପଡ଼ିଥିଲା । ମାନନୀୟ କବିକୁଳ ବେଳେବେଳେ ପରସ୍ପରକୁ ବୁଝିପାରନ୍ତି, ଏ ବିଶ୍ୱାସ ମୋର ଏବେ ମଧ୍ୟ ଅକ୍ଷୁର୍ଣ୍ଣ ଅଛି । ଆପଣ ଶୁଣି ହୁଏତ ବିସ୍ମିତ ହେବେ ଯେ, ଆଉ ବେଳେବେଳେ ସେମାନେ ନିଜ ବକ୍ତବ୍ୟକୁ ବୁଝାଇ ମଧ୍ୟ ପାରନ୍ତି । ଏହିପରି ବୁଝିଯିବା ପରେ ବନ୍ଧୁଙ୍କର ବ୍ୟାଜୋକ୍ତି ପାଇଁ କିଛି ଖେଦୋକ୍ତି ପ୍ରକାଶ କରିବାର ପ୍ରୟୋଜନ ମନେହେଲା । କାଳେ ଏ ପ୍ରବୃତ୍ତିଟି କବିତାରୂପ ନେଇଯିବ, ଏଇ ଭୟରେ ଆତ୍ମରକ୍ଷାପାଇଁ ବିଶୁଦ୍ଧ ଗ୍ରାମ୍ୟ ଗଦ୍ୟର ଆଶ୍ରୟ ନେବାକୁ ପଡ଼ିଲା ।

ସେଭଳି ସତ୍ୟଦ୍ରଷ୍ଟା ନହେଲେ ସବୁ ବିଷୟରେ ରଚନା ଲେଖିବା ସମ୍ଭବ ନୁହେଁ, କବିତା ଲେଖିବା ମଧ୍ୟ ସମ୍ଭବ ନୁହେଁ; କାରଣ ସେ ଏକ ଯୋଗାଯୋଗ ବ୍ୟାପାର । କେତେବେଳେ କେମିତି ଗୋଟାଏ ଆଶ୍ଚର୍ଯ୍ୟ ମୁହୂର୍ତ୍ତରେ ସୃଜନ କେନ୍ଦ୍ରଟି ଚମକିତ ହୁଏ । ସାଧାରଣ ବସ୍ତୁଟିଏ ଅସାଧାରଣ ବିଭୂତି ପ୍ରକଟରେ । ଦେଖୁ ଦେଖୁ ସେ ସମଗ୍ର ଚେତନାକୁ ଆଚ୍ଛନ୍ନ କରେ, ବିବଶ କରେ ଏବଂ

Digitized by srujanika@gmail.com

ଏଭଳି ଆବିଷ୍ଟ ଅବସ୍ଥାରେ ହିଁ ରଚନାଟିଏ ଲେଖାଯାଏ, ଗଳ୍ପଟିଏ ଲେଖାଯାଏ କିମ୍ବା କବିତାଟିଏ ମଧ୍ୟ ଲେଖାଯାଏ । ସବୁବେଳେ ତ ମନରେ ଫୁଲ ଫୁଟେ ନାହିଁ-ଫୁଟିଲେ ମଧ୍ୟ ସବୁ ଫୁଲରେ କସି ଧରେ ନାହିଁ । ସବୁ କସିଗୁନିକ ବି ପାଚିପାରନ୍ତି ନାହିଁ କିମ୍ବା ସବୁ ଫଳ ବୀଜବନ୍ତ ହୁଅନ୍ତି ନାହିଁ । ଏଣୁ ବିଷୟ-ନିର୍ବାଚନ କରିବା ସେଭଳି କୌଣସି ସାର୍ବଭୌମ ସ୍ୱାଧୀନ ଅଧିକାର ନୁହେଁ । ଅନ୍ୟ ପକ୍ଷ ରାଜି ନ ଥିଲେ ଗୋଟାଏ ଘର୍ମାକ୍ତ ଧର୍ଷଣରେ ଆନନ୍ଦ-ଜନିତ ସୃଷ୍ଟି କିମ୍ବା ସୃଷ୍ଟି-ଜନିତ ଆନନ୍ଦ କାହିଁ ? ଏ ମୌଳିକ ବିଚାରଟି ସବୁପ୍ରକାର ସୃଜନଧର୍ମୀ ସାହିତ୍ୟ ପାଇଁ ସମାନ ଭାବରେ ପ୍ରଯୋଜ୍ୟ । ନିଜ ଭିତରେ ଗୋଲାପଟିଏ ଫୁଟାଇ ଯାଉ ଯାଉ ଯଦି କୌଣସି ଶିଶିରାକ୍ତ ଶ୍ରୀମନ୍ତ ଗୋଲାପଟିଏ ସ୍ୱାଗତ ଜଣାଇଲା, ତେବେ ସେଇ ଆଚମ୍ବିତ ଯୋଗାଯୋଗଟି ହୋଇଯାଏ । ତେଣିକି ଭଅଁର ଆସେ, ସୂର୍ଯ୍ୟ ଆସେ । ଆକାଶସାରା ଗୋଲାପ ଫୁଟିଯାଏ । ସାହିତ୍ୟରେ ଜନ୍ମନିଏ ଗୋଟିଏ ଅଭୁତ ଗୋଲାପ । ନହେଲେ ଉଭୟର ଅଜ୍ଞାତରେ ଉଭୟେ ଝରିଯାନ୍ତି, ତା'ର ହିସାବ କେହି ରଖେନାହିଁ । ଏ ଯୋଗାଯୋଗ ପାଇଁ ବାଛ-ବିଚାର ନ ଥାଏ । ଗେଣ୍ଡା ଉପରେ 'ଟେନିସନ୍' କବିତା ଲେଖନ୍ତି । 'ଶୂନ୍' ଉପରେ ଆମେ ରଚନା ଲେଖୁ । ପ୍ରଜାପତି- ଘଟସୂତ୍ର କଥା । ଘଟକୁ ଘଟ ସହିତ ସଂଯୁକ୍ତ କରୁଥିବା ଏ ସୂତ୍ରଟି ସବୁବେଳେ ଏକ ରହସ୍ୟ ।

ସାଧାରଣ ନିୟମରେ ଅସାଧାରଣ ବ୍ୟତିକ୍ରମ ମଧ୍ୟ ଦେଖାଯାଏ । ବ୍ୟକ୍ତି - ବିଶେଷଙ୍କର ରୁଚି କିମ୍ବା ବସ୍ତୁ ବିଶେଷଙ୍କର ଆବେଦନ ଭିତରେ ଅନେକ ତାରତମ୍ୟ ଥାଏ । ଏଣୁ ଯାହା ସ୍ଥପତିକୁ ମୁଗ୍ଧ କରେ, ତାହା ଚିତ୍ରଶିଳ୍ପୀକୁ ଆକୃଷ୍ଟ କରେନାହିଁ । ଯାହା କବିକୁ ପ୍ରରୋଚିତ କରେ, ତାହା କଣ୍ଠଶିଳ୍ପୀକୁ ପ୍ରଭାବିତ କରେନାହିଁ । ପୁଣି ଜଣେ କବିଙ୍କୁ ଯାହା ଅଭିଭୂତ କରେ, ତାହା ଅନ୍ୟ ଜଣକୁ ଆଦୌ ସ୍ପର୍ଶ ନକରିପାରେ । ସେହି କବିଙ୍କୁ ଯାହା ଆଜି ଏଇଠି ଆଲୋଡ଼ିତ କରୁଛି, ତାହା ହୁଏତ ଆଉ କେବେ ବା ଆଉ କେଉଁଠି ମୂଳରୁ ଛୁଇଁ ନପାରେ । ଏ ସମସ୍ତେ କିନ୍ତୁ ସ୍ରଷ୍ଟା । ସେଇ ବିଚାରରେ ଅନ୍ତତଃ, ଅସଂଖ୍ୟ ଅ-ସ୍ରଷ୍ଟାମାନଙ୍କଠାରୁ ଭିନ୍ନ, ଆଉ ଗୋଟିଏ ରାଜ୍ୟର ପ୍ରାଣୀ । ତେବେ ଏ ପ୍ରକାର ପାରସ୍ପରିକ ତାରତମ୍ୟର କାରଣ ହେଲା ସେମାନଙ୍କର କ୍ଷେତ୍ର ସ୍ୱାତନ୍ତ୍ର୍ୟ । ଭିନ୍ନ ଭିନ୍ନ କ୍ଷେତ୍ରରେ ସେମାନେ ବିଚରଣ କରୁଥାନ୍ତି । ଏଣୁ ପରସ୍ପର ଭିତରେ ବୁଝାମଣାର ଅଭାବ ନଥିଲେ ମଧ୍ୟ ରୁଚି, ପ୍ରକାଶଭଙ୍ଗୀ ଏବଂ ମାଧ୍ୟମର ଐକ୍ୟ ସମ୍ଭବ ନୁହେଁ । ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ମାନନୀୟ ଏବଂ ସ୍ୱତନ୍ତ୍ର ।

ଏଣୁ କବି ହୁଏତ ଭାବରାଜ୍ୟରେ ଆବେଗ ସଂବେଗକୁ ନେଇ ସୃଷ୍ଟି କରନ୍ତି । ତାଙ୍କ ଭାଷା କବିତା । ଅନ୍ୟ ପକ୍ଷେ ରଚନାର ରଚୟିତା ଚିନ୍ତା ଏବଂ ଚେତନାରେ ବିଳାସ କରେ । ତା'ର ଭାଷା ଗଦ୍ୟ । ଯା'ର ଅର୍ଥ ନୁହେଁ ଯେ କବିତାରେ ଚିନ୍ତା ନାହିଁ କିମ୍ବା ରଚନାରେ ଆବେଗ ନାହିଁ । କେବଳ ଭାଗମାପରେ ଊଣା ଅଧିକ ହେବାର ପରିଲକ୍ଷିତ ହୁଏ । ଭାଷା ସେପରି କୌଣସି ପଥର କାନ୍ଥ ଭିତରେ ଅବରୁଦ୍ଧ ନୁହେଁ । କବିତା ଯେମିତି ଗଦ୍ୟାରୂଢ଼ ହେବାର ଦେଖାଯାଏ, ଗଦ୍ୟ ମଧ୍ୟ ସେହିଭଳି କବିତାକ୍ରାନ୍ତ ହେବାର ଦେଖାଯାଏ; ମଝିରେ ପାଣିଗାରଟିକୁ କେବଳ ଡେ଼ଇଁଯିବା

Digitized by srujanika@gmail.com

କଥା । ଗୋଟାଏ ଦିଗରେ ହୁଏତ ମନ୍ତ୍ରପୂତ ବିଶୁଦ୍ଧ କବିତା, ତରଳ ମୃଦୁଳ ଏବଂ ସୂକ୍ଷ୍ମ ଏବଂ ଅନ୍ୟ ବିଗ୍ରର ଘରିକୋଣିଆ ନିବିଡ଼ ଗଦ୍ୟ ଏ ଦୁଇଟି ଦୂରତମ ବିନ୍ଦୁ ମଧ୍ୟରେ ଅନେକ ପ୍ରଶସ୍ତ ସାଧାରଣ ଭୂମି । ସେଇଠି ରଚନା ଲେଖାହୁଏ । ଆଉ ଧାରେ ଘୁଞ୍ଚିଗଲେ ଯାହା ତରଳିଯାଇ କବିତା ହୋଇ ଯାଆନ୍ତା ତାହାହିଁ ରଚନା । ଯେଉଁଠି କବିତା ଛନ୍ଦ ବଦଳାଇ ମନ୍ଥର ହୋଇଯାଏ ତାହା ହିଁ ରଚନା । ଏହା କିନ୍ତୁ ଗଦ୍ୟପଦ୍ୟର ଅପମିଶ୍ରଣ ନୁହେଁ । ଏହା ଏକ ଅନାବିଷ୍କୃତ ଭୂମି; ଯେଉଁଠି ସାହିତ୍ୟର କୌଣସି ବିଶୁଦ୍ଧ ବର୍ଗପାଇଁ ବାରଣ ନାହିଁ । ଗଳ୍ପ, ନାଟକ, କବିତା, ପ୍ରବନ୍ଧ ଖୁବ୍ ସହଜଭାବରେ ଏଠି ପ୍ରବେଶ କରିପାରନ୍ତି; ପରସ୍ପର ପ୍ରତି ଘନିଷ୍ଠ ସହନଶୀଳତା ପ୍ରକାଶ କରିପାରନ୍ତି । ଏପରି ଅଭିଜାତ ସମ୍ମିଳନୀରେ କେତେ ଶାଳୀନ-ସଂଯମ ଏବଂ କେତେ ସଚେତନତାର ପ୍ରୟୋଜନ ଆପଣ ବିଗ୍ରର କରନ୍ତୁ ! ଆପଣ ତ ନିଜେ କବି !

ଏଣୁ "ଯେ କୌଣସି ବିଷୟରେ" ଆପଣ ଯେହେତୁ କବିତା ଲେଖିପାରନ୍ତି ନାହିଁ, ରଚନା ମଧ୍ୟ ଲେଖିବା ସମ୍ଭବ ନୁହେଁ ।

❖❖❖

Digitized by srujanika@gmail.com

ସମୟ ନାହିଁ

ସମୟ ନାହିଁ କହିବା ଏକ ମିଥ୍ୟା; କିନ୍ତୁ କହିଦେଲେ ଅନେକ ଅବାଞ୍ଛିତ ଦୟାରୁ ମୁକ୍ତି ମିଳିଯାଏ । କାରଣ ଇଚ୍ଛା ନାହିଁ, ଆଗ୍ରହ ନାହିଁ, ଲାଭ ନାହିଁ, ଇତ୍ୟାଦି କହି କେହି କାହାକୁ ଆଜିକାଲି ଟାଳିଦେବା ସେତେ ସହଜ ନୁହେଁ, ନିରାପଦ ମଧ୍ୟ ନୁହେଁ । ଏଣୁ କୌଣସି ଅନୁରୋଧ, ପ୍ରାର୍ଥନା ଅଥବା ଛୋଟ ଛୋଟ ଦାବିକୁ ଉପେକ୍ଷା କରିବାକୁ ହେଲେ, କର୍ତ୍ତା କିମ୍ୱା ଦାତାପଣରେ ଥିବା ଲୋକେ ଏଇ ମନ୍ତ୍ର ଉଚ୍ଚାରଣ କରି ଖସିଯାଆନ୍ତି । ଉଭୟ ପକ୍ଷ ବୁଝିପାରନ୍ତି ଯେ ଏହା ଏକ ପ୍ରବଞ୍ଚନା । ଅଢ଼େଇ ପଦ ବି ନୁହେଁ; ମାତ୍ର ଦୁଇଟି ପଦର ଏ ଗାରେଟିକୁ ଅଳ୍ପ ବହୁତ ସମସ୍ତେ ଆୟତ୍ତ କରିନେଇଛନ୍ତି । କହିବା ଲୋକ ଜାଣିଶୁଣି ଭଣ୍ଡି ଦିଅନ୍ତି । ଶୁଣିବାଲୋକ ଜାଣିଶୁଣି ଭଣ୍ଡି ହୋଇ ଯାଆନ୍ତି । ଏମିତି ସଚିବାଳୟଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ଏହାର ବହୁଳ ସର୍ବଜନ ଆଦୃତ ଏବଂ ସ୍ୱୀକୃତ ପ୍ରୟୋଗ ଆମେ ଲକ୍ଷ୍ୟକରିଥାଉ ।

ଗୋଟାଏ ନିର୍ଦ୍ଦିଷ୍ଟ ସଂପର୍କ ନଥିଲେ କିନ୍ତୁ ଏହା ପ୍ରୟୋଗ କରିହୁଏ ନାହିଁ । ପାହାଡ଼ଶିଖ ଉପରେ ରହି ଗୋଟାଏ ଢ଼ିମା ପଥରକୁ ତଳକୁ ଗଡ଼େଇ ଦିଆଯାଇପାରେ; ଉପରକୁ ଫୋପାଡ଼ିବା ସମ୍ଭବ ନୁହେଁ । ଯଦି ସମ୍ଭବ, ନିରାପଦ ନୁହେଁ । ମଳିମୁଣ୍ଡିଆ ଗାଉଁଲିଆ ପ୍ରାର୍ଥୀଟିଏ ନ୍ୟାୟ ବିଚାର ଆଶାରେ ତିନିମାସ ଧରି ଅଧିଆ ପଡ଼ିଛି ଏବଂ ହୁକୁମ ଶୁଣିଆସୁଛି ଯେ ତାକୁ ଶୁଣିବାକୁ ହାକିମଙ୍କର ସମୟ ନାହିଁ । ସେ ବୁଝିଯାଏ ଯେ ଚତୁର୍ଦ୍ଦଶ ଭୁବନ କଥା ବୁଝୁଥିବା ମାଲିକଙ୍କୁ ସତକୁ ସତ ବେଳ ନଥିବ । ଏଣେ କୌଣସି ଅତି ଘରୋଇ କାରଣରୁ ବନ୍ଧୁପତ୍ନୀଙ୍କ ଫୋନ୍ ପାଇ ସେ ତରତର ହୋଇ ଗାଡ଼ିକୁ ବାହାରିଯାଉଛନ୍ତି, କିମ୍ୱା କଲିକତାରୁ ହଠାତ୍ ପ୍ଲେନ୍ ଯୋଗେ ଆସି ପହଞ୍ଚୁଥିବା ଯଜମାନ ଅପେକ୍ଷାକରି ରହିଛି ଯେ ଟେବୁଲ ପାଖେ ସାହେବ ନବସିବାଯାଏଁ ମହାର୍ଘ ପାନୀୟର ଠିପି ସୁଦ୍ଧା ଖୋଲିବ ନାହିଁ । ସେ ତୃଷାର୍ତ୍ତ ଭକ୍ତକୁ ତ୍ରାଣ କରିବାକୁ ବଦ୍ଧପରିକର ! ଏଣୁ ସେ ଅଧିଆ ପଡ଼ିଥିବା ପ୍ରାର୍ଥୀକୁ ଏକଶହ ଏକଥର ପାଇଁ କୁହାଯାଇପାରେ ସମୟ ନାହିଁ । ପଥର ତ ଗଡ଼େଇବାକୁ ହେବ । ଉପରକୁ ତ କଦାପି ନୁହେଁ, କେବଳ ତଳକୁ ! ଏଣୁ ତାହା ଗଡ଼ିଯାଏ ।

କିନ୍ତୁ ଏତିକିବେଳେ ଯଦି ପଛରୁ ଅର୍ଦ୍ଦଳି ଅସମ୍ଭାଳ ଦୌଡ଼ିଆସ କହେ ଯେ ସର୍ବୋଚ୍ଚ କର୍ତ୍ତା ଡ଼ାକୁଛନ୍ତି ପୃଥିବୀର ସବୁଯାକ ସମୟ ଆଞ୍ଜୁଳାରେ ଧରି କୁଆଡ଼େ ଯିବେ ବୋଲି ସେ ବାଟ ଖୋଜି ପାଆନ୍ତି ନାହିଁ । 'ସେଠି ସମୟ ନାହିଁ' କହିବା ଅର୍ଥ ମୁଣ୍ଡ ନାହିଁ । ଉପରମୁହାଁ କଣ ଏ ପଥରଚକି ଫୋପଡ଼ାଯାଏ ! ଦଶଗୁଣ ବେଗରେ ଯେତେବେଳେ ସେ ଉପରୁ ଖସିବ ଏବଂ ସେ ନିଶ୍ଚୟ ଖସିବ,

Digitized by srujanika@gmail.com

ସେତେବେଳେ ଗାରେଡ଼ି ମନ୍ତ୍ର ସହିତ ମନ୍ତ୍ର-ସାଧକକୁ ଛତୁ ନ କରି କଣ ଛାଡ଼ିଦେବ !--ସେ ବରଂ ସେଇ ତୃଷାର୍ତ୍ତ ବନ୍ଧୁ, ଏବଂ ଅପେକ୍ଷମାଣା ବନ୍ଧୁ ପତ୍ନୀଙ୍କୁ ସେଇ ଅର୍ଦ୍ଦଳି ଜରିଆରେ ଜଣେଇଦେବ ଯେ, 'ବଡ଼ ହାକିମ ଡ଼ାକିନେଲେ' ! ନକହି କହିଦେବ ଯେ, 'ତୁମ ପାଇଁ ସମୟ ନାହିଁ' । ତୁମେ ଆପେକ୍ଷିକ ନିମ୍ନ ଭୂମିରେ ପଡ଼ିଗଲ ! ତୁମ ଉପରକୁ ପଥରଚକି ଗଡ଼ିଗଲା !

ତାହାହେଲେ ଜଣାଗଲା ଯେ କେବଳ ତଳମୁହାଁ ଏ ମନ୍ତ୍ର ପ୍ରୟୋଗ କରାଯାଏ, ଉପରକୁ ନୁହେଁ...ଉପରପାଇଁ ସବୁ ସମୟ ଅଛି... ତଳପାଇଁ କିଛି ସମୟ ନାହିଁ । ପ୍ରତି ମୁହୂର୍ତ୍ତରେ ଆମେ ଅସଂଖ୍ୟ ବିକଳ୍ପର ସମ୍ମୁଖୀନ ହେଉ ଏବଂ ଗୋଟିକୁ ବାଛିନେଉ ରୁଚି, ଲାଭ ଏବଂ ପ୍ରୟୋଜନ ଦୃଷ୍ଟିରୁ । ବାକି ସମସ୍ତଙ୍କୁ ଛାଡ଼ିଦେବାକୁ ହୁଏ, ଟାଳିଦେବାକୁ ହୁଏ । କହିବାକୁ ହୁଏ ଯେ ସମୟ ନାହିଁ । ଜୀବନ ଅସଂଖ୍ୟ ବିକଳ୍ପ ଅର୍ପଣ କରିଚାଲିଥାଏ । ଆମେ ମାତ୍ର ଗୋଟିଏ ରେଣୁ ବାଛିଚାଲିଥାଉ । ଆମ ଜୀବନର ସବୁ ସୂତାରେ ସେମାନେ ଗୁନ୍ଥି ହୋଇ ରହିଥାନ୍ତି । ଦ୍ୱିତୀୟ ସମ୍ଭାବନା ପାଇଁ ଅବସର କାହିଁ ? ସେଥିପାଇଁ ଆଉ ଗୋଟିଏ ସୂତାର ଆଶ୍ରୟ ନେବାକୁ ପଡ଼ିବ । ଆମେ ପୂର୍ବକୁ ଚାହିଁଲେ ପଶ୍ଚିମକୁ ଚାହିଁପାରିବା ନାହିଁ । ଉପରକୁ ଚାହିଁଲେ ତଳକୁ ଚାହିଁପାରିବା ନାହିଁ । ଆମେ କଣ ସହସ୍ରାଂଶୁ ସୂର୍ଯ୍ୟ ହୋଇଛୁ ଯେ ପ୍ରତ୍ୟେକ ଲୋମରୂପରେ ଅହରହ ଆଲୋକ ବର୍ଷା କରିପାରିବୁ ? ଏଣୁ ଆମକୁ ବାଛିବାକୁ ପଡ଼େ । ସୀମା ଭିତରେ ଅସୀମକୁ ଗୋଟିଏ ମାତ୍ର ଗଣ୍ଡୁଷରେ ଧାରଣ କରିବାକୁ ପଡ଼େ । ଆମେ ନାଚାର । ଆମର ସତରେ ସମୟ ନାହିଁ ଜୀବନର ବିପୁଳ ଐଶ୍ୱର୍ଯ୍ୟ ପାଇଁ । କେତେ ସେ ନେବାକୁ ଚାହେଁ, ଅଥଚ କେତେ ଛୋଟ ଆମର ଅଣ୍ଡି । ମାଣକ ପୁରିଯିବାକୁ କେତେ ବେଳେ ଆଞ୍ଜୁଳାଏ ଲୁଣପାଣି କିମ୍ବା ଆଞ୍ଜୁଳାଏ ବାଲିରେ ଭରିଯିବ ହୁଏତ ! ଆଞ୍ଜୁଳାଏ ମାଣିମାଣିକ୍ୟରେ ମଧ୍ୟ ଭରିପାରିଥାନ୍ତା ।

ଏଭଳି ଜୀବନକୁ ବୁଝିଗଲାପରେ, ଦପ୍ତର ବାହାରେ ଅପେକ୍ଷା କରିଥିବା ପ୍ରାର୍ଥୀଟିକୁ ସମୟ ନାହିଁ ବୋଲି ଆଉ କହିହୁଏନାହିଁ; ବରଂ ତାର ବେଦନା ବୁଝିବା ପରେ ତା' ମୁଣ୍ଡ ଉପରୁ ସେ ଅସ୍ପୃଶ୍ୟ ବୋଝଟିକୁ ଓହ୍ଲେଇ ଦେବାକୁ ଇଚ୍ଛା ହୁଏ । କୁଆଡ଼େ ଗାରେ କଲମରେ ତାହା ହୋଇଯାଏ । ନିର୍ବାକ୍ ପ୍ରାର୍ଥୀଟି ଆଖିରେ କୃତଜ୍ଞତାର ଅଶ୍ରୁ ନେଇ ଅନାଏ । ସେଥିରୁ ଦୁଇ ବୁନ୍ଦା ମୁକ୍ତା ଯଦି ମାଣରେ ସଂଚିତ ରହିଗଲା, ତା'ଠାରୁ ବଳି ଆଉ କଣ ଐଶ୍ୱର୍ଯ୍ୟ ଅଛି ଲୋଭ କରିବାକୁ ! ବନ୍ୟାରେ ଭାସିଯାଉଥିବା ଅପରିଚିତ ଭୋକିଲା ପିଲାଟିକୁ ବଞ୍ଚାଇ ଆଣିବାରେ ଯାହା ମିଳେ, ସେଇ ସମୟରେ କୋଠାଘରେ କଅଁଳ ଶେଯ ଉପରେ ବର୍ଷାରାତି ବିତେଇବାରେ ମଧ୍ୟ ମିଳେନାହିଁ । ଏପରିକି ରୋଗିଣା ପୁଅକୁ ଜଗିରହି ଶୁଶ୍ରୁଷା କରିବାରେ ମଧ୍ୟ ମିଳେନାହିଁ । ବିଭିନ୍ନ ବିକଳ୍ପର ମୂଲ୍ୟ ବୁଝିଗଲେ, କାହାପାଇଁ ସମୟ ଦେବାକୁ ହେବ, ସେଥିରେ ଆଉ ତ୍ରୁଟି ହୁଏ ନାହିଁ । ବର୍ଷ ମାସ ଦିନ ଦଣ୍ଡ ଗୁଡ଼ିକ ବାଲି ଝରିଲାପରି ଝରିଯାଆନ୍ତି । ଆଜିର ଏ ତାରିଖଟି ଚାଲିଗଲେ ଆଉ ମିଳିବନାହିଁ । ମଣିଷକୁ ଅଧିକାର ମିଳିଛି, ଯେମିତି ଇଚ୍ଛା ସେ ସେମିତି ଏ ତାରିଖଟିକୁ ବଞ୍ଚିପାରେ । ନିଜକୁ ନିଜେ ଆଖିମାରିଦେଇ, ପ୍ରତାରିତ କରିଦେଇ ହିଂସ୍ରଜନ୍ତୁ ଭଳି ବଞ୍ଚିପାରେ । କହିପାରେ କ୍ଷୁଧା-ତୃଷାର ତୃପ୍ତି ସାଧନ ହିଁ ଏକମାତ୍ର ସୁଖ ଏବଂ ଏହି ସୁଖ ହିଁ ଜୀବନର ଏକମାତ୍ର କାମ୍ୟ; ଏକ ମାତ୍ର ଲକ୍ଷ୍ୟ । କିମ୍ବା

Digitized by srujanika@gmail.com

ଫଳବନ୍ତ ତପସ୍ୱୀ ଗଛଟିଏ ପରି ବଞ୍ଚିପାରେ ! ଯେ ଆସିଲା ତାକୁ ଯଥାଶକ୍ତି ଛାୟାଦାନ କରି, ଯଥାସମ୍ଭବ ଫଳଦାନ କରି ନିଜେ ତୃପ୍ତିଲାଭ କରିପାରେ । ଏ ସବୁ ନିଜର ମୂଲ୍ୟବୋଧ ଏବଂ ବିକଳ୍ପ ବାଛିବାରେ ବିଜ୍ଞତାର ବ୍ୟାପାର ! ଯେ ଯେମିତି ବୁଝିଲା ।

କିନ୍ତୁ ପରିସ୍ଥିତି ଭେଦରେ ଏ ଦୁଇଟି ଶବ୍ଦ ଅତି ଗମ୍ଭୀର ମୁଦ୍ରାରେ ଆମ ଆଗରେ ଠିଆହୁଅନ୍ତି । ତ୍ରିବିକ୍ରମଙ୍କର ତୃତୀୟ ପାଦ ମୁଣ୍ଡ ଉପରେ ଧାରଣ କରି ବଳିଦାତା ଆଖି ବୁଜି ଆସୁଛନ୍ତି । କେହି ଯାଚକ ବ୍ରାହ୍ମଣ ଯଦି ସିଂହଦ୍ୱାର ପାଖରେ ଦାନ ଭିକ୍ଷା କରିଥାନ୍ତା, ତାହା ନିରୁତ୍ତର କେବଳ ଚାହିଁଥାନ୍ତେ । ସେ ଦୃଷ୍ଟିର ଅର୍ଥ ହୋଇଥାନ୍ତା ବିଳମ୍ବ କରିଦେଲ ବ୍ରାହ୍ମଣ, ଯେଉଁ ଦ୍ୱାରରେ ଅଦେୟ କିଛି ନଥିଲା, ସେଇଠୁ ତୁମେ ରିକ୍ତହସ୍ତରେ ଫେରିନଥାନ୍ତ; କିନ୍ତୁ ସମୟ ନାହିଁ !"- ଏଥେନ୍ସର ବନ୍ଦିଶାଳାରେ ବିଷପାତ୍ର ମୁହଁକୁ ଟେକିଲାବେଳେ ଯୁଗର ଜ୍ଞାନ-ଗୁରୁଙ୍କୁ ପ୍ରଣିପାତ କରି ଯଦି ନୂତନ ଶିଷ୍ୟଟିଏ ପ୍ରାର୍ଥନା କରିଥାନ୍ତା-ଆତ୍ମାର ସ୍ୱରୂପ କ'ଣ ମୁଁ ବୁଝିପାରିଲିନାହିଁ ଗୁରୁଦେବ, ବୁଝି ପାରିଲି ନାହିଁ ସତ୍ୟ କଣ ମିଥ୍ୟା କଣ--କ'ଣ କରିବି ! --ନିରୁଦ୍‌ବିଗ୍ନ ଆଖିରେ ସେ ଥରେ ତାକୁ ନୀରବରେ ଉହିଁଥାନ୍ତେ-ବିଳମ୍ବ କରିଦେଲ ଫିଡ୍ରିସ୍ ! ଏ ଓଠରୁ ମାତ୍ର ଦୁଇଇଞ୍ଚ ବ୍ୟବଧାନରେ ନିସ୍ତରଙ୍ଗ ନୀଳ ନୀରବତା ଅପେକ୍ଷା କରିଛି ! ସମୟ ନାହିଁ ଫିଡ୍ରୋ-ସମୟ ନାହିଁ ! ଫୁଟିଲା ଫୁଲପରି ଅବୋଧ ଶିଶୁସନ୍ତାନର ମୁହଁ ନେଳି ପଡ଼ିଯାଉଛି ! ଡ଼ାକ୍ତର, ନର୍ସ, ବନ୍ଧୁ, କୁଟୁମ୍ବୀ, ଅସହାୟ ନିର୍ବାକ୍ ଠିଆହୋଇ ରହିଛନ୍ତି । ଅମାନିଆ ବାପ ଚିତ୍କାର କରୁଛି, ମୋତେ କହ ଡ଼ାକ୍ତର, କେତେ କୋଟି ଟଙ୍କା ବଦଳରେ ମୋର ଏକମାତ୍ର ସନ୍ତାନର ଜୀବନ ରକ୍ଷାହେବ ? ଏଇ ମୁହୂର୍ତ୍ତରେ ମୁଁ ତାକୁ କହିଲେ, ଆମେରିକା ସୁଇଜରଲ୍ୟାଣ୍ଡ, ଜାପାନ ନେଇଯିବି !-ଅଭିଜ୍ଞ ଡ଼ାକ୍ତର କେବଳ ତଳକୁ ଉହିଁ ଠିଆ ରହିବେ । ଧନାଢ଼୍ୟ ଅପରାଜେୟ ବାପର ସବୁ ସାମର୍ଥ୍ୟକୁ ଅସ୍ୱୀକାର କରି ସୁଚାଇଦେବ ଯେ ସମୟ ନାହିଁ ।

କାହିଁକି ସମୟ ନାହିଁ ? ନାହିଁ, କାରଣ ସମୟ କେବଳ ପରିମିତ କାଳର ତରଙ୍ଗ । ମହାକାଳ ଉଭାହୋଇଗଲେ ସମସ୍ତେ ଆଡ଼ହୋଇ ଯିବାକୁ ବାଧ । ସେତେବେଳେ ସମୟ ନାହିଁ କହିଲେ ସତକୁ ସତ ସମୟ ନାହିଁ । ସମଗ୍ର ଜଗତ୍, ସମଗ୍ର ଜୀବନ, ସେମାନଙ୍କର ସବୁ ଐଶ୍ୱର୍ଯ୍ୟକୁ ସାଉଁଟିନେଇ, ସମ୍ଭ୍ରମର ସହିତ ଅପସରି ଆସନ୍ତି । ଯେଉଁ ମହାସମୁଦ୍ରରୁ ତରଙ୍ଗଟି ଉଠିଥିଲା, ସେଇ ମହାସମୁଦ୍ରକୁ ସେ ଫେରିଯିବ, ତାକୁ ରୋଧିବାକୁ ସାଧ କାହାର ! ଫେରିଗଲାବେଳେ ତରଙ୍ଗ ନୀରବ; ଜଣାଇଦିଏ-ଧନ୍ୟବାଦ ପୃଥିବୀ-ଆଉ ତୋ ସହିତ ଖେଳିବାକୁ ସମୟ ନାହିଁ । ମୁଁ ସମୁଦ୍ରର ଲହରି । ମୁହିଁ ତ ସମୁଦ୍ର- ମୁଁ ତୋର ନୁହେଁ କି କାହାରି ନୁହେଁ । ସମୟ ସତେ କାହାରି ନୁହେଁ ! ମୁଠାଏ ଆକାଶକୁ ନେଇ ବିତରଣ କରିବା ଯାହା, ସମୟକୁ ମୋର ବୋଲି ଭାବି ତାକୁ ଇତର ପଦାର୍ଥ ପରି ଅଛି କିମ୍ବା ନାହିଁ କହିବା ମଧ ତାହା ! ମୋ ହାତରେ ଏବେ ସମୟ ନାହିଁ ବୋଲି ଯୋଉମାନେ ଅବଲୀଳାକ୍ରମେ କହିଦିଅନ୍ତି, ସେମାନେ କଣ କହନ୍ତି ବୋଧହୁଏ ବୁଝନ୍ତିନାହିଁ । ସମୟ ତାଙ୍କୁ ନେଇ ଲୀଳା କରୁଥାଏ । ସେ ସେମାନଙ୍କୁ ଏବଂ ସେମାନଙ୍କ ଅଜ୍ଞତାକୁ କ୍ଷମାକରେ ।

❖❖❖

Digitized by srujanika@gmail.com

ସର୍ପଯଜ୍ଞ

ବାପର ଅପମୃତ୍ୟୁରେ ଉତ୍ତ୍ୟକ୍ତ ହେବାର ପାରିଲାପଣ ମୋର ନାହିଁ । ନିର୍ମଳ ମର୍ଯ୍ୟାଦାବନ୍ତ କ୍ରୋଧ ପ୍ରକାଶ କରିବାକୁ ମୋର ସାମର୍ଥ୍ୟ ନାହିଁ ! ତା'ର ପରିଣାମକୁ ମୁକାବିଲା କରିବାର ସାହାସ ନାହିଁ । ମୋର ସମ୍ମାନବୋଧ ନାହିଁ--ଏଣୁ ଅପମାନବୋଧ ମଧ୍ୟ ନାହିଁ । ମୁଁ ଧନୁ ଧାରଣ କରିପାରିବି ନାହିଁ । ମୁଁ ଯୋଦ୍ଧା ନୁହେଁ । ମୋ ନାଁ ଜନ୍ମେଜୟ ନୁହେଁ, ଏଣୁ ଏ ସର୍ପକୁଳ ପୃଥିବୀରେ ମହାଯଜ୍ଞର ଅନୁଷ୍ଠାନ କରିବି, ପ୍ରବଳ ବିଷଧରମାନଙ୍କୁ ଅଗ୍ନିରେ ଆହୁତି ଦେଇ ପ୍ରାଚୀନଯୋଗ୍ୟ ହେବି, ଆଶ୍ୱସ୍ତ ହେବି, ଆଶ୍ୱସ୍ତ କରିବି ଏ ପୃଥିବୀକୁ, ଏପରି ସଂକଳ୍ପ ସିଦ୍ଧ ଯଜମାନ ମୁଁ ନୁହେଁ । ଅବାକ୍ ପୃଥିବୀ ବିଷଜ୍ୱାଳାରେ କାତର ଗାଈଟିଏ ପରି ମୋତେ ଚାହିଁରହିବାର ଅର୍ଥ କିଛି ନାହିଁ । ତୁ ବରଂ ଶୂନ୍ୟକୁ ଚାହିଁରହ, ପୃଥିବୀ ! ଅପହୃତ ପୌରୁଷର ଏ ମିଳନ ଛାଇଟା ସବୁଅନ୍ତେ ଅସମର୍ଥ । ତୋ ପାଇଁ ମୋର ବ୍ୟଥା ନାହିଁ, କ୍ଷୋଭ ନାହିଁ, କାରୁଣ୍ୟ ନାହିଁ । ନିଜପାଇଁ ମଧ୍ୟ ଗ୍ଲାନି ନାହିଁ, ଧିକ୍କାର ନାହିଁ, ପରିତାପ ନାହିଁ । କାରଣ ମୋର ତୃତୀୟ ବିସ୍ତାର ନାହିଁ, ମୁଁ ଛାଇଟାଏ । ମୁଁ ସାପ ବି ନୁହେଁ । ମୋର ସେଭଳି ରୂପାନ୍ତର ହେଲେ, ମୁଁ ହେବି ଦୁର୍ବଳ, ନିର୍ବିଷ ଡୁଣ୍ଡଭଟାଏ; କିନ୍ତୁ ସାପ ନୁହେଁ । କାରଣ ମୋ ଭିତରେ କୌଣସି ପ୍ରକାର ଉତ୍ତାପ ନାହିଁ କି ଅଗ୍ନି ନାହିଁ । ସାପ ହେବାକୁ ହେଲେ ବିଷଧାରଣ କରିବାକୁ ହେବ । ବିଷ ଏକପ୍ରକାର ନୀଳ-ଲୋହିତ ଅଗ୍ନି । ସେଥିପାଇଁ ମୁଁ ସମର୍ଥ ନୁହେଁ । ବିଷଦଗ୍ଧ ପୃଥିବୀର ମନ୍ତ୍ରାହୂତ ସର୍ପଯଜ୍ଞର ପୁରୋଧା ତ ମୁଁ ନିଶ୍ଚୟ ନୁହେଁ, ସାପଟିଏ ବି ନୁହେଁ ।

ଏଣୁ ଏ ଅପଶାସିତ ଜନପଦମାନଙ୍କରେ ଭେଳା ଭେଳା ହୋଇ ଅସଂଖ୍ୟ ଅଶ୍ଳୀଳ, ଉଲଙ୍ଗ, ଉଗ୍ର-ମିଥୁନୀ ସାପମାନେ ଅବାଧ ବିଚରଣ କରନ୍ତୁ । ସେମାନଙ୍କ ନିର୍ବିଚାର ଧର୍ଷଣରେ ମାତୃରୂପା ପୃଥିବୀ ରକ୍ତ ବମନ କରୁ । ଲୋପପାଇଯାଉ ନାରୀକୁଳ ମର୍ଯ୍ୟାଦା । ସେମାନେ ସମସ୍ତେ ପିଚ୍ଛିଳ, କ୍ଷିପ୍ର, ଉଦଣ୍ଡ, ଉଦ୍‌ବୀର୍ଯ୍ୟ ସରୀସୃପ । ସେମାନଙ୍କ ଶରୀର ଶୀର୍ଣ୍ଣ, ମେଦ ବିରଳ । କୃଷ୍ଣ-ଧୂସର ବର୍ଣ୍ଣର ଏ ବିଷଧରମାନଙ୍କର ମୁଖ ବ୍ରଣାଙ୍କିତ, ଚକ୍ଷୁ ଲୋହିତ ବର୍ଣ୍ଣ । ସେମାନେ ଅହରହ ଫଣା ବିସ୍ତାର କରି ଫୁ ଫୁକାର କରୁଥାନ୍ତି । ସେମାନଙ୍କ ଶରୀରରେ ଅଜସ୍ର ବଳ । ବିଜୁଳିପରି ସେମାନେ ବେଗବନ୍ତ । ଉତ୍କଟ ବିଷ ସେମାନଙ୍କ ରୋମେ ରୋମେ ଭରି ରହିଛି । ସେମାନେ ଦର୍ପୀ, ଦମ୍ଭୀ, ଦୁର୍ବିନୀତ । ସେମାନେ କାହାକୁ ମାନନ୍ତିନାହିଁ । ଦଳବଦ୍ଧ ହୋଇ ମାଡ଼ିଗଲାବେଳେ କେବଳ ଚିତ୍ତ ବିନୋଦନ ପାଇଁ ଗୁରୁକଳ୍ପ ମାନନୀୟ ପୁରୁଷମାନଙ୍କୁ ହତ୍ୟା କରି କରି ଚାଲିଥାନ୍ତି ।

Digitized by srujanika@gmail.com

ସେମାନେ କୌଣସି ଅନୁଷ୍ଠାନକୁ ନିରୁପଦ୍ରୁତ ବଞ୍ଚିବାକୁ ଦିଅନ୍ତି ନାହିଁ । ସବୁଠାରେ ସେମାନଙ୍କ ଦଂଶନର କ୍ଷତଚିହ୍ନ । ସବୁଠାରେ ସେମାନଙ୍କର ବିଷଜ୍ୱାଳା । ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଉନ୍ମତ୍ତ ଶୃଙ୍ଗାର । ଏକମାତ୍ର ଧ୍ୟେୟ ଯୌନସମ୍ଭୋଗ । ସେମାନେ ଏକେ ଏକେ ଏହି ଉତ୍କଟ ମୈଥୁନର ସ୍ଫୀତରୂପ । ଯୌନଚେତନାର ଏ ଅସଂଖ୍ୟ ସରୀସୃପ ଅନୁରୂପ ଚେତନାର ଅସଂଖ୍ୟ ସର୍ପୀ । କେବଳ ବିଷ ସେବନ କରନ୍ତି, ବିଷ ସଂଗ୍ରହ କରନ୍ତି । ଘୋର ରାବ କରି ଏ ଜନପଦମାନଙ୍କୁ କମ୍ପିତ କରନ୍ତି । ରକ୍ତ, ରେତ, ସ୍ୱେଦରେ ସେମାନେ ଆଲୁଳାୟିତ ହେଉଥାନ୍ତି । ହତ୍ୟା, ବଳାତ୍କାର, ଦଂଶନ, ଧର୍ଷଣ ସେମାନଙ୍କ ବିଳାସ । ସେମାନଙ୍କୁ ଶାସନ କରିବାର ଉପାୟ ନାହିଁ । ସେପରି ଶକ୍ତିଶାଳୀ ପୁରୁଷ କିମ୍ବା ଅନୁଷ୍ଠାନ ନାହିଁ, ଯେ ଏମାନଙ୍କୁ ଭିଡ଼ିଆଣି ପ୍ରଚଣ୍ଡ ହୁତାଶନରେ ନିକ୍ଷେପକରନ୍ତା । ସେମାନଙ୍କର ଦୀର୍ଘ, ଶୀର୍ଣ୍ଣ, ଅମିତ-ବଳଶାଳୀ ସର୍ପପିଣ୍ଡ ଅନଳ ଶଯ୍ୟାରେ କୁଣ୍ଡଳୀ ବାନ୍ଧି ଜଳିଯା'ନ୍ତା । ସହସ୍ର ସହସ୍ର ସଂଖ୍ୟାରେ ଶୂନ୍ୟରୁ ସେମାନେ ହୋମ କୁଣ୍ଡକୁ ଖସୁଥାନ୍ତେ, ପ୍ରବଳ ଗର୍ଜନ କରୁଥା'ନ୍ତେ, ମୋଡ଼ି ହେଉଥା'ନ୍ତେ, ଭିଡ଼ି ହେଉଥା'ନ୍ତେ; କିନ୍ତୁ କୌଣସି ଅପରିମେୟ ମନ୍ତ୍ରଶକ୍ତି ସେମାନଙ୍କୁ ଓଟାରିଆଣି ନିଆଁରେ ଫିଙ୍ଗିଦେଉଥା'ନ୍ତା । ତା' ଯେହେତୁ ସମ୍ଭବ ନୁହେଁ, ସେମାନେ ଅବାଧ ବିଚରଣ କରିବେ । ସର୍ବମାନ୍ୟ ଗୁରୁକୁଳକୁ, ପିତୃକୁଳକୁ ମର୍ଦନ କରିବେ । ନାରୀକୁଳକୁ ନିର୍ବିଚାର ମନ୍ଥନ କରିବେ । ମୁଁ ଅକିଞ୍ଚନ, କିଏ ତାଙ୍କୁ ରୋଧିବାକୁ ?

ନବତଳ ପ୍ରାସାଦପରି ଗୁମ୍ଫା ଭିତରେ ଯେଉଁମାନେ ବିଚିତ୍ର ଶଯ୍ୟାରେ ଲୋଟୁଥାନ୍ତି, ଯେଉଁମାନେ ସର୍ବାଙ୍ଗରେ ମାଣିକ୍ୟ ଝଟୁକୁଥାଏ, ସେମାନେ ପୃଥୁଳ, ଚର୍ବିଳ, ଅତି ଭୟଙ୍କର ବିଷଧାରୀ ମଣିଚୂଡ଼ ସର୍ପ । ସେମାନଙ୍କର ଚାରିଆଡ଼େ ଅସଂଖ୍ୟ ସେବକ, ଡୁଣ୍ଡୁଭ-ପ୍ରାୟ ଚାଟୁକାରୀ ସାପ ବିବର ରକ୍ଷା କରୁଥା'ନ୍ତି । ଅନ୍ତଃପୁର ଭିତରେ ଅସଂଖ୍ୟ ଅପହୃତା ସର୍ପୀ ମହାର୍ଘ ବସନ ଭୂଷଣରେ ମଣ୍ଡିତ ହୋଇ ବ୍ୟସନ ଉଦ୍ଦୀପକ ଅଙ୍ଗଭଙ୍ଗୀଦ୍ୱାରା ପ୍ରଭୁଙ୍କ ଦୃଷ୍ଟି ଆକର୍ଷଣ କରୁଥା'ନ୍ତି । ପ୍ରଭୁ ସ୍ୱୟଂ ଦଳପତି । ତାଙ୍କର ଦୁର୍ମଦ ସୁରାସକ୍ତ ଅନୁଚରମାନଙ୍କୁ ନେଇ ପାରିଧିରେ ବିଜେକରନ୍ତି । ଜଳିଯା'ନ୍ତି ଜନପଦ । ବିଷଜ୍ୱାଳାରେ ଦଗ୍ଧୀଭୂତ ହୁଏ ପୁଷ୍ପ ଉଦ୍ୟାନ । ସବୁ ପକ୍ଷୀବସାରୁ ଶାବକମାନଙ୍କୁ ସେମାନେ ଖାଇଥା'ନ୍ତି । ପିଇଯାନ୍ତି ସବୁ ଗାଈ ପହ୍ନାରୁ କ୍ଷୀର । କଙ୍କଣ ପାଇଁ ହାତ ଛିଣ୍ଡାଇ ଦିଅନ୍ତି; ହାର ପାଇଁ ଗଳା କାଟିଦିଅନ୍ତି । ଭାରଭାର କାଞ୍ଚନ, ମଣିମୁକ୍ତା ତାଙ୍କ ପଛେ ପଛେ ଭାରବାହୀ ପଶୁଙ୍କ ପିଠିରେ ବୁହାହୋଇ ଚାଲିଥାଏ । ସେମାନଙ୍କ ପ୍ରାସାଦ ବେଢ଼ା ଭିତରେ ସୁନାରୁପାର ଧାତବ ଅରଣ୍ୟ, ମଣିମାଣିକ୍ୟର ଖମ୍ବ, ବୈଦୁର୍ଯ୍ୟର ବାଡ଼ । ସେମାନେ ବିବିଧ ମାଂସଭୋଜୀ, ଉଷ୍ଣ ରକ୍ତ-ପାୟୀ ପୃଥୁଳ ସରୀସୃପ । ସେମାନେ ଧନାଢ଼୍ୟ, ଧନଲୋଭୀ ଧନାନ୍ଧ ସର୍ପ । ମଣି ଲୋଭରେ ସେମାନେ ନିଜର ଘନିଷ୍ଠ ସହୋଦରର ମୂର୍ଦ୍ଧା ବିଦାରଣ କରିପାରନ୍ତି । ହାଣିଦେଇ ପାରନ୍ତି ପିତା କିମ୍ବା ପୁତ୍ରର ମୁଣ୍ଡ । ଜୀବନ ଅପେକ୍ଷା ଧନ ଅଧିକ ମୂଲ୍ୟବାନ ବୋଲି ସେମାନେ ବିଗ୍ଭରିଥାନ୍ତି । ସୁନା ନିଶୁଣିରେ ଯେକୌଣସି ଧ୍ୱଜା -କଳସରେ ସେମାନେ ଚଢ଼ିଯାଇ ପାରନ୍ତି । ସେଥିରେ ସେମାନେ ସ୍ୱର୍ଗକୁ ସୁଦ୍ଧା ଧାଡ଼ି ଦେବାର ମସୁଧା କରୁଥାନ୍ତି । ଏମାନେ ଲୋଭୀ, ଭୀରୁ । ମୁହୂର୍ତ୍ତେ ମୁହୂର୍ତ୍ତେ

Digitized by srujanika@gmail.com

ରୂପବର୍ଣ୍ଣ ବଦଳାଇ ନିଜକୁ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କରାଉଥାନ୍ତି । ସେମାନଙ୍କର ମଣିମଣ୍ଡିତ ପୃଥୁଳ ଶରୀରଗୁଡ଼ିକ ହବନ କୁଣ୍ଡରେ ନିକ୍ଷିପ୍ତ ହେଲେ ପ୍ରଚୁର ମେଦ ଏବଂ ଚର୍ବିରେ ମାତିଉଠିବ ହୋମଅଗ୍ନି । ଆହୁତିରେ ଅପେକ୍ଷା ନ ରଖି ସେ ଯେମିତି ଲୋଳଜିହ୍ୱ ହୋଇ ଶିଖା ବିସ୍ତାର କରିବ । ଅତିକାୟ, ହାତୀ-ଶୁଣ୍ଢ ପରି ଧୂମ୍ରାକ୍ଷ, ସ୍ଥୂଳଚର୍ମ, ବିପୁଳତର ବୋଡ଼ା ଅଜଗରମାନେ ମେଦ ପ୍ରପାତ ପରି ଭୟଙ୍କର ଶବ୍ଦ କରି ଅଗ୍ନିରେ ପତିତ ହେବେ । ଉଶ୍ୱାସ ବୋଧ କରିବ ବସୁନ୍ଧରା, ନିରୁପଦ୍ରୁତ ହେବ ପୃଥିବୀ ।

ସମପରିମାଣରେ ଅତିକାୟ ଅଥଚ ବିଷ ଧାରଣ କରି ନୀଳଜୀମୂତ ପରି ଦିଶୁଥିବ ପର୍ବତ, କର୍କୋଟକାଦି ଅହିରାଜମାନେ ମନ୍ତ୍ରବଳରେ ଧୃତ ହେଲାବେଳେ ବନ୍ଧା ପଡ଼ିଥିବା ମତ୍ତ ଗଜରାଜ ପରି ପ୍ରବଳ ଶକ୍ତିରେ ପୃଥ୍ୱୀ ଦୁଲୁକାଇବେ । ଫିଟିଯିବା ପାଇଁ କିନ୍ତୁ ସେମାନଙ୍କର ଆୟତ୍ତ ନଥିବ । ତପ୍ତକଟାହ ପରି ସେମାନଙ୍କର ମୁଖବିବର ଅଗ୍ନି ବର୍ଷା କରୁଥିବ । ବଜ୍ରସୂଚୀ ପରି ଦଶନାଗ୍ରରୁ ବିଦ୍ୟୁତ୍ ସ୍ଫୁରଣ ହେଉଥିବ । ମର୍କତ ପିଣ୍ଡପରି ଲୋହିତ ଚକ୍ଷୁଯୁଗଳ ଫାଟିପଡୁଥିବ କ୍ରୋଧରେ । ସହସ୍ରେ ମାତଙ୍ଗର ଶକ୍ତି ସ୍ଫୁରିତ ହେଉଥିବ ସେମାନଙ୍କର ପ୍ରକାଣ୍ଡ ଶରୀରରେ । ପୁଚ୍ଛାଘାତରେ ପାହାଡ଼ ଚୂର୍ଣ୍ଣୀଭୂତ ହେଉଥିବ, ନିଃଶ୍ୱାସରେ ଜଳିଯାଉଥିବ ଅରଣ୍ୟ । ଅଥଚ ଏକ ଅମୋଘ ଅଦୃଶ୍ୟ କାଳଫାଶରେ ସେମାନେ ଘୋଷାରି ହୋଇ ଯାଉଥିବେ । ସେମାନେ ହିଁ ପ୍ରବଳ ଶକ୍ତିଶାଳୀ ସ୍ୱେଚ୍ଛାଚାରୀ ଶାସକ । ସେମାନେ ଇନ୍ଦ୍ର ଚନ୍ଦ୍ରଙ୍କୁ ସୁଦ୍ଧା ବଟସ୍କରରୂପେ ବ୍ୟବହାର କରିଆସିଛନ୍ତି । ଶାସିବସିଛନ୍ତି ଏ ପୃଥିବୀକୁ । କାହାର ସାମର୍ଥ୍ୟ ସେମାନଙ୍କୁ ଅବଜ୍ଞା କରିବ ? ଶାସ୍ତ୍ରୋକ୍ତ ଗଦମାନଙ୍କୁ ସେମାନେ ବହୁକାଳୁ ଜାଳି ସାରିଛନ୍ତି । ତଦ୍‌ବିଦ୍‌ମାନଙ୍କୁ ଦ୍ୱୀପାନ୍ତର କିମ୍ବା ଲୋକାନ୍ତର ପଠାଇବାର ବ୍ୟବସ୍ଥା କରିଦେଇଛନ୍ତି । ନିଷ୍କଣ୍ଟକ ହୋଇସାରିଛି ସର୍ପ ଶାସନ । ସେଇ ଦୁର୍ଦ୍ଦମ ବିଷଧରମାନଙ୍କୁ ସେମାନଙ୍କର ଭୃତ୍ୟ, ପରିଜନ ସହିତ ଓଟାରି ଆଣିଲାବେଳେ ସମସ୍ତ ମନ୍ତ୍ର-ଶକ୍ତି ଆମନ୍ତ୍ରିତ ଧନୁପର ଟାଣିହୋଇ ରହିଥିବ । ସେମାନେ ଅଗ୍ନିର ବଳୟ ଭିତରେ ପଡ଼ିବା ପର୍ଯ୍ୟନ୍ତ କାହାରି ବିଶ୍ୱାସ ହେଉନଥିବ ଯେ ଏମାନେ ସତେ ନିପାତ ହେବେ । ଗଜରାଜକୁ ସିଂହ ଘୋଷାରିଲା ପରି ସେମାନଙ୍କୁ ହୋମକୁଣ୍ଡ ଯାଏ କିଏ ସତେ ଅଦୃଶ୍ୟ ରହି ଭିଡ଼ିନେଉଛି, କେହି ବୁଝିପାରୁ ନ ଥିବେ । ବିସ୍ମିତ ହୋଇ ଚାହିଁରହିଥିବେ ଏ ମହାଯଜ୍ଞର ଅଗ୍ନିକୁ । ମନେ ପଡୁଥିବ ସେ ପ୍ରତାପୀ ଅହିରାଜ ସିଂହାସନକୁ ବକ୍ରଗତିରେ ଅରୋହୋଣ କଲାବେଳେ କିପରି ସହସ୍ରେ ହତ୍ୟା କରିଛି, କିପରି ଗିଳିଦେଇଛି ଗଣ୍ଡା ଗଣ୍ଡା ସ୍ୱପକ୍ଷ ବିପକ୍ଷର ସାପମାନଙ୍କୁ । ତା' ଫଣା ଆଢୁଆଳରେ କିପରି ବିକଟ ଜନ୍ତୁମାନେ ଅହରହ ଶୋଣିତ ପାନକରି ହାଇମାରୁଥା'ନ୍ତି, ଆଗରେ ବିଷଜ୍ୱାଳାରେ ଜଳି ଯାଉଛନ୍ତି ସରଳ ଅସହାୟ ନିର୍ଦ୍ଦୋଷ ପ୍ରାଣୀମାନେ । ସେମାନେ ଏବେ ବିଧିର ବିଡ଼ମ୍ବନାରେ ନିଜେ ସର୍ପଯଜ୍ଞର ସମିଧରୂପେ ନିକ୍ଷିପ୍ତ ହେଉଛନ୍ତି । ଧନ୍ୟ ସେ ଯଶସ୍ୱୀ ଯଜମାନ ଯେ ପୃଥିବୀକୁ ବିଷମୁକ୍ତ କରିବା ପାଇଁ ଏ ମହାଯଜ୍ଞର ଆବାହନ କରିଛନ୍ତି । ଧନ୍ୟ ସେ ମହାତେଜା, ମନ୍ତ୍ରସିଦ୍ଧ ଋତ୍ୱିକମାନେ, ଯେ ସଂକଳ୍ପବଦ୍ଧ ହୋଇ ବସିଛନ୍ତି, ସମସ୍ତ ସର୍ପକୁଳକୁ ବିଧ୍ୱସ୍ତ କରିବେ; କିନ୍ତୁ ସେ ଯାବତ ସର୍ପଶାସନକୁ ସହିବାକୁ ହେବ, ତା'ର ସମସ୍ତ ଦଂଶନ, ଜ୍ୱାଳା, ଅପରିମେୟ ଯନ୍ତ୍ରଣା ଏବଂ ମୃତ୍ୟୁକୁ ସ୍ୱୀକାର କରିବାକୁ ହେବ ।

Digitized by srujanika@gmail.com

ଏ ଅତିକାୟ ବିଷଧରଙ୍କ ସଂଖ୍ୟା ତଥାପି ମୁଷ୍ଟିମେୟ ମାତ୍ର । ତାଙ୍କ ତୁଳନାରେ କ୍ଷୁଦ୍ରତର ହୋଇଥିଲେ ସୁଦ୍ଧା ଉତ୍କଟତର ବିଷ ବହନ କରୁଥିବା ଛୋଟ ସାପଙ୍କ ସଂଖ୍ୟା ଅକଳନୀୟ । ସେମାନେ ବିବିଧ ମିଶ୍ରିତ ବର୍ଣ୍ଣରେ ଚିତ୍ରିତ ହୋଇଥାନ୍ତି । ଯେକୌଣସି ପରିବେଶରେ ଅଭିନ୍ନ ମିଶିଯାନ୍ତି । ପତ୍ରରେ ପତ୍ରବର୍ଣ୍ଣ, ଫୁଲରେ ଫୁଲବର୍ଣ୍ଣ ଧାରଣକରି ସେମାନେ ଅକ୍ଲେଶରେ ଲୁଚିଯାନ୍ତି--ଅତର୍କିତ ଦଂଶନ କରିବା ସେମାନଙ୍କର ବିଳାସ । ସମସ୍ତ ପ୍ରକାର ସୁନ୍ଦର ରୂପସୌଷ୍ଟବକୁ ବିଷଜ୍ୱାଳାରେ ବିବର୍ଣ୍ଣ କରିଦେବାରେ ସେମାନଙ୍କର ସହଜାତ ପ୍ରବୃତ୍ତି । ଫୁଲକୁ ବୃନ୍ତରୁ ମଉଳାଇ ଦେବା, ପକ୍ଷୀଟିକୁ ଆକାଶରୁ ଖସାଇଦେବା, କମନୀୟା ଋଷିକନ୍ୟାକୁ ଭୂଇଁରେ ଲୋଟାଇଦେବା ଏମାନଙ୍କର ଆନନ୍ଦ । ଏମାନଙ୍କର କାହାରି ଫଣାନାହିଁ । ତ୍ରିଭୁଜାକାର ମୁଣ୍ଡଗୁଡ଼ାକ କେବଳ ଅସ୍ଥି ଏବଂ ବିଷରେ ନିର୍ମିତ । ସେମାନେ କାହାରି ଫଣା ଦେଖିଲେ ସହିପାରନ୍ତି ନାହିଁ । ସାପ ହେଲେ ସୁଦ୍ଧା ଏମାନଙ୍କର ଦଂଶନରୁ ନିସ୍ତାର ନାହିଁ । ଏମାନେ ତେଜ ହରଣ କରନ୍ତି । ଅତି ସୂକ୍ଷ୍ମରୂପରେ ସେମାନେ ଦେବାଳୟରେ ପଶିଯା'ନ୍ତି--କାର୍ଯ୍ୟାଳୟ, ସଚିବାଳୟ, ସଭା, ସମିତି, ଅନୁଷ୍ଠାନରେ ପଶିଯା'ନ୍ତି । ବ୍ୟକ୍ତିର ଆଚରଣ, ଆବେଗ, ଆସ୍ପୃହାରେ ପଶିଯା'ନ୍ତି । ସେଇଠି କୀଟରୂପରେ ସେ ସମସ୍ତଙ୍କୁ ରୁଗ୍ଣ, ବିବର୍ଣ୍ଣ, କଦାକାର କରିଦେବା ଏ ସାପମାନଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ । ଏମାନଙ୍କୁ ସହସ୍ର ସଂଖ୍ୟାରେ ବିଷପ୍ରପାତ ପରି ସେ ମହାଯୋଗ କୁଣ୍ଡରେ ନିକ୍ଷେପ କଲେ ସ୍ୱଭାବ ବଶତଃ ସେମାନେ ସେ ଲୋଳଜିହ୍ୱା ଅଗ୍ନିର ଶିଖାକୁ ସୁଦ୍ଧା ମଳିନ କରିବାକୁ ଚେଷ୍ଟା କରିପାରନ୍ତି । ପରସ୍ପରକୁ ଦଂଶନ କରି କ୍ଷତବିକ୍ଷତ ଖଣ୍ଡ ବିଖଣ୍ଡ ହୋଇ ନିପାତ ହୋଇପାରନ୍ତି । ଏମାନଙ୍କର ଦାହ-ଧୂମ, ଅତି ସାନ୍ଦ୍ର, ଧୂସର ରୂପରେ, ଆକାଶକୁ ଆଚ୍ଛନ୍ନ କରିପାରେ । ଏମାନଙ୍କର ଗଳିତ ଉଦରରୁ ଦ୍ୱେଷ, ଅସୂୟା ହିଂସା, ଈର୍ଷାଦି ଅଗ୍ନିରେ ଦଗ୍ଧ ହେଲାବେଳେ ଯଜ୍ଞଭୂମିକୁ ଉତ୍କଟ ପୁତିଗନ୍ଧମୟ କରିପାରେ; କିନ୍ତୁ ଜଳ, ସ୍ଥଳ, ଆକାଶରେ, ମଣିଷ ଭିତରେ, ବାହାରେ, ତ୍ରିକୋଣାକାର ମୁଣ୍ଡ କାଢ଼ି ଛକି ବସି ରହିଥିବା ଏ ଅପରିମେୟ ସର୍ପ-ଆଟକୁ ଅହୋରାତ୍ର ଯଜ୍ଞକୁଣ୍ଡରେ ହବନ କରିବାକୁ ହିଁ ହେବ । ନହେଲେ କୌଣସି ଫୁଲ ଅକ୍ଷତ ଫୁଟିପାରିବ ନାହିଁ; କୌଣସି ବାକ୍ୟ ନିରୁଦ୍‌ବିଗ୍ନ ଉଚ୍ଚାରିତ ହେବନାହିଁ, କୌଣସି ବ୍ୟକ୍ତିର ସହଜ ପ୍ରତିଭା ଅମ୍ଳାନ ପ୍ରକଟିତ ହେବନାହିଁ ।

ବହୁରୂପ, ବହୁ ବର୍ଣ୍ଣ ଏବଂ ବିଷଜ୍ୱାଳାର ଏ ସାପମାନେ ମୋର ସମସ୍ତ ମାନନୀୟ ପିତୃକୁଳକୁ ଏବଂ ସେମାନଙ୍କର ମାନବୀୟ ମୂଲ୍ୟମାନଙ୍କୁ ହତ୍ୟା କରିଛନ୍ତି । ସମଗ୍ର ଦେଶ ବିବର୍ଣ୍ଣ, ମୁମୂର୍ଷୁପ୍ରାୟ ଉଦ୍ୟାନ ପଡ଼ିରହିଛି । କୋଟି କୋଟି ସାପ ତା' ବକ୍ଷ ଉପରେ ବିଚରଣ କରୁଛନ୍ତି, ତାକୁ ଦଂଶନ କରି ଚାଲିଛନ୍ତି । ମନେହେଉଛି, ଏ ଦେଶରେ କେବଳ ଦୁଇଟି ବିକଳ୍ପ ସମ୍ଭବ-ହୁଏତ ଜଣେ ବିଷପାନ କରୁଥିବ, ଏବଂ ବିଷ ବମନ କରୁଥିବ । ଦଂଶନ-ପ୍ରବଣ ସାପଟିଏ, କିମ୍ବା ଅହରହ ଚୋଟ ଖାଇ, ବିଷଜ୍ୱାଳାରେ ଟଳିପଡୁଥିବା ପରାହତ ବ୍ୟକ୍ତିଟିଏ ଅବା ବୃକ୍ଷଟିଏ ! ମନେହେଉଛି ଏ ପୃଥିବୀରେ ସର୍ପଦଂଶନ ହିଁ ଚିରନ୍ତନ ବିଧାନ ହୋଇ ରହିଯିବ । ଏମାନଙ୍କ କବଳରୁ ମୁକ୍ତ ହେବାପାଇଁ ସୁରଭିପରି ନୀରବ ଅଶ୍ରୁପାତ କରୁଥିବା ଅସହାୟ ପୃଥିବୀର ଅନ୍ୟ ଉପାୟ ନାହିଁ । ମୁଁ

Digitized by srujanika@gmail.com

ମଧ୍ୟ ଅସହାୟ । ମୋ ଭିତରେ ଯାତନା କେବଳ ମୃତ୍ୟୁର । ମୁଁ କ୍ରୋଧ ପ୍ରକାଶ କରିପାରୁଥିବା କୌଣସି ଅପରାଜୟ ବ୍ୟକ୍ତି ବିଶେଷ ନୁହେଁ । ମୁଁ ସର୍ପଯଜ୍ଞ ଆବାହନ କରିପାରିବି ନାହିଁ । ସେଭଳି ଋତ୍ୱିକ ମଧ୍ୟ ନାହାନ୍ତି, ଯେଉଁମାନେ ମନ୍ତ୍ରାହୁତି ବଳରେ ଏ ପ୍ରବଳ ଭୁଜଙ୍ଗମମାନଙ୍କୁ ଯଜ୍ଞ ଅନଳରେ ନିକ୍ଷେପ କରିପାରିବେ; କିନ୍ତୁ ସର୍ପାହତ ହୋଇ ପ୍ରାଣତ୍ୟାଗ କରିବା ପୂର୍ବରୁ ମୁଁ କେବଳ ଋହିଁରହିବି ଦିଗ୍‌ବଳୟକୁ । ଏ ଦିଗ୍‌ଚକ୍ର ହିଁ ବିଶାଳତମ ଯଜ୍ଞକୁଣ୍ଡର ପରଖା । ସେ ଯଜ୍ଞରେ ସୂର୍ଯ୍ୟ ହିଁ ଅଗ୍ନି, ଆକାଶ, ଧୂମ ନକ୍ଷତ୍ରମାନେ ସ୍ଫୁଲିଙ୍ଗ, ମହାକାଳ ସେ ଯଜ୍ଞାନଳର ଶିଖା । ଏଥିରେ ଅହରହ ଭସ୍ମୀଭୂତ ହେଉଛନ୍ତି ଚରାଚର ପ୍ରାଣୀ । ସର୍ପ, ସର୍ପେତର, ଦଂଶକ, ଦଂଶିତ, ସମସ୍ତେ ପ୍ରଚଣ୍ଡ ଚିତାନଳରେ ନିକ୍ଷିପ୍ତ ହେଉଛନ୍ତି । ନିର୍ବିଋର ମହାକାଳ-ଅଗ୍ନି ସେମାନଙ୍କୁ ଭକ୍ଷଣ କରିଋଲିଛି । ତାହାହିଁ ଏକମାତ୍ର ଆଶ୍ୱାସନା । ପିତୃହନ୍ତାକୁ ଜାଳିଦେବାର ସାମର୍ଥ୍ୟ ଯାହାର ନାହିଁ, ସେ କେବଳ ଅପେକ୍ଷା କରିବ, କେତେବେଳେ କାଳଯଜ୍ଞ ସର୍ପଯଜ୍ଞରେ ପରିଣତ ହେବ; କେତେବେଳେ ହୋତା ପୁରୋଧା ଅଧ୍ୱର୍ଯ୍ୟୁ ସମସ୍ତେ ହେବେ କାଳରୂପ । ସମଗ୍ର ସର୍ପକୁଳ ସେତେବେଳ ହୁଏ ତ ବିନାଶ ହୋଇଯିବେ । ହୁଏତ ସମଗ୍ର ପୃଥିବୀ ମୁକ୍ତ ହୋଇଯିବ ବିଷରୁ ଏବଂ ନାଗଫାଶରୁ ।

❖❖❖

Digitized by srujanika@gmail.com

ଚନ୍ଦ୍ରଶେଖର ରଥ : ଏକ ପରିଚୟ

ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଶ୍ରୀ ଚନ୍ଦ୍ରଶେଖର ରଥ ଓଡ଼ିଆ ସାହିତ୍ୟାକାଶରେ ଏକ ସୁବିଶାଳ ଅଦମନୀୟ ପ୍ରତିଭା କହିଲେ ଅତ୍ୟୁକ୍ତି ହେବନାହିଁ । ସାହିତ୍ୟର ବିଭିନ୍ନ ବିଭାଗକୁ ତାଙ୍କର ସମୃଦ୍ଧ ଲେଖନୀ ଋଦ୍ଧିମନ୍ତ ଓ ମହିମାମଣ୍ଡିତ କରିଛି ।

ସାତଗୋଟି ଲଳିତ ନିବନ୍ଧ ସଂକଳନରେ ସନ୍ନିବେଶିତ ଶତାଧିକ ରଚନା ଓଡ଼ିଆ ଗଦ୍ୟ ସାହିତ୍ୟ ପାଇଁ ଗୋଟିଏ ଗୋଟିଏ ଅମ୍ଳାନ, ଅନବଦ୍ୟ କୃତୀ । ସେହିପରି ତେରଟି ସଂକଳନରେ ଶତାଧିକ ଗଳ୍ପର ବିସ୍ତୃତ ପସରା ତାଙ୍କ ସୃଜନଶୀଳ ମାନବୀୟ ସମ୍ବେଦନାର ସ୍ପଷ୍ଟ ପରିଚୟ ଦେଇଥାଏ । ଏହା ସହିତ ତିନୋଟି ଉପନ୍ୟାସ, ଦୁଇଟି କବିତା ସଂକଳନ ତାଙ୍କ ଅନନ୍ୟ ପ୍ରତିଭାକୁ ସୂଚିତ କରିଥାଏ । ରସଗ୍ରାହୀ ପାଠକଟିଏ ତାଙ୍କର ପ୍ରତିଭାକୁ ସଠିକ ଅନୁଭବ କରିପାରେ । ଯଥାର୍ଥରେ ଶ୍ରୀ ରଥଙ୍କ ପରିଚୟ ସେ ନିଜେ । ସବୁକ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାରେ ସେ ଜଣେ ବିରଳ ଦୃଷ୍ଟାନ୍ତ । ଏବେ ସଂସ୍କୃତ ଭାଷାରେ ତାଙ୍କର ସାରସତ କୃତି ପାଠକ ପାଇଁ ଅନ୍ୟ ଏକ ରସସ୍ୱାଦନର ଦିଗ ଉନ୍ମୋଚିତ କରିପାରିଛି ।

Digitized by srujanika@gmail.com

ପ୍ରକାଶକୀୟ ଅଭିବ୍ୟକ୍ତି

ଏହି ନିବନ୍ଧ ସଂଗ୍ରହଟି ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥଙ୍କର ସାତଗୋଟି ପୁସ୍ତକର ସାମଗ୍ରିକ ରୂପ । ସାହିତ୍ୟ ଭାଷା ବିଚାରରେ ଏହି ରଚନାଗୁଡ଼ିକ 'ଲଳିତ ନିବନ୍ଧ' ବୋଲି ନାମିତ କରାଯାଇଛି । କିନ୍ତୁ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଧର୍ମୀ ରଚନା । ଷାଠିଏ ଦଶକର ଓଡ଼ିଆ ସାହିତ୍ୟରେ ଏହା ଥିଲା ବିଶ୍ଳେଷଣାତ୍ମକ ଏକ ନୂତନ ଗଦ୍ୟଶୈଳୀର ଧାରା । ଏ ପ୍ରକାରର ବୌଦ୍ଧିକ ରଚନା ଏବେ ଆଉ ପ୍ରାୟତଃ ଦେଖିବାକୁ ମିଳୁନାହିଁ । ଅନ୍ୟ ଭାଷାସାହିତ୍ୟରେ ଏଭଳି ରଚନା ଅଛି କି ନାହିଁ ତାହା ମୁଁ ଜାଣେନାହିଁ । ଶ୍ରୀ ରଥଙ୍କର ଏ ପ୍ରକାରର ରଚନା ସମ୍ବଳିତ ପୁସ୍ତକ ଏବେ ସାହିତ୍ୟ ଜଗତରେ ପ୍ରାୟ ଦୁଷ୍ପ୍ରାପ୍ୟ । ତେଣୁ ଶ୍ରୀଯୁକ୍ତ ରଥଙ୍କ ବିଦଗ୍ଧ ପାଠକମାନଙ୍କ ପାଇଁ ଏବଂ ବିଶେଷକରି ଆଗାମୀ ପୀଢ଼ିପାଇଁ ତାଙ୍କର ଏହି ସାତଖଣ୍ଡ ପୁସ୍ତକ - ୧- ଦୃଷ୍ଟି ଓ ଦର୍ଶନ, ୨- ଏ ଯେଉଁ ପୃଥିବୀ, ୩- ଅଶ୍ରୁତ ସ୍ୱର, ୪- ମୁଁ ସତ୍ୟଧର୍ମା କହୁଛି, ୫- ମଧୁ ସଂଧାନ, ୬- ଉତ୍ତର ଅରଣ୍ୟ, ୭- କ୍ରୀତଦାସର ସ୍ୱପ୍ନ କୁ ଏକତ୍ର କରି 'ନିବନ୍ଧ ସଂଗ୍ରହ' ନାମରେ ତାଙ୍କର ୮୪ ତମ ଜନ୍ମ ତିଥିରେ ମୋର ସଶ୍ରଦ୍ଧ ଉପହାର ।

- ଡକ୍ଟର ବିଜୟ କୁମାର ମହାପାତ୍ର

Digitized by srujanika@gmail.com